

## ପ୍ରଥମ ଦୈବଗ୍ରନ୍ଥ

## ତ୍ରୈତ ସିଦ୍ଧାନ୍ତ

# ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ ମୌଳିକ ଗ୍ରନ୍ଥ)


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈଆର୍ଷ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ – 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : 500/-

# ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଣ୍ଠା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଲକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭.ଭୌତିକ-ଅଭୌତିକ
୧୧୮.ଦୈବାଦେଶ-ମରଣ
୧୧୯.ଜ୍ଞାନ ପାଖରେ ସତର୍କ
୧୨୦.ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧.ଜ୍ଞାନ କବ୍ଜା ହୋଇଛି !
୧୨୨.ଈଶ୍ୱର-ଦୁଇଜଣ ! କି ଜଣେ ! !
୧୨୩.ମତ ସୌମ୍ୟତା
୧୨୪.ମୋକ୍ଷ-ଠକାମି
୧୨୫.ଅକ୍ଷର ଜ୍ଞାନ
୧୨୬.ଲାଳଜଳ
୧୨୭.ଦୈବ ଧର୍ମ-ମତ ପ୍ରଥା
୧୨୮.ଆହାର ତୋର ! କି ତୋ ଆତ୍ମାର !
୧୨୯.ମାତ୍ରା(ବଟି)-ଔଷଧ
୧୩୦.କାଳଚକ୍ର
୧୩୧.ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩.ପୌର୍ଣ୍ଣମୀ-ଅମାବାସ୍ୟା
୧୩୪.ଈଶ୍ୱର-ପରମେଶ୍ୱର
୧୩୫.ପୁରୁଷୋତ୍ତମ-ଶ୍ରୀରାମ
୧୩୬.ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯.ଗ୍ରହାନ୍ତରବାସୀ
୧୪୦.ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧.ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨.ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର ! !
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801 ୬.ଶ୍ରୀନିବାସ ମାନସିଂହ : 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଗ୍ରର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ସୂଚୀପତ୍ର


| କ୍ର.ସଂ. | ଅଧ୍ୟାୟ | | | ପୃଷ୍ଠାଙ୍କ |
|---|---|---|---|---|
| 1. | ଭଗବଦ୍ଗୀତା | ରଚୟିତାଙ୍କ ପ୍ରାକ୍ କଥନ | --- | 11 |
| 2. | ପ୍ରଥମ ଅଧ୍ୟାୟ | ସାଂଖ୍ୟଯୋଗ | --- | 69 |
| 3. | ଦ୍ୱିତୀୟ ଅଧ୍ୟାୟ | କର୍ମଯୋଗ | --- | 197 |
| 4. | ତୃତୀୟ ଅଧ୍ୟାୟ | ଜ୍ଞାନଯୋଗ | --- | 263 |
| 5. | ଚତୁର୍ଥ ଅଧ୍ୟାୟ | କର୍ମସନ୍ନ୍ୟାସ ଯୋଗ | --- | 336 |
| 6. | ପଞ୍ଚମ ଅଧ୍ୟାୟ | ଆତ୍ମସଂଯମ ଯୋଗ | --- | 355 |
| 7. | ଷଷ୍ଠ ଅଧ୍ୟାୟ | ବିଜ୍ଞାନ ଯୋଗ | --- | 409 |
| 8. | ସପ୍ତମ ଅଧ୍ୟାୟ | ଅକ୍ଷରପରବ୍ରହ୍ମ ଯୋଗ | --- | 445 |
| 9. | ଅଷ୍ଟମ ଅଧ୍ୟାୟ | ରାଜବିଦ୍ୟାରାଜଗୁହ୍ୟ ଯୋଗ | --- | 481 |
| 10. | ନବମ ଅଧ୍ୟାୟ | ବିଭୂତି ଯୋଗ | --- | 523 |
| 11. | ଦଶମ ଅଧ୍ୟାୟ | ବିଶ୍ୱରୂପ ସନ୍ଦର୍ଶନ ଯୋଗ | --- | 543 |
| 12. | ଏକାଦଶ ଅଧ୍ୟାୟ | ଭକ୍ତି ଯୋଗ | --- | 579 |
| 13. | ଦ୍ୱାଦଶ ଅଧ୍ୟାୟ | କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗ | --- | 590 |
| 14. | ତ୍ରୟୋଦଶ ଅଧ୍ୟାୟ | ଗୁଣତ୍ରୟ ବିଭାଗ ଯୋଗ | --- | 624 |
| 15. | ଚତୁର୍ଦ୍ଦଶ ଅଧ୍ୟାୟ | ପୁରୁଷୋତ୍ତମପ୍ରାପ୍ତି ଯୋଗ | --- | 641 |
| 16. | ପଞ୍ଚଦଶ ଅଧ୍ୟାୟ | ଦୈବାସୁର ସମ୍ପଦ୍‌ବିଭାଗ ଯୋଗ | --- | 676 |
| 17. | ଷୋଡଶ ଅଧ୍ୟାୟ | ଶ୍ରଦ୍ଧାତ୍ରୟ ବିଭାଗ ଯୋଗ | --- | 701 |
| 18. | ସପ୍ତଦଶ ଅଧ୍ୟାୟ | ମୋକ୍ଷ ସନ୍ନ୍ୟାସ ଯୋଗ | --- | 720 |


*****

# ଅଧ୍ୟାୟଗୁଡିକରେ ଥିବା ଶ୍ଳୋକଗୁଡିକର ବିବରଣୀ

| | ଅଧ୍ୟାୟ | କଳ୍ପିତ | ଲିଖିତ | ବର୍ଜିତ | ମୋଟ |
|---|---|---|---|---|---|
| 1. | ଅର୍ଜୁନ ବିଷାଦ ଯୋଗ | - | - | 47 | 47 |
| 2. | ସାଂଖ୍ୟଯୋଗ | 7 | 55 | 10 | 72 |
| 3. | କର୍ମଯୋଗ | 7 | 36 | - | 43 |
| 4. | ଜ୍ଞାନଯୋଗ | 9 | 33 | - | 42 |
| 5. | କର୍ମସନ୍ନ୍ୟାସ ଯୋଗ | - | 29 | - | 29 |
| 6. | ଆତ୍ମସଂଯମ ଯୋଗ | 1 | 46 | - | 47 |
| 7. | ବିଜ୍ଞାନ ଯୋଗ | - | 30 | - | 30 |
| 8. | ଅକ୍ଷରପରବ୍ରହ୍ମ ଯୋଗ | - | 28 | - | 28 |
| 9. | ରାଜବିଦ୍ୟାରାଜଗୁହ୍ୟ ଯୋଗ | - | 34 | - | 34 |
| 10. | ବିଭୂତି ଯୋଗ | - | 42 | - | 42 |
| 11. | ବିଶ୍ୱରୂପସଂଦର୍ଶନ ଯୋଗ | 10 | 45 | - | 55 |
| 12. | ଭକ୍ତି ଯୋଗ | - | 20 | - | 20 |
| 13. | କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗ | - | 35 | - | 35 |
| 14. | ଗୁଣତ୍ରୟ ବିଭାଗ ଯୋଗ | - | 27 | - | 27 |
| 15. | ପୁରୁଷୋତ୍ତମପ୍ରାପ୍ତି ଯୋଗ | - | 20 | - | 20 |
| 16. | ଦୈବାସୁର ସମ୍ପଦ୍‌ବିଭାଗ ଯୋଗ | - | 24 | - | 24 |
| 17. | ଶ୍ରଦ୍ଧାତ୍ରୟ ବିଭାଗ ଯୋଗ | 6 | 22 | - | 28 |
| 18. | ମୋକ୍ଷସନ୍ନ୍ୟାସ ଯୋଗ | 14 | 52 | 12 | 78 |

| | | |
|---|---|---|
| **ଲେଖାଯାଇଛି** | – | **578** |
| **ଲେଖାଯାଇ ନାହିଁ** | – | **69** |
| **କଳ୍ପିତ ଶ୍ଳୋକ** | – | **54** |
| **ଗୀତାରେ ଥିବା ମୋଟ ଶ୍ଳୋକ ସଂଖ୍ୟା** | – | **701** |
| **ଭାବାର୍ଥ ବଦଳାଇ ଲେଖାଯାଇଛି** | – | **55** |

*****

# ଭଗବଦ୍ଗୀତା - ରଚୟିତା ପ୍ରାକ୍ କଥନ

ଭୂମଣ୍ଡଳରେ ଥିବା ଜୀବରାଶିଙ୍କ ଭିତରେ ସବୁଠାରୁ ଅଧିକ ବୁଦ୍ଧିବଳ ଥିବା ପ୍ରାଣୀ ହେଉଛି ମଣିଷ । ବୁଦ୍ଧିରେ ସବୁଠାରୁ ବଡ ହୋଇଥିବା ମଣିଷ, ପ୍ରତ୍ୟେକ କ୍ଷେତ୍ରରେ ସୂକ୍ଷ୍ମାତୀସୂକ୍ଷ୍ମ ବିଚାର କରିଥାଏ, ହେଲେ ଏକମାତ୍ର ଆଧ୍ୟାତ୍ମିକ କ୍ଷେତ୍ରରେ ମଣିଷ ଅତି ହୀନ ଭାବରେ ପଛରେ ପଡି ରହିଥାଏ । ଉଦାହରଣ ସ୍ୱରୂପ ଜଣେ ନ୍ୟାୟବାଦୀ (ଓକିଲ) ଅନ୍ୟାୟ କରିଥିବା ଜଣେ ଲୋକର ସପକ୍ଷରେ ଯୁକ୍ତି କରିବାପାଇଁ ରାଜି ହୋଇ, ନିଜର ବୁଦ୍ଧିବଳ ଦ୍ୱାରା ଅନ୍ୟାୟକୁ ନ୍ୟାୟ ଭାବରେ ବର୍ଣ୍ଣନା କରି, ନିଜର କ୍ଲାଇଣ୍ଟ୍ କିଛି ଭୁଲ୍ କରିନାହିଁ ବୋଲି ପ୍ରମାଣିତ କରି, ତାକୁ ଦଣ୍ଡରୁ ମୁକୁଳାଇ ପାରୁଛି, ସେହିଭଳି ଜଣେ ଡାକ୍ତର ତା ପାଖକୁ ଆସିଥିବା ରୋଗୀର ଭୟଙ୍କର ରୋଗକୁ ନିଜର ବୈଦ୍ୟବିଦ୍ୟା ଦ୍ୱାରା ଦୂର କରିଦେଇ ପାରୁଛି । ଚିହ୍ନି ହେଉନଥିବା ରୋଗକୁ ଚିହ୍ନି ନିଜର ବୁଦ୍ଧି ଦ୍ୱାରା ଭଲ କରିଦେଇ ପାରୁଥିବା ଡାକ୍ତର ହେଉ, ଅନ୍ୟାୟକୁ ନ୍ୟାୟରେ ପରିଣତ କରିଦେଇ ପାରୁଥିବା ନ୍ୟାୟବାଦୀ ହେଉ, ଏଭଳି ଅନ୍ୟାନ୍ୟ କ୍ଷେତ୍ରରେ ଆହୁରି ଅନେକ ବୁଦ୍ଧିଜୀବୀ ହୁଅନ୍ତୁ, ସମସ୍ତେ ଐଶ୍ୱରୀୟ ବିଷୟରେ ବୁଦ୍ଧିହୀନ ହୋଇ କୌଣସି ବିଷୟକୁ ଗ୍ରହଣ କରିପାରୁ ନାହାନ୍ତି । ଭୌତିକ ବିଷୟରେ ବିକଶିତ ହୋଇଥିବା ବୁଦ୍ଧି ଐଶ୍ୱରୀୟ ବିଷୟରେ ନିଶ୍ଚୟ ସଙ୍କୁଚିତ ହୋଇଯାଉଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ମାନବ ଭୌତିକତଃ ଖୁବ୍ ଅଭିବୃଦ୍ଧି କରି, ଜଣାନଥିବା ଅନେକ ସିଦ୍ଧାନ୍ତକୁ, ନାନା ପ୍ରକାରର ନୂତନ ଯନ୍ତ୍ରପାତି ଗୁଡିକୁ ଉଦ୍ଭାବନ କରି ପାରୁଥିଲେ ମଧ୍ୟ ଆଧ୍ୟାତ୍ମିକରେ ପୂର୍ବରୁ ଥିବା, ପୂର୍ବେ ସମସ୍ତଙ୍କୁ ଜଣାଥିବା ବିଷୟକୁ ମଧ୍ୟ ଗ୍ରହଣ କରିପାରୁ ନାହିଁ । ସମସ୍ତ ଜାଗତିକ ବିଷୟ ଜାଣିଥିବା ମଣିଷ, ଐଶ୍ୱରୀୟ ବିଷୟରେ କାହିଁକି ଜାଣିପାରୁ ନାହିଁ ବୋଲି ମଧ୍ୟ ବୁଝି ନପାରି, ସମ୍ପୂର୍ଣ୍ଣ ଭୁଲ୍ କରିବସୁଛି । ଅକ୍ଷର ଶିଖିଗଲେ ସବୁ ପଟା ମିଳିଯିବ ବୋଲି ଭାବୁଥିବା ଲୋକ ଭଳି, ନିଜର ଥିବା ଅଳ୍ପ ଭକ୍ତିରେ ମୋତେ ସମ୍ପୂର୍ଣ୍ଣ ଜ୍ଞାନ ମିଳିଯିବ ବୋଲି ଆଜି ମଣିଷ ଭାବୁଛି ।

ଆଜି ମାନବର ବୁଦ୍ଧିରେ ଆଧ୍ୟାତ୍ମିକ ବିଷୟ ସମ୍ପୂର୍ଣ୍ଣ ବୁଝାପଡୁନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ରାସ୍ତାରେ ଦୁଇଜଣ ସ୍ତ୍ରୀ ଯାଉଥିଲେ, ସେହି ରାସ୍ତାର ଆଉକିଛି ଦୂରରେ ଆଉ ତିନିଜଣ ବ୍ୟକ୍ତି ବସିଥିଲେ । ଫର୍ଲାଙ୍ଗ ଦୂରରୁ

ଆସୁଥିବା ସେ ଦୁଇଜଣ ସ୍ତ୍ରୀ ଭଳି ଦେଖା ଯାଉଥିଲେ ମଧ୍ୟ ଜଣେ ଥିଲା ସ୍ତ୍ରୀ, ଆଉଜଣେ ନପୁଂସକ । ସ୍ତ୍ରୀମାନଙ୍କ ଭଳି ସାଢୀ, ବ୍ଲାଉଜ୍ ପିନ୍ଧିବାରେ, ବେଶ ଧାରଣରେ, ଅଳଙ୍କରଣରେ ନପୁଂସକ ଜଣକ ସ୍ତ୍ରୀ ଲୋକଟି ସହିତ ସମାନ ଦେଖାଯାଉଥିବାରୁ ଦୂରରୁ ଦେଖିବା ବେଳେ ଉଭୟଙ୍କୁ ସ୍ତ୍ରୀ ଭାବିବା ଭୁଲ୍ ନୁହେଁ । ସେଥିଲାଗି ରାସ୍ତାକଡରେ ବସିଥିବା ତିନି ବ୍ୟକ୍ତି ସେ ଦୁହିଁଙ୍କୁ ପ୍ରଥମେ ସ୍ତ୍ରୀ ବୋଲି ଭାବିଥିଲେ, ସେମାନେ ଭାବିଥିବା ସ୍ତ୍ରୀ ଦୁଇଜଣ ସେମାନଙ୍କର ନିକଟ ହେଉହେଉ ସେମାନଙ୍କ ଭିତରୁ ପ୍ରଥମ ବ୍ୟକ୍ତିଟି ସେମାନଙ୍କର ଚଳିଚଳନ, ବେଶଭୂଷାଦିକୁ ଦେଖି ସେ "ଦୁଇଜଣ ସ୍ତ୍ରୀ ନୁହଁନ୍ତି, ଜଣେ ସ୍ତ୍ରୀ ଆଉଜଣେ ନପୁଂସକ" ବୋଲି କହିଲା । ତା କଥା ଶୁଣି ଦ୍ୱିତୀୟ ଏବଂ ତୃତୀୟ ବ୍ୟକ୍ତି ଦୁହେଁ ସେମାନଙ୍କଠାରେ କୌଣସି ପାର୍ଥକ୍ୟକୁ ଗ୍ରହଣ କରିନପାରି, "ନାଇଁ ନାଇଁ ସେମାନେ ଉଭୟ ସ୍ତ୍ରୀ" ବୋଲି କହିଲେ । ଏଭଳି ସେମାନେ ଭାବୁଥିବା ବେଳେ, ରାସ୍ତାରେ ଯାଉଥିବା ସେ ଦୁହେଁ ସେମାନଙ୍କର ଅତି ନିକଟ ହୋଇଗଲେ । ଏଥର ଦ୍ୱିତୀୟ ଲୋକଟି ସେମାନଙ୍କୁ ଟିକିଏ ନିକଟରୁ ଦେଖି, ସେମାନଙ୍କଠାରେ ଥିବା ପାର୍ଥକ୍ୟକୁ ଜାଣିପାରି ନିଜ ଭିତରେ ଏକ ନିର୍ଦ୍ଧାରଣରେ ପହଞ୍ଚିଲା ଯେ, ନାଇଁ ସେ ଦୁଇଜଣଙ୍କ ଭିତରୁ ଜଣେ ସ୍ତ୍ରୀ ଆଉ ଅନ୍ୟ ଜଣକ ନପୁଂସକ; ତଥାପି ନିଜ ଭିତରର ନିର୍ଦ୍ଧାରଣ ବାହାରକୁ ଖୋଲି କହିଲା ନାହିଁ । ଏ ପର୍ଯ୍ୟନ୍ତ ସେହି ଦୁଇଜଣଙ୍କୁ ସେ ସ୍ତ୍ରୀ କହିଛି, ଏବେ ସେମାନଙ୍କ ଭିତରୁ ଜଣେ ନପୁଂସକ କହିଲେ ତା କଥାର କିଛି ମୂଲ୍ୟ ରହିବ ନାହିଁ ବୋଲି ଭାବିଲା । ତୃତୀୟ ଲୋକଟିର ବୁଦ୍ଧି ଟିକିଏ କମ୍ । ଏ ପର୍ଯ୍ୟନ୍ତ ମଧ୍ୟ ସେ ସେମାନଙ୍କଠାରେ କୌଣସି ପାର୍ଥକ୍ୟକୁ ଗ୍ରହଣ କରି ନପାରି ଉଭୟଙ୍କୁ ସ୍ତ୍ରୀ ଭାବୁଥିଲା । ପ୍ରଥମ ଲୋକଟି ସେ ଦୁହିଁଙ୍କଠାରେ ଏତେ ପାର୍ଥକ୍ୟକୁ ବୁଝି ପାରୁଥିବା ସ୍ଥଳେ, ତୃତୀୟ ଲୋକଟି କୌଣସି ପାର୍ଥକ୍ୟ ବୁଝିପାରୁ ନଥିଲା । ଉପରକୁ ଦେଖାଯାଉଥିବା ଆକାର ହିଁ ମୁଖ୍ୟ ଭାବିଲା ସିନା, ଭିତରର ଲିଙ୍ଗଭେଦକୁ ଗ୍ରହଣ କରିପାରିଲା ନାହିଁ । ଶେଷରେ ଏହିଭଳି ସେମାନେ ଯାହା କହିଲେ ମୁଁ କାହିଁକି ମାନିବି ବୋଲି ଭାବନାରେ ରହି, ପ୍ରତ୍ୟକ୍ଷ ଭାବରେ ଶାଢୀ ପିନ୍ଧିଥିବା ସ୍ତ୍ରୀକୁ ସ୍ତ୍ରୀ କିପରି ନ କହିବି, ତେଣୁ ସେମାନେ ଉଭୟ ସ୍ତ୍ରୀ ବୋଲି ନିଜ ନିର୍ଣ୍ଣୟରେ ଅଟଳ ରହି, କାନରେ କାନଫୁଲ, ହାତରେ ଚୁଡି, ପାଦରେ ପାଉଁଜି, ଝୁଣ୍ଟିଆ, ଗଳାରେ

ମଙ୍ଗଳସୂତ୍ର, ସବୁ ସ୍ତ୍ରୀ ଲକ୍ଷଣ ହୋଇଥିବା ବେଳେ ତୁ ସ୍ତ୍ରୀ ନୁହେଁ କହିଲେ କଣ ମୁଁ ମାନିଯିବି ବୋଲି ଭାବୁଛୁ ! ବୋଲି ତୃତୀୟ ବ୍ୟକ୍ତିଟି ପ୍ରଥମ ବ୍ୟକ୍ତିକୁ କହୁଥାଏ, କିନ୍ତୁ ଦ୍ୱିତୀୟ ବ୍ୟକ୍ତିଟି ପ୍ରଥମ ବ୍ୟକ୍ତିର କଥାକୁ ଭିତରେ ସ୍ୱୀକାର କରୁଥିଲେ ମଧ୍ୟ, ବାହାରକୁ ତୃତୀୟ ବ୍ୟକ୍ତିଟି ଯାହା କହୁଛି ତାହା ହିଁ ଠିକ୍ ବୋଲି କହୁଥାଏ । ସେମାନଙ୍କ କଥା ଶୁଣି ପ୍ରଥମ ବ୍ୟକ୍ତିଟି ସତ୍ୟକୁ ଗ୍ରହଣ କରିବା ପରେ, ଏମାନେ ତ ଅତି ମୁର୍ଖ, ଏମାନଙ୍କ ସହିତ ଅଧିକ ଯୁକ୍ତିକରି କିଛି ଲାଭନାହିଁ, ବରଂ ଚୁପ୍ ରହିବା ଭଲ ଭାବି କିଛି ନକହି ରହିଗଲା ।

ଏହିଭଳି ଜଗତରେ ତିନି ପ୍ରକାରର ମଣିଷ ଅଛନ୍ତି । ସତ୍ୟକୁ ଗ୍ରହଣ କରୁଥିବା ମଣିଷ ଏକ ପ୍ରକାରର, ସତ୍ୟକୁ ଗ୍ରହଣକରି ଉପରକୁ ନମାନିବା ମଣିଷ ଦ୍ୱିତୀୟ ପ୍ରକାରର, ସତ୍ୟକୁ ଗ୍ରହଣ କରିନପାରି, 'ନିଜେ ଧରିଥିବା ଠେକୁଆର ତିନିଗୋଟି ଗୋଡ' କହିବା ଭଳି ଟିକିଏ ପଛକୁ ଯାଇ ବିଚାର କରିବା ଉଚିତ୍ ବୋଲି ନଭାବି, ନିଜକୁ ଯାହା ଜଣାଅଛି ତାହା ହିଁ ସତ୍ୟ ଭାବି ମୁର୍ଖଙ୍କ ଭଳି ଯୁକ୍ତି କରୁଥିବା ମଣିଷ ତୃତୀୟ ପ୍ରକାରର । ଏହିଭଳି ତିନି ପ୍ରକାରର ମଣିଷ ରହିଥାନ୍ତି । ଦୈବବିଷୟ ବା ଐଶ୍ୱରୀୟ ବିଷୟରେ ସତ୍ୟକୁ ଜାଣିଥିବା ଲୋକ କୋଟିଏରେ ଗୋଟିଏ କ୍ୱଚିତ୍ ଥିବାବେଳେ,ଭିତରେ ସତ୍ୟକୁ ସ୍ୱୀକାର କରି ବାହାରେ ସ୍ୱୀକାର କରୁନଥିବା ଲୋକେ କେତେକ ଥାଆନ୍ତି । ସତ୍ୟକୁ ଆଦୌ ଗ୍ରହଣ ନକରି ମୁର୍ଖଙ୍କ ଭଳି ଯୁକ୍ତି କରୁଥିବା ଲୋକମାନେ ମଧ୍ୟ ଅନେକ ଥା'ନ୍ତି । ଦୈବମାର୍ଗରେ ସତ୍ୟକୁ ଜାଣିବାପାଇଁ ଦୃଢତାର ସହିତ ସତ୍ୟାନ୍ୱେଷୀ ହୋଇ, ସତ୍ୟକୁ ଜାଣିଥିବା ଲୋକ କୋଟିଏରେ ଗୋଟିଏ ରହିଥାନ୍ତି, ତେଣୁ ଭୂପୃଷ୍ଟରେ ସତ୍ୟକୁ ଜାଣିଥିବା ଲୋକ କ୍ୱଚିତ୍ କେହି ଥାଇପାରନ୍ତି ବୋଲି କହିପାରିବା, ସେମାନଙ୍କୁ ରାସ୍ତାରେ ଥିବା ପ୍ରଥମ ବ୍ୟକ୍ତି ସହିତ ତୁଳନା କରିପାରିବା । ପ୍ରଥମରୁ ମୋତେ ଜ୍ଞାନ ଜଣାଅଛି ଭାବୁଥିବା ବ୍ୟକ୍ତିକୁ କିଛି ପରିମାଣରେ ଦୈବଜ୍ଞାନ ଜଣାଥିବା ଯୋଗୁଁ ଶେଷରେ ନିଜ ଜ୍ଞାନ ଭୁଲ୍, ସତ୍ୟାନ୍ୱେଷୀ କହୁଥିବା ଜ୍ଞାନ ସତ୍ୟ ବୋଲି ଜାଣି ପାରିଥାଏ, କିନ୍ତୁ ଉପରକୁ କେବେ ମାନିନଥାଏ । କାରଣ ! ଆଜିଯାଏଁ ସମାଜରେ ଥିବା ମୋର ସମ୍ମାନ କମିଯିବ ଭାବି, ସେ ପ୍ରଥମରୁ ଯାହା କହିଥାଏ ପରେ ମଧ୍ୟ ତାହା କହିଥାଏ । ଏମାନେ ନିଜର ଭୁଲ୍‌କୁ ପଦାରେ

ନପକାଇ, ନିଜେ ପଦାରେ ନପଡି ଜାଣିଶୁଣି ମିଛ କଥା କହିଥାନ୍ତି, ଏମାନଙ୍କୁ ରାସ୍ତାରେ ଥିବା ଦ୍ୱିତୀୟ ପ୍ରକାରର ବ୍ୟକ୍ତି ସହିତ ତୁଳନା କରିପାରିବା । ସତ୍ୟକୁ କେବେହେଁ ଗ୍ରହଣ କରି ନପାରି ନିଜର ଥିବା ସ୍ୱଳ୍ପ ଜ୍ଞାନ ହିଁ ଉନ୍ନତ ଜ୍ଞାନ ଭାବି, ନିଜେ କରୁଥିବା ଆଚରଣକୁ ଠିକ୍ ଭାବି କିଏ କଣ କହିଲେ ମଧ୍ୟ ଶୁଣୁ ନଥିବା ଲୋକମାନଙ୍କୁ ରାସ୍ତାରେ ଥିବା ତୃତୀୟ ପ୍ରକାରର ଲୋକ ଭଳି ହିସାବ କରିପାରିବା ।

ରାସ୍ତାରେ ଆସୁଥିବା ଦୁଇଜଣ ଲୋକ ବେଶଭୂଷାରେ ସ୍ତ୍ରୀ ହେଲେ ମଧ୍ୟ ସେମାନଙ୍କ ଭୌତିକ ଶରୀରରେ କିଛି ପ୍ରଭେଦ ନିଶ୍ଚୟ ରହିଛି । ଦୁଇଜଣଙ୍କ ଭିତରୁ ଜଣେ ସ୍ତ୍ରୀ ହୋଇଥିବା ସ୍ଥଳେ, ଆଉଜଣେ ନପୁଂସକ । ନପୁଂସକର ଶରୀର ପୁରୁଷାଙ୍ଗଯୁକ୍ତ ହୋଇଥିବାରୁ ତାର ଶରୀରକୁ ସ୍ତ୍ରୀ ଶରୀର କହିପାରିବା ନାହିଁ । ଉପରେ ଦେଖିବାକୁ ସବୁଦିଗରୁ ସ୍ତ୍ରୀ ଭଳି ହୋଇଥିଲେ ମଧ୍ୟ ଭିତରର ଶରୀର ଭିନ୍ନ । ପ୍ରଥମେ ଦୂରରୁ ଦେଖିବା ବେଳେ ଚିହ୍ନି ନପାରିଲେ ଚଳିବ, କିନ୍ତୁ ପାଖକୁ ଆସିବା ବେଳେ ଚିହ୍ନି ନପାରିଲେ ସେମାନଙ୍କର ବୁଦ୍ଧି କମ୍ ବୋଲି କହିବାନି ତ ଆଉ କଣ କହିବା ? ତାଛଡା ବସ୍ତ୍ର ଖୋଲି ଦେଖିବା ପରେ ମଧ୍ୟ ଯଦି କିଏ ସ୍ତ୍ରୀ ପୁରୁଷ ଭେଦକୁ ଚିହ୍ନି ନପାରେ ତେବେ ତାକୁ ନିଶ୍ଚୟ ମୂର୍ଖ କହିପାରିବା । ରାସ୍ତାରେ ଆସୁଥିବା ଦୁଇବ୍ୟକ୍ତି ସ୍ତ୍ରୀ ରୂପର ଦେଖାଯିବା ଭଳି ଭୂପୃଷ୍ଠରେ ଉପରକୁ ଦେଖିବାକୁ ଗୋଟିଏ ଭଳି ଥିବା ଦୁଇ ପ୍ରକାରର ପୁସ୍ତକ ଗୁଡିଏ ଥାଏ, ସେଗୁଡିକୁ ଦେଖୁଥିବା ଲୋକେ ମଧ୍ୟ ତିନି ପ୍ରକାରର ଥାଆନ୍ତି । ପୁସ୍ତକଗୁଡିକ ଏକପ୍ରକାର ହୋଇଥିଲେ ମଧ୍ୟ ସେଗୁଡିକରେ ପାର୍ଥକ୍ୟ ରହିଥାଏ କହୁଥିବା ପ୍ରଥମ ପ୍ରକାରର ଲୋକେ ସମାଜରେ ଅଛନ୍ତି । ସେହିଭଳି ପ୍ରଥମେ ଭିନ୍ନତାକୁ ନଜାଣିଲେ ମଧ୍ୟ, ପରେ ଜାଣି ମଧ୍ୟ, ଜାଣିଥିବା ସତ୍ୟକୁ ପ୍ରକାଶ ନକରି, ପ୍ରଥମରୁ କହିଥିବା କଥାକୁ ହିଁ କହୁଥିବା ଲୋକ ଭଳି ଦ୍ୱିତୀୟ ପ୍ରକାରର ଲୋକେ ଅଛନ୍ତି । ପୁସ୍ତକଗୁଡିକ ସବୁ ଏକାଭଳି, ସେଥିରେ ପାର୍ଥକ୍ୟ ନାହିଁ ! କହୁଥିବା ତୃତୀୟ ପ୍ରକାରର ଲୋକେ ମଧ୍ୟ ସମାଜରେ ଅଛନ୍ତି ।

ଭୂପୃଷ୍ଠରେ ପୁସ୍ତକଗୁଡିକ ଏକ ପ୍ରକାରର ହୋଇଥିଲେ ମଧ୍ୟ ସେଗୁଡିକରେ ଥିବା ବିଷୟ ଅନୁସାରେ ସେଗୁଡିକୁ ପୁରାଣ ଆଉ ଶାସ୍ତ୍ର ନାମକ ଦୁଇ ପ୍ରକାରର

ବିଭାଜନ କରିପାରିବା । ଦେଖିବାକୁ ସବୁଗୁଡିକ ପୁସ୍ତକ ହୋଇଥିଲେ ମଧ୍ୟ, ସେଗୁଡିକରେ ଥିବା ବିଷୟ ଅନୁସାରେ ଏହା ପୁରାଣ, ତାହା ଶାସ୍ତ୍ର ବୋଲି ଚିହ୍ନିପାରୁଥିବା ପ୍ରଥମ ପ୍ରକାରର ଲୋକେ ସମାଜରେ ଅଛନ୍ତି । ସବୁଗୁଡିକ ତ ! ପୁସ୍ତକ ତାଭିତରେ କିଛି ଶାସ୍ତ୍ର ହେଲେ କିଛି କାହିଁକି ଶାସ୍ତ୍ର ନୁହେଁ କହି ଯୁକ୍ତି କରୁଥାଇ, ପାର୍ଥକ୍ୟକୁ ଚିହ୍ନିପାରି ମଧ୍ୟ ପଦାରେ ନପଡି, କହିଥିବା କଥାରେ ଅଟଳ ରହୁଥିବା ଦ୍ୱିତୀୟ ପ୍ରକାରର ଲୋକେ ସମାଜରେ ଅଛନ୍ତି । ସେହିଭଳି ସେଗୁଡିକର ପାର୍ଥକ୍ୟକୁ ଆଦୌ ନଚିହ୍ନି ସବୁଗୁଡିକ ଗୋଟିଏ ପ୍ରକାରର ! ବୋଲି ମୁର୍ଖଙ୍କ ଭଳି କଥା କହୁଥିବା ତୃତୀୟ ପ୍ରକାରର ଲୋକେ ମଧ୍ୟ ସମାଜରେ ଅଛନ୍ତି ।

ପୁରାଣ ଗୁଡିକର ବିଷୟ ଭିନ୍ନ, ଶାସ୍ତ୍ର ଗୁଡିକର ବିଷୟ ଭିନ୍ନ ବୋଲି ପ୍ରମାଣିତ କରିଦେଉଥିବା ଲୋକେ ସମାଜରେ ଥିଲେ ମଧ୍ୟ, ପାର୍ଥକ୍ୟ ଗୁଡିକୁ ସେମାନେ ଦେଖାଇ ପାରୁଥିଲେ ମଧ୍ୟ, ପ୍ରଥମେ ସ୍ୱୀକାର ନକରି କିଛିକାଳ ପରେ ନିଜ ଭିତରେ ସତ୍ୟକୁ ଗ୍ରହଣ କରିଥିବା ଲୋକେ ପୁରାଣ ଗୁଡିକୁ ଛାଡି ନପାରି 'ଉପରକୁ ସବୁ ଗୋଟିଏ ରାସ୍ତା ଦେଖାଉଛି, ତା ଭିତରେ କିଛି ପାର୍ଥକ୍ୟ ନାହିଁ' ବୋଲି କହିଥାନ୍ତି । ପୁରାଣ ଗୁଡିକୁ ବୋଧ କରି ନାମ କମାଇଥିବା ଲୋକେ, ପୁରାଣଗୁଡିକ କାଳ କାଟିବାପାଇଁ ସିନା, କର୍ମ କାଟିବାପାଇଁ ନୁହେଁ ବୋଲି ଶେଷରେ ଜାଣିପାରି ମଧ୍ୟ, ଯଦି ପୁରାଣଗୁଡିକ ବାବଦରେ ଆଦରହୀନ କଥା କହିବେ, ତେବେ ଆଜିପର୍ଯ୍ୟନ୍ତ କମାଇଥିବା ନାମର ମୂଲ୍ୟ ରହିବ ନାହିଁ, ସେଥିଲାଗି ସେମାନେ ପୁରାଣଗୁଡିକୁ ଛାଡି ନପାରି ପୁରାଣକୁ ମହାନ କହିଥାନ୍ତି । ପୁରାଣ ଅପେକ୍ଷା ଶାସ୍ତ୍ର ସେମାନଙ୍କୁ ମହାନ ଲାଗୁଥିଲେ ମଧ୍ୟ, ନିଜର ବାହ୍ୟ ସମ୍ମାନ ପାଇଁ ପୁରାଣଗୁଡିକୁ ଛାଡି ପାରୁନଥିବା ଲୋକମାନେ ବହୁତ ଅଛନ୍ତି । ମଣିଷକୁ ଦ୍ୱନ୍ଦରେ ପକାଉଥିବା ପୁରାଣ ଆଉ ଶାସ୍ତ୍ର ବାବଦରେ ଆମକୁ ଏବେ ଜାଣିବାକୁ ପଡିବ ।

ଗୋଟିଏ ବିଷୟ ବାବଦରେ ତୁଣ୍ଡରେ କହିବା ବେଳେ ତାହା ସେହି ସମୟରେ, ସେହି ଅଞ୍ଚଳରେ ଶୁଣାଯାଏ, ସବୁଆଡେ ପହଞ୍ଚିବାକୁ ହେଲେ ତାହା ଗ୍ରନ୍ଥ କିମ୍ୱା ପୁସ୍ତକ ରୂପେ ବାହାରକୁ ଛାଡିବାକୁ ହୁଏ । ପୁସ୍ତକର ବିଷୟ

ପୁସ୍ତକଟି ଥିବା ପର୍ଯ୍ୟନ୍ତ ଥାଏ ସିନା, ନଷ୍ଟ ହୋଇଗଲେ ନଥାଏ । ଏହିଭଳି ପୁସ୍ତକଗୁଡିକ ଦୁଇପ୍ରକାରର, ତାହା ହିଁ ପୁରାଣ ଆଉ ଶାସ୍ତ୍ର । ଭବିଷ୍ୟତରେ ମଣିଷ ଏହିଭଳି ବଞ୍ଚିବାକୁ ହେବ ବୋଲି ସମାଚରକୁ ଜଣାଇବାପାଇଁ,ଲେଖାଯାଇଥିବା ପୁସ୍ତକଗୁଡିକ କଳ୍ପିତ ହୋଇଥିବା ବେଳେ, କଳ୍ପିତ ହୋଇନଥିବା ପୁସ୍ତକ ମଧ୍ୟ କେତେଗୁଡିଏ ଥାଏ । କଳ୍ପିତ ପୁସ୍ତକଗୁଡିକ ପୁରାଣ । ମଣିଷକୁ ଭଲବାଟରେ ଚଲାଇବା ପାଇଁ ପୁରାଣର ଉଦ୍ଦେଶ୍ୟ ଖୁବ୍ ଭଲ; ତଥାପି ସେଗୁଡିକ କଳ୍ପିତ ହୋଇଥିବାରୁ ହେତୁବାଦୀ ମାନଙ୍କ ପ୍ରଶ୍ନର ଜବାବ ଦେଇପାରେ ନାହିଁ, ସେମାନଙ୍କ ତର୍କର କିମ୍ବା ପ୍ରଶ୍ନର ଉତ୍ତର ଦେଇପାରିବା ଭଳି କ୍ଷମତା ପୁରାଣର ନାହିଁ । ବାସ୍ତବଜ୍ଞାନ ପୁରାଣରେ ନଥିବାରୁ ମାନବର କର୍ମ କାଟିବା କ୍ଷମତା ତାର ନାହିଁ, ସେଥିଲାଗି ତାହା କାଳ କାଟିବାକୁ ସିନା, କର୍ମ କାଟିବାକୁ ନୁହେଁ ବୋଲି ପୂର୍ବରୁ ବଡମାନେ କହି ଆସିଛନ୍ତି । ବଡମାନଙ୍କର ସେହି କଥା ହେଉଛି 'ପୁରାଣ କାଳକ୍ଷେପ' । ପୁରାଣ କାଳକ୍ଷେପ କହିବାରେ କଥାଟିର ଅର୍ଥ ହେଉଛି ପୁରାଣ ବିଷୟରେ ସମୟ ବିତାଇବା ବା କାଳ କଟିବା । ନୂଆ ବିଷୟଗୁଡିକୁ ଜଣାଇବା ପାଇଁ, ମାନବକୁ ଉନ୍ନତ ମାର୍ଗରେ ଚଲାଇବା ପାଇଁ ଉଦ୍ଦେଶ୍ୟିତ ପୁରାଣପ୍ରୟୋଗ ମାନବର କର୍ମନିର୍ମୂଳ କରିପାରେ ନାହିଁ । ପୁରାଣରେ ଜଡିତ ଲୋକମାନଙ୍କୁ ଏହା କଷ୍ଟ ଲାଗୁଥିଲେ ମଧ୍ୟ ପୁରାଣ ସେମାନଙ୍କୁ କଦାପି ମୁକ୍ତି ଦେଇପାରିବ ନାହିଁ । କେତେକ **ପୁରାଣକୁ ତୁଣ୍ଡର କଥା ବୋଲି କହିଥାନ୍ତି** । ଆମେ ଛୋଟ ଥିବାବେଳେ ସ୍କୁଲ୍‌ରେ ମାଷ୍ଟର "କାଲି କାହିଁକି ଆସିନଥିଲୁ" ବୋଲି ଗୋଟିଏ ପିଲାକୁ ପଚାରିବା ବେଳେ, ସେ ପିଲା "କାଲି ମୋର ମୁଣ୍ଡବିନ୍ଧା ହେଉଥିଲା ସେଥିଲାଗି ଆସିନଥିଲି" କହିବା ବେଳେ, ମାଷ୍ଟର "ତୁ ପାଟିରୁ କହୁଛୁ ନା ପେଟରୁ କହୁଛୁ!" ଅର୍ଥାତ୍ ତୋ' କଥା ସତ କି ମିଛ ! ବୋଲି କହିଥିଲେ । ଏହିଭଳି ପାଟି (ତୁଣ୍ଡ)ର କଥା ମିଛକଥା ବୋଲି ବୁଝିହୁଏ, ତେଣୁ ପୁରାଣକୁ କେତେକ ତୁଣ୍ଡର କଥା କହନ୍ତି, ଅର୍ଥାତ୍ ସେମାନଙ୍କ କଥା ଅନୁସାରେ ପୁରାଣକୁ ମିଛକଥା ବୋଲି ବୁଝିପାରିବା ।

ପୁରାଣ ତୁଣ୍ଡର ଏବଂ ଶାସ୍ତ୍ର ପେଟର ବୋଲି କହିପାରିବା । ଶାସ୍ତ୍ରେ କହିଲେ ଯାହା ଶାସନଯୁକ୍ତ । **"ଶାପ" ଶବ୍ଦରୁ ଏହି "ଶାସନ" ଶବ୍ଦଟି ଆସିଛି ।**

**ଶାପ ବା ଶାସନ କହିଲେ ତାହା ଯାହା ନିଶ୍ଚୟ ଫଳିବ, ଯାହାକୁ ନିଶ୍ଚୟ ମାନିବାକୁ ହେବ ।** ଶାସ୍ତ୍ର ଶାସନରେ ପରିପୂର୍ଣ୍ଣ । ଶାସ୍ତ୍ରର ପ୍ରତ୍ୟେକ ବିଷୟ ସତ୍ୟ ସମ୍ବଳିତ । ଥରେ କୁହାଯାଇଥିବା ଶାସ୍ତ୍ରର ବିଷୟ କେବେ ମିଛ ହୋଇନଥାଏ । ଉଦାହରଣ ସ୍ୱରୂପ ଗଣିତଶାସ୍ତ୍ର ନାମକ ଶାସ୍ତ୍ରଟି ଆମ ସମସ୍ତଙ୍କୁ ଜଣାଥିବା ଏକ ଶାସ୍ତ୍ର, ଗଣିତରେ ୫ × ୪ = ୨୦, ଏହାକୁ ଶାସନ ଭଳି ମାନିବାକୁ ହିଁ ହେବ, ଏହା ଥରେ କୁହାଗଲେ ଚିରକାଳ ରହିଯାଏ । କେତେବେଳେ ହେଉ, କେଉଁଠି ମଧ୍ୟ ହେଉ ନିଶ୍ଚୟ ପ୍ରମାଣିତ ହୋଇରହେ । ଶାସନ ବା ଶାସ୍ତ୍ର କହିବା ଭଳି ୫ର ଚାରିଗୁଣ ସର୍ବଦା ୨୦ ହୋଇଥାଏ ସିନା କେବେ ବଦଳି ନଥାଏ । କାରଣ ! ଏହା ହେଉଛି ଶାସନ ବା ଶାସ୍ତ୍ର, ଶାସନକୁ ସମସ୍ତେ ମାନିବାକୁ ବାଧ୍ୟ । ଏହିଭଳି ଶାସ୍ତ୍ର ବାବଦରେ ଆମେ ଜାଣିଗଲେ । ପୁରାଣଗୁଡିକ ଏକପ୍ରକାରର, ଶାସ୍ତ୍ରଗୁଡିକ ମଧ୍ୟ ଏକପ୍ରକାରର । ଯାତ୍ରା ଗୋଟିଏ ହେଲେ ମଧ୍ୟ ପୂର୍ବଦିଗ, ପଶ୍ଚିମଦିଗ ଅଲଗା ଅଲଗା ଥିବା ଭଳି, ଉଦ୍ଦେଶ୍ୟ ଗୋଟିଏ ହେଲେ ମଧ୍ୟ ପୁରାଣ ଅଲଗା, ଶାସ୍ତ୍ର ଅଲଗା । ପୂର୍ବ ପଶ୍ଚିମର ପାର୍ଥକ୍ୟ ଥିବା ଭଳି ଶାସ୍ତ୍ର,ପୁରାଣର ପାର୍ଥକ୍ୟ ଥାଏ । ଏହି ପାର୍ଥକ୍ୟକୁ ବୁଝିନପାରି ସବୁଗୁଡିକୁ ପୁସ୍ତକ କହିଲେ ସ୍ତ୍ରୀ, ନପୁଂସକର ପାର୍ଥକ୍ୟକୁ ନଜାଣିବା ଭଳି ହୋଇଥାଏ । ତେଣୁ କେଉଁ ପୁସ୍ତକରେ କଣ ଅଛି, କଣ ଶାସ୍ତ୍ର, କଣ ପୁରାଣ ତାହା ଜାଣିବା ଦରକାର, ନଚେତ ଧୂଳିକୁ ମୁଣ୍ଡରେ, ମୁଣ୍ଡରେ ଢାଳିବା ପାଣିକୁ ପାଦରେ ଢାଳିବା ଭଳି ହେବ । ପାଦରେ ଧୂଳି ଥିବାବେଳେ ମୁଣ୍ଡରେ ପାଣି ଢାଳିଲେ ଦେହ ଧୋଇହେବ, ତାଛଡା ପାଦର ଧୂଳି ମଧ୍ୟ ଧୋଇ ହୋଇଯିବ, ତା ନକରି ପାଦରେ ପାଣି ଢାଳି ମୁଣ୍ଡରେ ଧୂଳି ଢାଳିଲେ ସେ ଯାଏଁ ଭଲ ଥିବା ଦେହ ମଧ୍ୟ ମଇଳା ହୋଇଯିବ । କିଛି ଜାଣିନଥିବା ଲୋକ ପ୍ରାଥମିକ ଭାବେ ଜାଣିବାପାଇଁ ପୁରାଣ ଥାଏ । ବିଚାରବନ୍ତ ଶାସ୍ତ୍ରେ ପଢିବା ଉଚିତ୍ । ବିଚାର ଶକ୍ତି ଥିବା ଲୋକ ପୁରାଣ, ବିଚାର ଶକ୍ତି ନଥିବା ଲୋକ ଶାସ୍ତ୍ର ପଢିଲେ ତାହା ସେମାନଙ୍କୁ କିପରି ରୁଚିବ ! ଏହି କାରଣରୁ କେତେକ ପୁରାଣକୁ ବୁଝିପାରୁଥିବା ଭଳି ଶାସ୍ତ୍ରକୁ ବୁଝିପାରନ୍ତି ନାହିଁ, ହେଲେ ଏହା ସତ ଯେ, କେତେକ ଶାସ୍ତ୍ରକୁ ଜାଣିବା ପରେ କେବେ ବି ପୁରାଣ ପଢନ୍ତି ନାହିଁ ।

ଏବେ ଆମେ ଦେଖିବାକୁ ଥିବା ଭଗବଦ୍ଗୀତାଟି ଶତପ୍ରତିଶତ ଶାସ୍ତ୍ର ହୋଇଥିବାରୁ ପୁରାଣଗୁଡିକୁ ସେଥିରେ ମିଶାନ୍ତୁ ନାହିଁ, ପୁରାଣର କାହାଣୀ ଆଣି ତା ସହିତ ତୁଳନା କରନ୍ତୁ ନାହିଁ ବୋଲି ଆଗୁଆ ଜଣାଉଛୁ । ଏଠାରେ ଆମେ ଯେଉଁ ମୁଖ୍ୟ ବିଷୟ ଜଣାଇବୁ, ଆପଣମାନେ ଯାହା ଜାଣିବେ ତାହା ହେଉଛି ! ଅଷ୍ଟାଦଶ ପୁରାଣ ନାମରେ ୧୮ଖଣ୍ଡ ପୁରାଣକୁ କ୍ରମାନ୍ୱୟରେ ଲେଖିଲେ, ସେଗୁଡିକ ୧) ବ୍ରହ୍ମ ପୁରାଣ ୨) ପଦ୍ମ ପୁରାଣ ୩) ବିଷ୍ଣୁ ପୁରାଣ ୪) ଶିବ ପୁରାଣ ୫) ଭାଗବତ ୬) ନାରଦ ପୁରାଣ ୭) ମାର୍କଣ୍ଡେୟ ପୁରାଣ ୮) ଅଗ୍ନି ପୁରାଣ ୯) ଭବିଷ୍ୟତ୍ ପୁରାଣ ୧୦) ବ୍ରହ୍ମବୈବର୍ତ୍ତ ପୁରାଣ ୧୧) ଲିଙ୍ଗ ପୁରାଣ ୧୨) ବରାହ ପୁରାଣ ୧୩) ସ୍କନ୍ଦ ପୁରାଣ ୧୪) ବାମନ ପୁରାଣ ୧୫) କୂର୍ମ ପୁରାଣ ୧୬) ମତ୍ସ୍ୟ ପୁରାଣ ୧୭) ଗରୁଡ ପୁରାଣ ୧୮) ବ୍ରହ୍ମାଣ୍ଡ ପୁରାଣ ।

ଏହିଭଳି ଅଠରଖଣ୍ଡ ପୁରାଣ ସମାଜରେ ବହୁ ପୂର୍ବରୁ ଲୋକପ୍ରିୟ ହୋଇ ରହିଆସିଛି । ପୁରାଣ ଗୁଡିକର ତିନିଭାଗରୁ ମାତ୍ର ଗୋଟିଏ ଭାଗ ହେଉଛି ଶାସ୍ତ୍ର । ପୁରାଣଗୁଡିକ ୧୮ଖଣ୍ଡ ଥିବା ସ୍ଥଳେ, ଶାସ୍ତ୍ରଗୁଡିକ ମାତ୍ର ୬ଗୋଟି ରହିଥାଏ । ପୁରାଣଗୁଡିକ ସଂଖ୍ୟାଗରିଷ୍ଠ ହେଲେହେଁ ରତ୍ନ ଆଉ ପଥରର ମୂଲ୍ୟ ଭଳି ଶାସ୍ତ୍ର ଆଉ ପୁରାଣ ମଧ୍ୟରେ ପାର୍ଥକ୍ୟ ରହିଥାଏ । ୧୮ ଖଣ୍ଡ ପୁରାଣର ନଥିବା ମୂଲ୍ୟ ୬ଗୋଟି ଶାସ୍ତ୍ରର ଥିବା କାରଣରୁ ତାହା ପୂର୍ବେ କେତେକଙ୍କ ଦ୍ୱାରା ଜୀର୍ଣ୍ଣ (ସହ୍ୟ) ହୋଇପାରି ନାହିଁ । ପୂର୍ବକାଳରେ ପୁରାଣପ୍ରିୟ ଲୋକମାନେ ଅଧିକ ଥାଇ, ଶାସ୍ତ୍ରପ୍ରିୟ ଲୋକମାନେ କମ୍ ଥିବାବେଳେ, ସେହି ଅନୁପାତରେ ପୁରାଣର ମୂଲ୍ୟ ବଢାଇ ଶାସ୍ତ୍ରର ମୂଲ୍ୟ କମ୍ କରିଦେବା ପାଇଁ ବଡ କୁତନ୍ତ୍ର ହୋଇଥିଲା ବୋଲି କହିପାରିବା । ଶାସ୍ତ୍ରଗୁଡିକୁ ବିନାଶ କରି, ଶାସ୍ତ୍ର ସ୍ଥାନରେ ଆଉ କେତେକ ଅନ୍ୟ ନିୟମକୁ ପ୍ରବେଶ କରାଇ, ତାହାହିଁ ଶାସ୍ତ୍ର ବୋଲି କିଛିଲୋକ ପ୍ରଚାର କରିଥିଲେ, ସେହି କାରଣରୁ ପ୍ରକୃତ ଶାସ୍ତ୍ର ଛଅଗୋଟି ପ୍ରଚାର ହୋଇ ନପାରି, ଶାସ୍ତ୍ର ହୋଇ ନଥିବା ଛଅଗୋଟି ଅଶାସ୍ତ୍ର ଶାସ୍ତ୍ର ଭାବେ ପ୍ରଚାର ହୋଇଯାଇଥିଲା, ସେଗୁଡିକୁ କ୍ରମାନ୍ୱୟରେ କହିଲେ **୧) ଶିକ୍ଷା ୨) ବ୍ୟାକରଣ ୩) ଛନ୍ଦ ୪) ନିରୁକ୍ତ ୫) ଜ୍ୟୋତିଷ୍ୟ ୬) କଳ୍ପ** ।

ଆଜିର କାଳରେ ଏଗୁଡିକ ବାବଦରେ ସମସ୍ତଙ୍କୁ ଜଣା ନଥିଲେ ମଧ୍ୟ, ବେଦ ପରିଚିତ ଲୋକମାନଙ୍କୁ ଆଉ ପୁରାଣରେ ସମ୍ପୂର୍ଣ୍ଣ ବୁଡିରହିଥିବା ଲୋକମାନଙ୍କୁ ଭଲଭାବେ ଜଣାଥାଏ । ଶାସ୍ତ୍ରରେ ନାମିତ ହୋଇଥିବା ଏହି ଛଅଗୋଟି ଭିତରୁ ସବୁଗୁଡିକୁ ନ ଜାଣିଲେ ନାଇଁ ଗୋଟିକର ବିବରଣୀ ଜାଣିବା ।

**୧) ଶିକ୍ଷା:-** ଏଥିରେ ବେଦ ଶବ୍ଦର ଅକ୍ଷର ସ୍ଥାନ ଜ୍ଞାନକୁ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ନାମରେ ସ୍ୱର ଜ୍ଞାନଗୁଡିକୁ କୁହାଯାଇଛି । ଉଦାତ୍ତ କହିଲେ ଉଚ୍ଚ, ଅନୁଦାତ୍ତ କହିଲେ ନୀଚ ଏବଂ ସ୍ୱରିତ କହିଲେ ସମାନ । ଏହି ଶିକ୍ଷାଶାସ୍ତ୍ରକୁ ବ୍ୟାସ ଶିକ୍ଷା, ଭରଦ୍ୱାଜ ଶିକ୍ଷା, ନାରଦ ଶିକ୍ଷା ନାମରେ ତିନି ପ୍ରକାରର କହନ୍ତି । ଏହା ପ୍ରଥମ ଶାସ୍ତ୍ର କୁହାଯାଉଥିବା ଶିକ୍ଷାଶାସ୍ତ୍ରର ପଦ୍ଧତି । ବେଦଶବ୍ଦକୁ ଏଭଳି ଉଚ୍ଚାରଣ କରିବାକୁ ହୁଏ, କେଉଁଠି ଉଚ୍ଚ ସ୍ୱରରେ, କେଉଁଠି ନୀଚ ସ୍ୱରରେ ଗାଇବାକୁ ହୁଏ ବୋଲି ଜଣାଇଥିବା ପଦ୍ଧତିକୁ ଶାସ୍ତ୍ର କହିଛନ୍ତି । ଏହା ଏକ ଶାସନରୂପ ହୋଇଥିବା ବେଳେ, ଏହା ନାରଦଙ୍କ ପଦ୍ଧତି, ତାହା ବ୍ୟାସଙ୍କ ପଦ୍ଧତି, ଅମୁକଟି ଭରଦ୍ୱାଜ ପଦ୍ଧତି ବୋଲି ଜଣାଇଛନ୍ତି, ସେହି ଅନୁସାରେ ବ୍ୟାସ କହିବା ଭଳି, ଭରଦ୍ୱାଜ କହିନାହାନ୍ତି, ଭରଦ୍ୱାଜ କହିବା ଭଳି ନାରଦ କହିନାହାନ୍ତି ବୋଲି ଜଣାଯାଉଛି । ଶାସ୍ତ୍ର ଗୋଟିଏ ପଦ୍ଧତି କହୁଥିବା ବେଳେ, ତାହା କେବେ ବଦଳି ନଥାଏ, ଏହା ଏକ ସୂତ୍ର ହୋଇଥିବା ସ୍ଥଳେ, ଏହି ଶିକ୍ଷା ନାମକ ଶାସ୍ତ୍ର ସୂତ୍ର ଭଙ୍ଗକରି ଶାସ୍ତ୍ରର ମୂଲ୍ୟକୁ ମଧ୍ୟ ଭଙ୍ଗ କରୁଛି । ଶାସ୍ତ୍ର କଣ ଜାଣିବା ପରେ, ଏବେ ମଝିରେ କଳ୍ପିତ ହୋଇଥିବା ଏହିଭଳି ଅଶାସ୍ତ୍ରଗୁଡିକୁ ଛାଡି ପ୍ରକୃତ ଶାସ୍ତ୍ରଗୁଡିକ ବାବଦରେ ଜାଣିବା ।

ପୁରାଣଠାରୁ ଅନେକ ଆଗରୁ ଜନ୍ମ ହୋଇଥିଲା ଶାସ୍ତ୍ର । ସେଗୁଡିକ କ୍ରମାନ୍ୱୟରେ **୧) ଗଣିତ ଶାସ୍ତ୍ର ୨) ଜ୍ୟୋତିଷ୍ୟ (ଜ୍ୟୋତିଷ) ଶାସ୍ତ୍ର ୩) ଖଗୋଳ ଶାସ୍ତ୍ର ୪) ରାସାୟନିକ ଶାସ୍ତ୍ର ୫) ଭୌତିକ ଶାସ୍ତ୍ର ୬) ଯୋଗ ଶାସ୍ତ୍ର** । ଏହି ଛଅଟି ଶାସ୍ତ୍ର ବ୍ୟତୀତ ଅନ୍ୟ କୌଣସି ଶାସ୍ତ୍ର ନାହିଁ । ଏଠାରେ କେତେକଙ୍କ ଠାରେ ଏକ ସନ୍ଦେହ ଆସିପାରେ । ତାହା ହେଉଛି ! ଏହି ଛଅ-ଗୋଟି ଶାସ୍ତ୍ର ବ୍ୟତୀତ ଆଜି ସମାଜରେ ଭଲଭାବରେ ପ୍ରଚଳିତ ହୁଏ ବାସ୍ତୁଶାସ୍ତ୍ର । ଯେଉଁମାନେ ଘର ତୋଳିବାକୁ ଚାହାନ୍ତି ସେମାନେ ବାସ୍ତୁଶାସ୍ତ୍ରର ଆଶ୍ରୟ ନିଅନ୍ତି,

ତଦନୁଯାୟୀ ଘର ତୋଳନ୍ତି, ତାହା ତ କାହିଁ ଆପଣଙ୍କ ଲିଷ୍ଟ୍‌ରେ ନାହିଁ ? ବୋଲି ପଚାରି ପାରନ୍ତି । ତାର ସମାଧାନ ହେଉଛି ! ଆମେ କହିଥିବା ଛଅଗୋଟି ଶାସ୍ତ୍ରକୁ ଜାଣିଥିବା ଲୋକେ ଖୁବ୍ କମ୍ ଥାଇପାରନ୍ତି, କିନ୍ତୁ ଆଜି ବାସ୍ତୁଶାସ୍ତ୍ର ଜାଣିଥିବା ଲୋକମାନେ ସମାଜରେ ଅନେକ ଦେଖିବାକୁ ମିଳୁଛନ୍ତି । ବାସ୍ତୁଶାସ୍ତ୍ର ବାବଦରେ କହିଲେ, ଆଜିର ବାସ୍ତୁଶାସ୍ତ୍ର ସତ ନୁହେଁ ସ୍ୱପ୍ନ କହିଲେ ଚଳିବ । ସମସ୍ତେ ବାସ୍ତୁବିତ୍ ମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଘର କରନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ଘରକରିବା ବଡ ବିଚିତ୍ର ବୋଧହୁଏ । ବାସ୍ତୁ ଅନୁସାରେ ତିଆରି ହୋଇନଥିବା ଘରେ ନାନା ଦୁଃଖକଷ୍ଟ ଆସିଥାଏ, ଦ୍ରବ୍ୟନଷ୍ଟ ଘଟିଥାଏ, ପ୍ରାଣହାନି ଘଟିଥାଏ କହିବା ଯୋଗଶାସ୍ତ୍ରର ବିରୁଦ୍ଧ । ମଣିଷକୁ ମିଳିଥିବା ଘର ତାର ଜନ୍ମରୁ ହିଁ ନିର୍ଣ୍ଣୀତ ହୋଇଯାଇଥାଏ,ଏହାକୁ କେହି ମଝିରେ ନିର୍ଣ୍ଣୟ କରିପାରନ୍ତି ନାହିଁ । ଜଣକୁ ତା ଜୀବନରେ କେଉଁ ପ୍ରକାରର ଘର ମିଳିବ ସେକଥା ଜ୍ୟୋତିଷ୍ୟ ଶାସ୍ତ୍ରରେ ଥାଏ, କିନ୍ତୁ ସ୍ୱତନ୍ତ୍ରଭାବେ ଘର ତୋଳିବା ପାଇଁ ବାସ୍ତୁଶାସ୍ତ୍ରଟିଏ ନଥାଏ ବୋଲି ମନେ ରଖନ୍ତୁ ।

ଶାସ୍ତ୍ରଗୁଡିକ ଛଅଗୋଟି ଏବଂ ପୁରାଣଗୁଡିକ ଅଠରଗୋଟି, ଏହା କେବେ ମଧ ବଦଳି ନଥାଏ । ଏହି ଛଅଗୋଟି ଶାସ୍ତ୍ର ଭିତରେ ଗଣିତଶାସ୍ତ୍ର ସହିତ ଜ୍ୟୋତିଷ୍ୟ ଶାସ୍ତ୍ରର ନିବିଡ ସମ୍ପର୍କ ରହିଥିବାରୁ ଗଣିତ ନଥିବା ଜ୍ୟୋତିଷ୍ୟ ନାହିଁ, ଜ୍ୟୋତିଷ୍ୟଶାସ୍ତ୍ର ସହିତ ଖଗୋଳ ଶାସ୍ତ୍ର ଅନୁସନ୍ଧିତ ହୋଇ ରହିଛି, ସେହିଭଳି ଖଗୋଳ ଶାସ୍ତ୍ର ସହିତ ରାସାୟନିକ ଶାସ୍ତ୍ରର, ରାସାୟନିକ ଶାସ୍ତ୍ର ସହିତ ଭୌତିକ ଶାସ୍ତ୍ରର, ଭୌତିକ ଶାସ୍ତ୍ର ସହିତ ଯୋଗ ଶାସ୍ତ୍ରର ନିବିଡ ସମ୍ପର୍କ ରହିଛି । ଭୌତିକ କହିଲେ ଶରୀର ସମ୍ବନ୍ଧୀୟ । ମାନବ ଭୌତିକ ଶରୀର ଧାରଣ କରିଛି । ଶରୀରରେ ଥିବା ଶରୀରଭାଗ ଗୁଡିକ ସହିତ ରହୁଥିବା ଜୀବାତ୍ମାର ପ୍ରକୃତ ଲକ୍ଷ୍ୟ ହେଉଛି ମୋକ୍ଷ, ମୁକ୍ତି ବା ଈଶ୍ୱରଙ୍କ ସହିତ ମିଳିତ ହେବା । ଈଶ୍ୱର ବା ପରମାତ୍ମାଙ୍କ ଠାରେ ଐକ୍ୟ ହେବାପାଇଁ ଯୋଗଶାସ୍ତ୍ର ଜାଣିବା ନିହାତି ଆବଶ୍ୟକ ହୋଇଥାଏ । ଗଣିତ, ଜ୍ୟୋତିଷ୍ୟ, ଖଗୋଳ, ରାସାୟନିକ, ଭୌତିକ ନାମକ ପାଞ୍ଚଗୋଟି ଶାସ୍ତ୍ର ମାନବ ଜୀବନରେ ଭୌତିକତଃ ଉପଯୋଗ ହୋଇଥାଏ । କେବଳ ଷଷ୍ଠଶାସ୍ତ୍ର ହୋଇଥିବା

ଯୋଗଶାସ୍ତ୍ର ଭୌତିକତଃ ନହୋଇ ଦୈବିକତଃ ଉପଯୋଗ ହୋଇଥାଏ । ମାନବ ଦୁନିଆରେ ବଞ୍ଚିବା ପାଇଁ ପାଞ୍ଚଗୋଟି ଶାସ୍ତ୍ର ଉପଯୋଗ ହେଉଥିବା ବେଳେ, ଦୁନିଆକୁ ଛାଡି ପରମାତ୍ମାଙ୍କଠାରେ ଐକ୍ୟ ହେବାପାଇଁ, ଷଷ୍ଠତମ ଶାସ୍ତ୍ର ଯୋଗଶାସ୍ତ୍ର ଆବଶ୍ୟକ ହୋଇଥାଏ । ତାହେଲେ ମାନବର ନିହାତି ଜରୁରୀ ହୋଇଥିବା ଯୋଗଶାସ୍ତ୍ରଟି କଣ ? କେଉଁଠାରେ ଅଛି ? ବୋଲି କେତେକ ପଚାରି ପାରନ୍ତି । ସମସ୍ତଙ୍କର ଆବଶ୍ୟକ ହେଉଥିବା ଯୋଗଶାସ୍ତ୍ର ବାବଦରେ, ତାର ମୂଲ୍ୟ ବାବଦରେ ପ୍ରଥମେ ଜାଣିବା ଦରକାର,ଏହା ଏକ ମୁଖ୍ୟ ଜ୍ଞାତବ୍ୟ ବିଷୟ ।

ମାନବ ଜୀବନରେ ଆବଶ୍ୟକ ହେଉଥିବା ଅତିମୁଖ୍ୟ ଶାସ୍ତ୍ର ହେଉଛି ଯୋଗଶାସ୍ତ୍ର । ଯୋଗଶାସ୍ତ୍ରରେ ମାନବର କର୍ମ ନିର୍ମୂଳ ହେବା ବିଧିବିଧାନ ରହିଛି । କର୍ମନିର୍ମୂଳ ସୂତ୍ରଗୁଡିକୁ ମାନବ ବୋଧ କରିପାରେ ନାହିଁ, ତେଣୁ ସ୍ୱୟଂ ପରମାତ୍ମା ଏହି ଶାସ୍ତ୍ରକୁ ଭଗବାନ ରୂପରେ ଆସି ବୋଧ କରିଛନ୍ତି । ଭଗବାନ ବୋଧ କରିଥିବା ଯୋଗଶାସ୍ତ୍ର ତିନିଭାଗ ହୋଇ ରହିଛି । ଭୂପୃଷ୍ଠରେ କେତେକ ଦେଶରେ ଯୋଗଶାସ୍ତ୍ରର ଗୋଟିଏ ଭାଗକୁ ଭଗବାନ ଅଧିକ ବୋଧ କରିଛନ୍ତି । ଯେଉଁ ଦେଶରେ ଯେଉଁ ଭାଗ ଦରକାର, ଯେଉଁ ଭାଗକୁ ସେଠିକାର ପ୍ରଜାମାନେ ବୁଝିପାରିବେ ସେହି ଭାଗକୁ ସେହି ଦେଶରେ ଅଧିକ ବୋଧ କରିଛନ୍ତି, କିନ୍ତୁ ଏକମାତ୍ର ଭାରତ ଦେଶରେ ଯୋଗଶାସ୍ତ୍ରର ତିନିଗୋଟି ଭାଗକୁ ପ୍ରାଞ୍ଜଳ ଭାବରେ ବୋଧ କରିଛନ୍ତି । ଏଠାରେ ସେହି ତିନି ଭାଗ ଭିତରୁ କୌଣସି ଏକ ଭାଗର ଆଚରଣ କଲେ ମଧ୍ୟ ମୋକ୍ଷ ପାଇବାକୁ ସୁଯୋଗ ରହିଛି । ଭାରତ ହେଉଛି ଇନ୍ଦୁଦେଶ, ଅର୍ଥାତ୍ ଜ୍ଞାନଯୁକ୍ତ ଦେଶ । ଜ୍ଞାନ ବୁଝିବା କ୍ଷମତା ଇନ୍ଦୁଠାରେ ରହିଥିବାରୁ ଯୋଗଶାସ୍ତ୍ରର ତିନିଭାଗକୁ ଏଇଠାରେ ସମ୍ପୂର୍ଣ୍ଣ ବୋଧ କରିଛନ୍ତି । ଯୋଗଶାସ୍ତ୍ରର ତିନିଗୋଟି ଭାଗ ହେଉଛି **୧) ଜ୍ଞାନଯୋଗ ବା ବ୍ରହ୍ମଯୋଗ, ୨) ରାଜଯୋଗ ବା କର୍ମଯୋଗ, ୩) ଭକ୍ତିଯୋଗ ବା ବିଶ୍ୱାସଯୋଗ ।** ଏଭଳି ତିନି ଭାଗରେ ମିଳିତ ହୋଇଥିବା ଯୋଗଶାସ୍ତ୍ର ଭାରତରେ ବୋଧହେବା ଆମର ସୌଭାଗ୍ୟ ବୋଲି କହିପାରିବା । ସ୍ୱୟଂ ପରମାତ୍ମା ଅଂଶ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ତିନିଭାଗର ଯୋଗଶାସ୍ତ୍ର ହେଉଛି **ଭଗବଦ୍ଗୀତା** ।

ସ୍ୱଚ୍ଛ ଯୋଗଶାସ୍ତ୍ର ଭଗବଦ୍ଗୀତା ଗ୍ରନ୍ଥରେ ଅନ୍ୟ ଦେଶ ଗୁଡିକରେ କୁହାଯାଇଥିବା ଇତର ଧର୍ମଗ୍ରନ୍ଥ ଗୁଡିକର ସାରାଂଶ ମଧ୍ୟ ରହିଛି । ତେଣୁ ଭଗବଦ୍ଗୀତାକୁ କୌଣସି ମତାବଲମ୍ବୀ କିମ୍ବା କୌଣସି ଦେଶବାସୀ ଖଣ୍ଡନ କରିପାରିବ ନାହିଁ, ସେମାନଙ୍କ ଧର୍ମଗ୍ରନ୍ଥର ସାରାଂଶ ଭଗବଦ୍ଗୀତାର ଏକ ଏକ ଭାଗହୋଇ ରହିବା ଏହାର ବୈଶିଷ୍ଟ୍ୟତା । **ଏତେ ମହାନ ହୋଇଥିବା ଭଗବଦ୍ଗୀତା ମଧ୍ୟ କେତେକ ରଚୟିତାମାନେ କହିଥିବା ଭାବ ଦ୍ୱାରା ଏବଂ ଲେଖିଥିବା ବିବରଣୀ ଦ୍ୱାରା ମହାନତା ହରାଇ କଳଙ୍କିତ ହୋଇଯାଇଛି** । ଯେଉଁମାନେ ଗୀତାଭାଷ୍ୟ କହିଛନ୍ତି ସେମାନଙ୍କୁ ଗୀତାର ମୁଖ୍ୟ ଭାଗତ୍ରୟ ଅଜଣା ରହିଯିବା, ସେମାନେ ପୁରାଣର ଭାବ ସହିତ ଜଡିତ ରହିବା, ଭଗବଦ୍ଗୀତା ଏକ ମହାନ ଶାସ୍ତ୍ର ବୋଲି ଜାଣି ନପାରିବା ଇତ୍ୟାଦି କାରଣଗୁଡିକ ଦ୍ୱାରା ଆଜି ଗୀତାର ମୂଲ୍ୟ ଆମରି ଭାରତରେ ମଧ୍ୟ ନଗଣ୍ୟ ହୋଇଯାଇଛି । ତେଣୁ ଅନ୍ୟ ମତାବଲମ୍ବୀମାନେ (ଧର୍ମାବଲମ୍ବୀମାନେ) ମଧ୍ୟ ଏହି ଗୀତାକୁ ସମାଲୋଚନା କରିବାକୁ ସୁଯୋଗ ପାଇଛନ୍ତି । କିଛି ହିନ୍ଦୁମାନେ ମଧ୍ୟ ଗୀତାକୁ ନୀଚଦୃଷ୍ଟିରେ ଦେଖୁଛନ୍ତି । ହିନ୍ଦୁମତ (ଇନ୍ଦୁମତ)ର ମୂଳଗ୍ରନ୍ଥ ଭଗବଦ୍ଗୀତା ବୋଲି ଜାଣିନଥିବା ଅନେକେ ହିନ୍ଦୁମତ (ଇନ୍ଦୁମତ) ଛାଡି କୋରାନ୍, ବାଇବେଲ୍ ଇତ୍ୟାଦି ମତଗ୍ରନ୍ଥ ରହିଥିବା ଅନ୍ୟମତକୁ ପଳାୟନ କରୁଛନ୍ତି । ସବୁମତର ମୋକ୍ଷସୂତ୍ର ଭଗବଦ୍ଗୀତାର ଏକ ଏକ ଭାଗ ହୋଇଥିବା ବେଳେ, ଇନ୍ଦୁମତ ଛାଡି ଇତର ମତଗୁଡିକୁ ଚାଲିଯାଉଛନ୍ତି । ଭଗବଦ୍ଗୀତାର ସାରାଂଶ ଏବଂ ତାର ମୂଲ୍ୟକୁ ସେମାନେ ବୁଝିନାହାନ୍ତି ବୋଲି ଜଣାଯାଉଛି । ଅନେକ ଲୋକ ଭଗବଦ୍ଗୀତାକୁ ଅନେକ ଭାଷାରେ ଅନୁବାଦ କରିଥିବା ବେଳେ, **ହିନ୍ଦୁଧର୍ମରେ (ଇନ୍ଦୁମତରେ) ଆଜି ପର୍ଯ୍ୟନ୍ତ ପ୍ରାୟ ତିନିଶହରୁ ଅଧିକ ସ୍ୱାମୀଜୀମାନେ ଗୀତାଭାଷ୍ୟ ଲେଖିଛନ୍ତି । ଗୀତାବୋଧକ ବୋଲି କଙ୍କଣ ପିନ୍ଧିଥିବା ଲୋକମାନେ ଏଇ ଦେଶରେ ଅନେକ ଅଛନ୍ତି; ତଥାପି ଅନେକ ହିନ୍ଦୁ ଏ ମତକୁ ଛାଡି ଚାଲିଯିବା ପରିସ୍ଥିତି କାହିଁକି ଉପୁଜିଛି ! ଏହା ସମସ୍ତଙ୍କପାଇଁ ବିଚାରଣୀୟ ବିଷୟ** । ଆଜି ମଧ୍ୟ ଗ୍ରାମାଞ୍ଚଳରେ ଗୀତା କଅଣ ବୋଲି ଜାଣି ନଥିବା ଲୋକମାନେ ଶତକଡା ୯୦ଭାଗ ଅଛନ୍ତି । ଏସବୁର କାରଣ ନେଇ ଆଜି ପର୍ଯ୍ୟନ୍ତ ଯଥା ବିଧିରେ, ଶାସ୍ତ୍ରବଦ୍ଧ ରୀତିରେ ଗୀତା

ବୋଧ  କରାଯାଇ ନାହିଁ ବୋଲି କହିପାରିବା । ଶାସ୍ତ୍ରକୁ ଶାସ୍ତ୍ର ଭଳି ବୋଧ ନକରି ପୁରାଣ ଭଳି ବୋଧ କରିବା ଦ୍ୱାରା, ଅନେକ ପୁରାଣ ବିଷୟ ଭଗବଦ୍ଗୀତାରେ ମିଶାଇବା ଦ୍ୱାରା, ମୁଖ୍ୟତଃ ମୋକ୍ଷପାଇଁ ଭଗବଦ୍ଗୀତା ଅଛି ବୋଲି ନଜଣାଇ, ଭକ୍ତି ଏବଂ ଜୀବନଶୈଳୀ ନିମନ୍ତେ ଗୀତା ମାହାତ୍ମ୍ୟକୁ ଏଥିରେ ମିଶାଇବା ଦ୍ୱାରା, ଯୋଗଶାସ୍ତ୍ର ଗୀତା ତାର ମୂଲ୍ୟକୁ ନିଶ୍ଚୟ ହରାଇଛି ବୋଲି ଜଣାଉଛୁ । ଭଗବତ୍ ଗୀତା ଧର୍ମମୟ ହୋଇଥିବା ବେଳେ ଆଜି ତାହା ଅଧର୍ମରେ ପୂର୍ଣ୍ଣ ହୋଇଯାଇଛି ବୋଲି ମୁକ୍ତ କଣ୍ଠରେ ଜଣାଉଛୁ ।

ଭଗବାନ ଜଣାଇଥିବା ସ୍ୱଚ୍ଛ, ଶାସନବଦ୍ଧ, ଯୋଗଶାସ୍ତ୍ର ଭଗବଦ୍ଗୀତା ଏଭଳି ସମୟରେ ଆମର ନିହାତି ଆବଶ୍ୟକ । କୌଣସି ମତାବଲମ୍ବୀ, କୌଣସି ଦେଶବାସୀ ସମାଲୋଚନା କରି ନପାରିବା ଭଳି, ଏହା ଆମ ମତ (ଧର୍ମ) ସମ୍ବନ୍ଧୀୟ ବୋଲି ସମସ୍ତେ କହିପାରିବା ଭଳି, ଉନ୍ନତ ଭାବାର୍ଥ ଥିବା ଭଗବତ୍ ଗୀତା ଆଜି ଆମର ଆବଶ୍ୟକ । ହେତୁବାଦୀ, ନାସ୍ତିକବାଦୀ ମାନଙ୍କ ଭିତରେ ରହିଥିବା ସନ୍ଦେହ ଦୂରକରି ସେମାନଙ୍କୁ ମଧ୍ୟ ଆସ୍ତିକଠାରୁ ଉନ୍ନତ ଦୈବବିଶ୍ୱାସୀ କରିପାରୁଥିବା ଭଗବଦ୍ଗୀତାର ଆବଶ୍ୟକ ରହିଛି । ଏଭଳି ଗୀତାକୁ ଚିହ୍ନିବାକୁ ହେଲେ ପ୍ରଥମେ ତାର କିଛି ବିବରଣୀ, କିଛି ପରିଚୟ ଜାଣିବାକୁ ହେବ । ଗୀତା ବାବଦରେ ପ୍ରଥମେ ଜାଣିବାକୁ ଯେଉଁ ବିଷୟ ଏଥିରେ ଲେଖିଛୁ ତାହା ଏଇ **"ଗୀତା ପରିଚୟ"** । ଗୀତା କଣ ଜାଣିବାକୁ  ପ୍ରଥମେ ଗୀତା ପରିଚୟ କିଛି ଜାଣିବାକୁ ହେବ । ଗୀତା ପରିଚୟ ପଢିବା ପରେ ଭଗବଦ୍ଗୀତାକୁ ପ୍ରତ୍ୟେକ ଶ୍ରଦ୍ଧାଳୁ ସହଜରେ ବୁଝିପାରିବେ ।

ଏ ପର୍ଯ୍ୟନ୍ତ ଶାସ୍ତ୍ର, ପୁରାଣର ବିବରଣୀ କହିଥିବା ଆମେ ଶାସ୍ତ୍ରବଦ୍ଧ ଭାବରେ ଯେଉଁ ଭଗବଦ୍ଗୀତା ଗ୍ରନ୍ଥଟିକୁ ଲେଖିଛୁ ତାହା **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା"** । ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ଆଧ୍ୟାତ୍ମିକ ବିଦ୍ୟାର ଏକ ବଡ ମୋଡ ଭଳି । ଏଥିରେ ଥିବା କଳ୍ପିତ ଶ୍ଳୋକଗୁଡିକୁ କାଢିଦେବା ଏକ ମୁଖ୍ୟ ବିଷୟ ହୋଇଥିବା ବେଳେ, ପ୍ରକୃତ ଭଗବଦ୍ଗୀତା ସତର (୧୭) ଅଧ୍ୟାୟ ବିଶିଷ୍ଟ ବୋଲି କହି ଗୋଟିଏ ଅଧ୍ୟାୟକୁ କାଢିଦେବା ଆଉଏକ ଚାଞ୍ଚଲ୍ୟାତ୍ମକ ବିଷୟ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତାରେ ପ୍ରାୟ ୫୦ଗୋଟି ଶ୍ଳୋକର ଭାବକୁ

ବଦଳାଇ ଲେଖିବା ମଧ୍ୟ ଆଧ୍ୟାତ୍ମିକ ସମାଜରେ ଏକ ବିପ୍ଳବ ଭଳି । ଗୀତା ଭିତରେ ଥିବା ପୁରାଣ ବିଷୟଗୁଡିକୁ ଖଣ୍ଡନ କରି ସ୍ୱଚ୍ଛ ଗୀତାକୁ ଶାସ୍ତ୍ରଭାବେ ଅବଧାରଣ କରାଯାଇଛି । ଅନେକ ମୋଡରେ ମୋଡି ହୋଇଥିବା **ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା**କୁ ପାଠକରିବା ଆଗରୁ ଗୀତା ପରିଚୟ ପାଠକଲେ ତାହା ସହଜରେ ବୁଝିହେବ । ଗୀତାରେ ଆଜି ପର୍ଯ୍ୟନ୍ତ କଣ ଅଛି, କଣ ରହିବା ଉଚିତ ଥିଲା ତାହା ଜାଣିବା ପାଇଁ, ଗୀତା ନାମର ଅର୍ଥକୁ ପ୍ରଥମେ ଜାଣି, ତାପରେ ଗୀତା ପରିଚୟ ଆରମ୍ଭ କରିବା ।

ଗୀତା ଅର୍ଥକୁ ନାନା ପଣ୍ଡିତେ ନାନା ଅର୍ଥେ ଲେଖିଛନ୍ତି, କିନ୍ତୁ ଗୀତା କହିଲେ ଏକ ପରିସୀମା (ଅବଧି) ବୋଲି ଗୀତାଶାସ୍ତ୍ର ଅନୁଯାୟୀ ଆମେ ଶାସ୍ତ୍ରବଦ୍ଧ ଭାବରେ ବର୍ଣ୍ଣନା କରିଛୁ । ତାଛଡା ଏକ ଉନ୍ନତ ଭାରତୀୟ ଭାଷାରୁ ଗୀତାର ଅର୍ଥ ରେଖା ବା ସୀମା ବୋଲି ମଧ୍ୟ ଅର୍ଥ ମିଳିଥାଏ । ସବୁକିଛିର ଏକ ସୀମା ଥାଏ, ସୀମା ଭିତରେ କହିବା, କରିବା, ଶିଖିବା, ଶୁଣିବା ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟ ରହିବା ଉଚିତ୍ । ସୀମା ଲଂଘିଲେ ସବୁ ବିରୁଦ୍ଧ  ହୋଇଥାଏ । ରାମାୟଣରେ ଦିନେ ଲକ୍ଷ୍ମଣ ମଧ୍ୟ ଏକ ରେଖା ବା ସୀମା ଟାଣି ରାମଙ୍କୁ ଖୋଜିବାକୁ ଯାଇଥିଲେ ବୋଲି ସମସ୍ତେ ଜାଣନ୍ତି । ସେହିଭଳି ଏହି ଗୀତା ବା ସୀମା ଭିତରେ ରହିଲେ ଜୀବତ୍ୱର ମୂଲ୍ୟ ଥାଏ, ସୀମା ଲଂଘନ କଲେ ଜୀବତ୍ୱର ମୂଲ୍ୟ ନଥାଏ ବୋଲି ଭଗବାନ ଆଙ୍କିଥିବା ସୀମାକୁ ଭଗବଦ୍ଗୀତା କହୁଛୁ । ଲକ୍ଷ୍ମଣ ସେତେବେଳେ ଭୂମି ଉପରେ ଏକ ସୀମା ଟାଣି, ତା ଭିତରେ ରହିଲେ ତୁମେ ସୁରକ୍ଷିତ ରହିବ, କୌଣସି ବିପଦ ଆସିବ ନାହିଁ ବୋଲି ଜଣାଇ ତାହା ନ ଡେଇଁବା ପାଇଁ ସୀତାଙ୍କୁ କହିଥିବା ଇତିହାସ ଆମ ଦେଶରେ ରହିଛି । ଭଗବାନ ହୋଇ ଉଭବ ହୋଇଥିବା ପରମାତ୍ମା ତାଙ୍କର ଶବ୍ଦ ଦ୍ୱାରା ଜୀବତ୍ୱର ସୀମା ସୃଷ୍ଟିକରି, ଏହି ସୀମା ଲଂଘନ କଲେ ଜୀବତ୍ୱର ମୂଲ୍ୟ ନାହିଁ, ସୀମା ଭିତରେ ରହିଲେ ଜୀବତ୍ୱର ଅର୍ଥ ଅଛି, ଏହି ସୀମା ଭିତରେ ରହିଲେ ଈଶ୍ୱର ପ୍ରାପ୍ତି ହୋଇପାରିବୁ ବୋଲି ଜଣାଇ, କ୍ରମବଦ୍ଧ ଭାବରେ  ନିର୍ଣ୍ଣୟ କରିଥିବା ସୀମା ହେଉଛି ଏହି **ଭଗବଦ୍ଗୀତା** ।

ଗୀତାକୁ ସୀମା, ରେଖା ବା ଅବଧି କହିଲେ, ବୁଝିପାରୁ ନଥିବା ଲୋକେ, ଏହି ଅର୍ଥ କେଉଁ ଅଭିଧାନର ? ଆପଣଙ୍କୁ କିଏ କହିଲା ? ଆମ ଭଳି ବିଜ୍ଞମାନେ

ଏହି ଅର୍ଥ ଶୁଣି ହସିବୁ ବୋଲି ନଭାବି ଆପଣ ଲେଖୁଛନ୍ତି ! କହି ଆମକୁ ଚିଠି ମଧ୍ୟ ଲେଖିଛନ୍ତି, ସେମାନଙ୍କୁ ଆମ ତରଫରୁ ଦେବାକୁ ଥିବା ଜବାବ ହେଉଛି ! ଅନ୍ୟମାନେ ଆଜି ପର୍ଯ୍ୟନ୍ତ କହିଥିବା ବିଷୟ, ଲେଖିଥିବା ବିଷୟ ଆମେ ଲେଖୁନାହୁଁ କି କହୁନାହୁଁ, ତେଣୁ ଆମ ରଚନାର ଗୁଡିକରେ ସବୁ ନୂଆ କଥା ଥାଏ । ଶ୍ରୀକୃଷ୍ଣ ଭଗବଦ୍ଗୀତା କହିବା ଆଗରୁ କେହି କହି ନଥିଲେ, ଲେଖି ନଥିଲେ । ଯୀଶୁ ତାଙ୍କ ବାଣୀ କହିବା ଆଗରୁ କେହି ଯୀଶୁବାଣୀ କହିନଥିଲେ । ଶ୍ରୀକୃଷ୍ଣ ହୁଅନ୍ତୁ, ଯୀଶୁ ହୁଅନ୍ତୁ କାହାକୁ ଅନୁସରଣ ନ କରିବା ଭଳି ଆମେ କାହାକୁ ଅନୁସରଣ କରି କହୁନାହୁଁ । ଆମ ଲେଖାଗୁଡିକର ବିଶେଷତା ରହିଛି ବୋଲି ସମସ୍ତେ କ୍ରମତଃ ଆଗକୁ ଗଲେ ଗ୍ରହଣ କରିପାରିବେ । ଏବେ ସେହି ପଦ୍ଧତି ଅନୁସାରେ "**ଗୀତା**"କୁ ଆଉ ଟିକିଏ ସ୍ୱତନ୍ତ୍ର ଭାବନେଇ କହିଲେ !

ଗୀତାକୁ ଟଣା ଯାଇଥିବା ବା ଅଙ୍କନ କରାଯାଇଥିବା ଏକ ସୀମା ବୋଲି ଆମେ କହିଛୁ । ଏଠାରେ କିଏ ସୀମା ଅଙ୍କନ କରିଛି ବୋଲି ପ୍ରଶ୍ନ କଲେ, ଉତ୍ତର ମିଳେ ଯେ ଦୈବ, ଈଶ୍ୱର ବା ପରମାତ୍ମାଙ୍କ ଦ୍ୱାରା ଅଙ୍କନ କରାଯାଇଛି, ପରମାତ୍ମା ଦେଖାଯାଆନ୍ତି ନାହିଁ, ତେଣୁ ପ୍ରଶ୍ନ ଆସେ କିପରି ଆଙ୍କିଲେ ? ତାର ଉତ୍ତର ହେଉଛି ! ଶରୀରରେ ଜୀବ ହୋଇଥିବା ଆମେ ମଧ୍ୟ ବାହ୍ୟତଃ ଦେଖାଯାଉ ନାହେଁ; ତଥାପି ଆମ ଶରୀରରେ ଦେଖାଯାଉନଥିବା ଆମେ (ଜୀବମାନେ) ଆମ ହାତରେ ରେଖାଟିଏ ଆଙ୍କିପାରୁଛେ, ସେହିଭଳି ଦେଖାଯାଉ ନଥିବା ପରମାତ୍ମା ପ୍ରକୃତି ନାମକ ନିଜର ଶରୀରରେ ସୀମା ଆଙ୍କିଛନ୍ତି ବୋଲି ଆପଣ କାହିଁକି ଭାବୁନାହାନ୍ତି ? ଏବେ ଆଉଏକ ପ୍ରଶ୍ନ ଆସେ ଯେ, ଜୀବ ଅଦୃଶ୍ୟ, ପରମାତ୍ମା ମଧ୍ୟ ଅଦୃଶ୍ୟ; ତଥାପି ଦୃଶ୍ୟ ଶରୀରାଙ୍କିତ ସୀମା ଦେଖା ଯାଉଛି, କିନ୍ତୁ ଦେଖାଯାଉଥିବା ପ୍ରକୃତି ଦ୍ୱାରା ପରମାତ୍ମା ଆଙ୍କିଥିବା ସୀମା କେଉଁଠାରେ ଅଛି ? ତାହା ତ ଦେଖାଯାଉ ନାହିଁ ? ତାଛଡା ଚତୁର ମାନଙ୍କ ଠାରେ ଆଉଏକ ପ୍ରକାରର ବିଚାର ମଧ୍ୟ ଆସି "ଶ୍ରୀକୃଷ୍ଣ ମଧ୍ୟ ଆମ ଭଳି ମଣିଷ, ତାଙ୍କ ଶରୀର ଦ୍ୱାରା ଟଣାଯାଇଥିବା ସୀମା ଗୀତାଶାସ୍ତ୍ର ଭାବେ ଅଛି, ପରମାତ୍ମା ଆମଭଳି ମଣିଷ ନୁହନ୍ତି, ପ୍ରକୃତି ନାମକ ତାଙ୍କ ଶରୀର ଦ୍ୱାରା ଆଙ୍କିଥିବା ସୀମା କେଉଁ ରୂପରେ ଅଛି ? କାହିଁ ଦେଖାଯାଉ ନାହିଁ" ବୋଲି ପ୍ରଶ୍ନ କରିପାରନ୍ତି । ଏହି ଉତ୍ତରକୁ ନିମ୍ନମତେ ଜାଣିବା, ବୁଝିବା ।

**ଶ୍ରୀକୃଷ୍ଣଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଭଗବଦ୍ଗୀତା ଅନେକଙ୍କ ପାଖରେ ଥାଇପାରେ, ନଥାଇ ପାରେ, ହେଲେ ପରମାତ୍ମା ଅଙ୍କନ କରିଥିବା ଗୀତା (ସୀମା) ପ୍ରତ୍ୟେକଙ୍କ ପାଖରେ ଅଛି ।** ଖାଲି ମାନବଠାରେ କାହିଁକି, ସମସ୍ତ ଜୀବରାଶିଙ୍କ ଠାରେ ମଧ୍ୟ ରହିଛି ! ପରମାତ୍ମା ଆଙ୍କିଥିବା ସୀମା ଜୀବ ହୋଇଥିବା ତୋଠାରୁ ଅଲଗା ନୁହେଁ ! ! ତାହା ସବୁବେଳେ ତୋତେ ଲାଗିରହିଛି । ପରମାତ୍ମାଙ୍କ ସୀମାକୁ ଚିତ୍ରରେ ଦେଖିପାରିବେ ।

ଭୂପୃଷ୍ଠରେ ଅନେକ ଦେଶ ରହିଛି । ପ୍ରତ୍ୟେକ ଦେଶର ଏକ ଶରହଦ୍ ବା ସୀମାରେଖା ରହିଛି । ଶରହଦ୍ ରେଖା ଭିତରେ ଥିବା ଅଞ୍ଚଳକୁ ଅମୁକ ଦେଶ କିମ୍ବା ଅମୁକ ରାଜ୍ୟ ବୋଲି ଆମେ କହୁଛେ । ଏହି ପଦ୍ଧତି ଅନୁସାରେ ଆମ ଦେଶର ମଧ୍ୟ ଏକ ସୀମାରେଖା ରହିଛି, ସେହିଭଳି ଦୁନିଆର ସବୁ ଦେଶର ମଧ୍ୟ ଏକ ଏକ ସୀମା ରହିଛି । ଅନେକ ଜୀବରାଶି ମଧ୍ୟ ଏହି ପ୍ରପଞ୍ଚରେ (ପଞ୍ଚଭୂତ ଭିତରେ) ରହିଛନ୍ତି । ପ୍ରତି ଜୀବଶରୀର ଏକ ଏକ ବିସ୍ତିର୍ଣ୍ଣତା ବା ଆକାର ନେଇ ରହିଛି । ଏହି ନିୟମ ଅନୁସାରେ ମାନବ ଶରୀରର ମଧ୍ୟ ଏକ ଆକାର ରହିଛି । ଦେଶର ସୀମା ଭିତରେ ସେ ଦେଶର ପରିପାଳନ, ଶାସନ ବ୍ୟବସ୍ଥା ରହିଛି । ସେହିଭଳି ଶରୀରସୀମା ଭିତରେ ସେ ଶରୀରର ପରିପାଳନା, ଶାସନ ବ୍ୟବସ୍ଥା ମଧ୍ୟ ରହିଛି । ଦେଶର ପରିପାଳନ ସେ ଦେଶର ପରିଧି ନାମକ ସୀମା ଭିତରେ ରହିଥାଏ । ସେହିଭଳି ଶରୀରର ପରିପାଳନ ବ୍ୟବସ୍ଥା ଶରୀରର ପରିଧି ଭିତରେ ଥାଏ । ଦେଶର ଜଣେ ରାଜା ଥିବା ଭଳି, ଶରୀର ଭିତରେ ଜୀବ ନାମକ ଜଣେ ରାଜା ଥାଏ । ଦେଶର ରାଜା ତା'ର କେତେଜଣ ପରିବାରଙ୍କୁ (ଶାସକ ସଭ୍ୟଙ୍କୁ) ନେଇ ରହିଥିବା ଭଳି, ଶରୀରରେ ଥିବା ଜୀବ ନାମକ ରାଜାର ୨୫ ଜଣ ପରିବାର ଥାଆନ୍ତି । ରାଜା ଗୋଟିଏ ସ୍ଥାନରେ ବସି ତାଙ୍କ ପରିବାର (ପରିପାଳକ ବର୍ଗଙ୍କ) ଦ୍ୱାରା ରାଜ୍ୟ ପାଳନ କରୁଥିବା ଭଳି, ଶରୀରର ଜୀବ ଶରୀରର ଗୋଟିଏ ସ୍ଥାନରେ ରହି ତାର ପରିବାର ଦ୍ୱାରା ଶରୀର ପରିପାଳନ କରିଥାଏ । **ଦେଶ ପରିଧିର ପରିପାଳନାକୁ ଜଣାଇଥାଏ ରାଜବିଧି (ଆଇନ୍), ସେହିଭଳି ଶରୀର ପରିଧିର ଯନ୍ତ୍ରାଙ୍ଗଗୁଡିକୁ ଜଣାଇଥାଏ ଧର୍ମ ।** ରାଜବିଧି ଦେଶର ପରିଧି ଭିତରେ ଥିବା ଭଳି, ଧର୍ମ ଶରୀରର ପରିଧି ଭିତରେ ରହିଛି । ରାଜବିଧିରେ ନ୍ୟାୟ, ଅନ୍ୟାୟ ଥିବା ଭଳି,

ଧର୍ମରେ ପାପ ପୁଣ୍ୟ ରହିଥାଏ । ଦେଶର ରାଜବିଧି ନ୍ୟାୟ ଓ ଅନ୍ୟାୟକୁ ନିର୍ଣ୍ଣୟ କରୁଥିବା ଭଳି, ଶରୀରର ଧର୍ମ ପାପ ଓ ପୁଣ୍ୟକୁ ନିର୍ଣ୍ଣୟ କରିଥାଏ ।

ଦେଶର ପରିସୀମାକୁ ଗବେଷଣା କଲେ ତାହା କେଉଁ ଦେଶ, ସେ ଦେଶର ପରିପାଳନା କଣ ଜଣାପଡିଥାଏ । ସେହିଭଳି ଶରୀରର ପରିସୀମାକୁ ଗବେଷଣା କଲେ ତାହା କେଉଁ ଦେହ, ତାର ଧର୍ମ କଣ ଜଣାପଡିଥାଏ । ପରିପାଳନା କଣ ଦେଶସୀମାରୁ ଜାଣିପାରିବା ଭଳି, ଧର୍ମ କଣ ଜାଣିବାକୁ ହେଲେ ଦେହସୀମାରୁ ଜାଣିହୁଏ । ତୋ ଶରୀରର ଭିତର ଧର୍ମସବୁ କଣ ତାହା ଜାଣିବାକୁ ହେଲେ ଶରୀରଗୀତା (ଶରୀରସୀମା) ଭିତରୁ ତୋତେ ଜାଣିବାକୁ ହେବ । ଦେହ (ଶରୀର) ଭିତରେ ଥିବା ସ୍ଥୁଳ, ସୂକ୍ଷ୍ମ ବିଷୟର ବିବରଣୀ ଜଣାଇଥାଏ ଶରୀରସୀମା (ଗୀତା), ତାହା ହିଁ ଭଗବଦ୍ଗୀତା । **ଭଗବଦ୍ଗୀତାର ପ୍ରତ୍ୟେକ ଶ୍ଲୋକ ଶରୀରର ପରିଧି ଭିତରେ ଥିବା ଧର୍ମଗୁଡିକୁ ଜଣାଇଛି, ତାର କୌଣସି ଶ୍ଲୋକ ଶରୀର ପରିଧି ଡେଇଁ ଅନ୍ୟ କିଛି ଜଣାଇ ନାହିଁ** । ଶରୀର ପରିଧି ହିଁ ଧର୍ମର ନିଳୟ, ତେଣୁ ଶରୀର ପରିଧି ଭିତରେ ଯାହା କୁହାଯାଇଛି ତାହାକୁ ହିଁ ଗୀତା ବୋଲି କୁହାଯାଇଛି । ତାଛଡା ପରମାତ୍ମା ଭଗବାନ ହୋଇ କହିଥିବାରୁ ତାହାକୁ ଭଗବତ୍‌ଗୀତା (ଭଗବଦ୍ଗୀତା) କୁହାଯାଇଛି ।


ସୂକ୍ଷ୍ମଦୃଷ୍ଟିରେ ଦେଖିଲେ ତୋର ସୀମା ଭିତରେ ଯାହା ରହିଛି ତାହାହିଁ ଭଗବଦ୍ଗୀତା ନାମକ ଗୀତାଗ୍ରନ୍ଥରେ ରହିଛି । ପରମାତ୍ମା ମାନବର ଚିନ୍ତାଧାରାକୁ ଅନେକ ସିଦ୍ଧାନ୍ତ ଯୋଗାଇ ଦେଇଥିବା ଭଳି ଗୀତା ନାମକ ଶବ୍ଦ ମଧ୍ୟ ଯୋଗାଇ ଦେଇଛନ୍ତି । ଗୀତା କହିଲେ ରେଖା ବା ସୀମା, ଆଉ କିଛି ହୋଇ ନପାରେ । ମାନବକୁ ତାର ସୀମା ଚିହ୍ନାଇବା ପାଇଁ ରୂପହୀନ ପରମାତ୍ମା ଭଗବାନ ହୋଇ ଦୃଶ୍ୟସୀମା ଭଗବଦ୍ଗୀତା ଆଙ୍କିଛନ୍ତି । ସର୍ବ ଜଗତର ପିତା ରୂପ, ନାମ, କ୍ରିୟାହୀନ ପରମାତ୍ମା ପ୍ରକୃତି ଦ୍ୱାରା ଏକ ସୀମା ତିଆରି କରି ତାଭିତରେ ଜୀବକୁ ସ୍ଥାପନ କରି, ଏହି ସୀମା ଭିତରେ ତୋତେ ରହିବାକୁ ହେବ ବୋଲି ସୃଷ୍ଟି ପ୍ରାରମ୍ଭରୁ କହିଥିଲେ ମଧ୍ୟ ତାହା ଶୁଣି ପାଶୋରି ଦେଇଥିବା ମାନବକୁ ହାତଠାରି ଦେଖାଇଦେବା ଭଳି ଯେଉଁ ସୀମା ଆଙ୍କିଥିଲେ ତାହା ହିଁ ଭଗବତ୍ ଗୀତା । ଆଗରୁ ମଧ୍ୟ କହିଥିଲୁ ଯେ, ଏକ ଉନ୍ନତ ଭାଷାରେ (ତେଲୁଗୁ)

ଗୀତାର ଅର୍ଥ ରେଖା । ପରମାତ୍ମା ତାହା କାହିଁକି ପ୍ରକୃତି ଦ୍ୱାରା ଲେଖାଇଥିଲେ ନବୁଝି ଯଦି ପ୍ରଶ୍ନ କରିବା, ତେବେ ସେଭଳି ଲେଖାଇବା ଦ୍ୱାରା ଦିନେନା ଦିନେ ମାନବର ବୁଦ୍ଧିରେ ସନ୍ଦେହ ଆସି ତାହା କେଉଁ ଗୀତା ? କେଉଁ ସୀମା ? ବୋଲି ମାନବ ପ୍ରଶ୍ନ କରି ତା'ର ଉତ୍ତର ଖୋଜିବ ! ଉତ୍ତର ପାଇଲେ ଗୀତାର ଧର୍ମକୁ ବୁଝିପାରିବ ! ଏହା ହିଁ ଥିଲା ତାଙ୍କର ଉଦ୍ଦେଶ୍ୟ । ଜୀବର ମଙ୍ଗଳ ପାଇଁ ପରମାତ୍ମା ଗୀତାକୁ ସୀମା ଭାବରେ ଆମକୁ ପରିଚୟ କରାଇଥିବା ବେଳେ ତାହା ଜାଣିବାପାଇଁ କେତେକଙ୍କ ବୁଦ୍ଧିରେ ବିଚାର ନ ଆସି, ତାହା କେଉଁ ଅଭିଧାନର ଅର୍ଥ ବୋଲି ଯଦି ପଚାରନ୍ତି; ତେବେ ସେମାନଙ୍କୁ କଣ କହିବା । ଅଭିଧାନ (ନିର୍ଘଣ୍ଟ,ଡିକ୍ସିନାରି)ରେ ଭୌତିକ ଅର୍ଥ ଥାଇପାରେ, କିନ୍ତୁ ପରମାତ୍ମା ଭାବ ବା ପରମଭାବ ମିଳିବ ନାହିଁ । ଯଦି ମିଳୁଥା'ନ୍ତା ତେବେ ପରମାତ୍ମା ଭୂପୃଷ୍ଠକୁ ଆସି ଜ୍ଞାନ କହିବା ଆବଶ୍ୟକ ନଥାନ୍ତା । ଧର୍ମ ଅଧର୍ମ ହେଲେ ପରମାତ୍ମା ଆସି ଜ୍ଞାନ ଜଣାଇଥାନ୍ତି ବୋଲି କହିଛନ୍ତି । ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଆସିବା ବେଳେ ଅଧର୍ମୀ ମାନଙ୍କୁ ଧର୍ମ ରୁଚେନାହିଁ । ତେଣୁ କୃଷ୍ଣଜନ୍ମରେ, ଯୀଶୁଜନ୍ମରେ ସେମାନଙ୍କ କଥାକୁ ଧିକ୍କାର କରିଥିବା, ନାନାକଷ୍ଟ ଦେଇଥିବା ଲୋକେ ଥିଲେ । ଦିନେ ସ୍ୱୟଂ ଭଗବାନଙ୍କୁ ଧିକ୍କାର କରିଥିବା ଲୋକେ ଥିବାବେଳେ, ଆଜି ଆମକୁ ନିନ୍ଦା କରିବାକୁ ଅନେକେ ଅଛନ୍ତି । ସେଭଳି ଲୋକମାନଙ୍କୁ ଦୃଷ୍ଟି ନଦେଇ, ଐଶ୍ୱରୀୟ ଜ୍ଞାନ ଉପରେ ଶ୍ରଦ୍ଧା ରଖୁଥିବା ଲୋକମାନଙ୍କୁ ବାସ୍ତବଜ୍ଞାନ ଯୋଗାଇ ଦେବାକୁ ଆମ ଉଦ୍ଦେଶ୍ୟ କରି, **ଗୀତା କହିଲେ ଈଶ୍ୱରାଙ୍କିତ ସୀମାରେଖା** ବୋଲି ପ୍ରକୃତ ଅର୍ଥକୁ କହିଛୁ ।

ଧର୍ମଗୁଡିକୁ କହି ଭଗବାନ ଟାଣିଥିବା ସୀମାକୁ ଆପଣମାନଙ୍କ ପାଖରେ ପହଞ୍ଚାଇବାକୁ ଭାବିଛୁ । ଏକ ମୁଖ୍ୟସୂଚନା କଣନା ! ସୁସ୍ଥ ଲୋକପାଇଁ ନହୋଇ ରୋଗୀପାଇଁ ଚିକିତ୍ସା ଆବଶ୍ୟକ ହେବା ଭଳି, ଏପର୍ଯ୍ୟନ୍ତ ଆତ୍ମାବାଦୀ ମାନଙ୍କ ବ୍ୟତୀତ ଆସ୍ତିକ, ନାସ୍ତିକ, ହେତୁବାଦୀ ମାନଙ୍କପାଇଁ ମଧ୍ୟ ଆମ ବାଣୀ ଉପଯୋଗୀ ହୋଇପାରିଛି । କେବଳ ନାସ୍ତିକବାଦୀ ମାନଙ୍କ ଦିଗରୁ କିଛି ଅସନ୍ତୋଷ ବିଷୟ ମିଳିଥିଲେ ହେଁ ହେତୁବାଦୀ, ଆସ୍ତିକବାଦୀ, ନାସ୍ତିକବାଦୀମାନେ ଆମ ବାଣୀବୋଧ ଦ୍ୱାରା ପ୍ରକୃତ ଆତ୍ମବାଦୀ ହୋଇ

ପାରିବା ବିଷୟ ଆମକୁ ପ୍ରୋତ୍ସାହିତ କରିଛି । ତେଣୁ ସମସ୍ତଙ୍କୁ ବୁଝାପଡିବା ଭଳି, ସମସ୍ତେ ମୋକ୍ଷ ପାଇପାରିବା ଭଳି, ସମସ୍ତଙ୍କୁ ଉତ୍ତର ଦେଇପାରିବା ଭଳି ଭଗବଦ୍ଗୀତା ଲେଖିବାକୁ ଭାବିଛୁ, ସେଥିରେ ଅନେକ ନୂଆ, ଅଦ୍ଭୁତ ତଥା ଚକିତକର ବିଷୟ ନିଶ୍ଚୟ ପାଇବେ ବୋଲି ଆଗରୁ ଜଣାଉଛୁ ।

ଅନେକ ପ୍ରଶଂସା, ଅନେକ ନିନ୍ଦାକୁ ସମ୍ମୁଖୀନ କରିଥିବା ଆମେ ସବୁକିଛିକୁ ବିଚାରକରି, ସତ୍ ବିମର୍ଶ (ତର୍କ)ଗୁଡିକୁ ସମ୍ମୁଖୀନ କରିପାରିବା ଭଳି, ସତ୍ୟକୁ ପ୍ରକଟିତ କରିବା ଭଲ ବୋଲି ନିର୍ଣ୍ଣୟନେବା ଆମପାଇଁ ସନ୍ତୋଷକର ବିଷୟ । ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଗୋଟିଏ କଥା କହିଥିଲେ, "ମାନବର ଆବଶ୍ୟକୀୟ ସୁଖ ପାଇଁ ବେଦାର୍ଥ ରହିଛି, ତାହା ଦୁଃଖ ଦୂର କରି ସୁଖ ପ୍ରାପ୍ତି ପାଠ ଶିଖାଇଥାଏ,ବେଦବାଦୀମାନେ ଏ ବାବଦରେ ନାନା ଉପମା ଖଚିତ ମଧୁବାଣୀ



ପରମାତ୍ମାଙ୍କ ଗୀତା

**୧. ଏହା ହିଁ ଦୈବନିର୍ମିତ ଗୀତା (ସୀମା), ଏହି ଗୀତା (ଶରୀରସୀମା) ଡେଇଁ କୌଣସି ଧର୍ମ ନାହିଁ ।**

**୨. ଏହି ସୀମା ଭିତରେ ଭଗବାନ କହିଥିବା ଶ୍ଳୋକଗୁଡିକ ରହିଛି ।**

**୩. ଏହି ଗୀତା ବାହାରେ (ଶରୀର ବାହାରେ) କେହି ଭଗବଦ୍ଗୀତାର ଗୋଟିଏ ଶ୍ଳୋକ ମଧ୍ୟ ଦେଖାଇ ପାରିବେ ନାହିଁ ।**

**୪. ଶ୍ରୀ ଭଗବଦ୍ଗୀତା ହିଁ ଏହି ଗୀତା (ଶରୀରସୀମା), ଏହି ଗୀତା ହିଁ ଶ୍ରୀ ଭଗବଦ୍ଗୀତା ।**

**୫. ଈଶ୍ୱର (ପରମାତ୍ମା) ସୃଷ୍ଟି କରିଛନ୍ତି ଏହି ସୀମାରେଖା,ଭଗବାନ କହିଛନ୍ତି ଭଗବଦ୍ଗୀତା ।**

ବୋଧ କରାଉଛନ୍ତି, ସେଗୁଡିକୁ ଯେଉଁମାନେ ଶୁଣୁଛନ୍ତି ସେମାନେ ସେମାନଙ୍କ ସୁଖପାଇଁ ପ୍ରାର୍ଥନା ତଥା ନାନା କ୍ରିୟାଦି କରିଥାନ୍ତି ।" ଭଗବାନ ଶ୍ରୀକୃଷ୍ଣ କହିଥିବା ବାଣୀ ଅନୁସାରେ ସେଭଳି ମିଠାବଚନ ଆମ କଥାରେ ନଥିବାରୁ କେତେକଙ୍କୁ ତାହା ରୁଚୁ ନାହିଁ । ସୁଖରେ ଆଶକ୍ତି ଥିବା ଲୋକମାନେ ସୁଖପାଇଁ ନାନା ପୂଜା କରିଥାନ୍ତି, ହେଲେ ସେମାନଙ୍କୁ ଆତ୍ମଜ୍ଞାନ ବୁଝାପଡି ନଥାଏ ବୋଲି ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି । ଏହିଭଳି ଆଜି ଅନେକ ଲୋକେ ଏହି ମାର୍ଗରେ ହିଁ ରହିଛନ୍ତି । ତା ଛଡା ବୋଧ କରୁଥିବା ବୋଧକମାନେ ମଧ୍ୟ ଭଗବଦ୍ଗୀତାର ଶ୍ଳୋକଗୁଡିକୁ ମନ୍ତ୍ର ଭଳି ଜପ କରୁଛନ୍ତି, ଅନର୍ଗଳ ବ୍ୟାଖ୍ୟା କରୁଛନ୍ତି ସିନା, ସେଥିରେ ଥିବା ଉନ୍ନତ ଭାବକୁ ଗ୍ରହଣ କରିପାରୁ ନାହାନ୍ତି ।

ଆମ ବାଣୀଗୁଡିକ କୌଣସି ଭୌତିକ କାର୍ଯ୍ୟରେ ଲାଗିପାରିବ ନାହିଁ । ତେଣୁ ଆଜିର ଆଶାଭରା ସମାଜରେ ଆମକଥା ଆଦର ପାଇପାରିବ ନାହିଁ ବୋଲି ଆମେ ଜାଣିଛୁ; ତଥାପି ସତ୍ୟକୁ ଜଣାଇ ମଣିଷକୁ ଶାଶ୍ୱତ ମୋକ୍ଷାଶକ୍ତ କରିବା ପାଇଁ ଆମର ଆକାଂକ୍ଷା ରହିଛି । ଆମ ବାଣୀ ଦ୍ୱାରା, ଏହି ଗୀତା ବିବରଣୀ ଦ୍ୱାରା ସମସ୍ତେ ନ ବଦଳି ହଜାରେ ମଣିଷରେ କେହି ଜଣେ ବଦଳିଲେ ମଧ୍ୟ ଆମର ପରିଶ୍ରମ ବୃଥା ହେବନାହିଁ ବୋଲି ଭାବିବୁ ଏବଂ ଆମ ଉଦ୍ଦେଶ୍ୟ ଫଳଦାୟୀ ହେଲା ବୋଲି ଭାବିବୁ ।

ଗୀତା କହିଲେ ଏକ ରେଖା, ମାନବକୁ ସୂଚିତ କରୁଥିବା ଏକ ସୀମା, ଯାହା ଭିତରେ ରହି ମଣିଷ ନିଜର କଲ୍ୟାଣ କରିପାରିବ ବୋଲି ଭଗବାନ କହିଛନ୍ତି ସିନା, ତାହା ଅମୁକ ମତାବଲମ୍ବୀ ମାନଙ୍କ ପାଇଁ ବୋଲି କହିନାହାନ୍ତି । ତେଣୁ ଗୀତା ସମସ୍ତ ମଣିଷଜାତିର ଶାସନ ରୂପୀ ଶାସ୍ତ୍ର ବୋଲି ଜାଣିବା ଉଚିତ୍ । ସେଥିରେ କୁହାଯାଇଥିବା ବିଷୟ ମଣିଷ ଜାତିର ମାଙ୍ଗଳିକ ବିଷୟ ହୋଇଥିବା ସ୍ଥଳେ, ଗୀତା କେବଳ ହିନ୍ଦୁମାନଙ୍କର ବୋଲି ଅନ୍ୟ ମତାବଲମ୍ବୀମାନେ ଭାବିବା ଶୋଚନୀୟ ବିଷୟ । ବହୁଶା କହିଥିବା ମଣିଷ ଅନୁସାରେ ସେଦିନ ସେ ଯେଉଁ ମତର ଥିଲେ, ସେହି ମତର ବୋଲି ଭାବି କେତେକ, ଗୀତାକୁ ହିନ୍ଦୁମତରେ ସୀମିତ କରିଦେଇ ଥାଇପାରନ୍ତି । ଭଗବଦ୍ଗୀତା ପ୍ରକଟିତ ହୋଇଥିବା ପ୍ରାୟ ୫୧୫୦ ବର୍ଷ ତଳେ କୌଣସି ମତ (ଧର୍ମ) ନଥିଲା ବୋଲି ବୁଝିପାରିଲେ

ଗୀତା ଆଜି ସମସ୍ତଙ୍କର ବୋଲି ବୁଝିପାରିବେ । ଗୀତାର ବିଷୟଗୁଡିକ ଜନ୍ମିତ ଜୀବ ପାଇଁ ହୋଇଥିବାରୁ, ପ୍ରତ୍ୟେକ ମତର ମଣିଷ ଏକ ଏକ ଜନ୍ମିତ ଜୀବ ହୋଇଥିବାରୁ, ସେହି ବିଷୟ ସର୍ବ ମାନବଜାତି ସମ୍ବନ୍ଧୀୟ ବୋଲି ଜଣାଯାଏ,ତେଣୁ ଜାତି, ଲିଙ୍ଗ ଭେଦରେ ସମସ୍ତେ ଏକମତ ହୋଇ ଗୀତା ପଢିପାରିବେ । ବାଇବେଲ୍ ଖ୍ରୀଷ୍ଟୀୟ ମାନଙ୍କର, କୋରାନ୍ ମୁସଲ୍ମାନ୍ ମାନଙ୍କର ହୋଇଥିବା ଭଳି ଭଗବଦ୍ଗୀତା କେବଳ ହିନ୍ଦୁମାନଙ୍କର ଅନେକେ ଭାବନ୍ତି । ବାଇବେଲ୍‌ରେ ଖ୍ରୀଷ୍ଟ, କୋରନରେ ମୁସ୍ଲିମ୍ ନାଆଁ ରହିବା ଦ୍ୱାରା ସେହି ଗ୍ରନ୍ଥଗୁଡିକ ସେହି ସେହି ମତର ଗ୍ରନ୍ଥ କହିବାରେ କିଛି ଅର୍ଥ ଥାଇ ପାରେ, ହେଲେ ଗୀତାରେ କୌଣସି ମତର ନାଆଁ ନାହିଁ, କହିଥିବା ମଣିଷ ଜଣେ ପ୍ରବକ୍ତା ମଧ୍ୟ ନୁହନ୍ତି, ତେଣୁ ତାହାକୁ ଏକ ମତଗ୍ରନ୍ଥ କହିବାରେ କିଛି ଅର୍ଥ ନାହିଁ । ଅର୍ଥାତ୍ ଦଳୀୟ ଭାବ ନେଇ ଧର୍ମଗ୍ରନ୍ଥ କହିବାରେ କିଛି ଅର୍ଥ ନାହିଁ ।

(ସୂଚନା:- ଆମେ ଅନେକ ସନ୍ଦର୍ଭରେ "ମତ" ଲେଖି ତା ପାଖରେ ବନ୍ଧନୀ ଭିତରେ (ଧର୍ମ) ଲେଖିଆସିଛୁ । ଆମେ ଯାହାକୁ ଧର୍ମ କହୁଛେ ତାହା ବାସ୍ତବରେ ସମ୍ପ୍ରଦାୟୀକ ରୀତିନୀତି ବୋଲି ସ୍ପଷ୍ଟ ବୁଝାପଡୁଛି, ଧର୍ମ କହିଲେ ଯାହା ସହଜାତ ଏବଂ ସମାନ ଭାବରେ ସମସ୍ତଙ୍କଠାରେ ରହିଥାଏ, ତେଣୁ ସାମ୍ପ୍ରଦାୟୀକ ରୀତି ଏକ ବର୍ଗ ଭିତରେ ସୀମିତ ହୋଇଥିବାରୁ ତାହାକୁ ଧର୍ମ କହିବା ଅଶାସ୍ତ୍ରୀୟ ହୋଇଥାଏ । ଏହି ଦୃଷ୍ଟିରୁ ଆମେ ଧର୍ମ ଜାଗାରେ ମତ ଲେଖିଛୁ । - ଅନୁବାଦକ )

ଭଗବଦ୍ଗୀତାକୁ ବୁଝିଲେ ସର୍ବ ମାନବଜାତିର ଅଧିପତି ଈଶ୍ୱର ବା ପରମାତ୍ମା (ଆଲ୍ଲାଃ, ଯହୋବା) ଜଣେ ବୋଲି ବୁଝାଯାଏ । ତେଣୁ ସର୍ବାଧିକାରୀ ପରମାତ୍ମାଙ୍କୁ ଜାଣିବା ପାଇଁ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଆଶା କରୁଛୁ । ବହୁଶା ଅନେକ ଲୋକ ଭଗବଦ୍ଗୀତା ପଢିଥିବେ । ସେଥିରେ ବିଚାରବନ୍ତ ମାନଙ୍କ ଠାରେ ଅନେକ ସନ୍ଦେହ ମଧ୍ୟ ଆସିଥାଇ ପାରେ, ସେମାନଙ୍କର ସେହି ସନ୍ଦେହ ଦୂର ନହୋଇ କେତେକ ଗୀତାଠାରୁ ଦୂରରେ ରହିଥାଇ ପାରନ୍ତି, କେତେକ ନାସ୍ତିକ ଭାବରେ ବଦଳିଥାଇ ପାରନ୍ତି । ସେହିଭଳି ଲୋକମାନଙ୍କ ଉପରେ ଦୃଷ୍ଟିଦେଇ ସେମାନଙ୍କ ଠାରେ ଉଦ୍ଭବ ହୋଇଥିବା ସନ୍ଦେହଗୁଡିକୁ

ଯୋଗାଡ କରି ସେଗୁଡିକର ଉଚିତ୍ ସମାଧାନ କରିବା ପୂର୍ବକ ଆମ ଦ୍ୱାରା ଭଗବଦ୍ଗୀତା ଲେଖିବା ହୋଇଛି । ପାଠକରୁଥିବା ପାଠକ ପାଠିକାମାନେ ଆମ କଥାକୁ ଅନ୍ଧବତ୍ ଗ୍ରହଣ ନକରି, ବିଚାର ପୂର୍ବକ ଏକ ନିର୍ଣ୍ଣୟରେ ପହଞ୍ଚନ୍ତୁ । ଏଥିରେ ଆମେ କହିଥିବା ବିଷୟ ଗୁଡିକ କେଉଁଠାରୁ ଶୁଣି ନଥିବେ । ତାଛଡା ଆମେ ଏଥିରେ କହିଥିବା ଭଳି ପୂର୍ବରୁ କେହି ନକହି ଅନ୍ୟ ପ୍ରକାରରେ କହିଥାଇ ପାରନ୍ତି; ତଥାପି ବାସ୍ତବତାକୁ ଆପଣମାନେ ବୁଝିପାରିବେ ବୋଲି ଆଶା କରି ଲେଖୁଛୁ ।

ଭଗବଦ୍ଗୀତାକୁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ କହିଥିଲେ ବୋଲି ସମସ୍ତେ ଜାଣନ୍ତି । ଭଗବଦ୍ଗୀତା କହିବାବେଳେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, **"ଏହି ରହସ୍ୟ ଜ୍ଞାନ, ମୁଁ କେବଳ ତୋତେ କହୁଛି"**। ତେବେ ସେତେବେଳେ କେବଳ ଅର୍ଜୁନଙ୍କୁ ଜଣାପଡିଥିବା ବିଷୟସବୁ ସଞ୍ଜୟ କିପରି ଶୁଣିଲେ ? ଏହା ଏକ ହେତୁବଦ୍ଧ ପ୍ରଶ୍ନ । ଦୂରଦୃଷ୍ଟି ଏବଂ ଦୂରଶ୍ରବଣ ଶକ୍ତି ସଞ୍ଜୟଙ୍କର ଥିଲା, ତାଛଡା ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ କହୁଥିବା ବିଷୟ ଶ୍ରୀକୃଷ୍ଣଙ୍କ ଅଜାଣତରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଥିଲେ ବୋଲି ଯଦି ଭାବିବା, ତେବେ ବିଶ୍ୱରୂପ ଦେଖାଇବା ସମୟରେ **"ପ୍ରକୃତି ଚକ୍ଷୁରେ ମୋର ବିଶ୍ୱରୂପ ତୁ ଦେଖି ପାରିବୁ ନାହିଁ, ମୋର ବିଶ୍ୱରୂପ କେବଳ ଜ୍ଞାନଚକ୍ଷୁକୁ ଦେଖାଯାଏ, ଦେବତାମାନେ ମଧ୍ୟ ଆଜିଯାଏଁ ଦେଖି ନଥିବା ମୋର ବିଶ୍ୱରୂପ କେବଳ ତୋତେ ଦେଖାଇବି, ତାହା ଦେଖିବାପାଇଁ ତୋତେ ଜ୍ଞାନଚକ୍ଷୁ ଦେଉଛି"** ବୋଲି ଭଗବାନ କହି, କେବଳ ଅର୍ଜୁନଙ୍କୁ ସ୍ୱତନ୍ତ୍ର ଜ୍ଞାନଚକ୍ଷୁରେ ବିଶ୍ୱରୂପ ଦେଖାଇଥିବା ବେଳେ, ସଞ୍ଜୟ କେଉଁ ଦୃଷ୍ଟିରେ ବିଶ୍ୱରୂପ ଦେଖି ଧୃତରାଷ୍ଟ୍ରଙ୍କୁ କହିଥିଲେ ? ଏହା ମଧ୍ୟ ଏକ ଉନ୍ନତ ହେତୁବଦ୍ଧ ପ୍ରଶ୍ନ ହୋଇଥାଏ । ଏଇଠି ଆମକୁ ବିଚାର କରିବାକୁ ପଡିବ ଯେ, ଅର୍ଜୁନଙ୍କ ସହିତ ସଞ୍ଜୟ ମଧ୍ୟ ବିଶ୍ୱରୂପକୁ ଦେଖିଛନ୍ତି, କିନ୍ତୁ "ଯାହା କେହି ଦେଖି ନାହାନ୍ତି ତାହା ତୋତେ ଦେଖାଉଛି" ବୋଲି ଶ୍ରୀକୃଷ୍ଣ କାହିଁକି କହିଥିଲେ ? କଣ ମିଛ କହିଥିଲେ ? ଏହିଭଳି ଆରମ୍ଭରୁ ଅନେକ ପ୍ରଶ୍ନ ରହି ଭଗବଦ୍ଗୀତା ପ୍ରଶ୍ନାଳୟ ହୋଇଯାଇଛି । କେହି ଏହା ବାହାରକୁ ଖୋଲି ନକହିଲେ ମଧ୍ୟ ଗୀତା ବାବଦରେ ସମସ୍ତଙ୍କଠାରେ ନିଶ୍ଚୟ ଅନେକ ଲୁକାୟିତ ପ୍ରଶ୍ନ ରହିଛି ।

ଏହା ଏକ ଉଦାହରଣ ମାତ୍ର । ଏମିତି ଅନେକ ପ୍ରଶ୍ନ ସହିତ ବିଚାର ବଢାଉଥିବା ଲୋକମାନଙ୍କ ପାଇଁ ସଠିକ ସମାଧାନ କଣ ଅଛି ଏଥର ଦେଖିବା ।

ଏଭଳି ବିଚାର ନକଲେ ଅତୀତର ସତ୍ୟ, ରହସ୍ୟଗୁଡିକ ବହିର୍ଗତ ହୋଇପାରିବ ନାହିଁ । ଭଗବାନ କହିଥିବା କଥା ଅନେକ ସନ୍ଦର୍ଭରେ, ଅନେକ ପ୍ରକାରରେ ବଦଳି ବଦଳି ଶେଷରେ ଶାତଶହ ଶ୍ଳୋକ ବିଶିଷ୍ଟ ଭଗବଦ୍ଗୀତା ଆଜି ଆମ ପାଖରେ ରହିଛି । ଆଜି ଆମପାଖରେ ଥିବା ଗୀତା ଆଉ ସେଦିନ ଶ୍ରୀକୃଷ୍ଣ କହିଥିବା ଗୀତାରେ କିଛି ଭିନ୍ନତା ଅଛି ? ବୋଲି ବିଚାର କଲେ, ସବୁ ପ୍ରକାରର ସନ୍ଦେହ ଦୂର ହୋଇପାରିବ, ସେହି ବିଚାର ନିରୂପଣାତ୍ମକ, ଶାସନବଦ୍ଧ ଭାବରେ ଗତିକରିବା ବେଳେ ପ୍ରକୃତ ସତ୍ୟସବୁ ବହିର୍ଗତ ହୋଇପାରିବ, ଆସୁଥିବା ପ୍ରତ୍ୟେକ ପ୍ରଶ୍ନର ସମାଧାନ ମଧ୍ୟ ହୋଇପାରିବ । ଏମିତି ବିଚାରର ଫଳରେ ଆରମ୍ଭରୁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ଏହି ଗୀତାକୁ କେତେ ସମୟ ଧରି କହିଥିଲେ ତାର ସମାଧାନ ମଧ୍ୟ ମିଳିପାରିବ ।

ଲେଖିବା ପଢିବା ଜାଣି ନଥିବା ଜଣେ ଲୋକ ଦୂରରେ ଥିବା ତାର ସାଙ୍ଗ ପାଖକୁ ଚିଠି ଲେଖିବାକୁ ହେଲେ, ଲେଖାପଢା ଜାଣିଥିବା ଆଉଜଣେ ଲୋକ ପାଖକୁ ଯାଇ ମୋ ପାଇଁ ଚିଠି ଲେଖିଦିଅ ବୋଲି କହେ । ଲେଖିବା ପାଇଁ ସେ ଲୋକଟି ରାଜିହେବା ବେଳେ, ଚିଠି ଲେଖାଇବା ଲୋକଟି କେବଳ ତାର ଜଣାଇବାକୁ ଥିବା ମୁଖ୍ୟ ଖବରସବୁ ଜଣାଇ ଚୁପ୍‌ହୋଇ ପାଖରେ ବସିରହେ । ଲେଖାପଢା ଜାଣିଥିବା ଲୋକଟି ସେହି ଖବର ଗୁଡିକ ଶୁଣି, ତାହା କିଭଳି ବିସ୍ତୃତ କରି ଲେଖିଲେ ପଢିବା ଲୋକଟି ସହଜରେ ବୁଝିପାରିବ ତାହା ବିଚାର କରି, ଲେଖିବା ପୂର୍ବରୁ ମାନ୍ୟଧର୍ମ, ଭଲରେ ଅଛ କି ନାହିଁ, ସମସ୍ତଙ୍କ ଦେହ ଭଲ ଅଛି କି ନାହିଁ, ଆଉ ସମସ୍ତ ଭଲମନ୍ଦ ଇତ୍ୟାଦି ବିଷୟଗୁଡିକ ଚିଠି ଲେଖାଇବା ଲୋକଟି ନ କହିଲେ ମଧ୍ୟ ତାହା ଲେଖି, ମଝିରେ ଲେଖାଉଥିବା ଲୋକଟି କହିଥିବା ବିଷୟଗୁଡିକୁ ଲେଖି ଶେଷରେ ଇତି ସହିତ ଚିଠିଲେଖା ଶେଷ କରେ । ଚିଠି ଲେଖାଉଥିବା ଲୋକଟି ଗୋଟିଏ ପ୍ରକାରର କହିଥିବା ବେଳେ ଲେଖୁଥିବା ଲୋକଟି ଚିଠିର ପଦ୍ଧତି, କ୍ରମ, ଅଲଙ୍କାର, ଅର୍ଥ ଇତ୍ୟାଦି ମିଶାଇ ଲେଖିବା ଭଳି, ଭଗବାନ କହିଥିବା ମୂଳ ସାରାଂଶକୁ ବ୍ୟାସ ଶ୍ଳୋକ

ରୂପରେ ବର୍ଣ୍ଣନା କରି ଲେଖିଥିବେ ବୋଲି କେହି ଭାବିନଥାନ୍ତି । ଭଗବାନ କହିଥିବା ବିଷୟ ଖୁବ୍‌କମ୍ ହୋଇଥିଲେ ହେଁ, ତାହା ବୁଝିବା ପାଇଁ ଅନେକ ଶ୍ଳୋକ ରୂପରେ, ଅନେକ ଅଧ୍ୟାୟ କରି ବ୍ୟାସ ଲେଖିବା ଦ୍ୱାରା ଆଜି ଶାତଶହ ଶ୍ଳୋକର ଭଗବଦ୍ଗୀତା ଆମ ପାଖରେ ଆସି ପହଞ୍ଚିଛି । ସେଥିରେ ଥିବା ସମସ୍ତ ଶ୍ଳୋକଗୁଡିକୁ ପରିଶୀଳନ କଲେ ମୂଳ ବିଷୟ ଖୁବ୍‌କମ୍ ଥିବା ସ୍ପଷ୍ଟ ଜଣାଯାଉଛି, ସମସ୍ତ ଅଧ୍ୟାୟକୁ ପୁଂଖାନୁପୁଂଖ ପରିଶୀଳନ କରିଦେଖିଲେ ସେଥିରୁ ସାରାଂଶ ଖୁବ୍ କମ୍ ମିଳେ । **"ମୁଁ ସର୍ବବ୍ୟାପୀ"** ବୋଲି ପରମାତ୍ମା କହିଥିବା ସାରାଂଶକୁ ବୁଝାଇବା ପାଇଁ "ବିଭୂତି ଯୋଗ" ନାମକ ଅଧ୍ୟାୟରେ ୪୨ଟି ଶ୍ଳୋକ ଲେଖାଯାଇଛି । ମୁଁ ସର୍ବଶ୍ୱ ବୋଲି ବୁଝାଇବା ପାଇଁ ଯଦି ୪୨ଟି ଶ୍ଳୋକ ଲେଖାଗଲା ତେବେ, ୭୦୦ଶ୍ଳୋକରେ ରହିଥିବା ଭାବାର୍ଥ ମାତ୍ର କିଛି ସମୟରେ (କେଇ ମିନିଟିରେ) କହିଥିବେ ବୋଲି ନିଃସନ୍ଦେହ ଜଣାଯାଉଛି । ଛୋଟ ବିଷୟକୁ ବଡକରି ଲେଖିପାରିବା ଭଳି, ଶ୍ରୀକୃଷ୍ଣଙ୍କର ମୁଖ୍ୟ ସନ୍ଦେଶକୁ ବ୍ୟାସ ବଡକରି ଲେଖିବା ଛଡା ଏତେ ଲମ୍ବର ଭଗବଦ୍ଗୀତା ଯୁଦ୍ଧକ୍ଷେତ୍ରରେ କୁହାଯାଇ ନଥିଲା, କହିବାପାଇଁ ଏତେ ସମୟ ଲାଗିନଥିଲା ବୋଲି ସ୍ପଷ୍ଟ ବୁଝାଯାଉଛି । ବ୍ୟାସ ଲେଖିଥିବା ଏତେବଡ ଗୀତା କେବଳ ପ୍ରଜାମାନେ ସହଜରେ ବୁଝି ପାରିବା ପାଇଁ ଲେଖାଯାଇଛି ସିନା, ଅନ୍ୟ କୌଣସି ଉଦ୍ଦେଶ୍ୟରେ ନୁହେଁ ବୋଲି ଜାଣିବା ଉଚିତ୍ ।

ସଞ୍ଜୟ କିପରି ଯୁଦ୍ଧକ୍ଷେତ୍ରରେ ଘଟୁଥିବା ଘଟଣାଗୁଡିକ ଧୃତରାଷ୍ଟ୍ରଙ୍କୁ କହିପାରୁଥିଲେ ତାହା ଗୀତାର ପ୍ରଥମ ପ୍ରଶ୍ନ । ଶ୍ରୀକୃଷ୍ଣଙ୍କ ସନ୍ଦେଶକୁ, ତାଙ୍କର ବିଶ୍ୱରୂପକୁ ସଞ୍ଜୟ ଜାଣିପାରିଥିଲେ ବୋଲି ଭାବିବା ବେଳେ, ତାଙ୍କଠାରୁ ଧୃତରାଷ୍ଟ୍ର ଶୁଣିବା ପରେ ଶ୍ରୀକୃଷ୍ଣ କିଏ ବୋଲି ଜାଣି ଆରମ୍ଭରୁ ଯୁଦ୍ଧକ୍ଷେତ୍ରକୁ ଯାଇ ହୁଏତ ଯୁଦ୍ଧ ବନ୍ଦ କରିଦେଇ ପାରିଥାନ୍ତେ । ତାଛଡା ଗୀତାବାଣୀ ସଞ୍ଜୟ ଶୁଣିଥିଲେ ବୋଲି ଭାବିଲେ, "ତୁମ ବ୍ୟତୀତ ମୋର ବିଶ୍ୱରୂପକୁ କେହି ଦେଖି ନାହାନ୍ତି" ବୋଲି ଭଗବାନ ଅର୍ଜୁନଙ୍କୁ କହିଥିବା କଥା କଣ ମିଛ ହେବ ? ଭଗବାନଙ୍କ କଥା କେବେ ମଧ୍ୟ ମିଛ ନୁହେଁ । ତା ହେଲେ ସଞ୍ଜୟ ଯଦି ଶୁଣି ନାହାନ୍ତି ! ସେ ଧୃତରାଷ୍ଟ୍ରଙ୍କୁ କହିଲେ କିପରି ? ଏହି ଗୀତା ଆସିଲା କେଉଁଠୁ ? ବୋଲି ସନ୍ଦେହ ଆସିପାରେ । ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ

ବ୍ରହ୍ମହତ୍ୟା କହିବା ଭଳି ଏହି ପ୍ରଶ୍ନର ସମାଧାନ ଯଦି ଆମେ କରି ନପାରୁଛେ ତେବେ, ଆମେ ଗୀତା ବୁଝିନାହେଁ ବୋଲି କହିପାରିବା । ବାସ୍ତବରେ ଭଗବତ୍ ଗୀତା ଆମକୁ ଭିନ୍ନମାର୍ଗରେ ବୁଝାପଡିଛି ସିନା, ସନ୍ଦେହ ରହିତ ଭାବେ ବୁଝାପଡି ନାହିଁ ବୋଲି ସ୍ପଷ୍ଟ ଜଣାଯାଉଛି । ଏହିଭଳି ପ୍ରଶ୍ନର ସମାଧାନ କରି ନପାରିବା ସ୍ଥିତିରେ ରହି ପ୍ରଜାମାନଙ୍କ ଦୃଷ୍ଟିରେ ସର୍ବଜ୍ଞ ପରିଗଣିତ ହେଉଥିବା କେତେଜଣ, ଆପଣ କହୁଥିବା ଜ୍ଞାନ କେଉଁକାଳର କହି ଆମ ସହିତ ଅବହେଳିତ କଥାବାର୍ତ୍ତା କରିଛନ୍ତି, ସେମାନେ ଆମକୁ ଧିକ୍କାର କରନ୍ତୁ ଦୁଃଖ ନାହିଁ, କିନ୍ତୁ ସେମାନଙ୍କ କାରଣରୁ ଜନସାଧାରଣ ଗୀତାକୁ ବୁଝିନପାରିବା ଆମପାଇଁ ଦୁଃଖଦ ବିଷୟ ହୋଇଯାଇଛି । ତେଣୁ ଏହି ଭଗବଦ୍ଗୀତା ଦ୍ୱାରା ପ୍ରଜାମାନେ ଏବେ ଜାଣି ପାରିବେ ଯେ, କାହାର ଦୁର୍ବଳତା କାରଣରୁ ବାସ୍ତବତା ବାହାରକୁ ଆସିପାରି ନାହିଁ । ଯେଉଁମାନେ ବ୍ରହ୍ମବିଦ୍ୟାର ସତ୍ୟକୁ ଖୋଜୁଛନ୍ତି ସେମାନଙ୍କୁ, ହେତୁବାଦୀ ମାନଙ୍କୁ ଆଜିପର୍ଯ୍ୟନ୍ତ ଅନେକ ସ୍ଥାନରୁ ମିଳିଥିବା ଜ୍ଞାନରୁ ସେମାନଙ୍କଠାରେ ଆସିଥିବା ସନ୍ଦେହର ସମାଧାନ ନହେବା ଦ୍ୱାରା କେତେକ ନାସ୍ତିକ ହୋଇଛନ୍ତି, ଏହା ସତ କି ମିଛ ଆପଣମାନେ ଟିକିଏ ବିଚାର କରନ୍ତୁ । “ଆମ ପ୍ରଶ୍ନର ସମାଧାନ କେଉଁଠାରେ ନାହିଁ, ସବୁ ବେକାର ଏବଂ ମନବୁଝା କଥା, ଏଥିରେ କୌଣସି ସତ୍ୟ ନାହିଁ, ଈଶ୍ୱରଙ୍କ ନାମରେ ସନ୍ଦେହଜନକ ଜ୍ଞାନ ଆପଣ କହୁଛନ୍ତି” ବୋଲି ଆଜି ନାସ୍ତିକମାନେ କହୁଛନ୍ତି ।

ଏହି ପ୍ରକାରର ନାସ୍ତିକମାନେ ମଧ୍ୟ ଆମ ଜ୍ଞାନ ଦ୍ୱାରା ସେମାନଙ୍କ ପ୍ରଶ୍ନର ସମାଧାନ ଜାଣି, ଏହି ପଦ୍ଧତି ପ୍ରକାରରେ ବିଚାରକଲେ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିପାରିବା ବୋଲି କହୁଥିବା ବେଳେ, ଅନ୍ୟମାନେ ଆମକୁ ନିନ୍ଦାକଲେ କରନ୍ତୁ ପଛେ ଦୁଃଖ ନାହିଁ, ହେଲେ ଏହା ସତ୍ୟ ଯେ, ଅନେକ ଗୀତା ଭାଷ୍ୟକାରମାନେ ଆମ ପ୍ରଶ୍ନର ଜବାବ ଦେଇପାରିବେ ନାହିଁ, କାରଣ ! ସେମାନେ ବିଶ୍ୱରୂପର ଆକାର କଳ୍ପନା କରିଛନ୍ତି, ସେମାନଙ୍କ ଭାବାନୁସାରେ ଈଶ୍ୱର ବା ପରମାତ୍ମାଙ୍କର ଦାନ୍ତ, ମୁଖ, ନଖାଦିର ବାସ୍ତବ ଚିତ୍ର ବଡ ପିଶାଚକାର ହୋଇଯାଏ । କଣ ପରମାତ୍ମାଙ୍କ ରୂପ ସେହିଭଳି ? ଏହାର କି ଜବାବ

ଦେବେ ସେମାନେ ? ପରମାତ୍ମା କହିଥିବା **"ଚତୁର୍ବର୍ଣ୍ୟମ୍ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ"** ନାମକ ବାକ୍ୟର ବ୍ୟାଖ୍ୟାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବୋଲି ଜାତି, ମତର ବିଭାଜନ କରି ମାନବକୁ ବିଭିନ୍ନତାରେ ରୂପାନ୍ତରିତ କରି ଅଜ୍ଞାନତାରେ ଦୈବବାଣୀକୁ ଛିନ୍ନଭିନ୍ନ କରିଦେଇଛନ୍ତି, ଏହା ନିରାଟ ସତକଥା । ସେମାନଙ୍କ କଥା ଅନୁସାରେ ଭୂପୃଷ୍ଠରେ ହିନ୍ଦୁମତର ସମ୍ବନ୍ଧ ନଥିବା ଅନ୍ୟ ମତଗୁଡିକରେ କାହିଁ ଏଇ ଚାରି କୁଳ ତ ନାହାନ୍ତି ! ସେମାନଙ୍କୁ ଆଉ କେଉଁ ଈଶ୍ୱର ସୃଷ୍ଟି କରିଛନ୍ତି ବୋଲି ସେମାନେ କହିପାରିବେ ? ସେମାନେ ସାରା ବିଶ୍ୱର ଈଶ୍ୱର ଜଣେ ବୋଲି କହୁଛନ୍ତି ପରା ! ଚତୁର୍ବର୍ଣ୍ୟମ୍ ନାମକ ଦୈବବାଣୀ କଣ ସେମାନଙ୍କ ପାଇଁ ଲାଗୁହେବ ନାହିଁ ? ଏହି ଚାରି କୁଳ ନଥିବା ଦେଶ ଅନେକ ଅଛି, ସେହି ଦେଶବାସୀଙ୍କୁ କିଏ ସୃଷ୍ଟି କଲା ସେମାନେ କହିପାରିବେ ?

ଜ୍ଞାନଯୋଗର ଆରମ୍ଭରୁ "ମୁଁ ଏହି ଜ୍ଞାନ ସୃଷ୍ଟ୍ୟାରମ୍ଭରେ ସୂର୍ଯ୍ୟଙ୍କୁ କହିଥିଲି" ବୋଲି ଭଗବାନ କହିବାବେଳେ,ସୂର୍ଯ୍ୟ ମଣିଷ ନୁହନ୍ତି ! ସେ ଏକ ଉତ୍ତପ୍ତ ଗ୍ୟାସୀୟ ଗୋଲକ ! ତାଙ୍କୁ କିପରି କହିଲେ ? ଏତେ ଦୂରରେ ଥିବା ସୂର୍ଯ୍ୟ କିପରି ଜ୍ଞାନ ଶୁଣିଲେ କହିପାରିବେ ? ଶରୀର ପ୍ରକୃତି ସମ୍ବନ୍ଧୀୟ, ଶରୀରର ଚଳନଶକ୍ତି ପରମ ପୁରୁଷ ପରମାତ୍ମାଙ୍କର ବୋଲି, ଗୁଣତ୍ରୟ ବିଭାଗ ଯୋଗର ତୃତୀୟ ଏବଂ ଚତୁର୍ଥତମ ଶ୍ଳୋକରେ କୁହାଯାଇଛି, ପୁରୁଷୋତ୍ତମପ୍ରାପ୍ତିଯୋଗର ୧୬,୧୭ତମ ଶ୍ଳୋକରେ କ୍ଷର, ଅକ୍ଷର, ପୁରୁଷୋତ୍ତମ ଭାବେ ପୁରୁଷ ତିନି ଭାଗର ବୋଲି ଭଗବାନ କହିଥିବାବେଳେ, ବ୍ୟାଖ୍ୟାରେ କେବଳ ପୁରୁଷ କଥା ନଲେଖି ପ୍ରକୃତିଜ ଶରୀର ବାବଦରେ କାହିଁକି ଲେଖିଛନ୍ତି ? ବୋଲି ପଚାରିଲେ ତାର ଜବାବ ଦେଇପାରିବେ ? ଆଜିପର୍ଯ୍ୟନ୍ତ ଅନେକଙ୍କ ଦ୍ୱାରା ଲେଖାଯାଇଥିବା ଗୀତାଗୁଡିକରେ ଏହିଭଳି ପ୍ରଶ୍ନ ବଳକା ରହିଯାଇଥିବା ବିଷୟ ଅନେକ ରହିଛି । ତେଣୁ ଏବେ ମଧ୍ଯ ସମୟ ଅଛି ସତର୍କହୋଇ,ପବିତ୍ର କାଳ ବୃଥା ନକରି, ଜ୍ଞାନ ସମୁଦ୍ର ଭଳି ବୋଲି ଜାଣି, ଆମକୁ ଜଣା ନଥିବା ବିଷୟ ଆହୁରି ଅନେକ ରହିଛି, ତାହାସବୁ ଆମେ ଜାଣିବାକୁ ଚେଷ୍ଟା କରିବା ଉଚିତ୍ ।

ଦୂର କୁରୁକ୍ଷେତ୍ରରେ ହେଉଥିବା ଯୁଦ୍ଧକୁ ସଞ୍ଜୟ ଦେଖୁଥିଲେ ବୋଲି ଯଦି ଆମେ ଭାବିବା, ସେତେବେଳେ ସେଠାରେ ସେ ଯାହାସବୁ ଦେଖୁଥିଲେ

ସେସବୁ ପ୍ରକୃତି ଦୃଶ୍ୟ ଥିଲା ବୋଲି କହିପାରିବା । ତେଣୁ ସେଠାରେ ଥିବା ମନୁଷ୍ୟ, ହାତୀ, ଘୋଡା, ରଥ ଇତ୍ୟାଦି ସେ ନିଶ୍ଚୟ ଦେଖିଥିବେ ! ଆଜି ଆମେ ଦେଖିଲେ ଯାହାସବୁ ନିକଟରେ ଅଛି ତାହାହିଁ ଦେଖାଯାଏ । ସେଦିନ ସଞ୍ଜୟ ଦେଖିବା ବେଳେ ନିକଟରେ ଥିବା ଜିନିଷ ଦେଖାଯିବା ଛଡା ଦୂରରେ ଥିବା ଦୃଶ୍ୟକୁ ମଧ୍ୟ ଦେଖିପାରୁଥିଲେ ବୋଲି ଲେଖାଅଛି । ଠିକ୍ ଅଛି ସେଦିନ ସଞ୍ଜୟଙ୍କର ଦୂରରୁ ଦେଖିପାରିବା ଶକ୍ତି ଥିଲା ବୋଲି ଆମେ ସ୍ୱୀକାର କରିବା । ତେବେ ସଞ୍ଜୟ ଦୂରରେ ଥିବା ଅର୍ଜୁନଙ୍କୁ ଏବଂ ଶ୍ରୀକୃଷ୍ଣଙ୍କୁ ଦେଖିଥାଇ ପାରନ୍ତି ! ହେଲେ ଅନ୍ତରଙ୍ଗରେ ଅର୍ଥାତ୍ ଶରୀରାନ୍ତର୍ଗତ ଭାବରେ ଜ୍ଞାନଦୃଷ୍ଟିକୁ ଦେଖାଯାଉଥିବା ପରମାତ୍ମାଙ୍କୁ ସେ କିପରି ଦର୍ଶନ କଲେ ? ବୋଲି ଏଠାରେ ନିଶ୍ଚୟ ସନ୍ଦେହ ଆସିଥାଏ । ସଞ୍ଜୟ ଯୁଦ୍ଧଭୂମିର ପ୍ରକୃତି ଦୃଶ୍ୟକୁ ଦେଖିଥାଇ ପାରନ୍ତି, କିନ୍ତୁ ସେ ପରମାତ୍ମାଙ୍କ ଦର୍ଶନ କରିନାହାନ୍ତି ବୋଲି କଣ ଏଠାରେ ସ୍ପଷ୍ଟ ଜଣାଯାଉ ନାହିଁ !

ତଥାପି ଏଇଠାରେ ଆଉ କେତେକଙ୍କ ଠାରେ ଆଉଏକ ସନ୍ଦେହ ଆସି ପାରେ । କଣନା ! ଦିନେ କୌରବ ସଭାରେ କୌରବମାନେ ତାଙ୍କୁ ଦଉଡିରେ ବାନ୍ଧିବା ପାଇଁ ଉଦ୍ୟତ ହେବାବେଳେ, ଶ୍ରୀକୃଷ୍ଣ ଦଉଡିରେ ବନ୍ଧିତ ନହୋଇ ବିଶ୍ୱରୂପ ଦେଖାଇଥିଲେ, ତାଙ୍କର ସେହି ତେଜମୟ ଦୃଶ୍ୟକୁ ସେମାନେ ଦେଖି ନପାରି ତଳେ ପଡିଯାଇଥିବା ବେଳେ, ସେହି ରୂପ ଦେଖିବାକୁ ଇଚ୍ଛାକରୁଥିବା ଧୃତରାଷ୍ଟ୍ରଙ୍କ ଇଚ୍ଛା ଅନୁସାରେ ତାଙ୍କର ଅନ୍ଧତ୍ୱକୁ ଦୂରକରି ସେ ଦେଖିପାରିବା ଭଳି କରିଥିଲେ । ତାଛଡା ଗାନ୍ଧାରୀ ମଧ୍ୟ ନିଜର ଅନ୍ଧପୁଟୁଳିକୁ ଖୋଲି ସେହି ରୂପକୁ ସେ ସମୟରେ ଦେଖିଥିଲେ ବୋଲି ଆମେ ଶୁଣିଛୁ । ସେଠାରେ ସେମାନେ ସମସ୍ତେ ସାଧାରଣ ଆଖିରେ ବିଶ୍ୱରୂପକୁ ଦେଖିଥିଲେ ! ତେଣୁ ସେଦିନ ଯୁଦ୍ଧଭୂମିରେ ଅର୍ଜୁନ ଦେଖିଥିବା ଦୃଶ୍ୟକୁ ଦୂରରୁ ଦେଖିପାରୁଥିବା ସଞ୍ଜୟ କାହିଁକି ଦେଖିପାରି ନଥିବେ ? କହିଲେ, ତାର ସମାଧାନ ହେଉଛି ! ଏଠାରେ ଯେଉଁମାନଙ୍କର ସନ୍ଦେହ ଆସିଛି ସେମାନଙ୍କ କଥା ଅନୁସାରେ ଦୂରରେ ଥିବା ସଞ୍ଜୟଙ୍କୁ ଯଦି ସେହି ଦୃଶ୍ୟ ଦେଖାଯାଇଥିଲା, ସେଠାରେ ଅତି ନିକଟରେ ଥିବା ପାଣ୍ଡବ ଏବଂ କୌରବ ମାନଙ୍କୁ ମଧ୍ୟ ରହିଥିବା ସୈନ୍ୟ, ହାତୀ, ଘୋଡା ଇତ୍ୟାଦି

ଦୃଶ୍ୟ ଦେଖା ଯାଇଥିବ ! କିନ୍ତୁ ସେଭଳି ଦେଖାଯାଇଥିବା ପ୍ରମାଣ ନାହିଁ, ତେଣୁ ନିକଟରେ ଥିବା ଲୋକମାନଙ୍କୁ ଦେଖାଯାଇ ନଥିବା ବିଶ୍ୱରୂପ ସଞ୍ଜୟଙ୍କୁ ଦୂରରୁ ଦେଖାଯାଇଥିଲା କହିବା ସମ୍ପୂର୍ଣ୍ଣ ମିଛ ପ୍ରମାଣିତ ହେଉଛି । ସେହିଭଳି କୌରବ ସଭାରେ ସେହି ଦୃଶ୍ୟ କେତେକଙ୍କୁ ଦେଖାଯିବା, କେତେକଙ୍କୁ ଦେଖାନଯିବା କଥା କେବଳ ଅଦ୍ଭୁତ କଳ୍ପନା ସିନା, ସତ୍ୟ ନୁହେଁ ବୋଲି ଜଣା ପଡୁଛି । ଆତ୍ମା, ପରମାତ୍ମା ଇନ୍ଦ୍ରିୟାତୀତ, ସେମାନେ ଆଖିକୁ ଦେଖାଯାଇ ନଥାନ୍ତି, କାନକୁ ଶୁଣାଯାଇ ନଥାନ୍ତି, ଏସବୁ ଭଗବାନ ଗୀତାରେ ଜଣାଇଛନ୍ତି ! ବୋଲି ଭୁଲିଯାଆନ୍ତୁ ନାହିଁ । ଭଗବାନ ଏଭଳି ଜଣାଇଥିବା ବେଳେ ତାଙ୍କର ବିଶ୍ୱରୂପ ଆଖିକୁ ଦେଖାଯାଇଥିଲା କହିବା ଧର୍ମ ବିରୁଦ୍ଧ ହେବ । ଦେଖାଯାଇଥିଲା କହିଲେ ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗର ୪ର୍ଥତମ ଶ୍ଳୋକରେ **"ମାୟାତତ ମିଦଂ ସର୍ବଂ ଜଗଦବ୍ୟକ୍ତ ମୂର୍ତ୍ତିନା"** ଅର୍ଥାତ୍ ଇନ୍ଦ୍ରିୟଗୁଡିକୁ ଦେଖାନଯାଇ ଏହି ସାରା ପ୍ରପଞ୍ଚରେ ମୁଁ ବ୍ୟାପିରହିଛି ବୋଲି ସେ କହି ନଥାନ୍ତେ ! ଏଭଳି ପରମାତ୍ମାଙ୍କର ବିଶ୍ୱରୂପ ଅର୍ଜୁନଙ୍କୁ ଦେଖାଯାଇଥିଲା ବୋଲି ଯେଉଁମାନେ କହୁଛନ୍ତି ସେମାନେ ଭଗବାନଙ୍କର ଧର୍ମମୟ ବାଣୀର ବ୍ୟତିରେକ କଥା କହୁଛନ୍ତି । ତେଣୁ ଗୀତାକୁ ସତର୍କତାର ସହିତ ଗବେଷଣା କରି ଧର୍ମବଦ୍ଧ ଭାବରେ କହିବାକୁ ଗଲେ, ସଞ୍ଜୟ ତାଙ୍କ ଆଖିରେ ବିଶ୍ୱରୂପକୁ ଦେଖି ନାହାନ୍ତି ବୋଲି କହିପାରିବା । ଯାହାକୁ ଯେତେବେଳେ ଦେଖାଇବାକୁ ବିଶ୍ୱରୂପ ଏକ ଇନ୍ଦ୍ରଜାଲ ବିଦ୍ୟା ନୁହେଁ ! ଯଦି ଏଭଳି ଦେଖାଇଛନ୍ତି ତେବେ ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୭ତମ ଶ୍ଳୋକରେ **କେବଳ ତୋ ବ୍ୟତୀତ କେହି ଏହାକୁ ଦେଖି ନାହାନ୍ତି** ଏବଂ ୫୨ତମ ଶ୍ଳୋକରେ **"ହେ ଅର୍ଜୁନ ! ମୋର ଏହି ରୂପ ଦେଖିବାପାଇଁ ଦେବତାମାନେ ମଧ୍ୟ କାମନା କରିଥାନ୍ତି, ହେଲେ ତୋ ଛଡା ଏହାକୁ ଦେଖିଥିବା ଲୋକ ନାହାନ୍ତି"** ବୋଲି ଭଗବାନ କହିଥିବା କଥାର କିଛି ମୂଲ୍ୟ ରହିଯାଉ ନାହିଁ । ଏଇଠାରେ ଭଗବାନ କହିଥିବା କଥା ସତ କି ମଣିଷ କହିଥିବା କଥା ସତ ତାହା ଗବେଷଣା କରି ଦେଖିଲେ, ଭଗବାନ କହିଥିବା କଥା ସିଦ୍ଧାନ୍ତଯୁକ୍ତ ଶାସ୍ତ୍ରବଚନ ବୋଲି, ମାନବ କହିଥିବା କଥା ନିରୂପଣହୀନ ଅଶାସ୍ତ୍ରୀୟ ବଚନ ବୋଲି ସଫା ଜଣାପଡିଯାଉଛି । ତାଛଡା ଯୁଦ୍ଧକ୍ଷେତ୍ରର ବିଶ୍ୱରୂପକୁ ସଞ୍ଜୟ ଏବଂ କୌରବ ସଭାରେ ଅନ୍ୟମାନେ ଦେଖିଥିଲେ ବୋଲି କହିଲେ, ଏହି ରୂପକୁ କେହି

ଦେଖିନାହାନ୍ତି କହିଥିବା ଭଗବାନଙ୍କ କଥା ମିଛ ହୋଇ, ସମ୍ପୂର୍ଣ୍ଣ ଭଗବଦ୍ଗୀତା ମିଛ ହୋଇଯାଉଛି କି ନାହିଁ ଆପଣମାନେ ବିଚାର କରନ୍ତୁ ।

ପରମପୁରୁଷ ପରମାତ୍ମା ଏବଂ ପ୍ରକୃତି ବା ମାୟାର ରହସ୍ୟକୁ ଜାଣିବା ଅତି କଷ୍ଟକର । ଯେଉଁଠାରେ ସେହି ପୁରୁଷ ରହିଛନ୍ତି ସେଠାରେ ପ୍ରକୃତି ମଧ୍ୟ ରହିଛି । ଯେଉଁଠାରେ ଧର୍ମ ରହିଛି ସେଇଠାରେ ଅଧର୍ମ ମଧ୍ୟ ରହିଛି । ସେହିଭଳି ଧର୍ମର ଗନ୍ତାଘର ଭଗବଦ୍ଗୀତାରେ ମଧ୍ୟ କିଛି ଅଧର୍ମ ନିଶ୍ଚୟ ରହିଛି ।

ତେଣୁ ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପରେ ସେଥିରେ ଥିବା ଧର୍ମକୁ ସ୍ୱୀକାର କରି ଅଧର୍ମକୁ ଛାଡିପାରିବା, ସେହି ବିବରଣୀ ଅନୁସାରେ ଦେଖିଲେ ଗୀତାକୁ ୭୦୦ଶ୍ଳୋକ ରୂପରେ ଭଗବାନ କହିନାହାନ୍ତି, ସଞ୍ଜୟ ବିଶ୍ୱରୂପ ଦେଖିନାହାନ୍ତି କି ଯୁଦ୍ଧକ୍ଷେତ୍ରର ପ୍ରକୃତି ଦୃଶ୍ୟ ଅର୍ଥାତ୍ ଘଟୁଥିବା ଯୁଦ୍ଧର ପ୍ରତ୍ୟକ୍ଷ ଦୃଶ୍ୟ ମଧ୍ୟ ଦେଖାଯାଇ ନାହିଁ ବୋଲି ଜଣାଯାଉଛି । ଆଉକେତେକ ଏଇଠାରେ ଆଉଏକ ସନ୍ଦେହ ଆଣି ସଞ୍ଜୟ ସେସବୁକୁ ଦେଖି ଧୃତରାଷ୍ଟ୍ରଙ୍କୁ କହିବାରୁ ସିନା ଭଗବଦ୍ଗୀତା ରୂପ ନେଇଥିଲା ! ବୋଲି ପଚାରିପାରନ୍ତି,ତାର ସମାଧାନ ହେଉଛି ! ଭଗବତ୍ ଗୀତାରେ ଥିବା ବିଷୟ କେବଳ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା ବିଷୟ ସିନା, ଏଥିରେ ଅନ୍ୟମାନଙ୍କର କୌଣସି ସମ୍ବନ୍ଧ ନାହିଁ । ତାଛଡା ଗୀତା ସଞ୍ଜୟ ଆଉ ଧୃତରାଷ୍ଟ୍ରଙ୍କ ସମ୍ଭାଷଣ ହୋଇଥିଲେ ଗୀତା ସଞ୍ଜୟ ଧୃତରାଷ୍ଟ୍ର ସମ୍ବାଦ ବୋଲି ଲେଖାଯାଇଥାନ୍ତା ! ଶ୍ରୀକୃଷ୍ଣାର୍ଜୁନ ସମ୍ବାଦ ଲେଖାଯାଇ ନଥାନ୍ତା ।

ତାହେଲେ ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ମଧ୍ୟରେ ହୋଇଥିବା ଆଳାପ ବୋଲି ବ୍ୟାସ କଣ ଗୀତାରେ ମିଛକଥା ଲେଖିଛନ୍ତି ? ଏ ସନ୍ଦେହର ସମାଧାନରେ ଆମେ କହିବୁ ଯେ, ବ୍ୟାସ ଶ୍ରୀକୃଷ୍ଣାର୍ଜୁନ ଆଳାପକୁ ସଞ୍ଜୟ ଧୃତରାଷ୍ଟ୍ର ଆଳାପ ଭାବରେ ଚତୁରତାର ସହିତ ଚିତ୍ରିତ କରିଛନ୍ତି । ସେଦିନ ବ୍ୟାସ ଏଭଳି ଚିତ୍ରିତ କରିବାରେ ଏକ ବିଶେଷତା ମଧ୍ୟ ରହିଛି । ସାଧାରଣ ପ୍ରଜା ତାହା ସରଳ ଭାବରେ ବୁଝିପାରିବେ ବୋଲି ଉଦ୍ଦେଶ୍ୟ ରଖି ସଞ୍ଜୟ, ଧୃତରାଷ୍ଟ୍ର ନାମକ ପାତ୍ର କଳ୍ପନା କରି ଅଳ୍ପ ଗୀତାକୁ ୭୦୦ ଶ୍ଳୋକ ରୂପରେ ବ୍ୟାସ ବର୍ଣ୍ଣନା କରିଛନ୍ତି । ଭଲ ଉଦ୍ଦେଶ୍ୟରେ ଛୋଟ ପିଲାଙ୍କୁ 'ଓ'(ଓ-କାହାଣୀର ଭୟଙ୍କର

ପାତ୍ର) ଆସିବ କାହାଣୀ କହିବା ଭଳି, ବ୍ୟାସ ବିସ୍ତୃତ ଭାବରେ କେତେକ ପାତ୍ର କଳ୍ପନା କରି କହିବାରେ କିଛି ଭୁଲ୍ ହୋଇ ନାହିଁ; ତଥାପି 'ଉ' ଆସିବ କାହାଣୀରେ 'ଉ' ର ପାତ୍ର ଯେତିକି ଅସତ୍ୟ, ଗୀତାରେ ଥିବା ସଞ୍ଜୟ ଧୃତରାଷ୍ଟ୍ର ପାତ୍ର ଏବଂ ୭୦୦ ଶ୍ଳୋକ ମଧ୍ୟ ସେତିକି ଅସତ୍ୟ ।

କେତେକ ମହାନ ଲୋକମାନେ ସେମାନଙ୍କ ଜ୍ଞାନ ପୁସ୍ତକ ରୂପରେ ଲେଖିବାବେଳେ ତାହା କିପରି ଲେଖିବାକୁ ହେବ ବିଚାର କରି, କିପରି ଲେଖିଲେ ସମସ୍ତେ ସହଜରେ ବୁଝିପାରିବେ ଆଲୋଚନା କରି, କେତେକ କଳ୍ପିତ ପାତ୍ରଙ୍କୁ ଯୋଡି, ସେମାନଙ୍କ ସମ୍ଭାଷଣ ଭାବେ ଲେଖିଛନ୍ତି । ଉଦାହରଣ ସ୍ୱରୂପ ସୀତା-ରାମାଞ୍ଜନେୟ ସମ୍ବାଦ, ଶ୍ରୀକୃଷ୍ଣ-ରୁକ୍ମିଣୀ ସମ୍ବାଦ, ଶିବ-ପାର୍ବତୀ ସମ୍ବାଦ, ଗୁରୁ-ଶିଷ୍ୟ ସମ୍ବାଦ ଇତ୍ୟାଦି ଅନେକ ପ୍ରକାରର ସମ୍ବାଦ କରି ଲେଖିଛନ୍ତି ସିନା, ବାସ୍ତବରେ ସେସବୁ ସେମାନଙ୍କ ସମ୍ଭାଷଣ ନୁହେଁ । ସେହିଭଳି ସଞ୍ଜୟ-ଧୃତରାଷ୍ଟ୍ର ସମ୍ଭାଷଣ ମଧ୍ୟ କଳ୍ପିତ ।

ଏବେ ଭଗବାନ କହିଥିବା ଗୀତା ବ୍ୟାସ କିପରି ଜାଣିଲେ, କାହା ଦ୍ୱାରା ଜାଣିଲେ ବୋଲି ପ୍ରଶ୍ନ ଆସିପାରେ । ତାର ସମାଧାନ କଣ ବୋଲି ସାବଧାନତା ବଜାୟ ରଖି ବିଚାର କଲେ, ଶ୍ରୀକୃଷ୍ଣଙ୍କଠାରୁ ଶୁଣିଥିବା ଅର୍ଜୁନ, ଶୁଣିଥିବା ବିଷୟକୁ ଯୁଦ୍ଧ ଶେଷ ହେବା ପରେ ବ୍ୟାସଙ୍କୁ ଜଣାଇଥାଇ ପାରନ୍ତି ବୋଲି କହିପାରିବା । ଅର୍ଜୁନଙ୍କ ଦ୍ୱାରା ଜାଣିଥିବା ବିଷୟ ପୁରୁଣା ଭଳି ବୋଧ ନହୋଇ ଏକ ତାଜା (ସଦ୍ୟ ବା ତଟକା) ବିଷୟ ବୋଧ ହେବା ଭଳି, ସଞ୍ଜୟ ଆଉ ଧୃତରାଷ୍ଟ୍ର ପାତ୍ର ଦ୍ୱୟ କଳ୍ପନାକରି ବ୍ୟାସ ଲେଖିଛନ୍ତି । ଏଭଳି ବ୍ୟାସ ଲେଖିବା ଦ୍ୱାରା କାହାର ସନ୍ଦେହ ମଧ୍ୟ ହୋଇ ନାହିଁ । ବିଚାରହୀନ ବୋଧକମାନେ ମଧ୍ୟ ସେହିଭଳି ବୋଧକରି ଆସିଛନ୍ତି, ହେଲେ ବିଚାରବନ୍ତମାନଙ୍କୁ ଗୀତାରେ ସନ୍ଦେହ ଦେଖାଦେଇଛି, ସେଥିରେ ଥିବା ବିଷୟଗୁଡିକରୁ କେତେକ ବିଷୟ ନିଶ୍ଚୟ ଅସତ୍ୟ ବୋଧ ହୋଇଛି । ଜ୍ଞାନଦୃଷ୍ଟି ଥିବା ଲୋକମାନଙ୍କୁ ଗୀତାର ରୂପ ଭିନ୍ନ ବୋଧ ହୋଇଛି, କିନ୍ତୁ ସେମାନେ କଣ ବିଶ୍ୱାସ କରିବା, କଣ ନକରିବା ଜାଣି ନପାରି ଶେଷରେ ନାସ୍ତିକ ସାଜିଛନ୍ତି । ତେଣୁ ଏହିଭଳି ସମୟରେ ଗୀତା ନିରାଟ ସତ୍ୟ, ଗୀତା ହେତୁବଦ୍ଧ, ଗୀତାର ବିଷୟ ସିଦ୍ଧାନ୍ତ ସମ୍ମିଳିତ ଏବଂ

ଶାସନବଦ୍ଧ ବୋଲି ଜଣାଇବା କାର୍ଯ୍ୟକୁ ଆମର କର୍ତ୍ତବ୍ୟ ଭାବି ଆମେ ଆମର ପ୍ରୟାସ ଜାରି ରଖିଛୁ ।

ସଞ୍ଜୟଙ୍କର କୌଣସି ସମ୍ପର୍କ ନାହିଁ କହିବାରେ ଭଗବଦ୍ଗୀତା ବାସ୍ତବ ଭଗବଦ୍ଗୀତା ହୋଇଥାଏ । 'ସଞ୍ଜୟଗୀତା' କହିବାରେ ଗୀତାରେ ବଡ ମୋଡ ସୃଷ୍ଟି ହୋଇଥାଏ, ସେହି ମୋଡ ବୁଲି ଅସତ୍ୟକୁ ଛାଡି ବାସ୍ତବତାକୁ ଆମେ ଗ୍ରହଣ କରିପାରିବା ନାହିଁ, ତେଣୁ ପାଠକ ପାଠିକା ମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ସତ୍ୟାସତ୍ୟକୁ ବିଚାର ପୂର୍ବକ ଗ୍ରହଣ କରନ୍ତୁ ।

ଏହି ଜାଗାରେ ଆମେ ଏକ ବିପ୍ଳବାତ୍ମକ ପ୍ରଶ୍ନ କରିବା । ଭଗବଦ୍ଗୀତା କହିଲେ ଯାହା ଭଗବାନ କହିଛନ୍ତି । ଆମେ ଯେଉଁ ଗୀତା ପଢୁଛେ ତାହା ୧୮ ଅଧ୍ୟାୟର, ସେଥିରେ ଥିବା "ଅର୍ଜୁନ ବିଷାଦଯୋଗ" ରୁ ଗୀତା ଆରମ୍ଭ ହୋଇଛି । ତେବେ ଏହି ବିଷାଦଯୋଗ କଣ ଭଗବଦ୍ଗୀତା ? ବୋଲି ପ୍ରଶ୍ନକରି ଏବେ ଏହାର ସମାଧାନ ଦେଖିବା ।

ଜଣେ ବୈଦ୍ୟ ଓ ଜଣେ ରୋଗୀ କଥାହେଉଛନ୍ତି ଭାବିବା । ରୋଗୀ ରୋଗ ବାବଦରେ କହିବା ପରେ, ବୈଦ୍ୟ ରୋଗ ନିବାରଣ ଔଷଧ ଏବଂ ସେବନବିଧି କହେ । ଏଠାରେ ଆମେ କାହାର କଥାକୁ ଚିକିତ୍ସା କହିବା ? ନିଶ୍ଚୟ ବୈଦ୍ୟର କଥାକୁ ହିଁ ଚିକିତ୍ସା କହିବା ! ରୋଗୀ କଥାକୁ ଚିକିତ୍ସା କହିପାରିବା ନାହିଁ, ସେହିଭଳି ଆମେ ଯଦି ଅର୍ଜୁନଙ୍କୁ ରୋଗୀ ଏବଂ ଶ୍ରୀକୃଷ୍ଣଙ୍କୁ ବୈଦ୍ୟ ଭାବିବା, ସେତେବେଳେ ଶ୍ରୀକୃଷ୍ଣଙ୍କ କଥା ଚିକିତ୍ସା ହେବ ସିନା, ଅର୍ଜୁନଙ୍କ କଥା ଚିକିତ୍ସା ହେବନାହିଁ ! ଅର୍ଜୁନଙ୍କ ଅଜ୍ଞାନରୋଗ ବହିର୍ଗତ ହେବାବେଳେ, ଶ୍ରୀକୃଷ୍ଣ ତାର ଚିକିତ୍ସା ବିଧି କହିଥିଲେ, ତାକୁ ଯଦି ଆମେ ଚିକିତ୍ସା ନାମଦେବା, ତାହା କେବଳ ଶ୍ରୀକୃଷ୍ଣଙ୍କ କଥା କାରଣରୁ ହେବ ! କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନ ନିଜର ବିଷାଦକୁ (ରୋଗ) କହିବା ବେଳେ, ସର୍ବଦୁଃଖହର ଜ୍ଞାନ (ଔଷଧ) ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ତାହା ହିଁ ଭଗବଦ୍ଗୀତା ନାମରେ ନାମିତ ହୋଇଛି ।

"ଭଗବଦ୍ଗୀତା" କହିଲେ ଯାହା ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସିନା, ଅର୍ଜୁନଙ୍କ କଥା ନୁହେଁ ବୋଲି ଜଣାଯାଉଛି, ତେଣୁ ଭଗବଦ୍ଗୀତା କେଉଁଠାରୁ ଆରମ୍ଭ ହେଲା ପ୍ରଶ୍ନକଲେ ! ବୈଦ୍ୟ ଯାହା କହେ ତାହା ଚିକିତ୍ସା ହେବା ଭଳି,

ଭଗବାନ ଯେଉଁଠାରୁ କହିଛନ୍ତି ସେହିଠାରୁ ଭଗବଦ୍ଗୀତା ଆରମ୍ଭ ହୋଇଛି ବୋଲି କହିପାରିବା । ଆମର ଯାହା ଆବଶ୍ୟକ, ଯାହା ଜାଣିବା ଆବଶ୍ୟକ ତାହା ଭଗବାନଙ୍କ କଥାରୁ ଆରମ୍ଭ ହୋଇଛି । ଭଗବାନଙ୍କ କଥା ହିଁ ଜୀବର ଜ୍ଞାତବ୍ୟ ସୀମା ତେଣୁ ତାହାକୁ ଭଗବଦ୍ଗୀତା କୁହାଯାଇଛି ।

ଏଠାରେ କେତେକଙ୍କ ଠାରେ ଏକ ସନ୍ଦେହ ଆସି ରୋଗୀ, ରୋଗ ନଥିବା ଚିକିତ୍ସା ଆମର କଣ ଆବଶ୍ୟକ! ତେଣୁ ଅର୍ଜୁନଙ୍କଠାରୁ ଆରମ୍ଭ ହୋଇଥିବା ବିଷାଦଯୋଗ ତ ଭଗବଦ୍ଗୀତାର ମୁଖ୍ୟବିଷୟ ହେଉଛି! ବୋଲି ପଚାରିପାରନ୍ତି, ତାର ଉତ୍ତର ହେଉଛି! କେବଳ ଅର୍ଜୁନଙ୍କର କାହିଁକି ଆଜି କଣ ମଣିଷର ବିଷାଦ ନାହିଁ! ଗୀତା ସମସ୍ତଙ୍କର ଆବଶ୍ୟକ । ସେଦିନ ଅର୍ଜୁନଙ୍କର ବିଷାଦ ଥିବାଭଳି ଆଜି ଆମ ବିଷାଦପାଇଁ ଗୀତା ଆବଶ୍ୟକ! ତାହାକୁ ଅର୍ଜୁନଙ୍କ ବିଷାଦ କିପରି କହିବା? ଶ୍ରୀକୃଷ୍ଣଙ୍କ କଥା ଭବରୋଗହର ଚିକିତ୍ସା ଭଳି । ଭବରୋଗ ଆମ ସମସ୍ତଙ୍କର ରହିଛି । ତେଣୁ ଅର୍ଜୁନ ବିଷାଦ ଯୋଗ ନାମକ ଅଧ୍ୟାୟକୁ ଭଗବଦ୍ଗୀତା ନାମରେ କହିବା ଉଚିତ୍ ନୁହେଁ । ଅନ୍ୟ ଗୀତାଗୁଡିକରେ ଭଗବାନ କହିଥିବା ବିଷୟଠାରୁ ଆରମ୍ଭ କରିଥିଲେ ଉଚିତ୍ ହୋଇଥାନ୍ତା । ତାଛଡା ସବୁ ଗୀତାଗୁଡିକରେ ଅର୍ଜୁନ ବିଷାଦ ଯୋଗଠାରୁ ଲେଖାଯାଇଥିବାରୁ ପାଠକରୁଥିବା ଲୋକେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, ତାହା ଅର୍ଜୁନଙ୍କୁ, ଅର୍ଜୁନଙ୍କ ଦ୍ୱାରା ଯୁଦ୍ଧ କରାଇବାକୁ, ଅଧୈର୍ଯ୍ୟ ପାର୍ଥଙ୍କୁ ଧୈର୍ଯ୍ୟ ଦେବାକୁ କୁହାଯାଇଛି ବୋଲି ଭାବୁଛନ୍ତି, ଗପ ଭଳି ପଢୁଛନ୍ତି । ଅର୍ଜୁନ ବିଷାଦ ଯୋଗ ପଢୁଥିବା କେତେକ ଅର୍ଜୁନଙ୍କର ଦୁଃଖ ଥିଲା, ତାଙ୍କର ଗୀତା ଆବଶ୍ୟକ ଥିଲା, ତେଣୁ ଅର୍ଜୁନଙ୍କୁ ହିଁ କହିଛନ୍ତି, ଏଥିରୁ ଆମକୁ କଣ ଲାଭ ମିଳିବ? ବୋଲି ଭାବୁଛନ୍ତି । ମୁଖ୍ୟ ବିଷୟ ହେଉଛି ଏଠାରେ ପଢୁଥିବା ଲୋକ ଜାଣିପାରୁ ନାହିଁ ଯେ, ଏହା ମୋ ପାଇଁ ମଧ୍ୟ କୁହାଯାଇଛି । ସେଥିଲାଗି ଆଜି ଗୀତା କେବଳ ଗୀତା ପାରାୟଣ କରିବାପାଇଁ ଅଛି ବୋଲି ଭାବୁଛନ୍ତି, ତେଣୁ କଣ୍ଠପାଠ କରି ଗୀତା ପାରାୟଣ କରୁଛନ୍ତି ସିନା ତାର ପ୍ରକୃତ ଭାବ କଣ ଅଛି ତାହା କେହି ମଧ୍ୟ ବିଚାର କରୁନାହାନ୍ତି ।

ଭଲ ଗୀତା ପାରାୟଣ କରିପାରୁଥିବା ଜଣେ ଲୋକ ପାଖକୁ ଯାଇ ଆମେ ପଚାରିଲୁ, ଆପଣ ଭଲ ଗୀତା ପାରାୟଣ କରୁଛନ୍ତି ତେଣୁ ଗୀତା ଶ୍ଳୋକଗୁଡିକର ଅର୍ଥ ଆପଣଙ୍କୁ ନିଶ୍ଚୟ ଭଲରେ ଜଣାଥିବ । ସେତେବେଳେ ସେ, "ତାର ଅର୍ଥ ଆମର କଣ ଦରକାର, ପାରାୟଣ କଲେ ଭଲ ବୋଲି କରିବା ଉଚିତ" । ପୁଣି ଆମେ କହିଲୁ ଗୀତା କଣପାଇଁ କୁହାଯାଇଛି ତାହା ଜାଣିବା ଉଚିତ୍ ସିନା, ଏମିତି ଗୀତା ପାରାୟଣ କରି କଣ ଲାଭ ? ସେତେବେଳେ ସେ, "ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କଣ କହିଲେ ଆମର କଣ ଲାଭ ? ଯାହା କହିଛନ୍ତି ତାହା ଅର୍ଜୁନଙ୍କର, ଆମର ନୁହେଁ । ବଡମାନେ କହିଛନ୍ତି ଗୀତା ପାରାୟଣ କଲେ ଭଲ, ତେଣୁ କରିବା ଉଚିତ୍ ସିନା, କାହିଁକି ?, କି ଲାଭ ? ପଚାରିବା ଉଚିତ୍ ନୁହେଁ" ବୋଲି ଟିକିଏ କ୍ରୋଧଭରା କଣ୍ଠରେ କହିଲେ । ଏହିଭଳି ଅନେକ ଲୋକ ଗୀତାର ପ୍ରଥମ ଅଧ୍ୟାୟରୁ ହିଁ ପ୍ରକୃତ ଗୀତାଭାବରୁ ଦୂର ହେଉଛନ୍ତି ବୋଲି ଜଣାଯାଉଛି, ତେଣୁ ଏବେ ଆମେ ଲେଖୁଥିବା ଭଗବଦ୍ଗୀତାରେ ଅର୍ଜୁନ ବିଷାଦ ଯୋଗ ନାମକ ଅଧ୍ୟାୟକୁ ନ ଲେଖି କେବଳ ଭଗବାନ କହିଥିବା କଥାଠାରୁ ଆରମ୍ଭକରି ଭଗବଦ୍ଗୀତାର ନାମକୁ ସାର୍ଥକ କରିବାକୁ ଉଦ୍ୟମ କରିଛୁ ।

କେତେକ ଚତୁର ଲୋକମାନେ ଗୀତାପାରାୟଣକୁ ଦୃଷ୍ଟି ନଦେଇ ଭଗବାନଙ୍କ କଥା ଜାଣିବାକୁ ଚେଷ୍ଟାକରନ୍ତି, ସେମାନେ ସେଥିରୁ ସତ୍ୟକୁ ଜାଣିବାକୁ ଚେଷ୍ଟା କଲେ ମଧ୍ୟ, ସମ୍ପୂର୍ଣ୍ଣ ଗୀତା ପଢି ମଧ୍ୟ କିଛି ନବୁଝି ସେଥିରେ କୌଣସି ବିଷୟ ସହିତ କୌଣସି ବିଷୟର ସମ୍ପର୍କ ନାହିଁ, କେବଳ ଅର୍ଜୁନଙ୍କୁ ଉତ୍ସାହିତ କରିବାପାଇଁ କୁହାଯାଇଛି ସିନା, ସିଦ୍ଧାନ୍ତ ଅନୁସାରେ ଜାଣିବା ବିଷୟ କିଛି ନାହିଁ ବୋଲି କହୁଛନ୍ତି । ସେକଥା ଶୁଣି ଆମେ "ଗୀତା ଧର୍ମମୟ ଏବଂ ଶାସ୍ତ୍ରବଦ୍ଧ ଭାବରେ ଥିବାବେଳେ ଏଭଳି ଆପଣ କାହିଁକି କହୁଛନ୍ତି ?" ବୋଲି ପଚାରିବାରୁ "ଆଜ୍ଞା ! କ'ଣ ଅଛି ସେ ଗୀତାରେ ? ଅନ୍ଧ ଭାବରେ ପଢୁଥିବା ଲୋକମାନଙ୍କ ପାଇଁ ଠିକ୍ ସିନା ବିବରଣକୁ ଦୃଷ୍ଟିଦେଇ ପଢୁଥିବା ଆମପାଇଁ ଠିକ୍ ନୁହେଁ । କେଉଁଠି ପରମାତ୍ମା ଇନ୍ଦ୍ରିୟାତୀତ କୁହାଯାଇଥିବା ବେଳେ କେଉଁଠି ଓଁକାରକୁ ପରମାତ୍ମା କୁହାଯାଇଛି, ସେଠାରେ ଦେଖାଯାଉ ନଥିବା, ଶୁଣାଯାଉ ନଥିବା ପରମାତ୍ମା ଏଠାରେ ଦେଖାଯାଇ ଶୁଣାଯାଉଥିବା ଓଁ କେମିତି ହେଲେ ? କେଉଁଠି ସବୁ ପ୍ରକୃତି କରୁଛି ମୁଁ କିଛି ନକରି ସାକ୍ଷୀ ହୋଇ ଅଛି ବୋଲି କହି,

ଆଉକେଉଁଠି ମୁଁ ସବୁ କରୁଛି, ସମସ୍ତଙ୍କୁ କଣ୍ଢେଇ ଭଳି ନଚାଉଛି କହିବା କଣ ଧର୍ମ? କେଉଁଠି ମୋ ପାଇଁ ସମସ୍ତେ ସମାନ କହି ଆଉ କେଉଁଠି ମୁଁ ଉଚ୍ଚକୁଳ ନୀଚକୁଳ ସୃଷ୍ଟି କରିଛି କହିବା କି ଧର୍ମ? କି ଦୈବତ୍ୱ? ଗୋଟିଏ ଜାଗାରେ ଗୁଣଗୁଡିକ ଦ୍ୱାରା ସବୁ ହେଉଛି ବୋଲି କହୁଛନ୍ତି ଆଉ ଗୋଟିଏ ଜାଗାରେ ଗୁଣଗୁଡିକୁ ତ୍ୟାଗ କର୍ ବୋଲି କହୁଛନ୍ତି! ପୁଣି କହୁଛନ୍ତି ଗୁଣଗୁଡିକୁ ତ୍ୟାଗକରି କାର୍ଯ୍ୟ ନ କଲେ ତାହା ତାମସିକ କାର୍ଯ୍ୟ ହେବ, ସେଭଳି କାର୍ଯ୍ୟ କରିବା ଉଚିତ ନୁହେଁ! ଥରେ କୁକୁର, ହାତୀ, ଚଣ୍ଡାଳ ସମସ୍ତେ ସମାନ କହି ଆଉଥରେ ସେ ତୋର ଶତ୍ରୁ ତାକୁ ମାର୍ ବୋଲି କହୁଛନ୍ତି! କେଉଁଠି ଆତ୍ମା ଅମର ବୋଲି କହିଲେ କେଉଁଠି ମୁଁ ସମସ୍ତଙ୍କୁ ବିନାଶ କରୁଥିବା କାଳ ବୋଲି କହୁଛନ୍ତି । ଏହିଭଳି ଗୀତାରେ ଅନେକ ଦିଗହୀନ କଥା ରହିଛି । ସେଥିଲାଗି ଅର୍ଥରେ କାର୍ଯ୍ୟ ନଥାଇ ମନେରଖି ଗାଉଥିବା ଲୋକମାନଙ୍କ ପାଇଁ, ପଢିଲେ ଭଲ ବୋଲି ପଢୁଥିବା ଲୋକମାନଙ୍କ ପାଇଁ ଗୀତା ଠିକ୍ ସିନା, ଆମର କେଉଁ କାର୍ଯ୍ୟରେ ଆସୁ ନାହିଁ" ବୋଲି କହୁଛନ୍ତି ।

ପ୍ରକୃତ ଭାବ ଖୋଜୁଥିବା ଲୋକମାନଙ୍କ ପାଇଁ ଗୀତାରେ କେତେକ ସନ୍ଦେହ ରହିଥିବା କଥା ସତ୍ୟ! ତାବୋଲି ଯେ, ଗୀତା ଅସତ୍ୟ, ଅଶାସ୍ତ୍ରୀୟ, ସିଦ୍ଧାନ୍ତ ନୁହେଁ ବୋଲି ଆମେ କହିପାରିବା ନାହିଁ । ଗୀତାକୁ ବିଭିନ୍ନ ଭାଷାରେ ଅନୁବାଦ କରି ଯେଉଁମାନେ ତାର ଭାବବ୍ୟକ୍ତ କରିଛନ୍ତି ସେମାନେ ସଠିକ୍ କରି ନଥିବା କାରଣରୁ ଉପରୋକ୍ତ ସନ୍ଦେହ ଆସିଥାଇ ପାରେ । ସତ କହିବାକୁ ଗଲେ ସେଦିନ ଭଗବାନ କହିଥିବା ଗୀତା ଆଜିପର୍ଯ୍ୟନ୍ତ କାହାକୁ ବୁଝାପଡି ନାହିଁ ବୋଲି କହିପାରିବା । କାରଣ! ଭଗବଦ୍ଗୀତା ସକ୍ରମରେ ବୁଝିବାକୁ ହେଲେ ମୁଖ୍ୟତଃ ଚାରିଗୋଟି ସୂତ୍ର ଅନୁସାରେ ପଢିବାକୁ ହେବ । ଏଭଳି ସୂତ୍ରବଦ୍ଧ ଭାବରେ ନ ଲେଖି ନିଜ ଇଚ୍ଛା ଅନୁସାରେ ଯେଉଁମାନେ ଲେଖିଛନ୍ତି, ଯେଉଁମାନେ ନିଜ ଇଚ୍ଛା ଅନୁସାରେ ପଢୁଛନ୍ତି ସେମାନଙ୍କୁ ଗୀତା ବୁଝାପଡି ନାହିଁ କି ବୁଝାପଡିବ ନାହିଁ । ଆଜି ପର୍ଯ୍ୟନ୍ତ ଏହି ସୂତ୍ରଗୁଡିକୁ କେହି ଅନୁସରଣ କରିନାହାନ୍ତି । ତେଣୁ ଗୀତାର ପ୍ରକୃତ ସ୍ୱରୂପ କାହାକୁ ମଧ୍ୟ ବୁଝାପଡି ନାହିଁ ବୋଲି କହିପାରିବା । ଏ କଥା କେତେକଙ୍କୁ ଭଲ ନଲାଗି ସେମାନେ ଆମ

ଉପରେ କ୍ରୋଧିତ ହୋଇପାରନ୍ତି, ସେମାନେ କଣ ଗୀତା ବାବଦରେ ଆମକୁ ଜଣା ନାହିଁ ? ବୋଲି ପ୍ରଶ୍ନକରି ଆମ ଉପରେ ଦ୍ୱେଷଭାବ ରଖିଲେ ମଧ୍ୟ ଦୁଃଖ ନାହିଁ, କିନ୍ତୁ ଏହା ସତକଥା ଯେ, ଆଜି ପର୍ଯ୍ୟନ୍ତ ସନ୍ଦେହ ନଥିବା ଗୀତା ନାହିଁ ! ତେଣୁ ସନ୍ଦେହ ନଥିବା ଗୀତା ପଢିବାକୁ ହେଲେ ମୁଖ୍ୟତଃ ଚାରିଗୋଟି ସୂତ୍ର ଅନୁସାରେ ପାଠ କରିବାକୁ ହେବ ।

**୧. ପଢୁଥିବା ଶ୍ଳୋକ ଜୀବାତ୍ମା, ଆତ୍ମା, ପରମାତ୍ମା କି ପ୍ରକୃତି, କାହା ବାବଦରେ କୁହାଯାଇଛି ?**

**୨. ପଢୁଥିବା ଶ୍ଳୋକ ବ୍ରହ୍ମଯୋଗ କି କର୍ମଯୋଗ, କାହା ସମ୍ବନ୍ଧୀୟ ?**

**୩. ପଢୁଥିବା ଶ୍ଳୋକ ସାକାର ରୂପପାଇଁ କି ନିରାକାର ପାଇଁ, କାହାପାଇଁ କୁହାଯାଇଛି ?**

**୪. ପଢୁଥିବା ଶ୍ଳୋକ ଶାସ୍ତ୍ରବଦ୍ଧ କି ନୁହେଁ ?**

ଏହି ଚାରିସୂତ୍ର ଗୀତା ଉପରେ ପ୍ରୟୋଗକରି ନଦେଖିଲେ ଗୀତା ପଢି କିଛି ଲାଭ ନାହିଁ । ଏହି ଚାରି ସୂତ୍ର ଅନୁସାରେ ଆଜିଯାଏଁ କୌଣସି ଗୀତା ଲେଖାଯାଇ ନାହିଁ, ତେଣୁ ସେଗୁଡିକରେ ଅନେକ ସନ୍ଦେହ ରହିବା ସ୍ୱାଭାବିକ । ସନ୍ଦେହ ରହିତ ଜ୍ଞାନ ଗୀତାରୁ ଜାଣିବାକୁ ହେଲେ ଏହି ଚାରି ସୂତ୍ରର ପ୍ରୟୋଗ ଦ୍ୱାରା ସମ୍ଭବ । ଏହି ଚାରି ସୂତ୍ର ଦ୍ୱାରା ଗୀତାରେ ଥିବା ଅଶାସ୍ତ୍ରୀୟତାକୁ କାଢିଦେଇ ସ୍ୱଚ୍ଛ ଆତ୍ମଜ୍ଞାନ ଜାଣିପାରିବା । ଭଗବାନଙ୍କ ଉଦ୍ଦେଶ୍ୟଠାରୁ ଭିନ୍ନ ଥିବା ଶ୍ଳୋକ ଏହି ଚାରିସୂତ୍ର ଦ୍ୱାରା ଆପଣାଛାଏଁ ବାହାରିଯିବ । ଭଗବାନଙ୍କ ଭାବ ଶାସ୍ତ୍ରବଦ୍ଧ, ପଢିବା ପରେ ସନ୍ଦେହ ନଥାଏ । ଏହି ସୂତ୍ର ବର୍ହିଭୂତ ଶ୍ଳୋକଗୁଡିକ ଭଗବଦ୍ଗୀତାର ନୁହେଁ ବୋଲି କହିପାରିବା । ଏବେ ସେହି ସୂତ୍ରକୁ ପ୍ରୟୋଗକରି ପ୍ରଥମେ ଗୀତା ପାଠ ପୂର୍ବରୁ ନିହାତି ପାଠ କରାଯାଉଥିବା ଗୀତା ମାହାତ୍ମ୍ୟ ସହିତ ଭଗବଦ୍ଗୀତାର କେଉଁ ସମ୍ପର୍କ ରହିଛି ସେ ବାବଦରେ ଟିକିଏ ଆଲୋଚନା କରିବା ।

ଗତକାଳର ବଡମାନେ କିଛି ଭଲକାର୍ଯ୍ୟ କରିବାପାଇଁ ଇଚ୍ଛା କରିଥିବା ବେଳେ, ତାହା ସେ କାଳର ସମାଜରେ ଦୁର୍ଭାଗ୍ୟ ବସତଃ ଅନର୍ଥ ହୋଇ

ରହିଯାଇଛି, ସେମାନେ ଆଶା କରିଥିବା ଫଳଠାରୁ ସେମାନଙ୍କୁ ଭିନ୍ନ ଫଳ ମିଳିଛି । ଉଦାହରଣ ସ୍ୱରୂପ ଯମଲୋକ ବୋଲି କୌଣସି ସ୍ଥାନ ଅଛି, ସେଠାରେ ପାପ ଅନୁସାରେ ନର୍କ ଅନୁଭବ କରିବାକୁ ହୁଏ, ଏଇ ଭୟ ଜାଗ୍ରତ କରିବାପାଇଁ ବାସ୍ତବରେ କେଉଁଠି ନଥିବା ଯମଲୋକ ବାବଦରେ ସେମାନେ ବର୍ଣ୍ଣନା କରିଥିଲେ, ତଦ୍ଦ୍ୱାରା ପ୍ରଜାମାନସରେ ଭୟ ଉତ୍ପତି ହେବ, ପ୍ରଜାମାନେ ପାପକାର୍ଯ୍ୟ କରିବେ ନାହିଁ, ଏହା ଥିଲା ସେମାନଙ୍କର ଉଦ୍ଦେଶ୍ୟ, କିନ୍ତୁ ପ୍ରଜାମାନେ ତାର ଭିନ୍ନ ଭାବକୁ ବୁଝିଛନ୍ତି । ପାପକାର୍ଯ୍ୟ କରୁଥିବା ମଣିଷ ଆଜି ଭୟ କରୁ ନାହିଁ । ଏହା କରିବା ଉଚିତ ନୁହେଁ ବୋଲି ତାକୁ ବୋଧ ହେଉଥିଲେ ହେଁ ତାହା ସମୟାନୁକୁଳ କାର୍ଯ୍ୟ ଭାବି ପାପ ହେଲେ ହେଉ ପଛେ, ଯମଲୋକକୁ ଗଲାବେଳେ ଦେଖାଅଛି, ସେଠାରେ ଅନୁଭବ କରିବାକୁ ପଡିଲେ କରିବି, ମରଣ ପରେ କ'ଣ କିଛି ଭୋଗିବାକୁ ହେବ ଯେ, ଏବେ କାହିଁକି ସୁଯୋଗକୁ ଛାଡିବି, ଏହା ସତ କି ମିଛ କିଏବା ଦେଖିଛି ? ବୋଲି ନିଜ ଭିତରେ ପ୍ରଶ୍ନ କରି, କୌଣସି ଜବାବ ନପାଇ କୌଣସି ପ୍ରମାଣ ନଥିବା ଯମଲୋକ ବାବଦରେ ହେୟଜ୍ଞାନ ହୋଇ ମନଇଚ୍ଛା କାର୍ଯ୍ୟ କରୁଛି । ବାସ୍ତବରେ ମଣିଷଠାରେ ଆଜି ଯମଲୋକର ପାପଭୀତି ହିଁ ନାହିଁ ।

ବଡମାନେ ଯମଲୋକ ଆଉକେଉଁଠି ଅଛି ବୋଲି ବର୍ଣ୍ଣନା ନକରି ତାହା ଏଇଠାରେ ଅଛି ବୋଲି କହିବା ଉଚିତ୍ ଥିଲା । ଭୂପୃଷ୍ଠରେ ଅନୁଭବ କରୁଥିବା ଦୁଃଖକଷ୍ଟ ଗୁଡିକ ଯମଯନ୍ତ୍ରଣା ବୋଲି, ବାସ୍ତବତାକୁ ଯଦି ସେମାନେ ଜଣାଇଥାନ୍ତେ ତେବେ, ପ୍ରତ୍ୟକ୍ଷ ଭାବରେ ଘଟୁଥିବା ଦାରୁଣ ଘଟଣାଗୁଡିକୁ ଦେଖି, ମଣିଷ କରୁଥିବା ପାପର ପରିଣାମ ଏହିଭଳି ଅନୁଭବ କରିବାକୁ ହୁଏ ବୋଲି ଜାଣି, ହୁଏତ ଆଜି ପାପକାର୍ଯ୍ୟ କରୁନଥାନ୍ତା । ବାସ୍ତବ କଥାକୁ ନଜଣାଇ ମଣିଷ ସହଜରେ ବୁଝିପାରିବ ଭାବି କହିଥିବା କାହାଣୀ ଗୁଡିକ ମଣିଷକୁ ଅବାଟରେ ନେଇଯାଇଛି, ସେହିଭଳି ଆଜି ଗୀତା ମାହାତ୍ମ୍ୟ ଦ୍ୱାରା ଗୀତାଭାବ ଅବାଟରେ ଚାଲିଯାଇଛି ବୋଲି କହିହେଉଛି । କେତେକ ବଡମାନେ ଗୀତାକୁ ସମସ୍ତେ ପଢିବା ଉଚିତ୍, ସମସ୍ତଙ୍କଠାରେ ଭକ୍ତିଭାବ ଜାଗ୍ରତହେବା ଉଚିତ୍ ବୋଲି ଗୀତା ମାହାତ୍ମ୍ୟ ତିଆରି କରିଥିଲେ, କିନ୍ତୁ ତଦ୍ଦ୍ୱାରା ପ୍ରଜାମାନେ ଗୀତା ମାହାତ୍ମ୍ୟରେ କଳ୍ପିତ ହୋଇଥିବା

ଫଳ ଉପରେ ଲଗ୍ନହୋଇ ଗୀତାଭାବକୁ ଛାଡିଦେଇଛନ୍ତି । ସମସ୍ତେ ମାହାତ୍ମ୍ୟରେ ବର୍ଣ୍ଣିତ ଫଳ ଉପରେ ଲାଳାୟିତ ହୋଇଛନ୍ତି । ସେଥିଲାଗି ଗୀତାର ଧର୍ମଗୁଡିକୁ ଜାଣିପାରୁ ନାହାନ୍ତି । ମଣିଷର ହିତ କାମନା କରୁଥିବା ଲୋକମାନେ ଆମ ଉଦ୍ଦେଶ୍ୟ ଭଲ ଉଦ୍ଦେଶ୍ୟ ଭାବି ଜଣାଇଥିବା ଗୀତା ମାହାତ୍ମ୍ୟକୁ ମଣିଷ ଜୀବନର ଲାଭନଷ୍ଟ ଉପରେ ଉପଯୋଗ କରିବା ଶିଖାଇଦେଇ ସେମାନଙ୍କ ଅଜାଣତରେ ମଣିଷକୁ ଅଧର୍ମ ଦିଗରେ ଚଲାଇବା ଶିଖାଇଛନ୍ତି । ମଣିଷ ଏଭଳି ଅଧର୍ମ ଆଚରଣ କରିବାକୁ ଗୀତାମାହାତ୍ମ୍ୟରେ ଭଗବଦ୍ଗୀତାର ଅନେକ ଧର୍ମବିରୁଦ୍ଧ କଥା ରହିଛି । ତେଣୁ ଆମେ ପ୍ରଥମେ ସେହି ପୂର୍ବରୁ ଥିବା ଗୀତା ମାହାତ୍ମ୍ୟ କଣ କିଛି ଜାଣିବା ନିହାତି ଦରକାର ।

ଭଗବାନଦ୍ଦେଯଉଁ ଉଦ୍ଦେଶ୍ୟରେ ଗୀତା କହିଛନ୍ତି ସେହି ଉଦ୍ଦେଶ୍ୟର ବିପରୀତ ଭାବ ଗୀତା ମାହାତ୍ମ୍ୟରେ ଲେଖାଯାଇଥିବାରୁ ଏକଥା ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିଥାଏ । ଗୀତାରେ ଭଗବାନ ଧର୍ମ ଜଣାଇଥିବା ବେଳେ, ଧର୍ମର ବିପରୀତ ବାକ୍ୟଗୁଡିଏ ଗୀତା ମାହାତ୍ମ୍ୟ ନାମରେ ଲେଖି ମଣିଷକୁ ଅବାଟରେ ଚଲାଇବା ବଡବିଚିତ୍ର ବୋଧ ହେଉଛି । କିଛି ଜ୍ଞାନଥିବା ଲୋକମାନେ ମଧ୍ୟ ଗୀତାମାହାତ୍ମ୍ୟ ଗୀତାର ବିପରୀତ ବୋଲି ବିଚାର ନକରି ନିତ୍ୟପାରାୟଣ କରିବା ବଡ ବିଚିତ୍ର ବୋଧହେଉଛି । ଆମ କଥାରେ କେତେକ କ୍ରୋଧିତ ହୋଇ, କଣ୍ଠଫଟାଇ ତୁମେ ବଡ ଅଜ୍ଞାନୀ, ତୁମକୁ କିଛି ଜଣାନାହିଁ ବୋଲି ଚିତ୍କାର କରିପାରନ୍ତି, ହେଲେ ପାଠକମାନେ ! ଆପଣମାନେ ଏକ ବିଚାର କରିବା ସ୍ଥିତିକୁ ଆସନ୍ତୁ ଆଉ ସତ୍ୟାସତ୍ୟକୁ ପରଖନ୍ତୁ ! ଦିନେ ଖଗୋଳ ରହସ୍ୟ ଜଣାଇଥିବା ଗାଲିଲିଓଙ୍କୁ ସେଦିନ ଜ୍ଞାନୀ ବୋଲାଉଥିବା ଲୋକମାନେ କେତେ ହିଂସା କରି ମାରି ଦେଇଥିଲେ, କିନ୍ତୁ ଆଜି ଦେଖନ୍ତୁ, ଗାଲିଲିଓଙ୍କ କଥା ହିଁ ଖଗୋଳ ଶାସ୍ତ୍ରବେତ୍ତା ମାନଙ୍କର ଆଧାର ହୋଇଛି । ତେଣୁ ଆମ ହିସାବରେ ଆଜି ଯେଉଁମାନେ ଜ୍ଞାନୀ ବୋଲାଉଛନ୍ତି ସେମାନେ ଏହା ଅସତ୍ୟ ବୋଲି ଚିତ୍କାର ନକରି ବିଚାର ପୂର୍ବକ ଦେଖନ୍ତୁ, ସତ୍ୟକୁ ନିଶ୍ଚୟ ଜାଣିପାରିବେ ବୋଲି ଜଣାଉଛୁ ।

ଆମେ ଲେଖିଥିବା ଚାରିଗୋଟି ସୂତ୍ର ଅନୁସାରେ ଦେଖିଲେ ଗୀତା ମାହାତ୍ମ୍ୟ ଅଶାସ୍ତ୍ରୀୟ କି ନୁହେଁ ଜଣାପଡିଯିବ । ବିଶେଷ କଥା ହେଉଛି ଗୀତା ଯୋଗଶାସ୍ତ୍ର ହୋଇଥିବା ବେଳେ, ଗୀତା ମାହାତ୍ମ୍ୟ ବରାହ ପୁରାଣର । ଶାସ୍ତ୍ର ଆଉ

ପୁରାଣ ଭିତରେ କି ପାର୍ଥକ୍ୟ ରହିଛି ଜାଣିବାକୁ ଚାହିଁଲେ ତାର ପ୍ରମାଣ ଭାବରେ ଶାସ୍ତ୍ର ହୋଇଥିବା ଗୀତା ଜନ୍ମରହିତ କଥା ଜଣାଉଥିବା ବେଳେ, ବରାହ ପୁରାଣରୁ ଆଣି ଲେଖିଥିବା ଗୀତା ମାହାତ୍ମ୍ୟ ପାଠକରିବା ଦ୍ୱାରା, ଗୀତାପାରାୟଣ କରିବା ଦ୍ୱାରା ମାନବ ବାରମ୍ବାର ଜନ୍ମ ନେଉଥିବ ବୋଲି ଜଣାଯାଉଛି । ଗୀତା ମାହାତ୍ମ୍ୟର ୧୩ତମ ଶ୍ଳୋକରେ ସବୁଦିନ ଗୀତାର ଅଧ୍ୟାୟଟିଏ ପଢିଲେ ମନ୍ୱନ୍ତର ପର୍ଯ୍ୟନ୍ତ ନରଜନ୍ମ ନେଇ, ରହିହେବ ବୋଲି ଲେଖାଯାଇଛି । କଣ ଏହା ଗୀତାର ବିରୁଦ୍ଧ କଥା ନୁହେଁ ?

ଦିନସାରା ପାପ କରି ସଂଧ୍ୟାରେ ଗୀତା ଶୁଣୁଥିବା ଲୋକେ ଅନେକ ଅଛନ୍ତି । କାରଣ ! ଗୀତା ଶୁଣିଲେ ପାପସବୁ ପୁଣ୍ୟରେ ବଦଳିଯାଏ ବୋଲି ଗୀତା ମାହାତ୍ମ୍ୟର ୧୮ତମ ଶ୍ଳୋକରେ ଲେଖା ଥିବାରୁ ଦିନସାରା ପାପକରି, ସଂଧ୍ୟାରେ ପୁଣ୍ୟ କରିବାକୁ ଗୀତା ଶୁଣୁଛନ୍ତି ସିନା, ଭାବ ଆବଶ୍ୟକ ନାହିଁ ବୋଲି ଭାବୁଛନ୍ତି । ଗୀତାରେ କଣ କହିଛନ୍ତି ଜାଣି ସେହି ଅନୁସାରେ ଜୀବନ ବଞ୍ଚିବା ଉଚିତ୍ ବୋଲି ଆମେ କହିବା ବେଳେ, ତାହା ଆମର ଦରକାର ନାହିଁ ! ଗୀତାଶ୍ଳୋକର ଭାବ ବୁଝିବା ଆମ ଦ୍ୱାରା ହେବ ନାହିଁ, ତା ଅପେକ୍ଷା ଗୀତା ମାହାତ୍ମ୍ୟରେ କହିବା ଭଳି ଗୀତା ଶୁଣିଲେ ସହଜରେ ପାପସବୁ ପୁଣ୍ୟରେ ବଦଳିଯାଏ, କଣ ଏକଥା ଜାଣି ନାହଁ ? ବୋଲି କେତେକ ଆମକୁ ମଧ୍ୟ ଭଲ ଉପାୟ ବତାଉଛନ୍ତି ।

ଭଗବଦ୍ଗୀତା ପାପପୁଣ୍ୟ ରହିତ ବା କର୍ମରହିତ ମୋକ୍ଷକଥା କହୁଥିବା ବେଳେ, ଗୀତା ମାହାତ୍ମ୍ୟରେ ପାପକୁ ପୁଣ୍ୟରେ ବଦଳାଅ ଲେଖାଯାଇଛି । ବାସ୍ତବରେ ପାପପୁଣ୍ୟ ମାନବ ଅର୍ଜନ କରିବା ବେଳେ କର୍ମଚକ୍ରରେ ସଞ୍ଚିତକର୍ମ ଭାବେ ପ୍ରବେଶ କରି ପର ଜନ୍ମରେ ଅନୁଭବ କରିବାକୁ ହୁଏ । ତାଛଡା ଗୀତା ମାହାତ୍ମ୍ୟ ଶୁଣିଲେ ପାପସବୁ ପୁଣ୍ୟରେ ବଦଳିବା ଅଦ୍ଭୁତ କଳ୍ପନା ସିନା, ସତ୍ୟ ନୁହେଁ । ଗୀତା ଶୁଣିବା ସୁଯୋଗ ଥାଇ ମଧ୍ୟ ଶୁଣୁ ନଥିବା ଜଣେ ଲୋକକୁ ପଚାରିଲୁ, ତୁ କାହିଁକି ଶୁଣୁ ନାହୁଁ, ତୁମ ଘରପାଖ ମନ୍ଦିରରେ ସବୁଦିନ ଗୀତା ପାରାୟଣ ହେଉଛି, ତୋତେ ଶୁଣିବାକୁ ଆଉ କିପରି ସୁଯୋଗ ଥାଆନ୍ତା ! ଆମକଥା ଶୁଣି ସେ କହିଲା "ମୁଁ କିଛି ପାପ କରିନାହିଁ, ପାପ କରିଥିଲେ

ପାପକୁ ପୁଣ୍ୟରେ ବଦଳାଇବା ପାଇଁ ଗୀତା ଶୁଣୁଥାନ୍ତି, ମୁଁ ପୁଣ୍ୟ କରୁଛି, ଗୀତା ଶୁଣିବା କଣ ଦରକାର" । ତୁ କି ବିଚିତ୍ର କଥା କହୁଛୁ! ବୋଲି ଆଉ ଥରେ ପଚାରିବାରୁ "ଆଜ୍ଞା ଗୀତା ମାହାତ୍ମ୍ୟରେ ଏକଥା ଲେଖାଅଛି! ଆପଣ ଏତିକି ଜାଣିନାହାନ୍ତି!!" ବୋଲି କହିଲା । ଆମେ ପୁନଃ କହିଲୁ ଗୀତା ମାହାତ୍ମ୍ୟ ମୁଖ୍ୟ ନୁହେଁ ଗୀତା ମୁଖ୍ୟ.., ଆମଠାରୁ ଏତିକି ଶୁଣୁ ଶୁଣୁ ହସି ହସି, "ଗୀତା ମାହାତ୍ମ୍ୟରେ ଗୀତା ନ ପଢିଲେ ନାଇଁ ଗୀତା ମାହାତ୍ମ୍ୟ ନପଢିଲେ କିଛି ଫଳ ମିଳିବ ନାହିଁ ବୋଲି ୨୦ତମ ଶ୍ଳୋକରେ ଲେଖାଅଛି, ଘରକୁ ଯାଇ ଥରେ ଦେଖନ୍ତୁ! ତେଣୁ ଗୀତା ନୁହେଁ ଗୀତାମାହାତ୍ମ୍ୟ ମୁଖ୍ୟ ବୋଲି ମୁଁ ଭାବୁଛି" ।

ଏଭଳି ଅନେକ ଲୋକ ଗୀତାଠାରୁ ଗୀତାମାହାତ୍ମ୍ୟକୁ ମୁଖ୍ୟ ଭାବି ସେହି ଅନୁସାରେ ବିଶ୍ୱାସ କରି ଆସୁଛନ୍ତି । ସେହିଭଳି ଜଣେ ଲୋକକୁ ସାକ୍ଷାତ୍ କରି ତାକୁ ଗୀତା ବିଷୟରେ ପଚାରିବା ବେଳେ ସିଧା "ମୁଁ ଜାଣିନାହିଁ" ବୋଲି କହିଥିଲା । ଇଏ କି ବିଚିତ୍ର କଥା କହୁଛନ୍ତି ଆପଣ! ଆପଣ ତ ସବୁବେଳେ ଗୀତା ପଢୁଛନ୍ତି.. କହୁ କହୁ "ହଁ ମୁଁ ସବୁଦିନ ଗୀତା ପଢୁଛି, ହେଲେ ଗୀତାର ବିଷୟରେ ମୋର କି କାମ!" ବୋଲି କହିଲା । ଗୀତାର ବିଷୟରେ ଯଦି କିଛି କାର୍ଯ୍ୟ ନାହିଁ ତେବେ ସବୁଦିନ କାହିଁକି ଗୀତା ପଢୁଛନ୍ତି ବୋଲି ପଚାରିବାରୁ "ମୋର ମୋକ୍ଷ ଦରକାର ସେଥିଲାଗି ପଢୁଛି" କହିବାବେଳେ, ମୋକ୍ଷ କଣ ତା ବାବଦରେ ଜାଣି ତାକୁ ପାଇବାପାଇଁ ଗୀତାଧର୍ମ ଜାଣିବା ଉଚିତ୍ ସିନା! ଖାଲି ପଢିଲେ କଣ ଲାଭ? ବୋଲି ପଚାରିବାରୁ, ସେ ମଧ୍ୟ "ହସି ହସି ଆଜ୍ଞା! ପାହାଡ ଖୋଳି ମୂଷା ମାରିବା କଣ ଦରକାର! କଷ୍ଟ ନକରି ଆମେ ସହଜରେ ମୋକ୍ଷ ପାଇଯାଇଛୁ" ବୋଲି କହିଲା । କଣ ବଞ୍ଚି ଥାଉଥାଉ ମୋକ୍ଷ! ଦେହରେ ଥାଉଥାଉ ମୋକ୍ଷ କିପରି ପାଇଲେ? ବୋଲି ଉତ୍କଣ୍ଠାର ସହିତ ଆମେ ପୁଣି ପଚାରିବାରୁ "କଣ ଆପଣ ଗୀତା ମାହାତ୍ମ୍ୟର ୧୯ତମ ଶ୍ଳୋକ ଦେଖି ନାହାନ୍ତି! ଗୀତା, ଗୀତାଭାବ ପଢିବା ଦ୍ୱାରା ଦେହରେ ଥାଇ ମଧ୍ୟ ମୋକ୍ଷ ମିଳେ ବୋଲି ଲେଖାଅଛି! ସେଥିଲାଗି ମୁଁ ସବୁଦିନ ଗୀତାଶ୍ଳୋକ, ଭାବାର୍ଥ ପଢୁଛି, ତେଣୁ ଗୀତାମାହାତ୍ମ୍ୟ ଅନୁସାରେ ଏବେ ମୁଁ ମୋକ୍ଷ ପାଇସାରିଛି ବୋଲି କଣ ହିସାବ ହେବ ନାହିଁ?" ବୋଲି କହିଲା । ତୁମେ ଠିକ୍ ବୁଝିନାହଁ, ମୋକ୍ଷ କହିଲେ ଶରୀର

ଛାଡିବା ପରେ ଜନ୍ମ ନହୋଇ, କୌଣସି ଶରୀର ଧାରଣ ନକରି ଅଣୁଅଣୁରେ ବ୍ୟାପିଥିବା ପରମାତ୍ମାଙ୍କଠାରେ ଲୀନହେବା ବୋଲି ଆମେ କହିବାବେଳେ, ସେ ଟିକିଏ ରାଗିଗଲା ଆଉ କହିଲା ! "ବିଷ୍ଣୁ କହିଥିବା ଗୀତା ମାହାତ୍ମ୍ୟକୁ ଠିକ୍ ନୁହେଁ କହି, ମୋକ୍ଷ କହିଲେ ଅମୁକ କହି ମୋତେ ପାଠ ପଢାଉଛୁ ! ତୋତେ କିଛି ଜଣା ନାହିଁ, ତୁ ଯା..ଏଠାରୁ" ବୋଲି ଶେଷରେ କହିଥିଲା । ଏହିଭଳି କେତେକ ଗୀତା ମାହାତ୍ମ୍ୟକୁ ବିଶ୍ୱାସକରି, ପ୍ରକୃତ ଧର୍ମ ଛାଡି ବିପଥଗାମୀ ହେଉଛନ୍ତି । ଏଥିରେ ପ୍ରଥମ ଭୁଲ୍ ଗୀତା ମାହାତ୍ମ୍ୟ ଲେଖିଥିବା ଲୋକମାନଙ୍କର ବୋଲି କହିପାରିବା, କିନ୍ତୁ ସତକଥା କହିବାକୁ ଗଲେ ପ୍ରଜାମାନେ ଭୁଲ୍ ବାଟରେ ଯାଆନ୍ତୁ ବୋଲି ସେମାନେ ଗୀତାମାହାତ୍ମ୍ୟ ଲେଖିନଥିଲେ, ଭଲପାଇଁ ଲେଖିଥିଲେ, କିନ୍ତୁ ତାହା ପ୍ରଜାମାନଙ୍କର ଦୁର୍ଭାଗ୍ୟ ପାଲଟିଗଲା ।

ସେହି ପଦ୍ଧତିରେ ଗୀତାରୁ ଆଉ କେତେକ ଶ୍ଳୋକ ପଢିବା ଦ୍ୱାରା ମଣିଷର ଭୌତିକ କାର୍ଯ୍ୟସାଧିତ ହୁଏ କହି ନାନା ପ୍ରକାରର ଆଶାକୁ କଳ୍ପନା କରିଛନ୍ତି । ପ୍ରତ୍ୟେକ ଶ୍ଳୋକକୁ ଏକ ଏକ ମନ୍ତ୍ର ଭଳି ପଢିବା ଦ୍ୱାରା ଏ କାର୍ଯ୍ୟ ସାଧିତ ହୁଏ, ସେ କାର୍ଯ୍ୟ ସାଧିତ ହୁଏ ବୋଲି କହିଛନ୍ତି । ଏଇ ଶ୍ଳୋକ ପଢିଲେ ଏଇ ରୋଗ ଦୂରହେବ, ସେ ଶ୍ଳୋକ ପଢିଲେ କୋର୍ଟରେ ଜିତିବ, ସେହିଭଳି ସନ୍ତାନ ସନ୍ତତିପାଇଁ ଏଇ ଶ୍ଳୋକ ଅଛି, ଧନପ୍ରାପ୍ତି ପାଇଁ ସେ ଶ୍ଳୋକ ପଢିବା ଉଚିତ୍ ବୋଲି ଆଜି ମଧ୍ୟ ଅନେକ ଲୋକ ବିଶ୍ୱାସର ସହିତ କହିଥାନ୍ତି । ଏସବୁ ଦେଖିଥିବା ଆମେ ଭୌତିକ କାର୍ଯ୍ୟପାଇଁ ଗୀତା ପଢାଯାଏ ନାହିଁ, ଗୀତାରୁ ଜ୍ଞାନ ଶିକ୍ଷା କରାଯାଏ ବୋଲି ଜଣେ ବ୍ୟକ୍ତିଙ୍କୁ କହିବା ବେଳେ, "ଜ୍ଞାନ ଅର୍ଜୁନଙ୍କୁ କହିଥିଲେ, ତାହା ତାଙ୍କପାଇଁ ସିନା ଆମପାଇଁ ନୁହେଁ" ବୋଲି ସେ କହିଥିଲେ । ତାଙ୍କର ସେ କଥା ଶୁଣି "ଯାହା ଅର୍ଜୁନଙ୍କୁ କହିଥିଲେ ତାହା ଆମ କାର୍ଯ୍ୟରେ ମଧ୍ୟ ଆସିବ, ସେଥିରୁ ଜ୍ଞାନ ଜାଣି ଆମେମାନେ ମଧ୍ୟ ମୋକ୍ଷ ପାଇପାରିବା" ବୋଲି କହିଲୁ, ତାପରେ ସେ ବ୍ୟକ୍ତି "ଏହା ଦ୍ୱାରା ମୋକ୍ଷ ମିଳେ ! କାହିଁ ବଡମାନେ ତ କହି ନାହାନ୍ତି ! ଅମୁକଶ୍ଳୋକ ପଢିଲେ କିମ୍ବା ଅମୁକଅଧ୍ୟାୟ ପଢିଲେ ଆମର ଅମୁକ କାର୍ଯ୍ୟସାଧିତ ହେବ ବୋଲି କହିଛନ୍ତି ! ମୋର ଏବେ କୋର୍ଟରେ କେସ୍ ଚାଲିଛି, ତେଣୁ ମୁଁ ବଡମାନେ କହିବା ଅନୁଯାୟୀ କେସ୍ ଜିତିବାକୁ ସବୁଦିନ

ସୂଚଉଥିବା ଶ୍ଳୋକଟି ପଢୁଛି” ବୋଲି କହିଥିଲେ । ଏହିଭଳି ଗୀତା ମାହାତ୍ମ୍ୟ ପ୍ରଜାମାନଙ୍କୁ ନିକଟତର କରିଛି; ପରନ୍ତୁ ଗୀତାଭାବ ଠାରୁ ନିଶ୍ଚୟ ଦୂରେଇ ଦେଇଛି ବୋଲି କହିପାରିବା । ଗୀତାର ମାହାତ୍ମ୍ୟ ରହିଛି ବୋଲି ଯେଉଁମାନେ ଜାଣିଛନ୍ତି ସେମାନେ ଶ୍ଳୋକଗୁଡିକୁ ପାରାୟଣ କରିବା, ଗୀତାଗ୍ରନ୍ଥ ପୂଜାକରିବା ଇତ୍ୟାଦି କାର୍ଯ୍ୟ କରୁଛନ୍ତି ସିନା ଗୀତାଜ୍ଞାନର ନିକଟତର ହେଉନାହାନ୍ତି । ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ ନୁହେଁ ଆମମାନଙ୍କୁ ମଧ୍ୟ ଗୀତା କହିଛନ୍ତି, ତେଣୁ ତାର ଭାବ ଗ୍ରହଣକରି ପଢନ୍ତୁ । ଗୀତାମାହାତ୍ମ୍ୟ ଅନୁସାରେ କେଉଁ ଭୌତିକ କାମନା ଫଳପ୍ରଦ ହେବ ବୋଲି ଉଦ୍ଦେଶ୍ୟ ରଖି ଗୀତା ପଢନ୍ତୁ ନାହିଁ । କୌଣସି ଫଳ ଉପରେ ଆଶା ନରଖି ପଢନ୍ତୁ । ଗୀତା ସହିତ ଗୀତା ମାହାତ୍ମ୍ୟର କୌଣସି ସମ୍ପର୍କ ନାହିଁ, ଗୀତା ଶାସ୍ତ୍ରବଦ୍ଧ, ଗୀତାମାହାତ୍ମ୍ୟ ଶାସ୍ତ୍ର ନୁହେଁ ତାହା ପୁରାଣର ବୋଲି ଜାଣିବା ଉଚିତ୍ । ଏହିଭଳି ଆଉଟିକିଏ ଗବେଷଣା କରିଚାଲିଲେ ଗୀତା ମାହାତ୍ମ୍ୟ ପରେ ଗୀତା ପ୍ରାରମ୍ଭରୁ କୁହାଯାଇଥିବା ‘ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ...’ ନାମକ ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକରୁ କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ବୋଲି କୁହାଯାଇଛି । ତେବେ କଣ କୁରୁକ୍ଷେତ୍ର ଏକ ଧର୍ମକ୍ଷେତ୍ର ! ବୋଲି ଏଠାରେ ପ୍ରଥମ ପ୍ରଶ୍ନ ଆସିଥାଏ । ଗୀତା ଯୁଦ୍ଧକ୍ଷେତ୍ରରୁ ଆରମ୍ଭ ହୋଇଥିଲା, ସେହି ଯୁଦ୍ଧର କାରଣ ସମସ୍ତେ ଜାଣନ୍ତି । ସତ କହିଲେ ସମସ୍ତେ ଜାଣନ୍ତି ତାହା ଝିମିଟି ଖେଳ (ପଶା ଖେଳ) ରୁ ସୃଷ୍ଟି । ମହାଭାରତ ଯୁଦ୍ଧ ଘଟିଥିବା ସେହି କୁରୁକ୍ଷେତ୍ରକୁ ପରେ ଧର୍ମକ୍ଷେତ୍ର କୁହାଯାଇଛି । ସତରେ କୁରୁକ୍ଷେତ୍ର କଣ ଏକ ଧର୍ମକ୍ଷେତ୍ର ? ତା ବାବଦରେ ଟିକିଏ ଜାଣିବା ।

ଜଗତରେ ଆରମ୍ଭରୁ ଗରିବ ପାଇଁ ଏକପ୍ରକାର ନ୍ୟାୟ, ଧନୀପାଇଁ ଆଉ ଏକପ୍ରକାର ନ୍ୟାୟ ସାଧାରଣ ଭାବରେ ରହିଥାଏ । ଗରିବ ଲୋକଟିଏ ଛୋଟ ଭୁଲ୍ କଲେ ସେ ଭୁଲ୍ କଲା ବୋଲି ସମସ୍ତେ କହିବେ, ସେହି ଭୁଲ୍ ଧନୀ କଲେ ତାହାକୁ କେହି ଭୁଲ୍ ନକହି ବରଂ ତାର ସମର୍ଥନ କରିବେ, ଏହା ଭିତରର ସତକଥା । ଗୋଟିଏ ଗାଆଁରେ ଜଣେ ଗରିବ ଜଣେ ସ୍ତ୍ରୀ ସହିତ ଆକ୍ରମ (ଗୁପ୍ତ) ସମ୍ପର୍କ ରଖିଲେ ତାକୁ ଦୋଷୀ ସାବ୍ୟସ୍ତ କରି ମାଡଗାଳି କରିଥିବା ପ୍ରଜାମାନେ, ସେହି ଗାଆଁରେ ସେହି ଭୁଲ୍ ଧନୀ କରିବା ବେଳେ ‘ସେ ପୁରୁଷ, ଯାହାକଲେ

ବି ଭୁଲ୍ ନାହିଁ' ବୋଲି କହିଥାନ୍ତି । ଏହିଭଳି ସମାଜରେ ଅନେକ ସ୍ଥାନରେ ଅନେକ ପ୍ରକାରରର ଭୁଲ୍ ପାଇଁ ଧନୀର ଏକପ୍ରକାର ନ୍ୟାୟ କହୁଥାଇ, ଗରିବ ପାଇଁ ଅନ୍ୟ ଏକପ୍ରକାର ନ୍ୟାୟ କୁହାଯାଉଛି । ଜଣେ ଲୋକ ପଶାଖେଳରେ ତାର ଧନ ବାଜି ଲଗାଇ ହାରିଗଲେ ତାକୁ ଛି ! ଛି ! କରନ୍ତି । ସେହି ଲୋକମାନେ ମହାଭାରତର ଯୁଦ୍ଧିଷ୍ଟିର ଧନ, ରାଜ୍ୟ, ଶେଷରେ ସ୍ତ୍ରୀକୁ ବାଜିରଖି ପଶାଖେଳିବା ଘଟଣା ବାବଦରେ କହିବାବେଳେ, ସେ ଦୃଶ୍ୟକୁ ବର୍ଣ୍ଣାଣି ସେ ଧର୍ମରାଜ, କିଛି ବି କରିପାରନ୍ତି, ତାଙ୍କର ଦୋଷ ନାହିଁ, ବୋଲି କହିଥାନ୍ତି ।

ଧନ, ଭାଇ, ଶେଷରେ ସ୍ତ୍ରୀକୁ ମଧ୍ୟ ହାରିଯାଇଥିବା ଧର୍ମରାଜ ପୁଣି ଥରେ ହରାଇଥିବା ସବୁକିଛିକୁ ପାଇବା ପାଇଁ ଯୁଦ୍ଧ କରିଥିଲେ । ସେହି ଯୁଦ୍ଧ ସେଦିନ ଆଜି ପଞ୍ଜାବରେ ଥିବା କୁରୁକ୍ଷେତ୍ର ନାମକ ଜାଗାରେ ହୋଇଥିଲା । ସେ କ୍ଷେତ୍ରରେ ସେଦିନ ହେଉ କି ଆଜିହେଉ ସେ ଯୁଦ୍ଧରେ କୌଣସି ଧର୍ମ ନଥିଲା କି ଆଜି ନାହିଁ ବୋଲି କହିପାରିବା । କାରଣ ! ଆଜି ସେହି ସ୍ଥାନ ବଡ ସହର ଭାବରେ ଅଛି, ପ୍ରତ୍ୟେକ ସ୍ଥଳରେ ଘଟୁଥିବା ଭଳି ସେଠାରେ ମଧ୍ୟ ଠକାମି, କୁତନ୍ତ୍ର, ହତ୍ୟା, ଗଣ୍ଡଗୋଳ ନିତି ଘଟୁଛି । ଆଜି ଶିଖ୍‌ମାନେ ସ୍ୱତନ୍ତ୍ର ରାଷ୍ଟ୍ର ଦାବିକରି, ଶେଷରେ ଅସନ୍ତୋଷର କାରଣରୁ ଗଣ୍ଡଗୋଳର ତୀବ୍ରତା ବଢି ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ସେଦିନ ମଧ୍ୟ ଏଇ ଭୂମି ପାଇଁ ଯୁଦ୍ଧ ହୋଇଥିଲା । ତେଣୁ ଭାରତ ଇତିହାସରେ ସେଦିନରୁ ଆଜି ପର୍ଯ୍ୟନ୍ତ କୁନାମ କମାଇଥିବା ରକ୍ତଶିକ୍ତ ସେହି ଭୂମିକୁ ଆମେ ଧର୍ମକ୍ଷେତ୍ର କହିବା ଠିକ୍ ନୁହେଁ ବୋଲି ମୁକ୍ତକଣ୍ଠରେ କହିପାରିବା ।

କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ବୋଲି ଶ୍ରୀକୃଷ୍ଣ କହିନଥିଲେ । ଏହା ସତ ଯେ, ପରେ କେତେକ କହିଥିଲେ । ତାର ଏପରି ନାମକରଣ ଠିକ୍ କି ଭୁଲ୍ ପ୍ରଶ୍ନକରି ବିଚାର କରିବା ଦରକାର । ପ୍ରଥମେ ଧର୍ମ କଣ ଜାଣିବା ଉଚିତ୍ । ଧର୍ମ କଣ ଜାଣିଗଲେ ତାହା ଧର୍ମକ୍ଷେତ୍ର କି ନୁହେଁ ଜାଣି ପାରିବା । ତା'ଛଡା ଧର୍ମମୟ ଭଗବଦ୍ଗୀତାକୁ ଜାଣିବା ଆଗରୁ ଧର୍ମ ବାବଦରେ କିଛି ନିହାତି ଜାଣିବା ଦରକାର । ଧର୍ମ ବାବଦରେ ଜାଣିଥିଲେ ଏହା ଭଗବାନ କହିଥିବା ଧର୍ମବାକ୍ୟ, ତାହା ମଣିଷ କହିଥିବା ଅଧର୍ମ ବାକ୍ୟ ବୋଲି ଗୀତାରୁ ଚିହ୍ନିବାକୁ ସହଜ ହେବ ।

ଏକ ଜଜ୍‌ମାନଙ୍କ ମିଟିଙ୍ଗ୍‌ରେ ମନ୍ତ୍ରୀ ମହାଶୟ ଭାଷଣ ଦେବାବେଳେ ନ୍ୟାୟ ନିର୍ଦ୍ଧାରଣ କରି ରାୟ ଦେଉଥିବା ନ୍ୟାୟାଧୀଶ ମାନଙ୍କୁ ଧାର୍ମିକ ବର୍ଣ୍ଣନାକରି, "ଆପଣମାନେ ଜଣେ ଜଣେ ଧର୍ମପ୍ରତିମା, ଧର୍ମାନୁସାରେ ରାୟ ଦେଇ ଧର୍ମକୁ ଆପଣମାନେ ହିଁ ରକ୍ଷାକରିବା ଉଚିତ୍ । ଏହି ଶକ୍ତି ଆପଣମାନଙ୍କ ହାତରେ ଅଛି, କୌଣସି ପ୍ରଲୋଭରେ ନତମସ୍ତକ ନହୋଇ ଧର୍ମର ରକ୍ଷା କରନ୍ତୁ" ବୋଲି କହିଲେ । ଏଠାରେ ମନ୍ତ୍ରୀ ମହାଶୟ ନ୍ୟାୟ ଆଉ ଧର୍ମକୁ ମିଶାଇ ନ୍ୟାୟଧୀଶ ମାନଙ୍କୁ ଧର୍ମପ୍ରତିମା କହିଥିଲେ । ସେହିଭଳି ପ୍ରଜାମାନେ ମଧ୍ୟ ନ୍ୟାୟ ଆଉ ଧର୍ମକୁ ଗୋଟିଏ ଭାବି ନ୍ୟାୟ ଶବ୍ଦ କହିବା ସନ୍ଦର୍ଭରେ ଧର୍ମ ନାମକ ଶବ୍ଦକୁ ବ୍ୟବହାର କରୁଛନ୍ତି । ଏହା ସାଧାରଣ ପ୍ରଜାମାନଙ୍କର ଭୁଲ୍ ହୋଇଥିବା ବେଳେ, ସ୍ୱାମୀଜୀମାନେ ମଧ୍ୟ ଜ୍ଞାନ ଆଉ ନୀତିକୁ ଗୋଟିଏ ଭାବି, ଜ୍ଞାନ କହିବା ସନ୍ଦର୍ଭରେ ନୀତିବାଣୀ କହୁଛନ୍ତି । ଏହିଭଳି ନ୍ୟାୟ,ଧର୍ମର ପାର୍ଥକ୍ୟ ପ୍ରଜାମାନେ ବୁଝିନଥିବା ସ୍ଥଳେ, ଜ୍ଞାନ ଆଉ ନୀତିର ପାର୍ଥକ୍ୟ ସ୍ୱାମୀଜୀ ମାନଙ୍କୁ ମଧ୍ୟ ବୁଝାପଡି ନାହିଁ ।

ନୀତି, ନ୍ୟାୟ ଗୋଟିଏ ଜାତିର ହୋଇଥିବା ବେଳେ ଜ୍ଞାନ, ଧର୍ମ ଆଉଗୋଟିଏ ଜାତିର । ନୀତି, ନ୍ୟାୟ ପ୍ରକୃତି ସମ୍ବନ୍ଧୀୟ ହୋଇଥିବା ବେଳେ, ଜ୍ଞାନ, ଧର୍ମ ପରମାତ୍ମା ସମ୍ବନ୍ଧୀୟ । **ନୀତି ନ୍ୟାୟମୟ ହୋଇଥିବା ବେଳେ, ଜ୍ଞାନ ଧର୍ମମୟ ହୋଇଥାଏ** । ନୀତିର ଆଚରଣ କଲେ ତାହା ନ୍ୟାୟ ହୋଇଥାଏ, ସେହିଭଳି ଜ୍ଞାନର ଆଚରଣ ଧର୍ମ ହୋଇଥାଏ, ଅଜ୍ଞାନ ଆଚରଣ ଅଧର୍ମ ହୋଇଥାଏ । ନୀତି, ନ୍ୟାୟ ଆଚରଣ ପୁଣ୍ୟ, ଅନୀତି ଆଚରଣ ପାପ ହୋଇଥାଏ । ସେହିଭଳି **ଜ୍ଞାନ, ଧର୍ମ ଅନୁସାରେ ପାପ, ପୁଣ୍ୟ କୁହାଯାଉଥିବା କର୍ମ ବିନାଶ ହୋଇଥାଏ** ।

ନୀତି ସମାଜରେ ମାନବର ବ୍ୟବହାରକୁ ସୂଚିତ କରି ସଦାଚାର ଶିଖାଇଥାଏ । ମାନବର ବ୍ୟବହାର ଉପରେ ନ୍ୟାୟ, ଅନ୍ୟାୟ ଆଧାରିତ ହୋଇଥାଏ । ବ୍ୟବହାର ଉଚିତ ହୋଇଥିଲେ ନ୍ୟାୟ, ଅନୁଚିତ୍ ହୋଇଥିଲେ ଅନ୍ୟାୟ ବୋଲି ନିର୍ଣ୍ଣୟ କରିପାରିବା । ସେହିଭଳି ଜ୍ଞାନ ଆଧ୍ୟାତ୍ମିକ ଭାବରେ ମାନବର ଆଚରଣକୁ ସୂଚିତକରି ସତ୍‌ପୁରୁଷ (ଯୋଗୀ) କରାଇଥାଏ । ଜ୍ଞାନର

ଆଚରଣ ଉପରେ ଧର୍ମ ଅଧର୍ମ ଆଧାର ହୋଇ ରହିଥାଏ । ନ୍ୟାୟ ମାନବର ବାହ୍ୟ ଆଚରଣ ହୋଇଥିବା ସ୍ଥଳେ, ଧର୍ମ ଅନ୍ତର୍ଭାବ ଉପରେ ଆଧାରିତ । ଅନ୍ତର୍ଭାବରେ ଆଚରିତ ହେଉଥିବା ଧର୍ମ ବାହ୍ୟତଃ ଅନୀତି ଅନ୍ୟାୟ ଭଳି ଦେଖାଯାଇ ପାରେ । ତେଣୁ ଏହା ଧର୍ମ ବୋଲି କହିଥିବା ଶ୍ରୀକୃଷ୍ଣ ମଧ୍ୟ ବାହ୍ୟ ଜଗତରେ କେତେକଙ୍କୁ ଅସତ୍ୟବାଦୀ, ବ୍ୟଭିଚାରୀ, ଚୋର, ଜାର, ଲମ୍ପଟିଆ, କପଟିଆ ଦେଖାଯାଇଥିଲେ ।

ବାସ୍ତବରେ ନୀତି ନ୍ୟାୟ ଆଉ ଜ୍ଞାନ ଧର୍ମକୁ ନଜାଣିଲେ କିଏ କେଉଁ ପ୍ରକାରର ଲୋକ ଆମେ ଚିହ୍ନି ପାରିବା ନାହିଁ । ନୀତି ନ୍ୟାୟ କଣ ନଜାଣିଲେ ମଧ୍ୟ ମଣିଷର ଭୌତିକ ସ୍ଥିତିକୁ ଦେଖି ଚିହ୍ନି ହୋଇଥାଏ, କିନ୍ତୁ ଯୋଗ ମାର୍ଗରେ କିଏ କଣ ଚିହ୍ନିବା କାଠିକର ପାଠ । ମାନବ ନୀତି, ନ୍ୟାୟକୁ ଚିହ୍ନିପାରେ ସିନା ଜ୍ଞାନ, ଧର୍ମକୁ ଚିହ୍ନିବା ଭାରି କଷ୍ଟ ହୋଇଥାଏ । ସେଥିଲାଗି ଆଜିର ସ୍ୱାମୀଜୀମାନେ ଜ୍ଞାନ, ଧର୍ମକୁ ଚିହ୍ନିପାରି ନାହାନ୍ତି । ଜ୍ଞାନ ଭାବି ନୀତିକୁ ଜାବୁଡି ଧରିଛନ୍ତି । ପାପପୁଣ୍ୟକୁ ବିନାଶ କରିପାରୁଥିବା ଜ୍ଞାନକୁ ଜଣାଇ ପାରୁନାହାନ୍ତି । ସେଥିଲାଗି ଅନେକ ଲୋକ ନୀତିକୁ ଜ୍ଞାନ, ନ୍ୟାୟକୁ ଧର୍ମ ଭାବୁଛନ୍ତି । କୋର୍ଟରେ ଥିବା ନ୍ୟାୟଧୀଶ ମାନଙ୍କୁ ଧର୍ମପ୍ରତିମା, ସେମାନଙ୍କ ଆସନକୁ ଧର୍ମାସନ ବୋଲି କହିବା ମଧ୍ୟ ଶୁଣିବାକୁ ମିଳିଥାଏ ।

ଅନେକ ପୁଣ୍ୟ କରୁଥିବା ମାନବ ତାହାକୁ ଧାର୍ମିକ କାର୍ଯ୍ୟ କରୁଛି ବୋଲି ଯଦି କହୁଥାଏ ତେବେ ଧର୍ମ ସ୍ୱତନ୍ତ୍ର ବୋଲି ତାକୁ ଜଣା ନାହିଁ ବୋଲି କହି ପାରିବା । ଧର୍ମ ଅଲଗା ପୁଣ୍ୟ ଅଲଗା । ତାଛଡା ଏକ ନୀତିଯୁକ୍ତ କାର୍ଯ୍ୟ ହୋଇଥିବା ଦାନଦେବାକୁ ଅନେକ ସନ୍ଦର୍ଭରେ ଅମୁକ ଲୋକଟି ଧର୍ମ କାର୍ଯ୍ୟଟିଏ କରୁଛି କୁହାଯାଉଥିବା ଆମେ ଲକ୍ଷ୍ୟ କରିପାରିବା । ଗୋଟିଏ ମନ୍ଦିରରେ ଏକ ଫ୍ୟାନ୍ ଲଗାଇଦେଇ ଜଣେ ଦାନ କଲା ବୋଲି ଭାବିଲେ, ସେଠାରେ ଫ୍ୟାନ୍ ଉପରେ ହେଉ କି ଦାନଖାତାରେ ହେଉ ତାହା ଅମୁକ ବ୍ୟକ୍ତିର ଧର୍ମ ବୋଲି ଦାନ ଦେଇଥିବା ଲୋକର ନାମ ଲେଖିଥାନ୍ତି ସିନା, ସେ ଦାନ କରିଥିବା ବେଳେ ତାହାକୁ ଧର୍ମକରିଛି ଲେଖିବାରେ କିଛି ଅର୍ଥ ନଥାଏ । ଏହିଭଳି ଅଜାଣତରେ ଅଜ୍ଞାନତା ସମସ୍ତଙ୍କଠାରେ ବ୍ୟାପିଯାଇଛି, ଶେଷରେ ଭିକାରିଟିଏ ମଧ୍ୟ

ଭିକ୍ଷାମାଗିବା ବେଳେ 'ବାବୁ 'ଧର୍ମକରନ୍ତୁ' କହିବା ଦେଖୁଛେ । ଏହି ପରିସ୍ଥିତି ଅନୁସାରେ ଦେଖିଲେ ଧନବାନଠାରୁ ଆରମ୍ଭ କରି ଭିକାରି ପର୍ଯ୍ୟନ୍ତ କେହି ମଧ୍ଧ ଧର୍ମ କଣ ଜାଣି ନାହାନ୍ତି ବୋଲି ଜଣାଯାଉଛି । ବଡ ବଡ ସ୍ୱାମୀଜୀମାନଙ୍କ ସମେତ ସମସ୍ତେ ଧର୍ମ କଣ ଜାଣିନଥିବା ସନ୍ଦର୍ଭକୁ ଦେଖିଲେ, ଆଜି ଭୂପୃଷ୍ଠରେ ଧର୍ମ କେଉଁ ସ୍ଥିତିରେ ଅଛି ତାହା ସ୍ପଷ୍ଟ ଜଣାପଡିଯାଉଛି ।

ଏହିଭଳି ଧର୍ମ ଆଉ ଅଧର୍ମର ବାସ୍ତବ ବ୍ୟାଖ୍ୟା ଅନୁସାରେ ଦେଖିଲେ କୁରୁକ୍ଷେତ୍ର ଧର୍ମକ୍ଷେତ୍ର ନୁହେଁ ବୋଲି ଦେଖାଯାଏ । ଅନୀତି ଅନ୍ୟାୟର ଜାଲରେ ପଡି ମାନବ ମାନବ ମଧ୍ୟରେ ଘଟିଥିବା ଲଢେଇ ସ୍ଥଳକୁ ଧର୍ମକ୍ଷେତ୍ର କହିବା ଠିକ୍ ନୁହେଁ । ସେଦିନ କୌରବ ପାଣ୍ଡବମାନେ ନୀତି ଲଂଘନ କରି, ଯୁଦ୍ଧନିୟମ ଭଙ୍ଗକରି, ହିଂସାରେ ଜଣେ ଜଣକୁ ମାରି ଭୂମିକୁ ରକ୍ତଶିକ୍ତ କରି ଇତିହାସରେ ଲିପିବଦ୍ଧ କରିଦେଇଥିବା ସ୍ଥଳକୁ କିପରି ଧର୍ମକ୍ଷେତ୍ର କହିବା ? ତାକୁ କେବେ ମଧ୍ୟ ଧର୍ମକ୍ଷେତ୍ର ବୋଲି କହିପାରିବା ନାହିଁ । ଯଦି ତାହା ଧର୍ମକ୍ଷେତ୍ର ହେଲା ତେବେ ସବୁଦିନ ହିଂସାକାଣ୍ଡ ଘଟୁଥିବା ଆନ୍ଧ୍ରପ୍ରଦେଶର ରୟାଲସୀମା ଜିଲ୍ଲାକୁ କାହିଁକି ଧର୍ମକ୍ଷେତ୍ର କହିବା ନାହିଁ ?

ଧର୍ମ ଆଚରଣ ଯୋଗ୍ୟ, ତାହା କେବଳ ଚଳପ୍ରଚଳ ହେଉଥିବା ମାନବ ଦ୍ୱାରା ଆଚରିତ ହୋଇଥାଏ । ତେଣୁ ଧର୍ମପରାୟଣ (ଧାର୍ମିକ) ଆଉ ଅଧର୍ମୀ ବୋଲି କେବଳ ମାନବକୁ କହିପାରିବା । ହେଲେ ଚୈତନ୍ୟହୀନ ଭୂମିକୁ ଧର୍ମକ୍ଷେତ୍ର ନାମଦେବାରେ କୌଣସି ଅର୍ଥ ନାହିଁ । ବିଜ୍ଞାନ ଅନୁସାରେ ପ୍ରତ୍ୟେକ ବସ୍ତୁର ଏକ ଏକ ଧର୍ମ ଥାଏ । ସେହିଭଳି ବ୍ରହ୍ମବିଦ୍ୟା ଜଣାଉଥିବା ଯୋଗଶାସ୍ତ୍ର ଅନୁସାରେ ପରମାତ୍ମାଙ୍କର ମଧ୍ୟ ଧର୍ମ ରହିଛି । ଦୈବଧର୍ମକୁ ଆଚରଣ କଲେ, ମାନବ ମଧ୍ୟ ଦୈବତ୍ୱ ପ୍ରାପ୍ତି ହୋଇଥାଏ । ମାନବ ହେଉଛି ପରମାତ୍ମାଙ୍କ ଠାରୁ ଆସିଥିବା ଜୀବାତ୍ମା ବା ଜୀବ । ଜୀବାତ୍ମା ନିଜର ପୂର୍ବଧର୍ମ ପରମାତ୍ମା ଧର୍ମ ଅର୍ଥାତ୍ ସ୍ୱଧର୍ମ ଆଚରଣ କରି ପରମାତ୍ମା ସ୍ଥାନରେ ପହଞ୍ଚି ପାରିବ । ପାଣି ପବନ ଅଲଗା ଅଲଗା ହେଲେ ମଧ୍ୟ ପବନରୁ ପାଣିର ଜନ୍ମ ହୋଇଥିବାରୁ ପାଣି ପୁଣିଥରେ ପବନରେ ପରିଣତ ହୋଇପାରେ । **ପାଣିକୁ ପବନରେ ପରିଣତ କରିବାକୁ ହେଲେ ପ୍ରୟୋଗ ଆବଶ୍ୟକ । ସେହିଭଳି ଜୀବାତ୍ମା**

**ପରମାତ୍ମାରେ ଐକ୍ୟ ହେବାପାଇଁ ଯୋଗ ଆବଶ୍ୟକ । ଯେଉଁ ପ୍ରୟୋଗ ଦ୍ୱାରା ପାଣି ପବନ ହୁଏ ସେହି ବିଧି ଶାସ୍ତ୍ରଜ୍ଞମାନେ ଜଣାଇବା ଭଳି, ଯେଉଁ ଯୋଗ ଦ୍ୱାରା ଜୀବାତ୍ମା ପରମାତ୍ମାରେ ଐକ୍ୟହୁଏ ତାହା ଭଗବାନ ଶ୍ରୀକୃଷ୍ଣ ଜଣାଇଥିଲେ** । ପ୍ରୟୋଗରେ କେଉଁ ପଦ୍ଧତିକୁ ଅନୁସରଣ କରିବାକୁ ହେବ ତାହା ଶାସ୍ତ୍ରଜ୍ଞମାନେ ଜଣାଇଦେବା ଭଳି, ଯୋଗରେ ଯେଉଁ ପଦ୍ଧତି ଅନୁସରଣ କରାଯିବ ତାହା ଭଗବାନ ଜଣାଇ ଦେଇଥିଲେ, ସେହି ପଦ୍ଧତି ସବୁ ଗୀତାରେ ରହିଛି । ପାଣି ପବନରେ ବଦଳିବା ଶାସ୍ତ୍ରବଦ୍ଧ ବିଷୟ । ସେହିଭଳି ଜୀବାତ୍ମା ପରମାତ୍ମା ଭାବେ ବଦଳିବା ମଧ୍ୟ ଶାସ୍ତ୍ରବଦ୍ଧ ବିଷୟ ହୋଇଥାଏ । (ଜୀବାତ୍ମାର ସ୍ୱସ୍ଥାନ ପରମାତ୍ମାରେ ଐକ୍ୟ ହେବାକୁ ମୋକ୍ଷ,ପରମପଦ, ପରମଗତି ବା ମୁକ୍ତି ବୋଲି ଆଧ୍ୟାତ୍ମିକ ଭାଷାରେ କୁହାଯାଏ ।)

କୌରବ ପାଣ୍ଡବ ମଧ୍ୟରେ ଘଟିଥିବା ଯୁଦ୍ଧରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥର ସାରଥୀ ହୋଇଥିଲେ । ଯୁଦ୍ଧ ପ୍ରାରମ୍ଭରେ ଅର୍ଜୁନ ମୋହଗୁଣ ଦ୍ୱାରା ସେଠାରେ ଥିବା ସମସ୍ତେ ନିଜଲୋକ, ସେମାନଙ୍କୁ ମାରିଲେ ପାପ ମଧ୍ୟ ହେବ ବୋଲି ଚିନ୍ତାକରି ଶେଷରେ ନିଶ୍ଚେଷ୍ଟ ହେବା ବେଳେ ଶ୍ରୀକୃଷ୍ଣ 'ତୁ ଯୁଦ୍ଧ ନକଲେ ଅଣପୁରୁଷା କହିବେ, ତେଣୁ ଯୁଦ୍ଧକରି ବୀର ଭାବେ ପରିଚିତ ହୁଅ' ବୋଲି ପ୍ରକୃତି ସମ୍ବନ୍ଧୀୟ ବଚନ କହିବା ବେଳେ ଅର୍ଜୁନ, 'ମୋର ଯୁଦ୍ଧ କରିବାକୁ ଉତ୍ସାହ ନାହିଁ, ମୋତେ କିଛି ଭଲ ଲାଗୁନାହିଁ, ମୁଁ ଏବେ କିଛି ବିଚାର କରିବା ସ୍ଥିତିରେ ନାହିଁ, ମୋତେ ଶିଷ୍ୟ ଭାବି, ମୋର ଶାସକ ହୋଇ ଯାହା ଆଦେଶ ଦେବୁ ତାହା ମୁଁ କରିବି' କହିବାରୁ ଶ୍ରୀକୃଷ୍ଣ ଗୀତା କହିବା ଆରମ୍ଭ କରିଥିଲେ । କୌଣସି ବସ୍ତୁ ହେଉ ଦରକାର ବେଳେ ମିଳିଗଲେ ତାର ମୂଲ୍ୟ ଥାଏ । ଦରକାର ନଥିବା ବେଳେ ସେ ବସ୍ତୁକୁ ଆମେ ସେତେ ଆଦର କରିନଥାଉ । ସେହିଭଳି ଅର୍ଜୁନଙ୍କର ଦରକାର ହେଉଥିବା ବେଳେ, ଗୀତା କୁହାଯାଇଛି ଏବଂ ଗୀତାର ମୂଲ୍ୟ ରହିଛି । ଦରକାର ନଥିବାବେଳେ ଯଦି କହିବି ଗୁଡାକେଶ (ନିଦ୍ରା ଜୟୀ) ନାମ କମାଇଥିବା ଅର୍ଜୁନ ହୁଏତ ଏହା ଶୁଣି ଶୋଇପଡିବେ ଭାବିଥିବା ଭଗବାନ ଶ୍ରୀକୃଷ୍ଣ ନିଜ ଜ୍ଞାନକୁ (ଦୈବଜ୍ଞାନକୁ) ଅର୍ଜୁନ ନପଚାରିବା ପର୍ଯ୍ୟନ୍ତ କହିନଥିଲେ । ସେହିଭଳି ଆଜିର ମାନବ ମଧ୍ୟ ତାର ଜ୍ଞାନ ଦରକାର ବୋଲି ନ

ଜାଣିବା ପର୍ଯ୍ୟନ୍ତ ଗୀତାଜ୍ଞାନ କହିଲେ ମଧ୍ୟ ବୁଝିପାରିବ ନାହିଁ । ଦିନେ ଅର୍ଜୁନଙ୍କ ଜୀବନରେ ଆସିଥିବା ଅନୁଭୂତି ଭଳି ଆମର ପାପଭୀତି ଆସିବା ବେଳେ ଅର୍ଜୁନଙ୍କର ଆବଶ୍ୟକ ହୋଇଥିବା ଗୀତା ଆମର ମଧ୍ୟ କାର୍ଯ୍ୟରେ ଆସିବ । ଆଜିର ମାନବକୁ କେଉଁଠାରେ ପାପଭୀତି ଦେଖାଯାଉ ନାହିଁ, ସେଥିଲାଗି ଶ୍ରୀକୃଷ୍ଣଙ୍କ ଜ୍ଞାନ ତାକୁ ବୁଝାପଡୁ ନାହିଁ । ଆଜି ମାନବର କଷ୍ଟଭୀତି ବ୍ୟତୀତ ପାପଭୀତି ନାହିଁ । ଦୁଃଖକଷ୍ଟ ଦୂରୀକରଣ ଆଲୋଚନା ବ୍ୟତୀତ ଦୁଃଖକଷ୍ଟର କାରଣ ପାପ କିପରି ଦୂରହେବ ମଣିଷର ସେ ଆଲୋଚନା ନାହିଁ । କଷ୍ଟର କାରଣ ପାପ ବାବଦରେ ବିଚାର ନକରି ମଣିଷ କେବଳ ନିବାରଣ ମାର୍ଗ ଖୋଜିଚାଲିଛି, ସେହିଭଳି ସମୟରେ ବାଟ ଦେଖାଇ ଏଇ ହିଁ ତୋର ଦୁଃଖକଷ୍ଟର କାରଣ ବୋଲି ଯିଏ ଜଣାଇଥାଏ ସେ **'ଗୁରୁ'** । ଚଳିତ କାଳରେ ଗୁରୁମାନେ ଏହା ହିଁ ତୁମ ଦୁଃଖକଷ୍ଟର କାରଣ ହୋଇଥିବା ପାପ, ଜ୍ଞାନାଗ୍ନି ଦ୍ୱାରା ତାକୁ ଭଷ୍ମ କରିହୁଏ ବୋଲି ନ କହି, ଦୁଃଖ କଷ୍ଟର ନିବାରଣ ପାଇଁ ଏ କାର୍ଯ୍ୟ କର ସେ କାର୍ଯ୍ୟ କର, ଏ ପୂଜାକର, ଦାନ ଦିଅ, ଯଜ୍ଞକର ଇତ୍ୟାଦି କହୁଛନ୍ତି । ତଦ୍ଦ୍ୱାରା ତାତ୍କାଳିକ ଦୁଃଖକଷ୍ଟ ନିବାରଣ ପାଇଁ ମାନବ ନାନା ପୂଜା, ଦାନ, ଯଜ୍ଞାଦି କରୁଛି, ସେଥିଲାଗି ଆଜି ଗୀତାର ଆବଶ୍ୟକତା କଣ ଜାଣିପାରୁ ନାହିଁ । ଯଦି କେହି କେଉଁଠି ଗୀତା ପଢନ୍ତି ତେବେ କୌଣସି ଲାଭ ଉଦ୍ଦେଶ୍ୟରେ ପଢନ୍ତି ସିନା, ଗୀତାରୁ ଜ୍ଞାନଜାଣି ଦୁଃଖକଷ୍ଟର କାରଣ ପାପାଦି କର୍ମକୁ ନିଖୋଜ କରି ମୋକ୍ଷ ପାଇବା ଉଦ୍ଦେଶ୍ୟରେ ପଢୁ ନାହାନ୍ତି । ଆଜି କେତେକ ଗ୍ରାମାଞ୍ଚଳରେ ଗୀତାପାଠ ହେଉଥିଲେ ମଧ୍ୟ ସେଠାକୁ ଗୀତା ଶୁଣିବା ପାଇଁ ଲୋକମାନେ ଯାଉଥିଲେ ମଧ୍ୟ, ଗୀତା ସାରାଂଶ ଗ୍ରହଣ କରିବାକୁ ଯାଉନାହାନ୍ତି ।

ଆଜିର କାଳରେ ମଧ୍ୟ ଗୀତା କହିଲେ କଣ ? ଗୀତା ସାରାଂଶ କଣ ? ବୋଲି ବିଚାର କରିବା ଲୋକେ କେଉଁଠି କେମିତି ଅଛନ୍ତି, ସେମାନଙ୍କୁ ଆଜିପର୍ଯ୍ୟନ୍ତ ରହିଆସିଥିବା ଗୀତାରେ ନାନା ତ୍ରୁଟି ଦେଖାଯାଉଛି, ତାର ପ୍ରକୃତ ସ୍ୱରୂପ କଣ ଜାଣିବାକୁ ମଧ୍ୟ ସେମାନେ ଇଚ୍ଛୁକ ଅଛନ୍ତି, ସେମାନଙ୍କପାଇଁ ଏହି ଗୀତାକୁ ପ୍ରବେଶ କରାଇ, ଅନେକ ରହସ୍ୟର ଉନ୍ମୋଚନ କରି **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା"** ଲେଖୁଛୁ, ଏହା ନିଶ୍ଚୟ ଜନକଲ୍ୟାଣ କରିବ ବୋଲି ଭାବୁଛୁ ।

ମାନବ ଶରୀରରେ ରହି, ନାମିତ ହୋଇଥିବା ଗୁଣଗୁଡିକ ହେଉଛନ୍ତି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ । କାମ କହିଲେ ଆଶା, କ୍ରୋଧ କହିଲେ ରାଗିଯିବା, ଲୋଭ କହିଲେ କୃପଣତା, ମୋହ କହିଲେ ମୋର ବା ଆମର ଭାବ, ମଦ କହିଲେ ଗର୍ବ, ମାତ୍ସର୍ଯ୍ୟ କହିଲେ ଘୃଣ୍ୟଭାବ । ଏହିସବୁ ଗୁଣଗୁଡିକ ଦ୍ୱାରା ମାନବ ନାନା କାର୍ଯ୍ୟ କରିଥାଏ । ଖାଲି ମାନବ କାହିଁକି ଭୂପୃଷ୍ଠର ପ୍ରତ୍ୟେକ ଜୀବ ଗୁଣଗୁଡିକ ଦ୍ୱାରା କାର୍ଯ୍ୟ କରିଥାନ୍ତି । ଏହି ପଦ୍ଧତି ଅନୁସାରେ ଅର୍ଜୁନ ଯୁଦ୍ଧ ନକରିବାକୁ ଭାବିବାର ମୁଖ୍ୟକାରଣ ହେଉଛି ତାଙ୍କଠାରେ ଥିବା ମୋହଗୁଣ । ପ୍ରଥମେ ଆଶା ଏବଂ କ୍ରୋଧଗୁଣ ଯୁଦ୍ଧପାଇଁ ପ୍ରେରଣା ଦେଇଥିବା ବେଳେ, ତାପରେ ମୋହଗୁଣ ଏମାନେସବୁ ମୋ'ଲୋକ ଏମାନଙ୍କୁ କିପରି ମାରିବି ବୋଲି ଭାବ ଜାଗ୍ରତ କରାଇଛି । ଏହିଭଳି ଗୁଣଗୁଡିକ ଦ୍ୱାରା ମଣିଷର ନାନା ଅଶାନ୍ତି ଉପୁଜୁଛି । ଅର୍ଜୁନଙ୍କଠାରେ ଦେଖାଦେଇଥିବା ମୋହଗୁଣକୁ ତାଙ୍କର ବୁଦ୍ଧି ବିଚାରକରି ଏମାନଙ୍କୁ ମାରିଦେବା ଦ୍ୱାରା ପାପକର୍ମ ନିଶ୍ଚୟ ଉପୁଜିବ ବୋଲି ଦୃଢ ହେବାବେଳେ, ତାହାକୁ କେନ୍ଦ୍ରକରି ଭଗବାନ ଶ୍ରୀକୃଷ୍ଣ ଗୀତା କହିଥିଲେ । ଅର୍ଜୁନଙ୍କଠାରେ ମୋହଗୁଣ ଆସିବା ଭଳି ଗୁଣଗୁଡିକ ମଧ୍ୟରେ ମାନବର ଅଶାନ୍ତି ଉପୁଜି ପାପଭୟ ଆସିବା ବେଳେ, ଶ୍ରୀକୃଷ୍ଣଙ୍କ ଭଳି ତୁରନ୍ତ ଜ୍ଞାନକହୁଥିବା ଗୁରୁ ନଥିବା କାରଣରୁ ମାନବ କୌଣସି ଜ୍ଞାନବିବରଣ ନଜାଣି ଅଶାନ୍ତିରେ ବୁଡିଯାଉଛି । ଅର୍ଜୁନଙ୍କ ଭଳି ପ୍ରତି ମାନବ ଗୁଣଗୁଡିକ ଦ୍ୱାରା କବଳିତ, ତାକୁ ଗୋଟିଏ ଗୁଣ ଗୋଟିଏ ଦିଗକୁ ଟାଣିବା ବେଳେ ଆଉଗୋଟିଏ ଗୁଣ ଆଉଏକ ଦିଗକୁ ଟାଣୁଛି । ଗୁଣଗୁଡିକ ମଧ୍ୟରେ ଛନ୍ଦିହୋଇ ଛଟପଟ ହେଉଥିବା ମାନବର ଅଶାନ୍ତି ଅଜସ୍ର । ତେଣୁ ଶ୍ରୀକୃଷ୍ଣ କହିଥିବା ଗୀତା ଖାଲି ଅର୍ଜୁନଙ୍କପାଇଁ ନୁହେଁ ଗୁଣଥିବା ପ୍ରତ୍ୟେକ ଜୀବରାଶିର ଆବଶ୍ୟକ । ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ ଗୀତା କହିଥିଲେ ବୋଲି ଭାବନ୍ତୁ ନାହିଁ । ଗୁଣ ପ୍ରଭାବରେ ପ୍ରଭାବିତ ହେଉଥିବା ସମସ୍ତେ ଗୀତା ମୋ ପାଇଁ କୁହାଯାଇଛି ଭାବି ପଢିବା ଦରକାର । ଏବେ ଏହି ଗୀତା ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ କହିଛନ୍ତି ବୋଲି ନଭାବି, ଏହା ମୋତେ କୁହାଯାଇଛି ଭାବି ଆପଣମାନେ ଶ୍ରଦ୍ଧାର ସହିତ ପଢିବା ଉଚିତ୍ ।

ଭଗବଦ୍ଗୀତା ଶ୍ରୀ ଭଗବାନ ଉବାଚରୁ ଆରମ୍ଭ ହୋଇଛି । ଶ୍ରୀକୃଷ୍ଣ କହିଥିବା କଥାକୁ କାହିଁକି ଭଗବାନ ଉବାଚ କହିବା ? ଶ୍ରୀକୃଷ୍ଣ ଉବାଚ ବୋଲି କାହିଁକି ନ କହିବା ବୋଲି ସନ୍ଦେହ କେତେକଙ୍କଠାରେ ଆସିପାରେ । ତାର ସମାଧାନ ହେଉଛି ! ଶ୍ରୀକୃଷ୍ଣ ସମସ୍ତଙ୍କ ଭଳି ମଣିଷ ନୁହନ୍ତି । ସେ ସମସ୍ତଙ୍କ ଭଳି ଜନ୍ମ ହୋଇ ନାହାନ୍ତି । ସାରା ଦୃଶ୍ୟଦୁନିଆ ଯେଉଁ ବଳର ଆଧାରରେ ତିଷ୍ଠି ରହିଛି, ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରମାନେ ଯେଉଁ ବଳର ଆଧାରରେ ରହିଛନ୍ତି, ଯେଉଁ ଆଧାରରେ ନିଜ କକ୍ଷକୁ ନଭୁଲି ଶୂନ୍ୟରେ ଘୂରି ବୁଲୁଛନ୍ତି, ଅଣୁ ଅଣୁରେ ଯେଉଁ ଶକ୍ତି ଦୈବହୋଇ ସର୍ବ ବିଶ୍ୱର ଅଧିକାରୀ ଭାବରେ ରହିଛି, ଭୂପୃଷ୍ଠର ସମସ୍ତ ମତର ଯେଉଁ ଶକ୍ତି ଆରାଧ୍ୟଦୈବ ଭାବରେ ରହିଛି ସେହି ଏକୈକ ଶକ୍ତି ହିଁ ଜଣେ ମାନବ ଭାବରେ ଆସିଥିବା ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ଭଗରୁ ଜନ୍ମିତ ତେଣୁ ସେ ଭଗବାନ । ଏତିକିବେଳେ ଆପଣ ପ୍ରଶ୍ନ କରିପାରନ୍ତି, ଆମେମାନେ ମଧ୍ୟ ମାତୃଭଗରୁ (ସ୍ତ୍ରୀ ଯୋନିରୁ) ଜନ୍ମ ହୋଇଛେ, ତା'ମାନେ କଣ ଆମେ ସମସ୍ତେ ଭଗବାନ ? ଏହାର ସମାଧାନରେ ଏଠାରେ କାହାକୁ ଜଣା ନଥିବା ସତ୍ୟଟିଏ ରହିଛି । ତାହା ହେଉଛି ! **ଆମେମାନେ ଭଗରୁ ଜନ୍ମହୋଇ ନାହେଁ !** ଏ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଥିବ, କିନ୍ତୁ ଏ କଥାରେ ଲୁଚି ରହିଥିବା ସତ୍ୟକୁ ଜାଣିବା ପରେ ଆଶ୍ଚର୍ଯ୍ୟ ହେବା ଆବଶ୍ୟକ ନାହିଁ । ଭଗ ଭିତରୁ କେବଳ ଆମର ଶରୀର ଜନ୍ମ ହୋଇଛି, କିନ୍ତୁ ଆମେ (ଜୀବାତ୍ମା) ଜନ୍ମହୋଇ ନାହେଁ । ଶିଶୁ ଶରୀର ମାତୃ ଭଗରୁ ବାହାରକୁ ଆସିବା ପରେ (ଜନ୍ମହେବା ପରେ) କିଛି ସମୟ ପରେ ଅର୍ଥାତ୍ ପାଞ୍ଚମିନିଟ୍ ପରେ, ଦଶମିନିଟ୍ ପରେ, ଅଧଘଣ୍ଟା ପରେ କିମ୍ବା ଘଣ୍ଟାଏ ପରେ କେଉଁଠି ଶରୀର ଛାଡିଥିବା ଆମେ ଶିଶୁ ଶରୀରରେ ପ୍ରବେଶ କରି କାନ୍ଦୁଛେ । ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରିଥିବା ଜୀବ ଗୁଣଗୁଡିକ ସହିତ, ପାପପୁଣ୍ୟ ସହିତ ମିଶି ଏକ ନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ଣ୍ଣୀତ ହୋଇ ବାହାରକୁ ଆସି, ରହିଥିବା ନୂଆ ଶରୀରରେ ପ୍ରବେଶ କରୁଛି । ସର୍ବବ୍ୟାପୀ ପରମାତ୍ମା ଆମ ସମସ୍ତଙ୍କ ଭଳି ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରି ଆଉ ଗୋଟିଏ ସ୍ଥାନକୁ ଯିବା ଆବଶ୍ୟକ ନାହିଁ । ସେ ଶରୀର ଧାରଣ କରି ଧର୍ମ ଜଣାଇବାକୁ ଇଚ୍ଛା କଲାବେଳେ ସ୍ତ୍ରୀ ଶରୀରରେ, ଗର୍ଭରେ, ଗର୍ଭସ୍ଥ ଶିଶୁଠାରେ, ସବୁଠାରେ, ଅଣୁ ଅଣୁରେ ବ୍ୟାପି ରହିଥିବାରୁ ଶିଶୁ

ଶରୀରରେ ରହି ସଜୀବ ଭାବରେ ଜନ୍ମହୋଇ ପାରନ୍ତି, ତେଣୁ ସେ ଭଗବାନ । ଯିଏ ସର୍ବବ୍ୟାପୀ, ଯିଏ ସ୍ୱୟଂ ସର୍ବସ୍ୱ ସେ ଆଉ କାହାର ପ୍ରମେୟ ନଥାଇ ଜନ୍ମହୋଇ ପାରନ୍ତି, ସେ ହିଁ ସ୍ୱୟଂଭୂ । ସେହି **"ସ୍ୱୟଂଭୂ"**, ସେହି ପରମାତ୍ମା ଜନ୍ମହେବା ସମୟ ଆସିବା ବେଳେ ଯେଉଁ ଶିଶୁଶରୀର ତିଆରି ହେବାପାଇଁ ପୁରୁଷର ବୀର୍ଯ୍ୟକଣା ଆବଶ୍ୟକ, ତାହା ସେଠାରେ ଆବଶ୍ୟକ ନଥାଏ । ତେଣୁ ଯିଏ ସର୍ବବ୍ୟାପୀ ସେ କନ୍ୟା (ଅବିବାହିତା ବା ଯୁବତୀ)ଠାରୁ ମଧ୍ୟ ଜନ୍ମହୋଇ ପାରନ୍ତି । ଯିଏ ଖୁଦ୍ (ନିଜେ) ଜନ୍ମହୋଇ ପାରନ୍ତି ସେ ହିଁ ଖୁଦା, ସେହି ଖୁଦା ବା ପରମାତ୍ମା ସଜୀବ ଭାବେ ଜନ୍ମ ହୋଇଥିବା ଶରୀର ଦିନେ ଶ୍ରୀକୃଷ୍ଣ ନାମରେ ନାମିତ ହୋଇଥିଲା । ତେଣୁ ସେହି ଶ୍ରୀକୃଷ୍ଣ ହିଁ କେବଳ ଭଗବାନ, ସେ ହିଁ ଭଗବଦ୍ଗୀତା କହିଥିଲେ ।

ଧର୍ମ ଅଜଣା ରହିଯାଇ ମାନବଠାରେ ଅଧର୍ମ ଅଧିକ ହେବାବେଳେ ମୁଁ ଉଦ୍ଭବ ହୋଇ, ଧର୍ମ ଜଣାଇଥାଏ ବୋଲି ଗୀତାରେ ଭଗବାନ କହିଛନ୍ତି । ସେହି ବଚନ ଅନୁସାରେ ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ଯଦି ଜନ୍ମ ହୋଇଥାଆନ୍ତି ତେବେ ସେହି ସମୟରେ ନିଶ୍ଚୟ ଧର୍ମର ଗ୍ଲାନିଘଟି ଅଧର୍ମ ମୁଣ୍ଡ ଟେକିଥିଲା । ଏଠାରେ ଆଉଏକ ସନ୍ଦେହ ମଧ୍ୟ ଆସିପାରେ । ଦ୍ୱାପର ଯୁଗର ଅନ୍ତ ସମୟରେ ବ୍ୟାସ, ଭୀଷ୍ମ ଇତ୍ୟାଦି ମହାନ ପାତ୍ରମାନେ ଥିବା ସମୟରେ ଧର୍ମର ଗ୍ଲାନି କିପରି ହେଲା ? ଏହାର ସମାଧାନ ହେଉଛି ! ସେଦିନ ତପସ୍ୟା, ଯଜ୍ଞ ଯାଗ, ବ୍ରତ କ୍ରତୁ ଇତ୍ୟାଦି ଅଧିକ ଆଚରିତ ହେଉଥିଲା । ବାସ୍ତବିକ ଧର୍ମ ଅଜଣା ରହିଯାଇଥିବା କାରଣରୁ ପ୍ରଜାମାନଙ୍କଠାରେ ଭକ୍ତି ଥିଲେ ମଧ୍ୟ ତାହା ବାହ୍ୟ ଦେବତା ଆରାଧନା ଉପରେ ଥିଲା ସିନା, ଅନ୍ତର୍ମୁଖ ଆଧ୍ୟାତ୍ମିକ ଉପରେ ନଥିଲା । ଅନେକ ଋଷିମାନେ ଥିଲେ ମଧ୍ୟ ସେମାନେ ଦେବତାମାନଙ୍କ ଉପରେ ଦୃଷ୍ଟିଦେଇ ସେମାନଙ୍କଠାରୁ କିଛି ପାଇବା ଆଶାରଖି ତପସ୍ୟା କରୁଥିଲେ ସିନା, ଯୋଗ କଣ ସେମାନଙ୍କୁ ଜଣାନଥିଲା । କେତେବଡ ଋଷି ହେଲେ ମଧ୍ୟ ପୁଣ୍ୟଦାୟୀ ସତ୍କାର୍ଯ୍ୟ କରିବା ଛଡା ପୁଣ୍ୟବନ୍ଧନରେ ନ ପଡିବା କାର୍ଯ୍ୟବିଧି ସେମାନଙ୍କୁ ଜଣାନଥିଲା । ନୀତି ବ୍ୟତୀତ ଜ୍ଞାନ କଣ ଜଣା ନଥିବା ସେ କାଳରେ, ନ୍ୟାୟ ବ୍ୟତୀତ ଧର୍ମ କଣ ଜଣା ନଥିବା ସେ ସମୟରେ ଭଗବାନ ଉଦ୍ଭବ ହୋଇଥିଲେ, ସେହି ଭଗବାନ କହିଥିଲେ ଭଗବଦ୍ଗୀତା । ଗୀତା ଭଗବାନଙ୍କ

ଦ୍ୱାରା ବୋଧ କରାଯାଇଥିଲା । ଭଗବାନ ଗୀତାକୁ ଶାଶ୍ୱତ ଭାବରେ ରହିବା ଭଳି ସୀମାଙ୍କନ କରିଥିଲେ ମଧ୍ୟ ସେହି ସୀମାର ଆଧ୍ୟାତ୍ମିକ ରୂପକୁ ଅଜ୍ଞାନାନ୍ଧ ମାନବ ଆଜିଯାଏଁ ଦେଖି ପାରିଲା ନାହିଁ, ଏହା ଧର୍ମ ବୋଲି ଚିହ୍ନିପାରିଲା ନାହିଁ । ଆଧ୍ୟାତ୍ମିକ ବୋଧକରିବା ପାଇଁ କେତେକ ମାନବଗୁରୁ ଆଗକୁ ଆସିଥିଲେ ମଧ୍ୟ ସେମାନଙ୍କଠାରେ ମାୟା ବସତି ସ୍ଥାପନ କରି, ସେମାନଙ୍କ ଦ୍ୱାରା ଅଧର୍ମ ବୋଧ କରାଇଥିଲା । ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମାୟା, ପରମାତ୍ମାଙ୍କ ବ୍ୟତିରେକ ଭାବ ବୋଧ କରାଇବା ତାର ଶୀରୋଧାର୍ଯ୍ୟ କାର୍ଯ୍ୟ ହୋଇଥାଏ । ସେଥିଲାଗି ମାନବ ଶରୀରର ଗୁଣଗୁଡିକରେ ମିଶିରହି କେହି ଚିହ୍ନି ନପାରିବା ଭଳି ମାୟା ମାନବକୁ ସହଜରେ ନିଜ ଦିଗରେ ଟାଣି ନେଇଥାଏ । ବଡ ବଡ ଗୁରୁମାନଙ୍କ ସମେତ ସମସ୍ତଙ୍କୁ ଭ୍ରମିତ କରି, ପରମାତ୍ମା ବିଧାନକୁ, ପରମାତ୍ମାଜ୍ଞାନକୁ ଚିହ୍ନି ନପାରିବା ଭଳି କରି, ସେ ଯାହା କରୁଛି ତାହା ଠିକ୍, ତାହା ହିଁ ପରମାତ୍ମାଜ୍ଞାନର ଆଚରଣ ବୋଲି ଭାବିବା ଭଳି କରୁଛି । ସେଥିଲାଗି ସମସ୍ତେ ଦୈବମାର୍ଗରେ ନଯାଇ ମାୟାମାର୍ଗରେ ଚାଲୁଛନ୍ତି ।

କିଛି ଜାଣିଥିବା ଲୋକମାନେ ମଧ୍ୟ ମୁଖ୍ୟଧର୍ମ ବାବଦରେ ଭୁଲ୍ ବୁଝିବା ଭଳି ମାୟା ସେମାନଙ୍କୁ ଭ୍ରମିତ କରିଛି । ପ୍ରଜାମାନଙ୍କୁ ଜ୍ଞାନ ବୋଧ କରାଉଥିବା ଗୁରୁମାନଙ୍କ ଦ୍ୱାରା ମାୟା ପରମାତ୍ମାଙ୍କ ବ୍ୟତିରେକ ଜ୍ଞାନବୋଧ କରାଉଛି । ଉଦାହରଣ ସ୍ୱରୂପ ଏକ ସିନେମା ଶତଦିନୋତ୍ସବ ସଭାରେ ଜଣେ ସ୍ୱାମୀଜୀ ଭାଷଣ ଦେଉ ଦେଉ, "ଡିରେକ୍ଟର ମହାନ କାର୍ଯ୍ୟ କରିଛନ୍ତି ବୋଲି କହି, 'ଏହି ସିନେମା ଡିରେକ୍ଟର ଜଣେ ଉନ୍ନତ ଯୋଗୀ ହୋଇ, ଅନେକ ତପସ୍ୟା କରି ସିନେମାଟି ତିଆରି କରିଛନ୍ତି, ଏହି ସିନେମା ପାଇଁ ତାଙ୍କ ତପସ୍ୟା ପ୍ରସଂଶନୀୟ" ବୋଲି କହିଲେ । ଏଠାରେ ସିନେମା ଡିରେକ୍ଟର କରିଥିବା ଶ୍ରମକୁ ତପସ୍ୟା ସହିତ ତୁଳନା କରି କହିବା ବ୍ୟତୀତ ସେ ଜଣେ ଯୋଗୀ ବୋଲି ମଧ୍ୟ କହିଛନ୍ତି, ତେଣୁ ତାଙ୍କ ଭାଷଣରେ ଯୋଗୀ ଆଉ ତପସ୍ୱୀ ଭିନ୍ନ ନୁହନ୍ତି ବୋଲି ଜଣାଯାଉଛି । ଏହା ଏକ ଘଟଣା ହୋଇଥିବା ବେଳେ ଆଉ ଗୋଟିଏ ଉଦାହରଣ ଦେଖନ୍ତୁ । ଜଣେ ସ୍ୱାମୀଜୀଙ୍କୁ ଗୋଟିଏ ସହରର ପ୍ରଜାମାନେ ଆହ୍ୱାନ କରିଥିଲେ । ଏକଥା ସମସ୍ତଙ୍କୁ ଆଗୁଆ ଜଣାଇବା ପାଇଁ, ସମସ୍ତେ ସ୍ୱାମୀଜୀଙ୍କ

ଦର୍ଶନଲାଭ କରିବା ପାଇଁ ଆସିବା ହୁଅନ୍ତୁ ବୋଲି ଏକ ଆହ୍ୱାନ ପତ୍ରିକା ଛପାଇ ବାଣ୍ଟିଥିଲେ । ଯେଉଁମାନେ ସେହି ଆହ୍ୱାନ ପତ୍ରିକାକୁ ଛପାଇଥିଲେ ସେମାନେ ସାଧାରଣ ଲୋକ ନଥିଲେ ସେମାନଙ୍କୁ କିଛି ଆଧ୍ୟାତ୍ମିକ ବାବଦରେ ଜଣାଥିଲା, ସେମାନେ କଣ ଲେଖିଥିଲେ ଥରେ ପଢନ୍ତୁ । "ଦ୍ୱାଦଶ ସମ୍ବତ୍ସର ରୁଦ୍ରଭୂମିରେ ତପ ଆଚରଣ କରି ଯୋଗୀ ଭାବରେ ବଦଳିଥିବା ଶ୍ରୀଶ୍ରୀଶ୍ରୀ ବାଳଭାରତୀ ଯୋଗୀ ମହାରାଜ୍ ଆମ ସହରକୁ ଆସୁଛନ୍ତି । ସମସ୍ତ ଭକ୍ତ ବୃନ୍ଦଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆସି ତାଙ୍କର ଦର୍ଶନଲାଭ କରନ୍ତୁ ।" ଏଠାରେ ମଧ୍ୟ ବାରବର୍ଷ ଶ୍ମଶାନରେ ତପସ୍ୟା କରିଥିବା ତପସ୍ୱୀକୁ ଯୋଗୀ କହିଛନ୍ତି "ତପସ୍ୟା କରି ଯୋଗୀ ଭାବରେ ବଦଳିଥିବା" ନାମକ ବାକ୍ୟ ଲେଖିଛନ୍ତି । ଯେଉଁମାନେ ଏକଥା ଲେଖିଛନ୍ତି ସେମାନେ ବଡ ବଡ ତତ୍ତ୍ୱଜ୍ଞ ହୋଇଥିଲେ ହେଁ ତପସ୍ୟା ଆଉ ଯୋଗ ମଧ୍ୟରେ କି ପାର୍ଥକ୍ୟ ରହିଛି ସେମାନେ ଜାଣିନାହାନ୍ତି । ଯିଏ ତପସ୍ୟା କରେ ତାକୁ ଯୋଗୀ, ଯିଏ ଯୋଗ ଆଚରଣ କରେ ତାକୁ ତପସ୍ୱୀ କହିବା ଦ୍ୱାରା ପରମାତ୍ମା କହିଥିବା ଭଗବଦ୍ଗୀତାର ଧର୍ମରେ କଳଙ୍କ ଲାଗୁଛି, ଧର୍ମର ଗ୍ଲାନି ହେଉଛି ବୋଲି, ଧର୍ମକୁ ରକ୍ଷା କରିବାପାଇଁ ସେହି ପରମାତ୍ମା ଓହ୍ଲାଇଆସି "**ତପସ୍ୱୀଭ୍ୟୋଧିକୋ ଯୋଗୀ**" ନାମକ ବାକ୍ୟ କହିଥିଲେ ମଧ୍ୟ, ଯୋଗର ମହାନତାକୁ ନଜାଣି, ତପସ୍ୱୀ ଆଉ ଯୋଗୀଙ୍କୁ ଏକ କହିବା କ'ଣ ଭୁଲ୍ ନୁହେଁ ? ଏଭଳି କାର୍ଯ୍ୟ କଲେ ପରମାତ୍ମାଙ୍କ ବାଣୀର ମୂଲ୍ୟ ନରଖି, ତାଙ୍କ ଧର୍ମରେ ଆମେ ବିପଦ ସୃଷ୍ଟିକରିବା ଭଳି ହୁଏ କି ନାହିଁ କୁହନ୍ତୁ !

ଏତେ ଛୋଟ ଜ୍ଞାନକୁ ମଧ୍ୟ ଗ୍ରହଣ କରିନପାରି, ଏତେ ବଡବଡ ସ୍ୱାମୀଜୀମାନେ ମଧ୍ୟ ଭୁଲ୍ କରିବା ବଡ ବିଚିତ୍ର ବୋଧ ହେଉଛି । ଏବେ ମଧ୍ୟ ଶତକଡା ନବେଭାଗ ଲୋକ ତପସ୍ୟା ଆଉ ଯୋଗର ଭିନ୍ନତାକୁ ନଜାଣିବା ଆମପାଇଁ ଶୋଚନୀୟ ବିଷୟ । ଏଭଳି ଯୋଗୀ ଆଉ ତପସ୍ୱୀର ଭିନ୍ନତାକୁ ନଦେଖି ଅନେକ କାହାଣୀ ପୁରାଣ ଗୁଡିକରେ ଲେଖାଯାଇଛି । ଜଣେ ମହର୍ଷି ଅରଣ୍ୟରେ ବସି ତପସ୍ୟା କରୁଥିବା ବେଳେ, ତାଙ୍କ ଯୋଗଦୀକ୍ଷାରେ ପ୍ରସନ୍ନ ହୋଇ ଇନ୍ଦ୍ର ପ୍ରତ୍ୟକ୍ଷ ହୋଇଥିଲେ ବୋଲି ଗୋଟିଏ ବହିରେ ଲେଖାଯାଇଛି, ସେହିଭଳି ଜଣେ ରାଜା ଯୋଗ କରୁଥିବା ବେଳେ ତାଙ୍କ ତପସ୍ୟାରେ ପ୍ରସନ୍ନ

ହୋଇ ବ୍ରହ୍ମା ଦେଖାଦେଇଥିଲେ ବୋଲି ଆଉ ଗୋଟିଏ ବହିରେ ଲେଖାଯାଇଛି । ଏହିଭଳି ଲେଖାହେଉ, କେତେକଙ୍କ ବାଣୀହେଉ ଭଗବଦ୍ଗୀତାରେ ଆତ୍ମସଂଯମ ଯୋଗର ୪୬ତମ ଶ୍ଳୋକରେ ଲେଖାଯାଇଥିବା **'ତପସ୍ୱୀଭ୍ୟୋଧିକୋ ଯୋଗୀ'** ନାମକ ଦୈବବାଣୀର ବିରୁଦ୍ଧ ହୋଇଥାଏ । ମାୟା ଦୈବବାଣୀକୁ ମଧ୍ୟ ଓଲଟାଇ ଦେଇପାରେ । ତେଣୁ ଶାସ୍ତ୍ରର ଆଧାରକୁ ନେଇ ଜ୍ଞାନମାର୍ଗରେ ଚାଲିବା ଉଚିତ୍, ନଚେତ ବାଟଭୁଲା ବିପଦ ନିଶ୍ଚୟ ଆସିବ ।

ଆଜିର କାଳରେ ଅନେକ ନାମ କମାଇଥିବା ଗୁରୁମାନେ ଅଛନ୍ତି । ସେମାନଙ୍କ ପାଖରେ ସ୍ୱଚ୍ଛ ଜ୍ଞାନର ବିବରଣ ନ ରହି ଅଜ୍ଞାନତା ରହିଛି ବୋଲି କହିପାରିବା । ପୁରାଣ ଇତିହାସ, ଭାରତ, ଭାଗବତ, ରାମାୟଣ କହୁଥିବା ଗୁରୁମାନଙ୍କ ବ୍ୟତୀତ ଆତ୍ମବିବରଣ ଜାଣିଥିବା ଗୁରୁମାନଙ୍କୁ ଦେଖିଲେ ଜଣା ପଡୁଛି କି ସେମାନଙ୍କୁ ମଧ୍ୟ ମାୟାମାତା ମୋହିତ କରିଛି । ଉଦାହରଣ ସ୍ୱରୂପ ଯେଉଁମାନେ ଅଦ୍ୱୈତସିଦ୍ଧାନ୍ତ ପ୍ରଚାର କରୁଛନ୍ତି, ଯେଉଁମାନେ ଦ୍ୱୈତ ସିଦ୍ଧାନ୍ତ ପ୍ରଚାର କରୁଛନ୍ତି ସେମାନେ ମହାନ ଗୁରୁ ବୋଲାଉଥିଲେ ମଧ୍ୟ, ବଡ ବଡ ପିଠରେ ଅଧିଷ୍ଠିତ ହୋଇ ମଧ୍ୟ ଜଣେ ଜଣକର ସିଦ୍ଧାନ୍ତକୁ ସ୍ୱୀକାର ନକରି ଆମ ସିଦ୍ଧାନ୍ତ ବଡ, ତୁମ ସିଦ୍ଧାନ୍ତରେ ଦୈବତ୍ୱ ନାହିଁ କହି ଜଣେ ଜଣକ ସହିତ ଯୁକ୍ତି କରୁଛନ୍ତି । ବିଚାର କରି ଦେଖିଲେ ଯଦି କାହାର ସିଦ୍ଧାନ୍ତ ଠିକ୍ ତେବେ, ଅନ୍ୟ ସିଦ୍ଧାନ୍ତଟି ନିଶ୍ଚୟ ଭୁଲ୍ ହେବ ! ତେଣୁ ସିଦ୍ଧାନ୍ତ ପ୍ରତିପାଦନ କରିଥିବା ବ୍ୟକ୍ତିମାନଙ୍କ ଠାରେ ମଧ୍ୟ ମାୟା ନିଜକାର୍ଯ୍ୟ କରିଛି ବୋଲି କହିପାରିବା ।

ଯଦି ତାହା ସିଦ୍ଧାନ୍ତ କେବେ ମଧ୍ୟ ବଦଳିବା ଉଚିତ୍ ନୁହେଁ, କେବେ ଅସତ୍ୟ ହେବା ଉଚିତ୍ ନୁହେଁ । ସିଦ୍ଧାନ୍ତର ବ୍ୟାଖ୍ୟାକୁ ଆଉଟିକିଏ ଅଧିକ କହିଲେ ସିଦ୍ଧି ଅର୍ଥାତ୍ ଯାହା ପ୍ରାପ୍ତ ହୋଇଛି, ସିଦ୍ଧ ହୋଇଛି ବା ଅନୁଭବ ହୋଇଛି । ଅନୁଭବକୁ ଆସୁଥିବା ବିଷୟଗୁଡିକୁ ଯାହା ଜଣାଇଥାଏ ତାହା ସିଦ୍ଧାନ୍ତ । ଶାସନରେ ପରିପୂର୍ଣ୍ଣ ଶାସ୍ତ୍ର । ଶାସନ, ସିଦ୍ଧାନ୍ତ ଉଭୟ ଗୋଟିଏ । ଯିଏ ଶାସ୍ତ୍ରକୁ ଜଣାଏ ସେ ଶାସ୍ତ୍ରୀ, ଯିଏ ସିଦ୍ଧାନ୍ତକୁ ଜଣାଏ ସେ ସିଦ୍ଧାନ୍ତି ବୋଲି ପୂର୍ବରୁ କୁହାଯାଉଥିଲା । ଛୋଟଛୋଟ ଶାସନ ଭାବରେ ଯାହା ରହିଛି ତାହା ସିଦ୍ଧାନ୍ତ ହୋଇଥାଏ, ସେହି ଅନୁସାରେ ସବୁଠାରୁ ମହାନ ବିଦ୍ୟା ହୋଇଥିବା ଆଧାତ୍ମିକ ବିଦ୍ୟା ସିଦ୍ଧାନ୍ତ

ରୂପରେ ରହିବା ଉଚିତ୍ । ଜଗଦ୍‌ଗୁରୁ ଭାବରେ ନାମ କମାଇଥିବା ଶଙ୍କରାଚାର୍ଯ୍ୟ ଅଦ୍ୱୈତ ସିଦ୍ଧାନ୍ତ ପ୍ରଚାର କରିଥିଲେ, ମଧ୍ୱାଚାର୍ଯ୍ୟ ଦ୍ୱୈତସିଦ୍ଧାନ୍ତ ପ୍ରଚାର କରିଥିଲେ । ଏହି ସିଦ୍ଧାନ୍ତଗୁଡିକ ଗୋଟିକଠାରୁ ଗୋଟିଏ ଭିନ୍ନ ଭାବରେ ରହିବା ଦ୍ୱାରା, ତାହାକୁ ସୂକ୍ଷ୍ମଦୃଷ୍ଟିରେ ନ ଦେଖିଲେ ଠିକ୍ ଆଉ ଭୁଲ୍ ଜାଣିପାରିବା ନାହିଁ, ସତ୍ୟକୁ ଗ୍ରହଣ କରିପାରିବା ନାହିଁ । ସେଥିରେ ରହିଥିବା ଭିନ୍ନତା, ସେଥିରେ ଥିବା ସତ୍ୟତାକୁ ଜାଣିବାପାଇଁ ସବୁସତ୍ୟର ପ୍ରମାଣ ଭାବରେ ଭଗବାନ ଶ୍ରୀକୃଷ୍ଣ କହିଥିବା ଗୀତାଶାସ୍ତ୍ରକୁ ବା ବଡ ବିଦ୍ୟାଶାସ୍ତ୍ରକୁ ଦେଖିବାକୁ ହେବ ।

ବ୍ରହ୍ମବିଦ୍ୟାର ପ୍ରାମାଣିକ ଗ୍ରନ୍ଥ ଭଗବଦ୍ଗୀତା ଶତପ୍ରତିଶତ ଶାସ୍ତ୍ରବଦ୍ଧ ସିଦ୍ଧାନ୍ତର ସହିତ ରହିଛି । ପରମାତ୍ମା ସ୍ୱୟଂ କହିଥିବା ଭଗବଦ୍ଗୀତା ଅନୁସାରେ ଦେଖିବା ପରେ, ପରମାତ୍ମା ଜୀବାତ୍ମା ଦୁଇଟି ନୁହେଁ କେବଳ ପରମାତ୍ମା ଅଛନ୍ତି ବୋଲି କହିଥାଏ ଅଦ୍ୱୈତ ସିଦ୍ଧାନ୍ତ । ଜୀବାତ୍ମା ପରମାତ୍ମା ଦୁଇଟିଯାକ ଅଛନ୍ତି କହିଥାଏ ଦ୍ୱୈତ ସିଦ୍ଧାନ୍ତ । ଏଠାରେ ଏହି ଦୁଇଟି ସିଦ୍ଧାନ୍ତ ଗୀତାକୁ ବକ୍ରମାର୍ଗରେ ନେଇଯାଇଛି ବୋଲି ଜଣାଯାଉଛି । ଅର୍ଥାତ୍ ଦୁଇଟିଯାକ ସମ୍ପୂର୍ଣ୍ଣ ସିଦ୍ଧାନ୍ତ ନୁହେଁ ବୋଲି ସ୍ପଷ୍ଟ ଜଣାଯାଉଛି । କାରଣ ! ଗୀତାକୁ ପ୍ରମାଣ ଭାବରେ ରଖିଦେଖିଲେ ମାନବମାତ୍ର ହୋଇଥିବା ଗୁରୁମାନେ କହିଥିବା ଏହି ସିଦ୍ଧାନ୍ତ ଦୁଇଟି ଆଜି ହେତୁବଦ୍ଧ ଭାବରେ ନାହିଁ । ଦ୍ୱୈତସିଦ୍ଧାନ୍ତକୁ ପରିଶୀଳନ କରି ଦେଖିଲେ ମାଟିରେ ଚେର ନ ଥାଇ ଗଛ ଅଛି କହିବା ଯେତିକି ସତ ତାହା ସେତିକି ସତ ବୋଧ ହେଉଛି, ସେହିଭଳି ଅଦ୍ୱୈତ ସିଦ୍ଧାନ୍ତକୁ ପରିଶୀଳନ କରି ଦେଖିଲେ, ମାଟି ଆଉ ଚେର ନଥାଇ ମଧ୍ୟ ଗଛ ଅଛି କହିବା ଯେତିକି ସତ୍ୟ ତାହା ସେତିକି ସତ୍ୟବୋଧ ହେଉଛି । ଅର୍ଥାତ୍ ଉଭୟ ସିଦ୍ଧାନ୍ତ ଅଶାସ୍ତ୍ରୀୟ ବୋଧ ହେଉଛି, ସେଗୁଡିକରେ ହେତୁବଦ୍ଧତା ନଥିବା ସ୍ପଷ୍ଟ ଜଣାପଡୁଛି । ଏହି ଦୁଇ ସିଦ୍ଧାନ୍ତ ଅହେତୁକ ବୋଲି କହିବାପାଇଁ ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗର ୧୬,୧୭ତମ ଶ୍ଲୋକ ଦ୍ୱୟ ଆଧାର ହୋଇ ରହିଛି । ଏହି ଦୁଇଟି ଶ୍ଲୋକ ସେହି ସିଦ୍ଧାନ୍ତ ଦୁଇଟିକୁ ଗୋଟିଏ ବାଣରେ ହତ କରିଦେଉଛି । ଏହି ଦୁଇଟି ଶ୍ଲୋକ ହିଁ ପ୍ରକୃତ ଆଧ୍ୟାତ୍ମିକ ସିଦ୍ଧାନ୍ତ ହୋଇଥିବା ତ୍ରୈତସିଦ୍ଧାନ୍ତ ବୋଧ କରାଉଛି । ଏହି ଦୁଇଟି ଶ୍ଲୋକ ବ୍ୟତୀତ ଗୀତାର ସାରାଂଶ ତ୍ରୈତ ସିଦ୍ଧାନ୍ତ ଉପରେ ବୋଧ କରାଇଛି । କଳିଯୁଗରେ

ଦ୍ୱୈତ, ଅଦ୍ୱୈତ ସିଦ୍ଧାନ୍ତ ଦୁଇଟି ବାହାରକୁ ଆସିଥିବା ସ୍ଥଳେ, ଦ୍ୱାପର ଯୁଗର ଶେଷ ସମୟରେ ତ୍ରୈତ ସିଦ୍ଧାନ୍ତ ଭଗବାନଙ୍କ ଦ୍ୱାରା ବୋଧ କରାଯାଇଥିଲା; ତଥାପି ମାୟାପ୍ରଭାବରେ ତ୍ରୈତ ସିଦ୍ଧାନ୍ତ କାହାକୁ ମଧ୍ୟ ବୁଝାପଡି ନାହିଁ । ମାୟା ପ୍ରଭାବ ଦ୍ୱାରା ଦ୍ୱୈତାଦ୍ୱୈତ ସିଦ୍ଧାନ୍ତ ବାହାରକୁ ଆସିଛି । ଆଜି ମଧ୍ୟ ଭୂପୃଷ୍ଠରେ ଦ୍ୱୈତ, ଅଦ୍ୱୈତ ସିଦ୍ଧାନ୍ତର ଗୁରୁ ମଧ୍ୱାଚାର୍ଯ୍ୟ, ଶଙ୍କରାଚାର୍ଯ୍ୟଙ୍କର ପୀଠ ରହିଛି, ହେଲେ ତ୍ରୈତର ନାମ ନାହିଁ କି ତାହା ବୋଧ କରିପାରୁଥିବା ଗୁରୁ ନାହାନ୍ତି; ତଥାପି କୌଣସିମତେ ଏହି ତ୍ରୈତ ସିଦ୍ଧାନ୍ତ ବାହାରକୁ ଆସିବା ଆମର ସୌଭାଗ୍ୟ ମନେହୁଏ । ତ୍ରୈତ (ତିନି) ଅନୁସାରେ ଭଗବଦ୍ଗୀତା, ଭଗବଦ୍ଗୀତା ଅନୁସାରେ ତ୍ରୈତ ରହିଛି । ଆମେ ଏଠାରେ ନୂଆକରି କହୁଥିବା ତ୍ରୈତ ସିଦ୍ଧାନ୍ତ ବାବଦରେ ଆଉଟିକିଏ ଜାଣିବା ଉଚିତ୍ ।

ପରମାତ୍ମାଙ୍କ ବ୍ୟତୀତ ଆଉକିଛି ଦ୍ୱିତୀୟ ନାହିଁ ବୋଲି କହିଥାଏ ଅଦ୍ୱୈତ ସିଦ୍ଧାନ୍ତ ଏବଂ ପରମାତ୍ମା ଜୀବାତ୍ମା ଦୁଇଟିଯାକ ଅଛନ୍ତି ବୋଲି କହିଥାଏ ଦ୍ୱୈତ ସିଦ୍ଧାନ୍ତ । ପରମାତ୍ମା ଜୀବାତ୍ମାଙ୍କ ମଧ୍ୟରେ ଆତ୍ମା ରହିଛି ବୋଲି କହି ତିନିଆତ୍ମାର ବିବରଣ ଜଣାଇଥାଏ ତ୍ରୈତ ସିଦ୍ଧାନ୍ତ । ଯେଉଁଭଳି ମାଟି ଆଉ ଗଛ ମଧ୍ୟରେ ବାହାରକୁ ଦେଖାନଯାଇ ଚେର ରହିଛି, ସେହିଭଳି ପରମାତ୍ମା ଆଉ ଜୀବାତ୍ମା ମଧ୍ୟରେ ଆତ୍ମା ରହିଛନ୍ତି । ମାଟି ଆଉ ଗଛ ମଧ୍ୟରେ ଚେର ଯେଉଁଭଳି ପ୍ରାମୁଖ୍ୟତା ବହନ କରିଥାଏ ସେହିଭଳି ପରମାତ୍ମା ଆଉ ଜୀବାତ୍ମା ମଧ୍ୟରେ ଥିବା ଆତ୍ମା ପ୍ରାମୁଖ୍ୟତା ବହନ କରିଥାଏ । ପରମାତ୍ମା ସର୍ବବ୍ୟାପୀ, ଅନନ୍ତ ହୋଇଥିବା ବେଳେ, ଆତ୍ମା ସାରା ଶରୀରରେ ବ୍ୟାପୀ ଶରୀରର ଗୋଟିଏ ସ୍ଥାନରେ ଥିବା ଜୀବର ଜୀବନ ନିର୍ବାହ କରାଉଛନ୍ତି । ଚେର ନଥିଲେ ଯେମିତି ଗଛ ନଥାଏ ସେମିତି ଆତ୍ମା ନଥିଲେ ଜୀବାତ୍ମା ନଥାଏ । ଭୂପୃଷ୍ଠରେ ଗଛ ଯେଉଁଠି ଥାଉନା କାହିଁକି ତାପାଇଁ ଚେର ଆଧାରହୋଇ ଗଛର ଜୀବନ ନିର୍ବାହ କରାଉଥିବା ଭଳି, ପରମାତ୍ମା ବ୍ୟାପିରହିଥିବା ଜଗତରେ ଜୀବ ଯେଉଁଠି ଥିଲେ ମଧ୍ୟ ତା ସହିତ ଆତ୍ମା ଅନୁସନ୍ଧିତ ହୋଇ ଜୀବଜୀବନର ଆଧାର ହୋଇ ରହିଛି । ଜଗତରେ ପରମାତ୍ମା, ଆତ୍ମା ଆଉ ଜୀବାତ୍ମା ନଥାଇ କୌଣସି ଆଧ୍ୟାତ୍ମିକ ନାହିଁ । ଏହି ବିଷୟ ବାବଦରେ ଜଣାଇ ଜୀବାତ୍ମାକୁ କ୍ଷର, ଆତ୍ମାକୁ ଅକ୍ଷର, ପରମାତ୍ମାଙ୍କୁ

ପୁରୁଷୋତ୍ତମ ବୋଲି ଭଗବଦ୍ଗୀତାରେ ସୁସ୍ପଷ୍ଟ ବୋଧ କରାଯାଇଛି । ଜୀବାତ୍ମା ଆତ୍ମା ଦୁଇଟିଯାକ କୂଟସ୍ଥ ଭାବରେ ଅର୍ଥାତ୍ ଅବିଚ୍ଛେଦ୍ୟ ଭାବରେ ରହିଛନ୍ତି, ସେମାନଙ୍କର ଅତୀତ ଭାବରେ ପରମାତ୍ମା ରହିଛନ୍ତି, ଜୀବାତ୍ମା ଆତ୍ମା ନାମକ ଦୁଇ ପୁରୁଷଙ୍କଠାରୁ ଅତୀତ ହୋଇ ରହିଥିବା ପରମାତ୍ମାଙ୍କୁ ପୁରୁଷୋତ୍ତମ କୁହାଯାଇଛି । ଏହି ବିଷୟ ବ୍ରହ୍ମବିଦ୍ୟାଶାସ୍ତ୍ର ଭଗବଦ୍ଗୀତାରେ ପରମାତ୍ମା ବାଣୀ ରୂପରେ କହିବା ବ୍ୟତୀତ ପ୍ରତି ମାନବ ଏହି ବିଷୟକୁ ଜାଣିପାରିବା ଭଳି, ପ୍ରତି ମାନବର ହାତ ପାପୁଲିରେ ଜୀବାତ୍ମା, ଆତ୍ମା ଏବଂ ପରମାତ୍ମାଙ୍କର ସଙ୍କେତଭାବେ ତିନିଗୋଟି ରେଖା ଆଙ୍କି ରଖିଛନ୍ତି । ପ୍ରତ୍ୟେକ ମାନବର ହାତ ପାପୁଲିରେ ମୁଖ୍ୟତଃ ଏହି ତିନିଗୋଟି ରେଖା ରହିଥାଏ । ସେଗୁଡିକ ଭିତରେ ତଳ ଦୁଇଟି ରେଖା ଗୋଟିକ ସହିତ ଗୋଟିଏ ମିଶି ରହିଛନ୍ତି ଏବଂ ଉପରେ ଥିବା ରେଖାଟି କାହା ସହିତ ମିଳିତ ନହୋଇ ସ୍ୱତନ୍ତ୍ର ଭାବେ ରହିଛି ବୋଲି ଆପଣମାନେ ଦେଖିପାରିବେ । ତଳ ରେଖା ଦୁଇଟି ଜୀବାତ୍ମା ଆତ୍ମାର ପ୍ରତୀକ ଭାବରେ ରହି, ଉପର ରେଖାଟି ପରମାତ୍ମାଙ୍କର ପ୍ରତୀକ ଭାବରେ ରହିଛି । ଏହା ସମସ୍ତଙ୍କ ହାତରେ ଥିବାବେଳେ, ଗୁରୁ ବୋଲାଉଥିବା ଲୋକମାନେ ମଧ୍ୟ ଏହାକୁ ଏଯାଏଁ ଚିହ୍ନିପାରି ନାହାନ୍ତି । ଏହାକୁ ଦେଖି ମାୟା ପ୍ରଭାବ କେତେ ଅଛି ସହଜରେ ଜାଣିହେଉଛି । ସୃଷ୍ଟି ପ୍ରାରମ୍ଭରେ ମାନବର ହାତ ପାପୁଲିରେ ଏହି ତିନି ଆତ୍ମାର ରହସ୍ୟକୁ ପରମାତ୍ମା ରଖିଥିଲେ ମଧ୍ୟ, ଦ୍ୱାପର ଯୁଗରେ ଆସି ସେହି ବିଷୟ ଥରେ କହିଥିଲେ । ହାତରେ ଦେଇ, ତୁଣ୍ଡରେ କହିଥିଲେ ମଧ୍ୟ ମାନବ ଗ୍ରହଣ କରିପାରୁ ନାହିଁ ବୋଲି ପୂର୍ବରୁ ଜ୍ଞାନ ଜଣାଥିବା ଜ୍ଞାନୀମାନେ ପୁରୁଷକୁ ସୂଚିତ କରୁଥିବା ଲିଙ୍ଗାକୃତିକୁ ଦେବାଳୟରେ ପ୍ରତିଷ୍ଠିତ କରାଇ ଗୀତାରେ କହିଥିବା ଭଳି ଜୀବାତ୍ମା, ଆତ୍ମା, ପରମାତ୍ମା ଭାବରେ ପୁରୁଷ ତିନି ଭାଗରେ ବିଭାଜିତ ହୋଇ ରହିଛି ବୋଲି ଜାଣିପାରିବା ଭଳି, ତିନିଗୋଟି ବିଭୂତିରେଖା ଲିଙ୍ଗ ଉପରେ ଅଙ୍କନ କରିଥିଲେ ଏବଂ ତିନି ଆତ୍ମାର ବିଷୟ ପ୍ରତି ଈଶ୍ୱର ଦେବାଳୟରେ ରହିବା ଭଳି କରିଥିଲେ, କିନ୍ତୁ କାଳକ୍ରମେ ଧର୍ମ କେବେଠାରୁ ଅଧର୍ମରେ ବଦଳି ଈଶ୍ୱର ଦେବାଳୟ ଆଜି ଶିବମନ୍ଦିର ହୋଇଯାଇଛି । ଈଶ୍ୱର କହିଲେ ଅଧିପତି, ଏହି ଅର୍ଥ ବଦଳି ଈଶ୍ୱର ହିଁ ଶଙ୍କର ନାମକ ଅନର୍ଥ ପହଞ୍ଚିଛି । ସୃଷ୍ଟ୍ୟାଦିରୁ କେବଳ ସ୍ୱଚ୍ଛ ଲିଙ୍ଗାକୃତି ରହିଥିବା ଈଶ୍ୱରାଳୟରେ

ପରେ ଲିଙ୍ଗ ପାଖରେ ପାର୍ବତୀ, ଆଗରେ ନନ୍ଦିକୁ ପ୍ରତିଷ୍ଠା କରିଛନ୍ତି । ଏହିଭଳି ଈଶ୍ୱରାଳୟ ଶେଷରେ ଶଙ୍କରାଳୟ ବା ଶିବମନ୍ଦିର ପାଲଟି ଶୈବମାନଙ୍କର ଦୈବପୀଠ ଭାବରେ ପରିଗଣିତ ହୋଇଯାଇଛି । ତିନି ବିଭୂତି ରେଖାର ଅର୍ଥ ଆତ୍ମାତ୍ରୟଙ୍କ ପ୍ରତୀକ ବୋଲି ଅର୍ଥ ବଦଳିଯାଇଥିଲେ ମଧ୍ୟ ପ୍ରକୃତ ସତ୍ୟ ସ୍ଥିର ଭାବରେ ରହିବା ଭଳି ଆମର ପୂର୍ବ ଜ୍ଞାନୀମାନେ ଏକ ନିୟମ ରଖିଛନ୍ତି । ତାହା ହେଉଛି ! 'ସବୁଦିନ ସକାଳୁ ନିଦରୁ ଉଠିବା ବେଳେ କାହାର ମୁଖ ଦେଖିବା ଆଗରୁ ପ୍ରଥମେ ନିଜ ହାତର ପାପୁଲିକୁ ଦେଖିବା । ସକାଳୁ ଉଠିବା ପରେ ହାତର ପାପୁଲିକୁ ଦେଖିବା ଦ୍ୱାରା ସେହି ତିନିରେଖା ଦେଖାଯିବ, ଏକଥା ଆପଣମାନେ କେବେ ଟିକିଏ ଆଲୋଚନା କରିଛନ୍ତି ! ତଥାପି ଏହି ଆଚରଣ ଆଜି କେଉଁଠି କେମିତି ଆଚରିତ ହେଉଥିଲେ ହେଁ ତାହା ଭାବହୀନ ହୋଇପଡିଛି । ହାତ ପାପୁଲିରେ ତିନିଆତ୍ମା ରହିଛନ୍ତି, ପାପୁଲିରେ ତ୍ରୈତ ସିଦ୍ଧାନ୍ତ ରହିଛି । ତେଣୁ କୌଣସି ମତାବଲମ୍ବୀ ହେଉ ସେ ମୋ ଅଧିନରେ ଥାଏ କହିବା ଭଳି ପରମାତ୍ମା ମାନବ ହାତର ତିନି ରେଖା ସବୁ ମତାବଲମ୍ବୀକୁ ମା' ପେଟରୁ ଦେଇ ଛାଡିଛନ୍ତି ।

ହାତର ତିନି ରେଖା ହିଁ ଶରୀରର ତିନି ଆତ୍ମା, ଶରୀରର ତିନି ଆତ୍ମା ହିଁ ତ୍ରୈତ, ତ୍ରୈତକୁ ଚିହ୍ନାଇଥାଏ 'ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା'। ତ୍ରୈତସିଦ୍ଧାନ୍ତ ମୁଖ୍ୟତଃ ତିନି ଆତ୍ମାର ବିବରଣୀ ଜଣାଇଥାଏ । ତ୍ରୈତ ହେଉ ବା ତିନି ଆତ୍ମା କଥା ହେଉ ଶୁଣିବାକୁ ନିଶ୍ଚୟ ନୂଆ ଲାଗୁଥିବ । ସେଥିଲାଗି ପ୍ରଥମେ ଗୀତା ପରିଚୟ ପଢିବା ଆବଶ୍ୟକତା ରହିଛି । କାରଣ ! ଜଣେ ନୂଆ ଲୋକକୁ ଆମେ ସିଧା ନାମ ଧରି ଡାକିପାରିବା ନାହିଁ କି ତା ସହିତ ସମ୍ପର୍କ ବଢାଇପାରିବା ନାହିଁ । ନୂଆ ଲୋକଟିକୁ ପ୍ରଥମେ ଚିହ୍ନାଇବା ପାଇଁ ଜଣେ ମଧ୍ୟମ ପାତ୍ର ଥିଲେ ତାକୁ ଆମେ ଚିହ୍ନି, ତାସହିତ ସ୍ନେହ ସ୍ଥାପନ କରି ପାରିବା । ମଧ୍ୟମ ପାତ୍ରର ଚତୁରତା ଅନୁସାରେ ନୂଆ ଲୋକର ସମସ୍ତ ବିଷୟ ଆମକୁ ବୁଝା ପଡିବ । ତାପରେ ଆମେ ତା ସହିତ ସହଜରେ ମିଶି ପାରିବା, ସେହିଭଳି 'ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା' ର ସାରାଂଶ ଜାଣିବାକୁ ହେଲେ, ତାହା ବୁଝିବାକୁ ହେଲେ, ପ୍ରଥମେ ଗୀତା ପରିଚୟ ନାମକ ମଧ୍ୟମ ପାତ୍ର ନିହାତି ଆବଶ୍ୟକ ।

ଗୀତା ପରିଚୟ ପାଠକରିବା ପରେ, ତ୍ରୈତସିଦ୍ଧାନ୍ତ ନାମକ ନୂଆ ଗୀତାଗ୍ରନ୍ଥ ବୁଝିହେବ । ଏହି ଗୀତା ପରିଚୟ ଆପଣମାନଙ୍କୁ ତ୍ରୈତ ସହିତ ପରିଚୟ କରାଇ, ତ୍ରୈତ କହିଲେ କଣ ନିଶ୍ଚୟ ଜଣାଇ ଦେଇଥିବ । ଗୀତା ପରିଚୟ ପାଠ କରିବା ପରେ ଏବେ ଆମ ଦ୍ୱାରା ରଚିତ "ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା" ଆପଣମାନେ ପାଠ କରିପାରିବେ ବୋଲି ଆଶା କରୁଛୁ ।

ସ୍ୱତନ୍ତ୍ର [        ] କୋଠରୀରେ ଥିବା ଶ୍ଳୋକ ଗୁଡିକର ଭାବାର୍ଥ ସମ୍ପୂର୍ଣ୍ଣ ବଦଳାଇ ଲେଖାଯାଇଛି, ସେଗୁଡିକୁ ଟିକିଏ ବିଚାର ପୂର୍ବକ ପାଠକରନ୍ତୁ ।

## ଭାବାର୍ଥ ବଦଳିଥିବା ଶ୍ଳୋକ ଗୁଡିକ ହେଲେ :-

| | |
|---|---|
| ସାଂଖ୍ୟଯୋଗ | - ୧୧,୧୯,୨୨,୨୩,୨୪,୪୫,୪୭ |
| କର୍ମଯୋଗ | - ୯,୨୧,୨୪,୩୫ |
| ଜ୍ଞାନଯୋଗ | - ୫,୬,୭,୮,୧୩,୧୭,୩୩ |
| କର୍ମସନ୍ନ୍ୟାସ ଯୋଗର | - ୬,୧୮ |
| ଆତ୍ମସଂଯମ ଯୋଗର | - ୧,୩,୫,୬,୩୨,୪୧ |
| ବିଜ୍ଞାନଯୋଗର | - ୫,୧୧,୨୫ |
| ଅକ୍ଷରପରବ୍ରହ୍ମ ଯୋଗର | - ୪,୧୩,୨୩,୨୪,୨୫ |
| ରାଜବିଦ୍ୟା ରାଜଗୁହ୍ୟ ଯୋଗର | - ୧୩,୨୨,୨୪,୨୫,୨୬ |
| ବିଭୂତିଯୋଗର | - ୬ |
| ବିଶ୍ୱରୂପ ସନ୍ଦର୍ଶନ ଯୋଗର | - ୨୩,୨୫,୨୭,୩୯ |
| କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗର | - ୨,୬ |
| ପୁରୁଷୋତ୍ତମ ପ୍ରାପ୍ତି ଯୋଗର | - ୨,୧୪,୧୫,୧୬,୧୭ |
| ଦୈବାସୁର ସମ୍ପଦ୍ ବିଭାଗ ଯୋଗର | - ୭,୮,୯ |
| ମୋକ୍ଷ ସନ୍ୟାସ ଯୋଗର | - ୨ |

*****

## ପ୍ରଥମ ଅଧ୍ୟାୟ

# ସାଂଖ୍ୟ ଯୋଗ

### ଶ୍ରୀ ଭଗବାନ କହୁଛନ୍ତି :-

**(୧) ଶ୍ଳୋକ,୧୧ : ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।**
**ଗତାସୂ ନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥**
**(ପ୍ରକୃତି ପରମାତ୍ମା)**

**ଭାବାର୍ଥ :** ଶୋକ ନ କରିବା ବିଷୟରେ ଶୋକ କରୁଛୁ, ତୁ ତୋର ବୁଦ୍ଧିକୁ କିପରି ଉପଯୋଗ କରୁଛୁ! ପଣ୍ଡିତମାନେ ଯାହା ଚାଲିଯାଇଛି, ଯାହା ରହିଛି ସେଗୁଡିକ ବାବଦରେ ଦୁଃଖ କରନ୍ତି ନାହିଁ ।

**ବିବରଣୀ :** ଦୁଃଖ ନକରିବା ବିଷୟରେ ଦୁଃଖ କରୁଛୁ ବୋଲି ପ୍ରତ୍ୟକ୍ଷ ଭାବରେ, ଦୁଃଖ କରିବା ବିଷୟରେ ଦୁଃଖ କରୁନାହୁଁ ବୋଲି ପରୋକ୍ଷ ଭାବରେ କହିଥିବାରୁ, ଜଣାପଡୁଛି ପ୍ରକୃତ ଦୁଃଖ କରିବା ବିଷୟ ଆଉ କିଛି ଅଛି । ଏଠାରେ ବିବରଣାତ୍ମକ ଜାଣିବାକୁ ହେଲେ, ଶୋକ କରିବା ବିଷୟ କଣ ? ଶୋକ ନକରିବା ବିଷୟ କଣ ? ବୋଲି ବିଚାର କରିବାକୁ ହେବ । ଯେଉଁ ବିଷୟରେ ଶୋକ କରିବା ଉଚିତ ନୁହେଁ ବା ଯେଉଁ ବିଷୟ ପାଇଁ ଦୁଃଖ କରିବା ଉଚିତ୍ ନୁହେଁ ତାହାକୁ ଶ୍ଳୋକରେ "ଗତାସୂ ନଗତାସୂଂଶ୍ଚ" ବୋଲି କୁହାଯାଇଛି । ଅର୍ଥାତ୍ ଯାହା ଗତିଶୀଳ, ଯାହା ଗତିହୀନ ତା ବାବଦରେ ତୁ ଦୁଃଖ କରୁଛୁ ବୋଲି କହିଛନ୍ତି । ତେଣୁ ଯାହାସବୁ ଗତିଶୀଳ, ଗତିହୀନ ସେଗୁଡିକ ବ୍ୟତୀତ ଯାହା ଅଛି ତୁ ତାକୁ ନେଇ ଦୁଃଖ କରିବା ଉଚିତ୍ ବୋଲି କହିଛନ୍ତି, ଏକଥା ସହଜରେ ବୁଝି ହେଉଛି । ଏବେ ସମସ୍ତେ ମୁଖ୍ୟତଃ ଜାଣିବା ଉଚିତ୍ ଯେ, କଣ ଗତିଶୀଳ ? କଣ ଗତିହୀନ ? ଏବଂ ତା ଠାରୁ କଣ ଅଲଗା ଅଛି, ଯାହାକୁ ନେଇ ଆମେ ଦୁଃଖ କରିବା ଉଚିତ୍ ।

ଗତି ଶବ୍ଦର ଅନେକ ଅର୍ଥ ରହିଛି ଯଥା-୧) ଗମନ ୨) ଯାତ୍ରା ୩) ଚଳନ ୪) ଉପାୟ ୫) ବ୍ୟବସ୍ଥା ୬) ଆଶ୍ରୟ ୭) ପରିଣାମ ୮) ନିର୍ବାହ

ଇତ୍ୟାଦି । ଏଠିକାର ସନ୍ଦର୍ଭ ଅନୁସାରେ ଗତିର ଭୌତିକ ଅର୍ଥ "ଚଳନ" ନାମକ ଶବ୍ଦକୁ ନେବାବେଳେ, ଶ୍ରୀକୃଷ୍ଣଙ୍କ କଥାର ମର୍ମ ବୁଝାପଡିଥାଏ । ସେହି ଅନୁସାରେ ଚଳନଶକ୍ତି ଥିବା ସମସ୍ତ ଜୀବରାଶି ଏବଂ ଚଳନହୀନ ଅନେକ ବସ୍ତୁ ଇତ୍ୟାଦି ଭୂପୃଷ୍ଠରେ ରହିଛନ୍ତି । ଚଳନଯୁକ୍ତ ମାନବ, ଜନ୍ତୁ, କୀଟପତଙ୍ଗ ଏବଂ ଚଳନହୀନ ସମସ୍ତ ବସ୍ତୁକୁ ମିଶାଇ ଜ୍ଞାନ ଜଣାଥିବା ଲୋକମାନେ "ପ୍ରକୃତି" ନାମରେ କହନ୍ତି । ଚଳନଶୀଳ ଏବଂ ଚଳନ ରହିତ (ଗତିଶୀଳ, ଗତିହୀନ) ଏହି ପ୍ରକୃତିଠାରୁ ଆଉ ଗୋଟିଏ ଅଲଗା ଜିନିଷ ରହିଛି, ତାହା ହିଁ ଦୈବତ୍ତ୍ୱ (ଈଶ୍ୱରଙ୍କ ଅସ୍ମିତା) । ସେଦିନ ଅର୍ଜୁନ ପ୍ରକୃତିର ମଣିଷ ପାଇଁ ଦୁଃଖ କରିଥିଲେ ସିନା, ପ୍ରକୃତିର ଅତୀତ ହୋଇଥିବା ଈଶ୍ୱରଙ୍କ ପାଇଁ ଦୁଃଖ କରିନଥିଲେ । ସେଥିଲାଗି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସତର୍କ କରିଥିଲେ ଯେ, ତୁ ଯାହା ପାଇଁ ଦୁଃଖ କରିବା ଅନୁଚିତ୍ ତା ପାଇଁ ଦୁଃଖ କରୁଛୁ । ଖାଲି ସେଦିନ ଅର୍ଜୁନ କାହିଁକି ଆଜି ପ୍ରତ୍ୟେକ ମାନବ ଏହି ପ୍ରକୃତି ସମ୍ବନ୍ଧୀୟ ବିଷୟକୁ ନେଇ ଦୁଃଖ କରୁଛି, ସେ ପଢିଥିବା ବଡ ବଡ ପାଠ ଏହି ପ୍ରକୃତିବିଷୟ ଉପରେ ବ୍ୟବହାର କରିବାରେ ସୀମିତ କରିଦେଇଛି । ତୋର ବୁଦ୍ଧିକୁ (ପ୍ରଜ୍ଞାକୁ) ପ୍ରକୃତି ବିଷୟରେ ବ୍ୟବହାର କରି କିପରି କଥା କହୁଛୁ କହି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସତର୍କ କରାଇଛନ୍ତି, ଅର୍ଥାତ୍ ଆମ ପ୍ରଜ୍ଞାକୁ ଆମେ ଈଶ୍ୱରଙ୍କୁ ଜାଣିବାରେ ବିନିଯୋଗ କରୁନାହେଁ ବୋଲି ଭଗବାନ ଆମକୁ ସ୍ମରଣ କରାଇଛନ୍ତି । ଜ୍ଞାନୀମାନେ ପ୍ରକୃତିଜ ସମସ୍ତ ବସ୍ତୁ ଏବଂ ଜୀବରାଶିଙ୍କ ପାଇଁ ଦୁଃଖ ନକରି ଐଶ୍ୱରୀୟ ବିଷୟରେ ମନ ନଲାଗିବା କାରଣରୁ ଦୁଃଖ କରିଥାନ୍ତି ବା ଶୋକ କରିଥାନ୍ତି ବୋଲି କହିଛନ୍ତି ।

ଭଗବାନ ଭଗବଦ୍ଗୀତାର ଏହି ପ୍ରଥମ ଶ୍ଳୋକରେ ଜଣାଇ ଦେଇଛନ୍ତି ଯେ, ଦେଖାଯାଉଥିବା ସମସ୍ତ ଜୀବରାଶି ହେଉଛନ୍ତି ପ୍ରକୃତି, ଏତଭିନ୍ନ ଦେଖାଯାଉ ନଥିବା ପରମାର୍ଥ ମଧ୍ୟ ରହିଛି, ଆହୁରି ଜଣାଇ ଦେଇଛନ୍ତି ଯେ, ଆମେ ସର୍ବଦା ଯେଉଁ ଦୁଃଖ କରୁଛେ, କାନ୍ଦୁଛେ, ଚିନ୍ତା କରୁଛେ ତାହା ସବୁ ଏଇ ପ୍ରକୃତି ପାଇଁ ସିନା, ସେହି ପରମାର୍ଥ ପାଇଁ କେବେ ଦୁଃଖ କରୁନାହେଁ । ସେହିଭଳି ତୁ ଗତିଶୀଳ, ଗତିହୀନ ପ୍ରକୃତି ପାଇଁ ତୋର ବୁଦ୍ଧି ବା ପ୍ରଜ୍ଞାକୁ ବ୍ୟବହାର କରୁଛୁ, ଏହା ଠିକ୍ ନୁହେଁ, ଜ୍ଞାନୀମାନେ ଏଭଳି ଦୁଃଖ କରନ୍ତି

ନାହିଁ ବୋଲି ଜଣାଇ ଦେଇଛନ୍ତି । ପ୍ରଥମ ଶ୍ଲୋକରେ ଦୁଃଖଦ ଏବଂ ଦୁଃଖ-ହୀନ ବୋଲି ବିଷୟକୁ ଦୁଇଭାଗ କରି ଉଭୟର ବାସ୍ତବତାକୁ ଦେଖାଇଦେବା ଏକ ମହୋନ୍ନତ ବିଷୟ । ଏଥିରେ ଆମ ପ୍ରଜ୍ଞାକୁ ପ୍ରକୃତି ଦିଗରେ ନଲଗାଇ ପରମାତ୍ମା ଦିଗରେ ଲଗାଇବା ପାଇଁ ଭଗବାନ ସୂଚନା ଦେବା ମଧ୍ୟ ଏହି ପ୍ରଥମ ଶ୍ଲୋକର ଏକ ବିଶେଷତ୍ୱ ।

**(ଅନ୍ୟମାନଙ୍କ ଦ୍ୱାରା ଲେଖାଯାଇଥିବା ଗୀତାଗ୍ରନ୍ଥ ଗୁଡିକରେ ଏହି ଶ୍ଲୋକର ଭାବାର୍ଥ ଏବଂ ଆମ ଦ୍ୱାରା ଲେଖାଯାଇଥିବା ଭାବାର୍ଥରେ ଅନେକ ଭିନ୍ନତା ରହିଛି, ସେମାନେ କେବଳ ମୃତ୍ୟୁବରଣ କରିଥିବା, ବଞ୍ଚିଥିବା ମାନବ ବାବଦରେ ଲେଖିଥିବା ସ୍ଥଳେ, ଆମେ ଏଥିରେ ପ୍ରକୃତି ଏବଂ ଗତିଶୀଳ, ଗତିହୀନ, ଜୀବ ଥିବା, ଜୀବ ନଥିବା ବିଷୟଗୁଡିକ ବାବଦରେ ଲେଖିଛୁ । ବଞ୍ଚିଥିବା, ମୃତ୍ୟୁବରଣ କରିଥିବା ଲୋକମାନଙ୍କ ବାବଦରେ ପଣ୍ଡିତମାନେ ଦୁଃଖ କରନ୍ତି ନାହିଁ ବୋଲି ସେମାନେ ଜଣାଇଛନ୍ତି । ସେମାନଙ୍କ ବ୍ୟଖ୍ୟା ଶୁଣି ସେମାନଙ୍କ କଥା ଆମେ ବା କାହିଁକି ଚିନ୍ତା କରିବୁ, ଆମର କିଛି ଦୁଃଖ ନାହିଁ, ଆମର ଚିନ୍ତା ଧନ ଉପରେ, ଯେଉଁମାନେ ବଞ୍ଚିଛନ୍ତି ସେମାନେ ଯେମିତି ରହିଲେ ଆମର କଣ ଗଲା, ଟଙ୍କା ଖର୍ଚ୍ଚ ନହେବା ଉଚିତ୍ ବୋଲି କିଛିଲୋକ ଭାବିଥାନ୍ତି, ସେମାନେ କେଉଁ ରୋଗରେ ପଡିଲେ ଆମର କିଛି ଅସୁବିଧା ନାହିଁ, ହସ୍ପିଟାଲ୍‌କୁ ଗଲେ ଟଙ୍କା ଖର୍ଚ୍ଚ ହୋଇଯିବ ତାହାହିଁ ଆମର ଦୁଃଖ ବୋଲି କହୁଥିବା ଲୋକମାନେ ମଧ୍ୟ ସମାଜରେ ଅନେକ ଅଛନ୍ତି । ସେହିଭଳି ନିଜ ଲୋକ ମୃତ୍ୟୁବରଣ କଲେ ମଧ୍ୟ ଦୁଃଖ ନକରିବା ଲୋକ ବହୁତ ଅଛନ୍ତି, ତା ବୋଲି କଣ ସେମାନଙ୍କୁ ଜ୍ଞାନୀ କହିବା ! ସେମାନଙ୍କର ଧନ, କନକ ଛଡା, ମୃତ୍ୟୁବରଣ କରିଥିବା ନିଜ ଲୋକ ପାଇଁ ମଧ୍ୟ ତିଳେହେଁ ଦୁଃଖ ନଥାଏ, ଚିନ୍ତା ନଥାଏ । ପରପୁରୁଷ ନିଜ ସ୍ତ୍ରୀକୁ ଅତ୍ୟାଚାର କଲେ ମଧ୍ୟ ସେକଥା ଚିନ୍ତା କରିନଥାନ୍ତି, ନିଜ ପୁଅକୁ କିଏ ହତ୍ୟା କଲେ ମଧ୍ୟ ଟଙ୍କା ଖର୍ଚ୍ଚ ହୋଇଯିବ ବୋଲି ଥାନାରେ କେସ୍ ନଦେବା ଲୋକ ଅଛନ୍ତି । ଅନ୍ୟ ଗୀତା ଗୁଡିକରେ ଲେଖାଯାଇଥିବା ଏହି ଶ୍ଲୋକର ଭାବ**

**ଅନୁସାରେ ଏପରି ଲୋକକୁ ପରମଜ୍ଞାନୀ କହିପାରିବା । ଏହା ସତ ବୋଲି ବିଚାର କରି ଦେଖିଲେ, ଧନ କନକାଦି ଉପରେ ଆଶା ଥିବା ମଣିଷକୁ ଆଶାବାଦୀ କହିପାରିବା ସିନା ତାକୁ ଜ୍ଞାନୀ କହିପାରିବା ନାହିଁ । ତେଣୁ ଆଜିପର୍ଯ୍ୟନ୍ତ ଅନ୍ୟମାନେ ଲେଖିଥିବା ଏହି ଶ୍ଳୋକର ଭାବ ଠିକ୍ ନୁହେଁ ବୋଲି କହିପାରିବା ।)**

ଗତିଶୀଳ ଏବଂ ଗତିହୀନ ବିଷୟ ବାବଦରେ ଜ୍ଞାନୀମାନେ ଚିନ୍ତା କରନ୍ତି ନାହିଁ ବୋଲି ଲେଖାଯାଇଛି, ହେଲେ ବାସ୍ତବରେ ଶ୍ରୀକୃଷ୍ଣ ଏଭଳି କହିନାହାନ୍ତି । ଶ୍ରୀକୃଷ୍ଣ ମଣିଷ ବିଷୟ କହିଛନ୍ତି ଭାବିଲେ, ଯେଉଁମାନେ ମୃତ୍ୟୁବରଣ କରିଛନ୍ତି, ଯେଉଁମାନେ ଅଛନ୍ତି ସେମାନଙ୍କ କଥା ଚିନ୍ତା ନକରି କେବଳ ଧନ ପାଇଁ ଚିନ୍ତା କରୁଥିବା ଲୋଭିକୁ ମଧ୍ୟ ଜ୍ଞାନୀ ବୋଲି କହିବାକୁ ପଡିବ । ତେଣୁ ଶ୍ରୀକୃଷ୍ଣ ଶ୍ଳୋକରେ କହିଥିବା ଜ୍ଞାନକୁ ଗଭୀର ଭାବରେ ଯଦି ଆମେ ଗ୍ରହଣ କରିବା ତେବେ ଚର, ଅଚର ପ୍ରକୃତି ବାବଦରେ ଜ୍ଞାନୀମାନେ ଚିନ୍ତା ନ କରି, ପ୍ରକୃତିର ଅତୀତ ପରମାତ୍ମାଙ୍କ ବାବଦରେ ଚିନ୍ତା କରନ୍ତି ବୋଲି ଜଣାଯାଇଥାଏ । ଏପର୍ଯ୍ୟନ୍ତ ଏହି ଶ୍ଳୋକଟିର ଭାବାର୍ଥ ଭିନ୍ନ ଲେଖିଛନ୍ତି ବୋଲି କେତେକ ଭାବିବା ସହିତ କେତେ ବଡବଡ ସ୍ୱାମୀଜୀମାନେ, ପିଠାଧିପତିମାନେ, ଯୋଗୀମାନେ ଲେଖିଥିବା ଭାବାର୍ଥ କଣ ଠିକ୍ ନୁହେଁ ? ବୋଲି ପଚାରିଲେ, କୁହାଯାଇ ପାରେ ଯେ,ସତ୍ୟ ନିଆଁ ଭଳି, କେବେ ବି ବାହାରକୁ ଆସିପାରେ । ଲୁକାୟିତ ସତ୍ୟକୁ ବାହାରକୁ ଆଣିବା ମୋର କର୍ତ୍ତବ୍ୟ, ତେଣୁ ଖାଲି ଭଗବଦ୍ଗୀତା କାହିଁକି, କୌଣସି ମତର ଜ୍ଞାନ ହେଉ ଖୋଲି କହିଦେବା ମୋର କର୍ତ୍ତବ୍ୟ ହୋଇଥାଏ । ମୋର ଏହି କର୍ତ୍ତବ୍ୟ କାର୍ଯ୍ୟରେ ଭଗବଦ୍ଗୀତାର ଖାଲି ଏହି ଶ୍ଳୋକ କାହିଁକି ଅନେକ ଶ୍ଳୋକର ଭାବ ମଧ୍ୟ ବଦଳିଛି ବୋଲି ଆଗକୁ ନିଶ୍ଚୟ ଦେଖିପାରିବେ । ଏହା **"ତ୍ରୈତ"** ନାମକ ସିଦ୍ଧାନ୍ତ ଉପରେ ଆଧାରିତ ହୋଇ ଲେଖାଯାଇଛି, ତେଣୁ ତାହା ଶାସ୍ତ୍ରବଦ୍ଧ କି ନୁହେଁ ହିସାବ କରି ଦେଖିବା ଉଚିତ୍ । ଏହି ଶ୍ଳୋକ କିମ୍ବା ଆଗତ ଶ୍ଳୋକ ଗୁଡିକରେ ଆମେ ଯେଉଁ ନୂତନ ଭାବକୁ ସ୍ଥାନ ଦେଇଛୁ ତଦ୍ୱାରା ହେତୁବାଦୀ ମାନଙ୍କ ପ୍ରଶ୍ନ ମଧ୍ୟ ବଳକା ରହିବ ନାହିଁ । ତାଛଡା ଏଥିରେ ସମସ୍ତଙ୍କ ପାଇଁ ସବୁକିଛିର ସମାଧାନ ରହିଛି ବୋଲି ଏହି ପ୍ରଥମ ଶ୍ଳୋକଠାରୁ ଆଗୁଆ ଜଣାଉଛୁ ।

ପ୍ରତ୍ୟେକ ଶ୍ଳୋକକୁ ଚାରିଗୋଟି ସୂତ୍ର ଆଧାର ଦ୍ୱାରା ପାଠ କରନ୍ତୁ ବୋଲି ଆଗରୁ ମଧ୍ୟ ଜଣାଇଛୁ, ଆଉଥରେ ମଧ୍ୟ ମନେପକାଇ ଦେଉଛୁ । ୧) ପଢୁଥିବା ଶ୍ଳୋକଗୁଡିକ ଜୀବାତ୍ମା, ଆତ୍ମା, ପରମାତ୍ମା ନା ପ୍ରକୃତି ବାବଦରେ କୁହାଯାଇଛି ? କାହା ବାବଦରେ କୁହାଯାଇଛି ? ୨) ପଢୁଥିବା ଶ୍ଳୋକ ବ୍ରହ୍ମଯୋଗର ! କି କର୍ମଯୋଗର ! କାହା ସମ୍ବନ୍ଧୀୟ ? ୩) ପଢୁଥିବା ଶ୍ଳୋକ ସାକାର ରୂପ ପାଇଁ କି ନିରାକାର ପାଇଁ, କାହାପାଇଁ କୁହାଯାଇଛି ? ୪) ପଢୁଥିବା ଶ୍ଳୋକ ଶାସ୍ତ୍ରବଦ୍ଧ କି ନୁହେଁ? ଏହି ସୂତ୍ରଗୁଡିକ ମଧ୍ୟରୁ ଚତୁର୍ଥତମ ସୂତ୍ର ଅନୁସାରେ ଆମେ ଶାସ୍ତ୍ରବଦ୍ଧ ଶ୍ଳୋକଗୁଡିକ ଲେଖି ଅଶାସ୍ତ୍ରୀୟ ଶ୍ଳୋକଗୁଡିକୁ ଛାଡିଦେଇଛୁ । ତେଣୁ ଆପଣମାନେ ମୁଖ୍ୟତଃ ବଳକା ତିନି ସୂତ୍ର ଅନୁସାରେ ପଢିପାରିବେ । ତାଛଡା କେଉଁ ଶ୍ଳୋକ କାହା ପାଇଁ କୁହାଯାଇଛି ତାହା ମଧ୍ୟ ଶ୍ଳୋକ ତଳେ ଲେଖିଦେଉଛୁ, ସେଥିପ୍ରତି ସମସ୍ତେ ପ୍ରଥମେ ଧ୍ୟାନଦେଇ ପଢିବାକୁ ଅନୁରୋଧ କରୁଛୁ ।

**(୧) ଶ୍ଳୋକ,୧୨ : ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।**
**ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥**

**(ଜୀବାତ୍ମା)**

**ଭାବାର୍ଥ :** ଅତୀତରେ ମୁଁ ନଥିଲି, ତୁ ନଥିଲୁ ଭାବିବା ଭୁଲ୍ । ତୁ ମଧ୍ୟ ସବୁବେଳେ ରହିଥିବୁ, ଏହି ଧରଣୀ ପାଳନ କରୁଥିବା ରାଜାମାନେ ମଧ୍ୟ ସବୁବେଳେ ରହିଥିବେ । ପୁନଶ୍ଚ ଏପରି ଭବିଷ୍ୟତରେ ମଧ୍ୟ କେବେ ହେବ ନାହିଁ, ଯେତେବେଳେ ଆମେମାନେ କେହି ନଥିବା ।

**ବିବରଣୀ :** ସମସ୍ତ ଜୀବରାଶି ଦିନେ ରହିବେ ନାହିଁ ବୋଲି ବୋଧହୁଏ ତୁ ଦୁଃଖ କରୁଛୁ ! କିନ୍ତୁ କେହି କେତେବେଳେ କୁଆଡେ ଯିବେ ନାହିଁ । କୌଣସି ଜୀବରାଶି ହେଉ, ମୁଁ ବା ତୁ ହୁଅ, ଏ ଭୂପୃଷ୍ଠର ରାଜାମାନେ ହୁଅନ୍ତୁ, ଜୀବ ଥିବା କୌଣସି ପ୍ରାଣୀ ହେଉ, କେହି ରହିବେ ନାହିଁ କହିବା ଅସତ୍ୟ । ସବୁବେଳେ ସମସ୍ତେ ରହିଥିବା ବୋଲି ଶ୍ରୀକୃଷ୍ଣ କହିବା ଦ୍ୱାରା ଏକ ପ୍ରଶ୍ନ ମଧ୍ୟ ଆସି ପାରେ । ଆମେମାନେ ତ କିଛିକାଳ ରହି ମୃତ୍ୟୁବରଣ କରୁଛେ ! ତେବେ ଆମେ

ଶାଶ୍ୱତ ଭାବରେ ରହିବା, ତାଛଡା କେହି ରହିବେ ନାହିଁ କହିବା ଅସତ୍ୟ ବୋଲି ଶ୍ରୀକୃଷ୍ଣଙ୍କ କହିବା କଥାକୁ ଆମେ କିପରି ବିଶ୍ୱାସ କରିବା ? ଏହାର ସମାଧାନ ତଳ ଶ୍ଲୋକରେ ଦେଖନ୍ତୁ ।

**୧) ଶ୍ଲୋ,୧୩ : ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।**
**ତଥା ଦେହାନ୍ତରପ୍ରାପ୍ତିର୍ ଧୀରସ୍ ତତ୍ର ନ ମୁହ୍ୟତି ॥**

**(ଜୀବାତ୍ମା)**

**ଭାବାର୍ଥ :** ଦେହୀର ଦେହରେ ବାଲ୍ୟ, କୌମାର, ଯୌବନ, ବୃଦ୍ଧାବ୍ୟ ଅବସ୍ଥା କ୍ରମାନ୍ୱୟରେ ଆସିବା ଭଳି, ମରଣ ମଧ୍ୟ ଆସିଥାଏ ।

**ବିବରଣୀ :** ଯିଏ ଦେହରେ ବାସ କରିଥାଏ ତାକୁ ଦେହୀ କହନ୍ତି । ଦେହରେ ତିନିଗୋଟି ଆତ୍ମା ନିବାସ କରିଥାନ୍ତି । ପ୍ରଥମଟି ଜୀବାତ୍ମା, ଦ୍ୱିତୀୟଟି ଆତ୍ମା, ତୃତୀୟଟି ପରମାତ୍ମା । ଏହି ତିନି ଆତ୍ମାଙ୍କୁ ସନ୍ଦର୍ଭ ଅନୁସାରେ ବୁଝିବାକୁ ହୋଇଥାଏ; ପରନ୍ତୁ ଜୀବାତ୍ମା ପାଇଁ କୁହାଯାଇଥିବା ସ୍ଥାନରେ ଆତ୍ମା ପାଇଁ, ଆତ୍ମା ପାଇଁ କୁହାଯାଇଥିବା ସ୍ଥାନରେ ପରମାତ୍ମା ପାଇଁ, ପରମାତ୍ମାଙ୍କ ପାଇଁ କୁହାଯାଇଥିବା ସ୍ଥାନରେ ଆତ୍ମା ପାଇଁ କୁହାଯାଇଛି ବୋଲି ବୁଝିବା ଉଚିତ୍ ନୁହେଁ। ଅନେକ ଗୀତାରେ ଏହି ଶ୍ଲୋକଟି ଜୀବାତ୍ମା ବାବଦରେ କୁହାଯାଇଛି ବୋଲି ନ ଭାବି ଦେହୀ ଅର୍ଥରେ ଆତ୍ମା ଶବ୍ଦକୁ ବ୍ୟବହାର କରି ଭାବାର୍ଥ ଲେଖିଛନ୍ତି । ଦେହୀ କହିଲେ ପ୍ରଥମ ଆତ୍ମା, ଦ୍ୱିତୀୟ ଆତ୍ମା କିମ୍ବା ତୃତୀୟ ଆତ୍ମା ହୋଇ ପାରେ ବୋଲି କେହି ବିଚାର କରିନାହାନ୍ତି । ଏହିଭଳି ଭୁଲ୍ ହେବା ଆଶଙ୍କାକୁ ଦୃଷ୍ଟି ଦେଇ ଆମେ ପ୍ରତ୍ୟେକ ଶ୍ଲୋକର ତଳେ ଚନ୍ଦ୍ରବନ୍ଧନୀ ଭିତରେ ଶ୍ଲୋକଟି ଯାହାପାଇଁ କୁହାଯାଇଛି ଚିହ୍ନାଇଦେଇଛୁ । ଅର୍ଜୁନ ମାନବ (ଜୀବାତ୍ମା) ବାବଦରେ ପଚାରିଛନ୍ତି ସିନା ଦୈବସ୍ୱରୂପ ଆତ୍ମା ବାବଦରେ ପଚାରି ନାହାନ୍ତି । ତେଣୁ ଏହି ଶ୍ଲୋକ ଜୀବାତ୍ମା ପାଇଁ କୁହାଯାଇଛି ବୋଲି ବୁଝିବା ଉଚିତ୍ ।

ଜୀବାତ୍ମା ଏକ ଶରୀର ଧାରଣ କରିଥିବାବେଳେ ସେ ସେହି ଶରୀର ଅନୁସାରେ ତାର କିଛିଦିନକୁ ବାଲ୍ୟାବସ୍ଥା, ତାହା କିଛିଦିନ ବିତିଯିବା ପରେ ଶରୀରରେ କିଶୋରାବସ୍ଥା, ସେହିଭଳି ଯୌବନାବସ୍ଥା ଏବଂ ପରିଶେଷରେ

ବାର୍ଦ୍ଧକ୍ୟାବସ୍ଥା ଆସିଥାଏ । ଏହିଭଳି ଶରୀରର ବିଭିନ୍ନ ଅବସ୍ଥା ଆସିଥାଏ ସିନା ଭିତରେ ଥିବା ଜୀବାତ୍ମାର କୌଣସି ଅବସ୍ଥା ଆସିନଥାଏ କିମ୍ବା ତାର ବୟସ ବଢି ନଥାଏ । କେବଳ ଶରୀରର ବୟସ ବଢିଥାଏ, ବାଲ୍ୟ, କୈଶୋର, ଯୌବନ, ବାର୍ଦ୍ଧକ୍ୟାଦି ଦଶା ଆସିଥାଏ ।

ଉଦାହରଣ ଭାବରେ ବୁଝିବାକୁ ଗଲେ, ଆମର ଗୋଟିଏ କାର୍ କିମ୍ବା ଜିପ୍ ଅଛି ବୋଲି ଭାବିବା । ତାହା ଠିକ୍ ଥିବା ପର୍ଯ୍ୟନ୍ତ ଆମେ ସେଥିରେ ବସି ଯାତ୍ରା କରି ପାରୁଛେ । କିଛିଦିନ ପରେ ତାର ଚକଗୁଡିକ ଘଷରା ହୋଇଯାଇଥାଏ । ଏହିଭଳି ଘଷରା ହୋଇଯିବା କାର୍ ଚକଗୁଡିକର ହୋଇଥାଏ, ହେଲେ ସେଥିରେ ବସି ଯାତ୍ରା କରୁଥିବା ଆମ ପାଦର କିମ୍ବା ଆମ ଶରୀରର କୌଣସି ହାନି ଘଟି ନଥାଏ । କିଛିଦିନ ପରେ ଚକଗୁଡିକ ସମ୍ପୂର୍ଣ୍ଣ ଘଷରା (ପତଳା) ହୋଇ କାର୍‌ଟି ଆଉ ଚାଲି ନପାରିବା ସ୍ଥିତିରେ ପହଞ୍ଚେ, କିନ୍ତୁ ସେଥିରେ ଯାତ୍ରା କରୁଥିବା ଆମର ଅଚଳ ଅବସ୍ଥା ଆସି ନଥାଏ । ଚକଗୁଡିକ ଆଉ କାର୍ଯ୍ୟ କରୁନାହିଁ ବୋଲି ଜାଣି ଆମେ ତାର ପୁରୁଣା ଚକଗୁଡିକ ବାହାର କରିଦେଇ ନୂଆଚକ ଲଗାଉ । ଚକଗୁଡିକ ଘଷରା ହୋଇଯିବା କ୍ରମେ ଯେପରି ସେଥିରେ ବସି ଯାତ୍ରାକରୁଥିବା ଲୋକର କିଛି କ୍ଷତି ହୋଇ ନଥାଏ, ସେହିପରି ଶରୀର ଧାରଣ କରି ରହିଥିବା ଜୀବାତ୍ମାର ଶରୀରରେ ଆସୁଥିବା ବିଭିନ୍ନ ପ୍ରକାର ଦଶା ଭଳି ଜୀବାତ୍ମାର କୌଣସି ଦଶା ଆସି ନଥାଏ । ଘଷରା ହୋଇଯାଇଥିବା ଚକଗୁଡିକୁ କାଢି ନୂଆ ଚକ ଲଗାଇ ଆମେ ପୁଣି କାର୍‌ଟିକୁ ଚଲାଇ ପାରୁଥିବା ଭଳି, ଶରୀରର ଦଶାଗୁଡିକ ସହିତ ବଞ୍ଚିପାରୁଛେ, କାର୍‌ଟି ସମ୍ପୂର୍ଣ୍ଣ ଖରାପ ହୋଇଗଲା ବେଳେ ତାକୁ ଛାଡି ନୂଆ କାର୍ କିଣି ସେଥିରେ ବସି ଯାଇପାରୁଛେ । ଏହିଭଳି ପୁରୁଣା ଶରୀରକୁ ଛାଡି ନୂଆ ଶରୀର ଧାରଣ କରି ଜୀବାତ୍ମା କାଳ ନିର୍ବାହ କରିଥାଏ । କେତେ କାଳ ବିତିଯାଉଥିଲେ ମଧ୍ୟ ଜୀବାତ୍ମା ସବୁବେଳେ ଗୋଟିଏ ସ୍ଥିତିରେ ଥାଏ । ଜୀବାତ୍ମା ଗୋଟିଏ ଶରୀର ଧାରଣ କଲାବେଳେ ଗରିବ ହୋଇପାରେ, ଆଉଗୋଟିଏ ଶରୀରରେ ଧନବାନ୍ ହୋଇପାରେ, ରାଜା ମଧ୍ୟ ହୋଇପାରେ । ଏହିଭଳି ଶରୀର ବଦଳାଉଥାଇ ଜୀବାତ୍ମା ସବୁବେଳେ ରହିଥାଏ । ସେଥିଲାଗି ଭଗବାନ କହିଛନ୍ତି ତୁ ହୁଅ, ଏଇ ରାଜାମାନେ ହୁଅନ୍ତୁ ସମସ୍ତେ ନାହାନ୍ତି ବୋଲି କହିପାରିବା ନାହିଁ । ଏଇଠାରେ

ପୁଣି ଏକ ସନ୍ଦେହ ଆସିଥାଏ ଯେ, ଏହା ସାଧାରଣ ଜୀବପାଇଁ କାର୍ଯ୍ୟକାରୀ ହେଉଥିବା ସୂତ୍ର । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ନିଜକଥା କହିଛନ୍ତି ଅର୍ଥାତ୍ ମୁଁ ମଧ୍ୟ ସବୁବେଳେ ରହିବି ବୋଲି କହିଛନ୍ତି, ସେ ତ ପରମାତ୍ମା, କଣ ତାଙ୍କ ପାଇଁ ଏହି ସୂତ୍ର ଲାଗୁହେବ ? ବୋଲି ପଚ୍ଚରିଲେ, ଏହାର ସମାଧାନରେ ! ପରମାତ୍ମା ମଧ୍ୟ ସାଧାରଣ ମଣିଷ ଭଳି ଶରୀର ଧାରଣ କରିଥାନ୍ତି, ତେଣୁ ସମସ୍ତ ଶରୀର ପାଇଁ ଲାଗୁ ହେଉଥିବା ସୂତ୍ର ଅନୁସାରେ ନିଜକୁ ମଧ୍ୟ ମିଶାଇ କହିଛନ୍ତି । ତାଛଡା ସେ ଯେହେତୁ ପରମାତ୍ମା, ସର୍ବବ୍ୟାପୀ ଏବଂ କାଳସ୍ୱରୂପ ତେଣୁ ସେ ସବୁବେଳେ ଅର୍ଥାତ୍ ସର୍ବ କାଳରେ ଥାଆନ୍ତି, ସେଥିଲାଗି ସେ ସବୁବେଳେ ଥାଆନ୍ତି ବୋଲି କହିଛନ୍ତି ।

ଏଠାରେ ଆଉଏକ ପ୍ରଶ୍ନ ମଧ୍ୟ ଆସିଥାଏ । ଜୀବାତ୍ମା ଦୈବଜ୍ଞାନ ଜାଣି ମୋକ୍ଷପାଇ ଜୀବତ୍ତ୍ୱ ବିନାଶ କରି ପରମାତ୍ମାରେ ଐକ୍ୟ ହେବାବେଳେ ବିନାଶ ହୋଇଥାଏ ! ସେହି ଉଦ୍ଦେଶ୍ୟରେ ତ ଜୀବାତ୍ମାକୁ କ୍ଷର (ବିନାଶୀ) କହିଛନ୍ତି ! ସେତେବେଳେ ଜୀବାତ୍ମା ରହୁନାହିଁ ? ହେଲେ ଭଗବାନ ଆମେ ସବୁବେଳେ ଥିବା କହିବାରେ କି ବିଶେଷତା ରହିଛି ? ଏହାର ସମାଧାନକୁ ନିମ୍ନମତେ ଦେଖିଲେ ! ଏହି ଶ୍ଲୋକରେ ଜୀବାତ୍ମାକୁ ଉଦ୍ଦେଶ୍ୟ କରି ଅର୍ଥାତ୍ ଜୀବମାନଙ୍କୁ କହିଛନ୍ତି ସତ, ହେଲେ ତାହା କେବଳ ଅଜ୍ଞାନରେ ଥିବା ଲୋକମାନଙ୍କୁ କହିବା ଏହି ଶ୍ଲୋକର ବିଶେଷତା । ଏହା ସର୍ବସାଧାରଣ ଜୀବମାନଙ୍କୁ ଉଦ୍ଦେଶ୍ୟ କରି କହିଛନ୍ତି କାରଣ ! ଶରୀର ବିନାଶ ହେବାବେଳେ ଅର୍ଥାତ୍ ହତ୍ୟାର ଶିକାର ହେବା କିମ୍ବା ମୃତ୍ୟୁବରଣ କରିବା ବେଳେ ବା ଶରୀର ବଦଳାଇବା ବେଳେ ଶରୀରରେ ଥିବା ଜୀବାତ୍ମାର କଣ ବିନାଶ ହୁଏ ? ବୋଲି ଅର୍ଜୁନଙ୍କ ସନ୍ଦେହ ସମାନ କଥାରେ ଜୀବାତ୍ମାର ବିନାଶ ହୋଇ ନଥାଏ ବୋଲି କହିଛନ୍ତି । ଏହା ଶରୀର ବଦଳାଇବା କ୍ଷେତ୍ରରେ, ଶରୀର ବିନାଶ ହେବାବେଳେ, ଜୀବାତ୍ମାର ସ୍ଥିତି ବାବଦରେ କୁହାଯାଇଛି ସିନା ଆଗାମୀ ଶ୍ଲୋକରେ କର୍ମ ବିନାଶ ହେଲେ ଜୀବାତ୍ମା ମଧ୍ୟ ବିନାଶ ହୋଇଥାଏ ବୋଲି ବୁଝାଇ ଜୀବାତ୍ମାକୁ କ୍ଷର କହିଛନ୍ତି ।

ଏହି ଶ୍ଲୋକରେ ମୁଖ୍ୟତଃ ତିନି ଆତ୍ମା ଭିତରୁ କେବଳ ଜୀବାତ୍ମା ବାବଦରେ କୁହାଯାଇଛି । ଶରୀର ପତନରେ କେବଳ ଶରୀର ଚ୍ଚଳିଯାଇଥାଏ,

ତାପରେ ଜୀବାତ୍ମା କୌଣସି ଏକ ଶରୀର ଧାରଣ କରି ରହିଥାଏ ବୋଲି ଜଣାଇ ଦିଆଯାଇଛି । ଏହା ଶରୀର ପତନ ପରେ ଜୀବାତ୍ମା କଣ ହୁଏ ତାହା କୁହାଯାଇଛି ସିନା, କର୍ମ ବିନାଶରେ ଜୀବାତ୍ମାର ସ୍ଥିତି କଣ ହୁଏ ସେ ବାବଦରେ କୁହାଯାଇ ନାହିଁ ବୋଲି ଜାଣିବା ଉଚିତ୍ । ଆଜି ପର୍ଯ୍ୟନ୍ତ ଥିବା ସବୁ ଗୀତାରେ ଲେଖାଯାଇଥିବା ଭଳି ଏହି ଶ୍ଳୋକଟି ଆତ୍ମା ଉଦ୍ଦେଶ୍ୟରେ କୁହାଯାଇ ନାହିଁ, ଜୀବାତ୍ମା ଉଦ୍ଦେଶ୍ୟରେ କୁହାଯାଇଛି ବୋଲି ଜାଣିବା ଉଚିତ୍ ।

ଠିକ୍ଅଛି, ଏକଥା ଜାଣିବା ପରେ ଅର୍ଜୁନ ହୁଅନ୍ତୁ କିମ୍ବା ଆମେ ବା ଅନ୍ୟ କେହି ହୁଅନ୍ତୁ, ଜଣକର ଶରୀର ଦଶାଗୁଡିକ ଚାଲିଗଲା ପରେ ସେ କେବଳ ଶରୀର ଛାଡି ଚାଲିଯାଇଛି, ତାର ବିନାଶ ହୋଇନାହିଁ, ସେ ଅଛି, ତାପାଇଁ କାହିଁକି କାନ୍ଦିବା ବୋଲି ଜାଣିଲେ ମଧ୍ୟ ଆମ ସହିତ ସମ୍ପର୍କ ଥିବା ବା ଆମ ପରିଚିତ ବ୍ୟକ୍ତି ଶରୀର ଛାଡି କୁଆଡେ ଚାଲିଗଲା, ଏବେ ସେ କେଉଁଠି ଅଛି, କିପରି ଅଛି ଇତ୍ୟାଦି ଜାଣିନପାରି ଆମେ ନିଶ୍ଚୟ କାନ୍ଦୁଛେ, ଗଭୀର ଦୁଃଖ କରୁଛେ । ସେ ମୃତ୍ୟୁବରଣ କଲା ବୋଲି ନୁହେଁ ସେଭଳି ଲୋକ ଆମଠାରୁ ଦୂର ହୋଇଗଲା ତେଣୁ କିଛି ଜ୍ଞାନ ଜାଣିଥିବା ଲୋକମାନେ ମଧ୍ୟ ଏକଥା କହୁଥିବା ଶୁଣୁଛେ । ଏ ବାବଦରେ ପର ଶ୍ଳୋକରେ ଭଗବାନ ଆଉ କଣ କହୁଛନ୍ତି ଦେଖନ୍ତୁ ।

**(୧) ଶ୍ଳୋକ,୧୪ : ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ! ଶୀତୋଷ୍ଣସୁଖଦୁଃଖଦାଃ ।**
**ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ! ॥**

**(ଜୀବାତ୍ମା)**

**ଭାବାର୍ଥ :** ପଞ୍ଚ ତନ୍ମାତ୍ର ଗୁଡିକ ଦ୍ୱାରା, ଶୀତୋଷ୍ଣ ଦୁଃଖ ସୁଖାଦିକୁ ମାନବ ଅନୁଭବ କରିଥାଏ । ଶୀତୋଷ୍ଣ ଦୁଃଖ ସୁଖାଦି ସବୁବେଳେ ନଥାଏ, ତେଣୁ ଅଶାଶ୍ୱତ । ଆସି ଚାଲିଯାଉଥିବା ସେହି ଅସ୍ଥାୟୀ ସୁଖ ଦୁଃଖ ଦାୟକ ବିଷୟ ଗୁଡିକୁ ସହିବାକୁ ହେବ ।

**ବିବରଣୀ :** ପଞ୍ଚ ତନ୍ମାତ୍ର ହେଉଛି ଆମ ଶରୀରରେ ଥିବା ଜ୍ଞାନେନ୍ଦ୍ରିୟ ଗୁଡିକର ଶକ୍ତି । ଜ୍ଞାନେନ୍ଦ୍ରିୟ ଗୁଡିକ ପାଞ୍ଚଗୋଟି ହୋଇଥିବାରୁ ତନ୍ମାତ୍ର ଗୁଡିକ ମଧ୍ୟ

ପାଞ୍ଚଗୋଟି ଥାଆନ୍ତି । ଉଦାହରଣ ସ୍ୱରୂପ ଆମ ଆଖି ଗୋଟିଏ ଜ୍ଞାନେନ୍ଦ୍ରିୟ । ଆଖି ସମସ୍ତଙ୍କର ଥିଲେ ମଧ୍ୟ ଦୃଷ୍ଟିରେ ଭିନ୍ନତା ଥାଏ । ସମସ୍ତଙ୍କର ଥିବା ଆଖି ଦେଖାଯାଏ, କିନ୍ତୁ ସେ ଆଖିର କେତେ ଦୃଷ୍ଟିଶକ୍ତି ରହିଛି ଦେଖାଯାଇ ନଥାଏ । ଏକ ଜ୍ଞାନେନ୍ଦ୍ରିୟ ହୋଇଥିବା ଆଖି ସମସ୍ତଙ୍କୁ ଦେଖାଗଲେ ମଧ୍ୟ ତନ୍ମାତ୍ର ହୋଇଥିବା ଦୃଷ୍ଟି କାହାକୁ ଦେଖାଯାଏ ନାହିଁ ବୋଲି ଜାଣିବା ଉଚିତ୍ । ତେଣୁ ଶରୀରରେ ଥିବା ଆଖି ଅଲଗା, ଦୃଷ୍ଟି ଅଲଗା । ଆଖି ଦେଖାଯାଏ, ଦୃଷ୍ଟି ଦେଖାଯାଏ ନାହିଁ । କାନ ଥିଲେ ମଧ୍ୟ କାହାର କେତେ ଶ୍ରବଣ ଶକ୍ତି ଅଛି ବାହାରୁ ଦେଖି କହିହେବ ନାହିଁ । ସେହିଭଳି ଦେଖାଯାଉଥିବା ୧) ଆଖି ୨) ନାକ ୩) କାନ ୪) ଜିଭ ୫) ଚର୍ମ ନାମକ ଇନ୍ଦ୍ରିୟ ଗୁଡିକର ୧) ଦୃଷ୍ଟି ୨) ଗନ୍ଧ ୩) ଶବ୍ଦ ୪) ରୁଚି ୫) ସ୍ପର୍ଶ ନାମକ ଦେଖାଯାଉ ନଥିବା ତନ୍ମାତ୍ରଗୁଡିଏ ବା ଶକ୍ତିଗୁଡିଏ ରହିଛି ।

ଏହି ତନ୍ମାତ୍ରଗୁଡିକ ଦ୍ୱାରା ଶରୀରରେ ଥିବା ଜୀବ (ଜୀବାତ୍ମା)କୁ ବାହ୍ୟ ଦୁନିଆର ବିଷୟଗୁଡିକ ଜଣାପଡିଥାଏ, ସେହି ବିଷୟଗୁଡିକ ଜଣାପଡିବା ଯୋଗୁଁ ଜୀବ ସୁଖଦୁଃଖ ଅନୁଭବ କରିଥାଏ । ଦେହ ଧାରଣ କରିଥିବା ପ୍ରତ୍ୟେକ ଜୀବ କୌଣସି ଜାତିର ହେଉ, କୌଣସି ମତାବଲମ୍ବୀ ହେଉ ଏହି ପାଞ୍ଚଗୋଟି ତନ୍ମାତ୍ର ଦ୍ୱାରା ଶୀତ, ଉଷ୍ଣ, ଦୁଃଖ, ସୁଖକୁ ଜାଣିଥାଏ । ଏହି ସିଦ୍ଧାନ୍ତ ଅନୁସାରେ ଆମେମାନେ ମଧ୍ୟ ସୁଖଦୁଃଖାଦି ଅନୁଭବ କରୁଛେ ।

ଜଣେ ବ୍ୟକ୍ତିର ସ୍ତ୍ରୀ ତା ସହିତ କଥାହେବା ଦ୍ୱାରା ଶବ୍ଦ ନାମକ ତନ୍ମାତ୍ର ଦ୍ୱାରା ସେ ସମ୍ବନ୍ଧୀତ ହୋଇଥାଏ । ଦେଖିବା ବେଳେ ଦୃଷ୍ଟି ନାମକ ତନ୍ମାତ୍ର ଦ୍ୱାରା ହିଁ ସମ୍ବନ୍ଧ ସୃଷ୍ଟିହୁଏ, ତାର ସ୍ତ୍ରୀ ମୃତ୍ୟୁବରଣ କରିବା ବେଳେ ସେ ତନ୍ମାତ୍ର ଗୁଡିକ ଦ୍ୱାରା ସମ୍ବନ୍ଧୀତ ହୋଇଥିବାରୁ ତାଠାରେ କିଛି ଜ୍ଞାନ ଥାଇ ମଧ୍ୟ, ତାର ସ୍ତ୍ରୀର ଶରୀର ଚାଲିଗଲା, ହେଲେ ସ୍ତ୍ରୀ କୁଆଡେ ଯାଇନାହିଁ ବୋଲି ଜାଣିଥିଲେ ମଧ୍ୟ, ତନ୍ମାତ୍ର ପ୍ରଭାବରୁ ତାକୁ ନିଶ୍ଚୟ ଦୁଃଖ ବୋଧ ହେବ, କିନ୍ତୁ ସେହି ଦୁଃଖ କିଛି ଦିନ ରହି ଚାଲିଯାଇଥାଏ । କାରଣ ! ତାର ତନ୍ମାତ୍ର ଗୁଡିକ ଅନ୍ୟ ବିଷୟ ଗୁଡିକରେ ଲଗ୍ନ ହୋଇଯାଇଥାନ୍ତି ଏବଂ ସେହି ବିଷୟ ଗୁଡିକ ସହିତ ସମ୍ବନ୍ଧୀତ ହୋଇଯାଇ ଦୁଃଖସୁଖ ଉପୁଜାଇଥାନ୍ତି । ସେଥିଲାଗି ପୂର୍ବ ଦୁଃଖସୁଖକୁ

ସେ ଭୁଲିଯାଇଥାଏ । ଏହିଭଳି କିଛିଦିନ ସ୍ତ୍ରୀ ସହିତ ଲଗ୍ନ ହୋଇଥିବା ତନ୍ମାତ୍ର ବିଷୟ ଗୁଡିକ ଭୁଲିଯିବା ଦ୍ୱାରା ସ୍ତ୍ରୀ କଥା ତାର ମନେପଡେ ନାହିଁ କି ଆଉ ଦୁଃଖ ଜାତ ହୁଏ ନାହିଁ । ମଣିଷକୁ ତନ୍ମାତ୍ର ଗୁଡିକ ବାହାର ବିଷୟର ସୁଖ ଦୁଃଖ ଅନୁଭବ କରାଉଥିବାରୁ କାଳକ୍ରମେ କୌଣସି ସୁଖଦୁଃଖ ଶାଶ୍ୱତ ଭାବରେ ନରହି ସେଗୁଡିକ ଭୁଲିଯିବା ଭଳି ହୋଇଥାଏ । ତେଣୁ ନିଜର ପ୍ରିୟ ଲୋକ ଚାଲିଗଲେ ମଧ୍ୟ ସେ ଦୁଃଖ ମାତ୍ର କିଛିକାଳ ରହିଥାଏ । ବଂଶରେ ପୁଅଟିଏ ନଥାଇ ତାର ପୁଅଟିଏ ଜନ୍ମ ହେଲେ ମଧ୍ୟ ସେହି ସୁଖ ମାତ୍ର କିଛିକାଳ ରହିଥାଏ । ତେଣୁ ଗୀତାର ଏହି ଶ୍ଳୋକରେ **"ଶୀତୋଷ୍ଣ ସୁଖଦୁଃଖଦାଃ ଆଗମାପାୟିନ ଅନିତ୍ୟାଃ"** କହିଛନ୍ତି ଅର୍ଥାତ୍ ଯାହା ଯିବା ଆସିବା କରିଥାଏ, ଯାହା ଅନିତ୍ୟ ତାହା ହିଁ ଦୁଃଖସୁଖ । ଏହି ଅନିତ୍ୟ ଦୁଃଖସୁଖ ଗୁଡିକ ତନ୍ମାତ୍ର ଗୁଡିକ ଥିବା କାରଣରୁ ସମସ୍ତଙ୍କ ଠାରେ ଉପୁଜିଥାଏ; ତଥାପି ସୁଖରେ ଖୁସି ନହୋଇ, ଦୁଃଖରେ ଭାଙ୍ଗି ନଯାଇ, ଧୈର୍ଯ୍ୟର ସହିତ ସବୁ ସହିବାକୁ ପଡିବ ।

କେତେବଡ ବ୍ୟକ୍ତି ହେଉ ତାର ସୁଖଦୁଃଖ ନିଶ୍ଚୟ ରହିଥାଏ । ଏହି ସୁଖଦୁଃଖ ଆସୁଥିଲେ ମଧ୍ୟ ଯିଏ ତାର ବ୍ୟଥାକୁ ସହିଯାଏ, ସେ ଧୈର୍ଯ୍ୟବାନ ଏବଂ ସାମର୍ଥ୍ୟବନ୍ତ, ସେ କେଉଁ ବିଷୟରେ ସମର୍ଥବନ୍ତ ତାହା ତଳ ଶ୍ଳୋକରେ ଭଗବାନ କହୁଛନ୍ତି ।

**(୧) ଶ୍ଳୋକ,୧୫ : ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।**
**ସମ ଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ॥**

**(ଜୀବାତ୍ମା)**

**ଭାବାର୍ଥ :** ଯିଏ ସୁଖଦୁଃଖର ଭିନ୍ନତାକୁ ଦେଖି ନଥାଏ, ଯାହାର ବ୍ୟଥା ଜାତ ହୁଏ ନାହିଁ ସେ ଅମୃତତ୍ତ୍ୱର ଯୋଗ୍ୟ ହୋଇଥାଏ ।

**ବିବରଣୀ :** ଦୁଃଖ ସୁଖ, ଶୀତୋଷ୍ଣ ଆସୁଥିଲେ ମଧ୍ୟ ତାହାକୁ ଧୈର୍ଯ୍ୟର ସହିତ ସହିଯିବାକୁ କହିଛନ୍ତି । ଏହି ଧୈର୍ଯ୍ୟ ପାଇଁ ଅଭ୍ୟାସ କରିବା ଦ୍ୱାରା ତନ୍ମାତ୍ର ଗୁଡିକର ସମ୍ପର୍କ କଟିଯାଇ ପାରେ । ଅଭ୍ୟାସ କରୁ କରୁ ସେ ଦୃଷ୍ଟି, ସ୍ପର୍ଶ, ଗନ୍ଧ, ରୁଚି, ଶବ୍ଦାଦି ତନ୍ମାତ୍ରଗୁଡିକ ସହିତ ସମ୍ପର୍କିତ ନହେବା ଦ୍ୱାରା ତାହା ତାର

ବ୍ରହ୍ମଯୋଗ ହୋଇ ଶେଷରେ ଅମୃତ ଅବିନାଶୀ ପରମାତ୍ମାଙ୍କୁ ପାଇବା ପାଇଁ ସେ ଯୋଗ୍ୟ ହୋଇଥାଏ ।

**(୧) ଶ୍ଳୋକ,୧୬ : ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥**

**(ଆତ୍ମା)**

**ଭାବାର୍ଥ :** ସତ୍ତା ହୋଇଥିବାରୁ ଆତ୍ମାର ବିନାଶ ନାହିଁ, ଶରୀର ଅସତ୍ ତେଣୁ ନିଶ୍ଚୟ ବିନାଶ ହେବ, ନିଶ୍ଚୟତାର ଏହି ଦୁଇ ନିର୍ଣ୍ଣୟ ବିଧିକୁ ଆତ୍ମଦର୍ଶୀମାନେ ଜାଣିଥାନ୍ତି ।

**ବିବରଣୀ :** ଶରୀରରେ ଜୀବାତ୍ମା ବ୍ୟତୀତ ଅବିନାଶୀ ଆତ୍ମା ମଧ୍ୟ ରହିଛି । ବିନାଶଶୀଳ ଜୀବାତ୍ମାଟିଏ ନିବାସ କରୁଥିବା ଶରୀରରେ ଅବିନାଶୀ ଆତ୍ମାଟିଏ ମଧ୍ୟ ରହିଥାଏ । ଜୀବାତ୍ମା ଶରୀର ବଦଳାଇ ଅବିନାଶୀ ଭାବରେ ରହୁଥିଲେ ମଧ୍ୟ ମୋକ୍ଷ (ଶରୀର ନାମକ କାରାଗାରରୁ ମୁକ୍ତି) ପାଇବା ବେଳେ ତାର ବିନାଶ ହୋଇଥାଏ । ସେଥିଲାଗି ଜୀବାତ୍ମାକୁ କ୍ଷର ବା ବିନାଶୀ କହନ୍ତି । ଜୀବାତ୍ମା ଭଳି ନରହି ଆତ୍ମା ସାରାଶରୀରକୁ ଧାରଣ କରି ରହିଥିଲେ ମଧ୍ୟ ତାର ବିନାଶ ନାହିଁ । ତେଣୁ ତାକୁ ଅକ୍ଷର (ଅବିନାଶୀ) କହିଛନ୍ତି । ଅମୃତ ଆତ୍ମା ସମସ୍ତ ଜୀବ ଶରୀରରେ ବ୍ୟାପିରହି, ସେହି ଜୀବମାନଙ୍କର ମୁଣ୍ଡରେ କେନ୍ଦ୍ରସ୍ଥାନ ନିର୍ମାଣ କରି, ସେହିଠାରେ ରହି, ଶରୀରର ନାଡୀଗୁଡିକ ଦ୍ୱାରା ନିଜର ଶକ୍ତିକୁ ସାରା ଶରୀରରେ ଖେଳାଇଥାଏ । ସମସ୍ତ ଜୀବ ଶରୀରର ଅବୟବ ଗୁଡିକ କାର୍ଯ୍ୟ କରିବା ପାଇଁ ଏହି ଆତ୍ମଶକ୍ତି ଆବଶ୍ୟକ । ଆତ୍ମାଶକ୍ତି ନଥିଲେ ଅବୟବ ଗୁଡିକ କାର୍ଯ୍ୟ କରିନଥାନ୍ତି । ଆମେ ବ୍ୟବହାର କରୁଥିବା ରେଡିଓ, ଫ୍ୟାନ୍, ଲାଇଟ୍ ଇତ୍ୟାଦି ବିବିଧ ଉପକରଣ କାର୍ଯ୍ୟ କରିବା ପାଇଁ ବିଦ୍ୟୁତ୍ ନାମକ ଶକ୍ତି ଆବଶ୍ୟକ ହେବା ଭଳି ଆମ ଶରୀରର ଅବୟବ ଗୁଡିକ କାର୍ଯ୍ୟକ୍ଷମ ହେବାପାଇଁ ଶରୀରରେ ଆତ୍ମଚୈତନ୍ୟ ନାମକ ଶକ୍ତି ଆବଶ୍ୟକ ହୋଇଥାଏ । ଆତ୍ମଚୈତନ୍ୟ ନଥିବା ଶରୀର ଭୂପୃଷ୍ଠରେ ନାହିଁ ବୋଲି ଜାଣିବା ଉଚିତ୍ । ଜୀବ ସୁଖଦୁଃଖ ଅନୁଭବ କରିବା ପାଇଁ, ଶରୀର ଅବୟବ ଗୁଡିକ କାର୍ଯ୍ୟ କରିବା ପାଇଁ

କିମ୍ବା ଶରୀରର ଅନ୍ତର୍ଭାଗ କାର୍ଯ୍ୟ କରିବା ପାଇଁ ଆତ୍ମଶକ୍ତି ନିହାତି ଆବଶ୍ୟକ ହୋଇଥାଏ । ସମସ୍ତ ଶରୀରର ସାର ହେଉଛି ଆତ୍ମଚୈତନ୍ୟ ଶକ୍ତି । ସେଥିଲାଗି ଆତ୍ମାକୁ ସତ୍ ବା ସତ୍ତା ବୋଲି ପୂର୍ବେ କହୁଥିଲେ । ଆତ୍ମା ନଥିବା ଶରୀରରୁ ସତ୍ତା ଚାଲିଯାଇଛି ବୋଲି କହୁଥିଲେ ।

ପ୍ରତ୍ୟେକ ଜୀବରାଶିର ଶରୀରରେ ଏହି ସତ୍ତା ବା ଆତ୍ମଚୈତନ୍ୟ ରହିଥାଏ । ଗାଈଠାରେ, ହାତୀଠାରେ, ମାଛିଠାରେ, ମଶାଠାରେ ଏହିଭଳି ସମସ୍ତଙ୍କଠାରେ ଏହି ସତ୍ତା (ଆତ୍ମା) ରହିଥାଏ ବୋଲି ଜାଣିବା ଉଚିତ୍, ତାହା ଶରୀର ସାରା ବ୍ୟାପୀ ରହିଥିବା ବେଳେ ହିଁ ସମସ୍ତ ଅବୟବ ଗୁଡିକ କାର୍ଯ୍ୟ କରିଥାନ୍ତି, ସେହି କାରଣରୁ ଯଦି ଗୋଟିଏ ହାତରେ ସତ୍ତା ନାହିଁ ତେବେ ସେ ହାତ କାର୍ଯ୍ୟ କରି ନଥାଏ । ଏହା କୌଣସି ମତାବଲମ୍ବୀର ଶରୀରରେ ମଧ୍ୟ, କୌଣସି ଜୀବରାଶିଠାରେ ମଧ୍ୟ ରହିଥାଏ ।

ମୋର ଏ ମତ (ଧର୍ମ), ତୋର ସେ ମତ ବୋଲି ନାନା ଭେଦଭାବ ଆମେ ରଖିଥିଲେ ମଧ୍ୟ ଆମ ସମସ୍ତଙ୍କର ଆତ୍ମା ଗୋଟିଏ । ଖାଲି ମଣିଷ କାହିଁକି ସମସ୍ତ ଜୀବରାଶିର ଶରୀରରେ ଥିବା ଏହି ଆତ୍ମା ଗୋଟିଏ । ପୂର୍ବେ ଗାଈଟିଏ ମୃତ୍ୟୁବରଣ କଲେ ଗାଈର ସତ୍ତା ଚାଲିଗଲା କିମ୍ବା ଜଣେ ମଣିଷ ମୃତ୍ୟୁବରଣ କଲାବେଳେ ତାର ସତ୍ତା ଚାଲିଗଲା ବୋଲି କହୁଥିଲେ ।

ସତ୍ତା କୁହାଯାଉଥିବା ଆତ୍ମାର ଏକ ସିଦ୍ଧାନ୍ତ ରହିଛି । ତାହା ହେଉଛି ! ଯେଉଁଠାରେ ଜୀବାତ୍ମା ଅଛି ସେଠାରେ ଆତ୍ମା ନିଶ୍ଚୟ ରହିବ । ସେଥିଲାଗି ଜୀବାତ୍ମା ଶରୀର ଛାଡି ଚାଲିଗଲେ ଆତ୍ମା ମଧ୍ୟ ଶରୀର ଛାଡି ଚାଲିଯାଏ । ଜୀବାତ୍ମା ଯେଉଁଠାରେ ପ୍ରବେଶକରେ ଆତ୍ମା ମଧ୍ୟ ସେହିଠାରେ ପ୍ରବେଶକରେ । ମରଣରେ ଜୀବାତ୍ମା ସହିତ ଚାଲିଯାଇଥିବା ଆତ୍ମା, ପୁନର୍ଜନ୍ମରେ ଜୀବାତ୍ମା ସହିତ ନୂତନ ଶରୀରରେ ପ୍ରବେଶ କରିଥାଏ । ସେଥିଲାଗି ମୃତ୍ୟୁବରଣ କରିଥିବା ଶରୀରର କୌଣସି ସ୍ପନ୍ଦନ ନରହିବା, ଜନ୍ମିତ ଶରୀରରେ ସ୍ପନ୍ଦନ ଆରମ୍ଭହେବା ଘଟିଥାଏ, ଶରୀରର ସ୍ୱୟଂ ଚୈତନ୍ୟଶକ୍ତି ନଥାଏ, ତେଣୁ ତାହାକୁ ଅସତ୍ତା ବା ଅସତ୍ ଏବଂ ସ୍ୱୟଂ ଚୈତନ୍ୟ ସ୍ୱରୂପ ଆତ୍ମାକୁ ସତ୍ତା ବା ସତ୍ ବୋଲି କହୁଛୁ । ଚୈତନ୍ୟ

ନଥିବା ଅସତ୍ ଶରୀରଗୁଡିକ ନଷ୍ଟ ହୋଇଯାଇଥାଏ, ସତ୍ତା ବା ସତ୍ ହୋଇଥିବା ଆତ୍ମା ଅବିନାଶୀ ବୋଲି ଆତ୍ମଦର୍ଶୀମାନେ ଭଲ ଭାବରେ ଜାଣିଥାନ୍ତି । ସମସ୍ତ ଶରୀର ନାମକ ଅନ୍ଧକାର କୋଠରୀର ଦୀପ ଭଳି ଏହି ଆତ୍ମା ବା ଆତ୍ମଚୈତନ୍ୟ ରହିଥାଏ । ଏହା ଥିବା କାରଣରୁ କେତେକ ମନ୍ତ୍ରୀ ପଦବୀରେ, କେତେକ ପୋଲିସ୍ ପଦବୀରେ, କିଏ ଡାକ୍ତର ପଦବୀରେ, କିଏ ଚୋର ହୋଇ, କିଏ ଧନୀ କିଏ ଗରିବ ହୋଇ ମଣିଷ ଜୀବନ ନିର୍ବାହ କରିଥାଏ, ଏହା ନଜାଣି ମୁଁ ପୋଲିସ୍ ଅଫିସର୍ ବୋଲି ହାତରେ ଲାଠି ଖେଳାଇଲେ କଣ ହେବ ! ସେଇ ଖେଳାଇବା ବଳ କାହାର ନଜାଣି ଗର୍ବରେ ଫୁଲିଉଠିବା ଉଚିତ୍ ନୁହେଁ । ମୁଁ ଜଜ୍ ମୋ ହାତରେ କଲମ ଅଛି, ମୁଁ ଯେମିତି ଲେଖିବି ସେମିତି ହେବ ବୋଲି ଭାବିବା ଉଚିତ୍ ନୁହେଁ । ସେହି ଲେଖାରେ ଲାଗୁଥିବା ବଳ କାହାର ତାହା ଜାଣିବା ଉଚିତ୍ । ସାଧାରଣତଃ ସମସ୍ତେ ଭାବି ପାରନ୍ତି ଯେ, ମୋ ଠାରେ ମୋ ବଳ ନଥାଇ ଆଉ କାହାର ବଳଅଛି ! ଆତ୍ମା ଜୀବାତ୍ମାଙ୍କ ବାବଦରେ ଜାଣିଥିବା ଯୀଶୁଙ୍କୁ ଅପରାଧୀ ଭାବରେ କୋର୍ଟରେ ଠିଆ କରାଇବା ଦିନ, ସେ ଜଜ୍ ଜଣକ **'ମୁଁ ତୁମକୁ କୌଣସି ପ୍ରକାରର ଦଣ୍ଡାଦେଶ କଲେ ମଧ୍ୟ ତାହା ନିଶ୍ଚୟ କାର୍ଯ୍ୟକାରୀ ହେବ'** କହିବାବେଳେ ଯୀଶୁ **"ସେହି ଆଦେଶ ତୋତେ ଉପରୁ ଦିଆଯିବା ପରେ ତୋର ଆଦେଶ କାର୍ଯ୍ୟକାରୀ ହେବ, 'ମୋ ଉପରେ ତୋର କୌଣସି ଅଧିକାର ନାହିଁ"** କହିଥିଲେ । ଏହି ବାକ୍ୟରେ କେହି ସ୍ୱତନ୍ତ୍ର ନୁହନ୍ତି, ସମସ୍ତଙ୍କର ଉପର ଅଧିକାରୀ ଆତ୍ମା ଅଛି ବୋଲି ବୁଝିହେଉଛି । ପରମାତ୍ମା କେଉଁଭଳି ଥାଆନ୍ତି ପର ଶ୍ଳୋକରୁ ଜାଣିବା ।

**(୧) ଶ୍ଳୋକ,୧୭ : ଅବିନାଶି ତୁ ତଦ୍ୱିଦ୍ଧି ଯେନ ସର୍ବମିଦଂ ତତମ୍ ।**
**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍କର୍ତୁମର୍ହତି ॥**

**(ପରମାତ୍ମା)**

**ଭାବାର୍ଥ :** ଅବିନାଶୀ ପରମାତ୍ମା ବିଶ୍ୱସାରା ବ୍ୟାପି ରହିଛନ୍ତି, ସେ ହିଁ ସମସ୍ତ ଶରୀରରେ ରହିଛନ୍ତି । ତାଙ୍କୁ କେହି ବିନାଶ କରିପାରିବେ ନାହିଁ ।

**ବିବରଣୀ :** ଜୀବାତ୍ମା ସହିତ ଆତ୍ମା ମଧ୍ୟ ଶରୀରରେ ରହିଛନ୍ତି । ଜୀବାତ୍ମା, ଆତ୍ମାଙ୍କ ବ୍ୟତୀତ ଶରୀରରେ ପରମାତ୍ମା ମଧ୍ୟ ନିବାସ କରୁଛନ୍ତି । ଜୀବାତ୍ମା ଆତ୍ମା ଭଳି ଶରୀରରେ ରହି ଶରୀର ବାହାରେ ମଧ୍ୟ ସର୍ବତ୍ର ପୂର୍ଣ୍ଣ ହୋଇ ପରମାତ୍ମା ରହିଛନ୍ତି । ଅବଧିହୀନ ପରମାତ୍ମା ଶରୀର ଭିତରେ, ବାହାରେ ରହିବା ବ୍ୟତୀତ ସମସ୍ତ ନିର୍ଜୀବ ପଦାର୍ଥରେ ମଧ୍ୟ ଅଣୁ ଅଣୁ ହୋଇ ବ୍ୟାପି ରହିଛନ୍ତି, ତାଙ୍କଠାରୁ କିଛି ମଧ୍ୟ ଭିନ୍ନ ନୁହେଁ । ଗୋଟିଏ ଜାଗାରେ ରହି ଆଉଗୋଟିଏ ଜାଗାରେ ନଥିଲେ ତାଙ୍କୁ ମାରିଦେଇ ପାରନ୍ତେ । ଯିଏ ସବୁଆଡେ ବ୍ୟାପିରହିଛି ତାକୁ ବା କିଏ ମାରିପାରିବ ! ତାଙ୍କୁ ମାରିବା ପାଇଁ ସେ ଦେଖାଯାଆନ୍ତି ନାହିଁ କି କାହାକୁ ଜଣାପଡନ୍ତି ନାହିଁ । କେହି କୌଣସି ଶରୀରକୁ ମାରିଦେବା ବେଳେ, ସେ ଶରୀରର ଆତ୍ମା, ଜୀବାତ୍ମା ଦ୍ୱୟ ଆଉ ଏକ ଶରୀରକୁ ଆଶ୍ରୟ କରିଥାନ୍ତି, କିନ୍ତୁ ଆତ୍ମା, ଜୀବାତ୍ମା ଭଳି ନହୋଇ ପରମାତ୍ମା ମୃତ ଶରୀରର ଅଣୁଅଣୁରେ ମଧ୍ୟ ବ୍ୟାପକ ଭାବରେ ଥାଆନ୍ତି । ତେଣୁ ପରମାତ୍ମା କାହା ଦ୍ୱାରା ମୃତ୍ୟୁବରଣ କରନ୍ତି ନାହିଁ କି କେହି ତାଙ୍କୁ ମାରି ପାରନ୍ତି ନାହିଁ ।

**(୧) ଶ୍ଳୋକ,୧୮ : ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୱୋକ୍ତାଃ ଶରୀରିଣଃ ।**
**ଅନାଶିନୋଽପ୍ରମେୟସ୍ୟ ତସ୍ମାତ୍ ଯୁଧ୍ୟସ୍ୱ ଭାରତ ! ।।**

**(ଆତ୍ମା, ପରମାତ୍ମା)**

**ଭାବାର୍ଥ :** ନିତ୍ୟ ଭାବରେ ରହୁଥିବା ଆତ୍ମା ଏବଂ ଅବିନାଶୀ, ଅପ୍ରମେୟ ପରମାତ୍ମା ନିବାସ କରୁଥିବା ଶରୀର ଦିନେନା ଦିନେ ନିଶ୍ଚୟ ବିନାଶ ହେବ, ତେଣୁ ତୁ ଯୁଦ୍ଧ କର୍ ।

**ବିବରଣୀ :** ଏକ ସଜୀବ ଶରୀରକୁ ବିଭାଜନ କରି ଦେଖିଲେ, ସେଥିରେ ଶରୀର ବ୍ୟତୀତ ଜୀବାତ୍ମା,ଆତ୍ମା,ପରମାତ୍ମା ରହିଥାନ୍ତି ବୋଲି ଜଣାଯାଏ । ଏହି ଶ୍ଳୋକଟି ଜୀବାତ୍ମା ବାବଦରେ ନକହି ଶରୀର, ଆତ୍ମା, ପରମାତ୍ମାଙ୍କ ବାବଦରେ କହିଛନ୍ତି ବୋଲି ଜାଣିବା ଉଚିତ୍ । **"ଅନ୍ତବନ୍ତ ଇମେ ଦେହା"** ନାମକ ବାକ୍ୟ ଅନୁସାରେ ଏହି ଦେହ ବିନାଶଶୀଳ । ଦିନେନା ଦିନେ ବିନାଶ ହେଉଥିବା ଶରୀରରେ ଆତ୍ମା ଅନୁକ୍ଷଣ ରହିଛନ୍ତି, ସେ ଏକ ଏକ ଶରୀରରେ ଏକ ଏକ

ଖଣ୍ଡ ଭାବରେ ରହି ମଧ୍ୟ ସମସ୍ତ ଶରୀରରେ ଏକ ଆତ୍ମା ହୋଇ ରହିଛନ୍ତି । ତେଣୁ ସମସ୍ତ ଶରୀରର ଆତ୍ମା ଗୋଟିଏ ବୋଲି ଜଣାଯାଉଛି । ସବୁ ଶରୀରରେ ଥିବା ଜୀବଗୁଡିକ କର୍ମାନୁସାରେ ଭିନ୍ନ ଭିନ୍ନ ରହିଥାନ୍ତି, ସମସ୍ତେ ଗୋଟିଏ ନୁହନ୍ତି, ଭିନ୍ନ ଭିନ୍ନ । ତେଣୁ ଜୀବାତ୍ମା ଅନେକ ଥାଆନ୍ତି, କିନ୍ତୁ ଆତ୍ମା ଅନେକ ଶରୀରରେ ଅନେକ ଆତ୍ମା ଭାବରେ ଥିଲେ ମଧ୍ୟ, ଜୀବାତ୍ମା ଭଳି ଭିନ୍ନ ଭିନ୍ନ ନରହି ସବୁ ଶରୀରରେ ଗୋଟିଏ ହୋଇ ରହିଥାନ୍ତି ବୋଲି ଜାଣିବା ଉଚିତ୍ । ଏକ ଶରୀରରେ ଥିବା ଆତ୍ମା ହତ୍ୟା ହୋଇଗଲେ ମଧ୍ୟ, ଅନ୍ୟ ଶରୀରର ଆତ୍ମାଗୁଡିକ ସେହିପରି ଥାଆନ୍ତି । ସେଥିଲାଗି ଆତ୍ମା ଅବିନାଶୀ ବୋଲି କହିଛୁ । ଏଠାରେ ଧ୍ୟାନ ଦେବାର ମୁଖ୍ୟବିଷୟ ହେଉଛି ! ଏକ ଶରୀରରେ ଦେଖିଲେ ବିନାଶ ହୋଇପାରୁଥିବା ଆତ୍ମା, ସମସ୍ତ ଶରୀରରେ ଦେଖିଲେ ବିନାଶ ହୋଇ ନଥାଏ ବୋଲି କହିପାରିବା । ଏକଥା ପର ଶ୍ଳୋକରେ କହିଛନ୍ତି ।

ପରମାତ୍ମା ବିଷୟକୁ ଦେଖିଲେ, ଯାହାର ବିନାଶ ନାହିଁ, ଯାହାକୁ କାହା ଦ୍ୱାରା ଜାଣି ହୁଏ ନାହିଁ, ଶେଷରେ ଯୋଗୀମାନଙ୍କ ଦ୍ୱାରା ମଧ୍ୟ ଯିଏ ଜଣାପଡି ନଥାଏ, ଯାହାକୁ କୌଣସି ପ୍ରମାଣ ଜଣାଇପାରି ନଥାଏ, ସେହି ରୂପହୀନ ପରମାତ୍ମା ଏବଂ ଆତ୍ମା ଏହି ଶରୀରରେ ନିବାସ କରିଥାନ୍ତି । ଶରୀର ପ୍ରକୃତିଜ ହୋଇଥିବାରୁ ତାହା ନିଶ୍ଚୟ ଦିନେ ବିନାଶ ହେବ । କାରଣ ଶରୀରର ବାଲ୍ୟ, କିଶୋର, ଯୌବନ, ବାର୍ଦ୍ଧକ୍ୟାଦି ଅବସ୍ଥା ରହିଥାଏ । ଗୋଟିକ ପରେ ଗୋଟିଏ ଏହି ଦଶାଗୁଡିକ ବିନାଶ ଦିଗରେ ଗତି କରିଥାନ୍ତି । ଶେଷରେ ଶରୀର ଦିନେ ଶିଥିଳ ହୋଇ ମୃତ୍ୟୁବରଣ କରେ, କିନ୍ତୁ ଶରୀରରେ ନିବାସ କରୁଥିବା ଆତ୍ମା ପରମାତ୍ମାଙ୍କର ଶରୀରଦଶା ଭଳି ନାନା ଦଶା ନଥାଏ । ତେଣୁ ଆତ୍ମା, ପରମାତ୍ମାଙ୍କର ବିନାଶ ନାହିଁ । ଶରୀର କେତେଗୋଟି ଭାଗର ସମ୍ମିଶ୍ରଣ । ସେହି ଶରୀରଭାଗ ଗୁଡିକରୁ ଦଶଭାଗର ଶରୀର ହେଉଛି ସ୍ଥୁଳ ଶରୀର । ଏହି ଦଶଭାଗର ଶରୀର ପ୍ରତି କ୍ଷଣରେ ବଦଳୁଥାଏ । ଏଭଳି ଅର୍ଥାତ୍ ଗୋଟିଏ ଦିବା କାଳ ୧୨ଘଣ୍ଟା ବା ୭୨୦ମିନିଟ୍ ହୋଇଥାଏ । ଏହାକୁ ସେକେଣ୍ଡ୍‌ରେ ହିସାବକଲେ ୪୩.୨୦୦ ସେକେଣ୍ଡ୍ ହୋଇଥାଏ । ଏହି ଦଶ ଭାଗର ସ୍ଥୁଳଶରୀର ଦେଖାନଯାଇ ପ୍ରତି ସେକେଣ୍ଡରେ ବଦଳୁଥାଏ । ତେଣୁ ଗୋଟିଏ

ଦିନର ଦଶଗୁଣ କାଳକୁ ୪,୩୨,୦୦୦ ସୂକ୍ଷ୍ମକାଳ ବୋଲି କହୁଛୁ । ସୂକ୍ଷ୍ମ କାଳରେ ଦେଖା ନଯାଇ ଶରୀରରେ ୪,୩୨,୦୦୦ପ୍ରକାରର ପରିବର୍ତ୍ତନ ଆସି, ଶରୀର କ୍ରମଶଃ ବାର୍ଦ୍ଧକ୍ୟ ଦିଗରେ ଗତି କରିଥାଏ । ପ୍ରତ୍ୟକ୍ଷ ଭାବରେ ଦେଖା ଯାଉଥିବା ଶରୀର ପରୋକ୍ଷ ଭାବରେ ବଦଳିଥାଏ, ଏହା ପ୍ରତି କ୍ଷଣରେ ବଦଳି ବିନାଶ ଦିଗରେ ଗତି କରିଥାଏ ବୋଲି କାହାକୁ ଜଣାପଡି ନଥାଏ । ଏଭଳି ଶରୀର ବାବଦରେ ଚିନ୍ତା ନକରି ଯୁଦ୍ଧ କରିବା ପାଇଁ ସେ ଅର୍ଜୁନଙ୍କୁ କହିଛନ୍ତି । ଏହି ହିସାବ ଅନୁସାରେ କଳିଯୁଗର ଆୟୁ ମଧ୍ୟ ୪,୩୨,୦୦୦ ସମ୍ବତ୍ସର (ବର୍ଷ) ବୋଲି ଜଣାଯାଏ ।

**(୧) ଶ୍ଳୋକ,୧୯ : ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।**
**ଉଭୌ ତୌ ନ ବିଜାନିତୋ ନାୟଂ ହନ୍ତି ନ ହନ୍ୟତେ ॥**
**(ଜୀବାତ୍ମା)**

**ଭାବାର୍ଥ :** ଯିଏ ଜୀବାତ୍ମାକୁ ମାରିଦେବି ଏବଂ ଯିଏ ଜୀବାତ୍ମା ମୃତ୍ୟୁବରଣ କରେ ବୋଲି ଭାବେ, ସେମାନେ ଉଭୟ ଜ୍ଞାନଶୂନ୍ୟ ବୋଲି ଜାଣ୍ । ଜୀବାତ୍ମା ମୃତ୍ୟୁବରଣ କରେନାହିଁ କି ତାକୁ ମାରିହୁଏ ନାହିଁ ।

**ବିବରଣୀ : ଜୀବାତ୍ମା ମୃତ୍ୟୁବରଣ କରିନଥାଏ ଏବଂ କାହା ଦ୍ୱାରା ମଧ୍ୟ ହତ ହୋଇନଥାଏ ବୋଲି ବୋଧହୁଏ ଏ ଯୁଗରେ ଆମେ ହିଁ ପ୍ରଥମଥର କହିଛୁ ।** ଜୀବାତ୍ମାର ମରଣ ନାହିଁ,ବହୁଶା ଏକଥା ଆପଣମାନେ କୌଣସି ଗୀତାରୁ ପଢି ନଥିବେ । ଏତେ ବଡ ବଡ ଲୋକମାନେ ଯାହା କହି ନାହାନ୍ତି ତାହା ଆପଣ କିପରି କହୁଛନ୍ତି ବୋଲି ପ୍ରଶ୍ନ ମଧ୍ୟ ଆପଣ କରିପାରନ୍ତି । ତେଣୁ ତାର ସମାଧାନ ହେଉଛି ! ଆଜି ପର୍ଯ୍ୟନ୍ତ ଥିବା ଭଗବଦ୍ଗୀତା ଗୁଡିକରେ ସର୍ବ ସୃଷ୍ଟିର ଆଧାର ପରମପୁରୁଷ ପରମାତ୍ମାଙ୍କୁ କେହି ମଧ୍ୟ ତିନି ପୁରୁଷ ଭାବରେ ବିଭାଜନ କରି ନାହାନ୍ତି । ଏହି ଏକମାତ୍ର ଭୁଲ୍ ସମସ୍ତଙ୍କୁ ଭ୍ରମିତ କରିଦେଇଛି । ସେଥିଲାଗି ଆଧ୍ୟାତ୍ମିକ ଲକ୍ଷ୍ୟହୀନ ପଥ ହୋଇ, ଜ୍ଞାନ ସନ୍ଦେହମୟ ହୋଇ, ସମାଧାନ ରହିତ ହୋଇଯାଇଛି । ଏକଥା ଅନେକଙ୍କୁ ଦୁଃଖଦ ବୋଧ ହେଉଥିବ ବୋଲି ଆମେ ମଧ୍ୟ ଜାଣିଛୁ; ତଥାପି କାହାକୁ ଦୁଃଖ ହେଉଛି ବୋଲି ସତ୍ୟକୁ ଲୁଚାଇବା

ଅନୁଚିତ । ତାଛଡା ଜ୍ଞାନ ବିଷୟରେ ଅତି ସତର୍କତାର ସହିତ ରହିବାକୁ ପଡିବ । ବାସ୍ତବତାକୁ ଧୈର୍ଯ୍ୟର ସହିତ ପ୍ରକଟିତ କରିବାକୁ ହେବ । ସପ୍ରମାଣ ରହିଥିବା ସତ୍ୟକୁ ଯଦି ଲୁଚାଇଦେବା ତେବେ ମହାପାପ ହେବ ।

ଏକ ପ୍ରକାର କହିବାକୁ ଗଲେ ଏକଥା ଲେଖିନଥିବା ବଡ ମାନଙ୍କର କୌଣସି ଭୁଲ୍ ନାହିଁ, କାରଣ ! ମାୟା ଈଶ୍ୱର କୃତ । ମାୟାର ମଧ୍ୟ ଦୈବିଶକ୍ତି ରହିଛି ବୋଲି କହିପାରିବା । ଈଶ୍ୱରଙ୍କ ବାବଦରେ କହିବାକୁ ଇଚ୍ଛା କରୁଥିବା ଲୋକ ମାନଙ୍କଠାରେ ମାୟା ହିଁ ଅଧିକ କାର୍ଯ୍ୟ କରିଥାଏ । ବୋଧକମାନେ ମାୟାର ବ୍ୟତିରେକ ଭାବ ନେଇ ଥାଆନ୍ତି, ତେଣୁ ମାୟା ସେମାନଙ୍କୁ ପ୍ରଥମେ ଅପଥରେ ନେଇଗଲେ ସମସ୍ତେ ସେଇମାନଙ୍କ ପଥକୁ ଅନୁସରଣ କରିବେ, ଏହା ହିଁ ମାୟାର ଅଭିପ୍ରାୟ । ସେଥିଲାଗି ଆମେ ମାୟା ପ୍ରଭାବରେ ଛନ୍ଦି ନହୋଇ, କାହାକୁ ଈର୍ଷ୍ୟା, ଭର୍ତ୍ସନା ନକରି, କାହାକୁ ଦୋଷ ନଦେଇ ଆମ ବୁଦ୍ଧିକୁ ତୀକ୍ଷ୍ଣକରି ଦେଖିବା ଉଚିତ୍ । **ଏଠାରେ ଜୀବାତ୍ମାର ମୃତ୍ୟୁ ନାହିଁ କହିବା ଏକ ଋଅଲ୍ୟକର ବିଷୟ ହୋଇଥିବା ବେଳେ, ଆତ୍ମାର ମୃତ୍ୟୁ ଅଛି କହିବା ମଧ୍ୟ ଅନ୍ୟଏକ ଋଅଲ୍ୟକର ବିଷୟ** । ଏସବୁ ବିଷୟକୁ ଏଥିରେ ସହେତୁକ କୁହାଯାଇଛି । ହେତୁବାଦୀମାନଙ୍କୁ ଜବାବ ଦେଇପାରିବା ଭଳି ବିଷୟ ଏଥିରେ ଲେଖାଯାଇଛି । ଏପର୍ଯ୍ୟନ୍ତ ଥିବା ଅଗମ୍ୟ ଅଗୋଚର ବିଷୟର ବିବରଣୀ ଜାଣି, କୌଣସି ପ୍ରଶ୍ନର ଜବାବ ଦେଇପାରୁଥିବା ବ୍ୟକ୍ତି ଭାବରେ ବଦଳି, ଅନ୍ୟମାନଙ୍କୁ ନୂଆ ବିଷୟ ଜଣାଇ, ଆପଣମାନେ ଅଜ୍ଞାନର ରୂପକୁ ବଦଳାଇ ପାରିବା ସହିତ ଏକ ଜୀବ ହୋଇଥିବା ନିଜର କଲ୍ୟାଣ ମଧ୍ୟ କରି ପାରିବେ ବୋଲି ଆଶା କରୁଛୁ ।

ଭଗବଦ୍ଗୀତାର ଏକ ସନ୍ଦର୍ଭରେ ଜୀବକୁ କ୍ଷର, ଆତ୍ମାକୁ ଅକ୍ଷର ନାମରେ କହିଛନ୍ତି, କିନ୍ତୁ ଏଠାରେ ଆତ୍ମାର ମୃତ୍ୟୁ ଅଛି ଜୀବାତ୍ମାର ମୃତ୍ୟୁ ନାହିଁ ବୋଲି ଆପଣ କହିଛନ୍ତି, ଅର୍ଥାତ୍ ଆତ୍ମା କ୍ଷର, ଜୀବାତ୍ମା ଅକ୍ଷର ବୋଲି ଆପଣ କହିବା ଭଳି ହେଉଛି । ତେଣୁ ଆପଣ ଯାହା କହିଛନ୍ତି ତାହା ତ ଭୁଲ୍ ! ବୋଲି କେତେକ ପଋରି ପାରନ୍ତି । ପଋରିବା ଯୋଗ୍ୟ ଏହି ପ୍ରଶ୍ନର ସମାଧାନ ହେଉଛି ! ଜଣେ କର୍ମଋରୀ ଗୋଟିଏ ଅଞ୍ଚଳରୁ ବଦଳି ହୋଇ ଆଉ ଗୋଟିଏ ଅଞ୍ଚଳରେ ଯାଇ

ଚାକିରି କରୁଛି ବୋଲି ଭାବିବା । ଏଭଳି ଅନେକ ଥର ଚାକିରିରେ ବଦଳି ହୋଇ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଉଥାଇ, ସେ ତାର ଚାକିରିଜୀବନ ନିର୍ବାହ କରୁଛି ବୋଲି ଭାବିବା । ଏଠାରେ ତାର ବଦଳି ହେବାବେଳେ, ସେ ଜାଗାଟିଏ ବଦଳାଇବା ଭଳି ଜୀବ ଏକ ଶରୀରରେ କାର୍ଯ୍ୟ କରୁଥାଇ, ଶରୀର ମୃତ୍ୟୁବରଣ କରିବା ବେଳେ ଗୋଟିଏ ଶରୀର ଛାଡି ଆଉଏକ ଶରୀରରେ ପ୍ରବେଶ କରୁଛି । କର୍ମଚାରୀର ବଦଳି ଭଳି ଜୀବର ମରଣ, ତାର ବଦଳି ହୋଇଗଲେ ସେ ଆଉ ନାହିଁ ବୋଲି କହିପାରିବା ନାହିଁ, ଅନେକ ଜାଗା ବଦ-ଳାଇଲେ ମଧ୍ୟ ଶେଷରେ ଚାକିରିରୁ ଅବଶର ନେବା ପରେ ମଧ୍ୟ ସେ ସେହିପରି ଥାଏ, କିନ୍ତୁ ତାର ଆଉ କର୍ମଚାରୀ ପଦବୀ ନଥାଏ । ଠିକ୍ ସେହିଭଳି ଜୀବାତ୍ମା ଅନେକ ଶରୀର ବଦଳାଇ ଶେଷରେ ମୋକ୍ଷ ପାଇବା ଦିନ ତାର ଜୀବ ପଦବୀ ଯାଇଥାଏ । ଅବଶରରେ ଯେପରି ତାର ଚାକିରିଆ ବା କର୍ମଚାରୀ ପଦବୀ ଆଉ ନଥାଏ, ସେହିପରି ମୋକ୍ଷରେ ଜୀବତ୍ତ୍ୱ ରହିନଥାଏ । **ସେଥିଲାଗି ଏଠାରେ ଗ୍ରହଣ କରିବାକୁ ହେବ ଯେ, ମରଣ କହିଲେ ବିନାଶ ନୁହେଁ । ବିନାଶ କହିଲେ ମରଣ ନୁହେଁ** । ମରଣ ଆଉ ବିନାଶ ଭିତରେ ପାର୍ଥକ୍ୟ ରହିଛି । ଜୀବର ମରଣ ନାହିଁ ବୋଲି କହିଛୁ, କିନ୍ତୁ ବିନାଶ ହୁଏନାହିଁ ବୋଲି କହିନାହୁଁ । ସେହିଭଳି ଆତ୍ମା ମୃତ୍ୟୁବରଣ କରେ ବୋଲି କହିଛୁ, କିନ୍ତୁ ବିନାଶ ହୁଏ ବୋଲି କହିନାହୁଁ ! ଜୀବାତ୍ମା ମୃତ୍ୟୁବରଣ କରିନଥାଏ, ଆତ୍ମା କିପରି ମୃତ୍ୟୁବରଣ କରିଥାଏ ତାହା ଏବେ ନିମ୍ନମତେ ଜାଣିବା ।

ଏକ ସଜୀବ ଶରୀରକୁ ଗବେଷଣା କରି ଦେଖିଲେ ତାହା ଅନେକ ଭାଗର ବୋଲି ଜଣାଯାଏ । ପ୍ରତ୍ୟେକ ଭାଗ ଏକ ଏକ କାର୍ଯ୍ୟ କରୁଥାଇ ଶରୀର ଏକ ଯନ୍ତ୍ର ଭଳି ଚାଲୁଥାଏ । ଶରୀରର ପ୍ରତ୍ୟେକ ଭାଗ କାର୍ଯ୍ୟ କରିବା ପାଇଁ ଶକ୍ତି ଆବଶ୍ୟକ, ସେହି ଶକ୍ତିକୁ କୁଣ୍ଡଳିକାଶକ୍ତି ବା ଆତ୍ମାଶକ୍ତି କହୁଛୁ । ଆତ୍ମା ଶରୀରର ମସ୍ତକରେ ମେରୁଦଣ୍ଡର ଶୀର୍ଷଭାଗକୁ କେନ୍ଦ୍ରକରି, ସାରା ଶରୀରରେ ବ୍ୟାପିରହି, ଶରୀରର ଅବୟବଗୁଡିକ ଦ୍ୱାରା କାର୍ଯ୍ୟ କରାଇଥାଏ । ପ୍ରତ୍ୟେକ ଶରୀରଭାଗ ପର୍ଯ୍ୟନ୍ତ ଆତ୍ମା ବ୍ୟାପି ରହିଥାଏ । ଏହିଭଳି ଶରୀରରେ ଆତ୍ମା ରହିଥିବା ସ୍ଥଳେ, ଜୀବାତ୍ମା ଶରୀରର କେବଳ ଗୋଟିଏ ସ୍ଥାନରେ ରହିଥାଏ ।

ଶରୀର ସହିତ ତାର କୌଣସି ସମ୍ବନ୍ଧ ନଥିବା ଭଳି ଜୀବାତ୍ମା ରହିଥାଏ । କେବଳ ନିଜ ପାଖକୁ ଆସୁଥିବା ଦୁଃଖ, ସୁଖକୁ ଅନୁଭବ କରିବା ଜୀବାତ୍ମାର କାର୍ଯ୍ୟ । ଆତ୍ମା ଦ୍ୱାରା କାର୍ଯ୍ୟ କରୁଥିବା ଆଖି ଯେଉଁ ସମାଚାର ପଠାଏ ସେହି ସମାଚାରକୁ ଜୀବ ବୁଦ୍ଧିଦ୍ୱାରା ଗ୍ରହଣକରି ସେହି ଦୃଶ୍ୟର ଆନନ୍ଦ କିମ୍ବା ନିରାନନ୍ଦର ଅନୁଭୂତିକୁ ଅନୁଭବ କରିଥାଏ । ସେହିଭଳି ଆମର ଜ୍ଞାନେନ୍ଦ୍ରିୟ କୁହାଯାଉଥିବା ନାକ, କାନ, ଜିଭ, ଚର୍ମଗୁଡିକ ଦ୍ୱାରା ବିଷୟରାଜି ମନରେ ପହଞ୍ଚି, ମନ ଦ୍ୱାରା ବୁଦ୍ଧିରେ ପହଞ୍ଚିଥାଏ । ଜୀବ ଅନୁଭବ କରିଥାଏ ବୁଦ୍ଧି ଦ୍ୱାରା । ବାହାରର ଜ୍ଞାନେନ୍ଦ୍ରିୟ ଏବଂ ଭିତରର ଜୀବ ମଝିରେ ମଧ୍ୟସ୍ଥି ହୋଇ କାର୍ଯ୍ୟ କରିଥାଏ ମନ । ଏହି ମଧ୍ୟସ୍ଥି ମନ ନଥିଲେ ଜୀବ ଅନ୍ଧାର କୋଠରୀରେ ରହିବା ଭଳି ହୋଇଥାଏ, ବାହାର ଦୁନିଆର ବିଷୟକୁ ଜାଣିପାରେ ନାହିଁ । ସେହିଭଳି ବାହାରର କୌଣସି ଗୋଟିଏ ଜ୍ଞାନେନ୍ଦ୍ରିୟ ନଥିଲେ କୌଣସି ବିଷୟକୁ ଜୀବ ଗ୍ରହଣ କରିପାରେ ନାହିଁ । ଆଖି ନଥିବା ଶରୀରର ଜୀବ ଦୃଶ୍ୟର ଭଲ ମନ୍ଦକୁ ଜାଣିପାରେ ନାହିଁ, ଅନୁଭବ କରିପାରେ ନାହିଁ ।

ଶରୀର ବାହାରର ଜ୍ଞାନେନ୍ଦ୍ରିୟ ଗୁଡିକ କାର୍ଯ୍ୟ କରୁଥିଲେ ମଧ୍ୟ, ମନ ଶରୀରରେ କାର୍ଯ୍ୟ କରୁଥିଲେ ମଧ୍ୟ, ସେମାନଙ୍କ ଦ୍ୱାରା କାର୍ଯ୍ୟ ହେବାର କାରଣ ହେଉଛି ଆତ୍ମା । ମସ୍ତକର ମଧ୍ୟଭାଗରେ ରହୁଥିବା ଜୀବାତ୍ମାର ଶରୀର ସହିତ କୌଣସି ସମ୍ପର୍କ ନଥାଏ । ଆତ୍ମା ଦ୍ୱାରା କାର୍ଯ୍ୟ କରୁଥିବା ଶରୀରଭାଗ ଗୁଡିକ ଦ୍ୱାରା ଜୀବ ଅନୁଭବ କରିଥାଏ, ନଚେତ ଜୀବ ଅନ୍ଧାରଘରେ ରହିବା ଭଳି ହୋଇଯାଏ । ଉଦାହରଣ ସ୍ୱରୂପ ଗୋଟିଏ କୂଅରୁ ଜଣେ ଟେଣ୍ଡାରେ (ପ୍ରାଚୀନ ଜଳ ଉଠାଣ ପଦ୍ଧତି) ପାଣି ଉଠାଇ ଗୋହିରୀରେ (ନାଳରେ) ଢାଳିବା ବେଳେ, କିଛି ଦୂରରେ ଗୋହିରୀର ହୁଡା ଉପରେ ବସିଥିବା ଆଉଜଣେ ଗୋହିରୀରେ ଆସୁଥିବା ପାଣି ପିଉଛି ବୋଲି ଭାବିବା । ନିଜର ବଳକୁ ଉପଯୋଗ କରି କୂଅରୁ ପାଣି କାଢି ଢାଳିବା ଦ୍ୱାରା ପାଣି ଆସିବା ବେଳେ ଦୂରରେ ବସିଥିବା ଲୋକଟି ପାଣିପିଇ ପାଣିର ସ୍ୱାଦ ଅର୍ଥାତ୍ ମିଠା, ଲୁଣିଆ, କ୍ଷାରିଆ କି ଆଉ କି ସ୍ୱାଦର ବୋଲି ଜାଣିପାରେ, କିନ୍ତୁ ଏତେ ପରିଶ୍ରମ କରି ପାଣି ଉଠାଉଥିବା ଲୋକଟି ଜାଣିପାରେ ନାହିଁ । ପାଣି ଉଠାଉଥିବା ଲୋକଟିର ବଳ କାର୍ଯ୍ୟ କରୁଥିବା ସ୍ଥଳେ, ପାଣିକୁ ପିଇ ହୁଡା ଉପରେ ବସିଥିବା ଲୋକଟି ପାଣିର ସ୍ୱାଦକୁ ଅନୁଭବ କରି

ପାରେ । ସେହିଭଳି ବିଶ୍ୱ ନାମକ କୂଅରୁ ନିଜର ଶକ୍ତି ଦେଇ ଇନ୍ଦ୍ରିୟଗୁଡିକ ଦ୍ୱାରା ଦୁଃଖସୁଖର ପାଣିକୁ ଆତ୍ମା ଯୋଗାଇ ଦେବାବେଳେ, ଶରୀରର ମସ୍ତକ ଭାଗରେ ଗୋଟିଏ ସ୍ଥାନରେ ରହିଥିବା ଜୀବାତ୍ମା କେବଳ ପାଣି ପିଉଥିବା ଲୋକଟି ଭଳି ଭିତରେ କିଛି ନକରି କେବଳ ଅନୁଭବ କରିବା ପାଇଁ ରହିଥାଏ । କୂଅରୁ ପାଣି କାଢିବା ପାଇଁ କୌଣସି ଉପକରଣ କିମ୍ବା ନାଳ ସୁବିଧା ନଥିଲେ ପାଣି ପିଇବାକୁ ଥିବା ଲୋକକୁ ପାଣି ମିଳିବ ନାହିଁ । ଏହିଭଳି ଶରୀର ଭାଗର ଇନ୍ଦ୍ରିୟଗୁଡିକୁ ପାଣି କାଢିବା ପାଇଁ ବ୍ୟବହୃତ ହେଉଥିବା ଉପକରଣ ଭାବରେ, ମନକୁ ନାଳ ଭାବରେ, ବୁଦ୍ଧିକୁ ପାଣି ଯୋଗାଇବା ପାତ୍ର ଭାବରେ ତୁଳନା କରିପାରିବା । ଇନ୍ଦ୍ରିୟଗୁଡିକ ହୁଅନ୍ତୁ ମନହେଉ, ବୁଦ୍ଧିହେଉ ଯଦି ନ ରହିବେ ତେବେ ଜୀବାତ୍ମାକୁ କୌଣସି ସମାଚାର ମିଳିପାରିବ ନାହିଁ ।

ଏଠାରେ ପ୍ରମାଦବଶତଃ ପାଣି କାଢୁଥିବା ଲୋକଟି କୂଅରେ ପଡିଯିବା ସମ୍ଭାବନା ଥାଇପାରେ, କିନ୍ତୁ ଦୂରରେ ବସି ପାଣି ପିଉଥିବା ଲୋକର କୌଣସି ପ୍ରମାଦ ନାହିଁ । ସେହିଭଳି ପ୍ରମାଦ ବଶତଃ ହତ୍ୟାର ଶିକାରହେବା ଦ୍ୱାରା ଆତ୍ମା ମୃତ୍ୟୁବରଣ କରିପାରେ, କିନ୍ତୁ ଜୀବାତ୍ମାର କୌଣସି ପ୍ରମାଦ ନାହିଁ । ସେଥିଲାଗି କହିପାରିବା ଯେ, ହତ୍ୟା ସମୟରେ ଜୀବାତ୍ମାର ମରଣ ନାହିଁ, କିନ୍ତୁ ଆତ୍ମା ମୃତ୍ୟୁବରଣ କରିଥାଏ, ଏହା ଜାଣିବା ଉଚିତ୍ । ଯଦି ଆମେ କହିବା ଯେ, ଆତ୍ମା ମୃତ୍ୟୁବରଣ କରୁନାହିଁ ଜୀବାତ୍ମା ମୃତ୍ୟୁବରଣ କରୁଛି ! ତେବେ ପାଣି କାଢୁଥିବା ଲୋକର ପ୍ରମାଦ ନାହିଁ ବା ପାଣି କାଢୁଥିବା ଲୋକଟି କୂଅରେ ପଡିଯିବାର ସମ୍ଭାବନା ନାହିଁ, ତେବେ ହୁଡା ଉପରେ ବସି ପାଣି ପିଉଥିବା ଲୋକଟି କୂଅରେ ପଡିଯିବା ସମ୍ଭାବନା ଅଛି କହିବା ଭଳି ହେବ । ଆତ୍ମା, ଜୀବାତ୍ମାର ହତ୍ୟା, ଆତ୍ମହତ୍ୟା ବାବଦରେ ତଳେ ଆହୁରି ବିପୁଳ ଭାବରେ ଜାଣିବା ।

ଏକ କାରାଗାରରେ ଦଣ୍ଡ (ଜେଲ୍‌ଦଣ୍ଡ) ଦିଆଯାଇଥିବା ଏକ କଏଦୀର ପାଖରେ ଜଣେ ଜଗୁଆଳୀ (ଗାର୍ଡ) ରହି କଏଦୀ କୁଆଡେ ଯାଇ ନପାରିବା ଭଳି ତାର ଗୋଡରେ ବନ୍ଧାଯାଇଥିବା ଶିଙ୍କୁଳିକୁ ହାତରେ ନ ଧରି ନିଜ ଅଣ୍ଟାରେ ବାନ୍ଧିଦେଇଥିଲା ବୋଲି ଭାବିବା । ଏଭଳି ବାନ୍ଧିବା ଦ୍ୱାରା କଏଦୀ ଯେଉଁ ଜାଗାକୁ ଯିବ ଜଗୁଆଳୀ ମଧ୍ୟ ସେ ଜାଗାକୁ ଯିବାକୁ ପଡିବ । ଯଦି ଜଗୁଆଳୀ କୁଆଡେ

ଯିବାକୁ ଚାହେଁ ତେବେ କଏଦୀକୁ ମଧ୍ୟ ଜଗୁଆଳୀ ସହିତ ଯିବାକୁ ହେବ । ଏହି ପରିସ୍ଥିତିରେ କଏଦୀକୁ ଆଉଏକ କାରାଗାରକୁ ଯିବାକୁ ପଡିଲେ ଜଗୁଆଳୀ ମଧ୍ୟ ସେଠାକୁ ଯିବାକୁ ହେବ । କଏଦୀ ସହିତ ଜଗୁଆଳୀକୁ ଶାଶ୍ୱତ ଭାବରେ ରହିବା ପାଇଁ ଉପରୁ ଆଦେଶ ମିଳିଥିବାରୁ କଏଦୀର ସମସ୍ତ ରେକର୍ଡ ସହିତ ଜଗୁଆଳୀକୁ ଯିବାକୁ ହେବ । ଦଣ୍ଡ ଅନୁସାରେ କଏଦୀକୁ ଆହାର ଇତ୍ୟାଦି ଦେବା ସହିତ ତା ଦ୍ୱାରା କେଉଁ କାର୍ଯ୍ୟ କରାଇବାକୁ ହେବ, ତାକୁ କେଉଁ କଷ୍ଟ,ସୁଖ ଦେବାକୁ ହେବ ସବୁର ପ୍ରତ୍ୟକ୍ଷସାକ୍ଷୀ ହୋଇ ରହିଥାଏ ଜଗୁଆଳୀ । ଏହି କାହାଣୀରେ କଏଦୀ ସହିତ ଜଗୁଆଳୀ ରହିଥିବା ଭଳି, ଶରୀର ନାମକ କାରାଗାରରେ କଏଦୀ ଭଳି ଜୀବାତ୍ମା ଥିବାବେଳେ, ଜଗୁଆଳୀ ଭାବରେ, ତାର ପ୍ରତ୍ୟକ୍ଷସାକ୍ଷୀ ଆତ୍ମା ରହି ତା ଦ୍ୱାରା କାର୍ଯ୍ୟର ଦୁଃଖ ସୁଖକୁ ଅନୁଭବ କରାଉଛି । ଏକ ଶରୀରକୁ ଛାଡି ଚାଲିଯିବା ବେଳେ ଜୀବାତ୍ମା ସହିତ ଆତ୍ମା ତାର କର୍ମ ରେକର୍ଡକୁ ନେଇ ଅନ୍ୟ ଶରୀରକୁ ଯାଇଥାଏ ।

ଶରୀର ଏକ କାରାଗାର ଭଳି, ସେଥିରେ ଥିବା ଜୀବ ନାମକ କଏଦୀ ଅପରାଧର ଦଣ୍ଡ ଭୋଗୁଥିବା ବେଳେ, ଯଦି ଆହୁରି ନୂଆ ଅପରାଧ କରୁଛି, ତେବେ ତା ଅପରାଧର ନୂଆ ରେକର୍ଡ ପାଇଁ ପୁଣି ତାକୁ ଦଣ୍ଡ ଭୋଗିବାକୁ ହେବ, ସେହିଭଳି ଏକ ଶରୀରରେ କର୍ମ ଅନୁଭବ କରୁଥିବା ଜୀବ ସେହି ଶରୀରରେ ନୂଆକର୍ମ ଅର୍ଜନ କଲେ, ପୁନର୍ବାର ତାକୁ ଆଉ ଏକ ନୂଆ ଶରୀର ନାମକ କାରାଗାରରେ ଅଧିକରୁ ଅଧିକ ଦଣ୍ଡ ଅନୁଭବ କରିବାକୁ ହେବ । ଜୀବ ପୁରୁଣା କର୍ମ ଅନୁଭବ କରୁକରୁ ନୂଆ କର୍ମ ମଧ୍ୟ ଅର୍ଜନ କରୁଥିବାରୁ, ଶରୀର ନାମକ କାରାଗାରକୁ ବଦଳି ହୋଇଥାଏ, ତା ସହିତ ଜଗୁଆଳୀ ଭଳି ଥିବା ଆତ୍ମା ମଧ୍ୟ ବଦଳି ହୋଇଥାଏ । ଏଭଳି କାରାଗାର ବଦଳାଇବା ହେଉଛି ମରଣ । ଏକ ଶରୀରରେ ଅନୁଭବ କରିବାକୁ ଥିବା କର୍ମ ସମ୍ପୂର୍ଣ୍ଣ ଅନୁଭବ କରି ଅନ୍ୟଏକ ଶରୀରକୁ ଯିବା ମରଣ ହେବାବେଳେ, ଏକ ଶରୀରରେ ଅନୁଭବ କରିବାକୁ ଥିବା କର୍ମକୁ ସମ୍ପୂର୍ଣ୍ଣ ଅନୁଭବ କରିବା ପୂର୍ବରୁ ଶରୀରକୁ ଛାଡି ଚାଲିଯିବା **ଅକାଳ ମରଣ** ହୋଇଥାଏ । ଏହି ଅକାଳମରଣ ଦୁଇ ପ୍ରକାରର । ଗୋଟିଏ ହେଉଛି ହତ୍ୟା ଏବଂ ଅନ୍ୟଟି ଆତ୍ମହତ୍ୟା । **ଅନୁଭବ କରିବାକୁ ଥିବା**

**ପ୍ରାରବ୍ଧକର୍ମ ଶରୀରରେ ଅନୁଭବ କରିବା ଆଗରୁ ଜୀବ ସେହି ଶରୀରକୁ ଛାଡି ଚାଲିଯିବାକୁ ହତ୍ୟା କହୁଛୁ । ସେହିଭଳି ଏକ ଶରୀରରେ ଅନୁଭବ କରିବାକୁ ଥିବା ପ୍ରାରବ୍ଧ କର୍ମକୁ ଅନୁଭବ କରିବା ପୂର୍ବରୁ ଶରୀର ଛାଡି ଆତ୍ମା ଚାଲିଗଲେ ତାହାକୁ ଆତ୍ମହତ୍ୟା କହୁଛୁ । ଏଠାରେ ଜାଣିବା ବିଷୟ ହେଉଛି ଜୀବାତ୍ମା, ଆତ୍ମା ଭିତରୁ କିଏ ପ୍ରଥମେ ଶରୀର ଛାଡି ଯାଉଛି ।** ଏହି ବିଷୟ ଜାଣିବାପରେ, ତାହା ହତ୍ୟା କି ଆତ୍ମହତ୍ୟା କହିପାରିବା ।

ତିନି ଆତ୍ମା ଭିତରୁ ଜୀବାତ୍ମାକୁ ଭଗବଦ୍ଗୀତାରେ କ୍ଷର କୁହାଯାଇଛି, କ୍ଷର କହିଲେ ବିନାଶୀ । ଶରୀର ବିନାଶ ହେଲେ ମଧ୍ୟ ଜୀବର ବିନାଶ ହୋଇ ନଥାଏ ବୋଲି ଆମେ ଏଇ ଗୀତାରେ ମଧ୍ୟ କହିଛୁ । ଗୋଟିଏ ସନ୍ଦର୍ଭରେ ଜୀବ ବିନାଶୀ ଆଉଗୋଟିଏ ସନ୍ଦର୍ଭରେ ଅବିନାଶୀ କହିବା ବିଚିତ୍ର ବୋଧ ହେଲେହେଁ ଦୁଇଟିଯାକ କଥା ସତ ବୋଲି ଜାଣିବା ଉଚିତ୍ । ସନ୍ଦର୍ଭାନୁସାରେ ଏଭଳି କହିବାକୁ ପଡିଛି । ଶରୀର ବିନାଶ ହେବାବେଳେ ଜୀବ ବିନାଶ ନହେବା କଥା ସତ । ଶରୀର ଅନେକ ଥର ବଦଳୁଥିଲେ ମଧ୍ୟ ଜୀବ ବିନାଶ ହୋଇନଥାଏ । ଏଠାରେ ବିନାଶ ନହେବା କଥା ସତ ହେଲେ ମଧ୍ୟ ଜୀବ କ୍ଷର ହୋଇଥିବାରୁ ଦିନେ ନିଶ୍ଚୟ ବିନାଶ ହେବ । ଏହା କିପରିନା ! ଜୀବାତ୍ମା କର୍ମରୁ ବହିର୍ଗତ ହୋଇ ମୋକ୍ଷ ପାଇବା ବେଳେ ଆଉ ଜନ୍ମହୁଏ ନାହିଁ, ସେ ମୋକ୍ଷ ବା ପରମାତ୍ମା ଭାବରେ ବଦଳି ଯାଇଥାଏ, ତେଣୁ ସେ ଆଉ ଜୀବାତ୍ମା ହୋଇ ନଥାଏ, ସେତିକିବେଳେ ଜୀବାତ୍ମାର ବିନାଶ ହେଲା ବୋଲି କହିପାରିବା । ତେଣୁ ସେପର୍ଯ୍ୟନ୍ତ ଶରୀର ବ୍ୟତୀତ ଜୀବାତ୍ମାର ବିନାଶ ନାହିଁ ବୋଲି କହୁଥିବା ଆମେ ଏବେ ଜୀବାତ୍ମା ବିନାଶ ହୁଏ ବୋଲି ମାନିବାକୁ ପଡିବ । ସେହିଭଳି ଗୀତାରେ ଆତ୍ମାକୁ ଅକ୍ଷର କହିଛନ୍ତି । ଅକ୍ଷର କହିଲେ ଯିଏ ଅବିନାଶୀ । କ୍ଷର ହୋଇଥିବା ଜୀବକୁ ଅବିନାଶୀ ବୋଲି ସନ୍ଦର୍ଭାନୁସାରେ କହିବାକୁ ପଡିଛି, ସେମିତି ଅକ୍ଷର ହୋଇଥିବା ଆତ୍ମାର ମରଣ ଅଛିବୋଲି ସନ୍ଦର୍ଭାନୁସାରେ କହିବାକୁ ପଡିଛି । ହତ୍ୟା, ଆତ୍ମହତ୍ୟା କହିବାରେ ଆତ୍ମହତ୍ୟାର ଅର୍ଥ ଆତ୍ମା ମୃତ୍ୟୁବରଣ କରିଥାଏ ବୋଲି ବୁଝିବାପାଇଁ ଏହିଭଳି କୁହାଯାଇଛି । ଏହାକୁ କେହି ଭୁଲ୍ ବୁଝନ୍ତୁ ନାହିଁ । ଉପର ଶ୍ଳୋକରେ **'ହନ୍ତି ନ ହନ୍ୟତେ'** ନାମକ ସନ୍ଦର୍ଭ ଆସିଥିବାରୁ ହତ୍ୟାର

ବିବରଣୀ ଦେବାକୁ ପଡିଛି । ହତ୍ୟା ଆତ୍ମହତ୍ୟାର ବିବରଣୀ ଆଉକିଛି ତଳେ ଦେଖିବା ।

ହତ୍ୟା କହିଲେ ଅନ୍ୟମାନଙ୍କ ଦ୍ୱାରା ମୃତ୍ୟୁବରଣ କରିବା । ଆତ୍ମହତ୍ୟା କହିଲେ ନିଜେ ନିଜକୁ ମାରିବା ବୋଲି ଆଜି ସମସ୍ତେ କହନ୍ତି । ଏହା ଖାଲି ଆଜିର ବ୍ୟବହାରିକ ବିଷୟ ବୋଲି ଭାବନ୍ତୁ ନାହିଁ, ଧର୍ମ ସ୍ଥାନରେ ଅଧର୍ମ ଏବଂ ଅଧର୍ମ ସ୍ଥାନରେ ଧର୍ମ ରହିଯାଇଛି ! ତେଣୁ ଏହି ବିଷୟରେ ପ୍ରଥମେ ବାସ୍ତବ ଧର୍ମ କ'ଣ ଆଉ ଅଧର୍ମ କ'ଣ ଜାଣିବା ।

ଜୀବର ମରଣ ଦୁଇ ପ୍ରକାରର, ଗୋଟିଏ କାଳ ମରଣ ଅନ୍ୟଟି ଅକାଳ ମରଣ । ହତ୍ୟା, ଆତ୍ମହତ୍ୟା ଦୁଇଟି ଅକାଳ ମରଣ ଅନ୍ତର୍ଭୁକ୍ତ । କାଳମରଣ ବାବଦରେ ଆମ ରଚନାର **"ଜନନ ମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥରେ ବିପୁଳ ଭାବରେ ଜଣାଇଛୁ । ଜୀବ କର୍ମାନୁସାରେ ଶରୀରରେ ରହି ଦୁଃଖସୁଖକୁ ଅନୁଭବ କରିଥାଏ । ଶରୀରରେ ଜୀବର ଏକମାତ୍ର କାର୍ଯ୍ୟ ହେଉଛି ଶରୀରରେ ଦୁଃଖସୁଖକୁ ଅନୁଭବ କରିବା । ଜୀବ ଦୁଃଖସୁଖକୁ ଅନୁଭବ କରିବା ପାଇଁ ଶରୀର ଚଳପ୍ରଚଳ ହୋଇ କାର୍ଯ୍ୟ କରିବାକୁ ଶକ୍ତି ଦେଇଥାଏ ଆତ୍ମା । ଆତ୍ମଚୈତନ୍ୟ ଦ୍ୱାରା ଶରୀର କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟରୁ ମିଳୁଥିବା ଦୁଃଖସୁଖକୁ ଭିତରେ ଥାଇ ଅନୁଭବ କରିଥାଏ ଜୀବ । ଏହି ଅନୁସାରେ କହିପାରିବା ଯେ, ଶରୀରକୁ ଚଳପ୍ରଚଳ କରାଇବା ଶକ୍ତି ଜୀବର ନାହିଁ । ସେହି ଶକ୍ତି କେବଳ ଆତ୍ମାର ଅଛି । ଆତ୍ମାର ଚୈତନ୍ୟଶକ୍ତି ସକଳ ଅବୟବ ଗୁଡିକୁ କର୍ମ ଅନୁସାରେ ଚଳପ୍ରଚଳ କରି, ସାରା ଜଗତରେ ବଞ୍ଚୁଥିବା ଜୀବରାଶିଙ୍କ ଜୀବନ ନିର୍ବାହ କରାଉଛି, କିନ୍ତୁ ମୋ ଶରୀର ମୋଦ୍ୱାରା ଚଳପ୍ରଚଳ ହେଉଛି ବୋଲି ଜୀବ ଭ୍ରମିତ ହୋଇଥାଏ । ଅଜ୍ଞାନ ଦ୍ୱାରା ଆତ୍ମା କହିଲେ କଣ, ତାର କାର୍ଯ୍ୟ କଣ ନଜାଣି ଜୀବ ସବୁ କାର୍ଯ୍ୟର କାରଣ ମୁଁ ଭାବିବା ସାଧାରଣ ବିଷୟ । ବାସ୍ତବରେ ଜୀବ ଅଲଗା, ଆତ୍ମା ଅଲଗା । କର୍ମ ଅନୁସାରେ ଘଟିବାକୁ ଥିବା କାର୍ଯ୍ୟଗୁଡିକୁ ଆତ୍ମା ଶରୀର ଦ୍ୱାରା କରାଇଥାଏ ।

ଏବେ ଅସଲ ବିଷୟକୁ ଯିବା । ସମସ୍ତ ସଜୀବ ଶରୀରରେ ଆତ୍ମା, ଜୀବାତ୍ମା ନାମକ ଦୁଇଟି ଆତ୍ମା ରହିଥାଏ । ଏବେ ଉଦାହରଣ ଭାବରେ ଝିଟିପିଟିର ଶରୀରକୁ ନେବା । ଝିଟିପିଟିର ଶରୀରରେ ମଧ୍ୟ ଦୁଇଟି ଆତ୍ମା ରହିଥାନ୍ତି । ଝିଟିପିଟି ଯଦିଓ କାନ୍ଥରେ ଚାଲିପାରିଥାଏ ତା ଦେହରେ ଥିବା ଆତ୍ମା କାରଣରୁ ଚାଲି ପାରିଥାଏ । ଝିଟିପିଟି କାନ୍ଥରେ ଚାଲୁଥିବା ବେଳେ କୌଣସି କାରଣରୁ ତଳକୁ ଖସିପଡିଲା କିମ୍ବା କବାଟ ସନ୍ଧିରେ ଚାପିହୋଇ ତାର ଲାଞ୍ଜ ଛିଣ୍ଡିଗଲା ବୋଲି ଭାବିବା । ସେତେବେଳେ ତଳେ ପଡିଯାଇଥିବା ଝିଟିପିଟିର ଲାଞ୍ଜ ଏବଂ ଶରୀର ଦୁଇଟି ଅଲଗା ଅଲଗା ଭାଗ ହୋଇଗଲା । ଲାଞ୍ଜ କିଛି ଛିଣ୍ଡିଗଲେ ମଧ୍ୟ ଶରୀରର କୌଣସି କ୍ଷତି ହୋଇ ନଥିବାରୁ ସେ କିଛିକ୍ଷଣ ପରେ ପୁଣି କାନ୍ଥ ଉପରକୁ ଉଠି ଚାଲିଗଲା, କିନ୍ତୁ ତାର ଛିଣ୍ଡିଯାଇଥିବା ଲାଞ୍ଜ କିଛି ସମୟ ଛଟପଟ ହୋଇ ଶେଷରେ ପଡିଥିବା ଜାଗାରେ ସ୍ଥିର ହୋଇଗଲା । ଏଭଳି ଘଟଣା ପ୍ରାୟ ଅନେକ ଲୋକେ ନିଜ ନିଜ ଘରେ ଦେଖିଥିବେ । ଛିଣ୍ଡିଯାଇଥିବା ଲାଞ୍ଜ କିଛିସମୟ ଛଟପଟ ହେବାର କାରଣ ହେଉଛି ସେଥିରେ ଥିବା ଆତ୍ମା । ଝିଟିପିଟିର ଶରୀରରେ ତାର ମୁଣ୍ଡଠାରୁ ଲାଞ୍ଜ ପର୍ଯ୍ୟନ୍ତ ବ୍ୟାପି ରହିଥିବା ଆତ୍ମଚୈତନ୍ୟ ଛିଣ୍ଡିଯାଇଥିବା ଲାଞ୍ଜରେ କିଛି ରହିଯାଇଥିଲା । ସେହି ଶକ୍ତି ଦ୍ୱାରା ଲାଞ୍ଜଟି କିଛି ସମୟ ଛଟପଟ ହେଉଥିଲା । ସେହି ଶକ୍ତି ବା ଆତ୍ମଚୈତନ୍ୟ ସେଥିରୁ ଚାଲିଯିବା ପରେ ଲାଞ୍ଜଟି ଆଉ ଛଟପଟ ନହୋଇ ସ୍ଥିର ହୋଇଗଲା ବା ଚଳନ ରହିତ ହୋଇଗଲା । ଝିଟିପିଟି ଶରୀରର ଲାଞ୍ଜ ଛିଡିଗଲେ ମଧ୍ୟ ଶରୀରର ଅନ୍ୟ ମୁଖ୍ୟ ଅବୟବଗୁଡିକ ଯଥାବିଧ ରହିଥିଲା ତେଣୁ ତାହା ଆତ୍ମା ନିବାସ ଯୋଗ୍ୟ ହୋଇଥିବାରୁ, ସେ ଚଳପ୍ରଚଳ ହୋଇ ପାରୁଥିଲା । ଏହି ଘଟଣାରୁ ଜଣାପଡେ ଯେ, ସାରାଶରୀରରେ ବ୍ୟାପିଥିବା ଆତ୍ମାରୁ କିଛି ଆତ୍ମା ଖଣ୍ଡିତ ହୋଇଗଲା ।

କୁକୁଡା ଶରୀରରୁ ତାର ମୁଣ୍ଡକୁ ଅଲଗା କଲାବେଳେ ତାର ଶରୀର କିଛି ସମୟ ଛଟପଟ ହେଉଥିବା ଦୃଶ୍ୟ ପ୍ରାୟ ସମସ୍ତେ ଦେଖିଥିବେ । ଏଠାରେ ଶରୀରର ମୁଖ୍ୟ ଭାଗଗୁଡିକ ମୁଣ୍ଡଠାରୁ ଅଲଗା କରିଦେବା ବେଳେ ମୁଣ୍ଡର ଆତ୍ମା ଗୋଟିଏ ଭାଗ ଏବଂ ଶରୀରସାରା ରହିଥିବା ଆତ୍ମା ଆଉଏକ ଭାଗରେ ଖଣ୍ଡିତ

ହେଲା । ମୁଣ୍ଡର ସମ୍ବନ୍ଧ ବା ଆତ୍ମଚୈତନ୍ୟ ପ୍ରସାର ବିଛିନ୍ନ ହୋଇଯାଉଥିବାରୁ ସେହି ଶରୀର ସ୍ଥିର ହୋଇଯାଇଥାଏ ବା ମୃତ୍ୟୁବରଣ କରିଥାଏ । ଯେହେତୁ ଆଉ ଶରୀର ନାହିଁ ସେହି କାରଣରୁ ଆତ୍ମା, ଜୀବାତ୍ମା ମୁଣ୍ଡରେ ନରହି ଛାଡି ଚାଲିଯାଇଥାନ୍ତି । ଏହି ଘଟଣାରେ ମଧ୍ୟ ଆତ୍ମା ଦୁଇଭାଗ ହୋଇ ଖଣ୍ଡିତ ହୋଇଥାଏ ବୋଲି ଜଣାଯାଉଛି । ଆପଣମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଛିନା! **ଆତ୍ମା ଆୟୁଧ ଦ୍ୱାରା ଛିଣ୍ଡେ ନାହିଁ, ଜଳରେ ବୁଡେ ନାହିଁ, ଅଗ୍ନିରେ ପୋଡେ ନାହିଁ ବୋଲି ଭଗବଦ୍ଗୀତାରେ ସମସ୍ତେ କହିଥିବା ବେଳେ, ଏହାଙ୍କ ମୁଣ୍ଡ ଖରାପ ନା କଣ! ଇଏ "ଆତ୍ମା ଖଣ୍ଡିତ ହୁଏ" କହୁଛନ୍ତି!** ବୋଲି ଆପଣମାନେ ଭାବିପାରନ୍ତି । ସେଥିପାଇଁ ଆମର ସମାଧାନ ହେଲା! ଭଗବଦ୍ଗୀତାରେ ଯାହା କୁହାଯାଇଛି ତାହା ସତ, କିନ୍ତୁ ଆମେ ବୁଝିବାରେ ଭୁଲ୍ କରିଛେ । ଏଠାରେ କେଉଁ ଆତ୍ମା ଖଣ୍ଡିତ ହୁଏ ? ଜାଣିବା ଉଚିତ୍ । ଜୀବାତ୍ମା ? ଆତ୍ମା ? କି ପରମାତ୍ମା ? ଏହି ତିନି ଆତ୍ମାର ବୟାନ ନ ଜାଣିଲେ ଆମେ ନିଶ୍ଚୟ ଭୁଲ୍ ବୁଝିବା । ଏତେ କଥା କାହିଁକି, ଏବେ ମୁଁ ଗୋଟିଏ ପ୍ରଶ୍ନ କରୁଛି! ହତ୍ୟା କହିଲେ ମାରିଦେବା ବୋଲି ସମସ୍ତେ ବୁଝନ୍ତି ପରା! ତେବେ ହତ୍ୟାର ଅର୍ଥ ଏପରି ଥିବାବେଳେ ଆତ୍ମହତ୍ୟା କହିଲେ ଆତ୍ମାକୁ ହତ୍ୟା କରିବା ବା ଆତ୍ମାକୁ ମାରିଦେବା କି ନାଇଁ!! ଏହାର ଜବାବ ହେବ ହଁ, ଆତ୍ମାକୁ ମାରି ଦିଆଯାଇ ପାରେ କିମ୍ବା ଖଣ୍ଡିତ କରାଯାଇ ପାରେ । ତେଣୁ ଛେଦିତ ହୋଇଥିବା ଶରୀରର ଆତ୍ମା ମଧ୍ୟ ଛେଦିତ ହେଉଛି । କଟି ଯାଇଥିବା ଶରୀର ଭାଗର ଆତ୍ମା ଛଟପଟ ହେଉଛି ବୋଲି ଆମେ ଆଖିରେ ଦେଖି ମଧ୍ୟ ବୁଝିପାରି ନାହେଁ । ଜଣେ ଲୋକ ଆଉଜଣେ ଲୋକକୁ ହାଣିଦେବା ବେଳେ, ହଣାଯାଇଥିବା ଶରୀରର ଆତ୍ମା ଶରୀର ସହିତ କଟିଯାଇ, ଶରୀରଠାରୁ ଅଲଗା ହୋଇ ଚଳନ ରହିତ ହୋଇଯାଉଛି । ସେହିଭଳି ଗୋଟିଏ ଜନ୍ତୁ ଆଉ ଗୋଟିଏ ଜନ୍ତୁକୁ ଶିକାର କରିବାବେଳେ ମଧ୍ୟ ଆତ୍ମା ଚଳନରହିତ ହୋଇଯାଉଛି । ଏକ ମୁଖ୍ୟ ଏବଂ ଯଥାର୍ଥ ଉଦାହରଣକୁ ଏଠାରେ ଟିକିଏ ପରିଶୀଳନ କରିବା ।

ଦିନେ ଏକ ପୋଲ ଉପରେ ପଡିଥିବା ରେଲଧାରଣା ଉପରେ ଜଣେ ବିଦ୍ୟାର୍ଥୀ ନିଜ ସାଇକେଲ୍ ଧରି ଯାଉଥିବା ବେଳେ ପ୍ରମାଦ ବଶତଃ ତାର

ଗୋଡଖସି ୩୦ ଫୁଟ ଉଚ୍ଚରୁ ତଳକୁ ଖସିପଡିଲା । ପଡିବା ପରେ ତା ଦେହରୁ ଟୋପାଏ ରକ୍ତ ମଧ୍ୟ ବାହାରି ନଥିଲା, କିନ୍ତୁ ଏତେ ଉଚ୍ଚରୁ ଖସିପଡିବାରୁ ତାର ମେରୁଦଣ୍ଡ ଭାଙ୍ଗିଯାଇଥିଲା । କୌଣସି ବାହ୍ୟ କ୍ଷତ ହୋଇ ନଥିଲେ ମଧ୍ୟ ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ତାର ଅଣ୍ଟାଠାରୁ ତଳକୁ ଥିବା ଅଧାଶରୀର ଛଟପଟ ହେଲା । ନିଜର ଅଧା ଶରୀର ଛଟପଟ ହେଉଛି ବୋଲି ସେ ନିଜ ଆଖିରେ ମଧ୍ୟ ଦେଖୁଥିଲା, କିନ୍ତୁ ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ କାହିଁକି ଛଟପଟ ହେଉଛି ସେ ବୁଝିପାରି ନଥିଲା । ହୃତ୍‌ପିଣ୍ଡର ତଳ ଭାଗଠାରୁ ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ତାର ଫୁସ୍‌ଫୁସ୍ କାର୍ଯ୍ୟ କରୁଥିଲା, କିନ୍ତୁ ସେଠାରୁ ତଳ ଭାଗକୁ ଚଳପ୍ରଚଳ କରାଉଥିବା ଚୈତନ୍ୟଶକ୍ତି ମେରୁଦଣ୍ଡ ଦ୍ୱାରା ପ୍ରସାର ହୋଇ ନପାରିବାରୁ ତାର ଜୀର୍ଣ୍ଣାଶୟ କାର୍ଯ୍ୟ କଲା ନାହିଁ । ଶରୀରର କୌଣସି କ୍ଷତ ହୋଇ ନଥିଲେ ମଧ୍ୟ ଚୈତନ୍ୟ ପ୍ରସାର କରୁଥିବା ନାଡୀ ଛିଣ୍ଡି ଯାଇଥିବାରୁ, ବଳକା ତଳ ଭାଗର ଶରୀର ପ୍ରାୟ ଦୁଇମିନିଟ୍ ପର୍ଯ୍ୟନ୍ତ ଛଟପଟ ହୋଇ, ଶେଷରେ ସ୍ଥିର ରହିଯାଇଥିଲା । ଅଧା ଶରୀର ମୃତ୍ୟୁ ବରଣ କରି, ଅଧା ଶରୀରରେ ବଞ୍ଚି ରହିଥିବା ସେହି ବିଦ୍ୟାର୍ଥୀଟି ଦୁଇଦିନ ପରେ ମୃତ୍ୟୁବରଣ କଲା । ଏହି ଘଟଣାରେ ମଧ୍ୟ ଆତ୍ମା ଦୁଇଖଣ୍ଡ ହୋଇ ଅଧା ଶରୀର ମୃତ୍ୟୁବରଣ କରି, ବଳକା ଶରୀର ଦୁଇଦିନ ପରେ ମୃତ୍ୟୁବରଣ କରିଥିଲା ବୋଲି ସ୍ପଷ୍ଟ ଜଣାପଡୁଛି ।

ଅନେକ ଘଟଣାର ଆଧାରରେ ଶରୀରର ଆତ୍ମା ଖଣ୍ଡିତ ହୋଇଥାଏ ଏବଂ ମରଣରେ ଜୀବ ସହିତ ମୃତ୍ୟୁବରଣ କରି ଆତ୍ମା ଅନ୍ୟ ଏକ ଶରୀରକୁ ଯାଇଥାଏ ବୋଲି ଜଣାପଡୁଛି । ଏହି ବିବରଣୀ ଅନୁସାରେ ଜଣେ ଆଉ ଜଣକୁ କୁରାଢିରେ ହାଣି ମାରିଦେବା ବେଳେ, ଶରୀର ଭାଗରେ ବ୍ୟାପିଥିବା ଆତ୍ମା ମଧ୍ୟ ହାଣି ହୋଇଥାଏ (ଛେଦିତ ହୋଇଥାଏ) । ତେଣୁ ତାହାକୁ ଆତ୍ମାର ହତ୍ୟା ବା **ଆତ୍ମହତ୍ୟା** ବୋଲି କହିବା ଉଚିତ୍ । ଜଣକ ଦ୍ୱାରା ଜଣେ ମୃତ୍ୟୁବରଣ କରିବାକୁ ଏଠାରେ **ହତ୍ୟା** କାଣ୍ଡ ଘଟିଲା ବୋଲି ସାଧାରଣତଃ ସମସ୍ତେ କହିଥାନ୍ତି, କିନ୍ତୁ ତାହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ଜାଣିବା ଉଚିତ୍ । ସାରାଶରୀରରେ ବ୍ୟାପିରହିଥିବା ଆତ୍ମାକୁ ଆଉଜଣେ ବଳପୂର୍ବକ ଅଟକାଇ ଦେବାକୁ ହତ୍ୟା କହିବା ଉଚିତ୍ ନୁହେଁ, **ଆତ୍ମହତ୍ୟା** କହିବା ଉଚିତ୍ । ଜଣେ ଲୋକ ଆଉଜଣେ

ଲୋକକୁ ହେଉ, କୌଣସି ଜନ୍ତୁକୁ ହେଉ ମାରିଦେଲେ ତାହା ହତ୍ୟାନୁହେଁ ଆତ୍ମହତ୍ୟା ହୋଇଥାଏ । ଏହି ରହସ୍ୟକୁ ଜାଣିବା ପରେ ନୂଆକରି କଥା ପ୍ରସଙ୍ଗରେ କହିବା ଅଡୁଆ ଲାଗିଲେ ମଧ୍ୟ, ଏହା ଆଚରଣରେ ଲୁଚି ରହିଥିବା ଦୈବଧର୍ମ । ଆଜିଯାଏଁ ଯାହା ହତ୍ୟା ଭାବୁଥିଲେ ତାହା ଆତ୍ମହତ୍ୟା, ଆଜିଯାଏଁ ଯାହା ଆତ୍ମହତ୍ୟା ଭାବୁଥିଲେ ତାହା ହତ୍ୟା ବୋଲି ଜାଣନ୍ତୁ । ଏବେ ହତ୍ୟାର ବିବରଣୀ ଜାଣିବା ।

ଶରୀରରେ ଜୀବାତ୍ମା, ଆତ୍ମା ନାମକ ଦୁଇଟି ପୁରୁଷ ଅଛନ୍ତି ବୋଲି ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ଥିବା ୧୬ତମ ଶ୍ଳୋକରେ କୁହାଯାଇଛି । ଦୁଇ ଆତ୍ମା ଭିତରୁ ଆତ୍ମାକୁ ମାରିଦେବାକୁ ଆତ୍ମହତ୍ୟା କୁହାଯାଏ ବୋଲି ଏବେ ଜାଣିଲେ । ଆତ୍ମା ଏବଂ ଜୀବାତ୍ମା ଜନ୍ମରେ, ମରଣରେ ଗୋଟିକ ପଛରେ ଗୋଟିଏ ଯାଇଥାନ୍ତି । ଶରୀର ଧାରଣ କଲାବେଳେ ହେଉ, ଶରୀର ଛାଡିବା ବେଳେ ହେଉ, ଆତ୍ମା ଜୀବାତ୍ମା ଦୁହେଁ ଏକସାଙ୍ଗରେ ଯିବା ଆସିବା କରିଥାନ୍ତି । ଆତ୍ମା ଶରୀରରୁ ପ୍ରଥମେ ଯିବାକୁ ଚାହିଁଲେ ଜୀବାତ୍ମା ମଧ୍ୟ ତା ପଛରେ ଚାଲିଯାଏ । ଏହି ଭିନ୍ନତାକୁ ନେଇ ହତ୍ୟା, ଆତ୍ମହତ୍ୟାର ଭିନ୍ନତା ରହିଛି । **ଆତ୍ମା ସହିତ ଜୀବାତ୍ମା ଚାଲିଗଲେ ଆତ୍ମହତ୍ୟା, ଜୀବାତ୍ମା ପଛରେ ଆତ୍ମା ଚାଲିଗଲେ ହତ୍ୟା ବୋଲି କହୁଛୁ ।** ଅନ୍ୟ ଏକ ଶରୀର ଦ୍ୱାରା ଶରୀରର ଆତ୍ମା ମୃତ୍ୟୁବରଣ କରିବା ଆତ୍ମାର ହତ୍ୟା ବା ଆତ୍ମହତ୍ୟା ହୋଇଥାଏ । ସେହିଭଳି ଏକ ଶରୀରର ଆତ୍ମା ଦ୍ୱାରା ସେହି ଶରୀରର ଜୀବାତ୍ମା ମୃତ୍ୟୁବରଣ କରିବା ହତ୍ୟା ହୋଇଥାଏ । ଆତ୍ମାକୁ ମାରିବା ଆତ୍ମହତ୍ୟା ହେଲେ, ଜୀବାତ୍ମାକୁ ମାରିବା ହତ୍ୟା ହୋଇଥାଏ । ଏଠାରେ ଧ୍ୟାନଦେବା ବିଷୟ ହେଉଛି ! ଜୀବାତ୍ମା, ଆତ୍ମାର ଭିନ୍ନତା ଜାଣିନଥିଲେ ହତ୍ୟା, ଆତ୍ମହତ୍ୟାର ଭିନ୍ନତା ବୁଝିହେବ ନାହିଁ ।

ଜଣେ ଗଳାରେ ଦଉଡିବାନ୍ଧି ଫାଶୀ ଲଗାଇଛି (ଦଉଡିଦେଇଛି) ବୋଲି ଭାବିଲେ, ତାହା ଆତ୍ମହତ୍ୟା ହେବନାହିଁ ହତ୍ୟା ହେବ । ସେହି ଶରୀରର ଆତ୍ମା ନିଜର ଚୈତନ୍ୟ ଦ୍ୱାରା ସେହି ଶରୀରରେ ଜୀବାତ୍ମା ନିବାସ କରିବା ପାଇଁ ପ୍ରତିକୂଳ ପରିସ୍ଥିତି ଉପୁଜାଉଛି,ତେଣୁ ଏଠାରେ ଆତ୍ମା ଜୀବାତ୍ମାକୁ ମାରିଦେଉଛି ।

ମୃତ୍ୟୁବରଣ କରିବା ବେଳେ ଜୀବାତ୍ମା ପଛରେ ଆତ୍ମା ଚାଲିଯାଉଛି, ତେଣୁ ଏହା ହତ୍ୟା ହେବ । ସେହିଭଳି ମରଣ ଦଣ୍ଡ ଆଦେଶିତ ଜଣେ କଏଦୀକୁ ଆଉଜଣେ ଗଳାରେ ଦଉଡିବାନ୍ଧି ଅଣନିଶ୍ୱାସୀ କରି ମାରିଦେଲେ ତାହା ସୂତ୍ର ଅନୁସାରେ ହତ୍ୟା ନହୋଇ ଆତ୍ମହତ୍ୟା ହେବ । କାରଣ ! ଏଠାରେ ଆତ୍ମା ସହିତ ଜୀବାତ୍ମା ଚାଲିଯାଇଥାଏ । ଏହି ସନ୍ଦର୍ଭରେ ଶାସ୍ତ୍ରବଦ୍ଧ ସୂକ୍ଷ୍ମଧର୍ମ କ'ଣ ଜାଣନ୍ତି ! ଇତର ଶରୀର ଦ୍ୱାରା, ଏକ ଶରୀର ମୃତ୍ୟୁବରଣ କରିବାବେଳେ ସେହି **ମରଣ** ସିଧା **ଆତ୍ମାକୁ** ପ୍ରାପ୍ତ ହୁଏ । ସେହିଭଳି ଏକ ଶରୀର ଆଉ କାହାର ବିନା ହସ୍ତକ୍ଷେପରେ ଆତ୍ମା ଦ୍ୱାରା ମୃତ୍ୟୁବରଣ କଲାବେଳେ ସେହି **ମରଣ** ସିଧା **ଜୀବାତ୍ମାକୁ** ପ୍ରାପ୍ତ ହୁଏ । ଏହା କିପରି ବୋଲି ପ୍ରଶ୍ନ କଲେ ! ଏକ ଶରୀରର ଜ୍ଞାନାଗ୍ନି ଆଉ ଜଣକର କର୍ମକୁ ଜଳାଇବା ବେଳେ ତାହା କେବଳ ପ୍ରାରବ୍ଧକର୍ମକୁ ଜଳାଇଥାଏ । ସେହିଭଳି ଏକ ଶରୀରର ଜ୍ଞାନାଗ୍ନି ସେହି ଶରୀରର ପ୍ରାରବ୍ଧ କର୍ମକୁ ଜଳାଇ ପାରେ ନାହିଁ, ସିଧା ସଞ୍ଚିତକର୍ମକୁ ଜଳାଇ ପାରେ । ଗୋଟିଏ ଜ୍ଞାନାଗ୍ନି ନିଜ ଶରୀରରେ ସଞ୍ଚିତକର୍ମ ଉପରେ, ଅନ୍ୟ ଶରୀରରେ ପ୍ରାରବ୍ଧକର୍ମ ଉପରେ ଯେପରି କାର୍ଯ୍ୟ କରିଥାଏ, ସେହିଭଳି ଗୋଟିଏ 'ମରଣ' ନିଜ ଶରୀର ଦ୍ୱାରା ହେଲେ ଜୀବର, ଅନ୍ୟ ଶରୀର ଦ୍ୱାରା ହେଲେ ଆତ୍ମାର ବୋଲି ମନେ ରଖିବା ଉଚିତ୍ । ନିଜ ଶରୀରର ମରଣପାଇଁ ନିଜେ କାରଣ ହେଲେ ତାହା **ହତ୍ୟା,** ଆଉଜଣେ କାରଣ ହେଲେ ତାହା **ଆତ୍ମହତ୍ୟା** ବୋଲି ଜାଣିବା ଶାସ୍ତ୍ରବଦ୍ଧ ଆତ୍ମଜ୍ଞାନ ହୋଇଥାଏ । ଅଜ୍ଞାନ ଦ୍ୱାରା ତାର ବିପରୀତ ହତ୍ୟାକୁ ଆତ୍ମହତ୍ୟା ବୋଲି, ଆତ୍ମହତ୍ୟାକୁ ହତ୍ୟା ବୋଲି ସମସ୍ତେ ଭାବିଥାନ୍ତି । ଏହି ହତ୍ୟା, ଆତ୍ମହତ୍ୟା ଦୁଇଟି ଅକାଳ ମରଣ ଅନ୍ତର୍ଭୁକ୍ତ ବୋଲି ଭୁଲନ୍ତୁ ନାହିଁ ।

ଆତ୍ମା ଚେଷ୍ଟାରେ ଜୀବ ମୃତ୍ୟୁବରଣ କରିବା ସୂତ୍ରବଦ୍ଧ ଭାବରେ ହତ୍ୟା ହୁଏ । ତା ଦ୍ୱାରା ହେଉଥିବା ପାପ ଆତ୍ମାକୁ ଛୁଁଏ ନାହିଁ । ଜୀବ ମୃତ୍ୟୁବରଣ କରିବା ଦ୍ୱାରା ଆତ୍ମାର ପାପ ହୁଏ ନାହିଁ, କାରଣ ! ଆତ୍ମାର ଅହଂଭାବ ନଥାଏ । ଏକ ଶରୀର ଆଉଏକ ଶରୀର ମରଣର କାରଣ ହେବାବେଳେ ତାହା ଆତ୍ମହତ୍ୟା ହୋଇଥାଏ, ଜୀବ ପାପକର୍ମର ବନ୍ଧନରେ ପଡେ । ଏଥିରୁ ମିଳୁଥିବା ପାପ ଅତି ଭୟଙ୍କର, ଈଶ୍ୱରଙ୍କୁ ମାରିଦେବା ଭଳି ପାପ ବନ୍ଧନରେ ଜୀବ ପଡିଥାଏ । ଏକ

ଶରୀର ମୃତ୍ୟୁରେ ଆଉଏକ ଶରୀରର ଆତ୍ମଚୈତନ୍ୟ କାରଣ ହେବାବେଳେ ଆତ୍ମହତ୍ୟା ପାପରେ ଜୀବ କାହିଁକି ପଡିବ ? ବୋଲି ପ୍ରଶ୍ନ ଆସିପାରେ । ତାର ସମାଧାନ ହେଉଛି ! ଆତ୍ମହତ୍ୟାର କାରଣ ଆତ୍ମା, ଏହା ସତ କଥା, ହେଲେ ଜୀବ କିଛି କରେ ନାହିଁ ସୂତ୍ର ଅନୁସାରେ ତାର ଆତ୍ମହତ୍ୟା ସହିତ କୌଣସି ସମ୍ପର୍କ ନାହିଁ; ପରନ୍ତୁ ସେହି ଶରୀରର ଅହଂ ସହିତ ଜୀବ ତାଦାତ୍ମ୍ୟ ହୋଇଥାଏ, ଅର୍ଥାତ୍ ତାକୁ ମୁଁ ମାରିଦେଲି ବୋଲି ଭାବିଥାଏ । ମୁଁ ମାରିଛି ବୋଲି କାହାକୁ ନ କହିଲେ ମଧ୍ୟ ସେ ଭିତରେ ସ୍ୱୀକାର କରିଥାଏ । ଏଠାରେ ଅହଂ ଜୀବକୁ ତୁ ମାରିଛୁ ବୋଲି ସ୍ୱୀକାର କରାଉଥିବାରୁ ଆସୁଥିବା ପାପ ଜୀବର କର୍ମ କୁଣ୍ଡଳୀରେ ପ୍ରବେଶ କରିଥାଏ । ସମ୍ପର୍କ ନଥିବା କର୍ମକୁ ଅହଂ ନାମକ ଅବୟବ ଦ୍ୱାରା ଜୀବ ଅଯଥା ନିଜ ଉପରକୁ ନେଇଥାଏ ଏବଂ ସେହି କର୍ମକୁ ଅନୁଭବ କରିବା ପାଇଁ ପୁନର୍ବାର କୌଣସିନା କୌଣସି ଶରୀର ଧାରଣ କରି ଜନ୍ମ ହୋଇଥାଏ ।

ଅନ୍ୟାନ୍ୟ ଭୌତିକ କାର୍ଯ୍ୟରୁ ଜୀବ ଅହଂକାର ଦ୍ୱାରା ଛୋଟ ଛୋଟ କର୍ମ ଅର୍ଜନ କରିଥାଏ । ତାର ଫଳ ସେତେ ବଡ ନହେଲେ ମଧ୍ୟ ମରଣ ସମ୍ବନ୍ଧୀୟ କର୍ମ ଅତି ଭୟଙ୍କର । ଜୀବ ତାର ଅହଂଭାବ ଦ୍ୱାରା ଆତ୍ମାକୁ ହତ୍ୟା କରିଛି, ତେଣୁ ଅନ୍ୟ କେଉଁଠାରେ ଅହଂଭାବ ପ୍ରାପ୍ତ ହେବାବେଳେ ଛୋଟ କର୍ମ ଆସିଥାଏ ସିନା, **ମରଣ** ବିଷୟରେ **ଅହଂଭାବ** ପ୍ରାପ୍ତହେଲେ ଭୟଙ୍କର କର୍ମ ଆସିଥାଏ । ସେଥିଲାଗି **ଆତ୍ମହତ୍ୟା ମହାପାପ ବୋଲି ବଡମାନେ କହିଥିଲେ** । ଆଜି ଭୂପୃଷ୍ଠରେ ଅନେକ ଲୋକ କାହାଠାରୁ ଟଙ୍କା ନେଇ କୌଣସି ଲୋକକୁ ମାରି ଦେଉଛନ୍ତି । ସେହିଭଳି କିଛିଲୋକ ଅନ୍ୟ କିଛି ଲୋକଙ୍କୁ ଟଙ୍କାଦେଇ କେତେକଙ୍କୁ ମରାଇ ଦେଉଛନ୍ତି । ହତ୍ୟା ଆତ୍ମହତ୍ୟାର ବିବରଣ ଜାଣିନଥିବା ଲୋକେ ହତ୍ୟାକଲେ ବୋଲି ଭାବନ୍ତି, ହେଲେ ଆତ୍ମହତ୍ୟା କରନ୍ତି ବୋଲି ଜାଣନ୍ତି ନାହିଁ,ତେଣୁ ପାପ କେତେ ଭୟଙ୍କର ଜାଣନ୍ତି ନାହିଁ । ଏହି ବିଷୟ ଜାଣିପାରିଥିବା ବଡମାନେ, ଏହି ବିଷୟ ସମସ୍ତଙ୍କୁ ଜଣାଇ ଭୂପୃଷ୍ଠର ଅଜ୍ଞାନତା ଦୂର କରିପାରିବେ ।

ଗୋଟିଏ ଶରୀରର ଜୀବାତ୍ମା ଗୋଟିଏ ହୋଇଥିବା ବେଳେ ଜଗୁଆଳି ଆତ୍ମା ମଧ୍ୟ ଗୋଟିଏ ହୋଇଥାଏ । ପ୍ରତ୍ୟେକ ଶରୀରରେ ଏହି ଧର୍ମ ଥାଏ ।

ତେଣୁ ଗୋଟିଏ ଧର୍ମରେ ଅଲଗା ଅଲଗା ଆତ୍ମା ରହିବା ଦ୍ୱାରା ଗୋଟିଏ ଶରୀରର ଆତ୍ମାଠାରେ ଯେଉଁ ନିୟମ କାର୍ଯ୍ୟକରେ, ତାହା ଏକାବେଳେ ସବୁ ଶରୀରରେ କାର୍ଯ୍ୟ କରି ନଥାଏ । ଗୋଟିଏ ଶରୀରରେ ହତ୍ୟା ହେବାବେଳେ ମଧ୍ୟ ସବୁ ଶରୀରରେ ଥିବା ଆତ୍ମାର ହତ୍ୟା ହୋଇ ନଥାଏ । ଆତ୍ମାକୁ ବିଶାଳ ଭାବରେ ଦେଖିବା ବେଳେ ତାହା ହତ୍ୟା ହୋଇନାହିଁ । ଆତ୍ମାକୁ ବିଶାଳ ଭାବରେ ନଦେଖି ଏକ ଶରୀରର ଏକ ଖଣ୍ଡ ଭାବରେ ଦେଖିଲେ ସେହି ମରଣ ଆତ୍ମହତ୍ୟା ହୋଇଥାଏ । ପ୍ରତ୍ୟେକ ଶରୀରରେ ଭିନ୍ନ ଭିନ୍ନ ଥିବା ଜୀବାତ୍ମା ବାସ୍ତବରେ ବିନାଶୀ, କିନ୍ତୁ ସନ୍ଦର୍ଭାନୁସାରେ ଶରୀର ବିନାଶ (ମରଣ) ରେ ଜୀବର ବିନାଶ ହୁଏ ନାହିଁ ସେ ଅବିନାଶୀ ବୋଲି କୁହାଯାଏ । **ସବୁ ଶରୀରରେ ଏକ ଅଂଶ ଭାବରେ ଥିବା ଆତ୍ମା ଅବିନାଶୀ ହେଲେ ମଧ୍ୟ କେତେକ କ୍ଷେତ୍ରରେ ମୃତ୍ୟୁବରଣ କରୁଛି ବୋଲି କୁହାଯାଉଛି । ବିନାଶୀ (କ୍ଷର) ଜୀବାତ୍ମାର ମରଣ ନଥିଲେ ମଧ୍ୟ, ଅବିନାଶୀ (ଅକ୍ଷର) ଆତ୍ମାର ମରଣ ଥିଲେ ମଧ୍ୟ ଶେଷରେ ଜୀବାତ୍ମାର ବିନାଶ ହୁଏ, ଆତ୍ମା ଅବିନାଶୀ ବୋଲି ଜାଣିବା ଉଚିତ୍** । ମରଣ ଆଉ ବିନାଶର ଭିନ୍ନତା ରହିଛି ବୋଲି ଭୁଲନ୍ତୁ ନାହିଁ । ଏକ ଶରୀରର ଆତ୍ମାକୁ ଜାଣି ପାରିଲେ ତାହା ଆତ୍ମଦର୍ଶନ ହୋଇଥାଏ । ସକଳ ଜୀବରାଶିରେ ଆତ୍ମା କିପରି ରହିଛି ଜାଣି ପାରିବା ଭଳି ହୋଇଥାଏ । ତୃତୀୟ ଆତ୍ମା ହୋଇଥିବା ପରମାତ୍ମାଙ୍କୁ ଭୂପୃଷ୍ଠର କୌଣସି ଜୀବରାଶି ଜାଣିପାରେ ନାହିଁ, ଏହା ଦୈବିନିୟମ । ଦ୍ୱିତୀୟଆତ୍ମାକୁ ଜାଣିବା ପରେ ଶରୀରକୁ ଛାଡିବା ବେଳେ ତୃତୀୟ ଆତ୍ମା କୁହାଯାଉଥିବା ପରମାତ୍ମା ଜଣାପଡିଥାନ୍ତି । ଏଭଳି ପରମାତ୍ମାଙ୍କୁ ଜାଣିଥିବା ପାତ୍ର ଆଉ ଜନ୍ମ ହୋଇନଥାଏ, ତାହାକୁ ମୁକ୍ତି ବା ମୋକ୍ଷ ନାମରେ କୁହାଯାଏ । ଆତ୍ମାକୁ ଜାଣିଥିବା ପାତ୍ର ଭୂପୃଷ୍ଠରେ ଥାଇ ପାରନ୍ତି, କିନ୍ତୁ ପରମାତ୍ମାଙ୍କୁ ଜାଣିଥିବା ପାତ୍ର କେହି ନାହାନ୍ତି ବୋଲି ଜାଣିବା ଉଚିତ୍ ।

**୧) ଶ୍ଳୋକ,୨୦ : ନ ଜାୟତେ ମ୍ରିୟତେ ବା କଦାଚିତ୍ ନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।**
**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ ॥**
**(ପରମାତ୍ମା)**

**ଭାବାର୍ଥ :** ପରମାତ୍ମା ଜନ୍ମହୁଅନ୍ତି ନାହିଁ କି ଜୀବନ ନିର୍ବାହ କରନ୍ତି ନାହିଁ, ସେ କେବେ ଥାଇ ପୁଣି କେବେ ନଥାନ୍ତି ବୋଲି କହିପାରିବା ନାହିଁ, ସେ ନିତ୍ୟ, ସେ ହିଁ ପୁରାଣ, ଶରୀର ମୃତ୍ୟୁ ବରଣ କଲେ ମଧ୍ୟ ସେ ମୃତ୍ୟୁବରଣ କରିନଥାନ୍ତି ।

**ବିବରଣୀ :** ଏହି ଶ୍ଳୋକରେ ତୃତୀୟ ପୁରୁଷ ପରମାତ୍ମାଙ୍କ ବାବଦରେ ଭଗବାନ ଜଣାଉଛନ୍ତି । ଏହା ଦ୍ୱାରା ରହିଥିବା ତିନି ପୁରୁଷର ବିଷୟ କିଛି ବୁଝିହେବ । ପରମାତ୍ମା ଆତ୍ମା, ଜୀବାତ୍ମାଙ୍କ ଭଳି ମୃତ୍ୟୁବରଣ କରି ନଥାନ୍ତି କି ତାଙ୍କର ବିନାଶ ନଥାଏ, ସେ ଗୋଟିଏ ସ୍ଥାନରେ ରହି ଅନ୍ୟତ୍ର ନାହାନ୍ତି କହିପାରିବା ନାହିଁ । ସର୍ବତ୍ର ପୂର୍ଣ୍ଣ ଭାବରେ ସେ ଅଣୁ ଅଣୁରେ ବ୍ୟାପି ରହିଛନ୍ତି, ଅତୀତରେ ଥିଲେ ଭବିଷ୍ୟତରେ ନାହାନ୍ତି କହିପାରିବା ନାହିଁ । କେବେଠାରୁ ଅଛନ୍ତି ତାହା କେହି କହିପାରୁ ନଥିବା ପୁରାଣ ହେଉଛନ୍ତି ସେ, ତାଙ୍କର ଜନ୍ମ ମରଣ ନାହିଁ, ବାହାରେ, ଭିତରେ, ବସ୍ତୁର ଅଣୁ ଅଣୁରେ, ଶରୀରରେ, ସର୍ବବ୍ୟାପକ ପରମାତ୍ମା ଶରୀର ମୃତ୍ୟୁବରଣ କଲେ ମଧ୍ୟ ଶରୀରର ଅଣୁ ପରମାଣୁ ପର୍ଯ୍ୟନ୍ତ ବ୍ୟାପି ରହିଥାନ୍ତି, ମୃତ ଶରୀରରେ ସେ ଅମୃତ, ମୃତ, ଜୀବିତ ଶରୀରରେ ସମାନ ଭାବରେ ରହିଥାଆନ୍ତି ସେ ।

**(୧)ଶ୍ଳୋକ,୨୧ : ବେଦାଽବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟଂ ।**
**କଥଂ ସ ପୁରୁଷଃ ପାର୍ଥ ! କଂ ଘାତୟତି ହନ୍ତି କମ୍ ॥**

(ପରମାତ୍ମା)

**ଭାବାର୍ଥ :** ପରମାତ୍ମା ନିତ୍ୟ ଏବଂ ଅବିନାଶୀ ବୋଲି ଯିଏ ଜାଣିଯାଏ, ସେ ତାଙ୍କୁ କିପରି ହିଂସା କରିପାରିବ ? ହିଂସା କରିବାକୁ କିପରି ବା ଭାବିବ ?

**ବିବରଣୀ :** ଜୀବାତ୍ମା, ଆତ୍ମାଙ୍କ ଭଳି ନହୋଇ ଦୁଇ ଆତ୍ମାଠାରୁ ଅଲଗା ଥିବା ପରମାତ୍ମା ଅକ୍ଷୟ,ସର୍ବବ୍ୟାପୀ,ସର୍ବସ୍ଥିତ,ଯିଏ ସର୍ବଦା ଥାଆନ୍ତି ତାଙ୍କୁ ଜାଣିଥିବା କୌଣସି ବ୍ୟକ୍ତି ତାଙ୍କୁ ଦୁଃଖକଷ୍ଟ ଦେବି, ସେ ଦୁଃଖକଷ୍ଟ ଭୋଗିଥାନ୍ତି ବୋଲି ଭାବିନଥାଏ । ପରମାତ୍ମାଙ୍କର କିଛି ନାହିଁ, ଜନ୍ମମରଣ ହେଉ କି ଦୁଃଖସୁଖ ହେଉ ସେ ଭୋଗି ନଥାନ୍ତି । କୌଣସି ଚେଷ୍ଟା ଦ୍ୱାରା ଯିଏ ଜଣାପଡନ୍ତି ନାହିଁ ତାଙ୍କୁ ବା କିଏ ଛୁଇଁପାରିବ ? ଆହୁରି ପରମାତ୍ମା କିପରି ବୋଲି କହିଲେ, ସାରା ଦୁନିଆ

ବିନାଶ ହୋଇଗଲେ ମଧ୍ୟ ସେ ଅବିନାଶୀ ଭାବରେ ଥାଆନ୍ତି । ପରମାତ୍ମା ସୃଷ୍ଟି ପ୍ରାରମ୍ଭରେ ପ୍ରକୃତିର ପଞ୍ଚଭୂତକୁ ତିଆରି କରି ତା ଦ୍ୱାରା ଜନ୍ମିତ ଗୁଣ ଗୁଡିକରୁ ବୁଦ୍ଧିକୁ, ବୁଦ୍ଧିଠାରୁ ଚିତ୍ତକୁ, ଚିତ୍ତଠାରୁ ମନକୁ, ମନଠାରୁ ଶରୀର ବାହାରେ ଥିବା ଜ୍ଞାନେନ୍ଦ୍ରିୟ ଯଥା- ଆଖି, ନାକ, କାନ, ଜିଭ, ଚର୍ମାଦିର ଅନୁସନ୍ଧାନକୁ ସୃଷ୍ଟିକରି ଏକ ବଡ ଯନ୍ତ୍ରାଙ୍ଗ ତିଆରି କରିଛନ୍ତି । ଶରୀରରେ ମନର ଦୁଇଟି କାର୍ଯ୍ୟ କଳ୍ପନା କରିଛନ୍ତି, ଗୋଟିଏ ଶରୀରର ବାହ୍ୟେନ୍ଦ୍ରିୟ ଏବଂ ଅନ୍ତରେନ୍ଦ୍ରିୟର ମଧ୍ୟସ୍ଥି ହେବା, ଅନ୍ୟଟି ଏହି କାର୍ଯ୍ୟ ନଥିବାବେଳେ ବିଷୟଗୁଡିକୁ ମନନ କରିବା । ମନ ବିଷୟଗୁଡିକୁ ମନେ ପକାଇବା ବେଳେ, ସେହି ବିଷୟ ଉପଯୋଗୀ ଗୁଣଗୁଡିକ ସ୍ପନ୍ଦିତ ହୁଏ, ଗୁଣଗୁଡିକ ସ୍ପନ୍ଦିତ ହେବାବେଳେ, ବୁଦ୍ଧି ତାହାକୁ ଦୁଇ ପ୍ରକାରର ଆଲୋଚନା କରିଥାଏ, ବୁଦ୍ଧି ଆଲୋଚନା କରିଥିବା ଦୁଇ ପ୍ରକାରର ବିଷୟ ଭିତରୁ ଚିତ୍ତ କୌଣସି ଗୋଟିଏକୁ କର୍ମ ଅନୁସାରେ ନିର୍ଣ୍ଣୟ ନିଏ, ସେହି ନିର୍ଣ୍ଣୟ ପୁନର୍ବାର ମନ ଦ୍ୱାରା କର୍ମେନ୍ଦ୍ରିୟରେ ପହଞ୍ଚିଲେ କର୍ମେନ୍ଦ୍ରିୟ କାର୍ଯ୍ୟ କରିଥାଏ । ଏହିଭଳି ବାହ୍ୟ ଦୁନିଆର ବିଷୟ ଭିତରକୁ ଯାଇ ଶେଷରେ କାର୍ଯ୍ୟରୂପ ଧାରଣ କରିଥାଏ । କାର୍ଯ୍ୟଗୁଡିକ ହୋଇପାରିବା ଭଳି ଯନ୍ତ୍ରାଙ୍ଗ ଗୁଡିକୁ ଖଞ୍ଜିଛନ୍ତି ପରମାତ୍ମା, କର୍ମାନୁସାରେ କାର୍ଯ୍ୟରୂପ ହୋଇ ଘଟୁଥିବା କାର୍ଯ୍ୟକୁ ଜୀବ ଅହଂଭାବ ଦ୍ୱାରା ନିଜେ କରୁଛି ବୋଲି ଭାବିବା ଦ୍ୱାରା, କାର୍ଯ୍ୟର ପାପପୁଣ୍ୟ (କର୍ମ) ପୁନର୍ବାର ଜୀବର କର୍ମଚକ୍ରରେ ପ୍ରବେଶ କରେ, ଜୀବ ପୁନର୍ବାର କର୍ମବନ୍ଧନରେ ପଡେ । ଏହି ପାପପୁଣ୍ୟ ନାମକ କର୍ମ ପୁନର୍ବାର ଶରୀର ଦ୍ୱାରା ଅନୁଭବ କରିବା ନିୟମ ମଧ୍ୟ ପରମାତ୍ମା ଖଞ୍ଜିଛନ୍ତି । ଏହିଭଳି ଅନୁସନ୍ଧିତ ବ୍ୟବସ୍ଥା ଏହି ଶରୀରରେ ରହିଥିବାରୁ, ସାରା ଜଗତର ଲୋକମାନେ ନିଜର ଥିବା ଏହି ଯନ୍ତ୍ରାଙ୍ଗକୁ ଜାଣି ନପାରି କର୍ମାନୁସାରେ ବାହାରର କାର୍ଯ୍ୟଗୁଡିକୁ କରିବା ଦ୍ୱାରା, ଆମେ ଦେଖୁଥିବା ଏହି ଗୋଳିଆମିଶା (କିଛି ବୁଝିହେଉ ନଥିବା) ଦୁନିଆଟି ସୃଷ୍ଟି ହୋଇଛି । କିଏ କ'ଣ କହିଲେ କେହି ମଧ୍ୟ ଶୁଣିବା ସ୍ଥିତିରେ ନାହାନ୍ତି । ଜ୍ଞାନ ଶୁଣ କହିଲେ ଆମର ବେଳ କାହିଁ ବୋଲି କହୁଛନ୍ତି । ପରମାତ୍ମା ମାନବକୁ ଏଭଳି ବେଳନଥିବା କାର୍ଯ୍ୟରେ ବା ମାୟାରେ ଛନ୍ଦିହେବା ଭଳି କରିଛନ୍ତି । ତାଛଡା ପରମାତ୍ମା ତାଙ୍କ ଜ୍ଞାନକୁ ମଣିଷ ଜାଣିବାପାଇଁ ଶ୍ରଦ୍ଧା ନାମକ ଗୋଟିଏ ଜିନିଷ ମଧ୍ୟ ଶରୀରରେ ଖଞ୍ଜିଛନ୍ତି । ଶ୍ରଦ୍ଧା ଥିବା ମଣିଷକୁ ଜ୍ଞାନ ମିଳିବା ଭଳି କରିଛନ୍ତି ।

ପରମାତ୍ମା ଏହିଭଳି ମଣିଷକୁ କର୍ମବନ୍ଧନରେ ପଡିବା ଭଳି କରି ସେଥିରୁ ମୁକୁଳିବା ପାଇଁ ବାଟ ମଧ୍ୟ ରଖିଛନ୍ତି ।

ଏତେବଡ ବିଶ୍ୱକୁ ସୃଷ୍ଟି କରିଥିବା ପରମାତ୍ମା ସବୁକିଛି ଦିନେ ବିନାଶ ହେବା ଭଳି, ପୁଣି କିଛିକାଳ ପରେ ସୃଷ୍ଟି ହେବା ଭଳି ସବୁ ପ୍ରକାରର ବନ୍ଦୋବସ୍ତ କରିଛନ୍ତି । ଏହି ସାରାପ୍ରପଞ୍ଚ (ପଞ୍ଚଭୂତ) ବିନାଶ ହେବାବେଳେ ମଧ୍ୟ ପରମାତ୍ମା ଯଥାବିଧ ରହିଥାନ୍ତି, ତେଣୁ ସେ ଅମୃତ, ଅବିନାଶୀ ବୋଲି ଜଣାଯାଉଛି । ମେଧାବୀ ପରମାତ୍ମା ହିଁ ଏହି ପ୍ରପଞ୍ଚକୁ ସୃଷ୍ଟି କରି ସେଥିରେ ଯିଏ ଯାହାର କାର୍ଯ୍ୟ କରିପାରିବା ଭଳି ବିଧିବିଧାନ ଖଞ୍ଜିଛନ୍ତି । **ସ୍ୱୟଂ ମାନବ ମଧ୍ୟକୁ ଆସି, ମୁଁ ତୁମମାନଙ୍କୁ ତିଆରି କରିଛି ବୋଲି କହିଲେ ମଧ୍ୟ, ମାନବ ତାଙ୍କ କଥା ବିଶ୍ୱାସ କରେ ନାହିଁ, କାରଣ ! ବିଶ୍ୱାସ କରିହେଉ ନଥିବା ଯନ୍ତ୍ରାଙ୍ଗକୁ ତିଆରି କରିଛନ୍ତି ସେ । ମାନବ ବ୍ୟତୀତ ସର୍ବ ଜୀବରାଶିଙ୍କୁ, ଭୂଗୋଳକୁ, ଚନ୍ଦ୍ରଗୋଳକୁ, ସୂର୍ଯ୍ୟଗୋଳକୁ, ନକ୍ଷତ୍ରଗୁଡିକୁ ନିଜର ଶକ୍ତି ଦ୍ୱାରା ଝୁଲାଇ ରଖିଛନ୍ତି ବୋଲି ଜାଣିଥିବା କୌଣସି ବ୍ୟକ୍ତି, ତାଙ୍କୁ ମାରି ଦେବି, ସେ ମୃତ୍ୟୁବରଣ କରିବେ ବୋଲି କିପରି ବା ଭାବିବ !**

ଏ ପର୍ଯ୍ୟନ୍ତ ତିନି ଆତ୍ମାର ବିବରଣ ଏବଂ ସେଗୁଡିକର ମରଣ ଭିନ୍ନତା ଜଣାଇ , ତିନି ଆତ୍ମାଙ୍କ ବିବରଣରେ ମରଣ ବାବଦରେ ଜଣାଇଥିବା ଭଗବାନ, ସେହି ତିନି ଆତ୍ମାଙ୍କୁ ଆମେ ଆଉଟିକିଏ ଭଲରେ ବୁଝି ପାରିବା ଭଳି, ଜୀବାତ୍ମା ଜନ୍ମରେ କିପରି ଶରୀର ଧାରଣ କରିଥାଏ, ମୃତ୍ୟୁରେ ବା ମରଣରେ କିପରି ଶରୀରକୁ ଛାଡିଥାଏ ତାହାର ସମସ୍ତ ବୃତ୍ତାନ୍ତ ତଳ ଶ୍ଲୋକରେ ଜଣାଇଛନ୍ତି ।

**୧)ଶ୍ଲୋକ-୨୨ : ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣା ନ୍ୟନ୍ୟାନି ସଂଯାତି ନବାନି ଦେହୀ ॥**
**(ଜୀବାତ୍ମା)**

**ଭାବାର୍ଥ :** ମାନବ ପୁରୁଣା ବସ୍ତ୍ର ଛାଡି ନୂଆ ବସ୍ତ୍ର ଧାରଣ କରିବା ଭଳି, ଆତ୍ମା ଶୀଥିଳାବସ୍ଥାକୁ ଆସିଥିବା ପୁରୁଣା ଶରୀରକୁ ଛାଡି ନୂଆ ଶରୀର ଧାରଣ କରିଥାଏ ।

**ବିବରଣୀ :** ଆଜି ପର୍ଯ୍ୟନ୍ତ ଏହି ଶ୍ଲୋକର ଭାବକୁ ଯେଉଁଭଳି ବ୍ୟାଖ୍ୟା କରାଯାଇଛି ତାହା ଶତ ପ୍ରତିଶତ ବୁଝା ପଡିନାହିଁ ବୋଲି କହୁଛୁ । କାରଣ ଏହି ଶ୍ଲୋକର ଭାବ ସମସ୍ତଙ୍କୁ ବିପରୀତ ବୁଝା ପଡିଛି । ଭଗବାନ ଏହି ଶ୍ଲୋକରେ ଏକ ସୁନ୍ଦର ପରିଭାଷା ଦେଇଛନ୍ତି, ତାହା ହେଉଛି ନୂଆ ବସ୍ତ୍ର ଏବଂ ପୁରୁଣା ବସ୍ତ୍ର । **ଏହି ନୂଆ, ପୁରୁଣା ବସ୍ତ୍ର ପରିଧାନର ଉଦାହରଣ ସହିତ ନୂଆ ଦେହ, ପୁରୁଣା ଦେହର ଧାରଣକୁ ତୁଳନା କରି ବୁଝାଇଛନ୍ତି,** କିନ୍ତୁ ଏଠାରେ ନୂଆ ଦେହ, ପୁରୁଣା ଦେହ କଅଣ ବୋଲି ନଜାଣିବା ଦ୍ୱାରା ଭଗବାନଙ୍କର ଉଦ୍ଦେଶ୍ୟ କାଳ ଗର୍ଭରେ ଲୁଚିଯାଇଛି । କେତେକ ବୁଦ୍ଧିମାନ୍ ବୋଲାଉଥିବା ଲୋକମାନେ ମାତୃଗର୍ଭର ଅଧାଗଢା ଶରୀରରେ ଅର୍ଥାତ୍ ଶିଶୁଶରୀର ଛଅମାସର ହେବାବେଳେ ସେଥିରେ ଜୀବାତ୍ମା ପ୍ରବେଶ କରେ ବୋଲି ଜଣାଇଛନ୍ତି । କେତେକ ଭଗବାନ ଶ୍ରୀକୃଷ୍ଣ କହିଥିବା ଉଦାହରଣ ଭଳି ନୂଆ ଘର, ପୁରୁଣା ଘରର ଉଦାହରଣ ଦେଇଛନ୍ତି; ତଥାପି ତାହା ବିଚାର କଲେ ଅଧାଗଢା ଘର ଯାହାର ଛାତ ପଡିନାହିଁ କି ଯାହାର ଝରକା କବାଟ ଲାଗି ନାହିଁ ସେହି ଘରେ ଆମେ ରହୁଛେ କହିବା ଯଥାର୍ଥ ହେବ ନାହିଁ ! ନୂଆ ଦେହ, ନୂଆ ଘର କହିଲେ ସମ୍ପୂର୍ଣ୍ଣ ରୂପରେଖ ଥିବା ଶରୀର, ସମ୍ପୂର୍ଣ୍ଣ ତିଆରି ହୋଇଥିବା ଘର ବୋଲି ବୁଝାଏ, ତାହା ଟିକିଏ ମଧ୍ୟ ବିଚାର କରି ନାହାନ୍ତି । ଏପରି କିଏ କଅଣ କହିଥିଲେ ମଧ୍ୟ ପୁରୁଣା ଶରୀର ପରିତ୍ୟାଗ କରିଥିବା ଆତ୍ମା ସମ୍ପୂର୍ଣ୍ଣ ତିଆରି ହୋଇଥିବା ଶିଶୁ ଶରୀରରେ ପ୍ରବେଶ କରିଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ଜୀବାତ୍ମା ଯେଉଁ ଶରୀରକୁ ଯାଏ ଆତ୍ମା ମଧ୍ୟ ସେହି ଶରୀରକୁ ଯାଇଥାଏ । ତେଣୁ ଜୀବାତ୍ମା ଜନ୍ମହେଲେ ଆତ୍ମା ମଧ୍ୟ ଜନ୍ମ ହୋଇଥାଏ । ଜୀବାତ୍ମା କିପରି ଶରୀର ବଦଳାଇଥାଏ ପ୍ରଥମେ ତାହା ଜାଣିଗଲେ ଆତ୍ମା କିପରି ସେହି ଶରୀରରେ ପ୍ରବେଶକରେ ଜାଣିପାରିବା, ତେଣୁ ଏହି ବିଷୟ ଗୁଡିକୁ ଆଧ୍ୟାତ୍ମିକ ଦିଗରୁ ଏବଂ ବିଜ୍ଞାନ ଦିଗରୁ ସିଦ୍ଧାନ୍ତର ସହିତ ଜାଣିବାକୁ ହେବ ।

ସ୍ତ୍ରୀ ଏବଂ ପୁରୁଷର ସଂଯୋଗରେ ପୁରୁଷର ବୀର୍ଯ୍ୟ ସ୍ତ୍ରୀ ଯୋନିମାର୍ଗ ଦ୍ୱାରା ଗର୍ଭାଶୟରେ ପ୍ରବେଶକରି ସେଠାରେ ଶରୀରଟିଏ ହେବାକୁ ସୁଯୋଗ ପାଏ । ପୁରୁଷର ବୀର୍ଯ୍ୟ ସ୍ତ୍ରୀ ଗର୍ଭାଶୟରେ ସମ୍ପୂର୍ଣ୍ଣ ଶିଶୁଶରୀରଟିଏ ହେବା ପାଇଁ

ପ୍ରାୟ ନଅମାସ ସମୟ ନେଇଥାଏ । ସ୍ତ୍ରୀ ଗର୍ଭମୁଣାରେ ସମ୍ପୂର୍ଣ୍ଣ ତିଆରି ହୋଇଥିବା ଶିଶୁ ଶରୀରରେ ମଧ୍ୟ ପ୍ରାଣ ନଥାଏ । ଏହା ଜାଣି ଆଶ୍ଚର୍ଯ୍ୟ ହୋଇଯାଆନ୍ତୁ ନାହିଁ, କାରଣ ! ଏହା କାହାକୁ ଜଣା ନଥିବା ରହସ୍ୟ । ମାତୃଗର୍ଭରେ ଥିବା ଶିଶୁଶରୀରରେ ଜୀବାତ୍ମା ପ୍ରବେଶ କରିଥାଏ ବୋଲି ପ୍ରାୟ ସମସ୍ତେ ବିଶ୍ୱାସ କରିଥାନ୍ତି, କିନ୍ତୁ ଏହା ସମ୍ପୂର୍ଣ୍ଣ ମିଛକଥା । ଗର୍ଭାଶୟରେ ପୂର୍ବଜନ୍ମ ମନେ ପଡିଥାଏ ଏବଂ ଶିଶୁ ସେସବୁ ମନେ ପକାଇ ଦୁଃଖରେ କାନ୍ଦିଥାଏ କହିବା ମଧ୍ୟ ମିଛକଥା । ଏଠାରେ ଅନେକ ଲୋକ ସନ୍ଦେହ କରିପାରନ୍ତି ଯେ, ଶିଶୁ ଶରୀରରେ ଯଦି ପ୍ରାଣ ନାହିଁ ତେବେ, ସେଠାରେ ସେ କିପରି ଘୂରିବୁଲୁଛି ? ଯଦି ନାହିଁ ସେ କେଉଁ ଆଧାରରେ ଘୂରୁଛି ? ଯେତେବେଳେ ଶିଶୁଶରୀର ଛଅ ମାସର ହୋଇଯାଏ ସେତେବେଳେ ସେ ମାଆର ପେଟ ଭିତରେ ଘୂରିବା ଆମକୁ ବାହାରୁ ସ୍ପଷ୍ଟ ଭାବରେ ଦେଖାଯାଇଥାଏ, ତେଣୁ ଗର୍ଭସ୍ଥ ଶିଶୁର ପ୍ରାଣ ଅଛି ନାମକ ସତ୍ୟକୁ ଆମେ ଏହି ପ୍ରମାଣର ସହିତ କହୁଛୁ ବୋଲି କହିପାରନ୍ତି, ହେଲେ ଏଠାରେ ଆମେ କହିବୁ ଯେ, ଦୂରରୁ ଦେଖି ପିଜୁଳି ଗଛକୁ ଜାମୁକୋଳି ଗଛ ଭାବିବା ଭଳି, ଗର୍ଭସ୍ଥ ଶିଶୁର ଘୂରିବାକୁ ଦେଖି, ଘୂରିବାର କାରଣ କ'ଣ ହୋଇପାରେ ନଜାଣି ଆମେ ତା ଠାରେ ପ୍ରାଣ ଅଛି ବୋଲି କହୁଛେ । ଗଛ ପାଖକୁ ଗଲେ ସିନା ଆମେ ଜାଣିବା ଯେ, ତାହା ପିଜୁଳି ଗଛ ନୁହେଁ ଜାମୁକୋଳି ଗଛ ! ପ୍ରକୃତରେ ଗର୍ଭସ୍ଥ ଶିଶୁ କିପରି ଘୂରୁଛି ଜାଣିବାକୁ ଇଚ୍ଛାକଲେ ସିନା ଆମର ସନ୍ଦେହ ଦୁର ହେବ !

ସ୍ତ୍ରୀ ଗର୍ଭଧାରଣ କରିବାର ପ୍ରଥମ ଦିନଠାରୁ ଛଅମାସ ପର୍ଯ୍ୟନ୍ତ ଶିଶୁଶରୀରର ଏକ ଆକୃତି ତିଆରିହୁଏ, ଏଥିପାଇଁ ଗର୍ଭଧାରୀ ମାଆର ନାଡୀ ଗୁଡିକ ହିଁ ସାହାଯ୍ୟ କରିଥାନ୍ତି । ମାଆ ଶରୀରର ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା କେତେଗୁଡିଏ ନାଡି ଗର୍ଭକୋଷ ସହିତ ସଲଗ୍ନହୋଇ, ଶିଶୁ ଶରୀରର ନାଭି ଦ୍ୱାରା ସମ୍ପର୍କ ସ୍ଥାପନ କରି, ଶିଶୁର ଶରୀରକୁ ବଢାଇବାକୁ ଲାଗିଥାନ୍ତି । ଗର୍ଭଧାରୀ ମାଆର ଶରୀରରେ ରହିଥିବା ହୃତ୍ପିଣ୍ଡ, ଫୁସ୍ଫୁସ୍, ଇତ୍ୟାଦି ଗୋଟିଏ ଗୋଟିଏ ଅବୟବ ହୋଇଥିବା ଭଳି ଗର୍ଭାଶୟ ମଧ୍ୟ ମାଆ ଶରୀରର ଗୋଟିଏ ଅବୟବ ହୋଇଥାଏ । ଶରୀରର ଏହି ଅବୟବ ଗୁଡିକ ଯେଉଁଭଳି ନାଡୀଗୁଡିକ

ଦ୍ୱାରା  କାର୍ଯ୍ୟ କରିଥାଏ, ସେହିଭଳି ଗୋଟିଏ ଅବୟବ ହୋଇଥିବା ମାଆର ଗର୍ଭାଶୟ ସଲଗ୍ନ ନାଡୀ ଗୁଡିକ  ଦ୍ୱାରା  ଶକ୍ତି ପାଇ  ସେଠାରେ ଥିବା ଶିଶୁଶରୀର ଆବଶ୍ୟକ ଅନୁସାରେ ଘୂରିବୁଲେ । ଯେମିତି କୁମ୍ଭାର ମାଠିଆଟି ଗଢିବା ବେଳେ ମାଟିରେ ପ୍ରଥମେ ମାଠିଆର ଏକ ଆକୃତି ଆଣିବା ପରେ ତାକୁ ଘୂରାଇ ଘୂରାଇ ପିଟି, ଚିକ୍କଣ କରି ସମ୍ପୂର୍ଣ୍ଣ ରୂପଦିଏ, ଠିକ୍ ସେହିଭଳି ମାଆ ଶରୀରର ଆତ୍ମା ବ୍ରହ୍ମନାଡୀ ଦ୍ୱାରା ଛଅମାସ ପର୍ଯ୍ୟନ୍ତ ଶିଶୁଶରୀରର ଏକ ଆକୃତି ତିଆରି କରିବା ପରେ, ଶିଶୁଶରୀରକୁ ଆବଶ୍ୟକ ସ୍ଥଳେ ଘୂରାଇ ଶେଷରେ ସମ୍ପୂର୍ଣ୍ଣ କରିଥାଏ । ସମ୍ପୂର୍ଣ୍ଣ ଶରୀରର ନିର୍ମାଣ ଅର୍ଥାତ୍ ଜୀବାତ୍ମା ପ୍ରବେଶ କରିପାରିବା ଭଳି ଶରୀରଟିଏ ହେବାପାଇଁ ଆତ୍ମାସ୍ଥାନ ବା ବ୍ରହ୍ମନାଡୀର ଚୈତନ୍ୟଶକ୍ତି ସହାୟ ହୋଇଥାଏ । ନାଡୀଗୁଡିକ ଦ୍ୱାରା ଏହି ଘୂର୍ଣ୍ଣନକୁ କିଛିଲୋକ ବାହାରୁ ଲକ୍ଷ୍ୟକରି ଛଅମାସରେ ଗର୍ଭସ୍ଥ ଶିଶୁର ପ୍ରାଣ ପ୍ରବେଶ ହୋଇଥାଏ ବୋଲି ଭ୍ରମିତ ହୋଇଥାନ୍ତି ।

ମାତୃଗର୍ଭରେ ନାଡୀଗୁଡିକ ଶିଶୁଶରୀର ସହିତ ସମ୍ବନ୍ଧୀତ ହୋଇ, ନଅ ମାସ ପର୍ଯ୍ୟନ୍ତ ଜୀବାତ୍ମା ପ୍ରବେଶଯୋଗ୍ୟ ଶରୀରଟିଏ ଗଢି, ଯେତେବେଳେ ତାହାକୁ ସମ୍ପୂର୍ଣ୍ଣ ସ୍ଥିତିରେ ପହଞ୍ଚାଇଥାନ୍ତି, ସେତେବେଳେ ତାହା ଏକକ୍ଷଣ ମଧ୍ୟ ବିଳମ୍ବ ନ ହୋଇ ଗର୍ଭକୋଶ ମୁକୁଳିତ ହୋଇ, ଯୋନିଦ୍ୱାର ବିକଶିତ ହୋଇ ଶିଶୁ ଶରୀର ବାହାରକୁ ଚାଲିଆସେ । ନାଡୀଗୁଡିକ ଏହିପରି ଶିଶୁକୁ ବାହାରକୁ ଠେଲିଦେବା ଭଳି କରିଥାନ୍ତି । ଯେମିତି ଗଛ ତାର ପାଚିଲା ଫଳକୁ ଯଥା ସମୟରେ ଖସାଇଥାଏ ଠିକ୍ ସେହିପରି ମାଆ ଶରୀରର ନାଡୀଗୁଡିକ  ଶିଶୁ ଶରୀର ସହିତ ସମ୍ପର୍କ ତୁଟାଇଦେଇ ତାହାକୁ ବାହାରକୁ ପଠାଇ ଦେଇଥାଏ । ବାହାରକୁ ଆସିଥିବା ଶିଶୁ ଶରୀରଟି ସେତେବେଳେ  ଶବ ଭଳି ପଡିଥାଏ । କାରଣ! ତାଠାରେ ପ୍ରାଣପ୍ରବେଶ ଘଟିନଥାଏ । ଏଠାରେ କେତେକ ପଚାରି ପାରନ୍ତି ଯେ, **ଗର୍ଭସ୍ଥ ଶିଶୁଠାରେ ଯଦି ପ୍ରାଣ ନଥିଲା ତେବେ ତାହା ଭିତରେ ପଚିସଢି ମାଆର ଶରୀରକୁ ଅସୁସ୍ଥ କରିଦେଇଥାନ୍ତା (କ୍ଷତି ଘଟାଇଥାନ୍ତା), ଛଅମାସ  ପରେ ଗର୍ଭସ୍ଥ ପିଣ୍ଡ ସ୍ଥିର ହୋଇଯିବା ବେଳେ ମାଆର ଶରୀର କ୍ଷତିହେବା ମଧ୍ୟ ଆମେ ଆଖିରେ ଦେଖୁଛେ । ଛୁଆର ଘୂରିବା (ଛୁଆ ମାତୃଗର୍ଭରେ ହଲଚଲ୍ ହେବା) ବନ୍ଦ ହୋଇଗଲେ ମାଆ  ଯନ୍ତ୍ରଣା**

**ଅନୁଭବ କରିଥାଏ । ତେଣୁ ଆମେ ବିଳମ୍ବ ନ କରି ହସ୍ପିଟାଲ୍ ନେଉ, ସେତେବେଳେ ଅପରେସନ୍ କରି ସ୍ଥିର ଶିଶୁକୁ ବାହାରକୁ ଆଣିଥାଉ, ନଆଣିଲେ ମାଆର ଜୀବନ ପ୍ରତି ବିପଦ ଥାଏ । ଏଭଳି ସ୍ଥିତିରେ କିଛି ଜଣା ନଥିବା ଲୋକଟିଏ ମଧ୍ୟ କହି ପାରିବ ଯେ, ଛୁଆଠାରେ ପ୍ରାଣ ନିଶ୍ଚୟ ଥିଲା ଯେଉଁ କାରଣରୁ କି ସେ ଭିତରେ ଘୂରୁଥିଲା, ଯେତେବେଳେ ତାହା ବନ୍ଦ ହୋଇଗଲା ସେତେବେଳେ ଛୁଆ ମୃତ୍ୟୁବରଣ କଲା । ହେଲେ ଏଠାରେ ଆପଣ କହୁଛନ୍ତି କି ଗର୍ଭସ୍ଥ ଶିଶୁଠାରେ ପ୍ରାଣ ନାହିଁ ! ଆପଣଙ୍କ କଥା କିଏ ବିଶ୍ୱାସ କରିବ ? ଆମ ଆଖି ଆଗରେ ଆମେ ସବୁକିଛି ଦେଖୁଥିବା ବେଳେ କିପରି କହିବା ଯେ, ଗର୍ଭସ୍ଥ ଶିଶୁର ପ୍ରାଣ ନାହିଁ ?** ଏହାର ସମାଧାନରେ ଆମେ କହିବୁ ଯେ;

ଗର୍ଭରେ ଛଅମାସ ବେଳକୁ ଶିଶୁଶରୀର ଘୂରିବୁଲିବା କଥା ନିରାଟ ସତକଥା । ଶିଶୁର ଘୂରିବା ବନ୍ଦ ହୋଇଗଲେ ମାଆ ଶରୀରକୁ ବିପଦ ଥାଏ ଏକଥା ମଧ୍ୟ ସତକଥା; ହେଲେ ଶିଶୁଠାରେ ପ୍ରାଣ ପ୍ରବେଶ କଲା କିମ୍ବା ଚାଲିଗଲା କହିବା ଶୁଦ୍ଧ ମିଛ କଥା । ଯଦି ଛଅମାସରେ ପ୍ରାଣ ପ୍ରବେଶ କରିଥିଲା ବୋଲି କହିବା ତେବେ ଆମକୁ କହିବାକୁ ପଡିବ ଯେ, ତା ପୂର୍ବରୁ ସେଥିରେ ପ୍ରାଣ ନଥିଲା ! ସତ ନଜାଣି ସମସ୍ତେ ଏଇଠାରେ ଭୁଲ୍ ବୁଝିଥାନ୍ତି । ସତକଥା ହେଉଛି ! ଯେମିତି ଆମ ଶରୀରରେ କେତେକ ଅବୟବ ରହିଥିଲେ ମଧ୍ୟ ଆମର କୌଣସି କ୍ଷତି ଘଟିନଥାଏ, ସେମିତି ମାଆ ଶରୀରର ଗର୍ଭସ୍ଥ ପିଣ୍ଡ (ଶିଶୁ) ମା'ଶରୀରର କୌଣସି କ୍ଷତି ଘଟାଇ ନଥାଏ । ମାଆଶରୀରର ନାଡୀଗୁଡିକ ଶିଶୁଶରୀର ସହିତ ସଂଯୋଜିତ ହୋଇ ଗର୍ଭସ୍ଥ ଶିଶୁକୁ ବଢାଏ, ଶିଶୁଶରୀର ମାଆ ଶରୀରର ଏକ ଅବୟବ ଭଳି । ଛଅମାସ ପରେ ନାଡୀ (artery) ଗୁଡିକ ଦ୍ୱାରା ଶିଶୁଶରୀର ମାଆର ପେଟରେ ଘୂରୁଥିଲେ ମଧ୍ୟ ମାଆର କୌଣସି କ୍ଷତି ଘଟିନଥାଏ । ଏଭଳି ନଅମାସ ପର୍ଯ୍ୟନ୍ତ ଶିଶୁର ନିର୍ମାଣ ଘଟି ଶେଷରେ ନାଡୀଗୁଡିକର ଉଦ୍ଦୀପନା ଦ୍ୱାରା ମାଆ ପ୍ରସବ କରିଥାଏ । ତାଛଡା କେତେକ ମାତୃଶରୀର ଅନାରୋଗ୍ୟ କାରଣରୁ ଛଅମାସ ପୂର୍ବରୁ ନାଡୀଗୁଡିକର ସମ୍ପର୍କ ଗର୍ଭକୋଶଠାରୁ ବିଛିନ୍ନ ହୋଇଯିବାରୁ ସେଠାରେ ବଢୁଥିବା ଶରୀର ମାତୃ

ଗର୍ଭରେ ଏକ ଅପଦାର୍ଥ ହୋଇ ବାହାରକୁ ଚାଲିଆସେ । ଏହାକୁ ଆମେ **ଗର୍ଭପାତ ବା ଗର୍ଭସ୍ରାବ** କହୁଛେ । ଏହା କେତେକଙ୍କ କ୍ଷେତ୍ରରେ ଛଅମାସ ପୂର୍ବରୁ ମଧ୍ୟ ହୋଇଥାଏ । ଛଅମାସ ପୂର୍ବରୁ ଶିଶୁଶରୀର ସମ୍ପୂର୍ଣ୍ଣ ହୋଇ ନଥାଏ । ତେଣୁ ରକ୍ତ ଭାବରେ ହେଉ, ଖଣ୍ଡରକ୍ତ କିମ୍ବା ଛୋଟ ଛୋଟ ମାଂସଖଣ୍ଡ ଭାବରେ ହେଉ ତାହା ବାହାରକୁ ଚାଲିଆସେ । ଏହା ଏକମାସ ବା ଦୁଇମାସ ଭିତରେ ହେଲେ ମାଆକୁ କଷ୍ଟ ଜଣାପଡି ନଥାଏ, କିନ୍ତୁ ମାସର ବଢିବା କ୍ରମରେ ମାଆକୁ ଅଧିକ କଷ୍ଟ ଜଣାପଡିଥାଏ ।

ଯେତେବେଳେ ଛଅମାସ ବେଳକୁ ଶିଶୁର ଏକ ଆକୃତି ତିଆରି ହୋଇଯାଏ ସେତେବେଳେ ସାଧାରଣ ସ୍ଥିତିରେ ଆଉ ଗର୍ଭସ୍ରାବ ହୋଇପାରି ନଥାଏ । ଏତିକିବେଳେ ଶିଶୁଶରୀର ସହିତ ନାଡୀଗୁଡିକର ସମ୍ପର୍କ ଛିନ୍ନହୋଇ ଏକ ପ୍ରତିକୂଳ ପରିସ୍ଥିତିରେ ଶିଶୁଶରୀରଟି ମାଆ ଶରୀରର ଏକ ଅପଦାର୍ଥ ହୋଇ ପଚିବା ଆରମ୍ଭ ହୁଏ ଏବଂ ତାହା ଫୁଲିଯାଇ ଗର୍ଭକୋଷର ପାଖାପାଖି ଅବୟବ ଗୁଡିକୁ ସ୍ପର୍ଶ କରେ, ଏହା ଦ୍ୱାରା ମାଆକୁ ଯନ୍ତ୍ରଣା ଅନୁଭବ ହୁଏ । ଏହି ପରିସ୍ଥିତିରେ ପଚି ଫୁଲିଯାଇଥିବା ଶିଶୁଶରୀର ମାଆର ଅନ୍ୟାନ୍ୟ କୋମଳ ଅବୟବ ଗୁଡିକୁ ସ୍ପର୍ଶକରେ । ଏହି ଉପଦ୍ରବ କାରଣରୁ ମାଆର କୋମଳ ହୃତ୍ପିଣ୍ଡ ମଧ୍ୟ କାର୍ଯ୍ୟ କରିବା ବନ୍ଦ କରିଦେଇ ପାରେ । ହୃତ୍ପିଣ୍ଡ ବନ୍ଦ ହୋଇଯିବାର ସମ୍ଭାବନା ଥିବାବେଳେ ହସ୍ପିଟାଲ୍‌କୁ ନେବାରେ ବିଳମ୍ବ ହୋଇଗଲେ ଦୁର୍ଭାଗ୍ୟ ବସତଃ ମାଆର ବଞ୍ଚିବା ମଧ୍ୟ ଶୋଚନୀୟ ହୋଇଯାଇଥାଏ । ଏକଥା ଏଭଳି ଭାବରେ ଥିବାବେଳେ ଆମେ ନାନା ପ୍ରକାରର ଭାବନା କରି ମାଆଗର୍ଭରେ ହିଁ ଶିଶୁଠାରେ ପ୍ରାଣ ପ୍ରବେଶ କଲା ବୋଲି ଭ୍ରମିତ ହେଉଛେ ।

ମାଆର ଶରୀର ସମ୍ପୂର୍ଣ୍ଣ ସୁସ୍ଥ ରହି ତିଆରି ହେଉଥିବା ଶିଶୁଶରୀର ନଅମାସରେ ସମ୍ପୂର୍ଣ୍ଣ ହୋଇଯିବା ପରେ ଗର୍ଭକୋଷରେ ଥିବା ନାଡୀ ଗୁଡିକର ଆଲୋଡନ ଦ୍ୱାରା ବାହାରକୁ ଚାଲିଆସେ । **ଏକ କୁର୍ତ୍ତା (ସାର୍ଟ) ଯେପରି ଜଣେ ଦରଜୀ ଦ୍ୱାରା ସମ୍ପୂର୍ଣ୍ଣ ତିଆରି ହେବା ପରେ ପିନ୍ଧିବା ଯୋଗ୍ୟ ହୋଇଥାଏ, ସେହିଭଳି ଏକ ଶରୀର ନାଡୀ ଗୁଡିକର ଚୈତନ୍ୟ ଦ୍ୱାରା ସମ୍ପୂର୍ଣ୍ଣ ତିଆରି ହୋଇ ବାହାରକୁ ଆସିବା ପରେ ଜୀବାତ୍ମା ବସତି**

**ପାଇଁ ଯୋଗ୍ୟ ହୋଇଥାଏ ।** ଏହିଭଳି ବାହାରକୁ ଆସିଥିବା ଶରୀରରେ ଜୀବ ପ୍ରବେଶ କରିଥାଏ । ମୃତ୍ୟୁବରଣ କରିବା ପରେ ସାଙ୍ଗେ ସାଙ୍ଗେ ଜୀବ ବିଳମ୍ବ ନକରି ବାହାରକୁ ଆସିଥିବା ନୂଆ ଶରୀର ଧାରଣ କରିଥାଏ । ଏଇ କଥାକୁ ଭଗବାନ ଉଦାହରଣ ଦେଇ କହିଛନ୍ତି । **ଏହାକୁ ଗୀତାଶାସ୍ତ୍ରରେ ପୁରୁଣା ବସ୍ତ୍ର ଛାଡି ନୂଆ ବସ୍ତ୍ର ଧାରଣ କରିବା ଭଳି, ଜୀବ ବିନାଶ ହେଉଥିବା ପୁରୁଣା ଶରୀରକୁ ଛାଡି ନୂଆ ଶରୀରକୁ ଧାରଣ କରିଥାଏ ବୋଲି ଭଗବାନ ଉଦାହରଣ ଭାବରେ କହିଛନ୍ତି ।** ଜୀବଟିଏ ନୂଆ ଶରୀର ଧାରଣ କରିବା ତାର କର୍ମ ଉପରେ ନିର୍ଭର କରିଥାଏ । ପାପପୁଣ୍ୟ ନାମକ କର୍ମ ଅନୁସାରେ ଜୀବର ଶରୀର ନିର୍ମାଣ ହୋଇଥାଏ । ଏକ ନବଜାତ ଶରୀରରେ ପ୍ରବେଶ କରିବା ପାଇଁ ଜୀବଟିଏ ଅନ୍ୟ ଏକ ଶରୀରରୁ ଆସିଥାଏ । ମାଆ ଗର୍ଭରୁ କେବଳ ମୁଣ୍ଡମାତ୍ର ବାହାରକୁ ଆସୁଆସୁ ସେହି କ୍ଷଣରେ ଶିଶୁଶରୀରରେ ପ୍ରାଣ ପ୍ରବେଶ କରିପାରେ । ବେଳେବେଳେ ସମ୍ପୂର୍ଣ୍ଣ ବାହାରକୁ ଆସିଲେ ମଧ୍ୟ ଏକ ମିନିଟ୍‌ରୁ ଆରମ୍ଭ କରି କେଇଘଣ୍ଟା ପର୍ଯ୍ୟନ୍ତ ପ୍ରାଣପ୍ରବେଶ ଘଟି ନପାରେ । ଏଭଳି କେଇଗୋଟି ଦୃଷ୍ଟାନ୍ତ ଆପଣମାନେ ଆଗକୁ ପଢିବାକୁ ପାଇବେ ।

ଶିଶୁ ଶରୀରକୁ କାହିଁକି ଜୀବାତ୍ମା ବିଳମ୍ବରେ ପ୍ରବେଶ କରେ ନଜାଣି କେତେକ ଗାଉଁଲି ଧାଈମାନେ ଗର୍ଭଫୁଲ (placent) ରେ ପ୍ରାଣ ଅଛି ବୋଲି ଭାବି ତା ଦେହରେ ପାଣି ସିଞ୍ଚାଡି ହାତରେ ଥାପୁଡାଇଥାନ୍ତି । କିଛି ଜାଣିନଥିବା ଧାଈମାନେ ଏପରି କରିବା ବେଳେ, ଜୀବାତ୍ମା ଅନ୍ୟଏକ ଶରୀରରୁ ଆସି ଶିଶୁ ଶରୀରରେ ପ୍ରବେଶ କରିଥାଏ । ଜୀବାତ୍ମା ଶିଶୁର ଶରୀରରେ ପ୍ରବେଶ କଲାବେଳେ ତାଠାରେ ଶ୍ୱାସପ୍ରଶ୍ୱାସ ଚାଲିବା ଆରମ୍ଭ ହୋଇଥାଏ । ସେଥିଲାଗି ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମାର ପ୍ରବେଶ ହୋଇଥାଏ ବୋଲି ଆମେ କହୁଛୁ । ଶିଶୁଠାରେ ପ୍ରାଣ ପ୍ରବେଶ କରିବା କ୍ଷଣରେ ଶିଶୁ କାନ୍ଦିବା ଆରମ୍ଭ କରିଦିଏ । ସେତେବେଳେ ଶିଶୁଠାରେ ପ୍ରାଣ ଗର୍ଭଫୁଲ ଭିତରୁ ଆସିଲା ବୋଲି ଧାଈମାନେ ଜାଣିପାରି ଶିଶୁର ନାଭି (navel) କାଟିଥାନ୍ତି । ପ୍ରାଣ ଆସିବା ପୂର୍ବରୁ ନାଭି କାଟିଦେଲେ ଗର୍ଭଫୁଲ ଭିତରୁ ଆଉ ପ୍ରାଣ ଆସିପାରିବ ନାହିଁ ବୋଲି ସେମାନଙ୍କର ପ୍ରଗାଢ ବିଶ୍ୱାସ ରହିଥାଏ । ସେଥିଲାଗି ଶିଶୁ ନ କାନ୍ଦିବା ପର୍ଯ୍ୟନ୍ତ

ଗାଉଁଲି ଧାଈମାନେ ନାଭି କାଟି ନଥାନ୍ତି । ପ୍ରାଣ ଆସିବା ପୂର୍ବରୁ ନାଭି କାଟିଦେଲେ ଶିଶୁ ଶରୀରରେ ଆଉ ପ୍ରାଣପ୍ରବେଶ ହୋଇନଥାଏ, ଏକଥା ସତ୍ୟ, କିନ୍ତୁ ଶିଶୁଶରୀରକୁ ଗର୍ଭଫୁଲରୁ ପ୍ରାଣ ଆସି ପ୍ରବେଶ କରିବା ସମ୍ପୂର୍ଣ୍ଣ ଅସତ୍ୟ ।

ନାଭି କାଟିଦେବା ପରେ ପ୍ରାଣ ଆସି ନପାରେ । କାରଣ ! ଯେମିତି ନୂଆ ଉଠିଥିବା ତେନ୍ତୁଳି ଗଛକୁ ମଞ୍ଜିର ଭିତରେ ଥିବା ଆହାର ବଳ ଯୋଗାଇ ଥାଏ, ସେହିଭଳି ନବଜାତ ଶିଶୁ ଶରୀରର ରକ୍ତକୁ ଶୀତଳ ହେବାକୁ ନଦେଇ ଶିଶୁର ଜୀବନ ଆଧାର ହୋଇ ରହିଥାଏ ଗର୍ଭଫୁଲ । ଏହି ଫୁଲ ହିଁ ନାଭି ସହ ସଂଯୋଜିତ ହୋଇ ବାହାରକୁ ଆସିଥାଏ । ଏହା ହିଁ ଶିଶୁ ଶରୀରରେ ପ୍ରାଣ ଆସିବା ଆଗରୁ ଶରୀରର ଆଧାର ହୋଇ ରହିଥାଏ, ଏଭଳି ମାତ୍ର କିଛିସମୟ ରହିପାରେ । ଜୀବାତ୍ମା ପ୍ରବେଶ କରିବା ପରେ ଶିଶୁଶରୀର ସ୍ୱତନ୍ତ୍ର ହୋଇ ଶ୍ୱାସପ୍ରଶ୍ୱାସ ନେବା ପରେ ଶରୀରରେ ରକ୍ତ ସଞ୍ଚାଳନ ଯଥାବିଧ ହେବାରୁ ଆଉ ଗର୍ଭଫୁଲର ଆବଶ୍ୟକ ନଥାଏ । ବାସ୍ତବରେ ଠିକ୍ ଏତିକିବେଳେ ହିଁ ନାଭି କାଟିବା ଉଚିତ୍ । ଜୀବ ପ୍ରବେଶ କରିବା ପୂର୍ବରୁ ନାଭି କାଟିଦେଲେ ଶିଶୁର ରକ୍ତ ଥଣ୍ଡା ହୋଇଯାଏ, ଆଉ ଟିକିଏ ଡେରି ହୋଇଗଲେ ଶିଶୁ ଶ୍ୱାସ ଗ୍ରହଣ କରିବା ପାଇଁ ଅଯୋଗ୍ୟ ହୋଇଯାଏ । ନାଭି କାଟିଦେବାର ଏକ ବା ଦୁଇମିନିଟ୍ ଭିତରେ ଯଦି ପ୍ରାଣ ନ ଆସିଲା ତେବେ ସବୁ ଅନର୍ଥ ହୋଇ ଶିଶୁକୁ ମୃତ ଘୋଷିତ କରିବାକୁ ପଡେ । ଆପଣମାନେ ଏହି ବିଷୟକୁ ସମ୍ପୂର୍ଣ୍ଣ ଜାଣନ୍ତୁ ବା ନଜାଣନ୍ତୁ, ଛୁଆ ନକାନ୍ଦିବା ପର୍ଯ୍ୟନ୍ତ ତାର ନାଭି କାଟିବାକୁ ଦିଅନ୍ତୁ ନାହିଁ । ଗାଉଁଲି ଧାଈମାନଙ୍କ କଥାକୁ ଅନେକ ଲୋକ ବିଶ୍ୱାସ କରିଥାନ୍ତି । ସେମାନଙ୍କୁ ଏଇଠି ପଚାରୁଛୁ, **ଯଦି ଗର୍ଭଫୁଲରେ ପ୍ରାଣ ଥିଲା ତେବେ ଛଅମାସ ଯାଏଁ ଶିଶୁ କିପରି ବଞ୍ଚିଥିଲା ? ପ୍ରାଣ ସେତେବେଳେ ଶିଶୁଠାରେ ଥିଲା ନା ଗର୍ଭଫୁଲ ଭିତରେ ଥିଲା ? ଯଦି ଶିଶୁଠାରେ ଥିଲା ତେବେ ଜନ୍ମ ହେବା ପରେ ତାହା କାହିଁକି ଗର୍ଭଫୁଲ ଭିତରକୁ ଚାଲିଗଲା ? ପୁଣି କିପରି ଶରୀର ଭିତରକୁ ଆସିଲା ? ଏହିସବୁ ପ୍ରଶ୍ନର ସମାଧାନ ଧାଈମାନେ କରିପାରିବେ ?**

ଆମେ ଆମର ଜନ୍ମ ବାବଦରେ ସଠିକ୍ ଜାଣି ନପାରି ଅନ୍ଧାରରେ ବାଡି ବୁଲାଇବା ଭଳି କହୁଛେ । କିଛି ଜାଣି ନଥିବା ଲୋକମାନେ ଛଅ ମାସରେ

ପ୍ରାଣ ପ୍ରବେଶ ହୁଏ, ସେ ଗତଜନ୍ମ ମନେପକାଇ କାନ୍ଦେ, ବାହାରର କଥା ଶୁଣେ ବୋଲି କହିବା କେତେଦୂର ଠିକ୍ ଆପଣମାନେ ବିଚାର କରନ୍ତୁ । ପୂର୍ବ କାଳରେ ଶିଶୁ ଜନ୍ମହେବା ପରେ ତା ଠାରେ ପ୍ରାଣ ପ୍ରବେଶ ହୋଇଥାଏ ବୋଲି ବିଶ୍ୱାସ କରୁଥିଲେ । ଧର୍ମ ସବୁ ଅଧର୍ମ ହୋଇଯାଏ ବୋଲି ଗୀତାରେ ଭଗବାନ କହିବା ଭଳି, ଆମେ ମାଆର ଗର୍ଭରେ ଥିବା ଶିଶୁଠାରେ ପ୍ରାଣ ଅଛି ବୋଲି କହୁଛେ । ପୂର୍ବେ ଶିଶୁ ଜନ୍ମହେବା ପରେ ତାର ଜାତକ କରୁଥିଲେ । କାରଣ ! ସେମାନେ ଜାଣିଥିଲେ ଯେ, ଶିଶୁ ଜନ୍ମହେବା ପରେ ତାଠାରେ ପ୍ରାଣ ପ୍ରବେଶ କରିଥାଏ । ଏବେ ମଧ୍ୟ ସେହି ପୁରୁଣା ପଦ୍ଧତି ପ୍ରଚଳିତ ଅଛି । ଜ୍ୟୋତିଷ୍ୟ ଶାସ୍ତ୍ରରେ ମଧ୍ୟ ଶିଶୁ ଜନ୍ମହେବା ପରେ ତାଠାରେ ପ୍ରାଣ ପ୍ରବେଶ ହୋଇଥାଏ ବୋଲି କୁହାଯାଇଛି । ଆଜିର ଜ୍ୟୋତିଷମାନେ ଏହା ନଜାଣି ଶିଶୁ ଜନ୍ମହେବା କ୍ଷଣରୁ ଜାତକ ଲେଖୁଛନ୍ତି । ପ୍ରକୃତ ଜନ୍ମ କହିଲେ ଯେତେବେଳେ ଶିଶୁଠାରେ ପ୍ରଥମଥର ଶ୍ୱାସ ପ୍ରବେଶ କରେ । ପ୍ରାଣପ୍ରବେଶ କ୍ଷଣ ହିଁ ପ୍ରକୃତଜାତକ ଲେଖିବା କ୍ଷଣ ହୋଇଥାଏ । ଏଭଳି ଜାତକରୁ ମଣିଷର ଭବିଷ୍ୟତକୁ ଠିକ୍ ଜାଣିହୁଏ । ଯଦି ଶିଶୁଠାରେ ଛଅମାସରେ ପ୍ରାଣ ପ୍ରବେଶକରେ ବୋଲି ସେମାନେ କହୁଛନ୍ତି, ତେବେ ସେମାନଙ୍କୁ ପଚାରନ୍ତୁ ଯେ, ମାଆ ପେଟରୁ ଜାତକ ନଲେଖି ଜନ୍ମହେବା ପରେ କାହିଁକି ଲେଖୁଛନ୍ତି ? କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ! ସେମାନେ ସେମାନଙ୍କ ଅଜାଣତରେ ଜନ୍ମହେବା ପରେ ଶିଶୁର ଜାତକ ଲେଖନ୍ତି । ଏ କଥା ବିଚାର କଲେ ଧର୍ମ ସମ୍ପୂର୍ଣ୍ଣ ଅଧର୍ମ ନହୋଇ କିଛି ବାକି ଅଛି ବୋଲି ସୂଚନା ମିଳୁଛି ।

ଏବେ ଶରୀରଶାସ୍ତ୍ରଜ୍ଞ ଏବଂ ଡକ୍ଟରମାନେ ଏ ବାବଦରେ ଅନେକ ସନ୍ଦେହ କରିପାରନ୍ତି । କାରଣ ! ସେମାନେ ପଢିଥିବା ପାଠରେ ପୁରୁଷର ବୀର୍ଯ୍ୟକଣାରେ ପ୍ରାଣ ଅଛି ବୋଲି ପଢିଛନ୍ତି । ସେଥିଲାଗି ଜଣେ ନାମି ଡକ୍ଟର ଆମ ସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତିଙ୍କୁ କହିଲେ ଯେ, ସେ ଯାହା କହୁଛନ୍ତି, ତାହା ଶାସ୍ତ୍ର ବିରୁଦ୍ଧ । ଶରୀରଶାସ୍ତ୍ରଜ୍ଞ ଭାବରେ, ଡକ୍ଟର ଭାବରେ ଥିବା ଆମମାନଙ୍କଠାରୁ କଣ ତାଙ୍କୁ ଅଧିକ ଜଣାଅଛି ? ତାଙ୍କ କଥା ସମ୍ପୂର୍ଣ୍ଣ ମିଛ । ପ୍ରସବହେବା ପରେ ଶିଶୁଠାରେ ପ୍ରାଣ ଆସେ କହିବା ଅସତ୍ୟ । ଛଅମାସ ପରେ

ଶିଶୁଠାରେ ପ୍ରାଣ ଆସେ କହିଥିବା ବେଦ ବେଦାନ୍ତ କଣ ମିଛ କହନ୍ତି ? ପୁରୁଷର ବୀର୍ଯ୍ୟରେ ବୀର୍ଯ୍ୟକଣା ଗୁଡିକ ସଜୀବ ଥାଆନ୍ତି । ସଜୀବ ବୀର୍ଯ୍ୟକଣା ସ୍ତ୍ରୀ ଶରୀରରେ ଥିବା ରଜକଣା ସହିତ ମିଶି ନୂଆ ଶରୀରଟିଏ ହେବାକୁଲାଗେ ଏବଂ ତାହା ନଅମାସ ପରେ ସମ୍ପୂର୍ଣ୍ଣ ହୋଇ ବାହାରକୁ ଆସିଥାଏ । ବୀର୍ଯ୍ୟରେ ଥିବା ବୀର୍ଯ୍ୟକଣିକାରେ ପ୍ରାଣ ଅଛି ବୋଲି ଆମେ ଅନେକ ପ୍ରମାଣ ଦେଖାଇ ପାରିବୁ କହି, ପ୍ରାଣଥିବା ଜନ୍ତୁଶରୀରରୁ ବୀର୍ଯ୍ୟକୁ କାଢିନେଇ କେତେଦିନ ପର୍ଯ୍ୟନ୍ତ ଉଚିତ ବାତାବରଣରେ ରଖି, ଦରକାର ବେଳେ ସେହି ବୀର୍ଯ୍ୟକୁ ସ୍ତ୍ରୀ ଜନ୍ତୁ (ମାଇ ଜନ୍ତୁ)ର ଯୋନି ମାର୍ଗଦ୍ୱାରା ପ୍ରବେଶ କରାଇ ଆମେ ଶାବକ ଶୃଷ୍ଟି କରାଇ ପାରୁଛୁ ବୋଲି କହିଛନ୍ତି । ବୀର୍ଯ୍ୟରେ ପ୍ରାଣଅଛି ବୋଲି ସେ ବିଶ୍ୱାସ କରିବା ପାଇଁ ଦରକାରୀ ବାତାବରଣରେ ଅର୍ଥାତ୍ (୦°)ରୁ (୪°)ସେଲ୍‌ସିଅସ୍ ଉଷ୍ମତା ଥିବା ଏକ ଫ୍ଲାସ୍କୋରୁ ଟେଷ୍ଟ୍‌ଟ୍ୟୁବ୍ ଭଳି ଥିବା ଏକ କାଚ ଘରେ ରଖିଥିବା ପଶୁବୀର୍ଯ୍ୟକୁ କାଢି, ତୁରନ୍ତ ଏକ କାଚ ପ୍ଲେଟ୍ ଉପରେ ରଖି, ମାଇକ୍ରୋସ୍କୋପ୍ ଦ୍ୱାରା ଦେଖିବା ବେଳେ, ଏକ ବିନ୍ଦୁ ବୀର୍ଯ୍ୟରେ ମୁଣ୍ଡ ଏବଂ ଲାଞ୍ଜ ଥିବା ଅସଂଖ୍ୟ ବୀର୍ଯ୍ୟକଣା ପହଁରି ଆଗକୁ ଯାଉଛନ୍ତି ବୋଲି ସେ ଦେଖିଥିଲେ । ସେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ, ପରେ ବିଶ୍ୱାସ ମଧ୍ୟ କରିଥିଲେ । ବୋଧହୁଏ ସେଥିଲାଗି ଆମେ ଶରୀରଶାସ୍ତ୍ରଜ୍ଞ ବୋଲି ସେ ଜୋର୍‌ଦେଇ କହିବାକୁ ପଛାଇ ନାହାନ୍ତି । ଯାହା ଆମକୁ ଜଣା ଅଛି ତାହା କଣ ତାଙ୍କୁ ଜଣାଅଛି ? ସେ ଯାହା କହୁଛନ୍ତି ତାହା ମିଛ କଥା ବୋଲି କହିଛନ୍ତି । ତେଣୁ କଣ ସତ୍ୟ ଏବେ ତାଙ୍କରି ପାଠ ଉପରକୁ ଯାଇ ଟିକିଏ ଦେଖିବା । ସେ ବୀର୍ଯ୍ୟକୁ କିପରି ଗବେଷଣା କରିଛନ୍ତି, କେଉଁଭଳି ନିଜର ନିର୍ଣ୍ଣୟକୁ ଠିକ୍ ଭାବିଛନ୍ତି ଜାଣିବା । ପ୍ରଥମେ ବୀର୍ଯ୍ୟକଣାର ଏକ ଚିତ୍ରକୁ ପର ଫର୍ଦ୍ଦରେ ଲକ୍ଷ୍ୟ କରନ୍ତୁ ।

ବୀର୍ଯ୍ୟରେ ବୀର୍ଯ୍ୟକଣାଗୁଡିକର ଚଳନ ଦେଖିଥିବା ସେହି ଡାକ୍ତର ମହାଶୟ ବୀର୍ଯ୍ୟରେ ଜୀବନ ରହିଛି ଭାବି, ବାସ୍ତବରେ ପ୍ରସବ ପରେ ଜୀବ ପ୍ରବେଶ କରିଥାଏ କହୁଥିବା ଆମକଥାକୁ ମିଛ ଭାବି ଶେଷରେ ଆମକୁ ସାକ୍ଷାତ୍ କରି, "ସ୍ୱାମୀଜୀ ! ଜୀବାତ୍ମା ଶିଶୁର ଶରୀରରେ ଜନ୍ମ ହେଉଛି ବୋଲି ଆପଣଙ୍କ କଥା ଶୁଣିବା ପରେ ମୁଁ ମୋର ଏକ ଗବେଷଣାରେ ପୁରୁଷ ବୀର୍ଯ୍ୟରେ ପ୍ରାଣ ଅଛି ବୋଲି ଦେଖିଲି । ବୀର୍ଯ୍ୟର ବୀର୍ଯ୍ୟକଣିକାରେ ଜୀବନ ଥାଏ ବୋଲି ସ୍ପଷ୍ଟଭାବରେ

ଦେଖାଯାଉଥିବା ବେଳେ, ଆପଣଙ୍କ କଥା ମୋର ବିଶ୍ୱାସ ହେଉ ନାହିଁ । ତେଣୁ ଏଠାରେ ଆପଣ କହୁଥିବା କଥା ସତ୍ୟ ? ନା ବିଜ୍ଞାନ ସ୍ପଷ୍ଟ କରିଥିବା କଥା ସତ୍ୟ ? ମୋର ଏଇ ସନ୍ଦେହ ଦୂର ହେବାପାଇଁ ଆପଣ କଣ କହିବେ ?'' ବୋଲି ପାଖକୁ ଆସି ମୋତେ ପଚ୍ଚରିଥିଲେ ।

ଏହା ପୂର୍ବରୁ ଆଧ୍ୟାତ୍ମିକ ଗ୍ରନ୍ଥ ନାମରେ ପରିଗଣିତ ହେଉଥିବା ଗ୍ରନ୍ଥ ଗୁଡିକରେ ଛଅମାସ ପରେ ଅର୍ଥାତ୍ ମାତୃଗର୍ଭରେ ହିଁ ଶିଶୁର ପ୍ରାଣପ୍ରବେଶ ହେବା କଥାକୁ ମିଥ୍ୟା ପ୍ରମାଣିତ କରି, ପ୍ରସବ ପରେ ଶିଶୁଠାରେ ପ୍ରାଣ ପ୍ରବେଶ କରିଥାଏ ଲେଖି ଆମେ ଆମ ସିଦ୍ଧାନ୍ତରେ ଜଣାଇଥିଲୁ, କିନ୍ତୁ ଏବେ ଡକ୍ଟରମାନେ କହୁଛନ୍ତି ଯେ, ପୁରୁଷର ବୀର୍ଯ୍ୟକଣାରେ ପ୍ରାଣ ଅଛି ! ତେଣୁ ଏଠାରେ ଆଜିର ବିଜ୍ଞାନରୁ କିଛି ପ୍ରମାଣ ଆଣି ଆମକୁ ଏଠାରେ ଏକ ନିର୍ଣ୍ଣୟରେ ପହଞ୍ଚିବାକୁ ହେବ ।

ଜୀବ (ଜୀବାତ୍ମା) ଆଖିକୁ ଦେଖାଯାଏ ନାହିଁ, କେବଳ ଜ୍ଞାନନେତ୍ରକୁ ଦେଖାଯାଇଥାଏ । ଜ୍ଞାନନେତ୍ର ନଥିବା ଡକ୍ଟରମାନେ ବୀର୍ଯ୍ୟକଣାରେ ପ୍ରାଣ ଅଛି ବୋଲି କେବଳ ଭାବିବା ଛଡା କେବେ ବି ଦେଖି ନାହାନ୍ତି । ବୀର୍ଯ୍ୟକଣାର ଚଳନଶକ୍ତି ଅଛି ବୋଲିଯେ, ତାଠାରେ ପ୍ରାଣ ଅଛି ଭାବିବା ଭୁଲ୍ । ଯଦି ଏମିତି ଭାବିବା ତେବେ ବସ୍, ଟ୍ରକ୍, ରେଳ ଇତ୍ୟାଦି ଯାନ ଗୁଡିକର ମଧ୍ୟ ଚଳନଶକ୍ତି ଅଛି, ତେବେ କ'ଣ ସେଗୁଡିକରେ ଜୀବନ ଅଛି କହିବା ? ଏଠାରେ ନାହିଁ ବୋଲି ମୁଁ, ଆପଣ, ଡକ୍ଟର, ବୈଜ୍ଞାନିକ, ସାଧାରଣ ସମସ୍ତେ ସ୍ୱୀକାର କରିବେ । ଚଳନଶକ୍ତି ରହିଥିବା ଯନ୍ତ୍ରଗୁଡିକରେ ଯେଉଁଭଳି ଜୀବନ ନଥାଏ, ସେହିଭଳି ଚଳନଶକ୍ତି ଥିବା ବୀର୍ଯ୍ୟକଣା ଗୁଡିକରେ ମଧ୍ୟ ଜୀବନ ନଥାଏ । ତେବେ ଏଠି ପ୍ରାଣ ନଥିବା ବୀର୍ଯ୍ୟକଣା ଗୁଡିକ କିପରି ଗତି କରୁଛନ୍ତି ନାମକ ଏକ ବଡ ସନ୍ଦେହ ରହିଯାଏ । ଏହି ସନ୍ଦେହ ଦୂର କରିବାପାଇଁ ପ୍ରଥମେ ବୀର୍ଯ୍ୟକଣା ପୁରୁଷ ଶରୀରରେ କିପରି ତିଆରି ହେଉଛି ତାହା ସମ୍ପୂର୍ଣ୍ଣ ଭାବରେ, ବିଜ୍ଞାନ ଦିଗରୁ ଜାଣିବା ନିହାତି ଦରକାର । ତେଣୁ ଆଜିର ଶରୀରଶାସ୍ତ୍ରଜ୍ଞ ଏବଂ ଡକ୍ଟରମାନଙ୍କୁ ଜଣାନଥିବା ଜନନ ସିଦ୍ଧାନ୍ତକୁ ଆଜିର ବିଜ୍ଞାନ ଅନୁସାରେ ଜଣାଉଛୁ ।

ପୁରୁଷ ଶରୀରରେ ଥିବା ପୁରୁଷାଙ୍ଗ (ଲିଂଗ)ର ଠିକ୍ ତଳେ ଥିବା ବୃଷଣ (ଅଣ୍ଡକୋଷ)ରେ ବୀର୍ଯ୍ୟ ତିଆରି ହୋଇଥାଏ । ଏହା ମାନବ ତୁଳନାରେ

ଜନ୍ତୁମାନଙ୍କର ଟିକିଏ ବଡ ଆକାରର ହୋଇଥାଏ । ପ୍ରତ୍ୟେକ ପିଣ୍ଡଜମାନଙ୍କର ବୀର୍ଯ୍ୟ ତିଆରି ହୋଇଥାଏ, ମାନବର ବୃଷଣରେ ପ୍ରାୟ ଦୁଇଶହରୁ ଅଧିକ ଲାବ୍ୟୁ ନାମକ ସୂକ୍ଷ୍ମ ଅଂଶ ରହିଥାଏ । ପ୍ରତ୍ୟେକ ଲାବ୍ୟୁର ସୂକ୍ଷ୍ମ ଭାଗରେ ଚଉତିହୋଇ ପଡିଥିବା ଭଳି ଅନେକ ନଳୀ ଥାଏ । ଏହାକୁ ବୀର୍ଯ୍ୟୋତ୍ପାଦକ ନଳୀ କୁହାଯାଏ, ଏହିଠାରେ ହିଁ ବୀର୍ଯ୍ୟର ଉତ୍ପତ୍ତି ଘଟିଥାଏ । ଲାବ୍ୟୁର ନଳୀଗୁଡିକ ଏକାଠି ହୋଇ ଏପିଡାଇଡ୍‌ମିସ୍ ନାମକ ଏକ ପାଇପ୍ ସଦୃଶ ଉଦର ଭାଗରେ ପ୍ରବେଶ କରି ସେଠାରେ ଏକ ବଡ ବ୍ଲାଡର୍ ଭଳି ବିସ୍ତାରିତ ହୋଇ ରହିଥାଏ । ବୀର୍ଯ୍ୟ ଏହି ବ୍ଲାଡର୍‌ରେ ଗଚ୍ଛିତ ହୋଇ ରହିଥାଏ । ସେଥିଲାଗି ଏହି ବ୍ଲାଡରକୁ ବୀର୍ଯ୍ୟାଶୟ କୁହାଯାଏ । ଏଭଳି ଦୁଇ ବୃଷଣରୁ ଆସିଥିବା ନଳୀଦୁଇଟି ଭିତରେ ବୀର୍ଯ୍ୟାଶୟ ଭାବରେ ରହି, ବୀର୍ଯ୍ୟାଶୟରୁ ମଧ୍ୟ ନଳୀଟିଏ ଆରମ୍ଭ ହୋଇ ପ୍ରୋଷ୍ଟେଟ୍ ଗ୍ରନ୍ଥିକୁ ଯାଇ, ସେଠାରୁ ପୁରୁଷାଙ୍ଗକୁ ଯିବା ଭଳି ଖୋଲିହୋଇ ରହିଥାଏ । ମାନବର ବୀର୍ଯ୍ୟନିର୍ମାଣ ତଳ ଚିତ୍ରରେ ଦେଖନ୍ତୁ ।

ବୃଷଣରେ ତିଆରି ହୋଇଥିବା ବୀର୍ଯ୍ୟକଣାଗୁଡିକ ଏପିଡାଇଡ୍‌ମିସ୍‌କୁ ଯାଇ, ସେଠାରୁ ବୀର୍ଯ୍ୟନଳୀ ଦ୍ୱାରା ବୀର୍ଯ୍ୟାଶୟକୁ ଯାଇଥାନ୍ତି । ବୀର୍ଯ୍ୟାଶୟରେ କିଛିକାଳ ସ୍ଥିର ରହି ସ୍ଖଳନ ସମୟରେ ପ୍ରୋଷ୍ଟେଟ୍ ଗ୍ରନ୍ଥି ଦ୍ୱାରା ଆସିବା ବେଳେ, ତାହା ସ୍ରାବିତ କରିଥିବା ପତଳା ଦୁଧିଆରଙ୍ଗର ଦ୍ରବରେ ମିଶି ମୂତ୍ରନଳୀକୁ ଆସି, ସେଠାରେ କୌପର୍ ଗ୍ରନ୍ଥି ଝରାଇଥିବା ଏକ ପ୍ରକାରର ଦ୍ରବ ଏବଂ ମୂତ୍ରନଳୀର ମ୍ୟାକସ୍ ନାମକ ପରଦା ତିଆରି କରିଥିବା ମ୍ୟାକସ୍ ନାମକ ଅଠାଳିଆ ଦ୍ରବସହିତ ମିଶି ବୀର୍ଯ୍ୟ ଭାବରେ ବାହାରକୁ ଆସିଥାଏ । ଏହାକୁ (ବୀର୍ଯ୍ୟକୁ) ଇଂରାଜୀ ଭାଷାରେ ସ୍ପେରଂ (Sperm) କୁହାଯାଇଥାଏ ।

ବୀର୍ଯ୍ୟରେ ବୀର୍ଯ୍ୟକଣାର ମୁଣ୍ଡ, କଣ୍ଠ, ଲାଞ୍ଜ ଏହିଭଳି ତିନିଗୋଟି ଭାଗ ରହିଥାଏ । ବୀର୍ଯ୍ୟକଣା ଗୁଡିକ ଚଳନରହିତ ଭାବରେ ଅସମ୍ପୂର୍ଣ୍ଣ ହୋଇ ରହିଥାନ୍ତି । ବୀର୍ଯ୍ୟକଣା ଗୁଡିକ ଭିତରେ ଥିବା ବୀର୍ଯ୍ୟାଶୟରେ ହିଁ ସମ୍ପୂର୍ଣ୍ଣ ହୋଇଥାନ୍ତି । ତିଆରି ହୋଇଥିବା ବୀର୍ଯ୍ୟକଣା ଗୁଡିକ ସମ୍ପୂର୍ଣ୍ଣ ହେବା ପରେ ଚଳନଶକ୍ତି ପାଇଥାନ୍ତି । ମୁଖ୍ୟତଃ ଜାଣିବା ଉଚିତ୍ ଯେ, ବୀର୍ଯ୍ୟକଣା ଗୁଡିକ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଚଳନ ରହିତ ଭାବରେ ରହିଥାନ୍ତି । ସମ୍ପୁର୍ଣ୍ଣ ହୋଇଥିବା

ବୀର୍ଯ୍ୟକଣା ଗୁଡିକ ଦ୍ରବପଦାର୍ଥ ଭିତରେ ମିନିଟ୍‌କୁ ଚାରି (୪)ମିଲିମିଟର ବେଗରେ ପହଁରିବା ଭଳି ଦେଖାଯାଇଥାନ୍ତି । ତିଆରି ହୋଇଥିବା ବୀର୍ଯ୍ୟକଣା ଗୁଡିକର ଲାଞ୍ଜ ବେଙ୍ଗଫୁଲା କିମ୍ବା ସାପଲାଞ୍ଜ ଭଳି ହଲିବା ଦ୍ୱାରା ସେଗୁଡିକ ଆଗକୁ ଗତିକରି ପାରନ୍ତି, ହେଲେ ଅମ୍ଳଗୁଣ ରହିଥିବା ଦ୍ରବ ପଦାର୍ଥରେ ପହଁରି ଆଗକୁ ଗତି କରି ପାରନ୍ତି ନାହିଁ, କେବଳ କ୍ଷାରଗୁଣ ଦ୍ରବରେ ଗତି କରି ପାରିଥାନ୍ତି । ବୀର୍ଯ୍ୟକଣା ଗୁଡିକ ମାତ୍ର କେଇସପ୍ତାହ ପର୍ଯ୍ୟନ୍ତ ଗତିଶକ୍ତି ପ୍ରାପ୍ତହୋଇ ରହି ପାରନ୍ତି ଏବଂ ବୀର୍ଯ୍ୟସ୍ଖଳନ ହେବା ସମୟରେ ମଧ୍ୟ ମାତ୍ର କେଇଘଣ୍ଟା ପର୍ଯ୍ୟନ୍ତ ସ୍ତ୍ରୀ ଶରୀରର ଅନୁକୂଳ ସ୍ଥିତିରେ ପହଁରି ପାରିଥାନ୍ତି ।

ଏବେ ଯଦି ଆମେ ବୀର୍ଯ୍ୟକଣା ଗୁଡିକର ଚଳନଶକ୍ତି ବାବଦରେ ଗବେଷଣା କରିବା ତେବେ ଜାଣିପାରିବା ଯେ, ବୀର୍ଯ୍ୟାଶୟରେ ତିଆରି ହେଉଥିବା ବୀର୍ଯ୍ୟରେ ଅଧିକ ପରିମାଣରେ ଗ୍ଲୁକୋଜ୍ ଉତ୍ପତି ହେଉଛି । ଲାଞ୍ଜଥିବା ବୀର୍ଯ୍ୟକଣା ଗୁଡିକ ଏହି ଗ୍ଲୁକୋଜ୍ ସଂସ୍ପର୍ଶରେ ଆସିବା କ୍ଷଣରେ ସେଗୁଡିକର ଲାଞ୍ଜ ହଲିବା ଆରମ୍ଭ ହୋଇଥାଏ । ବୀର୍ଯ୍ୟାଶୟରେ ଅହରହ ଗ୍ଲୁକୋଜ୍ ଉତ୍ପତି ହେବା କାରଣରୁ ସେଗୁଡିକ ଅଧିକ ସମୟଧରି ଚଳନଶକ୍ତି ବିଶିଷ୍ଟହୋଇ ରହି ପାରନ୍ତି । **ବୀର୍ଯ୍ୟାଶୟର ଦ୍ରବରେ ଗ୍ଲୁକୋଜ୍ ନଥିଲେ ସେଗୁଡିକ ଚଳନଶକ୍ତି ହରାଇଥାନ୍ତି** । ଚୂନପଥରରେ ପାଣି ଲାଗିଗଲେ ଯେପରି ତାହା ଚଳନଶକ୍ତି ପ୍ରାପ୍ତ ହୁଏ, ଲେମ୍ବୁ ରସରେ ସୋଢା ଲାଗିଗଲେ ଯେପରି ସ୍ପନ୍ଦିତ ହୁଏ, ପାରଦ ଉଷ୍ମତା ପ୍ରାପ୍ତହୋଇ ଯେପରି ଉର୍ଦ୍ଧ୍ୱମୁଖୀ ହୁଏ, ଠିକ୍ ସେହିପରି ବୀର୍ଯ୍ୟକଣା ଗୁଡିକରେ ଗ୍ଲୁକୋଜ୍ ଲାଗିଗଲେ ତାହା ଗତିକରିବା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ଗ୍ଲୁକୋଜ୍ ଏବଂ ବୀର୍ଯ୍ୟକଣାର ଏହିଭଳି ସମ୍ପର୍କ ରହିଥାଏ । ତେଣୁ ବୀର୍ଯ୍ୟକଣାକୁ ଗ୍ଲୁକୋଜ୍ ସ୍ପର୍ଶକଲେ ସେଠାରେ ରାସାୟନିକ ଚର୍ଯ୍ୟା ଆରମ୍ଭ ହୋଇଯାଏ, ସେହି ଚର୍ଯ୍ୟା ବା ରାସାୟନିକ କ୍ରିୟା ହିଁ ବୀର୍ଯ୍ୟକଣାର ଚଳନଶକ୍ତି । ଏହି ରାସାୟନିକ କ୍ରିୟା ଦେଖି ସେଥିରେ ଜୀବନ ଅଛି ଭାବିବା ଭୁଲ୍ । ଶାସ୍ତ୍ରଜ୍ଞମାନେ ଏଇଠାରେ ହିଁ ପ୍ରଥମେ ଭୁଲ୍ ବୁଝିଥାନ୍ତି । **ଗ୍ଲୁକୋଜ୍ ଉତ୍ପତି ବନ୍ଦ ହୋଇଗଲେ ବୀର୍ଯ୍ୟକଣାର ଚଳନ ମଧ୍ୟ ବନ୍ଦ ହୋଇଯାଏ ବୋଲି ମୁଖ୍ୟତଃ ବୁଝିବା ଉଚିତ୍ ।**

ଶାସ୍ତ୍ରଜ୍ଞମାନଙ୍କ ଅନ୍ଦାଜ ଅନୁଯାୟୀ ବୀର୍ଯ୍ୟକଣାର ଜୀବନ ଥିଲେ ତାର ଚଳନ ଆଗକୁ ନହୋଇ ପଛକୁ କିମ୍ବା କଡକୁ ହୁଅନ୍ତା, ଜୀବନ ନଥିବାରୁ ସେଗୁଡିକ କଡକୁ କିମ୍ବା ପଛକୁ ଯାଇପାରନ୍ତି ନାହିଁ ବୋଲି ମୁଖ୍ୟତଃ ଜାଣିବା ଉଚିତ୍ । ଗ୍ଲୁକୋଜ୍ ସହିତ ବୀର୍ଯ୍ୟକଣା ରହିବା ପ୍ରତିକୂଳ ହେଉଥିବାରୁ, ବୀର୍ଯ୍ୟକଣା ଗତି କରୁଥିବାରୁ, କେବଳ ଆଗକୁ ଯାଇପାରନ୍ତି ବୋଲି ଜାଣିବା ଉଚିତ୍ । ଗ୍ଲୁକୋଜ୍ ଖର୍ଚ୍ଚ ହୋଇ ବୀର୍ଯ୍ୟଦ୍ରବରୁ କମିଗଲେ ବୀର୍ଯ୍ୟାଶୟ ଗ୍ଲୁକୋଜ୍ ଝରାଇଥାଏ । ସେଥିଲାଗି ବୀର୍ଯ୍ୟକଣା ଗତି କରିବାକୁ ଭିତରେ କୌଣସି ଅସୁବିଧା ନଥାଏ ।

ମିଳନ ସମୟରେ ପୁରୁଷଠାରୁ ଆସୁଥିବା ବୀର୍ଯ୍ୟ ସ୍ତ୍ରୀ ଯୋନି ମାର୍ଗରେ ପ୍ରବେଶ କରେ । ଭିତରକୁ ପ୍ରବେଶ କରିଥିବା ବୀର୍ଯ୍ୟକଣା ସ୍ତ୍ରୀର ରଜକଣା ସହିତ ମିଶିବା ବେଳେ ସ୍ତ୍ରୀ ଗର୍ଭଧାରଣ କରେ । ଏହି ବୀର୍ଯ୍ୟକଣା ଗୁଡିକ ସ୍ତ୍ରୀର ଯୋନିମାର୍ଗରେ ପ୍ରବେଶ କରି ଗର୍ଭାଶୟ ପର୍ଯ୍ୟନ୍ତ ଅନେକ ଦୂର ଯାଇଥାନ୍ତି । ବୀର୍ଯ୍ୟକଣା ଆଗକୁ ଗତି କରୁଥିବାରୁ କିଛି ଦୂର ଗତି କରିବା ପରେ ରଜକଣା ସହିତ ମିଶିବାକୁ ସୁଯୋଗ ପାଏ । ବୀର୍ଯ୍ୟକଣା ରଜକଣା ସହିତ ମିଶିବା ପାଇଁ ହିଁ ତିଆରି ହୋଇଥାଏ । ସେଥିଲାଗି ମାନବଠାରେ ତାର ଏହି ଗତିକରିବା ବିଧି ପ୍ରକୃତି ଦ୍ୱାରା ପରମାତ୍ମା ଖଞ୍ଜି ରଖିଛନ୍ତି, ନଚେତ୍ ବୀର୍ଯ୍ୟକଣାର ଗତି ଆବଶ୍ୟକ ନଥାନ୍ତା । ସ୍ତ୍ରୀ ଯୋନିମାର୍ଗରେ ସ୍ଖଳିତ ହେଉଥିବା ବୀର୍ଯ୍ୟକଣା ଚଳନଶକ୍ତି ପ୍ରାପ୍ତ ହୋଇ ଆଗକୁ ଗତି କରେ । ଗ୍ଲୁକୋଜ୍ ଶେଷ ହୋଇଗଲେ ଆଗକୁ ଗତି କରିପାରି ନଥାଏ, ଅର୍ଥାତ୍ ଗ୍ଲୁକୋଜ୍‌ର ପରିମାଣ ଅନୁଯାୟୀ ବୀର୍ଯ୍ୟକଣାର ବେଗ ନିର୍ଣ୍ଣୀତ ହୋଇଥାଏ । ତେଣୁ ଏହି କ୍ଷେତ୍ରରେ ଗ୍ଲୁକୋଜ୍ ଉତ୍ପତ୍ତି କରୁଥିବା ପ୍ରୋଷ୍ଟେଟ୍ ଗ୍ରନ୍ଥିକୁ ମୁଖ୍ୟପାତ୍ର ବୋଲି କହିପାରିବା ।

ଅମ୍ଳଗୁଣ ଦ୍ରବରେ ଗ୍ଲୁକୋଜ୍ ଥିଲେ ମଧ୍ୟ ଘଟୁଥିବା ରାସାୟନିକ କ୍ରିୟା ଦ୍ୱାରା ବୀର୍ଯ୍ୟକଣା ଚଳନ ରହିତ ହୋଇଯାଏ । କେବଳ କ୍ଷାରଗୁଣ ଦ୍ରବରେ ଗ୍ଲୁକୋଜ୍‌ର ସଂଯୋଗ ଘଟିଲେ ବୀର୍ଯ୍ୟକଣା ଆଗକୁ ଗତିକରି ପାରେ । ପ୍ରାୟ ପ୍ରତ୍ୟେକ ସ୍ତ୍ରୀଯୋନିରେ ଅମ୍ଳଗୁଣ ଦ୍ରବ ଉତ୍ପତି ହୋଇଥାଏ; ତଥାପି ବୀର୍ଯ୍ୟକଣା ଗୁଡିକ ଆଗକୁ ଗତି କରି ପାରନ୍ତି । କାରଣ ! ପୁରୁଷର ପ୍ରୋଷ୍ଟେଟ୍ ଗ୍ରନ୍ଥି ଉତ୍ପନ

କରୁଥିବା କ୍ଷାରଗୁଣ ବିଶିଷ୍ଟ ଦ୍ରବ ସ୍ଖଳନ ସମୟରେ ବାହାରି ସ୍ତ୍ରୀ ଯୋନି ମାର୍ଗରେ ପ୍ରବେଶ କରିଥାଏ । ତେଣୁ ସ୍ତ୍ରୀ ଯୋନିର ଅମ୍ଳଗୁଣ ଦ୍ରବରେ ସ୍ଥିର ନରହି ଦୁଇତିନି ଘଣ୍ଟା ପର୍ଯ୍ୟନ୍ତ ଗତି କରିପାରେ ।


ସ୍ତ୍ରୀ, ପୁରୁଷର ପ୍ରତ୍ୟେକ ମିଳନରେ ବୀର୍ଯ୍ୟକଣା ଗୁଡିକ ସ୍ତ୍ରୀର ରଜକଣା ସହିତ ମିଶିପାରି ନଥାଏ । ପ୍ରତ୍ୟେକ ସଂଯୋଗରେ ବୀର୍ଯ୍ୟକଣା ଗତି କରିବାକୁ ଆବଶ୍ୟକୀୟ ଗ୍ଳୁକୋଜ୍ ବେଳେବେଳେ ଶେଷ ହୋଇଯାଇ ପାରେ କିମ୍ବା ଯୋନିମାର୍ଗରେ ଅମ୍ଳଗୁଣ ଦ୍ରବ ଅଧିକ ହୋଇଯାଇ ପାରେ । ବୀର୍ଯ୍ୟକଣାରେ ସମ୍ପୂର୍ଣ୍ଣ ମାତ୍ରାରେ ଗ୍ଳୁକୋଜ୍ ଥାଇ, କ୍ଷାରଗୁଣ ଦ୍ରବ ଥିଲେ ମଧ୍ୟ ବୀର୍ଯ୍ୟକଣା ସମ୍ପୂର୍ଣ୍ଣ ଲକ୍ଷ୍ୟରେ ପହଞ୍ଚି ପାରିବ ବୋଲି କହିପାରିବା ନାହିଁ । କାରଣ ! ସେହି ସମୟରେ ସ୍ତ୍ରୀ ଗର୍ଭକୋଷରେ ମଧ୍ୟ ରଜକଣା ଉତ୍ପତ୍ତି ହୋଇଥିବା ଦରକାର, ଯଦି ହୋଇନଥାଏ ତେବେ ସେହି ମିଳନ ଫଳଦାୟୀ ହୋଇ ନଥାଏ । ସବୁକିଛି ଅନୁକୂଳ ଥିବାବେଳେ ବୀର୍ଯ୍ୟକଣା ରଜକଣା ସହିତ ମିଳିତ ହୋଇପାରେ । କୌଣସି ଏକ ବିଷୟରେ ପ୍ରତିକୂଳ ପରିସ୍ଥିତି ଉପୁଜିଲେ ମିଳନଟି ଫଳପ୍ରଦ ହୋଇନଥାଏ । ସେଥିଲାଗି ଜାଣି ବା ନଜାଣି ସ୍ତ୍ରୀ ପୁରୁଷ ବାରମ୍ବାର ମିଶିବା ବିଧିକୁ ପ୍ରକୃତି ଖଞ୍ଜିରଖିଛି । ଏସବୁ କାରଣ ନେଇ କେତେକଙ୍କର ସନ୍ତାନ ସନ୍ତତି ଖୁବ୍‌ଶୀଘ୍ର କିମ୍ବା ବିଳମ୍ବରେ ହୋଇଥାନ୍ତି । ଏଠାରେ ଆଉଏକ ପ୍ରଶ୍ନ ହେଉଛି ! ଜନ୍ତୁମାନେ ଥରେମାତ୍ର ମିଳିତହୋଇ ମଧ୍ୟ ସେମାନଙ୍କ ମିଳନ କିପରି ଫଳଦାୟୀ ହୋଇଥାଏ ? ତାର ସମାଧାନ ହେଉଛି ! ଜନ୍ତୁମାନଙ୍କର ବୀର୍ଯ୍ୟରେ କ୍ଷାରଗୁଣ ଦ୍ରବ ଅଧିକ ପରିମାଣରେ ଥାଏ । ସ୍ତ୍ରୀ ଜନ୍ତୁମାନଙ୍କଠାରେ ରଜୋକଣା ଉତ୍ପତ୍ତି ହେବା ସମୟରେ ସେମାନଙ୍କ ଶରୀରରେ କେତେକ ପରିବର୍ତ୍ତନ ଦେଖା ଦେଇଥାଏ, ତାହା ଦେଖି ପୁରୁଷ ଜନ୍ତୁଠାରେ କାମଗୁଣ କାର୍ଯ୍ୟ କରିଥାଏ । ସ୍ତ୍ରୀଜନ୍ତୁ ମାନଙ୍କଠାରେ ମଧ୍ୟ ରଜୋକଣା ଉତ୍ପତ୍ତି ହେବାବେଳେ କାମବାଞ୍ଛା ସୃଷ୍ଟି ହେଉଥିବାରୁ ସେତିକିବେଳେ ପୁରୁଷ ଜନ୍ତୁ ସହିତ ମିଳିତ ହେବାକୁ ବ୍ୟାକୁଳ ହୋଇଥାନ୍ତି, ଏହି ସ୍ଥିତିକୁ ସ୍ତ୍ରୀ ଜନ୍ତୁ (ଗରମ ହୋଇଛି) ବୋଲି କହିଥାଉ । ରଜୋକଣା ତିଆରି ହେବା ସମୟରେ ସଂଯୋଗ ଘଟିଲେ ବୀର୍ଯ୍ୟକଣା ଗତିକରିବା ଅନୁକୂଳ ହୁଏ । ସେଥିଲାଗି ଗୋଟିଏ ପର୍ଯ୍ୟାୟର ଜନ୍ତୁ

ମିଳନ ଫଳପ୍ରଦ ହୋଇଥାଏ । ମଣିଷର ମିଳନରେ ବୀର୍ଯ୍ୟକଣାର ଗତିରେ ନାନା ପ୍ରକାରର ଅସୁବିଧା ଥାଏ, ତେଣୁ ମଣିଷ ଅନେକ ଥର ମିଳିତ ହେଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନପାରେ ।

ବୀର୍ଯ୍ୟକଣା ଗୁଡିକ ଶରୀରର ଉଷ୍ମତାରେ ଗ୍ଲୁକୋଜ୍ ସହିତ ମିଶିବା ପରେ ଘଟୁଥିବା ରାସାୟନିକ କ୍ରିୟା ଦ୍ୱାରା ଚଳିତ ହୋଇଥାନ୍ତି । ଏଠାରେ ଜଣାପଡେ ଯେ ବୀର୍ଯ୍ୟକଣା ଏବଂ ଗ୍ଲୁକୋଜ୍ ମଧ୍ୟରେ ଘଟୁଥିବା ରାସାୟନିକ କ୍ରିୟା ପାଇଁ ଉଷ୍ମତା ଦରକାର । କିନ୍ତୁ ଶରୀରର ଅତ୍ୟଧିକ ଉଷ୍ମତାରେ ଏହି କ୍ରିୟା ଘଟିପାରେ ନାହିଁ । କାରଣ ! ବୀର୍ଯ୍ୟକଣା ସେଠାରେ ନଷ୍ଟ ହୋଇଯାଏ । ସେହିପରି ଅତ୍ୟଧିକ ଶୀତଳତାରେ ମଧ୍ୟ ବୀର୍ଯ୍ୟକଣା ନଷ୍ଟ ହୋଇଯାଇଥାଏ । ଏକ ପ୍ରମାଣ ଅନୁସାରେ ୦° ସେଲ୍‌ସିୟସ୍ ଶୀତଳତାରେ ରଖିଲେ ବୀର୍ଯ୍ୟକଣା ନଷ୍ଟ ହୋଇନଥାଏ । ଏହି ସମୟରେ ଗ୍ଲୁକୋଜ୍ ମଧ୍ୟ ଖର୍ଚ୍ଚ ହୋଇ ନଥାଏ, ସେଥିଲାଗି ଆଜିର ବୈଦ୍ୟମାନେ ବୀର୍ଯ୍ୟକୁ **୦° ସେଲ୍‌ସିୟସ୍‌ରେ** ରଖିଥାନ୍ତି ଏବଂ ପରେ ଉଷ୍ମତା ପ୍ରଦାନ କରିବା ପରେ ତାହା ଚଳନଶକ୍ତି ପ୍ରାପ୍ତ ହୋଇ ରାସାୟନିକ କ୍ରିୟା ଘଟାଇବା ପାଇଁ ପ୍ରସ୍ତୁତ ହେବାବେଳେ ସ୍ତ୍ରୀଜନ୍ତୁର ଗର୍ଭରେ ପ୍ରବେଶ କରାଇ ଦିଆଯାଏ । ଏହା ଆଜିର ବିଜ୍ଞାନରୁ ଆମେ ଜାଣିଥିବା ବିଷୟ ।

ସତ କହିଲେ ଆଜିର ଶରୀରଶାସ୍ତ୍ରଜ୍ଞ ମାନଙ୍କର ଜ୍ଞାନନେତ୍ର ନାହିଁ କି ସୂକ୍ଷ୍ମଦୃଷ୍ଟି ନାହିଁ । ତେଣୁ ସେମାନଙ୍କର ଭାବନା ସମୂହ ସ୍ଥୁଳ ଗବେଷଣା ଉପରେ ଆଧାରିତ ହୋଇଥାଏ । ବୀର୍ଯ୍ୟକଣାର ଚଳନକୁ ଦେଖି ତାହା ଗତି କରୁଛି ବୋଲି ସେମାନେ ଭାବନ୍ତି ତା ଠାରେ ଜୀବନ ଅଛି । ଏହା ଭୁଲ୍ କି ଠିକ୍ ଆପଣମାନେ ସୂକ୍ଷ୍ମଦୃଷ୍ଟି ଦେଇ ଦେଖନ୍ତୁ । ସେମାନଙ୍କୁ ଜୀବାତ୍ମା ବାବଦରେ କିଛି ମଧ୍ୟ ଜଣା ନାହିଁ । ଶରୀରଟିଏ ଜୀବ (ଜୀବାତ୍ମା) ନିବାସ ଯୋଗ୍ୟ ହେବା ପାଇଁ ତା ସହିତ କେତେଗୁଡିଏ ଶକ୍ତି ବା ମିଶ୍ରିତ ମୌଳିକର ଯେ ଆବଶ୍ୟକ ରହିଛି ତାହା ବୈଦ୍ୟ ମାନଙ୍କୁ ଜଣା ନାହିଁ । ଜୀବାତ୍ମା ସେହିଠାରେ ରହେ ଯେଉଁଠାରେ ପଞ୍ଚଭୂତ ଥାଆନ୍ତି । ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଇତ୍ୟାଦିରୁ ତିଆରି ହୋଇଥିବା ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦି ୨୪ଗୋଟି ମୌଳିକର ମିଶ୍ରିତ ସ୍ଥଳରେ ଜୀବାତ୍ମା ନିବାସ କରିଥାଏ । ଏହି ୨୪ଗୋଟି ମୌଳିକ ନଥିଲେ ଜୀବାତ୍ମା

ରହିପାରି ନଥାଏ । ଜୀବ ମରଣରେ ପୁରୁଣା ଶରୀରକୁ ଛାଡି, ଜନ୍ମରେ ନୂତନ ଶରୀର ଧାରଣ କରିଥାଏ । ନୂତନ ଶରୀରରେ ବାଲ୍ୟ, କିଶୋର, ଯୌବନ, ବୃଦ୍ଧାବ୍ୟ ଥାଏ ବୋଲି ଗୀତାରେ ପରମାତ୍ମା ଜଣାଇଛନ୍ତି ସିନା, ମାତୃ ଗର୍ଭରେ ଜୀବାତ୍ମାର ବୃଦ୍ଧି ବାବଦରେ କେଉଁଠି ମଧ୍ୟ କହିନାହାନ୍ତି । ଜୀବାତ୍ମାର ଶରୀର ସୂକ୍ଷ୍ମ, ସ୍ଥୁଳ ନାମକ ଦୁଇବିଧ ରହିଥାଏ । ଏହି ଦୁଇ ଭାଗରୁ ସ୍ଥୁଳଭାଗ ନଥିଲେ ମଧ୍ୟ ସୂକ୍ଷ୍ମଭାଗରେ ଜୀବାତ୍ମା ରହିପାରେ, କିନ୍ତୁ ସୂକ୍ଷ୍ମଭାଗ ନଥିଲେ ଜୀବାତ୍ମା ରହି ପାରେ ନାହିଁ । ଏକ ଜୀବାତ୍ମା ଶରୀରରେ କିପରି ରହେ, କଣ କରେ ତାର ସମସ୍ତ ବୟାନ ଭଗବାନ ଶ୍ରୀକୃଷ୍ଣ ଗୀତାରେ କରିଛନ୍ତି । ଏହି ବିବରଣୀ ଆଜିର ଡକ୍ଟର, ବୈଜ୍ଞାନିକ, ଶରୀରଶାସ୍ତ୍ରଜ୍ଞ ମାନଙ୍କୁ ଜଣା ନାହିଁ, ସେମାନେ କେବଳ ସାଇନ୍ସ ପଢିଥାନ୍ତି, କିନ୍ତୁ ସାଇନ୍ସକୁ ଜନ୍ମ ଦେଇଥିବା ସୁପରସାଇନ୍ସ (ବ୍ରହ୍ମବିଦ୍ୟା)କୁ ପଢିନଥାନ୍ତି । ଏହାକୁ ପଢିବାପାଇଁ ସ୍ଥୁଳନେତ୍ର ନୁହେଁ ସୂକ୍ଷ୍ମନେତ୍ର ଆବଶ୍ୟକ ବୋଲି ସେମାନଙ୍କୁ ଜଣା ନଥାଏ । ବୀର୍ଯ୍ୟକଣାଗୁଡିକ ମୁଣ୍ଡ ଏବଂ ଲାଞ୍ଜ ବିଶିଷ୍ଟ ହୋଇ ରହିଥାନ୍ତି । ଲାଞ୍ଜ ହିଁ ପ୍ରଥମେ ଚଳନଶକ୍ତି ପାଇ ମୁଣ୍ଡକୁ ଆଗକୁ ଗତିକରାଏ, ଏହି ବୀର୍ଯ୍ୟ ହିଁ ସନ୍ତାନର କାରଣ ବୋଲି ଆମେ ଏପର୍ଯ୍ୟନ୍ତ ଜାଣିଲେ । ଏବେ ମୁଣ୍ଡ ବାବଦରେ ଜାଣିବା ।




**ବୀର୍ଯ୍ୟକଣାର, ମୁଣ୍ଡର ଭିତରି ଭାଗରେ (ମଧ୍ୟରେ) ଏକ କ୍ଷୁଦ୍ର, ଗୋଲାକାର, ତେଜୋବନ୍ତ ଅଂଶ ଥାଏ । ଏହାକୁ ପରୀକ୍ଷା କରି ମଧ୍ୟ ଆମେ ଜାଣି ପାରିବା । ଏହି ଗୋଲାକାର ଭାଗ ସ୍ତ୍ରୀ ଗର୍ଭରେ ରଜକଣା ସହିତ ମିଶି ଶରୀରଟିଏ ହେବା ପାଇଁ ଅନୁକୂଳିତ ଭାବରେ ନିର୍ମିତ ହୋଇଥାଏ । ଏହାକୁ ହିଁ ପୁରୁଷବୀର୍ଯ୍ୟର ବୀଜ (ମଞ୍ଜି) ବୋଲି କହି ପାରିବା ।**

ସ୍ତ୍ରୀ ଗର୍ଭକୋଶର ଓଭରି (ovary) ନାମକ ସ୍ଥାନରୁ ରଜକଣାର ଉତ୍ପତ୍ତି ହୋଇଥାଏ । ଓଭରିରେ ମାସକୁ ମାତ୍ର ଗୋଟିଏ ରଜକଣା ଉତ୍ପତ୍ତି ହୋଇଥାଏ । ରଜକଣାକୁ ଇଂରାଜୀରେ ଓଭମ୍ (ovum) କୁହାଯାଏ । ଏହି ରଜକଣା ପ୍ରୋଟୋପ୍ଲାଜମ୍ (protoplasam) ନାମକ ପଦାର୍ଥରେ ନିର୍ମିତ, ବାଦାମମଞ୍ଜି ଭଳି ଆକୃତି ଥିବା ଓଭରି ସ୍ତ୍ରୀ ଗର୍ଭକୋଷରେ ଗର୍ଭାଶୟର ଦୁଇ କଡରେ ଦୁଇଗୋଟି ରହିଥାଏ । ଓଭରିରେ ତିଆରି ହୋଇଥିବା ରଜକଣା ଗର୍ଭାଶୟ ପାଖରେ ଥିବା ନଳୀ ଭିତରକୁ ଗତିକରି ସେଠାରେ ସ୍ଥିର ରହେ । ସଂଯୋଗ ପରେ ପୁରୁଷର ବୀର୍ଯ୍ୟକଣା ଯୋନି ଗହ୍ୱରରେ ଆଗକୁ ଯାଏ ଏବଂ ବିକଶିତ ଫୁଲଟିଏ ଭଳି ଆକୃତି ହୋଇଥିବା ସ୍ଥାନରେ ପ୍ରବେଶ କରି, ସେଠାରେ ଥିବା ନଳୀ ଦ୍ୱାରା ଗର୍ଭକୋଷକୁ ଯାଇ, ଗର୍ଭାଶୟର ପ୍ରଥମ ଭାଗରେ ଥିବା ନଳୀରେ ରଜକଣା ସହ ମିଶିଯାଏ । ରଜକଣା ସହିତ ମିଶିଥିବା ବୀର୍ଯ୍ୟକଣା ପୁନର୍ବାର ଗର୍ଭାଶୟକୁ ଆସି, ସେଠାରେ ଥିବା ଅଠାଳିଆ ପଦାର୍ଥରେ ନିର୍ମିତ ପରଦା ଭିତରେ ରହି ଶିଶୁଟିଏ ହେବାକୁ ଲାଗେ ।

ସ୍ତ୍ରୀର ରଜକଣା ସହିତ ବୀର୍ଯ୍ୟକଣା ମିଶିବା ବେଳେ ବୀର୍ଯ୍ୟକଣାର ମୁଣ୍ଡଭାଗରେ ଥିବା ଗୋଲାକାର କଣିକାଟି ଅନେକ କଣିକାରେ ବିଭାଜିତ ହୋଇ (mitosis), ମିଳିତ ଭାବେ ଶରୀର ହେବାକୁ ଲାଗନ୍ତି । ଏହା ଏକ ରାସାୟନିକ ପ୍ରକ୍ରିୟା । ବୀର୍ଯ୍ୟକଣା ସ୍ତ୍ରୀ ଶରୀରରେ ତିଆରି ପ୍ରୋଟୋପ୍ଲାଜମ୍ ରଜକଣା ସହିତ ମିଶିବାବେଳେ ଏହି ପ୍ରକ୍ରିୟା ଘଟିଥାଏ । ବୀର୍ଯ୍ୟକଣାର ମୁଣ୍ଡରେ ଥିବା ଗୋଲାକାର ଭାଗ ଏବଂ ସ୍ତ୍ରୀ ରଜକଣା ଉଭୟ ରାସାୟନିକ କ୍ରିୟା ପାଇଁ ଅନୁକୂଳିତ ପଦାର୍ଥରେ ତିଆରି । ଏହି ଦୁଇ ପଦାର୍ଥର ମିଳନ ଦ୍ୱାରା

ସୃଷ୍ଟି ହୋଇଥିବା ରାସାୟନିକ କ୍ରିୟାରେ ବୀର୍ଯ୍ୟକଣାଟି ଅନେକ କଣିକାରେ ବିଭାଜିତ ହୋଇଥାଏ, ସେହି କଣିକାଗୁଡିକ ଏକଦଳ ହୋଇ ଶିଶୁଶରୀର ହେବାକୁ ଲାଗନ୍ତି । ଗର୍ଭୋତ୍ପତ୍ତି ହେବାର ତିନିମାସ ଠାରୁ ଗର୍ଭାଶୟରେ ବୀର୍ଯ୍ୟକଣା ଅଭିବୃଦ୍ଧି ହେଉଥିବା ପରଦା ଭିତରେ, ପରଦାକୁ ଲାଗରହି ଏକ ରକ୍ତମୁଣା ଭଳି ପରଦା ନିର୍ମିତ ହୁଏ । ଏଥିରେ ଥିବା ଅତି ଛୋଟ ପତଳା ନଳୀଗୁଡିକ ସହିତ ମାଆ ଶରୀରରେ ଥିବା ରକ୍ତନଳୀ ଶାଖା ମିଶି ରହିଥାଏ । ଏହି ରକ୍ତନଳୀରୁ ଆରମ୍ଭ ହୋଇଥିବା ନାଡୀଗୁଡିକ ନାଭିସୂତ୍ର ଭାବରେ ରହି ଶିଶୁର ନାଭି ସହିତ ସଂଯୋଜିତ ହୋଇଥାନ୍ତି । ଶିଶୁ ଶରୀରରେ ଘଟୁଥିବା ବିକାଶ କାର୍ଯ୍ୟ ପାଇଁ ଦରକାର ହେଉଥିବା ଅମ୍ଳଜାନ, ଆହାରପଦାର୍ଥ, ଭିଟାମିନ୍ସ ଏହି ନାଭି ଦ୍ୱାରା ପ୍ରବେଶ କରିଥାଏ । ଏଭଳି ଗର୍ଭଧାରଣ ହେବାର ୨୮୦ ଦିନ ପରେ ଶିଶୁଶରୀର ସମ୍ପୂର୍ଣ୍ଣ ହୋଇଥାଏ ।

ଗର୍ଭଧାରଣ ହେବା ପରେ ଓଭରିର ଗୋଟିଏ ଭାଗରେ ଗର୍ଭରକ୍ଷକ ରସ ତିଆରି ହୋଇ ରକ୍ତରେ ମିଶିଥାଏ । ତାହାକୁ ପ୍ରୋଜେଷ୍ଟିରାନ୍ ହର୍ମୋନ୍




1) ଏପିଡାଇଡ୍ମିସ୍, 2) ବୀର୍ଯାଶୟ, 3) ପ୍ରୋଷ୍ଟେଟ୍ ଗ୍ରନ୍ଥି, 4) ଲିଙ୍ଗ, 5) ବୃଷଣ, 6) ଲାବ୍ୟୁସ୍

କୁହାଯାଏ । ଏହି ହର୍ମୋନ୍ ଗର୍ଭକୋଷ ସଲଗ୍ନ ନାଡୀ ଗୁଡିକୁ ବଳ ଯୋଗାଇ ଗର୍ଭଶ୍ରାବରୁ ରକ୍ଷା କରିଥାଏ । ପ୍ରୋଜେଷ୍ଟିରାନ୍ ଠିକ୍ ଭାବରେ ତିଆରି ହେବା ପାଇଁ ମାଆ ଠିକ୍ ଭାବରେ ଶରୀରର ଯତ୍ନ ନେବା ଆବଶ୍ୟକ ପଡିଥାଏ । ଏହା ଠିକ୍ ଭାବରେ ଉତ୍ପତ୍ତି ନହେଲେ ମାଆର ଶରୀର ଅସୁସ୍ଥ ହୋଇ ଶିଶୁ ଭଲରେ ବଢିପାରେ ନାହିଁ, ଗର୍ଭସ୍ରାବ ମଧ୍ୟ ହୋଇପାରେ । ଏଭଳି ବାରମ୍ବାର ଗର୍ଭସ୍ରାବ ହେଲେ ମାଆକୁ ପ୍ରୋଜେଷ୍ଟିରାନ୍ ଇଞ୍ଜେକ୍ସନ୍ ଦିଆଯାଏ ।

ମାଆଶରୀରର ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା କେତେକ ନାଡୀ ଗର୍ଭକୋଷ ସହିତ ସଲଗ୍ନ ହୋଇଥାଏ । ବୀର୍ଯ୍ୟକଣା କେଉଁ ଆକୃତିର ହେବ ତାହା ବ୍ରହ୍ମନାଡୀ ହିଁ ନିର୍ଣ୍ଣୟ କରିଥାଏ । ସେହି ନାଡୀ ହିଁ ଶିଶୁକୁ ଯଥାବିଧ ବଢାଇଥାଏ । ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା ନାଡୀଗୁଡିକ ଶିଶୁର ଶରୀରକୁ ଗର୍ଭାଶୟରେ ଘୂରାଇଥାଏ । ଏହି ନାଡୀଗୁଡିକର ଚୈତନ୍ୟ ପ୍ରସାର କମ୍ ହେଲେ ଗର୍ଭାଶୟରେ ଶିଶୁ ଠିକ୍ ଭାବରେ ନ ଘୂରି ଯେଉଁ କ୍ରମରେ ବଢିବା ଉଚିତ୍ ସେପରି ବଢିନଥାଏ । ମାଆ ଶରୀର ଅସୁସ୍ଥତାର କାରଣ ନେଇ ଶିଶୁର ଘୂରିବା ବନ୍ଦ ହୋଇଗଲେ, ଶରୀରଟି ଠିକ୍ ନବଢି ଅଣ୍ଟାଠାରୁ ତଳକୁ କମ୍ ବଢିଥାଏ କିମ୍ବା ଅଣ୍ଟା ପର୍ଯ୍ୟନ୍ତ ଠିକ୍ ଭାବରେ ବଢି ଉପରକୁ ଠିକ୍ ଭାବରେ ବଢି ନଥାଏ । କେତେକଙ୍କର ଅଣ୍ଟା, ଅଣଓସାର ହେବା, ହାତଗୋଡ ଛୋଟ ହେବା କିମ୍ବା ବଡହେବା ଏମିତି ଅନେକ ପ୍ରକାରର ବିକୃତି ଦେଖାଦିଏ, ତାର କାରଣ ଏହି ବ୍ରହ୍ମନାଡୀର ଚୈତନ୍ୟ ପ୍ରସାର କିମ୍ବା ମାଆର ସୁସ୍ଥତା, ଅସୁସ୍ଥତା ଉପରେ ନିର୍ଭର କରିଥାଏ । ଯଦି ବ୍ରହ୍ମନାଡୀର ଚୈତନ୍ୟ ପ୍ରସାର ନଥାଏ ତେବେ ଗର୍ଭରେ ଶିଶୁ ବଢିନଥାଏ, ଘୂରିନଥାଏ କି ସଠିକ୍ ଆକାରର ହୋଇନଥାଏ ।

ଆଜିର ଶରୀରଶାସ୍ତ୍ରଜ୍ଞମାନେ ପୁରୁଷର ବୀର୍ଯ୍ୟକଣା ଏବଂ ସ୍ତ୍ରୀ ରଜକଣାକୁ ବିଜ୍ଞାନାଗାରରେ ମିଶାଇ ସେଥିପାଇଁ ଆବଶ୍ୟକ ବାତାବରଣ, ପୋଷକପଦାର୍ଥ, ରକ୍ତ ଇତ୍ୟାଦି ପ୍ରବେଶ କରାଇବା ପରେ ବୀର୍ଯ୍ୟକଣା ରଜକଣା ସହିତ ମିଶି ରାସାୟନିକ କ୍ରିୟା ଦ୍ୱାରା ବିଭାଜିତ କରାଇ ଧିରେ ଧିରେ ବଢାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଏକ ଶିଶୁ ଶରୀର ନହୋଇ ମାଂସ ପିଣ୍ଡୁଳାଟିଏ ହୋଇ ରହିଯିବା ଦେଖିଛନ୍ତି, ତାହା ଶରୀର ଭଳି ବଢି ନଥାଏ, ଯାହା ବଢିଥାଏ ତାର

କୌଣସି ଆକାର ନିର୍ମାଣ ହୋଇନଥାଏ । ଏହି ଗବେଷଣାରୁ ଜଣାଯାଏ ଯେ, କେବଳ ମାଆର ଶରୀରରେ ଶିଶୁର ଆକୃତି ତିଆରି ହୋଇପାରେ । ଯେଉଁଠାରେ ବ୍ରହ୍ମନାଡୀର ସ୍ପର୍ଶ ନାହିଁ ସେଠାରେ ଶରୀର ନିର୍ମାଣ ହୋଇପାରି ନଥାଏ । ଏହା ଜାଣି ନଥିବା ଶାସ୍ତ୍ରଜ୍ଞମାନେ ଅନେକ ଗବେଷଣା କରି ମଧ୍ୟ ଶେଷରେ ବିଫଳ ହୋଇ ଆମଠାରୁ ବଡ କେହି ଈଶ୍ୱର ଅଛନ୍ତି ବୋଲି ଅଙ୍ଗୀକାର କରିଛନ୍ତି । ଯଦି ସେମାନେ ଏହି ଗବେଷଣାରେ ସଫଳ ହୋଇଥାନ୍ତେ ବୋଧହୁଏ ଆଜିର ବିଜ୍ଞାନ ବିଶ୍ୱାସୀମାନେ ଆମଠାରୁ ବଳି ଆଉ କେହି ଈଶ୍ୱର ନାହାନ୍ତି ବୋଲି କହିଥାନ୍ତେ ।

ଏତେ ଜାଣିବା ଶୁଣିବା ପରେ ମଧ୍ୟ ଆହୁରି କେତେକଙ୍କଠାରେ ସନ୍ଦେହ ରହି ହିରଣ୍ୟକଶ୍ୟପଙ୍କ ପୁତ୍ର ପ୍ରହଲାଦ ମାଆ ଗର୍ଭରେ ଥାଇ ନାରଦ ମହର୍ଷିଙ୍କ ଠାରୁ ନାରାୟଣ ମନ୍ତ୍ର କିପରି ଶୁଣିଥିଲେ ? ଯଦି ମାଆ ଗର୍ଭର ଶିଶୁଠାରେ ଜୀବନ ନାହିଁ ତେବେ ଏହା ସମ୍ଭବ ହେଲା କିପରି ? ବୋଲି ପଚାରିଛନ୍ତି । ସେମାନଙ୍କୁ ଏବେ ଆମେ ପଚାରୁଛୁ ଯଦି ସେତେବେଳେ ଏହା ସମ୍ଭବ ହୋଇଥିଲା ଆଜି କାହିଁକି ଆମେ ଗର୍ଭସ୍ଥ ଶିଶୁ ସହିତ କଥା ହୋଇପାରୁ ନାହେଁ ? ଏହାର ଜବାବ ସେମାନେ ଦେଇପାରିବେ ନାହିଁ । କାରଣ ! ଏହା ମିଥ୍ୟା ଏବଂ ପୁରାଣର ଅଦ୍ଭୁତ କଳ୍ପନା । ବ୍ରହ୍ମବିଦ୍ୟା କେବଳ ଯୋଗୀକୁ ଜଣାଥାଏ । ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିବା କବି, ଗାଳ୍ପିକମାନେ ବ୍ରହ୍ମବିଦ୍ୟା ବାବଦରେ କିଛି ବି କହି ପାରିବେ ନାହିଁ । ତେଣୁ ସୂକ୍ଷ୍ମଦୃଷ୍ଟି ନଥିବା ପାଣ୍ଡିତ୍ୟ ଏ ବାବଦରେ ସମ୍ପୂର୍ଣ୍ଣ ଅସତ୍ୟ ତଥ୍ୟ ଦେଇଥାଏ ।

**ଏହି ପ୍ରହଲାଦ ପ୍ରସଙ୍ଗ ପୁରାଣର । ପୁରାଣ କଳ୍ପିତ । ଏଠାରେ ବିଷ୍ଣୁଭକ୍ତ କବି, ଲେଖକମାନେ ନିଜ ନିଜର କଳ୍ପନା ଦ୍ୱାରା ଏହାକୁ ପୁରାଣନ୍ତର୍ଗତ କରିଛନ୍ତି** । ଏଇଭଳି କେତେକ ବିଷୟ ପଢ଼ି, ଏତେବଡ ଲୋକ ଲେଖିଥିବା ବିଷୟ ସତ ନ ହୋଇ କଣ ମିଛ ! ବୋଲି କିଛିଲୋକ ଭାବନା କରିଥାନ୍ତି, ସେମାନଙ୍କୁ ଅନୁସରଣ କରି ଅନ୍ୟମାନେ ମଧ୍ୟ ତାହା ସତ୍ୟ ଭାବିଛନ୍ତି, କେତେକ ପ୍ରଚାର ମଧ୍ୟ କରିଛନ୍ତି, ଯାହା ଦ୍ୱାରା ପ୍ରକୃତ ଶାସ୍ତ୍ରର ବିଷୟ ଲୁଚିଯାଇଛି । ଭଗବାନ ଶ୍ରୀକୃଷ୍ଣ ଯିଏ ସାରା ସୃଷ୍ଟିର ମୂଳାଧାର ତାଙ୍କ ମୁଖ ନିସୃତ

ଉପଦେଶର ବ୍ୟତିରେକ ଆଚରଣ କରିଥିବା କବି, ଲେଖକ ମାନଙ୍କଠାରୁ ହିଁ ଅଧର୍ମ ବ୍ୟାପିବା ଆରମ୍ଭ ହୋଇଛି ।

ଆମେ ଜଣାଉଛୁ ଆଧ୍ୟାତ୍ମ୍ୟ, ଯାହା ଜୀବ ଏବଂ ଆତ୍ମାର ବ୍ୟଖ୍ୟାନ । ଆତ୍ମା ବାବଦରେ ଜଣାଇଥାଏ ଆଧ୍ୟାତ୍ମିକ । ତେଣୁ ଆଧ୍ୟାତ୍ମିକ କହିଲେ ଆତ୍ମାର ଅଧ୍ୟୟନ,ଏହା ଜୀବଥିବା ପ୍ରତ୍ୟେକ ଜୀବରାଶିଙ୍କ ପାଇଁ ସମାନ । ଜନ୍ମ କହିଲେ କେବଳ ମାନବର ନୁହେଁ ପ୍ରତ୍ୟେକ ଜୀବରାଶି ଜନ୍ମ ହୋଇଥାନ୍ତି । ତେଣୁ କୀଟପତଙ୍ଗ, ତରୁଲତା ସମସ୍ତଙ୍କ ପାଇଁ ଏହି ବାଣୀ ଉପଯୋଗୀ । ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସିପାରେ ଯେ, କୁକୁଡାଛୁଆ କିପରି ଅଣ୍ଡା ଭିତରୁ ସଜୀବ ଭାବରେ ବାହାରକୁ ଆସେ ? ଆପଣଙ୍କ ବୋଧସୂତ୍ର କୁକୁଡା-ଛୁଆ ପାଇଁ କିପରି ଲାଗୁ ହେବ ? ତାଛଡା ଆପଣଙ୍କ କହିବା ଅନୁସାରେ ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମାର ଜନ୍ମ କଣ ସମସ୍ତଙ୍କ ପାଇଁ ସମାନ ନୁହେଁ ? ଏହା ଏକ ଉନ୍ନତ ପ୍ରଶ୍ନ ହୋଇଥିବା ବେଳେ ଆମେ କୁକୁଡା ଛୁଆର ଜନ୍ମ ବାବଦରେ ଜାଣିବା ନିହାତି ଦରକାର ।

ଅଣ୍ଡଜ ଏବଂ ପିଣ୍ଡଜମାନଙ୍କ ଜନ୍ମରେ ଟିକିଏ ପ୍ରଭେଦ ଥାଏ । ଏହି ସ୍ୱଳ୍ପ ପ୍ରଭେଦକୁ ବାଦ୍ ଦେଲେ ଜନ୍ମ ସିଦ୍ଧାନ୍ତ ସମସ୍ତଙ୍କ ପାଇଁ ଅଭିନ୍ନ । ଖାଲି ଅଣ୍ଡଜ, ପିଣ୍ଡଜ କାହିଁକି ତରୁଲତାଦିର ଶରୀରରେ ମଧ୍ୟ ପ୍ରଥମ ଶ୍ୱାସରେ ଜୀବ ପ୍ରବେଶ ହୋଇଥାଏ । କୁକୁଡା ଜନ୍ମର ବିବରଣୀରେ, କୁକୁଡାର ମିଳନ ବୟସ ଆସିବା ସହିତ ତାର ଶରୀରରେ କେତେକ ପଦାର୍ଥ ତିଆରି ହୋଇ ଦିନକୁଦିନ ବଢି ଶେଷରେ ତା ଭିତରେ ଅଣ୍ଡାକୃତି ଧାରଣ କରେ । ଅଣ୍ଡାପାଇଁ ଦରକାରୀ ପଦାର୍ଥ ତିଆରି ହେବା ସମୟରେ ମାଈ (ସ୍ତ୍ରୀ)କୁକୁଡା ସହିତ ଗଞ୍ଜା (ପୁ)ର ସମ୍ପର୍କ ସ୍ଥାପନ (ମିଳନ) ହୁଏ । ଏହି ସମ୍ପର୍କ ଦ୍ୱାରା ଗଞ୍ଜାର ବୀର୍ଯ୍ୟପଦାର୍ଥ ମାଈ କୁକୁଡାର ଶରୀରରେ ତିଆରି ହୋଇଥିବା ଛୋଟ ଖୋଳପା ବିହୀନ ଅଣ୍ଡାକୃତି ପଦାର୍ଥରେ ମିଳିତ ହୋଇଥାଏ । ଏହାପରେ ଅଣ୍ଡା ସମ୍ପୂର୍ଣ୍ଣ ହେବାକୁ ଲାଗେ ଏବଂ ଠିକ୍ ସମୟରେ ବାହାରକୁ ଆସେ । ବାହାରକୁ ଆସିଥିବା ସେହି ଅଣ୍ଡାକୁ ସାଧାରଣ ଗବେଷଣା କଲେ ସେଥିରେ ଆମେ କେଶର (ହଳଦିଆ ପଦାର୍ଥ) ଏବଂ ତାକୁ ଘେରି ରହିଥିବା ଶ୍ୱେତ ପଦାର୍ଥକୁ ଦେଖିପାରିବା । ଏଥିରେ


ପ୍ରାଣ ନଥାଏ । ତେଣୁ ଅଣ୍ଡାରେ ପ୍ରାଣ ନାହିଁ ବୋଲି କେତେକ କହିଥାନ୍ତି । ପିଣ୍ଡଜ ଶିଶୁ ବାହାରକୁ ଆସିବା ବେଳେ ସେଥିରେ ପ୍ରାଣପ୍ରବେଶ ହେବାଭଳି କୁକୁଡାଠାରୁ ଅଣ୍ଡା ବାହାରକୁ ଆସିବା ବେଳେ ସେଥିରେ ପ୍ରାଣପ୍ରବେଶ ହୋଇ ନଥାଏ । ଏହା ହିଁ ଆମେ କହିଥିବା ଅଣ୍ଡଜ, ପିଣ୍ଡଜର ସ୍ୱଳ୍ପ ଭିନ୍ନତା । ଅଣ୍ଡାରେ ଥିବା ପଦାର୍ଥ ନିର୍ଜୀବ । ତାହା ଉଚିତ ବାତାବରଣରେ ବଦଳିଥାଏ । ୪୦° ସେଣ୍ଟିଗ୍ରେଡ୍ ଉଷ୍ଣତାରେ କୁକୁଡାଅଣ୍ଡାର ଆଭ୍ୟନ୍ତରୀଣ ଅବସ୍ଥାନ୍ତର ଘଟିଥାଏ, ଅନ୍ୟ ପକ୍ଷୀଜାତିର ଅଣ୍ଡାଗୁଡିକ ମଧ୍ୟ ବିଭିନ୍ନ ଉଷ୍ଣତା ନେଇ ବଦଳିଥାଏ । ଉଚିତ ଉଷ୍ଣତାରେ ଅଣ୍ଡାର ଭିତର ପଦାର୍ଥରେ ରାସାୟନିକ କ୍ରିୟା ଘଟିବା ପାଇଁ ଅଣ୍ଡାର ନିର୍ମାଣ ଆଗରୁ ହୋଇଥାଏ । କୁକୁଡାଛୁଆଟିଏ ତିଆରିହେବା ପାଇଁ ଆବଶ୍ୟକୀୟ ପୋଷକପଦାର୍ଥ, ଭିଟାମିନ୍ସ ତଥା ଅନ୍ୟାନ୍ୟ ପଦାର୍ଥରେ ତିଆରି ହୋଇଥାଏ । ପୂଜା ପାର୍ବଣେରେ ଫୁଟାଯାଉଥିବା ବୋମା (ବାଣ)ରେ ଯେପରି ରାସାୟନିକ ପଦାର୍ଥ ଭରି ଦିଆଯାଇଥାଏ ସେହିଭଳି କୁକୁଡା ଅଣ୍ଡାରେ ରାସାୟନିକ ପଦାର୍ଥ ରହିଥାଏ । ବୋମାକୁ ଯେପରି ଆମେ ବାହାରେ କୌଣସି ଉପଦ୍ରବ ଦ୍ୱାରା ଫୁଟାଉଛେ ସେହିପରି ଅଣ୍ଡାରେ ମଧ୍ୟ ବାହାରର ଉଷ୍ଣତା (କୁକୁଡା ଦ୍ୱାରା) ଲାଗି ଭିତରେ ରାସାୟନିକ ଚର୍ଯ୍ୟା ଘଟି ଉଚିତ ସମୟରେ କୁକୁଡାଛୁଆ ହୋଇ ବାହାରକୁ ଆସେ ।

ମାଆକୁକୁଡା ଅଣ୍ଡାଗୁଡିକ ଉପରେ ବସି ନିଜ ଶରୀରରୁ ଉତ୍ପନ୍ନ ହେଉଥିବା ଉଷ୍ଣତା ଦ୍ୱାରା ଅଣ୍ଡା ଭିତରେ ରାସାୟନିକ କ୍ରିୟା ଘଟାଇ ଥାଏ । ଅଣ୍ଡା ଭିତରେ ଥିବା କେଶର ଭିତରେ ଏକ ଗୋଲାକାର ପଦାର୍ଥ ଥାଏ । ତାହା ଉଷ୍ଣତା ପ୍ରାପ୍ତ ହେଲେ ବଦଳିବାକୁ ଲାଗିଥାଏ । କେଶରର ଏହି ଗୋଲାକାର ପଦାର୍ଥଟି ପୁରୁଷ କୁକୁଡାର ବୀର୍ଯ୍ୟ । ଏହା ଶ୍ୱେତ ପଦାର୍ଥ ଏବଂ କେଶରକୁ ବିନିଯୋଗ କରି ବଦଳିଥାଏ । ଅଣ୍ଡା ଭିତରର ଶ୍ୱେତ ପଦାର୍ଥ ହେଉଛି ସ୍ତ୍ରୀ କଣିକା । ଉଚିତ ଉଷ୍ଣତାରେ ଅଣ୍ଡା ଭିତରେ ଥିବା ପୁରୁଷକଣିକା ସ୍ତ୍ରୀକଣିକା ସହିତ ମିଳିତ ହୋଇ, ପୁରୁଷକଣିକା ବୃଦ୍ଧି ଘଟି, କିଛିଦିନ ପରେ ସମ୍ପୂର୍ଣ୍ଣ ରୂପ ନେଇ ବାହାରକୁ ଆସିଥାଏ । ଏଥିପାଇଁ ୨୧ ଦିନ ସମୟ ଲାଗିଥାଏ । ଏଭଳି ସବୁ ଜାତିର ଅଣ୍ଡାରୁ ଛୁଆ ହେବା ପାଇଁ ସମାନ ସମୟ ଲାଗି ନଥାଏ । ଭିନ୍ନ

ଭିନ୍ନ ଜାତିର ଅଣ୍ଡା ପାଇଁ ଭିନ୍ନ ଭିନ୍ନ ସମୟ ଲାଗିଥାଏ । ୪୦° ସେଣ୍ଟିଗ୍ରେଡ୍ ଉଷ୍ମତାଠାରୁ ଉଷ୍ମତା କିଛି ଅଧିକ ହେଲେ ଅଣ୍ଡା ନଷ୍ଟ ହୋଇଯିବା ସମ୍ଭାବନା ରହିଥାଏ । ସେଥିଲାଗି ଖରାଦିନେ ଖୁବ୍‌କମ୍ କୁକୁଡା ଛୁଆ କରିଥାନ୍ତି । କୁକୁଡାଅଣ୍ଡା ଉପରେ ମାଆ କୁକୁଡାକୁ ନ ବସାଇ ବାହାରର ଉଷ୍ମତାକୁ ଯଥା ପରିମାଣରେ ଦେଇ କୌଣସି ସ୍ଥାନରେ ମଧ୍ୟ ଅଣ୍ଡାରୁ ଛୁଆ କରାଇ ପାରିବା । ଆଜି ଏହି କାର୍ଯ୍ୟକୁ ଯନ୍ତ୍ର କରିପାରୁଛି । ଏହି ବ୍ୟବସ୍ଥାକୁ ବିଜ୍ଞାନ ଭାଷାରେ Encubators କୁହାଯାଏ । କେତେକଙ୍କ ଘରେ ଖାଇବା ପାଇଁ ରଖାଯାଇଥିବା ଅଣ୍ଡାରୁ ବାହାରର ଉଷ୍ମତାରେ ଛୁଆ ଫୁଟିଥିବା ଦେଖାଯାଏ । କେତେକ ସ୍ଥାନରେ ପୁରୁଷ କୁକୁଡା (ଗଞ୍ଜା) ସହିତ ମାଈ କୁକୁଡା (ପେଣ୍ଠି)ର ମିଳନ ନହୋଇ ମଧ୍ୟ ମାଈ କୁକୁଡା ଅଣ୍ଡା ଦେଇଥିବା ଦେଖାଯାଏ, କିନ୍ତୁ ଏଭଳି ଅଣ୍ଡାରୁ ଛୁଆ ହୋଇ ନଥାଏ । ପ୍ରତ୍ୟେକ ଅଣ୍ଡା ଭିତରେ ପୁରୁଷ କଣିକା ରହିବା ପାଇଁ ପ୍ରତ୍ୟେକ ଦିନ ମାଈ କୁକୁଡା ପୁରୁଷ କୁକୁଡା ସହିତ ମିଳିତ ହେବା ଆବଶ୍ୟକ । ଏହା ନୁହେଁ ଯେ ଗୋଟିଏ ଥର ମିଳନ ହୋଇଗଲେ ମାଈ କୁକୁଡାର ପ୍ରତ୍ୟେକ ଅଣ୍ଡାରେ ପୁରୁଷ କଣିକା ରହିବ । ସେଥିଲାଗି ମାଈ କୁକୁଡା ଏକ ଆକର୍ଷଣୀୟ ଶବ୍ଦକରି ବାରମ୍ବାର ମିଶିବା ନିମନ୍ତେ ପୁରୁଷ କୁକୁଡାକୁ ନିଜ ଦିଗରେ ଆକର୍ଷିତ କରିଥାଏ, ଏହି ବିଧି ପ୍ରକୃତିଜ ।

ଗର୍ଭକୋଷରେ ମାନବଶିଶୁର ପ୍ରାଣ ନଥିବା ଭଳି ଅଣ୍ଡା ଭିତରେ ଥିବା କୁକୁଡା ଛୁଆର ମଧ୍ୟ ପ୍ରାଣ ନଥାଏ । ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି ! ମାନବ ଶିଶୁଠାରେ ଗର୍ଭ ବାହାରେ ପ୍ରାଣ ପ୍ରବେଶ କରୁଥିବା ବେଳେ, କୁକୁଡା ଛୁଆଠାରେ ଅଣ୍ଡା ଭିତରେ ପ୍ରାଣ ପ୍ରବେଶ କରିଥାଏ । ଖାଲି ପିଣ୍ଡଜ ମାନଙ୍କର ପ୍ରଥମ ଶ୍ୱାସରେ ପ୍ରାଣପ୍ରବେଶ ହୋଇ ନଥାଏ, ଏହିସୂତ୍ର ଅନୁସାରେ ଅଣ୍ଡଜ ମାନଙ୍କର ମଧ୍ୟ ପ୍ରଥମ ଶ୍ୱାସରେ ପ୍ରାଣ ପ୍ରବେଶ କରିଥାଏ । ଏଠାରେ ନିର୍ଜୀବ କୁକୁଡା ଛୁଆ ଅଣ୍ଡାର ଖୋଳପାକୁ ଫଟାଇ ବାହାରକୁ ଆସି ନଥାଏ କାରଣ ତାଠାରେ ପ୍ରାଣ ନଥାଏ । ତେଣୁ ଛୁଆ ଅଣ୍ଡାର ଖୋଳପାକୁ ଫଟାଇ ବାହାରକୁ ଆସିବା ପାଇଁ, ତାଠାରେ ପ୍ରାଣ ଆସିବା ବ୍ୟବସ୍ଥା ଅଣ୍ଡାର ଭିତରେ ପରମାତ୍ମା ପ୍ରକୃତି ଦ୍ୱାରା ଖଞ୍ଜିଛନ୍ତି । ଯେତେବେଳେ ଜୀବାତ୍ମା ନିବାସ ଯୋଗ୍ୟ ଶରୀରଟିଏ

ନିର୍ମାଣ ଘଟିଥାଏ, ସେତେବେଳେ ଅନ୍ୟଏକ ଶରୀରରୁ ଜୀବାତ୍ମା ଆସି ନୂତନ ଶରୀରରେ ପ୍ରବେଶ କରିଥାଏ । ଏହି ସିଦ୍ଧାନ୍ତ ଆମେ ଆଗରୁ ଜାଣିଛେ । ତେଣୁ ଏହି ସିଦ୍ଧାନ୍ତ ଅନୁସାରେ ଅଣ୍ଡା ଭିତରେ ତିଆରି ହୋଇଥିବା ଛୁଆର ଶରୀରକୁ ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମା ପ୍ରବେଶ କରିଥାଏ । ଏଠାରେ ଆଉ ଗୋଟିଏ ପ୍ରଶ୍ନଉଠେ କି ଆମେ ଜାଣିଛେ ଯେ, ପ୍ରାଣ ହେଉଛି ପବନ । ପ୍ରାଣ ହିଁ ପବନ, ପବନ ହିଁ ପ୍ରାଣ । ଏବେ ବାହାର ପବନ ଭିତରେ ପ୍ରବେଶ ନକରି ଛୁଆଠାରେ କିପରି ଶ୍ୱାସ ପ୍ରବେଶ କରିବ ? ତାର ସମାଧାନ ହେଉଛି ! କୁକୁଡା ଶରୀରରେ ଅଣ୍ଡା ତିଆରି ହେବାବେଳେ ଛୁଆପାଇଁ ଦରକାରୀ ପୋଷକପଦାର୍ଥ ଏକ ପତଳା ପରଦା ଭିତରେ ଖଞ୍ଜିହୋଇ ରହିଥାଏ, ସେହି ପରଦାର ବାହାର ଭାଗ ଏବଂ ଅଣ୍ଡାର ଖୋଳପା ଭିତରେ ଥିବା ଏକ ଖାଲିସ୍ଥାନ ରହିଥାଏ । ସେହି ଖାଲିସ୍ଥାନ ଅଣ୍ଡା ଭିତରେ କେଉଁଠି ରହିଛି ତଳ ଚିତ୍ରରେ ଦେଖନ୍ତୁ ।




1) ଖାଲି ସ୍ଥାନ, 2) ପତଳା ପରଦା, 3) ଖୋଳପା, 4) ଶ୍ୱେତ ପଦାର୍ଥ, 5) ପୁରୁଷ କଣିକା, 6) କେଶର (ହଳଦିଆ ପଦାର୍ଥ)

ଅଣ୍ଡା ଭିତରେ ସମ୍ପୂର୍ଣ୍ଣ ତିଆରି ହୋଇଥିବା ଛୁଆ ଦେହରେ ଜୀବାତ୍ମା ପ୍ରବେଶ କରିଥାଏ । ଛୁଆ ସମ୍ପୂର୍ଣ୍ଣ ହେବାର ଅନ୍ତିମ ସମୟରେ ଅଣ୍ଡା ଭିତରର ପତଳା ପରଦାଟି ଫାଟିଯାଏ ଏବଂ ଏତିକି ବେଳେ ଖୋଳପା ଭିତରେ ଥିବା ପବନକୁ ଛୁଆ ତାର ପ୍ରଥମଶ୍ୱାସ ଭାବେ ଗ୍ରହଣକରେ । ଅଣ୍ଡାରେ ପବନ

ରହିଥିବାରୁ ଜୀବ ଛୁଆର ଶରୀରରେ ପ୍ରଥମ ଶ୍ୱାସରେ ପ୍ରବେଶ କରିଥାଏ ବୋଲି ଜାଣିଲେ । ଛୁଆ ଶରୀରକୁ ପ୍ରବେଶ କରିଥିବା ଜୀବ ଅଣ୍ଡା ଭିତରେ ଥିବା ପବନକୁ ଶ୍ୱାସ ଭାବେ ଗ୍ରହଣ କରିଥାଏ, ଏହିଭଳି କିଛି ସମୟ ଶ୍ୱାସ ନେବା ପରେ ସେଥିରୁ ପ୍ରାଣବାୟୁ (ଅକ୍ସିଜେନ୍) ଶେଷ ହୋଇଯାଏ, ସେତେବେଳେ ଅକ୍ସିଜେନ୍ ନପାଇ, ଅଣନିଶ୍ୱାସୀ ହୋଇ ବିକଳରେ କୁଆଡେ ବାହାରିଯିବାକୁ ଚେଷ୍ଟାକରେ, ସେହି ଚେଷ୍ଟାରେ ସେ ଦିଗ ଜଣା ନଥିବା ଅଣ୍ଡାଖୋଳାକୁ ଥଣ୍ଟରେ ଖୁମ୍ପିବା ଆରମ୍ଭ କରେ, ସେତେବେଳେ ଖୋଳାଟି ଛୋଟ ଛିଦ୍ର ହୋଇ ଫାଟିଯିବାରୁ ବାହାର ପବନରୁ ଅକ୍ସିଜେନ୍ ନେଇ ଛୁଆ ଜୀବନ ବଞ୍ଚିବାକୁ ଲାଗେ,ଏପରି ସମସ୍ତ ଅଣ୍ଡଜମାନଙ୍କର ଜନ୍ମ ହୋଇଥାଏ ବୋଲି ଜାଣିଲେ । ସ୍ତ୍ରୀମାନଙ୍କର ଗର୍ଭ ନଷ୍ଟ ହୋଇଯିବା ଭଳି ଅଣ୍ଡା ମଧ୍ୟ ବ୍ୟର୍ଥ ହୋଇଯାଇ ପାରେ । ଅଣ୍ଡା ତିଆରି ହେବାରେ ଦ୍ରବ ପଦାର୍ଥର ଊଣାଅଧିକ ପରିମାଣ କିମ୍ୱା ଅଣ୍ଡା ବାହାରକୁ ଆସିବା ପରେ ଉଷ୍ମତାର ଊଣାଅଧିକ ପରିମାଣ ନେଇ ଅଣ୍ଡା ନଷ୍ଟ ହୋଇଯାଇଥାଏ । ଏପର୍ଯ୍ୟନ୍ତ ଅଣ୍ଡଜର ଜନ୍ମ ବାବଦରେ ଜାଣିଲେ । ଏବେ ଭୂମିରୁ ଜନ୍ମ ହେଉଥିବା ଜୀବ(ଉଦ୍ଭିଜ)ମାନଙ୍କର ଜନ୍ମ କିପରି ହୋଇଥାଏ ଜାଣିବା ।

ଭୂମିରୁ ଜନ୍ମ ସମ୍ଭବ ହେଉଥିବା ବୃକ୍ଷଲତାଦିଙ୍କୁ ଭୂମିଜ ବା ଉଦ୍ଭିଜ କୁହାଯାଏ । କୁକୁଡାଛୁଆ ଅଣ୍ଡା ଭିତରୁ ଜନ୍ମ ହେବା ଭଳି, ମଞ୍ଜିରୁ ଭୂମିଜମାନେ ଜନ୍ମ ହୋଇଥାନ୍ତି । ମାଆ କୁକୁଡାର ଅଣ୍ଡାରେ ପ୍ରାଣ ନଥିବା ଭଳି, ଗଛରୁ ତିଆରି ହୋଇଥିବା ମଞ୍ଜିରେ ମଧ୍ୟ ପ୍ରାଣ ନଥାଏ । ମଞ୍ଜିର ପ୍ରାଣ ନାହିଁ କହିଲେ କେତେକ ବିଚିତ୍ର କାନରେ ଶୁଣୁଥିବେ । କାହିଁକିନା ! ଆମ କଥାସବୁ ବିଚିତ୍ର ଲାଗେ, କିନ୍ତୁ ଆମେ କହୁଥିବା କଥା ବିଚିତ୍ର ନୁହେଁ ନଗ୍ନସତ୍ୟ । ଆମକଥା ମିଛ ଭାବି ବୋଧହୁଏ କେତେକ ବହି ପଢିବା ବନ୍ଦ କରିଦେବେ ! ଆମ କଥା କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ ମଞ୍ଜିରେ ମଧ୍ୟ ପ୍ରାଣ ନାହିଁ କହିବା ସର୍ବଦା ସତ୍ୟ ହୋଇ ରହିଛି ।

କୁକୁଡା ଶରୀରରେ ଅଣ୍ଡା ତିଆରି ହେବା ଭଳି, ବୃକ୍ଷଲତାଦିରେ ମଞ୍ଜି ତିଆରି ହୋଇଥାଏ । ପ୍ରତ୍ୟେକ ଜାତିର ମଞ୍ଜିରେ ଦୁଇଟି ବିଭାଗ ରହିଥାଏ । ମଞ୍ଜି ଗଜା ହେବା ପାଇଁ କେତେକ ଦରକାରୀ ପଦାର୍ଥ ଫଳରେ ତିଆରି ହୋଇ

ମଞ୍ଜିରେ ପ୍ରବେଶ କରିଥାଏ । ମଞ୍ଜି ଗଜା ହେବା ପାଇଁ ଦୁଇଟି ପରଦା ଭିତରେ ଖାଦ୍ୟପଦାର୍ଥ, ରାସାୟନିକ ପଦାର୍ଥ ଥାଏ । ଯେମିତି ଅଣ୍ଡାରେ ଖୋଳପା ଥାଏ ସେମିତି ମଞ୍ଜିରେ ମଧ୍ୟ ଖୋଳପା ଥାଏ । ଏହି ଖୋଳପାର ଦୁଇ ଅନ୍ତ ଗୋଟିଏ ସ୍ଥାନରେ ମିଳିତ ହୋଇଥାଏ ବୋଲି ଆମକୁ ବାହ୍ୟତଃ ଦେଖାଯାଏ । ଖୋଳପା ବା ଉପର ପରଦାର ଗୋଟିଏ ସ୍ଥାନ ଧଳାରଙ୍ଗର ଅଂଶଟି ଗଣ୍ଠି ପଡିବା ଭଳି ରହି ମଞ୍ଜିର ଭିତର ବେଢାକୁ ଢାଙ୍କି ରଖିଥାଏ । ଏହାକୁ ମଞ୍ଜିର **ମୁହଁ ବା ମୁନ** ବୋଲି କହୁଛେ । ଏହା ହିଁ ମଞ୍ଜିର ମୁଖ୍ୟ ଅଂଶ । ଏହି ମୁନରେ ପୁରୁଷ-କଣିକା ରହିଥାଏ । ଭିତରେ ଥିବା ସମସ୍ତ ଅଂଶକୁ ସ୍ତ୍ରୀଅଂଶ କୁହାଯାଏ । ଏହି ପୁରୁଷ ଅଂଶ ବା ମୁନ, ସ୍ତ୍ରୀଅଂଶ ବା ଭିତର ଭାଗକୁ ମଞ୍ଜିର ସମ୍ପୂର୍ଣ୍ଣ ବାହାରେ ଆଉ ଏକ ପତଳା ପରଦା ରହିଥାଏ ଯାହାକୁ ବୀଜରକ୍ଷକ ବା ମଞ୍ଜିର ଚୋପା (ଖୋଳପା) କୁହାଯାଏ । ଏହି ଚୋପା ନଥିଲେ ମଞ୍ଜିଟି ବ୍ୟର୍ଥ ହୋଇଥାଏ । ତେଣୁ ଚୋପା ନଥିବା ମଞ୍ଜି ଗଜା ହୋଇ ନଥାଏ । ମଞ୍ଜିର ମୁନଠାରେ ବାହାରୁ ଏକ କ୍ଷୁଦ୍ରରନ୍ଧ୍ର ଥାଇ ମଞ୍ଜିଟି ସମ୍ପୂର୍ଣ୍ଣ ହୋଇଥାଏ । ଏବେ ଆମେ ଜାଣିଲେ ଯେ ମଞ୍ଜିରେ ଛିଦ୍ରଟିଏ ନହେବା ଯାଏ ତାହା ସମ୍ପୂର୍ଣ୍ଣ ବା ପାକଳ ହୋଇ ନଥାଏ । ମଞ୍ଜି ସଠିକ୍ ପାକଳ ହୋଇନଥିଲେ ଗଜା ହୁଏ ନାହିଁ । ସମ୍ପୂର୍ଣ୍ଣ ତିଆରି ହୋଇଥିବା ମଞ୍ଜି ପାଣି ବାଜିବା ପରେ ବଦଳିଥାଏ । ମାଟିରେ ବୁଣାଯାଇଥିବା ମଞ୍ଜି ପାଣି ବାଜିବା ପରେ ଗଜା ହେବାକୁ ଲାଗେ । ମଞ୍ଜିର ଚୋପା ଉପରେ ଥିବା ଛିଦ୍ର ଦ୍ୱାରା ମଞ୍ଜିର ଭିତର ବେଢାରେ ଥିବା ମୁନ ସ୍ଥାନକୁ ଯେତେବେଳେ ପାଣି ସ୍ପର୍ଶକରେ ସେତେବେଳେ ମଞ୍ଜିଟି ଗଜା ହେବାକୁ ଲାଗେ । ଏହି ସମୟରେ ଭିତର ପରଦାଟି କୋମଳ ହୁଏ ତେଣୁ ମଞ୍ଜିଟି ଏହି ଦୁଇଟି ପରଦାକୁ ଆଧାର କରି ଗଜା ହୋଇଥାଏ । ଠିକ୍ ଏତିକିବେଳେ ଗଣ୍ଠି ପଡିଥିବା ଭଳି ସ୍ଥାନଟି ଫାଟିଯାଏ ଏବଂ ମୁନରୁ ଗୋଟିଏ ଭାଗ ଭୂମି ଦିଗରେ ଗତିକରେ, ଆଉଗୋଟିଏ ଭାଗ ଭୂମିର ବିପରୀତ ଦିଗକୁ ଅର୍ଥାତ୍ ଉପରକୁ ଗତିକରେ । ଅଣ୍ଡା ଭିତରେ ଥିବା ଛୁଆର ପ୍ରାଣ ନଥିଲେ ମଧ୍ୟ ଯେମିତି ବଢିଥାଏ ସେମିତି ମଞ୍ଜି ଭିତରେ ପ୍ରାଣ ନଥିଲେ ମଧ୍ୟ ମଞ୍ଜିର ମୁନ ବା ପୁରୁଷକଣିକା ବଢିଥାଏ । ଏହା ହିଁ ମଞ୍ଜି ଭିତରର ରାସାୟନିକ ଚର୍ଯ୍ୟା ବୋଲି ଜାଣିବା ଉଚିତ୍ । ବଢିବା ସମୟରେ ମଞ୍ଜିର ପଦାର୍ଥ ଗୁଡିକ ଗଜା ହେବାପାଇଁ ବିନିଯୋଗ ହୋଇଥାଏ

ଏବଂ  ଗଜାହୋଇ ଗଛଟିଏ ହୁଏ । ଭୂମି ଉପରକୁ ଉଠୁଥିବା ଅଂଶରେ କୋମଳ (କଅଁଳିଆ) ପତ୍ର ହୁଏ, ଭୂମି ଦିଗରେ ଗତି କରିଥିବା ଅଂଶରେ କୋମଳ କୋମଳ ଚେର ହୁଏ । ଏଇଭଳି ନୂଆ ଜନ୍ମ ହୋଇଥିବା କୋମଳ ଗଛରେ ମଧ୍ୟ ପ୍ରାଣ ପ୍ରବେଶ କରିନଥାଏ, ତାହା ସେପର୍ଯ୍ୟନ୍ତ ମଞ୍ଜି ଭିତରେ ପୋଷକ ପଦାର୍ଥରେ ଘଟିଥିବା ରାସାୟନିକ କ୍ରିୟା ବୋଲି ଜାଣିବା ଉଚିତ୍ ।

ନୂଆ  ଗଛର  କୋମଳ  ପତ୍ର ହେବା ପର୍ଯ୍ୟନ୍ତ ତାଠାରେ ପ୍ରାଣ ନଥାଏ । ପ୍ରଥମ ଶ୍ୱାସରେ ହିଁ ପ୍ରାଣର ପ୍ରବେଶ, ଏହି ସିଦ୍ଧାନ୍ତ ଅନୁସାରେ କୋମଳ ଗଛରେ ପ୍ରଥମ ଶ୍ୱାସ ନଆସିବା ପର୍ଯ୍ୟନ୍ତ ସେଥିରେ ପ୍ରାଣ ପ୍ରବେଶ କରିନଥାଏ । ଗଛରେ ପତ୍ର ହୋଇ, ପତ୍ରରେ ଛିଦ୍ର ସୃଷ୍ଟି ହେଲେ ତାଠାରେ ଜୀବାତ୍ମା ପ୍ରବେଶ କରିବା ପାଇଁ ସୁଯୋଗ ପାଏ । ପ୍ରଥମେ ଗଛର କାଣ୍ଡ, ପତ୍ର ହେବା ପରେ, ପତ୍ରର ତଳେ ଛିଦ୍ର ହୁଏ, ଏହି  ଛିଦ୍ରରେ  ଗଛ  ଶ୍ୱାସ  ଗ୍ରହଣ କରେ ବୋଲି ଆମେ ବିଜ୍ଞାନରୁ ଜାଣିଛେ । ପତ୍ର ରନ୍ଧ୍ରରେ ଯେତେବେଳେ ଶ୍ୱାସ ପ୍ରବେଶକରେ ସେତିକିବେଳେ ଗଛରେ ଜୀବଟିଏ ପ୍ରବେଶ କରେ ବୋଲି ହିସାବ ହୋଇଥାଏ । ଅଣ୍ଡଜ, ପିଣ୍ଡଜ ମାନଙ୍କର ପ୍ରାଣ ପ୍ରବେଶ ହେବା ପରେ ସେମାନଙ୍କଠାରେ ପ୍ରାଣ ପ୍ରବେଶ କରିଥିବା ଭଳି ଜାଣିହେବ, କିନ୍ତୁ ବୃକ୍ଷଲତାଦିରେ ଶ୍ୱାସ କ୍ରିୟା ଏବଂ ପ୍ରାଣ ପ୍ରବେଶ କିପରି ହୁଏ ତାହା କାହାକୁ ଜଣାପଡି ନଥାଏ । ମଞ୍ଜିରୁ ଗଛଟିଏ ହେବା ପରେ ପତ୍ର ଦ୍ୱାରା ବାୟୁରୁ ଶ୍ୱାସ ପ୍ରଶ୍ୱାସକୁ, ଚେର ଦ୍ୱାରା ଭୂମିରୁ ଜଳ ଓ ଖଣିଜ ଲବଣାଦିକୁ ଗ୍ରହଣ କରିଥାଏ । ଗଛ ନିଜର ପତ୍ରର ଉପରି ଭାଗରେ ସୂର୍ଯ୍ୟରଶ୍ମି ଦ୍ୱାରା ଗ୍ଲୁକୋଜ୍ ତିଆରି କରି, ତାହାକୁ ଖାଦ୍ୟ ଭାବରେ ଗ୍ରହଣ କରି ଜୀବନ ବଞ୍ଚିଥାଏ ।

ସ୍ତ୍ରୀମାନଙ୍କର ଗର୍ଭସ୍ରାବ ହୋଇଯିବା ଭଳି, ଅଣ୍ଡାଟିଏ ନଷ୍ଟ (କାଞ୍ଜିଆ) ହୋଇଯିବା  ଭଳି, ଗଛର  ମଞ୍ଜିଟିଏ  ମଧ୍ୟ ନଷ୍ଟ  ହୋଇଯାଇ ପାରେ । ଅଧିକ ଉଷ୍ମତାରେ, ମଞ୍ଜି  ଭିତରେ ଆଦ୍ରତା ଅଭାବରେ, ଜଳର ଅଭାବରେ ମଞ୍ଜିର ପଦାର୍ଥ ନଷ୍ଟହୋଇ ଗଜା ହୋଇପାରି ନଥାଏ । ମଞ୍ଜିରେ ପଦାର୍ଥଗୁଡିକର ଅନୁକୂଳତା ନଥିବା ଦ୍ୱାରା ମଞ୍ଜିର ପୁରୁଷଭାଗ ଗଜା ହୋଇପାରେ ନାହିଁ ।

ଏହିଭଳି ଭୂପୃଷ୍ଠରେ ସମସ୍ତ ଜୀବର ଜନ୍ମ ଉପରେ କୁହାଯିବା ଭଳି ଗୋଟିଏ ସିଦ୍ଧାନ୍ତ ଅନୁସାରେ, ପ୍ରଥମ ଶ୍ୱାସରେ ହିଁ ଘଟିଥାଏ । ସମୁଦ୍ର ଭିତରେ ଥିବା ଜୀବରାଶି ମଧ୍ୟ ପ୍ରଥମଶ୍ୱାସ ଜଳରୁ ଗ୍ରହଣ କରିଥାନ୍ତି । ସମସ୍ତ ଜୀବରାଶିଙ୍କ ଠାରେ କିଭଳି ଜୀବାତ୍ମା ପ୍ରବେଶ କରିଥାଏ ଜାଣିଲେ । ତାଛଡା ସବୁବେଳେ ଜୀବାତ୍ମା ସହିତ ଆତ୍ମା ରହିଥାଏ, ତେଣୁ ଆତ୍ମା ରହିଥିବାରୁ ଆତ୍ମା ମଧ୍ୟ ଜୀବାତ୍ମା ସହିତ ଏକ ସଙ୍ଗରେ ଏକ ନୂତନ ଶରୀରରେ ପ୍ରବେଶ କରିଥାଏ ବୋଲି ଜାଣିବା ଉଚିତ୍ । ନୂଆ ଶରୀର କଅଣ, ଆତ୍ମା ସେଥିରେ କେତେବେଳେ ପ୍ରବେଶ କରୁଛି ଜାଣିଲେ ।

**ସୂଚନା :- "ବାସାଂସୀ ଜୀର୍ଣ୍ଣାନି"** ନାମକ ଭଗବଦ୍ଗୀତା ଶ୍ଲୋକର ଯେଉଁ ଭାବ ଆମେ କହିଛୁ ତାହା ନୂଆ । ତେଣୁ ଏହାକୁ ଭଲରେ ବିଚାର କରି ଗ୍ରହଣ କରିବେ ବୋଲି ଆଶା କରୁଛୁ । ତଥାପି ଏଥିରେ ଅନେକ ସନ୍ଦେହ ସୃଷ୍ଟି ହୋଇ ସତରେ କଣ ଏହା ସତ୍ୟ ? ନାମକ ପ୍ରଶ୍ନ ଆସିଥାଏ । ଏହି ସନ୍ଦେହ ଗୁଡିକ ଦୂର ହେବାପାଇଁ କେତେକ ସତ୍ୟ ଘଟଣାକୁ ଜଣାଉଛୁ । ପ୍ରାୟ ପଚିଶ ବର୍ଷ ତଳେ ଇନାଡୁ ଖବର କାଗଜରେ ଟୁକିଗା ନାମକ ଏକ ଶୀର୍ଷିକାର ତଳେ **ଗଡ୍ଡୁଗାୟି** ନାମକ ଘଟଣାଟିଏ ପ୍ରଚାର କରାଯାଇଥିଲା । ତାହା ହେଉଛି ! ଇଂଲଣ୍ଡର ଏକ ବଡ ନାମି ହସ୍ପିଟାଲ୍‌ରେ ଜଣେ ସ୍ତ୍ରୀ ପ୍ରସବ କଲାବେଳେ, ଜନ୍ମିତ କନ୍ୟାଶିଶୁ ଏକ ଘଣ୍ଟା ପର୍ଯ୍ୟନ୍ତ କୌଣସି ହଲ୍‌ଚଲ୍ ନ ହେବାରୁ, ସେଠିକାର ଡକ୍ଟରମାନେ ପରୀକ୍ଷାନିରୀକ୍ଷା କରି ସେହି ଶିଶୁଟି ଗର୍ଭରେ ମୃତ୍ୟୁବରଣ କରିଛି ବୋଲି କହିଥିଲେ । ସେତେବେଳେ ଶିଶୁର ଆଈ ସେହି ହସ୍ପିଟାଲ୍‌ରେ ପହଞ୍ଚି, ମୋ ନାତୁଣୀ କିପରି ମରିଗଲା ବୋଲି ପ୍ରଶ୍ନ କରିବାରୁ ସେଠିକାର କର୍ମଚାରୀମାନେ କହିଲେ, ଆପଣଙ୍କ ନାତୁଣୀ ଗର୍ଭରେ ହିଁ ମରିଯାଇଥିଲା, ଆମେ ତାକୁ ବାହାର କରି ଶବାଗାରକୁ ପଠାଇ ଦେଇଛୁ । ଏକଥା ଶୁଣିବା ପରେ ମଧ୍ୟ ସେହି ବୃଦ୍ଧା ମୋ ନାତୁଣୀ ମରିଗଲେ କଣ ହେଲା ମୁଁ ଟିକେ ମୋ ନାତୁଣୀର ମୁହଁ ଦେଖିବି କହି ଶବାଗାରକୁ ଯିବାବେଳେ, ଶବାଗାରର ଗୋଟିଏ କଣରେ କପଡାରେ ଗୁଡାଯାଇ ପଡିଥିବା ଶିଶୁକନ୍ୟାଟି ସ୍ୱଳ୍ପକଣ୍ଠରେ କାନ୍ଦୁଥିବା ଦେଖିଲେ । ତୁରନ୍ତ ଚିତ୍କାର କରି କହିଲେ ଯେ ଦୌଡିଆସ ଦେଖିବ ମୋ ନାତୁଣୀ ବଞ୍ଚିଛି । ଏହା

ପରେ ଏହି ସତ୍ୟକୁ ସେଠାରେ ସମସ୍ତେ ଦେଖିଥିଲେ, ଚର୍ଚ୍ଚାରେ ଡକ୍ଟରମାନଙ୍କ ମୁହଁ ଲାଜରେ ତଳମୁହାଁ ହୋଇଯାଇଥିଲା । ତାପରେ ସେହି ଡାକ୍ତରମାନଙ୍କ ସଂରକ୍ଷଣରେ ଏକମାସ ପର୍ଯ୍ୟନ୍ତ ସେହି ଶିଶୁକୁ ରଖି ତାପରେ ଡିଶ୍ଚାର୍ଯ୍ୟ କରିଥିଲେ । ଶିଶୁକନ୍ୟାକୁ ନେଇ ସେମାନେ ଖୁସିରେ ଘରକୁ ଫେରିଥିଲେ ।

ଏହିଭଳି ଅନ୍ୟଏକ ଘଟଣା ଗୋସ୍ ହସ୍ପିଟାଲ୍‌ରେ ମଧ୍ୟ ଘଟିଥିଲା ସେଠାରେ ଥିବା ମହିଳା ଡକ୍ଟର ଶେଷରେ ନିଜକୁ ଧିକ୍କାର କରି, ମୁଁ କିପରି ଏତେବଡ ଭୁଲ୍ କଲି ବୋଲି କହିଥିଲେ, ମୋର ପରୀକ୍ଷାରେ ଭୁଲ୍ ଥିଲା ବୋଲି ସ୍ୱୀକାର ମଧ୍ୟ କରିଥିଲେ । ଏମିତି ଦିନେ ସେହି ମହିଳା ଡକ୍ଟର ଏହି **ଜନନ ମରଣ ସିଦ୍ଧାନ୍ତ** ପଢିବା ସୁଯୋଗ ପାଇ ଆଶ୍ଚର୍ଯ୍ୟ ହୋଇ ମୋ ପରୀକ୍ଷାରେ ଭୁଲ୍ କେଉଁଠି ରହିଲା ବୋଲି ଆମକୁ ପଚାରିଥିଲେ । ତାଙ୍କ ସହିତ କଥା ହେବାବେଳେ ମୁଁ ପଚାରିଲି **"ଶିଶୁଶରୀର ଜନ୍ମହୋଇ ହଲ୍‌ଚଲ୍ ନହେଲେ ସେ କେଉଁ ସ୍ଥିତିରେ ଥାଏ ବୋଲି ଆପଣ ଭାବୁଛନ୍ତି?"** ସେ କହିଲେ **"ବୋଧହୁଏ ତାହା ମୂର୍ଚ୍ଛା ସ୍ଥିତି ଏହାପରେ ଆମେ ଶିଶୁର ଗୋଡକୁ ଧରି ପିଠି ଥାପୁଡେଇଥାଉ; ତଥାପି ଯଦି ଶିଶୁର କୌଣସି ସ୍ପନ୍ଦନ ନଆସେ ତେବେ ଆମେ ଦୁଇ ପ୍ରକାରର ଇଞ୍ଜେକ୍ସନ୍ ଦେଉ; ତାପରେ ମଧ୍ୟ ଯଦି କୌଣସି ସ୍ପନ୍ଦନ ନ ଆସିଲା ସେତେବେଳେ ଆମେ ଶିଶୁକୁ ଗର୍ଭରୁ ମୃତ ବୋଲି ଘୋଷିତ କରିଥାଉ"** । ତାଙ୍କ କଥା ଶୁଣି ମୁଁ କହିଲି "ଆମେ ଜାଣିଛେ ଯେ, ଶ୍ୱାସ ଚାଲୁଥାଇ କାହାର କୌଣସି ସ୍ପନ୍ଦନ ନଥିଲେ ତାହା ତାର ମୁର୍ଚ୍ଛା ବା ଅପସ୍ମାରକ ସ୍ଥିତି, କିନ୍ତୁ ଶ୍ୱାସ ନଚାଲି ଶରୀର ସ୍ଥିର ରହିଯିବା ବେଳେ ଆମେ ତାକୁ ମୁର୍ଚ୍ଛାସ୍ଥିତି କିପରି କହିବା? ପ୍ରଥମେ ଶ୍ୱାସ ଚାଲୁଛି କି ନାହିଁ ପରୀକ୍ଷା କରିବା ଦରକାର କି ନାଇଁ! ଏଭଳି ଭୁଲ୍ ଯଦି ଡକ୍ଟର ହୋଇ ଆପଣ କରନ୍ତି ସାଧାରଣ ଲୋକଙ୍କୁ କଣ କହିବା?" ତାପରେ ସେ ମହିଳା ଡକ୍ଟର ଏହି ଜନନ ବାବଦରେ ଆମଠାରୁ ଭଲରେ ବୁଝି ସବୁ କଥାକୁ ଶାସ୍ତ୍ରବଦ୍ଧ ଭାବରେ ଗ୍ରହଣ କରିଥିଲେ । ଏଇଭଳି ହସ୍ପିଟାଲ୍ ଗୁଡିକରେ ଡକ୍ଟରମାନେ କିପରି କେତେ ଭୁଲ୍ କରୁଛନ୍ତି ତାର କେତୋଟି ଉଦାହରଣ ଲେଖୁଛୁ ଦେଖନ୍ତୁ ।

## ୧) ଶିଶୁ ବଞ୍ଚିଥିଲେ ମଧ ମରିଯାଇଛି କହିଥିବା ଡାକ୍ତରମାନେ ।

(ଇନାଡୁ,ହାଇଦ୍ରାବାଦ୍) ସିତାଫଲ୍‌ମଣ୍ଡି,ନଭେମ୍ବର୩୦, ୨୦୦୨(ନ୍ୟୁଜ୍‌ଟୁଡେ)

ନଅମାସ କଷ୍ଟର ଫଳକୁ ଦେଖିବି ବୋଲି ସେ ମାଆଟି ଭାରି ଖୁସି ଥିଲା, କିନ୍ତୁ ଜନ୍ମଦେବା ପରେ ତାର ସ୍ୱପ୍ନଟି ଭାଙ୍ଗିଗଲା । ଶିଶୁ ମରିଯାଇଛି ବୋଲି ଶୁଣି ତାର ମର୍ମାହତ ସ୍ଥିତି ଅତି ଦାରୁଣ ହୋଇଯାଇଥିଲା । ଶବ କହି ଶିଶୁକୁ ଡକ୍ଟରମାନେ ଗୋଟିଏ ବ୍ୟାଗ୍‌ରେ ରଖି ସେମାନଙ୍କୁ ହସ୍ତାନ୍ତର କରିଥିଲେ । କଥା ଏତିକିରେ ଶେଷ ହୋଇଯାଇଥାନ୍ତା, ହେଲେ ସେହି ଶିଶୁର ବାପା ହସ୍ପିଟାଲ୍‌କୁ ବିଳମ୍ବରେ ଆସିବା ଦ୍ୱାରା କଥାଟି ଏକ ନୂଆ ମୋଡ ନେଇଥିଲା । ଶିଶୁର ପିତାକୁ ସମସ୍ତେ ଅପେକ୍ଷା କରିଥିବା ସମୟରେ ବ୍ୟାଗ୍‌ରେ ଥିବା ଶିଶୁ କାନ୍ଦି ଉଠିଥିଲା ଏବଂ ଗୋଡ ହାତକୁ ଚଳପ୍ରଚଳ କରିଥିଲା । ଏହା ଆଶ୍ଚର୍ଯ୍ୟ କି ଡକ୍ଟର ମାନଙ୍କର ନିର୍ଲକ୍ଷ୍ୟତା ! ଏହା କେଉଁ ଅଜଣା ପଲ୍ଲୀର ଘଟଣା ନୁହେଁ । ଆନ୍ଧ୍ର ପ୍ରଦେଶର ପ୍ରଖ୍ୟାତ ଗାନ୍ଧୀ ହସ୍ପିଟାଲ୍‌ର ଘଟଣା । ଏହି ଘଟଣାର ବିବରଣୀକୁ ଦେଖିଲେ, ଗୁଡୁରୁ ଗ୍ରାମରେ ବାସ କରୁଥିବା ପ୍ରକାଶ (୨୫),ରେଣୁକା (୨୦)ଙ୍କ ବର୍ଷେତଳେ ବିବାହ ହୋଇଥିଲା । ରେଣୁକାର ଏହା ପ୍ରଥମ ଗର୍ଭ ହୋଇଥିବାରୁ ସେମାନେ ଟଙ୍କା ପଇସାକୁ ଖାତର ନକରି ବଡ ନାମି ହସ୍ପିଟାଲ୍‌ରେ ଚେକପ୍ କରାଉଥିଲେ । ପ୍ରସବ ସମୟ ପାଖେଇ ଆସିବାରୁ ଗୁରୁବାର ସଂଧ୍ୟାରେ ସେମାନେ ଗୁଡୁରୁରୁ ଆସି ଗାନ୍ଧି ହସ୍ପିଟାଲ୍‌ରେ ଆଡ୍‌ମିଟ୍ ହେଲେ । ସାତଟା ବେଳକୁ ରେଣୁକା ପୁଅଟିଏ ଜନ୍ମଦେଲା, କିନ୍ତୁ ଦୁର୍ଭାଗ୍ୟର ବିଷୟ ସମସ୍ତ ବୈଦ୍ୟବିଦ୍ୟା ଦ୍ୱାରା ଡକ୍ଟରମାନେ, ବଳହୀନତାର କାରଣ ନେଇ ଗର୍ଭରେ ଶିଶୁ ମରିଯାଇଥିଲା ବୋଲି କହିଦେଲେ, ଶୁଣିବା ପରେ ରେଣୁକା ଅଚେତ ହୋଇଗଲା । ରେଣୁକାର ମାଆ ବୀରମ୍ମାଙ୍କୁ ତୁମ ଶବକୁ ନିଅ କହି ଶିଶୁଟିକୁ ବ୍ୟାଗ୍ ସହିତ ହସ୍ତାନ୍ତର କରି, ତାଙ୍କ ହାତର ଦସ୍ତଖତ ନେଇଗଲେ । ରେଣୁକାଙ୍କ ସ୍ୱାମୀ ସେହି ସମୟରେ ପାଖରେ ନ ଥାଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ । ବୀରମ୍ମା ରେଣୁକାକୁ ସାନ୍ତ୍ୱନା ଦେବା ସହିତ ଶିଶୁଶବକୁ ଧରି ଜୋଇଁଙ୍କ ଆସିବା ବାଟକୁ ଚାହିଁ ବସିଥାନ୍ତି । ସମୟ ଘଣ୍ଟାଏ ପରେ ବୀରମ୍ମା ଧରିଥିବା ବ୍ୟାଗ୍‌ଟି ହଲ୍‌ଚଲ୍ ହେଲା । ଏକଥା

ବୀରମ୍ମା ଜାଣିବା ପୂର୍ବରୁ ହସ୍ପିଟାଲ୍‌ରେ ଥିବା ଅନ୍ୟ ମହିଳା କେହି ବୀରମ୍ମାଙ୍କୁ ଜଣାଇଥିଲେ । ବୀରମ୍ମା ଡେରି ନକରି ବ୍ୟାଗ୍‌ଟି ଖୋଲି ଦେଖନ୍ତି ତ ଶବ ଭାବିଥିବା ପୁଅଶିଶୁଟି ବ୍ୟାଗ୍ ଭିତରେ ହାତଗୋଡ ଛାଟୁଛି । ଏସବୁ ଦେଖି ବୀରମ୍ମା, ରେଣୁକାଙ୍କ ଖୁସି କହିଲେ ନସରେ । କିଛି ସମୟ ପରେ ପୁଅଟି ପୁଣି ହାତ ଗୋଡ ଛାଟିବା ବନ୍ଦ କରିଦେବାରୁ ବୀରମ୍ମା ବିଳମ୍ବ ନକରି ଦୌଡିଯାଇ ବ୍ୟାକୁଳ କଣ୍ଠରେ ଡକ୍ଟରମାନଙ୍କୁ ଜଣାଇଥିଲେ, ସେମାନେ ବୀରମ୍ମାଙ୍କ କଥା ନଶୁଣି ନାନା କଟୁକଥା କହି ଫେରାଇ ଦେଇଥିଲେ, କିନ୍ତୁ ଆଉ କିଛି ସମୟ ପରେ ଶିଶୁଟି ପୁଣି ଜୋର୍‌ରେ କାନ୍ଦି ଉଠିବା ସହିତ ଗୋଡହାତ ଛାଟିବାକୁ ଲାଗିଲା; ତଥାପି ଏଥର ମଧ୍ୟ ଡକ୍ଟରମାନେ ନା ସେମାନଙ୍କ କଥା ଶୁଣିଥିଲେ ନା ପାଖକୁ ଆସି ଦେଖିଥିଲେ, ହେଲେ ସତକଥା ଜାଣି ସେଠାରେ ଥିବା ଅନ୍ୟମାନେ କୋଳାହଳ ଆରମ୍ଭ କରିଦେଇଥିଲେ । ଶେଷରେ ଡକ୍ଟରମାନଙ୍କୁ ଆସିବାକୁ ପଡିଲା ଏବଂ ସେମାନେ ଶିଶୁର କଣ୍ଡିସନ୍ ଦେଖି ପ୍ରିମେଚ୍ୟୁର୍ ୟୁନିଟ୍‌କୁ ନେଇଗଲେ । ଏବେ ଶିଶୁଟି ସେଇଠାରେ ଚିକିତ୍ସା ହେଉଛି । ଜୋଇଁ ଫେରି ଆସିବା ପର୍ଯ୍ୟନ୍ତ ଯଦି ଆମେ ଅପେକ୍ଷା କରି ନଥାନ୍ତୁ ତେବେ ଅବସ୍ଥା କଣ ଯେ ହୋଇଥାନ୍ତା !.. କହି ବୀରମ୍ମା ଆଖିରୁ ଖୁସିର ଲୁହ ଝରାଇଥିଲେ । ସତରେ ରେଣୁକାର ଅବସ୍ଥା କଣ ଯେ ହୋଇଥାନ୍ତା ! ଶିଶୁକୁ ଶବ କହି ଗାତଖୋଳି ପୋତି ଦେଇଥାନ୍ତେ, ରେଣୁକା ହୁଏତ ଆତ୍ମଘାତୀ ହୋଇଯାଇଥାନ୍ତା । ତେବେ ସେ ପାପ କାହାର ? ଆଜିର ଡକ୍ଟରମାନେ ବିଚାର କରନ୍ତୁ । (ଏହା ହିଁ ଥିଲା ଖବର କାଗଜର ଖବର)

କେତେକ କ୍ଷେତ୍ରରେ ଡକ୍ଟରମାନେ ନିଜର କିଛି ଭୁଲ୍ ରହିଯାଇଛି ବୋଲି ସ୍ୱୀକାର କରନ୍ତି ସିନା, ସେମାନଙ୍କୁ ଯାହା ଜଣା ନାହିଁ ତାହା ହିଁ ଘଟିଯାଉଛି ବୋଲି ଜାଣନ୍ତି ନାହିଁ । ଶିଶୁକୁ ମୃତଘୋଷିତ କରି ସାରିବା ପରେ ମଧ୍ୟ ଶିଶୁ ଯେତେବେଳେ ଜୀବିତ ହେଉଛି ସେତେବେଳେ କଣ ସେମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁନାହିଁ ? ଏଠାରେ ଗୋଟିଏ କଥାକୁ ଲକ୍ଷ୍ୟ କରନ୍ତୁ ! ଡକ୍ଟରମାନେ ପରୀକ୍ଷାନିରୀକ୍ଷା କରିବା ପରେ ଶିଶୁ ମରିଯାଇଛି କହିବା କଥା ସତ, ପୁନଃ କିଛି ସମୟ ପରେ ଶିଶୁ ଜୀବିତ ହୋଇଛି କହିବା ମଧ୍ୟ ସତ । ତେବେ ଭୁଲ୍ ରହିଲା କେଉଁଠି ? ଏହି ପ୍ରଶ୍ନର ଜବାବ କେବଳ ବ୍ରହ୍ମବିଦ୍ୟାଶାସ୍ତ୍ର ଦେଇ

ପାରେ, କାରଣ ! ବ୍ରହ୍ମବିଦ୍ୟା ଶାସ୍ତ୍ର ହିଁ ବିଜ୍ଞାନର ବିଜ୍ଞାନ, ପରମାତ୍ମା (ଈଶ୍ୱର) ଜଣାଇଥିବା ସୁପରସାଇନ୍ସ ।

## ୨) ଶିଶୁଶରୀରରେ ପ୍ରାଣ ଆସିବା ପୂର୍ବରୁ ପ୍ରାଣ ଆସିଥିଲା ଏବଂ ପରେ ପ୍ରାଣ ଚାଲିଗଲା ବୋଲି କହିଥିବା ଡକ୍ଟର ।

ପିତା– ଇ. ରାମମୋହନ ଗୌଡ, ମାତା – ଇ. ବାସବୀ, ଡାକ୍ତରଖାନା – ଗଙ୍ଗା ହସ୍ପିଟାଲ୍, ତାରିଖ – ୨୨/୦୭/୨୦୦୪,ସମୟ–ସଂଧ୍ୟା ୬:୩୦

ଗର୍ଭବତୀ ଥିବା ଶ୍ରୀମତୀ ବାସବୀ ଗଙ୍ଗା ହସ୍ପିଟାଲ୍‌ରେ ଜଣେ ମହିଳା ଡକ୍ଟରଙ୍କ ପାଖରେ ଗର୍ଭଧାରଣ କରିବା ପରଠାରୁ ସବୁବେଳେ ଚେକପ୍ କରାଉଥିଲେ । ଗର୍ଭସ୍ଥ ଶିଶୁର ଶରୀର ସୁସ୍ଥ ଅଛି ବୋଲି ତାଙ୍କର ସ୍ୱାମୀ ରାମମୋହନ୍ ଗୌଡ଼୍‌ଙ୍କୁ ଡକ୍ଟର ଜଣାଇ ଦେଇଥିଲେ । କିଛିଦିନ ବିତିଯିବା ପରେ ଯଥା ସମୟରେ ବାସବୀଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେଲା । ସବୁ ଠିକ୍ ଅଛି ଡେଲିଭରି ମଧ୍ୟ ନର୍ମାଲ୍ ହେବ ଜାଣି ରାମମୋହନ୍ ମଧ୍ୟ ଖୁସି ଥିଲେ । ଶିଶୁ ଜନ୍ମ ହେଲା, କିନ୍ତୁ ୧୫ ମିନିଟ୍ ପର୍ଯ୍ୟନ୍ତ ଶିଶୁର ହାତ ଗୋଡ ହଲିଲା ନାହିଁ କି ଶିଶୁ କାନ୍ଦିଲା ନାହିଁ । ଡକ୍ଟର ଶିଶୁକୁ ନେଇ ରାମମୋହନଙ୍କୁ ଦେଖାଇଲେ, କହିଲେ ଶିଶୁର ହାର୍ଟ ପ୍ରୋବ୍ଲେମ୍,ଏହି ସ୍ଥିତିରେ ଛୁଆମାନେ ଏମିତି ରହନ୍ତି, ଶ୍ୱାସ ଧିରେଧିରେ ଚଳେ, ଏଭଳି ସ୍ଥିତିରେ ଶିଶୁର ଭବିଷ୍ୟତ ବିପଦପୂର୍ଣ୍ଣ, ତେଣୁ ଶିଶୁଶରୀର ପ୍ରତି ଆପଣଙ୍କୁ ସତର୍କତା ଅବଲମ୍ବନ କରିବାକୁ ହେବ । ଏକଥା ଡକ୍ଟରଙ୍କଠାରୁ ଶୁଣି ରାମମୋହନ୍ ଭାଙ୍ଗିପଡିଲେ ସତ, ପୁଣି କିଛି ସମୟ ପରେ ରାଗିଯାଇ "ଆମେ ନିୟମିତ ଆପଣଙ୍କ ପାଖରେ ଚେକପ୍ କରାଇ ଆସୁଥିଲୁ, ସବୁ ଠିକ୍ ଅଛି, ସବୁ ନର୍ମାଲ୍ ହେବ କହି ଏବେ କହୁଛନ୍ତି ଛୁଆର ହାର୍ଟ ପ୍ରୋବ୍ଲେମ୍ !" ତାଙ୍କ କଥା ଶୁଣି ଡକ୍ଟର କହିଲେ "ଆପଣ ରାଗୁଛନ୍ତି କାହିଁକି ସବୁ ସମସ୍ୟା ପରୀକ୍ଷା ଦ୍ୱାରା କୁହାଯାଇ ପାରେନା, ଆମେ ଚୁପ୍ ବସିନାହୁଁ, ଛୁଆକୁ ଆଇ.ସି.ୟୁ. ପଠାଇଛୁ, ଆମେ ଚେଷ୍ଟା କରୁଛୁ, କିନ୍ତୁ ଛୁଆ ବଞ୍ଚିବା ନ ବଞ୍ଚିବା କହିପାରିବୁ ନାହିଁ" ବୋଲି କହିବା ପରେ ଆଉ କାହା ସହିତ ଫୋନ୍‌ରେ କଥାହୋଇ, ସାଙ୍ଗେସାଙ୍ଗେ ଆମ୍ବୁଲାନ୍ସ ଡକାଇ, ଶିଶୁ ନାକରେ ବେଣ୍ଟିଲେଟର୍

ଲଗାଇ ଏକ ବଡ ହସ୍ପିଟାଲ୍‌କୁ ପଠାଇଦେଲେ । ୪୫ ମିନିଟ୍ ବିତିଗଲେ ମଧ୍ୟ ରାମମୋହନ୍ ମୋ ସ୍ତ୍ରୀର ଶରୀର ଠିକ୍ ରହିବା ଉଚିତ୍ ଭାବି, ଏକଥା ବାସବୀଙ୍କୁ ନ ଜଣାଇ, ସେ ଅନ୍ୟ ଏକ ରୁମ୍‌ରେ ଚିକିତ୍ସା ହେଉଛି ବୋଲି କହିଥିଲେ । ଅଧଘଣ୍ଟା ପରେ ତାଙ୍କ ଛୁଆ ମରିଯାଇଛି ବୋଲି ତାଙ୍କୁ ଜଣାଇ ଦିଆଗଲା, ହେଲେ ବାସବୀ ସୁସ୍ଥହେବା ପରେ ଜାଣିଥିଲେ । ଏ ଘଟଣାଟି ଆଜିକୁ ମାତ୍ର ୨୦ଦିନ ତଳେ ଘଟିଥିଲା ।

ଏଠାରେ ପ୍ରକୃତ ଘଟଣା କ'ଣ ଘଟିଥିଲା ଦେଖନ୍ତୁ । ୧୫ ମିନିଟ୍ ପରେ ମଧ୍ୟ ଶିଶୁଠାରେ କୌଣସି ସ୍ପନ୍ଦନ ନପାଇ, ଡକ୍ଟର ଏଠାରେ କିଛି ବୁଝି ନପାରି, ଶ୍ୱାସ ବିଲ୍‌କୁଲ୍ ଚାଲୁନଥିବା ଶିଶୁଠାରେ ଶ୍ୱାସ ଧିରେଧିରେ ଚାଲୁଛି ବୋଲି କହିଥିଲେ । ଏହା ଏଭଳି ସମସ୍ୟାର ଲକ୍ଷ୍ୟଣ ବୋଲି କହିବା ଡକ୍ଟରଙ୍କର ପ୍ରଥମ ଭୁଲ୍ ଥିଲା । ଏକଥା ରାମମୋହନଙ୍କର ବିଶ୍ୱାସ ହେବା ଭଳି କହି, ଏପରି ସ୍ଥିତିରେ ଶିଶୁର ଭବିଷ୍ୟତ ବିଷମ, ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି କହିବା ଡକ୍ଟରମାନଙ୍କର ଦ୍ୱିତୀୟ ଭୁଲ୍ ଥିଲା । ଶ୍ୱାସ ଚାଲୁନଥିବା ଶିଶୁଠାରେ ଭେଣ୍ଟିଲେଟର୍ ଲଗାଇ, ଅନ୍ୟଏକ ହସ୍ପିଟାଲ୍‌କୁ ପଠାଇ ସେମାନଙ୍କ ଦ୍ୱାରା ଶିଶୁ ମରିଯାଇଛି କୁହାଇବା ତୃତୀୟ ଭୁଲ୍ ଥିଲା । ବେଳେବେଳେ କେତେକ ଶିଶୁ ବିଳମ୍ବରେ ଜୀବନ ପାଇଥାନ୍ତି ବୋଲି ଜାଣି ନପାରିବା ସେମାନଙ୍କର ସବୁଠାରୁ ବଡ ଭୁଲ୍ ଥିଲା ।

ଅଧଘଣ୍ଟା ହେଉ, ଘଣ୍ଟାଏ ହେଉ, ଦୁଇଘଣ୍ଟା ବା କେଇଘଣ୍ଟା ପରେ ହେଉ ଶିଶୁଠାରେ ପ୍ରାଣ ଆସିପାରେ ବୋଲି ରହିଥିବା ସତ୍ୟକୁ ଜାଣି ନ ପାରିବା ଦ୍ୱାରା, ସେଦିନ ଗଙ୍ଗା ହସ୍ପିଟାଲ୍‌ରେ ପ୍ରାଣ ଆସିବା ପୂର୍ବରୁ ଶିଶୁଠାରେ ଶ୍ୱାସ ଚାଲୁଥିଲା କହି, ଶ୍ୱାସ ଚାଲୁନଥିବା ବେଳେ ଶିଶୁ ମରିଯାଇଛି କହି, ସେମାନଙ୍କ ନାଟକଟି ଅତି ସହଜରେ ମଞ୍ଚସ୍ଥ କରିଦେଲେ । କେତେ ଆଶା ରଖିଥିବା ଶିଶୁ ଉପରୁ ମା ବାପାଙ୍କର ଭରସା ତୁଟିଗଲା । ଜୀବନର ପ୍ରଥମାଙ୍କ ଜାଣି ନଥିବା ଡକ୍ଟରମାନେ ଏଇଭଳି ନାନା ପରୀକ୍ଷା ନାମରେ ଶିଶୁହତ୍ୟା କରୁଛନ୍ତି, ଏହା ନିରାଟ ସତ୍ୟ । ହତ୍ୟା ଏକ ଅପରାଧ । ଅପରାଧିଙ୍କୁ ଦଣ୍ଡ ଦେଇ ପାରୁଥିବା ନ୍ୟାୟବ୍ୟବସ୍ଥା ମାତାପିତାଙ୍କୁ ଯନ୍ତ୍ରଣା ଦେଉଥିବା ଏହି ପରୋକ୍ଷ

ଶିଶୁହତ୍ୟାକୁ ବନ୍ଦ କରାଇବା ଉଚିତ୍ । କେତେବେଳେ ଶିଶୁଠାରେ ପ୍ରାଣ ପ୍ରବେଶ ହୁଏ ଜାଣିନଥିବା ଡକ୍ଟରମାନଙ୍କୁ ବଦଳିବାକୁ ଆଦେଶ ଜାରି କରି, ଶିଶୁହତ୍ୟାକୁ ରୋକିବା ଉଚିତ୍ ।

## ୩) ଶିଶୁଠାରେ ପ୍ରାଣ ଆସିବା ପୂର୍ବରୁ ଶିଶୁ ମରି ଯାଇଛି କହିଥିବା ଡକ୍ଟର

ପିତା-ମଲ୍ଲେଶ୍, ମାତା-ରଞ୍ଜିତା, ହସ୍ପିଟାଲ୍-ବିଜୟା ନର୍ସିଙ୍ଗ୍ ହୋମ୍ (କର୍ମନଘାଟ୍,ଏ.ପି), ତାରିଖ-୨୬/୦୮/୨୦୦୪, ଡକ୍ଟର୍ ସତ୍ୟନାରାୟଣ ଏବଂ ଜଣେ ଗୈନକାଲଜିଷ୍ଟ୍ ।

ମଜୁରିଆ ପରିବାରଟିଏ ମଲ୍ଲେଶଙ୍କର । ଡେଲିଭରି ସମୟ ପାଖେଇ ଆସିବାରୁ ତାଙ୍କ ସ୍ତ୍ରୀଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେଲା, ସେ ସାଙ୍ଗେ ସାଙ୍ଗେ ପାଖ ହସ୍ପିଟାଲ୍ ଗାୟତ୍ରୀନଗର - ରୋଡ୍ ନଂ-୧୯ରେ ଥିବା ବିଜୟା- ନର୍ସିଂହୋମ୍‌କୁ ନେଇ ଯାଇଥିଲେ । କିଛିସମୟ ପରେ ସେଠାରେ ତାଙ୍କର ଜନ୍ମ ହୋଇଥିବା ଶିଶୁପୁତ୍ରଠାରେ ପ୍ରାଣ ନାହିଁ ବୋଲି ଡକ୍ଟରମାନେ ଜଣାଇ ଦେଇଥିଲେ । ଠିକ୍ ସେହି ସମୟରେ ମଲ୍ଲେଶ୍ ତାଙ୍କ ସ୍ତ୍ରୀଙ୍କୁ ଛାଡି କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ଏବଂ ହସ୍ପିଟାଲ୍‌ରେ ପହଞ୍ଚିବା ବେଳକୁ ଏ ଘଟଣାଟି ଘଟିବାର ଦେଢଘଣ୍ଟା ବିତିଯାଇଥିଲା । ସବୁଜାଣି ସେ ବହୁତ ମନଦୁଃଖ କଲେ ।

ପ୍ରାଣ ନଥିବା ଶିଶୁକୁ ନେଇ ପୋତିଦେବା ବନ୍ଦୋବସ୍ତ କରିବା ବିଧି ଅନୁସାରେ ନିଜର ପରିଚିତ ମାନଙ୍କ ସମେତ ହସ୍ପିଟାଲ୍‌ରୁ ଶ୍ମଶାନକୁ ନେବା, ପୋତିବା ପାଇଁ ଗାତ ଖୋଳିବା କାର୍ଯ୍ୟ ଶେଷ କରି, ରକ୍ତ ଶୁଖିନଥିବା ନିଜର ପୁଅକୁ ହାତରେ ଧରି ଖୋଳା ଯାଇଥିବା ଗାତ ପାଖକୁ ନେଉନେଉ ଶିଶୁକୁ ଦେଖି ଖୁସିରେ ଖୁବ୍ ଜୋର ପାଟିକଲେ । ମୋ ପୁଅ ବଞ୍ଚିଛି ! ହେଇଟି ଦେଖ ମୋ ପୁଅ ବଞ୍ଚିଛି ! ବୋଲି ଅତ୍ୟନ୍ତ ଖୁସିରେ ପାଗଳପ୍ରାୟ ହୋଇଗଲେ । ହଠାତ୍ ଏହି ଘଟଣାରେ ସେଠିକାର ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଭାଗ୍ୟ ବଶତଃ ସେତେବେଳକୁ ଶିଶୁର ନାଭି କଟାହୋଇ ନଥିଲା । ଏଘଟଣା ପରେ ସେଠିକାର ସମସ୍ତେ ଡକ୍ଟରଙ୍କ ଉପରେ ଖୁବ୍ ରାଗିଯାଇଥିଲେ, ଗାଁର ଆଉ କେତେଜଣଙ୍କ ସମେତ ହସ୍ପିଟାଲ୍‌କୁ ଯାଇ ସେଠାରେ କୋଳାହଳ ଆରମ୍ଭ କରି ଦେଇଥିଲେ ।

ସେ ସମୟରେ ଡକ୍ଟର କଣ କହିବେ ସଠିକ୍ ନିର୍ଣ୍ଣୟ ନେଇ ନପାରି, ଖାଲି ଯେ ଏଥିରେ ମୋର ଭୁଲ୍ ବୋଲି କାହିଁକି କହୁଛନ୍ତି ମୋ ସହିତ ଗୈନକାଲଜିଷ୍ଟ୍ ମଧ୍ୟ ଥିଲେ, ସେ ହିଁ ମୋତେ କହିଥିଲେ ଯେ ଛୁଆର **ଫିଟଲ୍‌ହାର୍ଟ** ସମସ୍ୟା ଥିଲା ସେଥିଲାଗି ଗର୍ଭରେ ହିଁ ମରିଯାଇଛି । ଏବେ ଆପଣମାନେ ମୋ ଉପରେ ରାଗିବା ବନ୍ଦକରି ଶିଶୁର ନାଭି କାଟି ଓ. ଓାଇ.ସି ହସ୍ପିଟାଲ୍‌କୁ ତୁରନ୍ତ ନେଇଯାଆନ୍ତୁ । ଏହାପରେ ସେମାନେ ତାହାହିଁ କଲେ ଏବଂ ଶେଷରେ ଶିଶୁକୁ ସୁସ୍ଥ ସଜୀବ ପାଇ ଖୁସି ହୋଇଥିଲେ ।

ବାପାର ହାତରେ ପ୍ରାଣ ପାଇଥିବା ଶିଶୁ ଯଦି ଆଉ କିଛି ସମୟ ବିଳମ୍ବରେ ଆଖି ଖୋଲିଥାନ୍ତା ତେବେ ତା ଠାରେ ପ୍ରାଣ ଆସିବା ବେଳକୁ ଗାତରେ ପୋତା ସରିଥାନ୍ତା । ଏହି ଘଟଣାଟି ତିନିଦିନ ପରେ E-TV ବୃନ୍ଦଙ୍କୁ ମିଳିଲା । ସାମ୍ବାଦିକ ରହମାନ୍ ବିଜୟା ନର୍ସିଂଗ୍‌ହୋମ୍ ଯାଇ ପଚରାଉଚରା କରିବାରେ ସେମାନେ ସେମାନଙ୍କର ଅଜଣା ତ୍ରୁଟିକୁ ନ ମାନି, ଆମର ସବୁ ପ୍ରକାରର ପରୀକ୍ଷାରେ କୌଣସି ଭୁଲ୍ ହୋଇ ନାହିଁ, ଯାହା ଘଟିଛି ତାହା ବିଚିତ୍ର ଘଟଣା କହିବାରୁ ନ୍ୟୁଜ୍ ଚ୍ୟାନେଲ୍ ତାହାକୁ ଅଗଷ୍ଟ ୨୯ତାରିଖରେ ବିଚିତ୍ର ବିଷୟ ଭାବରେ ପ୍ରସାର କରିଥିଲା ।

## ୪) ବାରଘଣ୍ଟା ପରେ ଶ୍ମଶାନରେ ବଞ୍ଚିଥିବା ଶିଶୁ

ମାତା-ସୁମତି, ହସ୍ପିଟାଲ୍-ଗାୟତ୍ରୀ କ୍ଲିନିକ୍ (କଲ୍ୱକୁର୍ତ୍ତି)
ତାରିଖ୧୫/୧୦/୨୦୦୪
(ଡାକ୍ତର - ମୁଵା ରାମମୋହନ ରାଓ, ଆନ୍ଧ୍ରଭୂମି ନ୍ୟୁଜ୍, କଲ୍ୱକୁର୍ତ୍ତି )

କେତେ ଗବେଷଣା କରି ଭୌତିକ ବିଷୟ ଗୁଡିକୁ ଜାଣିଛୁ, ଆମକୁ କିଛି ଅଜଣା ନାହିଁ ଭାବୁଥିବା ଶାସ୍ତ୍ରଜ୍ଞମାନଙ୍କୁ ଆହୁରି ଅନେକ ଅଜଣା ବିଷୟ ଜାଣିବାକୁ ବାକି ରହିଛି । ସେଥିରୁ ଗୋଟିଏକୁ ମଧ୍ୟ ସଠିକ୍ ଗବେଷଣା ନକରି ଆମେ ବଡ ଡାକ୍ତର, ବଡ ବୈଜ୍ଞାନିକ ବୋଲି ମୁହଁରେ ରଙ୍ଗ ବୋଳିହୋଇ ସମାଜ ଦ୍ରୋହରେ ଲାଗିପଡିଛନ୍ତି । ଏପରି ଅନେକ ଦ୍ରୋହ ଘଟଣା ସାକ୍ଷୀ ହୋଇ

ରହିଛି । ଗୋଟିଏ ଛେଳି ଦୁଇଟି ଛୁଆ ଜନ୍ମ ଦେଇଥିବା ବେଳେ ମରିଯାଇଛନ୍ତି କହି କଡକୁ ଫିଙ୍ଗିଦେବାର ୩ଘଣ୍ଟା ପରେ ଯଦି ଉଠି ଚାଲିଯାଆନ୍ତି ତେବେ ଇଏତ ପଶୁର କଥା ବୋଲି ସେଥିପ୍ରତି ବିଶେଷ ଧ୍ୟାନ ଦେଉ ନାହେଁ, ଯଦି ମଣିଷର ଏ ଘଟଣା ଘଟେ ସେତେବେଳେ କେତେ ହଙ୍ଗାମା ହୋଇଯାଏ । ଆମ ଗବେଷଣା ମାନବ ସମାଜର କଲ୍ୟାଣ ଦିଗରେ ନହୋଇ ଅନ୍ୟ ଦିଗର ହେବା ଉଚିତ୍ ନୁହେଁ । ମାନବର ଉନ୍ନତି ଦିଗରେ ଉପଯୋଗ ହେଉଥିବା ବିଜ୍ଞାନ ଜୀବନର ପ୍ରଥମାଙ୍କ କୁହାଯାଉଥିବା ଶୈଶବରେ ମାନବକୁ ହତ୍ୟା କରିଦେବା କେଡେ ନିନ୍ଦନୀୟ ବିଷୟ ! ଏଭଳି ଘଟଣାମାନ ଖାଲି ଆନ୍ଧ୍ର ପ୍ରଦେଶରେ ଘଟୁଥିବାର ଶହଶହ ଉଦାହରଣ ରହିଛି ! ଅନ୍ୟ ରାଜ୍ୟମାନଙ୍କର କଥା କଣ ଆଲୋଚନା କରିବା ? ଏବେ ଏକ ଘଟଣା ମହବୁବ୍ ନଗର ଜିଲ୍ଲା, କଲ୍ୱକୁର୍ତ୍ତି ପ୍ରାଇଭେଟ୍ ଗାୟତ୍ରୀ ନର୍ସିଂହୋମ୍‌ର ବିବରଣୀକୁ ଦେଖିବା ।

ଜଡ୍‌ଚଲ୍ ବ୍ଲକ୍‌ର ନଜୁରୁଲ୍ଲାବାଦ୍ ନାମକ ଗ୍ରାମର ସୁମତି ୨୦୦୪ ଅକ୍ଟୋବର ୫ ତାରିଖ, ମଙ୍ଗଳବାର ଦିନ ଗର୍ଭ ଯନ୍ତ୍ରଣାରେ କଲ୍ୱକୁର୍ତ୍ତି ପ୍ରାଇଭେଟ୍ ମେଡିକାଲ୍‌ରେ ଆଡ୍‌ମିଟ୍ ହେଲେ । ସଂଧ୍ୟା ୫ଟା ବେଳକୁ ସୁମତିଙ୍କୁ ସିଜେରିଆନ୍ ଅପରେସନ୍ କରି କନ୍ୟା ଶିଶୁଟିଏ ବାହାରକୁ ଆଣିଥିବା ଡକ୍ଟର, ଶିଶୁକୁ କିଛି ସମୟ ଗଭୀର ପରୀକ୍ଷା କରି ଶିଶୁ ମରିଯାଇଛି ବୋଲି ଧ୍ରୁବୀକରଣ କଲେ । ମରିଯାଇଥିବା ଶିଶୁକଥା ଶୁଣି ସୁମତିଙ୍କ ଆତ୍ମୀୟମାନେ ଦୁଃଖର ସହିତ ଶିଶୁକନ୍ୟାର ଶବକୁ ନେଇ ଘରକୁ ଫେରିଲେ, ସେମାନେ ଘରକୁ ଫେରିବା ବିଳମ୍ବ ହୋଇଯାଇଥିଲା ତେଣୁ ବୁଧବାର ଦିନ ସକାଳ ହେଉହେଉ ପୋତିବା ପାଇଁ ଶ୍ମଶାନକୁ ନେଲେ, ହେଲେ ଗାତରେ ପୋତିବା ବେଳେ ଆଶ୍ଚର୍ଯ୍ୟ ଜନକ ଭାବେ ଶିଶୁ ଦେହରେ ମାଟି ପଡୁପଡୁ ଶିଶୁ କାନ୍ଦି ଉଠିଲା । ଏ ଘଟଣାରେ ଶିଶୁର ବାପା ଏବଂ ଅନ୍ୟମାନେ ଅତ୍ୟନ୍ତ ଖୁସିରେ ତାକୁ ଘରକୁ ନେଇଆସିଲେ । ସବୁ ଦୃଷ୍ଟିରୁ ଶିଶୁ ସୁସ୍ଥ ଥିଲା, ହେଲେ ଏତେ ପରୀକ୍ଷା ନିରୀକ୍ଷା କରି ଡକ୍ଟର କିପରି କହିଲେ ଯେ, ଶିଶୁ ମରିଯାଇଥିଲା ? ଏହି ଘଟଣାରେ ଖାଲି ସୁମତିଙ୍କ କୁଟୁମ୍ବ କାହିଁକି ସେ ଗାଆଁର ଅନ୍ୟ ଲୋକମାନେ ମଧ୍ୟ ଏତେ କ୍ଷୁବ୍ଧ ହୋଇଯାଇଥିଲେ ଯେ, ସେହି ହସ୍ପିଟାଲ୍‌ରେ ଆକ୍ରମଣାତ୍ମକ

ତାଲା ଝୁଲାଇବା ପାଇଁ ଉଦ୍ୟମ କରିଥିଲେ । ସେତେବେଳକୁ ଶିଶୁ ମରିଯାଇଛି ବୋଲି ଧ୍ରୁବୀକରଣ କରିଥିବା ଡକ୍ଟର କେଉଁଆଡେ ପଳାଇ ଯାଇଥିଲେ । ଏହା ଏକ ସତ୍ୟ ଘଟଣା ଏବଂ ଏହି ଘଟଣାରେ ଡକ୍ଟରମାନଙ୍କୁ ଜଣା ନଥିବା ବିଷୟ କିଛି ରହିଛି ବୋଲି ସ୍ପଷ୍ଟ ହେଉଛି । ଶିଶୁ ଗର୍ଭରୁ ବାହାରକୁ ଆସିବା ପରେ ତାଠାରେ ପ୍ରାଣ ପ୍ରବେଶ କରେ,ଏହା କାହାକୁ ଜଣାନଥିବା ସତ୍ୟ । ଏହା ନଜାଣିବା ଦ୍ୱାରା ଦୁଇଦିନ ପରେ ଶିଶୁ ବଞ୍ଚିବା କଥା କିଛି ବୁଝି ନପାରି ସେହି ଡକ୍ଟର ଆମର କିଛି ଭୁଲ୍ ରହିଯାଇଛି ବୋଲି ଭାବିଥିଲେ । ଶିଶୁଠାରେ ପ୍ରଥମେ ପ୍ରାଣ ନଥିବା କଥା ସତ୍ୟ କିନ୍ତୁ ଡକ୍ଟରମାନେ ଆମର ଭୁଲ୍ ରହିଯାଇଛି ଭାବିବା ସେମାନଙ୍କର ପାଠ ପଢାକୁ ଅବମାନ । ଏହି ଗୋଟିଏ ବିଷୟରେ ଡକ୍ଟରମାନଙ୍କୁ ଅନେକ ରହସ୍ୟ ଜଣା ନାହିଁ ବୋଲି ଜଣା ପଡୁଥିଲେ ମଧ୍ୟ, ଆମେ ଗତ ୩୫ (ରଚନା ହେବାବେଳ ପର୍ଯ୍ୟନ୍ତ) ବର୍ଷ ହେଲା କହି ଆସୁଥିବା କଥା ଶୁଣି ମଧ୍ୟ, କ'ଣ ଆମେ ଯାହା ଜାଣି ନାହୁଁ ତାହା ତମେ ଜାଣିଛ ? ବୋଲି ପ୍ରଶ୍ନ କରି ପାଗଳଙ୍କ ଭଳି କଥା କହୁଛନ୍ତି । ଏମାନଙ୍କୁ କଣ ବା କହିବା ?

ଡକ୍ଟର ଶିଶୁକୁ ମୃତ ଘୋଷିତ କରିଦେବା ପରେ ଯଦି ବିଳମ୍ବ ନକରି ଶିଶୁକୁ ପୋତି ଦିଆଯାଇଥାନ୍ତା ତେବେ ସେ ମରଣର ପରୋକ୍ଷ କାରକ ଆମେ କାହାକୁ କହିଥାନ୍ତେ ! ଏଠାରେ ସ୍ପଷ୍ଟ ହେଉଛି ଯେ ଡକ୍ଟର ହିଁ ପରୋକ୍ଷ ହତ୍ୟାକାରୀ । ମେଡିକାଲ୍ ବୋର୍ଡ ଏହି ବିଷୟରେ ଅଧକ୍ଷତା ଗ୍ରହଣକରି ସବୁ ସମସ୍ୟାର ସମାଧାନ କରିବା ଉଚିତ୍ ।

ନିଜ ଜନ୍ମ ବାବଦରେ ଜାଣିନଥିବା ଲୋକ, ନିଜ ଛୁଆ ବାବଦରେ ମଧ୍ୟ ଭୁଲ୍ କରି ବସୁଛି । ଅନେକ ମାଆବାପା ଶିଶୁ ଗର୍ଭରେ ହିଁ ମରିଯାଇଛି ବୋଲି ଅନ୍ଧ ଭାବରେ ବିଶ୍ୱାସ କରୁଛନ୍ତି । ଜନ୍ମ ପରେ ସ୍ପନ୍ଦନ ନଥିବା ଶିଶୁକୁ ମରିଯାଇଛି ବୋଲି ଡକ୍ଟରମାନେ କହିଦେବା, ସତ ଭାବି ଛୁଆକୁ ପୋତି ଦେଉଥିବା ଲୋକେ ସମାଜରେ ଥିବାବେଳେ,ଏତେ ପରିଶ୍ରମ ନକରି ନିର୍ଜନ ଜାଗାରେ, ଲଟା ଗହଳିରେ, ପଋନାଳୀରେ ଫିଙ୍ଗି ଦେଉଥିବା ଲୋକେ ମଧ୍ୟ ଅନେକ ଅଛନ୍ତି । ଏହିଭଳି ଘଟଣା କଣ ଆମେ ଆମ ଋରିକଡରେ ଘଟୁଥିବା ଦେଖୁନାହେଁ ? ଆଉଏକ ଉଦାହରଣ ଦେଖନ୍ତୁ ।

## ୫) ଅନାଥ ଶିଶୁକୁ ଆପଣାର କରିଥିବା ଦମ୍ପତି

## ଧର୍ମବରମ୍, ସେପ୍ଟେମ୍ବର୍ ୧୨,୨୦୦୪ (ଅନ୍‌ଲାଇନ୍ ଆନ୍ଧ୍ରଜ୍ୟୋତି)

ଛୁଆ ମରିଯାଇଛି ବୋଲି କେହି ଜଣେ ମାଆ ଜନ୍ମକରି ଫିଙ୍ଗି ଦେଇଥିବା କୋମଳ ଶିଶୁଟି ପାଇଥିବା ଦମ୍ପତିଙ୍କ ଅଙ୍ଗେଲିଭା କଥା ଏହା । ଅନନ୍ତପୁର ଜିଲ୍ଲାର ଧର୍ମବରମ୍ ସହରର ଗୁଡ୍ସସେଡ୍‌କୁ ଯାଇଥିବା ରୋଡ୍‌ର ରେଲଗେଟ୍ ପାଖରେ କାହାକୁ ଜଣା ନଥିବା ସ୍ଥିତିରେ ସଦ୍ୟଜାତ ଶିଶୁଟିକୁ କେହି ଫିଙ୍ଗି ଦେଇଥିଲା । ବିଷୟଟିକୁ ଜାଣି ପୋଲିସ୍ ସେଠାରେ ପହଞ୍ଚି, ଶିଶୁ ବଞ୍ଚିଥିବା ଜାଣି ତାକୁ ସରକାରୀ ହସ୍ପିଟାଲ୍‌କୁ ପଠାଇ ଦେଇଥିଲେ । କେହି ଜଣେ ଶିଶୁକୁ ଦେଖି, ପୋଲିସ୍‌କୁ ଜଣାଇବା ପର୍ଯ୍ୟନ୍ତ ସେଠାରେ ଅନେକ ଲୋକ ରୁଣ୍ଡ ହୋଇଯାଇଥିଲେ । ସମସ୍ତେ କାନ୍ଦୁଥିବା ଶିଶୁକୁ ଦେଖୁଥିଲେ ମଧ୍ୟ କେହି ଆହା କରୁନଥିବା ପରିସ୍ଥିତିରେ ସି. ଆଇ. ଭେଙ୍କଟେଶ୍, ଏସ. ଆଇ. ଶ୍ରୀନିବାସ, ଏ. ଏସ୍. ଆଇ. ଭିମପ୍ପା କଣ୍ଟାବଣ ଭିତରୁ ଛୁଆଟିକୁ ବାହାରକୁ ଆଣିଲେ । ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା କରିବା ପରେ ଜଣାପଡିଲା ଶିଶୁର ବୟସ ମାତ୍ର କେଇଘଣ୍ଟା ହୋଇଛି । ସେହି ଶିଶୁକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିବାପାଇଁ ଅନେକ ଦମ୍ପତି ଆଗେଇ ଆସିଥିଲେ ମଧ୍ୟ, ସମସ୍ତ ବିଷୟ ଜାଣି ଶିଶୁଟିକୁ ପୋଷିବାକୁ ଆର୍ଥିକ କ୍ଷମତା ଥାଇ ସନ୍ତାନ ସନ୍ତତି ନଥିବା ଦମ୍ପତିଙ୍କୁ ଦିଆଯାଇଥିଲା, ସେହି ଭାଗ୍ୟଶାଳୀ ଥିଲେ ଗୁନ୍ତକଲର ବି. ଦେବ ଦାସ୍ ଆଉ ସରୋଜା ।

ଶିଶୁଟି କୌଣସି କୁକାର୍ଯ୍ୟ ସମ୍ବନ୍ଧ ଦ୍ୱାରା ଜନ୍ମ ହୋଇଥିବା ଶିଶୁ ହୋଇ ନପାରେ । ଏହି ନବୀନ କାଳରେ ଆବର୍ସନର ବ୍ୟବସ୍ଥା, ନାନା ପ୍ରକାରର ବୈଦ୍ୟବିଧାନ ଏହି ପାପକୁ ଘୋଡାଇଦେଇ ପାରିଥାନ୍ତା । ତେଣୁ ଏହି ଘଟଣାଟି ନିଶ୍ଚୟ ଛୁଆ ମରିଯାଇଛି ଭାବି କେହି ଫିଙ୍ଗିଦେଇ ପାରିଥାନ୍ତି ବୋଲି ଅନୁମାନ କରାଯାଇ ଥିଲା । ଯଦି କେହି ଜଣେ ଶିଶୁର କାନ୍ଦିବା ଶୁଣି ପୋଲିସ୍‌କୁ ଖବର କରି ନଥାନ୍ତେ ତେବେ ଖୁବ୍ କମ୍ ସମୟ ଭିତରେ ଶିଶୁଟି କୁକୁର ମାନଙ୍କ ଆହାର ହୋଇଯାଇଥାନ୍ତା ।

ସମାଜରେ ଏହିଭଳି ଅନେକ ଶିଶୁହତ୍ୟା ପରୋକ୍ଷ ଭାବରେ ଘଟୁଛି । ଆମେ ଗତ ୩୫ ବର୍ଷ ହେଲା କହିଚାଲିଛୁ, ତାହା ଅବହେଳିତ କର୍ଣ୍ଣରେ ଶୁଣିବା ଛଡା କେହି ସତ୍ୟକୁ ଗ୍ରହଣ କରିବାକୁ ରାଜି ନୁହନ୍ତି । ପ୍ରାରମ୍ଭରୁ ଅନ୍ତ ହୋଇଯାଉଥିବା ଶିଶୁମାନଙ୍କୁ ରକ୍ଷାକରିବା ପାଇଁ, ପରୋକ୍ଷହତ୍ୟା ନିବାରଣ ପାଇଁ ନ୍ୟାୟଧୀଶ ମାନଙ୍କୁ ଆଗକୁ ଆସିବାକୁ ଅନୁରୋଧ କରୁଛୁ ।

**ଜନନ ସିଦ୍ଧାନ୍ତର ଆଉଏକ ଉଦାହରଣ ଆପଣମାନେ ଦେଖିପାରିବେ ।**

## ୬) ମାଆ ମୁଁ ବଞ୍ଚିଛି !

ଜୀବିତ ଥିବା ଶିଶୁ ମରିଯାଇଛି କହି କପଡାରେ ଗୁଡାଇଥିବା ଡକ୍ଟର
ସେପ୍ଟେମ୍ବର ୨୧/୨୦୦୫(ଇନାଡୁ ନ୍ୟୁଜ୍ ଟୁଡେ, ସୁଲ୍‌ତାନ୍ ବଜାର)
କୋଠି, ହାଇଦ୍ରାବାଦ୍

ସାଙ୍ଗେ ସାଙ୍ଗେ ଆଖି ଖୋଲିଥିବା ଶିଶୁ, ମାଆ ଶରୀରର ଛାଇ କଣ ଜାଣି ନାହିଁ, ମାଆ କ୍ଷୀରର ସ୍ୱାଦ ଚାଖି ନାହିଁ, ସୁନ୍ଦର ଦୁନିଆ ଦେଖିବାକୁ ବାକି ଅଛି, ହେଲେ ନିର୍ଦ୍ଦୟ ବୈଦ୍ୟ ତୁ ମରିଯାଇଛୁ ବୋଲି କହିଦେଲେ, କପଡାରେ ଗୁଡାଇ କଣକୁ ଫିଙ୍ଗି ଦେଲେ । ଶିଶୁ ଜନ୍ମ ହୋଇସାରିଛି ଜାଣି ସେ ମାଆର ସବୁ ଦୁଃଖ କଷ୍ଟ ଉଭାନ ହୋଇଯାଇଥିଲା । ପାଖରେ ଥିବା ପରିଚିତମାନେ ବାହାରକୁ ଯାଇଥିବା ବେଳେ, ମାଆର କିଛି ଅସୁବିଧା ହବ କି କ'ଣ ମଧ୍ୟ ନ ଭାବି ଶିଶୁକୁ ମୃତମୁଦ୍ରା ଲଗାଇ ମାଆ ପାଖରେ ଶୁଆଇ ଦେଇଥିଲେ । ଅମାନବିକତାଠାରୁ ବଳି ଯଦି କିଛି ମନ୍ଦଶବ୍ଦ ଥାଏ ତେବେ ତାହା ସୁଲ୍‌ତାନ୍ ବଜାର ପ୍ରସୂତି ହସ୍ପିଟାଲ୍‌ର ଡାକ୍ତରମାନଙ୍କ ପାଇଁ ବ୍ୟବହାର କରାଯିବା ଉଚିତ୍ । ଜିଡିମେଟ୍ଲ ସମୀପରେ ସୁରାରଂ ଗ୍ରାମର ସୁରେଶ ଯାଦବ, ସ୍ତ୍ରୀ ରେବତୀ, ଏମାନଙ୍କର ଗୋଟିଏ ଝିଅ, ପୂର୍ବରୁ ରେବତୀଙ୍କର ଦୁଇଥର ଆବର୍ସନ ହୋଇଥିଲା, ସେ ପୁନର୍ବାର ଗର୍ଭଧାରଣ କରିବାରୁ ତାଙ୍କ ଆପଣାର ଲୋକମାନେ ସୁଲ୍‌ତାନ୍ ବଜାରର ସରକାରୀ ପ୍ରସୂତି ବୈଦ୍ୟଶାଳାରେ କିଛିଦିନ ଚିକିତ୍ସା କରାଇଲେ । ସାତମାସ ଗର୍ଭିଣୀ ରେବତୀଙ୍କର ହାଇ ବି.ପି. ଥିବାରୁ, ପ୍ରସବ ସମୟରେ ଅଧିକ କଷ୍ଟ

ସହିତ ଜନ୍ମିତ ଶିଶୁ ଦୁର୍ବଳ ହୋଇ ଜନ୍ମ ହେବା କିମ୍ବା ମରିଯିବା ସମ୍ଭାବନା ରହିଛି ବୋଲି ହସ୍ପିଟାଲ୍ ସୁପରିଟେଣ୍ଡେଣ୍ଟ୍ କହି ତାଙ୍କ ପରିବାରର ଲୋକମାନଙ୍କୁ ସୂଚାଇ ଦେଇଥିଲେ । ରେବତୀ ଏମାସର ୮ ତାରିଖରେ ଆଡ୍‌ମିଟ୍ ହେଲେ, ତାଙ୍କୁ ସୋମବାର ସଂଧ୍ୟାରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାପାଇଁ ଇଞ୍ଜେକ୍ସ କରାଯାଇଥିଲା । ରାତି ଗୋଟାଏ ବେଳକୁ ରେବତୀଙ୍କର ଯନ୍ତ୍ରଣା ଆରମ୍ଭ ହେଲା । ଡିଯୁଟିରେ ଥିବା ମେଡିକାଲ୍ ଅଫିସର ସଂଧ୍ୟାଦିକ୍ଷୀତ୍ ଖବର ପାଇବା ପରେ ରାତି ୩:୪୫ରେ ରେବତୀଙ୍କର ନର୍ମାଲ୍ ଡେଲିଭରି ହୋଇ ପୁଅଟିଏ ଜନ୍ମ ହେଲା । ସେ ସମୟରେ ରେବତୀଙ୍କ ମାଆ ପାଖରେ ଥିବାବେଳେ, ସ୍ୱାମୀ ଔଷଧ ପାଇଁ ବାହାରକୁ ଯାଇଥିଲେ । ରେବତୀ ସେତେବେଳଯାଏ ଡେଲିଭରି ରୁମ୍‌ରେ ଥିଲେ । ଜଣେ ନର୍ସ ଆସି ରେବତୀଙ୍କ ମାଆକୁ କହିଲେ ମଲାପିଲା ଜନ୍ମହୋଇଛି, ଖଣ୍ଡେ କପଡା ଥିଲେ ଦିଅ । ଆଗରୁ ସୂଚନା ପାଇଥିବା ରେବତୀଙ୍କ ମାଆ ମନଦୁଃଖରେ କପଡା ଖଣ୍ଡେ ଦେଇଥିଲେ, ସେମାନେ ଶିଶୁକୁ କପଡାରେ ଗୁଡାଇ ଏକ ଜରିମୁଣାରେ ରଖିଦେଲେ । ଟଙ୍କା ଦେଲେ ଆମର ଜଣେ ଚିହ୍ନାଲୋକ ମଲାଛୁଆକୁ ନେଇ ପୋତିଦେବ କହି ପରାମର୍ଶ ମଧ୍ୟ ଦେଇଥିଲେ । ହେଲେ ରେବତୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ, ତାଙ୍କ ଶାଶୁ ଶଶୁର ହସ୍ପିଟାଲ୍‌କୁ ଆସିବା ପର୍ଯ୍ୟନ୍ତ ଏଇଠି ରଖିଥାନ୍ତୁ ବୋଲି ରେବତୀଙ୍କ ମାଆ କହିବାରୁ ଜରିମୁଣାଟିକୁ ଆଉ ଟିକିଏ ଦୂରରେ ରଖିଦେଇ ଚାଲିଗଲେ । ଦିନ ୩:୩୦ ବେଳକୁ ରେବତୀଙ୍କ ଶଶୁର ଶିବେୟା ଏବଂ ଆଉ କେତେଜଣ ବନ୍ଧୁବାନ୍ଧବ ଆସି ମୃତଶିଶୁ କେଉଁଠାରେ ଅଛି ବୋଲି ପଚାରିଥିଲେ । ରେବତୀଙ୍କ ମାଆଙ୍କଠାରୁ ଜରିମୁଣାର ସନ୍ଧାନ ପାଇ ମୋ ନାତୀଟି କାହା ମୁହଁ ନେଇ ଆସିଥିଲା ଟିକେ ଦେଖିବି କହି ଜରିମୁଣାକୁ ଖୋଲି ଦେଖନ୍ତେ ସେଥିରେ ଥିବା ତାଙ୍କ ନାତୀ ହାତଗୋଡ ଛାଟୁଛି । ସାଙ୍ଗେ ସାଙ୍ଗେ ନାତୀର ନାକଠାରେ ହାତଦେଇ ନିଶ୍ୱାସ ପ୍ରଶ୍ୱାସ ପରୀକ୍ଷା କଲେ । ସବୁଠିକ୍ ଥିଲା । ସେଠିକାର ସମସ୍ତେ ଏଇ ଘଟଣାରେ ଆଶ୍ଚର୍ଯ୍ୟ ହେଉଥିବା ବେଳେ, ଡିୟୁଟିରେ ଥିବା ଡକ୍ଟର ରାଜେଶ୍ୱରୀ ଆପଣମାନେ ବିଳମ୍ବ ନକରି ନିଲୋଫର୍ ହସ୍ପିଟାଲ୍‌କୁ ନେଇଯାଆନ୍ତୁ ବୋଲି କହିଥିଲେ । ବଞ୍ଚିଥିବା ଶିଶୁ ମୃତଭାବରେ ଜନ୍ମହୋଇଛି କହି ନିଜର ନିର୍ଲକ୍ଷତାକୁ ଦର୍ଶାଉଥିବା ଡକ୍ଟରମାନେ, ୧୨ ଘଂଟା ପରେ ଶିଶୁ

ବଞ୍ଚିଛି ବୋଲି ଜାଣି ସାରିଥିଲେ; ତଥାପି ଶିଶୁ ପ୍ରତି ଅନାଦର ହୋଇଥିଲେ । ତାର କାରଣ କଣ ହୋଇପାରେ ? ଆଶ୍ଚର୍ଯ୍ୟ, ଭୟାଦି ସେମାନଙ୍କଠାରେ ପରି-ଲକ୍ଷିତ ହେଉଥିଲେ ମଧ୍ୟ, ସେମାନେ ଯେମିତି ଭାବୁଥିଲେ କି ଆମର ଏଥିରେ କୌଣସି ଭୁଲ୍ ନାହିଁ । ଏବେ ଶିଶୁଟି ନିଲୋଫର୍ ହସ୍ପିଟାଲ୍‌ରେ ଚିକିତ୍ସାଧିନ । ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏଇ ଘଟଣାଟି ପୁଣିଥରେ ପ୍ରସୂତି ହସ୍ପିଟାଲଗୁଡିକର ପ୍ରକୃତ ରୂପକୁ ପଦାରେ ପକାଇ ଦେଇଥିଲା ।

**ଏମିତି ହଜାରେ ଦୃଷ୍ଟାନ୍ତ ଆପଣମାନେ ଆପଣଙ୍କ ପାଖାପାଖି ପ୍ରସୂତି ବିଭାଗ ଗୁଡିକରେ ଦେଖି ପାରିବେ ।**

**ଏହି ବିଷୟରେ ମୁଁ ଆପଣମାନଙ୍କୁ କେତୋଟି ପ୍ରଶ୍ନ କରୁଛି । ଆପଣ-ମାନେ ଏହାର ଉତ୍ତର କହିପାରିବେ ? ଚେଷ୍ଟାକରି ଦେଖନ୍ତୁ ।**

୧/- ପୂର୍ବଜନ୍ମ ମନେପଡି ପୂର୍ବ ଜନ୍ମକଥା କହିପାରୁଥିବା ଅନେକଙ୍କୁ ଆମେ ଭୂପୃଷ୍ଠରେ ଦେଖିପାରିବା, ହେଲେ ଗର୍ଭସ୍ଥ ସ୍ଥିତିକୁ କିଏ କହିବା ଲୋକ ଅଛନ୍ତି ? କ'ଣ ଆପଣଙ୍କର ମନେଅଛି ?

୨/- ଜ୍ୟୋତିଷଶାସ୍ତ୍ର ଅନୁସାରେ ଶିଶୁ ଜନ୍ମହେବା ପରେ ହିସାବ କରି ଦଶା ବିଶେଷ କହୁଛନ୍ତି, ସେଗୁଡିକ ବାବଦରେ ଶିଶୁ ଗର୍ଭରେ ଥିବାବେଳେ କାହିଁକି ହିସାବ କରୁନାହାନ୍ତି ? ଦଶା ଭୁକ୍ତିକୁ ଗତଜନ୍ମ ଭୁକ୍ତି ବୋଲି କାହିଁକି ଲେଖୁଛନ୍ତି ? (କେତେକ ଗର୍ଭ ଭୁକ୍ତି କହନ୍ତି, ଗର୍ଭରେ ଶିଶୁ ବର୍ଷ ବର୍ଷ ଧରି ରହୁନଥିବା ବେଳେ ଗର୍ଭ ଭୁକ୍ତି ନୁହେଁ, ଗତଜନ୍ମ ଭୁକ୍ତି କହିବା ଉଚିତ୍ ।

୩/- କେତେକ ସନ୍ଦର୍ଭରେ ଜନ୍ମିତ ଶିଶୁଠାରେ କେଇମିନିଟ୍ ବା କେଇଘଣ୍ଟା ପର୍ଯ୍ୟନ୍ତ ଶ୍ୱାସ, ରକ୍ତ ସଞ୍ଚାଳନ, ହଲ୍‌ଚଲ୍ ହେବା, ଚୈତନ୍ୟ ନଆସିବା ଇତ୍ୟାଦି ଘଟଣା କାହିଁକି ଘଟିଥାଏ ?

୪/- ଗାଉଁଲି ଧାଇମାନେ କହନ୍ତି ଯେ, ଗର୍ଭଫୁଲରେ ପ୍ରାଣ ଅଛି, ତାହା ଶିଶୁ ଶରୀରକୁ ଆସିଥାଏ, ତେବେ ଶିଶୁ ଗର୍ଭରେ ଥିବାବେଳେ ସେ ପ୍ରାଣ କେଉଁଠି ଥିଲା ? ଶିଶୁଠାରେ କି ଗର୍ଭଫୁଲରେ ?

୫/- କେତେକ ବଡବଡ ହସ୍ପିଟାଲ୍‌ରେ ଶିଶୁ ମରିଯାଇଛି ବୋଲି ଡକ୍ଟରମାନେ ନିର୍ଦ୍ଧାରଣ କରିବା ପରେ ମଧ୍ୟ ଶିଶୁ ବଞ୍ଚିଥିବା ପ୍ରମାଣ ଅଛି, କିପରି ସମ୍ଭବ ?

୬/- ଗର୍ଭସ୍ଥ ଶିଶୁଠାରେ ପ୍ରାଣ ନଥିଲେ ତାହା ବଢିବ ନାହିଁ, ସେ ଗର୍ଭରେ ମରିଗଲେ ମାଆକୁ ବିପଦ ବୋଲି କହନ୍ତି, ତେବେ ଗର୍ଭ ଧାରଣ କରିବା ପରଠାରୁ ଶିଶୁଶରୀର ମାଆ ଗର୍ଭରେ କିପରି ରହିଥିଲା ? ଯଦି ପୂର୍ବରୁ ପ୍ରାଣ ନଥିଲା ତେବେ ଶିଶୁ ଗର୍ଭରେ କିପରି ବଢିଲା ? ସେତେବେଳେ ମାଆକୁ କାହିଁକି କିଛି ବିପଦ ପଡିଲା ନାହିଁ ?

୭/- ଯୋଗଶାସ୍ତ୍ର ଭଗବଦ୍ଗୀତାରେ ଜୀବ ଏକ ଶରୀର ଲାଭ କଲା ପରେ ତାର ବାଲ୍ୟ, କିଶୋର, ଯୌବନ, ବୃଦ୍ଧା ଏବଂ ମରଣ ଅବସ୍ଥା ବିଷୟ ଭଗବାନ କହିଛନ୍ତି ବୋଲି ସମସ୍ତେ ଜାଣନ୍ତି, ହେଲେ ସେଥିରେ ଭଗବାନ୍ ଗର୍ଭାବସ୍ଥା କଥା କାହିଁକି କହି ନାହାନ୍ତି ?

୮/- ଗୀତାରେ ଜୀବ ପୁରୁଣାଶରୀର ଛାଡି ନୂଆଶରୀର ଧାରଣ କରେ ବୋଲି କହିଛନ୍ତି ହେଲେ ଏଇ ନୂଆ ଶରୀର କହିଲେ ସମ୍ପୂର୍ଣ୍ଣ ଶରୀର ! କି ଛଅମାସର ଅଧାଗଢା ଶରୀର ?

୯/- ଭଗ (ଯୋନି)ରୁ ସଜୀବ ଭାବରେ ଜଣେ ଜନ୍ମହେଲେ ସେ ଭଗବାନ ହୁଏ, କଣ ଆମେ ସମସ୍ତେ ଭଗବାନ ?

ଏଠାରେ ଆମେ କହିବାକୁ ଥିବା ଛୋଟ କଥାଟିଏ ହେଉଛି ! ଆମ ପଞ୍ଚଭୂତର ଶରୀରରେ ବାୟୁ ନାମକ ଭୂତ ଅନ୍ୟତମ । ବାୟୁକୁ ପ୍ରାଣ ମଧ୍ୟ କୁହାଯାଏ, ତେଣୁ ପଞ୍ଚବାୟୁକୁ ପଞ୍ଚପ୍ରାଣ ମଧ୍ୟ କହନ୍ତି । ସାଧାରଣ ଭାବେ ଆମ ନାକରେ ପବନ (ପ୍ରାଣ) ଯିବା ଆସିବା କରୁଥିଲେ ପ୍ରାଣ ଅଛି କହି, ନକଲେ ନାହିଁ ବୋଲି କହୁଛେ । ଶରୀରରେ ପ୍ରାଣ ଥିବାବେଳେ ଜୀବ ମଧ୍ୟ ଥାଏ । ତେଣୁ ନାସାରନ୍ଧ୍ରରେ ପ୍ରାଣ (ପବନ) ନଥିବା ପର୍ଯ୍ୟନ୍ତ ଶିଶୁଠାରେ ଜୀବନ ନାହିଁ ବୋଲି ଜାଣିବା ଉଚିତ୍ ନା ! । ମାଆ ଗର୍ଭର ଦ୍ରବପଦାର୍ଥ ଭିତରେ ଶିଶୁ ବୁଡି ରହିଥାଏ, ତେଣୁ ସେଠାରେ ଶ୍ୱାସ ଚଳିବା ସୁଯୋଗ ନାହିଁ, ଜୀବନ ହିଁ ନାହିଁ । ଆପଣ

ନିଜେ ଉପରୋକ୍ତ ପ୍ରଶ୍ନଗୁଡିକର ଉତ୍ତର ଖୋଜନ୍ତୁ । ସତ୍ୟାସତ୍ୟ ଆପଣଙ୍କୁ ନିଶ୍ଚୟ ବୁଝା ପଡିଯିବ ।

**୧) ଶ୍ଲୋକ,୨୩ : ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥**
**(ଜୀବାତ୍ମା)**

**ଭାବାର୍ଥ :** ଜୀବାତ୍ମା ଖଡ୍ଗରେ ଛିଣ୍ଡେନାହିଁ, ଅଗ୍ନିରେ ପୋଡେନାହିଁ, ଜଳରେ ବୁଡେନାହିଁ, ସେହିଭଳି ପବନ ମଧ୍ୟ ତାର କିଛି କରିପାରେ ନାହିଁ ।

**ବିବରଣୀ :** ତିନିଗୋଟି ଆତ୍ମା ଭିତରୁ ପ୍ରଥମ ଆତ୍ମା ହୋଇଥିବା ଜୀବାତ୍ମା ବାବଦରେ କୁହାଯାଇଥିବା ଏହି ଶ୍ଲୋକରେ ନିଆଁରେ, ପବନରେ, ପାଣିରେ ସେହିଭଳି ଖଡ୍ଗରେ ମଧ୍ୟ ଜୀବାତ୍ମାର କିଛି କ୍ଷତି ହୋଇ ନଥାଏ ବୋଲି କୁହାଯାଇଛି । ଜୀବାତ୍ମା ଶରୀର ଭିତରେ କେଉଁଠି ଏକ ଅଜଣା କ୍ଷୁଦ୍ର ସ୍ଥାନରେ ରହିଛି । ସେଥିଲାଗି ବାହାରର ପ୍ରକୃତିଭାଗ ହୋଇଥିବା ଅଗ୍ନି, ଜଳ, ଭୂମି, ବାୟୁ ଇତ୍ୟାଦି ଜୀବାତ୍ମାର କୌଣସି କ୍ଷତି କରିପାରି ନଥାନ୍ତି । କୌଣସି ଆୟୁଧ ଦ୍ୱାରା ମଧ୍ୟ ଜୀବାତ୍ମାର କୌଣସି କ୍ଷତି କରାଯାଇ ପାରେ ନାହିଁ । କୌଣସି ଆୟୁଧ ହେଉ, ଅଗ୍ନି, ଜଳ, ବାୟୁ, ଭୂମି ଇତ୍ୟାଦି ହୁଅନ୍ତୁ କେବଳ ବାହ୍ୟ ଶରୀରକୁ ଛୁଇଁ ପାରିଥାନ୍ତି । ବାହାରର ଶରୀରକୁ ଅଗ୍ନି ଜଳାଇଦେଇ ପାରେ, ଖଡ୍ଗ କାଟିଦେଇ ପାରେ, କିନ୍ତୁ ଜୀବାତ୍ମାକୁ ଛୁଇଁପାରି ନଥାଏ । ଶତ୍ରୁଦୁର୍ଭେଦ୍ୟ ରାଜପ୍ରାସାରେ ରାଜା ରହିବା ଭଳି ଶରୀରରେ ଜୀବ ରହିଥାଏ। ଅନେକ ଶତ୍ରୁସୈନ୍ୟ ଆସିଲେ ମଧ୍ୟ ରାଜପ୍ରାସାଦ ବାହାରେ ଥିବା ସୈନିକମାନଙ୍କ ସହିତ ଯୁଦ୍ଧ କରିବେ ସିନା, ରାଜାଙ୍କର କିଛି କରି ପାରିବେ ନାହିଁ । ରାଜାଙ୍କର ସୈନିକମାନଙ୍କୁ ଶତ୍ରୁ ପକ୍ଷ ସୈନ୍ୟମାନେ ହରାଇ ରାଜାଙ୍କ ପାଖରେ ପହଞ୍ଚି ତାଙ୍କୁ ବନ୍ଦୀ କରିପାରିବା ସୁଯୋଗ ଥିଲେ ମଧ୍ୟ, ରାଜା ଖସି ପଳାଇଯିବାକୁ ରହସ୍ୟ ମାର୍ଗଟିଏ ରହିଥାଏ । ବିପଦ ଆସିବା ବେଳେ ସେହି ମାର୍ଗରେ ରାଜା ବାହାରକୁ ଯାଇପାରନ୍ତି । ତେଣୁ ଶତ୍ରୁମାନେ ତାଙ୍କୁ ଧରିପାରନ୍ତି ନାହିଁ । ରାଜାମାନେ ଏଭଳି ରାଜପ୍ରାସାଦରେ ରହସ୍ୟମାର୍ଗ ତିଆରିକରି ରଖିଥାନ୍ତି । ସେହିଭଳି ଜୀବ ମଧ୍ୟ ରାଜପ୍ରାସାଦର ରାଜା

ଭଳି ରହି ଶରୀରରୁ ବିପଦ କାଳରେ କିପରି ଚାଲିଯାଏ ତାହା କାହାକୁ ଜଣା ନଥାଏ । କାହାକୁ ଜଣା ନପଡି, କାହା ଆଖିକୁ ଦେଖା ନଯାଇ ଶରୀରର ଜୀବ ଶରୀରରୁ ବାହାରକୁ ଚାଲିଯାଇଥାଏ । ଏହି ଅନୁସାରେ ରାଜପ୍ରାସାଦର ରାଜାକୁ ଯେପରି କେହି ମାରି ପାରନ୍ତି ନାହିଁ, ସେହିପରି ଶରୀରର ଜୀବକୁ ମଧ୍ୟ କେହି ମାରିପାରନ୍ତି ନାହିଁ ବୋଲି ଜଣାଯାଉଛି । ଏହିଭଳି ବିଚାରକଲେ ବାହାରେ ଦେଖା ଯାଉଥିବା ଅଗ୍ନି, ଜଳ, ବାୟୁ ଇତ୍ୟାଦି ଜୀବକୁ ଛୁଇଁ ପାରନ୍ତି ନାହିଁ, ଯଦି ଛୁଇଁପାରନ୍ତି ତେବେ କେବଳ ଶରୀରକୁ ଛୁଇଁପାରନ୍ତି ବୋଲି ଜଣାଯାଉଛି । ପର ଶ୍ଳୋକରେ ଭଗବାନ କଣ କହିଛନ୍ତି ଟିକିଏ ଗବେଷଣା ପୂର୍ବକ ପାଠକଲେ ଉପର ତଳ ହୋଇ ରହିଥିବା ଏହି ଦୁଇଟି ଶ୍ଳୋକକୁ ଭଲ ଭାବରେ ବୁଝିପାରିବା ।

**୧) ଶ୍ଳୋକ,୨୪: ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମ୍ ଅକ୍ଳେଦ୍ୟୋଽଶୋଷ୍ୟ ଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁର୍ ଅଚଲୋଽୟଂ ସନାତନଃ ॥**
**(ପରମାତ୍ମା)**

**ଭାବାର୍ଥ :** ଯିଏ ନିତ୍ୟ ଭାବରେ ଥାଏ, ଯିଏ ସାରା ଜଗତରେ ବ୍ୟାପି ରହିଥାଏ, ଯିଏ ସ୍ଥିର, ସେହି ଅଚଳ ସନାତନ ପରମାତ୍ମା, ଛେଦିତ ହୁଏ ନାହିଁ, ଜଳେ ନାହିଁ, ଭିଜେ ନାହିଁ କି ଉଡିଯାଏ ନାହିଁ ।

**ବିବରଣୀ :** କେତେକ ଏହିଠାରେ ଚତୁରତାର ସହିତ ଏକ ପ୍ରଶ୍ନ ପଚାରି ପାରନ୍ତି, ଆଜ୍ଞା ! ଉପର ଶ୍ଳୋକରେ କୁହାଯାଇଥିବା ବିଷୟ ତ ! ତଳେ କୁହାଯାଇଛି ! ହେଲେ ଉପର ଶ୍ଳୋକଟିକୁ ଜୀବାତ୍ମାର କହି ଏହି ଶ୍ଳୋକକୁ ଏହା ପରମାତ୍ମା ବାବଦରେ କୁହାଯାଇଛି ବୋଲି କିପରି କହିଛନ୍ତି ? ଯଦି ଏହି ଶ୍ଳୋକ ପରମାତ୍ମାଙ୍କ ପାଇଁ କୁହାଗଲା ତେବେ ଉପର ଶ୍ଳୋକଟି ପରମାତ୍ମାଙ୍କ ବାବଦରେ କୁହାଯାଇଛି ନକହି ଜୀବାତ୍ମା ବାବଦରେ କୁହାଯାଇଛି ବୋଲି ଆପଣ କାହିଁକି ଲେଖିଛନ୍ତି ? ଏଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ଯଦି ଉପର ବିଷୟ ତଳେ କୁହାଯାଇଛି ବୋଲି କହୁଛନ୍ତି ତେବେ ଯାହା ଉପରେ କହିଛନ୍ତି ତାହା ତଳେ ଆଉଥରେ କହିବା କଣ ଦରକାର ଥିଲା ? ଯଦି ସେହି

କଥା ଆଉ ଥରେ କହିଛନ୍ତି ତେବେ ତଳ କଥାରେ କିଛି ବିଶେଷତା ଅଛି ବୋଲି କାହିଁକି ଭାବୁ ନାହାନ୍ତି ? ଆପଣ ଭାବିବେ କଣ ତଳ ଶ୍ଳୋକରେ କିଛି ବିଶେଷତା ଅଛି ବୋଲି ତ ! ସଫା ଜଣାପଡୁଛି । **ଉପର ଶ୍ଳୋକରେ କହିବା ବେଳେ ଆୟୁଧ ଦ୍ୱାରା ଛେଦିତ ହୁଏ ନାହିଁ ବୋଲି କହି, ତଳ ଶ୍ଳୋକରେ କେବଳ ଛେଦିତ ହୁଏ ନାହିଁ ବୋଲି କହିଛନ୍ତି** । ଏଠାରେ ଉପର ବିଷୟ ତଳ ବିଷୟ ଗୋଟିଏ ହେଲେ ମଧ୍ୟ ଆଉଥରେ ସେହି କଥା କହିବାରେ ଆଉ କି ଅନ୍ତରାର୍ଥ ଅଛି ବୋଲି ବିଚାର ନକରି ରହିହେବ ନାହିଁ । ଏହି ବିଚାରରେ ଉପର ଶ୍ଳୋକ ଏବଂ ତଳ ଶ୍ଳୋକକୁ ଟିକିଏ ଗବେଷଣା କରି ଦେଖିଲେ ଉପର ଶ୍ଳୋକରେ ଆୟୁଧ (ମାରଣାସ୍ତ୍ର) ଦ୍ୱାରା ଛିଣ୍ଡୁ ନଥିବା, ଅଗ୍ନି ଦ୍ୱାରା ଜଳୁ ନଥିବା, ଜଳରେ ବୁଡୁ ନଥିବା, ପବନରେ ଉଡିଯାଉ ନଥିବା ବିଷୟ ଯିଏ କହିଛନ୍ତି, ସେ ହିଁ ତଳ ଶ୍ଳୋକରେ ଏହି ଆତ୍ମା ଛିଣ୍ଡେନାହିଁ, ଜଳେନାହିଁ, ବୁଡେନାହିଁ, ଉଡେନାହିଁ କହି ବିଶେଷ ଭାବରେ ଏହି ଆତ୍ମା ନିତ୍ୟ, ସର୍ବବ୍ୟାପୀ, ଅଚଳ ସନାତନ ବୋଲି ମଧ୍ୟ କହିଛନ୍ତି । ସର୍ବବ୍ୟାପୀ, ସନାତନ ହେଉଛନ୍ତି ପରମାତ୍ମା ! ତେଣୁ ଏହି ଶ୍ଳୋକ ପରମାତ୍ମାଙ୍କ ପାଇଁ କୁହାଯାଇଛି, ଉପର ଶ୍ଳୋକରେ କେବଳ ଜୀବାତ୍ମା ବିଷୟ କୁହାଯାଇଛି । ଏହି ସାରାଂଶ ଅନୁଯାୟୀ ଦେଖିଲେ ଜୀବାତ୍ମା ଏବଂ ପରମାତ୍ମା ଉଭୟ ପ୍ରକୃତି ଦ୍ୱାରା କିମ୍ବା କୌଣସି ଆୟୁଧ ଦ୍ୱାରା କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ, କେବଳ ଆତ୍ମା କ୍ଷତିଗ୍ରସ୍ତ ହୋଇଥାଏ ବୋଲି ଜଣାପଡୁଛି ।

କୁହାଯାଇଥିବା ବିଷୟ ଉଭୟ ପରମାତ୍ମା ଏବଂ ଜୀବାତ୍ମା ଦୁହିଁଙ୍କୁ ବୁଝାଉଛି, କିନ୍ତୁ ଗୋଟିଏ କଥା ଦୁଇଟି ଶ୍ଳୋକରେ କୁହାଯାଇଥିବାରୁ କେଉଁ ଶ୍ଳୋକ କାହାପାଇଁ କୁହାଯାଇଛି ବୋଲି ସନ୍ଦେହ ଆସିଛି । ଏଠାରେ ତଳ ଶ୍ଳୋକଟି ପରମାତ୍ମାଙ୍କ ପାଇଁ କୁହାଯାଇଛି ବୋଲି ଜଣା ପଡି ଯାଉଥିବା ବେଳେ, ଉପର ଶ୍ଳୋକଟି ଜୀବାତ୍ମା ପାଇଁ କୁହାଯାଇଛି ବୋଲି ସହଜରେ ବୁଝି ହେଉଛି । ତେଣୁ ଏହି ସାରାଂଶ ଅନୁସାରେ ଜୀବାତ୍ମା ପରମାତ୍ମା ଦୁହେଁ ପ୍ରକୃତି ଦ୍ୱାରା କିମ୍ବା ଆୟୁଧ ଦ୍ୱାରା କୌଣସି କ୍ଷତିଗ୍ରସ୍ତ ହୋଇନଥାନ୍ତି, କେବଳ ମଝିରେ ରହିଥିବା ଆତ୍ମା କ୍ଷତିଗ୍ରସ୍ତ ହୋଇଥାଏ ବୋଲି ଜଣାଯାଉଛି ।

**(୧) ଶ୍ଳୋକ,୨୫: ଅବ୍ୟକ୍ତୋଽୟ ମଚିନ୍ତ୍ୟୋଽୟ ମବିକାରୋଽୟ ମୁଚ୍ୟତେ ।**
**ତସ୍ମାଦେବଂ ବିଦିତ୍ୱୈନ ନାନୁଶୋଚିତୁମର୍ହସି ॥**

(ଆତ୍ମା)

**ଭାବାର୍ଥ :** ଆତ୍ମାକୁ ଜଣାଇବା ଏବଂ ଚିନ୍ତାକରି ଜାଣିବା ଅସାଧ୍ୟ । ଆତ୍ମାର କୌଣସି ବିକାର ନାହିଁ, ସେଥିଲାଗି ତାପାଇଁ ଦୁଃଖ କରିବା ଅନୁଚିତ୍ ।

**ବିବରଣୀ :** ଆମ ଶରୀରରେ ଆମ ସହିତ ଥିବା ଆତ୍ମା ବାବଦରେ ଯଦି କେହି ଜାଣିପାରେ ତାହା କଣ ବୋଲି ବାହାରକୁ କହି ପାରିବ ନାହିଁ । ତାହା ବ୍ୟକ୍ତ କରିବା ଅସମ୍ଭବ । କାରଣ ! କାହା ସହିତ ତାକୁ ତୁଳନା କରିବା ପାଇଁ ଏ ଦୁନିଆରେ ତା ସମାନ ଆଉକିଛି ନାହିଁ । ନିଜଠାରେ ଯେଉଁମାନେ ଆତ୍ମାକୁ ଜାଣି ପାରିଛନ୍ତି ତାହା କଣ ବୋଲି ସେମାନେ ବାହାରକୁ କହି ପାରନ୍ତି ନାହିଁ । ମନୋବିଚାର ଦ୍ୱାରା ଆତ୍ମା ବିଷୟ କହିବା ମଧ୍ୟ ଅସାଧ୍ୟ । କାରଣ ! ମନରେ ବିଚାର ଆସୁଥିବା ପର୍ଯ୍ୟନ୍ତ ଆତ୍ମା ଜଣାପଡି ନଥାଏ । ମନର ବିଚାର ସ୍ଥିର ରହିଯିବା ବେଳେ ଆତ୍ମା କଣ ତାହା ଜଣାପଡିଥାଏ । ତେଣୁ ମଚିନ୍ତ୍ୟୋୟ ଅର୍ଥାତ୍ ଚିନ୍ତାରେ ମଧ୍ୟ ଆସି ନଥାଏ ବୋଲି ଜଣାଇଛନ୍ତି । ମନରେ ପ୍ରାପଞ୍ଚିକ (ଭୌତିକ) ବିଷୟ ଆସୁଥିବା ବେଳେ ଆତ୍ମା ଜଣାପଡି ନପାରେ, କିନ୍ତୁ ମନକୁ ଆତ୍ମଚିନ୍ତନରେ ଲଗାଇଲେ ଆତ୍ମା କଣ କାହିଁକି ଜଣାପଡିବ ନାହିଁ ? ବୋଲି କେତେକ ପଚାରିପାରନ୍ତି । ସେମାନଙ୍କ କଥା ଅନୁସାରେ ଆମ ମନକୁ ଭୌତିକ ବିଷୟ ଉପରେ ନରଖି ଆତ୍ମା ଉପରେ ରଖିଲେ ଆତ୍ମାକୁ ଜାଣିହେବ ବୋଲି କହିଲେ, ଆମ ମନ ଆତ୍ମା ଉପରେ ରଖିବା ପାଇଁ ପ୍ରଥମେ ଆତ୍ମା କଣ ତାହା ଜାଣିବା ଦରକାର ! ଆତ୍ମା କଣ ଜାଣିଥିଲେ ସିନା ତା ଉପରେ ଧ୍ୟାନ ଲଗାଇବା ! ତେଣୁ ମନୋଚିନ୍ତନ ଦ୍ୱାରା ଆତ୍ମାକୁ ଜାଣିହେବ ନାହିଁ । ମନୋଚିନ୍ତନରେ କେବଳ ଭୌତିକ ବିଷୟ ଜଣା ପଡିଥାଏ ସିନା, ଆତ୍ମା ଜଣାପଡି ନଥାଏ । ତାଛଡା ଆତ୍ମାର କୌଣସି ବିକାର ନାହିଁ । ଗୁଣଗୁଡିକ ଦ୍ୱାରା ଜନ୍ମୁଥିବା ଭାବାନୁଭୂତିକୁ ବିକାର କୁହାଯାଏ । ଗୁଣଗୁଡିକ ଦ୍ୱାରା ଜନ୍ମୁଥିବା ଭଲ ମନ୍ଦର ଭାବାନୁଭୂତି ଆତ୍ମାରେ ପ୍ରବେଶ କରିପାରେ ନାହିଁ । ଆତ୍ମାର କୌଣସି ଦୁଃଖଦ ସ୍ଥିତି ଉପୁଜିବ କି ବୋଲି ତୁ କିମ୍ବା ଆଉକେହି ଦୁଃଖ କରିବା ଉଚିତ ନୁହେଁ । ଯଦି କେହି ମୁଁ

ଆତ୍ମାପାଇଁ ଦୁଃଖ କରୁନାହିଁ ଜୀବାତ୍ମା ପାଇଁ ଦୁଃଖ କରୁଛି କହେ ତେବେ ସେହି ଜୀବାତ୍ମା ବାବଦରେ ଭଗବାନ କଣ କହୁଛନ୍ତି !

**(୧) ଶ୍ଳୋକ,୨୬: ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତଂ ।**
**ତଥାପି ତ୍ୱଂ ମହାବାହୋ ! ନୈବଂ ଶୋଚିତୁମର୍ହସି ॥**

**(ଜୀବାତ୍ମା)**

**ଭାବାର୍ଥ :** ଏଭଳି ନିତ୍ୟ ଜନ୍ମହୋଇ ନିତ୍ୟ ମୃତ୍ୟୁବରଣ କରୁଥିବା ତାପାଇଁ ତୁ ଦୁଃଖ କରିବାକୁ କୌଣସି କାରଣ ନାହିଁ ।

**ବିବରଣୀ :** ମୁଁ ଆତ୍ମା ପାଇଁ ଦୁଃଖ କରୁ ନାହିଁ, ସବୁଦିନ ଜନ୍ମହୋଇ ମୃତ୍ୟୁବରଣ କରୁଥିବା ଜୀବାତ୍ମା ପାଇଁ ଦୁଃଖ କରୁଛି ବୋଲି ଭାବିଲେ ମଧ୍ୟ, ଜୀବାତ୍ମା ଗୋଟିଏ ସ୍ଥାନରେ ଜନ୍ମହୋଇ ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରୁଥିବାରୁ ସେ କୁଆଡେ ନ ଯାଇ ଆମରି ଆଗରେ ଥିବା ଏଇ ଭୂପୃଷ୍ଠରେ ହିଁ ଜନ୍ମହୋଇ ଜୀବନ ବଞ୍ଚୁଛି, ସେ ନଥିଲେ ସିନା ତୁ ଦୁଃଖ କରନ୍ତୁ ! କହିଲେ, ସେ ନାହିଁ ବୋଲି ନୁହେଁ, କେଉଁଠି ଧନବାନ ଘରେ ଜନ୍ମହୋଇ ସୁଖରେ ରହିଲେ କଣ ହେଲା ସେ ତ ଆମ ପାଖରୁ ଚାଲିଗଲା, ତା କଥା ମୁଁ କିଛି ଜାଣି ପାରିଲି ନାହିଁ, ସେଥିଲାଗି ତାପାଇଁ କିପରି ଦୁଃଖ କରିବି ନାହିଁ ? କିପରି କାନ୍ଦିବି ନାହିଁ ? ଭାବିଲେ ତଳ ଶ୍ଳୋକରେ ଭଗବାନ କହୁଛନ୍ତି -

**(୧) ଶ୍ଳୋକ,୨୭ :ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦପରିହାର୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥**

**(ଜୀବାତ୍ମା)**

**ଭାବାର୍ଥ :** ଜନ୍ମ ସବୁବେଳେ ମରଣ ପାଇଁ, ପୁଣି ମରଣ ପୁନର୍ଜନ୍ମ ପାଇଁ, ତେଣୁ ଏହି ଅନିର୍ବାର୍ଯ୍ୟ କାର୍ଯ୍ୟ ପାଇଁ ଦୁଃଖ କରିବା ଅନୁଚିତ୍ ।

**ବିବରଣୀ :** ଗୋଟିଏ ସ୍ଥାନରେ ଜନ୍ମ ହୋଇଥିବା ଜଣେ ଲୋକ, କିଛିକାଳ ପରେ ନିଶ୍ଚୟ ମୃତ୍ୟୁବରଣ କରେ ଏବଂ କୌଣସି ସ୍ଥାନରେ କୌଣସି ଧନୀ

କିମ୍ୱା ଗରିବ ଘରେ ନିଶ୍ଚୟ ଜନ୍ମହୁଏ । ଏମିତି ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରି ଆଉ ଗୋଟିଏ ସ୍ଥାନରେ କାହିଁକି ଜନ୍ମହେବ ? ଯେଉଁଘରେ ମୃତ୍ୟୁବରଣ କରିଥିଲା ସେହି ଘରେ ଜନ୍ମହେଲେ ବିଚ୍ଛେଦ ଦୁଃଖ ତ ରହନ୍ତା ନାହିଁ ! ଏଭଳି ଅନ୍ୟତ୍ର ଜନ୍ମହେବା ଦ୍ୱାରା ଜଣକର ମୃତ୍ୟୁରେ ଆଉଜଣେ ଦୁଃଖ ଭୋଗିବାକୁ ପଡୁଛି । ଏମିତି ଜନ୍ମ ବଦଳୁଛି କାହିଁକି ! ବୋଲି ଯଦି ଭାବିବା, ତେବେ ଏହି ଜନନମରଣ ପଦ୍ଧତି ନଥିଲେ, ଏହି ଜଗନ୍ନାଟକ ହୋଇ ନପାରି କିଏ ସୂତ୍ରଧାରୀ କିଏ ପାତ୍ରଧାରୀ କେହି ଜାଣିପାରିବେ ନାହିଁ । ପରମାତ୍ମା ନିର୍ଣ୍ଣୟ କରିଥିବା କର୍ମ ନିୟମକୁ ପାଳନ କରିବାପାଇଁ ପ୍ରକୃତି ନାମକ ବ୍ୟବସ୍ଥାକୁ ସେ ତିଆରି କରିଛନ୍ତି, ପ୍ରକୃତି ନାମକ ଏହି ବ୍ୟବସ୍ଥାରେ, ଗୁଣଗୁଡିକୁ, ଇନ୍ଦ୍ରିୟଗୁଡ଼ିକୁ, ତା'ର ଅବସ୍ଥାନ୍ତରକୁ ଖଞ୍ଜି, ଶେଷରେ ଶରୀର ମୃତ୍ୟୁବରଣ କରି, ଅନ୍ୟତ୍ର ଜନ୍ମହେବା ଭଳି ବ୍ୟବସ୍ଥା ମଧ୍ୟ ଖଞ୍ଜିଛନ୍ତି । ଏହି ପଦ୍ଧତି ଅନୁସାରେ ସବୁକିଛି ଯାନ୍ତ୍ରିକ ଭାବରେ ଘଟୁଛି । ପରମାତ୍ମା ମାନବ ଭାବରେ ଆସିଲେ ମଧ୍ୟ ପ୍ରକୃତିର ଏହି ବ୍ୟବସ୍ଥାରେ ବଞ୍ଚିବାଠାରୁ ବାଦ୍ ଯାଆନ୍ତି ନାହିଁ; ତଥାପି ଏହି ପଦ୍ଧତିକୁ କେହି ଉଲଂଘନ କରି ନ ପାରିବା ଭଳି ତାର ଯଥାବିଧ ବନ୍ଦୋବସ୍ତ କରି ରଖିଛନ୍ତି । ସେଥିଲାଗି ଜୀବାତ୍ମାର ଜନ୍ମ ମରଣ ଅନିର୍ବାର୍ଯ୍ୟ । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ଜୀବର ମରଣ ବିଷୟ ନେଇ କେବେ ଦୁଃଖ କରିବା ଅନୁଚିତ୍ । କରିବା ବୃଥା ମଧ୍ୟ ।

ଜନ୍ମ ପରେ ମୃତ୍ୟୁବରଣ ଅନିବାର୍ଯ୍ୟ ବୋଲି ଜାଣିଥିଲେ ମଧ୍ୟ ଆମଠାରୁ ଚାଲିଯାଇଥିବା ଲୋକ ବାବଦରେ ନିଶ୍ଚୟ ଦୁଃଖ ଜାତ ହୋଇଥାଏ । ମୃତ୍ୟୁବରଣ କରିଥିବା ଲୋକ ଅମୁକ ଜାଗାରେ ଅଛି ବୋଲି ଜାଣିବା ପରେ ଆମର ଦୁଃଖ ରହିବା ଉଚିତ୍ ନୁହେଁ । କିନ୍ତୁ ସେଠାରେ ଦୁଃଖ ବଢ଼ିବା ଦୁର୍ଯୋଗ ରହିଛି । କାରଣ ! ଜଣେ ଧନବାନ ଜଣେ ଗରିବ ଘରେ ଜନ୍ମ ହେଲା ବୋଲି ଭାବନ୍ତୁ । ଏକଥା ଜାଣିପାରିଥିବା ଧନୀ ଘରର ଲୋକମାନେ ଆମ ପୁଅ କି ଝିଅ

କେତେବଡ ଗରିବ ଘରେ ଜନ୍ମ ହୋଇଛି ଭାବି ନିଶ୍ଚୟ ଦୁଃଖ କରିବେ, ସେ ଗରିବ ଘରେ ଜନ୍ମହେଲା, କେତେ ସୁଖରେ ଥିବା ଆମଲୋକ ସେଠାରେ କି ଦୁଃଖ ନ ସହିବ! ବୋଲି ଭାବି ବା ତାର ଏ ଜନ୍ମରେ ଆଉ ସୁଖ ନାହିଁ ଭାବି ଦୁଃଖ କରିବେ । କିନ୍ତୁ ସେ କେଉଁଠାରେ ଜନ୍ମହେଉଛି ଜାଣି ନପାରିବାରୁ, ତାର ମୃତ୍ୟୁରେ କାନ୍ଦି ବା କିଛିଦିନ କାନ୍ଦି ଚୁପ୍ ହୋଇଯାଉଛନ୍ତି । ଯଦି ଜାଣିପାରନ୍ତେ ସାରା ଜୀବନ  କାନ୍ଦୁଥାନ୍ତେ । ସେଥିଲାଗି ପୁନର୍ଜନ୍ମ ବିଷୟକୁ କେହି ଜାଣି ନପାରିବା ଭଳି, କର୍ମ ନିୟମକୁ ଖଞ୍ଜି ପ୍ରକୃତିକୁ ପରମାତ୍ମା ତିଆରି କରିଛନ୍ତି । ଏହିକଥା ତଳ ଶ୍ଳୋକରେ ପୁଣି କିଭଳି କହିଛନ୍ତି ଦେଖନ୍ତୁ ।

**(୧) ଶ୍ଳୋକ,୨୮ : ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ! ।**
**ଅବ୍ୟକ୍ତ ନିଧନାନ୍ୟେବ ତତ୍ର କା ପରିଦେବନା ॥**

**(ଜୀବାତ୍ମା)**

**ଭାବାର୍ଥ :** ଜୀବସମ୍ଭବ କିପରି ହୁଏ ଜଣାପଡେ ନାହିଁ, ସେଭଳି ତାର ମରଣ ମଧ୍ୟ ଜଣାପଡେ ନାହିଁ, କିନ୍ତୁ ଜନ୍ମମରଣର ମଧ୍ୟରେ ଥିବା ଜୀବନ ଜଣାପଡିଥାଏ, ତେଣୁ ସେହି ଜୀବ ପାଇଁ ତୁ ଦୁଃଖ କରନାହିଁ ।

**ବିବରଣୀ :** ଜନ୍ମ ହୋଇଥିବା ଜୀବାତ୍ମା କେଉଁଠାରୁ ଆସି ଜନ୍ମହେଲା ତାହା କାହାକୁ ଜଣାନଥାଏ । ଜନ୍ମ ହୋଇଥିବା ଜୀବ କିଛିକାଳ ଶରୀରରେ ରହି ମୃତ୍ୟୁବରଣ କରିବାବେଳେ କେଉଁ ସ୍ଥାନକୁ ଯାଉଛି, କିପରି ଶରୀରଧାରଣ କରୁଛି ଜାଣିହୁଏ ନାହିଁ । ଏହା ଦ୍ୱାରା ମୃତ୍ୟୁବରଣ  କରିଥିବା ବ୍ୟକ୍ତି ଉପରୁ ବଞ୍ଚିଥିବା ଲୋକମାନେ ସମ୍ପର୍କ ଛିଣ୍ଡାଇବାକୁ ବାଧ୍ୟ ହୁଅନ୍ତି । ଉଦାହରଣ ସ୍ୱରୂପ ସ୍ୱାମୀ ମୃତ୍ୟୁବରଣ କରିବା ବେଳେ, ବଞ୍ଚିଥିବା ସ୍ତ୍ରୀ ତାର ଜୀବନ ସମ୍ପର୍କକୁ ତୁଟାଇ, ତା ଜୀବନ ସମ୍ପର୍କୀୟ ସଂଖା ସିନ୍ଦୁର ମଧ୍ୟ ଧାରଣ କରି ନଥାଏ । ସ୍ୱାମୀ  ମୃତ୍ୟୁବରଣ କରି, କେଉଁଠିକୁ ଗଲା, କେଉଁଠି ଅଛି ଯଦି ଜାଣେ ତେବେ ସେ ସଂଖା ସିନ୍ଦୁର କାଢିବ ନାହିଁ, ସେଠି ସେ ତାର ସ୍ୱାମୀକୁ ଆଉକାହା ସହିତ ବିବାହ କରିବାକୁ

ଦେବ ନାହିଁ । ତାଛଡା ଯିଏ ଜନ୍ମହେଲା ସେ କେଉଁଠାରୁ ଆସି ଜନ୍ମହେଲା ବୋଲି ଯଦି ଜାଣିପାରିବା ତେବେ ମଧ୍ୟ ବଡ ଅନର୍ଥ ହେବ, କାହିଁକିନା ! ନୀଚ କୁଳର ଜଣେ ଆସି ଉଚ୍ଚ କୁଳରେ ଜନ୍ମହେଲା ବୋଲି ଭାବିଲେ, ସେ ଅମୁକ ବୋଲି, ଅମୁକ ସ୍ଥାନରୁ ଆସି ଜନ୍ମ ହୋଇଛି ବୋଲି ଜନ୍ମ ହୋଇଥିବା ଘରର ଲୋକମାନେ ଜାଣିପାରିଲେ ମଧ୍ୟ ସେ ଅମୁକ ଗୁଣ୍ଡା, ଚୋର କି ନୀଚକୁଳର ଥିଲା ବୋଲି ଜାଣି ଦୁଃଖ କରିପାରନ୍ତି ।

ଯିଏ ମୃତ୍ୟୁବରଣ କରିଛି ଯଦି ସେ ଜାଣି ପାରନ୍ତା ମୁଁ ଅମୁକ ସ୍ଥାନରୁ ଆସି ଏଠାରେ ଜନ୍ମ ହୋଇଛି ତେବେ ସେ ଜନ୍ମ ହୋଇଥିବା ଘରୁ ପଳାଇଯିବା ଦୁର୍ଯୋଗ ଅଛି । ଏଭଳି ହୋଇପାରୁଥିଲେ କର୍ମ ସିଦ୍ଧାନ୍ତ ବେକାମି ହୋଇ ଜଗତରେ ମାନବ ବ୍ୟବସ୍ଥା ଅସ୍ତବ୍ୟସ୍ତ ହୋଇଯାଆନ୍ତା । ସେଥିଲାଗି ମାନବର ଜନନ ମରଣ ରହସ୍ୟକୁ କେହି ଜାଣି ନ ପାରିବା ଭଳି ଏହି ପ୍ରକୃତିସିଦ୍ଧ ବ୍ୟବସ୍ଥା ରହିଆସିଛି । ଗୋଟିଏ ଜନ୍ମର ସ୍ମୃତି ସେହି ଜନ୍ମରେ ଚାଲିଯିବା ଦ୍ୱାରା, ତାକୁ କିମ୍ବା ବାହାର ଲୋକମାନଙ୍କୁ ଜନ୍ମର ପୂର୍ବକଥା, ମରଣର ପରକଥା ମନେ ନପଡି ଜନ୍ମ ମରଣର ମଧ୍ୟରେ ଥିବା ଜୀବନକାଳଟି ବୁଝାପଡିଥାଏ । ଆଗ ପଛର ସମ୍ପର୍କ ନଥାଇ ମଧ୍ୟକାଳର ଜୀବନ ଅନୁଭୂତି ହେଉଥିବାରୁ, ସହଜୀବିମାନଙ୍କ ପାଇଁ ତୁ ଦୁଃଖ କରିବା ଉଚିତ୍ ନୁହେଁ ବୋଲି ଭଗବାନ କହିଛନ୍ତି ।

**(୧) ଶ୍ଲୋକ,୨୯ :**

**ଆଶ୍ଚର୍ଯ୍ୟବତ୍ପଶ୍ୟତି କଶ୍ଚିଦେନ ଆଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।**
**ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି ଶୃତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ।।**
**(ଜୀବାତ୍ମା)**

**ଭାବାର୍ଥ :** ଜୀବନକାଳରେ ଘଟୁଥିବା କାର୍ଯ୍ୟଗୁଡିକୁ କେହି ଜଣେ ଆଶ୍ଚର୍ଯ୍ୟ ହୋଇ ଦେଖୁଛି, ସେହି କାର୍ଯ୍ୟ ଆଉ କେହି ଜଣେ ଆଶ୍ଚର୍ଯ୍ୟ ହୋଇ ଶୁଣୁଛି, ଆଉ କେହି ତାହା ଆଶ୍ଚର୍ଯ୍ୟ ହୋଇ କହୁଛି, କିନ୍ତୁ ଜୀବାତ୍ମାର ବାସ୍ତବ ସ୍ଥିତି ବାବଦରେ କାହାକୁ ମଧ୍ୟ ଜଣା ନାହିଁ ।

**ବିବରଣୀ :** ଜନ୍ମର ଆଗରୁ, ମରଣର ପରେ ଥିବା ବିଷୟକୁ ନଜାଣି, କେବଳ ମଧ୍ୟକାଳୀନ ଜୀବନକୁ ଜାଣୁଥିବା ମାନବ ଆଉ କାହାର ଜୀବନ ବାବଦରେ ଆଶ୍ଚର୍ଯ୍ୟ ହୋଇ ଦେଖେ, ଶୁଣେ, କହେ, କିନ୍ତୁ ଆଶ୍ଚର୍ଯ୍ୟକର ଜୀବନ ପଛରେ ଥିବା ଜୀବାତ୍ମାକୁ ଚିହ୍ନିପାରେ ନାହିଁ । ଚିହ୍ନିହେଉ ନଥିବା ଜୀବାତ୍ମାକୁ ମାରିହୁଏ ନାହିଁ ବୋଲି ତଳ ଶ୍ଳୋକରେ କହୁଛନ୍ତି ଦେଖନ୍ତୁ ।

**ମୁଖ୍ୟ ସୂଚନା :** (ପ୍ରଚରିତ ହୋଇଥିବା ଅନ୍ୟାନ୍ୟ ଭଗବଦ୍ଗୀତା ଗୁଡିକରେ ରଚୟିତାମାନେ ଏ ପର୍ଯ୍ୟନ୍ତ ଥିବା ଶ୍ଳୋକ ଗୁଡିକରେ ଆତ୍ମା ବାବଦରେ ବର୍ଣ୍ଣନା କରିଛନ୍ତି । ସେହିଭଳି ଉପର ଶ୍ଳୋକଟି ମଧ୍ୟ ଆତ୍ମା ବାବଦରେ କୁହାଯାଇଛି ବୋଲି ଜଣାଇଛନ୍ତି । କେଉଁ ଆତ୍ମା ବାବଦରେ କୁହାଯାଇଛି ନଜାଣି ଲେଖିବା ଦ୍ୱାରା ଭଗବଦ୍ଗୀତାର ଭାବାର୍ଥ ଭୁଲ୍ ବାଟରେ ଚଲିଯାଇଛି ବୋଲି ଆମେ କହୁଛୁ । ଜୀବାତ୍ମା, ଆତ୍ମା ବିଷୟରେ ଜାଣି ନଥିବା ବେଳେ ଆତ୍ମା ବିଷୟରେ କହିବା, ଧଳା ଦେଖାଯାଉଛି ବୋଲି ଅନ୍ନ ଆଉ ଚୂନ ଦୁଇଟିଯାକ ସମାନ କହିବା ଭଳି ହେଉଛି । ଚାଉଳ ସିଝି ଅନ୍ନ ହୁଏ, ସେହିଭଳି ଚୂନପଥର ସିଝି ଚୂନ ହୁଏ, ଉଭୟ ଧଳା ଦେଖାଗଲେ ମଧ୍ୟ ସେଗୁଡିକର ରୁଚିରେ ଭିନ୍ନତା ଥିବାଭଳି, ଆତ୍ମା, ଜୀବାତ୍ମା ଦୁହେଁ ଶରୀରରେ ନିବାସକଲେ ମଧ୍ୟ ସେମାନଙ୍କର ମୂଲ୍ୟରେ ଭିନ୍ନତା ଥାଏ । ଦେହୀ କହିଲେ ଯିଏ ଦେହରେ ନିବାସକରେ । ଆତ୍ମା ଜୀବାତ୍ମା ଦେହରେ ବାସ କରୁଥିବାରୁ ସେମାନଙ୍କୁ ଦେହୀ କହିପାରିବା, କିନ୍ତୁ ଆତ୍ମାର ଅନୁଭବ, ଜୀବାତ୍ମାର ଅସ୍ତିତ୍ୱକୁ ନ ଜାଣିଲେ ସେ ଦୁହିଁଙ୍କୁ ସନ୍ଦର୍ଭ ଅନୁସାରେ ଚିହ୍ନି ପାରିବା ନାହିଁ । ଖାଲି ମନେରଖି ଅତି ବେଗରେ କଥା କହିପାରିଲେ କଣ ହେବ ତାହା ଅନୁଭବରେ ଆସେ ନାହିଁ । ତେଣୁ ଅନୁଭବ ଦ୍ୱାରା ଜୀବାତ୍ମା, ଆତ୍ମା ଅଲଗା ଅଲଗା ବୋଲି ଜାଣିବା ଉଚିତ୍ । ଜୀବାତ୍ମା ପାଇଁ କୁହାଯାଇଥିବା ଶ୍ଳୋକ ଆତ୍ମାପାଇଁ କହିବା ଭଳି ବିବରଣୀ କହି, ଜଣେ ଆତ୍ମାକୁ ଆଶ୍ଚର୍ଯ୍ୟ ଭାବରେ ଦେଖୁଛି, ସେହିଭଳି କେହି ଶୁଣୁଛନ୍ତି, କେହି କହୁଛନ୍ତି ବୋଲି ଲେଖିଛନ୍ତି, ସେମାନଙ୍କ କଥା ଅନୁସାରେ ଗଲେ, ଆମେ ଆତ୍ମା ବିଷୟ ଗୁଡିକୁ ତୁଣ୍ଡରେ

କହି ପାରିବା, କାନରେ ଶୁଣି ପାରିବା, ହେଲେ ଆଖିରେ ଦେଖିପାରିବା ନାହିଁ ! ଆତ୍ମା ଦୃଶ୍ୟରୂପ ନୁହେଁ ତାହାକୁ କିପରି ଦେଖିପାରିବା ? ତଥାପି ଦେଖାଯାଏ ବୋଲି ଲେଖିଛନ୍ତି । ଆମ ଦ୍ୱାରା ଲେଖାଯାଇଥିବା ଗୀତାରେ ସତ୍ୟ ହିଁ ରହୁ, ଏଇ ଭାବ ନେଇ ସତ୍ୟକୁ ଆମେ ଲେଖିଛୁ । ତେଣୁ ଅନର୍ଥ ହୋଇଥିବା କଥାଗୁଡିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡିଛି । ସେଥିଲାଗି କାହାକୁ ବ୍ୟକ୍ତିଗତ ବିମର୍ଶ କରିନାହୁଁ, କାହାକୁ ନିନ୍ଦା କରୁନାହୁଁ ବୋଲି ଟିକିଏ ଜଣାଇ ଦେଉଛୁ ଆଉ ସତ୍ୟର ମୂଲ୍ୟକୁ ସମସ୍ତେ ନିଶ୍ଚୟ ବୁଝିବେ ବୋଲି ଆଶା କରୁଛୁ ।)

**(୧) ଶ୍ଲୋକ,୩୦ : ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ! ।**
**ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମ୍ ଅର୍ହସି ॥**
**(ଜୀବାତ୍ମା)**

**ଭାବାର୍ଥ :** ସମସ୍ତ ଦେହରେ ନିବାସ କରୁଥିବା ଜୀବାତ୍ମା ଗୁଡିକୁ ହତ କରାଯାଇ ପାରେ ନାହିଁ, ତେଣୁ ସର୍ବଜୀବରାଶି ପାଇଁ ତୁ ଦୁଃଖ କରିବା ଆବଶ୍ୟକ ନାହିଁ ।

**ବିବରଣୀ :** ଜୀବାତ୍ମା ହେଉ, ଆତ୍ମା ହେଉ ଦେହରେ ନିବାସ କରୁଥିବାରୁ ଉଭୟଙ୍କ ପାଇଁ **"ଦେହୀ"** ନାମଟି ଯଥାର୍ଥ ହୋଇଛି । "ଦେହୀ ସର୍ବସ୍ୟ" କହିବା ଦ୍ୱାରା ସମସ୍ତ ଦେହରେ **"ଦେହୀନିତ୍ୟମବଧ୍ୟୋୟଂ"** ଅର୍ଥାତ୍ ବଦ୍ଧ କରାଯାଇ ପାରୁନଥିବା (ମାରିହେଉ ନଥିବା) ଜୀବାତ୍ମା ଭାବରେ ଅଛି ବୋଲି ଜାଣିବା ଉଚିତ୍ । **"ଅବଧ୍ୟୋୟ"** କହିବାରେ ମୃତ୍ୟୁବରଣ କରେ ନାହିଁ ବୋଲି ବୁଝି ହେଉଥିବା ବେଳେ, ତାହା ଜୀବାତ୍ମା ପାଇଁ କୁହାଯାଇଛି ବୋଲି ଜାଣିବା ଉଚିତ୍ । ଭୂତାନି ଅର୍ଥାତ୍ ଜୀବରାଶିଙ୍କ ପାଇଁ ତୁ ଦୁଃଖ କରିବା ଉଚିତ୍ ନୁହେଁ, ଏହା ହିଁ ଭଗବାନ ଶ୍ରୀକୃଷ୍ଣ ଜଣାଇଛନ୍ତି ।

ଏପର୍ଯ୍ୟନ୍ତ ଏହି ଅଧ୍ୟାୟରେ ୧୨ତମ ଶ୍ଲୋକଠାରୁ ଆରମ୍ଭକରି ୩୦ତମ ଶ୍ଲୋକ ପର୍ଯ୍ୟନ୍ତ ଥିବା ମୋଟ ୧୯ ଗୋଟି ଶ୍ଲୋକ ଜୀବାତ୍ମା, ଆତ୍ମା, ପରମାତ୍ମା ବାବଦରେ କୁହାଯାଇଛି । ଏହି ୧୯ଗୋଟି ଶ୍ଲୋକରେ ଜୀବାତ୍ମା, ଆତ୍ମା,

ପରମାତ୍ମାଙ୍କୁ ମିଶାଇ **ଦେହୀ** ନାମକ ଏକ ଶବ୍ଦ ବ୍ୟବହାର କରିଛନ୍ତି । ସବୁଗୁଡିକୁ ଦେହୀ କହିବା ଦ୍ୱାରା, ତିନି ପୁରୁଷ ବାବଦରେ ପୁରୁଷୋତ୍ତମ ପ୍ରାପ୍ତି ଯୋଗ ନାମକ ଅଧ୍ୟାୟ ପର୍ଯ୍ୟନ୍ତ ବିଭାଜନ ନକରିବା ଦ୍ୱାରା, କେଉଁ ଶ୍ଳୋକଟି କେଉଁ ଆତ୍ମା ବାବଦରେ କୁହାଯାଇଛି ନଜାଣି, ଗୀତା ଶ୍ଳୋକର ଭାବାର୍ଥ ଲେଖିବା, ବ୍ୟାଖ୍ୟା କରିବା ଦ୍ୱାରା ଆତ୍ମା ଗୁଡିକର ଜ୍ଞାନ ଅଜଣା ରହିଯାଇଛି । ଆମେ ସମସ୍ତଙ୍କ ଭଳି ନଲେଖି ଆତ୍ମାର ବିବରଣୀ ଲେଖିଛୁ । କାରଣ ! ଦିନେ ଜଣେ ଜୀଜ୍ଞାସୁ ଜଣେ ଗୁରୁଙ୍କୁ ପ୍ରଶ୍ନ କରିଥିଲା ଯେ, ଭଗବଦ୍ଗୀତାର ସାଂଖ୍ୟ ଯୋଗରେ ଥିବା ୨୦ତମ ଶ୍ଳୋକରେ ଭଗବାନ **"ନ ଜାୟତେ"** ଅର୍ଥାତ୍ ଜନ୍ମ ନାହିଁ କହି, ୨୭ତମ ଶ୍ଳୋକରେ **"ଧ୍ରୁବଂ ଜନ୍ମମୃତସ୍ୟଚ"** (ନିଶ୍ଚୟ ଜନ୍ମ ହୁଏ) ବୋଲି କାହିଁକି କହିଛନ୍ତି, ଉଭୟ କଥା କଣ ଗୋଟିଏ ଆତ୍ମା ପାଇଁ କୁହାଯାଇଛି ? ବୋଲି ପଚାରିଲା । ତାର ଏହି ଉତ୍ତର ଦେବାକୁ ଯାଇ ଗୁରୁମହାଶୟ, ଗୀତାରେ ଯାହା ଲେଖାଯାଇଛି ଖାଲି ତାହା ପଢିବା ଉଚିତ୍ ବୋଲି କହିଥିଲେ । ଏହିଭଳି ଗୀତାକୁ ବୁଝି ନପାରି ଜୀଜ୍ଞାସୁ ପଚାରିବା ବେଳେ, ଗୁରୁ ମହାଶୟ ସମାଧାନ କରିପାରି ନଥିଲେ । ଏ ସବୁକୁ କଡରୁ ଦେଖୁଥିବା ଆମେ, ସବୁ ପ୍ରଶ୍ନର ସମାଧାନ ନଥିବା ଭଗବଦ୍ଗୀତା ରହିବା ଉଚିତ୍ ନୁହେଁ ବୋଲି ଭାବିଲୁ, ସେଦିନର ସେହି ଘଟଣା ହିଁ ଆଜି ଆମ ରଚନାରେ ସମସ୍ତ ପ୍ରଶ୍ନର ଉତ୍ତର ମିଳିଯିବା ଭଳି କରିଛି । ଆଜି ପର୍ଯ୍ୟନ୍ତ ଲେଖାଯାଇଥିବା କୌଣସି ଭଗବତ୍ ଗୀତାରେ ତିନିଆତ୍ମା ବିବରଣୀ ନରହିବା ନିଶ୍ଚୟ ଆମର ଦୁର୍ଭାଗ୍ୟ ପାଲଟି ଯାଇଛି । ସଂସ୍କୃତ ଜାଣିଥିବା ପଣ୍ଡିତ, ମେଧାବୀ, ସ୍ୱାମୀଜୀ, ଗୁରୁମାନଙ୍କ ଭଳି ଲୋକମାନେ ଲେଖିଥିବା ଗୀତାରେ ପ୍ରଶ୍ନ ଉପୁଜିବା ଆଉ ଆମକୁ ସେଗୁଡିକର ଉତ୍ତର ନ ମିଳିବା ବଡ ଶୋଚନୀୟ ବିଷୟ । ଆଜି ସେହି ଜିଜ୍ଞାସୁ ପଚାରିଥିବା ପ୍ରଶ୍ନର ସମାଧାନ ଯଦିଓ ଏଥିରୁ ମିଳି ପାରିଛି ତାହା ଆମ ସୌଭାଗ୍ୟର ବିଷୟ । ତିନି ଆତ୍ମାର ବିବରଣୀ ମାତ୍ର ତିରିଶି ପ୍ରକାରରେ ଦେଇ ଆପଣମାନେ ଜୀବାତ୍ମା, ଆତ୍ମା, ପରମାତ୍ମାର ଭେଦ ଜାଣିପାରିବେ ବୋଲି ଆଶା କରୁଛୁ । ଦେଖନ୍ତୁ ।

| ଜୀବାତ୍ମା | ଆତ୍ମା | ପରମାତ୍ମା |
|---|---|---|
| ୧) ବିନାଶୀ । | ଅବିନାଶୀ । | ଅବିନାଶୀ । |
| ୨) ମରଣ ଅଛି । | ମରଣ ଅଛି । | ମରଣ ନାହିଁ । |
| ୩) ଅଗ୍ନିରେ ପୋଡେ ନାହିଁ, ଆୟୁଧରେ ଛିଣ୍ଡେ ନାହିଁ, ଜଳରେ ବୁଡେ ନାହିଁ । | ଅଗ୍ନିରେ ପୋଡିଯାଏ, ଆୟୁଧରେ ଛିଣ୍ଡିଯାଏ, ଜଳରେ ବୁଡିଯାଏ । | ଅଗ୍ନିରେ ପୋଡେ ନାହିଁ, ଆୟୁଧରେ ଛିଣ୍ଡେ ନାହିଁ, ଜଳରେ ବୁଡେ ନାହିଁ । |
| ୪) ଜ୍ଞାନଦୃଷ୍ଟିକୁ ଜଣାପଡେ । | ଜ୍ଞାନଦୃଷ୍ଟିକୁ ଜଣାପଡେ । | ଜ୍ଞାନଦୃଷ୍ଟିକୁ ମଧ୍ୟ ଜଣାପଡେ ନାହିଁ । |
| ୫) ଶରୀରର ଗୋଟିଏ ସ୍ଥାନରେ ଥାଏ । | ଶରୀର ଭିତରେ ସର୍ବତ୍ର ଥାଏ । | ସମସ୍ତ ଶରୀରର ଭିତରେ, ବାହାରେ ମଧ୍ୟ ଥାଏ |
| ୬) ଶରୀର ବାହାରେ ନଥାଏ । | ଶରୀର ବାହାରେ ନଥାଏ । | ଶରୀର ବାହାରେ ମଧ୍ୟ ଥାଏ । |
| ୭) ଆକାର ଅଛି । | ଆକାର ଅଛି । | ଆକାର ନାହିଁ । |
| ୮) ନାମ ଅଛି | ନାମ ଅଛି | ନାମ ନାହିଁ |
| ୯) ଜୀବ ସଂଖ୍ୟା ଅଧିକ । | ଜୀବମାନଙ୍କର ସଂଖ୍ୟା ଅନୁସାରେ ଆତ୍ମାର ସଂଖ୍ୟା ରହିଥାଏ । | ଏହା କିଛି ନୁହେଁ ତେଣୁ କୌଣସି ସଂଖ୍ୟା ମଧ୍ୟ ନୁହେଁ । |
| ୧୦) କର୍ମକୁ ଅନୁଭବ କରେ । | କର୍ମକୁ ଅନୁଭବ କରେ ନାହିଁ । | କର୍ମ ଅନୁଭବ କରେ ନାହିଁ । |
| ୧୧) ଶକ୍ତିହୀନ । | ଶକ୍ତିବାନ । | ସ୍ୱୟଂଶକ୍ତି । |
| ୧୨) ମୁଦ୍ଦାଇ (ଦୋଷୀ ବା ଅପରାଧି) | ଶକ୍ତିବାନ । ସାକ୍ଷୀ | ଜୀବାତ୍ମା, ଆତ୍ମାଠାରୁ ଭିନ୍ନ ଭାବରେ ଥାଏ, ସାକ୍ଷୀ ନୁହେଁ । |
| ୧୩) ଗୁଣବିକାର ଥାଏ | ଗୁଣବିକାର ନ ଥାଏ | ଗୁଣବିକାର ନଥାଏ |
| ୧୪) ବିଭୂତି ରେଖାରେ ଥିବା ତଳ ରେଖା । | ବିଭୂତି ରେଖାରେ ଥିବା ମଧ୍ୟ ରେଖା । | ବିଭୂତି ରେଖାର ଉପରେ ଥିବା ରେଖା । |

| | | |
|---|---|---|
| ୧୫) ଆରାଧକ | ଆରାଧ୍ୟ | ଆରାଧନାରେ ମଧ୍ୟ ମିଳେ ନାହିଁ |
| ୧୬) ସୃଷ୍ଟି ହୋଇଛି | ସୃଷ୍ଟି ହୋଇଛି | ସୃଷ୍ଟିକର୍ତ୍ତା |
| ୧୭) ଜୀବ | ଆତ୍ମା | ପରମାତ୍ମା |
| ୧୮) ପ୍ରଳୟ ପରେ ନଥାଏ । | ପ୍ରଳୟ ପରେ ନଥାଏ । | ପ୍ରଳୟ ପରେ ମଧ୍ୟ ରହିଥାଏ । |
| ୧୯) ପ୍ରକୃତି ଏହାର ମାତା | ପ୍ରକୃତି ସହିତ ଜନ୍ମ | ପ୍ରକୃତି ଏହାର ସ୍ତ୍ରୀ |
| ୨୦) ଆତ୍ମାରେ ମିଳିତ ହୁଏ । | ଜୀବାତ୍ମାକୁ ପରମାତ୍ମାରେ ମିଳିତ କରାଇଥାଏ । | ଜୀବାତ୍ମାକୁ ନିଜଠାରେ ମିଶାଇଥାଏ । |
| ୨୧) ଶୂନ୍ୟରେ ନଥାଏ । | ଶୂନ୍ୟରେ ନଥାଏ । | ଶୂନ୍ୟରେ ଥାଏ । |
| ୨୨) ଜଗତର ଏକ ସ୍ଥାନରେ ଶରୀରରେ ଥାଏ । | ସାରା ଜଗତର ଶରୀରଗୁଡିକରେ ଥାଏ । | ବିଶ୍ୱବ୍ୟାପୀ । |
| ୨୩)ବଞ୍ଚି ରହିଥିବା ବେଳେ ଜୀବାତ୍ମା ଆତ୍ମାଙ୍କୁ ଜାଣିପାରେ । | ବଞ୍ଚି ରହିଥିବା ବେଳେ ଆତ୍ମା ଜୀବତ୍ମାକୁ ମିଶାଇ ପାରେ । | ବଞ୍ଚିଥିବା କେହି ମଧ୍ୟ ଏହାକୁ ଜାଣିପାରିବା ନାହିଁ । |
| ୨୪) ଜୀବକୁ ପୂଜା ଦ୍ୱାରା ଆରାଧନା କରିହୁଏ । | ଆତ୍ମାକୁ ଯୋଗ ଦ୍ୱାରା ଆରାଧନା କରିହୁଏ । | କୌଣସି ପୂଜା ଦ୍ୱାରା, କୌଣସି ଯୋଗ ଦ୍ୱାରା ଆରାଧନା କରିହୁଏ ନାହିଁ |
| ୨୫) କର୍ମର ଅଧିନ । | କର୍ମକୁ ଅନୁସରଣ କରେ । | କର୍ମ ସହିତ କୌଣସି ସମ୍ପର୍କ ନାହିଁ । |
| ୨୬) କର୍ମ ନାମକ କାଠକୁ ବହନ କରିଥାଏ । | କର୍ମ ନାମକ କାଠକୁ ଦହନ କରିଥାଏ । | ଅଗ୍ନିହୋଇ ରହିଥାଏ । |
| ୨୭) କ୍ଷର | ଅକ୍ଷର | ପୁରୁଷୋତ୍ତମ |
| ୨୮) ଅନ୍ଧ | ଆଖିଥାଏ | ଆଖି ନଥାଏ, ରୂପ ହିଁ ନଥାଏ |
| ୨୯) ବ୍ୟକ୍ତ | ବ୍ୟକ୍ତ | ଅବ୍ୟକ୍ତ |
| ୩୦) କର୍ମବନ୍ଧ | ଜୀବବନ୍ଧ | ଅବନ୍ଧ |

ଜୀବନରେ ଜୀବ ତାର ଜ୍ଞାନ ଅନୁସାରେ ଆତ୍ମାର (ଆତ୍ମାଙ୍କର) ଆରାଧନା କରିବା ଉଚିତ୍ । ଏହି ବିଷୟ ଜଣାଇବା ପାଇଁ ଈଶ୍ୱରଲିଙ୍ଗରେ (ଶିବଲିଙ୍ଗରେ) ରହିଥିବା ମଧ୍ୟ ରେଖାକୁ ଚନ୍ଦନ କିମ୍ବା ସିନ୍ଦୁର ଟିକା ଲଗାଇ ଚିହ୍ନାଇଥିଲେ । ଯୋଗ ଦ୍ୱାରା ଶରୀରର ମଧ୍ୟାତ୍ମା ଜଣାପଡିଥାଏ । ଯେତେ ସମୟ ଯୋଗ ଆଚରଣ କରି ଆତ୍ମାରେ ପହଞ୍ଚିପାରିବା ସେତେ ସମୟ ଜ୍ଞାନାଗ୍ନି ଲାଭ କରି କର୍ମକୁ ପୋଡିଦେଇ ପାରିବା । ବ୍ରହ୍ମଯୋଗ ବିଧିରେ ଜୀବପାଇଁ ଆତ୍ମାହିଁ ଦୈବ (ଈଶ୍ୱର) । ଜୀବ ସହିତ ତୃତୀୟ ଆତ୍ମା ହୋଇଥିବା ପରମାତ୍ମାର କୌଣସି ସମ୍ପର୍କ ନଥାଏ । ଆଧ୍ୟାତ୍ମିକ ଅନୁସାରେ ଦେବାଳୟ ପଦ୍ଧତିରେ, ପ୍ରଥା ବା ରୀତିରେ, ଜ୍ଞାନ ସନ୍ଦେଶରେ, ଆରାଧନା ପଦ୍ଧତିରେ, ଯୋଗ ପଦ୍ଧତିରେ କେବଳ ଆତ୍ମାକୁ ସୂଚିତ କରାଯାଇଛି ବୋଲି ଜାଣିବା ଉଚିତ୍ । ଭକ୍ତମାନେ କପାଳରେ ଧାରଣ କରୁଥିବା ତିଳକରେ, ପୂଜାବିଧିର ଅର୍ଥରେ, କପାଳର କୁଙ୍କୁମଟିକାରେ ଯେଉଁ ଅର୍ଥ ରହିଛି ତାହାସବୁ କେବଳ ଆତ୍ମାକୁ ଜାଣିବା ପାଇଁ ରହିଛି । ନାନା ପ୍ରକାରର ଆରାଧନାର, ଆଚରଣର ଅର୍ଥକୁ ନେଇ ଆମ ଦେହରେ ଥିବା ଆତ୍ମାକୁ ଜାଣିହୋଇଥାଏ ବା ଶରୀରରେ ଥିବା ଆତ୍ମେଶ୍ୱରଙ୍କୁ ଜାଣିହୁଏ । ବଡମାନେ ତତ୍ତ୍ୱଗୀତିରେ, ଲୋକକଥାରେ, ନାନା ପ୍ରକାରର ରଢିରେ, ପଦ୍ୟ ରୂପରେ, କଥାରେ ସେତେବେଳେ ଯାହାସବୁ ଜଣାଇଥିଲେ ସେଥିରେ ଏହି ଆତ୍ମାକୁ ଚିହ୍ନାଇବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ହେଲେ ପରମାତ୍ମାଙ୍କ ବିବରଣୀ କାହା ପାଖରେ ନାହିଁ କି ନଥିଲା, ତାହା କୌଣସି ଶାସ୍ତ୍ର ମଧ୍ୟ ଜଣାଇପାରେ ନାହିଁ । ବଞ୍ଚିଥିବା କୌଣସି ବ୍ୟକ୍ତି ପରମାତ୍ମାଙ୍କୁ ଜାଣିପାରିବ ନାହିଁ । ତେଣୁ ଆମେ ଯେତେଯାହା କହିଲେ ମଧ୍ୟ ତାହା ସବୁ ଆତ୍ମାଠାରେ ସୀମିତ ହୋଇଥାଏ ସିନା, ପରମାତ୍ମାଙ୍କ ବାବଦରେ ସମ୍ପୂର୍ଣ୍ଣ କହିପାରିବା ନାହିଁ ବୋଲି ଜାଣିବା ଉଚିତ୍ ।

ଏ ପର୍ଯ୍ୟନ୍ତ ଜୀବାତ୍ମା, ଆତ୍ମାର ଜନ୍ମ ମରଣ ବାବଦରେ ଜଣାଉଥିବା ଭଗବାନ ଏକଥା ଏତିକିରେ ଅଟକାଇ, କର୍ମ ସମ୍ବନ୍ଧୀୟ ବିଷୟ କହିବାକୁ ଯାଇ **"ସୁଖଦୁଃଖେ ସମେକୃତ୍ୱା.."** ନାମକ ଶ୍ଳୋକ କହୁଛନ୍ତି,ହେଲେ ଭଗବତ୍ ଗୀତାରେ ଏହି ଶ୍ଳୋକ ସାଙ୍ଗେ ସାଙ୍ଗେ ଦେଖା ନଦେଇ ସାତଗୋଟି ଶ୍ଳୋକ ପରେ ଦେଖାଦେଇଛି, ଅର୍ଥାତ୍ ମଝିରେ ଆଉ ସାତଗୋଟି ଶ୍ଳୋକ ରହିଛି ।

ସୁଯୋଗ ଖୋଜୁଥିବା କେତେକ ବଡମାନେ ଆମ କଥା ମଧ୍ୟ କିଛି ବଞ୍ଚିରହୁ ବୋଲି ନିଜ ବୁଦ୍ଧିକୁ ଉପଯୋଗ କରି, ନିଜେ ସଂସ୍କୃତ ପଣ୍ଡିତ ହୋଇଥିବାରୁ ସଂସ୍କୃତ ଶ୍ଳୋକଗୁଡ଼ିଏ ତିଆରି କରି, ଗୀତା ଶ୍ଳୋକର ମଝିରେ ମଝିରେ ପ୍ରବେଶ କରାଇଛନ୍ତି । ଅନେକ ଦିନରୁ ସେଗୁଡ଼ିକ ଏଭଳି ମିଶି ରହିବା ଦ୍ୱାରା କେହି ସେଗୁଡ଼ିକୁ ଚିହ୍ନିପାରି ନାହାନ୍ତି । ଆମେ ଏହାପୂର୍ବରୁ କହିଥିବା ଚାରିଗୋଟି ସୂତ୍ର ଅନୁସାରେ ଦେଖିଲେ, ସେଗୁଡ଼ିକ ଅଶାସ୍ତ୍ରୀୟ ଜଣାପଡୁଛି, ତେଣୁ କଳ୍ପିତ ବୋଲି ସହଜରେ ଜଣାପଡ଼ିଯାଇଛି, ଶ୍ଳୋକ ଗୁଡ଼ିକର ଶାସ୍ତ୍ରବଦ୍ଧତା ମଧ୍ୟ ନାହିଁ । ଏଠାରେ ଆପଣ କିପରି ନିର୍ଣ୍ଣୟ କଲେ ? ବୋଲି କେତେକ ପଚାରି ପାରନ୍ତି ? ତାର ସମାଧାନ ହେଉଛି ! ଶାସ୍ତ୍ରକୁ କେବେ ଅସ୍ୱୀକାର କରିପାରିବା ନାହିଁ, ଖଣ୍ଡନ କରିପାରିବା ନାହିଁ । ଏହି ଶ୍ଳୋକରେ ଯୁଦ୍ଧ କରିବା ସ୍ୱଧର୍ମ ବୋଲି କହିଛନ୍ତି, କିନ୍ତୁ କର୍ମଯୋଗର ୩୫ତମ ଶ୍ଳୋକରେ ଦେଖିଲେ ସ୍ୱଧର୍ମ କହିଲେ ନିଜର ଧର୍ମ ହୋଇଥିବା ଆତ୍ମା ଧର୍ମ, ପରଧର୍ମ କହିଲେ ଆତ୍ମାଠାରୁ ଅଲଗା ପ୍ରକୃତି ଧର୍ମ ବୋଲି ଜଣାଯାଉଛି । ଯୁଦ୍ଧ କରିବା ପ୍ରକୃତି ଧର୍ମ (ପ୍ରକୃତି ବିଷୟ) ହେବ ସିନା, ଆତ୍ମା ଧର୍ମ (ଆତ୍ମା ବିଷୟ) ହୋଇପାରିବ ନାହିଁ । ତେଣୁ ଯୁଦ୍ଧ କରିବା ସ୍ୱଧର୍ମ ନୁହେଁ, ଆତ୍ମା ଆଚରଣ ହିଁ ସ୍ୱଧର୍ମ ହୋଇଥାଏ । ଜାତି ବା କୁଳ ଅନୁସାରେ ସ୍ୱଧର୍ମ ନିର୍ଣ୍ଣୟ କଲେ ଆତ୍ମାଜ୍ଞାନରେ ଗ୍ଲାନି ଆସିଥାଏ । ଏହା କିପରି ବୋଲି ପଚାରିଲେ, ସେ ବିଷୟ ଆଗରେ ଥିବା ଶ୍ଳୋକ ଗୁଡ଼ିକରେ ଆଲୋଚନା କରିବା । **ବାସ୍ତବରେ ଗୀତାରେ ବ୍ରାହ୍ମଣ, ବୈଶ୍ୟ, କ୍ଷତ୍ରିୟ, ଶୂଦ୍ର ନାମକ ଚାରି ବର୍ଣ୍ଣର ପ୍ରଶ୍ନ ହିଁ ନାହିଁ** । ତେଣୁ କ୍ଷତ୍ରିୟ ବୋଲି ନାମଦେଇ କହିଥିବା ଶ୍ଳୋକଗୁଡ଼ିକ କଳ୍ପିତ ଏବଂ ସେଗୁଡ଼ିକରେ କୌଣସି ଆତ୍ମଜ୍ଞାନ ନାହିଁ ବୋଲି ଜାଣିବା ଉଚିତ୍ । ପୁଣ୍ୟ ଅନୁସାରେ ସ୍ୱର୍ଗ ଥାଏ, କିନ୍ତୁ ଯୁଦ୍ଧ ଅନୁସାରେ ସ୍ୱର୍ଗ ଅଛି କହିବା ଅଶାସ୍ତ୍ରୀୟ । କାରଣ ! ଏହା କର୍ମସିଦ୍ଧାନ୍ତର ବିରୁଦ୍ଧ । ସେଥିଲାଗି ଏହି ସାତଗୋଟି ଶ୍ଳୋକ କଳ୍ପିତ । ତାଛଡା ଏହିଭଳି ଆଉ କେତେଗୁଡ଼ିଏ ଶ୍ଳୋକ ଗୀତାରେ କେଉଁଠି କେଉଁଠି ରହିଛି, ସେଗୁଡ଼ିକର ଦୋଷଦୁର୍ବଳତାକୁ ଜଣାଇ, ଅଶାସ୍ତ୍ରୀୟ କଥାଗୁଡ଼ିକୁ ବାଦଦେଇ, କେବଳ ସ୍ୱଚ୍ଛ ଦୈବବାକ୍ୟ ଗୁଡ଼ିକୁ ଆପଣମାନଙ୍କୁ ଯୋଗାଇ ଦେଇଛୁ, ତାହା ବିଚାର ପୂର୍ବକ ପାଠକରନ୍ତୁ ।

କ୍ରମାନ୍ୱୟରେ ସେହି ସାତଗୋଟି କଳ୍ପିତ ଶ୍ଳୋକକୁ ଚିହ୍ନିବା ପାଇଁ ଶ୍ଳୋକର କଡରେ (×) ସୂଚିତ କରିଛୁ, ସେଗୁଡ଼ିକର ବିବରଣୀ ମଧ୍ୟ ଲେଖିନାହୁଁ ।

**(୧) ଶ୍ଳୋକ,୩୧ : ସ୍ୱଧର୍ମମପି ଚ୍ଚବେକ୍ଷ ନ ବିକମ୍ପିତୁମର୍ହସି ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥ (×)**

**(୧) ଶ୍ଳୋକ,୩୨ : ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖିନଃ କ୍ଷତ୍ରିୟାଃ ପାର୍ଥ ! ଲଭନ୍ତେ ଯୁଦ୍ଧମୀଦୃଶମ୍ ॥ (×)**

**(୧) ଶ୍ଳୋକ,୩୩ : ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।**
**ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ॥ (×)**

**(୧) ଶ୍ଳୋକ,୩୪ : ଅକୀର୍ତ୍ତିଂ ଚ୍ଚପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।**
**ସମ୍ଭାବିତସ୍ୟ ଚାକୀର୍ତ୍ତିର୍ ମରଣାଦ୍ ଅତିରିଚ୍ୟତେ ॥ (×)**

**(୧) ଶ୍ଳୋକ,୩୫ : ଭୟାଦ୍ ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।**
**ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ॥ (×)**

**(୧) ଶ୍ଳୋକ,୩୬ : ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ**
**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ (×)**

**(୧) ଶ୍ଳୋକ,୩୭ : ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷସେ ମହୀମ୍ ।**
**ତସ୍ମାଦ୍ ଉତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ ॥ (×)**

**(୧) ଶ୍ଳୋକ,୩୮ : ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।**
**ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥**

(କର୍ମଯୋଗ)

**ଭାବାର୍ଥ :** ଦୁଃଖସୁଖ, ଲାଭନଷ୍ଟ, ଜୟ ଅପଜୟକୁ ସମାନ ଭାବି ଯୁଦ୍ଧକର୍, ଏଭଳି କରିବା ଦ୍ୱାରା ପାପ କର୍ମର ବନ୍ଧନରେ ପଡିବୁ ନାହିଁ ।

**ବିବରଣୀ :** ଅର୍ଜୁନ ଯୁଦ୍ଧରେ ନିରୁତ୍ସାହ ପ୍ରଦର୍ଶନ କରିଥିଲେ । ଯୁଦ୍ଧ କରିବି ନାହିଁ ବୋଲି କହିଥିଲେ । ହାତରୁ ଆୟୁଧ ମଧ୍ୟ ତଳେ ରଖି ଦେଇଥିଲେ, କିନ୍ତୁ

ପରେ ଶ୍ରୀକୃଷ୍ଣଙ୍କ ପ୍ରେରଣା ଦ୍ୱାରା ବା ବାଣୀବୋଧ ଦ୍ୱାରା ଯୁଦ୍ଧ କରିଥିଲେ । ଅର୍ଜୁନ ପ୍ରଥମେ ଯୁଦ୍ଧ କରିପାରି ନଥିଲେ, ସେ ଯୁଦ୍ଧ କରି ନପାରିବାର ଦୁଇଟି ମୁଖ୍ୟ କାରଣ ମଧ୍ୟ ଦେଖାଯାଉଛି । ପ୍ରଥମଟି ହେଲା ନିଜ ଲୋକଙ୍କୁ ମାରିବି ନାହିଁ ବୋଲି ତାଙ୍କଠାରେ ଜନ୍ମିଥିବା ମୋହଗୁଣ । ଦ୍ୱିତୀୟଟି ହେଲା ଏମାନଙ୍କୁ ମାରିଦେଲେ ମୋର ଭୟଙ୍କର ପାପହେବ ବୋଲି ପାପଭୀତି । ପ୍ରଥମେ ମୋହଗୁଣ ନିଜଲୋକ ବୋଲି ଭାବ ଜାତ କରାଇଛି, ପରେ ପରେ ଏମାନଙ୍କୁ ମାରିଦେଲେ ଏମାନଙ୍କର ହତ୍ୟାକାରୀ ହୋଇଯିବି ବୋଲି ପାପଭୀତି ଆସିଛି । ତେଣୁ ଏମାନଙ୍କୁ ମୁଁ ମାରିବି ନାହିଁ ବୋଲି ତାଙ୍କ ଭିତରେ ଭାବ ଜାତ ହୋଇଛି, ଏମାନଙ୍କୁ ମାରିଦେଲେ ମୋର ଭୟଙ୍କର ପାପ ହେବ ବୋଲି ଭୟ ମଧ୍ୟ ଜନ୍ମ ହୋଇଛି । ଅର୍ଜୁନଙ୍କ ତରଫରୁ ଆସିଥିବା ମରଣ ସମସ୍ୟାର ବ୍ୟାଖ୍ୟା କରି ମରଣ କହିଲେ କଣ ! ମୃତ୍ୟୁବରଣ କରୁଛି କିଏ ? ଯେଉଁମାନେ ମୃତ୍ୟୁବରଣ କରନ୍ତି ସେମାନେ କଣ ହୁଅନ୍ତି ? ଇତ୍ୟାଦି ବିଷୟ ଗୁଡିକ ଏପର୍ଯ୍ୟନ୍ତ ଜଣାଇଛନ୍ତି ସିନା, ପାପପୁଣ୍ୟ ବିଷୟରେ କିଛି ଜଣାଇ ନାହାନ୍ତି । ସେଥିଲାଗି ଏହି ଶ୍ଳୋକଠାରୁ ପାପପୁଣ୍ୟ ବିଷୟ କହିବା ଆରମ୍ଭ କରିଛନ୍ତି । ଭଗବଦ୍ଗୀତାରେ ଜନ୍ମ ମରଣ ବିଷୟ କମ୍ ଥିବାବେଳେ, ପାପପୁଣ୍ୟ ବିଷୟ ଅଧିକ କୁହାଯାଇଛି । ଯୁଦ୍ଧରେ ନିଜର ବନ୍ଧୁବାନ୍ଧବ ମାନଙ୍କୁ ମାରି ହିଂସା କରିବା ଦ୍ୱାରା ପାପ ହୋଇଥାଏ ବୋଲି ଅର୍ଜୁନଙ୍କ ପ୍ରଶ୍ନର ପ୍ରଥମ ଉତ୍ତର ଭାବରେ ଏହି ଶ୍ଳୋକର ବିବରଣ କିପରି ରହିଛି ତଳେ ପାଠକରନ୍ତୁ ।

ହିଂସାଯୁକ୍ତ ଯୁଦ୍ଧ କାର୍ଯ୍ୟରେ ଦେଖାଯାଉ ନଥିବା ପାପ ବ୍ୟତୀତ ସୁଖ ଦୁଃଖ ମଧ୍ୟ ରହିଛି । ବଡ ବଡ ଶତ୍ରୁମାନଙ୍କୁ ମାରିଦେଇ ଯୁଦ୍ଧ ଜିତିବା ବେଳେ ସନ୍ତୋଷ ଭାବ ଆସିଥାଏ କିମ୍ବା ଶତ୍ରୁଠାରୁ ହାରିଯିବା ବେଳେ ଦୁଃଖ ବା କଷ୍ଟ, ନଷ୍ଟ ଆସିଥାଏ । ହାରିଯିବା ହରାଇଦେବା ନାମକ ଜୟ ଅପଜୟ ମଧ୍ୟ ଆସିଥାଏ । ଏହିଭଳି ଏକ ଯୁଦ୍ଧରେ ତିନିପ୍ରକାରର ବିଷୟ ଦେଖାଯାଏ, ଯିଏ ଯୁଦ୍ଧକରୁଛି ସେ ତାର ମନକୁ କରୁଥିବା ଯୁଦ୍ଧକାର୍ଯ୍ୟ ଉପରେ ରଖି, କିପରି ଯୁଦ୍ଧ କରିବାକୁ ହେବ ସେହିଭଳି କରିବା ଉଚିତ୍ । ଯୁଦ୍ଧ କରିବାରେ ଅନେକ ଉପାୟ ରହିଛି, ସେ ଯୁଦ୍ଧ କେଉଁ ନୈପୁଣ୍ୟତାର ସହିତ କରିବା ଉଚିତ୍, ତାହା

ନିଜ ମନରେ ରଖି ଯୁଦ୍ଧ କରିବା ଦ୍ୱାରା, ତା ପଛରେ ଥିବା ପାପବନ୍ଧନ ଆସି ନଥାଏ । ଯୁଦ୍ଧ କରିବା ବେଳେ ମୁଁ ଯୁଦ୍ଧ କରୁଛି ବୋଲି ଭାବ ନଆସିବା ଉଚିତ୍ । ଏକ ଯୁଦ୍ଧରେ ନିଶ୍ଚୟ ଦୁଃଖ ଥାଇପାରେ, ସୁଖ ଥାଇପାରେ, ଲାଭ ଥାଇପାରେ, କ୍ଷତି ଥାଇପାରେ, ସେହିଭଳି ଜୟ ଥାଇପାରେ, ଅପଜୟ ମଧ୍ୟ ଥାଇପାରେ । ଏହି ବିଷୟକୁ ବିଚାର କରି, ସେ ଯୁଦ୍ଧରେ ସୁଖ, ଦୁଃଖ, ଲାଭ, ଜୟ, ଅପଜୟ ଇତ୍ୟାଦିକୁ ଦୃଷ୍ଟି ଦେଇ କିମ୍ବା ଯୁଦ୍ଧରୁ କୌଣସି ବିଷୟ ଉପରେ ଆଶାରଖି ଯୁଦ୍ଧକଲେ ନିଶ୍ଚୟ ପାପ ପୁଣ୍ୟର କର୍ମବନ୍ଧନରେ ପଡିବାକୁ ହୁଏ ।

ଏକ କାର୍ଯ୍ୟ ହୋଇଥିବା ଯୁଦ୍ଧକାର୍ଯ୍ୟଟି କରିବା ଦ୍ୱାରା ପାପ ବନ୍ଧନରେ ପଡିବା କିମ୍ବା ନ ପଡିବା ନାମକ ଦୁଇଗୋଟି ପଦ୍ଧତି ରହିଛି । ଏକ କାର୍ଯ୍ୟ କରିବାରେ ପାପ ବନ୍ଧନରେ ପଡିବା କିମ୍ବା ନ ପଡିବାର ଦୁଇଟି ବିଧି ରହିଛି ବୋଲି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଶାସ୍ତ୍ରବଦ୍ଧ । କୌଣସି ବ୍ୟକ୍ତି କର୍ମସିଦ୍ଧାନ୍ତ ଜଣାଉଥିବା ଏହି ପ୍ରଥମ ଶ୍ଲୋକକୁ ବୁଝିବା ସମୟରେ, ଜ୍ଞାନମାର୍ଗରେ କିମ୍ବା ଅଜ୍ଞାନମାର୍ଗରେ ପ୍ରବେଶ କରିପାରେ । ଭଗବଦ୍ଗୀତାର ମୂଳ ଉଦ୍ଦେଶ୍ୟ ଏହି ଶ୍ଲୋକରୁ ହିଁ ଆରମ୍ଭ ହୋଇଥାଏ । ଏହି ଉଦ୍ଦେଶ୍ୟକୁ ବୁଝିଲେ ଜ୍ଞାନ ଦିଗରେ, ନ ବୁଝିଲେ ଅଜ୍ଞାନ ଦିଗରେ ମାର୍ଗଦର୍ଶନ ହୋଇଥାଏ । ଭଗବାନଙ୍କ ଉଦ୍ଦେଶ୍ୟକୁ ନବୁଝି ଏହିଠାରୁ ଅଜ୍ଞାନକୁ ଚାଲିଯିବା ଦୁର୍ଯୋଗ ମଧ୍ୟ ରହିଛି । ତେଣୁ ସତର୍କତାର ସହିତ ଏହାର ବିବରଣୀକୁ ବୁଝିବା ସହିତ ଅନ୍ୟମାନେ ଲେଖିଥିବା ଗୀତାଗୁଡିକର ବ୍ୟାଖ୍ୟାରେ ରହିଥିବା ଦୋଷଦୁର୍ବଳତା ଗୁଡିକୁ ଜାଣିପାରିବେ । ତାଛଡା ହିଂସାଯୁକ୍ତ ଯୁଦ୍ଧକାର୍ଯ୍ୟ କରିବା ଦ୍ୱାରା ପାପକର୍ମ ମଧ୍ୟ ଆସିନଥାଏ ବୋଲି ଆଶ୍ଚର୍ଯ୍ୟ ନହୋଇ, ପାପ ନଆସିବାର କାରଣ କଣ ଜାଣିବାକୁ ଚେଷ୍ଟା କରନ୍ତୁ । ପାପ ନହେବା ଉପାୟ ନଖୋଜିବା ଦ୍ୱାରା, ନଜାଣିବା ଦ୍ୱାରା ଗୀତାବୋଧ କରିଥିବା ଶ୍ରୀକୃଷ୍ଣଙ୍କ ଜୀବନ ମଧ୍ୟ ପାପକାର୍ଯ୍ୟ ଯୁକ୍ତହୋଇ ରହିଥିଲା ବୋଲି ଦେଖାଯିବ । ତାଛଡା ଗୀତାସନ୍ଦେଶ ଜ୍ଞାନମାର୍ଗରେ ଯିବାକୁହେଲେ ଗୀତାକୁ ସମ୍ପୂର୍ଣ୍ଣ ଗବେଷଣାତ୍ମକ ପାଠକରିବାକୁ ପଡିବ । ବୁଝିହେଉ ନଥିବା ଗୋଟିଏ କଥାରେ ସମ୍ପୂର୍ଣ୍ଣ ନିର୍ଣ୍ଣୟ ନେବା ଉଚିତ୍ ନୁହେଁ ବୋଲି ପ୍ରଥମେ ଜଣାଉଛୁ । ଏ ପର୍ଯ୍ୟନ୍ତ ଜନ୍ମମରଣ ବିଷୟ ଜଣାଇ ଜୀବାତ୍ମା ଆତ୍ମା ବିଷୟ ଜଣାଇଥିବା ଭଗବାନ,

ଏହି ଶ୍ଳୋକରେ ପାପପୁଣ୍ୟ ବିଷୟକୁ ଜଣାଇ କର୍ମଯୋଗ ଜଣାଇବା ଆରମ୍ଭ କରିଛନ୍ତି । ଏହି ଶ୍ଳୋକଠାରୁ ଆଗତ ଶ୍ଳୋକଗୁଡିକରେ ଦୁଇଟି ଯୋଗର ବ୍ୟାଖ୍ୟା ରହିଛି । ସେହି ଦୁଇଗୋଟି ଯୋଗରୁ ଗୋଟିଏ ଯୋଗ ହେଉଛି **କର୍ମଯୋଗ (ରାଜଯୋଗ)**, ଅନ୍ୟଟି ହେଉଛି **ବ୍ରହ୍ମଯୋଗ (ଜ୍ଞାନଯୋଗ)** । ପାପପୁଣ୍ୟ ବନ୍ଧନ ସମ୍ବନ୍ଧୀୟ ସମସ୍ତ ବିଷୟ ଏହି କର୍ମଯୋଗ, ବ୍ରହ୍ମଯୋଗରେ ମିଶିରହିଛି, ତେଣୁ କୌଣସି ଯୋଗ ବିବରଣୀକୁ ଜଣାଉଥିବା ଶ୍ଳୋକର କଡରେ ସେହି ଯୋଗର ନାମ ଚନ୍ଦ୍ରବନ୍ଧନୀ ଭିତରେ ଚିହ୍ନଟ କରାଯାଇଛି, ସେଥିପ୍ରତି ଆପଣ ଧ୍ୟାନ ଦେବା ଉଚିତ୍ । ଏହିଠାରୁ କର୍ମଯୋଗ ଆରମ୍ଭ ହେଉଛି ବୋଲି ଏହି ତଳ ଶ୍ଳୋକ ଜଣାଇ ଦେଉଛି ।

**(୧) ଶ୍ଳୋକ,୩୯ : ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।**
**ବୁଦ୍ଧ୍ୟା ଯୁକ୍ତୋ ଯୟାପାର୍ଥ ! କର୍ମବନ୍ଧଂ ପ୍ରହସ୍ୟସି ॥**

**(କର୍ମଯୋଗ)**

**ଭାବାର୍ଥ :** ଏହା ପୂର୍ବରୁ ଶରୀରରେ ଥିବା ଆତ୍ମା ସମ୍ବନ୍ଧୀୟ ଜ୍ଞାନ ଜଣାଇଲି ଏବେ କର୍ମବନ୍ଧନ ନପଡିବା ଜ୍ଞାନ ଜଣାଉଛି ଶୁଣ୍ ।

**ବିବରଣୀ :** ଏହି ଶ୍ଳୋକ ପୂର୍ବରୁ କର୍ମଯୋଗ ସମ୍ବନ୍ଧୀୟ ଶ୍ଳୋକ କହି, ତାହା ଅର୍ଜୁନ ଚିହ୍ନିପାରିଛି କି ନାହିଁ ଭାବି, ଏବେ ଏହା କର୍ମ ବିନାଶ କରି ପାରୁଥିବା କର୍ମଯୋଗ ବୋଲି ସୂଚିତ କରିଛନ୍ତି । ଏହି କଥାରେ ସମସ୍ତେ ଏହା ପୂର୍ବରୁ ଯାହା ଶୁଣିଛନ୍ତି ତାହା ଶରୀର ଏବଂ ଆତ୍ମା ସମ୍ବନ୍ଧୀୟ ସାଂଖ୍ୟ ବିଷୟ ବୋଲି ସହଜରେ ଜାଣିପାରିବେ । ଆତ୍ମାଗୁଡିକ ଅଲଗା, ଯୋଗ ଅଲଗା ବୋଲି ଜଣାଇବା ଏହି ଶ୍ଳୋକର ଉଦ୍ଦେଶ୍ୟ । ତଳ ଶ୍ଳୋକରୁ କର୍ମଯୋଗ ବାବଦରେ ଜାଣିବା ।

**(୧) ଶ୍ଳୋକ,୪୦ : ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନବିଦ୍ୟତେ ।**
**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ॥**

**(କର୍ମଯୋଗ)**

**ଭାବାର୍ଥ :** କର୍ମଯୋଗ ଆରମ୍ଭ କରି ଛାଡିଦେବା ଦ୍ୱାରା କିଛି ଦୋଷ ନାହିଁ । ଅଳ୍ପ ଆଚରଣ ଦ୍ୱାରା ମଧ୍ୟ ବଡ କର୍ମଭୟରୁ ରକ୍ଷା ମିଳିପାରେ ।

**ବିବରଣୀ :** କର୍ମଯୋଗ ଆରମ୍ଭ କରିବା ପରେ ତାହାକୁ ଛାଡିଦେବା ଦ୍ୱାରା କିଛି କ୍ଷତି ନାହିଁ । ପାପପୁଣ୍ୟ ବନ୍ଧନରୁ ମୁକୁଳାଇବା କର୍ମଯୋଗର ଉଦ୍ଦେଶ୍ୟ । କର୍ମଯୋଗ କିଛିକାଳ ଆଚରଣ କଲେ ମଧ୍ୟ ସେହି କାଳରେ ଘଟିବାକୁ ଥିବା ଭୟଙ୍କର କର୍ମରୁ ରକ୍ଷା ମିଳିପାରେ । ଆଚରିତ ହୋଇଥିବା ସ୍ୱଳ୍ପ କର୍ମଯୋଗ ସେହି ସମୟରେ ଥିବା ବଡକର୍ମକୁ ମଧ୍ୟ ବିନାଶ କରିପାରେ । ଯେଉଁମାନଙ୍କୁ ଯୋଗ ବିଷୟ ବୁଝାପଡୁ ନାହିଁ, ଯୋଗ କଣ ଯେଉଁମାନଙ୍କୁ ଜଣା ନାହିଁ ସେମାନେ କେଉଁଭଳି ତାହା ଭଗବାନ ତଳ ଶ୍ଳୋକରେ ଜଣାଉଛନ୍ତି ।

**(୧) ଶ୍ଳୋକ,୪୧ : ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ! ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ଯୋଗରେ ବୁଦ୍ଧିମାନ ଏକନିଶ୍ଚୟରେ ଥାଏ । ଯେଉଁମାନଙ୍କର ଅଭିପ୍ରାୟ ଅଲଗା ସେମାନଙ୍କର ବୁଦ୍ଧି ଶାଖାପୋଶାଖା ହୋଇଥାଏ ।

**ବିବରଣୀ :** ଜ୍ଞାନ କହିଲେ କଣ, ଯୋଗ କହିଲେ କଣ, ଆତ୍ମା ଜୀବାତ୍ମା କଣ ଜାଣି ପରମାତ୍ମା ସନ୍ନିଧି (ମୋକ୍ଷ) ରେ ଯେଉଁମାନେ ପହଞ୍ଚିବାକୁ ଇଚ୍ଛା କରନ୍ତି ସେମାନଙ୍କର ନିଶ୍ଚୟତାକୁ ଭଙ୍ଗ କରିବା ପାଇଁ ଅନେକ ପ୍ରତିବନ୍ଧକ ଆସିଲେ ମଧ୍ୟ, ସେମାନେ ସେହି ମାର୍ଗରୁ ହଟିଯାଇ ନଥାନ୍ତି । ପରମାତ୍ମାଙ୍କ ମହାନତାକୁ ଜାଣି ଯେଉଁମାନେ ପରମାତ୍ମାରେ ଲୀନ ହେବାକୁ ଇଚ୍ଛା କରନ୍ତି ସେମାନେ ନିଜର ଅତି ପ୍ରିୟଜନଙ୍କୁ ଛାଡିଦେବାକୁ ପ୍ରସ୍ତୁତ ହୋଇଯାନ୍ତି ସିନା, ନିଜ ମାର୍ଗକୁ ଛାଡିନଥାନ୍ତି । ଯେଉଁମାନେ ଭୌତିକ ବିଷୟରେ ବୁଡି ରହିଛନ୍ତି ସେମାନେ ଜ୍ଞାନମାର୍ଗକୁ ଆଶ୍ରୟ କରିଥିବା ଲୋକମାନଙ୍କର ପଟୁତାକୁ ବୁଝି ନପାରି, ସେମାନଙ୍କୁ ମତିଭ୍ରଷ୍ଟ ହିସାବ କରୁଥିଲେ ମଧ୍ୟ, ସେମାନେ ସେମାନଙ୍କ କଥାରେ ଦୁଃଖିତ ନହୋଇ, ଏମାନଙ୍କଠାରେ କେତେ ଅଜ୍ଞାନତା ରହିଛି ବୋଲି ଜାଣିପାରି, ସତର୍କତା ଅବଲମ୍ବନ କରି ସେମାନଙ୍କ ସହିତ ଯଥୋଚିତ ବ୍ୟବହାର କରି, ନିଜେ ଅଜ୍ଞାନତାରେ ନପଡି, ଜ୍ଞାନମାର୍ଗରେ ଗତିକରିବା ପଟୁତା ବଢାଇଥାନ୍ତି । ଜ୍ଞାନ କହିଲେ କଣ ତାର ଗନ୍ଧ ମଧ୍ୟ ଯେଉଁମାନଙ୍କୁ ସ୍ପର୍ଶ

କରି ନାହିଁ ସେମାନଙ୍କ ମନୋନିଶ୍ଚୟ ପ୍ରକୃତ ଦୈବଙ୍କ ଉପରେ ନରହି, ପ୍ରପଞ୍ଚ ସମ୍ବନ୍ଧୀୟ ଅନେକ ଭୌତିକ ବିଷୟ ଉପରେ, ଅନେକ ପ୍ରକାରରେ ଲଗ୍ନ ହୋଇଥାଏ । ଆଉ କେତେକ କିପରି ଥାଆନ୍ତି ଜାଣିବା ।

**(୧)ଶ୍ଳୋକ,୪୨ : ଯାମିମାଂ ପୁଷ୍ପିତାଂ ବାଚଂ ପ୍ରପଦନ୍ତ୍ୟବିପଶ୍ଚିତଃ ।**
**ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତୀତି ବାଦିନଃ ॥**

**(ପ୍ରକୃତି)**

**ଭାବାର୍ଥ :** ବେଦର ବିଷୟଗୁଡିକ ପୁଷ୍ପର ମଧୂ ଭଳି ମିଠାକଥା ରୂପରେ କହିଥାନ୍ତି । ଅଜ୍ଞାନୀ ହେଲେ ମଧ୍ୟ ଜ୍ଞାନୀ ଭଳି ରହି ପ୍ରଜାମାନଙ୍କୁ ଲାଭ ମିଳୁଥିବା, ସୁଖ ମିଳୁଥିବା କାର୍ଯ୍ୟଗୁଡିକ ବାବଦରେ ବୋଧ କରିଥାନ୍ତି ।

**ବିବରଣୀ :** ଆଜି କେତେକ ଗୁରୁ ବୋଲାଉଥିବା ଲୋକମାନେ, ସ୍ୱାମୀଜୀ ବୋଲାଉଥିବା ଲୋକମାନେ, ନିଜ ନିଜ ଉପନ୍ୟାସରେ (ପ୍ରବଚନରେ) ବାକ୍ ପଟୁତାର ସହିତ ଭଲ ଲାଗିବା ଭଳି ବେଦର ବିଷୟ ଗୁଡିକୁ ଅତି ଆଶକ୍ତିକର ଭାବରେ କହିଥାନ୍ତି । ଆତ୍ମା ପରମାତ୍ମାଙ୍କ ବିଷୟ ବାବଦରେ ନ କହି, ମାନବର ନାନା ପ୍ରକାରର କାମନା ପୂରଣ ହୋଇପାରୁଥିବା ଭଳି, ସେମାନଙ୍କ ଦୁଃଖକଷ୍ଟ ଦୂରହେବା ଭଳି ନାନା ପ୍ରକାରର କଥା କହି ଏହା ହିଁ ପ୍ରକୃତଜ୍ଞାନ ବୋଲି କହିଥାନ୍ତି । ତାହା କିପରି ଥାଏ ତଳ ଶ୍ଳୋକରେ ଦେଖନ୍ତୁ ।

**(୧) ଶ୍ଳୋକ,୪୩ : କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।**
**କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟ ଗତିଂ ପ୍ରତି ॥**

**(ପ୍ରକୃତି)**

**ଭାବାର୍ଥ :** ସେମାନଙ୍କ ସୁଖଦ କଥାରେ ଜନ୍ମ, କର୍ମ ଫଳଦାୟୀ ଅନେକ କ୍ରିୟା ପ୍ରେରଣ ହୋଇଥାଏ । ସେହି ସବୁ କାର୍ଯ୍ୟଗୁଡିକ କରିବା ଦ୍ୱାରା ଇହ ଲୋକରେ ସୁଖଭୋଗ ମିଳିଥାଏ ।

**ବିବରଣୀ :** କେତେକ ବେଦର ବିଷୟ ଗୁଡିକୁ ବୋଧକରି, ସେଥିରେ ବ୍ରତ, କ୍ରତୁ, ଯାଗ, ଯଜ୍ଞର ବିଷୟକୁ କହି, ଅମୁକ ବେଦ ଅମୁକ କଥା କହିଛି, ଯଜ୍ଞ

କରିବା ଦ୍ୱାରା ଅମୁକ ଫଳ ମିଳିବ, ଅମୁକ ବ୍ରତ କରିବା ଦ୍ୱାରା ଅମୁକ କଷ୍ଟ ନିବାରଣ ହୋଇ ସୁଖ ମିଳିବ ବୋଲି ବୋଧ କରି, ମଣିଷକୁ ସେହି ସେହି କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇଥାନ୍ତି । ଏଭଳି କରିବା ଦ୍ୱାରା ଇହସୌଖ୍ୟ ମିଳିପାରେ । ତାଛଡା ସେହି କାର୍ଯ୍ୟ କରିବା ଦ୍ୱାରା ଆମର ଅଜାଣତରେ କର୍ମ ଆସି ଜନ୍ମର କାରଣ ହୋଇଥାଏ ସିନା, ଦୈବସନ୍ନିଧିକୁ ଯିବାରେ ଜୀବର କୌଣସି ଉପକାରରେ ଆସିନଥାଏ । କଣ ଭଲ ତାହା ନଜାଣି ସାଧାରଣ ଭାବରେ ମଣିଷ ଭୌତିକ ସୁଖକୁ ଆଶା କରିଥାନ୍ତି, ସେମାନଙ୍କୁ ସୁଖ ବାବଦରେ କହି, ତା ପାଇଁ କି କାର୍ଯ୍ୟ କରିବାକୁ ହେବ ତାହା ବୋଧ କରୁଥିବା ବ୍ୟକ୍ତିମାନେ ମଧ୍ୟ ଅନ୍ୟ ଜନ୍ମକୁ ଯାଇଥାନ୍ତି । ଏହା ଉପର ଶ୍ଳୋକର ବିବରଣ ହୋଇଥିବା ବେଳେ, ଏଭଳି ବାଣୀ ଶୁଣୁଥିବା ପ୍ରଜାମାନଙ୍କ ବାବଦରେ ଭଗବାନ କଣ କହୁଛନ୍ତି ତଳ ଶ୍ଳୋକରେ ଦେଖନ୍ତୁ ।

**(୧) ଶ୍ଳୋକ,୪୪ : ଭୋଗୈଶ୍ୱର୍ୟପ୍ରସକ୍ତାନାଂ ତୟାଽପହୃତଚେତସାମ୍ ।**
**ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନବିଧୀୟତେ ॥**

**(ପ୍ରକୃତି)**

**ଭାବାର୍ଥ :** ଯେଉଁମାନଙ୍କର ମନ କାମନା ଦ୍ୱାରା ଆକର୍ଷିତ ସେମାନେ ଏହିଭଳି ସୁଖକୁ ଆଶ୍ରୟ କରିଥାନ୍ତି, ସେମାନଙ୍କ ମନକୁ ଆତ୍ମବିଜ୍ଞାନ ଦାୟକ ଜ୍ଞାନ କେବେହେଁ ଧରାଦିଏ ନାହିଁ ।

**ବିବରଣୀ :** ମାନବର କାମନା ରହିବା, ସୁଖ ପାଇଁ ମାନବ ସର୍ବଦା ବିକଳ ହେବା ସାଧାରଣ କଥା । ସାଧାରଣତଃ ଏଭଳି ମନ ବିଶିଷ୍ଟ ଲୋକମାନଙ୍କର କାର୍ଯ୍ୟ ସଫଳ ହେବାପାଇଁ ଅମୁକ ଶ୍ଳୋକ ପଢିଲେ ତାହା ସିଦ୍ଧିଲାଭ ହେବ, ଅମୁକ ମନ୍ତ୍ର ପଢିଲେ ଅମୁକ କାମନା ପୂରଣ ହେବ, ଅମୁକ କଷ୍ଟ ଦୂରହେବ ବୋଲି ସେମାନଙ୍କୁ ସ୍ୱାମୀଜୀମାନଙ୍କ ମିଠାକଥା ଭଲ ଲାଗିବା ବେଳେ, ସେହିମାନଙ୍କୁ ଅଧିକାଂଶ ଲୋକେ ଆଶ୍ରୟ କରି ସେମାନଙ୍କ କଥା ଅନୁସାରେ କାର୍ଯ୍ୟ କରିଥାନ୍ତି, ସେହି କାର୍ଯ୍ୟଗୁଡିକ କରିବା ଦ୍ୱାରା ଜୀବନର ନାନା ପ୍ରକାରର ସୁଖରେ ସେମାନଙ୍କ ମନ ଛନ୍ଦି ହୋଇଯାଏ, ସେମାନେ

ଗୋଟିକ ସହିତ ଗୋଟିକର ସମ୍ବନ୍ଧ ନଥିବା ପୂଜା, ଜପ, ତପ, ବ୍ରତାଦି ଦ୍ୱାରା ଜଣାପଡୁ ନଥିବା ପ୍ରକୃତିର ଅତୀତ, ବିକାରହୀନ ଆତ୍ମା, ପରମାତ୍ମା, ଆତ୍ମଜ୍ଞାନ ସେମାନଙ୍କୁ ବୁଝାପଡେ ନାହିଁ କି ଭଲଲାଗେ ନାହିଁ ।

**(୧) ଶ୍ଳୋକ,୪୫ : ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭଂବାର୍ଜୁନ !**
**ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥**
**(ବ୍ରହ୍ମଯୋଗ,କର୍ମଯୋଗ)**

**ଭାବାର୍ଥ :** ବେଦଗୁଡିକ ହିଁ ତିନି ଗୁଣର ବିଷୟ । ବେଦପୂର୍ଣ୍ଣ ସେହି ତିନି ଗୁଣକୁ ଛାଡିଦେବା ଉଚିତ୍ । ସୁଖଦୁଃଖ, ଲାଭନଷ୍ଟ, ଇତ୍ୟାଦି ଦ୍ୱନ୍ଦକୁ ଛାଡିବା ଭଳି ଯୋଗକ୍ଷମ ମଧ୍ୟ ଛାଡି ନିତ୍ୟ ଭାବରେ ଥିବା ପରମପଦରେ ପ୍ରବେଶ କରିବାକୁ ହେବ ।

**ବିବରଣୀ :** ପୂର୍ବ ଶ୍ଳୋକରେ କହିବା ଭଳି ଭୋଗୈଶ୍ୱର୍ଯ୍ୟ ଗୁଡିକୁ ଆଶ୍ରୟ ନକରି ଈଶ୍ୱରଙ୍କୁ ଜାଣ୍ ବୋଲି ହିତବାଣୀ କହୁଥିବା ଭଗବାନ କହୁଛନ୍ତି ଯେ, ପ୍ରତ୍ୟେକ ମାନବର ମୁଣ୍ଡରେ ଅନେକ ଗୁଡିଏ ଗୁଣ ଉଦ୍ଭବ ହୋଇଥାଏ । ସେହି ଗୁଣ-ସଙ୍କଳ୍ପ ଦ୍ୱାରା ସେମାନେ ଅନେକ କାର୍ଯ୍ୟ କରିଥାନ୍ତି । ଅନେକ କାର୍ଯ୍ୟର କାରଣ ହୋଇଥିବା ଗୁଣଗୁଡିକ ବାବଦରେ ଜାଣିବାକୁ ଗଲେ ଗୁଣଗୁଡିକ ତିନି ପ୍ରକାରର ହୋଇ ରହିଥିବା ଜଣାଯାଇଥାଏ । ସେଗୁଡିକ ହେଉଛନ୍ତି **୧) ତାମସ ୨) ରାଜସ ୩) ସାତ୍ତ୍ୱିକ** । ଏହି ତିନି ଗୁଣକୁ ଭଗବାନ ବିଜ୍ଞାନ ଯୋଗରେ ମାୟା ବୋଲି କହିଛନ୍ତି । ମାୟାରୂପ ହୋଇଥିବା ଗୁଣଗୁଡିକର ବିଷୟସବୁ ବେଦରେ ରହିଛି ବୋଲି ସ୍ପଷ୍ଟ ଭାବରେ କହିଛନ୍ତି । ତେଣୁ ବେଦର କାର୍ଯ୍ୟାଚରଣ ହୋଇଥିବା ଯଜ୍ଞ, ଯାଗ, ବ୍ରତ, କ୍ରତୁ ଇତ୍ୟାଦି ଛାଡି କୌଣସି ଗୁଣସଙ୍କଳ୍ପ ନରଖି ଅର୍ଥାତ୍ ମୁଣ୍ଡରେ ଛୋଟ ବିଚାରଟିଏ ମଧ୍ୟ ନରଖି, ଛୋଟ ବିଚାରଟିଏ ଆସିବାକୁ ନଦେଇ, ବ୍ରହ୍ମଯୋଗ ଆଚରଣ କରି ଈଶ୍ୱରଙ୍କୁ ଜାଣିପାରିବା ।

ଏଭଳି ବ୍ରହ୍ମଯୋଗ ଯଦି ସାଧ୍ୟ ନ ହେଉଛି ତେବେ ଦ୍ୱନ୍ଦ ଭାବରେ ଥିବା ଲାଭ କ୍ଷତି, ସୁଖ ଦୁଃଖକୁ ଛାଡି କର୍ମଯୋଗ ଆଚରଣ କରି ଆମେ ଈଶ୍ୱରଙ୍କ

ସହିତ ମିଶି ପାରିବା । ଏହି ଶ୍ଲୋକରେ ଏବଂ ୪୪ତମ ଶ୍ଲୋକରେ କହିବା ଭଳି ଭୋଗୈଶ୍ବର୍ଯ୍ୟକୁ ଆଶାକରି, ତା ସମ୍ବନ୍ଧୀୟ ବ୍ରତ କ୍ରତୁ ଇତ୍ୟାଦି କାର୍ଯ୍ୟଗୁଡିକୁ ନକରି ମୋକ୍ଷ ପାଇବା ପାଇଁ କେବଳ ଯେଉଁ ଦୁଇଟି ମାର୍ଗ ରହିଛି ସେହି ବ୍ରହ୍ମଯୋଗ ଏବଂ କର୍ମଯୋଗକୁ ଆଶ୍ରୟ କର୍ ବୋଲି ହିତବାଣୀ କୁହାଯାଇଛି । ଏଥିରେ ଆମର ମନ୍ତବ୍ୟ କଣନା ! ଏଯାଏଁ ଆଧ୍ୟାତ୍ମିକରେ ଅତିରଥୀ, ମହାରଥୀ ହୋଇଥିବା ଅନେକ ସ୍ଵାମୀଜୀମାନେ ଗୀତା ବାବଦରେ ଲେଖିଛନ୍ତି, ସେମାନେ ଏହି ଶ୍ଲୋକରେ ଥିବା ପ୍ରଥମ ବାକ୍ୟ ବ୍ରହ୍ମଯୋଗ ସମ୍ବନ୍ଧୀୟ, ଦ୍ଵିତୀୟ ବାକ୍ୟଟି କର୍ମଯୋଗ ସମ୍ବନ୍ଧୀୟ ବୋଲି ଚିହ୍ନି ଲେଖିପାରି ନାହାନ୍ତି । ଏଠାରେ ଆମେ ଦେଇଥିବା ବିବରଣୀକୁ ଭୁଲ୍ ନଭାବି ବିଚାର କଲେ ଜଣାଯାଏ ଯେ, **ଗୁଣ-ସଙ୍କଳ୍ପରୁ ଦୂରହୋଇ ରହିବା ବ୍ରହ୍ମଯୋଗ ଏବଂ ସୁଖଦୁଃଖ, ଲାଭନଷ୍ଟ ଆଉ ଯୋଗକ୍ଷେମକୁ ମଧ୍ୟ ଧ୍ୟାନ ନଦେଇ କାର୍ଯ୍ୟ କରିବା ହେଉଛି କର୍ମଯୋଗ, ଯୋଗ ଦ୍ଵାରା ପରମେଶ୍ଵରଙ୍କୁ ଜାଣ୍ ବୋଲି ଭଗବାନ କହିଥିବା ପଦ୍ଧତି ଦୁଇଟି ସହଜରେ ବୁଝିହେଉଛି ।** ୪୪ତମ ଶ୍ଲୋକରେ ଭୋଗୈଶ୍ବର୍ଯ୍ୟ ବାବଦରେ କହି ୪୫ ତମ ଶ୍ଲୋକରେ ସମ୍ବନ୍ଧ ନଥିବା ଆଉଏକ ମାର୍ଗ ସୂଚିତ କରିଛନ୍ତି ବୋଲି ଜାଣିବା ଉଚିତ୍ । ଏସବୁ ଐଶ୍ଵରୀୟ ବିଷୟ ତେଣୁ ଏହି ବିଷୟ ସବୁ ଅର୍ଥଶୂନ୍ୟ, ଭାବଶୂନ୍ୟ ଭାବରେ ନକହି ଭଗବାନଙ୍କ ଭାବକୁ ବିସ୍ତୃତ ଭାବରେ କହୁଛୁ ବୋଲି ଆପଣମାନଙ୍କୁ ଜଣାଉଛୁ ।

**(୧) ଶ୍ଲୋକ,୪୬ : ଯବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।**
**ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥**
**(କର୍ମଯୋଗ)**

**ଭାବାର୍ଥ :** କୂପପୂର୍ଣ୍ଣ ଜଳ ଯେଉଁଭଳି ସବୁଦିନ ପିଇବା ପାଇଁ, ଗାଧୋଇବା ପାଇଁ ଉପଯୋଗ ହୋଇଥାଏ, ସେହିଭଳି ସମସ୍ତ ବେଦ ମଧ୍ୟ ଆମର ନିତ୍ୟ ଉପଯୋଗୀ ହୋଇଥାଏ ବୋଲି ବ୍ରହ୍ମଜ୍ଞାନୀମାନଙ୍କୁ ଜଣାଥାଏ ।

**ବିବରଣୀ :** ଆମେ ପ୍ରତ୍ୟହ ଗାଧୋଇବା ପାଇଁ, ପିଇବା ପାଇଁ ଉପଯୋଗ ହେଉଥିବା ଜଳ କୂଅରେ କିମ୍ବା ପୁଷ୍କରିଣିରେ ପୂର୍ଣ୍ଣହୋଇ ଥିଲେ ମଧ୍ୟ ସେଥିରେ

ଥିବା ସମସ୍ତ ଜଳ ଏକାବେଳେ ଆମର ଆବଶ୍ୟକ ହୋଇନଥାଏ, ସେଥିରୁ ସବୁଦିନ କିଛି ଜଳ ଆଣି ଆମେ ଆମର ଆବଶ୍ୟକତା ପୂରଣ କରିଥାଉ । ସେହିଭଳି ଆମ ମୁଣ୍ଡ ରୂପକ କୂଅରେ ଗୁଣ ରୂପକ ଜଳ ପୂର୍ଣ୍ଣହୋଇ ରହିଛି । କୂଅର ଜଳ ଏକକାଳୀନ ଉପଯୋଗ ହେଉନଥିବା ଭଳି ଆମ ମୁଣ୍ଡରେ ଥିବା ଗୁଣଗୁଡିକ ମଧ୍ୟ ଏକକାଳୀନ ଉପଯୋଗ ନହୋଇ ସବୁଦିନ କିଛି କିଛି ଉପଯୋଗ ହୋଇଥାଏ । ଏହା ପ୍ରତ୍ୟେକ ମାନବର ମୁଣ୍ଡରେ ଥାଏ ଏବଂ ସବୁ ଗୁଣଗୁଡିକ ଏକକାଳୀନ ଉପଯୋଗ ନହୋଇ ସବୁଦିନ କିଛି କିଛି ଉପଯୋଗ ହୋଇଥାଏ । ନିତ୍ୟ ଜୀବନରେ ମାନବ କାର୍ଯ୍ୟ କରିବା ପାଇଁ ତାର ଗୁଣଗୁଡିକ ଆବଶ୍ୟକ ହୋଇଥାଏ । ତାହା ଗୁଣଚକ୍ରରେ ୩୬ ଗୋଟି ଗୁଣ ଭାବରେ ରହି, ପ୍ରତ୍ୟେକ ଗୁଣ କେତେଗୋଟି ଉପଗୁଣରେ ବିଭକ୍ତ ହୋଇ ରହିଥାଏ, ସେହି ଗୁଣରାଜି ମାନବର ନିତ୍ୟ ଜୀବନରେ ଗୋଟିଏ ଭଳି ଉପଯୋଗ ନହୋଇ ଦିନେ ଅତିକମ୍ ଉପଯୋଗ ହୋଇପାରେ, ଦିନେ କିଛି ଅଧିକ ହୋଇପାରେ, ଆଉ ଦିନେ ସବୁଠାରୁ ଅଧିକ ଉପଯୋଗ ହୋଇପାରେ । ଉଦାହରଣ ସ୍ୱରୂପ ଜଣେ ଲୋକ ଗାଧୋଇବା ପରେ ତାର ବସ୍ତ୍ର ସଫାକରିବା ଦିନ ନିଶ୍ଚୟ କିଛି ଅଧିକ ଜଳ ଖର୍ଚ୍ଚ ହୋଇଥାଏ । ଗାଧୋଇ ନଥିବା ଦିନ, ବସ୍ତ୍ର ସଫା ନ କରିବା ଦିନ ଜଳଖର୍ଚ୍ଚ ଖୁବ୍ କମ୍ ହୋଇଥାଏ । ସେହିଭଳି ମଣିଷ ମଧ୍ୟ ତୀବ୍ର ବିଚାର କରିବା ବେଳେ, ଦିନେ ଅଧିକ ଗୁଣ ଉପଯୋଗ କରୁଥିବା ସ୍ଥଳେ, କିଛି ବିଚାର ନକରି ଶୋଇ ରହିଥିବା ଦିନ ଖୁବ୍ କମ୍ ଗୁଣ ଉପଯୋଗ କରିଥାଏ । ସବୁଦିନ ଏହି ଗୁଣର ଉପଯୋଗ ସବୁ ମଣିଷଠାରେ ଅଳ୍ପ କିମ୍ବା ଅଧିକ ହୋଇଥାଏ ବୋଲି ବ୍ରହ୍ମଜ୍ଞାନୀମାନେ ଜାଣିଥାନ୍ତି । ବ୍ରହ୍ମଜ୍ଞାନ ଜଣାନଥିବା ଲୋକମାନଙ୍କୁ କୂଅର ଜଳ ଭଳି ଗୁଣଗୁଡିକୁ ଆମେ ଉପଯୋଗ କରିବା ଉଚିତ୍ ବୋଲି ଜଣାନଥାଏ । ସବୁଦିନ ଏହି ଗୁଣଗୁଡିକର ପ୍ରଭାବ ନିଜଠାରେ ପଡୁଥିଲେ (ମୁଣ୍ଡରେ ନାନା ବିଚାର ହେଉଥିଲେ) ମଧ୍ୟ ତାହାକୁ ଚିହ୍ନି ନପାରି, ତା ଠାରେ ହେଉଥିବା ବିଚାର ମଧ୍ୟ ସେ ନିଜେ କରୁଛି ବୋଲି ମଣିଷ ଭାବିଥାଏ ।

ବେଦ କହିଲେ ତିନି ଗୁଣରାଜି ବୋଲି ୪୫ତମ ଶ୍ଲୋକରେ ଭଗବାନ କହିଛନ୍ତି, ତେଣୁ ୪୬ ତମ ଶ୍ଲୋକରେ ମଧ୍ୟ ବେଦ ଶବ୍ଦଟିଏ ଥିବା ସ୍ଥାନରେ

ଗୁଣ ଶବ୍ଦକୁ ରଖି ଜ୍ଞାନ ଜାଣିବା ଉଚିତ୍ । ତାହା ନକରି ଅନ୍ୟଥା ଭିନ୍ନ ଭାବକୁ ଉପଯୋଗ କଲେ ଭଗବାନଙ୍କ କଥାକୁ ଅମାନ୍ୟ କରିବା ଭଳି ହେବ ।

**(୧) ଶ୍ଳୋକ,୪୭ : କର୍ମଣ୍ୟେ ବାଧିକାରସ୍ତେ ମାଫଳେଷୁ କଦାଚନ ।**
**ମା କର୍ମଫଳ ହେତୁର୍ଭୂମା ତେ ସଙ୍ଗୋଽସ୍ତ୍ୱ କର୍ମଣି ॥**
**(କର୍ମଯୋଗ)**

**ଭାବାର୍ଥ :** କର୍ମ ଅର୍ଜନ କରିବାରେ ତୋର ଅଧିକାର ରହିଛି । କର୍ମଫଳକୁ ଆଶା କର ନାହିଁ । କର୍ମ କୁହାଯାଉଥିବା ପାପପୁଣ୍ୟର ଫଳ କଷ୍ଟସୁଖର କାରକ ହୁଅ ନାହିଁ । ସେହିଭଳି କର୍ମ ଆସେ ବୋଲି ତା ସମ୍ବନ୍ଧୀୟ କାର୍ଯ୍ୟକୁ ମଧ୍ୟ ତୁ ନକରି ଛାଡିଦେବା ଉଚିତ୍ ନୁହେଁ ।

**ବିବରଣୀ :** ପଛ ଶ୍ଳୋକରେ ପ୍ରତ୍ୟେକ ମନୁଷ୍ୟର ବିଚାର ଗୁଣଗୁଡିକ ଦ୍ୱାରା ହୋଇଥାଏ, ବିଚାରଗୁଡିକ ଦ୍ୱାରା କାର୍ଯ୍ୟଗୁଡିଏ ହୋଇଥାଏ ବୋଲି ଜାଣିଲେ । ଗୁଣଗୁଡିକ ଦ୍ୱାରା ହେଉଥିବା କାର୍ଯ୍ୟଗୁଡିକରେ କର୍ମ ନାମକ ଫଳ ନିଶ୍ଚୟ କିଛି ରହିଥାଏ । ତାହାକୁ ହିଁ ପାପ ପୁଣ୍ୟ କୁହାଯାଏ । ଅଗ୍ନି ସହିତ ଧୂଆଁ ଅନୁବନ୍ଧିତ ହୋଇ ରହିଥିବା ଭଳି କାର୍ଯ୍ୟ ସହିତ କର୍ମ, କର୍ମ ସହିତ କାର୍ଯ୍ୟ ଅନୁବନ୍ଧିତ ହୋଇ ରହିଥାଏ । ଅର୍ଥାତ୍ କାର୍ଯ୍ୟରୁ ପାପପୁଣ୍ୟ ଆସିବା, ଆସିଥିବା ପାପ ପୁଣ୍ୟ ଅନୁସାରେ ପୁଣି କାର୍ଯ୍ୟହେବା ପ୍ରତ୍ୟେକ ଜୀବରାଶି ପାଇଁ ପ୍ରକୃତିସିଦ୍ଧ ଭାବରେ ରହିଛି । ପ୍ରକୃତିସିଦ୍ଧ ଭାବରେ ମାନବ ଗତ ଜନ୍ମର ପାପ ପୁଣ୍ୟକୁ ପ୍ରାରବ୍ଧକର୍ମ ଭାବରେ ଅନୁଭବ କରୁଥାଇ, ଏ ଜନ୍ମରେ କାର୍ଯ୍ୟ କରୁଥାଏ । ସେହି କାର୍ଯ୍ୟରେ ଅନୁସନ୍ଧିତ ହୋଇ ରହିଥିବା କର୍ମକୁ ନିଜେ କରୁଛି ବୋଲି ଭାବି ପୁନର୍ବାର କର୍ମର ଗଣ୍ଠିଲିକୁ ମୁଣ୍ଡରେ ବୋହି ଚାଲିଥାଏ । ପର ଜନ୍ମରେ ତାହାକୁ ହିଁ ନିଶ୍ଚୟ ଅନୁଭବ କରିବାକୁ ହେବ, ଏହା ପ୍ରକୃତିସିଦ୍ଧ ପଦ୍ଧତି ହୋଇଥିବା ବେଳେ, ଏହାର ବ୍ୟତିରେକ ପରମାତ୍ମା ପଦ୍ଧତି ମଧ୍ୟ କିଛି ରହିଛି । ତାହା ହେଉଛି ! ଅତୀତରେ ତାକୁ ଲାଗି ରହିଥିବା କର୍ମ କାର୍ଯ୍ୟ ରୂପରେ ଆଚରଣ ହେବାବେଳେ, ସେହି କାର୍ଯ୍ୟରେ ଅନୁସନ୍ଧିତ ହୋଇ ଆସୁଥିବା ନୂଆ ପାପପୁଣ୍ୟ (କର୍ମ) ଗୁଡିକର, ନିଜ ସହିତ କୌଣସି ସମ୍ପର୍କ ନାହିଁ ବୋଲି ପ୍ରମାଣକୁ ଜାଣି, ତାହାକୁ ବିନାଶ

କରିବା ଦ୍ୱାରା ନୂଆ କର୍ମ ନଆସି ନୂଆ କାର୍ଯ୍ୟ ମଧ୍ୟ ହୋଇ ନଥାଏ । ନୂଆକର୍ମ ନଥିଲେ ନୂଆ କାର୍ଯ୍ୟ ନଥାଏ । ତେଣୁ ଜୀବ ନୂଆ ଜନ୍ମହୋଇ ନୂଆ କର୍ମକୁ ଅନୁଭବ କରିବାକୁ ପଡିନଥାଏ । କର୍ମାଚରଣରେ ଥିବା କାର୍ଯ୍ୟଗୁଡିକ ଦ୍ୱାରା ନୂଆକର୍ମକୁ ଆସିବାକୁ ନଦେଇ ଅର୍ଥାତ୍ ନୂଆକର୍ମ ବନ୍ଧନରେ ନପଡି, ଶରୀର ଦ୍ୱାରା ନୂଆ କାର୍ଯ୍ୟ ହେବା ଆଗରୁ ଖସିଯିବା (ଅତିକ୍ରମ କରିଯିବା) ହେଉଛି ପରମାତ୍ମାସିଦ୍ଧ କାର୍ଯ୍ୟ । ପ୍ରକୃତିସିଦ୍ଧ କାର୍ଯ୍ୟ କହିଲେ **ପ୍ରକୃତିରେ ପହଞ୍ଚିବା ପଦ୍ଧତି,** ପରମାତ୍ମାସିଦ୍ଧ ପଦ୍ଧତି କହିଲେ **ପରମାତ୍ମାରେ ପହଞ୍ଚିବା ପଦ୍ଧତି** ବୋଲି ବୁଝିବା ଉଚିତ୍ ।

ଭଗବାନ ଏହିଭଳି ଦୁଇଟି ପଦ୍ଧତି ଅଛି ବୋଲି ଜଣାଇ ପ୍ରକୃତିସିଦ୍ଧ ଭାବେ କର୍ମ ଅର୍ଜନ, ପରମାତ୍ମାସିଦ୍ଧ ଭାବେ କର୍ମ ବିନାଶ କରିହେବ ବୋଲି କହିଛନ୍ତି । ଦୁଇ ପଦ୍ଧତିରୁ କୌଣସି ଗୋଟିଏ ଆଚରଣ କରି କର୍ମାର୍ଜନ କରିବା, ନକରିବାରେ ମାନବର ଅଧିକାର ଅଛି ବୋଲି ଜଣାଇଛନ୍ତି । **"କର୍ମଣ୍ୟେ ବାଧିକାରସ୍ତେ"** ଅର୍ଥାତ୍ କର୍ମକୁ ଅର୍ଜନ କରିବା, ନ କରିବାରେ ବା କର୍ମ ବନ୍ଧନରେ ପଡିବା, ନ ପଡିବାରେ ତୋର ଅଧିକାର ଅଛି ବୋଲି କହିଥିବା ଜଣାଯାଉଛି । ସେହିଭଳି କର୍ମଫଳ ହୋଇଥିବା ସୁଖଦୁଃଖ ଗୁଡିକୁ ଅନୁଭବ କରିବାରେ କାହାର ଅଧିକାର ନାହିଁ । କର୍ମ ଥରେ ଆସିଯାଇଥିଲେ ତାହା କାର୍ଯ୍ୟରୂପ ହୋଇ ଦୁଃଖ ସୁଖ ରୂପେ ନିଶ୍ଚୟ ଅନୁଭବ କରିବାକୁ ହୁଏ । ଅର୍ଜନ ହୋଇଯାଇଥିବା କର୍ମ ଦ୍ୱାରା ଜାତ ହେଉଥିବା କଷ୍ଟସୁଖକୁ କେହି ନିବାରଣ କରିପାରିବେ ନାହିଁ । ବିଷ୍ଣୁ, ଈଶ୍ୱର, ବ୍ରହ୍ମାଙ୍କ ସମେତ ସମସ୍ତେ ଏହି କର୍ମକୁ ଅନୁଭବ କରିବାକୁ ବାଧ୍ୟ । ତେଣୁ କର୍ମଫଳ ହୋଇଥିବା କାର୍ଯ୍ୟରେ କାହାର କୌଣସି ଅଧିକାର ନାହିଁ । ତାହା ଯେପରି ଥିବ ସେହିପରି କରି, ଅନୁଭବ କରିବାକୁ ହେବ ।

ବାସ୍ତବରେ କର୍ମବିଧି ଏହିଭଳି ରହିଛି, ତେଣୁ କର୍ମଫଳ ଉପରେ ଆଶା ରଖି ତାର କାରଣଭୂତ ବୋଲି ନିଜକୁ ଭାବି ନୂଆକର୍ମ ଆପଣାର କରିବା ଉଚିତ୍ ନୁହେଁ । ସେହିଭଳି କାର୍ଯ୍ୟ କଲେ କର୍ମ ଆସିଥାଏ, ତେଣୁ କାର୍ଯ୍ୟ କରିବି ନାହିଁ କି କର୍ମ ବନ୍ଧନରେ ପଡିବି ନାହିଁ ଭାବି କାର୍ଯ୍ୟ କରିବା ବନ୍ଦ କରିଦେବା ମଧ୍ୟ ଉଚିତ୍

ନୁହେଁ, କାରଣ ! ପ୍ରଥମ କର୍ମ ଆଚରଣ ହିଁ ଭବିଷ୍ୟତର କାର୍ଯ୍ୟ, ତେଣୁ ତୁ କାର୍ଯ୍ୟ କରିବି ନାହିଁ ଭାବିବା ଭୁଲ୍ । ଯିଏ ଯାହା ଭାବନ୍ତୁ, କର୍ମାନୁସାରେ ଯାହା ହେବାକୁ ଅଛି ତାହା ନିଶ୍ଚୟ ହେବ, ତେଣୁ କର୍ମ ଅର୍ଜନ କରିବାରେ ତୋର ଅଧିକାର ଅଛି, କାର୍ଯ୍ୟ କରିବାରେ, ଅନୁଭବ କରିବାରେ ତୋର କୌଣସି ଅଧିକାର ନାହିଁ ବୋଲି ବୁଝିବା ଉଚିତ୍ । ଅନ୍ୟମାନେ ଲେଖିଥିବା ଗୀତା ଗୁଡିକରେ ଏହି ଶ୍ଳୋକର ଭାବାର୍ଥ ସମ୍ପୂର୍ଣ୍ଣ ଭୁଲ୍ ଲେଖିଛନ୍ତି । **(କାର୍ଯ୍ୟ କରିବାରେ ତୋର ଅଧିକାର ଅଛି, ଫଳ ଉପରେ ନାହିଁ ବୋଲି ଅନ୍ୟମାନେ ଲେଖିଛନ୍ତି, କିନ୍ତୁ "କାର୍ଯ୍ୟ କରିବାରେ ତୋର ଅଧିକାର ନାହିଁ, ଫଳରେ ଅଛି" ବୋଲି ଆମେ ଲେଖିଛୁ ।)** କାର୍ଯ୍ୟ ଉପରେ ଅଧିକାର ନାହିଁ, ତୋର ଇଚ୍ଛା ଥାଉ ବା ନଥାଉ ତୋ ଦ୍ୱାରା କାର୍ଯ୍ୟ ବଳପୂର୍ବକ ହେବ, ତୋ କର୍ମ ଅନୁସାରେ ତୋତେ ଯୁଦ୍ଧ କରିବାକୁ ହେବ, ତୋର ଇଚ୍ଛା ନଥିଲେ ମଧ୍ୟ କର୍ମ ତାହା ନିଶ୍ଚୟ କରାଇବ ବୋଲି ଭଗବାନ କହିଛନ୍ତି । ଏହି ଅନୁସାରେ କାର୍ଯ୍ୟ ଉପରେ ଆମର ଅଧିକାର ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି । ତେଣୁ ଆମେ ଏଠାରେ ଲେଖିଥିବା ଭାବାର୍ଥ ଠିକ୍ କି ନୁହେଁ ବିଚାର କରିବାକୁ ଆଉଥରେ ମନେ ପକାଇ ଦେଉଛୁ । କାର୍ଯ୍ୟ କରିବାରେ କାହାର ଅଧିକାର ନଥିବା ଯୋଗୁଁ, କାର୍ଯ୍ୟ କରୁଥାଇ ତା ଦ୍ୱାରା ଜାତ ହେଉଥିବା କର୍ମବନ୍ଧନରୁ ମୁକୁଳିବାକୁ ତଳଶ୍ଳୋକରେ କଣ କହୁଛନ୍ତି ଦେଖିବା ।

**(୧) ଶ୍ଳୋକ,୪୮ : ଯୋଗସ୍ଥଃ କୁରୁ କର୍ମାଣି ସଂଗଂ ତ୍ୟକ୍ତ୍ୱା ଧନଂଜୟ ! ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।**

**(କର୍ମଯୋଗ)**

**ଭାବାର୍ଥ :** କରୁଥିବା କାର୍ଯ୍ୟର ଲାଭକ୍ଷତିକୁ ଦୃଷ୍ଟି ନ ଦେଇ, ଭଲ କିମ୍ବା ମନ୍ଦ କାର୍ଯ୍ୟରେ ସମବୁଦ୍ଧି ହୋଇ ଯିଏ କାର୍ଯ୍ୟାଚରଣ କରେ ସେ ଯୋଗନିଷ୍ଠ । ତୁ ଏହିଭଳି କାର୍ଯ୍ୟ କର୍ ।

**ବିବରଣୀ :** କାର୍ଯ୍ୟର ଲାଭକ୍ଷତିକୁ ସମାନ ଦେଖିବା ଦ୍ୱାରା ଯୋଗ ହୋଇଥାଏ, ତାହା ହିଁ କର୍ମଯୋଗ । ଲାଭ,କ୍ଷତିକୁ ସମାନ ଭାବିବା ଯଦି କର୍ମଯୋଗ, ତେବେ ତ ସହଜ ! ବୋଲି କେହି କେହି ଭାବିବା ଦୁର୍ଯୋଗ ରହିଛି । କାରଣ ! କାର୍ଯ୍ୟ ସମ୍ବନ୍ଧୀୟ ଜ୍ଞାନ ଜାଣିଥିଲେ ଲାଭକ୍ଷତିରେ ଧ୍ୟାନ ନଦେଇ କାର୍ଯ୍ୟ କରିପାରିବା ।

ତାଛଡା କାର୍ଯ୍ୟ କେଉଁ କାରଣରୁ ହେଉଛି, କେଉଁ କାରଣରୁ ନୂଆକର୍ମ ଆସୁଛି, ବାସ୍ତବ କାର୍ଯ୍ୟ ଆଚରଣ ଆଉ ଯୋଗ ସମାଚ୍ଚର କଣ ଜାଣି ନପାରିଲେ କାର୍ଯ୍ୟରେ ସମତା ନଆସି ସୁଖଦୁଃଖ ନିଶ୍ଚୟ ଜାତହେବ । ତେଣୁ **ସଂଗଂ ତ୍ୟକ୍ତ୍ୱା** ବୋଲି ଶ୍ଳୋକରେ କୁହାଯାଇଛି । **ସଂଗଂ** ନାମକ ଶବ୍ଦରେ ଏହି ଶ୍ଳୋକର ଅର୍ଥ ରହିଛି ବୋଲି ଗ୍ରହଣ କରିବା ଉଚିତ୍ । "ସଂଗଂ ତ୍ୟକ୍ତ୍ୱା" ଅର୍ଥାତ୍ ମିଳିତ ନହେବା ବା ନମିଶିବା । ତେଣୁ ଏଠାରେ ବିଚ୍ଚର କରିବା ଉଚିତ୍ ଯେ, ଆମେ କାହା ସହିତ ମିଳିତ ହେବା ନାହିଁ ? ବା କାହାକୁ ଛାଡିବା ? କିଏ କାହା ସହିତ ମିଶିବା କଥା ନୁହେଁ ? ଏହି ପ୍ରଶ୍ନଗୁଡିକର ଉତ୍ତର ଦରକାର । ଏହାର ଉତ୍ତର ଗୀତାର ଆଗତ ଶ୍ଳୋକଗୁଡିକରେ ଭଲରେ ବୁଝାଇ ଦିଆଯାଇଛି; ତଥାପି ଏଠାରେ ଯେହେତୁ ସେହି ସନ୍ଦର୍ଭ ଆସିଛି ତେଣୁ ତା ବାବଦରେ ଆଗରୁ ନିଶ୍ଚୟ କିଛି ଜାଣିବା ଦରକାର । ଆମ ଶରୀରରେ ଥିବା ୨୫ଗୋଟି ଭାଗରୁ ଅନ୍ୟତମ ହୋଇଥିବା ଅହମ୍ ସହିତ ମିଳିତ ନହୋଇ କାର୍ଯ୍ୟ କଲେ କର୍ମ ବନ୍ଧନରେ ପଡିବା ନାହିଁ, ନୂଆ କର୍ମ ଆସିବ ନାହିଁ । ଏଭଳି ନୂଆ କର୍ମ ବନ୍ଧନରେ ନପଡିବା କର୍ମଯୋଗ । ଶରୀରର ୨୫ ଭାଗରୁ ଅନ୍ୟତମ ହୋଇଥିବା ଅହମ୍ ସହିତ କିଏ ମିଳିତ ହେବ ନାହିଁ ? ପ୍ରଶ୍ନର ଉତ୍ତର ଖୋଜିଲେ ଜଣାଯାଏ ଯେ ମୋଟ ୨୫ଗୋଟି ଭାଗରୁ ନିଜେ ଅନ୍ୟତମ ହୋଇ ସବୁକିଛିକୁ ଅନୁଭବ କରୁଥିବା ଜୀବ ଅହମ୍ ସହିତ ମିଳିତ ହେବା ଉଚିତ୍ ନୁହେଁ । ଜୀବ ଅହମ୍ ସହିତ ମିଳିତ ନହୋଇ କାର୍ଯ୍ୟ କଲେ ତାହା କର୍ମଯୋଗ ହୋଇଥାଏ । ତେଣୁ **ସଂଗଂ ତ୍ୟକ୍ତ୍ୱା "କୁରୁ କର୍ମାଣି" "ଯୋଗସ୍ଥଃ"** ବୋଲି କହିଛନ୍ତି । ସଂଗଂ ତ୍ୟକ୍ତ୍ୱା - ଅହମ୍ ସହିତ ନମିଶି ବା ଅହଂ ଭାବ ପ୍ରାପ୍ତ ନହୋଇ, କୁରୁ କର୍ମାଣି - କର୍ମରେ ଥିବା କାର୍ଯ୍ୟ କର୍, ଯୋଗସ୍ଥଃ - ଯୋଗୀ ଭାବରେ ।

**(୧) ଶ୍ଳୋକ,୪୯ : ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ ଧନଞ୍ଜୟ ! ।**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳ ହେତବଃ ॥**

**(କର୍ମଯୋଗ)**

**ଭାବାର୍ଥ :** କର୍ମ ବିନାଶ କରୁଥିବା କର୍ମଯୋଗଠାରୁ, ନୀଚ ସ୍ଥିତି ଜାତ କରୁଥିବା

କର୍ମରେ ଭିନ୍ନତା ରହିଛି । ତୁ ନୀଚ ସ୍ଥିତି ଜାତ କରୁଥିବା କର୍ମକୁ ତ୍ୟାଗ କରି, ଉନ୍ନତ ସ୍ଥିତି ଜାତ କରୁଥିବା କର୍ମଯୋଗକୁ ଆଶ୍ରୟ କର୍ ।

**ବିବରଣୀ :** କର୍ମଯୋଗର ଲକ୍ଷ୍ୟ ହେଉଛି ଜନ୍ମବନ୍ଧନରୁ ଜୀବକୁ ରକ୍ଷା କରି ଉନ୍ନତ ଈଶ୍ୱରଙ୍କ ସହିତ ମିଶାଇବା । କର୍ମ ଜୀବପାଇଁ ଜନ୍ମବନ୍ଧନ ଜାତ କରାଇଥାଏ, ଜୀବକୁ ବାରମ୍ବାର ଜନ୍ମ ହେବା ଭଳି କରାଇଥାଏ, ତେଣୁ କର୍ମ ଆଉ କର୍ମଯୋଗରେ ଭିନ୍ନତା ରହିଛି ବୋଲି କହିପାରିବା । ସେଥିଲାଗି ତୁ ନୀଚ ବା ଜନ୍ମ ସ୍ଥିତି ଜନ୍ମାଉଥିବା କର୍ମକୁ ଛାଡି, ଉନ୍ନତ ସ୍ଥିତିକୁ ଯିବାର ଉପାୟ ହୋଇଥିବା କର୍ମଯୋଗର ଶରଣ୍ୟ ହୋଇଯାଆ ବୋଲି କହି, ଏହି କଥାକୁ ଶକ୍ତି ଯୋଗାଉଥିବା ଭଳି ଆଉ କିଛି ତଳ ଶ୍ଳୋକରେ କହୁଛନ୍ତି ।

**(୧) ଶ୍ଳୋକ,୫୦ : ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ ଦୁଷ୍କୃତେ ।**
**ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୟ ଯୋଗଃ କର୍ମସୁ କୌଶଳଂ ॥**
**(କର୍ମଯୋଗ)**

**ଭାବାର୍ଥ :** ଯିଏ କର୍ମଯୋଗ ଆଚରଣ କରୁଛି ସେ କର୍ମ ବା ପାପପୁଣ୍ୟକୁ ବିନାଶ କରେ, ତେଣୁ ତୁ ମଧ୍ଯ କାର୍ଯ୍ୟଗୁଡିକ କରିବା ସହିତ କାର୍ଯ୍ୟରେ ମିଶି ରହିଥିବା ପାପପୁଣ୍ୟକୁ ନ ପାଇବା ଉପାୟ ଜାଣ୍, ତାହାହିଁ କର୍ମଯୋଗ ।

**ବିବରଣୀ :** ପରମାତ୍ମାରେ ଲୀନ ହେବାପାଇଁ ଗୀତାରେ ଯେଉଁ ଦୁଇଟି ଯୋଗ କହିଛନ୍ତି ତନ୍ମଧ୍ଯରୁ ଗୋଟିଏ ହୋଇଥିବା କର୍ମଯୋଗ କଣ, ତାହା କେତେ ନିଷ୍ଠାର ସହିତ କରିବାକୁ ହେବ, ତାହା ସାଧନା କରିବାକୁ କେଉଁଭଳି ପଦ୍ଧତି ରହିଛି ସେସବୁ ବାବଦରେ ବିଚାର କରିବା ଦରକାର ନାହିଁ । କାରଣ ! କର୍ମଯୋଗରେ କୌଣସି ସାଧନାର ଆବଶ୍ୟକ ନାହିଁ । ଯାହା ଅଛି ତାହା ଏକମାତ୍ର ପଦ୍ଧତି । ତୋ ଦ୍ୱାରା ହେଉଥିବା କୌଣସି କାର୍ଯ୍ୟ ହେଉ କିଛି କଥା ନାହିଁ, କିନ୍ତୁ କରୁଥିବା କାର୍ଯ୍ୟରେ କର୍ମବନ୍ଧନ ଆସୁନଥିବା ଯୋଗ କୁଶଳତାକୁ ତୁ ଜାଣିବାକୁ ହେବ । ସବୁ କାର୍ଯ୍ୟ କରୁଥାଇ ମଧ୍ଯ କାର୍ଯ୍ୟରେ ଥିବା ଭିନ୍ନତାକୁ ଛାଡି, କର୍ମ ଅନୁସାରେ କାର୍ଯ୍ୟ ହେଉଛି ବୋଲି ଜାଣି, ବିଚାର ପୂର୍ବକ କାର୍ଯ୍ୟକରି ସେଥିରେ ଅହଂକାରକୁ ଆସିବାକୁ ନଦେଲେ ତୁ କର୍ମବନ୍ଧନରେ ପଡିବୁ ନାହିଁ । ତାହା ହିଁ କର୍ମବନ୍ଧନରୁ

ମୁକୁଳିବାର ପ୍ରବୀଣତା, ତାକୁ ହିଁ **କର୍ମସୁ କୌଶଳଂ** ବୋଲି ଗୀତାରେ କହୁଛନ୍ତି । କୌଣସି ନିୟମ ନଥିବା କର୍ମଯୋଗ ସମସ୍ତ କାର୍ଯ୍ୟ କରୁଥାଇ ମଧ୍ୟ କର୍ମବନ୍ଧନରେ ପକାଇନଥାଏ, ତେଣୁ ଯିଏ କର୍ମଯୋଗ ଆଚରଣ କରୁଛି ସେ ସୁକୃତ ଦୁଷ୍କୃତ ହୋଇଥିବା ପାପ ପୁଣ୍ୟକୁ ବିନାଶ କରିଦେଇ ପାରେ । ଅର୍ଥାତ୍ ଭଲକାର୍ଯ୍ୟ କରିବା ଦ୍ୱାରା ସମ୍ଭବ ହେଉଥିବା ସୁକୃତ ପୁଣ୍ୟକୁ, ସେହିଭଳି ଖରାପ କାର୍ଯ୍ୟ ଦ୍ୱାରା ସମ୍ଭବ ହେଉଥିବା ଦୁଷ୍କୃତ ପାପକୁ ନିଜର କରିନଥାଏ । ଏହାହିଁ କର୍ମଯୋଗର ପ୍ରବୀଣତା ବୋଲି ଜାଣିବା ଉଚିତ୍ ।

**ମୁଖ୍ୟ ସୂଚନା :** ଖରାପ କାର୍ଯ୍ୟକୁ ଛାଡି ଭଲକାର୍ଯ୍ୟ କର ବୋଲି ସମସ୍ତେ କହିଥାନ୍ତି, ଏକଥା ଆମେ ସମସ୍ତେ ଜାଣିଛେ, ହେଲେ ଗୀତାରେ ଗତଜନ୍ମର କର୍ମ ଅନୁସାରେ ଭଲମନ୍ଦ କାର୍ଯ୍ୟସବୁ ରହିଥାଏ, ତାହା କାହାର ଇଚ୍ଛା ଅନୁସାରେ ହୋଇନଥାଏ ବୋଲି କହିଛନ୍ତି । ହେଉଥିବା କାର୍ଯ୍ୟରୁ ଯେଉଁଭଳି ନୂଆକର୍ମ ନଆସିବ ସେହିଭଳି କାର୍ଯ୍ୟ କର ବୋଲି କହିଛନ୍ତି ସିନା ଖରାପ କାର୍ଯ୍ୟକୁ ଛାଡି ଭଲକାର୍ଯ୍ୟ କର୍ ବୋଲି କହିନାହାନ୍ତି । ବାସ୍ତବରେ କାର୍ଯ୍ୟର ଭିନ୍ନତାକୁ ସେ କହିନାହାନ୍ତି । କର୍ମଯୋଗରେ କର୍ମ ଅନୁସାରେ କାର୍ଯ୍ୟଗୁଡିକ ବଳପୂର୍ବକ ହୋଇଥାଏ । ତେଣୁ ସବୁକାର୍ଯ୍ୟକୁ ସମାନ ଭାବି କାର୍ଯ୍ୟକରି ସେଥିରୁ ନୂଆକର୍ମ ନ ଆଣିବାର ବିଧି ଭଗବାନ ଏହି ଶ୍ଲୋକରେ ବୋଧ କରିଛନ୍ତି । ଏହି ନିୟମ ଦ୍ୱାରା କୌଣସି କାର୍ଯ୍ୟ ହେଉଥିଲେ ମଧ୍ୟ ନିଜ ଚେଷ୍ଟାରେ କର୍ମ ଆସିବାକୁ ନଦେବା ବେଳେ, ପୁନର୍ବାର ସେହି କାର୍ଯ୍ୟ ଆଉ ହେବାର ପ୍ରଶ୍ନ ନଥାଏ । କର୍ମ ନିର୍ମିତ କାର୍ଯ୍ୟରୁ କେହି ବାଦ ଯିବେ ନାହିଁ, ସେ କାର୍ଯ୍ୟକୁ ନକରି କେହି ରହି ପାରିବେ ନାହିଁ, କିନ୍ତୁ ସେହି କାର୍ଯ୍ୟ ଆଉ ନହେବାକୁ ହେଲେ ସେହି କାର୍ଯ୍ୟର କାରଣ (ବୀଜ) କର୍ମକୁ ନିଖୋଜ କରିବାକୁ ହେବ, ଅର୍ଥାତ୍ କର୍ମବୀଜକୁ ବିନାଶ କରିବାକୁ ହେବ, ତାହାହିଁ ପ୍ରକୃତ କର୍ମଯୋଗ ।

**(୧) ଶ୍ଲୋକ,୫୧ : କର୍ମଜଂ ବୁଦ୍ଧିଯୁକ୍ତାହି ଫଳଂତ୍ୟକ୍ତ୍ୱା ମନୀଷିଣଃ ।**
**ଜନ୍ମବନ୍ଧ ବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ॥**

**(କର୍ମଯୋଗ)**

**ଭାବାର୍ଥ :** ଜ୍ଞାନୀମାନେ କର୍ମଫଳକୁ ଛାଡି, ଜନ୍ମବନ୍ଧକୁ ତ୍ୟାଗ କରି ମୋକ୍ଷ ପାଇଥାନ୍ତି ।

**ବିବରଣୀ :** କର୍ମଯୋଗ ଆଚରଣ କରୁଥିବା ଜ୍ଞାନୀମାନେ ପ୍ରାରବ୍ଧକର୍ମରୁ ମିଳୁଥିବା ଦୁଃଖକଷ୍ଟ, ଲାଭକ୍ଷତିର ଫଳକୁ ଛାଡି,ସେଥିରୁ ମିଳୁଥିବା ଆଗାମୀ କର୍ମରୁ ବଞ୍ଚିତରହି, ଜନ୍ମବନ୍ଧ ଜାତ କରୁଥିବା ସଞ୍ଚିତକର୍ମକୁ ମଧ୍ୟ ଛାଡି ଅବିନାଶୀ, ପରମାତ୍ମା ସ୍ୱରୂପ ମୋକ୍ଷକୁ ପାଇଥାନ୍ତି ।

**(ଗୋଟିଏ ଜନ୍ମରେ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଅନୁଭୂତ କର୍ମକୁ ପ୍ରାରବ୍ଧ କର୍ମ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନୂଆ ଆସୁଥିବା କର୍ମକୁ ଆଗାମୀ କର୍ମ, ଜନ୍ମବନ୍ଧ ସୃଷ୍ଟି କରୁଥିବା ଗଚ୍ଛିତ କର୍ମକୁ ସଞ୍ଚିତକର୍ମ କୁହାଯାଏ )**

ଏହି ଶ୍ଳୋକରେ ପ୍ରାରବ୍ଧ କର୍ମକୁ ଆଚରଣ କରୁଥାଇ, ନୂଆ ଆସୁଥିବା ଆଗାମୀ କର୍ମକୁ ଆସିବାକୁ ନଦେଇ, ପୁନର୍ଜନ୍ମଦାୟୀ ସଞ୍ଚିତ କର୍ମକୁ ବିନାଶ କରି ମୋକ୍ଷ ପାଅ ବୋଲି ମୁଖ୍ୟତଃ କହିଛନ୍ତି । ଏହି ଶ୍ଳୋକକୁ ସମ୍ପୂର୍ଣ୍ଣ ଖୋଜିଲେ କର୍ମଜଂ କହିଲେ ପ୍ରାରବ୍ଧ କର୍ମ, ଜନ୍ମବନ୍ଧ କହିଲେ ଆଗାମୀ କର୍ମ ବୋଲି ଜଣାଯାଇଛି, ହେଲେ ସଞ୍ଚିତ କର୍ମ କୁଆଡେ ଗଲା ! ବୋଲି କେତେକଙ୍କ ଠାରେ ସନ୍ଦେହ ଆସିପାରେ, ତାର ସମାଧାନ ହେଉଛି ପୁରୁଣା କର୍ମଗୁଡିକ ପ୍ରାରବ୍ଧ ରୂପରେ ଆଦାୟ ହେଉଥିବା ବେଳେ, ନୂଆ କର୍ମ ହୋଇଥିବା ଆଗାମୀ କର୍ମ ଯଦି ନଆସୁଛି, ସେତେବେଳେ କଣ ବା ଆଉ ଗଚ୍ଛିତ ହେବ ? ସେହି ଗଚ୍ଛିତ ହୋଇ ରହିଥିବା କର୍ମ ହିଁ ସଞ୍ଚିତ କର୍ମ । ଆଗାମୀ କର୍ମ ରହିଲେ ସିନା ପରେ କିଛି ଗଚ୍ଛିତ ହେବ ! କର୍ମଯୋଗରେ ଆଗାମୀ କର୍ମ ରହୁ ନଥିବାରୁ ଦିନେ ସଞ୍ଚିତ କର୍ମ ଆଉ ରହିବ ନାହିଁ ବୋଲି ଜାଣିବା ଉଚିତ୍ । ସଞ୍ଚିତ କର୍ମ ନଥିବା ବେଳେ ସେଥିରୁ ଆସୁଥିବା ପ୍ରାରବ୍ଧ କର୍ମ କୁଆଡୁ ଆସିବ ! ପ୍ରାରବ୍ଧ ନଥିଲେ ଆଉ ଜନ୍ମହୋଇ କେଉଁ କର୍ମ ଅନୁଭବ କରିବା !! ତେଣୁ ସେତିକିବେଳେ (ସଞ୍ଚିତ କର୍ମ ନଥିବା ବେଳେ) ଅନୁଭବ କରିବାକୁ ଥିବା ପ୍ରାରବ୍ଧ କର୍ମ ମଧ୍ୟ ରହିବ ନାହିଁ, ସେତେବେଳେ ମୋକ୍ଷ କୁହାଯାଉଥିବା ଲକ୍ଷ୍ୟରେ ପହଞ୍ଚି ପାରିବା ବା ପରମପଦ ହୋଇଥିବା ପରମାତ୍ମାରେ ଲୀନ ହୋଇପାରିବା

**(୧) ଶ୍ଳୋକ,୫୨ : ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତି ତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟଚ ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଯେତେବେଳେ ମୋହଗୁଣ ନାମକ କଲ୍ମଷକୁ ଡେଇଁଯିବୁ, ସେତେବେଳେ ତୁ ଏ ପର୍ଯ୍ୟନ୍ତ ଶୁଣିଥିବା, ଶୁଣିବାକୁ ଥିବା ବିଷୟରୁ ବୈରାଗ୍ୟ ଲାଭ କରିବୁ ।

**ବିବରଣୀ :** ଆମ ଶରୀରରେ ୧୨ ଗୋଟି ଗୁଣ ଥିଲେ ମଧ୍ୟ ସେଗୁଡିକ ଭିତରୁ ଛଅଗୋଟି ଗୁଣର ନାଆଁ ଅଧିକ, ଏହାକୁ ହିଁ ପ୍ରାୟ ସମସ୍ତେ ଜାଣିଥାନ୍ତି, ସେହି ଛଅଗୋଟି ଗୁଣ ଭିତରୁ ଗୋଟିଏ ଗୁଣ ହୋଇଥିବା ମୋହଗୁଣ ଅର୍ଜୁନଙ୍କ ହାତରୁ ଗାଣ୍ଡିବ ଛଡାଇ ତଳେ ପକାଇ ଦେଇଥିଲା । ମୁଁ, ମୋର, ମୋ ନିଜଲୋକ ବୋଲି ପ୍ରେରଣା ଦେଇଥାଏ ଏହି ମୋହଗୁଣ । ଏହି ଗୁଣଗୁଡିକୁ ଛାଡି ମୋର, ଆପଣାରନାମକ ବିଷୟକୁ ନଭୁଲିବା ପର୍ଯ୍ୟନ୍ତ,ଏଯାଏଁ କୁହାଯାଇଥିବା କର୍ମଯୋଗ ବିବରଣୀ, କହିବାକୁ ବାକିଥିବା ବ୍ରହ୍ମଯୋଗ ବିବରଣୀ ଜାଣିବା ପାଇଁ ଆଶକ୍ତି ଜାଗ୍ରତ ହେବ ନାହିଁ । ତେଣୁ ଆଶକ୍ତି ଜାଗ୍ରତ ହେବାବେଳେ ବେଦ କୁହାଯାଉଥିବା ଗୁଣରାଜିରୁ ଆମେ ବହିର୍ଗତ ହୋଇପାରିବା । ଏଠାରେ **ନିର୍ବେଦଂ** ନାମକ ଶବ୍ଦକୁ ଭୁଲନ୍ତୁ ନାହିଁ । ଜ୍ଞାନ ନଜାଣି ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି ତୋର ନିଜ ଲୋକମାନେ । ତେଣୁ ମୋ ଲୋକ ବୋଲି ମୋହଗୁଣକୁ ଛାଡି ତାର ବ୍ୟତିରେକ ବୈରାଗ୍ୟ ଗୁଣକୁ ଜାଗ୍ରତ କରି ଶ୍ରଦ୍ଧାର ସହିତ ତୁ ଜ୍ଞାନ ନ ଶୁଣିଲେ ବୁଝିପାରିବୁ ନାହିଁ, ଜ୍ଞାନ ବୁଝିବା ପରେ ଯୋଗପ୍ରାପ୍ତ ହେବା ପାଇଁ ସୁଯୋଗ ପାଇବୁ ବୋଲି ଜଣାଇଛନ୍ତି । ଗୀତା ଆରମ୍ଭ କଲାବେଳେ ଜୀବାତ୍ମା, ଆତ୍ମା ବିଷୟ କହି, ତାପରେ କର୍ମଯୋଗ ବିଷୟ କହି, ଏବେ ପର ଶ୍ଳୋକଠାରୁ ବ୍ରହ୍ମଯୋଗ ବିଷୟରେ କହିବାକୁ ଯାଉଛନ୍ତି, ତାହା ତଳେ ଦେଖନ୍ତୁ ।

**(୧) ଶ୍ଳୋକ,୫୩: ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ବିବିଧ ଶୃତିଗୁଡିକ ଦ୍ୱାରା ଆଲୋଡିତ ହୋଇ ରହିଥିବା ତୋର ଅଚିନ୍ତ୍ୟ ବୁଦ୍ଧି ସ୍ଥିର ସମାଧିରେ ସ୍ଥିର ରହିବା ବେଳେ ତୁ ଯୋଗ ପ୍ରାପ୍ତ ହୋଇ ପାରିବୁ ।

**ବିବରଣୀ :** ଗୀତାରେ ତିନି ଆତ୍ମା ବାବଦରେ କୁହାଯାଇଥିଲେ ମଧ୍ୟ କେବଳ ଆତ୍ମା ଶବ୍ଦକୁ ବ୍ୟବହାର କରିଛନ୍ତି । ସେହିଭଳି ଦୁଇଟି ଯୋଗ ବାବଦରେ କହିଥିଲେ ମଧ୍ୟ କେବଳ ଯୋଗ ନାମକ ଶବ୍ଦକୁ ବ୍ୟବହାର କରିଛନ୍ତି । ସେଥିଲାଗି ଆତ୍ମା କହିଲେ କେଉଁ ଆତ୍ମା, ଯୋଗ କହିଲେ କେଉଁ ଯୋଗ ତାହା ଜାଣିବା ପାଇଁ ଆମକୁ ଶ୍ରଦ୍ଧା ପୂର୍ବକ ଗବେଷଣା କରି ଜାଣିବାକୁ ପଡିବ । ଉପର ଶ୍ଲୋକରେ ଯେଉଁ ଯୋଗ ବାବଦରେ କହିଛନ୍ତି ତାହା ବ୍ରହ୍ମଯୋଗ । କ'ଣ କହିଛନ୍ତି ଦେଖନ୍ତୁ !

ନାନା ପ୍ରକାରର ଜ୍ଞାନ ବାବଦରେ ଶୁଣି ଆଲୋଡିତ ହୋଇଥିବା ତୋର ବୁଦ୍ଧି ଚିନ୍ତାହୀନ ହୋଇ, ସର୍ବ ଜୀବରାଶିରେ ଥିବା ଆତ୍ମାଠାରେ ଯେତେବେଳେ ସ୍ଥିର ହୋଇଯିବ ସେତେବେଳେ ତାହା ତୋର ବ୍ରହ୍ମଯୋଗ ହେବ । ସର୍ବ ଜୀବରାଶିରେ ଥିବା ଆତ୍ମାରେ ବୁଦ୍ଧି ସ୍ଥିର ହେବାକୁ **ସମାଧି** କୁହାଯାଏ । ଏହି ଶ୍ଲୋକ ପୂର୍ବରୁ ସବୁ ବିଷୟରେ ରହି, ସବୁକାର୍ଯ୍ୟ କରୁଥାଇ କର୍ମ ବନ୍ଧନରେ ନ ପଡିବା ପଦ୍ଧତି ହୋଇଥିବା କର୍ମଯୋଗ ଜ୍ଞାନକୁ ଶୁଣିଥିବା ଅର୍ଜୁନ, ଏହି ଶ୍ଲୋକରେ ଶରୀରର କୌଣସି ଭାଗ କୌଣସି କାର୍ଯ୍ୟ ନକରି ଶେଷରେ ବୁଦ୍ଧି ମଧ୍ୟ ସ୍ଥିର ରହିଯିବା ବେଳେ ତାହା ବ୍ରହ୍ମଯୋଗ ହୁଏ ବୋଲି ଶ୍ରୀକୃଷ୍ଣଙ୍କ କଥା ଶୁଣି, ଆଶ୍ଚର୍ଯ୍ୟ ହୋଇ ସର୍ବ ପ୍ରଥମେ ଏହି ବ୍ରହ୍ମଯୋଗ ବାବଦରେ ତୁଣ୍ଡଖୋଲି ପଚାରିଛନ୍ତି । ଅର୍ଜୁନ କିଭଳି ଆଶ୍ଚର୍ଯ୍ୟ ହୋଇଛନ୍ତି ଜାଣିଲେ, ଏବେ ଆମେ ଶ୍ରଦ୍ଧା ଲଗାଇ ବ୍ରହ୍ମଯୋଗ ବାବଦରେ ଜାଣିବା । ତା ଆଗରୁ ଜାଣିବା ଯେ, ସେ ଶ୍ରୀକୃଷ୍ଣଙ୍କୁ କଣସବୁ ପଚାରିଛନ୍ତି ।

**ଅର୍ଜୁନ କହୁଛନ୍ତି :**

**(୧) ଶ୍ଲୋକ,୫୪: ସ୍ଥିତପ୍ରଜ୍ଞସ୍ୟ କା ଭାଷା ? ସମାଧିସ୍ଥସ୍ୟ କେଶବ ! ।**
**ସ୍ଥିତଧୀଃ କିଂ ପ୍ରଭାଷେତ ? କିମାସୀତ ? ବ୍ରଜେତ କିମ୍ ? ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ହେ କୃଷ୍ଣ ! ବୁଦ୍ଧି ସ୍ଥିରହୋଇ ଯିଏ ସମାଧିରେ ଥାଏ ସେ କେଉଁ ଭାଷାରେ କହେ ? କେଉଁଭଳି କଥା କହେ ? କେମିତି ବସେ ? କଣ ଆଚରଣ କରେ ?

**ବିବରଣୀ :** ଯାହାର ପ୍ରଜ୍ଞା ସ୍ଥିର ହୋଇଯାଇଛି ଅର୍ଥାତ୍ ଯାହାର ବୁଦ୍ଧି ସ୍ଥିର ହୋଇଯାଇଛି ସେ କେଉଁ ଭାଷାରେ କହେ ? ସାଧାରଣତଃ ଆମେ ତୁଣ୍ଡ ଖୋଲି କହୁଥିବା ଭାଷା ଛଡା କିଛି ମୂକଭାଷା ଅଛି କି ? ଯଦି ସେଭଳି ଭାଷା କିଛି ଅଛି ତେବେ ତାର ବୁଦ୍ଧି କାର୍ଯ୍ୟ କରୁନଥିବା ବେଳେ ସେ କିପରି କଥା କହିବ ? ବୁଦ୍ଧି କାର୍ଯ୍ୟ କରୁନଥିବା ଲୋକ କିପରି ବସିବ ? ମୋଟାମୋଟି ଭାବରେ ଯାହାର ବୁଦ୍ଧି କାର୍ଯ୍ୟ କରୁନାହିଁ ସେ କଣ ବା କରିପାରିବ ? ଏହି ବିଷୟସବୁ ଜାଣିବା ପାଇଁ ଅର୍ଜୁନ ପଚାରିବା ବେଳେ, ଭଗବାନ ବୁଦ୍ଧିନିଶ୍ଚଳତା ପ୍ରାପ୍ତ ହୋଇଥିବା ବ୍ୟକ୍ତି ବାବଦରେ କହିଛନ୍ତି । କଣ କହୁଛନ୍ତି ଜାଣିବା ।

**ଶ୍ରୀ ଭଗବାନ କହୁଛନ୍ତି :**

**(୧) ଶ୍ଲୋକ,୫୫ : ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ! ମନୋଗତାନ୍ ।**
**ଆତ୍ମନ୍ୟେବାତ୍ମାନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯେତେବେଳେ ସମସ୍ତ ଆଶା ଏବଂ ମନାଗତ ବିଷୟ ଗୁଡିକୁ ଚେଷ୍ଟା ପୂର୍ବକ ତ୍ୟାଗ କରି ଆତ୍ମାରେ ଜୀବାତ୍ମା ତୃପ୍ତି ହୋଇଥାଏ ସେତେବେଳେ ତାକୁ ସ୍ଥିତପ୍ରଜ୍ଞ କହିପାରିବା ।

**ବିବରଣୀ :** ଏଠାରେ **ମନୋଗତାନ୍** ହେଉଛି ବିଶେଷ କଥା । ମନରେ ଲଗ୍ନ

ହୋଇଥିବା ଅର୍ଥାତ୍ ମନରେ ଲୁଚି ରହିଥିବା ଗତକାଳର ବିଷୟ ସମୂହକୁ ବୁଝିବା ଉଚିତ୍ । ଏହା ପୂର୍ବରୁ ଶୁଣିଥିବା, ଦେଖିଥିବା, ଖାଇଥିବା, ଛୁଇଁଥିବା, ଶୁଂଘିଥିବା ଇତ୍ୟାଦି ଯେଉଁସବୁ ବିଷୟ ରହିଛି ତାହା ସବୁ ମନୋଗତାନ୍ ବା ମନରେ ଥିବା ବିଷୟ, ସେସବୁ ମନର ସ୍ମୃତିରେ ନଆସି ଏବଂ ଭବିଷ୍ୟତର ଆଶା ମଧ୍ୟ ସ୍ମୃତିକୁ ନଆସି ରହିଯିବା ବେଳେ, ସେ ଶରୀରର ଜୀବାତ୍ମା ସେହି ଶରୀରରେ ରହିଥିବା ଆତ୍ମା ସହିତ ମିଳିତ ହୋଇଥାଏ । ବ୍ରହ୍ମଯୋଗ ଆଚରଣ କରିବାକୁ ଆୟୁଧ ହେଉଛି ମନ । ମନ ଶରୀରର ଭିତର ଏବଂ ବାହାର ଅବୟବ ଗୁଡିକର ମଧ୍ୟସ୍ଥି । ତାହା ସ୍ଥିର ରହିଯିବା ବେଳେ ଭିତରର ବୁଦ୍ଧି ଏବଂ ତା ସମ୍ବନ୍ଧୀୟ ଗୁଣରାଜି କାର୍ଯ୍ୟ କରିପାରନ୍ତି ନାହିଁ । ସେହିଭଳି ଭିତରୁ ମନ ଦ୍ୱାରା ଆସୁଥିବା ଆଦେଶ (ଆଜ୍ଞା) ସ୍ଥିର ରହିଯିବା ଦ୍ୱାରା ବାହାରେ ଥିବା ଅବୟବ ଗୁଡିକ କାର୍ଯ୍ୟ କରି ପାରନ୍ତି ନାହିଁ । ଏହି ସ୍ଥିତିକୁ ଯିଏ ପ୍ରାପ୍ତ ହୋଇଥାଏ ତାକୁ ସ୍ଥିତପ୍ରଜ୍ଞ କୁହାଯାଏ । ଏହି ସ୍ଥିତପ୍ରଜ୍ଞ କିପରି ତାହା ତଳ ଶ୍ଳୋକରେ ଦେଖିବା ।

**(୧) ଶ୍ଳୋକ,୫୬ :ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତ ସ୍ପୃହଃ ।**
**ବିତରାଗ ଭୟକ୍ରୋଧଃ ସ୍ଥିତଧୀଃ ମୁନିରୁଚ୍ୟତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଦୁଃଖରେ ଦୁଃଖିତ ହୁଏ ନାହିଁ, ସୁଖରେ ଖୁସି ହୋଇଯାଏ ନାହିଁ, ତାଛଡା ପ୍ରେମ, କ୍ରୋଧ, ଭୟାଦି ଯାହାର ନାହିଁ ତାକୁ ମୌନବୁଦ୍ଧି (ମୁନି ବା ସ୍ଥିତଧୀଃ) କୁହାଯାଏ ।

**ବିବରଣୀ :** ବ୍ରହ୍ମଯୋଗୀର ଶରୀରରେ କୌଣସି ଅବୟବ କାର୍ଯ୍ୟ ନକରି ସ୍ଥିର ଥାଆନ୍ତି । ଅବୟବ ଗୁଡିକ ସ୍ପନ୍ଦିତହୋଇ କାର୍ଯ୍ୟ କରିବାକୁ ହେଲେ, ଗୁଣଗୁଡିକ ଦ୍ୱାରା ବୁଦ୍ଧି ବିଚାର କରିବା ପରେ, ମିଳିଥିବା ନିର୍ଣ୍ଣୟ ମନ ଦ୍ୱାରା କାର୍ଯ୍ୟ ହୋଇ ପାରିବା ଭଳି ଶରୀର ଯନ୍ତ୍ରାଙ୍ଗ ପ୍ରତ୍ୟେକ ଜୀବରାଶିର ନିର୍ମିତ ହୋଇଥାଏ । ବୁଦ୍ଧି ସ୍ଥିର ଥିଲେ ଶରୀରରେ ବିଚାର ନଥାଏ, ବିଚାର ଅନୁସାରେ କାର୍ଯ୍ୟ ନିର୍ଣ୍ଣୟ ନଥାଏ, ମନ ନିଜର କାର୍ଯ୍ୟକୁ ସମ୍ପୂର୍ଣ୍ଣ ସ୍ଥଗିତ କରିଦେବା କାରଣରୁ ଅବୟବ ଗୁଡିକୁ କୌଣସି ଆଦେଶ ଆସିପାରି ନଥାଏ, ସେଥିଲାଗି କାର୍ଯ୍ୟ

କରୁଥିବା ଅବୟବ ଗୁଡିକ କୌଣସି କାର୍ଯ୍ୟ ନକରି ସ୍ଥିର ରହିଯାଇଥାନ୍ତି । ଏହିଭଳି ଜ୍ଞାନେନ୍ଦ୍ରିୟ ଆଖି, ନାକ, କାନ, ଜିଭ ଚର୍ମ ନିଜ ନିଜର କାର୍ଯ୍ୟ ବନ୍ଦ ନକରି ବିଷୟଜ୍ଞାନ ଜଣାଇ ପାରିବା ଭଳି ସ୍ଥିତିରେ ଥିଲେ ମଧ୍ୟ, ମନ ସେ ସବୁକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ବେଳେ, ସେହି ବିଷୟଜ୍ଞାନ ଗୁଡିକ ଶରୀରର ଜୀବ ପାଖରେ କିମ୍ବା ବୁଦ୍ଧି ପାଖରେ ପହଞ୍ଚିପାରି ନଥାଏ, ସେଥିଲାଗି ସେ ସେତେବେଳେ କୌଣସି ବିଷୟକୁ ନେଇ ଦୁଃଖ କରେ ନାହିଁ । ସେହିଭଳି ବାହାରର ସୁଖକୁ ମଧ୍ୟ ଜାଣିପାରେ ନାହିଁ ତେଣୁ ସେ ସୁଖର ବଶୀଭୂତ ମଧ୍ୟ ହୋଇନଥାଏ । ତାକୁ ବାହାରର ସମାଚାର ଯୋଗାଇ ଦେଉଥିବା ମନ ତାଠାରେ ନଥିବା କାରଣରୁ ଭୟ, ପ୍ରେମ, କ୍ରୋଧାଦି କୌଣସି ବିଷୟ ନଥାଏ । ମନ ମୌନବହନ କରି ରହିଥାଏ ତେଣୁ ଯାହାର ମନ ମୌନ ବହନ କରି ରହିଥାଏ ତାକୁ **ମୁନି** କହନ୍ତି । ଏଭଳି ବ୍ୟକ୍ତି ଆଉ କିଭଳି ରହିଥାଏ ତାହା ମଧ୍ୟ ଭଗବାନ ଶ୍ରୀକୃଷ୍ଣ ତଳ ଶ୍ଲୋକରେ ବିଶଦ ଭାବରେ କହିଛନ୍ତି ଦେଖନ୍ତୁ ।


**(୧) ଶ୍ଲୋକ ୫୭ : ଯଃ ସର୍ବତ୍ରା ନାଭିସ୍ନେହସ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।**
**ନାଭିନନ୍ଦତି ନଦ୍ୱେଷ୍ଟି ସ୍ତସ୍ୟ ପ୍ରଜ୍ଞାପ୍ରତିଷ୍ଠିତା ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ କୌଣସି ବିଷୟରେ ସମ୍ବନ୍ଧ ନରଖି, ଶୁଭ ଅଶୁଭରେ ମନୋଧ୍ୟାନ ନଦେଇ, ସୁଖ ଦୁଃଖକୁ ଅନୁଭବ କରିନଥାଏ ତାର ପ୍ରଜ୍ଞା ମହାନ୍ ।

**ବିବରଣୀ :** ଶରୀରରେ ଥିବା ମନର ମୋଟ ୧୨ଜଣ ବନ୍ଧୁ ରହିଥାନ୍ତି । ସେମାନେ କିଏ କିଏ ବୋଲି ଜାଣିବାକୁ ଗଲେ, ଭିତରେ ଥିବା ବୁଦ୍ଧି, ଚିତ୍ତ ଏବଂ ବାହାରେ ଜ୍ଞାନେନ୍ଦ୍ରିୟ ଭାବରେ ଥିବା ଆଖି, ନାକ, କାନ, ଜିଭ ଏବଂ ଚର୍ମ । ତାଛଡା କର୍ମେନ୍ଦ୍ରିୟ କୁହାଯାଉଥିବା ହାତ, ଗୋଡ, ମୁଖ, ଗୁହ୍ୟ ଏବଂ ଉପସ୍ଥ । **'ସର୍ବତ୍ରାନଭିସ୍ନେହ..'** କହିଲେ ସର୍ବଦା ସ୍ନେହସମ୍ବନ୍ଧ ଯୁକ୍ତ ହୋଇ ରହିବା । ବାହ୍ୟ ଜଗତରେ କୌଣସି ମଣିଷ କୌଣସି ମଣିଷ ସହିତ ସ୍ନେହସମ୍ପର୍କ ସର୍ବଦା ବଜାୟ ରଖିପାରି ନଥାଏ । ତେଣୁ ଏଠାରେ ବାହ୍ୟ ମଣିଷ ସହିତ ଥିବା ସ୍ନେହ ସମ୍ପର୍କ ବୋଲି ଭାବନ୍ତୁ ନାହିଁ । ସବୁବେଳେ ମନ ହିଁ ସ୍ନେହ ସମ୍ପର୍କ ବଜାୟ

ରଖିଥାଏ । ମନ କାହା ସହିତ କିପରି ରହିଥାଏ ଦିଆଯାଇଥିବା ଚିତ୍ରରୁ ବୁଝିପାରିବେ ।




ବାହ୍ୟ ଜ୍ଞାନେନ୍ଦ୍ରିୟ ଯଥା- ଆଖି, ନାକ, କାନ, ଜିଭ, ଚର୍ମଗୁଡିକ ସବୁବେଳେ ମନକୁ ନିଜ ନିଜର ବିଷୟ ଯୋଗାଇ ଦେଇଥାନ୍ତି । ସେଥିଲାଗି ମନ ସବୁବେଳେ ଏଗୁଡିକ ସହିତ ଘନିଷ୍ଠ ସମ୍ପର୍କ ରଖିଥାଏ । ତାସହିତ ବାହ୍ୟ ଇନ୍ଦ୍ରିୟ ଗୁଡିକ ପଠାଇଥିବା ସମାଚାର ଗୁଡିକୁ ଆଣି ମନ ସବୁବେଳେ ବୁଦ୍ଧିକୁ ଯୋଗାଇ ଦେଇଥାଏ ତେଣୁ ସେ ବୁଦ୍ଧିର ବନ୍ଧୁ । ବୁଦ୍ଧି ବିଚାର କରିଥିବା ବିଷୟକୁ ନିର୍ଣ୍ଣୟ କରି ବାହ୍ୟ କର୍ମେନ୍ଦ୍ରିୟ ଗୁଡିକୁ ପଠାଇବା ନିମନ୍ତେ ଚିତ୍ତ ମନ ସହିତ ସମ୍ପର୍କ ରଖିଥିବାରୁ ଚିତ୍ତ ମନର ବନ୍ଧୁ । ଏହିଭଳି ସର୍ବତ୍ର ସ୍ନେହସମ୍ପର୍କ କେବଳ ମନ ବ୍ୟତୀତ ଶରୀରର ଅନ୍ୟ କୌଣସି ଅବୟବ ରଖିନଥାଏ । ଭିତରେ ଥିବା ବୁଦ୍ଧି,ଚିତ୍ତ, ବାହାରେ ଥିବା ଆଖି, ନାକ, କାନ, ଜିଭ, ଚର୍ମ ସହିତ ମନ ସମ୍ପର୍କ ନ ରଖିଲେ ନିଦ୍ରା ହୁଏ । ନିଦ୍ରା ସମୟରେ ମନ ସ୍ମୃତିକୁ ହରାଇଥାଏ । ଏହି ସମୟରେ ମନ ଯଦି ନିଜର ସ୍ମୃତିକୁ ନ ହରାଇଲା ତେବେ ତାହା ବ୍ରହ୍ମଯୋଗ ହେବ । ଅର୍ଥାତ୍ ମନ ନିଜେ ନିଜକୁ ନଭୁଲି ନିଜର ବନ୍ଧୁମାନଙ୍କୁ ଭୁଲିଯିବା ହେଉଛି ବ୍ରହ୍ମଯୋଗ । ମନ ତାର ଏହି ୧ ୨ ଜଣ ମିତ୍ରଙ୍କୁ ଯେତିକି ସମୟ ଭୁଲିଯାଏ ସେତିକି ସମୟ ବ୍ରହ୍ମଯୋଗ ହୋଇଥାଏ । ବାହାର ବିଷୟ ଭିତରକୁ, ଭିତର ବିଷୟ ବାହାରକୁ ଯିବା ଆସିବା କରିପାରୁ ନଥିବାରୁ ବ୍ରହ୍ମଯୋଗ ସମୟରେ ମଣିଷର ଶରୀର ଶୋଇ ରହିବା ଭଳି ସ୍ଥିର ରହିଯାଇଥାଏ, ସେଥିଲାଗି ବାହାରେ

ଘଟୁଥିବା ଶୁଭାଶୁଭ, ପ୍ରେମ, ଅସୂୟା ଇତ୍ୟାଦି ଯାହାର କିଛି ନଥାଏ, ତାକୁ ଆମେ ପ୍ରକୃତ ବ୍ରହ୍ମଯୋଗୀ ବୋଲି କହିପାରିବା ।

**କେଉଁ ଇନ୍ଦ୍ରିୟ ସହିତ କେଉଁ ଇନ୍ଦ୍ରିୟର ସ୍ନେହସମ୍ପର୍କ ରହିଛି ଦେଖନ୍ତୁ ।**

୧- ଜୀବର : ଅହଂ, ବୁଦ୍ଧି - (୨)

୨- ମନର : କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ, ବୁଦ୍ଧି,ଚିତ୍ତ - (୧୨)

୩- ବୁଦ୍ଧିର : ମନ, ଚିତ୍ତ, ଜୀବ - (୩)

୪- ଚିତ୍ତର : ବୁଦ୍ଧି, ମନ, ଅହଂ - (୩)

୫- ଅହଂର : ଜୀବ, ଚିତ୍ତ - (୨)

୬- ଆଖିର : ମନ - (୧)

୭- ନାକର : ମନ - (୧)

୮- କାନର : ମନ - (୧)

୯- ଜିଭର : ମନ - (୧)

୧୦- ଚର୍ମର : ମନ - (୧)

୧୩- ମୁଖର : ମନ - (୧)

୧୧- ହାତର : ମନ - (୧)

୧୪- ଗୁହ୍ୟର : ମନ - (୧)

୧୨- ଗୋଡର : ମନ - (୧)

୧୫- ଉପସ୍ଥର : ମନ - (୧)

ମନକୁ ସବୁବେଳେ ଇନ୍ଦ୍ରିୟ ସ୍ନେହରୁ କିପରି ବଞ୍ଚିତ ରଖିପାରିବା ତାହା ଉଦାହରଣ ଦ୍ୱାରା ଭଗବାନ ତଳ ଶ୍ଳୋକରେ କଣ କହୁଛନ୍ତି ଦେଖିବା ।

**(୧) ଶ୍ଲୋକ,୫୮ : ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟଃ ସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** କଇଁଛ ଯେପରି ତାର ଅବୟବ ଗୁଡିକୁ ସଙ୍କୁଚିତ କରିନିଏ, ସେହିଭଳି ମନ ଇନ୍ଦ୍ରିୟ ଗୁଡିକଠାରୁ ସଙ୍କୁଚିତ ହେବା ଉଚିତ୍ ।

**ବିବରଣୀ :** କଇଁଛ ଯେଉଁଠାରେ ଥାଏ ସେହିଠାରେ ରହି ବାହାରେ ଥିବା ତାର ଚରିଗୋଡକୁ ଏବଂ ନିଜକୁ ଖୋଳପା ଭିତରକୁ ନେଇଯାଇ, ବାହାରୁ ସମ୍ପର୍କ ରହିତ ହୋଇଯିବା ଭଳି, ମଣିଷ ନିଜ ଶରୀରକୁ ହଲ୍‌ଚଲ୍ ନକରି, ଥିବା ସ୍ଥାନରେ ରହି ବାହାରେ ଥିବା ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଗୁଡିକଠାରୁ ମନର ସମ୍ପର୍କକୁ ଛିନ୍ନ କରିବା ହେଉଛି ବ୍ରହ୍ମଯୋଗ ।

ଏଠାରେ ମୁଖ୍ୟ ଧ୍ୟାନଦେବା ବିଷୟ ହେଉଛି ! କଇଁଛ ନିଜେ ଇଚ୍ଛା ନ କରିବା ବେଳେ ତାର ଅବୟବ ଗୁଡିକ ଖୋଳପା ଭିତରକୁ ଆପଣାଛାଏଁ ଚଳିଯାଇ ନଥାଏ । ଅବୟବ ଗୁଡିକ ନିଜର ଚେଷ୍ଟାରେ ଭିତରକୁ ନେଇଯିବା ପରେ କଇଁଛ ଆଉ ଚଳିପାରେ ନାହିଁ । କଇଁଛ ନିଜେ ଇଚ୍ଛା କରିବା ବେଳେ ତାର ଅବୟବ ଗୁଡିକ ଭିତରକୁ ନେଇଯାଉଥିବା ଭଳି, ମଣିଷ ମଧ୍ୟ ସ୍ଥିର ଭାବରେ ଏକ ସ୍ଥାନରେ ବସିବା ବେଳେ ନିଜର ମନକୁ ଇନ୍ଦ୍ରିୟ ଗୁଡିକର ସମ୍ପର୍କରୁ ଦୂରରେ ରଖିପାରେ । ଗୋଡଗୁଡିକୁ ଭିତରକୁ ନେଇଯିବା ପରେ କଇଁଛ ଯେପରି ଆଗକୁ ଚଳି ଯାଇପାରେ ନାହିଁ, ସେହିଭଳି ମଣିଷ ନିଜର ମନୋଧ୍ୟାନକୁ ଇନ୍ଦ୍ରିୟ ଗୁଡିକଠାରୁ ଦୂରେଇଦେବା ପରେ କୌଣସି ଛୋଟ କାର୍ଯ୍ୟଟିଏ ମଧ୍ୟ କରିପାରେ ନାହିଁ । କେତେକ କାର୍ଯ୍ୟ କରୁଥାଇ ମନକୁ ସ୍ଥିର କରିଦେବା ପାଇଁ କହିଥାନ୍ତି । ତାହା ଶୁଦ୍ଧମିଛ ବୋଲି ଜାଣିବା ଉଚିତ୍ । ବ୍ରହ୍ମଯୋଗ କୁହାଯାଉଥିବା ମନୋନିଶ୍ଚଳତାକୁ ଯିଏ ପ୍ରାପ୍ତ ହୋଇଥାଏ ସେ ବାହ୍ୟ ସମ୍ବନ୍ଧ ହୋଇଥିବା ସମସ୍ତ ଇନ୍ଦ୍ରିୟ ଗୁଡିକଠାରୁ ଦୂରରେ ରହିଥାଏ ତେଣୁ କୌଣସି କାର୍ଯ୍ୟ କରିବା ଅସମ୍ଭବ । ପର ଶ୍ଲୋକରେ କ'ଣ କହିଛନ୍ତି ଦେଖିବା ।

**(୧) ଶ୍ଲୋକ,୫୯ : ବିଷୟା ବିନିବର୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜ୍ଜ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱାବା ନିବର୍ତତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ବ୍ରହ୍ମଯୋଗ ଆଚରଣ କରୁଥିବା ଯୋଗୀ ଇନ୍ଦ୍ରିୟ ଗୁଡିକର ଆହାର ହୋଇଥିବା ବିଷୟ ଗୁଡିକରୁ ମନୋଧ୍ୟାନ ହଟାଇ ଆଣିଥିଲେ ମଧ୍ୟ, ତାର ମୁଣ୍ଡରେ ଥିବା ବିଷୟ ଉପରେ ଆଶା ନାମକ ଗୁଣ ଲାଗି ରହିଥାଏ, ସେହି ଆଶା କିଛିକାଳ ଆତ୍ମାକୁ ଦର୍ଶନ କରିବା ପରେ ଆପଣାଛାଏଁ ବିନାଶ ହୋଇଯାଇଥାଏ ।

**ବିବରଣୀ :** ଜଣେ ରୋଗୀ ପଥିରେ (ରୋଗର ଚିକିତ୍ସା ସମୟରେ ରୋଗୀକୁ ବାରଣ କରାଯାଇଥିବା ଖାଦ୍ୟ ନଖାଇବା) ରହିଥିବା ବେଳେ ତାର ପସନ୍ଦ ବା ତାର ଅତିପ୍ରିୟ ଖାଦ୍ୟକୁ ଖାଇପାରୁ ନଥିଲେ ମଧ୍ୟ ସେହି ଖାଦ୍ୟ ଉପରେ ତାର ପ୍ରବଳ ଆଗ୍ରହ ଥିବା ଭଳି, ଯୋଗୀ ବିଷୟଗୁଡିକୁ ଅନୁଭବ ନକରି ପଥି ଭଳି ଥିବା ବ୍ରହ୍ମଯୋଗ ଆଚରଣ କରୁଥିଲେ ମଧ୍ୟ, ତାର ମୁଣ୍ଡରେ ଥିବା ବିଷୟାଶକ୍ତ ଆଶା ନାମକ ଗୁଣ ଲୁଚିରହି, ବେଳେବେଳେ ବିଷୟଗୁଡିକ ଉପରେ ଆଶା ଉପୁଜାଇ, ତାର ମନକୁ ଅସ୍ଥିର କରି ଯୋଗଭଙ୍ଗ କରିଦେଇଥାଏ । ତେଣୁ ବ୍ରହ୍ମଯୋଗୀ ଏକଘଣ୍ଟା କାଳ ଯୋଗସାଧନା କରିବା ବେଳେ, କିଛି ସମୟ ମନ ଚଞ୍ଚଳ ହୋଇ ଯୋଗ ଭାଙ୍ଗି ଦେଇଥାଏ । ଏହିଭଳି ହେଉଥିଲେ ମଧ୍ୟ ବ୍ରହ୍ମଯୋଗୀ କ୍ରମଶଃ ଏହି ଅଭ୍ୟାସ ଜାରି ରଖିବା ଦ୍ୱାରା ତାର ସେଭଳି ମନୋଚଞ୍ଚଳ ବା ନାନା କାମନା କ୍ରମେ କ୍ରମେ ଆଉ ଆସି ନଥାଏ । ମନ ଚଞ୍ଚଳହେବା କୌଣସି ବ୍ରହ୍ମଯୋଗୀଠାରେ ମଧ୍ୟ ଯୋଗରେ ଦେଖା ଦେଇଥାଏ । ଏ ବାବଦରେ ତଳ ଶ୍ଲୋକରେ କ'ଣ କହୁଛନ୍ତି ଜାଣିବା ।

**(୧) ଶ୍ଲୋକ,୬୦ :ଯତତୋ ହ୍ୟପି କୌନ୍ତେୟ ! ପୁରୁଷସ୍ୟ ବିପଶ୍ଚିତଃ ।**
**ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଜ୍ଞାନୀ ଯୋଗ ସମୟରେ ମନକୁ ସ୍ଥିର କରିବା ପାଇଁ ଯେତେ

ପ୍ରଚେଷ୍ଟା କଲେ ମଧ୍ୟ, ଯୋଗଭ୍ରଷ୍ଟ କରିଦେବା ଭଳି ଇନ୍ଦ୍ରିୟଗୁଡିକ ତାର ମନକୁ ଅସ୍ଥିର କରିଦେଇଥାନ୍ତି ।

**ବିବରଣୀ :** ବ୍ରହ୍ମଯୋଗ ଆଚରଣ କରୁଥିବା ଯୋଗୀ କେତେ ବଡ ଜ୍ଞାନୀ ହେଲେ ମଧ୍ୟ ସେ ଯୋଗ ଆଚରଣ କରୁଥିବା ସମୟରେ ପଞ୍ଚେନ୍ଦ୍ରିୟ ଗୁଡିକ ନିଜ ନିଜର ବିଷୟ ମନ ପାଖକୁ ପଠାଇବା ପାଇଁ କ୍ଷମତାଯୁକ୍ତ ହୋଇଥିବାରୁ, ମନକୁ ଏକାଗ୍ରତା ହୀନ ବିଷୟ ସମ୍ପର୍କରେ ପଡିଯିବା ଭଳି କରିଦେଇଥାନ୍ତି । ବ୍ରହ୍ମଯୋଗ ଆଚରଣ କରିବା ପାଇଁ ଆସୀନ ହୋଇଥିବା ଯୋଗୀ ଶରୀରର ଜ୍ଞାନେନ୍ଦ୍ରିୟ ଗୁଡିକ ଶତ୍ରୁ ଭଳି କାର୍ଯ୍ୟ କରି, ତାର ଯୋଗରେ ବିଘ୍ନ ସୃଷ୍ଟି କରିଥାନ୍ତି । ପୁରାଣରେ ସ୍ୱର୍ଗରାଜ ଇନ୍ଦ୍ର ଅଗ୍ନି, ବରୁଣ, ବାୟୁ ଇତ୍ୟାଦିକୁ ପଠାଇ ତପସ୍ୟା କରୁଥିବା ଲୋକମାନଙ୍କର ତପଭଙ୍ଗ କରୁଥିବା ଭଳି, ବାସ୍ତବ ଜୀବନରେ ଯୋଗ ଆଚରଣ କରୁଥିବା ଲୋକମାନଙ୍କର ଯୋଗକୁ ଏହି ଜଳ, ବାୟୁ, ଭୂମି ଇତ୍ୟାଦି ଦ୍ୱାରା ତିଆରି ହୋଇଥିବା ଇନ୍ଦ୍ରିୟଗୁଡିକ ଭଙ୍ଗ କରିଦେବା ଭଳି ପ୍ରକୃତି କରାଇଥାଏ ।

**ସୂଚନା :** ଜ୍ଞାନଜିଜ୍ଞାସୁ ପାଠକମାନଙ୍କୁ ଆମେ ଜଣାଇବାକୁ ଚାହୁଁ କି ! ଯେଉଁମାନେ ପଣ୍ଡିତ, ମେଧାବୀ ସେମାନେ ଶ୍ଳୋକର ଭାବାର୍ଥ ପାଠକରି ବିବରଣୀ ପଢିଲେ କିଛି କଥା ନାହିଁ, କିନ୍ତୁ, କେତେକ ଲେଖାଯାଇଥିବା ଭାବ ବିବରଣୀକୁ ଦେଖି କେଉଁ ଶ୍ଳୋକ ପାଇଁ ଅଧିକ, ତ କେଉଁ ଶ୍ଳୋକ ପାଇଁ କମ୍ କାହିଁକି ଲେଖାଯାଇଛି ବୋଲି ସନ୍ଦେହ କରୁଥିବେ । ସେମାନଙ୍କୁ ଏହି ସୂଚନାରେ କହିବାକୁ ଚାହୁଁ ଯେ, ଆମର ସଂସ୍କୃତଭାଷା ନୁହେଁ ଗୀତା ଜ୍ଞାନର ପ୍ରକୃତ ଭାବ ଆବଶ୍ୟକ । ତେଣୁ ଭାବାର୍ଥକୁ ବାଦଦେଇ କେବଳ ବିବରଣୀକୁ ପାଠକରନ୍ତୁ । ଏହା ଦ୍ୱାରା ଆପଣ ଗୀତାର ଜ୍ଞାନକୁ ସହଜରେ ବୁଝିପାରିବେ ବୋଲି ଆମେ ବିଶ୍ୱାସ କରୁଛୁ । ଆପଣମାନେ ଯାହା ପାଠ କରୁଛନ୍ତି ତାହା କେଉଁ ବିଷୟ ବାବଦରେ କୁହାଯାଇଛି ତାର ସୂଚନା ଶ୍ଳୋକର କଡରେ ଦିଆଯାଇଛି, ତାହା ଦେଖିବାକୁ ଭୁଲିଯାଆନ୍ତୁ ନାହିଁ ।

**(୧) ଶ୍ଳୋକ,୬୧ : ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।**
**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** କୌଣସି ପ୍ରକାରରେ ଇନ୍ଦ୍ରିୟଗୁଡିକୁ ଦମନ କରି ମନକୁ ମୋଠାରେ ଲଗ୍ନକରି ଇନ୍ଦ୍ରିୟହୀନ ଭଳି ଯିଏ ସ୍ୱାଧିନ ହୋଇଯାଏ ତାର ପ୍ରଜ୍ଞା ଖୁବ୍ ଶକ୍ତ ।

**ବିବରଣୀ :** ଜ୍ଞାନେନ୍ଦ୍ରିୟ ଗୁଡିକ ନିଜ ନିଜର ବିଷୟଗୁଡିକୁ ମନରେ ପହଞ୍ଚାଇଲେ ମଧ୍ୟ, ମନ ସ୍ୱୀକାର ନକରିବା ସ୍ଥିତିରେ ଥିଲେ ଜ୍ଞାନେନ୍ଦ୍ରିୟ ଗୁଡିକ କିଛି କରିପାରନ୍ତି ନାହିଁ । ମନୋଧ୍ୟାନକୁ ଜ୍ଞାନେନ୍ଦ୍ରିୟ ଗୁଡିକ ଉପରେ ନରହିବା ଭଳି କରିଦେଲେ ମନୋଧ୍ୟାନ ଆତ୍ମା ଉପରକୁ ଯାଇପାରେ । ଜ୍ଞାନେନ୍ଦ୍ରିୟର ବିଷୟଧ୍ୟାନ ମନରେ ନଥିଲେ, କର୍ମେନ୍ଦ୍ରିୟ ଗୁଡିକ ପାଇଁ ମନ ଦ୍ୱାରା କୌଣସି କାର୍ଯ୍ୟାଦେଶ ଯାଇପାରେ ନାହିଁ, ତେଣୁ ସେଠାରେ କର୍ମେନ୍ଦ୍ରିୟ ଗୁଡିକ ଉପରେ ବଶୀକରଣ ମନ୍ତ୍ର ପ୍ରୟୋଗ ହୋଇଥିବା ଭଳି କୌଣସି ସ୍ପନ୍ଦନ ନଥାଇ ସେଗୁଡିକ ସ୍ଥିର ହୋଇ ରହିଯାଇଥାନ୍ତି । ଏପରି ବ୍ୟକ୍ତିକୁ ସ୍ଥିରମନା କହିପାରିବା ।

**(୧) ଶ୍ଳୋକ,୬୨ : ଧ୍ୟାୟତୋ ବିଷୟାନ୍ପୁଂସଃ ସଙ୍ଗସ୍ତେଷୂପଜାୟତେ ।**
**ସଙ୍ଗାତ୍ସଂଜାୟତେକାମଃ କାମାତ୍କ୍ରୋଧୋଽଭିଜାୟତେ ॥**

**(ପ୍ରକୃତି)**

**ଭାବାର୍ଥ :** ବିଷୟ ଧ୍ୟାନରେ ତାର ସାଙ୍ଗତ୍ୟ ଉପୁଜିଥାଏ, ତା ଦ୍ୱାରା ମାନବର କାମନା ଜାତ ହୋଇଥାଏ, କାମନାରୁ କ୍ରୋଧ ମଧ୍ୟ ଜନ୍ମ ହୋଇଥାଏ ।

**ବିବରଣୀ :** ଜ୍ଞାନେନ୍ଦ୍ରିୟ ହୋଇଥିବା ଆଖି, ନାକ, କାନ, ଜିଭ ଓ ଚର୍ମର ବିଷୟ ଗୁଡିକ ଉପରେ ମନର ଧ୍ୟାନ ରହିବା ଦ୍ୱାରା, ତାର ମୁଣ୍ଡରେ ଥିବା ଗୁଣରାଜିରେ ସେହି ବିଷୟଗୁଡିକ ପ୍ରବେଶ କରିଥାଏ । ଜ୍ଞାନେନ୍ଦ୍ରିୟ ଗୁଡିକରୁ ଆସୁଥିବା ବିଷୟ ଗୁଡିକ ଗୁଣ ଗହଣରେ ମିଳିତ ହେବା ଦ୍ୱାରା, ସେହି ବିଷୟ ଅନୁସାରେ ପ୍ରଥମେ ଗୁଣଗହଣରୁ କାମନାଗୁଣ ସକ୍ରିୟ ହୁଏ । ସେହି କାମନା ପୂରଣ ହୋଇ ନ

ପାରିବା ଦ୍ୱାରା ପୁଣି କ୍ରୋଧଗୁଣ ସକ୍ରିୟ ହୋଇଥାଏ । ଗୁଣଗୁଡିକ କିପରି ଉଦ୍ଭବ ହୋଇଥାନ୍ତି ତାହା ଜାଣିବା ।

**(୧) ଶ୍ଳୋକ,୬୩ : କ୍ରୋଧାଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତି ବିଭ୍ରମଃ ।**
**ସ୍ମୃତିଭ୍ରଂସାତ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣସ୍ୟତି ॥**

**(ପ୍ରକୃତି)**

**ଭାବାର୍ଥ :** କ୍ରୋଧ ଦ୍ୱାରା ସମ୍ମୋହ ଉତ୍ପନ୍ନ ହୋଇଥାଏ । ସମ୍ମୋହ ଦ୍ୱାରା ସ୍ମୃତି ଭ୍ରମ ହୋଇଥାଏ, ସ୍ମୃତି ଭ୍ରମ ହେବା ଦ୍ୱାରା ବୁଦ୍ଧିର ବିନାଶ ହୋଇଥାଏ, ବୁଦ୍ଧି ବିନାଶ ହେବାବେଳେ ଭ୍ରଷ୍ଟତ୍ୱ ପ୍ରାପ୍ତ ହୋଇଥାଏ ।

**ବିବରଣୀ :** ମନ ଦ୍ୱାରା ବିଷୟଗୁଡିକ ଗୁଣଚକ୍ରରେ ଯାଇ ପହଞ୍ଚିବା ସଙ୍ଗସଙ୍ଗେ ସେଠିକାର ଗୁଣଗୁଡିକ ସ୍ପନ୍ଦିତ ହୋଇଥାନ୍ତି । ପ୍ରଥମେ କାମନା ଦ୍ୱିତୀୟରେ କ୍ରୋଧ, ସେହିଭଳି ଅନ୍ୟଗୁଡିକ ଯଥା ଲୋଭ, ମୋହ, ମଦ, ମାତ୍ସର୍ଯ୍ୟାଦି ଗୁଣଗୁଡିକ ମଧ୍ୟ ସ୍ପନ୍ଦିତ ହୋଇଥାନ୍ତି । ବିଷୟର ଉପଯୋଗୀ ଗୁଣ ସ୍ପନ୍ଦିତହେବା କ୍ଷଣରେ ଅନ୍ୟ ଗୁଣଗୁଡିକ ଆଲୋଚନା ବନ୍ଦକରି ପହଞ୍ଚିଥିବା ଗୁଣ ଉପରେ ସମ୍ମୋହିତ ହୋଇଯାଇଥାନ୍ତି । କିଛି ସମୟ ଭିତରେ ସେହି ଗୁଣରେ ବିଚାର କରିବାର ସ୍ମୃତି ମଧ୍ୟ ନଥିବା ସ୍ଥିତିରେ ଚିତ୍ତ ନିର୍ଣ୍ଣୟ ନେଇଥାଏ । ବିଚାର କରିବାକୁ ସ୍ମୃତି ମଧ୍ୟ ନଥିବା କାରଣରୁ ବୁଦ୍ଧିର କାର୍ଯ୍ୟ କିଛି ନଥାଏ । ବୁଦ୍ଧିର କାର୍ଯ୍ୟ ନଥିବାବେଳେ ମାନବ କିଛି ଜାଣି ନପାରିବାରୁ କେବଳ କର୍ମ ଅନୁସାରେ କାର୍ଯ୍ୟକରି କର୍ମବଦ୍ଧ ହୋଇଥାଏ ।

ଏକ ବିଷୟ ଜ୍ଞାନେନ୍ଦ୍ରିୟ ଦ୍ୱାରା ଭିତରକୁ ଯିବାବେଳେ, ମନ ଦ୍ୱାରା ବୁଦ୍ଧିରେ ପହଞ୍ଚେ, ବୁଦ୍ଧି ଗୁଣଗୁଡିକ ଦ୍ୱାରା ବିଚାର କରେ । ବୁଦ୍ଧି ବିଚାର କରିଥିବା ବିଷୟ ହିଁ କର୍ମ ଅନୁସାରେ ଚିତ୍ତ ଦ୍ୱାରା ନିର୍ଣ୍ଣୟ ହୋଇଥାଏ । ଉପର ଶ୍ଳୋକଦ୍ୱୟ ସାଧାରଣ ମଣିଷ ଦେହରେ ଘଟୁଥିବା ବିଷୟକୁ ଜଣାଉଥିବା ସ୍ଥଳେ, ଯୋଗୀ ବିଷୟ ତଳ ଶ୍ଳୋକରେ ଜାଣିବା ।

**(୧) ଶ୍ଲୋକ,୬୪ : ରାଗଦ୍ୱେଷବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।**
**ଆତ୍ମବଶୈର୍ ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ରାଗ ଦ୍ୱେଷକୁ ସେହିଭଳି ଇନ୍ଦ୍ରିୟର ବିଷୟଗୁଡିକୁ ଛାଡିଥିବା ସ୍ୱାଧିନମନା ଆତ୍ମଦର୍ଶନ କରିଥାଏ ।

**ବିବରଣୀ :** ଭିତରୁ ଆସୁଥିବା ପ୍ରେମ ଏବଂ ଅସୂୟା ନାମକ ଦୁଇ ଗୁଣକୁ ତ୍ୟାଗକରି, ବାହାରୁ ଆସୁଥିବା ଇନ୍ଦ୍ରିୟ ବିଷୟଗୁଡିକୁ ତ୍ୟାଗକରି, କୌଣସି ଅନ୍ୟ ଧ୍ୟାନ ନଥିବା ସ୍ୱାଧିନମନା ଆତ୍ମଦର୍ଶନ କରିପାରିଥାଏ ।

ଏଠାରେ ରାଗ, ଦ୍ୱେଷ (ପ୍ରେମ, ଦ୍ୱେଷ) ବୋଲି ଦୁଇଟି ଗୁଣ ପ୍ରସ୍ତାବିତ ହୋଇଛି । ତେଣୁ ଏହିଠାରେ ଗୁଣ ବିଷୟରେ ସମ୍ପୂର୍ଣ୍ଣ ଜାଣିବାକୁ ହେବ । ଆମ ଶରୀରରେ ଅରିଷଟ୍ (ଷଡରୀପୁ) ନାମକ ଛଅଗୋଟି ଶତ୍ରୁଗୁଣ ରହିଛନ୍ତି, ସେଗୁଡିକ ହେଲେ **୧) କାମ ୨) କ୍ରୋଧ ୩) ଲୋଭ ୪) ମୋହ ୫) ମଦ ୬) ମାତ୍ସର୍ଯ୍ୟ** । ଏହି ଗୁଣର ଲୋକେ ଅସୁର, ଏଗୁଡିକର ବିରୁଦ୍ଧ ଗୁଣଥିବା ଲୋକେ ଦେବତା ବୋଲି ଗୀତାର ପର ଅଧ୍ୟାୟରେ କୁହାଯାଇଛି । ତେଣୁ ମନ୍ଦ ବା ଖରାପକୁ (ପାପକୁ) ସୃଷ୍ଟି କରୁଥିବା ଏଇ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟାଦି ଷଡରୀପୁ ବାବଦରେ ପ୍ରଜାମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ ସେତେବେଳର ବଡମାନେ କୃଷି କରିଥିଲେ । ଏଗୁଡିକୁ ଜାଣିବା ଦ୍ୱାରା ସମସ୍ତେ ଖରାପଠାରୁ ଦୂରରେ ରହିବେ, ନିଜର ଏବଂ ସମାଜର ମଙ୍ଗଳ ହେବ, ଏହାଥିଲା ସେମାନଙ୍କ ଉଦ୍ଦେଶ୍ୟ । ଏତଭିନ୍ନ ଛଅଗୋଟି ଭଲଗୁଣ ମଧ୍ୟ ଅଛନ୍ତି, ଏଗୁଡିକ ମନ୍ଦଗୁଣର ବିରୁଦ୍ଧ । ଏହି ଗୁଣଗୁଡିକ ଆମ ସହିତ ମିଶି ରହିଥିଲେ ମଧ୍ୟ ଆଜିଯାଏଁ ଏଗୁଡିକର ଅସ୍ତିତ୍ୱ କେହି ବହିର୍ଗତ କରିନାହାନ୍ତି । ଷଡମିତ୍ର ବର୍ଗର ଗୁଣଗୁଡିକ ବାବଦରେ କାହାକୁ ମଧ୍ୟ ଜଣା ନାହିଁ । ସେଗୁଡିକୁ ଜାଣିବା, ମନେ ରଖିବା ଉଚିତ୍ । କେଉଁ ଗୁଣ କେଉଁ ଗୁଣର ବିପରୀତ ଭାବରେ ରହିଛନ୍ତି ଦେଖନ୍ତୁ ।

**୧) କାମ × ଦାନ** **୨) କ୍ରୋଧ × ଦୟା**

**୩) ଲୋଭ × ଔଦାର୍ଯ୍ୟ** **୪) ମୋହ × ବୈରାଗ୍ୟ**

**୫) ମଦ × ବିନୟ** **୬) ମାତ୍ସର୍ଯ୍ୟ × ପ୍ରେମ**

ଏହିଭଳି ଥିବା ଖରାପ ଏବଂ ଭଲଗୁଣ ଗୁଡିକୁ ଦମନ କରିବା ହେଉଛି ବ୍ରହ୍ମଯୋଗ । ଏଠାରେ ଦ୍ୱେଷ ଏବଂ ପ୍ରେମ ନାମକ ଦୁଇଟି ଗୁଣ ବାବଦରେ କହିବାରେ ଦୁଇ ପ୍ରକାରର ଗୁଣଗୁଡିକୁ ଛାଡିବା ସହିତ ବାହ୍ୟତଃ ଇନ୍ଦ୍ରିୟର ବିଷୟ ଗୁଡିକୁ ତ୍ୟାଗ କରିବା ବ୍ରହ୍ମଯୋଗ ବୋଲି ସୂଚିତ କରାଯାଇଛି । ଏହା ହିଁ ଆତ୍ମଦର୍ଶନ ବୋଲି ଏହି ଶ୍ଳୋକରେ କୁହାଯାଇଛି । ଏଭଳି ଆତ୍ମଦର୍ଶୀ ଆଉ କିଭଳି ଥାଏ ତଳ ଶ୍ଳୋକରେ ଜାଣିବା ।

**(୧) ଶ୍ଳୋକ,୬୫ : ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନ ଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଆତ୍ମଦର୍ଶନ ହେବାବେଳେ ସମସ୍ତ ଦୁଃଖର ହାନି ଘଟିଥାଏ, ବୁଦ୍ଧିରେ ସୁସ୍ଥିରତା ଆସେ ଏବଂ ମନ ନିର୍ମଳ ହୋଇଥାଏ ।

**ବିବରଣୀ :** ବ୍ରହ୍ମଯୋଗରେ ଭିତରେ ଥିବା ଗୁଣରାଜି, ବାହାରର ଇନ୍ଦ୍ରିୟରାଜି ଉପରେ ମନ ନଥିବା ବେଳେ ଆତ୍ମଦର୍ଶନ ହୋଇଥାଏ । ଯାହାର ଥରେ ମାତ୍ର ଆତ୍ମଦର୍ଶନ ହୋଇଛି ପରେ ତାର ସମସ୍ତ ଦୁଃଖଗୁଡିକ ତଟସ୍ଥ ସ୍ଥିତିକୁ ଆସିଥାନ୍ତି ଏବଂ ସେ ସେଗୁଡିକୁ ଖାତର କରିନଥାଏ । ଆତ୍ମାନୁଭୂତି ଆଗରେ କୌଣସି ଦୁଃଖ ଦେଖାଯାଇ ନଥାଏ । ଥରେ ଆତ୍ମଦର୍ଶନ ହୋଇଥିବା ବ୍ୟକ୍ତିର ମନ ଆଗ ଭଳି ଚଳଚଞ୍ଚଳ ହୋଇନଥାଏ । ସବୁ ବିଷୟରେ ସ୍ଥିର ରହିବା ଭଳି ଅନୁକୂଳ ପରିସ୍ଥିତି ଆସିଥାଏ ଏବଂ ବୁଦ୍ଧି ସ୍ଥିର ହୋଇଥାଏ । ଏଭଳି ସ୍ଥିତି ଲାଭ କରି ନଥିବା ବ୍ୟକ୍ତି କିପରି ଥାଏ ତାହା ଜାଣିବା ।

**(୧) ଶ୍ଳୋକ,୬୬ : ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।**
**ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯୋଗହୀନର ବୁଦ୍ଧି ସ୍ଥିର ରହିନଥାଏ, ତାଠାରେ ଐଶ୍ୱରୀୟ ଭାବ ଜାଗ୍ରତ ହୋଇନଥାଏ, ତେଣୁ ତାର ଶାନ୍ତି ନଥାଏ, ଶାନ୍ତି ନଥିବା ଲୋକର ସୁଖ ନଥାଏ ।

**ବିବରଣୀ :** ମନ ସ୍ଥିର ନହେଲେ ବୁଦ୍ଧି ମଧ୍ୟ ସ୍ଥିର ହୋଇ ନଥାଏ । କାରଣ ମନ ଯୋଗାଇ ଦେଉଥିବା ବିଷୟଗୁଡ଼ିକୁ ବିଚାର କରିବା ବୁଦ୍ଧିର କାର୍ଯ୍ୟ । ସେଥିଲାଗି ମନ ସ୍ଥିର ନହେବା ଯାଏଁ ବୁଦ୍ଧି ସ୍ଥିର ରହିନଥାଏ । ସବୁବେଳେ ବାହାର ବିଷୟ ଗୁଡ଼ିକୁ ବିଚାର କରୁଥିବା ବୁଦ୍ଧିରେ ଐଶ୍ୱରୀୟ ଭାବ ପ୍ରବେଶ କରିନଥାଏ । ଯାହାଠାରେ ଏହି ଭାବ ନାହିଁ ସେ ରାଜନେତା ହେଉ, ଉନ୍ନତ ଚାକିରିଆ ହେଉ, ବଡ ଜମିଦାର ହେଉ, ତାର ସବୁକିଛି ଥିଲେ ମଧ୍ୟ ମନରେ ଶାନ୍ତି ନଥାଏ । ଯାହାର ମନରେ ଶାନ୍ତି ନାହିଁ ସେ ସବୁପ୍ରକାରର ସୁଖ ଭିତରେ ଥିଲେ ମଧ୍ୟ ସୁଖ କ'ଣ ଜାଣିପାରେ ନାହିଁ । ନିଜ ଭିତରେ କୌଣସି ଅପୂରଣୀୟ ଅଭାବ ନେଇ ସର୍ବଦା ଅସନ୍ତୃପ୍ତିରେ ରହିଥାଏ ।

**(୧) ଶ୍ଳୋକ,୬୭ : ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁ ବିଧୀୟତେ ।**
**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥**

**(ପ୍ରକୃତି)**

**ଭାବାର୍ଥ :** କୌଣସି ମନୁଷ୍ୟର ମନ ଇନ୍ଦ୍ରିୟ ପଛରେ ଦୌଡୁଥାଏ, ତାର ବୁଦ୍ଧି ଜୋର ପବନରେ ଜଳରେ ଥିବା ନାବ ତଡି ହୋଇଯିବା ଭଳି ବିଚଳିତ ହୋଇଥାଏ ।

**ବିବରଣୀ :** ଶରୀର ଏକ ଯନ୍ତ୍ର ଭଳି । ଯନ୍ତ୍ରର ଗୋଟିଏ ଭାଗ ସହିତ ଆଉ ଗୋଟିଏ ଭାଗର ସମ୍ପର୍କ ଥିବା ଭଳି, ଶରୀରର ବାହ୍ୟ ଅବୟବ ହୋଇଥିବା ଜ୍ଞାନେନ୍ଦ୍ରିୟ ଗୁଡିକ ସହିତ ମନର ସମ୍ପର୍କ ରହିଥାଏ । ମନ ବାହ୍ୟ ବିଷୟଗୁଡ଼ିକୁ

ଗ୍ରହଣ କରିପାରେ କିମ୍ବା ଗ୍ରହଣ ନକରି ରହିପାରେ । **ମୋଟରଗାଡିର ଗିଅ-ରବକ୍ସ ସିଷ୍ଟମ୍ ଭଳି ଶରୀରରେ ମନ ରହିଥାଏ** । ମନ ଗୋଟିଏ ଦିଗରେ ଭିତର ଜିନିଷ ଗୁଡିକ ସହିତ ସମ୍ବନ୍ଧୀତ ହୋଇପାରେ, ଆଉ ଗୋଟିଏ ଦିଗରେ ବାହାରର ଜିନିଷ ଗୁଡିକ ସହିତ ସମ୍ବନ୍ଧୀତ ହୋଇପାରେ କିମ୍ବା କେଉଁ ଦିଗରେ ନରହି ସ୍ଥିର ରହିପାରେ । ଗିୟରବକ୍ସ ର 'ମେନ୍‌ରଡ୍' ଆଗକୁ ଚାଲୁଥିବା ଚକ ସହିତ, ପଛକୁ ଚାଲୁଥିବା ଚକ ସହିତ ସମ୍ବନ୍ଧୀତ ହୋଇପାରେ କିମ୍ବା କାହା ସହିତ ସମ୍ବନ୍ଧ ନରଖି ନିଉଟ୍ରାଲ୍ ରହିପାରେ । ସେହିଭଳି ମନ ଗୋଟିଏ ଦିଗରେ ଭିତର ସହିତ ଆଉ ଗୋଟିଏ ଦିଗରେ ବାହାର ସହିତ ସମ୍ବନ୍ଧ ରଖିଥାଏ । ବାହାର ସମ୍ପର୍କ ଦ୍ୱାରା ବାହାରର ବିଷୟକୁ ଗ୍ରହଣ କରି ସାଙ୍ଗେ ସାଙ୍ଗେ ଭିତର ସହିତ ସମ୍ବନ୍ଧୀତ ହୋଇ ବୁଦ୍ଧିକୁ ଜଣାଇଥାଏ । ଭିତରକୁ ଆସିଥିବା ବିଷୟକୁ ବିଚାର କରିବା ବୁଦ୍ଧିର କାର୍ଯ୍ୟ । ମନ ବିଷୟଗୁଡିକୁ ଯୋଗାଉଥିବା ବେଳେ ବୁଦ୍ଧିକୁ ବିଚାର କରିବାକୁ ପଡିଥାଏ । ତେଣୁ ଜୋର ପବନରେ ଜଳରେ ଭାସୁଥିବା ନାବ ଟଳିହୋଇଯିବା ଭଳି ଅନେକ ମନୋବିଷୟ ଦ୍ୱାରା ବୁଦ୍ଧି ବିଚଳିତ ହୋଇଥାଏ । ଏହି ଯାନ୍ତ୍ରିକ ବ୍ୟବସ୍ଥା ସାଧାରଣତଃ ପ୍ରକୃତିରେ ବଞ୍ଚୁଥିବା ପ୍ରତ୍ୟେକ ମାନବର ଥାଏ । ମାନବ ସ୍ୱ ଚେଷ୍ଟା ଦ୍ୱାରା ବ୍ରହ୍ମଯୋଗୀ ହେବା ପାଇଁ ଶ୍ଲୋକରେ କଣ କହିଛନ୍ତି ଦେଖିବା ।

**(୧) ଶ୍ଳୋକ ୬୮ : ତସ୍ମାଦ୍ୟସ୍ୟ ମହାବାହୋ ! ନିଗୃହୀତାନି ସର୍ବଶଃ ।**
**ଇନ୍ଦ୍ରିୟାଣିନ୍ଦ୍ରିୟାର୍ଥେଭ୍ୟଃ ସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଇନ୍ଦ୍ରିୟଗୁଡିକର ସମସ୍ତ ବିଷୟକୁ ନିଗ୍ରହ କରିପାରିଛି ସେ ହିଁ ସ୍ଥିତପ୍ରଜ୍ଞ ।

**ବିବରଣୀ :** ଯାହାର ମନ ପଞ୍ଚେନ୍ଦ୍ରିୟ ହୋଇଥିବା ଆଖି, ନାକ, କାନ, ଜିଭ, ଚର୍ମାଦିର ସମସ୍ତ ବିଷୟକୁ ଛାଡି ବିଚଳିତ ନହୋଇ ସ୍ଥିର ରହିଥାଏ ତାର ବୁଦ୍ଧିରେ କୌଣସି ବିଷୟ ପହଞ୍ଚିପାରୁ ନଥିବାରୁ ବୁଦ୍ଧି କୌଣସି ଗୁଣକୁ ନେଇ ବିଚାର କରି ନପାରି ସ୍ଥିର ରହିଯାଏ । ଏହି ସ୍ଥିତି ହିଁ ବ୍ରହ୍ମଯୋଗ ।

**(୧) ଶ୍ଳୋକ ୬୯ : ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।**
**ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥**
**(ବ୍ରହ୍ମଯୋଗ, ପ୍ରକୃତି)**

**ଭାବାର୍ଥ :** ଯାହା ସମସ୍ତ ଜୀବରାଶିଙ୍କ ପାଇଁ ରାତ୍ରିକାଳ, ତାହା ବ୍ରହ୍ମଯୋଗୀ ପାଇଁ ଜାଗ୍ରତ ବା ଉଜାଗର କାଳ ଏବଂ ଯାହା ସର୍ବ ଜୀବରାଶିଙ୍କ ପାଇଁ ଉଜାଗର ସମୟ ତାହା ବ୍ରହ୍ମଯୋଗୀ ପାଇଁ ରାତ୍ରି ସଦୃଶ ।

**ବିବରଣୀ :** ସମସ୍ତେ ଭୌତିକ ବିଷୟରେ ସକାଳୁ ସଂଧ୍ୟାଯାଏଁ ଚାକିରିରେ, ବେପାରରେ, କୌଣସି କାର୍ଯ୍ୟରେ କିପରି କ୍ଷତି ନସହିବା ସେଥିଲାଗି ସମ୍ପୂର୍ଣ୍ଣ ସତର୍କରେ କାର୍ଯ୍ୟ କରିଥାନ୍ତି । ଭୌତିକ ବିଷୟରେ ସତର୍କତା ଅବଲମ୍ବନ କରୁଥିବା ଲୋକେ ଆତ୍ମାଜ୍ଞାନ ବିଷୟରେ ନିଦ୍ରା ଅବସ୍ଥାରେ ଥିବା ଭଳି ରହିଥାନ୍ତି, ସେମାନଙ୍କ ପାଇଁ ଆତ୍ମଜ୍ଞାନ ଅନ୍ଧାରରାତି ଭଳି । ଆତ୍ମଜ୍ଞାନ କଣ ଜାଣି ନ ପାରିବା ଭଳି ଅନ୍ଧକାର ସ୍ଥିତିରେ ସେମାନେ ରହିଥାନ୍ତି । ସାଧାରଣ ମଣିଷ ଏଭଳି ସ୍ଥିତିରେ ଥିବାବେଳେ, ଆତ୍ମଦର୍ଶନ ଆଶା କରୁଥିବା ବ୍ରହ୍ମଯୋଗୀମାନେ ଆତ୍ମା ବିଷୟରେ ସମ୍ପୂର୍ଣ୍ଣ ଜାଗ୍ରତ ବା ସତର୍କତା ଅବଲମ୍ବନ କରିଥାନ୍ତି । ସାରା ଜଗତର ଲୋକେ ଭୌତିକ ବିଷୟ ଉପରେ ଯେଉଁ ଶ୍ରଦ୍ଧା ରଖି ସତର୍କତା ଅବଲମ୍ବନ କରିଥାନ୍ତି, ସେହି ଭୌତିକ ବିଷୟ ଉପରେ ବ୍ରହ୍ମଯୋଗୀମାନେ ଅଜାଗ୍ରତ (ଅସତର୍କ) ରହିଥାନ୍ତି । ତେଣୁ ଏହି ଶ୍ଳୋକରେ ଯାହା ଅଜ୍ଞାନୀ ମାନଙ୍କର ରାତି ତାହା ଜ୍ଞାନୀ ମାନଙ୍କର ଦିନ, ଯାହା ଅଜ୍ଞାନୀ ମାନଙ୍କର ଦିନ ତାହା ଜ୍ଞାନୀ ମାନଙ୍କର ରାତି ବୋଲି କହିଛନ୍ତି ।

**(୧) ଶ୍ଳୋକ,୭୦ :**

**ଅପୂର୍ୟମାଣ ମଚଲପ୍ରତିଷ୍ଠଂ ସମୂଦ୍ରମାପଃ ପ୍ରବିଶନ୍ତି ଯଦ୍ୱତ୍ ।**
**ତଦ୍ୱକାମା ଯଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାପ୍ନୋତି ନ କାମକାମୀ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ପୂର୍ଣ୍ଣ ନିବିଡୀକୃତ ସମୁଦ୍ରରେ ଅଜସ୍ର ନଦୀଜଳ ପ୍ରବେଶ କଲେ ମଧ୍ୟ ସମୁଦ୍ର ଫୁଲିଉଠି ନଥାଏ, ସେଭଳି ବ୍ରହ୍ମଯୋଗୀର ନାନା କାମନା ଥିଲେ ମଧ୍ୟ

ତାର ପ୍ରଭାବ ତା ଉପରେ ପଡିନଥାଏ । ବ୍ରହ୍ମଯୋଗୀ ବ୍ୟତୀତ ନାନା କାମନା ଥିବା ଲୋକକୁ ଆତ୍ମଗୋଚର ହେବନାହିଁ, ଶାନ୍ତି ମିଳିବ ନାହିଁ ।

**ବିବରଣୀ :** ସମୁଦ୍ର ସବୁବେଳେ ଏକ ବିସ୍ତୀର୍ଣ୍ଣତା ନେଇ ଥାଏ, ତା ସହିତ ଅନେକ ନଦୀର ଜଳ ଆସି ମିଶିଲେ ମଧ୍ୟ ଫୁଲିଉଠେ ନାହିଁ, ଯେପରି ଥିଲା ସେପରି ଥାଏ । ଏଠାରେ ବ୍ରହ୍ମଯୋଗୀକୁ ସମୁଦ୍ର ସହିତ ତୁଳନା କରିଛନ୍ତି । ବ୍ରହ୍ମଯୋଗ ପରିଧି ଭିତରେ ଥିବା ଯୋଗୀର ଜ୍ଞାନେନ୍ଦ୍ରିୟ ଗୁଡିକ ୫ଗୋଟି ନଦୀ ଭଳି ନାନା ବିଷୟବସ୍ତୁ ଆଣୁଥିଲେ ମଧ୍ୟ ଯୋଗୀ ସେଗୁଡିକ ଦ୍ୱାରା ବିଚଳିତ ହୋଇନଥାଏ, କାରଣ ! ସେତେବେଳେ ତା ମନ ଆତ୍ମାରେ ଲଗ୍ନ ଥାଏ । ତାଛଡା ବିଷୟ ସ୍ପର୍ଶରେ ମନ ବିଚଳିତ ହୋଇ ଭିତରର ବଡଗୁଣ କାମ ବା ଆଶା ନାମକ ଗୁଣ ଯୋଗୀକୁ ଯୋଗଭ୍ରଷ୍ଟ କରିଦେଇ ପାରେ । ଯିଏ କାମୀ, ଯାହାର ଗୁଣଗୁଡିକ କାର୍ଯ୍ୟ କରୁଥାନ୍ତି ସେ ଆତ୍ମାକୁ ଦର୍ଶନ କରିପାରେ ନାହିଁ । ବ୍ରହ୍ମଯୋଗୀ କିପରି ରହିବା ଉଚିତ୍ ଦେଖନ୍ତୁ ।

**(୧) ଶ୍ଳୋକ,୭୧ : ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।**
**ନିର୍ମମୋ ନିରହଂକାରଃ ସ ଶାନ୍ତିମଧିଗଚ୍ଛତି ॥**

**(ବ୍ରହ୍ମ,କର୍ମଯୋଗ)**

**ଭାବାର୍ଥ :** ସମସ୍ତ କାମନା ତ୍ୟାଗକରି ସେଗୁଡିକର କୌଣସି ଧ୍ୟାନ ନଥିବା, ସେହିଭଳି ମୋହ, ଅହଂକାର ନଥିବା ବ୍ୟକ୍ତି ନିଶ୍ଚୟ ଶାନ୍ତି ପ୍ରାପ୍ତ ହୁଏ ।

**ବିବରଣୀ :** ଏହି ଶ୍ଳୋକଟି ଉଭୟ ବ୍ରହ୍ମଯୋଗ ଏବଂ କର୍ମଯୋଗ ପାଇଁ କୁହାଯାଇଛି । ଦୁଇଗୋଟି ଯୋଗ ବାବଦରେ ଏହି ଅଧ୍ୟାୟରେ ଭଗବାନ କହିଛନ୍ତି । **ବିଷୟ ଗୁଡିକର ଧ୍ୟାନକୁ କିମ୍ବା ମନକୁ ସ୍ଥିର କରିଦେବା ବ୍ରହ୍ମଯୋଗ, ସେହିଭଳି ବିଷୟ ଗୁଡିକର ଧ୍ୟାନ ଥାଇ ସବୁକାର୍ଯ୍ୟ କରୁଥାଇ ଅହଂକୁ ସ୍ଥିର କରିଦେବା କର୍ମଯୋଗ ବୋଲି କୁହାଯାଇଛି** । ଏବେ ଏହି ଶ୍ଳୋକରେ ମନର ସମସ୍ତ କାମନାକୁ ତ୍ୟାଗକରି ସେଥିପ୍ରତି ଧ୍ୟାନ ନଦେଇ ରହିଥିବା ବ୍ୟକ୍ତିକୁ ବ୍ରହ୍ମଯୋଗୀ ବୋଲି, ସେହିଭଳି ଅହଂକାରକୁ ଯିଏ

ବିନାଶ କରୁଛି ସେ କର୍ମଯୋଗୀ ବୋଲି ଜଣାଇ ଏହି ଦୁଇଟି ଯୋଗରୁ କୌଣସି ଯୋଗକୁ ଆଚରଣ କରିବା ଦ୍ୱାରା ମଧ୍ୟ ମୋକ୍ଷରେ ପହଞ୍ଚିହେବ ବୋଲି କହି, ଶେଷ ଶ୍ଳୋକରେ କଣ କହିଛନ୍ତି ଜାଣିବା ।

**(୧) ଶ୍ଳୋକ,୭୨ :ଏଷା ବ୍ରାହ୍ମି ସ୍ଥିତିଃ ପାର୍ଥ ! ନୈନାଂ ପ୍ରାପ୍ୟ ବିମୁହ୍ୟତି ।**
**ସ୍ଥିତ୍ୱାଽସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥**

**(ବ୍ରହ୍ମ,କର୍ମଯୋଗ)**

**ଭାବାର୍ଥ :** ଏହା ପରମାତ୍ମା ପ୍ରାପ୍ତି ସ୍ଥିତି । ଯିଏ ଏହି ସ୍ଥିତିକୁ ପାଇଛି ତାଠାରେ ମୋର, ଆମର ବୋଲି ମୋହ ଭାବ ଆଉ ନଥାଏ । ଏହି ସ୍ଥିତିକୁ ପାଇଥିବା ବ୍ୟକ୍ତି ମରଣ ପରେ ମୋକ୍ଷ ପାଇଥାଏ ।

**ବିବରଣୀ :** ଏ ପର୍ଯ୍ୟନ୍ତ କହିଥିବା ଦୁଇଟି ଯୋଗ ହେଉଛି ପରମାତ୍ମାରେ ଲୀନ ହେବା ମାର୍ଗ । ଏହି ଦୁଇଟି ଯୋଗ ଯେଉଁମାନେ ଆଚରଣ କରିପାରନ୍ତି ସେମାନଙ୍କ ଠାରେ ମୁଁ ଭାବ ରହି ନଥାଏ । ଏହି ଯୋଗ ଦୁଇଟିକୁ ସମ୍ପୂର୍ଣ୍ଣ ଆଚରଣ କରିଥିବା ପାତ୍ର ମୃତ୍ୟୁ ପରେ ମୋକ୍ଷଲାଭ କରିଥାଏ ।

ଏତିକିରେ ଭଗବଦ୍ଗୀତାର ସାଂଖ୍ୟ ଯୋଗଟି ସମାପ୍ତ ହେଲା । ଏହି ଅଧ୍ୟାୟରେ ଭଗବାନ କହିଥିବା ଶ୍ଳୋକ ସଂଖ୍ୟା ୫୪ । ଅର୍ଜୁନ ବ୍ରହ୍ମଯୋଗ ବାବଦରେ ପଚାରିଛନ୍ତି ଗୋଟିଏ । ମୋଟ ଏହି ୫୫ ଶ୍ଳୋକ ଭିତରୁ ୧୩ଟି ଶ୍ଳୋକ ଜୀବାତ୍ମା ସମ୍ବନ୍ଧୀୟ, ୨ଟି ଆତ୍ମା ସମ୍ବନ୍ଧୀୟ, ୪ଟି ପରମାତ୍ମା ସମ୍ବନ୍ଧୀୟ, ଆତ୍ମା ଓ ପରମାତ୍ମା ସମ୍ବନ୍ଧୀୟ ଗୋଟିଏ, କର୍ମଯୋଗ ବାବଦରେ ୯ଟି, ବ୍ରହ୍ମଯୋଗ ବାବଦରେ ୧୩ଟି, ବ୍ରହ୍ମ ଏବଂ କର୍ମଯୋଗ ମିଶି ୪ଟି ଶ୍ଳୋକ କହିବା ସହିତ ପ୍ରକୃତି ଧର୍ମ ବୁଝାଇ ୮ଟି ଶ୍ଳୋକ, ବ୍ରହ୍ମଯୋଗ ଏବଂ ପ୍ରକୃତିକୁ ମିଶାଇ କହିଛନ୍ତି ଗୋଟିଏ ଶ୍ଳୋକ, ଏହିଭଳି ଏହି ଅଧ୍ୟାୟରେ ମୋଟ ୫୫ଗୋଟି ଶ୍ଳୋକ ଥିବାବେଳେ, ୭ଟି କଳ୍ପିତ ଶ୍ଳୋକ ବାହାର କରି ଦିଆଯାଇଛି, ତାଛଡା ୧୦ଗୋଟି ଶ୍ଳୋକ ଅର୍ଜୁନଙ୍କ ବିଷାଦ ହୋଇଥିବାରୁ, ଭଗବାନ ତାହା କହି ନଥିବାରୁ, ସେଗୁଡିକ ମଧ୍ୟ ବହିର୍ଗତ ହୋଇଛି । ଏହି ଅଧ୍ୟାୟରେ ଥିବା ଶ୍ଳୋକ-ଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଜୀବାତ୍ମା ବାବଦରେ | = | ୧୨ |
| ୨) | ଆତ୍ମା ବାବଦରେ | = | ୦୨ |
| ୩) | ଆତ୍ମା,ପରମାତ୍ମ ବାବଦରେ | = | ୦୧ |
| ୪) | ପରମାତ୍ମା ବାବଦରେ | = | ୦୪ |
| ୫) | କର୍ମଯୋଗ ବାବଦରେ | = | ୦୯ |
| ୬) | ବ୍ରହ୍ମଯୋଗ ବାବଦରେ | = | ୧୪ |
| ୭) | କର୍ମଯୋଗ ସହିତ ମିଶାଇ ବ୍ରହ୍ମଯୋଗ | = | ୦୪ |
| ୮) | ପ୍ରକୃତିର ମାନବ ବାବଦରେ- | = | ୦୭ |
| ୯) | ବ୍ରହ୍ମ ଯୋଗ ଏବଂ ପ୍ରକୃତି | = | ୦୧ |
| ୧୦) | ପ୍ରକୃତି ଏବଂ ପରମାତ୍ମା ବାବଦରେ | = | ୦୧ |
| | **ମୋଟ** | = | **୫୫** |
| | ନ ଲେଖି ଛାଡି ଦିଆଯାଇଛି | = | ୧୦ |
| | କଳ୍ପିତ | = | ୦୭ |
| | ମୋଟ | = | (୭୨) |

**ଭାବାର୍ଥ ଏବଂ ବିବରଣୀ ବଦଳାଇ ଲେଖାଯାଇଛି -୧,୧୯,୨୨,୨୩,୨୪,୪୫,୪୭**

*****

# କର୍ମଯୋଗ

## ଅର୍ଜୁନ କହୁଛନ୍ତି :-

**(୨) ଶ୍ଲୋକ,୧ : ଜ୍ୟାୟସୀ ଚେତ୍କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ! ।**
**ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ! ॥**
**(କର୍ମ, ବ୍ରହ୍ମଯୋଗ)**

**ଭାବାର୍ଥ :** ପାପପୁଣ୍ୟ ନାମକ କର୍ମ ଆଣିଦେଉଥିବା କାର୍ଯ୍ୟଗୁଡିକ କରିବା ଅପେକ୍ଷା ବ୍ରହ୍ମଯୋଗ ଶ୍ରେଷ୍ଠ ବୋଲି ତୋର ଅଭିପ୍ରାୟ; ତଥାପି ଭୟଙ୍କର କର୍ମ ଜାତ ହେଉଥିବା କାର୍ଯ୍ୟରେ ମୋତେ କାହିଁକି ନିୟୋଜିତ କରୁଛୁ ।

**ବିବରଣୀ :** ସାଂଖ୍ୟଯୋଗ ନାମକ ପ୍ରଥମ ଅଧ୍ୟାୟରେ ପ୍ରଥମେ କର୍ମଯୋଗ ବିଷୟରେ ଏବଂ ଶେଷରେ କିଛି ବ୍ରହ୍ମଯୋଗ ବିଷୟରେ କୁହାଯାଇଛି । ପ୍ରଥମେ କର୍ମଯୋଗ ବିଷୟ ଶୁଣିଥିବା ଅର୍ଜୁନ ପରେ ଶୁଣିଥିବା ବ୍ରହ୍ମଯୋଗ ହିଁ କର୍ମଯୋଗ ଅପେକ୍ଷା ଖୁବ୍ ଭଲ ବୋଲି ଭାବିଛନ୍ତି । ଶ୍ରୀକୃଷ୍ଣ ଦୁଇଟି ଯୋଗ ବାବଦରେ କହିଥିଲେ ମଧ୍ୟ କେଉଁଟି ଭଲ, କେଉଁଟି ଭଲ ନୁହେଁ କହିନଥିଲେ । ତେଣୁ ଅର୍ଜୁନ ଭାବିଲେ, ସବୁକାର୍ଯ୍ୟ କରୁଥାଇ ଆଚରଣ କରାଯାଉଥିବା ଯୋଗ ଅପେକ୍ଷା କୌଣସି କାର୍ଯ୍ୟ ନକରି ଆଚରଣ କରି ହେଉଥିବା ଯୋଗ ଭଲ । ଏଭଳି ଭାବିବା ଦ୍ୱାରା, ମୁଖ୍ୟତଃ ଶ୍ରୀକୃଷ୍ଣ କହିଥିବା କର୍ମଯୋଗକୁ ବୁଝି ନପାରି, ବ୍ରହ୍ମଯୋଗ ଭଲ ଏବଂ କୌଣସି କାର୍ଯ୍ୟ ନ କରିବା ଦ୍ୱାରା ଏଥିରେ କୌଣସି ପାପ ମଧ୍ୟ ଆସେ ନାହିଁ ଭାବି, ମୋ ପାଇଁ ପାପ ସମ୍ଭବ ହେଉଥିବା ଯୁଦ୍ଧକାର୍ଯ୍ୟ କରିବାକୁ କାହିଁକି କହୁଛୁ ବୋଲି କହିଥିଲେ । ଏଠାରେ କହିପାରିବା ଯେ, ଅର୍ଜୁନଙ୍କୁ କର୍ମଯୋଗ ବୁଝାପଡି ନାହିଁ, ଏହାର ନିଦର୍ଶନ ଭାବରେ ତଳ ଶ୍ଲୋକରେ ଏକଥା କୁହାଯାଇଛି, ଦେଖନ୍ତୁ ଭଲରେ ବୁଝିପାରିବେ ।

**(୨) ଶ୍ଲୋକ,୨ : ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।**
**ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥**

**(କର୍ମ,ବ୍ରହ୍ମଯୋଗ)**

**ଭାବାର୍ଥ :** ମିଶ୍ରମ ବାକ୍ୟଗୁଡିଏ କହି, ମୋର ବୁଦ୍ଧିଭ୍ରମ ନକରି ମୋହଗୁଣରେ ଛନ୍ଦି ନହେବା ପାଇଁ କଣ କଲେ ଭଲହେବ ତାହା ନିଶ୍ଚୟ କରି କହ ।

**ବିବରଣୀ :** ପ୍ରଥମେ କର୍ମଯୋଗ କହି ପରେ ବ୍ରହ୍ମଯୋଗ କହିବା ଦ୍ୱାରା ଅର୍ଜୁନ କିଛି ବୁଝିପାରିଲେ ନାହିଁ । ଯୋଗ ବାବଦରେ ହଠାତ୍ ଶୁଣିବା ଦ୍ୱାରା ବ୍ରହ୍ମଯୋଗ ବୁଝିପାରିଥିଲେ ମଧ୍ୟ କର୍ମଯୋଗ ଆଦୌ ବୁଝିପାରି ନାହାନ୍ତି । ଏହା ଖାଲି ଅର୍ଜୁନ କାହିଁକି, ଏହି କର୍ମଯୋଗ ପ୍ରଥମେ କାହାକୁ ମଧ୍ୟ ବୁଝାପଡି ନଥାଏ । ଆଉ ଟିକିଏ ବିଚାରକରି ଦେଖିଲେ କର୍ମଯୋଗ କହିଲେ କ'ଣ, ତାର ସ୍ୱରୂପ କ'ଣ, ଭଗବଦ୍ଗୀତା ବୋଧ କରୁଥିବା ଲୋକମାନଙ୍କୁ ମଧ୍ୟ ବୁଝାପଡି ନାହିଁ, ସେମାନେ ଭଗବଦ୍ଗୀତାର ବିଷୟଗୁଡିକ କହିବା ବେଳେ ଏହି କର୍ମଯୋଗ ବାବଦରେ ବୁଝାଇ ପାରୁନାହାନ୍ତି, ଆଚରଣ କରିପାରୁ ନାହାନ୍ତି, କିନ୍ତୁ ବୋଧକମାନେ ବ୍ରହ୍ମଯୋଗ ବାବଦରେ ଭଲରେ ବୁଝାଇ ପାରୁଛନ୍ତି, ବୁଝିବା ଭଳି ଆଚରଣ ମଧ୍ୟ କରିପାରୁଛନ୍ତି । ବୋଧକମାନଙ୍କୁ ଦେଖିଲେ, ସେମାନଙ୍କଠାରେ କର୍ମଯୋଗର ବିପରୀତ ଆଚରଣ ଦେଖିବାକୁ ମିଳୁଛି । ତେଣୁ କର୍ମଯୋଗର ଥିବା ବାସ୍ତବ ସିଦ୍ଧାନ୍ତ ଅନେକଙ୍କୁ ଜଣା ନାହିଁ ବୋଲି କହିପାରିବା ।

ପ୍ରତ୍ୟହ ଆଧ୍ୟାତ୍ମିକରେ ବୁଡି ରହିଥିବା ଲୋକମାନଙ୍କୁ ବୁଝାନପଡି ସେମାନେ ବିରୁଦ୍ଧ ରୀତିରେ ଭଲମନ୍ଦର କାର୍ଯ୍ୟଗୁଡିକୁ ବିଭାଜନ କରୁଥିବା ଭଳି, କିଛି କାର୍ଯ୍ୟ ଭଲ ନୁହେଁ ତାକୁ ଛାଡିବା ଉଚିତ୍, କିଛି କାର୍ଯ୍ୟ ଭଲ ତାହା କରିବା ଉଚିତ୍ କହିବା ଭଳି, ଅର୍ଜୁନଙ୍କ ଠାରେ ରହିଆସିଥିବା ଭାବରେ ଶ୍ରୀକୃଷ୍ଣଙ୍କ ବାଣୀ ପ୍ରବେଶ କରିଛି । ଏକକାଳୀନ ଜ୍ଞାନ ଶୁଣୁଥିବା ଅର୍ଜୁନଙ୍କୁ ସେ ବିଷୟ ବୁଝାପଡିବା ନିଶ୍ଚୟ କଷ୍ଟକର ହୋଇଥିବ । ତେଣୁ ଅର୍ଜୁନ ଅବୁଝା ସ୍ଥିତିରେ କର୍ମ, ବ୍ରହ୍ମଯୋଗର ବିଭାଜନ ବିବରଣ ନଜାଣି, ଶ୍ରୀକୃଷ୍ଣଙ୍କ କଥାକୁ ମିଶ୍ରମବାକ୍ୟ କହିଦେଇଛନ୍ତି । ତୋର ମିଶ୍ରମବାକ୍ୟ ଶୁଣି ମୁଁ କିଛି ବୁଝିପାରୁ ନାହିଁ, ତୋ

କଥାରେ ପୁନର୍ବାର ମୋର, ମୁଁ ଇତ୍ୟାଦି ମୋହଗୁଣରେ ମୁଁ ଛନ୍ଦି ହୋଇଯିବି, ତେଣୁ ମୁଁ କଣ କରିବି ନିର୍ଦ୍ଧାର୍ଯ୍ୟ କରି କହ ବୋଲି କହିଛନ୍ତି ।

ଏବେ ଭଗବାନ ଶ୍ରୀକୃଷ୍ଣ ମୁଖ୍ୟତଃ ଦୁଇଟି ଯୋଗ ବାବଦରେ କହି, ଅର୍ଜୁନଙ୍କର କେଉଁ ଯୋଗ ଆବଶ୍ୟକ ତାହା ମଧ୍ୟ ଜଣାଇଛନ୍ତି । **ମାନବ ଜାଗ୍ରତାବସ୍ଥାରେ ରହି କରୁଥିବା କଳହ, ଯୁଦ୍ଧ, ଭକ୍ତି ଇତ୍ୟାଦି କୌଣସି କାର୍ଯ୍ୟ ହେଉ ସେସବୁ ଯୋଗ ହେବା ଉଚିତ୍** । ଅର୍ଜୁନ ସେହି ସମୟରେ ଯାହା କରିବା ଉଚିତ, ତାଙ୍କର ଯାହା ଆବଶ୍ୟକ ତାହା ଦୁଇ ଭାଗରେ ବିଭାଜନ କରି କହିଥିବା ଯୋଗ ଦୁଇଟିରୁ କର୍ମଯୋଗ ହିଁ ମୁଖ୍ୟ ।

ସେଥିଲାଗି ଭଗବଦ୍ଗୀତାରେ କର୍ମଯୋଗକୁ ଅନେକ ପ୍ରକାରରେ ବୁଝିପାରିବା ଭଳି କହିଛନ୍ତି । ଭୂପୃଷ୍ଠରେ କୌଣସି ମାନବ ସର୍ବଦା ଯୋଗ କିମ୍ବା ଯୋଗଠାରୁ ଭିନ୍ନ ବିୟୋଗରେ ଜୀବନ ବଞ୍ଚୁଥିବା ଜଣାଯାଏ । ଯୋଗ କହିଲେ ମିଳିତ ହେବା, ବିୟୋଗ କହିଲେ ଅଲଗା ହେବା । ରାମ ସୀତା ସହିତ ମିଶି ବଣରେ ରହିବା ବେଳେ ରାଜସୁଖଠାରୁ ଦୂରରେ ରହିଲେ ମଧ୍ୟ ଦୁଃଖିତ ନହୋଇ ସନ୍ତୋଷରେ ଥିଲେ । ଦିନେ ସୀତା ରାମଙ୍କଠାରୁ ଅଲଗା ହୋଇଯିବା ପରେ ରାଜସୁଖ ଥିଲେ ମଧ୍ୟ ବିୟୋଗ ଦୁଃଖ ଅନୁଭବ କରିଥିଲେ । ସେହିଭଳି ମାନବ ଈଶ୍ୱର ଚିନ୍ତନରୁ ବିଚ୍ଛିନ୍ନ ହୋଇ କେତେ ଭୌତିକ ଧନ, କନକ, ଉନ୍ନତ ସ୍ଥିତି, ପଦବୀ ଇତ୍ୟାଦି ସହିତ ବଞ୍ଚୁଥିଲେ ମଧ୍ୟ ଅକୁହା ଅସଂତୃପ୍ତିରେ କାଳ କାଟୁଥାଏ । ଈଶ୍ୱର ଚିନ୍ତନରୁ ଅଲଗାହୋଇ ଅର୍ଥାତ୍ ଯୋଗ ନହୋଇ ବିୟୋଗ ଜୀବନ ବଞ୍ଚୁଥିବା କୌଣସି ଜୀବ ଅସଂତୃପ୍ତ ଜୀବନ ଅନୁଭବ କରିଥାଏ । ତେଣୁ ଭଗବାନ ଶ୍ରୀକୃଷ୍ଣ ଯୋଗ ବାବଦରେ କହିବାକୁ ଯାଇ, ଅର୍ଜୁନଙ୍କୁ ମାଧ୍ୟମ କରି ସମସ୍ତେ ବୁଝିପାରିବା ଭଳି, ମାନବ ଏଇ ସୀମା ଭିତରେ ରହିଲେ ଯୋଗ, ଏଇ ସୀମା ଡେଇଁଲେ ବିୟୋଗ ବୋଲି କହି, ସେହି ସୀମାକୁ ଚିହ୍ନାଇଛନ୍ତି । ଶ୍ରୀକୃଷ୍ଣଙ୍କର ବାକ୍ ସୀମାକୁ ହିଁ ଆମେ ଭଗବତ୍ **ଗୀତା** କହୁଛୁ ।

ସାଂଖ୍ୟ ଯୋଗରେ ସୂଚନା ପ୍ରାୟ କହିଥିବା କର୍ମଯୋଗ, ବ୍ରହ୍ମଯୋଗ ବିଷୟ ଏହି ଅଧ୍ୟାୟରେ ସମ୍ପୂର୍ଣ୍ଣ ବୁଝାଇବା ଆରମ୍ଭ କରିଛନ୍ତି । ଏହି ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଥିବା ପ୍ରଥମ ଶ୍ଳୋକକୁ ଏବେ ତଳେ ଦେଖିବା ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୨) ଶ୍ଲୋକ,୩ : ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାଽନଘ ।**
**ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ॥**
**(କର୍ମ,ବ୍ରହ୍ମଯୋଗ)**

**ଭାବାର୍ଥ :** ମଣିଷ ଆଚରଣ କରିବାକୁ ଦୁଇ ଯୋଗନିଷ୍ଠା ଆଗରୁ କହିଛି । ସାଂଖ୍ୟ ଜାଣିଥିବା ଲୋକେ ଜ୍ଞାନଯୋଗକୁ ଏବଂ କାର୍ଯ୍ୟ ବିବରଣୀ ଜାଣିଥିବା ଲୋକେ କର୍ମଯୋଗକୁ ଆଚରଣରେ ଆଣିପାରିବେ ।

**ବିବରଣୀ :** ପରମାତ୍ମା, ଆତ୍ମା, ଜୀବାତ୍ମା, ଶରୀର ଏସବୁ ଆଲଗା ଅଲଗା ରହିଛି ବୋଲି ଯେଉଁମାନେ ଜାଣିଛନ୍ତି ସେମାନେ 'ସାଂଖ୍ୟି', ସେମାନେ ଆତ୍ମାକୁ ଅନୁଭବ କରି ଶେଷରେ ପରମାତ୍ମାରେ ମିଳିତହେବା ମାର୍ଗକୁ ଜାଣିଥାନ୍ତି । ଜୀବାତ୍ମା ଆତ୍ମାସୁଖକୁ ଅନୁଭବ କରିବାକୁ ହେଲେ ଶରୀରକୁ ସ୍ଥିର କରି, ଭିତରେ ଥିବା ମନ ଦ୍ୱାରା କରିପାରିବ । ସାଂଖ୍ୟ ଜାଣିଥିବା ଲୋକମାନେ ସବୁକିଛି ମନ ଦ୍ୱାରା ଅନୁଭବ କରୁଛେ ବୋଲି ଜାଣି ମନ ଦ୍ୱାରା ଆତ୍ମାନୁଭବ କରିଥାନ୍ତି । ବ୍ରହ୍ମଯାଗୀମାନେ ମନକୁ ସ୍ୱାଧୀନ କରି, ଶରୀରକୁ ସ୍ଥିରକରି, ବାହ୍ୟ ବିଷୟ ଗୁଡିକରୁ ମନକୁ ଫେରାଇ ଆଣିବା ସାଧନା କରିଥାନ୍ତି, ସେହି ସାଧନାକୁ **ଜ୍ଞାନଯୋଗ ବା ବ୍ରହ୍ମଯୋଗ** କହୁଛୁ । ମନ ଆତ୍ମାରେ ଲଗ୍ନହୋଇ ରହିବା ବ୍ରହ୍ମଯୋଗ ବୋଲି ଜାଣିବା ଉଚିତ୍ ।

କର୍ମଯୋଗକୁ ସେହିମାନେ ଜାଣିଥାନ୍ତି ଯେଉଁମାନେ ଶରୀରର ଯନ୍ତ୍ରାଙ୍ଗକୁ ଜାଣି, କର୍ମ ଦ୍ୱାରା ଗୁଣ, ଗୁଣ ଦ୍ୱାରା ବିଚର, ବିଚର ଦ୍ୱାରା କାର୍ଯ୍ୟ ଏବଂ କାର୍ଯ୍ୟ ଦ୍ୱାରା କର୍ମାର୍ଜନ ହୋଇଥାଏ ବୋଲି ଜାଣିଥାନ୍ତି । ସେଥିଲାଗି ସେମାନଙ୍କ ଦ୍ୱାରା କାର୍ଯ୍ୟ ହେଉଥିଲେ ମଧ୍ୟ କିପରି କର୍ମ ଅର୍ଜନ ନହେବ ସେହି ପଦ୍ଧତିକୁ ସେମାନେ ଅବଲମ୍ବନ କରିଥାନ୍ତି, ସେହିମାନଙ୍କୁ ହିଁ କର୍ମଯୋଗ ଜଣାଅଛି ବୋଲି କହି ପାରିବା । କାର୍ଯ୍ୟଗୁଡିକ ଦ୍ୱାରା କର୍ମ ବନ୍ଧନରେ ନପଡିବା ପଦ୍ଧତିକୁ **କର୍ମଯୋଗ ବା ରାଜଯୋଗ** କହୁଛୁ । ଯିଏ କର୍ମଯୋଗ ଆଚରଣ କରିଥାଏ ସେ ତାର ଶରୀର କାର୍ଯ୍ୟ କରିବାକୁ ଛାଡିଦେଇ, ଶରୀର ଦ୍ୱାରା କାର୍ଯ୍ୟ କରୁଥାଇ, କାର୍ଯ୍ୟ

ଦ୍ୱାରା ଅର୍ଜନ ହେଉଥିବା ପାପପୁଣ୍ୟ ନାମକ କର୍ମକୁ ଜ୍ଞାନାଗ୍ନି ଦ୍ୱାରା ଜଳାଇ ଦେଇଥାଏ । କର୍ମକୁ ଜଳାଇ ଦେଉଥିବା ଅଗ୍ନିର ନାମ **'ଜ୍ଞାନାଗ୍ନି'** । ଜ୍ଞାନାଗ୍ନି ଦ୍ୱାରା କର୍ମ ଜଳାଇବାକୁ ହେଲେ ଶରୀରଯନ୍ତ୍ରାଙ୍ଗର ଏକ ଭାଗ ହୋଇଥିବା **'ଅହମ୍'**ର କାର୍ଯ୍ୟକୁ ସ୍ଥିର କରିବାକୁ ହୋଇଥାଏ । କାର୍ଯ୍ୟ ହେଉଥିବା ବେଳେ ଅହମ୍ ଉପରେ ଲଗ୍ନହୋଇ ରହିବାକୁ କର୍ମଯୋଗ କହୁଛୁ ।

**ବ୍ରହ୍ମଯୋଗ :-** ଜୀବାତ୍ମା ମନ ସହିତ ଲଗ୍ନହୋଇ ରହିବାକୁ ବ୍ରହ୍ମଯୋଗ ବା ଜ୍ଞାନଯୋଗ କୁହାଯାଏ । ମନକୁ ବାହାର ବିଷୟ ଉପରକୁ ଯିବାକୁ ନଦେଇ ବୁଦ୍ଧି ହିଁ ମନକୁ ବାନ୍ଧି ଦେଇଥାଏ । ବାହାର ବିଷୟ ଗୁଡିକର ଧ୍ୟାନ ନଥିବା ବେଳେ ମନରେ ଆତ୍ମା ଧ୍ୟାନ ଆସିଥାଏ, ସେତିକିବେଳେ ମନ ଦ୍ୱାରା ଆତ୍ମାସୁଖ ଜୀବାତ୍ମାକୁ ଜଣାପଡିଥାଏ । ବ୍ରହ୍ମଯୋଗରେ ମୁଖ୍ୟ ପାତ୍ରଧାରୀ ହେଉଛି ମନ । ଯାହାର ମନ ଜୀବାତ୍ମା ସହିତ ଏକୀଭୂତ ହୋଇଥାଏ ସେ ବ୍ରହ୍ମଯୋଗୀ, ଯାହାର ମନ ଜୀବାତ୍ମାକୁ ଆତ୍ମାନୁଭୂତି ଯୋଗାଇଥାଏ ସେ ବ୍ରହ୍ମଯୋଗୀ, ଯେତେବେଳେ ଜୀବାତ୍ମା ଏବଂ ମନ ଏକୀଭୂତ ହୋଇ ବ୍ରହ୍ମଯୋଗରେ ଥା'ନ୍ତି ସେତେବେଳେ ଯୋଗୀର ଅଜାଣତରେ ତାଠାରେ **'ଜ୍ଞାନାଗ୍ନି'** ପ୍ରଜ୍ୱଳିତ ହୋଇଥାଏ । ସେହି ଜ୍ଞାନାଗ୍ନି ତାର ଥିବା ସଞ୍ଚିତକର୍ମକୁ ଜାଳି ଦେଇଥାଏ । ମନ ବାହାର ବିଷୟ ଉପରେ ଲଗ୍ନହୋଇ ଥିବାବେଳେ, ଜୀବାତ୍ମା ତ ମନ ସହିତ ଲଗ୍ନହୋଇ ବାହ୍ୟ ବିଷୟଗୁଡିକୁ ଅନୁଭବ କରୁଛି ! କଣ ତାହା ମଧ୍ୟ ଯୋଗ ? ବୋଲି କେତେକ ପଚାରି ପାରନ୍ତି । ଏଥିପାଇଁ ଆମ ସମାଧାନ ହେଉଛି ! ଜୀବାତ୍ମା ମନ ସହିତ ଲଗ୍ନହୋଇ ବାହାର ବିଷୟ ଗୁଡିକୁ ଅନୁଭବ କରିବା ମଧ୍ୟ ଯୋଗ, ହେଲେ ତାହା ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଥାଏ । ଜ୍ୟୋତିଷ ଶାସ୍ତ୍ରରେ ଯୋଗ ଅନେକ ପ୍ରକାରର ଅଛି ବୋଲି ଜାଣିବା ଉଚିତ୍ । ଉଦାହରଣ ସ୍ୱରୂପ ବୁଧାର୍କ ଯୋଗ, ଗଜକେଶରୀ ଯୋଗ, ଚନ୍ଦ୍ରମଙ୍ଗଳ ଯୋଗ ଏହିପରି ଅନେକ ଯୋଗ ରହିଛି । ଏହି ସମସ୍ତ ଯୋଗ ବାହ୍ୟ ବିଷୟ ସୁଖ ସମ୍ବନ୍ଧୀୟ, ବିଷୟସୁଖ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧୀୟ । ଭିତର ଯୋଗ ଯୋଗଶାସ୍ତ୍ର ସମ୍ବନ୍ଧୀୟ । ବାହାରର ଯୋଗ ଜ୍ଞାନାଗ୍ନି ପ୍ରଜ୍ୱଳିତ ହେଉଥିବା ଯୋଗ ନୁହେଁ । ତେଣୁ ଯୋଗଶାସ୍ତ୍ର ଅନୁସାରେ ଆଧ୍ୟାତ୍ମିକ ବିଷୟକୁ ଭିତରେ ମିଳିତ କରାଇବାକୁ ଯୋଗ କହୁଛୁ । ଏହି ନିୟମରେ ବାହ୍ୟ

ବିଷୟରୁ ଫେରିଆସି ମନ ଜୀବ ସହିତ ମିଶି ରହିବାକୁ ବ୍ରହ୍ମଯୋଗ କହୁଛୁ । ଏହି ଯୋଗରେ ବାହ୍ୟ ସ୍ପର୍ଶାଦିରେ ମନର ସମ୍ପର୍କ ନଥାଏ । ଜୀବ ବାହ୍ୟସୁଖ ଅନୁଭବ କରିନଥାଏ ।

**କର୍ମଯୋଗ :-** ଜୀବାତ୍ମା ଅହମ୍ ସହିତ ଲଗ୍ନହୋଇ ରହିବା କର୍ମଯୋଗ ବା ରାଜଯୋଗ । କର୍ମଯୋଗରେ ଅହମକୁ ବାହ୍ୟ କାର୍ଯ୍ୟ ଉପରେ ଯିବାକୁ ନ ଦେଇ ବୁଦ୍ଧି ମନକୁ ବାନ୍ଧି ଦେଇଥାଏ । ଯେତେବେଳେ ବାହାର କାର୍ଯ୍ୟର ଧ୍ୟାନ ଅହମରେ ନଥାଏ ସେତେବେଳେ ବୁଦ୍ଧି ଅହଂକାର (ଅହଂଭାବ)କୁ ବିନାଶ କରିଦେଇଥାଏ ଏବଂ ଏହି କାର୍ଯ୍ୟ ମୁଁ କରିନାହିଁ କର୍ମ ଅନୁସାରେ ତାହା କାର୍ଯ୍ୟରୂପ ଧାରଣ କରିଛି ବୋଲି ଜୀବାତ୍ମା ଭାବନା କରିଥାଏ । କର୍ମଯୋଗରେ ମୁଖ୍ୟ ପାତ୍ରଧାରୀ ହେଉଛି ଅହମ (ଅହଂ) । ଯାହାର ଅହମ କର୍ମକୁ ଜୀବାତ୍ମାର ପାଖକୁ ଯିବାକୁ ଦେଇନଥାଏ ସେ କର୍ମଯୋଗୀ । ଯେତେବେଳେ ଜୀବାତ୍ମା ସ୍ୱୟଂ ବାହାରକୁ ଧ୍ୟାନ ନଦେଇ ଅହମ ସହିତ ମିଶି ରହିଥାଏ, ଅର୍ଥାତ୍ କର୍ମଯୋଗରେ ଲାଗି ରହିଥାଏ, ସେତେବେଳେ କର୍ମଯୋଗୀର ଅଜାଣତରେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇ ଯୋଗୀର ଆଗାମୀ କର୍ମକୁ ଜଳାଇ ଦେଇଥାଏ । କର୍ମଯୋଗ ଆଚରଣ କରୁଥିବା ଯୋଗୀ ସମସ୍ତ କାର୍ଯ୍ୟ କରୁଥିଲେ ହେଁ ସମସ୍ତଙ୍କ ଆଗରେ ଅଜ୍ଞାନୀ ଭଳି ଦେଖାଯାଏ । ଭିତରେ ଅହମ କାର୍ଯ୍ୟ ରହିତ ରହି, ବାହ୍ୟତଃ କାର୍ଯ୍ୟ ସହିତ ସମ୍ବନ୍ଧହୀନ ଭାବରେ ରହିବା ହେଉଛି କର୍ମଯୋଗ । ତେଣୁ କର୍ମଯୋଗକୁ, କର୍ମଯୋଗୀକୁ କେହି ବାହାରୁ ଚିହ୍ନିପାରି ନଥାନ୍ତି ।

ଏହିଭଳି ଏହି ଦୁଇଟି ଯୋଗ ପରମାତ୍ମାରେ ଐକ୍ୟ ହେବାପାଇଁ ଦୁଇଟି ମୁଖ୍ୟ ମାର୍ଗ ହୋଇ ରହିଛି । ପରମାତ୍ମାରେ ଐକ୍ୟ ହେବାପାଇଁ ହେଲେ ସମସ୍ତ କର୍ମ ବିନାଶ କରିବାକୁ ପଡିଥାଏ । କର୍ମ କିଛି ମଧ୍ୟ ବଳକା ଥିବା ପର୍ଯ୍ୟନ୍ତ ମିଳିପାରୁ ନଥିବା ପରମପଦ, ସେହି କିଛି ବଳକା କର୍ମ ବିନାଶ ହେବା କ୍ଷଣରେ ହିଁ ମିଳିଯାଇଥାଏ । ସେଥିଲାଗି ଭଗବାନ ଆମଠାରେ ଜ୍ଞାନାଗ୍ନି ତିଆରି ହେବା ପାଇଁ ଦୁଇଟି ମାର୍ଗ ବତାଇଛନ୍ତି, ତାହାହିଁ ଦୁଇଟି ଯୋଗ । ଗୋଟିଏ ଯୋଗରେ ଆଗାମୀକର୍ମ, ଆଉ ଗୋଟିଏ ଯୋଗରେ ସଞ୍ଚିତକର୍ମ ବିନାଶ ହୋଇପାରିବା ଉପାୟକୁ ଭଗବାନ ଜଣାଇ ଦେଇଛନ୍ତି । ଜନ୍ମରୁ ଆମରଣ

ନୂଆ ଆସୁଥିବା କର୍ମକୁ ଆମେ ଆଗାମୀକର୍ମ କହୁଛୁ । ଆମ ଦ୍ୱାରା ହେଉଥିବା କୌଣସି କାର୍ଯ୍ୟ ପ୍ରାରବ୍ଧକର୍ମ ସମ୍ବନ୍ଧୀୟ ହୋଇଥିବା ବେଳେ, ଆମର ଗଚ୍ଛିତ ଥିବା କର୍ମକୁ ସଞ୍ଚିତକର୍ମ କହୁଛୁ । ବ୍ରହ୍ମଯୋଗରେ ଜ୍ଞାନାଗ୍ନି ଦ୍ୱାରା ସଞ୍ଚିତକର୍ମ କ୍ରମଶଃ ଜଳିଯାଏ । ସେହିଭଳି କର୍ମଯୋଗରେ ଆଗାମୀକର୍ମ ଜଳି ଯାଇଥାଏ, କିନ୍ତୁ ପ୍ରାରବ୍ଧକର୍ମକୁ ଜଳାଇବା ପାଇଁ କୌଣସି ଯୋଗ କାର୍ଯ୍ୟରେ ଆସେନାହିଁ । ଜଣେ ଯୋଗୀ ନିଜଠାରେ ପ୍ରଜ୍ୱଳିତ ହୋଇଥିବା ଜ୍ଞାନାଗ୍ନି ଦ୍ୱାରା କର୍ମକୁ ବିନାଶ କରୁଥିବା ବେଳେ, ବଳକା ଅଗ୍ନି ତାର ଶୀରୋଭାଗରେ ଗଚ୍ଛିତ ରହିଥାଏ । ସେହି ଜ୍ଞାନାଗ୍ନିକୁ ଯୋଗୀ ଆଉଜଣକୁ ଦାନ ଦେଇପାରେ, ସେହି ଦାନ ହୋଇଥିବା ଅଗ୍ନି ସିଧା ଅନ୍ୟର ପ୍ରାରବ୍ଧ କର୍ମକୁ ଜାଳି ଦେଇଥାଏ । କେବଳ ଏହି ବିଧିରେ ପ୍ରାରବ୍ଧକର୍ମକୁ ବିନାଶ କରାଯାଇ ପାରେ ସିନା, ଅନ୍ୟ କୌଣସି ଯୋଗ ବା ଉପାୟ ନଥାଏ ବୋଲି ଜାଣିବା ଉଚିତ୍ ।

କେବଳ ଦୁଇଟି ମାତ୍ର ଯୋଗପଦ୍ଧତି ରହିଛି, ତାହାହିଁ କର୍ମଯୋଗ ଏବଂ ବ୍ରହ୍ମଯୋଗ । ତେଣୁ ଶ୍ଳୋକରେ ଦ୍ୱିବିଧା ନିଷ୍ଠା ବୋଲି ଭଗବାନ ଆରମ୍ଭରୁ ଜଣାଇଛନ୍ତି । ଏହି ଦୁଇ ନିଷ୍ଠାକୁ ସ୍ପଷ୍ଟ କହିବାକୁ ଯାଇ **'ଜ୍ଞାନ ଯୋଗେନ', 'କର୍ମଯୋଗେନ'**ବୋଲି କହିଛନ୍ତି । ଏବେ ତଳେ ଏହି ଦୁଇ ଯୋଗ ବାବଦରେ ଆଉ କଣ କହୁଛନ୍ତି ଦେଖିବା ।

**(୨) ଶ୍ଳୋକ,୪ : ନ କର୍ମଣା ମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।**
**ନ ଚ ସନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥**

**(ପ୍ରକୃତି)**

**ଭାବାର୍ଥ :** କର୍ମ ପ୍ରାରମ୍ଭ କରିବା ଦ୍ୱାରା ଏବଂ କରୁଥିବା କର୍ମକୁ ଛାଡିଦେବା ଦ୍ୱାରା ମୋକ୍ଷ ମିଳି ନଥାଏ ।

**ବିବରଣୀ :** କର୍ମଗୁଡିକୁ ପ୍ରାରମ୍ଭ କରିବା ଦ୍ୱାରା କହିଲେ ପାପପୁଣ୍ୟ ଗୁଡିକୁ କାର୍ଯ୍ୟ ରୂପ ଦେବା ଦ୍ୱାରା ବୋଲି ବୁଝାଏ । ସେହିଭଳି କରୁଥିବା କର୍ମଗୁଡିକୁ ନକରି ଛାଡିଦେବା ଅର୍ଥାତ୍ କର୍ମ କାର୍ଯ୍ୟରୂପ ହୋଇ ମାନବ ଦ୍ୱାରା ଆଚରିତ ହେଉଥିବା ବେଳେ ସେହି କାର୍ଯ୍ୟକୁ ନକରିବା ବୋଲି ବୁଝାଇଥାଏ । ସମସ୍ତ

କାର୍ଯ୍ୟଗୁଡିକ ପାପପୁଣ୍ୟ ମିଶ୍ରିତ ହୋଇ ରହିଛି ବୋଲି ଜାଣି, ତାହା କରିବା ଦ୍ୱାରା ପାପ ହୋଇଥାଏ, ନକରିବା ଦ୍ୱାରା ପାପ ହୋଇନଥାଏ, ତେଣୁ କାର୍ଯ୍ୟ ନକରି ଛାଡିଦେଲେ ଭଲ, ମୁଁ ଆଉ କର୍ମବନ୍ଧନରେ ପଡିବି ନାହିଁ ବୋଲି ଯେଉଁମାନେ ଭାବନା କରିଥାନ୍ତି ସେମାନଙ୍କୁ କିଛି ଜଣାନାହିଁ ବୋଲି କହିପାରିବା । କାରଣ ! କାର୍ଯ୍ୟ କଲେ  କିମ୍ବା କରୁଥିବା କାର୍ଯ୍ୟକୁ ଛାଡିଦେଲେ ମୋକ୍ଷ ମିଳିନଥାଏ । ଉଦାହରଣ ସ୍ୱରୂପ ବିବାହ ବନ୍ଧନରେ ଆବଦ୍ଧହେବା ଦ୍ୱାରା ଅନେକ କର୍ମ ଆସିଥାଏ  ବୋଲି  ବିବାହ କରୁନଥିବା କେତେକ ସମାଜରେ ଥିବାବେଳେ, ବିବାହ  ବନ୍ଧନରେ  ଆବଦ୍ଧହୋଇ  କିଛିଦିନ ସ୍ତ୍ରୀ ସାଙ୍ଗତ୍ୟ କରି ସଂସାର ଗଢିବା ଦ୍ୱାରା ଅନେକ କର୍ମ ଆସିଥାଏ  ଭାବି, ସେହି କର୍ମ ନଆସିବା ପାଇଁ ସ୍ତ୍ରୀ, ପିଲାଛୁଆଙ୍କୁ ମଧ୍ୟ ଛାଡିଦେଇ ଚାଲିଯାଉଥିବା କେତେକ ଥାଆନ୍ତି ।

ଏହିଭଳି କେତେକ କାର୍ଯ୍ୟ ମଧ୍ୟ କରିନଥାନ୍ତି । କେତେକ ଏହା ହିଁ ଜ୍ଞାନ ଭାବି ବିବାହ ବନ୍ଧନରେ ଆବଦ୍ଧ ନହୋଇ ବ୍ରହ୍ମଚାରୀ ଭାବରେ ବଦଳି ରହିଛନ୍ତି, ସେମାନଙ୍କୁ ମହାଜ୍ଞାନୀ ଦୈବ ସ୍ୱରୂପ ବୋଲି ଅନେକ ଲୋକ ଭାବିବା ଆଜିର ସାଧାରଣ କଥା ବୋଲି ସମସ୍ତେ ଜାଣନ୍ତି, କିନ୍ତୁ ଗୀତାରେ ଭଗବାନ ଏହା ଉଚିତ ପଦ୍ଧତି ନୁହେଁ, ଅଜ୍ଞାନ ପଦ୍ଧତି କହିଛନ୍ତି ବୋଲି ସ୍ପଷ୍ଟ ଜଣାଯାଉଛି । ଆଉ କେତେକ ସ୍ତ୍ରୀ ପିଲାଛୁଆଙ୍କ ସହିତ ସଂସାର ଗଢ଼ି ସୁଖ ଜୀବନ ବିତାଉଥିବା ସ୍ଥିତିରେ ଥିବାବେଳେ ବିବାହ କରିନଥିବା ବ୍ରହ୍ମଚାରୀ ମାନଙ୍କୁ ଦେଖି, ସେମାନେ କର୍ମବନ୍ଧନରେ ପଡୁନଥିବା ସ୍ଥିତିରେ ଅଛନ୍ତି, ସେମାନେ ମହାଜ୍ଞାନୀ ହୋଇଥିବେ ବୋଲି ଭାବି, ସେମାନଙ୍କ ମାର୍ଗକୁ ଅନୁସରଣ କଲେ କର୍ମବନ୍ଧନରୁ ମୁକୁଳି ଯାଇହେବ, ଏହା ହିଁ ସର୍ବଶ୍ରେଷ୍ଠ ମାର୍ଗ ବୋଲି ଭାବି ସେମାନେ ମଧ୍ୟ ସ୍ତ୍ରୀ ପିଲାଛୁଆଙ୍କୁ ଛାଡି ସନ୍ନ୍ୟାସ ଗ୍ରହଣ କରିଥାନ୍ତି । ଏହିଭଳି ଅନେକଙ୍କୁ ଆମେ ସମାଜରେ ଦେଖୁଛେ ।  ହେଲେ ଏଭଳି ସନ୍ନ୍ୟାସତ୍ତ୍ୱରେ ସିଦ୍ଧି ମିଳିନଥାଏ ବୋଲି ଗୀତାବାକ୍ୟ ଅନୁସାରେ ସ୍ପଷ୍ଟ ଜଣାପଡୁଛି । ଏହି ଅନୁସାରେ ଖାଲି ବିବାହ ବିଷୟ କାହିଁକି, ସମସ୍ତ କାର୍ଯ୍ୟରେ କର୍ମବନ୍ଧନ ଥାଏ । ତେଣୁ ତାହା ନକରିବା, କରୁଥିବା କାର୍ଯ୍ୟକୁ ଛାଡିଦେବା ଉଚିତ୍ ନୁହେଁ, ଏହା ହିଁ ଜ୍ଞାନସୂତ୍ର । ଏହା କିପରି ଜ୍ଞାନସୂତ୍ର ତାହା ପର ଶ୍ଳୋକରେ ଦେଖନ୍ତୁ ।

**(୨) ଶ୍ଳୋକ,୫ : ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।**
**କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥**

**(ପ୍ରକୃତି)**

**ଭାବାର୍ଥ :** କୌଣସି ସମୟରେ ହେଉ କୌଣସି କର୍ମ ଆଚରଣ ନ କରି କେହି ଏକକ୍ଷଣ ମଧ୍ୟ ରହିପାରିବ ନାହିଁ । ପ୍ରକୃତି ଜନିତ ଗୁଣ ଗୁଡିକରେ ଛନ୍ଦିହୋଇ, କର୍ମର ବଶୀଭୂତ ହୋଇ ସମସ୍ତେ କାର୍ଯ୍ୟ କରିଥାନ୍ତି ।

**ବିବରଣୀ :** ପ୍ରକୃତି ଦ୍ୱାରା ଜନ୍ମ ହୋଇଛି ଗୁଣରାଜି । ତାହା ସମସ୍ତ ସଜୀବ ଶରୀରରେ ଗୋଟିଏ ପ୍ରକାରର ଥାଏ । ଗୁଣଗୁଡିକ ମଧ୍ୟରେ ଜୀବାତ୍ମା ନିବାସ କରିଥାଏ । ତିନି ଗୁଣଭାଗରୁ କୌଣସି ଏକ ଗୁଣଭାଗରେ ରହି ଜୀବାତ୍ମା ସେହି ଭାଗର ଗୁଣଗୁଡିକ ସହିତ ଆବଦ୍ଧ ହୋଇ ରହିଥାଏ । ଗୁଣଗୁଡିକ ଦ୍ୱାରା ବିଚାର, ବିଚାର ଯୋଗୁଁ କାର୍ଯ୍ୟଗୁଡିକ କ୍ରମାନୁସାରେ ଘଟିଥାଏ । କେଉଁ କାର୍ଯ୍ୟ ହେବାପାଇଁ ଯେଉଁ ଗୁଣ କାର୍ଯ୍ୟକରିବ, ସେହି ଗୁଣକୁ ପ୍ରାରବ୍ଧକର୍ମ ପ୍ରେରଣା ଦେଇ କାର୍ଯ୍ୟ ସମାପନ କରିଥାଏ । ପ୍ରତ୍ୟେକ ଜୀବଶରୀରରେ କର୍ମବଶତଃ ଗୁଣଗୁଡିକରେ ବାନ୍ଧିହୋଇ, କର୍ମ ପ୍ରେରଣାରେ ଜୀବର କାର୍ଯ୍ୟ ଘଟିଥାଏ । ପ୍ରାରବ୍ଧକର୍ମ ଗୁଣହୋଇ, ଗୁଣଗୁଡିକ ବିଚାରହୋଇ, ବିଚାରଗୁଡିକ କାର୍ଯ୍ୟରୂପ ଧାରଣ କରନ୍ତି । ଏହା ଅନିର୍ବାର୍ଯ୍ୟ କାର୍ଯ୍ୟ ।

ପ୍ରତି ମାନବର ଜାଗ୍ରତ ଅବସ୍ଥାରେ ବିତୁଥିବା ପ୍ରତ୍ୟେକ କ୍ଷଣରେ କୌଣସି ଏକ ପ୍ରାରବ୍ଧକର୍ମ ଘଟୁଥିବାରୁ, ସେ କୌଣସିନା କୌଣସି ଏକ ବିଚାର କରୁଥାଏ । **ପ୍ରତିକ୍ଷଣ କର୍ମ ଅନୁସାରେ ବିଚାର କରୁନଥିବା ମାନବ ଭୂପୃଷ୍ଠରେ କେହି ନାହିଁ ବୋଲି କହିପାରିବା ।** ଆସୁଥିବା ପ୍ରତ୍ୟେକ ବିଚାର କାର୍ଯ୍ୟରୂପ ନେଇ ନଥାଏ । ଅନେକ ବିଚାରରୁ ଯାହା କାର୍ଯ୍ୟରୂପ ନେବାକୁ ଥିବ ତାହା କାର୍ଯ୍ୟରେ ପରିଣତ ହୋଇ ବଳକା ବିଚାରଗୁଡିକ କେବଳ ବିଚାର ହୋଇ ରହିଯାଇଥାଏ । କୌଣସି ଦିଗରୁ ଗବେଷଣା କଲେ ମଧ୍ୟ, ପ୍ରାରବ୍ଧକର୍ମ ନଥାଇ କୌଣସି କ୍ଷଣ ନାହିଁ ବୋଲି ଜଣାପଡେ । ନିଃସନ୍ଦେହରେ କୁହାଯାଇ ପାରେ ଯେ, ପ୍ରତି କ୍ଷଣରେ ଆମକୁ ପ୍ରାରବ୍ଧକର୍ମ ଭଉଁରୀରେ ନଚାଇ ଚାଲିଛି ।

ମାନବର ନିର୍ଣ୍ଣୟ ଅନୁସାରେ କୌଣସି କାର୍ଯ୍ୟ ହୋଇନଥାଏ । ଘଟୁଥିବା କାର୍ଯ୍ୟଗୁଡିକ ପ୍ରାରବ୍ଧକର୍ମ ଅନୁସାରେ ଘଟୁଥାଏ । **ସେଥିଲାଗି ମଣିଷ ଗୋଟିଏ କଥା ଭାବିଲେ ଆଉଗୋଟିଏ କଥା ହୋଇଥାଏ** । ବ୍ରହ୍ମଚର୍ଯ୍ୟ ଆଚରଣ କରି ସ୍ତ୍ରୀମୋହ ତ୍ୟାଗ କରି ରହିଥିବା ଲୋକମାନେ ମଧ୍ୟ ସ୍ୱପ୍ନରେ ବ୍ରହ୍ମଚର୍ଯ୍ୟରୁ ଖସିଯାଇଥାନ୍ତି କିମ୍ବା ଜାଗ୍ରତ ଅବସ୍ଥାରେ କୌଣସି ଏକ ସମୟରେ ନିଜର ନିଷ୍ଠାକୁ ହରାଇ ଦେଇଥାନ୍ତି । କେତେକ ବିବାହ ବନ୍ଧନରେ ବାନ୍ଧିହୋଇ ସଂସାର କରିବାକୁ ଇଚ୍ଛାକଲେ ମଧ୍ୟ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରି ନଥାନ୍ତି । ଏସବୁକୁ ବିଚାର କରି ଦେଖିଲେ, କୌଣସି ବ୍ୟକ୍ତି ସ୍ୱତନ୍ତ୍ର ହୋଇ ନିଜ ଇଚ୍ଛାରେ ରହିପାରି ନଥାନ୍ତି ବୋଲି ଜଣାଯିବା ସହିତ ସମସ୍ତେ କର୍ମ ହାତରେ ବାନ୍ଧିହୋଇ ରହିଛନ୍ତି ବୋଲି ଜଣାଯାଉଛି, ସେଥିଲାଗି କୌଣସି କ୍ଷଣରେ ମଧ୍ୟ କେହି କୌଣସି କାର୍ଯ୍ୟରେ ଲାଗି ରହିଥାନ୍ତି ।

**(୨) ଶ୍ଳୋକ,୬ : କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୁଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**
**(ବ୍ରହ୍ମଯୋଗ, ଜୀବାତ୍ମା)**

**ଭାବାର୍ଥ :** କର୍ମେନ୍ଦ୍ରିୟ ଗୁଡିକର କାର୍ଯ୍ୟ ନିଗ୍ରହ କରି, ଜ୍ଞାନେନ୍ଦ୍ରିୟ ଗୁଡିକର ବିଷୟଗୁଡିକୁ ଯିଏ ସ୍ମରଣ କରୁଥାଏ ସେ ମିଥ୍ୟାଚାରୀ ମୁଢାତ୍ମା ।

**ବିବରଣୀ :** ମନର ଆଦେଶ ଅନୁସାରେ କାର୍ଯ୍ୟ କରୁଥିବା କାର୍ଯ୍ୟେନ୍ଦ୍ରିୟ (କର୍ମେନ୍ଦ୍ରିୟ) ଗୁଡିକ ଯଥା ହାତ, ଗୋଡ, ମୁଖ, ତଥା ଦୁଇ ଗୁପ୍ତାଙ୍ଗ ଗୁଡିକୁ ସ୍ଥିର କରି, ମହାନ ବ୍ରହ୍ମଯୋଗୀ ଭଳି ଉପରକୁ ଦେଖାଗଲେ ମଧ୍ୟ ମନରେ ଜ୍ଞାନେନ୍ଦ୍ରିୟ ଯଥା– ଆଖି, ନାକ, କାନ, ଜିଭ, ଚର୍ମାଦିର ବିଷୟଗୁଡିକୁ ସ୍ମୃତିରୁ ଆଣି, ଆଲୋଚନା କରୁଥିବା ବ୍ୟକ୍ତିର ସାଧନାକୁ ଯୋଗସାଧନା ବୋଲି କହିପାରିବା ନାହିଁ । ଉପର ଇନ୍ଦ୍ରିୟଗୁଡିକର ଆଚରଣ ନିଗ୍ରହ କରିଥିଲେ ମଧ୍ୟ ଭିତର ବିଷୟ ଆଲୋଚନା କରୁଥିବା ବ୍ୟକ୍ତିର ଆଚରଣକୁ ମୁଢାଚରଣ କହନ୍ତି ।

**ଉଦାହରଣ ସ୍ୱରୂପ :-** ଜଣେବ୍ୟକ୍ତି ଯୋଗ କରୁଛି ଭାବି ଏକ ମନ୍ତ୍ରକୁ ମନରେ ଉଚ୍ଚାରଣ କରି ହଲ୍‌ଚଲ୍ ନହୋଇ ବସିଛି ବୋଲି ଭାବିବା । ତାର ବାହ୍ୟ

ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟ କରୁନଥିଲେ ମଧ୍ୟ ଭିତର ମନରେ ଜ୍ଞାନେନ୍ଦ୍ରିୟ ହୋଇଥିବା କାନର ବିଷୟକୁ ସ୍ମରଣ କରୁଛି । ତେଣୁ ତାର ଆଚରଣ ଉଚିତ ଆଚରଣ ନୁହେଁ । ଏଭଳି ଲୋକମାନଙ୍କୁ ଭଗବାନ ଅଜ୍ଞାନୀ ବା ମୁଢାତ୍ମା ବୋଲି କହୁଛନ୍ତି । ଏପରି ସ୍ଥିର ଭାବରେ ବସି ଆମେ କୌଣସି ଭୌତିକ ବିଷୟ ସ୍ମରଣ କରୁନାହୁଁ, ଐଶ୍ୱରୀୟ ମନ୍ତ୍ର ଉଚ୍ଚାରଣ କରୁଛୁ, ଭୌତିକ ବିଷୟ ସିନା ଖରାପ, ଐଶ୍ୱରୀୟ ମନ୍ତ୍ରୋଚ୍ଚାରଣ କରିବା ତ ଭଲକଥା ! ବୋଲି କିଛି ଲୋକଙ୍କ ମନରେ ସନ୍ଦେହ ଆସି ପାରେ । ତାର ସମାଧାନ ହେଉଛି ! ମନ୍ତ୍ରକୁ ସ୍ମରଣ କରିବା ବେଳେ ଆମେ ଉଚିତ ଆଚରଣରେ ଅଛୁ ବୋଲି ଭାବୁଥିବା ଲୋକମାନେ ଭୁଲ୍ ବୁଝିବା ଦୁର୍ଯୋଗ ଥିବାରୁ ଏହିଠାରେ ଭଗବାନ ସ୍ପଷ୍ଟ ଭାବରେ ଏହି ବିଷୟକୁ ଉପସ୍ଥାପିତ କରିଛନ୍ତି । ଇନ୍ଦ୍ରିୟାର୍ଥ ବିଷୟଗୁଡ଼ିକ ଥିବାବେଳେ, ଆମେ ମନରେ ସ୍ମରଣ କରୁଥିବା ମନ୍ତ୍ର ମଧ୍ୟ ଦିନେ କାନର ଶ୍ରବଣ ଦ୍ୱାରା ମନରେ ପ୍ରବେଶ କରିଥିଲା, ତେଣୁ ତାହା ଐଶ୍ୱରୀୟ ମନ୍ତ୍ର ହେଲେ ମଧ, ଭୌତିକ ବିଷୟ ହୋଇଥିବାରୁ କାନ ଦ୍ୱାରା ଆସିଥିବା ବିଷୟ ବୋଲି କହିପାରିବା । ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଆସିଥିବା ବିଷୟଗୁଡ଼ିକ ଇନ୍ଦ୍ରିୟାର୍ଥ ବିଷୟ ହୋଇଥାଏ । ବ୍ରହ୍ମଯୋଗ ସହିତ କୌଣସି ଇନ୍ଦ୍ରିୟର କୌଣସି ସମ୍ପର୍କ ନଥାଏ । ତେଣୁ ସ୍ଥିର ଭାବରେ ବସି କୌଣସି ବିଷୟ ସ୍ମରଣକଲେ ମଧ୍ୟ ତାହା ଉଚିତ ଆଚରଣ ହୋଇନଥାଏ । ବ୍ରହ୍ମଯୋଗ ଅପେକ୍ଷା ସବୁ ପ୍ରକାରର ଭୌତିକ ବିଷୟରେ ରହି ଆଚରିତ ହେଉଥିବା କର୍ମଯୋଗ ଭଲ ବୋଲି ତଳ ଶ୍ଳୋକରେ ଜଣାଇଛନ୍ତି ।

**(୨) ଶ୍ଳୋକ,୭ : ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟା ରଭତେଽର୍ଜୁନ ।**
**କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥**

**(କର୍ମଯୋଗ)**

**ଭାବାର୍ଥ :** ଯିଏ ଜ୍ଞାନେନ୍ଦ୍ରିୟ ଗୁଡ଼ିକ ଦ୍ୱାରା ମନ ନିୟନ୍ତ୍ରିତ କରି କର୍ମେନ୍ଦ୍ରିୟ ଗୁଡ଼ିକ ଦ୍ୱାରା କାର୍ଯ୍ୟକରେ, ସେ କର୍ମଯୋଗୀ, ସେ ହିଁ ସର୍ବୋନ୍ନତ ।

**ବିବରଣୀ :** ଦୁନିଆର କୌଣସି କାର୍ଯ୍ୟ ହେବାକୁ ହେଲେ ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ ଗୁଡ଼ିକର ପ୍ରମେୟ ଆବଶ୍ୟକ । ଉଦାହରଣ ସ୍ୱରୂପ ଜଣେ ରେଡ଼ିଓ

ମେକାନିକ୍ ରେଡିଓଟିଏ ରିପେୟାର କରୁଛି ବୋଲି ଭାବିବା । ସେତେବେଳେ କେବଳ ତାର କର୍ମେନ୍ଦ୍ରିୟ ହାତ ଯେ କାର୍ଯ୍ୟ କରୁଛି ତା ନୁହେଁ, ହାତ ସହିତ ଜ୍ଞାନେନ୍ଦ୍ରିୟ ଆଖିର ମଧ୍ୟ ମୁଖ୍ୟ ଭୂମିକା ଥାଏ । ଏହି କାର୍ଯ୍ୟରେ ଜ୍ଞାନେନ୍ଦ୍ରିୟ ଗୁଡିକ ସ୍ଥିର ରହି କର୍ମେନ୍ଦ୍ରିୟ କାର୍ଯ୍ୟ କରୁଥିବାରୁ କର୍ମେନ୍ଦ୍ରିୟ ଗୁଡିକ ପ୍ରତ୍ୟକ୍ଷ ଭାବେ, ଜ୍ଞାନେନ୍ଦ୍ରିୟ ଗୁଡିକ ପରୋକ୍ଷ ଭାବେ ଆବଶ୍ୟକ ହୋଇଥାଏ ।

ଏକ କାର୍ଯ୍ୟରେ ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଅପେକ୍ଷା ଭିତରର ମନ ମଧ୍ୟ ମୁଖ୍ୟ ପାତ୍ର ପୋଷଣ କରିଥାଏ । ମନ ଅନୁସାରେ ହେଉଥିବା କାର୍ଯ୍ୟ କର୍ମଯୋଗ ହେବାବେଳେ, କାର୍ଯ୍ୟ କରୁଥିବା ଲୋକ କୌଣସି ପାପପୁଣ୍ୟର କର୍ମରେ ବାନ୍ଧି ହୋଇନଥାଏ, ତାହା କର୍ମଯୋଗ ହୋଇନଥିଲେ ସେ ନିଶ୍ଚୟ ଭାବରେ ପାପ ପୁଣ୍ୟ ନାମକ କର୍ମ ବନ୍ଧନରେ ପଡିଥାଏ ।

ଉପର ଶ୍ଳୋକରେ ଭଗବାନ ଜ୍ଞାନେନ୍ଦ୍ରିୟ ଗୁଡିକ ଦ୍ୱାରା ମନକୁ ନିୟନ୍ତ୍ରିତ କରି କର୍ମେନ୍ଦ୍ରିୟ ଗୁଡିକ ଦ୍ୱାରା କର୍ମଯୋଗ ଆଚରଣ କରୁଥିବା ବ୍ୟକ୍ତିର ବିଶେଷତା ମହାନ ବୋଲି କହିଛନ୍ତି । ପ୍ରତି ମଣିଷ ପ୍ରତିଦିନ କୌଣସି ଏକ କାର୍ଯ୍ୟ କରୁଥିବା ବେଳେ ତାହା କାହାର ଯୋଗରେ, କାହାର ଭୋଗରେ ବଦଳେ ଜାଣିବା ଅତି କଠିନ । କାରଣ କର୍ମଯୋଗ ଅନ୍ତର୍ଗତ ମନ ସମ୍ବନ୍ଧୀୟ ବିଷୟ, ଅନ୍ୟର ମନକୁ ଆମେ ଦେଖିପାରିବା ନାହିଁ, ସେଥିଲାଗି ଚିହ୍ନିବା କଷ୍ଟ । ତେଣୁ କାର୍ଯ୍ୟରତ ବ୍ୟକ୍ତି କେବଳ ଜାଣିପାରେ ସେ କର୍ମଯୋଗ ଆଚରଣ କରୁଛି କି ନାହିଁ । ଏବେ ଉଦାହରଣ ଭାବରେ ଏକ କାର୍ଯ୍ୟ ବିବରଣୀ ଜାଣିବା । ଜଣେ ରେଡିଓ ମେକାନିକ୍ ରେଡିଓଟି ରିପେୟାର କରୁଥିବା ସମୟରେ ତାର ହାତ କାର୍ଯ୍ୟ କରୁଥିବା ସ୍ଥଳେ, ଆଖି ଦେଖୁଥାଏ, ସେହି ସମୟରେ ସେହି ମେକାନିକ୍ କରୁଥିବା କାର୍ଯ୍ୟର ଫଳ ଉପରେ ବିଚାର କରିଥାଏ । ତାଛଡା ମୁଁ ଏହି କାର୍ଯ୍ୟ କରୁଛି, ମୁଁ ଜଣେ ମେକାନିକ୍, ଏହା ମେକାନିକ୍ କାର୍ଯ୍ୟ ଇତ୍ୟାଦି ଅହଂକାର ଯୁକ୍ତ ବିଚାର ଆସିବା ଦ୍ୱାରା ତାପାଇଁ ସେହି କାର୍ଯ୍ୟ ସମ୍ବନ୍ଧୀୟ ପାପପୁଣ୍ୟ ଯାହା ରହିଛି ତାହା ନିଶ୍ଚୟ ଆସିବ, କିନ୍ତୁ କାର୍ଯ୍ୟଟି ମୁଁ କରୁଛି ବୋଲି ଅହମ ଉପରେ ଧ୍ୟାନ ନଦେଇ, କେବଳ ସେହି କାର୍ଯ୍ୟରେ ଧ୍ୟାନ ରଖି କରୁଥିଲେ, ସେ କୌଣସି କର୍ମବନ୍ଧନରେ ପଡିବ ନାହିଁ । ଏହାକୁ ହିଁ କର୍ମଯୋଗ କୁହାଯାଏ ।

ଆଜି ଜଣେ ଛୋଟ ଚାକିରିଆ ମଧ୍ୟ ମୁଁ ଅମୁକ ବୋଲି ଅହଂଭାବରେ କାର୍ଯ୍ୟ କରୁଛି । ଜଣେ ଲୋକକୁ ପୋଲିସ୍ ବିଭାଗରେ ଚାକିରି ମିଳିଲେ, ମୁଁ ଜଣେ ପୋଲିସ୍ ଭାବି ଶରୀରସ୍ଥ ଅହଂ କୁ ସମ୍ପୂର୍ଣ୍ଣ ଜାଗ୍ରତ କରାଇ ମୁଁ ଜଣେ ମଣିଷ ବୋଲି ଭୁଲିଯାଇଥାଏ । ସେହିଭଳି ଉପର ଅଧିକାରୀମାନେ ମଧ୍ୟ ନିଜ ନିଜର ପଦବୀକୁ ନେଇ ମୁଁ ଅମୁକ ବୋଲି ଅହଂ ଭାବରେ ତାଦାତ୍ମ୍ୟ ହୋଇ ରହିଥାନ୍ତି । କେହି ମଧ୍ୟ ମୁଁ ଅଲଗା, ମୋ କାର୍ଯ୍ୟ ଅଲଗା ବୋଲି ଭାବିନଥାନ୍ତି । କାର୍ଯ୍ୟ ଅନୁସାରେ ମୁଁ ଆଉ ଜଣକଠାରୁ ମହାନ ଭାବିବା ବେଳେ କରୁଥିବା କାର୍ଯ୍ୟଟି ଅହଂକାର ପୂର୍ଣ୍ଣ ହୋଇଯାଏ । ତେଣୁ ସେହି କାର୍ଯ୍ୟଗୁଡିକ କର୍ମଯୁକ୍ତ ହେବ ସିନା, କର୍ମଯୋଗ ହେବନାହିଁ । ଅହଂଭାବରୁ ଦୂର ରହି, କାର୍ଯ୍ୟର କାରକ ମୁଁ ନୁହେଁ ଭାବିବା କର୍ମଯୋଗ ହୋଇଥାଏ ।

ଏବେ କେହି ସନ୍ଦେହ କରିପାରନ୍ତି କି, ମୁଁ କରୁଥିବା ଚାକିରିରେ ଅନ୍ୟମାନଙ୍କୁ ଦଣ୍ଡିତ କଲେ, ମାଡ ମାରିଲେ ପାପକର୍ମ ଆସୁଛି ସତ, ହେଲେ କର୍ମଯୋଗ ଜ୍ଞାନ ମୋର ନାହିଁ, ଯାହା କରୁଛି ତାହା ଯଦି ପାପକର୍ମ ହେବ, ସେ କାର୍ଯ୍ୟ ନକରି ମୁଁ ଅନ୍ୟ କାର୍ଯ୍ୟ କରିବା ବରଂ ଭଲ, ଏ ଚାକିରି ଛାଡି ଅନ୍ୟଧନ୍ଦା ଦେଖିବା ଭଲ ବୋଲି ସେ ଭାବିପାରେ । ଏହିଭଳି ଅନେକେ ସେମାନଙ୍କ କାର୍ଯ୍ୟ ଉପରେ ସନ୍ଦେହ ଜାତ କରି କାର୍ଯ୍ୟ ବନ୍ଦ କରିଦେବା ଆଲୋଚନା କରିପାରନ୍ତି । ସେଥିପାଇଁ ଭଗବାନ ତଳ ଶ୍ଳୋକରେ କଣ କହୁଛନ୍ତି ଦେଖିବା ।

**(୨) ଶ୍ଳୋକ,୮ : ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।**
**ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥**

**(କର୍ମଯୋଗ)**

**ଭାବାର୍ଥ :** କରୁଥିବା ନିୟତ କାର୍ଯ୍ୟଗୁଡିକ ନକରି ଛାଡିଦେବା ଅପେକ୍ଷା କରିବା ଭଲ, କାର୍ଯ୍ୟଗୁଡିକୁ ଛାଡି ତୁ ଦେହଯାତ୍ରା କରିପାରିବୁ ନାହିଁ ।

**ବିବରଣୀ :** ପ୍ରତ୍ୟେକ ମଣିଷ ତାର ଜୀବନରେ ନାନା ପ୍ରକାରର କାର୍ଯ୍ୟ କରିଥାଏ । ଜଣେ ବସ୍ କଣ୍ଡକ୍ଟର କାର୍ଯ୍ୟ କରି ବଞ୍ଚୁଥିବା ସ୍ଥଳେ, ଆଉଜଣେ

ବସ୍ ଚଲାଇ ଡ୍ରାଇଭର୍ ଭାବେ ଜୀବିକା ନିର୍ବାହ କରେ । ସେହିଭଳି ଜଣେ ପୋଲିସ୍ ଚାକିରି କରି ବଞ୍ଚୁଥିବା ସ୍ଥଳେ, ଆଉଜଣେ ଫେରିକାର୍ଯ୍ୟ କରି ବଞ୍ଚେ । ଜଣେ ଚାଷକାର୍ଯ୍ୟ କରି ବଞ୍ଚିଲେ, ଜଣେ ରାଜନେତା ହୋଇ ବଞ୍ଚେ । କେହି ଦରଜୀ ହେଲେ, ଆଉକେହି ବସ୍ତ୍ର ସଫା କରି ଜୀବିକା ନିର୍ବାହ କରେ । ଏହିଭଳି ସମସ୍ତେ ଗୋଟିଏ ଗୋଟିଏ ପ୍ରକାରର କାର୍ଯ୍ୟ କରି ନିଜର ଆହାର ପାଇଁ ଧନାର୍ଜନ କରିଥାନ୍ତି । ଯିଏ ଯାହା କଲେ ମଧ୍ୟ ସବୁ ନିଜ ନିଜର ପେଟ ପାଇଁ କରନ୍ତି, ଏହା ନଗ୍ନ ସତ୍ୟ । ଶରୀର ସୁସ୍ଥ ରହିବା ନିମନ୍ତେ ଶରୀର ପାଇଁ ଦରକାରୀ ଆହାର ଦେଇ ସମସ୍ତେ ନିଜ ନିଜର ଶରୀରଯାତ୍ରା କରିଥାନ୍ତି ।

ଶରୀର ଯାତ୍ରାରେ ସମସ୍ତେ ନାନା ପ୍ରକାରର କାର୍ଯ୍ୟ କରିଥାନ୍ତି, ଏହା ସମସ୍ତେ ଜାଣିଥିବା ବିଷୟ । ଏହିଭଳି ସମସ୍ତଙ୍କର କାର୍ଯ୍ୟ ସେମାନଙ୍କର କର୍ମାନୁସାରେ ନିର୍ଣ୍ଣୟ ହୋଇ ରହିଛି । ବିଚାରକରି ଦେଖିଲେ କେତେକଙ୍କର କାର୍ଯ୍ୟ ଭଲକାର୍ଯ୍ୟ ହୋଇ ସେମାନଙ୍କ ପାଇଁ ପୁଣ୍ୟ ଆଣିଥାଏ, କେତେକଙ୍କ କାର୍ଯ୍ୟ ଖରାପକାର୍ଯ୍ୟ ହୋଇ ପାପ ଆଣିଥାଏ । ସମସ୍ତ କାର୍ଯ୍ୟ ନିୟତକର୍ମ ଦ୍ୱାରା ହୋଇଥାଏ, ଅର୍ଥାତ୍ ତାହାସବୁ ସେମାନଙ୍କର ପ୍ରାରବ୍ଧକର୍ମ ଅନୁସାରେ ହୋଇଥାଏ ବୋଲି ଜାଣିବା ଉଚିତ୍ । ଏହି ଜନ୍ମରେ ଯାହାସବୁ କରିବାକୁ ହେବ ତାହା ଗତଜନ୍ମର କର୍ମ ଅନୁସାରେ ନିର୍ଣ୍ଣୟ ହୋଇ ରହିଛି । ତେଣୁ ପ୍ରାରବ୍ଧ ଅନୁଗୁଣ ଥିବା କର୍ମକୁ ନିୟତକର୍ମ କହୁଛୁ ।

ବ୍ରହ୍ମଯୋଗ କରିବି ବୋଲି ପ୍ରାରବ୍ଧକର୍ମ ଅନୁସାରେ ନଚାଲି, କରିବାକୁ ଥିବା କାର୍ଯ୍ୟ ଛାଡି ସାଧନାରେ ବସିଲେ, ଶରୀର ପାଇଁ ଆହାର କିଏ ଦେବ ! ଶରୀର ପୋଷଣ କରିପାରୁଥିବା ଲୋକ ବ୍ରହ୍ମଯୋଗ ଆଚରଣ କଲେ ଚଳିବ, ହେଲେ ଶରୀରପୋଷଣ ନିମନ୍ତେ କାର୍ଯ୍ୟ କରୁଥିବା ଲୋକ ବ୍ରହ୍ମଯୋଗ ସାଧନାରେ ବସିବା ଉଚିତ୍ ନୁହେଁ । ସାଧନାରେ ବସିଲେ ସେମାନଙ୍କର ଶରୀରପୋଷଣ ହୋଇପାରିବ ନାହିଁ । ତେଣୁ ଶରୀରଯାତ୍ରା ପାଇଁ ନିର୍ଦ୍ଧୀତ ହୋଇଥିବା କାର୍ଯ୍ୟଗୁଡିକ କରୁଥିବା ଲୋକମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ କ'ଣ, ତାହା କିପରି କରିବାକୁ ହେବ ପରବର୍ତ୍ତୀ ଶ୍ଳୋକରେ ଭଗବାନ କହୁଛନ୍ତି, ତାହା ଜାଣିବା ।

(୨) ଶ୍ଳୋକ,୯: ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ! ମୁକ୍ତସଂଗଃ ସମାଚର ॥
(କର୍ମଯୋଗ)

**ଭାବାର୍ଥ :** ଯଜ୍ଞ ନକରି କର୍ମ ଆଚରଣ କରିବା ଦ୍ୱାରା ମାନବ ପୁନଃ କର୍ମବନ୍ଧନରେ ପଡିଥାଏ । ତେଣୁ ହେ ଅର୍ଜୁନ ! କର୍ମବନ୍ଧନରେ ନପଡି କାର୍ଯ୍ୟକର୍ ।

**ବିବରଣୀ :** ଏହା କର୍ମଯୋଗର ଏକ କୀଳକ ଶ୍ଳୋକ । ଏଠାରେ "ଯଜ୍ଞାର୍ଥ" ନାମକ ନୂଆ ଶବ୍ଦଟିଏ ଆସିଛି । ଏଠାରେ ଯଜ୍ଞ ନାମକ ଶବ୍ଦ କ'ଣ, ମୁଖ୍ୟତଃ ତାହା ଜାଣିବା ଦରକାର । ଯଜ୍ଞ ନାମକ ଶବ୍ଦଟି ସମସ୍ତଙ୍କର ସୁପରିଚିତ, ତେଣୁ ଯଜ୍ଞ କହିଲେ ତ ସମସ୍ତେ ଜାଣିଥିବା କଥା ! ବୋଲି ଭାବି ପାରନ୍ତି; ତଥାପି ପରମାତ୍ମାଙ୍କ ଭାବ ଅନୁସାରେ କହିପାରିବା ଯେ, ଏହାର ପରମଭାବକୁ ଆମେ କେହି ଜାଣିପାରି ନାହେଁ । କାରଣ ! ଗୋଟିଏ ସ୍ଥାନରେ ଅଗ୍ନିକୁଣ୍ଡ ତିଆରି କରି ସେଥିରେ କିଛି ସମୀଧ ଜାଳିବା କାର୍ଯ୍ୟକୁ ସମସ୍ତେ ଯଜ୍ଞ ଭାବିଥାନ୍ତି । ଏହା କେବଳ ଯଜ୍ଞର ନମୁନା ସିନା ବାସ୍ତବରେ ଯଜ୍ଞ ନୁହେଁ ବୋଲି ଜାଣିବା ଉଚିତ୍ । ଯଜ୍ଞର ବାସ୍ତବତା ଜାଣିବାକୁ ହେଲେ କୃତ୍ଯୁଗ (ସତ୍ୟଯୁଗ)ର ସମୟକୁ ଟିକିଏ ଫେରିବାକୁ ହେବ ।

କୃତ୍ଯୁଗ ବା ସତ୍ୟଯୁଗରେ ମଣିଷସମାଜ ଭିତରେ ବାସ କରିବାକୁ ଭଲପାଉ ନଥିବା କେତେକ ଗୁରୁମାନେ ମଣିଷସମାଜ ଠାରୁ ଦୂରରେ ଥିବା ଅରଣ୍ୟରେ ରହୁଥିଲେ, ସେ ଯୁଗରେ ଗୁରୁମାନଙ୍କର ଅମାପ ପ୍ରାଧାନ୍ୟତା ରହିଥିଲା । ରାଜାମାନଙ୍କ ସମେତ ସମସ୍ତେ ଗୁରୁମାନଙ୍କ ପାଖକୁ ଯାଇ ଆତ୍ମଜ୍ଞାନ ଶିକ୍ଷା କରୁଥିଲେ । ଏହି ପଦ୍ଧତି ଅନୁସାରେ ଜଣେ ମହାନ ରାଜା ଜଣେ ଗୁରୁଙ୍କ ପାଖକୁ ଯାଇ , ମୁଁ ଜ୍ଞାନ ଜାଣିବାକୁ ଆସିଛି ଜଣାଇ, ଜ୍ଞାନଭିକ୍ଷା କଲେ । ଗୁରୁଜଣକ ଥିଲେ ମିତଭାଷି, କହୁଥିବା ଜ୍ଞାନକୁ ସଳଖ ଭାବରେ ଅତିଛୋଟ ବାକ୍ୟରେ କହି ଚୁପ୍ ରହୁଥିଲେ । ସବୁଦିନ ସମସ୍ତଙ୍କ ସହିତ ଖୁବ୍‌କମ୍ କଥା ହେଉଥିଲେ । ରାଜା ସେଠାରେ କିଛିଦିନ ରହିବା ପରେ, ଦିନେ ସଂଧ୍ୟାରେ ଗୁରୁ ରାଜାଙ୍କୁ ଦେଖି **'ତୁ ଯଜ୍ଞ କରିବା ଉଚିତ୍'** ବୋଲି କହିଲେ, ରାଜା ଯଜ୍ଞ

କହିଲେ କ'ଣ ନଜାଣି, ଅବୁଝା ମୁହଁକରି ତାହା କ'ଣ ମୋତେ ଜଣା ନାହିଁ କହିବାରୁ, ଗୁରୁ ମହାଶୟ ଯଜ୍ଞ ବାବଦରେ ଜଣାଇବା ପାଇଁ ବିଚାରକରି ଧାତୁ ଭିତରେ ସୁବର୍ଣ୍ଣ, ଲୌହ, ବସ୍ତ୍ର ଭିତରେ ପଟ୍ଟବସ୍ତ୍ର, ସୂତାବସ୍ତ୍ର, ତୈଳରେ ଘୃତ, ନିମତେଲ, କାଠରେ ଚନ୍ଦନ, ଗମ୍ଭାରି, ଔଷଧରେ ଅଶ୍ୱତ୍ଥକାଠ, ଭୂମିଅଁ'ଳା କାଠ, ଶଶ୍ୟରେ ଧାନ୍ୟ ମାଣ୍ଡିଆ ଏହିଭଳି ଗୋଟିକର ଗୋଟିଏ ବିରୁଦ୍ଧ, ଉଚ୍ଚ ନୀଚ, ଗୋଟିକଠାରୁ ଗୋଟିଏ ଭିନ୍ନ ମୂଲ୍ୟର ବସ୍ତୁଗୁଡିଏ ଆଣିବାକୁ ରାଜାଙ୍କୁ କହିଲେ । ସେ କାଳରେ ଥିବା ଗୁରୁମାନଙ୍କ ଭିତରେ ମହାନ ହୋଇଥିବା ସେହି ଗୁରୁ କହିବା ପରେ ରାଜା ଆଉ ବିଳମ୍ବ ନକରି ରାଜ୍ୟକୁ ଯାଇ ସେଠାରୁ ଏହି ବସ୍ତୁଗୁଡିକ ଯୋଗାଡକରି ହାତୀ ପିଠିରେ ଲଦି ଗୁରୁଙ୍କ ପାଖରେ ପହଞ୍ଚିଲେ । ବସ୍ତୁଗୁଡିକ ରାଜା ନେଇ ଆସୁଥିବା ଦେଖି ଅନ୍ୟ ଗୁରୁମାନଙ୍କୁ କିଛି ନୂଆ ଲାଗୁଥିଲା । ବୋଧହୁଏ ସେଠାରେ କିଛି ନୂଆକାର୍ଯ୍ୟ ହେବାକୁ ଯାଉଛି ଭାବି ସେମାନେ ତାହା ଜାଣିବାକୁ ଇଚ୍ଛା କଲେ ।

ଗୁରୁମହାଶୟ ଏକ ଅଗ୍ନିକୁଣ୍ଡ ତିଆରି କରି, ସେଥିରେ ଅଗ୍ନି ପ୍ରଜ୍ୱଳିତ କରି, ରାଜା ଆଣିଥିବା ବସ୍ତୁଗୁଡିକୁ ପକାଇ ସ୍ୱାହା ବୋଲି କହିବା ପାଇଁ ରାଜାଙ୍କୁ କହିଲେ । ସେତେବେଳେ ରାଜା ଆଣିଥିବା ଗୋଟିଏ ଗୋଟିଏ ବସ୍ତୁ କାଢି ଅଗ୍ନିରେ ପକାଇ ସ୍ୱାହା କହିବା ଆରମ୍ଭ କଲେ । ସ୍ୱାହାର ଅର୍ଥ ଶେଷହେଲା ବା ସମାପ୍ତ ହେଲା । ସେହି ଉଦ୍ଦେଶ୍ୟରେ ଆଣିଥିବା ସୁନା ଅଗ୍ନିରେ ପକାଇ ସୁବର୍ଣ୍ଣଂ ସ୍ୱାହା.. କହୁଥିଲେ । ଏହିଭଳି ରାଜା ଆଣିଥିବା ବସ୍ତୁ ଗୁଡିକର ନାମରେ ସ୍ୱାହା କଲେ, ଶେଷରେ ସବୁଗୁଡିକ ଶେଷ ହେଲା । ଏସବୁ ମୋଦ୍ୱାରା କାହିଁକି ଗୁରୁ କରାଉଛନ୍ତି,ଏହା ଦ୍ୱାରା ମୋତେ ମୋକ୍ଷ କିପରି ମିଳିବ ରାଜା କିଛି ମଧ୍ୟ ବୁଝିପାରୁ ନଥିଲେ । ଏହିଭଳି ରାଜାଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ଅନ୍ୟ ଗୁରୁମାନେ ଜାଣି, ସେହି ରାତିରେ ରାଜାଙ୍କୁ ସାକ୍ଷାତ୍ କରି ଗୁରୁମହାଶୟ ଆପଣଙ୍କ ଦ୍ୱାରା କାହିଁକି ଏପରି କରାଉଛନ୍ତି ବୋଲି ପଚାରିଲେ । ସେମାନଙ୍କ କଥା ଶୁଣି ରାଜା କହିଲେ, ଗୁରୁ ମହାଶୟ ମୋତେ ଯଜ୍ଞ କରିବାକୁ କହିଲେ, ଯଜ୍ଞ କ'ଣ ମୋତେ ଜଣାନାହିଁ ବୋଲି କହିବାରୁ, ଅନେକ ଦ୍ରବ୍ୟ ଆଣି ଏପରି ଅଗ୍ନିରେ ପକାଇ ସ୍ୱାହା କହିବାକୁ କହିବାରୁ, ଗୁରୁଙ୍କ କଥା ଅନୁସାରେ କଲି ।

ରାଜାଙ୍କ କଥା ଶୁଣିଥିବା ଅନ୍ୟ ଗୁରୁମାନେ ଭାବିଲେ ରାଜା ତାଙ୍କ ରାଜ୍ୟ ବିଘ୍ନହୀନ ହେଉ, ସମସ୍ତେ ସୁଖ ସନ୍ତୋଷରେ ରହନ୍ତୁ ବୋଲି ଗୁରୁ ମହାଶୟଙ୍କୁ ପଚାରିଥିବେ, ସେଥିପାଇଁ କାହାକୁ ଜଣା ନଥିବା ଏହି ମହାନ କାର୍ଯ୍ୟ କର ବୋଲି ଗୁରୁ କହିବା ପରେ ରାଜା ଏପରି କରିଛନ୍ତି । ଏହା ଏକ ଯଜ୍ଞ ବୋଲି ରାଜା କହିବା ଦ୍ୱାରା ଆମେ ଜାଣିଲେ ସିନା, ନିଶ୍ଚୟ ଏହା ଏକ ରହସ୍ୟ କାର୍ଯ୍ୟ । ଯଜ୍ଞରେ ରାଜା ଯାହା ସବୁ ଅଗ୍ନିରେ ପକାଇଲେ ତାହା ଅଗ୍ନିଦେବଙ୍କ ଦ୍ୱାରା ଅନ୍ୟ ଦେବତାମାନଙ୍କୁ, ବରୁଣଙ୍କୁ ପ୍ରାପ୍ୟ ହୋଇଥିବ, ବରୁଣ ସେଥିପାଇଁ ଖୁସିହୋଇ ରାଜାଙ୍କ ରାଜ୍ୟରେ ଯଥେଷ୍ଟ ପରିମାଣରେ ବର୍ଷା କରାଇବେ, ତାଙ୍କ ରାଜ୍ୟରେ ଆଉ ମରୁଡି ରହିବ ନାହିଁ କି ଅନାହାର ଦୁର୍ଭିକ୍ଷ ରହିବ ନାହିଁ । ଏହିଭଳି ନିଜ ରାଜ୍ୟର ଲୋକମାନେ ଅତି ସୁଖରେ ରହିବା ପାଇଁ ରାଜା ଏହି ଯଜ୍ଞକାର୍ଯ୍ୟ କରିଛନ୍ତି ବୋଲି ଭାବିବା ସହିତ ସେମାନେ ମଧ୍ୟ ନିଜ ନିଜ ଅଞ୍ଚଳର ରାଜାମାନଙ୍କ ପାଖକୁ ଯାଇ ରାଜ୍ୟର ଭବିଷ୍ୟତ ମଙ୍ଗଳ ବାବଦରେ କହି, ରାଜାମାନଙ୍କଠାରୁ ଯଜ୍ଞଖର୍ଚ୍ଚ ଆଣି ରାଜାମାନଙ୍କ ଦ୍ୱାରା ଗୁରୁମହାଶୟ କରାଇଥିବା ଯଜ୍ଞକାର୍ଯ୍ୟ ଭଳି ଯଜ୍ଞ କରିବା ଆରମ୍ଭ କଲେ । ଏହିଭଳି ପୂର୍ବର ରାଜାମାନେ ନିଜ ନିଜ ରାଜ୍ୟର ମଙ୍ଗଳ ପାଇଁ ଯଜ୍ଞକରିବା ଆରମ୍ଭ କରିଥିଲେ । ଯଜ୍ଞରେ ବସିବା ପାଇଁ ଧୈର୍ଯ୍ୟ କିମ୍ବା ସମୟ ନଥିବା ରାଜାମାନେ ଗୁରୁମାନଙ୍କୁ କିଛି ଧନ ଦେଇ ସେମାନଙ୍କ ଦ୍ୱାରା ଏହିଭଳି ଯଜ୍ଞ କରାଉଥିଲେ । ଏମିତି ଦିନକୁ ଦିନ ଯଜ୍ଞର ମହିମା ରହି, ସେଦିନରୁ ଆଜିପର୍ଯ୍ୟନ୍ତ ଯଜ୍ଞକାର୍ଯ୍ୟ ହୋଇଆସୁଛି ।

ଏହି ସନ୍ଦର୍ଭର ବିଶେଷତା ହେଉଛି ! **ମନ୍ଦିରର ପ୍ରତିମା ବାସ୍ତବ ଈଶ୍ୱର ନୁହେଁ କେବଳ ପ୍ରତୀକ,** ଏହା ଆଜି ଅନେକଙ୍କୁ ଜଣାନଥିବା ଭଳି, ସତ୍ୟଯୁଗର ଗୁରୁ ରାଜାଙ୍କ ଦ୍ୱାରା କରାଇଥିବା ଦହନକାର୍ଯ୍ୟ ସତରେ ଯଜ୍ଞକାର୍ଯ୍ୟ ନୁହେଁ, ଯଜ୍ଞର ଏକ ନମୁନା ବୋଲି କେହି ଜାଣି ନପାରି ଆଜି ପର୍ଯ୍ୟନ୍ତ ଦହନକାର୍ଯ୍ୟକୁ ଯଜ୍ଞ ଭାବି ବସିଛନ୍ତି । **ପୂର୍ବେ ତିରୁପତିର ଭେଙ୍କଟେଶ୍ୱର ସ୍ୱାମୀଙ୍କ ଆଳୟ ପ୍ରାଙ୍ଗଣରେ ଗୁଣରହିତ ଭାବକୁ ବ୍ୟକ୍ତ କରିବା ପାଇଁ କେହି ଜଣେ ଭକ୍ତ ନିଜର କେଶମୁଣ୍ଡନ କରିଥିବା ବେଳେ** ସେଦିନ ତାକୁ ଦେଖିଥିବା କେତେକ ତାହା ଭାବପୂରିତ କ୍ରିୟା ବୋଲି ଜାଣିନପାରି କେବଳ

ମାନସିକ ଫଳପ୍ରାପ୍ତି ପାଇଁ ଯାଇ କେଶମୁଣ୍ଡନ କରୁଛନ୍ତି (ଲଣ୍ଡା ହେଉଛନ୍ତି )। ସେହିଭଳି ଭାବପୂରିତ ଯଜ୍ଞକାର୍ଯ୍ୟ ଆଜି ଭାବ ରହିତ କାମନା ପାଇଁ କରାଯାଏ ଭାବି ସମସ୍ତେ ଦିନକୁଦିନ ଉନ୍ନତ ପ୍ରକାରର ଯଜ୍ଞକାର୍ଯ୍ୟ କରିଆସୁଛନ୍ତି କିମ୍ବା କରାଇଆସୁଛନ୍ତି ।

ଗୁରୁମହାଶୟ ରାଜାଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ କରାଇବା ପରେ ରାଜାଙ୍କୁ ଯାହା ବୁଝାଇଲେ ତାହା ଅନ୍ୟମାନଙ୍କୁ ଜଣାନଯିବା ଦ୍ୱାରା, ଗୁଣରୂପରେ ଥିବା ମାୟା ସେମାନଙ୍କଠାରେ ଭ୍ରାନ୍ତ ଭାବନା ଅଣାଇ, ସଠିକ୍ ମାର୍ଗରୁ ବିଚ୍ୟୁତ କରିଥିଲା ବୋଲି କହିପାରିବା । ଅଗ୍ନିରେ ସମୀଧ ଅର୍ପଣ କରିଥିବା ରାଜା ଏହି କାର୍ଯ୍ୟରେ କ'ଣ ମୋର ମୋକ୍ଷ ସମ୍ଭବ ! ନିଶ୍ଚୟ ମୋତେ ଜଣାନଥିବା ରହସ୍ୟ କିଛି ଲୁଚିରହିଛି ବୋଲି ତୀବ୍ର ଆଲୋଚନାରେ ବୁଡି ରହିଥିବା ବେଳେ ପରଦିନ ଗୁରୁମହାଶୟ ରାଜାଙ୍କୁ ଡାକି, ହେ ରାଜା ! ମୁଁ ସମସ୍ତଙ୍କ ଭଳି ଅଧିକ କଥା କହିବାକୁ ଭଲପାଏ ନାହିଁ, ଖୁବ୍ କମ୍ ସମୟରେ ସିଧା ଜବାବ ଦିଏ, ସେଥିଲାଗି ତୁ ପଚାରିଥିବା ପ୍ରଶ୍ନର ସଳଖ ସମାଧାନ କରିଛି । ତୁ ମୋକ୍ଷ ବିଷୟ ପଚାରିଥିଲୁ, ମୁଁ ତୋତେ ସିଧା ଯଜ୍ଞ କରିବାକୁ କହିଲି, ତୁ ଯଜ୍ଞ କଣ ଜାଣି ନଥିବାରୁ ବାସ୍ତବ ଯଜ୍ଞ କ'ଣ ତୋତେ ଜଣାଇବା ପାଇଁ ଯଜ୍ଞର ନମୁନା ଭାବରେ ଏଇ ଦହନକାର୍ଯ୍ୟ ତୋଦ୍ୱାରା କରାଇଲି ସିନା ତୁରନ୍ତ ଜଣାଇଲି ନାହିଁ । କାରଣ ! ନଜଣାଇବା ଦ୍ୱାରା ଜାଣିବା ପାଇଁ ତୋର ଶ୍ରଦ୍ଧା ବଢିବ, ଶ୍ରଦ୍ଧା ବଢିଥିବା ବେଳେ କହିଲେ ତୁ ତାହା ଅତି ସହଜରେ ବୁଝିପାରିବୁ । ସେହି ଦହନକାର୍ଯ୍ୟ ଯେ, ଯଜ୍ଞର ଏକ ଉଦାହରଣ, ତାହା କିପରି ଏବେ ବିପୁଳ ଭାବରେ କହୁଛି ଶୁଣ୍ ।

ମୋକ୍ଷ କହିଲେ ମୁକ୍ତି, ତେବେ କେଉଁଠାରୁ ମୁକ୍ତି ? କ'ଣ ବନ୍ଧନ ହୋଇ ରହିଛି ? ବୋଲି ପ୍ରଶ୍ନକରି ସମାଧାନ ଖୋଜିଲେ, ପାପ ଏବଂ ପୁଣ୍ୟ ନାମକ କାର୍ଯ୍ୟର ଫଳ କର୍ମ ରୂପରେ ଜୀବକୁ ବନ୍ଧନରେ ପକାଇ ଜନ୍ମମରଣ ଚକ୍ରରେ ଘୂରାଉଛି । ପାପପୁଣ୍ୟ ହେଉଛି ଆଖିକୁ ଦେଖାଯାଉ ନଥିବା କର୍ମର ରୂପ, ତାହା ଗୋଟିକର ଗୋଟିଏ ବିପରୀତ ଭାବରେ ରହି କେବେ ଭଲ ତ କେବେ ମନ୍ଦ, କେବେ ସୁଖ ତ ପୁଣିକେବେ ଦୁଃଖ ଜାତ କରାଇଥାନ୍ତି । ଏହିଭଳି ବିଭେଦ ଥିବା ପାପପୁଣ୍ୟର ଉଦାହରଣ ଭାବରେ ମଧୂର ସ୍ୱାଦର କାଠ, ଖରାପ ସ୍ୱାଦର

(ପିତା) କାଠ, ସେହିଭଳି ରୁଚି ବିଭେଦ ଥିବା ଘିଅ, ନିମତେଲ, ଚନ୍ଦନକାଠ, ଗମ୍ଭାରିକାଠ, ଏହିଭଳି ଗୋଟିକ ସହିତ ଗୋଟିଏ ବିଭେଦ ଭାବରେ ଥିବା ବସ୍ତୁଗୁଡିକ ତୋ ଦ୍ୱାରା ଅଣାଇଥିଲି । ତୁ ଆଣିଥିବା ସେହି ବସ୍ତୁଗୁଡିକ ପାପପୁଣ୍ୟ ସହିତ ସମାନ ବୋଲି ଜାଣ୍ ।

ପାପପୁଣ୍ୟ ଥିବା ପର୍ଯ୍ୟନ୍ତ ମୋକ୍ଷ ମିଳି ନଥାଏ । ପାପ ପୁଣ୍ୟର ବନ୍ଧନ ଛିଣ୍ଡିଯିବା ବେଳେ ମୋକ୍ଷ ମିଳିଥାଏ । ତେଣୁ ପ୍ରଥମେ ପାପପୁଣ୍ୟକୁ ନିଖୋଜ କରିବାକୁ ହେବ । **ପାପପୁଣ୍ୟକୁ ବିନାଶ କରିଥାଏ ଏକମାତ୍ର ଜ୍ଞାନଶକ୍ତି, ତାହାକୁ ଜ୍ଞାନାଗ୍ନି କୁହାଯାଏ ।** ଯେତେବେଳେ ଜ୍ଞାନଗ୍ନିରେ ପାପପୁଣ୍ୟ ଦହନ ହୋଇଯିବ ସେତେବେଳେ ମୋକ୍ଷ ପ୍ରାପ୍ତି ହେବ । ସେଥିପାଇଁ ତୋଭଳି ମୋକ୍ଷାଶକ୍ତ ଯଜ୍ଞ କରିବା ଉଚିତ୍ ବୋଲି କହିଥିଲି । ଥିବା ପାପପୁଣ୍ୟକୁ ବିନାଶ କରିବା ହେଉଛି ବାସ୍ତବ ଯଜ୍ଞ । ଯଜ୍ଞ କହିଲେ ବିନାଶ କରିବା । ଯାହା କଲୁ ତାହା ଯଜ୍ଞର ଉଦାହରଣ ସିନା ବାସ୍ତବଯଜ୍ଞ ନୁହେଁ । ଶରୀରାନ୍ତର୍ଗତ ପାପପୁଣ୍ୟକୁ ଜ୍ଞାନାଗ୍ନି ଦ୍ୱାରା ଦହନ କରିବା ବିଷୟ ଜାଣିବା ପାଇଁ, ବାହାରର ସମୀଧଗୁଡିକୁ ଅଗ୍ନିରେ ଜଳାଇ ଦେଖାଇଥିଲି । ପାପପୁଣ୍ୟ କିପରି ଆସେ, ସେଗୁଡିକୁ କିପରି ଯଜ୍ଞ କରିବାକୁ ହୁଏ, ଆହୁରି ବିପୁଳ ଭାବରେ କହୁଛି ଶୁଣ୍ ।

"ଆମେ ସବୁଦିନ କରୁଥିବା କାର୍ଯ୍ୟଗୁଡିକ ଭିତରେ କେତେକ ଭଲ, କେତେକ ଖରାପ କାର୍ଯ୍ୟ ନିଶ୍ଚୟ ରହିଥାଏ । **ଭଲ ବା ମନ୍ଦ କାର୍ଯ୍ୟର ଅଦୃଶ୍ୟ ଫଳ ହେଉଛି ପାପପୁଣ୍ୟ । କାର୍ଯ୍ୟଗୁଡିକ କରିବା ବେଳେ ଆସୁଥିବା ପାପପୁଣ୍ୟକୁ ଜ୍ଞାନାଗ୍ନି ଦ୍ୱାରା ବିନାଶ କରି ନପାରିଲେ, ଅର୍ଥାତ୍ ଯଜ୍ଞ କରି ନପାରିଲେ, ତାହା କର୍ମବନ୍ଧନ ହୋଇଯିବ** । ତେଣୁ ତୁ ଏବେଠାରୁ କୌଣସି କାର୍ଯ୍ୟ କଲେ ମଧ୍ୟ ଅହଂକାର ରହିତ ହୋଇ, କର୍ମ ବନ୍ଧନରେ ନପଡିବା ଭଳି କର୍, ଅର୍ଥାତ୍ ପ୍ରତି କର୍ମକୁ ଯଜ୍ଞକର୍" ।

ଏହିଭଳି ଗୁରୁମହାଶୟ ବାହ୍ୟଯଜ୍ଞ ବାସ୍ତବରେ ଯଜ୍ଞ ନୁହେଁ, ତାହା କେବଳ ଯଜ୍ଞର ଏକ ଉଦାହରଣ, ମୁଣ୍ଡର କର୍ମ ବିନାଶ କରିବା ହିଁ ପ୍ରକୃତ ଯଜ୍ଞ ବୋଲି ରାଜା ବୁଝିପାରିବା ଭଳି ଯଜ୍ଞ ରହସ୍ୟ କହିଥିଲେ । ସେଦିନର ଭାବ

ପୁରିତ ଦହନ କାର୍ଯ୍ୟକୁ ଆଜି ସମସ୍ତେ ପ୍ରକୃତ ଯଜ୍ଞ ଭାବିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି ଜଣାଯାଉଛି । ଭଗବାନ ଶ୍ଳୋକରେ **"ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ"** କହିଛନ୍ତି, ଅର୍ଥାତ୍ ଯଜ୍ଞ ହୋଇନଥିବା କର୍ମ ଲୋକରେ ବନ୍ଧନର କାରଣ ହୋଇଥାଏ । କାର୍ଯ୍ୟରୁ ଆସୁଥିବା କର୍ମକୁ ଯଜ୍ଞ କରିବା ପାଇଁ କେହି ଭାବୁନାହାନ୍ତି । ଯଜ୍ଞ କହିଲେ ବିନାଶ ବୋଲି ନଜାଣି ପିଠାଧିପତିମାନେ, ନାମ କମାଇଥିବା ଗୁରୁମାନେ ବସ୍ତୁଦହନ କାର୍ଯ୍ୟକୁ ଯଜ୍ଞ ବୋଲି ବୋଧ କରୁଛନ୍ତି । କର୍ମଦହନ କାର୍ଯ୍ୟକୁ ଭଗବାନ ଜଣାଇଛନ୍ତି ବୋଲି ସତ୍ୟକୁ ଗୁରୁମାନେ କହି ନପାରିବା ଦ୍ୱାରା, ଦେବତା ମାନଙ୍କର ପ୍ରିୟ ହୋଇ, କାମନା ପୂରଣ ଚାହୁଁଥିବା ଲୋକମାନେ ଅଜସ୍ର ଧନ ଖର୍ଚ୍ଚକରି ବାହ୍ୟତଃ ବସ୍ତୁଯଜ୍ଞ କରୁଛନ୍ତି, କରାଉଛନ୍ତି ସିନା ଶରୀର ଭିତରେ କର୍ମବିନାଶ ଯଜ୍ଞ କରିପାରୁ ନାହାନ୍ତି ।

ଭଗବଦ୍ଗୀତାରେ ଭଗବାନ କହିଥିବା ଯଜ୍ଞଭାବ ଯେପରି କେହି ନବୁଝନ୍ତୁ ବୋଲି ମାୟା କେତେକଙ୍କଠାରେ ପ୍ରବେଶକରି ଭିତର ଯଜ୍ଞଗୁଡିକୁ ଦୁର୍ବଳ କରିବାକୁ ନାନା ଚେଷ୍ଟା କରିଛି । ବାହ୍ୟଯଜ୍ଞର ସପକ୍ଷରେ, ବାହ୍ୟଯଜ୍ଞ କରିବା ଭୁଲ୍ ନୁହେଁ ବୋଲି ଯୁକ୍ତି କରିବାକୁ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଥିବା ଭଳି ଶ୍ଳୋକଗୁଡିଏ ମାୟା ତିଆରି କରିଦେଇ, ଯଜ୍ଞ ନାମ ଥିବା ଏହି ଶ୍ଳୋକର ତଳେ ସେଗୁଡିକୁ ସଜାଡି ସଜାଡି ରଖିଦେଇଛି । ମାୟା ପ୍ରବେଶ କରିଥିବା ଲୋକମାନଙ୍କ ଦ୍ୱାରା ଏହିଭଳି ରଖା ଯାଇଥିବା ଶ୍ଳୋକଗୁଡିଏ ଏହି ଅଧ୍ୟାୟରେ କ୍ରମାନ୍ୱୟରେ ସାତଗୋଟି ରହିଛି । ଭଗବାନ ଶାସ୍ତ୍ରବଦ୍ଧ ଭାବରେ ଯଜ୍ଞ ବିଷୟ କହିଥିଲେ ମଧ୍ୟ ତାହା ନବୁଝି ଅଶାସ୍ତ୍ରୀୟ ଯଜ୍ଞକୁ କଳ୍ପନାକରି, ଏହା ଭଗବାନ କହିଛନ୍ତି କହି କେତେକ ପ୍ରଚାର କରିଦେଇଛନ୍ତି । ଆଜି ପର୍ଯ୍ୟନ୍ତ ତାହା ଭଗବାନ କହିଥିବା ଶ୍ଳୋକ ବୋଲି ଗୁରୁମାନେ, ସ୍ୱାମିଜୀମାନେ କହିବା ଦ୍ୱାରା, ପ୍ରଜାମାନେ ତାହା ହିଁ ବିଶ୍ୱାସ କରି ବସିଛନ୍ତି । ଭଗବାନ ଯାହା କହିଛନ୍ତି ତାହା କର୍ମଯୋଗ ସମ୍ବନ୍ଧୀୟ ଯଜ୍ଞ ! ତଦ୍ୱାରା କର୍ମ ଜଳି ବିନାଶ ହୋଇଥାଏ । ଏହି ଯଜ୍ଞ ମୋକ୍ଷ ପାଇଁ ରହିଥିବା ବେଳେ ତାର ବିପରୀତ ବାହ୍ୟଯଜ୍ଞ ପ୍ରଚାର ହୋଇଯାଇଛି । ବାହ୍ୟଯଜ୍ଞରେ ବସ୍ତୁଗୁଡିକୁ ଜାଳି ଦେବତା ମାନଙ୍କୁ ଦେଲେ, ତା ବଦଳରେ ସେମାନେ ତୁମପାଇଁ ବର୍ଷା କରାଇବେ, ଅର୍ଥାତ୍ ଦେବତା

ମଣିଷ ଜଣେ ଜଣକୁ ସାହାଯ୍ୟ କରି ଜୀବନ ବଞ୍ଚିବା ଉଚିତ୍, ଏକଥା ଭଗବାନ କହିଛନ୍ତି ବୋଲି କହି ଆଜି ପର୍ଯ୍ୟନ୍ତ ଥିବା ଏହି ଶ୍ଳୋକର ଭାବକୁ କେଇଜଣ ଭ୍ରାନ୍ତ ବୁଝାଇଥିଲେ ମଧ୍ୟ, କେହି ସନ୍ଦେହ କରି ପ୍ରଶ୍ନ କରିପାରି ନାହାନ୍ତି ।

ଗୀତାରେ ପରମାତ୍ମା କୌଣସି ଦେବତାଙ୍କ ବିଷୟରେ କହିନାହାନ୍ତି, ସେମାନଙ୍କ ପ୍ରିତ୍ୟାର୍ଥେ ଯଜ୍ଞକର ବୋଲି ମଧ୍ୟ କହିନାହାନ୍ତି, **ଦେବତାମାନଙ୍କୁ ଆରାଧନା କଲେ ଦେବଲୋକକୁ ଯିବୁ ସିନା ମୋ ପାଖକୁ ଆସିପାରିବୁ ନାହିଁ ବୋଲି କେଉଁଠି କେଉଁଠି ସତର୍କ ମଧ୍ୟ କରି, ମୋ' ଆରାଧନା କଲେ ମୋତେ ପାଇବୁ ବୋଲି ହିତବୋଧ କରିଛନ୍ତି** । ଏଠାରେ କ୍ରମାନ୍ୱୟରେ ଥିବା ୭ଗୋଟି ଶ୍ଳୋକ ଦେବତା ସମ୍ବନ୍ଧୀୟ । ତେଣୁ ପରମାତ୍ମା ସେଗୁଡିକୁ କହିନାହାନ୍ତି, କେହି ଏହା କଳ୍ପନା କରି କହିଛି ବୋଲି ବିଚାର କରୁଥିବା ସମସ୍ତ ବିଚାରବନ୍ତମାନେ ବୁଝିପାରନ୍ତି । ଭଗବାନ କର୍ମଯୋଗ ବିଧି କହିଥିବା ସ୍ଥଳେ, ଯଜ୍ଞ ନାଆଁ ଉପର ଶ୍ଳୋକରେ ଆସୁଆସୁ ଡେରିନକରି, ଏଇଠି ସୁଯୋଗ ମିଳିଗଲା ବୋଲି ଦୀର୍ଘନିଶ୍ୱାସ ଛାଡି କେତେକ କୁଚରିତ୍ର ଏହି ୭ଗୋଟି କଳ୍ପିତ ଶ୍ଳୋକ ମିଶାଇ ଦେଇଛନ୍ତି । **"ଯଜ୍ଞାର୍ଥା...ବନ୍ଧନଃ"** ନାମକ ଉପରଶ୍ଳୋକ କର୍ମଯୋଗ ସମ୍ବନ୍ଧୀୟ ହୋଇଥିବା ସ୍ଥଳେ, ତୁରନ୍ତ ବ୍ରହ୍ମଯୋଗ ସମ୍ବନ୍ଧୀୟ **"ଯସ୍ତ୍ୱାତ୍ମରତି.."** ନାମକ ଶ୍ଳୋକ କୁହାଯାଇଛି । ଏହି ଦୁଇ ଶ୍ଳୋକର ମଧ୍ୟରେ ଥିବା ଶ୍ଳୋକଗୁଡିକ କୌଣସି ଯୋଗସମ୍ବନ୍ଧୀୟ କିମ୍ବା କୌଣସି ଆତ୍ମା ସମ୍ବନ୍ଧୀୟ ମଧ୍ୟ ନୁହେଁ । ତେଣୁ ଏସବୁ କଳ୍ପିତ ବୋଲି ସହଜରେ ବୁଝାପଡିଯାଉଛି । ଏହି ନିନ୍ଦନୀୟ କାର୍ଯ୍ୟ କିଏ କେତେବେଳେ କରିଛି ଜଣା ନାହିଁ, ହେଲେ ଆମେମାନେ ଏହାକୁ ଆଜିଯାଏଁ ଧରି ନପାରିବା ଲଜ୍ଜାସ୍ପଦ, ଏଇଠାରେ ହିଁ ଆମର ବଡ ଭୁଲ୍ ହୋଇଯାଇଛି, ତେଣୁ ସେହି କଳ୍ପିତ ଏବଂ ଅଶାସ୍ତ୍ରୀୟ ଶ୍ଳୋକଗୁଡିକୁ କ୍ରମାନ୍ୱୟରେ ତଳେ ଲେଖୁଛୁ ଦେଖନ୍ତୁ ।

**(୨) ଶ୍ଳୋକ,୧୦ : ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।**
**ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥**

**(ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୧ : ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।**
**ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ।।**
**(ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୨ : ଇଷ୍ଟାନ୍ ଭୋଗାନ୍ ହି ବୋଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।**
**ତୈର୍ଦତ୍ତ ନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ।।**
**(ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୩ : ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାମୃକାରଣାତ୍ ।। (ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୪ : ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନ ସଂଭବଃ ।**
**ଯଜ୍ଞାଦ୍ ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମ ସମୁଦ୍ଭବଃ ।। (ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୫ : କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷର ସମୁଦ୍ଭବମ୍ ।**
**ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।। (ଅଶାସ୍ତ୍ରୀୟ)**

**(୨) ଶ୍ଲୋକ,୧୬ : ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତୟତିହ ଯଃ ।**
**ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ।। (ଅଶାସ୍ତ୍ରୀୟ)**

ଏହି ସାତଗୋଟି ଶ୍ଲୋକରେ କୁହାଯାଇଥିବା ବିଷୟଗୁଡିକ ତୃତୀୟ ଅଧ୍ୟାୟ ହୋଇଥିବା ଜ୍ଞାନଯୋଗର ୩୩ ତମ ଶ୍ଲୋକରେ, ସେହିଭଳି ସପ୍ତମ ଅଧ୍ୟାୟ ଅକ୍ଷରପରବ୍ରହ୍ମ ଯୋଗର ୪ର୍ଥତମ ଶ୍ଲୋକରେ କୁହାଯାଇଥିବା ଭାବର ସମ୍ପୂର୍ଣ୍ଣ ବିପରୀତ ଭାବ ହୋଇଯାଉଛି । ଯଜ୍ଞ ଦୁଇ ପ୍ରକାରର, ସେ ଦୁଇଟି ଦ୍ରବ୍ୟଯଜ୍ଞ ଏବଂ ଜ୍ଞାନଯଜ୍ଞ । ଜ୍ଞାନଯଜ୍ଞଟି ଶ୍ରେଷ୍ଠ, ତାହା କେବଳ କର୍ମକୁ ଜଳାଇଥାଏ ବୋଲି କୁହାଯାଇଥିବା ୩୩ତମ ଶ୍ଲୋକର ଭାବ ସହିତ, ସେହିପରି ମୁଁ ଆତ୍ମା ଭାବେ ଦେହରେ ହେଉଥିବା ଦୁଇ ପ୍ରକାର ଯଜ୍ଞର ଅଧିପତି ହୋଇ ରହିଛି ବୋଲି ଅକ୍ଷରପରବ୍ରହ୍ମ ଯୋଗର ୪ର୍ଥ ତମ ଶ୍ଲୋକର ଭାବ ସହିତ ମେଳଖାଉ ନାହିଁ । ଈଶ୍ୱରଙ୍କ ଭାବ ସହିତ ଉପର ସାତଗୋଟି ଶ୍ଲୋକଗୁଡିକର ଭାବ ସମ୍ପୂର୍ଣ୍ଣ ବିରୁଦ୍ଧ ହୋଇ ରହିଛି । ଅଭିଷ୍ଟ ଆଶା ପୂରଣ ପାଇଁ ଯଜ୍ଞକାର୍ଯ୍ୟ କରନ୍ତୁ ବୋଲି

ସାତଗୋଟି ଶ୍ଳୋକ କହିବା, ମାନବର କାମନାକୁ ବଢାଇବା ଛଡା କାମନାଠାରୁ ଦୂରରେ ରହିବା ଉପାୟ ନୁହେଁ । ଦେବତାମାନଙ୍କ ପାଇଁ ଯଜ୍ଞକରିବା ଦ୍ୱାରା ସେମାନେ ତୁମମାନଙ୍କୁ ବୃଦ୍ଧି କରିବେ, ଏହିଭଳି ପରସ୍ପର ଅଭିବୃଦ୍ଧି କର ବୋଲି ଉପରେ ଥିବା ୧୧ତମ ଶ୍ଳୋକରେ କହିବା, ଦେବତାମାନେ ମଣିଷମାନଙ୍କ ସହିତ ବସ୍ତୁବଦଳି ବ୍ୟାପାର କରିଥାନ୍ତି କହିବା ଭଳି ହୋଇଛି । ତାଛଡା ୧୨ତମ ଶ୍ଳୋକରେ ଯଜ୍ଞପୂଜାକୁ ସ୍ୱୀକାର କରିଥିବା ଦେବତାମାନେ ତୁମମାନଙ୍କୁ ସମସ୍ତ ସୁଖଭୋଗ ପ୍ରଦାନ କରିବେ, ସେମାନଙ୍କ ପ୍ରାପ୍ୟକୁ ଆଉଥରେ ଯଜ୍ଞକରି ସେମାନଙ୍କୁ ନଦେଇ, ଫଳିଥିବା ଶସ୍ୟାଦି ତୁମେମାନେ ଖାଇଗଲେ, ଚୋରିକାର୍ଯ୍ୟ କରିବା ଭଳି ହେବ କହିବା ଅତି ବିଚିତ୍ର ଲାଗୁଛି । ଏସବୁ ମୁଁ ତାର ବାହାଘରକୁ ଗିଫ୍ଟ ଦେଇଥିଲି, ସେ ମୋ ବାହାଘରକୁ ଦେଲା ନାହିଁ ବୋଲି କେହି କହିବା ଭଳି ହୋଇଛି । ଭଗବାନ ଧର୍ମ ସଂସ୍ଥାପନା ପାଇଁ ଆସି ତାଙ୍କ ଧର୍ମ ଜଣାଉଥିବା ବେଳେ, ତାଙ୍କ ନିଜ କଥାର ବିରୁଦ୍ଧ ହୋଇଥିବା ଏହିଭଳି ମୂଲ୍ୟହୀନ କଥା କଣ ସେ କହିପାରନ୍ତି ! ଥରେ ଚିନ୍ତା କରନ୍ତୁ ! ! ଏହି ସାତଗୋଟି ଶ୍ଳୋକ ଜୀବନ ବଞ୍ଚିବା ଭୌତିକଧର୍ମ ହେବ ସିନା, ମୋକ୍ଷପାଇଁ କରାଯାଉଥିବା ପରମାତ୍ମା ଧର୍ମ ହେବନାହିଁ, ଏହାକୁ ପାଠକ ପାଠିକାମାନେ ବିଚାର ପୂର୍ବକ ଗ୍ରହଣ କରନ୍ତୁ ।

ଯଜ୍ଞ ବିଷୟରେ ଆପଣ ମାନଙ୍କର କିଛି ଅଲଗା ଭାବ ଥାଇପାରେ, ଏବେ ଆମେ ଜଣାଇଥିବା ଭାବ ଅଲଗା, ତେଣୁ କିଛି ଭିନ୍ନତା ଦେଖାଦେଇ ଆମକଥା ବାଧାକର ହେଉଥିଲେ ହେଁ, ଆମେ ଯାହା କହୁଛୁ ତାହା ନିରାଟ ସତ୍ୟ, ତେଣୁ ନକହି ରହିପାରୁ ନାହୁଁ । ଯଦି ସେଭଳି ବ୍ୟକ୍ତି କିଏ ଅଛନ୍ତି ତେବେ ଟିକିଏ ବିବରଣାତ୍ମକ ବିଚାର କରିବା ପାଇଁ ଅନୁରୋଧ କରୁଛୁ । ଏହି ବିଷୟରେ ବଡ ବଡ ଗୁରୁମାନେ ମଧ୍ୟ ଭୁଲ୍ ବୁଝି, ଆଉସବୁ ବାଟ ଅପେକ୍ଷା ଏହାହିଁ ମୁଖ୍ୟ ଆରାଧନା ଭାବି, ଅଗ୍ନିକୁଣ୍ଡ ତିଆରି କରି, ନିଆଁ ଜଳାଇ ନାନାଦ୍ରବ୍ୟ, ଧନ ଖର୍ଚ୍ଚ କରୁଥିବାବେଳେ, ସେମାନଙ୍କ ରୀତିନୀତିକୁ ଆଧାର କରି ବଞ୍ଚୁଥିବା ସାଧାରଣ ପ୍ରଜାମାନେ ସେମାନଙ୍କୁ ଅନୁସରଣ କରନ୍ତି ସିନା, ଆମେ କଣ କରୁଛୁ ବୋଲି ଟିକିଏ ମଧ୍ୟ ଚିନ୍ତା କରିନଥାନ୍ତି । ବାହ୍ୟତଃ କରାଯାଉଥିବା ଯଜ୍ଞରେ ଥିବା ବସ୍ତୁଗୁଡିକ ନଷ୍ଟ ହୋଇଯାଇଥାଏ ବୋଲି ଆମ ଆଖିକୁ ପ୍ରତ୍ୟକ୍ଷ ଭାବରେ

ଦେଖାଯାଉଛି, ପରନ୍ତୁ ତାହା ବିନାଶ ହୋଇଯାଉଛି ବୋଲି କାହାକୁ କାହିଁକି ଦେଖାଯାଉ ନାହିଁ? ପାଣିରେ ପଡି ବାହାରକୁ ଆସି ପାରିବା, ପବନରେ ଉଡି ପାରିବା, ମାଟି ଭିତରେ ମଧ୍ୟ ବଞ୍ଚିପାରିବା, ହେଲେ ଅଗ୍ନିରେ ନିଶ୍ଚୟ ସର୍ବନାଶ ହୋଇଥାଏ । ଏକ ଜଙ୍ଗଲରେ ନିଆଁ ଲାଗିଲେ ଜଙ୍ଗଲ ସାଥିରେ ସେଥିରେ ଥିବା ଜୀବମାନେ ନିଶ୍ଚୟ ମୃତ୍ୟୁବରଣ କରିବେ, ଅଗ୍ନି ଯେଉଁ ଭୟଙ୍କର ରୂପ ଧାରଣ କରେ ତାର ଉଦାହରଣ ମଧ୍ୟ ଅଧିକ ଦେବା ଦରକାର ନାହିଁ, ଏହା ସମସ୍ତଙ୍କୁ ଜଣାଥିବା ବିଷୟ । ସେହି ସର୍ବଗ୍ରାସୀ ନିଆଁ (ଅଗ୍ନି)ରେ କରାଯାଉଥିବା ଯଜ୍ଞ ବିନାଶକାରୀ ବୋଲି ଅର୍ଥ ଜଣାଇ, ଜ୍ଞାନାଗ୍ନି ଦ୍ୱାରା କର୍ମକୁ ଜଳାଅ, ମୋକ୍ଷ ପାଅ ବୋଲି ସନ୍ଦେଶ ଦେଉଥିବା **ଅଗ୍ନିକୁଣ୍ଡ ବାସ୍ତବ ଯଜ୍ଞର ଏକ ନମୁନା** ବୋଲି ନ ଜାଣି ବାସ୍ତବ ଯଜ୍ଞ ଭାବିବା ସବୁଠାରୁ ବଡ ଭୁଲ୍ । ଅଗ୍ନିକୁଣ୍ଡ ଖୋଳି ସେଥିରେ ଅଗ୍ନି ଜଳାଇ ତାହା ଯଜ୍ଞ ବୋଲି କେତେକ ଭାବି ଛୋଟ ଭୁଲ୍ କରୁଥିବା ବେଳେ, ଗୀତାବୋଧ କରୁଥିବା ବୋଧକମାନେ ତାହାକୁ ଗୀତାଯଜ୍ଞ ଭାବେ ନାମିତ କରିବା ବଡ ଭୁଲ୍ ହୋଇଥାଏ । ଉଦାହରଣ ଭାବରେ ୭୨ତମ ଗୀତାଯଜ୍ଞ, ୭୩ତମ ଗୀତାଯଜ୍ଞ ଏହିଭଳି କ୍ରମ ସଂଖ୍ୟା କହି ଅମୁକ ସଂଖ୍ୟକ ଯଜ୍ଞବୋଲି କହୁଛନ୍ତି । ପ୍ରକୃତ ଅର୍ଥ ଅନୁସାରେ, ପରମାତ୍ମା ଗୀତାରେ କହିଥିବା ଉଦ୍ଦେଶ୍ୟ ଅନୁସାରେ ୭୨ତମ ଗୀତାଯଜ୍ଞ କହିଲେ ୭୨ଥର ଗୀତା ଜଳାଇବା ବା ନଷ୍ଟକରିବା ବୋଲି ବୁଝାଇଥାଏ କିମ୍ବା ୭୩ତମ ଗୀତାଯଜ୍ଞ ଅର୍ଥାତ୍ ଗୀତାକୁ ୭୩ଥର ଜଳାଇବା ବୋଲି ବୁଝାପଡିଥାଏ । ଗୀତାକୁ ବୋଧ କରିବା କିମ୍ବା ଉଦ୍ଧାର କରିବା ଉଦ୍ଦେଶ୍ୟ ବାସ୍ତବରେ ମହାନ, କିନ୍ତୁ ଆଉକିଛି ଶବ୍ଦ ନପାଇ ଗୀତା ପାଖରେ ଯଜ୍ଞ ବୋଲି ଲେଖିବା, କହିବା ବଡଭୁଲ୍, କାରଣ ! ଯଜ୍ଞର ଅର୍ଥ ବିନାଶ କରିବା, ନଷ୍ଟକରିବା କିମ୍ବା ଜଳାଇବା ହେବାବେଳେ, ସେହି ଅନୁସାରେ ଗୀତାଯଜ୍ଞର ଅର୍ଥ ଗୀତାକୁ ବିନାଶ କରିବା ହୋଇଥାଏ । ଏପର୍ଯ୍ୟନ୍ତ ବୈଦିକ ଅନୁଷ୍ଠାନ କୁହାଯାଉଥିବା ଯଜ୍ଞ ବାବଦରେ ଆପଣମାନେ ଆପଣଙ୍କ ସ୍ୱ ବୁଦ୍ଧିରେ ଟିକିଏ ଗବେଷଣା କରନ୍ତୁ । ଏଥିରେ କେତେ ଶାସ୍ତ୍ରୀୟତା, ହେତୁବଦ୍ଧତା ରହିଛି ଜାଣିପାରିବା ସହିତ ଯଜ୍ଞ ବାବଦରେ ଭଗବାନ ଶ୍ରୀକୃଷ୍ଣ କଣ କହିଛନ୍ତି ବୁଝିପାରିବେ ।

ଜ୍ଞାନଯୋଗ ନାମକ ତୃତୀୟ ଅଧ୍ୟାୟରେ ଯଜ୍ଞ ଦୁଇ ପ୍ରକାରର ବୋଲି ଭଗବାନ କହିଥିବା ସନ୍ଦର୍ଭରେ ମଧ୍ୟ ଯଜ୍ଞ ବିଷୟରେ ନଅଗୋଟି କଳ୍ପିତ ଶ୍ଳୋକ ପ୍ରବେଶ କରାଇଛନ୍ତି । ବିଶେଷ କଥା ହେଉଛି ! ଯଜ୍ଞ କେବଳ ଅଗ୍ନିରେ କରାଯାଏ ନକହି, ଭଜନଠାରୁ ଆରମ୍ଭ କରି ତପସ୍ୟା ପର୍ଯ୍ୟନ୍ତ ଅନେକ କ୍ରିୟାକୁ ଯଜ୍ଞ କହିଛନ୍ତି । ତାଛଡା ଏଠାରେ ମଧ୍ୟ ଯଜ୍ଞ ନାଆଁ ଆସୁ ଆସୁ କଳ୍ପିତ ଶ୍ଳୋକ-ଗୁଡିକୁ ପ୍ରବେଶ କରାଇଛନ୍ତି । ସେଥିଲାଗି ମଣିଷ ମଝିରେ କଳ୍ପନା କରିଥିବା ଏହି ଶ୍ଳୋକଗୁଡିକୁ ଛାଡି ନବମ ଶ୍ଳୋକର ଅନୁବନ୍ଧ ୧୭ତମ ଶ୍ଳୋକକୁ ଦେଖିବା ।

**(୨) ଶ୍ଳୋକ,୧୭: ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।**
**ଆତ୍ମନ୍ୟେବ ଚ ସଂତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଆତ୍ମାରେ ଲଗ୍ନହୋଇ, ଆତ୍ମାରେ ତୃପ୍ତହୋଇ, ଆତ୍ମସନ୍ତୋଷ ପ୍ରାପ୍ତ ହୋଇଥିବା ବ୍ୟକ୍ତିର କୌଣସି କାର୍ଯ୍ୟ ନାହିଁ ।

**ବିବରଣୀ :** କାର୍ଯ୍ୟ କରୁଥାଇ ଯଜ୍ଞ ସମ୍ବନ୍ଧୀୟ କାର୍ଯ୍ୟ କରୁଥିଲେ କର୍ମବନ୍ଧନ ଆସିନଥାଏ, ନଚେତ୍ କର୍ମବନ୍ଧନରେ ପଡିବାକୁ ହୁଏ ବୋଲି ଜାଣିଲେ । ତାହାହିଁ କର୍ମଯୋଗ ବୋଲି ଆମେ ମଧ୍ୟ କହୁଛୁ । ଥିବା ଦୁଇଟି ଯୋଗ ଭିତରୁ ଦ୍ୱିତୀୟଟି ହେଉଛି ବ୍ରହ୍ମଯୋଗ । ବ୍ରହ୍ମଯୋଗରେ ମାନବ କୌଣସି କାର୍ଯ୍ୟ ନକରି ଆତ୍ମାରେ ଲଗ୍ନହୋଇ ରହିଥାଏ । ବ୍ରହ୍ମଯୋଗୀ ଆତ୍ମାରେ ଲଗ୍ନରହି, ଆତ୍ମାରେ ତୃପ୍ତ ହୋଇ, ଆତ୍ମ ସନ୍ତୋଷରେ ରହିଥାଏ । ସେଥିଲାଗି ତାର ବାହ୍ୟ କାର୍ଯ୍ୟଗୁଡିକ ସହିତ ସମ୍ପର୍କ ନଥାଏ । ବ୍ରହ୍ମଯୋଗୀର ବାହ୍ୟ କାର୍ଯ୍ୟ ସହିତ କୌଣସି ସମ୍ପର୍କ ନଥାଏ ।

ଏହି ବ୍ରହ୍ମଯୋଗ ପାଇଁ ବିବାହିତ ଲୋକେ ଏବଂ ଆଉ କେତେକଙ୍କ ଜୀବନାଧାର ହୋଇଥିବା ଲୋକେ ଯୋଗ୍ୟ ନୁହନ୍ତି, କାରଣ ! ସେମାନଙ୍କୁ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରିବାକୁ ପଡିବ । କୌଣସି କାର୍ଯ୍ୟ କରୁନଥିବା ଲୋକପାଇଁ ବ୍ରହ୍ମଯୋଗ ଠିକ୍ । କାର୍ଯ୍ୟ ନିଶ୍ଚୟ କରିବାକୁ ହେବ ଭାବୁଥିବା ଲୋକପାଇଁ କର୍ମଯୋଗ ବ୍ୟତୀତ ଆଉ କୌଣସି ପନ୍ଥା ନାହିଁ ।

**(୨) ଶ୍ଳୋକ,୧୮ : ନୈବତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।**
**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ସେଭଳି ବ୍ୟକ୍ତି କାର୍ଯ୍ୟ ନକରିବା ଦ୍ୱାରା ଲାଭ ନାହିଁ କି ନଷ୍ଟ ନାହିଁ, କୌଣସି ଲାଭ ଆଶାରେ ଅନ୍ୟକୁ ଆଶ୍ରୟ କରିବା ଦରକାର ନାହିଁ ।

**ବିବରଣୀ :** ବ୍ରହ୍ମଯୋଗୀ କୌଣସି କାର୍ଯ୍ୟ ନକରି ଆତ୍ମାରେ ଲଗ୍ନହୋଇ ରହିବା ଦ୍ୱାରା ତାର ଲାଭ କିମ୍ବା କ୍ଷତିରେ ଭେଦ ନଥାଏ । ସେତେବେଳେ ବାହ୍ୟସ୍ପର୍ଶହୀନ ପାତ୍ର ଭାବେ ଥିବା ତାର କିଛି ମଧ୍ୟ ଆବଶ୍ୟକ ନଥାଏ । ବ୍ରହ୍ମଯୋଗରେ ଆତ୍ମା ବ୍ୟତୀତ ବାହାରର କିଛି ମଧ୍ୟ ଦେଖାଯାଇ ନଥାଏ, ତେଣୁ ସେଭଳି ବ୍ୟକ୍ତିର ବାହ୍ୟ ଲାଭକ୍ଷତି, ବ୍ୟର୍ଥ ପ୍ରୟୋଜନ, ସୁଖଦୁଃଖ କିମ୍ବା ପ୍ରେମଘୃଣାଦି ନଥାଏ ବୋଲି ଜାଣିବା ଉଚିତ୍ । କର୍ମଯୋଗୀ ଆଉ ବ୍ରହ୍ମଯୋଗୀର ଆଚରଣରେ ଅନେକ ଭିନ୍ନତା ରହିଥାଏ । ସେଥିଲାଗି କର୍ମଯୋଗୀମାନେ କାର୍ଯ୍ୟକରିବା ଉଚିତ୍, କିନ୍ତୁ ସେ କର୍ମ ସଙ୍ଗବିନିର୍ମୁକ୍ତ ଭାବରେ ହେବା ଉଚିତ୍, ତାହା ତଳ ଶ୍ଳୋକରେ କହୁଛନ୍ତି ଦେଖିବା ।

**(୨) ଶ୍ଳୋକ,୧୯ : ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।**
**ଅସକ୍ତୋ ହ୍ୟଚରନ୍‌କର୍ମ ପରଂମାପ୍ନୋତି ପୂରୁଷଂ ॥**

**(କର୍ମଯୋଗ)**

**ଭାବାର୍ଥ :** ସେଥିଲାଗି କରୁଥିବା କାର୍ଯ୍ୟର ଫଳ ଉପରେ ଆଶକ୍ତିହୀନ ହୋଇ, କର୍ମାନୁସାରେ କାର୍ଯ୍ୟ କର୍, ତଦ୍ୱାରା ପରମପଦ ପାଇପାରିବୁ ।

**ବିବରଣୀ :** ତୁ ବାହ୍ୟଜଗତ ସହିତ ଅଧିକ ସମ୍ପର୍କୀତ ହୋଇଯାଇଛୁ । ତେଣୁ ଏହି କାର୍ଯ୍ୟ ମୁଁ କରୁଛି, ମୁଁ କରିବା ଦ୍ୱାରା ଏହି କାର୍ଯ୍ୟ ହେଉଛି କିମ୍ବା ଏ କାର୍ଯ୍ୟର ଫଳ ଏହା ବୋଲି କୌଣସି ଆଶା ନରଖି କାର୍ଯ୍ୟ କର୍ । ଉଦାହରଣ ସ୍ୱରୂପ ଗୋଟିଏ ଧାନକ୍ଷେତରେ ରୋଗକୀଟ ଲାଗିଯାଇଛନ୍ତି, ତୁମେ ସେଥିଲାଗି ଔଷଧ ପକାଉଛ ବୋଲି ଭାବିବା । ସେତେବେଳେ ଔଷଧ ପକାଇବା ମୋର କାର୍ଯ୍ୟ ବୋଲି ଭାବିବାରେ ଭୁଲ୍ ନାହିଁ; ପରନ୍ତୁ ଔଷଧ ପକାଇ ହଜାର ହଜାର କୀଟ

ମାରୁଛି ଭାବିବା ଉଚିତ୍ ନୁହେଁ । ତୁମେ ଔଷଧ ପକାଇବା ଦ୍ୱାରା କୀଟଗୁଡିକ ମରିଯାଉଛନ୍ତି ସତ; ତଥାପି ସେ ବାବଦରେ ତୁମେ ବିଚାର କରିବା ଉଚିତ୍ ନୁହେଁ । ଔଷଧ ପକାଇବା ହେଉଛି କାର୍ଯ୍ୟ, କୀଟଗୁଡିକ ମରିଯିବା ହେଉଛି କାର୍ଯ୍ୟର ଫଳ, ତେଣୁ କାର୍ଯ୍ୟ ଉପରେ ଲଗ୍ନହେବା ଉଚିତ୍ ସିନା, କାର୍ଯ୍ୟର ଫଳ ଉପରେ ଲଗ୍ନ ହେବା ଉଚିତ୍ ନୁହେଁ । କାର୍ଯ୍ୟର ଫଳ ଉପରେ ଲଗ୍ନହୋଇ ଫଳର କାରଣ ମୁଁ ଭାବି କୀଟଗୁଡିକୁ ମାରିବା ଦ୍ୱାରା ନିଶ୍ଚୟ ପାପ କର୍ମ ଆସିଥାଏ । ତାହାକୁ ପର ଜନ୍ମରେ ନିଶ୍ଚୟ ଭୋଗିବାକୁ ପଡିଥାଏ । କାର୍ଯ୍ୟ କରିବାପାଇଁ ମୁଁ ନିମିତ୍ତ ମାତ୍ର ଭାବି, ଫଳ ଉପରେ **ମୁଁ** ନାମକ ଅହଂଭାବକୁ ନରଖି କଲେ କରାଯାଉଥିବା କାର୍ଯ୍ୟରୁ କର୍ମବନ୍ଧନ ଆସି ନଥାଏ । ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତି ପରମାତ୍ମା ପ୍ରାପ୍ତି ହୋଇଥାଏ ।

କଣ ଏହା ସତ? ବୋଲି ସନ୍ଦେହ କରନ୍ତୁ ନାହିଁ । **କାର୍ଯ୍ୟଗୁଡିକ କରୁଥିଲେ ମଧ୍ୟ କର୍ମ ବନ୍ଧନରେ ନ ପଡିବା ହେଉଛି କର୍ମଯୋଗ ।** ଏହା ଆଜିର ନୂଆକଥା ନୁହେଁ । ପୂର୍ବେ ମଧ୍ୟ କେତେକ ଏହି ପଦ୍ଧତିରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି । ମୁଖ୍ୟତଃ ସଂସାରରେ ରହି, ବାହ୍ୟ ସମ୍ବନ୍ଧଯୁକ୍ତ ହୋଇ ସବୁକାର୍ଯ୍ୟ କରିପାରୁଥିବା, ସହଜ ହୋଇଥିବା, ଆଚରଣ ଯୋଗ୍ୟ ହୋଇଥିବା ଯୋଗ ହେଉଛି କର୍ମଯୋଗ । ମାନବର ଆଚରଣୀୟ କର୍ମଯୋଗ ବାବଦରେ ଭଗବାନ ତଳ ଶ୍ଳୋକରେ ଆଉକଣ କହୁଛନ୍ତି ଜାଣିବା ।

**(୨)ଶ୍ଳୋକ,୨୦: କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।**
**ଲୋକ ସଂଗ୍ରହମେବାପି ସଂପଶ୍ୟନ୍‌କର୍ତୁମର୍ହସି ॥**

**(କର୍ମଯୋଗ)**

**ଭାବାର୍ଥ :** କର୍ମଯୋଗ ଆଚରଣ କରି ଜନକାଦି ରାଜାମାନେ ମୋକ୍ଷ ପାଇଥିଲେ, ସମସ୍ତେ ଏହାକୁ ଜାଣନ୍ତୁ, ତୁ ମଧ୍ୟ ଆଚରଣ କର୍ ।

**ବିବରଣୀ :** ଜନକ ଜଣେ ରାଜା ହୋଇ, ତାଙ୍କ ରାଜ୍ୟର ଅନେକ ସମସ୍ୟା, ଅନେକ ପ୍ରକାରର ରାଜକାର୍ଯ୍ୟ ସହିତ ଜଡିତ ହୋଇ ମଧ୍ୟ କର୍ମଯୋଗ ପଦ୍ଧତି ଆଚରଣ କରି ଶେଷରେ ମୋକ୍ଷ ପାଇଥିଲେ । ସେଥିଲାଗି କର୍ମଯୋଗ

ନାମକ ମାର୍ଗ ଦ୍ୱାରା ମୋକ୍ଷ ଲାଭ ସହଜ ହୋଇଥାଏ ବୋଲି ଅନ୍ୟମାନେ ଜାଣିବା ଭଳି, ତୁ ମଧ୍ୟ ସମସ୍ତ କାର୍ଯ୍ୟ କରୁଥାଇ କର୍ମଯୋଗ ଆଚରଣ କର୍ ।

**(୨) ଶ୍ଳୋକ,୨୧ : ଯଦ୍ୟଦାଚରତି ଶ୍ରେଷ୍ଠ ସ୍ତତ୍ତଦେବେତରୋ ଜନଃ ।**
**ସ ଯତ୍ପ୍ରମାଣଂ କୁରୁତେ ଲୋକସ୍ତ ଦନୁବର୍ତ୍ତତେ ॥**
**(କର୍ମଯୋଗ)**

**ଭାବାର୍ଥ :** ଶ୍ରେଷ୍ଠ ଯାହା ଆଚରଣ କରେ ତାହା ହିଁ ଅନ୍ୟମାନେ ଆଚରଣ କରିଥାନ୍ତି । ସେ ଯେଉଁ ପ୍ରମାଣ ଦେଖାଏ ତାହାକୁ ଅନ୍ୟମାନେ ଅନୁସରଣ କରିଥା'ନ୍ତି ।

**ବିବରଣୀ :** ଏଠାରେ 'ଶ୍ରେଷ୍ଠ' ନାମକ ଶବ୍ଦଟିଏ ଦେଖାଯାଇଛି । ଏହି ଶ୍ରେଷ୍ଠ କିଏ ଆଜିର କାଳରେ କାହାକୁ ଜଣା ନାହିଁ । ପୂର୍ବ କାଳରେ ଏହି ଶ୍ରେଷ୍ଠକୁ ଚିହ୍ନି ତା କଥା ଅନୁସାରେ ଅନ୍ୟମାନେ ଜୀବନ ବଞ୍ଚୁଥିଲେ ବୋଲି ଉପର ଶ୍ଳୋକରୁ ଜଣାଯାଉଛି । ସାରା ଜଗତରେ ଯଦି କିଛି ଶ୍ରେଷ୍ଠ ଥାଏ ତାହା ଏକୈକ ଐଶ୍ୱରୀୟ ଜ୍ଞାନ, ତା ସଦୃଶ, ତାଠାରୁ ପବିତ୍ର ଆଉକିଛି ନାହିଁ ବୋଲି ପୂର୍ବେ ବଡମାନେ ଜାଣିଥିଲେ । ଯାହାଠାରେ ଜ୍ଞାନ ଥିଲା ତାକୁ ଶ୍ରେଷ୍ଠ କହୁଥିଲେ । ତାଛଡା ଏହି ଜ୍ଞାନ ହେଉଛି ରହସ୍ୟର ରହସ୍ୟ! ତେଣୁ ସେଭଳି ଗୁପ୍ତ (ରହସ୍ୟ) ଜ୍ଞାନ ଜଣାଥିବା ଲୋକକୁ ଗୁପ୍ତା ମଧ୍ୟ କହୁଥିଲେ, ସେ ଈଶ୍ୱରଙ୍କ ଜ୍ଞାନ ଜାଣିଛି ବୋଲି ଅନ୍ୟମାନେ ଜାଣିପାରିବା ଭଳି, ସେକାଳର ଗୁରୁମାନେ ତାର ନାମ ଶେଷରେ ଶ୍ରେଷ୍ଠ କିମ୍ବା ଗୁପ୍ତ ଶବ୍ଦକୁ ଯୋଡି ସମ୍ବୋଧନ କରୁଥିଲେ । ଏହା ଦ୍ୱାପର ଯୁଗର କଥା । କଳିଯୁଗକୁ ଆସିବା ବେଳକୁ, ତାହା କାଳକ୍ରମେ ଶ୍ରେଷ୍ଠୀ, ଗୁପ୍ତା ନାମକ ଏକ କୁଳ ବା ଜାତିରେ ପରିଣତ ହୋଇଯାଇଥିଲା । କେବଳ ବୈଶ୍ୟକୁଳର ଲୋକମାନେ ନିଜର ନାମ ଶେଷରେ ଏହାକୁ ରଖୁଥିଲେ । ଗୁପ୍ତା ନାମକ ଶବ୍ଦଟି ଆଜିଯାଏଁ ଯଥାବତ୍ ରହିଥିଲେ ହେଁ ଶ୍ରେଷ୍ଠ ଶବ୍ଦଟି ବଦଳି ଶ୍ରେଷ୍ଠୀ ହୋଇଯାଇଛି । ଶହେବର୍ଷ ତଳେ ଏହି ଶବ୍ଦ ବୈଶ୍ୟମାନଙ୍କର ନାମ ଶେଷରେ ଦେଖିବାକୁ ମିଳୁଥିଲା । ଆଜି ସେହି ଶ୍ରେଷ୍ଠୀ ଶବ୍ଦ ବଦଳି ସେଟ୍ଟୀ ହୋଇଯାଇଛି । ଗୁପ୍ତା, ସେଟ୍ଟୀ ଶବ୍ଦ ଦୁଇଟି କଳିଯୁଗର ଆରମ୍ଭରେ ବୈଶ୍ୟକୁଳରେ ପ୍ରବେଶ କରିଥିବା ଜଣାଯାଉଛି ।

ବ୍ରାହ୍ମଣ ଅର୍ଥାତ୍ ଯେଉଁମାନେ ବ୍ରହ୍ମଜ୍ଞାନ ଜାଣନ୍ତି, ବୈଶ୍ୟ ଅର୍ଥାତ୍ ଯେଉଁମାନେ ଯଜ୍ଞାଦି କରନ୍ତି । ଏହାଥିଲା ପୂର୍ବର ଭାବ, କିନ୍ତୁ ଆଜି ତାହା ବଦଳିଯାଇଛି । ବୈଶ୍ୟ କହିଲେ ଯେଉଁମାନେ ବେପାରବଣିଜ କରନ୍ତି ସେମାନଙ୍କୁ ବୁଝୁଛନ୍ତି । କେବଳ କୁଳ ନିର୍ଣ୍ଣୟ କରିବା ଦ୍ୱାରା ବ୍ରାହ୍ମଣ ଆଉ ବୈଶ୍ୟର ଭାବ ବଦଳିଯାଇଛି । ବୈଶ୍ୱାନର ଅର୍ଥାତ୍ ଅଗ୍ନିଦେବ, ଯିଏ ସବୁକିଛିକୁ ଭସ୍ମକରେ, ଯାହା ଶରୀରରେ (ଉଦରରେ) ଦ୍ରବ୍ୟଗୁଡ଼ିକୁ ଜଳାଇ ଦେଉଥିବା ଜଠରାଗ୍ନି ବା ଦ୍ରବ୍ୟଗୁଡ଼ିକୁ ଯିଏ ଜୀର୍ଣ୍ଣକରେ ବୋଲି ପୂର୍ବର ଭାବ ଥିଲା, ସେହି ଭାବ ଆଜି ବଦଳି, ବୈଶ୍ୟକୁ ବେପାରି ବୁଝୁଛନ୍ତି । ବୈଶ୍ୱାନର ଶବ୍ଦରୁ ବୈଶ୍ୟ ଶବ୍ଦର ଜନ୍ମ । ବୈଶ୍ୱାନର କହିଲେ ପେଟରେ ପହଞ୍ଚୁଥିବା ଦ୍ରବ୍ୟଗୁଡ଼ିକୁ ଯିଏ ଜୀର୍ଣ୍ଣକରେ ବୋଲି ଅର୍ଥ ଥିବାବେଳେ, ବୈଶ୍ୱାନର କହିଲେ ଆଜି ବୈଶ୍ୟମାନେ ଦୋକାନୀ ଭାବେ ଚିହ୍ନିତ ହେଉଛନ୍ତି । ଏହିଭଳି ଶ୍ରେଷ୍ଠି ଶବ୍ଦ ସେଟ୍ଠୀ ଭାବରେ, ବୈଶ୍ୱାନର ଶବ୍ଦ ବୈଶ୍ୟ ଭାବରେ ରୂପାନ୍ତର ହୋଇଯାଇଛି ।

ପରମାତ୍ମା କହିଥିବା ଶ୍ରେଷ୍ଠୀକୁ ଆଜି ଚିହ୍ନିବା କଷ୍ଟ ହୋଇଯାଇଥିବାରୁ କାହାକୁ ଆଦର୍ଶ କରି ଅନୁସରଣ କରିବା ସନ୍ଦେହସ୍ପଦ, ତାହା ଦୂର କରିବାକୁ ପରମାତ୍ମା କହିଥିବା ସୂତ୍ର ବ୍ୟବହାର କରିବାକୁ ହେବ । ପବିତ୍ର ଏବଂ ଶ୍ରେଷ୍ଠଜ୍ଞାନ କାହା ପାଖରେ ଅଛି ଜାଣି ସେ ହିଁ ଶ୍ରେଷ୍ଠୀ ବୋଲି ଜାଣିବା ଉଚିତ୍ । ଜ୍ଞାନ ଜାଣିଥିବା ଶ୍ରେଷ୍ଠମାନଙ୍କ ଭିତରେ କିଏ ଶ୍ରେଷ୍ଠ ବିଚାର କରି ଜାଣିବା ଉଚିତ୍ । ଶ୍ରେଷ୍ଠମାନଙ୍କ ଭିତରେ ଯିଏ ଶ୍ରେଷ୍ଠ ସେହିଁ ଭଗବାନ ବୋଲି ଜାଣି ଭଗବାନ କହିଥିବା ମାର୍ଗକୁ ଅନୁସରଣ କରିବା ଉଚିତ୍, ତାହାହିଁ ଶ୍ରେଷ୍ଠ ମାର୍ଗ ।

**(୨) ଶ୍ଲୋକ,୨୨ : ନ ମେ ପାର୍ଥାଽସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଂଚନ ।**
**ନାଽନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥**

**(କର୍ମଯୋଗ)**

**ଭାବାର୍ଥ :** ମୋର କର୍ତ୍ତବ୍ୟ କାର୍ଯ୍ୟ ନାହିଁ । ତ୍ରିଲୋକରେ ମୋର ପ୍ରାପ୍ତ ଅପ୍ରାପ୍ତ କିଛି ନାହିଁ; ତଥାପି ମୁଁ କର୍ମ ଆଚରଣ କରୁଛି ।

**ବିବରଣୀ :** ତ୍ରିଷୁ ଲୋକ କହିଲେ ତିନିଗୁଣ ବୋଲି ବୁଝିବା ଉଚିତ୍ । ସ୍ୱତନ୍ତ୍ର

ଭାବରେ ତିନିଲୋକ ବା ତ୍ରୀଭୂବନ ଆଉ କେଉଁଠି ନାହିଁ । ତିନି ଗୁଣ ଦ୍ୱାରା କାର୍ଯ୍ୟ କରିବା ମୋର ଆବଶ୍ୟକ ନାହିଁ ବୋଲି ଶ୍ରୀକୃଷ୍ଣ ଉପର ଶ୍ଳୋକରେ ଜଣାଇଛନ୍ତି । ସେହିଭଳି ତିନି ଗୁଣ ଦ୍ୱାରା ଏ ପର୍ଯ୍ୟନ୍ତ ପାଇଥିବା, ପାଇ ନଥିବା ଜିନିଷ କିଛି ନାହିଁ; ତଥାପି ମୁଁ ତିନି ଗୁଣ ଦ୍ୱାରା କାର୍ଯ୍ୟ କରୁଛି ବୋଲି ଜଣାଇଛନ୍ତି । ଭଗବାନ କାହିଁକି କାର୍ଯ୍ୟ କରିଥାନ୍ତି ଦେଖିଲେ..

**(୨) ଶ୍ଳୋକ,୨୩: ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ! ସର୍ବଶଃ ॥**

**(କର୍ମଯୋଗ)**

**ଭାବାର୍ଥ :** ହେ ଅର୍ଜୁନ ! ମୁଁ କୌଣସି ସମୟରେ ମଧ୍ୟ ଯଦି କାର୍ଯ୍ୟଗୁଡିକରେ ସତର୍କତା ବହନ କରି କାର୍ଯ୍ୟ ନକରେ, ତେବେ ଭୂପୃଷ୍ଠର ମଣିଷ ମଧ୍ୟ ସବୁ ଦିଗରୁ ମୋରି ଭଳି କାର୍ଯ୍ୟ ନକରି ବସିରହିବେ ।

**ବିବରଣୀ :** ଭଗବାନ ହୋଇ ଆସିଥିବା ପରମାତ୍ମା କାର୍ଯ୍ୟ କରନ୍ତି ! ବୋଲି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ । ମଣିଷର ମାର୍ଗଦର୍ଶକତା ପାଇଁ ପରମାତ୍ମା କାର୍ଯ୍ୟ କରନ୍ତି ବୋଲି କହିଛନ୍ତି । ମଣିଷର କର୍ତ୍ତବ୍ୟକୁ ଜଣାଇବା ପାଇଁ ତାଙ୍କର ଜନ୍ମ । ଜପ, ତପ, ବ୍ରତାଦି ଏପରି କରିବାକୁ ଭଗବାନ କହିନାହାନ୍ତି କି କରି ଦେଖାଇ ନାହାନ୍ତି, ଯାହା କରିଛନ୍ତି ତାହା ସାଧାରଣ କାର୍ଯ୍ୟ, ସେହି କାର୍ଯ୍ୟ କରିବାରେ କର୍ମଯୋଗ ମିଶି ରହିଛି ବୋଲି ଜଣାଇଛନ୍ତି । କର୍ମ କରିବାରେ କର୍ମଯୋଗ ରହିଛି, ନକରିବାରେ ନାହିଁ ତେଣୁ ସେ ସମସ୍ତ କାର୍ଯ୍ୟଗୁଡିକୁ ସାଧାରଣ ମାନବ କରୁଥିବା ଭଳି କରୁଥାଇ ସେଥିରେ କର୍ମଯୋଗ ସୂଚିତ କରିଛନ୍ତି, ସଂସାର ଜଞ୍ଜାଳ ଭିତରେ ସମସ୍ତଙ୍କୁ କୌଣସିନା କୌଣସି କାର୍ଯ୍ୟ କରିବାକୁ ହେବ, ମୁଁ ଏଭଳି ନକଲେ କେହି କର୍ମଯୋଗ ଆଚରଣ କରିପାରିବେ ନାହିଁ ବୋଲି ଭଗବାନ ସୂଚିତ କରିଛନ୍ତି ।

**୨) ଶ୍ଳୋକ,୨୪: ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।**
**ସଂକରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥**

**(କର୍ମଯୋଗ)**

**ଭାବାର୍ଥ :** ମୁଁ କାର୍ଯ୍ୟ ନକଲେ ଜଗତରେ ସମସ୍ତେ ଅବାଟରେ ଚାଲିବେ ଏବଂ ବର୍ଣ୍ଣସଙ୍କର ଜାତହେବେ, ମୁଁ ସେମାନଙ୍କୁ ଅବାଟରେ ପରିଚାଳିତ କରିବା ଭଳି ହୋଇଯିବ ।

**ବିବରଣୀ :** ପରମାତ୍ମା ମାନବ ହୋଇ ଆସିବା ବେଳେ ସାଧାରଣତଃ ଚିହ୍ନାପଡି ନଥାନ୍ତି, ଆସି ଚାଲିଯିବା ପରେ ଅମୁକ ବ୍ୟକ୍ତି, ଅମୁକ ଜ୍ଞାନ, ଅମୁକ ଧର୍ମ ଜଣାଇଛି ଜାଣି ପରମାତ୍ମାଙ୍କ ଅବତାର ଭଗବାନଙ୍କୁ ଚିହ୍ନିବା ସୁଯୋଗ ଥାଏ । ଭଗବାନ କଣ କରିଛନ୍ତି ? କଣ କହିଛନ୍ତି ? ମୁଖ୍ୟତଃ ଅନୁଧ୍ୟାନ କରାଯାଏ । ଭଗବାନ ଯାହା କହିଥାନ୍ତି ତାହା ଜ୍ଞାନ ରୂପରେ, ଯାହା କରିଥାନ୍ତି ତାହା ଇତିହାସ ରୂପରେ ଥାଏ ବୋଲି ଜାଣିଥିବା ଲୋକେ ଜଣାଇଲେ, ତାହା ବିଶ୍ୱାସ କରି କେତେକ ଭଗବାନଙ୍କ କଥାକୁ, କେତେକ ତାଙ୍କ କାର୍ଯ୍ୟକୁ, କେତେକ କଥା,କାର୍ଯ୍ୟ ଉଭୟକୁ ଦେଖିଥାନ୍ତି । ଏହି ତିନି ସୁଯୋଗ ଭିତରୁ କେତେକଙ୍କୁ ଭଗବାନଙ୍କ କାର୍ଯ୍ୟ ପସନ୍ଦ ହୁଏ ସିନା, କଥା ପସନ୍ଦ ହୋଇନଥାଏ । କେତେକଙ୍କୁ ତାଙ୍କ କଥା ପସନ୍ଦ ହେଲେ ମଧ୍ୟ କାର୍ଯ୍ୟ ପସନ୍ଦ ହୋଇନଥାଏ । ଆଉ କେତେକଙ୍କୁ ଉଭୟ କଥା ଆଉ କାର୍ଯ୍ୟ ପସନ୍ଦ ହୋଇନଥାଏ । ଏପରି ଅନ୍ୟମାନଙ୍କ ଦ୍ୱାରା ଜାଣି ମଧ୍ୟ ଭଗବାନଙ୍କ କରିବା, କହିବା ପସନ୍ଦ ନହୋଇ ସେ ଭଗବାନ ନୁହନ୍ତି ବୋଲି କେତେକ ନିର୍ଣ୍ଣୟ ନେଇଥାନ୍ତି । କ୍ୱଚିତ୍ କେହି ଜଣେ ତାଙ୍କର କଥା ଏବଂ କାର୍ଯ୍ୟକୁ ଖୁବ୍ କଷ୍ଟରେ ପସନ୍ଦ କରି ତାଙ୍କୁ ଭଗବାନ ବୋଲି ବିଶ୍ୱାସ କରେ, ସେ ହିଁ ପରମାତ୍ମା ଅଂଶ ବୋଲି ଜାଣି ଭଗବାନଙ୍କୁ ଆଦର୍ଶ କରି ସବୁଦିଗରୁ ତାଙ୍କୁ ଅନୁସରଣ କରେ ।

ଶ୍ରୀକୃଷ୍ଣ ସବୁଦିଗରୁ ଭଗବାନ ବୋଲି ଜାଣି, ତାଙ୍କ ବାଣୀ ଆଉ ଆଚରଣକୁ ଆଦର୍ଶ କରି ବଞ୍ଚିବା ସୁଯୋଗ ରହିଛି । ଶ୍ରେଷ୍ଠ ଯାହା ଆଚରଣ କରେ ତାହା ଅନ୍ୟମାନେ ଆଚରଣ କରିଥାନ୍ତି ବୋଲି ଆଗରୁ ଜାଣିଥିଲେ, ତେଣୁ ସବୁ ଦିଗରୁ ଶ୍ରେଷ୍ଠ ହୋଇଥିବା ଶ୍ରୀକୃଷ୍ଣ ଭଗବାନ ହୋଇଥିବାରୁ, ସେ ଯଦି କାର୍ଯ୍ୟ ନକରନ୍ତି ତେବେ ତାଙ୍କୁ ଅନୁସରଣ କରୁଥିବା ଲୋକେ ମଧ୍ୟ କାର୍ଯ୍ୟ କରିବେ ନାହିଁ । ଲୋକନୀତିରେ ନ୍ୟାୟ, ଅନ୍ୟାୟ, କରଣୀୟ କାର୍ଯ୍ୟ, ଅକରଣୀୟ କାର୍ଯ୍ୟ, ଭଲକାର୍ଯ୍ୟ, ମନ୍ଦକାର୍ଯ୍ୟ, ପାପକାର୍ଯ୍ୟ, ପୁଣ୍ୟକାର୍ଯ୍ୟ

ଏଭଳି କାର୍ଯ୍ୟ ଦୁଇ ଭାଗରେ ବିଭାଜିତ ହୋଇ ରହିଥାଏ । ଏହି ଅନୁସାରେ ମାନବ କିଛି କରିବା, ନକରିବା ନିର୍ଣ୍ଣୟ ନେଇଥାଏ । କରଣୀୟ ଅକରଣୀୟ କାର୍ଯ୍ୟଗୁଡିକ ପ୍ରକୃତି ଧର୍ମ ହୋଇଥିବା ସ୍ଥଳେ, **ଈଶ୍ୱର ଧର୍ମ କରଣୀୟ ପଦ୍ଧତି, ଅକରଣୀୟ ପଦ୍ଧତି ଭାବେ ଥାଏ** । ଐଶ୍ୱରୀୟ ଧର୍ମ, ପ୍ରକୃତି ଧର୍ମ କହିବାରେ କିଛି ଭିନ୍ନତା ଅଛି, ଆଚରଣରେ ଅନେକ ଭିନ୍ନତା ଅଛି । ଶ୍ରୀକୃଷ୍ଣ ଐଶ୍ୱରୀୟ ଧର୍ମ ଅନୁସାରେ ଆଚରଣ କରିଥିଲେ, କିନ୍ତୁ ତାଙ୍କର ଆଚରଣ ପ୍ରକୃତି ଧର୍ମରେ ଥିବା ଲୋକମାନଙ୍କୁ ଭିନ୍ନ ବୋଧ ହୋଇଛି । ସେଥିଲାଗି ତାଙ୍କୁ, ତାଙ୍କ ଆଚରଣକୁ ଅନେକ ଲୋକ ପସନ୍ଦ କରିନାହାନ୍ତି । **କର୍ତ୍ତବ୍ୟ, ଅକର୍ତ୍ତବ୍ୟ ମାନବର ନିୟମ ହେବାବେଳେ, କରିବା ପଦ୍ଧତି, ନକରିବା ପଦ୍ଧତି ଭଗବତ୍ ନିୟମ ହୋଇଥାଏ** ।

ଏହି ଶ୍ଳୋକରେ **ସଂକରସ୍ୟ** ଶବ୍ଦ ବ୍ୟବହାର କରାଯାଇଛି । ସଂକର କହିଲେ ଥିବା ଜିନିଷ ଥିବା ଭଳି ନରହି ଆଉ ଗୋଟିଏ ଜିନିଷ ସହିତ ମିଶି ଅଲଗା ଭାବରେ ବଦଳିଯିବା । ଉଦାହରଣ ସ୍ୱରୂପ କଳାରଙ୍ଗକୁ ନାଲିରଙ୍ଗରେ ମିଶାଇଲେ କଳାରଙ୍ଗ ଆଉ କଳା ନରହି ଅନ୍ୟଏକ ରଙ୍ଗ ହୋଇଯାଏ । ସେହିଭଳି ଦୈବଧର୍ମ ବା ଐଶ୍ୱରୀୟ ଧର୍ମରେ କାର୍ଯ୍ୟ କରିବା ପଦ୍ଧତି ଯାହା ଅଛି ତାହା ନିଜେ କରି ଯଦି ନଦେଖାଇବେ ତେବେ ତାଙ୍କ ପଦ୍ଧତିରେ ମାନବୀୟ ପଦ୍ଧତି ମିଶିଯାଇ ବଦଳିଯିବା ଦୁର୍ଯୋଗ ରହିଛି । ଯେମିତି କଳାରଙ୍ଗ ନାଲି ରଙ୍ଗରେ ମିଶିବା ପରେ ଅନ୍ୟଏକ ରଙ୍ଗ ହୋଇ କଳା ରହେ ନାହିଁ, କି ନାଲି ରହେ ନାହିଁ । ସେହିଭଳି ଈଶ୍ୱରଙ୍କ ପଦ୍ଧତି ଭିନ୍ନ ପଦ୍ଧତି ହୋଇ ମାନବର ହୁଏ ନାହିଁ କି ଈଶ୍ୱରଙ୍କର ହୁଏ ନାହିଁ । ଏହିଭଳି ସଂକର ପଦ୍ଧତି ଆଜି ରହିଛି ବୋଲି କହିପାରିବା । କାରଣ ! ଅଜ୍ଞାନ ମଣିଷର ପଦ୍ଧତି ଆଜି ଐଶ୍ୱରୀୟ ଜ୍ଞାନ ପଦ୍ଧତିରେ ମିଶି ଆସ୍ତିକ ପଦ୍ଧତି ହୋଇଯାଇଛି । ଆସ୍ତିକମାନେ ଜ୍ଞାନୀ ନୁହନ୍ତି କି ଅଜ୍ଞାନୀ ନୁହଁନ୍ତି, ତେଣୁ ଉଭୟରେ ନଥାଇ ସଂକର ହୋଇ ରହିଛନ୍ତି । ଅଜ୍ଞାନୀମାନେ ଭଲମନ୍ଦ ହୋଇଥିବା ପାପପୁଣ୍ୟର ମିଶ୍ରଣ କାର୍ଯ୍ୟ କରିଥାନ୍ତି । ସମ୍ପୂର୍ଣ୍ଣ ଜ୍ଞାନୀମାନେ ଐଶ୍ୱରୀୟ ପଦ୍ଧତି ଅନୁସରଣ କରି କର୍ମ, ବ୍ରହ୍ମ, ଭକ୍ତିଯୋଗ ଆଚରଣ କରିଥାନ୍ତି, କିନ୍ତୁ ସଂକରମାନେ ଯଜ୍ଞ, ଦାନ,

ବେଦପଠନ, ତପସ୍ୟାଦି କରିଥାନ୍ତି । ସଂକର ପଦ୍ଧତିକୁ ଭୂପୃଷ୍ଠରୁ ନିଖୋଜ କରିବା ପାଇଁ ଉପରୋକ୍ତ ଚ଼ରି ନିୟମ ଦ୍ୱାରା ମୁଁ ଜଣାପଡେ ନାହିଁ ବୋଲି ପରମାତ୍ମା ତାଙ୍କର ବାଣୀ ଗୀତାରେ କହିଛନ୍ତି । ଭଗବାନ ତାଙ୍କ ପଦ୍ଧତିକୁ ଜୀବନରେ ଆଚରଣ କରି ଦେଖାଇବା ସହିତ ସେହିଭଳି କରି ନ ଦେଖାଇଲେ ମାନବ କରଣୀୟ ପଦ୍ଧତିକୁ ଛାଡି, ଅକରଣୀୟ ସଂକର ପଦ୍ଧତିକୁ ଚ଼ଲିଯିବ ବୋଲି ମଧ୍ୟ ସ୍ପଷ୍ଟ ଭାବରେ ଜଣାଇଛନ୍ତି । କେତେବେଳେ କ୍ୱଚିତ୍ ଦୈବାଂଶ ଭଗବାନ ଭୂପୃଷ୍ଠକୁ ଆସି, ସ୍ୱୟଂ ନାନା କାର୍ଯ୍ୟ କରି, ତୁମେମାନେ ମଧ୍ୟ ମୋରି ପଦ୍ଧତିକୁ ଅନୁସରଣ କର କହି ଚ଼ଲିଯାଇଛନ୍ତି । ହେଲେ ଦୁର୍ଭାଗ୍ୟ ! ସେ ଅଜ୍ଞାନୀ ଭଳି ଆଚରଣ କରିଥିଲେ ବୋଲି କହିବା ଲୋକେ ମଧ୍ୟ ଅଛନ୍ତି, ସେଇମାନେ ଭଲରେ ବୁଝିପାରିବା ଭଳି ତଳ ଶ୍ଳୋକରେ ଯାହା କହିଛନ୍ତି, ଦେଖନ୍ତୁ ।

**(୨) ଶ୍ଳୋକ,୨୫ : ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ! ।**
**କୁର୍ଯ୍ୟାଦ୍ୱିଦ୍ୱାଂସ୍ତଥାଽସକ୍ତ ଶ୍ଚିକୀର୍ଷୁ ର୍ଲୋକ ସଂଗ୍ରହମ୍ ।।**
**(କର୍ମଯୋଗ)**

**ଭାବାର୍ଥ :** ଜଣେ ଅଜ୍ଞାନୀ ଯେମିତି ସମସ୍ତ କାର୍ଯ୍ୟରେ ଆଶକ୍ତି ଯୁକ୍ତ ହୋଇ କାର୍ଯ୍ୟ କରିଥାଏ, ସମସ୍ତ ଜ୍ଞାନ ଜାଣିଥିବା ଜ୍ଞାନୀମାନେ ମଧ୍ୟ ଅଜ୍ଞାନୀମାନଙ୍କ ଭଳି କାର୍ଯ୍ୟ କରିବା ଉଚିତ୍, କିନ୍ତୁ ସେହି କାର୍ଯ୍ୟ କରିବାରେ ଜ୍ଞାନୀର ଫଳ ଉପରେ ଆଶକ୍ତି ରହିବା ଉଚିତ୍ ନୁହେଁ ।

**ବିବରଣୀ :** ଅଜ୍ଞାନୀମାନେ କେତେକ ସନ୍ଦର୍ଭରେ ଭଲକାର୍ଯ୍ୟ କରୁଥାଇ ଅନେକ ସମୟରେ ଖରାପ କାର୍ଯ୍ୟ କରିଥାନ୍ତି, ଏହା ସାଧାରଣ କଥା । ଅଜ୍ଞାନୀ ସମସ୍ତ କାର୍ଯ୍ୟକୁ ମୁଁ କରୁଛି ଭାବ ନେଇ କରେ, ଜ୍ଞାନୀ ସେପରି କରିବା ଉଚିତ୍ ନୁହେଁ, କଲେ ଜ୍ଞାନୀ ଅଜ୍ଞାନୀରେ ଭିନ୍ନତା ରହେ ନାହିଁ । ଜ୍ଞାନ ଜାଣିଗଲେ କଣ ହେବ ତାହା ଆଚରଣରେ ଆଣିବା ଉଚିତ୍ । ସତ୍ ଆଚରଣ ହିଁ ଜ୍ଞାନୀର ଲକ୍ଷଣ, ଜ୍ଞାନୀମାନେ ଭଲକାର୍ଯ୍ୟ କରିବା ଉଚିତ୍, ଖରାପକାର୍ଯ୍ୟ କରିବା ଅନୁଚିତ୍, ଖରାପ କାର୍ଯ୍ୟକୁ ସ୍ୱପ୍ନରେ ମଧ୍ୟ ଭାବିବା ଉଚିତ୍ ନୁହେଁ ବୋଲି ଅନେକ ବଡ ବଡ ଲୋକମାନେ କହୁଥିବା କଥାକୁ ଭଗବାନ ଏଇଠାରେ ପ୍ରତ୍ୟାଖ୍ୟାନ କରି

କାର୍ଯ୍ୟରେ ଭଲମନ୍ଦ ଦେଖିବା ମୁଖ୍ୟକଥା ନୁହେଁ, କର୍ମ ହିଁ ମୁଖ୍ୟ ବୋଲି କହିଛନ୍ତି । ଗତଜନ୍ମରେ ଅର୍ଜନ କରିଥିବା କର୍ମ ଅନୁସାରେ କୌଣସି ବ୍ୟକ୍ତି ଜୀବନ ବଞ୍ଚେ । ଜ୍ଞାନ ଜାଣିଥିଲେ ମଧ୍ୟ, କର୍ମ ଅନୁସାରେ କେତେକ ଖରାପକାର୍ଯ୍ୟ ତା ଦ୍ୱାରା ନିଶ୍ଚୟ ହେବ । ସେଥିରୁ ସେ ନିଜକୁ ବଞ୍ଚିତ କରିପାରିବ ନାହିଁ । ତାବୋଲି ଯେ, ସେ ଜ୍ଞାନୀ ନୁହେଁ, ଅଜ୍ଞାନୀ ବୋଲି ଆମେ କହିପାରିବା ନାହିଁ । ଏହା ଭଗବାନ କହୁଛନ୍ତି ।

କର୍ମ ସିଦ୍ଧାନ୍ତ ଜାଣିଥିବା ଜ୍ଞାନୀ ମୁଁ ଏପରି କରିବା ଉଚିତ୍, ସେପରି କରିବା ଉଚିତ୍ ନୁହେଁ ବୋଲି ଭାବିନଥାଏ, ବାସ୍ତବରେ ସେ କାର୍ଯ୍ୟ କରୁଛି ବୋଲି ହିଁ ଭାବିନଥାଏ । କର୍ମ ଅନୁସାରେ ସେ ଅଜ୍ଞାନୀ ଭଳି ସମସ୍ତ କାର୍ଯ୍ୟ କରିଥାଏ । ଘଟିଥିବା କାର୍ଯ୍ୟର କାରଣ ମୁଁ ବୋଲି ସେ କେବେ ଭାବିନଥାଏ । ନିଜେ ଜ୍ଞାନୀ ତେଣୁ କାର୍ଯ୍ୟାଚରଣରେ ସେ ଅଜ୍ଞାନୀଠାରୁ ଅଲଗା ଦେଖାଯିବା ଉଚିତ୍ ବୋଲି କିପରି ଭାବିବ ? କାର୍ଯ୍ୟକୁ ଦେଖି ଜ୍ଞାନୀକୁ କେହି ଜ୍ଞାନୀ କୁହନ୍ତି ନାହିଁ, ତାକୁ ଚିହ୍ନି ପାରନ୍ତି ନାହିଁ । କର୍ମଯୋଗ ଦେଖା ଯାଇନଥାଏ, ତେଣୁ ଜ୍ଞାନୀମାନେ ଅଜ୍ଞାନୀ ଭଳି ଦେଖାଯାଇଥାନ୍ତି ।

**(୨) ଶ୍ଳୋକ,୨୬: ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମ ସଂଗିନାମ୍ ।**
**ଯୋଷଏତ୍ ସର୍ବ କର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ।।**
**(କର୍ମଯୋଗ)**

**ଭାବାର୍ଥ :** ଜ୍ଞାନୀ କାର୍ଯ୍ୟ କରିବାରେ ଅଜ୍ଞାନୀର ବୁଦ୍ଧିରେ ଭିନ୍ନତା ସୃଷ୍ଟି କରିବା ଉଚିତ୍ ନୁହେଁ । ଜାଣିଥିବା ଲୋକମାନେ ସମସ୍ତ କାର୍ଯ୍ୟ କରୁଥାଇ, ଅନ୍ୟମାନଙ୍କ ଦ୍ୱାରା ମଧ୍ୟ ନିଜ ଭଳି କରାଇବା ଉଚିତ୍ ।

**ବିବରଣୀ :** ଅଜ୍ଞାନୀ ଭଳି କାର୍ଯ୍ୟ କରିବା ଉଚିତ୍ ନୁହେଁ, ମୁଁ ଜ୍ଞାନୀ ମୋର ଆଚରଣ ଅଲଗା, ମୋ କାର୍ଯ୍ୟ ସମସ୍ତଙ୍କ ଭଳି ହେବା ଉଚିତ୍ ନୁହେଁ କହିଲେ ଅଜ୍ଞାନୀମାନେ ଜ୍ଞାନ ଜାଣିବାକୁ ସୁଯୋଗ ନଥାଏ । ଉଦାହରଣ ସ୍ୱରୂପ ଜଣେ ଅଜ୍ଞାନୀଠାରେ କିଛି ପରିବର୍ତ୍ତନ ଆସିଲା । ଏ ଜୀବନ ଶାଶ୍ୱତ ନୁହେଁ, ଏବେ ମଧ୍ୟ ମୋ ପାଖରେ ସମୟ ଅଛି ଭାବି ସେ ଜ୍ଞାନ ଜାଣିବାକୁ ସ୍ଥିର କଲା ।

ତେଣୁ ଜ୍ଞାନ ଜାଣିବାକୁ ଆଧ୍ୟାତ୍ମିକ ଗ୍ରନ୍ଥ ପଢିବ କିମ୍ବା ଆଧ୍ୟାତ୍ମିକ ଜ୍ଞାନ ଜାଣିଥିବା ଗୁରୁମାନଙ୍କ ବାଣୀ ଶୁଣିବ । ତେଣୁ ସେହି ଚେଷ୍ଟାରେ ସେ ଜଣେ ବଡ ସ୍ୱାମୀଜୀ ଲେଖିଥିବା ଆଧ୍ୟାତ୍ମିକ ଗ୍ରନ୍ଥ କାଢି ପଢିବାକୁ ଲାଗିଲା । ସେଥିରେ "ଭଲକାର୍ଯ୍ୟ କରିବା ଭଲଲୋକଙ୍କ ଲକ୍ଷ୍ୟ, ଖରାପକାର୍ଯ୍ୟ କରିବା ଖରାପ ଲୋକଙ୍କ ଲକ୍ଷ୍ୟ, ଅଜ୍ଞାନୀମାନେ ଜ୍ଞାନ ଜାଣିନପାରି ନିଜ ଇଚ୍ଛାରେ କାର୍ଯ୍ୟକରି ପାପ ଅର୍ଜନ କରିଥାନ୍ତି, ସେମାନେ ନିଶ୍ଚୟ ନରକ ଯାତନା ଭୋଗିଥାନ୍ତି, ସେଭଳି ଲୋକମାନେ କେବେ ମଧ୍ୟ ଦୈବଜ୍ଞାନ ଜାଣିପାରନ୍ତି ନାହିଁ, ମୋକ୍ଷ ସେମାନଙ୍କ ଦ୍ୱାରା ଅସମ୍ଭବ" ବୋଲି ଲେଖାଯାଇଥିଲା । ଆଧ୍ୟାତ୍ମିକ ଗ୍ରନ୍ଥ ପଢି ନିଜ ଆଚରଣ ବଦଳାଇ, ଭଲକାର୍ଯ୍ୟ କରିବାକୁ ଦୃଢ ସଂକଳ୍ପ ନେଇ କାର୍ଯ୍ୟ କଲା । ଏମିତି କିଛିଦିନ ପରେ ସେ ଜଣେ ଗୁରୁଙ୍କ ପ୍ରବଚନ ଶୁଣିବାକୁ ସୁଯୋଗ ପାଇ, ଆଶକ୍ତିର ସହିତ ଶୁଣିଲା । ଗୁରୁ କହୁଥିଲେ..

"ମଣିଷ ଜ୍ଞାନୀ ହେବାପାଇଁ ତାର ଆଚରଣ ହିଁ ତାପାଇଁ ମୁଖ୍ୟ ଆୟୁଧ ଭଳି କାର୍ଯ୍ୟ କରିଥାଏ । କରୁଥିବା ଆଚରଣ ଅନୁସାରେ ମଣିଷ ଜ୍ଞାନୀ କିମ୍ବା ଅଜ୍ଞାନୀ ଭାବେ ଚିହ୍ନିତ ହୋଇଥାଏ । ଯେଉଁମାନେ ପାଠପଢାନ୍ତି ସେମାନଙ୍କୁ ଶିକ୍ଷକ କହୁଛେ, ଯେଉଁମାନେ ଚାଷ କରନ୍ତି ସେମାନଙ୍କୁ ଚାଷୀ କହୁଛେ, ଛୁରୀ ଧରି ଯିଏ ଡରାଏ ତାକୁ ଗୁଣ୍ଡା କହୁଛେ, ସେହିଭଳି ସତ୍ ଆଚରଣ ଯୁକ୍ତ ମଣିଷକୁ ଜ୍ଞାନୀ କହନ୍ତି । ବଡପାତ୍ରରେ ଥିବା କ୍ଷିରୀରେ ଟୋପାଏ ବିଷ ପଡିଗଲେ ଯେମିତି ତାହା ଖାଇବା ଯୋଗ୍ୟ ହୋଇନଥାଏ, ସେହିଭଳି ଯେତେବଡ ଜ୍ଞାନୀ ହେଲେ ମଧ୍ୟ ଛୋଟ ଭୁଲ୍ କରିଦେଲେ ସେ ଅଜ୍ଞାନୀରେ ପରିଗଣିତ ହୋଇଯାଏ, ତାକୁ ଜ୍ଞାନଭ୍ରଷ୍ଟ କହନ୍ତି ।" ଏପରି ଗୁରୁଙ୍କ ପ୍ରବଚନ ଶୁଣିବା ପରେ ଆଚରଣରେ ସତର୍କତା ଅବଲମ୍ବନ କରି, କୌଣସି କୁକାର୍ଯ୍ୟ ନକରି ସେ ଭଲକାର୍ଯ୍ୟ କରିବାକୁ ଲାଗିଲା । ତାଛଡା ନିଜକୁ ଜ୍ଞାନୀ ଭାବି ସନ୍ତୋଷକର ଜୀବନ ବିତାଇବାକୁ ଲାଗିଲା ।

ଏଇଭଳି ପରିସ୍ଥିତିରେ ବଞ୍ଚୁଥିବା ସେ ଲୋକଟି ଦିନେ ବିଧିବଶତଃ ଭୁଲ୍ କାର୍ଯ୍ୟଟିଏ କରିବସିଲା । ନିଜର ଇଚ୍ଛା ନଥିଲେ ମଧ୍ୟ ନିଜେ କାର୍ଯ୍ୟଟି କରିଦେବା ପରେ ଭୁଲ୍ କରିଦେଲି ବୋଲି ଭାବିବାକୁ ଲାଗିଲା । ପୂର୍ବ

ପାତ୍ରରେ ଟୋପାଏ ବିଷ ମିଶି ତାହା ଖାଇବା ଯୋଗ୍ୟ ନହେବା ଭଳି, ମୁଁ ସବୁ ଭଲ କାର୍ଯ୍ୟ କରୁଥାଇ ଏଇ ଛୋଟ ଭୁଲ୍ କାର୍ଯ୍ୟଟି କରି ଜ୍ଞାନର ଅନାର୍ହ୍ୟ ହୋଇଗଲି ଭାବି, ମୁଁ ସବୁବେଳେ ଭୁଲ୍ କରେ, ଭୁଲ୍ କରିବା ମୋର ଅଭ୍ୟାସ, ମୋଦ୍ୱାରା ଜ୍ଞାନ ଜାଣିବା କଦାପି ହେବନାହିଁ, ଏହିଭଳି ନିଜକୁ ନିଜେ ଘୋର ନିନ୍ଦାକଲା ଏବଂ ନିଜ ଭିତରେ କହିବାକୁ ଲାଗିଲା ଯେ, ମୋଭଳି ସଂସାରୀ ଦ୍ୱାରା ଦୈବମାର୍ଗରେ ଚାଲିବା ସମ୍ଭବ ନୁହେଁ, ସବୁକାର୍ଯ୍ୟ ଛାଡି ଗେରୁଆ ପିନ୍ଧି ରହୁଥିବା ଲୋକମାନଙ୍କ ଦ୍ୱାରା ସମ୍ଭବ, ତେଣୁ କେବେ ମଧ୍ୟ ମୁଁ ଜ୍ଞାନୀ ହୋଇ ପାରିବି ନାହିଁ, ପୂର୍ବେ ଯେମିତି ଥିଲି ସେମିତି ରହିବି ଭାବି ଶେଷରେ ପୁର୍ବ ଭଳି ବଞ୍ଚିବାକୁ ଲାଗିଲା ଏବଂ ନିଜକୁ ଅଜ୍ଞାନୀ ଭାବିଲା । ବାସ୍ତବରେ ଜ୍ଞାନ ବାହ୍ୟ ଆଚରଣରେ ନଥାଏ, ଅନ୍ତରଙ୍ଗ ବିଚାରରେ ଥାଏ ବୋଲି ନଜାଣି, ଜ୍ଞାନ ବୋଲି ନାଆଁଦେଇ ନୀତି ବୋଧ କରୁଥିବା ଗୁରୁଙ୍କ କଥା ଶୁଣି, ବାସ୍ତବ ଜ୍ଞାନ କଣ ନଜାଣି, ଜ୍ଞାନ ମାର୍ଗରେ ଆଉକିଛି ଚେଷ୍ଟା କରିବାକୁ ନଚାହିଁ, ମୋର ଆଉ ଜ୍ଞାନ ଦରକାର ନାହିଁ ବୋଲି ଭାବିଲା । ଏହି ବିଚାରକୁ ସେ ଲୋକଠାରେ ଅଣାଇଲା କିଏ ? ପ୍ରଶ୍ନକଲେ, କହିପାରିବା ଯେ, ସେହି ପ୍ରବଚନ କହୁଥିବା ଲୋକମାନେ, ଆଧ୍ୟାତ୍ମିକ ଗ୍ରନ୍ଥ ଲେଖୁଥିବା ଲୋକମାନେ ! ସେଥିଲାଗି ଜଣେ ଜ୍ଞାନୀ, ଅଜ୍ଞାନୀର ବୁଦ୍ଧିକୁ ଭ୍ରଷ୍ଟ କରାଇବା ଉଚିତ୍ ନୁହେଁ ବୋଲି ଭଗବାନ ଉପର ଶ୍ଳୋକରେ କହିଛନ୍ତି । ଭଲମନ୍ଦର ମିଳିତ କାର୍ଯ୍ୟ ସଂସାର ଭିତରେ ଥାଏ, ସଂସାରରେ ରହି ସାଂସାରୀକ କାର୍ଯ୍ୟ ନକରି କାର୍ଯ୍ୟକୁ ସନ୍ୟାସ ଦେଇ ରହିବା ଉଚିତ୍ କହିବା ଅପେକ୍ଷା, ସେହି କାର୍ଯ୍ୟଗୁଡିକ ଆମ ଇଚ୍ଛା ଅନୁସାରେ ନହୋଇ କର୍ମାନୁସାରେ ହେଉଛି ବୋଲି କହିବା ଉଚିତ୍ । ଅଜ୍ଞାନ ଦ୍ୱାରା ଆମେ କାର୍ଯ୍ୟ କରିବାକୁ ବାଧ୍ୟ ବୋଲି ଭାବିବା ଭୁଲ୍, ଏଭଳି ବୋଧକରି, କାର୍ଯ୍ୟ କରୁଥାଇ କାର୍ଯ୍ୟରୁ କର୍ମବନ୍ଧନରେ ନପଡିବା ସୂତ୍ର ବୋଧକରିବା ଉଚିତ୍ । ଭଲ ମନ୍ଦର ତାରତମ୍ୟ ଆମ ଦ୍ୱାରା ନିର୍ଣ୍ଣୀତ ହୋଇ ନଥାଏ, ଗତଜନ୍ମର କର୍ମ ଦ୍ୱାରା ନିର୍ଣ୍ଣୀତ ହୋଇ ରହିଥାଏ, ତେଣୁ ତା ଉପରେ ଦୃଷ୍ଟି ନଦେଇ କର୍ମାନୁସାରେ କାର୍ଯ୍ୟ କର କହିବା ଉଚିତ୍ । ଏହା ଜ୍ଞାନୀ ବା ଜ୍ଞାନ ଜାଣିଥିବା ଲୋକମାନଙ୍କ ପଦ୍ଧତି ବୋଲି କହିପାରିବା ।

ଆମେ କହିଥିବା ଭାବ ଠିକ୍ ନୁହେଁ ବୋଲି କେହି କହିପାରନ୍ତି । ଭଲମନ୍ଦ କାର୍ଯ୍ୟର ତାରତମ୍ୟକୁ ଛାଡି ସାଧାରଣ ଭାବରେ ଯାହାର କାର୍ଯ୍ୟ ଯାହା ସେ ତାହା କରିବା ଉଚିତ୍ କହିବା କଣ ବାସ୍ତବରେ ଜ୍ଞାନପଦ୍ଧତି ? ବୋଲି କିଛିଲୋକ ପଚାରି ପାରନ୍ତି । ଏହି ପ୍ରଶ୍ନର ସମାଧାନରେ ମୋ ତରଫରୁ ପରମାତ୍ମାଙ୍କର ଉତ୍ତର କଣ ତାହା ତଳ ଶ୍ଳୋକରେ ଦେଖନ୍ତୁ ।

**(୨) ଶ୍ଳୋକ,୨୭: ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।**
**ଅହଂକାର ବିମୁଢାତ୍ମା କର୍ତ୍ତାହମିତି ମନ୍ୟତେ ॥**

**(ପ୍ରକୃତି)**

**ଭାବାର୍ଥ :** ପ୍ରକୃତି ନିର୍ମାଣ ଅନୁସାରେ କର୍ମଦ୍ୱାରା ଜାତ ହେଉଥିବା ଗୁଣ ପ୍ରେରଣ ଯୋଗୁଁ ହେଉଥିବା ସମସ୍ତ କାର୍ଯ୍ୟକୁ ମୁଁ ନିଜେ କରୁଛି ବୋଲି ଅହଂକାର ଯୁକ୍ତ ଅଜ୍ଞାନୀ ଭାବିଥାଏ ।

**ବିବରଣୀ :** ପଞ୍ଚଭୂତରେ ତିଆରି ହୋଇଥିବା ଶରୀରର ଶିରୋଭାଗରେ ଏକ ଅଦୃଶ୍ୟ ନିର୍ମାଣ ରହିଛି । ତାହା ହିଁ ସମସ୍ତଙ୍କର ମୂଳ । ସେଥିରେ ବ୍ରହ୍ମ, କାଳ, କର୍ମ, ଗୁଣ ନାମକ ଚାରିଗୋଟି ଚକ୍ର ରହିଛି । ସେଥି ମଧ୍ୟରୁ କର୍ମଚକ୍ର ଏବଂ ଗୁଣଚକ୍ର ମଣିଷର ଅତିମୁଖ୍ୟ ଜ୍ଞାତବ୍ୟ ବିଷୟ । କର୍ମ ଚକ୍ରରେ ଜୀବ ଅତୀତରେ କରିଥିବା ପାପପୁଣ୍ୟସବୁ ଲିପିବଦ୍ଧ ହୋଇ ରହିଥାଏ, ତାହା କର୍ମ । ଏହି କର୍ମ ଅନୁସାରେ ଗୁଣ ଚକ୍ରର ତିନି ଭାଗରେ ଗୁଣ ପ୍ରେରଣ ଘଟିଥାଏ । ଗୁଣ ପ୍ରେରଣ ଅନୁସାରେ ବାହାରେ କାର୍ଯ୍ୟ ହୋଇଥାଏ ଅର୍ଥାତ୍ ଏକ କାର୍ଯ୍ୟ ହେବାଲାଗି କର୍ମଚକ୍ରର କର୍ମ କାରଣ ହେଲେ, ପ୍ରେରିତ ଗୁଣଗୁଡିକ ଦ୍ୱାରା କାର୍ଯ୍ୟ ହୋଇଥାଏ । କାର୍ଯ୍ୟ ହେବାପାଇଁ ଶରୀରରେ ଏକ ସୂତ୍ରବଦ୍ଧ ନିର୍ମାଣ ରହିଛି । ବାହାରେ ଘଟୁଥିବା କାର୍ଯ୍ୟ ଭଲ କି ମନ୍ଦ ତାହା ଭିତରର କର୍ମ ନିର୍ଣ୍ଣୟ ଅନୁସାରେ ଥାଏ । ଭିତରେ ଥିବା କର୍ମରୁ ପାପକର୍ମ ଆଚରଣରେ ଆସିବା ବେଳେ, ଜୀବ କଷ୍ଟନଷ୍ଟ ଅନୁଭବ କରିଥାଏ, ପୁଣ୍ୟକର୍ମ ଆଚରଣରେ ଆସିବାବେଳେ ଜୀବ ସୁଖସନ୍ତୋଷ ଅନୁଭବ କରିଥାଏ । ଏହିଭଳି ପାପପୁଣ୍ୟ ଆଚରଣକୁ ଆସିବା ବେଳେ, ଜୀବ ସୁଖ ଦୁଃଖ ଅନୁଭବ କରିବା ପଦ୍ଧତି ପ୍ରତି ଜୀବଠାରେ ନିର୍ମାଣ ହୋଇ ରହିଛି । ଏହାହିଁ ଦୈବ ନିର୍ମିତ ପ୍ରକୃତି ପଦ୍ଧତି । କର୍ମାନୁସାରେ କଷ୍ଟସୁଖକୁ

ଅନୁଭବ କରିବା ପାଇଁ ଗୁଣଗୁଡିକ ଦ୍ୱାରା ପ୍ରେରିତ ହୋଇଥିବା କାର୍ଯ୍ୟଗୁଡିଏ ମଣିଷ କରିବାକୁ ବାଧ୍ୟ ହୋଇଥାଏ । ବାହାରେ ମଣିଷ ଏକ କାର୍ଯ୍ୟ କରିବା ପାଇଁ ପ୍ରକୃତି ନିର୍ମିତ ଗୁଣ ହିଁ ମୁଖ୍ୟ କାରଣ ହୋଇ ରହିଥାଏ । ହେଉଥିବା କାର୍ଯ୍ୟ ଭଲ କି ମନ୍ଦ ତାହା ମୁଖ୍ୟ ନୁହେଁ, ତାର କାରଣ ହୋଇଥିବା କର୍ମ ଏବଂ ଗୁଣ ହିଁ ମୁଖ୍ୟ ହୋଇଥାଏ । ବାହାରର କାର୍ଯ୍ୟ ଯାହା ବି ହେଉ ସେଥିପାଇଁ ଭିତରର କର୍ମ ଏବଂ ଗୁଣ ମୂଳସୂତ୍ର ଭାବରେ ରହିଛି । କର୍ମ, ଗୁଣ ଦ୍ୱାରା ସମସ୍ତ କାର୍ଯ୍ୟ ହେଉଛି ବୋଲି ନଜାଣି ସବୁକିଛିର କାରଣ ମୁଁ, ମୋ ଦ୍ୱାରା ସବୁ କାର୍ଯ୍ୟ ହେଉଛି ବୋଲି ଜୀବ ଭାବିଥାଏ । ଅଜ୍ଞାନଭରା ଶରୀରରେ କେବଳ ଏକ ଭାଗ ହୋଇ, ଗୋଟିଏ ସ୍ଥାନରେ ନିବାସ କରୁଥିବା ଜୀବ ସାରା ଶରୀରର ଆକାରକୁ ମୁଁ ଭାବି ଅହଂଭାବ ପାଇଥାଏ । ତେଣୁ ଭଗବାନ ସ୍ୱତନ୍ତ୍ର ଭାବରେ ଏହି ଶ୍ଳୋକରେ କହିଛନ୍ତି ଯେ, "ପ୍ରକୃତି ନିର୍ମିତ କର୍ମ ଏବଂ ଗୁଣ ଅନୁସାରେ ହେଉଥିବା କାର୍ଯ୍ୟର କାରକ ମୁଁ ବୋଲି ଅହଂକାରୀ ଭାବିଥାଏ" । ଅହଂକାରୀ ପାଇଁ ଭଲମନ୍ଦର ଭେଦ ଏବଂ ପାପପୁଣ୍ୟ ରହିଛି ବୋଲି ଜାଣିବା ଉଚିତ୍ । ଜ୍ଞାନ ଜାଣିଥିବା ବ୍ୟକ୍ତି କଣ ଜାଣି, କିପରି ଋଲେ ତାହା ତଳ ଶ୍ଳୋକରେ ଦେଖିବା ।

**(୨) ଶ୍ଳୋକ,୨୮ :ତତ୍ତ୍ୱବିତ୍ତୁ ମହାବାହୋ ! ଗୁଣକର୍ମ ବିଭାଗୟୋଃ ।**
**ଗୁଣାଽଗୁଣେଷୁ ବର୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥**

**(କର୍ମଯୋଗ)**

**ଭାବାର୍ଥ :** ଯେଉଁମାନେ ତତ୍ତ୍ୱଜ୍ଞାନ ଜାଣିଥାନ୍ତି ସେମାନେ, କର୍ମ ଏବଂ ଗୁଣଭାଗ ଗୁଡିକୁ ଜାଣି, ଗୁଣଗୁଡିକ ଦ୍ୱାରା କାର୍ଯ୍ୟଗୁଡିକ ହୋଇଥାଏ ବୋଲି ଜାଣିଥାନ୍ତି ।

**ବିବରଣୀ :** ଆତ୍ମଜ୍ଞାନ ଜଣାଥିବା ଲୋକକୁ କର୍ମ କହିଲେ କ'ଣ, ଗୁଣ କହିଲେ କ'ଣ ମୁଖ୍ୟତଃ ଜଣାଥିବା ଉଚିତ୍ । କର୍ମ, ଗୁଣକୁ ଜାଣିଥିବା ଲୋକ ଆତ୍ମଜ୍ଞାନ ଜାଣିଥାଏ । ଆତ୍ମା ବିବରଣ ଜାଣିବାକୁ ହେଲେ, ଆତ୍ମା ନିବାସ କରୁଥିବା ଶରୀରର ବାବଦରେ ପ୍ରଥମେ ଜାଣିବା ଉଚିତ୍ । ଶରୀର ଏକ ଯନ୍ତ୍ର ଭଳି । ଶରୀରରେ ଗୋଟିକ ସହିତ ଗୋଟିଏ ଅନୁବନ୍ଧିତ ହୋଇ ରହିଥିବା ବିଷୟ ଏବଂ ଅନେକ ଭାଗ ରହିଛି । ଶରୀର ଯନ୍ତ୍ରାଙ୍ଗରେ ମୁଖ୍ୟ ହେଉଛି କର୍ମ ଏବଂ ଗୁଣ ।

ଏକ ଇଞ୍ଜିନ୍‌ରେ ଇଞ୍ଜିନ୍‌ର ଇନ୍ଧନ ତୈଳ ଯୋଗାଉଥିବା କାର୍ବୋରେଟର୍ ଏବଂ ତାର ସ୍ପିଡ୍ କଣ୍ଟ୍ରୋଲ୍ କରିବା ପାଇଁ ଥିବା ଗବର୍ନର ନାମକ ଉପକରଣ ଯେପରି ଅତି ମୁଖ୍ୟ, ସେହିଭଳି ଶରୀରଯନ୍ତ୍ରରେ କର୍ମ, ଗୁଣ ସେତିକି ମୁଖ୍ୟ ବୋଲି ଜାଣିବା ଉଚିତ୍ । ଗବର୍ନର୍ କାର୍ଯ୍ୟ କରିବା ବେଳେ ଇଞ୍ଜିନ୍ କାର୍ଯ୍ୟ କରିଥାଏ, ସେହିଭଳି ଶରୀରରେ କର୍ମ ଏବଂ ଗୁଣଗୁଡିକ କାର୍ଯ୍ୟ କରୁଥିବା ବେଳେ ଶରୀର କାର୍ଯ୍ୟ କରିଥାଏ । ଇଞ୍ଜିନ୍‌ରେ କାର୍ବୋରେଟର୍ ଅଲଗା, ଗବର୍ନର୍ ଅଲଗା, ପରିଚାଳିତ ହେଉଥିବା ପିଷ୍ଟନ୍ ଗୁଡିକ ଅଲଗା, ଚକଗୁଡିକ ଅଲଗା ବୋଲି ଜାଣିବା ବେଳେ କାହା ଦ୍ୱାରା ଇଞ୍ଜିନ୍ କାର୍ଯ୍ୟ କରୁଛି ଜଣାପଡିଥାଏ । ସେହିଭଳି ଶରୀରରେ କର୍ମ ଅଲଗା, ଗୁଣଗୁଡିକ ଅଲଗା, ଅବୟବଗୁଡିକ ମଧ୍ୟ ଅଲଗା ଅଲଗା ବୋଲି ଜାଣିବାବେଳେ ଶରୀର କାହା ଦ୍ୱାରା କାର୍ଯ୍ୟ କରେ ଜଣାପଡିଥାଏ ।

**ଜଣେ ମେକାନିକ୍‌କୁ ଯନ୍ତ୍ରର ସମସ୍ତ ବୃତ୍ତାନ୍ତ ଜଣାଥିବା ଭଳି, ଆତ୍ମଜ୍ଞାନ ଜଣାଥିବା ଲୋକକୁ ଶରୀରର ଗୁଣ ଏବଂ କର୍ମ ବାବଦରେ ସମ୍ପୂର୍ଣ୍ଣ ଜଣାଥାଏ** । ସେଭଳି କର୍ମ ଦ୍ୱାରା ଗୁଣ ପ୍ରେରିତ ହୋଇଥାଏ, ଗୁଣଗୁଡିକ ଦ୍ୱାରା ଶରୀର ପରିଚାଳିତ ହୋଇ ନାନା ପ୍ରକାରର କାର୍ଯ୍ୟ ହୋଇଥାଏ, କର୍ମ ଆଉ ଗୁଣଗୁଡିକ ଦ୍ୱାରା ଭଲ ଏବଂ ମନ୍ଦ କାର୍ଯ୍ୟ ହୋଇଥାଏ ସିନା, ଜୀବ କୌଣସି କାର୍ଯ୍ୟର କାରଣ ନୁହେଁ, ସେ କେବଳ ଶରୀରରେ ତଟସ୍ଥ ଭାବରେ ରହିବା ଉଚିତ୍ ବୋଲି ଭାବି ଜଣେ ବ୍ୟକ୍ତି କାର୍ଯ୍ୟ କରିବାବେଳେ, କାର୍ଯ୍ୟ ଉପରେ ଆଶକ୍ତିହୀନ ହୋଇ କାର୍ଯ୍ୟ କରି ପାରେ, ତାଛଡା ସେ ଶରୀରର ଏକ ଭାଗ ହୋଇଥିବା ଜୀବ ସିନା, ସାରାଶରୀର ନୁହେଁ ବୋଲି ଜାଣି ନିରହଂକାର ଭାବେ କାର୍ଯ୍ୟ କରିଥାଏ ।

**(୨) ଶ୍ଳୋକ,୨୯ : ପ୍ରକୃତେର୍ଗୁଣସମ୍ମୁଢାଃ ସଜ୍ଜନ୍ତେ ଗୁଣକର୍ମସୁ ।**
**ତାନକୃତ୍ସ୍ନବିଦୋ ମନ୍ଦାନ୍‌କୃତ୍ସ୍ନବିନ୍ନ ବିଚାଲୟେତ୍ ॥**

**(ପ୍ରକୃତି)**

**ଭାବାର୍ଥ :** ପ୍ରକୃତିଜ ଗୁଣରେ ଛନ୍ଦି ହୋଇଥିବା ମଣିଷପାଇଁ ସେହି ଗୁଣ ହିଁ

କର୍ମାନୁସାରେ କାର୍ଯ୍ୟରେ ଆଶକ୍ତି ଜନ୍ମାଇଥାଏ । ଜ୍ଞାନୀମାନେ ସେଭଳି ଅଜ୍ଞାନୀ ମାନଙ୍କୁ ଭ୍ରାନ୍ତିରେ ପକାଇବା ଉଚିତ୍ ନୁହେଁ ।

**ବିବରଣୀ :** କର୍ମ ପ୍ରେରଣ ଦ୍ୱାରା ଗୁଣରାଜି ଅନୁସାରେ କାର୍ଯ୍ୟ ହେବା ସର୍ବ ଜୀବରାଶି ପାଇଁ ନିର୍ମିତ ହୋଇଥିବା ପ୍ରକୃତି ଧର୍ମ । ପୋଡିବା ନିଆଁର ଧର୍ମ, ସ୍ୱର ଗୀତର ଧର୍ମ, ସେହିଭଳି ମାନବ ପାଇଁ କର୍ମାନୁସାରେ ଗୁଣ ଦ୍ୱାରା କାର୍ଯ୍ୟହେବା ଧର୍ମ । **କଥାଠାରୁ ଶବ୍ଦକୁ ଯେପରି ଅଲଗା କରିପାରିବା ନାହିଁ, ଗୀତରୁ ସ୍ୱରକୁ ଯେପରି ଅଲଗା କରିପାରିବା ନାହିଁ, ସେହିପରି କର୍ମବଦ୍ଧ ମାନବକୁ, ସେହି କର୍ମ ପ୍ରେରଣ ଦ୍ୱାରା ଜାତ ହେଉଥିବା ଗୁଣ ଗୁଡିକଠାରୁ ଅଲଗା କରିପାରିବା ନାହିଁ । ଏହା ହିଁ ଭଗବଦ୍ଗୀତାରେ ଭଗବାନ ଜଣାଇଥିବା ମୁଖ୍ୟ ପ୍ରକୃତିଧର୍ମ** । ଏହି ଧର୍ମ ଅନୁସାରେ ଜ୍ଞାନୀ ହେଉ କି ଅଜ୍ଞାନୀ ହେଉ ନଚଳି ରହିପାରିବ ନାହିଁ ।

ଏକ ଜୀବନରେ ଅନେକ ଘଟଣାଯୁକ୍ତ ଚଳଚିତ୍ରକୁ ତିନିଘଣ୍ଟା କାଳ ବସି ଆମେ ଦେଖୁଛେ । ଗୋଟିଏ ଜୀବନରେ ଘଟିଥିବା ଅନେକ ଦୁଃଖଦ, ସୁଖଦ, ହାସ୍ୟାଦି ନାନା ଘଟଣା ସିନେମାରେ ରହିଥାଏ । ଏସବୁ ଆଗରେ ଥିବା ଧଳା ପରଦା ଉପରେ ଆମେ ଦେଖୁଛେ । ସେହି ଧଳା ପରଦାରେ ଏହି ଘଟଣାଗୁଡିକ ଦେଖାଯିବାର କାରଣ ହେଉଛି ପ୍ରୋଜେକ୍ଟର୍‌ର ଫିଲ୍ମ (ରିଲ୍) । ଚଳଚିତ୍ରର ଘଟଣାଗୁଡିକ ଫିଲ୍ମରେ ସୂକ୍ଷ୍ମ ଭାବରେ ମୁଦ୍ରିତ ହୋଇ ରହିଥାଏ, ସେଗୁଡିକ ଚିତ୍ରିତ ହୋଇଥିବା କ୍ରମ ଅନୁସାରେ ପରଦା ଉପରେ ପ୍ରୋଜେକ୍ଟର୍ ଦ୍ୱାରା ବଡ ବଡ ଦେଖାଯାଇଥାଏ । ସିନେମା ହଲ୍‌ରେ (ପ୍ରେକ୍ଷାଳୟରେ) ଗୋଟିଏ ସିନେମା ଆମେ ଦେଖିବାକୁ ହେଲେ ସେଥିପାଇଁ ପ୍ରଥମେ ଆବଶ୍ୟକ ହୋଇଥାଏ ଫିଲ୍ମ, ତାପରେ ପ୍ରୋଜେକ୍ଟର୍, ତୃତୀୟରେ ପରଦା । ସେହିଭଳି ଏକ କାର୍ଯ୍ୟ ହେବାକୁ ହେଲେ ପ୍ରଥମେ କର୍ମ, ଦ୍ୱିତୀୟରେ ଗୁଣରାଜି, ତୃତୀୟରେ କର୍ମେନ୍ଦ୍ରିୟ ଗୁଡିକ ଆବଶ୍ୟକ ହୋଇଥାଏ ।

ଯେଉଁଭଳି ଫିଲ୍ମ ନଥିଲେ ସିନେମା ଦେଖିପାରିବା ନାହିଁ, ସେହିଭଳି କର୍ମ ନଥିଲେ ଜୀବନ ବଞ୍ଚିପାରିବା ନାହିଁ । ଫିଲ୍ମ କାରଣରୁ ସିନେମା ଥିବା ଭଳି, କର୍ମ କାରଣରୁ ଜୀବନଟି ବିତିଥାଏ । ଫିଲ୍ମରେ ଯେଉଁ ଘଟଣାଗୁଡିକ ସୂକ୍ଷ୍ମ

ଭାବରେ ମୁଦ୍ରିତ ହୋଇଥାଏ, ତାହା ପରଦା ଉପରେ ଦେଖାଯିବା ନିରାଟ ସତ୍ୟ, କିନ୍ତୁ କର୍ମରେ ଯାହା ରେକର୍ଡ ହୋଇ ରହିଛି, ତାହା କର୍ମେନ୍ଦ୍ରିୟ ହୋଇଥିବା ହାତ, ଗୋଡ, ମୁଖାଦି ଦ୍ୱାରା କାର୍ଯ୍ୟରେ ପରିଣତ ହେବା କଥାଟି ମଧ୍ୟ ଏହି ଜଗତରେ କାହାକୁ ଜଣା ନଥିବା ଏକ ରହସ୍ୟ ବା ସତ୍ୟ । ସିନେମା ହଲ୍, ଫିଲ୍ମ, ପ୍ରୋଜେକ୍ଟର୍, ପରଦା ଇତ୍ୟାଦି ଆମକୁ ଜଣାପଡିଥାଏ, କିନ୍ତୁ କର୍ମ, ଗୁଣରାଜି, କର୍ମେନ୍ଦ୍ରିୟ, ସମ୍ପୂର୍ଣ୍ଣ ଶରୀର ବାବଦରେ ଆମକୁ ଜଣା ନଥାଏ । ତେଣୁ ଶରୀରରେ ଯାହା କର୍ମ ଥାଏ ତାହା କିପରି କାର୍ଯ୍ୟରୂପ ନିଏ ବୋଲି ଆମେ ଜାଣିପାରୁ ନାହେଁ । ଆମକୁ ଜଣାଥାଉ ବା ନଥାଉ ଫିଲ୍ମର ଚିତ୍ର ପରଦା ଉପରେ ପଡି ଖେଳିବା ଭଳି, କର୍ମରେ ଥିବା ଘଟଣାମାନ କର୍ମେନ୍ଦ୍ରିୟ ଗୁଡିକ ଦ୍ୱାରା ନିଶ୍ଚୟ ଭାବରେ କାର୍ଯ୍ୟରୂପ ଧାରଣ କରିଥାଏ । ଏକଥା ଅନେକଙ୍କୁ ଜଣା ନଥାଏ । ତେଣୁ ସେମାନେ ହେଉଥିବା କାର୍ଯ୍ୟକୁ ଦେଖିପାରୁଛନ୍ତି ସିନା, ପଛରେ ଥିବା କର୍ମକୁ ଦେଖିପାରୁ ନାହାନ୍ତି ।

| **ପ୍ରେକ୍ଷାଳୟରେ ଚିତ୍ର ପଦ୍ଧତି** | **ଶରୀରରେ ଜୀବନ ପଦ୍ଧତି** |
|---|---|
| **ଫିଲ୍ମ** | **କର୍ମ** |
| ↓ | ↓ |
| **ପ୍ରୋଜେକ୍ଟର୍** | **ଗୁଣରାଜି** |
| ↓ | ↓ |
| **ପରଦା** | **କର୍ମେନ୍ଦ୍ରିୟ** |
| ↓ | ↓ |
| **ଅନୁଭୂତି ପ୍ରାପ୍ତ (ଦେଖଣାହାରୀ)** | **ଅନୁଭୂତି ପ୍ରାପ୍ତ ଜୀବ** |

ବାହ୍ୟତଃ ହେଉଥିବା କାର୍ଯ୍ୟଗୁଡିକୁ ଭଲ ବା ମନ୍ଦ ଭେଦରେ ଦୁଇ ପ୍ରକାରର ବିଭାଜନ କରିପାରିବା । କାର୍ଯ୍ୟ ଭଲହେଉ ବା ମନ୍ଦ ତାହା ଭିତରେ ଥିବା କର୍ମ କାରଣରୁ ହୋଇଥାଏ । ଯାହା ଫିଲ୍ମରେ ଥାଏ ତାହା ପରଦା ଉପରେ ପଡିବା ଭଳି, ଯାହା କର୍ମରେ ଥାଏ ତାହା କର୍ମେନ୍ଦ୍ରିୟଗୁଡିକ ଦ୍ୱାରା କାର୍ଯ୍ୟରେ

ପରିଣତ ହୋଇଥାଏ । ଭିତରେ ଥିବା କର୍ମ ଭଲ ହୋଇଥିଲେ ଭଲକାର୍ଯ୍ୟ, ଖରାପ ହୋଇଥିଲେ ଖରାପକାର୍ଯ୍ୟ ମଣିଷ ଦ୍ୱାରା ଅବଶ୍ୟ ହୋଇଥାଏ । ଏକଥା ଯେଉଁମାନେ ଜାଣି ନଥାନ୍ତି ସେମାନେ ଜଣେ ଚୋରକୁ ଦେଖି ତୁ ଖରାପ କାର୍ଯ୍ୟ କରୁଛୁ, ସେ କାର୍ଯ୍ୟ କର୍ ନାହିଁ ବୋଲି କହିଲେ ମଧ୍ୟ, ସେତେବେଳେ ଚୋରିକାର୍ଯ୍ୟ କରିବି ନାହିଁ, ଏହା ଦ୍ୱାରା ମୋର ପାପ ହେବ ବୋଲି ସେ ଭାବିଲେ ମଧ୍ୟ, ଦ୍ୱିତୀୟ ଥର ତାଦ୍ୱାରା ସେହି କର୍ମ ହେବାକୁ ଥିଲେ ସେ ନିଶ୍ଚୟ ପୁଣି ଥରେ ଚୋରି କରିବ । ଏଭଳି ଚୋରିକାର୍ଯ୍ୟ ଆଉ କରିବି ନାହିଁ ବୋଲି ସେ ଚୋର ଭାବିଲେ ମଧ୍ୟ ପୁଣି ତାଦ୍ୱାରା ସେହି ଚୋରିକାର୍ଯ୍ୟ ହେବାବେଳେ; ଆହା କଣ କଲି ! ସବୁଜାଣି ପୁଣି ସେହି ଚୋରିକାର୍ଯ୍ୟ କଲି ! ! **"ମୋଦ୍ୱାରା ଭଲମଣିଷ ହେବା ସମ୍ଭବ ନୁହେଁ"** ବୋଲି ଚିନ୍ତିତ ହୋଇଯିବ । ତେଣୁ ଜାଣିଥିବା ଲୋକମାନେ କର୍ମ ରହସ୍ୟକୁ ନଜଣାଇ, ଭଲ ମନ୍ଦର ଭେଦକୁ ଜଣାଇ କାହାକୁ ଭ୍ରାନ୍ତ ଧାରଣା ଦେବା ଉଚିତ୍ ନୁହେଁ । କର୍ମସିଦ୍ଧାନ୍ତ ଆଉ ଦେହର ଧର୍ମକୁ ଜଣାଇ, କର୍ମ ବଦଳିଲେ କାର୍ଯ୍ୟ ମଧ୍ୟ ବଦଳିଥାଏ ବୋଲି ଜଣାଇ, କର୍ମବନ୍ଧନରେ ନପଡିବା ଉପାୟ ଜଣାଇବା ଉଚିତ୍ ସିନା, କାର୍ଯ୍ୟକୁ ନେଇ ଚିନ୍ତାରେ ପଡିବା ଭଳି କରିବା ଉଚିତ୍ ନୁହେଁ । ତେଣୁ ଏହି ବିଷୟକୁ ଭଗବାନ ଉପର ଶ୍ଳୋକରେ ଜଣାଇ ଦେଇଛନ୍ତି । ତାହା ହତ୍ୟା, ତାଦ୍ୱାରା ପାପହୁଏ, କରୁଥିବା କାର୍ଯ୍ୟ ଉଚିତ କାର୍ଯ୍ୟ ନୁହେଁ ବୋଲି ଚିନ୍ତା କରୁଥିବା ଅର୍ଜୁନଙ୍କୁ, କାର୍ଯ୍ୟ ଚିନ୍ତା ଛାଡି କର୍ମବନ୍ଧନରେ ନପଡିବା ଭଳି ଯୁଦ୍ଧରେ ନିୟୋଜିତ ହେବାପାଇଁ ତଳ ଶ୍ଳୋକରେ କହିଛନ୍ତି ।

**(୨) ଶ୍ଳୋକ,୩୦ : ମୟି ସର୍ବାଣି କର୍ମାଣି ସନ୍ୟାସ୍ୟାଧ୍ୟାତ୍ମଚେତସା ।**
**ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥**

**(କର୍ମଯୋଗ)**

**ଭାବାର୍ଥ :** ସର୍ବ କର୍ମକୁ ମୋଠାରେ ସନ୍ନ୍ୟାସ ଦେଇ, ଆଧ୍ୟାତ୍ମିକ ଚିନ୍ତା କରୁଥାଇ, ରାଜ୍ୟାକାଂକ୍ଷା, ମୋର, ମୋଲୋକ ଇତ୍ୟାଦି ମୋହାଦି ଗୁଣଗୁଡିକୁ ବିନାଶ କରି, ତୋଠାରେ ଆସିଥିବା ତାପକୁ ଛାଡି ଯୁଦ୍ଧକର୍ ।

**ବିବରଣୀ :** ଏଠାରେ ଭଗବାନ "ସର୍ବକର୍ମ' ବୋଲି କହିବାରେ କି ବିଶେଷତା ରହିଛି ସମସ୍ତେ ବୁଝିବା ଉଚିତ୍ । ପାପ ହେଉଥିବା ଖରାପ କାର୍ଯ୍ୟକୁ ଏବଂ ପୁଣ୍ୟ

ମିଳୁଥିବା ଭଲ କାର୍ଯ୍ୟକୁ ମିଶାଇ ସର୍ବକାର୍ଯ୍ୟ ଏବଂ ତାର ଫଳକୁ ସର୍ବକର୍ମ ବୋଲି କହିଛନ୍ତି । ଗତ ଜନ୍ମର କର୍ମ ପ୍ରାରବ୍ଧ ହେବାବେଳେ, ତାର କ୍ରମ ଅନୁସାରେ ଯେଉଁ କାର୍ଯ୍ୟ ଯେତେବେଳେ ହେବାକୁ ଥିବ ତାହା ନିଶ୍ଚୟ ହେବ । ହେଉଥିବା କାର୍ଯ୍ୟରେ ଜୀବ ଅହଂକାର ଯୁକ୍ତ ହେଉଥିବାରୁ, ପୁନର୍ବାର ସେହି କାର୍ଯ୍ୟ ନୂଆକର୍ମ ହୋଇଥିବା ଆଗାମୀ କର୍ମରେ ବଦଳି ମୁଣ୍ଡରେ ପ୍ରବେଶ କରିଥାଏ । ଏହି ନୂଆକର୍ମ ଆମ ମୁଣ୍ଡରେ ପ୍ରବେଶ ନ କରାଇବାକୁ ହେଲେ କର୍ମଯୋଗ ନାମକ ଧର୍ମ ଆଚରଣ କରିବା ଏକମାତ୍ର ଉପାୟ ରହିଛି । ତାହା ସହଜରେ ବୁଝିବାକୁ ହେଲେ ଭଗବାନ କର୍ମକୁ ମୋପାଖରେ ରଖି କାର୍ଯ୍ୟକର୍ କହିଛନ୍ତି । କାର୍ଯ୍ୟ କରିବାରେ ଆଶା କିମ୍ବା ମୋହଭାବକୁ ଛାଡିବାକୁ କହିଛନ୍ତି । ଏପରି କଲେ ତୁ ଯୁଦ୍ଧ କରି ମଧ୍ୟ କର୍ମବନ୍ଧନରେ ପଡିବୁ ନାହିଁ ବୋଲି କହିଛନ୍ତି ।

**(୨) ଶ୍ଳୋକ,୩୧ : ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।**
**ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ॥**
**(କର୍ମଯୋଗ, ଜୀବାତ୍ମା)**

**ଭାବାର୍ଥ :** ଯିଏ ମୁଁ କହିଥିବା ପଦ୍ଧତିକୁ ପସନ୍ଦ କରି, ସମ୍ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ହୋଇ ଘୃଣା ନକରି ଅନୁସରଣ କରେ ସେ କର୍ମବନ୍ଧନରେ ପଡେ ନାହିଁ ।

**ବିବରଣୀ :** ଘଟୁଥିବା କାର୍ଯ୍ୟର କାରଣ କର୍ମ, କାର୍ଯ୍ୟ ନ କରିବାକୁ ଚେଷ୍ଟାକଲେ ମଧ୍ୟ କିଛି ଲାଭ ନାହିଁ ବୋଲି ଜାଣି, କର୍ମରୁ ବଞ୍ଚିତ ହେବା ବାଟକୁ ବା ମୁଁ କହୁଥିବା ପଦ୍ଧତିକୁ ସ୍ୱୀକାର କରି, ମୁଁ କହିଥିବା ଜ୍ଞାନ ଅନୁସାରେ ଶ୍ରଦ୍ଧାରଖି, ଭଲ ହେଉ କି ଖରାପ ହେଉ ମୋ ପ୍ରାରବ୍ଧ କର୍ମ ଅନୁସାରେ ସବୁକାର୍ଯ୍ୟ ହେଉଛି ଭାବି, ସେଥିଲାଗି କୌଣସି ଚିନ୍ତା ନକରି, କର୍ମବନ୍ଧନରେ ନପଡିବା ଭଳି ଯେଉଁମାନେ କାର୍ଯ୍ୟ କରିଥାନ୍ତି, ସେମାନେ ହିଁ ପ୍ରକୃତ କର୍ମଯୋଗୀ, ସେମାନେ କର୍ମ ବନ୍ଧନରେ ପଡି ନଥାନ୍ତି ।

**(୨) ଶ୍ଳୋକ,୩୨ : ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।**
**ସର୍ବଜ୍ଞାନବିମୂଢଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ॥**
**(କର୍ମଯୋଗ, ଜୀବାତ୍ମା)**

**ଭାବାର୍ଥ :** ଯିଏ ମୋର ପଦ୍ଧତି ଉପରେ ଘୃଣ୍ୟଭାବ ରଖି ଅନୁସରଣ ନକରେ, ସେ ମୁଁ କହିଥିବା ସମସ୍ତ ଜ୍ଞାନକୁ ନଜାଣି, ମୂଢହୋଇ ଜ୍ଞାନମାର୍ଗରେ ସମ୍ପୂର୍ଣ୍ଣ ନଷ୍ଟ ବରଣ କରିଥାଏ ।

**ବିବରଣୀ :** ସାଧାରଣତଃ ସମସ୍ତେ କାର୍ଯ୍ୟର ଭଲ, ମନ୍ଦ ଉପରେ ଭିନ୍ନତା ଦେଖିଥାନ୍ତି, ସେମାନଙ୍କୁ ଜ୍ଞାନ ଜଣା ନଥାଇ, କାର୍ଯ୍ୟ କିପରି ହେଉଛି ତାର ବିଧି ମଧ୍ୟ ଜଣାନଥିବା ବେଳେ, ଖରାପକୁ ଘୃଣା କରିବା ସାଧାରଣ କଥା ହୋଇଯାଏ । ଭଲକାର୍ଯ୍ୟକୁ, ମନ୍ଦକାର୍ଯ୍ୟକୁ ସମାନ ଭାବି, କୌଣସି କାର୍ଯ୍ୟରୁ କର୍ମବନ୍ଧନରେ ନପଡିବା ଭଳି ଉପାୟ ଥିବାବେଳେ, କେତେକଙ୍କୁ ତାହା ଠିକ୍ ନଲାଗି, ପସନ୍ଦ ନହୋଇ, ସେହି ଉପାୟ କହିଥିବା ବ୍ୟକ୍ତିକୁ ଘୃଣା କରିବାର ଆଶଂକା ରହିଛି । ଏଭଳି ବ୍ୟକ୍ତିମାନଙ୍କୁ ଭଗବାନ କହିଥିବା ଜ୍ଞାନ ପସନ୍ଦ ନହୋଇ ସେମାନେ ଆତ୍ମଜ୍ଞାନଠାରୁ ଦୂରେଇ ଯାଇଥାନ୍ତି । ପ୍ରକୃତିଜ୍ଞାନ ସେମାନଙ୍କୁ ମହାନ ବୋଧ ହୋଇ, ଜ୍ଞାନମାର୍ଗରେ ପୁରୋଗତି କରୁଛୁ ବୋଲି ଭାବିବା ଭଳି କରି ଜ୍ଞାନଭ୍ରଷ୍ଟ କରିଥାଏ । ତାଆରି ମାର୍ଗ ତାକୁ ମହାନ ବୋଧ ହେବାଭଳି କରିଥାଏ, ସେ ବାସ୍ତବରେ ଜ୍ଞାନହୀନ ହୋଇଯାଏ ।

**(୨) ଶ୍ଲୋକ,୩୩: ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।**
**ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ॥**

**(ପ୍ରକୃତି)**

**ଭାବାର୍ଥ :** ଜ୍ଞାନୀ ହେଲେ ମଧ୍ୟ ତାର ଗତଜନ୍ମ ସଂସ୍କାର ଅନୁସାରେ ତାକୁ ଚାଲିବାକୁ ହୁଏ । ଅନ୍ୟ ଜୀବରାଶି ମଧ୍ୟ ନିଜ ନିଜର କର୍ମ ଅନୁସାରେ ଚାଲିଥାନ୍ତି, ଫଳ ମଧ୍ୟ ପାଇଥାନ୍ତି । ମୁଁ ଏଭଳି ଚାଲିବି ନାହିଁ ବୋଲି ନିଗ୍ରହ ହେବା କାହାର ମଧ୍ୟ କାର୍ଯ୍ୟରେ ପରିଣତ ହୋଇନଥାଏ ।

**ବିବରଣୀ :** ଚଳଚିତ୍ର ପ୍ରଦର୍ଶନରେ ଫିଲ୍ମର ପ୍ରାଧାନ୍ୟତା ଯେତିକି ଅଛି, ଜୀବର ଜୀବନରେ କର୍ମର ପ୍ରାଧାନ୍ୟତା ମଧ୍ୟ ସେତିକି ଅଛି ବୋଲି ଆମେ ଜାଣିଲେ । ଫିଲ୍ମ ଅନୁସାରେ ଚିତ୍ର ଏବଂ ଘଟଣାସବୁ ସିନେମାରେ ଥାଏ । ଫିଲ୍ମକୁ ନ ବଦଳାଇ ସିନେମାକୁ ବଦଳାଇବା ଯେପରି ଅସାଧ୍ୟ, ସେହିଭଳି ମାନବର କାର୍ଯ୍ୟକୁ

ବଦଳାଇବା ମଧ୍ୟ ଅସାଧ୍ୟ । ଧର୍ମ ଅନୁସାରେ ପ୍ରତି ଜୀବରାଶି କର୍ମାନୁସାରେ ବଞ୍ଚିବାକୁ ପଡିବ । ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ଦେବତାମାନେ ମଧ୍ୟ କର୍ମକୁ ଅତିକ୍ରମ କରି ଚାଲିପାରିବେ ନାହିଁ । ସେମାନେ ମଧ୍ୟ ସେମାନଙ୍କର ଥିବା କର୍ମକୁ ନିଶ୍ଚୟ ଅନୁଭବ କରିଥାନ୍ତି । ମନୁଷ୍ୟ ଜ୍ଞାନୀ ହେଲେ ମଧ୍ୟ ତାର ଗତଜନ୍ମ ଗୁଡିକର କର୍ମ ପ୍ରାରବ୍ଧ ହୋଇ ଏ ଜନ୍ମରେ ଆସିଥାଏ । ତାହା ଅନୁଭବ କରିବାକୁ ଥିବା କର୍ମ ହୋଇଥିବାରୁ ସେ ନିଶ୍ଚୟ ଅନୁଭବ କରିଥାଏ । ଜ୍ଞାନୀ ହେଲେ ମଧ୍ୟ ନିଜର ଆଚରଣ ନିଜ ହାତରେ ନଥାଏ, କର୍ମ ଅନୁସାରେ ନିର୍ଣ୍ଣୀତ ହୋଇ ରହିଥାଏ । ମହାନ ଜ୍ଞାନୀ ହେଲେ ମଧ୍ୟ ପ୍ରାରବ୍ଧ ଅନୁସାରେ ବେଳେବେଳେ ଭୁଲ୍ ବା ଖରାପ କାର୍ଯ୍ୟ କରି ପାରନ୍ତି ଅଥବା ପ୍ରତିଦିନ ନୀଚବୃତ୍ତିରେ ବଞ୍ଚିଥାନ୍ତି । କର୍ମାନୁସାରେ ବାହ୍ୟତଃ ହେଉଥିବା କାର୍ଯ୍ୟଗୁଡିକୁ ଦେଖି ଜ୍ଞାନ ଜାଣିନଥିବା ଲୋକମାନେ ତାକୁ ଅଜ୍ଞାନୀ କହିଲେ ମଧ୍ୟ, ଜାଣିଥିବା ଲୋକମାନଙ୍କ ନଜରରେ ସେ ଜ୍ଞାନୀ । ଭଗବାନ କହିଥିବା ଏହି ପଦ୍ଧତି ଅନେକଙ୍କୁ ବୁଝାପଡେ ନାହିଁ । କର୍ମ ଜ୍ଞାନ ଜାଣିନଥିବା ଲୋକମାନେ କେବଳ କାର୍ଯ୍ୟକୁ ଦେଖି, ଅନ୍ୟମାନଙ୍କୁ ଭୁଲ୍ ବୁଝନ୍ତି । ସେଭଳି ଲୋକମାନଙ୍କ ପାଖରେ ଭଗବଦ୍ଗୀତା ଅହର୍ନିଶି ଥିଲେ ମଧ୍ୟ, ସେଥିରେ ଥିବା ଭାବଠାରୁ ସେମାନେ ଦୂରରେ ଥାଆନ୍ତି ।

ଜ୍ଞାନୀ ହେଲେ ମଧ୍ୟ ନିଜ ପୂର୍ବଜନ୍ମ କର୍ମ ଅନୁସାରେ ନଚାଲି କେହି ରହିପାରିବେ ନାହିଁ । ଏହା ଭଗବାନ କହିଛନ୍ତି, ତେଣୁ କେହି ଭୁଲିବା ଉଚିତ୍ ନୁହେଁ । ମହାଜ୍ଞାନୀ କର୍ମଯୋଗୀମାନେ ମଧ୍ୟ ନିଜର କର୍ମ ଅନୁସାରେ ଚାଲୁଥିବା ବେଳେ, ସାଧାରଣ ମଣିଷ କର୍ମକୁ କଣ ଟାଳିପାରିବ ? ନିଜର ଧର୍ମ ଅନୁସାରେ କର୍ମ କାହାକୁ ଛାଡିବ ନାହିଁ । ତା ତାଲିକାରେ ଯାହାସବୁ ରହିଛି ସେହି ଅନୁସାରେ ସେ ସମସ୍ତଙ୍କୁ ନିଶ୍ଚୟ ଖେଳାଇବ । ତେଣୁ ଜ୍ଞାନୀହେଉ କି ସାଧାରଣ ମଣିଷ ହେଉ କର୍ମାନୁସାରେ ଯେଉଁ ବୃତ୍ତିରେ ଚାଲିବାକୁ ଥିବ, ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବାକୁ ହେବ ତାହାହିଁ କରିବାକୁ ବାଧ୍ୟ ହୋଇଥାଏ । ତା ନଭାବି ଏକାର୍ଯ୍ୟ ଭଲ ନୁହେଁ, ମୁଁ ଏକାର୍ଯ୍ୟ କରିବି ନାହିଁ, ସେ କାର୍ଯ୍ୟ କରିବା ଅବିବେକ ଭାବିଲେ ମଧ୍ୟ, ତାର କର୍ମ ନିଗ୍ରହ ତାର କର୍ମ ଆଗରେ କିଛି କାର୍ଯ୍ୟ କରିବ ନାହିଁ ବୋଲି ଜାଣିବା ଉଚିତ୍ । କେତେକ ଖରାପ କାର୍ଯ୍ୟ କରନ୍ତୁ ନାହିଁ ଭଲ କାର୍ଯ୍ୟ

କରନ୍ତୁ ବୋଲି  ବେଦିକା ଚଢି ବଡ ବଡ ଭାଷଣ ଦେଇ ହୀତବୋଧ କରିଥାନ୍ତି, ଅଥଚ କହୁଥିବା ଲୋକମାନେ ମଧ୍ୟ ନିଜେ ଖରାପ କାର୍ଯ୍ୟ କରିଥାନ୍ତି । ଏସବୁର କାରଣ କର୍ମବୋଲି ଜାଣିବା ଦରକାର । କହୁଥିବା, କୁହାଉଥିବା ଲୋକମାନେ ମଧ୍ୟ ଥିବା କର୍ମକୁ ଟାଳିପାରନ୍ତି ନାହିଁ । ଏହା ଦୈବଶାସନ, ଐଶ୍ୱରୀୟ ନିୟମ ବା ଭଗବାନ କହିଥିବା ଧର୍ମ ।

ଏପର୍ଯ୍ୟନ୍ତ କୁହାଯାଇଥିବା ଭାବର ସମ୍ପୂର୍ଣ୍ଣ ଭିନ୍ନ ଭାବ ଥିବା ଭଳି ତଳ ଶ୍ଳୋକଟି ଆପଣମାନଙ୍କୁ ଭ୍ରମିତ କରିପାରେ । ଏହି ପରିସ୍ଥିତିରେ ବୁଦ୍ଧିକୁ ସମ୍ପୂର୍ଣ୍ଣ ଉପଯୋଗ କରି ଦେଖିବା ଉଚିତ୍ ।

**(୨) ଶ୍ଳୋକ,୩୪ : ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ  ରାଗଦ୍ୱେଷୌ ବ୍ୟବସ୍ଥିତୌ ।**
**ତୟୋର୍ନ ବଶମାଗଚ୍ଛେତୌ ହ୍ୟସ୍ୟ ପରିପନ୍ଥିନୌ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ପ୍ରତି ଇନ୍ଦ୍ରିୟ ବିଷୟରେ ରାଗ ଦ୍ୱେଷ ରହିଛି, ସେହି ରାଗ ଦ୍ୱେଷ ଆଗରେ ମଣିଷ ବଶୀଭୂତ ହେବା ଉଚିତ୍ ନୁହେଁ, ତାହାକୁ ନିଗ୍ରହ କରିବା ଉଚିତ୍, ରାଗଦ୍ୱେଷ ମଣିଷର ଶତ୍ରୁ ଭଳି ।

**ବିବରଣୀ :** ଏଠାରେ କୁହାଯାଇଥିବା ଶ୍ଳୋକ ପୂର୍ବରୁ ପୂର୍ବଶ୍ଳୋକରେ ମାନବର ନିଗ୍ରହ (ଦମନ) ଚେଷ୍ଟା କିଛି କାର୍ଯ୍ୟକରେ ନାହିଁ ଏବଂ କର୍ମ ଅନୁସାରେ କାର୍ଯ୍ୟ କରିବାକୁ ହୁଏ ବୋଲି ଜାଣିଥିଲେ । ଏବେ ଏହି ଶ୍ଳୋକରେ ରାଗ, ଦ୍ୱେଷାଦି ଗୁଣଗୁଡିକର ବଶୀଭୂତ ହେବା ଉଚିତ ନୁହେଁ ଅର୍ଥାତ୍ ଆମେ ଗୁଣଗୁଡିକର ପାଖକୁ ଯିବା ଉଚିତ ନୁହେଁ ବୋଲି ସ୍ପଷ୍ଟ ବୁଝାପଡୁଛି । ରାଗଦ୍ୱେଷାଦି ଆସିବା ବେଳେ ଶତ୍ରୁମାନଙ୍କଠାରୁ ଦୂରରେ ରହିବା ଉଚିତ୍ ବୋଲି ବୁଝାପଡୁଛି, କିନ୍ତୁ ଏହି ଶ୍ଳୋକରେ ନିଗ୍ରହ କର କହିଥିବା ସ୍ଥଳେ, ଉପର ଶ୍ଳୋକରେ ନିଗ୍ରହ କରିବା ଅସାଧ ବୋଲି କହିଥିବା କଥାକୁ ଦେଖିଲେ କେହି ମଧ୍ୟ ଏହା ଜଣେ ପାଗଳ  କହୁଥିବା କଥା ବୋଲି କହିପାରିବ । ଉଭୟ ଶ୍ଳୋକରେ ଭଗବାନ୍ ଯାହା  କହିଛନ୍ତି ତାହା ସତ୍ୟ, ସେ ଭୁଲ୍ ବଶତଃ କହିନାହାନ୍ତି କି

ମୁଦ୍ରଣରେ ତ୍ରୁଟି ହୋଇନାହିଁ, କେହି ଏଠାରେ କଳ୍ପିତ ଶ୍ଳୋକ ମଧ୍ୟ ପ୍ରବେଶ କରାଇ ନାହାନ୍ତି । ଏହି ଶ୍ଳୋକ ଦୁଇଟିର ଭାବାର୍ଥକୁ ଅଲଗା ଅଲଗା ଗ୍ରହଣ କରିବା ଉଚିତ୍, କିନ୍ତୁ ସେଭଳି କେହି ଅଲଗା ଅଲଗା ବୁଝିନାହାନ୍ତି । କାର୍ଯ୍ୟକୁ କେହି ନିଗ୍ରହ କରି ପାରିବା ନାହିଁ, ଏହା ବାସ୍ତବ, କିନ୍ତୁ କାର୍ଯ୍ୟ ବିଷୟ ବ୍ୟତୀତ ବ୍ରହ୍ମଯୋଗ ଆଚରଣ କରିବାକୁ ଆସନରେ ବସିଥିବା ବ୍ୟକ୍ତିର ମଧ୍ୟ ଭଲ ମନ୍ଦ ଆଲୋଚନା ସାଧାରଣ ଭାବରେ ଆସିଥାଏ । ଏହି ସନ୍ଦର୍ଭରେ ବିଚାର ରୂପରେ ଆସୁଥିବା ଗୁଣଗୁଡିକୁ ନିହାତି ନିଗ୍ରହ କରିବା ଉଚିତ୍ । ଏଭଳି ନକରିବା ଦ୍ୱାରା ବ୍ରହ୍ମଯୋଗ ଆଚରଣ ଅସମ୍ଭବ ହୋଇଯାଏ । ଶରୀରରେ କୌଣସି ଗୁଣ କାର୍ଯ୍ୟ କରୁନଥିବା ବେଳେ ବ୍ରହ୍ମଯୋଗ ସାଧନା କରିହୁଏ । ବ୍ରହ୍ମଯୋଗ ଭ୍ରଷ୍ଟତାର କାରଣ ହେଉଛି ଭିତରର ଗୁଣରାଜି । ବ୍ରହ୍ମଯୋଗୀ ପାଇଁ ରାଗଦ୍ୱେଷାଦି ପରମ ଶତ୍ରୁ ଭଳି । ସେଥିଲାଗି ବ୍ରହ୍ମଯୋଗ ସାଧକ ନିହାତି ଗୁଣଗୁଡିକୁ ନିଗ୍ରହ କରିବା ଉଚିତ । ଏବେ ଅନେକଙ୍କଠାରେ ଏକ ପ୍ରଶ୍ନ ଆସିପାରେ, ତାହା ହେଉଛି ! **କର୍ମ ଅନୁସାରେ ଗୁଣରାଜି, ଗୁଣରାଜି ଅନୁସାରେ କାର୍ଯ୍ୟ ହେବାବେଳେ ତାହା ଶାସନରୂପ ହୋଇଥାଏ, ଏହି ଅନୁସାରେ ଆମେ ନିଗ୍ରହ କରିପାରିବା ନାହିଁ ବୋଲି ନିର୍ଦ୍ଧାରଣ କରି କହିବା ବେଳେ ଗୁଣଗୁଡିକୁ ନିଗ୍ରହ କର, ତାର ବଶୀଭୂତ ହେବା ଉଚିତ ନୁହେଁ ବୋଲି କିପରି କହିବା ?** ଏହି ପ୍ରଶ୍ନର ସମାଧାନ ହେଉଛି ! ନିଗ୍ରହ କରିପାରିବୁ ନାହିଁ ବୋଲି କହିଛନ୍ତି ଅଜ୍ଞାନୀମାନଙ୍କୁ ! ସେମାନଙ୍କୁ ଭ୍ରମିତ ନକରି ଅଜ୍ଞାନୀ ଭଳି ମଧ୍ୟ ବଞ୍ଚିବା ଉଚିତ୍ କହିଛନ୍ତି କର୍ମଯୋଗୀ ମାନଙ୍କୁ ! କାରଣ ! ସେମାନେ ଏ ଦୁନିଆରେ ନିଶ୍ଚୟ କାର୍ଯ୍ୟ କରିବେ ଏବଂ ଭଲମନ୍ଦ କାର୍ଯ୍ୟର କ୍ରମ ନିଶ୍ଚୟ ଆସିବ । ଏହା କାର୍ଯ୍ୟ କରୁଥିବା ଲୋକମାନଙ୍କର ଧର୍ମ, କାର୍ଯ୍ୟ କରିବା ବେଳେ ଭଲକାର୍ଯ୍ୟ କରିବା ଉଚିତ୍, ଖରାପକାର୍ଯ୍ୟ କରିବା ଉଚିତ୍ ନୁହେଁ ବୋଲି ନିର୍ଣ୍ଣୟ କାର୍ଯ୍ୟକାରୀ ହେବନାହିଁ କାରଣ ! ତାହା କର୍ମ ଅନୁସାରେ ହୋଇଚାଲିବ, କେହି ଏହି ନିୟମକୁ ଉଲଂଘନ କରିପାରିବେ ନାହିଁ, କିନ୍ତୁ ବ୍ରହ୍ମଯୋଗୀମାନେ କାର୍ଯ୍ୟ ଆଚରଣ କରିନଥାନ୍ତି, ସେମାନଙ୍କର କୌଣସି ଅବୟବ, କୌଣସି ଗୁଣ କାର୍ଯ୍ୟ କରିନଥାଏ । ବ୍ରହ୍ମଯୋଗରେ ଥିବା ସମୟରେ କର୍ମ ସ୍ଥିର ରହିଯାଇଥାଏ, ସେମାନଙ୍କର ବାହ୍ୟ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧାଦି ବିଷୟ ସହ ସମ୍ପର୍କ ନଥାଏ,

ତେଣୁ କର୍ମଯୋଗୀ ହୁଅନ୍ତୁ, ଅନ୍ୟମାନେ ହୁଅନ୍ତୁ ସମସ୍ତେ କାର୍ଯ୍ୟବଦ୍ଧ ହେବା ଭଳି ବ୍ରହ୍ମଯୋଗୀ କାର୍ଯ୍ୟବଦ୍ଧ ନୁହେଁ । କର୍ମଯୋଗୀମାନେ କାର୍ଯ୍ୟ କରିଥାନ୍ତି । ଜ୍ଞାନ ଜାଣିଥିବା ଲୋକମାନଙ୍କର କର୍ମାନୁସାରେ ଯାହା କାର୍ଯ୍ୟ ଥିବ ତାହା ସେମାନେ କରିବାକୁ ବାଧ୍ୟ, ତେଣୁ ନିଗ୍ରହୀ ହେବା କାଠିକର ପାଠ । ବ୍ରହ୍ମଯୋଗୀମାନେ କାର୍ଯ୍ୟକୁ ସ୍ଥିର କରିଦେଇପାରନ୍ତି, ତେଣୁ ସେମାନଙ୍କୁ ଗୁଣଦମନ କରିବାକୁ ହେବ । ବ୍ରହ୍ମଯୋଗୀ ଗୁଣରାଜିକୁ ସ୍ଥିରକରି, ତାର ଅନୁସନ୍ଧିତ କର୍ମକୁ ସ୍ଥିର କରିଥାଏ, ତାର ଏହି ପ୍ରଚେଷ୍ଟା ହେଉଛି ବ୍ରହ୍ମଯୋଗ ସାଧନା । ଚେଷ୍ଟା ପୂର୍ବକ ଗୁଣ ଦମନ କରିପାରିବା ବେଳେ ତାକୁ ବ୍ରହ୍ମଯୋଗ ଲଭ୍ୟ ହୋଇପାରିଥାଏ । ଯୋଗ ସମୟରେ କର୍ମ ସ୍ଥିର ଥାଏ, ତେଣୁ କାର୍ଯ୍ୟ ନଥାଏ, ଗୁଣଗୁଡିକ ନଥାଏ ବୋଲି ଜାଣିବା ଉଚିତ୍ । ତା ନହୋଇ କର୍ମ ଗୁଣାଦି କାର୍ଯ୍ୟ କରୁଥାଇ କାର୍ଯ୍ୟ କରିବା ହେଉଛି କର୍ମଯୋଗ । ଏଥିରେ ଜ୍ଞାନ ଜଣାଥିବା କର୍ମଯୋଗୀ ଆଉ ଜ୍ଞାନ ଜଣା ନଥିବା ଅଜ୍ଞାନୀ ଭିତରେ କୌଣସି ଭିନ୍ନତା ନଥାଏ, ସେମାନଙ୍କ ଠାରେ କର୍ମ ଅନୁସାରେ ଗୁଣ, ଗୁଣାନୁଗୁଣ କାର୍ଯ୍ୟ ନାମକ ସୂତ୍ର କାର୍ଯ୍ୟକାରୀ ହୋଇଥାଏ, ତେଣୁ ସେମାନେ କାର୍ଯ୍ୟ ନିଗ୍ରହ କରିପାରନ୍ତି ନାହିଁ ବୋଲି ମନେରଖିବା ଉଚିତ୍ । କର୍ମଯୋଗ ଅଲଗା, ବ୍ରହ୍ମଯୋଗ ଅଲଗା ବୋଲି ଜାଣି ପାରିବା ବେଳେ, ନିଗ୍ରହ କରିପାରୁ ନଥିବା ଲୋକମାନେ ଅଲଗା, କରୁଥିବା ଲୋକମାନେ ଅଲଗା ବୋଲି ବୁଝିହେବ । କାର୍ଯ୍ୟ କରୁଥିବା ଲୋକମାନେ ନିଗ୍ରହ ହୋଇପାରନ୍ତି ନାହିଁ, ବ୍ରହ୍ମଯୋଗୀମାନେ ନିଗ୍ରହ ହୋଇପାରନ୍ତି ବୋଲି ଜାଣିବା ଉଚିତ୍ ।

**(୨) ଶ୍ଳୋକ,୩୫ : ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥**
**(ଜୀବ, କର୍ମଯୋଗ)**

**ଭାବାର୍ଥ :** ଉନ୍ନତ ଭାବରେ ଅନୁଷ୍ଠିତ ହେଉଥିବା ପରଧର୍ମ ଅପେକ୍ଷା ଗୁଣହୀନ ସ୍ୱଧର୍ମ ଶ୍ରେୟସ୍କର । ପରଧର୍ମରେ ଥିବା ଭୟଠାରୁ ସ୍ୱଧର୍ମର ମରଣ ବରଂ ଭଲ ।

**ବିବରଣୀ :** ଏହି ଶ୍ଳୋକରେ ମୁଖ୍ୟତଃ ଜାଣିବା ବିଷୟ ହେଉଛି ପରଧର୍ମ ଆଉ ସ୍ୱଧର୍ମ । ଶାସ୍ତ୍ରବଦ୍ଧ ଭାବରେ ସ୍ୱଧର୍ମ କଣ ତାହା ଜାଣିପାରିଲେ ତା ପଛରେ ଥିବା ପରଧର୍ମ କଣ ଜଣାପଡିଯିବ । ତା ପୂର୍ବରୁ ଧର୍ମ କଣ ପ୍ରଥମେ ଜାଣିବା ଉଚିତ୍ । ଧର୍ମ କଣ ଜାଣିଗଲେ ସ୍ୱଧର୍ମ, ପରଧର୍ମ କଣ ଜାଣିହେବ । **"କୌଣସି ବସ୍ତୁ, ପଦାର୍ଥ କିମ୍ବା କୌଣସି ସଜୀବ ବା ନିର୍ଜୀବର ଥିବା ସୂକ୍ଷ୍ମ ସହଜାତ ତତ୍ତ୍ୱକୁ ଧର୍ମ କୁହାଯାଏ"** ବୋଲି କହୁଛୁ, ସେହି ସହଜାତ ତତ୍ତ୍ୱ ଐଶ୍ୱରୀୟ ଦାନ ହୋଇଥାଏ । ଏକ ପଦାର୍ଥରେ ଥିବା ସହଜତତ୍ତ୍ୱକୁ ତାର ଧର୍ମ ବୋଲି କହି ପାରିବା । ଏଠାରେ ଆପଣମାନେ ମୋତେ ପ୍ରଶ୍ନ କରିପାରନ୍ତି, ଜଣେ ବ୍ୟକ୍ତି ଛୋଟ ବୟସରୁ କ୍ରୋଧି । ବଡ ହେବା ପରେ ମଧ୍ୟ ସେ ସେହିଭଳି, ତାର ଏହି ସ୍ୱଭାବ ସହଜାତ ବା ଜନ୍ମରୁ ଅଛି, ତେବେ କଣ ସେ ବ୍ୟକ୍ତିର କ୍ରୋଧ ତାର ଧର୍ମ ହେବ? ଆମ ତରଫରୁ ସମାଧାନ ହେଉଛି! ମଣିଷ ଯାହା ସହଜାତ (ଜନ୍ମରୁ) ରହିଛି ତାହା ତାର ଧର୍ମ । ମଣିଷର ଭିନ୍ନ ଭିନ୍ନ ଧର୍ମ ନଥାଏ । ଏଠାରେ ଜଣେ କ୍ରୋଧି ତେଣୁ ତାହା ତାର ଧର୍ମ ନୁହେଁ । ଉଦାହରଣ ସ୍ୱରୂପ ଲେମ୍ବୁ ଖଟା, ସବୁ ଲେମ୍ବୁ ମଧ୍ୟ ଖଟା । ତେଣୁ ଲେମ୍ବୁର ଧର୍ମ ଖଟା । ଏଭଳି ଗୋଟିଏ ଗଛର ଗୋଟିଏ ଧର୍ମ ଥିଲେ ସେ ଜାତିର ସବୁଗଛରେ ସେହିଧର୍ମ ରହିବା ଉଚିତ୍ । ସେତେବେଳେ ତାହା ତାର ଧର୍ମ ହେବ । ଗୋଟିଏ ଜାତିର ଗଛର ପତ୍ରରେ କଙ୍କଡାବିଛାର ବିଷ ହରଣ କରୁଥିବା ଗୁଣ ଥିଲେ ସେହି ଜାତିର ସବୁ ଗଛରେ ସେହିଗୁଣ ଥାଏ । ଏଠାରେ ସେ ଗଛର ଥିବା ସହଜାତ ଗୁଣ ହିଁ ସେ ଜାତିର ପ୍ରତ୍ୟେକ ଗଛର ଧର୍ମ ହେବ । ତା ନହୋଇ ଗୋଟିଏ ଗଛରେ ସେ ଶକ୍ତି ରହି, ସେହି ଜାତିର ଅନ୍ୟ ଗଛଗୁଡିକରେ ସେ ଶକ୍ତି ନଥିଲେ ତାହା ସେ ଗଛର ଧର୍ମ ହେବ ନାହିଁ । ତେଣୁ ଯାହା ଗୋଟିଏ ମଣିଷର ଅଛି ତାହା ତାର ଧର୍ମ ହେବ ନାହିଁ । ସମସ୍ତ ମଣିଷଠାରେ ଯାହା ରହିଛି ତାହା ଧର୍ମ ହେବ । ଧର୍ମ ଜନ୍ମରୁ ଆସିଥାଏ । ସେଥିଲାଗି ତାକୁ ସହଜ (ସହଜତତ୍ତ୍ୱ) ବା ସହଜାତ ବୋଲି କହିଛୁ । **'ଜ'** କହିଲେ ଜନ୍ମ । **ସହଜାତ** କହିଲେ ଯାହା ସାଥିରେ ଜନ୍ମ ହୋଇଛି । ଏହି ବ୍ୟାଖ୍ୟା ଅନୁସାରେ **'ସହଜତତ୍ତ୍ୱ ବା 'ସହଜାତ ତତ୍ତ୍ୱ'** କହିଲେ ଯାହା ଜନ୍ମରୁ ସାଥିରେ ଆସିଛି । ଗୋଟିଏ ଜାତିର ଏକାଭଳି ଯାହା ଜନ୍ମରୁ ଆସିଛି ତାହାକୁ ଧର୍ମ

କହିପାରିବା । ଭାବୁଛୁ ଧର୍ମ ବାବଦରେ ଆଉ ଅବୁଝା ନଥିବ । ଉପର ଶ୍ଳୋକରେ ଭଗବାନ ଧର୍ମକୁ ବିଭାଜନ କରି ସ୍ୱଧର୍ମ ଏବଂ ପରଧର୍ମ କହିଛନ୍ତି ।

ପ୍ରକୃତି ଏବଂ ପୁରୁଷ ନାମରେ ସର୍ବ ଜଗତ ଦୁଇ ଭାଗରେ ବିଭାଜିତ ହୋଇ ରହିଛି । ପ୍ରକୃତି କହିଲେ ପଞ୍ଚଭୂତ ଏବଂ ତାଦ୍ୱାରା ଜନ୍ମିତ ସବୁକିଛି । ପୁରୁଷ କହିଲେ ପରମାତ୍ମା ଏବଂ ତାର ଅଂଶ ହୋଇଥିବା ଜୀବାତ୍ମା, ଆତ୍ମା । ପରମାତ୍ମା, ଆତ୍ମା, ଜୀବାତ୍ମା ତିନିହେଁ ଗୋଟିଏ ଭାଗ ହୋଇଥିବା ବେଳେ, ପରମାତ୍ମା ଦ୍ୱାରା ତିଆରି ହୋଇଥିବା ପ୍ରକୃତି, ତା ସମ୍ବନ୍ଧୀୟ ଗୁଣରାଜି, ଇନ୍ଦ୍ରିୟ ସମୂହ ଆଉଏକ ଭାଗହୋଇ ରହିଛି । ମୋଟାମୋଟି ଭାବରେ ସମସ୍ତ ପ୍ରକୃତି ଅଂଶର ଧର୍ମ ଗୋଟିଏ ହୋଇଥିବା ବେଳେ, ସମସ୍ତ ପରମାତ୍ମା ଅଂଶର ଧର୍ମ ଭିନ୍ନ ଥାଏ ବୋଲି ଜଣାଯାଉଛି ।

ଏବେ ଆମେ (ମଣିଷ) ପ୍ରକୃତି ଭାଗର କି ପୁରୁଷ ଭାଗର ବୋଲି ବିଚାର କଲେ, ଆମର ଶରୀର ଏବଂ ଶରୀରର ପ୍ରତ୍ୟେକ ଭାଗ ପ୍ରକୃତି ସମ୍ବନ୍ଧୀୟ ହୋଇ, ସେଥିରେ ଜୀବାତ୍ମା ଭାବରେ ଥିବା ଆମେ ପୁରୁଷ ବା ପରମାତ୍ମା ଅଂଶର ହୋଇ ରହିଛେ । ସେଥିଲାଗି ଆମେ ନିର୍ଦ୍ୱନ୍ଦରେ କହିପାରିବା ଯେ, ଆମର ଶରୀର ପ୍ରକୃତିର, ଆମେ ପରମାତ୍ମାଙ୍କର । ତେଣୁ ଶରୀରର ଧର୍ମ ପ୍ରକୃତି ଧର୍ମ ହେଲେ, ଆମ ଧର୍ମ ପରମାତ୍ମା ସମ୍ବନ୍ଧୀୟ । **ସ୍ୱ କହିଲେ ନିଜର, ପର କହିଲେ ନିଜଠାରୁ ଅଲଗା । ତେଣୁ ସ୍ୱଧର୍ମ ହେଉଛି ନିଜର ଧର୍ମ ଅର୍ଥାତ୍ ଆମର ବା ଜୀବାତ୍ମାର ଧର୍ମ, ପରଧର୍ମ ହେଉଛି ପର ଅର୍ଥାତ୍ ଆମଠାରୁ ଅଲଗା ଥିବା ପ୍ରକୃତିର ଧର୍ମ** । ଜୀବାତ୍ମାର ଧର୍ମ ଆତ୍ମାଧର୍ମ ବୋଲି ଜାଣିବା ପରେ ଆମ ଶରୀର ପରଧର୍ମ ବା ପ୍ରକୃତିଧର୍ମ ବୋଲି ସହଜରେ ବୁଝି ହେଉଛି ।

ଏହିଠାରେ ପୁଣି ମୂଳ ବିଷୟକୁ ଫେରି ଦେଖିଲେ, ଉପର ଶ୍ଳୋକରେ ଥିବା ସ୍ୱଧର୍ମରେ ଆଉ ପରଧର୍ମରେ ଘଟୁଥିବା କାର୍ଯ୍ୟଗୁଡିଏ ରହିଥିବା ଜଣାଯାଏ । ଶ୍ଳୋକରେ କହିଛନ୍ତି ସ୍ୱଧର୍ମ ଗୁଣହୀନ । ସ୍ୱଧର୍ମର ବ୍ୟତିରେକ ହୋଇଥାଏ ପରଧର୍ମ । ତେଣୁ ସ୍ୱଧର୍ମ ଗୁଣରହିତ ହେବାବେଳେ, ପରଧର୍ମ ଗୁଣସହିତ ବୋଲି ଜଣାଯାଉଛି । ଏଇ ହିସାବରେ ସ୍ୱଧର୍ମ ଆଚରଣ ଗୁଣ ରହିତ ଭାବରେ,

ପରଧର୍ମ ସଗୁଣ ଭାବରେ ଆଚରିତ ହୋଇଥାଏ ବୋଲି ସହଜରେ ବୁଝିହୁଏ । ଏହି ଦୁଇଟି ଧର୍ମରୁ ସ୍ୱଧର୍ମ ଆଚରଣ କରିବା ଜୀବ ଭାବରେ ଥିବା ତୋପାଇଁ ଶ୍ରେୟସ୍କର ବୋଲି ମଧ୍ୟ କହିଛନ୍ତି । ଆମେ ସମସ୍ତେ ଜୀବ, ତେଣୁ ସ୍ୱଧର୍ମ ସେଦିନର ଅର୍ଜୁନଙ୍କର ନୁହେଁ ଆଜି ଆମ ସମସ୍ତଙ୍କର ଆବଶ୍ୟକ । ସ୍ୱଧର୍ମ ଆମ ସମସ୍ତଙ୍କର ଧର୍ମ, ସମସ୍ତଙ୍କ ପାଇଁ ଶ୍ରେୟସ୍କର ଏବଂ ଆଚରଣ ଯୋଗ୍ୟ ।

ଲେମ୍ବୁର ସହଜାତ ଗୁଣ ଖଟା ଲାଗିବା । ଲେମ୍ବୁ ଖଟା ନଲାଗି ପିତା କିମ୍ବା କଷା ଲାଗିଲା ବୋଲି ଭାବିବା । ସେତେବେଳେ କହିପାରିବା ଲେମ୍ବୁ ତାର ଧର୍ମ ହରାଇଛି, ନଚେତ୍ ଅଧର୍ମ ବା ପରଧର୍ମରେ ଅଛି । ସେହିଭଳି ଜଣେ ମଣିଷ ସ୍ୱଧର୍ମରେ ନରହି ପରଧର୍ମରେ ଅଛି ଭାବିଲେ, ସେ ଅଧର୍ମରେ ଅଛି କହିଲେ ଚଳିବ । ଭୂପୃଷ୍ଠରେ ପ୍ରାୟ ସମସ୍ତ ବୃକ୍ଷଲତା, ଫଳଫୁଲ, ନାନା ପଦାର୍ଥାଦି ନିଜ ନିଜର ଧର୍ମକୁ ହରାଇ ନଥାନ୍ତି, କିନ୍ତୁ କହିପାରିବା ଯେ, ଶତକଡା ୯୯ଭାଗ ମଣିଷ ସ୍ୱଧର୍ମ ହରାଇ ପରଧର୍ମରେ ଅଛନ୍ତି । ସେଥିଲାଗି ଏହି ଶ୍ଳୋକରେ ମଣିଷକୁ ସତର୍କ କରାଇ ଭଗବାନ ପରଧର୍ମ ଅପେକ୍ଷା ସ୍ୱଧର୍ମ ଶ୍ରେୟସ୍କର ବୋଲି କହିଛନ୍ତି । ଏହି ସ୍ୱଧର୍ମ କଣ ? ତାହା କାହିଁକି ଶ୍ରେୟଷ୍କର, ପରଧର୍ମ କଣ, ତାହା କାହିଁକି ବର୍ଜନୀୟ ବା ଭୟାବହ ସେ ବାବଦରେ ଆମେ ସବ୍ୟାଖ୍ୟାନ ଜାଣିବା ଉଚିତ୍ ।

ଏଠାରେ ସ୍ୱଧର୍ମ ଆଚରଣ କଣ ? ପରଧର୍ମ ଆଚରଣ କଣ ? ପ୍ରଶ୍ନ ନଆସି ରହିପାରିବ ନାହିଁ । ତାର ସମାଧାନ ଦେଖିବା । ସ୍ୱଧର୍ମ, ପରଧର୍ମ ଗୋଟିଏ ଶରୀରରେ ରହିଛି । ଶରୀରରୁ ଜୀବନ ଆରମ୍ଭ କରିଥିବା ପ୍ରତ୍ୟେକ ଜୀବରାଶି ପରଧର୍ମରେ ରହିଥାନ୍ତି । ଛୋଟ ବୟସରୁ ସମସ୍ତେ ନିଶ୍ଚୟ ପରଧର୍ମ ଆଚରଣ କରିଥାନ୍ତି । ପ୍ରଥମେ ପରଧର୍ମରୁ ଆରମ୍ଭ ହୋଇଥିବା ଜୀବନ କିଛିକାଳ ପରେ ସ୍ୱଧର୍ମକୁ ଆସିବା ଉଚିତ୍ । କିନ୍ତୁ ଶତକଡା ୯୯ଭାଗ ଲୋକେ ଆମରଣ ସ୍ୱଧର୍ମକୁ ଆସିନପାରି ପରଧର୍ମରେ ରହିଥାନ୍ତି ।

ପରଧର୍ମରୁ ସ୍ୱଧର୍ମକୁ ରାସ୍ତା ଥାଏ । କାରଣ ! ସମସ୍ତେ ପେଟ ପାଇଁ କୌଣସିନା କୌଣସି କାର୍ଯ୍ୟାଚରଣ କରିଥାନ୍ତି । ସେହି କାର୍ଯ୍ୟ ଶରୀରର ମନ,

ଗୁଣ, ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟାଦି ଦ୍ୱାରା ହୋଇଥାଏ । ଗୁଣଗୁଡିକର କାର୍ଯ୍ୟ ପ୍ରକୃତି ସମ୍ବନ୍ଧୀୟ । ପ୍ରତ୍ୟେକ ମଣିଷ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ କୌଣସି ଏକ କାର୍ଯ୍ୟରେ ଲଗ୍ନ ଥାଆନ୍ତି, ତେଣୁ ଆତ୍ମାଠାରୁ ଅଲଗା ପରଧର୍ମରେ ଥାଆନ୍ତି ବୋଲି କହିପାରିବା । ଆତ୍ମାଜ୍ଞାନ ଜାଣିଥିବା ବା ସ୍ୱଧର୍ମକୁ ଜାଣିଥିବା ବ୍ୟକ୍ତି ଗୁଣଗୁଡିକୁ ମନ ଦ୍ୱାରା ସ୍ଥିରକରି କାର୍ଯ୍ୟରେ ଲଗ୍ନ ନହୋଇ, ଆତ୍ମା ଉପରେ ଲଗ୍ନ ହୋଇଛି ବୋଲି ଭାବିବା ବେଳେ ସେ ସ୍ୱଧର୍ମରେ ଅଛି ବୋଲି କହିପାରିବା । ଗୋଟିଏ ଶରୀରରେ ଦୁଇଟି ଧର୍ମ ରହିବା ଦ୍ୱାରା କଣ ସ୍ୱଧର୍ମ, କଣ ପରଧର୍ମ ଜାଣି ନପାରିବା, ସ୍ୱଧର୍ମର ବିବରଣ ଜାଣି ନପାରିବା, ପର ଧର୍ମରେ ବଞ୍ଚିବା ଛୋଟବେଳୁ ଅଭ୍ୟାସରେ ପରିଣତ ହୋଇଯାଇଥିବାରୁ, ପ୍ରାୟ ସମସ୍ତେ ପରଧର୍ମରେ ସହଜ ଭାବରେ ଛନ୍ଦିହୋଇ ରହିଯାଇଥାନ୍ତି ବୋଲି କହିପାରିବା । ସ୍ୱଧର୍ମର ବିବରଣ ନଜାଣିବା, ତାର ଆବଶ୍ୟକତା ବାବଦରେ ନଜାଣିବା, ଜାଣିବା ପାଇଁ ସମୟ ନମିଳିବା, ତାବାଦରେ ଜଣାଇବା ଲୋକ ପାଖରେ ନରହିବା ଦ୍ୱାରା, ଏଭଳି ଅନେକ କାରଣ ଦ୍ୱାରା ନିଜ ଧର୍ମକୁ ହରାଇ ବସୁଛନ୍ତି । ଛୋଟ ବୟସରୁ ପରଧର୍ମର ଅଭ୍ୟାସରେ ରହି, ବୟସ ବଢିବା କ୍ରମରେ ଚେଷ୍ଟା ପୂର୍ବକ ସ୍ୱଧର୍ମକୁ ଜାଣିବାକୁ ହୁଏ, କିନ୍ତୁ ଯେଉଁମାନଙ୍କ ଠାରେ ମୁଁ କିଏ ବୋଲି ପ୍ରଶ୍ନ ଆସିନଥାଏ ସେମାନେ ସ୍ୱଧର୍ମ ବାଦରେ କେବେ ମଧ୍ୟ ଆଲୋଚନା କରିନଥାନ୍ତି ।

ସ୍ୱ ଧର୍ମରେ ରହିଲେ କଣ ଲାଭ ? ପର ଧର୍ମରେ ରହିଲେ କଣ କ୍ଷତି ? ଆଉ ସ୍ୱ ଧର୍ମରେ ରହିବା କାହିଁକି ଶ୍ରେୟସ୍କର ବୋଲି ବିଚାର କଲେ, ଉପର ଶ୍ଳୋକରେ "ପରଧର୍ମୋ ଭୟାବହଃ" ବାକ୍ୟ ଅନୁସାରେ ପରଧର୍ମ ଭୟଙ୍କର ଏବଂ "ସ୍ୱଧର୍ମେ ନିଧନଂ" ବାକ୍ୟ ଅନୁସାରେ ସ୍ୱଧର୍ମରେ ମରଣ ଅଛି ବୋଲି ଜଣାପଡୁଛି । ଏଠାରେ ମରଣ ଆଉ ଭୟ ଦୁଇଟିରୁ ସମସ୍ତେ ମରଣଠାରୁ ଦୂରରେ ରହିବା ଉଚିତ୍ ଭାବିବା ଭୁଲ୍ ହୋଇଥାଏ । ଆତ୍ମଜ୍ଞାନ ଜଣାନଥିବା ବ୍ୟକ୍ତି ଭୁଲ୍ କଲେ ଚଳିବ ହେଲେ, ଆତ୍ମଜ୍ଞାନ ଜାଣିଥିବା ବ୍ୟକ୍ତି ଏଠାରେ ଭୁଲ୍ ବୁଝିବା ଠିକ୍ ନୁହେଁ । ବାସ୍ତବ କଥା ବିଚାରକଲେ ଏହି ଶ୍ଳୋକରେ ପରଧର୍ମରେ ରହୁଥିବା ଭୟ ଅପେକ୍ଷା, ସ୍ୱଧର୍ମରେ ରହିଥିବା ମରଣ ଶ୍ରେୟସ୍କର ବୋଲି

କହିଛନ୍ତି । ତେଣୁ ଭଗବାନ କହିଥିବା କଥାର ବିପରୀତ ମଣିଷ ମରଣ ଅପେକ୍ଷା ଭୟହିଁ ଶ୍ରେୟସ୍କର ବୋଲି ଭାବିବା ଭୁଲ୍ ହୋଇଥାଏ ।

ଜ୍ୟୋତିଷ ଶାସ୍ତ୍ରରେ ମୋଟ ନଅଗୋଟି ଗ୍ରହ ଅଛନ୍ତି, ତନ୍ମଧ୍ୟରୁ ସାତଗୋଟି ଦେଖାଯାଇଥାନ୍ତି, ଦୁଇଟି ଛାୟାଗ୍ରହ ଭାବରେ ରହି ଦେଖାଯାଇ ନଥାନ୍ତି, ସେ ଦୁଇଟି ରାହୁ ଏବଂ କେତୁ, ଏଇ ଦୁଇଟି ଗ୍ରହ ଅନ୍ୟ ସାତଗୋଟି ଗ୍ରହର ବ୍ୟତିରେକ ଦିଶାରେ ଭ୍ରମଣ କରିଥାନ୍ତି, ଗୁରୁ ଏବଂ ଶନି ଗ୍ରହର ଅଧ୍ୟକ୍ଷତାରେ, ଦୁଇଟି ଦଳରେ ବିଭାଜିତ ହୋଇଥିବା ଏହି ସପ୍ତଗ୍ରହ ପାଇଁ ରାହୁ, କେତୁ ଅଧିପତି ଭାବରେ ଥାଆନ୍ତି ବୋଲି ବଡମାନେ ଜଣାଇଥିବା ଭଳି, ଆମ ଶରୀରରେ ମଧ୍ୟ ପ୍ରତ୍ୟେକ ଭାଗରେ ଯୋଗଶାସ୍ତ୍ର ଅନୁସାରେ ୧୨ ଗୋଟି ଗୁଣ ରହିଥାଏ । ସେହିଭଳି ଛାୟାଗ୍ରହ ରାହୁ, କେତୁ ଭଳି ଆମ ଶରୀରରେ ଦୁଇଟି ଛାୟାଗୁଣ ମଧ୍ୟ ଥାଆନ୍ତି, ତାହା **ଭୟ, ଧୈର୍ଯ୍ୟ । ଏତଦ୍ ବ୍ୟତୀତ ଆଉ ଏକ ସ୍ୱତନ୍ତ୍ର ଗୁଣ ରହିଛି ଯାହା ଦୁଇ ଦିଗରେ ଥାଏ, ତାହା ହେଉଛି ଶ୍ରଦ୍ଧା** । ୧୨ ଗୋଟି ଗୁଣ, ଗୁରୁ ଆଉ ଶନି ଦଳ ଭଳି ଦୁଇ ଭାଗରେ ବିଭାଜିତ ହୋଇ ଛଅଗୋଟି ଭଲଗୁଣ, ଛଅଗୋଟି ଖରାପଗୁଣ ଭାବରେ ରହିଛନ୍ତି । ତାହାକୁ ଦୈବଗୁଣ, ଅସୁରଗୁଣ ବୋଲି ମଧ୍ୟ କୁହାଯାଇଛି । ଏହିଭଳି ଆମ ଶରୀରର ଏକ ଗୁଣଭାଗରେ ୧୨ + ୨+ ୧ = ୧୫ ଗୋଟି ଗୁଣ ରହିଥାନ୍ତି ବୋଲି ଜଣାଯାଇଛି । **ଅଜ୍ଞାନ ଭୟ ସମ୍ବନ୍ଧୀୟ, ଧୈର୍ଯ୍ୟ ଜ୍ଞାନ ସମ୍ବନ୍ଧୀୟ,** କିନ୍ତୁ ଶ୍ରଦ୍ଧା ଉଭୟ ଜ୍ଞାନ, ଅଜ୍ଞାନ ପାଇଁ ସମାନ । ଗୁଣଗୁଡିକ କାର୍ଯ୍ୟ କରିବା ବେଳେ ଅଜ୍ଞାନ ସମ୍ବନ୍ଧୀୟ ଭୟ ମଧ୍ୟ ଜାତ ହୋଇଥାଏ । ପରଧର୍ମୋ ଭୟାବହଃ ନାମକ ସୂତ୍ର ଅନୁସାରେ ଶରୀରରେ ଗୁଣଗୁଡିକ କାର୍ଯ୍ୟ କରୁଥିବାରୁ ସବୁବେଳେ ଭୟ ଜାତ ହୋଇଥାଏ । ସେହି ଅନୁସାରେ ଆମେ ଜୀବନରେ ସର୍ବଦା ଭୟର ଜୀବନ ବଞ୍ଚୁଛେ ବୋଲି ଜଣାପଡୁଛି ।

ସାଧାରଣତଃ ସମସ୍ତେ ଭୟଠାରୁ ମରଣକୁ ବଡ ଭାବିଥାନ୍ତି । ମରଣ ଜୀବନରେ ଗୋଟିଏ କ୍ଷଣ ଏବଂ ଗୋଟିଏ ଥର ଆସିଥାଏ, କିନ୍ତୁ ଭୟ ଜୀବନରେ ଅନେକ ସମୟଧରି ଅନେକ ଥର ଆସିଥାଏ । ଏତେ ସମୟ ଧରି, ଅନେକ ଥର ଆସୁଥିବା ଭୟ ବଡ ? କି ଗୋଟିଏ କ୍ଷଣରେ ମାତ୍ର ଗୋଟିଏ ଥର ଆସୁଥିବା

ମରଣ ବଡ ? ବୋଲି ବିଚାର କଲେ ଅଧିକ କାଳ ଧରି ରହୁଥିବା ଭୟ ନିଶ୍ଚୟ ବଡ ବୋଲି କହିପାରିବା ସିନା, କ୍ଷଣକାଳର ମରଣକୁ ବଡ ବୋଲି କହିପାରିବା ନାହିଁ । ଅନେକକାଳ ଧରି ମଣିଷକୁ ପୀଡିତ କରୁଥିବା, ସନ୍ତୋଷତାକୁ ବିନାଶ କରୁଥିବା ଭୟକୁ ବଡ ନକହି କୌଣସି ପୀଡାଦାୟକ ହୋଇନଥିବା ମରଣକୁ ବଡ କହିବା ଭୁଲ୍ । ସେଥିପାଇଁ ଭଗବାନ **"ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ"** ଅର୍ଥାତ୍ ପରଧର୍ମର ଭୟ ଅପେକ୍ଷା ସ୍ୱଧର୍ମର ମରଣ ଭଲ ବୋଲି କହିଛନ୍ତି । ଜୀବନରେ ପୀଡାଦାୟୀ ହୋଇ, ମଣିଷକୁ ବାରମ୍ୱାର ଭାଙ୍ଗିଦେଉଥିବା ଭୟ ପ୍ରକୃତି ସମ୍ବନ୍ଧୀୟ, ତାହା ଅଜ୍ଞାନ ଦ୍ୱାରା ମଣିଷକୁ ବଶୀଭୂତ କରିଥାଏ । କିନ୍ତୁ କୌଣସି ସମୟରେ ମଧ୍ୟ କର୍ମ ବିଧିକୁ ଜଣାଇ ଦୁଃଖ ରହିତ କରୁଥିବା ଧୈର୍ଯ୍ୟ ଜ୍ଞାନ ସମ୍ବନ୍ଧୀୟ ।

ଆତ୍ମଜ୍ଞାନକୁ ହରଣ କରିଦେବା ଭଳି ଭୟ କେତେବଡ ଲୋକକୁ ମଧ୍ୟ ନିଜର ବଶୀଭୂତ କରି ଭୟ ଅପେକ୍ଷା ମରଣ ଭୟଙ୍କର ବୋଲି ଭାବିତ କରିଥାଏ । ଭୟ ମଣିଷକୁ ସର୍ବଦା ପରଧର୍ମରେ ରହିବା ଭଳି କରିଦିଏ । ଏକ ଉଦାହରଣ ଦେଖନ୍ତୁ, ଜଣେ ଗୁରୁଙ୍କ ପାଖରେ ୧୨ବର୍ଷ କାଳ ରହି ଜ୍ଞାନ ଅର୍ଜନ କରିଥିବା କେତେଜଣ ଶିଷ୍ୟ ଥିଲେ । ଗୁରୁଙ୍କ ପାଖରେ ରହି କେତେ ଉନ୍ନତ ଜ୍ଞାନ ଶିଖିଥିଲେ କଣହେବ ଜ୍ଞାନକୁ ସେମାନେ ଆଚରଣରେ ପରିଣତ କରି ନପାରିଲେ କିଛିଲାଭ ନାହିଁ । ତେଣୁ ଗୁରୁ ଚାହୁଁଥିଲେ ଯେ, ମୋ' ଶିଷ୍ୟମାନେ କେବଳ କଥାକୁହା ଜ୍ଞାନ ନୁହେଁ ଆଚରଣ ଜ୍ଞାନରେ ମଧ୍ୟ ପାରଦର୍ଶିତା ଅର୍ଜନ କରନ୍ତୁ । ସେଥିପାଇଁ ଜ୍ଞାନ ଶିଖାଉଥିବା ଗୁରୁ ଶିଷ୍ୟମାନେ କେତେବେଳେ ଜ୍ଞାନରେ ପରିଣାମଦର୍ଶୀ ହେବେ ତାହା ଦେଖିବାକୁ ଅପେକ୍ଷା କରିଥିଲେ । ଠିକ୍ ଏହି ପରିସ୍ଥିତିରେ କର୍ମବଶତଃ ଗୁରୁଙ୍କର ଏକ ବଡ ସମସ୍ୟା ଦେଖାଦେଲା, ସେହି ସମସ୍ୟା ପ୍ରତ୍ୟକ୍ଷତଃ ସମସ୍ତଙ୍କୁ ଜଣାପଡିବା ଭଳି ଗୁରୁ ଅନେକ କଷ୍ଟ, ନଷ୍ଟର ସମ୍ମୁଖୀନ ହେଲେ । ଏହି ସମୟରେ ଗୁରୁଙ୍କର ମହାନତା ଗାନ କରୁଥିବା କେତେଜଣ ଶିଷ୍ୟ ଗୁରୁଙ୍କର ଏହି ପରିସ୍ଥିତି ଦେଖି, ଗୁରୁଙ୍କ ପାଖରେ ଏବେ ଆମେ ରହିବା ଦ୍ୱାରା ଆମେମାନେ ମଧ୍ୟ ଦୁଃଖକଷ୍ଟ ଭୋଗିବା ଭାବି, ଗୁରୁଙ୍କ ପାଖକୁ ଆସିବା ବନ୍ଦ କରିଦେଲେ । ଏଠାରେ ମୁଖ୍ୟତଃ

ଭୟ ହିଁ ସେମାନଙ୍କ ଠାରେ କାର୍ଯ୍ୟ କରିଥିଲା ବୋଲି ଜାଣିବା ଉଚିତ୍ । ଦୁଃଖ, କଷ୍ଟ, ନଷ୍ଟ ଆସିବା ଭୟରେ, ସେମାନେ ଆଉ ଆସିଲେ ନାହିଁ । ଯାହାବି ହେବ କର୍ମାନୁସାରେ ହେବ, ସେ ନିର୍ଣ୍ଣୟକୁ କେହି ବଦଳାଇ ପାରିବେ ନାହିଁ ବୋଲି ଶିଖିଥିବା ଆତ୍ମଜ୍ଞାନକୁ ସେମାନେ ଭୁଲିଗଲେ, କେବଳ କଥା କହିବାକୁ ଜ୍ଞାନ ଗ୍ରହଣ କରିଥିବା ସେମାନେ, ଆଚରଣ ରହିତ ହୋଇପଡିଲେ ।

ଏକ ଖାଦ୍ୟକୁ କିପରି ରାନ୍ଧିଲେ ତାହା ସ୍ୱାଦିଷ୍ଟ ହେବ ତାହା ଆମେ ଜାଣିଗଲେ ବୋଲି ଭାବିବା । ଏଠାରେ ରାନ୍ଧିବା ଜ୍ଞାନରେ ଅଭିଜ୍ଞ ହୋଇଥିଲେ କଣହେବ ସେ ଖାଦ୍ୟର ସ୍ୱାଦକୁ ଅନୁଭବ କରିପାରିବା ନାହିଁ । କାରଣ ! ସେ ସ୍ୱାଦର ଅନୁଭୂତି ଆମ ପାଖରେ ନାହିଁ । ସେହି ସ୍ୱାଦ କିପରି ? ତାହା କିପରି ରାନ୍ଧିଲେ ସୁସ୍ୱାଦ ଖାଦ୍ୟ ତିଆରି ହେବ ? କହିଲେ, ସେପରି ରାନ୍ଧି ଖାଇବା ପରେ ଜଣାପଡିବ, ସେହିଭଳି ଜ୍ଞାନଶୁଣି ନିଜକୁ ମହାନ ଭାବିଲେ କଣହେବ ! ସେ ଜ୍ଞାନର ମହାନତାକୁ ତ ଆମେ ଜାଣିନାହେଁ !! ଶୁଣି ଜାଣିଥିବା ଜ୍ଞାନକୁ ଆଚରଣ କଲେ ତାର ମହାନତା କଣ ଜାଣିହେବ । ଗୁରୁଙ୍କ ପାଖରେ ଏତେ ଦିନ ରହି ଏତେଜ୍ଞାନ ଶିଖି, କୌଣସି ପ୍ରଶ୍ନର ମଧ୍ୟ ଜବାବ ଦେଇପାରିବା ଭଳି ସ୍ଥିତିରେ ଥିବା ସମର୍ଥବନ୍ତ ଶିଷ୍ୟମାନେ ଆସିଥିବା ସମସ୍ୟାର ସମାଧାନ କରି ନପାରିଲେ ତାହା ଆଚରଣ ଜ୍ଞାନ କିପରି ହେବ ? ଗୁରୁଙ୍କ ପାଖରେ ଅଭିଜ୍ଞ ଶିଷ୍ୟ ବୋଲାଉଥିବା କେତେକ ଶିଷ୍ୟମାନେ ଆମ ଗୁରୁ ଆମକୁ ମହାନଜ୍ଞାନ ଶିଖାଇଛନ୍ତି ବୋଲି ଗୁରୁଙ୍କର ଗୁଣଗାନ କରୁଥିଲେ ମଧ୍ୟ, ସେମାନଙ୍କ ଜ୍ଞାନ କେବଳ ସେମାନଙ୍କ ତୁଣ୍ଡର କଥା ପର୍ଯ୍ୟନ୍ତ ସିମୀତ ଥିଲା । ଭୌତିକ ସମସ୍ୟା ଉପରେ ପ୍ରୟୋଗ କରି ସେମାନେ ସେହି ପରିସ୍ଥିତିରେ ଏକ ଉନ୍ନତ ନିର୍ଣ୍ଣୟରେ ପହଞ୍ଚି ପାରିଲେ ନାହିଁ । ଗୁରୁଙ୍କର ଦୁଃଖକଷ୍ଟ ପଡିଥିବା ବେଳେ ତାହା ଆମ ଉପରେ ମଧ୍ୟ ପଡିପାରେ ଭାବି ସେମାନଙ୍କ ଭିତରୁ ମଧ୍ୟ କେତେକ ଗୁରୁଙ୍କ ପାଖରୁ ଚାଲିଗଲେ । ଏଭଳି କେତେକ ଚାଲିଗଲେ, ଆଉ କେତେକ ବଳକା ରହିଲେ । ବାହାରର ପାଠପଢାରେ ଗୋଟିଏ ଶ୍ରେଣୀରୁ ପାସ୍ କରି ଆଉ ଗୋଟିଏ ଶ୍ରେଣୀକୁ ଯିବାକୁ ହେଲେ ତ୍ରୈମାସିକ, ଷାଣ୍ମାସିକ, ବାର୍ଷିକ ପରୀକ୍ଷା ଥିବାଭଳି, ସେଠାରେ ରହିଥିବା ବଳକା ଶିଷ୍ୟମାନଙ୍କ ପାଇଁ ବାର୍ଷିକ ପରୀକ୍ଷା ଆସିବା ଭଳି

ସମସ୍ୟା ଆସି ପହଞ୍ଚିଗଲା । ସେହି ସମସ୍ୟାରେ ଗୁରୁଙ୍କର ଶତ୍ରୁମାନେ ଗୁରୁଙ୍କୁ ମାରିଦେବା ପାଇଁ ନିର୍ଣ୍ଣୟ ନେଇଥିଲେ । ଏଇ ମାସକ ଭିତରେ ସମୟ ସୁବିଧା ଦେଖି ଗୁରୁଙ୍କୁ ସେମାନେ ଜୀବନରେ ମାରିଦେବା ପାଇଁ ସଯୋଜନା ଅପେକ୍ଷା କରି ରହିଥିଲେ । ଏକଥା ସେଠାରେ ଥିବା ବଳକା ଶିଷ୍ୟମାନେ କୌଣସି ସୂତ୍ରରୁ ଜାଣିବାକୁ ପାଇଲେ । ଶିଷ୍ୟମାନେ ଜାଣିବା ପରେ ଗୁରୁ ମଧ୍ୟ ଜାଣିବାକୁ ପାଇଲେ । କର୍ମରେ ଯାହାଥିବ ତାହା ହିଁ ହେବ ବୋଲି ଜାଣିଥିବା ଗୁରୁ ଏହି କଥାକୁ ଖାତର ନକରି ଧୈର୍ଯ୍ୟର ସହିତ ନିଜର ସବୁଦିନିଆ କାର୍ଯ୍ୟରେ ଲାଗିପଡିଲେ । ଏବେ ସେଠାରେ ବଳକା ଥିବା ଶିଷ୍ୟମାନେ ମଧ୍ୟ ବିଚାର କଲେ ଯେ, ଯେଉଁମାନେ ଏହି ପରିସ୍ଥିତି ଆସୁଛି ବୋଲି ଆଗୁଆ ଚାଲିଗଲେ ସେମାନେ ଭଲ କଲେ, କିନ୍ତୁ ଆମେମାନେ ସେମାନଙ୍କ ସାଥିରେ ନଯାଇ ଏହି ପରିସ୍ଥିତିରେ ଛନ୍ଦି ହୋଇଯାଇଛେ, ଆମମାନଙ୍କର ବୁଦ୍ଧି ସତରେ ଖୁବ୍ କମ୍, ଏବେ କରିବା କ'ଣ, ଗୁରୁଙ୍କୁ ତାଙ୍କର ଶତ୍ରୁମାନେ ନିଶ୍ଚୟ ଏଇ କୋଡିଏ ପଚିଶି ଦିନ ଭିତରେ ମାରିଦେବେ, ଏହି ପରିସ୍ଥିତିରେ ଆମେମାନେ ଏଠାରେ ରହିବା ବିପଜ୍ଜନକ, ଆମେ ମଧ୍ୟ ମରଣ ମୁହଁରେ ପଡିବା ଆଶଂକା ଅଛି, ଆମେ ଏବେ ଗୁରୁଙ୍କ ଶିଷ୍ୟ ଭାବରେ ପରିଗଣିତ ହେବା ଏହି ପରିସ୍ଥିତିରେ ଠିକ୍ ନୁହେଁ । ପରିସ୍ଥିତି ଏଭଳି ଭୟଙ୍କର ହୋଇଯାଇଛି ଯେ, ଆମେମାନେ ମଧ୍ୟ ମରିବା, ବରଂ ଏଠାରୁ ଖସିଯାଇ ଗୁରୁଙ୍କ ଶତ୍ରୁମାନଙ୍କ ସହିତ ହାତ ମିଳାଇବା ଉଚିତ୍ ହେବ । କାରଣ ! ଗୁରୁଙ୍କର ମରଣ ନିଶ୍ଚୟ । ଏଭଳି ସେମାନଙ୍କର ବିଚାର ଶେଷହେବା ପରେ ଯାହା ନିର୍ଣ୍ଣୟନେଲେ ସେହି ନିର୍ଣ୍ଣୟରେ ସେମାନଙ୍କ ଭିତରୁ ମଧ୍ୟ ଆଉ କେତେଜଣଙ୍କ ଦେଖା ମିଳିଲା ନାହିଁ । ସେମାନେ ଗୁରୁଙ୍କ ଶତ୍ରୁମାନଙ୍କ ସହିତ ପରିଚୟ ସ୍ଥାପନ କରି ସେମାନଙ୍କୁ ଦେଖିଲେ ଭୟରେ ଦଣ୍ଡବତ ଠୁଙ୍କି ଚାଲିଯାଉଥିଲେ ।

ଶେଷରେ ମରଣ ଭୟରେ ବିଚଳିତ ହୋଇ, ଚୀରକାଳ ଅନ୍ୟମାନଙ୍କୁ ଭୟକରି କେତେଜଣ ଶିଷ୍ୟ ଚାଲିଯିବା ପରେ, ସେତେବେଳ ପର୍ଯ୍ୟନ୍ତ ମଧ୍ୟ ଜ୍ଞାନ ଦ୍ୱାରା ଉଚିତ୍ ବିଚାର କରିପାରୁଥିବା ଶିଷ୍ୟମାନେ, ଜ୍ଞାନ ସିଦ୍ଧାନ୍ତ ଅନୁସାରେ ସମସ୍ତଙ୍କୁ କର୍ମ ହିଁ ଖେଳାଇଥାଏ, କର୍ମ ନିର୍ଣ୍ଣୟରେ ଯାହା ଥାଏ ତାହା ନିଶ୍ଚୟ

ହେବ, ଜୀବନରେ ମରଣ ମାତ୍ର ଗୋଟିଏ ଥର ନିଶ୍ଚୟ ଆସିବ, ସେଥିପାଇଁ ବିଚଳିତ ହେଲେ ଆମେ ଜ୍ଞାନ ଶିଖି କିଛି ଲାଭ ନାହିଁ ବୋଲି ଜାଣି ଆଉ ମାତ୍ର କେଇଜଣ ସେଠାରେ ବଳକା ରହିଥିଲେ । ଏହି ସମୟରେ ଗୁରୁଙ୍କୁ ମାରିବା ପାଇଁ ଯୋଜନା କରିଥିବା ଶତ୍ରୁମାନେ ସେମାନଙ୍କ କର୍ମ ଅନୁସାରେ କୌଣସି କାରଣରୁ ମୃତ୍ୟୁବରଣ କଲେ । ଆଗକୁ କଣ ହେବ ଆଗୁଆ ଦେଖାନଯାଇ କର୍ମରେ ଥିବା ରହସ୍ୟ କିଛିକାଳ ପରେ ଦିନେ ଦେଖାଦେଲା । ସମସ୍ୟା ଆସିବା ଦିନଠାରୁ କିଛି କହୁ ନଥିବା ଗୁରୁ ବଳକା ରହିଥିବା ଶିଷ୍ୟମାନଙ୍କୁ ନିଜ କଥା କହିଲେ । **"ମୁଁ ଏତେ ଜ୍ଞାନ କହିଲି, ଶେଷରେ ଭଗବଦ୍ଗୀତାକୁ ବିପୁଳ ଭାବରେ ଲେଖିବା ମୋ'ଜୀବନର ଲକ୍ଷ୍ୟ ବୋଲି ଜଣାଇଥିଲି । ତାହା ଶେଷ ହେବା ପର୍ଯ୍ୟନ୍ତ ମୋର ମରଣ ନାହିଁ ବୋଲି ମଧ୍ୟ କହିଥିଲି । ଏଭଳି କାଳଗମନରେ ଭଗବଦ୍ଗୀତା କର୍ମଯୋଗର ୩୪ତମ ଶ୍ଳୋକ ପର୍ଯ୍ୟନ୍ତ ଲେଖି ଅଟକିଗଲି । ୩୫ତମ ଶ୍ଳୋକ ଲେଖିବା ପାଇଁ ପ୍ରାୟ ଏହି ଛଅମାସ କାଳ ଅପେକ୍ଷା କଲି । ମୋଠାରୁ ଜ୍ଞାନ ଜାଣିଥିବା ଶିଷ୍ୟମାନଙ୍କ ଭିତରୁ ସ୍ୱଧର୍ମରେ ରହିପାରୁଥିବା ଶିଷ୍ୟମାନେ କେତେଜଣ ଅଛନ୍ତି, ପରଧର୍ମରେ ଥିବା ଶିଷ୍ୟମାନେ କେତେଜଣ ଅଛନ୍ତି ଜାଣିବା ପାଇଁ ମୋର ପ୍ରତ୍ୟକ୍ଷ ପ୍ରମାଣ ଆବଶ୍ୟକ ଥିଲା, ତାହା ମିଳିଗଲା । ଶେଷରେ ଏବେ ଜାଣି ପାରିଲି ଯେ, ଶତକଡା ୯୯ଜଣ ପରଧର୍ମରେ ଥିବା ବେଳେ, ମାତ୍ର ଜଣେ ସ୍ୱଧର୍ମରେ ଅଛନ୍ତି । ତେଣୁ ମୁଁ ଲେଖିବାକୁ ଥିବା ସେହି ୩୫ତମ ଶ୍ଳୋକର ବ୍ୟାଖ୍ୟା ଏବେ ଏହି ପ୍ରମାଣ ଅନୁସାରେ ଲେଖିବି, ତାଛଡା ତୁମମାନଙ୍କୁ କହୁଛି ଯେ, "ସ୍ୱଧର୍ମ ପରଧର୍ମ ବାବଦରେ ବିସ୍ତୃତ ବିବରଣ ନଜାଣିଲେ, ଭବିଷ୍ୟତର ଜ୍ଞାନାକାଂକ୍ଷୀମାନେ ଜ୍ଞାନ ଜାଣିଲେ ମଧ୍ୟ ସେମାନଙ୍କୁ କିଛି ଫଳ ମିଳିବ ନାହିଁ । ଜାଣିଥିବା ଜ୍ଞାନ ଜୀବନରେ ପ୍ରୟୋଗ କରି ପାରିଲେ ଜ୍ଞାନର ମୂଲ୍ୟ କଣ ଜାଣିହୁଏ । ଏକଥା ମନେ ରଖ !"**

ଭଗବାନ ଯାହା କହିଛନ୍ତି ତାହା ସତ୍ୟ, ତେଣୁ ସେ କହିଥିବା ଭଳି ସବୁଦିଗରୁ ବିଚାରକଲେ, ଭୟ ଅପେକ୍ଷା ମରଣ ଭଲ, ପରଧର୍ମ ଅପେକ୍ଷା

ସ୍ୱଧର୍ମ ଶ୍ରେୟସ୍କର । ଗୁଣ, କର୍ମ ଯୁକ୍ତ ଅଧର୍ମଠାରୁ ତାହା ନଥିବା ଧର୍ମ ଶ୍ରେୟସ୍କର ବୋଲି କହିବା ଏହିଶ୍ଳୋକର ସାରାଂଶ ।

ଏପର୍ଯ୍ୟନ୍ତ ସ୍ୱଧର୍ମ ପରଧର୍ମର ବିବରଣ ଶୁଣୁଥିବା ଅର୍ଜୁନ ସମସ୍ତେ ପରଧର୍ମ ଆଚରଣ କରୁଛନ୍ତି, ଜାଣି ନଜାଣି ଭୁଲ୍ କରୁଥିବା ଲୋକମାନେ ମଧ୍ୟ ଥାଇପାରନ୍ତି, କିନ୍ତୁ ଜ୍ଞାନ ଜାଣିଥିବା ଲୋକମାନେ ଭୁଲ୍ କରିବା ବଡ ବିଚିତ୍ର କଥା, ତେଣୁ ଭୌତିକ ବିଷୟରେ ମଧ୍ୟ କେତେକ ଜାଣିଶୁଣି କାହିଁକି ଭୁଲ୍ କରୁଛନ୍ତି ବୋଲି ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି ।

## ଅର୍ଜୁନ କହୁଛନ୍ତି :-

**(୨) ଶ୍ଳୋକ,୩୬ : ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।**
**ଅନିଚ୍ଛନ୍ନପି ବାର୍ଷ୍ଣେୟ ! ବଳାଦିବ ନିୟୋଜିତଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ମଣିଷର ଇଚ୍ଛା ନଥିଲେ ମଧ୍ୟ କାହା ଦ୍ୱାରା ମଣିଷ ବଳପୂର୍ବକ ନିୟୋଜିତ ହୋଇ ପାପକାର୍ଯ୍ୟ କରିଥାଏ ?

**ବିବରଣୀ : "ଅନିଚ୍ଛନ୍ନପି",** ଅର୍ଥାତ୍ ଇଚ୍ଛା ନଥିଲେ ମଧ୍ୟ । ତେବେ ଇଚ୍ଛା କାହାର ନଥାଏ ବୋଲି ବିଚାର କଲେ, ଜ୍ଞାନ ଜାଣି ବ୍ରହ୍ମଯୋଗ ଆଚରଣ କରୁଥିବା ଲୋକମାନଙ୍କର କାର୍ଯ୍ୟରେ ଇଚ୍ଛା ନଥାଏ ବୋଲି ବୁଝିହୁଏ । ଜ୍ଞାନ ଜାଣି ଏହା ଖରାପ କାର୍ଯ୍ୟ, କରିବା ଉଚିତ୍ ନୁହେଁ ବୋଲି ଭାବିବା ଠିକ୍ ନୁହେଁ, ଏକଥା କର୍ମଯୋଗୀ ପାଇଁ ବୋଲି ପୂର୍ବରୁ କୁହାଯାଇଛି । ପାପପୁଣ୍ୟର ସାଧାରଣ ବିଚାର ନଥାଇ କାର୍ଯ୍ୟ କରିବା ଜ୍ଞାନ ହିଁ କର୍ମଯୋଗ ସମ୍ବନ୍ଧୀୟ ଜ୍ଞାନ, ଏହା ପାଠକ ପାଠିକାମାନେ ମନେରଖିବା ଉଚିତ୍ । କୌଣସି କାର୍ଯ୍ୟ ଏବଂ କୌଣସି ଆଲୋଚନା ନରହି କରାଯାଉଥିବା ଯୋଗ ହେଉଛି ବ୍ରହ୍ମଯୋଗ । ଏହା ମଧ୍ୟ ମନେ ରଖିବା ଉଚିତ୍ । ଏଠାରେ ଅର୍ଜୁନ ପଚାରିଥିବା ପ୍ରଶ୍ନ ବ୍ରହ୍ମଯୋଗ ସମ୍ବନ୍ଧୀୟ । ବ୍ରହ୍ମଯୋଗୀମାନେ କାର୍ଯ୍ୟ ନକରିବା ସହିତ ନିଜର ମନକୁ ନାନା ଆଲୋଚନା ଠାରୁ ଦୂରରେ ରଖିବାକୁ ଚେଷ୍ଟା କରିଥାନ୍ତି, କିନ୍ତୁ ଏହି

ଚେଷ୍ଟାରେ ସେମାନଙ୍କ ଠାରେ ନାନା ଆଲୋଚନା ଆସି ସେମାନଙ୍କର ଇଚ୍ଛା ନଥିଲେ ମଧ୍ୟ ସେମାନଙ୍କ ଦ୍ୱାରା କାର୍ଯ୍ୟ ହୋଇଯାଇଥାଏ । ଏଭଳି କାହିଁକି ହୋଇଥାଏ, ତାର କାରଣ କଣ ବୋଲି ଅର୍ଜୁନ ସବିବରଣ ଜାଣିବାକୁ ଚାହିଁଛନ୍ତି, ତାର ସମାଧାନ ଶ୍ରୀକୃଷ୍ଣ କେଉଁଭଳି କରିଛନ୍ତି ତାହା ଜାଣିବା ।

**(୨) ଶ୍ଳୋକ,୩୭ : କାମ ଏଷ କ୍ରୋଧଏଷ ରଜୋଗୁଣସମୁଦ୍ଭବଃ ।**
**ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ରଜୋଗୁଣରୁ ଜନ୍ମିତ କାମ ନାମକ ଗୁଣ ଏବଂ କ୍ରୋଧ ନାମକ ଗୁଣ ରହିଥାଏ । ଏହି ଆଶା ଅତୃପ୍ତ । କ୍ରୋଧ, ପାପ ଉଦ୍ଭବ କରିଥାଏ, ଏହା ଜ୍ଞାନର ଶତ୍ରୁ ।

**ବିବରଣୀ :** ଆମ ଶରୀରରେ ଗୁଣଗୁଡିଏ ରହିଛନ୍ତି ବୋଲି ଜଣାଇଲେ ସିନା, ତାହା କେଉଁଠାରେ ଅଛି ଜଣାଇ ନାହାନ୍ତି । ଏଠାରେ ଭଗବାନ ସୂଚନା ପ୍ରାୟ ଏକ ଗୁଣର ନାମକୁ ଉଚ୍ଚାରଣ କରିଛନ୍ତି, ତେଣୁ ତାର ସ୍ୱରୂପ ନିଶ୍ଚୟ ଟିକିଏ ଜାଣିବାକୁ ପଡିବ । **ଗୁଣତ୍ରୟ ବିଭାଗ ଯୋଗ** ନାମକ ଅଧ୍ୟାୟରେ ତିନି ଗୁଣର ସମ୍ପୂର୍ଣ୍ଣ ବୃତ୍ତାନ୍ତ ଦିଆଯାଇଛି । ଏଠାରେ ରଜୋଗୁଣରୁ କାମ, କ୍ରୋଧର ଜନ୍ମ କହିବା ଦ୍ୱାରା ଏହା ଏକ ଭାଗର ବୋଲି ଜଣାଯାଉଛି । ବାସ୍ତବରେ ଗୁଣଗୁଡିକ ତିନିଭାଗରେ ରହିଛି । ସେହି ତିନିଗୋଟି ହେଲେ **୧) ସାତ୍ତ୍ୱିକ ୨) ରାଜସିକ ୩) ତାମସିକ** । ସେଗୁଡିକ ଭିତରେ ରହିଥିବା ରାଜସ ଭାଗରେ କାମ, କ୍ରୋଧ ନାମକ ଗୁଣ ଦୁଇଟିର ବଳ ଅଧିକ ଥାଏ । ରାଜସ-କାମର ତୃପ୍ତି ଖୁବ୍ କମ୍, ତୃପ୍ତ ହେଉନଥିବା ବେଳେ ତା ସହିତ କ୍ରୋଧ ଆସିଥାଏ । ସେହି କ୍ରୋଧ ଅଧିକ ଖରାପକାର୍ଯ୍ୟ କରାଇ ମଣିଷକୁ ପାପଗ୍ରସ୍ତ କରାଇଥାଏ । ତୃପ୍ତିହୀନ ମଣିଷ ତୃପ୍ତି ପାଇଁ ବିକଳ ହୋଇଥାଏ, ସେଥିଲାଗି ଜ୍ଞାନ ଦିଗରେ ଯାଇପାରେ ନାହିଁ । ସେହିଭଳି କ୍ରୋଧ ଜ୍ଞାନ ଜାଣିବାକୁ ଦିଏ ନାହିଁ । ଅନ୍ୟ ଭାଗଗୁଡିକରେ ଜନ୍ମିତ ଗୁଣଗୁଡିକ ଅପେକ୍ଷା ରାଜସ ଭାଗରେ ଜନ୍ମିତ ଏହି କାମ, କ୍ରୋଧ ଜ୍ଞାନର ପ୍ରତିବନ୍ଧକ ।

**ସୂଚନା :-** ଭଗବଦ୍ଗୀତାରେ ସର୍ବପ୍ରଥମେ କାମ ନାମକ ଶବ୍ଦ ବିଶେଷ ଭାବରେ ଏଇଠାରେ କୁହାଯାଇଛି । ଶରୀରରେ ଏହି କାମଗୁଣର ଭୂମିକା କୀଳକ । ତେଣୁ ଏହାର ସ୍ୱରୂପ ପ୍ରଥମରୁ ନ ବୁଝିଲେ ସମସ୍ତ ଭାବ ଅଭାବ ହୋଇଯାଇ ପାରେ । **ପୁରୁଷର ସ୍ତ୍ରୀ ପ୍ରତି ରହିଥିବା ଶାରୀରିକ ଆକର୍ଷଣକୁ କାମ ବା କାମନା ବୋଲି ଅନେକଲୋକ ଭାବିଥାନ୍ତି । ବାସ୍ତବରେ କାମ ବା କାମନାର ଅର୍ଥ ହେଉଛି ଆଶା ବା ଇଚ୍ଛା ବୋଲି ଆମେ କହିପାରିବା ।** ସ୍ୱତନ୍ତ୍ର ଭାବରେ ସ୍ତ୍ରୀ ଉପରେ ଥିବା ଆକର୍ଷଣକୁ କାମନା କହିବା ଉଚିତ୍ ନୁହେଁ । କାମନା କହିଲେ ସୁନା ଉପରେ କାମନା ବା ଆଶା ରହିପାରେ, ପିଲାମାନଙ୍କ ଉପରେ ଆଶା ରହିପାରେ, ଭୂ ସମ୍ପତ୍ତି ଉପରେ ଆଶା ରହିପାରେ, ବସ୍ତୁ ଉପରେ ଆଶା ରହିପାରେ, ସେହିଭଳି ସ୍ତ୍ରୀ ଉପରେ ମଧ୍ୟ ଆଶା ରହିପାରେ । ଏଭଳି କୌଣସି ଜିନିଷ ଉପରେ ଆମର ଆଶା ରହିବାବେଳେ,ତାହାକୁ ସେ ଜିନିଷ ଉପରେ ଆମର କାମନା ରହିଛି ବୋଲି କହୁଛେ । ଏଭଳି କୌଣସି ଜିନିଷ ଉପରେ ଆଶା ଥିବାବେଳେ ଆମର କାମନା ରହିଛି ବୋଲି କହୁଛେ । ତେଣୁ ଖାଲି ସ୍ତ୍ରୀ ମାନଙ୍କ ଉପରେ ଥିବା ଆଶାକୁ କାମନା କହିବା ଠିକ୍ ନୁହେଁ, ଏହା ସନ୍ଦର୍ଭ ଅନୁସାରେ ବୁଝିବାକୁ ହୋଇଥାଏ । ଏହି ବିଷୟରେ ଭଲ ଜ୍ଞାନ ଜାଣିଥିବା ବ୍ୟକ୍ତିମାନେ ମଧ୍ୟ ଭୁଲ୍ କରୁଛନ୍ତି । ଉଦାହରଣ ସ୍ୱରୂପ ଜଣେ ଆଧ୍ୟାତ୍ମିକ ପ୍ରବଚନ ଦେଉଥିବା ପଣ୍ଡିତଙ୍କ ଘରେ ଏକ ବିବାହ କାର୍ଯ୍ୟ ହେଉଥିଲା । ବିବାହ ଉତ୍ସବଟି ଟିକିଏ କୋଳାହଳ ପୂର୍ଣ୍ଣ ହେଉ ବୋଲି ସେଦିନ ମାଇକ୍ ଲଗାଇ ଘଣ୍ଟଶାଳା ଗାଇଥିବା ଭଗବଦ୍ଗୀତା ରେକର୍ଡ ବଜାଉଥିଲେ । ସେହି ରେକର୍ଡରେ ଉପର ଶ୍ଳୋକଟି ଆସିଲା, ତାର ବ୍ୟାଖ୍ୟା କରିବା ବେଳେ କାମ ନାମକ ଗୁଣ ଜ୍ଞାନର ଶତ୍ରୁ ଭଳି, ତେଣୁ ହେ ପାର୍ଥ ! ତୁ ତାହା ବର୍ଜନ କର୍ ବୋଲି ଶୁଣାଗଲା । ସେତେବେଳେ ସେଠାରେ ଥିବା ସେହି ପଣ୍ଡିତ ତାହା ଶୁଣିବାକୁ ପାଇ, ସାଙ୍ଗେ ସାଙ୍ଗେ ରାଗିଯାଇ କହିଉଠିଲେ "ଶୁଭକାର୍ଯ୍ୟ ବୋଲି ବିବାହକାର୍ଯ୍ୟ ହେଉଥିବା ବେଳେ କାମନାକୁ ବର୍ଜନ କର୍ କହୁଥିବା ରେକର୍ଡ କଣ ଶୁଣାଇବା ଉଚିତ୍ ! କାମନା ନ ରହିଲେ ସେମାନଙ୍କର ଏ ବାହାଘର କାହିଁକି ?" ଏକଥା ଶୁଣିବା ପରେ ସେଠାରେ ଥିବା ଲୋକମାନେ ସେ ରେକର୍ଡ ଶୁଣିବା ବନ୍ଦକରିଦେଲେ । ଏଠାରେ ସାଧାରଣ ମାନବ ତାର ଅଜ୍ଞାନତାରେ କାମନାର ଅର୍ଥକୁ ଭୁଲ୍‌ବୁଝିଲେ

କିଛିକଥା ନାହିଁ, ହେଲେ ଜାଣିଥିବା ଜ୍ଞାନୀ କାମର ଅର୍ଥକୁ ଏଭଳି ବୁଝିବା ଅଜ୍ଞାନତା ହୋଇଥାଏ । ସନ୍ଧି ମିଳିଗଲେ ହେଲା ମାୟା ସହଜରେ ଅବାଟକୁ ନେଇଯାଏ । ତେଣୁ ଜ୍ଞାନ ବିଷୟରେ ସତର୍କତା ଅବଲମ୍ବନ କରିବା ଉଚିତ୍ । କାମ ନାମକ ଶବ୍ଦ ଭଗବଦ୍ଗୀତାରେ ଅନେକ ଥର ବ୍ୟବହାର କରାଯାଇଥିବା ଜଣାଯାଏ । ସବୁ ସନ୍ଦର୍ଭରେ କାମ ଶବ୍ଦ ଥିବା ଜାଗାରେ ଆଶା ବୋଲି ଅର୍ଥକରି ବୁଝିଲେ ଶ୍ଳୋକର ବାସ୍ତବ ଭାବ ଗ୍ରହଣ କରିବା ସହଜ ହୁଏ ବୋଲି ଜଣାଉଛୁ ।

**(୨) ଶ୍ଳୋକ,୩୮ : ଧୂମେନାବ୍ରିୟତେ ବହ୍ନିଃ ଯଥାଽଽଦର୍ଶୋ ମଳେନଚ ।**
**ଯଥୋଲ୍ବେନାବୃତ୍ତୋ ଗର୍ଭସ୍ଥଥା ତେନେଦମାବୃତ୍ତମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ଧୂଆଁ ଦ୍ୱାରା ଅଗ୍ନି, ଧୂଳି ଦ୍ୱାରା ଦର୍ପଣ, ଗର୍ଭମୁଣା ଭିତରେ ଶିଶୁ ଢାଙ୍କିହୋଇ ରହିବା ଭଳି ଆଶା ଦ୍ୱାରା ଜ୍ଞାନ ଢାଙ୍କିହୋଇ ରହିଛି ।

**ବିବରଣୀ :** ଧୂଆଁ ଢାଙ୍କିହୋଇ ରହିଥିବା ବେଳେ ଅଗ୍ନିତେଜ ଦେଖାଯାଏ ନାହିଁ, ଧୂଳିପୂର୍ଣ୍ଣ ଦର୍ପଣରେ ପ୍ରତିବିମ୍ବ ଦେଖାଯାଏ ନାହିଁ । ଗର୍ଭମୁଣା ଭିତରେ ଥିବା ଶିଶୁ ପୁଅ କି ଝିଅ ଦେଖାଯାଏ ନାହିଁ । ସେହିଭଳି ଆଶା ନାମକ ଗୁଣ ଆମ ମୁଣ୍ଡରେ ଭରି ରହିଥିବା ବେଳେ, ମୁଣ୍ଡ ଭିତରେ ଥିବା ଜ୍ଞାନ ପ୍ରକାଶିତ ହୋଇନଥାଏ । ଧୂଆଁ ଭରି ରହିଥିବା ବେଳେ ଯେମିତି ଚୁଲୀ ଜଳେ ନାହିଁ, ସେମିତି ଆମ ମୁଣ୍ଡରେ ଆଶାଗୁଣ ଭରି ରହିଥିବା ବେଳେ ଥିବା ଜ୍ଞାନ ମଧ୍ୟ ଅଜଣା ରହିଯାଏ । ବ୍ରହ୍ମଯୋଗ କରିବାକୁ ଚାହୁଁଥିବା ବ୍ୟକ୍ତି ଏ ସ୍ଥିତିରେ ଯୋଗପ୍ରାପ୍ତ ହୋଇନଥାଏ । ବ୍ରହ୍ମଯୋଗ ଆଚରଣର ଏହା ବଡ ପ୍ରତିବନ୍ଧକ ବୋଲି ଜାଣିବା ଉଚିତ୍ ।

**(୨) ଶ୍ଳୋକ,୩୯ :ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।**
**କାମରୂପେଣ କୌନ୍ତେୟ ! ଦୁଷ୍ପୂରେଣାନଳେନ ଚ ॥**

**(ପ୍ରକୃତି)**

**ଭାବାର୍ଥ :** ଅପୁରଣୀୟ, ଅତୃପ୍ତ ଆଶା ଜ୍ଞାନର ନିତ୍ୟଶତ୍ରୁ ହୋଇ ଜ୍ଞାନକୁ ଘୋଡାଇ ରଖିଥାଏ ।

**ବିବରଣୀ :** ଆକାଶର ସୀମା ନାହିଁ ବୋଲି କେହି କେହି କଥା ପ୍ରସଙ୍ଗରେ କହୁଥିବା ନିଶ୍ଚୟ ଶୁଣିଥିବେ । ଯେପରି ଆକାଶର ସୀମା ନାହିଁ, ସେହିପରି କାମନା ବା ଆଶାର ମଧ ସୀମା ନାହିଁ । ଜ୍ଞାନୀମାନଙ୍କୁ ବିଚଳିତ କରୁଥିବା ଆଶା ଅଜ୍ଞାନୀମାନଙ୍କୁ କଣ ବା ନକରୁଥିବ ! ଜ୍ଞାନକୁ ଘୋଡାଇ ଦେଉଥିବା, ଜ୍ଞାନର ନିତ୍ୟଶତ୍ରୁ ଆଶା ସାଧାରଣ ମାନବର ଶତ୍ରୁ ନୁହେଁ । ଏହା କି ବିଚିତ୍ର କଥା ବୋଲି ଆଶ୍ଚର୍ଯ୍ୟ ହୋଇଯାଆନ୍ତୁ ନାହିଁ । ଅନ୍ୟ ଦଳର ଲୋକ ଶତ୍ରୁ ହୋଇପାରେ ସିନା ନିଜ ଲୋକ ତ ମିତ୍ର ! ତେଣୁ ଆଶା ଆତ୍ମା ବର୍ଗରେ ଥିବା ଜ୍ଞାନୀର ଶତ୍ରୁ ହେବ, ପ୍ରକୃତି ବର୍ଗରେ ଅଜ୍ଞାନୀର ଶତ୍ରୁ ନୁହେଁ । ପ୍ରକୃତିକୁ ଛାଡି ଆତ୍ମାବର୍ଗକୁ ଯିବାକୁ ଚାହୁଁଥିବା ଲୋକର ଶତ୍ରୁ ଆଶା । ଜ୍ଞାନୀର ଶତ୍ରୁ କୁହାଯାଇଥିବା ଆଶା ବଳବାନ କି ନୁହେଁ ? ଯଦି ବଳବାନ ହୋଇଥାଏ ସେ ବଳ କାହା ଦ୍ୱାରା ପାଏ ତାହା ତଳେ ଦେଖନ୍ତୁ ।

**(୨) ଶ୍ଳୋକ,୪୦ : ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନ ମୁଚ୍ୟତେ ।**
**ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ମନ, ବୁଦ୍ଧି ଏବଂ ଇନ୍ଦ୍ରିୟଗୁଡିକ ଆଶାର ଆବାସ ସ୍ଥାନ, ତେଣୁ ଏଗୁଡିକର ଆଧାରରେ ମୋହ ଜାତ କରି ଆଶା ଜ୍ଞାନକୁ ଘୋଡାଇଦିଏ ।

**ବିବରଣୀ :** ଶରୀରର ଜ୍ଞାନେନ୍ଦ୍ରିୟ ହୋଇଥିବା ଆଖି, କାନ, ନାକ, ଜିଭ, ଚର୍ମ, ଏବଂ ଅନ୍ତରେନ୍ଦ୍ରିୟ ହୋଇଥିବା ବୁଦ୍ଧି ତଥା ବୁଦ୍ଧି ଏବଂ ଜ୍ଞାନେନ୍ଦ୍ରିୟ ଗୁଡିକର ମଧ୍ୟସ୍ଥି ହୋଇଥିବା ମନ ମିଶି ମୋଟ ଏହି ସାତଗୋଟି ଅବୟବ ଗୁଣର ଆଧାର ହୋଇ ରହିଛି । ବାହାରର ଜ୍ଞାନେନ୍ଦ୍ରିୟ ଗୁଡିକ ଜଣାଉଥିବା ବିଷୟ ଜ୍ଞାନକୁ ମନ ନେଇ ବୁଦ୍ଧିକୁ ଜଣାଇଲେ, ବୁଦ୍ଧି ସେଗୁଡିକୁ ଗୁଣଗୁଡିକ ଦ୍ୱାରା ବିଚାର କରିଥାଏ । ଏହି ସମୟରେ ଜ୍ଞାନ ଜଣିବାକୁ ଥିବା ବୁଦ୍ଧି ଗୁଣଗୁଡିକ ଦ୍ୱାରା ଛନ୍ଦି ହୋଇଯାଇ ଜ୍ଞାନ ଜାଣିପାରେ ନାହିଁ । କାମାଦି ଗୁଣଗୁଡିକ ବୁଦ୍ଧିକୁ ଭ୍ରମିତ କରିଦେଇଥାନ୍ତି । ବୁଦ୍ଧିକୁ ଭ୍ରମିତ କରୁଥିବା ଗୁଣଗୁଡିକୁ ବା ଆଶାକୁ କିପରି ଦମନ କରିବାକୁ ହେବ ତାହା ତଳ ଶ୍ଳୋକରେ ଜାଣିବା ।

**(୨) ଶ୍ଲୋକ,୪୧ : ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ! ।**
**ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ତେଣୁ ଇନ୍ଦ୍ରିୟଗୁଡ଼ିକୁ ଦମନକରି, ପାପବଢ଼ାଇ ଜ୍ଞାନବିଜ୍ଞାନକୁ ବିନାଶ କରୁଥିବା ଆଶାକୁ ଦମନ କରିବା ଉଚିତ୍ ।

**ବିବରଣୀ :** ଶରୀରର ବାହ୍ୟ ଇନ୍ଦ୍ରିୟ ହୋଇଥିବା ଆଖି, କାନ, ନାକ, ଜିଭ, ଚର୍ମାଦିର ବିଷୟ ହିଁ ଭିତରେ ଗୁଣ ପ୍ରେରଣ ହେବାର ମୁଖ୍ୟ ଆଧାର ହୋଇ ରହିଛି । ପ୍ରଥମେ ବିଷୟ ନଥିଲେ ମନ, ବୁଦ୍ଧି, ଗୁଣାଦିର କାର୍ଯ୍ୟ ରହନ୍ତା ନାହିଁ । ସେତେବେଳେ ମୁଖ୍ୟଗୁଣ ହୋଇଥିବା ଆଶା ସ୍ଥିର ହୋଇଯାଆନ୍ତା । ଏହି କାମଦମନ ପଦ୍ଧତି କେବଳ ବ୍ରହ୍ମଯୋଗରେ ଆବଶ୍ୟକ ବୋଲି ଆଉଥରେ ମନେପକାଇ ଦେଉଛୁ । ଯୋଗାସନରେ ବସିଥିବା ବ୍ୟକ୍ତିର ମନ, ବୁଦ୍ଧି, ଗୁଣାଦି ଜଡୀଭୂତ ହେବାକୁ ହେଲେ ଜ୍ଞାନେନ୍ଦ୍ରିୟ ଗୁଡ଼ିକ ସେଗୁଡ଼ିକର ଧ୍ୟାନରୁ ବଞ୍ଚିତ ହେବା ଉଚିତ୍ । ଏହି ପାଞ୍ଚ ଜ୍ଞାନେନ୍ଦ୍ରିୟ ନିଶ୍ଚଳ ରହିଯିବା ବେଳେ ସେଗୁଡ଼ିକ ଦ୍ୱାରା ଆରମ୍ଭ ହେଉଥିବା କାର୍ଯ୍ୟଗୁଡ଼ିକ ଅଟକିଯାଏ । ଏହିଭଳି ଚେଷ୍ଟା ଦ୍ୱାରା ଆଶାକୁ ଦମନ କରିହେବ ।

**(୨) ଶ୍ଲୋକ,୪୨ : ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିଭ୍ୟଃ ପରଂ ମନଃ ।**
**ମନସସ୍ତୁ ପରାବୁଦ୍ଧିଃ ଯୋବୁଦ୍ଧେଃ ପରତସ୍ତୁ ସଃ ॥**

**(ପ୍ରକୃତି,ଆତ୍ମା)**

**ଭାବାର୍ଥ :** ଶରୀରରେ ଇନ୍ଦ୍ରିୟଗୁଡ଼ିକ ବଡ଼, ତା ଅପେକ୍ଷା ମନ ବଡ଼, ତାଠାରୁ ବୁଦ୍ଧି ବଡ଼ ଏବଂ ବୁଦ୍ଧିଠାରୁ ଆତ୍ମା ବଡ଼ ।

**ବିବରଣୀ :** ଏକ ମୋଟର ବାଇକ୍‌କୁ ନେଲେ ତାହା ରୋଡ୍ ଉପରେ ଚାଲିବା ପାଇଁ ଚକ, ଚକପାଇଁ ଚେନ୍, ଚେନ୍‌କୁ ଘୂରାଇବା ପାଇଁ ଗିଅରବକ୍ସ, ଗିଅରବକ୍ସର ଗିଅରହ୍ୱିଲ୍‌କୁ ଘୂରାଇବା ପାଇଁ ଇଞ୍ଜିନ୍ ଥାଏ । ବାଇକ୍‌ର ଏହି ପାର୍ଟସ୍ ଗୁଡ଼ିକ ମୋଟର ବାଇକ୍‌କୁ ବିଭାଜନ କରି ଦେଖିଲେ

ଦେଖାଯାଇଥାଏ । ଆମେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ମୁଖ୍ୟତଃ ଏହି ଚାରିଗୋଟି ଉପକରଣ ଆମ ମୋଟର ବାଇକ୍‌ର ରହିଥିବା ଦରକାର । ମୋଟରବାଇକର ଚକ ଖୋଲିଦେଲେ ତାହା ଆଉ ଆଗକୁ ଯାଇପାରିବ ନାହିଁ, କିନ୍ତୁ ଇଞ୍ଜିନ୍, ଗିଅରବକ୍ସ, ଚେନ୍ କାର୍ଯ୍ୟ କରିବାରେ କିଛି ଅସୁବିଧା ନାହିଁ । ତାପରେ ଆମେ ସେଥିରୁ ଚେନ୍ ଖୋଲିଦେଲେ ମଧ୍ୟ ଇଞ୍ଜିନ୍ ଆଉ ଗିଅରବକ୍ସ କାର୍ଯ୍ୟ କରିବାରେ କିଛି ଅସୁବିଧା ନାହିଁ । ଶେଷରେ ଗିଅରବକ୍ସ କୁ ଖୋଲିଦେଲେ ମଧ୍ୟ ଇଞ୍ଜିନ୍ କାର୍ଯ୍ୟ କରିବାରେ କିଛି ଅସୁବିଧା ନାହିଁ । ମୋଟର ବାଇକ୍‌ର ଚାରିଗୋଟି ମୁଖ୍ୟ ପାର୍ଟସ୍ ଭିତରୁ ତିନିଗୋଟିକୁ ଖୋଲିଦେଲେ ମଧ୍ୟ ଶେଷ ପାର୍ଟ ହୋଇଥିବା ଇଞ୍ଜିନ୍ କାର୍ଯ୍ୟ କରୁଛି । ଏବେ ଆଉଗୋଟିଏ କାର୍ଯ୍ୟ କରିବ । ଏଥର ଖୋଲି ରଖିଥିବା ପାର୍ଟସ୍ ଗୁଡିକୁ ନଖୋଲି, ଖୋଲି ନଥିବା ଇଞ୍ଜିନ୍ ଖୋଲିଦେବା । ସେତେବେଳେ ଥିବା ତିନିଗୋଟି ପାର୍ଟସ୍ ଆଉ କାର୍ଯ୍ୟ କରିବ ନାହିଁ । କାରଣ ତିନିଗୋଟି ଭାଗକୁ ଶକ୍ତି ଯୋଗାଉଥିବା ମୁଖ୍ୟ ଇଞ୍ଜିନ୍ ନାହିଁ । ଏଥିରୁ ଜଣାଯାଏ ଯେ, ମୋଟର ବାଇକ୍‌ର ଚକ ମୁଖ୍ୟ ହେବାବେଳେ, ତାଠାରୁ ଆହୁରି ମୁଖ୍ୟ ହେଉଛି ଚେନ୍, ଚେନ୍ ଅପେକ୍ଷା ଆହୁରି ମୁଖ୍ୟ ହୋଇଥାଏ ଗିଅରବକ୍ସ ଏବଂ ସବୁଠାରୁ ମୁଖ୍ୟ ହୋଇଥାଏ ଇଞ୍ଜିନ୍ ।

ମୋଟର ବାଇକ୍‌ର ଚାରିଗୋଟି ଭାଗ ଥିବା ଭଳି, ଆମ ଶରୀରରେ ଇନ୍ଦ୍ରିୟ, ମନ, ବୁଦ୍ଧି, ଆତ୍ମା ନାମକ ଚାରିଗୋଟି ମୁଖ୍ୟ ଜିନିଷ ରହିଛି । ଇନ୍ଦ୍ରିୟ ନଥିଲେ ମଧ୍ୟ ମନ, ବୁଦ୍ଧି ନଥିଲେ ମଧ୍ୟ ଆତ୍ମା ଆମ ଶରୀରରେ ରହିଥାଏ, କିନ୍ତୁ ଇନ୍ଦ୍ରିୟ, ମନ, ବୁଦ୍ଧି ଥିଲେ ମଧ୍ୟ ଆତ୍ମା ନଥିଲେ କେହି କାର୍ଯ୍ୟ କରିପାରନ୍ତି ନାହିଁ । ଆତ୍ମା ନଥିବା ଶରୀର ଭୂପୃଷ୍ଠରେ ନଥାଏ । ଆତ୍ମା ନଥିଲେ ଶରୀର ନିର୍ଜୀବ ହୋଇ ଶବ ପାଲଟିଯାଇଥାଏ । ସେଥିଲାଗି ଶ୍ଳୋକରେ ଇନ୍ଦ୍ରିୟ ଗୁଡିକଠାରୁ ମନ, ମନଠାରୁ ବୁଦ୍ଧି, ବୁଦ୍ଧିଠାରୁ ଆତ୍ମା ବଡ ବୋଲି ଭଗବାନ କହିଛନ୍ତି ।

**(୨) ଶ୍ଲୋକ,୪୩: ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟୋଽତ୍ମାନମାତ୍ମନା ।**
**ଜହି ଶତ୍ରୁଂ ମହାବାହୋ ! କାମରୂପଂ ଦୂରାସଦମ୍ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ବୁଦ୍ଧିଠାରୁ ଆତ୍ମା ବଡ ବୋଲି ଜାଣି, ଜୀବାତ୍ମାକୁ ଆତ୍ମାରେ ମିଳିତ ହେବାଭଳି କରି, ଜୟ କରିହେଉ ନଥିବା ଆଶାକୁ ଜୟ କର୍ ।

**ବିବରଣୀ :** ଶ୍ଲୋକରେ ସମ୍ପୂର୍ଣ୍ଣ ବ୍ରହ୍ମଯୋଗ ବିଷୟ କୁହାଯାଇଛି । ବ୍ରହ୍ମଯୋଗରେ ଜୀବାତ୍ମା ଆତ୍ମା ସହିତ ସମ୍ପର୍କ ସ୍ଥାପନ କରି, ଆତ୍ମାର ଅନୁଭବ କରିବା ହେଉଛି ଏହାର ସାରକଥା । ସାଧାରଣ ବ୍ୟକ୍ତିଠାରେ ଆତ୍ମା, ଜୀବାତ୍ମା ଥାଆନ୍ତି । ଆତ୍ମା ଜୀବାତ୍ମାକୁ ଦେଖିପାରିଥାଏ, କିନ୍ତୁ ଜୀବାତ୍ମା ଆତ୍ମାକୁ ଦେଖିପାରି ନଥାଏ । ଉଭୟ ଗୋଟିଏ ଜାଗାରେ ଥିବା ବେଳେ, ଆତ୍ମା ଜୀବାତ୍ମାକୁ ଦେଖି ପାରୁଥିବା ବେଳେ, ଜୀବାତ୍ମା କାହିଁକି ଆତ୍ମାକୁ ଦେଖିପାରିବ ନାହିଁ ? ବୋଲି ପ୍ରଶ୍ନ ଆସେ । ତାର ସମାଧାନ ହେଉଛି ଦୁଇଜଣ ବ୍ୟକ୍ତି ଗୋଟିଏ ଜାଗାରେ ଆଗପଛ ହୋଇ ଠିଆ ହୋଇଥିବା ବେଳେ, କେବଳ ପଛ ବ୍ୟକ୍ତିଜଣକ ଆଗ ବ୍ୟକ୍ତିକୁ ଦେଖିପାରିବ ସିନା, ଆଗ ବ୍ୟକ୍ତି ଜଣକ ପଛ ବ୍ୟକ୍ତିକୁ ଦେଖିପାରିବ ନାହିଁ । ସେହିଭଳି ସାଧାରଣ ବ୍ୟକ୍ତିର ଆତ୍ମା, ଜିବାତ୍ମା ଗୋଟିଏ ଜାଗାରେ ରହିଥିଲେ ମଧ୍ୟ, ସେମାନେ ଗୋଟିକ ପଛରେ ଗୋଟିଏ ରହିଥାନ୍ତି । ଜୀବାତ୍ମା ଆତ୍ମାର ଆଗରେ ରହିଥାଏ, ତେଣୁ ଜୀବାତ୍ମାକୁ ଆତ୍ମା ଦେଖିପାରିଥାଏ । ଜୀବାତ୍ମା ଆଗରେ ମନ, ବୁଦ୍ଧି, ଗୁଣରାଜି ଥିବା ଯୋଗୁଁ ଜୀବାତ୍ମା କେବଳ ସେଗୁଡିକୁ ଦେଖିଥାଏ, ସେଗୁଡିକର ଅନୁଭବ ପ୍ରାପ୍ତ ହୋଇଥାଏ ସିନା, ପଛରେ ଥିବା ଆତ୍ମାକୁ ଦେଖିପାରି ନଥାଏ, ତାର ଅନୁଭବ ପାଇପାରି ନଥାଏ ।

ବ୍ରହ୍ମଯୋଗରେ ଜୀବାତ୍ମା ଗୁଣରାଜି, ମନ, ବୁଦ୍ଧି ଦିଗରୁ ବିପରୀତ ଭାବରେ ରହି, ସେଗୁଡିକର ଅନୁଭବଠାରୁ ଦୂରରେ ରହି, ପଛରେ ଥିବା ଅତ୍ମା ଦିଗକୁ ଚହିଁରହି ତାର ଅନୁଭବ ପ୍ରାପ୍ତ ହୋଇଥାଏ । ଏହିଭଳି ରହିଥିବା ସମୟରେ ଆଶାଦି ଗୁଣରାଜି, ସେଗୁଡିକର ସ୍ମୃତି, ଇନ୍ଦ୍ରିୟ ଗୁଡିକର ବିଷୟ,

ବୁଦ୍ଧିର ବିଚାର ଇତ୍ୟାଦି ଜୀବର ନଥାଏ । ତାହା ହିଁ ସ୍ୱଚ୍ଛ ବ୍ରହ୍ମଯୋଗ । ଅଭ୍ୟାସ କରିବା ଦ୍ୱାରା ଏହି ଯୋଗରେ ଅନେକ ସମୟଧରି ରହିହେବ । ଏହି ପଦ୍ଧତି ଦ୍ୱାରା ମନକୁ ଆଉ ଆଶାକୁ ଦମନ କର ବୋଲି ଭଗବାନ କହିଛନ୍ତି ।

କର୍ମଯୋଗ ଏତିକିରେ ସମାପ୍ତ ହେଲା । ଏହି ଅଧ୍ୟାୟରେ ଥିବା ଶ୍ଳୋକସମୂହ ଆଉ କେଉଁ ଶ୍ଳୋକ କେଉଁ ବିଷୟ ବାବଦରେ ଜଣାଇଛି ସେସବୁର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଅଶାସ୍ତ୍ରୀୟ ଶ୍ଳୋକ (କଳ୍ପିତ) | = | ୦୭ |
| ୨) | ବ୍ରହ୍ମ, କର୍ମଯୋଗ | = | ୦୩ |
| ୩) | ବ୍ରହ୍ମଯୋଗ | = | ୦୭ |
| ୪) | କର୍ମଯୋଗ | = | ୧୨ |
| ୫) | ପ୍ରକୃତି | = | ୦୮ |
| ୬) | ପ୍ରକୃତି, ଆତ୍ମା | = | ୦୧ |
| ୭) | କର୍ମଯୋଗ, ଜୀବାତ୍ମା | = | ୦୩ |
| ୮) | ବ୍ରହ୍ମଯୋଗ, ଜୀବାତ୍ମା | = | ୦୧ |
| ୯) | ଜୀବାତ୍ମା | = | ୦୧ |
| | ମୋଟ | = | ୪୩ |

**ଭାବାର୍ଥ, ବିବରଣ ବଦଳିଥିବା ଶ୍ଳୋକ ଗୁଡିକ - ୯,୨୧,୨୪,୩୫**

*****

# ଜ୍ଞାନଯୋଗ

## ଶ୍ରୀ ଭଗବାନ କହୁଛନ୍ତି :-

(୩) ଶ୍ଳୋକ,୧ : ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନ ହମବ୍ୟୟମ୍ ।
ବିବସ୍ୱାନ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥
(କର୍ମଯୋଗ,ବ୍ରହ୍ମଯୋଗ)

**ଭାବାର୍ଥ :** ଏହା ଅବ୍ୟୟ ଜ୍ଞାନ । ପ୍ରଥମେ ଏହା ସୂର୍ଯ୍ୟଙ୍କୁ କହିଥିଲି, ସୂର୍ଯ୍ୟ ମନୁଙ୍କୁ କହିଥିଲେ, ତାପରେ ମନୁ ଇକ୍ଷ୍ୱାକୁ ନାମକ ରାଜାଙ୍କୁ କହିଥିଲେ ।

**ବିବରଣୀ :** କହିଛନ୍ତି ଭଗବାନ ଏବଂ ଯାହା କହିଛନ୍ତି ତାହା ଅବିନାଶୀ ଜ୍ଞାନ । ପ୍ରଥମେ ଶୁଣିଛନ୍ତି ସୂର୍ଯ୍ୟ । ଏଠାରେ କହିଥିବା ପାତ୍ର କେଉଁଭଳି, ଶରୀର ଧାରଣ କରି କହିଛନ୍ତି କି ଶରୀର ଧାରଣ ନକରି ଶୂନ୍ୟରେ ଶବ୍ଦ ସୃଷ୍ଟିକରି କହିଛନ୍ତି ତାହା କାହାକୁ ଜଣା ନାହିଁ । ଯେପରି କହିଥିଲେ ମଧ୍ୟ ଜ୍ଞାନ ଶବ୍ଦ ରୂପରେ ଆସିଥିବ ! ଶବ୍ଦ ରୂପରେ ଥିବା ଜ୍ଞାନକୁ ସୂର୍ଯ୍ୟ କିପରି ଶୁଣିଲେ ? ହେଉଛି ପ୍ରଶ୍ନ । ପୂର୍ବକାଳ କଥା ହେଲେ ସେତେବେଳେ ଯାହା ଶୁଣୁଥିଲେ ତାହା ବିଶ୍ୱାସ କରୁଥିଲେ ବୋଲି କହିପାରିବା, ହେଲେ ଆଜି ଆମେ ଏହାକୁ ଅନ୍ଧ ଭାବରେ ଗ୍ରହଣ କରିପାରିବା ନାହିଁ । ବିଜ୍ଞାନର ଏତେ ପ୍ରାଧାନ୍ୟତା ଥିବା ଆଜିର କମ୍ପ୍ୟୁଟର ଯୁଗରେ ଏକ ଗୋଲ, ଉତ୍ତପ୍ତ ଗ୍ୟାସୀୟ ପିଣ୍ଡ, ଅଗ୍ନିମୟ, ନିତ୍ୟଦହିତ ହୋଇ ପୃଥିବୀଠାରୁ କେତେଲକ୍ଷ ଗୁଣରେ ବଡ ହୋଇଥିବା ସୂର୍ଯ୍ୟ ଆଲୋକ, ଉତ୍ତାପ ଦିଏ ବୋଲି ସମସ୍ତେ ଜାଣନ୍ତି । ମଣିଷ ଭଳି ଶରୀର ହୋଇନଥିବା ସୂର୍ଯ୍ୟ ପରମାତ୍ମା କହିଥିବା ଜ୍ଞାନକୁ କିପରି ଶୁଣିଲେ ? ଏ ପ୍ରଶ୍ନ ନ ଆସି ରହିପାରିବ ନାହିଁ । କଥା ଏତିକିରେ ରହି ନଯାଇ ଭୂପୃଷ୍ଠର ମଣିଷ ହୋଇଥିବା ମନୁଙ୍କୁ ସେ କିପରି ଜ୍ଞାନ କହିଲେ ? ଏତେ ବଡ ସୂର୍ଯ୍ୟ କେଉଁଠି ? ଏତେ ଛୋଟ ପୃଥିବୀର ମଣିଷ କେଉଁଠି ? ସୂର୍ଯ୍ୟ କଣ ସତରେ କହିଛି ? କହିଲେ ଜଣେ ମଣିଷ କ'ଣ ତାହା ଶୁଣିପାରିଛି ? ମଣିଷ ପାଖକୁ ଯଦି ସୂର୍ଯ୍ୟ ଆସେ ମଣିଷ କ'ଣ ସେହି ଉତ୍ତାପକୁ ସହ୍ୟ କରିପାରିବ ? ଏହିଭଳି ଅନେକ ପ୍ରଶ୍ନ ଆସି ପାରେ । ଏହି

ପ୍ରଶ୍ନଗୁଡିକର ସମାଧାନ ହୋଇଗଲେ ଠିକ୍, ନ ମିଳିଲେ ଜ୍ଞାନ ସନ୍ଦେହମୟ ହୋଇଯାଏ । **"ଯାହା ସନ୍ଦେହହୀନ ତାହା ଜ୍ଞାନ"** ନାମକ ସୂତ୍ର ଅନୁସାରେ ସନ୍ଦେହ ଥିଲେ ଅଜ୍ଞାନ ହୋଇଥାଏ । ଅନେକ ଲୋକ ଭଗବଦ୍ଗୀତା ପଢିଛନ୍ତି, ଅନେକ ଲେଖିଛନ୍ତି, କ'ଣ ସେମାନଙ୍କ ଠାରେ ଏହି ସନ୍ଦେହସବୁ ଆସି ନାହିଁ ? ଅନୁବାଦ କରିଥିବା ଲୋକମାନେ ହୁଏତ ଏହି ବିଷୟ ଅନୁବାଦ କରିବାବେଳେ ଛାଡିଦେଇଥିବେ, କିନ୍ତୁ ଯେଉଁମାନେ ପଢୁଛନ୍ତି ଅତି କମ୍‌ରେ ସେମାନଙ୍କଠାରେ ଏହି ପ୍ରଶ୍ନସବୁ ଆସିବାକଥା ! ଲେଖିଥିବା,ପଢୁଥିବା ଲୋକମାନଙ୍କୁ ଏବାବଦରେ ପଚାରି ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଜବାବ ନପାଇ, ନିତ୍ୟ ଗୀତା ପାରାୟଣ କରୁଥିବା ଜଣେ ଲୋକକୁ ଆମେ ଦିନେ ପଚାରିଲୁ । ଆମ ପ୍ରଶ୍ନରେ ସେ ହସିହସି ଗୋଟିଏ କଥା କହିଲା । "କଥାର ଗୋଡ ନାହିଁ" (ଅର୍ଥାତ୍ ତାହା କାହାଣୀ, କାହାଣୀରେ ଯାହା କହିଲେ ଚଳିବ) ତାକଥା ଶୁଣି ଆମେ ତାକୁ କ'ଣ କହିବୁ କିଛି ନିର୍ଣ୍ଣୟ କରିପାରିଲୁ ନାହିଁ । ତାସହିତ ଆଉ ଅଧିକ କ'ଣ କଥାହେବୁ ଥୟ କରିନପାରି ଚୁପ୍ ରହିଲୁ । ଲୋକମାନସରେ ଭଗବଦ୍ଗୀତା କି ରୂପରେ ଅଛି ଆମେ ବୁଝିପାରିଲୁ ।

ଭଗବଦ୍ଗୀତା କଥା (କାହାଣୀ) ନୁହେଁ । ଭଗବଦ୍ଗୀତା ମଣିଷ ପାଇଁ ଜ୍ଞାନରେଖା । ପ୍ରକୃତିଠାରୁ ଆରମ୍ଭ ହୋଇ ଈଶ୍ୱରଙ୍କ ପର୍ଯ୍ୟନ୍ତ ଟଣାଯାଇଥିବା ରେଖା ବା ସୀମା ହେଉଛି ଭଗବଦ୍ଗୀତା । ଏଥିରେ ଯାହାସବୁ ଅଛି ତାହା ସତ୍ୟ ହିଁ ସତ୍ୟ । ସବୁକିଛି ସତ୍ୟ ଏବଂ ଶାସ୍ତ୍ରବଦ୍ଧ ହୋଇଥିବାରୁ ଏଥିରେ ସବୁକିଛିର ସମାଧାନ ହୋଇଥାଏ । ଏବେ ସୂର୍ଯ୍ୟ ଆଉ ମନୁଙ୍କ ବାବଦରେ ଆସିଥିବା ପ୍ରଶ୍ନର ସମାଧାନ କ'ଣ ଜାଣିବା ।

ବିଶ୍ୱରେ ଅନେକ ଜୀବରାଶି ରହିଛନ୍ତି । ନାନା ପ୍ରକାରର ଶରୀର ଧାରଣ କରିଥିବା ଜୀବରାଶି କେବଳ ଭୂପୃଷ୍ଠରେ ନୁହେଁ ସମୁଦ୍ରରେ, ଆକାଶରେ ମଧ୍ୟ ରହିଛନ୍ତି । ଜୀବରାଶି ଧାରଣ କରିଥିବା ଶରୀର ଅନୁସାରେ ସ୍ଥାବର ଜଙ୍ଗମ ନାମରେ ଚଳପ୍ରଚଳ ହେଉଥିବା, ଚଳପ୍ରଚଳ ହୋଇପାରୁ ନଥିବା ଏଭଳି ଦୁଇ ପ୍ରକାରର ଜୀବ ରହିଛନ୍ତି । ଭୂପୃଷ୍ଠରେ ମାନବ, ସମୁଦ୍ରରେ ଜଳଚର, ଆକାଶରେ ପକ୍ଷୀମାନଙ୍କ ଛଡା ବିଶ୍ୱ ଗଗନରେ ଥିବା ଅନେକ ଗ୍ରହମାନେ

ମଧ୍ୟ ସଜୀବ ଭାବରେ ରହିଛନ୍ତି । ସୂର୍ଯ୍ୟ, ଚନ୍ଦ୍ରାଦି ଗ୍ରହମାନେ ମଧ୍ୟ ଅତୀତରୁ ଏଯାବତ୍ ସଜୀବ ଭାବରେ ରହିଛନ୍ତି । ଏକଥା କିଛି ନୂଆକଥା ନୁହେଁ । ପ୍ରଥମେ ସୂର୍ଯ୍ୟଙ୍କୁ ଜ୍ଞାନ କହିଥିଲି ବୋଲି, କ'ଣ ଭଗବାନ କହି ନାହାନ୍ତି ! ସେହି କଥା ଅନୁସାରେ ସୂର୍ଯ୍ୟ ସଜୀବ ବୋଲି ଜଣାଯାଉଛି । ଜୀବର ଶରୀର ନାନା ପ୍ରକାରର ବୋଲି ଆମେ ଜାଣିଛେ । ଚଳପ୍ରଚଳ ହେଉଥିବା ମଣିଷ ଶରୀର ଭଳି, ତିଆରି ହୋଇଥିବା ମନ୍ଦିରର ମୂର୍ତ୍ତିରେ ମଧ୍ୟ ଜୀବଟିଏ ଥାଏ । ଚଳପ୍ରଚଳ ହେଉଥିବା କାରଣରୁ ମଣିଷଠାରେ ଜୀବ ରହିଛି ବୋଲି ସହଜରେ ବୁଝିହେଉଛି, କିନ୍ତୁ ପ୍ରତିମା ଚଳପ୍ରଚଳ ହୋଇପାରୁ ନଥିବାରୁ ସେଥିରେ ଜୀବଟିଏ ଅଛି ବୋଲି ଆମର ବିଶ୍ୱାସ ହୁଏ ନାହିଁ । ଏହିଭଳି ଚଳପ୍ରଚଳ ହୋଇପାରୁ ନଥିବା ଅନେକ ଜୀବରାଶି ମଧ୍ୟ ଅଛନ୍ତି, ସେମାନଙ୍କ ଭିତରୁ ସୂର୍ଯ୍ୟଗୋଳ ଗୋଟିଏ । ନାନା ପ୍ରକାରର ଜୀବଶରୀର ଥିବା ଭଳି, ଗୋଳ ରୂପରେ ରହିଥିବା ଜୀବଶରୀର ଅନେକ ଅଛି, ସେମାନଙ୍କ ଭିତରୁ ସୂର୍ଯ୍ୟ ଗୋଟିଏ ବୋଲି ଜାଣିବା ଉଚିତ୍ । ଦେଖାଯାଉ ନଥିବା ସୂକ୍ଷ୍ମ ଜୀବାଣୁର ଆକାର ଆଉ ଦେଖାଯାଉଥିବା ହାତୀର ଆକାରରେ ଅନେକ ଭିନ୍ନତା ରହିଛି, ସେହିଭଳି ଦେଖାଯାଉଥିବା ଛୋଟ ମଣିଷର ଆକାର ଆଉ କାହିଁ କେତେଲକ୍ଷ ଦୂରରେ ଥିବା ସୂର୍ଯ୍ୟଙ୍କ ଆକାରରେ ଅନେକ ଭିନ୍ନତା ଥିଲେ ମଧ୍ୟ ସେଥିରେ ଥିବା ଜୀବ ଆଉ ମଣିଷ ଶରୀର ଭିତରେ ଥିବା ଜୀବରେ କୌଣସି ଭିନ୍ନତା ନାହିଁ । ପ୍ରତ୍ୟେକ ଶରୀରରେ ଥିବା ଜୀବାତ୍ମା କର୍ମବନ୍ଧ ଭାବରେ ରହିଥାଏ । କର୍ମବନ୍ଧ ଜୀବ ସୂର୍ଯ୍ୟଙ୍କର ମଧ୍ୟ ଜ୍ଞାନ ଆବଶ୍ୟକ,ତେଣୁ ମୁଁ ପ୍ରଥମେ ସୂର୍ଯ୍ୟଙ୍କୁ ଜ୍ଞାନ କହିଥିଲି ବୋଲି କହିଛନ୍ତି ।

ପ୍ରତ୍ୟେକ ଜୀବରାଶିର ଶରୀରକୁ ବିଭାଜନ କରି ଦେଖିଲେ, ମୋଟ ୨୫ଭାଗର ବୋଲି ଜଣାପଡିଥାଏ । ୨୫ ଭାଗରୁ ବାହାରର କର୍ମେନ୍ଦ୍ରିୟ ୫ଗୋଟି, ଜ୍ଞାନେନ୍ଦ୍ରିୟ ୫ଗୋଟି ମିଶି ମୋଟ ୧୦ଗୋଟି ହୋଇଥିବା ବେଳେ, ଭିତର (ଅନ୍ତଃକରଣରେ) ଭାଗରେ ଦେଖାଯାଉ ନଥିବା ମୋଟ ୧୫ ଗୋଟି ଭାଗ ରହିଛି । ଦେଖାଯାଉ ନଥିବା ଜୀବ, ମନ, ବୁଦ୍ଧି, ଚିତ୍ତ, ଅହମ (ଅହଂ) ନାମକ ପାଞ୍ଚଗୋଟି ହେଉଛନ୍ତି ଅଦୃଶ୍ୟ ଅନ୍ତଃକରଣ । ସେହିଭଳି ଦେଖାଯାଉ ନଥିବା ବ୍ୟାନବାୟୁ, ଉଦାନବାୟୁ, ସମାନବାୟୁ, ପ୍ରାଣବାୟୁ, ଅପାନବାୟୁ

ହେଉଛନ୍ତି ପଞ୍ଚପ୍ରାଣ । ତାଛଡା ଦୃଷ୍ଟି, ଶ୍ରବଣ, ଗନ୍ଧ, ରୁଚି, ସ୍ପର୍ଶ ନାମକ ଜ୍ଞାନେନ୍ଦ୍ରିୟ ଗୁଡିକରେ ମିଶି ଦେଖା ନଯାଇ ରହିଥିବା ପାଞ୍ଚଗୋଟି ତନ୍ମାତ୍ର ମଧ୍ୟ ଶରୀରରେ ରହିଛି । ଦେଖାଯାଉ ନଥିବା ଏହି ୧୫ଭାଗର ଶରୀରକୁ ସୂକ୍ଷ୍ମଶରୀର ନାମରେ ନାମିତ କରାଯାଇଛି । ଦେଖାଯାଉଥିବା ବାହାର ଶରୀରର ଭାଗ ଯଥା- ଗୋଡ, ହାତ, ମୁଖ, ଗୁହ୍ୟ, ଉପସ୍ଥ ନାମକ ପଞ୍ଚ କର୍ମେନ୍ଦ୍ରିୟ ଏବଂ ଆଖି, ନାକ, କାନ, ଜିଭ, ଚର୍ମ ନାମକ ପଞ୍ଚ ଜ୍ଞାନେନ୍ଦ୍ରିୟ । ଏପରି ୧୦ଗୋଟି ଭାଗରେ ତିଆରି ଶରୀରକୁ ସ୍ଥୂଳଶରୀର ନାମରେ ନାମିତ କରାଯାଇଛି । ଏହି ଅନୁସାରେ ଶରୀର ସ୍ଥୂଳ, ସୂକ୍ଷ୍ମ ନାମକ ଦୁଇଭାଗରେ ବିଭକ୍ତହୋଇ ରହିଛି ବୋଲି ଜଣାଯାଇଛି । ଏହିଭଳି ପ୍ରତ୍ୟେକ ଶରୀର ସ୍ଥୂଳ, ସୂକ୍ଷ୍ମ ଭାବରେ ଦୁଇଭାଗ ହୋଇ ରହିଛି ବୋଲି ଜାଣିବା ଉଚିତ୍ । ଏହି ସୂତ୍ର ଅନୁସାରେ ଆକାଶରେ ଥିବା ସୂର୍ଯ୍ୟଙ୍କର ମଧ୍ୟ ସ୍ଥୂଳଶରୀର ଏବଂ ସୂକ୍ଷ୍ମ ଶରୀର ରହିଛି, ମନ୍ଦିରରେ ଥିବା ବିଗ୍ରହର ମଧ୍ୟ ଏପରି ଦୁଇଟି ଶରୀର ରହିଛି ।

ପ୍ରତ୍ୟେକ ଶରୀରରେ ଏକ ଜୀବ ଥିବା ଭଳି, ପ୍ରତ୍ୟେକ ମନ୍ଦିରର ମୂର୍ତ୍ତିରେ ମଧ୍ୟ ଏକ ଏକ ଜୀବ ରହିଛନ୍ତି । ମଣିଷ ଦେହର ସୂକ୍ଷ୍ମ ଶରୀରକୁ **"ଗ୍ରହ"** କହୁଛୁ । ସେହିଭଳି ମୂର୍ତ୍ତିର ସୂକ୍ଷ୍ମ ଶରୀରକୁ **"ବିଗ୍ରହ"** କହୁଛୁ । ମଣିଷର ସୂକ୍ଷ୍ମ ଶରୀର ଅନ୍ୟଏକ ଶରୀରରେ ପ୍ରବେଶ କରି କଥା କହିବା ଆମେ ଦେଖୁଛେ । ସେହିଭଳି ମନ୍ଦିରର ମୂର୍ତ୍ତିରେ ଥିବା ବିଗ୍ରହ ମଧ୍ୟ ମଣିଷ ଶରୀରରେ ପ୍ରବେଶ କରି କଥା କହିବା ଦେଖୁଛେ । ସ୍ଥୂଳ ଶରୀରର ନିର୍ମାଣ କିପରି ହେଲେ ମଧ୍ୟ, ସୂକ୍ଷ୍ମ ଶରୀରର ପଞ୍ଚତନ୍ମାତ୍ର ଦ୍ୱାରା ଦେଖିପାରେ, ଶୁଣିପାରେ । ସୂକ୍ଷ୍ମଶରୀର ସମସ୍ତଙ୍କୁ ଦେଖିପାରେ, ସମସ୍ତଙ୍କ କଥା ଶୁଣିପାରେ । ସ୍ଥୂଳଶରୀର ଥିବା ଗଛର ମଧ୍ୟ ଏକ ସୂକ୍ଷ୍ମଶରୀର ରହିଛି, ତେଣୁ ଗଛ ଶୁଣିପାରେ, ଦେଖିପାରେ, ସେହିଭଳି ସୂର୍ଯ୍ୟ ମଧ୍ୟ ଶୁଣିପାରନ୍ତି, ଦେଖିପାରନ୍ତି ।

ଏଠାରେ ମୁଖ୍ୟତଃ ଧ୍ୟାନ ଦେବା ବିଷୟ ଗୋଟିଏ ରହିଛି । ତାହା ହେଉଛି **!** ସ୍ୱୟଂ ଚଳପ୍ରଚଳ ହେଉଥିବା ଶରୀରର ସୂକ୍ଷ୍ମଶରୀର ଗୋଟିଏ ଥର ବାହାରକୁ ଆସିଲେ ପୁଣି ଥରେ ସେହି ଶରୀରରେ ପ୍ରବେଶ କରି ନଥାଏ । ସ୍ୱୟଂ ଚଳପ୍ରଚଳ ହୋଇପାରୁ ନଥିବା ମୂର୍ତ୍ତି ଶରୀରରେ ଥିବା ସୂକ୍ଷ୍ମ ଶରୀର

ଅନେକଥର ସେହି ଶରୀରରୁ ବାହାରକୁ ଆସିପାରେ, ପୁଣି ସେହି ଶରୀରକୁ ଯାଇପାରେ । **ଶରୀରର ବାହାରକୁ ଆସି ପୁନର୍ବାର ପ୍ରବେଶ କରିପାରୁ ନଥିବା ସୂକ୍ଷ୍ମଶରୀରକୁ ଗ୍ରହ, ଶରୀରରୁ ବାହାରକୁ ଆସି ପୁନର୍ବାର ସେହି ଶରୀରରେ ପ୍ରବେଶ କରିପାରୁଥିବା ସୂକ୍ଷ୍ମଶରୀରକୁ ବିଗ୍ରହ ବୋଲି କହିଛୁ** । ଗ୍ରହମାନେ ନିଜ ଶରୀରରୁ ନିଜ ଇଚ୍ଛାରେ ବାହାରକୁ ଆସିପାରି ନଥାନ୍ତି କି ପ୍ରବେଶ କରିପାରି ନଥାନ୍ତି । ବିଗ୍ରହମାନେ ନିଜ ଇଚ୍ଛାରେ ନିଜ ଶରୀରରୁ ବାହାରକୁ ଆସିପାରନ୍ତି, ପୁଣି ସେହି ଶରୀରରେ ପ୍ରବେଶ କରି ପାରନ୍ତି । ଗ୍ରହମାନେ ନିଜ ଇଚ୍ଛା ଅନୁସାରେ ସ୍ଥୁଳ ଶରୀରରେ କୌଣସି ସ୍ଥାନକୁ ଯାଇପାରିଥାନ୍ତି । ବିଗ୍ରହମାନେ ନିଜ ଇଚ୍ଛାରେ ନିଜର ସ୍ଥୁଳ ଶରୀରରେ କୌଣସି ସ୍ଥାନକୁ ଯାଇପାରି ନଥାନ୍ତି । ଏହିଭଳି ସ୍ଥୁଳ, ସୂକ୍ଷ୍ମ ଭେଦରେ ସ୍ଥାବର ଜଙ୍ଗମମାନଙ୍କର ଅନେକ ଭିନ୍ନତା ରହିଥାଏ ।

ମଣିଷ ଚଳପ୍ରଚଳ ହେଉଥିବା ଜୀବରାଶି ବର୍ଗର । ତେଣୁ ମଣିଷର ସୂକ୍ଷ୍ମଶରୀରକୁ ମଧ୍ୟ ଗ୍ରହ କହିପାରିବା । ଏକ ଗୋଲ ନିଜ ଇଚ୍ଛାରେ ଚଳପ୍ରଚଳ କରିପାରେ ନାହିଁ । ତେଣୁ ତାର ସୂକ୍ଷ୍ମଶରୀରକୁ ବିଗ୍ରହ କହିପାରିବା । ଏହି ହିସାବ ଅନୁସାରେ ସୂର୍ଯ୍ୟ ଏକ ବିଗ୍ରହ । ଜଗତ ଜନ୍ମହେବା ପରେ ପରମାତ୍ମା ପ୍ରଥମେ ସୂର୍ଯ୍ୟଙ୍କୁ ଜ୍ଞାନ କହିଥିଲେ । ସୂର୍ଯ୍ୟ ନିଜର ଥିବା ସୂକ୍ଷ୍ମ ଶରୀରର ଶ୍ରବଣ ନାମକ ତନ୍ମାତ୍ର ଦ୍ୱାରା ସମସ୍ତ ଜ୍ଞାନକୁ ଶୁଣି ପାରିଥିଲେ । ତାପରେ ସୂର୍ଯ୍ୟ ଶୁଣିଥିବା ସେହି ଜ୍ଞାନକୁ ଭୂପୃଷ୍ଠର ମନୁଙ୍କୁ କହିଥିଲେ । ତାହା କିପରିନା ! ସୂର୍ଯ୍ୟ ତାଙ୍କର ସ୍ଥୁଳ ଶରୀରକୁ ଛାଡି, ସୂକ୍ଷ୍ମ ଶରୀରରେ ଭୂପୃଷ୍ଠକୁ ଆସି, ଅନ୍ୟଏକ ମଣିଷ ଶରୀରରେ ପ୍ରବେଶ କରି ମନୁଙ୍କୁ ଜ୍ଞାନବୋଧ କରିଥାଇ ପାରନ୍ତି । ଏଭଳି ଜ୍ଞାନବୋଧ କରିବା ପରେ ପୁଣି ଯାଇ ନିଜର ଅଗ୍ନି ଗୋଲରେ ପ୍ରବେଶ କରିଥାଇ ପାରନ୍ତି । ପାରନ୍ତି ନୁହେଁ, ବାସ୍ତବରେ ସେଦିନ ସେହିଭଳି ହିଁ ହୋଇଥିଲା । ସୂର୍ଯ୍ୟଙ୍କ ଦ୍ୱାରା ଜ୍ଞାନ ଶୁଣିଥିବା ମନୁ ତାହା ଇକ୍ଷ୍ୱାକୁ ନାମକ ରାଜାଙ୍କୁ ଜଣାଇଥିଲେ ।

ଆମର ସମସ୍ତ ପ୍ରଶ୍ନର ଜବାବ ମିଳିବା ଆଗରୁ ଆମକୁ ଜଣାନଥିଲା ଯେ, ସୂର୍ଯ୍ୟ ଏକ ଜୀବାତ୍ମା, ସମସ୍ତଙ୍କର ଦୁଇଟି ଶରୀର ରହିଛି, ଶରୀର ବାବଦରେ ଭଲରେ ନଜାଣିବା ପର୍ଯ୍ୟନ୍ତ ଉପର ଶ୍ଳୋକଟି କାହାକୁ ବୁଝା

ପଡିବ ନାହିଁ, ଆସୁଥିବା ସନ୍ଦେହ ଦୂର ହୋଇପାରିବ ନାହିଁ, ସେଥିଲାଗି ସେହି ସ୍ଥୁଳ ଏବଂ ସୂକ୍ଷ୍ମଶରୀର ବାବଦରେ ଆହୁରି ଅଧିକ ବୁଝିବାକୁ ଚେଷ୍ଟା କରନ୍ତୁ, ନଚେତ୍ ନିଜେ ନିଜକୁ ଜାଣି ପରିବେ ନାହିଁ ।

**(୩) ଶ୍ଲୋକ,୨ : ଏବଂ ପରଂପରା ପ୍ରାପ୍ତଂ ଇମଂ ରାଜର୍ଷୟୋ ବିଦୁଃ ।**
**ସ କାଲେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ! ।।**
**(କର୍ମ,ବ୍ରହ୍ମଯୋଗ)**

**ଭାବାର୍ଥ :** ଜଣକଠାରୁ ଜଣକୁ ପାରମ୍ପରୀକ ରୀତିରେ ରାଜାମାନେ, ଋଷିମାନେ ଏହି ଜ୍ଞାନକୁ ଜାଣିଥିଲେ । ଏହିଭଳି କେତେକାଳ ବିତିଯିବା ପରେ, ଶେଷରେ ଯୋଗୀମାନଙ୍କୁ ମଧ୍ୟ ଏହି ଜ୍ଞାନ ଅଜଣା ରହିଗଲା ।

**ବିବରଣୀ :** ଭଗବାନ ପ୍ରଥମେ ସୂର୍ଯ୍ୟଙ୍କୁ ଜଣାଇଥିବା ଜ୍ଞାନ ଜଣକଠାରୁ ଜଣେ ଜାଣିବାକୁ ପାଇ, ପରମ୍ପରାଗତ ଭାବରେ ବଡ ବଡ ରାଜାମାନେ, ଋଷିମାନେ ମଧ୍ୟ ଜାଣିଯାଇଥିଲେ । ପ୍ରଥମେ ରାଜାମାନଙ୍କ ଠାରୁ ଆରମ୍ଭ ହୋଇଥିବା ଜ୍ଞାନ ଶେଷରେ ଅରଣ୍ୟରେ ରହୁଥିବା ଋଷିମାନଙ୍କ ପାଖରେ ପହଞ୍ଚିଥିଲା । ପରମାତ୍ମା ପ୍ରଜାମାନଙ୍କୁ ଜ୍ଞାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଜାମୁଖ୍ୟ ରାଜାମାନଙ୍କୁ ଅବଗତ ହେବା ଭଳି କରିଥିଲେ । କିଛିକାଳ ପରେ ଜାଣିଥିବା ପ୍ରଜାମାନଙ୍କ ଦ୍ୱାରା ଏହା ଋଷିମାନଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା । ଏମିତି ଦିନ ଆସିଲା ଯେତେବେଳେ ଅନେକ ରାଜାମାନେ ଆଶକ୍ତିହୀନ ହୋଇ ଜ୍ଞାନ ଭୁଲିଗଲେ; ତଥାପି କେହି କେହି ଆଶକ୍ତି ଥିବା ରାଜାମାନେ ଶେଷରେ ବଣରେ ରହୁଥିବା ଋଷିମାନଙ୍କ ପାଖକୁ ଯାଇ ଜ୍ଞାନ ଶିଖିବାକୁ ପଡିଲା । କାଳକ୍ରମେ ପୁନଃ ଋଷି, ରାଜା, ପ୍ରଜା ସମସ୍ତେ ଜ୍ଞାନକୁ ଭୁଲିଗଲେ । ଶେଷରେ ଏହି ଯୋଗ ଜ୍ଞାନକୁ ସମସ୍ତେ ଭୁଲି କାମ୍ୟଜ୍ଞାନକୁ ଜାଣିଲେ । ପରଧର୍ମ ହୋଇଥିବା ଆଶାଜ୍ଞାନରେ ପୂର୍ଣ୍ଣ ଅବଗତ ହୋଇ, କାମନାମୟ ପୂଜା, ଯଜ୍ଞ, ବ୍ରତାଦି କଲେ ସିନା ଆଶା ଦମନ କରି ପାରୁଥିବା ସ୍ୱଧର୍ମ ଜ୍ଞାନ ବା କର୍ମ ନାଶକ ଆତ୍ମଜ୍ଞାନ ସମସ୍ତେ ଭୁଲିଗଲେ । ତେଣୁ ତାହା ପୁନର୍ବାର କହିବାକୁ ହେବ ବୋଲି ଭଗବାନ ତଳ ଶ୍ଲୋକରେ କହିଛନ୍ତି ।

**(୩) ଶ୍ଲୋକ,୩ : ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।**
**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ଅତି ଉନ୍ନତ, ଅତି ରହସ୍ୟ, ପୁରାତନ ଯୋଗବିଦ୍ୟା ଏବେ ମୋର ପ୍ରିୟ ସଖା ଏବଂ ଭକ୍ତ ହୋଇଥିବା ତୋତେ କହୁଛି ।

**ବିବରଣୀ :** ଯୋଗ ସମ୍ବନ୍ଧୀୟ ଜ୍ଞାନ ଅତି ମୂଲ୍ୟବାନ । ଏହି ଅମୂଲ୍ୟ ଯୋଗଜ୍ଞାନକୁ ଭଗବାନ ଭକ୍ତି ତଥା ଆତ୍ମଜ୍ଞାନ ଉପରେ ଶ୍ରଦ୍ଧା ଥିବା ପାତ୍ରକୁ ଜଣାଇଥାନ୍ତି । ନାନା କାମନା ଓ ଆତ୍ମଜ୍ଞାନ ଉପରେ ଶ୍ରଦ୍ଧା ନଥିବା, ଯୋଗରେ ଆଶକ୍ତି ନଥିବା ପାତ୍ରକୁ ଜଣାଇନଥାନ୍ତି । ଜ୍ଞାନ ଜାଣିଥିବା ବ୍ୟକ୍ତି ମଧ୍ୟ ଶ୍ରଦ୍ଧା ନଥିବା ପାତ୍ରକୁ କଦାପି ଜ୍ଞାନ ଜଣାଇବା ଉଚିତ୍ ନୁହେଁ । ଏଭଳି ପାତ୍ରମାନଙ୍କୁ ଏହି ଜ୍ଞାନ ଜଣାଇଲେ ଜ୍ଞାନର ମୂଲ୍ୟ ରହିବ ନାହିଁ । ଜ୍ଞାନ ଜାଣିଥିବା କାହା ପାଖକୁ ଜ୍ଞାନ ଜାଣିବା ପାଇଁ ଏଭଳି ଲୋକମାନେ ଆସିବାବେଳେ ସେମାନଙ୍କ ପାଖରେ ଥିବା ଦଶଟଙ୍କା ସେମାନଙ୍କୁ ବଡ ଦେଖାଯାଇଥାଏ । ଜାଣିଥିବା ଜ୍ଞାନ ସେମାନଙ୍କ ହିସାବରେ ଦଶଟଙ୍କାର ମୂଲ୍ୟଠାରୁ କମ୍ ବୋଧ ହୋଇଥାଏ । ତେଣୁ ଶ୍ରଦ୍ଧା, ଭକ୍ତି ଥିବା ପାତ୍ରମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଅର୍ଜୁନଙ୍କୁ ଭକ୍ତ ଏବଂ ପ୍ରିୟ ବୋଲି କହିଛନ୍ତି ।

## ଅର୍ଜୁନ କହୁଛନ୍ତି :-

**(୩) ଶ୍ଲୋକ,୪ : ଅପରଂ ଭବତୋ ଜନ୍ମ ପରଂଜନ୍ମ ବିବସ୍ୱତଃ ।**
**କଥଂମେତତ୍ ବିଜାନିୟାଂ ତ୍ୱମାଦୌ ପ୍ରୋକ୍ତବାନିତି ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସୃଷ୍ଟ୍ୟାଦିରେ ସୂର୍ଯ୍ୟଙ୍କର ଜନ୍ମ ହୋଇଥିଲା । ତୋ ଜନ୍ମ ଏବେ ଏଇ କାଳରେ ହୋଇଛି, ଏବେ ଥିବା ତୁ ପୂର୍ବେ ସୂର୍ଯ୍ୟଙ୍କୁ କିପରି ଜ୍ଞାନ କହିଲୁ ! ମୁଁ ତୋକଥା କେମିତି ବିଶ୍ୱାସ କରିବି ?

**ବିବରଣୀ :** ଅର୍ଜୁନ ସେଦିନ ଏଭଳି ପ୍ରଶ୍ନ କରିବା ଆଜି ଆମ ପାଇଁ ସନ୍ତୋଷଜନକ

ବିଷୟ । କୁହାଯାଉଥିବା କୌଣସି ବିଷୟଅବୁଝା ରହିଲେ ସେହି ବିଷୟ ପ୍ରଶ୍ନ କରି ଜାଣିବା ଆବଶ୍ୟକ । ସେତେବେଳେ, ଭଗବାନ ହୋଇଥିଲେ ମଧ୍ୟ ତାଙ୍କୁ ଅଟକାଇ ପଚାରିବା ଉଚିତ୍ ବୋଲି ଏଠାରେ ଜଣାପଡୁଛି । ଏଭଳି ପଚାରିବା ଦ୍ୱାରା ଅର୍ଜୁନଙ୍କର ଆଶକ୍ତି ବଢିଥିଲା ବୋଲି ଜଣାଯାଉଛି । ସେଦିନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମଝିରେ ପ୍ରଶ୍ନ କରିବା ଉଚିତ୍ ନୁହେଁ ବୋଲି କହି ନଥିଲେ । କାରଣ ! ସେଦିନର ପରମ୍ପରା ସେହିଭଳି ଥିଲା, କିନ୍ତୁ ଆଜି ମଝିରେ ପ୍ରଶ୍ନ କରିବା ଉଚିତ୍ ନୁହେଁ ଭଳି ପରମ୍ପରା ଆସି ପହଞ୍ଚିଛି । ସେଥିଲାଗି ଆମଠାରେ କୌଣସି ପ୍ରଶ୍ନ ଆସୁଥିଲେ ମଧ୍ୟ ତାର ସମାଧାନ ହୋଇ ପାରୁନାହିଁ । ଶୁଣିବା ବେଳେ ଜ୍ଞାନ ବୁଝି ନହେଲେ ପଚାରି ବୁଝିବା ଉଚିତ୍ । ବୁଝି ହେଉନଥିବା ବେଳେ ନବୁଝି ମୁଣ୍ଡ ହଲାଇବା ଉଚିତ୍ ନୁହେଁ । ପ୍ରଶ୍ନ ପଚାରିବାକୁ ଥିବାବେଳେ ପଚାରିବା ଉଚିତ୍ । ପଚାରିବା ଅନୁଚିତ୍ କହିବା ଦ୍ୱାରା ଜ୍ଞାନକୁ ଅବାଟରେ ନେବା ଭଳି ହୋଇଥାଏ । **ମୋ ସମ୍ମୁଖରେ ଏବେ ରହିଥିବା ତୁ ଏତେ ଆଗରୁ ଜନ୍ମ ହୋଇଥିବା ସୂର୍ଯ୍ୟଙ୍କୁ କିପରି ଜ୍ଞାନ କହିଲୁ ?** ବୋଲି ଅର୍ଜୁନ ପଚାରିଥିବା ପ୍ରଶ୍ନ ପାଇଁ ଶ୍ରୀକୃଷ୍ଣ କଣ ଜବାବ ଦେଇଛନ୍ତି ଜାଣିବା ।

## ଶ୍ରୀ ଭଗବାନ କହୁଛନ୍ତି :-

**(୩) ଶ୍ଳୋକ,୫ : ବହୂନିମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ! ।**
**ତାନ୍ୟହଂ ବେଦ ସର୍ବାଣି ନତ୍ୱଂ ବେତ୍ଥ ପରଂତପ ! ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ମୁଁ ଅନେକ ଥର ଜନ୍ମ ହୋଇଛି, ତୋର ମଧ୍ୟ ଅନେକ ଜନ୍ମ ବିତିଛି, ସେସବୁ କ୍ରମାନ୍ୱୟରେ ମୁଁ ଜାଣିଛି, କିନ୍ତୁ ତୁ ଜାଣିନାହୁଁ ।

**ବିବରଣୀ :** ପରମାତ୍ମା ଭୂପୃଷ୍ଠରେ ଅନେକ ଥର ଜନ୍ମ ହୋଇଛନ୍ତି, ଜୀବାତ୍ମା ମଧ୍ୟ ଜନ୍ମହୋଇ ଆସୁଛି । ଭଗବାନଙ୍କର ସେହି ଜନ୍ମ ସମୂହ ମନେ ଅଛି, କିନ୍ତୁ ଆମର ସେସବୁ କାହିଁକି ମନେ ନାହିଁ ? ଏହା ହେଉଛି ଏଠିକାର ମୁଖ୍ୟପ୍ରଶ୍ନ । ଏହି ପ୍ରଶ୍ନ ଅର୍ଜୁନ ପଚାରିବା ଉଚିତ୍ ଥିଲା, କିନ୍ତୁ ପଚାରିପାରି ନାହାନ୍ତି । ହେଲେ

ଆମେ ନଛାଡି ଏଇଠାରେ ପଚାରିବା, ସେ (ଆତ୍ମା) କ'ଣ ଉତ୍ତର କହୁଛନ୍ତି ଦେଖିବା ।

ଜୀବାତ୍ମା ହୋଇଥିବା ତୁ ଶରୀରରେ କେତେକ ପରିବାର ସଭ୍ୟଙ୍କ ସହିତ ନିବାସ କରୁଛୁ । ପରିବାର କହିଲେ କ'ଣ ଜାଣୁ ! ତୋ ସହିତ ଶରୀରରେ ମନ, ବୁଦ୍ଧି, ଚିତ୍ତ ଇତ୍ୟାଦି ୨୪ଜଣ ସହଚର ଅଛନ୍ତି, ସେମାନଙ୍କ ଭିତରେ ମନ ବିଷୟ ଗୁଡିକୁ ମନେପକାଏ । ଜୀବାତ୍ମାର ସହଚର ଭାବରେ ଥିବା ମନ ତୋ ସହିତ ଜନ୍ମହୋଇ, ବଢି ଦିନେ ମରଣରେ ବିନାଶ ହୋଇଥାଏ । ଜୀବ ଅନେକ ଥର ମରଣ ପାଇଲେ ମଧ୍ୟ ସେ ସେହି ଜୀବହୋଇ ରହିଥାଏ । ଶରୀର ସବୁବେଳେ ସେହିଭଳି ରହି ନଥାଏ । ଗତଜନ୍ମରେ ଥିବା ନାକ ପରଜନ୍ମରେ ନଥାଏ । ଗୋଟିଏ ଜନ୍ମରେ ଅତିସୁନ୍ଦର ନାକ ଥାଇପାରେ, ଆଉଏକ ଜନ୍ମରେ ଅସୁନ୍ଦର ନାକ ହୋଇପାରେ । ସେହିଭଳି ଶରୀରର ଅନ୍ୟ ଭାଗଗୁଡିକ ଗୋଟିଏ ଜନ୍ମରେ ଥିବା ଭଳି ନରହି ବଦଳିଥାଏ । ମନ ମଧ୍ୟ ଗୋଟିଏ ଜନ୍ମରେ ଥିବା ଭଳି ଅନ୍ୟଏକ ଜନ୍ମରେ ନଥାଏ । ଗୋଟିଏ ଜନ୍ମରେ ଅଧିକ ମେଧାଶକ୍ତି ରହି, ଆଉଏକ ଜନ୍ମରେ ଭୁଲାମନ ଥାଇପାରେ । ଗୋଟିଏ ଜନ୍ମରେ ଥିବା ବିଷୟ ସ୍ମୃତି କେବଳ ସେହି ଜନ୍ମରେ ଥିବା ମନର ଥାଏ । ମରଣରେ ମନର ବିନାଶ ହେବାବେଳେ ମନରେ ଥିବା ସେହି ଜନ୍ମର ସ୍ମୃତି ମଧ୍ୟ ବିନାଶ ହୋଇଯାଇଥାଏ । ସେଥିଲାଗି ଗତଜନ୍ମ ବିଷୟ ଏହି ଜନ୍ମରେ ମନେ ନଥାଏ । ଜନ୍ମ ଅନେକ ଥର ହେଉଥିଲେ ମଧ୍ୟ ଯେଉଁ ଜନ୍ମର ସ୍ମୃତି କେବଳ ସେହି ଜନ୍ମ ପାଇଁ ପରିମିତ ହୋଇଥିବାରୁ, ଜୀବ କେତେଥର ଜନ୍ମ ହୋଇଛି, କେଉଁ ଜନ୍ମରେ କ'ଣ କରିଛି ତାକୁ ଜଣା ନଥାଏ । ଯେହେତୁ ତୁ ଏକ ଜୀବ ତୋତେ ତୋର ଗତଜନ୍ମର ବିଷୟ କିଛି ଜଣା ନାହିଁ ।

ଆମର ଅନେକ ଜନ୍ମ ରହିଛି, ହେଲେ ଆମକୁ ଆମର ଜନ୍ମ ବାବଦରେ କିଛି ମନେ ନଥାଏ ବୋଲି ଶ୍ଳୋକରେ କହିବା ବ୍ୟତୀତ ତାଙ୍କର ମଧ୍ୟ ଜନ୍ମ ଅଛି, ସେସବୁ ତାଙ୍କର ମନେଅଛି ବୋଲି ଭଗବାନ ପ୍ରକାଶ କରିଛନ୍ତି । ଏହି ଶ୍ଳୋକର ପର ଶ୍ଳୋକରେ ମଣିଷ ଭଳି ମରଣ ପରେ ସେ ଜନ୍ମ ହୋଇନଥାନ୍ତି, କେବଳ ଭୂପୃଷ୍ଠରେ ତାଙ୍କର ଆବଶ୍ୟକତା ଥିଲେ ସେ ଜନ୍ମ

ହୋଇଥାନ୍ତି ବୋଲି କହିଛନ୍ତି, ଭଗବାନ ଭାବରେ ଜନ୍ମହୋଇ କ'ଣ କରିଥାନ୍ତି ତାହା ମଧ୍ୟ କହିଛନ୍ତି । ଭଗବାନଙ୍କ ଜନ୍ମ ସମ୍ବନ୍ଧୀୟ ପ୍ରଶ୍ନ ନଥିଲେ ମଧ୍ୟ, ଏକ ପ୍ରଶ୍ନ ଆସିବା ସୁଯୋଗ ରହିଛି । କଣନା ! ଆମମାନଙ୍କ ଭଳି ଭଗବାନ କେତେ ଥର ଜନ୍ମ ନେଇଛନ୍ତି ବୋଲି ପ୍ରଶ୍ନ ଆସେ । ଏହି ପ୍ରଶ୍ନର ଉତ୍ତର ପର ଶ୍ଳୋକରେ ଜାଣିବା ଆଗରୁ ଏବେ ଜାଣିଗଲେ ଭଲ । ତେଣୁ ତାହା ଜାଣିବା ।

ଈଶ୍ୱର (ପରମାତ୍ମା)ଙ୍କ ଦ୍ୱାରା ପ୍ରଥମେ ପ୍ରପଞ୍ଚ (ପଞ୍ଚଭୂତ), ତା' ପରେ ଜଗତ ସୃଷ୍ଟିହେଲା, ସେତେବେଳେ ମଣିଷ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି ବୋଲି ଜାଣିନଥିଲା । ତାଛଡା ମଣିଷ ଜାଣି ନଥିଲା ଯେ, ତାଠାରୁ ଆହୁରି ଆଗରୁ ତିଆରି ହୋଇଥିବା ପଞ୍ଚଭୂତ ଯଥା- ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି । ସାରା ବିଶ୍ୱର ସ୍ରଷ୍ଟା ଜଣେ ବୋଲି ମଧ୍ୟ ମଣିଷକୁ ଜଣାନଥିଲା । ଦେଖାଯାଉଥିବା ପ୍ରକୃତି ଧ୍ୟାନ ଛଡା ଦେଖାଯାଉ ନଥିବା ଈଶ୍ୱରଙ୍କ ଉପରେ ସେଦିନ ମଣିଷର ଧ୍ୟାନ ନଥିଲା । ଈଶ୍ୱର ନାମକ ଶବ୍ଦ ଜାଣିନଥିବା ମଣିଷକୁ ଈଶ୍ୱର କେହିଜଣେ ଅଛନ୍ତି ବୋଲି ଜଣାଇବାକୁ ହେଲେ ତାଙ୍କ ବିଷୟ ଜଣାଥିବା ଜଣେ ମଣିଷ ଆବଶ୍ୟକ, ତେଣୁ ଭୂପୃଷ୍ଠରେ ଐଶ୍ୱରୀୟ ବିଷୟ (ଜ୍ଞାନ) ଜଣାଥିବା ମଣିଷର ଆବଶ୍ୟକ ପଡିଲା । ଐଶ୍ୱରୀୟ ବିଷୟ କେବଳ ଈଶ୍ୱରଙ୍କ ବ୍ୟତୀତ ଅନ୍ୟକାହାକୁ ଜଣାନଥାଏ । ତେଣୁ ସ୍ୱୟଂ ଈଶ୍ୱରଙ୍କୁ ଏକ ମଣିଷ ଭାବରେ ଭୂପୃଷ୍ଠକୁ ଆସି ନିଜକଥା ଅର୍ଥାତ୍ ଐଶ୍ୱରୀୟ ଜ୍ଞାନ କହିବାକୁ ପଡିଲା । ଈଶ୍ୱର ମଣିଷହୋଇ ଭୂପୃଷ୍ଠରେ ଜନ୍ମହେଲେ ତାଙ୍କୁ ଭଗବାନ କହନ୍ତି । **ଈଶ୍ୱର ବିଶ୍ୱବ୍ୟାପୀ ହୋଇ ରହିଥିବା ସ୍ଥଳେ, ଭଗବାନ କେବଳ ଗୋଟିଏ ଶରୀରରେ ଥାଆନ୍ତି । ଏହି ହିସାବରେ, ସନ୍ଦର୍ଭ ଅନୁସାରେ ଈଶ୍ୱରଙ୍କୁ ଈଶ୍ୱର କହିବା ଉଚିତ୍, ଭଗବାନଙ୍କୁ ଭଗବାନ କହିବା ଉଚିତ୍ । ଈଶ୍ୱରଙ୍କୁ ଭଗବାନ କହି, ଭଗବାନଙ୍କୁ ଈଶ୍ୱର କହିବା ଅନୁଚିତ୍ ।** ଆଜିର ବୋଧକମାନେ ଭଗବାନ ଆଉ ଈଶ୍ୱରଙ୍କ ଭିତରେ କ'ଣ ପାର୍ଥକ୍ୟ ରହିଛି ନଜାଣି, ଈଶ୍ୱର କୁହାଯିବା ସନ୍ଦର୍ଭରେ ଭଗବାନ, ଭଗବାନ କହିବା ସନ୍ଦର୍ଭରେ ଈଶ୍ୱର କହିଥାନ୍ତି, ସେମାନଙ୍କର ଏହି ଆଚରଣରେ ଈଶ୍ୱର (ପରମାତ୍ମା) ଆଉ ଭଗବାନ ପଦର ପାର୍ଥକ୍ୟକୁ ସାଧାରଣ ପ୍ରଜାମାନେ ଜାଣିପାରୁ ନାହାନ୍ତି ।

ନିଜକଥା ନିଜେ କହିବାକୁ ଆସିଥିବା ଭଗବାନ, ଈଶ୍ୱରଙ୍କ ଅସ୍ତିତ୍ୱ, ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନ ଆଦୌ ଜାଣି ନଥିବା ମଣିଷକୁ ସୃଷ୍ଟି ପରେ ସର୍ବପ୍ରଥମେ ଜଣାଇଥିଲେ । ଭୂପୃଷ୍ଠରେ ଅଦୃଶ୍ୟ ଈଶ୍ୱରଙ୍କ ବିଷୟ ମଣିଷ ମନରେ ସର୍ବଦା ରହିଯିବା ଭଳି କରିବା ପାଇଁ ତାଙ୍କୁ ଭଗବାନ ହୋଇ ଆସିବାକୁ ପଡିଥିଲା । ଏହିଭଳି ଭଗବାନଙ୍କର ପ୍ରଥମ ଜନ୍ମ ଈଶ୍ୱରଙ୍କ ଅସ୍ତିତ୍ୱ ଜଣାଇବା ପାଇଁ ହିଁ ହୋଇଥିଲା । ଭଗବାନଙ୍କ ପ୍ରଥମ ଜନ୍ମରେ ଐଶ୍ୱରୀୟ ବିଷୟ ଭୂପୃଷ୍ଠରେ ଥିବା ମଣିଷ ଜାଣି ପାରିଥିଲା, ସେ କାଳରେ ଭଗବାନଙ୍କ ବାଣୀଦ୍ୱାରା ନିଜଠାରୁ ଅଲଗା, ନିଜର ଅଧିପତି, ସାରା ବିଶ୍ୱର ସ୍ରଷ୍ଟା ଆଉକେହି ଜଣେ ଅଛନ୍ତି ବୋଲି ମଣିଷର ମନରେ ଭାବ ଜାଗ୍ରତ ହୋଇଥିଲା । ଏହିଭଳି ସୃଷ୍ଟିହେବାର କିଛିକାଳ ପରେ ଭଗବାନଙ୍କ ଦ୍ୱାରା ଈଶ୍ୱରଙ୍କ ସମାଚରକୁ ମଣିଷ ଜାଣି ପାରିଥିବାରୁ ଈଶ୍ୱର ଅଛନ୍ତି ଭାବ ମଣିଷର ମନରେ ଅନେକ କାଳ ପର୍ଯ୍ୟନ୍ତ ରହିଗଲା । ତାପରେ ମଣିଷର ମୁଣ୍ଡରେ ମାୟା ପ୍ରଭାବ ବଢିବା ଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ଅସତ୍ୟ, ସେ ଯଦି ଅଛନ୍ତି କିପରି ଅଛନ୍ତି ? ଅଛନ୍ତି କହିବାକୁ କେଉଁ ପ୍ରମାଣ ଅଛି ? ବୋଲି ଭାବନା ସୃଷ୍ଟିହୋଇ, କେଇ ହଜାର ବର୍ଷ ପରେ ଈଶ୍ୱରଙ୍କ ଅସ୍ତିତ୍ୱ ଭୂପୃଷ୍ଠରେ ଥିବା ମଣିଷର ମନରୁ ସମ୍ପୂର୍ଣ୍ଣ ନିଖୋଜ ହେବାକୁ ଲାଗିଲା । ଏହିଭଳି ଈଶ୍ୱରଙ୍କ ଅସ୍ତିତ୍ୱ ମଣିଷ ଭୁଲିଯିବାରୁ ଭଗବାନ ଜଣାଇଥିବା ପ୍ରଥମ ଧର୍ମରେ ଗ୍ଲାନିହେବା ଆରମ୍ଭ ହୋଇଥିଲା । ସେତେବେଳେ ପୁନର୍ବାର ଈଶ୍ୱର ସତ୍ୟ ଆଉ ତାଙ୍କର ଅସ୍ତିତ୍ୱ ଏହିଭଳି ରହିଛି ବୋଲି ଜଣାଇବା ଆବଶ୍ୟକ ହେଉଥିବାରୁ ଈଶ୍ୱରଙ୍କ ଅଂଶ ଭଗବାନଙ୍କର ଦ୍ୱିତୀୟ ଆଗମନ ହୋଇଥିଲା ।

ପରମାତ୍ମାଙ୍କ ଅସ୍ତିତ୍ୱ ଭୂପୃଷ୍ଠରୁ ଲୋପ ନହୋଇ ବଞ୍ଚିରହିବା ପାଇଁ, ପରମାତ୍ମାଙ୍କୁ ଦ୍ୱିତୀୟ ଥର ଭଗବାନ ହୋଇ ଆସିବାକୁ ପଡିଲା । ଏଭଳି ଜନ୍ମ ହୋଇ ଈଶ୍ୱର ଏପରି ଅଛନ୍ତି ବୋଲି ମଣିଷକୁ ଜଣାଇବା ନିମନ୍ତେ ଭୂପୃଷ୍ଠରେ ସ୍ୱୟଂ ଭଗବାନ ଦେବାଳୟ (ମନ୍ଦିର) ନିର୍ମାଣ କରାଇଥିଲେ, ସେତେବେଳ ପର୍ଯ୍ୟନ୍ତ ଭୂପୃଷ୍ଠରେ ଦେବାଳୟର ଅସ୍ତିତ୍ୱ ହିଁ ନଥିଲା । ଭଗବାନଙ୍କ ଦ୍ୱିତୀୟ ଆଗମନରେ ଭୂପୃଷ୍ଠରେ ମନ୍ଦିରଗୁଡିଏ ଗଢି ଉଠିଥିଲା । **ଈଶ୍ୱର ଏହିଭଳି ନିରାକାର ଭାବରେ ଅଛନ୍ତି ବୋଲି ଜଣାଇବା ପାଇଁ ଈଶ୍ୱରଲିଙ୍ଗ**

**ଥିବା ଆଳୟଗୁଡିଏ ସର୍ବପ୍ରଥମେ ତିଆରି ହୋଇଥିଲା । ନିରାକାର ଈଶ୍ୱର ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମ ନିଅନ୍ତି ବୋଲି ଜଣାଇବା ପାଇଁ ରୂପ ନମୂନା ଥିବା, ଶଂଖ- ଚକ୍ରଧାରୀ ପ୍ରତିମା ତିଆରି ହୋଇଥିଲା । ସେକାଳରେ ଈଶ୍ୱର ଏହିପରି ବୋଲି କୌଣସି ନାକ, ମୁଖ (ଶରୀର) ନଥିବା ଲିଙ୍ଗ ପ୍ରତିଷ୍ଠା କରି ଆଳୟ ନିର୍ମାଣ ହୋଇଥିବା ସ୍ଥଳେ, ଭଗବାନ ଏହିପରି ବୋଲି ଜଣାଇବା ପାଇଁ ମଣିଷ ଶରୀର ଭଳି ପ୍ରତିମା ଥିବା ମନ୍ଦିର ତିଆରି ହୋଇଥିଲା ।** ଏହିଭଳି ପୂର୍ବେ ଏହି ଦୁଇ ପ୍ରକାରର ମନ୍ଦିର ଛଡା ଆଉ କୌଣସି ମନ୍ଦିର ଭୂପୃଷ୍ଠରେ ନଥିଲା କିମ୍ବା କୌଣସି ସ୍ତ୍ରୀ ପ୍ରତିମା ବିଶିଷ୍ଟ ମନ୍ଦିର ମଧ୍ୟ ନଥିଲା । ମନ୍ଦିର ବା ଦେବାଳୟ ଗୁଡିକ ଈଶ୍ୱରଙ୍କ ଅସ୍ତିତ୍ୱ ପୁନଃ ପ୍ରତିଷ୍ଠିତ ହେବାପାଇଁ ନିର୍ମାଣ ହୋଇଥିଲା । ନିରାକାର ଈଶ୍ୱର ତିନିଭାଗ ହୋଇ ପ୍ରକୃତିକୁ ପୀଠକରି ଅଛନ୍ତି, ତାଙ୍କଠାରୁ ଆସୁଥିବା ଜୀବଗଣ ପ୍ରକୃତିରୁ ତିଆରି ହୋଇଥାନ୍ତି, ଈଶ୍ୱର (ପରମାତ୍ମା) ପିତା ଏବଂ ପ୍ରକୃତି ମାତା ଭାବରେ ରହିଛନ୍ତି, ଏହିସବୁ ଅର୍ଥକୁ ଜଣାଉଥିବା ଈଶ୍ୱରାଳୟ ଭଗବାନ ହିଁ ନିର୍ମାଣ କରାଇଥିଲେ । ଏତଦ୍‌ବ୍ୟତୀତ ଈଶ୍ୱର ମାନବ ରୂପରେ ଭୂପୃଷ୍ଠରେ ଜନ୍ମ ହୋଇଥାନ୍ତି, ଭଗବାନ ଭାବରେ ଜନ୍ମ ହୋଇଥିବା ମଣିଷ ହିଁ ଈଶ୍ୱରଙ୍କ ପ୍ରତିନିଧି, ତାଙ୍କରି ଦ୍ୱାରା ଐଶ୍ୱରୀୟ ଧର୍ମ ଭୂପୃଷ୍ଠର ମଣିଷ ଜାଣିଥାଏ, ତେଣୁ ଜ୍ଞାନ ଶବ୍ଦ ଦ୍ୱାରା ଜଣାପଡିଥାଏ ବୋଲି ସୂଚିତ କରି 'ଶଙ୍ଖ', ଜ୍ଞାନ ଜାଣିବା ପରେ କର୍ମ ବିନାଶ କରିହୁଏ ବୋଲି ସୂଚାଇ 'ଚକ୍ର' ଧାରଣ କରିଥିବା ପ୍ରତିମା ରହିପାରିବା ଭଳି ଆଳୟ ନିର୍ମାଣ କରିଥିଲେ, ପ୍ରତି ଆଳୟରେ ଆରାଧନାର ଆଧାର କଳ୍ପନା କରି ତା'ର ଅର୍ଥ ମଧ୍ୟ ମଣିଷ ଜାଣିପାରିବା ଭଳି ପ୍ରତିମା ଥିବା ଆଳୟଗୁଡିକ ଭଗବାନଙ୍କ ଚିହ୍ନ ଭାବରେ ନିର୍ମାଣ କରିଥିଲେ । ଏହିଭଳି ଈଶ୍ୱର ଆଉ ଭଗବାନଙ୍କୁ ସୂଚିତ କରୁଥିବା ଆଳୟମାନ ଭଗବାନଙ୍କ ଦ୍ୱାରା ନିର୍ମାଣ ହୋଇଥିଲା । ଏହି ଦେବାଳୟ ବ୍ୟବସ୍ଥା ନିମନ୍ତେ ଭଗବାନଙ୍କର ଗୋଟିଏ ଜନ୍ମକାଳ ଲାଗିଥିଲା । ଏହିଭଳି ଭଗବାନଙ୍କ ଦ୍ୱିତୀୟ ଅବତାରରେ ଈଶ୍ୱରଙ୍କ ବିବରଣ ପୁନଃ ସଂପୂର୍ଣ୍ଣ ସ୍ଥାପିତ ହୋଇ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଭୂପୃଷ୍ଠରେ ସ୍ଥିର ହୋଇ ରହିଥିଲା, ହେଲେ କିଛିକାଳ ଉତ୍ତାରେ ପୁନର୍ବାର ମାୟା ପ୍ରଭାବରେ ତାହା ମଧ୍ୟ କଳଙ୍କିତ ହୋଇଗଲା । ଏତିକିରେ ମାୟାର କାର୍ଯ୍ୟ ସମାପ୍ତ ନହୋଇ

ଭୂପୃଷ୍ଠରେ ସ୍ତ୍ରୀ ପ୍ରତିମା ଥିବା ଦେବାଳୟଗୁଡିଏ ସ୍ଥାପିତ ହେବାକୁ ଲାଗିଲା । ଏହା ଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ଆଉ ଦେବାଳୟ ରହସ୍ୟରେ କଳଙ୍କ ଉପୁଜି ଈଶ୍ୱର ଜଣେ ନାମକ ଭାବ କାଳଗର୍ଭରେ ଲୁଚିଯାଇ ଈଶ୍ୱରଙ୍କ ଆରାଧନାରେ ଦେବତାମାନଙ୍କର ଆରାଧନା ଆରମ୍ଭ ହୋଇଗଲା ।

ଏହିଭଳି ଈଶ୍ୱରଙ୍କ ଅସ୍ତିତ୍ୱ ଆଉ ଦେବାଳୟ (ମନ୍ଦିର) ଅସ୍ତିତ୍ୱର ଧର୍ମରେ ଗ୍ଲାନି ଉପୁଜିବା ଆରମ୍ଭ ହେଲା ଏବଂ ପରେ ପରେ ଦେବାଳୟ ଅସ୍ତିତ୍ୱରେ ସମ୍ପୂର୍ଣ୍ଣ ଗ୍ଲାନି ଆସିଗଲା, ତେଣୁ ସେ ସମୟରେ ପୁନର୍ବାର ଭଗବାନଙ୍କ ଆଗମନ ଆବଶ୍ୟକ ପଡିଲା । ପ୍ରଥମେ ପରମାତ୍ମାଙ୍କ ଅସ୍ତିତ୍ୱ ସ୍ଥାପନ କରିବା ପାଇଁ ଦେବାଳୟ ଗୁଡିକ ଚିହ୍ନ ଭାବରେ, ଭାବପୂରିତ ନିର୍ମାଣ ଭାବରେ ଥିବାବେଳେ, ତାହା ମଧ୍ୟ ମାୟା ପ୍ରଭାବରେ କଳୁଷିତ ହେଉଛି ବୋଲି ଦେଖୁଥିବା ଈଶ୍ୱର, ତାପରେ ପୁଣି ଥରେ ଭଗବାନ ହୋଇ ଆସିଥିଲେ । ଏଭଳି ତୃତୀୟ ଥର ଆସିଥିବା ଭଗବାନ ଗୁରୁ ରୂପରେ ଐଶ୍ୱରୀୟ ଧର୍ମକୁ ଆଉ ଦେବାଳୟ ଧର୍ମକୁ ପୁନଃ ପ୍ରତିଷ୍ଠା କରିଥିଲେ । ଏଥର କେତେକ ଶିଷ୍ୟ ଉପୁଜାଇ ସେମାନଙ୍କ ଦ୍ୱାରା ସେହି ଦୁଇ ଧର୍ମର ପ୍ରଚାର କରାଇଥିଲେ । ଧର୍ମ ସର୍ବଦା ବଞ୍ଚିରହିବା ପାଇଁ ତାଙ୍କର ଏହି ଆଗମନରେ ଭୂପୃଷ୍ଠରେ ଶିଷ୍ୟ ପରମ୍ପରା ସୃଷ୍ଟିହେଲା । ଶିଷ୍ୟମାନେ ଐଶ୍ୱରୀୟ ଧର୍ମ ଆଉ ଦେବାଳୟ ଧର୍ମକୁ ବହୁକାଳ ପର୍ଯ୍ୟନ୍ତ ପ୍ରଚାର କରିଥିଲେ, ସେଥିରେ ଗ୍ଲାନି ନହେବା ଭଳି ରକ୍ଷଣାବେକ୍ଷଣ ମଧ୍ୟ କରିଥିଲେ । ସେକାଳରେ ଭଗବାନ ସୃଷ୍ଟି କରିଥିବା ବିଧି ଅନୁସାରେ ଭୂପୃଷ୍ଠରେ ଗୁରୁ ସର୍ବଦା ଜଣେ ଥିଲେ, କିନ୍ତୁ ଶିଷ୍ୟମାନେ ଜଣକଠାରୁ ଜଣେ ଜ୍ଞାନ ଜାଣି ଶିଷ୍ୟମାନଙ୍କ ସଂଖ୍ୟା ବଢାଇ ଚାଲିଲେ । ପ୍ରଥମେ ଭୂପୃଷ୍ଠରେ ଐଶ୍ୱରୀୟ ଧର୍ମକୁ ଜଣାଇଥିବା ପାତ୍ର ଥିଲେ ଗୁରୁ, ହେଲେ କିଛିକାଳ ଉତ୍ତାରେ ତାହା ଶୁଣି ଶୁଣାଉଥିବା ଶିଷ୍ୟଗଣ ଜଣାଇବାକୁ ଲାଗିଲେ । ଏହି ନିୟମ ଅନୁସାରେ ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମ ହେଉଥିବା ପାତ୍ର ସର୍ବଦା ଗୁରୁ ଏବଂ ପରେ ସେହି ଗୁରୁ ଜଣାଇଥିବା ଜ୍ଞାନକୁ ଜାଣି ଜଣାଉଥିବା ପତ୍ରମାନେ ସର୍ବଦା ଶିଷ୍ୟ ଭାବରେ ନାମିତ ହେଉଥିଲେ । ଏଭଳି ଅନେକ ହଜାର ବର୍ଷ ପର୍ଯ୍ୟନ୍ତ ଏହି ପଦ୍ଧତି ଚଳି ଆସିଲା । ଏହିଭଳି ଭାବରେ ଭଗବାନ ତାଙ୍କର ଧର୍ମକୁ ଜଣାଇ ଆସିବା ଦ୍ୱାରା ମାୟା ସେହି

ନିୟମକୁ ମଧ୍ୟ ଭଙ୍ଗକଲା । ଏଥର ମଧ୍ୟ ମାୟା ନିଜ କାର୍ଯ୍ୟରୁ ବହିର୍ଭୁତ ନହୋଇ ଭଗବାନ ରଖିଥିବା ଶିଷ୍ୟ ପରମ୍ପରାକୁ ଭଙ୍ଗ କରିବା ପାଇଁ ଉଦ୍ୟମ ଆରମ୍ଭ କଲା । ଶିଷ୍ୟମାନଙ୍କ ମୁଣ୍ଡରେ ମାୟା ନିଜର କାର୍ଯ୍ୟ କରି, ଶିଷ୍ୟ ପରମ୍ପରାକୁ ବଦଳାଇ, ତାହାକୁ ପୁଣି ଗୁରୁ ପରମ୍ପରାରେ ପରିଣତ କରିଦେଲା । ମାୟାର ଏହି ଚେଷ୍ଟାରେ 'ସୃଷ୍ଟି ଭିତରେ ଜଣେ ଗୁରୁ ରହିଥାନ୍ତି' ନାମକ ସୂତ୍ର ଭଙ୍ଗ ହେବାକୁ ଲାଗିଲା । ଗୁରୁ ସର୍ବଦା ନରହି ସନ୍ଦର୍ଭାନୁସାରେ ଜ୍ଞାନ ଜଣାଇ ଚାଲିଯିବା ପରେ ଶିଷ୍ୟମାନେ ତାର ରକ୍ଷଣାବେକ୍ଷଣ କରୁଥିଲେ, କିନ୍ତୁ ଏଥର ଭୂପୃଷ୍ଠରେ ସର୍ବଦା ଗୁରୁ ନରହିଲେ ମଧ୍ୟ ଥିବା ଶିଷ୍ୟମାନେ ଗୁରୁ ଭାବରେ ପରିଗଣିତ ହେବାକୁ ଲାଗିଲେ । ସର୍ବଦା ରହୁଥିବା ପାତ୍ର ହିଁ ଗୁରୁ ବୋଲି ସୂତ୍ର ପ୍ରଚଳିତ ହେବାକୁ ଲାଗିଲା, ତେଣୁ ଶିଷ୍ୟମାନେ ଭୂପୃଷ୍ଠରେ କମ୍ ରହିଥିବା ସ୍ଥଳେ ଗୁରୁମାନେ ଅନେକ ହୋଇଗଲେ, ସମସ୍ତେ ନିଜେ ନିଜକୁ ଗୁରୁ ଭାବି ଐଶ୍ୱରୀୟ ଧର୍ମକୁ କଳଙ୍କିତ କରିଦେଲେ । ପୁନାର୍ବାର ଐଶ୍ୱରୀୟ ଧର୍ମକୁ ସ୍ଥାପନ କରିବା ଭଗବାନଙ୍କ (ଗୁରୁଙ୍କ) କାର୍ଯ୍ୟ ହୋଇଥିବାରୁ ଭୂପୃଷ୍ଠରେ ପୁନାର୍ବର ତାଙ୍କର ଆଗମନ ହେଲା । ଈଶ୍ୱରଙ୍କ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଦେବାଳୟ ନିର୍ମାଣ କରି ସେଥିରେ ଧର୍ମକୁ ଭଗବାନ ରଖିବା ସ୍ଥଳେ, ଦେବାଳୟ ଧର୍ମରେ ପ୍ରଥମେ କଳଙ୍କ ଲାଗିଲା, ତାହା ରକ୍ଷା କରିବାକୁ ଗୁରୁ ପରମ୍ପରା ସୃଷ୍ଟିହେବା ବେଳେ ସେଥିରେ ମଧ୍ୟ ଗ୍ଲାନି ଉପୁଜିଗଲା । ଏବେ ଗୁରୁଧର୍ମ ରକ୍ଷାକରିବା ପାଳି, ଏଠାରେ ଏକ ଉଦାହରଣ ନେଲେ, ଜଣେ ବ୍ୟକ୍ତି ଗୋଟିଏ ମାଠିଆରେ ପାଣି ରଖୁଥିଲା ବୋଲି ଭାବିବା । କିଛିକାଳ ପରେ ସେହି ମାଠିଆରେ ଛିଦ୍ର (କଣା) ସୃଷ୍ଟିହୋଇ ସେଥିରେ ଥିବା ପାଣି ବହିଯିବାକୁ ଲାଗିଲା । ତାହା ଜାଣି ସେ ବ୍ୟକ୍ତି ମାଠିଆର ରନ୍ଧ୍ରରେ କିଛି ସିମେଣ୍ଟ୍ ଲଗାଇ ବନ୍ଦ କଲା ଏବଂ ପାଣି ରଖିଲା, ହେଲେ କିଛିଦିନ ପରେ ସେହି ମାଠିଆର ଆଉଏକ ଜାଗାରେ ଛିଦ୍ରଟିଏ ହେଲା, ସେ ପୁଣି ଥରେ ମାଠିଆରେ ପୂର୍ବଭଳି ସିମେଣ୍ଟ୍ ଲଗାଇ ଛିଦ୍ର ବନ୍ଦ କରି ପାଣି ରଖିଲା । ଏହିଭଳି କିଛିଦିନ ପରେ ପୁଣି ଛିଦ୍ର ହେବା ସେ ବ୍ୟକ୍ତିଟି ପୁଣି ସିମେଣ୍ଟ୍ ଲଗାଇବା ଭଳି ଭଗବାନ ବାରମ୍ବାର ଗ୍ଲାନି ହେଉଥିବା ତାଙ୍କ ଧର୍ମକୁ ରକ୍ଷା କରିବା ପାଇଁ ବାରମ୍ବାର ଜନ୍ମହେବାକୁ ପଡିଲା । ଏଥର ଶିଷ୍ୟ ପରମ୍ପରା ବଦଳରେ ଐଶ୍ୱରୀୟ ଧର୍ମରେ ଗୁରୁ ପରମ୍ପରା

ନାମକ ଛିଦ୍ର ସୃଷ୍ଟି ହେବାରୁ ଭଗବାନ ଗୁରୁଶିଷ୍ୟ ଧର୍ମକୁ ଜଣାଇବା ନିମନ୍ତେ ବ୍ରହ୍ମବିଦ୍ୟା (ବଡବିଦ୍ୟା) ଶାସ୍ତ୍ର ପଦ୍ଧତିରେ ଜଣାଇବାକୁ ସ୍ଥିର କଲେ ଅର୍ଥାତ୍ ଅଧର୍ମ ନାମକ ଛିଦ୍ରକୁ ଶାସ୍ତ୍ର ପଦ୍ଧତିରେ ବନ୍ଦ କରିବାକୁ ସ୍ଥିରକଲେ । ସେହି ଚେଷ୍ଟାରେ ଚତୁର୍ଥ ଥର ଆସିଥିବା ଭଗବାନ ବ୍ରହ୍ମବିଦ୍ୟା ଶାସ୍ତ୍ର ବୋଧକଲେ । ବ୍ରହ୍ମବିଦ୍ୟା ଶାସ୍ତ୍ର ଦ୍ୱାରା ଗୁରୁଶିଷ୍ୟଙ୍କ ପଦ୍ଧତିକୁ ଜଣାଇ, ବ୍ରହ୍ମବିଦ୍ୟା କେବଳ ଗୁରୁଙ୍କ ଦ୍ୱାରା ଆସିଥାଏ ବୋଲି ଜଣାଇଲେ । ଯାହା ଗୁରୁ କହିଥାନ୍ତି ତାହାକୁ ଅନ୍ୟମାନେ କେହି କେତେଜଣଙ୍କୁ କହିଲେ ମଧ୍ୟ ସମସ୍ତେ ଗୁରୁ ନୁହଁନ୍ତି, ପ୍ରଥମେ ଯିଏ କହିଥାନ୍ତି କେବଳ ସେ ହିଁ ଗୁରୁ, ଗୁରୁଙ୍କ ବାଣୀକୁ ଶୁଣି ଅନ୍ୟମାନେ ବୋଧକଲେ ସେମାନେ କେବଳ ବୋଧକ ହୋଇଥାନ୍ତି ବୋଲି ଜଣାଇ, ବ୍ରହ୍ମବିଦ୍ୟାରେ ଐଶ୍ୱରୀୟ ଧର୍ମ ବୁଝାଇଲେ । ଏହିଭଳି ଚତୁର୍ଥଥର ଭଗବାନ ଜଣାଇଥିବା ବ୍ରହ୍ମବିଦ୍ୟା ଶାସ୍ତ୍ର ମଧ୍ୟ ଭୂପୃଷ୍ଠରେ ଅନେକ କାଳ ସ୍ଥିର ରହି ସମସ୍ତଙ୍କୁ ବୁଝାପଡିଥିଲା । ଏଥର ମଧ୍ୟ ପ୍ରତିପକ୍ଷ ମାୟା ଗୁଣ ରୂପରେ ମାନବର ମୁଣ୍ଡରେ ରହି ହେତୁବାଦ, ନାସ୍ତିକବାଦ ନାମକ ବାଦ ଦ୍ୱାରା ବ୍ରହ୍ମବିଦ୍ୟାର ଚିହ୍ନକୁ ଲିଭାଇବାକୁ ପ୍ରୟାସ କରି ଷଡଶାସ୍ତ୍ର ଭିତରେ ଉନ୍ନତ ହୋଇଥିବା ବ୍ରହ୍ମବିଦ୍ୟା ନାମକ ଐଶ୍ୱରୀୟ ଶାସ୍ତ୍ରକୁ ବଦଳାଇ ଶାସ୍ତ୍ର ହୋଇନଥିବା ଅନେକ ପ୍ରକାରର ଅଶାସ୍ତ୍ର ତିଆରି କରିଦେଲା । ନୂଆ ନୂଆ ଆସିଥିବା ଶାସ୍ତ୍ରକୁ ଦେଖି ମାନବ ବାସ୍ତବ ଶାସ୍ତ୍ରକୁ ମଧ୍ୟ ଭୁଲିଗଲା । ବ୍ରହ୍ମବିଦ୍ୟା କାଳଗର୍ଭରେ ଲୁଚିଗଲା ଏବଂ ମାନବ ଶାସ୍ତ୍ର କ'ଣ, ଅଶାସ୍ତ୍ର କ'ଣ ଜାଣିପାରିଲା ନାହିଁ । ଏହିଭଳି ଭଗବାନ ଜଣାଉଥିବା ଧର୍ମଗୁଡିକ ଭଗବାନଙ୍କର ବ୍ୟତିରେକ ମାୟା ଦ୍ୱାରା ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷରେ ଥରେ ଲୋପପାଇ ଆସୁଛି । ସର୍ବପ୍ରଥମେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଜଣାଇଥିବା ଭଗବାନ ତାହା ରକ୍ଷା କରିବାପାଇଁ ଦେବାଳୟ ଧର୍ମ ସ୍ଥାପନ କରିଥିବା ସ୍ଥଳେ, ଦେବାଳୟ ଧର୍ମକୁ ରକ୍ଷାକରିବା ପାଇଁ ଗୁରୁଶିଷ୍ୟ ଧର୍ମ ଜଣାଇଲେ । ତା'ପରେ ଗୁରୁଧର୍ମକୁ ରକ୍ଷାକରିବା ପାଇଁ ବ୍ରହ୍ମବିଦ୍ୟା ଜଣାଇଲେ । ଶେଷରେ ବ୍ରହ୍ମବିଦ୍ୟାଶାସ୍ତ୍ର ମଧ୍ୟ ନାନା ଅଧର୍ମଶାସ୍ତ୍ର ଦ୍ୱାରା କଳଙ୍କିତ ହୋଇଗଲା । ଏହିଭଳି ମାଠିଆରେ ପୁନର୍ବାର ଛିଦ୍ର ସୃଷ୍ଟିହେବା ଭଳି ଗୁରୁଧର୍ମ ଅଧର୍ମ ହୋଇଗଲା । ଏଥର ଅଧର୍ମ ଛିଦ୍ରକୁ ଧର୍ମ ନାମକ ସିମେଣ୍ଟ୍ ରେ ବନ୍ଦ କରିବା ପାଇଁ ଭଗବାନଙ୍କର ପଞ୍ଚମ ଅବତାର ଆବଶ୍ୟକ ପଡିଲା । ଭଗବାନଙ୍କର ଏହି

ପଞ୍ଚମ ଅବତାରକୁ ଆମେ କିଛି ପରିମାଣରେ ଜାଣିପାରିଛୁ । ଏହା ମଧ୍ୟ ସ୍ୱୟଂ ଆମେ ଜାଣିନାହୁଁ । ବାରମ୍ବାର ଆସିଥିବା ପାତ୍ର ଆଉ କେହି ନୁହେଁ ମୁଁ ନିଜେ ବୋଲି ପ୍ରମାଣ ସହିତ ସେ ହିଁ ସ୍ୱୟଂ ଜଣାଇଥିବାରୁ ତାହା କେଇଜଣ ବିଶ୍ୱାସ କରି ପାରିଛନ୍ତି । କେତେକ ସେ ହିଁ ଭଗବାନ ବୋଲି ଆଜି ପର୍ଯ୍ୟନ୍ତ ବିଶ୍ୱାସ କରି ନାହାନ୍ତି । ଭଗବାନଙ୍କର ସେହି ପଞ୍ଚମ ଅବତାର ହେଉଛି ଶ୍ରୀକୃଷ୍ଣ ଅବତାର । କେହି ବିଶ୍ୱାସ କରୁ ବା ନକରୁ ଶ୍ରୀକୃଷ୍ଣ ଈଶ୍ୱରଙ୍କ ଅଂଶରୁ ଆସିଥିବା ଭଗବାନ ବୋଲି ଆମେ ବିଶ୍ୱାସ କରୁଛୁ ।

## ଭଗବାନଙ୍କ ଜନ୍ମର ବିବରଣୀ

**୧– ଐଶ୍ୱରୀୟଧର୍ମର ଅସ୍ତିତ୍ୱ → ଭଗବାନଙ୍କର ପ୍ରଥମ ଜନ୍ମ**

**୨– ଦେବାଳୟ ଧର୍ମର ଅସ୍ତିତ୍ୱ → ଭଗବାନଙ୍କର ଦ୍ୱିତୀୟ ଜନ୍ମ**

**୩– ଗୁରୁଶିଷ୍ୟ ଧର୍ମର ଅସ୍ତିତ୍ୱ → ଭଗବାନଙ୍କର ତୃତୀୟ ଜନ୍ମ**

**୪– ବ୍ରହ୍ମବିଦ୍ୟା ଧର୍ମର ଅସ୍ତିତ୍ୱ → ଭଗବାନଙ୍କର ଚତୁର୍ଥ ଜନ୍ମ**

**୫– ଗୀତା ଧର୍ମର ଅସ୍ତିତ୍ୱ → ଭଗବାନଙ୍କର ପଞ୍ଚମ ଜନ୍ମ**

**୬– ସମସ୍ତ ଧର୍ମର ଅସ୍ତିତ୍ୱ → ଭଗବାନଙ୍କର ଷଷ୍ଠତମ ଜନ୍ମ**

**କେବଳ ଭାରତଦେଶରେ ଭଗବାନ ଜନ୍ମ ହୋଇଥିବା ବିବରଣୀ ଏଠାରେ ଦିଆଯାଇଛି ।**

ନିଜର ଧର୍ମକୁ ଭୂପୃଷ୍ଠରେ ରଖିଯାଉଥିଲେ ମଧ୍ୟ ବାରମ୍ବାର ତାହା ଅଧର୍ମରେ ପରିଣତ ହେଉଛି ବୋଲି ଦେଖୁଥିବା ଭଗବାନ, ତାଙ୍କର ପଞ୍ଚମ ଜନ୍ମରେ କିଛି ସ୍ୱତନ୍ତ୍ର ଧର୍ମକୁ ଜଣାଇବାକୁ ଚାହିଁଛନ୍ତି ଏବଂ ସେ ନିଜେ ଭଗବାନ ବୋଲି କହିଦେଇଛନ୍ତି । ତାଛଡା ସାକାର ଭାବରେ ଦେଖାଯାଉଥିବା ସେ ହିଁ ପରମାତ୍ମା ବୋଲି ଅର୍ଜୁନଙ୍କୁ ଜ୍ଞାନଦୃଷ୍ଟି ଦେଇ ନିଜ ବାବଦରେ ଜଣାଇବା ଭଳି କରିଛନ୍ତି । ଏମିତି ଅନେକ ଥର ନିଜର ଜ୍ଞାନକୁ ଜଣାଇଲେ ମଧ୍ୟ ତାହା

ଅଧର୍ମରେ ପରିଣତ ହୋଇଯାଉଥିବାରୁ ଏଥର ମାନବ ପାଇଁ ଧର୍ମର ଏକ ସୀମା ଟାଣି, ସେହି ସୀମାକୁ ସୂଚିତ କରୁଥିବା ନାମରେ ନିଜ ବାଣୀ ଜଣାଇ, ତାହାକୁ ଗୀତା ନାମ ଦିଆଇଥିଲେ । ମାନବର ଶରୀରକୁ ସୀମା କରି, ଏହି ଶରୀରସୀମା ବାହାରକୁ ଦେଖିଲେ ସବୁ ଅଧର୍ମ ଦେଖାଯାଏ, କେବଳ ଶରୀରସୀମା ଭିତରକୁ ଦେଖିବା ପ୍ରକୃତ ଧର୍ମ ହୋଇଥାଏ ବୋଲି ଜଣାଇଥିଲେ । ପରମାତ୍ମା ପ୍ରାପ୍ତି ମାର୍ଗର ପ୍ରତିବନ୍ଧକ ସବୁ ଯାହା ରହିଛି ତାହା ମଧ୍ୟ ଜଣାଇ, ପରମାତ୍ମା ପ୍ରାପ୍ତିର ମାର୍ଗକୁ ସେଥିରେ ଜଣାଇଥିଲେ । ଏଭଳି ନାନାରହସ୍ୟ ଜଣାଉଥିବା ଭଗବଦ୍ଗୀତା ମହୋନ୍ନତ ହୋଇଥିଲେ ମଧ୍ୟ, ଏଥର ମାୟା ମଧ୍ୟ ସ୍ୱତନ୍ତ୍ର ପଦ୍ଧତିରେ ତାହାକୁ ମାନବ ଯେପରି ବୁଝି ନପାରିବ ସେହିଭଳି କରିଦେଲା । ପରମାତ୍ମା ମୁଁ ଅମୁକ, ମୋର ବାଣୀ ଏହା ବୋଲି ଜଣାଇଥିଲେ ମଧ୍ୟ ଏଥର ମାୟା ମଧ୍ୟ ମୁଁ ଅମୁକ ବୋଲି ମାନବକୁ ନିଜର ଆୟତ୍ତରେ ରଖି, ଭଗବଦ୍ଗୀତାର ଅର୍ଥକୁ ଅନର୍ଥ କରିଦେଇଛି । ଏହା ପୂର୍ବରୁ ଭଗବାନଙ୍କୁ ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷରେ ଥରେ ଆସିବାକୁ ପଡୁଥିଲା, ତାହାକୁ ଦୃଷ୍ଟିଦେଇ ଭଗବାନ ଏଥର ସ୍ୱତନ୍ତ୍ର ପନ୍ଥା ଅବଲମ୍ବନ କରି, ମୁଁ ଯେ ସେହି ଈଶ୍ୱର କହିଥିବା ସ୍ଥଳେ, ମାୟା ମଧ୍ୟ ତାର ଦୁଇଗୁଣ ବଳ ପ୍ରୟୋଗ କରି ଯାହାକୁ ଭଗବାନ କହୁଛ ସେ ଜଣେ ସାଧାରଣ ମଣିଷ ବୋଲି ପ୍ରଚାର କରିଛି । କେତେକ ଭଗବଦ୍ଗୀତାକୁ ନିଜ ନିଜ ଭାଷାରେ ଅନୁବାଦ କରିଥିଲେ ମଧ୍ୟ, ସେମାନଙ୍କ ମନରେ ଶ୍ରୀକୃଷ୍ଣ କହିଥିବା ଭାବ ନରହି ଅନ୍ୟ ଭାବ ରହିଥିବା ଭଳି କରିଦେଇଛି । ଯେଉଁମାନେ ବଡବଡ ମେଧାବୀ ବୋଲାଉଛନ୍ତି,ସଂସ୍କୃତ ଭାଷାପଣ୍ଡିତ ଭାବେ ମହାନ ପରି-ଗଣିତ ହେଉଛନ୍ତି, ଗୁରୁ ବୋଲାଉଛନ୍ତି, ଯେଉଁମାନେ ସ୍ୱାମୀଜୀ, ପିଠାଧିପତି, ମଠାଧିପତି ବୋଲାଉଛନ୍ତି, ଗୀତା ବୋଧକ ବୋଲି ନାମ କମାଇଛନ୍ତି, ଯେଉଁମାନେ ଭଗବଦ୍ଗୀତା ପରିଶୋଧନ ସଂଘ ତିଆରି କରିଛନ୍ତି ସେମାନେ ମଧ୍ୟ ଗୀତାର ଶତକଡା ଦଶଭାଗକୁ ବୁଝିପାରି ନାହାନ୍ତି । ଏହିଭଳି ଗୀତାବୋଧ ହେବାର ପାଞ୍ଚହଜାର ବର୍ଷରୁ ଅଧିକ କାଳ ବିତିଯାଇଥିଲେ ମଧ୍ୟ, ଶେଷରେ ଗୀତାରେ ଜୀବାତ୍ମା ପରମାତ୍ମା ନାମକ ଦୁଇଟି ଆତ୍ମା ବ୍ୟତୀତ ମଝିରେ ଏକ ଆତ୍ମା ଅଛି ବୋଲି କେହି ଜାଣିପାରି ନାହାନ୍ତି । ଗୀତା କହିଲେ ଏକ ସୀମା ବୋଲି ମଣିଷ ଜାଣିନପାରିବା ଭଳି କରି ମାୟା ନିଜ କାର୍ଯ୍ୟକୁଶଳତାକୁ ଦେଖାଇଛି ।

ପରମାତ୍ମା ହିଁ ମାୟାକୁ ତିଆରି କରିଛନ୍ତି । ପରମାତ୍ମାଙ୍କ ଆଜ୍ଞା କ୍ରମେ ମାୟା ଭଗବାନଙ୍କର ପ୍ରତିପକ୍ଷ ସାଜିଛି । ମାୟାକୁ ଶକ୍ତି ଦେଇଛନ୍ତି ପରମାତ୍ମା; ତଥାପି ଯାହା କାର୍ଯ୍ୟ ଯାହାର, ଯାହା ଖେଳ ଯା'ର । ଏହା ଭୂପୃଷ୍ଠରେ ହେଉଥିବା ଖେଳ । ଏହି ଖେଳର ପକ୍ଷ ପ୍ରତିପକ୍ଷ ହେଉଛନ୍ତି ମାୟା ଆଉ ଭଗବାନ । ଭଗବାନ ଗୀତା ବୋଧକରି ପାଞ୍ଚହଜାର ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଆଗକୁ ନଯାଇ, ପଛକୁ ଦେଖାନଯିବା ଭଳି ହଜିଯାଇଛି । ଏଥର ଭଗବଦ୍ଗୀତାକୁ ଅଧର୍ମ କରିଦେବା ଯୋଜନା ମଧ୍ୟ ମାୟାର ହୋଇଥିବାରୁ ଅନେକ ଅନର୍ଥ ତା'ଭିତରେ ପ୍ରବେଶ କରାଇଛି । ସବୁଥର ଭଳି ଏଥର ଭଗବାନ ତାଙ୍କ ଗୀତାର ରକ୍ଷା କରିବାକୁ ହେବ, ସେ ଯଦି ଏଥର ଆସନ୍ତି ତେବେ ଛଅଥର ସମ୍ପୂର୍ଣ୍ଣ ହେବ ଏଥର ସେ ମାୟାକୁ କିପରି ଦମନ କରି ନିଜର ଧର୍ମକୁ ଜଣାଇବେ ତାହା ଦେଖିବାକୁ ହେବ, ହଜାର ହଜାର ବର୍ଷ ପରେ ଆସୁଥିବା ଭଗବାନ ଆଉଥରେ ଆସିବା ପର୍ଯ୍ୟନ୍ତ ହୁଏତ ଆମେ ନଥିବା । ଏ ଜନ୍ମରେ ଆମେ ମୃତ୍ୟୁବରଣ କରି ଆଉ କେଉଁଠି ଜନ୍ମ ହେଲେ ମଧ୍ୟ, ସେଦିନ ଏହି ଜ୍ଞାନ ଆମ ମୁଣ୍ଡରେ ଥାଇ ନପାରେ । ସୃଷ୍ଟିଆଦିରୁ ଥିବା ଆମେ ଭଗବାନ ପୂର୍ବେ ପାଞ୍ଚ ଥର ଆସିଥିବା ସମୟରେ ମଧ୍ୟ ନିଶ୍ଚୟ ରହିଥିବା । ପାଞ୍ଚଥର ଆସିଥିବା ଭଗବାନଙ୍କୁ ଆମେ ଚିହ୍ନିପାରି ନଥିଲେ, ତେଣୁ ଆମେ ଏଇଥର ଯେ ଚିହ୍ନିପାରିବା ବୋଲି କୌଣସି ନିଶ୍ଚିତତା ନାହିଁ । ସେଥିଲାଗି ଏବେ ଆମେ ଜାଣିଥିବା ସ୍ୱଳ୍ପଜ୍ଞାନର ସହିତ ଭଗବାନ ଯଦି ଆସନ୍ତି ସେ କିପରି ହୋଇଥିବେ, କେଉଁଭଳି ଆଚରଣ କରିବେ, ମାୟା ପ୍ରଭାବକୁ କିପରି ଦଳନ କରିବେ, ସେ ବିଷୟ କିଛି ଭାବିବା । ଭଗବାନ ଭୂପୃଷ୍ଠକୁ ଆସିଲେ ସମସ୍ତଙ୍କଠାରୁ ନିଶ୍ଚୟ ଚତୁର ହେବେ, କିନ୍ତୁ ସାଧାରଣ ମଣିଷ ଭଳି ସେ ବଞ୍ଚୁଥିବାବେଳେ ଆମେ ତାଙ୍କୁ ଚିହ୍ନି ପାରିବା ନାହିଁ । ପଞ୍ଚମଥର ସେ ନିଜେ ନିଜକୁ ଭଗବାନ ବୋଲି କହିଦେବା ଦ୍ୱାରା ମାୟା ବଳଶାଳୀ ହୋଇ ପାରିଥିଲା, ଏଥର ସେ ଭଗବାନ ହୋଇ ଆସୁଛନ୍ତି ବୋଲି ମାୟାକୁ ବୋଧହୁଏ ତାଙ୍କ ବାବଦରେ କୌଣସି ଖବର ମିଳିବ ନାହିଁ । ତେବେ ମାୟା ତାଙ୍କୁ ଚିହ୍ନି ନପାରିବା ବେଳେ, ଆମେ ସାଧାରଣ ମଣିଷମାନେ କ'ଣ ତାଙ୍କୁ ଚିହ୍ନିପାରିବା ? ଭୂପୃଷ୍ଠକୁ ଭଗବାନ ପାଞ୍ଚଥର ଆସି, ପାଞ୍ଚଥର, ପାଞ୍ଚ ପ୍ରକାରର ଧର୍ମ ବୋଧକରି ଚାଲିଯାଇଥିବା ବେଳେ, ତାହା ମଧ୍ୟ ମାନବ

ଜାଣିପାରିଲା ନାହିଁ । ବୋଧହୁଏ ଏଥର ସେ ଗୀତାର ପୁନରୁଦ୍ଧାର କରିବା ସହିତ ପୂର୍ବେ କହିଥିବା ଧର୍ମଗୁଡିକର ମଧ୍ୟ ପୁନରୁଦ୍ଧାର କରିବାକୁ ଚେଷ୍ଟା କରିବେ । **ବୋଧହୁଏ ଷଷ୍ଠଥର ଆସିଲେ ସେ ନିଜର ଦୃଷ୍ଟିକୁ ମାୟା ଉପରେ ଠୁଳ କରିବେ, ଏତେଥର ନିଜର ଧର୍ମକୁ ଅଧର୍ମରେ ପରିଣତ କରିଥିବା ମାୟାର ବଂଶପରମ୍ପରା ମାନବକୁ ଖୋଲି କହିଦେବେ ।** ଯଦି ଏଥର ଭଗବାନ ଏଭଳି କରନ୍ତି ତେବେ ଏଥର ମାନବ ନିଶ୍ଚୟ ନିଜର ବାସ୍ତବ ପଥକୁ ଜାଣି ମାୟାଦିଗରୁ ଈଶ୍ୱରଙ୍କ ଦିଗରେ ଯିବା ସୁଯୋଗ ପାଇବ । ସେଥିଲାଗି ସର୍ବଦା ମାୟାମୋହରେ ଥିବା ଆମେ ମାୟା ବାବଦରେ ଜଣାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ସହିତ ପରମାତ୍ମା ଆଙ୍କିଥିବା ସୀମାକୁ ମାନବ ଅଜ୍ଞାନରେ ଡେଇଁଯିବା ଭଳି କରିଦେଇଥିବା ମାୟାପାଇଁ ସେ ଏକ ସ୍ୱତନ୍ତ୍ର ସୀମା ଆଙ୍କିଦେବେ ବୋଲି ଆଶା କରିବା ।

ଭୂପୃଷ୍ଠକୁ ସର୍ବପ୍ରଥମେ ଆସିଥିବା ଭଗବାନ ପରମାତ୍ମାଙ୍କ ଅସ୍ତିତ୍ୱ ମାନବକୁ ଜଣାଇଥିଲେ ମଧ୍ୟ, ସେହି ଅସ୍ତିତ୍ୱ ଥାଇ ନଥିବା ଭଳି ହୋଇଥିଲା । ଦ୍ୱିତୀୟ ଥର ଆସିଥିବା ଭଗବାନ ପ୍ରଥମ ଥର ଶୁଣାଇଥିବା ବାଣୀର ଅନୁଗୁଣ ପ୍ରଥମ ଧର୍ମକୁ ଉଦ୍ଧାର କରିବା ଭଳି, ଦ୍ୱିତୀୟ ଥର ଦେବାଳୟ ରହସ୍ୟ ଜଣାଇଥିଲେ । ପ୍ରଥମଥର ଆସିବାବେଳେ ଯାହା କହିଥିଲେ ତାହା ତାଙ୍କର ମନେଥିବାରୁ ପ୍ରଥମ ଧର୍ମକୁ ବଳଶାଳୀ କରିବା ଭଳି ଦ୍ୱିତୀୟ ଥର ଦେବାଳୟ ଧର୍ମ କହିଥିଲେ । ଏହି ଅନୁସାରେ ତାଙ୍କର ସବୁଜନ୍ମ ମନେଅଛି ବୋଲି କହିପାରିବା । ଭଗବାନଙ୍କର ଗୋଟିଏ ଜନ୍ମଠାରୁ ଆଉ ଗୋଟିଏ ଜନ୍ମର ବ୍ୟବଧାନ ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷ ହୋଇପାରେ । ଭଗବାନ ଯେତେ ବଡ ବ୍ୟବଧାନରେ ଜନ୍ମ ହେଉଥିଲେ ମଧ୍ୟ ଗତ ଜନ୍ମରେ କ'ଣସବୁ କରିଥିଲେ, କାହିଁକି ଆସିଥିଲେ ତାଙ୍କର ସବୁ ମନେଥାଏ । ଆମେ ଅତି କମ୍ ବ୍ୟବଧାନରେ ଜନ୍ମ ହେଉଥିଲେ ମଧ୍ୟ ଆମର ଗତଜନ୍ମ କଥା କିଛି ମନେ ନଥାଏ ବୋଲି ଜାଣିଲେ । ଆମ ଭଳି ନହୋଇ ଭଗବାନଙ୍କର ସମସ୍ତଜନ୍ମ କ୍ରମାନ୍ୱୟରେ ମନେଥାଏ । ଏହାର କାରଣ ହେଉଛି, ତାଙ୍କ ଶରୀରର ମନ ଆମ ଶରୀରରେ ଥିବା ମନ ଭଳି ହୋଇଥିଲେ ମଧ୍ୟ, ମନେରଖିବା କାର୍ଯ୍ୟ ମନର ହୋଇଥିଲେ ମଧ୍ୟ, ନିଦ୍ରାରେ

ମନ ନଥିବା ବେଳେ ଆମର କିଛି ମନେ ନଥିବା ଭଳି ତାଙ୍କ ନିଦ୍ରାରେ ତାଙ୍କର କିଛି ମନେ ନଥିଲେ ମଧ୍ୟ, ମରଣରେ ଆମର ମନ ବିନାଶ ହୋଇଯାଉଥିବା ଭଳି ତାଙ୍କର ମରଣରେ ତାଙ୍କ ମନ ବିନାଶ ହୋଇଯାଇ ଗତଜନ୍ମର କୌଣସି କଥା ମନେ ପଡୁନଥିଲେ ମଧ୍ୟ, ତାଙ୍କର ଗତଜନ୍ମର ସମସ୍ତ ସ୍ମୃତି ରହିଥାଏ । ଶରୀର ନିଦ୍ରା ଯିବା ବେଳେ ମଧ୍ୟ ଘଟୁଥିବା ଘଟଣା ସବୁ ସେ ଜାଣି ପାରନ୍ତି, ତାଙ୍କ ଶରୀରରେ ଆତ୍ମା ମନ ଭଳି ସାରା ଶରୀରରେ ବ୍ୟାପି ସବୁବେଳେ ସଜାଗ ଥାଏ,ତେଣୁ ତାଙ୍କୁ ସେହି ଆତ୍ମା ହିଁ ସବୁଜନ୍ମର ସ୍ମୃତି ଯୋଗାଇ ଦେଇଥାଏ । ଆମ ଶରୀରରେ ମଧ୍ୟ ଆତ୍ମା ରହିଛି, ହେଲେ ଆମ ଶରୀରରେ ଆମେ ଆଉ ଆମ ଆତ୍ମା ଅଲଗା ଅଲଗା ରହିଛେ । ଜୀବାତ୍ମା ଅଜ୍ଞାନ ବଶତଃ ଆତ୍ମାଠାରୁ ଅଲଗା ବଞ୍ଚିଥାଏ, ସେଥିଲାଗି ଜୀବାତ୍ମାକୁ ଆତ୍ମା କିଛି ପୂର୍ବକଥା ଜଣାଇନଥାଏ । ଭଗବାନଙ୍କ ଶରୀରରେ ଆତ୍ମାଭାବେ ଭଗବାନ ହିଁ ରହିଥା'ନ୍ତି, ତେଣୁ ସମସ୍ତ ସ୍ମୃତି ଆତ୍ମା ଦ୍ୱାରା ରହିଥାଏ । ମାନବ ଜୀବ ହୋଇ ଭୂପୃଷ୍ଠରେ ବଞ୍ଚୁଥିବା ବେଳେ ତାର ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ରହିଥିଲେ ମଧ୍ୟ ସେ ସର୍ବଦା ଜୀବ ହୋଇ ରହିଥାଏ । ଭଗବାନଙ୍କ ଶରୀରରେ ସେଭଳି ନହୋଇ ପରମାତ୍ମା ହିଁ ଜୀବାତ୍ମା, ଆତ୍ମା ଭାବରେ ରହିଥାନ୍ତି । ତେଣୁ ଭଗବାନ ଜୀବାତ୍ମା, ଆତ୍ମା, ପରମାତ୍ମା ଭାବରେ ଭୂପୃଷ୍ଠରେ ବଞ୍ଚିଥାନ୍ତି । ସେଥିଲାଗି ଆମର ମନେ ପଡୁନଥିବା ଗତଜନ୍ମର କଥାସବୁ ତାଙ୍କର ସ୍ୱତନ୍ତ୍ର ଭାବରେ ମନେଥାଏ, ତେଣୁ ଉପର ଶ୍ଳୋକରେ ତୋ ଜନ୍ମକଥା ତୋର ମନେ ନାହିଁ, ମୋ ଜନ୍ମକଥା ସବୁ ମୋର ମନେ ଅଛି ବୋଲି କହିଛନ୍ତି । ତାଛଡା ଆମେ ଅନେକଥର ଜନ୍ମ ହୋଇଛେ, ସେ ମଧ୍ୟ ଅନେକଥର ଜନ୍ମ ହୋଇଛନ୍ତି ବୋଲି କହିଛନ୍ତି । ଆମେ କେତେଥର ଜନ୍ମ ହୋଇଛେ ଆମର ମନେ ନାହିଁ, କିନ୍ତୁ ତାଙ୍କ ଜନ୍ମ କେତେ ଥର ହୋଇଥିଲା ନକହି ମୋର ସବୁ ମନେଅଛି କହିଛନ୍ତି । ସମସ୍ତ ଜନ୍ମକୁ ମନେ ରଖିଥିବା ଭଗବାନ ଭୂପୃଷ୍ଠରେ କିପରି ଜନ୍ମନିଅନ୍ତି ତଳ ଶ୍ଳୋକରେ ଜାଣିବା ।

**(୩) ଶ୍ଳୋକ,୬ : ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।**
**ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥**
**(ନିରାକାର,ସାକାର)**

**ଭାବାର୍ଥ :** ମୋର ଜନ୍ମମରଣ ନାହିଁ, ମୁଁ ସର୍ବଜୀବ ଅଧିପତି; ତଥାପି ମୋ ଦ୍ୱାରା ନିର୍ମିତ ପ୍ରକୃତିରେ ମିଶି, ମାୟା ସହିତ ଜନ୍ମ ନେଇଥାଏ ।

**ବିବରଣୀ :** ଏହି ଅଧ୍ୟାୟର ପ୍ରଥମ ଶ୍ଳୋକରେ ସୃଷ୍ଟି ଆଦିରେ ସୂର୍ଯ୍ୟଙ୍କୁ ଜ୍ଞାନ କହିଥିଲି, ତାପରେ ସୂର୍ଯ୍ୟଙ୍କ ଦ୍ୱାରା ଭୂପୃଷ୍ଠର ମନୁଙ୍କୁ ଜ୍ଞାତ ହୋଇଥିଲା, ମନୁଙ୍କ ଦ୍ୱାରା ଇକ୍ଷ୍ୱାକୁ ନାମକ ରାଜାଙ୍କୁ ଏହି ଜ୍ଞାନ ଜଣାପଡିଥିଲା ଏବଂ ତାଙ୍କ ଦ୍ୱାରା ଅନ୍ୟମାନେ ଜାଣି ପାରିଥିଲେ ବୋଲି କୁହାଯାଇଛି । ଦ୍ୱିତୀୟ ଶ୍ଳୋକରେ ଜଣକ ଦ୍ୱାରା ଜଣକୁ ଏଭଳି ପରମ୍ପରାଗତ ସମସ୍ତଙ୍କୁ ଜଣାପଡି ଶେଷରେ ଆଜି ସେହି ଯୋଗଜ୍ଞାନ ବିଲୁପ୍ତ ହୋଇଯାଇଛି ବୋଲି ସେ କହିଛନ୍ତି । ତୃତୀୟ ଶ୍ଳୋକରେ ଏହିଭଳି ସମସ୍ତଙ୍କୁ ଅଜଣା ରହିଯାଇଥିବା ରହସ୍ୟଜ୍ଞାନ ଏବେ ପୁଣି ଥରେ ତୋତେ କହୁଛି ବୋଲି କହିଛନ୍ତି । ଚତୁର୍ଥ ଶ୍ଳୋକରେ ଏବେ ତୁ ସୃଷ୍ଟି ପ୍ରାରମ୍ଭରେ ଥିବା ସୂର୍ଯ୍ୟଙ୍କୁ କିପରି ଜ୍ଞାନ କହିଥିଲୁ ବୋଲି ଅର୍ଜୁନ ପଚାରିବା ବେଳେ, ପଞ୍ଚମ ଶ୍ଳୋକରେ 'ତୁ ଜନ୍ମ ହେଉଛୁ, ମୁଁ ମଧ୍ୟ ଜନ୍ମ ହେଉଛି, ତୋର ଗତଜନ୍ମସବୁ ମନେ ନାହିଁ, କିନ୍ତୁ ମୋର ସେସବୁ ମନେ ଅଛି' ବୋଲି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି । ଏବେ ହେତୁବାଦୀମାନେ ଏହିଠାରେ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା ହେଉଛି ! ସୃଷ୍ଟିଆଦିରେ ସୂର୍ଯ୍ୟଙ୍କୁ କହିଥିବା ଭଳି ସେ ଆଉ କାହାକୁ ଜ୍ଞାନ କହିଛନ୍ତି ବୋଲି ଶ୍ରୀକୃଷ୍ଣ ତ କହି ନାହାନ୍ତି । ସେ କହିଥିବା ଜ୍ଞାନ ପରମ୍ପରା କ୍ରମେ ଜଣକଠାରୁ ଜଣେ ଜାଣିଥିଲେ କହିଛନ୍ତି ସିନା, ଆଉ କାହାକୁ କହିଥିଲେ ବୋଲି କହି ନାହାନ୍ତି । ତେବେ ତାଙ୍କର ଅନେକ ଜନ୍ମ ହୋଇଥିଲା ବୋଲି କହିବା କ'ଣ ସତ୍ୟ ? ଯଦି ତାଙ୍କର ଅନେକ ଜନ୍ମ ହୋଇଥାଏ, ତାଙ୍କର ଜନ୍ମ କେବଳ ଜ୍ଞାନ ଜଣାଇବା ପାଇଁ ହୋଇଥାଏ, ତେବେ ସେ କେବଳ ସୂର୍ଯ୍ୟଙ୍କୁ ଜ୍ଞାନ କହିବା ଛଡା ମଝିରେ ଆଉ କାହାକୁ କହିଥିବା ପ୍ରମାଣ କାହିଁକି ନାହିଁ ? ତାଛଡା ସେତେବେଳେ ଯାହା କହିଥିଲି ତାହା କାଳ ଗମନରେ ଲୋପ ହୋଇଯାଇଛି, ତୁ ମୋର ପ୍ରିୟ, ଭକ୍ତ ହୋଇଥିବାରୁ ତାହା ତୋତେ କହୁଛି ବୋଲି କହିଛନ୍ତି ! ଏହି ହିସାବରେ ସେ ଅନେକ ଥର ଜନ୍ମ ନେଇଥିବା କଥା ସତ ? କି ସୃଷ୍ଟ୍ୟାଦିର ସତ୍ୟ (କୃତ୍) ଯୁଗରେ ଜନ୍ମହୋଇ ଏବେ ଦ୍ୱାପରଯୁଗରେ ଅର୍ଜୁନଙ୍କ ସହିତ ଜନ୍ମ ହୋଇଥିବା କଥା ସତ ? ବୋଲି

ପଚାରିପାରନ୍ତି । ତେଣୁ ଏହାର ସମାଧାନରେ ସେ ମଝିରେ ଜନ୍ମହୋଇ ନାହାନ୍ତି ବୋଲି ଆମେ କେମିତି କହିବା! ସେ ନିଜେ ତ କହିଛନ୍ତି ଯେ, ମୋର ଅନେକ ଜନ୍ମ ହୋଇଥିଲା! ଜନ୍ମ ହୋଇଥିଲେ କହିବା ପାଇଁ ମୁଁ ସୃଷ୍ଟ୍ୟାଦିରେ କହିଥିଲି, ତାପରେ ଏବେ ତୋତେ କହୁଛି ବୋଲି କହିଛନ୍ତି । ତେଣୁ ଏବେ ଜନ୍ମ ହେବାଭଳି ସେ ନିଜେ ତ କହୁଛନ୍ତି! ବୋଲି ଉତ୍ତର ଦେଇ ପାରିବା । ପୁଣି ଜନ୍ମ ହୋଇଛନ୍ତି କହିଲେ, ଜନ୍ମ ହୋଇ ନଥିଲେ ବୋଲି ଉପରେ ଥିବା ଦ୍ୱିତୀୟ ଶ୍ଳୋକରୁ ଆଧାର ମିଳିଯାଉଛି, ଜନ୍ମ ହୋଇନାହାନ୍ତି କହିଲେ, ଅନେକଥର ଜନ୍ମ ହୋଇଛନ୍ତି ବୋଲି ପଞ୍ଚମ ଶ୍ଳୋକ ପ୍ରମାଣିତ କରୁଛି । ତେଣୁ ଏଠାରେ କୌଣସି ନିର୍ଣ୍ଣୟ ନେବାପାଇଁ "କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସିଯାଉଛି" କହିବା ଭଳି ସମସ୍ୟା ଆସି ଦଣ୍ଡାୟମାନ ହୋଇଛି । ସେଥିଲାଗି କୌଣସି ଆଧ୍ୟାତ୍ମବାଦୀ ହେଉ ହେତୁବାଦୀ ପଚାରୁଥିବା ଏହି ପ୍ରଶ୍ନର ଜବାବ ଦେଇନପାରି ପଛଘୁଞ୍ଚା ଦେଇଥାଏ ।

ଏଠାରେ ଏହି ଷଷ୍ଠଶ୍ଳୋକରେ ଉତ୍ତର କିଛି ମିଳିଯିବ ଭାବିଲେ, ପ୍ରଥମ ବାକ୍ୟରେ ମୋର ଜନ୍ମ ନାହିଁ କହିଦେଇ, ପୁଣି ଦ୍ୱିତୀୟ ବାକ୍ୟରେ ମୁଁ ଜନ୍ମ ହୋଇଥାଏ କହିଛନ୍ତି । ଜନ୍ମ ନାହିଁ କହି, ଜନ୍ମ ହୁଏ କିପରି କହୁଛନ୍ତି ? ତାହା ପୁଣି ଗୋଟିଏ ଶ୍ଳୋକରେ କହିବା ଦ୍ୱାରା କେହି ମଧ୍ୟ ପାଗଳ ହୋଇଯିବା ଭଳି ହୋଇଯିବ, ଆଉ କିଛି ବୁଝିପାରିବ ନାହିଁ । ଏଠାରେ ଶୁଣୁଥିବା ଲୋକ ପାଗଳ, ନଚେତ କହୁଥିବା ଲୋକ ପାଗଳ ବୋଲି କହିବାକୁ ପଡିବ । ଯାହା ତରଫରୁ ହେଉ ନିଶ୍ଚୟ କେଉଁଠି କିଛି ତ୍ରୁଟି ରହିଛି ବୋଲି ଲାଗେ ସିନା, ବାସ୍ତବରେ କହିବା ପାତ୍ର ସ୍ୱୟଂ ଭଗବାନ ହୋଇଥିବାରୁ ଏଠାରେ କହିବା ପାତ୍ରର କୌଣସି ଭୁଲ୍ ନାହିଁ ବୋଲି କହିପାରିବା । ଶୁଣୁଥିବା ବ୍ୟକ୍ତିଠାରେ କିଛି ବୁଝାମଣା ଲୋପ ରହିଛି ବୋଲି ଜଣାଯାଉଛି । ଏବେ କହିଥିବା ପାତ୍ର କିପରି ସତ୍ୟ କହିଛି ସେହିକଥା ଆଲୋଚନା କରିବା ।

ସୃଷ୍ଟି ପ୍ରାରମ୍ଭରେ ଈଶ୍ୱର ସୂର୍ଯ୍ୟଙ୍କୁ ଜ୍ଞାନ କହିଥିବା କଥା ସତ୍ୟ । ସେହି ଦିନଠାରୁ ଦ୍ୱାପର ଯୁଗରେ ଅର୍ଜୁନଙ୍କ ପର୍ଯ୍ୟନ୍ତ କାହାକୁ ଜ୍ଞାନ କହିନଥିବା କଥା ମଧ୍ୟ ସତ୍ୟ । ମଝିରେ ପ୍ରଜାମାନେ ଜଣେ ଜଣକୁ ଜ୍ଞାନ କହିଥିବା କଥା ମଧ୍ୟ

ଶତପ୍ରତିଶତ ସତ୍ୟ, ତାଛଡା ପଞ୍ଚମ ଶ୍ଲୋକରେ କହିବା ଭଳି ସୃଷ୍ଟ୍ୟାଦିରୁ ଭଗବାନ ଭୂପୃଷ୍ଠରେ ପାଞ୍ଚଥର ଜନ୍ମ ହୋଇଥିଲେ, ତାହା ମଧ୍ୟ ଶତପ୍ରତିଶତ ବାସ୍ତବ । ଇଏ କି କଥା ଆଜ୍ଞା ! ଆପଣ ମଧ୍ୟ ପାଗଳଙ୍କ ଭଳି କହୁଛନ୍ତି ବୋଲି ଭାବନ୍ତୁ ନାହିଁ । ମୁଁ ଯାହା କହୁଛି ତାହା ମଧ୍ୟ ଶତ ପ୍ରତିଶତ ସତ୍ୟ । "ସାପ ମରିବନି କି ବାଡି ଭାଙ୍ଗିବନି" କହିବା ଭଳି ଆମେ କେଉଁ ସତ୍ୟକୁ ଦେଖାଉଛୁ ଦେଖନ୍ତୁ ! ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ କଥାହେବା ବେଳର କଥା ତ ଏସବୁ !! ଅର୍ଜୁନ ଆମ ଭଳି ସର୍ବସାଧାରଣ ମଣିଷ, କିନ୍ତୁ ଶ୍ରୀକୃଷ୍ଣ ଆମଭଳି ସାଧାରଣ ମଣିଷ ନୁହନ୍ତି । ତା'ଛଡା ମଣିଷ ହେଲେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଆମେ ଭଗବାନ କହୁଛେ ! ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିବା ସନ୍ଦର୍ଭରେ ଶ୍ରୀକୃଷ୍ଣ ଉବାଚ ଲେଖାନଯାଇ ଭଗବାନ ଉବାଚ ଲେଖାଯାଇଛି ! ତେଣୁ ଏ ଦୃଷ୍ଟିରୁ ଶ୍ରୀକୃଷ୍ଣଙ୍କୁ ନିଶ୍ଚୟ ଭଗବାନ କହିବାକୁ ହେବ । ଭଗବାନଙ୍କଠାରେ ସାଧାରଣ ମାନବ ଅପେକ୍ଷା ନିଶ୍ଚୟ କିଛି ବିଶେଷତା ରହିବା ବିଧେୟ, ତେଣୁ ଭଗବାନଙ୍କର ସେହି ବିଶେଷତା ବାବଦରେ ଜାଣିବାକୁ ଲାଗିଲେ, ଭଗବାନଙ୍କ ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ତିନିଗୋଟି ଆତ୍ମା ଭାବରେ ଅଭିନୟ କରୁଥିବା ପାତ୍ର ଜଣେ ରହିଥାଏ ବୋଲି ଆମେ ଜାଣି ସାରିଛେ । ସାଧାରଣ ମାନବଠାରେ ମଧ୍ୟ ସେହି ତିନିଗୋଟି ଆତ୍ମା ରହିଥାଏ । ମାନବଠାରେ ପରମାତ୍ମା ସାକ୍ଷୀ ଭାବରେ ରହିଥାନ୍ତି । ପରମାତ୍ମା ମାନବର ଶରୀରରେ କେବଳ ସାକ୍ଷୀ ଭାବରେ ରହିଥାନ୍ତି, କିଛି କରିନଥାନ୍ତି କି କିଛି କହିନଥାନ୍ତି । ଭଗବାନଙ୍କ ଶରୀରରେ ମଧ୍ୟ ପରମାତ୍ମା ମାନବଠାରେ ରହିବା ଭଳି ରହିଥାନ୍ତି । ଆତ୍ମା ତାଙ୍କ ଶରୀରକୁ ଶକ୍ତି ଦେଇଥାଏ । କିନ୍ତୁ ବିଶେଷକଥା ହେଉଛି କେତେକ ସ୍ୱତନ୍ତ୍ର ସନ୍ଦର୍ଭରେ ଭଗବାନଙ୍କ ଶରୀରର ପରମାତ୍ମା ସ୍ୱୟଂ କଥାକହି ପାରନ୍ତି । ସାଧାରଣ ମାନବର ଆତ୍ମା କାର୍ଯ୍ୟଗୁଡିକୁ ଚୈତନ୍ୟ ହୋଇ କରୁଥିବା ବେଳେ, ପରମାତ୍ମା କିଛି କରିନଥାନ୍ତି, କିଛି କହିନଥାନ୍ତି, କିନ୍ତୁ ଭଗବାନଙ୍କ ଶରୀରର ଆତ୍ମା କେତେକ ସନ୍ଦର୍ଭରେ ବାହ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିବାଭଳି କଥା କହିଥାନ୍ତି । ଦିନେ ଆକାଶ ମହାଭୂତର ଶରୀରରୁ ସୃଷ୍ଟି ଆଦିରେ ସୂର୍ଯ୍ୟଙ୍କ ସହିତ କଥା ହୋଇଥିବା ପରମାତ୍ମା ଦ୍ୱାପରଯୁଗର ଆବଶ୍ୟକ ସନ୍ଦର୍ଭରେ ସେହି ଜ୍ଞାନକୁ ପୁଣି ଶ୍ରୀକୃଷ୍ଣ ଶରୀରରୁ କଥା ହୋଇ, ଏବେ ସେହି ଜ୍ଞାନ ତୋତେ କହୁଛି ବୋଲି କହିଥିଲେ । ଏକଥା ମଧ୍ୟ ସେ ପ୍ରଥମ ଶ୍ଲୋକରେ

କହିଛନ୍ତି । ଏହାକୁ ଅସତ୍ୟ ବୋଲି କହି ପାରିବା ନାହିଁ । ଶରୀର ଧାରଣ କରି ସାଧାରଣ ମାନବ ଭଳି ରହିଥିବା ଭଗବାନ କେତେବେଳେ କେତେଥର ଅଧର୍ମ ବଢିଥିବା ସମୟରେ ଭୂପୃଷ୍ଠରେ ଜନ୍ମହେବା କଥା ନିରାଟ ସତ୍ୟ । ଏକ ମାନବ ଶରୀରରେ ତିନିଗୋଟି ଆତ୍ମା କାର୍ଯ୍ୟ କରୁଥିବା ବେଳେ ସେ ଶରୀରକୁ ଭଗବାନ କହିଥାଉ । ଭଗବାନ ହେଲେ ମଧ୍ୟ ସେ ଜୀବ ଭାବରେ ଶରୀର ଧାରଣ କରି ଜନ୍ମ ହୋଇଥାନ୍ତି, ତେଣୁ ତାଙ୍କର ଅନେକ ଜନ୍ମ ଥିଲା ବୋଲି କହିବା ସତ୍ୟ । ଦେଖାଯାଉଥିବା ଶରୀରରୁ ଅଦେଖା ଅନ୍ତରଙ୍ଗ ଚର୍ଯ୍ୟାକୁ ଜାଣିପାରିଲେ ତାହାକୁ ହିଁ ଆତ୍ମଜ୍ଞାନ ଜାଣିବା ବୋଲି କହିଥାଉ । ତିନିଆତ୍ମା ଜ୍ଞାନ ନଜାଣିଲେ ଉପର ଶ୍ଳୋକକୁ ବୁଝିପାରିବା ନାହିଁ ।

ଏହି ଶ୍ଳୋକରେ କହିବା ଭଳି ଭିତରୁ କହୁଥିବା ପରମାତ୍ମାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ବାହ୍ୟ ଧ୍ୟାନରେ କଥା କହୁଥିବା ଜୀବାତ୍ମାର ଜନ୍ମ ମରଣ ରହିଥାଏ । ତେଣୁ ଏଠାରେ ଏହି ଶ୍ଳୋକରେ ଭିତରୁ କଥା ହେଉଥିବା ପରମାତ୍ମା ମୁଁ ଅବିନାଶୀ, ଅଜନ୍ମା ବୋଲି କହିଛନ୍ତି । ଏହି ଶ୍ଳୋକରେ କଥା କହୁଥିବା ଜୀବାତ୍ମା ମୁଁ ଗୁଣ ରୂପରେ ଥିବା ମାୟାରେ ମିଶି ଜନ୍ମ ହୋଇଥାଏ ବୋଲି କହିଛନ୍ତି । ଏସବୁ ଦେଖିଲେ ଅପରିଚିତ୍ ସିନେମାରେ ଜଣେ ମଣିଷ ମୁଁ ମାରିଛି କହିବା ପରେ ପରେ ପୁଣି ମୁଁ ମାରି ନାହିଁ କହିବା ଭଳି ଗୋଟିଏ ବାକ୍ୟରେ ଦୁଇ ପ୍ରକାରର କଥା ରହିଛି । ଏହା ମଧ୍ୟ ବାସ୍ତବ କଥା । ବୁଝିପାରିଲେ ସେ ମାରିଛି କହିବା ସତ, ମାରିନାହିଁ କହିବା ମଧ୍ୟ ସତ । ସେହିଭଳି ଅନେକ ଥର ଜନ୍ମ ହୁଏ କହୁଥିବା କଥା ଆଦୌ ମିଛ ନୁହେଁ, ସେ ଜନ୍ମ ନିଅନ୍ତି ନାହିଁ କହିଥିବା କଥାଟି ମଧ୍ୟ ମିଛ ନୁହେଁ । ତେବେ ପରମାତ୍ମା ଭଗବାନ ରୂପ ନେଇ ଭୂପୃଷ୍ଠରେ କେତେବେଳେ ଜନ୍ମ ନିଅନ୍ତି ତାହା ତଳ ଶ୍ଳୋକରେ ଦେଖିବା ।

**(୩)ଶ୍ଳୋକ, ୭ : ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ! ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାଽଽତ୍ମାନଂ ସୃଜାମ୍ୟହମ୍ ॥**
**(ନିରାକାର,ସାକାର)**

**ଭାବାର୍ଥ :** ଯେତେବେଳେ ଧର୍ମରେ ଗ୍ଲାନି ସୃଷ୍ଟିହୋଇ ଅଧର୍ମ ବଢ଼ିଯାଇଥାଏ, ସେତେବେଳେ ମୁଁ ମୋତେ ତିଆରି କରି ଭୂପୃଷ୍ଠରେ ଜନ୍ମ ହୋଇଥାଏ ।

**ବିବରଣୀ :** ପଛ ଶ୍ଳୋକରେ ଆସିଥିବା ପ୍ରଶ୍ନର ସମାଧାନ ଭାବରେ ମୁଁ ଅମୁକ ସମୟରେ ଜନ୍ମ ହୋଇଥାଏ ବୋଲି ଏଇଠାରେ କହିଦେଇଛନ୍ତି । ତେଣୁ ଜନ୍ମ ହେବା କ'ଣ ଆବଶ୍ୟକ ? ବୋଲି ଏବେ ଏକ ପ୍ରଶ୍ନ ଆସୁଛି, ତା'ର ସମାଧାନ କରିବାକୁ ଗଲେ ! ଏକ ଡିପାର୍ଟମେଣ୍ଟ୍ ରେ ନିମ୍ନସ୍ତରର କର୍ମଚାରୀମାନେ ସଠିକ ଭାବରେ କାର୍ଯ୍ୟ କରୁନଥିବା ବେଳେ, ସେମାନଙ୍କୁ ବୁଝାଇ ସଠିକ କାର୍ଯ୍ୟ କରାଇବା ଉପର କର୍ମଚାରୀର କର୍ତ୍ତବ୍ୟ ହୋଇଥାଏ । ସେହିଭଳି ଭୂପୃଷ୍ଠରେ ପରମାତ୍ମା ଧର୍ମ ଠିକ୍ ଭାବରେ ଆଚରିତ ହେଉନଥିବା ବେଳେ, ତାହା ଠିକ୍ଭାବରେ ଆଚରିତ କରାଇବା କାର୍ଯ୍ୟ ପରମାତ୍ମାଙ୍କର ହୋଇଥାଏ । ପରମାତ୍ମା ଭୂପୃଷ୍ଠରେ ନିଜର ଧର୍ମ ଯଥାବିଧ ଆଚରିତ ହେବା ଭଳି, ମାନବ ମଧ୍ୟରେ ଅନେକ ପ୍ରକ୍ରିୟାର ବନ୍ଦୋବସ୍ତ କରି ରଖିଛନ୍ତି । ଧର୍ମଯୁକ୍ତ ସେହି ପ୍ରକ୍ରିୟାଗୁଡିକ ଆଜି ପର୍ଯ୍ୟନ୍ତ ଥିଲେ ମଧ୍ୟ, ସେଗୁଡିକର ଅର୍ଥସବୁ ଅଜଣା ହୋଇ ରହିଯାଇଥିବାରୁ, ଧର୍ମ ଅଧର୍ମରେ ପରିଣତ ହେଉଛି ବୋଲି କହିପାରିବା । ଉଦାହରଣତଃ **"ମୋ'କର୍ମ"** ବୋଲି କଥାଟି ଅନେକ ଲୋକ କଥାପ୍ରସଙ୍ଗରେ ବ୍ୟବହାର କରିଥାନ୍ତି । କିଛି ଜାଣିନଥିବା ଲୋକଟିଏ ମଧ୍ୟ ଅନେକ ସନ୍ଦର୍ଭରେ ମୋ କର୍ମ (କରମ, ଭାଗ୍ୟ, ବେଳା, ନିୟତି, ବିଧି, ବିହି, କପାଳ ଲିଖନ, ଇତ୍ୟାଦି) କହିଥାଏ । ବେଳେବେଳେ ଆମେ ମଧ୍ୟ କହୁଛେ । ଏହା ଏକ ଧର୍ମ ହେଲେହେଁ, ଏକ ଘୋଷାପଦ ଭଳି ଆମ ତୁଣ୍ଡରୁ ଆପଣା ଛାଏଁ ବାହାରି ଯାଉଛି ସିନା, ଅର୍ଥ ଆମକୁ ଜଣା ନାହିଁ, ଏହା ଧର୍ମଯୁକ୍ତ ଶବ୍ଦ, ଶବ୍ଦର ଧର୍ମ ଆମରି ତୁଣ୍ଡରେ ରହିଛି; ତଥାପି ବାସ୍ତବ ଅର୍ଥ ନଜାଣିବା ଦ୍ୱାରା ଅଧର୍ମରେ ପରିଣତ ହୋଇଛି, ତେଣୁ ଏଠାରେ କହିପାରିବା ଯେ ଧର୍ମର ଗ୍ଲାନି ଘଟିଛି ।

ପ୍ରଥମେ ଆମେମାନେ ସମସ୍ତେ ଧାର୍ମିକ ଥିଲେ, କାଳକ୍ରମେ ଅଧାର୍ମିକ ହୋଇଯାଇଛେ । ଧର୍ମ ଆକାଶରେ ନାହିଁ କି ଆଉ କେଉଁଠି ନଥାଏ । ଧର୍ମ ଧର୍ମ ଭାବରେ ହେଉ କି ଅଧର୍ମ ଭାବରେ ହେଉ ଆମରି ଦ୍ୱାରା ଭୂପୃଷ୍ଠରେ ଆଚରିତ ହେଉଛି । ଆମେ ଧର୍ମର ଆଚରଣ କରୁଥିଲେ ମଧ୍ୟ, ଅର୍ଥ ନଜାଣିବା ଦ୍ୱାରା

ତାହା ଭାବରହିତ ହୋଇ ଅଧର୍ମରେ ପରିଣତ ହୋଇଯାଇଛି । ସେଗୁଡିକର ଅର୍ଥ ଜାଣି ଆଚରଣ କରିପାରିଲେ ଆମେ ଧାର୍ମିକ ହୋଇପାରିବା । ସେହିଭଳି **ଭଗବାନ** ଶବ୍ଦଟି ଏକ ଧର୍ମଯୁକ୍ତ ଶବ୍ଦ, ହେଲେ ବଡ ବଡ ଗୁରୁମାନଙ୍କ ତୁଣ୍ଡରେ ଅଧର୍ମରେ ପରିଣତ ହୋଇଯାଇଛି । **ବିବାହ** ଏକ ଧର୍ମ, ତାର ସମସ୍ତ ଆଚରଣ ଧର୍ମଯୁକ୍ତ ଭାବରେ ରହିଥିଲେ ମଧ୍ୟ ତାହା ଅଧର୍ମ ହୋଇଯାଇଛି । ଏଭଳି ଅନେକ କିଛି ଆମ ଜୀବନ ସହିତ ଧର୍ମଯୁକ୍ତ ଭାବରେ ରହିଛି ହେଲେ ସେଗୁଡିକର ବିବରଣ ଆମେ ନଜାଣିବା ପର୍ଯ୍ୟନ୍ତ ଅଧର୍ମ ଭାବେ ଆଚରିତ ହେଉଥିବ । ଏହିପରି **ବର-କନ୍ୟା, ଜହ୍ନମାମୁଁ, ବିଧବା** ଇତ୍ୟାଦି ଶବ୍ଦଗୁଡ଼ିକ ଧର୍ମଯୁକ୍ତ ହୋଇଥିଲେ ମଧ୍ୟ ତାହା ଧର୍ମଯୁକ୍ତ ଶବ୍ଦ ବୋଲି କାହାକୁ ଜଣା ନାହିଁ ।

ଏସବୁ ଈଶ୍ୱର ଅଛନ୍ତି କହୁଥିବା ଆସ୍ତିକମାନଙ୍କ ପାଇଁ କୁହାଯାଉଛି । କିଛି ଆସ୍ତିକମାନେ ହିଁ ଅଧାର୍ମିକ ବା ଅଧର୍ମୀ ଭାବରେ ବଦଳି ଯାଇଛନ୍ତି, ଏହା ନିରାଟ ସତ୍ୟ । ଆସ୍ତିକମାନେ ଧର୍ମ ଆଚରଣ କରିଛୁ ଭାବି ଅଧର୍ମୀ ହୋଇ, ଅଧର୍ମ ଆଚରଣ କରୁଥିବା ବେଳେ, ଧର୍ମରେ ଗ୍ଲାନି ସୃଷ୍ଟିହୋଇ, ଅଧର୍ମ ଅଭିବୃଦ୍ଧି ହେଉଛି ବୋଲି କହିଛନ୍ତି । ଧର୍ମ ଅଜଣା ରହିଯିବା ବେଳେ ଧର୍ମରେ ଗ୍ଲାନି ହୋଇଥାଏ ବୋଲି ବୁଝିବା ଉଚିତ୍ । ଅଧର୍ମୀମାନେ ଦୁଇ ପ୍ରକାରର ରହିଥାନ୍ତି । ଅଧର୍ମକୁ ଈଶ୍ୱରଙ୍କ ଧର୍ମ ବୋଲି ଭୁଲ୍ ବୁଝି, ବାସ୍ତବ ଧର୍ମକୁ ଛାଡି ଅଧର୍ମ ଆଚରଣ କରୁଥିବା ଅଧର୍ମୀମାନେ ଏକ ପ୍ରକାରର । ଉଦାହରଣ ସ୍ୱରୂପ ଯଜ୍ଞ କରିବା, ବେଦପାଠ କରିବା, ତପସ୍ୟା କରିବା ଇତ୍ୟାଦିକୁ ଏହି ପ୍ରକାରର ଅଧର୍ମୀମାନେ କରିଥାନ୍ତି ବୋଲି କହିପାରିବା । ବେଦାଧ୍ୟୟନ, ଯଜ୍ଞାଚରଣ, ଦାନ, ତପସ୍ୟାଦି ଧର୍ମ ହୋଇ ନଥିବାବେଳେ, ଏହା ହିଁ ଧର୍ମାଚରଣ ବୋଲି ଭୁଲ୍ ବୁଝି ଆଚରଣ କରୁଥିବା ଆସ୍ତିକମାନଙ୍କୁ ଅଧର୍ମୀ ବୋଲି କହିପାରିବା । ଈଶ୍ୱର ନାହାନ୍ତି, ତାଙ୍କ ଧର୍ମ ବୋଲି କିଛି ନାହିଁ, ଯାହାଅଛି ତାହା ପ୍ରତ୍ୟକ୍ଷ ପ୍ରକୃତି, ଦେଖାଯାଉଥିବା ପ୍ରକୃତି ନାନା ପଦାର୍ଥରେ ପରିପୂର୍ଣ୍ଣ, ପଦାର୍ଥର ଏକ ଧର୍ମ ରହିଛି, ଯାହା ପଦାର୍ଥ ନୁହେଁ ତାହା ଐଶ୍ୱରୀୟ ଧର୍ମ ନୁହେଁ, ପଦାର୍ଥ ଏବଂ ତା'ର ରହିଥିବା ଧର୍ମ ହିଁ ସତ୍ୟ, ଈଶ୍ୱର ଅଛନ୍ତି, ତାଙ୍କର ଧର୍ମ ଅଛି କହିବା ଅସତ୍ୟ, ଏପରି କଥା କହୁଥିବା ହେତୁବାଦୀ ମାନେ ଏବଂ ନାସ୍ତିକବାଦୀ ମାନେ

(ନିରୀଶ୍ୱରବାଦୀ ମାନେ) ହେଉଛନ୍ତି ଦ୍ୱିତୀୟ ପ୍ରକାରର ଅଧର୍ମୀ । ଐଶ୍ୱରୀୟ ଧର୍ମ ରହିଛି କହୁଥାଇ ଅଧର୍ମକୁ ଆଚରଣ କରୁଥିବା ଆସ୍ତିକ, ନାହିଁ କହୁଥିବା ନାସ୍ତିକ ଉଭୟଙ୍କୁ ଅଧର୍ମୀ ବୋଲି କହିପାରିବା । ଏହିଭଳି ଅଧର୍ମୀମାନେ ଅଧିକ ହୋଇଯାଉଥିବା ବେଳେ ଅଧର୍ମ ଅଭିବୃଦ୍ଧି ହୁଏ, ତେଣୁ **ଅଭ୍ୟୁତ୍‌ଥାନମଧର୍ମସ୍ୟ** ବୋଲି ଭଗବାନ କହିଛନ୍ତି ।

ଧର୍ମ ସମ୍ପୂର୍ଣ୍ଣ ବିନାଶ ହୋଇଯାଇ ନଥାଏ, କିନ୍ତୁ ସେଥିରେ ଗ୍ଲାନି ସୃଷ୍ଟି ହୋଇଥାଏ । ଆମ ଶରୀରରେ ଗ୍ଲାନି ଆସିବାବେଳେ, ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ଆମେ ଆରୋଗ୍ୟ ଲାଭ କରି ପୁଣି ଶକ୍ତିବନ୍ତ ହୋଇଥାଉ, ସେହିଭଳି ଧର୍ମରେ ଗ୍ଲାନି ଆସିବାବେଳେ, ଭଗବାନଙ୍କ ଜ୍ଞାନବୈଦ୍ୟ ଦ୍ୱାରା ଅଜ୍ଞାନ ରୋଗ (ଗ୍ଲାନି) ଦୂରହୋଇ ଧର୍ମ ପୁଣି ଶକ୍ତିବନ୍ତ ହୋଇଥାଏ । ସେହି ବିଷୟ ତଳ ଶ୍ଳୋକରେ କହୁଛନ୍ତି ।

**(୩) ଶ୍ଳୋକ,୮ : ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ॥**
**(ସାକାର)**

**ଭାବାର୍ଥ :** ଧର୍ମ ଆଚରଣ କରୁଥିବା ଲୋକମାନଙ୍କର ସଂରକ୍ଷଣ, ଅଧର୍ମ ଆଚରଣ କରୁଥିବା ଲୋକମାନଙ୍କୁ ନିଖୋଜ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ଜନ୍ମ ହୋଇଥାଏ ।

**ବିବରଣୀ :** ଏଠାରେ ଦୁଷ୍ଟ ଲୋକମାନଙ୍କୁ ମାରି ସାଧୁ ବା ଭଲ ଲୋକମାନଙ୍କୁ ରକ୍ଷା କରିବାକୁ ପରମାତ୍ମା ଭଗବାନ ଅବତାର ନେଇ ଜନ୍ମ ହୋଇଥାନ୍ତି, ଅର୍ଥାତ୍ ଅବାଟରେ ଥିବା ଦୁର୍ଜନମାନଙ୍କୁ ଜୀବନରେ ମାରିଦେଇ ଧର୍ମ ରକ୍ଷା କରିଥାନ୍ତି ବୋଲି ଅନେକ ଲୋକ ଭାବିଥାନ୍ତି । ସମସ୍ତେ ଭାବିବା ଭଳି ଦୁର୍ଜନମାନଙ୍କୁ ମାରି ସେମାନଙ୍କୁ ନିଖୋଜ କରିଦିଏ କହିବା ଉଚିତ୍ ଅର୍ଥ ନୁହେଁ । କାରଣ ! ଏହି ଭଗବଦ୍ଗୀତାର ଆଉ ଗୋଟିଏ ଜାଗାରେ ଯେଉଁ ଗୁଣରେ ମୃତ୍ୟୁବରଣ କଲେ ସେହି ଗୁଣ ନେଇ ପୁଣି ଜନ୍ମ ହେବାକୁ ପଡେ, ପୁନର୍ବାର କରୁଥିବା ଦୁଷ୍କର୍ମ ପୁଣି କରିବାକୁ ହୁଏ, ଦୁର୍ଜନ ଦୁର୍ଜନଭାବରେ ଜନ୍ମହୋଇ ବଢିଥାଏ ବୋଲି କହିଛନ୍ତି ।

ତେବେ ଏଠାରେ କହିଥିବା କଥା ଅନୁସାରେ ଯଦି ସେ ଦୁର୍ଜନମାନଙ୍କୁ ସଂହାର କରୁଛନ୍ତି ତେବେ ଦୁର୍ଜନମାନେ ତ ପୁଣି ଜନ୍ମହେବେ ! ଅଥଚ ସେମାନଙ୍କୁ ସଂହାର କରି (ଜୀବନରେ ମାରିଦେଇ) କି ଲାଭ ? ସେମାନେ ତ ସେହି ଖଳ ପ୍ରକୃତିରେ ଜନ୍ମହେବେ ! ତେବେ ଭଗବାନ ସେମାନଙ୍କୁ ସଂହାର କଲେ କିପରି ? ଏହିଭଳି କେତେଗୁଡିଏ ପ୍ରଶ୍ନ ଆସିଥାଏ । ତେଣୁ ସେଠିକାର ଶ୍ଳୋକ ସହିତ ଏଠିକାର ଶ୍ଳୋକଟି ମେଳ ନଖାଇ ବିରୁଦ୍ଧ ଭାବ ସୃଷ୍ଟି ହେଉଛି । ତାହେଲେ ଏ ପ୍ରଶ୍ନର ଉତ୍ତର କ'ଣ ? କେଉଁ ଶ୍ଳୋକର ଉତ୍ତର ଠିକ୍ ? କେଉଁ ଶ୍ଳୋକର ଉତ୍ତର ଭୁଲ୍ ? ତା'ର ସମାଧାନ ନିମ୍ନମତେ ଦେଖନ୍ତୁ ।

ଜଣେ ଖଳଲୋକ ଜଣେ ଭଲଲୋକକୁ ମାରିଦେବା ବେଳେ କିମ୍ବା ସମସ୍ତଙ୍କ ମନୋଭାବରେ ଅଧିକ ପ୍ରଭାବ ପକାଉଥିବା ସିନେମାରେ ଭିଲାନ୍‌କୁ ସିନେମାର ହିରୋ ମାରିଦେବା ବେଳେ ଏହି **ପରିତ୍ରାଣାୟ ସାଧୂନାଂ** ନାମକ ଶ୍ଳୋକକୁ ମନେ ପକାଇ ଦିଆଯାଇଥାଏ (ଦୃଶ୍ୟ ପଛରୁ ପରିତ୍ରାଣାୟ ସାଧୂନାଂ.. ଶ୍ଳୋକଟି ଗାନ କରାଯାଇଥାଏ) । ଅର୍ଥାତ୍ ଖଳ ବା ଦୁର୍ଜନକୁ ନମାରିବା ପର୍ଯ୍ୟନ୍ତ ଭଲ ଲୋକମାନେ ବଢିପାରିବେ ନାହିଁ ବୋଲି ଏକ ଭାବ ସମସ୍ତଙ୍କଠାରେ ଗଭୀର ଭାବରେ ରହିଯାଇଛି । ଏହି ଶ୍ଳୋକର ବାସ୍ତବ ଜ୍ଞାନ ନବୁଝି ଧର୍ମ ରକ୍ଷା କରିବା ପାଇଁ ଆସିଥିବା ଭଗବାନଙ୍କୁ ମଧ୍ୟ ସମସ୍ତେ ଅଧର୍ମୀ କରିଦେଇଛନ୍ତି । ଭଗବାନ କହିଥିବା ବିଷୟକୁ ବୁଝି ନପାରି, ଭଗବାନ ଅଧର୍ମ ଆଚରଣ କରୁଛନ୍ତି ବୋଲି ଲେଖିବା ଅତି ଦାରୁଣ ବିଷୟ । ବାସ୍ତବରେ ଭଗବାନ କାହାକୁ ସଂହାର କରିବେ ବୋଲି କେଉଁଠାରେ କହି ନାହାନ୍ତି । ଉପର ଶ୍ଳୋକରେ **ବିନାଶାୟ ଚ ଦୁଷ୍କୃତାମ୍** କହିଛନ୍ତି । ଖରାପ ଲୋକଙ୍କୁ ବା ଅଧର୍ମୀମାନଙ୍କୁ ବିନାଶ କରିବି କହିଛନ୍ତି ସତ । କିନ୍ତୁ ଏଠାରେ ବିନାଶ ଶବ୍ଦ ଅଛି ତା'ବୋଲି କ'ଣ ମାରିଦେବି କହିଛନ୍ତି ? ଏହି ପ୍ରଶ୍ନର ଉତ୍ତର ଏଭଳି ବୁଝିବା ଭୁଲ୍ । ମରଣ ଅଲଗା, ବିନାଶ ଅଲଗା । ଏକଥା ସାଂଖ୍ୟଯୋଗର ୧୯ତମ ଶ୍ଳୋକରେ ବିପୁଳ ଭାବରେ ବ୍ୟାଖ୍ୟା କରାଯାଇଛି । ଏକଥା ମନେ ଅଛି କି ନାଇଁ ! ବିନାଶ କହିଲେ ସମ୍ପୂର୍ଣ୍ଣ ମୁଳୋତ୍ପାଟ ହେବା ଏବଂ ମରଣ କହିଲେ କେବଳ ଶରୀର ବଦଳିବା ବୋଲି ଆମେ ଆଉଥରେ ମନେ ପକାଇଦେଉଛୁ ।

ଯେଉଁ ରୀତିରେ ଯିଏ ମୃତ୍ୟୁବରଣ କରେ ସେ ସେହି ରୀତିରେ ଜନ୍ମଗ୍ରହଣ କରିଥାଏ । ଜଣେ ଗୋଟିଏ ଗାଆଁରେ ମୃତ୍ୟୁବରଣ କରି ସେ ଗାଆଁରୁ ନିଖୋଜ ହୋଇଯାଉଥିବା ବେଳେ ଆଉ କେଉଁଠି ନିଶ୍ଚୟ ଜନ୍ମ ହୋଇଥାଏ । ସେଠାରେ ସେ ରହିଥାଏ ସିନା ତାର ସମ୍ପୂର୍ଣ୍ଣ ମୁଳୋତ୍ପାଟ ବା ସେ ଭୂପୃଷ୍ଠରୁ ନିଖୋଜ ହୋଇଯାଇ ନଥାଏ । ଏହି ସୂତ୍ର ଜ୍ଞାନଦାତା ଭଗବାନଙ୍କୁ ଭଲଭାବରେ ଜଣାଥାଏ, ତେଣୁ ସେ ଦୁର୍ଜନମାନଙ୍କୁ ମାରିଦେବି ବୋଲି କାହିଁକି କହିବେ ? କିନ୍ତୁ ତାକୁ ଅର୍ଥାତ୍ ଅଧର୍ମକୁ ବିନାଶ କରି କେଉଁଠାରେ ନ ରହିବା ଭଳି ଉଦ୍ଦ୍ୟମ କରିବି ବୋଲି କହିଛନ୍ତି । ଏଭଳି କରିବା ପାଇଁ ଏକ-ମାତ୍ର ଉପାୟ ହେଉଛି ତାଠାରେ ଥିବା ଅଧର୍ମକୁ ବଦଳାଇଦେବା, ତଦ୍ଦ୍ୱାରା ସେ ଶାଶ୍ୱତ ଧାର୍ମିକ ହୋଇ ପାରିବ । ଉଦାହରଣ ସ୍ୱରୂପ ଭାବିବା, ଗୋଟିଏ ଗାଆଁରେ ହଜାରେ ଜଣ ଅଧର୍ମୀ ଅଛନ୍ତି । ଏତେଜଣ ଲୋକଙ୍କ ଭିତରେ ମାତ୍ର ଦଶଜଣ ଧାର୍ମିକ ନିଶ୍ଚୟ ନାନା ଅସୁବିଧାର ସମ୍ମୁଖୀନ ହେଉଥିବେ, ସେତେବେଳେ ଭଗବାନ ଜଣେ ମଣିଷ ଭାବରେ ସେହି ଗାଆଁକୁ ଯାଇ, ଅଧର୍ମୀମାନେ ନ ରହିବା ଯୋଜନା ତିଆରି କଲେ ବୋଲି ଭାବିବା । ରୋଗୀର ଚିକିତ୍ସା ଆବଶ୍ୟକ, ନିରୋଗୀର ଦରକାର ନାହିଁ । ତେଣୁ ଭଗବାନ ସେଠିକାର ଧାର୍ମିକ ମାନଙ୍କ ସହିତ କୌଣସି ସ୍ନେହ ସମ୍ପର୍କ ନରଖି ଅଧର୍ମୀ ମାନଙ୍କ ସହିତ ସମ୍ପୂର୍ଣ୍ଣ ବନ୍ଧୁତା ସ୍ଥାପନ କଲେ । ଅଧର୍ମୀମାନେ କରୁଥିବା କାର୍ଯ୍ୟକୁ ସେ ମଧ୍ୟ କରୁଥାଇ ଧିରେ ସେମାନଙ୍କର ଅତି ନିକଟତ୍ତର ହୋଇଗଲେ । ଏଭଳି କିଛିକାଳ ବିତିଯିବା ପରେ ସନ୍ଦର୍ଭାନୁସାରେ ସେମାନେ କରୁଥିବା କାର୍ଯ୍ୟକୁ ବାରଣ ନକରି, କରୁଥିବା କାର୍ଯ୍ୟର ଫଳ ବାବଦରେ କହି, ପାପଭୀତି ସୃଷ୍ଟିକରି, କରୁଥିବା କାର୍ଯ୍ୟର ଅର୍ଥ ଏହିଭଳି ରହିଛି ବୋଲି ଜଣାଇ, ଶେଷରେ ଯୋଗସାର, ତା ଦ୍ୱାରା ମିଳୁଥିବା ଫଳ ବାବଦରେ ବୋଧ କରିବା ଦ୍ୱାରା ସେମାନେ ଧାର୍ମିକ ହେବାକୁ ଲାଗିଲେ, କିଛିଦିନ ପରେ କେବଳ ଦଶଜଣ ଅଧର୍ମୀ ବଳକା ରହି ଅନ୍ୟମାନେ ଧାର୍ମିକ ହୋଇଗଲେ ।

ଏହିଭଳି ଏକ ପ୍ରକାରର ଆସ୍ତିକତ୍ୱ ଯୁକ୍ତ ଅଧର୍ମୀମାନଙ୍କୁ ମଣିଷ ଭଳି ଆସିଥିବା ଭଗବାନ ଧର୍ମ ଜଣାଇ, ଧାର୍ମିକ କରିଦେଇଥାନ୍ତି । ଏବେ ଦ୍ୱିତୀୟ

ପ୍ରକାରର ଅଧର୍ମୀମାନଙ୍କୁ କିପରି କ'ଣ କରନ୍ତି ଜାଣିବା । ଦ୍ୱିତୀୟ ପ୍ରକାରର ଅଧର୍ମୀମାନଙ୍କୁ ଦୁଇ ପ୍ରକାରରେ ବିଭାଜନ କରି ପାରିବା । ଈଶ୍ୱରଙ୍କ ଉପରେ ପ୍ରଶ୍ନ ଆସି, ସେମାନଙ୍କ ପ୍ରଶ୍ନର ଉତ୍ତର ନ ମିଳିବା ବେଳେ, ହେତୁବାଦୀ ହୋଇଯାଇ ଈଶ୍ୱରଙ୍କଠାରୁ ଦୂର ହୋଇଯାଉଥିବା ଅଧର୍ମୀମାନେ ଏକ ପ୍ରକାରର, ସେହିଭଳି ଈଶ୍ୱରଙ୍କ ଉପରେ କୌଣସି ପ୍ରଶ୍ନ ନକରି, ଈଶ୍ୱରଙ୍କ ଉପରେ ଦ୍ୱେଷ ଭାବ ନେଇ, ଈଶ୍ୱର ବା ପରମାତ୍ମା ବୋଲି ଗୋଟିଏ କିଛି ନାହିଁ କହୁଥିବା ନାସ୍ତିକମାନେ ଦ୍ୱିତୀୟ ପ୍ରକାରର । ଏହିଭଳି ଈଶ୍ୱରଙ୍କ ଉପରେ ବିଶ୍ୱାସ ନଥିବା ଅଧର୍ମୀମାନେ ସମାଜରେ ଦୁଇ ପ୍ରକାରର ରହିଥାନ୍ତି । ଈଶ୍ୱରଙ୍କ ଉପରେ ସନ୍ଦେହ କରି ପ୍ରଶ୍ନ କରୁଥିବା ହେତୁବାଦୀ, ନାସ୍ତିକବାଦୀମାନଙ୍କ ସହିତ ଭଗବାନ ପ୍ରତ୍ୟେକ୍ଷ ଭାବରେ ସମ୍ପର୍କ ରଖନ୍ତି ନାହିଁ । ମାନବ ଭାବରେ ଭଗବାନ କୌଣସି ସମ୍ପର୍କ ନରଖି ଭୂପୃଷ୍ଠରେ ଥିବାବେଳେ, କେବଳ ହେତୁବାଦୀମାନଙ୍କ ପ୍ରଶ୍ନର ଜବାବ ମିଳିବା ଭଳି କରିଥାନ୍ତି । ଉତ୍ତର ମିଳୁଥିଲେ ମଧ୍ୟ ଈଶ୍ୱର ନାହାନ୍ତି ଭାବି ତାଙ୍କ ଅସ୍ତିତ୍ୱ ବାବଦରେ ପ୍ରଶ୍ନ କରିବା ସେମାନଙ୍କର ସ୍ୱଭାବ ହୋଇଥିବାରୁ, ଭଗବାନ ସେ ପ୍ରଶ୍ନର ସମାଧାନ କରିଦେଉଥିଲେ ମଧ୍ୟ ତାହା ସେମାନେ ସ୍ୱୀକାର କରି ନଥାନ୍ତି । ନାସ୍ତିକମାନେ ଈଶ୍ୱରଙ୍କ ଉପରେ ସର୍ବଦା ଅସୂୟା ଭାବ ବ୍ୟକ୍ତ କରିଥାନ୍ତି, ତେଣୁ ସେମାନଙ୍କୁ ଭଗବାନ କୌଣସି ପ୍ରକାରରେ ମଧ୍ୟ ଜ୍ଞାନ ଜଣାନ୍ତି ନାହିଁ । ଏହି ହେତୁବାଦୀ, ନାସ୍ତିକବାଦୀମାନେ ପର ଜନ୍ମରେ ଭୟଙ୍କର କର୍ମ ସଂସ୍ପର୍ଶରେ ଆସି ନଷ୍ଟାତ୍ମା ଭାବରେ କାଳାତିପାତ କରିଥାନ୍ତି, ସେତେବେଳେ ହେତୁବାଦୀମାନେ କିଛି ପରିମାଣରେ ବଦଳି ପାରନ୍ତି । ଏହିଭଳି ଜନ୍ମ ପରେ ଜନ୍ମ ନେଉ ନେଉ ହେତୁବାଦୀମାନେ ମଧ୍ୟ ଧାର୍ମିକ ହେବା ସୁଯୋଗ ରହିଛି, କିନ୍ତୁ ନାସ୍ତିକବାଦୀମାନେ ଐଶ୍ୱରୀୟ ଜ୍ଞାନ ଜାଣିବାକୁ କୌଣସି ସୁଯୋଗ ନାହିଁ, ସେମାନେ ଜନ୍ମଜନ୍ମାନ୍ତର ଉଗ୍ରକୃର ହୋଇଥାନ୍ତି, ଅଧୋଗତି ହୋଇ ଭୟଙ୍କର କର୍ମମାନ ଭୋଗ କରିଥାନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ ବାବଦରେ ପ୍ରଶ୍ନ କରୁଥିବା ହେତୁବାଦୀମାନେ ବଦଳିବାକୁ ସୁଯୋଗ ଥାଏ ସିନା, ନାସ୍ତିକବାଦୀ ମାନଙ୍କୁ ଈଶ୍ୱର ସେ ସୁଯୋଗ ଦେଇନାହାନ୍ତି । ଦୁଇ ପ୍ରକାରର ଥିବା ଅଧର୍ମୀମାନଙ୍କ ସହିତ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବରେ ଭଗବାନ ସମ୍ପର୍କ ରଖି ନଥାନ୍ତି । ନାସ୍ତିକମାନଙ୍କୁ ଅକ୍ଷମଣୀୟ ପାପରେ ଘାଣ୍ଟିହେବା ପାଇଁ ସେ ଛାଡି ଦେଇଥାନ୍ତି ।

ଅଧର୍ମୀ ମାନଙ୍କୁ ଯଥାସମ୍ଭବ କଥାରେ ବଦଳାଇ ଦିଆଯାଇ ପାରେ, କିଛି ଶୁଣୁ ନଥିବା ଲୋକମାନଙ୍କୁ ମୁଁ ଛାଡିଦେଇ ପାରେ କହିଛନ୍ତି ବୋଲି ବୁଝିବାକୁ ହେବ ସିନା, କାହାକୁ କୌଣସି ଆୟୁଧ ଦ୍ୱାରା କିମ୍ବା ପରମାଣୁ ବୋମା ଦ୍ୱାରା ମାରିଦେବି ବୋଲି କହିନାହାନ୍ତି ।

ଏଠାରେ ଧାର୍ମିକ ମାନଙ୍କୁ ବଢାଇ, ଅଧର୍ମୀ ମାନଙ୍କୁ ବିନାଶ କରିବି କହିବା ଭୁଲ୍ ନୁହେଁ! ଉପର ଶ୍ଳୋକରେ **"ଧର୍ମସଂସ୍ଥାପନାର୍ଥାୟ"** କହିଛନ୍ତି । ଧର୍ମନିଷ୍ଠ ମାନଙ୍କୁ ରକ୍ଷାକରି, ଦୁର୍ଜନମାନଙ୍କୁ ନରହିବା ଭଳି କରି, ମୁଁ ଧର୍ମ ସ୍ଥାପନ କରିବା ପାଇଁ ଆସିଥାଏ କହିଛନ୍ତି । ଧର୍ମସ୍ଥାପନ ଦ୍ୱାରା ଦୁଷ୍ଟମାନଙ୍କୁ ବିନାଶ କରିବି କହିଛନ୍ତି ବୁଝିଲେ ତାହା ବାସ୍ତବ ଅର୍ଥ ହେବ ସିନା, ଆୟୁଧ ଦ୍ୱାରା ସେମାନଙ୍କୁ ମୁଁ ଜୀବନରେ ମାରିଦେବି ବୁଝିଲେ ପ୍ରକୃତ ଅର୍ଥ ବା ଭଗବାନଙ୍କର ପ୍ରକୃତ ଭାବ କଦାପି ହେବ ନାହିଁ । ଭଗବାନ ଧର୍ମସ୍ଥାପନ କରିବା ପାଇଁ ଆସି, ସେହି କାର୍ଯ୍ୟ ଦ୍ୱାରା ସାଧୁ ପ୍ରଜାମାନଙ୍କର ସଂଖ୍ୟାକୁ ବଢାଇ, ଦୁଷ୍ଟମାନଙ୍କ ସଂଖ୍ୟାକୁ କମ୍ କରିଥାନ୍ତି । ଏହି ପଦ୍ଧତି ହିଁ ଶ୍ଳୋକରେ ରହିଛି, ସଂହାର ପଦ୍ଧତି ନାହିଁ, କାରଣ ସଂହାର ଦ୍ୱାରା କେହି ବିନାଶ ହୋଇନଥାନ୍ତି ବୋଲି ଜାଣିବା ଉଚିତ୍ । ଭଗବାନ ମହୋନ୍ନତ ହୋଇଥିଲେ ମଧ୍ୟ, ନୀଚ ମାନବ ସହିତ ମିଶିଯାଇ, ସେମାନଙ୍କ ଭଳି ନାନା କାର୍ଯ୍ୟ କରୁଥାଇ, ସେମାନଙ୍କ ଭଳି ନାନା ଦୁଃଖକଷ୍ଟ ଅନୁଭବ କରି, ମାନବ ଦ୍ୱାରା ନାନା ଅବମାନକୁ ସହି, ମାନବ ଅପେକ୍ଷା ଆହୁରି ନୀଚ ବୋଧ ହେଉଥିବାବେଳେ, ଭଗବାନଙ୍କୁ ଚିହ୍ନିବା ସହଜ ହୋଇ ନଥାଏ । କୌଣସି ଆଧାର ନଥିବା ଭଗବାନଙ୍କୁ ଚିହ୍ନିଥିବା ଲୋକମାନେ ମଧ୍ୟ ଅଛନ୍ତି, ସେମାନଙ୍କୁ କ'ଣ ମିଳିଥାଏ ପରଶ୍ଳୋକରେ ଜାଣିବା ।

**(୩) ଶ୍ଳୋକ,୯ : ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ମାଂ ବେତ୍ତି ତତ୍ତ୍ୱତଃ ।**
**ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ! ॥**
**(ସାକାର,ନିରାକାର)**

**ଭାବାର୍ଥ :** ମୋର ଦିବ୍ୟ କାର୍ଯ୍ୟଗୁଡିକୁ, ଜନ୍ମକୁ ଯିଏ ଜାଣିଯାଏ ସେ ମରଣ ପରେ, ଅନ୍ୟ ଜନ୍ମକୁ ନଯାଇ ମୋଠାରେ ଐକ୍ୟ ହୋଇଯାଏ ।

**ବିବରଣୀ :** ଏପର୍ଯ୍ୟନ୍ତ ପୂର୍ବ ତିନି ଅଧ୍ୟାୟରେ ପରମପଦ ବା ମୋକ୍ଷକୁ ପାଇବୁ ବୋଲି କହିଆସୁଥିବା ଶ୍ରୀକୃଷ୍ଣ, ଏଠାରେ ପ୍ରଥମ ଥର **'ମାମେତି'** କହିବାରେ କିଛି ବିଶେଷତା ନିଶ୍ଚୟ ରହିଛି । ମାମେତି କହିଲେ ମୋଠାରେ ଐକ୍ୟ ହେବୁ । ପୂର୍ବ ଦୁଇଟି ଅଧ୍ୟାୟରେ ପରମାତ୍ମାଙ୍କ ବାବଦରେ କହିଥିଲେ ମଧ୍ୟ, ସେହି ପରମାତ୍ମା ଯେ ମୁଁ, ଏକଥା ସେ କହିନାହାନ୍ତି । ଏହି ଅଧ୍ୟାୟରେ ମୁଁ ହିଁ ପରମାତ୍ମା ବୋଲି ନିଜକୁ ପ୍ରକଟିତ କରିଛନ୍ତି । ଖାଲି ସେତିକି ନୁହେଁ ମୋକ୍ଷ ବା ପରମପଦ ମଧ୍ୟ ମୁଁ ବୋଲି କହିଛନ୍ତି, ଆଉ କହିଛନ୍ତି ଯେ; କର୍ମ ଶେଷ ହୋଇଯିବା ପରେ ଜନ୍ମ ନଥିବା ଜୀବମାନେ ମୋଠାରେ ଐକ୍ୟ ହୋଇ ସେମାନେ ମଧ୍ୟ ମୋଭଳି ହୋଇଯା'ନ୍ତି (ପରମାତ୍ମା ହୋଇଯା'ନ୍ତି) ଏ ସବୁକୁ ବାଦ୍‌ଦେଲେ ଏହି ଅଧ୍ୟାୟର ବିଶେଷ ତଥ୍ୟ ରହିଛି । ତାହା ହେଉଛି ! କର୍ମଯୋଗ କିମ୍ବା ବ୍ରହ୍ମଯୋଗ ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ କହିଥିବା ଭଗବାନ, ଏବେ କୌଣସି ଯୋଗର ଆବଶ୍ୟକତାକୁ ପଛରେ ଛାଡି, ପରମାତ୍ମା ଅମୁକ ମଣିଷ ଭାବରେ ଜନ୍ମ ହୋଇଛନ୍ତି, ତାଙ୍କର ସେହି ଜନ୍ମକୁ ଜାଣି (ଭଗବାନଙ୍କୁ ଚିହ୍ନି), ଭଗବାନ ନିଜର ଚଳିତ ଜନ୍ମରେ କର୍ମବନ୍ଧନରେ ନପଡିବା ବିଧିରେ କାର୍ଯ୍ୟ କରୁଛନ୍ତି ବୋଲି ଜାଣି, ସେହି କାର୍ଯ୍ୟଗୁଡିକୁ ଚିହ୍ନି ପାରିଥିବା କୌଣସି ବ୍ୟକ୍ତି, ମରଣ ପରେ ମୋଠାରେ ଐକ୍ୟ ହୋଇଯାଏ ବୋଲି ଜଣାଇଛନ୍ତି ।

ଯଦି ଏମିତି ଏକ ପନ୍ଥା ଅଛି ତେବେ ସାଧନା ବିଶିଷ୍ଟ ହୋଇଥିବା, ମଝିରେ ଭାଙ୍ଗି ଯାଉଥିବା, ପ୍ରଜାମାନଙ୍କ ଦ୍ୱାରା ନାନା ପ୍ରତିବନ୍ଧକକୁ ସମ୍ମୁଖୀନ କରୁଥିବା, ଅନେକ ଜନ୍ମ ପରେ ମଧ୍ୟ ପରମାତ୍ମାରେ ଐକ୍ୟ ହେବାକୁ ସକ୍ଷମ ହୋଇପାରୁ ନଥିବା କଷ୍ଟସାଧ ଯୋଗ ଅପେକ୍ଷା, ପରମାତ୍ମାଙ୍କ ଜନ୍ମ ହୋଇଥିବା ଭଗବାନଙ୍କ ଜନ୍ମକୁ ଜାଣି, ତାଙ୍କ କାର୍ଯ୍ୟର ମହାନତାକୁ ଜାଣି ମୋକ୍ଷ ପାଇବା ତ ଭାରି ସହଜ କଥା ! ବୋଲି କେତେକ ନିଶ୍ଚୟ ଭାବୁଥିବେ, କିନ୍ତୁ ତାହା ଏତେ ସହଜ ନୁହେଁ ବୋଲି କହିପାରିବା । କାରଣ ! ଯୋଗ ଆଚରଣ କରିବା ପାଇଁ ଉପଯୁକ୍ତ ବିଧିସବୁ ରହିଛି । ସେହି ଅନୁସାରେ ଯୋଗ ସାଧନା କଲେ ଦିନେନାଦିନେ ମୋକ୍ଷ ମିଳିବ, କିନ୍ତୁ କୌଣସି ଉପାୟ ନଥିବା ଭଗବାନଙ୍କର ଜନ୍ମ ଆଉ କର୍ମକୁ ଜାଣିବା କଷ୍ଟ । ସାଧାରଣ ବ୍ୟକ୍ତିଟିଏ ଭାବରେ ରହି,

ସାଧାରଣ ଜୀବନ ବିତାଉଥିବା ସାକ୍ଷାତ ଈଶ୍ୱରଙ୍କୁ ଚିହ୍ନିବା ସହଜ ନୁହେଁ । ଯଦି ତାଙ୍କର କାର୍ଯ୍ୟ ଅନୁସାରେ ଚିହ୍ନିପାରିବା ବୋଲି କହିବା ତେବେ ତାଙ୍କର କାର୍ଯ୍ୟ ସମୂହ ଉଚ୍ଚ, ନୀଚ୍ଚ ଭେଦରେ ଦୁଇ ପ୍ରକାରର ରହିଥାଏ । ତେଣୁ ଏହିଭଳି ସାକାର ଭଗବାନଙ୍କୁ ଚିହ୍ନିବା ଅପେକ୍ଷା ଯୋଗମାର୍ଗ ହିଁ ଉନ୍ନତ ବୋଲି କହି ପାରିବା । ଭଗବାନଙ୍କୁ ଚିହ୍ନିବାକୁ ଆଧାର ନଥିବାବେଳେ, ମୋ ଜନ୍ମ କର୍ମକୁ ଜାଣିଗଲେ ତୋର ମୋକ୍ଷ ହେବ ବୋଲି ଭଗବାନ କିପରି କହିଛନ୍ତି ? ଯଦି କହିଛନ୍ତି ତେବେ ନିଶ୍ଚୟ କୌଣସି ଉପାୟ ଥିବ ! ବୋଲି ଆମଠାରେ ସନ୍ଦେହ ଆସୁଛି । ଏଭଳି ବିଚାର କଲେ ପ୍ରମାଣ ପୂର୍ବକ ଆଧାର ନଥିଲେ ମଧ୍ୟ ସନ୍ଦେହଜନକ ଆଧାର ଅଛି । ତାହା ହେଉଛି ! ସେ ଭୂପୃଷ୍ଠକୁ ଧର୍ମ ସ୍ଥାପନ କରିବା ପାଇଁ ଆସିଥାନ୍ତି ! ସେତିକିବେଳେ ସେଇଠି ତାଙ୍କୁ ଚିହ୍ନିବାକୁ ଆଧାର ରହିଛି; ତଥାପି ତାହା ସନ୍ଦେହଜନକ । ସବୁ ସନ୍ଦେହର ଯଦି ସମାଧାନ ମିଳିଯାଏ ତେବେ ସେହି ଆଧାରକୁ ବିଶ୍ୱାସ କରି ଭଗବାନଙ୍କୁ ଚିହ୍ନି ପାରିବା । ଏଇ ଏକ ଆଧାର ଅନୁସାରେ **"ଯେଉଁଠାରେ ଅଜଣା ଧର୍ମସବୁ ବହିର୍ଗତ ହେଉଛି, ଯେଉଁଠାରେ ଆଚରଣ ରହି ମଧ୍ୟ ଅର୍ଥରହିତ ହୋଇଯାଇଥିବା କାର୍ଯ୍ୟଗୁଡ଼ିଏ ଧର୍ମଯୁକ୍ତ ଭାବରେ ବୋଧ କରାଯାଉଛି, ଯେଉଁଠାରେ ପୂର୍ବରୁ ଥାଇ ଆଜି ନଥିବା ପରମାର୍ଥ ରହସ୍ୟସବୁ ଜଣାଇ ଦିଆଯାଉଛି, ଯେଉଁଠାରେ ମାନବର ବୁଦ୍ଧିରେ କଳ୍ପନା ମଧ୍ୟ କରିହେଉ ନଥିବା ଆତ୍ମା ବିଷୟ ବୋଧ କରାଯାଉଛି, ଯେଉଁଠାରେ କେଉଁଠି ନଥିବା ମତାତୀତ (କୌଣସି ଧର୍ମର ହୋଇ ନଥିବା) ବାଣୀ ବହିର୍ଗତ ହେଉଛି, ସେହିଠାରେ ପରମାତ୍ମାଙ୍କର ଜନ୍ମ ହୋଇଛି ବୋଲି ଆମେ ଜାଣି ପାରିବା"** । ଏକ ଶରୀରରୁ ବହିର୍ଗତ ହେଉଥିବା ବାଣୀ ଅନୁସାରେ ଆମେ ଭଗବାନଙ୍କୁ ଜାଣି ପାରିଛେ ଭାବିବା ବେଳେ ମଧ୍ୟ ସେହି ଭଗବାନଙ୍କ ଶରୀର ଦ୍ୱାରା ହେଉଥିବା ଅନେକ କାର୍ଯ୍ୟ ସନ୍ଦେହଜନକ ବୋଧହୋଇ ପାରେ, ତାଙ୍କ ଜୀବନଶୈଳୀ ସେ ଭଗବାନ ନୁହନ୍ତି ବୋଲି ପ୍ରମାଣ ଦେଉଥିବାରୁ ତାଙ୍କୁ କେହି ଚିହ୍ନି ପାରିବେ ନାହିଁ ବୋଲି କହିପାରିବା, ସେ ବୋଧ କରୁଥିବା ବାଣୀ ଅପେକ୍ଷା କରୁଥିବା କାର୍ଯ୍ୟହିଁ ମୁଖ୍ୟ ବୋଲି ମାୟା ଆମକୁ ସବୁବେଳେ ମନେ ପକାଇ, ଶେଷରେ ଦିନେ ସେ ଭଗବାନ ନୁହନ୍ତି ବୋଲି ଆମରି ତୁଣ୍ଡରୁ କୁହାଇଦେଇ

ପାରେ । ଦୁର୍ଲଭ ଭଗବାନଙ୍କୁ ଚିହ୍ନିବାକୁ ହେଲେ ମାନବ ବିଶେଷ ଜ୍ଞାନ ଅର୍ଜନ କରି, ଶରୀରରେ ମାୟା ଦ୍ୱାରା ଉପୁଜୁଥିବା ସନ୍ଦେହକୁ ଯେଉଁଦିନ ଦୂର କରିପାରିବା ସେଦିନ ସେ ଚିହ୍ନାଦେଇ ପାରନ୍ତି । ଅଖଣ୍ଡ ଆତ୍ମଜ୍ଞାନ ଜାଣିଥିବା ବ୍ୟକ୍ତି ପରମାତ୍ମାଙ୍କ ଜନ୍ମକୁ ବା ଭଗବାନଙ୍କୁ ଚିହ୍ନିପାରେ । ଚିହ୍ନିବା ପରେ ସେ ପୁନର୍ଜନ୍ମ ନଥିବା ସ୍ଥାନକୁ ଚାଲିଯାଏ ବା ତାର ମୋକ୍ଷ ହୋଇଥାଏ ।

ମୁଖ୍ୟ ଭାବରେ ଅନୁଧ୍ୟାନ କରିବା ବିଷୟ ହେଉଛି ଭୂପୃଷ୍ଠରେ ଭଗବାନ ଥିବାବେଳେ ତାଙ୍କୁ ଚିହ୍ନିବାକୁ ସୁଯୋଗଟିଏ ରହିଛି । କେତେ ହଜାର, କେତେ ଲକ୍ଷ କିମ୍ବା କେତେ କୋଟି ବର୍ଷକେ ଥରେ ଦରକାର ପଡୁଥିବା ବେଳେ ଆସୁଥିବା ଭଗବାନଙ୍କୁ ସେ ସମୟରେ ଚିହ୍ନିବା ସୁଯୋଗ ରହିଛି, ସେ ଭୂପୃଷ୍ଠରେ ଥିବାବେଳେ ତାଙ୍କୁ ଚିହ୍ନିବା ପାଇଁ (ତାଙ୍କ ସାକାରତାର ଚିହ୍ନଟ) ଏକ ସ୍ୱତନ୍ତ୍ର ମାର୍ଗ ଥିବାବେଳେ, ମୋକ୍ଷ ପାଇବା ପାଇଁ ସବୁବେଳେ ଦୁଇଟି ଧର୍ମଯୁକ୍ତ ମାର୍ଗ ରହିଛି । ତାଛଡା ସର୍ବଦା ଧର୍ମାତୀତ ଯୋଗ ନାମରେ ଏକ ମାର୍ଗ ମଧ୍ୟ ରହିଛି । ଏହିଭଳି କ୍ୱଚିତ୍ ସାକାରକୁ ଚିହ୍ନଟ କରିବା ନାମକ ସ୍ୱତନ୍ତ୍ର ମାର୍ଗକୁ ମିଶାଇ ମୋଟ ଚାରିଗୋଟି ମାର୍ଗ ରହିଛି । ସବୁବେଳେ ଧର୍ମଯୁକ୍ତ ଏବଂ ଧର୍ମାତୀତ ଭେଦରେ ଦୁଇଟି ଯୋଗ ରହିଥାଏ କିନ୍ତୁ ସାକାରକୁ ଚିହ୍ନିବା ସୁଯୋଗ ସବୁବେଳେ ରହିନଥାଏ ।

**(୩) ଶ୍ଳୋକ,୧୦ : ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।**
**ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥**

**(ସାକାର)**

**ଭାବାର୍ଥ :** ଭୟ, ପ୍ରେମ, କ୍ରୋଧକୁ ତ୍ୟାଗକରି ମୋ ଉପରେ ଧ୍ୟାନ ଲଗାଇ ମୋତେ ଉପାସନା କରୁଥିବା ଲୋକମାନେ ଜ୍ଞାନତପ ଦ୍ୱାରା ପବିତ୍ରହୋଇ ମୋର ସ୍ୱରୂପକୁ ପାଇଛନ୍ତି ।

**ବିବରଣୀ :** ପରମାତ୍ମାଙ୍କ ସାକାରରୂପ ହୋଇଥିବା ଭଗବାନଙ୍କୁ ଜାଣିବା ପାଇଁ, ସେ କେତେକ ମାର୍ଗ ଏଇ ଶ୍ଳୋକରେ କହିଛନ୍ତି । ଏହି ପଦ୍ଧତି ଦ୍ୱାରା କେତେକ ମୁକ୍ତି ପାଇଛନ୍ତି ବୋଲି ମଧ୍ୟ କହିଛନ୍ତି । ସେହି ମାର୍ଗଗୁଡିକ କ'ଣ ତାହା ସବିବରଣ

ଜାଣିବା । ପ୍ରେମ, କ୍ରୋଧ (କୋପ), ଭୟକୁ ଛାଡି ମୋ ଉପରେ ଧ୍ୟାନ ଦିଏ ବୋଲି ସେ କହିଛନ୍ତି । ଆମ ଚାରିପାଖରେ ରହିଥିବା ଲୋକମାନଙ୍କ ଉପରେ ଆମର ପ୍ରେମଗୁଣ ରହିବା ଦ୍ୱାରା, ମନ ଧ୍ୟାନ ସେମାନଙ୍କ ଉପରେ ରହିଥାଏ ସିନା ସାକାର ଭଗବାନଙ୍କ ଉପରେ ରହିନଥାଏ । ତେଣୁ ତୋର ପ୍ରେମ ଯେଉଁମାନଙ୍କ ଉପରେ ରହିଛି ସେମାନଙ୍କୁ ଭୁଲିଯାଆ । ସେହିଭଳି ଅନ୍ୟମାନଙ୍କ ଉପରେ କ୍ରୋଧ ରହିବା ଦ୍ୱାରା ମନରେ ସେମାନେ ଶତ୍ରୁ ଭଳି ରହିଯା'ନ୍ତି । ଶତ୍ରୁମାନଙ୍କୁ ମନରୁ କାଢିବାକୁ ହେଲେ କ୍ରୋଧ ଛାଡିବାକୁ ହେବ । ତୁ ଯାହାକୁ ଭୟ କରୁଛୁ, ତାକଥା ମଧ୍ୟ ଭାବିବା ଉଚିତ୍ ନୁହେଁ । ଭଗବାନଙ୍କ ଉପରେ ଧ୍ୟାନ ଆଣିବାକୁ ହେଲେ ଭୟକୁ ମଧ୍ୟ ବର୍ଜନ କରିବାକୁ ହେବ । ଯେଉଁମାନେ ଭୟ, କ୍ରୋଧ, ପ୍ରେମକୁ ତ୍ୟାଗ କରିଛନ୍ତି ସେମାନେ ଭଗବାନଙ୍କ ରୂପରେ ଧ୍ୟାନ ଲଗାଇ ପାରିଛନ୍ତି । ଭଗବାନଙ୍କଠାରୁ ବହିର୍ଗତ ହେଉଥିବା ଜ୍ଞାନ ପାଇଁ ବିକଳ (ତପିତ) ହୋଇ, ଅନେକ ଲୋକ ଭଗବାନଙ୍କ ସାକାର ରୂପକୁ ଜାଣି ମୋକ୍ଷ ପାଇଛନ୍ତି ।

ଜ୍ଞାନତପ (ଜ୍ଞାନଆଶା) ସମସ୍ତଙ୍କର ଥାଇପାରେ । ହେଲେ ପ୍ରେମ, ଭୟାଦିକୁ ତ୍ୟାଗ କରିବା ପାଇଁ ଖୁବ୍ କଷ୍ଟ କରିବାକୁ ପଡିଥାଏ । ପ୍ରେମକୁ ଜିତିବାକୁ ହେଲେ ପ୍ରେମଭାବ ଥିବା ଭାର୍ଯ୍ୟା (ସ୍ତ୍ରୀ), ପିଲା, ବନ୍ଧୁବାନ୍ଧବଙ୍କର ବନ୍ଧନକୁ ଛିଣ୍ଡାଇବାକୁ ହେବ, ଏହା ଭାରି କଷ୍ଟ । ତାଛଡା ଭୟ କ୍ରୋଧକୁ ତ୍ୟାଗ କରି ପାରିବା କଷ୍ଟ, ତେଣୁ ଆମେ ଜ୍ଞାନ ଆଶା କରୁଥିଲେ ମଧ୍ୟ ଆମ ଚାରିକଡରେ ରହିଥିବା ସହଜୀବିମାନେ ଆମର ପ୍ରତିବନ୍ଧକ ସାଜିଥାନ୍ତି ।

**(୩) ଶ୍ଳୋକ,୧୧ : ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ ।**
**ମମ ବର୍ତ୍ମାନୁବର୍ତନ୍ତେ ମନୁଷ୍ୟାଃ ପାର୍ଥ ! ସର୍ବଶଃ ।।**

**(ସାକାର,ନିରାକାର)**

**ଭାବାର୍ଥ :** ଯିଏ ମୋତେ ଯେଉଁଭଳି ଭାବନା କରି ପୂଜାକରେ, ସେ ସେହିଭଳି ମୋର ଅନୁଗ୍ରହ ପାଇଥାଏ । ମଣିଷମାନେ ମୋତେ ନାନା ପ୍ରକାରର ଆରାଧନା କରିଥାନ୍ତି ।

**ବିବରଣୀ :** ଅନେକଲୋକ ମୋତେ ପାଇବା ପାଇଁ ଅନେକ ପ୍ରକାରର ଆରାଧନା କରିଥାନ୍ତି ବୋଲି ଉପର ଶ୍ଳୋକରେ ଭଗବାନ କହିଛନ୍ତି । ଆରାଧନା ଗୁଡିକୁ ଦୁଇଭାଗରେ ବିଭାଜନ କରିପାରିବା, ସେ ଦୁଇଟିରୁ **ଗୋଟିଏ ସାକାର ଆରାଧନା, ଦ୍ୱିତୀୟଟି ନିରାକାର ଆରାଧନା** । ନିରାକାର ଆରାଧନା କହିଲେ ଯୋଗ ପଦ୍ଧତିଗୁଡିକ ଆଚରଣ କରିବା, କିନ୍ତୁ ସାକାର ଆରାଧନା ନାନା ପ୍ରକାରର ରହିଛି । ଏକ ଏକ ଆକାରକୁ ନେଇ, ତାହାକୁ ଭଗବାନ ମାନି ପୂଜା କରିଥାନ୍ତି, ତାହା ଭଗବାନଙ୍କ ରୂପ ହୋଇ ନଥିଲେ ମଧ୍ୟ ଏକ ପ୍ରତିମାକୁ ଆରାଧ୍ୟ ଈଶ୍ୱର ବୋଲି ଭାବି ନେଇଥାନ୍ତି । ଏହିଭଳି ନାନା ପ୍ରକାରର ରୂପକୁ ପ୍ରଜାମାନେ ପୂଜା କରିଥାନ୍ତି । ଏଭଳି ପୂଜା କରୁଥିବା ଲୋକମାନଙ୍କ ଭିତରୁ ଖୁବ୍ କମ୍ ଲୋକ ପରମାତ୍ମା ଭାବକୁ ସେମାନଙ୍କ ମନରେ ନେଇ ପୂଜା କରିଥାନ୍ତି । ଅଧିକ ଲୋକ ନିଜର ଦୁଃଖକଷ୍ଟ ନରହିବା ପାଇଁ, ଧନ ପାଇଁ, ନାନା ପ୍ରକାରର କାମନା ସହିତ ଆରାଧନା କରିଥାନ୍ତି । ମୋକ୍ଷ କାମନା କରି ପୂଜା କରୁଥିବା ଲୋକମାନେ ମଧ୍ୟ କେତେକ ଅଛନ୍ତି । କର୍ମଫଳକୁ ଆଶା କରି ନାନା ପୂଜା କରୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଏକଥା ପର ଶ୍ଳୋକରେ ଦେଖିବା ।

**(୩) ଶ୍ଳୋକ,୧୨ : କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।**
**କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥**

**(ପ୍ରକୃତି)**

**ଭାବାର୍ଥ :** କର୍ମଫଳରେ ଆଶା ରଖିଥିବା ଲୋକମାନେ ନାନା ଦେବତାଙ୍କ ପୂଜା କରିଥାନ୍ତି । ଜଗତରେ ସେମାନଙ୍କର କାମ୍ୟ କର୍ମଫଳ ସେମାନଙ୍କୁ ଖୁବ୍‌ଶୀଘ୍ର ମିଳିଯାଇଥାଏ ।

**ବିବରଣୀ :** ଏଇ କାର୍ଯ୍ୟର ମୂଲ୍ୟ ଏତିକି କହିବା ଭଳି, ଭିନ୍ନ ଭିନ୍ନ କାର୍ଯ୍ୟର ଭିନ୍ନ ଭିନ୍ନ ଲାଭ ଥିବା ଭଳି, ଭିନ୍ନ ଭିନ୍ନ ଦେବତା ଆରାଧନା କରିବାରେ ଭିନ୍ନ ଭିନ୍ନ ଫଳ ଅଛି ବୋଲି ଆଶା କରି ମଣିଷମାନେ ନିଜ ନିଜର ଇଷ୍ଟ ଦେବତା (ଦେବାଦେବୀ) ଙ୍କୁ ପୂଜା କରିଥାନ୍ତି । କର୍ମ ଦ୍ୱାରା ହେଉଥିବା କାର୍ଯ୍ୟରୁ ତୁରନ୍ତ ଦେଖାଯାଉଥିବା ଫଳ ମିଳିଥାଏ । କେତେକ ଧନୀକମାନେ ଏକ ଦେବତାକୁ

ଆରାଧନା କରି ସେମାନଙ୍କର ବ୍ୟାପାରରେ ଅଧିକ ଲାଭ ହେବା ପାଇଁ ଆଶା କରିଥାନ୍ତି, ସେମାନେ ଟଙ୍କାପାଇଁ ଅବାଟରେ ମଧ୍ୟ ବ୍ୟାପାର କରିଥାନ୍ତି । ବର୍ଷ ଶେଷରେ ସେମାନେ କରୁଥିବା ବ୍ୟାପାରରେ ଲାଭ ଦେଖାଯିବା ବେଳେ, ତାହା ସେମାନଙ୍କ ପୂଜାର ଫଳ ମିଳିଯାଇଛି ବୋଲି ଭାବିଥାନ୍ତି ବା ଆମେ କରିଥିବା କର୍ମାଚରଣ ସିଦ୍ଧିଲାଭ କଲା ବୋଲି ଭାବିଥା'ନ୍ତି ।

**କ୍ଷିପ୍ରଂ ହି ସିଦ୍ଧିର୍ଭବତି କର୍ମଜା** ଅର୍ଥାତ୍ ଶୀଘ୍ର କର୍ମଫଳ ମିଳିଥାଏ ବୋଲି ଭଗବାନ କହିବା ଭଳି, ଖଟି ଖାଉଥିବା କୁଲିର ସଂଧ୍ୟାବେଳକୁ, ଚାକିରିଆର ମାସ ଶେଷକୁ, ବେପାରିର ବର୍ଷ ଶେଷକୁ ମିଳୁଥିବା ଫଳ ଦେଖାଯାଏ । ଏହି ଫଳସବୁ ଦେବତା ଆରାଧନା ଦ୍ୱାରା ମିଳିଥାଏ ବୋଲି ଆଶା ରଖିବା ଦ୍ୱାରା, ଆହୁରି ଦରକାର ବୋଲି ଆଶା ରଖି ଦେବତାମାନଙ୍କୁ ଆରାଧନା କରିଥାନ୍ତି । କାର୍ଯ୍ୟ ଦ୍ୱାରା ଦେଖାଯାଉଥିବା ଫଳ ହେଉଛି ଟଙ୍କା, କିନ୍ତୁ ଦେଖାଯାଉ ନଥିବା କର୍ମବନ୍ଧନ ନାମକ ଫଳ ଥାଏ ବୋଲି ଜାଣିନଥିବା ଲୋକମାନେ ଆଶାରେ କର୍ମାଚରଣ ଦ୍ୱାରା ମିଳୁଥିବା ଫଳପାଇଁ ଦେବତାମାନଙ୍କୁ ପୂଜା କରିଥାନ୍ତି ବୋଲି ଭଗବାନ କହିଛନ୍ତି । ଏବେ ତଳ ଶ୍ଳୋକରେ ଭଗବାନ ଆଉ କ'ଣ କହିଛନ୍ତି ଜାଣିବା ।

**(୩) ଶ୍ଳୋକ, ୧୩ : ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ ।**
**ତସ୍ୟ କର୍ତ୍ତା ରମପି ମାଂ ବିଧିକର୍ତ୍ତାରମବ୍ୟୟମ୍ ॥**
**(ପରମାତ୍ମା)**

**ଭାବାର୍ଥ :** କର୍ମଗୁଣର ବିଭାଗ ଅନୁସାରେ ଚାରିବର୍ଣ୍ଣ ମୋ ଦ୍ୱାରା ସୃଷ୍ଟିହୋଇଛି, ମୁଁ ତାର କର୍ତ୍ତା ହେଲେ ମଧ୍ୟ ମୁଁ ଅବିନାଶୀ ହୋଇଥିବାରୁ ଅକର୍ତ୍ତା ଅଟେ ।

**ବିବରଣୀ :** ଭଗବାନ ଚାରି ବର୍ଣ୍ଣ ସୃଷ୍ଟି କରିଛନ୍ତି ଏହା ସତକଥା, କିନ୍ତୁ ତାହା କ'ଣ କ'ଣ କହିପାରିବା ହେଉଛି ଏଠିକାର ସମସ୍ୟା । ଏ ପର୍ଯ୍ୟନ୍ତ ସେହି ଚାରି ବର୍ଣ୍ଣକୁ ଚାରିଜାତି ବା ଚାରିକୁଳ ବୋଲି ଅନେକ ଲୋକ ବର୍ଣ୍ଣନା କରିଛନ୍ତି ।

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ନାମରେ ଚାରିବର୍ଣ୍ଣ ସୃଷ୍ଟି ହୋଇଛି ବୋଲି ପ୍ରଚାର ହୋଇଯାଇଛି । ତାହା ସତ କି ମିଛ ବିଚାର କରି ଦେଖିଲେ, ବିଶ୍ୱକୁ ସୃଷ୍ଟି କରିଥିବା ପରମାତ୍ମା ବିଶ୍ୱର ମାନବକୁ ମଧ୍ୟ ପ୍ରକୃତି ଦ୍ୱାରା ସୃଷ୍ଟି କରିଛନ୍ତି, ହେଲେ ସାରା ବିଶ୍ୱର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦେଖିଲେ ଏହି ଚାରିବର୍ଣ୍ଣ ଆମ ଭାରତ ବ୍ୟତୀତ ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟ ଦେଶ ଗୁଡିକରେ ଏହି ଚାରିବର୍ଣ୍ଣ (ଚାରିଜାତି ବା ଚାରିକୁଳ) ବ୍ୟବସ୍ଥା ନାହିଁ, ଏହା ଦ୍ୱାରା ସନ୍ଦେହ ଜାତ ହୋଇଥାଏ । ଭଗବାନ କହିଥିବା କଥା ସର୍ବ ଜୀବଜାତି ପାଇଁ କାର୍ଯ୍ୟକାରୀ ହେବା ଉଚିତ୍ । ଏହି ଚାରିଜାତି (ଚାରିକୁଳ) କଥାଟି, ବିଦେଶରେ କାହିଁକି ଆମ ଭାରତରେ ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଜଣାଯାଉଛି । ପରମାତ୍ମା ବାହ୍ୟତଃ କୌଣସି ମତ (ଧର୍ମ) କିମ୍ବା ଜାତି ସୃଷ୍ଟି କରିନାହାନ୍ତି । କୁଳମତ ଭୂପୃଷ୍ଠର ମାନବ ତିଆରି କରିଛି ସିନା, ପରମାତ୍ମା ତିଆରି କରିନାହାନ୍ତି । ଆଉ କେତେକ ଭଗବାନ ଗୁଣକର୍ମ ବିଭାଗ ବୋଲି କହିଛନ୍ତି ପରା ! ମଣିଷ କରୁଥିବା କାର୍ଯ୍ୟ ଅନୁସାରେ, ଗୁଣ ଅନୁସାରେ ସେମାନଙ୍କୁ ବିଭାଜନ କରିପାରିବା ! ଯେଉଁମାନେ ବେପାର ବଣିଜ କରୁଛନ୍ତି ସେମାନଙ୍କୁ ବୈଶ୍ୟ, ନୀଚ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଶୂଦ୍ର, ରାଜ୍ୟ ପରିପାଳନା କରୁଥିବା ଲୋକମାନଙ୍କୁ କ୍ଷତ୍ରିୟ ବୋଲି କହିପାରିବା । ଜନ୍ମରୁ ଆସିଥିବା ଜାତି ମୁଖ୍ୟ ନୁହେଁ, କାର୍ଯ୍ୟ ଅନୁସାରେ ଜାତି ବିଭାଜନ କରିବା ଉଚିତ୍ । ଜନ୍ମରୁ ଜଣେ ବ୍ରାହ୍ମଣ ହୋଇଥିଲେ ମଧ୍ୟ ସେ ନୀଚକାର୍ଯ୍ୟ କଲେ ତାକୁ ଶୂଦ୍ର ବୋଲି କହିବା ଉଚିତ୍' ବୋଲି କହୁଛନ୍ତି । ଭଗବାନ କହିଥିବା କଥା ସର୍ବ ଜୀବରାଶି ପାଇଁ ଥିବାବେଳେ, କେବଳ ମଣିଷ ହେଲେ ତାର ଚାରି ଜାତି ନିର୍ଣ୍ଣୟ କରିପାରିବା, କିନ୍ତୁ ଅନ୍ୟ ଜୀବରାଶି ଯେ ଅଛନ୍ତି ! ସେମାନଙ୍କ ଜାତିକୁ ବିଭାଜନ କରି କିପରି କହିବା ? କୁକୁର, ବିରାଡି, ମୂଷା, ଠେକୁଆ ଇତ୍ୟାଦି ଜୀବମାନେ ରହିଛନ୍ତି, ସେମାନଙ୍କ ଭିତରେ କିଏ ବ୍ରାହ୍ମଣ, କିଏ କ୍ଷତ୍ରିୟ, କିଏ ବୈଶ୍ୟ ଆଉ କିଏ ଶୂଦ୍ର କ'ଣ ଆମେ ତାହା କହିପାରିବା ? ଏଭଳି କହିପାରିବା ଅସମ୍ଭବ । ତେଣୁ ସେହି ଚାରିବର୍ଣ୍ଣ ବାବଦରେ ପରମାତ୍ମା କହି ନାହାନ୍ତି, ମାନବ


ସୃଷ୍ଟି କରିଛି ବୋଲି ଜାଣିବା ଉଚିତ୍ । ଉପର ଶ୍ଳୋକରେ ଚାରିବର୍ଣ୍ଣ ମୋଦ୍ୱାରା ସୃଷ୍ଟି କରାଯାଇଛି ବୋଲି କହିଛନ୍ତି ସତକଥା, ହେଲେ ନାଆଁ ନେଇ କହିନାହାନ୍ତି ଯେ, ମୁଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ନାମକ ଚାରି ଜାତି ସୃଷ୍ଟି କରିଛି ! ଏହିଭଳି ଟିକିଏ ବିଚାର କଲେ ଏହାପୂର୍ବରୁ କୁହାଯାଇଥିବା ଶ୍ଳୋକର ଭାବ ଠିକ୍ ନୁହେଁ ବୋଲି ସହଜରେ ଜାଣି ହେଉଛି । ଏହା ଯଦି ସଠିକ୍ ଭାବ ନୁହେଁ ତାହେଲେ ସଠିକ୍ ଭାବ କ'ଣ ବୋଲି ସମସ୍ତଙ୍କଠାରେ ସନ୍ଦେହ ଆସୁଥିବ, ତେଣୁ ତାର ସମାଧାନ କ'ଣ ତଳେ ଜାଣିବା ।

ଭଗବାନ ଶ୍ରୀକୃଷ୍ଣ ନିଜ ମଥାରେ ମୟୁରଚନ୍ଦ୍ରିକା ପିନ୍ଧିଥିଲେ । କେହି ମଥାରେ ପିନ୍ଧୁ ନଥିବା ମୟୁର ଚନ୍ଦ୍ରିକା ଧାରଣ କରିବାରେ କ'ଣ ବିଶେଷତା ଅଛି ତାହା ଆଜି ପର୍ଯ୍ୟନ୍ତ କେହି ବିଚାର କରି ନାହାନ୍ତି ବୋଲି କହିପାରିବା । ଏବେ ଆମେ ଟିକିଏ ବିଚାର କରିବା । ଶ୍ରୀକୃଷ୍ଣ ସୁନ୍ଦର ଦେଖାଯିବା ପାଇଁ ମୟୁର ଚନ୍ଦ୍ରିକା ପିନ୍ଧୁ ନଥିଲେ କି ତାହା ଅଳଙ୍କାର ଭାବରେ ପିନ୍ଧୁ ନଥିଲେ । ସେ ମୟୁରଚନ୍ଦ୍ରିକା ଦ୍ୱାରା ନିଜର ସ୍ଥିତିକୁ ଜଣାଇ, ତୁମେମାନେ ମଧ୍ୟ ଏହିଭଳି ବଞ୍ଚିବା ଉଚିତ୍ ବୋଲି ଜଣାଇଥିଲେ, ସେ ବହିର୍ଗତ କରୁଥିବା ଆଧାତ୍ମିକ ରହସ୍ୟ ହିଁ ଏହି ମୟୁରଚନ୍ଦ୍ରିକା ପିନ୍ଧିବାର ବିଶେଷତା । ସେହି ବିଶେଷତା ହେଉଛି ! ମୟୁରଚନ୍ଦ୍ରିକାର ମଧ୍ୟ ଭାଗଟି କଳାରଙ୍ଗ ମିଶିଥିବା ନୀଳରଙ୍ଗ ଯୁକ୍ତ ଏବଂ ଗୋଲାକାର ଭାବରେ ରହି ଆକର୍ଷଣୀୟ ଦେଖାଯାଇଥାଏ । ମୟୁରଚନ୍ଦ୍ରିକାର ଏହି ଭାଗଟି ଚନ୍ଦ୍ରିକାରେ ଥିବା ଅନ୍ୟ ରଙ୍ଗ ଗୁଡିକଠାରୁ ସ୍ୱତନ୍ତ୍ର ଭାବରେ ଦେଖାଯାଇଥାଏ ଏବଂ ତାଚାରିକଡେ ଝଟକୁଥିବା ସବୁଜ ରଙ୍ଗ, ତାପରେ ଅଧାପାକଲ ଗହମରଙ୍ଗ ଘେରି ରହିଥାଏ । ଏହି ରଙ୍ଗର ଶେଷଭାଗଟି ମଧ୍ୟ ଝଟକୁଥାଏ । ଏହାପରେ ଆଉଏକ ଆକର୍ଷଣୀୟ ରଙ୍ଗ ମଧ୍ୟ ଚିହ୍ନିହେଉ ନଥିବା ଭଳି ରହିଥାଏ । ଏହିଭଳି ମୟୁର ଚନ୍ଦ୍ରିକାରେ ଚାରି ଭାଗ ରହିଛି ବୋଲି ଜାଣିହେଉଛି । ୧) ମଝିରେ ଥିବା କଳାମିଶା ନୀଳ ରଙ୍ଗ, ୨) ଝଟକୁଥିବା ସବୁଜ ରଙ୍ଗ, ୩) ଅର୍ଦ୍ଧପକ୍ୱ ଗହମ ରଙ୍ଗ, ୪) ଏକ ଅସ୍ପଷ୍ଟ ରଙ୍ଗ । ଏହି ଚତୁର୍ଥ ଭାଗଟି ସର୍ବଶେଷରେ ଅଛି ବୋଲି ସହଜରେ ଚିହ୍ନିହୁଏ । ବାହାରୁ ତିନିଗୋଟି

ଗୋଲାକାର ଭାଗ ରହି ମଝିରେ କେନ୍ଦ୍ର ଭାବରେ ଥିବା ମୟୁର ଚନ୍ଦ୍ରିକାକୁ ବ୍ରହ୍ମବିଦ୍ୟା ବା ଯୋଗଶାସ୍ତ୍ର କହିଥିବା ଭଗବାନ ଶ୍ରୀକୃଷ୍ଣ ଧାରଣ କରିବାରେ ମହୋନ୍ନତ ଅର୍ଥ ରହିଛି । ତାର ବିବରଣ ହେଉଛି !

ଆମ ଶରୀରର ଶିରୋଭାଗରେ ଗୁଣଗୁଡିଏ ରହିଥାନ୍ତି । ଶରୀରରେ ହେଉଥିବା ସମସ୍ତ କାର୍ଯ୍ୟର କାରଣ ଭାବେ ଗୁଣଗୁଡିକ ଏକ ପଦ୍ଧତିବଦ୍ଧ ଭାବରେ ନିର୍ମିତ ହୋଇ ତିନି ଭାଗରେ ବିଭାଜିତ ହୋଇ ରହିଛନ୍ତି । ସେଗୁଡିକର ନାମ ୧) ସାତ୍ତ୍ୱିକ (ସତ୍ତ୍ୱ), ୨) ରାଜସ (ରଜ), ୩) ତାମସ (ତମ) । ଏହି ତିନି ପ୍ରକାରର ଗୁଣଗୁଡିକ ଗୁଣଚକ୍ର ନାମକ ଚକ୍ରରେ ତିନି ଭାଗ ହୋଇ ରହିଛନ୍ତି । ଏହି ଭାଗଗୁଡିକୁ ସାତ୍ତ୍ୱିକ ଭାଗ, ରାଜସ ଭାଗ, ତାମସ ଭାଗ ଭାବରେ ନାମିତ କରାଯାଇଛି । ଏହି ତିନି ଭାଗର ମଝିରେ ଏକ ଗୋଲାକାର ଭାଗ ରହିଛି, ତାହାକୁ ବ୍ରହ୍ମନାଡୀ କୁହାଯାଏ । ସେଥିରେ ଆତ୍ମା ନିବାସ କରିଥାଏ । ଆତ୍ମା ନିବାସ କରୁଥିବା ବ୍ରହ୍ମନାଡୀକୁ କେନ୍ଦ୍ର କରି ବା ଅକ୍ଷ କରି ଆଖିକୁ ଦେଖା ଯାଉନଥିବା ଗୁଣଚକ୍ରଟିଏ ଖଞ୍ଜାଯାଇଛି । ତାହା କିପରି ଭାବରେ ଖଞ୍ଜାହୋଇ ରହିଛି ପର ଚିତ୍ରରେ ଦେଖିପାରିବେ ।

ମୁଁ, ଆପଣ ଏବଂ ସର୍ବଜୀବରାଶି ଅର୍ଥାତ୍ ସମସ୍ତ ଜୀବ ଏହି ଗୁଣ ଚକ୍ରରେ ଛନ୍ଦିହୋଇ ରହିଛେ । ଏହି ତିନି ଭାଗରୁ ଜୀବ ଯେଉଁ ଭାଗରେ ଅଧିକ ସମୟ ରହିଥାଏ, ସେ ଜୀବକୁ ସେହି ଭାଗର ନାମ ଅନୁସାରେ ନାମିତ କରାଯାଏ । ତାମସ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ତାମସିକ ବା ତମୋଗୁଣି, ରାଜସ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ରାଜସିକ ବା ରଜୋଗୁଣି, ସତ୍ତ୍ୱଗୁଣ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ସାତ୍ତ୍ୱିକ ବା ସତ୍ତ୍ୱଗୁଣି ବୋଲି ନାମିତ କରାଯାଇଛି । କୌଣସି ଭାଗରେ ଜୀବ ରହିଲେ ମଧ୍ୟ ମଝିରେ ଥିବା ଆତ୍ମା ତାର ସାକ୍ଷୀ ଭାବରେ ରହିଥାଏ । ମଝିରେ ଥିବା ଆତ୍ମାକୁ ଜଣା ନଥିବା କୌଣସି ଜୀବାରାଶି ନଥାନ୍ତି । ଗୁଣଚକ୍ର ମଝିରେ ଥିବା ଆତ୍ମା ତା ଚାରିକଡେ ଥିବା ଗୁଣଗୁଡିକ ସହିତ ସମ୍ପର୍କିତ ନ ରହି ସାକ୍ଷୀ ଭାବରେ ରହିଥାଏ ।




**ଗୁଣଚକ୍ର**

ପ୍ରତ୍ୟେକ ଜୀବାରାଶି ଗୁଣଗୁଡିକ ଦ୍ୱାରା ସମସ୍ତ କାର୍ଯ୍ୟ କରିଥାନ୍ତି । ହେଉଥିବା କାର୍ଯ୍ୟଗୁଡିକ ଦ୍ୱାରା ଜୀବର ପାପ ପୁଣ୍ୟ ସମ୍ଭବ ହୋଇଥାଏ । ପାପ ପୁଣ୍ୟର ବନ୍ଧନରେ ଜୀବାତ୍ମା ପଡିଥାଏ ସିନା ଆତ୍ମା ପଡିନଥାଏ । ଆତ୍ମଶକ୍ତି ହିଁ ସାରା ଶରୀରରେ ବ୍ୟାପିରହି ଜୀବକୁ ଚଳପ୍ରଚଳ ହେବାପାଇଁ ଶକ୍ତି ଦେଇଥାଏ, ସେହି ଚଳପ୍ରଚଳ ହେବା ଶକ୍ତି ଜୀବକୁ ତାର ଗୁଣାନୁସାରେ ମିଳିଥାଏ । ଶରୀରରେ ଗୁଣଗୁଡିକର ଆଦେଶ ଅନୁସାରେ ନାନା ପ୍ରକାରର କାର୍ଯ୍ୟ ହେଉଥିଲେ ମଧ୍ୟ ସେହି କାର୍ଯ୍ୟଗୁଡିକ ହେବା ପାଇଁ ଶକ୍ତି ଦେଉଥିବା ଆତ୍ମା କର୍ମବନ୍ଧନରେ ନ ପଡି ସମସ୍ତ କାର୍ଯ୍ୟର ସାକ୍ଷୀ ଭାବରେ ରହିଥାଏ ।

ମୟୁର ଚନ୍ଦ୍ରିକାର ମଝିରେ ଥିବା ଚିହ୍ନିତ ଭାଗଟି ଗୁଣଚକ୍ରର ମଝିରେ ଥିବା ଆତ୍ମାର ନିବାସ ସ୍ଥଳ ବୋଲି ଜାଣିବା ଉଚିତ୍ । ତା ଚାରିକଡେ ଥିବା ଦ୍ୱିତୀୟ ଭାଗଟି ସାତ୍ତ୍ୱିକ ଭାଗ, ତା ଚାରିକଡେ ଥିବା ତୃତୀୟ ଭାଗଟି ରାଜସଭାଗ, ସେହିଭଳି ଶେଷରେ ଥିବା ଭାଗଟି ତାମସଭାଗ ବୋଲି ଜାଣିବା ଉଚିତ୍ । ଏହିଭଳି ମୟୁର ଚନ୍ଦ୍ରିକା–




**ମୟୁରଚନ୍ଦ୍ରିକା**

ସହିତ ଗୁଣଚକ୍ରର ସାମଞ୍ଜସ୍ୟ ରହିଛି । ଶ୍ରୀକୃଷ୍ଣ ଏହି ମୟୁର ଚନ୍ଦ୍ରିକା ଦ୍ୱାରା ଜଣାଉଛନ୍ତି ଯେ, ମୁଁ ସମସ୍ତ କାର୍ଯ୍ୟ କରୁଛି, ହେଲେ କୌଣସି ଗୁଣକର୍ମ ବନ୍ଧନରେ ପଡିନଥାଏ । ମୁଁ ତିନି ଗୁଣର ମଧ୍ୟରେ କର୍ମ ସ୍ପର୍ଶ କରୁନଥିବା ଆତ୍ମା ଭାବରେ ରହିଛି ବୋଲି ଜଣାଇବା ପାଇଁ ତିନିରଙ୍ଗ ଭିତରେ ରହି ସ୍ୱତନ୍ତ୍ର ରଙ୍ଗର ଦେଖାଯାଉଥିବା ମୟୁର ଚନ୍ଦ୍ରିକାକୁ ପିନ୍ଧିଥିଲେ ।

ଆମ ଶରୀରରେ ବ୍ରହ୍ମନାଡୀ ମସ୍ତକଠାରୁ ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପିଛି । ଏହି ନାଡୀରେ ଆତ୍ମା ନିବାସକରି, ନିଜର ଶକ୍ତିକୁ ମେରୁଦଣ୍ଡର ଦୁଇକଡକୁ ବ୍ରହ୍ମନାଡୀଠାରୁ ଯାଇଥିବା ଛୋଟ ଛୋଟ ନାଡୀ ଦ୍ୱାରା ସାରାଶରୀରକୁ ପଠାଇ, ସମସ୍ତ ଅବୟବଗୁଡିକୁ ପରିଚାଳିତ କରୁଛି । ଉପରେ ଥିବା ମୁଣ୍ଡର ଗୁଣଚକ୍ରରୁ ବ୍ରହ୍ମନାଡୀ ସଲଗ୍ନ ନାଡୀଗୁଡିକ ଦ୍ୱାରା ଆଦେଶ ଆସି ଶେଷରେ ଅବୟବ

ଗୁଡିକରେ ପହଞ୍ଚିଛି । ଅବୟବ ଗୁଡିକରୁ ଆସୁଥିବା ବିଷୟ ମଧ୍ୟ ବ୍ରହ୍ମନାଡୀ ଦ୍ୱାରା ଉପରକୁ ଯାଇଥାଏ । ବ୍ରହ୍ମନାଡୀର ଛୋଟ ନାଡୀଗୁଡିକ ଆମ ଭିତରେ କିପରି ଖଞ୍ଜାଯାଇଛି ତାହା ମୟୁରଚନ୍ଦ୍ରିକାକୁ ଦେଖିଲେ ବୁଝିହୁଏ । ଚନ୍ଦ୍ରିକାର ଆଧାର ଧଳାରଙ୍ଗର କାଠିଟିଏ ରହିଥାଏ, ତାହାକୁ ବ୍ରହ୍ମନାଡୀ ଭାବରେ ବୁଝନ୍ତୁ । ଚନ୍ଦ୍ରିକାର ଏହି କାଠିର ମୂଳରୁ ଆରମ୍ଭକରି ଶେଷାଗ୍ର ପର୍ଯ୍ୟନ୍ତ ଛୋଟ ଛୋଟ ଲୋମବିଶିଷ୍ଟ ପାଖୁଡା ଗୁଡିଏ ଦୁଇ କଡକୁ ବ୍ୟାପିରହିଥାଏ, ତାହାକୁ ବ୍ରହ୍ମନାଡୀରୁ ଆସିଥିବା ଛୋଟ ଛୋଟ ନାଡୀ ଭାବରେ ଚିହ୍ନନ୍ତୁ । ମୟୁରଚନ୍ଦ୍ରିକା ଉପରେ ଦେଖାଯାଉଥିବା ଚରିଭାଗକୁ ଗୁଣଚକ୍ର ଭାବରେ ହିସାବ କରନ୍ତୁ ।

ମୁଣ୍ଡର ଗୁଣଚକ୍ରକୁ ଏବଂ ବ୍ରହ୍ମନାଡୀ ସମାନ ହୋଇଥିବା ଚନ୍ଦ୍ରିକାକୁ ଶ୍ରୀକୃଷ୍ଣ ପିନ୍ଧିବାର ବିଶେଷତାଗୁଡିକ ହେଉଛି ୧) ସର୍ବ ଜୀବରାଶିର ଶରୀର ଏହିଭଳି ଖଞ୍ଜା ଯାଇଛି ବୋଲି ଜଣାଇବା । ୨) ସର୍ବ ଜୀବରାଶିର ସାକ୍ଷୀ ହୋଇ ଆତ୍ମା ରହିଛି ବୋଲି ଜଣାଇବା । ୩) ଆତ୍ମା ତିନି ଗୁଣଭାଗର ମଝିରେ ଥାଇ ମଧ୍ୟ କୌଣସି ଗୁଣ ସହିତ ସମ୍ପର୍କ ରଖିନଥାଏ ବୋଲି ଜଣାଇବା । ୪) ମୁଁ ଯେଉଁ କାର୍ଯ୍ୟସବୁ କରୁଛି ସେ କାର୍ଯ୍ୟରୁ ଆସୁଥିବା କର୍ମବନ୍ଧନରେ ପଡେନାହିଁ ବୋଲି ଜଣାଇବା । ୫) ସର୍ବ ଜୀବରାଶିର ମୁଣ୍ଡରେ ଆତ୍ମା ଏବଂ ଗୁଣରାଜି ରହିଥାନ୍ତି ବୋଲି ଜଣାଇବା । ୬) ଶେଷଭାଗର ରଙ୍ଗଠାରୁ ଦ୍ୱିତୀୟଭାଗ, ତୃତୀୟଭାଗ ଏବଂ କେନ୍ଦ୍ରଭାଗର ରଙ୍ଗ କ୍ରମଶଃ ଗାଢହୋଇ, କେନ୍ଦ୍ରଭାଗଟି ସ୍ୱତନ୍ତ୍ର ଦେଖାଯାଏ । ଏହାର ଅର୍ଥ ହେଉଛି କୌଣସି ଜୀବରାଶି ହେଉ ଶେଷରେ ଏହି ସ୍ଥଳକୁ ହିଁ ଆସିବାକୁ ହେବ । ୭) ଦ୍ୱିତୀୟ ଅଧ୍ୟାୟ କର୍ମଯୋଗର ୨୮ତମ ଶ୍ଳୋକରେ **"ତତ୍ତ୍ୱବିତ୍ତୁ ମହାବାହୋ ! ଗୁଣକର୍ମ ବିଭାଗୟୋଃ । ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱାନ ସଜ୍ଜତେ ॥"** ଅର୍ଥାତ୍ ଗୁଣ, କର୍ମର ବିଭାଗ-ଗୁଡିକୁ ଜାଣିଥିବା ପାତ୍ର ଆତ୍ମାକୁ ଜାଣିଥାଏ, ସେ ଗୁଣଗୁଡିକ ଦ୍ୱାରା ଅନେକ କାର୍ଯ୍ୟ କରୁଥିଲେ ମଧ୍ୟ, ସେ କାର୍ଯ୍ୟ ନକରିବା ଭଳି ହୋଇଥାଏ । ଏହି ଜ୍ଞାନକୁ ଜଣାଇବା ପାଇଁ ଭଗବାନ ଶ୍ରୀକୃଷ୍ଣ ମୟୁର ଚନ୍ଦ୍ରିକା ଧାରଣ କରିଥିଲେ ।

ଏବେ ଅସଲ ବିଷୟକୁ ଫେରିବା । ଭଗବାନ ଉପର ଶ୍ଳୋକରେ କହିଥିବା ଚରିବର୍ଣ୍ଣ ଗୁଣଚକ୍ରର ଚରି ଭାଗ ବୋଲି ଜାଣିବା ଉଚିତ୍ । ସେହି

ଅନୁସାରେ ବାହାରୁ ପ୍ରଥମ ଭାଗରେ ଯେଉଁମାନେ ରହିଥାନ୍ତି ସେମାନେ ତମୋଗୁଣି, ଦ୍ୱିତୀୟ ଭାଗରେ ଯେଉଁମାନେ ରହିଥାନ୍ତି ସେମାନେ ରଜୋଗୁଣି, ତୃତୀୟ ଭାଗରେ ଯେଉଁମାନେ ରହିଥାନ୍ତି ସେମାନେ ସତ୍ତ୍ୱଗୁଣି, ଚତୁର୍ଥଭାଗରେ ଯେଉଁମାନେ ରହିଥାନ୍ତି ସେମାନେ ଯୋଗୀ । ଯେଉଁମାନେ ଯୋଗ ଆଚରଣ କରିଥାନ୍ତି ସେମାନେ ଗୁଣରହିତ ହୋଇ ଆତ୍ମାକୁ ପାଇଥିବାରୁ ସେମାନଙ୍କୁ ଯୋଗୀ କୁହାଯାଇଛି ।

ଏହି ହିସାବ ଅନୁସାରେ ସମସ୍ତ ଜୀବରାଶି ଭିତରେ ଏହି ଚତୁର୍ବର୍ଣ୍ଣ ରହିଛି, ତାହା ହିଁ ତମୋଗୁଣି (ତାମସିକ), ରଜୋଗୁଣି (ରାଜସିକ), ସତ୍ତ୍ୱଗୁଣି (ସାତ୍ତ୍ୱିକ) ଏବଂ ଯୋଗୀ ଭାବରେ କୁହାଯାଇଛି । ପରମାତ୍ମା ଏହି ଚତୁର୍ବର୍ଣ୍ଣଠାରୁ ସମ୍ବନ୍ଧହୀନ ହୋଇ ରହିଥାନ୍ତି ତେଣୁ ସେସବୁର ସେ ସ୍ରଷ୍ଟା ହେଲେହେଁ ଅକର୍ତ୍ତା ହୋଇ ରହିଛନ୍ତି ବୋଲି ଶ୍ଳୋକରେ କହିଛନ୍ତି । ଏବେ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଚତୁର୍ବର୍ଣ୍ଣ ସର୍ବଜୀବରାଶି ସମ୍ବନ୍ଧୀୟ ବୋଲି ଜାଣିପାରିଥିବେ ।

**(୩) ଶ୍ଳୋକ,୧୪ : ନମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।**
**ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥**
**(କର୍ମଯୋଗ,ସାକାର)**

**ଭାବାର୍ଥ :** ମୋତେ କର୍ମ ସ୍ପର୍ଶକରେ ନାହିଁ, ମୋର କର୍ମଫଳରେ ଧ୍ୟାନ ନଥାଏ । ମୁଁ ଏହିଭଳି ବୋଲି ଯିଏ ଜାଣିଯାଏ, ସେ କର୍ମ ବନ୍ଧନରେ ପଡେ ନାହିଁ ।

**ବିବରଣୀ :** ଏପର୍ଯ୍ୟନ୍ତ ମୟୁର ଚନ୍ଦ୍ରିକା ଧାରଣ କରିବାରେ ଯେଉଁ ଅର୍ଥ ରହିଛି ତଦନୁଯାୟୀ ମୁଁ କର୍ମ ବନ୍ଧନରେ ପଡେନାହିଁ ବୋଲି ଭଗବାନ ଜଣାଇଛନ୍ତି, ସେ କିପରି କର୍ମ ବନ୍ଧନରେ ପଡନ୍ତି ନାହିଁ ଆମେ ଜାଣିପାରିଲେ, ଜାଣିଥିବା ବ୍ୟକ୍ତି ମଧ୍ୟ ସେହି ଉପାୟ ଅବଲମ୍ବନ କରି, କର୍ମ ବନ୍ଧନରୁ ମୁକୁଳି ପାରିବ ବୋଲି ଏହି ଶ୍ଳୋକରେ ସ୍ପଷ୍ଟ କରିଛନ୍ତି ।

**(୩) ଶ୍ଳୋକ,୧୫ : ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।**
**କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ॥**
**(କର୍ମଯୋଗ)**

**ଭାବାର୍ଥ :** ଯେଉଁଭଳି କର୍ମବନ୍ଧନରେ ପଡନ୍ତି ନାହିଁ ତାହା ଜାଣିଥିବା ମୋକ୍ଷକାମୀମାନେ ସେହି ବିଧି ଆଚରଣ କରିଥାନ୍ତି, ସେମାନେ ଆଚରଣ କରିବା ଭଳି ତୁ ମଧ୍ୟ ଆଚରଣ କର୍ ।

**(୩) ଶ୍ଲୋକ,୧୬: କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।**
**ତତ୍ତେ କର୍ମ ପ୍ରବକ୍ଷାମି ଯଜ୍‌ଜ୍ଞାତ୍ୱା ମୋକ୍ଷସେଽଶୁଭାତ୍ ॥**
**(କର୍ମଯୋଗ)**

**ଭାବାର୍ଥ :** କ'ଣ କର୍ମ ଆଉ କ'ଣ କର୍ମ ନୁହେଁ ଅନୁଭବ କରିଥିବା ଜ୍ଞାନୀମାନେ ମଧ୍ୟ ଜାଣି ନପାରି ଭ୍ରମରେ ପଡିଥାନ୍ତି । କାହାକୁ ବୁଝାପଡୁ ନଥିବା ସେହି କର୍ମ ରହସ୍ୟ ତୋତେ କହୁଛି, ତଦ୍ୱାରା ତୁ ମୋକ୍ଷ ପାଇପାରିବୁ ।

**ବିବରଣୀ :** ଆଜି ନିତ୍ୟ ଜୀବନରେ ଅନେକ ସମସ୍ୟାରେ ଛନ୍ଦିହୋଇ ନିହାତି କାର୍ଯ୍ୟାଚରଣ କରୁଥିବା ଲୋକମାନେ କିପରି କର୍ମବନ୍ଧନରେ ପଡିଥାନ୍ତି, କର୍ମ ବନ୍ଧନରୁ କିପରି ମୁକୁଳିବା ସେହି ପଦ୍ଧତି ବଡବଡ ଜ୍ଞାନୀମାନଙ୍କୁ ମଧ୍ୟ ବୁଝାପଡି ନାହିଁ । ସେଥିପାଇଁ ସେମାନେ ଭଲକାର୍ଯ୍ୟ କର, ଖରାପକାର୍ଯ୍ୟ କର ନାହିଁ ବୋଲି କହିଥାନ୍ତି । ଏଇ ହିସାବରେ ଗଲେ ଅର୍ଜୁନ ମଧ୍ୟ ଯୁଦ୍ଧ କରିବା ଉଚିତ ନୁହେଁ । ଯୁଦ୍ଧ ହିଂସାତ୍ମକ କାର୍ଯ୍ୟ ହୋଇଥିବାରୁ ତାଦ୍ୱାରା ପାପ ହୋଇଥାଏ ବୋଲି ଅଙ୍ଗୀକାର କରିବାକୁ ପଡିଥାଏ । କିନ୍ତୁ ଯୁଦ୍ଧ କର୍ ବୋଲି କହୁଥିବା ଶ୍ରୀକୃଷ୍ଣ ଖରାପକାର୍ଯ୍ୟ କର୍ ବୋଲି କାହିଁକି କହିଛନ୍ତି ସେଇ କଥା ଶ୍ରୀକୃଷ୍ଣ କହିବାକୁ ଯାଇ କେତେ ବଡ ବଡ ଜ୍ଞାନୀମାନଙ୍କୁ ମଧ୍ୟ ଏହି କର୍ମ ବିଷୟ ବୁଝା ନପଡି ସେମାନେ ଭ୍ରମିତ ହେଉଛନ୍ତି, କ'ଣ କର୍ମ, କ'ଣ କର୍ମ ନୁହେଁ ସେ ବାବଦରେ କହୁଛି ଶୁଣ୍ ବୋଲି ଏହି ଶ୍ଲୋକରେ ଅର୍ଜୁନଙ୍କୁ କହୁଛନ୍ତି ।

**୩) ଶ୍ଲୋକ,୧୭ :କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।**
**ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋଗତିଃ ॥**
**(ପ୍ରକୃତି,କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** କର୍ମକୁ ଜାଣିବା ଉଚିତ୍, ବିକର୍ମକୁ ଜାଣିବା ଉଚିତ୍ ଏବଂ ଅକର୍ମକୁ ମଧ୍ୟ ଜାଣିବା ଉଚିତ୍ । ବାସ୍ତବରେ ଏହି କର୍ମର ଗତିକୁ ଜାଣିବା ଅତି କଷ୍ଟ ।

**ବିବରଣୀ :** କର୍ମ, ଅକର୍ମ, ବିକର୍ମ ଏସବୁ ଅତି ଗୋଳିଆମିଶା (କିଛି ବୁଝି ନହେବା ଭଳି) ହୋଇ ରହିଛି । ସେଥିଲାଗି 'ଗହନା କର୍ମଣୋ ଗତିଃ' ବୋଲି ଏହି ଶ୍ଲୋକରେ କହିଛନ୍ତି । ଏହି କର୍ମର ଗତି ଯେ ଅତି ଗହନ, ତେଣୁ ତାହା କାହାକୁ ଜଣା ନଥାଏ । ସେଥିଲାଗି ଏହି ଶ୍ଲୋକର ଭାବକୁ ଆଜିଯାଏଁ ଯେଉଁମାନେ ଲେଖି ଆସିଛନ୍ତି ସେମାନେ ମଧ୍ୟ ଅଡୁଆରେ ପଡିଯାଇ ଶାସ୍ତ୍ରବଦ୍ଧ କର୍ମ, ଶାସ୍ତ୍ରବଦ୍ଧ ହୋଇନଥିବା କର୍ମ ବୋଲି ନାନା ପ୍ରକାରର ଲେଖିଛନ୍ତି । ଗୀତା ଭାବ ଲେଖିଥିବା ଅନ୍ୟମାନେ ଅନ୍ୟ ଅଧ୍ୟାୟ ଗୁଡିକରେ ବିଶେଷ ଅଡୁଆରେ ନପଡି ଏଇ ଅଧ୍ୟାୟରେ ବଡ ଅଡୁଆରେ ପଡିଛନ୍ତି । ଏଠିକାର ଶ୍ଲୋକରେ କର୍ମ, ଅକର୍ମ, ବିକର୍ମ ନାମକ ଶବ୍ଦର ବିବରଣୀ ଲେଖିବା ବେଳେ ସଠିକ୍ ଭାବାର୍ଥକୁ ସେମାନେ ଲେଖିପାରି ନାହାନ୍ତି, ଶେଷରେ କୌଣସି ପ୍ରକାରରେ ଭାବାର୍ଥକୁ ଘୋଡାଇଦେଇ ଆଗକୁ ଡେଇଁ ଚାଲିଯାଇଛନ୍ତି । କର୍ମ ନାନା ପ୍ରକାରର ଅଛି । ସେ କର୍ମ କାହାର ଅଧିନରେ ନରହି ନିଜ ଧର୍ମ ନିଜେ ନିର୍ବାହ କରୁଥାଇ, କାହାର ଇଚ୍ଛା ଥାଉ ବା ନଥାଉ ତା ଦ୍ୱାରା ବଳପୂର୍ବକ କରାଉଛି । ଏହା କରିବା କାର୍ଯ୍ୟ ନୁହେଁ, ତାହା କରିବା ଉଚିତ୍, ଏହା ଶାସ୍ତ୍ରବଦ୍ଧ କାର୍ଯ୍ୟ, ତାହା ଶାସ୍ତ୍ରବଦ୍ଧ ହୋଇନଥିବା କାର୍ଯ୍ୟ ବୋଲି କହିଲେ ଏଠାରେ ଅର୍ଥ ଅନର୍ଥ ହୋଇଥାଏ । ଆମର ଇଚ୍ଛା ଅନିଚ୍ଛା ଉପରେ କୌଣସି କାର୍ଯ୍ୟର ସମ୍ପର୍କ ନାହିଁ ବୋଲି ଶ୍ରୀକୃଷ୍ଣ ବାରମ୍ବାର କହିଆସୁଛନ୍ତି । ତାଙ୍କ କଥାକୁ ପଛରେ ପକାଇଦେଇ ଆମେ ଆମ ଇଚ୍ଛା ଅନୁସାରେ ବିବରଣୀ ଲେଖିବା ଠିକ୍ ନୁହେଁ । ଏ ବିଷୟରେ ବଡ ବଡ ପଣ୍ଡିତମାନେ ମଧ୍ୟ ଜାଣି ନପାରି ଭ୍ରମିତ ହୋଇଥାନ୍ତି ବୋଲି ଶ୍ରୀକୃଷ୍ଣ ଆଗରୁ କହିଛନ୍ତି । ହୁଏତ ଆମେ ଏ ବିଷୟରେ କେଉଁଠି ଭୁଲ୍ କରିଥିବା ତେଣୁ ଏ ବିଷୟରେ ପୁନରାଲୋଚନା କରିବା ପାଇଁ ସମସ୍ତଙ୍କୁ ସୂଚିତ କରୁଛୁ । ଏବେ ଆମକଥା ଛାଡି ଭଗବାନ କ'ଣ କହିଛନ୍ତି ଦେଖିବା ।

ଉପର ଶ୍ଲୋକରେ ତିନିଗୋଟି ନିୟମ ରହିଛି । ସେଗୁଡିକ ହେଲେ ୧) କର୍ମ ୨) ବିକର୍ମ ୩) ଅକର୍ମ । ଏହି ତିନିଗୋଟି କ୍ରମରୁ ପ୍ରଥମେ କର୍ମ ନାମକ

ଶବ୍ଦ ବାବଦରେ ଜାଣିବା । ସାଧାରଣତଃ ମଣିଷ ଯାହା କରିଥାଏ ତାହାକୁ କାର୍ଯ୍ୟ କୁହାଯାଏ । ଏହି କାର୍ଯ୍ୟଗୁଡିକ ପୂର୍ବ କର୍ମ ଅନୁସାରେ ହୋଇଥାଏ । ହେଉଥିବା କାର୍ଯ୍ୟ ଜୀବ କରୁଛି ବୋଲି ତାର ଅହଂ ତାକୁ ଭ୍ରମିତ କରିଥାଏ । ଅହଂଭାବ ଭ୍ରମରେ ପଡିଥିବା ଜୀବାତ୍ମା ସବୁକିଛି ନିଜେ କରୁଛି ବୋଲି ଭାବିଥାଏ । ବାସ୍ତବରେ ଶରୀରରେ ହେଉଥିବା କୌଣସି କାର୍ଯ୍ୟ ସହିତ ଜୀବାତ୍ମାର କୌଣସି ସମ୍ପର୍କ ନଥାଏ । ତଥାପି 'ଅହଂ'ର ମହିମା ଦ୍ୱାରା ଭ୍ରମିତହୋଇ ଜୀବ ନିଜେ ନିଜକୁ କର୍ତ୍ତା ଭାବିଥାଏ । ଏଭଳି ଭାବିବା ଦ୍ୱାରା ଶରୀରରେ ହେଉଥିବା କାର୍ଯ୍ୟ ଯୋଗୁଁ ପାପ କିମ୍ବା ପୁଣ୍ୟ ନାମକ ନୂଆ କର୍ମବନ୍ଧନରେ ଜୀବ ପଡିଥାଏ । ଗରମ ଲାଗିବା ଅଗ୍ନିର ସହଜ ଗୁଣ ହୋଇଥିବା ଭଳି ପ୍ରତି କାର୍ଯ୍ୟର ସହଜ ଭାବରେ କର୍ମ ରହିଥାଏ । ଜୀବ ଅହଂ ସହିତ ତାଦାତ୍ମ୍ୟ ହେବାବେଳେ କର୍ମବନ୍ଧନରେ ପଡିଥାଏ । ଅହଂକାରକୁ ବିନାଶ କରିବା ବେଳେ ଜୀବ କର୍ମବନ୍ଧନରେ ପଡି ନଥାଏ । ଜ୍ଞାନ ଜାଣି କର୍ମଯୋଗ ଆଚରଣ କରୁଥିବା ଲୋକମାନେ କର୍ମ ବନ୍ଧନରେ ପଡିନଥାନ୍ତି । ସାଧାରଣତଃ ପ୍ରକୃତି ମାୟାରେ ପଡି ଜ୍ଞାନ ଜାଣିନଥିବା ମଣିଷ, କର୍ମାନୁସାରେ ନାନାକାର୍ଯ୍ୟ କରୁଥାଇ ସେହିକାର୍ଯ୍ୟରୁ ଅହଂ ଦ୍ୱାରା ପୁନର୍ବାର ନୂଆ କର୍ମ ପ୍ରାପ୍ତ ହୋଇଥାଏ । କାର୍ଯ୍ୟ କରୁଥାଇ କାର୍ଯ୍ୟରୁ କର୍ମାର୍ଜନ କରିବାକୁ ଉପର ଶ୍ଳୋକରେ **'କର୍ମ'** କହିଛନ୍ତି । ମଣିଷ ଏହିଭଳି କର୍ମ ଅର୍ଜନ କରିଥାଏ, ଯାହା ବିଷୟରେ ସେ ଜାଣି ନଥାଏ ତେଣୁ **'କର୍ମଣୋ ହ୍ୟପି ବୋଧବ୍ୟଂ'** ଅର୍ଥାତ୍ କର୍ମ ବାବଦରେ ଜାଣିବା ଉଚିତ୍ ବୋଲି କହିଛନ୍ତି । ତାଛଡା **'ବୋଧବ୍ୟଂ ଚ ବିକର୍ମଣଃ'** ଅର୍ଥାତ୍ ବିକର୍ମକୁ ଜାଣିବା ଉଚିତ୍ ବୋଲି କହିଛନ୍ତି । ଏବେ ବିକର୍ମ କ'ଣ ଜାଣିବା । ସାଧାରଣତଃ କର୍ମ ଦ୍ୱାରା ପ୍ରେରିତ ହୋଇ କରାଯାଉଥିବା କାର୍ଯ୍ୟଗୁଡିକୁ ବ୍ରହ୍ମଯୋଗ ଦ୍ୱାରା ସ୍ଥିର କରିଦିଆଯାଇ ପାରେ । ପ୍ରାରବ୍ଧ କର୍ମକୁ ଅଟକାଇ ପାରିବା ଶକ୍ତି କେବଳ ବ୍ରହ୍ମଯୋଗୀ ପାଖରେ ଥାଏ । ବ୍ରହ୍ମଯୋଗ (ଜ୍ଞାନଯୋଗ) ପ୍ରାରବ୍ଧ କର୍ମକୁ ଆଗକୁ ଯିବାକୁ ନଦେଇ ସ୍ଥିର କରିଦେଇ ପାରେ । ମୁଣ୍ଡର ପ୍ରାରବ୍ଧକର୍ମ ଗୁଣ ଏବଂ ବୁଦ୍ଧି ଦ୍ୱାରା ଆସି ପୁଣି ମନ ଦ୍ୱାରା ବାହାରର ଇନ୍ଦ୍ରିୟଗୁଡିକରେ ପହଞ୍ଚି, ବାହ୍ୟ ଅବୟବଗୁଡିକ ଦ୍ୱାରା କାର୍ଯ୍ୟହୋଇ ଶରୀରରୁ କର୍ମ ଅମଳ ହୋଇଥାଏ । ବ୍ରହ୍ମଯୋଗୀ ନିଜର ଚେଷ୍ଟା

ଦ୍ୱାରା ବାହ୍ୟ ଏବଂ ଅନ୍ତର୍ଭାଗର ମଧ୍ୟସ୍ଥି ହୋଇଥିବା ମନକୁ ସ୍ଥିର କରିଥାଏ, ତେଣୁ ପ୍ରାରବ୍ଧକର୍ମର ଆଚରଣ ଅଟକି ଯାଇଥାଏ । ଏହିଭଳି ବ୍ରହ୍ମଯୋଗ ଦ୍ୱାରା ପ୍ରାରବ୍ଧ କର୍ମକୁ, ତାର କାର୍ଯ୍ୟକୁ ଅଟକାଇ ଦେବାକୁ **ବିକର୍ମ** କହିଛନ୍ତି । ବିକର୍ମ କହିଲେ କର୍ମ ଅମଳ ନହେବା ବା କର୍ମ ବନ୍ଧନରେ ନପଡିବା ।

ତୃତୀୟତଃ ଥିବା ଅକର୍ମ କହିଲେ! ପ୍ରାରବ୍ଧ ଅନୁସାରେ କାର୍ଯ୍ୟ ହେଉଥିବା ବେଳେ, ଶରୀରରେ ଅହଂ କାର୍ଯ୍ୟ କରୁ ନଥିବା ବେଳେ, କର୍ମ ବନ୍ଧନରେ ନପଡିବା **ଅକର୍ମ** ହୁଏ । କେବଳ କର୍ମଯୋଗୀ ମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ । କର୍ମଯୋଗରେ ଅହଂ କାର୍ଯ୍ୟ କରିନଥାଏ । ସେଥିଲାଗି ଏହି ନିୟମରେ କାର୍ଯ୍ୟ କଲେ ମଧ୍ୟ ଜୀବ କର୍ମବନ୍ଧନରେ ପଡିନଥାଏ ।

୧) ପ୍ରାରବ୍ଧ କର୍ମ ଦ୍ୱାରା କାର୍ଯ୍ୟ ହେଉଥାଇ ନୂତନ କର୍ମ ଅର୍ଜନ ହେବା ବା ଜୀବ କର୍ମ ବନ୍ଧନରେ ପଡିବାକୁ କର୍ମ କହୁଛୁ ବା ପୁରୁଣା କର୍ମ ଆଚରିତ ହେଉହେଉ ନୂତନ କର୍ମବନ୍ଧନରେ ପଡିବାକୁ 'କର୍ମ' କହୁଛୁ ।

୨) ପ୍ରାରବ୍ଧ କର୍ମର ଆଚରଣ ନଥାଇ, ନୂଆକର୍ମ ନଆସି, ସବୁକିଛି ସ୍ଥିର ରହି ସମସ୍ତ କର୍ମ ସ୍ଥିର ହୋଇଯିବାକୁ 'ବିକର୍ମ' କହୁଛୁ । ଏହା କେବଳ ବ୍ରହ୍ମଯୋଗରେ ସମ୍ଭବ । ଶରୀରରେ ମନ ସ୍ଥିର ରହିଯାଇଥିବାରୁ ବିକର୍ମରେ ମଣିଷର କୌଣସି ବାହାର ଧ୍ୟାନ ନଥାଏ ।

୩) ପ୍ରାରବ୍ଧକର୍ମ ଅନୁସାରେ କାର୍ଯ୍ୟ ହୋଇ ମଧ୍ୟ, ନୂଆକର୍ମ ନ ଆସିବାକୁ 'ଅକର୍ମ' କହୁଛୁ । ଏହା କେବଳ କର୍ମଯୋଗୀ କରିପାରେ । ଏହି ଯୋଗରେ ଅହଂ ସ୍ଥିର ଥାଏ, ସାଧାରଣ ଅଜ୍ଞାନୀ କରୁଥିବା ଭଳି କାର୍ଯ୍ୟ ହେଉଥିଲେ ହେଁ ତୈଳକୁ ଜଳ ସ୍ପର୍ଶ କରୁନଥିବା ଭଳି ତାର କର୍ମବନ୍ଧନ ନଥାଏ ।

**(୩) ଶ୍ଳୋକ,୧୮ : କର୍ମଣ୍ୟ କର୍ମ ଯଃ ପଶ୍ୟେଦ କର୍ମଣି ଚ କର୍ମ ଯଃ ।**
**ସ ବୁଦ୍ଧିମାନ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନ କର୍ମକୃତ୍ ॥**
**(କର୍ମଯୋଗ)**

**ଭାବାର୍ଥ :** କର୍ମକୁ ଆସିବାକୁ ନଦେଇ ନିଗ୍ରହ କରିବା ଅକର୍ମ, କର୍ମରେ ହିଁ

ଅକର୍ମ ଅଛି ଜାଣି, ଯିଏ ସମସ୍ତ କର୍ମ ଆଚରଣ କରେ, ସେ ଜ୍ଞାନୀ ବୋଲି ଜାଣିଥିବା ବଡମାନେ କହିଥାନ୍ତି ।

**ବିବରଣୀ :** ସମସ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ନୂଆ କର୍ମକୁ ଆସିବାକୁ ନଦେବା ବିଧାନ ହେଉଛି ଅକର୍ମ, କାର୍ଯ୍ୟ କରୁଥାଇ କେଉଁ ନିୟମ ଆଚରଣ କଲେ ପାପ ପୁଣ୍ୟ ଆସିନଥାଏ ତାହା ଭଲଭାବରେ ଜାଣି, କୌଣସି କାର୍ଯ୍ୟକୁ ଭଲ ବା ମନ୍ଦ ନକହି, ସମୟ ସନ୍ଦର୍ଭ ଅନୁସାରେ ଯେତେବେଳେ ଯେଉଁ କର୍ମ ଆଚରଣକୁ ଆସୁଛି ତାହା କରୁଥିବା ବ୍ୟକ୍ତିକୁ ସମ୍ପୂର୍ଣ୍ଣ ଜ୍ଞାନୀ ବା କର୍ମଯୋଗୀ କହିପାରିବା । ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସି 'ଭଲକାର୍ଯ୍ୟ କରୁଥିବା ଲୋକକୁ ଜ୍ଞାନୀ ବା ଯୋଗୀ କହିପାରିବା, ହେଲେ ଖରାପ କାର୍ଯ୍ୟ କରୁଥିବା ଲୋକକୁ ଆମେ କିପରି ଜ୍ଞାନୀ କହିବା ? ଏକଥା ତ ଗୀତାରେ କେଉଁଠି ଲେଖାଯାଇ ନାହିଁ, ଯାହା କେଉଁଠାରେ ଲେଖାଯାଇ ନାହିଁ ତାହା ଏଠାରେ କିପରି ସତ ବୋଲି ମାନିବା ? ବୋଲି ପଚାରି ପାରନ୍ତି । ଆମ ସମାଧାନରେ ଆପଣ କ'ଣ ଗ୍ରହଣ କରିଛନ୍ତି ଆପଣଙ୍କୁ ଜଣାଥିବ ! କିନ୍ତୁ ଏହି ବିଷୟ ଭଗବାନ ଏହା ପୂର୍ବରୁ, ଏବେ ଏବଂ ଏହା ପରେ ମଧ୍ୟ କହିଆସିଛନ୍ତି । ଏଭଳି କାର୍ଯ୍ୟ ଭେଦ ଦେଖୁଥିବା ବ୍ୟକ୍ତି ଯୋଗୀ ନୁହେଁ ବୋଲି ମଧ୍ୟ କହିଛନ୍ତି ।

**(୩) ଶ୍ଲୋକ, ୧୯ : ଯସ୍ୟସର୍ବେ ସମାରମ୍ଭାଃ କାମସଂକଳ୍ପ ବର୍ଜିତାଃ ।**
**ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ॥**

**(କର୍ମଯୋଗ)**

**ଭାବାର୍ଥ :** ଯିଏ ଆଶାଗୁଣ ରହିତ ହୋଇ ସମସ୍ତକାର୍ଯ୍ୟ କରିଥାଏ, ଯିଏ ଜ୍ଞାନାଗ୍ନି ଦ୍ୱାରା କର୍ମକୁ ଜଳାଇଥାଏ ତାକୁ ବୁଦ୍ଧିମନ୍ତ, ଜ୍ଞାନପଣ୍ଡିତ କହନ୍ତି ।

**ବିବରଣୀ : ସର୍ବେ ସମାରମ୍ଭାଃ** ବୋଲି ଏହି ଶ୍ଲୋକରେ ମଧ୍ୟ କହିଛନ୍ତି । ସର୍ବେ କହିଲେ ସମସ୍ତ ପ୍ରକାରର ବା ତାହା ଭଲ ହୋଇ ପାରେ କିମ୍ବା ଖରାପ ହୋଇ ପାରେ । ସମସ୍ତ କାର୍ଯ୍ୟ ଆଶା ରହିତ ଭାବରେ ଯିଏ କରିଯାଏ ତାକୁ ପଣ୍ଡିତ କହିପାରିବା ବୋଲି ଏଠାରେ କହିଛନ୍ତି । ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସିପାରେ । ତାହା ହେଲା ! ଆଶା ରହିଥିଲେ ସିନା କେହି

କାର୍ଯ୍ୟ କରିବ ! ଆଶା ନଥିଲେ କିଏ ବା କାହିଁକି କାର୍ଯ୍ୟ କରିବ ? ବୋଲି ପଚାରିପାରନ୍ତି । ସତକଥା । ସମସ୍ତେ ଆଶା ଥିବାବେଳେ କାର୍ଯ୍ୟ କରିଥାନ୍ତି, କିନ୍ତୁ ସେମାନେ ସମସ୍ତେ ଜ୍ଞାନୀ ନୁହନ୍ତି । ଆଶା ରଖି କାର୍ଯ୍ୟ କରୁଥିବା ଲୋକକୁ କର୍ମ ରହସ୍ୟ ଜଣାନଥାଏ, ସେମାନେ ଆଶା ଦ୍ୱାରା କାର୍ଯ୍ୟ ହୋଇଥାଏ ବୋଲି ଭାବିଥାନ୍ତି । ବାସ୍ତବ ଜ୍ଞାନ ଜାଣିଥିବା ଲୋକ କର୍ମ ଦ୍ୱାରା କାର୍ଯ୍ୟ ହୋଇଥାଏ ବୋଲି ଜାଣିଥାଏ । ଆଶା ପଛରେ ଥିବା କର୍ମକୁ ମଧ୍ୟ ମନେ ରଖି (ସ୍ମୃତିରେ ରଖି) କାର୍ଯ୍ୟ କରୁଥିବା ଲୋକକୁ 'କର୍ମଯୋଗୀ' ବୋଲି ଆମେ କହୁଛୁ ।

**'ଜ୍ଞାନାଗ୍ନି ଦଗ୍ଧ କର୍ମାଣାଂ'** ଅର୍ଥାତ୍ ଜ୍ଞାନାଗ୍ନି ଦ୍ୱାରା କର୍ମକୁ ପୋଡି ଦେଉଥିବା ପାତ୍ର । ଯୋଗ ଆଚରଣ କରୁଥିବା ବ୍ୟକ୍ତିଠାରେ ପ୍ରଜ୍ୱଳିତ ହୋଇଥାଏ ଜ୍ଞାନାଗ୍ନି । ଯୋଗୀମାନଙ୍କଠାରେ ଜ୍ଞାନାଗ୍ନି ରହିଥାଏ, ସେମାନଙ୍କର କର୍ମକୁ ଜ୍ଞାନାଗ୍ନି ପୋଡିଦେଇଥାଏ । ତେବେ ଜ୍ଞାନାଗ୍ନି ଯୋଗୀମାନଙ୍କ ଠାରେ କେଉଁଠାରେ ରହିଥାଏ ? ଏହା ଯୋଗୀକୁ କିପରି ମିଳିଥାଏ ? ବୋଲି କେତେକଙ୍କ ଠାରେ ପୁଣି ପ୍ରଶ୍ନ ଆସିପାରେ । ଏହାର ଉତ୍ତର ଜାଣିବାକୁହେଲେ ଜ୍ଞାନାଗ୍ନି ବାବଦରେ ଏଠାରେ କିଛି ନିଶ୍ଚୟ ଜାଣିବାକୁ ହେବ । ସାଧାରଣ ଅଗ୍ନି (ନିଆଁ)ରେ ଆମେ ରୋଷେଇ କରୁଛେ । ଆମେ ରୋଷେଇ କରିବା ଆଗରୁ ଚୂଲୀରେ ନିଆଁ ନଥାଏ । ରୋଷେଇ ଆରମ୍ଭ କରିବା ପରେ ଚୂଲୀରେ ନିଆଁ ଦାଉଦାଉ ହୋଇ ଜଳେ । ପ୍ରଥମେ ନଥିବା ଅଗ୍ନି ଦିଆସିଲି ବା ଚକମକି ପଥରରୁ (ପୂର୍ବେ ଚକମକି ନାମକ ପଦ୍ଧତି ଦ୍ୱାରା ଅଗ୍ନି ଉତ୍ପନ୍ନ କରୁଥିଲେ) ଜନ୍ମାଉଛେ । ଆମେ ବାହାରେ ଜନ୍ମାଉଥିବା ଅଗ୍ନି ଆଖିକୁ ଦେଖାଯାଇଥାଏ । ଛୁଇଁଲେ ହାତ ମଧ୍ୟ ପୋଡିଯାଇଥାଏ । ଅଗ୍ନି କୌଣସି ବସ୍ତୁକୁ ଜଳାଇ ଦେଇଥାଏ । ଚନ୍ଦନକାଠ ହେଉ, କି କୋଚିଲାକାଠ ହେଉ ଅଗ୍ନି ପାଇଁ ଉଭୟ କାଠ ସମାନ । ସେହିଭଳି ପ୍ରାଣ ଥିବା, ପ୍ରାଣ ନଥିବା ବସ୍ତୁକୁ ପୋଡିଦେବା କ୍ଷମତା ଅଗ୍ନିର ରହିଛି । ଏହି ଅଗ୍ନି ବାବଦରେ କେହି ଅଜଣା ନାହାନ୍ତି । ଦେଖା ନଯାଇ କର୍ମ ପୋଡିଦେଉଥିବା ଅଗ୍ନିର ନାମ **ଜ୍ଞାନାଗ୍ନି** । ଅଗ୍ନି ଆଉ ଜ୍ଞାନାଗ୍ନିର ଭିନ୍ନତା ତଳେ ଦେଖନ୍ତୁ ।

| | **ଅଗ୍ନି** | **ଜ୍ଞାନାଗ୍ନି** |
|---|---|---|
| ୧) | ଆଖିକୁ ଦେଖାଯାଇଥାଏ । | ଆଖିକୁ ଦେଖାଯାଇ ନଥାଏ । |
| ୨) | କାଷ୍ଠାଦିକୁ ଜାଳିଦିଏ ସିନା, କର୍ମକୁ ଜାଳିପାରେ ନାହିଁ । | କର୍ମକୁ ଜାଳିଦିଏ, କାଷ୍ଠାଦିକୁ ଜାଳିପାରେ ନାହିଁ । |
| ୩) | ସ୍ଥୁଳ ଶରୀରକୁ ତତାଇଦିଏ । | ସୂକ୍ଷ୍ମଶରୀରକୁ ତତାଇ ଦେଇଥାଏ । |
| ୪) | ଭଲ ମନ୍ଦର ଭେଦ ନରଖି ଜଳାଏ । | ପାପ ପୁଣ୍ୟର ଭେଦ ନରଖି ଜଳାଏ । |
| ୫) | ପ୍ରକୃତି ସମ୍ବନ୍ଧୀୟ । | ପରମାତ୍ମା ସମ୍ବନ୍ଧୀୟ । |
| ୬) | ସ୍ଥୁଳ ଶରୀରକୁ ଦେଖାଯାଏ । | ସୂକ୍ଷ୍ମ ଶରୀରକୁ ଦେଖାଯାଏ । |
| ୭) | ଅଜ୍ଞାନୀ ମଧ୍ୟ ଜଳାଇପାରେ । | କେବଳ ଯୋଗୀମାନଙ୍କ ଦ୍ୱାରା ଜଳିଥାଏ । |
| ୮) | ଶରୀର ବାହାରେ ଜମାହୁଏ । | ଶରୀର ଭିତରେ ଜମା ହୁଏ । |
| ୯) | ଜଳ ଦ୍ୱାରା ଲିଭେ, ପବନରେ ଜଳେ । | ଜଳ ଦ୍ୱାରା ଲିଭେ ନାହିଁ, ପବନରେ ଜଳେ ନାହିଁ । |
| ୧୦) | ଅନ୍ୟମାନଙ୍କର ବସ୍ତୁକୁ ଜଳାଏ । | କେବଳ ଅନ୍ୟମାନଙ୍କର ପ୍ରାରବ୍ଧ କର୍ମକୁ ଜାଳି ଦେଇଥାଏ । |
| ୧୧) | ନିଜ ଶରୀରର କୌଣସି ଭାଗକୁ ଜଳାଏ । | ନିଜ ଶରୀରର ଆଗାମୀ ଏବଂ ସଞ୍ଚିତ କର୍ମକୁ ଜାଳିଦିଏ । |
| ୧୨) | କେଉଁଠାରେ କେହି ମଧ୍ୟ ତିଆରି କରିପାରେ । | ଯୋଗ ହେଉଥିବା ସମୟରେ ତିଆରିହୁଏ, କର୍ମଯୋଗୀ ମାନଙ୍କର ଶରୀର ଭିତରୁ, ବ୍ରହ୍ମଯୋଗୀମାନଙ୍କର ଶରୀର ବାହାରୁ ପ୍ରବେଶ କରିଥାଏ । |

ଜ୍ଞାନାଗ୍ନି ବାବଦରେ ଜାଣିବା ପାଇଁ କହିଥିବା ଉଦାହରଣ ଗୁଡିକ ଥିଲେ ମଧ୍ୟ ବାସ୍ତବରେ ଜ୍ଞାନାଗ୍ନି ନାହିଁ ବୋଲି ଅନେକେ କହିଥାନ୍ତି । କିଏ କ'ଣ କହିଲେ ମଧ୍ୟ, ଗୀତାରେ ଏହି ଜ୍ଞାନାଗ୍ନି ବିଷୟରେ ସ୍ୱତନ୍ତ୍ର ଭାବରେ ଲେଖା ଥିଲେ ମଧ୍ୟ, ସତ୍ୟ କିଛିକାଳ ରହି ଲୁଚିଗଲେ ମଧ୍ୟ, ତାର ବିନାଶ ନଥାଏ, ଦିନେ ବାହାରକୁ ବାହାରିଥାଏ । ସେହିଭଳି ଭଗବଦ୍ଗୀତାର ସତ୍ୟକୁ କେହି ଚିହ୍ନି ନପାରିଲେ ମଧ୍ୟ ତାହା ସେଥିରୁ ନିଖୋଜ ହୋଇଯାଇ ନାହିଁ । ମାନବକୁ ଜଣାଇବା ପାଇଁ ଥିବା ଭଗବାନଙ୍କ ଉଦ୍ଦେଶ୍ୟ କେବେ ମଧ୍ୟ ବୃଥା ନୁହେଁ । ଶହେଜଣ ଚିହ୍ନି ନ ପାରିଲେ କ'ଣ ହେବ ଜଣେ ତ ଚିହ୍ନିବ ! ଏଭଳି ଯଦି କେହି ଚିହ୍ନି ନପାରନ୍ତି, ଜାଣି ନପାରନ୍ତି ତେବେ ଶେଷରେ, ସେ (ପରମାତ୍ମା) ଆଉ ଏକ ଜନ୍ମରେ ତା ବାବଦରେ କହିବେ । ଏଠିକାର ଜ୍ଞାନାଗ୍ନି ବିଷୟ ମଧ୍ୟ ସେହିଭଳି ।

ଜ୍ଞାନାଗ୍ନି ଏକ ଉଦାହରଣ ନୁହେଁ । ଅଗ୍ନିକୁ ଜ୍ଞାନାଗ୍ନିର ଉଦାହରଣ ଭାବରେ କୁହାଯାଇଛି । ଅଗ୍ନିରେ କାଠଗୁଡିକ ଜଳିଯିବା ଭଳି, ଜ୍ଞାନାଗ୍ନିରେ ସମସ୍ତ କର୍ମ ଜଳିଯାଇଥାଏ ବୋଲି ଭଗବାନ ସେହି ଭଗବଦ୍ଗୀତାରେ ଆଉ ଏକ ସନ୍ଦର୍ଭରେ କହିଛନ୍ତି । ଏହି ଅନୁସାରେ ଜ୍ଞାନାଗ୍ନି ରହିଛି ଏବଂ ତାର ଉଦାହରଣ ଭାବରେ ବାହାରର ଅଗ୍ନିକୁ କୁହାଯାଇଛି ବୋଲି ଜଣାଯାଉଛି । ତାଛଡା ଜ୍ଞାନାଗ୍ନି କର୍ମଯୋଗୀ ଠାରେ ଏକ ପ୍ରକାର, ବ୍ରହ୍ମଯୋଗୀ ଠାରେ ଆଉଏକ ପ୍ରକାର କାର୍ଯ୍ୟକରେ ବୋଲି ଜ୍ଞାନାଗ୍ନି ଅସ୍ତିତ୍ୱର ପ୍ରମାଣ ଦେଇଛି । ଜ୍ଞାନାଗ୍ନି ଯୋଗୀମାନଙ୍କ ଶରୀରରେ ସ୍ୱତନ୍ତ୍ର କାର୍ଯ୍ୟ କରୁଥାଇ, ସେମାନଙ୍କ ଦ୍ୱାରା ଅଜ୍ଞାନୀର ଶରୀରକୁ ପ୍ରସାର ହୋଇ ପ୍ରତ୍ୟକ୍ଷପ୍ରମାଣ ମଧ୍ୟ ଦେଖାଉଛି । ଜ୍ଞାନାଗ୍ନି ଅଛି ବୋଲି ଏହାଠାରୁ ଆଉକିଛି ଅଧିକ ପ୍ରମାଣ ଆବଶ୍ୟକ ନାହିଁ ବୋଲି ଭାବୁଛୁ । ଜ୍ଞାନାଗ୍ନି ବାବଦରେ ନଜାଣିଲେ ଜ୍ଞାନଦୃଷ୍ଟି ପାଇଁ ଅନ୍ଧକାର ସଦୃଶ ହୋଇଥାଏ । ସେଥିଲାଗି ଜ୍ଞାନନେତ୍ରର ଦୃଷ୍ଟି ଠିକ୍ ରଖିବାକୁ ହେଲେ ଏଠାରେ ଜ୍ଞାନାଗ୍ନି ବାବଦରେ ଆହୁରି ବିପୁଳ ଭାବରେ ଜାଣିବାକୁ ହେବ । ପଛରେ କୁହାଯାଇଥିବା କ୍ରମ ଅନୁସାରେ–

୧) ପ୍ରଥମେ ତାହା ଆଖିକୁ ଦେଖାଯାଏ ନାହିଁ ବୋଲି ଆମେ କହିଛୁ । ଜ୍ଞାନାଗ୍ନିର ସ୍ଥୁଳରୂପ ନାହିଁ । ଏହା ସାଧାରଣ ଅଗ୍ନି ଭଳି ନାଲି ରଙ୍ଗର ବୋଲି ଆମେ

କହିପାରିବା ନାହିଁ । କେତେକ ଜ୍ଞାନଥିବା ଦେବତାମାନଙ୍କ ଚିତ୍ରରେ ଜ୍ଞାନାଗ୍ନି ପ୍ରକାଶିତ ହେଉଥିବା ଭଳି ଚିହ୍ନିତ କରାଯାଇଥିବା ଦେଖିବାକୁ ମିଳିଥାଏ । ଏହା ଜ୍ଞାନାଗ୍ନିର ପ୍ରକାଶ, ସେମାନଙ୍କଠାରେ ଜ୍ଞାନାଗ୍ନି ଅଛି, ତେଣୁ ତାହା ଜାଣିଥିବା ଲୋକମାନେ ଏଭଳି ଚିତ୍ରିତ କରିଥିଲେ । ଏହା ଚିତ୍ରରେ ଥିବା ପାତ୍ରର ମୁଣ୍ଡରେ ଜ୍ଞାନାଗ୍ନି ଅଛିବୋଲି ଜଣାଇଥାଏ ।

୨) ଜ୍ଞାନାଗ୍ନି ଅଗ୍ନି ଭଳି ବାହାରର ବସ୍ତୁଗୁଡିକର କିଛି କରିପାରେ ନାହିଁ, ତା'ର ପ୍ରଭାବ ପାପପୁଣ୍ୟକୁ ଜଳାଇବାରେ ଜଣାପଡିଥାଏ, ତେଣୁ ଜ୍ଞାନାଗ୍ନି ସମୀଧକୁ ଜଳାଇପାରେ ନାହିଁ ବୋଲି କହିପାରିବା ।

୩) ସୂକ୍ଷ୍ମଦେହରେ ଭ୍ରମଣ କରୁଥିବା ଗ୍ରହମାନଙ୍କୁ ଜ୍ଞାନାଗ୍ନି ତତାଇ ଦିଏ, ତେଣୁ ଯୋଗୀଙ୍କ ସମୀପରେ ଭୂତପ୍ରେତାଦି ସୂକ୍ଷ୍ମ ଦେହଧାରୀମାନେ ପ୍ରବେଶ କରନ୍ତି ନାହିଁ । ଜ୍ଞାନାଗ୍ନିର ଉତ୍ତାପକୁ ସହିନପାରି ସେମାନଙ୍କୁ ଭୟ କରିଥାନ୍ତି, ତେଣୁ ଯୋଗୀମାନଙ୍କ କଥା ମାନି କାର୍ଯ୍ୟ କରନ୍ତି ବୋଲି ପ୍ରମାଣ ଅଛି ।

୪) କର୍ମ ପାପ ପୁଣ୍ୟର ମିଶ୍ରଣ । ଜ୍ଞାନାଗ୍ନିର ସହଜ ଧର୍ମ ହେଉଛି କର୍ମକୁ ଜଳାଇବା । କର୍ମରେ ଥିବା ପୁଣ୍ୟ ଭଲ, ପାପ ଖରାପ ବୋଲି ଭେଦଭାବ ସେ ରଖି ନଥାଏ । ନିଜର ଧର୍ମ ଅନୁସାରେ ସେ କର୍ମକୁ ଜଳାଇଥାଏ ।

୫) ଜ୍ଞାନାଗ୍ନି ପରମାତ୍ମା ସମ୍ବନ୍ଧୀୟ । ପ୍ରକୃତି ସମ୍ବନ୍ଧୀୟ କର୍ମର ବ୍ୟତିରେକ ଏବଂ ପରମାତ୍ମା ଭଳି ବାହାରେ ମଧ୍ୟ ବ୍ୟାପକ ଭାବରେ ରହିଥାଏ । ଜ୍ଞାନାଗ୍ନି ବାହାରୁ ବ୍ରହ୍ମଯୋଗୀ ମାନଙ୍କଠାରେ ପ୍ରବେଶ କରିଥାଏ ।

୬) ଜ୍ଞାନାଗ୍ନି ଗ୍ରହ, ବିଗ୍ରହ କୁହାଯାଉଥିବା ସୂକ୍ଷ୍ମଶକ୍ତି ମାନଙ୍କୁ ଦେଖାଯାଏ, ଜ୍ଞାନାଗ୍ନି କେଉଁ ଯୋଗୀର କେତେ ଅଛି ସେମାନଙ୍କୁ ଜଣାଥାଏ । ସେଥିଲାଗି ଯୋଗୀକୁ ଛୋଟଛୋଟ ଗ୍ରହମାନେ, ଦେବତାମାନେ ମଧ୍ୟ ଭୟ କରି, ଦୂରରୁ ପ୍ରଣାମ କରିଥାନ୍ତି । ଇତିହାସରେ ମଣିଷ ହୋଇଥିବା ଯୋଗୀମାନଙ୍କ କଥାକୁ ସମ୍ମାନ ପ୍ରଦାନ କରି ଦେବତାମାନେ ମଧ୍ୟ ସେମାନଙ୍କ ପାଖରେ କାର୍ଯ୍ୟ କରିଛନ୍ତି ବୋଲି ଶୁଣିଛେ ।

୭) ଜ୍ଞାନାଗ୍ନି କେବଳ ଯୋଗୀମାନଙ୍କଠାରେ ପ୍ରଜ୍ଜ୍ୱଳିତ ହୋଇଥାଏ । କେବଳ ଯୋଗ ସମୟରେ ପ୍ରଜ୍ଜ୍ୱଳିତ ହେଉଥିବା ଅଗ୍ନି ହେଉଛି ଜ୍ଞାନାଗ୍ନି ।

୮) ଜ୍ଞାନାଗ୍ନି ବାହାରର ଅଗ୍ନି ଭଳି ଜଳରେ ଲିଭିଯାଏ ନାହିଁ । ତାହା ପ୍ରକୃତି ଶକ୍ତି ଆଗରେ ମଥା ନୁଆଇଁ ନଥାଏ, ପଞ୍ଚଭୂତର ଅତୀତ ଭାବେ ଥାଏ ।

୯) ଯୋଗୀର ସଂକଳ୍ପ ଦ୍ୱାରା ଅନ୍ୟମାନଙ୍କର କର୍ମ ଉପରେ ଜ୍ଞାନାଗ୍ନି ପ୍ରସାର ହୋଇପାରେ । ହସ୍ତ, ପାଦ, ଦୃଷ୍ଟି ଦ୍ୱାରା ଯୋଗୀର ଶରୀରରୁ ଅନ୍ୟ ଶରୀରକୁ ପ୍ରବେଶ କରିପାରୁଥିବା ଜ୍ଞାନାଗ୍ନି ସେହି ଶରୀରରେ ଥିବା ସଞ୍ଚିତ, ଆଗାମୀ, ପ୍ରାରବ୍ଧ କୁହାଯାଉଥିବା ତିନି ପ୍ରକାରର କର୍ମରୁ ସିଧା ପ୍ରାରବ୍ଧ କର୍ମ ଉପରେ କାର୍ଯ୍ୟ କରିଥାଏ, ଅର୍ଥାତ୍ ଜ୍ଞାନାଗ୍ନି ଅନ୍ୟର ପ୍ରାରବ୍ଧକର୍ମକୁ ଜଳାଇ ଦେଇଥାଏ । ଏହା ହିଁ ଜ୍ଞାନାଗ୍ନି ଅସ୍ତିତ୍ୱର ପ୍ରତ୍ୟକ୍ଷ ପ୍ରମାଣ । ଯୀଶୁ ତାଙ୍କ ହାତର ସ୍ପର୍ଶଦ୍ୱାରା ପ୍ରାରବ୍ଧକର୍ମ ହୋଇଥିବା କୁଷ୍ଠରୋଗକୁ ଦୂର କରିଦେଇ ପାରିଥିଲେ । ସେହିଭଳି ଅନ୍ଧର ଦୃଷ୍ଟି ଫେରାଇ ପାରିଥିଲେ । ଏଠାରେ ଯୀଶୁପ୍ରଭୁଙ୍କ ଶରୀରରୁ ବାହାରକୁ ଆସିଥିବା ଜ୍ଞାନାଗ୍ନି ଅନ୍ଧର ଶରୀରରୁ ଅନ୍ଧତ୍ୱର କାରଣ ହୋଇଥିବା ପ୍ରାରବ୍ଧକୁ ଜାଳିଦେବା ଦ୍ୱାରା ତାକୁ ତୁରନ୍ତ ଦୃଷ୍ଟିଶକ୍ତି ମିଳିଥିଲା । ଏହିଭଳି ଅନେକ ଯୋଗୀମାନେ ସେମାନଙ୍କଠାରେ ଥିବା ଜ୍ଞାନାଗ୍ନି ଦ୍ୱାରା କେତେକଙ୍କ ରୋଗକୁ, ଅଙ୍ଗବୈକଲ୍ୟ ଦୂର କରି ଦେଇଥିବା ପ୍ରମାଣ ରହିଛି ।

୧୦) ଯୋଗୀର ଶରୀରରୁ ବାହାରକୁ ଆସି ଅନ୍ୟର ପ୍ରାରବ୍ଧକୁ ଆକ୍ରମଣ କରି ପାରୁଥିଲେ ମଧ୍ୟ ଯୋଗୀର ନିଜ ଶରୀରର ପ୍ରାରବ୍ଧକର୍ମ ଉପରେ କାର୍ଯ୍ୟ କରିନଥାଏ । ଉଦାହରଣ ସ୍ୱରୂପ ଜଣେ ଯୋଗୀ ପେଟବ୍ୟଥାରେ କଷ୍ଟପାଉଥିବା ଆଉଜଣେ ବ୍ୟକ୍ତିକୁ ଦେଖି ତାର ବ୍ୟଥାକୁ ସହ୍ୟ କରି ନପାରି, ନିଜର ଯୋଗାଗ୍ନି (ଜ୍ଞାନାଗ୍ନି) ଦ୍ୱାରା ତାର ପ୍ରାରବ୍ଧକୁ ଜଳାଇ, ପେଟ ବ୍ୟଥା ଦୂର କରିପାରେ, ହେଲେ ଯୋଗୀ ନିଜର ଛୋଟ ଛୋଟ ବ୍ୟଥାକୁ ମଧ୍ୟ ଅନୁଭବ କରିଥାଏ । ଅନ୍ୟର ପେଟ ବ୍ୟଥାକୁ ଦୂର କରୁଥିବା ଯୋଗୀ ନିଜର ଛୋଟଛୋଟ ବ୍ୟଥାକୁ କାହିଁକି ଦୂର କରିପାରେ ନାହିଁ ବୋଲି ପଚାରିଲେ, ମୋ ଶକ୍ତି ମୋଠାରେ କାର୍ଯ୍ୟ କରି ନଥାଏ ବୋଲି କହେ । ଏହି ଅନୁସାରେ ଯୋଗୀ ଶରୀରର ଜ୍ଞାନାଗ୍ନି ତାର ପ୍ରାରବ୍ଧ ଉପରେ କାର୍ଯ୍ୟ କରିନଥାଏ ବୋଲି ଜଣାଯାଉଛି । ତାହେଲେ ଯୋଗୀ

ଶରୀରର ଜ୍ଞାନାଗ୍ନି ଯୋଗୀର କେଉଁ କର୍ମ ଉପରେ କାର୍ଯ୍ୟ କରିଥାଏ ବୋଲି ପ୍ରଶ୍ନକଲେ ତାହା ବ୍ରହ୍ମଯୋଗୀଠାରେ ଏକ ପ୍ରକାରର ଏବଂ କର୍ମଯୋଗୀଠାରେ ଅନ୍ୟ ଏକ ପ୍ରକାରର କାର୍ଯ୍ୟ କରିଥାଏ ବୋଲି ଜଣାଯାଏ । ବ୍ରହ୍ମଯୋଗୀର ଜ୍ଞାନାଗ୍ନି ତାର ସଞ୍ଚିତକର୍ମ ଉପରେ କାର୍ଯ୍ୟ କରିଥାଏ । ସେହିଭଳି କର୍ମଯୋଗୀର ଜ୍ଞାନାଗ୍ନି ଯୋଗୀର ଆଗାମୀକର୍ମ ଉପରେ କାର୍ଯ୍ୟ କରିଥାଏ । **ପ୍ରାରବ୍ଧ କହିଲେ ! ଯାହା ଏବେ ଅନୁଭବ କରୁଛେ, ଆଗାମୀ କହିଲେ ! କରୁଥିବା କାର୍ଯ୍ୟରୁ ଯାହା ନୂଆ ଆସିଥାଏ, ସଞ୍ଚିତ କହିଲେ ! ଜନ୍ମ ଜନ୍ମରୁ ବଳକା ରହି ଆସୁଥିବା ଗଚ୍ଛିତକର୍ମ ବୋଲି ଜାଣିବା ଉଚିତ୍ ।**

୧ ୧ ) ଜ୍ଞାନାଗ୍ନି ଦିଆସିଲି ନିଆଁ ଭଳି ଦେଖାନଯାଇ ସାରାବିଶ୍ୱରେ ବ୍ୟାପି ରହିଥିଲେ ମଧ୍ୟ ଦିଆସିଲି କାଠି ଦିଆସିଲିରେ ଘସିବା ବେଳେ ଜଳିବା ଭଳି, ଜ୍ଞାନାଗ୍ନି କେବଳ ଯୋଗାଚରଣରେ ଜଳିଥାଏ । ବ୍ରହ୍ମଯୋଗରେ ବାହାରୁ ଜ୍ଞାନାଗ୍ନି କଣା ପ୍ରବେଶ କଲାବେଳେ, ଯେଉଁ କଡରେ ଯୋଗଦଣ୍ଡ ଥାଏ ସେ କଡରେ ପ୍ରବେଶ ନକରି, ତାର ବିପରୀତ ଦିଗରେ ବ୍ରହ୍ମନାଡୀରେ ପ୍ରବେଶ କରି, ଶିରୋଭାଗରେ ପ୍ରଜ୍ୱଳିତ ହୋଇଥାଏ । ଏହି ବିଷୟ ପଞ୍ଚମ ଅଧ୍ୟାୟ ଆତ୍ମସଂଯମ ଯୋଗରେ ବ୍ରହ୍ମଯୋଗ ବାବଦରେ କୁହାଯିବା ବେଳେ ବିପୁଳ ଭାବରେ ଜାଣିପାରିବେ । କର୍ମଯୋଗ ଆଚରଣ କରୁଥିବା ବ୍ୟକ୍ତିର ମୁଣ୍ଡରେ ଏହି ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇଥାଏ । କର୍ମଯୋଗୀମାନେ ବ୍ରହ୍ମଯୋଗୀ ମାନଙ୍କ ଭଳି ଚର୍ମାସନ ଉପରେ ବସିବା, ଯୋଗଦଣ୍ଡର ବ୍ୟବହାର କରିବା, ପଦ୍ମାସନରେ ବସିବା ଇତ୍ୟାଦି ଆବଶ୍ୟକ ହୋଇ ନଥାଏ । ବ୍ରହ୍ମଯୋଗୀ ମାନଙ୍କଠାରେ ବାହାରୁ ଜ୍ଞାନାଗ୍ନି ପ୍ରବେଶ କରି, ଭୂମିର ଆକର୍ଷଣ ଦ୍ୱାରା କିଛି ତଳକୁ ଚାଲିଯାଇ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ, ଜ୍ଞାନାଗ୍ନିକୁ ରକ୍ଷା କରିବା ପାଇଁ କୁଶାସନ, ତା ଉପରେ ବସ୍ତ୍ର, ତା ଉପରେ ଚର୍ମାଆସନର ବ୍ୟବହାର କରାଯିବା ଉଚିତ୍ ବୋଲି ବଡମାନେ କହିଥିଲେ । ଏହି ବିଷୟରୁ ହିଁ ଜ୍ଞାନାଗ୍ନିର ପ୍ରମାଣ ପାଇ ପାରିବା ।

**(୩) ଶ୍ଲୋକ,୨୦ : ତ୍ୟକ୍ତ୍ୱା କର୍ମଫଳାସଂଗମ୍ ନିତ୍ୟତୃପ୍ତୋ ନିରାଶୟଃ ।**
**କର୍ମଣ୍ୟଭି ପ୍ରବୃତ୍ତୋଽପି ନୈବ କିଂଚିତ୍କରୋତି ସଃ ॥**

**(କର୍ମଯୋଗ)**

**(୩) ଶ୍ଳୋକ,୨୧ : ନିରାଶୀର୍ଯତଚିତାତ୍ମା ତ୍ୟକ୍ତ ସର୍ବ ପରିଗ୍ରହଃ ।**
**ଶରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ॥**
**(କର୍ମଯୋଗ)**

**(୩) ଶ୍ଳୋକ,୨୨ : ଯଦୃଚ୍ଛା ଲାଭୋସନ୍ତୁଷ୍ଟୋ ଦ୍ୱଂଦ୍ୱାତୀତୋ ବିମତ୍ସରଃ ।**
**ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥**
**(କର୍ମଯୋଗ)**

**ଭାବାର୍ଥ :** କର୍ମଫଳରେ ଧ୍ୟାନ ନ ଦେଇ, ନିତ୍ୟତୃପ୍ତ ଭାବରେ ଆଶାକୁ ନିଗ୍ରହ କରି ସର୍ବଦା ସମସ୍ତ କାର୍ଯ୍ୟ କରୁଥିବା ବ୍ୟକ୍ତି କିଛି କରୁନଥିବା ବ୍ୟକ୍ତି ସହିତ ସମାନ ।

ଆଶା ତ୍ୟାଗ କରି, ଶିରୋଧାର୍ଯ୍ୟ ଚିତ୍ତରେ, ଅନ୍ୟ କୌଣସିରେ ଶ୍ରଦ୍ଧା ନରଖି କେବଳ ଶରୀର ସମ୍ବନ୍ଧୀୟ କାର୍ଯ୍ୟ କରିବା ଉଚିତ୍ । ଏଭଳି କରୁଥିବା ବ୍ୟକ୍ତି କର୍ମବନ୍ଧନରେ ପଡେ ନାହିଁ ।

ମିଳୁଥିବା ଲାଭରେ ତୃପ୍ତହୋଇ, ଦ୍ୱନ୍ଦ ତ୍ୟାଗକରି, ମାତ୍ସର୍ଯ୍ୟହୀନ ଭାବରେ ରହି, ଲାଭ, କ୍ଷତିକୁ ଯିଏ ସମାନ ଭାବରେ ଦେଖିଥାଏ ସେ କର୍ମବନ୍ଧନରେ ପଡେ ନାହିଁ ।

**ବିବରଣୀ :** ଏଇଠାରେ ଏକକାଳୀନ ତିନିଗୋଟି ଶ୍ଳୋକର ବିବରଣୀ ଦିଆଯାଇଛି । ଏହି ତିନିଗୋଟି ଶ୍ଳୋକ କର୍ମଯୋଗର । ଏହି ଶ୍ଳୋକଗୁଡିକର ଆଗରୁ କୁହାଯାଇଥିବା ୧୯ତମ ଶ୍ଳୋକ, ଏହା ପରେ ଥିବା ୨୩ ତମ ଶ୍ଳୋକ ମଧ୍ୟ କର୍ମଯୋଗ ସମ୍ବନ୍ଧୀୟ । ଈଶ୍ୱରଙ୍କୁ ଜାଣିବା ପାଇଁ ଏବଂ ମୋକ୍ଷ ପାଇବା ପାଇଁ ଦୁଇଟି ମାର୍ଗ ରହିଛି, ତାହା କର୍ମଯୋଗ, ବ୍ରହ୍ମଯୋଗ । ଏହାକୁ ଭଲଭାବରେ ବୁଝିବାପାଇଁ ବଦଳାଇ ବଦଳାଇ ଅନେକ ଶ୍ଳୋକ କହିଛନ୍ତି । ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ନାମକ ଅଧ୍ୟାୟରେ କର୍ମଯୋଗ ବିଷୟରେ, କର୍ମ ସନ୍ନ୍ୟାସଯୋଗ ଏବଂ ଆତ୍ମସଂଯମ ଯୋଗ ନାମକ ଅଧ୍ୟାୟରେ ବ୍ରହ୍ମଯୋଗ ବାବଦରେ ଅଧିକାଂଶ କହି ଅନ୍ୟାନ୍ୟ ଅଧ୍ୟାୟର ଶ୍ଳୋକଗୁଡିକରେ ମଧ୍ୟ

କେଉଁଠି କେମିତି କହିଛନ୍ତି । ଏଠାରେ ଏହି ତିନିଶ୍ଳୋକରେ ସମାନ ଭାବ ଥିବା କର୍ମଯୋଗ ବାବଦରେ କହିଛୁ ।

**(୩) ଶ୍ଳୋକ,୨୩ :ଗତ ସଂଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତ ଚେତସଃ ।**
**ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।।**

**(କର୍ମଯୋଗ)**

**ଭାବାର୍ଥ :** ସଙ୍ଗହୀନ ହୋଇ, ଫଳାଶକ୍ତି ନରଖି ଈଶ୍ୱରପ୍ରାପ୍ତି ଆଶାରଖି, କର୍ମଯଜ୍ଞ କରୁଥିବା ବ୍ୟକ୍ତିର ସମସ୍ତ କର୍ମ ଜଳି ବିନାଶ ହୋଇଥାଏ ।

**ବିବରଣୀ :** ଏହି ଶ୍ଳୋକରେ **'ଯଜ୍ଞାୟାଚରତଃ କର୍ମ..'** ନାମକ ବାକ୍ୟଟି ଅତି ମୁଖ୍ୟବାକ୍ୟ । ଠିକ୍ ଏଇ ଅର୍ଥ ଦେଉଥିବା **'ଯଜ୍ଞାର୍ଥାତ୍କର୍ମଣୋନ୍ୟତ୍ର'** ନାମକ କର୍ମଯୋଗର ନବମଶ୍ଳୋକ କହିବାବେଳେ ବାହ୍ୟଯଜ୍ଞ କରିବା ଉଚିତ୍ ବୋଲି ବୁଝାଇ ସେଠାରେ ସାତଗୋଟି କଳ୍ପିତ ଶ୍ଳୋକକୁ ପ୍ରବେଶ କରାଇଛନ୍ତି, ସେଗୁଡିକ ଅଶାସ୍ତ୍ରୀୟ ଚିହ୍ନାଇ ବାହାର କରି ଦିଆଯାଇଛି । ସେହିଭଳି ଏଠାରେ ମଧ୍ୟ ଯଜ୍ଞ ନାମକ ଶବ୍ଦ ଦେଖୁ ଦେଖୁ ସୁବର୍ଣ୍ଣସୁଯୋଗ ଆସିଗଲା ଭାବି ଏକ-କାଳୀନ ନଅଗୋଟି ଶ୍ଳୋକକୁ ପ୍ରବେଶ କରାଇଛନ୍ତି । ନାନା ପ୍ରକାରର ଯଜ୍ଞ ଅଛି କହୁଥିବା ନଅଗୋଟି ଶ୍ଳୋକର ଭାବ, ମାତ୍ର ଦୁଇଟି ଯଜ୍ଞ ଅଛି ବୋଲି କହିଥିବା ଭଗବାନଙ୍କ କଥାର ବିରୁଦ୍ଧ ହୋଇ ରହିଛି । ୨୩ତମ ଶ୍ଳୋକରେ **'ଯଜ୍ଞାୟାଚରତଃ କର୍ମ'** ଅର୍ଥାତ୍ ଯଜ୍ଞ କାର୍ଯ୍ୟ କର କହୁଥିବା ଭଗବାନ ପାଖ ଶ୍ଳୋକରେ ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ନାମକ ଯଜ୍ଞ ଦୁଇ ପ୍ରକାରର ବୋଲି କହିଛନ୍ତି । ତାଛଡା ସେ ଦୁଇଟି ଭିତରୁ ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ କହିବାକୁ ଯାଇ **'ଶ୍ରେୟାନ୍ ଦ୍ରବ୍ୟମୟାଜ୍ଯଜ୍ଞାଜ୍ ଜ୍ଞାନ ଯଜ୍ଞଃ'** ବୋଲି କହିଛନ୍ତି । ୨୪ତମ ଶ୍ଳୋକର ଭାବରେ ଯାହା ରହିବାରେ ଥିଲା ତାହା ୩୩ତମ ଶ୍ଳୋକ କରି ମଝିରେ ୯ଗୋଟି କଳ୍ପିତ ଶ୍ଳୋକକୁ ପ୍ରବେଶ କରାଇଛନ୍ତି । ନାନା ପ୍ରକାରର ଯଜ୍ଞ ବାବଦରେ କହୁଥିବା ୯ଗୋଟି ଶ୍ଳୋକ ୨୩ତମ ଶ୍ଳୋକର ବିରୁଦ୍ଧ ଭାବରେ ରହିଛି ତେଣୁ ସେଗୁଡିକୁ ବହିର୍ଗତ କରିଦିଆଯାଇଛି । ଏପର୍ଯ୍ୟନ୍ତ ତିନିଗୋଟି ଅଧ୍ୟାୟରେ କେତେକ କଳ୍ପିତଶ୍ଳୋକ ଅଛି ବୋଲି ଠାବ କରିପାରିଛୁ । ସେହି ତିନି

ଅଧ୍ୟାୟର କଳ୍ପିତ ଶ୍ଲୋକଗୁଡିକ କ୍ରମାନ୍ୱୟରେ ୭ + ୭ + ୯ = ୨୩ ଗୋଟି ରହିଛି । ଏହି ଅଧ୍ୟାୟରେ ୨୩ତମ ଶ୍ଲୋକର ଅନୁବନ୍ଧ ଶ୍ଲୋକ ୩୩ତମ ଶ୍ଲୋକ ବୋଲି ଗ୍ରହଣ କରନ୍ତୁ ।

**(୩) ଶ୍ଲୋକ,୨୪ :** ବ୍ରହ୍ମାର୍ପଣଂ ବ୍ରହ୍ମହର୍ବିବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମ କର୍ମ ସମାଧିନା ॥

(କଳ୍ପିତ)

**(୩) ଶ୍ଲୋକ,୨୫ :** ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।
ବ୍ରହ୍ମାଗ୍ନବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥

(କଳ୍ପିତ)

**(୩) ଶ୍ଲୋକ,୨୬ :** ଶ୍ରୋତ୍ରାଦୀନୀଂଦ୍ରିୟାଣ୍ୟନ୍ୟେ ସଂଯମ୍ୟାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ୱିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥

(କଳ୍ପିତ)

**(୩) ଶ୍ଲୋକ,୨୭ :** ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚ୍ଚାପରେ ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥

(କଳ୍ପିତ)

**(୩) ଶ୍ଲୋକ,୨୮ :** ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।
ସ୍ୱାଦ୍ୱାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତା ॥

(କଳ୍ପିତ)

**(୩) ଶ୍ଲୋକ,୨୯ :** ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନ ଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥

(କଳ୍ପିତ)

**(୩) ଶ୍ଲୋକ,୩୦ :** ଅପରେ ନିୟତାହୋରାଃ ପ୍ରାଣାନ୍ପ୍ରାଣ୍ପ୍ରେଷୁ ଜୁହ୍ୱତି ।
ସର୍ବପ୍ୟେତେ ଯଜ୍ଞ ବିଦୋ ଯଜ୍ଞକ୍ଷପିତକମ୍ମଷାଃ ॥

(କଳ୍ପିତ)

**(୩) ଶ୍ଳୋକ,୩୧ : ଯଜ୍ଞଶିଷ୍ଟାମୃତୋଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।**
**ନାୟଂଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁଷତ୍ତମ ! ।।**
**(କଳ୍ପିତ)**

**(୩) ଶ୍ଳୋକ,୩୨ : ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।**
**କର୍ମଜାନ୍ବିଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷସେ ।।**
**(କଳ୍ପିତ)**

**(୩) ଶ୍ଳୋକ,୩୩:ଶ୍ରେୟାନ୍ ଦ୍ରବ୍ୟମୟାଜ୍ ଯଜ୍ଞାଜ୍ ଜ୍ଞାନଯଜ୍ଞଃ ପରନ୍ତପ ! ।**
**ସର୍ବଂ କର୍ମାଖିଳଂ ପାର୍ଥ! ଜ୍ଞାନେ ପରିସମାପ୍ୟତେ ।।**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ଦ୍ରବ୍ୟମୟ ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ । ସମସ୍ତ କର୍ମ ଜ୍ଞାନଯଜ୍ଞରେ ପରିସମାପ୍ତି ହୋଇଥାଏ ।

**ବିବରଣୀ :** ଏଠାରେ ଯଜ୍ଞ କହିଲେ କ'ଣ ? ଏହି ଯଜ୍ଞ ଦୁଇଟି କେଉଁଠାରେ ହୋଇଥାଏ ? କିଏ କରେ, ତା'ର ଫଳ କ'ଣ ? ଏସବୁର ଉତ୍ତର ମିଳିଗଲେ ଆମେ ଯଜ୍ଞ ବାବଦରେ ସମ୍ପୂର୍ଣ୍ଣ ଜାଣିପାରିବା । ଉତ୍ତର ପାଇଁ ତଳ ବିବରଣୀକୁ ଦେଖିବା । **ଯଜ୍ଞର ଅର୍ଥ ହେଉଛି ପୋଡିବା ବା ଜାଳିବା** । ଏକ ଯଜ୍ଞ ହେବାକୁ ହେଲେ ଜଳାଇବା ପାଇଁ ପଦାର୍ଥଗୁଡିଏ ଆବଶ୍ୟକ ହୋଇଥାଏ । ଜଳାଇବା ପାଇଁ ଅଗ୍ନି ଆବଶ୍ୟକ ହୋଇଥାଏ, ସେହି ପଦାର୍ଥଗୁଡିକୁ ଜାଳିବା ପାଇଁ ଜଣେ ମଣିଷ ଆବଶ୍ୟକ ହୁଏ, ଏହା ସମସ୍ତେ ଜାଣିଥିବା ବିଷୟ । ଯଜ୍ଞସ୍ଥଳରେ ଏକ କୁଣ୍ଡରେ ଅଗ୍ନି ଥାଏ । ସେଥିରେ ପକାଇ ଜାଳିବା ପାଇଁ ସମୀଧ ଭାବରେ ଛୋଟ ଛୋଟ କାଠଖଣ୍ଡଠାରୁ ଆରମ୍ଭ କରି ଉନ୍ନତ ଔଷଧ, ପଟ୍ଟବସ୍ତ୍ର, ସୁବର୍ଣ୍ଣ (ସୁନା), ଘୃତ(ଘିଅ) ଇତ୍ୟାଦି ଅନେକ କିଛି ରହିଥାଏ । ଯଜ୍ଞ କାର୍ଯ୍ୟ କରିବା ପାଇଁ 'ଜଜମାନ', କରାଇବା ପାଇଁ 'ଋତ୍ୱିକ'ମାନେ ମଧ୍ୟ ରହିଥାନ୍ତି । ଏଭଳି ବାହ୍ୟତଃ ହେଉଥିବା ଯଜ୍ଞ ଧର୍ମଯୁକ୍ତ କି ଅଧର୍ମ ବୋଲି ବିଚାର କଲେ, ଗୀତାରେ ଭଗବାନ କହିଥିବା ଯଜ୍ଞ ଧର୍ମଯୁକ୍ତ ବୋଲି ଜଣାପଡୁଛି । ମାନବ କଳ୍ପନା କରିଥିବା ଯଜ୍ଞଗୁଡିକ ଅଧର୍ମ ବୋଲି ଜଣାପଡୁଛି । ଏଠାରେ ପ୍ରଶ୍ନ ଆସେ

ଯେ, ଅଗ୍ନିରେ ଦ୍ରବ୍ୟଗୁଡିକୁ ପକାଇ ମନ୍ତ୍ରଯୁକ୍ତ ଭାବରେ ପୋଡିବା, ଭଗବାନ କହିଥିବା ଦୁଇ ଯଜ୍ଞ ଭିତରୁ କ'ଣ ଗୋଟିଏ ହୋଇଥିବା ଦ୍ରବ୍ୟଯଜ୍ଞ ନୁହେଁ? ଏହାର ସମାଧାନ କ'ଣ ବିଚାର କରନ୍ତୁ । ଅଷ୍ଟମ ଅଧ୍ୟାୟ ହୋଇଥିବା ରାଜବିଦ୍ୟା ରାଜଗୁହ୍ୟ ଯୋଗ ନାମକ ଅଧ୍ୟାୟର ୨୪ତମ ଶ୍ଲୋକରେ ଏବଂ ସପ୍ତମ ଅଧ୍ୟାୟ କୁହାଯାଉଥିବା ଅକ୍ଷର ପରବ୍ରହ୍ମ ଯୋଗର ୪ର୍ଥତମ ଶ୍ଲୋକରେ ଶରୀର ଭିତରେ ହେଉଥିବା ଯଜ୍ଞର ଅଧିପତି ଭାବରେ ମୁଁ ରହିଛି ବୋଲି କହିଛନ୍ତି । ଏଇକଥା ଅନୁସାରେ ଯଜ୍ଞଗୁଡିକ ବାହାରେ ହୋଇନଥାଏ ବୋଲି ଜଣାଯାଉଛି । ତେଣୁ ବାହାରେ ହେଉଥିବା ଯଜ୍ଞଗୁଡିକ ଅଧର୍ମଯଜ୍ଞ ଆଉ ଭଗବାନ କହିଥିବା ଯଜ୍ଞ ଧର୍ମଯଜ୍ଞ ବୋଲି ଭଲରେ ବୁଝାଯାଉଛି । ସେଥିଲାଗି ଭଗବାନ କହିଥିବା ସେହି ଯଜ୍ଞ ଦୁଇଟି ବାବଦରେ ବିଷଦ ଭାବରେ ଜାଣିବା ।

ଉପର ଶ୍ଲୋକରେ କୁହାଯାଇଥିବା ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ମଧ୍ୟରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ବୋଲି କହିଛନ୍ତି । ଦ୍ରବ୍ୟଯଜ୍ଞ କାହିଁକି ଶ୍ରେଷ୍ଠ ନୁହେଁ ବିଚାର କଲେ, କରାଯାଉଥିବା ଦ୍ରବ୍ୟଯଜ୍ଞ ପ୍ରକୃତି ସମ୍ବନ୍ଧୀୟ, ତେଣୁ ପରମାତ୍ମାଙ୍କୁ ପାଇବା ପାଇଁ ଏହି ଯଜ୍ଞ କାର୍ଯ୍ୟକରିବ ନାହିଁ । ପ୍ରକୃତି ସମ୍ବନ୍ଧୀୟ ଦ୍ରବ୍ୟଗୁଡିଏ ଏହି ଯଜ୍ଞରେ ଜଳିଯାଇଥାଏ । ଦ୍ରବ୍ୟଯଜ୍ଞରେ ଜନ୍ମର କାରଣ ହୋଇଥିବା କର୍ମ ଅଭିବୃଦ୍ଧି ହୋଇଥାଏ । ଭଗବାନ ଜଣାଇଥିବା ଯଜ୍ଞଗୁଡିକ ବାବଦରେ ଆମକୁ ଜଣାଥାଉ ବା ନଥାଉ, କିନ୍ତୁ ଆମେ ସମସ୍ତେ ସବୁଦିନ ଯଜ୍ଞ କରିଆସୁଛେ । ଜାଣିଥିବା ଜ୍ଞାନୀମାନେ କରିପାରନ୍ତି, ହେଲେ **କିଛି ଜଣା ନଥିବା ଆମେମାନେ ଯଜ୍ଞ କରୁଛେ ବୋଲି କିପରି କହୁଛନ୍ତି !** ବୋଲି ଆଶ୍ଚର୍ଯ୍ୟ ହେବା ଆବଶ୍ୟକ ନାହିଁ । ବାସ୍ତବରେ ସମସ୍ତେ ସବୁଦିନ ଦୁଇଥର କିମ୍ବା ତିନିଥର ଯଜ୍ଞ କରିଥାନ୍ତି, ତାହା ହିଁ କୁହାଯାଇଥିବା ଦ୍ରବ୍ୟଯଜ୍ଞ ।

ଯଜ୍ଞଗୁଡିକ ଶରୀରରେ ହୋଇଥାଏ ସୂତ୍ର ଅନୁସାରେ, ଆମ ଶରୀରରେ ଭଗବାନ କହିଥିବା ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ଦୁଇଟି ହୋଇଥାଏ । ସମସ୍ତେ କରି ପାରୁଥିବା, କରିବା ଉଚିତ୍ ହୋଇଥିବା, ଆଜି ମଧ୍ୟ କରୁଥିବା ଯଜ୍ଞ ହେଉଛି ଦ୍ରବ୍ୟଯଜ୍ଞ । ସର୍ବ ଜୀବରାଶିର ଜୀର୍ଣ୍ଣାଶୟରେ ଜଠରାଗ୍ନି ଦ୍ୱାରା ଆମେ ଖାଉଥିବା ଆହାର ଜୀର୍ଣ୍ଣ ହେଉଛି । ମୁଖ ଦ୍ୱାରା ଭିତରକୁ ପଠା ଯାଉଥିବା ଆହାର ପଦାର୍ଥ

ଜଠରାଗ୍ନିରେ ଜଳିଯାଉଛି । ଜୀର୍ଣ୍ଣାଶୟ ନାମକ ଯଜ୍ଞକୁଣ୍ଡରେ, ଜଠରାଗ୍ନି ନାମକ ଅଗ୍ନିର ଉତ୍ତାପରେ ଅନେକ ପ୍ରକାରର ପଦାର୍ଥ ଜଳିବା ଜୀର୍ଣ୍ଣ ପ୍ରକ୍ରିୟାକୁ 'ଦ୍ରବ୍ୟଯଜ୍ଞ' କହିଛନ୍ତି । ଏହି ଦ୍ରବ୍ୟଯଜ୍ଞ ସବୁଦିନ ଆମ ଶରୀରରେ ହୁଏ ବୋଲି ସ୍ୱୀକାର କରିବାକୁ ପଡିବ । ଦିନକୁ ଦୁଇ ବା ତିନି ପର୍ଯ୍ୟାୟ ସେହି ଅଗ୍ନିକୁଣ୍ଡରେ ବିଭିନ୍ନ ପ୍ରକାରର ଆହାର ପଦାର୍ଥ ଆମେ ପକାଉଛେ । ଏମିତି ନକରିବା ଦ୍ୱାରା କିମ୍ୱା ଟିକିଏ ଡେରି ହୋଇଗଲେ, ସେହି ଅଗ୍ନିର ପ୍ରକୋପ ଜୀର୍ଣ୍ଣାଶୟର କାନ୍ଥକୁ ତାପିତ କରିବା ଦ୍ୱାରା, ଆମକୁ ଭୋକ ଲାଗୁଛି । କେତେକ ମୋ ପେଟ ଜଳିଲାଣି କିମ୍ୱା 'ମୋ' ପେଟରେ ନିଆଁ ଜଳିଲାଣି' ବୋଲି କହି ନିଜର କ୍ଷୁଧାକୁ ସୂଚିତ କରିଥା'ନ୍ତି । 'ମୋ' ପେଟ ଜଳିଲାଣି' କହିବାରେ ଯେତିକି ସତ୍ୟ ରହିଛି ତାହା ମୁଖ ଦ୍ୱାରା ବାହାରକୁ ଆସୁଥିଲେ ମଧ୍ୟ, ସେ ନିଆଁ କ'ଣ, କେଉଁଠାରୁ ଆସିଲା ବୋଲି ଆଲୋଚନା ନକରିବା ଦ୍ୱାରା, ସେଠାରେ ହେଉଥିବା ଯଜ୍ଞ କ'ଣ କାହାକୁ ବୁଝାଯାଇ ନାହିଁ । ଏହି ଯଜ୍ଞର ଅଗ୍ନି ହେଉଛି ଜଠରାଗ୍ନି, ଜଳାଇ ଦିଆଯାଉଥିବା ସମୀଧ ହେଉଛି ନାନା ପ୍ରକାରର ଆହାର ଦ୍ରବ୍ୟ, ଯଜ୍ଞ କରୁଥିବା ପାତ୍ର ହେଉଛି ଜୀବ । ଅଗ୍ନି ଭାବରେ ରହି ଜଳାଇଥାଏ ଆତ୍ମା ବୋଲି ଜଣାଯାଉଛି । ଏହା ବାବଦରେ ପୁରୁଷୋତ୍ତମପ୍ରାପ୍ତି ଯୋଗର ୧୪ତମ ଶ୍ଳୋକରେ **'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ । ପ୍ରାଣା ପ୍ରାଣ ସମଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।।'** ବୋଲି କହିଛନ୍ତି । ଯାହାର ଭାବାର୍ଥ ହେଉଛି ସମସ୍ତ ଦେହର ଜୀର୍ଣ୍ଣାଶୟରେ ଅଗ୍ନିସ୍ୱରୂପ ରହି ଖାଇଥିବା ଚାରି ପ୍ରକାରର ଆହାର ପଦାର୍ଥକୁ ମୁଁ ଜୀର୍ଣ୍ଣ କରିଥାଏ ।

ବିଜ୍ଞାନର ମତ ଅନୁସାରେ ଶରୀରର ଜୀର୍ଣ୍ଣାଶୟରେ ତିନିଗୋଟି ରସ ଅନ୍ୟ ଗ୍ରନ୍ଥିଗୁଡିକରୁ ଆସି ମିଶିଥାଏ । ଏହି ତିନି ରସର ରାସାୟନ ସମ୍ମିଶ୍ରଣରେ ଅଗ୍ନି ତତ୍ତ୍ୱ ସୃଷ୍ଟି ହୋଇଥାଏ । ସେହି ଅଗ୍ନି ତତ୍ତ୍ୱର କୌଣସି ପଦାର୍ଥକୁ ଭସ୍ମିଭୂତ କରିବା ଶକ୍ତି ରହିଛି । ଏହି ଅଗ୍ନି ଶରୀରର ଗ୍ରନ୍ଥିଗୁଡିକରୁ ଜନ୍ମ ହୋଇଥାଏ । ଏହି ପ୍ରକ୍ରିୟା ବା ଦ୍ରବ୍ୟଯଜ୍ଞ ପ୍ରତ୍ୟକ୍ଷତଃ ଦେଖାନଗଲେ ମଧ୍ୟ ସମସ୍ତଙ୍କ ଶରୀରରେ ସର୍ବଦା ହେଉଛି । ଜୀର୍ଣ୍ଣାଶୟରେ ହେଉଥିବା ଏହି ଯଜ୍ଞପାଇଁ ନିତ୍ୟଭାବରେ ନାନା ପ୍ରକାରର ଦ୍ରବ୍ୟ ବା ଆହାର ପଦାର୍ଥ ରହିବା ନିହାତି ଆବଶ୍ୟକ

ହୋଇଥାଏ । ଡାଲି, ଚାଉଳ, ତେଲ, ଲୁଣ, ଲଙ୍କା, ମସଲା, ପରିବା ଇତ୍ୟାଦି ବସ୍ତୁଗୁଡିଏ ନିହାତି ପାଖରେ ରହିଥିବା ଆବଶ୍ୟକ । ଏହି ବସ୍ତୁଗୁଡିକ ମିଳିବାକୁ ହେଲେ ଟଙ୍କା ଦରକାର, ଟଙ୍କା ପାଇଁ କୌଣସି କାର୍ଯ୍ୟ କରିବାକୁ ପଡିବ । କାର୍ଯ୍ୟ କରିବା ଦ୍ୱାରା ନୂତନ କର୍ମ ଆସିବ, ତାକୁ ଅନୁଭବ କରିବା ପାଇଁ ଜନ୍ମ ହେବାକୁ ପଡିବ, ଜନ୍ମ ପୁନଃ ନୂତନ କର୍ମ ଅର୍ଜନ କରିବ, ତାକୁ ପୁଣି ଅନୁଭବ କରିବାକୁ ପୁନଃ ଜନ୍ମ ହେବ । ଲକ୍ଷ୍ୟକଲେ ଏହା ଏକ ଚକ୍ରଭଳି ଦେଖା ଯାଇଥାଏ । ଏହି ଜନ୍ମମରଣ ଚକ୍ରରେ କାହିଁ କେଉଁ କାଳରୁ ଛନ୍ଦି ହୋଇଥିବା ଜୀବ ସେଥିରୁ ବହିର୍ଗତ ହେବାକୁ ଏକୈକ ମାର୍ଗ ରହିଛି । ତାହା ହିଁ 'ଜ୍ଞାନଯଜ୍ଞ' । ଦ୍ରବ୍ୟଯଜ୍ଞ ଦ୍ୱାରା ଜୀବ କର୍ମ ଚକ୍ରରେ ଛନ୍ଦି ହେଉଥିବା ସ୍ଥଳେ, ସେଥିରୁ ତାକୁ ମୁକୁଳାଇବା ଶକ୍ତି କେବଳ ଜ୍ଞାନଯଜ୍ଞର ରହିଥାଏ । ସେଥିଲାଗି ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ ବୋଲି ଭଗବାନ କହିଛନ୍ତି ।

ଜ୍ଞାନଯଜ୍ଞ ସମସ୍ତେ କରିପାରନ୍ତି ନାହିଁ, କେବଳ କର୍ମଯୋଗୀ ଏବଂ ବ୍ରହ୍ମଯୋଗୀମାନେ କରିପାରନ୍ତି । ଜ୍ଞାନଯଜ୍ଞ ଶରୀରର ଶୀରୋଭାଗରେ ହୋଇଥାଏ । ଦ୍ରବ୍ୟଯଜ୍ଞର ବେଦିକା ଜୀର୍ଣ୍ଣାଶୟ ହେବାବେଳେ, ଜ୍ଞାନଯଜ୍ଞ ଶରୀରର ଶୀରୋଭାଗ (ମୁଣ୍ଡ)ରେ ହୋଇଥାଏ । ଏହା ପୂର୍ବରୁ ଆମେ ଜାଣିଥିଲେ ଯେ ଯୋଗୀର ଶୀରୋଭାଗରେ ଜ୍ଞାନଶକ୍ତି ରହିଥାଏ, ଜ୍ଞାନାଗ୍ନି ଦ୍ୱାରା ସେମାନଙ୍କର କର୍ମ ଦହନ ହୋଇଯାଇଥାଏ, ସେହି ବିଧାନକୁ ଭଗବତ୍ ଗୀତାରେ **ଜ୍ଞାନଯଜ୍ଞ** କୁହାଯାଇଛି । ଦ୍ରବ୍ୟଯଜ୍ଞରେ ଅର୍ଜିତ କର୍ମସବୁ ଜ୍ଞାନଯଜ୍ଞରେ ଜଳିଯାଇଥାଏ । କର୍ମ ଜଳିଯିବା ଦ୍ୱାରା ଜୀବ ଜନ୍ମରହିତ ହୋଇ ମୋକ୍ଷ ପାଇଥାଏ । **'ଜ୍ଞାନାଗ୍ନି ସର୍ବ କର୍ମାଣି ଭସ୍ମସାତ୍..'** ନାମକ ବାକ୍ୟାନୁସାରେ ଏହି ଯଜ୍ଞରେ ସମସ୍ତ କର୍ମ ବିନାଶ ହୋଇଥାଏ, ହେଲେ ଏହି ଯଜ୍ଞକୁ ଜ୍ଞାନହୀନମାନେ କରିପାରି ନଥାନ୍ତି, ସେମାନେ ପ୍ରତ୍ୟହ ଦ୍ରବ୍ୟ ଯଜ୍ଞ ପାଇଁ କର୍ମାର୍ଜନ କରି ସେହି କର୍ମଗଣ୍ଠିଲିକୁ ମୁଣ୍ଡରେ ବହନ କରିଥାନ୍ତି, ସେମାନେ ସେମାନଙ୍କ ଯଜ୍ଞ ପାଇଁ କେବଳ କର୍ମାର୍ଜନ କରନ୍ତି ତାନୁହେଁ, ସେମାନଙ୍କ ଆଗାମୀ ପୀଢିମାନଙ୍କ ଯଜ୍ଞ ପାଇଁ ମଧ୍ୟ ଏବେଠାରୁ ବିଭିନ୍ନ ପ୍ରକାରର କର୍ମକାଠ କୁଢ କରୁଛନ୍ତି ।

ଜ୍ଞାନ ଜଣାଥିବା ଲୋକମାନେ ଜ୍ଞାନଯଜ୍ଞ କରି ନିଜର କର୍ମକୁ କ୍ଷୟ କରିବାରେ ଲାଗିଥିବା ବେଳେ, ଆଉ କେତେକ ଜ୍ଞାନୀ ପ୍ରକୃତିର ମାୟାରେ ପଡି ଶରୀରଯଜ୍ଞ କ'ଣ ନଜାଣି, ବାହ୍ୟଯଜ୍ଞ କରୁଥାଇ, ସ୍ୱାମୀଜୀ ବୋଲି ନାମ କମାଇ, ପ୍ରଜାମାନଙ୍କୁ ମଧ୍ୟ ବାହ୍ୟଯଜ୍ଞ କର ବୋଲି ପ୍ରୋତ୍ସାହନ ଦେବା ଅତି ଶୋଚନୀୟ ବିଷୟ । ଜ୍ଞାନ ବିଷୟରେ କେତେବଡ ଲୋକ କହିଲେ ମଧ୍ୟ, ଅନ୍ଧ ଭାବରେ ଗ୍ରହଣ ନକରି ଶାସ୍ତ୍ରବଦ୍ଧ ଭାବରେ ବିଚାର କରି ଉଚିତ୍ ନିର୍ଣ୍ଣୟ ନେଇପାରିଲେ, ଭଗବତ୍ ବାଣୀ ବୁଝିହେବ । କର୍ମକୁ ବିନାଶ କରି ମୋକ୍ଷ ଆଣିଦେଉଥିବା ଜ୍ଞାନଯଜ୍ଞ ବାବଦରେ ଜାଣିବାକୁ, ତାର ଆଚରଣ କରିବାକୁ ହେଲେ, ନିହାତି ଗୁରୁ ଆବଶ୍ୟକ ।

ଏତେ ଶୁଣିବା ପରେ କେତେକଙ୍କ ଠାରେ କିଛି ସନ୍ଦେହ ଆସି ଏହିଭଳି "ଦ୍ରବ୍ୟଯଜ୍ଞ କହିଲେ ଦ୍ରବ୍ୟଗୁଡିକୁ ଜଳାଇବା କାର୍ଯ୍ୟ ବୋଲି ଥିବା ଅର୍ଥ ଅନୁସାରେ ଜ୍ଞାନଯଜ୍ଞ କହିଲେ ଜ୍ଞାନକୁ ଜଳାଇବା କାର୍ଯ୍ୟ ବୋଲି ଅର୍ଥ ଆସିଥାଏ, ଯଜ୍ଞ କହିଲେ ପୋଡିବା ବା ଜଳାଇ ଭସ୍ମୀଭୂତ କରିବା ନାମକ ଅର୍ଥ ଆସୁଥିବା ବେଳେ, ଜ୍ଞାନଯଜ୍ଞ ନାମକ କାର୍ଯ୍ୟରେ ଜ୍ଞାନକୁ ଜଳାଇବା ମୁଖ୍ୟକାର୍ଯ୍ୟ ହୁଏ ! ଜ୍ଞାନାର୍ଜନ କର କହୁଥିବା ଆପଣ ଜ୍ଞାନକୁ ଜଳାଇ ଭସ୍ମୀଭୂତ କର କହିବା କ'ଣ ଠିକ୍ ?" ବୋଲି ପଚାରି ପାରନ୍ତି । ତାର ସମାଧାନ ହେଉଛି ! ଦ୍ରବ୍ୟଯଜ୍ଞ କହିଲେ ଦ୍ରବ୍ୟଗୁଡିକୁ ଜଳାଇଦେବା, ଏହା ବାସ୍ତବ କଥା । ସେହିଭଳି ଜ୍ଞାନଯଜ୍ଞ କହିଲେ ଜ୍ଞାନକୁ ଜଳାଇଦେବା, ଏହା ମଧ୍ୟ ବାସ୍ତବ କଥା, କିନ୍ତୁ ଏଠାରେ ଜ୍ଞାନ କହିଲେ କେଉଁ ଜ୍ଞାନ ବୋଲି ଟିକିଏ ବିଚାର କରିବାକୁ ପଡିଥାଏ । ଜ୍ଞାନ ଦୁଇ ପ୍ରକାରର, ଗୋଟିଏ ପ୍ରପଞ୍ଚ ଜ୍ଞାନ ବା ଭୌତିକ ଜ୍ଞାନ ଆଉ ଗୋଟିଏ ହେଲା ଐଶ୍ୱରୀୟ ଜ୍ଞାନ ବା ଆତ୍ମଜ୍ଞାନ । ଏଠାରେ କେବଳ ପ୍ରକୃତିଜ୍ଞାନ ବା ପ୍ରପଞ୍ଚ ଜ୍ଞାନକୁ ଜଳାଇ ଦିଆଯାଇଥାଏ ସିନା, ଐଶ୍ୱରୀୟ ଜ୍ଞାନକୁ ଜଳାଇ ଦିଆଯାଇ ନଥାଏ ବୋଲି ଜାଣିବା ଉଚିତ୍ । ପ୍ରପଞ୍ଚ ଜ୍ଞାନ ପାଞ୍ଚ ପ୍ରକାରର । ପାଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ଭିତରେ ଥିବା ମନକୁ ମିଳୁଥିବା ପାଞ୍ଚ ପ୍ରକାର ବିଷୟ ଜ୍ଞାନକୁ ପ୍ରପଞ୍ଚ ଜ୍ଞାନ କହୁଛୁ । ଆଖି ଦ୍ୱାରା ଦେଖାଯାଉଥିବା ଦୃଶ୍ୟ ବିଷୟକୁ ଦୃଶ୍ୟଜ୍ଞାନ କହୁଛୁ, ସେହିଭଳି ଶବ୍ଦ ବିଷୟ, ରୁଚି ବିଷୟ, ବାସନା ବିଷୟ, ସ୍ପର୍ଶ ବିଷୟଗୁଡିକୁ

ମଧ୍ୟ ଭୌତିକ ଜ୍ଞାନ କହୁଛୁ । ଏହି ବିଷୟଗୁଡିକୁ ଭିତରକୁ ନେଉଥିବା ଆଖି, କାନ, ନାକ, ଜିଭ, ଚର୍ମ ହେଉଛନ୍ତି ଜ୍ଞାନେନ୍ଦ୍ରିୟ । ଶରୀରର ଜ୍ଞାନେନ୍ଦ୍ରିୟ ଗୁଡିକ ଦ୍ୱାରା ଆସୁଥିବା ବିଷୟ ଜ୍ଞାନ କାରଣରୁ ପାପପୁଣ୍ୟ ନାମକ କର୍ମ ଆସିଥାଏ । ସମ୍ଭବ ହେଉଥିବା ପାପ ପୁଣ୍ୟର ବନ୍ଧନରେ ନପଡିବା ହେଉଛି ଜ୍ଞାନଯଜ୍ଞ । ଦ୍ରବ୍ୟଯଜ୍ଞରେ ଚାରି ପ୍ରକାରର ଦ୍ରବ୍ୟ ଜଳିଯାଉଥିବା ସ୍ଥଳେ, ଜ୍ଞାନଯଜ୍ଞରେ ପାଞ୍ଚ ପ୍ରକାରର ଜ୍ଞାନ ଜଳିଯାଇଥାଏ । ୧) ଶ୍ୱେତସାର ୨) ସ୍ନେହଁସାର ୩) ପୁଷ୍ଟିସାର ୪) ଧାତୁସାର ନାମକ ଏହି ଚାରି ପ୍ରକାରର ଦ୍ରବ୍ୟ ଜଠରାଗ୍ନିରେ ଜଳିଯିବା ଦ୍ରବ୍ୟଯଜ୍ଞ, ସେହିଭଳି ଶବ୍ଦ, ରୂପ, ରସ, ଗନ୍ଧ, ସ୍ପର୍ଶ ନାମକ ପାଞ୍ଚଗୋଟି ଜ୍ଞାନ ଐଶ୍ୱରୀୟ ଜ୍ଞାନ ନାମକ ଅଗ୍ନିରେ ବା ଜ୍ଞାନାଗ୍ନିରେ ଜଳିଯିବା ହେଉଛି ଜ୍ଞାନଯଜ୍ଞ । ଏହି ଅନୁସାରେ ଚାରି ପ୍ରକାର ଆହାର ଦ୍ରବ୍ୟକୁ ଜାଳିଥାଏ ଦ୍ରବ୍ୟଯଜ୍ଞ, ପାଞ୍ଚଗୋଟି ଭୌତିକ ଜ୍ଞାନକୁ ଜାଳି ଦେଇଥାଏ ଜ୍ଞାନଯଜ୍ଞ । ଦ୍ରବ୍ୟଯଜ୍ଞ ଆଉ ଜ୍ଞାନଯଜ୍ଞ ଭିତରେ ଥିବା ପାର୍ଥକ୍ୟକୁ ତଳେ ଦେଖନ୍ତୁ ।

| | ଦ୍ରବ୍ୟଯଜ୍ଞ | ଜ୍ଞାନଯଜ୍ଞ |
|---|---|---|
| ୧) | ଦ୍ରବ୍ୟଯଜ୍ଞ ପେଟ ଭିତରେ ହୋଇଥାଏ । | ଜ୍ଞାନଯଜ୍ଞ ଶରୀରର ଶୀରୋଭାଗରେ ହୋଇଥାଏ । |
| ୨) | ଏଥିରେ ଅନେକ ପ୍ରକାରର ଆହାର ଜଳିଯାଇଥାଏ । | ଏଥିରେ ଅନେକ ପ୍ରକାରର ପାପପୁଣ୍ୟ ଜଳିଯାଇଥାଏ । |
| ୩) | ଏହାକୁ ସମସ୍ତେ ଆଚରଣ କରନ୍ତି । | ଏହାକୁ କେବଳ ଯୋଗୀମାନେ ଆଚରଣ କରିଥାନ୍ତି । |
| ୪) | ପ୍ରତିଦିନ ବିଧିବଦ୍ଧ ଭାବରେ ନିଶ୍ଚୟ କରିବାକୁ ହୋଇଥାଏ । | ଏହା ଆପଣାଛାଏଁ ହୁଏ ନାହିଁ, ଚେଷ୍ଟା କଲେ ହୋଇଥାଏ । |
| ୫) | ଏହା ଦ୍ୱାରା ପାପପୁଣ୍ୟ ଆସିଥାଏ । | ଏହା ଦ୍ୱାରା ପାପପୁଣ୍ୟ ଚାଲିଯାଏ । |
| ୬) | ଏହା ବାହାରକୁ ଦେଖାଯାଏ । | ଏହା ବାହାରକୁ ଦେଖାଯାଏ ନାହିଁ । |

| | | |
|---|---|---|
| ୭) | ଏଥିରେ ଥିବା ଅଗ୍ନି ଜଠର ରସରେ ତିଆରି ହୋଇଥିବା ଜଠରାଗ୍ନି । | ଏଥିରେ ଥିବା ଅଗ୍ନି ହିଁ ଜ୍ଞାନ ଦ୍ୱାରା ତିଆରି ହୋଇଥିବା ଜ୍ଞାନାଗ୍ନି । |
| ୮) | ଏହାର ଅଗ୍ନି ଗ୍ରନ୍ଥିରସରୁ ଜନ୍ମ | ଏହାର ଅଗ୍ନି ଗୁରୁପୋଦେଶରୁ ଜନ୍ମ । |
| ୯) | ଦ୍ରବ୍ୟଯଜ୍ଞ ଆତ୍ମା ପାଇଁ ଉପଯୋଗ ହୋଇଥାଏ । | ଜ୍ଞାନଯଜ୍ଞ ଜୀବାତ୍ମା ପାଇଁ ଉପଯୋଗ ହୋଇଥାଏ । |
| ୧୦) | ଏଥିରେ ଚାରି ପ୍ରକାରର ପୋଷକାହାରକୁ ଆହୁତି ଦିଆଯାଏ । | ଏଥିରେ ପାଞ୍ଚପ୍ରକାରର ଜ୍ଞାନକୁ ଆହୁତି ଦିଆଯାଏ । |

**(୩) ଶ୍ଳୋକ,୩୪ : ତଦ୍ୱିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱ ଦର୍ଶିନଃ ॥**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ଆତ୍ମାକୁ ଜାଣିଥିବା ଗୁରୁଙ୍କ ପାଖକୁ ଯାଇ ବିନୟ ବିଧେୟତାର ସହିତ ପ୍ରଣାମକରି, ସେବାକରି, ସମୟାନୁକୂଳ ଭାବେ ପ୍ରଶ୍ନକଲେ ସେମାନେ ଉପଦେଶ ଦେଇ, କର୍ମନାଶକ ଜ୍ଞାନମାର୍ଗକୁ ଦେଖାଇ ପାରନ୍ତି ।

**ବିବରଣୀ :** ଅନ୍ୟ କେଉଁଠାରେ ଭୁଲ୍ ବୁଝିଲେ ଚଳିବ, ହେଲେ ଗୁରୁଙ୍କୁ ଚିହ୍ନିବାରେ ବା ଚୟନ କରିବାରେ ଭୁଲ୍ କରିବା ଉଚିତ୍ ନୁହେଁ । କାରଣ ! ସାରାଜୀବନ ସେମାନଙ୍କୁ ଅନୁସରଣ କରି ତୋତେ ଚାଲିବାକୁ ହେବ । ସେଥିଲାଗି ଭଗବାନ ଏହି ଶ୍ଳୋକରେ ନିଜଦିଗରୁ ଗୁରୁଙ୍କ ବାବଦରେ କହିଛନ୍ତି । ଶ୍ଳୋକରେ ସେ ପ୍ରଥମରୁ **'ତଦ୍ୱିଦ୍ଧି'** ବୋଲି କହିଛନ୍ତି । ତାର ଅର୍ଥ ଯିଏ ତତ୍ତ୍ୱ ଜାଣିଥାଏ । ତତ୍ତ୍ୱ କହିଲେ ଶରୀରର ଦ୍ୱିତୀୟ ଆତ୍ମା । ଏ କଥାର ଅନ୍ତରାର୍ଥ ହେଉଛି ଯିଏ ଆତ୍ମା ବାବଦରେ ଜାଣିଥାଏ ସେ ଗୁରୁ । ଗୁରୁମାନେ ମୋକ୍ଷ ଉପାୟ ବତାଇ (ଶିଖାଇ) ଦେଇଥାନ୍ତି । ଜନ୍ମରହିତ ହେବାକୁ ହେଲେ କର୍ମକୁ ସମୂଳ ବିନାଶ କରିବାକୁ ହୋଇଥାଏ । କର୍ମକୁ ବିନାଶ କରିବାକୁ ହେଲେ ତାହା ଜଳିଯିବା ଉଚିତ୍ । ତାହା ଜଳାଇବା ପାଇଁ ଶରୀରାନ୍ତର୍ମୁଖ ଯଜ୍ଞ କରିବାକୁ ହେବ । ଶରୀର ଭିତରେ ଯଜ୍ଞ

କରିବାକୁ ହେଲେ ସେ ଯଜ୍ଞର ବିବରଣ ଜଣାଇବା ବ୍ୟକ୍ତି ଆବଶ୍ୟକ । ସେଭଳି ବ୍ୟକ୍ତିକୁ ପାଇବା ପାଇଁ ଗଭୀର ଅନ୍ୱେଷଣ ଆବଶ୍ୟକ । ଅନ୍ୱେଷଣରେ ସେ ବ୍ୟକ୍ତି ମିଳିଗଲେ ମଧ୍ୟ, ତାଙ୍କ ପାଖରେ ବାସ୍ତବ ଜ୍ଞାନ ଅଛି କି ନାହିଁ ଜାଣିବା ପାଇଁ, ଆମ ପାଖରେ ମଧ୍ୟ କିଛିନା କିଛି ଜ୍ଞାନଥିବା ଦରକାର ।

ଗୁରୁ ନଥାଇ ଜ୍ଞାନ କିପରି ଆସିବ ଭାବିବା ଆବଶ୍ୟକ ନାହିଁ । ପୁସ୍ତକ ଦ୍ୱାରା କିମ୍ୱା ନିଜେ ଆଲୋଚନା କରିବା ଦ୍ୱାରା, ଗୁରୁଙ୍କୁ ଚିହ୍ନିବା ପାଇଁ ଜ୍ଞାନ ମିଳିପାରେ । ମୁଖ୍ୟ ଭାବରେ ଜାଣିବା ଉଚିତ୍ ଯେ, ! ବାହାରେ **ଗୁରୁ ନଥିଲେ ମଧ୍ୟ ଜ୍ଞାନ ମିଳିଥାଏ, କିନ୍ତୁ ଗୁରୁ ନଥାଇ ମୋକ୍ଷ ମିଳିବା ଅସମ୍ଭବ** । କର୍ମକୁ ବିନାଶ କରିବା ଉପାୟ ଗୁରୁଙ୍କ ଦ୍ୱାରା ହିଁ ମିଳିଥାଏ । କର୍ମ ଥିବାଯାଏଁ ମୋକ୍ଷ ମିଳି ନଥାଏ । ତେଣୁ ଗୁରୁ ନିହାତି ଆବଶ୍ୟକ । ଗୁରୁ ବାବଦରେ ସମସ୍ତେ ନିହାତି ଆଲୋଚନା କରିବା ଉଚିତ୍ ସିନା କଣ ଆଲୋଚନା କରିବି ଭାବିବା ଅନୁଚିତ । ତୋର ସନ୍ଦେହ ଯେଉଁଠାରେ ଦୂର ହେଉଛି ଗୁରୁ ସେଠାରେ ଅଛନ୍ତି ବୋଲି ଜାଣ୍ । ଯଦି ତୋର ଆଲୋଚନା କରିବା ଶକ୍ତି ମଧ୍ୟ ନାହିଁ, ତେବେ ଆମେ ପଚାରୁଥିବା ପ୍ରଶ୍ନର ଜବାବ ତୋପାଖରେ ଅଛି କି ନାହିଁ ଦେଖ୍ ।

ତୋର ଗୁରୁ ଅଛନ୍ତି ? ଥିଲେ ସେ ପ୍ରକୃତି ସମ୍ୱନ୍ଧୀୟ ବାଣୀ କି ପରମାତ୍ମା ସମ୍ୱନ୍ଧୀୟ ବାଣୀ କହୁଛନ୍ତି ? କର୍ମ ଜାତ ହେଉଥିବା ଯଜ୍ଞ କାର୍ଯ୍ୟ କରିବାକୁ କହିଛନ୍ତି କି କର୍ମ ବିନାଶ ହେଉଥିବା ଯଜ୍ଞ ବାବଦରେ କହିଛନ୍ତି ? ଏହା ଥିଲା ବାଣୀ ବା ବୋଧ ସମ୍ୱନ୍ଧୀୟ ପ୍ରଶ୍ନ । ଏବେ ଉପଦେଶ ବିଷୟରେ ପ୍ରଶ୍ନ । ତାହା ହେଉଛି ! ତୁ ଉପଦେଶ ପାଇଛୁ ! କି ନାଇଁ ? ଯଦି ପାଇଛୁ ସେହି ଉପଦେଶ ପ୍ରକୃତି ସମ୍ୱନ୍ଧୀୟ ଦୃଶ୍ୟ କି ଶବ୍ଦ ସମ୍ୱନ୍ଧୀୟ ? ଏଭଳି ଅନେକ ପ୍ରଶ୍ନ କରି ନିଜ ଭିତରେ ତାର ସମାଧାନ ପାଇବାବେଳେ ତୋତେ ଗୁରୁ ମିଳିଛନ୍ତି, ନଚେତ୍ ତୋ ପ୍ରଶ୍ନର ଜବାବ ମିଳିବା ପର୍ଯ୍ୟନ୍ତ ଅନ୍ୱେଷଣ କର୍, ଶେଷରେ ସମାଧାନ ଯେଉଁଠାରେ ମିଳିବ ତୋତେ ଗୁରୁ ସେହିଠାରେ ମିଳିବେ ବୋଲି ଜାଣ୍ ।

**'ଉପଦେକ୍ଷନ୍ତି ତେ ଜ୍ଞାନଂ'** ବାକ୍ୟ ଅନୁସାରେ ଗୁରୁମାନେ କେଉଁ ଉପଦେଶ ଦିଅନ୍ତି ଜାଣିବା ଦରକାର । ଉପଦେଶ ପ୍ରାକୃତିକ ହୋଇ ନଥିବା ଆବଶ୍ୟକ, କର୍ମ ଜଳାଇବା ପାଇଁ ଅନୁକୂଳ ହେବା ଦରକାର । ପଡୋଶୀ ଘରେ ଚୂଲୀ ଅଛି । ସେଥିରେ ନିଆଁ (ଅଗ୍ନି) ଅଛି । ସେଥିରେ କାଠ ଜାଳି ରୋଷେଇ କରି ସେମାନେ ଖାଇ ରୁଚି ଅନୁଭବ କରୁଛନ୍ତି । ଆମେ ମଧ୍ୟ ସେହିକାର୍ଯ୍ୟ କରିବା ଉଚିତ୍ । ରୋଷେଇ ପାତ୍ର, ଅନ୍ୟାନ୍ୟ ସାମଗ୍ରୀ ସବୁ ଯୋଗାଡ କରିଛେ, ଚୂଲୀ ମଧ୍ୟ ଅଛି । କେବଳ ରୋଷେଇ କରିବା ପାଇଁ ଆମ ପାଖରେ ନିଆଁ ନାହିଁ, ସେହି ନିଆଁ ପାଇଁ ପଡୋଶୀଙ୍କୁ ମାଗି, ସେ ଦାନ କରିଥିବା ନିଆଁ ଆମ ଚୂଲୀରେ ଦେଇ, ଫୁଙ୍କିଲେ ଆମ ଚୂଲୀରେ ମଧ୍ୟ ନିଆଁ ଧରି, କାଠ ଜଳିବ, ଫଳରେ ଖାଦ୍ୟ ପ୍ରସ୍ତୁତ ହେବ, ଖାଇ ଆମ ଭୋକ ମେଣ୍ଟିବ । ଜନ୍ମବନ୍ଧର ଭୋକ ମେଣ୍ଟିବାକୁ ହେଲେ, ଶରୀର ଚୂଲୀରେ କର୍ମକାଠ, ଜ୍ଞାନାଗ୍ନି ନାମକ ଅଗ୍ନିରେ ଜଳିଲେ ତାର ଫଳ ମୋକ୍ଷ ନାମକ ଖାଦ୍ୟ ତିଆରି ହେବ । ଆମ ପାଖରେ ଶରୀର ନାମକ ଚୂଲୀ, କର୍ମ ନାମକ କାଠ, ସାଧନ ନାମକ ସାମଗ୍ରୀ ଥିଲେ ମଧ୍ୟ ଗୁରୁଙ୍କ ଶରୀରରେ ଥିବା ଜ୍ଞାନାଗ୍ନି କଣାଏ ଆମକୁ ତାଙ୍କଠାରୁ ମାଗି ଆଣିବାକୁ ପଡିବ । ପ୍ରଥମେ ଗୁରୁଙ୍କ ପାଖରୁ କଣାଏ ଅଗ୍ନି ଆଣି, ତା ଦ୍ୱାରା ଚେଷ୍ଟା ପୂର୍ବକ ଅର୍ଥାତ୍ ଯୋଗସାଧନା ଦ୍ୱାରା କର୍ମକୁ ଜଳାଇବାକୁ ହେବ ।

ପ୍ରଥମେ ଗୁରୁଙ୍କ ପାଖରୁ ଅଗ୍ନି ପାଇବାକୁ 'ଗୁରୁପୋଦେଶ' କହନ୍ତି । ଜ୍ଞାନାଗ୍ନି ହସ୍ତଦ୍ୱାରା, ପାଦଦ୍ୱାରା, ଦୃଷ୍ଟିଦ୍ୱାରା ଗୁରୁଙ୍କଠାରୁ ବାହାରକୁ ଆସିଥାଏ ବୋଲି ଜାଣିଛେ । ଗତ କାଳରେ ଯୀଶୁଙ୍କୁ ତାଙ୍କ ଗୁରୁ ଯୋହନ ନିଜର ହସ୍ତ ଦ୍ୱାରା ଜ୍ଞାନାଗ୍ନି ଦାନ କରିଥିବା ଇତିହାସ ରହିଛି । ଯୋଗୀ ବେମନ ମଧ୍ୟ ତାଙ୍କ ଗୁରୁଙ୍କ ହସ୍ତରୁ ଜ୍ଞାନାଗ୍ନି ପାଇଥିଲେ । କେତେକ ସେମାନଙ୍କ ଗୁରୁ ମାନଙ୍କଠାରୁ ଜ୍ଞାନାଗ୍ନି ପାଇଥିଲେ । ଏହିଭଳି ଉପଦେଶ ପ୍ରାପ୍ତିର ଅନେକ ଦୃଷ୍ଟାନ୍ତ ରହିଛି ଯାହା ପ୍ରାକୃତିକ ନୁହେଁ ।

ଏହି ଶ୍ଳୋକରେ ଜଣେ ଗୁରୁଙ୍କ ପାଖରେ ଜଣେ ଶିଷ୍ୟ କିପରି ରହିବା ଉଚିତ୍ ତାହା ଜଣାଇଛନ୍ତି । ବିନୟର ସହିତ ପ୍ରଣାମ କରିବା, ସମୟୋଚିତ ଭାବରେ ପ୍ରଶ୍ନ କରିବା, ସେବା କରିବା ଇତ୍ୟାଦି ବିଷୟକୁ ଜାଣି ଆଚରଣ

କରିପାରିଲେ ଉଚିତ ଫଳ ମିଳିଥାଏ । ଭଗବାନ କହିବା ଭଳି ପ୍ରକୃତ ଗୁରୁ ମିଳିଥାନ୍ତି ।

**(୩) ଶ୍ଲୋକ,୩୫ : ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ! ।**
**ଯେନ ଭୂତାନ୍ୟଶେଷାଣି ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯେଉଁ ଜ୍ଞାନ ଦ୍ୱାରା ମୋହ ଜାତ ହୋଇନଥାଏ, ଯେଉଁ ଜ୍ଞାନ ଦ୍ୱାରା ସର୍ବଜୀବରାଶିରେ ଆତ୍ମାକୁ, ଆତ୍ମାରେ ସର୍ବଜୀବରାଶିଙ୍କୁ ଜାଣିହୁଏ ସେହି ଜ୍ଞାନକୁ ତୁ ଜାଣିପାରିବୁ ।

**ବିବରଣୀ :** ତତ୍ତ୍ୱବିତ୍ ଗୁରୁମାନଙ୍କ ନିକଟରେ ଜ୍ଞାନର୍ଜନ କଲେ, ସେହି ଜ୍ଞାନ ଦ୍ୱାରା ସାଧକ ହୋଇ ନିଜ ଭିତରେ ଆତ୍ମଦର୍ଶନ କରିହୁଏ । ଆତ୍ମା ବିଷୟ ଜାଣିଯିବା ପରେ ଆତ୍ମା ନଥିବା ଜୀବରାଶି ନାହାନ୍ତି, ନିଜଠାରେ ଥିବା ଭଳି ସମସ୍ତ ଜୀବରାଶିଙ୍କଠାରେ ଆତ୍ମା ମଧ୍ୟ ରହିଛି ବୋଲି ସହଜରେ ଜାଣିହେବ । ଶରୀରରେ ଆତ୍ମା, ଆତ୍ମାରେ ଶରୀର ରହିଛି ବୋଲି ଜାଣି ହେବ । ଗୁରୁଙ୍କ ନିକଟରେ କର୍ମ ନିର୍ମୂଳ ହେଉଥିବା ଜ୍ଞାନବିଧି ଦୁଇଟି ବୋଧ ହେବା ପରେ, ସେଥିରୁ ପ୍ରଥମଟି ହୋଇଥିବା ବ୍ରହ୍ମଯୋଗରେ ଆତ୍ମାକୁ ଦେଖିହେବ । ଆଖିରେ ନୁହେଁ ଆତ୍ମା ଜ୍ଞାନଦୃଷ୍ଟିରେ ଦେଖାଯାଇଥାଏ । ଦ୍ୱିତୀୟ ଜ୍ଞାନବିଧି ହୋଇଥିବା କର୍ମଯୋଗରେ ଆତ୍ମଦର୍ଶନ ହୋଇ ନଥାଏ । କର୍ମଯୋଗରେ ସାଧାରଣ କାର୍ଯ୍ୟ କରିବା ଛଡା କୌଣସି ସାଧନା ନଥାଏ । କର୍ମଯୋଗରେ ଭିତର ସାଧନା ଛଡା ବାହାରେ ଦେଖାଯିବା ସାଧନା କିଛି ନଥାଏ । ବ୍ରହ୍ମଯୋଗ ହେଉଛି ବାହାରକୁ ଦେଖାଯାଉଥିବା ସାଧନା । ଆତ୍ମାକୁ ଜାଣିବା ବ୍ରହ୍ମଯୋଗ ଦ୍ୱାରା ସମ୍ଭବ ହୋଇଥାଏ ବୋଲି ଜାଣିବା ଉଚିତ୍ ।

**(୩) ଶ୍ଲୋକ,୩୬ : ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।**
**ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଅଖିଳ ପାପାତ୍ମାମାନଙ୍କ ମଧ୍ୟରେ ତୁ କେତେବଡ ଅଧମ ପାପୀ ହୋଇଥିଲେ ମଧ୍ୟ, ପାପ ନାମକ ସମୁଦ୍ରକୁ ତୁ ଜ୍ଞାନ ନାମକ ଛୋଟ ଡଙ୍ଗାରେ ପାରିହୋଇ ପାରିବୁ ।

**ବିବରଣୀ :** କେତେକେଉଁ ଜନ୍ମରୁ ପାପାର୍ଜନ କରି କରି ସଞ୍ଚିତକର୍ମ ସମୁଦ୍ର ଭଳି ଥିଲେ ମଧ୍ୟ, କର୍ମ ଜଳାଇବା ନିୟମ ଜାଣିବା ଦ୍ୱାରା, ଯୋଗନୌକାରେ କର୍ମ ସମୁଦ୍ରକୁ ସହଜରେ ପାରିହୋଇ ପାରିବୁ । କେତେବଡ କର୍ମ ଥିଲେ ମଧ୍ୟ ଭୟକରିବା ଦରକାର ନାହିଁ । କାରଣ ! ଗୁରୁଙ୍କ ପାଖରୁ ଆଣିଥିବା ଅଗ୍ନି (ଜ୍ଞାନାଗ୍ନି) ଦ୍ୱାରା ଶରୀରରେ ଜ୍ଞାନଯଜ୍ଞ ଆଚରଣ କିମ୍ବା କର୍ମଯୋଗ ଆଚରଣ ବିଧି ଜାଣିବା ପରେ ଆଉ ଭୟ ରହିନଥାଏ । ସେହି କର୍ମରୁ ସହଜରେ ମୁକୁଳିଯାଇ ପାରିବୁ । ବଡ ସମୁଦ୍ର ହେଲେ ମଧ୍ୟ ଛୋଟ ନାବ ଦ୍ୱାରା ପାରିହୋଇ ପାରିବା ଭଳି କେତେବଡ କର୍ମ ହେଲେ ମଧ୍ୟ ଛୋଟ ଅଗ୍ନିକଣାଟିଏ ଦ୍ୱାରା ତାକୁ ଜାଳିଦେଇ ପାରିବା । ସେହି ବିଷୟ ତଳ ଶ୍ଳୋକରେ ଆହୁରି କହୁଛନ୍ତି, ଜାଣିବା ।

**(୩) ଶ୍ଳୋକ,୩୭ : ଯଥୈଧାଂସି ସମିଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।**
**ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଯେମିତି ଅଗ୍ନିରେ କାଠ ପୋଡିଯାଏ, ସେମିତି ଜ୍ଞାନାଗ୍ନିରେ ସମସ୍ତ କର୍ମ ପୋଡିଯାଏ ।

**ବିବରଣୀ :** ଏକଥା ଆଗରୁ କୁହାଯାଇଛି । **ଜ୍ଞାନାଗ୍ନି ଦଗ୍ଧ କର୍ମାଣାଂ...** ବୋଲି ଥିବା ୧୯ତମ ଶ୍ଳୋକରେ ଜ୍ଞାନାଗ୍ନି ବାବଦରେ କହିବାବେଳେ, ବିଶ୍ୱାସ କରିନଥିବା କୌଣସି ଲୋକ ଏଠାରେ ସମ୍ପୂର୍ଣ୍ଣ ବିଶ୍ୱାସ କରିବାକୁ ସୁଯୋଗ ରହିଛି । ସତରେ ଜ୍ଞାନାଗ୍ନି ଅଛି ବୋଲି ଏଠାରେ ତାର ଏକ ଉଦାହରଣ ମଧ୍ୟ ଦେଇଛନ୍ତି । ସମସ୍ତ କର୍ମ ବିନାଶ କରୁଥିବା ଜ୍ଞାନାଗ୍ନି ଯାହାଠାରେ ନାହିଁ ସେ ଯୋଗୀ ନୁହେଁ ବୋଲି ଆତ୍ମସଂଯମ ଯୋଗର ପ୍ରଥମ ଶ୍ଳୋକରେ ମଧ୍ୟ କହିଛନ୍ତି । **ଲୋକଦୃଷ୍ଟିରେ ମୁଁ ଗୀତା ଲେଖିଥିବା ସ୍ୱାମୀଜୀ ଭାବରେ, ବଡଜ୍ଞାନୀ ଭାବରେ,ମହା ମର୍ଯ୍ୟାଦାବନ୍ତ ଭାବରେ ଥିଲେ ମଧ୍ୟ ମୋଠାରେ ଜ୍ଞାନାଗ୍ନି**

**ନଥିଲେ କିଛି ଲାଭ ନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ହେଉ, ଆଧ୍ୟାତ୍ମିକ ବିଦ୍ୟା ଅନୁସାରେ ହେଉ, ମୁଁ ଯୋଗୀ ବୋଲାଇବା ପାଇଁ ଅଯୋଗ୍ୟ ହେବି । କାହାଠାରେ ମଧ୍ୟ ଏହି ସୂତ୍ର ଲାଗୁହୁଏ ।**

**(୩) ଶ୍ଳୋକ,୩୮ : ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିନ୍ଦତି ।।**

**(କର୍ମଯୋଗ)**

**ଭାବାର୍ଥ :** ଜ୍ଞାନ ସମାନ ଏ ବିଶ୍ୱରେ ଆଉ କିଛି ମଧ୍ୟ ନାହିଁ, ତାଠାରୁ ପବିତ୍ର କିଛି ନାହିଁ । କର୍ମଯୋଗ ଆଚରଣ କରୁଥିବା କର୍ମଯୋଗୀ କାଳକ୍ରମେ ମୋକ୍ଷର ନିକଟତର ହୋଇଥାଏ ।

**ବିବରଣୀ :** ଜ୍ଞାନାଗ୍ନି ସମାନ ଏ ଦୁନିଆରେ ଆଉକିଛି ନାହିଁ । ଏହି ଅଗ୍ନି ଠାରୁ ପବିତ୍ର ଜିନିଷ ମଧ୍ୟ ଆଉକିଛି ନାହିଁ । କର୍ମଯୋଗୀ କାଳକ୍ରମେ ତାର କର୍ମକୁ ଜଳାଇଥାଏ । ଏମିତି ଦିନେ ତାର ଥିବା ସମସ୍ତ କର୍ମ ଜଳି ସମାପ୍ତ ହୋଇଯାଏ, ସେତେବେଳେ ସେ ଯୋଗୀର ମୋକ୍ଷ ହୋଇଥାଏ ।

**(୩) ଶ୍ଳୋକ,୩୯ : ଶ୍ରଦ୍ଧବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ଧ୍ୱାପରାଂ ଶାନ୍ତି ମଚିରେଣାଧିଗଚ୍ଛତି ।।**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଶ୍ରଦ୍ଧାଯୁକ୍ତ ହୋଇ ଇନ୍ଦ୍ରିୟ ନିଗ୍ରହ କରୁଥିବା ତତ୍ପରମାନେ ଜ୍ଞାନଲାଭ କରିଥାନ୍ତି, ଜ୍ଞାନ ମିଳିବା ପରେ ସେମାନେ ଖୁବ୍ ଶୀଘ୍ର ମୋକ୍ଷ ପାଇପାରନ୍ତି ।

**ବିବରଣୀ :** ଯିଏ ଇନ୍ଦ୍ରିୟନିଗ୍ରହ ଜ୍ଞାନ ଜାଣି ଈଶ୍ୱରଙ୍କୁ ଜାଣିବାରେ ଶ୍ରଦ୍ଧା ରଖି, ଏକଧ୍ୟାନ ହୋଇ ରହିଥାଏ ସେ ବ୍ୟକ୍ତିକୁ ଜ୍ଞାନାଗ୍ନି ମିଳିଥାଏ । ଜ୍ଞାନାଗ୍ନି ମିଳିବାର କିଛିକାଳ ପରେ ତାର ସମସ୍ତ କର୍ମ ଜଳିଯାଏ, ତେଣୁ ତାର ଖୁବ୍ଶୀଘ୍ର ମୋକ୍ଷ ହୁଏ ବୋଲି ଭଗବାନ କହିଛନ୍ତି । ଇନ୍ଦ୍ରିୟ ନିଗ୍ରହ ଏବଂ ସେଗୁଡିକର କାର୍ଯ୍ୟକୁ ଅଟକାଇବା କେବଳ ବ୍ରହ୍ମଯୋଗରେ ସମ୍ଭବ ।

**(୩) ଶ୍ଲୋକ,୪୦ : ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।**
**ମ ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥**
**(ଜୀବାତ୍ମା)**

**ଭାବାର୍ଥ :** ସଂଶୟାତ୍ମା ଭାବରେ (ସନ୍ଦେହ ରଖି), ଶ୍ରଦ୍ଧାହୀନ ହୋଇ, ଜ୍ଞାନଶୂନ୍ୟ ହୋଇଥିବା ବ୍ୟକ୍ତି ଅଧୋଗତି ହୋଇଥାଏ । ଏହି ସଂଶୟାତ୍ମାର ଇହ, ପରଲୋକରେ କେଉଁଠି ମଧ୍ୟ ସୁଖ ନଥାଏ ।

**ବିବରଣୀ :** ଏହି ଶ୍ଲୋକରେ ସଂଶୟାତ୍ମା ବିଷୟରେ ଅଧିକ କହିଛନ୍ତି । ସଂଶୟ ରହି ତାର ସମାଧାନ କଣ ଜାଣିନଥିବା ବ୍ୟକ୍ତିର ଇହ, ପରଲୋକରେ ସୁଖ ନାହିଁ ବୋଲି କହିଛନ୍ତି । ମାନବର କେତେକ ସନ୍ଦର୍ଭରେ ସଂଶୟ (ସନ୍ଦେହ ବା ପ୍ରଶ୍ନ) ଆସିବା ସାଧାରଣ କଥା । ଯେକୌଣସି ସନ୍ଦେହ ଆସୁ ଟିକିଏ ବିଚାର କଲେ କୌଣସିନା କୌଣସି ବାଟ ମିଳିଥାଏ । ଏମିତି କିଛି ବିଚାର ନକରି, ହଁ ସେ ବିଷୟ ସେତିକି ଥାଉ ବୋଲି ମଝିରେ କାନ୍ଧଦେଇ ବସିଗଲେ ବିଷୟର ସତ୍ୟ କେବେ ମଧ୍ୟ ଜାଣିପାରିବା ନାହିଁ । କୌଣସି ବିଷୟ ସମ୍ପୂର୍ଣ୍ଣ ଗବେଷଣା କରିବା ଆଗରୁ, ସେ ବିଷୟ ଉପରେ ଆଗୁଆ ଏକ ନିର୍ଣ୍ଣୟରେ ପହଞ୍ଚି, ନିଜ ନିର୍ଣ୍ଣୟ ହିଁ ସତ୍ୟ ବୋଲି ଭାବୁଥିବା ଲୋକେ ଅନେକ ଅଛନ୍ତି, ଏମାନେ ଅସତ୍ୟରେ ଥାଇ ମଧ୍ୟ ଆମେ ସତ୍ୟରେ ଅଛୁ ବୋଲି ଭ୍ରମିତ ହୋଇଥାନ୍ତି । ଉଦାହରଣ ସ୍ୱରୂପ ଭୂତପ୍ରେତାଦି ଅଛନ୍ତି, ଏହା ବାସ୍ତବ କଥା ହେଲେହେଁ ଭୂତପ୍ରେତ କଥା ଶୁଣୁଶୁଣୁ ସେ କଥାରେ ସତ କେତେ ମିଛ କେତେ ଅଛି ଗବେଷଣା ନକରି, ଏହା ମିଛ କଥା ବୋଲି କିଛିଲୋକ କହିଥାନ୍ତି । ଭୂତପ୍ରେତଙ୍କ ଦାଉ ଅନୁଭବ କରୁଥିବା ଲୋକକୁ ଦେଖି, ଏହା ତାର ଏକ ରୋଗ ବୋଲି କହିଥାନ୍ତି, କୌଣସି ଔଷଧରେ ଭଲ ନହେଲେ ତାର ମାନସିକ ପରିସ୍ଥିତି ସେହିଭଳି ବୋଲି କହନ୍ତି । ଏହିଭଳି ଆଗୁଆ ନିଜ ଭିତରର ନିର୍ଣ୍ଣୟକୁ ସମର୍ଥନ କରିଥାନ୍ତି ସିନା, ସତ୍ୟ କଣ ଜାଣିବାକୁ ଚେଷ୍ଟା କରିନଥାନ୍ତି,ତାଛଡା ନିଜକୁ ଆମେ ହିଁ ସତ୍ୟବାଦୀ କହିଥାନ୍ତି । ଏହି ପ୍ରକାରର ଲୋକମାନଙ୍କୁ ଇହ ଲୋକରେ ଯଦି କେବେ ସେହିଭଳି

ଭୂତ ପ୍ରେତଙ୍କ ଆକ୍ରମଣ ହୋଇଥାଏ ତେବେ ସେ କେବେ ସେଥିରୁ ବାହାରକୁ ଆସିପାରେ ନାହିଁ । ସେମାନେ ପର ଜନ୍ମରେ ମଧ୍ୟ ଅଧୋଗତି ହୋଇଥାନ୍ତି, ସେମାନଙ୍କୁ ଇହ ଲୋକରେ ସୁଖ କିମ୍ବା ପରଲୋକରେ ମୋକ୍ଷ ମିଳି ନଥାଏ ବୋଲି ଜଣାଇଛନ୍ତି ।

**(୩) ଶ୍ଳୋକ,୪୧ : ଯୋଗ ସନ୍ନ୍ୟସ୍ତ କର୍ମାଣଂ ଜ୍ଞାନ ସଂଛିନ୍ନ ସଂଶୟଂ ।**
**ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ! ॥**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ଜ୍ଞାନ ବିଷୟରେ ଯିଏ ସଂଶୟ ରହିତ, ଯିଏ ଯୋଗପଦ୍ଧତି ଦ୍ୱାରା କର୍ମ ଜଳାଉଛି, ଯିଏ ମନ, ଆତ୍ମାକୁ ଜାଣିଛି ତାର କର୍ମକଷଣ ନଥାଏ ।

**(୩) ଶ୍ଳୋକ,୪୨ : ତସ୍ମାଦଜ୍ଞାନସଂଭୂତଂ ହୃତସ୍ଥଂ ଜ୍ଞାନାସିନାଽଽତ୍ମନଃ ।**
**ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତିଷ୍ଠ ଭାରତ ! ॥**
**(କର୍ମଯୋଗ)**

**ଭାବାର୍ଥ :** ଅଜ୍ଞାନ ଦ୍ୱାରା ତୋର ହୃଦୟରେ ଉଭବ ହୋଇଥିବା ସନ୍ଦେହକୁ ଜ୍ଞାନଖଡ୍ଗ ଦ୍ୱାରା ଛେଦନ କରି କର୍ମଯୋଗ ଆଚରଣ କର୍ ।

**ବିବରଣୀ :** ପ୍ରଥମରୁ ଅର୍ଜୁନଙ୍କର ସନ୍ଦେହ ଆସିଥିଲା ଯେ, ଯୁଦ୍ଧ କରିବା ଦ୍ୱାରା, ଅନେକଙ୍କୁ ମାରିଦେବା ଦ୍ୱାରା ପାପ ହେବ, ଏଭଳି ପାପକାର୍ଯ୍ୟ କ'ଣ କରିବା ଉଚିତ୍ ? ଏଭଳି ସନ୍ଦେହ ସୃଷ୍ଟିହୋଇ, ମୁଁ ଯୁଦ୍ଧ କରିବିନି କହି ବସିପଡିଥିଲେ, ତାପରେ ତାଙ୍କ ସନ୍ଦେହ ଦୂର ହୋଇଥିଲା । ଭଗବାନ ଏପର୍ଯ୍ୟନ୍ତ କହିଥିବା କର୍ମଯୋଗ ସମ୍ପର୍କୀୟ ଜ୍ଞାନ ଦ୍ୱାରା ପାପହେବ ବୋଲି ରହିଥିବା ସନ୍ଦେହକୁ ଅର୍ଜୁନଙ୍କ ଭଳି ଆମେ ମଧ୍ୟ ଦୂର କରିପାରିବା । କରୁଥିବା କୌଣସି କାର୍ଯ୍ୟ ହେଉ ତା ଦ୍ୱାରା ଆସୁଥିବା କୌଣସି କର୍ମକୁ କର୍ମଯୋଗ ଜଳାଇ ଦେଇଥାଏ । ସେଥିଲାଗି ଶ୍ରୀକୃଷ୍ଣ ଏହି ଜ୍ଞାନରେ ତୋର ସନ୍ଦେହକୁ ତୁ ଦୂର କରିପାରିବୁ ବୋଲି କହିଛନ୍ତି ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ସାକାର, ନିରାକାର | = | ୦୪ |
| ୨) | ସାକାର | = | ୦୨ |
| ୩) | ସାକାର, କର୍ମଯୋଗ | = | ୦୧ |
| ୪) | ବ୍ରହ୍ମଯୋଗ, କର୍ମଯୋଗ | = | ୦୮ |
| ୫) | ବ୍ରହ୍ମଯୋଗ | = | ୦୨ |
| ୬) | କର୍ମଯୋଗ | = | ୧୦ |
| ୭) | ପ୍ରକୃତି | = | ୦୧ |
| ୮) | ଜୀବାତ୍ମା, ପରମାତ୍ମା | = | ୦୨ |
| ୯) | ପ୍ରକୃତି, କର୍ମଯୋଗ, ବ୍ରହ୍ମଯୋଗ | = | ୦୧ |
| ୧୦) | ଜୀବାତ୍ମା | = | ୦୧ |
| ୧୧) | ପରମାତ୍ମା | = | ୦୧ |
| ୧୨) | ଅଶାସ୍ତ୍ରୀୟ | = | ୦୯ |
| | ମୋଟ | = | ୪୩ |

**ଭାବାର୍ଥ, ବିବରଣୀ ବଦଳାଇ ଲେଖାଯାଇଥିବା ଶ୍ଳୋକଗୁଡିକ ହେଲେ- ୫,୬,୭,୮,୧୩,୧୭,୩୩ ।**

# କର୍ମ ସନ୍ନ୍ୟାସ ଯୋଗ

## ଅର୍ଜୁନ କହୁଛନ୍ତି:-

**(୪) ଶ୍ଳୋକ,୧ : ସନ୍ନ୍ୟାସଂ କର୍ମାଣଂ କୃଷ୍ଣ ! ପୁନର୍ଯୋଗଂ ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୁହି ସୁନିଶ୍ଚିତମ୍ ॥**
**(ବ୍ରହ୍ମଯୋଗ, କର୍ମଯୋଗ)**

**ଭାବାର୍ଥ :** କର୍ମ ସନ୍ନ୍ୟାସ ବିଷୟ କହୁଛୁ ପୁଣି କର୍ମ କରିବାକୁ ଯୋଗ ବୋଲି କହୁଛୁ, ଏ ଦୁଇଟିରୁ କେଉଁଟି ଶ୍ରେଷ୍ଠ ମୋତେ ନିଶ୍ଚୟ କରି କହ ।

**ବିବରଣୀ :** କର୍ମ କହିଲେ ପାପପୁଣ୍ୟ । କାର୍ଯ୍ୟ କହିଲେ ଯାହା କରାଯାଏ । କାର୍ଯ୍ୟ ବାବଦରେ କହିବା ବେଳେ ହେଉ, କର୍ମ (ପାପ ପୁଣ୍ୟ) ବାବଦରେ କହିବା ବେଳେ ହେଉ କର୍ମ ନାମକ ଶବ୍ଦକୁ ଶ୍ଳୋକରେ ବ୍ୟବହାର କରିଛନ୍ତି ବୋଲି ଆଉ ଥରେ ମନେପକାଇ ଦେଉଛୁ । ଏଇଠାରେ ଅର୍ଜୁନଙ୍କର ଏକ ସନ୍ଦେହ ଆସିବାରୁ ସେ ତୁରନ୍ତ ପଚାରିଛନ୍ତି । ଆଜିର କାଳରେ ସିନା ଏଭଳି ସୁଯୋଗ ନାହିଁ, କହିବାବେଳେ ସନ୍ଦେହ ଆସିଲେ ସେତେବେଳେ ତୁରନ୍ତ ପଚାରୁଥିଲେ । ସେଥିଲାଗି ଅର୍ଜୁନ ବିଳମ୍ବ ନକରି ପଚାରିଛନ୍ତି । ଏଭଳି ନ ପଚାରିଲେ ସେ ସନ୍ଦେହ ଆମ ମନରେ ରହିଯାଇପାରେ ଏବଂ ତା'ସମ୍ବନ୍ଧୀୟ ବିଷୟ ବୁଝି ହୁଏ ନାହିଁ, ତେଣୁ ପଚାରିଦେବା ଉଚିତ୍ ।

ପରମାତ୍ମାରେ ଲୀନ ହେବା ପାଇଁ ବା ଜନ୍ମରହିତ ମୋକ୍ଷ ପ୍ରାପ୍ତି ପାଇଁ ଦୁଇଟି ଯୋଗ ରହିଛି, ତାହା କର୍ମଯୋଗ, ବ୍ରହ୍ମଯୋଗ । ବ୍ରହ୍ମଯୋଗରେ ଶରୀର ଦ୍ୱାରା ହେଉଥିବା କାର୍ଯ୍ୟସମୂହକୁ ଛାଡିଦେଇ ଯୋଗରେ ବସିବା, କର୍ମଯୋଗରେ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟକରିବା ନାମକ ଦୁଇ ଯୋଗ ବାବଦରେ ଶୁଣିଥିବା ଅର୍ଜୁନ ଦୁଇଟି ଭିତରୁ କେଉଁଟି ଶ୍ରେଷ୍ଠ ମୋତେ କହ ବୋଲି ପଚାରିବାରୁ ଶ୍ରୀକୃଷ୍ଣ ତୁରନ୍ତ ତାଙ୍କର ସନ୍ଦେହ ଦୂର କରିଛନ୍ତି ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୪) ଶ୍ଳୋକ,୨ : ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।**
**ତୟୋସ୍ତୁ କର୍ମସନ୍ନ୍ୟାସାତ୍କର୍ମଯୋଗୋ ବିଶିଷ୍ୟତେ ॥**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** କର୍ମଯୋଗ ଆଉ ବ୍ରହ୍ମଯୋଗ ଉଭୟକୁ ଶ୍ରେଷ୍ଠ କହିପାରିବା, ହେଲେ ବ୍ରହ୍ମଯୋଗ ଅପେକ୍ଷା କର୍ମଯୋଗ ମହାନ ।

**ବିବରଣୀ :** ଈଶ୍ୱରଙ୍କ ସହିତ ମିଳିତ ହେବାପାଇଁ ଯେଉଁ ଦୁଇଟି ଯୋଗ ରହିଛି ତାଭିତରୁ ଗୋଟିକୁ ଭଲ କହି ଆଉ ଗୋଟିଏକୁ ଖରାପ କହିପାରିବା ନାହିଁ, ଦୁଇଟିଯାକ ସମାନ । ଉଭୟ ଯୋଗ କର୍ମକୁ ଦାହ କରିଥାନ୍ତି, କିନ୍ତୁ ସାଧାରଣତଃ ମାନବର ଆଚରଣ ଯୋଗ୍ୟ ଯୋଗ ହେଉଛି କର୍ମଯୋଗ । ସାଧାରଣ ବ୍ୟକ୍ତିଟିଏ ସଂସାର ଭିତରେ ରହି କର୍ମଯୋଗ ଆଚରଣ କରିପାରିବା ହେଉଛି କର୍ମଯୋଗର ବିଶେଷତା । ସାଂସାରୀକ ବ୍ୟକ୍ତି ବ୍ରହ୍ମଯୋଗ ଆଚରଣ କରିପାରେ ନାହିଁ ।

**(୪) ଶ୍ଳୋକ,୩ : ଜ୍ଞେୟସ୍ୱ ନିତ୍ୟ ସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଂଙ୍କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋପି ମହାବାହୋ ! ସୁଖଂ ବଂଦାତ୍ପ୍ର ମୁଚ୍ୟତେ ॥**
**(କର୍ମଯୋଗ)**

**ଭାବାର୍ଥ :** ଯାହାର ଅସୂୟା, ପ୍ରେମାଦି ନାହିଁ, ଯିଏ ସୁଖଦୁଃଖାଦି ଦ୍ୱନ୍ଦକୁ ଛାଡିଦେଇଛି ସେ ହିଁ ନିତ୍ୟସନ୍ନ୍ୟାସୀ, ତାର ବନ୍ଧନ ନାହିଁ ।

**ବିବରଣୀ :** ସାଧାରଣତଃ ଆମେ ଜାଣିଛେ ଯେ, ସନ୍ନ୍ୟାସୀ କହିଲେ ଯିଏ କଷାୟବସ୍ତ୍ର ପିନ୍ଧି, ଦାଢିନିଷ ବଢାଇ, ଘରଦ୍ୱାର, ସ୍ତ୍ରୀ ପିଲାଙ୍କୁ ଛାଡି, ଭିକ୍ଷାଟନ କରେ । କିଛି କରୁନଥିବା ଲୋକକୁ କଥା ପ୍ରସଙ୍ଗରେ କଣ "ସନ୍ନ୍ୟାସୀ ହୋଇଗଲୁ କି !" ବୋଲି ସମାଜରେ କେହି କେହି କହୁଥିବା ଶୁଣାଯାଏ । ଏହି କଥା ଅନୁସାରେ ସନ୍ନ୍ୟାସୀ କହିଲେ ଯିଏ କିଛି କାମଧନ୍ଦା କରେ ନାହିଁ ବୋଲି ଭାବ ପ୍ରଜାମାନସରେ ସର୍ବଦା ରହିଆସିଛି । ସଂସାରୀକ କାର୍ଯ୍ୟ ନକରିବା ଲୋକକୁ ସମସ୍ତେ ସନ୍ନ୍ୟାସୀ ଭାବିଲେ ମଧ୍ୟ ତାହା ସତ୍ୟ ନୁହେଁ । ଏଠାରେ

ପ୍ରକୃତ ସନ୍ନ୍ୟାସୀ କିଏ ତାହା ଭଗବାନ କହିଛନ୍ତି । ଆଜି ଆମଠାରେ ଥିବା ଭାବର ବ୍ୟତିରେକ ଭାବକୁ ଭଗବାନ ଏଠାରେ ପ୍ରକଟିତ କରିଛନ୍ତି । କୌଣସି ସାଂସାରୀକ କାର୍ଯ୍ୟ ନକରିବା ସନ୍ନ୍ୟାସ ନୁହେଁ, ଏକ ପଦ୍ଧତି ଅନୁସାରେ କାର୍ଯ୍ୟ କରୁଥିବା ଲୋକକୁ ପ୍ରକୃତ ସନ୍ନ୍ୟାସୀ ବୋଲି କହିଛନ୍ତି । ବାସ୍ତବରେ ପ୍ରକୃତ ସନ୍ନ୍ୟାସୀକୁ ବାହ୍ୟତଃ ଚିହ୍ନିବା ଅତିକଷ୍ଟ ।

ତେବେ ବାହାରକୁ ଦେଖାଯାଉଥିବା ଏହି ବେଶଧାରୀ ସନ୍ନ୍ୟାସୀମାନଙ୍କୁ କଣ କହିବା ବୋଲି ଯଦି କାହାର ସନ୍ଦେହ ଆସେ ସେତେବେଳେ ଆମେ କହିବୁ ଯେ, ପ୍ରେମ ଅସୂୟା (ଘୃଣା), ଦୁଃଖସୁଖାଦି ଦ୍ୱନ୍ଦ ହୋଇଥିବା ଗୁଣଗୁଡିକୁ ଛାଡି, ତାର ଫଳ ଉପରେ ଯିଏ ଆଶା ତ୍ୟାଗ କରେ, ହେଉଥିବା କାର୍ଯ୍ୟ କର୍ମାନୁସାରେ ହେଉଛି, ତାର ଅନୁଭବ ମଧ୍ୟ କର୍ମାନୁସାରେ ହେଉଛି, ତେଣୁ ଭଲମନ୍ଦ ବିଚାର ନକରି ସମସ୍ତ କାର୍ଯ୍ୟକୁ ସମାନ ଭାବି ଯିଏ କାର୍ଯ୍ୟ କରେ, ନିଜକୁ ସର୍ବଦା ସ୍ୱତନ୍ତ୍ର ଭାବୁଥିବା ସେହି କର୍ମଯୋଗୀ ବାସ୍ତବରେ ସନ୍ନ୍ୟାସୀ । ପ୍ରକୃତ ସନ୍ନ୍ୟାସୀ ଏଭଳି ହୋଇଥିବା ବେଳେ ଅନ୍ୟମାନେ ସନ୍ନ୍ୟାସୀ ନୁହନ୍ତି ବୋଲି କହିପାରିବା ।

**(୪) ଶ୍ଲୋକ,୪ : ସାଂଖ୍ୟଯୋଗୌ ପୃଥଗ୍ ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।**
**ଏକ ମପ୍ୟାସ୍ଥିତଃ ସମ୍ୟକ୍ ଉଭୟୋର୍ବିନ୍ଦତେ ଫଳମ୍ ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଜାଣିନଥିବା ଲୋକମାନେ କର୍ମଯୋଗ, ବ୍ରହ୍ମଯୋଗ ଅଲଗା ଅଲଗା ବୋଲି କହିଥାନ୍ତି । ଜାଣିଥିବା ଲୋକମାନେ ଏହି ଦୁଇ ଯୋଗ ଭିତରୁ କୌଣସି ଗୋଟିଏ ଯୋଗର ଆଚରଣ କଲେ ମଧ୍ୟ ସିଦ୍ଧି ମିଳିଥାଏ ବୋଲି କହିଥାନ୍ତି ।

**ବିବରଣୀ :** ଦ୍ୱିତୀୟ ଶ୍ଲୋକରେ କର୍ମଯୋଗର ବିଶେଷତ୍ୱ ରହିଛି କହି, ପୁଣି ଏଠାରେ କହୁଛନ୍ତି ଯେ, ଜାଣିନଥିବା ଲୋକମାନେ ଦୁଇଟିକୁ ଅଲଗା ଅଲଗା କହନ୍ତି, ଏହା ତ ଦୁଇ ପ୍ରକାରର କଥା ହୋଇଗଲା ! ବୋଲି କେହି ମଧ୍ୟ ପ୍ରଶ୍ନ କରିପାରନ୍ତି । ସେଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ଆମେ ଏଠାରେ ମଧ୍ୟ କହିଛୁ ଯେ, ଏ ଦୁଇଟି ମାର୍ଗରେ ଗଲେ ପରମାତ୍ମାଙ୍କୁ ପାଇପାରିବା, ଏ ଦୁଇଟିରୁ କୌଣସି ଗୋଟିଏକୁ ଆଚରଣ କଲେ ମଧ୍ୟ ଫଳସିଦ୍ଧି ଗୋଟିଏ

ପ୍ରକାରର ମିଳିଥାଏ । ଆଚରଣ କରୁଥିବା ଲୋକମାନଙ୍କ ଭିତରେ କେଉଁଟି ଅନୁକୂଳ, କେଉଁଟି ପ୍ରତିକୂଳ କହିବାରେ, ସାଧାରଣ ଲୋକମାନଙ୍କ ଭିତରେ କର୍ମଯୋଗ ହିଁ ଅନୁକୂଳିତ ଭାବରେ ରହି ବିଶେଷତ୍ୱ ପ୍ରତିପାଦନ କରିଥାଏ ବୋଲି କହିଛୁ । ଦୁଇଟିଯାକ ଯୋଗ ଗୋଟିଏ ଜିନିଷକୁ ସୂଚିତ କରୁଥିବା ବେଳେ ବା ଗୋଟିଏ ବାଟ ହେଲେ ମଧ୍ୟ ସ୍ତ୍ରୀ, ପିଲା, ପରିବାରଙ୍କ ସହିତ ରହି, ସେମାନଙ୍କ ପାଇଁ ନାନା କାର୍ଯ୍ୟ କରିବା ଆବଶ୍ୟକତା ଯେଉଁମାନଙ୍କର ରହିଛି ସେମାନଙ୍କ ପାଇଁ କର୍ମଯୋଗ ଶ୍ରେଷ୍ଠ । ସ୍ତ୍ରୀ, ପିଲା, ପରିବାର ନଥିବା, ବା ସଂସାର କାର୍ଯ୍ୟ ନଥିବା ଲୋକମାନଙ୍କ ପାଇଁ ବ୍ରହ୍ମଯୋଗ ଠିକ୍ । ଏହି ଦୁଇଟିର ଭିନ୍ନତା, ଆଚରଣ କରୁଥିବା ମଣିଷ ପାଇଁ ସିନା, ଯୋଗୀ ପାଇଁ ନୁହେଁ ବୋଲି ଜାଣିବା ଉଚିତ୍ । ଏହି ବିଷୟ ତଳ ଶ୍ଳୋକରେ ମଧ୍ୟ କହିଛନ୍ତି ।

**୪) ଶ୍ଳୋକ,୫ : ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ ।**
**ଏକଂ ସାଖ୍ୟଂ ଚ ଯୋଗଂଚ ଯଃପଶ୍ୟତି ସପଶ୍ୟତି ॥**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ବ୍ରହ୍ମଯୋଗ ଦ୍ୱାରା ଯେଉଁସ୍ଥାନ ପ୍ରାପ୍ତ ହୋଇଥାଏ, ସେହି ସ୍ଥାନ କର୍ମଯୋଗରେ ମଧ୍ୟ ପ୍ରାପ୍ତ ହୋଇଥାଏ । ବ୍ରହ୍ମଯୋଗ, କର୍ମଯୋଗ ଉଭୟ ସମାନ ବୋଲି ଜାଣିଥିବା ଲୋକକୁ ପ୍ରକୃତ ଜ୍ଞାନଦୃଷ୍ଟି ଥିବା ଲୋକ କୁହାଯାଏ ।

**(୪) ଶ୍ଳୋକ,୬ : ସନ୍ନ୍ୟାସସ୍ତୁ ମହାବାହୋ ! ଦୁଃଖମାପ୍ତୁମଯୋଗତଃ ।**
**ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଽଧିଗଚ୍ଛତି ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଅଯୋଗ, ଯେ କି କର୍ମକୁ ସନ୍ନ୍ୟାସ ଦେଇପାରେ ନାହିଁ ସେ ଦୁଃଖ ପାଇଥାଏ । ଯିଏ ଯୋଗଯୁକ୍ତ, ଯିଏ ମନକୁ ଜିତିଛି ସେ ଖୁବ୍ ଶୀଘ୍ର ପରମପଦ ପାଇଥାଏ ।

**ବିବରଣୀ :** ଏହି ଶ୍ଳୋକର ଭାବ ଅନ୍ୟମାନେ ଲେଖିଥିବା ଭାବଠାରୁ ଅଲଗା । ଜଣେ ନୁହେଁ, ଦୁଇଜଣ ନୁହନ୍ତି, ସମସ୍ତେ ଏହି ଶ୍ଳୋକର ଭାବକୁ ନିଜେ

ଠିକ୍ ନବୁଝି ଅନ୍ୟକୁ ଦେଖି ଲେଖିଛନ୍ତି ବୋଲି ଜଣାଯାଉଛି । ପରୀକ୍ଷାରେ ଜଣେ ବିଦ୍ୟାର୍ଥୀ ଆଗରେ ବସିଥିବା ବିଦ୍ୟାର୍ଥୀଠାରୁ କପି କଲାବେଳେ ଆଗରେ ବସିଥିବା ବିଦ୍ୟାର୍ଥୀ ଯଦି ଭୁଲ୍ ଲେଖିଥାଏ ପଛରେ ବସିଥିବା ବିଦ୍ୟାର୍ଥୀର ଲେଖା ମଧ୍ୟ ଭୁଲ୍ ହୋଇଥାଏ । ସେହିଭଳି ଶ୍ଳୋକର ଭାବ କଣ ନଜାଣି, ଆଗରୁ ଅନ୍ୟମାନେ ଯାହା ଲେଖିଛନ୍ତି ତାହା ଲେଖିବା ଦ୍ୱାରା ସମସ୍ତଙ୍କର ଭାବ ଭୁଲ୍ ହୋଇଯାଇଛି । ଯାହା ଲେଖୁଛୁ ତାହା ଭୁଲ୍ କି ଠିକ୍ ବୋଲି କେହି ବିଚାର କରିନାହାନ୍ତି ।

ପ୍ରଥମେ ୪ର୍ଥ ଏବଂ ୫ମ ଶ୍ଳୋକରେ ଯୋଗଦୁଇଟି ଏକସାମର୍ଥ୍ୟ ବିଶିଷ୍ଟ ବୋଲି କହିଥିବା ବଡମାନେ, ପାଖରେ ଥିବା ଶ୍ଳୋକରେ ମୋକ୍ଷ ପାଇଁ କର୍ମଯୋଗର ସାହାଯ୍ୟ ଆବଶ୍ୟକ, କେବଳ ବ୍ରହ୍ମଯୋଗ ଦ୍ୱାରା ମୋକ୍ଷ ପାଇବା ଅତିକଷ୍ଟ, କର୍ମଯୋଗ ଜାଣିଥିବା ଯୋଗୀ ମୋକ୍ଷ ପାଇବାକୁ ଯୋଗ୍ୟ ବୋଲି କହିବା ବଡ ବିଚିତ୍ର ବୋଧ ହୋଇଥାଏ । ତେଣୁ ଏଠାରେ ଏହି ଶ୍ଳୋକର ପ୍ରତ୍ୟେକ ଶବ୍ଦର ଅର୍ଥ ବାବଦରେ ଜାଣିବା ।

**୧) ସନ୍ନ୍ୟାସସ୍ତୁ :-** ସନ୍ନ୍ୟାସ ଦେବା, ତ୍ୟାଗ କରିବା, ଛାଡିଦେବା କିମ୍ବା ରହିବାକୁ ନ ଦେବା । ତାହେଲେ ଏଠାରେ କଣ ସନ୍ନ୍ୟାସ ଦେବା ବା ତ୍ୟାଗ କରିବା ବିଚାର କଲେ କର୍ମକୁ ତ୍ୟାଗ କରିବା ବୋଲି ଜଣାଯାଉଛି ! ଗୋଟିଏ ହେଲା ବ୍ରହ୍ମଯୋଗରେ ସଞ୍ଚିତ କର୍ମକୁ ତ୍ୟାଗ କରିବା, ଆଉ ଗୋଟିଏ ହେଲା କର୍ମଯୋଗରେ ଆଗାମୀ କର୍ମକୁ ଛାଡିବା । ଏହି ଦୁଇ କର୍ମକୁ ରହିବାକୁ ନଦେବା ଅର୍ଥରେ ସନ୍ନ୍ୟାସସ୍ତୁ କହିଛନ୍ତି । ଏ କଥାଟି ଉଭୟ ଯୋଗ ପାଇଁ କୁହାଯାଇଛି ଅର୍ଥାତ୍ ସନ୍ନ୍ୟାସ ଦୁଇଯୋଗ ପାଇଁ ସମାନ ଭାବରେ ରହିଛି ।

**୨) ଅଯୋଗତଃ:-** ଯୋଗ ନରହିବା, ତେଣୁ ଦୁଇଟିଯାକ ଯୋଗ ନରହିବା, ଅର୍ଥାତ୍ କର୍ମସନ୍ନ୍ୟାସଯୁକ୍ତ ଦୁଇ ଯୋଗ ନରହିବା ।

**୩) ଦୁଃଖମାପ୍ତୁ:-** ଦୁଃଖ ପାଇବୁ । ଯୋଗ ନଥିବାବେଳେ ଜୀବ କର୍ମ ଦ୍ୱାରା ଦୁଃଖ ପାଉଥାଏ । କର୍ମକୁ ବିନାଶ କରିଦେଉଥିବା ବା କର୍ମନାଶକ ଯୋଗରେ ଥିବାବେଳେ ଜୀବ ଦୁଃଖ ପାଇନଥାଏ ।

**୪) ଯୋଗଯୁକ୍ତୋ:-** ଯୋଗରେ ଥିବା, ଅର୍ଥାତ୍ ସମସ୍ତ କର୍ମାଚରଣ କରୁଥିଲେ ମଧ୍ୟ ଯିଏ କର୍ମଯୋଗୀ ।

**୫) ମୁନିଃ-** ମୌନବହ, ମନ କିମ୍ବା ଇନ୍ଦ୍ରିୟ ନିଗ୍ରହୀ ବ୍ରହ୍ମଯୋଗୀ ।

**୬) ବ୍ରହ୍ମ:-** ପରମାତ୍ମା ବା ମୋକ୍ଷ ।

**୭) ନ ଚିରେଣାଧି ଗଚ୍ଛତି:-** ଶୀଘ୍ର ପାଇବୁ ।

**ଭାବାର୍ଥ-** କର୍ମନାଶକ ଦୁଇ ଯୋଗର ଆଚରଣରେ ତୁ ନଥିଲେ ଦୁଃଖ ପାଇବୁ । କର୍ମଯୋଗ, ବ୍ରହ୍ମଯୋଗ ପ୍ରାପ୍ତ ହୋଇଥିବା ବ୍ୟକ୍ତି ଶୀଘ୍ର ମୋକ୍ଷ ପାଇଥାଏ ।

**(୪) ଶ୍ଳୋକ,୭ : ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନଲିପ୍ୟତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ବିଶୁଦ୍ଧାତ୍ମା ହୋଇ, ଜିତେନ୍ଦ୍ରିୟ ଭାବରେ ରହି ସର୍ବଜୀବର ଆତ୍ମାକୁ ନିଜର ଆତ୍ମା ଭଳି ଭାବୁଥିବା ଯୋଗୀର କର୍ମ ନଥାଏ ।

**ବିବରଣୀ :** ଗୁଣଗୁଡ଼ିକ ସ୍ପର୍ଶ କରିପାରୁ ନଥିବା ଶୁଦ୍ଧାତ୍ମା ଜୀବ, ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟଗୁଡ଼ିକୁ ସ୍ଥିର କରିଦେଇ ବ୍ରହ୍ମଯୋଗ ପ୍ରାପ୍ତହୋଇ, ସେହି ଯୋଗରେ ଆତ୍ମାକୁ ଦେଖି, ଅନ୍ୟ ଜୀବରାଶିଙ୍କ ଆତ୍ମା, ନିଜଠାରେ ରହିଥିବା ଆତ୍ମା ଭଳି ରହିଛି ବୋଲି ଜାଣିଥିଲେ, ତାର ପୂର୍ବକୃତ ସଞ୍ଚିତକର୍ମ ବିନାଶ ହୋଇଯାଇଥାଏ । ଏହା ସମ୍ପୂର୍ଣ୍ଣ ବ୍ରହ୍ମଯୋଗ ସମ୍ବନ୍ଧୀୟ ଶ୍ଳୋକ । ତଳେ କର୍ମଯୋଗ ସମ୍ବନ୍ଧୀୟ ଶ୍ଳୋକରେ ଭଗବାନ କଣ କହୁଛନ୍ତି ଜାଣିବା ।

**(୪) ଶ୍ଳୋକ,୮ : ନୈବ କିଂଚିତ୍ କରୋମୀତି ଯୁକ୍ତୋ ମନ୍ୟେତତ୍ତ୍ୱବିତ୍ ।**
**ପଶ୍ୟନ୍ଶୃଣ୍ୱନ୍ ସ୍ପୃଶନ୍ଜୀଘ୍ରନ୍ଅଶ୍ନନ୍ଗଚ୍ଛନ୍ ସ୍ୱପନ୍ଶ୍ୱସନ୍ ॥**

**(କର୍ମଯୋଗ)**

**(୪) ଶ୍ଳୋକ,୯ : ପ୍ରଲପନ୍ବିଶୃଜନ୍ ଗୃହ୍ଣନ୍ଉନ୍ମିଷନ୍ ନିମିଷନ୍ନପି ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତନ୍ତ ଇତି ଧାରୟନ୍ ॥**

**(କର୍ମଯୋଗ)**

**(୪) ଶ୍ଲୋକ,୧୦ : ବ୍ରହ୍ମଣାଧାୟ କର୍ମାଣି ସଂଗମ୍ ତ୍ୟକ୍ତ୍ୱା କରୋତି ଯଃ ।**
**ଲିପ୍ୟତେ ନ ସ ପାପେନ ପଦ୍ମପତ୍ର ମିବାମ୍ଭସା ॥**

**(କର୍ମଯୋଗ)**

**ଭାବାର୍ଥ :** ଆତ୍ମାଜ୍ଞାନ ଜାଣିଥିବା କର୍ମଯୋଗୀମାନେ ନିଜେ କୌଣସି କାର୍ଯ୍ୟର କର୍ତ୍ତା ନୁହନ୍ତି, ସେମାନେ ଦେଖୁଥାଇ, ଶୁଣୁଥାଇ, ଛୁଉଁଥାଇ, ଶୁଂଘୁଥାଇ, ଖାଉଥାଇ, ଚାଲୁଥାଇ, ଶୋଉଥାଇ, ଶ୍ୱାସ ନେଉଥାଇ, ଡାକୁଥାଇ, ମଳମୂତ୍ରାଦି ବିସର୍ଜନ କରୁଥାଇ, ଗ୍ରହଣ କରୁଥାଇ, ପଲକ ଖୋଲୁଥାଇ, ବନ୍ଦ କରୁଥାଇ ମଧ୍ୟ ସବୁ କାର୍ଯ୍ୟଗୁଡିକ ଇନ୍ଦ୍ରିୟଗୁଡିକ କରିଥାନ୍ତି ବୋଲି ଭାବିଥାନ୍ତି । ଏହିଭଳି ନିଜ ଶରୀରରେ ହେଉଥିବା କାର୍ଯ୍ୟ ଗୁଡିକରେ ବ୍ରହ୍ମାର୍ପଣ ଭାବ ବହି (ବ୍ରହ୍ମ, ଈଶ୍ୱର ବା ପରମାତ୍ମାଙ୍କ ଉପରେ ନିର୍ଭରକରି), ସଙ୍ଗବର୍ଜିତ (ଆଶକ୍ତିହୀନ) ହୋଇ ପଦ୍ମପତ୍ରକୁ ଜଳ ସ୍ପର୍ଶ କରୁନଥିବା ଭଳି ଥାଇ ମଧ୍ୟ ଅଖିଳ କର୍ମ ବନ୍ଧନରେ ପଡିନଥାନ୍ତି ।

**ବିବରଣୀ :** ଉପରୋକ୍ତ କାର୍ଯ୍ୟଗୁଡିକ ଦୁଇଟି ଭାଗରେ ବିଭକ୍ତ ହୋଇ ରହିଛି, ଗୋଟିଏ ଆମ ଇଚ୍ଛା ଅନୁସାରେ ହୋଇଥାଏ, ଆଉଗୋଟିଏ ଆମର ଇଚ୍ଛା ଥାଉ ବା ନଥାଉ ହୋଇଥାଏ । ବାହାର ଛଡା ଶରୀର ଭିତରେ ମଧ୍ୟ ଅନେକ କାର୍ଯ୍ୟ ହୋଇଥାଏ । ଏହିସବୁ କାର୍ଯ୍ୟଗୁଡିକୁ ଆଜିର ସାଇନ୍ସ ମଧ୍ୟ **ଇଚ୍ଛାଧିନ, ଅନିଚ୍ଛାଧିନ** କାର୍ଯ୍ୟ ନାମରେ ଦୁଇଗୋଟି ଭାଗ ଅଛି ବୋଲି ମତ ପୋଷଣ କରିଛି । ବିଜ୍ଞାନ ଅନୁସାରେ ଦେଖିବା, ଶୁଣିବା, ଛୁଇଁବା, ଖାଇବା, ଚାଲିବା ଇତ୍ୟାଦି କାର୍ଯ୍ୟଗୁଡିକ ଆମ ଇଚ୍ଛାନୁସାରେ ହୋଇଥାଏ, ତେଣୁ ଏଗୁଡିକୁ ଇଚ୍ଛାଧିନ କାର୍ଯ୍ୟ ଏବଂ ଆମ ଅଜାଣତରେ ହେଉଥିବା ଶ୍ୱାସକ୍ରିୟା, ଆଖିପତା ବନ୍ଦହେବା ଖୋଲିବା, ହୃତ୍ପିଣ୍ଡ ସ୍ପନ୍ଦିତହେବା, ମୂତ୍ରପିଣ୍ଡ କାର୍ଯ୍ୟକରିବା, ଜୀର୍ଣ୍ଣାଶୟରେ ଜୀର୍ଣ୍ଣକାର୍ଯ୍ୟ ହେବା ଇତ୍ୟାଦି କାର୍ଯ୍ୟଗୁଡିକୁ ଅନିଚ୍ଛାଧିନ କାର୍ଯ୍ୟ କୁହାଯାଏ ।

ବାସ୍ତବରେ ଏକଥା ଭୁଲ୍ ବୋଲି ପ୍ରମାଣିତ କରିହେବ । କାରଣ ବେଳେବେଳେ ଇଚ୍ଛାଧିନ ଭାବରେ କାର୍ଯ୍ୟ କରୁଥିବା ଗୋଡ, ହାତ ମଧ୍ୟ ଅନିଚ୍ଛାଧିନ ଭାବରେ କାର୍ଯ୍ୟ କରିଥାନ୍ତି । ଗୋଡ ଉପରେ ଅତି ହାଲୁକା ପ୍ରଭାବରେ ଯଦି କିଛି ଲାଗିଯାଏ ସେତେବେଳେ ତୋର ଇଚ୍ଛା ନଥିଲେ ମଧ୍ୟ

ହାତଗୋଡ କାର୍ଯ୍ୟ କରୁଛି । ନିଦ୍ରା ସମୟରେ ତୋର ଅଜାଣତରେ, ତୋର ଇଚ୍ଛା ନଥିଲେ ମଧ୍ୟ ହାତଗୋଡ କାର୍ଯ୍ୟ କରୁଛି । ନିଦରେ ଶୋଇଥିବା ବେଳେ ମଧ୍ୟ କେତେକ ଚାଲି ପଳାଇବା ଘଟିଥାଏ । ଏହି ଅନୁସାରେ ବିଜ୍ଞାନର ହିସାବ ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ନୁହେଁ ।

ସାଧାରଣତଃ ଜାଣି ହେଉଥିବା, ଅଜାଣତରେ ହେଉଥିବା କାର୍ଯ୍ୟ ବୋଲି କାର୍ଯ୍ୟକୁ ଦୁଇଭାଗରେ ବିଭାଜନ କରିପାରିବା । ଏହି ବିଭାଜନକୁ କେହି ମଧ୍ୟ ଖଣ୍ଡନ କରିପାରିବେ ନାହିଁ । କେତେକ କାର୍ଯ୍ୟ ଜୀବକୁ ଜଣାପଡୁଥାଇ ହୋଇଥାଏ, ଆଉ କେତେକ କାର୍ଯ୍ୟ ଜୀବର ଅଜାଣତରେ ହୋଇଥାଏ । ଜାଣି ହେଉଥିବା କାର୍ଯ୍ୟ ମଧ୍ୟ ବେଳେ ବେଳେ ଅଜାଣତରେ ହୋଇଥାଏ । ଉଦାହରଣ ସ୍ୱରୂପ ଆମେ ଜାଣିବା ସ୍ଥିତିରେ ପ୍ରଶା ଯାଉଛେ (ମୂତ୍ର ବିସର୍ଜନ କରୁଛେ), ତାହା କେତେକ ସମୟରେ ଆମ ଅଜାଣତରେ ହୋଇଯାଇଥାଏ । ସବୁକିଛି ମୋ ଇଚ୍ଛା ଅନୁସାରେ ହେଉଛି ବୋଲି ଭାବିବା ଅହଂକାର ଯୁକ୍ତ ଅଜ୍ଞାନ ହୋଇଥାଏ । ଚାଲିବା ବେଳେ ମୁଁ ମୋ ଇଚ୍ଛା ଅନୁସାରେ ଚାଲୁଛି ଭାବିବା ମଧ୍ୟ ଅଜ୍ଞାନ ହୋଇଥାଏ, ଏଥିରେ ଅହଂକାର ଭରି ରହିଛି । ଗୋଡ ଚାଲୁଛି ବୋଲି ମୋତେ ଜଣାଯାଉଛି ଭାବିବା ଜ୍ଞାନ ହୋଇଥାଏ । ଏପରି ଭାବିବାରେ ଅହଂକାର ନାହିଁ । ନିଦ୍ରାରେ ଚାଲିବା ବେଳେ ତାହା ତୋର ଅଜାଣତରେ ଚାଲିବା ହୋଇଥାଏ । ସେତେବେଳେ ମୁଁ ମୋର ଅଜାଣତରେ ଚାଲିଲି ବୋଲି ଭାବୁଛେ ! ଏଠାରେ ମୋ ଇଚ୍ଛା ଅନୁସାରେ ନିଦରେ ଚାଲିଲି ବୋଲି କହିପାରିବା ? କହିପାରିବା ନାହିଁ ।

ଶରୀରରେ ହେଉଥିବା କାର୍ଯ୍ୟଗୁଡିକ ଆମର ଜାଣିବା ଅବସ୍ଥାରେ ହୋଇଥାଏ ସିନା, ଇଚ୍ଛା ଅନୁସାରେ ହୋଇଥାଏ ଭାବିବା ଅନୁଚିତ୍ । ଏହିଭଳି ଜାଣିଥିବା ଜ୍ଞାନୀମାନେ ଶରୀରରେ ହେଉଥିବା କାର୍ଯ୍ୟଗୁଡିକ କେତେକ ମୋର ଜାଣିବା ଅବସ୍ଥାରେ ହୋଇଥାଏ, କେତେକ ଅଜାଣତରେ ହେଉଥାଏ, ଶରୀରର ଅଙ୍ଗ ପ୍ରତ୍ୟଙ୍ଗଗୁଡିକ ନିଜ ନିଜର କାର୍ଯ୍ୟ କରୁଛନ୍ତି ବୋଲି ଭାବିଥାନ୍ତି । ଅଜ୍ଞାନୀ କେଉଁଭଳି ଭାବିଥାଏ ଦେଖନ୍ତୁ । ରାତିରେ ଘରର ବାହାରେ ଶୋଇଥିବା ବେଳେ ସକାଳେ ଘର ଭିତରୁ ଯେତେବେଳେ ଉଠିଲା, ସେତେବେଳେ

ସେ ବାହାରୁ ଘର ଭିତରକୁ କେମିତି ଆସିଲା ତାକୁ ସତରେ ଜଣା ନାହିଁ, ଯେତେ ଆଲୋଚନା କଲେ ମଧ୍ଯ ତାକୁ କିଛି ବୁଝାପଡିଲା ନାହିଁ, ଅନ୍ୟମାନଙ୍କୁ ପଚାରିଲା, ଟିକିଏ ବର୍ଷା ଆସିବାରୁ ସେ ନିଜେ ସାଙ୍ଗେ ସାଙ୍ଗେ ଘର ଭିତରକୁ ଚାଲି ଆସିଥିଲା ବୋଲି ଅନ୍ୟମାନେ କହିଲେ । ଏଠାରେ ଘଟିଥିବା ଘଟଣା ସତ, ବାସ୍ତବରେ ତା'ରି ଗୋଡ ହିଁ ଚାଲିକରି ଆସିଛି, ଶୋଇଥିବା ବିଛଣାକୁ ତା'ରି ହାତ ଗୁଡାଇ ଧରି ଆଣିଛି, ଭିତରେ ଆସି ଶୋଇଛି, କିନ୍ତୁ ଏସବୁ ତାର ଅଜାଣତରେ ହୋଇଛି । ଏଇ ଗୋଟିଏ ଘଟଣା ବୁଝିବାକୁ ଯଥେଷ୍ଟ । ଆମେ ଆଉ ଆମ ଶରୀର ଅଲଗା, ଆମ ଶରୀରକୁ କାର୍ଯ୍ୟକ୍ଷମ କରୁଥିବା ଶକ୍ତି ଅଲଗା । ଏହା ବୁଝିବା ସହଜ, ଯଦି ନପାରୁ, ତେବେ ତୁ କିଭଳି ଲୋକ ଜାଣୁ ! କେବେ ତୁ ମାଗିଲେ ପାଖ ଘରର ସ୍ତ୍ରୀ ତୋତେ ଭାତ ତରକାରୀ ଦେଇଥାଏ ବୋଲି ତୁ ତାକୁ ତୋର ସ୍ତ୍ରୀ ଭାବିବା ଯେତିକି ଭୁଲ୍, ତୋର ଦରକାର ବେଳେ ତୋର ଅନୁକୂଳ ଭାବରେ ଚଳପ୍ରଚଳ ହେଉଥିବା ଅବୟବ ଗୁଡିକର ଅଧିପତି ତୁ ନିଜେ ବୋଲି ଭାବିବା ସେତିକି ଭୁଲ୍ । ପାଖଘର ସ୍ତ୍ରୀର ଜଣେ ସ୍ୱାମୀ ଥିବା ଭଳି, ତୋର ଅବୟବ ଗୁଡିକୁ ଚଳପ୍ରଚଳ କରାଉଥିବା ତୋର ଜଣେ ସ୍ୱାମୀ ଅଛି । ସେ ସ୍ଥାନକୁ ତୋର ବୋଲି ଭାବିବା ବଡଭୁଲ୍ ।

ଆମ ଶରୀରରେ ହେଉଥିବା ଶତକଡା ୩୦ ଭାଗ କାର୍ଯ୍ୟ ଜାଣି ହୋଇଥାଏ । ଶତକଡା ୭୦ଭାଗ କାର୍ଯ୍ୟ ଆମ ଅଜାଣତରେ ହୋଇଥାଏ, ଜାଣି, ନଜାଣି ହେଉଥିବା ସମସ୍ତ କାର୍ଯ୍ୟର କାରଣ କର୍ମ ବୋଲି ଜାଣି ପାରିବା ବେଳେ, ଜଣେ କର୍ମଯୋଗୀ ହୋଇପାରିଥାଏ । ହେଉଥିବା କାର୍ଯ୍ୟରୁ ଆସୁଥିବା କର୍ମ ତାକୁ ସ୍ପର୍ଶ କରିପାରି ନଥାଏ । କାରଣ ! ଯୋଗ ଦ୍ୱାରା ମିଳୁଥିବା ଅଗ୍ନି ତାର କର୍ମକୁ ଭସ୍ମ କରିଦେଇଥାଏ ।

**(୪) ଶ୍ଲୋକ,୧୧ : କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।**
**ଯୋଗୀନଃ କର୍ମ କୁର୍ବନ୍ତି ସଂଗମ୍ ତ୍ୟକ୍ତ୍ୱାଽତ୍ମସୁଦ୍ଧୟେ ॥**
**(କର୍ମଯୋଗ)**

**(୪) ଶ୍ଳୋକ,୧୨ : ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।**
**ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ॥**

**(କର୍ମଯୋଗ)**

**ଭାବାର୍ଥ :** ଶରୀର, ମନ, ବୁଦ୍ଧି ଏବଂ ଇନ୍ଦ୍ରିୟଗୁଡିକ ଦ୍ୱାରା ହେଉଥିବା କାର୍ଯ୍ୟ ଗୁଡିକରେ ସଙ୍ଗହୀନ ହୋଇ, ଆତ୍ମଶୁଦ୍ଧିକୁ ଆଶା ଭାବରେ ରଖି, କର୍ମଫଳର ଆଶାକୁ ଛାଡି ଦେଇଥିବା କର୍ମଯୋଗୀ କାର୍ଯ୍ୟ କରୁଥିଲେ ମଧ୍ୟ ଶାନ୍ତି ପାଇଥାଏ । ଯିଏ କର୍ମଯୋଗୀ ନୁହେଁ ସେ କାମନା ବା ଆଶାକୁ ତ୍ୟାଗ କରି ନପାରି କର୍ମ ବନ୍ଧନରେ ପଡିଥାଏ ।

**(୪) ଶ୍ଳୋକ,୧୩: ସର୍ବ କର୍ମାଣି ମନସା ସନ୍ନ୍ୟାସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥**

**(କର୍ମଯୋଗ)**

**ଭାବାର୍ଥ :** ମନ ଦ୍ୱାରା ସନ୍ନ୍ୟାସୀତ ହୋଇ, କର୍ମ ହୋଇଥିବା କାର୍ଯ୍ୟଗୁଡିକୁ ନିଜର ନବଦ୍ୱାର ପୁର ଦେହରେ ଛାଡି, କାର୍ଯ୍ୟର କାରକ ନହୋଇ ଯୋଗୀ ସୁଖରେ ନିବାସ କରିଥାଏ ।

**(୪) ଶ୍ଳୋକ,୧୪ : ନ କର୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୂଃ ।**
**ନ କର୍ମଫଳ ସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତତେ ॥**

**(ପ୍ରକୃତି)**

**ଭାବାର୍ଥ :** ଭୂପୃଷ୍ଠରେ କର୍ମ ହେଉ, କାର୍ଯ୍ୟ ହେଉ, ତାର ଫଳ ଉପରେ ଆଶା ହେଉ ଆତ୍ମା କାହା ପାଇଁ ଜାତ କରି ନଥାଏ, ପ୍ରକୃତିର ସ୍ୱଭାବ ଦ୍ୱାରା ତାହା ଜାତ ହୋଇଥାଏ ।

**ବିବରଣୀ :** ସ୍ୱଧର୍ମ ପରଧର୍ମ ବାବଦରେ କହିବା ବେଳେ ଆତ୍ମା ଧର୍ମ ଅଲଗା, ପ୍ରକୃତି ଧର୍ମ ଅଲଗା ବୋଲି କୁହାଯାଇଛି । ପରଧର୍ମ ହୋଇଥିବା ପ୍ରକୃତି ଆମ ଶରୀରସାରା ପୂର୍ଣ୍ଣ ହୋଇ ରହିଛି । ତାର ସ୍ୱଭାବ ଦ୍ୱାରା ସବୁକିଛି ହୋଇଥାଏ । ଯାହାସବୁ ହେଉଥାଏ ସେ ସବୁର ସାକ୍ଷୀ ଭାବରେ ଆତ୍ମା ଦେଖିଥାଏ ସିନା, ଆତ୍ମାର ଏଥିରେ କୌଣସି ହସ୍ତକ୍ଷେପ ନଥାଏ ।

**(୪) ଶ୍ଳୋକ,୧୫ : ନା ଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ ।**
**ଅଜ୍ଞାନେ ନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।।**

**(ପ୍ରକୃତି)**

**ଭାବାର୍ଥ :** କାହାର ପାପ କିମ୍ବା କାହାର ପୁଣ୍ୟକୁ ଆତ୍ମା ଉଚ୍ଛେଦ କରିନଥାଏ, ଅଜ୍ଞାନ ଦ୍ୱାରା ଜ୍ଞାନ ଘୋଡାଇ ହୋଇ ରହିଛି, ତଦ୍ଦ୍ୱାରା ସମସ୍ତେ ଭ୍ରମିତ ହୋଇଥାନ୍ତି ।

**ବିବରଣୀ :** ଯୋଗଶକ୍ତି ଅନୁସାରେ କର୍ମ ବିନାଶ ହୋଇଥାଏ ବୋଲି ଆଗରୁ କୁହାଯାଇଛି । ଆତ୍ମା କାହାର କର୍ମକୁ ବିନାଶ କରିନଥାଏ, ଯାହାର କର୍ମ ତା ଦ୍ୱାରା ଯୋଗପଦ୍ଧତିରେ ବିନାଶ ହୋଇଥାଏ । ତାଛଡା ଆମେ ନାନା ଆରାଧନା କରୁଛୁ, ଆମ ପାପକୁ ପରମାତ୍ମା ଦୂର କରିଦେବେ ବୋଲି ଅଜ୍ଞାନୀମାନେ ଭାବିଥାନ୍ତି, ଦିନସାରା ନାନା ପାପକାର୍ଯ୍ୟ କରି ସଂଧ୍ୟାରେ ମୁଣ୍ଡିଆ ମାରିଦେଲେ ସବୁ ପାପ କ୍ଷମା ହୋଇଯିବ ବୋଲି ମଧ୍ୟ କେତେକ ଭାବିଥାନ୍ତି । ଆଉକେତେକ ଆମେ କରିଥିବା ପାପ କ୍ଷୟହୋଇ ଆମର ସମସ୍ତ କୁଶଳତା ରକ୍ଷାହେବ ବୋଲି ହଜାର ହଜାର ଟଙ୍କା ଖର୍ଚ୍ଚକରି ପୂଜା କରାଉଛୁ କହିଥାନ୍ତି । ଅଜ୍ଞାନ ଜ୍ଞାନକୁ ଘୋଡାଇ ରଖିଥିବାରୁ, ଭୂପୃଷ୍ଠରେ ପାପ ନିବାରଣ ପାଇଁ ଅନେକ ପ୍ରକାରର ଆରାଧନା ସୃଷ୍ଟିହୋଇ, ତାହା କରିବା ଦ୍ୱାରା ପାପ କ୍ଷମା ହୋଇଯିବ ବୋଲି ସମସ୍ତେ ଭାବିବା ଭ୍ରମ ।

**(୪) ଶ୍ଳୋକ,୧୬ : ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତ ମାତ୍ମନଃ ।**
**ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ।।**

**(ଆତ୍ମଜ୍ଞାନ)**

**ଭାବାର୍ଥ :** ଜ୍ଞାନ ଦ୍ୱାରା ଯେଉଁମାନଙ୍କର ଅଜ୍ଞାନ ଦୂରହୁଏ, ସେମାନଙ୍କର ଜ୍ଞାନ ସୂର୍ଯ୍ୟ ଭଳି ପ୍ରକାଶିତ ହୋଇ ସେମାନଙ୍କର ଭ୍ରମ ଦୂର କରିଥାଏ ।

**ବିବରଣୀ :** ଆରାଧନା କଲେ ପାପ ଧୋଇ ହୋଇଯାଏ ବୋଲି ଭ୍ରମିତ ହେଉଥିବା ଲୋକମାନଙ୍କର ଆତ୍ମଜ୍ଞାନ ଜାତ ହେବା ଦ୍ୱାରା, ସେମାନଙ୍କ ଠାରେ ଥିବା ଅଜ୍ଞାନତା ଦୂର ହୋଇ ଜ୍ଞାନଦୃଷ୍ଟି ସକ୍ରିୟ ହୋଇଥାଏ, ତଦ୍ଦ୍ୱାରା ସେମାନଙ୍କୁ

କର୍ମ ବିନାଶ ମାର୍ଗ ସ୍ପଷ୍ଟ ଦେଖାଯାଏ, ସେ ପର୍ଯ୍ୟନ୍ତ ଥିବା ଅନ୍ଧତ୍ୱ ଦୂର ହୋଇଥାଏ । ସ୍ୱଚ୍ଛ ଜ୍ଞାନଦୃଷ୍ଟି ଦ୍ୱାରା ପାପ ଧୌତହେବା ପାଇଁ ଯୋଗମାର୍ଗ ବ୍ୟତୀତ ଆଉକିଛି ମାର୍ଗ ନାହିଁ, ତାହା ନିଜ ଉପରେ ନିର୍ଭର କରେ ବୋଲି ଜାଣିଥିବା ବ୍ୟକ୍ତି ଯୋଗମାର୍ଗରେ ଯାତ୍ରା କରିବାକୁ ଚେଷ୍ଟାକରେ ।

**(୪) ଶ୍ଲୋକ,୧୭ : ତଦ୍ବୁଦ୍ଧୟସ୍ତଦାତ୍ମା ନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।**
**ଗଚ୍ଛନ୍ତ୍ୟ ପୁନରାବୃତ୍ତିଂ ଜ୍ଞାନ ନିର୍ଧୂତକଲ୍ମଷାଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଆତ୍ମାଧ୍ୟାୟୀ ହୋଇ, ମନୋବୁଦ୍ଧି ନିଷ୍ଠାଦିକୁ ଆତ୍ମାଠାରେ ରଖି ଯେଉଁମାନେ ଯୋଗ ଆଚରଣ କରିଥାନ୍ତି ସେମାନେ ଜ୍ଞାନାଗ୍ନି ଦ୍ୱାରା ସର୍ବ କଲ୍ମଷକୁ ଜଳାଇ ଜନ୍ମ ରହିତ ମୋକ୍ଷ ପାଇଥାନ୍ତି ।

**ବିବରଣୀ :** ଯାହାର ଆତ୍ମଜ୍ଞାନ ଜାତ ହୋଇଛି ସେ ତାର ପାପପୁଣ୍ୟ କିପରି ଦୂରହେବ ଜାଣି, ବ୍ରହ୍ମଯୋଗ ଆଚରଣ କରିବି ବୋଲି ଭାବି, ନିଜର ମନ ବୁଦ୍ଧିକୁ ଅନ୍ୟ ଧ୍ୟାନରେ ନଛାଡିବାରେ ହିଁ ମୋର ଆତ୍ମା ପ୍ରାପ୍ତି ରହିଥାଏ ବୋଲି ଜାଣି, ତଦନୁଗୁଣ ଯୋଗ ଆଚରଣ କରି, ନିଜ କର୍ମକୁ ବିନାଶ କରି ପୁନର୍ଜନ୍ମ ନଥିବା ପରମପଦ ପାଇଥାଏ । ଏହିଭଳି ରହିଥିବା ବ୍ରହ୍ମଯୋଗୀ ମାନଙ୍କର ସାଧନା ଅନୁଭବ କିପରି ଥାଏ ? ତଳ ଶ୍ଲୋକରେ ଦେଖନ୍ତୁ ।

**(୪) ଶ୍ଲୋକ,୧୮ : ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ବିଦ୍ୟାବିନୟୀ ବିପ୍ର, ଗାଈ, ହାତୀ, କୁକୁର, କୁକୁର ଭକ୍ଷକ ଚାଣ୍ଡାଳାଦି ସମସ୍ତଙ୍କଠାରେ ପଣ୍ଡିତମାନଙ୍କର ସମାନ ଦୃଷ୍ଟି ରହିଥାଏ ।

**ବିବରଣୀ :** ଏହି ଶ୍ଲୋକରେ ଉଚ୍ଚ, ନୀଚ, ମଧ୍ୟମ ନାମକ ତିନି ପ୍ରକାରର ଜୀବଙ୍କୁ ସୂଚିତ କରି, ସେମାନଙ୍କୁ ସମଦୃଷ୍ଟିରେ ଦେଖୁଥିବା ପାତ୍ରକୁ ଯୋଗୀ କହିଛନ୍ତି ।

ମଣିଷ ଭିତରେ ବ୍ରାହ୍ମଣ ଉଚ୍ଚ, ଚାଣ୍ଡାଳ ନୀଚ । ଜନ୍ତୁମାନଙ୍କ ଭିତରେ ଗାଈ ଉଚ୍ଚ, ହାତୀ ମଧ୍ୟମ, କୁକୁର ନୀଚ । ଏହିଭଳି ଉଚ୍ଚ ନୀଚାଦି ସର୍ବ ଶରୀରରେ ଥିବା ଆତ୍ମା ସମାନ ବୋଲି ବ୍ରହ୍ମଯୋଗୀ ମାନିଥାଏ । ନିଜ ଶରୀରରେ ଆତ୍ମାକୁ ଦେଖିଥିବା ବ୍ରହ୍ମଯୋଗୀ ଅନ୍ୟ ମାନଙ୍କଠାରେ ଆତ୍ମା କିପରି ଜାଣିପାଇଥାଏ । ନିଜ ଶରୀରର ଆତ୍ମା କେଉଁଠି ଅଛି କିପରି ଅଛି, କ'ଣ କରୁଛି ଜାଣିଥିବା ପାତ୍ର ଅନ୍ୟ ଉଚ୍ଚ, ନୀଚ ସର୍ବଜୀବ ଶରୀରରେ ମଧ୍ୟ ନିଜ ଶରୀରରେ ଥିବା ଭଳି ଆତ୍ମା ଥାଏ, ନିଜ ଶରୀରରେ ଯେଉଁଠି ଯେପରି ଥାଏ ସେମାନଙ୍କ ଠାରେ ସେପରି ଥାଏ, ନିଜଠାରେ ଯାହା କରୁଛି ସେମାନଙ୍କ ଠାରେ ମଧ୍ୟ ତାହା କରୁଛି, ତେଣୁ ସବୁଦିଗରୁ ସମାନ ଭାବରେ ଆତ୍ମା ରହିଛି ବୋଲି ଭାବି, ସେ କୌଣସି ଜୀବରାଶିକୁ ଦେଖିଲେ ସେଥିରେ ଥିବା ଆତ୍ମାକୁ ନିଜ ଶରୀରର ଆତ୍ମା ଭଳି ଦେଖିଥାଏ ।

କେତେକ ଉଚ୍ଚନୀଚ ନଦେଖି ସମସ୍ତଙ୍କୁ ସମାଦର କରିବା ଉଚିତ୍, ତାହା ହିଁ ସତ୍ୟ ବୋଲି କହିଛନ୍ତି, କିନ୍ତୁ ଏହା ବାହ୍ୟ ଆଦରଣ ହେବ ! ସେପରି ହେଲେ ଗାଈକୁ ଆଦର କରିବା ଭଳି କୁକୁରକୁ ଆଦର କରିପାରିବା ସିନା, କେଞ୍ଚୁଆକୁ ଆଦର କରିବା ଭଳି ନାଗସାପକୁ ଆଦର କରିପାରିବା ନାହିଁ । ହରିଣକୁ ଆଦର କରିପାରିବା ସିନା, ବାଘକୁ ଆଦର କରିପାରିବା ନାହିଁ । ପ୍ରକୃତିଧର୍ମ କାରଣରୁ ସେମାନଙ୍କର ଗୁଣ, ଚଳିଚଳନ ଅଲଗା ଅଲଗା ହୋଇଥାଏ, ସେମାନଙ୍କୁ ଆମେ ଭୁଲ୍ ବଶତଃ ଏକ ଭାବିଲେ ମଧ୍ୟ ସେମାନେ ସେଭଳି ହୋଇନଥାନ୍ତି । ବହୁଦିନର ପୋଷାବାଘ ମଧ୍ୟ ହଠାତ୍ ଆକ୍ରମଣ କରିପାରେ, ତେଣୁ ଆମେ ସେମାନଙ୍କ ପ୍ରକୃତି ଧର୍ମକୁ ନଦେଖି ସେମାନଙ୍କ ଠାରେ ଥିବା ଆତ୍ମାରେ ସମାନତାକୁ ଦେଖିବା ଉଚିତ୍ । ସର୍ବ ଜୀବରାଶିରେ ସେମାନଙ୍କର ପ୍ରକୃତି ଧର୍ମ ଯେଉଁଭଳି ଥାଉ, କିନ୍ତୁ ସ୍ୱଧର୍ମ ସମସ୍ତଙ୍କଠାରେ ସମାନ ଭାବରେ ରହିଛି ବୋଲି ଜାଣିବା ଉଚିତ୍ ।

**୪) ଶ୍ଲୋକ,୧୯ : ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେସ୍ଥିତଂ ମନଃ ।**
**ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍‌ବ୍ରହ୍ମଣି ତେ ସ୍ଥିତାଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯାହାର ମନ ସର୍ବ ଜୀବରାଶିଠାରେ ସମାନତା ବହନ କରିଥାଏ, ସେ ଇହଲୋକରେ ସଂସାର ସମୁଦ୍ରକୁ ଡେଇଁ ଯାଇଥିବା ଭଳି ରହିଥାଏ । ସମସ୍ତଙ୍କଠାରେ ଥିବା ନିର୍ଦ୍ଦୋଷ ଆତ୍ମାକୁ ନିଜ ଆତ୍ମା ଭଳି ଭାବୁଥିବାରୁ ସେ ଆତ୍ମାକୁ ପ୍ରାପ୍ତ ହୋଇଥାଏ ।

**ବିବରଣୀ :** ଏଠାରେ ଟିକିଏ ଗଭୀର ବିଚାର କରିବାକୁ ହେବ । ବ୍ରହ୍ମଯୋଗ ଆଚରଣ କରି, ଆତ୍ମାକୁ ଜାଣି, ତାହା ସମସ୍ତଙ୍କଠାରେ ସମାନ ଭାବରେ ରହିଛି ବୋଲି ଭାବିବା ଦ୍ୱାରା, ସେହି ଜନ୍ମରେ ମୋକ୍ଷ ହୋଇଯାଏ ଭାବିବା ଉଚିତ୍ ନୁହେଁ । ମୋକ୍ଷ ପାଇଁ କର୍ମ ନିର୍ମୂଳ ହେବା ଉଚିତ୍ । କର୍ମସବୁ ନିର୍ମୂଳ ହେବାପାଇଁ ଅନେକ ଜନ୍ମ ଲାଗିଥାଏ । ଏଠାରେ ବ୍ରହ୍ମଯୋଗୀ ଇହରେ ସଂସାରକୁ ଜୟ କରିବାଭଳି ହୋଇଥାଏ, ଏଇ କଥା ଅନୁଯାୟୀ ଦେହ ଥିବା ଅବସ୍ଥାରେ ବା ମରଣ ହେବା ଆଗରୁ, ଅର୍ଥାତ୍ ଶରୀରରେ ଜୀବ ରହିଥିବା ସମୟରେ ଯେତେବେଳେ ଯୋଗରେ ରହିଥାଏ ସେତେବେଳେ ସେ ବାହ୍ୟ ଦୁନିଆ ସହିତ ସମ୍ପର୍କ ତୁଟାଇ ଦେଇଥାଏ, ତେଣୁ ସେ ସମୟରେ ସେ ଜଗତର କର୍ମକୁ ଯିତିବା ଭଳି ଆତ୍ମାକୁ ପାଇଥାଏ ସିନା, ପରମାତ୍ମାଙ୍କୁ ପାଇନଥାଏ ବୋଲି ଜାଣିବା ଉଚିତ୍ । ଯେଉଁମାନେ ପରମାତ୍ମାଙ୍କୁ ପାଇଥାନ୍ତି ସେମାନେ ଆଉ ଜନ୍ମ ହୋଇନଥାନ୍ତି ବା ସେମାନଙ୍କର ପୁନର୍ଜନ୍ମ ନଥାଏ । ଆତ୍ମାକୁ ପାଇଥିବା ବ୍ୟକ୍ତି ଜନ୍ମକୁ ଅଟକାଇଦେବା ଭଳି ଯୋଗ୍ୟତା ହାସଲ କରିଥିବା ଭଳି ଦେଖାଯାଏ, ହେଲେ ସେ କେବଳ ଆତ୍ମାପ୍ରାପ୍ତ ହୋଇଥିବାରୁ ତାର ନିଶ୍ଚୟ ପୁନର୍ଜନ୍ମ ହୋଇଥାଏ, କିନ୍ତୁ ସେହି ଜନ୍ମରେ ତାର ସମସ୍ତ କର୍ମ ବିନାଶ ହୋଇଗଲେ ମୋକ୍ଷ ହୋଇଯାଇ ପାରେ । ବ୍ରହ୍ମଯୋଗୀ ଯୋଗ ସମୟରେ କିପରି ରହିଥାଏ ତାହା ତଳ ଶ୍ଳୋକରେ ଜାଣିବା ।

**(୪) ଶ୍ଳୋକ,୨୦ : ନ ପ୍ରହୃଷ୍ୟେତ୍ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍ପ୍ରାପ୍ୟ ଚାପ୍ରିୟଂ ।**
**ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ବ୍ରହ୍ମବିତ୍ ନିଜର ଅଜ୍ଞାନତାକୁ ଛାଡିଦେଇ ବୁଦ୍ଧିକୁ ଆତ୍ମାରେ ଲଗ୍ନ

କରିଥାଏ, ସେ ପ୍ରିୟ ପଦାର୍ଥ ପାଇଲେ ମଧ୍ୟ ଖୁସିହୋଇ ନଥାଏ, ସେହିଭଳି ଅପ୍ରିୟ ପଦାର୍ଥ ପାଇଲେ ମଧ୍ୟ କ୍ଷୁବ୍ଧହୋଇ ନଥାଏ ।

**ବିବରଣୀ :** ବ୍ରହ୍ମଯୋଗ ଆଚରଣ କରିବା ବେଳେ ତାର ମନ ବାହାର ବିଷୟକୁ ଗ୍ରହଣ କରିବା ବନ୍ଦକରି, ସ୍ଥିର ରହିଯାଇ, ମନୋଦୃଷ୍ଟିକୁ ଆତ୍ମା ଉପରେ କେନ୍ଦ୍ରିକୃତ କରି, ଆତ୍ମାର ଅନୁଭବ, ତାର ସମାଚାର ଗ୍ରହଣ କରି ବୁଦ୍ଧିକୁ ଜଣାଇଥାଏ । ବୁଦ୍ଧି ମନଠାରୁ ଆତ୍ମା ବିଷୟକୁ ଗ୍ରହଣ କରି ଜୀବକୁ ଜଣାଇଥାଏ । ଜୀବ ମନ ଦେଖାଇଥିବା ବିଷୟକୁ ବୁଦ୍ଧି ଦ୍ୱାରା ଦେଖୁଥାଏ । ମନ ବାହ୍ୟ ବିଷୟଗୁଡ଼ିକୁ ଆଣିବା ବେଳେ ସେଗୁଡ଼ିକୁ ଗୁଣଗୁଡ଼ିକ ଦ୍ୱାରା ବିଚାର କରିବା ବୁଦ୍ଧିର କାର୍ଯ୍ୟ । ଯୋଗରେ ମନ ଗୁଣ ସମ୍ପର୍କୀୟ ହୋଇନଥିବା ଆତ୍ମା ବିଷୟ ଆଣିଥିବାରୁ ବୁଦ୍ଧି ସେତେବେଳେ ଗୁଣହୀନ ବିଚାର କରିଥାଏ । ମନ ବୁଦ୍ଧିକୁ କୌଣସି ବିଷୟ ଯୋଗାଇବା ବେଳେ ତାହାକୁ ଅନୁଭବ କରିବା କାର୍ଯ୍ୟ ହେଉଛି ଜୀବର । ଏବେ ଯୋଗ ସମୟରେ ବାହ୍ୟ ପ୍ରକୃତି ବିଷୟ ଅନୁଭବ କରିବାକୁ ସୁଯୋଗ ନପାଇ ଜୀବ ଭିତରର ଆତ୍ମା ବିଷୟ ଅନୁଭବ କରିଥାଏ । ଏହି ପ୍ରକ୍ରିୟାରେ ଜୀବର ଭିତର ବ୍ୟତୀତ କୌଣସି ବାହ୍ୟଧ୍ୟାନ ନଥାଏ, ସେଥିଲାଗି ତାପାଇଁ ବାହାରେ ପ୍ରିୟ ଅପ୍ରିୟ କିଛି ନଥାଏ । କାରଣ ! ସେସବୁକୁ ସେ ଗ୍ରହଣ କରିବା ସ୍ଥିତିରେ ନଥାଏ, ତେଣୁ ପ୍ରିତୀରେ ସୁଖି ହୁଏ ନାହିଁ କି ଅପ୍ରିତୀରେ ଦୁଃଖ କରେ ନାହିଁ । ଯୋଗନିଷ୍ଠାରେ ଥିବାବେଳେ ମଣି, କାଞ୍ଚନ ତା ଆଗରେ ନେଇ ରଖିଲେ ମଧ୍ୟ ସେ ସନ୍ତୋଷ ଲାଭ କରିନଥାଏ ।

**(୪) ଶ୍ଳୋକ,୨୧ : ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମାନି ଯତ୍ ସୁଖମ୍ ।**
**ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ବାହ୍ୟ ସ୍ପର୍ଶଶବ୍ଦାଦିରେ ସମ୍ବନ୍ଧୀତ ନହୋଇ ଅନ୍ତରାତ୍ମାରେ ସୁଖ ଅନୁଭବ କରୁଥିବା ପାତ୍ରକୁ ବ୍ରହ୍ମଯୋଗୀ କୁହାଯାଏ, ତାକୁ ଅକ୍ଷୟସୁଖ ମିଳିଥାଏ ।

**ବିବରଣୀ :** ବ୍ରହ୍ମଯୋଗ ଆଚରଣ କରୁଥିବା ଯୋଗୀ କେବଳ ଆତ୍ମାନନ୍ଦ ନାମକ ଅନୁଭୂତି ପାଇଥାଏ, ସେ ବାବଦରେ ଜାଣିଥାଏ । ତେଣୁ ସେ ତାହାକୁ ବାହ୍ୟତଃ ବ୍ୟକ୍ତ କରିବା ସମ୍ଭବ ନୁହେଁ । ଅକ୍ଷୟ ଆତ୍ମାକୁ ପାଇବା ଦ୍ୱାରା ଯୋଗୀକୁ ଅକ୍ଷୟସୁଖ ମିଳିଥାଏ, ତାର ଶରୀରରେ ଥାଏ ଗୋଟିଏ ଆତ୍ମା, ତେଣୁ ଯୋଗୀ ଗୋଟିଏ ସୁଖକୁ ଅନୁଭବ କରିଥାଏ । ଯେତେବେଳେ ସେ ଯୋଗ ଆଚରଣ କରିଥାଏ ସେତେବେଳେ ସେ ସେହି ସୁଖକୁ ଅନୁଭବ କରିଥାଏ, ସେଥିରେ କୌଣସି ବ୍ୟତିକ୍ରମ ନଥାଏ । ଅକ୍ଷୟସୁଖ କହିଲେ ସାରା ଜୀବନ ପାଇଁ ବୋଲି ଭାବନ୍ତୁ ନାହିଁ । ଯେତିକି ଯୋଗରେ ରହେ ସେତିକି ସମୟ ଅକ୍ଷୟସୁଖ ପାଏ । ଯୋଗରେ ନରହି ଭୌତିକ ବିଷୟରେ ଥିଲେ ପାଇନଥାଏ ।

**(୪) ଶ୍ଲୋକ,୨୨ : ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ନତେଷୁ ରମତେ ବୁଧଃ ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ବାହ୍ୟେନ୍ଦ୍ରିୟ ଗୁଡିକରୁ ଜନ୍ମୁଥିବା ସୁଖଗୁଡିକ ହିଁ ଦୁଃଖର ହେତୁ, ତାହା ଆସୁଥାଏ ଯାଉଥାଏ, ଜ୍ଞାନୀମାନେ ତାହାକୁ ଖାତର କରିନଥାନ୍ତି, ଖୁସି ମଧ୍ୟ ହୋଇନଥାନ୍ତି ।

**(୪) ଶ୍ଲୋକ,୨୩ :ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।**
**କାମକ୍ରୋଧୋଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଶରୀର ଛାଡିବା ଆଗରୁ କାମ କ୍ରୋଧ ଏବଂ ତାର ବେଗକୁ ନିଖୋଜ କରି ଶାନ୍ତ ହୋଇପାରୁଥିବା ସାମର୍ଥ୍ୟବନ୍ତ ହିଁ ବ୍ରହ୍ମଯୋଗୀ, ସେ ଆତ୍ମା ସୁଖ ପାଇବାକୁ ଯୋଗ୍ୟ ହୋଇଥାଏ ।

**(୪) ଶ୍ଲୋକ,୨୪ : ଯୋଽନ୍ତଃସୁଖୋଽନ୍ତରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।**
**ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଅନ୍ତଃସୁଖକୁ ପାଇଥାଏ, ଯିଏ ଅନ୍ତରରେ ଆରାଧନା କରୁଥାଏ, ଯାହା ଭିତରେ ଜ୍ଞାନାଗ୍ନି ଜ୍ୟୋତି ଭଳି ଜଳୁଥାଏ ସେ ବ୍ରହ୍ମଯୋଗୀ ହୋଇ ବ୍ରହ୍ମକୁ ପାଇଥାଏ ।

**(୪) ଶ୍ଲୋକ,୨୫: ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ସର୍ବଭୂତର ହିତାକାଙ୍‌କ୍ଷୀ ହୋଇ, ପାପ କ୍ଷୀଣକାରୀ ହୋଇ, ସନ୍ଦେହହୀନ ହୋଇ ଯିଏ ରହିଥାଏ ସେ ବ୍ରହ୍ମଯୋଗୀ ହୋଇ ଆତ୍ମା ସ୍ଥାନକୁ ପାଇଥାଏ ।

**(୪) ଶ୍ଲୋକ,୨୬: କାମକ୍ରୋଧବିମୁକ୍ତାନାଂ ଯତୀନାଂ ଯତ ଚେତସାମ୍ ।**
**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତତେ ବିଦିତାତ୍ମନାମ୍ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** କାମ, କ୍ରୋଧକୁ ଯିଏ ଛାଡିଥାଏ, ଜ୍ଞାନ ଦ୍ୱାରା ଯିଏ ଇନ୍ଦ୍ରିୟଗୁଡିକୁ ନିଗ୍ରହ କରିଥାଏ ସେ ଭୂପୃଷ୍ଠରେ ଆତ୍ମା ସ୍ଥାନକୁ ପାଇଥାଏ ।

**(୪) ଶ୍ଲୋକ,୨୭: ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।**
**ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥**

**(ବ୍ରହ୍ମଯୋଗ)**

**(୪) ଶ୍ଲୋକ,୨୮: ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନି ର୍ମୋକ୍ଷ ପରାୟଣଃ ।**
**ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ବାହ୍ୟ ଶବ୍ଦାଦି ବିଷୟକୁ ବର୍ଜନ କରି, ଭ୍ରୂଲତା ମଧ୍ୟରେ ମନୋଦୃଷ୍ଟିକୁ ରଖି, ନାଶାରନ୍ଧ୍ରରେ ପ୍ରବାହ ହେଉଥିବା ନିଶ୍ୱାସ ପ୍ରଶ୍ୱାସକୁ ସମାନ ଭାବରେ ସ୍ଥିର କରି, ସ୍ୱାଧୀନ ଇନ୍ଦ୍ରିୟଯୁକ୍ତ ହୋଇ, ମନରୁ ରାଗ ଭୟାଦିକୁ କାଢି, ମୋକ୍ଷ

ହିଁ ମୋର ପରମ ଆଶା ଭାବ ନେଇ ବ୍ରହ୍ମଯୋଗୀ ସବୁବେଳେ ଆତ୍ମାନୁଭବ କରୁଥାଏ ।

**ବିବରଣୀ :** ମନର ଥିବା ଦୃଷ୍ଟିକୁ ମନୋଦୃଷ୍ଟି କହିପାରିବା, ସେହିଭଳି କାନ, ନାକ, ଜିଭ, ଚର୍ମାଦିର ମଧ୍ୟ ଦୃଷ୍ଟିଥାଏ । ତରକାରିରେ ଲୁଣ କେତେ ପରିମାଣରେ ଅଛି ଦେଖି କହୁଛି ବୋଲି ଆମେ ବେଳେବେଳେ କହୁଛେ । ଏହି କଥା ଅନୁସାରେ ଜିଭର ରୁଚି ଦେଖିବା ଦୃଷ୍ଟି ଅଛି ବୋଲି ଜଣାଯାଉଛି, ସେହିଭଳି ପଞ୍ଚ ଜ୍ଞାନେନ୍ଦ୍ରିୟ ଗୁଡିକର ଦୃଷ୍ଟି ଅଛି ବୋଲି ମଧ୍ୟ କହିପାରିବା । ସେଗୁଡିକର ଦୃଷ୍ଟି ଦ୍ୱାରା ଭୌତିକ ବିଷୟଗୁଡିକୁ ଦେଖିପାରି, ଦେଖିଥିବା ବିଷୟ ଗୁଡିକୁ ମନକୁ ଦେଖାଇଲେ ମନ ତାହାକୁ ବୁଦ୍ଧିକୁ ଦେଖାଏ । ବ୍ରହ୍ମଯୋଗରେ ସେହି ଜ୍ଞାନେନ୍ଦ୍ରିୟ ଗୁଡିକୁ ଦେଖିନପାରିବା ଭଳି କରି, ସେଗୁଡିକର ବିଷୟ ମନକୁ ନଜଣାଇ, ଅର୍ଥାତ୍ ମନୋଦୃଷ୍ଟିକୁ ସେଗୁଡିକଠାରୁ ଦୂରରେ ରଖି, ଭ୍ରୂଲତା ମଧ୍ୟରେ ଥିବା ମୁଣ୍ଡର ମଧ୍ୟଭାଗକୁ ଦେଖିବାବେଳେ ସ୍ଥୂଳତଃ କିଛି ଦେଖାଯାଇ ନଥାଏ । ଏହା ସାଧନାପ୍ରାପ୍ତ ଯୋଗୀର କଥା । କିଛି ଦେଖାଯାଉନଥିବା ସ୍ଥିତିରେ ଆଉ ଯାହା ରହିଥାଏ ତାହାକୁ ମନ ସେଠାରେ ଦେଖୁଥାଇ, ବୁଦ୍ଧି ତାହାକୁ ଗ୍ରହଣ କରୁଥାଏ । ଯେତେବେଳେ ମନ ବାହ୍ୟ ବିଷୟଗୁଡିକ ଉପରେ ନଥାଏ ସେତେବେଳେ ନାକରେ ଯିବା ଆସିବା କରୁଥିବା ଶ୍ୱାସ ମଧ୍ୟ କ୍ରମଶଃ କମ୍ ହୋଇଛି କି ନାହିଁ ଜଣାପଡିଥାଏ, ଏତିକିବେଳେ ଆତ୍ମା କ'ଣ ତାହା ମନ ଦେଖି ବୁଦ୍ଧିକୁ ଜଣାଇଥାଏ ଏବଂ ସେହି ଅନୁଭବକୁ ମନୋବୁଦ୍ଧି ଦ୍ୱାରା ଜୀବ ଅନୁଭବ କରିଥାଏ । ବ୍ରହ୍ମଯୋଗ ପଦ୍ଧତି ବାବଦରେ ଜାଣିଥିବା ବ୍ୟକ୍ତି ସବୁବେଳେ ଏହି ପଦ୍ଧତିରେ ରହିପାରି ଆତ୍ମାନୁଭବ ପାଉଥାଏ । ଏଭଳି କରିବା ଦ୍ୱାରା ତାର ସଞ୍ଚିତକର୍ମ ଜଳିଯାଇଥାଏ ଏବଂ ଶେଷରେ ସେ ମୋକ୍ଷ ପାଇବାକୁ ଯୋଗ୍ୟ ହୋଇଥାଏ ।

**(୪) ଶ୍ଳୋକ,୨୯ : ଭୋକ୍ତାରଂ ଯଜ୍ଞ ତପସାଂ ସର୍ବଲୋକମହେଶ୍ୱରଂ ।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତି ମୃଚ୍ଛତି ॥**

(ଆତ୍ମା)

**ଭାବାର୍ଥ :** ଯଜ୍ଞ ତପାଦି ସ୍ୱୀକାର କରି, ସର୍ବଗୁଣର ମହେଶ୍ୱର ହୋଇ, ସର୍ବ ଜୀବରାଶିର ସୁହୃଦ ହୋଇଥିବା ମୋତେ ଜାଣିବାଦ୍ୱାରା ନର ଶାନ୍ତି ପାଇଥାଏ ।

**ବିବରଣୀ :** ଦେହରେ ହେଉଥିବା ଯଜ୍ଞ, ତପସ୍ୟାର ଅଧିକାରୀ ଆତ୍ମା, ସେହିଭଳି ସମସ୍ତ ଲୋକର ଅଧିପତି ମଧ୍ୟ ଆତ୍ମା । ଏଠାରେ ଲୋକ କହିଲେ ଗୁଣରାଜି ବୋଲି ବୁଝନ୍ତୁ । ଉଦାହରଣ ସ୍ୱରୂପ ଜଣେ ଗୁରୁ ତାଙ୍କ ଶିଷ୍ୟକୁ କହିଲେ "ଲୋକ କେଉଁଭଳି ଅଛି ଶିଷ୍ୟ !" ସେତେବେଳେ ଶିଷ୍ୟ କହିଲା "ଯାହା ଲୋକ ଯାହାର ଗୁରୁଜୀ !" ଏଠାରେ ଶିଷ୍ୟର ଉଦ୍ଦେଶ୍ୟ "ଯାହା ଗୁଣରେ ଯିଏ ଅଛି" । ବଡମାନେ ଉର୍ଦ୍ଧ୍ୱ, ମଧ୍ୟ, ପାତାଳକୁ ତ୍ରୀଲୋକ କହନ୍ତି, ତାହା ମଧ୍ୟ ତିନିଗୁଣ । ଉର୍ଦ୍ଧ୍ୱଲୋକ କହିଲେ ସାତ୍ତ୍ୱିକଗୁଣ, ମଧ୍ୟଲୋକ କହିଲେ ରାଜସଗୁଣ, ପାତାଳଲୋକ କହିଲେ ତାମସଗୁଣ ବୋଲି ଜାଣିବା ଉଚିତ୍, ତିନିଗୁଣର ଅଧିପତି ଆତ୍ମା ବୋଲି ଜାଣିବା ଉଚିତ୍ । ଏହିଭଳି ତିନିଗୁଣକୁ ଛାଡି ତା ମଧ୍ୟରେ ଅଧିପତି ଭାବରେ ଥିବା ଆତ୍ମାକୁ ଜାଣିବା ଦ୍ୱାରା ନର ଶାନ୍ତି ପାଇଥାଏ । ଶରୀରରେ ଗୁଣହୀନ ପ୍ରଶାନ୍ତ କାଳକୁ ଶାନ୍ତି କହୁଛୁ । ଏହି ଅଧ୍ୟାୟଟି ଏତିକିରେ ସମାପ୍ତ ହେଲା । ଶ୍ଳୋକଗୁଡିକର ବିବରଣୀ ତଳେ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | କର୍ମଯୋଗ, ବ୍ରହ୍ମଯୋଗ | = | ୦୫ |
| ୨) | କର୍ମଯୋଗ | = | ୦୭ |
| ୩) | ବ୍ରହ୍ମଯୋଗ | = | ୧୩ |
| ୪) | ପ୍ରକୃତି | = | ୦୨ |
| ୫) | ଆତ୍ମା | = | ୦୧ |
| ୬) | ଆତ୍ମ ଜ୍ଞାନ | = | ୦୧ |
| | ମୋଟ | = | ୨୯ |

**ଭାବାର୍ଥ ଏବଂ ବିବରଣୀ ବଦଳିଥିବା ଶ୍ଳୋକଗୁଡିକ ହେଲେ = ୦୬,୧୮**

*****

# ଆତ୍ମ ସଂଯମ ଯୋଗ

## ଶ୍ରୀ ଭଗବାନ କହୁଛନ୍ତି :-

(୫) ଶ୍ଳୋକ,୧ : ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।
ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନଚାକ୍ରିୟଃ ।।
(କର୍ମଯୋଗ)

**ଭାବାର୍ଥ :** କର୍ମଫଳକୁ ଆଶ୍ରୟ ନକରି କାର୍ଯ୍ୟ କରିବା ଉଚିତ୍ ଭାବି ଯିଏ କାର୍ଯ୍ୟ କରିଥାଏ ସେ ପ୍ରକୃତ ସନ୍ନ୍ୟାସୀ ବା ପ୍ରକୃତ ଯୋଗୀ । ଯାହାଠାରେ ଅଗ୍ନି ନାହିଁ, ଯିଏ କାର୍ଯ୍ୟକରିବା ଛାଡିଦେଇଛି ସେ ଯୋଗୀ ନୁହେଁ କି ସନ୍ନ୍ୟାସୀ ନୁହେଁ ।

**ବିବରଣୀ :** ଯୋଗୀକୁ ସନ୍ନ୍ୟାସୀ, ସନ୍ନ୍ୟାସୀକୁ ଯୋଗୀ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ସନ୍ନ୍ୟାସୀ କୁହ ବା ଯୋଗୀ କୁହ ଉଭୟର ଅର୍ଥ ଗୋଟିଏ ବୋଲି ଜାଣିବା ଉଚିତ୍ । ଏହି ଅଧ୍ୟାୟରେ ସନ୍ନ୍ୟାସୀ କିଏ ତାହା ବୁଝିପାରିବା ଭଳି ଭଗବାନ କହିଛନ୍ତି । ନିତ୍ୟ ଜୀବନରେ ସମସ୍ତେ ନାନା ପ୍ରକାରର କାର୍ଯ୍ୟ କରିଥାନ୍ତି । ଯାହାବି ହେଉ ସବୁ ଏଇ ପେଟପାଇଁ ତେଣୁ **'ପେଟପାଇଁ ନାନା ନାଟ'** ବୋଲି କେହି କେହି କହିଥାନ୍ତି । ଏହିଭଳି ଅନେକ କାର୍ଯ୍ୟରେ ପରିପୂର୍ଣ୍ଣ ଆମ ଜୀବନରେ ସବୁକାର୍ଯ୍ୟ ଭଲ ନଥାଏ କି ସବୁକାର୍ଯ୍ୟ ଖରାପ ନଥାଏ । କାର୍ଯ୍ୟ ଭଲ ହେଉ ବା ଖରାପ ହେଉ ତାହା ଆମେ କାହିଁକି କରୁଛେ ଭାବିଲେ, ଆମେ କାର୍ଯ୍ୟ କରିବା ଦ୍ୱାରା ତାର କିଛି ପ୍ରତିଫଳ ଆମକୁ ମିଳିଥାଏ । ଦିନେ କାର୍ଯ୍ୟ କଲେ ୧୦୦ ଟଙ୍କା ପାରିତୋଷିକ ମିଳିଥାଏ ବୋଲି ଭାବି ପାରିବା । ଏହିଭଳି ପ୍ରତ୍ୟେକ କାର୍ଯ୍ୟରୁ କିଛି ଫଳ ବା ପାରିତୋଷିକ ମିଳିଥାଏ । ପ୍ରତ୍ୟେକ ବ୍ୟକ୍ତି କରୁଥିବା ନିଜ ନିଜ କାର୍ଯ୍ୟରୁ ଅଲଗା ଅଲଗା ଫଳସବୁ ପାଇଥାନ୍ତି । ରୋଡ୍‌ପ୍ଲାନ୍ ଦେଉଥିବା ବ୍ୟକ୍ତିର ଫଳ ଏକ ପ୍ରକାରର ହେବାବେଳେ, ସେହି ରୋଡ୍‌ରେ କାର୍ଯ୍ୟ କରୁଥିବା ବ୍ୟକ୍ତିର ଫଳ ଆଉଏକ ପ୍ରକାରର ହୋଇଥାଏ । ଏହିଭଳି କାର୍ଯ୍ୟ ଗୁଡିକରୁ ଆଖିକୁ ଦେଖାଯାଉଥିବା ଫଳ କିଛି ମିଳିଥାଏ ବୋଲି ସମସ୍ତେ ଜାଣିଥାନ୍ତି ।

ଏଥିରେ କାହାକୁ ଜଣାନଥିବା ବିଷୟ ମଧ୍ୟ ଆଉଗୋଟିଏ ରହିଛି । ତାହା ହେଉଛି ! ମଣିଷ କରୁଥିବା ପ୍ରତ୍ୟେକ କାର୍ଯ୍ୟରୁ ଆଖିକୁ ଦେଖାଯାଉ ନଥିବା ଫଳ ମଧ୍ୟ ଗୋଟିଏ ମିଳିଥାଏ । ଆଖିକୁ ଦେଖାଯାଉଥିବା ଫଳ ଟଙ୍କା ରୂପରେ, ଦେଖାଯାଉ ନଥିବା ଫଳ କର୍ମ ରୂପରେ ମିଳିଥାଏ । କର୍ମ ଯେହେତୁ ଦେଖାଯାଇ ନଥାଏ ତେଣୁ କେଉଁକାର୍ଯ୍ୟରୁ କେତେକର୍ମ ଆସେ ତାହା ଆମେ କହିପାରିବା ନାହିଁ । ବାହାରେ ଫଳ ଅର୍ଜନ ଅନୁସାରେ ସେ ଏତେବଡ ଧନୀ, ସେ ଏତେବଡ ଲୋକ ବୋଲି କହିପାରୁଛେ, କିନ୍ତୁ ଦେଖାଯାଉ ନଥିବା ଫଳ କର୍ମ ଅନୁସାରେ କାହାର କେତେ କର୍ମ ରହିଛି କହିପାରିବା ନାହିଁ । ଜଳୁଥିବା ନିଆଁ ତଳେ, ଦେଖାଯାଉଥିବା କାଠ ଉପରେ, ଦେଖାଯାଉ ନଥିବା ପବନ ଲାଗିରହିବା ଭଳି, ହେଉଥିବା କାର୍ଯ୍ୟରୁ ଗୋଟିଏ ଦିଗରେ ଦେଖାଯାଉଥିବା ଫଳ ମିଳୁଥିବା ସ୍ଥଳେ, ଆଉଗୋଟିଏ ଦିଗରୁ ଦେଖାଯାଉ ନଥିବା ଫଳ ମଧ୍ୟ ମିଳିଥାଏ । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି କାର୍ଯ୍ୟର ଏହି ଦୁଇଟି ଫଳ ରହିଥାଏ । ଏଠାରେ ଆମକୁ ଜଣାନଥିବା ଆଉ ଏକ ବିଷୟ ରହିଛି । ତାହା ହେଲା ! କରୁଥିବା କାର୍ଯ୍ୟରୁ ଦେଖାଯାଉ ନଥିବା କର୍ମ (ଫଳ)କୁ ବିନାଶ କରିବା ଉପାୟ । କରୁଥିବା କାର୍ଯ୍ୟର ମଜୁରୀ (ଫଳ) ଟଙ୍କା ରୂପରେ ନେଲେ ବା ମୁଦ୍ରା ରୂପରେ ନେଲେ ତାହା ମୁଦ୍ରାର ଦୁଇପାର୍ଶ୍ୱ ରୂପରେ ମିଳିଥାଏ, ଶସ୍ୟ ରୂପରେ ନେଲେ କିମ୍ବା ବସ୍ତୁ ରୂପରେ ନେଲେ ତାହା ଗୋଟିଏ ରୂପରେ ମିଳେ ସିନା ମୁଦ୍ରାଭଳି ଦୁଇପାର୍ଶ୍ୱ ମିଳିବ ନାହିଁ । ସେହିଭଳି ଦେଖାଯାଉଥିବା ଫଳ ବ୍ୟତୀତ ଦେଖାଯାଉ ନଥିବା ଦ୍ୱିତୀୟ ଫଳ ନଥିବା କାର୍ଯ୍ୟ ଏବଂ ସେହି କାର୍ଯ୍ୟ କରିବା ବିଧିଟିଏ ରହିଛି ବୋଲି ଭଗବାନ ଏଠାରେ ଜଣାଇଛନ୍ତି । ତାହା ହେଉଛି ! ଏକ କାର୍ଯ୍ୟ ହେଉଥିବା ବେଳେ ସେଥିରୁ କର୍ମ କିପରି ଆସିଥାଏ ତାହା ପ୍ରଥମେ ଜାଣିବା ଉଚିତ୍, ଜାଣିଗଲେ କର୍ମବନ୍ଧନରେ ନପଡିବା ଉପାୟକୁ ଜାଣିପାରିବା ବୋଲି କହିଛନ୍ତି । ଏସବୁ କେଉଁ ଅନ୍ୟ ଦେଶକୁ ଯାଇ ଜାଣିବା ଆବଶ୍ୟକ ନାହିଁ, ଦେହରେ ରହି ଜାଣିହେବ, ସେଥିଲାଗି ଏହା ଅତି ସହଜ । ଏକ କାର୍ଯ୍ୟ କରିବା ବେଳେ ସେହି କାର୍ଯ୍ୟଟି ହେବାର କାରଣ କଅଣ ପ୍ରଥମେ ବିଚାର କରିବା ଉଚିତ୍ । ଗତଜନ୍ମର (ଜନ୍ମଗୁଡିକର) ସଞ୍ଚିତକର୍ମ ଚଳିତ ଜନ୍ମର ପ୍ରାରବ୍ଧକର୍ମ ହୋଇ ନିତ୍ୟ ଅନୁଭବରେ ଆସିଥାଏ । ଏକ କାର୍ଯ୍ୟ ହେବାକୁ ହେଲେ ସେହି

ପ୍ରାରବ୍ଧ ହିଁ ପ୍ରଥମ କାରଣ ହୋଇଥାଏ । ପ୍ରାରବ୍ଧ ଅନୁସାରେ ଏକ ବିଷୟ ପ୍ରଥମେ ମନ ଦ୍ୱାରା ସ୍ମୃତିରେ ଆସିଥାଏ । ସେହି ବିଷୟକୁ ତୁରନ୍ତ ବୁଦ୍ଧି ଗ୍ରହଣ କରି, ସେହି ସମୟରେ ଅନୁକୂଳିତ ହୋଇ ରହିଥିବା ଗୁଣଗୁଡିକ ଦ୍ୱାରା ବିଚାର କରିଥାଏ । ଗୁଣଗୁଡିକ ଦୁଇ ପ୍ରକାରର ଥାଏ । ଗୋଟିଏ ଗୁଣଦ୍ୱାରା ବୁଦ୍ଧି ଗୋଟିଏ ପ୍ରକାର ବିଚାର କଲେ, ସେହି ବିଷୟ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ସୂଚନା ମିଳୁଥିବା ବେଳେ, ଦ୍ୱିତୀୟ ପ୍ରକାରର ଗୁଣ ଅନୁସାରେ ସେହି କାର୍ଯ୍ୟ କରନାହିଁ ବୋଲି ବୁଦ୍ଧି ପୁନଃ ସୂଚିତ କରିଥାଏ । ଏହିଭଳି ସେଥିରେ ଲାଭ ଅଛି ବୋଲି ଏକ ପ୍ରକାର, ନାହିଁ ବୋଲି ଆଉଏକ ପ୍ରକାର, ଏହା ଭଲକାର୍ଯ୍ୟ ବୋଲି ଏକ ପ୍ରକାର ସୂଚନା ଆସୁଥିବା ବେଳେ, ତାହା ଭଲକାର୍ଯ୍ୟ ନୁହେଁ ବୋଲି ଆଉ ଏକ ପ୍ରକାର ସୂଚନା ମଧ୍ୟ ଆସିଥାଏ । ଏହିଭଳି ନାନା ପ୍ରକାର ବିଚାର କରିବା ବୁଦ୍ଧିର କାର୍ଯ୍ୟ । ବୁଦ୍ଧିର ବିଚାରିତ ବିଷୟକୁ ତୁରନ୍ତ ପାଖରେ ଥିବା ଚିତ୍ତ ଗ୍ରହଣ କରି ସେ କାର୍ଯ୍ୟ କରିବା ଉଚିତ୍ କି ନୁହେଁ ନିର୍ଣ୍ଣୟ ନେଇଥାଏ । ହେଲେ ସେହି ନିର୍ଣ୍ଣୟକୁ ଚିତ୍ତ ମଧ୍ୟ ସ୍ୱ ଇଚ୍ଛାରେ ନିର୍ଣ୍ଣୟ ନକରି ଏକ ଆଧାର ଅନୁଯାୟୀ ନିର୍ଣ୍ଣୟ ନେଇଥାଏ । ତାହା ହେଲା ! ସେତେବେଳେ ଚଳିତ ପ୍ରାରବ୍ଧକର୍ମରେ ଯାହା ହେବାକୁ ଥିବ ବା ଯାହା ପ୍ରାରବ୍ଧକର୍ମ ସୂଚିତ କରିବ ତାକୁ ହିଁ ଚିତ୍ତ ନିର୍ଣ୍ଣୟ କରି, ସେହି ବିଷୟ ଆଚରିତ ହେବା ନିୟମ ମନକୁ ଜଣାଇଥାଏ । ମନ ସେହି ବିଷୟ ଗୁଡିକୁ ଅବିଳମ୍ବେ ଶରୀରର ବାହ୍ୟେନ୍ଦ୍ରିୟ ଗୁଡିକୁ ଜଣାଇଥାଏ । ମନ ଆଦେଶ ଦେବା ଅନୁସାରେ ବାହ୍ୟେନ୍ଦ୍ରିୟ ବା କର୍ମେନ୍ଦ୍ରିୟ ଗୁଡିକ କାର୍ଯ୍ୟ କରିବା ଆରମ୍ଭ କରିଦିଅନ୍ତି । ଏହିପରି କାର୍ଯ୍ୟ କରିବା ପାଇଁ ନିର୍ଣ୍ଣୀତ ହୋଇଥାଏ ଶରୀରର ବିଭିନ୍ନ ଯନ୍ତ୍ରାଙ୍ଗ । ଏହାକୁ ଜାଣିବା ନିହାତି ଆବଶ୍ୟକ, ତେଣୁ ମନେ ରଖନ୍ତୁ । ପ୍ରାରବ୍ଧକର୍ମ କାର୍ଯ୍ୟରୂପ ନେବା ପାଇଁ ମନ, ବୁଦ୍ଧି, ଚିତ୍ତ ଏବଂ ଦଶଗୋଟି ଶରୀରାବୟବ, ଏପରି ସବୁମିଶି ମୋଟ ୧୩ ଜଣ ପାତ୍ରଧାରୀ ରହିଛନ୍ତି ।

ଏକ କାର୍ଯ୍ୟ ହେବାପାଇଁ ଶରୀର ଯନ୍ତ୍ରାଙ୍ଗ କିପରି ଖଞ୍ଜାଯାଇଛି ଜାଣିଲେ । ଏଥିରେ ଜୀବର ପାତ୍ର ପୋଷକତା କିଛି ନାହିଁ ବୋଲି ମଧ୍ୟ ଜାଣିଲେ । ଜୀବ କେବଳ ସାକ୍ଷୀ ଭାବରେ ଦେଖିଥାଏ, ପ୍ରାରବ୍ଧକର୍ମ ଅନୁଭବ ହେବାବେଳେ ମନ, ବୁଦ୍ଧି, ଚିତ୍ତ ନିଜ ନିଜର କାର୍ଯ୍ୟ କରୁଥିବା ସମୟରେ

ଜୀବ ମଧ୍ୟ ସେହିଠାରେ ରହିଥାଏ, ତେଣୁ ଜୀବ ସେସବୁ ଜାଣୁଥାଏ । ଏହିଭଳି ଗୋଟିକର ବିଷୟ ଆଉ ଗୋଟିଏକୁ ଜଣାପଡୁଥାଏ । ଶରୀରରେ ଜୀବ, ମନ, ବୁଦ୍ଧି, ଚିତ୍ତ, ଅହମ୍ (ଅହଂ) ନାମକ ୫ଗୋଟି ଅନ୍ତରାଙ୍ଗ ଥାଇ ପ୍ରାରବ୍ଧକର୍ମ କାର୍ଯ୍ୟରେ ପରିଣତ ହେବାବେଳେ କେବଳ ମନ, ବୁଦ୍ଧି, ଚିତ୍ତ କାର୍ଯ୍ୟ କରୁଥିବା ସ୍ଥଳେ ଜୀବ ଏବଂ ଅହଂ କିଛି କରିନଥାନ୍ତି । କାର୍ଯ୍ୟ ହେବାରେ ଏ ଦୁଇଟିର କୌଣସି ସମ୍ପର୍କ ନଥାଏ । ମନ, ବୁଦ୍ଧି, ଚିତ୍ତର ସ୍ପନ୍ଦନ ଅନୁସାରେ ଶରୀର ଦ୍ୱାରା କାର୍ଯ୍ୟ ହେଉଥାଏ, ସେହି କାର୍ଯ୍ୟର କଷ୍ଟସୁଖକୁ ଜୀବ ଅନୁଭବ କରିଥାଏ । ଜୀବ (ଜୀବାତ୍ମା) ଶରୀରରେ କେବଳ ଦୁଃଖସୁଖକୁ ଅନୁଭବ କରିବା ପାଇଁ ଥାଏ ବୋଲି ଆମେ ଜାଣିବା ଉଚିତ୍ । ଗୋଟିଏ ଲଡ୍ଡୁ ଖାଇବାକୁ ଇଚ୍ଛାହେବା ସମୟରେ, ସେତେବେଳର ଆଶା ନାମକ ଗୁଣ ଅନୁସାରେ ବୁଦ୍ଧି ଖାଆ ବୋଲି ବିଚାର କରିଥିବା ଜିନିଷକୁ ଚିତ୍ତ ନିର୍ଣ୍ଣୟ ନେବା, ଶରୀରର ହାତ ଖୁଆଇବା, ମୁଖ (ପାଟି) ଖାଇବା, ତାର ସ୍ୱାଦର (ରୁଚିର) ଅନୁଭବକୁ ଜିଭ ମନକୁ ଜଣାଇବା, ସେକଥା ମନ ଭିତରେ ଥିବା ଜୀବକୁ ଜଣାଯିବା, ଜୀବ ତାହା ଜାଣି ଖୁସିହେବା ଇତ୍ୟାଦି ଘଟିଥାଏ । ଏହିଭଳି ଚିକିତ୍ସା ଅନୁସାରେ ଔଷଧ ଖାଇବାକୁ ପଡିବା ସମୟରେ, ଖାଉଥିବା ଔଷଧର ପିତାସ୍ୱାଦ ମଧ୍ୟ ମନ ଦ୍ୱାରା ଅନୁଭବ କରି କ୍ଷୋଭ ପ୍ରକାଶ କରିବା ଘଟିଥାଏ । ଏକ କାର୍ଯ୍ୟକୁ ମନ, ବୁଦ୍ଧି, ଚିତ୍ତ କରୁଥିବା ବେଳେ, ଜୀବାତ୍ମା କେବଳ ଦୁଃଖସୁଖକୁ ଅନୁଭବ କରିଥାଏ । ଜୀବକୁ ଅନୁଭବ କରାଇବା ପ୍ରାରବ୍ଧକର୍ମର ଉଦ୍ଦେଶ୍ୟ ହୋଇଥିବା ବେଳେ ତଦନୁଗୁଣ ଶରୀରଯନ୍ତ୍ରାଙ୍ଗ ଖଞ୍ଜାହୋଇଛି, ଏହାକୁ ଜାଣିବା ଉଚିତ୍ ।

ଏ ପର୍ଯ୍ୟନ୍ତ ଅହଂର କାର୍ଯ୍ୟ କ'ଣ ଜାଣି ନାହେଁ । ତାହା ଏବେ ଜାଣିବା । ଏକ କାର୍ଯ୍ୟରେ ମନ, ବୁଦ୍ଧି, ଚିତ୍ତ ଶ୍ରମ କରୁଥିବା ବେଳେ, କାର୍ଯ୍ୟରୁ ଆସୁଥିବା ଭଲ, ମନ୍ଦକୁ ଜୀବ ଅନୁଭବ କରିଥାଏ । ଏତିକିବେଳେ ଜୀବ ପାଖରେ ଥିବା ଅହଂ ହେଉଥିବା ସମସ୍ତ କାର୍ଯ୍ୟର ଅଧିପତି ତୁ, ତୋ ଦ୍ୱାରା ଏହି କାର୍ଯ୍ୟ ହେଲା ବୋଲି ଜୀବକୁ ବୋଧ କରିଥାଏ । ଜୀବ ଅହଂର ଏହି ଭାବକୁ ଗ୍ରହଣ କରି, ଅର୍ଥାତ୍ ଅହଂଭାବ ସହିତ ମିଶି ଏହି କାର୍ଯ୍ୟଟି ସତରେ ମୁଁ କରିଛି ବୋଲି ଭାବିଥାଏ । ସେତେବେଳେ କାର୍ଯ୍ୟରୁ ସ୍ୱଭାବତଃ ମିଳୁଥିବା ଆଗାମୀକର୍ମ ଜୀବର

କର୍ମଚକ୍ରରେ ପହଞ୍ଚିଯାଏ । ଜୀବାତ୍ମା ପୁରୁଣା ପ୍ରାରବ୍ଧକର୍ମକୁ ଅନୁଭବ କରୁଥିଲେ ମଧ୍ୟ ନୂଆ ଆଗାମୀ କର୍ମକୁ ଅର୍ଜନ କରିଥାଏ । ଅନୁଭବ କରି ପୁରୁଣା କର୍ମ ଶେଷ କରିବା ବଦଳରେ ସାଧାରଣ ଜୀବର ନିତ୍ୟକର୍ମ ବିଧି ବା କାର୍ଯ୍ୟଗୁଡିକରୁ ଜନ୍ମ ହେଉଥିବା ନିତ୍ୟ କର୍ମାଭିବୃଦ୍ଧି, ଏହା ହିଁ ସର୍ବ ଜୀବରାଶିଠାରେ ହେଉଥିବା ଯାନ୍ତ୍ରିକ ପଦ୍ଧତି । ଏହା ଅନ୍ତର୍ମୁଖ ଭାବରେ ଘଟିଥାଏ, ତେଣୁ କେହି ଏ ବାବଦରେ ଜାଣିପାରି ନଥାନ୍ତି । ବାହ୍ୟ କାର୍ଯ୍ୟଗୁଡିକ ଉପରେ ଥିବା ଦୃଷ୍ଟି ଭିତରେ କାହାର ନଥାଏ । ତେଣୁ କର୍ମ ଶେଷ ହେବା ବଦଳରେ ଅଧିକରୁ ଅଧିକ ବଢି ଚାଲିଥାଏ । କର୍ମ ଥିବା ପର୍ଯ୍ୟନ୍ତ ଜନ୍ମ ଅନିବାର୍ଯ୍ୟ । ସେଥିଲାଗି ଜୀବ ଜନ୍ମମରଣ ଚକ୍ରରୁ ବାହାରିପାରି ନଥାଏ ।

କର୍ମ କିପରି ଆସିଥାଏ ଜାଣିଲେ । କର୍ମ କିପରି ନ ଆସିବ ତାହା ମଧ୍ୟ ଜାଣିବା ଦରକାର । ଏପର୍ଯ୍ୟନ୍ତ ଆମେ ଶ୍ଳୋକର ପ୍ରକୃତ ଭାବାର୍ଥ ବାବଦରେ ଆଲୋଚନା କରିନାହେଁ, ଏବେ କରିବା । ପ୍ରାରବ୍ଧ ଅନୁସାରେ କିପରି କାର୍ଯ୍ୟ ହୋଇଥାଏ, ଶରୀରରେ ଥିବା ମନ, ବୁଦ୍ଧି, ଚିତ୍ତ ଏବଂ ଅହଂର କାର୍ଯ୍ୟ କ'ଣ ? କିଛି କରୁନଥିବା ଜୀବ ଶରୀରରେ କାହିଁକି ରହିଥାଏ ? ସେସବୁ ବିଷୟରେ ଜାଣିଲେ । ଶେଷରେ ଥିବା ଅହଂ କରୁଥିବା କାର୍ଯ୍ୟର କାରଣ ମୁଁ ନାମକ ଭାବ (ଅହଂଭାବ ବା ଅହଂକାର) ଜୀବଠାରେ ଜନ୍ମିବା ଦ୍ୱାରା ଜୀବ ନୂଆ କର୍ମବନ୍ଧନରେ ପଡିଥାଏ, ତାହା ମଧ୍ୟ ଜାଣିଲେ । କାର୍ଯ୍ୟରୁ କର୍ମ ଆଣି ଜୀବଠାରେ ଲଗାଇବା ଅହଂର କାର୍ଯ୍ୟ ହେବାବେଳେ, କର୍ମ ନିର୍ମୂଳ ହେବା ମଧ୍ୟ ଅହଂ ପାଖରେ ଅଛି ବୋଲି ସହଜରେ ଜାଣିହୋଇଯାଉଛି । ଅହଂର କଥାକୁ ଜୀବ ଅନ୍ଧ ଭାବରେ ଗ୍ରହଣ କରୁଥିବାରୁ କର୍ମବନ୍ଧନରେ ପଡିଥାଏ, ତେଣୁ ଜୀବ ସହିତ ଅହଂର ଥିବା ସମ୍ପର୍କ ହିଁ କର୍ମବନ୍ଧନର କାରଣ । ବାସ୍ତବରେ କାର୍ଯ୍ୟ ସହିତ ଜୀବର କୌଣସି ସମ୍ପର୍କ ନଥିବାବେଳେ, ମୁଁ କରୁଛି ବୋଲି ଜୀବ ଭାବିବା, ଅହଂର କଥା ସତ କି ମିଛ ତାହା ଦେଖିବା ଆଗରୁ ଜୀବ ଅନ୍ଧଭାବରେ କାହିଁକି ଗ୍ରହଣକରୁଛି ବୋଲି ବିଚାର କରି ଦେଖିଲେ, ଜୀବର ସତ ମିଛ ଜାଣିବା ବିଚକ୍ଷଣ ଦୃଷ୍ଟି ନାହିଁ ବୋଲି ସ୍ପଷ୍ଟ ଜଣାଯାଉଛି । ଅଜ୍ଞାନ ଅନ୍ଧକାରରେ ଥିବା ଜୀବ ସର୍ବଦା ପାଖରେ ଥିବା ଅହଂ ଉପରେ ଆଧାରିତ ହୋଇଥାଏ । ଅହଂର କାର୍ଯ୍ୟ ହେଉଛି ଥିବାକୁ ନଥିବା

ଭଳି କରିବା, ନଥିବାକୁ ଥିବା ଭଳି କରିବା, ତେଣୁ ଜୀବର ସମ୍ପର୍କ ନଥିବା ବିଷୟରେ ସମ୍ପର୍କ ସୃଷ୍ଟିକରି ଅହଂ ଏଭଳି କହିଥାଏ । ଅଜ୍ଞାନ ଅନ୍ଧତ୍ୱରେ ଥିବା ଜୀବ ଅହଂ ସହିତ ତାଦାତ୍ମ୍ୟ ହୋଇଥାଏ, ତେଣୁ ଅହଂର କଥାକୁ ଜୀବ ସତ୍ୟ ଭାବନା କରିଥାଏ ।

ଜ୍ଞାନଦୃଷ୍ଟି ପାଇଯାଇଥିବା ଜୀବ ଅହଂ ଉପରେ ଆଧାରିତ ନହୋଇ, କାର୍ଯ୍ୟର କାରଣ କର୍ମ ବୋଲି ଜାଣି, କର୍ମ ପ୍ରେରିତ ମନ, ବୁଦ୍ଧି, ଚିତ୍ତ, ଗୁଣାଦିକୁ ଉପଯୋଗ କରି କାର୍ଯ୍ୟ କରୁଥାଏ । ମୁଁ କାର୍ଯ୍ୟର ଦୁଃଖ ସୁଖକୁ ଅନୁଭବ କରିବା ଛଡା ମୋର ଅନ୍ୟ କୌଣସି ବିଷୟରେ ସମ୍ପର୍କ ନାହିଁ ବୋଲି ନିଜର ଜ୍ଞାନଦୃଷ୍ଟି ଦ୍ୱାରା ଯେତେବେଳେ ଜୀବ ଜାଣି ପାରିଥାଏ, ସେତେବେଳେ ଅହଂର କଥା ମିଛ ବୋଲି ଜାଣି ତାକଥା ଶୁଣେନାହିଁ । ବାହ୍ୟତଃ ଅଗ୍ନି ଜଳିବା ପାଇଁ ଅକ୍ସିଜେନ୍ (ପ୍ରାଣବାୟୁ ବା ଅମ୍ଳଜାନ) ଆବଶ୍ୟକ, ସେହିଭଳି ଲିଭିବା ପାଇଁ କାର୍ବନ୍‌ଡାଇଅକ୍ସାଇଡ୍ (ଅଙ୍ଗାରକାମ୍ଳ) ଆବଶ୍ୟକ । ଅକ୍ସିଜେନ୍ ଥିବାବେଳେ ଅଗ୍ନି ଜଳିପାରିଥାଏ । ସେହିଭଳି ଅହଂ କାର୍ଯ୍ୟ କରୁନଥିବା ବେଳେ ଶରୀରରେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇ ପ୍ରକାଶବନ୍ତ ହୋଇଥାଏ । କାର୍ବନ୍‌ଡାଇଅକ୍ସାଇଡ୍ ଥିବାବେଳେ ଅଗ୍ନି ଲିଭିଯାଉଥିବା ଭଳି, ଅହଂର କାର୍ଯ୍ୟ ଥିବାବେଳେ ଜ୍ଞାନାଗ୍ନି ପ୍ରକାଶବନ୍ତ ନହୋଇ ଲିଭି ଯାଇଥାଏ । ବାହ୍ୟାଗ୍ନି ଜଳିବା, ଲିଭିବା ପାଇଁ ଅକ୍ସିଜେନ୍, କାର୍ବନ୍‌ଡାଇଅ-କ୍ସାଇଡ୍ କାରଣ ହେବା ଭଳି, ଶରୀରରେ ଜ୍ଞାନାଗ୍ନି ଜଳିବା, ଲିଭିବା ପାଇଁ ଅହଂର 'ବୃତ୍ତି' ଏବଂ 'ନିବୃତ୍ତି' କାରଣ ହୋଇଥାଏ । ଅହଂ ବୃତ୍ତି ଭାବରେ କାର୍ଯ୍ୟ କରୁଥିବା ବେଳେ ଜ୍ଞାନାଗ୍ନି ଲିଭିଯାଇ କର୍ମକୁ ଜାଳି ନପାରିବା ସ୍ଥିତିରେ ଜୀବ ରହିଥାଏ, ସେତେବେଳେ ଆଗାମୀକର୍ମ ସମ୍ଭବ ହୋଇ କର୍ମଚକ୍ରରେ ଲିପିବଦ୍ଧ ହୋଇଯାଏ । ଅହଂ ନିବୃତ୍ତି ହେବାବେଳେ ଜ୍ଞାନାଗ୍ନି ତିଆରିହୋଇ କର୍ମକୁ ଜାଳିଥାଏ, ତେଣୁ ସେତେବେଳେ ଆସୁଥିବା ଆଗାମୀକର୍ମ ଜ୍ଞାନାଗ୍ନିରେ ସମ୍ପୂର୍ଣ୍ଣ ଜଳିଯାଏ । ଆଗାମୀକର୍ମ ଦହନ ହେବା, ନହେବା ଅହଂର ବୃତ୍ତି, ନିବୃତ୍ତି ଉପରେ ନିର୍ଭର କରିଥାଏ ବୋଲି ଜାଣିବା ଉଚିତ୍ ।

ଅହଂ ଶରୀରରେ କିଛି ସମୟ ନରହିବା ପରେ ଆଉ କେବେ ରହିବ ନାହିଁ ବୋଲି ମଧ୍ୟ ଭାବିବା ଉଚିତ୍ ନୁହେଁ । ଜୀବ ଥରେ ମୃତ୍ୟୁବରଣ କଲେ

ଆଉ କେଉଁଠାରେ ଜନ୍ମ ନହେବ ବୋଲି କହିପାରିବା ନାହିଁ । ସେହିଭଳି ଅହଂ ମଧ୍ୟ ଗୋଟିଏ ବିଷୟରେ ନିବୃତ୍ତି ହୋଇଗଲେ ଆଉ ଅନ୍ୟ ବିଷୟରେ ଜନ୍ମ ହେବନାହିଁ ଭାବିବା ଉଚିତ୍ ନୁହେଁ । ଶରୀର ରହିବା ପର୍ଯ୍ୟନ୍ତ ତାହା ରହିଥାଏ, ବାରମ୍ବାର ତାର କାର୍ଯ୍ୟ କରୁଥାଏ, ତେଣୁ ଜୀବ ମଧ୍ୟ ବାରମ୍ବାର ତା କଥାକୁ ନଶୁଣି ଅହଂକୁ ନିବୃତ୍ତି କରିବା ଉଚିତ୍ । ଯେତେବେଳେ ଅହଂ ଥାଏ ସେତେବେଳେ ଜ୍ଞାନାଗ୍ନି ନଥାଏ, ଆଗାମୀ କର୍ମ ଆସୁଥାଏ । ଯେତେବେଳେ ଅହଂ ନଥାଏ ସେତେବେଳେ ଜ୍ଞାନାଗ୍ନି ଥାଏ, ଆଗାମୀ କର୍ମ ମଧ୍ୟ ଜଳୁଥାଏ । ଅହଂ ଅନୁସାରେ ଜ୍ଞାନାଗ୍ନି, ଜ୍ଞାନାଗ୍ନି ଅନୁସାରେ କର୍ମ ରହିଥାଏ ବୋଲି ଜାଣିବା ଉଚିତ୍ । ଅହଂକାର ଭାବ ଥିବାବେଳେ ଆଗାମୀକର୍ମ ଅଛି, ଅହଂକାର ନଥିବା ବେଳେ ଆଗାମୀକର୍ମ ନାହିଁ । ଜ୍ଞାନାଗ୍ନି ଥିବାବେଳେ ଆଗାମୀକର୍ମ ଦହନ ହୋଇଥାଏ । ଜ୍ଞାନାଗ୍ନି ନଥିବା ବେଳେ ଆଗାମୀକର୍ମ ବୃଦ୍ଧି ହୋଇଥାଏ ।

ଶରୀର ଯନ୍ତ୍ରାଙ୍ଗ ବାବଦରେ ଜାଣିଥିବା ଜ୍ଞାନୀ କାର୍ଯ୍ୟ କରିବାବେଳେ ପ୍ରାରବ୍ଧ କର୍ମ ଅନୁସାରେ କାର୍ଯ୍ୟ ହେଉଛି ବୋଲି ଜାଣିଥାଏ । ତାଛଡା ପ୍ରାରବ୍ଧକର୍ମ ଅନୁସାରେ ଦେଖାଯାଉଥିବା ଫଳ ମୋତେ ମିଳିବ ବୋଲି ଜାଣିଥାଏ, ତେଣୁ ଫଳ ଉପରେ ଆଶା ନରଖି ମୋର ପ୍ରାରବ୍ଧକର୍ମ ଆଗରୁ ଫଳ ନିର୍ଣ୍ଣୟ କରି ରଖିଛି ବୋଲି ଜାଣିଥାଏ । ନିଜ ଇଚ୍ଛା ଅନିଚ୍ଛାକୁ ଆଧାର କରି ଫଳ ମିଳି ନଥାଏ ବୋଲି ଭଲ ଭାବରେ ଜାଣିଥାଏ । ଜଣେ ଜ୍ଞାନଦୃଷ୍ଟି ଥିବା ବ୍ୟକ୍ତି ଏସବୁ କଥାକୁ ଜାଣି ଫଳ ଉପରେ ଆଶା ନରଖି ସବୁକିଛିର କାରଣ ପ୍ରାରବ୍ଧ, ସେହି ଅନୁସାରେ ଶରୀର କାର୍ଯ୍ୟ କରୁଛି, ଶରୀରରେ ନିଜେ ଏକ ଭାଗ, କେବଳ ମୁଁ ଦୁଃଖସୁଖକୁ ଅନୁଭବ କରେ ବୋଲି ଜାଣିଥାଏ । ଏହିଭଳି ଏତିକି କଥା ଜାଣି, ନିମିତ୍ତ ମାତ୍ର ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିକୁ ଆମେ କର୍ମଯୋଗୀ କହୁଛୁ । ସନ୍ନ୍ୟାସୀ ପାଖରେ ପାଉଁଶ ଛଡା ଆଉ କ'ଣ ମିଳିବ ବୋଲି ଆମେ କେବେ କେମିତି କଥାପ୍ରସଂଗରେ କହୁଛେ । ସନ୍ନ୍ୟାସୀ କହିଲେ କର୍ମଯୋଗୀ ଆଉ ପାଉଁଶ କହିଲେ ତାର କର୍ମ ଜଳିଯାଇଛି ବୋଲି କେହି ଭାବୁନାହେଁ । ବାହାରକୁ ଦେଖାଯାଉଥିବା ପାଉଁଶ ନଥିଲେ ମଧ୍ୟ ତା ପାଖରେ ପାଉଁଶ ଅଛି ବୋଲି କହିବା କ'ଣ ଆଶ୍ଚର୍ଯ୍ୟ ଲାଗୁନାହିଁ !

ଏହାଠାରୁ ବଡ ଆଉଏକ ଆଶ୍ଚର୍ଯ୍ୟକର କଥା କ'ଣ ! ନ ନିରଗ୍ନି ଅର୍ଥାତ୍ ଅଗ୍ନିହୀନ ବୋଲି ଉପର ଶ୍ଲୋକରେ ଭଗବାନ କହିବାବେଳେ, ବାହ୍ୟତଃ ଥିବା ଅଗ୍ନିରେ ଯିଏ ଯଜ୍ଞ ଯାଗାଦି କରେ ନାହିଁ ବୋଲି ଅନ୍ୟମାନେ କହିଛନ୍ତି । ଜ୍ଞାନାଗ୍ନିର ଏତେବଡ ଇତିହାସ ଥାଇ ମଧ୍ୟ ତା ବାବଦରେ ତିଳେମାତ୍ର ବିଚାର ନକରି, ବାହ୍ୟ ଅଗ୍ନି ସହିତ ତଉଲିବା କେତେ ଦୂର ଯଥାର୍ଥ ଆପଣମାନେ ବିଚାର କରନ୍ତୁ । କର୍ମଫଳ ଉପରେ ଆଶା ନରଖି କାର୍ଯ୍ୟ କରିଯାଉଥିବା ବ୍ୟକ୍ତିକୁ ପ୍ରକୃତ ସନ୍ନ୍ୟାସୀ, ପ୍ରକୃତ ଯୋଗୀ ବୋଲି ଶ୍ଲୋକରେ କୁହାଯାଇଛି । ଏହାର ଅର୍ଥ ଶରୀର ଯନ୍ତ୍ରାଙ୍ଗକୁ ଜାଣି, ସର୍ବ କାର୍ଯ୍ୟର କାରଣ ପ୍ରାରବ୍ଧ, ଫଳ ମଧ୍ୟ ତା'ରି ନିର୍ଣ୍ଣୟ ବୋଲି ଯିଏ ଜାଣିଛି ସେ ପ୍ରକୃତ ଯୋଗୀ ବା ସନ୍ନ୍ୟାସୀ ବୋଲି ଜାଣିବା ଉଚିତ୍ । ସେହିଭଳି ଯାହାଠାରେ ଅଗ୍ନି ନାହିଁ ଆଉ ଯିଏ କାର୍ଯ୍ୟକରିବା ଛାଡିଦେଇଛି ସେ ସନ୍ନ୍ୟାସୀ ନୁହେଁ କି ଯୋଗୀ ନୁହେଁ । ଯାହାଠାରେ ଜ୍ଞାନାଗ୍ନି ନାହିଁ ସେ କାର୍ଯ୍ୟ କରିବା ଦ୍ୱାରା କର୍ମବନ୍ଧନରେ ପଡିବାକୁ ଭୟକରି କାର୍ଯ୍ୟ କରିବା ଛାଡି ଦେଇଥାଏ । ଉପର ଶ୍ଲୋକରେ **ଫଳ ଉପରେ ଆଶା ନରଖି କାର୍ଯ୍ୟ କରିବା ଉଚିତ୍ ଭାବି କାର୍ଯ୍ୟ କରୁଥିବା ବ୍ୟକ୍ତି ପ୍ରକୃତ ସନ୍ନ୍ୟାସୀ ବା ଯୋଗୀ, ଯାହାଠାରେ ଅଗ୍ନି ନାହିଁ, ଯିଏ କାର୍ଯ୍ୟ କରିନଥାଏ ସେ ସନ୍ନ୍ୟାସୀ ନୁହେଁ କି ଯୋଗୀ ନୁହେଁ** ବୋଲି କୁହାଯାଇଛି । ଏହି ବିବରଣୀକୁ ଆପଣମାନେ ବୁଝି ପାରିଥିବେ ବୋଲି ଭାବୁଛୁ । ଏଇକଥା ତଳ ଶ୍ଲୋକରେ ମଧ୍ୟ ଦେଖିବାକୁ ମିଳିବ, ଚାଲନ୍ତୁ ଆହୁରି ଦେଖିବା ।

**(୫) ଶ୍ଲୋକ,୨ : ଯଂ ସନ୍ନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ! ।**
**ନହ୍ୟ ସନ୍ନ୍ୟସ୍ତଃ ସଂକଳ୍ପୋ ଯୋଗୀ ଭବତି କଶ୍ଚନ ।।**
**(କର୍ମଯୋଗ,ବ୍ରହ୍ମଯୋଗ)**

**ଭାବାର୍ଥ :** ଜ୍ଞାନୀମାନେ ଯାହାକୁ ସନ୍ନ୍ୟାସ କହନ୍ତି ତାହା କର୍ମଯୋଗ ବୋଲି ଜାଣ୍ । ମଣିଷ କର୍ମରହିତ ହେବାବେଳେ ଯୋଗପ୍ରାପ୍ତି ହୋଇଥାଏ ।

**ବିବରଣୀ :** କାର୍ଯ୍ୟ କରୁଥାଇ ସେଥିରୁ କର୍ମକୁ ସନ୍ନ୍ୟାସ ଦେଇଥିବା ବ୍ୟକ୍ତିକୁ ପ୍ରକୃତ ସନ୍ନ୍ୟାସୀ କହନ୍ତି । ପ୍ରକୃତ ସନ୍ନ୍ୟାସୀର ସନ୍ନ୍ୟାସତ୍ୱ ତା'ର ଶରୀର ଭିତରେ

ଥାଏ । ତେଣୁ ତାହା ବାହାରକୁ ଦେଖାଯାଇ ନଥାଏ । ବାହ୍ୟତଃ ସନ୍ନ୍ୟାସୀକୁ ଚିହ୍ନିବା ଅସମ୍ଭବ । ପ୍ରକୃତ ସନ୍ନ୍ୟାସୀ ମୁଁ ସନ୍ନ୍ୟାସୀ ବୋଲି ବାହ୍ୟତଃ କହିବା ଦରକାର ପଡିନଥାଏ । ଅନ୍ତରାଗ୍ନି ଦ୍ୱାରା କର୍ମଦହନ କରୁଥିବା ପାତ୍ରକୁ ଆମେ କର୍ମଯୋଗୀ କହୁ । ପୂର୍ବେ ଜନକ ମହାରାଜା ଇତ୍ୟାଦି କର୍ମଯୋଗ ଆଚରଣ କରି ମୋକ୍ଷ ପାଇଥିଲେ । ସେମାନେ ବାହାରକୁ ଜଣାପଡିବା ଭଳି ସେମାନଙ୍କଠାରେ କୌଣସି ଚିହ୍ନ ଦେଖାଯାଇ ନଥିଲା । ଜନକ ରାଜ୍ୟପାଳନା ସହିତ ସମସ୍ତ ସାଂସାରୀକ କାର୍ଯ୍ୟ କରୁଥାଇ କର୍ମଯୋଗ ଆଚରଣ କରିଥିଲେ ବୋଲି ଜାଣିବା ଉଚିତ୍ ।

ବ୍ରହ୍ମଯୋଗ ବାହାରକୁ ଦେଖାଯାଇଥାଏ । ଏହି ବ୍ରହ୍ମଯୋଗ ବାହ୍ୟ ଆଚରଣକୁ ଅଟକାଇଦିଏ, ତେଣୁ କୌଣସି କାର୍ଯ୍ୟ ନକରି ଗୋଟିଏ ସ୍ଥାନରେ ବସି ଯାହା ଆଚରିତ ହୁଏ ତାହା ବ୍ରହ୍ମଯୋଗ ବୋଲି ସହଜରେ ଜାଣିହୁଏ । ବ୍ରହ୍ମଯୋଗରେ ଭିତରର ମନ ସ୍ଥିର ଥାଏ । ମନରେ କୌଣସି ସଙ୍କଳ୍ପ ବିକଳ୍ପ ନରହିବା ଦ୍ୱାରା ଗୁଣଗୁଡିକ ବ୍ୟବହୃତ ହୋଇନଥାଏ, ବୁଦ୍ଧି ଆଉ ଚିତ୍ତର କାର୍ଯ୍ୟ ମଧ୍ୟ ନଥାଏ । ସେହିଭଳି ବାହ୍ୟ ଶରୀର ସ୍ଥିର କରି ଦେଇଥିବା ବ୍ରହ୍ମଯୋଗୀ ସିଧା ମନ ସହିତ ସମ୍ପର୍କିତ ହୋଇ ଆତ୍ମଦର୍ଶନ କରୁଥାଏ । ବ୍ରହ୍ମଯୋଗୀର ବାହ୍ୟ ଦୃଷ୍ଟି ଚାଲିଯାଇ ଭିତରେ ଆତ୍ମଦର୍ଶନ ହୋଇଥାଏ । ଆତ୍ମଦର୍ଶନ ହେବାପାଇଁ ସମସ୍ତ ସଙ୍କଳ୍ପକୁ ତ୍ୟାଗ କରିବାକୁ ପଡିଥାଏ । ଯିଏ **ସର୍ବସଂକଳ୍ପସନ୍ନ୍ୟାସୀ** ତାକୁ ବ୍ରହ୍ମଯୋଗୀ କୁହାଯାଏ । ଏହି ଶ୍ଳୋକରେ କର୍ମଯୋଗ, ବ୍ରହ୍ମଯୋଗ ଦୁଇଟିର ବିଧି କୁହାଯାଇଛି ।

**(୫) ଶ୍ଳୋକ,୩ : ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣ ମୁଚ୍ୟତେ ।**
**ଯୋଗାରୂଢସ୍ୟ ତସୈବ ଶମଃ କାରଣମୁଚ୍ୟତେ ॥**
**(କର୍ମଯୋଗ, ବ୍ରହ୍ମଯୋଗ)**

**ଭାବାର୍ଥ :** ଯୋଗ ସାଧନାର କାରଣ କର୍ମ, ଯୋଗୀର କାରଣ କର୍ମବିନାଶ ବୋଲି କୁହାଯାଉଛି ।

**ବିବରଣୀ :** ଜଣେ କାହିଁକି ଯୋଗ ସାଧନା କରେ ? ଜଣେ କାହିଁକି ଯୋଗୀ ହୁଏ ? ଏହି ଦୁଇ ପ୍ରଶ୍ନର ଜବାବ ମିଳିବା ଦରକାର । ପ୍ରତ୍ୟେକ କାର୍ଯ୍ୟର ଏକ କାରଣ ରହିଛି । ସେହିଭଳି ଯୋଗସାଧନା ପାଇଁ ଏକ କାରଣ ରହିଛି । ଯୋଗସାଧନାର କାରଣ କର୍ମ ବୋଲି ଶ୍ଲୋକରେ କୁହାଯାଇଛି । କର୍ମଥିବାରୁ ଯୋଗ ଶିଖିବାକୁ ପଡିଥାଏ, ଯୋଗ ହେଉଥିବା ବେଳେ କର୍ମ ଜଳିଯାଏ । ତେଣୁ କର୍ମ ବିନାଶ ନିମନ୍ତେ ଯୋଗସାଧନା ଆବଶ୍ୟକ । ଏହି ଅନୁସାରେ ଯୋଗସାଧନା କରିବାପାଇଁ କର୍ମ ହିଁ କାରଣ ବୋଲି କହିଛନ୍ତି ।

ଯୋଗୀ ହେବାପାଇଁ ମୁଖ୍ୟ କାରଣ କର୍ମବିନାଶ ବୋଲି ମଧ୍ୟ ଶ୍ଲୋକରେ କୁହାଯାଇଛି । କର୍ମ ବିନାଶ କରିବାକୁ ହେବ ତେଣୁ ନିଶ୍ଚୟ ଯୋଗ ଆଚରଣ କରିବାକୁ ହେବ । ଯେତେବେଳେ ଦେହରେ କର୍ମ ଜଳେ (ବିନାଶ ହୁଏ) ସେତେବେଳେ ଦେହରେ ଯୋଗ ହୋଇଥାଏ । ତେଣୁ ଯୋଗୀ ହେବାର କାରଣ କର୍ମ ନିର୍ମୂଳ କରିବା ବୋଲି ଜାଣିବା ଉଚିତ୍ । ଏହି ଶ୍ଲୋକରେ ଯୋଗସାଧନା ଅଲଗା, ଯୋଗ ଅଲଗା କୁହାଯିବା ବିଶେଷ କଥା । ସମସ୍ତ ଯୋଗ ସାଧକମାନେ ଯୋଗୀ ନୁହନ୍ତି, ଯୋଗୀମାନେ ଯୋଗସାଧକ ନୁହନ୍ତି । ଯିଏ ଯୋଗ ଆଚରଣ କରୁଛି ସେ ଯୋଗସାଧକ ବୋଲି ଭୁଲ୍ ବୁଝିବା ଦୁର୍ଯୋଗ ଅଛି । ତେଣୁ ସାଧନା ଅଲଗା, ଯୋଗ ଅଲଗା ବୋଲି ଏକ ଏକ କାରଣ କହିବାକୁ ପଡିଛି, ଏହା ଦୁଇ ଯୋଗ ସମ୍ବନ୍ଧୀୟ ବିଷୟ ।

**(୫) ଶ୍ଲୋକ,୪ : ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।**
**ସର୍ବ ସଂକଳ୍ପ ସନ୍ନ୍ୟାସୀ ଯୋଗରୂଢସ୍ତଦୋଚ୍ୟତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଇନ୍ଦ୍ରିୟ ଗୁଡିକ ସହିତ ଏବଂ ସେଗୁଡିକର କାର୍ଯ୍ୟ ସହିତ ଯେତେବେଳେ ସଙ୍ଗବର୍ଜନ ସୃଷ୍ଟିହୁଏ ସେତେବେଳେ ତାକୁ ଯୋଗୀ ବା ସର୍ବସଂକଳ୍ପସନ୍ନ୍ୟାସୀ ବୋଲି କହନ୍ତି ।

**ବିବରଣୀ :** ଶରୀରର ଥିବା ଗୋଟିଏ ଗୋଟିଏ ଭାଗର ଗୋଟିଏ ଗୋଟିଏ କାର୍ଯ୍ୟ ନିର୍ଣ୍ଣୟ ହୋଇ ରହିଛି । ସ୍ୱତନ୍ତ୍ର ସ୍ୱତନ୍ତ୍ର କାର୍ଯ୍ୟ ଅନୁସାରେ ଶରୀରଟି

୨୫ ଭାଗରେ ବିଭକ୍ତ ହୋଇ ରହିଛି । ସେଗୁଡିକ ଭିତରୁ ବାହ୍ୟତଃ ରହିଛନ୍ତି ୧୦ଗୋଟି । ତନ୍ମଧ୍ୟରୁ ଜ୍ଞାନେନ୍ଦ୍ରିୟ ଗୁଡିକ ହେଉଛନ୍ତି ମୁଖ୍ୟ । ଆଖିର ଦେଖିବା, କାନର ଶୁଣିବା, ନାକର ଶୁଂଘିବା, ଜିଭର ସ୍ୱାଦ ବାରିବା, ଚର୍ମର ସ୍ପର୍ଶ ଗ୍ରହଣ କରିବା ଇତ୍ୟାଦି କାର୍ଯ୍ୟଗୁଡିଏ ରହିଥାଏ । ଏଗୁଡିକ ନିଜର କାର୍ଯ୍ୟଗୁଡିକ ମନକୁ ଜଣାଇଥାନ୍ତି । ପଞ୍ଚ ଜ୍ଞାନେନ୍ଦ୍ରିୟ ଭିତରେ ରହିଥିବା ମନ ସହିତ ଅନୁବନ୍ଧିତ ହୋଇ ରହିଥାନ୍ତି । ଜ୍ଞାନେନ୍ଦ୍ରିୟ ଗୁଡିକ ଜଣାଇଥିବା ବିଷୟଗୁଡିକୁ ନେଇ ଭିତରେ ଥିବା ବୁଦ୍ଧିକୁ ଜଣାଇବା ତଥା ସେଗୁଡିକୁ ସ୍ମୃତିରେ ରଖିବା ହେଉଛି ମନର କାର୍ଯ୍ୟ । ପୂର୍ବରୁ ଘଟିଥିବା ବିଭିନ୍ନ ବିଷୟ ଗୁଡିକୁ ମନନ କରିବା ତାର ଏକ କାର୍ଯ୍ୟ ହୋଇଥିବା ସ୍ଥଳେ, ବର୍ତ୍ତମାନର ଇନ୍ଦ୍ରିୟ ବିଷୟଗୁଡିକୁ ନେଇ ବୁଦ୍ଧିକୁ ଜଣାଇବା ତାର ଅନ୍ୟଏକ କାର୍ଯ୍ୟ ହୋଇ ରହିଥାଏ । ମଣିଷ ନିଦରୁ ଉଠିବା ପରେ ମନ ଏହି ଦୁଇଟି କାର୍ଯ୍ୟରୁ କୌଣସି ଏକ କାର୍ଯ୍ୟକୁ କରିବା ଆରମ୍ଭ କରିଦିଏ । ମନ କରୁଥିବା ଏହି ଦୁଇଟି କାର୍ଯ୍ୟ ନିଦ୍ରା ସମୟରେ ହୋଇ ନଥାଏ ।

ଚେଷ୍ଟା ଦ୍ୱାରା ଜାଗ୍ରତ ଅବସ୍ଥାରେ ମନର ଏହି ଦୁଇଟି କାର୍ଯ୍ୟକୁ ସ୍ଥିର କରିଦେବା ହେଉଛି ବ୍ରହ୍ମଯୋଗ । ଏହି ଚେଷ୍ଟାରେ ଜ୍ଞାନେନ୍ଦ୍ରିୟ ଗୁଡିକର କାର୍ଯ୍ୟକୁ ଅଟକାଇ, ବିଷୟଗୁଡିକ ମନରେ ପହଞ୍ଚିବାକୁ ନଦେବା ସହଜ ହୋଇପାରେ । ଉଦାହରଣ ସ୍ୱରୂପ ଆଖି ବନ୍ଦକଲେ କୌଣସି ଦୃଶ୍ୟ ବିଷୟ ଭିତରକୁ ଯାଇ ମନରେ ପହଞ୍ଚି ପାରିବ ନାହିଁ । ସେହିଭଳି ନିଃଶବ୍ଦ କୋଠରୀରେ ବସିବା ଦ୍ୱାରା କୌଣସି ଶବ୍ଦ ବିଷୟ ମନରେ ପହଞ୍ଚି ପାରିବ ନାହିଁ । ଜିଭରେ କିଛି ଲାଗିବାକୁ ନଦେବା ଦ୍ୱାରା ସ୍ୱାଦ ବିଷୟ ମନରେ ପହଞ୍ଚି ପାରିବ ନାହିଁ । କିଛି ନଧରିବା, କାହାକୁ ନ ଛୁଇଁବା ଦ୍ୱାରା କୌଣସି ସ୍ପର୍ଶ ବିଷୟ ମଧ୍ୟ ମନରେ ପହଞ୍ଚିପାରିବ ନାହିଁ । ସେହିଭଳି କୌଣସି ଗନ୍ଧ ନଥିବା ସ୍ଥାନରେ ବସିଲେ କୌଣସି ଗନ୍ଧବିଷୟ ମନରେ ପହଞ୍ଚି ପାରିବ ନାହିଁ । ଏହିଭଳି ମନର ଗୋଟିଏ ପ୍ରକାର କାର୍ଯ୍ୟକୁ ଅଟକାଇ ରଖାଯାଇ ପାରିବ । ବ୍ରହ୍ମଯୋଗ ସାଧକ ନିର୍ଜନ, ନିର୍ମଳ ସ୍ଥାନରେ ବସି, ଜ୍ଞାନେନ୍ଦ୍ରିୟ ଗୁଡିକର ବିଷୟ ସମ୍ପର୍କ ମନଠାରୁ ଦୂରରେ ରଖି, ମନର କାର୍ଯ୍ୟକୁ ବନ୍ଦ କରିଦେଇଥାଏ; ତଥାପି ମନର ଦ୍ୱିତୀୟ କାର୍ଯ୍ୟ ଆରମ୍ଭ ହୋଇ ଅତୀତର ଇନ୍ଦ୍ରିୟ ବିଷୟଗୁଡିକୁ, ଯଥା ଦେଖିଥିବା ଦୃଶ୍ୟଗୁଡିକୁ, ଶୁଣିଥିବା କଥାଗୁଡିକୁ

ମନେ ପକାଇଥାଏ । ବାସ୍ତବରେ ମନର ଏହି କାର୍ଯ୍ୟକୁ ଅଟକାଇଦେବା ହେଉଛି ବ୍ରହ୍ମଯୋଗ । ମନ କାର୍ଯ୍ୟ କରୁଥିଲେ ବ୍ରହ୍ମଯୋଗ ହୋଇନଥାଏ । ମନ ତାତ୍କାଳିକ ଭାବରେ ଇନ୍ଦ୍ରିୟ ବିଷୟଗୁଡ଼ିକୁ ଅଟକାଇଦେଲେ ମଧ୍ୟ, ଗତ ଇନ୍ଦ୍ରିୟ ବିଷୟଗୁଡ଼ିକୁ ସ୍ମୃତିରେ ଆଣିବା ଯୋଗୁଁ, ବ୍ରହ୍ମଯୋଗ ସାଧନା ଅତି କଠିନ ହୋଇଥାଏ । ଯେତେ ଅଭ୍ୟାସ କଲେ ମଧ୍ୟ ମନ ମନନ କରିବା ବନ୍ଦ କରି ନଥାଏ, କିନ୍ତୁ ଧୈର୍ଯ୍ୟର ସହିତ କଠିନ ଅଭ୍ୟାସ କରିବା ଦ୍ୱାରା ଯେତେବେଳେ ମନର ମନନ କାର୍ଯ୍ୟକୁ ବନ୍ଦ କରି ପାରିବା ସେତେବେଳେ ବ୍ରହ୍ମଯୋଗ ସାଧିତ ହେବ । ବ୍ରହ୍ମଯୋଗରେ ମନର ଦୁଇଟି କାର୍ଯ୍ୟରୁ ଗୋଟିଏ ହେଲା ଇନ୍ଦ୍ରିୟ ବିଷୟଗୁଡ଼ିକୁ ମନ ପର୍ଯ୍ୟନ୍ତ ଆସିବାକୁ ନଦେବା, ଦ୍ୱିତୀୟଟି ହେଲା ଇନ୍ଦ୍ରିୟ ବିଷୟକୁ ସ୍ମୃତିରେ ଆସିବାକୁ ନଦେବା । ଏହି ଦୁଇଟି କାର୍ଯ୍ୟ ହୋଇପାରୁଥିବା ବେଳେ ବ୍ରହ୍ମଯୋଗ ସଫଳ ହୋଇପାରିଥାଏ । ତେଣୁ ଉପର ଶ୍ଳୋକରେ ଇନ୍ଦ୍ରିୟ ବିଷୟଗୁଡ଼ିକୁ, ସେଗୁଡ଼ିକର କାର୍ଯ୍ୟକୁ ଅଟକାଇ ପାରୁଥିବା ପାତ୍ରକୁ ସର୍ବସଂକଳ୍ପ ସନ୍ନ୍ୟାସୀ ବୋଲି କହିଛନ୍ତି ।

**(୫) ଶ୍ଳୋକ,୫: ଉଦ୍ଧରେଦାତ୍ମନାऽऽତ୍ମାନଂ ନାऽତ୍ମାନମବସାଦୟେତ୍ ।**
**ଆତ୍ମୈବ ହ୍ୟାତ୍ମନୋ ବନ୍ଧୁ ରାତ୍ମୈବ ରିପୁରାତ୍ମନଃ ॥**
**(ପରମାତ୍ମା,ଆତ୍ମା,ଜୀବାତ୍ମା)**

**ଭାବାର୍ଥ :** ଆତ୍ମାଦ୍ୱାରା ଆତ୍ମାର ଉନ୍ନତ ଗତି, ଆତ୍ମାଦ୍ୱାରା ଆତ୍ମାର ଅଧୋଗତି ହୋଇଥାଏ.ତେଣୁ ଆତ୍ମାର ବନ୍ଧୁ ଆତ୍ମା, ଆତ୍ମାର ଶତ୍ରୁ ମଧ୍ୟ ଆତ୍ମା ।

**ବିବରଣୀ :** ଏହି ଶ୍ଳୋକରେ ଦୁଇଟି ଆତ୍ମା ବିଷୟ ଲେଖାଯାଇଛି । ଆତ୍ମାର ବାସ୍ତବତା ନଜାଣିଲେ ଏହା ବୁଝିହେବ ନାହିଁ, ତେଣୁ କେଉଁ ଶ୍ଳୋକ କେଉଁ ଆତ୍ମା ବାବଦରେ କୁହାଯାଇଛି ତାହା ଜାଣିବାକୁ ପଡିବ ବୋଲି ଆଗରୁ କହିଛୁ । କେତେକ ଏହି ଶ୍ଳୋକର ଭାବକୁ ମନ ସହିତ ସମ୍ବନ୍ଧୀତ କରି ବିବରଣୀ ଲେଖିଛନ୍ତି । ମନ ବାବଦରେ ଶ୍ଳୋକରେ ନାହିଁ, ଅଛି କେବଳ ଆତ୍ମା ବିଷୟ । ଏକ ଆତ୍ମା ଦ୍ୱାରା ଅନ୍ୟଏକ ଆତ୍ମା ଉଦ୍ଧାର ପାଇ ଉନ୍ନତ ସ୍ଥିତିରେ ପହଞ୍ଚିବା, ସେହିଭଳି ଏକ ଆତ୍ମା ଦ୍ୱାରା ଅନ୍ୟଏକ ଆତ୍ମାର ଅଧୋଗତି ହେବା

ବିଷୟ ଏଠାରେ କୁହାଯାଇଛି । ତାଛଡା ଏକ ଆତ୍ମା ଅନ୍ୟଏକ ଆତ୍ମାର ବନ୍ଧୁହୋଇ, ସେମିତି ଏକ ଆତ୍ମା ଅନ୍ୟଏକ ଆତ୍ମାର ଶତ୍ରୁ ହୋଇ ରହିଛି ବୋଲି ଏଠାରେ କୁହାଯାଇଛି ।

ଦେଖିଲେ ଏଠାରେ ଦୁଇଟି ପ୍ରଶ୍ନ ସ୍ଥାନ ପାଉଛି । ଗୋଟିଏ ପ୍ରଶ୍ନ ହେଲା କେଉଁ ଆତ୍ମା କେଉଁ ଆତ୍ମାକୁ ଉଦ୍ଧାର କରିବ ? ସେହିଭଳି କେଉଁ ଆତ୍ମା କେଉଁ ଆତ୍ମାର ଅଧୋଗତି କରିବ ? ଦ୍ୱିତୀୟ ପ୍ରଶ୍ନ ହେଉଛି କେଉଁ ଆତ୍ମା କେଉଁ ଆତ୍ମାର ବନ୍ଧୁ ? ସେହିଭଳି କେଉଁ ଆତ୍ମା କେଉଁ ଆତ୍ମାର ଶତ୍ରୁ ? ଏହି ପ୍ରଶ୍ନରେ ଗୋଟିଏ ଆତ୍ମା ଆଉଏକ ଆତ୍ମାର କାହିଁକି ବନ୍ଧୁ ହୁଏ, ସେହିଭଳି କାହିଁକି ଶତ୍ରୁ ହୁଏ ତାହା ପାଖ ଶ୍ଳୋକରେ ମଧ୍ୟ କୁହାଯାଇଛି । କେଉଁ ଆତ୍ମା କେଉଁ ଆତ୍ମାର ମିତ୍ର ବା ଶତ୍ରୁ ତାର ବିବରଣ ଏଇଠାରେ ପ୍ରଥମେ ଜାଣିବା ।

ଆମ ଶରୀରରେ ତିନିଗୋଟି ଆତ୍ମା ରହିଛନ୍ତି ବୋଲି ଆମେ ଜାଣି ସାରିଛେ । ସେହି ତିନି ଆତ୍ମା ଭିତରୁ କିଏ କାହାର ଶତ୍ରୁ ? କିଏ କାହାର ମିତ୍ର ? ଏଠିକାର ମୁଖ୍ୟ ପ୍ରଶ୍ନ । ତେଣୁ ଏମାନେ କିଏ କାହାର କ'ଣ ହେବେ ଜାଣିବା ପରେ, କାହିଁକି ହେବେ ସହଜରେ ଜାଣି ପାରିବା । ତିନି ଆତ୍ମାର କ୍ରମରେ ପ୍ରଥମଟି ହେଉଛି ଜୀବାତ୍ମା, ଦ୍ୱିତୀୟଟି ଆତ୍ମା, ତୃତୀୟଟି ପରମାତ୍ମା । ଏହି ଆତ୍ମା ଗୁଡିକୁ, ବସ୍ତୁ ଓଜନ କରାଯାଉଥିବା ନିକିତି ସହିତ ତୁଳନା କରିବା । ନିକିତି (କେଜିପଲ୍ଲା)ର ଝୁଲୁଥିବା ଗୋଟିଏ ପଲ୍ଲାକୁ ଜୀବାତ୍ମା ଭାବରେ, ଆଉ ଗୋଟିଏ ପଲ୍ଲାକୁ ପରମାତ୍ମା ଭାବରେ ନେଇ ମଝିରେ ଥିବା କଣ୍ଟାକୁ ଆତ୍ମା ସହିତ ତୁଳନା କରିବା । ଏଠାରେ ଦିଆଯାଇଥିବା ନିକିତିର ଚିତ୍ରକୁ ଟିକିଏ ଲକ୍ଷ୍ୟ କରନ୍ତୁ । ବାମ ଭାଗରେ ଝୁଲିଥିବା ପଲ୍ଲାଟିକୁ ଜୀବାତ୍ମା, ଦକ୍ଷିଣ ଭାଗରେ ଝୁଲିଥିବା ପଲ୍ଲାଟିକୁ ପରମାତ୍ମା ଭାବି ମଝିରେ ଥିବା କଣ୍ଟାକୁ ଆତ୍ମା ଭାବରେ ନିଅନ୍ତୁ ।

ନିକିତିର ଦୁଇପଲ୍ଲାର ମଝିରେ ସମାନ ଦୂରରେ ଥିବା ଆଧାର ଦୁଇ ପଲ୍ଲା ପାଇଁ ସମାନ ବୋଲି ନିକିତିରୁ ଜାଣିହେବା ଭଳି ଜୀବାତ୍ମା ପରମାତ୍ମାର ମଝିରେ ଥିବା ଆତ୍ମା ଉଭୟଙ୍କ ପାଇଁ ସମାନ ଭାବରେ ଏବଂ ପକ୍ଷପାତହୀନ



ହୋଇ ରହିଛି ବୋଲି ଜାଣିବା ଉଚିତ୍ । ଏହାଦ୍ୱାରା ଦ୍ୱିତୀୟ ଅତ୍ମା, ଜୀବାତ୍ମା ପରମାତ୍ମାଙ୍କ ପାଇଁ ସମାନ ଭାବରେ ରହିଛି ।

ଆତ୍ମା କାହାର ଶତ୍ରୁ ନହୋଇ କାହାର ମିତ୍ର ନହୋଇ, ପକ୍ଷପାତହୀନ ଭାବରେ ରହିଛି । ଆତ୍ମାକୁ ବାଦ୍ ଦେଲେ ବଳିପଡନ୍ତି ଜୀବାତ୍ମା ଆଉ ପରମାତ୍ମା, ତେଣୁ ଏ ଦୁହେଁ ଜଣେ ଅନ୍ୟର ଶତ୍ରୁ ବା ମିତ୍ର ଭାବେ ବଦଳି ପାରନ୍ତି । ଏହିଭଳି ପରମାତ୍ମା ଦ୍ୱାରା ଜୀବାତ୍ମା ଉଦ୍ଧାର କିମ୍ବା ଅଧୋଗତି ହୋଇପାରେ, ତେଣୁ କହିପାରିବା ଯେ, ଉଦ୍ଧାର ପାଇଥିବା ଜୀବାତ୍ମା ପରମାତ୍ମାର ବନ୍ଧୁ, ସେମିତି ଅଧୋଗତି ହୋଇଥିବା ଜୀବାତ୍ମା ପରମାତ୍ମାର ଶତ୍ରୁ । କିପରି ଶତ୍ରୁ, କିପରି ମିତ୍ର ? ତାହା ତଳ ଶ୍ଳୋକରେ ଦେଖିବା ।

**(୫) ଶ୍ଳୋକ,୬: ବନ୍ଧୁରାତ୍ମାଽଽତ୍ମନସ୍ତସ୍ୟ ଯେନାତ୍ମୈବାଽତ୍ମନା ଜିତଃ ।**
**ଅନାତ୍ମାନସ୍ତୁ ଶତ୍ରୁତ୍ୱେ ବର୍ତେତାଽତ୍ମୈବ ଶତ୍ରୁବତ୍ ।।**
**(ପରମାତ୍ମା,ଆତ୍ମା,ଜୀବାତ୍ମା)**

**ଭାବାର୍ଥ :** ଯିଏ ଆତ୍ମାକୁ ଜାଣିଯାଏ, ଆତ୍ମା ତାର ବନ୍ଧୁ ହୁଏ । ସେହିଭଳି ଯିଏ ଆତ୍ମାକୁ ଜାଣିପାରେ ନାହିଁ, ତାପାଇଁ ଆତ୍ମା ଶତ୍ରୁ ହୋଇ ରହେ ।

**ବିବରଣୀ :** ଜୀବାତ୍ମା ଭାବରେ ଥିବା ମାନବ ବ୍ରହ୍ମଯୋଗ ଆଚରଣ କରି ନିଜ ଶରୀରର ଅତ୍ମାକୁ ଜାଣିବା ଦ୍ୱାରା ପରମାତ୍ମାର ବନ୍ଧୁ ହୋଇଥାଏ, ସେହିଭଳି

ଯୋଗପଦ୍ଧତି ନଜାଣି ଆତ୍ମାକୁ ନଜାଣିବା ଦ୍ୱାରା କେହିମଧ୍ୟ ପରମାତ୍ମାର ଶତ୍ରୁ ସମାନ ହୋଇଥାଏ । ଏହି ଶ୍ଳୋକରେ **'ଆତ୍ମାନାଜିତଃ'** ନାମକ ପଦଟିଏ ଉପଯୋଗ କରାଯାଇଛି । ଏହାର ଅର୍ଥ ହେଉଛି ଆତ୍ମାକୁ ଜୟ କରିବା । ଆପଣ ଭାବାର୍ଥରେ କିମ୍ବା ବିବରଣୀରେ ଆତ୍ମାକୁ ଜୟ କରିବା କଥା ନକହି ଆତ୍ମାକୁ ଜାଣିବା କଥା କାହିଁକି ଲେଖିଛନ୍ତି ବୋଲି କେତେକ ସନ୍ଦେହ କରିପାରନ୍ତି । ବାସ୍ତବରେ ନିଜଠାରୁ ବଡ, ନିଜର ଅଧିପତି ହୋଇଥିବା ଆତ୍ମାକୁ କେହି ଜିତି ପାରନ୍ତି ନାହିଁ । ଜୀବାତ୍ମା ଯଦି ଆତ୍ମାକୁ ଜିତିଯାଏ ତେବେ ଈଶ୍ୱରଙ୍କୁ ଜିତିବା ଭଳି ହୋଇଯିବ । ସେଥିଲାଗି ଆତ୍ମାକୁ ଜୟ କରିବା ନକହି ଆତ୍ମାକୁ ଜାଣିବା ବୋଲି କହିବା ଉଚିତ୍ । ଆତ୍ମାକୁ ଜାଣିବା ହିଁ ସାଧନା ନାମକ ବଡ ଯୁଦ୍ଧ ବୋଲି ଜାଣିବା ଉଚିତ୍ ।

ଜଣେ ରାଜା ରାଜଭବନରେ ରହି ରାଜଭବନ ଚାରିକଡରେ ସୈନ୍ୟମାନଙ୍କୁ ଜଗାଇଲେ । ଅନ୍ୟ ଶତ୍ରୁମାନେ ରାଜଭବନରେ ପ୍ରବେଶ କରିବା ନିଷେଧ । ରାଜା ସୈନ୍ୟମାନଙ୍କୁ ଉନ୍ନତମାନର ଖାଦ୍ୟାଦି ଖୁଆଇ, ସେମାନଙ୍କର ସମସ୍ତ ଦାବି ପୂରଣ କରି କଡା ବନ୍ଦୋବସ୍ତରେ ଜଗୁଆ ରଖିଥିଲେ । ଯଦି କେହି ଶତ୍ରୁରାଜା ସୈନ୍ୟମାନଙ୍କୁ ନିଜର ସୈନ୍ୟମାନଙ୍କ ଦ୍ୱାରା ଜିତି ରାଜାଙ୍କ ପାଖରେ ପହଞ୍ଚିଯାଏ ତେବେ ସେ ରାଜା ଏ ରାଜାଙ୍କୁ ଜିତିଯିବା ଭଳି ହୋଇଥାଏ । ସୈନ୍ୟମାନେ ଯୁଦ୍ଧ କରନ୍ତି ସିନା ରାଜା ଯୁଦ୍ଧ କରନ୍ତି ନାହିଁ, ରାଜା ରାଜଭବନରେ ରହିଥାନ୍ତି । ଶତ୍ରୁରାଜା ନିଜ ସୈନ୍ୟମାନଙ୍କ ଦ୍ୱାରା ଜିତି ରାଜାଙ୍କ ପାଖରେ ପହଞ୍ଚିପାରିଲେ ମଧ୍ୟ ବାସ୍ତବରେ ସେ ସୈନ୍ୟମାନଙ୍କୁ ଜିତିଥାନ୍ତି ସିନା ରାଜାଙ୍କୁ ଜିତି ନଥାନ୍ତି । ଶେଷରେ ରାଜାଙ୍କ ସହିତ ଯୁଦ୍ଧ କରିବା ମଧ୍ୟ ଦରକାର ହୁଏନାହିଁ । କାରଣ ! ସୈନ୍ୟମାନେ ସୈନ୍ୟମାନଙ୍କୁ ଜିତି ରାଜଭବନକୁ ଘେରାଉ କରୁକରୁ ରାଜା, ରାଜ୍ୟ ସବୁକୁଛିକୁ ସେମାନେ ଜିତି ଯାଇଥାନ୍ତି । ସେହିଭଳି ଆମ ଶରୀର ଏକ ରାଜଭବନ ଭଳି । ତା'ଭିତରେ ଥାଏ ଆତ୍ମା ନାମକ ରାଜା । ସମସ୍ତ ବାହ୍ୟେନ୍ଦ୍ରିୟ, ଅନ୍ତରେନ୍ଦ୍ରିୟ ଗୁଡିଙ୍କୁ ସୈନ୍ୟ ବୋଲି ଭାବିବା, ସେମାନଙ୍କ ଭିତରେ ସେନାଧିପତି ମନ ଆଉ ଭିତରେ ଜୀବାତ୍ମାକୁ ଅନ୍ୟଏକ ଶତ୍ରୁରାଜା ବୋଲି ଭାବିବା । ଜୀବାତ୍ମା ମନକୁ, ବାହ୍ୟ ଏବଂ ଅନ୍ତରେନ୍ଦ୍ରିୟ ଭାବରେ ନେଇଥିବା

ସୈନ୍ୟମାନଙ୍କୁ ଜିତିବା ବେଳେ, ଶରୀର ରାଜଭବନରେ ଥିବା ରାଜାରୂପୀ ଆତ୍ମାକୁ ଦେଖିପାରିଥାଏ । ମନ ଇନ୍ଦ୍ରିୟାଦିଙ୍କୁ ଜିତି ଆତ୍ମଦର୍ଶନ କରିବା ହିଁ **ଆତ୍ମାନାଜିତଃ** ବୋଲି ଶ୍ଳୋକରେ କୁହାଯାଇଛି । ଏଭଳି ଆତ୍ମାକୁ ଜିତିବା ଏତେ ସହଜ ନୁହେଁ । ଶରୀରରୂପୀ ରାଜଭବନର ଆତ୍ମା ନାମକ ରାଜାକୁ ଦେଖିବାକୁ ହେଲେ ଆତ୍ମଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ଇନ୍ଦ୍ରିୟାଦି ସୈନ୍ୟମାନଙ୍କୁ, ମନକୁ ଜିତିବା ଆବଶ୍ୟକ, ତାହା ଅତିକଷ୍ଟ । ଏମାନେ ନାନା ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି । ଶରୀର ରୂପକ ରାଜଭବନର ଆତ୍ମାରାଜାକୁ ଦେଖିବାକୁ ହେଲେ, ଜୀବାତ୍ମା ନାମକ ଶତ୍ରୁରାଜା ଅନେକ ବର୍ଷ ଯୁଦ୍ଧକରି ସୈନ୍ୟମାନଙ୍କୁ ହରାଇ ମଧ୍ୟ, ଶେଷରେ ମନ ନାମକ ସେନାଧିପତି ହାତରେ ଯଦି ହାରିଗଲା ତେବେ ଭିତର ଥିବା ଆତ୍ମାରାଜାକୁ ଦେଖିପାରିବ ନାହିଁ ।

ଚକ୍ରବର୍ତ୍ତୀଙ୍କ ଅଧିନରେ ଥିବା ସାମନ୍ତରାଜା, ଅନ୍ୟଏକ ସାମନ୍ତରାଜା ସହିତ ଯୁଦ୍ଧକରି ଜିତିବା ବେଳେ, ଚକ୍ରବର୍ତ୍ତୀ ନିଜ ସାମନ୍ତରାଜାକୁ ଭଲପାଏ, ଲୋଭ ବଶବର୍ତ୍ତୀ ହୋଇ ଜାଣିଶୁଣି ହାରିଗଲେ ଚକ୍ରବର୍ତ୍ତୀ ନିଜ ସାମନ୍ତରାଜା ଉପରେ କ୍ରୋଧିତ ହୋଇଥାଏ । ଏଠାରେ ପରମାତ୍ମା ଚକ୍ରବର୍ତ୍ତୀ ହେବାବେଳେ, ଜୀବାତ୍ମା ଜଣେ ସାମନ୍ତରାଜା ଏବଂ ଆତ୍ମା ଅନ୍ୟଜଣେ ସାମନ୍ତରାଜା ବୋଲି ଭାବିବା । ସେତେବେଳେ ଜୀବାତ୍ମା ନାମକ ସାମନ୍ତରାଜା ଆତ୍ମା ନାମକ ସାମନ୍ତରାଜାକୁ ଜିତିଲେ ପରମାତ୍ମା ଖୁସିହୁଅନ୍ତି । ନଚେତ୍ ଜାଣିଶୁଣି ହାରିଗଲେ ଜୀବାତ୍ମା ନାମକ ସାମନ୍ତରାଜା ପରମାତ୍ମା ନାମକ ଚକ୍ରବର୍ତ୍ତୀଙ୍କର ଶତ୍ରୁ ଭଳି ହୋଇଥାନ୍ତି ।

**(୫) ଶ୍ଳୋକ,୭ : ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।**
**ଶୀତୋଷ୍ଣ ସୁଖଦୁଃଖେଷୁ ତଥା ମାନାପମାନୟୋଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଆତ୍ମାକୁ ଜାଣିଥିବା ବ୍ୟକ୍ତି ପରମାତ୍ମା ବାବଦରେ ପ୍ରଶାନ୍ତତା ପ୍ରାପ୍ତ ହୋଇ, ଶୀତୋଷ୍ଣ ସୁଖଦୁଃଖରେ, ସେହିଭଳି ମାନାପମାନରେ ସମାନତା ରକ୍ଷା କରିଥାଏ ।

**ବିବରଣୀ :** ଆତ୍ମପରିବାରକୁ ଜିତିଯାଇ ଆତ୍ମଦର୍ଶନ କରିଥିବା ଜୀବ, ପରମାତ୍ମା ଆଉ ନିଜ ମଧ୍ୟରେ ଶତ୍ରୁତ୍ୱହୀନ ହୋଇ, ପ୍ରଶାନ୍ତତା ଭାବ ସହିତ ଶରୀରରେ ଥିବାବେଳେ ଶୀତୋଷ୍ଣରେ, ସୁଖଦୁଃଖରେ, ମାନାପମାନରେ ଭିନ୍ନତାକୁ ଜାଣିନଥାଏ । ଏଠାରେ ଧ୍ୟାନଦେବା ବିଶେଷ କଣନା ! ଏହି ଶ୍ଳୋକ ବ୍ରହ୍ମଯୋଗ ସମ୍ବନ୍ଧୀୟ । ଯୋଗୀ ଜାଗ୍ରତାବସ୍ଥାରେ ସମ୍ମୁଖୀନ କରୁଥିବା ସୁଖ, ଦୁଃଖକୁ ସମାନ ଭାବିଥାଏ ବୋଲି ଭାବନ୍ତୁ ନାହିଁ, ତାର ସୁଖଦୁଃଖରେ ସମତା କେବଳ ଯୋଗ ସମୟରେ ଆସେ ବୋଲି ଜାଣିବା ଉଚିତ୍ । ଜଣେ ଏକ ପ୍ରଶାନ୍ତ ପରିବେଶରେ ଆଖି ବନ୍ଦକରି ବ୍ରହ୍ମଯୋଗରେ ଲଗ୍ନ ହୋଇଥିବା ବେଳେ, ତା ସମ୍ମୁଖରେ ଆନନ୍ଦକର ଦୃଶ୍ୟ ରଖିଲେ ମଧ୍ୟ, ଦୁଃଖ ଦାୟକ ନିଜ ବନ୍ଧୁବାନ୍ଧବଙ୍କ ଶବ ଆଣି ରଖିଲେ ମଧ୍ୟ, ବାହ୍ୟଧ୍ୟାନ ନଥିବା ସେହି ଯୋଗୀପାଇଁ ଉଭୟ ସମାନ ହୋଇଥାଏ । ମାନାବମାନ, ଶୀତୋଷ୍ଣର ସମାନତ୍ୱକୁ ଦେଖୁଥିବା ବ୍ୟକ୍ତି ଅର୍ଥାତ୍ ପୂର୍ଣ୍ଣ ଭାବରେ ଯୋଗଲଗ୍ନ ହୋଇଥିବା ବ୍ୟକ୍ତିର କୌଣସି ବିଷୟ ଧ୍ୟାନ ନଥାଏ । ତା'ଶରୀରର ମନ କୌଣସି କାର୍ଯ୍ୟ କରୁନଥିବା ବେଳେ ବାହାରର କୌଣସି ବିଷୟ ନେଇ ଭିତରେ ଥିବା ଜୀବକୁ ଯୋଗାଇ ପାରିନଥାଏ । ଏହି ଶ୍ଳୋକରେ ରହିଥିବା ଏହି ବିଷୟକୁ ଏହିଭଳି ନବୁଝି, ଜାଗ୍ରତାବସ୍ଥାରେ ଥିବା ଯୋଗୀ ଶୀତୋଷ୍ଣ, ସୁଖଦୁଃଖ, ମାନାବମାନାଦିକୁ ସମାନ ଦେଖିଥାଏ ଭାବିଲେ ବା ଯୋଗୀ ଶରୀରର ଜୀବ ଦୁଃଖ ସୁଖର ଭେଦକୁ ଜାଣୁନାହିଁ ବୋଲି ଅର୍ଥକଲେ ସାରା କର୍ମସିଦ୍ଧାନ୍ତ ଓଲଟପାଲଟ ହୋଇଯାଏ । ଧର୍ମ ଜଣାଉଥିବା ଭଗବଦ୍ଗୀତା ଅନର୍ଥ ହୋଇଯାଏ । ତେଣୁ ଏହି ବିଷୟ କେବଳ ବ୍ରହ୍ମଯୋଗ ସମୟରେ ସମ୍ଭବ ହୋଇଥାଏ, ଅନ୍ୟ ସମୟରେ କର୍ମଯୋଗୀ ହେଉ କି ବ୍ରହ୍ମଯୋଗୀ ହେଉ ନିଶ୍ଚୟ ଦୁଃଖ ସୁଖର ଅନୁଭୂତିକୁ ଅନୁଭବ କରିଥାଏ, ଜୀବ ନିଶ୍ଚୟ ଭାବରେ ସେଗୁଡିକର ଭିନ୍ନତାକୁ ଜାଣିଥାଏ ବୋଲି ଜାଣିବା ଉଚିତ୍ । ଏହି ଶ୍ଳୋକରେ ମଧ୍ୟ **ଜିତାତ୍ମନଃ** ବୋଲି କହିଛନ୍ତି, ଆତ୍ମାନୁଭବ ସ୍ଥିତିକୁ ହିଁ **ଜିତାତ୍ମନଃ** କୁହାଯାଇଛି ବୋଲି ଜାଣିବା ଉଚିତ୍ । ବ୍ରହ୍ମଯୋଗରେ ମନ ଆତ୍ମା ଉପରେ ଲଗ୍ନ ହୋଇ, ଆତ୍ମା ବିଷୟ ବୁଦ୍ଧି ଏବଂ ଜୀବକୁ ଜଣାଉଥିବା ସମୟରେ, ବାହ୍ୟ ବିଷୟଗୁଡିକ ସମାନ ଭାବରେ ଅଜଣା ରହିଯାଏ ବୋଲି ତଳ ଶ୍ଳୋକରେ ମଧ୍ୟ କହିଛନ୍ତି ଦେଖନ୍ତୁ ।

**(୫) ଶ୍ଳୋକ,୮ : ଜ୍ଞାନ ବିଜ୍ଞାନ ତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।**
**ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଂଶ୍ମ କାଂଚନଃ ।।**

**(ବ୍ରହ୍ମଯୋଗ)**

**(୫) ଶ୍ଳୋକ,୯ : ସୁହୃନ୍ମିତ୍ରାର୍ଯ୍ୟୁଦାସୀନ ମଧ୍ୟସ୍ଥ ଦ୍ୱେଷ ବନ୍ଧୁଷୁ ।**
**ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ।।**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଜ୍ଞାନ ବିଜ୍ଞାନ ତୃପ୍ତ, ଯିଏ ଆତ୍ମାନନ୍ଦରେ ବୁଡି ରହିଛି, ଯିଏ ଇନ୍ଦ୍ରିୟଗୁଡିକୁ ଜୟ କରିଛି, ଯିଏ ପ୍ରକୃତ ବ୍ରହ୍ମଯୋଗୀ, ଯାହାର ପଥର ଆଉ କାଞ୍ଚନରେ ଭେଦ ନାହିଁ, ମିତ୍ର ମାନଙ୍କଠାରେ ସୁହୃଦ ଭାବ ଯାହାର ନାହିଁ, ଯିଏ ସତ୍ରୁ, ମିତ୍ରରେ ସମତ୍ୱ ରକ୍ଷାକରେ ସେ ହିଁ ପ୍ରକୃତ ଯୋଗୀ ।

**ବିବରଣୀ :** ଆତ୍ମଜ୍ଞାନର ଆଚରଣ କରିବା ବ୍ରହ୍ମଯୋଗ ଆଚରଣ । ବ୍ରହ୍ମଯୋଗର ମୁଖ୍ୟକାର୍ଯ୍ୟ ହେଉଛି ମନକୁ ଜୟ କରିବା । ଅନେକ କାଳ ଚେଷ୍ଟା କରି ମନକୁ ଜୟ କରିବା ବେଳେ ବ୍ରହ୍ମଯୋଗ ହୋଇଥାଏ । ଇନ୍ଦ୍ରିୟବିଷୟ ଗୁଡିକୁ ମନନ ନ କରିବା କ୍ରିୟା ଭାରିକଷ୍ଟ । ବାହ୍ୟ ଇନ୍ଦ୍ରିୟଗୁଡିକର ଧ୍ୟାନରେ ନଥିବା ମନ ଭିତରର ଆତ୍ମାବିଷୟ ଜୀବକୁ ଜଣାଇବା ହିଁ ବ୍ରହ୍ମଯୋଗ । ବ୍ରହ୍ମଯୋଗ ଆଚରଣ ସମୟରେ ଶରୀରରେ, ଶରୀର ବାହାରେ କୌଣସି ଧ୍ୟାନ ନଥାଏ, ସେତେବେଳେ ତା' ଆଗରେ ମଣି, ପଥର, ମୂଲ୍ୟବାନ ସ୍ୱର୍ଣ୍ଣାଳଙ୍କାରାଦି ରଖିଲେ ମଧ୍ୟ ସେ ସେଥିରେ ଆକର୍ଷିତ ହୋଇନଥାଏ । ବ୍ରହ୍ମଯୋଗୀ ପାଇଁ ସବୁକିଛି ସମାନ । ବ୍ରହ୍ମଯୋଗୀ ଆଗରେ ଶତ୍ରୁ ଠିଆ ହେଉ, ବନ୍ଧୁମିତ୍ର ଠିଆ ହୁଅନ୍ତୁ, ପବିତ୍ର ସାଧୂ ଆଉ ବଡ ପାପୀ ଆସି ଠିଆ ହେଉ, ସେତେବେଳେ ତା ପାଇଁ ସମସ୍ତେ ସମାନ, ସେ କାହାକୁ ଭଲପାଏ ନାହିଁ କି କାହାକୁ ଘୃଣା କରେ ନାହିଁ । ବାହ୍ୟତଃ ଏଭଳି ଥିବା ବ୍ରହ୍ମଯୋଗୀ ଭିତରେ କିପରି ଥାଏ ତାହା ତଳ ଶ୍ଳୋକରେ ଦେଖିବା ।

**(୫) ଶ୍ଳୋକ,୧୦ : ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ଉହସି ସ୍ଥିତଃ ।**
**ଏକାକୀ ଯତ ଚିତାତ୍ମା ନିରାଶୀରପରିଗ୍ରହଃ ।।**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯୋଗୀ ସର୍ବଦା ଆତ୍ମାରେ ଯୁକ୍ତ ହୋଇ ରହସ୍ୟ ଭାବେ ଥାଏ । ଏକାକୀ ରହି ସମସ୍ତ ଭୌତିକ ଆଶା ବର୍ଜନ କରି, କୌଣସି ବିଷୟ ଗ୍ରହଣ ନକରି, ଅଧିକାରୀତ୍ୱ ଭାବରୁ ମୁକ୍ତ ହୋଇ ଯୋଗୀ ରହିବା ଉଚିତ୍ ।

**ବିବରଣୀ :-** ଏହି ଶ୍ଲୋକକୁ କେତେକ ବାହ୍ୟାର୍ଥରେ ବୁଝିଛନ୍ତି । ରହସ୍ୟ ଭାବରେ ରହିବା କହିଲେ କେହି ଦେଖିପାରୁନଥିବା ପାହାଡଗୁମ୍ଫାରେ, ଏକାକୀ କହିଲେ କେହି ନଥିବା ସ୍ଥଳରେ ବୋଲି କହିଛନ୍ତି । ଏପରି ବାହ୍ୟ ଅର୍ଥରେ ବୁଝିବା ଉଚିତ୍ ନୁହେଁ ବୋଲି ବାରମ୍ବାର ଜଣାଉଛୁ । ଏହି ଶ୍ଲୋକରେ ବ୍ରହ୍ମଯୋଗୀର ଭିତର ସ୍ଥିତି ବାବଦରେ କୁହାଯାଇଛି । ବ୍ରହ୍ମଯୋଗୀ ସବୁବେଳେ ଆତ୍ମାନୁଭବରେ ଥାଏ । ବ୍ରହ୍ମଯୋଗୀ ଶରୀରର ଜୀବାତ୍ମା ବାହ୍ୟ ପ୍ରଜାଙ୍କୁ ଜଣାପଡୁନଥିବା ରହସ୍ୟ ସ୍ଥଳରେ ରହି ଆତ୍ମାନୁଭବ ପାଇଥାଏ । **ମୁଣ୍ଡରେ ଥିବା ଭ୍ରୂକୁଟି ସମାନ୍ତରାଳ ଉପଜିହ୍ୱାର ପ୍ରାକ୍ ଦିଗରେ ଏହି ସ୍ଥଳ ରହିଥାଏ ।** ଯାହା ଅନ୍ୟମାନଙ୍କୁ ଜଣା ନଥାଏ ତାହା ରହସ୍ୟ । କେତେକ ଏହି ସ୍ଥଳ ବାବଦରେ କଛିଦୂର କହିଥିଲେ ମଧ୍ୟ, ତାର ସନ୍ଧାନ ନ ମିଳିବା କାରଣରୁ ତାହା ରହସ୍ୟ ସ୍ଥଳ ହିଁ ହୋଇଥାଏ ! ଭ୍ରୂଲତାର ମଧ୍ୟଭାଗରୁ ମୁଣ୍ଡର ମଧ୍ୟଭାଗକୁ ଏବଂ ଉପଜିହ୍ୱାଠାରୁ ଉପରିଭାଗକୁ ଦୁଇଟି ସରଳରେଖା ଟାଣିଲେ ତାହା ଯେଉଁଠାରେ ମିଳିତ ହୁଅନ୍ତି ସେହି ସ୍ଥଳ ହିଁ ଏହି ରହସ୍ୟସ୍ଥଳ ବୋଲି କେତେକ ବର୍ଣ୍ଣନା କରିଥିଲେ ମଧ୍ୟ, ଜୀବ ଆତ୍ମାରେ ମିଳିତ ହେଉଥିବା ଏହି ସ୍ଥଳକୁ କେହି ଦେଖିପାରୁ ନଥିବାରୁ ଏହାକୁ ରହସ୍ୟ ସ୍ଥଳ ହିଁ କୁହାଯାଇ ପାରିବ, ସେଥିଲାଗି ବ୍ରହ୍ମଯୋଗୀ ରହସ୍ୟସ୍ଥଳରେ ଆତ୍ମା ସହିତ ମିଳିତହୋଇ ଥାଏ ବୋଲି ଶ୍ଲୋକରେ କହିଛନ୍ତି, ତାଛଡା ଏକାକୀ ନାମକ ପଦ ମଧ୍ୟ ଶ୍ଲୋକରେ ଅଛି । ଏକାକୀ କହିଲେ ଏକୁଟିଆ ନୁହେଁ ! ଆତ୍ମା, ଜୀବାତ୍ମା ନାମକ ଜୁଗଳାତ୍ମା ପକ୍ଷୀଜୁଗଳଙ୍କ ଭଳି ଭିତରେ ଦେଖା ନଯାଇ ରହିଛନ୍ତି, ଦେଖାଯାଉ ନଥିବାରୁ ଘନ ଅନ୍ଧକାର ଭଳି । ଘନ ଅନ୍ଧକାର ଭିତରେ କିଛି ଦେଖାଯାଇ ନଥାଏ, ତେଣୁ ସେମାନଙ୍କୁ କଳାରଙ୍ଗର ବାୟସ ପକ୍ଷୀ (କାଉ) ସମାନ ତୁଳନା କରିଛନ୍ତି । ଜୀବତ୍ମା ଆତ୍ମା ଦୁହେଁ ଶରୀର ନାମ୍ନୀ ବୃକ୍ଷ ଉପରେ ଅଲଗା ଅଲଗା ଡାଳରେ ବସିଛନ୍ତି, ଦୁଇଟିଯାକ ମିଶିଯିବା ବେଳେ ଏକ ହେବେ । ବ୍ରହ୍ମଯୋଗରେ ଜୀବାତ୍ମା ଆତ୍ମା ଐକ୍ୟ ହୋଇଯାଉଥିବାରୁ, ସେହି ସମୟରେ ଦୁଇଟି ଆତ୍ମା ନଥାଇ ଗୋଟିଏ ଆତ୍ମା ଭଳି ରହୁଥିବାରୁ ଏହି ସ୍ଥିତିକୁ

ଏକାକୀ ସ୍ଥିତି କୁହାଯାଉଛି, ତେଣୁ ଆତ୍ମାରେ ମିଶିଥିବା ବ୍ରହ୍ମଯୋଗୀକୁ ଏକାକୀ କହିପାରିବା । ଯୋଗ ସମୟରେ ରହସ୍ୟ ସ୍ଥଳରେ ଥିବା ଜୀବାତ୍ମା, ପୂର୍ବରୁ ତା ସମ୍ବନ୍ଧୀୟ ସମସ୍ତ ବିଷୟକୁ ଛାଡି, ନିଜେ ଏକା ବଳକା ରହି ଆତ୍ମା ଅନୁଭବ ପାଇଥାଏ । ଏହି ସ୍ଥିତିରେ ମନ ଅନେକରୁ ଏକରେ ପହଞ୍ଚି ଜୀବକୁ ଏକାଗ୍ରତା ଯୋଗାଇ ଦେଉଛି । ମନ ଏତିକିବେଳେ ନାନା ପ୍ରକାରର ଗୁଣ ବିଷୟ ନଆଣି ରହିବା ଦ୍ୱାରା ଭିତରେ ଥିବା ବୁଦ୍ଧି ମଧ୍ୟ ଏକାକୀ ହୋଇଯାଉଛି, ସେଥିଲାଗି ବୁଦ୍ଧି ଯୋଗାଇ ଦେଉଥିବା ଅନେକ ବିଷୟକୁ ଗ୍ରହଣ କରି ନିର୍ଣ୍ଣୟ କାର୍ଯ୍ୟ କରୁଥିବା ଚିତ୍ତ ମଧ୍ୟ ଏକାକୀ ହୋଇଯାଉଛି । ଏହିପରି ପ୍ରଥମେ ମନ ଅନେକରୁ ଏକ ହେଲେ, ତାକୁ ଅନୁସରଣ କରୁଥିବା ବୁଦ୍ଧି ଏକକୀ ହୋଇଯାଉଛି, ବୁଦ୍ଧିକୁ ଅନୁସରଣ କରୁଥିବା ଚିତ୍ତ ମଧ୍ୟ ଏକାକୀ ହୋଇଯାଉଛି, ତେଣୁ ଶେଷରେ ଜୀବ ମଧ୍ୟ ଏକକୀ ହୋଇଯାଉଛି । ମନ ବୁଦ୍ଧି ଚିତ୍ତ ଏକ ବାହାନର ଚକ ଭଳି ପରସ୍ପର ଅନୁବନ୍ଧିତ ହୋଇ ରହିଥାନ୍ତି । ବାହାନର ଗୋଟିଏ ଚକ ଚଳିଲେ ତା ସହିତ ଅନୁବନ୍ଧିତ ହୋଇ ରହିଥିବା ଅନ୍ୟଏକ ଚକ ଚଳିବା ଭଳି, ମନ, ବୁଦ୍ଧି, ଚିତ୍ତ ଭିତରୁ କେହି ଜଣେ ଚଳିବା ଆରମ୍ଭ କଲେ ଅନ୍ୟଗୁଡିକ ଚଳିବା ଭଳି ହୋଇଥାଏ । ଶେଷରେ ଥିବା ଚିତ୍ତ ଅପରିଗ୍ରହ ହୋଇ (କିଛି ଗ୍ରହଣ ନକରି) ଯଦି ରହିଯାଏ ତେବେ ମନ, ବୁଦ୍ଧି ମଧ୍ୟ ଅଚଳ ରହିଯାଆନ୍ତି ବୋଲି ବୁଝିବାକୁ ହୁଏ । ଏହିପରି ମନ, ବୁଦ୍ଧି, ଚିତ୍ତ ଦେଉଥିବା ଅନୁଭୂତି ମଧ୍ୟ ଜୀବ ନପାଇବା ଭଳି ହୋଇଥାଏ, ତେଣୁ ବ୍ରହ୍ମଯୋଗ ପାଉଥିବା ଜୀବ ରହସ୍ୟ ସ୍ଥଳରେ ରହିଛି ବୋଲି ଶ୍ଳୋକରେ କୁହାଯାଇଛି । ଏହି ସ୍ଥିତିକୁ ପାଉଥିବା ଜୀବ କେଉଁ ଆଚରଣ କରିବ ତାହା ତଳ ଶ୍ଳୋକରେ ବର୍ଣ୍ଣନା କରିଛନ୍ତି, ଦେଖନ୍ତୁ ।

**(୫) ଶ୍ଳୋକ,୧୧ : ଶୁଚୌଦେଶେ ପ୍ରତିଷ୍ଠାପ୍ୟ ସ୍ଥିର ମାସନମାତ୍ମନଃ ।**
**ନାତ୍ୟୁଚ୍ଛ୍ରିତଂ ନାତି ନୀଚଂ ଚୈଳାଜିନ କୁଶୋତ୍ତରମ୍ ।।**

**(ବ୍ରହ୍ମ ଯୋଗ)**

**ଭାବାର୍ଥ :** ଉଚ୍ଚ ନୀଚ ହୋଇ ନଥିବା ପରିଷ୍କାର ସ୍ଥାନରେ ଯୋଗସାଧନାରେ ବସିପାରିବା ଭଳି ସ୍ଥିରାସନ ତିଆରି କରି, ତା ଉପରେ କୁଶଘାସ ବିଛାଇ, ତା ଉପରେ ଚର୍ମ, ଚର୍ମ ଉପରେ ବସ୍ତ୍ର ବିଛାଇ ବସିବା ଉଚିତ୍ ।

**ବିବରଣୀ :** ବ୍ରହ୍ମଯୋଗ ପାଇଁ ଉଚ୍ଚନୀଚ ହୋଇନଥିବା ପରିଷ୍କାର ସ୍ଥଳରେ ଆସୀନ ହେବାପାଇଁ ବନ୍ଦୋବସ୍ତ କରିଥାନ୍ତି ବୋଲି ସମସ୍ତଙ୍କୁ ଜଣାଅଛି, ସେହି ସ୍ଥଳରେ କୁଶଘାସ, ଚର୍ମ, ବସ୍ତ୍ରାଦି କାହିଁକି ବିଛାଇ ବସିବା ଉଚିତ୍ ସେ ବାବଦରେ ଅନେକଙ୍କର ସନ୍ଦେହ ଆସିପାରେ । ତାହା ଜାଣିବା ନିହାତି ଆବଶ୍ୟକ ହୋଇଥାଏ । ପ୍ରଥମେ କୁଶଘାସ ବାବଦରେ ଜାଣିବାକୁ ଆରମ୍ଭ କଲେ, ତାହାଏକ ବଡ କାହାଣୀ ହୋଇଯାଏ, ତାଛଡା ତାହା ସତ କି ମିଛ ଆମକୁ ମଧ୍ୟ ଜଣାନାହିଁ, ତେଣୁ ସେ ବିଷୟ ଛାଡି ଯାହା ଆମକୁ ଜଣା ଅଛି ସେତିକି ଜାଣିବା । କୁଶାସନ କର୍କଶ ଏବଂ ଧାର ବିଶିଷ୍ଟ ହୋଇଥାଏ, କୁଶ ଏକ ପ୍ରକାରର ଘାସ । ଏହି ଘାସ ଧାରୁଆ ହୋଇଥିବା କାରଣରୁ ସେ ଘାସରେ କୌଣସି କୀଟପତଙ୍ଗ ବସିପାରନ୍ତି ନାହିଁ । ଯୋଗ ସମୟରେ ମାଛି, ଜନ୍ଦା, ପିମ୍ପୁଡି ଇତ୍ୟାଦି ନ ଆସିବା ପାଇଁ ଏହି କୁଶଘାସ ବିଛାଇବାକୁ ହୋଇଥାଏ । ଛୋଟ ପିମ୍ପୁଡିଟିଏ ଆସି ଶରୀରରେ ଚଢିଲେ ମଧ୍ୟ ଯୋଗଭଙ୍ଗ ହୋଇଯାଏ । ସେଥିଲାଗି ଆସନ ତଳେ କୁଶଘାସ ବିଛାଇବାକୁ ପଡେ । କୁଶଘାସର କର୍କଶତା (ଘାସର ଧାର) ସାଧକର ଶରୀରରେ ନଲାଗିବା ପାଇଁ ତା ଉପରେ ଚର୍ମ ବିଛାଇବାକୁ ପଡେ । ତାଛଡା ଯୋଗସାଧନା ସମୟରେ ଏହି ଚର୍ମାସନର ବିଶେଷତା ରହିଛି । ତାହା ହେଲା ! ପ୍ରତି ଜୀବଶରୀର ଉପରୁ ତଳ ପର୍ଯ୍ୟନ୍ତ ବାମ ଦକ୍ଷିଣ ହୋଇ ଦୁଇଭାଗରେ ବିଭକ୍ତ । ଶରୀରର ଡାହାଣ (ଦକ୍ଷିଣ) କଡରେ ଆଖିଟିଏ ଥିଲେ ବାମ କଡରେ ମଧ୍ୟ ଆଉ ଗୋଟିଏ ଆଖି ଥାଏ । ବାମ କଡରେ କାନଟିଏ ଥିଲେ ଡାହାଣ କଡରେ ମଧ୍ୟ କାନଟିଏ ଥାଏ, ସେହିଭଳି ଗୋଟିଏ କଡରେ ଯେଉଁ ଅବୟବ ଥାଏ ତାର ବିପରୀତ ଦିଗରେ ମଧ୍ୟ ସେହିଭଳି ଅବୟବଟିଏ ଥାଏ । ଗୋଟିଏ ଅଙ୍ଗ ଭଳି ଦେଖାଯାଉଥିବା ନାକର ମଧ୍ୟ ବାମ ଦକ୍ଷିଣ ହୋଇ ଦୁଇଟି ପୁଡା (ରନ୍ଧ୍ର) ରହିଥାଏ । ନାକଟି ଦୁଇଭାଗ ହୋଇ ରହିଛି ବୋଲି ବାହାରକୁ ଜଣାପଡେ । ଉପର ଓଠର ମଝିରେ ଏକ ତୀରଚିହ୍ନ ସୂଚିତ ହେବାଭଳି, ଦେଖାଯାଉଥିବା ଶରୀର ମଧ୍ୟସ୍ଥ ଏକ ରେଖା ଶରୀରର ତଳଭାଗ ପର୍ଯ୍ୟନ୍ତ ଦେଖାଯାଏ । ତଳ ଭାଗରେ ଥିବା ବୃଷଣରେ ମଧ୍ୟ ଏକ ସୂତା ଆକାରର ରେଖା ଶରୀରକୁ ଦୁଇଭାଗ କରୁଥିବାର ସ୍ପଷ୍ଟ ଦେଖାଯାଏ । ଖାଲି ଶରୀରର ବାହାରେ କାହିଁକି ଭିତରେ ମଧ୍ୟ ଯାହାସବୁ ରହିଛି ତାହା ମଧ୍ୟ ଦୁଇ ଭାଗରେ ରହିଥିବା ଜଣାଯାଏ । ତାଛଡା ଶରୀର ଦୁଇ ଭାଗ ହୋଇ

ଥାଏ ବୋଲି ଖାଲି ମଣିଷ କାହିଁକି ପଶୁପକ୍ଷୀ, ବୃକ୍ଷଲତାଦିରେ ମଧ୍ୟ ପରିଲକ୍ଷିତ ହୁଏ । ଏହିଭଳି ସର୍ବ ଜୀବରାଶିର ଶରୀର ଦୁଇ ଭାଗରେ ବିଭକ୍ତ ହୋଇ ରହିଛି ବୋଲି ଜାଣିପାରିବେ । ଏଭଳି ରହିବାର କାରଣ କର୍ମ । ଏହି କର୍ମ ଦୁଇ ଭାଗର ହୋଇଥିବା କାରଣରୁ ଶରୀର ମଧ୍ୟ ଦୁଇ ଭାଗର ହୋଇଛି । ଏହି ପାପପୁଣ୍ୟ ନାମକ ଦୁଇ ଭାଗର କର୍ମକୁ ପାଳନ କରୁଥିବା ନବଗ୍ରହମାନେ ମଧ୍ୟ ଦୁଇଭାଗ ହୋଇ ରହିଛନ୍ତି । ଗ୍ରହ ଏବଂ ଗ୍ରହାଚାର ଅନୁଭବ କରୁଥିବା ଶରୀର ମଧ୍ୟ ଦୁଇ ଭାଗର ହୋଇ ରହିଛି । ସେହିଭଳି କାଳ ମଧ୍ୟ ଦୁଇଭାଗ ହୋଇ ରହିଛି । ତାହା କିପରି ନା ! ମଧ୍ୟରେ ଆସୁଥିବା ରାହୁ, କେତୁ ନାମକ ଦୁଇ ଛାୟାଗ୍ରହଙ୍କୁ ବାଦ୍ ଦେଲେ ଆଉ ସାତଗୋଟି ଗ୍ରହ ସାତଗୋଟି ଦିନପାଇଁ ନିର୍ଣ୍ଣୀତ ହୋଇ ରହିଛନ୍ତି, ତାହାହିଁ ଆଜି କୁହାଯାଉଥିବା ରବି, ସୋମ, ମଙ୍ଗଳ ଇତ୍ୟାଦି ବାରଗୁଡିକର ନାମ । ଗୋଟିଏ ଗୋଟିଏ ଗ୍ରହ ଗୋଟିଏ ଗୋଟିଏ ଦିନର (ବାରର) ଅଧିପତି ଭାବରେ ରହିଥାନ୍ତି । ଦିନର ୧୨ ଘଣ୍ଟା କାଳରୁ ୧୦ଘଣ୍ଟା ୩୦ମିନିଟ୍ କାଳ ଗୋଟିଏ ଗ୍ରହପାଇଁ ନିର୍ଣ୍ଣୀତ ହୋଇ, ବାକିଥିବା ଦେଢଘଣ୍ଟା କାଳ ରାହୁ, କେତୁଙ୍କ ପାଇଁ ନିର୍ଣ୍ଣୀତ ହୋଇ ରହିଛି । ସବୁଦିନ ରାହୁ, କେତୁ ରହୁଥିବା କାରଣରୁ ସାତ ଦିନକୁ ଦେଢଘଣ୍ଟା ହିସାବରେ, ସାଢେଦଶଘଣ୍ଟା (ଦଶଘଂଟା ଅଧେ) କାଳ ସବୁ ଗ୍ରହମାନଙ୍କ ଭଳି ସମାନ ହୋଇ ରହୁଛି । ଏହିଭଳି କାଳକୁ ମଧ୍ୟ ବିଭାଜିତ କରି ଗ୍ରହଗୁଡିକ ପାଳନ କାର୍ଯ୍ୟ ତୁଲାଇଥାନ୍ତି ।

ବିଭାଜିତ ହୋଇଥିବା କାଳରେ, ବିଭାଜିତ ହୋଇଥିବା ଶରୀରରେ, ବ୍ରହ୍ମଯୋଗ କରୁଥିବା ଯୋଗୀର ଜ୍ଞାନାଗ୍ନି ମଧ୍ୟ ସେହି ଗ୍ରହଗୁଡିକର ଦିନ ଅନୁସାରେ ବାମ କିମ୍ବା ଦକ୍ଷିଣ ଦିଗରେ ପ୍ରବେଶ କରିଥାଏ । ସପ୍ତଗ୍ରହ ଗୁଡିକ ଭିତରେ ସୂର୍ଯ୍ୟ, ମଙ୍ଗଳ ଆଉ ଗୁରୁ ତିନିଗୋଟି ଗୁରୁପକ୍ଷର ହୋଇଥିବା ବେଳେ, ଶୁକ୍ର, ବୁଧ, ଶନି ତିନିଗୋଟି ଶନିପକ୍ଷର ହୋଇ ରହିଥାନ୍ତି, କିନ୍ତୁ ଚନ୍ଦ୍ର ଶୁକ୍ଳପକ୍ଷ, କୃଷ୍ଣପକ୍ଷ ଅନୁସାରେ ଗୁରୁ ପକ୍ଷରେ ଏବଂ ଶନି ପକ୍ଷରେ ପହଞ୍ଚିଥାଏ । ତେଣୁ ଚନ୍ଦ୍ର ଶୁକ୍ଳପକ୍ଷରେ ଗୁରୁପକ୍ଷକୁ ଆଉ କୃଷ୍ଣପକ୍ଷରେ ଶନି ପକ୍ଷକୁ ଯାଇଥାଏ । ସେହି ଗ୍ରହଗୁଡିକର କାଳାଧିକାର ଅନୁସାରେ ଶୁକ୍ଳପକ୍ଷ ୧୫ ଦିନରେ ମଣିଷ ଯୋଗ ଆଚରଣ କରୁଥିବା ସମୟରେ ରବି (ଆଦି), ସୋମ, ମଙ୍ଗଳ ଗୁରୁ ଦିନ

ଗୁଡିକରେ ଶରୀରର ଦକ୍ଷିଣ ଦିଗରେ ଜ୍ଞାନାଗ୍ନି ପ୍ରବେଶ କରିଥାଏ । ସେହିଭଳି କୃଷ୍ଣପକ୍ଷର ବୁଧ, ଶୁକ୍ର, ଶନି, ସୋମବାର ଗୁଡିକରେ ବାମ ଦିଗରେ ଜ୍ଞାନାଗ୍ନି ପ୍ରବେଶ କରିଥାଏ, ସେଥିଲାଗି ପୂର୍ବେ ଯୋଗୀମାନେ ଯୋଗ ସମୟରେ ଯୋଗଦଣ୍ଡ ବ୍ୟବହାର କରୁଥିଲେ । ଜ୍ଞାନାଗ୍ନି ପ୍ରବେଶ କରୁଥିବା ଦିଗର ବିପରୀତ ଦିଗରେ ଯୋଗଦଣ୍ଡକୁ ଉପଯୋଗ କରୁଥିଲେ । ଯୋଗଦଣ୍ଡ ସହିତ ଚର୍ମାସନ ମଧ୍ୟ ବ୍ୟବହାର କରୁଥିଲେ । ଏବେ ସେହି ଚର୍ମାସନ କାହିଁକି ବ୍ୟବହାର କରୁଥିଲେ ତାହା ସହଜରେ ବୁଝିହେବ ।

ବ୍ରହ୍ମଯୋଗୀ ଯୋଗ ଆଚରଣ କରୁଥିବା ସମୟରେ ପ୍ରପଞ୍ଚର ଅଣୁ ଅଣୁରେ ବ୍ୟାପି ରହିଥିବା ଈଶ୍ୱରଶକ୍ତି ବା ପରମାତ୍ମାଶକ୍ତି ଜ୍ଞାନାଗ୍ନିରେ ବଦଳି, ଯୋଗୀ ଶରୀରର ବାମ କିମ୍ବା ଦକ୍ଷିଣ ଭାଗରେ ଅନୁକୂଳିତ ଦିନ ଅନୁସାରେ ପ୍ରବେଶ କରିଥାଏ । ଏହିଭଳି ଶରୀର ଭିତରେ କୌଣସି ଗୋଟିଏ କଡରୁ ବ୍ରହ୍ମନାଡୀ ଦ୍ୱାରା ପ୍ରବେଶ କରିଥାଏ । ଗୁଦ ସ୍ଥାନରୁ ଆରମ୍ଭକରି ମସ୍ତକ ପର୍ଯ୍ୟନ୍ତ ଶରୀରର ମଧ୍ୟରେ ଥିବା ମେରୁଦଣ୍ଡ ବା ବ୍ରହ୍ମନାଡୀ କୁହାଯାଉଥିବା ବଡ ନାଡୀର ଭ୍ରକୁଟି, କଣ୍ଠ, ହୃତ୍ପିଣ୍ଡ, ନାଭି, ଲିଙ୍ଗ ଆଉ ଗୁଦସ୍ଥାନ ପର୍ଯ୍ୟନ୍ତ ଛଅଗୋଟି ନାଡୀକେନ୍ଦ୍ର ରହିଛି । ଶେଷରେ ଥିବା ସପ୍ତମ ନାଡୀକେନ୍ଦ୍ର ଭାବରେ ସବୁଠାରୁ ବଡ ନାଡୀକେନ୍ଦ୍ର ମସ୍ତିସ୍କ ରହିଛି । ତଳେ ଥିବା ଛଅଗୋଟି ନାଡୀକେନ୍ଦ୍ରରେ ଜ୍ଞାନାଗ୍ନି ପ୍ରବେଶ କରିଥାଏ । ସେହିଭଳି ପ୍ରବେଶ କରିଥିବା ଜ୍ଞାନାଗ୍ନି ଉପରକୁ ଯାଇ ସପ୍ତମ ନାଡୀକେନ୍ଦ୍ରରେ ଜମାହୁଏ ଏବଂ ସେଠାରେ ସୂକ୍ଷ୍ମ ଭାବେ ଥିବା ସଞ୍ଚିତକର୍ମକୁ ଜାଳିଥାଏ । ଏହି ଅଗ୍ନି ଜଳୁଥାଏ ବୋଲି ସୂଚିତ କରାଇ ବଡ ଲୋକମାନେ ଦେବତା ମାନଙ୍କର ଚିତ୍ରପଟ୍ଟରେ ଏକ ଆଲୋକକୁ ଚିତ୍ରିତ କରିଥିଲେ । ଯୋଗୀ ଶରୀରର ଛଅଗୋଟି କେନ୍ଦ୍ରରେ ପ୍ରବେଶ କରୁଥିବା ଜ୍ଞାନାଗ୍ନି ଭିତରୁ ତଳ ତିନିଭାଗରେ ପ୍ରବେଶ କରୁଥିବା ଅଧା ଶକ୍ତି ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଭୂମି ଭିତରକୁ ଟାଣି ହୋଇଯାଏ । ତେଣୁ ଯୋଗୀ ଏଠାରେ ଅର୍ଜନ କରୁଥିବା ଜ୍ଞାନାଗ୍ନିରୁ ଅର୍ଦ୍ଧେକକୁ ନଷ୍ଟ କରିଦେଇଥାଏ । ଏହି ଜ୍ଞାନାଗ୍ନି ନଷ୍ଟ ନହେବାପାଇଁ ଯୋଗୀମାନେ ଚର୍ମାସନ ବ୍ୟବହାର କରିଥିଲେ । ରବର ବିଦ୍ୟୁଦ୍ ଶକ୍ତିର ନିରୋଧକ ହେବା ଭଳି, ଜ୍ଞାନଶକ୍ତିର ନିରୋଧକ ଚର୍ମ । ବିଦ୍ୟୁତ ଶକ୍ତି ରବରକୁ ଡେଇଁ ଯାଇ ନପାରିବା ଭଳି ଜ୍ଞାନାଗ୍ନି ଚର୍ମକୁ

ଡେଇଁପାରେ ନାହିଁ । ତେଣୁ ଯୋଗୀ ଆସନରେ ବସିବା ବେଳେ ଚର୍ମାସନ ବ୍ୟବହାର କରିବା ଦ୍ୱାରା ତଳ ଭାଗରେ ଥିବା ତିନି କେନ୍ଦ୍ରର ଶକ୍ତିକୁ ହରାଇ ନଥାଏ ଏବଂ ସମ୍ପୂର୍ଣ୍ଣ ଭାବରେ ଆହରଣ କରୁଥିବା ଶକ୍ତି ତାର ଶିରୋଭାଗରେ ପହଞ୍ଚି ସେଠାରେ ସଞ୍ଚିତ ହୋଇଥାଏ ।

ଯୋଗ ସମୟରେ ଶରୀରରେ ଜ୍ଞାନାଗ୍ନି ପ୍ରବେଶ କରିଥାଏ ବୋଲି ଜାଣିଥିବା ବଡମାନେ ବିଭିନ୍ନ ପ୍ରକାରର ଚର୍ମକୁ ବ୍ୟବହାର କରିଥିଲେ ବୋଲି ଜଣାଯାଏ । ଯୋଗୀ ଶରୀରର ନିରୋଧକ ଭାବରେ କୌଣସି ଜୀବରାଶିର ଚର୍ମ ରହିପାରେ ବୋଲି ଜାଣିହୁଏ । କୌଣସି ସଜୀବ କିମ୍ବା ନିର୍ଜୀବ ଶରୀରର ଚର୍ମ ଜ୍ଞାନାଗ୍ନିର ନିରୋଧକ ବୋଲି କହିବାପାଇଁ ଅନେକ ଆଧାର ମଧ୍ୟ ରହିଛି । ଉଦାହରଣ ସ୍ୱରୂପ ଶିବ ହାତୀଚର୍ମ, ହରିଣଚର୍ମ, ବାଘଚର୍ମ ଇତ୍ୟାଦି ଚର୍ମ ଧାରଣ କରିଥିବା ଅନେକ ଚିତ୍ରପଟରୁ ଦେଖିବାକୁ ମିଳିଥାଏ । ବିଷ୍ଣୁ ସାପଚର୍ମ ଉପରେ ରହି ଯୋଗ କରିଥିଲେ । ଶିବ ବୃଷଭ (ଷଣ୍ଢ) ଉପରେ ବସିଥିବା ଭଳି ଅନ୍ୟ ଦେବତାମାନେ ମଧ୍ୟ ନିଜ ନିଜର ବାହାନ ଭାବେ ନାନା ପଶୁ, ପକ୍ଷୀମାନଙ୍କ ଉପରେ ବସିଥିବାର ଜଣାଯାଏ । କେତେକ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ବେଳେ ଚର୍ମଆସନକୁ ସାଥିରେ ନେଇ ଯାଇଥାନ୍ତି, ତେଣୁ କୌଣସି ଚର୍ମ ଆସନ ଭାବେ ବ୍ୟବହୃତ ହୋଇପାରେ ବୋଲି ଜଣାଯାଉଛି ।

ଏହି ଶ୍ଳୋକରେ ଚର୍ମାସନ ବ୍ୟବହାର କରିବା ଉଚିତ୍ ବୋଲି କହିଛନ୍ତି ସିନା, ଅମୁକ ଚର୍ମ ବ୍ୟବହାର କର ବୋଲି କହିନାହାନ୍ତି । କୃର ବ୍ୟାଘ୍ରଚର୍ମ ଅପେକ୍ଷା ସାଧୁଜୀବ ହରିଣଚର୍ମ ବ୍ୟବହାର କରିବା ଉଚିତ୍ ବୋଲି କେତେକ କହିଛନ୍ତି । ଏହା କୌଣସି ନିୟମ ନୁହେଁ କି ଏହାର କୌଣସି ଆବଶ୍ୟକ ନାହିଁ । ତେଣୁ ଯୋଗ ପାଇଁ କୌଣସି ଚର୍ମର ବ୍ୟବହାର କରାଯାଇ ପାରିବ । ତାଛଡା ଚର୍ମ ଉପରେ ବସ୍ତ୍ର ମଧ୍ୟ ବ୍ୟବହାର କରିବା ପାଇଁ ଏହି ଶ୍ଳୋକରେ କହିଛନ୍ତି । ଶୁଖିଲା ଚର୍ମ ଉପରେ ଶରୀରର ଲୋମ ମୋଡିହେବା ଦ୍ୱାରା ସ୍ୱଳ୍ପ କଷ୍ଟ ମଧ୍ୟ ଅନୁଭବ ହୋଇପାରେ, ତାହା ମଧ୍ୟ ନହେବା ପାଇଁ କୋମଳ ସୁତାବସ୍ତ୍ର ବ୍ୟବହାର କରିବା ଉଚିତ୍ ବୋଲି ଜାଣିହେଉଛି । ଏଥର ସାଧକର ଆସନ ଯୋଗାଡ ଜାଣିଗଲେ । ଏହାପରେ ସାଧକ କ'ଣ କରେ ତାହା ପର ଶ୍ଳୋକରେ ଜାଣିବା ।

**(୫) ଶ୍ଳୋକ,୧୨ : ତତ୍ରୈକାଗ୍ରଂ ମନଃକୃତ୍ୱା ଯତ ଚିତେନ୍ଦ୍ରିୟ କ୍ରିୟଃ ।**
**ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମ ବିଶୁଦ୍ଧୟେ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଆସନ ନିର୍ମାଣ କରି ତା ଉପରେ ବସି ମନକୁ ଏକାଗ୍ର କରି, ଇନ୍ଦ୍ରିୟ ଗୁଡିକର, ଚିତ୍ତର କାର୍ଯ୍ୟକୁ ସ୍ଥିର କରିଦେଇ ଆତ୍ମା ପ୍ରାପ୍ତି ପାଇଁ ବ୍ରହ୍ମଯୋଗ ଆଚରଣ କରିବା ଉଚିତ୍ ।

**ବିବରଣୀ :** ପ୍ରଥମ ଶ୍ଳୋକରେ କହିବା ଭଳି ସମାନ୍ତର ସ୍ଥଳରେ କୁଶ, ଚର୍ମ, ବସ୍ତ୍ରାଦି ବ୍ୟବହାର ପୂର୍ବକ ଆସନ ନିର୍ମାଣ କରି, ତା ଉପରେ ବସି, ମନକୁ ଏକାଗ୍ର କରିବା ଦ୍ୱାରା ଇନ୍ଦ୍ରିୟ ଗୁଡିକର କାର୍ଯ୍ୟ, ତାକୁ ଅନୁସରଣ କରୁଥିବା ବୁଦ୍ଧି ଏବଂ ଚିତ୍ତର କାର୍ଯ୍ୟ ସ୍ଥିର ହୋଇଯାଇଥାଏ । ଏହି ସ୍ଥିତି ଆସିବା ପରେ ଆତ୍ମା ପ୍ରାପ୍ତି ପାଇଁ ଯୋଗ ଆଚରଣ କରିବାକୁ ହୁଏ । ଏଠାରେ ମନକୁ ଏକାଗ୍ର କରିବା ଦ୍ୱାରା ବାହ୍ୟ ଇନ୍ଦ୍ରିୟ ଗୁଡିକଠାରୁ ଆରମ୍ଭକରି ଭିତରେ ଥିବା ଚିତ୍ତ ପର୍ଯ୍ୟନ୍ତ ସମସ୍ତେ ସ୍ଥିର ରହିଯାଇଥାନ୍ତି । ତେଣୁ ଏଠାରେ ମନକୁ ଏକାଗ୍ର କରିବା ମୁଖ୍ୟ ବିଷୟ । ଏହି ଏକାଗ୍ରତା ମନରେ କିପରି ଆସେ ଜାଣିବା ।

ମନ ବାହ୍ୟେନ୍ଦ୍ରିୟ ଗୁଡିକର ବିଷୟକୁ ସ୍ମୃତିରେ ଆଣିବା ବା ମନେ ପକାଇବା ତାର ଦ୍ୱିତୀୟ କାର୍ଯ୍ୟ ବୋଲି ଜାଣିଥିଲେ । ମନ ସକାଳରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ କୌଣସିନା କୌଣସି ବିଷୟକୁ ସ୍ମୃତିରେ ଦେଖାଉଥାଏ । ଘଟିଥିବା ଘଟଣା ବ୍ୟତୀତ ଘଟିନଥିବା ଘଟଣା, କେବେ ଦେଖି ନଥିବା ଦୃଶ୍ୟ, କେଉଁଠାରେ ଦେଖି ନଥିବା ଜନ୍ତୁ, ମନୁଷ୍ୟାଦିଙ୍କୁ ସ୍ମୃତିରେ (ମନୋଦୃଷ୍ଟି)ରେ ଦେଖାଇଥାଏ । ଏହିଭଳି ଦେଖିଥିବା, ଦେଖି ନଥିବା, ଶୁଣିଥିବା, ଶୁଣିନଥିବା ବିଷୟଗୁଡିଏ କ୍ରମଚ୍ୟୁତ ନହୋଇ ଆସିବା ଦ୍ୱାରା ଯୋଗୀ ବିଚଳିତ ହୋଇଯାଇଥାଏ । ଯଦି ଗୋଟିଏ ବିଷୟ ଆସିଲା ତାହା ମିନିଟ୍ ଦୁଇ ମିନିଟ୍ ବା କେତେ ମିନିଟ୍ ରହିବା ପରେ ସାଙ୍ଗେ ସାଙ୍ଗେ ଆଉଗୋଟିଏ ବିଷୟ ଆସିଥାଏ । କେବଳ ନିଦ୍ରା ବ୍ୟତୀତ ମନ ବିଷୟରେ ସବୁବେଳେ ସଞ୍ଚରଣ କରୁଥାଏ ।

ଏକ କହିଲେ ଗୋଟିଏ, ଅନେକ କହିଲେ ଏକରୁ ଅଧିକ । ଏକ ପରେ ଅର୍ଥାତ୍ ତଳେ ଦୁଇ, ତିନି ଇତ୍ୟାଦି କ୍ରମାନ୍ୱୟରେ ସଂଖ୍ୟାଗୁଡିଏ ଆସିଥାଏ । ଏକ (୧)ର ଉପରେ କିଛି ନଥାଏ ଅର୍ଥାତ୍ ଶୂନ୍ୟ ଥାଏ । ତେଣୁ ଏକାଗ୍ରତା କହିଲେ ଏକ(୧)ର ଅଗ୍ରରେ ଥିବା ଶୂନ୍ୟ । ଶ୍ଳୋକରେ ମନକୁ ଏକାଗ୍ର କରିବା ଉଚିତ୍ କହିବାକୁ ଯାଇ **"ଏକାଗ୍ରଂ ମନଃ"** ବୋଲି କହିଛନ୍ତି । କୌଣସି ସଂକଳ୍ପ ନଥିବା ଶୂନ୍ୟସ୍ଥିତି ପର୍ଯ୍ୟନ୍ତ ମନକୁ ନେଇଯିବା ବେଳେ ବୁଦ୍ଧିରେ ବିଚାର କରିବା ପାଇଁ ଆଉ କିଛି ନଥାଏ । ଠିକ୍ ଏହି ସମୟରେ ଲଭ୍ୟ ହେଉଥିବା ଆତ୍ମାପାଇଁ ଯୋଗୀ ଚେଷ୍ଟା କରିବା ଉଚିତ୍ । ବ୍ରହ୍ମଯୋଗୀ ଆଉ କିଭଳି ଥାଏ ତାହା ତଳ ଶ୍ଳୋକରୁ ଜାଣିବା ।

**(୫) ଶ୍ଳୋକ,୧୩: ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।**
**ସଂପ୍ରେକ୍ଷ୍ୟ ନାସିକାଗ୍ର ସ୍ୱଂ ଦିଶ୍ଚାଽନବଲୋକୟନ୍ ।।**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଶରୀର, ମୁଣ୍ଡ, କଣ୍ଠକୁ ସମାନ ଭାବେ ଅଚଳ ରଖି, ଦୃଷ୍ଟିକୁ ନାସାଗ୍ରରେ ସ୍ଥିର କରି କୌଣସି ପାର୍ଶ୍ୱକୁ ନଚାହିଁ ବସିବାକୁ ହୋଇଥାଏ ।

**ବିବରଣୀ :** ଶରୀରର ପଛଭାଗ (ପିଠି), କଣ୍ଠ, ମୁଣ୍ଡକୁ ଭୂମିରୁ ଉପରକୁ ସଳଖ ରଖି, ହଲ୍‌ଚଲ୍ ନହୋଇ ଯୋଗ ସାଧନାରେ ବସି ରହିବା ଉଚିତ୍ । ପିଠି ଭାଗ, କଣ୍ଠ ଏବଂ ମୁଣ୍ଡ ସିଧା ନରହି ବକ୍ର ରହିବା ଦ୍ୱାରା ମେରୁଦଣ୍ଡ ମଧ୍ୟ ବକ୍ର ରହିଥାଏ, ତଦ୍ଦ୍ୱାରା ଛଅଗୋଟି କେନ୍ଦ୍ରରେ ପ୍ରବେଶ କରୁଥିବା ଜ୍ଞାନାଗ୍ନି ପ୍ରବେଶ କରିବାରେ ଅବରୋଧ ହୋଇଥାଏ, ତେଣୁ ସମ୍ପୂର୍ଣ୍ଣ ଜ୍ଞାନାଗ୍ନି ପ୍ରବଶେ କରିପାରି ନଥାଏ । ମେରୁଦଣ୍ଡ ସଳଖ ରହିବା ଦ୍ୱାରା ଜ୍ଞାନାଗ୍ନି ସପ୍ତମ କେନ୍ଦ୍ରକୁ ସହଜରେ ପ୍ରବେଶ କରିଥାଏ । ସେଥିଲାଗି ଏଭଳି ବସିବା ଉଚିତ୍ ବୋଲି କହିଛନ୍ତି । ଏହି ଆସନକୁ ପଦ୍ମାସନ ମଧ୍ୟ କୁହାଯାଏ । ସାଧକ ପଦ୍ମାସନରେ ବସି ନାସାଗ୍ର ବା ଭ୍ରୂକେନ୍ଦ୍ରକୁ ଦୃଷ୍ଟିଦେଲେ ମନ କୌଣସି ପାର୍ଶ୍ୱ ବିଷୟକୁ ନଯାଇ ସ୍ଥିର ରହେ । ଏପରି ବ୍ୟକ୍ତି ଆଉ କିପରି ଥାଏ ଏବେ ଜାଣିବା ।

**(୫) ଶ୍ଳୋକ,୧୪: ପ୍ରଶାନ୍ତାତ୍ମା ବିଗତଭିଃ ବ୍ରହ୍ମଚାରିବ୍ରତେ ସ୍ଥିତଃ ।**
**ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପର ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ପ୍ରଶାନ୍ତତାର ସହିତ, ବ୍ରହ୍ମଚାରୀ ବ୍ରତଯୁକ୍ତ ହୋଇ, ଭୟହୀନ ଭାବରେ, ଆତ୍ମାଠାରେ ଚିତ୍ତ ରଖି ମନକୁ ସ୍ଥିର କରି ବସିବାକୁ ହେବ ।

**ବିବରଣୀ :** ବାସ୍ତବରେ ଶାନ୍ତ କହିଲେ ଗୁଣହୀନ ହୋଇ ରହିବା । ସେହି ଅର୍ଥରେ ପ୍ରଶାନ୍ତତା ପ୍ରାପ୍ତର କୌଣସି ଭୟ ନଥାଏ । ବ୍ରହ୍ମର ଆଚରଣ ତାର ଦୀକ୍ଷା ହୋଇଯାଇଥାଏ, ତାର ମନ ସ୍ଥିର ହୋଇ ସେଥିରେ କୌଣସି ବିଷୟ ନରହିବା ଦ୍ୱାରା ଚିତ୍ତ ମଧ୍ୟ ସ୍ଥିର ହୋଇଯାଇଥାଏ । ବ୍ରହ୍ମଯୋଗୀ ଏହିଭଳି ମନ ଦ୍ୱାରା ଆତ୍ମାନୁଭବ ପାଇଥାଏ ।

**(୫) ଶ୍ଳୋକ,୧୫: ଯୁଞ୍ଜନ୍ନେବଂ ସଦାଽଽତ୍ମାନଂ ଯୋଗୀ ନିୟତ ମାନସଃ ।**
**ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯୋଗୀ ସବୁବେଳେ ମନକୁ ଶାସନ କରିପାରିବା ଭଳି ରହି ମୁଁ ଅନୁଗ୍ରହ କରୁଥିବା ମୋକ୍ଷ ନାମକ ଶାନ୍ତିକୁ ପାଇପାରିଥାଏ ।

**ବିବରଣୀ :** ଯିଏ ବ୍ରହ୍ମଯୋଗୀ ସେ କେତେବେଳେ କେମିତି କିମ୍ବା ସବୁବେଳେ ମନକୁ ସ୍ୱାଧୀନ କରି ଆତ୍ମାକୁ ଅନୁଭବ କରୁଥାଏ, ସେ କିଛିକାଳ ପରେ ଅର୍ଥାତ୍ ତାର କର୍ମ ଶେଷ ହୋଇଯିବା ପରେ ଶରୀରକୁ ଛାଡି ମୋକ୍ଷ ପାଇଥାଏ, ସେ ଆଉ ଜନ୍ମ ନ ହୋଇ ପରମାତ୍ମାରେ ଲୀନ ହୋଇ ଶାଶ୍ୱତ ଶାନ୍ତି ପାଇଥାଏ ।

**(୫) ଶ୍ଳୋକ,୧୬: ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।**
**ନ ଚାତିସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ! ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଅଧିକ ଖାଏ, ଅଧିକ ଉପବାସ ରହେ, ଅଧିକ ଶୋଇଥାଏ, ଅଯଥା ଜାଗ୍ରତ ରହିଥାଏ ସେ ବ୍ରହ୍ମଯୋଗ ଆଚରଣ କରିପାରେ ନାହିଁ ।

**(୫) ଶ୍ଲୋକ,୧୭ : ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତ ସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ମିତଭୋଜନ, ମିତକାର୍ଯ୍ୟ, ମିତନିଦ୍ରା, ଜାଗ୍ରତାଦି ଆଚରଣ କରୁଥିବା ପାତ୍ର ବ୍ରହ୍ମଯୋଗ ପ୍ରାପ୍ତ ହୋଇଥାଏ, ସେ ଦୁଃଖ ପାଇନଥାଏ ।

**(୫) ଶ୍ଲୋକ,୧୮ : ଯଦା ବିନୟତଂ ଚିତ୍ତ ମାତ୍ମନ୍ୟେବାଽବତିଷ୍ଟତେ ।**
**ନିସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ନିୟମିତ ଭାବରେ ଚିତ୍ତକୁ ଆତ୍ମାରେ ସ୍ଥିର ରଖିପାରିଥାଏ, ସେ କାମନାହୀନ ହୋଇ, ଆତ୍ମା ଧ୍ୟାନରେ ରହି, ଯୋଗ ପ୍ରାପ୍ତ ହୁଏ ।

**(୫) ଶ୍ଲୋକ,୧୯ : ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମାସ୍ମୃତା ।**
**ଯୋଗିନୋ ଯତ ଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ସ୍ୱାଧୀନ ଚିତ୍ତ ହୋଇଥିବା ଯୋଗଯୁକ୍ତ ଜୀବର ଉପମା ଭାବେ ପବନ ନଥିବା ସ୍ଥାନରେ ଜଳୁଥିବା ଦୀପକୁ ନେଇପାରିବା ।

**ବିବରଣୀ :** ମନ, ବୁଦ୍ଧି, ଚିତ୍ତ ଭିତରୁ କିଛି ଗୋଟିଏ ସ୍ଥିର ହୋଇଗଲେ ଅନ୍ୟଗୁଡ଼ିକର ସମ୍ପର୍କ ମଧ୍ୟ ତୁଟିଯାଇଥାଏ । ସ୍ୱାଧୀନଚେତାକୁ ସ୍ୱାଧୀନମନା ବୋଲି କହିପାରିବା । ଏହି ଶ୍ଲୋକରେ ସ୍ଥିରଚିତ୍ତ ବିଶିଷ୍ଟ ଯୋଗୀ କହିଛନ୍ତି ଅର୍ଥାତ୍ ଯୋଗୀର ମନ ମଧ୍ୟ ସ୍ଥିର ଥାଏ ବୋଲି ଜାଣିବା ଉଚିତ୍ । ମନ ସଙ୍କଳ୍ପ ବିକଳ୍ପରେ ଥିବାବେଳେ ବୁଦ୍ଧି, ଚିତ୍ତର କାର୍ଯ୍ୟ ମଧ୍ୟ ଥାଏ । ମନର କାର୍ଯ୍ୟ ନଥିଲେ ଏ ଦୁଇଟରି ମଧ୍ୟ କାର୍ଯ୍ୟ ନଥାଏ । ସେହିଭଳି ବାହ୍ୟ ଜ୍ଞାନ, କର୍ମେନ୍ଦ୍ରିୟାଦିର କାର୍ଯ୍ୟ ମଧ୍ୟ ନଥାଏ । ଏକଥା ଆଗରୁ ମଧ୍ୟ କୁହାଯାଇଛି ।

ସାଧାରଣତଃ ଶରୀରର ମନ କାର୍ଯ୍ୟ କରୁଥିବା ଜୀବାତ୍ମା ପ୍ରତ୍ୟେକ କ୍ଷଣରେ ବାହାରୁ ଆସୁଥିବା ଏବଂ ମନ ଜଣାଇ ଦେଉଥିବା ବିଷୟର ମାନାବମାନ, ଦୁଃଖ ସୁଖ, ଶୀତୋଷ୍ଣାଦିରୁ ଆସୁଥିବା ଅନୁଭୂତିକୁ ଅନୁଭବ କରିଥାଏ । ସବୁଦିଗରୁ ବହୁଥିବା ପବନରେ ଦୀପ ଜଳିବା ଭଳି ଅନେକ ବିଷୟ ସମ୍ବନ୍ଧୀୟ ଦୁଃଖସୁଖାଦି ପ୍ରଭାବ ଯୋଗୀକୁ ବିଚଳିତ ହୋଇଥାଏ । ବ୍ରହ୍ମଯୋଗ ପ୍ରାପ୍ତ ହୋଇ ମନ ଦ୍ୱାରା ତା ପାଖରେ କୌଣସି ବିଷୟ ପହଞ୍ଚିପାରୁ ନଥିବା ବେଳେ, ସେ ପ୍ରଶାନ୍ତତା ପ୍ରାପ୍ତ ହୋଇ ପବନ ବହୁନଥିବା ସ୍ଥାନରେ ଦୀପ ଜଳୁଥିବା ଭଳି ରହିଥାଏ । ବ୍ରହ୍ମଯୋଗ ପ୍ରାପ୍ତ ହୋଇଥିବା ଯୋଗୀ ଆଉ କିପରିଥାଏ ଜାଣିବା ।

**(୫) ଶ୍ଳୋକ,୨୦: ଯତ୍ରୋ ପରମତେ ଚିତ୍ତଂ ନିରୁଦ୍ଧଂ ଯୋଗ ସେବୟା ।**
**ଯତ୍ରଚୈବାତ୍ମାନାଽତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯୋଗ ଆଚରଣରେ ଚିତ୍ତର କାର୍ଯ୍ୟ ନ ରହିବା ବେଳେ ଜୀବାତ୍ମା ଆତ୍ମାକୁ ଦେଖି ଆତ୍ମାନନ୍ଦ ଅନୁଭବ କରିଥାଏ ।

**ବିବରଣୀ :** ବ୍ରହ୍ମଯୋଗ ଆଚରଣ ହେବାବେଳେ ଶରୀରର ସମସ୍ତ କାର୍ଯ୍ୟ ଅଟକି ଯାଇଥାଏ । ନିଦ୍ରା ବ୍ୟତୀତ ବାକି ସବୁ ସମୟରେ ବୁଦ୍ଧି, ଚିତ୍ତ ଏବଂ ଜୀବପାଇଁ କୌଣସିନାକୌଣସି ବିଷୟ ଆଣି ଯୋଗାଇବା ମନର କାର୍ଯ୍ୟ । ମାନବର ଜୀବନକାଳ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ ହୋଇ ରହିଛି । ତାହା ହେଲା ୧) ନିଦ୍ରା ୨) ଜାଗ୍ରତ ୩) ସ୍ୱପ୍ନ ୪) ଯୋଗ । ନିଦ୍ରାରେ ମନର କାର୍ଯ୍ୟ ନଥାଏ । ଜାଗ୍ରତାବସ୍ଥାରେ ମନ, ଇନ୍ଦ୍ରିୟାଦି କାର୍ଯ୍ୟ କରିଥାନ୍ତି, ଏହା ସମସ୍ତେ ଜାଣିଥିବା ବିଷୟ । ସ୍ୱପ୍ନରେ ବାହ୍ୟ କର୍ମେନ୍ଦ୍ରିୟ ଗୁଡିକ ବ୍ୟତୀତ ଆଉ ସବୁଗୁଡିକ କାର୍ଯ୍ୟ କରୁଥାନ୍ତି । ବ୍ରହ୍ମଯୋଗରେ ସମସ୍ତ ଶରୀରଭାଗ ସ୍ଥିର ରହିଯାଇଥିଲେ ମଧ୍ୟ ମନ, ବୁଦ୍ଧି, ଚିତ୍ତ, ଜୀବ ଜାଗ୍ରତ ଅବସ୍ଥାରେ ଥାଆନ୍ତି । ମନ ବାହ୍ୟ ବିଷୟଗୁଡିକ ଆଣିବା ଛାଡିଦେଇଥାଏ ସିନା ତାର ସ୍ମୃତିରେ ଥିବା ବିଷୟ ଗୁଡିକୁ ଜଣାଇଥାଏ । ବ୍ରହ୍ମଯୋଗରେ କେବଳ ଆତ୍ମା ବ୍ୟତୀତ ମନ ପାଇଁ ଆଉ କିଛି ନଥାଏ, ତେଣୁ ମନ ଆତ୍ମାବିଷୟକୁ ନେଇ

ବୁଦ୍ଧି, ଚିତ୍ତ ଏବଂ ଜୀବକୁ ଜଣାଇଥାଏ, ସେତେବେଳେ ଜୀବାତ୍ମା ତାର ମନ ଦ୍ୱାରା ଆତ୍ମାକୁ ଦେଖିପାରିଥାଏ । ମଝିରେ ମନ ନଥିଲେ ଜୀବାତ୍ମା ଆତ୍ମାକୁ ସିଧା ଦେଖିପାରି ନଥାଏ । ଜୀବାତ୍ମା ମନ ଦ୍ୱାରା ଦେଖେ ଅର୍ଥାତ୍ ମନୋଦୃଷ୍ଟି ଦ୍ୱାରା ଆତ୍ମାକୁ ଦେଖିଥାଏ ବୋଲି ଗ୍ରହଣ କରିବା ଉଚିତ୍ । ଯୋଗରେ ଜୀବାତ୍ମା ମନ ଯୋଗାଇଦେଉଥିବା ଆତ୍ମାନୁଭୂତିକୁ ବୁଦ୍ଧି ଦ୍ୱାରା ପାଇଥାଏ, ସେହି ସମୟରେ ଜୀବାତ୍ମା ଆତ୍ମାର ଅନୁଭୂତିକୁ, ତାର ଆନନ୍ଦକୁ ପାଇଥାଏ ।

**(୫) ଶ୍ଳୋକ,୨୧ : ସୁଖମାତ୍ୟନ୍ତିକଂ ଯତଦ୍ବୁଦ୍ଧିଗ୍ରାହ୍ୟ ମତୀନ୍ଦ୍ରିୟଃମ୍ ।**
**ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଅନନ୍ତ ସୁଖ ଇନ୍ଦ୍ରିୟାତୀତ, ତାହା କେବଳ ବୁଦ୍ଧି ଗ୍ରହଣ କରି-ପାରେ, ତାହା ଜାଣିଥିବା ପାତ୍ର ସେଥିରୁ ବାହାରକୁ ନଆସି ନିଶ୍ଚଳ ରହେ ।

**ବିବରଣୀ :** ବ୍ରହ୍ମଯୋଗରେ ମନ ଜୀବକୁ ଯୋଗାଇ ଦେଉଥିବା ଆତ୍ମାସୁଖ ବାହ୍ୟ ଜ୍ଞାନେନ୍ଦ୍ରିୟଗୁଡିକ ଗ୍ରହଣ କରିପାରି ନଥାନ୍ତି । ଆତ୍ମାସୁଖ ଅଦୃଶ୍ୟ, ଦେଖୁଥିବା କୌଣସି ଦୃଶ୍ୟସୁଖ ତା ସହିତ ସମାନ ନୁହେଁ । ଆଖି, ନାକ, କାନ ଇତ୍ୟାଦି ଦେଉଥିବା ସୁଖଗୁଡିକଠାରୁ ଅତୀତଭାବେ ଥାଏ ଆତ୍ମାସୁଖ । ଇନ୍ଦ୍ରିୟଗୁଡିକ କେବଳ ବିଷୟଜ୍ଞାନ ଏବଂ ତାର ସୁଖ ଯୋଗାଇ ପାରନ୍ତି । ଜ୍ଞାନେନ୍ଦ୍ରିୟ ଗୁଡିକଠାରୁ ଉନ୍ନତ ବୁଦ୍ଧି କେବଳ ତାହା ଗ୍ରହଣ କରିପାରିଥାଏ, ମନ ଯୋଗାଇ ଦେଉଥିବା ଆତ୍ମାସୁଖକୁ ଗ୍ରହଣ କରି ତାର ସାରାଂଶକୁ ସବିବରଣ ଜାଣିଥାଏ । ଜନ୍ମଠାରୁ ନିତ୍ୟ ଅନୁଭବ କରୁଥିବା ଇନ୍ଦ୍ରିୟ ସୁଖଠାରୁ ଆତ୍ମାସୁଖ ସ୍ୱତନ୍ତ୍ର ଏବଂ ଅନନ୍ତସୁଖ ବୋଲି ବୁଦ୍ଧି ଗ୍ରହଣ କରି, ଜୀବାତ୍ମାକୁ ଜଣାଇବା ଦ୍ୱାରା ଜୀବ ସ୍ଥିର ଭାବରେ ସେହି ସୁଖକୁ ପାଉଥିବାରୁ ଏ ପର୍ଯ୍ୟନ୍ତ ସେ କେବେ ଅନୁଭବ କରିନଥିବା ଅଦ୍ଭୁତ ସୁଖକୁ ସେ ସେତେବେଳେ ମହାନ ବୋଲି ଭାବିଥାଏ ।

**(୫) ଶ୍ଳୋକ,୨୨ : ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।**
**ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥**

**(ବ୍ରହ୍ମଯୋଗ)**

**(୫) ଶ୍ଲୋକ,୨୩: ତଂ ବିଦ୍ୟା ଦୁଃଖସଂଯୋଗବିୟୋଗଂ ଯୋଗସଂଗୀତମ୍ ।**
**ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣ ଚେତସା ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ତାକୁ ଯାହା ମିଳିଛି, ତା ଭିତରେ ଅନ୍ୟଗୁଡିକ ଅପେକ୍ଷା ଯାହା ଅଧିକ ଲାଭଦାୟକ ବୋଧ ହେଉଛି, ବଡ ଦୁଃଖର ସମ୍ମୁଖୀନ ହେଉଥିଲେ ମଧ୍ୟ ଯେଉଁ ସ୍ଥିତି ତାକୁ ବିଚଳିତ ନକରୁଛି, ଯାହା ଦ୍ୱାରା ତାର ଦୁଃଖ ରହୁନାହିଁ, ତାହାର ନାମ ବ୍ରହ୍ମଯୋଗ ବୋଲି ଜାଣ୍ । ଏହି ଯୋଗର ସାରାଂଶକୁ ଯିଏ ଜାଣିଯାଇଥାଏ ସେ ବ୍ୟାକୁଳ ନହୋଇ ବ୍ରହ୍ମଯୋଗ ଆଚରଣ କରିଥାଏ ।

**ବିବରଣୀ :** ଶରୀର ଭିତରେ ଥିବା ଜୀବ ପାଖରେ ପହଞ୍ଚୁଥିବା ବିଷୟ ସୁଖଗୁଡିକୁ ତୁଳନା କଲେ ଆତ୍ମାସୁଖଠାରୁ କୌଣସି ଇତର ସୁଖ ଅଧିକ ହୋଇ ନଥାଏ । ବ୍ରହ୍ମଯୋଗ ଆଚରଣ କରିବା ସମୟରେ ବାହାରେ ଛୋଟ, ବଡ ଦୁଃଖଦ ବିଷୟ ଗୁଡିଏ ଉପୁଜୁଥିଲେ ମଧ୍ୟ ବିଷୟଗୁଡିକ ତା ପାଖରେ ପହଞ୍ଚି ତାକୁ ବିଚଳିତ କରିନଥାଏ, କାରଣ ଏହି ଯୋଗରେ ଦୁଃଖ ସଂଯୋଗର ନାମ ହିଁ ନାହିଁ । ଏହି ଯୋଗରେ ଥିବା ପର୍ଯ୍ୟନ୍ତ ଦୁଃଖ ତ ନଥାଏ, ଅପରିମିତ ଅକୁହା ଆନନ୍ଦ ମିଳିଥାଏ । ଏହି ବିଷୟ ଜାଣିଥିବା ବ୍ୟକ୍ତି କେବେ ବ୍ୟାକୁଳ ନହୋଇ ଏହି ବ୍ରହ୍ମଯୋଗ ଆଚରଣ କରିଥାଏ ।

**(୫) ଶ୍ଲୋକ,୨୪: ସଂକଳ୍ପ ପ୍ରଭବାନ୍ କାମଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।**
**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥**

**(ବ୍ରହ୍ମଯୋଗ)**

**(୫) ଶ୍ଲୋକ,୨୫: ଶନୈଃ ଶନୈରୁପରମେଦ୍ବୁଦ୍ଧ୍ୟା ଧୃତି ଗୃହୀତ ୟା ।**
**ଆତ୍ମାସଂସ୍ଥଂ ମନଃ କୃତ୍ୱା ନ କିଂଚିଦପି ଚିନ୍ତୟେତ୍ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ମନୋସଙ୍କଳ୍ପ ଦ୍ୱାରା ସମ୍ଭବ ହେଉଥିବା ଆଶାଦି ଗୁଣଗୁଡିକୁ ନଥିବା ଭଳି କରି, ଇନ୍ଦ୍ରିୟବିଷୟ ଗୁଡିକରୁ ମନକୁ ନିଗ୍ରହ କରି ଏବଂ ବୁଦ୍ଧି ଦ୍ୱାରା ଧିରେ ଧିରେ ମନକୁ ବିଷୟ ଗୁଡିକଠାରୁ ଫେରାଇ ଆତ୍ମାରେ ଲଗ୍ନ କରିବା ଉଚିତ୍ ।

**ବିବରଣୀ :** ବିଚାରେ ବେଳେ ଗୁଣ ବିଷୟଗୁଡିକୁ ଉତ୍ତେଜିତ କରିବା ମନର ଗୋଟିଏ କାର୍ଯ୍ୟ ହୋଇଥିବା ବେଳେ, ବାହ୍ୟ ଇନ୍ଦ୍ରିୟ ବିଷୟଗୁଡିକୁ ଜଣାଇବା ମନର ଦ୍ୱିତୀୟ କାର୍ଯ୍ୟ ବୋଲି ଆଗରୁ ଜାଣିଛେ । ଧୈର୍ଯ୍ୟ ଯୁକ୍ତ ବୁଦ୍ଧି ଦ୍ୱାରା ମନକୁ ଧିରେ ଧିରେ ଇନ୍ଦ୍ରିୟ ବିଷୟଗୁଡିକରୁ ଏବଂ ସଙ୍କଳ୍ପ ଗୁଡିକରୁ ଫେରାଇ ଆଣିବା ଉଚିତ୍ । ବାରମ୍ବାର ବିଚଳିତ ହେବା ମନର ସ୍ୱଭାବ । ଅତ୍ୟଧିକ ଚଞ୍ଚଳ ହେବାବେଳେ ଅଧର୍ଯ୍ୟ ନହୋଇ, ବାରମ୍ବାର ମନକୁ ହୀତବୋଧ କରି ବିଷୟଗୁଡିକରୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିବାକୁ ପଡିଥାଏ । ମନର ଦ୍ୱିତୀୟ କାର୍ଯ୍ୟ ହୋଇଥିବା ସଙ୍କଳ୍ପ ଗୁଡିକୁ ନଥିବା ଭଳି କରିବା ଅତି କଷ୍ଟକର ବ୍ୟାପାର ।

**(୫) ଶ୍ଲୋକ,୨୬ : ଯତୋ ଯତୋ ନିଶ୍ଚଲତି ମନଶ୍ଚଂଚଲ ମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତ ଦାତ୍ମନ୍ୟେବ ବଶଂ ନୟେତ୍ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଅସ୍ଥିର, ଅଧିକ ଚଞ୍ଚଳ ମନ ଯେଉଁ ଦିଗକୁ ଦୌଡିଥାଏ, ସେହି ଦିଗରୁ ତାକୁ ନିଗ୍ରହ କରି ଫେରାଇଆଣି ଆତ୍ମାରେ ଲଗ୍ନ କରିବା ଉଚିତ୍ ।

**ବିବରଣୀ :** ମନ ଅଧିକ ଚଞ୍ଚଳ ଏବଂ ଦୃଢ । ପରମ ନୀଚ ବିଷୟଗୁଡିକୁ ଆଣି ଆସୁଥିବା ଅତି ନିକୃଷ୍ଟ । ତା ବାବଦରେ ଯୋଗୀ ବେମନ –

**କୁକୁର ଭକ୍ଷକ ଗୁରୁ ହୋଇଥାଏ**
**ସୂକର ଭକ୍ଷକ ଯୋଗୀରେ ଗଣା ।**
**କୁଞ୍ଜର ଭକ୍ଷକ ମହା ସୁଜ୍ଞାନୀରେ**
**ବିଶ୍ୱଧାଭିରାମା ଶୁଣରେ ବେମା ॥**

ବୋଲି କହିଛନ୍ତି । ଅର୍ଥାତ୍ ଆମ ଶରୀରରେ ମନ କୁକୁର ଭଳି ଅତି ଚଞ୍ଚଳ । ଗୋଟିଏ କ୍ଷଣ ମଧ୍ୟ ସ୍ଥିର ନରହି ବାରଘର ବୁଲିବା ଭଳି ମନ ନାନା ବିଷୟ ଉପରେ ବିଚରଣ କରିଥାଏ । କୁକୁର ଭଳି ଚଞ୍ଚଳ ମନକୁ ଯିଏ ଜୟ କରିଥାଏ

ସେ ଗୁରୁ ସମାନ । ଗୁରୁ ମନକୁ ଜୟ କରିଥାଏ, ଏହି ବିଷୟ କହିବାକୁ ଯାଇ, ଯୋଗୀ ବେମନ କୁକୁର ଭକ୍ଷକକୁ ଗୁରୁ କହିଛନ୍ତି ।

ମନ ଚଞ୍ଚଳ ହେବା ବ୍ୟତୀତ ପରମନୀଚ୍ଚ ବିଷୟରେ ବିଚରଣ କରିଥାଏ ତେଣୁ ତାକୁ ଘୁଷୁରୀ ସମାନ ତୁଳନା କରି, ତାକୁ ଜିତିଥିବା ବ୍ୟକ୍ତିକୁ ଯୋଗୀ ସହିତ ତୁଳନା କରିବାକୁ ଯାଇ ଘୁଷୁରୀ ଭକ୍ଷକକୁ ଯୋଗୀ କହିଛନ୍ତି ।

ମନ ଅତି ଚଞ୍ଚଳ, ନୀଚ୍ଚ ହେବା ବ୍ୟତୀତ ଅତି ଦୃଢ ମଧ୍ୟ, ତାକୁ ଜିତିବାକୁ ଯେତେ ଚେଷ୍ଟାକଲେ ମଧ୍ୟ ସେ ଅତି ସହଜରେ ବଶୀଭୂତ ହୋଇନଥାଏ । ବଳ ପୂର୍ବକ ତାକୁ ଅଟକାଇବାକୁ ଯେତେଚେଷ୍ଟା କଲେ ମଧ୍ୟ ସେ ଖସିଯାଇଥାଏ । ମନ ଅତି ବଳଶାଳୀ ବୋଲି ତାକୁ କୁଞ୍ଜର (ହାତୀ) ସହିତ ତୁଳନା କରି, ବଳଶାଳୀ ମନକୁ ଜୟ କରିଥିବା ପାତ୍ର ଯେ ସୁଜ୍ଞାନୀ, ତାହା କହିବାକୁ ଯାଇ କୁଞ୍ଜର ଭକ୍ଷକ ବଡ ସୁଜ୍ଞାନୀ ବୋଲି ତୁଳନାତ୍ମକ ପଦ୍ୟ ଲେଖିଛନ୍ତି ।

ମନ ଅତି ଚଞ୍ଚଳ ହୋଇଥିବାରୁ କୁକୁର ଭଳି, ଅତିନୀଚ୍ଚ ହୋଇଥିବାରୁ ଘୁଷୁରୀ ଭଳି, ବଳଶାଳୀ ହୋଇଥିବାରୁ ହାତୀ ଭଳି ବର୍ଣ୍ଣନା କରିଛନ୍ତି ।

ଅନେକ ଇନ୍ଦ୍ରିୟ ବିଷୟ ଏବଂ ଅନେକ ସଙ୍କଳ୍ପ ମନର ଆହାର ଭଳି । ମନକୁ ବଳହୀନ କରି ଗୋଟିଏ ସ୍ଥାନରେ ରହିବା ଭଳି କରିବା ପାଇଁ ମୁଖ୍ୟତଃ ପ୍ରଥମେ ତାକୁ ସଙ୍କଳ୍ପ ରହିତ କରିବାକୁ ହେବ । ଯୋଗ ସାଧନା କରିବା ପାଇଁ ଚଳିତ ସ୍ଥିତିର ଇନ୍ଦ୍ରିୟ ବିଷୟଗୁଡିକୁ ଦମନ କରିବା ସେତେ କଠିନ ନୁହେଁ । କାରଣ ! ସାଧକ ଯୋଗାରୂଢ ହେବା ପୂର୍ବରୁ ସେଗୁଡିକ ନ ଆସିବା ଭଳି ବନ୍ଦୋବସ୍ତ କରିଥାଏ, ତେଣୁ କଠିନ ହେଉଛି ମନସ୍ମୃତିରୁ ସଙ୍କଳ୍ପକୁ ଦୂର କରିବା । ସଙ୍କଳ୍ପ ଗୁଡିକ ଏକକାଳୀନ ଆସି ନଥାଏ, ଗୋଟିକ ପରେ ଗୋଟିଏ ଆସିଥାଏ । ସାଧକ ବୁଦ୍ଧି ଦ୍ୱାରା ମନକୁ ସତର୍କ କରୁଥାଇ ସଙ୍କଳ୍ପ ଗୁଡିକୁ ଦୂର କରିବାକୁ ଚେଷ୍ଟା କରୁଥାଏ । ଏହି ଚେଷ୍ଟା ବାରମ୍ବାର କରିବା ଦ୍ୱାରା ମନ କିଛି କ୍ଷଣ (ସେକେଣ୍ଡ୍) ଅଟକିଯାଇ ପୁନର୍ବାର ନାନା ପ୍ରକାରର ଆଲୋଚନାରେ ବୁଡିଯାଇଥାଏ । ଏହିଭଳି ମନ ସହିତ ଯୁଦ୍ଧ କରୁ କରୁ କିଛିକାଳ ପରେ ନିଶ୍ଚୟ କିଛି ସୁଫଳ ମିଳିଥାଏ । ମନୋବେଗ ହ୍ରାସଘଟି ପୂର୍ବଭଳି ତୁରନ୍ତ ଆସୁଥିବା

ସଙ୍କଳ୍ପ ଆଉ ନଆସି କିଛି ସମୟ ନେଇଥାଏ । ଗୋଟିଏ କଥା ମନେ ପଡିବା ପରେ ସାଧକର ଚେଷ୍ଟା ଦ୍ୱାରା ସେହି ବିଷୟକୁ ମନରୁ ଦୂର କରିବା ସମୟରେ ସାଙ୍ଗେସାଙ୍ଗେ ଆଉଗୋଟିଏ ବିଷୟ ଆସିନଥାଏ, ତେଣୁ ମଝିରେ କିଛି ସମୟ ଏକ ନିରାମୟ ସ୍ଥିତି ଆସିଥାଏ ବୋଲି କହିପାରିବା । ଏହି ସ୍ଥିତିକୁ ନିର୍ବିକଳ୍ପ ସମାଧି କହନ୍ତି, ଅର୍ଥାତ୍ ସଙ୍କଳ୍ପ ନଥିବା ସ୍ଥିତି, ଏହି ସ୍ଥିତିକୁ ବଢାଇ ଚାଲିଲେ କିଛିକାଳ ପରେ ଏକଘଣ୍ଟା ଯୋଗସାଧନା କଲେ ଅଧିକମ୍ ରେ ୧୫ କିମ୍ବା ୨୦ ମିନିଟ୍ ମନରେ ସଙ୍କଳ୍ପ ରହିତ ସ୍ଥିତି ସୃଷ୍ଟି ହୋଇଥାଏ । ତାହା ହିଁ ବାସ୍ତବ ବ୍ରହ୍ମଯୋଗ ବୋଲି ଜାଣିବା ଉଚିତ୍ । କିଛିଦିନ ସେହିଭଳି ସାଧନା କରିଚାଲିଲେ ଏକ ଘଣ୍ଟାରେ ୩୦ମିନିଟ୍ କିମ୍ବା ୪୦ମିନିଟ୍ ଫଳ ମିଳିପାରେ । ଜଣାଯାଏ ଯେ ଦଶବର୍ଷ ଯୋଗ ସାଧନା କରିବା ପରେ ମଧ୍ୟ କେହି ସମ୍ପୂର୍ଣ୍ଣ ଏକ ଘଣ୍ଟାରେ ଏକଘଣ୍ଟା ନିର୍ବିକଳ୍ପ ସମାଧି ପାଇ ନଥାନ୍ତି ।

ଆଉ କେତେକ ଗୁରୁପୋଦେଶ ଅନୁସାରେ ସାଧନା କରୁଥାଇ, କୌଣସି ନିୟମକୁ ଉଲଂଘନ ନକରି ୧୦ କିମ୍ବା ୧୫ବର୍ଷ ପରେ ମନକୁ କୌଣସି ବିଷୟ ଉପରକୁ ଯିବାକୁ ନଦେଇ ଅଟକାଇ ପାରିଥାନ୍ତି । ମନକୁ ନିୟନ୍ତ୍ରଣରେ ଆଣିବାକୁ କଣ ଏତେ ବର୍ଷ ଲାଗିଥାଏ ବୋଲି ଆପଣମାନେ ସନ୍ଦେହ କରିପାରନ୍ତି । ଏହା ସାଧନାର ତୀବ୍ରତା ଉପରେ ନିର୍ଭର କରିଥାଏ ବୋଲି କହୁଛୁ । ଶ୍ଳୋକରେ ମନ ବାବଦରେ କହି, ମନ ଯେଉଁ ଦିଗକୁ ଯାଉଥାଏ ସେହି ଦିଗରୁ ତାକୁ ଫେରାଇ ଆଣିବାକୁ କହିଛନ୍ତି । ଏହି ଅଧ୍ୟାୟର ୧୨ତମ ଶ୍ଳୋକରେ **ଏକାଗ୍ରଂ ମନଃ** ବୋଲି କହିଛନ୍ତି, ଅର୍ଥାତ୍ ମନରେ ଏକାଗ୍ରତା ଆଣ୍ । ମନ ବାବଦରେ ଏତେବେଳଯାଏଁ ଏତେ ଜାଣିଲେ ମଧ୍ୟ ଏଠାରେ ଆଉକିଛି ଅଧିକ ଜାଣିବାକୁ ପଡିବ । ମନରେ ଅନେକ ସଙ୍କଳ୍ପ ବିକଳ୍ପ ଥିଲେ ମଧ୍ୟ ସେସବୁ ଏକକାଳୀନ ଆସି ନଥାଏ ଏବଂ ଗୋଟିକ ପରେ ଗୋଟିଏ ଆସିଥାଏ ବୋଲି ମଧ୍ୟ ଏଠାରେ ଜାଣିଲେ । **ମନର ଗୋଟିଏ ସୂତ୍ର ରହିଛି । ତାହା ହେଉଛି ! ମନ ଗୋଟିଏ ସମୟରେ ଗୋଟିଏ ବିଚାର ଧରିଥାଏ । ଗୋଟିଏ ସମୟରେ ଏକାଧିକ ବିଚାର ମନରେ ନଥାଏ ବୋଲି ଅନୁଭବ ପୂର୍ବକ ମଧ୍ୟ ଜଣାପଡେ । ମନରେ ଗୋଟିକ ପରେ ଆଉ ଗୋଟିଏ ବିଚାର ଆସିଥାଏ** । ଗୋଟିଏ

ସମୟରେ ଗୋଟିଏ ବିଚାର ସୂତ୍ର ଅନୁସାରେ ଆସେ । ସେହି ଗୋଟିଏ ବିଚାର ମଧ୍ୟ ଅନେକ ସମୟଧରି ରହିପାରେ । ତାହା ଚାଲିଯିବା ପରେ ଆଉ ଗୋଟିଏ ଆସିଥାଏ । ଏହିଭଳି ତାହା ଅନେକ ବିଷୟ ଉପରେ ବଦଳି ବଦଳି ବିଚରଣ କରୁଥାଏ । ମନରେ ଅନେକ ବିଷୟ ଆସିବାକୁ ନଦେଇ ଗୋଟିଏ ବିଷୟରେ ରହିବା ଭଳି ଅନେକ ସାଧକ ସାଧ୍ୟ କରିପାରିଛନ୍ତି ବୋଲି ଜାଣିଲେ, ହେଲେ ଅସଲ ସମସ୍ୟା ଏବେ ଏଇଠାରେ ରହିଛି । ତାହା ହେଉଛି !

ମନର ସହଜ ସ୍ୱଭାବ କଣ ? ବୋଲି ପ୍ରଶ୍ନକଲେ, ଇନ୍ଦ୍ରିୟ ବିଷୟ ଗୁଡିକୁ ସ୍ମୃତିରେ ଆଣିବା କିମ୍ବା ବାହ୍ୟ ବିଷୟଗୁଡ଼ିଏ ଭିତରକୁ ନେବା ବୋଲି କହିପାରିବା । ମନ ବିଚରଣ କରୁଥିବା ଅନେକ ବିଷୟରେ ଜ୍ଞାନେନ୍ଦ୍ରିୟ (ଆଖି, ନାକ, କାନ, ଜିଭ, ଚର୍ମ) ବିଷୟ ଛଡା ଆଉକିଛି ନଥାଏ । ଏହି ଇନ୍ଦ୍ରିୟବିଷୟ ଗୁଡିକ ଭିତରୁ ଏକ ସମୟରେ ମନ ଏକ ବିଷୟରେ ଥାଏ । ଏହା ଏକ ସୂତ୍ର ବୋଲି ଜାଣିଛେ, ତେଣୁ ଏଇଠାରେ ଅସଲ ବିଷୟକୁ ଫେରିବା ଆଗରୁ ଏକ ଉଦାହରଣ କହିବା । ଜଣେ ଗୁରୁଙ୍କ ପାଖରେ ଜଣେ ଶିଷ୍ୟ ଉପଦେଶ ଗ୍ରହଣ କଲା । ଗୁରୁ ତାକୁ **ସୋହମ୍, ରାମ,** କିମ୍ବା **ନମଃଶିବାୟ** ନାମକ କିଛି ଜପମନ୍ତ୍ର ଉପଦେଶ ଦେଲେ ବୋଲି ଭାବିବା ଏବଂ ଆଉଜଣେ ଶିଷ୍ୟ ମଧ୍ୟ ଆଉଜଣେ ଗୁରୁଙ୍କ ପାଖରେ ଆଶ୍ରୟନେଲା, ତାର ଗୁରୁ ତାକୁ ଜପମନ୍ତ୍ର ଉପଦେଶ ନଦେଇ କୌଣସି ଚିହ୍ନକୁ ଦର୍ଶାଇ କିଛି ଦୃଶ୍ୟପୋଦେଶ ଦେଲେ । ଏହା ଛଡା ମନକୁ ଆଉ କେଉଁ ଦିଗରେ ନନେଇ କେବଳ ତାହାକୁ ସାଧନା କରିବାକୁ କହିଲେ । ଏହିଭଳି ଗୁରୁମାନଙ୍କ ପାଖରେ ଶିଷ୍ୟମାନେ ଉପଦେଶ ଗ୍ରହଣ କରି ନିୟମ ଅନୁସାରେ ଗୁରୁ କହିବା ଭଳି ମନରେ ଅନ୍ୟ ବିଷୟକୁ ନଆଣି ସାଧନାରେ ବୁଡିଗଲେ । ଏମିତି କିଛିବର୍ଷ ବିତିଗଲା ପରେ ସେମାନେ ମନକୁ ନିୟନ୍ତ୍ରଣ କରିପାରିଲେ । ଏହିଭଳି ସମୟରେ ଆମଭଳି ଜଣେ ବ୍ୟକ୍ତି ସେମାନଙ୍କ ପାଖକୁ ଗଲେ । କଥା ପ୍ରସଂଗରେ ସେମାନଙ୍କ ଯୋଗ ସାଧନା ପ୍ରସଂଗ ଆସିଲା, ସେମାନେ କହୁଥିବା କଥା ଶୁଣିବା ପରେ ସେ ବ୍ୟକ୍ତି ମନ ବାବଦରେ ସେମାନେ ବୁଝିପାରିବା ଭଳି କଥାଟିଏ କହିଲେ । ଅନେକ ବିଷୟରେ ବିଚରଣ କରୁଥିବା ମନ ଗୋଟିଏ ସମୟରେ ଗୋଟିଏ ବିଷୟରେ ଥାଏ ।

ତାହା ଆଉ ଏକ ବିଷୟ ଉପରକୁ ଯିବାକୁ ନଦେବା ପାଇଁ ସାଧନା କରିବା ଦ୍ୱାରା ତାହା ଏକ ବିଷୟ ଉପରେ ସ୍ଥିର ରହିଥାଏ, ଏହିଭଳି ଅନେକେ ଏହି ପ୍ରକାରର ଅନେକ ସାଧନା କରିପାରିଛନ୍ତି । ଭଗବଦ୍ଗୀତାରେ ମଧ୍ୟ ଏକାଗ୍ରଂ ମନଃ ବୋଲି କହିଛନ୍ତି, ଅର୍ଥାତ୍ ମନକୁ ଏକାଗ୍ରତା କରିବାକୁ କହିଛନ୍ତି । ଏକାଗ୍ରତା କହିଲେ ତୁମମାନଙ୍କ ମନକୁ କୌଣସି ବିଷୟରେ ବିଚରଣ କରିବାକୁ ନଦେବା, ଏଭଳି କରିବା ଦ୍ୱାରା ମନ କୌଣସି ଇନ୍ଦ୍ରିୟ ବିଷୟରେ ବିଚରଣ ନକରି ଆତ୍ମା ଧ୍ୟାନରେ ଲଗ୍ନ ରହିବ । ତୁମେମାନେ ଏତେବର୍ଷ ସାଧନା କରି ଶେଷରେ ଏକ ବିଷୟ ଉପରେ ରହିଛ ! ଅର୍ଥାତ୍ ତୁମେମାନେ ଏକାଗ୍ରତାକୁ ଆସିପାରି ନାହଁ ! ! ମନରେ କୌଣସି ଇନ୍ଦ୍ରିୟ ବିଷୟ ନଆସିବା ଏକାଗ୍ରତା ହୋଇଥିବା ବେଳେ, ଜଣେ ଶ୍ରବଣ ହୋଇଥିବା ଶବ୍ଦ ସମ୍ବନ୍ଧୀୟ ମନ୍ତ୍ରୋପଦେଶ, ଆଉଜଣେ ଆଖିର ଦୃଶ୍ୟ ହୋଇଥିବା ଦୃଶ୍ୟ ଉପଦେଶକୁ ନେଇ ସାଧନା କରିବା ଦ୍ୱାରା ଏକ ଏକ ବିଷୟରେ ଛନ୍ଦି ହୋଇଯାଇଛ । ତୁମମାନଙ୍କ ମନକୁ ଏକ ଏକ ବିଷୟରେ ରଖିଛ ସିନା, ଏକ (୧)ର ଅଗ୍ର ଅର୍ଥାତ୍ ଏକାଗ୍ର ହୋଇଥିବା ଶୂନ୍ୟତାରେ ପହଞ୍ଚି ମନରେ ଏକାଗ୍ରତା ଆଣିପାରି ନାହଁ । ଏହା ତୁମମାନଙ୍କର ଯୋଗ କିପରି ହେବ ? ବୋଲି ବୁଝାଇ କହିଥିଲେ ।

ଖାଲି ସେହି ଶିଷ୍ୟମାନେ କାହିଁକି ଏହିଭଳି ଅନେକ ସାଧକ ରହିଛନ୍ତି, ସେମାନେ ମଧ୍ୟ ଏକାଗ୍ରତା କଣ ଜାଣି ନାହାନ୍ତି । ରେଡିଓ ମେକାନିକ୍ ଅଧଘଣ୍ଟା କାଳ ଗୋଟିଏ ଧ୍ୟାନରେ ରିପେୟାର କରିବା, ସେହିଭଳି ଗୋଟିଏ ଧ୍ୟାନରେ ସୋହମ୍ ମନ୍ତ୍ର ଅଧଘଣ୍ଟା ଧ୍ୟାନକରିବା (ଜପକରିବା) ଭିତରେ କୌଣସି ଭିନ୍ନତା ନାହିଁ, ସେମାନଙ୍କର ମନ ଇନ୍ଦ୍ରିୟ ବିଷୟର ଧ୍ୟାନରେ ରହିବା ଛଡା ସେଠାରେ କୌଣସି ଏକାଗ୍ରତା ହେବା କାର୍ଯ୍ୟ ହେଉ ନାହିଁ । ତେଣୁ ଏହି ଶ୍ଳୋକରେ କୌଣସି ଇନ୍ଦ୍ରିୟବିଷୟ ଉପରକୁ ମନ ଗଲାବେଳେ ତାକୁ ଫେରାଇଆଣିବାକୁ କହିଛନ୍ତି ।

**(୫) ଶ୍ଳୋକ,୨୭ : ପ୍ରସାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖ ମୁତମମ୍ ।**
**ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ପ୍ରଶାନ୍ତମନା, ରଜୋଗୁଣହୀନ, ଆତ୍ମାନୁଭବି, କର୍ମକଳ୍ମଷକୁ ଯିଏ ବିନାଶ କରୁଛି ସେ ସବୁବେଳେ ଉନ୍ନତ ଆତ୍ମସୌଖ୍ୟ ପ୍ରାପ୍ତ ହୋଇଥାଏ –

**(୫) ଶ୍ଳୋକ,୨୮ : ଯୁଞ୍ଜନ୍ନେବଂ ସଦାଽଽତ୍ମାନଂ ଯୋଗୀ ବିଗତକଳ୍ମଷଃ ।**
**ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଏବଂ ବ୍ରହ୍ମଯୋଗ ସାଧନା କରି ସର୍ବଦା ଆତ୍ମାରେ ଲୟ ହୋଇ କର୍ମକଳ୍ମଷକୁ ବିନାଶ କରି, ଅପରିମିତ ଆତ୍ମାସୁଖ ପାଇଥାଏ ।

**(୫) ଶ୍ଳୋକ,୨୯ : ସର୍ବଭୂତସ୍ଥମାତ୍ମାନଂ ସର୍ବ ଭୂତାନି ଚାଽତ୍ମନି ।**
**ଈକ୍ଷତେ ଯୋଗ ଯୁକ୍ତାତ୍ମା ସର୍ବତ୍ର ସମଦର୍ଶିନଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ବ୍ରହ୍ମଯୋଗ ଯୁକ୍ତ, ସମଦୃଷ୍ଟ, ସମସ୍ତଙ୍କଠାରେ ସେ ଆତ୍ମାକୁ ଦେଖିଥାଏ ଏବଂ ନିଜ ଆତ୍ମାରେ ସର୍ବଭୂତକୁ ଦେଖିଥାଏ ।

**ବିବରଣୀ :** ଯିଏ ବ୍ରହ୍ମଯୋଗୀ ସେ ସର୍ବ ଜୀବରାଶିରେ ସମଭାବାପନ୍ନ ଏବଂ ସେ ହିଁ ସମସ୍ତ ଶରୀରରେ ଜୀବ ସହିତ ଥିବା ଆତ୍ମାକୁ ଦେଖି ପାରିଥାଏ । ତାଛଡା ସେ ଜାଣିଯାଏ ଯେ, ସମସ୍ତେ ପରମାତ୍ମା ଦେହରେ ରହିଛନ୍ତି, ସମସ୍ତ ଜୀବରାଶିର ଶରୀରରେ ଆତ୍ମା ମଧ୍ୟ ରହିଛି, ତେଣୁ ପରମାତ୍ମାଙ୍କଠାରେ ସର୍ବ ସଜୀବ ଶରୀର ଏବଂ ସେଗୁଡିକର ଆତ୍ମା ରହିଛି ବୋଲି ଜାଣିଥିବା ବ୍ୟକ୍ତିକୁ ପ୍ରକୃତ ବ୍ରହ୍ମଯୋଗୀ କୁହାଯାଏ । ବ୍ରହ୍ମଯୋଗୀ ନିଜ ଶରୀରର ଆତ୍ମାକୁ ଦେଖିପାରି, ନିଜ ଶରୀର ଏବଂ ନିଜର ଆଧାର ଭାବରେ ଯିଏ ରହିଛି ସେ ଆତ୍ମା ବୋଲି ଜାଣି, ନିଜ ଶରୀରରେ ଥିବା ଆତ୍ମା ଭଳି ସମସ୍ତ ଶରୀରର ଆତ୍ମାଗୁଡିକର ଆଧାର ଭାବରେ ଆଉଏକ ଶକ୍ତି ରହିଛି, ଯାହା ଆତ୍ମାଠାରୁ ଅଲଗା ଥିବା ପରମାତ୍ମା ବୋଲି ଜାଣିଯାଇଥାଏ ।

**(୫) ଶ୍ଲୋକ,୩୦ : ଯୋ ମାଂ ପଶ୍ୟତି ସର୍ବତଃ ସର୍ବଂ ଚ ମୟି ପଶ୍ୟତି ।**
**ତସ୍ୟାହଂ ନ ପ୍ରଣସ୍ୟାମି ସ ଚ ମେ ନପ୍ରଣସ୍ୟତି ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ଯିଏ ମୋତେ ସର୍ବତ୍ର ଦେଖିଥାଏ, ସବୁକିଛିକୁ ମୋଠାରେ ଦେଖିଥାଏ, ତାକୁ ମୁଁ ଦେଖୁଥାଏ, ସେ ମୋତେ ଦେଖିଥାଏ ।

**ବିବରଣୀ :** ଯିଏ ସର୍ବ ଚରାଚର ପ୍ରପଞ୍ଚରେ (ପଞ୍ଚଭୂତରେ) ବ୍ୟାପି ରହିଥିବା ପରମାତ୍ମାଙ୍କୁ ଦେଖିଥାଏ ସେ ସାରା ପ୍ରପଞ୍ଚ ପରମାତ୍ମାରେ ରହିଛି ବୋଲି ଦେଖିପାରେ, ସେ ସବୁବେଳେ ମୋତେ ଦେଖିପାରେ, ମୁଁ ସବୁବେଳେ ତାକୁ ଦେଖୁଥାଏ, ଏହା ପରମାତ୍ମା କହିଥିବା କଥା । ଆତ୍ମାକୁ ଜାଣିଥିବା ପାତ୍ର ସହଜରେ ପରମାତ୍ମାଙ୍କୁ ଜାଣିପାରେ । ପରମାତ୍ମାଙ୍କୁ ଜାଣିବା ପାଇଁ ମୁଖ୍ୟ ଆଧାର ହେଉଛି ଆମ ଶରୀରର ଆତ୍ମା । ସେଥିଲାଗି ଈଶ୍ୱରଲିଙ୍ଗରେ ଥିବା ତିନି ବିଭୂତିରେଖାକୁ ତିନିଆତ୍ମା ସହିତ ତୁଳନା କରି, ପ୍ରଥମରେ ଥିବା ଜୀବାତ୍ମା ତୃତୀୟରେ ଥିବା ପରମାତ୍ମାଙ୍କୁ ଜାଣିବାକୁ ହେଲେ ମଝିରେ ଥିବା ଆତ୍ମାକୁ ଜାଣିବାକୁ ହୁଏ, ଆତ୍ମା ହିଁ ଆରାଧ୍ୟ, ଆଧାର ବୋଲି ଜାଣିବା ପାଇଁ ମଝିରେ ଥିବା ରେଖାକୁ ଚିହ୍ନାଇ ସିନ୍ଦୂର ଟୀକା ଲଗାଇଥିଲେ । ତିନି ବିଭୂତିରେଖାରୁ ମଧ୍ୟ ରେଖାରେ ଟୀକା ଲଗାଇବାରେ ଗଭୀର ଅର୍ଥ ରହିଛି । ଏପରି ମଝିରେଖାରେ ଟୀକା ନଲଗାଇ ଯଦି କେଉଁଠି ତଳ ରେଖା, ଉପର ରେଖା କିମ୍ବା ତିନି ରେଖାକୁ ମିଶାଇ ଟୀକା ଲଗାଯାଇଥାଏ ତାହା ଅର୍ଥହୀନ ବୋଲି ଜାଣିବା ଉଚିତ୍ ।

(ଉପରୋକ୍ତ ସାରାଂଶକୁ ଗ୍ରହଣ କଲା ପରେ ଜଣାଯାଏ ଆତ୍ମାକୁ ଜାଣିବା ପରେ ପରମାତ୍ମାଙ୍କର ଅସ୍ତିତ୍ୱକୁ ଜାଣିହୁଏ ହେଲେ ପରମାତ୍ମାଙ୍କୁ ସମ୍ପୂର୍ଣ୍ଣ ଜାଣିହୁଏ ଭାବିବା ଅନୁଚିତ୍ । ଆତ୍ମାକୁ ଜାଣିଲେ ପରମାତ୍ମା ସର୍ବବ୍ୟାପୀ ବୋଲି ସତ୍ୟକୁ ଜାଣିହୁଏ । ସବୁକିଛି ତାଙ୍କଠାରେ ରହିଛି ବୋଲି ସତ୍ୟକୁ ଜାଣିହୁଏ ସିନା, ପରମାତ୍ମାଙ୍କୁ ସମ୍ପୂର୍ଣ୍ଣ ଜାଣି ଅନୁଭବ କରିହୁଏ ଭାବିବା ଭୁଲ୍ । ଦେଖିବା, ଅନୁଭବ କରିବାରେ ଭିନ୍ନତା ଥିବା ଭଳି ଏହି ଭିନ୍ନତା ଥାଏ । ସଜୀବ ଭାବରେ ଆତ୍ମାନୁଭବ କରିହୁଏ, କିନ୍ତୁ ସଜୀବ ରହି କେହି ପରମାତ୍ମାଙ୍କୁ ଅନୁଭବ କରିପାରନ୍ତି ନାହିଁ ବୋଲି ଭୁଲନ୍ତୁ ନାହିଁ । )

**(୫) ଶ୍ଳୋକ,୩୧ : ସର୍ବ ଭୂତ ସ୍ଥିତଂ ଯୋମାଂ ଭଜତ୍ୟେକ ତ୍ୱମାସ୍ଥିତଃ ।**
**ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବ ଜୀବରାଶିରେ ମୁଁ ଗୋଟିଏ ରୂପରେ ରହିଛି ବୋଲି ଜାଣି ଯିଏ ମୋର ସେବାକରେ, ମହାନତା ବଖାଣେ, ସେହି ଯୋଗୀ ଯାହା କରୁଥିଲେ ମଧ୍ୟ ସବୁ ମୋଠାରେ କରୁଥାଏ ।

**ବିବରଣୀ :** ସର୍ବ ଜୀବରାଶିରେ ଆତ୍ମା ଅଛି, ଆତ୍ମାର ଆଧାର ଆଉ କିଛି ଅଛି, ସେହି ଶକ୍ତି ଭିତରେ, ବାହାରେ ସବୁଆଡେ ଅଛି ବୋଲି ଯିଏ ଜାଣିଥାଏ ସେହି ବ୍ୟକ୍ତି ଯୋଗାଚରଣ କରିବା ଦ୍ୱାରା ମୋତେ ଆରାଧନା କରିବା ଭଳି ହୋଇଥାଏ । ଏପରି ବ୍ୟକ୍ତି କେଉଁଠାରେ କ'ଣ କରୁଥିଲେ ମଧ୍ୟ, ସେ ମୋଠାରେ କରିଥାଏ ବୋଲି ପରମାତ୍ମା କହିଛନ୍ତି । ଆତ୍ମାଦର୍ଶୀ କେବଳ ପରମାତ୍ମାଙ୍କ ଅସ୍ତିତ୍ୱକୁ ଜାଣିପାରିଥାଏ । ଯୋଗୀ ଆତ୍ମାକୁ ଅନୁଭବ କରିବା ଭଳି, ତାର ସୁଖକୁ ଜାଣିପାରିବା ଭଳି ପରମାତ୍ମା ଏବଂ ପରମସୁଖ ଅନୁଭବ କରିବା ଅସମ୍ଭବ । ଯୋଗୀ ପରମାତ୍ମାଙ୍କ ମହାନତା, ବ୍ୟାପକତାକୁ, ପ୍ରକୃତିକୁ ଏବଂ ଆତ୍ମାର ଆଧାର ପରମାତ୍ମା ବୋଲି ସତ୍ୟକୁ ଜାଣିଥାଏ ସିନା ପରମାତ୍ମାରେ ସମ୍ପୂର୍ଣ୍ଣ ଐକ୍ୟ ହୋଇନଥାଏ । ବଞ୍ଚିଥିବା କୌଣସି ବ୍ୟକ୍ତି ପରମାତ୍ମାଙ୍କ ଭଳି ହୋଇପାରି ନଥାଏ । ପରମ୍ଆଙ୍କ ଭଳି ହୋଇପାରିବା କେବଳ ମୋକ୍ଷରେ ଘଟେ । ଯୋଗୀ ମୋକ୍ଷକାମୀ ହୋଇଥାଏ, ମୋକ୍ଷ ପାଇନଥାଏ, ତେଣୁ ସେ ପରମାତ୍ମାରେ ଐକ୍ୟ ହେବାପାଇଁ ଚେଷ୍ଟା କରୁଥାଏ ସିନା ସେ ପର୍ଯ୍ୟନ୍ତ ଐକ୍ୟ ହୋଇନଥାଏ ।

**୫) ଶ୍ଳୋକ,୩୨ : ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ! ।**
**ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ପ୍ରପଞ୍ଚରେ ସର୍ବଜୀବରାଶିଙ୍କ ପାଇଁ ସମ୍ବନ୍ଧିତ ସମସ୍ତ ସୁଖଦୁଃଖ

ସେମାନଙ୍କର ଆତ୍ମା ପାଇଁ ସମାନ ବୋଲି ଯିଏ ଦେଖେ ସେ ପ୍ରକୃତ ଯୋଗୀ ବୋଲି ମୁଁ ଭାବିଥାଏ ।

**ବିବରଣୀ :** ଅନେକ ଲୋକ ଏହି ଶ୍ଳୋକରେ ମଧ୍ୟ ଆତ୍ମା ବାବଦରେ କୁହାଯାଇଥିବା ବିଷୟକୁ ନକହି ଜୀବାତ୍ମା ବାବଦରେ କହିଛନ୍ତି । ନିଜକୁ ଯେତିକି କଷ୍ଟ ହୁଏ ଅନ୍ୟମାନଙ୍କୁ ମଧ୍ୟ ସେତିକି ହୁଏ, ତେଣୁ ଜୀବହିଂସା କରିବା ଉଚିତ୍ ନୁହେଁ ବୋଲି ଅନେକ ଗୀତାରେ ଲେଖାଯାଇଛି । ଭଗବାନ୍ ଅର୍ଜୁନଙ୍କୁ "ଯାହା କର୍ମ ଯିଏ ଅନୁଭବ କରିଥାଏ, ସେଥିଲାଗି ତୁ ଦାୟୀ ନୋହୁଁ, ପାପ ନଆସିବା ଭଳି କର୍ମଯୋଗ ପଦ୍ଧତିରେ ତୁ ଯୁଦ୍ଧକର୍" ବୋଲି କହିଛନ୍ତି । ଏଭଳି କହିଥିବା ଶ୍ରୀକୃଷ୍ଣ ଶତ୍ରୁମାନଙ୍କୁ ମାରିବା ଦ୍ୱାରା ହିଂସା ହୋଇଥାଏ ବୋଲି କିପରି କହିବେ ? ସେ କଣ ତାଙ୍କୁ ଦୟାଗୁଣ ବୋଧ କରିଛନ୍ତି ? ଭଲ ମନ୍ଦ ବିଚାର ନକରି କର୍ମ ଅନୁସାରେ କାର୍ଯ୍ୟ କର୍ କହିଥିବା ଶ୍ରୀକୃଷ୍ଣ ଏହା ପାପ, ତାହା ପୁଣ୍ୟ, ଏହା କର, ତାହା କର ନାହିଁ ବୋଲି କିପରି କହିବେ ? ଏସବୁ ଦେଖି ଆଲୋଚନା କଲେ ଗୀତାର ଏହି ଶ୍ଳୋକର ବିବରଣୀ ଦେଇଥିବା ଲୋକମାନେ ମଧ୍ୟ ଭୁଲ୍ କରିଛନ୍ତି ବୋଲି ସ୍ପଷ୍ଟ ଜଣାଯାଉଛି ।

ବାସ୍ତବ ଅର୍ଥ ହେଉଛି ! ତୋ ଶରୀରର ଆତ୍ମା ତୋ ଦୁଃଖସୁଖକୁ ସମାନ ଭାବରେ ଦେଖିଥାଏ । ସେହିଭଳି ଅନ୍ୟ ସମସ୍ତଙ୍କର ସୁଖଦୁଃଖକୁ ସମାନଭାବରେ ଦେଖିଥାଏ । ଆତ୍ମା ସମସ୍ତ ଜୀବରାଶିଙ୍କ ଦୁଃଖସୁଖରେ ସମାନ ଭାବରେ ସାକ୍ଷୀ ହୋଇ ରହିଥାଏ । ଏହାକୁ ଯିଏ ଜ୍ଞାନଦୃଷ୍ଟିରେ ଦେଖିଥାଏ ସେ ପ୍ରକୃତ ଯୋଗୀ ବୋଲି ପରମାତ୍ମା କହିଛନ୍ତି । ଶ୍ଳୋକରେ କହିବା ପାତ୍ର ପରମାତ୍ମା ହୋଇଥିବା ବେଳେ, କର୍ମକୁ ଅନୁଭବ କରୁଥିବା ପାତ୍ର ଜୀବାତ୍ମା ଏବଂ ସାକ୍ଷୀ ଭାବରେ ସମଦୃଷ୍ଟିରେ ଦେଖିଥାଏ ଆତ୍ମା । ଏହିଭଳି ତିନି ପୁରୁଷର ବିଷୟ ଶ୍ଳୋକରେ ରହିଛି । ଭଗବାନ ଏହିଭଳି ଜ୍ଞାନ ବୋଧ କରୁଥିବାବେଳେ ଅର୍ଜୁନଙ୍କର ଏକ ସନ୍ଦେହ ଆସିଛି । କାଳ ବିଳମ୍ବ ନକରି ଅର୍ଜୁନ ତାହା ପଚାରିଛନ୍ତି, ତାହା କ'ଣ ତଳ ଶ୍ଳୋକରେ  କହିଛନ୍ତି, ଜାଣିବା ।

## ଅର୍ଜୁନ କହୁଛନ୍ତି :-

**(୫) ଶ୍ଳୋକ,୩୩: ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତସ୍ୱାମ୍ୟେନ ମଧୁସୂଦନ ! ।**
**ଏତସ୍ୟାହଂ ନ ପଶ୍ୟାମି ଚଂଚଳତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ॥**
**(କଳ୍ପିତ)**

**(୫) ଶ୍ଳୋକ,୩୪: ଚଞ୍ଚଳଂ ହି ମନଃ କୃଷ୍ଣ ! ପ୍ରମାଥି ବଳବତ୍ ଦୃଢମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ମୋର ମନ ଚଞ୍ଚଳ ସ୍ୱଭାବର ହୋଇଥିବାରୁ ତୁ କହିଥିବା ସ୍ଥିରସ୍ଥିତି ଯୋଗ ବାବଦରେ ଜାଣି ନପାରି ଆତ୍ମସାମ୍ୟତାକୁ ମଧ୍ୟ ମୁଁ ଜାଣି ପାରୁନାହିଁ । ହେ କୃଷ୍ଣ ! ଅମିତଚଞ୍ଚଳ, ଦୃଢ, ବଳଶାଳୀ ମନକୁ ନିଗ୍ରହ କରିବା ଦୁଃସାଧ ଲାଗୁଛି । ପବନକୁ କିଏବା ଆୟତ କରି ପାରିବ !

**ବିବରଣୀ :** ଶ୍ରୀକୃଷ୍ଣ କହିଥିବା କଥା ଶୁଣି ଅର୍ଜୁନ ବିଚାର କରି ନିଜର ସନ୍ଦେହକୁ ତୁରନ୍ତ ବହିର୍ଗତ କରିଛନ୍ତି । ପବନକୁ ଆୟତ୍ତ କରିବା ଦୁଃସାଧ, ସେହିପରି ମନୋନିଗ୍ରହ ମଧ୍ୟ କଷ୍ଟ ବୋଲି କହିଛନ୍ତି । ଉପରୋକ୍ତ ଦୁଇ ଶ୍ଳୋକ ଭିତରୁ କେବଳ ୩୪ ତମ ଶ୍ଳୋକଟି ଅର୍ଜୁନ ପଚାରିଛନ୍ତି । ୩୩ ତମ ଶ୍ଳୋକରେ ଶ୍ରୀକୃଷ୍ଣ କହୁଥିବା ବେଳେ ଅର୍ଜୁନ ପ୍ରଶ୍ନକରିଛନ୍ତି । ଅର୍ଜୁନ ଯୋଗ ଆଚରଣ କରି ବିଫଳ ହେବା ପରେ, ତୁ କହିଥିବା ଯୋଗ ଆଚରଣ କଲି, ହେଲେ ମୋ ମନ ସ୍ୱାଧୀନ ହେଲା ନାହିଁ, ଆତ୍ମାକୁ ସର୍ବ ଜୀବରାଶି ଠାରେ ଦେଖିପାରିଲି ନାହିଁ କହିଥିଲେ ତାହା ସତ୍ୟ ସ୍ୱୀକାର୍ଯ୍ୟ ହୋଇଥାନ୍ତା । ଭଗବାନଙ୍କ କହିବା ବନ୍ଦହେବା ଆଗରୁ, କଥା ଶୁଣିବା ଆଗରୁ ଯୋଗ ଆଚରଣ କରିଥିବା ଭଳି ତାଙ୍କର ଅନୁଭବକୁ ଅର୍ଜୁନ କହିବା ସମ୍ପୂର୍ଣ୍ଣ ଅସତ୍ୟ । ତେଣୁ ଏହି ଦୁଇଟି ଶ୍ଳୋକରୁ ୩୪ତମ ଶ୍ଳୋକ ସତ୍ୟ ଏବଂ ୩୩ତମ ଶ୍ଳୋକ ଅସତ୍ୟ ବୋଲି ଜାଣିବା ଉଚିତ୍ ।

**ଭଗବାନ କହୁଛନ୍ତି :-**

**(୫) ଶ୍ଳୋକ,୩୫: ଅସଂଶୟ ମହାବାହୋ ! ମନୋଦୁର୍ନିଗ୍ରହଂ ଚଳମ୍ ।**
**ଅଭ୍ୟାସେନ ତୁ କୌନ୍ତେୟ ! ବୈରାଗ୍ୟେଣ ଚ ଗୃହ୍ୟତେ ॥**
**(ବ୍ରହ୍ମଯୋଗ)**

**(୫) ଶ୍ଳୋକ,୩୬: ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।**
**ପଶ୍ୟତାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁ ମୁପାୟତଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ହେ ଅର୍ଜୁନ ! ତୁ କହୁଥିବା କଥାରେ କୌଣସି ସନ୍ଦେହ ନାହିଁ । ମନ ନିଗ୍ରହ ହୋଇନଥାଏ, ତାହା ଅତି ଚଞ୍ଚଳ, କିନ୍ତୁ ଏଭଳି ମନକୁ ଅଭ୍ୟାସ ଏବଂ ବୈରାଗ୍ୟ ଦ୍ୱାରା ସ୍ଥିର କରିହେବ । ମନ ସ୍ଥିର ନହେଲେ ଏହି ଯୋଗ ଆଚରଣ କରିବା ମଧ୍ୟ ଅସାଧ୍ୟ । ତେଣୁ ମନୋନିଗ୍ରହ ପାଇଁ ଚେଷ୍ଟା କରିବା ହିଁ ଉପଯୁକ୍ତ ଉପାୟ ।

**ବିବରଣୀ :** ଅର୍ଜୁନ ପଚାରିଥିବା ପ୍ରଶ୍ନର ସମାଧାନ କରିବାକୁ ଯାଇ ଭଗବାନ କହୁଛନ୍ତି ଯେ, ଏଥିରେ ନୂଆକଥା କିଛି ନାହିଁ । ଏହା ପୂର୍ବରୁ କହିଥିବା ଭଳି ସାଧନା ଛଡା ଅନ୍ୟ ଉପାୟ ଆଉକିଛି ନାହିଁ । ଅର୍ଜୁନ ପଚାରିଛନ୍ତି ବୋଲି ଏଠାରେ ସେ କିଛି ମଧ୍ୟ ରିହାତି ଦେଇନାହାନ୍ତି । ତୋତେ ନିହାତି ଅଭ୍ୟାସ କରିବାକୁ ହେବ, ସେହି ଅଭ୍ୟାସରେ ବିଷୟଗୁଡିକ ଉପରୁ ମନୋବୈରାଗ୍ୟ ଆଣିବାକୁ ପଡିବ । ଏହା ହିଁ ମନକୁ ଜୟ କରିବାର ମୁଖ୍ୟ ଉପାୟ । ମନକୁ ଜୟକରିବା କାଠିକର ବୋଲି ଭଗବାନ କହିଛନ୍ତି, ଉପାୟ ମଧ୍ୟ କହିଛନ୍ତି । ତେଣୁ ବ୍ରହ୍ମଯୋଗ ସାଧକମାନେ ମନକୁ ସ୍ୱାଧୀନ କରିବା ଉଚିତ୍ । ଶବ୍ଦକୁ, ଦୃଶ୍ୟାଦିକୁ ସାଧନା କଲେ ମଧ୍ୟ ଶବ୍ଦ, ଦୃଶ୍ୟାଦି ଯୋଗସାଧନା ନୁହେଁ ବୋଲି ଜାଣିବା ଉଚିତ୍ । ଏସବୁ ସାଧନା କରିବା ପାଇଁ ମନକୁ ନିଗ୍ରହ (ଏକାଗ୍ର) କରିବା ଆବଶ୍ୟକ ନାହିଁ ।

ଭଗବାନଙ୍କ ସମାଧାନରେ ଅର୍ଜୁନ କିଛି ଅବଗତ ହେବା ପରେ ତାଙ୍କର ପୁଣି ବ୍ରହ୍ମଯୋଗ ସମ୍ବନ୍ଧୀୟ ସନ୍ଦେହ ଆସିଛି, ସେ ପଚାରିଛନ୍ତି–

## ଅର୍ଜୁନ କହୁଛନ୍ତି :-

**(୫) ଶ୍ଳୋକ,୩୭: ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।**
**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତି କୃଷ୍ଣ ! ଗଚ୍ଛତି ? ॥**
**(ବ୍ରହ୍ମଯୋଗ)**

**(୫) ଶ୍ଳୋକ,୩୮ :କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ! ବିମୁଢୋ ବ୍ରହ୍ମଣୋଃ ପଥି ? ॥**
**(ବ୍ରହ୍ମଯୋଗ)**

**(୫) ଶ୍ଳୋକ,୩୯: ଏତଂ ମେ ସଂଶୟଂ କୃଷ୍ଣ ! ଛେତ୍ତୁମର୍ହସ୍ୟଶେତଃ ।**
**ତ୍ୱ ଦନ୍ୟଃ ସଂଶୟ ସ୍ୟାସ୍ୟ ଛେତା ନ ହ୍ୟୁପପଦ୍ୟତେ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଶ୍ରଦ୍ଧାବାନ ହୋଇ ସମ୍ପୂର୍ଣ୍ଣ ଚେଷ୍ଟାକରି ମଧ୍ୟ, ମନ ଚଞ୍ଚଳତା କାରଣରୁ ଯିଏ ଯୋଗୀ ହୋଇପାରି ନାହିଁ ତାର ଗତି କଣ? ଆତ୍ମଦର୍ଶନ ମାର୍ଗରେ ଅପ୍ରତିଷ୍ଠିତ ମୁଢର ଗତି କ'ଣ? ହେକୃଷ୍ଣ! ମୋର ଏହି ସନ୍ଦେହ ତୁ ହିଁ ଦୂର କରିପାରିବୁ, ତୋ ବ୍ୟତୀତ ମୋର ସନ୍ଦେହ ଆଉ କେହି ଦୂର କରିପାରିବେ ନାହିଁ ।

**ବିବରଣୀ :** ବ୍ରହ୍ମଯୋଗ ଆଚରଣ କରି ତଦ୍ଦ୍ୱାରା ଆତ୍ମାକୁ ଜାଣିବାକୁ ଚାହୁଁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ଶ୍ରଦ୍ଧାର ସହିତ ଯୋଗସାଧନା କରୁକରୁ ମଧ୍ୟ ମନକୁ ବିଷୟ ଧ୍ୟାନରୁ ବଦଳାଇ ନପାରିଲେ ଯୋଗ ଲବ୍ଧ ହୋଇପାରି ନଥାଏ, ହେଲେ ସେ ପଟ୍ଟୁତାର ସହିତ ସାଧନା କରୁକରୁ ତାର ବୟସ ବଢି ଶେଷରେ ଦିନେ ମରଣ ଆସି ପହଞ୍ଚିଥାଏ । ସେଭଳି ସାଧକମାନଙ୍କ ବାବଦରେ ଅର୍ଜୁନଙ୍କର ସନ୍ଦେହ ଆସିଛି । ସମସ୍ତଙ୍କ ଭଳି ଭୌତିକତାରେ ନରହି ଆତ୍ମାକୁ ଜାଣିବା ପାଇଁ ଯୋଗ ସାଧନା କରି ଯଦି କେହି ସଫଳ ହୋଇ ନପାରିଲା ତେବେ ସେ ମରଣାନନ୍ତର କି ଜନ୍ମ

ପାଇବ ? କଣ ଏ ଜନ୍ମରେ ସେ କରିଥିବା ଚେଷ୍ଟା ସବୁ ବୃଥା ହୋଇଯିବ ? ନା ତା ଚେଷ୍ଟାର ଫଳ ଆଉକିଛି ଅଛି ? କଣ ଏ ଜନ୍ମର ଜ୍ଞାନ ପର ଜନ୍ମରେ ମିଳିବ ? ଏହିଭଳି ନାନା ସନ୍ଦେହ ଅର୍ଜୁନଙ୍କର ଆସିବାବେଳେ ସେ ସାଙ୍ଗେ ସାଙ୍ଗେ ପଚାରିଛନ୍ତି । ବାସ୍ତବରେ ବ୍ରହ୍ମଯୋଗୀ ଯୋଗପ୍ରାପ୍ତ ହେବା ପରେ ମଧ୍ୟ ତାର କର୍ମ ସମାପ୍ତ ନ ହେବାଯାଏଁ ଜନ୍ମ ନେବ । କାରଣ ! ମୋକ୍ଷ ପାଇଁ ସମସ୍ତ କର୍ମ ନଥିବା ଆବଶ୍ୟକ । ଯୋଗଦ୍ୱାରା କର୍ମ ଶେଷହେବା ପର୍ଯ୍ୟନ୍ତ ଯୋଗୀ ଜନ୍ମନେବାକୁ ପଡେ । ଏପରି ଚେଷ୍ଟିତ ଲୋକମାନଙ୍କ ବାବଦରେ ଭଗବାନ କହୁଛନ୍ତି ଶୁଣନ୍ତୁ ।

**(୫) ଶ୍ଲୋକ,୪୦ : ପାର୍ଥ ! ନୈବେହ ନାଽମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।**
**ନହି କଲ୍ୟାଣକୃତ୍ କଶ୍ଚିତ୍ ଦୂର୍ଗତିଂ ତାତ ! ଗଚ୍ଛତି ॥**
**(ଜୀବାତ୍ମା)**

**ଭାବାର୍ଥ :** ଭଲକାର୍ଯ୍ୟ କରୁଥିବା ଲୋକ ଭଲଫଳ ପାଏ,ଏ ଜନ୍ମରେ ହେଉ କି କୌଣସି ଜନ୍ମରେ ହେଉ ତାର ସାଧନା ନିଷ୍ଫଳ ହୁଏ ନାହିଁ ।

**ବିବରଣୀ :** ଭଲ କାର୍ଯ୍ୟର ଭଲ ଫଳ ନିଶ୍ଚୟ ମିଳିଥାଏ । ଏହି ଜନ୍ମରେ ଆମରଣ ଯୋଗ ଆଚରଣ କରି ସାଧ୍ୟ କରି ପାରିନଥିବା ଯୋଗୀର କେବେ ଅଧୋଗତି ହୋଇ ନଥାଏ । ଏଜନ୍ମରେ ତାର ଯେଉଁ ଉଦ୍ଦେଶ୍ୟ ଥିଲା ପର ଜନ୍ମରେ ମଧ୍ୟ ତାହା ରହିବ । ତେଣୁ ଜନ୍ମ ହୋଇ ବଢିବା କ୍ରମରେ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ପ୍ରକାରର କାର୍ଯ୍ୟରେ ଶ୍ରଦ୍ଧା ବଢାଇଥାନ୍ତି,ସେମାନଙ୍କ ଆଶକ୍ତି ଅନୁସାରେ ସେ କାର୍ଯ୍ୟରେ ପ୍ରାବୀଣ୍ୟତା ଅର୍ଜନ କରିଥାନ୍ତି । ଛୋଟ ବୟସରୁ ସଙ୍ଗୀତ ବିଦ୍ୟାରେ ନାମ କମାଇଥିବା ବାଳକ ଗତ ଜନ୍ମରେ ସଙ୍ଗୀତ ସାଧକ ଥିଲା । ସେହିଭଳି ଯୋଗବିଦ୍ୟାରେ ମଧ୍ୟ ହୋଇପାରେ ।

**୫) ଶ୍ଲୋକ,୪୧ : ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନ୍ ଉଷିତ୍ୱା ସାଶ୍ୱତୀସ୍ମାଃ ।**
**ଶୁଚିନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥**
**(ଜୀବାତ୍ମା)**

**ଭାବାର୍ଥ :** ଯେଉଁମାନେ ଯୋଗଭ୍ରଷ୍ଟ ହୋଇଯାଇଛନ୍ତି ସେମାନେ ପୁଣ୍ୟଲୋକ ପ୍ରାପ୍ତ ହୋଇ, ପରିଶୁଦ୍ଧ ଜ୍ଞାନବାନର ଘରେ ଜନ୍ମ ହୋଇଥାନ୍ତି ।

**ବିବରଣୀ :** ଏଠାରେ ଅନ୍ୟମାନଙ୍କ ଲେଖା ଅପେକ୍ଷା ଆମ ଲେଖାରେ ଭିନ୍ନତା ସ୍ପଷ୍ଟ ହୋଇଥାଏ । ତାଛଡା ଗୀତାରେ ଗୋଟିଏ ଦୁଇଟି କାହିଁକି ଅନେକ ଶ୍ଳୋକରେ ଥିବା ଭ୍ରମକୁ ସଂଶୋଧନ କରି, ସେମାନଙ୍କ ଲେଖା ବିରୁଦ୍ଧ ଲେଖିବା ଆମପାଇଁ ମଧ୍ୟ କଷ୍ଟ । ଅନେକ ସନ୍ଦର୍ଭରେ ସଂଶୋଧନ କରିବା ଦ୍ୱାରା ଆମ ଲେଖାରେ କିଛି ଦୋଷ ରହିଛି କି ! ଭାବିବା ଦୁର୍ଯୋଗ ଅଛି । ଏତେ ଶ୍ଳୋକ ଭୁଲ୍ ! ବୋଲି କେହି ବି ସନ୍ଦେହ କରିପାରନ୍ତି, ଆମଠାରେ ମଧ୍ୟ ଆସୁଛି । ଏତେ ଛୋଟ ବିଷୟକୁ ମଧ୍ୟ ଏତେ ବଡବଡ ଲୋକମାନେ ନବୁଝି ଯେଉଁଭଳି ଲେଖିଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଏଠାରେ ଆଲୋଚନା କଲେ ଜଣାଯାଏ ଯେ, ଏସବୁ ମାୟାର କାର୍ଯ୍ୟ, କାରଣ ! ମାୟା ଈଶ୍ୱର ବିରୁଦ୍ଧ, ତେଣୁ ସାଧାରଣ ପ୍ରଜାଙ୍କ ଅପେକ୍ଷା ବୋଧକମାନଙ୍କୁ ଅଧିକ ପ୍ରଭାବିତ କରିଥାଏ । କାହିଁକିନା ! ସାଧାରଣ ପ୍ରଜାମାନେ ବୋଧକମାନଙ୍କ କଥାକୁ ଶୁଣି ଅନୁସରଣ କରିଥାନ୍ତି, ବୋଧକମାନଙ୍କୁ ବିପଥଗାମୀ କରିଦେଲେ ଜନସାଧାରଣଙ୍କୁ ଅବାଟରେ ନେବା ସହଜ ହୋଇଯିବ । ସେଥିଲାଗି ବୋଧକମାନଙ୍କ ମୁଣ୍ଡରେ ମାୟା କାର୍ଯ୍ୟକରି ସେମାନଙ୍କ ଦ୍ୱାରା ଭୁଲ୍ କରାଇଛି ବୋଲି ଭାବୁଛୁ, ତା ନହେଲେ ଯୋଗ ସାଧକମାନେ ଧନବାନ ଘରେ ଜନ୍ମହେବେ ବୋଲି ଲେଖିନଥାନ୍ତେ ! ଧନବାନକୁ ଜ୍ଞାନ ମିଳିବା ଛୁଞ୍ଚିକଣାରେ ଓଟ ଗଳିଯିବା ଭଳି ହୋଇଥାଏ ବୋଲି ଥରେ ଯୀଶୁ କହିଥିଲେ । ବାସ୍ତବ ଅନୁଭବ ପୂର୍ବକ ଦେଖିଲେ, ଦୁଃଖକଷ୍ଟରେ ଥିବା ଲୋକ ଅଳ୍ପବହୁତ ଦୈବଧ୍ୟାନରେ ଥାଏ ସିନା, ଧନବାନର ସେ ଧ୍ୟାନ ବିଲକୁଲ୍ ନଥାଏ ବୋଲି କହିପାରିବା । ଧନବାନ ପୁଣି ଧନ ସଞ୍ଚୟରେ ବୁଡିଯାଏ, ତାର ଭକ୍ତି ଧନ ଦ୍ୱାରା ବାହାରକୁ ଦେଖାଯାଏ ସିନା ମନପୂର୍ଣ୍ଣ ଭକ୍ତି ନୁହେଁ ବୋଲି କହି ପାରିବା । ଆଉ ଏକ ପ୍ରକାରର ବିଚାରକଲେ ଯୋଗଭ୍ରଷ୍ଟ ବ୍ୟକ୍ତି ଧନାବାନ ଘରେ ଜନ୍ମହୁଏ ବୋଲି ଅନ୍ଧ ଭାବରେ ଲେଖିଛନ୍ତି ବୋଲି କହିପାରିବା । କାରଣ ଆଜି ଧନ ଥିବା ଲୋକମାନେ ସକାଳୁ ସଂଧ୍ୟାଯାଏ ପାପ କାର୍ଯ୍ୟରେ ଲାଗିପଡିଥାନ୍ତି, ଏଇ ଅନୁସାରେ ସେମାନଙ୍କର ଗତ ଜନ୍ମରେ କୌଣସି

ଜ୍ଞାନଶ୍ରଦ୍ଧା ନଥିଲା ବୋଲି କହିପାରିବା । କେତେକ ଧନବାନ ମଧ୍ୟ ଜ୍ଞାନୀମାନେ ଆତ୍ମକଥା ଶୁଣିବା ଉଚିତ୍ ବୋଲି କହିଥାନ୍ତି । ଗୁରୁ, ଯୋଗୀମାନଙ୍କର ମୂଲ୍ୟକୁ ବୁଝିନଥିବା ଲୋକେ ପୂର୍ବଜନ୍ମରେ ଯୋଗୀ ଥିଲେ ? ତେଣୁ ଯୋଗଭ୍ରଷ୍ଟ ଲୋକମାନେ ଧନବାନ ଘରେ ଜନ୍ମ ହେବା ଶୁଦ୍ଧ ମିଛ । ହଁ! ଶ୍ରୀମନ୍ତମାନଙ୍କ ଘରେ (ଧନବାନ ଘରେ) ଜନ୍ମ ହେଲେ ଶ୍ରଦ୍ଧା ରଖି ଜ୍ଞାନାର୍ଜନ କରିପାରନ୍ତି ! କିନ୍ତୁ ଆଜିର ଧନବାନକୁ ଗତ ଜନ୍ମର ଯୋଗୀ କହିପାରିବା ନାହିଁ ।

ଏହି ଶ୍ଲୋକରେ **"ଶ୍ରୀମତାଂଗେହେ ଯୋଗଭ୍ରଷ୍ଟୋଭିଜାୟତେ"** ବୋଲି ଥିବା ବାକ୍ୟରେ ଶ୍ରୀମତାଂର ଅର୍ଥ ହେଉଛି 'ଶ୍ରୀ ମତ' । ଶ୍ରୀ କହିଲେ 'ଶୁଭ', 'ମତ' କହିଲେ ଜ୍ଞାନ । ତେଣୁ **ଶ୍ରୀମତାଂ** କହିଲେ ଶୁଭପ୍ରଦ ବା ଆତ୍ମଜ୍ଞାନୀ ବୋଲି ଅର୍ଥ ମିଳୁଥିବା ବେଳେ, ଶ୍ରୀମତାଂର ଅର୍ଥ ଧନବାନ ବୋଲି ବର୍ଣ୍ଣନା କରିବା ଅତି ଶୋଚନୀୟ ବିଷୟ । **ଶ୍ରୀମନ୍ତ** କହିଲେ ଧନବାନ ବୋଲି କହିପାରିବା । ସେଥିଲାଗି ଅନ୍ୟମାନେ ଶ୍ରୀମତାଂର ଅର୍ଥ କହିବା ଭଳି ଯୋଗୀମାନେ ଧନବାନ ଘରେ ଜନ୍ମ ହୁଅନ୍ତି କଥାକୁ ଛାଡି, ଯୋଗୀମାନେ ଯୋଗୀମାନଙ୍କ ଘରେ ଜନ୍ମ ହୁଅନ୍ତି ବୋଲି ବୁଝିବା ଉଚିତ୍ ।

ଆମେ କରୁଥିବା କାର୍ଯ୍ୟ ଅନୁସାରେ ପାପପୁଣ୍ୟ ଆସିଥାଏ । ନାନା ପ୍ରକାରର ପାପପୁଣ୍ୟ କାର୍ଯ୍ୟଗୁଡିକ ଭିତରେ ଭକ୍ତିମାର୍ଗ ଗୋଟିଏ । ଭକ୍ତିମାର୍ଗରେ ପୁଣ୍ୟ ଥାଏ । ଭକ୍ତିମାର୍ଗରେ ପୁଣ୍ୟ ଅର୍ଜନ କରିଥିବା ବ୍ୟକ୍ତି ସାତ୍ତ୍ୱିକ ଭାବରେ ଜନ୍ମ ହୋଇପାରେ, ତାର ଥିବା ଭକ୍ତି ପ୍ରବୃତ୍ତି ଅନୁସାରେ ମୟୁର ଚନ୍ଦ୍ରିକାରେ ଦର୍ଶାଇ ଦିଆଯିବା ଭଳି ସେ ଆତ୍ମାର ସମୀପ ହୋଇଥିବା ସାତ୍ତ୍ୱିକ ଗୁଣନେଇ ଜନ୍ମ ହୋଇପାରେ । ସାତ୍ତ୍ୱିକ ଗୁଣରେ ଜନ୍ମ ହୋଇଥିବା ବ୍ୟକ୍ତିମାନେ ପରିପୂର୍ଣ୍ଣ ଜ୍ଞାନୀ ହୋଇ ଶେଷରେ ଯୋଗୀ ହୋଇପାରିବା ସୁଯୋଗ ରହିଛି । ତାମସ, ରାଜସ, ସାତ୍ତ୍ୱିକ ହୋଇଥିବା ଲୋକଗୁଡିକ (ଗୁଣଗୁଡିକ) ଭିତରୁ ଯୋଗଭ୍ରଷ୍ଟ ହୋଇଥିବା ବ୍ୟକ୍ତିମାନେ ସାତ୍ତ୍ୱିକ ଲୋକରେ ଜନ୍ମ ହୋଇଥାନ୍ତି, ସେମାନଙ୍କର ମୋକ୍ଷ ହେବା ପର୍ଯ୍ୟନ୍ତ ଯେତେ ଜନ୍ମ ବିତିଗଲେ ମଧ୍ୟ, ଶାଶ୍ୱତ ଭାବରେ ସେହି ଜନ୍ମଗୁଡିକ ସମାନ ଭାବରେ ସାତ୍ତ୍ୱିକ ଗୁଣ ବିଶିଷ୍ଟ ହୋଇଥାଏ । ସାତ୍ତ୍ୱିକ ଲୋକରେ ଥିବା ମନୁଷ୍ୟମାନଙ୍କ ଭିତରେ ରହିଥିବା ପରିଶୁଦ୍ଧ ପବିତ୍ର ଆତ୍ମଜ୍ଞାନୀମାନଙ୍କ ଗୃହରେ

ସେମାନେ ଜନ୍ମ ହୋଇଥାନ୍ତି, ସେମାନଙ୍କ ମାତାପିତା ଯେ ଜ୍ଞାନୀ ହୋଇଥିବେ ତାନୁହେଁ, ସେମାନେ ଯେଉଁ ଘରେ ଜନ୍ମ ହୋଇଥାନ୍ତି ସେ ଘରର କୌଣସି ପୂର୍ବପୁରୁଷ ନିଶ୍ଚୟ ଜ୍ଞାନୀ ହୋଇଥିବେ । ଏହା ଦ୍ୱାରା ସେମାନଙ୍କ ବଂଶ ପରମ୍ପରା ସମ୍ବନ୍ଧୀୟ ଜିନ୍ସ ଦ୍ୱାରା ପୁଅ ହୋଇ, ନାତୀ ହୋଇ କିମ୍ବା ଅଣନାତୀ ହୋଇ ସେମାନେ ଜନ୍ମହୋଇ ପାରନ୍ତି ।

ଏହି ବିଷୟ ଗୁଡିକ ଅନୁସାରେ ଉପର ଶ୍ଳୋକର ପ୍ରକୃତ ସତ୍ୟତା ଜଣାପଡିଥାଏ । ଯୋଗଭ୍ରଷ୍ଟମାନେ ପୁଣ୍ୟବନ୍ତମାନଙ୍କୁ ପ୍ରାପ୍ତ ସାତ୍ତ୍ୱିକ ଲୋକରେ ଅନେକ ଥର ଜନ୍ମ ହୋଇଥାନ୍ତି, ଏହା ଅପେକ୍ଷା ଅତିଶୟ ଅର୍ଥ କରିବା ଅନୁଚିତ୍ । ଲୋକ କହିଲେ ଆମେ ଯେଉଁ ସ୍ୱର୍ଗ ନର୍କାଦିକୁ ପୁରାଣରୁ ବୁଝୁଛେ ତାହାକୁ ଏଠାରେ ବୁଝିବା ଅନୁଚିତ୍ । ଲୋକଗୁଡିକ ଯଦିଓ ଅଛି ବୋଲି କହୁଛନ୍ତି ତାହା ଆମ ଭିତରେ ଥାଏ ସିନା ବାହାରେ କେଉଁଠାରେ ନଥାଏ, ଲୋକ ତିନିଗୋଟି । ତିନିଗୋଟି ଲୋକ ବ୍ୟତୀତ ଲୋକହୋଇ ନଥିବା ଲୋକ ଆଉ ଗୋଟିଏ ରହିଛି, ତାକୁ ମିଶାଇଲେ ମୋଟ ଚରିଗୋଟି ଲୋକ ରହିଥାଏ । **ଏହି ଚତୁର୍ଥ ଲୋକକୁ 'ଆଲୋକ'** ବୋଲି ପୋତନ ନାମକ ଜଣେ କବି କହିଥିଲେ । ସ୍ୱର୍ଗଲୋକ ଆଉ ନର୍କଲୋକ କେଉଁଠାରେ ଅଛି ବୋଲି କେତେକ ସନ୍ଦେହ କରିପାରନ୍ତି । ଏହି ତିନିଲୋକ ଭିତରେ ହିଁ ସ୍ୱର୍ଗ ଆଉ ନର୍କ ରହିଛି । ଶରୀରରେ ଅନୁଭବ ହେଉଥିବା ସୁଖଗୁଡିକ ହେଉଛି ସ୍ୱର୍ଗ, ଶରୀରରେ ଅନୁଭବ ହେଉଥିବା ଦୁଃଖକଷ୍ଟ ଗୁଡିକ ନର୍କ ବୋଲି ଜାଣିବା ଉଚିତ୍ । ସ୍ୱର୍ଗ ଆଉ ନର୍କକୁ ଆମେ ବଞ୍ଚିଥିବା ବେଳେ ଜାଣିପାରିବା, ସେହି ସ୍ୱର୍ଗ ନର୍କ ହିଁ ତିନିଲୋକ ଭାବେ ମଣିଷ ମୁଣ୍ଡରେ ତିନି ଗୁଣଭାଗ ହୋଇ ରହିଛି, ତେଣୁ ତାହାକୁ ତିନିଲୋକ ବା ତ୍ରିଲୋକ ବୋଲି କୁହାଯାଇଛି । ସ୍ୱର୍ଗ ନର୍କ ଦୁଇଟିକୁ ଆମେ ବଞ୍ଚିଥିବା ବେଳେ ଅନୁଭଭ କରୁଛେ, ତେଣୁ ତାହା ଆମେ ବଞ୍ଚିଥିବା ବେଳେ ଥାଏ । ତିନି ଗୁଣ-ଭାଗ ହିଁ ତ୍ରିଲୋକ, ଏହାକୁ ଆଲୋଚନା କରି ବୁଝିବାକୁ କହୁଛୁ ।

**(୫) ଶ୍ଳୋକ,୪୨ : ଅଥବା ଯୋଗୀନାମେବ କୁଳେ ଭବତି ଧୀମତାମ୍ ।**
**ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥**

**(ଜୀବାତ୍ମା)**

**ଭାବାର୍ଥ :** ତାଛଡା ଧୀମନ୍ତମାନେ ଯୋଗୀବଂଶରେ ଜନ୍ମ ହୋଇଥାନ୍ତି, ଏଭଳି ଲୋକରେ ଜନ୍ମହେବା ଦୁର୍ଲଭ ।

**ବିବରଣୀ :** ଯୋଗ ସାଧକ ଜ୍ଞାନୀଘରେ ଜନ୍ମହୁଏ କିମ୍ବା ଯୋଗୀଘରେ ଜନ୍ମହୁଏ ବୋଲି ଭଗବାନ ଜଣାଇଛନ୍ତି । ଭୂପୃଷ୍ଠରେ ଆଧାତ୍ମିକ ଜାଣିଥିବା, ଆତ୍ମଜ୍ଞାନ ଜାଣିଥିବା, ଆତ୍ମଜ୍ଞାନ ଜାଣି ସାଧନା କରିପାରିଥିବା ଯୋଗୀମାନେ ଅଛନ୍ତି । ଏହିଭଳି ଜ୍ଞାନୀ ଯୋଗୀମାନଙ୍କ ଘରେ ଯୋଗଭ୍ରଷ୍ଟମାନେ ଜନ୍ମହେବା ଦ୍ୱାରା ପୁନର୍ବାର ଯୋଗ ସାଧନା କରିବାକୁ ସୁଯୋଗ ରହିଥାଏ । ଜନ୍ମ ହୋଇଥିବା ଘରେ ଚଳିତ ଜନ୍ମରେ ଯୋଗୀମାନେ ଥାଇପାରନ୍ତି କିମ୍ବା ଦୁଇତିନି ପୁରୁଷ ପୂର୍ବରୁ ଥାଇପାରନ୍ତି । ସେଥିଲାଗି "ଯୋଗୀନାମେବ କୁଳେ ଭବତି.." ବୋଲି ଶ୍ଲୋକରେ କହିଛନ୍ତି, ତାହା ହିଁ ଯୋଗୀବଂଶ ।

**(୫) ଶ୍ଲୋକ,୪୩: ତତ୍ର ତଂ ବୁଦ୍ଧି ସଂଯୋଗଂ ଲଭତେ ପୌର୍ବ ଦୈହୀକମ୍ ।**
**ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୂରୁନନ୍ଦନ ! ॥**
**(ଜୀବାତ୍ମା)**

**ଭାବାର୍ଥ :** ଅନ୍ୟଏକ ଜନ୍ମ ପାଇଥିବା ଯୋଗଭ୍ରଷ୍ଟ ମାନଙ୍କ ପୂର୍ବଦେହରେ ଥିବା ଜ୍ଞାନ ବୁଦ୍ଧିରେ ଆସିବା ଦ୍ୱାରା, ସେମାନେ ପୁଣିଥରେ ମୋକ୍ଷସିଦ୍ଧି ପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିଥାନ୍ତି ।

**ବିବରଣୀ :** ଯୋଗ ସାଧକମାନେ ମୃତ୍ୟୁବରଣ କରିବା ପରେ ଜ୍ଞାନୀମାନଙ୍କ ବଂଶରେ କିମ୍ବା ଯୋଗୀବଂଶରେ ଜନ୍ମ ହୋଇ କିଛିକାଳ ବଢି, ତାପରେ ବୟସ ବଢିବା କ୍ରମରେ ସେମାନଙ୍କ ବୁଦ୍ଧିରେ ଜ୍ଞାନଜୀଜ୍ଞାସା ଜାତହେବା ଦ୍ୱାରା ସେମାନେ ପୁନଃ ଯୋଗମାର୍ଗରେ ଚାଲିବାକୁ ସୁଯୋଗ ଖୋଜିଥାନ୍ତି ।

ପ୍ରଥମେ କୌଣସି ଏକ କାରଣ ଦ୍ୱାରା ସେମାନଙ୍କ ବୁଦ୍ଧିରେ ଜ୍ଞାନଶ୍ରଦ୍ଧା ଜାତ ହୋଇଥାଏ, ତାହା ସେମାନଙ୍କର ଥିବା ସମସ୍ତ ଶ୍ରଦ୍ଧାଠାରୁ ମହାନ ହୋଇଥାଏ । ଗୋଟିଏ ସ୍ଥାନରେ ଶହେଜଣ ବସି ଯଦି ଯୋଗ ସମ୍ବନ୍ଧୀୟ ପୁସ୍ତକ ପଢନ୍ତି ତେବେ ସେମାନଙ୍କ ଭିତରୁ ସମସ୍ତେ ନକରି ମାତ୍ର ଜଣେ ପଢୁଥିବା ବିଷୟକୁ ନେଇ ଯେଉଁ ଉନ୍ନତ ଚିନ୍ତା (ଯୋଗ ଚିନ୍ତା) କରିଥାଏ ତାର ସେହି

ଚିନ୍ତା ତାର ବୁଦ୍ଧିରେ ଗଭୀର ଭାବରେ ଆଲୋଡିତ ହୋଇଥାଏ । ଏହା ତାର ପୂର୍ବଜନ୍ମ ସୁକୃତ ବା ପୂର୍ବଜନ୍ମ ସଂସ୍କାର ବୋଲି କହିପାରିବା ।

**(୫) ଶ୍ଲୋକ,୪୪ : ପୂର୍ବାଭ୍ୟାସେନ ତେନୈବ ହ୍ରୀୟତେ ହ୍ୟବଶୋଽପି ସଃ ।**
**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦ ବ୍ରହ୍ମାଽତି ବର୍ତ୍ତତେ ॥**

**(ଜୀବାତ୍ମା)**

**ଭାବାର୍ଥ :** ପୂର୍ବଜନ୍ମର ଅଭ୍ୟାସ ବଳ ଦ୍ୱାରା ଟାଣିହୋଇ ଏ ଜନ୍ମରେ ମଧ୍ୟ ଯୋଗ ଆଚରଣ କରିହୁଏ, ସେହି ଜୀଜ୍ଞାସୁମାନେ ଶବ୍ଦବ୍ରହ୍ମାଦିକୁ ଅତିକ୍ରମ କରିପାରନ୍ତି ।

**ବିବରଣୀ :** ନାଦବ୍ରହ୍ମ, ଦୃଶ୍ୟବ୍ରହ୍ମ, ଏଭଳି ଦୁଇଟି ନିୟମ ଥାଏ । ଭୂପୃଷ୍ଠର ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଏହା ଉପଦେଶ ଦେଇଥାନ୍ତି । ନାଦବ୍ରହ୍ମ 'ଶବ୍ଦଯୁକ୍ତ ଐଶ୍ୱରୀୟ ମନ୍ତ୍ର' ହୋଇଥାଏ । ସେହିଭଳି ଦୃଶ୍ୟବ୍ରହ୍ମକୁ 'ଆକାର ସ୍ୱରୂପ ବ୍ରହ୍ମଙ୍କ ଚିହ୍ନ' ବୋଲି କହିଥାନ୍ତି । ଏହା ହିଁ ଉପଦେଶ ଭାବରେ କହିବା ପରମ୍ପରା ହୋଇ ରହିଛି, କିନ୍ତୁ ଯୋଗସାଧକ ଏଠାରେ ଦୃଶ୍ୟ ଏବଂ ନାଦବ୍ରହ୍ମର ଅତୀତ ହୋଇଥିବା ଆତ୍ମଶକ୍ତି (ଜ୍ଞାନାଗ୍ନି)କୁ ପାଇଥାଏ । ନାଦବ୍ରହ୍ମ କୁହାଯାଉଥିବା ମନ୍ତ୍ରୋପଦେଶ ଅପେକ୍ଷା ଯୋଗ ମହାନ ବୋଲି ଜଣାଯାଉଛି । ମନ୍ତ୍ରୋଧ୍ୟାନରେ ତପୋଫଳ ଲାଭ ହୋଇଥାଏ, ଯୋଗରେ ଜ୍ଞାନାଗ୍ନି ମିଳିଥାଏ । ତପୋଫଳ ଅପେକ୍ଷା ଜ୍ଞାନାଗ୍ନି କେଇଗୁଣରେ ଅଧିକ ବୋଲି କହିପାରିବା, ତେଣୁ ଯୋଗୀ ଶବ୍ଦବ୍ରହ୍ମାଦିକୁ ଅତିକ୍ରମ କରିଯାଇଥାଏ ବୋଲି କହିପାରିବା ।

**(୫) ଶ୍ଲୋକ,୪୫ : ପ୍ରଯତ୍ନାଦ୍ୟତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ବିଷଃ ।**
**ଅନେକ ଜନ୍ମ ସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ॥**

**(ଜୀବାତ୍ମା)**

**ଭାବାର୍ଥ :** ଅନେକ ଜନ୍ମଧରି ଦୃଢ ଚେଷ୍ଟା ଦ୍ୱାରା ଯୋଗ ସାଧନ କରି, ନିଜର ସମସ୍ତ କର୍ମ ଝଲିଯିବା ପରେ ପରମଗତି ଲାଭ କରିଥାନ୍ତି ।

**ବିବରଣୀ :** ଯିଏ ଯୋଗୀ ହେବା ପାଇଁ ଇଚ୍ଛା କରୁଥାଏ ସେ ତାର ଯୋଗ ସାଧ

କରିବା ପାଇଁ  କରୁଥିବା ଚେଷ୍ଟା ଅନୁସାରେ, ତାକୁ ବର୍ଷେ ହେଉ, କେତେବର୍ଷ ହେଉ କିମ୍ବା କେତେ ଜନ୍ମ ହେଉ ଲାଗିପାରେ । ଶେଷରେ ଯୋଗୀ ହୋଇ ତାର ମୋକ୍ଷ ହେବାପାଇଁ ଅନେକ ଜନ୍ମ ଲାଗିପାରେ । ତେଣୁ କହିପାରିବା ଯେ, ସମସ୍ତ କର୍ମ ବିନାଶ ହେବାପାଇଁ ନିଶ୍ଚୟ ଅନେକ ଜନ୍ମ ଲାଗିଥାଏ । ଯେତେବେଳେ ତାର ସମସ୍ତ ପାପ ପୁଣ୍ୟ ନିଖୋଜ ହୋଇଯାଏ ସେତେବେଳେ ସେ ସର୍ବବ୍ୟାପୀ ପରମାତ୍ମାରେ, ବା ମୋକ୍ଷରେ ପହଞ୍ଚି ପାରିଥାଏ । ଗୋଟିଏ ଜନ୍ମରେ କେହି ଯୋଗସାଧନ କରିପାରେ, କିନ୍ତୁ ମୋକ୍ଷ ପାଇବା ପାଇଁ ଅନେକ ଜନ୍ମ ଲାଗିଥାଏ । ଯିଏ ତାର ଚେଷ୍ଟାକୁ ଦୃଢରୁ ଦୃଢତର କରିଥାଏ  ତାର  ସେହି ଚେଷ୍ଟା  ଜନ୍ମସଂସ୍କାର ଫଳ ଭାବରେ ଦିନେ ମୋକ୍ଷ ଆଣିଦେଇଥାଏ ।

**(୫) ଶ୍ଳୋକ,୪୬: ତପସ୍ୱୀଭ୍ୟୋଽଧିକୋଯୋଗୀ ଜ୍ଞାନିଭ୍ୟୋଽପିମତୋଧିକଃ ।**
**କର୍ମଭ୍ୟଶ୍ଚାଧିକୋ ଯୋଗୀ  ତସ୍ମାତ୍  ଯୋଗୀ ଭବାର୍ଜୁନ ॥**
**(ଜୀବାତ୍ମା)**

**ଭାବାର୍ଥ :** ତପସ୍ୱୀଠାରୁ ଯୋଗୀ ଅଧିକ, ସେହିଭଳି ସେ ଜ୍ଞାନୀଠାରୁ ଉନ୍ନତ, କର୍ମାଚରଣ କରୁଥିବା ବ୍ୟକ୍ତିଠାରୁ ମହାନ, ତେଣୁ ତୁ ଯୋଗୀ ହୁଅ ।

**ବିବରଣୀ :** ଦୈବାରାଧନାକୁ ତିନି ଭାଗରେ ବିଭାଜନ କରିପାରିବା । ଗୋଟିଏ ଯୋଗ, ଅନ୍ୟଟି ତପସ୍ୟା ଆଉଗୋଟିଏ ବ୍ରତ-କ୍ରତୁ, ଯଜ୍ଞ-ଯାଗ କିମ୍ବା ନାନା ପ୍ରକାରର ବିଗ୍ରହ ପୂଜା । ଯାହାକୁ ପଚାରିଲେ ମଧ୍ୟ ସେ ଏହି ତିନିଗୋଟିରୁ କୌଣସି ଗୋଟିଏକୁ ନିଶ୍ଚୟ କହିଥାଏ । ଏହି ତିନି ନିୟମରୁ କେଉଁଟି ମହାନ ବିଚାରକଲେ, ନାନା ପ୍ରକାରର ବିଗ୍ରହ ପୂଜା କରୁଥିବା ଲୋକମାନଙ୍କ ଠାରୁ ତପସ୍ୟା ଉନ୍ନତ ଏବଂ ତପସ୍ୱୀମାନଙ୍କ ଠାରୁ ଯୋଗୀ ଅଧିକ ବୋଲି ଜଣାଯାଏ । ସାଧାରଣ ପୂଜାଦି କରୁଥିବା ଲୋକମାନଙ୍କ  ପାଖରେ କୌଣସି ଶକ୍ତି ନଥାଏ, ସେମାନେ ସେମାନଙ୍କ କାମନା ପୂରଣ ପାଇଁ ଗଛ, ପଥର,  ଜନ୍ତୁ,  ଗ୍ରାମଦେବତା ଇତ୍ୟାଦିଙ୍କୁ ପୂଜା କରିଥାନ୍ତି, ଆଉକେତେକ ମନ୍ତ୍ରୋପାଶକ ହୋଇ ଛୋଟଛୋଟ ଦେବତାମାନଙ୍କୁ ବଶୀଭୂତ କରିଥାନ୍ତି । ନିୟମାନୁସାରେ ମନ୍ତ୍ର ଜପକରି ତଦ୍ଦ୍ୱାରା କିଛି ଶକ୍ତି ପାଇଥିବା  ଲୋକମାନେ ମଧ୍ୟ ଅଛନ୍ତି । ଏହାକୁ ତପସ୍ୟା କହି

ପାରିବା । ନାନା ପୂଜାଦି କରୁଥିବା ଲୋକମାନଙ୍କୁ ପ୍ରଥମ ଶ୍ରେଣୀର, ମନ୍ତ୍ରଜପ କରୁଥିବା ଲୋକମାନେ ଦ୍ୱିତୀୟ ଶ୍ରେଣୀର ବୋଲି କହିପାରିବା । ପୂଜା କାର୍ଯ୍ୟ ନାନା କାର୍ଯ୍ୟ ସମ୍ବଳିତ, ଅର୍ଥାତ୍ ଉଠିବା ବସିବା, ପ୍ରଦକ୍ଷିଣ କରିବା ଇତ୍ୟାଦି କାର୍ଯ୍ୟଯୁକ୍ତ ହୋଇଥାଏ, ସେଥିପାଇଁ ସେମାନଙ୍କୁ କାର୍ଯ୍ୟ କରୁଥିବା ବା କର୍ମ ଆଚରଣ କରୁଥିବା ବ୍ୟକ୍ତି ବୋଲି କୁହାଯାଇଛି । ଏମାନେ ପ୍ରଥମ ଶ୍ରେଣୀର ।

ଦ୍ୱିତୀୟ ଶ୍ରେଣୀର ହେଲେ ମନ୍ତ୍ରଜପ କରୁଥିବା ଲୋକମାନେ । ମନ୍ତ୍ରକୁ ଉଦ୍ଦେଶ୍ୟ ପୂର୍ବକ ଜପକରିବା ତପ ବା ତପସ୍ୟା ହୋଇଥାଏ । ଏମାନଙ୍କ ମଧ୍ୟରେ ତୀବ୍ର ତପାଚରଣ କରି କେତେକ ଦେବତାମାନଙ୍କୁ ସାକ୍ଷାତ କରି ପାରିଥାନ୍ତି ବୋଲି ବଡମାନେ କହୁଥିବା ଶୁଣିଛୁ, ଦେବତାମାନଙ୍କୁ ମନ୍ତ୍ରଜପ ଦ୍ୱାରା ବଶୀଭୂତ କରି ସେମାନଙ୍କ ଦ୍ୱାରା ଅନେକ କାର୍ଯ୍ୟ କରୁଥିଲେ ବୋଲି ଜଣାଯାଇଛି, ଏପରି କରିବାକୁ ଯେଉଁ ଶକ୍ତି ଆବଶ୍ୟକ ସେହି ଶକ୍ତିକୁ ତପଶକ୍ତି କହିପାରିବା । ତପସ୍ୱୀ ମାନଙ୍କର ଉଦ୍ଦେଶ୍ୟ କିଛି ମଧ୍ୟ ହୋଇପାରେ, କୌଣସି ମନ୍ତ୍ର ହୋଇପାରେ, କିନ୍ତୁ ସାଧକକୁ ତପସ୍ୱୀ ହିଁ କୁହାଯିବ ।

ତୃତୀୟ ଶ୍ରେଣୀର ଯୋଗୀମାନେ ସ୍ୱତନ୍ତ୍ର, ଏମାନେ ପୂଜାକାର୍ଯ୍ୟ କରିନଥାନ୍ତି, ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ମନ କିମ୍ବା ଅହମକୁ ଜୟ କରିବା, ଏହା ଦ୍ୱାରା ସେମାନଙ୍କର କର୍ମ ଜଳିଯାଇ ସେମାନେ ମୋକ୍ଷ ପାଇ ପାରନ୍ତି । ଏମାନେ କେତେକ ବ୍ରହ୍ମଯୋଗୀ ଆଉ କେତେକ କର୍ମଯୋଗୀ । କର୍ମଯୋଗୀମାନେ ପୂଜା ତପସ୍ୟାଦି କରୁଥିବା ଲୋକମାନଙ୍କ ଠାରୁ ନିରସ ଦେଖାଯାଆନ୍ତି, ସେମାନଙ୍କୁ ସାଧାରଣ ପୂଜା କରୁଥିବା, ମନ୍ତ୍ରଜପ କରୁଥିବା ଲୋକମାନେ ନିଜର ଶକ୍ତି ଦ୍ୱାରା ଅସୁବିଧାରେ ପକାଇପାରନ୍ତି । ଉଦାହରଣ ସ୍ୱରୂପ ଜଣେ ମାନ୍ତ୍ରୀକ (ଗୁଣିଆ) ନିଜର ବଶୀଭୂତ ଏକ ଦେବତା ଶକ୍ତି ଦ୍ୱାରା ଆଉଜଣେ ପୂଜାରୀକୁ ରୋଗରେ ପକାଇଥିଲା । ସେହି ପୂଜାରୀ ରୋଗମୁକ୍ତ ହେବା ଆଶାନେଇ ଦିନେ ଆମ ପାଖକୁ ଆସିଥିଲା । ପୂଜାରୀର ରୋଗର କାରଣ ହୋଇଥିବା ଦେବତାକୁ ଆମେ ପଚାରିବା ବେଳେ ସେ, ମୁଁ ଅମୁକ ଗୁଣିଆର ଆଦେଶାନୁସାରେ ଏଭଳି କରୁଛି ବୋଲି କହିଥିଲା । ଏହି ଅନୁସାରେ କହିପାରିବା ଯେ, ପୂଜାଦି କରୁଥିବା ଲୋକମାନଙ୍କ ଅପେକ୍ଷା ତପସ୍ୱୀମାନେ ଶକ୍ତିଶାଳୀ ।

ମାନ୍ତ୍ରୀକ ଦ୍ୱାରା ପ୍ରୟୋଗ ହୋଇଥିବା ଶକ୍ତିମାନେ ଯୋଗୀମାନଙ୍କ ନିକଟରେ ଭୟ କରିବା ଏବଂ କଥାମାନି ଚଳିଯିବା ପ୍ରମାଣ ଅଛି । ମନ୍ତ୍ରସାଧନା ଦ୍ୱାରା ମିଳିଥିବା ତପୋଶକ୍ତିଠାରୁ ଯୋଗୀମାନଙ୍କ ଠାରେ ଥିବା ଜ୍ଞାନାଗ୍ନି ଅତି ପବିତ୍ର । ଅଣୁଅଣୁ ହୋଇ ବ୍ୟାପି ରହିଥିବା ପରମାତ୍ମା ଶକ୍ତି ହିଁ ଜ୍ଞାନାଗ୍ନି ଭାବରେ ବଦଳିଥାଏ, ତାକୁ କୌଣସି ଶକ୍ତି ଛୁଇଁପାରନ୍ତି ନାହିଁ, ତେଣୁ ତପସ୍ୱୀଠାରୁ ଯୋଗୀ ବଡ ବୋଲି ଜାଣି ହୁଏ । ତାଛଡା ଯୋଗପାଇଁ ମାର୍ଗ ଦେଖାଏ ଜ୍ଞାନ । ଜ୍ଞାନ ଜାଣିବା ପରେ ଯୋଗସାଧନା କରିହୁଏ । ଜ୍ଞାନର ଫଳ ହୋଇଥାଏ ଯୋଗ । ସେଥିଲାଗି ଜ୍ଞାନ ଅପେକ୍ଷା ଯୋଗ ଅଧିକ । ପୂଜାଦି କରୁଥିବା ଲୋକମାନଙ୍କ ଠାରୁ ତପସ୍ୱୀ ଅଧିକ, ତପସ୍ୱୀ ଠାରୁ ଜ୍ଞାନୀ ଅଧିକ, ଜ୍ଞାନୀଠାରୁ ଯୋଗୀ ଅଧିକ ହୋଇଥିବାରୁ ସବୁଠାରୁ ମହାନ ହୋଇଥିବା ଯୋଗୀ ହେବାପାଇଁ ଅର୍ଜୁନଙ୍କୁ ଭଗବାନ କହିଛନ୍ତି ।

**(୫) ଶ୍ଲୋକ,୪୭ : ଯୋଗିନାମପି ସର୍ବେଷାଂ ମଦ୍ଗତେନାନ୍ତରାତ୍ମନାଂ ।**
**ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସମେ ଯୁକ୍ତତମୋ ମତଃ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ଯୋଗୀମାନଙ୍କ ଭିତରେ ଯିଏ ମୋକ୍ଷ ପାଇଁ ଯୋଗ ଆଚରଣ ଦ୍ୱାରା ଆତ୍ମାକୁ ପାଇ ମୋତେ ଭଜିଥାଏ, ମୁଁ ତାକୁ ଉତ୍ତମ ଯୋଗୀ ଭାବିଥାଏ ।

**ବିବରଣୀ :** ଭୂପୃଷ୍ଠର ଅନେକ ଲୋକ ଅନେକ ପ୍ରକାରର ପୂଜା କରିଥାନ୍ତି । ସେହିଭଳି ଅନେକ ଲୋକ ନାନାପ୍ରକାରର ମନ୍ତ୍ରଜପ କରିଥାନ୍ତି । ତାଛଡା କିଛି କିଛି ଜ୍ଞାନ ଆହରଣ କରିଥିବା ଲୋକମାନେ ମଧ୍ୟ ଅଛନ୍ତି । ହେଲେ ସେମାନଙ୍କ ଭିତରେ କ୍ୱଚିତ୍ କେହି ଜଣେ ଯୋଗସାଧକ ଥାଇପାରନ୍ତି । ସାଧକମାନଙ୍କ ମଧ୍ୟରେ କ୍ୱଚିତ୍ ଜଣେ ଯୋଗସାଧନା କରିପାରିଥାଏ । ଶେଷରେ ହିସାବ କଲେ ଜଣାଯାଏ ଯେ, କେତେ ଲକ୍ଷ ଲୋକଙ୍କ ଭିତରେ କେହି ଜଣେ ଯୋଗୀ ଥାଇପାରେ । ଏହା ଆଜିର ପରିସ୍ଥିତି । ପରମାତ୍ମାରେ ଲୀନ ହେବାପାଇଁ ମୁଖଦ୍ୱାର ହେଉଛି ଆତ୍ମା । ଏହା ଜାଣି, ଅତିଶୀଘ୍ର ଆତ୍ମାକୁ ପାଇ, ଅତିଶୀଘ୍ର କର୍ମବିନାଶ କରିବା ପାଇଁ ହେଲେ ଭଗବାନ ହିଁ ଏକମାତ୍ର ଶରଣ୍ୟ ବୋଲି ଜାଣି, ତାଙ୍କ

ନିକଟରେ ଶରଣ ଯାଉଥିବା ସ୍ଥିରନିଶ୍ଚୟୀ ଯୋଗୀ ହିଁ ଯୋଗୀମାନଙ୍କ ଭିତରେ ଉନ୍ନତ ବୋଲି ଭଗବାନ କହିଛନ୍ତି ।

ଯୋଗରେ ଯୋଗପ୍ରାପ୍ତ ହେଲେ ଯୋଗୀ ହୁଅନ୍ତି, ସେଥିରେ ଉଚ୍ଚନୀଚ ଭେଦାଭେଦ ନଥାଏ । ଏଠାରେ ଉନ୍ନତ କହିବାରେ ଅନ୍ୟ କୌଣସି ଅର୍ଥକୁ ନେବା ଉଚିତ୍ ହୋଇ ନଥାଏ । ଯୋଗ ଦ୍ୱାରା କର୍ମ ଜଳିବା କାଳ ଅପେକ୍ଷା ଅତିଶୀଘ୍ର ମୋକ୍ଷ ପାଉଥିବା ଯୋଗୀକୁ ଉନ୍ନତ ବୋଲି ଜାଣିବା ଉଚିତ୍ । ଉଦାହରଣ ସ୍ୱରୂପ ଟେପ୍‌ରେକର୍ଡରେ ରେକର୍ଡ ହେବା ସାଧାରଣ କାର୍ଯ୍ୟ ହୋଇଥିବା ସ୍ଥଳେ, ସ୍ୱତନ୍ତ୍ର ଭାବେ ଅତିଶୀଘ୍ର ରେକର୍ଡ ହେବା ପଦ୍ଧତି ଆଉଗୋଟିଏ ଅଛି । ସମସ୍ତ ଟେପ୍‌ରେକର୍ଡରେ ଏହି ସାଧାରଣ ରେକର୍ଡହେବା ବନ୍ଦୋବସ୍ତ ଥିବାବେଳେ, ସ୍ୱତନ୍ତ୍ର ଟେପ୍‌ରେକର୍ଡରେ ଅତି ଶୀଘ୍ର ରେକର୍ଡ ହୋଇଯିବା ବନ୍ଦୋବସ୍ତ ଥିବାଭଳି, ଉତ୍ତମଯୋଗୀ ସମସ୍ତ ଯୋଗୀମାନଙ୍କ ଅପେକ୍ଷା ସାକାର ଭଗବାନଙ୍କୁ ଚିହ୍ନିପାରି କେବଳ ତାଙ୍କର ଆରାଧନା କରିଥାଏ । ସାଧାରଣ ଯୋଗୀମାନେ ଗୋଟିଏ ଜନ୍ମରେ ମୋକ୍ଷ ପାଇପାରି ନଥାନ୍ତି । କର୍ମନିର୍ମୂଳ ହେବା ପାଇଁ ଅନେକ ଜନ୍ମ ଲାଗିଥାଏ । ଏହା ୪୫ତମ ଶ୍ଳୋକରେ ଜାଣିଛେ । ଏଠାରେ **ଯୋଗୀନାମପି ସର୍ବେଷାଂ ଉକ୍ତ ତମୋମତଃ** ବୋଲି କହିଛନ୍ତି । ଅର୍ଥାତ୍ ଯୋଗୀମାନଙ୍କ ଭିତରେ ସ୍ୱତନ୍ତ୍ର ଯୋଗୀ ହିଁ ସେହି ଜନ୍ମରେ ମୋକ୍ଷ ପାଇଥାଏ, ତେଣୁ ଏଠାରେ ଯୋଗୀମାନଙ୍କ ଭିତରେ ଉନ୍ନତ ଯୋଗୀ କହିଛନ୍ତି ବୋଲି ଜାଣିବା ଉଚିତ୍ । ପରମାତ୍ମା ସାକାର ଭଗବାନ ହୋଇ ଭୂପୃଷ୍ଠରେ ଥିବାବେଳେ ଚିହ୍ନାପଡିବା ଦୁର୍ଲଭ । ଏହି ଦୁର୍ଲଭ କାର୍ଯ୍ୟ ସାଧନ କରିପାରୁଥିବା ଯୋଗୀ ସାଧାରଣ ଯୋଗୀ ନୁହେଁ, ସ୍ୱତନ୍ତ୍ର ଯୋଗୀ । ସମସ୍ତ ଯୋଗୀମାନଙ୍କ ଭିତରେ ସାକାରଙ୍କୁ ଜାଣି ଯୋଗାଚରଣ କରୁଥିବା ଯୋଗୀ ଉନ୍ନତଯୋଗୀ ହୋଇଥାଏ । ଏହି ସାକାର ରୂପକୁ ନଜାଣି ଯୋଗ କରୁଥିବା ଯୋଗୀମାନେ ସାଧାରଣ ଯୋଗୀ ହୋଇଥାନ୍ତି । ସାଧାରଣ ଯୋଗୀ ଦେଖିବାକୁ ମିଳୁନଥିବା ଆଜିର କାଳରେ ସ୍ୱତନ୍ତ୍ର ଯୋଗୀ ଦେଖିବାକୁ ମିଳିବା ବଡକଷ୍ଟ ବୋଲି କହିପାରିବା । ପରମାତ୍ମା ସାକାର ଭଗବାନ ହୋଇ ଭୂପୃଷ୍ଠରେ ଥିବାବେଳେ ଉନ୍ନତ ଯୋଗୀମାନଙ୍କୁ ଦେଖିବା ସୁଯୋଗ ଥାଏ ।

ଏତିକିରେ ଏହି ଅଧ୍ୟାୟଟି ଶେଷହେଲା । ଏହି ଅଧ୍ୟାୟର ଶ୍ଳୋକଗୁଡିକ କାହା କାହା ବାବଦରେ କୁହାଯାଇଛି ନିମ୍ନ ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | କର୍ମଯୋଗ | = | ୦୧ |
| ୨) | କର୍ମଯୋଗ,ବ୍ରହ୍ମଯୋଗ | = | ୦୨ |
| ୩) | ବ୍ରହ୍ମଯୋଗ | = | ୩୦ |
| ୪) | କଳ୍ପିତ | = | ୦୧ |
| ୫) | ଜୀବାତ୍ମା,ଆତ୍ମା,ପରମାତ୍ମା | = | ୦୬ |
| ୬) | ଜୀବାତ୍ମା | = | ୦୭ |
| | **ମୋଟ** | = | **୪୭** |

**ଭାବାର୍ଥ ଏବଂ ବିବରଣୀକୁ ବଦଳାଇ ଲେଖାଯାଇଥିବା ଶ୍ଳୋକଗୁଡିକ ହେଲେ ୧,୩,୫,୬,୩୨,୪୧ ।**



# ବିଜ୍ଞାନ ଯୋଗ

ଏପର୍ଯ୍ୟନ୍ତ କହିଥିବା ଅଧ୍ୟାୟ ଗୁଡିକରେ ଅଧିକ କର୍ମଯୋଗ, ବ୍ରହ୍ମଯୋଗ ବାବଦରେ କହି ଏହି ଅଧ୍ୟାୟରେ ଜୀବାତ୍ମା ଏବଂ ପରମାତ୍ମା ବାବଦରେ ଅଧିକ କହିଛନ୍ତି । ଆଗତ ଅଧ୍ୟାୟରେ ପ୍ରକୃତି ଆଉ ଆତ୍ମା ବାବଦରେ ଅଧିକ କହି, ଯୋଗ ସମ୍ବନ୍ଧୀୟ ବିଷୟ ଖୁବ୍ କମ୍ କହିଛନ୍ତି । ମୁଖ୍ୟକଥା ହେଉଛି ! ପୂର୍ବ କାଳରେ ରୋଗପାଇଁ ଉପଯୁକ୍ତ ଔଷଧ, ବିଷପାଇଁ ମନ୍ତ୍ର, ଜାଡ୍ୟ (ଦେହଜ ବ୍ୟାଧି ବା ଶରୀର ଭିତରର ଅସୁସ୍ଥତା) ପାଇଁ ଔଷଧ ଆବଶ୍ୟକ ବୋଲି ବଡ-ମାନେ କହୁଥିଲେ । ବାସ୍ତବରେ ସେମାନେ ସେହି ପଦ୍ଧତିକୁ ଅନୁସରଣ ମଧ୍ୟ କରୁଥିଲେ, ସେ କାଳରେ ଆଜି ଭଳି ନାନା ପ୍ରକାରର ଔଷଧ ନଥିଲା ତେଣୁ ସେତେବେଳେ ସେହି ପଦ୍ଧତି ଅନୁସାରେ ରୋଗମୁକ୍ତ ହେଉଥିଲେ । ଆଜି ମଧ୍ୟ ଜଣ୍ଡିସ୍ ରୋଗପାଇଁ କେଉଁଠି କେଉଁଠି ସେହି ପଦ୍ଧତି ଥିବା ଜଣାଯାଏ । ବିଷ ଝାଡିବା ପାଇଁ କେଉଁଠି କେଉଁଠି ମନ୍ତ୍ର ଆଜି ମଧ୍ୟ କାର୍ଯ୍ୟ କରୁଛି । ଯିଏ କଷ୍ଟ ଭୋଗୁଛି ସେ ରୋଗ ଦ୍ୱାରା ଭୋଗୁଛି କି ବିଷ ପ୍ରଭାବରେ ଭୋଗୁଛି ଜାଣି, ତା ପାଇଁ କେଉଁ ପ୍ରକାରର ଚିକିତ୍ସା ଆବଶ୍ୟକ ସେହି ପ୍ରକାରର ଚିକିତ୍ସା କରିବା ଉଚିତ୍ । ଏଭଳି କରିବା ଦ୍ୱାରା କଷ୍ଟ ଭୋଗୁଥିବା ବ୍ୟକ୍ତି ଭଲ ହୋଇପାରିବ । ତା'ନକରି ଯାହାର ରୋଗ ହୋଇଛି ତାକୁ ମନ୍ତ୍ର ଦ୍ୱାରା, ଯାହା ଦେହରେ ବିଷ ପ୍ରଭାବ ରହିଛି ତାକୁ ଔଷଧ ଦ୍ୱାରା ଚିକିତ୍ସା କଲେ ତାର କଷ୍ଟ ଦୂର ହୋଇ ପାରିବ ନାହିଁ। ସେହିଭଳି ଗୀତାରେ ଆମେ ପଢୁଥିବା ଶ୍ଲୋକଗୁଡିକୁ କଷ୍ଟ ଭୋଗୁଥିବା ଲୋକର ବିଷ ପ୍ରଭାବ କିମ୍ବା ରୋଗ ବୋଲି ପରିଶୀଳନ କରିବା ଭଳି, ବିଚାର ପୂର୍ବକ ଦେଖି ଅମୁକ ଶ୍ଲୋକ ଅମୁକ ବିଷୟ ପାଇଁ କୁହାଯାଇଛି ବୋଲି ଜାଣିପାରିବା ବେଳେ ପାଠକ ଉପଯୁକ୍ତ ମାର୍ଗରେ ଯାଇପାରିବ, ଶ୍ଲୋକକୁ ଠିକ୍ ବୁଝିପାରିବ । ଏହି ଅଧ୍ୟାୟରେ ଆତ୍ମା ବାବଦରେ ଅଧିକ କୁହାଯାଇଛି, ତେଣୁ କେଉଁ ଶ୍ଲୋକ କେଉଁ ଆତ୍ମା ବାବଦରେ ଜଣାଇଛି ଜାଣିପାରିବା ବେଳେ ଶ୍ଲୋକର ପ୍ରକୃତ ଭାବ ଅବୁଝା ନରହି ବୁଝିହେବ । ନଚେତ ଗୀତାଭାବକୁ ଆମେ ନିଶ୍ଚୟ ଭୁଲ୍ ବୁଝିବା ଦୁର୍ଯୋଗ ରହିଛି ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୬) ଶ୍ଲୋକ,୧ : ମୟାଶକ୍ତମନାଃ ପାର୍ଥ ! ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।**
**ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛ୍ରୁଣୁ ॥**

**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ମୋଉପରେ ଆଶକ୍ତିଯୁକ୍ତ ହୋଇ, ମୋତେ ଆଶ୍ରୟ କରି ଯୋଗଭ୍ୟାସ କରୁଥାଇ, ସନ୍ଦେହହୀନ ଭାବରେ ମୋତେ କିପରି ଜାଣି ପାରନ୍ତି ତାହା କହୁଛି ଶୁଣ୍ ।

**ବିବରଣୀ :** ଏଠାରେ ଶ୍ରୀକୃଷ୍ଣଙ୍କ ଶରୀରର ପରମାତ୍ମା ଅର୍ଜୁନ ଭାବରେ ଥିବା ଜୀବାତ୍ମାକୁ **"ଜୀବାତ୍ମା ପରମାତ୍ମା ଅଛନ୍ତି ବୋଲି ଗ୍ରହଣ କରି, ପରମାତ୍ମାଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରି, ତାଙ୍କୁ ଜାଣିବା ପାଇଁ ଆଗ୍ରହୀ ହୋଇ, ଜାଣିବା ବାଟ ଯୋଗ ବୋଲି ଜାଣି, ଯୋଗ ଆଚରଣ କରି ଶେଷରେ ନିଃସନ୍ଦେହ ମୋତେ କିପରି ଜାଣିପାରେ ସେଇକଥା କହୁଛି"** ବୋଲି ଜଣାଇଛନ୍ତି । ଏଠାରେ ମୁଖ୍ୟତଃ ଜାଣିବା ବିଷୟ ହେଉଛି ! ଜୀବାତ୍ମା ପରମାତ୍ମାଙ୍କ ମଧ୍ୟର ସୌଧ ଭଳି ଆତ୍ମା ଥାଏ । ଜୀବାତ୍ମା ସ୍ଥାନରୁ ପରମାତ୍ମା ସ୍ଥାନକୁ ଯିବାକୁ ହେଲେ ପ୍ରଥମେ ଆତ୍ମାକୁ ଜାଣିବାକୁ ହେବ । ଆତ୍ମାକୁ ନଜାଣି କେହି ପରମାତ୍ମାଙ୍କୁ ଜାଣି ପାରନ୍ତି ନାହିଁ ।

**(୬) ଶ୍ଲୋକ,୨ : ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।**
**ଜଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ ॥**

**(ଜୀବାତ୍ମା)**

**ଭାବାର୍ଥ :** ମୁଁ ତୋତେ ଜ୍ଞାନକୁ ବିଜ୍ଞାନ ସମେତ ଜଣାଇବି, ତାହା ଜାଣିବା ପରେ ତୋର ଆଉକିଛି ଜାଣିବା ଆବଶ୍ୟକ ପଡିବ ନାହିଁ ।

**ବିବରଣୀ :** ଆମକୁ ଏ ଦୁନିଆରେ ସବୁଠାରୁ ବଡକଥା ଯଦି କିଛି ଜାଣିବାକୁ ଥାଏ ତାହା ହେଉଛି କର୍ମକୁ ଜାଳି ଦେଉଥିବା ଯୋଗବିଧି । ଜନ୍ମର କାରଣ ହୋଇଥିବା କର୍ମକୁ ଭସ୍ମିଭୂତ କରିବା ନିୟମଗୁଡିକ ଜାଣିବା ପରେ ଆଉ କିଛି

ଜାଣିବା ଆବଶ୍ୟକ ନଥାଏ । କର୍ମକୁ ଜଳାଉଥିବା ଯୋଗ ଜ୍ଞାନକୁ ଅନୁଭବ ପୂର୍ବକ କିପରି ଜାଣିବାକୁ ହେବ, ସେହି ବିଷୟ ତୋତେ ଜଣାଇବି ବୋଲି ଭଗବାନଙ୍କ ଶରୀରରୁ ପରମାତ୍ମା କହିଛନ୍ତି ।

**(୬) ଶ୍ଳୋକ,୩ : ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ ।**
**ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥**

**(ଜୀବାତ୍ମା)**

**ଭାବାର୍ଥ :** ମନୁଷ୍ୟମାନଙ୍କ ଭିତରେ ମୋକ୍ଷପାଇଁ ଚେଷ୍ଟା କରୁଥିବା ମନୁଷ୍ୟମାନେ ହଜାରେ ଜଣରେ କ୍ୱଚିତ୍ କେହି ଜଣେ ଥାଆନ୍ତି, ଚେଷ୍ଟା କରୁଥିବା ମନୁଷ୍ୟମାନଙ୍କ ଭିତରେ କ୍ୱଚିତ୍ ଜଣେ ମୋତେ ପାଇଥାନ୍ତି ।

**ବିବରଣୀ :** ଜନ୍ମରହିତ ହୋଇ ପରମାତ୍ମାରେ ଐକ୍ୟ ହେବାକୁ ଚେଷ୍ଟା କରୁଥିବା ମଣିଷ ଆଜି ଲକ୍ଷେରେ ଗୋଟିଏ ଦେଖାଯିବା କଷ୍ଟ । ଭଗବଦ୍ଗୀତା ଅର୍ଜୁନଙ୍କୁ କୁହାଯିବା ଦିନ ହଜାରକେ ଜଣେ ଥାଇପାରନ୍ତି, ହେଲେ ଆଜି ଜ୍ଞାନଶୂନ୍ୟ ସମାଜରେ ଲକ୍ଷେରେ ଜଣକୁ ପାଇବା ଅତିକଷ୍ଟ ବୋଲି କହିପାରିବା, ସେମାନଙ୍କ ଭିତରୁ କ୍ୱଚିତ୍ କେହି ଜଣେ ମୋକ୍ଷ ପାଇଥାଏ । ଭଗବାନଙ୍କ କଥା ଅନୁସାରେ ହଜାରକେ ଜଣେ ଚେଷ୍ଟିତ ଥିବାବେଳେ, ସେମାନଙ୍କ ମଧ୍ୟରେ କେହି ଜଣେ ମୋକ୍ଷ ପାଇଥାଏ ବୋଲି ଭାବିବା । ତାଛଡା ଆମେ ଯଦି ଭାବିବା ଯେ, ହଜାରକେ ଜଣେ ନିଶ୍ଚୟ ଚେଷ୍ଟା କରୁଛି ତେବେ ସେ ଜଣକ କାହିଁକି ନିଶ୍ଚୟ ମୋକ୍ଷ ପାଇପାରୁ ନାହିଁ ? ଏ ବିଷୟ ବିଚାର କରି ଦେଖିଲେ, ଯାହା ଜଣାପଡେ ତାହା ବୁଝିବା ପାଇଁ ଏଠାରେ ଗୋଟିଏ ଉଦାହରଣ ନେବା । ଗୋଟିଏ ଗାଆଁରେ ହଜାରେ ଜଣ ଲୋକ ଅଛନ୍ତି ବୋଲି ଭାବିବା, ସେମାନଙ୍କ ଭିତରେ ଜଣେମାତ୍ର ମୋକ୍ଷ ଚିନ୍ତାରେ ରହି, ଯୋଗ ଆଚରଣ କରି ମୋକ୍ଷ ପାଇବାକୁ ଚେଷ୍ଟା କରୁଛି ବୋଲି ଭାବିଲେ, ତାର ଘରର ଲୋକମାନେ ହିଁ ତାର ପ୍ରଥମ ଶତ୍ରୁ ହେଉଛନ୍ତି ଏବଂ ସାରା ଗାଆଁର ଲୋକମାନେ ଅର୍ଥାତ୍ ୯୯୯ ଜଣ ବିରୋଧି ହୋଇଯାଉଛନ୍ତି । ସେତେବେଳେ ସେ ବର୍ଷେ କିମ୍ବା ଦୁଇବର୍ଷ ନିଜ ରୀତିରେ ବଞ୍ଚି ସେମାନଙ୍କର ବିରୋଧତା କାରଣରୁ ଯେତେବେଳେ ଅସହାୟ

ବୋଧକରିବ ସେତେବେଳେ ସେ ମଧ୍ୟ ଦିନେ ଅନ୍ୟମାନଙ୍କ ଭଳି ବଞ୍ଚିବାକୁ ଆରମ୍ଭ କରିବ । ଏହିଭଳି ସାରା ଗାଆଁର ଲୋକମାନେ ଅଜ୍ଞାନତାରେ ରହିଯିବେ, ତଥାପି ସମସ୍ତେ ତାର ବିରୋଧ ହେଲେ ମଧ୍ୟ, ମୋର ମୃତ୍ୟୁହେଲେ ହେଉପଛେ ମୁଁ ମୋର ମାର୍ଗରୁ ଟଳିବି ନାହିଁ ଭାବୁଥିବା ଲୋକ ନିଶ୍ଚୟ ମୋକ୍ଷ ପାଇବ । ହେଲେ ଆଜି ସେଭଳି ଲୋକ କାହାନ୍ତି ! ରହିଲେ ମଧ୍ୟ ମାୟା ସେମାନଙ୍କୁ ରଖାଇଦେବ ନାହିଁ । ବାହାରର ଲୋକମାନଙ୍କୁ, ନିଜ ଭିତରର ମାୟାକୁ ଜିତିବା ଲୋକ ମୋକ୍ଷ ପାଇପାରେ, ତେଣୁ ମୋକ୍ଷାର୍ଥୀ ମଧ୍ୟ ମୋକ୍ଷ ପାଇବା କଷ୍ଟ ବୋଲି ଭଗବାନ ଜଣାଇଛନ୍ତି ।

**(୬) ଶ୍ଳୋକ,୪ : ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧି ରେବ ଚ ।**
**ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥**

**(ପ୍ରକୃତି)**

**ଭାବାର୍ଥ :** ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି, ଅହଂ ନାମକ ଆଠ ଭାଗରେ ମୋର ପ୍ରକୃତି ରହିଛି ।

**ବିବରଣୀ :** ଚରାଚର ପ୍ରପଞ୍ଚକୁ ପ୍ରକୃତି ଏବଂ ପରମାତ୍ମା ନାମକ ଦୁଇ ଭାଗରେ ବିଭାଜନ କରିପାରିବା । ଆଖିକୁ ଯାହାସବୁ ଦେଖାଯାଉଛି ତାହା ପ୍ରକୃତି ହୋଇଥିବା ସ୍ଥଳେ, ଯାହା ପ୍ରକୃତିର ଆଧାର ହୋଇ ସୂକ୍ଷ୍ମ ଭାବରେ ରହିଛି ତାହା ପରମାତ୍ମା । ପ୍ରକୃତିକୁ ଚର ଏବଂ ଅଚର ନାମରେ ଦୁଇ ଭାଗରେ ବିଭାଜନ କରିପାରିବା । ଚର ପ୍ରକୃତି କହିଲେ ସକଳ ଜୀବରାଶିର ଶରୀର ଏବଂ ତାର ଭାଗ ହୋଇ ଯାହା ବଦଳୁଛି । ଅଚର ପ୍ରକୃତି କହିଲେ ଯାହା ବଦଳୁ ନାହିଁ ଏବଂ ସର୍ବଦା ଯାହା ଯଥାବିଧ ରହିଛି । ଅଚର ପ୍ରକୃତି ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଏହିଭଳି ପାଞ୍ଚ ଭାଗରେ ରହିଥିବା ସ୍ଥଳେ ଶରୀରରେ ଥିବା ଚର ପ୍ରକୃତି ଜୀବ ବ୍ୟତୀତ ୨୪ ଭାଗରେ ରହିଛି । ପଞ୍ଚଭୂତ ଭାବରେ ଶରୀରର ଭାଗ ହୋଇ ରହିଥିବା ସାରା ପ୍ରକୃତି ଗୋଟିଏ ଭାଗ ହୋଇଥିବା ସ୍ଥଳେ, ଶରୀରର ଆଧାର ହୋଇଥିବା ଆତ୍ମା, ଜୀବାତ୍ମା ଏବଂ ପ୍ରକୃତିର ଆଧାର ହୋଇଥିବା ପରମାତ୍ମା ତିନି ଭାଗରେ ରହିଛନ୍ତି ବୋଲି କହିପାରିବା । ପଞ୍ଚଭୂତ

ହୋଇ ରହିଥିବା ସମଗ୍ର ପ୍ରକୃତି ଗୋଟିଏ ଭାଗ ହୋଇଥିବା ସ୍ଥଳେ, ତିନି ଭାଗରେ ଥିବା ଆତ୍ମାଗୁଡିକ ଏକୈକ ପରମାତ୍ମା ଅଂଶର ହୋଇ ରହିଛନ୍ତି । ଏହିଭଳି ପ୍ରକୃତି ପରମାତ୍ମା ଏହି ଚରାଚର ପ୍ରକୃତିରେ ଥିବାବେଳେ ମାନବର କର୍ମାଚରଣ ପାଇଁ ପ୍ରକୃତିର ମୁଖ୍ୟ ଭାଗଗୁଡିକ କ'ଣ କ'ଣ ବୋଲି ବିଚାର କଲେ, ବାହ୍ୟତଃ ଜଣାପଡୁଥିବା ପଞ୍ଚଭୂତ ଏବଂ ମନ, ବୁଦ୍ଧି, ଅହଂ ମିଶି ମୋଟ ଆଠଗୋଟି ବୋଲି ଜଣାପଡୁଛି । ତେଣୁ ଏହି ମୁଖ୍ୟ ଆଠଗୋଟି ପ୍ରକୃତିଭାଗ ଦ୍ୱାରା ସାରା ବିଶ୍ୱରେ ନାନା ପ୍ରକାରର କର୍ମାଚରଣ ହୋଇଥାଏ ବୋଲି ପରମାତ୍ମା ଜଣାଇଦେଇଛନ୍ତି ।

**(୬) ଶ୍ଳୋକ,୫ : ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।**
**ଜୀବଭୂତାଂ ମହାବାହୋ ! ଇୟେଦଂ ଧାର୍ଯ୍ୟତେ ଜଗତ୍ ॥**
**(ପ୍ରକୃତି,ପରମାତ୍ମା)**

**ଭାବାର୍ଥ :** ଯାହାଦ୍ୱାରା ଏହି ପ୍ରକୃତି ଧାରିତ ହୋଇଛି ଅର୍ଥାତ୍ ଏହି ପ୍ରକୃତିର ଆଧାର ହୋଇ ଯାହା ରହିଛି, ତାହା ଜୀବରୂପ ହୋଇ ପ୍ରକୃତିଠାରୁ ଅଲଗା ରହିଛି, ତାହା ଜାଣ୍, ତା ଅପେକ୍ଷା ପ୍ରକୃତି ଅତି ନଗଣ୍ୟା ।

**ବିବରଣୀ :** ଏହି ଶ୍ଳୋକରେ **ଅନ୍ୟାଂ ପ୍ରକୃତିଂ** ଅର୍ଥାତ୍ ପ୍ରକୃତି ଅଲଗା ବୋଲି ସ୍ପଷ୍ଟ ବୁଝି ହେଉଥିବା ବେଳେ, ଅନ୍ୟ ଏକ ପ୍ରକୃତି ଅଛି କହିବା ଠିକ୍ ନୁହେଁ । ଅନ୍ୟ ଗୀତାଗୁଡିକରେ ଏହି ଶ୍ଳୋକର ଭାବାର୍ଥ **"ଏହି ପ୍ରକୃତି ଅତି ନଗଣ୍ୟା, ଜୀବରୂପ ହୋଇ, ଶ୍ରେଷ୍ଠ ହୋଇ ରହିଥିବା ଏବଂ ସାରା ଜଗତକୁ ଧାରଣ କରୁଥିବା ପ୍ରକୃତି ଆଉ ଗୋଟିଏ ରହଛି, ତାହାକୁ ଜାଣ୍"** ବୋଲି ଲେଖିଛନ୍ତି, ଏହା କଦାପି ଉଚିତ୍ ଭାବାର୍ଥ ନୁହେଁ । ପ୍ରକୃତି ଅଲଗା ଏବଂ ପୁରୁଷ ଅଲଗା ରହିଛନ୍ତି ବୋଲି ସ୍ପଷ୍ଟ ଭାବରେ ଜାଣିଯିବା ପରେ ଜୀବରୂପ ହୋଇ, ଶ୍ରେଷ୍ଠହୋଇ, ଜଗଦ୍‌ବ୍ୟାପୀ ଭାବରେ, ପ୍ରକୃତିଠାରୁ ସ୍ୱତନ୍ତ୍ର ହୋଇଥିବା ପରମାତ୍ମାଙ୍କୁ ଆଉଏକ ପ୍ରକୃତି ଭାବେ ବର୍ଣ୍ଣନା କରିବା ଠିକ୍ ନୁହେଁ । ପ୍ରକୃତିଠାରୁ ଭିନ୍ନ, ସର୍ବ ଶରୀରର ଜୀବହୋଇ, ସମସ୍ତ ଶରୀରକୁ ଚୈତନ୍ୟ ଦେଉଥିବା ଆତ୍ମାସ୍ୱରୂପ ହୋଇ ଯାହା ଅଣୁ ଅଣୁରେ ବ୍ୟାପିରହିଛି, ଯାହା ଶ୍ରେଷ୍ଠ ତୁ ତାହାକୁ

ଜାଣ୍, ତା ଅପେକ୍ଷା ପ୍ରକୃତି ଅତି ନଗଣ୍ୟା ବୋଲି କହିଛନ୍ତି । ଏହି ଶ୍ଲୋକରେ ସମ୍ପୂର୍ଣ୍ଣ ଭାବ ରହିଛି, ତାହା ବର୍ଣ୍ଣନା ନକରି ପ୍ରକୃତି ନଗଣ୍ୟା ତା ଠାରୁ ଶ୍ରେଷ୍ଠ ଆଉଏକ ପ୍ରକୃତି ରହିଛି ବୋଲି ବର୍ଣ୍ଣନା କରିବା ବଡ ଭୁଲ୍ । ଏହା ହିଁ ନଗଣ୍ୟ ପ୍ରକୃତି ! ତା ଅପେକ୍ଷା ଶ୍ରେଷ୍ଠପୁରୁଷ ରହିଛନ୍ତି ! ତାଙ୍କୁ ଜାଣ୍ ବୋଲି କହିଛନ୍ତି । ଏହି ଭାବାର୍ଥର ଅନୁବନ୍ଧ ତଳଶ୍ଲୋକରେ ସେହି ପୁରୁଷ କିପରି ?, ତାଙ୍କର ପ୍ରଭାବ କ'ଣ ସେ ଜଣାଇଛନ୍ତି !! ଯଦି ଏହି ଶ୍ଲୋକରେ ଅନ୍ୟ ଏକ ଶ୍ରେଷ୍ଠ ପ୍ରକୃତି ବାବଦରେ କହିଥାନ୍ତେ ତେବେ ତଳ ଶ୍ଲୋକରେ ନିଜ ବାବଦରେ କହିନଥାନ୍ତେ । ତେଣୁ ଏହି ଶ୍ଲୋକର ଭାବକୁ ସମସ୍ତେ ଭୁଲ୍ ବୁଝିଛନ୍ତି ବୋଲି ନିଃସନ୍ଦେହ ଜଣାପଡୁଛି ।

**(୬) ଶ୍ଲୋକ,୬ : ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।**
**ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ! ॥**
**(ପ୍ରକୃତି,ପରମାତ୍ମା)**

**ଭାବାର୍ଥ :** ପ୍ରକୃତି ସମସ୍ତ ଜୀବରାଶିର ଜନ୍ମସ୍ଥାନ ଯୋନି ଭଳି । ମୁଁ ଜୀବରାଶିର ଜନ୍ମର କାରଣ ଏବଂ ସେମାନଙ୍କ ପ୍ରଳୟର କାରଣ ।

**ବିବରଣୀ :** ଜଣେ ମଣିଷ ଜନ୍ମହେବା ପାଇଁ ଭୌତିକତଃ ମାତା, ପିତା ଆବଶ୍ୟକ । ମାତା ନ ଥାଇ ପିତା କିମ୍ବା ପିତା ନ ଥାଇ ମାତାଠାରୁ କେହି ଜନ୍ମ ନେବା ଅସମ୍ଭବ । ସମସ୍ତେ ସମସ୍ତଙ୍କର ମାତାପିତାଙ୍କୁ ଜାଣିଥାନ୍ତି । ତୁମ ମାତାକିଏ, ତୁମ ପିତା କିଏ ପଚାରିଲେ ସେମାନେ କହିପାରିବେ । ଜଣେ ମଣିଷର ଜଣେମାତା, ଜଣେପିତା ଥିବା ଭଳି, ସମସ୍ତ ଜୀବରାଶିର ସମଷ୍ଟିଗତ ଭାବରେ ଜଣେ ମାତା ଏବଂ ଜଣେ ପିତା ରହିଛନ୍ତି । ସମସ୍ତଙ୍କର ମାତାପିତା କେଉଁ ଦୁଇଜଣ ବହୁଶା ଅନେକଙ୍କୁ ଜଣା ନାହିଁ । ସମସ୍ତ ଜୀବରାଶିଙ୍କ ଶରୀରକୁ ତିଆରି କରି ରୂପ ଦେଇଥାଏ ପ୍ରକୃତି । ମାତୃଗର୍ଭରେ ଏକ ଶିଶୁର ରୂପ ଘୂରି ବୁଲୁଥିବା ଭଳି, ପ୍ରକୃତିରେ ସମସ୍ତ ଜୀବରାଶିଙ୍କ ଶରୀର ସ୍ତ୍ରୀରୂପ ପ୍ରକୃତିଠାରୁ ନିଜ ନିଜର ଆକାର ପ୍ରାପ୍ତ ହୋଇଥାନ୍ତି । ମାତୃ ଗର୍ଭରେ ଶିଶୁ ଆକାର ପ୍ରାପ୍ତହେବା ପାଇଁ ଉପରେ ଥିବା ମାତାର ହସ୍ତକ୍ଷେପ ନରହିଲେ ମଧ୍ୟ ଭିତରେ ଥିବା ଚର

ପ୍ରକୃତିର କାର୍ଯ୍ୟ ଦ୍ୱାରା ଗର୍ଭରେ ଶିଶୁର ଆକାର ବଢିଥାଏ । ଏହି ଅନୁସାରେ ବାହାରକୁ ଦେଖାଯାଉଥିବା ମାଆ ପଛରେ ଦେଖାଯାଉ ନଥିବା ପ୍ରକୃତି ସର୍ବ ଜୀବରାଶିର ମାତା ହୋଇ ରହିଛି ବୋଲି କହିପାରିବା । ସେହିଭଳି ଶିଶୁ ଜନ୍ମ ହେବାର ମୁଖ୍ୟ କାରଣ ହୋଇଥାଏ ପିତା । ଭିତରେ ଚୈତନ୍ୟ ଭାବରେ ରହି, ଶିଶୁ ଶରୀରର ବୀଜଦାତା ହୋଇ, ଦେଖାନଯାଇ ରହିଥିବା ଭିତରର ପିତା ହେଉଛନ୍ତି ପରମାତ୍ମା । ତେଣୁ ସର୍ବ ଜୀବରାଶିର ପିତା ହେଉଛନ୍ତି ପରମାତ୍ମା । ସମସ୍ତ ଜୀବରାଶି ଜନ୍ମ ହୋଇ ମୃତ୍ୟୁବରଣ କରିବା, ପୁଣି ଜନ୍ମହେବା ଏହିଭଳି ଜନ୍ମ ମରଣ ଚକ୍ର ଘୂରିବା ପାଇଁ, ଏହି ପ୍ରପଞ୍ଚ (ପଞ୍ଚଭୂତ) ଯଥାବିଧ ରହିବା ପାଇଁ ମୁଖ୍ୟ କାରଣ ହେଉଛନ୍ତି ପ୍ରକୃତି ଆଉ ପରମାତ୍ମା । ଏଭଳି ଦିନେ ଜନ୍ମ ହୋଇ ବଢୁଥିବା ପ୍ରପଞ୍ଚ ଦିନେନାଦିନେ ବିନାଶ ହେବାକୁ ପ୍ରଳୟ କୁହାଯାଏ । **'ପ୍ର'** କହିଲେ ଜନ୍ମ ହେବା, **'ଲୟ'** ହେଉଛି ବିନାଶହେବା । ତେଣୁ **'ପ୍ରଳୟ'** କହିଲେ ଯାହା ଜନ୍ମିଛି ତାହା ବିନାଶ ହେବା । ଏହି ପ୍ରଳୟର କାରଣ ମଧ୍ୟ ପରମାତ୍ମା । କାହିଁ କେଉଁଦିନ ପ୍ରଳୟ ହେବାକୁ ଥିବା ଏହି ପ୍ରପଞ୍ଚର ବିନାଶ ପାଇଁ ପରମାତ୍ମା ପ୍ରକୃତିକୁ ପ୍ରେରଣ କରି, ତା ଦ୍ୱାରା ସମସ୍ତ ଜୀବଙ୍କୁ ନିଖୋଜ କରି ଶେଷରେ ପ୍ରକୃତିକୁ ମଧ୍ୟ ବିନାଶ କରିଥାନ୍ତି । ସେଥିଲାଗି ପ୍ରଭବ ଆଉ ପ୍ରଳୟର କାରଣ ମୁଁ ବୋଲି ଶ୍ଳୋକରେ ପରମାତ୍ମା କହିଛନ୍ତି । ଆହୁରି ମଧ୍ୟ ତଳ ଶ୍ଳୋକରେ ସେ କିପରି ରହିଥାନ୍ତି ତାହା କହିଛନ୍ତି ।

**(୬) ଶ୍ଳୋକ,୭ : ମତ୍ତଃ ପରତରଂ ନାନ୍ୟତ୍ କିଂଚିଦସ୍ତି ଧନଞ୍ଜୟ ! ।**
**ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥**

**(ପରମାତ୍ମା)**

**ଭାବାର୍ଥ :** ଜଗତରେ ମୋଠାରୁ ଘନତା ବିଶିଷ୍ଟ ସତ୍ୟ ଆଉ କିଛି ନାହିଁ । ସୂତାରେ ମଣି ଧାରିତ ହେବା ଭଳି ସର୍ବ ପ୍ରପଞ୍ଚକୁ ମୁଁ ଧାରଣ କରିଛି ।

**ବିବରଣୀ :** ପରମାତ୍ମା ପ୍ରକୃତିକୁ ସୃଷ୍ଟିକରି ତା ଦ୍ୱାରା ଜୀବରାଶିଙ୍କୁ ତିଆରି କରି ଏତେବଡ ପ୍ରପଞ୍ଚର ଅଧିକାରୀ ହୋଇ ଅଛନ୍ତି । ପରମାତ୍ମାଙ୍କ ସମାନ ଆଉକିଛି ନାହିଁ, ତାଙ୍କଠାରୁ ବଳି ଆଉ କ'ଣ ବା କେଉଁଠାରୁ ଆସିବ ।

ତାଙ୍କଠାରୁ ଉନ୍ନତ ଆଉକିଛି ଭୂତକାଳରେ ନଥିଲା କି ଭବିଷ୍ୟତ କାଳରେ ରହିବ ନାହିଁ, ଏହା ସତ୍ୟ । ସର୍ବ ଜୀବରାଶିର ହୃଦି ମଧ୍ୟରେ ଚୈତନ୍ୟ ହୋଇ ଆତ୍ମା ଭାବରେ ରହି, ସମସ୍ତ ଜୀବାତ୍ମାର ଆତ୍ମାଗୁଡିକୁ ନିଜ ସହିତ ସମ୍ବନ୍ଧୀତ କରି, ସମସ୍ତ ଜୀବରାଶିର ସୂତ୍ରଧାରୀ ହୋଇ ପରମାତ୍ମା ରହିଛନ୍ତି । ଚରପ୍ରକୃତି ହୋଇଥିବା ସମସ୍ତ ଜୀବରାଶିରେ ବ୍ୟାପି, ସେମାନଙ୍କ ଭିତରେ ରହିଥିଲେ ମଧ ଦେଖା ନଯାଇ ରହିଥିବା ଫୁଲମାଳର ସୂତା ଭଳି ସେ ରହିଛନ୍ତି । ଫୁଲମାଳରେ ଫୁଲଗୁଡିକର ଆଧାର ସୂତା ହେବା ଭଳି ପରମାତ୍ମା ଜୀବରାଶିର ଆଧାର ଆତ୍ମାରୂପ ହୋଇ ଅଦୃଶ୍ୟ ଭାବେ ଅଛନ୍ତି ।

ଏହିଭଳି ଚର ପ୍ରକୃତି ବ୍ୟତୀତ, ଅଚର ପ୍ରକୃତିର ଆଧାର ହୋଇ ମଧ ପରମାତ୍ମା ରହିଛନ୍ତି । ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି, ଏଗୁଡିକର ଗୁରୁତ୍ୱାକର୍ଷଣ ଶକ୍ତି ଭାବରେ ରହିଛନ୍ତି । ପରମ ପୁରୁଷ ପରମାତ୍ମା ଗଗନର ଅଣୁ ପରମାଣୁରେ ବ୍ୟାପିରହିଛନ୍ତି । ସୂର୍ଯ୍ୟଚନ୍ଦ୍ରାଦି ଗ୍ରହ, ନକ୍ଷତ୍ର, ଧୂମକେତୁ, ବ୍ଲାକ୍ ହୋଲ୍ ଇତ୍ୟାଦିର ଅଧିପତି ହୋଇ, ଶରୀରରେ ଆତ୍ମା ହୋଇ ଜୀବରାଶିଙ୍କୁ ପରିଚାଳିତ କରୁଥିବା ଭଳି ଗଗନରେ ଚୁମ୍ବକୀୟ ଶକ୍ତି ହୋଇ ସମସ୍ତ ଗୋଳ-ଗୁଡିକୁ ପରିଚାଳିତ କରିଥାନ୍ତି । ଏହିଭଳି ଚରାଚର ପ୍ରକୃତିର, ସାରା ବିଶ୍ୱର ଅଧିପତି ହୋଇ ପରମାତ୍ମା ରହିଛନ୍ତି । ଖାଲି ଏତିକି କାହିଁକି ପରମାତ୍ମା ଆଉ କିପରି ରହିଥାନ୍ତି ତାହା ତଳ ଶ୍ଳୋକରେ ଜାଣିବା ।

**(୬) ଶ୍ଳୋକ,୮ : ରସୋଽହମପ୍ସୁ କୌନ୍ତେୟ ! ପ୍ରଭାଽସ୍ମି ଶଶିସୂର୍ଯ୍ୟୟୋଃ ।**
**ପ୍ରଣବଃ ସର୍ବ ବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥**
**(ପରମାତ୍ମା)**

**ଭାବାର୍ଥ :** ଜଳରେ ଥିବା ରସ, ସୂର୍ଯ୍ୟ, ଚନ୍ଦ୍ରାଦିର ପ୍ରଭା, ବେଦରେ ଓଁକାର, ଆକାଶରେ ଥିବା ଧ୍ୱନୀ, ସେହିଭଳି ପୁରୁଷର ପୌରୁଷ ମଧ ମୁଁ ।

**ବିବରଣୀ :** ଗୋଟିଏ ବିଦ୍ୟୁତ୍‌ଶକ୍ତି ଫ୍ୟାନ୍ ସହ ସଂଯୁକ୍ତ ହେଲେ ପବନ ବାହାରେ, ଟେପ୍ ରେକର୍ଡରେ ସଂଯୋଗ ହେଲେ ଗୀତ ଶୁଣାଯାଏ, ଟିଭି ସହିତ ସଂଯୋଜିତ ହେଲେ ଦୃଶ୍ୟ ଦେଖାଯାଏ । ବିଦ୍ୟୁତ୍ ବଲବ୍‌ର ନାଇକ୍ରୋମ୍ ତାର

ସହିତ ସଂଯୋଜିତ ହେଲେ ଆଲୋକ ମିଳେ । ଯେଉଁଭଳି ବିଦ୍ୟୁତ୍ ଶକ୍ତି ବଦଳେ ସେହିଭଳି ପରମାତ୍ମାଶକ୍ତି ଜଳ ସହିତ ମିଶି ଜଳର ସ୍ୱାଦ ଭାବରେ, ସୂର୍ଯ୍ୟଚନ୍ଦ୍ରାଦି ସହିତ ମିଶି ଆଲୋକ ଭାବରେ, ଉତ୍ତାପ ଭାବରେ, ଶରୀରର ଗୁଣରାଜି ସହିତ ମିଶି ଶ୍ୱାସ ଭାବରେ, ଆକାଶରେ ମିଶି ଶବ୍ଦ ଭାବରେ, ପୁରୁଷ ସହିତ ରହି ତାର ପୌରୁଷ ଭାବରେ ବଦଳିଥାଏ । ପ୍ରପଞ୍ଚର ସବୁକିଛିରେ ମୁଖ୍ୟ ପାତ୍ର ବହନ କରିଥାଏ ଏହି ପରମାତ୍ମାଶକ୍ତି ।

**(୬) ଶ୍ଲୋକ,୯ : ପୁଣ୍ୟୋଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।**
**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱୀଷୁ ।।**

**(ପରମାତ୍ମା)**

**ଭାବାର୍ଥ :** ଭୂମିରେ ଥିବା ସୁବାସନା, ଅଗ୍ନିରେ ଥିବା ତେଜ, ଜୀବରାଶିର ଜୀବନ ଆଉ ତପସ୍ୱୀମାନଙ୍କର ତପ ହୋଇ ମୁଁ ରହିଛି ।

**ବିବରଣୀ :** ପରମାତ୍ମା ଅଗ୍ନିରେ, ଭୂମିରେ ଅଣୁ ଅଣୁରେ ବ୍ୟାପୀ ମାଟିକଣାକୁ ବାସନା ଦେଉଛନ୍ତି, ଅଗ୍ନିକଣାକୁ ତେଜ ଦେଉଛନ୍ତି । ଅଚର ପ୍ରକୃତିର ଅଗ୍ନି, ଭୂମିର ଯେଉଁ ବିଶେଷତା ରହିଛି ତା'ର କାରଣଭୂତ ହୋଇ ଯେମିତି ପରମାତ୍ମା ରହିଛନ୍ତି, ସେମିତି ଚର ପ୍ରକୃତିର ଜୀବରାଶି ପଛରେ ମଧ୍ୟ ଦେଖାଯାଉ ନଥିବା କର୍ମରୂପ ହୋଇ ସେମାନଙ୍କ ଜୀବନ ନିର୍ବାହ କରାଉଛନ୍ତି । ତାଛଡା ଏକ ଲକ୍ଷ୍ୟ ଭାବରେ ଥିବା ତପସ୍ୱୀ ମାନଙ୍କର ତପଭାବରେ ମଧ୍ୟ ସେ ଅଛନ୍ତି, ସେ ଆଉ କିପରି ଅଛନ୍ତି ଦେଖନ୍ତୁ ।

**(୬) ଶ୍ଲୋକ,୧୦ : ବୀଜଂ ମାଂ ସର୍ବ ଭୂତାନାଂ ବିଦ୍ଧି ପାର୍ଥ ! ସନାତନମ୍ ।**
**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜଃ ତେଜସ୍ୱୀନାମହମ୍ ।।**

**(ପରମାତ୍ମା)**

**ଭାବାର୍ଥ :** ସମସ୍ତ ଜୀବରାଶିର ଶାଶ୍ୱତ ବୀଜ ମୁଁ ବୋଲି ଜାଣ୍ । ବୁଦ୍ଧିମନ୍ତ ମାନଙ୍କର ବୁଦ୍ଧି ଏବଂ ତେଜସ୍ୱୀମାନଙ୍କର ତେଜ ହୋଇ ମୁଁ ରହିଛି ।

**ବିବରଣୀ :** ବୀଜ କହିଲେ ଜନ୍ମର କାରଣ । 'ଜଂ' କହିଲେ ଜନ୍ମ 'ବୀ'

କହିଲେ କାରଣ ବୋଲି କହିପାରିବା । ବୀଜ କହିଲେ ଗଛର ମଞ୍ଜି ନଭାବି, ଜୀବରାଶିର ଜନ୍ମର କାରଣ ବୋଲି ବୁଝନ୍ତୁ । ଗଛର ବୀଜ ମଞ୍ଜି ହୋଇଥିବା ବେଳେ, ପକ୍ଷୀର ବୀଜ ଡିମ୍ବ । ସେହିଭଳି ମଣିଷର ବୀଜ ଭାବରେ ବୀର୍ଯ୍ୟକଣା ରହିଛି । ମଞ୍ଜି ହେଉ, ଡିମ୍ବ ହେଉ, ବୀର୍ଯ୍ୟକଣା ହେଉ ସବୁ ବୀଜ ହୋଇଥାଏ । ବୀଜ ତିନି ରୂପରେ ରହିଛି । ତିନି ରୂପର ବୀଜ ଦ୍ୱାରା ଭୂପୃଷ୍ଠରେ ତିନି ପ୍ରକାରର ଜନ୍ମ ରହିଥାଏ । ଡିମ୍ବ ବା ଅଣ୍ଡାରୁ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କୁ ଅଣ୍ଡଜ, ବୀର୍ଯ୍ୟରୁ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କୁ ପିଣ୍ଡଜ, ମଞ୍ଜିରୁ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କୁ ଉଭିଜ କହୁ । ଏହି ତିନିବିଧ ଜନ୍ମର କାରଣବୀଜ ତିନି ପ୍ରକାରର ହେଲେହେଁ ସେଗୁଡ଼ିକରେ ଥିବା ବୀଜଶକ୍ତି ଗୋଟିଏ । ମଞ୍ଜି, ବୀର୍ଯ୍ୟ, ଡିମ୍ବ ସ୍ଥୁଳଭାବରେ ଦେଖାଯାଉଥିଲେ ମଧ୍ୟ ସେଗୁଡ଼ିକରେ ଅଦୃଶ୍ୟ ଶକ୍ତି ଆଉ ଗୋଟିଏ ରହିଛି । ମଞ୍ଜିର ବୀଜ ଅଲଗା, ମଞ୍ଜି ଅଲଗା । ତେଣୁ ବୀଜଶକ୍ତି ନଥିବା ମଞ୍ଜି ମାଟିରେ ଲଗାଇଲେ ମଧ୍ୟ ସେଥିରୁ ଗଛ ହୋଇ ନଥାଏ । ସେହିଭଳି ବୀଜଶକ୍ତି ନଥିବା ବୀର୍ଯ୍ୟ ଥାଇପାରେ ଯେଉଁଥିରୁ ଗର୍ଭସଞ୍ଚାର ହୋଇ ନଥାଏ, ବୀଜଶକ୍ତି ନଥିବା ଡିମ୍ବରୁ ଛୁଆ ହୋଇ ନଥାନ୍ତି । ମଞ୍ଜି, ଡିମ୍ବ, ବୀର୍ଯ୍ୟକଣାର ବୀଜଶକ୍ତି ସେହି ଗୋଟିଏ ଶକ୍ତି । ତାହାହିଁ ପରମାତ୍ମାଶକ୍ତି । ସର୍ବତ୍ର ଅଣୁଅଣୁରେ ବ୍ୟାପି ରହିଥିବା ପରମାତ୍ମା ଡିମ୍ବରେ, ବୀର୍ଯ୍ୟରେ, ମଞ୍ଜିରେ ବୀଜଶକ୍ତି ହୋଇ ରହିଛନ୍ତି । ତେଣୁ "ବୀଜଂ ମାଂ ସର୍ବ ଭୂତାନାମ୍" ବୋଲି ଶ୍ଳୋକରେ କହିଛନ୍ତି ।

ମଞ୍ଜିର ବୀଜଶକ୍ତି ଦେଖାଯାଉ ନଥିଲେ ମଧ୍ୟ ଗଛଟିଏ ହେବାର କାରଣ ମଞ୍ଜି ବୋଲି ସମସ୍ତେ ଜାଣନ୍ତି । ଦେଖାଯାଉଥିବା ପଦାର୍ଥ ଜନ୍ମହେବା ପାଇଁ ଅଦୃଶ୍ୟ ଶକ୍ତିହିଁ କାରଣ ହୋଇ ରହିଛି । ପଦାର୍ଥ ସଜୀବ ହୋଇପାରେ, ନିର୍ଜୀବ ହୋଇପାରେ । ସବୁର କାରଣ ସେହି ପରମାତ୍ମା ଶକ୍ତି । ଏଠାରେ ସର୍ବ ଭୂତାନାମ୍ ଅର୍ଥାତ୍ କେବଳ ଜୀବଥିବା ଜୀବରାଶିଙ୍କ ବାବଦରେ କୁହାଯାଇଛି ବୋଲି ମନେରଖନ୍ତୁ । କୌଣସି ଇନ୍ଦ୍ରିୟକୁ ଜଣାଯାଉ ନଥିବା ପରମାତ୍ମାଶକ୍ତି ଜୀବଶରୀରରେ ନାନା ପ୍ରକାରର ଶକ୍ତିଭାବରେ ବଦଳି ରହିଛନ୍ତି । ମନରେ ମିଶି ମନକୁ ସ୍ମୃତିଶକ୍ତି, ବୁଦ୍ଧିରେ ମିଶି ବୁଦ୍ଧିକୁ ବିଚାରଶକ୍ତି ଦେଉଛନ୍ତି । କୌଣସି

ଚତୁରଲୋକର ଚତୁରତା ମଧ୍ୟ ପରମାତ୍ମାଶକ୍ତି । ଏହିଭଳି ମଣିଷଠାରେ ହେଉ, ଜନ୍ତୁଠାରେ କିମ୍ବା କୌଣସି ଇତର ଜୀବଠାରେ ହେଉ ଯଦି କିଛି ପ୍ରାବୀଣ୍ୟତା, ବିଶେଷତା ରହିଥାଏ ତାହା ଆଉକିଛି ନୁହେଁ ସେହି ପରମାତ୍ମା ଶକ୍ତି ବୋଲି ଜାଣିବା ଉଚିତ୍ । କୌଣସି ବିଦ୍ୟାରେ ହେଉ, କୌଣସି ଖେଳରେ ହେଉ, କୌଣସି ସ୍ୱପ୍ନରେ ହେଉ, କୌଣସି କାର୍ଯ୍ୟରେ ହେଉ ସବୁକିଛିର ବିଶେଷତ୍ୱ ସେହି ଦୈବଶକ୍ତି ବୋଲି ଜାଣିବା ଉଚିତ୍ ।

ଏଠାରେ ଏକ ସୂଚନା ହେଉଛି ! ପରମାତ୍ମା ସ୍ତ୍ରୀ ନୁହଁନ୍ତି କି ପୁରୁଷ ନୁହଁନ୍ତି । ସେ କ'ଣ ବୋଲି କେହି କହିପାରିବେ ନାହିଁ । କାରଣ ! ତାଙ୍କର ରୂପ ନାହିଁ କି ନାମ ନାହିଁ । ପରମାତ୍ମା ବୋଲି କୁହାଯାଉଥିବା ନାମ ମଧ୍ୟ ଏକ ନାମ ନୁହେଁ । ଆତ୍ମାଠାରୁ ଅଲଗା, ଉତ୍କୃଷ୍ଟ, ସ୍ୱତନ୍ତ୍ର, ଶ୍ରେଷ୍ଠ ହୋଇଥିବାରୁ ତାଙ୍କୁ ପରମାତ୍ମା ଉପାଧି ଜ୍ଞାନୀମାନେ ଦେଇଛନ୍ତି, ତାଙ୍କୁ କେତେକ ଉପାଧିରେ ଡାକିପାରିବା ସିନା ତାଙ୍କର ନାମ ନାହିଁ । ଯେହେତୁ ସେ ସବୁକିଛିର ମୂଳ ତାଙ୍କୁ ସମ୍ମାନ ସୂଚକ ଭାଷାରେ କହିପାରିବା କିନ୍ତୁ ସନ୍ଦର୍ଭାନୁସାରେ ସେ, ତାକୁ, ତାଙ୍କୁ, ତାର, ତାଙ୍କର ବୋଲି ନାନାବିଧ କହିପାରିବା । ତାଛଡା ତାଙ୍କୁ ସ୍ତ୍ରୀ, ପୁରୁଷ ଉଭୟ ଲିଙ୍ଗ କ୍ଷେତ୍ରରେ ମଧ୍ୟ କହିପାରିବା । ସବୁରେ ଥାଇ ମଧ୍ୟ ସବୁର ଅତୀତ ଭାବରେ ରହିଥାନ୍ତି । ଏଭଳି କେବଳ ପରମାତ୍ମାଙ୍କ କ୍ଷେତ୍ରରେ ହୋଇଥାଏ ସିନା ଆଉ କେଉଁ ଠାରେ ହୁଏ ନାହିଁ ।

**(୬) ଶ୍ଲୋକ,୧୧ : ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍ ।**
**ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ! ॥**
**(ପରମାତ୍ମା)**

**ଭାବାର୍ଥ :** କାମରାଗ ବିବର୍ଜିତ ବଳବାନର ବଳ ଏବଂ ଧର୍ମ ବିରୋଧି ମାନଙ୍କର ଆଶା ମଧ୍ୟ ମୁଁ ।

**ବିବରଣୀ :** ଆମେ ଲେଖିଥିବା ଭାବାର୍ଥକୁ ତ ଦେଖିଲେ ! ଗୁଣଗୁଡିକୁ ଜୟ କରିବା ଏକ ଯୁଦ୍ଧଭଳି, ଏହା ଆଗରୁ ମଧ୍ୟ କହିଥିଲୁ । ଯୁଦ୍ଧ କରିବା ପାଇଁ ବଳ ଅବଶ୍ୟକ । ଏଠାରେ ମଧ୍ୟ ଭଗବାନ ସେହି ବିଷୟର ପ୍ରସ୍ତାବ ଆଣିଛନ୍ତି । କାମ,

କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ନାମକ ଛଅଗୋଟି ଗୁଣର ବିରୋଧି ଗୁଣ ହେଉଛନ୍ତି ଦାନ, ଦୟା, ଔଦାର୍ଯ୍ୟ, ବୈରାଗ୍ୟ, ବିନୟ, ପ୍ରେମ । ଏହି ବାରଗୋଟି ଗୁଣ ଭିତରୁ ପ୍ରଥମ ଗୁଣ ହୋଇଥିବା ଆଶା (କାମ)ଠାରୁ ଆରମ୍ଭ କରି ଶେଷରେ ଥିବା ପ୍ରେମ ଗୁଣଯାଏଁ ସମସ୍ତ ଗୁଣଗୁଡ଼ିକୁ ଜୟ କରିବାକୁ ବା ନିରୋଧ କରିବାକୁ ହେଲେ ଜୀବର ଶ୍ରଦ୍ଧା ବଳ ନିହାତି ଆବଶ୍ୟକ । ଏଠାରେ ଶରୀରବଳ ଆବଶ୍ୟକ ନଥାଏ । ଶରୀର ବଳ ଥିବା ଲୋକମାନେ ଗୁଣଗୁଡ଼ିକୁ ଜୟ କରିପାରନ୍ତି ନାହିଁ । ଶ୍ରଦ୍ଧାବଳ ଯାହାର ଯେତେ ଅଧିକ ସେ ସେତେ ଶୀଘ୍ର ଗୁଣଗୁଡ଼ିକୁ ଜୟ କରିପାରେ ବୋଲି ଜାଣିବା ଆବଶ୍ୟକ । ଗୁଣଗୁଡ଼ିକୁ ଜିତି ପାରୁଥିବା ବା ଶ୍ରଦ୍ଧାବଳ ଥିବା ଲୋକମାନଙ୍କର ବଳ ମଧ୍ୟ ପରମାତ୍ମା, ସେ ସର୍ବତ୍ର ବ୍ୟାପିରହିଛନ୍ତି, ତେଣୁ ଶରୀର ଭାଗରେ ଯେଉଁଠି ଯାହା ରହିଛି ସେଠାରେ ଯେଉଁ ପ୍ରଭାବ ସୃଷ୍ଟିହୁଏ ତାହା ମଧ୍ୟ ତାଙ୍କରି ଲାଗି ସୃଷ୍ଟିହୁଏ । ଭଲରେ, ମନ୍ଦରେ ସଦାସର୍ବତ୍ର ପରମାତ୍ମା ବ୍ୟାପିରହିଛନ୍ତି, ସେ ଖାଲି ଭଲରେ ଅଛନ୍ତି ମନ୍ଦରେ ନାହାନ୍ତି ଭାବିବା ଅନୁଚିତ୍ । ଏହି ବିଷୟକୁ ଏକ ଉଦାହରଣ ଭାବରେ ଉପର ଶ୍ଳୋକରେ **"ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି"** ବୋଲି କହିଛନ୍ତି, ଅର୍ଥାତ୍ ଧର୍ମର ବିରୋଧ ହୋଇଥିବା ଜୀବରାଶିର ଆଶା ମଧ୍ୟ ମୁଁ ବୋଲି କହିଛନ୍ତି । ଅନ୍ୟ ଗୀତାଗୁଡ଼ିକରେ ଧର୍ମ ବିରୁଦ୍ଧ ହୋଇନଥିବା କାମ ମଧ୍ୟ ମୁଁ ବୋଲି ବର୍ଣ୍ଣନା କରିଛନ୍ତି । ଏଭଳି ବର୍ଣ୍ଣନା କରିବା ଅତି ମୂର୍ଖତା କି ନୁହେଁ ତାହା ଶୋଚନୀୟ ବିଷୟ ।

**(୬) ଶ୍ଳୋକ,୧୨ : ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।**
**ମତ୍ତ ଏବେତି ତାନ୍ୱିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥**

(ପରମାତ୍ମା)

**ଭାବାର୍ଥ :** ସାତ୍ତ୍ୱିକ, ରାଜସ, ତାମସ ଭାବଗୁଡ଼ିକ ମୋ ଦ୍ୱାରା ସୃଷ୍ଟି ହୋଇଛି ବୋଲି ଜାଣ୍, ସେଥିରେ ମୁଁ ନଥାଏ, ସେଗୁଡ଼ିକ ମୋଠାରେ ରହିଛନ୍ତି ।

**ବିବରଣୀ :** ଗୁଣଗୁଡ଼ିକ ପ୍ରକୃତିର, ଅର୍ଥାତ୍ ଗୁଣଗୁଡ଼ିକ ପ୍ରକୃତିରୁ ଜନ୍ମ ହୋଇଛନ୍ତି ହେଲେ ପ୍ରକୃତିକୁ ପ୍ରଥମେ ଜନ୍ମ ଦେଇଛନ୍ତି ପରମାତ୍ମା, ତେଣୁ ସବୁର

ମୂଳ ଜାଣି ସବୁକିଛିର ଜନ୍ମଦାତା ପରମାତ୍ମା ବୋଲି କହିବା ଉଚିତ୍, ସେହି ହିସାବ ଅନୁସାରେ ତ୍ରିଲୋକ ମଧ୍ୟ ମୋଠାରୁ ଜନ୍ମ ହୋଇଛି ବୋଲି କହିଛନ୍ତି । ଗୁଣଗୁଡିକର ଆଧାର ଭାବରେ ପରମାତ୍ମା ରହିଛନ୍ତି ସିନା, ସେ ଗୁଣଗୁଡିକ ଉପରେ ଆଧାରିତ ନୁହନ୍ତି, ସେଥିଲାଗି ସେଗୁଡିକ ମୋଠାରେ ଅଛନ୍ତି, ହେଲେ ମୁଁ ସେଗୁଡିକରେ ନାହିଁ ବୋଲି କହିଛନ୍ତି । ସାତ୍ତ୍ୱିକ, ରାଜସ, ତାମସ କୁହାଯାଉଥିବା ତିନିଗୁଣ ପ୍ରକୃତିର ଭାଗ ହେଲେହେଁ ସେଗୁଡିକର ଆଧାର ପରମାତ୍ମା ବୋଲି ଜାଣିବା ଉଚିତ୍ ।

**(୬) ଶ୍ଲୋକ,୧୩ : ତ୍ରିଭିର୍ଗୁଣମୟୈର୍ଭାବୈ ରେଭିଃ ସର୍ବମିଦଂ ଜଗତ୍ ।**
**ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥**
**(ପରମାତ୍ମା)**

**ଭାବାର୍ଥ :** ସାରା ଜଗତ ସାତ୍ତ୍ୱିକ, ରାଜସ, ତାମସ ଗୁଣଗୁଡିକର ପ୍ରଭାବରେ ମୋହିତ ହୋଇ ମୁଁ ଅବ୍ୟୟ ମୋକ୍ଷ ବୋଲି ଜାଣିପାରେ ନାହିଁ ।

**ବିବରଣୀ :** ଏହି ଜଗତର ଅନ୍ୟ ଜୀବରାଶି ତଥା ମାନବ ସାତ୍ତ୍ୱିକ, ରାଜସ, ତାମସ ନାମକ ତିନି ଗୁଣର ପ୍ରଭାବରେ ପ୍ରଭାବିତ ହୋଇଥାନ୍ତି । ଏହି ପ୍ରପଞ୍ଚକୁ ଚିହ୍ନି ସେଥିରେ ବଞ୍ଚିଥାନ୍ତି । ଗୁଣଗୁଡିକ ପ୍ରକୃତିଜ ହୋଇଥିବାରୁ ସେ ପ୍ରକୃତି ସମ୍ବନ୍ଧୀୟ ବିଷୟଗୁଡିକରେ ମାନବକୁ ରଖିଥାଏ । ଗୁଣ ପ୍ରଭାବ ଦ୍ୱାରା ପ୍ରକୃତିଠାରୁ ଭିନ୍ନ ହୋଇଥିବା ସାକାର ଭଗବାନଙ୍କୁ ହେଉ, ନିରାକାର ପରମାତ୍ମାଙ୍କୁ ହେଉ ଚିହ୍ନିପାରି ନଥାଏ । କାନ୍ଥର ଅପର ପାର୍ଶ୍ୱରେ ଠିଆ ହୋଇଥିବା ଲୋକ କାନ୍ଥର ଏପାର୍ଶ୍ୱରେ କ'ଣ ଅଛି ଜାଣି ନପାରିବା ଭଳି, ଗୁଣଗୁଡିକର ପଛରେ ଥିବା ଜୀବ ପରମାତ୍ମାଙ୍କୁ ଦେଖିପାରେ ନାହିଁ ।

**(୬) ଶ୍ଲୋକ,୧୪ : ଦୈବି ହ୍ୟେସା ଗୁଣମୟୀ ମମମାୟା ଦୂରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥**
**(ପରମାତ୍ମା)**

**ଭାବାର୍ଥ :** ଦୈବନିର୍ମିତ ଗୁଣଯୁକ୍ତ ମୋର ମାୟା ଅତି ଦୁଃସାଧ୍ୟ । ଯିଏ ମୋଠାରେ ଶରଣ ନିଏ ସେ ମାୟାକୁ ଜିତିପାରେ ।

**ବିବରଣୀ :** ଆଦିସ୍ରଷ୍ଟା ପରମାତ୍ମା ସର୍ବ ଜଗତର ଅଧିପତି ହୋଇ, ସବୁକିଛିକୁ ନିଜେ ସୃଷ୍ଟି କରାଇ, ସେସବୁ ପରିଚାଳିତ ହେବାପାଇଁ ଯଥାବିଧ ପଦ୍ଧତିର ବନ୍ଦୋବସ୍ତ କରିଛନ୍ତି, ସେ ସୃଷ୍ଟି କରିଥିବା ପଦ୍ଧତିରେ ସମସ୍ତେ ବାନ୍ଧିହୋଇ ରହିବା ଭଳି କରିଛନ୍ତି । ନିଜେ ସୃଷ୍ଟିର ସ୍ରଷ୍ଟା ଆଉ ଅଧିପତି ହୋଇ ମଧ୍ୟ ସେ ସେଥିରେ କୌଣସି ହସ୍ତକ୍ଷେପ ନକରି, ତା ସହିତ କୌଣସି ସଂପର୍କ ନରଖି, ସୃଷ୍ଟି କରିଥିବା ପଦ୍ଧତି ଅନୁସାରେ ଚାଲିବା ଭଳି ନିର୍ମାଣ କରିଛନ୍ତି, ସେ ନିର୍ମାଣ କରି ରଖିଥିବା ପଦ୍ଧତିର ଅଧିନ ହୋଇ ସବୁକିଛି ରହିଛି । ସେହି ହିସାବରେ ଏହି ସୃଷ୍ଟି ବଜାୟ ରହିଛି । ଏଥିରୁ ଜଣାଯାଉଛି ଯେ ସ୍ୱୟଂ ପରମାତ୍ମା ଏହି ସୃଷ୍ଟିକୁ ପରିଚାଳିତ କରୁନାହାନ୍ତି, ତାହା ସେ ସୃଷ୍ଟି କରିଥିବା ସ୍ୱତନ୍ତ୍ର ବିଧି ଅନୁସାରେ ପରିଚାଳିତ ହେଉଛି, ସେହି ବିଧିର ନାମ ମାୟା । ମାୟାର ଆଉ କେତେଗୋଟି ନାମ ମଧ୍ୟ ଅଛି । ଯୀଶୁପ୍ରଭୁ ତାର ନାଆଁ ସାତାନ୍ ବୋଲି କହିଥିବା ବେଳେ, ଇସ୍ଲାମ୍ ପ୍ରବକ୍ତା ତାକୁ ସୈତାନ୍ କହିଛନ୍ତି । ଯେହେତୁ ପରମାତ୍ମା ଏହି ମାୟାକୁ ତିଆରି କରିଛନ୍ତି ତେଣୁ **'ଦୈବିହ୍ୟେସା ଗୁଣମୟି ମମମାୟା'** କହିଛନ୍ତି ।

ମାୟା ପରମାତ୍ମାଙ୍କ ଦ୍ୱାରା ନିର୍ମିତହୋଇ ପରମାତ୍ମାଙ୍କର ପ୍ରଥମ ଆଦେଶ ଅନୁସାରେ ନିଜ କାର୍ଯ୍ୟ କରିଚାଲିଛି । ଏହି ବିଶ୍ୱରେ ମାୟାର ଅଧିନ ହୋଇ ନଥିବା ଜିନିଷ କିଛି ନାହିଁ । ଯାହାସବୁ ଜନ୍ମ ହୋଇଛି ତାହାସବୁ ମାୟାର ଅଧିନ । ମାୟାର ଅଧିନରେ ଯଦି କିଛି ନାହିଁ ତାହା ହେଉଛି ମାୟାକୁ ସୃଷ୍ଟି କରିଥିବା ପରମାତ୍ମା । ମାୟା ପଦ୍ଧତିରେ ମାୟା ଅଧିନରେ ଥିବା ସମସ୍ତଙ୍କୁ ପରିଚାଳିତ କରିବା ହେଉଛି ମାୟାର କାର୍ଯ୍ୟ । ମାୟାର ବ୍ୟତିରେକ ଭାବରେ ଯେଉଁମାନେ ବଞ୍ଚିବାକୁ ଚାହାନ୍ତି ମାୟା ସେମାନଙ୍କର ବିରୁଦ୍ଧ ଆଚରଣ କରିଥାଏ । ପ୍ରକୃତିସିଦ୍ଧ ଜନନମରଣ ଚକ୍ରରୁ ମୁକୁଳିବା ପାଇଁ ଚାହୁଁଥିବା ଲୋକମାନେ ମାୟାର ଅଧିନରୁ ମୁକୁଳିବାକୁ ଚାହାନ୍ତି । ତେଣୁ ମୁକ୍ତି ଇଚ୍ଛା କରୁଥିବା ଲୋକମାନେ ମାୟାର ବିପରୀତ ଏବଂ ମାୟା ସେମାନଙ୍କର ବିପରୀତ ଦିଶାରେ ରହିଥାଏ । ମୁକ୍ତିକାମୀ ଯଦି ଏହି ପ୍ରପଞ୍ଚର ଅଧିନେତା ହୋଇଥାଏ; ତଥାପି ସେ ମାୟାର କିଛି କ୍ଷତି

କରିପାରେ ନାହିଁ, କିନ୍ତୁ ମାୟା ଚାହିଁଲେ କାହାକୁ ମଧ୍ୟ କ'ଣ କରିଦେଇ ପାରେ, କାହାର କୌଣସି କ୍ଷତି ମଧ୍ୟ କରିଦେଇ ପାରେ । ମାୟାକୁ ଜିତିବା ବଡ ଦୁଃସାଧ୍ୟ କାର୍ଯ୍ୟ । ତେଣୁ **'ମମମାୟା ଦୂରତ୍ୟୟା'** ବୋଲି ଉପରଶ୍ଲୋକରେ କହିଛନ୍ତି । ମାୟାର ନିୟମ ଏଭଳି ଥିବାବେଳେ, ପ୍ରଶ୍ନ ଆସେ ଯେ କ'ଣ କେହି ମୋକ୍ଷ ପାଇପାରିବେ ନାହିଁ ।

କେହି ଜିତି ପାରୁନଥିବା ମାୟାକୁ ଜିତି, ତା ଅଧିନରୁ ମୁକୁଳିବା ପାଇଁ ପରମାତ୍ମାଙ୍କ ନିକଟରେ ଶରଣ ନେବାକୁ ହେବ, ତେଣୁ **'ମାମେବ ଯେ ପ୍ରପଦ୍ୟନ୍ତେ'** ବୋଲି କହିଛନ୍ତି । ପରମାତ୍ମାଙ୍କ ଜ୍ଞାନ ଟିକିଏ ଜାଣିଲେ ସିନା ତାଙ୍କର ଶରଣ୍ୟ ହେବା ! ସେଥିଲାଗି ପରମାତ୍ମା ଏକ ସ୍ୱତନ୍ତ୍ର ନିୟମ ନିର୍ମାଣ କରିଛନ୍ତି । ତାହା ପରମାତ୍ମା ଧର୍ମ (ଐଶ୍ୱରୀୟ ଜ୍ଞାନ) । ପରମାତ୍ମାଧର୍ମ ଆଚରଣ କରୁଥିବା ଲୋକମାନଙ୍କୁ ମାୟା ଯେତେ ବିପଦରେ ପକାଇଲେ ମଧ୍ୟ ସେମାନେ ଧୈର୍ଯ୍ୟର ସହିତ ସମ୍ମୁଖୀନ କରି ଶେଷରେ ପରମାତ୍ମାଙ୍କୁ ପାଇପାରିଥାନ୍ତି । ଏଭଳି ଆଚରଣ କରିବାପାଇଁ ପରମାତ୍ମା ଧର୍ମ କ'ଣ ପ୍ରଥମେ ଜାଣିଲେ ସିନା କରିବା ? ବୋଲି କେହି ପଚାରିପାରନ୍ତି । ତାର ସମାଧାନ ହେଉଛି ! ପ୍ରପଞ୍ଚସୃଷ୍ଟି ପ୍ରାରମ୍ଭରେ ମାୟାକୁ ତିଆରି କରିଥିବା ପରମାତ୍ମା, ମାୟାର ପ୍ରତ୍ୟାର୍ଥୀ ଭାବରେ (ପ୍ରତିଦ୍ୱନ୍ଦୀ, ବିରୋଧୀ) ରହିବା ପାଇଁ ସୂତ୍ରବଦ୍ଧ ଜ୍ଞାନ ଆଉ ଧର୍ମକୁ ତିଆରି କରି ରଖିଛନ୍ତି । ମାୟା କାର୍ଯ୍ୟ ମାୟା ପାଇଁ, ଧର୍ମ କାର୍ଯ୍ୟ ଧର୍ମ ପାଇଁ ନିର୍ମାଣ କରିବା ପରେ, ସେହି ଦିନରୁ ସେ ଦୁହେଁ ଯିଏ ଯାହାର କାର୍ଯ୍ୟ କରିଚାଲିଛନ୍ତି । ମାୟା ଏବଂ ତାର ବିପରୀତ ଧର୍ମକୁ ପରମାତ୍ମା ଜୀବରାଶିଙ୍କ ପାଇଁ ଏ ସୃଷ୍ଟିରେ ରଖିଥିଲେ ମଧ୍ୟ, ସମସ୍ତ ଜୀବରାଶି ମାୟା ଦ୍ୱାରା ପ୍ରଭାବିତ ହୋଇ ଧର୍ମ ଦିଗରେ ଯାଇପାରନ୍ତି ନାହିଁ । ଏହାର ଏକ କାରଣ ରହିଛି । ତାହା ହେଲା ଜୀବରାଶିଙ୍କ ଉପରେ ତିନି ପ୍ରକାରର ବ୍ୟବହାର କରିବାପାଇଁ ପରମାତ୍ମା ମାୟାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଥିଲାଗି ଜୀବରାଶିଙ୍କୁ ମଧ୍ୟ ତିନି ପ୍ରକାରର ତିଆରି କରିଛନ୍ତି, ତାହାସବୁ କ'ଣ ? କ'ଣ ? ବୋଲି ବୁଝିବାକୁ ଗଲେ ! ଉପରକୁ ବଢୁଥିବା ଅର୍ଥାତ୍ ଉର୍ଦ୍ଧ୍ୱମୁଖୀ, କଡକୁ ବଢୁଥିବା ଅର୍ଥାତ୍ ପାର୍ଶ୍ୱମୁଖୀ, ତଳକୁ ବଢୁଥିବା ଜୀବରାଶି ଅର୍ଥାତ୍ ଅଧୋମୁଖୀ ନାମକ ତିନି ପ୍ରକାରର ଜୀବରାଶି ସୃଷ୍ଟି ଭିତରେ ଜୀବନ

ବଞ୍ଚିଥାନ୍ତି ବୋଲି ଜଣାଯାଏ । ପ୍ରଥମରେ ଥିବା ଊର୍ଦ୍ଧ୍ୱମୁଖୀ ବା ଉପରକୁ ବଢୁଥିବା ଜୀବରାଶିମାନଙ୍କ ଉପରେ ମାୟାର ପ୍ରଭାବ ଖୁବ୍ କମ୍ ଥାଏ, ଏହି ଜାତିର ଜୀବରାଶିମାନେ ଖୁବ୍‌କମ୍ କର୍ମାର୍ଜନ କରିଥାନ୍ତି ଏବଂ ମାୟାଠାରୁ ଦୂରରେ ରହି ପରମାତ୍ମାଙ୍କର ନିକଟତର ହୋଇଥାନ୍ତି । ଦ୍ୱିତୀୟ ରକମର ଜୀବରାଶିମାନେ କଡକୁ ବଢିଥାନ୍ତି ବା ପାର୍ଶ୍ୱମୁଖୀ । ଏହି ଜୀବମାନେ ପ୍ରଥମ ଜାତିର ଜୀବମାନଙ୍କ ଅପେକ୍ଷା କିଛି ଅଧିକ କର୍ମାର୍ଜନ କରିଥାନ୍ତି, ଏମାନେ ମାୟା ପରମାତ୍ମା ଉଭୟଙ୍କ ଦିଗରେ ସମାନ ଦୂରତାରେ ରହିଥାନ୍ତି । ତୃତୀୟ ପ୍ରକାରର ଜୀବରାଶିମାନେ ଅର୍ଥାତ୍ ଅଧୋମୁଖୀ ଜୀବରାଶିମାନେ ଅଧିକ କର୍ମ ଉପାର୍ଜନ କରିଥାନ୍ତି ଏବଂ ପରମାତ୍ମାଙ୍କଠାରୁ ଦୂରରେ ରହି ମାୟାର ଅତି ନିକଟରେ ରହିଥାନ୍ତି । ଏବେ ସେହି ତିନି ପ୍ରକାରର ଜୀବରାଶି କେଉଁମାନେ ବୋଲି ଟିକିଏ ପରିଶୀଳନ କରି ଦେଖିଲେ, ମାଟିରୁ ଜନ୍ମ ହେଉଥିବା ବୃକ୍ଷଲତାଦି ପ୍ରଥମ ପ୍ରକାରର, ସେମାନଙ୍କ ଶରୀରର ଆତ୍ମାସ୍ଥାନ ହୋଇଥିବା ଚେର ବା ମୂଳରୁ ସେମାନେ ଉପରକୁ ବଢିଥାନ୍ତି । ସେହିଭଳି ଅଣ୍ଡଜ, ପିଣ୍ଡଜ ଭାବରେ ଜନ୍ମ ହେଉଥିବା ଅନେକ ପ୍ରକାରର ପଶୁ, ପକ୍ଷୀ, କୀଟ, ପତଙ୍ଗ, ମାଛ, ସରିସୃପ ଇତ୍ୟାଦି ଦ୍ୱିତୀୟ ପ୍ରକାରର, ସେମାନେ ସେମାନଙ୍କର ଆତ୍ମାସ୍ଥାନ ହୋଇଥିବା ମୁଣ୍ଡଠାରୁ କଡକୁ ବଢିଥାନ୍ତି, ଆଉ ପିଣ୍ଡଜ ହୋଇଥିବା ଏକମାତ୍ର ମାନବଜାତି ତୃତୀୟ ପ୍ରକାରର, ସେମାନେ ନିଜର ଆତ୍ମାସ୍ଥାନ ହୋଇଥିବା ମୁଣ୍ଡରୁ ତଳକୁ ବଢିଥାନ୍ତି ବୋଲି ଜାଣିବା ଉଚିତ୍ । ଏହି ତିନି ଜାତିର ଅନ୍ତଃକରଣ ହୋଇଥିବା ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦିର କାର୍ଯ୍ୟ ଭିନ୍ନ ଭିନ୍ନ ହୋଇଥାଏ, ଗୁଣ ପ୍ରଭାବ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ କାର୍ଯ୍ୟ କରିଥାନ୍ତି ତୃତୀୟ ପ୍ରକାରର ହୋଇଥିବା ମାନବଜାତିର ବୁଦ୍ଧି, ଚିତ୍ତ, ଅହଂ ଏବଂ ମନ । ମାନବର ଅନ୍ତଃକରଣ ଗୁଡିକ ବଳଶାଳୀ ହୋଇଥିବାରୁ ତାର ଗୁଣଗୁଡିକ ମଧ୍ୟ ଅଧିକ ମାତ୍ରାରେ କାର୍ଯ୍ୟ କରିଥାନ୍ତି । ମାୟା ଗୁଣ ରୂପରେ ମାନବର ଶରୀରରେ ରହି ନିଜର ପ୍ରଭାବ ଦେଖାଇଥାଏ । ତେଣୁ ଉପର ଶ୍ଳୋକରେ ମଧ୍ୟ **'ଗୁଣମୟି ମମମାୟା'** କହିଛନ୍ତି । ପରମାତ୍ମା ମାୟାକୁ ଗୁଣ ରୂପରେ ମଣିଷର ମୁଣ୍ଡରେ ନିୟୋଜିତ କରିଛନ୍ତି । ସେଥିଲାଗି ମଣିଷଠାରେ ମାୟାପ୍ରଭାବ ଅଧିକ ଥାଏ । ପରମାତ୍ମା ମଣିଷଠାରେ ମାୟାକୁ ଏବଂ ଧର୍ମକୁ ରଖିଥିଲେ ମଧ୍ୟ, ଧର୍ମ କ'ଣ

ମଣିଷକୁ ଜଣାନଥିବା କାରଣରୁ ତଥା ପରମାତ୍ମା ମାୟାକୁ ଦେଇଥିବା ଅଧିକାର କାରଣରୁ, ମାୟା ମଣିଷକୁ ଅଧିକ ନିଜ ଦିଗରେ ରଖିପାରୁଛି, ମଣିଷ ଉପରେ ନିଜର ବଳକୁ ପ୍ରୟୋଗ କରିପାରୁଛି, ନିଜ ପକ୍ଷ ହିଁ ଉନ୍ନତ ବୋଲି ମଣିଷ ଜାଣିପାରିବା ଭଳି କରିପାରୁଛି । ମାୟା ଏବଂ ଧର୍ମ ନିଜ ନିଜର ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ଯାହା ଚେଷ୍ଟା ଯିଏ କରି ଚାଲିଛନ୍ତି । ଏହି ଚେଷ୍ଟାରେ ମାୟାଜ୍ଞାନ ମଧ୍ୟ ଦୈବଧର୍ମ ଭଳି ଅଭିନୟ କରି ନିଜର ପ୍ରାବଲ୍ୟତାକୁ ବଢାଇ ଚାଲିଛି । ସେ ଯାହା ମଧ୍ୟ ହେଉ ପ୍ରପଞ୍ଚରେ ଦୈବଜ୍ଞାନ ଅପେକ୍ଷା ମାୟାର ପ୍ରାଧାନ୍ୟତା ଅଧିକ ରହିବାରେ ଏକ ମୁଖ୍ୟ କାରଣ ରହିଛି । ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନର ଗୋଟିଏ ଗୁଣ ବଳ ଥିଲେ, ମାୟାର ହଜାରେ ଗୁଣ ବଳ ରହିବା ଭଳି ଆଗରୁ ନିର୍ଣ୍ଣୀତ ହୋଇ ରହିଛି, ରହିଥିବା ସେହି ଗୋଟିଏ ଗୁଣର ଜ୍ଞାନବଳ ମଧ୍ୟ ଠିକ୍ ଭାବରେ ନାହିଁ, ତେଣୁ ଗୀତାରେ ଭଗବାନ ହଜାରକେ ଜଣେ ସିଦ୍ଧି ପାଇଁ ଚେଷ୍ଟା କରୁଥିବା ଲୋକ କ୍ୱଚିତ୍ ଥାଆନ୍ତି ବୋଲି କହିଛନ୍ତି ।

କେତେକ ଭୂପୃଷ୍ଠରେ ଗୁରୁ ଭାବରେ ଆସି ଜ୍ଞାନବୋଧ କରିବା, ଉପଦେଶଦେବା ଇତ୍ୟାଦି କାର୍ଯ୍ୟ କରିଥା'ନ୍ତି । ମାୟା ସେମାନଙ୍କ ଉପରେ ଦୃଷ୍ଟିଦେଇ, ସେମାନେ ଉନ୍ନତ ଜ୍ଞାନୀଭାବରେ ବାହାରକୁ ଜଣାପଡିବା ଭଳି କରି, ସେମାନଙ୍କୁ ମାନବ ଆଶ୍ରୟ କରିବା ଭଳି କରି, ସେମାନଙ୍କ ଜ୍ଞାନକୁ ପ୍ରଜାମାନେ ଶୁଣିବା ଭଳି କରିଥାଏ, ସେମାନେ ଯାହା ବୋଧ କରୁଛନ୍ତି ତାହା ଉନ୍ନତମାନର ପରମାତ୍ମା ଜ୍ଞାନ ବା ଐଶ୍ୱରୀୟ ଧର୍ମ ହେବା ଭଳି, ଜ୍ଞାନ, ପରମାତ୍ମା, ଆଧ୍ୟାତ୍ମିକ, ଈଶ୍ୱର ଇତ୍ୟାଦି ଶବ୍ଦଗୁଡିକୁ ବ୍ୟବହାର କରାଉଥାଇ, ଅତି ଉନ୍ନତ, ଆକର୍ଷଣୀୟ ବାଣୀକୁ ମାୟା ସେମାନଙ୍କ ଦ୍ୱାରା ବୋଧ କରାଇଥାଏ, ସେହି ବାଣୀରେ ଏକ ପ୍ରତିଶତ ଦୈବବାଣୀ ରହିବାବେଳେ ୯୯ ପ୍ରତିଶତ ମାୟାଜ୍ଞାନ ରହିଥାଏ । ଏହା ଅତି ଆଶ୍ଚର୍ଯ୍ୟକର କଥା ହେଲେ ମଧ୍ୟ, ଏହା ମାୟା ସମ୍ବନ୍ଧୀୟ ଜ୍ଞାନ, ଏହା ଦ୍ୱାରା ପରମାତ୍ମାଙ୍କୁ ଜାଣିହୁଏ ନାହିଁ ବୋଲି କେହି ଜାଣି ପାରନ୍ତି ନାହିଁ, ଏହା ହିଁ ମାୟାର ଶକ୍ତି । କେତେବଡ ଆଧ୍ୟାତ୍ମିକ ଗୁରୁ ବୋଲାଇଲେ ମଧ୍ୟ, ସ୍ୱଚ୍ଛ ଜ୍ଞାନ ବୋଧ କରୁଛନ୍ତି ବୋଲି ଭାବିଲେ ମଧ୍ୟ ଶେଷରେ ସେମାନଙ୍କ ବାଣୀରେ ୯୫ ପ୍ରତିଶତ ମାୟାବାଣୀ ରହିଛି ବୋଲି ସେମାନଙ୍କୁ ଜଣା ନଥାଏ । ଏହିଭଳି

ଦେଖାଯାଉଥିବା ଗୁରୁମାନଙ୍କଠାରେ ରହି ସେମାନଙ୍କ ଦ୍ୱାରା ଦୈବଜ୍ଞାନ ଭଳି, ଦୈବଧର୍ମ ଭଳି ଅଧର୍ମକୁ ବୋଧ କରାଇବା ଦ୍ୱାରା, ପରମାତ୍ମାଙ୍କୁ ଜାଣିବାକୁ ଇଚ୍ଛା କରୁଥିବା ପ୍ରଜାମାନେ ମଧ୍ୟ ମାୟାର ଜାଲରେ ଛନ୍ଦିହୋଇ ପରମାତ୍ମାଙ୍କ ଦିଗରେ ଗତିକରି ପାରୁନାହାନ୍ତି । ଥିବା କୋଟିକୋଟି ଲୋକଙ୍କ ଭିତରେ ମାତ୍ର କେଇଜଣଙ୍କ ଠାରେ ଦୈବଶ୍ରଦ୍ଧା ଜାତ ହେବାବେଳେ ସେମାନଙ୍କୁ ମଧ୍ୟ ମାୟା ଗୁରୁ ରୂପରେ ମାୟାବାଣୀ ବୋଧ କରାଇ ନିଜ ଦିଗକୁ ଟାଣି ନେଉଛି । ତେଣୁ ଗୀତାର ବିଜ୍ଞାନ ଯୋଗରେ ମୋକ୍ଷାର୍ଥୀମାନଙ୍କ ଭିତରେ ଶେଷରେ କେହିଜଣେ କ୍ୱଚିତ୍ ମୋତେ ଜାଣିବାକୁ ସକ୍ଷମ ହୁଏ ବୋଲି କହିଛନ୍ତି । ମାୟା ନାନା ସ୍ଥିତିର (ନାନା ପ୍ରକାରର) ଗୁରୁମାନଙ୍କ ଠାରେ ଆବହମାନ ହୋଇ ରହିବା ଯୋଗୁଁ, ଜ୍ଞାନ ଜୀଜ୍ଞାସୁମାନେ କୌଣସି ଏକ ଗୁରୁଙ୍କୁ ଆଶ୍ରୟ କରି ମାୟା ଆବରଣରେ ରହିଯାଉଛନ୍ତି । ତେଣୁ ବାସ୍ତବ ପରମାତ୍ମା ଜ୍ଞାନ ପାଇବାକୁ ହେଲେ ତାହା ଅନେକ ଜନ୍ମର ସଂସ୍କାରବଳ ଦ୍ୱାରା ମିଳେ ବୋଲି ଗୀତାରେ ଭଗବାନ କହିଛନ୍ତି । ଅନେକ କହିଲେ ଶହେ ହୋଇପାରେ, ହଜାରେ ହୋଇ ପାରେ । ଏଠାରେ ଅନେକଙ୍କଠାରେ ଗୋଟିଏ ସନ୍ଦେହ ଆସିପାରେ । ତାହା ହେଉଛି ! ମାୟା ଗୁରୁମାନଙ୍କୁ ଭ୍ରମିତ କରି, ସେମାନଙ୍କ ଦ୍ୱାରା ବୋଧ କରିଥାଏ ଏବଂ କୌଣସି ମଣିଷ ମଧ୍ୟ ପରମାତ୍ମା ଜ୍ଞାନ ବୋଧ କରିପାରନ୍ତି ନାହିଁ ବୋଲି ଯଦି କହିବା, ତେବେ ଅନେକ ଜନ୍ମ ପରେ ହେଉ ପଛେ କେହି ପରମାତ୍ମା ଜ୍ଞାନ କିପରି ଜାଣି ପାରିବ ? ବୋଲି ପଚାରି ପାରନ୍ତି । ସେଥିଲାଗି ଆମର ସମାଧାନ ହେଉଛି ! ଯଦି ପରମାତ୍ମାଙ୍କ ଜ୍ଞାନ ବା ଧର୍ମକୁ କେହି ବୋଧ କରିପାରୁଥାନ୍ତେ ତେବେ ଭୂପୃଷ୍ଠରେ ପରମାତ୍ମା କାହିଁକି ଜନ୍ମ ନିଅନ୍ତେ ? ଏହିଭଳି ପରମାତ୍ମା ଧର୍ମକୁ ଜାଣି କେହି ବୋଧ କରିପାରନ୍ତି ନାହିଁ ବୋଲି ପରମାତ୍ମା ହିଁ ସ୍ୱୟଂ ଭୂପୃଷ୍ଠରେ ଜନ୍ମନେଇ ନିଜ ଜ୍ଞାନକୁ, ନିଜ ଧର୍ମକୁ ବୋଧକରିଥାନ୍ତି, ସେଥିଲାଗି ଧର୍ମରେ ଗ୍ଲାନି ଆସିଲେ ମୁଁ ଜନ୍ମହୋଇ ମୋର ଧର୍ମ ଜଣାଏ ବୋଲି ଗୀତାରେ କହିଛନ୍ତି ।

ଐଶ୍ୱରୀୟଧର୍ମ ଦିଗରୁ ସ୍ୱୟଂ ଈଶ୍ୱର ବା ପରମାତ୍ମା ଉଭବ ହୋଇ, ନିଜର ଧର୍ମକୁ ସମ୍ପୂର୍ଣ୍ଣ ଜଣାଇବା ଦ୍ୱାରା ମାୟା ପାଇଁ ପ୍ରତିକୂଳ ପରିସ୍ଥିତି

ଉପୁଜୁଥିବାରୁ ଗୁରୁମାନଙ୍କ ଉପରୁ ନିଜର ପ୍ରଭାବ ହ୍ରାସ ହୋଇଯିବା ଆଶଙ୍କା ଅଛି । ଏହିଭଳି ପରିସ୍ଥିତି ନଆସିବା ପାଇଁ ମାୟା ମଧ୍ୟ ସ୍ୱୟଂ ଜନ୍ମନେଇ, ଭଗବାନଙ୍କଠାରୁ ଉନ୍ନତ ଦେଖାଯାଇ, ନିଜେ ଭଗବାନ ନାମରେ ନାମିତ ହୁଏ । ମାୟାଭଗବାନ ଆଗରେ ବାସ୍ତବ ପରମାତ୍ମାଙ୍କ ଅବତାର ହୋଇଥିବା ଭଗବାନ ମଧ୍ୟ ନିକୃଷ୍ଟ ଜଣାପଡନ୍ତି । ତେଣୁ ପ୍ରକୃତ ଭଗବାନଙ୍କୁ ଜ୍ଞାନୀମାନେ ମଧ୍ୟ ଚିହ୍ନିପାରନ୍ତି ନାହିଁ, କିନ୍ତୁ ମାୟାଭଗବାନଙ୍କୁ ଅଜ୍ଞାନୀମାନଙ୍କ ସମେତ ସମସ୍ତେ ବାସ୍ତବ ଭଗବାନ ଭାବି ଆମେ ଭଗବାନଙ୍କୁ ଚିହ୍ନିଯାଇଛୁ ବୋଲି ଭାବିଥାନ୍ତି । ଭୂପୃଷ୍ଠରେ ଧର୍ମ ଅଜଣା ରହିଯିବା ବେଳେ, ଅନେକ ଜନ୍ମର ସଂସ୍କାର ବଳରେ ଜନ୍ମ ହୋଇଥିବା ଲୋକମାନଙ୍କର ଯେତେବେଳେ ଧର୍ମ ଆବଶ୍ୟକ ହୋଇଥାଏ ସେତେବେଳେ, ଅର୍ଥାତ୍ ହଜାର ହାଜାର କିମ୍ବା ଲକ୍ଷ ଲକ୍ଷ ବର୍ଷ ପରେ ପରମାତ୍ମାଙ୍କୁ ଭୂପୃଷ୍ଠରେ ଜନ୍ମ ନେବାକୁ ପଡିଥାଏ, ହେଲେ ମାୟା ପରମାତ୍ମା ଜନ୍ମହେବା ଆଗରୁ ଏବଂ ଜନ୍ମହେବା ପରେ ମଧ୍ୟ ଜନ୍ମ ନେଇଥାଏ । ତାଛଡା ପରମାତ୍ମା ଜନ୍ମହେବା ବେଳେ ମାୟା ମଧ୍ୟ ଏକକାଳୀନ ତିନି ଚାରିଗୋଟି ସ୍ଥାନରେ ଜନ୍ମହୋଇ ସମସ୍ତଙ୍କୁ ନିଜ ଦିଗରେ ଟାଣିନେବାକୁ ଚେଷ୍ଟାକରେ । ପରମାତ୍ମା ଭଗବାନ ଭାବେ ଯେଉଁ ଦେଶରେ ଜନ୍ମ ନିଅନ୍ତି ମାୟା ମଧ୍ୟ ସେ ଦେଶରେ ତିନି ଚାରିଗୋଟି ସ୍ଥାନରେ ଜନ୍ମନିଏ । ପରମାତ୍ମା କେବଳ ଜ୍ଞାନଧର୍ମ ବୋଧ କରୁଥିବା ବେଳେ, ମାୟା ମଧ୍ୟ ଧର୍ମ ହୋଇନଥିବା ଆଧ୍ୟାତ୍ମିକକୁ ଆକର୍ଷଣୀୟ ଭାବରେ ବୋଧ କରିଥାଏ । ଖାଉଥିବା ଆହାର ରୁଚିକର ହେଲେ ମଧ୍ୟ ସେଥିରେ ପୋଷକାହାର, ଭିଟାମିନ୍ସ ନଥିବା ଭଳି ମାୟା ବୋଧ କରୁଥିବା ଜ୍ଞାନରେ ଧର୍ମଯୁକ୍ତ ଜ୍ଞାନ ନଥାଏ ।

ମାୟା ସାରାପ୍ରପଞ୍ଚର ଅଧିକାରିଣୀ ହୋଇଥିବାରୁ ସେ କୌଣସି ଆଶ୍ଚର୍ଯ୍ୟଜନକ ଘଟଣା ଘଟାଇପାରେ, ନିଜର ଇଚ୍ଛା ମୁତାବକ କିଛି ମଧ୍ୟ କରିପାରେ । ପରମାତ୍ମା ଜନ୍ମ କେବଳ ଧର୍ମବୋଧ କରୁଥିବା ବେଳେ, ମାୟା ନିଜର ଜ୍ଞାନ ଯଥାର୍ଥ ବୋଲି ବୋଧକରିବା ସହିତ କୌଣସି ଅଦ୍ଭୁତ କାର୍ଯ୍ୟକରି ଦେଖାଇପାରେ, କୌଣସି ମାହାତ୍ମ୍ୟ ଦର୍ଶାଇ ଭ୍ରମିତ କରିଦେଇ ପାରେ । ସୁନାକୁ ପଥର କରି, ପଥରକୁ ସୁନା କରି ଦେଖାଇ ପାରେ, ଥିବା ବସ୍ତୁକୁ ନଥିବା, ନଥିବା ବସ୍ତୁକୁ ଉଦ୍ଭବ କରିବା କାର୍ଯ୍ୟ କରିପାରେ, ସେ ରୋଗସୃଷ୍ଟି କରିପାରେ,

ସେହି ରୋଗକୁ ଦୂର କରିଦେଇ ପାରେ, ଆମେରିକାରେ ଥାଇ ରୁଷିଆରେ, ରୁଷିଆରେ ରହି ଆମେରିକାରେ ଦେଖା ଦେଇପାରେ । ମାୟା ଯାହା କହୁଥାଏ ତାହା ଅଧର୍ମ ହୋଇଥିଲେହେଁ ଧର୍ମ ଭଳି ସମସ୍ତଙ୍କଠାରେ ବିଶ୍ୱାସ ଅଣାଇପାରେ, ସବୁକିଛିର ଅଧିକାରିଣୀ ହୋଇଥିବାରୁ କୋଟି କୋଟି ଟଙ୍କା ମଧ୍ୟ ସୃଷ୍ଟି କରିପାରେ, କେତେବଡ ଉପାଧିଧାରୀ ଦ୍ୱାରା ନିଜର ପାଦବନ୍ଦନା କରାଇ ପାରେ, ନିଜେ ଈଶ୍ୱର ବୋଲି ସମସ୍ତଙ୍କ ମନୋଭାବରେ ଆସିପାରେ ।

ପରମାତ୍ମା ଭୂପୃଷ୍ଠରେ ଜନ୍ମହୋଇ ନିଜ ଧର୍ମ ଅନୁସାରେ ଚାଲି, ନିଜ ଧର୍ମକୁ ବୋଧ କରିଥାନ୍ତି, ତାଙ୍କ ବାଣୀରେ କୌଣସି ମାହାତ୍ମ୍ୟ ନଥାଏ ତେଣୁ ଲକ୍ଷେଲୋକ ଶୁଣୁଥିଲେ ମଧ୍ୟ ସେମାନଙ୍କ ଭିତରୁ କେହି ଜଣେ ତାହା ଦିବ୍ୟଜ୍ଞାନ ବୋଲି ଜାଣିପାରିବା କ୍ୱଚିତ୍ ସମ୍ଭବ ହୋଇଥାଏ, ତାହା ପ୍ରକୃତ ଜ୍ଞାନ ବୋଲି କେହି ଚିହ୍ନିବା ବେଳକୁ ମାୟା ତା ଉପରେ ନିଜର ପ୍ରଭାବ ପକାଇ ଦେଇଥାଏ । ମାୟାକୁ ତିଆରି କରିଥିବା ପରମାତ୍ମା ମାୟା ନିକଟରେ ହୀନ ଜଣାପଡିବାର କାରଣ କଣ ବୋଲି କେତେକ ସନ୍ଦେହ କରିପାରନ୍ତି । ତାର ସମାଧାନ ହେଉଛି ! ପରମାତ୍ମା ବାସ୍ତବରେ ମାୟାଠାରୁ ମହାନ, କିନ୍ତୁ ପରମାତ୍ମା ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମନେବା ବେଳେ ମାୟାଠାରୁ ବଳହୀନ ହୋଇଥାନ୍ତି । ତେଣୁ ପରମାତ୍ମା ଦିନେ ଯୀଶୁ ଭାବରେ ଆସିଥିବା ବେଳେ ତାଙ୍କୁ ବଳହୀନ କରି ଅଜ୍ଞାନୀ ପ୍ରଜାମାନଙ୍କ ଦ୍ୱାରା ମାଡ ଖୁଆଇଥିଲା, ଗାଳି ମଧ୍ୟ ଶୁଣାଇଥିଲା । ଶ୍ରୀକୃଷ୍ଣ ଭାବରେ ଆସିଥିବା ବେଳେ ତାଙ୍କ ପାଇଁ ବଳଶାଳୀ ଶତ୍ରୁମାନଙ୍କୁ ସୃଷ୍ଟିକରି, କଂସ ଭଳି ଶତ୍ରୁମାନଙ୍କ ଦ୍ୱାରା ନାନା ହିଂସା କରାଇ, ନାନା ସମୟରେ ନାନା ଯାତନା ଦିଆଇଥିଲା, ତାଙ୍କୁ ଚୋର ଭାବରେ, ଜାର ଭାବରେ ଦର୍ଶାଇଥିଲା । ଭୂପୃଷ୍ଠରେ ଭଗବାନ ବଳହୀନ ହୋଇ ଏହା ମୋରାଜ୍ୟ ନୁହେଁ, ମୋରାଜ୍ୟ ଅନ୍ୟତ୍ର ରହିଛି, ମୁଁ ମୋରାଜ୍ୟର ରାଜା ବୋଲି କହିଛନ୍ତି । ତାଛଡା ଏହା ଜନ୍ମ ମରଣର ସ୍ଥଳ, ଏହାର ଅଧିକାରିଣୀ ମାୟା, ଜନନ ମରଣ ନଥିବା ଆଉଏକ ସ୍ଥିତି ରହିଛି ତାହା ହିଁ ମୋର ବାସ୍ତବ ସ୍ଥିତି, ସେଠାରେ ମୋଛଡା ଆଉ କେହି ନଥାନ୍ତି ବୋଲି ମଧ୍ୟ କହିଛନ୍ତି ।

ପରମାତ୍ମା ଭଗରୁ ସଜୀବ ଭାବରେ ବାହାରକୁ ଆସନ୍ତି, ତେଣୁ ତାଙ୍କୁ ଭଗବାନ କହୁଛେ ! ମାୟା ମଧ୍ୟ ଭଗବାନଙ୍କ ଭଳି ଜନ୍ମହୁଏ ବୋଲି ଆପଣ କହୁଛନ୍ତି, ହେଲେ ମାୟା କିପରି ଭୂପୃଷ୍ଠରେ ଜନ୍ମନିଏ ? ବୋଲି କେତେକ ପଚାରିପାରନ୍ତି, ତାର ବିବରଣୀ ହେଉଛି ! ମାୟା ଭଗବାନ ଭାବରେ ପରିଗଣିତ ହୁଏ ସିନା ଭଗବାନଙ୍କ ଭଳି ସଜୀବ ଭାବରେ ଜନ୍ମ ନେଇନଥାଏ, ତେଣୁ ସେ ଭଗବାନ ନୁହେଁ । ତାଛଡା ସେ ସାଧାରଣ ପ୍ରଜାଙ୍କ ଭଳି ଜନ୍ମ ହୋଇନଥାଏ । ମାୟା ମାତୃଗର୍ଭରୁ କିମ୍ବା ଗର୍ଭର ବାହାରୁ ଜନ୍ମ ନେଇନଥାଏ । ତେବେ ସେ କିପରି ଜନ୍ମ ହୋଇଥାଏ ? ଜାଣିବାକୁ ଗଲେ, ଯେତେବେଳେ ଭୂପୃଷ୍ଠରେ ପରମାତ୍ମା ଜନ୍ମହେବା ସୂଚନା ରହିଥାଏ ସେତେବେଳେ ସେ ଅଞ୍ଚଳକୁ ମାୟା ଆଗରୁ ଜାଣିପାରି ସେ ଅଞ୍ଚଳର କୌଣସି ଏକ ସାଧାରଣ ବ୍ୟକ୍ତିଠାରେ ଏକ କ୍ରମ ଅନୁସାରେ ପ୍ରବେଶ କରୁଥାଇ ଶେଷରେ ସମ୍ପୂର୍ଣ୍ଣ ପ୍ରବେଶ କରିଥାଏ । ଏଭଳି ପ୍ରବେଶ କରିବାପାଇଁ ମାୟାକୁ ଛଅମାସରୁ ଏକବର୍ଷ ସମୟ ଲାଗିପାରେ । ଏହିଭଳି ପ୍ରବେଶ କରିଥିବା ମାୟା ସେହି ବ୍ୟକ୍ତି ଦ୍ୱାରା ନିଜର କାର୍ଯ୍ୟ ଆରମ୍ଭ କରିଦିଏ । ମାୟା ପ୍ରବେଶ କରିଥିବା ବ୍ୟକ୍ତି ଗରିବ ହୋଇପାରେ, ଯୁବକ ହୋଇପାରେ, ବୃଦ୍ଧ ହୋଇପାରେ । ଏହିଭଳି ସେମାନଙ୍କଠାରେ ମାୟାର ପ୍ରବେଶକୁ ମାୟାର ଜନ୍ମ ବୋଲି କହିପାରିବା । ଯାହାଠାରେ ମାୟା ପ୍ରବେଶ କରିଥାଏ ସେ, ତାଠାରେ ମାୟା ସମ୍ପୂର୍ଣ୍ଣ ସ୍ଥିତିରେ ପ୍ରବେଶ କରିଛି ବୋଲି ଜାଣି ପାରିନଥାଏ । ପ୍ରଥମେ ସେ ଜାଣିପାରି ନଥାଏ ଯେ, କିପରି ମୋ ଦ୍ୱାରା ଏହି ମହିମାମୟ କାର୍ଯ୍ୟ ହେଲା, ସେହି ଘଟଣା ପରେ ସେ ଭାବିଥାଏ, ମୋଠାରେ କିଛି ଶକ୍ତି ଅଛି, ମୁଁ ସମସ୍ତଙ୍କ ଭଳି ସାଧାରଣ ବ୍ୟକ୍ତି ନୁହେଁ, ସେତେବେଳେ ତାର ଆଚରଣ ବଦଳିବା ସହିତ ତାକୁ ସମସ୍ତେ ବିଶ୍ୱାସ କରିଥାନ୍ତି । ମାୟାର ମାହାତ୍ମ୍ୟ ଦେଖି ସମସ୍ତେ ତାକୁ ଭଗବାନ ମାନି ନେଇଥାନ୍ତି । ମାୟା ଭଗବାନଙ୍କ ଭଳି ଜନ୍ମ ନହୋଇ ଏହିଭଳି ଜନ୍ମ ହୋଇଥାଏ । ମାୟା ଭଗବାନ ଭଳି ଦେଖାଯାଉଥିଲେ ମଧ୍ୟ ଭଗବାନ ନୁହେଁ ବୋଲି ଜାଣିବା ଉଚିତ୍ ।

ଆଉ ଏକ ବିଚିତ୍ର କଥା ହେଉଛି ! ମାୟା ଜନ୍ମହେଲେ ଦୁଇ ତିନି ଜାଗାରେ ରହି ନିଜ ମାହାତ୍ମ୍ୟକୁ ଶତପ୍ରତିଶତ ବହିର୍ଗତ କରିପାରେ, କିନ୍ତୁ

ପରମାତ୍ମା ଜନ୍ମହୋଇ ଭୂପୃଷ୍ଠରେ ଭଗବାନ ଭାବେ ଥିବାବେଳେ ତାଙ୍କ ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ଭାବରେ ରହି, ମାତ୍ର କେତେକ ସମୟରେ ସାଧାରଣ ମଣିଷ ଭଳି ଦୁଃଖକଷ୍ଟକୁ ଅନୁଭବ କରିଥାନ୍ତି । କେତେକ ସମୟରେ ଆତ୍ମା ଭାବରେ ଦୁଃଖସୁଖର ଅତୀତ ହୋଇ ରହିଥାନ୍ତି, କିନ୍ତୁ ସ୍ୱତନ୍ତ୍ର ଭାବରେ କେତେକ ସମୟରେ ଆଦିସ୍ରଷ୍ଟା ପରମତ୍ମା ଭାବରେ ରହିଥାନ୍ତି । ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ଜୀବ ଭାବରେ, ଆତ୍ମା ଭାବରେ, ପରମାତ୍ମା ଭାବରେ ଏମିତି ତିନିଗୋଟି ସ୍ଥିତିରେ ରହିଥିଲେ ବୋଲି ଜଣାଯାଉଛି । ସେହିଭଳି ଯୀଶୁ ପ୍ରଭୁ ଆସିଥିବା ସମୟରେ ଜୀବ ଭାବରେ ଶରୀରର ଦୁଃଖକଷ୍ଟକୁ ସହିଛନ୍ତି, ଆତ୍ମା ଭାବରେ ମୁଁ ତୋତେ ସବୁବେଳେ ଦେଖୁଛି ବୋଲି କହିଛନ୍ତି, ପରମାତ୍ମା ଭାବରେ ଝଡ ଆସିଥିବା ସମୟରେ ସାମୁଦ୍ରିକ ଝଡକୁ ସ୍ଥିର ରହିବାକୁ ଆଦେଶ ଦେଇଛନ୍ତି ।

ପରମାତ୍ମା ଭୂପୃଷ୍ଠରେ ଜନ୍ମହୋଇ ଥିବାବେଳେ ଯେତେବେଳେ ଜୀବ ଭାବରେ ରହିଥାନ୍ତି ସେତେବେଳେ ମାୟା ତାଙ୍କୁ ହିଂସା କରିଥାଏ, ଆତ୍ମା ଭାବରେ ରହିଥିବା ବେଳେ ନିନ୍ଦା କରିଥାଏ, ଘୃଣା କରିଥାଏ, କିନ୍ତୁ ସେ ନିଜ ସ୍ଥିତିରେ ଥିବାବେଳେ ସମ୍ପୂର୍ଣ୍ଣ ଭକ୍ତି ବିନୟର ସହିତ ତାଙ୍କ କଥା ଅନୁସାରେ ଚାଲିଥାଏ । ଭଗବାନ ଯୀଶୁ ଜୀବ ଭାବରେ ଥିବାବେଳେ ତାଙ୍କୁ କୋରଡାରେ ମାଡ ମରାଇ କଷ୍ଟ ଅନୁଭବ କରାଇଛି, ସେ ଆତ୍ମା ଭାବରେ ଥିବାବେଳେ ଆଧ୍ୟାତ୍ମିକ ଗୁରୁମାନଙ୍କ ଦ୍ୱାରା ନିନ୍ଦା ଶୁଣାଇଛି, ହେଲେ ସେ ପରମାତ୍ମା ଭାବରେ ଥିବା ବେଳେ ତାଙ୍କ କଥା ଅନୁସାରେ ଚାଲି ଶବକୁ ସଜୀବ କରିଛି । ଯୀଶୁ ଜୀବ ଭାବରେ ଥିବାବେଳେ ମାୟା ତାଙ୍କୁ ମୋର ଏତେବଳ ଅଛି ବୋଲି ପ୍ରମାଣ ଦେବାକୁ ଯାଇ ମୁଁ ପଥରକୁ ଆହାର ଭାବରେ ବଦଳାଇ ପାରିବି, ଏ ରାଜ୍ୟର ରାଜା କରାଇପାରିବି ବୋଲି କହିଛି । ସେହିଭଳି ଭଗବାନ ଯୀଶୁ ଜୀବ ଭାବରେ ମୋର ଜଣେ ପିତା ଅଛନ୍ତି ବୋଲି କହିଛନ୍ତି, ଆତ୍ମା ଭାବରେ ତୁମେ ଅନ୍ୟକୁ ଭଲପାଅ ବୋଲି କହିଛନ୍ତି, ପରମାତ୍ମା ଭାବରେ ଜୀବ (ଜୀବାତ୍ମା), ମାର୍ଗ (ଆତ୍ମା) ଏବଂ ଲକ୍ଷ୍ୟ (ପରମାତ୍ମା) ସ୍ୱୟଂ ମୁଁ ବୋଲି କହିଛନ୍ତି । ଶ୍ରୀକୃଷ୍ଣ ଜନ୍ମରେ ପଦ୍ମପତ୍ରରେ ଜଳ ଲାଗୁନଥିବା ଭଳି କର୍ମ ବନ୍ଧନରେ ନପଡି

ରହିଛି ବୋଲି ଜୀବାତ୍ମା ଭାବରେ କହିଛନ୍ତି, ଶରୀରରେ ଅଗ୍ନିହୋଇ ଖାଉଥିବା ଆହାରକୁ ଜୀର୍ଣ୍ଣ କରୁଛି ବୋଲି ଆତ୍ମା ଭାବରେ କହିଛନ୍ତି । ସେହିଭଳି ମୁଁ କ୍ଷୟ, ବୃଦ୍ଧିକାରୀ କାଳ, ସୀମାହୀନ ବିଶ୍ୱରୂପକୁ ମୋର ଅନୁଗ୍ରହ ଦ୍ୱାରା ତୁ ଦେଖି ପାରୁଛୁ ବୋଲି ପରମାତ୍ମା ଭାବେ ଅର୍ଜୁନଙ୍କୁ କହିଥିବା ସନ୍ଦର୍ଭ ମଧ୍ୟ ରହିଛି । ପରମାତ୍ମାଙ୍କ ଅଧିନରେ ଥିବା ମାୟା କେବଳ ପରମାତ୍ମାଙ୍କ ଉପରେ ଭକ୍ତିବିନୟର ସହିତ ରହି ଅନ୍ୟମାନଙ୍କ ଉପରେ ନିଜର କାର୍ଯ୍ୟ ଯଥାବିଧ କରିଥାଏ, କିନ୍ତୁ ଜ୍ଞାନ, ଯୋଗ, ଧର୍ମଠାରୁ ଅତୀତ ହୋଇଥିବା ପରମାତ୍ମାଙ୍କୁ କିମ୍ବା ଭଗବାନଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରି ଆରାଧନା କରୁଥିବା ଲୋକମାନଙ୍କର ମାୟା କିଛି କ୍ଷତି କରିପାରେ ନାହିଁ । ଯିଏ ସର୍ବେଶ୍ୱର ହୋଇଥିବା ପରମାତ୍ମାଙ୍କୁ ବିଶ୍ୱାସ କରୁଛି, ମାୟା ତାର କିଛି କରିପାରିବ ନାହିଁ, ସେଭଳି ବ୍ୟକ୍ତି ସେହି ଜନ୍ମରେ ହିଁ ମୋକ୍ଷ ପାଇପାରେ, ସେଥିପାଇଁ ଗୀତାରେ **'ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ'** ଅର୍ଥାତ୍ ଯେଉଁମାନେ ମୋର ଆରାଧନା କରିଥାନ୍ତି ସେମାନେ ମାୟାକୁ ସହଜରେ ଡେଇଁଯାଇ ପାରନ୍ତି ବୋଲି କହିଛନ୍ତି । ତେଣୁ ମାୟାର ସ୍ରଷ୍ଟା ପରମାତ୍ମାଙ୍କୁ ଆରାଧନା କରିବା ଉଚିତ୍ । ଏହା ନ କରିବା ଦ୍ୱାରା ଜଗତ ଉପରେ ସର୍ବାଧିକାରିଣୀ ହୋଇ ରହିଥିବା ମାୟା, ଜଗତରେ ଈଶ୍ୱରଙ୍କ ଭଳି ଗୋଚର ହୋଇଥାଏ । ଈଶ୍ୱରଙ୍କ ବିଭୂତି ଯେତିକି ମହାନ ମାୟା ତାଠାରୁ ଆହୁରି ଅଧିକ ମହାନ ଦେଖାଯାଏ । ଆମେ ଯେତେ ଯାହା କହିଲେ ମଧ୍ୟ ପୂର୍ବଜନ୍ମ ସୁକୃତ ଥିବା ଲୋକମାନଙ୍କୁ ହିଁ ଜ୍ଞାନ ମିଳିଥାଏ, ସେମାନଙ୍କ ଭିତରେ ଅଧିକ ଜନ୍ମସଂସ୍କାର ଥିବା ଲୋକକୁ ଭଗବାନ ମଧ୍ୟ ମିଳିପାରନ୍ତି । ଯେତେ ବୁଝିଥିଲେ ମଧ୍ୟ ମୁଁ ମହାନ ବୋଲି କହୁଥିବା ମାୟା କଥା ନଶୁଣିବା ଲୋକ କ୍ୱଚିତ୍ ଥାଇ ପାରନ୍ତି । ଗୀତା ଶେଷରେ ଭଗବାନ **'ମନ୍ମନାଭବ ମଭକ୍ତୋ ମଦ୍‌ଜାଜି ମାଂ ନମସ୍କୁରୁ'** ବୋଲି କହିଛନ୍ତି । ଅର୍ଥାତ୍ ମୋତେ ତୋର ମନରେ ମହାନ ଭାବ୍, ମୋତେ ଭକ୍ତି କର୍, ମୋତେ ପ୍ରଣାମ କର୍ ମୋ ଠାରେ ମିଶିପାରିବୁ ! ମାୟା ମଧ୍ୟ ତୋତେ ମହାନ୍ କହିବ, ପ୍ରଣାମ କରିବ,ତୋର କୌଣସି ଅସୁବିଧା କରିବ ନାହିଁ ବୋଲି କହିଛନ୍ତି । ଆପଣମାନେ କେଉଁ ଦିଗକୁ ଯିବେ ଆପଣଙ୍କ ଇଚ୍ଛା ।

**(୬) ଶ୍ଳୋକ,୧୫: ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।**
**ମାୟୟାଽପହୃତଜ୍ଞାନା ଅସୁରଂ ଭାବମାଶ୍ରିତାଃ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ପାପକାର୍ଯ୍ୟ କରୁଥିବା, ମୂଢମାନେ, ମାୟାଜ୍ଞାନ ଦ୍ୱାରା ଢାଙ୍କି ହୋଇଥିବା ଲୋକମାନେ, ଅସୁର ଭାବ ଯୁକ୍ତ ଜନମାନେ ମୋତେ ଜାଣି ପାରନ୍ତି ନାହିଁ, ମୋତେ ପାଇପାରନ୍ତି ନାହିଁ ।

**(୬) ଶ୍ଳୋକ,୧୬: ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତି ନୋଽର୍ଜୁନ ! ।**
**ଆର୍ତ୍ତୋ ଜିଜ୍ଞାସୁ ରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ! ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ହେ ଅର୍ଜୁନ ! ମୋତେ ଭଜୁଥିବା ସୁକୃତମାନେ ଚାରି ପ୍ରକାରର ଅଛନ୍ତି, ସେମାନେ ଆର୍ତ୍ତ, ଜୀଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀ ଭାବେ ବିଭାଜିତ ।

**ବିବରଣୀ :** ଈଶ୍ୱରଙ୍କୁ ନାନା ପ୍ରକାରର ଭଜୁଥିବା (ଆରାଧନା କରୁଥିବା) ଲୋକମାନେ ଅଛନ୍ତି । ଆମେ ଈଶ୍ୱରଙ୍କୁ ହିଁ ଆରାଧନା କରୁଛୁ ବୋଲି ସେମାନଙ୍କର ବିଶ୍ୱାସ ଥାଏ । ବାସ୍ତବରେ ଈଶ୍ୱର କିଏ, କିପରି ଥାଆନ୍ତି ନଜାଣି, ଯାହା ଭାବନାରେ ଯିଏ ନାନା ରୂପକୁ କଳ୍ପନା କରି ଆରାଧନା କରିଥାନ୍ତି । ଯାହାର ଇଚ୍ଛାରେ ଯିଏ ଯେପରି କଲେ ମଧ୍ୟ ଆମେ ଈଶ୍ୱରଙ୍କୁ ଆରାଧନା କରୁଛୁ ବୋଲି ଭାବ ସେମାନଙ୍କ ମନରେ ରହିବା ଦ୍ୱାରା ତାହା ଈଶ୍ୱରଙ୍କ ଆରାଧନା ହୋଇଥାଏ, ସେହି ଆରାଧକମାନେ ଚାରି ପ୍ରକାରର ବୋଲି କହିପାରିବା **୧) ଆର୍ତ୍ତ ୨) ଜୀଜ୍ଞାସୁ ୩) ଅର୍ଥାର୍ଥୀ ୪) ଜ୍ଞାନୀ ।**

**୧) ଆର୍ତ୍ତ:-** "ଆର୍ତ୍ତ" କହିଲେ ଯିଏ କେବଳ ବିପଦରେ ବା ଦୁଃଖ ସମୟରେ ଡାକେ ବା ଯାହାକୁ ଆତୁର କହିପାରିବା । କୌଣସି ଦୁଃଖକଷ୍ଟ, ଅସୁବିଧା କିମ୍ବା କୌଣସି ବିଷମ ପରିସ୍ଥିତି ଆସିବା ବେଳେ, ତୁରନ୍ତ ଫଳ ପାଇବାପାଇଁ ବ୍ୟାକୁଳ ହୋଇ ତାର କାମନା ଜଣାଇଥାଏ । ଉଦାହରଣ ସ୍ୱରୂପ ତିରୁପତିର ତିରୁମଲା ଦେବାଳୟରେ ଆପଦ୍‌ବାନ୍ଧବ ବୋଲି କୁହାଯାଉଥିବା ଭେଙ୍କଟେଶ୍ୱରଙ୍କ

ନିକଟରେ ବିପଦ ସମୟରେ ଯାଇ ଡାକୁଥିବା ଲୋକମାନେ ଅନେକ ଅଛନ୍ତି, ସେହିଭଳି ଅନେକ ଦେବାଦେବୀଙ୍କୁ ଆରାଧ କରି ବିପଦ ସମୟରେ ଡାକିବା ଲୋକମାନେ ଅନେକ ଅଛନ୍ତି । ଛୁଆଟିକୁ ସାଧାରଣ ଜର ହେଲେ ମଧ୍ୟ ତୁରନ୍ତ ହେ ପ୍ରଭୁ ମୋ ପିଲାର ଦେହ ଭଲ କରିଦିଅ କହିବା ସେମାନଙ୍କର ଅଭ୍ୟାସ । ଏହିଭଳି ତୁରନ୍ତ ଫଳ ଆଶା କରି ନାନା ଦେବାଦେବୀଙ୍କୁ ଜଣାଇ ଫଳ ଆଶା କରୁଥିବା ଲୋକମାନଙ୍କୁ (ଆରାଧକ ମାନଙ୍କୁ) ଆର୍ତ୍ତ ବୋଲି କହିପାରିବା ।

**୨) ଜୀଜ୍ଞାସୁ :-** ଜୀଜ୍ଞାସୁ କହିଲେ ଈଶ୍ୱରଙ୍କୁ ଜାଣିବା ପାଇଁ ଯିଏ ଚେଷ୍ଟା କରିଥାଏ, ଏମାନେ ବିପଦ ସମୟରେ କେଉଁଠି କେମିତି ଛୋଟ ଛୋଟ ପୂଜାଦି କରୁଥିଲେ ମଧ୍ୟ ସେତିକିରେ ଅଟକି ନଯାଇ ଈଶ୍ୱରଙ୍କ ବାବଦରେ ଜାଣିବା ପାଇଁ ଚେଷ୍ଟା ମଧ୍ୟ କରିଥା'ନ୍ତି । ଉଦାହରଣ ସ୍ୱରୂପ ଜୀଜ୍ଞାସୁ କହିଲେ ତିରୁପତି ଭେଙ୍କଟେଶ୍ୱରସ୍ୱାମୀଙ୍କୁ ଦର୍ଶନ କରିବା ପାଇଁ ଯାଇଥିବା ଭକ୍ତ ସମସ୍ତଙ୍କ ଭଳି ଲଣ୍ଡାହୋଇ (କେଶଖଣ୍ଡନ କରି) ମଧ୍ୟ ସମସ୍ତଙ୍କ ଭଳି ଚୁପ୍ ରହିନଥାଏ । ଆମେ ଲଣ୍ଡାହେବା ଦ୍ୱାରା ତାଙ୍କର କ'ଣ ଲାଭ ହେଉଛି ? ଆମର କ'ଣ କ୍ଷତି ହେଉଛି ? ସମସ୍ତେ ଏଭଳି କାହିଁକି ଲଣ୍ଡା ହେଉଛନ୍ତି ? ବୋଧହୁଏ ଏଥିରେ କିଛି ଅଜଣା ରହସ୍ୟ ଲୁଚି ରହିଛି ବୋଲି ଭାବିଥାଏ । ବାସ୍ତବରେ ଏହିଭଳି ଅନେକ ଆଚରଣରେ, ମନ୍ଦିର ଗୁଡିକରେ, ପୂଜାବିଧିରେ ରହସ୍ୟ ଭାବରେ ଅନେକ ଜ୍ଞାନ ରହିଛି । ସେହି ରହସ୍ୟକୁ ଜାଣିଲେ ଦୈବ ବା ଈଶ୍ୱରଙ୍କୁ କିଛି ପରିମାଣରେ ଜାଣିପାରିବି ବୋଲି ଭାବୁଥିବା ଲୋକମାନଙ୍କୁ ଜୀଜ୍ଞାସୁ କହିପାରିବା ।

**ଅର୍ଥାର୍ଥୀ :-** ଅର୍ଥାର୍ଥୀ କହିଲେ ଅର୍ଥ ପାଇଁ ବା ଧନପାଇଁ ଯିଏ ଲାଳାୟିତ । ଅର୍ଥ କହିଲେ ଟଙ୍କା, ଟଙ୍କାପାଇଁ ଦେବତାମାନଙ୍କୁ ପୂଜା କରୁଥିବା ଲୋକକୁ ଅର୍ଥାର୍ଥୀ କୁହାଯାଏ । ଉଦାହରଣ ସ୍ୱରୂପ କୌଣସି ବିପଦ କିମ୍ବା ଦୁଃଖକଷ୍ଟରେ ନଥାଇ, ଈଶ୍ୱରଙ୍କୁ ଜାଣିବାର ଶ୍ରଦ୍ଧା ମଧ୍ୟ ନରଖି, କିମ୍ବା କେତେକଙ୍କ ଭଳି ଆତୁର ନହୋଇ ଧନ ମୋର ଦରକାର ତେଣୁ ଈଶ୍ୱରଙ୍କୁ ଆରାଧନା କରିବା ଉଚିତ୍ ବୋଲି ଯାହାର ଅଭିମତ । ଉଦାହରଣ ସ୍ୱରୂପ ଜଣେ ଧନୀ ତାର କୌଣସି ଦୁଃଖକଷ୍ଟ ନାହିଁ କି ଈଶ୍ୱରଙ୍କୁ ଜାଣିବାର ଶ୍ରଦ୍ଧା ନାହିଁ, କିନ୍ତୁ ଆଉ ଧନ ଦରକାର ବୋଲି ଆଶା କରୁଛି, ତେଣୁ ସେତେବେଳେ ସେ ତାକୁ ଧନ ଦେଇପାରନ୍ତି

ଭାବୁଥିବା ଦେବାଦେବୀଙ୍କୁ କିମ୍ବା ମାହାତ୍ମ୍ୟ ଦର୍ଶାଉଥିବା ସ୍ୱାମୀଜୀମାନଙ୍କୁ ଉଦ୍ଦେଶ୍ୟ କରି ନାନା କାମନା କରିଥାଏ । ମୋର ଏବର୍ଷ ବେପାରରେ ଦଶ କୋଟି ଲାଭ ହେଲେ ମୁଁ ତୁମକୁ ଦଶଲକ୍ଷ ଦେବି କି ସୁନାମୁକୁଟ କରାଇବି ବୋଲି ମାନସିକ ରଖିଥାଏ । ଏଭଳି ମାନସିକ ରଖି ସେମାନେ ଚୁପ୍ ବସି ନଥାନ୍ତି, ନିଜଚେଷ୍ଟା ଦ୍ୱାରା ଲାଭ ଆସିବା ଭଳି କାର୍ଯ୍ୟ ମଧ୍ୟ କରିଥାନ୍ତି । କର୍ମ ଅନୁସାରେ ଲାଭ ମିଳିଗଲେ, କରିଥିବା ମାନସିକ (ଅର୍ଥାତ୍ ଦେବାଦେବୀଙ୍କ ପ୍ରାପ୍ୟ ଦେଇ) ପୂରଣ କରିଥାନ୍ତି । ଏହିଭଳି ଦେବତାମାନଙ୍କ ପାଇଁ ସୁନାମୁକୁଟ ତିଆରି କରି ଦେଉଥିବା ଲୋକମାନେ ମଧ୍ୟ ଅଛନ୍ତି, ଏଇମାନଙ୍କୁ ଅର୍ଥାର୍ଥୀ କହିପାରିବା ।

**ଜ୍ଞାନୀ :-** ଆର୍ତ୍ତଙ୍କ ଭଳି ନହୋଇ, ଅର୍ଥାର୍ଥୀ ନହୋଇ ଜୀଜ୍ଞାସୁ ହୋଇ ଯିଏ ଜ୍ଞାନ ଜାଣୁଥାଏ ସେ ଜ୍ଞାନୀ । ଜ୍ଞାନୀ ଜ୍ଞାନ ଜାଣୁଜାଣୁ ଶେଷରେ ସମ୍ପୂର୍ଣ୍ଣ ଜ୍ଞାନୀ ହୋଇପାରିଥାଏ । ଉଦାହରଣ ସ୍ୱରୂପ ଈଶ୍ୱରଙ୍କ ଜ୍ଞାନ ଉପରେ ଶ୍ରଦ୍ଧାରଖି, ଆରାଧନାରେ କାମ୍ୟଫଳ ମିଳିନଥାଏ ବୋଲି ଜାଣି, ଆରାଧନାରେ ଥିବା ଜ୍ଞାନ ଜାଣିବାକୁ ଚେଷ୍ଟାକରି ଶେଷରେ ପୂଜାର, ଦେବାଳୟର ବାସ୍ତବ ଜ୍ଞାନକୁ ଜାଣିପାରିଥାଏ । ଏଭଳି ଜ୍ଞାନୀ ହୋଇଥିବା ବ୍ୟକ୍ତି ଜ୍ଞାନ ଅନୁସାରେ ଆଚରଣ କରି ଈଶ୍ୱରଙ୍କୁ ଜାଣିବା ପାଇଁ, ମାନବତ୍ୱରୁ ଦୈବତ୍ୱରେ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥାଏ । **ଆର୍ତ୍ତ - ଅର୍ଥାର୍ଥୀ, ଜୀଜ୍ଞାସୁ - ଜ୍ଞାନୀ** ଏହା ହିଁ କ୍ରମସୂତ୍ର । ଏହାକୁ ଜାଣିବା ଉଚିତ୍ । କାରଣ ! ଆର୍ତ୍ତର ଅର୍ଥ (ଧନ) ସହିତ ନିକଟ ସମ୍ପର୍କ ଥିବାରୁ, ସେହିଭଳି ଜୀଜ୍ଞାସୁର ଜ୍ଞାନ ସହିତ ନିକଟ ସମ୍ପର୍କ ଥିବାରୁ ଆର୍ତ୍ତ ଧନୀ ହୋଇପାରେ, ଜୀଜ୍ଞାସୁ ଜ୍ଞାନୀ ହୋଇପାରେ ।

**(୬) ଶ୍ଳୋକ,୧୭ : ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।**
**ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସେମାନଙ୍କ ଭିତରୁ ଜ୍ଞାନୀ ମୋତେ ପାଇବା ପାଇଁ ଦୃଢ ହୋଇଥାଏ, ସେ ଶ୍ରେଷ୍ଠ, ତାପାଇଁ ମୁଁ ଅତିପ୍ରିୟ, ସେ ମୋର ଅତିପ୍ରିୟ ।

**ବିବରଣୀ :** ଆର୍ତ୍ତ, ଅର୍ଥାର୍ଥୀ, ଜୀଜ୍ଞାସୁ, ଜ୍ଞାନୀ ଏଭଳି ଚାରି ପ୍ରକାରର ଥିବା ଆରାଧକଙ୍କ ଭିତରେ ଅଧିକାଂଶ ଥାଆନ୍ତି ଆର୍ତ୍ତମାନେ । ଶହେରେ ପଚାଶ ଜଣ ଆର୍ତ୍ତ ହୋଇଥିବା ବେଳେ ୪୫ ଜଣ ଅର୍ଥାର୍ଥୀ ଥାଆନ୍ତି । କେବଳ ୪ଜଣ ଜୀଜ୍ଞାସୁ ହୋଇଥିବା ବେଳେ, କ୍ୱଚିତ୍ ଜଣେ ଜ୍ଞାନୀ ଥାଇପାରେ, ସେହି ଜ୍ଞାନୀ ଜଣକ ଆତ୍ମା, ପରମାତ୍ମାରେ ମିଳିତ ହେବାପାଇଁ ନିତ୍ୟଚେଷ୍ଟା କରୁଥାଇ, ଏକଭକ୍ତି ଅର୍ଥାତ୍ ଅନ୍ୟ ଦେବତା ଆରାଧନା ନକରି ଆତ୍ମାରାଧକ ହୋଇଥାଏ, ସେହିଭଳି ବ୍ୟକ୍ତିକୁ ଶ୍ରେଷ୍ଠ ବୋଲି କହିପାରିବା । ପରମାତ୍ମା ହିଁ ସର୍ବଶ୍ରେଷ୍ଠ, ପରମାତ୍ମା ହିଁ ଦେବତା ମାନଙ୍କର ଦୈବ ବୋଲି ଭାବି କେବଳ ପରମାତ୍ମାଙ୍କ ଆରାଧକ ହୋଇଥାଏ । କେତେବଡ କ୍ଲିଷ୍ଟକର ପରିସ୍ଥିତିରେ ମଧ୍ୟ ସେ ପରମାତ୍ମା ସନ୍ଦର୍ଭ ଆସିବା ବେଳେ ସବୁକିଛି ଭୁଲିଯାଇଥାଏ, ସେଭଳି ବ୍ୟକ୍ତି ପରମାତ୍ମାଙ୍କର ଅତିପ୍ରିୟ ବୋଲି କୁହାଯାଇଛି ।

**(୬) ଶ୍ଲୋକ, ୧୮ : ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତଂ ।**
**ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥**
**(ଜୀବାତ୍ମା, ପରମାତ୍ମା)**

**ଭାବାର୍ଥ :** ଏମାନେ ସମସ୍ତେ ଉଦାର ସ୍ୱଭାବର, ଏମାନଙ୍କ ଭିତରେ ଜ୍ଞାନୀକୁ ମୁଁ ମୋର ଆତ୍ମା ଭାବିଥାଏ, ଜ୍ଞାନୀ ମୋ ଆତ୍ମାରେ ଯୁକ୍ତହୋଇ ମୋର ଉନ୍ନତ ଗତିକୁ ପାଇଥାଏ ।

**ବିବରଣୀ :** ଏହି ଚାରି ପ୍ରକାରର ଆରାଧକ ମାନଙ୍କ ଭିତରୁ ପରମାତ୍ମା ଜ୍ଞାନୀକୁ ନିଜର ଆତ୍ମାଭାବରେ ନେଇଥାନ୍ତି ବୋଲି କହିଛନ୍ତି । କାରଣ ! ଯିଏ ସମ୍ପୂର୍ଣ୍ଣଜ୍ଞାନୀ ସେ ଯୋଗ ଆଚରଣ ଦ୍ୱାରା ଆତ୍ମାରେ ଯୁକ୍ତ ହୋଇ ରହିଥାଏ, ତାର ମନରେ ବାହ୍ୟଚିନ୍ତା ନଥାଏ । ଆତ୍ମଧ୍ୟାନରେ ରହିଥିବା ସେ ଜୀବକୁ ପରମାତ୍ମା ଆତ୍ମା ଭାବରେ ଦେଖିଥାନ୍ତି, ସେ ଆତ୍ମ ଧ୍ୟାନରୁ ଶେଷରେ ଦିନେ ପରମାତ୍ମାଙ୍କୁ ପାଇ ପାରିଥାଏ ।

**(୬) ଶ୍ଳୋକ,୧୯ : ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟନ୍ତେ ।**
**ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥**
**(ଜୀବାତ୍ମା,ସାକାର)**

**ଭାବାର୍ଥ :** ଜ୍ଞାନବନ୍ତ ଅନେକ ଜନ୍ମନେଇ ଶେଷରେ ବାସୁଦେବ ଯେ ସବୁକିଛି ଭାବି ମୋତେ ପାଇପାରିଥାଏ, ସେଭଳି ମହାତ୍ମା ମିଳିବା କଷ୍ଟ ।

**ବିବରଣୀ :** ଏପର୍ଯ୍ୟନ୍ତ ଥିବା ଶ୍ଳୋକଗୁଡିକରେ ନିରାକାର ପରମାତ୍ମାଙ୍କ ବିଷୟ କୁହାଯାଇଥିବା ବେଳେ, ଏଠାରେ ସାକାର ବିଷୟ କହୁଛନ୍ତି । ଏହା ପରମାତ୍ମା ଭୂପୃଷ୍ଠରେ ଥିବାବେଳର ବିଷୟ । ବହୁକାଳ ପରେ ଭୂପୃଷ୍ଠକୁ କ୍ୱଚିତ୍ ଆସୁଥିବା ଭଗବାନଙ୍କୁ ଚିହ୍ନିବା ଅତି କଷ୍ଟକର ବିଷୟ ବୋଲି କହି ପାରିବା, ଏହା ଶ୍ଳୋକରେ କହିବାକୁ ଯାଇ **'ସ ମହାତ୍ମା ସୁଦୁର୍ଲଭଃ'** ଅର୍ଥାତ୍ ସେଭଳି ମହାତ୍ମା ମିଳିବା କଷ୍ଟ ବା ସହଜରେ ମିଳେ ନାହିଁ ବୋଲି କହିଛନ୍ତି । ଜ୍ଞାନବାନ ଅନେକ ଜନ୍ମ ନେବାପରେ ଭୂପୃଷ୍ଠରେ ଥିବା ଭଗବାନଙ୍କୁ ଚିହ୍ନିବା ଯୋଗ୍ୟତା ହାସଲ କରିଥାଏ, ସେ ଥିବା ସମୟରେ ଭୂପୃଷ୍ଠରେ ଭଗବାନ ଥିଲେ ସେ ତାହାଙ୍କୁ ମଧ୍ୟ ଚିହ୍ନିପାରେ,ଏଭଳି ବ୍ୟକ୍ତି ମିଳିବା ଅତିକଷ୍ଟ । କାରଣ ! ପରମାତ୍ମାଙ୍କର ଜନ୍ମ କ୍ୱଚିତ୍ ହୋଇଥାଏ । ପୂର୍ବେ ଯୋଗୀମାନେ ମଧ୍ୟ ଚିହ୍ନିପାରି ନଥିବା ଶ୍ରୀକୃଷ୍ଣଙ୍କୁ ଭୀଷ୍ମ ଚିହ୍ନିପାରି ସୂକ୍ଷ୍ମ ଭାବରେ ମୋକ୍ଷ ପାଇ ପାରିଥିଲେ । ସୂକ୍ଷ୍ମରେ ମୋକ୍ଷ ବା ସୂକ୍ଷ୍ମ ଭାବରେ ମୋକ୍ଷ କହିଲେ କୌଣସି ଯୋଗ ଆଚରଣ ନକରି ସହଜରେ ମୋକ୍ଷ ପାଇବା ।

**(୬) ଶ୍ଳୋକ,୨୦ : କାମୈ ସ୍ତୈସ୍ତୈ ହୃଦ୍‌ଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥**
**(ଜୀବାତ୍ମା)**

**ଭାବାର୍ଥ :** ପ୍ରକୃତି ସମ୍ବନ୍ଧୀୟ ଆଶା ନାମକ ଗୁଣ ଦ୍ୱାରା ଜ୍ଞାନହୀନ ହୋଇ ଦେବତାମାନଙ୍କର ନିୟମନିଷ୍ଠାକୁ ଅନୁସରଣ କରି ସେମାନଙ୍କର ଆରାଧନା କରିଥାନ୍ତି ।

**ବିବରଣୀ :** ପ୍ରକୃତିର ଗୁଣ ଦ୍ୱାରା ଆଶା ସଂସ୍ପର୍ଶରେ ଆସି, ଆର୍ତ୍ତ ଆଉ ଅର୍ଥାର୍ଥୀମାନେ ସବୁଠାରୁ ବଡ ହୋଇଥିବା ପରମପୁରୁଷ ପରମାତ୍ମାଙ୍କୁ ଛାଡି ଅନ୍ୟ ଦେବତାମାନଙ୍କୁ ବିଶ୍ୱାସ କରି, ସେମାନଙ୍କ ଦ୍ୱାରା ଆମର ଏତେ ଲାଭ ହେଉଛି ଭାବି ସେଇମାନଙ୍କୁ ଆରାଧନା କରିଥାନ୍ତି । ଆରାଧନାରେ ନିୟମନିଷ୍ଠା ନଥିବା ଆତ୍ମା ଆରାଧନାକୁ ଛାଡି, ନିୟମନିଷ୍ଠା ଥିବା ଇତର ଦେବତାମାନଙ୍କୁ ଆରାଧନା କରିଥାନ୍ତି । ଏହିଭଳି ଆରାଧନାରେ ଅନେକ ଶରୀର ଯାତନା ଥିଲେ ମଧ୍ୟ ସେସବୁକୁ ସେମାନେ ସହ୍ୟ କରିଥାନ୍ତି ।

**(୬) ଶ୍ଲୋକ,୨୧ : ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁ ମିଚ୍ଛତି ।**
**ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦ୍ଧାମ୍ୟହମ୍ ॥**
**(ଜୀବାତ୍ମା)**

**ଭାବାର୍ଥ :** ଯିଏ ଯିଏ ଯେଉଁ ଯେଉଁ ଦେବତାମାନଙ୍କୁ ଶ୍ରଦ୍ଧାରେ ଆରାଧନା କରିଥାନ୍ତି, ସେମାନଙ୍କର ସେହି ଶ୍ରଦ୍ଧାକୁ ମୁଁ ବଳଶାଳୀ କରିଥାଏ ।

**ବିବରଣୀ :** "ନାହିଁ ମାମୁଁଠାରୁ କଣାମାମୁଁ ଭଲ" କହିବାଭଳି କୌଣସି ଭକ୍ତି ନଥିବା ଅପେକ୍ଷା କେଉଁ ଏକ ଦେବତାଠାରେ ଭକ୍ତିରହିବା ଭଲ । କୌଣସି ଭକ୍ତି ନଥିବା ଲୋକ ସୁଗନ୍ଧ ନଥିବା ଫୁଲ ଭଳି, ସେଭଳି ବ୍ୟକ୍ତିର ଜୀବନ ବ୍ୟର୍ଥ ଜୀବନ ନକରି ସେମାନଙ୍କର ଭକ୍ତିକୁ ପରମାତ୍ମା ଦୃଢ କରିଥାନ୍ତି ।

**(୬) ଶ୍ଲୋକ,୨୨ : ସ ତୟା ଶ୍ରଦ୍ଧାୟା ଯୁକ୍ତସ୍ତସ୍ୟାରାଧନମୀହତେ ।**
**ଲଭତେ ଚ ତତଃ କାମାନ୍‌ମୟୈବ ବିହିତାନ୍‌ହି ତାନ୍ ॥**
**(ଜୀବାତ୍ମା)**

**ଭାବାର୍ଥ :** ସେ ଶ୍ରଦ୍ଧା ବହନ କରି ସେହି ଦେବତାମାନଙ୍କର ଉପାସନା କରିବା ଦ୍ୱାରା ତାର କାମନା ସିଦ୍ଧି ହୋଇଥାଏ, ତାଆରି ହିତ ପାଇଁ ମୁଁ ତାର କାମନାକୁ ସିଦ୍ଧି କରାଇଥାଏ ।

**ବିବରଣୀ :** ଯାହା ଯାହାର ଇଚ୍ଛା ଅନୁଗୁଣ ଥିବା ଶ୍ରଦ୍ଧାକୁ ପରମାତ୍ମା ଜାତ କରାଇବା ବେଳେ, ସେହି ଶ୍ରଦ୍ଧାରେ ସେ ଦେବତା ଆରାଧନା କରେ, ତଦ୍ଦ୍ୱାରା

ତାର କାମନା ପୂରଣ ହେବା ଭଳି ପରମାତ୍ମା କରିଥାନ୍ତି, ତାର କର୍ମାନୁସାରେ ମିଳୁଥିବା ଫଳକୁ, ତାର କାମନା ପୂରଣ ସ୍ୱରୂପ ତାକୁ ବୁଝାପଡିବା ଭଳି କରିଥାନ୍ତି, ମିଳିଥିବା ଫଳ ଅନୁସାରେ ସେ ନାସ୍ତିକ ହୋଇନଯାଇ ଆସ୍ତିକ ଭାବରେ ରହିପାରେ ।

**(୬) ଶ୍ଳୋକ,୨୩: ଅନ୍ତ ବତ୍ତୁ ଫଳଂ ତେଷାଂ ତଭବତ୍ୟଳ୍ପ ମେଧସାମ୍ ।**
**ଦେବାନ୍‌ଦେବଯଜୋ ଯାନ୍ତି ମଭକ୍ତା ଯାନ୍ତି ମାମପି ।।**
**(ଜୀବାତ୍ମା)**

**ଭାବାର୍ଥ :** ଅଳ୍ପବୁଦ୍ଧିଯୁକ୍ତ ମଣିଷ ପାଉଥିବା ଫଳ ଅନିତ୍ୟ, ଦେବତା ପୂଜକମାନେ ଦେବତାମାନଙ୍କୁ ପାଉଥିବା ବେଳେ, ମୋ ପୂଜକମାନେ ମୋତେ ପାଇଥାନ୍ତି ।

**ବିବରଣୀ :** ନିର୍ବୋଧମାନେ ବିଶାଳ ପରମାତ୍ମାଙ୍କୁ ଛାଡି, ଧୂଳିକଣା ଭଳି ଦେବତାମାନଙ୍କୁ ପୂଜାକରି ଯେଉଁଫଳ ପାଇଥାନ୍ତି ତାହା ଖୁବ୍ ଅଳ୍ପ, ସେ ଫଳ ସେତେବେଳେ ଭଲ ଲାଗିଲେ ମଧ୍ୟ ତାହା ଶାଶ୍ୱତ ନୁହେଁ । ତାଛଡା ଦେବତା ପୂଜକମାନେ ମରଣ ପରେ କୌଣସି ଏକ ଦେବତା ବିଗ୍ରହରେ ସ୍ଥାନ ପାଇ ସେମାନେ ମଧ୍ୟ ଦେବତା ପାଲଟିଥାନ୍ତି । ସେମାନେ କରୁଥିବା ଆରାଧନା ଅନୁସାରେ, ସେହି ଦେବତା ମାନଙ୍କ ଅନୁସାରେ, ଅନେକ ଛୋଟବଡ ଦେବତା ବିଗ୍ରହରେ ଜନ୍ମହୋଇ, ନାନା ପ୍ରକାରର ଦେବତା ନାମରେ ରହିଥାନ୍ତି । ମଣିଷ ଶରୀରରେ ଜନ୍ମଥିବା ଭଳି ଦେବତା ବିଗ୍ରହର ମଧ୍ୟ ଜନ୍ମ ରହିଥାଏ । ଦେବତା ଭାବରେ ଜନ୍ମ ହୋଇଥିବା ଜୀବକୁ ବିଗ୍ରହ କୁହାଯାଏ । ମଣିଷ ଭାବରେ ଜନ୍ମ ହେଉଥିବା ଜୀବକୁ ଗ୍ରହ କୁହାଯାଏ, ଏକଥା ଅନେକଙ୍କୁ ଜଣା ନଥାଏ । ଉପର ଶ୍ଳୋକ ଅନୁସାରେ ସେମାନେ ବୁଝିପାରନ୍ତି । ଦେବତା ଆରାଧକମାନେ ଦେବତା ହୋଇ ଜନ୍ମ ନେଉଥିବା ବେଳେ, ପରମାତ୍ମାରେ ମିଳିତ ହେବାପାଇଁ ଅନ୍ୟ ଦେବତା ଆରାଧନା ନକରି,ସବୁ ମୋର କର୍ମ ଭାବି କାର୍ଯ୍ୟ କରୁଥାଇ, ପରମାତ୍ମା ଧ୍ୟାନରେ ଥିବା ପାତ୍ର ଶେଷରେ ଦିନେ ପରମାତ୍ମାରେ ଲୀନ ହୋଇପାରିଥାଏ ।

**(୬) ଶ୍ଳୋକ,୨୪ : ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।**
**ପରଂ ଭାବ ମଜାନନ୍ତୋ ମମାବ୍ୟୟ ମନୁତ୍ତମମ୍ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ଅବିନାଶୀ, ଉନ୍ନତ, ପରମ ମୋର ନିଜ ସ୍ୱରୂପକୁ ବୁଦ୍ଧିହୀନମାନେ ଜାଣିନପାରି ଅବ୍ୟକ୍ତ ଭାବରେ ଥିବା ମୋତେ ବ୍ୟକ୍ତ ଭାବିଥାନ୍ତି ।

**ବିବରଣୀ :** ପରମାତ୍ମା ଅନ୍ୟ ଦେବତାମାନଙ୍କ ଭଳି ନୁହନ୍ତି । ଦେବତା ମାନଙ୍କର ଆକାର ଥିବା ଭଳି ତାଙ୍କର ଆକାର ନଥାଏ, ତାଙ୍କର ନାମ ନାହିଁ, ସେ ସମସ୍ତଙ୍କ ଭଳି ଦେଖାଯିବା ମୂର୍ତ୍ତି ନୁହନ୍ତି, ସେ ଅବ୍ୟକ୍ତ ଭାବରେ ଥାଆନ୍ତି । ଦେବତାମାନେ ପ୍ରତିମା ଦେହରେ ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହି, ସୂକ୍ଷ୍ମ ଭାବରେ ବେଳେବେଳେ କେଉଁଠି କେଉଁଠି ଭ୍ରମଣ କରିଥାନ୍ତି । ପରମାତ୍ମା ଏହିଭଳି ତାରତମ୍ୟ ନଥାଇ ଅଦୃଶ୍ୟ ଭାବରେ ସର୍ବତ୍ର ବ୍ୟାପିରହିଥାନ୍ତି । ତୁଳନା କଲେ ସେ ଦେବତାମାନଙ୍କ ଅପେକ୍ଷା ଅନେକ ଗୁଣରେ ଅଧିକ, ବାସ୍ତବରେ ଆମେ ତାଙ୍କୁ ସେମାନଙ୍କ ସହିତ ତୁଳନା କରିପାରିବା ନାହିଁ । ଅଜ୍ଞାନୀମାନେ ସେହି ଅଦୃଶ୍ୟ ଶକ୍ତିଙ୍କୁ ଦେଖାଯାଉଥିବା ଦେବତାମାନଙ୍କ ଭଳି ତୁଳନା କରିଥାନ୍ତି । ପରମାତ୍ମା ଦେବତାମାନଙ୍କର ଆରାଧ୍ୟ ଦୈବ । ଯଦି ଦେବତାମାନଙ୍କ ସହିତ ପରମାତ୍ମାଙ୍କୁ ତୁଳନା କରିବା ତେବେ ସାଧାରଣ ଭାବରେ ଯେଉଁ ଭିନ୍ନତା ଦେଖିବାକୁ ମିଳିଥାଏ ତାହାକୁ ଆପଣମାନେ ନିମ୍ନମତେ କିଛି ଦେଖିପାରିବେ ।

| | ଦେବତା | ପରମାତ୍ମା |
|---|---|---|
| ୧) | ଦେବତାମାନଙ୍କର ଦେଖାଯାଉଥିବା ଆକାର ଅଛି । | ପରମାତ୍ମାଙ୍କର ଆକାର ନାହିଁ । |
| ୨) | ଦେବତାମାନଙ୍କର ବିବିଧ ନାମ ରହିଛି । | ପରମାତ୍ମାଙ୍କର କୌଣସି ନାମ ନାହିଁ । |
| ୩) | ଦେବତାମାନଙ୍କର ମରଣ ଅଛି । | ପରମାତ୍ମାଙ୍କର ମରଣ ନାହିଁ । |
| ୪) | ଦେବତାମାନେ ବିନାଶୀ । | ପରମାତ୍ମା ଅବିନାଶୀ । |

| | | |
|---|---|---|
| ୫) | ଦେବତାମାନେ ପୁରୁଷ ଏବଂ ସ୍ତ୍ରୀ ହୋଇ ପାରନ୍ତି । | ପରମାତ୍ମା ସ୍ତ୍ରୀ ନୁହନ୍ତି କି ପୁରୁଷ ନୁହନ୍ତି । |
| ୬) | ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ସୂକ୍ଷ୍ମ ଭାବରେ ଯାଇପାରନ୍ତି । | ଯିଏ ସର୍ବବ୍ୟାପୀ ତାର କେଉଁଠିକୁ ଯିବା ଆବଶ୍ୟକ ନାହିଁ । |
| ୭) | ଏମାନଙ୍କର ଦେହ ପ୍ରତିମା । | କୌଣସି ସ୍ୱତନ୍ତ୍ର ଦେହ ନାହିଁ । |
| ୮) | ଏମାନେ ତପ,ଯୋଗ କରନ୍ତି । | କିଛି କରନ୍ତି ନାହିଁ । |
| ୯) | ଏମାନେ ଜୀବାତ୍ମା ଭାବରେ ଥାଆନ୍ତି । | ସେ ସର୍ବଦା ପରମାତ୍ମା |
| ୧୦) | ଏମାନେ ଧନୀ ଗରିବ ହୋଇପାରନ୍ତି । | ସେ କିଛି ବି ନୁହଁନ୍ତି । |
| ୧୧) | ମାନ୍ତ୍ରିକ ବା ଗୁଣିଆମାନଙ୍କୁ ଭୟ କରିଥାନ୍ତି, ବଶୀଭୂତ ହୋଇଥାନ୍ତି । | କାହାକୁ ଭୟକରନ୍ତି ନାହିଁ କି ବଶୀଭୂତ ହୋଇ ନଥାନ୍ତି । |
| ୧୨) | ପ୍ରଳୟରେ ଲୟ ହୋଇଥାନ୍ତି । | ପ୍ରଳୟରେ ମଧ ଥାଆନ୍ତି । |
| ୧୩) | ଗୋଟିଏ ସ୍ଥାନରେ ରହି, ଗୋଟିଏ ସ୍ଥାନକୁ ଦେଖିପାରନ୍ତି । | ବିଶ୍ୱବ୍ୟାପୀ, ସର୍ବଦର୍ଶୀ । |
| ୧୪) | ଏମାନଙ୍କର କଷ୍ଟସୁଖ ଥାଏ । | କଷ୍ଟସୁଖର ଅତୀତ । |
| ୧୫) | କେହି ଏମାନଙ୍କୁ ଅମୁକ ଦେବତା ବୋଲି ଚିହ୍ନିପାରନ୍ତି । | କେବଳ ଯୋଗୀମାନେ ଚିହ୍ନନ୍ତି । |

**(୬) ଶ୍ଳୋକ,୨୫:ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।**
**ମୂଢୋଽୟଂ ନାଭିଜାନାତି ଲୋକମାମଜମବ୍ୟୟମ୍ ।।**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ : 'ଯୋଗମାୟା ସମାବୃତଃ'** ନାମକ ପଦଟିଏ ଏହି ଶ୍ଳୋକରେ

ଉପଯୋଗ କରାଯାଇଛି । ମାୟା କହିଲେ ତିନିଗୁଣର ସାର । ଯୋଗ କହିଲେ ମିଶିରହିବା । 'ସମାବୃତ୍ତ' କହିଲେ ଢାଙ୍କିହୋଇ ରହିଥିବା । ଗୁଣଗୁଡିକରେ ମିଶି ଗୁଣସାର ହୋଇଥିବା ମାୟା ସହିତ ଢାଙ୍କି ହୋଇ ପରମାତ୍ମା ରହିଥାନ୍ତି ? କି ମଣିଷ ରହିଥାଏ ? ବୋଲି ଏଠାରେ ବିଚାର କରିବା ଉଚିତ୍ ।

ଅନ୍ୟ ଗୀତାଗୁଡିକରେ ଏହିଭଳି ଲେଖାଯାଇଛି ଯେ, ଯୋଗମାୟା ଦ୍ୱାରା ଢାଙ୍କି ହୋଇଥିବା ମୁଁ କାହାକୁ ଜଣାପଡେ ନାହିଁ । ଜନ୍ମମରଣ ନଥିବା ମୋତେ ମୂଢମାନେ ଜାଣିପାରନ୍ତି ନାହିଁ । ଏକଥା ନିରାଟ ସତ । ପରମାତ୍ମାଙ୍କ ସହିତ ମାୟା ମିଶି ରହିଛି କି ପରମାତ୍ମା ମାୟା ଦ୍ୱାରା ଢାଙ୍କିହୋଇ ରହିଛନ୍ତି ? ପରମାତ୍ମାଙ୍କ ଠାରୁ କ'ଣ ମାୟାବଡ ? ବୋଲି ଏହି ଭାବକୁ ପଢୁଥିବା ଲୋକମାନଙ୍କ ଠାରେ ପ୍ରଶ୍ନ ନିଶ୍ଚୟ ଆସିପାରେ । ଉପର ଶ୍ଳୋକରେ ସମସ୍ତ ମାନବ ମାୟା ଦ୍ୱାରା ଯୋଗ ହୋଇଛନ୍ତି ଅର୍ଥାତ୍ ମାୟାଯୁକ୍ତ ହୋଇ ରହିଛନ୍ତି, ମାୟା ଦ୍ୱାରା ଆବୃତ୍ତ ମୂଢମାନେ ମୋତେ ଦେଖିପାରନ୍ତି ନାହିଁ, ଜନ୍ମମରଣ ନଥିବା ମୋତେ କେହି ଜାଣିପାରନ୍ତି ନାହିଁ ବୋଲି ଭାବ ସ୍ପଷ୍ଟ ଭାବରେ ଗୋଚର ହେଉଥିବା ବେଳେ, ପରମାତ୍ମା ମାୟା ଦ୍ୱାରା ଢାଙ୍କିହୋଇ ରହିଛନ୍ତି କହିବା ବଡ ଭୁଲ୍ ହୋଇଥାଏ । ମାୟା ଦ୍ୱାରା ଯୋଗହୋଇ, ଗୁଣଗୁଡିକରେ ପୋତି ହୋଇଯାଇଥାଏ ଜୀବ । ଗୁଣ ପ୍ରଭାବ ଦ୍ୱାରା, ମାୟା ନାମକ ପରଦା ଢାଙ୍କି ହୋଇଯିବା ଦ୍ୱାରା, ପରମାତ୍ମା ଅଂଶ ହୋଇଥିବା ଆତ୍ମାକୁ ଜୀବ ଦେଖି ନପାରି ପରମାତ୍ମାଙ୍କୁ ବୁଝିପାରୁ ନାହିଁ, ଏହା ହିଁ ବାସ୍ତବ କଥା । ଏପରି ନଲେଖି ପରମାତ୍ମା ମାୟା ଦ୍ୱାରା ମିଶିରହିବା ଲାଗି ତାଙ୍କୁ କେହି ଜାଣି ପାରୁ ନାହାନ୍ତି ଲେଖିବା ଶୁଦ୍ଧଭୁଲ୍, ଅବାସ୍ତବ । ମୂଢମାନେ ମୋର ଜନ୍ମ ମରଣ ନାହିଁ ବୋଲି ଜାଣିପାରନ୍ତି ନାହିଁ । ଆମେ ସ୍ୱତନ୍ତ୍ର ଭାବରେ ଲେଖିଥିବା ବିବୃତ୍ତି ଏବଂ ତାର ଭାବ ତଳେ ଦେଖନ୍ତୁ ।

**ଟୀକା :-**

**ସର୍ବସ୍ୟ - ସର୍ବ ମାନବ, ଯୋଗମାୟା - ମାୟାଯୁକ୍ତ**

**ସମାବୃତ୍ତ - ଢାଙ୍କିହୋଇ, ଅହଂ - ମୁଁ**

**ନ ପ୍ରକାଶଃ - ଜଣାପଡେ ନାହିଁ, ମାମ୍ - ମୋତେ,**

**ଅଜ - ଜନ୍ମ ନାହିଁ, ଅବ୍ୟୟମ୍ - ବିନାଶ ନାହିଁ**

**ଲୋକମୂଢା - ମୂଢ ଲୋକମାନେ**

**ଅଭିଜାନାତି - ଜାଣିପାରୁ ନାହାଁନ୍ତି**

**ଭାବାର୍ଥ :** ମାୟାଯୁକ୍ତମାନେ, ମାୟାଦ୍ୱାରା ଢାଙ୍କି ହୋଇଥିବା ସମସ୍ତେ ମୋତେ ଜାଣିପାରନ୍ତି ନାହିଁ । ମୂଢ଼ ଲୋକମାନେ ମୋର ଜନ୍ମ ମରଣ ନାହିଁ ବୋଲି ଜାଣିପାରନ୍ତି ନାହିଁ ।

**(୬) ଶ୍ଲୋକ,୨୬:ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ! ।**
**ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ॥**

**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବ ଜୀବର ଅତୀତ, ଚଳିତ, ଭବିଷ୍ୟତ ମୋତେ ଜଣାଥାଏ, ହେଲେ ମୋତେ କେହି ଜାଣିପାରନ୍ତି ନାହିଁ ।

**ବିବରଣୀ :** ସର୍ବଜୀବରାଶିର କର୍ମ ସେମାନଙ୍କ କର୍ମଚକ୍ରରେ ରହିଛି । କାଳ, କର୍ମଚକ୍ର ଆତ୍ମାକୁ କେନ୍ଦ୍ରକରି ଘୂରୁଥାଏ । କେଉଁ କାଳରେ କେଉଁକର୍ମ ବିତିଛି, କେଉଁ କାଳରେ କେଉଁ କର୍ମ ହେବ, ଏବେ କେଉଁ କର୍ମ ହେଉଛି ସବୁ ସେହି କର୍ମଚକ୍ରରେ ଜଣାପଡେ । ପରମାତ୍ମା ପ୍ରତି ଶରୀରରେ ବ୍ୟାପି ରହିଛନ୍ତି । ପ୍ରତି ମଣିଷର କର୍ମ, କାଳ ସବୁ ତାଙ୍କୁ ଜଣାଥାଏ, ତେଣୁ କାହାର କ'ଣ ହେଉଛି, କ'ଣ ହୋଇଛି ତାହା ତାଙ୍କୁ ସହଜରେ ଜଣାପଡେ ।

**(୬) ଶ୍ଲୋକ,୨୭: ଇଚ୍ଛାଦ୍ୱେଷ ସମୁତ୍ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।**
**ସର୍ବ ଭୂତାନି ସମ୍ମୋହଂ ସର୍ଗେଯାନ୍ତି ପରନ୍ତପ ! ॥**

**(ଜୀବାତ୍ମା,ପ୍ରକୃତି)**

**ଭାବାର୍ଥ :** ରାଗ ଦ୍ୱେଷରୁ ଜନ୍ମିତ ଦ୍ୱନ୍ଦ ଦ୍ୱାରା ଭ୍ରାନ୍ତିଯୁକ୍ତ ହୋଇ, ସମସ୍ତ ଜୀବରାଶି ଜନ୍ମରୁ ଆରମ୍ଭ କରି ସେଥିରେ ସମ୍ମୋହିତ ହୋଇଯାଆନ୍ତି ।

**ବିବରଣୀ :** ପ୍ରେମ, ଦ୍ୱେଷ ନାମକ ଦୁଇ ପ୍ରକାରର ଗୁଣଭଳି, ଅନ୍ୟ ଗୁଣଗୁଡିକ

ଦ୍ୱାରା ଜାତ ହେଉଥିବା ସୁଖ ଦୁଃଖାଦିର ବଶୀଭୂତ ହୋଇ, ସମସ୍ତ ଜୀବରାଶି ଜନ୍ମରୁ ଆରମ୍ଭ କରି ସେହି ଗୁଣଗୁଡିକରେ ଛନ୍ଦି ହୋଇଯା'ନ୍ତି ।

**(୬)ଶ୍ଲୋକ,୨୮ : ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।**
**ତେ ଦ୍ୱନ୍ଦ୍ୱ ମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ମନୁଷ୍ୟମାନଙ୍କ ଭିତରେ ଯିଏ ତାର ଦ୍ୱନ୍ଦଗୁଣାଦିର ମୋହକୁ ଛାଡି ମୋତେ ଭଜିଥାଏ, ସେ ତାର ପାପପୁଣ୍ୟକୁ ବିନାଶ କରିଥାଏ ।

**ବିବରଣୀ :** ଅନ୍ୟ ଗୀତାଗୁଡିକରେ ଯାହାର ପାପପୁଣ୍ୟ ବିନାଶ ହୋଇଥାଏ, ସେ ଦ୍ୱନ୍ଦକୁ ଛାଡି ପରମାତ୍ମାଙ୍କୁ ଭଜିଥାଏ ବୋଲି ଲେଖାଯାଇଛି । ଦ୍ୱନ୍ଦକୁ ଛାଡି ଯୋଗ ଆଚରଣ କରିବା ପରେ ପାପପୁଣ୍ୟ ଯାଇଥାଏ ସିନା, ପାପପୁଣ୍ୟ ଯିବା ପରେ ଦ୍ୱନ୍ଦକୁ ଛାଡି ପରମାତ୍ମାଙ୍କୁ ଭଜିଥାନ୍ତି ବୋଲି ଲେଖିବା ଅନର୍ଥ । କ'ଣ ଆଗରେ କ'ଣ ପଛରେ ଲେଖାଯିବା ଉଚିତ୍ ତାହା ବିଚାର ନ କରି ଲେଖିଛନ୍ତି । ପ୍ରଥମେ ଦ୍ୱନ୍ଦକୁ ଛାଡି, ଯୋଗ ଦ୍ୱାରା ପରମାତ୍ମାଙ୍କୁ ଆରାଧନା କଲେ ପାପପୁଣ୍ୟ ବିନାଶ ହୋଇଥାଏ ।

**(୬) ଶ୍ଲୋକ,୨୯ : ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।**
**ତେ ବ୍ରହ୍ମ ତଦ୍ୱିଦୁଃ କୃସ୍ନ ମଧ୍ୟାତ୍ମଂ କର୍ମଚାଖିଳମ୍ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ଜରା ମରଣରୁ ମୋକ୍ଷ ପାଇବା ନିମନ୍ତେ ମୋତେ ଆଶ୍ରୟ କରିବା ପୂର୍ବକ ଚେଷ୍ଟା କରୁଥିବା ପାତ୍ର ଆତ୍ମାକୁ, ଆଧ୍ୟାତ୍ମିକକୁ ଏବଂ କର୍ମକୁ ଜାଣିଥାଏ ।

**ବିବରଣୀ :** ଜନ୍ମ ମରଣରୁ ବହିର୍ଗତ ହୋଇ ମୋକ୍ଷ ପାଇବାକୁ ହେଲେ ପରମାତ୍ମାଙ୍କୁ ଆଧାର କରିବାକୁ ପଡିଥାଏ, ପରମାତ୍ମାଙ୍କୁ ଆଶ୍ରୟ କରି ତାଙ୍କଠାରେ ମିଶିବା ପାଇଁ ଯିଏ ଚେଷ୍ଟା କରୁଥାଏ, ସେ ଆଧ୍ୟାତ୍ମିକ ଏବଂ କର୍ମ ବାବଦରେ ଜାଣିଥାଏ ।

**(୬) ଶ୍ଳୋକ,୩୦ : ସାଧିଭୂତାଧିଦୈବଂ ମାଂ  ସାଧିଯଜ୍ଞଂ ଚ ଯେ ବିଦୁଃ ।**
**ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତ ଚେତସଃ ।।**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବ ଜୀବରାଶିର, ସର୍ବ ଦେବତା ମାନଙ୍କର, ଯଜ୍ଞର ଆଧାରଭୂତଙ୍କୁ ଯିଏ ଜାଣିଯାଏ, ସେ ଅବସାନ ଦଶାରେ ତାର ମନକୁ ମୋଠାରେ ଲଗାଇ ମୋତେ ଜାଣିପାରେ ।

**ବିବରଣୀ :** ସମ୍ପୂର୍ଣ୍ଣ ଜ୍ଞାନ ଜାଣି ସର୍ବସ୍ୱର ଅଧିକାରୀ ଜଣେ ଅଛି, ସେ ସମସ୍ତ ଜୀବକୋଟିର, ଦେବତାମାନଙ୍କର ଅଧିପତି ହୋଇ, କର୍ମନିର୍ମୂଳ ପାଇଁ ଅଗ୍ନି ହୋଇ  ରହିଛି ବୋଲି ଜାଣିପାରିଥିବା ବ୍ୟକ୍ତି ଅନ୍ତଃ କାଳରେ ତାର ମନ ଦ୍ୱାରା ଆତ୍ମାକୁ ସ୍ମରଣ କରି ଶେଷରେ ପରମାତ୍ମାରେ ଲୀନ ହୋଇପାରେ ।

ବିଜ୍ଞାନଯୋଗ ଏତିକିରେ ସମାପ୍ତ ହୋଇଛି । ଏହି ଅଧ୍ୟାୟରେ ଥିବା ଶ୍ଳୋକଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଜୀବାତ୍ମା,ପରମାତ୍ମା | = | ୧୧ |
| ୨) | ଜୀବାତ୍ମା | = | ୦୬ |
| ୩) | ପ୍ରକୃତି | = | ୦୧ |
| ୪) | ପ୍ରକୃତି,ପରମାତ୍ମା | = | ୦୨ |
| ୫) | ପରମାତ୍ମା | = | ୦୮ |
| ୬) | ଜୀବାତ୍ମା,ସାକାର | = | ୦୧ |
| ୭) | ପ୍ରକୃତି,ଜୀବାତ୍ମା | = | ୦୧ |
| | **ମୋଟ** | = | **୩୦** |

**ଭାବାର୍ଥ ଏବଂ ବିବରଣୀ ବଦଳାଇ ଲେଖାଯାଇଥିବା ଥିବା ଶ୍ଳୋକ-ଗୁଡିକ - ୫,୧୧,୨୫ ।**

*****

# ଅକ୍ଷର ପରବ୍ରହ୍ମ ଯୋଗ

ଅକ୍ଷର କହିଲେ, ଯାହାର ବିନାଶ ନାହିଁ । ଅକ୍ଷର ପରବ୍ରହ୍ମ ଯୋଗ ନାମକ ଏହି ଅଧ୍ୟାୟରେ ଅଧିକାଂଶ ମୋକ୍ଷ ବିଷୟରେ କୁହାଯାଇଛି । ତାଛଡା ଯୋଗ ଆଚରଣ କରୁଥିବା ଯୋଗୀମାନେ ସେହି ଜନ୍ମରେ ମୋକ୍ଷ ପାଉଛନ୍ତି କି ନାହିଁ ତାହା ମଧ୍ୟ ଜଣାଇ ଦିଆଯାଇଛି । ବାସ୍ତବରେ ଭଗବାନ ଯୁଦ୍ଧକ୍ଷେତ୍ରରେ ଏତେ ଅଧ୍ୟାୟ ବିଶିଷ୍ଟ ଗୀତା କହିନାହାନ୍ତି, ଯୁଦ୍ଧ ପରେ ବ୍ୟାସଙ୍କ ଦ୍ୱାରା ଭଗବାନ କହିଥିବା ବିଷୟସବୁ ଭଗବଦ୍ଗୀତା ନାମରେ ଲେଖାଯାଇଛି ବୋଲି ଆଗରୁ ଜଣାଇଛୁ । ବ୍ୟାସ ଏତେ ଅଧ୍ୟାୟ କରି ଲେଖିଥିବା ଗୀତାରେ ପ୍ରାୟ ଆତ୍ମସଂଯମ ଯୋଗ ନାମକ ଅଧ୍ୟାୟ ପର୍ଯ୍ୟନ୍ତ ଯୋଗ ବାବଦରେ, ଯୋଗୀମାନଙ୍କ ବାବଦରେ କହି, ତାପରେ ଅଧିକାଂଶ ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କ ବାବଦରେ, ଏହି ଅଧ୍ୟାୟରେ ଅଧିକାଂଶ ମୋକ୍ଷ ବାବଦରେ କହିଛନ୍ତି । ତା ବ୍ୟତୀତ ପ୍ରାରମ୍ଭରେ ଉନ୍ନତ ପ୍ରଶ୍ନଗୁଡିଏ ଦେଇ ତାର ପ୍ରତ୍ୟୁକ୍ତି ଜଣାଇବା ଏହି ଅଧ୍ୟାୟର ବିଶେଷତ୍ୱ ଏବଂ ତାହା ପାଠକପାଠିକା ମାନଙ୍କୁ ଉନ୍ନତମାନର ଆତ୍ମଜ୍ଞାନ ଜଣାଇବାରେ ନିଶ୍ଚୟ ସହାୟ ହେବ ।

**ଅର୍ଜୁନ କହୁଛନ୍ତି :-**

**(୭) ଶ୍ଲୋକ,୧ : କିଂ ତଦ୍ ବ୍ରହ୍ମ ? କିମଧ୍ୟାତ୍ମଂ ? କିଂ କର୍ମ ପୁରୁଷୋତ୍ତମ ! ।**
**ଅଧିଭୂତଂ ଚ କିଂ ? ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ? ॥**
**(ପ୍ରକୃତି,ଆତ୍ମା,ପରମାତ୍ମା)**

**(୭) ଶ୍ଲୋକ,୨ : ଅଧି ଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ ! ।**
**ପ୍ରୟାଣ କାଳେ ଚ କଥଂ ଜ୍ଞେୟୋସି ନିୟତାତ୍ମଭିଃ ॥**
**(ଆତ୍ମା,ପରମାତ୍ମା)**

**ଭାବାର୍ଥ :** ବ୍ରହ୍ମ କ'ଣ ? ଆଧ୍ୟାତ୍ମିକ କ'ଣ ? କର୍ମ କାହାକୁ କହନ୍ତି ? କିଏ ଭୂତମାନଙ୍କର ଅଧିପତି ? ସେହିଭଳି କିଏ ଦେବତା ମାନଙ୍କଠାରୁ ଅଧିକ ? ହେ ପୁରୁଷୋତ୍ତମ ! ମୋତେ ବୁଝାଇ କହ ।

ଦେହରେ ଯଜ୍ଞର ଅଧିପତି ଭାବରେ ଯିଏ ଅଛି ସେ କିପରି ଅଛି ? ନିୟତାତ୍ମାମାନେ ଅନ୍ତଃକାଳରେ କିପରି ତୋତେ ପାଇଥାନ୍ତି ?

**ବିବରଣୀ :** ଏଠାରେ ଅର୍ଜୁନ ଏକକାଳୀନ ସାତଗୋଟି ପ୍ରଶ୍ନ ପଚାରିଛନ୍ତି । ଏହି ସାତଗୋଟି ପ୍ରଶ୍ନ ଭିତରୁ ଶେଷରେ ପଚାରିଛନ୍ତି ଯେ, ଅନ୍ତଃକାଳରେ ଯୋଗୀମାନେ ତୋତେ କିପରି ପାଇଥାନ୍ତି । ପ୍ରଥମରେ ଥିବା ଛଅଗୋଟି ପ୍ରଶ୍ନର ସମାଧାନ ଦୁଇଟି ଶ୍ଳୋକରେ ରହିଛି । ଏହି ଅଧ୍ୟାୟର ଥିବା ମୋଟ ୨୮ଗୋଟି ଶ୍ଳୋକରୁ ଏହି ଦୁଇଟି ଶ୍ଳୋକରେ ଅର୍ଜୁନଙ୍କର ଛଅଗୋଟି ପ୍ରଶ୍ନ ରହିବାବେଳେ, ଆଉ ଦୁଇଗୋଟି ଶ୍ଳୋକରେ ତାର ସମାଧାନ ରହିଛି । ବାକି ବଳକା ଥିବା ୨୪ ଗୋଟି ଶ୍ଳୋକରେ ଅର୍ଜୁନଙ୍କର ସପ୍ତମ ପ୍ରଶ୍ନର ସମାଧାନ ରହିଛି । ଅର୍ଜୁନ ପଚାରିଥିବା ଛଅଗୋଟି ପ୍ରଶ୍ନ କ'ଣ କ'ଣ ଦେଖନ୍ତୁ ! ବ୍ରହ୍ମ କ'ଣ ? ଏଠାରେ ଧ୍ୟାନ ଦେବାରେ ଅଛି ଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ନାମକ ତ୍ରିମୂର୍ତ୍ତିଙ୍କ ଭିତରେ ଥିବା ଚତୁର୍ମୁଖ ବ୍ରହ୍ମାଙ୍କ ବାବଦରେ ଅର୍ଜୁନ ଏଠାରେ ପଚାରି ନାହାନ୍ତି । ଯିଏ ଏହି ସମସ୍ତ ସୃଷ୍ଟିର ମୂଳାଧାର, ମୂଳକର୍ତ୍ତା, ସମସ୍ତର ଅଧିକାରୀ, ପରମେଶ୍ୱର, ସର୍ବବ୍ୟାପୀ, ଦେବତାମାନଙ୍କର ଦୈବ, ଯାହାଙ୍କୁ ପରମାତ୍ମା କୁହାଯାଉଛି, ଅବ୍ୟକ୍ତ କୁହାଯାଉଛି ସେ କିଏ ? ବୋଲି ଅର୍ଜୁନ ପଚାରିଛନ୍ତି । ଦ୍ୱିତୀୟ ପ୍ରଶ୍ନ ହେଉଛି ଆଧ୍ୟାତ୍ମିକ କହିଲେ କ'ଣ ? ତୃତୀୟଟି କର୍ମ କ'ଣ ? ଚତୁର୍ଥ ପ୍ରଶ୍ନ ସର୍ବ ଜୀବରାଶିର ଅଧିପତି କିଏ ? ପଞ୍ଚମ ପ୍ରଶ୍ନ ହେଉଛି ସର୍ବ ଦେବତାମାନଙ୍କର ଦୈବ ବା ସେମାନଙ୍କ ଭିତରେ ଶ୍ରେଷ୍ଠ କିଏ ? ଷଷ୍ଠ ପ୍ରଶ୍ନ ହେଉଛି ଦେହରେ ହେଉଥିବା ଯଜ୍ଞର ଅଧିପତି କିଏ ? ଶେଷରେ ପଚାରିଥିବା ସପ୍ତମ ପ୍ରଶ୍ନ ହେଉଛି, ଯୋଗୀମାନେ ଅବସାନ ଦଶାରେ କିପରି ମୋକ୍ଷ ପାଇଥାନ୍ତି ? ଏହିସବୁ ପ୍ରଶ୍ନର ସମାଧାନ ଭଗବାନ ତଳେ କରିଛନ୍ତି, ଦେଖନ୍ତୁ ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୭) ଶ୍ଳୋକ,୩ : ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।**
**ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ॥**

**(ପ୍ରକୃତି,ପରମାତ୍ମା)**

**ଭାବାର୍ଥ :** ବ୍ରହ୍ମ ସର୍ବଶ୍ରେଷ୍ଠ ଏବଂ ଅବିନାଶୀ । ନିଜେ ନିଜକୁ ଜାଣିବା ଆଧ୍ୟାତ୍ମିକ । ଜୀବରାଶିଙ୍କ ଅସ୍ତିତ୍ୱର କାରଣ ହୋଇଥିବା ହିସାବ ହିଁ କର୍ମ ।

**ବିବରଣୀ :** ପ୍ରଥମ ପ୍ରଶ୍ନର ସମାଧାନରେ ଯିଏ ସର୍ବଶ୍ରେଷ୍ଠ, ନାଶରହିତ ତାହାକୁ ବ୍ରହ୍ମ କହିଛନ୍ତି । ବ୍ରହ୍ମ କହିଲେ କେଉଁ ବ୍ରହ୍ମ ବୋଲି ବିଚାର ନକରି କେତେକ ନିଜ ନିଜ ଈପ୍ସିତ ଆରାଧ୍ୟମାନଙ୍କ ବାବଦରେ ଭାବନା କରିଛନ୍ତି । ଅନେକ ଚତୁର୍ମୁଖ ବ୍ରହ୍ମା ବୋଲି ଭାବିଛନ୍ତି, କିନ୍ତୁ ବ୍ରହ୍ମ ଏକ ନାମ ନୁହେଁ, ଏକ ମହାନତାକୁ ଜଣାଉଥିବା ଶବ୍ଦ । **ବ୍ରହ୍ମ କହିଲେ, ବଡ ବୋଲି ବୁଝିବା ଉଚିତ୍** । କୌଣସି ବିଶେଷତାକୁ ଦର୍ଶାଇବା ବେଳେ ବ୍ରହ୍ମ ଶବ୍ଦର ବ୍ୟବହାର କରାଯାଇଥାଏ । ବ୍ରହ୍ମାଣ୍ଡ, ବ୍ରହ୍ମରଥ, ବ୍ରହ୍ମଶର, ବ୍ରହ୍ମରାପୁଡା ଇତ୍ୟାଦି ଶବ୍ଦଗୁଡିକ ବିଶେଷତାକୁ ପ୍ରତିପାଦନ କରିଥାଏ । ଏଠାରେ ପରମାତ୍ମା ହେଉଛନ୍ତି ବିଶେଷ, ତେଣୁ ତାଙ୍କୁ ବ୍ରହ୍ମ କୁହାଯାଇଛି । ବାସ୍ତବରେ କୁହାଯାଇଥିବା ଶ୍ରେଷ୍ଠ ବା ବ୍ରହ୍ମର କୌଣସି ନାମ ନାହିଁ, ତାହା ଏକ ବଡ ବିଚିତ୍ର ଶକ୍ତି, ସେ ଶକ୍ତିର କେଉଁ ନାମ ଦିଆଯିବ କେହି ସ୍ଥିର କରିନପାରି ଏଭଳି ବ୍ରହ୍ମ, ପରମାତ୍ମା, ଈଶ୍ୱର ଇତ୍ୟାଦି ଦେଇଛନ୍ତି । ବ୍ରହ୍ମ, ପରମାତ୍ମା, ଈଶ୍ୱର ଏସବୁ ନାମ ନୁହେଁ । ବ୍ରହ୍ମ କହିଲେ ବଡ, ପରମାତ୍ମା କହିଲେ ଆତ୍ମାଠାରୁ ଭିନ୍ନ ବା ଶ୍ରେଷ୍ଠ, ସେହିଭଳି ଈଶ୍ୱର କହିଲେ ଅଧିପତି । ବାସ୍ତବରେ ଯିଏ କିଛି ନୁହଁନ୍ତି, ଯାହାଙ୍କୁ କାହା ସହିତ ତୁଳନା କରିପାରିବା ନାହିଁ ଆମେ ତାଙ୍କର କି ନାମ ଦେବା ! ତେଣୁ ତାଙ୍କ ନାମ କ'ଣ ଦିଆଯିବ ତାହା କାହାକୁ ଜଣା ନାହିଁ ବୋଲି କହିପାରିବା, ସେ ସ୍ତ୍ରୀ ନୁହନ୍ତି କି ପୁରୁଷ ନୁହନ୍ତି, ତାଙ୍କ କଥା ବାକ୍ୟରେ କହିବା ବେଳେ ସ୍ତ୍ରୀ, ପୁରୁଷ ଲିଙ୍ଗ ଭେଦରେ କୁହ, ସମ୍ମାନ ଦେଇ କୁହ କି ସମ୍ମାନ ନଦେଇ କୁହ କିଛି ଯାଏଆସେ ନାହିଁ । କାରଣ ! ସେ କିଏ କ'ଣ ଆମକୁ ଜଣା ନାହିଁ, କିନ୍ତୁ ସେହି ମହାନ ଶକ୍ତିର ଆଧାରରେ ସବୁକିଛି ବିଦ୍ୟମାନ । ପ୍ରତି କାର୍ଯ୍ୟର ଏକ କାରଣ ଆଉ କର୍ତ୍ତା ଥିବାଭଳି ଏତେବଡ ଦେଖାଯାଉଥିବା ସୃଷ୍ଟିକାର୍ଯ୍ୟର ନିଶ୍ଚୟ ଜଣେ କର୍ତ୍ତା ରହିଛି । ସେ ହିଁ ପରମ ଶକ୍ତି । **ଶ୍ରୀକୃଷ୍ଣଙ୍କ ଶରୀରରୁ କୁହାଯାଇଥିବା ଭଗବଦ୍ଗୀତା ମଧ୍ୟ କହିଛି ସେହି ଶକ୍ତି । ଏବେ ଏହିସବୁ ପ୍ରଶ୍ନର ଜବାବ ଦେଉଛି ମଧ୍ୟ ସେହି ଶକ୍ତି** । ତାହା ତୃତୀୟ ଅଧ୍ୟାୟ ଜ୍ଞାନଯୋଗରେ କହିବା ଭଳି,

ବେଳେବେଳେ ଆବଶ୍ୟକ ସମୟରେ ମାନବ ଅବତାର ନେଇ ସେହି ଶକ୍ତି ନିଜର ଧର୍ମ ଜଣାଇ ଚାଲିଯାଇଥାଏ । ଏହିଭଳି ପରମାତ୍ମା ଏକ ଆକାର ବିଶିଷ୍ଟ ଶରୀର ଧାରଣ କରିବାକୁ ତାଙ୍କର ଏକ ଅବତାର ବୋଲି କହୁଛୁ, ସେ କେଉଁଠାରେ କେଉଁ ଅବତାର ନେଇଛନ୍ତି ଆମର ଆବଶ୍ୟକ ନାହିଁ, ହେଲେ ଶ୍ରୀକୃଷ୍ଣ ଭାବରେ ଜନ୍ମହୋଇ ମୁଁ ଅମୁକ ବୋଲି ଯଦି ନିଜକୁ ପ୍ରକଟିତ କରିନଥାନ୍ତେ ତେବେ ସେ କିଏ ଆମେ ଜାଣିପାରି ନଥାନ୍ତେ । ପରମାତ୍ମାଙ୍କ ଜନ୍ମ ହିଁ ଭଗବାନ ଜନ୍ମ ବୋଲି ଆଗରୁ ଅନେକ ଥର କୁହାଯାଇଛି । ସେହି ଭଗବାନ ଅର୍ଜୁନଙ୍କ ଦ୍ୱିତୀୟ ପ୍ରଶ୍ନର ସମାଧାନ କ'ଣ କରିଛନ୍ତି ଦେଖନ୍ତୁ ।

ନିଜେ ନିଜକୁ ଜାଣିବାକୁ ଆଧ୍ୟାତ୍ମିକ ବୋଲି କହିଛନ୍ତି । ଅଧ୍ୟୟନ କହିଲେ ପଛକୁ ଫେରି ଦେଖିବା ବା ପୁର୍ନପଠନ କରିବା । ଗୀତା ଅଧ୍ୟୟନ କହିଲେ ଗୀତାକୁ ପୁନର୍ବାର ଜାଣିବା ବା ପୁର୍ନପଠନ କରିବା । ସେହିଭଳି ଆତ୍ମା ଅଧ୍ୟୟନ ଅର୍ଥାତ୍ ଆତ୍ମାକୁ ଦେଖିବା ବା ଜାଣିବା । ଏହି ଅନୁସାରେ ଆଧ୍ୟାତ୍ମ କହିଲେ ନିଜ ଆତ୍ମାକୁ ନିଜେ ଜାଣିବା ବା ନିଜେ ନିଜକୁ ଜାଣିବା ବୋଲି ଅର୍ଥ ମିଳିଥାଏ । ଆତ୍ମାକୁ ଜାଣିବା ଆଧ୍ୟାତ୍ମିକ ବୋଲି ସମାଧାନ ଜଣାଇବା ପରେ କର୍ମ କହିଲେ କ'ଣ ତାର ସମାଧାନ ମଧ୍ୟ ଜଣାଇଛନ୍ତି ।

କର୍ମ ଅର୍ଥାତ୍ ଜୀବରାଶି ସମ୍ବନ୍ଧୀୟ ହିସାବର ଚିଠା । ଗୋଟିଏ ଜୀବ କେତେବେଳେ, କେଉଁଠାରେ ଜନ୍ମହେବ, କିପରି ଜନ୍ମହେବ, କେଉଁ ଶରୀରରେ ଜନ୍ମହେବ, ଜନ୍ମହେବା ବେଳେ କେତେ କାନ୍ଦିବ, ଜନ୍ମହେବା ପରେ କେତେସମୟ ପରେ କ୍ଷୀର ପିଇବ, ତା ଜୀବନର ପ୍ରତି କ୍ଷଣରେ କ'ଣ କ'ଣ ହେବ ତାର ବିବରଣ ହେଉଛି କର୍ମ । ଏସବୁ ଜୀବର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆଗରୁ ହିସାବ ହୋଇ ରହିଥାଏ, ସେହି ହିସାବକୁ କର୍ମ କୁହାଯାଏ । ଏଇକଥା ବାଇବେଲ୍‌ରେ ମଧ୍ୟ ଯୀଶୁ କହିଛନ୍ତି । **'ତୋ ମୁଣ୍ଡରେ ଥିବା କେଶଗୁଡିକ ମଧ୍ୟ ଗଣାଯାଇଛି'** ଅର୍ଥାତ୍ ଆମ ମୁଣ୍ଡରେ କେତେ କେଶ ରହିବ, କେବେ କେତେ ଉପୁଡିବ, ଆମ ଆଖିପତା ମଧ୍ୟ କେତେ ଥର ଖୋଲି ବନ୍ଦହେବ ତାହା ଲେଖାଯିବା ସହିତ ଆମ ଜୀବନର ସମସ୍ତ ଛୋଟ ବଡ କାର୍ଯ୍ୟ କେତେବେଳେ କିପରି ହେବ ତାହା ସବୁ ଲେଖାହୋଇ ରହିଛି, ତାହାକୁ କର୍ମ କୁହାଯାଏ ବୋଲି

ଜାଣିବା ଉଚିତ୍ । ବିସର୍ଗ ଅର୍ଥାତ୍ ନିୟନ୍ତ୍ରିତ ହୋଇଥିବା ହିସାବ ଯାହା ଦ୍ୱାରା ଆମ ଜୀବନର ସମସ୍ତ ଛୋଟବଡ କାର୍ଯ୍ୟ ହୋଇଥାଏ । ତା'ର ଅନୁଭୂତିକୁ ଜୀବ ଅନୁଭବ କରିଥାଏ ।

**(୭) ଶ୍ଲୋକ,୪ : ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।**
**ଅଧିଯଜ୍ଞୋଽହମେବାତ୍ର ଦେହେଦେହ ଭୃତାମ୍ବର ॥**
**(ଆତ୍ମା)**

**ଭାବାର୍ଥ :** ବିନାଶଶୀଳ ଶରୀର ବିଶିଷ୍ଟ ଜୀବରାଶିର, ଦେବତା ମାନଙ୍କର ଆଧାର ହେଉଛି ମୁଁ, ଦେହରେ ହେଉଥିବା ଯଜ୍ଞର ଅଧିପତି ମଧ୍ୟ ମୁଁ ।

**ବିବରଣୀ :** ଏହି ଶ୍ଲୋକର ଭାବାର୍ଥ ଲେଖିବାରେ ପ୍ରାୟ ସବୁ ଗୀତାରେ ଭୂତମାନଙ୍କର ଆଧାର ବିନାଶଶୀଳ ଶରୀର ବୋଲି ଲେଖାଯାଇଛି । ଏହା ଠିକ୍ ବୋଲି କହିପାରିବା ନାହିଁ । ଜଣେ ମଣିଷ ବଞ୍ଚିଥିବା ବେଳେ, ସେ ଜୀବର ସେହି ଶରୀର ଆଧାର (ଅଧିଭୂତ) ହୋଇ ଅଛି ଭାବିଲେ ଯଦି ଠିକ୍ ବୁଝିବା ! ହଠାତ୍ ସେ ଅକାଳ ମରଣ ପାଇ କେବଳ ସ୍ଥୁଳ ଶରୀରକୁ ହରାଇ, ଆଉ କିଛିକାଳ ସୂକ୍ଷ୍ମଶରୀରରେ ବଞ୍ଚିଲା ଭାବିଲେ, ତାର ଆଉ ଶରୀର ନଥିବା ବେଳେ ସେ ଜୀବର ଅଧିଭୂତ କିଏ ହେବ ? ଏଭଳି ବଞ୍ଚିଥିବା ଜୀବମାନଙ୍କର କ'ଣ ଅଧିଭୂତ ନାହିଁ ? ଏଭଳି ପ୍ରଶ୍ନ ଆସିବା ବେଳେ ଯେତେ ଖୋଜିଲେ ମଧ୍ୟ ଉତ୍ତର ନାହିଁ । ବିନାଶଶୀଳ ଜୀବରାଶିର, ଦେବତାମାନଙ୍କର ଆଧାର, ଅଧିପତି ହୋଇ ଆତ୍ମା (ପୁରୁଷ) ରହିଛି । ବିନାଶଶୀଳ ଶରୀରର, ତାକୁ ଧାରଣ କରିଥିବା ଜୀବର ଏବଂ ସକଳ ଦେବତା ମାନଙ୍କର ଆଧାର ହୋଇ, ସେମାନଙ୍କ ଜୀବନ ନିର୍ବାହର କାରଣ ହୋଇ ରହିଛି ଆତ୍ମା । ଆତ୍ମା ଶକ୍ତି ନଥିଲେ ନଶ୍ୱର ଶରୀର ଟିକିଏ ମଧ୍ୟ ହଲିପାରିବ ନାହିଁ, ବଢିପାରିବ ନାହିଁ, ଶରୀରରେ ରହିପାରିବ ନାହିଁ । ସମସ୍ତ ଦେବତା ପ୍ରତିମାରେ ଆତ୍ମଶକ୍ତି ନଥିଲେ ସେମାନଙ୍କର ଶକ୍ତି ରହନ୍ତା ନାହିଁ, ସେମାନେ ପ୍ରତିମାରୁ ବାହାରକୁ ଯାତାୟତ କରିପାରନ୍ତେ ନାହିଁ । କ୍ଷର ଶରୀରର, ଜୀବର, ଦେବତା ମାନଙ୍କର ଯିଏ ଅଧିପତି ସେ ଆତ୍ମା ବୋଲି ଜାଣିବା ଉଚିତ୍ ।

ଯଜ୍ଞ ବାହାରେ ହୋଇନଥାଏ । ଶରୀରରେ ଦୁଇ ପ୍ରକାରର ଯଜ୍ଞ ହୋଇଥାଏ ବୋଲି ଆଗରୁ ଜ୍ଞାନଯୋଗରେ କୁହାଯାଇଛି, ସେହି ଯଜ୍ଞଗୁଡିକର ଅଧିପତି ଆତ୍ମା ବୋଲି ଜାଣିବା ଉଚିତ୍ । କୋର୍ଟରେ ଜଜ୍ ନଥିଲେ ଯେପରି କୋର୍ଟ କାର୍ଯ୍ୟ ହୋଇପାରି ନଥାଏ ସେହିଭଳି ଶରୀରରେ ଆତ୍ମା ନଥିଲେ କୌଣସି କାର୍ଯ୍ୟ ହୋଇପାରି ନଥାଏ । କୋର୍ଟର ମୁଖ୍ୟ ଆଧାର ଏବଂ ଅଧିପତି ଜଜ୍ ହୋଇଥିବା ଭଳି ଶରୀରର ଆଧାର ଏବଂ ଅଧିପତି ହୋଇ ଆତ୍ମା ରହିଥାଏ । ସମସ୍ତ ଜୀବରାଶିର ଶରୀରରେ ହେଉଥିବା ଦୁଇଟି ଯଜ୍ଞର, ଜୀବ ଶରୀର ଦ୍ୱାରା ପୂଜିତ ହେଉଥିବା ଦେବତା ମାନଙ୍କର ଏବଂ ସର୍ବ ଜୀବରାଶିଙ୍କର ଅଧିପତି ଆତ୍ମା ବା ପୁରୁଷ ବୋଲି କହି ପାରିବା । ଏଠାରେ ଯେ ଅଧିଭୂତ, ଅଧିଯଜ୍ଞ, ଅଧିଦୈବ ସେ ହିଁ ପୁରୁଷ ବା ଆତ୍ମା ବୋଲି ଜାଣିବା ଉଚିତ୍ । ତଳଶ୍ଳୋକରେ ପୁରୁଷୋତ୍ତମଙ୍କ ବିଷୟ କୁହାଯାଇଛି । କେଉଁଠାରେ ପୁରୁଷ ଆଉ କେଉଁଠାରେ ପୁରୁଷୋତ୍ତମଙ୍କ ବାବଦରେ କୁହାଯାଇଛି ତାହା ବୁଝି ନପାରିଲେ ସମଗ୍ର ଭଗବଦ୍ଗୀତା ଅନର୍ଥ ହୋଇଯାଇଥାଏ ବୋଲି ଗ୍ରହଣ କରନ୍ତୁ ।

**(୭) ଶ୍ଳୋକ,୫ : ଅନ୍ତକାଳେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଳେବରମ୍ ।**
**ଯଃ ପ୍ରଯାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ॥**

**(ଆତ୍ମା,ପରମାତ୍ମା)**

**ଭାବାର୍ଥ :** ଶେଷକାଳରେ ମୋତେ ସ୍ମରଣ କରି ଯିଏ ଶରୀର ଛାଡିଥାଏ ସେ ମୋତେ ପାଇପାରିଥାଏ, ଏଥିରେ କୌଣସି ସନ୍ଦେହ ନାହିଁ ।

**ବିବରଣୀ :** ବେଳେବେଳେ ପରମାତ୍ମା ମୁଁ ବୋଲି କହିବା ବେଳେ, କେଉଁଠାରେ ଜୀବାତ୍ମା ପାତ୍ର ରହିଛି, କେଉଁଠାରେ ଆତ୍ମା ପାତ୍ର ରହିଛି ତାହା ବିଚାର ପୂର୍ବକ ଗ୍ରହଣ କରିବା ଉଚିତ୍ । ଏହି ଶ୍ଳୋକରେ ଅବସାନ ଦଶାରେ ଯିଏ ମୋତେ ସ୍ମରଣ କରିଥାଏ ସେ ମୃତ୍ୟୁବରଣ କରିବା ପରେ ମୋତେ ପାଇଥାଏ ବୋଲି କୁହାଯାଇଛି । ଶରୀରରେ ଅବସାନ ଦଶା ଆସିଥାଏ । ଶରୀରରେ ଜୀବର ମନୋଧ୍ୟାନ ଆତ୍ମା ଉପରେ ରହିବା ଉଚିତ୍, ସେତେବେଳେ ମୃତ୍ୟୁବରଣ

କରିଥିବା ଜୀବ ଆଉ ଶରୀରଟିଏ ପାଇନଥାଏ । ଶରୀର ଥିବାବେଳେ ଆତ୍ମାକୁ ସ୍ମରଣ କରିବାକୁ ହୋଇଥାଏ, ଶରୀର ଛାଡିବା ପରେ ପରମାତ୍ମା ମିଳିଥାନ୍ତି । ଆତ୍ମା ଭାବରେ ଶରୀର ଭିତରେ ମୋତେ ସ୍ମରଣ କରିବାକୁ ହୁଏ, ଶରୀର ଛାଡିବା ପରେ ମୁଁ ବାହାରେ ମିଳିଯାଏ ବୋଲି କହିଛନ୍ତି ପରମାତ୍ମା । ପରମାତ୍ମା ଶରୀରରେ ସ୍ମରଣଯୋଗ୍ୟ ଭାବରେ ଆତ୍ମାହୋଇ, ଶରୀର ବାହାରେ ପରମାତ୍ମା ହୋଇ ରହିଛନ୍ତି । ତେଣୁ ଯିଏ ମୋତେ ସ୍ମରଣ କରିଥାଏ ସେ ମୋତେ ପାଇଥାଏ ବୋଲି କହିଛନ୍ତି । ଏଠାରେ ଆମେ ବିଭାଜନ ପୂର୍ବକ ଗ୍ରହଣ କରିବା ଉଚିତ୍ ଯେ, ସ୍ମରଣଯୋଗ୍ୟ ହେଉଛନ୍ତି ଆତ୍ମା, ମୋକ୍ଷରେ ମିଳିଥାନ୍ତି ପରମାତ୍ମା ।

**(୭)ଶ୍ଳୋକ,୬ : ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ।**
**ତଂ ତମେବୈତି କୌନ୍ତେୟ ! ସଦା ତଭାବ ଭାବିତଃ ॥**
**(ଜୀବାତ୍ମା)**

**ଭାବାର୍ଥ :** ଯେଉଁ ଯେଉଁ ଭାବରେ ସ୍ମରଣ କରି ଶରୀର ଛାଡିଥା'ନ୍ତି, ସେହି ଭାବକୁ ଅଭ୍ୟାସ ବଳ ଦ୍ୱାରା ପାଇଥା'ନ୍ତି ।

**ବିବରଣୀ :** ଏହି ଶ୍ଳୋକଟି ନିର୍ଦ୍ଦିଷ୍ଟ ଭାବରେ କାହା ଉଦ୍ଦେଶ୍ୟରେ କହିଛନ୍ତି କହିପାରିବା ଅସମ୍ଭବ, ଶ୍ଳୋକଟି ଏକ ସୂତ୍ର ଭଳି । ଏକ ସୂତ୍ର ଅନୁସାରେ କୌଣସି ହିସାବ କରିପାରିବା ଭଳି, ଏଠାରେ କୁହାଯାଇଥିବା ଏହି ସୂତ୍ର ମଧ୍ୟ ଅଜ୍ଞାନୀ, ଜ୍ଞାନୀ ସମସ୍ତଙ୍କ କାର୍ଯ୍ୟରେ ଆସିଥାଏ । ଏହା ସମସ୍ତଙ୍କ ପାଇଁ କୁହାଯାଇଛି । ଏହି ସୂତ୍ର ହେଉଛି ! ଶରୀର ଛାଡିବା ସମୟରେ ଅର୍ଥାତ୍ **ମରଣର 'ଅବସାନ ଦଶାରେ ଯାହା ମନରେ ଯେଉଁସ୍ମୃତି ଥାଏ, ସେ ମରଣ ପରେ ତାହା ହିଁ ପାଇଥାଏ'** । ଏଠାରେ ମୁଖ୍ୟତଃ ଧ୍ୟାନ ଦେବା ବିଷୟଟିଏ ରହିଛି । ତାହା କ'ଣନା ! ମରଣ ସମୟରେ ଯେଉଁମାନଙ୍କର ଅବସାନ ଦଶା ଆସିଥାଏ କେବଳ ସେହିମାନଙ୍କ ପାଇଁ ଏଠାରେ କୁହାଯାଇଛି । ଅବସାନ ଦଶା ନଥିବା ମରଣ ମଧ୍ୟ ଅନେକ ରହିଥାଏ, ସେହି ମରଣ ପାଇଁ ଏହି ସୂତ୍ର କାର୍ଯ୍ୟକାରୀ ହୋଇ ନଥାଏ । ଏହି ସୂତ୍ର କେବଳ କାଳମରଣ ପାଇଁ, ଅକାଳ ମରଣ ପାଇଁ ନୁହେଁ ବୋଲି ଜାଣିବା ଉଚିତ୍ । ଅବସାନ ଦଶାରେ ମନରେ ପ୍ରକୃତି ସମ୍ବନ୍ଧୀୟ

ବିଷୟ ଥାଇପାରେ, ଆତ୍ମା ସମ୍ବନ୍ଧୀୟ ବିଷୟ ମଧ୍ୟ ଥାଇ ପାରେ । ଯଦି ପ୍ରକୃତି ସମ୍ବନ୍ଧୀୟ ବିଷୟ ଥାଏ ତେବେ ନିଶ୍ଚୟ ପୁନର୍ଜନ୍ମ ହୋଇଥାଏ, କାରଣ ! ଯେଉଁ ବିଷୟ ସ୍ମୃତିରେ ଥାଏ ତାହା ମିଳେ । ତା ନହୋଇ ଆତ୍ମାସ୍ମୃତି ଥିଲେ ପୁନର୍ଜନ୍ମ ନହୋଇ ମୋକ୍ଷ ହୋଇଥାଏ । ସେହି ଶେଷ ସମୟରେ ଅର୍ଥାତ୍ ଅବସାନ ଦଶାରେ ଜୀବନର ଯେଉଁ ବଳଶାଳୀ ବିଷୟ ରହିଥାଏ ତାହା ମନେପଡେ । କେତେକ ଶେଷ ସମୟରେ ଅର୍ଥାତ୍ ମରଣ ସମୟରେ ଈଶ୍ୱରଙ୍କୁ ସ୍ମରଣ କଲେ ମୋତେ ମୋକ୍ଷ ମିଳିଯିବ ବୋଲି ଭାବିଥାନ୍ତି । ଶେଷ କାଳରେ ମୋତେ ସ୍ମରଣ କଲେ ମୋତେ ପାଇବୁ ବୋଲି କହିଛନ୍ତି, ଏବେଠାରୁ କାହିଁକି ଏତେ ବିକଳ ହେବା, ବୃଦ୍ଧ ସମୟ ଆସିଲେ ଦେଖିବା ବୋଲି କହୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଆମେ ଭାବିବା ଭଳି ଶେଷ ସମୟରେ ଯାହା ଚାହିଁବା ତାହା ସ୍ମୃତିରେ ଆସିବ ନାହିଁ । ଜୀବନ କାଳରେ ଆମେ କରିଥିବା କାର୍ଯ୍ୟ ସମୂହରୁ ଯେଉଁ କାର୍ଯ୍ୟ ଆମକୁ ଅଧିକ ମାତ୍ରାରେ ପ୍ରଭାବିତ କରିଥିବ ତାହା ହିଁ ସ୍ମୃତିରେ ଆସିବ ବା ମନେ ପଡିବ । ଏମିତି କାହିଁକି ହୋଇଥାଏ ଭାବିଲେ, ଅବସାନ ଦଶାରେ ମନର ବଳ ହ୍ରାସ ପାଇଥାଏ, ବଳହୀନ ମନ ଛୋଟ ଛୋଟ ବିଷୟ ଗୁଡିକୁ ଭୁଲିଯାଇଥାଏ । ଜୀବନର ସବୁଠାରୁ ମୁଖ୍ୟ ହୋଇଥିବା ବିଷୟ ମନରେ ଗଭୀର ଭାବରେ ରହିଯାଇଥାଏ । ମରଣ ଆସନ୍ନ ହେଉଥିବା କ୍ରମରେ ମନ ସବୁକିଛିକୁ ଭୁଲିଯାଇଥାଏ । କେବଳ ତାର ଜୀବନକୁ ଅଧିକ ପ୍ରଭାବିତ କରିଥିବା ବିଷୟ ମନରେ ରହିଥାଏ ଯାହା ସେ ସମୟରେ ମନେପଡେ । ତାହା ହିଁ ଜୀବର ଶେଷସ୍ମୃତି ହୋଇଥାଏ ।

କେତେକ ଜୀବନରେ ଅଧିକ ଐଶ୍ୱରୀୟ ବିଷୟରେ ପ୍ରଭାବିତ ହୋଇଥାନ୍ତି । କେତେକଙ୍କୁ କୌଣସି ଭୌତିକ ବିଷୟ ଅଧିକ ପ୍ରଭାବିତ କରିଥାଏ, ସେହି ଅନୁସାରେ ତାର ଜନ୍ମ ହେବ କି ମୋକ୍ଷ ହେବ ତାହା ନିର୍ଣ୍ଣୟ ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ସଙ୍ଗୀତକୁ ତାର ପ୍ରାଣ ବୋଲି ଭାବିଥିଲା ଭାବିଲେ, ତାର ମରଣ କାଳୀନ ଅବସାନ ଦଶାରେ ସେହି ବିଷୟ ମନେ ପଡି, ତାହା ଶେଷସ୍ମୃତି ହୋଇ ତାର ପୁନର୍ଜନ୍ମ ହୋଇଥାଏ, ସେ ଜନ୍ମରେ ମଧ୍ୟ ସେ ସଙ୍ଗୀତ ପ୍ରିୟ ହୋଇଥାଏ । ଯଦି ଜଣେ ଏକ ଗବେଷଣା କରୁଥାଇ

ସେହି ଗବେଷଣା ସମ୍ପୂର୍ଣ୍ଣ ମନରେ ରଖି ବଞ୍ଚୁଥାଏ ତେବେ ମରଣ ସମୟରେ ମଧ୍ୟ ସେହି ଧ୍ୟାନ ଗବେଷଣା ଉପରେ ରହିବା ଦ୍ୱାରା ତାର ପରଜନ୍ମରେ ସେହି ଗବେଷଣା ପୁନର୍ବାର ଆରମ୍ଭ କରିଥାଏ । ଯଦି କୌଣସି ଭୌତିକ ବିଷୟ ତାର ଅତି ମୁଖ୍ୟ ହୋଇ ରହିଥାଏ ତେବେ ସେ ତାହା ହିଁ ପାଇଥାଏ, ତାର ଅନେକ ଜନ୍ମ ହେଉଥିଲେ ମଧ୍ୟ ସେ ସେଥିରୁ ବହିର୍ଗତ ହୋଇପାରି ନଥାଏ । ଏହିପରି ସେମାନଙ୍କୁ ସେହି ଧ୍ୟାନରୁ ବଦଳାଇବା ଅତି କଷ୍ଟ । ଇଚ୍ଛା ଅଠା ଭଳି, ସେଥିଲାଗି କାହାର ଇଚ୍ଛାକୁ ବଦଳାଇବା ଅତିକଷ୍ଟ ବୋଲି ବଡମାନେ କହିଥାନ୍ତି । ଏହି ଇଚ୍ଛା ବା ଶ୍ରଦ୍ଧା ଐଶ୍ୱରୀୟ ବିଷୟ ଉପରେ ରହିଲେ ଭଲ । ଭୌତିକଶ୍ରଦ୍ଧା ଥିବା ଲୋକମାନଙ୍କୁ ବଡ ବଡ ଗୁରୁ ବୋଲାଉଥିବା ଲୋକମାନେ ମଧ୍ୟ ବଦଳାଇ ପାରନ୍ତି ନାହିଁ । ତେଣୁ କେଉଁ ବିଷୟରେ ଆମର ଶ୍ରଦ୍ଧା ରହିବା ଉଚିତ୍ ତାହା ଭଲଭାବରେ ବିଚାର କରି ନିର୍ଣ୍ଣୟ ନେବା ଉଚିତ୍ । ଏ ବାବଦରେ ଭଗବାନ ଅର୍ଜୁନଙ୍କୁ ତଳ ଶ୍ଳୋକରେ କ'ଣ କହୁଛନ୍ତି ଦେଖନ୍ତୁ ।

**(୭) ଶ୍ଳୋକ,୭ : ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟଚ ।**
**ମୟ୍ୟର୍ପିତ ମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟଃ ॥**

**(ଆତ୍ମା,ସାକାର)**

**ଭାବାର୍ଥ :** ତେଣୁ ସର୍ବକାଳରେ ତୋ ମନରେ ମୋତେ ସ୍ମରଣ କର୍ । ବୁଦ୍ଧି, ମନ ମୋତେ ସମର୍ପଣ କଲେ, ନିଃସନ୍ଦେହ ମୋତେ ପାଇପାରିବୁ ।

**ବିବରଣୀ :** ଅନ୍ତଃକାଳର ସ୍ମୃତି ଅନୁସାରେ ପରଜନ୍ମ ମିଳିଥାଏ କିମ୍ବା ମୋକ୍ଷ ହୋଇଥାଏ, ସେହି ଶେଷସ୍ମୃତି ପାଇଁ ଏବେଠାରୁ ଚେଷ୍ଟାକଲେ ସେତେବେଳର ଭାବନା ଅନୁସାରେ ମୋତେ ପାଇପାରିବୁ ବୋଲି ଭଗବାନ ଅର୍ଜୁନଙ୍କୁ କହିଛନ୍ତି । **ସବୁ ସମୟରେ ତୋ' ମନ ବୁଦ୍ଧିରେ ମୋ'ରି ବିଚାର କରିବା ଭଳି ଅଭ୍ୟାସ କର୍ । ଏଭଳି ସବୁବେଳେ ମୋତେ ସ୍ମରଣ କରିବା ଦ୍ୱାରା ମୋତେ ପାଇପାରିବୁ ।** ଆଖିକୁ ଦେଖାଯାଉଥିବା ଶ୍ରୀକୃଷ୍ଣ ମୋତେ ସ୍ମରଣ କର୍ ବୋଲି କହିଛନ୍ତି । ଏକଥା ଶ୍ରୀକୃଷ୍ଣ ରହିଥିବାଯାଏଁ ହୋଇପାରିବ ସିନା, ଶ୍ରୀକୃଷ୍ଣ ନଥିବା ବେଳେ କାହାକୁ ସ୍ମରଣ କରିବା ? ସେ ଚାଲିଯିବା ପରେ ତାଙ୍କ ରୂପକୁ

ସ୍ମରଣ କରିବା ? କି ନିରାକାର ଆତ୍ମାଙ୍କୁ ସ୍ମରଣ କରିବା ? ସେ ଥିବାବେଳେ ତାଙ୍କୁ ଛାଡି ଆତ୍ମାଙ୍କୁ ସ୍ମରଣ କରିବା ? ଏଭଳି ନାନା ପ୍ରଶ୍ନ ଉଭବ ହୋଇଥାଏ । ଭଗବାନ ଏହି ଶ୍ଳୋକଟି କହି ଆମକୁ ମଧ୍ୟ ଟିକିଏ ଅଡୁଆରେ ପକାଇଛନ୍ତି । ତେଣୁ ଆମକୁ ଏଇଠାରେ ଟିକିଏ ଗଭୀର ବିଚାର କରିବାକୁ ହେବ ।

ସାକାର, ନିରାକାର ନାମକ ଦୁଇଟି ସ୍ଥିତିରୁ କାହାକୁ କେତେବେଳେ ଧ୍ୟାନ କରିବାକୁ ହେବ ତାହା ଆଜିର ନୁହେଁ ପୂର୍ବରୁ ରହିଆସିଥିବା ସମସ୍ୟା । ପରମାତ୍ମା ସାକାର ଭାବରେ ଭଗବାନ ହୋଇ ଭୂପୃଷ୍ଠରେ ରହିଥିବା ପର୍ଯ୍ୟନ୍ତ ସାକାର ପୂଜା କରିପାରିବା । ପରମାତ୍ମାଙ୍କ ସାକାର ରୂପ ଉପରେ ମନ, ବୁଦ୍ଧିର କାର୍ଯ୍ୟକୁ ଲଗ୍ନ କରିବା ଉଚିତ୍ । ପରମାତ୍ମାଙ୍କ ସାକାର ରୂପକୁ ଜାଣିବା ପରେ ସେହି ସାକାର ରୂପକୁ ଛାଡି ନିରାକାରଙ୍କୁ ପୂଜା କିମ୍ବା ଧ୍ୟାନ କରିବା ଆବଶ୍ୟକ ନାହିଁ । ଶ୍ରୀକୃଷ୍ଣ ହିଁ ଭଗବାନ ବୋଲି ଜାଣିବା ପରେ ବ୍ରହ୍ମଯୋଗ ନାମକ ନିରାକାର ଧ୍ୟାନକରିବା, ମେଣ୍ଢାଛୁଆକୁ କୋଳରେ ଧରି ତା ପାଇଁ ବାହାରେ ଖୋଜିବୁଲିବା ଭଳି ହୋଇଥାଏ । ଭୂପୃଷ୍ଠରେ ପରମାତ୍ମା ଭଗବାନ ହୋଇ କ୍ୱଚିତ୍ ଆସିଥାନ୍ତି, ଏପରି ହଜାର ହଜାର ବର୍ଷରେ ଥରେ ସମ୍ଭବ ହୋଇଥାଏ । ସେତେବେଳେ ଭାଗ୍ୟବଶତଃ ସେ ଜନ୍ମ ସାମାନ୍ୟ ଜନ୍ମ ନୁହେଁ ବୋଲି ବୁଦ୍ଧିର ବିଚାରକୁ ଜଣାପଡୁଥିବା ବେଳେ, ସେହି ସାକାର ରୂପକୁ ଛାଡି ନିରାକାର ଧ୍ୟାନ କରିବା ଆବଶ୍ୟକ ନାହିଁ । ଶ୍ରୀକୃଷ୍ଣ ଭଗବାନ ହୋଇ ଆସିଥିଲେ ବୋଲି ଜାଣିଥିବା ଆମେ ଆଜି ଜାଣିପାରିଥିଲେ ମଧ୍ୟ ସେ ନଥିବାବେଳେ ଅଛେ, ତେଣୁ ତାଙ୍କର ପ୍ରତିମାକୁ ସାକାର ପୂଜା କଲେ ମଧ୍ୟ ଆମକୁ ନିରାକାର ଧ୍ୟାନ କରିବାକୁ ପଡିବ । ଶ୍ରୀକୃଷ୍ଣ ଥିବା ବେଳେ ତାଙ୍କ ସହିତ ଶତ୍ରୁତା କରିବା ଭଳି ସେ ସମୟରେ କେତେକ ବ୍ରହ୍ମଯୋଗ ଆଚରଣ କରିଥିଲେ । ଅର୍ଥାତ୍ ସାକାର ରୂପରେ ଶତ୍ରୁତା ରଖି ନିରାକାର ସହିତ ମିତ୍ରତା କରିଥିଲେ । ତେଣୁ ସେମାନଙ୍କୁ ନଷ୍ଟଯୋଗୀ କହିପାରିବା, ସେମାନଙ୍କୁ ସେମାନଙ୍କ ଯୋଗ ଦ୍ୱାରା ସମ୍ପୂର୍ଣ୍ଣ ଜ୍ଞାନ ମିଳିନଥାଏ, ସେମାନେ ଅର୍ଦ୍ଧେକ ଜ୍ଞାନାଗ୍ନିକୁ ନଷ୍ଟ କରିଦେଇଥାନ୍ତି, ସାକାରଠାରୁ ଯାହା ମିଳିବା ଉଚିତ୍ ତାହା ମିଳିପାରି ନଥାଏ । ଶ୍ରୀକୃଷ୍ଣଙ୍କ ଜନ୍ମ ବିତିଯିବା ପରେ ତାଙ୍କ ପ୍ରତିମାକୁ ବିଗ୍ରହ କହିପାରିବା ନାହିଁ । ତାଙ୍କ ପ୍ରତିମା ଏକ ବିଗ୍ରହ ନୁହେଁ । କୌଣସି ପ୍ରତିମା

ବିଗ୍ରହ ହୋଇପାରେ କିନ୍ତୁ ଭଗବାନଙ୍କ ପ୍ରତିମା ବିଗ୍ରହ ହୋଇପାରେ ନାହିଁ । ଭଗବାନଙ୍କ ପ୍ରତିମାକୁ ପୂଜା କରୁଥିବା ଲୋକମାନେ ଯୋଗ ଆଚରଣ କରୁଥିବା ଭଳି ହୋଇଥାଏ, ଏହି ସୁଯୋଗ ଅନ୍ୟ ପ୍ରତିମା, ବିଗ୍ରହାଦିରେ ନଥାଏ ।

**(୭) ଶ୍ଳୋକ, ୮ : ଅଭ୍ୟାସ ଯୋଗ ଯୁକ୍ତେନ ଚେତସା ନାନ୍ୟଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାଽନୁଚିନ୍ତୟନ୍ ॥**
**(ଆତ୍ମା,ପରମାତ୍ମା)**

**ଭାବାର୍ଥ :** ଅଭ୍ୟାସ ଦ୍ୱାରା ମନକୁ ଅନ୍ୟ ବିଷୟ ଉପରକୁ ଯିବାକୁ ନଦେଇ ଯୋଗଯୁକ୍ତ ଭାବରେ ଯିଏ ଚିନ୍ତା କରିଥାଏ ସେ ଶ୍ରେଷ୍ଠ, ସେ ସେହି ଦିବ୍ୟ (ଅଲୌକିକ) ପୁରୁଷଙ୍କୁ ପାଇପାରିଥାଏ ।

**ବିବରଣୀ :** ପରମାତ୍ମାଙ୍କର ସାକାର ରୂପ ବାବଦରେ ଜଣାନଥିବା ଆମମାନଙ୍କୁ ଆତ୍ମଯୋଗୀ ହେବାକୁ ହେବ । ଆତ୍ମାକୁ ଜାଣିବାକୁ ହେଲେ ମନକୁ ଅଭ୍ୟାସ ଦ୍ୱାରା ନିୟନ୍ତ୍ରଣରେ ରଖିବାକୁ ହେବ । ନିୟନ୍ତ୍ରିତ ମନ ଦ୍ୱାରା ଅନ୍ତର୍ମୁଖ ଚିନ୍ତନ କରିବାକୁ ହେବ । ମନକୁ ଆତ୍ମଚିନ୍ତନରେ ରଖି, ଜ୍ଞାନାଗ୍ନି ଉପାର୍ଜନ କରି ଯିଏ କର୍ମକୁ ଜଳାଇ ପାରିଥାଏ ସେ ମରଣ ପରେ ଆଉ କୌଣସି ଜନ୍ମକୁ ଯାଇନଥାଏ, ସେ ପରଜନ୍ମକୁ ନଯାଇ ତିନିପୁରୁଷଙ୍କ ଭିତରେ ଶ୍ରେଷ୍ଠ, ଦିବ୍ୟ ହୋଇଥିବା ପରମ ପୁରୁଷଙ୍କୁ ପାଇ ପାରିଥାଏ, ସେହି ତୃତୀୟ ପୁରୁଷ ଯେଉଁଭଳି ସେ ମଧ୍ୟ ତାଙ୍କଠାରେ ମିଳିତ ହୋଇ ସେହିଭଳି ହୋଇଯାଇଥାଏ, ସେ ପରମାତ୍ମାରେ ଲୀନ ହୋଇଯାଇଥାଏ, ସବୁଦିନ ପାଇଁ ଜନନମରଣ ଚକ୍ରରୁ, ସଂସାର ବନ୍ଧନରୁ ମୁକ୍ତ ହୋଇଯାଇଥାଏ ବା ମୋକ୍ଷ ପାଇଯାଇଥାଏ ବୋଲି କହିପାରିବା ।

**(୭) ଶ୍ଳୋକ,୯ :**

**କବିଂ ପୁରାଣ ମନୁସାସିତା ରମଣ ରଣୀୟାଂସ ମନୁସ୍ମରେଦ୍ୟଃ ।**
**ସର୍ବସ୍ୟ ଧାତାର ମଚିନ୍ତ୍ୟ ରୂପ ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**(୭) ଶ୍ଳୋକ,୧୦ :**

**ପ୍ରୟାଣକାଳେମନସାଽଚଳେନ ଭକ୍ତ୍ୟାଯୁକ୍ତୋ ଯୋଗବଳେନଚୈବ ।**
**ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍ସ୍ତଂ ପରଂ ପୁରୁଷ ମୁପୈତି ଦିବ୍ୟମ୍ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବଦର୍ଶୀ, ପୁରାଣ, ଯିଏ ସାରା ଜଗତକୁ ଶାଶନ କରୁଛି, ସୂକ୍ଷ୍ମର ସୂକ୍ଷ୍ମ, ସମସ୍ତଙ୍କର ରକ୍ଷାକର୍ତ୍ତା, ଯିଏ ଚିନ୍ତା ଦ୍ୱାରା ମଧ୍ୟ ଜଣାପଡି ନଥାଏ, ଅଜ୍ଞାନଠାରୁ ସ୍ୱତନ୍ତ୍ର ସେହି ପରମାତ୍ମାଙ୍କୁ ପାଇବାକୁ ଇଚ୍ଛା କରୁଥିବା ବ୍ୟକ୍ତି, ମରଣ ସମୟରେ ଯୋଗବଳ ଦ୍ୱାରା ମନକୁ ଭ୍ରୂଲତା ମଧ୍ୟରେ ସ୍ଥିର କରି, ଶେଷରେ ପ୍ରାଣବାୟୁକୁ ସ୍ଥିର କରି ପରମାତ୍ମାରେ ପହଞ୍ଚି ପାରିଥାଏ ।

**ବିବରଣୀ :** ପହଞ୍ଚିବାକୁ ହେବ ପରମାତ୍ମାରେ, ଦୃଷ୍ଟିଦେବାକୁ ହେବ ଆତ୍ମା ଉପରେ, ପହଞ୍ଚିବ ଜୀବାତ୍ମା ଅର୍ଥାତ୍ ଯାତ୍ରୀ ଜୀବାତ୍ମା, ପଥ ଆତ୍ମା, ଲକ୍ଷ୍ୟ ହେଉଛନ୍ତି ପରମାତ୍ମା । ଯାତ୍ରୀ ପ୍ରଥମେ ତାର ଲକ୍ଷ୍ୟକୁ ଜାଣିବା ଉଚିତ୍ । କେଉଁ ଗ୍ରାମକୁ ଯିବ, ସେ ଗ୍ରାମ କେଉଁଭଳି, ସେବାବଦରେ କିଛି ଅନ୍ୟମାନଙ୍କ ଦ୍ୱାରା ଜାଣିବା ପରେ, ସେ ଗ୍ରାମକୁ କେଉଁ ବାଟରେ ଯିବାକୁ ହେବ ଜାଣି, ଯାତ୍ରା ଆରମ୍ଭ କଲେ ଶେଷରେ ତାର ଲକ୍ଷ୍ୟ ହୋଇଥିବା ଗ୍ରାମରେ ପହଞ୍ଚି ପାରିବ । ସେହିଭଳି ଲକ୍ଷ୍ୟ ହୋଇଥିବା ମୋକ୍ଷ ବାବଦରେ ଭଗବାନ ଏଠାରେ କିଛି ଜ୍ଞାନ ଜଣାଇ ଦେଇଛନ୍ତି । ମୋକ୍ଷ କହିଲେ ଏକ ପ୍ରଦେଶ ନୁହେଁ କି ଏକ ଲୋକ ନୁହେଁ । ମୋକ୍ଷର ଅର୍ଥ ମୁକ୍ତି । ଜନନ ମରଣ ସୃଷ୍ଟି କରୁଥିବା କର୍ମରୁ ବହିର୍ଗତ ହେବା ବା ମୁକୁଳିବା ହେଉଛି ମୋକ୍ଷ । ଏଭଳି ମୋକ୍ଷ ପାଉଥିବା ବ୍ୟକ୍ତି କ'ଣ ହୁଏ ଜାଣନ୍ତି ! ସେ ସର୍ବଦର୍ଶୀ ଭାବରେ ବଦଳି ସାରା ଦୁନିଆକୁ ଦେଖିପାରେ । ଏକ ଶରୀରରେ ରହିବା ବେଳେ କେବଳ ଥିବା ଜିନିଷକୁ ଦେଖି ପାରୁଥିବା ବ୍ୟକ୍ତି, ମୋକ୍ଷ ପାଇବା ପରେ ସର୍ବତ୍ର ଦର୍ଶନ କରିପାରିଥାଏ । ଏହା କେତେବଡ ଭାଗ୍ୟ ଟିକିଏ ବିଚାର କରନ୍ତୁ । ଖାଲି ସେତିକି ନୁହେଁ ସୃଷ୍ଟ୍ୟାଦିରୁ ରହିଥିବା ଭଳି ସୃଷ୍ଟ୍ୟାଦିରୁ ଥିବା ସବୁକିଛିକୁ ସେ ଜାଣିପାରିଥାଏ । ମଣିଷ ହୋଇ ଥିବାବେଳେ କେବଳ ଏଇ ଜୀବନର ସବୁସ୍ମୃତି ମନେ ନଥାଏ, କିନ୍ତୁ ମୋକ୍ଷରେ ସନାତନ କାଳରୁ ସବୁକିଛିକୁ ଜାଣିପାରିବା କେତେ ମହାନ କଥା ଚିନ୍ତା କରନ୍ତୁ !

ଥିବାବେଳେ ଆମ ନିଜ ପୁଅ ମଧ୍ୟ ଆମ କଥା ଶୁଣେ ନାହିଁ, ତାକୁ ଜୋରଦେଇ କହିହୁଏ ନାହିଁ, କିନ୍ତୁ ମୋକ୍ଷରେ ସାରା ଜଗତକୁ ଶାସନ କରିବା ଅଧିକାର ଆସିଯାଏ, ଏହା ଅସାଧାରଣ କଥା! ଜୀବ ହୋଇ ଥିବାବେଳେ ସ୍ଥୁଳ ଛଡା ସୂକ୍ଷ୍ମକୁ ଜାଣିପାରୁ ନଥିବା ଆମେ ସୂକ୍ଷ୍ମର ସୂକ୍ଷ୍ମ ହୋଇଯିବା କଣ ଆଶ୍ଚର୍ଯ୍ୟ ନୁହେଁ! ଶରୀରରେ ଥିବା ଆମେ ସମସ୍ତଙ୍କ ଦୃଷ୍ଟିକୁ ଦେଖାଯାଉଛେ, ମୋକ୍ଷ ହେବା ପରେ କାହାର ମନୋଦୃଷ୍ଟିକୁ ମଧ୍ୟ ଦେଖାଯିବା ନାହିଁ, ଏହା କେତେବଡ ଲକ୍ଷ୍ୟ ଥରେ ଚିନ୍ତାକରନ୍ତୁ। ଏବେ କୌଣସି ତେଜ ନଥିବା ଆମେ ମୁକ୍ତିରେ ସୂର୍ଯ୍ୟତେଜ ସମ ହୋଇପାରିବା। ଏହି ସ୍ଥିତି କେଉଁଭଳି ସ୍ଥିତି ଟିକିଏ ବିଚାର କରନ୍ତୁ!

ଏହି ସ୍ଥିତିକୁ ପାଇବାକୁ ଚାହୁଁଥିବା ବ୍ୟକ୍ତି ମରଣ ସମୟରେ ତାର ମନକୁ ଇତର ବିଷୟ ଉପରକୁ ଯିବାକୁ ନଦେଇ, ଭ୍ରୂଲତା ମଧ୍ୟରେ ଥିବା ମୁଣ୍ଡର ମଧ୍ୟଭାଗରେ ଦୃଷ୍ଟି ନିକ୍ଷେପ କରି, ସେଠାରେ ଯାହା ଅଛି ତାହା ଦେଖୁଥିବା ବେଳେ ମନୋନିଗ୍ରହ ହେବା ଦ୍ୱାରା ନାଶାରନ୍ଧ୍ରର ପ୍ରାଣବାୟୁ ମଧ୍ୟ ସ୍ଥିର ହୋଇଯାଇଥାଏ। ଭ୍ରୂମଧ୍ୟ ସ୍ଥାନରେ ଧ୍ୟାନ ଲଗାଇ ସେଠିକାର ଆତ୍ମାକୁ ଦେଖୁଥିବା ବ୍ୟକ୍ତି ବାହାରର ବିଷୟକୁ ଭୁଲି, ନିଜର ସମ୍ପୂର୍ଣ୍ଣ ଧ୍ୟାନ ମୁଣ୍ଡର ମଧ୍ୟ ଭାଗରେ ରଖିବା ଦ୍ୱାରା, ଶ୍ୱାସ ତାର ଆପଣାଛାଏଁ ଅଟକିଯାଇଥାଏ। ଏହିଭଳି ଜୀବ ସଜାଗ ହୋଇ ରହିଥିବା ବେଳେ, ଶ୍ୱାସ ଅଟକିଯିବା କେବଳ ଯୋଗୀମାନଙ୍କ ପକ୍ଷେ ସମ୍ଭବ ହୋଇଥାଏ। ଅନ୍ୟମାନଙ୍କ ମରଣ ସାଧାରଣ ଭାବରେ ବିସ୍ମୃତିରେ ଘଟିଥାଏ। ସ୍ମୃତିର ସହିତ କେବଳ ଯୋଗୀମାନେ ମରଣ ପାଇଥାନ୍ତି। **ବିଜ୍ଞାନ ଅନୁସାରେ ଦେଖିଲେ ଶରୀରର ଗ୍ରନ୍ଥିଗୁଡିକ ଶରୀରକୁ ବଢାଇଥାନ୍ତି, ସୁସ୍ଥ ରଖିଥାନ୍ତି, ଆୟୁଷ ନିର୍ଣ୍ଣୟ କରିଥାନ୍ତି ଏବଂ ବୃଦ୍ଧାବ୍ୟ ମଧ୍ୟ ଆଣିଥାନ୍ତି**। ଗ୍ରନ୍ଥିଗୁଡିକରେ ତିଆରି ହେଉଥିବା ରସର ପ୍ରଭାବ ଶରୀରକୁ ତିଆରି କରି ବଢାଇଥାଏ। ଗ୍ରନ୍ଥିଗୁଡିକର ପ୍ରଭାବ ଦ୍ୱାରା ଶରୀରର ଆରୋଗ୍ୟ ଅନାରୋଗ୍ୟ ମଧ୍ୟ ନିର୍ଣ୍ଣୀତ ହୋଇଥାଏ ବୋଲି ବିଜ୍ଞାନ ମତପୋଷଣ କରିଥାଏ। ଏହି ଗ୍ରନ୍ଥିଗୁଡିକ ହିଁ ଶରୀରର ମୂଳ ବୋଲି ବିଜ୍ଞାନ ବିଜ୍ଞମାନେ କହିଥାନ୍ତି। ଶରୀରରେ ଥିବା ସମସ୍ତ ଗ୍ରନ୍ଥିର ଉପରେ ଥିବା ଅତି ଛୋଟ ଗ୍ରନ୍ଥିଟିଏ ମୁଣ୍ଡର ମଧ୍ୟଭାଗରେ ରହିଛି। ତାହା ଛୋଟ ହେଲେ ମଧ୍ୟ ସମସ୍ତ ଗ୍ରନ୍ଥିଗୁଡିକୁ ଶାସନ କରି ପରିଚାଳିତ କରିପାରିବା ଶକ୍ତିବିଶିଷ୍ଟ ହୋଇ

ରହିଥାଏ । **ସେଥିଲାଗି ତାକୁ ଗ୍ରନ୍ଥିରାଜ କୁହାଯାଏ, ତାହାକୁ ପିଟ୍ୟୁଟାରି ଗ୍ଲାଣ୍ଡ ମଧ୍ୟ କହିଥାନ୍ତି** । ଏହାର ସ୍ଥାନ ମୁଣ୍ଡର ମଧ୍ୟଭାଗ ବା ଭୂକେନ୍ଦ୍ରର ମଧ୍ୟଭାଗରେ ରହିଥାଏ । ମୁଖ ଭିତରେ ଥିବା ଘଟିକା (ଉପଜିହ୍ୱା) ଉପରୁ ଏବଂ ଭୂକେନ୍ଦ୍ରରୁ ଦୁଇଟି ସରଳରେଖା ଟାଣିଲେ ସେମାନେ ଯେଉଁଠାରେ ମିଳିତ ହୁଅନ୍ତି ତାହାହିଁ ଅତିମୁଖ୍ୟ ହୋଇଥିବା ଗ୍ରନ୍ଥିରାଜ ବା ପିଟ୍ୟୁଟାରି ନାମକ ଗ୍ରନ୍ଥିର ସ୍ଥାନ । ଏଥିରେ କେଉଁ ଅଜଣା ଶକ୍ତି ରହିଥିବା କାରଣରୁ, ସେହି ଗ୍ରନ୍ଥିରୁ ଅଦୃଶ୍ୟ କିରଣ ଢେଉ ଭଳି (ତରଙ୍ଗ) ସାରା ଶରୀର ଭାଗକୁ ଯାଇଥାଏ । ଯୋଗୀମାନଙ୍କ ଶରୀରରେ ଏହି ତରଙ୍ଗଗୁଡିକର ପ୍ରଭାବ ଅଧିକ ଥାଏ । ମସ୍ତିସ୍କର ମଧ୍ୟଭାଗରେ ଥିବା ଏହି ଛୋଟଗ୍ରନ୍ଥି ନିକଟରେ କେନ୍ଦ୍ରିକୃତ ହୋଇଥିବା ମନକୁ ଆତ୍ମାନୁଭବ ମିଳିଥାଏ, ସେହି ଅନୁଭବକୁ ମନ ଦ୍ୱାରା ଜୀବ ଅନୁଭବ କରିବା ବେଳେ, ନାଶାରନ୍ଧ୍ରର ପ୍ରାଣବାୟୁ ଆପଣାଛାଏଁ ଅଟକି ଯାଇଥାଏ । ସେହି ପ୍ରାଣବାୟୁ ସାଧାରଣ ମଣିଷର ମରଣ ସମୟରେ ଶେଷଶ୍ୱାସ ହୋଇ ବାହାରକୁ ଚାଲି ଯାଇଥାଏ । ଏଠାରେ ଯୋଗୀମାନଙ୍କ ମରଣରେ ଶେଷଶ୍ୱାସ ହୋଇ ବାହାରକୁ ନଯାଇ ଶରୀରରେ ମିଶିଯାଇଥାଏ ଏବଂ ଜୀବ ଶରୀରର ଆତ୍ମା ସହିତ ମିଳିତ ହୋଇ ତା'ଦ୍ୱାରା ଶରୀର ଭିତରେ ଥିବା ପରମାତ୍ମାରେ ମିଳିତ ହୋଇଯାଏ ।

ସାଧାରଣ ମାନବର ମରଣରେ ଜୀବ ଶରୀରକୁ ଛାଡି ଆତ୍ମା ସହିତ ଆଉଏକ ଶରୀରକୁ ଚାଲିଯାଇଥାଏ । ତା ସହିତ କର୍ମ, ଗୁଣରାଜି ମଧ୍ୟ ଅନ୍ୟଏକ ଶରୀରକୁ ଆଶ୍ରୟ କରିଥାନ୍ତି । ଏଠାରେ ଯୋଗୀମାନଙ୍କ ମରଣରେ ସେମାନଙ୍କ କର୍ମସମୂହ ବିନାଶ ହୋଇଯାଇଥାଏ, ଗୁଣରାଜି ନିର୍ବୀର୍ଯ୍ୟ ହୋଇଯାଇଥାନ୍ତି । ମନ ଆତ୍ମାରେ ଲଗ୍ନହୋଇ ଜୀବକୁ ଲଗ୍ନ କରାଇଥାଏ । ବୁଦ୍ଧି, ଜୀବ ପଛରେ ଶେଷ ପର୍ଯ୍ୟନ୍ତ ରହି ମନ, ବୁଦ୍ଧି, ଜୀବ ଐକ୍ୟହୋଇ ଆତ୍ମାରେ ମିଳିତହୋଇ ଅଦୃଶ୍ୟ ହୋଇଯିବା ବେଳେ ଜୀବ ଏବଂ ଆତ୍ମା ଦୁହେଁ ମିଶି ଏକ ହୋଇ ପରମାତ୍ମାରେ ମିଳିତ ହୋଇଥା'ନ୍ତି । ସେତେବେଳେ ଶରୀର ନିର୍ଜୀବ ହୋଇଯାଇଥାଏ ।

ସବୁଦିନ ଯୋଗରେ ରହିବା ବେଳେ ଭୂକେନ୍ଦ୍ରରେ ମନକୁ ସ୍ଥିରକରି ଜୀବ ଆତ୍ମାନୁଭବ କରିବା ସମୟରେ (ବ୍ରହ୍ମଯୋଗରେ) ଶ୍ୱାସ ମଧ୍ୟ ଅଟକିଯାଏ ! ସେତେବେଳେ ଜୀବ ପରମାତ୍ମାରେ ଐକ୍ୟହୋଇ ପାରନ୍ତା ! ବ୍ରହ୍ମଯୋଗ

ସମୟରେ ସାଧାରଣତଃ ମନ ସ୍ଥିର ହୋଇଯିବା, ଆତ୍ମାନୁଭବ ମିଳିବା, ଶ୍ୱାସ ଅଟକିଯିବା ଘଟିଥାଏ, ସାଧାରଣ ଭାବରେ ସବୁଦିନ ଘଟୁଥିବା ଅବସ୍ଥା ଆଉଦିନେ ମରଣ ହୋଇଯିବାରେ କି ବିଶେଷତା ରହିଛି ? ବୋଲି କେତେକ ପଚାରିପାରନ୍ତି । ତାର ସମାଧାନ ହେଉଛି ! ସବୁଦିନ ଯୋଗ ସମୟରେ ଯାହା ହୋଇଥାଏ ତାହା ମରଣ ସମୟରେ ହେଉଥିଲେ ହେଁ ଏଥିରେ ଥିବା ବିଶେଷତା ଏକ ମହାନ ବିଶେଷତା ବୋଲି ଆମେ ଗ୍ରହଣ କରିପାରିବା । ତାହା ହେଉଛି !

ସବୁଦିନର ଯୋଗରେ ଆତ୍ମାକୁ ପାଉଥିଲେ ମଧ୍ୟ, ଶ୍ୱାସ, ମନ ଇତ୍ୟାଦି ସ୍ଥିର ରହିଯାଉଥିଲେ ମଧ୍ୟ ସେତେବେଳେ କର୍ମ ଶେଷ ହୋଇନଥାଏ, କର୍ମ ବାକି ରହିଥାଏ, ତେଣୁ ମନ, ବୁଦ୍ଧି, ଜୀବ ଏକରୂପ ହୋଇପାରି ନଥାନ୍ତି । ମନ ଅନୁଭୂତିକୁ ଯୋଗାଇଦେଇ ସ୍ୱତନ୍ତ୍ର ରହିଯିବା ବେଳେ, ବୁଦ୍ଧି ମନକୁ ସତର୍କତା ପୂର୍ବକ ସ୍ଥିର କରିଦେଇ, ମନ ଯୋଗାଇ ଦେଉଥିବା ଅନୁଭୂତିକୁ ଜୀବ ପାଖରେ ପହଞ୍ଚାଉଥାଏ । ବୁଦ୍ଧି ଯାହା ଯୋଗାଉଥାଏ ତାହା ଜୀବ ଅନୁଭବ କରୁଥିବା ବେଳେ ସେହି ଅନୁଭୂତିକୁ ବୁଦ୍ଧି ପ୍ରମାଣର ସହିତ ଜଣାଉଥାଏ । ଏହିଭଳି ଯୋଗ ସମୟରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବରେ ଯିଏ ଯାହାର କାର୍ଯ୍ୟ ଅନ୍ତର୍ମୁଖ ଭାବରେ କରୁଥାଇ, ମନ, ବୁଦ୍ଧି ଏବଂ ଜୀବ ମରଣ ସମୟରେ ଏକ ପଦାର୍ଥ ଭଳି ବଦଳିଯା'ନ୍ତି । ଏଭଳି ବଦଳିଥିବା ମନ, ବୁଦ୍ଧି, ଜୀବ ଆତ୍ମାରେ ମିଳିତ ହୋଇଥାନ୍ତି । ଯୋଗ ସମୟରେ ଆତ୍ମା, ଜୀବାତ୍ମା ସ୍ୱତନ୍ତ୍ର ସ୍ୱତନ୍ତ୍ର ରହି ଆତ୍ମାକୁ ଜୀବାତ୍ମା ଅନୁଭବ କରୁଥିବା ବେଳେ ଶେଷ ସମୟରେ ମନ, ବୁଦ୍ଧି, ଜୀବ ଆତ୍ମାରେ ମିଳିତହୋଇ ସ୍ୱତନ୍ତ୍ରଆତ୍ମା ହୋଇଯାଇଥାଏ । ସେତେବେଳ ପର୍ଯ୍ୟନ୍ତ ଆତ୍ମା, ପରମାତ୍ମା ଶରୀରରେ ଅଲଗା ଅଲଗା ହୋଇ ରହିଥିବା ସ୍ଥଳେ, ସେ ସମୟରେ ସ୍ୱତନ୍ତ୍ର ଭାବରେ ବଦଳିଥିବା ଆତ୍ମା ସହଜରେ ପରମାତ୍ମାରେ ମିଳିତ ହୋଇପାରିଥାଏ, ସେ ପର୍ଯ୍ୟନ୍ତ ପରମାତ୍ମାରେ ମିଳିତ ହୋଇପାରୁ ନଥିବା ଆତ୍ମା, ଜୀବ ସହିତ ମିଶି ବିଶିଷ୍ଟଆତ୍ମା ହୋଇ ପରମାତ୍ମାରେ ଐକ୍ୟହେବା ପାଇଁ ସମର୍ଥ ହୋଇ ସେହି ଶରୀରରେ ଥିବା ପରମାତ୍ମା ସହିତ ମିଶିଯାଇଥାଏ । ଏହିଭଳି ଶରୀରରେ ଥିବା ଜୀବାତ୍ମା ପରମାତ୍ମାରେ ଲୀନ ହୋଇପାରେ । ଏହା ବ୍ରହ୍ମଯୋଗର ପଦ୍ଧତି । କର୍ମଯୋଗରେ ମନୋବୁଦ୍ଧି ସହିତ ଅହଂ ମଧ୍ୟ ମିଶି ଜୀବ

ସହିତ ଐକ୍ୟ ହୋଇଥାଏ । କର୍ମଯୋଗରେ ମନ ନିଗ୍ରହ କରିବା ଆବଶ୍ୟକ ନଥାଏ, କେବଳ ଅହଂର କାର୍ଯ୍ୟକୁ ଅଟକାଇବାକୁ ପଡିଥାଏ । ବ୍ରହ୍ମଯୋଗରେ ମନୋନିଗ୍ରହର ଆବଶ୍ୟକତା ଥିବାବେଳେ, କର୍ମଯୋଗରେ ଅହଂ ନିଗ୍ରହତାର ଆବଶ୍ୟକତା ରହିଥାଏ । କର୍ମଯୋଗରେ ଅହଂ ନିଗ୍ରହତା ଆସିବା ପରେ, ଜୀବ ଆତ୍ମାରେ, ଆତ୍ମା ପରମାତ୍ମାରେ ମିଶି ପାରିଥାଏ । ସମସ୍ତ କର୍ମ ବିନାଶ ହୋଇଯିବା ପରେ ଯୋଗୀମାନଙ୍କର ମରଣ ଏହିଭଳି ହୁଏ । ଏହି ପଦ୍ଧତି ଅନୁସାରେ ଯୋଗୀମାନେ ପରମାତ୍ମାଙ୍କୁ ପାଇଥାନ୍ତି, **"ହଜିଲା ବଳଦ ଖୋଜିଲା ଠେଇ"** ବୋଲି ବଡମାନେ ରଢ଼ିଟିଏ କହିବା ଭଳି ପରମାତ୍ମାଙ୍କୁ ବାହାରେ ଖୋଜିବା ଆବଶ୍ୟକ ନାହିଁ ସେ ଶରୀରର ଭିତରେ ହିଁ ମିଳିଯାଇଥା'ନ୍ତି ।

**(୭) ଶ୍ଳୋକ,୧୧ :**

**ଯଦକ୍ଷରଂ ବେଦବିଦୋ ବଦନ୍ତି ବିଶନ୍ତି ମଦ୍ୟତୟୋ ବୀତରାଗାଃ ।**
**ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ॥**

**(ପରମାତ୍ମା)**

**ଭାବାର୍ଥ :** ବେଦଜ୍ଞମାନେ ଯାହାକୁ ଅବିନାଶୀ କହନ୍ତି, ଗୁଣ ବର୍ଜନ କରିଥିବା ବ୍ୟକ୍ତିର ଯାହା ଲକ୍ଷ୍ୟସ୍ଥଳ, ବ୍ରହ୍ମଚର୍ଯ୍ୟ ଦ୍ୱାରା ଯାହାକୁ ପାଇହୁଏ, ସେହି ପଦ ବାବଦରେ କହୁଛି ।

**ବିବରଣୀ :** ବେଦ ଜାଣିଥିବା ବେଦଜ୍ଞ କହିଲେ କେଉଁ ବଡବଡ ଗ୍ରନ୍ଥ ପଢିଥିବା ବ୍ୟକ୍ତି ବୋଲି ବୁଝନ୍ତୁ ନାହିଁ । **'ତ୍ରୈଗୁଣ୍ୟ ବିଷୟା ବେଦା'** ନାମକ ଭଗବାନଙ୍କ ବାକ୍ୟ ଅନୁସାରେ ଗୁଣରାଜି ଦ୍ୱାରା ହେଉଥିବା ସମସ୍ତ ପ୍ରକାରର କାର୍ଯ୍ୟକଳାପକୁ ଜାଣିଥିବା ବଡମାନେ (ଜ୍ଞାନୀମାନେ), ଅର୍ଥାତ୍ ସମ୍ପୂର୍ଣ୍ଣ ଜ୍ଞାନୀମାନେ ଯାହାକୁ ଅବିନାଶୀ କହିଥାନ୍ତି ବା ପ୍ରଳୟରେ ମଧ୍ୟ ଯେଉଁ ନାଶରହିତ ସ୍ଥିତି ରହିଥାଏ, ଗୁଣଜୟୀମାନେ ପ୍ରାପ୍ତ ହେଉଥିବା ମରଣହୀନ ଯେଉଁ ସ୍ଥିତି ରହିଛି ତା' ବାବଦରେ କହିବି ଏବଂ ବ୍ରହ୍ମଚର୍ଯ୍ୟ ଦ୍ୱାରା ଯାହା ମିଳିଥାଏ ତାହା ମଧ୍ୟ କହିବି ବୋଲି କହୁଛନ୍ତି । ଏଠାରେ ବ୍ରହ୍ମଚର୍ଯ୍ୟ କହିଲେ ବିବାହ ନକରି ରହିବା ? ସଂସାର ଛାଡିଦେବା ? ନା ସ୍ତ୍ରୀ ସଙ୍ଗମରୁ ଦୂରରେ ରହିବା ? ବୋଲି ସନ୍ଦେହଗୁଡିଏ

ଆସିଥାଏ, ଏସବୁ ନୁହେଁ! ବ୍ରହ୍ମଚର୍ଯ୍ୟ କହିଲେ, **ଯିଏ ବ୍ରହ୍ମର ଆଚରଣ କରିଥାଏ ତାକୁ ବ୍ରହ୍ମଚାରୀ କହନ୍ତି ବୋଲି ଅର୍ଥ ଅଛି** । ବ୍ରହ୍ମ କହିଲେ ବଡ ବା ଅଧିପତି କିମ୍ବା ପରମାତ୍ମା ବୋଲି ଜାଣିବା ଉଚିତ୍ । ପରମାତ୍ମାଙ୍କର ଆଚରଣ ଅଛି ? ବୋଲି ପ୍ରଶ୍ନକଲେ ହଁ ଅଛି ବୋଲି କହିପାରିବା, ସେ ଭଗବାନ ହୋଇ ଆସିବାବେଳେ ଯାହା କରିଛନ୍ତି ତାହା ବ୍ରହ୍ମ ଆଚରଣ, ବ୍ରହ୍ମଚର୍ଯ୍ୟ । ପରମାତ୍ମା ସାକାର ଭାବରେ କର୍ମଯୋଗ ଆଚରଣ କରି ଦର୍ଶାଇଛନ୍ତି, ଆମକୁ ଆଚରଣ କରିବାକୁ ମଧ୍ୟ କହିଛନ୍ତି । ମୁଁ ମାର୍ଗଦର୍ଶକତା କରୁଛି, ମୋ ଭଳି ଆଚରଣ କର ବୋଲି କହିଛନ୍ତି, ସେହିଭଳି ଯିଏ ଆଚରଣ କରିଥାଏ ସେ ବ୍ରହ୍ମଚାରୀ । ତେଣୁ ଅବିବାହିତ ବ୍ରହ୍ମଚାରୀ ନୁହେଁ, କର୍ମଯୋଗୀ ହିଁ ବ୍ରହ୍ମଚାରୀ! ବ୍ରହ୍ମଚାରୀମାନେ ଯେଉଁ ଲକ୍ଷ୍ୟକୁ ପାଇଥାନ୍ତି ସେ ବାବଦରେ ତଳ ଶ୍ଳୋକରେ କହିଛନ୍ତି ।

**(୭) ଶ୍ଳୋକ,୧୨ : ସର୍ବଦ୍ୱାରାଣି ସଂଯମ୍ୟ ମନୋ ହୃଦି ନିରୁଧ୍ୟ ଚ ।**
**ମୂର୍ଦ୍ଧ୍ନ୍ୟାଧାୟାଽତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**(୭) ଶ୍ଳୋକ,୧୩ : ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।**
**ଯଃ ପ୍ରୟାତି ତ୍ୟଜନ୍ଦେହଂ ସ ଯାତି ପରମାଂ ଗତିମ୍ ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବଦ୍ୱାରକୁ ଆୟତ୍ତ କରି, ମନକୁ ହୃଦି ସ୍ଥାନରେ ରଖି, ପ୍ରାଣ ବାୟୁକୁ ଉର୍ଦ୍ଧ୍ୱମୁଖ ଭାବରେ ସ୍ଥିରକରି, ସ୍ଥିରଯୋଗ ପ୍ରାପ୍ତହୋଇ ଓଁ ନାମକ ଅକ୍ଷରକୁ ସ୍ମରଣ କରୁଥାଇ, ଯିଏ ଶରୀରକୁ ଛାଡିଥାଏ ସେ ମୋତେ ପାଇଥାଏ ।

**ବିବରଣୀ :** ଶରୀରରେ ବିଷୟଗୁଡିକର ପ୍ରବେଶ ଦ୍ୱାର ପାଞ୍ଚଗୋଟି ରହିଥାଏ । ପାଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ବିଷୟଗୁଡିକ ଭିତରେ ପ୍ରବେଶ କରିଥାନ୍ତି । ଯୋଗୀ ଏହି ପାଞ୍ଚ ବିଷୟକୁ ମନ ଦ୍ୱାରା ଆୟତ୍ତ କରିଥାଏ ଅର୍ଥାତ୍ କୌଣସି ବିଷୟ ଭିତରକୁ ଛାଡିନଥାଏ । ଏହି ସ୍ଥିତିରେ ତାର ମନକୁ ହୃଦିସ୍ଥାନର ମଧ୍ୟଭାଗରେ ସ୍ଥିର କରିଥାଏ । ହୃଦି ବା ହୃଦୟ କହିଲେ ହୃତ୍ପିଣ୍ଡ (ହାର୍ଟ) ବୋଲି ପ୍ରାୟ ସମସ୍ତେ

ଭାବିଥାନ୍ତି । ବାସ୍ତବରେ **ହୃଦି** ବା ହୃଦୟ ହୃତ୍ପିଣ୍ଡ ନୁହେଁ । **ବ୍ରହ୍ମନାଡୀରେ ଥିବା ସାତଗୋଟି କେନ୍ଦ୍ର ଭିତରୁ ଶେଷରେ (ଶୀର୍ଷରେ) ଥିବା ବଡ ନାଡୀକେନ୍ଦ୍ରକୁ ହୃଦି ବା ହୃଦୟ କୁହାଯାଏ** । ଏହି ସପ୍ତମ କେନ୍ଦ୍ର ମୁଣ୍ଡର ମଧ୍ୟଭାଗରେ ରହିଛି ଅର୍ଥାତ୍ ମୁଣ୍ଡରେ ଥିବା ମସ୍ତିସ୍କକୁ ହୃଦି ବା ହୃଦୟ କହି ପାରିବା । ହୃଦି ମଧ୍ୟ ଭାଗରେ ମନକୁ ସ୍ଥିର କରିବା ଅର୍ଥାତ୍ ! ଭ୍ରୂମଧ୍ୟ ସ୍ଥାନରୁ ସମତଳରେ ଥିବା ମସ୍ତିସ୍କର ଗ୍ରନ୍ଥିରାଜ ବା ପିଟ୍ୟୁଟାରି ଗ୍ରନ୍ଥିରେ ମନକୁ ଲଗ୍ନ କରିବା । ଏହା ଦ୍ୱାରା ନାସାରନ୍ଧ୍ରରେ ଚାଲୁଥିବା ଶ୍ୱାସ ଉପରକୁ ଆସି ଆଉ ତଳକୁ ନଯାଇ ସ୍ଥିର ହୋଇଯାଇଥାଏ । ଏହିଭଳି ସ୍ଥିରଯୋଗ ପ୍ରାପ୍ତ ହୋଇ ଯୋଗୀ ଓଁ ନାମକ ଅକ୍ଷରକୁ ପରମାତ୍ମା ଭାବି ଧ୍ୟାନ କରିଥାଏ । ଏଠାରେ ଓଁ ନାମକ ଅକ୍ଷର ବାବଦରେ ଟିକିଏ ଜାଣିବାକୁ ପଡିବ ।

ଆମ ନାସାରନ୍ଧ୍ରରେ ଶ୍ୱାସ ଉପରୁ ତଳକୁ, ତଳୁ ଉପରକୁ ଯିବା ଆସିବା କରୁଥାଏ । ବାହାରେ ଦୁଇ ରନ୍ଧ୍ରରେ ପ୍ରବେଶ କରୁଥିବା ଶ୍ୱାସର ଏକ ଶବ୍ଦ ଏବଂ ଭିତରୁ ଏକ ରନ୍ଧ୍ରଦ୍ୱାରା ଆସି ଦୁଇଭାଗରେ ବିଭାଜିତ ହୋଇ ବାହାରକୁ ଆସୁଥିବା ଶ୍ୱାସର ଆଉଏକ ପ୍ରକାର ଶବ୍ଦ ଥାଏ । ଭିତରକୁ ଯାଉଥିବା ଶ୍ୱାସରୁ 'ସୋ' ଶବ୍ଦ, ଭିତରୁ ବାହାରକୁ ଯାଉଥିବା ଶ୍ୱାସରୁ (ପ୍ରଶ୍ୱାସରୁ) 'ହଂ' ନାମକ ଶବ୍ଦ ବାହାରିଥାଏ । 'ସୋ' ଶବ୍ଦର ଶେଷରେ 'ଓ' ଏବଂ 'ହଂ' ଶବ୍ଦର ଶେଷରେ 'ମ୍' ଉଚ୍ଚରିତ ହୁଏ । ଅର୍ଥାତ୍ 'ସୋହଂ' ଶବ୍ଦରେ ଲୁଚିଥିବା 'ଓଁ'(ଓମ୍) ଶବ୍ଦ ବାହାରିଥାଏ । ଗୋଟିଏ ଥର ଶ୍ୱାସ ଭିତରୁ ଯାଇ ବାହାରକୁ ଆସିଲେ ଓଁ(ଓମ୍) ଶବ୍ଦ ସୃଷ୍ଟି ହୋଇଥାଏ । ଏହା ପ୍ରତ୍ୟେକଙ୍କର ଶ୍ୱାସରେ ଲୁଚି ରହିଛି । 'ଓଁ' ଶବ୍ଦ ଜନ୍ମ ହେବାର କାରଣ ହେଉଛି ଶ୍ୱାସ । ଶ୍ୱାସ ଚାଲିବା ପାଇଁ ଆଧାର ହେଉଛି ଫୁସ୍‌ଫୁସ୍ ଏବଂ ଫୁସ୍‌ଫୁସ୍ ସ୍ପନ୍ଦିତ ହେବାର ଆଧାର ହେଉଛି କେତେଗୋଟି ନାଡୀ । ସେହି ନାଡୀଗୁଡିକର ଚୈତନ୍ୟ କେଉଁଠାରୁ ଆସିଲା ବୋଲି ପ୍ରଶ୍ନକଲେ ଶେଷରେ ତାହା ବ୍ରହ୍ମନାଡୀର ହୃଦିସ୍ଥାନରୁ ଆସୁଛି ବୋଲି ଜଣାଯାଇଥାଏ, ସେହି ହୃଦିସ୍ଥାନ ହେଉଛି ଆତ୍ମା । ଶେଷରେ ଦେଖିଲେ ନାଶାରନ୍ଧ୍ରରେ ଜନ୍ମ ହେଉଥିବା ଓଁ(ଓମ୍) ଶବ୍ଦର କାରଣ ହେଉଛି ଆତ୍ମା । ଆତ୍ମା ଅବିନାଶୀ । ତେଣୁ ତାକୁ ଅକ୍ଷର କହୁଛୁ । କ୍ଷର ହୋଇନଥିବା ଅକ୍ଷରଆତ୍ମା ବାହାରକୁ ଶ୍ୱାସ ଦ୍ୱାରା ଓଁ ଶବ୍ଦ ଭାବରେ

ଜଣାପଡିଥାଏ । ଭିତରର ଆତ୍ମା ବାହାରକୁ 'ଓଁ' ଭାବରେ ଜଣାପଡୁଥିବାରୁ 'ଓଁ' କୁ ଅବିନାଶୀ ବୋଲି କହିଛନ୍ତି । ସେହି 'ଓଁ' ନାମକ ଅକ୍ଷର (ଅବିନାଶୀ ଆତ୍ମା)କୁ ଧ୍ୟାନକର୍ ବୋଲି କହିଛନ୍ତି । ଅର୍ଥାତ୍ ସେହି 'ଓଁ' ଅକ୍ଷରକୁ ମନରେ ଧ୍ୟାନକରି ଯୋଗ ଆଚରଣ କରୁଥାଇ, ଯିଏ ଶରୀର ଛାଡିଥାଏ ସେ ପରମାତ୍ମାଙ୍କୁ ପାଇଥାଏ । ଶେଷରେ ଶରୀର ଛାଡିବାବେଳେ ମନ, ବୁଦ୍ଧି ସହିତ ଜୀବ ମିଶି, ଜୀବର ସ୍ଥିତି ବଦଳି ଆତ୍ମାରେ ମିଶିଯାଇଥାଏ । ଏତିକିବେଳେ ଜୀବାତ୍ମାକୁ ନିଜଠାରେ ମିଶାଇଥିବା ଆତ୍ମା ନିଜର ସ୍ଥିତି ହରାଇ ପରମାତ୍ମାରେ ମିଶିଯାଏ, ଜୀବ ମୁକ୍ତ ହୋଇ ସର୍ବବ୍ୟାପୀ ହୋଇଯାଏ ।

**(୭) ଶ୍ଲୋକ,୧୪ : ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟସଃ ।**
**ତସ୍ୟାହଂ ସୁଲଭଃ ପାର୍ଥ ! ନିତ୍ୟଯୁକ୍ତସ୍ୟ ଯୋଗିନଃ ॥**
**(ପରମାତ୍ମା)**

**ଭାବାର୍ଥ :** ମନରେ ଅନ୍ୟ ଚିନ୍ତା ନଆଣି ଯିଏ ସର୍ବଦା ମୋତେ ସ୍ମରଣକରେ ମୁଁ ତାପାଇଁ ସହଜ ହୋଇଥାଏ, ସେ ମୋ' ସହିତ ନିତ୍ୟଯୁକ୍ତ ହୋଇ ଯୋଗୀ ବୋଲାଇଥାଏ ।

**(୭) ଶ୍ଲୋକ,୧୫ : ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍ ।**
**ନାଽପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧି ପରମାଂ ଗତାଃ ॥**
**(ପରମାତ୍ମା)**

**ଭାବାର୍ଥ :** ଶ୍ରେଷ୍ଠ ସଂସିଦ୍ଧିପ୍ରାପ୍ତ ବ୍ୟକ୍ତିମାନେ ମୋତେ ପାଇବା ପରେ ଦୁଃଖାଳୟ ହୋଇଥିବା ଅଶାଶ୍ୱତ ଜନ୍ମ ପାଇ ନଥାନ୍ତି ।

**ବିବରଣୀ :** ଯାହାର ମୋକ୍ଷହୁଏ ସେ ପରମାତ୍ମାରେ ଲୀନ ହୁଏ, ତାର ଆଉ ଜନ୍ମ ହୁଏ ନାହିଁ । କାରଣ ! ଜନ୍ମହେବା ପାଇଁ କର୍ମ ଆବଶ୍ୟକ । ଯାହାର କର୍ମ ନଥାଏ ସେ ସିଦ୍ଧିଲାଭ କରିଥାଏ । ସିଦ୍ଧିଲାଭ ହେବା ପରେ ତାର ଆଉ କର୍ମ ନଥିବା କାରଣରୁ ଜନ୍ମହୁଏ ନାହିଁ, ସେ ସର୍ବ ବ୍ୟାପକ ହୋଇଯାଏ, ତାର ଶ୍ୱାସ ମରଣ ସମୟରେ ବାହାରକୁ ନଯାଇ ଶରୀର ଭିତରେ ରହିଯାଏ ସେତେବେଳେ

ଜୀବ ମଧ୍ୟ ବାହାରକୁ ନଯାଇ ଶରୀର ଭିତରେ ମିଶିଯାଉଥିବାରୁ ସେ ଆଉଏକ ଶରୀର ଧାରଣ କରି ନଥାଏ ବୋଲି ଜାଣିବା ଉଚିତ୍ ।

**(୭) ଶ୍ଲୋକ,୧୬ : ଆବ୍ରହ୍ମଭୂବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।**
**ମାଂ ମୁପେତ୍ୟ ତୁ କୌନ୍ତେୟ ! ପୁନର୍ଜନ୍ମ ନ ବିଦ୍ୟତେ ॥**
**(ପରମାତ୍ମା)**

**ଭାବାର୍ଥ :** ହେ ଅର୍ଜୁନ ! ବ୍ରହ୍ମଲୋକ ଇତ୍ୟାଦି ଲୋକଗୁଡିକ ପାଉଥିଲେ ମଧ୍ୟ ସେଥିରେ ପୁନର୍ଜନ୍ମ ରହିଥାଏ । କିନ୍ତୁ ମୋତେ ପାଉଥିବା ପାତ୍ରର ପୁନର୍ଜନ୍ମ ନଥାଏ ।

**ବିବରଣୀ :** ଲୋକଗୁଡିକ ଅନେକ ଥାଏ, ସେଗୁଡିକ ମଧ୍ୟରୁ ସ୍ୱର୍ଗଲୋକ, ନର୍କଲୋକ, ଅତଳଲୋକ, ବିତଳଲୋକ, ସୁତଳଲୋକ, ରସାତଳ ଲୋକ, ପାତାଳଲୋକ ଏଭଳି ନାନା ପ୍ରକାରର ଲୋକ ଥାଏ ବୋଲି ଶୁଣିଛୁ, ଏସବୁ ଭାବନାର ଗୀତ ବୋଲି କହିପାରିବା, ଯଦି ଥାଏ ସେଗୁଡିକ ମାତ୍ର ତିନିଗୋଟି । ବାସ୍ତବରେ ଉର୍ଦ୍ଧ୍ୱ, ମଧ୍ୟ, ଅର୍ଦ୍ଧ୍ୱ ନାମରେ ଲୋକଗୁଡିକ ତିନି ଭାଗରେ ବିଭକ୍ତ, ତାହାହିଁ ସାତ୍ତ୍ୱିକଲୋକ, ରାଜସଲୋକ, ତାମସଲୋକ । ଏହି ଲୋକଗୁଡିକ ଆଉ କେଉଁଠି ନଥାଏ, ଜୀବ ଦେହର ମୁଣ୍ଡରେ ଥାଏ । ଉପର ଶ୍ଲୋକରେ **ଭୂବଲ୍ଲୋକାଃ** କୁହାଯାଇଛି, ତାହାହିଁ ଏହି ପ୍ରପଞ୍ଚରେ ଥିବା ଲୋକଗୁଡିକ ବୋଲି ଜଣାଯାଏ । ଭୂପୃଷ୍ଠରେ ଥିବା ସବୁଠାରୁ ବଡ ଲୋକ ହେଉଛି ସାତ୍ତ୍ୱିକଲୋକ, ବଡ ହୋଇଥିବାରୁ ତାକୁ ବ୍ରହ୍ମଲୋକ କହନ୍ତି । ଭୂପୃଷ୍ଠରେ ବ୍ରହ୍ମଲୋକ ଇତ୍ୟାଦି ଲୋକଗୁଡିକ ପାଇଲେ ମଧ୍ୟ ସେଠାରେ ଜନ୍ମ ଥାଏ, ଅର୍ଥାତ୍ ଜୀବ କୌଣସି ଗୁଣଭାଗରେ ପ୍ରବେଶ କଲେ ମଧ୍ୟ ଜନ୍ମ ନିଶ୍ଚୟ ରହିଥାଏ ବୋଲି ଭଗବାନ ଜଣାଇଦେଇଛନ୍ତି । ଏହି ଲୋକଗୁଡିକୁ (ତ୍ରିଲୋକକୁ) ଛାଡି ସେଗୁଡିକ ଭିତରେ ଥିବା ଲୋକରେ (ଆଲୋକରେ) ପ୍ରବେଶ କରିଥିବା ବ୍ୟକ୍ତି ମୋ ଭଳି ହୋଇଯାଇଥାଏ ବୋଲି ଭଗବାନ ତାଙ୍କ ମୁଣ୍ଡରେ ମୟୁରଚନ୍ଦ୍ରିକା ଧାରଣ କରି ଦର୍ଶାଇଛନ୍ତି । ସବୁଲୋକ ଛାଡି ଆଲୋକରେ ପ୍ରବେଶ କରିଥିବା ମଣିଷର ପୁନର୍ଜନ୍ମ ନଥାଏ । କୌଣସି ଲୋକ ହୋଇନଥିବା ଆଲୋକ ଆମ ଶରୀରରେ

ଥାଏ । ମୟୁର ଚନ୍ଦ୍ରିକାରେ ଦର୍ଶାଯାଇଥିବା ସ୍ଥଳହିଁ ଆଲୋକ ସ୍ଥଳ, ତାହା ହିଁ ପରମାତ୍ମା ସ୍ଥାନ, ତାହାକୁ ମୋକ୍ଷ କୁହାଯାଏ ବୋଲି ଜାଣିବା ଉଚିତ୍ ।

**(୭) ଶ୍ଳୋକ,୧୭: ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ ।**
**ରାତ୍ରିଂ ଯୁଗ ସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ॥**
**(ପରମାତ୍ମା)**

**ଭାବାର୍ଥ :** ପରମାତ୍ମାଙ୍କର ଏକହଜାର ଯୁଗରେ ଗୋଟିଏ ଦିନ, ଏକହଜାର ଯୁଗରେ ଗୋଟିଏ ରାତ୍ରି ହୋଇଥାଏ ବୋଲି ଯେଉଁମାନେ ଜାଣିଥାନ୍ତି ସେମାନେ ଦିନରାତିକୁ ଜାଣିପାରୁଥାନ୍ତି ।

**ବିବରଣୀ :** କାଳ, କର୍ମ, ଗୁଣଚକ୍ର ଗୁଡିକ ଗୋଟିଏ ଅକ୍ଷ (ଅଖ)ରେ ଖଞ୍ଜା ଯାଇଛି । ତଳେ ଥିବା ଗୁଣଚକ୍ର ତିନି ଭାଗ ହୋଇ ରହିଛି । ତାଉପରେ କର୍ମଚକ୍ର ୧୨ଭାଗର ହୋଇ ରହିଛି । କର୍ମଚକ୍ର ଉପରେ କାଳଚକ୍ର ମଧ୍ୟ ୧୨ଗୋଟି ଭାଗରେ ବିଭକ୍ତ ହୋଇ ରହିଛି । ଏହି ତିନି ଚକ୍ରର ଉପରେ ଦୁଇ ଭାଗ ହୋଇ ଅନ୍ୟ ଏକ ଚକ୍ର ରହିଛି, ତାହାକୁ ବ୍ରହ୍ମଚକ୍ର କହନ୍ତି । ଏହି ଚକ୍ର ଥରେ ଘୂରିବା ପାଇଁ ଦୁଇହଜାର ଯୁଗ ଲାଗିଥାଏ । ଏହି ଚକ୍ରରେ ଯେଉଁ ଦୁଇଭାଗ ରହିଛି ସେଥିରୁ ଅଧେଭାଗ ରାତି ଆଉ ଅଧେଭାଗ ଦିନ ଭାବରେ ରହିଛି ।

ସପ୍ତାହର ସାତଦିନକୁ ବିଭିନ୍ନ ନାମରେ ନାମିତ କରାଯାଇଥିବା ଭଳି, ଯୁଗଗୁଡିକୁ ଚାରିଭାଗରେ ବିଭକ୍ତ କରାଯାଇଛି । ୧) କଳି ଯୁଗ ୨) ଦ୍ୱାପର ଯୁଗ ୩) ତ୍ରେତା ଯୁଗ ୪) କୃତ୍ ଯୁଗ ବା ସତ୍ୟ ଯୁଗ । ଏହି ଚାରିଯୁଗ ବାରଗୁଡିକ ବଦଳୁଥିବା ଭଳି ବଦଳି ସତ୍ୟ ଯୁଗରୁ ଆରମ୍ଭ ହୋଇ କଳି ଯୁଗରେ ସମାପ୍ତ ହୋଇଥାଏ । ଚାରିଯୁଗ ୨୫୦ଥର ଘୂରିଲେ ପରମାତ୍ମାଙ୍କର ଦିନଟିଏ ହୁଏ, ସେହିଭଳି ୨୫୦ଥର ଘୂରିଲେ ଏକ ରାତି ହୁଏ । ପରମାତ୍ମାଙ୍କ ରାତିଦିନକୁ ଜାଣିଥିବା ପାତ୍ର ଆମେ ଅନୁଭବ କରୁଥିବା ଦିନରାତିକୁ ବୁଝାଇ କହିପାରନ୍ତି । (୧) କଳିଯୁଗ ୪,୩୨,୦୦୦ବର୍ଷ (୨) ଦ୍ୱାପର ଯୁଗ ୮,୬୪,୦୦୦ବର୍ଷ (୩) ତ୍ରେତାଯୁଗ ୧୨,୯୬,୦୦୦ବର୍ଷ (୪) କୃତ୍ୟୁଗ ୧୭,୨୮,୦୦୦ବର୍ଷ । ଏହିଭଳି ଚାରି ଯୁଗର କାଳକୁ ମିଶାଇଲେ

ମୋଟ ୪୩,୨୦,୦୦୦ବର୍ଷ ହୋଇଥାଏ । ଏହି ଚାରି ଯୁଗ ୨୫୦ଥର ବିତିଲେ ୧୦୮କୋଟି ବର୍ଷ ହୋଇଥାଏ ଅର୍ଥାତ୍ ବ୍ରହ୍ମଦିନ ୧୦୮କୋଟି ବର୍ଷ ହୋଇଥାଏ, ସେହି ହିସାବରେ ପ୍ରପଞ୍ଚର ଆୟୁଷ ୧୦୮କୋଟି ବର୍ଷ ବୋଲି ଜାଣିବା ଉଚିତ୍ ।

ଏହି ପୃଥିବୀ ହେଉ, ଆକାଶ ହେଉ, ଭୂସାମ୍ରାଜ୍ୟ ହେଉ, କୌଣସି ମତ ହେଉ, ଆମେ ସମସ୍ତେ ରହିବା ଏହି ୧୦୮କୋଟି ବର୍ଷ ଭିତରେ । ତୁ ଅଭିନୟ କରୁଥିବା ରଙ୍ଗମଞ୍ଚର ପରଦା ମଧ୍ୟ ଏହି ୧୦୮କୋଟି ବର୍ଷରେ ପଡିବ । ଜୀବାତ୍ମାର ମରଣ ଆଉ ଜନ୍ମ ମଧ୍ୟ ହୋଇଥାଏ ଏହି ୧୦୮କୋଟି ବର୍ଷ ଭିତରେ । ଏହା ପରମାତ୍ମା ଜୀବ ପଛରେ ପଠାଇଥିବା ଆୟୁକାଳ । ଏହା ଆମ ଆୟୁଷର ଧର୍ମ । ଏହା ଜାଣିବା ପାଇଁ, ୧୦୮ସଂଖ୍ୟା କ'ଣ ତାହା ବିଚାର କରିପାରିବା ପାଇଁ, ଜାଣିଥିବା ଲୋକେ ତାହାକୁ ଭୁଲି ନଯିବା ପାଇଁ, ପ୍ରତ୍ୟେକ ଆରାଧନାରେ, ନାମଜପରେ, ମନ୍ତ୍ରଜପରେ, ଦାନଦକ୍ଷିଣାରେ ୧୦୮ସଂଖ୍ୟାକୁ ଦୃଷ୍ଟିଦେବା ଉଚିତ୍ ବୋଲି ଜ୍ଞାନୀମାନେ ସମାଜରେ ଅଭ୍ୟାସ କରାଇଥିଲେ ।




**ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଚିତ୍ର**

ବ୍ରହ୍ମଚକ୍ରରେ ପ୍ରପଞ୍ଚ ଆୟୁଷ, କାଳଚକ୍ରରେ ଜୀବର ଜୀବନ ବଞ୍ଚିବା କାଳ, କର୍ମଚକ୍ରରେ ଜୀବର କର୍ମବିଧି, ଗୁଣଚକ୍ରରେ ତାର କାର୍ଯ୍ୟାବଳୀ ଏଭଳି ସବୁକିଛିକୁ ଜାଣିପାରିବା ବିଧି ନିର୍ଣ୍ଣୟହୋଇ ରହିଥିବା ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଜୀବ ମୁଣ୍ଡରେ ଅଦୃଶ୍ୟଭାବେ ଥାଏ, ପୂର୍ବ ଚିତ୍ରରେ ଦେଖନ୍ତୁ ।

୧୦୮ ସଂଖ୍ୟା ସହିତ ଆମର ନିକଟ ସମ୍ପର୍କ ରହିଛି । ତାହା କିପରି ନା ! ଆମ ଶରୀରରେ ଆଶା, କ୍ରୋଧ, ଲୋଭ, ମୋହ, ଗର୍ବ, ଘୃଣାଦି ଛଅ ଗୋଟି ଖରାପ ଗୁଣ ରହିଛନ୍ତି । ତା'ର ବ୍ୟତିରେକ ଭାବରେ ଛଅଗୋଟି ଭଲଗୁଣ ମଧ୍ୟ ରହିଛନ୍ତି । ମାତ୍ସର୍ଯ୍ୟ ଗୁଣର ବ୍ୟତିରେକ ଗୁଣ ପ୍ରେମଗୁଣ ହୋଇଥିବା ଭଳି ଛଅଗୋଟି ଗୁଣର ବିପରୀତ ଗୁଣ ଆମ ଶରୀରରେ ରହିଥାନ୍ତି । ଗୁଣଗୁଡିକ ଶରୀରରେ ରହିବା ଦ୍ୱାରା ଏଗୁଡିକ ଉପରେ କର୍ମ, କର୍ମ ଉପରେ ଗ୍ରହମାନଙ୍କର ଅଧିକାର ରହିଥାଏ । ସେଥିଲାଗି ନବଗ୍ରହଙ୍କୁ ଅନୁସରଣ କରି କର୍ମ, କର୍ମକୁ ଅନୁସରଣ କରି ଗୁଣଗୁଡିକ ସ୍ପନ୍ଦିତ ହୋଇଥାନ୍ତି । ଆଦିତ୍ୟାଦି ନବଗ୍ରହ ଏବଂ ଗୁଣଗୁଡିକ ମଧ୍ୟ ନଅ ପ୍ରକାରର ବିଭାଜିତ ହୋଇ ରହିଛନ୍ତି । ଆଶାଗୁଣ ୯ ପ୍ରକାରର ହୋଇଥିବା ବେଳେ, ସେହିଭଳି ଅନ୍ୟ ଗୁଣଗୁଡିକ ମଧ୍ୟ ୯ ପ୍ରକାରର ହୋଇ ରହିଛନ୍ତି । ସେଥିଲାଗି ଆମଠାରେ ଆସୁଥିବା କ୍ରୋଧ ଭିତରେ ବଡଧରଣର କ୍ରୋଧ, ଛୋଟ ଧରଣର କ୍ରୋଧ ହୋଇ ବେଳେବେଳେ ଦେଖା ଦେଇଥାଏ । ସେହିଭଳି ବଡଆଶା, ଛୋଟଆଶା ମଧ୍ୟ ରହିଥାଏ । ଏହିଭଳି ଆମ ଶରୀରର ଛଅଗୋଟି ଖରାପଗୁଣ ପ୍ରତ୍ୟେକ ୯ ଭାଗରେ ରହିଥିବା ବେଳେ, ଛଅଗୋଟି ଭଲଗୁଣ ମଧ୍ୟ ପ୍ରତ୍ୟେକ ନଅ ନଅ ଭାଗହୋଇ ରହିଛନ୍ତି । ଗୋଟିଏ ବର୍ଗର ହୋଇଥିବା ଛଅଗୋଟି ଗୁଣର ଭିନ୍ନ ଭିନ୍ନ ସ୍ଥାନକୁ ନେଇ ହିସାବ କଲେ ୬ର ୯ ଗୁଣ = ୫୪ ହୋଇଥାଏ । ସେହିଭଳି ଆଉଏକ ବର୍ଗର ଗୁଣଗୁଡିକୁ ଦେଖିଲେ ୬ ର ୯ ଗୁଣ = ୫୪ ହୋଇଥାଏ । ଏହିଭଳି ଗୋଟିଏ ଗୁଣଭାଗର ମୋଟ ଗୁଣସଂଖ୍ୟା ୧୦୮ ବୋଲି ଜଣାଯାଉଛି ।

ପ୍ରପଞ୍ଚର ଆୟୁଷ ୧୦୮ କୋଟି ବର୍ଷକୁ ଅନୁସରଣ କରି ମାନବର ଜୀବନକୁ ବିତାଉଥିବା ଗୁଣଗୁଡିକର ସଂଖ୍ୟା ମଧ୍ୟ ୧୦୮ଗୋଟି ରହିବା ଭଳି ପରମାତ୍ମା ସମାନ ଭାବରେ ରଖିଛନ୍ତି । ଗଣିତରେ ଅତି ବଡସଂଖ୍ୟା

ହେଉଛି କୋଟିଏ (ଏକ କୋଟି) । ଗଣିତର ୧୦୮କୋଟି ମନେରହିବା ଭଳି ୧୦୮ଗୋଟି ଆଲୋଚନା ବିକାର ଆମ ଶରୀରରେ ରଖିଛନ୍ତି । ଏହି ବିକାର ଗୁଣିତ ହେବା ଦ୍ୱାରା ଆସିଛି । ସେଥିଲାଗି ନିକଟ ସଂପର୍କୀୟ ହୋଇଥିବା ଗୁଣିତ ଶବ୍ଦରୁ ଗୁଣ ଉଦ୍ଭବ ହୋଇଛି ବୋଲି ଜାଣିପାରିବା ଭଳି ସେଗୁଡିକୁ **ଗୁଣ** କହିଛନ୍ତି । ଏହିଭଳି ଶରୀରରେ ଥିବା ବିଚାରର ନାମ ଗୁଣ ହୋଇଛି । ବଡମାନେ ସବୁଦିଗରୁ ବିଚାରକରି ଏକ ସ୍ୱତନ୍ତ୍ର ନାମଦେଇ ତା ପାଇଁ ଏହି ୧୦୮ନାମକ ସ୍ୱତନ୍ତ୍ର ସଂଖ୍ୟା ରଖିଛନ୍ତି । ୧୦୮କୋଟି ବର୍ଷ ୧୦୮ଗୋଟି ଗୁଣ ସହିତ ଜୀବନ ବିତାଇବାକୁ ହୁଏ । ଏହା ମନେ ରହିବାପାଇଁ ଆମେ ଜପକରୁଥିବା ଜପମାଳାରେ ୧୦୮ଗୋଟି ଜପମାଳା ରହିଥାଏ; ତଥାପି ଆମ ବଡମାନେ ଜଣାଇଥିବା ଏହି ବିଧି କାଳଗର୍ଭରେ କିଛି ଲୁଚିଗଲାଣି । ଜୀବ ପଛରେ ପଠାଇଥିବା ଆୟୁର ଧର୍ମ ଆଜି ଅଧର୍ମ ଭାବରେ ବଦଳିଯାଉଛି । ଆଜି ଜପମାଳାର ୧୦୮ସଂଖ୍ୟା ରହିଥିଲେ ମଧ୍ୟ, ତାର ଅର୍ଥ ସମ୍ପୂର୍ଣ୍ଣ ଅଜଣା ରହିଗଲାଣି । ଦାନ ଦକ୍ଷିଣାରେ, ଉପହାରରେ ଆଜି ୧୦୮ ବଦଳରେ ୧୦୧, ୧୧୬ କିମ୍ବା ଯାହା ଇଚ୍ଛା ଯିଏ ଯେଉଁ ସଂଖ୍ୟାକୁ ବ୍ୟବହାର କଲେଣି । ଦୈବଧର୍ମର ଏକ ମୁଖ୍ୟଧର୍ମ ହୋଇଥିବା ଆୟୁଧର୍ମ ଏହିଭଳି ଅଧର୍ମର ନିକଟ ହୋଇଗଲାଣି । ଏହି ୧୦୮ କୋଟି ବର୍ଷ ଜଗତ ଥିବା କାଳର ଦିନ, ନଥିବା ନିରାମୟ କାଳର ରାତି ନାମରେ କାହିଁକି ନାମିତ କରିଛନ୍ତି, ତାର ଅନ୍ତରାର୍ଥ ଦେଖିବା ।

**(୭) ଶ୍ଳୋକ,୧୮ : ଅବ୍ୟକ୍ତାଦ୍ୱ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।**
**ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାଽବ୍ୟକ୍ତସଂଜ୍ଞକେ ॥**
**(ପରମାତ୍ମା,ଜୀବାତ୍ମା)**

**ଭାବାର୍ଥ :** ବ୍ରହ୍ମଦିବସ ଜଗତ ଭାବରେ ବଦଳୁଥାଇ ଦେଖାଯାଉଥିବା ସର୍ବସ୍ୱ ଅଦୃଶ୍ୟରୁ ଜନ୍ମହୋଇଛି, ସେହିଭଳି ବ୍ରହ୍ମରାତ୍ରିରେ ସାରା ଜଗତ ପ୍ରଳୟ ହୋଇ ଦୃଶ୍ୟମାନ ସର୍ବସ୍ୱ ଅଦୃଶ୍ୟ ହୋଇଯାଉଛି ।

**ବିବରଣୀ :** କାଳଚକ୍ର ଉପରେ ଘୂରୁଥିବା ବ୍ରହ୍ମଚକ୍ରରେ ଅର୍ଦ୍ଧେକ ଦିନ ହେବାକୁ ଆରମ୍ଭ କଲାବେଳେ ସାରା ଜଗତ ସୃଷ୍ଟିହୋଇ ଦେଖାଯାଉଛି । ସେତେବେଳ

ପର୍ଯ୍ୟନ୍ତ ଅବ୍ୟକ୍ତ ଭାବରେ ଦେଖାନଯାଇ ରହିଥିବା ଜଗତ ଦେଖାଯାଉଛି । ଦେଖାଯାଉ ନଥିବା ସବୁକିଛି କ୍ରମେପି ଦେଖାଯାଇ କିଛିକାଳ ପରେ ସମ୍ପୂର୍ଣ୍ଣ ଦୃଶ୍ୟଜଗତ ସୃଷ୍ଟିହେଉଛି । ଏହିଭଳି ସୃଷ୍ଟି ହୋଇଥିବା ବିଶ୍ୱ ଏକହଜାର ଯୁଗ କାଳରେ ଜୀବସନ୍ତତିରେ ପୂର୍ଣ୍ଣ ହୋଇଯାଉଛି । ମୃତ୍ୟୁବରଣ କରି ଜନ୍ମହେଉଥିବା ଜୀବର ଇତିହାସ ଏକହଜାର ଯୁଗ ବିତିଯିବା ପରେ ପ୍ରଳୟ ସୃଷ୍ଟିହୋଇ ଶେଷରେ ବିଶ୍ୱର ସବୁକିଛି ଅଦୃଶ୍ୟ ହୋଇଯାଉଛି । **'ପ୍ର' ର ଅର୍ଥ ହେଉଛି ଜନ୍ମ, ପଞ୍ଚର ଅର୍ଥ ହେଉଛି ପାଞ୍ଚଗୋଟି । ତେଣୁ ପଞ୍ଚଭୂତରୁ ସୃଷ୍ଟି ହୋଇଥିବା ଜଗତକୁ ପ୍ରପଞ୍ଚ କହିଛନ୍ତି । ଯାହାସବୁ ଜନ୍ମ ହୋଇଛି ତାହା ବିନାଶ ହେବାକୁ ପ୍ରଳୟ କହିଛନ୍ତି** । ପ୍ରଭବ ଏବଂ ପ୍ରଳୟ ରେ ପରମାତ୍ମାଙ୍କର ଦିନ ଏବଂ ରାତି ହୋଇଥାଏ ।

**(୭) ଶ୍ଲୋକ,୧୯ : ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।**
**ରାତ୍ର୍ୟାଗମେଽବଶଃ ପାର୍ଥ ! ପ୍ରଭବତ୍ୟହରାଗମେ ॥**

**(ଜୀବାତ୍ମା)**

**ଭାବାର୍ଥ :** ସମସ୍ତ ଜୀବାରାଶି ବ୍ରହ୍ମଦିନରେ ଜନ୍ମହୋଇ ଶେଷରେ ରାତ୍ରି ହେଉହେଉ ପ୍ରଳୟରେ ବିନାଶ ବା ଅଦୃଶ୍ୟ ହୋଇ ପୁନର୍ବାର ଦିନ ଆସିବା ବେଳେ ସାଙ୍ଗେ ସାଙ୍ଗେ ଜନ୍ମ ହୁଅନ୍ତି ।

**(୭) ଶ୍ଲୋକ,୨୦ :**

**ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟ କ୍ତୋଽ ବ୍ୟକ୍ତାତ୍ ସନାତନଃ ।**
**ଯଃ ସ ସର୍ବେଷୁ ଭୂତେଷୁ ନସତ୍ୟୁସୁ ନ ବିନଶ୍ୟତି ॥**

**(ପରମାତ୍ମା)**

**ଭାବାର୍ଥ :** ଅବିନାଶୀ, ଅପରିବର୍ତ୍ତନୀୟ, ପ୍ରକୃତିଠାରୁ ଭିନ୍ନ, ଶ୍ରେଷ୍ଠ, ଜଗତ ବିନାଶ ହେଲେ ମଧ୍ୟ ବିନାଶ ହେଉନଥିବା ଅଗମ୍ୟ ସ୍ଥିତିଟିଏ ଦେଖା ନଯାଇ ରହିଛି ।

**ବିବରଣୀ :** ପ୍ରଳୟରେ ସମସ୍ତ ଜଗତ, ସେଥିରେ ଥିବା ସମସ୍ତ ଜୀବାରାଶି

ଏବଂ ଦେଖାଯାଉଥିବା ସବୁକିଛି ବିନାଶ ହୋଇ ଦିନେ କିଛି ବି ରହିବ ନାହିଁ । ପଞ୍ଚଭୂତ କୁହାଯାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି କିଛି ମଧ୍ୟ ରହିବ ନାହିଁ । ତୋ' ମୋ' ଭିତରେ ଥିବା ଶୂନ୍ୟ ସ୍ଥିତି କହିଲେ ତାହା ମଧ୍ୟ କିପରି ରହିଥିବ ଭାବିବା ଅସମ୍ଭବ, ତାହା ଶୂନ୍ୟ ମଧ୍ୟ ହୋଇ ନଥିବା ଅଗମ୍ୟ ଅଗୋଚର ସ୍ଥିତି । ସେହି ସ୍ଥିତିରେ ମଧ୍ୟ ବିନାଶ ହେଉନଥିବା ଜିନିଷ ଗୋଟିଏ ରହିଛି । ଏହି ପ୍ରପଞ୍ଚ ଲୟ ହୋଇଗଲେ ମଧ୍ୟ ଲୟ ହେଉନଥିବା ଯେଉଁ ଅଲଗା ଜିନିଷଟି ରହିଛି ତାହା କ'ଣ ତଳ ଶ୍ଳୋକରୁ ଜାଣିବା ।

**(୭) ଶ୍ଳୋକ,୨୧ : ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।**
**ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂ ମମ ॥**

(ପରମାତ୍ମା)

**ଭାବାର୍ଥ :** ତାକୁ ହିଁ ଦେଖାଯାଉ ନଥିବା ଅବିନାଶୀ ସ୍ଥିତି କୁହାଯାଏ, ତାହା ପରମଗତି ହୋଇଥିବାରୁ ଜାଣି, ପ୍ରାପ୍ତ କରିବା ଉଚିତ୍, ତାହା ମିଳିଯିବା ପରେ ଆଉ ଜନ୍ମ ନଥାଏ, ତାହା ହିଁ ପରମଧାମ ।

**ବିବରଣୀ :** ସାରା ପ୍ରପଞ୍ଚ ବିନାଶ ହୋଇଗଲେ ମଧ୍ୟ ବଳକା ରହିଥିବା ସେହି ଅବିନାଶୀ ଅଦୃଶ୍ୟ ସ୍ଥିତିକୁ ମୋକ୍ଷ କହୁଛୁ । ତାହା ଶ୍ରେଷ୍ଠଗତି ହୋଇଥିବାରୁ ତାହା ପାଇବା ମାନବର ଲକ୍ଷ୍ୟ ହେବା ଉଚିତ୍ । ଅନେକ ଜନ୍ମର ଚେଷ୍ଟା ଦ୍ୱାରା ଏହି ମୋକ୍ଷ ସ୍ଥିତିକୁ ପାଇବା ପରେ ଆଉ ଜନ୍ମ ନଥାଏ । ଜନ୍ମ ନଥିବା ସେହି ସ୍ଥିତିକୁ ପରମାର୍ଥ କୁହାଯାଏ । ତାହାହିଁ ପରମାତ୍ମା, ତାଠାରୁ ଆଉ ବଡ କେହି ନାହାନ୍ତି ବୋଲି ଜାଣିବା ଉଚିତ୍ । ଏହି ସ୍ଥିତି ସମ ଆଉ କିଛି ନାହିଁ । ସବୁଠାରୁ ବଡ ଲାଭକୁ ଛାଡି କିଛି ସମୟ ଦେଖାଯାଉଥିବା, ନିଜ ସାଥିରେ ଯାଇପାରୁ ନଥିବା ଧନ, କନକ ଉପରେ ଆଶା ବଢାଇବା ନିର୍ବୋଧତା ହୋଇଥାଏ ।

**(୭) ଶ୍ଳୋକ,୨୨ : ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।**
**ଯ ସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥**

(ପରମାତ୍ମା)

**ଭାବାର୍ଥ :** ସର୍ବ ଜୀବରାଶି ଯାହା ଭିତରେ ରହିଛନ୍ତି, ଏ ସାରାଜଗତ ଯାହା ଦ୍ୱାରା ବ୍ୟାପିରହିଛି ସେହି ପୁରୁଷଙ୍କୁ ଅନନ୍ୟ ଭକ୍ତି ଦ୍ୱାରା ପାଇପାରିବା ।

**ବିବରଣୀ :** ପରମାତ୍ମା ଅଣୁଅଣୁ ହୋଇ ସାରାବିଶ୍ୱରେ ବ୍ୟାପିରହିବା ଦ୍ୱାରା ସର୍ବ ଜୀବରାଶି ପରମାତ୍ମାଙ୍କଠାରେ ରହିଛନ୍ତି । ବିଶ୍ୱ ବା ସାରା ପ୍ରପଞ୍ଚରେ ସେ ସୂକ୍ଷ୍ମ ଭାବରେ ବ୍ୟାପିରହିଛନ୍ତି । ଏତେ ମହାନ ପରମାତ୍ମାଙ୍କୁ ଆମର ଏଇ ଛୋଟ ଶରୀରରେ ଅନ୍ୟ ଚିନ୍ତା ନକରି ଭକ୍ତି ଦ୍ୱାରା ପାଇପାରିବା ।

**(୭) ଶ୍ଲୋକ,୨୩ : ଯତ୍ରକାଲେ ତ୍ୱନାବୃତ୍ତିଂମାବୃତ୍ତିଂ ଚୈବ ଯୋଗୀନଃ ।**
**ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ ! ॥**
**(ଜୀବାତ୍ମା,ମୋକ୍ଷ)**

**ଭାବାର୍ଥ :** ଯୋଗୀମାନେ ଯେଉଁ କାଳରେ ମୃତ୍ୟୁବରଣ କଲେ ଆଉ ପୁନର୍ବାର ଜନ୍ମହୁଅନ୍ତି ନାହିଁ, ଯେଉଁ କାଳରେ ମୃତ୍ୟୁବରଣ କଲେ ଜନ୍ମ ନହୋଇ ମୋକ୍ଷ ପାଆନ୍ତି, ସେହି କାଳ ବାବଦରେ କହୁଛି ।

**ବିବରଣୀ :** ଗୋଟିଏ ଖେଳରେ ଖେଳୁଥିବା ଖେଳାଳୀମାନଙ୍କ ଭିତରୁ କିଏ ଜିତିଲା, କିଏ ହାରିଲା ଆମେ ଦେଖିପାରିବା ସିନା, ଖେଳୁନଥିବା ଲୋକମାନଙ୍କୁ ଦେଖିବା ଦରକାର ନାହିଁ । ନଦୀରେ ପ୍ରବେଶ କରିଥିବା ଲୋକଟି କୂଳରେ ପହଞ୍ଚିଲା କି ନାହିଁ ଆମେ ଦେଖିବା ଉଚିତ୍ ସିନା ଯିଏ ନଦୀରେ ପ୍ରବେଶ କରିନାହିଁ ତାକୁ ଦେଖିବା ଆବଶ୍ୟକ ନାହିଁ । ସେହିଭଳି ମୋକ୍ଷ ପାଇବାକୁ ଚେଷ୍ଟା କରୁଥିବା ଯୋଗୀମାନେ ମରଣ ସମୟରେ ମୋକ୍ଷ ପାଇଲେ କି ନାହିଁ ଆମେ ଦେଖିପାରିବା ସିନା, ଆଦୌ ଚେଷ୍ଟା କରୁନଥିବା, ଯୋଗୀ ହୋଇନଥିବା ବ୍ୟକ୍ତିର ମରଣ ସମୟ କିପରି ଥିଲା ଆମେ ଦେଖିବା ଆବଶ୍ୟକ ନାହିଁ । ଶ୍ଲୋକରେ ମଧ୍ୟ 'ଯୋଗିନଃ'। ନାମକ ଶବ୍ଦ ବ୍ୟବହାର କରି ଏହା କେବଳ ଯୋଗୀମାନେ ଜାଣିପାରିବା ଭଳି କହିଛନ୍ତି ।

ଯୋଗୀ ହେଲେ ମଧ୍ୟ ସେହି ଜନ୍ମରେ ଯେ ତାର ମୋକ୍ଷ ହୋଇଯିବ ଭାବିବା ଭୁଲ୍ । ଅନେକ ଜନ୍ମରେ ଚେଷ୍ଟାକରି ଯୋଗୀ ହୋଇପାରିଥିଲେ ମଧ୍ୟ


ଜନ୍ମର କର୍ମ ବିନାଶ ନହେବା ପର୍ଯ୍ୟନ୍ତ ମୋକ୍ଷ ହୋଇନଥାଏ । ତେଣୁ ଯୋଗୀମାନଙ୍କ ମୋକ୍ଷମରଣରେ କାଳ କ'ଣ, ମୋକ୍ଷ ନପାଇବା କାଳ କ'ଣ ତାହା କହିବି ବୋଲି ଭଗବାନ କହିଛନ୍ତି । ଯୋଗୀମାନେ ମୋକ୍ଷ ପାଇ ଜନ୍ମରହିତ ହୋଇପାରୁଥିବା ମରଣକାଳ ଏବଂ ମୋକ୍ଷ ନପାଇ ପୁନର୍ଜନ୍ମ ହେଉଥିବା ମରଣକାଳ କ'ଣ ଏବେ ଭଗବାନଙ୍କଠାରୁ ଜାଣିବା ।

**(୭) ଶ୍ଳୋକ,୨୪ : ଅଗଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।**
**ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ॥**
**(ଜୀବାତ୍ମା,ମୋକ୍ଷ)**

**ଭାବାର୍ଥ :** ଯୋଗୀ ଯେଉଁ ଅଞ୍ଚଳରେ ରହି ମୃତ୍ୟୁବରଣ କରୁଛି ସେଠାରେ ମେଘୁଆ ନହୋଇ ସୂର୍ଯ୍ୟ କିରଣ ପଡିଥିବା ଆବଶ୍ୟକ । ଯୋଗୀର ମରଣ ସମୟରେ ଦିନବେଳା ହୋଇ, ସେ ଦିନଟି ଶୁକ୍ଳପକ୍ଷ ଏବଂ ଉତ୍ତରାୟଣର ହୋଇଥିବା ଆବଶ୍ୟକ । ଏହିଭଳି ସୂର୍ଯ୍ୟତେଜ ଯୁକ୍ତ ଦିନବେଳ, ଶୁକ୍ଳପକ୍ଷ, ଉତ୍ତରାୟଣରେ ମୃତ୍ୟୁବରଣ କରିଥିବା ଯୋଗୀ ମୋକ୍ଷ ପାଇଥାଏ ।


**ବିବରଣୀ :** ସମସ୍ତ ଜୀବରାଶିଙ୍କର ବ୍ରହ୍ମନାଡୀରେ ଆତ୍ମା ରହିଛି । ବ୍ରହ୍ମନାଡୀର ସପ୍ତମ ସ୍ଥାନରେ ଆତ୍ମଶକ୍ତି କେନ୍ଦ୍ରିକୃତ ହୋଇ ରହିଛି । ସପ୍ତମ ସ୍ଥାନକୁ କେନ୍ଦ୍ରକରି ତା ଚାରିକଡେ କର୍ମଚକ୍ର, କାଳଚକ୍ର ଘୂରୁଛି । କାଳ ଚକ୍ରରେ ରାତିଦିନ, କୃଷ୍ଣ ପକ୍ଷ, ଶୁକ୍ଳପକ୍ଷ, ମାସ, ଉତ୍ତରାୟଣ, ଦକ୍ଷିଣାୟନ, ବର୍ଷ ହୋଇଥାଏ । ରାତି ଦିନରୁ ଆରମ୍ଭ କରି ସମତ୍ସର (ବର୍ଷ) କାଳାଦି ପର୍ଯ୍ୟନ୍ତ ଜୀବରାଶି କର୍ମାନୁଭବ କରନ୍ତି । କାଳଚକ୍ରରେ ରାତି, ଦିନ କିପରି ହୋଇଥାଏ ଜାଣିବା । ଆମ କର୍ମଚକ୍ରରେ ଥିବା ଭାଗଗୁଡିକୁ ସୂର୍ଯ୍ୟ ଅତିକ୍ରମ କରି ଯାତ୍ରା କରିଥାଏ । ପ୍ରତି ଭାଗ ଅତିକ୍ରମ କରିବାକୁ ଦୁଇଘଣ୍ଟା ଲାଗେ । ସୂର୍ଯୋଦୟରୁ ଆରମ୍ଭ କରି ଛଅ ଭାଗ ଅତିକ୍ରମ କରିବାକୁ ୧୨ଘଣ୍ଟା କାଳ ଲାଗିଥାଏ । ଏହାକୁ ଆମେ ଦିବାକାଳ ଭାବରେ ଦେଖୁଛେ, ସେହିଭଳି ଅନ୍ୟ ଛଅ ଭାଗକୁ ଅତିକ୍ରମ କରିବା ପାଇଁ ୧୨ଘଣ୍ଟା କାଳ ଲାଗିଥାଏ । ତାହାକୁ ରାତ୍ରିକାଳ କହୁଛେ । ଆମ କପାଳରେ ଥିବା କର୍ମ ଚକ୍ରକୁ ଅତିକ୍ରମ କରୁଥାଇ ସୂର୍ଯ୍ୟ କାଳ ଚକ୍ରରେ ପରିଭ୍ରମଣ କରିଥାଏ,ଏହିଭଳି

କାଳଚକ୍ରରେ ରହି କର୍ମଚକ୍ରର ୧୨ଭାଗକୁ ଅତିକ୍ରମ କରିବା ପାଇଁ ୨୪ଘଣ୍ଟା ଲାଗିଥାଏ । ଏହି ୨୪ଘଣ୍ଟା ଗୋଟିଏ ଦିନ । କର୍ମଚକ୍ରରେ ଏକ ମଧ୍ୟରେଖା ରହିଛି । ମଧ୍ୟରେଖାର ବାମ ପାର୍ଶ୍ୱରେ ଥିବା ୬ଗୋଟି ଭାଗ ଦିନବେଳା, ଦକ୍ଷିଣପାର୍ଶ୍ୱରେ ଥିବା ୬ଗୋଟି ଭାଗ ରାତ୍ରିବେଳା ବୋଲି ସୂର୍ଯ୍ୟ ଭ୍ରମଣରୁ ଜଣାଯାଇଥାଏ । ସେହି ଦିନରାତିକୁ ଚିତ୍ରରେ ଦେଖିପାରିବେ ।





**କର୍ମଚକ୍ର**

ସୂର୍ଯ୍ୟ କାଳଚକ୍ରରେ ପରିଭ୍ରମଣ କରୁଥାଏ, କାଳଚକ୍ର ୧୨ଭାଗର ହୋଇଥିବା ବେଳେ, ଗୋଟିଏ ଗୋଟିଏ ଭାଗକୁ ଅତିକ୍ରମ କରିବାପାଇଁ ଏକ ଏକମାସ ଲାଗିଥାଏ ଏବଂ ସମ୍ପୂର୍ଣ୍ଣ ଅତିକ୍ରମ କରିବାକୁ ୧୨ମାସ ଲାଗିଥାଏ । ଏହାକୁ ଏକ ସମ୍ବତ୍ସର ବା ଏକବର୍ଷ କୁହାଯାଏ । କାଳଚକ୍ରର ମଧ୍ୟରେ ଆତ୍ମାରେଖା ରହିଥାଏ । ଆତ୍ମାରେଖାର ବାମ ପାର୍ଶ୍ୱରେ ଥିବା ଛଅଗୋଟି ଭାଗକୁ ଅତିକ୍ରମ କରିବାକୁ ଛଅମାସ କାଳ ଲାଗିଥାଏ । ସେହି ଛଅମାସ କାଳକୁ ଉତ୍ତରାୟଣ କୁହାଯାଏ । ସେହିଭଳି ଦକ୍ଷିଣ ଭାଗରେ ଥିବା ୬ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ଯେଉଁ ଛଅମାସ କାଳ ଲାଗିଥାଏ ତାହାକୁ ଦକ୍ଷିଣାୟନ କାଳ କୁହାଯାଏ । ଉତ୍ତରାୟଣ ଏବଂ ଦକ୍ଷିଣାୟନ କାଳକୁ ପର ଚିତ୍ରରେ ଦେଖିପାରିବେ ।





**କାଳଚକ୍ର**

କାଳଚକ୍ରର ଗୋଟିଏ ଗୋଟିଏ ଭାଗକୁ ଚନ୍ଦ୍ର ଅତିକ୍ରମ କରିବା ପାଇଁ ଅଢେଇଦିନ ଲାଗିଥାଏ । ଆତ୍ମାରେଖାର ଗୋଟିଏ କଡରେ ଥିବା ଛଅ ଭାଗକୁ ଅତିକ୍ରମ କରିବା ପାଇଁ ଚନ୍ଦ୍ରକୁ ୧୫ଦିନ ଲାଗିଥାଏ, ସେହିଭଳି ଆଉ ଏକ କଡକୁ ଅତିକ୍ରମ କରିବା ପାଇଁ ୧୫ ଦିନ ଲାଗିଥାଏ । ଏହିଭଳି ଚନ୍ଦ୍ର ମୋଟ ଥିବା ୧୨ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ୩୦ଦିନ ଲାଗିଥାଏ । କର୍ମଚକ୍ର ଉପରେ ଚନ୍ଦ୍ର ଆତ୍ମାରେଖାର ବାମ କଡରେ ଥିବା ଭାଗଗୁଡିକୁ ଅତିକ୍ରମ କରିବା ପାଇଁ ନେଉଥିବା ୧୫ଦିନ କାଳକୁ ଶୁକ୍ଳପକ୍ଷ, ଦକ୍ଷିଣ ଭାଗରେ ଥିବା ଭାଗଗୁଡିକୁ ଅତିକ୍ରମ କରିବା ପାଇଁ ନେଉଥିବା ୧୫ଦିନ କାଳକୁ କୃଷ୍ଣପକ୍ଷ କୁହାଯାଏ । ଏହି ଶୁକ୍ଳପକ୍ଷ ଏବଂ କୃଷ୍ଣପକ୍ଷର କାଳକୁ ପର ଚିତ୍ରରେ ଦେଖିପାରିବା, ଏହିଭଳି କାଳ-ଚକ୍ରରେ ରାତି ଦିନ ଶୁକ୍ଳପକ୍ଷ,କୃଷ୍ଣପକ୍ଷ, ଉତ୍ତରାୟଣ, ଦକ୍ଷିଣାୟନ ହୋଇଥାଏ । ଜୀବକୁ ଯୋଗ ଦ୍ୱାରା ମିଳିଥିବା ସମସ୍ତ ଯୋଗଶକ୍ତି କର୍ମ କାଳଚକ୍ରର ମଧ୍ୟରେ ଥିବା ଗୁରୁକେନ୍ଦ୍ରରେ ଜମା ହୋଇଥାଏ । ଯାହାର ଯୋଗଶକ୍ତି ପରିପୂର୍ଣ୍ଣ ସ୍ଥିତିରେ ପହଞ୍ଚିଯାଏ ତାପାଇଁ ସୂର୍ଯ୍ୟର ସ୍ଥିତି ଆତ୍ମାରେଖାର ବାମକଡରେ ଥିବାବେଳେ, କାଳଚକ୍ରରେ ଚନ୍ଦ୍ର ମଧ୍ୟ ଆତ୍ମାରେଖାର ବାମକଡରେ ଥାଇ ଯୋଗୀର ମରଣ ହୋଇଥାଏ ।




**କାଳଚକ୍ର**

ଏହିଭଳି ମୃତ୍ୟୁବରଣ କରିଥିବା ଯୋଗୀ ମଝିରେ ଥିବା କେନ୍ଦ୍ରରେ ପହଞ୍ଚିପାରିଥାଏ ବା ଆତ୍ମାରେ ଲୀନ ହୋଇଯାଇଥାଏ । ଏହା ବ୍ୟତୀତ ଅନ୍ୟ ସମୟରେ ମୃତ୍ୟୁବରଣ କରିଥିବା ଯୋଗୀ କେନ୍ଦ୍ରରେ ଥିବା ପରମାତ୍ମାରେ ପହଞ୍ଚିପାରି ନଥାଏ । କେବଳ ଦିନବେଳା, ଶୁକ୍ଳପକ୍ଷ ଏବଂ ଉତ୍ତରାୟଣ ମିଳିତ ହୋଇଥିବା କାଳରେ ଯୋଗୀ ପରମାତ୍ମାରେ ମିଳିତ ହେବା ସୁଯୋଗ ଥାଏ । ଉତ୍ତରାୟଣ କାଳର ଶୁକ୍ଳପକ୍ଷ ଦିବାକାଳରେ ଜୀବର ରାସ୍ତା କାଳଚକ୍ରରେ କିପରି ଥାଏ ତାହା  ଚିତ୍ରରେ ଦେଖିପାରିବା ।




**(୭) ଶ୍ଳୋକ,୨୫ : ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।**
**ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ॥**
**(ଜୀବାତ୍ମା)**


**ଭାବାର୍ଥ :** ଯୋଗୀ ମେଘାବୃତ୍ତ ଅଞ୍ଚଳରେ, ରାତି କିମ୍ବା କୃଷ୍ଣପକ୍ଷର ୧୫ ଦିନ ଭିତରେ, ଦକ୍ଷିଣାୟନର ଛଅମାସ ଭିତରେ ହୋଇଥିଲେ ତାର ମୋକ୍ଷ ନହୋଇ, ଜ୍ଞାନତେଜ ଯୁକ୍ତ ପୁନର୍ଜନ୍ମ ହୋଇଥାଏ ।

(ଏହି ମରଣ ସମୟ ବାବଦରେ ଅନେକ ଗୀତାରେ ଅନେକ ଭ୍ରାନ୍ତ ଧାରଣା ଦିଆଯାଇଛି । **ପ୍ରଯାତା ଯାନ୍ତି ତଂ.. ..** ନାମକ ୨୩ତମ ଶ୍ଳୋକରେ କହିଥିଲେ ମଧ କାଳ ବାବଦରେ ନକହି ଦିନବେଳର ଦେବତା, ଶୁକ୍ଳ ପକ୍ଷର ଦେବତା, ଉତ୍ତରାୟଣର ଦେବତାମାନେ ଯାଉଥିବା ପଥରେ ଗଲେ ମୋକ୍ଷ ମିଳିଥାଏ ବୋଲି ଲେଖାଯାଇଛି । ଏହି ଭଳି ଦିନବେଳର ଦେବତା ଭଳି ଶ୍ଳୋକରେ ନଥିବା ବିଷୟକୁ ଆଣି ଯୋଡିବା ଦ୍ୱାରା ସମସ୍ତେ ଭ୍ରାନ୍ତ ଧାରଣା ପାଇଛନ୍ତି । ଦିନବେଳର ଦେବତାମାନଙ୍କୁ ଏହି ଭାବାର୍ଥ ଲେଖିଥିବା ବ୍ୟକ୍ତିମାନେ ମଧ ଦେଖିନାହାନ୍ତି । ପଢୁଥିବା, ଶୁଣୁଥିବା ଲୋକେ କେଉଁଠାରେ ଯାଇ ସେମାନଙ୍କୁ ଖୋଜିବେ ?)


**ବିବରଣୀ :** ରାତି, ଶୁକ୍ଳପକ୍ଷ, ଦକ୍ଷିଣାୟନରେ ମୃତ୍ୟୁବରଣ କରିଥିବା ଯୋଗୀ ଆତ୍ମାରେ ପହଞ୍ଚିପାରେ ନାହିଁ । ସେ ସମୟରେ ମୃତ୍ୟୁବରଣ କରିଥିବା ଯୋଗୀର କାଳଚକ୍ରରେ ଆତ୍ମା ପାଖକୁ ଯିବାକୁ ରାସ୍ତା ନଥାଏ । ରାତି, ଶୁକ୍ଳପକ୍ଷ, ଦକ୍ଷିଣାୟନରେ କାଳଚକ୍ରରେ କିପରି ରାସ୍ତା ନଥାଏ ତାହା ପର ଚିତ୍ରରେ ଦେଖନ୍ତୁ ।




ଦିନବେଳା, ଶୁକ୍ଳପକ୍ଷ, ଦକ୍ଷିଣାୟନରେ ମୃତ୍ୟୁବରଣ କରିଥିବା ଯୋଗୀ ଆତ୍ମାରେ ପହଞ୍ଚିପାରେ ନାହିଁ, ସେ ସମୟରେ ମୃତ୍ୟୁବରଣ କରିଥିବା ଯୋଗୀର କାଳଚକ୍ରରେ ପହଞ୍ଚିବାକୁ ରାସ୍ତା ନଥାଏ । ଦିନବେଳା, ଶୁକ୍ଳପକ୍ଷ ଏବଂ ଦକ୍ଷିଣାୟନରେ କାଳଚକ୍ରରେ କେଉଁଭଳି ରାସ୍ତା ରହିଛି ତାହା ମଧ୍ୟ ତଳ ଚିତ୍ରରେ ଦେଖିପାରିବେ ।



ଆତ୍ମାରେ ପହଞ୍ଚିବା ପାଇଁ ସମସ୍ତ ଦ୍ୱାର ଗୋଟିଏ ଦିଗରେ ଅର୍ଥାତ୍ ବାମ କଡରେ ଥିବା ଆବଶ୍ୟକ । ତା ନହୋଇ କାଳଚକ୍ରରେ କୌଣସି ଦ୍ୱାର ଦକ୍ଷିଣ କଡରେ ଥିଲେ ଯୋଗୀକୁ ବାମକଡରେ ରାସ୍ତା ମିଳିନଥାଏ ତେଣୁ ପୁନର୍ବାର ଅନ୍ୟଶରୀରରେ ଜନ୍ମନେବାକୁ ପଡିଥାଏ, ଏହା କେବଳ ଯୋଗୀମାନଙ୍କ ପାଇଁ ନିର୍ଣ୍ଣୀତ ହୋଇ ରହିଛି । ଯୋଗୀ ଉତ୍ତରାୟଣର, କୃଷ୍ଣପକ୍ଷ, ଦିନବେଳାରେ ମୃତ୍ୟୁବରଣ କରିଥିଲେ ଆତ୍ମାରେ ପହଞ୍ଚିପାରି ନଥାଏ । କାରଣ କାଳଚକ୍ରରେ ତା ପାଇଁ ରାସ୍ତା ନଥାଏ, ସେହି ବନ୍ଦ୍ ରାସ୍ତା କିପରି ପର ଚିତ୍ରରେ ଦେଖିପାରିବେ ।




**(୭) ଶ୍ଲୋକ,୨୬ : ଶୁକ୍ଳ କୃଷ୍ଣେ ଗତି ହ୍ୟେତେ ଜଗତଃ ଶାଶ୍ୱତେ ମତେ ।**
**ଏକୟା ଯାତ୍ୟନାବୃତ୍ତି ମନ୍ୟୟାଽଽବର୍ତ୍ତତେ ପୁନଃ ॥**

**(ଜୀବାତ୍ମା)**

**ଭାବାର୍ଥ :** ଜଗତରେ ଶୁକ୍ଳ, କୃଷ୍ଣ ଗତି ଶାଶ୍ୱତ ଭାବରେ ରହିଥାଏ । ଗୋଟିଏ ଦ୍ୱାରା ବୃତ୍ତି, ଅନ୍ୟଗୋଟିଏ ଦ୍ୱାରା ଅନାବୃତ୍ତି ଘଟିଥାଏ ।

**ବିବରଣୀ :** ପ୍ରପଞ୍ଚରେ ପକ୍ଷ ଦୁଇଟି ନବଦଳି ଶାଶ୍ୱତ ଭାବରେ ରହିବା ଭଳି ବନ୍ଦୋବସ୍ତ ଅଛି । କୃଷ୍ଣ, ଶୁକ୍ଳପକ୍ଷ ଦୁଇଟି ଶାଶ୍ୱତ ଭାବେ ଯୋଗୀର ବୃତ୍ତି ଅନାବୃତ୍ତି ଜାତ କରନ୍ତି । ଏହି ବିଷୟ କେବଳ ଯୋଗୀପାଇଁ, ସାଧାରଣଙ୍କ ପାଇଁ ନୁହେଁ ବୋଲି ଆଉଥରେ ମନେପକାଇ ଦେଉଛୁ ।

**(୭) ଶ୍ଲୋକ,୨୭ : ନୈତେ ସୃତୀ ପାର୍ଥ ! ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।**
**ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ॥**
**(ଜୀବାତ୍ମା)**

**ଭାବାର୍ଥ :** ଏବେ ତୁ ଶୁଣୁଥିବା ଦୁଇ ପ୍ରକାର କାଳକୁ ଜାଣିଥିବା ଯୋଗୀମାନେ ଭୁଲ୍ କରନ୍ତି ନାହିଁ, ତେଣୁ ହେ ଅର୍ଜୁନ ! ସର୍ବଦା ଯୋଗ ଯୁକ୍ତ ହୋଇ ରହ ।

**ବିବରଣୀ :** ଯୋଗୀମାନଙ୍କ ମରଣରେ ଭେଦ ରହିଛି, ଯୋଗୀର କର୍ମ ଶେଷ ନହେବା ପର୍ଯ୍ୟନ୍ତ ତା'ର ଶେଷକାଳ ଶୁକ୍ଳପକ୍ଷ ବର୍ଗର ହୋଇନଥାଏ, ଏଭଳି କାଳକୁ ହରାଇବାରେ ପୁନର୍ଜନ୍ମ ହୋଇଥାଏ ବୋଲି ଯେଉଁମାନେ ଜାଣନ୍ତି ସେମାନେ ଶୀଘ୍ର କର୍ମ ଶେଷ କରିବାକୁ ଚେଷ୍ଟା କରନ୍ତି । ସର୍ବଦା ଯୋଗଯୁକ୍ତ ହୋଇ ରହ ବୋଲି ଭଗବାନ ଏଠାରେ ଅର୍ଜୁନଙ୍କୁ କହିଛନ୍ତି ।

**୭) ଶ୍ଲୋକ,୨୮ :**

**ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।**
**ଅତ୍ୟେତି ତତ୍ ସର୍ବମିଦଂ ବିଦିତ୍ୱା ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥**
**(ଜୀବାତ୍ମା,ମୋକ୍ଷ)**

**ଭାବାର୍ଥ :** ଏହି ବିଷୟ ଜାଣିଥିବା ବ୍ୟକ୍ତି ବେଦାଧ୍ୟୟନ, ଯଜ୍ଞାଚରଣ, ତପସ୍ୟା, ଦାନ ଦ୍ୱାରା ମିଳୁଥିବା ପୁଣ୍ୟକର୍ମକୁ ଅତିକ୍ରମ କରି ମୋକ୍ଷ ପାଇଥାନ୍ତି ।

**ବିବରଣୀ :** ଯୋଗବିଧି ଏବଂ ମୋକ୍ଷ କାଳକୁ ଜାଣିଥିବା ବ୍ୟକ୍ତି ଜଣେ ମହାନ ଜ୍ଞାନୀ ବା ଯୋଗୀ ହୋଇପାରିଥାଏ । ସେ ବେଦ, ଯଜ୍ଞ, ଦାନ, ତପସ୍ୟା ଦ୍ୱାରା ମିଳୁଥିବା ସୁକର୍ମକୁ ଆଶା କରିନଥାଏ । କାରଣ ସେ କର୍ମକୁ ଦୂର କରିବା ପାଇଁ ଚେଷ୍ଟା କରିଥାଏ, ସେ ସେଭଳି କର୍ମଗୁଡ଼ିକୁ ଅତିକ୍ରମ କରିବା ଉଚିତ୍ ନୁହେଁ ଭାବି, ତା ଦ୍ୱାରା ମିଳୁଥିବା ସୁଖ ଅପେକ୍ଷା ମୋକ୍ଷକୁ ଉନ୍ନତ ଭାବି, ସର୍ବଦା ଯୋଗାଚରଣ କରି ଶେଷରେ ମୋକ୍ଷ ପାଇଥାଏ ।

ଅକ୍ଷରପରବ୍ରହ୍ମ ଯୋଗ ଏତିକିରେ ସମାପ୍ତ ହୋଇଛି । ଏହି ଅଧ୍ୟାୟରେ ଥିବା ଶ୍ଳୋକଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :**

| | | | |
|---|---|---|---|
| ୧) | ପ୍ରକୃତି,ଆତ୍ମା,ପରମାତ୍ମା | = | ୦୧ |
| ୨) | ଆତ୍ମା,ପରମାତ୍ମା | = | ୦୩ |
| ୩) | ପ୍ରକୃତି,ପରମାତ୍ମା | = | ୦୧ |
| ୪) | ଆତ୍ମା | = | ୦୧ |
| ୫) | ଜୀବାତ୍ମା | = | ୦୫ |
| ୬) | ଆତ୍ମା,ସାକାର | = | ୦୧ |
| ୭) | ପରମାତ୍ମା | = | ୦୮ |
| ୮) | ପରମାତ୍ମା,ଜୀବାତ୍ମା | = | ୦୧ |
| ୯) | ଜୀବାତ୍ମା,ମୋକ୍ଷ | = | ୦୩ |
| ୧୦) | ଜୀବାତ୍ମା,ଆତ୍ମା, ପରମାତ୍ମା | = | ୦୪ |
| | **ମୋଟ ଶ୍ଳୋକ ସଂଖ୍ୟା** | = | **୨୮** |

**ଭାବାର୍ଥ,ବିବରଣୀ ବଦଳିଛି ୪,୧୩,୨୩,୨୪,୨୫**

*****



# ରାଜବିଦ୍ୟା ରାଜଗୁହ୍ୟ ଯୋଗ

**ଶ୍ରୀ ଭଗବାନ କହୁଛନ୍ତି :-**

**(୮) ଶ୍ଳୋକ,୧ : ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷାମ୍ୟନସୂୟବେ ।**
**ଜ୍ଞାନଂ ବିଜ୍ଞାନ ସହିତଂ ଯଜ୍‌ଜ୍ଞାତ୍ୱା ମୋକ୍ଷସେଽଶୁଭାତ୍ ।।**

(ଧର୍ମ)

**ଭାବାର୍ଥ :** ଏହା ଅତି ରହସ୍ୟମୟ ଜ୍ଞାନ, ଏହାକୁ ବିଜ୍ଞାନ ସମେତ କହିବି ଯାହା ଜାଣିବା ଦ୍ୱାରା ତୁ ଅଶୁଭରୁ ମୁକ୍ତ ହୋଇପାରିବୁ ।

**ବିବରଣୀ :** ରାଜବିଦ୍ୟା ହେଉଛି ଅତି ରହସ୍ୟମୟ ବିଦ୍ୟା । କାହାକୁ ଜଣାନଥିବାରୁ ଏହାକୁ ରହସ୍ୟମୟ ବୋଲି କୁହାଯାଇଛି, ସେହି ଜ୍ଞାନକୁ ଅନୁଭବ ପୂର୍ବକ ଏବଂ ବିଜ୍ଞାନ ସମେତ ବିଶଦ ଭାବରେ କହୁଛି, ଏହା ଦ୍ୱାରା କର୍ମରୁ ମୁକୁଳି ମୋକ୍ଷ ପାଇବୁ, ଶୁଣ୍ ବୋଲି ଭଗବାନ କହୁଛନ୍ତି ।

**(୮) ଶ୍ଳୋକ,୨ : ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।**
**ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତୁମବ୍ୟୟମ୍ ।।**

(ଧର୍ମ)

**ଭାବାର୍ଥ :** ସମସ୍ତ ବିଦ୍ୟାଠାରୁ ବଡ, ସେହିଭଳି ସମସ୍ତ ରହସ୍ୟଠାରୁ ବଡ, ପବିତ୍ର, ଉନ୍ନତ ଜ୍ଞାନ, କାରଣ ଏହା ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନକାରୀ ପରିପୂର୍ଣ୍ଣ ଧର୍ମ ଏବଂ ଶାଶ୍ୱତ ସୁଖକର ତଥା ବିନାଶ ରହିତ ।

**ବିବରଣୀ :** କୁହାଯାଉଥିବା ଏହି ଜ୍ଞାନ ସମସ୍ତ ବିଦ୍ୟା ଭିତରେ ରାଜା ଭଳି । ମନୁଷ୍ୟ ଭିତରେ ରାଜା ବଡ, ଏହା ବଡବିଦ୍ୟା, ତେଣୁ ରାଜା ଭଳି, ରହସ୍ୟ ଭିତରେ ବଡ ରହସ୍ୟ ମଧ୍ୟ । ଯାହା କାହାକୁ ଜଣାନଥାଏ ତାହା ରହସ୍ୟ । କେହି କହିପାରୁ ନଥିବା ଏହି ରହସ୍ୟ ବିଷୟକୁ ଭଗବାନ ଜଣାଇଛନ୍ତି । ଏହିଭଳି ରହସ୍ୟ ହୋଇଥିବା ଅଜଣା ବିଷୟକୁ ଜାଣିବା ଦ୍ୱାରା ଅଶୁଭ ସୃଷ୍ଟିକାରୀ

ଗୁଣଗୁଡିକ ଉପରୁ ଆଶକ୍ତି କମିଯାଇଥାଏ । ଏହି ଜ୍ଞାନ ହିଁ ପ୍ରତ୍ୟକ୍ଷଧର୍ମ ଏବଂ ଅବିନାଶୀ ହୋଇଥିବାରୁ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ଲୋକ ନିଶ୍ଚୟ ଏହା ଜାଣି କରିବା ଉଚିତ୍ । ଏହି ଧର୍ମ ସ୍ୱରୂପ ଜ୍ଞାନ ନଜାଣି କୌଣସି କାର୍ଯ୍ୟ ସେ କରୁଛି, ମୁଁ ମଧ୍ୟ କରୁଛି ଭାବିଲେ ମୂର୍ଖତା ହୋଇଥାଏ । ଏହିଭଳି ଜ୍ଞାନହୀନ କାର୍ଯ୍ୟ, ଅର୍ଥହୀନ କାର୍ଯ୍ୟ ନକରିବା ପାଇଁ ଧର୍ମ ଜାଣିବା ଉଚିତ୍ । ଉଦାହରଣ ସ୍ୱରୂପ ନଡିଆ ସମସ୍ତେ ଭାଙ୍ଗିଥାନ୍ତି ବୋଲି ଆମେ ଭାଙ୍ଗୁଛେ, ହେଲେ ନଡିଆ କାହିଁକି ଭଙ୍ଗାଯାଏ ଆମକୁ ଜଣା ନାହିଁ । ବିବାହ ଉତ୍ସବରେ ଆମେ କେତେକ ରୀତିର ଆଚରଣ କରୁଛେ, କିନ୍ତୁ ସେସବୁ ଆଚରଣ କରିବାରେ କେଉଁସବୁ ଅର୍ଥ ରହିଛି ଆମକୁ ଜଣା ନାହିଁ । ସମସ୍ତେ ବଞ୍ଚିବା ଭଳି ଆମେ ବଞ୍ଚୁଛେ ସିନା, ଆମ ବଞ୍ଚିବାରେ କ'ଣ ଅର୍ଥ ଅଛି ଆମକୁ ଜଣା ନାହିଁ । ଏହିଭଳି ଆମେ କରୁଥିବା ଅନେକ କାର୍ଯ୍ୟର, ଆମେ କଥା ହେଉଥିବା ଅନେକ କଥାର ଅର୍ଥ ଆମକୁ ଜଣା ନାହିଁ । ସମସ୍ତ ଆାଚରଣର ଅର୍ଥକୁ ଜଣାଇଥାଏ ଧର୍ମ ତାହା ନିହାତି ଜାଣିବା ଉଚିତ୍ ବୋଲି ତଳ ଶ୍ଳୋକରେ ମଧ୍ୟ କହିଛନ୍ତି ।

**(୮) ଶ୍ଳୋକ,୩ : ଅଶ୍ରଦ୍ଦଧାନାଃ ପୁରୁଷ ଧର୍ମସ୍ୟାସ୍ୟ ପରନ୍ତପ ! ।**
**ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁ ସଂସାର ବର୍ତ୍ମନି ॥**

(ଧର୍ମ)

**ଭାବାର୍ଥ :** ଧର୍ମ ଉପରେ ଯାହାର ଶ୍ରଦ୍ଧା ନାହିଁ ସେ ମୋତେ ଜାଣି ନପାରି ମୃତ୍ୟୁ ସଂସାରରେ ପଡି ରହିଥାଏ ।

**ବିବରଣୀ :** ନୀତି-ନ୍ୟାୟଯୁକ୍ତ, ଜ୍ଞାନ-ଧର୍ମଯୁକ୍ତ, ନୀତିନ୍ୟାୟ ଦୁନିଆରେ ବଞ୍ଚିବାପାଇଁ ଦରକାର ହେଉଥିବା ସକ୍ରମ ପଦ୍ଧତିକୁ ଦେଖାଇଥାଏ । ଜ୍ଞାନ ଧର୍ମ ଭୌତିକ ନୁହେଁ, ଆତ୍ମା ପରମାତ୍ମା ସମ୍ବନ୍ଧୀୟ । ଜ୍ଞାନ ଧର୍ମ ଦ୍ୱାରା ପରମାତ୍ମାରେ ଲୀନହେବା ପାଇଁ ଉପଯୁକ୍ତ ନିୟମମାନ ଜଣାପଡିଥାଏ । ନୀତି, ନ୍ୟାୟ କ'ଣ, ଜ୍ଞାନଧର୍ମ କ'ଣ ପ୍ରଥମେ ଜାଣିବା ଦରକାର । ଆମେ ଦେଖିବାକୁ ଗଲେ ଜ୍ଞାନ ଆଉ ଧର୍ମର ସ୍ଥାନକୁ, ନୀତି ଏବଂ ନ୍ୟାୟ ଆକ୍ରମଣ କରି ରହିଛି ବୋଲି ଦେଖାଯାଏ । ଜ୍ଞାନ ଜଣାଇବା ସ୍ଥଳରେ ବଡମାନେ ଜ୍ଞାନ ଭାବି ନୀତି ବୋଧ

କରୁଛନ୍ତି, ସେହିଭଳି ଧର୍ମ ସ୍ଥାନରେ ନ୍ୟାୟ ବୋଧ କରୁଛନ୍ତି । ଆଜି ଜ୍ଞାନ ଧର୍ମ ଅଗମ୍ୟ ଅଗୋଚର ହୋଇଯାଇଛି । ଆମେ ନୀତିନ୍ୟାୟକୁ ବଡ ଭାବୁଛେ । ସତ୍ୟ କହ, ପରୋପକାର କର, କାହାକୁ ଠକ ନାହିଁ, ଉନ୍ନତ ଆଚରଣ କର, କାହାର ଅନିଷ୍ଟ କର ନାହିଁ, ଅନ୍ୟାୟ କର ନାହିଁ ବୋଲି ସମସ୍ତେ ବୋଧ କରିଥାନ୍ତି । ବାସ୍ତବରେ ଏହାସବୁ ନୀତି ନ୍ୟାୟ ସମ୍ବନ୍ଧୀୟ ବିଷୟ । ବଡମାନେ ବୋଧକଲେ ଦୁଃଖ ନାହିଁ, କିନ୍ତୁ ଗୁରୁ ସ୍ଥାନୀୟ ଲୋକେ ଏସବୁ ଛାଡି ଜ୍ଞାନ ଧର୍ମ ବୋଧକରିବା ଉଚିତ୍ ।

ଧର୍ମ କ'ଣ ଜଣାନଥିବା ଆଜିର କାଳରେ, ଜ୍ଞାନର ଅର୍ଥ କ'ଣ ଜଣାନଥିବା ଆଜିର ପରିସ୍ଥିତିରେ, ନୀତିନ୍ୟାୟ ଜଣାଥିବା ଲୋକମାନେ ମହାନ ଜ୍ଞାନୀ, ଯୋଗୀ, ଗୁରୁ ଭାବରେ ପରିଗଣିତ ହେଉଛନ୍ତି । ଏଭଳି ସ୍ଥିତିରେ ବାସ୍ତବ ଜ୍ଞାନ ଜଣାପଡିଥିଲେ ମଧ୍ୟ ତାହା ଚିହ୍ନିପାରୁ ନଥିବା ସ୍ଥିତିରେ ଅନେକ ଲୋକ ରହିଛନ୍ତି । **'ଶୁଣିବାକୁ ଇଚ୍ଛା କରୁଥିବା ଲୋକମାନଙ୍କୁ ଶୁଣାଇ ଦିଆଯିବ, ଜାଣିବାକୁ ଇଚ୍ଛା କରୁଥିବା ଲୋକମାନଙ୍କୁ ଜଣାଇ ଦିଆଯିବ'** ନାମକ ସୂତ୍ର ଅନୁସାରେ ଶ୍ରଦ୍ଧାବାନ୍ ଲୋକମାନଙ୍କୁ ଜ୍ଞାନ ଧର୍ମ ଜଣାପଡିଥାଏ । ଶ୍ରଦ୍ଧାହୀନକୁ ଜଣାପଡିଲେ ମଧ୍ୟ ଅଶ୍ରଦ୍ଧା ଦ୍ୱାରା ସେ ତାହା ଆଚରଣ କରିପାରି ନଥାଏ । ଧର୍ମ ଜଣାପଡିଥିଲେ ମଧ୍ୟ ଶ୍ରଦ୍ଧାହୀନ ଯଦି ତାହା ବ୍ୟର୍ଥକରେ ପରମାତ୍ମା ତାକୁ କେବେ ମଧ୍ୟ ଜଣାପଡି ନଥାନ୍ତି । ସେଭଳି ଲୋକ ମୃତ୍ୟୁଯୁକ୍ତ ଏହି ଜଗତରେ ପଡିରହିଥାଏ । ଶ୍ରଦ୍ଧାବାନ୍ ଧର୍ମଯୁକ୍ତ ଆଚରଣ କରି ପରମାତ୍ମାଙ୍କୁ ଖୁବ୍‌ଶୀଘ୍ର ପାଇପାରିଥାଏ ଆଉ ଏହି ଜଗତ ବନ୍ଧନରୁ ମୁକୁଳି ପାରିଥାଏ ।

**(୮) ଶ୍ଲୋକ,୪: ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।**
**ମତ୍ ସ୍ଥାନି ସର୍ବ ଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ॥**

**(ପରମାତ୍ମା)**

**ଭାବାର୍ଥ :** ଅବ୍ୟକ୍ତ ହୋଇ ଏହି ସାରା ପ୍ରପଞ୍ଚରେ ମୁଁ ବ୍ୟାପିରହିଛି, ମୋଠାରେ ସର୍ବ ଜୀବରାଶି ରହିଛନ୍ତି, ମୁଁ ସେମାନଙ୍କଠାରେ ନାହିଁ ।

**ବିବରଣୀ :** ଆଖିକୁ ଦେଖା ନଯାଇ ପରମାତ୍ମା ସାରା ଦୁନିଆରେ ବ୍ୟାପି ରହିଛନ୍ତି । ପରମାତ୍ମା ଖାଲି ପଦାର୍ଥରେ କାହିଁକି ଶୂନ୍ୟରେ ମଧ୍ୟ ରହିବା ଦ୍ୱାରା ଖଗୋଳର ସମସ୍ତ ଗୋଳ, ନକ୍ଷତ୍ରରାଜି, ସୂର୍ଯ୍ୟ, ଚନ୍ଦ୍ରାଦି ଗ୍ରହମାନେ ପରମାତ୍ମାଙ୍କ ଭିତରେ ଅଛନ୍ତି । ଭୂଗୋଳରେ ଥିବା ସବୁକିଛି ମଧ୍ୟ ପରମାତ୍ମାରେ ମିଶି ରହିଛି ବୋଲି କହିପାରିବା । ସମୁଦ୍ର, ସମୁଦ୍ରର ଜୀବରାଶିଙ୍କ ସମେତ ଭୂପୃଷ୍ଠର ସବୁକିଛି ପରମାତ୍ମାରେ ନିବାସ କରୁଛନ୍ତି ବୋଲି ଜଣାପଡୁଛି । ସାରା ଭୂମଣ୍ଡଳ ପରମାତ୍ମାଙ୍କର ହେବାବେଳେ, କୌଣସି ଜୀବରାଶି କେଉଁଠାରେ ଥିଲେ ମଧ୍ୟ ପରମାତ୍ମାଙ୍କ ସ୍ଥଳରେ ଥିବା ଭଳି ହୋଇଥାଏ । ତେଣୁ **ମତ୍ସ୍ଥାନି ସର୍ବଭୂତାନି** ଅର୍ଥାତ୍ ମୋ ସ୍ଥାନରେ ସମସ୍ତ ଜୀବରାଶି ଅଛନ୍ତି ବୋଲି କହିଛନ୍ତି । ଆମେ କୌଣସି ଭଡା ନଦେଇ ପରମାତ୍ମାଙ୍କ ସ୍ଥାନରେ ବାସ କରିଆସୁଛେ ବୋଲି ମନେ ରଖନ୍ତୁ । ଆମେ ସମସ୍ତେ ତାଙ୍କ ସ୍ଥାନରେ ରହିଛେ ସିନା ସେ ଆମ ସ୍ଥାନରେ ନାହାନ୍ତି ।

ସେ ଅନନ୍ତବିଶ୍ୱ ହୋଇଥିବା ବେଳେ ଅତି ଛୋଟ ଏଇ ଭୂଗୋଳ ବା କେତେ ? ଏହି ଛୋଟ ଭୂଗୋଳରେ ସମୁଦ୍ର ୭୦ ପ୍ରତିଶତ ରହିବା ବେଳେ ମାତ୍ର ୩୦ ପ୍ରତିଶତ ଭୂମି ବା କେତେ ? ସେହି ସ୍ୱଳ୍ପ ଭୂଭାଗରେ ଆମେରିକା ରୁଷିଆ ଇତ୍ୟାଦି ଦେଶମାନଙ୍କ ତୁଳନାରେ ତୋ’ ଦେଶ ବା କେତେ ? ତା ଭିତରେ ତୋ’ ଦେହ ବା କେତେ ? ସେ ଦେହରେ ରହୁଥିବା ତୁ ବା କେତେ ? ତେଣୁ ଏତେ ଛୋଟ ହୋଇଥିବା ଆମେ ସେହି ପରମାତ୍ମାଙ୍କ ସ୍ଥାନରେ ନିବାସ କରୁଛେ ବୋଲି ନିର୍ଦ୍ୱନ୍ଦରେ କହିପାରିବା । ଏତେ ବଡ ପରମାତ୍ମା ଏତେ ଛୋଟ ହୋଇଥିବା ଆମ ଭିତରେ ରହି ପାରିବେ ? ଅସମ୍ଭବ । ଏତେବଡ ଅସୀମ ପରମାତ୍ମା ଆମ ଭିତରେ ରହିବା ଅସମ୍ଭବ, ତେଣୁ ଆମେ ହିଁ ତାଙ୍କଠାରେ ରହିଛେ ବୋଲି କହିବା ଠିକ୍ ହୋଇଥାଏ । ସେଥିଲାଗି ଶ୍ଳୋକରେ ମଧ୍ୟ ସମସ୍ତେ ମୋଠାରେ ଅଛନ୍ତି, କିନ୍ତୁ ମୁଁ କାହାଠାରେ ନାହିଁ ବୋଲି କହିଛନ୍ତି । ଅଣୁ ଅଣୁରେ ସର୍ବବ୍ୟାପୀ ହୋଇ ପରମାତ୍ମା ରହିଛନ୍ତି, ସେହି ହିସାବରେ ସେ ସମସ୍ତ ଜୀବରାଶିରେ ଅଛନ୍ତି ବୋଲି କହିପାରିବା । ଏହିଭଳି ସର୍ବ ଜୀବରାଶିରେ ପରମାତ୍ମା ରହିବା ଦ୍ୱାରା ସବୁକିଛି ତାଙ୍କଠାରେ ମିଶିରହିଛି ବୋଲି ଜଣା ପଡିଥାଏ । ପରମାତ୍ମା ନଥିବା କୌଣସି ବସ୍ତୁ ନାହିଁ, କୌଣସି ଜୀବ ନାହିଁ କି

ଏହି ଜୀବଜଗତ ନାହିଁ । ପରମାତ୍ମା କିପରି ଅଛନ୍ତି, କିପରି ନାହାନ୍ତି, ତଳ ଶ୍ଳୋକରୁ ଜାଣିବା ।

**(୮) ଶ୍ଳୋକ,୫ : ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।**
**ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତ ଭାବନଃ ॥**

**(ପରମାତ୍ମା)**

**ଭାବାର୍ଥ :** ସର୍ବଭୂତ ମୋଠାରେ ନାହିଁ, ମୁଁ ଈଶ୍ୱର ଭାବେ କିପରି ମିଶି ରହିଛି ଦେଖ୍ । ଜୀବ ଧାରଣ କରିଥିବା ଶରୀରର ଆତ୍ମା ଭାବରେ, ଭୂତ ଭାବନା କରାଯାଉଥିବା ଜୀବାତ୍ମା ଭାବରେ ମୁଁ ନାହିଁ ।

**ବିବରଣୀ :** ଦୁଇଟି ଜିଭରେ କଥା କହୁଥିବା ଭଳି ପୂର୍ବ ଶ୍ଳୋକରେ **ସମସ୍ତ ଜୀବରାଶି ମୋଠାରେ ଅଛନ୍ତି** କହିଥିବା ପରମାତ୍ମା ତା'ପର ଶ୍ଳୋକ ହୋଇଥିବା ଏହି ଶ୍ଳୋକରେ **କୌଣସି ଜୀବରାଶି ମୋଠାରେ ନାହାନ୍ତି** ବୋଲି କହୁଛନ୍ତି । **ମତ୍‌ସ୍ଥାନି ସର୍ବଭୂତାନି** ବୋଲି ଯିଏ କହିଛନ୍ତି ସେ **ନ ଚ ମତ୍‌ସ୍ଥାନି ସର୍ବ ଭୂତାନି** କାହିଁକି କହିଛନ୍ତି ? ଏ ବିଷୟରେ ଜାଣି ନଥିବା ଲୋକେ ମଣିଷ ଅପେକ୍ଷା ପରମାତ୍ମା ତ ଖୁବ୍ ଜଲ୍‌ଦି କଥା ବଦଳାଉଛନ୍ତି ବୋଲି ସନ୍ଦେହ କରିପାରନ୍ତି । ବାସ୍ତବରେ ଏଠାରେ ସେଭଳି କଥା କିଛି ନାହିଁ, କେବଳ ଅର୍ଥ ବୁଝିବାରେ, ତାଙ୍କୁ ବୁଝିବାରେ ଆମେ ଭୁଲ୍ କରିଛେ । ଆମେ ତାଙ୍କୁ କିପରି ଠିକ୍ ବୁଝିବା ସେଥିପାଇଁ ସେ ନିଜେ ନିଜକୁ ନାନା ପ୍ରକାରରେ କହିଛନ୍ତି । ଏଭଳି ଭାବରେ ଆମେ ଜାଣିବା ଦ୍ୱାରା ସମସ୍ତ ବିବରଣକୁ ଦ୍ୱନ୍ଦହୀନ ଭାବରେ ବୁଝି ପାରିବା । ତା'ନହେଲେ, ଉଦାହରଣ ସ୍ୱରୂପ ଆଜିର ବୋଧକମାନେ ଭଗବାନ ପଦକୁ କେଉଁଠାରେ ଉପଯୋଗ କରାଯିବା ଉଚିତ୍ ନଜାଣି ପରମାତ୍ମା ପଦକୁ ଉପଯୋଗ କରିବା ଭଳି ହୋଇଥାଏ । ଭଗବାନ ଆଉ ପରମାତ୍ମା ଉଭୟ ଜଣେ ହୋଇଥିଲେହେଁ ସାକାର ରୂପ ଭଗବାନ ଏବଂ ନିରାକାର ପରମାତ୍ମା । ନିରାକାର ପରମାତ୍ମାଙ୍କ ବାବଦରେ କହିବାବେଳେ ସାକାର ରୂପର ଅର୍ଥ ହୋଇଥିବା ଭଗବାନ ଶବ୍ଦକୁ ଆଣି ଉପଯୋଗ କଲେ ତାହା ଭୁଲ୍ ହୋଇଥାଏ । ଏହିପରି କଥା ପ୍ରସଙ୍ଗରେ କେତେକ କିଭଳି ଭୁଲ୍ କଥା କହିଥାନ୍ତି, ସେ ବାବଦରେ

ଏକ ଉଦାହରଣ ଦେଖନ୍ତୁ । ଭାବନ୍ତୁ ଜଣେ ମହାନ ନାମ କମାଇଥିବା ସ୍ୱାମୀଜୀ ତାଙ୍କ ଭାଷଣରେ 'ଭଗବାନ ସର୍ବବ୍ୟାପୀ ସେ ସବୁକିଛିକୁ ଦେଖୁଛନ୍ତି' ବୋଲି କହିଲେ । ସେଠାରେ ପରମାତ୍ମା ସର୍ବବ୍ୟାପୀ କହିବା ଉଚିତ୍, କିନ୍ତୁ ସେ ଭଗବାନ ସର୍ବବ୍ୟାପୀ ବୋଲି କହିଛନ୍ତି । ଏଠାରେ ଭୁଲ୍ କ'ଣ ରହିଛି ଟିକିଏ ଦେଖନ୍ତୁ! ଭଗବାନ କେବଳ ଏକ ଶରୀରରେ ରହି, ସେହି ଶରୀରର ଦୃଷ୍ଟିପରିଧି ଭିତରେ ଦେଖିପାରନ୍ତି । ତେଣୁ ଭଗବାନ ସର୍ବଦର୍ଶୀ କହିବା ଭୁଲ୍ ହୋଇଥାଏ, ମିଛ ହୋଇଥାଏ । ପରମାତ୍ମା ସର୍ବଦର୍ଶୀ କହିବା ଠିକ୍ । ଏହି କଥାରୁ ସେ ସ୍ୱାମୀଜୀଙ୍କୁ କିଛି ଜ୍ଞାନ ଜଣାଥିଲେ ମଧ୍ୟ ସେ ଜ୍ଞାନର ସୂକ୍ଷ୍ମ ବିବରଣ ଜାଣି ନାହାନ୍ତି ବୋଲି କହିପାରିବା । ଏହିଭଳି ଜଣେ କହିବା ଦ୍ୱାରା ଅନ୍ୟମାନେ ଶୁଣି ବିଶ୍ୱାସ କରିଥାନ୍ତି । ସେହିଭଳି ଏବେ ଏଠାରେ ପରମାତ୍ମା ମୁଁ ସବୁଠି ଅଛି, କେଉଁଠି ନାହିଁ ନାମକ ବିଷୟ ଆସିଲା ବେଳେ ଶୁଣୁଥିବା ପ୍ରଜାମାନେ କ'ଣ ଭାବିବେ! ଏଭଳି ସନ୍ଦିଗ୍ଧ ଜ୍ଞାନ ଆମର ଦରକାର ନାହିଁ ବୋଲି ନିଶ୍ଚୟ ଭାବିବେ!! ସେଥିଲାଗି ଜ୍ଞାନର ପ୍ରତ୍ୟେକ ବିଷୟ ସୂକ୍ଷ୍ମ ଭାବେ ପରିଶୀଳନ କରି ପ୍ରଜାମାନଙ୍କୁ ଯଥାର୍ଥ ବୋଧକରନ୍ତୁ ବୋଲି ଆମେ ବୋଧକମାନଙ୍କୁ ସୂଚିତ କରୁଛୁ ।

ଏବେ ମୂଳ କଥାକୁ ଯିବା । ପରମାତ୍ମା ପୂର୍ବ ଶ୍ଲୋକରେ ସବୁକିଛି ମୋଠାରେ ଅଛି କହି, ଏହି ଶ୍ଲୋକରେ କେହି ମୋଠାରେ ନାହାନ୍ତି କହିବାରେ କି ରହସ୍ୟ ରହିଛି ତାହା ବିଚାରଣୀୟ । ଶ୍ଲୋକରେ ଈଶ୍ୱର ଭାବରେ ମିଶି ରହିଛି ଦେଖ୍ ବୋଲି କହିଛନ୍ତି । ତାଛଡା ଭୂତ ଭାବରେ ଭାବନା କରାଯାଉଥିବା ଭୂତସ୍ଥ ଭାବେ ମୁଁ ନାହିଁ ବୋଲି କହିଛନ୍ତି । ଏହି ଦୁଇ ବାକ୍ୟକୁ ଧ୍ୟାନଦେଲେ, ପରମାତ୍ମା ତିନି ଭାଗରେ ବିଭକ୍ତ ହୋଇଛନ୍ତି ବୋଲି ଜଣାପଡୁଛନ୍ତି । ସେ ହୋଇନଥିବା ଦୁଇଟି କ'ଣ ରହିଛି ଦେଖନ୍ତୁ! **ମମାତ୍ମାନ ଚ ଭୂତସ୍ଥୋ ଭୂତଭାବନଃ** ବାକ୍ୟରୁ **ଭୂତସ୍ଥୋ** ଅର୍ଥାତ୍ ଭୂତମାନଙ୍କ ଭିତରେ ଯିଏ ନିବାସ କରୁଛି ଅର୍ଥାତ୍ ଆତ୍ମା ସେହିପରି **ଭୂତ ଭାବନଃ** ଅର୍ଥାତ୍ ଭୂତ କୁହାଯାଉଥିବା ଜୀବସମୂହ, **ମମାତ୍ମା** ଅର୍ଥାତ୍ ମୁଁ ପରମାତ୍ମା, **ନ ଚ** ଅର୍ଥାତ୍ ନୁହେଁ ବୋଲି ଅର୍ଥ ମିଳିଥାଏ ।

ଏଠାରେ ଯିଏ ପରମାତ୍ମା ସେ 'ମୁଁ ଆତ୍ମା, ଜୀବାତ୍ମା ଭଳି ନାହିଁ' ବୋଲି କହୁଛନ୍ତି । ଏହି ଅନୁସାରେ ପରମାତ୍ମା, ଆତ୍ମା, ଜୀବାତ୍ମାରେ ଭିନ୍ନତା ଅଛି ବୋଲି

ଜଣାପଡୁଛି । ତାହା କିପରି ! **୧) ପରମାତ୍ମା ଅର୍ଥାତ୍ ଯିଏ ସର୍ବବ୍ୟାପୀ, ଏଠାରେ ସେଠାରେ ବୋଲି ପ୍ରଶ୍ନ ନଥାଇ ସେ ସର୍ବତ୍ର ଅଛନ୍ତି । ୨) ଆତ୍ମା ଅର୍ଥାତ୍ ସର୍ବଜୀବ ଶରୀରରେ କେବଳ ରହିଛନ୍ତି । ୩) ଜୀବାତ୍ମା ଅର୍ଥାତ୍ ଏକ ଶରୀରରେ, ଶରୀରର କେବଳ ଗୋଟିଏ ଜାଗାରେ ଯିଏ ନିବାସ କରୁଛି** । ଏହିଭଳି ଅଲଗା ଅଲଗା ତିନି ଆତ୍ମା ରହିବା କାରଣରୁ ପ୍ରଥମରେ ଥିବା ପରମାତ୍ମାରେ ଶେଷରେ ଥିବା ଜୀବାତ୍ମା ମିଳିତ ହେବାପାଇଁ ଚେଷ୍ଟା କରିବାକୁ ପଡିଥାଏ । ପରମାତ୍ମାଙ୍କ ଠାରୁ ଆତ୍ମା, ଜୀବାତ୍ମା ଅଲଗା ହୋଇ, ସେମାନଙ୍କର କାର୍ଯ୍ୟ ମଧ୍ୟ ଅଲଗା ଅଲଗା ହୋଇରହିବା ଦ୍ୱାରା, ମୁଁ ତାହା ନୁହେଁ ବୋଲି କହିଛନ୍ତି । ପରମାତ୍ମା ଅଂଶ ହିଁ ଆତ୍ମା, ଜୀବାତ୍ମା ଭାବରେ ବିଭାଜିତ ହୋଇ ରହିଛି । ତେଣୁ ସେହି ଦୁଇ ଆତ୍ମାର ଅଧିପତି ପରମାତ୍ମା । ବାସ୍ତବରେ ଆତ୍ମା, ଜୀବାତ୍ମାରେ ପରମାତ୍ମା ଅଛନ୍ତି । ସେଥିଲାଗି ମୁଁ ସେଥିରେ କିପରି ମିଶିରହିଛି ତୁ ଦେଖ୍ ବୋଲି ଅର୍ଜୁନଙ୍କୁ **ପଶ୍ୟ ମେ ଯୋଗମୈଶ୍ୱରମ୍** କହିଛନ୍ତି ।

ପରମାତ୍ମାଙ୍କୁ ଏକ ଶକ୍ତି ଭାବରେ ଦେଖିଲେ ସେ ପୂର୍ବ ଶ୍ଳୋକରେ କହିବାଭଳି ସମସ୍ତ ଜୀବରାଶି ମୋଠାରେ ରହିଛନ୍ତି କହିବା ସତ୍ୟ । ପରମାତ୍ମାଙ୍କୁ ତିନି ଭାଗରେ ବିଭାଜନ କରି ଦେଖିଲେ ସମସ୍ତ ଜୀବରାଶି ଆତ୍ମାରେ ରହିଛନ୍ତି ସିନା, ପରମାତ୍ମାରେ ନାହାନ୍ତି କହିବା ମଧ୍ୟ ସତ୍ୟ । ସାରା ଶରୀରରେ ଚୈତନ୍ୟ ଭାବରେ ରହିଛି ଆତ୍ମା । ଶରୀରରେ ବ୍ୟାପିରହିଥିବା ଆତ୍ମାରେ ଶରୀରର ଜୀବାତ୍ମା ରହିଥାଏ । ଶରୀରର ଗୋଟିଏ ସ୍ଥାନରେ ରହିଥିବା ଜୀବାତ୍ମା ଶରୀର ସାରା ପୂର୍ଣ୍ଣହୋଇ ରହିଥିବା ଆତ୍ମାରେ ରହିଥାଏ ବୋଲି କହିପାରିବା । ତେଣୁ ଯାହାକୁ ପରମାତ୍ମା କୁହାଯାଉଛି ସେଥିରେ ଜୀବାତ୍ମା ନାହିଁ ବୋଲି କହିବା ଏଠାରେ ନିରାଟ ସତ୍ୟବଚନ ହୋଇଥାଏ ।

ଏକ ପରମାତ୍ମା ତିନି ଭାଗରେ ବିଭାଜିତ ହୋଇ ରହିଥିଲେ ମଧ୍ୟ, ବିଭାଜନ ନକରି ଦେଖିଲେ ସମସ୍ତ ଜୀବରାଶି ପରମାତ୍ମାରେ ଅଛନ୍ତି, ବିଭାଜନ କରି ଦେଖିଲେ କୌଣସି ଜୀବ ପରମାତ୍ମାରେ ନାହାନ୍ତି ବୋଲି ସ୍ପଷ୍ଟ ବୁଝାପଡୁଛି । ଉଦାହରଣ ସ୍ୱରୂପ ଜଣେ ଲୋକର ୯ଏକର ଜମି ଥିଲା ଏବଂ ତାର ତିନି ପୁଅ ଥିଲେ । ସେମାନେ ବଡ ହୋଇଯିବା ପରେ ସେ ଲୋକଟି ତିନିପୁଅଙ୍କ

ଭିତରେ ତାର ଥିବା ୯ଏକର ଜମି ବାଣ୍ଟିଦେଲା, ସେତେବେଳେ ପ୍ରତ୍ୟେକ ପୁଅର ଭାଗ ୩ ଏକର ପଡିଲା । ଏତିକିବେଳେ ଗୋଟିଏ ପୁଅର ଜମିକୁ ଦେଖାଇ, ଏ ଜମି କାହାର ବୋଲି ଯଦି ପ୍ରଶ୍ନ କରିବା ତେବେ, ସେ ଜମି କୌଣସି ଏକ ପୁଅର ବୋଲି କେହି କହି ପାରିବ, କିନ୍ତୁ ସେହି ଜମି ଭାଗ ବଣ୍ଟିବା ଆଗରୁ ପଚାରିଲେ ତାହା ପୁଅମାନଙ୍କର ନହୋଇ ବାପାର ହୋଇଥାଏ । ଅର୍ଥାତ୍ ବାଣ୍ଟିବା ଆଗରୁ ସେ ଜମି ବାପାର କହିବା ଠିକ୍, ବାଣ୍ଟି ଦେବା ପରେ ସେ ଜମି ପୁଅର କହିବା ଠିକ୍ । ଏହିଭଳି ଏକ ଭାବରେ ଥିବା ପରମାତ୍ମାରେ ସମସ୍ତ ଜୀବରାଶି ଅଛନ୍ତି କହିବା ଠିକ୍ । ବିଭାଜିତ ହୋଇଥିବା ପରମାତ୍ମାରେ କୌଣସି ଜୀବରାଶି ନାହାନ୍ତି କହିବା ମଧ୍ୟ ଠିକ୍ ବୋଲି ଗ୍ରହଣ କରିବା ଉଚିତ୍ ।

**(୮) ଶ୍ଲୋକ,୬ : ଯଥାଽଽକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।**
**ତଥା ସର୍ବାଣି ଭୂତାନି ମତ୍ସ୍ଥାନୀତ୍ୟୁପଧାରୟ ! ॥**

**(ପରମାତ୍ମା)**

**ଭାବାର୍ଥ :** ବଳଯୁକ୍ତ ହୋଇ ସର୍ବତ୍ର ବିଚରଣ କରୁଥିବା ବାୟୁ ନିତ୍ୟ ଭାବରେ ଯେଉଁଭଳି ଆକାଶରେ ରହିଥାଏ, ସେହିଭଳି ସମସ୍ତ ଜୀବରାଶି ମୋ'ଠାରେ ରହିଛନ୍ତି ବୋଲି ଗ୍ରହଣ କର୍ ।

**ବିବରଣୀ :** ଆକାଶ ହେଉଛି ଶୂନ୍ୟ । ଶୂନ୍ୟରେ କୌଣସି ପଟୁତା (ଆଧାର) ନଥାଏ । ସେହିଭଳି କୌଣସି ପଟୁତା ନଥିବା ଆକାଶରେ ବଳଯୁକ୍ତ, କାହାକୁ ମଧ୍ୟ ଠେଲିଦେଇ ପାରୁଥିବା ପବନ ସବୁଆଡେ ବ୍ୟାପିରହିଛି । ଆଧାରହୀନ ଆକାଶରେ ଆଧାର ଥିବାଭଳି ସଞ୍ଚରଣ କରିବା ଏବଂ ବଳଯୁକ୍ତହୋଇ ରହିବା କ'ଣ ସାଧାରଣ କଥା ! ବୋଲି ଆମେ କହିବାବେଳେ କେତେକ 'ଆଜି ସ୍କାଏ-ଲାବ୍, ଉପଗ୍ରହାଦିକୁ ମାନବ ତିଆରି କରି ଛାଡିଛି ! ତାହା କୌଣସି ଆଧାର ନଥିବା ଆକାଶରେ ସଞ୍ଚରଣ କରୁଛି ! ସେହିଭଳି ବାୟୁ ଆକାଶରେ ଅଛି' ବୋଲି କହିପାରନ୍ତି । ମଣିଷ ତିଆରି କରିଥିବା ଉପଗ୍ରହାଦିର ଦେଖାଯାଉଥିବା ରୂପ ଅଛି । ପବନର ରୂପ ନାହିଁ, ତେଣୁ ଉପଗ୍ରହ ସହିତ ପବନକୁ କିପରି ତୁଳନା କରିବା ? କରିପାରିବା ନାହିଁ ।

ଦେଖାଯାଉ ନଥିବା ଆକାଶରେ, ଦେଖାଯାଉ ନଥିବା ପବନ ବଳଶାଳୀ ହୋଇ ଯେମିତି ସର୍ବତ୍ର ବିଚରଣ କରୁଛି, ସେହିଭଳି ଦେଖାଯାଉ ନଥିବା ପରମାତ୍ମାରେ, ଦେଖାଯାଉ ନଥିବା ଜୀବରାଶି ବଳଯୁକ୍ତ ହୋଇ ବିଚରଣ କରୁଛନ୍ତି । ଆକାଶରେ ବାୟୁ ବା ପବନର ସ୍ଥାନ ଯେଉଁଭଳି ରହିଛି, ପରମାତ୍ମାରେ ମଧ୍ୟ ଜୀବମାନଙ୍କର ସ୍ଥାନ ସେହିଭଳି ରହିଛି । ଏଠାରେ ବୁଝିବା ବିଷୟ ହେଉଛି ! ଗୋଟିଏ ଶ୍ଳୋକରେ ଜୀବରାଶି ମୋଠାରେ ଅଛନ୍ତି ବୋଲି କହି, ପାଖରେ ଥିବା ଶ୍ଳୋକରେ ସେମାନେ ମୋଠାରେ ନାହାନ୍ତି କହିଛନ୍ତି, କିନ୍ତୁ ଏବେ ଏହି ଶ୍ଳୋକରେ ଆକାଶରେ ବାୟୁ ରହିଥିବା ଭଳି ଜୀବମାନେ ମୋଠାରେ ରହିଛନ୍ତି ବୋଲି ବୁଝାଇ କହିଛନ୍ତି ।

ବିଭାଜନ କରି ଦେଖିଲେ ଜୀବର ଆଧାର ପରମାତ୍ମା ବୋଲି ସ୍ୱଷ୍ଟ ଭାବରେ ଜଣାପଡୁଛି । ବିଭାଜନ ନକରି ଦେଖିଲେ ଜୀବକୁ ଦେଖା ନଦେଇ ପରମାତ୍ମା ତାର ଆଧାର ହୋଇ ରହିଛନ୍ତି । ସବୁବେଳେ ପରମାତ୍ମାଙ୍କୁ ବିଭାଜନ କରି ଶ୍ଳୋକ ପରିଶୀଳନ କରିବା ଉଚିତ୍ ।

**(୮) ଶ୍ଳୋକ,୭ : ସର୍ବ ଭୂତାନି କୌନ୍ତେୟ ! ପ୍ରକୃତିଂ ଯାନ୍ତି ମାମିକାମ୍ ।**
**କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ॥**

**(ପରମାତ୍ମା)**

**ଭାବାର୍ଥ :** କଳ୍ପକ୍ଷୟରେ ସମସ୍ତ ଜୀବରାଶି ମୋର ପ୍ରକୃତିରେ ଲୀନ ହୋଇଥାନ୍ତି, ସେମାନଙ୍କୁ ପୁଣି କଳ୍ପାଦିରେ ମୁଁ ଜନ୍ମ କରାଇଥାଏ ।

**ବିବରଣୀ :** ଜୀବରାଶିର ମୁଣ୍ଡରେ ଚାରିଚକ୍ର ବିଶିଷ୍ଟ ଏକ ଅଖ ଖଞ୍ଜାହୋଇ ରହିଛି । ଅଖ ଭଳି ଥିବା ବ୍ରହ୍ମନାଡୀରେ ସେହି ଚକ୍ରଗୁଡିକ ଉପରୁ କ୍ରମଶଃ ରହିଛି । ସେଗୁଡିକ ହେଲେ ୧) ବ୍ରହ୍ମଚକ୍ର ୨) କାଳଚକ୍ର ୩) କର୍ମଚକ୍ର ୪) ଗୁଣଚକ୍ର, ଏହାର ସୂଚନା ଆଗରୁ ମଧ୍ୟ ପାଇ ସାରିଛେ । ଉପରୁ ବ୍ରହ୍ମଚକ୍ର ଦୁଇ ଭାଗରେ ବିଭାଜିତ ହୋଇ, ଅର୍ଦ୍ଧ ଭାଗରେ ସାରା ଦୁନିଆ ରହିବା ଭଳି, ବାକି ଅର୍ଦ୍ଧ ଭାଗରେ ଦୁନିଆ ନଥିବା ଭଳି ନିର୍ଣ୍ଣୀତ ହୋଇ ରହିଛି । ଅର୍ଦ୍ଧଭାଗ ଘୂରିବା ସମୟରେ ସାରା ଦୁନିଆ ରହିଥାଏ । ସେହି ଅର୍ଦ୍ଧଭାଗ ଘୂରିବା ପାଇଁ ଏକହଜାର

ଯୁଗ କାଳ (ସମୟ) ଲାଗିଥାଏ । ଏକହଜାର ଯୁଗ ପରମାତ୍ମାଙ୍କର ଗୋଟିଏ ଦିନ, ସେହିଭଳି ଆଉ ଏକହଜାର ଯୁଗ କିଛିନଥିବା କାଳ ବା ପରମାତ୍ମାଙ୍କର ଗୋଟିଏ ରାତିହୋଇ ରହିଛି ବୋଲି ପୂର୍ବ ଅଧ୍ୟାୟରେ ଜାଣିଛେ । ଦିନ ହୋଇଥିବା ଏକହଜାର ଯୁଗ କାଳକୁ କଳ୍ପ କୁହାଯାଏ । କଳ୍ପ ଆରମ୍ଭରେ ଦୁନିଆ ବା ପ୍ରପଞ୍ଚର ଜନ୍ମ ଏବଂ କଳ୍ପର ଶେଷରେ ବିନାଶ ବୋଲି ଜାଣିବା ଉଚିତ୍ । ଏହି ଅନୁସାରେ ପ୍ରପଞ୍ଚ ବା ଭୌତିକଦୁନିଆ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥିବା ଏକହଜାର ଯୁଗରେ ବ୍ରହ୍ମଚକ୍ରର ଅଧାଭାଗ ଘୂରିଥାଏ । ସେହିଭଳି ତାର ତଳେଥିବା କାଳଚକ୍ରଟି ଏକ ବର୍ଷରେ ଥରେ ଘୂରିଥାଏ । କାଳଚକ୍ର ଅପେକ୍ଷା ତଳେଥିବା କର୍ମଚକ୍ର ଦିନକୁ ଥରେ ଘୂରିଥାଏ । ତା ତଳେ ଥିବା ଗୁଣଚକ୍ର ଏକଘଣ୍ଟାରେ ଥରେ ଘୂରିଥାଏ ।

ସବୁଠାରୁ ତଳେ ଥିବା ଗୁଣଚକ୍ର ତିନି ଭାଗରେ ବିଭକ୍ତ ହୋଇ ରହିଛି, ସେଥିରେ ଥିବା କୌଣସି ଏକ ଭାଗରେ ଜୀବ ନିବାସ କରିଥାଏ । ଜୀବର ସେହି ନିବାସକେନ୍ଦ୍ର ଠାରୁ ଯୁଗ ପର୍ଯ୍ୟନ୍ତ ହିସାବ ରହିଥାଏ । ଜୀବ ନିବାସ କରୁଥିବା ଗୁଣ ଭାଗରେ ଛଅଗୋଟି ଭଲ ଏବଂ ଛଅଗୋଟି ମନ୍ଦଗୁଣ ମିଶି ମୋଟ ୧୨ଗୋଟି ଗୁଣ ରହିଥାଏ । ସେହି ୧୨ଗୋଟି ଗୁଣ ପ୍ରତ୍ୟେକ ନଅ ନଅ ଭାଗରେ ବିଭାଜିତ ହୋଇ ରହିବା ଦ୍ୱାରା ମୋଟ ୧୨ର ନଅଗୁଣ ୧୦୮ଗୋଟି ଗୁଣ ଭାବରେ ବିଭାଜିତ ହୋଇ ରହିଥାଏ । ଏହି ୧୦୮ ଗୋଟି ଗୁଣ ଥିବା ଗୁଣଭାଗରେ ଜୀବାତ୍ମା ନିବାସ କରିଥାଏ ବୋଲି ମୁଖ୍ୟତଃ ମନେରଖିବା ଉଚିତ୍ । କୌଣସି ଜୀବ ଏହି ତିନିଗୁଣ ଭାଗ ଭିତରୁ କୌଣସି ଏକ ଗୁଣ ଭାଗରେ ରହିବା ଦ୍ୱାରା, ଏକ ଘଣ୍ଟାରେ ଗୁଣଚକ୍ର ଗୋଟିଏ ଥର ଘୂରିବା ଦ୍ୱାରା, ତିନି ଗୁଣ ଆବରଣର ମୁଖ୍ୟ ହୋଇଥିବା ମୋଟ ଗୁଣସଂଖ୍ୟା ୧୨ର ତିନି ଗୁଣ ହୋଇ ମୋଟ ୩୬ଗୋଟି ଗୁଣ ଏକଘଣ୍ଟାରେ ଘୂରିଥାନ୍ତି । ସେଥିପାଇଁ ବଡମାନେ ଅନ୍ୟ ବାବଦରେ କହିବା ବେଳେ 'ତାର ଘଣ୍ଟାକେ ଛତିଶି ଗୁଣ ବଦଳୁଛି' ବୋଲି ଋଢିଟିଏ କହିବା କେଉଁଠି କେଉଁଠି ଶୁଣିବାକୁ ମିଳେ । ଗୁଣ ଆବରଣର ୩୬ଗୁଣ ଏକ ଘଣ୍ଟାରେ ଘୂରୁଥିବାରୁ ଏକ ଦିନରେ ୩୬ ର ୧୨ଗୁଣ ମୋଟ ୪୩୨ଗୁଣ ବଦଳିଥାଏ ବୋଲି ଜଣାଯାଏ ।

ମାନବର ଦିନବେଳା ୪୩୨ଗୁଣ ଘୂରିଥାଏ, ପରମାତ୍ମାଙ୍କର ଦିନକାଳ ଏକହଜାର ଯୁଗ । ତେଣୁ ମାନବର ଦିନକୁ ଏକହଜାର ଗୁଣ କରିବାକୁ ହେବ । ସେତେବେଳେ ମୋଟ ୪,୩୨,୦୦୦ ଗୁଣସଂଖ୍ୟା ହୋଇଥାଏ । ଗୁଣଗୁଡିକ ଦ୍ୱାରା ଏହି ପ୍ରପଞ୍ଚ ରହିବା ଦ୍ୱାରା ସେହି ଗୁଣସଂଖ୍ୟାକୁ ଆଧାର କରି ଏକଯୁଗ କାଳ ନିର୍ଣ୍ଣୀତ ହୋଇଛି । ଏହି ହିସାବ ଅନୁସାରେ ପ୍ରଥମେ ଥିବା କଳିଯୁଗ ୪,୩୨,୦୦୦ବର୍ଷ, ଦ୍ୱିତୀୟରେ ଥିବା ଦ୍ୱାପରଯୁଗ ତାର ଦୁଇଗୁଣ ୮,୬୪,୦୦୦ବର୍ଷ, ତୃତୀୟର ତ୍ରେତାଯୁଗ କଳିଯୁଗର ତିନିଗୁଣ ୧୨,୯୬,୦୦୦ବର୍ଷ ଏବଂ ସତ୍ୟ ବା କୃତଯୁଗ କଳିଯୁଗର ଚାରିଗୁଣ ୧୭,୨୮,୦୦୦ବର୍ଷ । ଏହିଭଳି ଯୁଗର ଆୟୁଷ ନିର୍ଣ୍ଣୟ କରାଯାଇଛି । ଚତୁର୍ଥତମ ହୋଇଥିବା ସତ୍ୟଯୁଗରୁ ହିଁ ଭୌତିକ ଦୁନିଆ ଆରମ୍ଭ ହୋଇଛି । ଏହିଭଳି ଚାରିଯୁଗ ୨୫୦ଥର ଘୂରିଲେ ଏକ ହଜାର ଯୁଗ ହୋଇଥାଏ ।

## ହିସାବରେ ଚାରିଯୁଗର ମୋଟ ବର୍ଷ ସଂଖ୍ୟା

| | | | |
|---|---|---|---|
| **୧)** | **କଳିଯୁଗ** | **=** | **୪,୩୨,୦୦୦** |
| **୨)** | **ଦ୍ୱାପରଯୁଗ** | **=** | **୮,୬୪,୦୦୦** |
| **୩)** | **ତ୍ରେତାଯୁଗ** | **=** | **୧୨,୯୬,୦୦୦** |
| **୪)** | **ସତ୍ୟଯୁଗ** | **=** | **୧୭,୨୮,୦୦୦** |
| | **ମୋଟ ଚାରିଯୁଗ** | **=** | **୪୩,୨୦,୦୦୦** |

**ଏହିଭଳି ମୋଟ କାଳ ସଂଖ୍ୟା ୪୩,୨୦,୦୦୦ବର୍ଷ (ସମ୍ବତ୍ସର)**

ଚାରିଯୁଗ ୨୫୦ଥର ବିତିଲେ (ଘୂରିଲେ) ସମ୍ପୂର୍ଣ୍ଣ କାଳ ପରିମାଣ ୪୩,୨୦,୦୦୦ × ୨୫୦ = ୧୦୮,୦୦,୦୦,୦୦୦ ବର୍ଷ ହୁଏ । ପରମାତ୍ମାଙ୍କ ଦିନ ଏକଶହ ଆଠକୋଟି ବର୍ଷ ୧୦୮ଗୋଟି ଉପଗୁଣର ପ୍ରତୀକ ଭାବରେ ରହିଛି । ମାନବର (ଜୀବର) ଦିବାକାଳରେ ୪୩୨ ଗୁଣ ଘୂରୁଥିବାରୁ ପ୍ରଥମେ କଳିଯୁଗ ୪,୩୨,୦୦୦ବର୍ଷ ହୋଇଛି । ସେହି ଅନୁସାରେ ଚାରିଯୁଗର ମୋଟ କାଳ ୪୩,୨୦,୦୦୦ ବର୍ଷ ହୋଇଛି । ଜୀବର ଗୁଣ ଆବରଣରେ

ଜୀବ ରହୁଥିବା ଗୁଣସଂଖ୍ୟା ଅନୁସାରେ ଯୁଗସଂଖ୍ୟା ହିସାବ କରାଯାଇ ନିର୍ଣ୍ଣୟ ହୋଇଛି । ଜୀବର ଗୁଣସଂଖ୍ୟାକୁ କେନ୍ଦ୍ରକରି ନିର୍ଣ୍ଣୀତ ହୋଇଥିବା ହିସାବ ହିଁ ଯୁଗ ଏବଂ ଯୁଗଗୁଡିକରେ ପରିପୂର୍ଣ୍ଣ ଏକ କଳ୍ପ ବୋଲି ବୁଝିହୁଏ । ଏକ କଳ୍ପ କହିଲେ ୧୦୮ କୋଟି ବର୍ଷ, ଏହି କଳ୍ପ ଆରମ୍ଭ ହେଲେ ଜୀବରାଶିଙ୍କ ଜନ୍ମ ବା ପ୍ରପଞ୍ଚର ସୃଷ୍ଟି ହୋଇଥାଏ, କଳ୍ପର ଶେଷରେ ଅର୍ଥାତ୍ ବିନାଶରେ ସବୁକିଛି ବିନାଶ ହୋଇଥାଏ ବୋଲି ଜାଣିବା ଉଚିତ୍ । ଏହି କଥା ଭଗବାନ ଜଣାଇବାକୁ ଯାଇ କଳ୍ପର ଅନ୍ତଃକାଳରେ ସମସ୍ତ ଜୀବ ମୋର ପ୍ରକୃତିରେ ଲୀନ ହୋଇଥାନ୍ତି, କଳ୍ପାଦିରେ ଜୀବରାଶିଙ୍କୁ ମୁଁ ପୁନର୍ବାର ଜନ୍ମ ଦେଇଥାଏ ବୋଲି କହିଛନ୍ତି ।

**(୮) ଶ୍ଲୋକ,୮ : ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।**
**ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ॥**

(ପରମାତ୍ମା)

**ଭାବାର୍ଥ :** ପ୍ରକୃତି ଦ୍ୱାରା ବଶୀଭୂତ, ଅସ୍ୱତନ୍ତ୍ର ଏହି ସମସ୍ତ ଜୀବାରାଶିଙ୍କୁ ମୋ' ଅଧିନରେ ଥିବା ପ୍ରକୃତି ଦ୍ୱାରା ମୁଁ ପୁନଃ ପୁନଃ ଜନ୍ମ କରାଇଥାଏ ।

**ବିବରଣୀ :** ପରମାତ୍ମା ଜୀବରାଶି ଓ ନିଜ ମଧ୍ୟରେ ପ୍ରକୃତିକୁ ରଖିଛନ୍ତି । ପ୍ରକୃତି ଅଧିନରେ ଜୀବରାଶିଙ୍କୁ ରଖି, ନିଜ ଅଧିନରେ ପ୍ରକୃତି ରହିବା ଭଳି କରିଛନ୍ତି, ନିଜ ସହିତ ଜୀବରାଶିର ନିକଟ ସମ୍ପର୍କ ରଖିନାହାନ୍ତି । ଜୀବମାନଙ୍କୁ ପ୍ରକୃତି ଅଧିନରେ ରଖିବା ଦ୍ୱାରା ଜୀବମାନଙ୍କର କୌଣସି କାର୍ଯ୍ୟରେ କୌଣସି ସ୍ୱାଧୀନତା ରହିନଥାଏ । ଗୁଣରାଜି, କର୍ମ, ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦି ଅନେକ ଭାଗରେ ବିଭାଜିତ ହୋଇଥିବା ପ୍ରକୃତିରେ ଛନ୍ଦିହୋଇ ରହିଥିବା ଜୀବକୁ ପ୍ରକୃତି ଅନୁସାରେ ଜନ୍ମ ହେବାକୁ ପଡିଥାଏ ସିନା, ନିଜ ଇଚ୍ଛା ଅନୁସାରେ ନୁହେଁ । ନିଜ ଜନ୍ମ ମଧ୍ୟ ନିଜ ହାତରେ ନଥିବା ଜୀବରାଶି ଶ୍ଲୋକରେ କୁହାଯାଇଥିବା ଭଳି ଅସ୍ୱତନ୍ତ୍ର ହୋଇ ରହିଥାନ୍ତି । ଏହିଭଳି ଅସ୍ୱତନ୍ତ୍ର ଜୀବାତ୍ମାକୁ ତାର ଥିବା କର୍ମ ଅନୁସାରେ ପରମାତ୍ମା ତାଙ୍କ ପ୍ରକୃତି ଦ୍ୱାରା ଜନ୍ମ କରାଇଥାନ୍ତି । ଜୀବଜନ୍ମର ମୂଳ କାରଣ ପରମାତ୍ମା; ତଥାପି ବାହ୍ୟତଃ ଦୃଶ୍ୟହେବା ଭଳି ମଝିରେ ପ୍ରକୃତିକୁ ରଖିଛନ୍ତି ।

**(୮) ଶ୍ଲୋକ,୯ : ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ! ।**
**ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ॥**

(ପରମାତ୍ମା)

**ଭାବାର୍ଥ :** ଉଦାସୀନ ରହିବା ଦ୍ୱାରା ମୁଁ କର୍ମ ବନ୍ଧନରେ ପଡେ ନାହିଁ ।

**ବିବରଣୀ :** ଯାହା ଯାହାର କର୍ମ ଅନୁସାରେ ପ୍ରକୃତି ଜୀବରାଶିଙ୍କୁ ଜନ୍ମ ଦେଇଥାଏ । ପ୍ରକୃତି କରୁଥିବା କାର୍ଯ୍ୟରେ ଆଶକ୍ତିହୀନ ରହି କେବଳ ସାକ୍ଷୀ ହୋଇ ଦେଖିବା ଦ୍ୱାରା ଜୀବମାନଙ୍କୁ ଜନ୍ମ କରାଇବାରେ ପରମାତ୍ମା କର୍ମ ବନ୍ଧନରେ ପଡିନଥାନ୍ତି । ଏଠାରେ ଏକ ସାଧାରଣ ମଣିଷର କର୍ମବନ୍ଧନ ଯେପରି ରହି ନଥାଏ, ସେହି ପଦ୍ଧତିରେ ସାରା ଜଗତକୁ ସୃଷ୍ଟିକରିବା ଭଳି ବଡକାର୍ଯ୍ୟରେ କର୍ମବନ୍ଧନ ନଆସିବା ଭଳି, ପରମାତ୍ମା ମଧ୍ୟ ରହିଥାନ୍ତି । ଏହା ଅନୁଧ୍ୟାନ କରିବା ସହିତ ମନେ ରଖିବା ବିଷୟ । ଜଗତ ସୃଷ୍ଟିର ମୂଳସ୍ରଷ୍ଟା ସେ ନିଜେ ହେଲେ ମଧ୍ୟ ପ୍ରକୃତି ଦ୍ୱାରା କାର୍ଯ୍ୟ କରାଇ, ନିଜେ କର୍ମବନ୍ଧନରେ ନପଡିବା ଭଳି ପରମାତ୍ମା ନିର୍ଲିପ୍ତ ରହିଛନ୍ତି । ତେଣୁ ଜଗତରେ ହେଉଥିବା ପ୍ରଳୟ ପ୍ରଭବର ପାପପୁଣ୍ୟ ମୋତେ ସ୍ପର୍ଶ କରିପାରେ ନାହିଁ ବୋଲି କହୁଛନ୍ତି । ଏହିଭଳି ଯଦି ମନୁଷ୍ୟ ଅନୁସରଣ କରେ ତେବେ ସେ ମଧ୍ୟ କର୍ମ ବନ୍ଧନରେ ପଡିବ ନାହିଁ । ଏହା ଗତ ଅଧ୍ୟାୟରେ ମଧ୍ୟ ଆଲୋଚନା କରିଥିଲେ, ତାକୁ ଟିକିଏ ମନେପକାନ୍ତୁ ଏବଂ ମନେରଖନ୍ତୁ ।

**(୮) ଶ୍ଲୋକ,୧୦ : ମୟାଽଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।**
**ହେତୁନାଽନେନ କୌନ୍ତେୟ ! ଜଗଦ୍ୱିପରିବର୍ତତେ ॥**

(ପରମାତ୍ମା)

**ଭାବାର୍ଥ :** ମୋର ଅଧ୍ୟକ୍ଷତାରେ ଥିବା ପ୍ରପଞ୍ଚର ସବୁକିଛିକୁ ପ୍ରକୃତି ଜନ୍ମ କରାଉଛି, ସେହି କାରଣ ଦ୍ୱାରା ଜଗତ ବଦଳୁଛି ।

**ବିବରଣୀ :** ପରମାତ୍ମା ପ୍ରକୃତିର ଅଧ୍ୟକ୍ଷତା ବହନ କରିବା ଦ୍ୱାରା ପ୍ରକୃତି ଚରାଚର ଜୀବରାଶିଙ୍କୁ ସୃଷ୍ଟି କରୁଛି । ପରମାତ୍ମା କାରଣ ହୋଇ ଥାଆନ୍ତି, ପ୍ରକୃତି

କାର୍ଯ୍ୟ କରିଥାଏ, ଏହା ଶାଶ୍ୱତ ନିୟମ । ଜନ୍ମମରଣ କାର୍ଯ୍ୟକୁ ପ୍ରକୃତି କରିବା ଦ୍ୱାରା, ଜଗତ ଚକ୍ର ଭଳି ଘୂରୁଛି । ଯିଏ ଏକ ଯନ୍ତ୍ର ତିଆରି କରିଛି ସେ ତାହା ତିଆରି କରିବା ପାଇଁ କଷ୍ଟ କରିଥାଏ । ଯନ୍ତ୍ର ତିଆରି ହୋଇଯିବା ପରେ ତାହା କାର୍ଯ୍ୟ କରିବା ବେଳେ ତାର ଆଉ ଶ୍ରମ ନଥାଏ । ପ୍ରଥମେ ଏକ ଯନ୍ତ୍ରେ ତିଆରି କରି ସେହି ଯନ୍ତ୍ର ଦ୍ୱାରା କେଉଁଠି ମଧ୍ୟ କାର୍ଯ୍ୟ କରିହୁଏ । ସେହିଭଳି ଯନ୍ତ୍ର ମଧ୍ୟ ପ୍ରଥମ ଯନ୍ତ୍ରର ନମୂନାରେ ତିଆରି କରିହୁଏ । ପ୍ରଥମ ନମୂନା ଅନୁସାରେ ପରେ ହୋଇଥିବା ଯନ୍ତ୍ରଗୁଡିକ ମଧ୍ୟ ନିଜ ନିଜ କାର୍ଯ୍ୟ କରିଥାନ୍ତି । ସେହିଭଳି ପ୍ରକୃତି ନାମକ ଯନ୍ତ୍ର ପରମାତ୍ମା ତିଆରି କରିଛନ୍ତି । ସେହି ଯନ୍ତ୍ର ହିଁ କାର୍ଯ୍ୟ କରିଚାଲିଛି, ହେଲେ ପରମାତ୍ମାଙ୍କ ସାମର୍ଥ୍ୟ ଅନୁସାରେ ତାହା କାର୍ଯ୍ୟ କରୁଛି ବୋଲି କହି ପାରିବା ।

**(୮) ଶ୍ଲୋକ,୧୧ : ଅବଜାନନ୍ତି ମାଂ ମୁଢା ମାନୁଷୀଂ ତନୁମାଶ୍ରିତମ୍ ।**
**ପରଂ ଭାବମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ।।**
**(ପରମାତ୍ମା, ସାକାର)**

**ଭାବାର୍ଥ :** ସର୍ବ ଜୀବରାଶିର ଅଧିପତି ହୋଇଥିବା ମୁଁ ନର ଶରୀର ଧାରଣ କରିବା ଦ୍ୱାରା, ମୋର ଶ୍ରେଷ୍ଠଭାବକୁ ନଜାଣି ମୂଢମାନେ ମୋର ଅବମାନନା କରିଥାନ୍ତି ।

**ବିବରଣୀ :** ପରମାତ୍ମା କୌଣସି ଏକ ସମୟରେ ନିଶ୍ଚୟ ମାନବ ଶରୀର ଧାରଣ କରିଥାନ୍ତି । ଶରୀର ଧାରଣ କରିଥିବା ଏତେବଡ ପରମାତ୍ମାଙ୍କୁ ସେତେବେଳେ ସାଧାରଣ ମାନବ ଭଳି ବଞ୍ଚିବାକୁ ହୋଇଥାଏ । ମାନବର ଥିବା ଭଳି ଦୁଃଖ, ସୁଖ ତାଙ୍କର ମଧ୍ୟ ରହିଥାଏ । କର୍ମହୀନ ପରମାତ୍ମା ଶରୀର ଧାରଣ କରିବା ବେଳେ ନିଜ କର୍ମ ନିଜେ ସୃଷ୍ଟି କରିଥିବାରୁ ତାହା ଗ୍ରହମାନଙ୍କର ଅଧିନରେ ନଥାଏ । ଗୁଣଗୁଡିକ ଦ୍ୱାରା ଜନ୍ମ ହୋଇଥିବା କର୍ମ ନବଗ୍ରହଙ୍କ ଅଧିନରେ ରହିଥାଏ । ପରମାତ୍ମାଙ୍କର ପୂର୍ବଜନ୍ମ କର୍ମ ନଥାଏ । ତେଣୁ ଜନ୍ମରେ ପରମାତ୍ମା ନିଜେ ସୃଷ୍ଟିକରି ଆସିଥିବା କର୍ମକୁ କୌଣସି ଜ୍ୟୋତିଷ୍ୟ ଜାଣିପାରେ ନାହିଁ । ଏହିଭଳି କୌଣସି ଗ୍ରହର ଅଧିନରେ ନଥିବା କର୍ମକୁ, ଏକ ଜନ୍ମପାଇଁ

ନିର୍ଣ୍ଣୟକରି ଆସିଥିବା ପରମାତ୍ମା, ଭଗବାନ ହୋଇ ରହିବା ଦ୍ୱାରା ତାଙ୍କୁ କେହି ଚିହ୍ନିପାରନ୍ତି ନାହିଁ । ତେଣୁ ତାଙ୍କୁ ମଧ୍ୟ ସାମାନ୍ୟ ମାନବ ଭଳି ହିସାବ କରି, ତାଙ୍କର ମହାନତାକୁ ନଜାଣି ମୂଢ଼ ମାନବ ତାଙ୍କର ଅବମାନନା କରିଥାଏ ।

**(୮) ଶ୍ଳୋକ,୧୨ : ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତନଃ ।**
**ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥**
**(ଜୀବାତ୍ମା, ପ୍ରକୃତି)**

**ଭାବାର୍ଥ :** ରାକ୍ଷସଭାବ ଯୁକ୍ତ, ଭ୍ରାନ୍ତିବିଶିଷ୍ଟ ଲୋକମାନେ ପ୍ରକୃତିର ସ୍ୱଭାବକୁ ଆଶ୍ରୟ କରିଥାନ୍ତି, ସେମାନଙ୍କ ଠାରେ ବ୍ୟର୍ଥ ଆଶା, ବ୍ୟର୍ଥ କର୍ମ, ବ୍ୟର୍ଥ ବିପରୀତ ଜ୍ଞାନ ଜାତ ହୋଇଥାଏ ।

**ବିବରଣୀ :** ପ୍ରକୃତିମାର୍ଗ ଆଉ ପରମାତ୍ମାମାର୍ଗ ନାମକ ଥିବା ଦୁଇ ମାର୍ଗରୁ ରାକ୍ଷସ ସ୍ୱଭାବ ଲୋକମାନେ ପ୍ରକୃତିମାର୍ଗକୁ ଆପଣାର କରନ୍ତି । ଅସୁର ଭାବର ଲୋକମାନଙ୍କୁ ପରମାତ୍ମା ମାର୍ଗ ରୁଚେ ନାହିଁ । ଅତି କମ୍‌ରେ ପରମାତ୍ମା ମାର୍ଗ କ'ଣ ବୋଲି ସେମାନେ ଜାଣିବାକୁ ଇଚ୍ଛା କରିନଥାନ୍ତି । ପ୍ରକୃତିର ମାର୍ଗକୁ ସେମାନେ ମହାନ ଭାବନ୍ତି, ତାହାହିଁ ଉଚିତ୍ ଜ୍ଞାନ ଭାବନ୍ତି, ସେମାନଙ୍କ ମନରେ ନିଷ୍ପ୍ରୟୋଜନ କାର୍ଯ୍ୟଗୁଡ଼ିକ ଉନ୍ନତ ଦେଖାଯାଏ, ତେଣୁ ଜୀବନରେ ବ୍ୟର୍ଥ କାର୍ଯ୍ୟସବୁ କରିଥାନ୍ତି ।

**(୮) ଶ୍ଳୋକ,୧୩:ମହାତ୍ମାନସ୍ତୁ ମାଂ ପାର୍ଥ ! ଦୈବିଂ ପ୍ରକୃତିମାଶ୍ରିତାଃ ।**
**ଭଜନ୍ତ୍ୟ ନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ॥**
**(ଜୀବାତ୍ମା, ପରମାତ୍ମା)**

**ଭାବାର୍ଥ :** ମହାତ୍ମାମାନେ ପ୍ରକୃତିର ଦୈବ ହୋଇଥିବା ମୋତେ ଆଶ୍ରୟ କରି ତଥା ଅବ୍ୟୟ ଭାବରେ, ଭୂତମାନଙ୍କର ମୂଳକାରକ ଭାବରେ ଜାଣି, ମନରେ ଅନ୍ୟ ଚିନ୍ତା ନରଖି ମୋର ଆରାଧନା କରିଥାନ୍ତି ।

**ବିବରଣୀ :** ଏହି ଶ୍ଳୋକରେ '**ଦୈବିଂ ପ୍ରକୃତି**' ନାମକ ପଦରେ ଦୈବିପ୍ରକୃତି

କିମ୍ବା ସତ୍ତ୍ୱପ୍ରକୃତି ବୋଲି ଅନେକ ଗୀତାରେ କେତେକେ ଲେଖିଛନ୍ତି । ଏଭଳି ଆଉ ଏକ ପ୍ରକୃତି ତାଙ୍କର ଅଛି ଭାବିବା ଭୁଲ୍ ହୋଇଥାଏ । ଯାହା ରହିଛି ତାହା ପଞ୍ଚଭୂତରେ ନିର୍ମିତ ଏକମାତ୍ର ପ୍ରକୃତି, ସେ ଗୋଟିଏ, ଦୈବିପ୍ରକୃତି ଆଉ ଗୋଟିଏ ନାହିଁ । 'ଦୈବିଂ ପ୍ରକୃତି' ନାମକ ପଦର ଅର୍ଥକୁ ଭାବ ଦୃଷ୍ଟିରୁ ପ୍ରକୃତିର ଦୈବ ବୋଲି ବୁଝିବା ଉଚିତ୍ । ଗତଜନ୍ମରେ ପରମାତ୍ମାଙ୍କୁ ଆରାଧନା କରୁଥିବା ଲୋକମାନେ ପରଜନ୍ମରେ ମହାତ୍ମା ହୋଇଥାନ୍ତି, ସେମାନଙ୍କ ଶରୀରରେ ରହିଥିବା ଜୀବାତ୍ମା ଜ୍ଞାନାଗ୍ନି ନାମକ ମହାନ ଧନକୁ ପ୍ରାପ୍ତ ହୋଇଥାଏ । ତେଣୁ ସେମାନଙ୍କୁ ମହାତ୍ମା କୁହାଯାଏ । ସେହି ମହାତ୍ମାମାନେ ପ୍ରକୃତିର ମଧ୍ୟ ଜଣେ ଦୈବ ରହିଛନ୍ତି, ସେ ହିଁ ଅବିନାଶୀ ପରମେଶ୍ୱର ବା ପରମାତ୍ମା ବୋଲି ଜାଣିପାରି ସେମାନଙ୍କ ମନରେ ଅନ୍ୟ ଦେବତାଙ୍କୁ ନଆଣି, ସର୍ବଶ୍ରେଷ୍ଠ ଯେ ପରମାତ୍ମା, ତାଙ୍କଠାରୁ ବଳି ଆଉକେହି ନାହାନ୍ତି ବୋଲି ଜାଣି ସେହି ପରମାତ୍ମାଙ୍କର ଆରାଧନା କରିଥାନ୍ତି ।

**(୮) ଶ୍ଳୋକ,୧୪ : ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।**
**ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସର୍ବଦା ମୋତେ କୀର୍ତ୍ତିପୂର୍ବକ ଭଜୁଥିବା, ଉନ୍ନତ ବ୍ରତଦ୍ୱାରା ଚେଷ୍ଟା କରୁଥିବା, ପ୍ରଣାମ କରୁଥିବା, ଭକ୍ତିରେ ନିତ୍ୟଯୁକ୍ତ ହେଉଥିବା ସମସ୍ତେ ମୋର ଉପାସନା ହିଁ କରିଥାନ୍ତି ।

**ବିବରଣୀ :** ପରମାତ୍ମାଙ୍କୁ ମଣିଷ ନିଜ ନିଜର ବୁଦ୍ଧି ଅନୁସାରେ ଭାବନା କରିଥାଏ, ତାହା ହିଁ ଉନ୍ନତ ଭାବି କେତେକ ଭଜନ କରୁଥିବା ବେଳେ, ବ୍ରତ ଦ୍ୱାରା ପରମାତ୍ମାଙ୍କୁ ପାଇହେବ ଭାବି କେତେକ ନିୟମ ନିଷ୍ଠାର ସହିତ ବ୍ରତାଚରଣ କରିଥାନ୍ତି । ଆଉ କେତେକ ଭକ୍ତିଭରା ପ୍ରଣାମ କରିବା ଉଚିତ୍ ଭାବି ସବୁଦିନ ନିୟମ ନଭୁଲି ପ୍ରଣାମ କରିଥାନ୍ତି । ଏହିଭଳି ଯିଏ ଯାହାର ଭକ୍ତିରେ ମନରେ ନିତ୍ୟସମ୍ବନ୍ଧ ରଖି ରହିଛନ୍ତି, ଏମାନେ ସମସ୍ତେ କୌଣସି ଦେବତାଙ୍କୁ ପୂଜା କଲେ ମଧ୍ୟ ସମସ୍ତେ ପରମାତ୍ମାଙ୍କ ଆରାଧକ ବୋଲି ଭାବି

ପାରିବା । କାରଣ ! ପରମାତ୍ମା ସର୍ବବ୍ୟାପୀ ହୋଇଥିବାରୁ ସେମାନଙ୍କ ଆରାଧନା ପରମାତ୍ମାଙ୍କୁ ଆରାଧନା କରିବା ଭଳି ହୋଇଥାଏ, କିନ୍ତୁ ସେମାନେ ପରମାତ୍ମାରେ (ମୋକ୍ଷରେ) ପହଞ୍ଚିପାରି ନଥାନ୍ତି, ସେମାନେ ଯେଉଁମାନଙ୍କୁ ଆରାଧନା କରିଥାନ୍ତି ସେହିମାନଙ୍କ ପାଖରେ ପହଞ୍ଚିଥାନ୍ତି ।

**(୮) ଶ୍ଲୋକ,୧୫: ଜ୍ଞାନ ଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତେ ମାମୁପାସତେ ।**
**ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ॥**
**(ସାକାର,ପରମାତ୍ମା)**

**ଭାବାର୍ଥ :** ଆଉକେତେକ ଜ୍ଞାନଯଜ୍ଞ ଦ୍ୱାରା ବିଶ୍ୱବ୍ୟାପ୍ତ ହୋଇ ନାନା ରୂପେ ଥିବା ମୋତେ ମୋର ଏକରୂପ ସାକାର ରୂପକୁ ଆରାଧନା କରିଥାନ୍ତି ।

**ବିବରଣୀ :** ପରମାତ୍ମା ନିରାକାର ଭାବରେ ସର୍ବବ୍ୟାପକ ହୋଇ ରହିଛନ୍ତି, ବିଶ୍ୱବ୍ୟାପୀ ହୋଇ ଅନେକ ରୂପରେ ଥାଇ ମଧ୍ୟ ଏକ ସାକାର ରୂପ ଧରି ସେ ଭୂପୃଷ୍ଠରେ ଭଗବାନ ଭାବେ ରହିପାରନ୍ତି । ଏହିଭଳି ନିରାକାର, ସାକାର ଭାବରେ ଥିବା ପରମାତ୍ମାଙ୍କୁ ଅନେକେ ଆରାଧନା କରିଥାନ୍ତି । କେତେକ ନିରାକାର ପରମାତ୍ମାରେ ଲୀନ ହେବାପାଇଁ ଜ୍ଞାନାଗ୍ନି ଦ୍ୱାରା କର୍ମକୁ ଜଳାଇ ପାରୁଥିବା ଜ୍ଞାନଯଜ୍ଞ କରିଥାନ୍ତି । ଆଉକେତେକ ସାକାର ଭଗବାନଙ୍କୁ ଭକ୍ତିରେ ଆରାଧନା କରିଥାନ୍ତି ।

**(୮) ଶ୍ଲୋକ,୧୬: ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାऽହମହମୌଷଧମ୍ ।**
**ମନ୍ତ୍ରୋऽହମହମେବାऽଜ୍ୟ ମହମଗ୍ନି ରହଂ ହୁତମ୍ ॥**
**(ପରମାତ୍ମା)**

**ଭାବାର୍ଥ :** ମୁଁ କ୍ରତୁ, ମୁଁ ଯଜ୍ଞ, ମୁଁ ସ୍ୱଦୟ, ମୁଁ ଔଷଧ, ମୁଁ ହିଁ ମନ୍ତ୍ର, ଅଜ୍ୟ, ଅଗ୍ନି ଆଉ ହୋମାଦି ହୋଇ ରହିଛି ।

**ବିବରଣୀ :** ପରମାତ୍ମା ଅଣୁ ଅଣୁରେ ବିଶ୍ୱବ୍ୟାପ୍ତ,ତେଣୁ ମାନବ କରୁଥିବା କ୍ରତୁ, ଯଜ୍ଞ, ପିତୃ-ଦେବତାମାନଙ୍କୁ ଅର୍ପଣ କରୁଥିବା ଶ୍ରାଦ୍ଧ, ଖାଉଥିବା ଆହାରର ଔଷଧ ମଧ୍ୟ ସେ ହୋଇଥାନ୍ତି । ତାଛଡା ହୋମରେ ଉଚ୍ଚରିତ ମନ୍ତ୍ର, ହୋମରେ

ଢଳାଯାଉଥିବା ଅଜ୍ୟ (ଘିଅ), ହୋମର ଅଗ୍ନି ମଧ୍ୟ ସେ । ଏହି ଅନୁସାରେ ଜଣାଯାଏ ଯେ ପରମାତ୍ମା ନଥିବା ଜିନିଷ କିଛି ନାହିଁ ।

**(୮) ଶ୍ଲୋକ,୧୭ : ପିତାମହସ୍ୟ ଜଗତୋ ମାତା ଧାତା ପିତାମହଃ ।**
**ବେଦ୍ୟଂ ପବିତ୍ରମୋଂକାର ଋକ୍ସାମ ଯଜୁରେବ ଚ ॥**

**(ପରମାତ୍ମା)**

**ଭାବାର୍ଥ :** ଅଖିଳ ଜଗତର ମାତା, ପିତା, ପିତାମହ, ଦାତା ମଧ୍ୟ ମୁଁ, ଜାଣିବାକୁ ଚାହିଁଲେ ପବିତ୍ର ଓଁକାର ଆଉ ଋକ୍, ସାମ, ଯଜୁ, ଅଥର୍ବ ବେଦ ମଧ୍ୟ ମୁଁ ।

**(୮) ଶ୍ଲୋକ,୧୮ : ଗତିର୍ଭର୍ତା ପ୍ରଭୂସାକ୍ଷୀ ନିବାସଃ ଶ୍ମରଣଂ ସୁହୃତ୍ ।**
**ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଦାନଂ ବୀଜ ମବ୍ୟୟମ୍ ॥**

**(ପରମାତ୍ମା)**

**ଭାବାର୍ଥ :** ମୁଁ ଗତି,ପ୍ରଭୁ,ସାକ୍ଷୀ,ସୁହୃତ୍,ନିବାସ ସ୍ଥଳ, ଶରଣ ରକ୍ଷକ, ଅନ୍ତରଙ୍ଗର ବନ୍ଧୁ,ସର୍ବସ୍ୱର ମୂଳାଧାର,ସମସ୍ତଙ୍କର ଆଶ୍ରୟସ୍ଥଳ ଏବଂ ଅକ୍ଷୟ ବୀଜ ମଧ୍ୟ ମୁଁ ।

**(୮) ଶ୍ଲୋକ,୧୯ : ତପାମ୍ୟହ ମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।**
**ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ॥**

**(ପରମାତ୍ମା)**

**ଭାବାର୍ଥ :** ମୁଁ ଉତ୍ତାପ, ମୁଁ ବର୍ଷାଜଳକୁ ସ୍ୱୀକାର କରି ପୁଣି ଛାଡିଥାଏ । ମୁଁ ମୃତ୍ୟୁ, ମୁଁ ଅମୃତ । ସତ୍ତା, ଅସତ୍ତା ମଧ୍ୟ ମୁଁ ।

**ବିବରଣୀ :** ଜଗତରେ ସୂର୍ଯ୍ୟରଶ୍ମୀ ଅଧିକ କରି ତା'ଦ୍ୱାରା ଉପୁଜୁଥିବା ଉତ୍ତାପ-ରେ ମଣିଷକୁ ତପ୍ତ କରିଥାନ୍ତି ପରମାତ୍ମା । ଭୂପୃଷ୍ଠର ଜଳ ବାଷ୍ପ ହେବା ଭଳି କରିଥାନ୍ତି, ତାହାକୁ ବର୍ଷା କରାଇଥାନ୍ତି ପରମାତ୍ମା । ସର୍ବ ପ୍ରାଣୀର ମୃତ୍ୟୁ, ସେହିଭଳି ମୃତ ହୋଇନଥିବା ଅମୃତ ମଧ୍ୟ ପରମାତ୍ମା । ଆହୁରି ମଧ୍ୟ ଆଲୋଚନା କରିଦେଖିଲେ ଶରୀରର ଆତ୍ମଚୈତନ୍ୟ ଶକ୍ତି ହୋଇ ସତ୍ତା ଏବଂ ଚୈତନ୍ୟହୀନ ଅସତ୍ତା ହୋଇ ମଧ୍ୟ ପରମାତ୍ମା ରହିଥାନ୍ତି । ସର୍ବ ସୃଷ୍ଟିର ମୂଳସ୍ରଷ୍ଟା ସେ; ତଥାପି

ତାଙ୍କ ପ୍ରକୃତି ଦ୍ୱାରା କାର୍ଯ୍ୟ କରାଉଥାଇ ମୁଁ କରେ ନାହିଁ ବୋଲି କହୁଛନ୍ତି ଆଉ ନିଜେ ଅକର୍ମା ହୋଇ ରହିଛନ୍ତି ।

**(୮) ଶ୍ଳୋକ,୨୦:**

**ତ୍ରୈବିଦ୍ୟାମାଂସୋମପାଃ ପୂତପାପା ଯଜ୍ଞୈରିଷ୍ଟାସ୍ୱର୍ଗତିଂ ପାର୍ଥୟନ୍ତେ ।**
**ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକମ- ଶ୍ନନ୍ତିଦିବ୍ୟାନ୍ ଦିବିଦେବଭୋଗାନ୍ ।।**
**(ଜୀବାତ୍ମା,ପରମାତ୍ମା)**

**(୮) ଶ୍ଳୋକ,୨୧ :**

**ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂବିଶାଳଂ କ୍ଷୀଣେ୍ୟପୁଣେ୍ୟ ମର୍ତ୍ୟଲୋକଂ ବିଶନ୍ତି ।**
**ଏବଂ ତ୍ରୟି ଧର୍ମ ମନୁପ୍ରପନ୍ନା ଗତାଗତଂ କାମକାମା ଲଭନ୍ତେ ।।**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ଯେଉଁମାନେ ତିନିବିଦ୍ୟା ଶିଖିଛନ୍ତି, ଯେଉଁମାନେ ସୋମ ପାନକାରୀ, ଯେଉଁମାନେ ପାପହୀନ, ଯଜ୍ଞରେ ଯେଉଁମାନଙ୍କର ଶ୍ରଦ୍ଧା ଥାଏ ସେମାନେ ସ୍ୱର୍ଗ ପାଇବା ପାଇଁ ମୋତେ ପ୍ରାର୍ଥନା କରିଥାନ୍ତି, ପୁଣ୍ୟଫଳ ସ୍ୱରୂପ ସୁରେନ୍ଦ୍ରଲୋକ ପାଇ ସେଠାରେ ଦିବ୍ୟ ଦେବଭୋଗ୍ୟ ପାଇଥାନ୍ତି, ସେମାନେ ସେଠାରେ ସ୍ୱର୍ଗସୁଖ ଅନୁଭବ କରି ସେମାନଙ୍କର ପୁଣ୍ୟ ଶେଷ ହୋଇଯିବା ପରେ ସାଙ୍ଗେ ସାଙ୍ଗେ ନୀଚ ସ୍ଥିତିକୁ ଆସିଥାନ୍ତି । ଏହିଭଳି ଆଶାବାନମାନଙ୍କର ତିନିବିଦ୍ୟାର ଧର୍ମରେ ଥିବା ସୁଖଫଳ ଅଶାଶ୍ୱତ ହୋଇଥାଏ ।

**ବିବରଣୀ :** ଭୂପୃଷ୍ଠର ମଣିଷ ଭିତରେ କେତେକ ଚତୁର ଥାଆନ୍ତି, ସେମାନଙ୍କ ଭିତରୁ ଜ୍ଞାନୀମାନେ କେବଳ ପରମାତ୍ମା ବିଷୟରେ ଜାଣିଥାନ୍ତି । ଜ୍ଞାନୀ ହୋଇନଥିବା ଚତୁରମାନେ ତିନିଗୁଣରେ ପାରଙ୍ଗମ ହୋଇ କେଉଁଠାରେ କ'ଣ କହିବାକୁ ହେବ ଭଲଭାବରେ ଜାଣିଥାନ୍ତି । କୌଣସି ଜ୍ଞାନୀମାନଙ୍କୁ, ଯୋଗୀମାନଙ୍କୁ ଜଣା ନଥିବା ଗୁଣ ବାବଦରେ ସେମାନଙ୍କୁ ଜଣାଥିବା ଦ୍ୱାରା ସେମାନେ ସେମାନଙ୍କ ଠାରୁ ଉନ୍ନତମାନର ଜୀବନ ବଞ୍ଚିପାରନ୍ତି । ତିନି ଗୁଣର ସମସ୍ତ ବିଦ୍ୟା ଶିଖିଥିବା ଯୋଗୁଁ କିପରି ଧନ ରୋଜଗାର ହୋଇ ପାରିବ ସେମାନଙ୍କୁ ଭଲଭାବରେ ଜଣାଥାଏ । ତେଣୁ ସେମାନେ ଧନୀହୋଇ ପାରିଥାନ୍ତି ଏବଂ

ପାପକାର୍ଯ୍ୟ ନକରି ଚତୁରତାର ସହିତ ପୁଣ୍ୟ କାର୍ଯ୍ୟସବୁ କରିଥାନ୍ତି । ପୂର୍ବେ ସେମାନେ ସୋମରସ କୁହାଯାଉଥିବା ମାଦକ ଦ୍ରବ୍ୟ ପିଉଥିବା ବେଳେ, ଆଜି ଦାମୀ ମଦ୍ୟ ପାନ କରିଥାନ୍ତି, ବାହ୍ୟଯଜ୍ଞ ଦ୍ୱାରା ଦେବତାମାନଙ୍କ ପୂଜା କରୁଥାଇ, ତଦ୍ଦ୍ୱାରା ସ୍ୱର୍ଗକୁ ଯିବାକୁ ପ୍ରାର୍ଥନା କରିଥାନ୍ତି, ସେମାନଙ୍କର କାମନା ଅନୁସାରେ ବିଶେଷ ପୁଣ୍ୟଫଳ ଦ୍ୱାରା ଜନସମାଜରେ ଉନ୍ନତ ସ୍ଥିତି ହୋଇଥିବା ଐଶ୍ୱର୍ଯ୍ୟବାନ ଘରେ ସେମାନେ ଜନ୍ମହୋଇ, ସ୍ୱର୍ଗସୁଖ ହୋଇଥିବା ଦେବଭୋଗ୍ୟାଦି ଅନୁଭବ କରିଥାନ୍ତି, ସେମାନଙ୍କ ଲୋକ ସ୍ୱତନ୍ତ୍ରଲୋକ ହୋଇଥାଏ । ଦାମୀ ବସ୍ତ୍ର, ଉନ୍ନତମାନର ଖାଦ୍ୟ, ଉନ୍ନତ ବସତି ସବୁକିଛି ସେମାନଙ୍କର ଭୋଗଯୋଗ୍ୟ ହୋଇଥାଏ । ଏଭଳି ଲୋକମାନଙ୍କୁ ଏହି ଭୂପୃଷ୍ଠରେ ହିଁ ଦେଖିବାକୁ ମିଳିଥାଏ ।

ଲୋକ କହିଲେ ଆଉ କେଉଁଠାରେ ଅଛି, ସ୍ୱର୍ଗଲୋକ କହିଲେ ଉପରେ ଅଛି ଭାବିବା ଭୁଲ୍ । ସମସ୍ତ ଲୋକ ଏହି ଭୂପୃଷ୍ଠରେ ରହିଛି । ସ୍ୱର୍ଗଲୋକ, ନରକଲୋକ ଏହିଠାରେ ହିଁ ରହିଛି । ଇନ୍ଦ୍ରଲୋକର ରମ୍ଭା, ଉର୍ବସୀମାନେ ମଧ୍ୟ ଏହିଠାରେ ଅଛନ୍ତି । ପୁଣ୍ୟ କରିଥିବା ବ୍ୟକ୍ତି ରମ୍ଭା ଉର୍ବସୀ କାହିଁକି ସେମାନଙ୍କଠାରୁ ଉନ୍ନତ ସୁନ୍ଦରୀମାନଙ୍କୁ ପାଇଥାନ୍ତି । ଦେବତାମାନେ ଏହି ଭୂପୃଷ୍ଠରେ ଥା'ନ୍ତି ବୋଲି ମୁଖ୍ୟତଃ ଜାଣିବା ଉଚିତ୍ । ଉପର ଶ୍ଳୋକରେ କୁହାଯାଇଥିବା ସୁଖରାଜି ଭୂପୃଷ୍ଠର ପୁଣ୍ୟଜନ୍ମ ଗୁଡିକରେ ଅନୁଭବ କରି, ସେହି ପୁଣ୍ୟ ଶେଷ ହୋଇଯିବା ପରେ ପୁନର୍ବାର ନୀଚସ୍ଥିତିକୁ ଯାଇଥାନ୍ତି । ଅନେକ ସୁଖ ଅନୁଭବ କରିଥିବା ବ୍ୟକ୍ତିକୁ ଅନେକ ଦୁଃଖ ଅନୁଭବ କରିବାକୁ ହୋଇଥାଏ । ଉନ୍ନତ ସ୍ଥିତିରୁ ନୀଚ ସ୍ଥିତିକୁ ଆସିବା କଥାକୁ ସ୍ୱର୍ଗରୁ ଇହଲୋକକୁ ଆସନ୍ତି ବୋଲି କହିଛନ୍ତି । ଏହିଭଳି ସୁଖ ଅନୁଭବ କରିବା, ସେଠାରୁ ପୁଣି ନୀଚସ୍ଥିତିକୁ ଆସିବା, ତିନି ବିଦ୍ୟା ଶିଖିଥିବା ଲୋକମାନଙ୍କ ପକ୍ଷେ ସାଧାରଣ କଥା ହୋଇଥାଏ । ତ୍ରୟୀ (**ତ୍ରୈ ବା ତିନି**) ଧର୍ମରେ ସାଧାରଣତଃ ଅଶାଶ୍ୱତ ସୁଖ ରହିଥାଏ ।

ଜ୍ଞାନୀ, ଯୋଗୀମାନଙ୍କର ସେହି ତିନିଗୁଣର ବିଦ୍ୟାରେ ଆଶକ୍ତି ନଥାଏ, ସେମାନେ ସ୍ୱର୍ଗଲୋକ ପାଇବା ପାଇଁ ଇଚ୍ଛା କରିନଥାନ୍ତି, ସେମାନଙ୍କ ବାବଦରେ ଭଗବାନ କ'ଣ କହୁଛନ୍ତି ଜାଣିବା ।

**୮) ଶ୍ଲୋକ,୨୨: ଅନନ୍ୟାଶ୍ଚିନ୍ତ ୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।**
**ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।।**
**(ଜୀବାତ୍ମା, ପରମାତ୍ମା)**

**ଭାବାର୍ଥ :** ଯିଏ ଅନ୍ୟ ଚିନ୍ତା ନକରି ସବୁବେଳେ ମୋର ଉପାସନା କରିଥାଏ, ସେ ସବୁବେଳେ ମୋ ସହିତ ନିତ୍ୟଯୁକ୍ତ ହୋଇଥାଏ, ତାର ଯୋଗକ୍ଷମ ମୁଁ ଦେଖିଥାଏ ।

**ବିବରଣୀ :** ମାନବର ଯଦି ଭକ୍ତିଥାଏ ତାହା ସାଧାରଣତଃ ନାନା ଦେବତାମାନଙ୍କ ଉପରେ ଥାଏ ବୋଲି କହିପାରିବା । ଭୂପୃଷ୍ଠରେ ନାନା ଦେବତାମାନେ ରହିବା ସାଧାରଣ କଥା ଏବଂ ଏହା ସମସ୍ତେ ଜାଣିଥିବା କଥା । ସମ୍ପୂର୍ଣ୍ଣ ଜ୍ଞାନ ନଜାଣିବା ପର୍ଯ୍ୟନ୍ତ ମାନବ ନାନା ଦେବତାମାନଙ୍କୁ ଆରାଧନା (ଉପାସନା) କରିଥାଏ । ଏଭଳି କରିବା ତାର ଏକ ଅଭ୍ୟାସ ହୋଇଯାଇଥାଏ । ଏହାର ମୁଖ୍ୟ କାରଣ ହେଉଛି ! ଦେବତାମାନଙ୍କର ମଧ୍ୟ ଜଣେ ଆରାଧ୍ୟ ଅଛନ୍ତି ବୋଲି ନଜାଣିବା । ଯାହାଠାରେ ସମ୍ପୂର୍ଣ୍ଣ ଜ୍ଞାନ ଆସିଯାଏ ସେ ଦେବତାମାନେ ଆମଭଳି ଜଣେ ଜଣେ ଜୀବାତ୍ମା, ସେମାନଙ୍କଠାରେ ନିଜ ଶରୀରରେ ଥିବା ଭଳି ଆତ୍ମା, ଜୀବାତ୍ମା ମଧ୍ୟ ଥାଆନ୍ତି ବୋଲି ଜାଣି, ମନରେ ଇତର ଦେବତାମାନଙ୍କୁ ନରଖି, ଆତ୍ମାଠାରୁ ଅଲଗା ହୋଇଥିବା ସର୍ବାଧିକାରୀ ପରମାତ୍ମାଙ୍କୁ ପାଇବାପାଇଁ ଦୃଢ ଚେଷ୍ଟାକରନ୍ତି । ପରମାତ୍ମାଙ୍କ ଉପାସନା କରିବା ନାନା ଦେବତାମାନଙ୍କ ପୂଜା ଭଳି ଏକ ସ୍ୱତନ୍ତ୍ର ପୂଜା ନୁହେଁ । ଜୀବାତ୍ମା ଭାବରେ ଥିବା ପାତ୍ର ନିଜର ସ୍ଥିତିକୁ ହରାଇ ପରମାତ୍ମାରେ ଲୀନ ହେବା ଚେଷ୍ଟାକୁ ଉପାସନା କୁହାଯାଏ ବୋଲି ଜାଣିବା ଉଚିତ୍, ତାହାକୁ ହିଁ ଯୋଗ କୁହାଯାଏ । ପରମାତ୍ମାରେ ଲୀନ ହେବାପାଇଁ ମାର୍ଗ ହେଉଛି ଯୋଗ । ଯୋଗ ଆଚରଣ କରି ପରମାତ୍ମାରେ ଐକ୍ୟ ହେବାପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିର ସ୍ୱାସ୍ଥ୍ୟ ଠିକ୍ ରହି ନପାରେ, ଆର୍ଥିକତଃ କୁପରିସ୍ଥିତି ଉପୁଜିପାରେ, ଶତ୍ରୁମାନେ ବାଧା ଦେଇପାରନ୍ତି, ଘରେ ସ୍ତ୍ରୀ ସହିତ କଳହ ଉପୁଜିପାରେ, ସେହିଭଳି ଅନେକ ଭୌତିକ ଦୁଃଖଯନ୍ତ୍ରଣା ଆସିପାରେ, ହେଲେ ତାକୁ କୌଣସି ସୂତ୍ରରୁ ପରମାତ୍ମା ରକ୍ଷା କରିନଥାନ୍ତି ।

କୌଣସି ସାହାଯ୍ୟ ହେଉ, କୌଣସି ରକ୍ଷଣ ହେଉ, କୌଣସି ବାଧା ନିବାରଣାଦି ପରମାତ୍ମା କରୁନଥିବା ବେଳେ, ତାର କ୍ଷମକୁ (ଦକ୍ଷତାକୁ) ପରମାତ୍ମା କିପରି ରକ୍ଷା କରିଥାନ୍ତି ବୋଲି ଆମଠାରେ ପ୍ରଶ୍ନ ନଆସି ରହିପାରିବ ନାହିଁ । ଏହି ପ୍ରଶ୍ନର ଜବାବ ଖୋଜି ଦେଖିଲେ, ପରମାତ୍ମାଙ୍କୁ ଆରାଧନା କରୁଥିବା ଯୋଗୀର କ୍ଷମକୁ (ଦକ୍ଷତା ବା ରହିଥିବା ସ୍ଥିତି, ଯଥା ସ୍ଥିତିକୁ) ପରମାତ୍ମା ରକ୍ଷା କରି ନଥାନ୍ତି । ଯୋଗୀର ଅନାରୋଗ୍ୟ କି ତାର କୌଣସି ଅସୁବିଧା, କୌଣସି ବିପଦରୁ ତାକୁ ରକ୍ଷା କରିବି ବୋଲି ପରମାତ୍ମା ଶ୍ଳୋକରେ ମଧ୍ୟ କହି ନାହାନ୍ତି । ଯିଏ ମୋର ଆରାଧନା କରିଥାଏ ମୁଁ ତା'ର ଯୋଗକ୍ଷମ ଅର୍ଥାତ୍ **ଯୋଗର** ଦକ୍ଷତାକୁ ରକ୍ଷା କରିଥାଏ । ତେଣୁ **ଯୋଗକ୍ଷମ** କହିଛନ୍ତି ସିନା ଯୋଗୀକ୍ଷମ କହି ନାହାନ୍ତି ବୋଲି ଜାଣିବା ଉଚିତ୍ ।

ଭୂପୃଷ୍ଠରେ ଯୋଗାଚରଣ କରୁଥିବା ଲୋକମାନଙ୍କୁ ଅନ୍ୟମାନଙ୍କଠାରୁ ନାନା ଦୁଃଖକଷ୍ଟ ମିଳିଥାଏ ବୋଲି ଗତ କାଳରୁ, ଚଳିତ କାଳପର୍ଯ୍ୟନ୍ତ ଅନେକ ଆଧାର ରହିଛି । ଉନ୍ନତ ଯୋଗୀ ଯୋଗ ଆଚରଣ କରୁଥିବା ବେଳେ ତାପାଇଁ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ସେ ସେସବୁକୁ ଖାତର କରିନଥାଏ ବୋଲି ଇତିହାସରୁ ନାନା ପ୍ରମାଣ ରହିଆସିଛି । ଏହି ଅନୁସାରେ ଦେଖିଲେ ଯୋଗୀପାଇଁ ଅବରୋଧ ହେଉଥିବା ଭୌତିକ ଦୁଃଖଯାତନା ତାର କର୍ମାନୁସାରେ ଆସିଥାଏ, ନିଜର ଶ୍ରଦ୍ଧାକୁ ସବୁବେଳେ ପରମାତ୍ମାଙ୍କ ଉପରେ ରଖିବାଦ୍ୱାରା ପରମାତ୍ମା ତାର ଯୋଗରକ୍ଷା କରିଥାନ୍ତି ।

**(୮) ଶ୍ଳୋକ,୨୩: ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାଽନ୍ୱିତାଃ ।**
**ତେଽପି ମାମେବ କୌନ୍ତେୟ ! ଯଜନ୍ତ୍ୟବିଧିପୂର୍ବକମ୍ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ଯିଏ ଶ୍ରଦ୍ଧାରେ ଅନ୍ୟଦେବତା ଆରାଧନା କରିଥାଏ ସେ ମଧ୍ୟ ପଥହୁଡି ମୋତେ ଆରାଧନା କରିଥାଏ ।

**ବିବରଣୀ :** କୁହାଯାଏ ଯେ, ତେତିଶିକୋଟି ଦେବତା ଅଛନ୍ତି । ଏତେ ଦେବତା ଥିବା ଭୂପୃଷ୍ଠରେ ପରମାତ୍ମାଙ୍କୁ ଛାଡି ଅନେକ ଲୋକ ଦେବତା ମାନଙ୍କର

ଆରାଧନା କରିଥାନ୍ତି; ତଥାପି ପରମାତ୍ମାଙ୍କୁ କେହି କ୍ୱଚିତ୍ ଆରାଧନା କରନ୍ତି । ପାପାତ୍ମା, ଦୁଷ୍ଟ, ଚୋର, ଜ୍ଞାନୀମାନଙ୍କର ବିପରୀତ ହୋଇଥିବା ଲୋକମାନେ, ପରମାତ୍ମାଙ୍କୁ ବିଶ୍ୱାସ କରୁନଥିବା ଲୋକମାନେ, ପରମ ମୂର୍ଖମାନେ ମଧ୍ୟ ନାନା କାମନା ନେଇ କୌଣସି ଏକ ଦେବତାକୁ ନିଷ୍ଠାର ସହିତ ପୂଜା କରିଥାନ୍ତି । କୌଣସି ଦେବତାକୁ ପୂଜାକଲେ ମଧ୍ୟ ତାହା ପରମାତ୍ମାଙ୍କ ପାଖରେ ପହଞ୍ଚିଥାଏ, କିନ୍ତୁ ସେମାନେ ମୋକ୍ଷରେ ପହଞ୍ଚିପାରି ନଥାନ୍ତି, ସେମାନଙ୍କ ମନରେ ଦେବତା ମାନଙ୍କର ଧ୍ୟାନ ରହିବାଦ୍ୱାରା ସେମାନେ ପଥଚ୍ଯୁତି ରହିଥାନ୍ତି । କେଉଁଠି କୌଣସି ଦେବତାକୁ କରାଯାଉଥିବା ପୂଜାକୁ ସର୍ବବ୍ୟାପୀ ପରମାତ୍ମା ହିଁ ସ୍ୱୀକାର କରିଥାନ୍ତି; ଅଥଚ ପୂଜା କରୁଥିବା ଲୋକମାନେ ତାଙ୍କୁ ପାଇନଥାନ୍ତି । ଦେବତା ମାନଙ୍କୁ ପୂଜା କରୁଥିବା ଲୋକମାନେ ଶେଷରେ ଦେବତାମାନଙ୍କ ପାଖରେ ହିଁ ପହଞ୍ଚିଥାନ୍ତି ।

**(୮) ଶ୍ଳୋକ,୨୪ : ଅହଂ ହି ସର୍ବ ଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।**
**ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ॥**
**(ପରମାତ୍ମା)**

**ଭାବାର୍ଥ :** ମୁଁ ସର୍ବଯଜ୍ଞର ଭୋକ୍ତା, ପ୍ରଭୁ । ମୁଁ ଆତ୍ମା ଭାବରେ ଅଛି ବୋଲି ଯେଉଁମାନେ ଜାଣନ୍ତି ନାହିଁ ସେମାନେ ମାର୍ଗଚ୍ୟୁତ ହୋଇ ପଡିରହିଛନ୍ତି ।

**ବିବରଣୀ :** ଏହି ଶ୍ଳୋକରେ **'ତତ୍ତ୍ୱେନା'** ଶବ୍ଦର **'ଆତ୍ମା ଭାବେ'** ନାମକ ଅର୍ଥକୁ ନନେଇ 'ଯଥାର୍ଥ' ବୋଲି ଅନେକ ଗୀତାରେ ନେବା ଦ୍ୱାରା ଶ୍ଳୋକର ବାସ୍ତବ ଭାବ ଲୁଚିଯାଇଛି । ବାସ୍ତବରେ ଏହି 'ଆତ୍ମା' ଶବ୍ଦକୁ 'ତତ୍ତ୍ୱେନା' ଶବ୍ଦର ଅର୍ଥ ଭାବରେ ନେବାବେଳେ ହିଁ ଏହାର ସମ୍ପୂର୍ଣ୍ଣ ଭାବ ବହିର୍ଗତ ହୋଇଥାଏ । ମଣିଷ କରୁଥିବା ବାହ୍ୟପୂଜା ସମ୍ବନ୍ଧୀୟ ଯଜ୍ଞ ବାବଦରେ ଏଠାରେ କୁହାଯାଇ ନାହିଁ । ପରମାତ୍ମା ନିଜେ କହିଥିବା ଯଜ୍ଞ ବାବଦରେ ଏପର୍ଯ୍ୟନ୍ତ କହିଛନ୍ତି । ଜ୍ଞାନଯଜ୍ଞ ଆଉ ଦ୍ରବ୍ୟଯଜ୍ଞ ଶରୀରରେ ହୋଇଥାଏ ଏବଂ ହେଉଥିବା ଯଜ୍ଞର ଭୋକ୍ତା ସ୍ୱୟଂ ମୁଁ ବୋଲି କହିଛନ୍ତି । ତେଣୁ ଯଜ୍ଞର ଅଧିପତି ପ୍ରଭୁ ମଧ୍ୟ ମୁଁ ବୋଲି କହିଛନ୍ତି, ସେ କିପରି ଭୋକ୍ତା କିପରି ପ୍ରଭୁ! ବିଚାରକଲେ, ଶରୀରରେ ଆତ୍ମା ସର୍ବତ୍ର ବ୍ୟାପିରହିଛି । ଆତ୍ମାଶକ୍ତି ଦ୍ୱାରା ମୁଣ୍ଡରେ ଜ୍ଞାନଯଜ୍ଞ, ପେଟରେ

ଦ୍ରବ୍ୟଯଜ୍ଞ ହୋଇଥାଏ । ଆତ୍ମଚୈତନ୍ୟ ନଥିଲେ ସେ ଦୁଇଟି ଯଜ୍ଞ ହୋଇପାରିବ ନାହିଁ । ପରମାତ୍ମାହିଁ ଆତ୍ମା ଭାବରେ ରହିଛନ୍ତି । ସେ ଆତ୍ମା ରୂପରେ ଯଜ୍ଞଗୁଡିକର ଅଧିପତି ହୋଇ ରହିଛନ୍ତି । ମୁଁ ହିଁ ଆତ୍ମା ବୋଲି ଜାଣି ନପାରିଲେ କହିବାକୁ ଯାଇ **'ଅଭିଜାନନ୍ତି 'ତତ୍ତ୍ୱେନା'** କହିଛନ୍ତି । ପରମାତ୍ମା ହିଁ ଆତ୍ମା ବୋଲି ଜାଣି ନପାରିଲେ ମୋକ୍ଷ ମାର୍ଗରୁ କେହି ମଧ୍ୟ ବିଚ୍ୟୁତ ହୋଇଯାଇଥାଏ ।

ଏଯାଏଁ ପରମାତ୍ମା,ଆତ୍ମା, ଜୀବାତ୍ମାର ବିଭାଜନ କୌଣସି ଗୀତାରେ ନାହିଁ । ସେଥିଲାଗି ଗୀତାର ଅନେକ ଭାଗ ଆଜି ପର୍ଯ୍ୟନ୍ତ କାହାକୁ ବୁଝାପଡି ନାହିଁ ବୋଲି କହିପାରିବା । ଆତ୍ମାକୁ ଜାଣିବାରେ ଗୀତାଶ୍ଳୋକର ବାସ୍ତବିକତା ବହିର୍ଗତ ହୋଇଥାଏ । ଆତ୍ମା ବିଷୟ ଲେଖାଯାଇଥିବା ଏହିଗ୍ରନ୍ଥ ଗୀତାକୁ ନୂଆ ଜନ୍ମ ଦେଇଛି ବୋଲି କହିପାରିବା । ସେଥିଲାଗି ଅନସୂୟା ଭାବରେ ବୁଝନ୍ତୁ । ଭାବବିଭେଦ ଥିବା ଆଉଏକ ଶ୍ଳୋକର ବ୍ୟଖ୍ୟା ଦେଖନ୍ତୁ ।

୮) **ଶ୍ଳୋକ,୨୫ : ଯାନ୍ତି ଦେବବ୍ରତାନ୍ ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।**
**ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ଯାଜିନୋଽପି ମାମ୍ ॥**
**(ପରମାତ୍ମା)**

**ଭାବାର୍ଥ :** ଯେଉଁମାନେ ଦେବତାପୂଜା କରନ୍ତି ସେମାନେ ଦେବତାଗଣ ମଧ୍ୟରେ ଜନ୍ମଗ୍ରହଣ କରିବେ । ଯେଉଁମାନେ ଭୂତ-ପ୍ରେତାଦି ପୂଜା କରନ୍ତି ସେମାନେ ସେହି ସମାଜରେ ଜନ୍ମଗ୍ରହଣ କରିବେ । ଯେଉଁମାନେ ପିତୃ ପୁରୁଷଙ୍କୁ ପୂଜା କରନ୍ତି ସେମାନେ ମଧ୍ୟ ପିତୃପୁରୁଷଙ୍କ ନିକଟକୁ ଯିବେ, କିନ୍ତୁ ଯେଉଁମାନେ ମୋତେ ପୂଜା କରନ୍ତି ସେମାନେ ମୋତେ ପାଇବେ ।

**ବିବରଣୀ :** ସମସ୍ତ ଆରାଧକଙ୍କୁ ମିଶାଇ ଚାରି ପ୍ରକାରର କହିପାରିବା । **୧) ଦେବତା ଆରାଧକ ୨) ପିତୃପୁରୁଷ ଆରାଧକ ୩) ଜୀବରାଶି ଆରାଧକ ୪) ପରମାତ୍ମା ଆରାଧକ,** ଏମାନଙ୍କ ଭିତରେ ଦେବତା ଆରାଧକ ମାନଙ୍କୁ ଆମେ ସମସ୍ତେ ଦେଖିଛେ । ଏହି ଦେବତାମାନଙ୍କୁ ଆରାଧନା କରୁଥିବା ଲୋକମାନେ ଦେବତାମାନଙ୍କ ଭିତରେ କିପରି ଜନ୍ମ ଗ୍ରହଣ କରନ୍ତି ତାର ଏକ ଉଦାହରଣ ଲେଖୁଛୁ ଦେଖନ୍ତୁ । ଏକ ଗ୍ରାମରେ ଏକ ଭେଙ୍କଟେଶ୍ୱର ସ୍ୱାମୀଙ୍କ

ମନ୍ଦିର ଥିଲା ବୋଲି ଭାବିବା । ସେହି ଗ୍ରାମର ଜଣେ ବ୍ୟକ୍ତି ସବୁଦିନ ସେଠାକୁ ଯାଇ ଶ୍ରଦ୍ଧାର ସହିତ ପୂଜାକରି, ଅନ୍ୟାନ୍ୟ ଦେବତା ମାନଙ୍କଠାରୁ ତାଙ୍କୁ ଉନ୍ନତ ଭାବୁଥିଲା । ଏମିତି ସେ ଭକ୍ତି ଆଉ ଶ୍ରଦ୍ଧାର ସହିତ ପୂଜା କରୁ କରୁ ତାର ମରଣକାଳ ଆସନ୍ନହୋଇ ଦିନେ ସେ ମୃତ୍ୟୁବରଣ କଲା, ହେଲେ ତାର ପରଜନ୍ମ ମଣିଷମାନଙ୍କ ଭିତରେ ହେଲା ନାହିଁ, ତାର ମୋକ୍ଷ ମଧ୍ୟ ହୋଇନଥିଲା, ସେ ଏକ ମନ୍ଦିର ବିଗ୍ରହରେ (ମୂର୍ତ୍ତିରେ) ଜନ୍ମ ହେଲା । ଏକଥା ଆପଣମାନଙ୍କୁ ବିଚିତ୍ର ଲାଗୁଥିବ ହେଲେ ଏହା ସତ୍ୟ । କିପରିନା ! ପ୍ରତ୍ୟେକ ମନ୍ଦିରର ବିଗ୍ରହରେ ଏକ ଏକ ଜୀବ ଦେବତା ଭାବେ ବାସ କରିଥାଏ, ଭକ୍ତମାନଙ୍କ ପୂଜାକୁ ସ୍ୱୀକାର କରେ, ଭକ୍ତମାନେ କହୁଥିବା ନାମକୁ ନିଜର ନାମ ଭାବିଥାଏ, କିଛିକାଳ ପରେ ବାର୍ଦ୍ଧକ୍ୟରେ ପହଞ୍ଚି ସମସ୍ତଙ୍କ ଭଳି ଦିନେ ମୃତ୍ୟୁବରଣ କରିଥାଏ । ସାଧାରଣ ମଣିଷଠାରେ ଆସୁଥିବା ଶରୀରଦଶା ଭଳି ବିଗ୍ରହରେ ରହିଥିବା ଜୀବର ମଧ୍ୟ ନାନା ଶରୀର ଦଶା ଆସିଥାଏ । ମରଣ ପରେ ସେହି ଜୀବ କୁଆଡେ ଯାଏ ଆମେ ଜାଣିବା ଦରକାର ନାହିଁ, କିନ୍ତୁ ସେଠାରେ ଖାଲି ପଡିଥିବା ଦେବତା ବିଗ୍ରହରେ ଆଉଏକ ଜୀବ ଆସି ପ୍ରବେଶ କରିଥାଏ । ଏହିଭଳି ପ୍ରବେଶ କରିଥିବା ଜୀବ ସାଧାରଣ ମଣିଷ ଭଳି ପ୍ରାୟ ଏକଶହ ବର୍ଷ ପର୍ଯ୍ୟନ୍ତ ରହିପାରେ । ଆମକୁ ଛୋଟବେଳୁ ଡକାଯାଉଥିବା ନାମକୁ ଆମେ ଆମ ନାମ ଭାବିବା ଭଳି ବିଗ୍ରହର ଜୀବ ମଧ୍ୟ ଭକ୍ତ ଡାକୁଥିବା ନାମକୁ ନିଜର ନାମ ଭାବିଥାଏ । ଜନ୍ମ ପୂର୍ବରୁ କୌଣସି କୁଳ ମତ ନଥିବା ଜୀବ ତାର କୁଟୁମ୍ବ, ପରିବାରମାନଙ୍କ ଦ୍ୱାରା ମୋର କୁଳ, ଜାତି ଅମୁକ କହୁଥିବା ଭଳି ବିଗ୍ରହରେ ଥିବା ଜୀବ ସେଠାକୁ ଆସୁଥିବା ଭକ୍ତମାନେ ଇଷ୍ଟଦୈବ ଭାବରେ ଡାକୁଥିବା ନାମକୁ ନିଜର ନାମ ଭାବି ଭ୍ରମିତ ହୋଇଥାଏ । ଏହିଭଳି ଏକ ବିଗ୍ରହର ଜୀବ ଦେବତା ଭାବେ ପରିଗଣିତହୋଇ ଭକ୍ତମାନେ ତା ପାଖରେ କରିଥିବା ମାନସିକ ଅସୁଲ କରିଥାଏ । ତାଛଡା ସାଧାରଣ ମଣିଷ ଭଳି ଲୋଭାଗ୍ରସ୍ତ ହୋଇ ନିଜ ପାଇଁ ଭକ୍ତ କରିଥିବା ମାନସିକରୁ ଟଙ୍କାଟିଏ ବ୍ୟର୍ଥ ହୋଇନଯିବା ଭଳି ସତର୍କ ରହିଥାଏ । ଯଦି ତାର ଦାନହୁଣ୍ଡିରୁ କେହି କିଛିଟଙ୍କା ଚୋରିକରେ କିମ୍ବା ତାକୁ ଦେବି କହି ନଦେଇ ରହିଯାଏ ତେବେ, ସେ ଦେବତା ତାକୁ ନଛାଡି କୌଣସି ଏକ ଦୁଃଖ ଯନ୍ତ୍ରଣା ଦେଇଥାଏ, ତାହା ଲୋକଲୋଚନକୁ ଆସିବା ପରେ ସେହି

ବିଗ୍ରହର ଦେବତାକୁ ଅର୍ଥାତ୍ ସେ ଜୀବକୁ ଅନେକଲୋକ ଭୟକରନ୍ତି, ଭକ୍ତି ମଧ୍ୟ କରିଥାନ୍ତି, ସାକ୍ଷାତ୍ ଈଶ୍ୱର ଭାବିଥାନ୍ତି । ଦେବତାର କାର୍ଯ୍ୟକଳାପ ବାବଦରେ ଜାଣି ତାର ଧନ ଅପହରଣ କରିବା ବିପଦ ବରଣ କରିବା ଭଳି ହୋଇଥାଏ ଭାବି ଭୟ କରିଥାନ୍ତି । ଦେବାଳୟ ପ୍ରାଙ୍ଗଣରେ କୌଣସି ଭୁଲ୍ ହେଲେ ଦେବତା ସହ୍ୟ ନକରି କୌଣସି ଏକ ଦଣ୍ଡ ଦେଇଥାଏ । ସେଥିଲାଗି ସେଠାରେ କେହି କୌଣସି ଭୁଲ୍ ନ କରିବା ପାଇଁ ସତର୍କ ରହନ୍ତି । ଏଭଳି ସେହି ଜୀବ ସେହି ବିଗ୍ରହରେ କିଛିକାଳ ରହି ମୃତ୍ୟୁବରଣ କରିଥାଏ । ତା ସ୍ଥାନରେ ଆଉଏକ ଜୀବ ଆସି ପ୍ରବେଶ କରେ, ସେ ମଧ୍ୟ କିଛିକାଳ ପରେ ସେହି ଦେବତା ଭାବରେ ପରିଗଣିତ ହୋଇଥାଏ । ଏଭଳି ପୂର୍ବରୁ ଥିବା ଜୀବର ହାବଭାବ ସହିତ ନୂଆ ପ୍ରବେଶ କରିଥିବା ଜୀବର ହାବଭାବ ମେଳଖାଇ ନଥାଏ । ପୂର୍ବରୁ ଥିବା ଜୀବ କ୍ରୋଧୀ ଥିଲେ, ପରେ ଆସିଥିବା ଜୀବ କ୍ରୋଧୀ ନହୋଇ ସରଳ ହୋଇପାରେ, ତା ପ୍ରତି ଭକ୍ତର ଭୟ ଆଉ ପୂର୍ବଭଳି ରହି ନପାରେ । ଏହିଭଳି ବିଗ୍ରହରେ ପ୍ରବେଶ କରୁଥିବା ଜୀବ (ଦେବତା) ମାନଙ୍କ ଭିତରେ ନାନା ଭିନ୍ନତା ରହିଥାଏ । ଆମ ଅନୁଭବରେ ପ୍ରାୟ ୫୦/୬୦ବର୍ଷ ତଳେ ଏହିଭଳି କରିଥିବା ମାନସିକ ପୂରଣ କରିବା ପାଇଁ ଏକ ଭକ୍ତବୃନ୍ଦ ବଡ୍ଡିକାସୁଲାବାଡା (ସୁଧ ଅସୁଲକାରୀ) ନାମକ ଦେବତା ମନ୍ଦିରକୁ ଆସିଥିଲେ, ସେଦିନ ସେ ଦେବତାର ହୁଣ୍ଡିରେ ପଇସା ପକାଇବା ବେଳେ ଗୋଟିଏ ୧୪ବର୍ଷର ବାଳକ ସବୁପଇସା ହୁଣ୍ଡିରେ ନପକାଇ ତା ପାଖରେ କିଛି ଲୁଚାଇ ରଖିଦେଇଥିଲା । ସେହି ବାଳଭକ୍ତର ବୟସ କମ୍ ହୋଇଥିବା କାରଣରୁ ସେ ଜାଣିନଜାଣି ଛୋଟ ଭୁଲ୍ କରିଦେଇଥିଲା ବୋଲି ଭାବିପାରିବା, ସେ ସେହି ପଇସା ତାର ପିନ୍ଧା ସାର୍ଟ କାଲର ଭିତରେ ରଖିଦେଇଥିଲା । ସମସ୍ତେ ମନ୍ଦିରରୁ ବାହାରକୁ ଆସିବା ପରେ ସେହି ମନ୍ଦିର ପରିସରରେ ଏକାଠି ଖାଇବା ପାଇଁ ବସିଲେ । ସେ କାଳରେ ଆଜିଭଳି ହୋଟେଲ୍ ସୁବିଧା ନଥିଲା । ଠିକ୍ ସେତିକି ବେଳେ ସେ ବୃନ୍ଦରେ ସେମାନଙ୍କ ସହିତ ଆସିଥିବା ୧୪ବର୍ଷର ବାଳକ ହଠାତ୍ ଥରିବାକୁ ଲାଗିଲା, ତା ତୁଣ୍ଡରୁ ଖାଲି ଗୋଟିଏ ବାକ୍ୟ ବାହାରୁଥାଏ । ସେ ବାରମ୍ବାର "ନା ମୂଡୁ ବୋଟ୍ଲୁ ନାକୁ ଇଵୁ" (ମୋ ଦଶ ପଇସା ମୋତେ ଦେ.) ବୋଲି କହୁଥାଏ । ପିଲାଟି ଖୁବ୍ ଭଲ ଥିଲା, ହଠାତ୍ ଏମିତି ଥରୁଛି କାହିଁକି ବୋଲି ସମସ୍ତେ ଆଶ୍ଚର୍ଯ୍ୟ

ହେଉଥାନ୍ତି, ସେହି ସମୟରେ ଭକ୍ତବୃନ୍ଦରେ ଥିବା ରମଣାନନ୍ଦ ସ୍ୱାମୀ ସେ ପିଲା ଏଭଳି "ମୋ ଦଶ ପଇସା ମୋତେ ଦେ.." କହିବାର କାରଣ କ'ଣ ହୋଇ-ପାରେ ବୋଲି ଟିକିଏ ଆଲୋଚନା କଲେ । ତାପରେ ତା ଦେହରେ ବୋଧହୁଏ କେହି ସୂକ୍ଷ୍ମରୂପୀ ପ୍ରବେଶ କରିଛି ବୋଲି ନିର୍ଦ୍ଧାରଣ କରି, "ତୁ କିଏ ? ମୋ ଦଶ ପଇସା ମୋତେ ଦେ ବୋଲି କାହିଁକି କହୁଛୁ ?'' ବୋଲି ପଚାରିଲେ, ସେ ତାଙ୍କ କଥାକୁ ଖାତିରି କଲା ନାହିଁ, ପ୍ରଶ୍ନର ଜବାବ ଦେଲା ନାହିଁ । ସେହିଭଳି ଥରୁଥିବାରୁ ତାକୁ କେଇଜଣ ଧରିଥାନ୍ତି, ସେ ସେହି ଗୋଟିଏ କଥା "ମୋ ଦଶ ପଇସା ମୋତେ ଦେ." ବୋଲି କହୁଥାଏ । ରମଣାନନ୍ଦଙ୍କୁ ଗୋଟିଏ ଉପାୟ ଦେଖାଗଲା, ସାଙ୍ଗେ ସାଙ୍ଗେ ସେ ସେହି ପିଲାର ପିନ୍ଧାବସନ ଖୋଜିଲେ । ପିଲାଟି ଭେଙ୍କଟେଶ୍ୱରଙ୍କ ଦାନହୁଣ୍ଡିରେ ପକାଇବା ପାଇଁ ଘରୁ କିଛି ପଇସା ନେଇ ଆସିଥିଲା, ବୋଧହୁଏ ସେ ସେଥିରୁ କିଛି ରଖିଦେଇଛି କି ? ବୋଲି ରମଣାନନ୍ଦ ସନ୍ଦେହ କରିଥିଲେ, ତାଙ୍କ ସନ୍ଦେହ ଠିକ୍ ହେଲା । ପିଲାଟି ହୁଣ୍ଡିରେ ସବୁପଇସା ନପକାଇ ପିନ୍ଧିଥିବା ଅଙ୍ଗୀକାନିରେ କିଛି ପଇସା ବାନ୍ଧି ରଖିଥିବା ଦେଖିଲେ, ଖୋଲି ଦେଖିଲେ ସେ ସେଥିରେ ଦଶପଇସା ବାନ୍ଧି ରଖିଛି ।

ପିଲାର ଅଙ୍ଗୀରୁ ଦଶପଇସା ପାଇବା ପରେ ରମଣାନନ୍ଦ ସ୍ୱାମୀ ଭେଙ୍କଟେଶ୍ୱର (ସୁଧ ଅସୁଲକାରୀ)ଙ୍କୁ ପ୍ରାର୍ଥନା କରି, "ହେ ପ୍ରଭୁ ! କ୍ଷମାକର, ଇଏ ଛୋଟପିଲା, ଜାଣିନଜାଣି ଭୁଲ୍ କରିଦେଇଛି, ଆପଣଙ୍କ ଦଶପଇସା ସାଥିରେ ଆମେ ଆଉ ଦଶ ପଇସା ସୁଧ ମିଶାଇ ଦେବୁ, ତାର ଦୋଷ ଧର ନାହିଁ" କହିବା ପରେ ସେ ପିଲାର ଦେହଥରିବା ବନ୍ଦହେଲା, ପିଲାଟି ଯଥା ସ୍ଥିତିକୁ ଆସିଲା, ସେମାନେ ଆଉ ବିଳମ୍ବ ନକରି ଦାନହୁଣ୍ଡିରେ କୋଡିଏ ପଇସା ନେଇ ପକାଇଲେ । ଏଭଳି ସେମାନେ କୋଡିଏ ପଇସା ଦାନହୁଣ୍ଡିରେ ପକାଇଥିଲେ ମଧ୍ୟ, ସେ ପିଲା ଦେହରେ ଭେଙ୍କଟେଶ୍ୱର ସ୍ୱାମୀ ଆସିବାରେ, ଯେଉଁ ଦେହଥରା ଦେଖାଦେଇଥିଲା, ତାହା ଆଜୀବନ ରହିଗଲା, ତାର ଜୀବନକୁ ଦୁର୍ଭର ଜୀବନ କରିଦେଲା । ଚାଲିଲା ବେଳେ ତାର ଦେହ ଥରୁଥିବାରୁ ସେ ଇଚ୍ଛା କରୁଥିବା ଜାଗାରେ ପାଦ ପକାଇ ପାରୁନଥିଲା । ତେଣୁ ଚାଲିଲେ ପଡିଯିବା ବିପଦ ଥିଲା, ସେ ସମସ୍ତଙ୍କ ଭଳି କୌଣସି କାର୍ଯ୍ୟ କରିପାରିଲା ନାହିଁ ।

ସେହି ପ୍ରତିମାରେ ଥିବା ଜୀବଟି ମଣିଷ ଅପେକ୍ଷା ଧନ ଉପରେ ଅଧିକ ଆଶାରଖି ସେହି ପିଲାର ଜୀବନ ସର୍ବନାଶ କରିଦେଲା । କିଛିଦିନ ପରେ ସେହି ଦେବତା ମୃତ୍ୟୁବରଣ କରିବା ପରେ ସେହି ପ୍ରତିମାରେ ଆଉଏକ ଜୀବ ଆସି ସେହି ଦେବତା ନାମରେ ରହୁଛି, ସେ ପୂର୍ବରେ ଥିବା ଦେବତା ଭଳି ଛୋଟ ଛୋଟ କଥାକୁ ଧରୁନାହିଁ । ଏହିଭଳି ଗୋଟିଏ ବିଗ୍ରହରେ ଦୁଇଜଣ ଭିନ୍ନ ଭିନ୍ନ ସମୟରେ ରହିପାରୁଥିଲେ ମଧ୍ୟ ସେମାନଙ୍କର ହାବଭାବ ଭିନ୍ନ ଭିନ୍ନ ହୋଇଥାଏ । ମୋଟାମୋଟି ଭାବରେ ଏଇ କଥାଟି କହିବାର ଉଦ୍ଦେଶ୍ୟ ହେଉଛି ! ଆପଣମାନେ ଏହା ବୁଝନ୍ତୁ କି, ଦେବତାମାନଙ୍କ ପୂଜା କରୁଥିବା ଲୋକେ ଦେବତା ଲୋକରେ ଜନ୍ମ ହୁଅନ୍ତି ଅର୍ଥାତ୍ ସେମାନେ କୌଣସି ବିଗ୍ରହରେ ଜନ୍ମହୋଇ ଦେବତା ଭାବରେ ପରିଗଣିତ ହୋଇଥାନ୍ତି ।

ବର୍ଷକୁ ଥରେ ଆସିଥାଏ ପିତୃ-ପୁରୁଷଙ୍କ ଶ୍ରାଦ୍ଧ । ସେଦିନ ସେମାନଙ୍କ ପୂଜା କରାଯାଇଥାଏ, ନୂଆବସ୍ତ୍ର ଅର୍ପଣ କରାଯାଇଥାଏ । କେତେକ କେବଳ ଏହି ପୂଜା ବର୍ଷକୁ ଥରେ କରିବା ବ୍ୟତୀତ ଆଉ କାହାର ପୂଜା କରି ନଥାନ୍ତି କି ମନ୍ଦିର ଯାଇନଥାନ୍ତି । ଏହିଭଳି ପିତୃ-ଦେବତା ମାନଙ୍କୁ ଉନ୍ନତମାନର ଭକ୍ତି ସହିତ ପୂଜା କରୁଥିବା ଲୋକମାନେ, ମୃତ୍ୟୁବରଣ କରିବା ପରେ ପରଜନ୍ମକୁ ନଯାଇ, ପିତୃଦେବତା ଭାବରେ ବଦଳି, ସେମାନଙ୍କ ଉତ୍ତରାଧିକାରୀମାନେ ଦେଉଥିବା ଶ୍ରାଦ୍ଧ, ଏବଂ ବସ୍ତ୍ରକୁ ସ୍ୱୀକାର କରିଥାନ୍ତି । ଯଦି ସେମାନଙ୍କୁ ପୂଜା କରାନଯାଏ ତେବେ, ସେମାନେ କେଉଁଠି କେମିତି କାହା ଶରୀରରେ ଆସି ମୋ ପୂଜାରେ ଅବହେଳା କରିଛ, ଅତିକମ୍‌ରେ ମୋତେ ବର୍ଷକୁ ଥରେ ନଡିଆଟିଏ ମଧ୍ୟ ଦେଉନାହଁ ବୋଲି ମାଗୁଥିବା ସୂକ୍ଷ୍ମ ପିତୃଦେବତା ମଧ୍ୟ ଥାଆନ୍ତି । ଦେବତାଲୋକ ଅପେକ୍ଷା ପିତୃଲୋକରେ ଜନ୍ମହେବା ନିକୃଷ୍ଟ ଧରଣର ଜନ୍ମ ବୋଲି କହିପାରିବା । କାରଣ ବିଗ୍ରହରେ ଥିବା ଦେବତାର ଅନେକ ଭକ୍ତ ଥିବା ସ୍ଥଳେ, ପିତୃ-ପୁରୁଷର କେବଳ ଉତ୍ତରାଧିକାରୀ ବର୍ଷକୁ ଥରେମାତ୍ର ଭକ୍ତ ହୋଇ ଥାଏ ।

ଯେଉଁମାନେ ଭୂତମାନଙ୍କୁ ପୂଜା କରିଥାନ୍ତି ସେମାନେ ଭୂତମାନଙ୍କୁ ପାଇଥାନ୍ତି ବୋଲି ମଧ୍ୟ କହିଛନ୍ତି । ଭୂତମାନେ କହିଲେ ଜୀବରାଶି । ମାନବ

ବିଭିନ୍ନ ପ୍ରକାରର ଭୂତମାନଙ୍କୁ ପୂଜା କରିଥାଏ । ଏହା ନିଶ୍ଚୟ ବାସ୍ତବ କଥା ବୋଲି କହିପାରିବା । ଗାଈ, ବଳଦ, ନାଗସାପ, କୁକୁର, ନନ୍ଦିଶ୍ୱର ନାମକ ଷଣ୍ଢ, ଛଞ୍ଚାଣ, ସେହିଭଳି ଅରଖ, ନିମ୍ବ, ଅଶ୍ୱସ୍ଥ ଗଛ ଇତ୍ୟାଦି ଗୋଟିଏ ଗୋଟିଏ ଅଞ୍ଚଳରେ, ଗୋଟିଏ ଗୋଟିଏ ପ୍ରକାରର ଜୀବରାଶି କିମ୍ବା ବୃକ୍ଷାଦିଙ୍କୁ ମଣିଷ ପୂଜା କରୁଥିବା ଆମେ ସ୍ପଷ୍ଟ ଭାବରେ ଜାଣିଛେ । ଏଭଳି ନାନା ଜୀବରାଶିଙ୍କୁ ପୂଜା କରିବା ଦ୍ୱାରା ଶେଷରେ ସେହି ଜନ୍ତୁ କିମ୍ବା ଗଛହୋଇ ଜନ୍ମ ହୋଇଥାନ୍ତି, ସେଥିଲାଗି ଭୂତମାନଙ୍କୁ ପୂଜା କରୁଥିବା ଲୋକମାନେ ଭୂତହୋଇ ଜନ୍ମ ହୋଇଥାନ୍ତି ବୋଲି କହିଛନ୍ତି ।

ଦେବତା ମାନଙ୍କୁ, ପିତୃ-ଦେବତା ମାନଙ୍କୁ, ଜୀବରାଶିଙ୍କୁ ପୂଜା ନକରି ପରମାତ୍ମାଜ୍ଞାନ ଜାଣି, ମନରେ କୌଣସି ଅନ୍ୟ ଚିନ୍ତା ନରଖି ଯୋଗ ପଦ୍ଧତି ଅନୁସରଣ କରିବା ଦ୍ୱାରା ପରମାତ୍ମା ମିଳିଥାନ୍ତି, ଯେଉଁମାନଙ୍କୁ ପରମାତ୍ମା ମିଳିଯାଆନ୍ତି ସେମାନଙ୍କର ଆଉ ଜନ୍ମ ନଥାଏ ।

**୮) ଶ୍ଲୋକ,୨୬ : ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।**
**ତଦହଂ ଭକ୍ତ୍ୟୁପହୃତଂ ଅଶ୍ନାମି ପ୍ରୟତାତ୍ମନଃ ॥**
**(ପରମାତ୍ମା)**

**ଭାବାର୍ଥ :** ପତ୍ର, ଫୁଲ, ଫଳ ଶେଷରେ ଜଳକୁ ମଧ୍ୟ ଯିଏ ମୋତେ ଭକ୍ତିର ସହିତ ଅର୍ପଣ କରିଥାଏ, ଅର୍ଥାତ୍ ପବିତ୍ର ଆତ୍ମାଙ୍କୁ ଭକ୍ତି ପୂର୍ବକ ଯାହା ସମର୍ପଣ କରାଯାଇଥାଏ ମୁଁ ତାହାକୁ ସ୍ୱୀକାର କରିଥାଏ ।

**ବିବରଣୀ :** ଗୋଟିଏ ଘରେ ଛଅଜଣ ବ୍ୟକ୍ତି ଅଛନ୍ତି । ସେମାନଙ୍କ ନାମ କ୍ରମାନ୍ୱୟରେ ୧) ଲିଙ୍ଗା ୨) ରଙ୍ଗା ୩) ଭୀମା ୪) ସୋମା ୫) ରାମା ୬) ଭେଙ୍କଟରାମା । ଏମାନଙ୍କୁ ଚିହ୍ନି ଡାକିବା ପାଇଁ ଏହିଭଳି ଛଅଗୋଟି ନାମ ସେମାନଙ୍କର ଦିଆଯାଇଛି । ରାମାକୁ ଡାକିଲେ ରାମା ଆସିଥାଏ । ରଙ୍ଗାକୁ ଡାକିଲେ ରଙ୍ଗା ଆସିଥାଏ । ତା'ନହୋଇ ରାମାକୁ ଡାକିଲେ ଲିଙ୍ଗା ଆସିନଥାଏ କି ଲିଙ୍ଗାକୁ ଡାକିଲେ ସୋମା ଆସିନଥାଏ । ଏମିତି ଜଣକୁ ଡାକିଲେ ଯଦି ଆଉଜଣେ ଆସନ୍ତି ତେବେ ସେମାନଙ୍କୁ ପାଗଳାମି ଧରିଛି ବୋଲି ଆମେ ଭାବି ପାରିବା, ଏମାନଙ୍କ

ଭଳି ଶରୀର ନାମକ ଘରେ ୧) ମନ ୨) ବୁଦ୍ଧି ୩) ଚିତ୍ତ ୪) ଅହମ୍ ୫) ଭୂତ (ଜୀବ) ୬) ତତ୍ତ୍ୱ (ଆତ୍ମା) ଭାବରେ ନାମିତ ହୋଇଥିବା ପାତ୍ରମାନେ ଅଛନ୍ତି, ଯାହା ନାମଧରି ଯାହାକୁ ଡାକିଲେ ଯଦି ସେ ଶୁଣେ ତେବେ ଦୁଃଖ ନାହିଁ, କିନ୍ତୁ ଜଣକୁ ଡାକିଲେ ଯଦି ଆଉଜଣେ ଆସେ ତେବେ ସେଭଳି ଲୋକମାନଙ୍କୁ ନିର୍ବୋଧ ବା ଓଲା କହିପାରିବା । ଏଠାରେ ଶୁଣିବା ଲୋକ ଠିକ୍‌ଥାଇ, ଡାକିବା ଲୋକ ଆଉ ଜଣକର ନାମନେଇ ଅନ୍ୟଜଣକୁ ଡାକିଲେ ଡାକିବା ଲୋକଟି ମଧ୍ୟ ବୁଦ୍ଧିହୀନ ବୋଲି କହିପାରିବା । ଏସବୁ କାହିଁକି କହୁଛୁ କି ! ଏହି ଶ୍ଳୋକର ଭାବାର୍ଥରେ ଠିକ୍ ଏହିଭଳି ଲେଖାଯାଇଛି । **ପ୍ରୟତାତ୍ମନଃ** ନାମକ ବାକ୍ୟାଂଶକୁ ଜଣେ ପରିଶୁଦ୍ଧ ବୁଦ୍ଧି ବୋଲି କହିବା ବେଳେ, କେହି ପବିତ୍ରମନ କହିଛନ୍ତି ତ ପୁଣି କେହି ଶୁଦ୍ଧଚିତ୍ତ ବୋଲି କହିଛନ୍ତି । ଶରୀରରେ ରହିଥିବା ତତ୍ତ୍ୱ ଅଲଗା, ଶରୀରରେ ରହିଥିବା ବୁଦ୍ଧି ଅଲଗା, ମନ ମଧ୍ୟ ଅଲଗା । ଏଭଳି ସମସ୍ତେ ଅଲଗା ଅଲଗା ହୋଇଥିବା ବେଳେ, ଶ୍ଳୋକରେ ପ୍ରୟତାତ୍ମନଃ ବୋଲି ସ୍ୱଷ୍ଟ ଭାବରେ ଶରୀରରେ ରହିଥିବା ଆତ୍ମା ବା ତତ୍ତ୍ୱ ବାବଦରେ କୁହାଯାଇଛି, କିନ୍ତୁ ତାହା ସଠିକ୍ ନବୁଝି ଜଣେ ତାକୁ ମନ, ଆଉଜଣେ ବୁଦ୍ଧି, ଆଉ କେହି ଚିତ୍ତ କହିଲେ ସେମାନଙ୍କୁ ପାଗଳାମି ଧରିଛି କହିବା ନାହିଁ ତ ଆଉ କ'ଣ କହିବା ? ପ୍ରୟତାତ୍ମନଃର ଅର୍ଥ ଆତ୍ମା । ଆତ୍ମାକୁ ଛାଡି ଅନ୍ୟ କଥା କହିବା ଭୁଲ୍ ହୋଇଥାଏ, ସେଥିପାଇଁ ଏହିଭଳି ଥିବା କଥାଗୁଡିକୁ ଦେଖି ହେତୁବାଦୀମାନେ ଆଧ୍ୟାତ୍ମିକ, ଆତ୍ମା...ଇତ୍ୟାଦି ସବୁ ବେକାର କଥା ବୋଲି କହୁଛନ୍ତି ।

ପତ୍ରଂ,ପୁଷ୍ପଂ,ଫଳଂ,ତୋୟଂ ଏହି ଜିନିଷ ଗୁଡିକ ଭିତରୁ ପରମାତ୍ମାଙ୍କର କୌଣସି ଗୋଟିଏ ମଧ୍ୟ ଆବଶ୍ୟକ ନାହିଁ; ତଥାପି ଏହି ନାମଗୁଡିକ କହିବାରେ ବୋଧହୁଏ କିଛି ବିଶେଷତା ରହିଛି ବୋଲି ଭାବିବା ଉଚିତ୍, କିନ୍ତୁ କେହି ବିଚାର କରି ନାହାନ୍ତି । ତୋୟ କହିଲେ ଜଳ, ପତ୍ର କହିଲେ ପର୍ଣ୍ଣ, ପୁଷ୍ପ କହିଲେ ଫୁଲ ସେହିଭଳି ଆଉଗୋଟିଏ ଜିନିଷ ହେଲା ଫଳ, ଏହି ୪ଗୋଟି ଜିନିଷ ଗଛରେ ଥାଏ । ସାଧାରଣତଃ ପତ୍ର ଗଛରେ ଏକବର୍ଷ ପର୍ଯ୍ୟନ୍ତ ରହି ଝଡି ଯାଇଥାଏ । ଫଳ କିଛିଦିନ ରହି ଝଡି ଯାଇଥାଏ । ଫୁଲ ମାତ୍ର ଗୋଟିଏ କିମ୍ବା ଦୁଇ ଦିନ ରହିଥାଏ, କିନ୍ତୁ ଏହି ତିନି ଜିନିଷରେ ମିଶି ରହିଥାଏ ଜଳ । ଏହିଭଳି ଦିନେ ରହୁଥିବା ଫୁଲ, କିଛିଦିନ ରହୁଥିବା ଫଳ, ଏକବର୍ଷ ରହୁଥିବା ପତ୍ର ଆଉ ଶାଶ୍ୱତ

ଭାବରେ ରହୁଥିବା ଜଳ ଭିତରୁ ଅଶାଶ୍ୱତ ଜିନିଷ ତିନିଗୋଟି ଥିବାବେଳେ, ଶାଶ୍ୱତ ଭାବରେ ଥିବା ଜିନିଷ ଗୋଟିଏ ରହିଥାଏ ବୋଲି ଜାଣିହୁଏ । ଅଶାଶ୍ୱତ ହୋଇଥିବା ଜିନିଷଗୁଡିକ ଯାହା କହିଛନ୍ତି ତାହା ଚର ପ୍ରକୃତିର । ସେହିଭଳି କହିଥିବା ଶାଶ୍ୱତ ଜିନିଷ ଜଳ ଅଚର ପ୍ରକୃତିର । ଠିକ୍ ଏହିଭଳି ଆମ ଶରୀରରେ କିଛି ବ୍ୟବଧାନରେ ବଦଳୁଥିବା ଅଶାଶ୍ୱତ ଜିନିଷ ହେଉଛି ତିନି ଗୁଣଭାଗ । ତାଛଡା କେବେ ବଦଳୁନଥିବା ଶାଶ୍ୱତ ଜିନିଷ ଆତ୍ମାଭାଗ ମଧ୍ୟ ଗୋଟିଏ ରହିଛି । ତିନି ଗୁଣଭାଗରେ ଥିବା ସାତ୍ତ୍ୱିକ, ରାଜସିକ, ତାମସିକ ନାମକ ଜୀବ ବିନାଶଶୀଳ (ସାତ୍ତ୍ୱିକ, ରାଜସାଦି ପଦରୁ ବିନାଶ), ଯାହା ଦିନେନା ଦିନେ ନିଶ୍ଚୟ ବିନାଶ ହୋଇଥାଏ ଏବଂ ଯାହା ଅଶାଶ୍ୱତ । ଯେଉଁ ଜୀବ ଆତ୍ମା ଭାଗରେ ଥାଏ ସେ ବିନାଶ ହେଉନଥିବା ଶାଶ୍ୱତ । (ଅର୍ଥାତ୍ ଗୁଣ ବଦଳିଥାଏ, ଆତ୍ମା ବଦଳିନଥାଏ) । ଅଶାଶ୍ୱତ ଗୁଣଭାଗ ଏବଂ ଶାଶ୍ୱତ ଯୋଗଭାଗକୁ ମଧ୍ୟ ଛାଡିଥିବା ବ୍ୟକ୍ତି ମୋ ପାଖରେ ପହଞ୍ଚି ପାରିଥାଏ ବୋଲି ଏହି ଶ୍ଳୋକରେ କୁହାଯାଇଛି ।

ଗଭୀର ଭାବରେ ବିଚାର ନକଲେ ଏହି ଶ୍ଳୋକ ଭିନ୍ନ ଅର୍ଥରେ ବୁଝାପଡି ପତ୍ର, ଫଳ, ଫୁଲ, ଜଳ ଇତ୍ୟାଦି ସ୍ଥୁଳ ଭାବାର୍ଥ ହିଁ ଦେଖାଯାଇଥାଏ ଏବଂ ନିଗୁଢାର୍ଥ ଲୁଚିଯାଇଥାଏ । ଏଠାରେ ଆମେ ଟିକିଏ ହେତୁବାଦୀ ହୋଇ କେତେଗୋଟି ପ୍ରଶ୍ନ କରି ଦେଖିବା ଉଚିତ୍ । ୧) ଏଠାରେ ମାତ୍ର ଚାରିଗୋଟି ଜିନିଷକୁ କାହିଁକି ଉପସ୍ଥାପନ କରିଛନ୍ତି ? ୨) ଏହି ସମସ୍ତ ଜିନିଷ କେବଳ ଗଛରୁ ମିଳୁଥିବାର ଜଣାଯାଏ, ତେବେ କେବଳ ଗଛରୁ ମିଳୁଥିବା ଜିନିଷଗୁଡିକ କାହିଁକି ଉପସ୍ଥାପନା କରିଛନ୍ତି ? ୩) ଚତୁର୍ଥତମ ହୋଇଥିବା ଜଳ ଏବଂ ଜଳଯୁକ୍ତ ପତ୍ର, ଜଳଯୁକ୍ତ ଫୁଲ, ଜଳଯୁକ୍ତ ଫଳକୁ କେବଳ କାହିଁକି ମାଗିଛନ୍ତି ? ୪) ଆମ ଧନ, ଧାନ୍ୟ, ବସ୍ତୁ, ବାହାନାଦିକୁ ନମାଗି କେବଳ ପତ୍ର, ଫଳ, ଫୁଲ, ଜଳକୁ କାହିଁକି ମାଗିଛନ୍ତି ? ୫) କୌଣସି ଗଛନଥିବା ଜାଗାରେ ଥିବା ମଣିଷକୁ ଏସବୁ ମିଳିବା ମଧ୍ୟ କଷ୍ଟ ! ଏସବୁ ଅପେକ୍ଷା ତାକୁ ପ୍ରଚୁର ପରିମାଣରେ ସେଠାରେ ମିଳୁଥିବା ମାଟି ମାଗି ପାରିଥାନ୍ତେ ! ମୋତେ ମାଟି ଟିକିଏ ଦିଏ ବୋଲି କାହିଁକି ମାଗି ନାହାନ୍ତି ? ଏହିଭଳି ନାନା ପ୍ରକାର ପ୍ରଶ୍ନ ନକଲେ ଈଶ୍ୱରଙ୍କ ବାସ୍ତବ ଉଦ୍ଦେଶ୍ୟ କ'ଣ ଅଛି ଆମେ ଜାଣିପାରିବା ନାହିଁ । ଏବେ ଏହି ପ୍ରଶ୍ନଗୁଡିକର ସମାଧାନ ଦେଖିବା ।

**୧) ଏଠାରେ ମାତ୍ର ଚାରିଗୋଟି ଜିନିଷକୁ କାହିଁକି ଉପସ୍ଥାପନା କରିଛନ୍ତି ?**

**ସମାଧାନ :-** ଯିଏ ମୋକ୍ଷ କାମନା କରି ଈଶ୍ୱରଙ୍କୁ ପ୍ରଣାମ ଜଣାଇଥାଏ ସେ ସମର୍ପଣ କରିବା ପାଇଁ ତା ପାଖରେ କେବଳ ଏହି ଚାରିଗୋଟି ଜିନିଷ ଥାଏ ବୋଲି କହି ପାରିବା । ପରମାତ୍ମାରେ ଐକ୍ୟ ହେବା ପାଇଁ ବା ମୋକ୍ଷ ନାମକ ପଞ୍ଚମସ୍ଥାନକୁ ଯିବାପାଇଁ ମଣିଷକୁ ଚାରିଗୋଟି ସ୍ଥାନ ଛାଡିବାକୁ ପଡିଥାଏ । ତେଣୁ କେବଳ ସେହି ଚାରିଗୋଟିକୁ ମାଗିଛନ୍ତି ।

**୨) ଏହି ସମସ୍ତ ଜିନିଷ କେବଳ ଗଛରୁ ମିଳୁଥିବାର ଜଣାଯାଏ, ତେବେ କେବଳ ଗଛରୁ ମିଳୁଥିବା ଜିନିଷଗୁଡିକ କାହିଁକି ଉପସ୍ଥାପନା କରିଛନ୍ତି ?**

**ସମାଧାନ :-** ଈଶ୍ୱରଙ୍କୁ ଯାହାସବୁ ଅର୍ପଣ କରାଯାଏ ତାହାସବୁ ଆରାଧକ ଠାରେ ଥିବା ଉଚିତ୍ । ଯାହା ମଣିଷଠାରେ ରହିଥାଏ ତାର ସମତୁଲିତ ଜିନିଷ ଗଛର ଥାଏ । ମଣିଷଠାରେ ଶାଶ୍ୱତ ଅଶାଶ୍ୱତ ଜିନିଷ ଦୁଇ ପ୍ରକାରର ଥିବାଭଳି ଅଶାଶ୍ୱତ ପତ୍ର, ଫୁଲ, ଫଳ ବ୍ୟତୀତ ଶାଶ୍ୱତ ଜଳ ମଧ୍ୟ ଗଛରେ ଅର୍ଥାତ୍ ଗଛର ପତ୍ର, ଫୁଲ, ଫଳରେ ଥାଏ । ସେଥିଲାଗି କେବଳ ଗଛରେ ଥିବା ଜିନିଷଗୁଡିକ ଶ୍ଳୋକରେ ଉପସ୍ଥାପନା କରିଛନ୍ତି ।

**୩) ଚତୁର୍ଥତମ ହୋଇଥିବା ଜଳଯୁକ୍ତ ପତ୍ର, ଜଳ ସଲଗ୍ନ ଫୁଲ, ଜଳ ଥିବା ଫଳକୁ କାହିଁକି ଉପସ୍ଥାପନା କରିଛନ୍ତି ?**

**ସମାଧାନ :-** ମଣିଷର ତିନି ଗୁଣଭାଗ ରହିଥାଏ । ସେହିଭଳି ଗୁଣାତୀତ ଭାଗ ମଧ୍ୟ ଗୋଟିଏ ରହିଥାଏ । ତିନି ଗୁଣଭାଗରେ ଗୋଟିଏ ଶକ୍ତି ବ୍ୟାପି ରହିଛି । ଦେଖାନଯାଇ ବ୍ୟାପି ରହିଥିବା ସେହି ଶକ୍ତି ସାରା ଶରୀରର ଆଧାର ହୋଇ ଶରୀରକୁ ଚଳପ୍ରଚଳ କରାଇ ପାରୁଥିବା ଚୈତନ୍ୟ ହୋଇ ରହିଥାଏ । ସେହି ଚୈତନ୍ୟ ବା ଆତ୍ମାଶକ୍ତି ତିନି ଗୁଣଭାଗ ମଧ୍ୟରେ ଥିବା ଚତୁର୍ଥ ସ୍ଥାନରେ ରହି ତିନି ସ୍ଥାନର ଆଧାର ହୋଇ ରହିଥାଏ । ଯେମିତି ପତ୍ରରେ, ଫୁଲରେ, ଫଳରେ ଜଳ ଭରି ରହିଥାଏ ସେହିଭଳି ମଣିଷର ସାତ୍ତ୍ୱିକ, ରାଜସ, ତାମସ ନାମକ ଗୁଣଭାଗ ଗୁଡିକରେ ମଧ୍ୟ ଆତ୍ମା ବ୍ୟାପି ରହିଥାଏ । ସାରା ଗଛରେ

ଜଳ ବ୍ୟାପିରହିଥିବା ଭଳି ସାରା ଶରୀରରେ ଆତ୍ମା ଜଳ ଭଳି ବ୍ୟାପିରହିଛି । ସେଥିଲାଗି ଗଛରେ ଥିବା ପତ୍ର, ଫୁଲ, ଫଳକୁ ମାଗିଛନ୍ତି ।

**୪) ଆମ ଧନ, ଧାନ୍ୟ, ବସ୍ତୁ, ବାହାନାଦିକୁ ନମାଗି କେବଳ ପତ୍ର, ଫଳ, ଫୁଲ, ଜଳକୁ କାହିଁକି ମାଗିଛନ୍ତି ?**

**ସମାଧାନ :-** ଈଶ୍ୱର ମାଗିଲେ କେତେ ମୂଲ୍ୟବାନ ବସ୍ତୁ ଇତ୍ୟାଦି ଦେବାକୁ ପଛାଉ ନଥିବା ମଣିଷ ଭୂପୃଷ୍ଠରେ ଥିବାବେଳେ, ମାଗିବା ଆଗରୁ କୋଟି କୋଟି ଟଙ୍କା, ମୂଲ୍ୟବାନ ହୀରା ଇତ୍ୟାଦି ହୁଣ୍ଡିରେ ପକାଇ ଦେଉଥିବା ଦେଖିବାକୁ ମିଳେ । ହେଲେ ସେ (ଈଶ୍ୱର) ଯଦି ମାଗିଲେ କିଛି ବଡ ଜିନିଷ ନମାଗି ଏମିତି ଜଳ, ପତ୍ର, ଫୁଲ, ଫଳ ମାଗିବା କଥାକୁ ଦେଖିଲେ ସେ ଭାରି ନିର୍ବୋଧ ଜଣା ପଡୁଛନ୍ତି । **ପ୍ରପଞ୍ଚର ମହା ମହା ଚତୁରମାନଙ୍କର ଚତୁରତା ମଧ୍ୟ ମୁଁ ବୋଲି କହୁଥିବା ପରମାତ୍ମା କ'ଣ ସତରେ ଏତେ ଓଲା (ବୁଦ୍ଧିହୀନ) ? ଅସମ୍ଭବ । ତାଙ୍କ କଥାକୁ ବୁଝିପାରୁ ନଥିବା ମଣିଷ ହିଁ ନିର୍ବୋଧ !** ପରମାତ୍ମା ନିଜେ ଆଙ୍କିଥିବା ଦେହସୀମା ଭିତରୁ ଯାହା ମାଗିବା କଥା ତାହା ସୂତ୍ର ଅନୁସାରେ ମାଗିଛନ୍ତି ସିନା, ଦେହର ସୀମା ଲଂଘି କୌଣସି ବାହ୍ୟବସ୍ତୁ ମାଗି ନାହାନ୍ତି । ଏଇ ପତ୍ର, ଫୁଲ, ଫଳ ଇତ୍ୟାଦି ତ ମଣିଷର ବାହାର ଜିନିଷ ! ବୋଲି କେତେକ ପଚାରି ପାରନ୍ତି । ତାର ଜବାବ ହେଲା ! ଗଛ ମଧ୍ୟ ଏକ ଶରୀର ଏବଂ ସେଥିରେ ମଧ୍ୟ ଜୀବଟିଏ ରହିଥାଏ ବୋଲି ଆପଣ ଭୁଲିଯାଆନ୍ତୁ ନାହିଁ । ଜୀବ ଈଶ୍ୱରଙ୍କ ନିକଟକୁ ଯିବାକୁ ହେଲେ (ମୋକ୍ଷ ପାଇବାକୁ ହେଲେ) ତାକୁ ଚାରିଗୋଟି ସ୍ଥାନ ଡେଇଁ ଯିବାକୁ ହେବ । ସେହି ଚାରିଗୋଟି ସ୍ଥାନର ସମାନ ତୁଳନା ଭାବରେ ଗଛର ଚାରିଗୋଟି ଜିନିଷ ରହିଛି । ତାହା ଆଧ୍ୟାତ୍ମିକ ପ୍ରମାଣ ପାଇଁ ଉପଯୁକ୍ତ ହୋଇ ରହିଛି । ସେଥିଲାଗି ତାଙ୍କୁ ଗଛର ଏହି ଚାରିଗୋଟି ଜିନିଷକୁ ନାମନେଇ କହିବାକୁ ପଡିଛି । ଧନ, ଧାନ୍ୟ, ବସ୍ତୁ ବାହାନାଦି ଈଶ୍ୱରଙ୍କର ଆବଶ୍ୟକତା ନାହିଁ । ସେଥିଲାଗି ତାଙ୍କର ଆବଶ୍ୟକ ନଥିବା ଧନ ଧାନ୍ୟ, ବସ୍ତୁ, ବାହାନାଦି ସମର୍ପଣ କରିବା ଅପେକ୍ଷା ଗୁଣଥିବା ଏବଂ ଗୁଣ ନଥିବା ଜିନିଷ ତାଙ୍କୁ ଅର୍ପଣ କରିବା ଭଲ । ଏହି ନିୟମକୁ ଜଣାଇବା ପାଇଁ ସ୍ୱତନ୍ତ୍ର ଭାବରେ **ଯାନ୍ତି ଦେବ ବ୍ରତାନ୍ ଦେବାନ୍ .. ..** ନାମକ ଶ୍ଳୋକ ପରେ ଏଇକଥା କହିଛନ୍ତି । ପୂର୍ବ

ଶ୍ଳୋକରେ ଦେବତାମାନଙ୍କୁ ପୂଜା କରୁଥିବା ଲୋକମାନେ ଦେବତାମାନଙ୍କୁ ପାଇଥାନ୍ତି, ହେଲେ ମୋତେ ପାଇନଥାନ୍ତି କହିବାବେଳେ, ଦେବତାମାନଙ୍କ ପୂଜାକୁ ପରମାତ୍ମା ବିରୋଧ କରିଛନ୍ତି ! ସେତେବେଳେ ମନ୍ଦିରକୁ ଯାଇ ସେଠିକାର ପୂଜାରେ ପତ୍ର, ଫୁଲ, ଫଳ, ଜଳ ଦେଇ ପୂଜାକର ବୋଲି କିପରି କହିବେ ? ଆପଣମାନେ ବିଚାର କରନ୍ତୁ । ଈଶ୍ୱରଙ୍କ ଆରାଧନାରେ କୌଣସି ଦେବତା ରୂପର ସ୍ଥାନ ନଥିବା ବେଳେ, ପତ୍ର, ଫଳ, ଫୁଲ ଇତ୍ୟାଦି ନେଇ ଆମେ କେଉଁଠାରେ ରଖିବା ? ଟିକିଏ ପ୍ରଶ୍ନ କରନ୍ତୁ ! ଜବାବରେ ଆପଣ ପାଇବେ ଯେ, କେବଳ ଏହି ପତ୍ର, ଫୁଲ, ଫଳ, ଜଳକୁ ମାଗିବାରେ ନିଶ୍ଚୟ କିଛି ରହସ୍ୟ ରହିଛି ।

**୫) କୌଣସି ଗଛ ନଥିବା ଜାଗାରେ ଥିବା ମଣିଷକୁ ଏସବୁ ମିଳିବା କଷ୍ଟ ! ଏସବୁ ଅପେକ୍ଷା ତା'କୁ ପ୍ରଚୁର ପରିମାଣରେ ସେଠାରେ ମିଳୁଥିବା ମାଟି ମାଗି ପାରିଥାନ୍ତେ ! ମୋତେ ମାଟି ଟିକିଏ ଦିଏ ବୋଲି କାହିଁକି ମାଗି ନାହାନ୍ତି ?**

**ସମାଧାନ :-** ଅନେକ ଭଗବଦ୍ଗୀତାରେ କେତେକ ରଚୟିତାମାନେ ଏହି ଶ୍ଳୋକଟି ଗରିବ ଭକ୍ତମାନଙ୍କୁ ଉଦ୍ଦେଶ୍ୟ କରି କୁହାଯାଇଥିବା ଶ୍ଳୋକ ବୋଲି ଲେଖିଛନ୍ତି । ତାଛଡା "ଧନୀକମାନେ ସମର୍ପଣ କରୁଥିବା ନୈବେଦ୍ୟ, ଧନ, ସୁନା ଆମ ପାଖରେ ନାହିଁ । ଧନହୀନ ଲୋକଟି ଏସବୁ କଦାପି ଦେଇ ପାରିବ ନାହିଁ । ତେଣୁ ଦୈବଙ୍କୁ ଭକ୍ତିରେ ପତ୍ର, ଫୁଲ, ଫଳ, ଜଳ ଦେଲେ ଚଳିବ । ଏହା ମୂଲ୍ୟବାନ ନୁହେଁ ବୋଲି ସେ ନ ଭାବି ଭକ୍ତର ଭକ୍ତିରେ ମୁଗ୍ଧ ହୋଇ ସ୍ୱୀକାର କରିନେବେ ବୋଲି ଲେଖିଛନ୍ତି" । ଏକଥା କାହାଠାରୁ ଶୁଣିଥିବା ଜଣେ ବାଳକ "ଧନୀ ଭକ୍ତମାନେ ସବୁଦିନ ତିରୁପତି ଭେଙ୍କଟେଶ୍ୱର ସ୍ୱାମୀଙ୍କ ହୁଣ୍ଡିରେ ଟଙ୍କା, ସୁନା, ଅତିମୂଲ୍ୟ ହୀରା ମଧ୍ୟ ପକାଇଥାନ୍ତି । ହେଲେ କିଛି ନଥିବା ଗରିବ ଲୋକଟିକୁ ମଧ୍ୟ ନଛାଡି ଯଦି ଏଇ ପତ୍ର, ଫଳ, ଫୁଲ, ଜଳ ମାଗୁଛନ୍ତି ତେବେ ସେ ଭାରି ଲୋଭି ହୋଇଥିବା ଭଳି ଲାଗୁଛି । ତିରୁପତିରେ ଏସବୁ ମଧ୍ୟ ବିକ୍ରିହୁଏ । ଯେଉଁ ଭକ୍ତ ପାଖରେ ଟଙ୍କାଟିଏ ନାହିଁ ସେ କିପରି କିଣିବ ! ଏସବୁ ଦେଖିଲେ 'ଘରୁ ଆସିଲା ବେଳେ ଯାହାବି ହେଉ କିଛି ଗୋଟିଏ

ଜିନିଷ ନେଇକରି ଆସିବୁ ! ଖାଲି ହାତରେ ଆସିବୁ ନାହିଁ ! ! ବୋଲି ବାପଘରକୁ ଯାଇଥିବା ବୋହୂକୁ ତାର ଲୋଭୀଶାଶୁ କହିବା ଭଳି ହେଉଛି । କୌଣସି ଏକ ଲାଭ ଆଶା କରି ଶେଷରେ ପତ୍ର ହେଉ, ଫୁଲ ହେଉ, ଫଳ ହେଉ କି ଜଳ ହେଉ କିଛି ଗୋଟିଏ ମୋ ପାଇଁ ନେଇକରି ଆସ୍ ! କହିଲେ ସେ ବଡ ଲୋଭି ନୁହଁନ୍ତି ତ ଆଉକ'ଣ !" ବୋଲି ସରଳ ଭାବରେ କହିଲା । ସେତିକିବେଳେ ତା ପାଖରେ ଛିଡା ହୋଇଥିବା ଆଉ ଜଣେ ବାଳକ ପଚାରିଲା ଈଶ୍ୱର ଆମକୁ ସିନା କିଛି ଦିଅନ୍ତେ ! ହେଲେ କ'ଣ ଗୋଟାଏ ମୋତେ ଦିଅ ବୋଲି ସେ ଆମକୁ କାହିଁକି ମାଗୁଛନ୍ତି ? ଏହିଭଳି ପ୍ରଶ୍ନ ଅନ୍ୟମାନଙ୍କଠାରେ ମଧ୍ୟ ଆସି ଶେଷରେ ସେମାନଙ୍କଠାରୁ ଦୈବତ୍ୱର ମୂଲ୍ୟ ଚାଲିଯିବା ଦୁର୍ଯୋଗ ରହିଛି । ତେଣୁ ଅନ୍ୟ ଗୀତା ଗୁଡିକରେ ଲେଖାଯାଇଥିବା ଭଳି ଏହି ଶ୍ଲୋକ ଗରିବ ଭକ୍ତମାନଙ୍କ ପାଇଁ କୁହାଯାଇ ନାହିଁ ସାଧାରଣ ମଣିଷ ପାଇଁ କୁହାଯାଇଛି ବୋଲି ଗ୍ରହଣ କରନ୍ତୁ ।

ଏହି ପଞ୍ଚମ ପ୍ରଶ୍ନର ସମାଧାନକୁ ଦେଖିଲେ ଈଶ୍ୱରଙ୍କର ଦାମି ଜିନିଷ କିମ୍ବା ପ୍ରଚୁର ପରିମାଣରେ ମିଳୁଥିବା ଜିନିଷ ଆବଶ୍ୟକ ନାହିଁ । କୌଣସି ଗଛ ନଥିବା ସ୍ଥାନରେ ମାଟି ମିଳିବା ବାସ୍ତବ ହେଲେ ମଧ୍ୟ ସେ ବାହାରେ ଦେଖାଯାଉଥିବା ଗଛ ବାବଦରେ, ତାଠାରୁ ମିଳୁଥିବା ଫୁଲ, ଫଳ, ପତ୍ରାଦି ବାବଦରେ କହିନାହାନ୍ତି । ସମସ୍ତଙ୍କ ଶରୀରରେ ଥିବା ଗଛ ବାବଦରେ କହିଛନ୍ତି, ସେଥିରେ ଆତ୍ମାଶକ୍ତି ଭାବରେ ଜଳକୁ, ପତ୍ର, ଫୁଲ, ଫଳଗୁଡିକୁ କହି, ଆମର ଥିବା ତିନି ଗୁଣସ୍ଥାନକୁ ଚିହ୍ନାଇ, ସେଗୁଡିକୁ ଛାଡିବା ପାଇଁ କହିଛନ୍ତି । ଭିତରେ ଦୃଷ୍ଟି ନଦେଇ ବାହ୍ୟତଃ ଦେଖିଲେ ଦୈବୀଭାବରେ ଅଭାବ ଉପୁଜିବ । **ଈଶ୍ୱରଙ୍କ ଦ୍ୱାରା ଆମକୁ ସବୁକିଛି ମିଳୁଥିବା ବେଳେ, ସେହି ସବୁକିଛିକୁ ଈଶ୍ୱର ସୃଷ୍ଟି କରିଥିବା ବେଳେ, ତାଙ୍କର ସେଥିରେ କଣ ବା ପ୍ରୟୋଜନ ଅଛି, ସେ ଚାହିଁଲେ କଣ ବା ତିଆରି କରି ନପାରିବେ ! ଥରେ ଚିନ୍ତା ତ କରନ୍ତୁ !** ଏହି ଶ୍ଲୋକ ଅନୁସାରେ ଚାଲିବାକୁ ହେଲେ କିପରି ରହିବା ଉଚିତ୍ ତାହା ମଧ୍ୟ ତଳ ଶ୍ଲୋକରେ କହିଛନ୍ତି । ଏହି ଶ୍ଲୋକର ପୂର୍ବ ଶ୍ଲୋକରେ କ'ଣ କହିଥିଲେ, ଏହି ଶ୍ଲୋକର ପର ଶ୍ଲୋକରେ କ'ଣ କହିଛନ୍ତି, ତାହା ପରିଶୀଳନ କଲେ ମଝିରେ ଥିବା ଏହି ଶ୍ଲୋକରେ କି ଭାବ ରହିଛି ତାହା ବୁଝିପାରିବା ।

ତେଣୁ ଅନ୍ୟ ଗୀତାଗୁଡିକରେ ଯାହା ଲେଖାଯାଇଛି ତାହା ଏଥିରେ ନାହିଁ ବୋଲି ଜଣାଉଛୁ । ଏହା କେଉଁ ନିର୍ଘଣ୍ଟରୁ ଆଣିଲ ଯେ, ସମସ୍ତଙ୍କ କଥାକୁ କାଟି ନୂଆକଥା ଲେଖିଛନ୍ତି ? ବୋଲି ପଚରନ୍ତୁ ନାହିଁ ।

**(୮) ଶ୍ଳୋକ,୨୭ : ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।**
**ଯତପସ୍ୟସି କୌନ୍ତେୟ ! ତତ୍କୁରୁଷ୍ୱ ମଦର୍ପଣମ୍ ।।**
**(ପରମାତ୍ମା,କର୍ମଯୋଗ)**

**ଭାବାର୍ଥ :** ହେ କୁନ୍ତିପୁତ୍ର ! ଯାହା କରୁଛୁ, ଯାହା ଖାଉଛୁ, ଯାହା ପୋଡୁଛୁ, ଯାହା ଦେଉଛୁ, ଯେଉଁ ତପ କରୁଛୁ ତାହା ସବୁ ମୋତେ ଅର୍ପଣ କର୍ ।

**ବିବରଣୀ :** କରୁଥିବା ବ୍ୟକ୍ତି ପରମାତ୍ମାଙ୍କୁ ସମର୍ପଣ କରୁ ବା ନକରୁ ତାହାସବୁ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ସମର୍ପଣ କରିବା ଦ୍ୱାରା କର୍ମବନ୍ଧନ ଆସିନଥାଏ, ସମର୍ପଣ ନକରିବା ଦ୍ୱାରା କର୍ମ ବନ୍ଧନରେ ପଡିବାକୁ ହୁଏ । ତେଣୁ ଯାହାସବୁ କରାଯାଏ ତାହାସବୁ ତାଙ୍କୁ ସମର୍ପଣ କରିଦେବା ଚତୁର ବ୍ୟକ୍ତିର ଅଭ୍ୟାସ । ତା'ନକରି ଅନ୍ୟ ଦେବାଦେବୀଙ୍କୁ ସମର୍ପଣ କରିବା ଅତି ନିର୍ବୋଧତାର ପରିଚୟ ହୋଇଥାଏ ।

**(୮) ଶ୍ଳୋକ,୨୮ : ଶୁଭାଶୁଭ ଫଳୈରେବଂ ମୋକ୍ଷସେ କର୍ମବନ୍ଧନୈଃ ।**
**ସନ୍ନ୍ୟାସ ଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ।।**
**(ପରମାତ୍ମା,କର୍ମଯୋଗ)**

**ଭାବାର୍ଥ :** ଏହିଭଳି ଶୁଭାଶୁଭ ଫଳ କର୍ମବନ୍ଧନରୁ ବହିର୍ଗତ ହୋଇଥିବା ବ୍ୟକ୍ତି ସନ୍ନ୍ୟାସ ଯୋଗଯୁକ୍ତାତ୍ମା ହୋଇ ମୁକ୍ତିରେ ମୋତେ ପାଇଥାଏ ।

**(୮) ଶ୍ଳୋକ,୨୯ : ସମୋହଂ ସର୍ବଭୂତେଷ୍ଣୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।**
**ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେଷୁ ଚ୍ୟପ୍ୟହମ୍ ।।**
**(ପରମାତ୍ମା)**

**ଭାବାର୍ଥ :** ମୁଁ ସମସ୍ତ ଜୀବରାଶିଙ୍କ ପାଇଁ ସମାନ । ମୋର କାହାଠାରେ ଦ୍ୱେଷ-

ଭାବ ନାହିଁ କି କେହି ମୋର ପ୍ରିୟ ନୁହନ୍ତିଁ । ଯିଏ ଭକ୍ତିରେ ମୋର ସେବା କରେ ମୁଁ ତାଠାରେ ଥାଏ, ସେ ମୋଠାରେ ଥାଏ ।

**ବିବରଣୀ :** ସମସ୍ତ ଜୀବରାଶିଙ୍କୁ ପରମାତ୍ମା ସମାନ ଦେଖନ୍ତି । ତାଙ୍କର କାହା ଉପରେ ବୈରୀଭାବ ନଥାଏ କି କାହା ଉପରେ ମିତ୍ରଭାବ ନଥାଏ, ତାଙ୍କ ପାଇଁ ଆମେ ସମସ୍ତେ ସମାନ ହେଲେ ମଧ୍ୟ ଆମ ପାଇଁ ସେ ସମାନ ନୁହନ୍ତି ବୋଲି କହିପାରିବା । କାରଣ ! ପରମାତ୍ମା (ଈଶ୍ୱର) ସମସ୍ତଙ୍କୁ ସମଦୃଷ୍ଟିରେ ରହିଁଥିଲେ ମଧ୍ୟ ଆମେ ତାଙ୍କୁ ସମାନ ଦୃଷ୍ଟିରେ ଦେଖୁ ନାହେଁ । ଆମ ସମସ୍ତଙ୍କର ଭାବ ଅଲଗା ଅଲଗା । ଯାହାର ଭାବ ଯେଉଁଭଳି ତା ପାଇଁ ସେ ସେହିଭଳି, ସେ 'ଭାବକୁ ନିକଟ ଅଭାବକୁ ଦୂର' । ସେହିଭଳି ତୁ ତାଙ୍କୁ ଯେଉଁ ଦୃଷ୍ଟିରେ ଦେଖିବୁ ସେ ତୋତେ ସେହିଭଳି ଦେଖାଯିବେ । ପରମାତ୍ମାଙ୍କୁ ଧ୍ୟାନ କରୁଥିବା ବ୍ୟକ୍ତିକୁ ପରମାତ୍ମା ତାଠାରେ ଦେଖାଯାଇଥାନ୍ତି । ଯିଏ ତାଙ୍କର ପ୍ରତିରୂପ ଆତ୍ମାରେ ଯୁକ୍ତ ହୋଇ ରହିଥାଏ, ସେ ତା ସହିତ ଯୁକ୍ତହୋଇ ରହିଥାନ୍ତି ।

**(୮) ଶ୍ଲୋକ,୩୦ : ଅପି ଚେତ୍ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।**
**ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ବଡ ଦୁରାଚାରୀ ହେଲେହେଁ ମୋତେ ମନରେ ଭଜିବା ଦ୍ୱାରା, ସେ ନିଶ୍ଚୟ ମୋତେ ଜାଣିଥାଏ, ତେଣୁ ତାକୁ ସାଧୁ ବୋଲି କହିପାରିବା ।

**ବିବରଣୀ :** ଦୁରାଚାରୀକୁ ସାଧୁ କହୁଛନ୍ତି କେମିତି ?, ଖରାପ ଲୋକକୁ ଭଲ କହୁଛନ୍ତି କିପରି ? ବୋଲି ଏଠାରେ ପ୍ରଶ୍ନ ନଆସି ରହିପାରିବ ନାହିଁ । ପରମାତ୍ମାଙ୍କୁ ଜାଣି ମନରେ ତାଙ୍କୁ ଭଜୁଥିବା, ଅର୍ଥାତ୍ କର୍ମଯୋଗ କରି ପରମାତ୍ମାଙ୍କୁ ପାଇବାକୁ ଯିଏ ଦୃଢ ହୋଇଛି, ସେ ତାର ପୂର୍ବକର୍ମ ଅନୁସାରେ କୁକାର୍ଯ୍ୟ କରି ଦୁରାଚାରୀ ହେଲେ ମଧ୍ୟ, ପରମାତ୍ମାଙ୍କ ଦୃଷ୍ଟିରେ ସଜ୍ଜନ । କାରଣ ! ସେ କର୍ମ ବନ୍ଧନରେ ପଡି ନଥାଏ, ତାପାଇଁ ପରମାତ୍ମା ଅତିପ୍ରିୟ ହୋଇଥାନ୍ତି, ସେ ମଧ୍ୟ ତାଙ୍କର ଅତିପ୍ରିୟ ହୋଇଥାଏ ।

**(୮) ଶ୍ଳୋକ,୩୧ : କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।**
**କୌନ୍ତେୟ ! ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥**
**(ଜୀବାତ୍ମା,ପରମାତ୍ମା)**

**ଭାବାର୍ଥ :** ସେ ଖୁବ୍ ଶୀଘ୍ର ଧର୍ମାତ୍ମା ହୁଏ, ସ୍ଥିରଶାନ୍ତି ପାଇଥାଏ । ହେ କୁନ୍ତି ପୁତ୍ର ! ମୁଁ ପ୍ରତିଜ୍ଞା କରି କହୁଛି ଯେ, ମୋ ଭକ୍ତର କଦାପି ଦୁର୍ଗତି ନାହିଁ ।

**ବିବରଣୀ :** ସାରା ଦୁନିଆରେ ସେ କେତେବଡ ଦୁରାଚାରୀ ହୋଇଥିଲେ ମଧ୍ୟ, ପରମାତ୍ମାଙ୍କୁ ପାଇବାର ଆକାଙ୍କ୍ଷା ଯଦି ତାର ଅଛି ତେବେ ସେ ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇଯାଏ, ମୁକ୍ତି ପାଇ ଶାଶ୍ୱତ ଶାନ୍ତି ଲାଭକରେ । ପରମାତ୍ମାଙ୍କୁ ଆତ୍ମାମୂଳ ଭାବରେ (ଅର୍ଥାତ୍ ପରମାତ୍ମା ହିଁ ଶରୀରରୂପୀ ବିଶ୍ୱରେ ଆତ୍ମା ଭାବରେ ରହିଛନ୍ତି) ଆରାଧନା କରୁଥିବା ବ୍ୟକ୍ତିର ଦୁର୍ଗତି ନଥାଏ । ଆତ୍ମାଲାଭ ଠାରୁ ଏ ଦୁନିଆରେ ଆଉକିଛି ବଡ ଲାଭ ନାହିଁ । ଦୁନିଆ ଆଖିରେ ସେ କିପରି ରହିଲେ ମଧ୍ୟ ଯଦି ସେ ପରମାତ୍ମା ଆରାଧକ ତେବେ ସେ କଦାପି ପଥଚ୍ୟୁତ ହୋଇନଥାଏ ବୋଲି ସ୍ୱୟଂ ପରମାତ୍ମା ପ୍ରତିଜ୍ଞା କରି କହୁଛନ୍ତି । ଏହା ସାଧାରଣ ବିଷୟ ନୁହେଁ ବୋଲି ଜାଣିବା ଉଚିତ୍ ।

**(୮) ଶ୍ଳୋକ,୩୨ : ମାଂ ହି ପାର୍ଥ ! ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।**
**ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ॥**
**(ପରମାତ୍ମା)**

**ଭାବାର୍ଥ :** ପାପଯୋନୀରୁ ଜନ୍ମ ହୋଇଥିବା ଲୋକମାନେ, ବୈଶ୍ୟମାନେ ଶୂଦ୍ରମାନେ, ସ୍ତ୍ରୀମାନେ ମଧ୍ୟ ପରମ ଗତି ଲାଭ କରିପାରନ୍ତି ।

**ବିବରଣୀ :** ପରମାତ୍ମାଙ୍କୁ ପାଇବା ପାଇଁ ସ୍ତ୍ରୀମାନେ ଚେଷ୍ଟା କରିପାରିବେ ନାହିଁ ବୋଲି କୌଣସି ନିୟମ ନାହିଁ । 'ଶରୀର ଅପରିଶୁଦ୍ଧ ହେଲେ ମଧ୍ୟ ମନ ପବିତ୍ର ହୋଇଥିବା ଉଚିତ୍' ନାମକ ସୂତ୍ର ଅନୁସାରେ ସ୍ତ୍ରୀମାନେ ମଧ୍ୟ ଯୋଗ ଆଚରଣ କରିପାରିବେ । ତା'ଛଡା ନୀଚ ଗର୍ଭରୁ ଜନ୍ମ ହୋଇଥିବା ଲୋକମାନେ ମଧ୍ୟ ଯୋଗ ଆଚରଣ କରିପାରିବେ । ସମସ୍ତେ ପରମାତ୍ମାଙ୍କୁ ପାଇପାରିବା ସୁଯୋଗ

ରହିଛି । ଏମାନେ ସମସ୍ତେ ମୋକ୍ଷ ପାଇବାକୁ ସୁଯୋଗ ଥିବାବେଳେ ବ୍ରହ୍ମଜ୍ଞାନୀ, ରାଜର୍ଷିମାନଙ୍କ ବାବଦରେ ଆଉ ବା କ'ଣ କହିବି ବୋଲି କହୁଛନ୍ତି । ତାହା ତଳେ ଦେଖନ୍ତୁ ।

**(୮) ଶ୍ଳୋକ,୩୩: କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।**
**ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ॥**

**(ପରମାତ୍ମା)**

**ଭାବାର୍ଥ :** ପୁଣ୍ୟକରି ଜନ୍ମ ହୋଇଥିବା ବ୍ରାହ୍ମଣ ଆଉ ରାଜର୍ଷିମାନଙ୍କ ବାବଦରେ ଅଲଗା କହିବା ଦରକାର ନାହିଁ । ଅନିତ୍ୟ ଅସୁଖ ହୋଇଥିବା ଲୋକ (ଗୁଣ) ଗୁଡିକରେ ଥିଲେ ମଧ୍ୟ ମୋତେ ଭଜିବା ଦ୍ୱାରା ମୋତେ ପାଇପାରନ୍ତି ।

**ବିବରଣୀ :** କ୍ଷୁଦ୍ର କାର୍ଯ୍ୟାଦି କରୁଥିବା ଶୂଦ୍ର, ତାଠାରୁ ବଳି ନୀଚଯୋନି ଜନ୍ମା ମଧ୍ୟ ପରମାତ୍ମାଙ୍କୁ ପାଉଥିବା ବେଳେ, ବ୍ରାହ୍ମଣ ଆଉ ରାଜର୍ଷିମାନଙ୍କ ବାବଦରେ ଅଲଗା କହିବା ଅନାବଶ୍ୟକ । ବ୍ରାହ୍ମଣ ସେହିମାନଙ୍କୁ କୁହାଯିବ ଯେଉଁମାନେ ବ୍ରହ୍ମଜ୍ଞାନ ଜାଣିଥାନ୍ତି । ଅଳ୍ପ ବହୁତେ ବ୍ରହ୍ମଜ୍ଞାନ ଜାଣିଥିବା ବ୍ୟକ୍ତିମାନେ ଏବଂ ଐଶ୍ୱରୀୟ ଜ୍ଞାନ ଜାଣିଥିବା ବ୍ୟକ୍ତିମାନେ ସହଜରେ ଯୋଗ ଆଚରଣ କରି ମୋକ୍ଷ ପାଇପାରନ୍ତି । ରାଜର୍ଷିମାନେ ମୋକ୍ଷ ମାର୍ଗରେ ଅଳ୍ପ ଯାତ୍ରା କରିବା ଦ୍ୱାରା ସେମାନଙ୍କର ସହଜରେ ମୋକ୍ଷ ହୋଇଥାଏ । ଏହି ରାଜର୍ଷିମାନେ କିଏ ସେକଥା ଟିକିଏ ଜାଣିବାକୁ ହେବ ।

ବ୍ରହ୍ମଜ୍ଞାନ ଜାଣି ସେହି ଅନୁସାରେ ଯୋଗ ଆଚରଣ କରି ଜ୍ଞାନାଗ୍ନି ଅର୍ଜନ କରିହୁଏ ବୋଲି ଆଗରୁ ଜାଣିଛେ । ଜ୍ଞାନାଗ୍ନି ଶିରୋଭାଗରେ ପ୍ରବେଶ କରି ସେଠିକାର କର୍ମଦହନ କରିଥାଏ । ପ୍ରଥମେ ଛୋଟ ଅଗ୍ନିକଣା ଭାବରେ ଜନ୍ମହୋଇଥିବା ଜ୍ଞାନାଗ୍ନି କିଛିକାଳ ଯୋଗ ଆଚରଣ କରିବା ଦ୍ୱାରା ଶେଷରେ ବଡ ଅଗ୍ନିଗୋଳରେ ପରିଣତ ହୋଇଥାଏ । ଯୋଗୀମାନଙ୍କ ଶରୀରରେ ଥିବା **ଜ୍ଞାନାଗ୍ନି ବଢିବାର ମାପ ଅନୁସାରେ** ଯୋଗୀମାନଙ୍କ ମହାନତା ଜାଣିହୁଏ । ଯୋଗ ସମୟରେ ମିଳିଥିବା ଜ୍ଞାନାଗ୍ନି ସେ ସମୟରେ କର୍ମକୁ ଜଳାଇଥାଏ । ଯୋଗ ହେଉନଥିବା ସମୟରେ କର୍ମକୁ ନଜଳାଇ ଗଚ୍ଛିତ ରହିଥାଏ । ପୁନର୍ବାର

ଯୋଗ ହେବା ସମୟରେ ଜ୍ଞାନାଗ୍ନି ବଢିଥାଏ ଏବଂ କର୍ମକୁ ଜଳାଇଥାଏ । ଯୋଗ ଆଚରଣ କରିବା ବେଗ ଅନୁସାରେ ଜ୍ଞାନାଗ୍ନି ବଢିଥାଏ । କର୍ମର ତୀବ୍ରତା ଅଧିକ ଥିଲେ ଜ୍ଞାନାଗ୍ନି ଖର୍ଚ୍ଚ ଅଧିକ ହୋଇଥାଏ । ଏଭଳି ଯୋଗୀମାନଙ୍କଠାରେ ଜ୍ଞାନାଗ୍ନି ସଞ୍ଚିତ ହେବାପାଇଁ ଅଧିକ କାଳ ଲାଗିଥାଏ । ଯାହାର କର୍ମ କମ୍ ଥାଏ ତାର ଜ୍ଞାନାଗ୍ନି ଖର୍ଚ୍ଚ କମ୍ ହୋଇ ବଳକା ଜ୍ଞାନାଗ୍ନି ଗଚ୍ଛିତ ହୋଇଯାଏ ଏବଂ ଜ୍ଞାନାଗ୍ନି ସମ୍ପୂର୍ଣ୍ଣ ସ୍ଥିତିରେ ପହଞ୍ଚିବା ପାଇଁ ଖୁବ୍ କମ୍ ସମୟ ଲାଗିଥାଏ । ସମୟ କେତେ କମ୍ ଲାଗିଲେ ମଧ୍ୟ ତାହା ବର୍ଷରେ ହିସାବ କରିବାକୁ ହୁଏ । ସମ୍ପୂର୍ଣ୍ଣ ଜ୍ଞାନାଗ୍ନି ଥିବା ଯୋଗୀକୁ ସମ୍ପୂର୍ଣ୍ଣଯୋଗୀ କୁହାଯାଏ । ସମ୍ପୂର୍ଣ୍ଣଯୋଗୀ ହେଲେ ମଧ୍ୟ ଆହୁରି କିଛି କର୍ମ ସେମାନଙ୍କର ବାକିଥାଏ ।

ଜ୍ଞାନର ମାପ ହିସାବରେ ଯୋଗୀମାନଙ୍କୁ ସମ୍ପୂର୍ଣ୍ଣ ଯୋଗୀ, ଅସମ୍ପୂର୍ଣ୍ଣ ଯୋଗୀ ଭାବେ ବିଭାଜନ କରିପାରିବା । ଜ୍ଞାନାଗ୍ନିର ସାନ୍ଦ୍ରତା ଅନୁସାରେ ଯୋଗୀର ଯୋଗ୍ୟତାକୁ ପୂର୍ବେ ଜ୍ଞାନୀମାନେ ନିର୍ଣ୍ଣୟ କରିଥିଲେ । ସେହି ନିର୍ଣ୍ଣୟ ଅନୁସାରେ ଯୋଗୀମାନେ ଚାରି ପ୍ରକାରର **୧) ମହର୍ଷି, ୨) ରାଜର୍ଷି, ୩) ଦେବର୍ଷି ଏବଂ ୪) ବ୍ରହ୍ମର୍ଷି** । ଯୋଗୀମାନଙ୍କର ଜ୍ଞାନାଗ୍ନି ପ୍ରକାଶ (ଜ୍ଞାନ ତେଜ) ସମ୍ପୂର୍ଣ୍ଣତାର **ଏକ ଚତୁର୍ଥାଂଶ ଥିଲେ ସେମାନଙ୍କୁ ମହର୍ଷି କହିପାରିବା । ଅର୍ଦ୍ଧଭାଗ ରହିଥିଲେ ରାଜର୍ଷି କହିପାରିବା । ଚାରି ଭାଗରୁ ତିନି ଭାଗ ଥିଲେ ଦେବର୍ଷି କହିପାରିବା । ସେହିଭଳି ସମ୍ପୂର୍ଣ୍ଣ ଜ୍ଞାନପ୍ରକାଶ ଥିଲେ ବ୍ରହ୍ମର୍ଷି କହିପାରିବା** । ଏହି ଋଷିଭେଦ ପୂର୍ବରୁ ଥିଲା ବୋଲି ଇତିହାସ ଜଣାଇଥାଏ । ରାଜା ବିଶ୍ୱାମିତ୍ର ପଟୁତାର ସହିତ ତାଙ୍କର ଗୋଟିଏ ଜନ୍ମରେ ରାଜର୍ଷି, ଦେବର୍ଷି ସ୍ଥାନରୁ ବ୍ରହ୍ମର୍ଷି ସ୍ଥାନରେ ପହଞ୍ଚିଥିବା ଇତିହାସ ରହିଛି । ଏହିଭଳି ଜ୍ଞାନାଗ୍ନିର ସ୍ଥିତି ଅନୁସାରେ ମହର୍ଷି, ରାଜର୍ଷି, ଦେବର୍ଷି, ଆଉ ବ୍ରହ୍ମର୍ଷିମାନେ ଥିଲେ । କୌଣସି ଜ୍ଞାନାଗ୍ନି ନଥିବା ଲୋକମାନଙ୍କୁ ବେବର୍ଷି (ଅଜ୍ଞାନୀ, ବେକାର, ନିର୍ବୋଧ) ମଧ୍ୟ କହୁଥିଲେ । ବେବର୍ଷିମାନେ ମଧ୍ୟ ପରମାତ୍ମାଙ୍କୁ ଆରାଧନା କରି ମୋକ୍ଷ ପାଇ ପାରୁଥିବା ବେଳେ, ବ୍ରହ୍ମଜ୍ଞାନ ଜାଣିଥିବା ଏବଂ ରାଜର୍ଷିମାନଙ୍କ ବାବଦରେ ଆଉ କିଛି କହିବା ଆବଶ୍ୟକ ନାହିଁ ବୋଲି ଏହି ଶ୍ଳୋକରେ ଭଗବାନ କହିଛନ୍ତି ।

**(୮) ଶ୍ଲୋକ,୩୪ : ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣଃ ॥**
**(ସାକାର,ନିରାକାର)**

**ଭାବାର୍ଥ :** ତୁ ମୋଠାରେ ମନ ଯୋଗ କର୍, ମୋର ଭକ୍ତ ହୁଅ, ମୋତେ ପ୍ରଣାମ କର୍, ମୋର ଆରାଧନା କର୍, ମୋଠାରେ ଧ୍ୟାନ ରଖିବା ଦ୍ୱାରା ଆତ୍ମାଯୁକ୍ତ ମୋତେ ପାଇପାରିବୁ ।

**ବିବରଣୀ :** ଏହି ଶ୍ଲୋକରେ ସାକାର ରୂପ ଭଗବାନ ଏବଂ ନିରାକାର ପରମାତ୍ମାଙ୍କ ବିଷୟରେ କୁହାଯାଇଛି । **ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣାଃ** ନାମକ ବାକ୍ୟଟି ନିରାକାର ପରମାତ୍ମାଙ୍କ ବାବଦରେ କୁହାଯାଇଛି । ଏଥିରେ ମୋ ଧ୍ୟାନରେ ରହି ଯିଏ ଆତ୍ମାରେ ଯୁକ୍ତ ହୋଇଥାଏ ବୋଲି ଶ୍ଲୋକରେ କୁହାଯାଇଛି । ଆତ୍ମା ନିରାକାର, ଆତ୍ମାରେ ଯୁକ୍ତହେବା ଅର୍ଥାତ୍ ଆତ୍ମା ସହିତ ଯୋଗହେବା । ଦେଖାଯାଉନଥିବା ପରମାତ୍ମା ପ୍ରାପ୍ତି ପାଇଁ ଦେଖାଯାଉ ନଥିବା ଆତ୍ମାଙ୍କ ସହିତ ଯୋଗହେବା ଦ୍ୱାରା ଶେଷରେ ପରମାତ୍ମା ମିଳିଥାନ୍ତି । ଏହା ଏକ ପଦ୍ଧତି ହୋଇଥିବା ବେଳେ, ସାକାର ସମ୍ବନ୍ଧୀୟ ଆଉଏକ ପଦ୍ଧତି ଅଛି । ସାକାର ପଦ୍ଧତି କହିଲେ ଦେଖାଯାଉଥିବା ବିଗ୍ରହ ଆରାଧନା ବୋଲି ବୁଝନ୍ତୁ ନାହିଁ । ପରମାତ୍ମା ଭଗବାନ ହୋଇ ଜନ୍ମନେବା ବେଳେ, ଦେଖାଯାଉଥିବା ସେହି ଭଗବାନଙ୍କୁ ପୂଜା କରିବା, ପ୍ରଣାମ କରିବା, ତାଙ୍କ ଉପରେ ମନୋଧ୍ୟାନ ରଖିବା ହେଉଛି ସାକାର ପଦ୍ଧତି । ସେହିଭଳି ଆମେ ତାଙ୍କର ଭକ୍ତ ଭାବରେ ରହିବା ମଧ୍ୟ ସାକାର ଆରାଧନା ହୋଇଥାଏ । ଏହି ସାକାର ଆରାଧନା ଏତେ ସହଜରେ ମିଳିନଥାଏ । ପରମାତ୍ମା କେତେବେଳେ ଭଗବାନ ହୋଇ ଆସନ୍ତି ତାହା କାହାକୁ ଜଣା ନଥାଏ, ତାଙ୍କର ସେହି ଆଗମନକୁ ଜାଣିବା ଅତିକଷ୍ଟ, ସେ ଭୂପୃଷ୍ଠରେ ଥିବାବେଳେ ସାକାର ଆରାଧନା ସମ୍ଭବ ହୋଇପାରିଥାଏ, କିନ୍ତୁ ସେ ସବୁବେଳେ ଭୂପୃଷ୍ଠରେ ରହିନଥାନ୍ତି । ସବୁବେଳେ ଆରାଧନା କରିବା ପାଇଁ ନିରାକାର ଆରାଧନା ବାବଦରେ ଜାଣିବା ଉଚିତ୍, ତେଣୁ ନିରାକାର

ଭାବରେ ହେଉ କି ସାକାର ଭାବରେ ହେଉ ତାଙ୍କୁ ଆରାଧନା କରିବା ଦ୍ୱାରା ତାଙ୍କୁ ପାଇହୁଏ ବୋଲି ଜଣାଇଛନ୍ତି । ଏହା ଅତି ରହସ୍ୟମୟ ଏବଂ ବଡବିଦ୍ୟା ବୋଲି ଜାଣିବା ଉଚିତ୍ ।

ଏତିକିରେ ଏହି ରାଜବିଦ୍ୟା ରାଜଗୁହ୍ୟଯୋଗ ନାମକ ଅଧ୍ୟାୟର ସମାପ୍ତ ହେଲା, ଶ୍ଳୋକଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଧର୍ମ | = | ୩ |
| ୨) | ପରମାତ୍ମା | = | ୧୭ |
| ୩) | ପରମାତ୍ମା,ସାକାର | = | ୨ |
| ୪) | ପରମାତ୍ମା,ଜୀବାତ୍ମା | = | ୮ |
| ୫) | ଜୀବାତ୍ମା,ପ୍ରକୃତି | = | ୧ |
| ୬) | ପରମାତ୍ମା,କର୍ମଯୋଗ | = | ୨ |
| ୭) | ନିରାକାର-ସାକାର | = | ୧ |
| | **ମୋଟ** | = | **୩୪** |

**ଭାବାର୍ଥ ଏବଂ ବିବରଣୀ ବଦଳିଛି– ୧୩,୨୨,୨୪,୨୫,୨୬ ।**

*****



# ବିଭୂତି ଯୋଗ

**ଶ୍ରୀ ଭଗବାନ କହୁଛନ୍ତି:-**

**(୯) ଶ୍ଲୋକ,୧ : ଭୂୟ ଏବ ମହାବାହୋ ! ଶୃଣୁ ମେ ପରମଂ ବଚଃ ।**
**ଯତ୍ତେହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥**

**(ଜ୍ଞାନ)**

**ଭାବାର୍ଥ :** ପ୍ରୀତିର ସହିତ ଯାହାସବୁ ମୁଁ ତୋତେ ତୋର ହିତ ପାଇଁ କହିଥିଲି, ସେହି ଶ୍ରେଷ୍ଠ କଥାକୁ ଆଉଥରେ କହୁଛି ଶୁଣ୍ ।

**ବିବରଣୀ :** ପରମାତ୍ମାଙ୍କ ବାବଦରେ ଭଗବାନ ଏ ପର୍ଯ୍ୟନ୍ତ ଅନେକ କିଛି କହିଛନ୍ତି । ଶୁଣୁଥିବା ବ୍ୟକ୍ତିର ହିତାର୍ଥେ ଜଣାଉଛି ବୋଲି କହୁଛନ୍ତି; ତଥାପି ଆହୁରି ଥରେ ଜଣାଉଛି ଶୁଣ୍ ବୋଲି କହିଛନ୍ତି । ଏହା ସେ ଅର୍ଜୁନଙ୍କୁ ନୁହେଁ ବାସ୍ତବରେ ଆମମାନଙ୍କୁ କହୁଛନ୍ତି ବୋଲି ଭାବନ୍ତୁ, ନଚେତ୍ ଭଗବାନଙ୍କ କଥାରେ ଶ୍ରଦ୍ଧା ଜାତହେବ ନାହିଁ ।

**(୯) ଶ୍ଲୋକ,୨ : ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।**
**ଅହମାଦିହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ॥**

**(ସାକାର)**

**ଭାବାର୍ଥ :** ଦେବତାମାନେ, ମହର୍ଷିମାନେ ମୋର ପ୍ରଭବକୁ ଜାଣନ୍ତି ନାହିଁ । କାରଣ ! ଦେବତା ଏବଂ ମହର୍ଷିମାନଙ୍କର ହିଁ ମୁଁ ଉଦ୍ଭବ ସ୍ଥଳ ।

**ବିବରଣୀ :** ପୁଣ୍ୟଫଳ ଅଧିକ ହେବାଦ୍ୱାରା ଦେବତାମାନେ ଭୂପୃଷ୍ଠରେ ଇଷ୍ଟସୁଖକୁ ଅନୁଭବ କରିଥାନ୍ତି । ସେହିଭଳି ଭୂପୃଷ୍ଠରେ ମହର୍ଷିମାନେ ଜ୍ଞାନାଗ୍ନି ସଞ୍ଚୟ କରିଥାନ୍ତି । ମହର୍ଷିମାନେ ହୁଅନ୍ତୁ ବା କୌଣସି ଦେବତାମାନେ ହୁଅନ୍ତୁ ସେମାନେ ପରମାତ୍ମାଙ୍କର ଜନ୍ମକୁ ଜାଣିପାରି ନଥାନ୍ତି । ଦେବତା ଏବଂ ମହର୍ଷିମାନେ ଭୂପୃଷ୍ଠରେ ରହିଥାନ୍ତି । ପରମାତ୍ମାଙ୍କ ପ୍ରଭବ (ଜନ୍ମ) ଭଗବାନ

ଭାବରେ ଭୂପୃଷ୍ଠରେ ହୋଇଥାଏ, ତାଙ୍କର ଏହି ଜନ୍ମକୁ ଭୂପୃଷ୍ଠରେ ଥିବା ଦେବତାମାନେ, ମହର୍ଷିମାନେ ମଧ୍ୟ ଜାଣିପାରି ନଥାନ୍ତି ।

ଦେବତାମାନଙ୍କର ଥିବା ପୁଣ୍ୟରେ ଏବଂ ମହର୍ଷିମାନଙ୍କର ଥିବା ଜ୍ଞାନାଗ୍ନିରେ ଉଭୟଙ୍କ ଆଗରେ ପରମାତ୍ମା ରହିଛନ୍ତି, ସେ ସେମାନଙ୍କଠାରୁ ଉନ୍ନତ ହେବା ଦ୍ୱାରା ତାଙ୍କ ବାବଦରେ ସେମାନେ ଜାଣିପାରି ନଥାନ୍ତି । ଜାଣିବା ପାଇଁ ଚେଷ୍ଟା ନକରିବା ପର୍ଯ୍ୟନ୍ତ ପରମାତ୍ମା ଯେ ଭଗବାନ ବୋଲି ସେମାନଙ୍କୁ ଜଣାପଡେ ନାହିଁ । ଏଭଳି ଜଣାପଡିବା ଅତି କଷ୍ଟ ମଧ୍ୟ । କ୍ୱଚିତ୍ କେହି ତାଙ୍କୁ ଜାଣିପାରନ୍ତି ।

**(୯) ଶ୍ଲୋକ,୩ : ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।**
**ଅସଂମୂଢଃ ସ ମର୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ॥**

(ପରମାତ୍ମା)

**ଭାବାର୍ଥ :** ମୁଁ ଅନାଦି, ଅଜନ୍ମା, ସମସ୍ତ ଲୋକର ମହେଶ୍ୱର ବୋଲି ଯେ ଜାଣେ ସେ ମୂଢତ୍ୱରୁ ବହିର୍ଗତ ହୋଇ ସର୍ବ ପାପରୁ ମୁକ୍ତି ଲାଭକରେ ।

**ବିବରଣୀ :** ପରମାତ୍ମା କେଉଁଠାରୁ ଆରମ୍ଭ ହୋଇଛନ୍ତି ତାହା କାହାକୁ ଜଣା ନାହିଁ, ସେ ଅଗମ୍ୟ ଆଉ ଅଗୋଚର । ସମସ୍ତଙ୍କ ଭଳି ତାଙ୍କର ଜନ୍ମ ନାହିଁ, ହେଲେ ଏଇଠାରେ କ'ଣ ସେ ଭଗବାନ ହୋଇ ଜନ୍ମ ନିଅନ୍ତି ନାହିଁ ! ବୋଲି କେତେକ ପଚାରିପାରନ୍ତି । ସମାଧାନରେ, ପରମାତ୍ମା ନିରାକାରରୁ ସାକାର ହୋଇ ଜନ୍ମ ନିଅନ୍ତି ସତ, ହେଲେ ସମସ୍ତଙ୍କ ଭଳି ତାଙ୍କର ଜନ୍ମ ହୋଇନଥାଏ, ସେଠାରେ ଜନ୍ମର ଲକ୍ଷ୍ୟଣ ନଥାଏ । ସମସ୍ତେ ସ୍ତ୍ରୀ ପୁରୁଷର ମିଳନରୁ ଜନ୍ମ ହୋଇଥାନ୍ତି; କିନ୍ତୁ ପରମାତ୍ମା ପୁରୁଷ ସମ୍ବନ୍ଧ ନଥିବା ସ୍ତ୍ରୀଠାରୁ ଜନ୍ମହୋଇ ପାରନ୍ତି । ଅର୍ଥାତ୍ ତାଙ୍କର ଜନ୍ମ ସମସ୍ତଙ୍କ ଭଳି ନୁହେଁ ବୋଲି ଜାଣିବା ଉଚିତ୍ । ତାଛଡା ସେ ସର୍ବଲୋକର ମହେଶ୍ୱର ବୋଲି ଯେଉଁମାନେ ଜାଣିଥାନ୍ତି, ସେମାନଙ୍କଠାରେ ଆଉ ମୂଢତ୍ୱ ରହେ ନାହିଁ, ସେମାନେ ସମସ୍ତ କର୍ମରୁ ମୁକୁଳିଯାଇ ପାରନ୍ତି । କାରଣ ସେମାନଙ୍କଠାରେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇ କର୍ମକୁ ଦହନ କରିଦିଏ ।

ଜ୍ଞାନ ବଢିବା କ୍ରମେ ସେମାନଙ୍କର ମୂଢତା ଦୂରେଇ ଯାଇଥାଏ । ମୂଢତ୍ୱ ଦୁରେଇ ଯିବା ଦ୍ୱାରା ସମସ୍ତ କର୍ମ ଦହନ ହୋଇଯାଇଥାଏ ।

**(୯) ଶ୍ଳୋକ,୪: ବୁଦ୍ଧିର୍ଜ୍ଞାନମସଂମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।**
**ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଽଭୟମେବ ଚ ॥**
**(ପରମାତ୍ମା)**

**(୯) ଶ୍ଳୋକ,୫ : ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽଯଶଃ ।**
**ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ॥**
**(ପରମାତ୍ମା)**

**ଭାବାର୍ଥ :** ବୁଦ୍ଧି, ଜ୍ଞାନ, ନିର୍ମୋହ, କ୍ଷମା, ସତ୍ୟ, ଇନ୍ଦ୍ରିୟ ନିଗ୍ରହ, ସୁଖ, ଦୁଃଖ ଗୁଡିକ ନଆସିବା ଆସିବା, ଭୟ, ନିର୍ଭୟ, ଅହିଂସା, ସମଦୃଷ୍ଟି, ତୃପ୍ତି, ତପ, ଦାନ, କୀର୍ତ୍ତି, ଅପକୀର୍ତ୍ତି ଏସବୁ ମୋଦ୍ୱାରା ହିଁ ସୃଷ୍ଟି ହୋଇଥାଏ ।

**(୯) ଶ୍ଳୋକ,୬ : ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।**
**ମଦ୍‌ଭାବା ମନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ॥**
**(ପରମାତ୍ମା)**

**ଭାବାର୍ଥ :** ପ୍ରଥମେ ସପ୍ତ ମହର୍ଷି ଏବଂ ଚତୁର୍ମାନବ ମୋର ସଂକଳ୍ପ ଦ୍ୱାରା ସୃଷ୍ଟିହୋଇଛନ୍ତି, ପରେ ସେମାନଙ୍କ ଦ୍ୱାରା ସର୍ବ ଜୀବରାଶିଙ୍କୁ ସୃଷ୍ଟି କରିଛି ।

**ବିବରଣୀ :** ସର୍ବ ପ୍ରଥମେ ସୃଷ୍ଟି କିପରି ହୋଇଥିଲା ତାହା ସୂଚନାପ୍ରାୟ ଭଗବାନ ଏହି ଶ୍ଳୋକରେ ଜଣାଇଛନ୍ତି । ସୈନ୍ୟ ବିଭାଗରେ ସିଗ୍ନାଲ୍ ସେକ୍ସନ୍ ନାମକ ଏକ ବିଭାଗ ରହିଛି । ସେଥିରେ କେତେକ ସିଗ୍ନାଲ୍‌ର (ସଙ୍କେତର) କେତେକ ଅର୍ଥ ନିର୍ଦ୍ଧାରଣ କରାଯାଇଛି । ସେହି ବିଭାଗରେ ଟ୍ରେନିଙ୍ଗ୍ ନେଇଥିବା କେତେକଙ୍କୁ ସେହି ସିଗ୍ନାଲ୍‌ର ଅର୍ଥ ଜଣାଥାଏ । ଓୟାରଲେସ୍ ଅପରେଟର କଥାବାର୍ତ୍ତା ହେଉଥିବା ବିଷୟ ଶତ୍ରୁମାନଙ୍କୁ ବୁଝା ନପଡିବା ଭଳି କଥାହେବା ପାଇଁ ଏକ ବଡ ବିଷୟ ବଦଳରେ ଛୋଟ କୋର୍ଡ (ସଙ୍କେତ)କୁ ବ୍ୟବହାର

କରିଥାନ୍ତି । ଏହି ଶ୍ଳୋକରେ ବଡ ବିଷୟକୁ ଜଣାଇଥିବା ଛୋଟ କୋର୍ଡଟିଏ ରହିଥିବା ଭଳି ଜଣାଯାଉଛି । ସେଥିଲାଗି ସୂଚନା ପ୍ରାୟ ଜଣାଇଛନ୍ତି ବୋଲି କହିଛୁ । ଏଥିରେ ଥିବା ଗୁପ୍ତ ବିଷୟକୁ ନଜାଣି କେତେକ ସପ୍ତ ଋଷିମାନେ, ଚାରିଜଣ ସନକ ସନନ୍ଦମାନେ, ଚାରିଜଣ ମନୁ ଏମିତି ମୋଟ ୧୫ଜଣ ସୃଷ୍ଟି ଆରମ୍ଭରେ ଜନ୍ମ ହୋଇଥିଲେ ବୋଲି ଲେଖିଛନ୍ତି । ଆଉ କେତେକ ସାତ-ଜଣ ଋଷି, ଚାରିଜଣ ମାନବ ଏଭଳି ମୋଟ ୧୧ ଜଣଙ୍କୁ ପରମାତ୍ମା ସୃଷ୍ଟି କରିଥିଲେ ବୋଲି ଲେଖିଛନ୍ତି ଏବଂ ସେମାନଙ୍କ ଦ୍ୱାରା ଅନ୍ୟ ମାନବ ତଥା ସମସ୍ତ ଜୀବରାଶି ଜନ୍ମ ହୋଇଥିଲେ ବୋଲି ଲେଖିଛନ୍ତି । ହେତୁବାଦୀମାନେ ପ୍ରଥମେ ସ୍ତ୍ରୀ ନଥାଇ ଏହି ପୁରୁଷମାନଙ୍କ ଦ୍ୱାରା ଅନ୍ୟମାନେ କିପରି ଜନ୍ମହେଲେ ବୋଲି ପ୍ରଶ୍ନ କରୁଛନ୍ତି । ଏହିଭଳି କେତେକ ବୁଝିହେଉ ନଥିବା କଥାକୁ ନେଇ ଭଗବତ୍ ଗୀତା ବେକାର କଥା ଓ କାହାର କଳ୍ପନା ବୋଲି କହି ଅବହେଳିତ କଥାବାର୍ତ୍ତା କରୁଛନ୍ତି । ସେହିଭଳି ହେତୁବାଦୀମାନଙ୍କୁ ଦୃଷ୍ଟିଦେଇ ସେମାନେ ମୋ ଜ୍ଞାନର ଗନ୍ଧ ମଧ୍ୟ ନପାଇବା ଭଳି ମୁଁ କରିଥାଏ ବୋଲି ଗୀତାରେ ପରମାତ୍ମା କହିଛନ୍ତି । ସେଭଳି ଲୋକମାନେ ଜ୍ଞାନଠାରୁ ଦୂରକୁ ଯିବା ଭଳି, ସେମାନଙ୍କୁ ଜ୍ଞାନ ବୁଝାନପଡିବା ଭଳି, ଏବେ ପର୍ଯ୍ୟନ୍ତ ଥିବା ଗୀତାଗୁଡିକରେ କିଛି ବିବରଣୀ ଅନେକ ରଚୟିତାମାନଙ୍କ ଦ୍ୱାରା ଲେଖାଇଛନ୍ତି ବୋଲି କହିପାରିବା ।

ଏବେ ଏହିଠାରେ ଆମେ ଲେଖିଥିବା ବିଷୟକୁ ମଧ୍ୟ କେତେକ ଗ୍ରହଣ ନକରି ବ୍ୟତିରେକ ଭାବ ପ୍ରଦର୍ଶନ କରିପାରନ୍ତି, କେଉଁ ଆଧାରରେ ଲେଖିଛନ୍ତି ବୋଲି ପ୍ରଶ୍ନ କରିପାରନ୍ତି । ସେଥିଲାଗି ଆଗରୁ କହିଛୁ ଯେ, କୋର୍ଡ ନଜାଣିଲେ ଏହି ବିଷୟ ବୁଝାପଡିବ ନାହିଁ । ତେଣୁ ଏହି ବିଷୟ ମାତ୍ର କେଇଜଣ ବୁଝିପାରନ୍ତି । ଏଠାରେ ବୁଦ୍ଧିକୁ ବ୍ୟବହାର କରି ଆପଣ ବୁଝିବାକୁ ଚେଷ୍ଟା କରନ୍ତୁ । ସୃଷ୍ଟି ପୂର୍ବରୁ ତଳେ ଭୂମି ହେଉ, ଉପରେ ଆକାଶ ହେଉ, ମଝିରେ ବାୟୁ, ଅଗ୍ନି, ଜଳ ହେଉ କିଛି ମଧ୍ୟ ନଥିଲା । ପ୍ରପଞ୍ଚ ନାମକ ପଞ୍ଚଭୂତ ହୁଅନ୍ତୁ, ଜଗତ ନାମକ ଜୀବରାଶି ହୁଅନ୍ତୁ କେହି ମଧ୍ୟ ନଥିବା ବେଳେ ଯାହା ଥିଲା ତାହା କେବଳ କାଳ । ସେହି କାଳପାଇଁ, ଘଣ୍ଟା, ଘଡି କିଛି ନଥିଲା । କେହି ବ୍ୟକ୍ତ କରିପାରୁ ନଥିବା ସେହି ସମୟରେ ଅବ୍ୟକ୍ତ, ଅଗମ୍ୟ, ଅଗୋଚର ଏକୈକ

ପରମାତ୍ମା ଥିଲେ । ସେହି ପରମାତ୍ମାଙ୍କଠାରୁ ପରମାତ୍ମାଙ୍କ ଇଚ୍ଛାରେ, ପରମାତ୍ମା ସମାନ ବଳଯୁକ୍ତ ପ୍ରକୃତି ସୃଷ୍ଟି ହେଲା । କିଛି ନଥିବା, କିଛି ହୋଇନଥିବା ସ୍ଥିତିରୁ ପ୍ରଥମେ ତିଆରିହେଲା ପ୍ରକୃତି । ପ୍ରକୃତି ଜନ୍ମହେବା ପରେ ପାଞ୍ଚ ଭାଗରେ ବିଭକ୍ତ ହୋଇଗଲା । ସେହି ପାଞ୍ଚଭାଗ ହେଉଛି ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି । ଏହି ପାଞ୍ଚଗୋଟିକୁ ପ୍ରପଞ୍ଚ (ପଞ୍ଚଭୂତ) କହୁଛୁ । ଏହିଭଳି ସର୍ବପ୍ରଥମେ ଜୀବରାଶି ନଥିବା ପ୍ରପଞ୍ଚ ସୃଷ୍ଟିହେଲା । ପ୍ରଥମେ ପରମାତ୍ମା ପୁରୁଷ ଭାବରେ ରହି, ନିଜଦ୍ୱାରା ତିଆରି କରିଥିବା ପ୍ରକୃତିକୁ ସ୍ତ୍ରୀ ତତ୍ତ୍ୱ ଭାବରେ ରଖିଲେ । ସ୍ତ୍ରୀ ତତ୍ତ୍ୱ ହୋଇଥିବା ପ୍ରକୃତିକୁ ପାଞ୍ଚଭାଗ କଲେ । ସେତେବେଳେ ପାଞ୍ଚଗୋଟି ତତ୍ତ୍ୱରେ ଯାହା ତିଆରି ହେଲା ତାହାକୁ ପ୍ରପଞ୍ଚ କୁହାଗଲା । କୌଣସି ଜୀବରାଶି ନଥିବା ସେହି ପ୍ରପଞ୍ଚରେ ସର୍ବ ପ୍ରଥମେ ପରମାତ୍ମାଙ୍କ ଠାରୁ କିଛିଭାଗ ଅଲଗାହୋଇ ଆସି ମିଶିଗଲା, ଯାହାକୁ କୁହାଗଲା ଆତ୍ମା । ପ୍ରଥମେ ପ୍ରକୃତି ତିଆରିହୋଇ ପାଞ୍ଚଭାଗରେ ବିଭକ୍ତ ହେବାଭଳି, ପରମାତ୍ମାଙ୍କ ଠାରୁ ଅଲଗାହୋଇ ଆସିଥିବା ଆତ୍ମା ସାତଭାଗରେ ବିଭକ୍ତ ହୋଇଗଲା । ଆତ୍ମାକୁ ସୁଖଦୁଃଖର ଅତୀତ ଆନନ୍ଦ କୁହାଯାଏ, ସେଥିଲାଗି ଆତ୍ମାକୁ ବ୍ରହ୍ମାନନ୍ଦ, ମହର୍ଷ ମଧ୍ୟ କୁହାଯାଏ । ପରମାତ୍ମାଙ୍କ ଠାରୁ ଅଲଗାହୋଇ ଆସିବା ପରେ ପରମାତ୍ମାଙ୍କ ଦ୍ୱାରା ଆତ୍ମା ସାତଭାଗରେ ବିଭକ୍ତ ହୋଇଗଲା । ଏହି ବିଭାଜିତ ସାତଭାଗର ଆତ୍ମାଗୁଡିକୁ ମହର୍ଷୟଃସପ୍ତ କୁହାଗଲା । **ମହର୍ଷୟଃସପ୍ତ ଅର୍ଥାତ୍ ଆତ୍ମାର ସାତଗୋଟି ଭାଗ । ଏହିଭଳି ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସପ୍ତ ମହର୍ଷ (ମହର୍ଷି) କେଉଁମାନେ ଆଜିଯାଏଁ କାହାକୁ ଜଣାନଥିବା ବିଷୟ ହୋଇ ରହିଯାଇଛି** । ସପ୍ତ ମହର୍ଷ ହୋଇଥିବା ସାତଗୋଟି ଆତ୍ମାଭାଗ ମଣିଷକୁ ସାତଜଣ ଋଷି (ମଣିଷ) ଭାବରେ ବୁଝା ପଡିଛନ୍ତି । ପ୍ରଥମେ ପଞ୍ଚଭୂତ ଏବଂ ପରେ ସାତ ମହର୍ଷ (ଦୈବାଂଶ) ସୃଷ୍ଟି ହୋଇଥିଲେ ବୋଲି ଜାଣିବା ଉଚିତ୍ ।

ପରମାତ୍ମା ପ୍ରଥମେ ନିଜର ସମସ୍କନ୍ଦ ଭାବରେ ରହିବା ଭଳି ପ୍ରକୃତିକୁ ତିଆରି କଲେ ବୋଲି ଆମେ ଜାଣିଛେ । ପ୍ରକୃତି ତିଆରି ହେବା ପରେ ଅର୍ଥାତ୍ ପ୍ରପଞ୍ଚ ସୃଷ୍ଟି ହେବା ପରେ ଆତ୍ମା ସୃଷ୍ଟି ହେଲା । ପରମାତ୍ମାଙ୍କ ସାଥି ଭାବରେ ପ୍ରକୃତି ରହିବା ସହିତ ସେହି ପରମାତ୍ମାଙ୍କ ଠାରୁ ଆତ୍ମା ଭାଗ ସୃଷ୍ଟିହେଲା ।

ସେତେବେଳେ ଆତ୍ମାର ସାଥି ଭାବରେ ଆଉଏକ ପ୍ରକୃତି ସୃଷ୍ଟି ହେଲା । ପରମାତ୍ମା ଅଂଶ ଆତ୍ମା ହେବାବେଳେ, ପ୍ରକୃତିର ଅଂଶ ଆଉ ଏକ ପ୍ରକୃତି ପ୍ରକୃତିରୁ ବିଭାଜିତ ହୋଇଗଲା । ପରମାତ୍ମାଙ୍କ ସହଯୋଗୀ ଭାବରେ, ସାଥି ଭାବରେ ସୃଷ୍ଟି ହୋଇଥିବା ପ୍ରଥମ ପ୍ରକୃତି ବଦଳୁ ନଥିବା ପ୍ରକୃତି ଭାବରେ ଅଚର ପ୍ରକୃତି ନାମରେ ନାମିତ ହେଲା । ସେହିଭଳି ଆତ୍ମାର ସହଯୋଗୀ ଭାବରେ ସୃଷ୍ଟି ହୋଇଥିବା ଦ୍ୱିତୀୟ ପ୍ରକୃତି ବଦଳୁଥିବା ପ୍ରକୃତି ହୋଇ ଚରପ୍ରକୃତି ନାମରେ ନାମିତ ହେଲା । ଏହିଭଳି ପରମାତ୍ମା, ଆତ୍ମା ଦୁଇଟି ଆତ୍ମା ହୋଇଥିବା ସ୍ଥଳେ, ଅଚର ପ୍ରକୃତି ଆଉ ଚର ପ୍ରକୃତି ନାମକ ଦୁଇଟି ପ୍ରକୃତି ତିଆରିହେଲା ।

ପରମାତ୍ମାଙ୍କଠାରୁ ତିଆରି ହୋଇ ଆସିଥିବା ଆତ୍ମା ସପ୍ତମହର୍ଷ ବା ସାତଗୋଟି ଆତ୍ମା ଭାଗରେ ବିଭାଜିତ ହୋଇଥିଲା ବୋଲି ଜାଣିଲେ । ଏଥର ପରମାତ୍ମା ସପ୍ତ ମହର୍ଷିକୁ ତିଆରି କରିବା ପରେ ଚର ପ୍ରକୃତିକୁ ଆଧାର କରି ପ୍ରଥମେ ମନକୁ ତା ପରେ ଅହମ୍ କୁ, ଚିତ୍ତକୁ, ବୁଦ୍ଧିକୁ ତିଆରି କଲେ । ଏହି ଚାରିଗୋଟିରୁ ମନ ବ୍ୟତୀତ ଅହମ୍, ଚିତ୍ତ, ବୁଦ୍ଧି ତିନିଗୋଟି କିଛି ଆତ୍ମା ଭାଗକୁ ଘେରି ରହିଲେ ଯାହା ଦ୍ୱାରା ଏକ ବର୍ତ୍ତୁଳାକାର ଭାଗ ସୃଷ୍ଟିହେଲା । ଏହି ତିନିଭାଗ କିଛି ଆତ୍ମା ଭାଗକୁ ଘେରି ରହିବା ଦ୍ୱାରା ମଝିରେ ଯେଉଁ ଶୂନ୍ୟଭାଗ ସୃଷ୍ଟିହେଲା ତାହା ହେଲା ଜୀବାତ୍ମା । ବୁଦ୍ଧି, ଚିତ୍ତ, ଅହମ୍ ମଧ୍ୟରେ ବନ୍ଦି ହୋଇ ରହିଯାଇଥିବା ଆତ୍ମା ଅଂଶକୁ ଆମେ ଜୀବାତ୍ମା ବୋଲି କହୁଛୁ । ଏହିଭଳି ଜୀବାତ୍ମା ତିଆରିହେବା ପରେ ପ୍ରକୃତିର ଦ୍ୱିତୀୟ ଭାଗ ଦ୍ୱାରା ବା ଚରପ୍ରକୃତି ଦ୍ୱାରା ଶରୀର ସୃଷ୍ଟି ହେଲା । ଏଭଳି ତିଆରି ହୋଇଥିବା ଶରୀରରେ ମନ ବ୍ୟାପିଗଲା ଯାହା ଦ୍ୱାରା ମଣିଷର ଏକ ନମୂନା ପ୍ରଥମେ ତିଆରିହେଲା । ଆତ୍ମାର ସାତଭାଗକୁ ପରମାତ୍ମା **ମହର୍ଷୟଃ ସପ୍ତ** ଅର୍ଥାତ୍ ସାତ ମହର୍ଷି ବୋଲି କହିଥିବା ବେଳେ, ମାନବପାଇଁ ତାହା ଭ୍ରାନ୍ତ ଧାରଣା ହୋଇ, **ଚତ୍ୱାରୋ ମନବ** କହିଲେ ଚାରି ମନୁ ବୋଲି ବୁଝିବସିଲା । ଏହା ସମ୍ପୂର୍ଣ୍ଣ ଭ୍ରାନ୍ତଭାବ । ପ୍ରଥମେ ପରମାତ୍ମା ସାତଜଣ ଋଷି ଆଉ ଚାରିଜଣ ମାନବଙ୍କୁ ସୃଷ୍ଟି କରିନଥିଲେ । ପ୍ରପଞ୍ଚ ସହିତ ସାତଗୋଟି ଆତ୍ମା ଭାଗ ଏବଂ ତାର ଆଧାର ଭାବରେ ଚାରିଗୋଟି ପ୍ରକୃତି ଭାଗକୁ ସୃଷ୍ଟି କରିଥିଲେ । ଏହାକୁ ଆମେ ସାତଜଣ ଋଷି ଆଉ ଚାରିଜଣ

ମାନବ ବୋଲି ବୁଝିବା ଦ୍ୱାରା ସମସ୍ତ ସୃଷ୍ଟି ରହସ୍ୟ ଆମର ଅବୁଝା ରହିଗଲା । ଏହାହିଁ ସୃଷ୍ଟିର ରହସ୍ୟ ।

ପ୍ରଥମେ ପରମାତ୍ମା ମଣିଷର ନମୂନାରେ ପ୍ରକୃତି ତଥା ଆତ୍ମାକୁ ଉପଯୋଗ କରିଥିଲେ । ତାପରେ ସେହି ପ୍ରକାରରେ ଅନ୍ୟାନ୍ୟ ଜୀବରାଶିଙ୍କୁ ସୃଷ୍ଟି କରିଥିଲେ । ଏହିଭଳି ପ୍ରଥମେ ସେହି ପ୍ରପଞ୍ଚ ଭିତରକୁ ୧୦୮ଗୋଟି ଆତ୍ମାକୁ ପଠାଇ୧୦୮ଜଣ ମଣିଷ ତିଆରି ହେବାଭଳି କରି, ସେହି ୧୦୮ ଜଣ ମଣିଷଙ୍କ ଭିତରେ ୫୪ଜଣ ପୁରୁଷ ଏବଂ ୫୪ଜଣ ସ୍ତ୍ରୀଙ୍କୁ ତିଆରି ହେବା ଭଳି କରିଥିଲେ । ୫୪ଜଣ ପୁରୁଷଙ୍କ ଭିତରେ୨୭ଜଣ ଭଲଗୁଣି ମଣିଷ ଏବଂ ୨୭ଜଣ ମନ୍ଦଗୁଣି ମଣିଷ ସୃଷ୍ଟି ହୋଇଥିଲେ । ଏହି ହିସାବକୁ ତିନିଗୁଣ କରି ୧୦୮ଜଣ ସାତ୍ତ୍ୱିକ, ୧୦୮ଜଣ ରାଜସିକ, ୧୦୮ଜଣ ତାମସିକ ଏହିଭଳି ମୋଟ ୩୨୪ ମଣିଷ ଜାତିକୁ ସୃଷ୍ଟି କରିଥିଲେ, ସେମାନଙ୍କ ଭିତରୁ ୧୬୨ଜଣ ସ୍ତ୍ରୀ, ୧୬୨ଜଣ ପୁରୁଷ ହେବାବେଳେ ୮୧ଜଣ ଭଲଗୁଣି ସ୍ତ୍ରୀ ୮୧ଜଣ ମନ୍ଦଗୁଣି ସ୍ତ୍ରୀ ସୃଷ୍ଟି ହୋଇଥିଲେ । ସେହିଭଳି ପୁରୁଷମାନେ ମଧ୍ୟ ଭଲମନ୍ଦ ଭେଦରେ ସୃଷ୍ଟି ହୋଇଥିଲେ । ଏହା କେବଳ ମାନବ ଜାତିର ହିସାବ । ସେହିଭଳି ୩୨୪ ପ୍ରକାରର ଜୀବଜାତିଙ୍କୁ ପ୍ରଥମେ ପରମାତ୍ମା ସୃଷ୍ଟି କରିଥିଲେ । ପ୍ରତ୍ୟେକ ଜୀବରାଶି ଭିତରେ ଅର୍ଦ୍ଧେକ ପୁରୁଷ ଏବଂ ଅର୍ଦ୍ଧେକ ସ୍ତ୍ରୀ ଭାବରେ ରହିବା ଭଳି କରିଥିଲେ । ମଣିଷ ବ୍ୟତୀତ ଅନ୍ୟ ୩୨୩ ଜାତିରେ ପ୍ରତ୍ୟେକ ଜାତିର ୩୨୪ସଂଖ୍ୟା ଅନୁସାରେ ମୋଟ ୧,୦୪,୬୫୨ ଜୀବଜାତି ତିଆରି ହୋଇଥିଲେ । ଏହି ହିସାବରେ ସୃଷ୍ଟ୍ୟାଦିରେ ପ୍ରଥମେ ଜନ୍ମ ନେଉଥିବା ଜୀବରାଶିଙ୍କ ସଂଖ୍ୟା ହେଉଛି ୧,୦୪,୯୭୬ । ଏହି ସଂଖ୍ୟାଗୁଡିକୁ ଏକ ଏକ କରି ମିଶାଇଲେ ସୃଷ୍ଟି ହେଉଥିବା ସଂଖ୍ୟାର ଶେଷରେ ୭ ସଂଖ୍ୟା ବଳିପଡେ । ତାହାହିଁ ପ୍ରଥମେ ତିଆରି ହୋଇଥିବା ଆତ୍ମାର ସଙ୍କେତ । ତାପରେ ପ୍ରତ୍ୟେକ ଜୀବଜାତି ନିଜ ନିଜର ସଂଖ୍ୟା ବଢାଇ ଚାଲିଲେ । ଏହିଭଳି ସୃଷ୍ଟ୍ୟାଦିରେ ତିଆରି ହୋଇଥିବା ୧୬୨ଜଣ ପୁରୁଷ ଆଉ ୧୬୨ଜଣ ସ୍ତ୍ରୀ ଥିବାବେଳେ ଆଜି ତାହା ଶହ ଶହ କୋଟିରେ ପହଞ୍ଚିଛି । ସେହିଭଳି ଅନ୍ୟ ଜୀବାରାଶିମାନେ ବଢିଛନ୍ତି । ପ୍ରଥମେ ୩୨୪ଜାତିରୁ ତିଆରି

ହୋଇଥିବା ଜଗତ ଆଜି ବର୍ଣ୍ଣସଂକର ଦ୍ୱାରା ଆଉକେତେ ଜାତିରେ ପହଞ୍ଚିନଥିବେ ବୋଲି କହିପାରିବା ନାହିଁ । କେତେକ ୮୪ ଲକ୍ଷ ଜୀବଜାତି ରହିଛନ୍ତି ବୋଲି ମତ ଦିଅନ୍ତି । ଏହି ୮୪ ଲକ୍ଷ ଜୀବଜାତିଙ୍କ ସଂଖ୍ୟା ଶାସ୍ତ୍ରବଦ୍ଧ ନୁହେଁ ବୋଲି ଲାଗୁଛି । ପ୍ରଥମେ ତିଆରି ହୋଇଥିବା ଜୀବଜାତି ୩୨୪ ହେବା ବେଳେ ସେମାନଙ୍କ ଭିତରେ ୧୦୮ଅଣ୍ଡଜ, ୧୦୮ପିଣ୍ଡଜ, ୧୦୮ଉଦ୍ଭିଦ ଭାବରେ ସୃଷ୍ଟି ହୋଇଥିଲେ । ସେମାନଙ୍କ ଭିତରୁ ପିଣ୍ଡଜ ହୋଇଥିବା ମାନବ ଚାରିଜାତିର ରହିଛନ୍ତି । ଏହିଭଳି ମାନବ ଚାରିଜାତିଙ୍କୁ ବାଦଦେଲେ ବାକିଥିବା ୧୦୪ ଜାତି ପିଣ୍ଡରୁ ଉଦ୍ଭବ ହୋଇଛନ୍ତି । ୧୦୮ ଜାତି ଅଣ୍ଡାରୁ, ସେହିଭଳି ୧୦୮ ଭୂମିରୁ ଉଦ୍ଭବ ହୋଇଛନ୍ତି । ପଞ୍ଚଭୂତ ମଧ୍ୟ ୧୦୮ ପଦାର୍ଥ ଭାବରେ ତିଆରି ହୋଇ, ସେଥିରୁ ଜନ୍ମ ହୋଇଥିବା ତିନି ପ୍ରକାରର ଜୀବଜାତି ମଧ୍ୟ ୧୦୮ ସଂଖ୍ୟାରେ ରହିଛନ୍ତି । ଏହି ୩୨୪ ପ୍ରକାରର ଜୀବଜାତି ହିଁ ଉର୍ଦ୍ଧ୍ୱଗାମୀ, ପାର୍ଶ୍ୱଗାମୀ ଏବଂ ନିମ୍ନଗାମୀ ଭାବରେ ଭୂପୃଷ୍ଠରେ ଜନ୍ମ ହୋଇଥାନ୍ତି ବୋଲି ଜାଣିବା ଉଚିତ୍ । ୩୨୪ ଜାତି ଭିତରେ ନିମ୍ନଗାମୀ ମାନବ କେବଳ ଚାରି ପ୍ରକାରର ହୋଇଥିବା ବେଳେ, ୧୬୦ ପ୍ରକାରର ଉର୍ଦ୍ଧ୍ୱଗାମୀ ଜାତି (ବୃକ୍ଷ, ଲତାଦି) ର ହୋଇ, ୧୬୦ ପ୍ରକାରର ପାର୍ଶ୍ୱଗାମୀ (ନାନା ଜନ୍ତୁ, ମତ୍ସ୍ୟ, କୀଟ ପତଙ୍ଗାଦି) ଜାତିର ହୋଇଛନ୍ତି । ଏହିଭଳି ଶାସ୍ତ୍ରବଦ୍ଧ ଭାବରେ ବ୍ରହ୍ମବିଦ୍ୟାରେ ଜୀବଜାତିର ସଂଖ୍ୟା ୩୨୪ ଥିବାବେଳେ, ପ୍ରତ୍ୟେକ ଜାତି କେତେ ସଂଖ୍ୟାରେ ଅଛନ୍ତି କହିପାରିବା ନାହିଁ । ଜୀବଜାତିଙ୍କ ସଂଖ୍ୟା ଅଚର ପ୍ରକୃତି ବା ପଦାର୍ଥ ସମ୍ବନ୍ଧୀୟ, ତେଣୁ ଭୌତିକ ଶାସ୍ତ୍ରବେତ୍ତାମାନେ ସେହି ସଂଖ୍ୟାକୁ କହି ପାରିବେ । ଜୀବଜାତିକୁ ବ୍ରହ୍ମବିଦ୍ୟା କହିପାରେ, କିନ୍ତୁ ସେମାନଙ୍କ ସଂଖ୍ୟା କେତେ ତାହା ପ୍ରପଞ୍ଚବିଦ୍ୟା କହିପାରେ ।

ଏହି ଶ୍ଳୋକରେ **ମହର୍ଷୟଃ ସପ୍ତ**ର ଅର୍ଥରେ ସାତଗୋଟି ଆତ୍ମାଭାଗ, **ଚତ୍ୱାରୋ ମନବ**ର ଅର୍ଥରେ ମନ, ଅହଂ ଇତ୍ୟାଦି ଚାରିଗୋଟି ପ୍ରକୃତିଭାଗ ବୋଲି ବୁଝିବା ଉଚିତ୍ । ତା ନକରି ସାତଜଣ ଋଷି, ଚାରିଜଣ ମନୁ ସୃଷ୍ଟି ହୋଇଥିଲେ ବୋଲି ବୁଝିଲେ ଶ୍ଳୋକର ବାସ୍ତବ ଅର୍ଥ ଲୁଚିଯାଇ ଅନେକ ପ୍ରଶ୍ନ ଉଦ୍ଭବ ହୋଇଥାଏ, ସେଭଳି ପ୍ରଶ୍ନର ଜବାବ ମିଳେ ନାହିଁ । ଏହି ଶ୍ଳୋକରେ

ପ୍ରଥମେ ସାତ (ଆତ୍ମା ଭାଗ) ଏବଂ ପରେ ଚାରି (ପ୍ରକୃତି ଭାଗ) ଜନ୍ମହେବା ପରେ ସମସ୍ତ ଜୀବରାଶି ଜନ୍ମ ହୋଇଥିଲେ ବୋଲି ବୁଝିବା ଉଚିତ୍ । ପ୍ରଥମେ ଜୀବରାଶି ନଥିବା ପଞ୍ଚଭୂତକୁ ଆମେ ପ୍ରପଞ୍ଚ ବୋଲି କହୁଛୁ । ତାପରେ ସେଥିରେ ଜନ୍ମ ହୋଇଥିବା ଜୀବରାଶି ସମୂହଙ୍କୁ ନେଇ ଜଗତ ତିଆରି ହେଲା ବୋଲି କହୁଛୁ । ଏହି ପ୍ରପଞ୍ଚ ଆଉ ଜଗତକୁ ମିଶାଇ ବିଶ୍ୱ କହୁଛୁ । ବାସ୍ତବରେ ପ୍ରପଞ୍ଚ ଅଲଗା ଆଉ ଜଗତ ଅଲଗା ବୋଲି ଜାଣିବା ଉଚିତ୍ । ପର ଅଧ୍ୟାୟରେ ଏହି ପ୍ରପଞ୍ଚ ଆଉ ଜଗତ ମିଶି ବିଶ୍ୱ ବୋଲି ପରମାତ୍ମାଙ୍କର ବିଶ୍ୱରୂପ ବାବଦରେ ବୁଝିହେବ ଆଉ ସେ ହିଁ ବିଶ୍ୱ ବୋଲି ସ୍ପଷ୍ଟ ବୁଝିପାରିବେ ।

**(୯) ଶ୍ଳୋକ,୭ : ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।**
**ସୋ ବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ।।**

(ପରମାତ୍ମା)

**ଭାବାର୍ଥ :** ମୋର ବୈଭବ, ଯୋଗ ଓ ଆତ୍ମାକୁ ଯିଏ ଜାଣିଯାଏ, ସେ ଅଚଳ ହୋଇଥିବା ମୋଠାରେ ନିଃସନ୍ଦେହ ଯୁକ୍ତହୁଏ ।

**ବିବରଣୀ :** ପରମାତ୍ମାଙ୍କର ମହାନତା କ'ଣ, ତାଙ୍କର ମାହାତ୍ମ୍ୟ କ'ଣ, ତାଙ୍କୁ ପାଇବା ପାଇଁ କେଉଁ କେଉଁ ଯୋଗ ପଦ୍ଧତି ରହିଛି, କେଉଁ କେଉଁ ମାର୍ଗରେ ଯିବାକୁ ହେବ, ଆଧାର ଭାବରେ ଥିବା ଆତ୍ମା କ'ଣ ତାହାସବୁ ଜାଣିଥିବା ବ୍ୟକ୍ତି, ଚଳନ ରହିତ ଅପରିବର୍ତ୍ତନୀୟ ପରମାତ୍ମାଙ୍କୁ ପାଏ । ଯିଏ ଜ୍ଞାନ, ଆତ୍ମା ଏବଂ ପରମାତ୍ମାଙ୍କ ବିଶେଷତାକୁ ଜାଣିଛି ସେ ନିସନ୍ଦେହ ତାଙ୍କୁ ପାଇବ ।

**(୯) ଶ୍ଳୋକ,୮ : ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତତେ ।**
**ଇତି ମତ୍ୱା ଭଜନ୍ତେ ମାଂ ବୁଧାଃ ଭାବସମନ୍ୱିତାଃ ।।**

(ପରମାତ୍ମା)

**ଭାବାର୍ଥ:** ସବୁକିଛି ମୋ ଦ୍ୱାରା ସୃଷ୍ଟ । ମୋ ଦ୍ୱାରା ସବୁକିଛି ବିଦ୍ୟମାନ । ଏହି ବିଷୟ ଜାଣିଥିବା ଜ୍ଞାନୀମାନେ, ମୋ ଭାବରେ ମନ ଲଗାଇ, ସବୁଦିଗରୁ ମୋର ଆରାଧନା କରିଥାନ୍ତି ।

**ବିବରଣୀ :** ଏହି ସାରା ପ୍ରପଞ୍ଚ ପରମାତ୍ମାଙ୍କଠାରୁ ସୃଷ୍ଟି ହୋଇ ବଜାୟ ରହିଛି, ସବୁର ମୂଳ କାରଣ ସେ ବୋଲି ଜାଣିଥିବା ଜ୍ଞାନୀମାନେ ସମତ୍ୱ ସ୍ଥିତି ଆଣୁଥିବା ଯୋଗ ଦ୍ୱାରା ପରମାତ୍ମାଙ୍କ ଉପାସନା କରିଥାନ୍ତି ।

**(୯) ଶ୍ଳୋକ,୯ : ମଚ୍ଚିତା ମଦ୍ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।**
**କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ॥**

(ପରମାତ୍ମା)

**ଭାବାର୍ଥ :** ମୋର ଭକ୍ତମାନେ ସେମାନଙ୍କ ଚିତ୍ତପ୍ରାଣକୁ ମୋଠାରେ ଲଗାଇ, ନିତ୍ୟଭାବରେ ମୋ ବିଷୟରେ ପରସ୍ପରକୁ ବୋଧ କରାଇ, ନିଜେ ତୃପ୍ତହୋଇ ଆନନ୍ଦରେ ରହିଥାନ୍ତି ।

**ବିବରଣୀ :** ପରମାତ୍ମାଙ୍କ ମହାନତାକୁ ଜାଣିଥିବା ଭକ୍ତମାନେ ପରମାତ୍ମାଙ୍କ ବିଷୟ କଥା ହେବାବେଳେ ଭୌତିକ ବିଷୟରେ ନଥିବା ଆନନ୍ଦ ପାଆନ୍ତି, କେତେ ବଡ ଭୌତିକ ବିଷୟ ଆସି ଉପସ୍ଥିତ ହେଲେ ମଧ୍ୟ ସେମାନେ ସେଥିପ୍ରତି ଧ୍ୟାନ ନଦେଇ ସେହି ପରମାତ୍ମା ବିଷୟରେ ମଗ୍ନ ରହନ୍ତି, ତାଙ୍କ ବାବଦରେ କଥାହେବା ବେଳେ ଯେଉଁ ଆନନ୍ଦ ପାଆନ୍ତି, ଯେଉଁଭଳି ତୃପ୍ତ ଥାଆନ୍ତି ସେଭଳି ଆନନ୍ଦ, ତୃପ୍ତତା ସେମାନଙ୍କୁ ଆଉ କେଉଁଠାରୁ ମିଳେ ନାହିଁ, ତେଣୁ ସେମାନଙ୍କ ଧ୍ୟାନ ପରମାତ୍ମା ବିଷୟରେ ଲଗ୍ନକରି, ପରସ୍ପର ସେ ବାବଦରେ ବୋଧକରି ଆନନ୍ଦ ପାଇଥାନ୍ତି ।

**(୯) ଶ୍ଳୋକ,୧୦ : ତେଷାଂ ସତତଯୁକ୍ତାନାଂ ଭଜତା ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥**

(ପରମାତ୍ମା)

**ଭାବାର୍ଥ :** ଯିଏ ପ୍ରୀତିପୂର୍ବକ ମୋତେ ଆରାଧନା କରୁଥାଇ ସବୁବେଳେ ମୋ ସହିତ ଯୁକ୍ତ ହେବାପାଇଁ ଭାବୁଥାଏ, ତାଠାରେ ମୁଁ ବୁଦ୍ଧିକୁ ଯୋଗ କରିଥାଏ, ବୁଦ୍ଧିଯୋଗ ଦ୍ୱାରା ସେ ମୋତେ ଜାଣିପାରେ, ପାଇପାରେ ।

**ବିବରଣୀ :** ପରମାତ୍ମାଙ୍କ ବିଷୟରେ ଆନନ୍ଦ ଲାଭକରି ପ୍ରୀତି ପୂର୍ବକ ସବୁବେଳେ ତାଙ୍କ ସହିତ ସମ୍ବନ୍ଧୀତ ହେବା ପାଇଁ ଯିଏ ଭାବନା କରୁଥାଏ, ତାକୁ ପରମାତ୍ମା ବୁଦ୍ଧି ଦେଇଥାନ୍ତି । ସେହି ବୁଦ୍ଧି ତାଠାରେ ଯୋଗହେବା ଦ୍ୱାରା ସେ ପରମାତ୍ମାଙ୍କୁ ସହଜରେ ଜାଣିପାରେ । ଏଠାରେ ବୁଦ୍ଧିଯୋଗ ପ୍ରସ୍ତାବିତ ହୋଇଛି । ବୁଦ୍ଧିଯୋଗକୁ କେତେକ ବ୍ରହ୍ମଯୋଗ, କେତେକ କର୍ମଯୋଗ କହିଥାନ୍ତି, ତାର ବାସ୍ତବ ବିବରଣ ହେଉଛି ! ବ୍ରହ୍ମଯୋଗ ସମୟରେ ମନରେ ଅନ୍ୟ ଆଲୋଚନା ନଆଣିବା ବେଳେ ବୁଦ୍ଧି ହିଁ ମନକୁ ସତର୍କ କରି ମନକୁ ଉଚିତ୍ ମାର୍ଗରେ ରଖିଥାଏ । ସେହିଭଳି କର୍ମଯୋଗରେ ଅହମ୍ କାର୍ଯ୍ୟ କରୁଥିଲେ ମଧ୍ୟ ବୁଦ୍ଧି ହିଁ ତାକୁ ଚୁପ୍ କରିଥାଏ । ଉଭୟ ଯୋଗରେ ବୁଦ୍ଧିର ପ୍ରାଧାନ୍ୟତା ଥିବାରୁ ଯୋଗକୁ ମିଶାଇ ବୁଦ୍ଧିର ଯୋଗ ବା ବୁଦ୍ଧିଯୋଗ କହୁଛୁ । ପରମାତ୍ମା ବୁଦ୍ଧିଯୋଗ ପ୍ରସାଦିତ କରିବାବେଳେ ଦୁଇଟି ଯୋଗରୁ କୌଣସି ଗୋଟିଏ ଯୋଗ ହୋଇପାରେ କିମ୍ବା ଉଭୟ ଯୋଗ ହୋଇପାରେ ।

**(୯) ଶ୍ଳୋକ, ୧୧ : ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।**
**ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତ ॥**

**(ପରମାତ୍ମା)**

**ଭାବାର୍ଥ :** ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେମାନଙ୍କଠାରେ ମୁଁ ଆତ୍ମା ଭାବରେ ଜ୍ଞାନଦୀପ ଜଳାଇ ଅଜ୍ଞାନ ଅନ୍ଧକାରକୁ ଦୂର କରିଥାଏ ।

**ବିବରଣୀ :** ତାଙ୍କୁ ଇଚ୍ଛାପୂର୍ବକ ପାଇବାପାଇଁ ଯେଉଁ କାମନା ଥାଏ, ସେମାନଙ୍କର ଯୋଗଲଭ୍ୟ ହେବା ଭଳି, ସେମାନଙ୍କର ଅଜ୍ଞାନତା ସେମାନଙ୍କର ଯୋଗ ଭଗ୍ନ କରିନପାରିବା ଭଳି, ସେମାନଙ୍କର ଅଜ୍ଞାନତା (ସନ୍ଦେହ)ର ସମାଧାନ ସେମାନେ ନିଜ ଭିତରେ ପାଇପାରିବା ଭଳି କରିଥାନ୍ତି ଅର୍ଥାତ୍ ସେମାନଙ୍କଠାରେ ସେ ଜ୍ଞାନଦୀପ ଜାଳି ଦେଇଥାନ୍ତି । ଆଲୋକରେ ଯେଉଁଭଳି ଅନ୍ଧକାର ଦୂର ହୋଇଯାଏ ସେହିଭଳି ଜ୍ଞାନ ନାମକ ଦୀପ ଦ୍ୱାରା ସେମାନଙ୍କର ସମସ୍ତ ସନ୍ଦେହ ରୂପୀ ଅନ୍ଧକାର ଦୂର ହୋଇଯାଏ । ଯେଉଁମାନଙ୍କର ପରମାତ୍ମାଙ୍କ ବାବଦରେ କୌଣସି ସନ୍ଦେହ ନଥାଏ ସେମାନେ ତାଙ୍କୁ ସହଜରେ ପାଇପାରନ୍ତି ।

**ଏହି କଥାସବୁ ଶୁଣିବା ପରେ ଅର୍ଜୁନ କ'ଣ କହୁଛନ୍ତି ଜାଣିବା ।**

**(୧) ଶ୍ଲୋକ,୧୨: ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।**
**ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥**

**(୧) ଶ୍ଲୋକ,୧୩: ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦ ସ୍ତଥା ।**
**ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥**

**(୧) ଶ୍ଲୋକ,୧୪: ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ !**
**ନ ହି ତେ ଭଗବନ୍ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ॥**

**(୧) ଶ୍ଲୋକ,୧୫: ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ !**
**ଭୂତ ଭାବନ ! ଭୂତେଶ ! ଦେବଦେବ ! ଜଗତ୍ପତେ ! ॥**

**ଭାବାର୍ଥ :** ପରବ୍ରହ୍ମ, ପରଂଧାମ, ପବିତ୍ର, ଶ୍ରେଷ୍ଠ, ପୁରୁଷ, ଶାଶ୍ୱତ, ଦିବ୍ୟ, ଆଦିଦୈବ, ଅଜନ୍ମା, ବିଭୂ ବୋଲି ତୋତେ ନାରଦ, ଅସିତ, ଦେବଳ, ସପ୍ତରଷି,ବ୍ୟାସାଦି କହନ୍ତି, ଏବେ ସ୍ୱୟଂ ତୁ ତାହା କହିବା ଦ୍ୱାରା ଶୁଣୁଛି ।

ମୋତେ ଯାହାସବୁ କହୁଛୁ ତାହା ସତ୍ୟ ବୋଲି ଭାବୁଛି, ତୋର ବାସ୍ତବ ସ୍ୱରୂପକୁ ଦେବତା, ଦାନବମାନେ ମଧ୍ୟ ଜାଣି ପାରନ୍ତି ନାହିଁ ।

ସକଳ ଜୀବର ସ୍ରଷ୍ଟା, ସକଳ ଜୀବର ପାଳକ, ଦେବତାମାନଙ୍କର ଦୈବ, ଜଗଭର୍ତ୍ତା ହେ ପୁରୁଷୋତ୍ତମ ! ତୁ ତୋତେ ହିଁ ଜାଣିପାରୁ ।

**ବିବରଣୀ :** ପୂର୍ବେ ବଡ ହୋଇଥିବା ସପ୍ତର୍ଷି, ନାରଦଙ୍କ ସମେତ ସମସ୍ତେ ପରମାତ୍ମାଙ୍କ ବାବଦରେ କହିଥିଲେ ବୋଲି ଅର୍ଜୁନ ଶୁଣିଛନ୍ତି; ତଥାପି ତାଙ୍କ ବାବଦରେ ଯିଏ ଯାହା କହିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ବିଷୟ ନୁହେଁ ବୋଲି କହି ପାରିବା, ସେମାନେ ଯାହା କହିଛନ୍ତି ତାଠାରୁ ଅନେକ ଗୁଣରେ ମହାନ ହେଉଛନ୍ତି ପରମାତ୍ମା । ସେଥିଲାଗି ଅର୍ଜୁନ ମଧ୍ୟ କହିଛନ୍ତି ଯେ, ତୋ ବାବଦରେ କେବଳ ତୋତେ ଜଣା ଅଛି, ତୋ ବାବଦରେ କେବଳ ତୁ କହିପାରିବୁ । ବାସ୍ତବରେ ବୁଝି ହେଉନଥିବା ମହିମା ପରମାତ୍ମାଙ୍କର, ତାଙ୍କ ବାବଦରେ ସେ ହିଁ

ପଚାରି ପାରନ୍ତି ସିନା, ଅନ୍ୟ କେହି ପଚାରି ପାରିବା ଅସମ୍ଭବ । ଅର୍ଜୁନ ମଧ୍ୟ ସେଇକଥା କହୁଛନ୍ତି ।

**(୯) ଶ୍ଲୋକ ୧୬ : ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥**
**୧୭ : କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ॥**
**୧୮ : ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ! ।**
**ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥**

**ଭାବାର୍ଥ :** ଯେଉଁ ମହିମା ଦ୍ୱାରା ସମସ୍ତ ଲୋକରେ ବ୍ୟାପିରହିଛୁ, ସେହି ଦିବ୍ୟ ମହିମାମୟ ବିଷୟ କେବଳ ତୁ ହିଁ କହିପାରିବୁ ।

ମୁଁ ସବୁବେଳେ ତୋ'ରି ଚିନ୍ତା ନେଇ ଜଣେ ଯୋଗୀ ଭାବରେ ତୋତେ କେମିତି ଜାଣିପାରିବି ? କେଉଁ କେଉଁ ଭାବ ନେଇ ତୋ ଚିନ୍ତା କରିବି ମୋତେ ଜଣାଇ ଦେ ।

ବିସ୍ତାର ହୋଇ ରହିଥିବା ଆତ୍ମା, ତାକୁ ପାଇବା ନିୟମ ଆଉ ତାର ମହିମା ବାବଦରେ ମୋତେ କହ, ସେହି ଅମୃତ ବାକ୍ୟସବୁ ଯେତେ ଶୁଣିଲେ ମଧ୍ୟ ମୋତେ ତୃପ୍ତି ମିଳୁନାହିଁ ।

**ବିବରଣୀ :** ପରମାତ୍ମାଙ୍କ ବିଷୟ ପରମାତ୍ମାଙ୍କ ବ୍ୟତୀତ ଆଉକେହି ମଧ୍ୟ କହିପାରିବେ ନାହିଁ ବୋଲି ଉଦ୍ଦେଶ୍ୟ ନେଇ, ପରମାତ୍ମାଙ୍କ ବିଷୟ, ତାଙ୍କ ମହିମା, ବିଶେଷତା ମୋତେ କହ ବୋଲି ଅର୍ଜୁନ ପ୍ରାର୍ଥନା କରିବା ବେଳେ, ପରମାତ୍ମାଙ୍କର ମହିମାକୁ ଭଗବାନ କହିବା ଆରମ୍ଭ କରିଛନ୍ତି ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୯)ଶ୍ଲୋକ,୧୯ : ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମ ବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥**
**(ପରମାତ୍ମା,ମାହାତ୍ମ୍ୟ)**

**ଭାବାର୍ଥ :** ମୋ' ବିଭୂତି ଗୁଡିକର ଅନ୍ତ ନାହିଁ, ସେଗୁଡିକ ଭିତରୁ କେବଳ କେତୋଟି କହୁଛି ଶୁଣ୍ ।

**(୯) ଶ୍ଲୋକ,୨୦: ଅହମାତ୍ମା ଗୁଡାକେଶ ! ସର୍ବଭୂତାଶୟସ୍ଥିତଃ ।**
**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥**

**(ପରମାତ୍ମା,ମାହାତ୍ମ୍ୟ)**

**ଭାବାର୍ଥ :** ମୁଁ ଆତ୍ମା ଭାବରେ ସର୍ବ ଜୀବରାଶିର ଆଧାର ହୋଇ ରହିଛି । ସର୍ବ ଜୀବରାଶିର ଆଦି, ମଧ୍ୟ, ଅନ୍ତ ମଧ୍ୟ ମୁଁ ।

**ବିବରଣୀ :** ସମସ୍ତ ଜୀବରାଶିରେ ଗୋଟିଏ ଆତ୍ମା ରହିଛି ଯାହା ସମସ୍ତ ଶରୀରକୁ ଚଳପ୍ରଚଳ କରାଉଛି ଏବଂ କର୍ମ ଅନୁସାରେ କାର୍ଯ୍ୟ କରାଉଥାଇ ସର୍ବସଂସାର ତିଷ୍ଠି ରହିବାକୁ କାରଣ ହୋଇ ରହିଛି । ଶରୀରରେ ଏହିଭଳି ରହିଥିବା ଆତ୍ମା ହିଁ ମୁଁ ବୋଲି ପରମାତ୍ମା ପ୍ରଥମରୁ କହିବାକୁ ଯାଇ ଏହି ଶ୍ଲୋକରେ **ଅହମାତ୍ମା** ବୋଲି କହିଛନ୍ତି । ଜୀବ, ଆତ୍ମା, ପରମାତ୍ମା ଅଲଗା ଅଲଗା ହେଲେହେଁ ଆତ୍ମା ଯେ ପରମାତ୍ମାଙ୍କ ଅଂଶ ହୋଇଥିବାରୁ ମୁଁ ହିଁ ଆତ୍ମା ବୋଲି କହିଛନ୍ତି, ତାଛଡା ଜୀବାତ୍ମା ମଧ୍ୟ ସେ ବୋଲି ସେ କହିବା ଆଗରୁ ଆମେ ଜାଣିଯିବା ଉଚିତ୍ । ଜୀବାତ୍ମାର ଆଧାର ହେଉଛନ୍ତି ଆତ୍ମା । ଆତ୍ମାଙ୍କ ଆଧାର ପରମାତ୍ମା ଆଉ ପରମାତ୍ମାଙ୍କ ଆଧାର ସେ ନିଜେ, ତାଙ୍କଠାରୁ ବଳି ଆଉ କିଛିନାହିଁ, ତାଙ୍କ ବାବଦରେ କହିବା ପାଇଁ ଆମ ପାଖରେ ଭାଷା ନାହିଁ, ସେ ଏଠାରେ ଅଛନ୍ତି, ସେଠାରେ ନାହାନ୍ତି କହିବା ଯେପରି ଅସମ୍ଭବ, ସେହିଭଳି ତାହା ପରମାତ୍ମା କି ଏହା ପରମାତ୍ମା କହିବା ଅସମ୍ଭବ, ସେ ହିଁ ସର୍ବସ୍ୱ, ତେଣୁ ଏହା ପରମାତ୍ମା ବୋଲି କୌଣସି ଜିନିଷକୁ ଆମେ ଗବେଷଣା କରିପାରିବା ନାହିଁ, ସେ ଯେ ସର୍ବସ୍ୱ ତାହା ଜଣାଇବା ପାଇଁ ମୁଁ ହିଁ ଜୀବରାଶିର ଆଦ୍ୟ, ମଧ୍ୟ ଏବଂ ଅନ୍ତ ବୋଲି କହିଛନ୍ତି ।

**ସୂଚନା :-** ପରମାତ୍ମାଙ୍କ ମହାନତା ଜଣାଉଥିବା ଏହି ଅଧ୍ୟାୟରେ ମୁଁ ହିଁ ସର୍ବସ୍ୱ ବୋଲି କୁହାଯାଇଥିବା ପରମାତ୍ମାଙ୍କ ବାକ୍ୟକୁ ନାନା ପ୍ରକାରର ବ୍ୟାଖ୍ୟା କରାଯାଇଛି, ଏସବୁ ନକହିଲେ ମଧ୍ୟ ଆମେ ବୁଝିପାରିଛେ ଯେ, ପରମାତ୍ମାଙ୍କ

ଠାରୁ ଅଧିକ ଆଉ କିଛି ନାହିଁ । ସେଥିପାଇଁ ତାଙ୍କୁ କୌଣସି ଜିନିଷ ଦ୍ୱାରା ତୁଳନା କରିପାରିବା ନାହିଁ । ଏଠାରେ ୨୧ତମ ଶ୍ଳୋକଠାରୁ ୪୦ତମ ଶ୍ଳୋକ ପର୍ଯ୍ୟନ୍ତ କୁହାଯାଇଥିବା ବିଷୟ ମଧ୍ୟ ଗୋଟିଏ ବିଷୟ, ତେଣୁ ଏଠାରେ ମୋଟ ୨୦ଗୋଟି ଶ୍ଳୋକ ଗୋଟିଏ ବିଷୟକୁ ଜଣାଉଥିବାରୁ ସେହି ଶ୍ଳୋକଗୁଡିକୁ ମିଶାଇ ଏକକାଳୀନ ଲେଖାଯାଇଛି, ସେଗୁଡିକର ଭାବାର୍ଥ ମଧ୍ୟ ଏକକାଳୀନ ଲେଖାଯାଇଛି ବୋଲି ଗ୍ରହଣ କରନ୍ତୁ ।

**(୯) ଶ୍ଳୋକ,୨୨ : ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।**
**ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।।**

**(୯) ଶ୍ଳୋକ,୨୩ : ରୂଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।**
**ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ।।**

**(୯) ଶ୍ଳୋକ,୨୪ : ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।**
**ସେନାନୀନାମହଂ ସ୍କନ୍ଧଃ ସରସାମସ୍ମି ସାଗରଃ ।।**

**(୯) ଶ୍ଳୋକ,୨୫: ମହର୍ଷିଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।**
**ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ।।**

**(୯) ଶ୍ଳୋକ,୨୬: ଅଶ୍ୱତ୍ଥଃ ସର୍ବ ବୃକ୍ଷାଣାଂ ଦେବର୍ଷିଣାଂ ଚ ନାରଦଃ ।**
**ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ ।।**

**(୯) ଶ୍ଳୋକ,୨୭: ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।**
**ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ।।**

**(୯) ଶ୍ଳୋକ,୨୮ : ଆୟୁଧାନାମହଂ ବଜ୍ରଂ ଧେନୁନାମସ୍ମି କାମଧୁକ୍ ।**
**ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ।।**

**(୯) ଶ୍ଳୋକ,୨୯ : ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହଂ ।**
**ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ।।**

**(୯) ଶ୍ଳୋକ,୩୦ : ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃକଳୟତାମହମ୍ ।**
**ମୃଗାଣାଂ ଚମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ।।**

**(୯) ଶ୍ଲୋକ,୩୧ :** ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥

**(୯) ଶ୍ଲୋକ,୩୨ :** ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ! ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ॥

**(୯) ଶ୍ଲୋକ,୩୩ :** ଅକ୍ଷରାଣାମକାରୋସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।
ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ॥

**(୯) ଶ୍ଲୋକ,୩୪ :** ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀବାକ୍‌ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ॥

**(୯) ଶ୍ଲୋକ,୩୫ :** ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ॥

**(୯) ଶ୍ଲୋକ,୩୬ :** ଦ୍ୟୁତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ॥

**(୯) ଶ୍ଲୋକ,୩୭ :** ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନିନାମପ୍ୟହଂ ବ୍ୟାସଃ କବିନାମୁଶନା କବିଃ ॥

**(୯) ଶ୍ଲୋକ,୩୮ :** ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥

**(୯) ଶ୍ଲୋକ,୩୯ :** ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ! ।
ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ॥

**(୯) ଶ୍ଲୋକ,୪୦ :** ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ! ।
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥

**ଭାବାର୍ଥ :** ଆଦିତ୍ୟମାନଙ୍କ ଭିତରେ ମୁଁ ବିଷ୍ଣୁ । ଜ୍ୟୋତିଷ୍କମାନଙ୍କ ମଧ୍ୟରେ ମୁଁ ଉଜ୍ଜ୍ୱଳ ସୂର୍ଯ୍ୟ । ମରୁତ (ବାୟୁ) ଭିତରେ ମରୀଚି ବାୟୁ, ନକ୍ଷତ୍ରମାନଙ୍କ ଭିତରେ ମୁଁ ଚନ୍ଦ୍ର । ବେଦମାନଙ୍କ ଭିତରେ ସାମବେଦ, ଦେବତାମାନଙ୍କ ଭିତରେ ଦେବେନ୍ଦ୍ର, ଇନ୍ଦ୍ରିୟଗୁଡ଼ିକ ଭିତରେ ମନ । ମୁଁ ଜୀବରାଶିଙ୍କର ଚୈତନ୍ୟ

(ଆତ୍ମା), ରୁଦ୍ରମାନଙ୍କ ଭିତରେ ଶଙ୍କର, ଯକ୍ଷ ରାକ୍ଷସମାନଙ୍କ ଭିତରେ କୁବେର, ବସୁଗୁଡିକ ଭିତରେ ଅଗ୍ନି, ଶିଖର ଭିତରେ ମେରୁ ଶିଖର, ପୁରୋହୀତ ମାନଙ୍କ ଭିତରେ ବୃହସ୍ପତି, ସେନାମାନଙ୍କ ଭିତରେ ଷଣ୍ମୁଖ, ହ୍ରଦଗୁଡିକ ଭିତରେ ମୁଁ ସାଗର ।

ଋଷିମାନଙ୍କ ଭିତରେ ଭୃଗୁ, ଶବ୍ଦରେ 'ଓଁ'କାର, ଯଜ୍ଞ ଭିତରେ ଜ୍ଞାନ (ଜପ)ଯଜ୍ଞ ଆଉ ପର୍ବତ ଭିତରେ ମୁଁ ହିମାଳୟ ।

୨୫ତମ ଶ୍ଳୋକରେ **ଯଜ୍ଞାନାଂ ଜପଯଜ୍ଞୋସ୍ମି** ବୋଲି ବାକ୍ୟଟିଏ ଅଛି । ଏହାର ଅର୍ଥ ହେଉଛି ଯଜ୍ଞଗୁଡିକ ଭିତରେ ମୁଁ ଜପଯଜ୍ଞ । ଏଠାରେ ପରମାତ୍ମା ମୁଁ ସବୁକିଛିରେ ମହାନ ବୋଲି କହିଛନ୍ତି, ହେଲେ ୨୫ତମ ଶ୍ଳୋକରେ ସବୁଠାରୁ ମହାନ ବୋଲି ଜ୍ଞାନଯଜ୍ଞକୁ ନକହି ଜପଯଜ୍ଞ କହିଛନ୍ତି ! କ'ଣ ଏହା ସତ୍ୟ ? ଆମକୁ ବିଚାର କରିବାକୁ ପଡିବ । ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ ବୋଲି ଜ୍ଞାନଯୋଗ ଅଧ୍ୟାୟରେ ଜଣାଇ, ଏଠାରେ ଜପଯଜ୍ଞ ଶ୍ରେଷ୍ଠ କହିବା କ'ଣ ଠିକ୍ ? ନିଶ୍ଚୟ ଏଠାରେ ନିଶ୍ଚୟ କିଛି ତ୍ରୁଟି ରହିଯାଇଛି ବୋଲି ଜଣାଯାଉଛି । ଏହା ବାସ୍ତବରେ ଭଗବାନ କହିନାହାନ୍ତି ବୋଲି ମଧ୍ୟ ଜଣାଯାଉଛି । ବୋଧହୁଏ ଏହା ଭୁଲ୍ ବଶତଃ ଅନେକ ଦିନରୁ ରହିଆସିଛି, ତେଣୁ ଏହି ତ୍ରୁଟିକୁ ବୁଝି ଜପଯଜ୍ଞ ସ୍ଥଳରେ ଜ୍ଞାନଯଜ୍ଞ ବୁଝନ୍ତୁ । କାରଣ ! ସବୁଠାରୁ ମହାନ, କର୍ମ ବିନାଶକାରୀ ଯଜ୍ଞ ହେଉଛି ଜ୍ଞାନଯଜ୍ଞ, ତେଣୁ ତାହା **ଯଜ୍ଞାନାଂ ଜ୍ଞାନଯଜ୍ଞୋସ୍ମି** ଭାବେ ବୁଝନ୍ତୁ ।

ବୃକ୍ଷମାନଙ୍କ ଭିତରେ ଅଶ୍ୱତ୍ଥ, ଦେବର୍ଷିମାନଙ୍କ ଭିତରେ ନାରଦ, ଗନ୍ଧର୍ବମାନଙ୍କ ଭିତରେ ଚିତ୍ରରଥ, ସିଦ୍ଧମାନଙ୍କ ଭିତରେ ମୁଁ କପିଳ ମୁନି ।

ଅଶ୍ୱମାନଙ୍କ ଭିତରେ ଉଚ୍ଚୈଶ୍ରବା, ହସ୍ତିମାନଙ୍କ ଭିତରେ ଅମୃତରୁ ଜନ୍ମ ହୋଇଥିବା ଐରାବତ ଆଉ ନରମାନଙ୍କ ଭିତରେ ମୁଁ ରାଜା ।

ଆୟୁଧ ଭିତରେ ବଜ୍ରାୟୁଧ, ଗୋଜାତିରେ କାମଧେନୁ, ପ୍ରଜନନରେ କନ୍ଦର୍ପ ଆଉ ସର୍ପମାନଙ୍କ ଭିତରେ ମୁଁ ବାସୁକୀ ।

ନାଗଙ୍କ ଭିତରେ ଅନନ୍ତନାଗ, ଜଳଚରଙ୍କ ଭିତରେ ବରୁଣ, ପିତୃ କୁଳରେ ଅର୍ଯ୍ୟମା ଆଉ ଦଣ୍ଡାଧିଶମାନଙ୍କ ଭିତରେ ମୁଁ ଯମ ।

ରାକ୍ଷସମାନଙ୍କ ଭିତରେ ପ୍ରହ୍ଲାଦ, କ୍ଷୟକାରୀଙ୍କ ଭିତରେ କାଳ, ମୃଗମାନଙ୍କ ଭିତରେ ସିଂହ ଆଉ ପକ୍ଷୀମାନଙ୍କ ଭିତରେ ମୁଁ ଗରୁଡ ।

ବେଗବାନମାନଙ୍କ ଭିତରେ ବାୟୁ, ଶସ୍ତ୍ରଧାରୀମାନଙ୍କ ଭିତରେ ରାମ, ମତ୍ସ୍ୟମାନଙ୍କ ଭିତରେ ମକର, ନଦୀମାନଙ୍କ ଭିତରେ ମୁଁ ଗଙ୍ଗା ।

ସମସ୍ତ ସୃଷ୍ଟି ମଧ୍ୟରେ ମୁଁ ଆଦି, ଅନ୍ତ ଏବଂ ମଧ୍ୟ । ବିଦ୍ୟାମାନଙ୍କ ଭିତରେ ଆଧ୍ୟାତ୍ମିକବିଦ୍ୟା ଆଉ ବାଦନାକାରୀଙ୍କର ଯୁକ୍ତି ମଧ୍ୟ ମୁଁ ।

ଅକ୍ଷରମାନଙ୍କ ଭିତରେ ମୁଁ ପ୍ରଥମ ଅକ୍ଷର 'ଅ' । ସମାସ ଭିତରେ ଦ୍ୱନ୍ଦ୍ୱ, ବିନାଶରେ ଅକ୍ଷୟ, ସୃଷ୍ଟିକାରୀଙ୍କ ଭିତରେ ବିଶ୍ୱମୁଖ ବିଧି ।

ମୁଁ ସର୍ବଗ୍ରାସୀ ମୃତ୍ୟୁ, ଉଦ୍ଭବର ଉଦ୍ଭକାରୀ, ସ୍ତ୍ରୀମାନଙ୍କ ଭିତରେ ଲକ୍ଷ୍ମୀ, କୀର୍ତ୍ତି, ସ୍ମୃତି, ଧୃତି ଏବଂ ଧୈର୍ଯ୍ୟ ମଧ୍ୟ ମୁଁ ।

ସ୍ତୋତ୍ରମାନଙ୍କ ଭିତରେ ମୁଁ ଇନ୍ଦ୍ରଙ୍କୁ ଉଦ୍ଦେଶ୍ୟ କରି ଗାନ କରାଯାଇଥିବା ବୃହତ୍‌ସାମ । ମୁଁ ଛନ୍ଦରେ ଗାୟତ୍ରୀ, ମାସଗୁଡିକ ଭିତରେ ମାର୍ଗଶୀର ମାସ ଆଉ ଋତୁଗୁଡିକ ଭିତରେ ବସନ୍ତଋତୁ ।

ଛଳନାକାରୀ ମାନଙ୍କ ମଧ୍ୟରେ ମୁଁ ଜୁଆଖେଳ, ତେଜୀୟାନ୍ ମାନଙ୍କର ମୁଁ ତେଜ । ମୁଁ ସାତ୍ତ୍ୱିକ ମାନଙ୍କର ସତ୍ୟ, ବିଜୟୀ ମାନଙ୍କର ବିଜୟ ଏବଂ ଚେଷ୍ଟିତର ଚେଷ୍ଟା ।

ବୃଷ୍ଣୀଙ୍କ (ଯାଦବ) ବଂଶଧର ମାନଙ୍କ ମଧ୍ୟରେ ମୁଁ ବାସୁଦେବ ଏବଂ ପାଣ୍ଡବ ମାନଙ୍କ ଭିତରେ ମୁଁ ଅର୍ଜୁନ । ମୁନୀଗଣଙ୍କ ମଧ୍ୟରେ ମୁଁ ବ୍ୟାସ ଏବଂ ବିଶେଷ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଁ ଉଶନା, କବିମାନଙ୍କ ମଧ୍ୟରେ ମୁଁ ଶୁକ୍ରକବି ।

ଦଣ୍ଡଗୁଡିକ ମଧ୍ୟରେ ମୁଁ ଦଣ୍ଡ-ଯଷ୍ଟି, ରାଜାମାନଙ୍କର ରାଜନୀତି, ରହସ୍ୟମାନଙ୍କ ମଧ୍ୟରେ ମୌନ ଆଉ ଜ୍ଞାନୀମାନଙ୍କର ଜ୍ଞାନ ମଧ୍ୟ ମୁଁ ।

ମୁଁ ସମସ୍ତ ଜୀବର ବୀଜ, ମୁଁ ନଥିବା ଜୀବରାଶି ନାହିଁ, ସମସ୍ତ ଚରାଚର ଭୂତ ମୋ'ରି କାରଣରୁ ଜନ୍ମିଥାନ୍ତି ।

ହେ ଶତ୍ରୁଜେତା ଏହିଭଳି କହିଗଲିଲେ ମୋ' ଶୁଭଙ୍କରୀ ବିଭୂତିର ଅନ୍ତ ନାହିଁ, ତେଣୁ ତାକୁ ବିସ୍ତାର କରି କହିହେବ ନାହିଁ, ସେଥିଲାଗି ଆଉ ବିସ୍ତାର ନକରି ସେଗୁଡିକ ଭିତରେ ଥିବା ମାତ୍ର କେଇଗୋଟିକୁ କହୁଛି ।

**ବିବରଣୀ :** ପରମାତ୍ମାଙ୍କ କଥା ଆମ କଥାରେ କହିବାକୁ ଗଲେ ଏଠାରେ ସେଠାରେ, ଇଏ ସିଏ ଇତ୍ୟାଦି ନକହି ସେ ହିଁ ସବୁକିଛି ବୋଲି କହି ପାରିବା । ଏଠାରେ ଆପଣମାନେ ମୋତେ ଏକ ପ୍ରଶ୍ନ କରିପାରନ୍ତି । ତାହା ହେଉଛି ! ପରମାତ୍ମା ନିଜେ ସର୍ବଶ୍ୱ ହେବାବେଳେ ମୃଗମାନଙ୍କ ମଧ୍ୟରେ ସିଂହ, ରାକ୍ଷସମାନଙ୍କ ମଧ୍ୟରେ ପ୍ରହ୍ଲାଦ, ଶବ୍ଦମାନଙ୍କ ମଧ୍ୟରେ 'ଓଁ'କାର ଇତ୍ୟାଦି କାହିଁକି କହିଛନ୍ତି ? କ'ଣ ସେ ମୃଗ (ଜନ୍ତୁ)ମାନଙ୍କ ମଧ୍ୟରେ କେବଳ ସିଂହ ! ଆଉ କୌଣସି ମୃଗ ନୁହନ୍ତି ? 'ଓଁ'କାର ଛଡା କ'ଣ ସେ ଆଉ କୌଣସି ଶବ୍ଦ ନୁହନ୍ତି ? ଏସବୁର ସମାଧାନ ହେଉଛି ! ମୁଁ ଯେ ସର୍ବଶ୍ୱ ବୋଲି କହିବା ପାଇଁ ଏତେ ବଢେଇ କହିବା ଆବଶ୍ୟକ ନାହିଁ; ତଥାପି ଶ୍ଳୋକରେ ବିବରଣାତ୍ମକ କହିଛନ୍ତି । ଏଭଳି କହିବା ଦ୍ୱାରା ବିବରଣ ବୁଝିହେବା ବଦଳରେ ସନ୍ଦେହ ବଢିବା ଭଳି ହୋଇଯାଏ । ଆପଣମାନେ ପଚାରୁଥିବା ପ୍ରଶ୍ନ ଏଠାରେ ପଚାରିବା ଯୋଗ୍ୟ । ଏହି ଶ୍ଳୋକଗୁଡିକ ଯେଉଁମାନେ ଲେଖିଛନ୍ତି ସେମାନେ ଏକ ଜାତିର ଉନ୍ନତ ଜନ୍ତୁ ବା ବସ୍ତୁକୁ ଲେଖିଦେଲେ ଅନ୍ୟଗୁଡିକୁ ଲେଖିଦେବା ଭଳି ହେବ ଭାବି ଲେଖିଛନ୍ତି । ଏହାକୁ ଭୁଲ୍ ବୋଲି ସ୍ୱୀକାର କରିପାରିବା । ସେଥିଲାଗି ଆମେ ଶେଷରେ ଜାଣିବା ଉଚିତ୍ ଯେ, ପରମାତ୍ମା ହିଁ ସର୍ବସ୍ୱ, ତାଙ୍କଠାରୁ ବଳି ଆଉକିଛି ନାହିଁ କି ତାଙ୍କୁ କାହା ସହିତ ତୁଳନା କରିପାରିବା ନାହିଁ ।

**(୯) ଶ୍ଳୋକ,୪୧ : ଯଦ୍ ଯଦ୍ ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତଦେବାଗଚ୍ଛ ତ୍ୱଂ ମମ ତେଜୋଽଂଶସମ୍ଭବମ୍ ॥**

**(ପରମାତ୍ମା)**

**ଭାବାର୍ଥ :** ସର୍ବ ଜୀବରାଶିଙ୍କ ମଧ୍ୟରେ ସୁନ୍ଦର, ଗୌରବମୟ, ଭୟଙ୍କର, ବଳିଷ୍ଠ ଯାହା ସୃଷ୍ଟ, ତାହାସବୁ ମୋ ତେଜର କିୟଦଂଶ ବୋଲି ଜାଣ ।

**(୯) ଶ୍ଳୋକ,୪୨ : ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ! ।**
**ବିଷ୍ଟଭ୍ୟହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ॥**

(ପରମାତ୍ମା)

**ଭାବାର୍ଥ :** ହେ ଅର୍ଜୁନ ! ଏ ସବିଶେଷ ଜ୍ଞାନର ଆବଶ୍ୟକତା ବା କଣ ଅଛି ? ଖାଲି ମୋର ଏକ ଅଂଶ ଦ୍ୱାରା ଏ ଜଗତ ରହିଛି ବୋଲି ଜାଣ୍ ।

**ବିବରଣୀ :** ସବୁଠାରୁ ଉନ୍ନତ କଥାଟି ଶେଷରେ କହିଛନ୍ତି, ସେ ଅନନ୍ତ ହେଲେ ମଧ୍ୟ ତାଙ୍କର ଗୋଟିଏ ଅଂଶରେ ଏହି ଚରାଚର ପ୍ରପଞ୍ଚ ତିଷ୍ଠି ରହିଛି ବୋଲି କହିଛନ୍ତି । ଏହି ଶେଷକଥାରୁ ସେ କେତେ ମହାନ ଆମେ ଗ୍ରହଣ କରିପାରିବା । ଏହି ବିଶ୍ୱ ବାବଦରେ ଚିନ୍ତାକଲେ ତାର ଅନ୍ତ ମିଳେ ନାହିଁ । ଅନେକ ଗୋଳ, ନକ୍ଷତ୍ରାଦିରେ ପୂର୍ଣ୍ଣହୋଇ ପ୍ରପଞ୍ଚରେ ଆମେ ଥିବା ପୃଥିବୀ ଅତି ଛୋଟ । ଏହି ପୃଥିବୀରେ ସମସ୍ତ ଜୀବରାଶି ରହିଛନ୍ତି । ଏସବୁ ତାଙ୍କର **"ଏକାଂଶେନ ସ୍ଥିତୋ"** ଅର୍ଥାତ୍ ଗୋଟିଏ ଅଂଶରେ ରହିଥିବା ବେଳେ, ପରମାତ୍ମାଙ୍କର ଅନ୍ତ ନାହିଁ, ସେ ଦ୍ୱନ୍ଦହୀନ ଭାବେ ଅନିର୍ବଚନୀୟ ।

ଏତିକିରେ ଏହି ଅଧ୍ୟାୟଟି ସମାପ୍ତ ହୋଇଛି ।

**ଶ୍ଳୋକଗୁଡିକର ବିବରଣୀ : -**

| | | | |
|---|---|---|---|
| ୧) | ପରମାତ୍ମା | = | ୩୩ |
| ୨) | ଆତ୍ମଜ୍ଞାନ | = | ୦୧ |
| ୩) | ସାକାର | = | ୦୧ |
| ୪) | ଅର୍ଜୁନ ପଚାରିଛନ୍ତି | = | ୦୭ |
| | **ମୋଟ** | = | **୪୨** |

**ଭାବାର୍ଥ ଏବଂ ବିବରଣୀ ବଦଳାଇ ଲେଖାଯାଇଥିବା ଶ୍ଳୋକ-୬**

*****

# ବିଶ୍ୱରୂପସନ୍ଦର୍ଶନ ଯୋଗ

ପ୍ରତ୍ୟେକ ଅଧ୍ୟାୟର ଏକ ନାମ ଦେଇ ନାମ ଶେଷରେ ଯୋଗ ବୋଲି କହିଛନ୍ତି । ଯେଉଁ ଅଧ୍ୟାୟରେ ଯେଉଁ ବିଷୟ ଅଧିକ କହିଛନ୍ତି, ସେହି ବିଷୟ ସମ୍ବନ୍ଧୀୟ ନାମଟିଏ ସେହି ଅଧ୍ୟାୟର ଦିଆଯାଇଛି । ଏଠାରେ ବିଶ୍ୱରୂପ ସମ୍ବନ୍ଧୀୟ ବିଷୟ ଅଧିକ ଥିବା କାରଣରୁ, ଏହି ଅଧ୍ୟାୟକୁ ବିଶ୍ୱରୂପ ସନ୍ଦର୍ଶନ ଯୋଗ କୁହାଯାଇଛି । ପ୍ରତ୍ୟେକ ଅଧ୍ୟାୟର ମୂଳ ଉଦ୍ଦେଶ୍ୟ ହେଉଛି ଜୀବାତ୍ମା କିପରି ପରମାତ୍ମାରେ ମିଳିତ ହେବ । ମିଳିତ ହେବାକୁ ଯୋଗ କହନ୍ତି । ଗୀତାର ସମସ୍ତ ଅଧ୍ୟାୟ ଯୋଗହେବା ରାସ୍ତା ଦେଖାଇଥିବାରୁ ପ୍ରତ୍ୟେକ ଅଧ୍ୟାୟର ନାମ ଶେଷରେ ଯୋଗ କୁହାଯାଇଛି ।

**ଅର୍ଜୁନ କହୁଛନ୍ତି :-**

**(୧୦) ଶ୍ଲୋକ,୧ : ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।**
**ଯତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ॥**

(ଧର୍ମ)

**ଭାବାର୍ଥ :** ମୋତେ ଅନୁଗ୍ରହ ପୂର୍ବକ ଯେଉଁ ଗୁପ୍ତ ଜ୍ଞାନ କହିଲୁ ତାହା ଆଧ୍ୟାତ୍ମିକ ହୋଇଥିବାରୁ, ଶୁଣି ମୋର ମୋହ ଦୂର ହୋଇଗଲା ।

**(୧୦) ଶ୍ଲୋକ,୨ : ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।**
**ତ୍ୱତ୍ତଃ କମଲପତ୍ରାକ୍ଷ ! ମାହାତ୍ମ୍ୟମପି ଚାବ୍ୟୟମ୍ ॥**

(ପରମାତ୍ମା)

**ଭାବାର୍ଥ :** ସର୍ବ ଜୀବରାଶିର ଜନ୍ମମରଣ ତୋଦ୍ୱାରା ହୋଇଥାଏ, ତୋର ମହିମା ଅବ୍ୟୟ ବୋଲି ବିସ୍ତୃତଭାବେ ଏପର୍ଯ୍ୟନ୍ତ ଶୁଣିଲି ।

**(୧୦) ଶ୍ଲୋକ,୩: ଏବମେତଦ୍‌ଯଥାତ୍ଥ ତ୍ୱ ମାତ୍ମାନଂ ପରମେଶ୍ୱର ।**
**ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ॥**

(ପରମାତ୍ମା, ନିରାକାର)

**ଭାବାର୍ଥ :** ହେ ପୁରୁଷୋତ୍ତମ ! ତୋ ବାବଦରେ ତୁ ଯାହା କହିଛୁ ତାହା ସତ୍ୟ, ହେଲେ ତୋର ବିଶ୍ୱରୂପ ଦେଖିବାକୁ ମୁଁ ଇଛା କରୁଛି ।

**(୧୦) ଶ୍ଲୋକ,୪ : ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।**
**ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ॥**
**(ପରମାତ୍ମା,ନିରାକାର)**

**ଭାବାର୍ଥ :** ତୋର ଆତ୍ମାରୂପକୁ ଦେଖିବାପାଇଁ ଯଦି ମୁଁ ଯୋଗ୍ୟ ବୋଲି ଭାବୁଛୁ ତେବେ ମୋତେ ସେହି ଅବ୍ୟୟ ରୂପକୁ ଦେଖାଇ ଦେ ।

**ବିବରଣୀ :** ଏପର୍ଯ୍ୟନ୍ତ ଭଗବାନ କହିଥିବା ପରମାତ୍ମାଙ୍କ ବିଷୟସବୁ ଶୁଣିଥିବା ଅର୍ଜୁନ, ତାଙ୍କ ମନରେ ଗୋଟିଏ ବିଷୟ ସ୍ଥିର କଲେ । ଯିଏ କହୁଛି ସେ ହିଁ ପରମାତ୍ମା, ଯିଏ ଦେଖାଦେଇ କହୁଛନ୍ତି ସେ ହିଁ ବିଶ୍ୱରୂପ ବୋଲି ଜାଣିଯିବା ପରେ, ଏଯାଏଁ ଶୁଣିଛି ସିନା ବାସ୍ତବରେ ଦେଖି ନଥିବା ବିଶ୍ୱରୂପ ଟିକିଏ ଦର୍ଶନ କରନ୍ତି ଭାବି ଅର୍ଜୁନ ପ୍ରାର୍ଥନା କରିବା ବେଳେ ଭଗବାନ ଶ୍ରୀକୃଷ୍ଣ କ'ଣ କହୁଛନ୍ତି ତଳେ ଦେଖିବା ।

## ଶ୍ରୀ ଭଗବାନ କହୁଛନ୍ତି :-

**(୧୦) ଶ୍ଲୋକ,୫ : ପଶ୍ୟ ମେ ପାର୍ଥ ! ରୂପାଣି ଶତଶୋଽଥ ସହସ୍ରଶଃ ।**
**ନାନା ବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ॥**
**(ପରମାତ୍ମା,ନିରାକାର)**

**(୧୦) ଶ୍ଲୋକ,୬ : ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।**
**ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ! ॥**
**(ପରମାତ୍ମା,ନିରାକାର)**

**(୧୦) ଶ୍ଲୋକ,୭ : ଇହୈକସ୍ଥଂ ଜଗତ୍କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।**
**ମମଦେହେ ଗୁଡାକେଶ ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି ॥**
**(ପରମାତ୍ମା,ନିରାକାର)**

**ଭାବାର୍ଥ :** ହେ ଅର୍ଜୁନ ! ଅନେକ ପ୍ରକାରର,ଅନେକ ବର୍ଣ୍ଣର,ଅନେକ ଆକାରର ମୋର ଦିବ୍ୟରୂପକୁ ଶହଶହ ସଂଖ୍ୟାରେ, ହଜାର ହଜାର ସଂଖ୍ୟାରେ ଦେଖି ପାରିବୁ ।

ଆଦିତ୍ୟମାନଙ୍କୁ, ବସୁମାନଙ୍କୁ, ରୁଦ୍ରମାନଙ୍କୁ, ଅଶ୍ୱିନୀ କୁମାରଙ୍କୁ, ମରୁତାଦିଙ୍କୁ ତୁ ଦେଖିପାରିବୁ । ଅନେକ ଜନ୍ମର ପୁଣ୍ୟ ଦ୍ୱାରା ଦେଖାଯାଉଥିବା ଏହି ଆଶ୍ଚର୍ଯ୍ୟକର ରୂପକୁ ଦେଖିପାରିବୁ ।

ସର୍ବ ଜଗତ ଏବଂ ସେଥିରେ ଥିବା ଚରାଚର ଜୀବ ସମାହାରକୁ ଗୋଟିଏ ଭାବରେ ମୋ'ଶରୀରରେ ଥିବା ଭଳି ତୁ ଦେଖିପାରିବୁ । ତା'ଛଡା ତୋ'ର ଯାହା ଇଚ୍ଛା ତାହା ତୁ ସେଥିରୁ ଦେଖିପାରିବୁ ।

**(୧୦) ଶ୍ଳୋକ,୮ : ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।**
**ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ।।**
**(ପରମାତ୍ମା,ନିରାକାର)**

**ଭାବାର୍ଥ :** ହେଲେ ତୋ'ର ଥିବା ଚକ୍ଷୁରେ ମୋତେ ଦେଖିବା ଅସମ୍ଭବ । ତେଣୁ ତୋତେ ଦିବ୍ୟଚକ୍ଷୁ ଦେଉଛି, ମୋର ସେହି ଈଶ୍ୱରସ୍ୱରୂପକୁ ତୁ ଦେଖିପାରିବୁ ।

**ବିବରଣୀ :** ଅର୍ଜୁନଙ୍କ ଆଶା ଅନୁସାରେ ନିଜ ରୂପକୁ ଦେଖାଇବା ପାଇଁ ଭଗବାନ ସମ୍ମତି ଜଣାଇଛନ୍ତି । ହେଲେ ନାନା ପ୍ରକାରର ସାରା ପ୍ରପଞ୍ଚକୁ ଗୋଟିଏ ଭାବରେ ତାଙ୍କ ଦେହରେ ଦେଖିପାରିବୁ ବୋଲି କହିବା ସହିତ ତାହା ଦେଖିବା ପାଇଁ ତୋ ଶରୀରର ଚକ୍ଷୁ (ଆଖି) କାର୍ଯ୍ୟ କରିବ ନାହିଁ ବୋଲି କହିଛନ୍ତି । ସାଧାରଣ ଆଖିରେ ଅର୍ଜୁନ ବିଶ୍ୱରୂପ ଦେଖିବାକୁ ଭାବୁଛନ୍ତି, କିନ୍ତୁ ସାଧାରଣ ଆଖି କିଛି ଦୂର ପର୍ଯ୍ୟନ୍ତ ବା ଏକ ପରିଧି ଭିତରେ ଦେଖି ପାରେ ସିନା ବିଶାଳ ବିଶ୍ୱକୁ ଦେଖିବା ପାଇଁ ତାର ଶକ୍ତି ନଥାଏ । ବିଶ୍ୱରୂପ କହିଲେ ଭଗବାନ କହୁଥିବା ଅନେକ ଭୂଗୋଳ, ଅନେକ ସୂର୍ଯ୍ୟଗୋଳ, ଅନେକ ପ୍ରଳୟ, ସୀମାହୀନ ନାନାବର୍ଣ୍ଣ, ନାନା ଆକୃତିର ଜଗତ ସ୍ୱରୂପକୁ । ୧୨ଭୋଲ୍ଟ ବଲ୍ବ୍‌ର ତେଜକୁ ସିଧା ସାଧାରଣ ଆଖି ଦେଖିପାରେ ନାହିଁ । କିଛି ପରିମାଣର ବିଦ୍ୟୁତ୍ ତେଜକୁ

ଦେଖି ପାରୁ ନଥିବା ଆଖି ସୂର୍ଯ୍ୟଗୋଳକୁ ଦେଖିପାରିବ ? ଏଠାରେ ଭଗବାନଙ୍କ କଥା ଅନୁସାରେ ଅନେକ ସୂର୍ଯ୍ୟଗୋଳ ଏକ ଦୃଶ୍ୟଭାବରେ ଦେଖାଦେଲେ ଆମ ଆଖି ତାହା ଦେଖିପାରିବ ? ଅସମ୍ଭବ । ତେଣୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତୋର ଆଖି ତାହା ଦେଖିବାକୁ ସକ୍ଷମ ନୁହେଁ ବୋଲି କହିଛନ୍ତି । ହେଲେ ଦେଖିବାକୁ ସାଧାରଣ ଆଖି ଅଯୋଗ୍ୟ ହେବାବେଳେ ଅର୍ଜୁନଙ୍କ ଆଶା କିପରି ପୁରଣହେବ ? ତାଙ୍କର ଏତେ ବଡ ଆଶା ପୂରଣ ହେବାକୁ ହେଲେ ବିଶ୍ୱରୂପ ଦେଖିବାପାଇଁ ତାଙ୍କର ସ୍ୱତନ୍ତ୍ରଆଖି ଦରକାର, ସେହି ସ୍ୱତନ୍ତ୍ର ଆଖି ଆମମାନଙ୍କର ମଧ୍ୟ ଅଛି । ତାହା ଆମ ସମସ୍ତଙ୍କର ଥିଲେ ମଧ୍ୟ ଥାଇ ନଥିବା ଭଳି । କାରଣ ! ସେହି ତୃତୀୟ ନେତ୍ର ସମସ୍ତଙ୍କର ବନ୍ଦହୋଇ ରହିଛି । କ୍ୱଚିତ୍ କାହାର ଖୋଲିଥିବା ବେଳେ ଅନେକଙ୍କ ଆଖିକୁ ପରଦା ଢାଙ୍କି ରଖିଛି (ମାୟା ମୋହିତ କରିଛି) । ସେହି ତୃତୀୟ ନେତ୍ର ଖୋଲିଲେ ଦେଖାଯିବ ସିନା ପରଦା ଢାଙ୍କିହୋଇ ଅନ୍ଧ ହୋଇଯାଇଥିବା ଲୋକମାନଙ୍କର ଚିକିତ୍ସା ନକଲେ ସେମାନେ ଦେଖିପାରିବେ ନାହିଁ । ଏହିଭଳି ସମସ୍ତଙ୍କର ଥାଇନଥିବା ଭଳି ଥିବା ସେହି ସ୍ୱତନ୍ତ୍ର ଆଖିକୁ ଖୋଲାଇ, ସେଥିରେ ସ୍ୱଚ୍ଛ ଦୃଷ୍ଟିଶକ୍ତି ଯଦି କେହି ଦିଅନ୍ତି ତାହା କେବଳ ପରମାତ୍ମା ଦେଇପାରିବେ, ତାଙ୍କ ଛଡା ଆଉକେହି ଦେଇପାରିବେ ନାହିଁ, ସେହି ସ୍ୱତନ୍ତ୍ର ଦୃଷ୍ଟି ନଥିବା ଅର୍ଜୁନଙ୍କ ଆଖିକୁ ପରମାତ୍ମା ହିଁ ଖୋଲାଇ କିଛି ସମୟ ନିଜକୁ ଦେଖିପାରିବା ଭଳି କରିଛନ୍ତି । ଶେଷରେ ତୋତେ ଦିବ୍ୟଚକ୍ଷୁ ଦେଉଛି ଦେଖ୍ ବୋଲି କହିଥିବା ଶ୍ରୀକୃଷ୍ଣ ଯାହା ଦେଖାଇଛନ୍ତି ତାହା ଅର୍ଜୁନ କହୁଛନ୍ତି ।

**ସଞ୍ଜୟ କହୁଛନ୍ତି :-**

**ଶ୍ଳୋକ, ୦୯ :** **ଏବମୁକ୍ତ୍ୱା ତତୋ ରାଜନ୍ ! ମହାଯୋଗେଶ୍ୱରୋ ହରିଃ ।**
**ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥** **(କଳ୍ପିତ)**

**ଶ୍ଳୋକ, ୧୦ :** **ଅନେକବକ୍ତ୍ର ନୟନୋମନେକାଦ୍ଭୁତଦର୍ଶନମ୍ ।**
**ଅନେକଦିବ୍ୟାଭରଣଂ ଦିବ୍ୟନେକୋଦ୍ୟତାୟୁଧମ୍ ॥** **(କଳ୍ପିତ)**

**ଶ୍ଳୋକ, ୧୧ :** **ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।**
**ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥** **(କଳ୍ପିତ)**

**ଶ୍ଲୋକ, ୧୨ :** **ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ୟୁଗୋଦୁତ୍ଥିତା ।**
**ଯଦି ଭାଃ ସଦୃଶୀ ସା ସ୍ୟାଭାସସ୍ତସ୍ୟ ମହାତ୍ମନଃ ।।** **(କଳ୍ପିତ)**

**ଶ୍ଲୋକ, ୧୩ :** **ତତ୍ରୈକସ୍ଥଂ ଜଗତ୍କୃସ୍ନଂ ପ୍ରବିଭକ୍ତମନେକଥା ।**
**ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ।।** **(କଳ୍ପିତ)**

**ଶ୍ଲୋକ, ୧୪ :** **ତତଃ ସ ବିସ୍ମୟାବଷ୍ଟୋ ହୃଷ୍ଟରୋମା ଧନଞ୍ଜୟ ।**
**ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ ।।** **(କଳ୍ପିତ)**

## ଅର୍ଜୁନ କହୁଛନ୍ତି :-

**(୧୦) ଶ୍ଲୋକ,୧୫:**

**ପଶ୍ୟାମି ଦେବାସ୍ତଂବ ଦେବଦେହେ ସର୍ବାଂସ୍ତଥା ଭୂତବିଶେଷସଂଘାନ୍ ।**
**ବ୍ରହ୍ମାଣମୀଶଂ କମଳାସନସ୍ଥମ୍ ଋଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।।**
**(ନିରାକାର)**

**(୧୦) ଶ୍ଲୋକ,୧୬ :**

**ଅନେକବାହୂଦରବକ୍ତ୍ର ନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋନନ୍ତରୂପମ୍ ।**
**ନାନ୍ତ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।**
**(ନିରାକାର)**

**ଭାବାର୍ଥ :** ହେ ଦେବଦେବ ! ହେ ବିଶ୍ୱେଶ୍ୱର ! ସମସ୍ତ ଦେବତାମାନଙ୍କୁ, ସର୍ବ ଜୀବରାଶିଙ୍କୁ, ବ୍ରାହ୍ମଣମାନଙ୍କୁ, ଅଧିପତିମାନଙ୍କୁ ଏବଂ ପଦ୍ମାସନରେ ବସିଥିବା ଋଷିମାନଙ୍କୁ, ମହାମହା ସର୍ପମାନଙ୍କୁ ତୋ ଦେହରେ ଦେଖିଲି ।

ହେ ବିଶ୍ୱେଶ୍ୱର ! ବିଶ୍ୱରୂପ ! ! ଅନେକ ହସ୍ତ,ଅନେକ ଉଦର, ଅନେକ ମୁଖ, ଅନେକ ଚକ୍ଷୁ, ଅନନ୍ତରୂପ, ଆଦିମଧ୍ୟାନ୍ତ ରହିତ ତୋତେ ଦେଖିଲି ।

**ବିବରଣୀ :** ଏଠାରେ ଅଷ୍ଟମ ଶ୍ଲୋକଠାରୁ ୧୪ତମ ଶ୍ଲୋକର ଭାବାର୍ଥ, ବିବରଣୀ ନଲେଖି ସିଧା ୧୫ତମ ଶ୍ଲୋକ ଲେଖିଛୁ । ମଝିରେ ରହିଥିବା ସଞ୍ଜୟଙ୍କ ଉକ୍ତିକୁ ଆମେ ଲେଖି ନାହୁଁ । ଭଗବଦ୍ଗୀତାରେ ସଞ୍ଜୟ ଆଉ ଦୃତରାଷ୍ଟ୍ର ହିଁ ନାହାନ୍ତି ବୋଲି

ଆଗରୁ ଜଣାଇଛୁ । ସେଥିଲାଗି ମଝିରେ ଥିବା ଛଅଗୋଟି ଶ୍ଳୋକକୁ ଆମେ ବାଦ୍ ଦେଇଛୁ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କ ଜ୍ଞାନନେତ୍ରକୁ ଦୃଷ୍ଟି ଦେବା ପରେ, ଅର୍ଜୁନ ଭୌତିକ ଚକ୍ଷୁ ବନ୍ଦକରିବା ପରେ ତାହା ଅନ୍ଧକାର ହୋଇଯାଇଛି, ସେ ତୃତୀୟ ନେତ୍ରରେ ଦେଖି, ଦେଖାଯାଇଥିବା ଦୃଶ୍ୟ ବାବଦରେ ପୁନଃ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି । ନଖ-ଦର୍ପଣରେ ଦେଖୁଥିବା ଲୋକଟି ତା ପାଖରେ ଥିବା ଲୋକକୁ ଯେପରି କହିଥାଏ ଠିକ୍ ସେହିପରି ଅର୍ଜୁନ ମଧ୍ୟ ସେ ସମୟରେ ଯାହାସବୁ ଦେଖୁଥିଲେ ତାହା କହିପାରୁଛନ୍ତି ।

ସମସ୍ତ ଦେବତାମାନଙ୍କୁ, ମନୁଷ୍ୟମାନଙ୍କୁ, ବ୍ରାହ୍ମଣମାନଙ୍କୁ, ଅଧିପତି ମାନଙ୍କୁ, ପଦ୍ମାସନରେ ଥିବା ସମସ୍ତ ଋଷିମାନଙ୍କୁ, ମହା ମହା ସର୍ପମାନଙ୍କୁ ଦେଖିଛନ୍ତି ବୋଲି କହୁଛନ୍ତି । ବିଶ୍ୱରୂପ ଦେଖିବା ବେଳେ ଅର୍ଜୁନ କହିଥିବା ପ୍ରଥମ ବାକ୍ୟରେ ବିଶ୍ୱରୂପର ବିଶେଷତା କ'ଣ ତାହା କିଛି ପରିମାଣରେ ବୁଝିହୁଏ । ପୂଜିତ ହେଉଥିବା ଦେବତାମାନେ, ପୂଜା କରୁଥିବା ମନୁଷ୍ୟମାନେ ସମସ୍ତେ ଜଣଙ୍କଠାରେ ଅଛନ୍ତି ବୋଲି କହିବା ବେଳେ, ଜାଣିହୁଏ ସେ ଜଣକ ସମସ୍ତଙ୍କଠାରୁ ବିଶାଳ । ତାଛଡା ବ୍ରହ୍ମଜ୍ଞାନ ଯୁକ୍ତ ଈଶ୍ୱରମାନେ ଆଉ ପଦ୍ମାସନରେ ବସିଥିବା ଋଷିମାନେ ଗୋଟିଏ ସ୍ଥାନରେ ଅଛନ୍ତି ବୋଲି କହିଛନ୍ତି । ବ୍ରହ୍ମଜ୍ଞାନ ସବୁଠାରୁ ମହାନ ଜ୍ଞାନ । ଈଶ୍ୱର ଶବ୍ଦର ଅର୍ଥ ହେଉଛି ଅଧିପତି, କୋଟିଶ୍ୱର ମାନଙ୍କଠାରୁ ଯୋଗୀଶ୍ୱରମାନଙ୍କ ପର୍ଯ୍ୟନ୍ତ ଥିବା ସମସ୍ତ ଈଶ୍ୱରମାନେ, ମହାନ ବ୍ରହ୍ମଜ୍ଞାନୀମାନେ ତାଙ୍କଠାରେ ଦେଖାଯାଇଛନ୍ତି । ଋଷିମାନେ ଯୋଗ କରୁଥିବା ସମୟରେ ପଦ୍ମାସନରେ ରହିଥାନ୍ତି । ଏହିଭଳି ପଦ୍ମାସନରେ ଥିବା ମହାନ ଋଷିମାନେ ମଧ୍ୟ ସେହି ରୂପର ଭାଗ ହୋଇ ଦେଖାଯିବା ବେଳେ ବ୍ରହ୍ମଜ୍ଞାନୀ ମାନଙ୍କ ଅପେକ୍ଷା, ଯୋଗୀଶ୍ୱର ମାନଙ୍କ ଅପେକ୍ଷା, ଋଷିଶ୍ୱର ମାନଙ୍କ ଅପେକ୍ଷା ସେହି ରୂପ ମହାନ ଏବଂ ପବିତ୍ର ବୋଲି ସ୍ପଷ୍ଟ ଜଣାଯାଉଛି । ବିଶାଳ ଏବଂ ପବିତ୍ର ବୋଲି ଅର୍ଜୁନଙ୍କର ପ୍ରଥମବାକ୍ୟରୁ ବିଶ୍ୱରୂପକୁ ଜାଣିହେଉଛି । ତାଛଡା ମହା ମହା ସର୍ପମାନେ ମଧ୍ୟ ଅଛନ୍ତି ବୋଲି କହୁଛନ୍ତି । ସର୍ପମାନଙ୍କୁ ଦେଖିଲେ ମରଣକୁ ଦେଖିବା ଭଳି ଲାଗେ । ସର୍ପଗୁଡିକର ଆକାର ଭୟଙ୍କର । ସେଭଳି

ଭୟଙ୍କର ବିଷୟସବୁ ଯା'ଠାରେ ଅଛି ସେହି ନିର୍ଭୟରୂପ କାହାଠାରୁ କମ୍ ନୁହେଁ ବୋଲି ଜଣାଯାଉଛି । ପ୍ରଥମ ଶ୍ଳୋକରେ ପରମାତ୍ମାଙ୍କ ନିରାକାର ସ୍ଥିତି ସବୁଠାରୁ ବିଶାଳ, ସବୁଠାରୁ ପବିତ୍ର ଏବଂ ଭୟଙ୍କର ବୋଲି ସହଜରେ ଜଣାଯାଉଛି । ବିଶାଳ, ପବିତ୍ର, ଭୟଙ୍କର ସେହି ରୂପ ବାବଦରେ ଅର୍ଜୁନଙ୍କ ଦ୍ୱିତୀୟବାକ୍ୟ କ'ଣ ଜାଣିବା ।

ସମଗ୍ର ବିଶ୍ୱ ଏକରୂପ ହେବାବେଳେ ସେଥିରେ ଯାହାସବୁ ରହିଛି ତାହା ସେହି ରୂପର ଏକ ଏକ ଭାଗ ହୋଇଥାଏ । ସମସ୍ତ ପ୍ରାଣୀ ସେହି ରୂପର ହେବାବେଳେ ସେମାନଙ୍କର ଶରୀରରେ ଥିବା ହାତ, ମୁଣ୍ଡ, ପେଟ, ଆଖିଗୁଡିକ ସେହି ରୂପର ହୋଇଥାଏ । ସମସ୍ତ ପ୍ରାଣୀମାନଙ୍କର ଅବୟବ ଗୁଡିକ ସେହି ରୂପର ହେବାବେଳେ ବିଶ୍ୱରୂପର ଅନେକ ହାତ, ଗୋଡ, ମୁଣ୍ଡ, ପେଟ, ଆଖି ଇତ୍ୟାଦି ରହିଛି କହିବା ନିଶ୍ଚୟ ଯଥାର୍ଥ ଲାଗେ, ତେଣୁ ଆଶ୍ଚର୍ଯ୍ୟଚକିତ ସେହି ରୂପକୁ ଦେଖୁଥିବା ଅର୍ଜୁନ ସେ ରୂପର ଆଦିଅନ୍ତ ଦେଖିପାରୁ ନାହାନ୍ତି ବୋଲି କହୁଛନ୍ତି । ସର୍ବତ୍ର ଶରୀରାବୟବ ଦେଖାଯାଉଛି, ସେହି ଆକାରର ଆରମ୍ଭ ସ୍ଥାନ ହୋଇଥିବା ପାଦଗୁଡିକ ଗୋଟିଏ ସ୍ଥାନରେ, ମଝିସ୍ଥାନ ହୋଇଥିବା ପେଟଗୁଡିକ ଗୋଟିଏ ସ୍ଥାନରେ, ଶେଷରେ ଥିବା ମୁଣ୍ଡଗୁଡିକ ଗୋଟିଏ ସ୍ଥାନରେ ଦେଖାଯାଇଥିଲେ ସେହି ବିଶ୍ୱରୂପର ଆରମ୍ଭ ଏଠାରେ, ମଝି ଏଇଠାରେ କି ଶେଷ ସେଠାରେ ବୋଲି କହିହୁଅନ୍ତା ! କିନ୍ତୁ ତା'ନହୋଇ ସବୁକିଛି ତାଙ୍କଠାରେ ବ୍ୟାପିରହିଛି । ସେଥିଲାଗି ସେହି ଆକାରକୁ ଆଦିମଧ୍ୟାନ୍ତରହିତ କହିପାରିବା ।

ଅମାପ, ଅସୀମ ସେହି ରୂପ ତେଜର କେନ୍ଦ୍ରବିନ୍ଦୁ ହେବା ଭଳି ପ୍ରକାଶିତ ହୋଇ, ଦେଖିବାକୁ ସାଧ୍ୟ ହେଉନଥିବା ସୂର୍ଯ୍ୟତେଜ ସମ ବ୍ୟାପି ରହିଛି ବୋଲି ମଧ୍ୟ ଅର୍ଜୁନ କହୁଛନ୍ତି । ଏହି କଥାରେ ପରମାତ୍ମା ନିରାକାର ପରିଧିହୀନ ଏବଂ ତେଜବନ୍ତ ବୋଲି ମଧ୍ୟ ଜଣାଯାଉଛନ୍ତି ।

ପରିଧି ନଥିବା ବିଶାଳ, ସର୍ବସ୍ୱରୂପ, ଭୟଙ୍କର, ତେଜୋବନ୍ତ, ବିଶ୍ୱରୂପ ହୋଇଥିବା ପରମାତ୍ମାଙ୍କ ନିରାକାରତାକୁ ଦେଖିବାପରେ ଅର୍ଜୁନଙ୍କୁ ଯାହା ବୁଝାଗଲା ତାହା ସେ ତଳ ଶ୍ଳୋକରେ କହିଛନ୍ତି ।

**(୧୦) ଶ୍ଳୋକ,୧୭ :**

**କିରୀଟିନଂ ଗଦିନଂ ଚକ୍ରିଣଂ ଚ ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।**
**ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାତ୍ ଦୀପ୍ତାନଳାର୍କ ଦ୍ୟୁତିମପ୍ରମେୟମ୍ ॥**

**(ଅଶାସ୍ତ୍ରୀୟ)**

**ଭାବାର୍ଥ :** ବିଶ୍ୱରୂପର ଏକ ସ୍ୱତନ୍ତ୍ର ମୁଣ୍ଡ ନାହିଁ । ସେହିଭଳି ଦୁଇଟି ହାତ ନାହିଁ, ତେଣୁ କିରୀଟ, ଗଦା, ଚକ୍ରାଦି ଧାରଣ କରିବା ବିଷୟ ଅଶାସ୍ତ୍ରୀୟ ହୋଇଯାଏ । ଗଦା, ଚକ୍ର, କିରୀଟ ଦେବତାମାନଙ୍କର, ବିଷ୍ଣୁଙ୍କର ଆୟୁଧ ହୋଇପାରେ, କିନ୍ତୁ ବିଶ୍ୱରୂପର ବୋଲି କହି ପାରିବା ନାହିଁ । ବିଶ୍ୱରୂପକୁ ବିଷ୍ଣୁରୂପ ଭାବରେ ଚିହ୍ନାଇବା ଭଳି କରାଯାଇଥିବା ଚେଷ୍ଟା ହିଁ ଏଇ ଶ୍ଳୋକ ବୋଲି କହିପାରିବା । ଦେବତାମାନଙ୍କ ଭିତରେ ମହାନ ହୋଇଥିବା ବିଷ୍ଣୁ ଆଉ ଦେବତାମାନଙ୍କର ମଧ୍ୟ ଉପାସ୍ୟଦୈବ ହୋଇଥିବା ପରମାତ୍ମାଙ୍କ ଭିତରେ ଅତୁଳନୀୟ ଭେଦ ରହିଛି ବୋଲି ଜାଣିବା ଉଚିତ୍ ।

ଉପରେ ଥିବା ୧୬ତମ ଶ୍ଳୋକରେ ଅନେକ ମୁଣ୍ଡ, ଅନେକ ହାତ ଇତ୍ୟାଦି ଅଛି ବୋଲି କୁହାଯାଇଥିବା ସ୍ଥଳେ, ଏହି ଶ୍ଳୋକରେ କିରୀଟ, ଗଦା, ଚକ୍ର ଧାରଣ କରିଛନ୍ତି ବୋଲି ଲେଖିବା କ'ଣ ଠିକ୍ ? ସେଥିଲାଗି ଏହି ଶ୍ଳୋକକୁ ବାହାର କରିଦେଇଛୁ ।

**(୧୦) ଶ୍ଳୋକ,୧୮ :**

**ତ୍ୱମକ୍ଷରଂ ପରମଂ ବେଦିତବ୍ୟଂତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥**

**(ନିରାକାର)**

**ଭାବାର୍ଥ :** ତୁ ଅକ୍ଷର, ପରମଲକ୍ଷ୍ୟ, ବିଶ୍ୱାଧାର, ଶାଶ୍ୱତ ଭାବେ ଅବ୍ୟୟ, ଧର୍ମ ରକ୍ଷକ, ପୂର୍ବରୁ ତୁ ପୁରୁଷ ଭାବେ ରହିଆସିଛୁ ବୋଲି ମୁଁ ଭାବୁଛି ।

**ବିବରଣୀ :** ପ୍ରଥମେ ଭିତରେ ଦେଖାଯାଉଥିବା ଆକାର ବାବଦରେ କହିଥିବା ଅର୍ଜୁନ, ଏ ତ ଦେଖାଯାଉଥିବା ଶ୍ରୀକୃଷ୍ଣ ବୋଲି ଥରେ ମଧ୍ୟ ସନ୍ଦେହ ନ କରି

ଏକ ନିର୍ଣ୍ଣୟରେ ପହଞ୍ଚି, ତୁ ଅବିନାଶୀ ବୋଲି କହିଛନ୍ତି । ସେହି ଦର୍ଶନରେ ବାହାରେ ଥିବା ଶ୍ରୀକୃଷ୍ଣ ହିଁ ଭିତରର ଅଦୃଶ୍ୟ ବିଶ୍ୱରୂପ ଭାବିଥିବା ଅର୍ଜୁନ, ଏ ପର୍ଯ୍ୟନ୍ତ ଶୁଣିଥିବା ଅବିନାଶୀ ଶକ୍ତି ହିଁ ଏହି ଶ୍ରୀକୃଷ୍ଣ ବୋଲି ଜାଣି, ପରମାତ୍ମାଙ୍କର ଥିବା ସମସ୍ତ ଯୋଗ୍ୟତା ଶ୍ରୀକୃଷ୍ଣଙ୍କର ଅଛି ଭାବି ତୁ ଜଗଦାଧାର, ତୁ ଧର୍ମ ସଂସ୍ଥାପକ, ମୂଳକର୍ତ୍ତା, ତୁ ହିଁ ପୁରୁଷୋତ୍ତମ ବୋଲି କହିଛନ୍ତି ।

**(୧୦) ଶ୍ଲୋକ,୧୯ :**

**ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟମ୍ ଅନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।**
**ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥**

**(ନିରାକାର)**

**ଭାବାର୍ଥ :** ଆରମ୍ଭ, ମଧ୍ୟ, ଅନ୍ତହୀନ ଅନନ୍ତ ପୁରୁଷତ୍ୱ, ଅନନ୍ତବାହୁ, ଯାହାର ସୂର୍ଯ୍ୟଚନ୍ଦ୍ରଙ୍କ ଭଳି ଆଖି, ଜଳୁଥିବା ଅଗ୍ନିଭଳି ଯାହାର ମୁଖ, ଯିଏ ନିଜର ତେଜ ଦ୍ୱାରା ଜଗତକୁ ତପ୍ତ କରିଥାଏ ସେଇ ରୂପର ହୋଇଥିବା ତୋତେ ମୁଁ ଦେଖିପାରିଲି ।

**(୧୦) ଶ୍ଲୋକ,୨୦ :**

**ଦ୍ୟାବା ପୃଥିବ୍ୟୋରିଦମନ୍ତରଂ ହି ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।**
**ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥**

**(ନିରାକାର)**

**ଭାବାର୍ଥ :** ଭୂମି ଆଉ ଆକାଶ ମଧ୍ୟରେ ଏବଂ ଦିଗଗୁଡିକରେ ତୁ ବ୍ୟାପିରହିଛୁ, ଦେଖିବାକୁ ଅଦ୍ଭୁତ, ଭୟଙ୍କର ହୋଇଥିବା ତୋ' ଆକୃତି ଦେଖି ସମସ୍ତଲୋକ ଭୟଭୀତ ହେଉଛି ।

**ବିବରଣୀ :** ଦେଖିବାକୁ ଭୟଙ୍କର ହୋଇଥିବା ବିଶ୍ୱରୂପ ଦ୍ୱାରା ସମସ୍ତଲୋକ ଅର୍ଥାତ୍ ସମସ୍ତେ ଭୟଭୀତ ହେଉଛନ୍ତି ବୋଲି କହିଛନ୍ତି । ଏଠାରେ କେବଳ ଅର୍ଜୁନ ଯେ ଦେଖୁଛନ୍ତି ତାହା ଭୁଲନ୍ତୁ ନାହିଁ, ଅନ୍ୟ କେହି ଦେଖୁନାହିଁ କି କେହି ଭୟ କରୁନାହାନ୍ତି । ତେବେ ଏଠାରେ କାହାକୁ ଦେଖି କିଏ ଭୟ କରୁଛି ? ବୋଲି

ପ୍ରଶ୍ନ ଆସେ । ତା'ର ସମାଧାନ ହେଉଛି **! ଲୋକ କହିଲେ ଗୁଣଭାଗ ବୋଲି ଆମେ ଆଗରୁ ଜାଣିଛେ । ତେଣୁ ସମସ୍ତଲୋକ କହିଲେ ତିନି ଗୁଣଭାଗ ବୋଲି ଜାଣିବା ଉଚିତ୍** । ବିଶ୍ୱରୂପ ହେଉଛି ଜ୍ଞାନ ସ୍ୱରୂପ । ତେଣୁ ତିନିଗୁଣର ସାରାଂଶ ହୋଇଥିବା 'ମାୟା' ବିଶ୍ୱରୂପକୁ ଦେଖି ଭୟ କରୁଛି ବୋଲି କହି ପାରିବା । ବିଶ୍ୱରୂପ ସର୍ବଦା ବିଦ୍ୟମାନ ଆଉ ମାୟା ତାକୁ ଭୟ କରିଥାଏ । ଅର୍ଜୁନ ଜ୍ଞାନନେତ୍ର ଦ୍ୱାରା ତାହା ଦେଖୁଥିବାରୁ ତାହା ତାଙ୍କୁ ବୁଝା ପଡିଥିଲା, ଏହା ସତ୍ୟ ସିନା ଆଉ କେଉଁଠାରେ ଥିବା ଲୋକର ପ୍ରଜାମାନେ ତାହା ଦେଖି ଭୟ କରୁଛନ୍ତି ଭାବିବା ଅନୁଚିତ୍ । ତାଛଡା ତଳ ଶ୍ଲୋକରେ କହିଥିବା ଯକ୍ଷ, କିନ୍ନର, କିଂପୁରୁଷ, ଗରୁଡ, ଗନ୍ଧର୍ବ, ବସୁ, ସିଦ୍ଧ, ସାଧ୍ୟ, ଦେବତା, ରାକ୍ଷସ ଇତ୍ୟାଦି ଆଉ କେଉଁଠାର ନୁହନ୍ତି, ସେମାନେ ଆମରି ଭିତରେ ବାସ କରୁଥିବା ମାନବଜାତି ବୋଲି ଜାଣିବା ଉଚିତ୍ । ଏମାନଙ୍କୁ ବିଶ୍ୱରୂପରେ ଅର୍ଜୁନ ସାଧାରଣ ଆଖିରେ ଦେଖିବା ଭଳି ଦେଖିନାହାନ୍ତି । ତଳେ ଥିବା ୨୨ତମ ଶ୍ଲୋକରେ '**ବିକ୍ଷନ୍ତେ**' ଶବ୍ଦର ଅର୍ଥକୁ ପ୍ରତ୍ୟକ୍ଷ ଭାବରେ ଦେଖିବା ବୋଲି ବୁଝିବା ଉଚିତ୍ ନୁହେଁ । ଜ୍ଞାନ ଦ୍ୱାରା ଜଣାପଡିବା ଯୋଗୁଁ ବୋଲି ବୁଝିବା ଉଚିତ୍ ।

**(୧୦) ଶ୍ଲୋକ,୨୧ :**

**ଅମୀ ହି ତ୍ୱାଂ ସୁରସଂଘା ବିଶନ୍ତି କେଚିଦ୍ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।**
**ସ୍ୱସ୍ତିତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଂଘାଃ ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ ॥**
**(ନିରାକାର)**

**(୧୦) ଶ୍ଲୋକ,୨୨ :**

**ରୁଦ୍ରାଦିତ୍ୟାବସବୋ ଯେ ଚ ସାଧ୍ୟା ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।**
**ଗନ୍ଧର୍ବଯକ୍ଷାସୁର ସିଦ୍ଧସଂଘା ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଃ ଚୈବ ସର୍ବେ ॥**
**(ନିରାକାର)**

**ଭାବାର୍ଥ :** ଦେବତା ସମୂହ ତୋଠାରେ ପ୍ରବେଶ କରୁଛନ୍ତି । କେତେକ ଭୟରେ ତୋତେ ନମସ୍କାର କରୁଛନ୍ତି । ସିଦ୍ଧ ମହର୍ଷିମାନେ ସ୍ୱସ୍ତି କହି ପ୍ରାର୍ଥନା ସହିତ ସ୍ତୋତ୍ର ଗାନ କରୁଛନ୍ତି ।

**ବିବରଣୀ :** ଦେବତାମାନେ ସେମାନଙ୍କର କର୍ମ ସମାପ୍ତ କରି ପରମାତ୍ମାଙ୍କ ଠାରେ ପ୍ରବେଶ କରୁଛନ୍ତି । କେତେକ ସର୍ବେଶ୍ୱର କେହିଜଣେ ଅଛନ୍ତି, ସେମାନଙ୍କ ଭୁଲ୍ ପାଇଁ ସେ ନିଶ୍ଚୟ ଦଣ୍ଡ ଦିଅନ୍ତି ଭାବି, ଭକ୍ତିରେ ନୁହେଁ, ଭୟରେ ନମସ୍କାର କରୁଛନ୍ତି । ଆଉ କେତେକ ମୋକ୍ଷ ପାଇବାକୁ ଯୋଗ୍ୟ ହୋଇଥିବା ଋଷିମାନେ ସ୍ୱସ୍ତି କହି ଅର୍ଥାତ୍ ସର୍ବଶାନ୍ତି ବା ସମାପ୍ତ ହେଲା ଭଳି ଅର୍ଥଦାୟୀ ବାକ୍ୟାଦି କହି ସ୍ତୁତି କରୁଛନ୍ତି । **ସ୍ୱସ୍ତିର ଅର୍ଥ ମଧ୍ୟ ସ୍ୱାହା, ଏହାର ଏକାର୍ଥ ଶବ୍ଦ ମଧ୍ୟ ଗୋବିନ୍ଦ ବୋଲି କହିପାରିବା** । ଜାଣିଥିବା ଲୋକମାନେ ଏହି ଇହଲୋକରେ ସମସ୍ତ କର୍ମକୁ ବିନାଶ କରି ଆମେ ତୁମ ପାଖକୁ ଆସିବାକୁ ପ୍ରସ୍ତୁତ ହେଉଛୁ କହିବାକୁ ଯାଇ ସ୍ୱସ୍ତି, ସ୍ୱାହା କିମ୍ବା ଗୋବିନ୍ଦ ଶବ୍ଦ ଦ୍ୱାରା ସ୍ତୁତି କରୁଛନ୍ତି । କେତେକ ଏଭଳି ଥିବାବେଳେ ଆଉ କେତେକ ରୁଦ୍ର, ଆଦିତ୍ୟ, ବସୁ, ସାଧ୍ୟ, ଅଶ୍ୱୀନିକୁମାର, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ଦେବତା ଏବଂ ସିଦ୍ଧମାନେ ଆଶ୍ଚର୍ଯ୍ୟ ହୋଇ ପରମେଶ୍ୱରଙ୍କ ବାବଦରେ, ଯୋଗ ବାବଦରେ ଆଲୋଚନା କରୁଛନ୍ତି ।

**(୧୦) ଶ୍ଳୋକ,୨୩ :**

**ରୂପଂ ମହତେ ବହୁବକ୍ତ୍ରନେତ୍ରଂ ମହାବାହୋ ବହୁବାହୂରୁପାଦମ୍ ।**
**ବହୁଦରଂ ବହୁଦ୍ରଷ୍ଟ୍ରାକରାଳଂ ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ॥**

**(ନିରାକାର)**

**ଭାବାର୍ଥ :** ଅନେକ ମୁଖ, ଅନେକ ନେତ୍ର, ଅନେକ ବାହୁ, ଉଦର, ପାଦ ଏବଂ ଭୟଙ୍କର ଦାନ୍ତ ଥିବା ତୋର ମୁଖ ଦେଖିବା ଦ୍ୱାରା ସମସ୍ତଲୋକ ଭୀତତ୍ରସ୍ତ ହୋଇପଡିଛନ୍ତି । ମୁଁ ମଧ୍ୟ ଭୟବିହ୍ୱଳ ହୋଇଯାଇଛି ।

**ବିବରଣୀ :** ପ୍ରପଞ୍ଚର ସମସ୍ତ ରୂପହୋଇ ପରମାତ୍ମା ଏକରୂପ ଭାବରେ ଦେଖାଯିବା ଦ୍ୱାରା, ବାସ୍ତବରେ କେହି କେଉଁଠାରେ ଦେଖିନଥିବା ରୂପକୁ ଦେଖି ଅର୍ଜୁନ ଡରି ଯାଇଛନ୍ତି । ଭୟଙ୍କର ଦନ୍ତଯୁକ୍ତ ମୁଖ କହିବାରେ କିଛି ସ୍ୱତନ୍ତ୍ର ଅର୍ଥ ମଧ୍ୟ ରହିଛି । ପରମାତ୍ମାଙ୍କର ସ୍ୱତନ୍ତ୍ର ଭାବରେ ଦାନ୍ତଯୁକ୍ତ ମୁଖ ନାହିଁ, ସେ ଆମ ଭଳି ଦେଖାଯାଉଥିବା ଦାନ୍ତମୁଖ ବିଶିଷ୍ଟ ଆକୃତିର ନୁହନ୍ତି, ଯଦି ସେ ସେପରି ହୋଇଥାନ୍ତେ ତେବେ ତାଙ୍କର ବିଶ୍ୱରୂପ ଏକ ପରିଧି ବିଶିଷ୍ଟ ହୋଇଥାନ୍ତା ।

ଏଠାରେ ଆପଣ ପରମାତ୍ମାଙ୍କର ମୁଖ ନାହିଁ ବୋଲି କହୁଛନ୍ତି ! ହେଲେ ଶ୍ଳୋକରେ **'ବହୁଦ୍ରଂଷ୍ଟ୍ରାକରାଳଂ'** ଅର୍ଥାତ୍ ଅନେକ ଭୟଙ୍କର ଦାନ୍ତ ନାମକ ପଦ କାହିଁକି ବ୍ୟବହାର କରିଛନ୍ତି ? ବୋଲି ପ୍ରଶ୍ନ କରିପାରନ୍ତି । ବାସ୍ତବ ଜାଣିବାକୁ ହେଲେ ଏହା କହିବାରେ କିଛି ବିଶେଷ ଅର୍ଥ ରହିଛି ।

ସାଧାରଣତଃ ସମସ୍ତଙ୍କ ଭଳି ହାତ, ଗୋଡ, ଆଖି, ଇତ୍ୟାଦି ତାଙ୍କର ଥିଲେ ସେ ନିଶ୍ଚୟ ସାଧାରଣ ଆଖିକୁ ଦେଖାଯାଇଥାନ୍ତେ, କିନ୍ତୁ ସେଠାରେ ଦେଖାଯାଇଥିବା ଦୃଶ୍ୟସବୁ ଅସାଧାରଣ ଦୃଶ୍ୟ, ତାହା ସାଧାରଣ ଆଖିକୁ ଦେଖାଯିବା ଅସମ୍ଭବ, ସେଥିଲାଗି କେହି ଦେଖିପାରୁନଥିବା ରୂପ ତୁ ଦେଖୁଛୁ ବୋଲି ଭଗବାନ କହିଛନ୍ତି । ସେହି ଦୃଶ୍ୟ କାଳ ଏବଂ ପ୍ରପଞ୍ଚ ପରିମାଣ ଭାବରେ ମିଶି ରହିଛି, ଏହା ମୁଖ୍ୟ ଭାବରେ ଜାଣିବା ଉଚିତ୍ । ବିତୁଥିବା ଚଳିତ କାଳ, ଆଉ ପ୍ରପଞ୍ଚ ପରିମାଣ ବର୍ଣ୍ଣନାତୀତ । **ପ୍ରପଞ୍ଚର ପରିମାଣକୁ କୌଣସି ଶାସ୍ତ୍ରଜ୍ଞ ଆଜିଯାଏଁ କହିପାରି ନାହାନ୍ତି । କାଳ ପାଇଁ ସେକେଣ୍ଡ୍‌ଠାରୁ ଆରମ୍ଭ କରି ଘଣ୍ଟା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରିଥିବା ଶାସ୍ତ୍ରଜ୍ଞମାନେ ବାସ୍ତବରେ କାଳ କ'ଣ କହିପାରୁ ନାହାନ୍ତି** । ଖଣ୍ଡ ଖଣ୍ଡ ଭାବରେ ଅବଗାହନ ହୋଇପାରୁ ନଥିବା ପ୍ରପଞ୍ଚର ମାପ ଏବଂ କାଳ ଏକକାଳୀନ ମିଶି ରହିଥିବା ଦୃଶ୍ୟ ଦେଖାଗଲେ ମଧ୍ୟ ଦେଖି ଗ୍ରହଣ କରି ପାରିବା କ'ଣ ସମ୍ଭବ ? ପ୍ରପଞ୍ଚର କେହି ବୁଝିପାରୁ ନଥିବା ଦୃଶ୍ୟକୁ ଅର୍ଜୁନ ଜ୍ଞାନନେତ୍ର ଦ୍ୱାରା ଦେଖିବା ତାଙ୍କର ମହାଭାଗ୍ୟ ବୋଲି କହିପାରିବା ।

ଏବେ ଅସଲ ବିଷୟକୁ ଯିବା । କୌଣସି ଜୀବରାଶିର ଦାନ୍ତ ତାର ଏକ ଆୟୁଧ ବୋଲି କହିପାରିବା । ପ୍ରାୟ ସମସ୍ତେ ନିଜର ଦାନ୍ତକୁ ଆୟୁଧ ଭାବେ ଉପଯୋଗ କରିଥାନ୍ତି । ଏକ ପ୍ରାଣୀ ଆଉଏକ ପ୍ରାଣୀକୁ ଶିକାର କରିବାକୁ ହେଲେ ତାର ଦାନ୍ତ ମୁଖ୍ୟ । ଏହିଭଳି ଅଧିକ ହିଂସାପୋଯୋଗୀ ଦାନ୍ତ ନିଶ୍ଚୟ ଭୟଙ୍କର ବୋଲି କହିପାରିବା । ତାଛଡା ଏକ ବସ୍ତୁ କିମ୍ବା କୌଣସି ପଦାର୍ଥକୁ ଦାନ୍ତ ସମ୍ପୂର୍ଣ୍ଣ ଗୁଣ୍ଡକରି ତାର ଆକାରକୁ ବଦଳାଇ ଦେଇପାରେ, ଥିବା ଆକାରକୁ ନିଖୋଜ କରିପାରେ, ଏକ ଜୀବକୁ ହିଂସା କରିବାରେ ଦାନ୍ତ ଭୟଙ୍କର ବୋଲି କହି ପାରିବା । ଜୀବରାଶିଙ୍କ ଦାନ୍ତ ଏତେ ଭୟଙ୍କର ହୋଇଥିବା

ବେଳେ, କାଳଦନ୍ତ କେତେ ଭୟଙ୍କର ହୋଇନଥିବ ! ବିଶ୍ୱରୂପରେ ଥିବା କାଳ ପରିମାଣର ଦାନ୍ତ କିଭଳି, ଅର୍ଜୁନ କିପରି ବୁଝିଛନ୍ତି ତାହା ଆଲୋଚନା କରି ଆମ ବିଚାରରେ କ'ଣ ଆସୁଛି ଟିକିଏ ଜାଣିବା ।

ଜୀବରାଶି ଯେଉଁଠାରେ ମୃତ୍ୟୁବରଣ କରନ୍ତି ସେଠାରେ ପରମାତ୍ମାଙ୍କ ଦାନ୍ତ ଲାଗିବା ଭଳି ହୋଇଥାଏ । ଯେଉଁଠାରେ ଜୀବରାଶିଙ୍କ ଶରୀର ବିନାଶ ହେଉଛି, ଯେଉଁଠାରେ କୌଣସି ଦୁର୍ଘଟଣା ଘଟି ଜୀବରାଶିର ଶରୀର ନଷ୍ଟ ହୋଇଯାଉଛି, ଯେଉଁଠାରେ ଜୀବରାଶିର ଶରୀର ଖଣ୍ଡ ଖଣ୍ଡ ହୋଇଯାଉଛି ସେଠାରେ ପରମାତ୍ମାଙ୍କ ଦାନ୍ତ ଲାଗୁଛି ବୋଲି କହିପାରିବା । ଏହିଭଳି ଏକ ହିସାବ ଅନୁସାରେ ପରମାତ୍ମାଙ୍କ ମୁଖ, ଦନ୍ତକୁ ହିଁ ମୃତ୍ୟୁ ଭାବନା କରି ପାରିବା । ନାନା ପ୍ରକାରର ମୃତ୍ୟୁ କେତେ ଭୟଙ୍କର ! ତେଣୁ ତାଙ୍କର ଦାନ୍ତ ଅତି ଭୟଙ୍କର ବୋଲି ଜାଣିବା ଉଚିତ୍ । ଏହି ଏକ ଆଧାର ଅନୁସାରେ ଅର୍ଜୁନ ଦେଖିଥିବା ରୂପ ଏକ ବିଶେଷରୂପ, ସେହି ରୂପର ଆମ ଭଳି ଶରୀର ନାହିଁ, ଆମଭଳି କୌଣସି ଅବୟବ ନାହିଁ । ବେଳେବେଳେ ଘଟୁଥିବା ବଡ ବଡ ଦୁର୍ଘଟଣାରେ ହଜାର ହଜାର ଲୋକ ମୃତ୍ୟୁବରଣ କରିବା ଅତି ଭୟଙ୍କର ଦୃଶ୍ୟ ହୋଇଥାଏ, ତାହା ଦେଖି ପ୍ରଜାମାନେ ଭୟ କରିଥାନ୍ତି, ତାହା ହିଁ କହିବାକୁ ଯାଇ ଅର୍ଜୁନ ପ୍ରଜାମାନେ ତୋତେ ଦେଖି ଭୟ କରୁଛନ୍ତି ବୋଲି କହିଛନ୍ତି ।

**(୧୦) ଶ୍ଲୋକ,୨୪ :**

**ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ ବ୍ୟାତାନନଂ ଦୀପ୍ତବିଶାଳନେତ୍ରମ୍ ।**
**ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ।।**

**(ନିରାକାର)**

**(୧୦) ଶ୍ଲୋକ,୨୫ :**

**ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି ଦୃଷ୍ଟି ଏବ କାଳାନଳସନ୍ନିଭାନି ।**
**ଦୀଶୋ ନ ଜାନେ ନ ଲଭେ ଚ ଶର୍ମ ପ୍ରସୀଦ ଦେବେଶ ଜଗନ୍ନିବାସ ।।**

**(ନିରାକାର)**

**ଭାବାର୍ଥ :** ଆକାଶ ପର୍ଯ୍ୟନ୍ତ ବ୍ୟାପିରହିଥିବା ନାନା ରଙ୍ଗର, ଉନ୍ମୁକ୍ତ ମୁଖଯୁକ୍ତ, ଜାଜ୍ଜ୍ୱଲ୍ୟମାନ ବିଶାଳ ନେତ୍ରଯୁକ୍ତ ତୋତେ ଦେଖିଲେ ମୋଠାରେ ଭୟ ଏବଂ ଦୁଃଖ ଜାତ ହେଉଛି, ମୋଠାରେ ଶାନ୍ତି ଆଉ ଧୈର୍ଯ୍ୟ ରହୁ ନାହିଁ । ତୋର ଭୟଙ୍କର ମୁଖ ମୋତେ କାଳାଗ୍ନି ସମ ବୋଧ ହେଉଛି, ତାହା ସବୁ ଦେଖିବା ଦ୍ୱାରା ମୁଁ ଦିଗ ଜାଣିପାରୁ ନାହିଁ, ମୁଁ ମାନସିକ ଭାରସାମ୍ୟ ହରାଇ ବିଚଳିତ ହୋଇଯାଉଛି ।

**ବିବରଣୀ :** ସେହି ଅସାଧାରଣ ବିଶ୍ୱରୂପ ଅର୍ଜୁନଙ୍କୁ ଆକାଶ ପର୍ଯ୍ୟନ୍ତ ଦେଖାଯାଉଛି, ସେଯାଏଁ ବ୍ୟାପିରହିଥିବା ନାନା ରଙ୍ଗକାନ୍ତି, ଇନ୍ଦ୍ରଧନୁ, ମେଘ ଗୁଡିକର ଆକୃତି ସବୁ ବିଶ୍ୱରୂପରେ ଦେଖାଯାଉଛି । ଆକାଶରେ ଝଡ ପୂର୍ବର ସ୍ଥିତି, ଢାଙ୍କିଦେବା ଭଳି ମାଡିଆସୁଥିବା କଳାମେଘ, ସୂର୍ଯ୍ୟତେଜ ଭଳି ଦୃଷ୍ଟି ଭାବରେ, ମୃତ୍ୟୁକୁ ଆହ୍ୱାନ କରୁଥିବା ନାନା ଘଟଣାମାନ ମୁଖଦ୍ୱାର ଭାବରେ ରହିଥିବା ଦୃଶ୍ୟଗୁଡିକ ସେ ରୂପରେ ଦେଖାଯିବା ଦ୍ୱାରା ଅର୍ଜୁନ ଡରିଯାଇଛନ୍ତି । ତାହା ଦେଖିବା ପାଇଁ ତାଙ୍କର ଆଉ ଧୈର୍ଯ୍ୟ ନାହିଁ, ବିପଦ ସମୟର ଭୟ ଦେଖାଦେଇଛି । ଅନେକ ଭୟଙ୍କର ମୃତ୍ୟୁ ଘଟଣା ଅନେକ ଦାନ୍ତ ଭାବରେ ଦେଖାଦେବା ବେଳେ, କାଳ ତାଙ୍କୁ ଅଗ୍ନିଭାବରେ ଦେଖାଦେଇଛି । ମୃତ୍ୟୁ ମୁଖ ଦ୍ୱାର ଭାବରେ ଦେଖାଦେବା ବେଳେ ତାହା ଉନ୍ମୁକ୍ତ ମୁଖ ଭଳି ଜ୍ଞାନଦୃଷ୍ଟିକୁ ଜଣାପଡିବାରୁ ଅର୍ଜୁନ ଅତ୍ୟନ୍ତ ଭୟଭୀତ ହୋଇଯାଇଛନ୍ତି । ଅଗ୍ନି ସବୁକିଛିକୁ ଜଳାଇ ତାର ନାମନିସାନ ମିଟାଇଦିଏ, ସେହି କାଳ ତାଙ୍କୁ ଅଗ୍ନି ଭଳି ଲାଗିଛି । ଏହି କାଳାଗ୍ନି ଆଜି ଜଣକୁ, କାଲି ଆଉଜଣକୁ, ପରଦିନ ଆଉ କାହାକୁ ନିଖୋଜ କରିଦେଉଛି । କାଳାଗ୍ନିରେ ଏମିତି କେତେକିଏ ନିଖୋଜ ହୋଇଗଲେଣି । ଚଳିତ କାଳରେ ପ୍ରତିଦିନ ଅନେକ ମୃତ୍ୟୁବରଣ କରୁଛନ୍ତି, ତାହା ଉନ୍ମୁକ୍ତ ମୁଖର ଦାନ୍ତ ଭାବରେ ଅର୍ଜୁନଙ୍କୁ ବୁଝାପଡୁଛି । ମୃତ୍ୟୁ ସବୁବେଳେ ଅପେକ୍ଷା କରି ରହିଛି, ତାହାହିଁ ଉନ୍ମୁକ୍ତ ମୁଖ । ଘଟୁଥିବା ଦୁର୍ଘଟଣାମାନ ହିଁ ଦନ୍ତରାଜି, ଅତୀତ କାଳ ହିଁ କାଳଗର୍ଭ ବା ତାଙ୍କର ଉଦର ବୋଲି ଅର୍ଜୁନଙ୍କୁ ବୁଝାପଡିଛି । ଦୁର୍ଘଟଣାରେ ଜୀବନ ଯାଉଥିବା ବେଳେ ଦେଖି, ଧୈର୍ଯ୍ୟଧରି ରହିପାରୁ ନାହେଁ ! କାହାର ତୀବ୍ର ଆଘାତକୁ ସହିପାରୁ ନାହେଁ! ଏଭଳି ଛୋଟ ଛୋଟ

ଘଟଣାକୁ ଦେଖି ଆମେ ସହ୍ୟ କରିପାରୁ ନଥିବା ବେଳେ, ଜଗତରେ ଘଟୁଥିବା ମୃତ୍ୟୁ ଘଟଣାମାନ ଦେଖି ଅର୍ଜୁନ କ'ଣ ହୋଇଥିବେ ଟିକିଏ ଚିନ୍ତା କରନ୍ତୁ, ତାଙ୍କ ମନ ବିଚଳିତ ହୋଇଯାଇଛି, ସେଥିଲାଗି ମୋତେ ଦିଗ ଦେଖାଯାଉ ନାହିଁ ବୋଲି କହିଛନ୍ତି । ଆଉ କ'ଣ କହୁଛନ୍ତି ତାହା ତଳେ ଦେଖିବା ।

**(୧୦) ଶ୍ଲୋକ, ୨୬ :**

**ଅମି ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ ସର୍ବେ ସହୈବାବନିପାଳସଂଘୈଃ ।**
**ଭୀଷ୍ମୋଦ୍ରୋଣଃ ସୁତପୁତ୍ରସ୍ତଥାସୌ ସହାସ୍ମଦୀୟୈରପି ଯୋଧମୁଖୈଃ ॥**

**(ନିରାକାର)**

**(୧୦) ଶ୍ଲୋକ, ୨୭ :**

**ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି ଦ୍ରଂଷ୍ଟାକରାଳାନି ଭୟାନକାନି ।**
**କେଚିଦ୍ୱିଲଗ୍ନା ଦଶନାନ୍ତରେଷୁ ସଂଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତମାଙ୍ଗୈଃ ॥**

**(ନିରାକାର)**

**ଭାବାର୍ଥ :** ଧୃତରାଷ୍ଟ୍ରଙ୍କ ପୁତ୍ର ଦୁର୍ଯ୍ୟୋଧନାଦି, ଅନ୍ୟାନ୍ୟ ରାଜାସମୂହ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଇତ୍ୟାଦି ଯୁଦ୍ଧବୀରମାନେ ତୋର ଭୟଙ୍କର ମୁଖଦନ୍ତ ଭିତରେ ପ୍ରବେଶ କରୁଛନ୍ତି । କେତେକ ତୋର ଦାନ୍ତସନ୍ଧିରେ ଅଟକିଯାଇ କେବଳ ସେମାନଙ୍କର ମୁଣ୍ଡମାତ୍ର ଦେଖାଯାଉଛି ।

**ବିବରଣୀ :** ଏହି ୨୭ତମ ଶ୍ଲୋକରେ ଅନେକ ଜ୍ଞାତବ୍ୟ ତଥ୍ୟ ରହିଛି, ଏହା ଅଧ୍ୟାୟର ମୁଖ୍ୟ ଶ୍ଲୋକ ମଧ୍ୟ, ଏଥିରୁ ବିଶ୍ୱରୂପକୁ ବୁଝି ହୋଇଥାଏ, ତେଣୁ ସତର୍କତାର ସହିତ ଗ୍ରହଣ କରିବାପାଇଁ ସୂଚିତ କରୁଛୁ ।

ଯୁଦ୍ଧଭୂମିର ବୀରମାନେ ପରମାତ୍ମାଙ୍କ ଭୟଙ୍କର ମୁଖରେ ପ୍ରବେଶ କରୁଛନ୍ତି ବୋଲି ଅର୍ଜୁନ ଜାଣିପାରିଲେ । ଦୁଇ ପକ୍ଷରେ ଯୁଦ୍ଧହେବା ବେଳେ ସୈନିକମାନଙ୍କ ବ୍ୟତୀତ ରାଜାମାନେ ମଧ୍ୟ ମୃତ୍ୟୁବରଣ କରିଥାନ୍ତି । ସେହି ସମୟରେ ଭୂପୃଷ୍ଠରେ ଅନେକ ଲୋକ ମଧ୍ୟ ମୃତ୍ୟୁବରଣ କରନ୍ତି । ମୃତ୍ୟୁବରଣ କରୁଥିବା ସମସ୍ତେ ପରମାତ୍ମାଙ୍କ ମୁଖ ଭିତରକୁ ପ୍ରବେଶ କରୁଛନ୍ତି ବୋଲି

ଅର୍ଜୁନ ଜାଣୁଛନ୍ତି । କରାଳ ମୁଖରେ ଥିବା ଦାନ୍ତରେ ସମସ୍ତେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ କାଳଗର୍ଭରେ ପ୍ରବେଶ କରୁଛନ୍ତି । ଏହିଭଳି ସବୁ କ୍ଷଣରେ ପରମାତ୍ମା କାଳ ହୋଇ ସମସ୍ତଙ୍କୁ ଗର୍ଭସାତ୍ କରୁଛନ୍ତି (ଗିଳିଦେଉଛନ୍ତି) । ସମସ୍ତେ ତାଙ୍କର ଦାନ୍ତରେ ଚୂର୍ଣ୍ଣ ହୋଇ କାଳଗର୍ଭରେ ଲୁଚି ଯାଉଥିବାବେଳେ, କେତେକଙ୍କର ମୁଣ୍ଡ ତାଙ୍କର ଦାନ୍ତରେ ଲାଗି ରହିବା ଦ୍ୱାରା ସେମାନେ ଚିହ୍ନିତ ହେଉଛନ୍ତି, ଏହା ଏକ ବିଶେଷ କଥା । ସେଦିନ ଦାନ୍ତସନ୍ଧିରେ କେତେକ ଲାଖିରହିଛନ୍ତି ବୋଲି ଅର୍ଜୁନ ଦେଖିବା ବ୍ୟତୀତ ଆଜି ଆମେ ମଧ୍ୟ କେତେକଙ୍କୁ ଅଟକିଥିବା ଦେଖୁଛେ । ଏହା କେବଳ ମୋତେ ଦେଖାଯାଉଛି ତାନୁହେଁ, ଆପଣମାନେ ମଧ୍ୟ ଆପଣଙ୍କ ମନୋନେତ୍ର ଖୋଲି ଦେଖିଲେ ସେମାନେ ଦେଖାଯିବେ ।

ସବୁଦିନ କୋଟି କୋଟି ଜୀବ ମୃତ୍ୟୁବରଣ କରୁଛନ୍ତି । ଏହା ସମସ୍ତଙ୍କୁ ଜଣାଥିବା ବିଷୟ । କିଏ କେତେବେଳେ ମୃତ୍ୟୁବରଣ କରିଛନ୍ତି ଆମେ ସମସ୍ତଙ୍କୁ ଜାଣିନାହେଁ, ଏଭଳି ଆମପାଖରେ ଠିକଣାନଥିବା କେତେ ଚାଲିଗଲେଣି । ଏଭଳି କାଳାଗ୍ନିରେ ନିଖୋଜ ହୋଇଯାଇଥିବା ଲୋକମାନଙ୍କ ଭିତରୁ ୧୯୪୮ ମସିହାରେ ମହାତ୍ମାଗାନ୍ଧୀ କାଳ ଗର୍ଭରେ ମିଶିଯାଇଥିଲେ ମଧ୍ୟ ତାଙ୍କୁ ଆଜି ଆମେ ଚିହ୍ନି ପାରିବାର ମୂଳ କାରଣ ହେଉଛି ତାଙ୍କର କୀର୍ତ୍ତି, ସେହି କୀର୍ତ୍ତି କାଳ ଦନ୍ତସନ୍ଧିରେ ରହିଯାଇଛି, ସେଥିଲାଗି ସେ ସମସ୍ତଙ୍କ ପରିଚିତ ଠିକଣା ହୋଇପାରିଛନ୍ତି । ସବୁଦିନ ଲୋକେ ମୃତ୍ୟୁବରଣ କରୁଥିଲେ ମଧ୍ୟ ପରମାତ୍ମାଙ୍କର ଦାନ୍ତ ସନ୍ଧିରେ ଗାନ୍ଧୀଙ୍କ ଭଳି ଅନେକଙ୍କ କୀର୍ତ୍ତି ଅଟକିଯାଇଛି, ସେମାନଙ୍କ ଭିତରେ ମଦର-ଟେରେସା, ସୁଭାସଚନ୍ଦ୍ର ବୋସ୍, ନେହେରୁ, ଇନ୍ଦିରାଗାନ୍ଧୀ, କଳ୍ପନାଚାୱଲା ଇତ୍ୟାଦି କେତେକ ଆଜିର ହୋଇଥିବା ବେଳେ, ପୂର୍ବ କାଳର ହରିଶ୍ଚନ୍ଦ୍ରାଦି ରାଜା ମହାରାଜା, ବୀର, ଦାନୀ, ମାନୀ ଲୋକମାନେ ମଧ୍ୟ ଇତିହାସରେ ରହି ଦେଖାଯାଉଛନ୍ତି । ମୁଁ ଯେଉଁମାନଙ୍କ ନାମ କହୁଛି ସେମାନେ କ'ଣ ଆପଣଙ୍କ ଦୃଷ୍ଟିକୁ ଦେଖାଯାଉ ନାହାନ୍ତି ? ନିଶ୍ଚୟ ଦେଖାଯାଉଛନ୍ତି । ଏଭଳି ଅନେକଙ୍କ କୀର୍ତ୍ତି ସେମାନଙ୍କୁ ଚିରଞ୍ଜୀବୀ କରିଛି । ସେମାନେ ମୃତ୍ୟୁବରଣ କରିଥିଲେ ମଧ୍ୟ ଆମକୁ ଦେଖାଯାଉଛନ୍ତି ।

କାଲି ମୁଁ ମୃତ୍ୟୁବରଣ କଲେ ମଧ୍ୟ, କାଳଗର୍ଭରେ ମିଶିଗଲେ ମଧ୍ୟ, ଏହି ଗୀତା ରଚନା କରିଥିବାରୁ, ଅଜଣା ଦୈବଧର୍ମ ଜଣାଇଥିବାରୁ, କେତେକଙ୍କ ଜ୍ଞାନମାର୍ଗର ଦ୍ରଷ୍ଟା ହୋଇଥିବାରୁ, କେତେଜଣ କିଛିକାଳ ମୋତେ ମନେ ରଖିବେ । ମୁଁ ଚାଲିଗଲେ ମଧ୍ୟ ମୋର ଠିକଣା ରହିବ । ଏହିଭଳି ମୁଁ ମଧ୍ୟ କାଳର କରାଳ ଦାନ୍ତରେ ଛନ୍ଦି ହୋଇଯିବି । ସେଭଳି ଛନ୍ଦିହେବା ପାଇଁ ଆପଣମାନେ ମଧ୍ୟ ଚେଷ୍ଟା କରନ୍ତୁ । ଅନେକ ରାଜା, ମହାରାଜା, ଧନୀ, ମାନୀ, ନିୟନ୍ତାମାନେ କାଳଗର୍ଭରେ ମିଶିଗଲେଣି ହେଲେ ସେମାନେ କେତେବେଳେ ଗଲେ, କ'ଣ କରିଥିଲେ, କେଉଁଠି ଥିଲେ ସେମାନଙ୍କର ଆଉ ଠିକଣା ନାହିଁ । ଧନାର୍ଜନ ହିଁ ମୁଖ୍ୟ ଭାବୁଥିବା ଲୋକେ ଦେଖାଯାଇ ନଥାନ୍ତି । ଦିନକୁ ହଜାରେ ସୁନାବିସ୍କେଟ୍ ଅର୍ଜନ କରୁଥିବା ଲୋକ ମଧ୍ୟ ଦିନେ କାଳ ଗର୍ଭରେ ଲୁଚିଯିବ, ସେମାନଙ୍କ ଆଗରେ ତୋ ରୋଜଗାର ବା କେତେ ? ତେଣୁ ଧନ ସଞ୍ଚୟ କରୁଥିବା, ଅଧିକାର ଦର୍ଶାଉଥିବା ଲୋକେ କାଳ ଗର୍ଭରେ ଲୁଚିଯା'ନ୍ତି, ହେଲେ ଅଳ୍ପବହୁତ କୀର୍ତ୍ତି ଅର୍ଜନ କରିଥିବା ଲୋକେ କିଛିକାଳ ଦେଖାଯା'ନ୍ତି । ଏହା ଆମର ମନୋଦୃଷ୍ଟି, ଅର୍ଜୁନଙ୍କ ମନୋଦୃଷ୍ଟି ଆଉସବୁ କ'ଣ ଦେଖୁଛି ତାହା ତଳେ ଜାଣିବା ।

**(୧୦) ଶ୍ଳୋକ,୨୮ :**

**ଯଥା ନଦୀନାଂ ବହବୋଽମ୍ବୁବେଗାଃ ସମୁଦ୍ରମେବାଭିମୁଖା ଦ୍ରବନ୍ତି ।**
**ତଥା ତବାମୀ ନରଲୋକବୀରା ବିଶନ୍ତି ବକ୍ତ୍ରାଣ୍ୟଭିବି ଜ୍ୱଳନ୍ତି ॥**

**(ନିରାକାର)**

**(୧୦) ଶ୍ଳୋକ,୨୯ :**

**ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।**
**ତଥୈବ ନାଶାୟ ବିଶନ୍ତି ଲୋକା ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ॥**

**(ନିରାକାର)**

**ଭାବାର୍ଥ :** ଯେଉଁଭଳି ନଦୀଗୁଡିକ ଅତି ବେଗରେ ସମୁଦ୍ର ଦିଗରେ ପ୍ରବାହିତ ହୋଇ ସମୁଦ୍ରରେ ମିଶିବାକୁ ଚେଷ୍ଟା କରୁଛନ୍ତି, ସେହିଭଳି ନରଲୋକର ସମସ୍ତେ ତୋର ଜ୍ୱଳନ୍ତମୁଖ ଦିଗରେ ଦ୍ରୁତଗତିରେ ପ୍ରବେଶ କରୁଛନ୍ତି । ଜଳୁଥିବା ଅଗ୍ନିରେ ଝିଣ୍ଟିକାମାନେ ଉଡିଆସି ଜଳିଯିବା ଭଳି, ଭୂପୃଷ୍ଠର ଜୀବମାନେ ତୋମୁଖରେ ପଡି ମୃତ୍ୟୁବରଣ କରୁଛନ୍ତି ।

**ବିବରଣୀ :** ଜନ୍ମିତ ସମସ୍ତ ଜୀବରାଶି ଦିନେ ମୃତ୍ୟୁବରଣ କରିବେ ଏକଥା ସମସ୍ତେ ଜାଣନ୍ତି । ଆମ ପଛରେ ଆମର ଛାଇ ଭଳି ଗୋଡାଇଥିବା ମୃତ୍ୟୁ ସବୁବେଳେ ତାର ମୁଖକୁ ଖୋଲି ରଖିଛି । ଆମେ ଯେଉଁ ଦିନ ହେଲେ ମଧ୍ୟ ସେ ମୁଖରେ ନିଶ୍ଚୟ ପଡିବା; ତଥାପି ସେକଥା ଆମେ ଜାଣି ମଧ୍ୟ ଭୁଲିଯାଇଛେ । ସବୁଦିନ ଶାଶ୍ୱତ ଭାବରେ ରହିବା ବୋଲି ଭାବୁଛେ । ସେହି ମୃତ୍ୟୁ ବାବଦରେ କେହି ଜାଣୁ ବା ନଜାଣୁ ଦିନେ ତାକୁ ନିଶ୍ଚୟ ବରଣ କରିବାକୁ ପଡିବ । ଏହିଭଳି ସବୁଦିନ ମୃତ୍ୟୁବରଣ କରୁଥିବା ଲୋକମାନେ ସମୁଦ୍ର ଦିଗରେ ନଦୀ ଖୁବ୍ ବେଗରେ ପ୍ରବାହିତ ହେବା ରୀତିରେ ପରମାତ୍ମାଙ୍କ ମୁଖ ଦିଗରେ ଗତି କରୁଛନ୍ତି ବୋଲି ଅର୍ଜୁନଙ୍କୁ ଜଣାଯାଇଛି । ମୃତ୍ୟୁ ବାବଦରେ ଜାଣିଥିଲେ ମଧ୍ୟ କେଉଁଦିନ ମୃତ୍ୟୁବରଣ କରିବ ଜାଣିନଥିବା ମଣିଷ ହଠାତ୍ ଦିନେ ମୃତ୍ୟୁବରଣ କରିଥାଏ । ଝିଣ୍ଟିକାଟି ଅଗ୍ନି ଦେଖି ସେଥିରେ ପଡି ମୃତ୍ୟୁବରଣ କରିବ ବୋଲି ନଜାଣି ସବୁଦିନ ଉଡୁଥିବା ଭଳି ଉଡୁଥାଇ ଅଗ୍ନିରେ ପଡି ହଠାତ୍ ମୃତ୍ୟୁବରଣ କରିଥାଏ, ତାକୁ ବିପଦ ବାବଦରେ, ମୃତ୍ୟୁ ବାବଦରେ ଆଦୌ ଜଣାନଥାଏ । ଦେଖାଯାଉଥିବା ଆକର୍ଷଣୀୟ ବସ୍ତୁ ଉପରକୁ ସବୁଦିନ ଉଡି ଆସିବା ଭଳି ଉଡି ଆସି ଅଗ୍ନିରେ ପଡି ମୃତ୍ୟୁବରଣ କରିଥାଏ । ସେହିଭଳି ମାନବ କିମ୍ବା କୌଣସି ଜୀବରାଶି ପ୍ରତିଦିନ ଥିବା ସ୍ଥିତିରୁ ଅକସ୍ମାତ ଦିନେ ଝିଣ୍ଟିକା ଭଳି ମୃତ୍ୟୁବରଣ କରିଥାନ୍ତି । ଝିଣ୍ଟିକାକୁ ନିଆଁ ସୁନ୍ଦର ଦେଖାଯିବା ଭଳି, ଜୀବର ମୃତ୍ୟୁ ଘଟଣା ମଧ୍ୟ ପ୍ରଥମେ ତାକୁ ସୁନ୍ଦର ଲାଗିଥାଏ । ମୃତ୍ୟୁବରଣ କରିବି ବୋଲି ଝିଣ୍ଟିକାକୁ ଜଣାନଥିବା ଭଳି, ଜୀବକୁ ମଧ୍ୟ କାର୍ଯ୍ୟ ଭିତରେ ମରଣ ଅଛି ବୋଲି ଜଣା ନଥାଏ । ମଣିଷକୁ ପରମାତ୍ମାଙ୍କ ମୁଖାଗ୍ନି କେଉଁ ଆକାରର ଅଛି ଜଣାନଥାଏ,

ଜଣା ଥାଉ ବା ନଥାଉ ଦିନେ ସେ ମୁଖାଗ୍ନିରେ ତାକୁ ପଡିବାକୁ ହୁଏ, ତାଙ୍କର ସେହି ଭୀକର ଦାନ୍ତରେ ସେ ନିଶ୍ଚୟ ଦିନେ ଚୋବାଇହୋଇଯାଏ ।

**(୧୦) ଶ୍ଲୋକ,୩୦ :**

**ଲେଲିହ୍ୟସେଗ୍ରସମାନଃ ସମନ୍ତା ଲ୍ଲୋକାନ୍‌ସମଗ୍ରାନ୍ ବଦନୈର୍ଜ୍ୱଲଭିଃ ।**
**ତେଜୋଭିରାପୁର୍ଯ୍ୟ ଜଗତ୍ ସମଗ୍ରଂ ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ! ।।**

**(ନିରାକାର)**

**(୧୦) ଶ୍ଲୋକ,୩୧ :**

**ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ ନମୋଽସ୍ତୁ ତେ ଦେବ ! ବରପ୍ରସୀଦ ।**
**ବିଜ୍ଞାତୁ ମିଛାମି ଭବନ୍ତମାଦ୍ୟଂ ନ ହି ପ୍ରଜାନାମି ତବ ପ୍ରବୃତ୍ତମ୍ ।।**

**(ନିରାକାର)**

**ଭାବାର୍ଥ :** ଜଳୁଥିବା ମୁଖ ଦ୍ୱାରା ସର୍ବଜୀବରାଶିଙ୍କୁ ଉଦରସାତ୍ କରୁଥାଇ ସବୁକିଛିର ଉପଭୋକ୍ତା ହୋଇ ରହିଛୁ, ତୋର ତେଜ ସାରା ଜଗତରେ ବ୍ୟାପି ତପ୍ତ କରାଉଛି । ହେ ଉଗ୍ରରୂପ ! ତୁ କିଏ ମୋତେ କହ, ତୋର ପ୍ରବୃତ୍ତି ମୋତେ ଜଣା ନାହିଁ । ହେ ଆଦିପୁରୁଷ ! ତୋତେ ପ୍ରଣାମ କରି ତାହା ଜଣାଇବା ପାଇଁ ଅନୁରୋଧ କରୁଛି ।

**ବିବରଣୀ :** ଅର୍ଜୁନଙ୍କ ଜ୍ଞାନଚକ୍ଷୁକୁ ପରମାତ୍ମାଙ୍କ ମହାନତା ସମ୍ପୂର୍ଣ୍ଣ ବୁଝାପଡି ନାହିଁ । ଜଳୁଥିବା ମୁଖ ଦ୍ୱାରା ସମସ୍ତଙ୍କୁ ଗିଳି ଦେଉଥିବା ପରମାତ୍ମା ତାଙ୍କୁ ସମ୍ପୂର୍ଣ୍ଣ ବୁଝାପଡି ନାହାନ୍ତି । ସେହି ପରମାତ୍ମାତେଜର ଉତ୍ତାପରେ ସମସ୍ତ ଜଗତ ଉତ୍ତପ୍ତ ହେଉଛି, ସେହି ଜ୍ୱାଳାରେ ସମସ୍ତେ ଅନ୍ତ ହୋଇଯାଉଛନ୍ତି ବୋଲି ଦେଖୁଥିବା ଅର୍ଜୁନ ଆଜି ପର୍ଯ୍ୟନ୍ତ ଏଭଳି ବ୍ୟକ୍ତି ଅଛନ୍ତି ବୋଲି ଜାଣିନଥିବାରୁ କ'ଣ ଇଏ ଶ୍ରୀକୃଷ୍ଣ ! ତାହେଲେ ଏ ଶ୍ରୀକୃଷ୍ଣ କିଏ ? ବୋଲି ପୁଣି ସନ୍ଦେହ କରି, ସାଙ୍ଗେ ସାଙ୍ଗେ କହିଛନ୍ତି ତୁ କିଏ ? ତୋର ପ୍ରବୃତ୍ତି (ଉଦ୍ଦେଶ୍ୟ) କ'ଣ ? ତାହା ମୁଁ ବୁଝିପାରି ନାହିଁ । ତେଣୁ ତୁ କିଏ ବୋଲି ପ୍ରଥମେ ପ୍ରଶ୍ନ କରିଛନ୍ତି । ତୁ କିଏ ? ଏହି ପ୍ରଶ୍ନର ସମାଧାନ ପରମାତ୍ମା ପର ଶ୍ଲୋକରେ ଦେଉଛନ୍ତି । ଦେଖନ୍ତୁ ।

**ପରମାତ୍ମା କହୁଛନ୍ତି :-**

**(୧୦) ଶ୍ଲୋକ,୩୨ :**

**କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ ଲୋକାନ୍ ସମାହର୍ତୁମିହ ପ୍ରବୃତ୍ତଃ ।**
**ଋତେଽପି ତ୍ୱାଂ ନ ଭବିଶ୍ୟନ୍ତି ସର୍ବେ ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ॥**
**(ପରମାତ୍ମା)**

**ଭାବାର୍ଥ :** ମୁଁ ଲୋକଗୁଡିକର କ୍ଷୟକାରୀ କାଳ । ଜୀବସଂହାର କରିବା ମୋର କାର୍ଯ୍ୟ । ତୁ ନରହି, ଯୁଦ୍ଧ ନକଲେ ମଧ୍ୟ ଏମାନେ ନିଶ୍ଚୟ ବିନଷ୍ଟ ହେବେ ।

**ବିବରଣୀ :** ତୁ କିଏ ବୋଲି ଅର୍ଜୁନ ପଚାରିଥିବା ପ୍ରଶ୍ନରେ ପରମାତ୍ମା ସବୁକିଛିକୁ ବିନାଶ କରୁଥିବା କାଳ ମୁଁ ବୋଲି କହିଛନ୍ତି । ଏହା ପୂର୍ବରୁ ପରମାତ୍ମା କେତେ ମହିମାମୟ ତାହା କହିଛନ୍ତି; ତଥାପି ବିଶ୍ୱରୂପ ଭୟଙ୍କର ଦେଖାଯିବା ଦ୍ୱାରା, ଆଗରୁ ଯାହାସବୁ ଶୁଣିଥିଲେ ତାହା ଭୁଲିଯାଇ ପୁଣି ସନ୍ଦେହ କରି ତୁ କିଏ ? ତାହା ମୋତେ କହ ବୋଲି ପ୍ରଶ୍ନ କରିଛନ୍ତି । ଏହି ପ୍ରଶ୍ନ ପାଇଁ "ମୁଁ ଯେ କାଳ" ନାମକ ସମାଧାନ ପାଇବା ପରେ, ତୋ'ର ପ୍ରବୃତ୍ତି କ'ଣ ବୋଲି ପଚାରିଥିବା ପ୍ରଶ୍ନର ସମାଧାନରେ, "ମୋ କାର୍ଯ୍ୟ ହେଉଛି ଜୀବର ଶରୀରକୁ ବିନାଶ କରିବା" ବୋଲି ସମାଧାନ ମଧ୍ୟ ପାଇଛନ୍ତି । କର୍ମ ଅନୁସାରେ ଭୌତିକ ଶରୀର ଛାଡିବାକୁ ପଡିବା ବେଳେ ନିଶ୍ଚୟ କୌଣସି ପ୍ରକାରରେ ମୃତ୍ୟୁବରଣ କରିବାକୁ ପଡେ । ରାଜାମାନେ, ସୈନିକମାନେ ସମସ୍ତେ ନିଶ୍ଚୟ ମୃତ୍ୟୁବରଣ କରିବେ । ତେଣୁ ଅର୍ଜୁନ ଯୁଦ୍ଧ ନକଲେ ମଧ୍ୟ, ଯେଉଁମାନଙ୍କର ସଂହାର ନିଶ୍ଚିତ ହୋଇ ରହିଛି ସେମାନଙ୍କର ସଂହାର ନିଶ୍ଚୟ ହେବ । ସେଥିଲାଗି ପରମାତ୍ମା ତୁ ଯୁଦ୍ଧ କର୍ ବା ନକର୍ ସେମାନଙ୍କ ଆୟୁ ସରିଯାଇଛି, ସେମାନେ ନିଶ୍ଚୟ ମୃତ୍ୟୁବରଣ କରିବେ ବୋଲି କହିଛନ୍ତି ।

**(୧୦) ଶ୍ଲୋକ, ୩୩ :**

**ତସ୍ମାତ୍ୱମୁତିଷ୍ଠ ଯଶୋଲଭସ୍ୱ ଜିତ୍ୱା ଶତ୍ରୁନ୍ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।**
**ମୟୈବୈତେ ନିହତାଃ ପୂର୍ବମେବ ନିମିତମାତ୍ରଂ ଭବ୍ୟ ସବ୍ୟସାଚିନ୍ ॥**
**(ପରମାତ୍ମା)**

**(୧୦) ଶ୍ଲୋକ, ୩୪ :**

**ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ କର୍ଣ୍ଣଂ ତଥାନ୍ୟାନ୍ୟପି ଯୋଧବୀରାନ୍ ।**
**ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା ଯୁଦ୍ଧସ୍ୱ ଜେତାସି ରଣେ ସପତ୍ନାନ୍ ॥**

(ପରମାତ୍ମା)

**ଭାବାର୍ଥ :** ତେଣୁ ଶତ୍ରୁମାନଙ୍କୁ ଜୟ କରିବାକୁ ପ୍ରସ୍ତୁତ ହୁଅ । ସେମାନେ ମୋର ପୂର୍ବ ବ୍ୟବସ୍ଥା ଅନୁଯାୟୀ ମୃତ୍ୟୁବରଣ କରିସାରିଛନ୍ତି । ତୁ ନିମିତ୍ତ ମାତ୍ର ଭାବରେ ଯୁଦ୍ଧକରି ଜୟକଲେ କୀର୍ତ୍ତି ଏବଂ ରାଜ୍ୟ ପାଇପାରିବୁ ।

ଦ୍ରୋଣ,ଭୀଷ୍ମ, କର୍ଣ୍ଣ ଇତ୍ୟାଦି ଯୁଦ୍ଧ ବୀରମାନେ ମୋ'ଦ୍ୱାରା ସଂହାର ହୋଇ ଯାଇଛନ୍ତି, ତୁ ଯୁଦ୍ଧ ନକଲେ ମଧ୍ୟ ସେମାନେ ବଞ୍ଚିବେ ନାହିଁ । ପରମାତ୍ମାଙ୍କଠାରୁ ଏକଥା ଶୁଣି ଅର୍ଜୁନ କ'ଣ କହିଲେ ଏବେ ଜାଣିବା ।

## ସଞ୍ଜୟ କହୁଛନ୍ତି :-

**(୧୦) ଶ୍ଲୋକ,୩୫ :**

**ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ କୃତାଞ୍ଜଳିର୍ବେପମାନଃ କିରୀଟୀ ।**
**ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ ସଗଦ୍ଗଦଂ ଭୀତଭୀତଃ ପ୍ରଣମ୍ୟ ॥**

(କଳ୍ପିତ)

## ଅର୍ଜୁନ କହୁଛନ୍ତି :-

**(୧୦) ଶ୍ଲୋକ,୩୬ :**

ସ୍ଥାନେ ହୃଷୀକେଶ ତବପ୍ରକୀର୍ତ୍ୟା ଜଗତ୍ ପ୍ରହୃଷ୍ୟତ୍ୟାନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ ॥

(ନିରାକାର)

**(୧୦) ଶ୍ଲୋକ,୩୭ :**

କସ୍ମାଚ୍ଚ ତେ ନ ନମେରନ୍ମହାତ୍ମନ୍ ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ ।
ଅନନ୍ତ ଦେବେଶ ଜଗନ୍ନିବାସ ତ୍ୱମକ୍ଷରଂ ସଦସତ୍ତତ୍ପରଂ ଯତ୍ ॥

(ନିରାକାର)

**ଭାବାର୍ଥ:** ହେ ପରମାତ୍ମା ! ତୋ ମହିମାମୟ କୀର୍ତ୍ତିକୁ ଶୁଣି ସାରା ଜଗତ ସନ୍ତୋଷତାରେ ଥିବାବେଳେ, ରାକ୍ଷସମାନେ ଭୟକରି ଏଣେତେଣେ ପଳାଇ ଯାଉଛନ୍ତି, ସିଦ୍ଧମାନବଗଣ ଭକ୍ତିପୂର୍ବକ ପ୍ରଣାମ କରୁଛନ୍ତି । ହେ ମହାତ୍ମା ! ତୁ ବ୍ରହ୍ମାଙ୍କଠାରୁ ମଧ୍ୟ ଗରୀୟାନ ଏବଂ ଆଦିପ୍ରଭୁ । ହେ ଅନନ୍ତ ! ରାକ୍ଷସମାନେ କାହିଁକି ତୋତେ ପ୍ରଣାମ କରୁନାହାନ୍ତି ? ହେ ଜଗନ୍ନିବାସ ! ତୁ ସେହି ଅକ୍ଷର, ସତ୍, ଅସତ୍ ଆଉ ତାଠାରୁ ଭିନ୍ନ ପରମାତ୍ମା ।

**ବିବରଣୀ :** ପରମାତ୍ମାଙ୍କ ମହାନତା, ମହିମାଦିକୁ ଶୁଣିଥିବା ଲୋକମାନେ ଖୁସି ହୋଇଥାନ୍ତି । ଭୌତିକ ବିଷୟ ଅପେକ୍ଷା ପରମାତ୍ମା ବିଷୟରେ ଅଧିକ ଶ୍ରଦ୍ଧା ରଖିଥାନ୍ତି । ଦୈବୀବିଷୟ ସେମାନଙ୍କ କାନରେ ପଡୁପଡୁ ଅତି ଖୁସି ହୋଇଯା'ନ୍ତି, ସେ ବିଷୟରେ ନୂଆ ଅନୁଭୂତି ପ୍ରାପ୍ତ ହୁଅନ୍ତି, କେତେବଡ ଭୌତିକ ବିଷୟ ମଧ୍ୟ ସେମାନଙ୍କୁ ରୁଚେ ନାହିଁ । ଏଭଳି ଲୋକେ ଜଗତରେ କିଛି ଥିବାବେଳେ, ରାକ୍ଷସଗୁଣର ଲୋକେ ପରମାତ୍ମା ବିଷୟ ଶୁଣି, ସେ କର୍ମାନୁସାରେ ଦଣ୍ଡ ଦିଅନ୍ତି, ତାହା ଭୟଙ୍କର, ତେଣୁ ମୁକୁଳିବାକୁ ହେବ ବୋଲି ନାନା ପ୍ରୟାସ କରିଥାନ୍ତି ଅର୍ଥାତ୍ ଗୋଟିଏ ରାସ୍ତାରେ ନଯାଇ ନାନା ମାର୍ଗରେ ଯାତ୍ରା କରିଥାନ୍ତି, କୌଣସି ମାର୍ଗ ହୁଏତ ଆମକୁ ପାପରୁ ରକ୍ଷା କରିପାରିବ ବୋଲି ଭାବିଥାନ୍ତି । ଆଉକେତେକ ସିଦ୍ଧଗଣ କୌଣସି ଦିଗରେ ନଯାଇ ଅର୍ଥାତ୍ କୌଣସି ମାର୍ଗକୁ ଅନୁସରଣ ନକରି, କେବଳ ପରମାତ୍ମାଙ୍କୁ ବିଶ୍ୱାସ କରି ତାଙ୍କୁ ହିଁ ପ୍ରଣାମ କରିଥାନ୍ତି ।

ଅସତ୍ ଶରୀରରେ ସତ୍ ନାମକ ଆତ୍ମା ରହିଥାଏ । ଶରୀରରୁ ଏହି ସତ୍ ବା ସତ୍ତା (ଆତ୍ମା) ଚାଲିଗଲେ ପୂର୍ବେ ତାହା ମୃତ୍ୟୁବରଣ ହେଲାବୋଲି କହିବା ବ୍ୟତୀତ ସତ୍ତା ଚାଲିଗଲା ବୋଲି କହୁଥିଲେ । ଏକ ଗାଈ ମୃତ୍ୟୁବରଣ କଲେ ଗାଈର ସତ୍ତା ଚାଲିଗଲା କହୁଥିଲେ, ରାମ ନାମକ ବ୍ୟକ୍ତି ମୃତ୍ୟୁବରଣ କଲେ ରାମର ସତ୍ତା ଚାଲିଗଲା କହୁଥିଲେ । କାଳ କ୍ରମରେ ଆଜି ଗାଈ ମରିଗଲା କହୁଛନ୍ତି, ରାମ ମରିଗଲା କହୁଛନ୍ତି । ଏହି ସତ୍ତା ଶବ୍ଦଟି ଆଜି କେଉଁଠି କେମିତି କିଏ ବ୍ୟବହାର କରୁଛନ୍ତି; ତଥାପି ସମସ୍ତେ ଏହାକୁ ଭୁଲିବାକୁ ବସିଛନ୍ତି । ଅସତ୍ ଶରୀରରେ ଥିବା ସତ୍ତା ଏବଂ ଆତ୍ମାଠାରୁ ଅଲଗା ହୋଇଥିବା ପରମାତ୍ମା ହିଁ ସେହି ନିରାକାର ସ୍ଥିତି ବୋଲି ଜାଣିବା ଉଚିତ୍ । ମୁଁ ଯେ, କାଳ ବୋଲି କହିବା ପରେ

ଅର୍ଜୁନ ପରମାତ୍ମାଙ୍କର ସମ୍ପୂର୍ଣ୍ଣ ଔନ୍ନତ୍ୟତାକୁ ବୁଝିପାରି ତାଙ୍କ ନିଜତ୍ୱ ବାବଦରେ ପଚାରୁଛନ୍ତି ତାହା ତଳେ ଦେଖିବା ।

**(୧୦) ଶ୍ଳୋକ,୩୮ :**

**ତ୍ୱମାଦିଦେବଃ ପୁରୁଷଃ ପୁରାଣ ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ବେତାସି ବେଦ୍ୟଂ ଚ ପରଂ ଚ ଧାମ ତ୍ୱୟା ତତଂ ବିଶ୍ୱମନନ୍ତରୂପ ! ।।**

**(ନିରାକାର)**

**ଭାବାର୍ଥ :** ହେ କୃଷ୍ଣ! ହେ ଆଦିଦେବ!! ତୁ ଏ ଦୃଶ୍ୟ ଜଗତର ଏକମାତ୍ର ଶରଣ୍ୟ ସ୍ଥାନ । ହେ ପରମେଶ୍ୱର! ପୁରାଣପୁରୁଷ, ବିଶ୍ୱମୟ, ପରମପଦ, ଜ୍ଞାନ, ଜ୍ଞେୟ, ତୁ ହିଁ ସବୁକିଛି ।

**ବିବରଣୀ :** ଭୂପୃଷ୍ଠରେ ଥିବା ଦେବତାମାନଙ୍କ ଭିତରେ ପ୍ରଥମ, ମହାନ, ପୂର୍ବ କାଳରୁ ପୁରୁଷ ବୋଲାଉଥିବା, ବିଶ୍ୱର ଅଣୁଅଣୁରେ ବ୍ୟାପି ରହିଥିବା, ଶେଷରେ ଯାହା ଜାଣିବା ଉଚିତ୍ ଏବଂ ଯାହା ଜଣାଯାଏ ଅର୍ଥାତ୍ ଜାଣିଥିବା ଜ୍ଞାନୀ, ଜଣା ପଡୁଥିବା ଜ୍ଞାନ ବା ଜାଣିଥିବା ଯୋଗୀ ଏବଂ ଜଣାପଡୁଥିବା ଆତ୍ମା ଇତ୍ୟାଦି ଯିଏ, ସେ ହିଁ ପରମାତ୍ମା ବୋଲି ଜାଣି ପାରିଥିବା ଅର୍ଜୁନ ତାପରେ କ'ଣ କହୁଛନ୍ତି ଜାଣିବା ।

**(୧୦) ଶ୍ଳୋକ,୩୯ :**

**ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।**
**ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।।**

**(ନିରାକାର)**

**ଭାବାର୍ଥ :** ଏହି ଶ୍ଳୋକରେ ପ୍ରଜାପତି କହିଲେ ଚତୁର୍ମୁଖ ବ୍ରହ୍ମା ବୋଲି ଅନେକ ଗୀତାରେ ଲେଖାଯାଇଛି । ତାପାଖରେ **ପ୍ରପିତାମହଶ୍ଚ** ନାମକ ଶବ୍ଦର ଅର୍ଥ ତାଙ୍କର ପିତାଙ୍କୁ ଜନ୍ମ ଦେଇଥିବା ପିତାମହ ବୋଲି ଜଣାପଡେ, ଅର୍ଥାତ୍ ବ୍ରହ୍ମା ଏବଂ ବ୍ରହ୍ମାଙ୍କ ପିତାମହ ବୋଲି ଲେଖାଯାଇଛି । ବ୍ରହ୍ମାଙ୍କ ପିତା ବିଷ୍ଣୁ

ହୋଇପାରନ୍ତି, କିନ୍ତୁ ପିତାମହ କେହି ନଥିଲେ ବୋଲି ପ୍ରାୟ ସମସ୍ତେ ଜାଣନ୍ତି । ତେଣୁ ବ୍ରହ୍ମା, ବ୍ରହ୍ମାଙ୍କ ପିତାମହ କହିବା ଭୁଲ୍ ହୋଇଥାଏ । ପ୍ରଜାପତି ଶବ୍ଦର ଅର୍ଥ ସୂର୍ଯ୍ୟ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ସୂର୍ଯ୍ୟ, ସୂର୍ଯ୍ୟଙ୍କ ପିତାମହ କହିଲେ ଠିକ୍ ହୋଇଥାଏ ଏବଂ ଏହା ମଧ୍ୟ ସତ୍ୟ । ବ୍ରହ୍ମା, ବ୍ରହ୍ମାଙ୍କ ପିତାମହ କହିଲେ ନଥିବା ପିତାମହଙ୍କୁ ଆଣି ରଖିବା ଭଳି ହୋଇଥାଏ ।

ବାୟୁ, ଅଗ୍ନି, ଯମ, ବରୁଣ, ଚନ୍ଦ୍ର, ବ୍ରହ୍ମା, ବ୍ରହ୍ମାଙ୍କ ପିତା ପିତାମହ ମଧ୍ୟ ତୁ । ତେଣୁ ତୋତେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ସହସ୍ରବାର ଏବଂ ବାରମ୍ଵାର ଜଣାଉଛି ।

**(୧୦) ଶ୍ଲୋକ,୪୦ :**

**ନମଃ ପରସ୍ତାଦଥ ପୃଷ୍ଠତସ୍ତେ ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।**
**ଅନନ୍ତବୀର୍ଯ୍ୟାମିତ ବିକ୍ରମସ୍ତ୍ୱଂ ସର୍ବସମାପ୍ନୋଷି ତତୋଽସି ସର୍ବଃ ॥**

**(ନିରାକାର)**

**ଭାବାର୍ଥ :** ହେ ଅମିତବିକ୍ରମ ! ମୁଁ ତୋତେ ଆଗରୁ, ପଛରୁ, ଏବଂ ସବୁ ଦିଗରୁ ପ୍ରଣାମ କରୁଛି । ହେ ବଳ ବିକ୍ରମର ପ୍ରଭୁ ! ତୁ ସର୍ବବ୍ୟାପୀ, ତୁ ହିଁ ସବୁକିଛି ।

**ବିବରଣୀ :** ପରମାତ୍ମା ସର୍ବବ୍ୟାପୀ ତେଣୁ ସେ ସର୍ବତ୍ର ରହିଛନ୍ତି, ସେ ଆମ ଆଗରେ, ପଛରେ, କଡରେ, ଅର୍ଦ୍ଧରେ, ଉର୍ଦ୍ଧ୍ୱରେ ସବୁଆଡେ ବ୍ୟାପି ରହିଛନ୍ତି । ଏଠାରେ ଅଛନ୍ତି ସେଠାରେ ନାହାନ୍ତି ବୋଲି କହି ନପାରିବା ଭଳି ସେ ସର୍ବତ୍ର ଅଛନ୍ତି । ସେଥିଲାଗି ଅର୍ଜୁନ କେଉଁ ଦିଗକୁ ପ୍ରଣାମ କରିବେ ଜାଣି ନପାରି ମୁଁ ସବୁଦିଗରୁ ତୋତେ ପ୍ରଣାମ ଜଣାଉଛି ବୋଲି କହିଛନ୍ତି । ତାଛଡା ସେ ସର୍ବବ୍ୟାପୀ ହୋଇଥିବାରୁ ସେ ହିଁ ଅମିତ ପରାକ୍ରମୀ ବୋଲି ଅର୍ଜୁନ କହିଛନ୍ତି ।

**(୧୦) ଶ୍ଲୋକ,୪୧ :**

**ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ ହେ କୃଷ୍ଣ ହେ ଯାଦବ ହେ ସଖେତି ।**
**ଅଜାନତା ମହିମାନଂ ତବେଦଂ ମୟା ପ୍ରମାଦାତ୍ପ୍ରଣୟେନ ବାପି ॥**

**(ସାକାର)**

**(୧୦) ଶ୍ଳୋକ,୪୨ :**

**ଯଚ୍ଚାବହାସାର୍ଥମସତ୍କୃତୋଽସି ବିହାରଶଯ୍ୟାସନଭୋଜନେଷୁ ।**
**ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ॥**

**(ସାକାର)**

**ଭାବାର୍ଥ :** ଅତୀତରେ ମୁଁ ତୋର ମହିମା ଜାଣିନପାରି ହେ କୃଷ୍ଣ, ହେ ମାଧବ, ହେ ସାଙ୍ଗ ବୋଲି ସମ୍ବୋଧନ କରିଛି । ଖେଳିବା ବେଳେ, ଶୋଇବା ବେଳେ, ବସିବା ବେଳେ, ଖାଇବା ବେଳେ ମୁଁ ତୋତେ ଅନେକ ଅସମ୍ମାନ କରିଛି । ଏସବୁ ଅପରାଧ ପାଇଁ ଦୟାକରି ମୋତେ କ୍ଷମାକର ।

**(୧୦) ଶ୍ଳୋକ,୪୩ :**

**ପିତାସି ଲୋକସ୍ୟ ଚରାଚରସ୍ୟ ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।**
**ନତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃକୁତୋଽନ୍ୟୋ ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥**

**(ସାକାର)**

**ଭାବାର୍ଥ :** ଚରାଚର ଜୀବରାଶିର ପିତା, ପୂଜ୍ୟ, ଗୁରୁ ମଧ୍ୟ ତୁ । ହେ ଦେବ ଦେବ ! ସର୍ବଲୋକରେ ତୋ' ସମାନ କେହି ନାହାନ୍ତି, ତୁ ଅକଳନୀୟ ।

**ବିବରଣୀ :** ଏ ପର୍ଯ୍ୟନ୍ତ ଅନେକ ଶ୍ଳୋକରେ ସବୁକିଛି ତୁ ବୋଲି କହୁଥିବା ଅର୍ଜୁନ ଏହି ଶ୍ଳୋକରେ ପ୍ରଥମକରି ତୁ ହିଁ ପିତା ଆଉ ପୂଜ୍ୟ ଗୁରୁ ବୋଲି ସମ୍ବୋଧନ କରିଛନ୍ତି । ତେଣୁ ଏହି ଶ୍ଳୋକର ପିତା ଆଉ ଗୁରୁ ବୋଲି ଦୁଇଜଣଙ୍କ କଥା କହିଥିବାରୁ ଏଥିରେ ଏକ ବୈଶିଷ୍ଟ୍ୟତା ରହିଛି । ତାହା ହେଉଛି ! ପ୍ରତ୍ୟେକ ମାନବ ପିତାମାତାଙ୍କ ଦ୍ୱାରା ଜନ୍ମ ନେଇଥାନ୍ତି । ଏହାକୁ ଭୌତିକ ଜନ୍ମ କୁହାଯାଏ, ହେଲେ ଅଭୌତିକ ଜନ୍ମ ନାମକ ଆଉ ଗୋଟିଏ ଜନ୍ମ ରହିଛି, ସେ ଜନ୍ମ ସମସ୍ତେ ପାଇପାରିବା । ଭୌତିକ ଜନ୍ମର କାରଣ ହେଉଛି ଜନ୍ମଦାତା ପିତା । ସେହିଭଳି ଅଭୌତିକ ଜନ୍ମର କାରଣ ହେଉଛନ୍ତି ପୂଜ୍ୟଗୁରୁ । ଜନ୍ମଦାତା ପିତାର ବୀର୍ଯ୍ୟ ଦ୍ୱାରା ହେଉଥିବା ଜନ୍ମ ଭୌତିକ ବା ସ୍ଥୂଳଜନ୍ମ । ପୂଜ୍ୟଗୁରୁଙ୍କ ଜ୍ଞାନନାଦ

ଦ୍ୱାରା ହେଉଥିବା ଜନ୍ମ ଅଭୌତିକ ବା ସୂକ୍ଷ୍ମଜନ୍ମ । **ପିତାଠାରୁ ଜନ୍ମ ହୋଇଥିବା ବ୍ୟକ୍ତିକୁ ବିନ୍ଦୁପୁତ୍ର ଏବଂ ଗୁରୁଙ୍କ ଦ୍ୱାରା ଅଭିବୃଦ୍ଧି ହୋଇଥିବା ବ୍ୟକ୍ତିକୁ ନାଦପୁତ୍ର କୁହାଯାଏ । ପିତା ଦ୍ୱାରା ଜନ୍ମହେଲେ ତାହା ଦେଖାଯାଇଥାଏ, କର୍ମବୃଦ୍ଧି କରିଥାଏ, କିନ୍ତୁ ଗୁରୁଙ୍କ ଦ୍ୱାରା ଜନ୍ମହେବା ଦେଖାଯାଏ ନାହିଁ, ଅଥଚ ତାହା କର୍ମ ନାଶ କରିଥାଏ ।**

ଏହିଭଳି ଏକ ଜୀବନରେ ଦୁଇଟି ଜନ୍ମର ଯୋଗ୍ୟତା ରହିଥିବା ମଣିଷ କେବଳ ଭୌତିକ ଜନ୍ମ ବ୍ୟତୀତ ଗୁରୁଙ୍କ ଦ୍ୱାରା ଦ୍ୱିତୀୟ ଅଭୌତିକ ଜନ୍ମ ପାଇପାରେ ନାହିଁ । ଏଠାରେ ଅର୍ଜୁନ ଏହି ଦୁଇଟି ବିଷୟକୁ ଚିହ୍ନି, ଦୁଇ ଜନ୍ମର କାରଣ ହୋଇଥିବା ପିତା, ଗୁରୁ ମଧ୍ୟ ପରମାତ୍ମା ବୋଲି କହିଛନ୍ତି । ଏହାର କାରଣ ଦେଖିଲେ ସ୍ଥୁଳଜନ୍ମର କାରଣ ପିତା ଶରୀରରେ ପୁରୁଷତ୍ୱ ହୋଇ ସେହି ଶରୀରର ବିର୍ଯ୍ୟକଣା ଭାବରେ ମଧ୍ୟ ପରମାତ୍ମା ଥାଆନ୍ତି ବୋଲି ବାସ୍ତବତାକୁ ଜାଣିଥିବା ଅର୍ଜୁନ ସର୍ବ ଜୀବରାଶିର ଜନ୍ମର କାରଣ ସେହି ଅଦୃଶ୍ୟ ପରମାତ୍ମା ବୋଲି ବୁଝିପାରିଥିଲେ । ସେହିଭଳି ସୂକ୍ଷ୍ମଜନ୍ମର କାରଣ ଗୁରୁଙ୍କ ଶରୀରର ଜ୍ଞାନ ଆଉ ଜ୍ଞାନର ବିବରଣ ହିଁ ପରମାତ୍ମା ବୋଲି ସତ କଥାକୁ ଜାଣିଥିବା ଅର୍ଜୁନ ସର୍ବ ଜୀବରାଶିର ପୂଜ୍ୟ ଗୁରୁ ମଧ୍ୟ ପରମାତ୍ମା ବୋଲି ତାଙ୍କର ମନୋନେତ୍ର ଦ୍ୱାରା ଜାଣିପାରିଥିଲେ ।

**(୧୦) ଶ୍ଲୋକ,୪୪:**

**ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।**
**ପିତେବ ପୁତ୍ରସ୍ୟ ସଖବେ ସଖ୍ୟୁଃ ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ॥**

**(ନିରାକାର)**

**ଭାବାର୍ଥ :** ତେଣୁ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପୂଜାର୍ହ ଈଶ୍ୱର ହୋଇଥିବା ତୋତେ ପ୍ରସନ୍ନ ହେବାପାଇଁ ପ୍ରାର୍ଥନା କରୁଛି । ହେ ଦେବଦେବ ! ପୁତ୍ରର

ପିତାଭଳି, ମିତ୍ରର ମିତ୍ରଭଳି, ପ୍ରେମିକାର ପ୍ରିୟତମ ଭଳି ମୋର ଭୁଲ୍ ନଧରି ସହନ କର୍ ।

**(୧୦) ଶ୍ଲୋକ,୪୫:**

**ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ବା ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।**
**ତଦେବ ମେ ଦର୍ଶୟ ଦେବ ରୂପଂ ପ୍ରସୀଦ ଦେବେଶ ଜଗନ୍ନିବାସ ॥**

**(ସାକାର,ନିରାକାର)**

**ଭାବାର୍ଥ :** ଆଗରୁ କେବେ ଦେଖିନଥିବା ଏହିରୂପ ଦେଖି ପ୍ରଥମେ ଖୁବ୍ ଖୁସି ହୋଇଥିଲେ ମଧ୍ୟ ଏବେ ମୋ ମନରେ ଭୟ ଜାତ ହେଉଛି । ହେ ଦେବ ! ହେ ଜଗନ୍ନିବାସ ! ପ୍ରସନ୍ନ ହୋଇ ସୌମ୍ୟରୂପକୁ ଦେଖାଅ ।

**ବିବରଣୀ :** ଏ ପର୍ଯ୍ୟନ୍ତ କେହି ଦେଖିନଥିବା ଦୃଶ୍ୟକୁ, ମୋର ସୌଭାଗ୍ୟ ଦ୍ୱାରା ମୁଁ ଦେଖିପାରିଲି ଭାବି ଖୁସି ହୋଇଥିଲେ ମଧ୍ୟ ଈଶ୍ୱରଙ୍କ ଭୟଙ୍କର ରୂପ ତାଙ୍କ ମନରେ ଭୟ ଜାତ କରାଇଛି । ସେହି ବିଶ୍ୱରୂପକୁ ଅର୍ଜୁନ ଦେଖି ନପାରି ଆଗରୁ ଦେଖୁଥିବା ସାଧାରଣ ରୂପ ଦେଖିବାକୁ ଇଚ୍ଛା କରିଛନ୍ତି ।

**(୧୦) ଶ୍ଲୋକ,୪୬ : କିରୀଟିନଂ ଗଦିନଂ ଚକ୍ରହସ୍ତମ୍ ଇଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।**
**ତେନୈବ ରୂପେଣ ଚତୁର୍ଭୁଜେନ ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥**

**(ଅଶାସ୍ତ୍ରୀୟ)**

**ଭାବାର୍ଥ :** ଏହି ଅଧ୍ୟାୟର ୧୭ ଏବଂ ୪୬ତମ ଶ୍ଲୋକ ଦୁଇଟି ଅଶାସ୍ତ୍ରୀୟ, କାରଣ ! ବିଶ୍ୱରୂପର କୌଣସି ପରିମିତ ହାତ ନାହିଁ । ସେହିଭଳି ଶ୍ରୀକୃଷ୍ଣଙ୍କର ଚାରିଗୋଟି ହାତ ମଧ୍ୟ ନାହିଁ । ସାଧାରଣ ମାନବ ଭାବେ ଥିବା ଶ୍ରୀକୃଷ୍ଣଙ୍କର ଚାରିହାତ ରହିବା କେତେ ଯୁକ୍ତିପୂର୍ଣ୍ଣ ଚିନ୍ତା କରନ୍ତୁ । ଯଦି ତାଙ୍କର ଚାରିହାତ ଥାଆନ୍ତା ତେବେ ବିଶ୍ୱରୂପ ଦେଖାଇ ମୁଁ ପରମାତ୍ମା ବୋଲି କହିବାକୁ ପଡିନଥାନ୍ତା ବୋଲି ଭାବୁଛୁ । ତାଙ୍କର ଚାରିହାତ ଥିଲେ କିଛି କହିବା ଆଗରୁ ଲୋକେ ତାଙ୍କୁ ପରମାତ୍ମା ବୋଲି ଜାଣି ପୂଜା କରିଥାନ୍ତେ । ବିଶ୍ୱରୂପର ଅପରିମିତ ହାତ

ଥିବାବେଳେ ତାଙ୍କର କେବଳ ଏକହଜାର ହାତ ବୋଲି କହିବା କେତେଦୂର ଠିକ୍ ତାହା ମଧ୍ୟ ବିଚାର କରନ୍ତୁ । ଅନେକ ସନ୍ଦେହ ଥିବା, ଶାସ୍ତ୍ରବଦ୍ଧ ଜବାବ ମିଳୁନଥିବା, ସ୍ୱଷ୍ଟ ବାରି ହୋଇପଡୁଥିବା ଶ୍ଳୋକଗୁଡିକୁ ଏଇ ଗୀତାରୁ ବହିର୍ଗତ କରିଦିଆଯାଇଛି । **ଏହା ଶାସ୍ତ୍ରଜଳ ଦ୍ୱାରା ଧୌତ ଗୀତା, ଅନନ୍ୟ ଭାବ ସହିତ ଲେଖାଯାଇଥିବା ଗୀତା** । କୁବୁଦ୍ଧିରେ ବିରୋଧ କରୁଥିବା ମାତ୍ର କେଇଜଣଙ୍କ ବ୍ୟତୀତ ଏହା ଅନ୍ୟମାନଙ୍କର ସମ୍ମତିଯୋଗ୍ୟ ଗୀତା ବୋଲି ଜଣାଉଛୁ ।

## ପରମାତ୍ମା କହୁଛନ୍ତି :-

**(୧୦) ଶ୍ଳୋକ,୪୭ :**

**ମୟା ପ୍ରଶନ୍ନେନ ତବାର୍ଜୁନେଦଂ ରୂପଂ ପରଂ ଦର୍ଶିତମାତ୍ମାଯୋଗାତ୍ ।**
**ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥**

**(ନିରାକାର)**

**ଭାବାର୍ଥ :** ମୁଁ ପ୍ରସନ୍ନ ହେବା ଦ୍ୱାରା ପ୍ରଥମେ ବିଶ୍ୱବ୍ୟାପକ, ତେଜଯୁକ୍ତ ମୋର ଶ୍ରେଷ୍ଠରୂପକୁ ଦେଖାଇଲି । ପୂର୍ବରୁ ଆଜିଯାଏଁ ତୋ ବ୍ୟତୀତ ଅନ୍ୟ କେହି ଏହାକୁ ଦେଖି ନାହାନ୍ତି ।

**ବିବରଣୀ :** ଏଠାରେ ଥିବା ୪୭ତମ ଶ୍ଳୋକ ଏବଂ ୩୨ତମ ଶ୍ଳୋକକୁ ଭଗବାନ କହୁଛନ୍ତି ବୋଲି ଅନ୍ୟ ଗୀତାଗୁଡିକରେ ଲେଖାଯାଇଛି । ଏଭଳି ଲେଖିବା ଦ୍ୱାରା ଶ୍ଳୋକର ଭାବ ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି ବୋଲି ଜାଣିବା ଉଚିତ୍ । ଜ୍ଞାନର ପ୍ରତ୍ୟେକ ସୂକ୍ଷ୍ମ ବିଷୟକୁ ସ୍ଥୁଳ ଭାବରେ କହିବାକୁ ପଣ କରିଥିବା ଆମେ ଏହି ବିଷୟକୁ ମଧ୍ୟ ନକହି ରହିପାରୁ ନାହୁଁ । ଏ ଦୁଇଟି ଶ୍ଳୋକକୁ ଭଗବାନ ଶ୍ରୀକୃଷ୍ଣ କହିନାହାନ୍ତି । ଏହା ଅର୍ଜୁନଙ୍କର ଜ୍ଞାନନେତ୍ର ଦୃଷ୍ଟି ଥିବା ସମୟରେ ସ୍ୱୟଂ ବିଶ୍ୱରୂପ-ପରମାତ୍ମା କହିଥିବା କଥା । ଦେହଧାରୀ ଶ୍ରୀକୃଷ୍ଣ କହୁଥିଲେ ମଧ୍ୟ ତାହା ଭୌତିକ କାନକୁ ଶୁଣାଯିବ ନାହିଁ, ତେଣୁ ସେହି ଶ୍ଳୋକ ଗୁଡିକୁ ଭଗବାନ କହିଛନ୍ତି ବୋଲି ଲେଖିବା ଉଚିତ୍ ନୁହେଁ ।

ଶରୀରରେ ଥିବା କର୍ମଯୋଗୀ କିମ୍ବା ବ୍ରହ୍ମଯୋଗୀ ମଧ୍ୟ ପରମାତ୍ମାଙ୍କୁ ଜାଣିପାରନ୍ତି ନାହିଁ । ବ୍ରହ୍ମଯୋଗୀମାନେ ଶରୀରରେ ଥିବା ସମୟରେ ଅନେକ

ଚେଷ୍ଟା ଦ୍ୱାରା କେବଳ କିଛି ସମୟ ଆତ୍ମାକୁ ସେମାନଙ୍କର ମନୋନେତ୍ରରେ ଦେଖି ପାରିଥାନ୍ତି, ପରମାତ୍ମାଙ୍କୁ ଅନ୍ୟ କେହି ଦେଖିପାରି ନଥାନ୍ତି । ବଞ୍ଚିଥିବା କୌଣସି ବ୍ୟକ୍ତି ପରମାତ୍ମାଙ୍କୁ ଦେଖିପାରନ୍ତି ନାହିଁ ବୋଲି ଜାଣିବା ଉଚିତ୍ । ଅର୍ଜୁନଙ୍କୁ ସ୍ୱୟଂ ପରମାତ୍ମା ଦେଇଥିବା ସୁଯୋଗ ଦ୍ୱାରା ସେ ଦେଖିପାରିଥିଲେ ସିନା, ସେଭଳି ସୁଯୋଗ ନମିଳିଲେ ପରମାତ୍ମାଙ୍କୁ ଦେଖିବା ଅସମ୍ଭବ । **ସୃଷ୍ଟ୍ୟାଦିରୁ କେହି ଦେଖି ନଥିବା ରୂପ ତୁ ଦେଖିପାରୁଛୁ ବୋଲି ସ୍ୱୟଂ ପରମାତ୍ମା କହିଥିବା କାରଣରୁ ତାହା କାହା ଦ୍ୱାରା ସାଧ୍ୟ ନୁହେଁ ବୋଲି ଜଣାଯାଉଛି ।** ପରମାତ୍ମା ଏହିଭଳି ନିଜକୁ ଜଣାଇବା ନିମିତ୍ତ ଅର୍ଜୁନଙ୍କୁ ବ୍ୟବହାର କରିଛନ୍ତି ବୋଲି ଜାଣିଯିବା ଉଚିତ୍ । ପରମାତ୍ମାଙ୍କ ରୂପ ସେହି ପରମାତ୍ମାଙ୍କ ବ୍ୟତୀତ ଆଉ କାହାଦ୍ୱାରା ଦେଖାଇବା ସମ୍ଭବ ନୁହେଁ । ପରମାତ୍ମାଙ୍କ ଅନୁଗ୍ରହ ଅର୍ଜୁନଙ୍କ ଉପରେ ଥିବାରୁ, ସେ ଦେଖିଥିଲେ, ତେଣୁ ତାଙ୍କ ଦ୍ୱାରା ଆମକୁ କିଛି ପରିମାଣରେ ବୁଝାପଡିଛି ବୋଲି ଆମେ ଭାବିବା ଉଚିତ୍ ।

**(୧୦) ଶ୍ଳୋକ, ୪୮ :**

**ନ ବେଦ ଯଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।**
**ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ ପଶ୍ୟ ତ୍ୱଦନ୍ୟେନ କୁରୁପ୍ରବୀର ॥**

**(ନିରାକାର)**

**ଭାବାର୍ଥ :** ବେଦ ଦ୍ୱାରା ହେଉ, ଯଜ୍ଞଗୁଡିକ ଦ୍ୱାରା ହେଉ, ଦାନ ଦ୍ୱାରା ହେଉ କି ଉଗ୍ରତପସ୍ୟା ଦ୍ୱାରା ହେଉ ମୁଁ ଏହି ରୂପର ବୋଲି ମୋତେ କେହି ଜାଣିପାରନ୍ତି ନାହିଁ । ଜଗତରେ ତୋ ବ୍ୟତୀତ ମୋର ରୂପକୁ ଆଉ କେହି ଦେଖିନାହାନ୍ତି ।

**ବିବରଣୀ :** ଏହି ଶ୍ଳୋକରେ ଯାହାସବୁ ପରମାତ୍ମାଙ୍କୁ ଆରାଧନା କରିବା ଉପାୟ ନୁହେଁ, ଯାହା ଦ୍ୱାରା ପରମାତ୍ମାଙ୍କୁ ଜଣାଯାଇପାରେ ନାହିଁ ତାହାକୁ ଜଣାଇଛନ୍ତି । ଆଜିର କାଳରେ ଭଲଭାବରେ ବେଦ ଜାଣିଥିବା ସ୍ୱାମିଜୀମାନେ, ଯଜ୍ଞ କରୁଥିବା ଗୁରୁମାନେ, କରାଉଥିବା ଧନବାନମାନେ, ଦେବତାମାନଙ୍କ ପ୍ରସନ୍ନ ନିମିତ୍ତ ତପସ୍ୟା କରୁଥିବା ସନ୍ନ୍ୟାସୀମାନେ, ଦାନ କରୁଥିବା ଦୟାବାନ ଲୋକମାନେ

ଜ୍ଞାନୀ ଭାବରେ, ଦୈବଜ୍ଞ ଭାବରେ ପରିଗଣିତ ହେଉଛନ୍ତି ବୋଲି ଆମେ ଦେଖୁଛେ । ବେଦ ଜାଣିଥିବା, ଯଜ୍ଞ କରୁଥିବା, ଦାନ ଦେଉଥିବା, ତପସ୍ୟା କରୁଥିବା ଲୋକମାନେ ଦୈବମାର୍ଗରେ ବିଲ୍‌କୁଲ୍ ନାହାନ୍ତି ବୋଲି କହିବା କଥାଟି ଟିକିଏ ପିତା ଲାଗିଲେ ମଧ୍ୟ, ପରମାତ୍ମାଙ୍କ କଥା ଅନୁସାରେ ଏହା ନିରାଟ ସତ୍ୟ । ପରମାତ୍ମାଙ୍କ ମାର୍ଗର ବ୍ୟତିରେକ ହେଉଛି ମାୟା । ମାୟା ପରମାତ୍ମାଙ୍କ ଦିଗରେ କାହାକୁ ଯିବାକୁ ନଦେଇ ନିଜ ଦିଗରେ ସମସ୍ତଙ୍କୁ ଟାଣି ନେଇଥାଏ । ସେଥିଲାଗି ଯଜ୍ଞ, ଦାନ, ତପସ୍ୟାଦି ସୃଷ୍ଟିକରି ତାଦ୍ୱାରା ସମସ୍ତଙ୍କୁ ଦୈବମାର୍ଗରେ ଥିବାଭଳି କରିଛି । ସ୍ୱୟଂ ପରମାତ୍ମା ଏହା ମୋତେ ଜାଣିପାରିବା ମାର୍ଗ ନୁହେଁ ବୋଲି କହିଥିଲେ ମଧ୍ୟ, ମଣିଷ ବିଶ୍ୱାସ କରି ନପାରିବା ଭଳି ଗଭୀର ଭାବରେ ନିଜଠାରେ ଲୁଚେଇ ରଖିଛି ମାୟା । ଏବେ ମଧ୍ୟ ଆମ ପାଖରେ ସମୟ ଅଛି, ପରମାତ୍ମାଙ୍କୁ ପାଇବା ପାଇଁ କେଉଁ ମାର୍ଗ ଅଛି ତାହା ଜାଣିବା । କାରଣ ତାହାହିଁ ମୁଖ୍ୟ ବିଷୟ । ଏକଥା ବିଶ୍ୱରୂପ ଦେଖାଇବା ସମୟରେ ଶେଷରେ କହିଛନ୍ତି । ଫାଶୀ ପାଉଥିବା କଏଦୀ ଶେଷରେ ମୁଖ୍ୟକଥା କହିବା ଭଳି, ଚିଠି ଲେଖୁଥିବା ଲୋକ ଶେଷରେ ମୁଖ୍ୟ କଥା ଲେଖୁଥିବା ଭଳି, ପରମାତ୍ମା ତାଙ୍କର ବିଶ୍ୱରୂପକୁ ଅଦୃଶ୍ୟ କରିବା ଆଗରୁ ଅର୍ଥାତ୍ ଶେଷ ସମୟରେ ବିଶ୍ୱରୂପ ସମ୍ବନ୍ଧୀୟ ଯାହା କହିଛନ୍ତି ତାହା ମାନବ ଜାତିର ଅତି ମୁଖ୍ୟ ଜ୍ଞାତବ୍ୟ ବିଷୟ ବୋଲି ଜାଣିବା ଉଚିତ୍ । ଭଗବାନଙ୍କ ବ୍ୟତୀତ ପରମାତ୍ମା ସ୍ୱୟଂ ନିଜ ବିଶ୍ୱରୂପ ସମ୍ବନ୍ଧୀୟ ଦେଇଥିବା ସନ୍ଦେଶ ଅତି ମୁଖ୍ୟ ବିଷୟ । ପରମାତ୍ମା ବିଶ୍ୱରୂପରୁ ମାତ୍ର ଦୁଇଟି ମୁଖ୍ୟ ବିଷୟ କହିଥିଲେ ।

**୧- ମୁଁ କାଳ ହୋଇ ସମସ୍ତଙ୍କୁ ଜନ୍ମ ଦେଇ ଶେଷରେ ସେମାନଙ୍କର ମୃତ୍ୟୁ ହୋଇଥାଏ ।**

**୨- ବେଦ ଦ୍ୱାରା, ଯଜ୍ଞ ଦ୍ୱାରା, ଦାନ ଦ୍ୱାରା, ତପସ୍ୟା ଦ୍ୱାରା ମୋତେ କେହି ମଧ୍ୟ ଜାଣିପାରନ୍ତି ନାହିଁ ।**

ପରମାତ୍ମା ଜଣାଇଥିବା ଏହି ଦୁଇଟି ବିଷୟ ଜୀବରାଶିଙ୍କ ପାଇଁ ଅତି ମୁଖ୍ୟ ବିଷୟ ବୋଲି ଜାଣିବା ଉଚିତ୍ । ଆମମାନଙ୍କର ଆରାଧନା ଅନୁସାରେ ଆମେ ପରମାତ୍ମାଙ୍କ ଦିଗରେ ଅଛେ କି ପ୍ରକୃତି (ମାୟା, ସାତାନ୍ ବା ସୈତାନ୍) ଦିଗରେ ଅଛେ ବିଚାର କରନ୍ତୁ ।

**(୧୦) ଶ୍ଲୋକ,୪୯ :**

**ମା ତେ ବ୍ୟଥା ମା ଚ ବିମୂଢଭାବୋ ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ ମମେଦମ୍ ।**
**ବ୍ୟପେତଭୀଃ ପୀତମନାଃ ପୁନସ୍ତ୍ୱଂ ତଦେବ ମେ ରୂପମିଦଂ ପ୍ରପଶ୍ୟ ॥**

**(ସାକାର,ନିରାକାର)**

**ଭାବାର୍ଥ :** ଏହି ଭୟଙ୍କର ରୂପ ଦେଖି ତୁ ଭୟକର ନାହିଁ, ବିଚଳିତ ହୁଅନାହିଁ । ତୁ ପ୍ରୀତମନା ହେବାପାଇଁ, ତୋର ଭୟ ଚାଲିଯିବା ପାଇଁ, ପୂର୍ବର ଥିବା ସେହି ସୌମ୍ୟରୂପକୁ ଦେଖାଉଛି ଦେଖ୍ ।

**ବିବରଣୀ :** ବିଶ୍ୱରୂପ ଦେଖାଇବା ବେଳେ ଅର୍ଜୁନଙ୍କ ମନୋନେତ୍ରରେ ପରମାତ୍ମାଙ୍କ ବ୍ୟତୀତ ଆଉ କେହି ଦେଖାଯାଉ ନଥିଲେ । ସମସ୍ତଙ୍କୁ ବିନାଶ କରିପାରୁଥିବା ସେହି ଭୟଙ୍କର ରୂପରେ ଅର୍ଜୁନ ଡରି ଯାଇଥିଲେ । ଏହି ଭୟରୁ ମୁକ୍ତ ହେବାପାଇଁ ଅର୍ଜୁନଙ୍କୁ ସାଧାରଣ ଦୃଷ୍ଟି ଦେଇ, ମନୋନେତ୍ରକୁ ଦୂରେଇ ଦେଇ, ପରମାତ୍ମା ପୁନର୍ବାର ସାଧାରଣ ଶ୍ରୀକୃଷ୍ଣ ଭାବେ ଦେଖାଗଲେ । ଏହାପରେ ଅର୍ଜୁନ ଭୟମୁକ୍ତ ହୋଇ କହିଲେ ଯେ–

**ସଞ୍ଜୟ କହୁଛନ୍ତି :-**

**(୧୦) ଶ୍ଲୋକ,୫୦ :**

**ଇତ୍ୟର୍ଜୁନଂ ବାସୁଦେବତଥୋକ୍ତ୍ୱା ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।**
**ଆଶ୍ୱାସୟାମାସ ଚ ଭୀତମେନଂ ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ॥**

**(କଳ୍ପିତ)**

**ଅର୍ଜୁନ କହୁଛନ୍ତି :-**

**(୧୦) ଶ୍ଲୋକ,୫୧ : ଦୃଷ୍ଟ୍ବେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦନ ! ।**
**ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ॥**
**(ସାକାର)**

**ଭାବାର୍ଥ :** ହେ କୃଷ୍ଣ ! ମଣିଷ ରୂପର ତୋ' ସୌମ୍ୟ ସ୍ୱଭାବ ଆକୃତିକୁ ଦେଖି ମୁଁ ଆସ୍ୱସ୍ଥ ହେଲି, ମୋର ମନ ସ୍ଥିର ହେଲା ।

**ଶ୍ରୀ ଭଗବାନ କହୁଛନ୍ତି :-**

**(୧୦) ଶ୍ଲୋକ,୫୨ : ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।**
**ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ ॥**
**(ନିରାକାର)**

**ଭାବାର୍ଥ :** ହେ ଅର୍ଜୁନ ! ତୁ ଦେଖିଥିବା ବ୍ରହ୍ମାଣ୍ଡରୂପ ଅନ୍ୟମାନଙ୍କ ପାଇଁ ଦୁର୍ଲଭ, ଦେବତାମାନେ ମୋର ଏଇ ରୂପକୁ ଦେଖିବା ପାଇଁ ସବୁବେଳେ ଆଶାକରି ରହିଛନ୍ତି ।

**ବିବରଣୀ :** ପରମାତ୍ମାଙ୍କ ଦର୍ଶନ ପାଇଁ ଦେବତାମାନେ ସବୁବେଳେ ଚାହିଁ ବସିଥାନ୍ତି; ତଥାପି ସେମାନଙ୍କୁ ମିଳେ ନାହିଁ । ଏଠାରେ କେତେକ **ମାନବ ହୋଇଥିବା ଆମମାନଙ୍କୁ ଦର୍ଶନ ନମିଳିଲେ ନାହିଁ, ଦେବତାମାନେ ମଧ୍ୟ ଦେଖି ପାରନ୍ତି ନାହିଁ ବୋଲି କହୁଛନ୍ତି !** ବୋଲି ପଚାରି ପାରନ୍ତି । ତାର ସମାଧାନ ହେଲା ! ମଣିଷ, ଦେବତା ଅଲଗା ଅଲଗା ବୋଲି କାହିଁକି ଭାବୁଛନ୍ତି । ମଣିଷ ଭିତରେ ଅଧିକ ପୁଣ୍ୟ ସଞ୍ଚୟ କରିଥିବା ମଣିଷ ହିଁ ଦେବତା ହୋଇ ରହିଥାନ୍ତି ସିନା, ଦେବତା ଆଉ ଆମମାନଙ୍କ ଭିତରେ ବଡ ବିଭେଦ କିଛି ନାହିଁ, ସେମାନେ ଜୀବ ! ଆମେମାନେ ମଧ୍ୟ ଜୀବ !! ଆମମାନଙ୍କଠାରୁ କିଛି ଅଧିକ ଜ୍ଞାନ ସେମାନେ ଜାଣିଥିବାରୁ ପରମାତ୍ମାଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇଥାନ୍ତି; ତଥାପି ତାହା ସେମାନଙ୍କ ଦ୍ୱାରା ସମ୍ଭବ ହୋଇନଥାଏ, ପରମାତ୍ମାଙ୍କ ଦୟାରେ ଅର୍ଜୁନ ଦେଖିଥିଲେ ।

**(୧୦) ଶ୍ଳୋକ,୫୩ : ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।**
**ଶକ୍ୟଏବଂ ବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥**
**(ନିରାକାର)**

**ଭାବାର୍ଥ :** ତୁ ମୋତେ ଯେମିତି ଦେଖିଲୁ ସେମିତି ଦେଖିବା ବେଦ ଦ୍ୱାରା, ଦାନ ଦ୍ୱାରା, ତପସ୍ୟା ଦ୍ୱାରା ଏବଂ ଯଜ୍ଞ ଦ୍ୱାରା ମଧ୍ୟ ସମ୍ଭବ ନୁହେଁ ।

**ବିବରଣୀ :** ଏହି ବିଷୟ ୪୮ତମ ଶ୍ଳୋକରେ ଅର୍ଥାତ୍ ବିଶ୍ୱରୂପରେ ମଧ୍ୟ କହିଛନ୍ତି । ଏହା ଏକ ମୁଖ୍ୟ ବିଷୟ ହୋଇଥିବାରୁ ଭଗବାନ ମଧ୍ୟ ଏଠାରେ ଆଉଥରେ କହିଛନ୍ତି । ଅର୍ଜୁନଙ୍କର ହୋଇଥିବା ପରମାତ୍ମା ଦର୍ଶନ ବେଦ ପଢିବା ଦ୍ୱାରା, ଦାନଦେବା ଦ୍ୱାରା, ଯଜ୍ଞକରିବା ଦ୍ୱାରା କିମ୍ବା ତପସ୍ୟା କରିବା ଦ୍ୱାରା ହୋଇ ନଥାଏ ବୋଲି କହିଛନ୍ତି । କେତେକ ତପସ୍ୟା ଦ୍ୱାରା ତାଙ୍କୁ ଦେଖିହେବ ବୋଲି ଭାବି ପାରନ୍ତି । ତପସ୍ୟା ଦ୍ୱାରା ଦେବତାମାନେ ପ୍ରତ୍ୟକ୍ଷ ହୋଇପାରନ୍ତି ସିନା ପରମାତ୍ମା ଦେଖାଦେବା ଅସମ୍ଭବ, ତେଣୁ ବେଦପାଠ, ଯଜ୍ଞ, ଦାନ, ତପସ୍ୟା ଦ୍ୱାରା ମୋତେ ଜାଣିବା ଅସମ୍ଭବ ବୋଲି କହିଛନ୍ତି । ତାହେଲେ ଯେଉଁମାନେ ପରମାତ୍ମାଙ୍କୁ ପାଇଥାନ୍ତି ସେମାନେ କେଉଁ ମାର୍ଗରେ ଯାଇଥାନ୍ତି ? ବୋଲି ପ୍ରଶ୍ନ ଆସିଲେ, ସମାଧାନରେ ଭଗବାନ ଯାହା କହିଛନ୍ତି, ତାହା ପର ଶ୍ଳୋକରୁ ଜାଣିବା ।

**(୧୦) ଶ୍ଳୋକ,୫୪ : ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ! ।**
**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ! ॥**
**(ପରମାତ୍ମା,ବ୍ରହ୍ମଯୋଗ)**

**ଭାବାର୍ଥ :** ହେ ଅର୍ଜୁନ ! ମୋର ଆତ୍ମାକୁ ଜାଣିବାକୁ, ଦେଖିବାକୁ, ପ୍ରବେଶ କରିବାକୁ ହେଲେ ଅନନ୍ୟ ଭକ୍ତି ଦ୍ୱାରା ସମ୍ଭବ ହୋଇଥାଏ ।

**ବିବରଣୀ :** ଅନ୍ୟ ଦେବତାମାନଙ୍କ ଉପରେ ଧ୍ୟାନ ନଦେଇ ପରମାତ୍ମାଙ୍କ ଭକ୍ତ ତାର ମନରେ କୌଣସି ଅନ୍ୟ ଚିନ୍ତା ନଆଣି, ନିଜ ଶରୀରରେ ପରମାତ୍ମା ଅଂଶ ହୋଇଥିବା ଆତ୍ମାକୁ ଜାଣି ପାରିଥାଏ ଏବଂ ଦେଖି ପାରିଥାଏ । ଶେଷରେ

ସେଥିରେ ଅର୍ଥାତ୍ ପରମାତ୍ମାରେ ପ୍ରବେଶ କରି ପାରିଥାଏ । ଏହିଭଳି ପରମାତ୍ମାଙ୍କୁ ପାଇବା ମାର୍ଗ ରହିଛି ।

**(୧୦) ଶ୍ଳୋକ,୫୫ : ମତ୍କର୍ମକୃନ୍ମତ୍ପରମୋ ମଦ୍ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ! ।।**
**(ଭକ୍ତିଯୋଗ,ବ୍ରହ୍ମଯୋଗ,କର୍ମଯୋଗ)**

**ଭାବାର୍ଥ :** ଯିଏ ମୋର କର୍ମ ଆଚରଣ କରିଥାଏ, ଯିଏ ମୋର ସ୍ଥାନକୁ ମୁଖ୍ୟ ସ୍ଥାନ ଭାବିଥାଏ, ଯିଏ ସର୍ବଭୂତଙ୍କୁ ବୈରହୀନ ଭାବରେ ଦେଖି ବ୍ରହ୍ମଯୋଗୀ ହୋଇଥାଏ ସେ ମୋତେ ପାଇପାରିଥାଏ ।

**ବିବରଣୀ :** ଏହି ଶ୍ଳୋକରେ ମତ୍କର୍ମ-ମୋକାର୍ଯ୍ୟକୁ, କୃତ୍-କରେ ଅର୍ଥାତ୍ ମୋ' କାର୍ଯ୍ୟ ଯିଏ କରେ ବୋଲି ପରମାତ୍ମା କହିଛନ୍ତି । ପରମାତ୍ମାଙ୍କ କାର୍ଯ୍ୟ କହିଲେ ସବୁ ସେ କରିଥାନ୍ତି, ତାହେଲେ ତାଙ୍କର କାର୍ଯ୍ୟ ସବୁ କ'ଣ ? ବୋଲି ଆମେ ଭାବିପାରିବା । ସବୁର କାରଣ ସେ ହେବାବେଳେ ସେ ଅଦୃଶ୍ୟ ଭାବରେ, ଆମ ଅଜାଣତରେ କରନ୍ତି, ତାହା ଆମେ ହିସାବରେ ଆଣିବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ ସେ ଗତ ଅଧ୍ୟାୟରେ କହିଥିଲେ ଯେ ମୁଁ ସମସ୍ତଙ୍କୁ ଜନ୍ମଦିଏ ଆଉ ସମସ୍ତଙ୍କୁ ବିନାଶ କରିଥାଏ । ତାହା ଜୀବ ଭାବରେ ଆମେ କରିପାରିବା ? କେବେ କରିପାରିବା ନାହିଁ । ତେଣୁ ପରମାତ୍ମାଙ୍କର ସାକାର ରୂପ ଭୂପୃଷ୍ଠକୁ ଆସି ଯାହା କରିଥାନ୍ତି ତାହା ହିଁ ତାଙ୍କର ମୁଖ୍ୟକାର୍ଯ୍ୟ । ଧର୍ମରେ ଗ୍ଲାନି ଆସି କ୍ରମେ ଲୋପ ପାଇଯାଉଥିବା ବେଳେ ମୁଁ ଜନ୍ମ ହୋଇଥାଏ, ଏକଥା ସ୍ୱୟଂ ଈଶ୍ୱର କହିଛନ୍ତି ! ତେଣୁ ତାଙ୍କର ମୁଖ୍ୟଧର୍ମ ହୋଇଥାଏ ଧର୍ମର ପୁନଃସ୍ଥାପନା କରିବା । ଏଠାରେ ସେ ମୋ କାର୍ଯ୍ୟ ବୋଲି ଏଇ କାର୍ଯ୍ୟକୁ ହିଁ କହିଛନ୍ତି । ଯିଏ ଲୁଚିଯାଇଥିବା ଧର୍ମକୁ ଜଣାଏ ସେ ହିଁ ପରମାତ୍ମାଙ୍କ କାର୍ଯ୍ୟ କରିବା ଭଳି ହୋଇଥାଏ । ମୋ କାର୍ଯ୍ୟ କରୁଥିବା ପାତ୍ର ମୋତେ ପାଇବାକୁ ସୁଯୋଗ ଥାଏ ବୋଲି କହିଛନ୍ତି ।

ଏଠାରେ କେତେକ ଆଉଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା କ'ଣନା ! ପରମାତ୍ମାଙ୍କୁ ପାଇବାପାଇଁ ମାତ୍ର ଦୁଇଟି ମାର୍ଗ ରହିଛି, ତାହା

କର୍ମଯୋଗ, ବ୍ରହ୍ମଯୋଗ ବୋଲି ଆପଣ କହିଥିଲେ! ଏବେ କୌଣସି ଯୋଗ ହୋଇନଥିବା ଏଇ କାର୍ଯ୍ୟ କରିବା ଦ୍ୱାରା ମୋକ୍ଷ ପାଇ ପାରିବା ବୋଲି କହୁଛନ୍ତି!!! ପରମାତ୍ମାଙ୍କୁ ପାଇବା ପାଇଁ ବାସ୍ତବରେ କେତେଗୋଟି ମାର୍ଗ ଅଛି ? ଆଗରୁ କହିଥିବା ଦୁଇଟି କି ଆହୁରି ଅନେକ ଅଛି ?

ଏଭଳି ପ୍ରଶ୍ନକରିବା ଦ୍ୱାରା ଜ୍ଞାନାଭିବୃଦ୍ଧି ହୋଇଛି ବୋଲି ଆମ ଅଭିପ୍ରାୟ । ସନ୍ଦେହ ଆସିବା ବେଳେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ନଛାଡି ପଚାରିଛନ୍ତି । ସେହିଭଳି ଏହି ପ୍ରଶ୍ନ ଏଠାରେ ସର୍ବସମ୍ମତ । ତାର ସମାଧାନ ହେଉଛି! ପରମାତ୍ମାଙ୍କୁ ପାଇବାପାଇଁ ଦୁଇଟି ମାର୍ଗ ଅଛି ବୋଲି ଏବେ ମଧ୍ୟ କହୁଛୁ । ସମସ୍ତଙ୍କର ଆମୋଦଯୋଗ୍ୟ ଦୁଇଟି ମାର୍ଗ ଅଛି । ସମସ୍ତଙ୍କ ଦ୍ୱାରା ସାଧ୍ୟ ହେଉନଥିବା ଅନ୍ୟ ମାର୍ଗଟିଏ ମଧ୍ୟ ଅଛି । ଏହା ଫେରାବାଟ ଭଳି ପରମାତ୍ମାଙ୍କ ପାଖକୁ ଖୁବ୍ ଶୀଘ୍ର ନେଇଯାଏ, କିନ୍ତୁ କଷ୍ଟସାଧ୍ୟ । ସେଥିଲାଗି ପରମାତ୍ମା ପ୍ରଥମରୁ ଦୁଇଟି ଯୋଗ ବାବଦରେ ଏପର୍ଯ୍ୟନ୍ତ କହିଆସି ଏବେ ସନ୍ଦର୍ଭାନୁସାରେ ଏହାକୁ କହିଛନ୍ତି । ଏହି ତୃତୀୟ ମାର୍ଗ ଷଷ୍ଠତମ ଅଧ୍ୟାୟ ବିଜ୍ଞାନଯୋଗର ୧୯ତମ ଶ୍ଳୋକରେ କିଛି ପରିମାଣରେ କହିଛନ୍ତି । ଏହା ଅତି ସଳଖ ମାର୍ଗ ହୋଇଥିବାରୁ, ଏହାକୁ ସୂକ୍ଷ୍ମରେ ମୋକ୍ଷ କହୁଛୁ । ବାସ୍ତବରେ ଏହା କର୍ମ, ବ୍ରହ୍ମଯୋଗ ଭଳି ନୁହେଁ, ଭକ୍ତିଯୋଗ ଭାବେ କଥିତ ସ୍ୱତନ୍ତ୍ରମାର୍ଗ । ଏହି ସ୍ୱତନ୍ତ୍ର ମାର୍ଗରେ ପରମାତ୍ମାଙ୍କ କାର୍ଯ୍ୟ କରିବାକୁ ସୁଯୋଗ ଅଛି ବୋଲି ଜାଣିବା ଉଚିତ୍ । ସାଧାରଣତଃ ପିତାର କାର୍ଯ୍ୟ ପୁତ୍ର କରିବା ଭଳି, ପରଲୋକ ରାଜ୍ୟର ପିତା ହୋଇଥିବା ପରମାତ୍ମାଙ୍କ କାର୍ଯ୍ୟକୁ ଚିହ୍ନି, ତାହା କରିବା ଦ୍ୱାରା ସହଜରେ ମୋକ୍ଷ ପାଇପାରିବା । ଏହା ବ୍ୟତୀତ ଯୋଗମାର୍ଗ ମାତ୍ର ଦୁଇଟି ଅଛି ବୋଲି ଜାଣିବା ଉଚିତ୍ ।

ତା ବ୍ୟତୀତ "ମୋର ଭକ୍ତହୋଇ, ସଙ୍ଗବର୍ଜିତ ହୋଇ" ବୋଲି କହିଛନ୍ତି । ପାପ ପୁଣ୍ୟର ବନ୍ଧନରେ ନପଡି ଯିଏ କାର୍ଯ୍ୟ କରୁଥାଏ ସେ ପରମାତ୍ମାଙ୍କୁ ପାଇପାରିଥାଏ ବୋଲି କହିଛନ୍ତି । ଏହା ସେହି ଦୁଇଟି ମାର୍ଗ ଭିତରୁ ଗୋଟିଏ ମାର୍ଗ ହୋଇଥିବା କର୍ମଯୋଗ କଥା । କର୍ମଯୋଗରେ ପାପପୁଣ୍ୟର ସଙ୍ଗ ନଥାଏ, ଅର୍ଥାତ୍ ପାପପୁଣ୍ୟ ନାମକ କର୍ମ ଆସିବାକୁ ନଦେଇ ପରମାତ୍ମାରେ ଲୀନ ହୋଇପାରିବା । ଏହା ବ୍ୟତୀତ ବ୍ରହ୍ମଯୋଗ ଆଚରଣ କରି ମଧ୍ୟ ମୋକ୍ଷ

ପାଇପାରିବା ବୋଲି କହିଛନ୍ତି । ବ୍ରହ୍ମଯୋଗରେ ଜଣେ ସର୍ବ ଜୀବରାଶିଙ୍କ ପାଇଁ ସମାନ ହୋଇଥିବା ଆତ୍ମାନୁଭବ ପାଇଥାଏ, ସେତେବେଳେ ସେ କାହାଠାରେ ଶତ୍ରୁତ୍ୱ ନରଖି କେବଳ ଆତ୍ମା ସହିତ ସମ୍ବନ୍ଧୀତ ହୋଇଥାଏ । ଏଭଳି ବ୍ରହ୍ମଯୋଗ ଆଚରଣ କରୁଥିବା ବ୍ୟକ୍ତିର କୌଣସି ଜୀବ ଉପରେ ବୈରଭାବ ନଥାଏ । ଏହି ଶ୍ଲୋକରେ ଦୁଇଟି ଯୋଗମାର୍ଗ ଏବଂ ଏକ ସ୍ୱତନ୍ତ୍ର ମାର୍ଗ ବାବଦରେ କହି, ଏହି ଅଧ୍ୟାୟକୁ ଏତିକିରେ ସମାପ୍ତ କରିଛନ୍ତି ।

**ଶ୍ଲୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଧର୍ମ | = | ୦୧ |
| ୨) | ପରମାତ୍ମା | = | ୦୪ |
| ୩) | ନିରାକାର (ବିଶ୍ୱରୂପ) | = | ୨୬ |
| ୪) | ପରମାତ୍ମା, ବ୍ରହ୍ମଯୋଗ | = | ୦୧ |
| ୫) | ଭକ୍ତିଯୋଗ, ବ୍ରହ୍ମଯୋଗ, କର୍ମଯୋଗ | = | ୦୧ |
| ୬) | ଅଶାସ୍ତ୍ରୀୟ | = | ୧୦ |
| ୭) | ସାକାର,ନିରାକାର | = | ୦୨ |
| ୮) | ସାକାର | = | ୦୪ |
| ୯) | ପରମାତ୍ମା,ନିରାକାର | = | ୦୬ |
| | **ମୋଟ** | = | **୫୫** |

**ଭାବାର୍ଥ ଏବଂ ବିବରଣୀ ବଦଳିଛି - ୨୩,୨୫,୨୭,୩୯ ।**

*****



# ଭକ୍ତିଯୋଗ

## ଅର୍ଜୁନ କହୁଛନ୍ତି :-

**(୧୧) ଶ୍ଳୋକ,୧ : ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥**
**(ବ୍ରହ୍ମ,କର୍ମ,ଭକ୍ତି ଯୋଗ)**

**ଭାବାର୍ଥ :** ଏହିଭଳି ସର୍ବଦା ଆତ୍ମାରେ ଯୁକ୍ତ ହୋଇ, ଭକ୍ତିରେ ତୋର ଉପାସନା କରୁଥାଇ, ଅଦୃଶ୍ୟ ଅବିନାଶୀ ସ୍ଥାନକୁ ଚାହୁଁଥିବା ଲୋକମାନେ ଅଛନ୍ତି, ଏମାନଙ୍କ ଭିତରୁ ଯୋଗଜ୍ଞାନକୁ କିଏ ଭଲରେ ଜାଣିଥାଏ ?

**ବିବରଣୀ :** ବିତ୍ = ଜଣାପଡିବା, ଯୋଗ = ମିଳନ, ଯୋଗବିତ୍ = ଅର୍ଥାତ୍ ପରମାତ୍ମାରେ ମିଳିତ ହେବାପାଇଁ ମାର୍ଗ ଜାଣିଥିବା ବ୍ୟକ୍ତି । ପରମାତ୍ମାରେ ମିଳିତ ହେବାପାଇଁ ପୂର୍ବ ଅଧ୍ୟାୟର ଶେଷ ଶ୍ଳୋକରେ ତିନିଗୋଟି ମାର୍ଗ ବାବଦରେ କୁହାଯାଇଛି । କର୍ମଯୋଗ, ବ୍ରହ୍ମଯୋଗ ପରେ ଭକ୍ତିଯୋଗ ନାମକ ଏକ ମାର୍ଗ ରହିଛି ବୋଲି ଜାଣିପାରିଥିବା ଅର୍ଜୁନ, ଏହି ତିନିଗୋଟି ମାର୍ଗରୁ ପରମାତ୍ମାରେ ମିଳିତ ହେବାପାଇଁ କେଉଁ ମାର୍ଗଟି ଉନ୍ନତମାର୍ଗ ବୋଲି ପଚାରିଛନ୍ତି । ୧) ସତତଯୁକ୍ତା ଯେ, ୨) ଭକ୍ତାଃ, ୩) ଅକ୍ଷରମବ୍ୟକ୍ତଂ ଏହିଭଳି ତିନିଭାଗରେ ବିଭକ୍ତ କରି ଏମାନଙ୍କ ଭିତରୁ ତୋତେ ଜାଣିବା ସହିତ ଯୋଗକୁ କିଏ ଜାଣିଛି ବୋଲି ପଚାରିଛନ୍ତି । ଅର୍ଜୁନ ପଚାରିଥିବା ପ୍ରଶ୍ନର ବିବରଣ ହେଉଛି ସବୁବେଳେ ଆତ୍ମାଯୁକ୍ତ ବ୍ରହ୍ମଯୋଗୀ, ଭଗବାନଙ୍କ ଉପରେ ଭକ୍ତିଭାବ ରଖି ସର୍ବଦା ତାଙ୍କରି କର୍ମ ଆଚରଣ (ତାଙ୍କରି କାର୍ଯ୍ୟ) କରୁଥିବା ଭକ୍ତିଯୋଗୀ କିମ୍ବା ଅବ୍ୟକ୍ତ ଅକ୍ଷରଙ୍କୁ କର୍ମ ବିନାଶ ଦ୍ୱାରା ପାଇବାକୁ ଇଚ୍ଛା କରୁଥିବା କର୍ମଯୋଗୀ, ଏମାନଙ୍କ ଭିତରୁ କିଏ ତୋ' ସହିତ ଯୋଗହେବା କୌଶଳକୁ ଭଲଭାବରେ ଜାଣିଛି ? ଅର୍ଜୁନଙ୍କର ଏହି ପ୍ରଶ୍ନରେ ଭଗବାନ କଣ ସମାଧାନ କରୁଛନ୍ତି ତାହା ତଳେ ଦେଖିବା ।

## ଶ୍ରୀ ଭଗବାନ କହୁଛନ୍ତି :-

**(୧୧) ଶ୍ଳୋକ,୨ : ମୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।**
**ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ।।**
**(ବ୍ରହ୍ମ,କର୍ମ,ଭକ୍ତିଯୋଗ)**

**ଭାବାର୍ଥ :** ପରମ ଶ୍ରଦ୍ଧାବାନମାନେ ମୋଠାରେ ମନୋନିବେଶ କରି, ନିତ୍ୟ ଭାବରେ ମୋ ସହିତ ମିଳିତ ହେବାକୁ ଆଶାକରି ମୋର ଉପାସନା କରିଥାନ୍ତି, ସେମାନେ ମୋ ବିଚାରରେ ସର୍ବୋନ୍ନତ ଯୋଗୀ ।

**ବିବରଣୀ :** ଏଠାରେ ଅର୍ଜୁନ ପଚାରିଥିବା ପ୍ରଶ୍ନର ସମାଧାନରେ ଏମାନେ ଭଲଭାବରେ ଜାଣନ୍ତି, ସେମାନେ ଜାଣନ୍ତି ନାହିଁ ନକହି ଶ୍ରଦ୍ଧାବାନମାନେ ଉନ୍ନତ ଯୋଗୀ ବୋଲି କହିଛନ୍ତି । ପରମାତ୍ମାରେ ଐକ୍ୟହେବାକୁ କାମନା ରଖି କର୍ମ, ବ୍ରହ୍ମ, ଭକ୍ତି ନାମକ ତିନି ମାର୍ଗକୁ ଅନୁସରଣ କରୁଥିବା (**'ପରମୋ ଶ୍ରଦ୍ଧୟା ଉପେତା' 'ଅର୍ଥାତ୍ ଶ୍ରେଷ୍ଠ ଶ୍ରଦ୍ଧା ଯୁକ୍ତ'**) ସମସ୍ତେ ଶ୍ରେଷ୍ଠ ବୋଲି କହିଛନ୍ତି । ଏଥିଲାଗି ସବୁଥିରେ ଶ୍ରଦ୍ଧା ହିଁ ବଡ । ଏହା ଏକ ବଡକଥା ବୋଲି ଜାଣିହେଉଛି ଆଉ ଶ୍ରଦ୍ଧାହୀନ ଭକ୍ତି ମୂଲ୍ୟହୀନ ବୋଲି ବୁଝାଯାଉଛି ।

ଆଜିର ଧନୀକମାନେ ଖୁବ୍ ଧନ ବ୍ୟୟରେ ବଡ ବଡ ପୂଜା କରାଉଛନ୍ତି, ସେମାନେ ଶହ ଶହ କିମ୍ବା ହଜାର ହଜାର ଟଙ୍କା ଖର୍ଚ୍ଚକରି କେହି କରୁନଥିବା ପୂଜା ଆମେ କଲୁ ବୋଲି ନିଜ ଭିତରେ ତୃପ୍ତି ଅନୁଭବ କରୁଥିଲେ ମଧ୍ୟ ସେମାନଙ୍କ ପୂଜାରେ ସେସବୁ ନଦେଖି କେତେ ଶ୍ରଦ୍ଧା ରହିଛି, କେତେ ଭକ୍ତି ରହିଛି ତାହା ପରମାତ୍ମା ଦେଖିଥାନ୍ତି । ଜଣେ ମୃତ୍ୟୁବରଣ କଲେ ତାପାଇଁ ଦୁଃଖିତ ହେଉନଥିବା ବ୍ୟକ୍ତି କାନ୍ଦେନାହିଁ, ତାପାଇଁ ଦୁଃଖିତ ଥିବା ବ୍ୟକ୍ତି ହିଁ କାନ୍ଦିଥାଏ । କେତେକ ଅଞ୍ଚଳରେ ଟଙ୍କା ଦେଲେ କାନ୍ଦିବା ପାଇଁ ଭଡାଟିଆ କାନ୍ଦିବା ଲୋକ-ମାନେ ମଧ୍ୟ ଆସନ୍ତି, କାରଣ ସେମାନଙ୍କ ବନ୍ଧୁ ବାନ୍ଧବମାନେ ଦେଖିବାପାଇଁ ଟଙ୍କା, ମଦଦେଇ ସେମାନଙ୍କୁ କାନ୍ଦିବା ପାଇଁ ଅଣାଯାଇଥାଏ । ଆଉ କେତେକ କାନ୍ଦିବା ଉଚିତ୍ ବୋଲି କାନ୍ଦିଥାନ୍ତି, କେତେକ ନ କାନ୍ଦିଲେ ଅନ୍ୟମାନେ କଣ ଭାବିବେ ବୋଲି ଅଭିନୟ କରି କାନ୍ଦିଥାନ୍ତି । ଏଭଳି କାନ୍ଦୁଥିବା ଲୋକଠାରେ

କୌଣସି ଦୁଃଖ ନଥାଏ, ହେଲେ ଦୁଃଖ ଥିବା ଲୋକମାନେ ଆପଣାଛାଏଁ କାନ୍ଦିଥାନ୍ତି । କନ୍ଦାଉଥିବା ଲୋକଠାରେ କୌଣସି ଦୁଃଖ ଥିଲେ ସେ ଅନ୍ୟମାନଙ୍କ ଦ୍ୱାରା ନକନ୍ଦାଇ ନିଜେ କାନ୍ଦିଥାନ୍ତା । ସେହିଭଳି ଶ୍ରଦ୍ଧା ନଥିବା ଭକ୍ତମାନେ ଟଙ୍କା ଖର୍ଚ୍ଚକରି ଅନ୍ୟମାନଙ୍କ ଦ୍ୱାରା ପୂଜା କରାଇଥାନ୍ତି । ସେମାନଙ୍କଠାରେ ଶ୍ରଦ୍ଧା ଥିଲେ ସେମାନେ ନିଜେ ଥିବା ସ୍ଥାନରେ ପୂଜା କରିପାରନ୍ତେ । ଏତେ ଶ୍ରମ କାହିଁକି ! ଏତିକି ଟଙ୍କା ବୋଲି କିଛି ଟଙ୍କା ଦେଇଦେଲେ ସେ ପୂଜା ସେମାନେ ଆମ ପାଇଁ କରିଦେବେ ବୋଲି ଭାବୁଥିବା ଲୋକମାନେ ମଧ୍ୟ ସମାଜରେ ଅନେକ ଦେଖିବାକୁ ମିଳିଥାନ୍ତି ।

ଯିଏ ଯେଉଁ ପୂଜାକରୁ, କରାଉ, ଯୋଗରେ ରହୁ କି ଯିଏ ଯାହା କରୁ ସବୁର ମୁଖ୍ୟ ଶ୍ରଦ୍ଧା । ସେଥିଲାଗି ଭଗବାନ ଏମାନେ ବଡ କି ସେମାନେ ବଡ ନକହି ଶ୍ରଦ୍ଧା ଥିବା ଯୋଗୀମାନେ ଶ୍ରେଷ୍ଠ ବୋଲି କହିଛନ୍ତି ।

**(୧୧) ଶ୍ଲୋକ,୩ : ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।**
**ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂଧ୍ରୁବମ୍ ।।**

**(ମୋକ୍ଷ)**

**(୧୧) ଶ୍ଲୋକ,୪ : ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।**
**ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ।।**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ଅକ୍ଷର, ଅନିର୍ଦ୍ଦେଶିତ, ଅଦୃଶ୍ୟ, ଅନାଲୋଚିତ, କୂଟସ୍ଥ, ଅଚଳ, ଶାଶ୍ୱତ ଏବଂ ଯିଏ ସର୍ବବ୍ୟାପୀ ସେହି ପରମାତ୍ମାଙ୍କ ଉପାସନା କରୁଥାଇ –

ଇନ୍ଦ୍ରିୟଗୁଡିକୁ ନିଗ୍ରହକରି, ସବୁଥିରେ ସମବୁଦ୍ଧି ଆଉ ସର୍ବଭୂତର ହିତାକାଙ୍କ୍ଷୀ ହୋଇଥିବା ଲୋକମାନେ ମୋତେ ପାଇପାରନ୍ତି ।

**ବିବରଣୀ :** ମୋକ୍ଷାର୍ଥୀମାନେ ତିନି ମାର୍ଗକୁ ଅନୁସରଣ କରିଥାନ୍ତି, ସେହି ତିନି ମାର୍ଗରୁ କୌଣସି ଗୋଟିଏ ମାର୍ଗକୁ ଅନୁସରଣ କରି ପରମପଦ ହୋଇଥିବା ଲକ୍ଷ୍ୟରେ ପହଞ୍ଚି ପଞ୍ଚଭୂତର ଅତୀତ ହୋଇଯାଇଥାନ୍ତି । ପଞ୍ଚଭୂତର କୌଣସି

ଶକ୍ତି ତାର କିଛି କରିପାରି ନଥାଏ । କାରଣ ସେ ସେତେବେଳେ ପରମାତ୍ମା ହୋଇସାରିଥାଏ (ମୋକ୍ଷ ପାଇଯାଇଥାଏ) । ଲକ୍ଷ୍ୟରେ ପହଞ୍ଚିଥିବା ବ୍ୟକ୍ତି ଏଠାରେ ଅଛି ସେଠାରେ ନାହିଁ ବୋଲି କହିପାରିବା ନାହିଁ, ତେଣୁ ସେ ଅମୁକ ବୋଲି ଅନିର୍ଦ୍ଦେଶିତ ପାତ୍ର ଭାବରେ ବଦଳି ଯାଇଥାଏ, ସେ ସର୍ବବ୍ୟାପୀ ପରମାତ୍ମାରେ ଲୀନହୋଇ ସର୍ବତ୍ର ଥିବା ଅଣୁ ଅଣୁରେ ବ୍ୟାପିଯାଇଥାଏ, ସେ ଆଉ ବ୍ୟକ୍ତ ହେବାଭଳି ନଥାଏ । କାହାର ଆଖି ତାକୁ ଦେଖିପାରେ ନାହିଁ, ସେ ଅବ୍ୟକ୍ତ ପରମାତ୍ମା ହୋଇ କାହାର ଆଲୋଚନାରେ ମଧ୍ୟ ଆସିନଥାଏ, କାହାର ବୁଦ୍ଧି ତା'ବାବଦରେ ଆଲୋଚନା କରି ତାକୁ ଜାଣିପାରେ ନାହିଁ, କାରଣ ! ସେ ସର୍ବବ୍ୟାପକ ହୋଇ, ଅଚଳ, ଶାଶ୍ୱତ ପରମାତ୍ମା ଭାବରେ ବଦଳି ଯାଇଥାଏ ।

ଏହିଭଳି ମୋକ୍ଷାର୍ଥୀମାନେ ତିନିମାର୍ଗରୁ କୌଣସି ଏକ ମାର୍ଗକୁ ଅନୁସରଣ କରିପାରନ୍ତି, ସେମାନଙ୍କ ଭିତରୁ ଜଣେ ବ୍ରହ୍ମଯୋଗ ଆଚରଣ କରୁଛି ଭାବିଲେ, ସେ ତାର ମନକୁ ଇନ୍ଦ୍ରିୟବିଷୟ ଠାରୁ ଦୂରରେ ରଖିବାକୁ ହେବ, ସର୍ବ ଜୀବରାଶିରେ ଥିବା ଆତ୍ମାକୁ ନିଜ ବୁଦ୍ଧିରେ ସମାନ ଭାବିବାକୁ ହେବ, ସର୍ବଭୂତସ୍ଥ ଆତ୍ମାକୁ ଧ୍ୟାନ କରିବାକୁ ହେବ । ଏହିଭଳି ବ୍ରହ୍ମଯୋଗୀ ଶେଷରେ ଦିନେ ପରମାତ୍ମାଙ୍କ ଠାରେ ଲୀନ ହୋଇପାରିବ ।

**(୧୧) ଶ୍ଳୋକ,୫ : କ୍ଲେଶୋଧିକତରସ୍ତେଷାମବ୍ୟକ୍ତାଶକ୍ତଚେତସାମ୍ ।**
**ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥**

**(ବ୍ରହ୍ମଯୋଗ)**

**ଭାବାର୍ଥ :** ହେ ପାର୍ଥ ! ଏହିଭଳି ଆତ୍ମୋପାସକ ବ୍ରହ୍ମଯୋଗୀ ଅନୁସରଣ କରୁଥିବା ମାର୍ଗ ଅତି କଷ୍ଟକର । ଏହି ଅତିନ୍ଦ୍ରିୟ ଆତ୍ମାକୁ ପାଇବାକୁ ହେଲେ ଅତି କଷ୍ଟକର ମାର୍ଗରେ ଯିବାକୁ ହୋଇଥାଏ ବୋଲି ଜାଣ୍ ।

**(୧୧) ଶ୍ଳୋକ,୬ : ଯେତୁ ସର୍ବାଣି କର୍ମାଣି ମୟି ସନ୍ନସ୍ୟ ମତ୍ପରାଃ ।**
**ଅନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥**

**(କର୍ମଯୋଗ)**

**ଭାବାର୍ଥ :** ଯିଏ ସମସ୍ତ କର୍ମକୁ ମୋତେ ସମର୍ପଣ କରିଦିଏ, ସେ କର୍ମ ବନ୍ଧନରେ ନପଡିବା ରୀତିରେ କର୍ମଯୋଗ ଆଚରଣ କରି ମୋର ଉପାସନା କରିଥାଏ ।

**(୧୧) ଶ୍ଲୋକ,୭ : ତେଷାମହଂ ସମୁଦ୍ଧର୍ତା ମୃତ୍ୟୁ ସଂସାରସାଗରାତ୍ ।**
**ଭବାମି ନ ଚିରାତ୍ପାର୍ଥ ! ମର୍ଯ୍ୟାବେଶିତଚେତସାମ୍ ।।**
**(ଭକ୍ତିଯୋଗ)**

**ଭାବାର୍ଥ :** ମୋଠାରେ ସେମାନଙ୍କ ମନକୁ ଲଗ୍ନ କରୁଥିବା ଭକ୍ତଗଣ  ଅଛନ୍ତି, ମୁଁ ସେମାନଙ୍କୁ ଖୁବ୍‌ଶୀଘ୍ର ମୃତ୍ୟୁସାଗର ସଂସାରରୁ ମୁକ୍ତ କରିଦିଏ ।

**ବିବରଣୀ :** କ୍ରମାନ୍ୱୟରେ ୫ମ, ୬ଷ୍ଠ, ୭ମ ଶ୍ଲୋକରେ ବ୍ରହ୍ମଯୋଗ, କର୍ମଯୋଗ ଏବଂ ଭକ୍ତିଯୋଗ ବାବଦରେ କୁହାଯାଇଛି । ଏହି ତିନି ନିୟମ ଅନୁସାରେ ଆଚରଣ କରୁଥିବା ଭକ୍ତମାନଙ୍କୁ  ମୃତ୍ୟୁମୟ  ସଂସାରରୂପୀ ସାଗରରୁ ମୁଁ ବହିର୍ଗତ କରିଥାଏ ଅର୍ଥାତ୍ ମୋକ୍ଷ  ଦେଇଥାଏ  ବୋଲି ପରମାତ୍ମା ଜଣାଇଛନ୍ତି ।

**(୧୧) ଶ୍ଲୋକ,୮ : ମୟ୍ୟେବ  ମନ  ଆଧତ୍ସ୍ୱ  ମୟି ବୁଦ୍ଧିଂ ନିବେଶୟ ।**
**ନିବସିଷ୍ୟସି ମୟ୍ୟେବ  ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ।।**
**(ବ୍ରହ୍ମଯୋଗ)**

**(୧୧) ଶ୍ଲୋକ,୯ : ଅଥ  ଚିତ୍ତଂ  ସମାଧାତୁଂ  ନ  ଶକ୍ନୋଷି ମୟି ସ୍ଥିରମ୍ ।**
**ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ! ।।**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ମୋ ଠାରେ ମନ ନିବେଶ କରି ସବୁବେଳେ ମୋ  ଚିନ୍ତା କର୍, ମୋ ଠାରେ ବୁଦ୍ଧି ନିବେଶ କର୍, ମୋ ଠାରେ ନିଃସନ୍ଦେହ ଲୀନହେବୁ ।

ହେ ଅର୍ଜୁନ ! ଯଦି ତୋର ଚିତ୍ତକୁ ମୋ ଠାରେ ସ୍ଥିର କରିପାରିବା ଶକ୍ତି ତୋଠାରେ ନାହିଁ ! ସେ ଶକ୍ତି ତୁ ଅଭ୍ୟାସଯୋଗ ଦ୍ୱାରା ପାଇପାରିବୁ ।

**ବିବରଣୀ :** ପରମାତ୍ମା ଅଂଶ ଆତ୍ମାଙ୍କ ଉପରେ ମନୋଧ୍ୟାନ ରଖିବା ଉଚିତ୍, ଆତ୍ମବିଷୟର ବ୍ୟତୀତ ଅନ୍ୟ କୌଣସି ବିଷୟର ବୁଦ୍ଧିରେ ଆଣିବା ଅନୁଚିତ୍ ।

ମନୋବୁଦ୍ଧିରେ ଇନ୍ଦ୍ରିୟ ଧ୍ୟାନ ନରଖିବା ଦ୍ୱାରା ପରମାତ୍ମାଙ୍କୁ ପାଇ ପରମାତ୍ମାଙ୍କ ଠାରେ ଲୀନ ହୋଇ ପାରିବୁ ।

ମନ ସ୍ଥିର ହେଲେ ବୁଦ୍ଧି ସ୍ଥିର ହୁଏ, ବୁଦ୍ଧି ସ୍ଥିର ହେଲେ ଚିତ୍ତ ସ୍ଥିର ହୁଏ । ଏଭଳି ଗୋଟିଏ ସ୍ଥିର ହେଲେ ଆଉଗୋଟିଏ ସ୍ଥିର ହୁଏ ବୋଲି ପୂର୍ବରୁ ଜାଣିଛେ । ଚିତ୍ତ ସ୍ଥିରସ୍ଥିତିକୁ ନଆସିଲେ ବୁଦ୍ଧି ସ୍ଥିର ହେବନାହିଁ । ମନ, ବୁଦ୍ଧି, ଚିତ୍ତ ଯାହାର ସ୍ଥିର ହୋଇପାରୁ ନାହିଁ ସେ ଅଭ୍ୟାସଯୋଗ ଦ୍ୱାରା ଅର୍ଥାତ୍ ଅଭ୍ୟାସ ଦ୍ୱାରା ଯୋଗସାଧନା କରିପାରିବେ ।

**(୧୧) ଶ୍ଲୋକ,୧୦ : ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମ ପରମୋ ଭବ ।**
**ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧି ମବାପ୍ସ୍ୟସି ।।**

**(ଭକ୍ତିଯୋଗ)**

**ଭାବାର୍ଥ :** ମନ ସ୍ଥିରତା ପାଇଁ ଅଭ୍ୟାସ କରିବାକୁ ଅସମର୍ଥ ହେଲେ ମୋ’ କାର୍ଯ୍ୟ କର୍, ମୋପାଇଁ କାର୍ଯ୍ୟ କରିବା ଦ୍ୱାରା ମୋକ୍ଷ ପାଇପାରିବୁ ।

**ବିବରଣୀ :** ଯେତେ ପ୍ରକାରର ସାଧନା କଲେ ମଧ୍ୟ ମନ ସ୍ଥିର ନହୋଇ ଭୌତିକବିଷୟ ଉପରକୁ ଯିବା ଦ୍ୱାରା, ସାଧନାର ଫଳ ନାହିଁ ବୋଲି ଧାରଣା ଆସିଲେ, ସେ ସାଧନାକୁ ଛାଡି ପରମାତ୍ମାଙ୍କ କାର୍ଯ୍ୟ ହୋଇଥିବା ଧର୍ମପ୍ରଚାର କାର୍ଯ୍ୟ କରିବା ଉଚିତ୍ । ଏହିଭଳି ପରମାତ୍ମାଙ୍କ କାର୍ଯ୍ୟ ହୋଇଥିବା ଧର୍ମ ପ୍ରଚାର ସମ୍ବନ୍ଧୀୟ କାର୍ଯ୍ୟ କରିବା ଦ୍ୱାରା ମୁକ୍ତି ପାଇହେବ ।

**(୧୧) ଶ୍ଲୋକ,୧୧ : ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍ ଯୋଗମାଶ୍ରିତଃ ।**
**ସର୍ବକର୍ମ ଫଳତ୍ୟାଗଂ ତତଃ କୁରୁଯତାତ୍ମବାନ୍ ।।**

**(କର୍ମଯୋଗ)**

**ଭାବାର୍ଥ :** ଭକ୍ତିଯୋଗ ଦ୍ୱାରା ମୋ କାର୍ଯ୍ୟ କରିବାକୁ ଅସମର୍ଥ ହେଲେ ସମସ୍ତ କର୍ମଫଳ ତ୍ୟାଗ କର୍ । କର୍ମଯୋଗ ଦ୍ୱାରା ମୋତେ ପାଇପାରିବୁ ।

**ବିବରଣୀ :** ଏଠାରେ କ୍ରମାନ୍ୱୟରେ ୯,୧୦,୧୧ତମ ଶ୍ଳୋକରେ ବ୍ରହ୍ମଯୋଗ, ଭକ୍ତିଯୋଗ, କର୍ମଯୋଗ ବିଷୟ କୁହାଯାଇଛି । ନବମ ଶ୍ଳୋକରେ ବ୍ରହ୍ମଯୋଗ

କରିନପାରିଲେ ବ୍ରହ୍ମଯୋଗ ସାଧନା କର୍ ବୋଲି କହିଛନ୍ତି । ଦଶମ ଶ୍ଲୋକରେ ସେହି ବ୍ରହ୍ମଯୋଗ ସାଧନା କରିନପାରିଲେ ଭକ୍ତିଯୋଗ ଆଶ୍ରୟ କରି, ପରମାତ୍ମାଙ୍କ କାର୍ଯ୍ୟ ବା ଧର୍ମପ୍ରଚାରର ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ କହିଛନ୍ତି, ଅଥଚ ତା ମଧ୍ୟ କରି ନପାରିଲେ କର୍ମଯୋଗକୁ ଆଶ୍ରୟ କରି କର୍ମଫଳତ୍ୟାଗୀ ହୋଇ, ପାପପୁଣ୍ୟରୁ ଦୂରେଇ ରହ, ଏପରି ଗୋଟିକ ପରେ ଗୋଟିଏ ସୁଯୋଗ ଅଛି ବୋଲି ପରମାତ୍ମା ଜଣାଇଛନ୍ତି ।

**(୧୧) ଶ୍ଲୋକ,୧୨ : ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।**
**ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥**
**(ବ୍ରହ୍ମ,କର୍ମଯୋଗ)**

**ଭାବାର୍ଥ :** ଅଭ୍ୟାସ ଅପେକ୍ଷା ଜ୍ଞାନ ଉନ୍ନତ, ଧ୍ୟାନ ଅପେକ୍ଷା ଜ୍ଞାନ ମହାନ, ଧ୍ୟାନଠାରୁ ଅଧିକ ହୋଇଥାଏ କର୍ମଫଳ ତ୍ୟାଗ । ମାନବକୁ ତ୍ୟାଗ ଦ୍ୱାରା ଶାନ୍ତି ମିଳିଥାଏ ।

**ବିବରଣୀ :** ଆଜିର କାଳରେ କେତେକ ଜ୍ଞାନ ଜାଣିବା ଆଗରୁ ଅଭ୍ୟାସ କରିବା ଆରମ୍ଭ କରିଦିଅନ୍ତି । ଗୋଟିଏ ଗାଆଁକୁ ଯିବାକୁ ଚାହୁଁଥିବା ଲୋକ ସେ ଗାଆଁର ରାସ୍ତାକୁ ଅନ୍ୟମାନଙ୍କଠାରୁ ଜାଣି, ଏହା ସଠିକ୍ ରାସ୍ତା ବୋଲି ନିଶ୍ଚିନ୍ତ ହୋଇ, ସେହି ରାସ୍ତାରେ ଚାଲିବା ଆରମ୍ଭ କଲେ ଶେଷରେ ସେହି ଗାଆଁରେ ପହଞ୍ଚି ପାରିବ । ତା ନକରି ଯାତ୍ରା ହିଁ ମୁଖ୍ୟ ଭାବିଲେ, ଗାଆଁରେ ପହଞ୍ଚିବି ଭାବିଲେ, ଯଦି କେଉଁ ଗାଆଁ ଆସିବ ଜଣା ନାହିଁ, କେଉଁ ରାସ୍ତାରେ ଯିବାକୁ ହେବ ଜଣା ନାହିଁ ତେବେ ସେ କୁଆଡେ ଯିବ ? ସେଥିଲାଗି ମୋକ୍ଷ ନାମକ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ଜ୍ଞାନ ନାମକ ରାସ୍ତାକୁ ସମ୍ପୂର୍ଣ୍ଣ ଜାଣିବାକୁ ହେବ । ଜ୍ଞାନ ଜାଣିବା ଆଗରୁ ସାଧନା କରିବା ଆରମ୍ଭ କରୁଥିବା ଲୋକମାନଙ୍କର ପ୍ରୟାସ ବୃଥା ପ୍ରୟାସ ହୋଇଥାଏ । ସମ୍ପୂର୍ଣ୍ଣ ଜ୍ଞାନ କହିବା ଆଗରୁ ଉପଦେଶ ଦେବାପାଇଁ ବ୍ୟାକୁଳ ହେଉଥିବା ଗୁରୁମାନେ ସମାଜରେ ଅଛନ୍ତି । ତେଣୁ ଜ୍ଞାନ ନଜାଣିବା ଆଗରୁ ଉପଦେଶ ନେଉଥିବା ଶିଷ୍ୟମାନେ ମୁଖ୍ୟତଃ **'ଶ୍ରେୟୋହି ଜ୍ଞାନମଭ୍ୟାସାତ୍..'** ଶ୍ଲୋକରେ ଥିବା ବିଷୟକୁ ଜାଣିବା ଉଚିତ୍ ।

ଜ୍ଞାନ ଜାଣିବା ପରେ ଜ୍ଞାନାନୁସାରେ ଅଭ୍ୟାସ କରିବାକୁ ହେବ, ଅଭ୍ୟାସ ଦ୍ୱାରା ଶେଷରେ ସିଦ୍ଧିଲାଭ ହୋଇଥାଏ । ମନୋସାଧନା ପାଇଁ ଅଭ୍ୟାସରେ ବିଫଳ ହୋଇଗଲେ ତାଠାରୁ ଉନ୍ନତ ପନ୍ଥା କର୍ମଫଳତ୍ୟାଗ ନାମକ ରାସ୍ତାଟିଏ ରହିଛି । ସାଧନା ରୂପରେ ନଥିବା କର୍ମଯୋଗ ଆଚରଣ ଦ୍ୱାରା ମୋକ୍ଷ ପ୍ରାପ୍ତ ହୋଇଥାଏ । ମନ ସ୍ଥିରତା ଉପରେ ଆଧାର କରୁଥିବା ବ୍ରହ୍ମଯୋଗ ସାଧନାଠାରୁ କର୍ମଯୋଗ ସାଧନା ସହଜ ସୁଲଭ ବୋଲି ଜାଣିବା ଉଚିତ୍ ।

**(୧୧) ଶ୍ଳୋକ,୧୩ : ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।**
**ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମା ।।**
**(କର୍ମଯୋଗ)**

**(୧୧) ଶ୍ଳୋକ,୧୪ : ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।**
**ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ।।**
**(କର୍ମଯୋଗ)**

**ଭାବାର୍ଥ :** ଯିଏ ସର୍ବଜୀବରେ ଦ୍ୱେଷରହିତ ଭାବନେଇ, କରୁଣ ସ୍ନେହଯୁକ୍ତ ହୋଇ, ମମତା ରଖି ନଥାଏ, ଯିଏ ଅହଂକାର ଶୂନ୍ୟ ଏବଂ ସୁଖ-ଦୁଃଖାଦି ସବୁ ସ୍ଥିତିରେ ସମଭାବାପନ୍ନ ଆଉ ଉଦାର ସେ ସର୍ବଦା ସନ୍ତୁଷ୍ଟ ହୋଇ, କର୍ମଯୋଗୀ ହୋଇ ମନୋ ବୁଦ୍ଧିରେ ମୋକ୍ଷ ପାଇବା ପାଇଁ ଦୃଢ ନିଶ୍ଚୟ ହୋଇଥାଏ, ସେ ହିଁ ସମସ୍ତ ଭକ୍ତମାନଙ୍କ ଅପେକ୍ଷା ମୋର ଅତି ପ୍ରିୟ ହୋଇଥାଏ ।

**ବିବରଣୀ :** ଯେଉଁ ପର୍ଯ୍ୟନ୍ତ ସମ୍ଭବ ସମସ୍ତ ଜୀବରାଶିରେ କରୁଣ ସ୍ନେହ ଭାବ ରଖି, ଦ୍ୱେଷ ମୋହ ଇତ୍ୟାଦି ନରଖି, ଅହଂକାରହୀନ ଭାବରେ ହେଉଥିବା କାର୍ଯ୍ୟରୁ ଆସୁଥିବା ସୁଖ-ଦୁଃଖରେ ସମଭାବାପନ୍ନ ହୋଇ, ଉଦାରତାର ସହିତ ସନ୍ତୋଷତାରେ ରହି, କର୍ମଯୋଗ ଆଚରଣ କରୁଥାଇ, ମୋକ୍ଷପାଇଁ ଅତି ଦୃଢ ହୋଇଥାଏ ଏବଂ ବୁଦ୍ଧିରେ ସେହି ଅଭିପ୍ରାୟ ରଖି ସର୍ବଦା ଅହଂକୁ ସତର୍କ କରୁଥାଇ, ତାତ୍କାଳିକ ଅହଂକାରକୁ ବୁଦ୍ଧି ଦ୍ୱାରା ବିନାଶ କରିପାରୁଥାଏ ସେ ମୋର ଅତି ପ୍ରିୟ ହୋଇଥାଏ ବୋଲି ପରମାତ୍ମା କହିଛନ୍ତି ।

**(୧୧) ଶ୍ଳୋକ,୧୫ : ଯସ୍ମାନ୍ନୋଦ୍ୱିଜତେ ଲୋକୋଲୋକାନ୍ନଦ୍ୱିଜତେ ଚ ଯଃ ।**
**ହର୍ଷାମର୍ଷଭୟୋଦ୍ୱେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ହେ ଅର୍ଜୁନ ! ଯାହାପାଇଁ ପ୍ରପଞ୍ଚର କେହି ଅସୁବିଧାରେ ପଡନ୍ତି ନାହିଁ, ଯିଏ ଭୟ କରେ ନାହିଁ, ଯିଏ କ୍ରୋଧ, ସନ୍ତୋଷତାଦି ମନୋବ୍ୟାକୁଳତା ପ୍ରାପ୍ତ ହୋଇନଥାଏ, ସେ ମୋର ଅତି ପ୍ରିୟ ।

**(୧୧) ଶ୍ଳୋକ,୧୬ : ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।**
**ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥**
**(ବ୍ରହ୍ମଯୋଗ)**

**ଭାବାର୍ଥ :** ଯିଏ ଆଶାହୀନ, ଶୁଦ୍ଧ, ଦକ୍ଷ, ଉଦାସୀନ ଅର୍ଥାତ୍ କାହାର ପକ୍ଷରେ ନଥାଏ, କୌଣସି ଫଳ ଆଶାକରେ ନାହିଁ ସେହି ଭକ୍ତ (ବ୍ରହ୍ମଯୋଗୀ) ମୋର ଅତି ପ୍ରିୟ ଅଟେ ।

**(୧୧) ଶ୍ଳୋକ,୧୭: ଯୋ ନହୃଷ୍ୟତି ନଦ୍ୱେଷ୍ଟି ନ ଶୋଚତି ନ କାଙ୍କ୍ଷତି ।**
**ଶୁଭାଶୁଭପରିତ୍ୟାଗୀଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥**
**(କର୍ମଯୋଗ)**

**ଭାବାର୍ଥ :** ଯିଏ ଆନନ୍ଦିତ ହୁଏ ନାହିଁ କି ଦୁଃଖିତ ହୁଏ ନାହିଁ, ଦ୍ୱେଷୀ, ଅଭିଳାଷୀ ନହୋଇ, ଭଲମନ୍ଦର ପାପପୁଣ୍ୟକୁ ଅର୍ଜନ ନକରି, ସେଗୁଡିକ ତ୍ୟାଗ କରିଥାଏ ସେ ବ୍ୟକ୍ତି ମୋର ଅତି ପ୍ରିୟ ।

**(୧୧) ଶ୍ଳୋକ,୧୮ : ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଂଗ ବିବର୍ଜିତଃ ॥**
**(ବ୍ରହ୍ମ,କର୍ମଯୋଗ)**

**(୧୧) ଶ୍ଳୋକ,୧୯ : ତୁଲ୍ୟ ନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।**
**ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋ ନରଃ ॥**
**(କର୍ମଯୋଗ)**

**ଭାବାର୍ଥ :** ଯିଏ ମିତ୍ର ଏବଂ ଶତ୍ରୁଠାରେ ସମଭାବାପନ୍ନ, ଯିଏ ମାନାପ-ମାନରେ, ଶୀତୋଷ୍ଣରେ, ସୁଖ-ଦୁଃଖରେ, ନିନ୍ଦା ପ୍ରଶଂସାରେ ସମାନ ଭାବ ରଖେ ଆଉ ମିଳୁଥିବା ଜିନିଷରେ ତୃପ୍ତ ହୋଇ ଗୃହାଦିରେ ଲୋଭ ନରଖି ସ୍ଥିରମନସ୍କ ହୋଇଥାଏ ସେ ମୋର ଅତିପ୍ରିୟ ।

**(୧୧) ଶ୍ଳୋକ ୨୦ : ଯେ ତୁ ଧର୍ମାମୃତମିଦଂ ଯଥୋକ୍ତଂପଯର୍ୁପାସତେ ।**
**ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟଃ ॥**
**(ବ୍ରହ୍ମ,କର୍ମଯୋଗ)**

**ଭାବାର୍ଥ :** ଯିଏ ମୋର ପରମପଦରେ ଶ୍ରଦ୍ଧାରଖି, ଏହି ଅମୃତ ଧର୍ମକୁ ଯେଉଁଭଳି କହେ ସେହିଭଳି ଉପାସନା କରେ ସେ ମୋର ଅତିପ୍ରିୟ ।

**ବିବରଣୀ :** ମୋକ୍ଷ ହିଁ ଜୀବନର ଲକ୍ଷ୍ୟ ବୋଲି ଯିଏ ଭାବନା କରେ, ସେ ସମସ୍ତଙ୍କଠାରୁ ଅଧିକ ଶ୍ରଦ୍ଧାରଖି ପରମାତ୍ମା ଧର୍ମକୁ ସମ୍ପୂର୍ଣ୍ଣ ଜାଣିଯାଏ ଏବଂ ଅମୃତ ଧର୍ମ ଯେଉଁଭଳି ଥାଏ ସେହିଭଳି ଆଚରଣ କରି ପରମାତ୍ମାରେ ଲୀନ ହେବାକୁ ଚେଷ୍ଟା କରେ ସେ ପରମାତ୍ମାଙ୍କର ଅତିପ୍ରିୟ ବୋଲି କହିଛନ୍ତି ।


ଏହି ଅଧ୍ୟାୟରେ ପରମାତ୍ମାଙ୍କର ଅତିପ୍ରିୟ ହୋଇଥିବା ଲୋକମାନଙ୍କ ବାବଦରେ କହିବା ସହିତ ଯେଉଁମାନେ ସଠିକ୍ ଆଚରଣ କରନ୍ତି ସେମାନେ ତାଙ୍କର ଅତିପ୍ରିୟ ବୋଲି କହିଛନ୍ତି । ତା ବ୍ୟତୀତ ଜଣାଇ ଦେଇଛନ୍ତି ଯେ, ପରମାତ୍ମାରେ ମିଳିତ ହେବାପାଇଁ ମାର୍ଗ ଦୁଇଟି ନୁହେଁ ଆଉ ଗୋଟିଏ ମଧ୍ୟ ରହିଛି । ପରମାତ୍ମାଙ୍କର ପ୍ରିୟମାନେ କେତେକ ଥିବା ବେଳେ, ଅପ୍ରିୟ କେତେକ ରହିଥାନ୍ତି ବୋଲି ଅବୁଝା ନ ରହି ବୁଝିହୋଇଛି । ପରମାତ୍ମାଙ୍କ ପାଇଁ ସମସ୍ତେ ସମାନ ! କଣ ତାଙ୍କର ପ୍ରିୟ, ଅପ୍ରିୟ ମଧ୍ୟ ଅଛନ୍ତି ? ବୋଲି କେତେକ ପଚାରି ପାରନ୍ତି । ବାସ୍ତବରେ ତାଙ୍କ ପାଇଁ ସମସ୍ତେ ସମାନ । ହେଲେ ଆମେମାନେ

କେତେକ ତାଙ୍କର ନିକଟତର ହେଉଛେ ଆଉ ଆମେମାନେ ହିଁ କେତେକ ତାଙ୍କଠାରୁ ଦୂରେଇ ଯାଉଛେ । ସେଥିଲାଗି ଗତ ଅଧ୍ୟାୟରେ **ଅଜ୍ଞାନୀମାନଙ୍କର ଯାହା ପ୍ରତିବନ୍ଧକ ଜ୍ଞାନୀମାନଙ୍କର ତାହା ପଥ** ବୋଲି କହିଛନ୍ତି । ଆମର ଥିବା ଜ୍ଞାନ ଅଜ୍ଞାନ ଅନୁସାରେ ଆମେ ତାଙ୍କର ପ୍ରିୟ ଅପ୍ରିୟ ଭାବରେ ବଦଳିଯାଉଛେ । ଜନ୍ମ ହେବାବେଳେ ସାଧାରଣ ହୋଇଥିବା ଆମେମାନେ ବଡହେବା ପରେ ମାନ୍ୟ କିମ୍ବା ନୀଚ ହୋଇଯାଉଛେ । ସେହିଭଳି ଜନ୍ମ ହେବାବେଳେ ଦୈବଦୃଷ୍ଟିରେ ସମାନ ହୋଇଥିବା ଆମେମାନେ ବଡହେବା ପରେ ଜ୍ଞାନମାର୍ଗ ଅନୁସରଣ କରି ପୁରୁଷୋତ୍ତମ ହୋଇଥିବା ପରମାତ୍ମାଙ୍କର ନିକଟତର ହୋଇ ପାରିବା କିମ୍ବା ଅଜ୍ଞାନମାର୍ଗ ଅନୁସରଣ କରି ଦୂରକୁ ଯାଇ ପାରିବା । ଏହା ଆମ ଅନୁକରଣ ଅନୁସାରେ ଥାଏ ବୋଲି ଜାଣିବା ଉଚିତ୍ । ଏତିକିରେ ଭକ୍ତିଯୋଗ ସମାପ୍ତ, ଶ୍ଳୋକଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | କର୍ମଯୋଗ | = | ୦୬ |
| ୨) | ବ୍ରହ୍ମଯୋଗ | = | ୦୬ |
| ୩) | ଭକ୍ତିଯୋଗ | = | ୦୨ |
| ୪) | ବ୍ରହ୍ମଯୋଗ,କର୍ମଯୋଗ | = | ୦୩ |
| ୫) | କର୍ମ,ବ୍ରହ୍ମ,ଭକ୍ତି ଯୋଗ | = | ୦୨ |
| ୬) | ମୋକ୍ଷ | = | ୦୧ |
| | **ମୋଟ** | = | **୨୦** |

*****



# କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ

## ଅର୍ଜୁନ କହୁଛନ୍ତି :-

**(୧୨) ଶ୍ଳୋକ,୧ : ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।**
**ଏତଦ୍ୱେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ! ॥**

**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ହେ କୃଷ୍ଣ ! ପ୍ରକୃତି କହିଲେ କ'ଣ ? କ୍ଷେତ୍ର କାହାକୁ କୁହାଯାଏ ? କ୍ଷେତ୍ରଜ୍ଞ କିଏ ? ଜ୍ଞାନ କ'ଣ ? ଜ୍ଞେୟ କ'ଣ ? ଏସବୁ ଜାଣିବାକୁ ମୁଁ ଇଚ୍ଛା କରୁଛି ।

**ବିବରଣୀ:** ଏଠାରେ ଅର୍ଜୁନ ପଚାରିଥିବା ଛଅଗୋଟି ପ୍ରଶ୍ନ ରହିଛି, ଏଗୁଡିକ ଅତି ମୁଖ୍ୟ ପ୍ରଶ୍ନ, ଏଗୁଡିକ ତିନି ଯୋଡ଼ା । ୧) ପ୍ରକୃତି, ପୁରୁଷ କିଏ ? ୨) କ୍ଷେତ୍ର କଅଣ, କ୍ଷେତ୍ରଜ୍ଞ କିଏ ? ୩) ଜ୍ଞାନ କଣ,ଜ୍ଞେୟ କଣ ? ଏହି ପ୍ରଶ୍ନଗୁଡିକ ଭିତରୁ କେତେକ ପ୍ରଶ୍ନର ଉତ୍ତର ପୂର୍ବରୁ କୁହାଯାଇଛି । ତଥାପି ଅର୍ଜୁନ ତାଙ୍କ ସନ୍ଦେହ ନିବୃତ୍ତି କରିବାକୁ ପ୍ରକୃତି, ପୁରୁଷଙ୍କ ବାବଦରେ ପଚାରିଛନ୍ତି, ସେହିଭଳି ଜ୍ଞାନ, ଜ୍ଞେୟକୁ ପଚାରିଛନ୍ତି । ହେଲେ ଏଠାରେ ନୂଆ ଦେଖାଯାଉଛି କ୍ଷେତ୍ର ଆଉ କ୍ଷେତ୍ରଜ୍ଞ । ଏ ଦୁଇଟି ବାବଦରେ ଭଗବାନ ଶ୍ରୀକୃଷ୍ଣ କଣ କହୁଛନ୍ତି ତଳେ ଦେଖିବା ।

## ଶ୍ରୀ ଭଗବାନ କହୁଛନ୍ତି :-

**୧୨) ଶ୍ଳୋକ,୨ : ଇଦଂ ଶରୀରଂ କୌନ୍ତେୟ ! କ୍ଷେତ୍ରମିତ୍ୟଭିଧୀୟତେ ।**
**ଏତଦ୍ୟୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତିତଦ୍ୱିଦଃ ॥**

**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ହେ ଅର୍ଜୁନ! ଏହି ଶରୀରକୁ କ୍ଷେତ୍ର କୁହାଯାଉଛି । ଏହାକୁ ଯିଏ ସମ୍ପୂର୍ଣ୍ଣ ଜାଣିଛି ତାକୁ ଜ୍ଞାନୀମାନେ କ୍ଷେତ୍ରଜ୍ଞ କହିଥାନ୍ତି ।

**ବିବରଣୀ :** କ୍ଷେତ୍ରର ଅର୍ଥ ଭୂମି । କ୍ଷେତ୍ରଜ୍ଞର ଅର୍ଥ ଯିଏ ଭୂମିକୁ ଜାଣିଥାଏ । ଘରର ମୁଖ୍ୟବ୍ୟକ୍ତି ତା ଘରର ସମସ୍ତ ବିବରଣ ଜାଣିଥାଏ । ଘରେ କେଉଁଠି କ'ଣ ଅଛି ସବୁ ବିଷୟ ତାକୁ ଜଣାଥାଏ, କାରଣ! ସେ ସେହି ଘରର ଅଧିପତି । ସେହିଭଳି ସେହି ଘରେ କେତୋଟି ଝରକା କବାଟ ଅଛି, କେତେ ବଖରା ଅଛି ଇତ୍ୟାଦି ଜାଣିବା ସହିତ ଘରର କେଉଁଠି କ'ଣ ଅଛି ଏବଂ ଘରର ସମସ୍ତ ଭଲମନ୍ଦ ଯିଏ ଜାଣିଛି, ସେ ବ୍ୟକ୍ତିକୁ ସେ ଘର ବାବଦରେ ଜାଣିଥିବା ବ୍ୟକ୍ତି ବୋଲି କହୁଛେ । ସେହିଭଳି ଜଣେ ବ୍ୟକ୍ତିର ଏକ ଏକର ଜମି ଅଛି ବୋଲି ଭାବିବା । ସେ ଏକର ଜମିରେ କେତେ କିଆରି ଅଛି, କେଉଁ କିଆରିରେ କେଉଁ ଫସଲ ଭଲ ହୁଏ ଇତ୍ୟାଦି ସେ ଜମି (କ୍ଷେତ୍ର)ର ମାଲିକକୁ ଜଣାଥାଏ । ସେହିଭଳି ଆମ ଶରୀର ଏକ ଜମି ଭଳି, ତାର ଜଣେ ମାଲିକ ଅଛି, ତାକୁ ଶରୀରର ସମସ୍ତ ବିବରଣ ଜଣାଥାଏ । ଜମିର କୌଣସି ସ୍ଥାନରେ କୌଣସି କାର୍ଯ୍ୟ କରିବା ପାଇଁ ଜମି ମାଲିକର ଅଧିକାର ଥାଏ । ମାଲିକର ଅଧିକାର ସାରା ଜମିରେ ଥିବାଭଳି, ଶରୀର କ୍ଷେତ୍ରରେ (ସାରା ଶରୀରରେ) ଶରୀର ମାଲିକର ଅଧିକାର ବ୍ୟାପି ରହିଥାଏ । ସାରା ଶରୀରରେ ଅଧିକାର ଥିବା, ଶରୀରର ଅଣୁ ଅଣୁରେ ବ୍ୟାପି ରହିଥିବା ପାତ୍ର ହେଉଛି ଆତ୍ମା । ସମ୍ପୂର୍ଣ୍ଣ ଜ୍ଞାନ ଜାଣିଥିବା ଲୋକମାନେ ଶରୀର କ୍ଷେତ୍ରର ମାଲିକ ଆତ୍ମାକୁ କ୍ଷେତ୍ରଜ୍ଞ କହିଥାନ୍ତି । ଏଠାରେ ଅନୁଧ୍ୟାନ କରିବା କଥା ହେଉଛି! ଯେଉଁମାନେ ଜୀବାତ୍ମା, ଆତ୍ମାର ବିଭାଜନ ଜାଣି ନାହାନ୍ତି ସେମାନେ ଗୀତାର ଭାବ ଲେଖିବା ବେଳେ ଜୀବାତ୍ମାକୁ କ୍ଷେତ୍ରଜ୍ଞ ଭାବେ ଲେଖିଛନ୍ତି । ଏହା ଛୋଟ ଭୁଲ୍ ନୁହେଁ! ଅତିବଡ ଧର୍ମ ବିରୁଦ୍ଧ ବିଷୟ!! ଜୀବାତ୍ମା କ୍ଷେତ୍ରଜ୍ଞ ନୁହେଁ, ଆତ୍ମା ହିଁ କ୍ଷେତ୍ରଜ୍ଞ ବୋଲି ଜାଣିବା ଉଚିତ୍ ।

**(୧୨) ଶ୍ଳୋକ,୩: କ୍ଷେତ୍ରଜ୍ଞ ଚ୍ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ!।**
**କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତଜ୍ଜ୍ଞାନଂ ମତଂ ମମ ॥**
**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ସର୍ବ ଶରୀରରେ କ୍ଷେତ୍ରଜ୍ଞ ଯେ ମୁଁ ବୋଲି ଜାଣ୍ । ଶରୀର ବାବଦରେ

ଏବଂ ଶରୀରର ଆତ୍ମା ବାବଦରେ ଜଣାଉଥିବା ଜ୍ଞାନ ହିଁ ବାସ୍ତବ ଜ୍ଞାନ, ଏହା ମୋର ଅଭିମତ ।

**ବିବରଣୀ :** କ୍ଷେତ୍ରଜ୍ଞ ହୋଇଥିବା ଆତ୍ମା ସାରା ଶରୀରରେ ବ୍ୟାପିରହି ଶରୀରରେ କାର୍ଯ୍ୟ ହେବାଭଳି କରାଇଥାଏ । ସେହିଭଳି ଭିନ୍ନ ଭିନ୍ନ ଶରୀରରେ ଭିନ୍ନ ଭିନ୍ନ ଭାବରେ କୁହାଯାଉଥିବା ଆତ୍ମା ରହି ସେହି ସେହି ଶରୀରକୁ ଆବଶ୍ୟକୀୟ ଚୈତନ୍ୟ ପ୍ରଦାନ କରି ପରିଚାଳିତ କରିଥାଏ । ଅନେକ ଜୀବରାଶି ଅନେକ ଶରୀର ଧାରଣ କରିବା ଦ୍ୱାରା ଜଗତରେ କୋଟି କୋଟି ସଂଖ୍ୟକ ଜୀବ ରହିଥାନ୍ତି । ପ୍ରତି ଜୀବ ଧାରଣ କରିଥିବା ଶରୀରରେ ଆତ୍ମା ରହିଥାଏ । ଜଗତରେ ଅନେକ ଜୀବରାଶି ବାସ କରନ୍ତି, ସେହିଭଳି ସେମାନଙ୍କ ଶରୀରରେ ଅନେକ ଆତ୍ମା ଥାଆନ୍ତି । ପ୍ରତ୍ୟେକ ଶରୀରରେ ଥିବା ଜୀବ ନାମକ ପାତ୍ରଧାରୀ ଜଣେ ଥିଲେହେଁ, ପ୍ରତ୍ୟେକ ଶରୀରରେ ଏକ ଏକ ଜୀବ ରହିଥାନ୍ତି । ସେହିଭଳି ଆତ୍ମା ବୋଲି ଏକ ନାମ ଥିବାବେଳେ, ଅନେକ ଶରୀରରେ ଅନେକ ଜୀବାତ୍ମା ସହିତ ଅନେକ ଆତ୍ମା ରହିଥାନ୍ତି ବୋଲି ଗ୍ରହଣ କରିବା ଉଚିତ୍ । ଜ୍ଞାନୀ ବୋଲାଉଥିବା କେତେଜଣ ସମସ୍ତ ଶରୀରରେ ଏକ ଆତ୍ମା ରହିଥାଏ ବୋଲି ଭ୍ରମିତ ହୋଇଥାନ୍ତି । ଏଭଳି ସମସ୍ତ ଶରୀରରେ ଏକ ଆତ୍ମା ନଥାଏ, ଏକନାମ ଥିବା ଆତ୍ମା ଥାଏ ବୋଲି ଗ୍ରହଣ କରିବା ଉଚିତ୍ ।

ଭୂପୃଷ୍ଠରେ ଜୀବରାଶି ଧାରଣ କରିଥିବା ଶରୀର ଅନେକ ଥିଲେ ମଧ୍ୟ ସବୁଗୁଡିକ ପ୍ରକୃତିରୁ ତିଆରି ହୋଇଥାଏ । ତେଣୁ ଶରୀର ଗୁଡିକ ପ୍ରକୃତି ଅଂଶରେ ନିର୍ମିତ ବୋଲି କହିପାରିବା । ସେହିଭଳି ଜଗତରେ ଅନେକ ଜୀବ ଥିଲେ ମଧ୍ୟ ସେମାନେ ପରମାତ୍ମା ଅଂଶରୁ ତିଆରି, ସେଥିଲାଗି ସେମାନେ ପରମାତ୍ମା ଅଂଶର ବୋଲି କହିପାରିବା । ସେହିଭଳି ସବୁ ଶରୀରରେ ଥିବା ଆତ୍ମାଗୁଡିକ ମଧ୍ୟ ପରମାତ୍ମା ଅଂଶରୁ ତିଆରି, ସେଥିଲାଗି ଆତ୍ମାଗୁଡିକ ମଧ୍ୟ ପରମାତ୍ମା ଅଂଶର ବୋଲି କୁହାଯାଇଥାଏ । ଏକ ଶରୀର ପ୍ରକୃତି ଅଂଶର ହୋଇଥିବା ସ୍ଥଳେ, ସେଥିରେ ଥିବା ଜୀବାତ୍ମା ଏବଂ ଆତ୍ମା ପରମାତ୍ମା ଅଂଶର ବୋଲି ଜଣାପଡୁଛି । ଏହି ଜଗତରେ କାର୍ଯ୍ୟ କରିବା ପାଇଁ ଶରୀର ଏକ ଉପକରଣ ଭଳି ଥିବାବେଳେ, ସେଥିରେ କାର୍ଯ୍ୟ କରାଉଥିବା ଶକ୍ତି

ଆତ୍ମା ଭାବରେ ଅଛି । ଆତ୍ମା କାର୍ଯ୍ୟ କରାଉଥିବା ସ୍ଥଳେ, ଶରୀର କରୁଛି ଆଉ ହେଉଥିବା କାର୍ଯ୍ୟର ଅନୁଭୂତିକୁ ଜୀବାତ୍ମା ଅନୁଭବ କରୁଛି । ଏହିଭଳି ସାରା ଜଗତରେ ଶରୀର, ଜୀବାତ୍ମା, ଆତ୍ମା ନିଜ ନିଜର ପାତ୍ରପୋଷଣ କରିଥାନ୍ତି । ଏହା ଜାଣିବା ଉନ୍ନତଜ୍ଞାନ ହୋଇଥାଏ । ଶରୀର କ୍ଷେତ୍ରର କ୍ଷେତ୍ରଜ୍ଞ ଆତ୍ମା କିଭଳି କାର୍ଯ୍ୟ କରାଇଥାଏ ତାହା ଜଣାଇ ଦେଉଥିବା ଜ୍ଞାନ ହିଁ ବାସ୍ତବ ଜ୍ଞାନ ବୋଲି ଭଗବାନ କହିଛନ୍ତି ।

ଏଠାରେ କେତେକେ ଏକ ସନ୍ଦେହ କରିପାରନ୍ତି । ତାହା କଣନା ! ସମସ୍ତ ଶରୀରରେ ଗୋଟିଏ ନାଆଁ ଥିବା ପରମାତ୍ମା ଅଂଶର ଆତ୍ମା ଅଛି ଆଉ ସମସ୍ତ ଶରୀରର ଆତ୍ମାଗୁଡିକ ଗୋଟିଏ ଅଂଶର ହୋଇ ଏକ ଭଳି ରହିଥାଆନ୍ତି ବୋଲି ଆପଣ କହୁଛନ୍ତି, ସେମାନେ ଶରୀରକୁ ଶକ୍ତି ଦେଇ କାର୍ଯ୍ୟ କରାଇଥାନ୍ତି ବୋଲି ମଧ୍ୟ କହୁଛନ୍ତି । ଜଗତରେ ଭିନ୍ନ ଭିନ୍ନ ଶରୀରରେ ଭିନ୍ନ ଭିନ୍ନ ଶକ୍ତି ରହିଥାଏ । ଜଣେ ଉଠାଇ ପାରୁଥିବା ଓଜନକୁ ଆଉଜଣେ ଉଠାଇପାରେ ନାହିଁ । ଦୁର୍ବଳ ମଣିଷଟିଏ ସବଳ ମଣିଷକୁ ମଧ୍ୟ ମାଡମାରି ତଳେ ପକାଇଦେଇ ପାରେ । ଜଣେ ଉଠାଇ ପାରୁଥିବା ଜିନିଷ ଆଉଜଣେ ଉଠାଇପାରେ ନାହିଁ, ବୋହି ନେଇପାରେ ନାହିଁ । ଦୁଇଜଣଙ୍କ ଠାରେ ଏକ ପ୍ରକାରର ଆତ୍ମା ଥିବାବେଳେ ସେହି ଶରୀର ଗୁଡିକରେ ଏହି ପ୍ରଭେଦ କାହିଁକି ରହିଥାଏ ? କ୍ଷେତ୍ର ଆଉ କ୍ଷେତ୍ରଜ୍ଞଙ୍କୁ ଜାଣିବା ମୁଖ୍ୟଜ୍ଞାନ ବୋଲି କହିବା ଦ୍ୱାରା, ଏଠାରେ ଶରୀର ଆଉ ଆତ୍ମା ବିଷୟରେ ଏହି ପ୍ରଶ୍ନ ଆସିବା ସ୍ୱାଭାବିକ ଏବଂ ଉଚିତ୍ ପ୍ରଶ୍ନ ମଧ୍ୟ ହୋଇଥାଏ । ଏହାର ସମାଧାନ ଭିତରୁ କ'ଣ ଆସୁଛି ତାହା ମୁଁ ଓ ଆପଣ ସମସ୍ତେ ଦେଖିବା ।

ମଣିଷ ଶାରୀରିକ ଭାବରେ କେତେକ ସବଳ ଆଉ କେତେକ ଦୁର୍ବଳ ହୋଇଥାନ୍ତି, ତାହା ଆମେମାନେ ଦେଖୁଛେ, ସେହିଭଳି ଆରୋଗ୍ୟ ଅନାରୋଗ୍ୟ ମଧ୍ୟ ଦେଖୁଛେ । କେତେକ ଅତିଶୀଘ୍ର ରୋଗରେ ପଡିଯା'ନ୍ତି, କେତେକ ରୋଗଜୀବାଣୁ ଥିବା ଅଞ୍ଚଳରେ କାର୍ଯ୍ୟ କରୁଥିଲେ ମଧ୍ୟ ରୋଗରେ ପଡନ୍ତି ନାହିଁ । ଅଧିକ ଖାଉଥିବା ଲୋକମାନେ, ବଳବର୍ଦ୍ଧକ ଖାଦ୍ୟ ଖାଉଥିବା ଲୋକମାନେ ଦୁର୍ବଳ ରହିବା, କେତେକ କମ୍ ଏବଂ ନୀରସ ଖାଦ୍ୟ ଖାଉଥିବା

ଲୋକମାନେ ସୁସ୍ଥସବଳ ରହିବା ଆମେମାନେ ଦେଖୁଛେ । ରୋଗ ହେବା ଭଳି ଜାଗାରେ କାର୍ଯ୍ୟ କରୁଥିବା ଲୋକ ସୁସ୍ଥ ରହିବା, ବଳହୀନ ଖାଦ୍ୟ ଖାଉଥିବା ଲୋକ ବଳୀଷ୍ଠ ହେବା, କେତେଦିନରେ ଥରେ ଖାଇ ମଧ୍ୟ ଦିନସାରା କାର୍ଯ୍ୟକରି ସୁସ୍ଥ ରହୁଥିବା ଲୋକମାନଙ୍କୁ ମଧ୍ୟ ଆମେ ଦେଖୁଛେ । ଏହିଭଳି ଭିନ୍ନତା ରହିବାର କାରଣ ହେଉଛି ସେମାନଙ୍କ ଶରୀରର ଆତ୍ମା । ଆତ୍ମା ସାରା ଶରୀରରେ ବ୍ୟାପି ଶରୀର ଦ୍ୱାରା କାର୍ଯ୍ୟ କରାଇବା ବ୍ୟତୀତ, ସେ ଶରୀର କେତେ ଉଚ୍ଚ ବଢିବ, କେତେ ନୀଚ ହେବ ତାହା ମଧ୍ୟ ନିର୍ଣ୍ଣୟ ଅନୁସାରେ ବଢାଇଥାଏ । ଖାଲି ଏତିକି କାହିଁକି ଶରୀରର ସୁନ୍ଦରତା, ଅସୁନ୍ଦରତା ମଧ୍ୟ ଆତ୍ମା ଦ୍ୱାରା ନିର୍ଣ୍ଣୟ ହୋଇଥାଏ । ଶରୀରର ରୂପରଙ୍ଗକୁ ଆତ୍ମା ନିର୍ଣ୍ଣୟ କରିବା ଛଡା, ଶରୀରର ସୁସ୍ଥତା ଅସୁସ୍ଥତା ମଧ୍ୟ ଆତ୍ମା ଦ୍ୱାରା ନିର୍ଣ୍ଣୟ ହୋଇଥାଏ । ଶରୀରର ନାଡୀ ଦ୍ୱାରା ନିଜର ଶକ୍ତିକୁ ପଠାଇ ଶରୀରକୁ ବଳ ଦେଇଥାଏ ଆତ୍ମା । ସବଳର, ଦୁର୍ବଳର ବଳ ମଧ୍ୟ ଆତ୍ମା । ଶରୀରର ସବୁକିଛିର କାରଣ ହୋଇଥିବା ଆତ୍ମା ଶରୀରର ବ୍ରହ୍ମନାଡୀକୁ କେନ୍ଦ୍ରକରି, ଅନ୍ୟ ନାଡୀଗୁଡିକ ଦ୍ୱାରା ସାରା ଶରୀରରେ ବ୍ୟାପି ରହିଥାଏ । ଆତ୍ମା ଶରୀରରେ ଚୈତନ୍ୟ (ଶକ୍ତି) ରୂପରେ ବ୍ୟାପିରହି ଶରୀରକୁ କାର୍ଯ୍ୟ କରିବା ଶକ୍ତି ଦେଇ, ଶରୀରକୁ ବଢାଇବା, ସୁସ୍ଥସବଳ ରଖିବା କାର୍ଯ୍ୟ ମଧ୍ୟ କରିଥାଏ ।

ଆତ୍ମା ଶରୀରରେ ଦୁଇ ଭାଗରେ ନିଜର କାର୍ଯ୍ୟ କରିଥାଏ । ମୁଖ୍ୟତଃ ଶରୀରକୁ ସବଳ କିମ୍ବା ଦୁର୍ବଳ ରଖିବା ତାର ଗୋଟିଏ କାର୍ଯ୍ୟ ହୋଇଥିବା ବେଳେ, ଶରୀରକୁ ସୁସ୍ଥ ଅସୁସ୍ଥ ରଖିବା ଦ୍ୱିତୀୟ କାର୍ଯ୍ୟ ହୋଇଥାଏ । ଏହା ବାସ୍ତବ ହୋଇଥିଲେ ହେଁ ଏକଥା ସମସ୍ତଙ୍କୁ ଜଣାନାହିଁ । ଆତ୍ମା ବ୍ରହ୍ମନାଡୀକୁ କେନ୍ଦ୍ରକରି, ବ୍ରହ୍ମନାଡୀରୁ ଆରମ୍ଭ ହୋଇଥିବା ଅନ୍ୟ ନାଡୀଗୁଡିକ ଦ୍ୱାରା ଶରୀର ସାରା ବ୍ୟାପିରହି, ଜୀବାତ୍ମାର କର୍ମ ଅନୁସାରେ ହେବାକୁ ଥିବା କାର୍ଯ୍ୟପାଇଁ ଆବଶ୍ୟକ ହେଉଥିବା ସ୍ପନ୍ଦନଶକ୍ତି ଦେଇ, ଶରୀରକୁ ସ୍ପନ୍ଦିତ କରି ନାନାକାର୍ଯ୍ୟ କରିଥାଏ, ଏହା ଅନେକଙ୍କୁ ଜଣାଥିବା ବିଷୟ ବୋଲି ଭାବୁଛି । ଶରୀରକୁ ଶକ୍ତି ଦେଇ ସ୍ପନ୍ଦିତ କରୁଥିବା ଆତ୍ମା, ଏକ ଶରୀରକୁ ଅଧିକ ଶକ୍ତି ଦେଇ, ଆଉ ଏକ ଶରୀରକୁ କାହିଁକି କମ୍ ଶକ୍ତି ଦିଏ ବୋଲି ଆପଣ ମଧ୍ୟ ପଚାରିପାରନ୍ତି । **ଶରୀର**

**ଦ୍ୱାରା କେଉଁ କାର୍ଯ୍ୟ ହେବ, କେଉଁଠାରେ କେଉଁ କାର୍ଯ୍ୟ ହେବା ପାଇଁ କେତେବଳ ଦରକାର, ତାହାସବୁ କର୍ମ ଅନୁସାରେ ରହିଥାଏ ।** ଉଦାହରଣ ସ୍ୱରୂପ ଏକ ବସ୍ତା ଉଠାଇବା ପାଇଁ ସେଠାରେ କେତେ ବଳ ଦରକାର ହେବ, ସେ ତାକୁ ସମ୍ପୂର୍ଣ୍ଣ ଉପରକୁ ଉଠାଇ ପାରିବ କି ମଝି ପର୍ଯ୍ୟନ୍ତ ଉଠାଇବ, ଉଠାଇଥିବା ଓଜନ କେତେ ସମୟ ଧରି ରଖିବ, ସେସବୁ ତାର କର୍ମ ଉପରେ ନିର୍ଭର କରିଥାଏ । ହେଉଥିବା କାର୍ଯ୍ୟରେ ଶକ୍ତି ଆତ୍ମାର ହେଲେହେଁ, ତାହା କର୍ମାନୁସାରେ ଥିବା ଦ୍ୱାରା ଗୋଟିଏ କାର୍ଯ୍ୟରେ ଜଣେ ବଳୁଆ ଆଉଜଣେ ଦୁର୍ବଳ ଦେଖାଯାଇଥାଏ । ଏହି ଭିନ୍ନତା ପଛରେ ଦେଖାଯାଉ ନଥିବା କର୍ମର ହାତ ରହିଛି ବୋଲି ଜାଣିବା ଉଚିତ୍ । ଏହିଭଳି ଶରୀରରେ ଆତ୍ମାବଳ ନାଡୀଗୁଡିକ ଦ୍ୱାରା ବ୍ୟାପିରହି କାର୍ଯ୍ୟରେ ଉପଯୋଗ ହେବା ଆତ୍ମାର ଏକ କାର୍ଯ୍ୟ ହୋଇଥିବା ବେଳେ, ତାର ଦ୍ୱିତୀୟ କାର୍ଯ୍ୟ ହେଉଛି ଆତ୍ମଚୈତନ୍ୟ (ଆତ୍ମବଳ) ଶରୀରରେ ବିସ୍ତାର କରି କେତେକ ମୁଖ୍ୟ ସ୍ଥାନରେ ପ୍ରବେଶ କରାଇ ସେଠାରେ ବଦଳି ଦ୍ରବ ଭାବରେ, କାନ୍ତି ଭାବରେ ଆସି ଶରୀରକୁ ଆରୋଗ୍ୟ ଅନାରୋଗ୍ୟ ଏବଂ ସୁନ୍ଦର ଅସୁନ୍ଦର କରିବା ।

ବ୍ରହ୍ମନାଡୀରେ ଥିବା ସାତଗୋଟି କେନ୍ଦ୍ରରୁ ଆସୁଥିବା ଶକ୍ତି ସ୍ପନ୍ଦନ ଭାବରେ, ସେହି ସ୍ପନ୍ଦନର ବଳଭାବରେ, ଶରୀରରେ ଉପଯୋଗ ହୋଇଥାଏ ବୋଲି ଆମେ ଜାଣିଲେ । ସେହିଭଳି ଶରୀରରେ ଆତ୍ମାଶକ୍ତି ସପ୍ତ ନାଡୀକେନ୍ଦ୍ରରେ ପ୍ରବେଶକରି ସେଠାରେ ବଦଳି ଦ୍ରବରୂପରେ ଏବଂ ଦେଖାଯାଉ ନଥିବା କାନ୍ତିକିରଣ ରୂପରେ ବଦଳି, ଗ୍ରନ୍ଥିଗୁଡିକରୁ ବହିର୍ଗତ ହୋଇ, ଶରୀର ଆରୋଗ୍ୟ ଅନାରୋଗ୍ୟ, ଯୌବନ, ବାର୍ଦ୍ଧକ୍ୟାଦିର କାରଣ ହୋଇଥାଏ । ସପ୍ତ ନାଡୀକେନ୍ଦ୍ରରୁ ହିଁ କାନ୍ତିଯୁକ୍ତ ଦ୍ରବ ବହିର୍ଗତ ହୋଇଥାଏ ବୋଲି ଜାଣିବା ଉଚିତ୍ । ସପ୍ତ ନାଡୀକେନ୍ଦ୍ରର ସବୁଠାରୁ ଉପରେ ଥିବା ସହସ୍ରାର ନାମକ ନାଡୀକେନ୍ଦ୍ର ସବୁଠାରୁ ମୁଖ୍ୟକେନ୍ଦ୍ର ଭାବରେ ପରିଗଣିତ ହୋଇଥାଏ । ସହସ୍ରାର କେନ୍ଦ୍ରରେ ରହିଥିବା ଆତ୍ମା ଅନ୍ୟ ନାଡୀକେନ୍ଦ୍ର ଗୁଡିକୁ କେତେବେଳେ କେତେ ପରିମାଣର ଶକ୍ତି ପ୍ରେରଣ କରିବାକୁ ହେବ ନିର୍ଣ୍ଣୟ ନେଇଥାଏ । ସେହିଭଳି ଗ୍ରନ୍ଥିମାନଙ୍କ ଭିତରେ ସବୁଠାରୁ ମୁଖ୍ୟଗ୍ରନ୍ଥି ଶରୀରର ଶୀରୋଭାଗରେ ରହିଥାଏ । ତାହା ଆକାରରେ ଅତି ଛୋଟ ହୋଇଥିଲେହେଁ ଗ୍ରନ୍ଥିଗୁଡିକର ରାଜା

ଭଳି ରହିଥିବାରୁ ତାକୁ ଗ୍ରନ୍ଥିରାଜ ନାମରେ କୁହାଯାଏ । ଅଟାକଳରେ ଗହମ ସବୁ ପେଷିହୋଇ ସେଠାରେ ବଦଳି ବାହାରକୁ ଅଟା ହୋଇ ଆସିବା ଭଳି, ଆମ୍ଳାବଳ ଗ୍ରନ୍ଥିଗୁଡିକରେ ପ୍ରବେଶ କରି ଦ୍ରବରୂପରେ ବାହାରକୁ ଆସିଥାଏ । ନାଡୀକେନ୍ଦ୍ରଗୁଡିକର ଉପରେଥିବା ନାଡୀକେନ୍ଦ୍ର ତଳେଥିବା ଛଅଗୋଟି କେନ୍ଦ୍ର ଉପରେ ଅଧିକାର ରଖି ଶକ୍ତି ବହିର୍ଗତକୁ ନିର୍ଣ୍ଣୟ କରିବା ଭଳି, ଗ୍ରନ୍ଥିଗୁଡିକର ଉପରେ ଥିବା ଗ୍ରନ୍ଥିରାଜ ତଳେ ଥିବା ଛଅଗୋଟି ଗ୍ରନ୍ଥି ଉପରେ ଅଧିକାର ରଖି ସେଗୁଡିକୁ କାର୍ଯ୍ୟକାରୀ କରାଇଥାଏ । ଉଦାହରଣ ଭାବରେ ଆମ ଶରୀରରେ ଥିବା ଗୋଟିଏ ଗ୍ରନ୍ଥିକୁ ନେଇ ତଳେ ଦେଖିବା ।

ଶରୀରରେ ଜୀର୍ଣ୍ଣ ପ୍ରକ୍ରିୟା ସକ୍ରମ ହେବା ପାଇଁ ଉପଯୋଗ ହେଉଥିବା ରସକୁ ସ୍ଖଳନ କରୁଥିବା ଗ୍ରନ୍ଥି (ଲାଳ ଝରାଉଥିବା ଗ୍ରନ୍ଥି) ଆମ ଶରୀରର କାନର ପାଖାପାଖି ଟିକିଏ ତଳକୁ ରହିଥାଏ । ଏହି ଗ୍ରନ୍ଥି ଏକ ଛୋଟ ସିମମଞ୍ଜି ଭଳି ଥାଏ, ଏଥିରୁ ଲାଳଦ୍ରବ ଝରିଥାଏ । ତେଣୁ ତାହାକୁ ଏକ ଝର ବୋଲି କହିପାରିବା । ଏହି ଝରରୁ ଲେମ୍ବୁ କିମ୍ବା ତେନ୍ତୁଳି ବିଷୟ କଥା ହେବାବେଳେ ଅଧିକ ରସ ଝରିଥାଏ । ଏହି ଗ୍ରନ୍ଥି ଝରାଉଥିବା ଲାଳଦ୍ରବ ବା ରସ, ଆମେ ଖାଉଥିବା ଆହାରର ସର୍କରା (ଗ୍ଲୁକୋଜ୍) ପଦାର୍ଥକୁ ବା ଶ୍ୱେତସାରକୁ ହଜମ କରାଇଥାଏ । ଗ୍ରନ୍ଥିରୁ କେତେ ରସ ନିର୍ଗତ ହେବ ତାହା ଉପରେ ଥିବା ଗ୍ରନ୍ଥିରାଜ ନିର୍ଣ୍ଣୟ କରିଥାଏ । ଏହି ରସର ସାମର୍ଥ୍ୟ ଅନୁସାରେ ଶରୀରର ଜୀର୍ଣ୍ଣଶକ୍ତି ନିର୍ଭର କରିଥାଏ । ମୁଖ (ପାଟି) ରୁ ଝରୁଥିବା ଏହି ରସ ଅଧିକ ଝରୁଥିଲେ ଉପରେ କୁହାଯାଇଥିବା ପଦାର୍ଥ ଗୁଡିକ ଭଲରେ ଜୀର୍ଣ୍ଣ ହୋଇଥାଏ, କମ୍ ଝରୁଥିଲେ ଠିକ୍ ଜୀର୍ଣ୍ଣ ହୋଇପାରେ ନାହିଁ । ଶରୀରର ଉଷ୍ମତାକୁ ଶକ୍ତି ଦେଉଥିବା କାର୍ବୋହାଇଡ୍ରେଟ୍ସ ଶ୍ୱେତସାରରୁ (ଗ୍ଲୁକୋଜ୍‌ରୁ) ତିଆରି ହୋଇଥାଏ । ଶ୍ୱେତସାରକୁ ଜୀର୍ଣ୍ଣ କରୁଥିବା ଲାଳ ବା ରସସ୍ଖଳନ କମ୍ ହେଲେ ଶ୍ୱେତସାର ପଦାର୍ଥ କମ୍ ମାତ୍ରାରେ ଜୀର୍ଣ୍ଣ ହୋଇଥାଏ । ଏଭଳି ହେବା ଦ୍ୱାରା ଶରୀରକୁ ଉଷ୍ମତା ଦେଉଥିବା କାର୍ବୋହାଇଡ୍ରେଟ୍ସ କମ୍ ହୁଏ । ଏହା ଦ୍ୱାରା ଶରୀର ନିଃସାର ଲାଗେ (ହାଲିଆ ଲାଗେ) । ଏହିଭଳି ଶରୀରର ଆରୋଗ୍ୟ ଅନାରୋଗ୍ୟର ମୁଖ୍ୟ କାରଣ ଏହି ଲାଳ ଝରାଉଥିବା ଗ୍ରନ୍ଥି (ସାଲିଭାରି ଗ୍ଲାଣ୍ଡ୍) ବୋଲି ଜଣାଯାଉଛି । ଏହିପରି ଶରୀରର ଅନ୍ୟ ଗ୍ରନ୍ଥିଗୁଡିକ ଅଲଗା ଅଲଗା ରସ ଝରାଇ ଶରୀର

ସୁସ୍ଥତା ଅସୁସ୍ଥତାର କାରଣ ହୋଇଥାନ୍ତି । କଣ୍ଠ ଭାଗରେ ଥିବା ଥାଇରାଇଡ୍ ଗ୍ରନ୍ଥି ମୁଖାକୃତି, ନାକ, ଓଠର ବଢିବାକୁ ନିର୍ଣ୍ଣୟ କରି ତାର ସୁସ୍ଥତାକୁ ପର୍ଯ୍ୟବେକ୍ଷଣ କରିଥାଏ । ସେହିଭଳି ପୈତ୍ୟରସ, କ୍ଲୋମରସ ଗ୍ରନ୍ଥିଦୁଇଟି ଜୀର୍ଣ୍ଣକ୍ରିୟାରେ ଉପଯୋଗ ହୋଇଥାନ୍ତି । କ୍ଲୋମରସ ଗ୍ରନ୍ଥିରେ ତିଆରି ହେଉଥିବା କ୍ଲୋମରସ ଜୀର୍ଣ୍ଣକ୍ରିୟାରେ ଉପଯୋଗ ହେବା ବ୍ୟତୀତ, ଇନ୍‌ସୁଲିନ୍ ନାମକ ହର୍ମୋନ୍ ତିଆରି କରି ଇନ୍‌ସୁଲିନ୍ ଦ୍ୱାରା ଶରୀରରେ ଗ୍ଲୁକୋଜ୍‌ର ପରିମାଣ ନିର୍ଣ୍ଣୟ କରି ସୁଗାର ରୋଗରୁ ରକ୍ଷା କରିଥାଏ । ଏହି ଗ୍ରନ୍ଥି କାର୍ଯ୍ୟ ନକଲେ ସୁଗାର ରୋଗ ନିଶ୍ଚୟ ହୋଇଥାଏ । ବୀର୍ଯ୍ୟଗ୍ରନ୍ଥିରେ ତିଆରି ହେଉଥିବା ବୀର୍ଯ୍ୟ ଅନୁସାରେ ମଧ୍ୟ ଶରୀରର ସୁସ୍ଥତା, ଅସୁସ୍ଥତା ନିର୍ଭର କରିଥାଏ । ବୀର୍ଯ୍ୟଗ୍ରନ୍ଥିରେ ତିଆରି ହେଉଥିବା ବୀର୍ଯ୍ୟ ଶରୀରରେ ଗଚ୍ଛିତ ରହିଥାଏ । ବୀର୍ଯ୍ୟ ଗଚ୍ଛିତହେବା କମ୍ କିମ୍ବା ଅଧିକ ହେଲେ ତାହା ଶରୀରର ସୁସ୍ଥତା ଉପରେ ପ୍ରଭାବ ପକାଇଥାଏ । ଏହା ଅଧିକ ପରିମାଣରେ ଗଚ୍ଛିତ ରହିବା ଦ୍ୱାରା ଗ୍ରନ୍ଥିର କାର୍ଯ୍ୟ ଶୀଥିଳ ହୋଇ ଶରୀରରେ ପରିବର୍ତ୍ତନ ଦେଖାଦେଇ କିଛି ପରିମାଣରେ ଅସୁସ୍ଥତା ଦେଖାଦିଏ । ଏହି ପ୍ରକାରର ଅନାରୋଗ୍ୟ ଅଧିକତଃ ମାନସିକ, କିଛି ଶାରୀରିକ ଭାବରେ ଦେଖାଦିଏ । ଯୁକ୍ତବୟସରେ ଅଧିକ ବୀର୍ଯ୍ୟ ଗଚ୍ଛିତ ନହେବା ବିଧି ମଧ୍ୟ ଗ୍ରନ୍ଥିରାଜ କରାଇଥାଏ । ବୀର୍ଯ୍ୟ ଅଧିକ ମାତ୍ରାରେ ବାହାରକୁ ଯାଇ ଗ୍ରନ୍ଥିର କାର୍ଯ୍ୟ ଅଧିକ ହେବା ଦ୍ୱାରା ମଧ୍ୟ ଶରୀରରେ ଅନାରୋଗ୍ୟତା ଦେଖାଦିଏ । ଶରୀରରୁ କ୍ରମାଧିକ ବୀର୍ଯ୍ୟ ସ୍ଖଳନ ହେବା ଦ୍ୱାରା ତୁରନ୍ତ ନିସ୍ପୃହା, ନିରୁତ୍ସାହ ସୃଷ୍ଟିହୁଏ । ବୀର୍ଯ୍ୟଗ୍ରନ୍ଥିରେ ତିଆରି ହେଉଥିବା ବୀର୍ଯ୍ୟକଣାରେ ଆଖିକୁ ଦେଖାଯାଉଥିବା ନୀଳବର୍ଣ୍ଣର ଆଲୋକ ମଧ୍ୟ ରହିଥାଏ । ବୀର୍ଯ୍ୟଗ୍ରନ୍ଥିରେ ତିଆରି ହେଉଥିବା ବୀର୍ଯ୍ୟ ଗ୍ରନ୍ଥିରାଜର ସାମର୍ଥ୍ୟ ଉପରେ ନିର୍ଭର କରିଥାଏ । କର୍ମାନୁସାରେ ତାହା କାର୍ଯ୍ୟ କରିବା ଭଳି ନିର୍ମାଣ ହେବା ଦ୍ୱାରା କେତେକଙ୍କ ଠାରେ ଅଧିକ ବୀର୍ଯ୍ୟବୃଦ୍ଧି ହୋଇଥାଏ, କେତେକଙ୍କଠାରେ କମ୍ ହୋଇଥାଏ । ଗ୍ରନ୍ଥିଗୁଡିକ ଗୋଟିକ ସହିତ ଗୋଟିଏ ଗ୍ରନ୍ଥିରାଜ ସହିତ ସମ୍ବନ୍ଧୀତ ହୋଇଥାନ୍ତି । ଆତ୍ମଜ୍ଞାନ ଜାଣିଥିବା ଯୋଗୀମାନେ ସେମାନଙ୍କର ମନକୁ ଗ୍ରନ୍ଥିରାଜ ସହିତ ସଲଗ୍ନ କରିଥାନ୍ତି । ଭ୍ରୂକୁଟୀର ମଧ୍ୟରେ ଉପଜିହ୍ୱାର ଉପରି ଭାଗରେ ଏହି ଗ୍ରନ୍ଥିରାଜ ରହିଥାଏ । ବଡମାନେ ଏଇଠାରେ ମନୋନିବେଶ କରିବାକୁ କହିଥାନ୍ତି । ଏମିତି

ସେଠାରେ ମନୋଲଗ୍ନ କରୁଥିବା ବ୍ରହ୍ମଯୋଗୀମାନେ ସମ୍ପୂର୍ଣ୍ଣ ସ୍ଥିତିର ଆରୋଗ୍ୟ ଲାଭ କରି ରହିଥାନ୍ତି । ବ୍ରହ୍ମଯୋଗୀ ମାନଙ୍କର ସୁଗାରରୋଗ ନଥାଏ ବୋଲି ଜଣାଯାଏ । ତାଛଡା ଯୋଗୀମାନଙ୍କ ଶରୀରର ଗ୍ରନ୍ଥିରାଜରୁ ବହିର୍ଗତ ହେଉଥିବା କାନ୍ତିରଙ୍ଗ (ଆଲୋକର ରଙ୍ଗ) ଅଧିକ ପ୍ରକାଶବନ୍ତ ହୋଇଥାଏ । ତାହା ସାଧାରଣ ମାନବଠାରେ କମ୍ ହୋଇଥାଏ, ଶରୀର ଆରୋଗ୍ୟ ପାଇଁ ମଧ୍ୟ ଗ୍ରନ୍ଥିରାଜ ମୁଖ୍ୟ ପାତ୍ରପୋଷଣ କରିଥାଏ । ଏହିଭଳି ଅନ୍ୟାନ୍ୟ ଗ୍ରନ୍ଥିଗୁଡିକ ନିଜ ନିଜର କାର୍ଯ୍ୟ କରୁଥାଇ ଶରୀରର ସୁସ୍ଥତା ଅସୁସ୍ଥତାକୁ ଦେଖିଥାନ୍ତି । ପ୍ରତ୍ୟେକ ଗ୍ରନ୍ଥିର ଏକ ଏକ ଆଲୋକ ରହିଥିବା ଜଣାଯାଏ । ସବୁଠାରୁ ବଡ ହୋଇଥିବା ଗ୍ରନ୍ଥିରାଜରୁ ବହିର୍ଗତ ଆଲୋକ ତରଙ୍ଗ ଭାବରେ ପ୍ରବାହ ହୋଇ ସମସ୍ତ ଗ୍ରନ୍ଥିଗୁଡିକୁ କାର୍ଯ୍ୟକାରୀ କରାଇଥାଏ । ଗ୍ରନ୍ଥିରାଜର ଆଲୋକ ତରଙ୍ଗ କୌଣସି ଗ୍ରନ୍ଥିକୁ ଠିକ୍ ଭାବରେ ପ୍ରବାହ ନହେଲେ ସେ ଗ୍ରନ୍ଥି ଠିକ୍ କାର୍ଯ୍ୟ କରିନଥାଏ ।

ଶରୀରରେ ଗ୍ରନ୍ଥି ନିୟମାନୁସାରେ କିଛିକାର୍ଯ୍ୟ, ନାଡୀଗୁଡିକର ନିୟମ ଦ୍ୱାରା କିଛିକାର୍ଯ୍ୟ କରାଉଥିବା ଆତ୍ମା, ଶରୀର ନାମକ କ୍ଷେତ୍ରକୁ ପାଳନ କରୁଥିବା ରାଜା ଭାବରେ ରହିଥାଏ । ସାରା ଶରୀରରେ ବ୍ୟାପି ତାଉପରେ ଅଧିକାର ଜମାଇ ରହିଥିବା ଆତ୍ମାକୁ ଜାଣିଥିବା ଜ୍ଞାନୀମାନଙ୍କର ଜ୍ଞାନ ଅତି ଉନ୍ନତ ଜ୍ଞାନ ବୋଲି ଭଗବାନ କହିଛନ୍ତି । ତେଣୁ ସମସ୍ତେ ବାହ୍ୟ ବିଷୟ ସମ୍ବନ୍ଧୀୟ ଜ୍ଞାନକୁ ଛାଡି, ଶରୀରାନ୍ତର୍ଗତ ଜ୍ଞାନକୁ ଜାଣିବା ପାଇଁ ଚେଷ୍ଟା କରିବା ଉଚିତ୍ ।

**(୧୨) ଶ୍ଳୋକ,୪ : ତତ୍କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍ବିକାରି ଯତଶ୍ଚ ଯତ୍ ।**
**ସ ଚ ଯୋ ଯତ୍ପ୍ରଭାବଶ୍ଚ ତତ୍ସମାସେନ ମେ ଶୃଣୁ ।।**
**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ସେହି କ୍ଷେତ୍ର କଣ ? କିପରି ? ତାର କି ବିକାର (ରୂପାନ୍ତର) ରହିଛି ? ସେ ବିକାର କେଉଁଠାରୁ ଉଦ୍ଭବ ? ସେ କ୍ଷେତ୍ରର କ୍ଷେତ୍ରଜ୍ଞ କିଏ, ତାର ପ୍ରଭାବ କ'ଣ ସଂକ୍ଷିପ୍ତ ଭାବରେ କହୁଛି ଶୁଣ୍ ।

**ବିବରଣୀ :** କ୍ଷେତ୍ର, କ୍ଷେତ୍ରଜ୍ଞ ବିଷୟର ଜ୍ଞାନକୁ ତୋତେ ଜଣାଇଦେବି ବୋଲି

ଭଗବାନ କହିଛନ୍ତି । କ୍ଷେତ୍ର କହିଲେ କଣ ? ତାହା କେତେ ପ୍ରକାରରେ ରହିଛି ? ତାହା କିପରି ବଦଳେ ? କାହିଁକି ବଦଳେ ? କ୍ଷେତ୍ରଜ୍ଞ କିଏ ? କ୍ଷେତ୍ରଜ୍ଞର ପ୍ରଭାବ କଣ ? ସେହି ପ୍ରଭାବ ଶରୀରରେ କିପରି କାର୍ଯ୍ୟକରେ ? ଇତ୍ୟାଦି ବିଷୟ ଗୁଡିକର ଜ୍ଞାନ ଜାଣିବା ହିଁ ବାସ୍ତବ ଜ୍ଞାନ ହୋଇଥାଏ ।

**(୧୨) ଶ୍ଳୋକ,୫: ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।**
**ବ୍ରହ୍ମସୂତ୍ରପଦୈଃ ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ ॥**

**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ଋଷିମାନଙ୍କ ଦ୍ୱାରା, ବେଦଗୁଡିକ ଦ୍ୱାରା, ହେତୁର ସହିତ ସିଦ୍ଧାନ୍ତ କରାଯାଇଥିବା ବ୍ରହ୍ମସୂତ୍ରାଦି ଦ୍ୱାରା ନିର୍ଣ୍ଣୀତହୋଇ ଶରୀର ତଥା ଆତ୍ମା ସମ୍ବନ୍ଧୀୟ ବିଷୟ ଗୁଡିକ କୁହାଯାଇଛି, ବଡମାନେ ନିର୍ଣ୍ଣୟ କରିଥିବା ସେହି ଜ୍ଞାନ ଜାଣିବା ଉଚିତ୍ ।

**(୧୨) ଶ୍ଳୋକ,୬:ମହାଭୂତା ନ୍ୟହଂକାରୋ ବୁଦ୍ଧିରବ୍ୟକ୍ତ ମେବ ଚ ।**
**ଇନ୍ଦ୍ରିୟାଣି ଦଶୈକଂ ଚ ପଂଚେନ୍ଦ୍ରିୟ ଗୋଚରାଃ ॥**

**(ପ୍ରକୃତି)**

**(୧୨) ଶ୍ଳୋକ,୭: ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।**
**ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ମହାନ ଭୂତ ହୋଇଥିବା ଜୀବାତ୍ମା, ଆତ୍ମା, ଅବ୍ୟକ୍ତ ହୋଇଥିବା ବୁଦ୍ଧି, ଅହମ୍ ଇତ୍ୟାଦି, ସ୍ୱତନ୍ତ୍ର ସ୍ୱତନ୍ତ୍ର ହୋଇଥିବା ଦଶ ଇନ୍ଦ୍ରିୟ ଏବଂ ଅଗୋଚର ପାଞ୍ଚ ଇନ୍ଦ୍ରିୟ –

ପ୍ରେମ, ଘୃଣା (ଅସୂୟା), ସୁଖ, ଦୁଃଖ, ଧୈର୍ଯ୍ୟ, ଭୟ, ଶ୍ରଦ୍ଧା ନାମକ ଚେତନ ସଂଘ । ଏହିଭଳି ନାନା ବିକାର ଯୁକ୍ତ ଶରୀରକ୍ଷେତ୍ର ବିଷୟରେ କୁହାଯାଇଛି ।

**ବିବରଣୀ :** ଷଷ୍ଠଶ୍ଳୋକରେ **'ଇନ୍ଦ୍ରିୟାଣି ଦଶୈକଂଚ'** ନାମକ ପଦରେ

**"ଦଶୈକଂ"** ନାମକ ଶବ୍ଦର ଅର୍ଥ ହେଉଛି ଏକ ଏକ ବା ସ୍ୱତନ୍ତ୍ର ସ୍ୱତନ୍ତ୍ର ରହିଥିବା ଦଶଗୋଟି, କିନ୍ତୁ ଅନେକ ଗୀତାରେ ଏହାକୁ ଏଗାର (୧୧) ଲେଖାଯାଇଛି । **ଏକଂ ଦଶ ହୋଇଥିଲେ କିମ୍ବା ଏକାଦଶ ହୋଇଥିଲେ ଏଗାର କହିଲେ ଚଳିଥାନ୍ତା । ଦଶ ଏକଂ ଯେହେତୁ ରହିଛି ସେଠାରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଥିବା ଏକଦଳ ବୋଲି ଜାଣିବା ଉଚିତ୍ । ଏହି ଦଶେନ୍ଦ୍ରିୟ ଏକଦଳ, ୫ଗୋଟି ଇନ୍ଦ୍ରିୟ ଆଉଏକ ଦଳ ବୋଲି କୁହାଯାଇଛି ।** ଏଠାରେ ଦେଖାଯାଉଥିବା ଦଶେନ୍ଦ୍ରିୟକୁ ଗୋଟିଏ ଭାଗ, ଦେଖାଯାଉ ନଥିବା ଇନ୍ଦ୍ରିୟଗୁଡିକୁ ଆଉ ଗୋଟିଏ ଭାଗ କରି କହିଛନ୍ତି । ଏହିଭଳି ଦୃଶ୍ୟାଦୃଶ୍ୟ ପନ୍ଦରଗୋଟି ଇନ୍ଦ୍ରିୟକୁ କହିବାକୁ ଯାଇ, ଭଗବାନ **'ଇନ୍ଦ୍ରିୟାଣି ଦଶୈକଂଚ', 'ପଞ୍ଚନ୍ଦ୍ରିୟଗୋଚରାଃ'** କହିଛନ୍ତି । ତା'ବ୍ୟତୀତ ଷଷ୍ଠତମ ଶ୍ଳୋକରେ ପ୍ରଥମେ ମହାଭୂତାଃ ନାମକ ପଦ ବ୍ୟବହାର କରିଛନ୍ତି ଯାହାର ଅର୍ଥକୁ ଅନେକ ଗୀତାରେ ମଧ୍ୟ ଭ୍ରାନ୍ତ ଧାରଣା ଦିଆଯାଇଛି । ମହାଭୂତର ଅର୍ଥପାଇଁ ପଞ୍ଚଭୂତ କହିଛନ୍ତି । ଏଭଳି କହିବା ସମ୍ପୂର୍ଣ୍ଣ ଭୁଲ୍ ହୁଏ, କାରଣ! ପଞ୍ଚଭୂତ ଶରୀରରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବେ ନଥାନ୍ତି । ପଞ୍ଚଭୂତର ବିଭାଜନ ଦ୍ୱାରା ତିଆରି ହୋଇଥିବା ଭାଗଗୁଡିକ ଶରୀରର ଅବୟବ ଭାବରେ ରହିଛନ୍ତି । ଏ ସ୍ଥଳରେ ପୁଣି ସ୍ୱତନ୍ତ୍ର ଭାବରେ ପଞ୍ଚଭୂତ କହିବା କ'ଣ ଆବଶ୍ୟକ ? ସ୍ୱତନ୍ତ୍ର ଭାବରେ ପଞ୍ଚଭୂତ ଦ୍ୱାରା ବଦଳି ଉଦ୍ଭବ ହୋଇଥିବା ଭାଗ ବ୍ୟତୀତ ଶରୀରରେ ଅଲଗା ଅଲଗା ହୋଇ ପଞ୍ଚଭୂତ ନଥାଏ, ତେଣୁ ମହାଭୂତର ଅର୍ଥ ପଞ୍ଚଭୂତ କିପରି ହେବ ? ହେବ ନାହିଁ । ମହାଭୂତର ଅର୍ଥରେ ଜୀବାତ୍ମା, ଆତ୍ମାଙ୍କୁ ବୁଝିବା ଆବଶ୍ୟକ ।

ଏକ ଶରୀରରେ ଅବ୍ୟକ୍ତ ଭାବରେ ଥିବା ଦୁଇଟି ମହାନ ଭୂତ ଜୀବାତ୍ମା, ଆତ୍ମା ରହିଥା'ନ୍ତି । ସେହିଭଳି ଦେଖାଯାଉ ନଥିବା ବୁଦ୍ଧି, ଅହଂ, ମନ, ଚିତ୍ତ ନାମକ ଅନ୍ତରେନ୍ଦ୍ରିୟ ଏବଂ ପ୍ରାଣ, ଅପାନ, ଉଦାନ, ସମାନ, ବ୍ୟାନ ଇତ୍ୟାଦି ବାୟୁଗୁଡିକ ରହିଥାନ୍ତି । ଆହୁରି ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ କୁହାଯାଉଥିବା ଇନ୍ଦ୍ରିୟଶକ୍ତିଗୁଡିଏ ରହିଥାନ୍ତି । ଆମ ଆଖିକୁ ଦେଖାଯାଉଥିବା ସେହି ଶରୀର ଭାଗଗୁଡିକ ହେଉଛନ୍ତି ଆଖି, କାନ, ନାକ, ଜିଭ, ଚର୍ମ, ହାତ, ଗୋଡ, ମୁଖ, ଗୁହ୍ୟ ଏବଂ ଉପସ୍ଥ । ଏଗୁଡିକ ମିଶି ଏକଦଳ ହୋଇଥିବା ସ୍ଥଳେ, ଦେଖାଯାଉ

ନଥିବା ଇନ୍ଦ୍ରିୟଗୁଡିକ ହେଲେ ଦୃଷ୍ଟି, ଶ୍ରବଣ, ଗନ୍ଧ, ସ୍ପର୍ଶ ଏବଂ ରୁଚି । ଏହା ଜାଣିବା ଉଚିତ୍ ଏବଂ ମନେରଖିବା ଉଚିତ୍ ।

| | | |
|---|---|---|
| **ମହାଭୂତ କୁହାଯାଉଥିବା ଜୀବାତ୍ମା, ଆତ୍ମା** | **=** | **୦୨** |
| **ଅବ୍ୟକ୍ତ ହୋଇ ଥିବା ଅନ୍ତର୍ଭାଗ** | **=** | **୦୯** |
| **ଦେଖାଯାଉଥିବା ଇନ୍ଦ୍ରିୟଗୁଡିକ** | **=** | **୧୦** |
| **ଦେଖା ଯାଉନଥିବା ଇନ୍ଦ୍ରିୟଗୁଡିକ** | **=** | **୦୫** |
| **ସଜୀବ ଶରୀରର ମୋଟ ଭାଗ ସଂଖ୍ୟା** | **=** | **୨୬** |

ଏହିଭଳି ଶରୀର ବା କ୍ଷେତ୍ର ୨୪ଗୋଟି ଭାଗ ତଥା ଦୁଇ ଆତ୍ମାକୁ ନେଇ ଗଠିତ । ଏତଦ୍‌ବ୍ୟତୀତ ପ୍ରେମ, ଘୃଣାଦି ଗୁଣରାଜି, ସୁଖ-ଦୁଃଖ ନାମକ ଅନୁଭୂତି, ଶ୍ରଦ୍ଧା,ଧୈର୍ଯ୍ୟ,ଭୟ ନାମକ ଚେତନସଂଘ ଏବଂ ଅନେକ ବିକାରକୁ ନେଇ ଶରୀର କ୍ଷେତ୍ର ରହିଛି ବୋଲି ଜାଣିବା ଉଚିତ୍ ।

**(୧୨) ଶ୍ଲୋକ,୮ : ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।**
**ଆଚାର୍ଯୋପାସନଂ ଶୌଚଂ ସ୍ଥୈର୍ଯମାତ୍ମବିନିଗ୍ରହଃ ॥ (ଜ୍ଞାନ)**

**(୧୨) ଶ୍ଲୋକ,୯ : ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଂକାର ଏବ ଚ ।**
**ଜନ୍ମମୃତ୍ୟୁ ଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ॥ (ଜ୍ଞାନ)**

**(୧୨) ଶ୍ଲୋକ,୧୦ : ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାର ଗୃହାଦିଷୁ ।**
**ନିତ୍ୟଂ ଚ ସମଚିତତ୍ୱମିଷ୍ଟାନିଷ୍ଟୋପପତିଷୁ ॥ (ଜ୍ଞାନ)**

**(୧୨) ଶ୍ଲୋକ,୧୧ : ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।**
**ବିବିକ୍ତଦେଶସେବିତ୍ୱ ମରତିର୍ଜନସଂସଦି ॥ (ଜ୍ଞାନ)**

**(୧୨) ଶ୍ଲୋକ,୧୨ : ଅଧ୍ୟାତ୍ମ ଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।**
**ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥ (ଜ୍ଞାନ)**

**ଭାବାର୍ଥ :** ଗର୍ବ ଦମ୍ଭାଦିକୁ ଆସିବାକୁ ନଦେଇ, ଶାନ୍ତି ନିଷ୍କପଟ, ଅହିଂସା ଭାବବହି, ସଦ୍‌ଗୁରୁଙ୍କୁ ପୂଜା କରୁଥାଇ, ଧୈର୍ଯ୍ୟର ସହିତ ଆତ୍ମସଂଯମୀ ହୋଇ,

ଇନ୍ଦ୍ରିୟ ଉପରେ ଆଶକ୍ତି ନରଖି, ମୁଁ ବୋଲି ଅହଂଭାବ ନରଖି, ଜନ୍ମ, ମୃତ୍ୟୁ, ବୃଦ୍ଧାବ୍ୟାଦି ଦଶା ଆସେ ଏବଂ ଚାଲିଯାଏ ଭାବି, ଭାରିଜା ପିଲାଙ୍କ ଉପରେ ପ୍ରେମ ନରଖି, ଘର, ଜାଗାବାଡି ଉପରେ ଆଶକ୍ତି ନରଖି, ସବୁବେଳେ ଶରୀରରେ ଆସୁଥିବା ଇଚ୍ଛା ଅନିଚ୍ଛାରେ, ଦୁଃଖ-ସୁଖରେ ସମାନ ଭାବ ରଖି, ବ୍ୟଭିଚାରହୀନ ଭକ୍ତିଭାବ ରଖି, ସ୍ୱତନ୍ତ୍ର ଯୋଗ ସହିତ, ମଣିଷ ନଥିବା ଜାଗାରେ ରହିବାକୁ ଭଲପାଇ, ଜନ ସମୂହରେ ଆଶକ୍ତି ନରଖି, ସର୍ବଦା ଆତ୍ମା ଅଧ୍ୟୟନ ଜ୍ଞାନରେ ମନଦେଇ, ଆତ୍ମାକୁ ଜ୍ଞାନ ଦ୍ୱାରା ଜାଣିବା ଉଚିତ୍ । ଏହା ହିଁ ଜ୍ଞାନ, ବାକିସବୁ ଅଜ୍ଞାନ ବୋଲି ଜାଣିବା ଉଚିତ୍ ।

**ବିବରଣୀ :** ଏଠାରେ ଏକକାଳୀନ ପାଞ୍ଚଗୋଟି ଶ୍ଳୋକର ଭାବାର୍ଥ କୁହାଯାଇଛି, ଏଗୁଡିକରେ ଜ୍ଞାନ ବିଷୟ କୁହାଯାଇଛି ଏବଂ ଏହା ହିଁ ବାସ୍ତବ ଜ୍ଞାନ ବୋଲି କୁହାଯାଇଛି । ଅଷ୍ଟମ ଶ୍ଳୋକରୁ ଆରମ୍ଭ ହୋଇ ଦ୍ୱାଦଶ ଶ୍ଳୋକରେ ସମାପ୍ତ ହୋଇଥିବା ଏହି ବିଷୟର ୧୧ତମ ଶ୍ଳୋକରେ **'ମୟି ଚାନନ୍ୟ ଯୋଗେନ ଭକ୍ତିରବ୍ୟଭିଚାରିଣୀ'** ନାମକ ବାକ୍ୟ ସମସ୍ତଙ୍କୁ ଭଲଭାବରେ ବୁଝାଯାଇ ନାହିଁ ବୋଲି ଭାବୁଛୁ । **'ଭକ୍ତିରବ୍ୟଭିଚାରିଣୀ'** ନାମକ ପଦରେ ଭକ୍ତିରେ ବ୍ୟଭିଚାର କଣ ବୋଲି ହୁଏତ କେହି ବୁଝି ନଥାଇ ପାରନ୍ତି । ବ୍ୟଭିଚାର କହିଲେ ଜଣେ ଶାରୀରିକ ଭାବରେ ଅନେକ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖିବା । ଭକ୍ତି ମନ ସମ୍ବନ୍ଧୀୟ । ତେଣୁ ମନରେ ଭକ୍ତି ଦ୍ୱାରା ଦେବତାମାନଙ୍କ ସହିତ ସମ୍ବନ୍ଧ ରଖିବାକୁ ଭକ୍ତିରେ ବ୍ୟଭିଚାର ବୋଲି କହୁଛୁ । ଜଣେ ସ୍ତ୍ରୀ ତାର ସ୍ୱାମୀକୁ ଛାଡି ଅନ୍ୟ ପୁରୁଷମାନଙ୍କ ସହିତ ସମ୍ପର୍କ ରଖିବା ଯେଉଁଭଳି ବ୍ୟଭିଚାର (ଅବୈଧ ସଂସର୍ଗ) ହୋଇଥାଏ, ସେହିଭଳି ଏକ ଜୀବର ସ୍ୱାମୀ ହୋଇଥିବା ପରମାତ୍ମାଙ୍କୁ ଛାଡି ଅନ୍ୟ ଦେବତାମାନଙ୍କ ସହିତ ସମ୍ବନ୍ଧରଖିବା ଭକ୍ତିରେ ବ୍ୟଭିଚାର ହୋଇଥାଏ । ଶରୀର ବ୍ୟଭିଚାର ଯେତିକି ଦୋଷଯୁକ୍ତ ସେହିଭଳି ଭକ୍ତି ଦ୍ୱାରା ହେଉଥିବା ମାନସିକ ବ୍ୟଭିଚାର ମଧ୍ୟ ସେତିକି ଦୋଷଯୁକ୍ତ ହୋଇଥାଏ । ବିଟ (ଧୂର୍ତ୍ତ ବା ଉପପତି) ମାନେ ଦେଉଥିବା ଟଙ୍କା ଆଶାରେ ବେଶ୍ୟା ବିଟମାନଙ୍କୁ ଆଶ୍ରୟ କରିବା ଭଳି, ଦେବତାମାନେ ଦେଉଥିବା ଫଳରେ ଆଶା ରଖି ଦେବତାମାନଙ୍କୁ ମଣିଷ ଆଶ୍ରୟ କରି ପୂଜା କରିଥାଏ ।

ସବୁକିଛିର ମୂଳ ଏବଂ ସମସ୍ତଙ୍କର ଭର୍ତ୍ତା ପରମାତ୍ମାଙ୍କୁ ଛାଡି ସ୍ୱଳ୍ପ ହୋଇଥିବା ଦେବତାମାନଙ୍କୁ ଆଜି ଅଧିକ ମାତ୍ରାରେ ଅନେକ ଲୋକେ ପୂଜା କରିଥାନ୍ତି । ବିଶ୍ୱ ଜନସଂଖ୍ୟାରେ ଖୁବ୍ କମ୍ ଭକ୍ତି ବିଶିଷ୍ଟ ଲୋକେ ଥିବା ଆଜିର କାଳରେ କିଛିଭକ୍ତି ଅନ୍ୟ ଦେବତାମାନଙ୍କ ଉପରେ ରହିଥିବା ସ୍ପଷ୍ଟ ଜଣାଯାଏ । ଏକହଜାର ସଂଖ୍ୟକ ଭକ୍ତମାନଙ୍କୁ ପରିଶୀଳନ କଲେ ସେମାନଙ୍କ ଭିତରୁ କ୍ୱଚିତ୍ କେହି ଜଣେ ପରମାତ୍ମାଙ୍କୁ ଆରାଧନା କରୁଥିବା ଲୋକ ମିଳିପାରେ ବା ନପାରେ । ହଜାରେଜଣ ଅନ୍ୟଦେବତା ଆରାଧକମାନଙ୍କ ଭିତରେ କାହାର ମଧ୍ୟ କୌଣସି ଗୋଟିଏ ଦେବତା ଉପରେ ଭକ୍ତି ନଥାଏ । ଆହୁରି ସ୍ପଷ୍ଟ ଜଣାଯାଏ ଯେ, ଏକହଜାର ଭକ୍ତ ଦଶହଜାର ଦେବତାଙ୍କୁ ପୂଜା କରିଥାନ୍ତି । ଏହା ଅଜ୍ଞାନତା ଆଉ ଅନୁଚିତ ପଦ୍ଧତି । ପରମାତ୍ମାଙ୍କ ବ୍ୟତୀତ ଅନ୍ୟ ଦେବତାମାନଙ୍କ ଆରାଧନାକୁ ଅଜ୍ଞାନ ବୋଲି ସ୍ୱୟଂ ଭଗବାନ ଜଣାଇଛନ୍ତି ।

**(୧୨) ଶ୍ଲୋକ,୧୩ : ଜ୍ଞେୟଂ ଯତ୍ତପ୍ରବକ୍ଷାମି ଯଜ୍ଜ୍ଞାତ୍ୱାମୃତମଶ୍ନୁତେ ।**
**ଅନାଦି ମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦ୍ୟୁଚ୍ୟତେ ॥**

**(ପରମାତ୍ମା)**

**ଭାବାର୍ଥ :** ଯାହା ଜ୍ଞେୟ ସେ ବାବଦରେ କହୁଛି ଶୁଣ୍, ତାହା ଜାଣିବା ଦ୍ୱାରା ତୁ ଅମୃତ (ଶାଶ୍ୱତ ଭାବ) ପ୍ରାପ୍ତ ହେବୁ, ତାହା ହିଁ ଅନାଦି, ମତ୍ପର (ମୋର ଅଧିନ) ହୋଇଥିବା ବ୍ରହ୍ମ । ତାହାକୁ ସତ୍ତା କିମ୍ବା ଅସତ୍ତା କହିବା ଉଚିତ୍ ନୁହେଁ ।

**ବିବରଣୀ :** ଜମିର ହୁଡା ଭଳି, ରାସ୍ତାର ଲକ୍ଷ୍ୟ ଭଳି, ଜ୍ଞାନର ଲକ୍ଷ୍ୟ ଜ୍ଞେୟ ବୋଲି ଜାଣିବା ଉଚିତ୍ । ଜମି ହୁଡାରେ ସମାପ୍ତ ହେବା ଭଳି, ରାସ୍ତା ଲକ୍ଷ୍ୟରେ ସମାପ୍ତ ହେବା ଭଳି, ଜ୍ଞାନ ଜ୍ଞେୟରେ ସମାପ୍ତ ହୋଇଥାଏ । ଜମିର ବନ୍ଧ ହୁଡା ହୋଇଥିବା ଭଳି, ରାସ୍ତାର ଲକ୍ଷ୍ୟ ଗାଆଁଟିଏ ହେବା ଭଳି, ଜ୍ଞାନର ଜ୍ଞେୟ ହୋଇଥାନ୍ତି ପରମାତ୍ମା । ପରମାତ୍ମାଙ୍କୁ ଜଣାଉଥିବା ମାର୍ଗ ହିଁ ଜ୍ଞାନ । ଜ୍ଞାନ ଦ୍ୱାରା ଶେଷରେ ପରମାତ୍ମା ଜଣାପଡନ୍ତି । ପରମାତ୍ମାଙ୍କୁ ଅନାଦି, ପରମ, ବ୍ରହ୍ମ କୁହାଯାଏ । ତାଙ୍କର ଆଦି ନଥିବାରୁ ସେ ଅନାଦି, ତାଙ୍କଠାରୁ ବଳି ଆଉ କେହି ନଥିବାରୁ ସେ ପରମ, ସବୁଠାରୁ ବଡ ହୋଇଥିବାରୁ ସେ ବ୍ରହ୍ମ ଅଟନ୍ତି । ଜ୍ଞାନଗମ୍ୟ ପରମାତ୍ମାଙ୍କୁ ସତ୍ତା, ଅସତ୍ତା କହିପାରିବା ନାହିଁ । କାରଣ ! ସେ ସତ୍ତା

ନୁହନ୍ତି କି ଅସତ୍ତା ନୁହନ୍ତି । ଏଇଠାରେ ସମସ୍ତେ ଏକ ପ୍ରଶ୍ନ କରିପାରନ୍ତି । ତାହା କ'ଣନା ! ସତ୍ତା କ'ଣ ? ଆଉ ଅସତ୍ତା କ'ଣ ? ଏହି ଦୁଇ ପ୍ରଶ୍ନର ସମାଧାନ ଜାଣିଗଲେ ଏ ଦୁଇଟି ହୋଇନଥିବା ପାତ୍ରକୁ ସହଜରେ ଜାଣି ପାରିବା । ଏବେ ଏହାର ସମାଧାନ ଖୋଜିବା ।

ସତ୍ତା, ଅସତ୍ତା ଦୁଇଟିଯାକ ଆମ ଦେହରେ ଥାଆନ୍ତି । ସତ୍ତା ସାରା ଦେହରେ ରହିଛି । ଅସତ୍ତା ଦେହର ଗୋଟିଏ ସ୍ଥାନରେ ରହିଛି । ବିବରଣାତ୍ମକ କହିବାକୁ ଗଲେ, **ସତ୍ତା ହେଉଛି ଆତ୍ମା, ଅସତ୍ତା ହେଉଛି ଜୀବାତ୍ମା** । ଆଉ କେତେକ ସତ୍ତା ହୋଇଥିବା ଜୀବାତ୍ମାକୁ ଚିତ୍ତ ବୋଲି କହିଥାନ୍ତି । ସତ୍ତାକୁ ସତ୍ ଏବଂ ଚିତ୍ତକୁ ଚିତ୍ କହିଥାନ୍ତି, ଏହାକୁ ହିଁ ସତ୍ ଚିତ୍ ବୋଲି ମିଶାଇ କହିଥାନ୍ତି । ବ୍ରହ୍ମଯୋଗୀମାନେ ମନ ଦ୍ୱାରା ଆତ୍ମାନୁଭବ ପାଇଥାନ୍ତି ଅର୍ଥାତ୍ ସତ୍ ଚିତ୍ ମିଶିଥିବା ଅନୁଭବକୁ ଆନନ୍ଦ ବୋଲି କହିଥାନ୍ତି, ତେଣୁ ସଚ୍ଚିଦାନନ୍ଦ କହିଲେ ଏହି ସତ୍, ଚିତ୍ର ମିଶ୍ରଣରେ ମିଳୁଥିବା ଆନନ୍ଦ । ସେଥିଲାଗି ବ୍ରହ୍ମଯୋଗୀମାନଙ୍କୁ ଜାଣିଥିବା ବଡମାନେ ଆତ୍ମାନନ୍ଦ କିମ୍ବା ସଚ୍ଚିଦାନନ୍ଦ କହିବା ଅର୍ଥପୂର୍ଣ୍ଣ ହୋଇଥାଏ ବୋଲି ଜାଣିବା ଉଚିତ୍ ।

ଏହା ବ୍ୟତୀତ ଜାଣିଥିବା, ଜାଣି ନଥିବା ଲୋକମାନେ ମଧ୍ୟ ଆତ୍ମାକୁ ସତ୍ତା କହିଥାନ୍ତି । ଆତ୍ମା ହିଁ ପ୍ରତି ଶରୀର ଭାଗର ଶକ୍ତି ହୋଇ ଶରୀରକୁ ସ୍ପନ୍ଦନ ଦେଇ ଚଳପ୍ରଚଳ କରିଥାଏ ବୋଲି ଜାଣିଲେ । ସାରା ଶରୀରରେ ବ୍ୟାପିଥିବା ଆତ୍ମାଶକ୍ତି କେତେକଙ୍କ ହାତ କିମ୍ବା ଗୋଡରେ ନଥାଏ ବୋଲି ଦେଖୁଛେ । ହାତରୁ ଆତ୍ମାଶକ୍ତି ଚାଲିଗଲେ ହାତ ଆଉ କାର୍ଯ୍ୟ କରିନଥାଏ କାରଣ ! ସେଥିରେ ଆଉ ଚୈତନ୍ୟ ନଥାଏ । ଏହି ଆତ୍ମାଶକ୍ତି ଚୈତନ୍ୟ ବା ସତ୍ତା ସେ ଶରୀରର ହାତର କାନ୍ଧ ପର୍ଯ୍ୟନ୍ତ ଥିବାରୁ କାନ୍ଧଠାରୁ ହାତର କୌଣସି ସ୍ପନ୍ଦନ ନଥାଏ, ସେତେବେଳେ ଆତ୍ମଶକ୍ତି ବାବଦରେ ଜାଣିଥିବା ଜ୍ଞାନୀମାନେ ତା ହାତରେ ଆଉ ସତ୍ତା ନାହିଁ ବୋଲି କହୁଥିଲେ । କେହି ଜଣେ ମୃତ୍ୟୁବରଣ କଲେ ତା' ଶରୀରରେ ଆଉ ସତ୍ତା ନାହିଁ, ସତ୍ତା ଚାଲିଗଲା କହୁଥିଲେ । କାଳକ୍ରମେ ସେ ମରିଗଲା ବୋଲି କହୁଛନ୍ତି ସିନା କେହି କେହି ଅମୁକର ଶରୀରରେ ଆଉ ସତ୍ତା ନାହିଁ ବୋଲି କହିଥାନ୍ତି ।

ଏହିଭଳି ସତ୍ତା କୁହାଯାଉଥିବା ଆତ୍ମା, କେତେକଙ୍କ ଦ୍ୱାରା ଚିତ୍ତ କୁହାଯାଉଥିବା ଜୀବାତ୍ମା କେବେହେଲେ ପରମାତ୍ମା ନୁହନ୍ତି । ତେଣୁ ପରମାତ୍ମାଙ୍କୁ ସତ୍ତା କିମ୍ବା ଅସତ୍ତା ବୋଲି କହିବା ଉଚିତ୍ ନୁହେଁ । ଗୋଟିଏ ଶରୀରରେ ସତ୍ତା, ଅସତ୍ତା ଏବଂ ଦୁଇଟିଯାକ ହୋଇନଥିବା ପାତ୍ର ରହି ଭିନ୍ନ ଭିନ୍ନ କାର୍ଯ୍ୟ କରୁଥିବାରୁ ତିନିଜଣଙ୍କୁ ମିଶାଇ କହିବା ଉଚିତ୍ ନୁହେଁ । ସତ୍ତା ଆଉ ଅସତ୍ତାକୁ ଜନ୍ମ କରାଇଥାନ୍ତି ପରମାତ୍ମା । ତେଣୁ ଯାହାର ଜନ୍ମ ନାହିଁ ସେ ପରମାତ୍ମା, ଯାହାର ଜନ୍ମ ଥାଏ ସେ ଆତ୍ମା ଆଉ ଜୀବାତ୍ମା । ଆଦି ନଥିବା ପରମାତ୍ମା ନିଜଠାରୁ ଜନ୍ମ କରାଇଥିବା ଜୀବାତ୍ମା ବା ଆମେମାନେ କେବେ ଜନ୍ମ ହୋଇଛେ ତାହା ଆମକୁ ଜଣା ନାହିଁ । ତେଣୁ ଜନ୍ମ ହୋଇଥିବା ଆମେ-ମାନେ (ଜୀବାତ୍ମାମାନେ) ଅନାଦି । ଜନ୍ମ ନଥିବା ପରମାତ୍ମା ଅନାଦି ହୋଇଥିବା ବେଳେ, ଜନ୍ମ ହୋଇଥିବା ଆମେମାନେ ମଧ୍ୟ ଅନାଦି ବୋଲି ଜାଣିବା ଉଚିତ୍ । ଆମେମାନେ ଅନାଦି ବୋଲି କିଏ କେଉଁଠି କହୁଛି ବୋଲି ଭାବୁଛନ୍ତି ! **‘ଅନାଦି ଜନ୍ମା ଦାନ କରନ୍ତୁ’ ବୋଲି କିମ୍ବା ‘ଅନାଦି ଜନ୍ମା ଅନ୍ନଦାନ କରନ୍ତୁ’** ବୋଲି କେଉଁଠି କେମିତି କେତେକ ଭିକାରୀମାନେ କେତେକ ପ୍ରାନ୍ତରେ କହିଥାନ୍ତି । ପୂର୍ବେ ତ୍ରିଜଟା ନାମକ ରାଜା ତାଙ୍କର ଗତକାଳ ବାବଦରେ ଆଲୋଚନା କରି ପଶୁ, ପକ୍ଷୀ, ମୃଗାଦିଙ୍କ ଭଳି ମାନବର ଜୀବନ ମଧ୍ୟ ବିତିଥାଏ, ଏଥିରେ କୌଣସି ଭିନ୍ନତା ନଥାଏ, ଭିନ୍ନତା ଆଣିବାକୁ ହେଲେ କେବଳ ପରମାତ୍ମା ଜ୍ଞାନ ଜାଣିବାକୁ ପଡିବ ବୋଲି ଭାବି, ଜ୍ଞାନାର୍ଥୀ ହୋଇ, ଚିତ୍ରବର୍ଣ୍ଣ ନାମକ ମହର୍ଷିଙ୍କ ପାଖକୁ ଯାଇ ତାଙ୍କୁ ଦର୍ଶନ କରିବା ପାଇଁ ମହର୍ଷିଙ୍କ ଦ୍ୱାର ନିକଟରେ ଛିଡାହେଲେ । ଅନେକ ସମୟ ଅପେକ୍ଷା କଲେ ମଧ୍ୟ ଭିତରୁ ବନ୍ଦଥିବା ଦ୍ୱାର ଖୋଲିଲା ନାହିଁ କି ଜଣେ ଗୁରୁ ହୋଇଥିବା ମହର୍ଷି କବାଟ ଖୋଲିଲେ ନାହିଁ । ସେତେବେଳେ ରାଜା ‘ମୁଁ ତ୍ରିଜଟା ରାଜା, ଜ୍ଞାନ ଜାଣିବା ପାଇଁ ଆସିଛି, କବାଟ ଖୋଲନ୍ତୁ’ ବୋଲି କହି ନଥିଲେ । ରାଜା ନଡାକିଲେ ଭିତରେ ଥିବା ମହର୍ଷି କିପରି ଜାଣିବେ, ତେଣୁ ରାଜାଙ୍କୁ ଡାକିବାକୁ ପଡିଲା । ରାଜା କିପରି ଡାକିଲେ ଜାଣନ୍ତି ! ‘ହେ ଅନାଦି ଜନ୍ମା ଧର୍ମ ଜଣାନ୍ତୁ’ । ଆହୁରି ଥରେ ଡାକି ‘ଅନାଦି ଆସିଛି ଧର୍ମ କରନ୍ତୁ’ ବୋଲି ଡାକିଲେ । ଏକଥା ଭିତରୁ ଶୁଣିପାରିଥିବା ଚିତ୍ରବର୍ଣ୍ଣ ମହର୍ଷି ପାଖରେ ଥିବା ଜଣେ ଶିଷ୍ୟକୁ କହିଲେ ଯାଇ ଦେଖ୍ ତ ! (ପଚାରି ବୁଝ୍)

ତାର ଦାନ ଦରକାର କି ଧର୍ମ ଦରକାର । ଗୁରୁଙ୍କ ଆଜ୍ଞା ମାନି ଶିଷ୍ୟଟି କବାଟ ଖୋଲି ବାହାରକୁ ଆସି ତ୍ରିଜଟା ରାଜାଙ୍କୁ ଦେଖି ତୋର ଧର୍ମ ଦରକାର ? କି ଦାନ ଦରକାର ? ବୋଲି ପଚାରିବାରୁ ରାଜା "ମୁଁ ତ୍ରିଜଟା ରାଜା, ମୋର ବସ୍ତୁ ବାହାନ, ଧନ କନକ ପ୍ରଚୁର ରହିଛି, ତେଣୁ ଆପଣମାନେ ଦେଉଥିବା ଦାନ ମୋର ଦରକାର ନାହିଁ । ମୋ ପାଖରେ ନଥିବା, ମୁଁ ଜାଣି ନଥିବା ଧର୍ମ ଯାହା ଆପଣମାନଙ୍କ ପାଖରେ ଅଛି, ସେହି ଧର୍ମ ମୋର ଦରକାର, ତାହାହିଁ ଦାନ କରନ୍ତୁ, ଆଦି ଜଣା ନଥିବା ଅନାଦି ଜନ୍ମ ମୋର, ମୋତେ ଜନ୍ମ ନଥିବା ଅନାଦି କରିଦିଅନ୍ତୁ ବୋଲି ଆଶା କରୁଛି" ବୋଲି କହିଲେ । ଶିଷ୍ୟଠାରୁ ରାଜାଙ୍କ କଥା ଶୁଣି ଚିତ୍ରବର୍ଣ୍ଣ ମହର୍ଷି ଖୁବ୍ ଖୁସିହୋଇ ରାଜାଙ୍କୁ ଧର୍ମ ଜଣାଇବାକୁ ଯାଇ "ରାଜା ତୁ ଅସତ୍ତା ହୋଇଥିବା ଜୀବାତ୍ମା, ଚୈତନ୍ୟ ହୋଇଥିବା ତୋ'ର ଆତ୍ମା ହିଁ ସତ୍ତା" ବୋଲି ଜଣାଇ,ଏହି ଧର୍ମ ଜାଣି ଧର୍ମଦ୍ୱାରା ସତ୍ତା ଅସତ୍ତା ହୋଇ ନଥିବା ପରମାତ୍ମାଙ୍କୁ ଜାଣ୍ ବୋଲି କହିଥିଲେ ।

ସେଦିନ ସର୍ବ ସମ୍ପଦର ଅଧିକାରୀ ମହାନ ରାଜା ହୋଇ ମୁଁ ଅନାଦି ଜନ୍ମା ଧର୍ମ କରନ୍ତୁ (ଧର୍ମ ଜଣାଇଦିଅନ୍ତୁ) ବୋଲି ମାଗିଥିବା ସ୍ଥଳେ, ଆଜିର କିଛି ନଥିବା ଭିକାରୀ ମଧ୍ୟ ସେହି କଥାକୁ କହିଥାନ୍ତି । ଭିକାରୀ ମାନଙ୍କ ପାଖରେ ଚିହ୍ନହୋଇ ବଳକା ଥିବା ସେହି କଥାକୁ କହି, ଭିକ୍ଷାପାଇଁ ଆଶା ରଖି ଭାଷାରେ କହୁଛନ୍ତି । ସେମାନଙ୍କର ଦରକାର ହୋଇଥାଏ ଦାନ, କିନ୍ତୁ ସେମାନେ ମାଗିଥାନ୍ତି ଧର୍ମ । ଆଜି ମାଗିବାଲୋକ ପାଖରେ କି ଦେବା ଲୋକ ପାଖରେ ଧର୍ମ ନାହିଁ, ତାଛଡା ସେମାନେ ଅନାଦିଜନ୍ମା କଥାଟିକୁ 'ଚରିଦଉଡି କଟା ଜୀବନ ଆମର' ବୋଲି ବୁଝିଥାନ୍ତି ସିନା, ଆରମ୍ଭ କେବେ ହୋଇଛି ଜଣାନଥିବା ଜନ୍ମ ଆମର ବୋଲି ବୁଝିନଥାନ୍ତି । ଏହି କାହାଣୀ ପରେ ଆମେ ଏବେ ବାସ୍ତବ ଧର୍ମ ଜଣାଉଥିବା ଜ୍ଞାନର ଆଶ୍ରୟ ନେବା ଆଉ ତଳେ ଜ୍ଞେୟ ବାବଦରେ ଅଧିକ ଜାଣିବା ।

**(୧୨) ଶ୍ଲୋକ,୧୪ : ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋ ମୁଖମ୍ ।**
**ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥**

**(ପରମାତ୍ମା)**

**ଭାବାର୍ଥ :** ସମସ୍ତଙ୍କଠାରେ ଗୋଡ, ହାତ, ଆଖି, ମୁଖ, କାନ ହୋଇ ପରମାତ୍ମା ସର୍ବତ୍ର ବ୍ୟାପିରହିଛି ।

**ବିବରଣୀ :** ପରମାତ୍ମା ସ୍ତ୍ରୀ ନୁହନ୍ତି କି ପୁରୁଷ ନୁହନ୍ତି । ଏକ ପ୍ରକାର କହିବାକୁ ଗଲେ ସେ ସବୁ ପ୍ରକାରର । ତେଣୁ ଲେଖିବା ବେଳେ ତାଙ୍କୁ ସ୍ତ୍ରୀ ପୁରୁଷ ଭେଦରେ ଲେଖିପାରିବା । କେତେକ ସନ୍ଦର୍ଭରେ ରହିଛି, ରହିଛନ୍ତି ବୋଲି ମଧ୍ୟ ଲେଖିଛୁ । ଏଭଳି ଲେଖିବାର ଉଦ୍ଦେଶ୍ୟ ଆଉ କିଛି ନୁହେଁ ସେ କ'ଣ ବୋଲି କାହାକୁ ଜଣା ନାହିଁ । ସେ କିଛି ନୁହନ୍ତି, କିନ୍ତୁ ସେ ନଥିଲେ ଯେ କିଛିନଥାଏ ବୋଲି ଆମର ଅଭିପ୍ରାୟ; ତଥାପି ସେ ହିଁ ସର୍ବସ୍ୱ ହୋଇଥିବାରୁ ଅଧିକ ସନ୍ଦର୍ଭରେ ପରମାତ୍ମାଙ୍କୁ ସମ୍ମାନସୂଚକ ଶବ୍ଦରେ ଲେଖୁଛୁ । ଏହି ଶ୍ଳୋକରେ ମଧ୍ୟ ପ୍ରକୃତି ଆଉ ପୁରୁଷ ଉଭୟ ପରମାତ୍ମା ହେଲେ ମଧ୍ୟ ବିଭାଜନ କରି ଦେଖିଲେ ଉଭୟ ଅଲଗା ଅଲଗା, ଏହା ହିଁ ଏହି ଶ୍ଳୋକର ସାରାଂଶ । ଗୋଡ, ହାତ, ମୁଖ, ଆଖି, କାନ ଇତ୍ୟାଦି ଜଗତର ସମସ୍ତ ଜୀବରାଶୀଙ୍କର ରହିଥାଏ । ସ୍ଥୁଳ ଅବୟବ ଗୁଡିକ ପ୍ରକୃତିରେ ତିଆରି ହୋଇଥାଏ, ସେଗୁଡିକୁ ଶକ୍ତି ଦେଇ ପରିଚାଳିତ କରାଇଥାଏ ଆତ୍ମା । ସମସ୍ତ ଜୀବାରାଶିଙ୍କ ଅବୟବ ଏବଂ ତା ଭିତରେ ଥିବା ସୂକ୍ଷ୍ମଶକ୍ତି ଉଭୟ ପରମାତ୍ମା ବୋଲି ଏହି ଶ୍ଳୋକରେ କୁହାଯାଇଛି । ସ୍ଥୁଳ, ସୂକ୍ଷ୍ମର ପ୍ରକୃତି ଏବଂ ଆତ୍ମାକୁ ମିଶାଇ ଦେଖିଲେ ସାରା ଜଗତରେ ଥିବା ଶରୀର, ସେମାନଙ୍କର ଅବୟବ ଯେ ପରମାତ୍ମା ଏହା ସ୍ପଷ୍ଟ ହୋଇଯାଏ । ଜ୍ଞାନ ଦ୍ୱାରା ଜଣାଯାଉଥିବା ଜ୍ଞେୟ ଜୀବରୂପ ଜଗତରେ ବ୍ୟାପିରହିଛି ବୋଲି ଜାଣିବା ଉଚିତ୍ । ସେହି ଜ୍ଞେୟ ହୋଇଥିବା ପରମାତ୍ମା ଆଉ କିପରି ଥା'ନ୍ତି ତଳ ଶ୍ଳୋକରେ ଜାଣିବା ।

**(୧୨) ଶ୍ଳୋକ,୧୫ : ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍ ।**
**ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥**

**(ପରମାତ୍ମା)**

**ଭାବାର୍ଥ :** ପରମାତ୍ମା ସର୍ବ ଇନ୍ଦ୍ରିୟର ଗୁଣ ରୂପରେ ପ୍ରକାଶିତ ହୋଇ ସର୍ବ ଇନ୍ଦ୍ରିୟ ନଥିବା ଭଳି ରହିଥାନ୍ତି । ଯଦିଓ ସେ ସର୍ବ ପ୍ରାଣୀର ଭରଣକାରୀ; ତଥାପି ସେ ଅନାଶକ୍ତ, ସେ ସର୍ବଗୁଣର ଅନୁଭବକାରୀ, ହେଲେ ନିର୍ଗୁଣ ।

**ବିବରଣୀ :** ପରମାତ୍ମାଙ୍କୁ କେଉଁ ଭାଷାରେ, କେଉଁ ପ୍ରକାରରେ ନିର୍ଦ୍ଧାରଣ କରି କହିପାରିବା ନାହିଁ, ଏକଥା ଆଗରୁ କହିଛୁ ଯେ ସେ ବର୍ଣ୍ଣନାତୀତ । ତେଣୁ ସେ ଅମୁକ ବୋଲି କହି ନପାରି ଏହିଭଳି ଦୁଇପ୍ରକାର କହିଛନ୍ତି । ସର୍ବେନ୍ଦ୍ରିୟ ଭାବରେ ରହି କୌଣସି ଇନ୍ଦ୍ରିୟ ନୁହନ୍ତି, ସମସ୍ତଙ୍କ ଭରଣକାରୀ ହୋଇ ମଧ କିଛି ନୁହନ୍ତି, ସମସ୍ତ ଗୁଣଯୁକ୍ତ ହୋଇ ନିର୍ଗୁଣ ହୋଇଥିବା ଜିନିଷ ଯାହା ଅଛି ତାହାକୁ ହିଁ ପରମାତ୍ମା ବୋଲି କହିଛନ୍ତି । ପରମାତ୍ମାଙ୍କୁ ଏକଭାବରେ ଦେଖିଲେ ସେ ଇନ୍ଦ୍ରିୟ ଏବଂ ଗୁଣଯୁକ୍ତ ହୋଇ ଭରଣକାରୀ ଭାବରେ ରହିଛନ୍ତି ବୋଲି କହିପାରିବା, ତାଙ୍କୁ ବିଭାଜନ କରି ଦେଖିଲେ ସେ ପ୍ରକୃତି, ପରମାତ୍ମା, ଆତ୍ମା ଏବଂ ଜୀବାତ୍ମା ହୋଇ ଚାରି ପ୍ରକାରର ରହିଛନ୍ତି ବୋଲି କହିପାରିବା । ଏକଭାବରେ ଦେଖିଲେ ସେ ସବୁକିଛିର ମୂଳ ସ୍ରଷ୍ଟା । ବିଭାଜନ କଲେ ସେ ସାକ୍ଷୀଭୂତ, ଅକର୍ମା, କରୁଥିବା ପ୍ରକୃତି ଓ ଆତ୍ମା ବୋଲି କହିପାରିବା । ବିଭାଜନ ନକରି ପରମାତ୍ମାଙ୍କୁ ଏକ ଭଳି ଦେଖିଲେ, ସର୍ବ କାର୍ଯ୍ୟର ସେ ମୂଳ, ଭାଙ୍ଗି ଦେଖିଲେ ସେ କରୁଥିବା ପ୍ରକୃତି ଏବଂ କରାଉଥିବା ଆତ୍ମା ତଥା ଅନୁଭବ କରୁଥିବା ଜୀବାତ୍ମା ବୋଲି କହିପାରିବା । ପରମାତ୍ମା ଏହିଭଳି ରହିଥିବାରୁ ମୁଁ ସବୁର କାରଣ ବୋଲି ଗୋଟିଏ ଜାଗାରେ, ପ୍ରକୃତି ସବୁ କରୁଛି ବୋଲି ଆଉ ଗୋଟିଏ ଜାଗାରେ କହିଛନ୍ତି । ତେଣୁ କେଉଁଠାରେ ପରମାତ୍ମାଙ୍କୁ ବିଭାଜନ କରି କହିବାକୁ ହେବ, କେଉଁଠାରେ ବିଭାଜନ ନକରି କହିବାକୁ ହେବ ତାହା ଭଲ ଭାବରେ ଜାଣିବାକୁ ପଡିବ ।

**(୧୨) ଶ୍ଳୋକ,୧୬ : ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।**
**ସୂକ୍ଷ୍ମତ୍ୱାତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥**

**(ପରମାତ୍ମା)**

**ଭାବାର୍ଥ :** ଚରାଚର ପ୍ରପଞ୍ଚ ହୋଇ, ଜୀବରାଶିଙ୍କ ଭିତରେ ବାହାରେ ପରମାତ୍ମା ରହିଛନ୍ତି, ସେ ସୂକ୍ଷ୍ମ ହୋଇଥିବାରୁ ଜାଣିହୁଅନ୍ତି ନାହିଁ, ସେ ଦୂରରେ ଏବଂ ନିକଟରେ ଥାଆନ୍ତି ବୋଲି ଜାଣିବା ଉଚିତ୍ ।

**ବିବରଣୀ :** ଦୃଶ୍ୟ ହେଉଥିବା ସାରାପ୍ରପଞ୍ଚ ହିଁ ପ୍ରକୃତି । ପ୍ରକୃତି ଚର ଅଚର

ଭେଦରେ ଦୁଇ ପ୍ରକାରର । ଜୀବରାଶିଙ୍କର ଶରୀର ଚର ପ୍ରକୃତିର, ଜୀବରାଶିଙ୍କ ବ୍ୟତୀତ ବାୟୁ, ଅଗ୍ନି, ଜଳ, ଭୂମି ଏବଂ ଆକାଶ ଅଚର ପ୍ରକୃତିର । ଜୀବରାଶିଙ୍କ ଭିତରେ ବଦଳୁଥିବା ଚର ପ୍ରକୃତି, ଜୀବରାଶିଙ୍କ ବାହାରେ ବଦଳୁ ନଥିବା ଅଚର ପ୍ରକୃତିକୁ ମିଶାଇ ଉଭୟକୁ ପରମାତ୍ମା କୁହାଯାଏ, କାରଣ ! ସେ ସାରାପ୍ରପଞ୍ଚରେ ପରିବ୍ୟାପ୍ତ ଏବଂ ଇନ୍ଦ୍ରିୟଦ୍ୱାରା ଜଣାପଡୁନଥିବା ସୂକ୍ଷ୍ମ ହୋଇଥିବାରୁ ଦେଖାଯା'ନ୍ତି ନାହିଁ । ଜ୍ଞାନ ଦ୍ୱାରା ମଧ୍ୟ ତାଙ୍କୁ ସହଜରେ ଜାଣିହୁଏ ନାହିଁ, ହେଲେ ଧର୍ମ ଜଣାଥିବା ଲୋକମାନଙ୍କର ସେ ଅତି ନିକଟରେ ଥାଆନ୍ତି, ଧର୍ମ ଜଣାନଥିବା ଲୋକମାନଙ୍କର ସେ ଦୂରରେ ଥାଆନ୍ତି ବୋଲି କହିପାରିବା । ଧର୍ମ ଜଣାଥିବା ଲୋକ ଖୁବ୍ ଶୀଘ୍ର ତାଙ୍କ ପାଖରେ ପହଞ୍ଚିପାରେ, ସେହିଭଳି ଧର୍ମ ଜଣାନଥିବା ଲୋକ ତାଙ୍କୁ ପାଇପାରେ ନାହିଁ, ସେ ଦୂରରେ ଥାଏ ବୋଲି କହିପାରିବା ।

**(୧୨) ଶ୍ଳୋକ,୧୭ : ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।**
**ଭୂତଭର୍ତ୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ॥**

**(ପରମାତ୍ମା)**

**ଭାବାର୍ଥ :** ପରମାତ୍ମା ଅବିଭାଜିତ ହେଲେ ହେଁ, ଜୀବରାଶିରେ ବିଭାଜିତ, ସେ ଜୀବରାଶିଙ୍କୁ ପାଳନ, ବିନାଶ ଏବଂ ଜନ୍ମ ମଧ୍ୟ କରିଥାନ୍ତି ।

**ବିବରଣୀ :** ଏହି ବିଷୟ ୧୫ତମ ଶ୍ଳୋକରେ ମଧ୍ୟ କୁହାଯାଇଛି । ପରମାତ୍ମା ଏକ ଭାବେ ରହିଛନ୍ତି, ତାଙ୍କଠାରୁ ବଳି ଶକ୍ତି କିମ୍ବା କୀର୍ତ୍ତିବାନ କେହି ନାହାନ୍ତି । ସବୁର ମୂଳକାରଣ ହୋଇଥିବା ପରମାତ୍ମା ଅବିଭାଜିତ ଭାବରେ ସର୍ବବ୍ୟାପୀ ହୋଇ ଅଣୁ ପରମାଣୁରେ ରହିଛନ୍ତି । ଏହିଭଳି ଆଉ କାହାର ସ୍ଥାନ ନଥିବା ପରମାତ୍ମାଙ୍କୁ ଏକ ବୋଲି କହିପାରିବା । ପରମାତ୍ମା ଏକ ହୋଇ ମଧ୍ୟ ଅନେକ ରୂପରେ ରହି, ପ୍ରତ୍ୟେକ ରୂପ ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ବେଳେ ସାରାପ୍ରପଞ୍ଚ କାର୍ଯ୍ୟ ରୂପ ନେଉଛି । ତେଣୁ ସୃଷ୍ଟି, ପାଳନ, ସଂହାରଣ ପାଇଁ ସେ ବିଭାଜିତ ହୋଇଛନ୍ତି ବୋଲି କହିପାରିବା, ସେ ସର୍ବ କାରଣର କାରଣ ହେଲେ ମଧ୍ୟ ତାଙ୍କୁ ବିଭାଜନ କରିବାକୁ ପଡୁଛି । ସେ ବିଭାଜିତ, ଅବିଭାଜିତ ଭାବରେ ରହି ମଧ୍ୟ ତାଙ୍କୁ କୌଣସି ନିର୍ଣ୍ଣୟ ଦେଇ ନପାରିବା ଭଳି ସେ ଅଛନ୍ତି ।

**(୧୨) ଶ୍ଲୋକ,୧୮ : ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।**
**ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ॥**
**(ପରମାତ୍ମା)**

**ଭାବାର୍ଥ :** ପରମାତ୍ମା ଜ୍ୟୋତିମାନଙ୍କର ଉତ୍ପତି ସ୍ଥୁଳ ଅଜ୍ଞାନଠାରୁ ଅଲଗା, ଜ୍ଞାନର ଜ୍ଞେୟ, ସର୍ବଜୀବର ହୃଦୟରେ ସେ ଜ୍ଞାନଗମ୍ୟ ।

**ବିବରଣୀ :** ପରମାତ୍ମା ଜ୍ୟୋତିର୍ମୟ ସୂର୍ଯ୍ୟ, ଚନ୍ଦ୍ରାଦିଙ୍କ ଭଳି ହେବା ବ୍ୟତୀତ, ସମସ୍ତ ଜ୍ୟୋତିର ମୂଳ ପଦାର୍ଥ । ଅଜ୍ଞାନଠାରୁ ସେ ଭିନ୍ନ ଅର୍ଥାତ୍ ସେ ସର୍ବ ଜ୍ଞାନବିଜ୍ଞାନ । ସେ ହିଁ ଜ୍ଞାନ ଆଉ ଜ୍ଞେୟ । ଏହା ବ୍ୟତୀତ ପରମାତ୍ମା ଜ୍ଞାନଗମ୍ୟ ହୋଇ ସର୍ବ ଜୀବର ହୃଦୟରେ (ବ୍ରହ୍ମ ନାଡୀରେ) ଅଧିଷ୍ଠାନ କରିଛନ୍ତି । ହୃଦୟ କହିଲେ ରକ୍ତ ସଞ୍ଚାଳନ କରୁଥିବା ଅବୟବ (ହାର୍ଟ) ନୁହେଁ । ମସ୍ତିସ୍କଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଥିବା ସୁଷୁମ୍ନାନାଡି ହିଁ ବ୍ରହ୍ମନାଡୀ ବୋଲି ଜାଣନ୍ତୁ ।

**(୧୨) ଶ୍ଲୋକ,୧୯ : ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।**
**ମଭକ୍ତ ଏତଦ୍ବିଜ୍ଞାୟ ମଦ୍ଭାବାୟୋପପଦ୍ୟତେ ॥**
**(ପ୍ରକୃତି, ପରମାତ୍ମା)**

**ଭାବାର୍ଥ :** ଏହିଭଳି କ୍ଷେତ୍ର, ଜ୍ଞାନ, ଜ୍ଞେୟକୁ ସଂକ୍ଷେପରେ କୁହାଯାଇଛି । ମୋ ଭକ୍ତମାନେ ଏହା ଭଲଭାବରେ ଜାଣି ମୋତେ ପାଇବାକୁ ଯୋଗ୍ୟହୁଅନ୍ତି ।

**(୧୨) ଶ୍ଲୋକ,୨୦ : ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।**
**ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତି ସମ୍ଭବାନ୍ ॥**
**(ପ୍ରକୃତି,ପରମାତ୍ମା)**

**ଭାବାର୍ଥ :** ପ୍ରକୃତି ଏବଂ ପୁରୁଷ ଉଭୟଙ୍କର ଆଦ୍ୟ ନାହିଁ । ସବୁକିଛି ଗୁଣବିକାର କାରଣରୁ ଜନ୍ମ ହୋଇଛି ବୋଲି ଜାଣିବା ଉଚିତ୍ ।

**ବିବରଣୀ :** ପରମାତ୍ମା ଅନାଦି, ସେ ପ୍ରକୃତିକୁ କେତେବେଳେ ସୃଷ୍ଟିକଲେ ତାହା ଆମକୁ ଜଣା ନାହିଁ, ତେଣୁ ପ୍ରକୃତିକୁ ଅନାଦି କହିପାରିବା । ଅଜନ୍ମା ଅନାଦି

ପରମାତ୍ମା ହେବାବେଳେ, ଜନ୍ମହୋଇ ପ୍ରକୃତି ମଧ୍ୟ ଅନାଦି ହୋଇଛି । ଆମେ ସମସ୍ତେ ପ୍ରକୃତିର, ଆମେ କେତେବେଳେ ଜନ୍ମହେଲେ ଆଉ କେବେଠାରୁ ଏଇ ଜନ୍ମ ମରଣ ଚକ୍ରରେ ଘୂରିବୁଲୁଛେ ଜାଣି ନାହେଁ । ସେଥିଲାଗି ଆମେମାନେ ମଧ୍ୟ ଅନାଦି । ଆମମାନଙ୍କଠାରେ ଥିବା ଗୁଣରାଜି ପ୍ରକୃତିଠାରୁ ଜନ୍ମ, ତାହା ମଧ୍ୟ ଅନାଦି । ଆମେ ଆଉ ଆମ ଗୁଣର ଆରମ୍ଭ କେଉଁଠାରୁ ତାହା ଆମେ ନ ଜାଣିଲେ ଚଳିବ, କିନ୍ତୁ ସେହି ଗୁଣରାଜିକୁ ଆମେ ବିନାଶ କରିବା ପରେ ଆମର ଅସ୍ତିତ୍ୱ ବିନାଶ ହୋଇ ଆମେ ପରମାତ୍ମାରେ ଐକ୍ୟ ହୋଇପାରିବା ।

**(୧୨) ଶ୍ଳୋକ,୨୧ : କାର୍ଯ୍ୟକାରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।**
**ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥**
**(ପ୍ରକୃତି,ଜୀବାତ୍ମା)**

**ଭାବାର୍ଥ :** କାର୍ଯ୍ୟ ଆଉ କାରଣ ପାଇଁ ପ୍ରକୃତି ହେତୁଭାବରେ ରହିଛି । ପୁରୁଷ ସୁଖ ଦୁଃଖକୁ ଅନୁଭବ କରିବା ପାଇଁ କାରଣଭୂତ ହୋଇ ରହିଛି ବୋଲି କହି ପାରିବା ।

**ବିବରଣୀ :** ପରମାତ୍ମା ପୁରୁଷ ଏବଂ ସେ ହିଁ ସବୁକିଛି, ସେ କାର୍ଯ୍ୟରୂପ ପାଇଁ ବିଭାଜିତ ହୋଇଛନ୍ତି ବୋଲି ଜାଣିସାରିଛେ । ପରମାତ୍ମାଙ୍କର ସେହି ବିଭାଜନ ଏଇ ଶ୍ଳୋକରେ ମଧ୍ୟ ଦେଖାଯାଉଛି । କାର୍ଯ୍ୟ ହେବାପାଇଁ ପ୍ରକୃତି ହୋଇ, ପ୍ରକୃତିରୁ ଶରୀର ପର୍ଯ୍ୟନ୍ତ ସେ ବିଭାଜିତ ହୋଇ ରହିଛନ୍ତି । କାର୍ଯ୍ୟ ପାଇଁ ପ୍ରକୃତିରେ ତିଆରି ଶରୀର କାରଣ ହେବା ସ୍ଥଳେ, କାର୍ଯ୍ୟର ଥିବା ସୁଖ ଦୁଃଖକୁ ଅନୁଭବ କରିବା ପାଇଁ ପରମାତ୍ମାଙ୍କଠାରୁ ଜୀବାତ୍ମା ବିଭାଜିତ ହୋଇଛି । ପରମାତ୍ମା ଅଂଶ ଜୀବାତ୍ମା ଶରୀରରେ ରହି, କାର୍ଯ୍ୟରୁ ମିଳୁଥିବା ଦୁଃଖ ସୁଖକୁ ଅନୁଭବ କରୁଛି । ଏହିଭଳି କାର୍ଯ୍ୟରୂପ ଜଗତରେ ପ୍ରକୃତି ଶରୀର ଭାବରେ, ପରମାତ୍ମା ଜୀବାତ୍ମା ଭାବରେ ରହିଛନ୍ତି ।

**(୧୨) ଶ୍ଳୋକ,୨୨ : ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍‌ଗୁଣାନ୍ ।**
**କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ ॥**
**(ପ୍ରକୃତି,ଜୀବାତ୍ମା)**

**ଭାବାର୍ଥ :** ପୁରୁଷ ପ୍ରକୃତି ଭିତରେ ରହି ପ୍ରକୃତିର ଗୁଣକୁ ଅନୁଭବ କରୁଛି, ଗୁଣସଲଗ୍ନ କାରଣ ଦ୍ୱାରା ଉଚ୍ଚନୀଚ ଯୋନିରେ ଜନ୍ମ ହେଉଛି ।

**ବିବରଣୀ :** ଏଠାରେ ଜୀବାତ୍ମା ହିଁ ପୁରୁଷ ବୋଲି ଜାଣିବା ଉଚିତ୍ । ଜୀବାତ୍ମା ଶରୀରରେ ରହେ, ତେଣୁ ପ୍ରକୃତିରେ ରହିଥାଏ ବୋଲି କହୁଛନ୍ତି । ଜୀବାତ୍ମା ଶରୀରର ଗୁଣରାଜି ଦ୍ୱାରା ମନ ସହିତ ସଂଯୋଜିତ ହୋଇ ଗୁଣାନୁଭବ କରୁକରୁ ପାପପୁଣ୍ୟ ଅର୍ଜନ କରେ । ତେଣୁ ପାପପୁଣ୍ୟର ଫଳାନୁସାରେ ସେ ଉଚ୍ଚନୀଚ ଜନ୍ମ ପାଇଥାଏ ।

**(୧୨) ଶ୍ଳୋକ,୨୩ : ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।**
**ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍‌ପୁରୁଷଃ ପରଃ ॥**
**(ଜୀବାତ୍ମା, ଆତ୍ମା, ପରମାତ୍ମା)**

**ଭାବାର୍ଥ :** ଦେହ ଧାରଣ କରିଥିବା ପୁରୁଷ ଦେହରେ ସାକ୍ଷୀଭୂତ ହୋଇ ଅର୍ଥାତ୍ ଆତ୍ମା ଭାବରେ, ଅନୁମୋଦନକାରୀ ଭାବରେ, ଭରଣ ପୋଷଣ କରୁଥିବା ଭର୍ତ୍ତା ଭାବରେ, ଅନୁଭବକାରୀ ଜୀବ ଭାବରେ, ମହେଶ୍ୱର ଭାବରେ, ଆତ୍ମା ଭାବରେ, ପରମାତ୍ମା ଭାବରେ ବିଦିତ ।

**ବିବରଣୀ :** ଶରୀରରେ ଶରୀରଠାରୁ ସ୍ୱତନ୍ତ୍ର ପରମାତ୍ମା ଶରୀରରେ ତିନି ଭାଗରେ ରହି ଅନେକ ଭାବରେ ଅର୍ଥାତ୍ ବିଭିନ୍ନ ପ୍ରକାର କୁହାଯାଉଛନ୍ତି । ତାହାସବୁ କଣ ବୋଲି ବିଚାରକଲେ ! ସେ ସାକ୍ଷୀ, ଅନୁମୋଦନକାରୀ, ଭର୍ତ୍ତା (ସ୍ୱାମୀ), ଭୋକ୍ତା, ମହେଶ୍ୱର, ପରମାତ୍ମା ଏହିଭଳି ଅନେକ ନାମରେ କୁହାଯାଉଛନ୍ତି ।

**(୧୨) ଶ୍ଳୋକ,୨୪ : ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।**
**ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ॥**
**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ଯିଏ ଏହିଭଳି ପୁରୁଷ, ପ୍ରକୃତି ଏବଂ ଗୁଣରାଜିକୁ ଜାଣିଯାଏ, ସେ ସବୁବେଳେ ସବୁ କାର୍ଯ୍ୟ କରୁଥିଲେ ମଧ ପୁଣି ଜନ୍ମ ହୁଏ ନାହିଁ ।

**ବିବରଣୀ :** ପ୍ରକୃତି ଦ୍ୱାରା ଶରୀର ଏବଂ ଗୁଣରାଜି ତିଆରି ହୋଇଛି, ସବୁ କାର୍ଯ୍ୟର କାରଣ ଏଇ ଗୁଣରାଜି, ପୁରୁଷ ହୋଇଥିବା ପରମାତ୍ମା ତିନି ଭାଗରେ ଅଛନ୍ତି, ଗୁଣରାଜିରେ ଛନ୍ଦିହୋଇ ତାର ଅନୁଭବ କରୁଛି ପରମାତ୍ମା ଅଂଶ ଜୀବାତ୍ମା, ସାରା ଶରୀରଯନ୍ତ୍ରାଙ୍ଗର କାର୍ଯ୍ୟକୁ କରାଏ ଆତ୍ମା, କିଛି ନକରି ସାକ୍ଷୀ ଭାବରେ ରହିଥାନ୍ତି ପରମାତ୍ମା । ଏହା ଜାଣିଥିବା ବ୍ୟକ୍ତି ଜଗତର କୌଣସି କାର୍ଯ୍ୟ କଲେ ମଧ୍ୟ ତାର ପୁନର୍ଜନ୍ମର କାରଣ ହୋଇଥିବା କର୍ମ ଆଉ ରହିନଥାଏ । ଏଠାରେ ଏକ ପ୍ରଶ୍ନ ଆସିବା ସୁଯୋଗ ରହିଛି । ତାହା କଣନା ! "ଯାହାର ପୂର୍ବ ସଞ୍ଚିତ କର୍ମ ଅଧିକ ଥିବ ତାର ଏ ଜନ୍ମରେ ଆଗାମୀକର୍ମ ନଆସିଲେ ମଧ୍ୟ ସଞ୍ଚିତକର୍ମ ତ ଅଛି ! କଣ ଏଇ ଗୋଟିଏ ଜନ୍ମ ପରେ ତାର ଆଉ ପୁନର୍ଜନ୍ମ ହେବ ନାହିଁ ? ଭଗବାନ କହିବା ଭଳି ପ୍ରକୃତି, ପୁରୁଷଙ୍କ ବିବରଣ ଜାଣିଥିବା ବ୍ୟକ୍ତି ତାର ସଞ୍ଚିତ କର୍ମକୁ ଅନୁଭବ ନକରି ପୁନର୍ଜନ୍ମ ନପାଇ କଣ ଏଇ ଜନ୍ମରେ ମୁକ୍ତି ପାଇଯିବ ?'' ଏହି ସନ୍ଦେହ କାହାର ମଧ୍ୟ ଆସିପାରେ । ସେଥିଲାଗି ଏହି ଶ୍ଳୋକରେ **"ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ"** ବୋଲି କହିଛନ୍ତି । ଅର୍ଥାତ୍ ସହଜ ଭାବରେ କର୍ମରେ ଥିବା ତୋର କାର୍ଯ୍ୟଗୁଡିକୁ ତୁ କରୁଥାଇ, ତୋ' ଜନ୍ମ ମରଣର କାରଣ ତୁ ହୋଇଥିଲେ ହେଁ କର୍ମ ବନ୍ଧନରେ ପଡିବୁ ନାହିଁ ବା ଆଉ ନୂଆ ଜନ୍ମ ପାଇବୁ ନାହିଁ । ଜନ୍ମର କାରଣ କର୍ମ । କର୍ମ ସିଦ୍ଧାନ୍ତ ଅନୁସାରେ ପୁରୁଣା କର୍ମ ସମାପ୍ତ ହେବା ପର୍ଯ୍ୟନ୍ତ ପୁନର୍ଜନ୍ମ ରହିଥାଏ । ତେଣୁ ସଞ୍ଚିତ କର୍ମ ଥିବା ପର୍ଯ୍ୟନ୍ତ ପୁନର୍ଜନ୍ମ ନିଶ୍ଚୟ ହେବ । ସଞ୍ଚିତକର୍ମ ନଥିଲେ ଭଗବାନ କହିଥିବା ପଦ୍ଧତି ଅନୁସାରେ ଜନ୍ମ ନଥାଏ ସିନା ଥିଲେ ଏଇ ଜନ୍ମରେ ମୋକ୍ଷ ହୋଇଯିବ ବୋଲି ସ୍ୱତନ୍ତ୍ର ଭାବରେ ସେ କହି ନାହାନ୍ତି ।

**(୧୨) ଶ୍ଳୋକ,୨୫ : ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।**
**ଅନ୍ୟେ ସାଂଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ॥**
**(ଭକ୍ତି, ବ୍ରହ୍ମ, କର୍ମଯୋଗ)**

**(୧୨) ଶ୍ଳୋକ,୨୬ : ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।**
**ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥**
**(ଜୀବାତ୍ମା,ମୋକ୍ଷ)**

**ଭାବାର୍ଥ :** ମୃତ୍ୟୁକୁ ଜୟକରି ମୋକ୍ଷପାଇ ପରମାତ୍ମାରେ ଐକ୍ୟ ହେବାପାଇଁ କେତେକ ପରମାତ୍ମାଙ୍କ ସାକାର ରୂପକୁ ଧ୍ୟାନ କରି ଭକ୍ତିଯୋଗ ଆଚରଣ କରିଥାନ୍ତି । ଆଉ କେତେକ ବ୍ରହ୍ମଯୋଗ ଆଚରଣ କରି ଆତ୍ମଦର୍ଶନ କରିଥାନ୍ତି, କେତେକ କର୍ମଯୋଗ ଆଚରଣ କରିଥାନ୍ତି । ଏହିସବୁ ବିଷୟ ଜାଣି ନଥିବା ଲୋକମାନେ ଅନ୍ୟମାନଙ୍କ ଠାରୁ ଶୁଣି, ସେମାନେ କହିବା ଅନୁସାରେ ଉପାସନା କରି ମଧ୍ୟ ସଫଳ ହୋଇଥାନ୍ତି ।

**ବିବରଣୀ :** ଏଠାରେ ଭଗବାନ କହିବା ଭଳି ଶ୍ଳୋକରେ ଏହି ପଦ୍ଧତିଗୁଡିକ ଅନୁସରଣ କରୁଥିବା ଲୋକମାନେ କେହି ଅଛନ୍ତି କି ! ବୋଲି ଦେଖିଲେ କୌଣସି ଗୁରୁ ନିକଟକୁ ଗଲେ ମଧ୍ୟ, କୌଣସି ବୋଧକର ବାଣୀ ଶୁଣିଲେ ମଧ୍ୟ, କୌଣସି ଉପାସକକୁ ଦେଖିଲେ ମଧ୍ୟ, ସେଠାରେ ଦେଖାଯାଉଥିବା, ଶୁଣାଯାଉଥିବା ପ୍ରକୃତିର ପୂଜା ହିଁ ଦେଖିବାକୁ ମିଳୁଛି, ପ୍ରକୃତି ସମ୍ବନ୍ଧୀୟ ବାଣୀ ଶୁଣିବାକୁ ମିଳୁଛି । ଯାହାକୁ ଦେଖିଲେ ସେ ପରମାତ୍ମାଙ୍କୁ ଛାଡି ଅନ୍ୟ ଦେବତା ଆରାଧନାରେ ଲାଗିପଡିଛି । କୌଣସି ଆଶ୍ରମକୁ ଯାଇ ଦେଖିଲେ ସେଠାରେ ନିଶ୍ଚୟ କୌଣସି ଦେବତା ପ୍ରତିଷ୍ଠା ହୋଇଥିବା ଦେଖିବାକୁ ମିଳୁଛି । ଯାହାର ବାଣୀ ଶୁଣିଲେ ସେଥିରେ ଦେବତାମାନଙ୍କର ଗୁଣଗାରିମା ନିଶ୍ଚୟ ରହୁଛି, ସେମାନେ ଦେବତା ପୂଜା କରିବାକୁ ପ୍ରେରଣା ଦେଉଛନ୍ତି । କୌଣସି ସ୍ୱାମୀଜୀକୁ ଦେଖିଲେ ସେ ଶୈବଭକ୍ତ, ବୈଷ୍ଣବଭକ୍ତ ଭାବେ ମୋହର ଲଗାଇ ରହିଛନ୍ତି । ଏଇଭଳି ସ୍ୱାମୀଜୀ ମାନଙ୍କ ବାଣୀ ଶୁଣୁଥିବା ଲୋକମାନେ କୁଆଡେ ଯିବେ ? ତେଣୁ କାହାର ବାଣୀ ଶୁଣୁଥିବା ଲୋକମାନେ ସତର୍କ ରହନ୍ତୁ । ଉପରେ କହିବା ଭଳି ଦେବତା ଆରାଧକ ମାନଙ୍କ ପାଖକୁ ଯାଆନ୍ତୁ ନାହିଁ । ଉପର ଶ୍ଳୋକରେ କୁହାଯିବା ଭଳି ପ୍ରକୃତି ପୁରୁଷଙ୍କୁ ବିଭାଜନ କରି, ସେମାନଙ୍କ ବାବଦରେ ଭଲ-ଭାବରେ ଜାଣିଥିବା ବ୍ୟକ୍ତିମାନଙ୍କ ପାଖକୁ ଯାଇ, ପରମାତ୍ମା ସମ୍ବନ୍ଧୀୟ ବାଣୀ ଶୁଣି, ସେହି ଅନୁସାରେ ସାଧନା କରିବା ଦ୍ୱାରା ମୋକ୍ଷପାଇଁ ଯୋଗ୍ୟ ହୋଇପାରିବେ । ନଚେତ୍ ଦେବତା ମାନଙ୍କ ପାଖରେ ପହଞ୍ଚିବେ ସିନା, ପରମାତ୍ମାଙ୍କ ପାଖରେ କେବେ ପହଞ୍ଚି ପାରିବେ ନାହିଁ ।

**(୧୨) ଶ୍ଳୋକ,୨୭ : ଯାବତ୍ସଞ୍ଜାୟତେ କିଂଚିତ୍ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।**
**କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ତଦ୍ ବିଦ୍ଧି ଭରତର୍ଷଭ ॥**
**(ପ୍ରକୃତି, ପୁରୁଷ)**

**ଭାବାର୍ଥ :** ସ୍ଥାବର ଜଙ୍ଗମାଦି ଯାହାସବୁ ଜନ୍ମ ହେଲେ ମଧ୍ୟ, ସେହିଭଳି କୌଣସି ବସ୍ତୁର ଉଦ୍ଭବ ହେଲେ ମଧ୍ୟ ତାହା ସବୁ କ୍ଷେତ୍ର ଏବଂ କ୍ଷେତ୍ରଜ୍ଞର ସଂଯୋଗରେ ଜନ୍ମ ହୋଇଥାଏ ।

**ବିବରଣୀ :** ଏଠାରେ କ୍ଷେତ୍ର କ୍ଷେତ୍ରଜ୍ଞ କଥା ଉଠିଛି । କ୍ଷେତ୍ର କହିଲେ ଶରୀର, କ୍ଷେତ୍ରଜ୍ଞ କହିଲେ ଆତ୍ମା, ଆମେ ଏହା ଆଗରୁ ଜାଣିଛେ । ଜଣେ ବ୍ୟକ୍ତିକୁ ବିଭାଜନ କଲେ ତା ଭିତରେ କ୍ଷେତ୍ର କ୍ଷେତ୍ରଜ୍ଞକୁ ଜାଣି ପାରୁଛେ । ତାହା ବିଶାଳ ପ୍ରପଞ୍ଚ ପକ୍ଷରେ ଦେଖିଲେ ପ୍ରକୃତିକୁ କ୍ଷେତ୍ର ଆଉ ପୁରୁଷକୁ କ୍ଷେତ୍ରଜ୍ଞ କହିପାରିବା, ଏଠାରେ କ୍ଷେତ୍ର, କ୍ଷେତ୍ରଜ୍ଞଙ୍କୁ ପ୍ରକୃତି ପୁରୁଷ ଭାବରେ ନିଆଯାଇଛି । ପ୍ରପଞ୍ଚରେ ଚଳପ୍ରଚଳ ହେଉଥିବା ମାନବ, ପଶୁ, ପକ୍ଷୀ, କୀଟପତଙ୍ଗ, ସର୍ପ, ଜଳଚରାଦିଙ୍କ ଠାରୁ ଆରମ୍ଭକରି ଚଳପ୍ରଚଳ ହେଉନଥିବା ବୃକ୍ଷଲତା, ଏହା ବ୍ୟତୀତ ନୂତନ ଭାବରେ ସୃଷ୍ଟି ହେଉଥିବା ନକ୍ଷତ୍ର, ବସ୍ତୁ ଇତ୍ୟାଦି ଯାହାସବୁ ସୃଷ୍ଟି ହୋଇଥାଏ ତାହା ସବୁ ଏହି ପ୍ରକୃତି ପୁରୁଷର ସଂଯୋଗରେ ସୃଷ୍ଟି ହୋଇଥାଏ ବୋଲି ଜାଣିବା ଉଚିତ୍ । ପ୍ରକୃତି ପୁରୁଷର ବିନା ସଂଯୋଗରେ କୌଣସି ବସ୍ତୁ କି ସ୍ଥାବର ଜଙ୍ଗମାଦି କୌଣସି ଜୀବ ଜନ୍ମହେବା ଅସମ୍ଭବ । ଉଦାହରଣ ଭାବରେ ଏକ ଜୀବରାଶିକୁ ନେଇ ଦେଖିଲେ ସେଥିରେ ପ୍ରକୃତି ସମ୍ବନ୍ଧୀୟ ଶରୀର ଏବଂ ପରମାତ୍ମା ସମ୍ବନ୍ଧୀୟ ଜୀବାତ୍ମା, ଆତ୍ମା ରହିଥାନ୍ତି । ସେହିଭଳି ନୂଆ ତିଆରି ହୋଇ ଆସିଥିବା ଆମ ଘରର ଉପକରଣ ପ୍ରାଣହୀନ ଚେୟାରକୁ ଦେଖିଲେ ସେଥିରେ ପ୍ରକୃତି ସମ୍ବନ୍ଧୀୟ ପଦାର୍ଥ ସହିତ ପଦାର୍ଥର ଅଣୁପରମାଣୁରେ ପରମାତ୍ମା ବ୍ୟାପି ରହିଛନ୍ତି । ଏହିଭଳି କୌଣସି ଜୀବରାଶି ହେଉ, କୌଣସି ପଦାର୍ଥ ହେଉ ସେଥିରେ ପ୍ରକୃତି ପୁରୁଷର ସଂଯୋଗ ନିଶ୍ଚୟ ରହିଛି ।

**(୧୨) ଶ୍ଳୋକ,୨୮ : ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।**
**ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସପଶ୍ୟତି ॥**
**(ପରମାତ୍ମା)**

**ଭାବାର୍ଥ :** ସର୍ବ ଜୀବରାଶିରେ ସମାନ ଭାବରେ ନିବାସ କରୁଥିବା ପରମାତ୍ମାଙ୍କୁ, ସବୁକିଛି ବିନାଶ ହୋଇଗଲେ ମଧ୍ୟ ଅବିନାଶୀ ଭାବରେ ଦେଖୁଥିବା ବ୍ୟକ୍ତି ହିଁ ବାସ୍ତବିକ୍ ଦେଖିଥାଏ ।

**ବିବରଣୀ :** ପରମାତ୍ମା ନିବାସ କରୁଥିବା କୌଣସି ଶରୀର ମୃତ୍ୟୁବରଣ କଲେ ମଧ୍ୟ ଶେଷରେ ସେଥିରେ ଥିବା ପରମାତ୍ମାଙ୍କର ଅସ୍ତିତ୍ୱ ଅକ୍ଷୁର୍ଣ୍ଣ ରହିଥାଏ । ଏହା ଆଶ୍ଚର୍ଯ୍ୟ ନୁହେଁ କି ! ତେଣୁ ପରମାତ୍ମା ନିବାସ କରୁଥିବା ଶରୀର ବିନାଶ ହେଲେ ହେଁ ସେ କିଭଳି ଯଥାବତ୍ ରହିଥାନ୍ତି ତାହା ବିଚାର ପୂର୍ବକ ସବିବରଣ ଜାଣିବା । ଏଭଳି ଜାଣିପାରିଲେ ଶ୍ଳୋକରେ **'ଯଃ ପଶ୍ୟତି ସ ପଶ୍ୟତି'** କହିବାଭଳି ତାଙ୍କୁ ବାସ୍ତବିକ୍ ଦେଖିବାଭଳି ହେବ ।

ଆମେ ଗୋଟିଏ ଗାଆଁକୁ ଯିବା ଆଗରୁ ସେ ଗାଆଁ କେତେ ଦୂରରେ ଅଛି, ଆମକୁ କେଉଁଠାରେ ଓହ୍ଲାଇବାକୁ ହେବ ସବୁ ମନେରଖି ଯିବାକୁ ହୋଇଥାଏ । ସେ ଗାଆଁ ଅଧିକ ଦୂର ହୋଇଥିଲେ ଆମକୁ ଗାଡିଖର୍ଚ୍ଚ ସାଥିରେ ନେବାକୁ ହେବ । ଆମ ଯାତ୍ରା ସମୟରେ ଆମ ସହିତ ଯାତ୍ରାକରୁଥିବା ଲୋକମାନଙ୍କ ସହିତ ସ୍ନେହ ସମ୍ପର୍କ ରଖିଲେ ମଧ୍ୟ ଗାଡିରୁ ଓହ୍ଲାଇଯିବା ପରେ ସେ ସ୍ନେହ ଆଉ ରହି ନଥାଏ ବୋଲି ଜାଣି ସେମାନଙ୍କ ସହିତ କେତେ ସ୍ନେହ ସମ୍ପର୍କ ସ୍ଥାପନ କରିବାକୁ ହେବ ସେତିକି ସ୍ନେହ ସମ୍ପର୍କ ରଖୁଛେ । ଏହା ହେଉଛି ଲକ୍ଷ୍ୟ ଜଣାଥିବା ଯାତ୍ରା, ତେଣୁ ଏଭଳି ଯାତ୍ରାରେ ଶାଶ୍ୱତ ସ୍ନେହ ଆମେ ରଖୁ ନାହେଁ ।

ଜୀବନ ଯାତ୍ରରେ ମରଣ ହିଁ ଲକ୍ଷ୍ୟ ବୋଲି ସମସ୍ତେ ଜାଣିଛେ, କିନ୍ତୁ ସେହି ଜୀବନଯାତ୍ରା କେତେ ଦୂର ଆମକୁ ତାହା ଜଣା ନାହିଁ, ତାହା କେତେବେଳେ ଆସିବ ଜଣା ନାହିଁ । ଗୋଟିଏ ଗାଆଁକୁ ଯିବାକୁ ଅତିବେଶିରେ ମାସେକାଳ ସମୟ ଲାଗିବ ବୋଲି ଆମେ ଜାଣିପାରିଲେ ମଧ୍ୟ ଆମ ସହଯାତ୍ରୀ ସହିତ ଆମେ ସ୍ୱଳ୍ପ ସ୍ନେହ ସମ୍ପର୍କ ରଖୁଛେ, କିନ୍ତୁ ଆମ ଶରୀର ବାହାନର ଯାତ୍ରା କେତେଦୂର ଆମେ ନଜାଣିଲେ ମଧ୍ୟ, ଆମ ସହଯାତ୍ରୀମାନଙ୍କ ସହିତ (ସ୍ତ୍ରୀ, ପିଲା, ବନ୍ଧୁ ଇତ୍ୟାଦିଙ୍କ ସହିତ) ଶାଶ୍ୱତ ସ୍ନେହ ଅର୍ଥାତ୍ ସମ୍ପୂର୍ଣ୍ଣ ସ୍ନେହସମ୍ପର୍କ ସୃଷ୍ଟି

କରିଦେଉଛେ । ଏହା ଜ୍ଞାନରହିତ, ଅର୍ଥରହିତ ହୋଇଥାଏ । ଜ୍ଞାନାନୁସାରେ ବିଚାର କଲେ ସହଯାତ୍ରୀ ଭାବରେ ଶରୀରରେ ଜୀବନକୁ ବିତାଉଥିଲେ ମଧ୍ୟ ଯାହାର ଲକ୍ଷ୍ୟ ଯାହାର । କିଏ କେଉଁ ଲକ୍ଷ୍ୟରେ ଓହ୍ଲାଇଯିବ ଆମେ କହିପାରିବା ନାହିଁ । ତୋ'ଲକ୍ଷ୍ୟ ପର୍ଯ୍ୟନ୍ତ ତୋ ସାଥିରେ ଆସି ତୋ ସହିତ ଓହ୍ଲାଇଯିବା ଲୋକ କେହି ନାହାନ୍ତି । ଆମ ପଛରେ କେହି ଆସିବେ ନାହିଁ ଏହା ସତକଥା । ଶେଷରେ ସହଚରିଣୀ ବୋଲି ନାଆଁ ଦେଇଥିବା ତୋର ସ୍ତ୍ରୀ ମଧ୍ୟ ତୋ'ସାଥିରେ ମୃତ୍ୟୁବରଣ କରିବାକୁ ଆଗେଇ ଆସିବ ନାହିଁ । ଏହି ବାସ୍ତବତାକୁ ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ, ଏଠାରେ ଆମକୁ ଜଣାନଥିବା ରହସ୍ୟଟିଏ ରହିଛି । ତାହା କଣନା ! ସାଧାରଣତଃ ତୋର ସହଯାତ୍ରୀ କେହି ତୋ' ଲକ୍ଷ୍ୟ ପର୍ଯ୍ୟନ୍ତ ନଆସିଲେ ମଧ୍ୟ, ତୋତେ ଦେଖାଯାଉ ନଥିବା ଆଉ ଦୁଇଜଣ ତୋ'ସାଥିରେ ତୋର ମରଣ ପର୍ଯ୍ୟନ୍ତ ଆସିଥାନ୍ତି । ସେ ଦୁହିଁଙ୍କ ଭିତରୁ ଜଣକର ନାଆଁ ଅଛି, ଜଣକର ନାଆଁ ନାହିଁ । ଜଣକର ନାଆଁ ଆତ୍ମା, ନାମହୀନ ଦ୍ୱିତୀୟ ଜଣକ ଆତ୍ମାର ପରମ ଭାବରେ ଥିବାରୁ ପରମାତ୍ମା ନାମରେ କୁହାଯାଉଛି । ତାକୁ ହିଁ **ଈଶ୍ୱର (ଅଧିପତି) ଶିବ** ଇତ୍ୟାଦି ବିଭିନ୍ନ ପ୍ରକାରରେ କୁହାଯାଇଥାଏ ।

ତୁ ଜୀବାତ୍ମା ବୋଲି ତୋତେ ଜଣାଅଛି ହେଲେ ତୁ ଶରୀରରେ ଜୀବନଯାତ୍ରା କରୁଛୁ ବୋଲି ଭୁଲିଯାଇଛୁ । ତାଛଡା ତୋ' ଶରୀରରେ ତୋର ଆଉ ଦୁଇଜଣ ସହଯାତ୍ରୀ ଅଛନ୍ତି ବୋଲି ତୋତେ ଜଣା ନାହିଁ ! ଜାଣ୍ ବା ନଜାଣ୍ ତୋତେ ମିଶାଇ ଶରୀରରେ ତିନିଜଣ ଯାତ୍ରା କରୁଛ, ସେମାନେ ସର୍ବ ଶରୀରରେ ଯାତ୍ରା କରୁଥିବା ଜୀବାତ୍ମା, ଆତ୍ମା, ପରମାତ୍ମା । ଶରୀରବାହାନରେ ଜୀବ ସହ ଯାତ୍ରା କରୁଥିବା ଆତ୍ମା, ପରମାତ୍ମାଙ୍କ ସହିତ ଜୀବ କୌଣସି ସ୍ନେହ ସମ୍ପର୍କ ରଖି ନଥାଏ । ଆମ ସହିତ ଆସୁଥିବା ଆତ୍ମା ପରମାତ୍ମାଙ୍କ ସହିତ ସ୍ନେହ ସମ୍ପର୍କ ରଖୁ ନଥିବା ଆମେ, ଆମ ସହିତ ଆସୁ ନଥିବା ବାହାର ଲୋକମାନଙ୍କ ସହିତ ନିବୀଡ ସ୍ନେହ ରଖୁଛେ । ବାହାର ଲୋକମାନଙ୍କ ସହିତ କାଳାତୀପାତ କରୁଥିବା ଆମେ, ଆମ ଭିତରେ ଥିବା ଆତ୍ମା ପରମାତ୍ମାଙ୍କ ସହିତ ସ୍ନେହ ରଖିବାକୁ ପାଖରେ ସମୟ ନାହିଁ । ଅତି କମ୍‌ରେ ଆମେ ସେମାନଙ୍କ ଦିଗରେ ଟିକିଏ ଚାହୁଁ ନାହେଁ । ସେମାନେ ସବୁବେଳେ ଆମ ସହିତ ଅଛନ୍ତି, ଆମକୁ ଅତି ନିକଟରୁ

ଦେଖୁଛନ୍ତି, ଆମେ ସେମାନଙ୍କୁ ନପଚାରିଲେ ମଧ୍ୟ ସେମାନଙ୍କର ବନ୍ଧୁତା ସର୍ବଦା ଆମ ସହିତ ଅଛି । ସେମାନେ ଆମକୁ ଭଲପାଉ ନଥିଲେ ଆମେ ଏହି ଶରୀରରେ ଏକକ୍ଷଣ ମଧ୍ୟ ବଞ୍ଚିପାରିବା ନାହିଁ । ଶରୀର ବାହାନରେ ଜୀବାତ୍ମା, ଆତ୍ମା, ପରମାତ୍ମା ଯାତ୍ରା କରୁଥିବା ସମୟରେ ମରଣ ନାମକ ଲକ୍ଷ୍ୟସ୍ଥଳ ଆସିଲେ ପ୍ରଥମେ ଶରୀରରୁ ଓହ୍ଲାଇଯାଏ ଜୀବାତ୍ମା । ଜୀବାତ୍ମା ସହିତ ଓହ୍ଲାଇଯାଇଥାଏ ଆତ୍ମା । ତୋ ସହିତ ଯାତ୍ରା କରୁଥିବା ଆତ୍ମା, ପରମାତ୍ମାଙ୍କ ଭିତରୁ ତୋ ସହିତ ଆସୁଥିବା ପାତ୍ର ହେଉଛି କେବଳ ଆତ୍ମା । ଏହିକଥା ପୁରୁଷୋତ୍ତମ ପ୍ରାପ୍ତି ଯୋଗର ଅଷ୍ଟମ ଶ୍ଳୋକରେ ମଧ୍ୟ କୁହାଯାଇଛି ।

ତୋର ମରଣ ଲକ୍ଷ୍ୟରେ ତୋ ସହିତ ଶରୀର ବାହାନରୁ ଆତ୍ମା ଓହ୍ଲାଇ ଯାଇଥାଏ । ଆତ୍ମାଠାରୁ ଅଲଗା ହୋଇଥିବା ପରମାତ୍ମା ସେହିଭଳି ଶରୀରରେ ରହିଥାଏ ।

ସଜୀବ ଯାତ୍ରାରେ ଜୀବାତ୍ମା ସୁଖଦୁଃଖକୁ ଅନୁଭବ କରୁଥାଏ । ଏହି ସୁଖଦୁଃଖର ଅନୁଭବ ପାଇଁ ଦରକାର ହେଉଥିବା କାର୍ଯ୍ୟାଚରଣ ନିମନ୍ତେ ଆବଶ୍ୟକୀୟ ଶକ୍ତି ଦେଇ ଶରୀରକୁ ପରିଚାଳିତ କରାଇଥାଏ ଆତ୍ମା, ପରମାତ୍ମା କେବଳ ସାକ୍ଷୀ ଭାବରେ ରହି, କିଛି ନକରି ମୌନ ଭାବରେ ଥାଏ । ଜୀବ ଶରୀରରେ ରହିବା ବେଳେ ଏବଂ ନଥିବା ବେଳେ ସ୍ତବ୍ଧତାର ସହିତ ରହିଥାଏ ସେହି ଶିବ, ଈଶ୍ୱର ବା ପରମାତ୍ମା । କିଛି ହୋଇନଥିବା ଏହି ତୃତୀୟ ପାତ୍ରକୁ ପରମାତ୍ମା କହିବାରେ କି ଅର୍ଥ ରହିଛି ଆମେ ଆଗରୁ ଜାଣି ସାରିଛେ । ଏବେ ଏହି ଈଶ୍ୱର କହିବାରେ କି ଅର୍ଥ ରହିଛି, ତାକୁ (ତାଙ୍କୁ) ଈଶ୍ୱର କାହିଁକି କହୁଛେ ତାର ବିବରଣ ଜାଣିବା ।

ଅଧିପତି କହିଲେ ଯାହାର ଅଧିକାର ରହିଛି ବା ଯିଏ ବଡଲୋକ (ଧନୀ), ମହାନ । ଲକ୍ଷାଧିପତି କହିଲେ ଲକ୍ଷେଟଙ୍କାର ଅଧିପତି ବା ଯାହା ପାଖରେ ଲକ୍ଷେଟଙ୍କା ଅଛି ବୋଲି ବୁଝାଯାଉଛି । ସେହିଭଳି ଲକ୍ଷାଧିଶ୍ୱର, କୋଟିଶ୍ୱର କହିବାରେ ଲକ୍ଷ ଲକ୍ଷ ଟଙ୍କାର, କୋଟିଏ ଟଙ୍କାର ଯିଏ ମାଲିକ ବା ସେ ଟଙ୍କା ଉପରେ ଯାହାର ଅଧିକାର ରହିଛି । ସେହିଭଳି ସାରା ଦୁନିଆର ଅଧିପତି ହୋଇଥିବାରୁ ପରମାତ୍ମାଙ୍କୁ ଈଶ୍ୱର କୁହାଯାଏ ।

ପରମାତ୍ମାଙ୍କୁ କେଉଁଠାରେ ଚିହ୍ନିପାରିବା ନାହିଁ, ସେ ସର୍ବତ୍ର ରହିଛନ୍ତି, ସେ କାହା ଦ୍ୱାରା ଜଣାପଡନ୍ତି ନାହିଁ, ବଞ୍ଚିଥିବା ଲୋକମାନଙ୍କୁ, ଜ୍ଞାନୀମାନଙ୍କୁ, ଯୋଗୀମାନଙ୍କୁ ମଧ୍ୟ ଜଣାପଡନ୍ତି ନାହିଁ, ଅଗମ୍ୟ ଅଗୋଚର ହୋଇଥିବାରୁ ତାଙ୍କୁ 'ଶିବ' ମଧ୍ୟ କୁହାଯାଏ । 'ଶିବ' କହିଲେ ଯାହା ଜଣାଯାଏ ନାହିଁ ବା ଜାଣିହେଉ ନଥିବା । ଜ୍ଞାନୀମାନଙ୍କୁ ଯୋଗୀମାନଙ୍କୁ ଶିବ ବୋଲି କିଛି ଗୋଟିଏ ରହିଛି ଜଣାଥାଏ ସତ, ହେଲେ ତାହା କଣ ସେମାନଙ୍କୁ ଜଣା ନଥାଏ । ଜୀବ ବ୍ରହ୍ମଯୋଗ ଦ୍ୱାରା ଶରୀରରେ ଥିବା ଶରୀରେଶ୍ୱର ଆତ୍ମାକୁ ଜାଣିପାରିଥାଏ ସିନା, ଶିବକୁ (ପରମାତ୍ମାଙ୍କୁ) ଜାଣିପାରେ ନାହିଁ । କର୍ମ ସମାପ୍ତ ହୋଇଯିବା ପରେ ଜନ୍ମରହିତ ସ୍ଥିତିରେ ପହଞ୍ଚିଥିବା ଯୋଗୀମାନେ, ସେହି ଶିବରେ ହିଁ ଐକ୍ୟ ହୋଇଯାଇଥାନ୍ତି, ଶିବ କ'ଣ ସେତେବେଳେ ସେମାନଙ୍କୁ ଜଣାପଡିଥାଏ ସିନା, ତା' ଆଗରୁ ଜଣାପଡି ନଥାଏ ।

ଶରୀରଯାତ୍ରାରେ ମରଣ ନାମକ ଲକ୍ଷ୍ୟରେ ଆତ୍ମା ଜୀବାତ୍ମା ଚାଲିଯିବା ପରେ, ବଳକା ରହିଯାଇଥାଏ ଶିବ । ବଞ୍ଚିଥିବା ବେଳେ ନୀଚ ଗୁଣଗୁଡିକ ସହିତ ସମ୍ବନ୍ଧୀତ ଜୀବଶରୀରର ପ୍ରାମୁଖ୍ୟତା ନଥାଏ, ହେଲେ ମୃତ୍ୟୁବରଣ କରିବା ପରେ ଶରୀରରେ କୌଣସି ନୀଚଗୁଣ ନଥାଏ କି ଜୀବ ନଥାଏ । ସେତେବେଳେ ତାହା ଶୁଦ୍ଧ 'ଶିବଙ୍କ' ଆଳୟ, ସେଥିରେ ପରମାତ୍ମାଙ୍କ ବ୍ୟତୀତ କେହି ନଥାନ୍ତି । ଏହି ବିଷୟ ଜାଣିଥିବା ଜ୍ଞାନୀମାନେ, ଯୋଗୀମାନେ ମୃତ୍ୟୁବରଣ କରିଥିବା ଶରୀରକୁ ବିଭୂତି ରେଖାରେ ଅଳଂକୃତ କରି ଗୋବିନ୍ଦ ନାମ ସ୍ମରଣର ସହିତ ସମସ୍ତଙ୍କୁ ପ୍ରଣାମ କରିବାପାଇଁ କହିଥାନ୍ତି । ଏହି ଗୋବିନ୍ଦ କହିବା ପ୍ରଥା ଆଜି ଥିଲେ ମଧ୍ୟ ଅର୍ଥହୀନ ଆଚରଣ ହୋଇଯାଇଛି । ଏବେ ଶବ(ଶିବ)ଙ୍କୁ ଲୋକେ ଭକ୍ତିରେ ନୁହେଁ ଭୟରେ ପ୍ରଣାମ କରୁଛନ୍ତି ।

ପୂର୍ବେ ପ୍ରତ୍ୟେକ କାର୍ଯ୍ୟର ଅର୍ଥକୁ ଜାଣି କରୁଥିଲେ । ଜୀବ ଚାଲିଯିବା ପରେ ଶରୀରରେ କେବଳ ଶିବ ବଳକା ଥାଆନ୍ତି ବୋଲି ସେମାନଙ୍କୁ ଜଣାଥିଲା, ତେଣୁ ସେମାନେ ମୃତ୍ୟୁବରଣ କରିଥିବା ଶରୀରକୁ ଶିବ କହୁଥିଲେ । କାଳକ୍ରମେ ଭାବ ବଦଳିଯାଇଛି । ଶିବ ଆଜି ଶବ କୁହାଯାଉଛି, ତଥାପି ପୂର୍ବ

ଆଚରଣ ସେହିଭଳି ଅଛି । ଏହିଭଳି ଆଚରଣ ରହି ଅର୍ଥ ବଦଳିଥିଲେ ମଧ୍ୟ, ଜ୍ଞାନୀ,ଯୋଗୀମାନେ ମୃତ୍ୟୁବରଣ କରିଥିବା ଶରୀରରେ ମଧ୍ୟ ଅକ୍ଷୁର୍ଣ୍ଣ ପରମାତ୍ମାଙ୍କ ଅସ୍ତିତ୍ୱକୁ ମନୋନେତ୍ର ଦ୍ୱାରା ଦେଖିପାରନ୍ତି । ସବୁକିଛି ବିନାଶ ହୋଇଗଲେ (ମୃତ୍ୟୁ ଘୋଷିତ ହୋଇଥିବା ଦେହରେ) ମଧ୍ୟ ଅବିନାଶୀକୁ ଦେଖୁଥିବା ପାତ୍ର ହିଁ ମୋତେ ଦେଖିଥାଏ ବା ବାସ୍ତବିକତାକୁ ଦେଖିଥାଏ ବୋଲି ପରମାତ୍ମା କହିଛନ୍ତି ।

**(୧୨) ଶ୍ଳୋକ୨୯ : ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।**
**ନ ହିନସ୍ତ୍ୟାତ୍ମାନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥**
**(ଜୀବାତ୍ମା, ଆତ୍ମା, ପରମାତ୍ମା)**

**ଭାବାର୍ଥ :** ସମସ୍ତ ପ୍ରାଣୀମାନଙ୍କ ଠାରେ ସମାନ ଭାବରେ ବାସ କରୁଥିବା ପରମାତ୍ମାଙ୍କୁ ସମାନ ଭାବରେ ଦେଖୁଥିବା ବ୍ୟକ୍ତି ଆତ୍ମା ଦ୍ୱାରା ଆତ୍ମାକୁ ହିଂସା କରିନଥାଏ । ତେଣୁ ସେ ଉନ୍ନତ ଗତି ପାଇଥାଏ ।

**ବିବରଣୀ :** ଏଠାରେ ଆତ୍ମା ଦ୍ୱାରା ଆତ୍ମାକୁ ହିଂସା କରିବା ପ୍ରସଙ୍ଗ ବୋଧହୁଏ ବୁଝିହୋଇ ନଥିବ । ତା ବାବଦରେ ଆଲୋଚନା କରି ଯିଏ ଜାଣିଯାଇଥାଏ ଯେ, ପରମାତ୍ମା ସର୍ବବ୍ୟାପୀ ସର୍ବତ୍ର ବିଦ୍ୟମାନ, ସେ ପରମାତ୍ମା ସମସ୍ତଙ୍କଠାରେ ସମାନ ଭାବେ ଅଛନ୍ତି ବୋଲି ଜାଣିଥାଏ । ତାଛଡା ସେ ଶରୀରରେ ପରମାତ୍ମାଙ୍କ ସ୍ଥିତିକୁ, ନିଜକୁ (ଜୀବାତ୍ମାକୁ) ଜାଣିଥାଏ । ତେଣୁ ତାର ଶରୀରରେ ଥିବା ଆତ୍ମା, ପରମାତ୍ମାଙ୍କୁ ଦୃଷ୍ଟିରେ ନେଇ, ନିଜ ଶରୀରରେ ଯେଉଁ କଷ୍ଟ ଆସେ ତାହା ଆତ୍ମା ପାଇଁ କଷ୍ଟଦାୟକ ହୋଇଥାଏ ବୋଲି ଭାବିଥାଏ । କାରଣ ତାର ସାରା ଶରୀରରେ ଚୈତନ୍ୟ ହୋଇ ଆତ୍ମା, ସୂକ୍ଷ୍ମଭାବରେ ପରମାତ୍ମା ବ୍ୟାପି ରହିଥାନ୍ତି ବୋଲି ସେ ଜାଣିଯାଇଥାଏ, ତେଣୁ ତା ଶରୀରକୁ ସେ ରସି ଲଗାଇଲେ (ଦଉଡି ଦେଇ ମରିବା), ତାର ହାତକୁ ହାଣିଦେବା ଦ୍ୱାରା ଆତ୍ମାକୁ ହିଂସାକରି ମାରିଦେବା ଭଳି ହୋଇଥାଏ ବୋଲି ଜାଣିଥାଏ, ଏହିଭଳି ଶରୀରରେ ସମାନ ଭାବରେ ବିସ୍ତୃତ ହୋଇ ରହିଥିବା ଆତ୍ମା, ପରମାତ୍ମାଙ୍କୁ ଜାଣିଥିବା ବ୍ୟକ୍ତି (ଜୀବ), ଶରୀରସ୍ଥ ମୁଣ୍ଡରେ ରହି, ସେହି ଶରୀରରେ ଥିବା ଆତ୍ମା ପରମାତ୍ମାଙ୍କୁ ହିଂସା କରିପାରେ

ନାହିଁ । ଏହି ଦୃଷ୍ଟିରେ କହିପାରିବା ଯେ, ଶରୀରରେ ଥିବା ଆତ୍ମା ପରମାତ୍ମାଙ୍କୁ ଜାଣୁଥିବା ବ୍ୟକ୍ତି ମୋକ୍ଷ ପାଇଥାଏ ।

**(୧୨) ଶ୍ଲୋକ,୩୦ : ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।**
**ଯଃ ପଶ୍ୟତି ତଥାତ୍ମାନଂମକର୍ତ୍ତାରଂ ସ ପଶ୍ୟତି ॥**

**(ପ୍ରକୃତି, ପରମାତ୍ମା)**

**ଭାବାର୍ଥ :** ସବୁ ପ୍ରକାରର କର୍ମ ଅନୁସାରେ ହେଉଥିବା କାର୍ଯ୍ୟ ପ୍ରକୃତି ଦ୍ୱାରା କରାଯାଉଛି ଏବଂ ପରମାତ୍ମା କାରକ ନୁହନ୍ତି ବୋଲି ଜାଣିଥିବା ବ୍ୟକ୍ତି ହିଁ ଠିକ୍ ଜାଣିଥାଏ ।

**ବିବରଣୀ :** ସଜୀବ ଶରୀରରେ ପ୍ରକୃତି ପରମାତ୍ମା ଉଭୟ ରହିଥାନ୍ତି ବୋଲି ଆମେ ଅନେକ ସନ୍ଦର୍ଭରୁ ଜାଣିସାରିଛେ । ସେ ଦୁଇଜଣଙ୍କ ଭିତରୁ ସମସ୍ତ କାର୍ଯ୍ୟ ପ୍ରକୃତି ଦ୍ୱାରା ହୋଇଥାଏ, ପରମାତ୍ମା କିଛି ନ କରି କେବଳ ସାକ୍ଷୀ ଭାବରେ ରହିଥିବାରୁ ତାଙ୍କୁ ଅକର୍ତ୍ତା କୁହାଯାଏ । ଏହା ଜାଣିଥିବା ବ୍ୟକ୍ତି ବାସ୍ତବତାକୁ ଜାଣିଥାଏ ।

**(୧୨) ଶ୍ଲୋକ,୩୧ : ଯଦା ଭୂତ ପୃଥଗ୍ ଭାବମେକସ୍ଥମନୁପଶ୍ୟତି ।**
**ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥**

**(ପରମାତ୍ମା)**

**ଭାବାର୍ଥ :** ଯେତେବେଳେ ଜଣେ ବିଭିନ୍ନ ରୂପକୁ ଦେଖିବା ତ୍ୟାଗକରେ ଏବଂ ପରମାତ୍ମାଙ୍କୁ ଏକ, ତାଙ୍କ ଦ୍ୱାରା ସବୁକିଛି ବିଦ୍ୟମାନ ବୋଲି ଜାଣିଯାଏ ସେତେବେଳେ ସେ ପରମାତ୍ମାଙ୍କୁ ପାଇବାକୁ ଯୋଗ୍ୟ ହୁଏ ।

**ବିବରଣୀ :** ନାନା ଆକାରଯୁକ୍ତ ନାନା ପ୍ରକାରରେ ଦେଖାଯାଉଥିବା ସମସ୍ତ ଜୀବରାଶି ପରମାତ୍ମାଙ୍କ ଅଂଶ, ସେମାନେ ଅନେକ ଜାତି ଭାବରେ ଭୂପୃଷ୍ଠରେ ଜନ୍ମହୋଇ ବିସ୍ତାର ହୋଇଛନ୍ତି ବୋଲି ଯେତେବେଳେ କେହି ଜାଣିଯାଏ ସେତେବେଳେ ସେ ପରମାତ୍ମାଙ୍କୁ ପାଇବାକୁ ଯୋଗ୍ୟହୁଏ ।

**(୧୨) ଶ୍ଳୋକ,୩୨ : ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।**
**ଶରୀରସ୍ଥୋଽପି କୌନ୍ତେୟ ! ନ କରୋତି ନ ଲିପ୍ୟତେ ॥**

**(ପରମାତ୍ମା)**

**ଭାବାର୍ଥ :** ଅନାଦି, ନିର୍ଗୁଣ, ଅବ୍ୟୟ ପରମାତ୍ମା ଶରୀରରେ ରହିଲେ ମଧ୍ୟ କର୍ମ କରନ୍ତି ନାହିଁ କି ସେ କର୍ମବନ୍ଧନରେ ପଡନ୍ତି ନାହିଁ ।

**ବିବରଣୀ :** ଯାହାର ଆଦି ନାହିଁ, ତିନିଗୁଣ ନାହିଁ ଏବଂ ଯିଏ ଅବିନାଶୀ ସେହି ପରମାତ୍ମା ଶରୀରରେ ରହିଛନ୍ତି; ତଥାପି ସେ କୌଣସି କାର୍ଯ୍ୟ କରିନଥାନ୍ତି, କୌଣସି କର୍ମବନ୍ଧନରେ ପଡିନଥାନ୍ତି ।

**(୧୨)ଶ୍ଳୋକ,୩୩ : ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।**
**ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥**

**(ପରମାତ୍ମା)**

**ଭାବାର୍ଥ :** ଯେଉଁଭଳି ସର୍ବତ୍ର ବ୍ୟାପ୍ତହୋଇ ସବୁକିଛିକୁ ଛୁଉଁଥିବା ଆକାଶ ସୂକ୍ଷ୍ମ ଭାବରେ ରହିବା ଦ୍ୱାରା ତାହାକୁ କିଛି ସ୍ପର୍ଶକରି ନଥାଏ, ସେହିଭଳି ସମସ୍ତ ଦେହରେ ବ୍ୟାପିରହି ସମସ୍ତଙ୍କୁ ଛୁଉଁଥିବା ପରମାତ୍ମାଙ୍କୁ କିଛି ଛୁଇଁ ନଥାଏ ।

**(୧୨) ଶ୍ଳୋକ,୩୪ : ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।**
**କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ! ॥**

**(ପରମାତ୍ମା)**

**ଭାବାର୍ଥ :** ହେ ଭରତପୁତ୍ର ! ଯେଉଁଭଳି ଏକ ସୂର୍ଯ୍ୟ ସର୍ବଲୋକକୁ ଆଲୋକିତ କରେ, ସେହିଭଳି ପରମାତ୍ମା ସମସ୍ତ କ୍ଷେତ୍ରକୁ, କ୍ଷେତ୍ରଜ୍ଞମାନଙ୍କୁ ତେଜବନ୍ତ କରିଥାନ୍ତି ।

**ବିବରଣୀ :** ସୂର୍ଯ୍ୟ ତାର କିରଣ ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡକୁ ଆଲୋକ ପ୍ରସାର କରିଥାଏ, ସେହିଭଳି ସାରା ଜଗତର ଜୀବ ଶରୀରକୁ ଏବଂ ଶରୀରରେ ଥିବା ଆତ୍ମାଗୁଡିକୁ, ପରମାତ୍ମା ନିଜର ଶକ୍ତିଦ୍ୱାରା ଚୈତନ୍ୟବନ୍ତ କରି ସ୍ପନ୍ଦନ

ଦେଇଥାନ୍ତି । ପରମାତ୍ମା ସର୍ବଶରୀର ସୃଷ୍ଟିକରି ସେଥିରେ ଆତ୍ମା ରଖି, ଶକ୍ତିଦେଇ ତା ଦ୍ୱାରା ଶରୀର ପରିଚ୍ଛଳିତ କରନ୍ତି ବୋଲି ଜାଣିବା ଉଚିତ୍ ।

**(୧୨) ଶ୍ଳୋକ,୩୪ : କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।**
**ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯ୍ୟାନ୍ତି ତେ ପରମ୍ ॥**
**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ଜ୍ଞାନନେତ୍ର ଦ୍ୱାରା କ୍ଷେତ୍ର, କ୍ଷେତ୍ରଜ୍ଞ ମାନଙ୍କୁ, ସେମାନଙ୍କର ଭେଦକୁ, ଜୀବରାଶିଙ୍କୁ, ପ୍ରକୃତିକୁ, ମୋକ୍ଷକୁ ଯିଏ ଜାଣିପାରେ, ସେ ପରମପଦ ପାଇଥାଏ । ଏତିକିରେ ଏହି ଅଧ୍ୟାୟ ସମାପ୍ତ ହେଲା ।

**ଶ୍ଳୋକଗୁଡିକର ବିବରଣୀ :-**

| | | |
|---|---|---|
| ୧) | ପ୍ରକୃତି, ପରମାତ୍ମା (ପୁରୁଷ) | =୧୧ |
| ୨) | ପ୍ରକୃତି | =୦୨ |
| ୩) | ଆତ୍ମ ଜ୍ଞାନ | =୦୪ |
| ୪) | ପରମାତ୍ମା | =୧୧ |
| ୫) | ପ୍ରକୃତି ଜୀବାତ୍ମା | =୦୨ |
| ୬) | ଜୀବାତ୍ମା, ଆତ୍ମା, ପରମାତ୍ମା | =୦୨ |
| ୭) | ଭକ୍ତି,ବ୍ରହ୍ମ,କର୍ମଯୋଗ | =୦୧ |
| ୮) | ଜୀବାତ୍ମା, ମୋକ୍ଷ | =୦୧ |
| | **ମୋଟ** | **=୩୪** |

**ଭାବାର୍ଥ,ବିବରଣୀ ବଦଳାଇ ଲେଖାଯାଇଛି -୦୨,୦୬**

*****

# ଗୁଣତ୍ରୟ ବିଭାଗ ଯୋଗ

**(୧୩) ଶ୍ଲୋକ,୧ : ପରଂ ଭୂୟଃ ପ୍ରବକ୍ଷାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।**
**ଯଜ୍‌ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ॥**

**(ଜ୍ଞାନ)**

**ଭାବାର୍ଥ :** ଯେଉଁ ଜ୍ଞାନ ଜାଣି ମୁନିମାନେ ଶ୍ରେଷ୍ଠ ମୋକ୍ଷକୁ ପାଇଛନ୍ତି, ସେହି ଜ୍ଞାନଠାରୁ ଆହୁରି ଉନ୍ନତ ଜ୍ଞାନ ଆଉଥରେ କହୁଛି ।

**(୧୩) ଶ୍ଲୋକ,୨ : ଇଦଂ ଜ୍ଞାନ ମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।**
**ସର୍ଗେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ॥**

**(ଜ୍ଞାନ)**

**ଭାବାର୍ଥ :** ଏହି ଜ୍ଞାନ ଜାଣି ଉପାସନା କରୁଥିବା ବ୍ୟକ୍ତିମାନେ, ମୋର ପରମ-ପଦକୁ ଲାଭକରି ସୃଷ୍ଟି କାଳରେ ଆଉ ଜନ୍ମହୁଅନ୍ତି ନାହିଁ କି ପ୍ରଳୟ କାଳରେ ବ୍ୟତିବ୍ୟସ୍ତ ହୁଅନ୍ତି ନାହିଁ ।

**ବିବରଣୀ :** ପରମାତ୍ମା ଜ୍ଞାନ ଯିଏ ପ୍ରାପ୍ତ ହୋଇଥାଏ ତାହା ଉପାସନା କରିବା ଦ୍ୱାରା ସେ ପରମାତ୍ମାଙ୍କଠାରେ ଐକ୍ୟହୋଇ ଜୀବ ସ୍ୱରୂପକୁ ହରାଇଥାଏ । ମୋକ୍ଷ ପାଇବା ପରେ ମାନବ ଭାବରେ ହେଉ, ଜନ୍ତୁ ଭାବରେ ହେଉ, ବୃକ୍ଷଲତାଦି ଭାବରେ ହେଉ କୌଣସି ଦୃଶ୍ୟାଦୃଶ୍ୟ ଶରୀର ଧାରଣ ନକରି, ଅଣୁଅଣୁରେ ବ୍ୟାପିଯାଇଥାଏ, ତେଣୁ ତାର ପ୍ରଳୟ କାଳରେ ଦୁଃଖ ହେଉ, ସୃଷ୍ଟିକାଳର ଜନ୍ମମରଣାଦି ସମସ୍ୟା ହେଉ ନଥାଏ, ସେ ପ୍ରଭବ ପ୍ରଳୟର ଅତୀତ ଭାବ ପ୍ରାପ୍ତ ହୋଇଥାଏ ।

**(୧୩) ଶ୍ଲୋକ,୩ : ମମଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଦାମ୍ୟହମ୍ ।**
**ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ! ॥**

**(ପ୍ରକୃତି ପରମାତ୍ମା)**

**ଭାବାର୍ଥ :** ବିଶାଳ ପ୍ରକୃତି ହିଁ ମୋର ଗର୍ଭାଧାନର ସ୍ଥାନ, ତାକୁ ମୁଁ ଗର୍ଭଧାରୀ କରାଇଛି, ତାଠାରୁ ସର୍ବଭୂତ ଜନ୍ମ ହୋଇଥାନ୍ତି ।

**ବିବରଣୀ :** ସାରା ପ୍ରପଞ୍ଚରେ ବ୍ୟାପିରହିଛନ୍ତି ପରମାତ୍ମା, ତାଙ୍କଠାରୁ ବଳି ଆଉକିଛି ନାହିଁ ବୋଲି ଜାଣିଛେ, କିନ୍ତୁ ପ୍ରପଞ୍ଚ କାର୍ଯ୍ୟର କାରଣ ଜାଣିବାକୁ ପରମାତ୍ମାଙ୍କୁ ବିଭାଜନ କରି ଦେଖିବାକୁ ହୁଏ ବୋଲି ମଧ୍ୟ ଜାଣିଛେ । ଏଭଳି ବିଭାଜନ କରି ଦେଖିଲେ ମୋଟ ୪ଗୋଟି ମୁଖ୍ୟଭାଗ ଦେଖାଯାଏ ଯଥା- **୧) ଜୀବାତ୍ମା ୨) ଆତ୍ମା ୩) ପରମାତ୍ମା ୪) ପ୍ରକୃତି,** ଏହି ୪ ଭାଗରୁ ଜୀବାତ୍ମା,ଆତ୍ମା,ପରମାତ୍ମା ସେହିଭଳି ରହିବା ବେଳେ, ପ୍ରକୃତିଠାରୁ ଦୃଶ୍ୟାଦୃଶ୍ୟ ଅନେକ କିଛି ଜନ୍ମ ହୋଇଛନ୍ତି । ସମସ୍ତ ଜୀବରାଶି ପ୍ରକୃତିଠାରୁ ଜନ୍ମ ହେଉଥିବା ସ୍ଥଳେ, ସେମାନଙ୍କୁ ଜନ୍ମ ଦେଇଥାନ୍ତି ପରମାତ୍ମା । ସ୍ତ୍ରୀଠାରୁ ସମସ୍ତେ ଜନ୍ମହେବା ସାଧାରଣ କଥା, ହେଲେ ସ୍ତ୍ରୀ ଗର୍ଭଧାରଣ କରିବା ପାଇଁ ଜଣେ ପୁରୁଷ ଅର୍ଥାତ୍ ଜନ୍ମଦାତା ପ୍ରଥମେ ଆବଶ୍ୟକ, ସେହିଭଳି ପରମାତ୍ମା ସର୍ବ ଜୀବରାଶିର ଜନ୍ମର କାରଣ, ବୀଜଦାତା ବା ଜନ୍ମଦାତା, ଯୋନି ସ୍ୱରୂପିଣୀ ପ୍ରକୃତି ସମସ୍ତଙ୍କର ମାତା । ଜଣେ ମାନବର ସ୍ଥୁଳତଃ ଦୃଶ୍ୟ ମାତାପିତା ଥିବା ଭଳି, ସର୍ବ ଜୀବରାଶିର ଅଦୃଶ୍ୟ ମାତାପିତା ହୋଇ ପ୍ରକୃତି, ପରମାତ୍ମା ରହିଛନ୍ତି ବୋଲି ଜାଣିବା ଉଚିତ୍ । ଏହି ହିସାବରେ ଆମମାନଙ୍କର ମାତା ପ୍ରକୃତି, ପିତା ପରମାତ୍ମା ।

**(୧୩) ଶ୍ଳୋକ,୪ : ସର୍ବଯୋନିଷୁ କୌନ୍ତେୟ ! ମୂର୍ତୟଃ ସମ୍ଭବନ୍ତି ଯାଃ ।**
**ତାସାଂ ବ୍ରହ୍ମ ମହଦ୍ୟୋନିରହଂ ବିଜପ୍ରଦଃ ପିତା ॥**
**(ପ୍ରକୃତି,ପରମାତ୍ମା)**

**ଭାବାର୍ଥ :** ସର୍ବଯୋନିରେ ଜନ୍ମହେଉଥିବା ନାନା ଆକାର ବିଶିଷ୍ଟ ଜୀବରାଶିଙ୍କର ମାଆ ପ୍ରକୃତି ହୋଇଥିବା ବେଳେ, ବୀଜଦାତା ମୁଁ ପିତା ଭାବରେ ରହିଥାଏ ।

**(୧୩) ଶ୍ଳୋକ,୫ : ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।**
**ନିବଧ୍ନନ୍ତି ମହାବାହୋ ! ଦେହେ ଦେହିନମବ୍ୟୟମ୍ ॥**
**(ଜୀବାତ୍ମା,ତ୍ରିଗୁଣ)**

**ଭାବାର୍ଥ :** ପ୍ରକୃତି ଦ୍ୱାରା ଜନ୍ମିତ ସତ୍ତ୍ୱ, ରଜ, ତମ ନାମକ ଗୁଣଗୁଡିକ ଦେହରେ ଅବିନାଶୀ ଜୀବାତ୍ମାକୁ ବାନ୍ଧିଦେଇଥାନ୍ତି ।


**ବିବରଣୀ :** ପ୍ରକୃତିଠାରୁ ଜୀବରାଶି ଜନ୍ମ ହୋଇଛନ୍ତି । ସେହି ଜୀବରାଶିର ଶରୀରକୁ ବିଭାଜନ କରି ଦେଖିଲେ ସେମାନଙ୍କଠାରେ ଦେଖାଯାଉଥିବା ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ, ଅଦୃଶ୍ୟ ପ୍ରାଣାଦି ପଞ୍ଚ ବାୟୁ, ଅବୟବ ଗୁଡିକର ଶକ୍ତି, ଗୁଣରାଜିର ମୁଖ୍ୟ ନାଡୀକେନ୍ଦ୍ର ଏବଂ ଗ୍ରନ୍ଥିଗୁଡିଏ ରହିଥାଏ । ସାରା ଶରୀରକୁ ହିସାବ କଲେ, ତାର ଭାଗଗୁଡିକ ମଧ୍ୟ ପ୍ରକୃତିରୁ ଜନ୍ମ ହୋଇଛି ବୋଲି କହି ପାରିବା । ଏହି ଅବୟବ ଗୁଡିକରେ ନାନା କାର୍ଯ୍ୟ ହେବାପାଇଁ, କର୍ମରେ ବାନ୍ଧିହେବା ପାଇଁ ଗୁଣଗୁଡିକ ମୁଖ୍ୟ ଭୂମିକା ବହନ କରିଥାନ୍ତି । ଗୁଣଗୁଡିକ ତିନିଭାଗ ହୋଇ ଥାଆନ୍ତି । ଗୋଟିଏ ହେଲା ତାମସ ଗୁଣଭାଗ, ଦ୍ୱିତୀୟଟି ରାଜସ ଗୁଣଭାଗ ଏବଂ ତୃତୀୟଟି ସାତ୍ତ୍ୱିକ ଗୁଣଭାଗ । ଏହି ତିନି ଗୁଣଭାଗରେ ଗୋଟିଏ ଗୋଟିଏ ଭାଗ ଛଅଗୋଟି ଗୁଣ ଏକ ଦଳ ଭାବେ, ଆଉ ଛଅ ଗୋଟି ଗୁଣ ଆଉଏକ ଦଳ ଭାବେ ରହିଥାନ୍ତି । ଛଅଗୋଟି ଗୁଣ ଗୋଟିଏ ବର୍ଗ ହୋଇଥିବା ବେଳେ, ଆଉ ଛଅଗୋଟି ଗୁଣ ଆଉଏକ ବର୍ଗ ହୋଇଥାନ୍ତି । ଏହି ବର୍ଗଦ୍ୱୟ ସହ ଅସମ୍ବନ୍ଧୀତ ଆଉ ଦୁଇଗୋଟି ଏବଂ ଅନ୍ୟ ଗୋଟିଏ ଗୁଣ ମିଶି ମୋଟ ତିନିଗୋଟି ଗୁଣ ମଧ୍ୟ ରହିଥାନ୍ତି । ଏହି ଅନୁସାରେ ହିସାବକଲେ ଗୋଟିଏ ଗୁଣ ଭାଗରେ (୬+୬+୨+୧=୧୫) ମୋଟ ୧୫ଗୋଟି ଗୁଣ ରହିଥାଏ । ଆଜିପର୍ଯ୍ୟନ୍ତ ସମସ୍ତେ ସବୁ ପୁସ୍ତକରେ ମାତ୍ର ଛଅଗୋଟି ଗୁଣ ବାବଦରେ ଲେଖିଛନ୍ତି, ସେଗୁଡିକୁ ଅରିଷଟ୍ ବା ଷଡରିପୁ କହୁାଯାଏ । ଷଡରିପୁ ହେଉଛନ୍ତି- **୧) କାମ ୨) କ୍ରୋଧ ୩) ଲୋଭ ୪) ମୋହ ୫) ମଦ ୬) ମାତ୍ସର୍ଯ୍ୟ ।** ଏଇଭଳି ଗୋଟିଏ ଦଳର ଛଅଟି ଗୁଣ କେବଳ ଆଜିପର୍ଯ୍ୟନ୍ତ ପ୍ରଚରିତ ହୋଇ ଆସିଛି । ଚଳିତ କାଳରେ ଆମେ ଏହି ରଚନାରେ ରହିଥିବା ସମସ୍ତ ଗୁଣଗୁଡିକୁ ଲୋକଲୋଚନକୁ ଆଣିଛୁ, କାରଣ ! ଗୁଣରାଜିର ସମସ୍ତ ବୃତ୍ତାନ୍ତ ନଜାଣିଲେ ଆମେ ଏହି କ୍ଷେତ୍ରକୁ ସମ୍ପୂର୍ଣ୍ଣ ବୁଝିପାରିବା ନାହିଁ । ସମସ୍ତ କାର୍ଯ୍ୟଗୁଡିକର ମୂଳ

କାରଣ ହୋଇଥିବା ଗୁଣଗୁଡିକୁ ନଜାଣିଲେ ସେଗୁଡିକ ଦ୍ୱାରା ସୃଷ୍ଟି ହେଉଥିବା କର୍ମକୁ ଆମେ କେବେ ଜାଣିପାରିବା ନାହିଁ ।

ଏବେ ଆମେ ଜାଣିପାରିଥିବା ଯେ, ଗୁଣରାଜି ସମସ୍ତଙ୍କଠାରେ ରହିଛି । ଏକ ଗୁଣ ଭାଗରେ ବା ଏକ ଗୁଣ ଆବରଣରେ ରହିଥିବା ମୋଟ ୧୫ଗୋଟି ଗୁଣ ଆଖିକୁ ଦେଖାଯାଉ ନଥିଲେ ମଧ୍ୟ ସେଗୁଡିକ ମଧ୍ୟରୁ ୧୨ଗୋଟି ଗୁଣ ସ୍ଥୁଳ ଭାବରେ ରହିଛି । ବାକି ରହିଯାଇଥିବା ତିନିଗୋଟି ଗୁଣ ସୂକ୍ଷ୍ମ ଭାବରେ ରହିଛି । ଏହା ଏହି ବିବରଣୀ କ୍ରମେ କୁହାଗଲା ସିନା ମୁଖ୍ୟତଃ ଆମଠାରେ ଥିବା ୧୨ଗୋଟି ଗୁଣକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ତାହା **୧) ରାକ୍ଷସଗୁଣ (ଖରାପଗୁଣ) ଏବଂ ୨) ଦୈବଗୁଣ (ଭଲଗୁଣ)** । ଆଜିଯାଏଁ ଗୁଣକଥା କହିଲେ ସମସ୍ତେ ଏହି ଖରାପ ଗୁଣ ବା ରାକ୍ଷସ ଗୁଣକୁ ବୁଝିଥାନ୍ତି । ଏହି ଖରାପ ପ୍ରଭାବ ବିଶିଷ୍ଟ ଗୁଣଗୁଡିକ ଷଡରିପୁ ବା ଅରିଷଟ୍ ବର୍ଗଭାବରେ ସମସ୍ତଙ୍କର ପରିଚିତ, ସେଗୁଡିକ ହେଉଛନ୍ତି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଏହା ଆଜିଯାଏଁ ପ୍ରଚରିତ ହୋଇଥିଲେ ମଧ୍ୟ ଆଜିଯାଏଁ ପ୍ରଚରରେ ନଥିବା, ଆମେ କେବେ ଶୁଣି ନଥିବା ଦୈବଗୁଣ ଗୁଡିକ ମଧ୍ୟ ଅଛନ୍ତି, ସେମାନଙ୍କ କ୍ରମ ହେଉଛି **! –୧) ଦାନ ୨) ଦୟା ୩) ଔଦାର୍ଯ୍ୟ ୪) ବୈରାଗ୍ୟ ୫) ବିନୟ ୬) ପ୍ରେମ,** ଏହି ଗୁଣଗୁଡିକ ଷଡରିପୁ କୁହାଯାଉଥିବା ଗୁଣଗୁଡିକର ବିରୁଦ୍ଧ । କାମ ବା ଆଶା ନାମକ ଗୁଣର ବିରୁଦ୍ଧ ଗୁଣ ହେଉଛି ଦାନ । ସେହିଭଳି କ୍ରୋଧର ବିରୁଦ୍ଧ ଦୟା, ଲୋଭର ବିରୁଦ୍ଧ ଔଦାର୍ଯ୍ୟ (ଅନୁରାଗ ଶୂନ୍ୟତା), ମୋହର ବିରୁଦ୍ଧ ବୈରାଗ୍ୟ, ମଦ (ଗର୍ବ)ର ବିରୁଦ୍ଧ ବିନୟ ଏବଂ ମାତ୍ସର୍ଯ୍ୟ (ଅସୂୟା ବା ଘୃଣା) ର ବିରୁଦ୍ଧ ଗୁଣ ହେଉଛି ପ୍ରେମ । ଭଲମନ୍ଦ ଭେଦରେ ଥିବା ଏହି ଗୁଣଗୁଡିକ ମଧ୍ୟରୁ ଛଅଗୋଟି ଖରାପ ଗୁଣ ପାପ, ଛଅଗୋଟି ଭଲଗୁଣ ପୁଣ୍ୟ ହେବା ଭଳି କରିଥାନ୍ତି । ପୂର୍ବରୁ ମୋଟ କୁହାଯାଇଥିବା ୧୫ ଗୋଟି ଗୁଣରୁ ୧୨ ଗୋଟିକୁ ଜାଣିଲେ । ବାକି ରହିଥିବା ୩ ଗୋଟି ଗୁଣ ବାବଦରେ ସନ୍ଦର୍ଭାନୁସାରେ ପରେ ଆଲୋଚନା କରିବା ।

ଏବେ ଆମର ଏଠାରେ ଦରକାର ହେଉଥିବା ପାପପୁଣ୍ୟ ନାମକ କର୍ମବନ୍ଧନ କିପରି ହୋଇଥାଏ ତାହା ଜାଣିବା । ଆମେ ଜାଣିଥିବା ଦୁଇ ଭାଗର ଗୁଣରାଜି ଭିତରୁ ଗୋଟିଏ ପକ୍ଷର କାମଗୁଣ ଏବଂ ତାର ବିରୁଦ୍ଧ ପକ୍ଷର ଦାନଗୁଣକୁ ଉଦାହରଣ ଭାବରେ ଦେଖିବା । କାମ ବା ଆଶା ନାମକ ଗୁଣ ନିଜ ପାଖରେ ନଥିବା ଜିନିଷକୁ ଅନ୍ୟଠାରୁ ଆପଣାର କରିବାକୁ ଚେଷ୍ଟା କରାଇଥାଏ, ଏଭଳି ପରର ଜିନିଷକୁ ଆପଣାର କରିବାରେ ସେ ଅନ୍ୟାୟ, ଅସତ୍ୟ ମାର୍ଗ ମଧ୍ୟ ଅବଲମ୍ବନ କରାଇବାକୁ ପଛାଇ ନଥାଏ ଯାହା ଦ୍ୱାରା କି ମଣିଷ (ଜୀବ) ପାପ ନାମକ କର୍ମବନ୍ଧନରେ ପଡିଯାଇଥାଏ । ଏହାର ବିରୁଦ୍ଧ ଗୁଣ ହୋଇଥିବା ଦାନଗୁଣ ଅନ୍ୟପାଖରେ ନଥିବା ଜିନିଷ ନିଜ ପାଖରେ ଥିଲେ ତାହା ନିଜଠାରୁ ବିନା ମୂଲ୍ୟରେ ଦେଇଦେବା ଭଳି କରାଇଥାଏ । ଏହି ଦାନରେ ଅନ୍ୟାୟ ଅସତ୍ୟାଦି ରହିବା ସୁଯୋଗ ନଥାଏ । ତେଣୁ ଏହାଦ୍ୱାରା ପୁଣ୍ୟ ହିଁ ଆସିଥାଏ । ଏହିଭଳି ମଣିଷ ଅର୍ଜନ କରୁଥିବା ପାପପୁଣ୍ୟ ଗୁଡିକ ତାକୁ କର୍ମ ବନ୍ଧନରେ ପକାଇ ଅନ୍ୟଏକ ଜନ୍ମକୁ ରାସ୍ତା ଦେଖାଇଥାନ୍ତି । ସେଥିଲାଗି ଗୁଣଗୁଡିକ ଦ୍ୱାରା ସୃଷ୍ଟି ହେଉଥିବା କାର୍ଯ୍ୟର ଫଳକୁ କର୍ମବନ୍ଧନ କୁହାଯାଏ । ଆଉଏକ ଜନ୍ମକୁ ଟାଣି ନେଉଥିବା କର୍ମକୁ ଜନ୍ମବନ୍ଧ ମଧ୍ୟ କହନ୍ତି । ଏହିଭଳି ଜୀବକୁ ବାନ୍ଧି ଦେଉଥିବା ଦଉଡିକୁ ଏହି ଗୁଣମାନେ ହିଁ ତିଆରି କରିଥାନ୍ତି । ସେଥିଲାଗି ଏହି ଶ୍ଲୋକରେ ଦେହରେ ଥିବା ଜୀବକୁ ତିନି ଗୁଣଭାଗରେ ଗୁଣରାଜି ବାନ୍ଧି ରଖିଛନ୍ତି ବୋଲି ଭଗବାନ କହିଛନ୍ତି ।


ଏହି ଅଧ୍ୟାୟରେ ଭଗବାନ ଗୁଣଗୁଡିକ ପ୍ରେରଣ କରୁଥିବା କାର୍ଯ୍ୟ ଗୁଡିକ ବାବଦରେ କହିବା ଆରମ୍ଭ କରିଛନ୍ତି । ତେଣୁ ପ୍ରଥମରୁ ଗୁଣଗୁଡିକ ବାବଦରେ ଜାଣିବା ଉଚିତ୍ । ଏପର୍ଯ୍ୟନ୍ତ ତାମସ ଭାଗରେ ୧୨ଗୋଟି ଗୁଣ, ରାଜସ ଭାଗରେ ୧୨ଗୋଟି, ସାତ୍ତ୍ୱିକ ଭାଗରେ୧୨ଗୋଟି ଗୁଣ ମିଶି ମୋଟ ୩୬ଗୋଟି ଗୁଣ ଗୁଣଭାଗରେ ଅଛନ୍ତି ବୋଲି ଜାଣିଲେ, ଗୁଣଭାଗର କୌଣସି ଭାଗରେ ଜୀବାତ୍ମା କିପରି ଥାଏ ପ୍ରଥମ ଚିତ୍ରରେ ଦେଖନ୍ତୁ ।




**ଗୁଣଚକ୍ର**

ତିନି ଆବରଣ ଭାବେ ଥିବା ଗୁଣଭାଗ ଗୁଡିକରେ ଗୁଣଗୁଡିକ କିପରି ଥାଆନ୍ତି ତଳ ଚିତ୍ରରେ ଦେଖିପାରିବେ ।

ଗୋଟିଏ ଗୋଟିଏ ଭାଗରେ ମୋଟ ୧୨ଗୋଟି ଗୁଣ ଥିବାବେଳେ, ତାମସ, ରାଜସ ଏବଂ ସାତ୍ତ୍ୱିକ ଗୁଣଭାଗ ଗୁଡିକୁ ସ୍ୱଭାବତଃ ଅଲଗା ଅଲଗା




**ଗୁଣଚକ୍ର**

ଭାବରେ ଚିତ୍ରଣ କରାଯାଇଛି । ଏହିଭଳି ଗୋଟିଏ ଗୁଣ ଭାଗରେ ୧୨ଗୋଟି ଗୁଣ ରହିବାବେଳେ ସେହି ଗୁଣଗୁଡ଼ିକ ପ୍ରତ୍ୟେକ ନଅ (୯) ନଅ ଭାଗରେ ବିଭକ୍ତ ହୋଇ ରହିଛନ୍ତି, ସେହି ହିସାବରେ ଗୋଟିଏ ଗୁଣଭାଗରେ ୧୨ର ୯ଗୁଣ =୧୦୮ଗୁଣ ରହିଥାନ୍ତି । ଏହି ୧୦୮ ଗୁଣଗୁଡ଼ିକ ଏକ ଭଳି ନହୋଇ ସେମାନଙ୍କର ପ୍ରଭାବ ପରିମାଣ ଅନୁସାରେ ଭିନ୍ନ ଭିନ୍ନ ହୋଇଥାନ୍ତି । ଉଦାହରଣ ସ୍ୱରୂପ କାମ (ଆଶା) ନାମକ ଗୁଣକୁ ନେଇ ବିଚାର କଲେ, ଏହି କାମ ବା ଆଶା ଛୋଟରୁ ବଡକ୍ରମେ ଏମିତି ୯ ଗୋଟି ସ୍ଥିତିର ରହିଥାଏ । ସେହିଭଳି କ୍ରୋଧଗୁଣ ମଧ୍ୟ ନଅ ପ୍ରକାରର, ଲୋଭ ନଅ ପ୍ରକାରର, ଏମିତି ଅନ୍ୟାନ୍ୟ ଗୁଣଗୁଡ଼ିକ ମଧ୍ୟ ନଅ ନଅ ପ୍ରକାରର ରହିଥାନ୍ତି । ଠିକ୍ ଏହି ଖରାପ ଗୁଣଗୁଡ଼ିକ ଭଳି ଭଲ ଗୁଣଗୁଡ଼ିକ ମଧ୍ୟ ନଅ ନଅ ପ୍ରକାରର ପ୍ରଭାବ ବିଶିଷ୍ଟ ହୋଇ ରହିଥାନ୍ତି । ଏଠାରେ ଧ୍ୟାନଦେବା ବିଷୟଟିଏ ରହିଛି, ତାହା ହେଲା ! ଗୁଣଗୁଡ଼ିକ ଗୁଣଚକ୍ରରେ ରହିବା ବେଳେ ପ୍ରଥମ ଦଳର ଗୁଣଗୁଡ଼ିକ ବଡରୁ ସାନ କ୍ରମରେ ସଜାଇହୋଇ ରହିଥିବା ସ୍ଥଳେ, ବିରୋଧି ଦଳର ଗୁଣଗୁଡ଼ିକ ସାନରୁ ବଡ କ୍ରମରେ ସଜାଇ ହୋଇ ରହିଥାନ୍ତି । ଉଦାହରଣ ସ୍ୱରୂପ ବଡ କ୍ରୋଧଠାରୁ ଛୋଟ କ୍ରୋଧ ଯାଏଁ, କ୍ରୋଧ କ୍ରମାନ୍ୱୟରେ ରହିଥିବା ସ୍ଥଳେ, ତାର ବିରୁଦ୍ଧ ଦୟାଗୁଣ କ୍ରୋଧଗୁଣର କ୍ରମ ସମାପ୍ତ ହେବା ସ୍ଥଳଠାରୁ ଛୋଟ ଗୁଣହୋଇ କ୍ରମାନ୍ୱୟରେ ରହିଥାଏ । ଏହାକୁ ପର ପୃଷ୍ଠାର ଚିତ୍ରରେ ଦେଖନ୍ତୁ ଭଲରେ ବୁଝିପାରିବେ ।

ଏହିଭଳି ତିନି ଗୁଣ ଆବରଣରୁ ଗୋଟିଏ ଗୁଣଭାଗର ୧୨ଗୋଟି ଗୁଣ ପ୍ରତ୍ୟେକ ନଅ ନଅ ଭାଗର ହୋଇ ମୋଟ ୧୦୮ଗୋଟି ଗୁଣ ହୋଇଥାଏ । ଏହି ସଂଖ୍ୟାଟି କୋଟିଏ ସଂଖ୍ୟାରେ ପ୍ରପଞ୍ଚର ଆୟୁଷ ହୋଇ ରହିଛି, ଅର୍ଥାତ୍ ପ୍ରପଞ୍ଚର ଆୟୁଷ ଶହେ ଆଠକୋଟି ବର୍ଷ । ପ୍ରପଞ୍ଚ ଜୀବରାଶି ଏହି ୧୦୮ଗୁଣରେ ଛନ୍ଦିହୋଇ ରହିଥାନ୍ତି । ଛୋଟ ହେଉ ବା ବଡ ଏହି ୧୦୮ଗୋଟି ଗୁଣ ସମସ୍ତ ଜୀବଙ୍କୁ ଶରୀରରେ ବାନ୍ଧି ରଖିଛି ।




**ଗୁଣଚକ୍ର**

ସେଥିଲାଗି ମାନବ ପୂର୍ବେ କରୁଥିବା ମନ୍ତ୍ର ସାଧନାରେ, ନାମ ଜପରେ, ପ୍ରଦକ୍ଷିଣରେ, ପୂଜାଫୁଲ ସଂଖ୍ୟାରେ, ବେଲପତ୍ର ସଂଖ୍ୟାରେ, ଜପମାଳାରେ ଥିବା ମାଳି ସଂଖ୍ୟାରେ ଏହି ୧୦୮କୁ ମନେରଖିବା ପାଇଁ ରଖିଥିଲେ । ଏକଥା ଆଜି ଆମକୁ ଜଣା ନ ଥିଲେ ମଧ୍ୟ ଆମର ଭବିଷ୍ୟତକୁ ଲକ୍ଷ୍ୟ କରି ପୂର୍ବର ଜ୍ଞାନୀମାନେ ଏହି ପଦ୍ଧତି ଆମ ପର୍ଯ୍ୟନ୍ତ ରହିବା ଭଳି କରିଥିଲେ । ପ୍ରତି ଜପ ମାଳାରେ ୧୦୮ଗୋଟି ମାଳି ଗୁଣର ପ୍ରତିରୂପ ଭାବରେ ରଖି, ଏଥିରେ ତୁ ଏହିପରି ବନ୍ଧାହୋଇ ରହିଛୁ ବୋଲି ମାଳାକୁ ଗୋଲାକାର ବିଶିଷ୍ଟ କରିଥିଲେ ।


କୌଣସି ଜୀବ ହେଉ ଶରୀରର ଗୁଣଚକ୍ରରେ ଏକ ସମୟରେ ତିନି ଗୁଣର ଆବରଣରେ ରହି ନଥାଏ । ଏକ ସମୟରେ ମାତ୍ର ଗୋଟିଏ ଗୁଣ ଆବରଣରେ ରହିଥାଏ । ସେଥିଲାଗି ଏକ ଆବରଣରେ ରହିଛି ଅର୍ଥାତ୍ ୧୦୮ଗୁଣରେ ରହିଛି ବୋଲି କଥିତ ହୋଇଥାଏ ।

**(୧୩) ଶ୍ଲୋକ,୬ : ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।**
**ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ॥**

**(ଜୀବାତ୍ମା,ସାତ୍ତ୍ୱିକ)**

**ଭାବାର୍ଥ :** ତିନି ଗୁଣଭାଗରୁ ସାତ୍ତ୍ୱିକ ଗୁଣଭାଗରେ ଥିବା ଗୁଣଗୁଡ଼ିକ ବିଶୁଦ୍ଧ, ଆଲୋକମୟ ତଥା ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ କରନ୍ତି । ଯେଉଁମାନେ ଏହି ସତ୍ତ୍ୱଗୁଣରେ ଅବସ୍ଥାନ କରନ୍ତି ସେମାନେ ସୁଖରେ ଆଶକ୍ତି ରଖି ଜ୍ଞାନ ସୁଖରେ ବାନ୍ଧିହୋଇ ପଡନ୍ତି ।

**ବିବରଣୀ :** ସାତ୍ତ୍ୱିକ ଭାଗର ଗୁଣଗୁଡିକ ସୁଖାଶକ୍ତ ହୋଇ ଜ୍ଞାନସୁଖରେ ବାନ୍ଧି ହୋଇଥାନ୍ତି । ଜ୍ଞାନସୁଖ କହିଲେ ଏଠାରେ ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ବୋଲି ବୁଝିବା ଅନୁଚିତ୍, ଏହା ପ୍ରାପଞ୍ଚିକ ବା ଭୌତିକ ଜ୍ଞାନ । ଅନ୍ୟ ଦୁଇଭାଗର ଗୁଣଗୁଡିକ ଠାରୁ ବା ଅନ୍ୟ ଦୁଇଗୁଣର ମଣିଷମାନଙ୍କ ଠାରୁ ସାତ୍ତ୍ୱିକମାନେ ସବୁବେଳେ କିଛି କିଛି ନୂଆ ବିଷୟ ଜାଣିବାକୁ ପ୍ରୟାସ କରନ୍ତି । ତେଣୁ ସେମାନେ ଗୋଟିଏ ନୂଆକଥାରେ ଅଟକି ରହି ନଯାଇ ଆଉଏକ ନୂଆ କଥା ଜାଣିବାରେ କାଳ ବ୍ୟୟ କରନ୍ତି । ନିଜର ବୁଦ୍ଧିକୁ ସବୁବେଳେ ସେହି ବାଟରେ ଲଗାଇଥାନ୍ତି । ଜଣାନଥିବା ବିଷୟକୁ ଜାଣିବା ଜ୍ଞାନ ହୋଇଥାଏ ।





**ଗୁଣଚକ୍ର**

ଜାଣିନଥିବା ବିଷୟ ଜାଣିବାପାଇଁ ସାତ୍ତ୍ୱିକମାନେ ସର୍ବଦା ଆଶାକରି ଗୋଟିକ ପରେ ଆଉଗୋଟିଏ ନୂଆ କଥା ଜାଣିବାକୁ ଉତ୍ସାହିତ ହୋଇଥାନ୍ତି ।

**(୧୩) ଶ୍ଳୋକ,୭ : ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।**
**ତନ୍ନିବଧ୍ନାତି କୌନ୍ତେୟ ! କର୍ମସଙ୍ଗେନ ଦେହିନମ୍ ॥**
**(ଜୀବାତ୍ମା, ରାଜସ)**

**ଭାବାର୍ଥ :** ରାଜସଭାଗର ଗୁଣଗୁଡିକ ଭୌତିକ ବିଷୟରେ ପ୍ରୀତି ଜାତ କରାଇଥାଏ । ଭୌତିକ କାର୍ଯ୍ୟ ଗୁଡିକରେ ଆଶକ୍ତି ଜନ୍ମାଇ ଜୀବକୁ ବନ୍ଧନରେ ପକାଇଥାଏ । ରାଜସ ଗୁଣଭାଗରେ ଥିବା ଜୀବକୁ ଚିତ୍ରରେ ଦେଖନ୍ତୁ ।




**ଗୁଣଚକ୍ର**

**(୧୩) ଶ୍ଳୋକ,୮ : ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନମ୍ ।**
**ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ! ॥**
**(ଜୀବାତ୍ମା, ତାମସ)**

**ଭାବାର୍ଥ :** ତାମସ ଗୁଣଭାଗରେ ଥିବା ଗୁଣଗୁଡିକ ଅଜ୍ଞାନ ଜନ୍ମାଇ, ମୋହ ପ୍ରଭାବ ବଢାଇଥାଏ । ତାଛଡା ଏଗୁଡିକ ପ୍ରମାଦଯୁକ୍ତ, ଜୀବକୁ ଆଳସ୍ୟତା ଏବଂ ନିଦ୍ରାରେ ବାନ୍ଧିଦେଇଥାଏ ।

ତାମସ ଗୁଣଭାଗରେ ଜୀବ କିପରି ଅବସ୍ଥାନ କରେ ଚିତ୍ରରେ ଦେଖନ୍ତୁ ।




**ଗୁଣଚକ୍ର**

**(୧୩) ଶ୍ଳୋକ,୯ : ସତ୍ତ୍ୱଂ ସୁଖେ ସଂଜ୍ଞୟତି ରଜଃ କର୍ମଣି ଭାରତ ।**

**ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ॥**

**(ଜୀବାତ୍ମା, ତ୍ରିଗୁଣ)**

**ଭାବାର୍ଥ :** ସାତ୍ତ୍ୱିକ ଗୁଣଭାଗର ଗୁଣଗୁଡିକ ସୁଖଦା ଶକ୍ତି ବିଶିଷ୍ଟ ହେବାବେଳେ, ରାଜସ ଗୁଣଭାଗର ଗୁଣଗୁଡିକ ଆଶା ଉତ୍ପନ୍ନ କରାଇ ଲାଭପାଇଁ କାର୍ଯ୍ୟ କରାଇଥାନ୍ତି ଏବଂ ତାମସ ଗୁଣଭାଗର ଗୁଣଗୁଡିକ ଜ୍ଞାନକୁ ଘୋଡାଇଦେଇ ବିପଦ ସମ୍ଭବ କାର୍ଯ୍ୟରେ ଆଶକ୍ତି ବଢାଇଥାନ୍ତି ।

**(୧୩) ଶ୍ଳୋକ,୧୦ : ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ! ।**

**ରଜଃ ସତ୍ତ୍ୱଂ ତମଃ ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ॥**

**(ଜୀବାତ୍ମା,ତ୍ରିଗୁଣ)**

**ଭାବାର୍ଥ :** ତିନି ଗୁଣଭାଗରୁ ଜୀବାତ୍ମା ଏକ ସମୟରେ କେବଳ କୌଣସି ଏକ ଗୁଣଭାଗରେ ରହିଥାଏ । ତାମସ ଭାଗରେ ଥିବାବେଳେ ରାଜସ କିମ୍ବା ସାତ୍ତ୍ୱିକ ଭାଗରେ ନଥାଏ । ସେହିଭଳି ରାଜସ ଭାଗରେ ଥିବାବେଳେ ତାମସ କିମ୍ବା ସାତ୍ତ୍ୱିକ ଭାଗରେ ନଥାଏ । ସାତ୍ତ୍ୱିକ ଭାଗରେ ଥିବାବେଳେ ତାମସ କିମ୍ବା ରାଜସ ଭାଗରେ ନଥାଏ ।

**(୧୩) ଶ୍ଳୋକ,୧୧ : ସର୍ବ ଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ ।**
**ଜ୍ଞାନଂ ଯଦା ତଦା ବିଦ୍ୟାତ୍ ବିବୃଦ୍ଧଂ ସ ସତ୍ତ୍ୱ ମିତ୍ୟୁତ ॥**

**(ଜୀବାତ୍ମା, ସାତ୍ତ୍ୱିକ)**

**ଭାବାର୍ଥ :** ଶରୀରରେ ଥିବା ଜୀବର ଯେତେବେଳେ ନାନା ମାର୍ଗ ଦ୍ୱାରା ଜ୍ଞାନ ଜନ୍ମେ, ସେତେବେଳେ ସେ ସାତ୍ତ୍ୱିକ ଗୁଣଭାଗରେ ଅଛି ବୋଲି ଜାଣିବା ଉଚିତ୍ ।

**ବିବରଣୀ :** ଏଠାରେ **ସର୍ବଦ୍ୱାରେଷୁ** ନାମକ ପଦରେ ଅନେକ ଦ୍ୱାରରେ ବା ଅନେକ ରୀତିରେ ଜ୍ଞାନାଭିବୃଦ୍ଧି ହୁଏ ବୋଲି ଜାଣିବା ଉଚିତ୍ । ତାହା ନବୁଝି ଶରୀରରେ ଥିବା ନବଦ୍ୱାର ଦ୍ୱାରା ଜ୍ଞାନୋଦୟ ହୁଏ ବୋଲି ବୁଝିଲେ ଅର୍ଥ ଅନର୍ଥ ହୋଇଥାଏ । ଏଠାରେ ଯଦି କେହି ନବଦ୍ୱାର ମଧ୍ୟରେ ଥିବା ଗୁହ୍ୟ, ଉପସ୍ଥ ଦ୍ୱାରା କେଉଁ ଜ୍ଞାନଲବ୍ଧ ହୋଇଥାଏ ବୋଲି ପଚାରେ ତେବେ ତା ପ୍ରଶ୍ନର ଆମେ କି ସମାଧାନ କରିବା ? ତେଣୁ ଏଠାରେ ଜ୍ଞାନ ନାନା ମାର୍ଗରେ ଆହରଣ ହୋଇଥାଏ ବୋଲି ବୁଝିବା ଉଚିତ୍ ।

**(୧୩) ଶ୍ଳୋକ,୧୨ : ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃସ୍ପୃହା ।**
**ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ! ॥**

**(ଜୀବାତ୍ମା,ରାଜସ)**

**ଭାବାର୍ଥ :** ସଙ୍କୁଚିତ ସ୍ୱଭାବ, କାର୍ଯ୍ୟ କରିବାରେ ଆଶକ୍ତି, ଧନ କନକ ଉପରେ ଇଚ୍ଛା, ମନରେ ଅଶାନ୍ତି ଯେତେବେଳେ ସୃଷ୍ଟି ହୋଇଥାଏ ସେତେବେଳେ ରାଜସ ଗୁଣଭାଗର ଗୁଣଗୁଡିକ କାର୍ଯ୍ୟ କରୁଛନ୍ତି ବୋଲି ଜାଣିବା ଉଚିତ୍ ।

**(୧୩) ଶ୍ଳୋକ,୧୩ : ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।**
**ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ! ॥**

**(ଜୀବାତ୍ମା, ତାମସ)**

**ଭାବାର୍ଥ :** ଅଜ୍ଞାନତା, ଆଳସ୍ୟତା ଆଉ ଖରାପ କାର୍ଯ୍ୟରେ ଯେତେବେଳେ ମନଲଗ୍ନ ହୋଇଥାଏ, ସେତେବେଳେ ଜୀବ ତାମସ ଭାଗରେ ରହିଛି ବୋଲି, ଜୀବର ତାମସଗୁଣ କାର୍ଯ୍ୟ କରୁଛି ବୋଲି ଜାଣିବା ଉଚିତ୍ ।

**(୧୩) ଶ୍ଲୋକ,୧୪ : ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।**

**ତଦୋତ୍ତମବିଦାଂ ଲୋକାନମଲାନ୍ ପ୍ରତିପଦ୍ୟତେ ॥**

**(ଜୀବାତ୍ମା, ସାତ୍ତ୍ୱିକ)**

**ଭାବାର୍ଥ :** ଦେହଧାରୀ ଜୀବ ସତ୍ତ୍ୱଭାଗରେ ଥିବାବେଳେ ମୃତ୍ୟୁବରଣ କଲେ, ଉନ୍ନତ ଜ୍ଞାନବନ୍ତମାନେ ପ୍ରାପ୍ତ ହେଉଥିବା ପରିଶୁଦ୍ଧ ଜନ୍ମପାଏ ।

**(୧୩) ଶ୍ଲୋକ,୧୫ : ରଜସୀ ପ୍ରଳୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।**

**ତଥା ପ୍ରଲୀନସ୍ତମସି ମୂଢ଼ଯୋନିଷୁ ଜାୟତେ ॥**

**(ଜୀବାତ୍ମା,ରାଜସ,ତାମସ)**

**ଭାବାର୍ଥ :** ଜୀବ ରାଜସଭାଗରେ ଥାଇ ମୃତ୍ୟୁବରଣ କଲେ କର୍ମପୂର୍ଣ୍ଣ ଜନ୍ମ, ତାମସରେ ଥିବାବେଳେ ମୃତ୍ୟୁବରଣ କଲେ ମୂଢ଼ଯୋନିରେ ଜନ୍ମ ହୁଏ ।

**(୧୩) ଶ୍ଲୋକ,୧୬ : କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।**

**ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳଂ ॥**

**(ଜୀବ,ତ୍ରିଗୁଣ)**

**ଭାବାର୍ଥ :** ସାତ୍ତ୍ୱିକ ଗୁଣଭାଗର ଜୀବକୁ ଗୁଡିଏ ପୁଣ୍ୟକାର୍ଯ୍ୟ ଏବଂ ନିର୍ମଳ ଫଳ ମିଳିଥାଏ । ରାଜସ ଭାଗର ଜୀବକୁ ଦୁଃଖ ମିଳିଥାଏ । ତାମସରେ କେବଳ ଅଜ୍ଞାନ ହିଁ ମିଳିଥାଏ ।

**(୧୩) ଶ୍ଲୋକ,୧୭ : ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।**

**ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ॥**

**(ଜୀବାତ୍ମା, ତ୍ରିଗୁଣ)**

**ଭାବାର୍ଥ :** ସତ୍ତ୍ୱଗୁଣ ଆବରଣର ଜୀବକୁ ଜ୍ଞାନ ମିଳିଥାଏ । ରାଜସ ଗୁଣଭାଗର ଜୀବକୁ ଲୋଭ ଏବଂ ତାମସ ଗୁଣଭାଗର ଜୀବକୁ ନିଜର ଇଚ୍ଛା ଏବଂ ନଷ୍ଟପାଇଁ ଭ୍ରାନ୍ତି ତଥା ଅଜ୍ଞାନ ମିଳିଥାଏ ।

**(୧୩) ଶ୍ଲୋକ,୧୮ : ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।**

**ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥**

**(ଜୀବାତ୍ମା)**

**ଭାବାର୍ଥ :** ସାତ୍ତ୍ୱିକମାନେ ଉନ୍ନତ ଜନ୍ମ, ରାଜସମାନେ ମଧ୍ୟମ ଜନ୍ମ ଏବଂ ତାମସମାନେ ନୀଚ ଜନ୍ମ ପାଇଥାନ୍ତି ।

**(୧୩) ଶ୍ଳୋକ,୧୯ : ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।**
**ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି ॥**
**(ଜୀବାତ୍ମା, ତ୍ରିଗୁଣ)**

**ଭାବାର୍ଥ :** ସମସ୍ତ କାର୍ଯ୍ୟର କର୍ତ୍ତା ଗୁଣ ବୋଲି ଯିଏ ଜାଣିଯାଏ, ସେ ସେହି ଗୁଣସବୁ ଅଲଗା ଏବଂ ସେ ସେଗୁଡିକଠାରୁ ଅଲଗା ବୋଲି ଜାଣି ମୋର ସ୍ଥାନ ବା ପରମସ୍ଥାନକୁ ପାଏ ।

**(୧୩) ଶ୍ଳୋକ,୨୦ : ଗୁଣାନେତାନତିତ୍ୟ ତ୍ରୀନ୍ଦେହୀ ଦେହ ସମୁଦ୍ଭବାନ୍ ।**
**ଜନ୍ମ ମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥**
**(ଜୀବାତ୍ମା, ତ୍ରିଗୁଣ)**

**ଭାବାର୍ଥ :** ଶରୀରରେ ବାସ କରୁଥିବା ଜୀବ ଶରୀରସ୍ଥ ଗୁଣଗୁଡିକୁ ଜାଣି, ଜନ୍ମ, ମୃତ୍ୟୁ, ଜରା, ଦୁଃଖାଦିକୁ ଭୁଲିଯାଇ, ଅମୃତ ମୋକ୍ଷକୁ ପାଇଥାଏ ।

## ଅର୍ଜୁନ କହୁଛନ୍ତି :-

**(୧୩) ଶ୍ଳୋକ,୨୧ : କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ! ।**
**କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତତେ ॥**
**(ସାକାର,ନିରାକାର)**

**ଭାବାର୍ଥ :** ହେ କୃଷ୍ଣ ! ଏଇ ତ୍ରିଭାଗର ଗୁଣଗୁଡିକୁ ଯିଏ ଅତିକ୍ରମ କରିଯାଏ ତାର ଆଚରଣ କିପରି ? ସେ ତ୍ରିଗୁଣକୁ ଅତିକ୍ରମ କରି କିପରି ରହିଥାଏ ?

## ଶ୍ରୀ ଭଗବାନ କହୁଛନ୍ତି :-

**(୧୩) ଶ୍ଳୋକ,୨୨ : ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ! ।**
**ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଙ୍କ୍ଷତି ॥**
**(ଯୋଗୀ)**

**ଭାବାର୍ଥ :** ଘଟୁଥିବା କାର୍ଯ୍ୟଗୁଡିକୁ ଯିଏ ମୋର ନ ଭାବେ, ସେ ମିଳିଥିବା ଜିନିଷକୁ ଘୃଣା କରେ ନାହିଁ, ତାହାକୁ ବାରମ୍ବାର ଆଶା କରେ ନାହିଁ ।

**(୧୩) ଶ୍ଲୋକ,୨୩ : ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତନ୍ତ ଇତ୍ୟେବଂ ଯୋଽବତିଷ୍ଠତି ନେଙ୍ଗତେ ।।**

**(ଯୋଗୀ)**

**ଭାବାର୍ଥ :** ପ୍ରତ୍ୟେକ ବିଷୟରେ ତଟସ୍ଥ ଭାବ ଏବଂ ଉଦାସୀନ ଭାବର ସହିତ ରହି ଯିଏ ଗୁଣଗୁଡିକ ଦ୍ୱାରା ବିଚଳିତ ହୋଇନଥାଏ, ଯିଏ ସବୁକିଛି ଗୁଣଗୁଡିକର କାର୍ଯ୍ୟକଳାପ ବୋଲି ଜାଣି, ସେଗୁଡିକ ଦ୍ୱାରା ବିଚଳିତ ନ ହୋଇ ବୁଦ୍ଧିରେ ନିଶ୍ଚିତତା ପାଇଥାଏ-

**(୧୩) ଶ୍ଲୋକ,୨୪ : ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଂଚନଃ ।**
**ତୁଲ୍ୟ ପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ।।**

**(ଯୋଗୀ)**

**ଭାବାର୍ଥ :** ସୁଖଦୁଃଖକୁ ଯିଏ ସମାନ ଭାବେ, ସୁନା, ପଥରର ଯିଏ ସମାନ ମୂଲ୍ୟ ଲଗାଏ, ପ୍ରୀତି, ଅପ୍ରୀତି, ନିନ୍ଦା, ସ୍ତୁତିରେ ଯିଏ ସ୍ଥିର ରହେ-

**(୧୩) ଶ୍ଲୋକ,୨୫ : ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।**
**ସର୍ବାରମ୍ଭ ପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ।।**

**(ଯୋଗୀ)**

**ଭାବାର୍ଥ :** ଯିଏ ମାନ ଅବମାନରେ, ମିତ୍ର ଶତ୍ରୁଠାରେ ସମଦୃଷ୍ଟି ହୋଇ କାମ୍ୟ କର୍ମକୁ ପରିତ୍ୟାଗ କରିପାରେ ତାକୁ ଗୁଣାତୀତ କୁହାଯାଇପାରେ ।

**(୧୩) ଶ୍ଲୋକ,୨୬ : ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।**
**ସ ଗୁଣାନ୍ ସମତୀତୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ।।**

**(ସାକାର, ନିରାକାର)**

**ଭାବାର୍ଥ :** ଅବ୍ୟଭିଚାର ମନରେ ପରମ ଭକ୍ତିରେ ଯିଏ ମୋର ସେବା କରେ, ସେ ତ୍ରିଗୁଣକୁ ଅତିକ୍ରମ କରି ପରମପଦ ପାଇଁ ଯୋଗ୍ୟ ହୁଏ ।

**(୧୩) ଶ୍ଲୋକ,୨୭ : ବ୍ରହ୍ମଣୋ ହି ପ୍ରତିଷ୍ଠାମହମମୃତସ୍ୟାବ୍ୟୟସ୍ୟ ଚ ।**
**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ॥**

**(ସାକାର,ନିରାକାର)**


**ଭାବାର୍ଥ :** ନିତ୍ୟଅବ୍ୟୟ ନିର୍ମଳାତ୍ମା, ଶାଶ୍ୱତ ଈଶ୍ୱରଧର୍ମ, ପରମପଦ ବା ଜ୍ଞାନୀମାନେ ପାଇପାରୁଥିବା ମୋକ୍ଷପଦବୀ ପାଇବାପାଇଁ ମୋତେ ହିଁ ଆଶ୍ରୟ କରାଯାଏ ।

**ବିବରଣୀ :** ଶେଷରେ ଏହି ଦୁଇଟି ଶ୍ଲୋକ ନିରାକାର ପରମାତ୍ମାଙ୍କୁ ପାଇବାପାଇଁ ସାକାର ପରମାତ୍ମାଙ୍କୁ ଆଶ୍ରୟ କରିବାକୁ ହେବ ବୋଲି, ସାକାରଙ୍କୁ ଭକ୍ତିଯୋଗ ଦ୍ୱାରା ସେବା କରିବା ଉପାୟକୁ ପ୍ରକଟିତ କରିଛନ୍ତି । ଏବେ ସାକାର ପରମାତ୍ମା ନଥିଲେ ମଧ୍ୟ ସେ ସାକାର ହୋଇ ଥିବାବେଳେ ଜଣାଇଥିବା ଜ୍ଞାନକୁ ଆଶ୍ରୟ କରିବା ଦ୍ୱାରା ନିରାକାର ପରମାତ୍ମାଙ୍କୁ ପାଇ- ପାରିବା । ପରମାତ୍ମା ଭଗବାନ ହୋଇ ଥିବା ବେଳେ କହିଥିବା ଜ୍ଞାନକୁ ଛାଡି, ଅନ୍ୟ ଦେବତାମାନଙ୍କ ମାହାତ୍ମ୍ୟ, ପୁରାଣ ମହିମା ଇତ୍ୟାଦିକୁ ଆଶ୍ରୟ କଲେ ମୋକ୍ଷ ମିଳିନଥାଏ । ଏହି ଅଧ୍ୟାୟଟି ଏତିକିରେ ସମାପ୍ତ ହୋଇଛି ।


**ଶ୍ଲୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଜ୍ଞାନ | = | ୦୨ |
| ୨) | ପ୍ରକୃତି, ପରମାତ୍ମା | = | ୦୨ |
| ୩) | ଜୀବାତ୍ମା, ତ୍ରିଗୁଣ | = | ୦୮ |
| ୪) | ଜୀବାତ୍ମା, ସାତ୍ତ୍ୱିକ | = | ୦୩ |
| ୫) | ଜୀବାତ୍ମା, ରାଜସ | = | ୦୨ |
| ୬) | ଜୀବାତ୍ମା, ତାମସ | = | ୦୨ |
| ୭) | ଜୀବାତ୍ମା, ରାଜସ, ତାମସ | = | ୦୧ |
| ୮) | କର୍ମଯୋଗୀ (ଯୋଗୀ) | = | ୦୫ |
| ୯) | ସାକାର, ନିରାକାର | = | ୦୨ |
| | **ମୋଟ** | = | **୨୭** |

**ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଭିତରେ ଥିବା କର୍ମଚକ୍ରକୁ ଚିତ୍ରରେ ଦେଖନ୍ତୁ ।**


ଆତ୍ମା
1 ପୁଣ୍ୟ
ଶରୀରାବୟବ
2 ପାପ ପୁଣ୍ୟ
ବାକ୍, ଆୟୁ
3 ପାପ
ଧନ
ପିତୃ ସମ୍ବନ୍ଧ
4 ପାପ ପୁଣ୍ୟ
ସ୍ଥିର ସମ୍ପତ୍ତି
5 ପୁଣ୍ୟ
ବିଦ୍ୟା, ଜ୍ଞାନ
6 ପାପ ପୁଣ୍ୟ
7 ପାପ
8 ପାପ ପୁଣ୍ୟ
9 ପୁଣ୍ୟ
10 ପୁଣ୍ୟ ପାପ
11 ପାପ
12 ପାପ ପୁଣ୍ୟ

# କର୍ମଚକ୍ର



# ପୁରୁଷୋତ୍ତମ ପ୍ରାପ୍ତି ଯୋଗ

## ଶ୍ରୀ ଭଗବାନ କହୁଛନ୍ତି :-


**(୧୪) ଶ୍ଲୋକ,୧ : ଉର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍‌ଥଂ ପ୍ରାହୁରବ୍ୟୟମ୍ ।**
**ଛନ୍ଦାସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ॥**

**(ପ୍ରକୃତି,ପୁରୁଷ)**

**ଭାବାର୍ଥ :** ଉପରକୁ ଚେର, ତଳକୁ ଡାଳ ଲମ୍ବିଥିବା ଅଶ୍ୱର୍ଥ ବୃକ୍ଷ ହେଉଛି ଅବ୍ୟୟ  ବୃକ୍ଷ, ତାର ପତ୍ରଗୁଡିକ ବେଦ ଭଳି ରହିଛି, ଏହା ଯିଏ ଜାଣିପାରେ ସେ ବେଦକୁ ଜାଣିଛି ବୋଲି କହିପାରିବା ।

**ବିବରଣୀ :** ଗଛର ମୂଳ, ଡାଳ, ପତ୍ର, ଫଳାଦି ରହିବା ସାଧାରଣ କଥା । ଏଠାରେ ଆମେ କହିବାକୁ ଯାଉଥିବା ଅଶ୍ୱର୍ଥ ନାମକ ବୃକ୍ଷର ଚେର (ମୂଳ), ଡାଳ, ପତ୍ର, ଫଳ ଇତ୍ୟାଦି ଥିବା ଯୋଗୁଁ ଏହା ଏକ ବୃକ୍ଷ ନହେଲେ ମଧ୍ୟ ବୁଝିବା ପାଇଁ ବୃକ୍ଷ କହିପାରିବା । ବାସ୍ତବରେ ଏହା ଏକ ବୃକ୍ଷ ନୁହେଁ ବୋଲି ଜାଣିବା ଉଚିତ୍ । ସାଧାରଣତଃ ଚେର ମାଟି ଭିତରେ, ଡାଳ ଏବଂ ପତ୍ରଗୁଡିକ ଉପରେ ରହି  ଗଛର  ସୁନ୍ଦରତା  ବଢାଇଥାଏ । ଗଛଟିଏ  ବଢିବା  ପାଇଁ ଭୂମିରୁ ଆହାର ଗ୍ରହଣ କରିଥାଏ ଚେର । ଚେର ଦ୍ୱାରା ଗ୍ରହଣ କରିଥିବା ଆହାରକୁ ପତ୍ର ଉପଯୋଗ କରି ବୃକ୍ଷକୁ ବଢାଇବା ଏବଂ ଡାଳପତ୍ର ବଢି ଉପରକୁ, ତଳକୁ, କଡକୁ ବିଛାଇ ହୋଇଯିବା ବାସ୍ତବତାକୁ ଆମେ ଦେଖୁଛେ, କିନ୍ତୁ ଏଠାରେ କୁହାଯାଇଥିବା ଅଶ୍ୱର୍ଥ ନାମକ ବୃକ୍ଷର ମୂଳ ଉପରକୁ ରହି, ଡାଳ ପତ୍ରାଦି ତଳକୁ ରହିବା ଏକ ବିଚିତ୍ର କଥା । ଏଠାରେ ଅଶ୍ୱର୍ଥ ନାମକ ଏହି ବୃକ୍ଷ ବଢିବାପାଇଁ ଦରକାରୀ ଜିନିଷଗୁଡିକ ଉପରେ ଥିବା ମୂଳରୁ ମିଳୁଛି । ପତ୍ର, ଫଳାଦି ପାଇଁ ଆବଶ୍ୟକୀୟ ଆହାର ଉପରେ ଥିବା ମୂଳରୁ ମିଳିବା ସହିତ ବୃକ୍ଷ ବଢି, ଦୃଢ ହୋଇ ବ୍ୟାପିରହିଛି । ବୃକ୍ଷର ନିର୍ମାଣ ବିଚିତ୍ର ଭାବରେ  ହେବା  ଛଡା  ଫଳ ଫଳିବା ମଧ୍ୟ ସାଧାରଣ ବୃକ୍ଷଠାରୁ ଆହୁରି ବିଚିତ୍ର ଭାବରେ ବର୍ଣ୍ଣିତ  ହୋଇଛି । ସାଧାରଣତଃ  ଆମ୍ବଗଛରେ ଆମ୍ବ ଫଳିଥାଏ । ସେହିଭଳି ଗଛ ଯେଉଁ ଜାତିର

ହୋଇଥାଏ ଫଳ ମଧ୍ୟ ସେହି ଜାତିର ହୋଇଥାଏ, କିନ୍ତୁ ଅଶ୍ୱର୍ଥ ବୃକ୍ଷରେ ଅନେକ ପ୍ରକାର ଫଳ ଫଳିଥାଏ ବୋଲି କୁହାଯାଇଛି । ଏହି ଅଶ୍ୱର୍ଥବୃକ୍ଷ ରୂପରେ, ଫଳ ଫଳିବାରେ ବିଚିତ୍ର ଲାଗିବା ଛଡା ତାର ପତ୍ର ମଧ୍ୟ ବିଚିତ୍ର ଭାବରେ ଥାଏ ବୋଲି କୁହାଯାଇଛି । ତାହା କଣନା! ଏହାର ପତ୍ର ବେଦର ପ୍ରତିରୂପ । ସେଥିଲାଗି ବେଦଗୁଡିକ ପତ୍ର ଭଳି ଥିବା ଏହି ବୃକ୍ଷ ବାବଦରେ ଯିଏ ଜାଣିଥାଏ ସେ ସମ୍ପୂର୍ଣ୍ଣ ବେଦକୁ ଜାଣେ ବୋଲି କହିପାରିବା । ତଳ ଶ୍ଳୋକରେ ଏହାକୁ କିପରି କହିଛନ୍ତି ଦେଖିବା ।



**ଅଶ୍ୱର୍ଥ ବୃକ୍ଷ**

**(୧୪) ଶ୍ଳୋକ,୨ : ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା ଗୁଣପ୍ରବୃଦ୍ଧା ବିଷୟ ପ୍ରବାଳାଃ ।**
**ଅଧଶ୍ଚ ମୂଳାନ୍ୟନୁସନ୍ତତାନି କର୍ମାନୁ ବନ୍ଧୀନି ମନୁଷ୍ୟଲୋକେ ॥**
**(ପ୍ରକୃତି, ପୁରୁଷ)**

**ଭାବାର୍ଥ :** ଏହି ଅଶ୍ୱର୍ଥ ବୃକ୍ଷର ଶାଖା ଗୁଣବିଷୟ ହୋଇ ବଢି ଅନେକ ଦିଗରେ, ଚେରଗୁଡିକ ବିସ୍ତାରିତ ହୋଇ ମନୁଷ୍ୟଲୋକରେ ବ୍ୟାପିଛି ।

**ବିବରଣୀ :** ଏହି ବୃକ୍ଷର ନାନା ପ୍ରକାର ବିଚିତ୍ର ଲକ୍ଷଣ ଅଛି ବୋଲି ଆମେ ଭାବିଥିଲେ, ସେହି ଅନେକ ବିଚିତ୍ରତା ଗୁଡିକ ଭିତରୁ ବଢିବା ପାଇଁ ଆହାର ବ୍ୟବସ୍ଥାର ବିଚିତ୍ରତାକୁ ଜାଣିବା । ସାଧାରଣତଃ ନତ୍ରଜନି, ଭାସ୍ୱର ଇତ୍ୟାଦି ଖଣିଜଲବଣ ସବୁ ବୃକ୍ଷଗୁଡିକ ପାଇଁ ଭୂମିରୁ ଆସୁଥିବା ଆହାର ହୋଇଥିବା ବେଳେ, ଏହି ବୃକ୍ଷର ଆହାର ଗୁଣବିଷୟ । ଗୁଣଗୁଡିକ ଦ୍ୱାରା ବଢୁଥିବା ଡାଳ, ପତ୍ରରେ ଆହାରର ବଳ ପ୍ରଦର୍ଶିତ ହୋଇଥାଏ । ଏଠାରେ ଅନେକଙ୍କ ମନରେ କିଛି ପ୍ରଶ୍ନ ଆସିପାରେ, ତାହା ସବୁ ହେଉଛି ! ଗୁଣଗୁଡିକୁ ଆହାର ଭାବରେ ଗ୍ରହଣ କରିଥିବା ବୃକ୍ଷ କେଉଁଠାରେ ଅଛି ? ସେଭଳି ବୃକ୍ଷର ଡାଳ, ପତ୍ର ଇତ୍ୟାଦିକୁ କିଏ କେଉଁଠି ଦେଖିଛି ? ଆପଣ ଦେଖିଛନ୍ତି ? ବେଦଗୁଡିକ ପତ୍ର ଭାବରେ, ଗୁଣରାଜି ଆହାର ଭାବରେ ଥିବା ବୃକ୍ଷ ଭୂପୃଷ୍ଠରେ ଅଛି ? ଯଦି ଅଛି କେଉଁଠି ଅଛି ? ଏଭଳି କେତେକ ପ୍ରଶ୍ନର ଜବାବ ଦେଖିବା ।

ଏହି ଶ୍ଳୋକରେ, ଶେଷ ପଦଟି ହେଉଛି ମନୁଷ୍ୟଲୋକେ, ତେଣୁ ଏହି ବୃକ୍ଷଟି ନିଃସନ୍ଦେହ ମାନବ ସମ୍ବନ୍ଧୀୟ ବୋଲି ଜଣାଯାଉଛି । ଏହି ଦୃଷ୍ଟିରେ ଦେଖିଲେ ଗୁଣବିଷୟ ସବୁ ମାନବଠାରେ ହିଁ ରହିଛି । ତେଣୁ ଏହି ବୃକ୍ଷ ନିଶ୍ଚୟ ମାନବଠାରେ ଲୁଚିରହିଛି ବୋଲି କହିପାରିବା । ମାନବ ଦେହରେ ସୂକ୍ଷ୍ମ ଭାବରେ ଲୁଚି ରହିଥିବା ଅଶ୍ୱର୍ଥ ନାମକ ବୃକ୍ଷକୁ ପରିଶୀଳନ ପୂର୍ବକ ଦେଖିଲେ, ମାନବ ମୁଣ୍ଡରେ ମୂଳ ଏବଂ ସାରା ଶରୀରରେ ଡାଳ, ପତ୍ରାଦି ବିସ୍ତାରିତ ହୋଇ ରହିଛି ବୋଲି ଜଣାଯାଏ । ଏକ ମାନବ ଶରୀରକୁ ଏକ ବୃକ୍ଷ ଭାବରେ ତୁଳନା କରିପାରିବା । ମୁଣ୍ଡରେ କର୍ମ, କାଳ, ଗୁଣ ଚକ୍ରାଦି ମୂଳ ହୋଇଥିବା ବେଳେ,

ସାରା ଶରୀରରେ ବିସ୍ତାରିତ ହୋଇ ରହିଥିବା ନାଡୀଗୁଡିକ ଡାଳ ଭାବରେ, ଜ୍ଞାନେନ୍ଦ୍ରିୟ ଗୁଡିକ ପତ୍ର ଭାବରେ, କର୍ମେନ୍ଦ୍ରିୟ ଗୁଡିକ ଫଳ ଭାବରେ ରହିଛି ବୋଲି ଜାଣିବା ଉଚିତ୍ ।

ମାନବ ମସ୍ତକସ୍ଥ ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଗୁଡିକର ଅବସ୍ଥାନ ହେଉଛି କେନ୍ଦ୍ର ଭାବରେ ଥିବା ବ୍ରହ୍ମନାଡୀ, ଅର୍ଥାତ୍ ବ୍ରହ୍ମନାଡୀକୁ ଅଖ କରି ଏହି ଚକ୍ରଗୁଡିକ ଘୂରିଥାନ୍ତି । କାଳ, କର୍ମ, ଗୁଣଚକ୍ର ମାନବର ଆୟୁଷ, ଜୀବନ କାଳରେ କରିବାକୁ ଥିବା କାର୍ଯ୍ୟ, କାର୍ଯ୍ୟ ସମ୍ପର୍କିତ ଗୁଣାବଳୀ ଲୁଚି ରହିଛି । ମାନବ ଜୀବନ ସମ୍ବନ୍ଧୀୟ ସବୁକିଛି ସେଠାରେ (ମସ୍ତକରେ) ରହିଥିବା ଯୋଗୁଁ ତାହାକୁ 'ଊର୍ଦ୍ଧ୍ୱମୂଳ' ବୋଲି କହିଛନ୍ତି । ଜୀବନର ସବୁ ମୂଳ ଶରୀରର ଉପରି ଭାଗର ମସ୍ତକରେ ଥିବା କାରଣରୁ ଉପରକୁ ଅର୍ଥାତ୍ ମସ୍ତିଷ୍କକୁ ମୂଳ କହିଲେ ଅତ୍ୟୁକ୍ତି ହୋଇନଥାଏ । ଉପରେ ଯାହାସବୁ ରହିଛି ତାର କାରଣରୁ ତଳେଥିବା ଶରୀର ଚଳିତ ହୋଇ କାର୍ଯ୍ୟ କରିପାରୁଛି । ଗୋଟିଏ କାର୍ଯ୍ୟ କେତେବେଳେ ହେବ କହିବା ପାଇଁ କାଳଚକ୍ରର କାଳ, କେମିତି ହେବ ସେଥିପାଇଁ କର୍ମଚକ୍ରର କର୍ମ, କେଉଁ ଗୁଣଗୁଡିକ ଦ୍ୱାରା ହେବ ସେଥିପାଇଁ ଗୁଣଚକ୍ରର ଗୁଣ ସୂଚନା ଦେଇଥାଏ । ଏହି ତିନିଚକ୍ରକୁ ଅନୁସରଣ କରି ଶରୀରର ଅବୟବ ଗୁଡିକ ଦ୍ୱାରା ହେଉଥିବା କାର୍ଯ୍ୟ ଗୁଡିକରୁ ନୂତନ କର୍ମ ଜନ୍ମ ହୋଇଥାଏ । ତେଣୁ କାର୍ଯ୍ୟଗୁଡିକ କରୁଥିବା କର୍ମେନ୍ଦ୍ରିୟ ଗୁଡିକରେ କର୍ମ ନାମକ ଫଳ ଫଳୁଛି ବୋଲି କହିଛନ୍ତି । ଉପରେ ଥିବା ଗୁଣ ଗୁଡିକର ପ୍ରେରଣାରେ ଜ୍ଞାନେନ୍ଦ୍ରିୟ ଗୁଡିକ କାରଣ ହେଉଥିବାରୁ ସେଗୁଡିକୁ ପତ୍ର ଭାବରେ ବର୍ଣ୍ଣନା କରି, ସେଗୁଡିକୁ ଗୁଣଗୁଡିକର ଅନ୍ୟନାମ ବେଦ ବୋଲି ବର୍ଣ୍ଣନା କରିଛନ୍ତି । କାଳ, କର୍ମ ପ୍ରସାରଣ କରୁଥିବା ନାଡୀଗୁଡିକୁ ଡାଳ ଭାବରେ ବର୍ଣ୍ଣନା କରିଛନ୍ତି । ଏହିଭଳି ଭାବରେ ଉପରେ ଥିବା ସର୍ବ କାରଣର କାରଣ କର୍ମ ଆଉ ଗୁଣଗୁଡିକ ରହିବା ବେଳେ, ତଳେ ସେଗୁଡିକୁ ପ୍ରେରଣ କରୁଥିବା ଜ୍ଞାନେନ୍ଦ୍ରିୟ ଏବଂ କର୍ମ ଅର୍ଜନ, ଆଚରଣ କରୁଥିବା କର୍ମେନ୍ଦ୍ରିୟ ଗୁଡିକ ରହିଛି ।

ଏହିଭଳି ଶରୀରକୁ ଏକ ଅଶ୍ୱର୍ଥ ବୃକ୍ଷ ବୋଲି କହିଛନ୍ତି । ପ୍ରତ୍ୟେକ ଶରୀରକୁ ଏକ ଏକ ବୃକ୍ଷ ବୋଲି କହିପାରିବା, ସେହି ଅନୁସାରେ ଜୀବ

ଧାରଣ କରିଥିବା ପ୍ରତ୍ୟେକ ଶରୀର ଏକ ଏକ ବୃକ୍ଷଭଳି । ତେଣୁ ଆପଣ, ମୁଁ, ଅନ୍ୟମାନେ ସମସ୍ତେ ଧାରଣ କରିଥିବା ଶରୀରଗୁଡ଼ିକ ଗୋଟିଏ ଗୋଟିଏ ଅଶ୍ୱର୍ଥ ବୃକ୍ଷ ।

**(୧୪) ଶ୍ଳୋକ,୩ :**

**ନ ରୂପମସ୍ୟେହ ତଥୋପଲଭ୍ୟତେ ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା ।**
**ଅଶ୍ୱତ୍ଥମେନଂ ସୁବିରୂଢମୂଳମ୍ ଅସଂଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ॥**
**(ପ୍ରକୃତି, ପୁରୁଷ)**

**ଭାବାର୍ଥ :** ଅଶ୍ୱର୍ଥ ବୃକ୍ଷର ରୂପହେଉ, ତାର ମୂଳହେଉ, ତାର ଅଗ୍ରଭାଗ ହେଉ ଜଣା ପଡିନଥାଏ । ଦୃଢମୂଳ ବିଶିଷ୍ଟ ଏହି ବୃକ୍ଷକୁ ଅସଙ୍ଗଶସ୍ତ୍ର ଦ୍ୱାରା ଛେଦନ କରାଯାଇପାରେ ।

**ବିବରଣୀ :** ତୀବ୍ର ଜ୍ଞାନଦୃଷ୍ଟି ନଥିଲେ ଅଶ୍ୱର୍ଥବୃକ୍ଷକୁ ଜାଣିବା ଅସମ୍ଭବ, ତେଣୁ ଶରୀରସ୍ଥ ମାନବବୃକ୍ଷକୁ ଜ୍ଞାନଦୃଷ୍ଟି ବିନା ଦେଖିହୁଏ ନାହିଁ । ସାଧାରଣ ଜ୍ଞାନୀମାନେ ଏହି ତୁଳନାକୁ ସହଜରେ ବୁଝିପାରନ୍ତି ନାହିଁ, ଜୀବ ଶରୀର ଧାରଣ କରିବା କେବେଠାରୁ ଆରମ୍ଭ କରିଛି ଜାଣିପାରିବା ଅସମ୍ଭବ । ଜନ୍ମରୁ ଜୀବ ଏହି ଶରୀରବୃକ୍ଷକୁ ଧାରଣ କରିଆସିଛି । ତେଣୁ କହିପାରିବା ଯେ, ଶରୀର ସହିତ ଏହି ବୃକ୍ଷର ଜନ୍ମ ହୋଇଛି । ଆମେ ଯଦିଓ ଜାଣିପାରିଛେ ଯେ, ଜୀବ ହେଉଛି ଅନାଦି ସେହେତୁ ଏହି ବୃକ୍ଷକୁ ମଧ୍ୟ ଅନାଦିବୃକ୍ଷ କହିପାରିବା । ଏହି ଅନାଦିବୃକ୍ଷ ଶରୀରର ବିନାଶ ହୋଇଗଲେ ମଧ୍ୟ ବିନାଶ ହୋଇନଥାଏ । କାଳ, କର୍ମ, ଗୁଣଚକ୍ର ସହିତ ସଂଯୋଜିତ ଏହି ବୃକ୍ଷ ମରଣରେ ଶରୀରକୁ ତ୍ୟାଗକରି ନୂତନ ଶରୀର ଧାରଣ କରିଥାଏ । ଏହି ବୃକ୍ଷର ଗୁଣଚକ୍ର ନାମକ ଚେରରେ ଜୀବ ସବୁବେଳେ ବାନ୍ଧି ହୋଇଯାଉଥାଏ । ସେଥିଲାଗି ଜୀବ ଶରୀର ଛାଡିବା ବେଳେ ଏହି ବୃକ୍ଷ ସହିତ ଯାଇଥାଏ । ଏହିଭଳି ଅନାଦି କାଳରୁ ଜୀବ ଶରୀର ବଦଳାଉଥିବା ବେଳେ କର୍ମ ନାମକ ଚେରସମୂହ ବିସ୍ତୃତ ହୋଇ ଦୃଢଭାବରେ ରହିଛି ବୋଲି ଏହି ଶ୍ଳୋକରୁ ଜଣାଯାଏ । ଏହି ଅନାଦିବୃକ୍ଷର ଅନ୍ତ

ମଧ୍ୟ କାହାକୁ ଜଣା ନଥାଏ । ଅନ୍ତ ଜଣାପଡୁ ନଥିଲେ ମଧ୍ୟ ବର୍ତ୍ତମାନର ଏହି ବୃକ୍ଷ (ଶରୀର) କେଉଁଭଳି ତାହା କାହାକୁ ମଧ୍ୟ ଜଣା ନଥାଏ । ଏହି ଅନାଦିବୃକ୍ଷର ଆଦି ଆଉ ବର୍ତ୍ତମାନକୁ ଜାଣିପାରିଲେ ବୃକ୍ଷର ଅନ୍ତ କରିଦେଇ ପାରିବା । ଜ୍ଞାନଦୃଷ୍ଟି ଦ୍ୱାରା ଯିଏ ଏହି ବୃକ୍ଷର ସ୍ୱରୂପକୁ ଜାଣିଯାଏ ସେ ଏହି ବୃକ୍ଷକୁ ଛେଦନ କରିଦେଇ ପାରେ । ଏହି ବୃକ୍ଷ ବାବଦରେ ଜାଣିଥିବା ଲୋକ ବେଦକୁ ଜାଣିଯାଇଥାଏ ବୋଲି ପ୍ରଥମ ଶ୍ଳୋକରେ କହିଛନ୍ତି । ତେଣୁ ସେହି ବୃକ୍ଷର ଜଳ, ଆହାର ଭାବରେ ଥିବା ବିଷୟରାଜି ଏବଂ ଗୁଣଗୁଡିକର ଅସ୍ତିତ୍ୱ ନିଖୋଜ କରିଦେବା ଦ୍ୱାରା ତାହା ଆପେ ଶୁଖିଯାଇ ବିନାଶ ହୋଇଯିବ । ସେଥିଲାଗି ଗୁଣଗୁଡିକରୁ ସଙ୍ଗ ବର୍ଜିତ ହେବାକୁ ଶସ୍ତ୍ର ଭାବେ ତୁଳନା କରି, ଏହି ଅସଙ୍ଗଶସ୍ତ୍ର ଦ୍ୱାରା ହିଁ ଏହି ବୃକ୍ଷକୁ କାଟିଦେଇ ପାରିବା ବୁଝିଲେ ଆମେ ଶ୍ଳୋକଟିକୁ ବୁଝିବା ଭଳି ହେବ ।

**(୧୪) ଶ୍ଳୋକ,୪ :**

**ତତଃ ପଦଂ ତତ୍ପରିମାର୍ଗିତବ୍ୟଂ ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।**
**ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।।**

**(ପରମାତ୍ମା)**

**ଭାବାର୍ଥ :** ଯେଉଁ ପଦ ପ୍ରାପ୍ତହେବା ପରେ ଆଉ ପୁନର୍ଜନ୍ମ ହୋଇନଥାଏ ତାହା ଜାଣିବା ଉଚିତ୍ । ଏହି ପ୍ରକୃତି ଯାହା ଦ୍ୱାରା ସମସ୍ତଙ୍କୁ ଜନ୍ମଦେଇ ବିସ୍ତୃତ କରାଉଥିବା ସେହି ପୁରାଣ ପୁରୁଷଙ୍କୁ ଆଶ୍ରୟ କରିବା ଉଚିତ୍ ।

**ବିବରଣୀ :** ଶରୀରରେ ଥିବା ଅଶ୍ୱର୍ଥ ବୃକ୍ଷକୁ ବିନାଶ କରିଦେବା ପରେ ସେଥିରେ ଥିବା ଜୀବ କୁଆଡେ ଯିବ ତାହା ଜାଣିବା ଆବଶ୍ୟକ । ତାହା ହେଉଛି ଜନ୍ମ ନଥିବା ପରମାତ୍ମାଙ୍କ ସ୍ଥାନ । ଏହି ପରମ ସ୍ଥାନକୁ ପାଇବାକୁ ହେଲେ ଏହି ପ୍ରପଞ୍ଚର ଆଦି, ପୁରାଣପୁରୁଷ ପରମାତ୍ମାଙ୍କର ଶରଣ ନେବାକୁ ହେବ । ସିଧାସଳଖ ଆରାଧନା କରିହେଉ ନଥିବା ପରମାତ୍ମାଙ୍କୁ ପାଇବା ପାଇଁ ଜୀବାତ୍ମା ପରମାତ୍ମାଙ୍କ ମଧ୍ୟସ୍ଥି ହୋଇ ରହିଥିବା ଆତ୍ମାକୁ ପୂଜା କରିବା ଉଚିତ୍ ।

**(୧୪) ଶ୍ଳୋକ,୫ :**

**ନିର୍ମାନମୋହା ଜିତସଙ୍ଗଦୋଷା ଆଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।**
**ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ ର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ ॥**

**(ପରମାତ୍ମା)**

**ଭାବାର୍ଥ :** ଯେଉଁମାନେ ମାନମୋହକୁ ତ୍ୟାଗ କରିଛନ୍ତି, ଯେଉଁମାନେ ଭୌତିକ ବିଷୟରୁ ସଙ୍ଗଚ୍ୟୁତ, ଯେଉଁମାନେ ନିତ୍ୟାତ୍ମଚିନ୍ତ, ଯେଉଁମାନେ ସୁଖଦୁଃଖର କାରଣ ହୋଇଥିବା ପାପପୁଣ୍ୟ ଠାରୁ ଦୂରରେ ରହିଥାନ୍ତି ସେହି ଜ୍ଞାନୀମାନେ ପରମପଦକୁ ପାଇଥାନ୍ତି ।

**(୧୪) ଶ୍ଳୋକ,୬: ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।**
**ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥**

**(ପରମାତ୍ମା)**

**ଭାବାର୍ଥ :** ଯାହାକୁ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ମଧ୍ୟ ଆଲୋକିତ କରିପାରନ୍ତି ନାହିଁ । ଯାହାକୁ ଥରେ ପାଇବାପରେ ଆଉ ଜନ୍ମ ନଥାଏ ତାହା ହିଁ ମୋର ପରମଧାମ ।

**ବିବରଣୀ :** ଶରୀରରେ ଥିବା ଅଶ୍ୱର୍ଥବୃକ୍ଷକୁ ବିନାଶ କରିଦେଇ ମୋକ୍ଷପାଇ ପରମାତ୍ମାରେ ଲୀନ ହୋଇପାରିବା, ସେହି ପରମାତ୍ମା ହିଁ ସ୍ୱୟଂପ୍ରକାଶ ତେଣୁ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଆଦିର ଆଲୋକ ତାଙ୍କୁ ଆଲୋକିତ କରିପାରି ନଥାନ୍ତି । ସୂର୍ଯ୍ୟଚନ୍ଦ୍ରାଦି ଅନ୍ଧାରକୁ ଆଲୋକିତ କରିପାରିବେ, ହେଲେ ଯିଏ ଆଲୋକର ଆଲୋକ ତାଙ୍କୁ କିଏ ବା ଆଲୋକିତ କରିପାରିବ ? ଏହିଭଳି ଭାବରେ ରହିଥିବା ସ୍ଥାନକୁ ଥରେ ପାଇବା ପରେ ଆଉ ଜନ୍ମ ନେବାକୁ ପଡିନଥାଏ । ସେହି ସ୍ଥାନ ହିଁ ପରମସ୍ଥାନ ବୋଲି ଜାଣିବା ଉଚିତ୍ ।

**(୧୪) ଶ୍ଳୋକ,୭ : ମମୈବାଂଶୋ ଜୀବଲୋକେ ଜୀବଭୂତସ୍ୱନାତନଃ ।**
**ମନଃଷଷ୍ଠାଣୀରିନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥**

**(ପରମାତ୍ମା)**

**ଭାବାର୍ଥ :** ବନ୍ଧ ରହିଥିବା ଜୀବରାଶିଙ୍କ ଭିତରେ ଜୀବାତ୍ମା ମୋ ଅଂଶ ହୋଇ, ପ୍ରକୃତି ସମ୍ବନ୍ଧୀୟ ଇନ୍ଦ୍ରିୟରାଜି ଭିତରୁ ଷଷ୍ଠତମ ମନକୁ ଆକର୍ଷିତ କରୁଛି ।

**ବିବରଣୀ :** କାର୍ଯ୍ୟରୂପ ପ୍ରପଞ୍ଚରେ ପରମାତ୍ମା ତିନି ଭାଗ ହୋଇ ରହିଛନ୍ତି ବୋଲି ଆମେ ଆଗରୁ ଅନେକ ସନ୍ଦର୍ଭରେ ଜାଣିସାରିଛେ । ସେହି ତିନି ଭାଗରୁ ଜୀବାତ୍ମା ଏବଂ ପରମାତ୍ମାଙ୍କୁ ଅନାଦି ବୋଲି କହିପାରିବା । ଏହି ଅନାଦି ଜୀବାତ୍ମା ଶରୀରରେ ରହି ଶରୀରରେ ବାହ୍ୟ ବିଷୟଗୁଡିକୁ ଜଣାଇ ଦେଉଥିବା, ଜ୍ଞାନେନ୍ଦ୍ରିୟଗୁଡିକ ବ୍ୟତୀତ ଜ୍ଞାନେନ୍ଦ୍ରିୟ ଗୁଡିକ ସହିତ ନିବିଡ ବନ୍ଧୁତ୍ୱ ସ୍ଥାପନ କରିଥିବା ଷଷ୍ଠତମ ମନକୁ ଆକର୍ଷିତ କରିଥାଏ । ଭୂମିର ଆକର୍ଷଣ ଦ୍ୱାରା ବସ୍ତୁଗୁଡିକ ତଳେ ପଡିଯିବା ଭଳି ଗୁଣଚକ୍ର ଭିତରେ ରହିଥିବା ଜୀବାତ୍ମାର ଆକର୍ଷଣ ଦ୍ୱାରା ମନ ନିଜକୁ ଜଣାପଡୁଥିବା ବିଷୟଗୁଡିକୁ ଭିତରକୁ ଟାଣି ନେଇଯିବା ଭଳି ପଠାଇଥାଏ । ଏହିଭଳି ପଠାଇବା ଦ୍ୱାରା ବାହାର ବିଷୟଗୁଡିକ ସହିତ ଜୀବାତ୍ମା ଏବଂ ତାର ବୁଦ୍ଧି ସମ୍ପର୍କିତ ହୋଇଯା'ନ୍ତି । ଜୀବାତ୍ମାର ଥିବା ଆକର୍ଷଣଶକ୍ତି ଦ୍ୱାରା ସେ ମନ ସାହାଯ୍ୟରେ ଭୌତିକ ବିଷୟ ସହିତ ଜଡିତ ହୋଇଯାଏ । ଜୀବାତ୍ମାର ଏହି ଆକର୍ଷଣକୁ ନିଷ୍କ୍ରିୟ କରିଦେବା ହେଉଛି ବ୍ରହ୍ମଯୋଗ ।

**(୧୪) ଶ୍ଳୋକ,୮ : ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ ।**
**ଗୃହୀ ତୈତାନି ସଂଯାତି ବାୟୁର୍ଗନ୍ଧାନିବାସୟାତ୍ ॥**
**(ଆତ୍ମା,ପ୍ରକୃତି)**

**ଭାବାର୍ଥ :** ଆତ୍ମା ଯେତେବେଳେ ଶରୀର ଛାଡି ଚାଲିଯାଏ ଏବଂ ଯେଉଁଠାରେ ପ୍ରବେଶ କରେ, ସେଠାକୁ ଅଦୃଶ୍ୟ ବାୟୁ ସୁଗନ୍ଧକୁ ବହନକରି ନେଇଯିବା ଭଳି ଆତ୍ମା ଗୁଣଗୁଡିକୁ ନେଇ ଚାଲିଯାଏ ।

**ବିବରଣୀ :** ଏହିଠାରେ ଅନେକ ଲୋକ ଭୁଲ୍ ବୁଝି କହିଥାନ୍ତି ଯେ ଜୀବାତ୍ମା ଶରୀର ଛାଡି ଚାଲିଯିବା ବେଳେ, ବାୟୁ ଆଖିକୁ ଦେଖା ନଯିବା ସ୍ଥିତିରେ ସୁଗନ୍ଧକୁ ନେଇଯିବା ଭଳି ଗୁଣାଦିକୁ ନେଇ ଚାଲିଯାଇଥାଏ, କିନ୍ତୁ ଏହି ଶ୍ଳୋକରେ ଈଶ୍ୱର ନାମକ ଶବ୍ଦ ସ୍ପଷ୍ଟ ଭାବରେ ଥିବାବେଳେ ତାହା ଜୀବ ବୋଲି କେଉଁ ଆଧାରରେ ବୁଝିଛନ୍ତି ? ଆତ୍ମାର ବିଭାଜନ ନଜାଣିଲେ ଏହି ଭୁଲ୍ ହୋଇଥାଏ । ଆତ୍ମାର

ବିଭାଜନ ଅନୁସାରେ ଶରୀରରେ ଥିବା ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କ ଭିତରୁ ପରମାତ୍ମା କେବେହେଁ ଶରୀର ଛାଡି ଯାଇନଥାନ୍ତି । କାରଣ ସେ ଭଲ ମନ୍ଦ, ଜୀବିତ ମୃତ ସର୍ବତ୍ର ଅଣୁ ଅଣୁରେ ବ୍ୟାପିରହିଥାନ୍ତି, ତେଣୁ ସେ ମୃତ ଶରୀରରେ ମଧ୍ୟ ରହିଥାନ୍ତି ବୋଲି ପ୍ରମାଣ ମିଳିଥାଏ । ପରମାତ୍ମା ଏଭଳି ରହିଯିବା ବେଳେ ଶରୀର ଛାଡି ଯାଇଥାନ୍ତି ଆତ୍ମା ଏବଂ ଜୀବାତ୍ମା । ଚାଲିଯାଉଥିବା ଏହି ଦୁଇ ଆତ୍ମା ଭିତରୁ ଶରୀରର ଅଧିପତି (ଈଶ୍ୱର) ବା ଆତ୍ମା ସାରା ଶରୀରକୁ ନିଜର ଶକ୍ତି ଦେଇ ପରିଚାଳିତ କରିଥାଏ । ଏହି ଆତ୍ମା ମରଣରେ ଶରୀର ଛାଡି ଯାଇଥାଏ ବୋଲି ସ୍ୱଷ୍ଟ ଜଣାପଡିଯାଏ । କିପରି ଦେଖନ୍ତୁ ! ଶରୀରରେ ଚୈତନ୍ୟ ହୋଇ ରହିଥିବା ଆତ୍ମା ଶରୀର ଛାଡି ଚାଲିଗଲେ ଶରୀର ତେଜଶୂନ୍ୟ ହୋଇଯାଇଥାଏ ବୋଲି କିଏବା ନ ଜାଣିଛି ! ଆତ୍ମା ଚାଲିଗଲେ ଶରୀର ଚଳପ୍ରଚଳ ହୋଇପାରେ ନାହିଁ । ଏହି ସମୟରେ ଶରୀରରେ ଥିବା ଜୀବାତ୍ମା ମଧ୍ୟ ଶରୀର ଛାଡି ଚାଲିଯାଏ । ଏହି ବିଷୟ କଣ ସାଂଖ୍ୟଯୋଗର ୨୩, ୨୪ତମ ଶ୍ଳୋକ ଦ୍ୱୟରେ କୁହାଯାଇ ନାହିଁ ?

ଆତ୍ମା ଜୀବାତ୍ମା ସହିତ କାମାଦି ଗୁଣରାଜିକୁ ନେଇ ଚାଲିଯାଇଥାଏ । ଶରୀର ଛାଡିବା ଏବଂ ଅନ୍ୟତ୍ର ପ୍ରବେଶ କରିପାରିବାର କାରଣ କର୍ମ ମଧ୍ୟ ଆତ୍ମା ସହିତ ଚାଲିଯାଏ । ଜ୍ଞାନଦୃଷ୍ଟିରେ ଦେଖିଲେ ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ସହିତ ଅନୁବନ୍ଧିତ ଅଶ୍ୱର୍ଥବୃକ୍ଷ ଶରୀରରୁ ବାହାରି, ସ୍ଥୁଳନେତ୍ରକୁ ଦେଖାନଯାଇ ଯାତ୍ରାକରି ମାତ୍ର ଦୁଇ ସେକେଣ୍ଡ୍ ଭିତରେ ଅନ୍ୟଏକ ନୂତନ ଶରୀରକୁ ଧାରଣ କରିଥାଏ । ଫୁଲର ସୁଗନ୍ଧ ପବନରେ ମିଶି ଯାତ୍ରା କରୁଥିବା ବେଳେ ତାହା ଯେମିତି ଆଖିକୁ ଦେଖାଯାଇ ନଥାଏ ଠିକ୍ ସେହିଭଳି ଆତ୍ମା ସହିତ ଯାତ୍ରା କରୁଥିବା ଅଶ୍ୱର୍ଥବୃକ୍ଷ ଦେଖାଯାଇ ନଥାଏ ।

**(୧୪) ଶ୍ଳୋକ,୯ : ଶ୍ରୋତ୍ରଂ ଚକ୍ଷୁଃ ସ୍ୱର୍ଶନଂ ଚ ରସନଂ ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥**

**(ଜୀବାତ୍ମା)**

**ଭାବାର୍ଥ :** କାନ, ଆଖି, ଚର୍ମ, ଜିଭ, ନାକ ନାମକ ଜ୍ଞାନେନ୍ଦ୍ରିୟ ଗୁଡିକୁ, ମନକୁ ଅଧିଷ୍ଠାନ କରି ବିଷୟଗୁଡିକୁ ଅନୁଭବ କରି ଜୀବାତ୍ମା ଶରୀରରେ ରହିଥାଏ ।

**ବିବରଣୀ :** ଶରୀରର ଗୁଣଚକ୍ରରେ ଥିବା ତିନି ଭାଗରୁ କୌଣସି ଏକ ଭାଗରେ ରହୁଥିବା ଜୀବାତ୍ମା ବାସ୍ତବରେ ଅନ୍ଧ ବୋଲି କହିପାରିବା । ସଦ୍ୟ ଜାତ କୁକୁରଛୁଆ ନିଜ ପାଖକୁ ଆସୁଥିବା ବାସନାକୁ ଶୁଂଘିପାରେ ସିନା ତାହା ସେ ଦେଖିପାରେ ନାହିଁ କି ଜାଣିପାରେ ନାହିଁ । ସେହିଭଳି ମନ ପାଖରେ ପହଞ୍ଚୁଥିବା ବିଷୟଗୁଡିକୁ କେବଳ ବୁଦ୍ଧିଦ୍ୱାରା ଜୀବ ଅନୁଭବ କରିଥାଏ । ମନ ଶରୀରର ବାହ୍ୟ ଆବରଣରେ ଥିବା ଆଖି, ନାକ, କାନ, ଜିଭ, ଚର୍ମ ଇତ୍ୟାଦି ସ୍ୱତନ୍ତ୍ର ସ୍ୱତନ୍ତ୍ର ଶକ୍ତି ବିଶିଷ୍ଟ ପଞ୍ଚେନ୍ଦ୍ରିୟରୁ ଦୃଷ୍ଟି, ଶ୍ରବଣ, ଗନ୍ଧ, ସ୍ପର୍ଶ, ରୁଚି ନାମକ ପାଞ୍ଚ ପ୍ରକାରର ଅନୁଭୂତିକୁ ଗ୍ରହଣ କରି ଭିତରେ ଥିବା ବୁଦ୍ଧିକୁ ଜଣାଇ ଦେଇଥାଏ । ବୁଦ୍ଧି ଯୋଗାଇ ଦେଇଥିବା ବିବରଣ ସହିତ ଜୀବ ଆସିଥିବା ଅନୁଭୂତି ଗୁଡିକୁ ସ୍ୱୟଂ ଅନୁଭବ କରିଥାଏ । ଅନୁଭୂତି ଗୁଡିକୁ ଜୀବ ଅନୁଭବ କରିବା ବେଳେ ସେଗୁଡିକର ବିବରଣ ବୁଦ୍ଧି ଦ୍ୱାରା ବହିର୍ଗତ କରିଥାଏ ବା କହିପାରିଥାଏ । ଏଠାରେ ଜୀବକୁ ଏକ ଅନ୍ଧ, ମୂକ, ବଧିର ବ୍ୟକ୍ତି ସହିତ ଆମେ ତୁଳନା କରି ପାରିବା । ସାଧାରଣତଃ ଏଭଳି ବ୍ୟକ୍ତିକୁ କେହି ମାଡମାରିଲେ ସେ ସେହି କଷ୍ଟକୁ ନଦେଖି, ନକହି, ନଶୁଣି ଅନୁଭବ କରେ ସିନା ତାହା ବାହାରକୁ କହିପାରେ ନାହିଁ ସେହିଭଳି ଜୀବ ସ୍ୱୟଂ ନଦେଖି, ନକହି, ନଶୁଣି ମଧ୍ୟ କଷ୍ଟକୁ ଅନୁଭବ କରିଥାଏ, ସେହିଭଳି ସୁଖକୁ ମଧ୍ୟ ଅନୁଭବ କରିଥାଏ । ଅନୁଭବ କରିଥିବା ବିଷୟର ବିବରଣ, ଜୀବକୁ ଜୀବ ପାଖରେ ଥିବା ବୁଦ୍ଧି ହିଁ ଜଣାଇ ଦେଇଥାଏ । ଏହି ବିଷୟକୁ ବୁଦ୍ଧି ଜୀବକୁ ନ ଜଣାଇବା ପର୍ଯ୍ୟନ୍ତ ଅନୁଭବ କରିଥିବା ଅନୁଭୂତି ଗୁଡିକ କ'ଣ ଜୀବ ଜାଣିପାରି ନଥାଏ । ବୁଦ୍ଧି ନଥିଲେ ଜୀବ ସ୍ତବ୍ଧ ଭାବରେ ଅନୁଭବ କରିବା ବ୍ୟତୀତ ଯାହା ଅନୁଭବ କରିଥାଏ ତାହା କ'ଣ ବୋଲି କହି ପାରେ ନାହିଁ ।


ପ୍ରତ୍ୟେକ ଶରୀରର ଜୀବାତ୍ମା ପାଖରେ ରହିଥାଏ ବୁଦ୍ଧି । ସମସ୍ତ ଜୀବ ପରମାତ୍ମାଙ୍କର ଏକ ଏକ ଅଂଶ ହେଲେହେଁ ବୁଦ୍ଧିର ଭିନ୍ନତା ନେଇ ସମସ୍ତ ଜୀବଠାରେ ଭିନ୍ନତା ଲକ୍ଷ୍ୟ କରାଯାଏ । ଜୀବମାନଙ୍କ ଭିତରେ ଏହି ବୁଦ୍ଧିର ଭେଦଭାବ ରହିଥାଏ । ଉଦାହରଣ ସ୍ୱରୂପ ଏକ ପଦାର୍ଥର ରୁଚି ବାବଦରେ ଚାରିଜଣ ବ୍ୟକ୍ତିଙ୍କୁ ପଚାରିଲେ ସମସ୍ତଙ୍କର ସମାଧାନ ସମାନ ହେବ ନାହିଁ ।

ସମସ୍ତେ ନିଶ୍ଚୟ ଭିନ୍ନ ଭିନ୍ନ ସ୍ୱାଦ ବାବଦରେ କହିବେ । ସେମାନଙ୍କୁ କିଛି ଗୁଡ ଖାଇବାକୁ ଦେଇ ଯଦି ପଚରାଯାଏ ଯେ, ତାହା କିପରି ଲାଗୁଛି ? ସେତେବେଳେ ଯଦି ଜଣେ କହିବ ମିଠାଲାଗୁଛି ତ ଆଉ ଜଣେ କହିବ ନାଇଁ ଗୁଡ ଟିକିଏ ଲୁଣମିଶା ବୋଧ ହେଉଛି । ଆଉଜଣେ ମିଠା ଟିକିଏ କମ୍ ଅଛି କହିବା ବେଳେ ଚତୁର୍ଥ ଜଣକ ନିଶ୍ଚୟ କିଛି ଅଲଗା ଉତ୍ତର ଦେବ । ଏହିଭଳି ଏକ ପ୍ରକାର ଗୁଡର ରୁଚିକୁ ଚାରିଜଣ ଜୀବାତ୍ମା ପରୀକ୍ଷା କରି ଦେଖିଲେ ମଧ୍ୟ, ସେମାନଙ୍କର ବୁଦ୍ଧି ବିବରଣ ପ୍ରଦାନ କରିବା ବେଳେ ଭିନ୍ନ ଭିନ୍ନ ହୋଇଥାଏ । ଏହି ଉଦାହରଣରୁ ସ୍ପଷ୍ଟ ଜଣାଯାଏ ଯେ, ପ୍ରତ୍ୟେକ ଜୀବର ବୁଦ୍ଧି ଅଲଗା ଅଲଗା । ତେଣୁ ବଡମାନେ ଏହାକୁ ଏକ ରଢି ଭାବରେ କହିବାକୁ ଯାଇ **'ବାର ମୁଣ୍ଡରେ ବାର ବୁଦ୍ଧି'** ବୋଲି କହିଥାନ୍ତି । ଆମେ ଆଉ ଟିକିଏ ଗଭୀର ଆଲୋଚନା କଲେ ଜାଣି ପାରିବା ଯେ, କେତେକଙ୍କର ବୁଦ୍ଧି ଭଲ, ଆଉ କେତେକଙ୍କର ବୁଦ୍ଧି ମନ୍ଦ । ଏହିସବୁ ଉଦାହରଣରୁ ବୁଦ୍ଧିରେ ଭିନ୍ନତା ରହିଛି ବୋଲି ଜାଣିବା ସହିତ ଜାଣିପାରୁଛେ ଯେ, ଜୀବ ତାର ଏହି ବୁଦ୍ଧି ଦ୍ୱାରା ବିଷୟକୁ ବ୍ୟକ୍ତ କରିଥାଏ । ସେଥିଲାଗି କହିପାରିବା ଯେ, ଜୀବ କର୍ମରଜ୍ଜୁରେ ବାନ୍ଧିହୋଇ ନାନା ଅନୁଭବ କରୁଛି ସିନା, ବାସ୍ତବରେ ସେ କିଛି ଅନୁଭବ କରିପାରୁ ନଥିବା ଶୁଦ୍ଧାତ୍ମା । ଗୁଣଗୁଡିକରେ ଛନ୍ଦିହେବା ଦ୍ୱାରା, ଗୁଣଗୁଡିକର ବିବରଣକୁ ବୁଦ୍ଧି ଜଣାଇବା ଦ୍ୱାରା, ବୁଦ୍ଧିର ରଙ୍ଗ ହିଁ ଜୀବାତ୍ମାଠାରେ ଲାଗିଯାଏ । ଶରୀରରେ ଏହି ଜୀବାତ୍ମା କିପରି ବୁଦ୍ଧି ସହିତ ଅବସ୍ଥାନ କରୁଛି ତାହା ଜାଣିବା ଆବଶ୍ୟକ ।

ଜୀବାତ୍ମା ପରମାତ୍ମାଙ୍କ ଅଂଶ, ସେହି କାରଣରୁ ପ୍ରଥମରୁ ଆମେ କହିପାରିବା ଯେ, ଜୀବାତ୍ମା ହେଉଛି କିଛି ହୋଇନଥିବା ଏକ ଶୂନ୍ୟ ସ୍ଥିତି । ସତ କହିଲେ ଜୀବାତ୍ମା ଶୂନ୍ୟ ମଧ୍ୟ ନୁହେଁ, ତଥାପି ଜୀବାତ୍ମା କର୍ମବନ୍ଧନରେ ବାନ୍ଧିହେବା ଦ୍ୱାରା ତାର ଏକ ଆକାର ସୃଷ୍ଟିହୋଇଛି । ଜ୍ଞାନଚକ୍ଷୁରେ ଦେଖିଲେ ଜୀବାତ୍ମାର ଆକାର ଏକ ବର୍ତ୍ତୁଳାକାର ପେଣ୍ଡୁଭଳି । ପେଣ୍ଡୁର ଭିତରିଭାଗ ଶୂନ୍ୟ ଏବଂ ତାକୁ ଏକ ବାହ୍ୟ ଆବରଣ ଘେରି ରହିଛି । ଏହିଭଳି ଶୂନ୍ୟ ହୋଇଥିବା ଜୀବାତ୍ମା ଏକ ଆବରଣ ଭିତରେ ରହିଛି । ପେଣ୍ଡୁ ଭିତରେ ଥିବା ଶୂନ୍ୟତାର ବାହ୍ୟ ଆବରଣ ରବରରେ ତିଆରି ହୋଇଥିବା ଭଳି ଜୀବାତ୍ମାର ବାହ୍ୟ

ଆବରଣ ହୋଇଥାଏ ବୁଦ୍ଧି । ଏହି ବୁଦ୍ଧି ନାମକ ଆବରଣକୁ ଘେରି ଆଉ ଦୁଇଟି ଆବରଣ ମଧ୍ୟ ଅଛି । ସେ ଦୁଇଟି ହେଲେ ଚିତ୍ତ, ଅହମ୍ । ଏହିଭଳି ଜୀବାତ୍ମା ନାମକ ଶୂନ୍ୟସ୍ଥାନ ତିନି ଆବରଣ ବିଶିଷ୍ଟ ।

ଜୀବାତ୍ମା ସବୁବେଳେ ଶୁଦ୍ଧ, କିନ୍ତୁ କର୍ମବନ୍ଧନ କାରଣରୁ କର୍ମକୁ ଅନୁଭବ କରିବାପାଇଁ ତାକୁ ପ୍ରକୃତି ଭିତରେ ଜନ୍ମନେବାକୁ ପଡିଥାଏ । ତେଣୁ ପ୍ରକୃତି ଭାଗର ହୋଇଥିବା ବୁଦ୍ଧି, ଚିତ୍ତ, ଅହଂ ତାକୁ ଘେରି ରହିଥାନ୍ତି ଏବଂ ଜୀବର ଏକ ଆକାର ସୃଷ୍ଟି ହୋଇଥାଏ । ଜୀବ କିପରି କର୍ମବନ୍ଧନରେ ବାନ୍ଧିହୁଏ, କିପରି ତାର ଏକ ଆକାର ସୃଷ୍ଟିହୁଏ ତାହା ଚିତ୍ରରେ ଦେଖିଲେ ଆଉ ଟିକିଏ ଭଲରେ ବୁଝିପାରିବା ।




**(୧୪) ଶ୍ଳୋକ,୧୦ : ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।**
**ବିମୂଢାଃ ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନ ଚକ୍ଷୁଷଃ ।।**

(ଜୀବାତ୍ମା)

**ଭାବାର୍ଥ :** ଦେହ ଅନ୍ତ ହୋଇଯିବା ପରେ, ଦେହ ଛାଡିଯିବା ବେଳେ, ଦେହରେ ରହିଥିବା ବେଳେ, ଗୁଣାନୁଭବ କରୁଥିବା ବେଳେ, ଜୀବ କିପରି ରହିଥାଏ ଜ୍ଞାନୀମାନେ ତାହା ଜ୍ଞାନନେତ୍ରରେ ଦେଖିପାରନ୍ତି ।

**ବିବରଣୀ :** ଜୀବାତ୍ମା ଶରୀର ଛାଡି ଚାଲିଯିବା ବେଳେ ତାର ଜନ୍ମର କାରଣ ହୋଇଥିବା କାଳ, କର୍ମ, ଗୁଣଚକ୍ର ଗୁଡିକ ମଧ୍ୟ ସାଥିରେ ଯାଇଥାଏ । ଏହି ବିଷୟ ଏବଂ ଅନ୍ଧବତ୍ ରହିଥିବା ଜୀବ ତିନି ଗୁଣଭାଗରୁ କୌଣସି ଏକ ଗୁଣଭାଗରେ ରହିଥିବା ବିଷୟକୁ ଅନୁଭବ କରି, ତାର ବିବରଣକୁ ବୁଦ୍ଧିଦ୍ୱାରା ଜାଣିଥାଏ ବୋଲି ଅଜ୍ଞାନୀମାନେ ଜାଣନ୍ତି ନାହିଁ । ଯେଉଁମାନଙ୍କର ଜ୍ଞାନନେତ୍ର ରହିଛି ସେମାନେ କେବଳ ଏହା ଜାଣି ପାରନ୍ତି । ତେବେ ଏହି ଜ୍ଞାନନେତ୍ର କେଉଁଠାରେ ରହିଛି ? ବୋଲି ପ୍ରଶ୍ନକଲେ ଜବାବ ମିଳିଥାଏ ଯେ, **ଆମ ଶରୀରର ଗ୍ରନ୍ଥିରାଜ ମଧ୍ୟ ଆମର ଜ୍ଞାନନେତ୍ର ଭାବରେ କାର୍ଯ୍ୟ କରିଥାଏ** । ଏହି ଗ୍ରନ୍ଥିରାଜ ସ୍ଥାନରେ ମନକୁ ଲଗ୍ନ କରିବା ଅଭ୍ୟାସ ଯେଉଁମାନେ କରି ପାରନ୍ତି ସେମାନଙ୍କୁ ଆତ୍ମା ବିଷୟ ଜଣାପଡେ । ଏହିଭଳି ଜଣା ପଡୁଥିବା ବିଷୟ ଗୁଡିକରେ ଖାଲି ଆତ୍ମାବିଷୟ କାହିଁକି ବୁଦ୍ଧି, ଚିତ୍ତ, ଅହଂ ଏବଂ ମନ ବାବଦରେ ମଧ୍ୟ ଜାଣିହୁଏ । ତେଣୁ ଜୀବାତ୍ମା, ବୁଦ୍ଧି, ଚିତ୍ତ, ଅହଂର ଆକାର ମଧ୍ୟ ଆମେ ବହିର୍ଗତ କରିପାରିଛୁ । ଗୁଣଗୁଡିକୁ ଏବଂ ତା ଭିତରେ ଥିବା ଜୀବାତ୍ମାକୁ ଚିତ୍ରରେ ଦେଖାଇ ତା ବାବଦରେ କହିପାରୁଛୁ ।

**(୧୪) ଶ୍ଲୋକ,୧୧ : ଯତନ୍ତୋ ଯୋଗୀନଃ ଚ ଏନ ପଶ୍ୟନ୍ତାତ୍ମନ୍ୟବସ୍ଥିତମ୍ ।**
**ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତଚେତସଃ ॥**
**(ଆତ୍ମା)**

**ଭାବାର୍ଥ :** ଚେଷ୍ଟିତ ଯୋଗୀମାନେ ଦେହରେ ଥିବା ଆତ୍ମାକୁ ଦେଖିପାରନ୍ତି । ଚେଷ୍ଟାରହିତ ଅକୃତାତ୍ମାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଆତ୍ମାକୁ ଦେଖି ପାରିନଥାନ୍ତି ।

**ବିବରଣୀ :** ତିନିଗୋଟି ଆତ୍ମା ଶରୀରରେ ଥାଏ । ସେମାନଙ୍କ ମଧ୍ୟରୁ ଜୀବାତ୍ମା ନିଜର ଚେଷ୍ଟା ଦ୍ୱାରା ଆତ୍ମାକୁ ଜାଣିଥାଏ । ଏକ ନିୟମ ଅନୁସାରେ ଯୋଗ ପଦ୍ଧତିରେ ଜୀବାତ୍ମା ପରମାତ୍ମାଙ୍କୁ ପାଇବାକୁ ହେଲେ ମଧ୍ୟରେ ଥିବା ଆତ୍ମା ଦ୍ୱାରା ପାଇପାରେ । ତେଣୁ ଯେଉଁମାନେ ଆତ୍ମାକୁ ଜାଣିନଥାନ୍ତି ସେମାନେ ପରମାତ୍ମାଙ୍କୁ ଜାଣି ପାରନ୍ତି ନାହିଁ । ସେଥିଲାଗି ବ୍ରହ୍ମଯୋଗୀମାନେ ଆତ୍ମାକୁ ଜାଣିବା ପାଇଁ

ଚେଷ୍ଟା କରିଥାନ୍ତି । ଯେଉଁମାନଙ୍କର ମନ ସ୍ୱାଧୀନ ହୋଇନଥାଏ, ଯେଉଁମାନେ ବ୍ରହ୍ମଯୋଗ କରିବା ପାଇଁ ଇଚ୍ଛା କରି ନଥାନ୍ତି ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଆତ୍ମାକୁ ଜାଣି ପାରିନଥାନ୍ତି ।

**(୧୪) ଶ୍ଳୋକ,୧୨ : ଯଦାଦିତ୍ୟଗତଂ ତେଜୋ ଜଗଭାସୟତେଽଖିଳମ୍ ।**
**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ।।**

**(ପରମାତ୍ମା)**

**ଭାବାର୍ଥ :** ସମସ୍ତ ଜଗତକୁ ଆଲୋକିତ କରୁଥିବା ସୂର୍ଯ୍ୟତେଜ, ଚନ୍ଦ୍ରତେଜ, ଅଗ୍ନିତେଜ ସବୁ ମୋର ତେଜ ବୋଲି ଜାଣ୍ ।

**ବିବରଣୀ :** ସବୁକିଛିର ମୂଳ ପରମାତ୍ମା । ଯାହାଠାରେ ହେଉ, ଯେଉଁଭଳି ବିଶେଷତା ହେଉ ତାହା ପରମାତ୍ମାଙ୍କ ଦ୍ୱାରା ପ୍ରାପ୍ତ ହୋଇଥାଏ ବୋଲି ଜାଣିବା ଉଚିତ୍ । ସେହିଭଳି ସୂର୍ଯ୍ୟଠାରେ ଥିବା ବୈଶିଷ୍ଟ୍ୟତା ହେଉଛି ସେ ପ୍ରଦାନ କରୁଥିବା ଆଲୋକ । ସେହିଭଳି ଚନ୍ଦ୍ରାଲୋକ ଚନ୍ଦ୍ରର ବୈଶିଷ୍ଟ୍ୟତା, ଉତ୍ତାପ ଅଗ୍ନିର ବୈଶିଷ୍ଟ୍ୟତା, ହେଲେ ଏସବୁ ପରମାତ୍ମାଙ୍କର ବୋଲି ଜାଣିବା ଉଚିତ୍ । ଏକଥା ବିଭୂତିଯୋଗରେ କହିସାରିଥିଲେ ମଧ୍ୟ ପୁନର୍ବାର କହିବାକୁ ପଡିଛି ।

**(୧୪) ଶ୍ଳୋକ,୧୩ : ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ।।**

**(ପରମାତ୍ମା)**

**ଭାବାର୍ଥ :** ଭୂପୃଷ୍ଠରେ ରହି ମୋ ବଳ ଦ୍ୱାରା ସମସ୍ତ ଜୀବରାଶିଙ୍କୁ ମୁଁ ଧାରଣ କରିଛି,ମୁଁ ରସମୟ ଚନ୍ଦ୍ରଭାବେ ରହି ସର୍ବ ଔଷଧକୁ ପ୍ରାଣରସ ଯୋଗାଇଥାଏ ।

**ବିବରଣୀ :** ଅଣୁ ଅଣୁରେ ବ୍ୟାପୀ ରହିଥାନ୍ତି ପରମାତ୍ମା, ସେ ଭୂପୃଷ୍ଠରେ ମଧ୍ୟ ରହି ସମସ୍ତ ଆହାର ପଦାର୍ଥ ଉତ୍ପତ୍ତିପାଇଁ ବଳ ଯୋଗାଇଥାନ୍ତି, ଆହାର ପଦାର୍ଥ ଗୁଡିକ ଭୂପୃଷ୍ଠରୁ ତିଆରିକରି ସମସ୍ତ ଜୀବର ପୋଷଣ କରିଥାନ୍ତି । ତାଛଡା ଆକାଶରେ ଚନ୍ଦ୍ର ହୋଇ, ଭୂପୃଷ୍ଠରେ ଥିବା ବୃକ୍ଷଲତାଦିରେ ଥିବା ଔଷଧକୁ ତାର କିରଣ ଦ୍ୱାରା ରସାୟନ ଯୁକ୍ତ କରି, ଔଷଧରେ ଔଷଧଶକ୍ତି ସ୍ଥାପନ କରିଥାନ୍ତି ।

ଭୂପୃଷ୍ଠରେ ବଢୁଥିବା ବୃକ୍ଷଲତାଦିକୁ ଦୁଇ ଭାଗରେ ବିଭକ୍ତ କରି ଏକ ଭାଗରେ ସମସ୍ତ ଜୀବରାଶିର ଶରୀରକୁ ପୋଷୁଥିବା ପୋଷକାହାର ଭାବରେ, ଦ୍ୱିତୀୟ ଭାଗରେ ସମସ୍ତ ଜୀବରାଶିଙ୍କୁ ହେଉଥିବା ରୋଗର ନିବୃତ୍ତି ପାଇଁ ଦରକାରୀ ରସାୟନଯୁକ୍ତ ଔଷଧକୁ ପରମାତ୍ମା ହିଁ ନିଜ ଶକ୍ତି ଦ୍ୱାରା ତିଆରି କରିଥାନ୍ତି ।

**(୧୪) ଶ୍ଳୋକ,୧୪ : ଅହଂ ବୈଶ୍ୱନରୋଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନ ସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥**
**(ଆତ୍ମା)**

**ଭାବାର୍ଥ :** ମୁଁ ସକଳ ଜୀବର ଶରୀରରେ ବୈଶ୍ୱାନର ନାମକ ଅଗ୍ନିହୋଇ, ପ୍ରାଣ, ଅପାନ ବାୟୁ ଦ୍ୱାରା ଜଳୁଥାଇ ଚାରି ପ୍ରକାରର ଆହାରକୁ ପଚନ କରାଇଥାଏ ।

**ବିବରଣୀ :** ସମସ୍ତ ଶରୀରରେ ଥିବା ପରମାତ୍ମା ଆତ୍ମାଦ୍ୱାରା ଚୈତନ୍ୟ ପ୍ରଦାନ କରି ତାହା ଚଳପ୍ରଚଳ ହେବାର ମୂଳ କାରଣ ହୋଇଥାନ୍ତି । ଆତ୍ମା ଏବଂ ଜୀବାତ୍ମା ପରମାତ୍ମାଙ୍କ ଅଂଶ ଭାବରେ ରହି ନିଜ ନିଜର କାର୍ଯ୍ୟ କରିଥାନ୍ତି । ଆତ୍ମା ନିଜର କାର୍ଯ୍ୟ କରିବାକୁ ଯାଇ ଶରୀରକୁ ଚଳପ୍ରଚଳ କରିବା ବ୍ୟତୀତ, ନିଜର ଶକ୍ତିକୁ ଗ୍ରନ୍ଥିଗୁଡିକୁ ପ୍ରସାରଣ କରି ତା ଦ୍ୱାରା ଏକ ଅତୀତ ଶକ୍ତିକୁ ଛାଡିଥାଏ । ଆତ୍ମଚୈତନ୍ୟ ସାରା ଶରୀରରେ ଏକ ପ୍ରକାର କାର୍ଯ୍ୟକରି, ଗ୍ରନ୍ଥିଗୁଡିକରେ ପ୍ରବେଶ କରି ଆଉଏକ ଶକ୍ତିଭାବେ ବହିର୍ଗତ ହୋଇ ଅନ୍ୟଏକ ପ୍ରକାରର କାର୍ଯ୍ୟ କରିଥାଏ । ଲାଳ ଝରାଉଥିବା ରସଗ୍ରନ୍ଥିରୁ ଆସୁଥିବା ଲାଳ ନାମକ ମହିମାମୟ ରସ, କ୍ଲୋମଗ୍ରନ୍ଥିରୁ ବହିର୍ଗତ ହେଉଥିବା କ୍ଲୋମରସ, ସେହିଭଳି ପୈତ୍ୟଗ୍ରନ୍ଥିରୁ ନିର୍ଗତ ହେଉଥିବା ପୈତ୍ୟରସ, ଏହି ତିନିଗୋଟି ରସ ଅତି ଶକ୍ତିବନ୍ତ ରସ । ଏଗୁଡିକ ଗୋଟିଏ ସ୍ଥାନରେ ମିଳିତ ହେବାବେଳେ ଏକ ପ୍ରକାରର ଅଗ୍ନି ସୃଷ୍ଟି ହୋଇଥାଏ । ତାର ନାମ **'ବୈଶ୍ୱାନର'** ବୋଲି କୁହାଯାଇଛି । ଏହି ତିନି ରସର ମିଳିତ ଶକ୍ତି ଅତି ବଳଶାଳୀ, ଏହା ଜୀର୍ଣ୍ଣାଶୟରେ ଥିବା ଚାରି ପ୍ରକାରର ଆହାରକୁ ଜୀର୍ଣ୍ଣ କରିଦେଇଥାଏ । ଜଳସ୍ପର୍ଶ ପାଇବା କ୍ଷଣରେ ଟାଣ ଥିବା ଚୂନପଥର ନରମ ହେବାଭଳି, ରସର ପ୍ରଭାବରେ କଠିନ ଥିବା ଆହାର ମଧ୍ୟ ନରମ ହୋଇଯାଏ ।

ଆମେମାନେ ଖାଉଥିବା ଆହାର ବା ଖାଦ୍ୟପଦାର୍ଥ ଚାରି ପ୍ରକାରର ରହିଥାଏ । ୧) ଶ୍ୱେତସାର (କାର୍ବୋହାଇଡ୍ରେଡ୍) ୨) ପୁଷ୍ଟିସାର ବା ମାଂସ ଜାତୀୟ (ପ୍ରୋଟିନ୍) ୩) ଖଣିଜ ଲବଣ ବା ଧାତୁସାର (ମିନରାଲ୍ସ) ୪) ସ୍ନେହସାର (ଲିପିଡ୍ସ, ଅଏଲ୍ସ) । ଆମେ ନିତ୍ୟ ଭାବରେ ଖାଉଥିବା ଏହି ଚାରି ପ୍ରକାର ପଦାର୍ଥ ଆତ୍ମଶକ୍ତି ନିର୍ମିତ ରସ (ବୈଶ୍ୱାନର ନାମକ ଜଠରାଗ୍ନି) ଦ୍ୱାରା ଜୀର୍ଣ୍ଣ ହୋଇଥାଏ ।

**ସୂଚନା :-** ଚାରିପ୍ରକାରର ଥିବା ଏହି ଆହାର ବାବଦରେ ଅନେକ ଲୋକ ଲେଖିଛନ୍ତି ଯେ, ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ବା ଭକ୍ଷ୍ୟ, ଭୋଜ୍ୟ, ଲେହ୍ୟ, ଚୋଷ୍ୟ ନାମକ ଚାରି ପ୍ରକାରର ଆହାର ରହିଛି । ଦାନ୍ତ ଦ୍ୱାରା ଚୋବାଇ ଖାଇବା, ଦାନ୍ତରେ ନଚୋବାଇ ଖାଇବା, ଜିଭରେ ଚାଟି ଖାଇବା, ଜିଭରେ ନଚାଟି ସିଧା ପିଇବା, ଏହିଭଳି ଚାରି ପ୍ରକାରର ପଦାର୍ଥ ବୋଲି ଲେଖିଛନ୍ତି ବା କହିଛନ୍ତି । ଖାଇବା ପଦ୍ଧତି ଅନୁସରଣ କରି ବିଭାଜନ କଲେ ଏହା କେବଳ ମାନବ ପାଇଁ ସୀମିତ ହୋଇଯାଏ । ଦାନ୍ତ ନଥିବା ଝିଟିପିଟି, ବେଙ୍ଗ ଇତ୍ୟାଦିଙ୍କ ପାଇଁ କଣ ଏହା ଠିକ୍ ? ଠିକ୍ ନୁହେଁ । ଗୀତାରେ ଲେଖାଯାଇଥିବା ସମସ୍ତ ବିଷୟ ସର୍ବ ଜୀବରାଶି ପାଇଁ କାର୍ଯ୍ୟକାରୀ ହେବା ଉଚିତ୍ । ମାନବ ପାଇଁ ଠିକ୍‌ହୋଇ ଜନ୍ତୁମାନଙ୍କ ପାଇଁ ଠିକ୍ ହୋଇନଥିବା ବାଣୀ ଜଗତପାଇଁ ଠିକ୍ ନୁହେଁ । ଏଭଳି ଯେଉଁମାନେ ବୋଧ କରିଥାନ୍ତି ବା କରାଇଥାନ୍ତି ସେମାନେ ଜଗଦ୍ଗୁରୁ ନୁହନ୍ତି । ଜଗତର ସମସ୍ତ ଜୀବରାଶିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବାଣୀ ଯିଏ କହନ୍ତି ତାଙ୍କୁ ଜଗଦ୍ଗୁରୁ ବୋଲି କହିପାରିବା । ଶିଷ୍ୟମାନଙ୍କ ସଂଖ୍ୟା ବଢିଗଲେ ଯେ ଜଣେ ଜଗଦ୍ଗୁରୁ ହୋଇଯିବ ତା ନୁହେଁ ବାଣୀ ଅନୁସାରେ ଜଗଦ୍ଗୁରୁ ନିର୍ଣ୍ଣୀତ ହୋଇଥାନ୍ତି । **ଶ୍ରୀକୃଷ୍ଣ କହିଥିବା ଗୀତାଶାସ୍ତ୍ର ସମସ୍ତ ଜୀବରାଶିଙ୍କ ପାଇଁ ଉପଯୋଗୀ ତେଣୁ କାହାକୁ ଶିଷ୍ୟ ନକଲେ ମଧ ସେ ଜଗଦ୍ଗୁରୁ ହୋଇପାରିଛନ୍ତି,** ତାଙ୍କର ସେହି ବାଣୀକୁ କେହି ସଙ୍କୁଚିତ ବାଣୀ ମନେକରିବା ଅନୁଚିତ୍ । ଆମେ କହିଥିବା ଏହି ଚାରି ପ୍ରକାରର ଆହାର ପଦାର୍ଥ ସର୍ବ ଜୀବରାଶିର ଶରୀର ପାଇଁ ଆବଶ୍ୟକ, ଏଭଳି ନକହିଲେ ମାଂସାଶୀ ପ୍ରାଣୀମାନେ ଖାଉଥିବା ଆହାର କେବଳ ଚର୍ବ୍ୟ ହେବ ସିନା ଚୋଷ୍ୟ, ଲେହ୍ୟ, ପେୟ, ହୋଇପାରିବ ନାହିଁ ।

**(୧୪) ଶ୍ଲୋକ,୧୫ :**

**ସର୍ବସ୍ୟ ଚାହଂ ହୃଦି ସନ୍ନିବଷ୍ଟୋ ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ॥**

(ଆତ୍ମା)

**ଭାବାର୍ଥ :** ସମସ୍ତ ଜୀବରାଶିର ହୃଦୟ ସ୍ଥାନରେ ମୁଁ ରହିଛି । ସ୍ମୃତି, ଜ୍ଞାନ, ଅପୋହନ ଉଦ୍ଭାବର ବିସ୍ମୃତି ମୋ ଦ୍ୱାରା ହୋଇଥାଏ । ବେଦ ବେଦାନ୍ତ ମୋତେ ହିଁ ଜଣାଇଥାନ୍ତି, ମୁଁ ହିଁ ବେଦଜ୍ଞ ।

**ବିବରଣୀ :** ହୃଦି ବା ହୃଦୟ ଗୋଟିଏ କଥା । ହୃଦୟ କହିଲେ ହୃତ୍ପିଣ୍ଡ ବୋଲି ସମସ୍ତଙ୍କର ଧାରଣା । ବାସ୍ତବରେ ଏହା ଏକ ଭ୍ରାନ୍ତ ଧାରଣା । ହୃଦୟ କହିଲେ ହୃତ୍ପିଣ୍ଡ ନୁହେଁ ବୋଲି ଆମେ ଅନେକଥର ଜଣାଇଛୁ । ଆଧ୍ୟାତ୍ମିକ ବିଦ୍ୟାରେ ହୃଦୟ କହିଲେ ବ୍ରହ୍ମନାଡୀକୁ ବୁଝାଏ । ସମସ୍ତ ଶରୀର ମଧ୍ୟରେ ଥିବା ବ୍ରହ୍ମନାଡୀରେ ଆତ୍ମା ନିବାସ କରିଥାଏ । ସେଥିଲାଗି ଏହି ଶ୍ଲୋକରେ ସର୍ବସ୍ୟ ଚାହଂ ହୃଦି ସନ୍ନିବଷ୍ଟୋ ବୋଲି କହିଛନ୍ତି । ଶରୀରରେ ଜୀବାତ୍ମା, ଆତ୍ମା ଅଲଗା ଅଲଗା ରହିଥାନ୍ତି । ଜୀବାତ୍ମା କୌଣସି କାର୍ଯ୍ୟ କରିନଥାଏ; ତଥାପି ସବୁ ସେ କରୁଛି ବୋଲି ଭ୍ରାନ୍ତ ଧାରଣା ପାଇଥାଏ । ବାସ୍ତବରେ ସମସ୍ତ କାର୍ଯ୍ୟ ଆତ୍ମା କରିଥାଏ ବା କରାଇଥାଏ । ଶରୀରରେ ସ୍ମୃତି, ଜ୍ଞାନ, ଅପୋହନ (ଉଦ୍ଭାବକୁ ଭୁଲିଯିବା) ମଧ୍ୟ ଆତ୍ମା ଦ୍ୱାରା ହୋଇଥାଏ । ଶରୀରରେ ଆତ୍ମା ଅନେକଗୁଡିଏ କାର୍ଯ୍ୟ କରୁଥିଲେ ମଧ୍ୟ ଏଠାରେ ତିନିଗୋଟି ମୁଖ୍ୟ କାର୍ଯ୍ୟ ବାବଦରେ କୁହାଯାଇଛି । ସେଗୁଡିକ ଭିତରୁ ଗୋଟିଏ ହେଉଛି ସ୍ମୃତି, ଦ୍ୱିତୀୟଟି ଜ୍ଞାନ ଏବଂ ତୃତୀୟଟି ହେଉଛି ଅପୋହନ ବା ବିସ୍ମୃତି । ଏହି ତିନିଗୋଟିକୁ ବୁଦ୍ଧିରେ ଜାତ କରାଇଥାଏ ଆତ୍ମା । ଜ୍ଞାନ କହିଲେ ପ୍ରାପଞ୍ଚିକ ବା ଭୌତିକଜ୍ଞାନ, ସ୍ମୃତି କହିଲେ ଗତ ଘଟଣା ଗୁଡିକୁ ମନେ ପକାଇବା, ଅପୋହନ କହିଲେ ହୃଦୟ ଜନ୍ମିତ ନବ ପରିକଳ୍ପନାର ବିସ୍ମୃତି ବା ଉଦ୍ଭାବର ବିସ୍ମୃତି । ଏହି ତିନିଗୋଟି କାର୍ଯ୍ୟ ମନ ଦ୍ୱାରା ହୋଇଥାଏ ବୋଲି ସମସ୍ତେ ଭାବନ୍ତି, କିନ୍ତୁ ଏହା ବାସ୍ତବ ନୁହେଁ । ସ୍ମୃତି, ଜ୍ଞାନ, ଅପୋହନକୁ ପ୍ରଥମେ ଆତ୍ମା ବୁଦ୍ଧିରେ ଆଣିଥାଏ । ଆତ୍ମା ଦ୍ୱାରା ବୁଦ୍ଧିରେ ଜାତ ହେଉଥିବା ସେହି ସ୍ମୃତି ସ୍ୱତନ୍ତ୍ର । ମାନବ ନିଦ୍ରାସ୍ଥିତିରେ ରହି

ଶରୀରରେ ମନ, ବୁଦ୍ଧି ସ୍ଥିର ଭାବରେ ରହିଥିବା ବେଳେ ଆତ୍ମାଠାରୁ ବୁଦ୍ଧି ଦ୍ୱାରା ସଂଜ୍ଞା ବିଶିଷ୍ଟ ହେବା (ଚେଇଁ ଉଠିବା ବା ଚୈତନ୍ୟ ପାଇବା)କୁ ସ୍ମୃତି ବୋଲି କହିପାରିବା । ପ୍ରତିଦିନ ନିଦ୍ରା ପରେ ପରେ ଆସୁଥିବା ସଂଜ୍ଞା ବିଶିଷ୍ଟ ସ୍ଥିତି ବା ଜାଗ୍ରତ ସ୍ଥିତିକୁ ସ୍ମୃତି (ଚେତା) ବୋଲି କହିପାରିବା । ସେହିଭଳି ଶରୀରରେ ପରମାତ୍ମା ଜ୍ଞାନ ମଧ୍ୟ ଜାତକରାଇଥାଏ ଆତ୍ମା । ପ୍ରାପଞ୍ଚିକ ଜ୍ଞାନକୁ ପଞ୍ଚେନ୍ଦ୍ରିୟ ଗୁଡିକ ଦ୍ୱାରା ଯୋଗାଇ ଦେଇଥାଏ ମନ, କିନ୍ତୁ ପରମାତ୍ମାଙ୍କ ବିବରଣ କେବଳ ଆତ୍ମାଙ୍କୁ ଜଣାଥାଏ ।

ଉଭାବ ଆତ୍ମା ଦ୍ୱାରା ଆସିଥାଏ । ସେହିଭଳି ଆଲୋଚନା ମନରେ ଜାତହୁଏ । ଉଭାବ ହୃଦୟରୁ ନୂତନ ଭାବରେ ଜନ୍ମନିଏ । ଏହିଭଳି ଜନ୍ମ ହେଉଥିବା ଉଭାବ ପୁନର୍ବାର ହଜିଯାଇଥାଏ । ସେଥିଲାଗି ଅପୋହନ ଶବ୍ଦର ଅର୍ଥ ଉଭାବର ବିସ୍ମୃତି ବୁଝିବା ଉଚିତ୍ । କେଉଁଠାରେ ନଥିବା ଏକ ବିଷୟର ବିବରଣ ବା ପରିକଳ୍ପନା ପ୍ରଥମେ ଆତ୍ମାଠାରେ ଜନ୍ମ ହୋଇଥାଏ । ତାହାକୁ ହିଁ ଉଭାବ କହିପାରିବା । ଉଦାହରଣ ସ୍ୱରୂପ ଟେଲିଭିଜନ୍ ନାମକ ଯନ୍ତ୍ରର ପରିକଳ୍ପନା ପ୍ରଥମେ ଏକ ମଣିଷର ବୁଦ୍ଧିରେ ଆସିବା ବେଳେ, ତାହା ତା ଦ୍ୱାରା କାର୍ଯ୍ୟରୂପ ଧାରଣ କରିବା ପରେ ସେହି ମଣିଷ ଉଭାବନ କରିଛି ବୋଲି ପ୍ରଚାରିତ ହୁଏ । ମାର୍କୋନି ରେଡିଓର ଉଭାବକ (ପରିକଳ୍ପନାକାରୀ) ବୋଲି ଆମେ କହୁଛେ । ବାସ୍ତବରେ ମାର୍କୋନି ନାମକ ବ୍ୟକ୍ତିଶରୀରର ଆତ୍ମା ତାର ବୁଦ୍ଧିକୁ ଉଭାବ ଦ୍ୱାରା ଯୋଗାଇ ଦେଇଥିବା ବିଷୟ ହେଉଛି ରେଡିଓ । ମାର୍କୋନିଙ୍କ ଆତ୍ମା ଯୋଗାଇ ଦେଇଥିବା ବିଷୟ ରେଡିଓ ବୋଲି ମାର୍କୋନିଙ୍କୁ ଜଣା ନାହିଁ, ତାହା ଅନ୍ୟମାନଙ୍କୁ ମଧ୍ୟ ଜଣା ନାହିଁ । ସେଥିଲାଗି ମୁଁ ରେଡିଓର ଉଭାବକ ବୋଲି ମାର୍କୋନି ନିଜକୁ ଭାବିବା ବେଳେ, ମାର୍କୋନି ହିଁ ରେଡିଓର ଉଭାବକ ବୋଲି ଜନସାଧାରଣ କହିଥାନ୍ତି । ସେହିଭଳି ଆଜି ଭୂପୃଷ୍ଠରେ ଉପଯୋଗ ହେଉଥିବା ବିମାନ, ରେଳ, କମ୍ପ୍ୟୁଟର୍, ସେଲ୍ଫୋନ୍ ଇତ୍ୟାଦିର ଉଭାବନ ଆମକୁ ଆତ୍ମା ଯୋଗାଇ ଦେଉଥିଲେ ମଧ୍ୟ ସେକଥା ଆମମାନଙ୍କୁ ଜଣା ନାହିଁ । ଉପର ଶ୍ଳୋକରେ ମୋଦ୍ୱାରା ଅପୋହନ ଜାତ ହୋଇଥାଏ ବୋଲି ମଧ୍ୟ କହିଛନ୍ତି । ମାନବର ହୃଦିରେ ସୃଷ୍ଟି ହୋଇଥିବା ଉଭାବ ଗୁଡିକୁ ମାନବ ପୁନର୍ବାର ଭୁଲିଯାଇଥାଏ । ମାତ୍ର କେଇଜଣ ସେମାନଙ୍କଠାରେ ସୃଷ୍ଟି ହୋଇଥିବା ଉଭାବ ବା ପରିକଳ୍ପନାକୁ

ମନରେ ଲଗ୍ନ କରିଥାନ୍ତି । ଏହିଭଳି ମନରେ ଲଗ୍ନ ହୋଇଥିବା ଉଦ୍ଭାବ ଯଦି ପୁଣି ମନୋସ୍ମୃତିକୁ ଚାଲିଆସେ ସେତେବେଳେ ତାହା ଆଲୋଚନାରେ ପରିଣତ ହୋଇଥାଏ । ମାନବଠାରେ ଆସୁଥିବା ସମସ୍ତ ଉଦ୍ଭାବ ଆଲୋଚନାରେ ବଦଳିପାରେ ନାହିଁ । କାରଣ! ସୃଷ୍ଟି ହୋଇଥିବା ଉଦ୍ଭାବ ବୁଦ୍ଧିରେ ମିଳିତ ହୋଇଯାଇଥାଏ । ତାହା ମନରେ ମିଳିତ ହୋଇଥିଲେ ସ୍ମୃତିରେ ରହିଥାନ୍ତା, କିନ୍ତୁ ବୁଦ୍ଧିରେ ମିଳିତ ହୋଇଥିବାରୁ ତାହା ଆଲୋଚନାରେ ଆସିପାରି ନଥାଏ । ସ୍ମୃତିରେ ନରହି ବୁଦ୍ଧିରେ ମିଶିଯାଇ ତାହା ନିଖୋଜ ହୋଇଯାଏ । ତେଣୁ ଅପୋହନ କହିଲେ! ଉଦ୍ଭାବର ବିସ୍ମୃତି ଅର୍ଥାତ୍ ଭିତରୁ (ଆତ୍ମାଠାରୁ) ନୂଆକରି ଏକ ବିଷୟ (ଭୌତିକ କିମ୍ବା ଅଭୌତିକ) ଆସିବା ଏବଂ ତାହାକୁ ବୁଦ୍ଧିରେ ବିଚାର କରି, ମନରେ ଲଗ୍ନ ନକରି ଭୁଲିଯିବା । ଏହି ଅପୋହନ ମଧ୍ୟ ମୋ ଦ୍ୱାରା ହୋଇଥାଏ ବୋଲି ଉପର ଶ୍ଳୋକରେ କୁହାଯାଇଛି ।

**୧୪) ଶ୍ଳୋକ,୧୬ : ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।**
**କ୍ଷର ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥**
**(ଆତ୍ମା,ଜୀବାତ୍ମା)**


**ଭାବାର୍ଥ :** ଲୋକଗୁଡିକରେ ଦୁଇ ପ୍ରକାର ପୁରୁଷ ଥାଆନ୍ତି, ସେମାନେ କ୍ଷର ଏବଂ ଅକ୍ଷର ଭାବରେ କଥିତ, କ୍ଷର ସମସ୍ତ ଭୂତରେ ରହିଥାଏ ଏବଂ କ୍ଷର ସହିତ କୂଟସ୍ଥ ଭାବରେ ଅକ୍ଷର ରହିଥାଏ ।

**ବିବରଣୀ :** ପ୍ରପଞ୍ଚ ସୃଷ୍ଟିହେବା ପରେ ପ୍ରଥମେ ଜନ୍ମନେଲା ଆତ୍ମା, ଆତ୍ମା ଜନ୍ମହେବା ପରେ ସୃଷ୍ଟିହେଲା ଚରପ୍ରକୃତି । ଆତ୍ମା ପୁରୁଷ ତତ୍ତ୍ୱ ହେବା ବେଳେ, ପ୍ରକୃତି ସ୍ତ୍ରୀ ତତ୍ତ୍ୱ ଭାବେ ରହିଲା । ଆତ୍ମାକୁ ପୁରୁଷ ଏବଂ ପ୍ରକୃତିକୁ ସ୍ତ୍ରୀ ତତ୍ତ୍ୱ କାହିଁକି କହିବା ବୋଲି କେତେକଙ୍କ ଠାରେ ନିଶ୍ଚୟ ପ୍ରଶ୍ନ ଆସିପାରେ । ଏହି ପ୍ରଶ୍ନର ସମାଧାନ ପାଇଁ କିଛି ବୀଜ ଆବଶ୍ୟକ । ଏହି ପ୍ରପଞ୍ଚ (ପଞ୍ଚଭୂତ) ସୃଷ୍ଟି ହେବା ପାଇଁ ପ୍ରଥମେ ଯେଉଁ ବୀଜ ଥିଲା ତାହା କିଛି ହୋଇନଥିବା ଅନାମ ଏବଂ ବର୍ଣ୍ଣନାତୀତ କୌଣସି ସ୍ଥିତି । ସେଥିରୁ ହିଁ ପ୍ରଥମେ ଜନ୍ମ ହୋଇଥିଲା ପ୍ରକୃତି । ତେଣୁ ତାହା ଯେଉଁଥିରୁ ଉତ୍ପତ୍ତି ହେଲା ତାହାକୁ ହିଁ ବୀଜ ବୋଲି କହିପାରିବା ।

ଏହି ବୀଜକୁ ପୁରୁଷ ଭାବରେ, ଏବଂ ଯାହା ଉତ୍ପତ୍ତି ହେଲା ତାହାକୁ ସ୍ତ୍ରୀଭାବେ ହିସାବ କରିବାକୁ ପଡିଲା । ଏହି ବାବଦରେ ପୂର୍ବ ବିଷୟ ଗୁଣତ୍ରୟ ବିଭାଗ ଯୋଗ ନାମକ ଅଧ୍ୟାୟର ତୃତୀୟ ଏବଂ ଚତୁର୍ଥତମ ଶ୍ଳୋକରେ ଭଲ ଭାବରେ ବର୍ଣ୍ଣନା କରାଯାଇଛି । ଯିଏ ଭରଣ କରିଥାଏ ସେ ଭର୍ତ୍ତା (ସ୍ୱାମୀ) ଏବଂ ଯିଏ ଭରିତ ହୁଏ ତାକୁ ସ୍ତ୍ରୀ କହିବା ଭଳି ଯିଏ ଉତ୍ପତ୍ତି କରିଥାଏ ସେ ପୁରୁଷ ଏବଂ ଯାହା ଉତ୍ପତ୍ତି ହୁଏ ତାହା ସ୍ତ୍ରୀ ବୋଲି ହିସାବକୁ ନେଇ କହୁଛୁ, ସେହି ଅନୁସାରେ ଆତ୍ମା ଯେଉଁଭଳି ରହିଲେ ମଧ୍ୟ ପୁରୁଷ ଭାବରେ, ପ୍ରକୃତି ଯେଉଁଭଳି ରହିଲେ ମଧ୍ୟ ସ୍ତ୍ରୀ ଭାବରେ କହିବାକୁ ପଡିଛି ।


ପୁରୁଷଠାରୁ ଉତ୍ପତ୍ତି ହୋଇଛି ପ୍ରକୃତି । ବିଶ୍ୱ ଥିବା ପର୍ଯ୍ୟନ୍ତ ପୁରୁଷ ତତ୍ତ୍ୱ ଭାବରେ ଆତ୍ମା, ସ୍ତ୍ରୀତତ୍ତ୍ୱ ଭାବରେ ପ୍ରକୃତି ହିଁ ରହିଥିବ । ସର୍ବ ପ୍ରଥମେ ଏହି ପ୍ରପଞ୍ଚ ତିଆରି ହେବାବେଳେ ଯାହାକୁ ଆମେ ପୁରୁଷ ବୋଲି ନାମ ଦେଲେ ତାଠାରୁ ହିଁ ଆତ୍ମା ବହିର୍ଗତ ହୋଇଛି ବୋଲି ବିଭୂତି ଯୋଗର ଷଷ୍ଠତମ ଶ୍ଳୋକରେ ଆମେ ଜାଣିଥିଲେ । ବହିର୍ଗତ ହୋଇଥିବା ଏହି ଆତ୍ମା ସାତଗୋଟି ଭାଗରେ ବିଭକ୍ତ ହୋଇଛି ବୋଲି ମଧ୍ୟ ଜାଣିଥିଲେ । ସେହି ସାତଗୋଟି ଭାଗରୁ ଉପରେ ଥିବା ଆତ୍ମାଭାଗକୁ କିଛି ଚରପ୍ରକୃତି ଦ୍ୱାରା ଅଲଗା କରାଯାଇଛି । ଏହିଭଳି ଅଲଗା କରାଯାଇଥିବା ସେହି ଆତ୍ମାଭାଗକୁ ସ୍ୱତନ୍ତ୍ର ନାମରେ **"ଜୀବାତ୍ମା"** କୁହାଯାଇଛି । **କିଛି ହୋଇନଥିବା ସ୍ଥିତିରୁ ଅଲଗା ହୋଇଥିବା ଅଂଶକୁ ଆତ୍ମା କୁହାଯିବା ବେଳେ, ଆତ୍ମାଠାରୁ ଅଲଗା ହୋଇ ରହିଥିବା ଏକ ଭାଗକୁ ଜୀବାତ୍ମା କୁହାଯାଏ ବୋଲି ମନେରଖନ୍ତୁ** । ଏଠାରେ ଆଉ ଟିକିଏ ବିବରଣାତ୍ମକ ଜାଣିବାକୁ ଗଲେ, ପ୍ରଥମେ ତିଆରି ହୋଇଥିବା ଆତ୍ମା ସାତଭାଗରେ ବିଭକ୍ତହୋଇ ରହିଛି ବୋଲି ଜଣାଯାଏ । ସେହି ସାତଭାଗ କିପରି ରହିଛି ବୋଲି ଜାଣିବାକୁ ଚାହିଁଲେ ! ପ୍ରଥମେ ଆତ୍ମା ଦୁଇ ସମାନ ଭାଗରେ ବିଭକ୍ତ ହୋଇଯିବା ବେଳେ ସେହି ଦୁଇ ସମାନ ଭାଗରୁ ଗୋଟିଏ ଭାଗ ବିଭକ୍ତ ହୋଇ ଅନ୍ୟଭାଗଟି ଆଉ ଦୁଇ ସମାନ ଭାଗରେ ବିଭକ୍ତ ହୋଇଛି । ଏହିଭଳି ବିଭକ୍ତ ହୋଇଥିବା ଗୋଟିଏ ଭାଗ ସେହିଭଳି ରହିବା ବେଳେ, ଦ୍ୱିତୀୟଟି ସମାନ ଭାଗରେ ବିଭକ୍ତ ହୋଇ ସାତଭାଗ ହୋଇଯାଇଛି । ଏହାକୁ ବୁଝିବାକୁ ହେଲେ ପର ପର୍ଦ୍ଦରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟକରନ୍ତୁ ।

## ପରମାତ୍ମାଙ୍କ ଠାରୁ ଆସିଥିବା ଆତ୍ମା ବିଭାଜନ ଚିତ୍ର




ଏହିଭଳି ଆତ୍ମା ସାତଭାଗରେ ବିଭକ୍ତ ହୋଇଛି । ଏହାକୁ ବୁଝିବା ପାଇଁ ଯେଉଁ ଚିତ୍ରକୁ ଉଦାହରଣ ଭାବରେ ନିଆଯାଇଛି ସେଥିରେ ଆତ୍ମା ଅଂଶକୁ ସଂଖ୍ୟା ଭାବରେ ଚିହ୍ନାଇବାକୁ ପଡିଛି । ଚିତ୍ରରେ ଆତ୍ମାକୁ ଦୁଇହଜାର ୟୁନିଟ୍ ଭାବରେ ନିଆଯାଇଛି । ସେଥିରୁ ୧୦୦୦ ୟୁନିଟ୍ ପ୍ରଥମ ଭାଗରେ ରହିବାବେଳେ, ବଳକା ଛଅଗୋଟି ଭାଗ ୧୦୦୦ ୟୁନିଟ୍ ଭାବରେ ବିଭାଜିତ ହୋଇଛି । ପ୍ରଥମରେ ଥିବା ପ୍ରଥମ ଭାଗ ୧୦୦୦ ୟୁନିଟ୍ ଶକ୍ତି ବୋଲି ଚିହ୍ନିବା ପାଇଁ ସେହି ଭାଗକୁ ସହସ୍ରାର ନାମରେ ନାମିତ କରାଯାଇଛି । ଏହି ନାମକୁ ଆମେ ଜାଣିବା ପରେ ଏହି ଉଦାହରଣରେ ରଖିଲେ ମଧ୍ୟ ବାସ୍ତବରେ ଏହାର ପୂର୍ବନାମ ହେଉଛି ସହସ୍ରାର । ଏହା କେଉଁ ଶାସ୍ତ୍ରରେ କୁହାଯାଇଛି ବୋଲି ପଚାରିବା ଲୋକେ ଥାଇପାରନ୍ତି । **ସେମାନଙ୍କ ପାଇଁ ଆମର ସମାଧାନ ହେଉଛି ! ଏହାକୁ ବ୍ରହ୍ମବିଦ୍ୟା ଶାସ୍ତ୍ର ପ୍ରମାଣର ସହିତ କହିଛି । ଏହା କେଉଁଠିକାର ଶାସ୍ତ୍ର ବୋଲି ଭାବନ୍ତୁ ନାହିଁ ସାରା ପ୍ରପଞ୍ଚର ଏବଂ ଷଡଶାସ୍ତ୍ର ଭିତରେ ସବୁଠାରୁ ବଡଶାସ୍ତ୍ର ହେଉଛି ଏହି ବ୍ରହ୍ମବିଦ୍ୟା ଶାସ୍ତ୍ର ।** ଏହା ବ୍ୟତୀତ ଆଉ ବାକିଥିବା ପାଞ୍ଚଗୋଟି ଶାସ୍ତ୍ର ଏହାଠାରୁ ଛୋଟ । ସେହି ପାଞ୍ଚଗୋଟି ଶାସ୍ତ୍ର ପ୍ରକୃତି ସମ୍ବନ୍ଧୀୟ ହୋଇଥିବା ବେଳେ, ଷଷ୍ଠତମ ଏହି ବ୍ରହ୍ମବିଦ୍ୟାଶାସ୍ତ୍ର ପରମାତ୍ମା ସମ୍ବନ୍ଧୀୟ ଶାସ୍ତ୍ର ହୋଇ ରହିଛି । ଏହି ବ୍ରହ୍ମବିଦ୍ୟା ଶାସ୍ତ୍ର ଅନୁସାରେ ଆତ୍ମା ସାତଗୋଟି ଭାଗ ହୋଇ ରହିବା ବେଳେ, ତା'ପରେ ଚରପ୍ରକୃତି ଦ୍ୱାରା ତିଆରି ହୋଇଥିବା ବୁଦ୍ଧି, ଚିତ୍ତ, ଅହଂ ଆଉ ମନ ଦ୍ୱାରା ଜୀବାତ୍ମା ତିଆରି ହୋଇ ରହିଛି । ଜୀବାତ୍ମା ଆତ୍ମାର ବିଚ୍ଛିନ୍ନାଂଶ ବୋଲି ସିନା ଜାଣିଲେ ହେଲେ ଆତ୍ମାର କେତେ ଭାଗରୁ ଜୀବାତ୍ମା ସୃଷ୍ଟିହୋଇଛି ବୋଲି ପ୍ରଶ୍ନ ଆସିବା ବେଳେ ତାର ସମାଧାନ ମଧ୍ୟ ଜାଣିବା ଦରକାର । ଆତ୍ମାର ସାତଗୋଟି ଭାଗର ପ୍ରଥମ ଭାଗ ୧୦୦୦ ୟୁନିଟ୍ ବୋଲି ଆମେ ଜାଣିଥିଲେ, ସେହି ୧୦୦୦ ୟୁନିଟ୍‌ରୁ ଅର୍ଦ୍ଧେକାଂଶ ଅର୍ଥାତ୍ ୫୦୦ ୟୁନିଟ୍‌କୁ ଚରପ୍ରକୃତି ନିଜର ବଶୀଭୂତ କରି ତାର ବୁଦ୍ଧି, ଚିତ୍ତ, ଅହଂ ଦ୍ୱାରା ଆବୃତ୍ତ କରିବା ଦ୍ୱାରା ତାହା ଜୀବାତ୍ମା ଭାବରେ ପରିଣତ ହୋଇଛି । ଅର୍ଥାତ୍ ପ୍ରଥମ ଆତ୍ମା ଭାଗର ଅଧାଭାଗ ହେଉଛି ଏହି ଜୀବାତ୍ମା, ଏହା ବୁଝିବାପାଇଁ ମଧ୍ୟ ଆଉଏକ ଚିତ୍ର (ପର ଚିତ୍ର) ଦେଖନ୍ତୁ ।

## ପରମାତ୍ମାଙ୍କ ଠାରୁ ଆସିଥିବା ଆତ୍ମା, ଆତ୍ମାଠାରୁ ଆସିଥିବା ଜୀବାତ୍ମା ବିଭାଜନ ଚିତ୍ର



# ଶରୀରରେ ଆତ୍ମାଭାଗ ଗୁଡିକର ସ୍ଥିତି



ଏହିଭଳି ଭାବରେ ପ୍ରଥମ ଭାଗର ଅର୍ଦ୍ଧେକ ଜୀବାତ୍ମା ହୋଇଥିବା ବେଳେ, ପ୍ରଥମ ସ୍ଥାନର ଆତ୍ମା ୫୦୦ ୟୁନିଟ୍ ଭାବରେ ରହି, ଦ୍ୱିତୀୟ ସ୍ଥାନରେ ମଧ୍ୟ ୫୦୦ ୟୁନିଟ୍ ଭାବରେ ରହିଛି । ଏମିତି ଉପରେ ଦୁଇଟି ସ୍ଥାନର ଆତ୍ମା ସମାନ ବଳଯୁକ୍ତ ହେବାବେଳେ ତଳେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ୩୧.୧/୪(୩୧.୨୫) ୟୁନିଟ୍ ସମାନ ଭାବରେ ରହିଛି । ଏହି ସାତଭାଗର ଆତ୍ମାସ୍ଥାନକୁ ଚିହ୍ନିବା ପାଇଁ ପ୍ରତ୍ୟେକକୁ ଅଲଗା ଅଲଗା ନାମରେ ନାମିତ ମଧ୍ୟ କରାଯାଇଛି । ପ୍ରଥମ ସ୍ଥାନକୁ ସହସ୍ରାର, ଦ୍ୱିତୀୟକୁ ଆଗ୍ନେୟ, ତୃତୀୟକୁ ବିଶୁଦ୍ଧ, ଚତୁର୍ଥଟି ଅନାହତ, ପଞ୍ଚମଟି ମଣିପୂରକ, ଷଷ୍ଠଟି ସ୍ୱାଧିଷ୍ଠାନ, ଏବଂ ସପ୍ତମଟି ମୂଳାଧାର ଏହିଭଳି ସାତଗୋଟି ନାମରେ କୁହାଯାଇଛି ବୋଲି ଆମେ ଜାଣିବାକୁ ପାଇଛେ ।

ସାତଗୋଟି ଆତ୍ମା ଭାଗକୁ ଶରୀରର ସାତଗୋଟି ନାଡୀକେନ୍ଦ୍ର ଆକ୍ରମଣ କରିଛି । ପ୍ରଥମ ନାଡୀକେନ୍ଦ୍ର ମସ୍ତିଷ୍କ (ସହସ୍ରାର) ଆତ୍ମାର ପ୍ରଥମ ଭାଗ ଯାହା ୫୦୦ ୟୁନିଟ୍ ଆକ୍ରମଣ କଲାବେଳେ, ଦ୍ୱିତୀୟ ନାଡୀକେନ୍ଦ୍ର ମସ୍ତିଷ୍କର ତଳଭାଗ (ଆଗ୍ନେୟ) ଆତ୍ମାର ଦ୍ୱିତୀୟଭାଗ ହୋଇ ୫୦୦ ୟୁନିଟ୍‌କୁ ଆକ୍ରମଣ କରି ରହିଛି । ଏହିଭଳି ଭାବରେ ଅନ୍ୟ ପାଞ୍ଚଗୋଟି ନାଡୀକେନ୍ଦ୍ରରେ ମଧ୍ୟ ଆତ୍ମା ଅନ୍ୟ ପାଞ୍ଚଗୋଟି ଭାଗକୁ ଆକ୍ରମଣ କରି ରହିଛି । ସାତଗୋଟି ନାଡୀକେନ୍ଦ୍ର ପାଇଁ ଆତ୍ମାର ଭାଗଗୁଡିକୁ ନାମିତ କରାଯାଇଛି । ଶରୀରର ସାତଗୋଟି ନାଡୀକେନ୍ଦ୍ର ଠାରୁ ଆତ୍ମାର ସାତଗୋଟି ଭାଗ ନିଜ ନିଜର କାର୍ଯ୍ୟ କରୁଛନ୍ତି । ଏହାକୁ ଶରୀରର ସପ୍ତସ୍ଥାନ, ସପ୍ତଚକ୍ର ବୋଲି କେତେକ ମତବ୍ୟକ୍ତ କରିଥାନ୍ତି । ଏଗୁଡିକୁ ପଦ୍ମ ବୋଲି ଏବଂ ସେହି ପଦ୍ମର ପାଖୁଡା ବୋଲି କେତେକ କହିବାବେଳେ, ଆଉ କେତେକ ଏକ ଏକ ସ୍ଥାନ ନିମନ୍ତେ ଏକ ଏକ ବୀଜାକ୍ଷର ରହିଛି ବୋଲି ମଧ୍ୟ କହିଥାନ୍ତି । ଏହିଭଳି ସେଠାରେ ରହିଥିବା ସତ୍ୟକୁ ଛାଡିଦେଇ ଅନେକ ଲୋକ ଅନେକ କଥା କହୁଥିବା ସ୍ଥଳେ, ହେତୁବାଦୀମାନେ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଥାନ୍ତି । ସାତଗୋଟି ନାଡୀକେନ୍ଦ୍ର ରହିବା କଥା ସତ୍ୟ, ସେଥିରେ ଥିବା ଆତ୍ମାଶକ୍ତି ମଧ୍ୟ ସତ୍ୟ । ହେତୁବାଦୀମାନେ ଏହାକୁ ଅସ୍ୱୀକାର କରିଦେଲେ ମଧ୍ୟ ସେମାନଙ୍କୁ ଜଣାଥିବା ବିଜ୍ଞାନ ଅନୁସାରେ ସାତଗୋଟି ନାଡୀକେନ୍ଦ୍ର ନାହିଁ ବୋଲି ପ୍ରମାଣିତ କରି କହିପାରିବେ ନାହିଁ ।

ଏଠାରେ ଆଉଏକ ବିଷୟ ହେଉଛି ! ୫୦୦ ୟୁନିଟ୍ ଭାବରେ ଥିବା ପ୍ରଥମ ସହସ୍ରାର ନାଡୀକେନ୍ଦ୍ର, ଦ୍ୱିତୀୟ ଆଗ୍ନେୟ ନାଡୀକେନ୍ଦ୍ର ଉଭୟ ନାଡୀକେନ୍ଦ୍ର ମସ୍ତିଷ୍କର ଏକ ସ୍ଥାନରେ ଉପରତଳ ହୋଇ ରହିବା ବେଳେ, ୩୧.୧/୪ ୟୁନିଟ୍ ଭାବରେ ଥିବା ଷଷ୍ଠତମ ସ୍ୱାଧିଷ୍ଠାନ ନାଡୀକେନ୍ଦ୍ର ଏବଂ ସପ୍ତମ ନାଡୀକେନ୍ଦ୍ର ଆଧାର ନାଡୀକେନ୍ଦ୍ର ଦୁଇଟିଯାକ ମେରୁଦଣ୍ଡର ଶେଷ ସ୍ଥାନରେ ଉପରତଳ ହୋଇ ରହିଛନ୍ତି । ବଳକା ତିନିଗୋଟି ଆତ୍ମାଭାଗ ୨୫୦, ୧୨୫, ୬୨.୧/୨ ୟୁନିଟ୍ ଭାବରେ ଭିନ୍ନତାକ୍ରମେ ରହିବା ଛଡା ଗୋଟିକଠାରୁ ଗୋଟିଏ ଝଖଣ୍ଡ ଝଖଣ୍ଡ (ଝଖଣ୍ଡ- ବୃଦ୍ଧାଙ୍ଗୁଳିଠାରୁ କନିଷ୍ଠାଙ୍ଗୁଳି ପର୍ଯ୍ୟନ୍ତ ଥିବା ଲମ୍ବ) ବ୍ୟବଧାନରେ ଥିବା ନାଡୀକେନ୍ଦ୍ର ଗୁଡ଼ିକରେ ରହିଛନ୍ତି । ଗୋଟିଏ ସ୍ଥାନରେ ଥିବା ଉପର ଦୁଇ କେନ୍ଦ୍ରର ଆତ୍ମାକାର୍ଯ୍ୟ ପ୍ରାୟ ଏକଭଳି ହୋଇଥାଏ । ସେହିଭଳି ତଳେ ଏକ ସ୍ଥାନରେ ଥିବା ଦୁଇ ନାଡୀକେନ୍ଦ୍ରର ଆତ୍ମା କାର୍ଯ୍ୟ ମଧ୍ୟ ପ୍ରାୟ ଏକ ଭଳି ହୋଇଥାଏ । ଉପର ନାଡୀକେନ୍ଦ୍ର ଗୋଟିଏ ସ୍ଥାନରେ ରହିଥିବାରୁ ସେ ଦୁଇଟିକୁ ଗୋଟିଏ ବୋଲି ହିସାବ କରି, ସେହିଭଳି ଏକ ସ୍ଥାନରେ ଥିବା ତଳ ଦୁଇ ନାଡୀକେନ୍ଦ୍ରକୁ ଗୋଟିଏ ଭାବରେ ହିସାବକୁ ନେଇ ଦେଖିଲେ, ମଧ୍ୟରେ ଥିବା ତିନିଗୋଟି ନାଡୀକେନ୍ଦ୍ରକୁ ମିଶାଇ ମୋଟ ପାଞ୍ଚଗୋଟି ନାଡୀକେନ୍ଦ୍ର ଭାବରେ ଆତ୍ମା ପାଞ୍ଚ ଭାଗରେ ରହିଥିବା ଜଣାଯାଇଥାଏ । ଏକ ସ୍ଥାନରେ ରହି ଏକ ପ୍ରକାରର କାର୍ଯ୍ୟ କରୁଥିବା ଉପର ଦୁଇ ଆତ୍ମାଭାଗ ସମାନ ଶକ୍ତିଯୁକ୍ତ ହୋଇ, ଦୁଇଟିଯାକ ଗୋଟିଏ ଭାଗରେ ଚିହ୍ନଟ ହେବା ପାଇଁ "ସହସ୍ରାଗ୍ନେୟ" ନାମରେ ନାମିତ ହେବାବେଳେ, ତଳେଥିବା ଦୁଇ ଆତ୍ମା ଭାଗ ସମାନ ଶକ୍ତି ବିଶିଷ୍ଟହୋଇ ଗୋଟିଏ ଭାବରେ ଚିହ୍ନଟ ହେବା ପାଇଁ "ସ୍ୱାଧିଷ୍ଠାଧାର" ଭାବରେ ନାମିତ ହୋଇଛି । ଏହିଭଳି ସେହି କେନ୍ଦ୍ରଗୁଡ଼ିକ ହେଉଛନ୍ତି ୧) ସହସ୍ରାଗ୍ନେୟ ୨) ବିଶୁଦ୍ଧ ୩) ଅନାହତ ୪) ମଣିପୂରକ ୫) ସ୍ୱାଧିଷ୍ଠାଧାର । ଶରୀରରେ ଥିବା ପ୍ରକୃତିର ପଞ୍ଚଭୂତ ପାଇଁ ଏଇମାନେ ହିଁ ଅଧିପତି ଭାବରେ ରହିଥାନ୍ତି । ସହସ୍ରାର -ଆକାଶ ତତ୍ତ୍ୱର, ବିଶୁଦ୍ଧ - ବାୟୁ ତତ୍ତ୍ୱର, ଅନାହତ - ଅଗ୍ନି ତତ୍ତ୍ୱର, ମଣିପୂରକ - ଜଳ ତତ୍ତ୍ୱର, ସ୍ୱାଧିଷ୍ଠାଧାର - ଭୂମି ତତ୍ତ୍ୱର ଅଧିପତି ହୋଇ ରହିଛନ୍ତି ବୋଲି ଜାଣିବା ଉଚିତ୍ ।

ଏଠାରେ ଆଉ କେତେକଙ୍କୁ ଏକ ପ୍ରଶ୍ନ କରିବା ସୁଯୋଗ ରହିଛି । ତାହା କଣନା!! ଆତ୍ମାର ଶକ୍ତି ୨୦୦୦ ୟୁନିଟ୍ ବୋଲି କହିଛନ୍ତି । ତାହା ସମସ୍ତଙ୍କଠାରେ ୨୦୦୦ ୟୁନିଟ୍ ହୋଇ ରହିଥିବା ବେଳେ ସମସ୍ତଙ୍କର ବଳ ଏକ ହେବା ଉଚିତ୍! ହେଲେ ସେଭଳି କେଉଁଠାରେ ହେବା ତ ଦେଖାଯାଇ ନଥାଏ! ସମସ୍ତେ ସ୍ୱତନ୍ତ୍ର ସ୍ୱତନ୍ତ୍ର ବଳ ବିଶିଷ୍ଟ ହୋଇଥିବା ବେଳେ ଆତ୍ମା ସମସ୍ତଙ୍କ ଠାରେ ସମାନ ବଳବିଶିଷ୍ଟ ହୋଇ ରହି ନଥାଏ ବୋଲି ସ୍ପଷ୍ଟଭାବରେ ଜାଣିହେଉଛି । ଏହାଛଡା ୟୁନିଟ୍ ବଳ କହିଲେ ତାର ମାପ କେତେ ? ବୋଲି ପ୍ରଶ୍ନ କରିପାରନ୍ତି । ଏହାର ସମାଧାନରେ ଆମେ କହିବୁ ଯେ! ଏକ ପ୍ରକାରର ଲମ୍ବ ଏବଂ ଏକ ପ୍ରକାରର ପ୍ରସ୍ଥ ବିଶିଷ୍ଟ କ୍ଷେତ୍ରରେ ରହିଥିବା ଶକ୍ତିକୁ ଆମେ ଏକ ୟୁନିଟ୍ ବୋଲି ଧରିନେଇଛୁ । ଅର୍ଥାତ୍ ଲମ୍ବ, ପ୍ରସ୍ଥ ଏକ ହୋଇଥିବା ଏକ ବର୍ଗକ୍ଷେତ୍ରର ଶକ୍ତିକୁ ଆମେ ଏକ ୟୁନିଟ୍ ବୋଲି ନେଇ କହିଛୁ । ଏକ ଆତ୍ମା ୨୦୦୦ ୟୁନିଟ୍ ଭାବରେ ବିଭକ୍ତ ହୋଇଛି । ସବୁ ଶରୀରର ଆତ୍ମା ଏକ ପରିମାଣ ହୋଇନଥାଏ । ପ୍ରତ୍ୟେକ ଶରୀରରେ ଏହି ଆତ୍ମା ସ୍ୱତନ୍ତ୍ର ସ୍ୱତନ୍ତ୍ର ପରିମାଣର ହୋଇଥାଏ । ଯେଉଁ ଶରୀରରେ ଯେଉଁଭଳି ପରିମାଣର ହୋଇ ରହିଲେ ମଧ୍ୟ ଆତ୍ମା ୨୦୦୦ ୟୁନିଟ୍ ହୋଇ ସମାନ ଶକ୍ତି ଭାବେ ବିଭାଜିତ ହୋଇଛି, ତାଛଡା ଆତ୍ମା ସାରା ଶରୀରରେ ବ୍ୟାପି ରହିଛି । ସେଥିଲାଗି ଆତ୍ମା ଶରୀରର ଆକୃତିକୁ ପ୍ରାପ୍ତ ହୋଇଛି । ଶରୀରରେ ବ୍ୟାପି ରହିଥିବା ଆତ୍ମା ସ୍ୱତନ୍ତ୍ର ସମୟରେ (ବ୍ରହ୍ମଯୋଗରେ) ୧୫୦୦ ୟୁନିଟ୍ ୫୦୦ ୟୁନିଟ୍‌ରେ ବଦଳିଯାଇ ପାରେ । ଏକ ୟୁନିଟ୍‌ରେ ଦୁଇ ୟୁନିଟ୍ ଲେଖାଏଁ ମିଶିଯାଇ ପାରେ । ପୁନର୍ବାର ଅଲଗାହୋଇ ବ୍ୟାପି ୧୫୦୦ ୟୁନିଟ୍‌ରେ ବଦଳିଯାଇ ପାରେ । ଆତ୍ମାର ପ୍ରଥମସ୍ଥାନ ୫୦୦ ୟୁନିଟ୍ ଭିତରେ ତଳେ ଥିବା ଛଅଗୋଟି ସ୍ଥାନର ୧୦୦୦ୟୁନିଟ୍ ମିଶିଯାଇ ପାରେ । ଉପର ଏବଂ ତଳର ମୋଟ ୧୫୦୦ୟୁନିଟ୍ ମାତ୍ର ୫୦୦ୟୁନିଟ୍ ଭିତରେ ମିଶିଯାଇ ପାରେ (ଲୁଚି ରହିଯାଇ ପାରେ) ।

ଏକ ୟୁନିଟ୍ ଏକ ପରିମିତ ମାପର ହୋଇ ନଥାଏ । କାରଣ ଆତ୍ମା ଏକ ପରିମାଣରେ ନଥାଏ, ପ୍ରତ୍ୟେକ ଶରୀରରେ ଭିନ୍ନ ଭିନ୍ନ ପରିମାଣର

ହୋଇଥାଏ । ସେଥିଲାଗି ଏକ ଏକ ଶରୀରର ଶକ୍ତି ଭିନ୍ନ ଭିନ୍ନ ହୋଇଥାଏ । ପରମାତ୍ମାଙ୍କ ଠାରୁ ଆସିଥିବା ଆତ୍ମା ଏକ ପରିମାଣରେ ହୋଇ ନଥିବା କାରଣରୁ ଶରୀର ଶରୀର ମଧ୍ୟରେ ଭିନ୍ନତା ଦେଖାଯାଇଥାଏ । ପରମାତ୍ମାଙ୍କ ଠାରୁ ଆସିଥିବା ଆତ୍ମା ୨୦୦୦ୟୁନିଟ୍ ଭାବରେ ଆସି ସମାନ ଭାବରେ ବିଭାଜିତ ହୋଇଥାଏ । ଏତଦ୍ ବ୍ୟତୀତ କାହାକୁ ଜଣାନଥିବା ଆଉଏକ ବିଷୟ ରହିଛି । ତାହା ହେଲା ! ଉପରେ ଥିବା ପ୍ରଥମ, ଦ୍ୱିତୀୟ କେନ୍ଦ୍ର ମିଶି ସହସ୍ରାଗ୍ନେୟ କେନ୍ଦ୍ରରେ ଥିବା ୫୦୦ + ୫୦୦ = ୧୦୦୦ ୟୁନିଟ୍ ଆତ୍ମା ବ୍ୟତୀତ, ବଳକା ତଳେଥିବା ପାଞ୍ଚଗୋଟି କେନ୍ଦ୍ରର ଆତ୍ମା ଭାଗର ୫୦୦ୟୁନିଟ୍ ଶକ୍ତି କେତେବେଳେ ଅଧିକ କିମ୍ବା କମ୍ ସାନ୍ଦ୍ରତା ବିଶିଷ୍ଟ ହୋଇଥାଏ । ତେଣୁ କିଛିସମୟ ଜଣେ ବଳଶାଳୀ ଭାବରେ ରହି କିଛି ସମୟ ବଳହୀନ ଭାବରେ ରହିପାରେ ।

ସାତଗୋଟି ସ୍ଥାନକୁ ଆଧାର କରି ଚର ପ୍ରକୃତି ଦ୍ୱାରା ସାରାଶରୀର ତିଆରି ହୋଇଛି । ସାରାଶରୀର ସ୍ତ୍ରୀ ତତ୍ତ୍ୱ ପ୍ରକୃତି ହେବାବେଳେ, ଆତ୍ମା ତତ୍ତ୍ୱ ଦୁଇଟି ପୁରୁଷ ତତ୍ତ୍ୱ ଭାବରେ ରହିଥାନ୍ତି । ତେଣୁ ଏହି ଶ୍ଳୋକରେ ଆତ୍ମା ଜୀବାତ୍ମାକୁ ଦୁଇଜଣ ପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ କ୍ଷରପୁରୁଷ ଏବଂ ଆଉଜଣେ ଅକ୍ଷରପୁରୁଷ ବୋଲି ମଧ୍ୟ କୁହାଯାଇଛି । କ୍ଷର କହିଲେ ଯାହା ବିନାଶଶୀଳ, ଅକ୍ଷର କହିଲେ ଯାହା ଅବିନାଶୀ । ଏହି ଦୁଇଟି ପୁରୁଷ ଭିତରୁ କ୍ଷରପୁରୁଷ ହେଉଛି ଜୀବାତ୍ମା । ଆତ୍ମାକୁ ଅକ୍ଷର ବୋଲି ଭଗବାନ କହିଛନ୍ତି । ଶରୀରରେ ବୁଦ୍ଧି, ଚିତ୍ତ, ଅହଂ ଥିବା ପର୍ଯ୍ୟନ୍ତ ଜୀବାତ୍ମା ରହିପାରେ । ଜୀବାତ୍ମାର ଏହି ତିନିଗୋଟି ଆବରଣ ନଥିଲେ ସେ ଆତ୍ମା ସହିତ ସହଜରେ ମିଳିତ ହୋଇପାରୁଥାନ୍ତା, କିନ୍ତୁ ଥିବା ଯୋଗୁଁ ସେ ଆତ୍ମାରେ ମିଳିତ ହୋଇପାରି ନଥାଏ । ଜୀବାତ୍ମାର ଏହି ତିନି ଆବରଣ ନଥିବା ବେଳେ ତାର ଆଉ ଜୀବତ୍ତ୍ୱ ଭାବ ନଥାଏ ତେଣୁ ସେ ଏହି ସମୟରେ ବିନାଶ ହୋଇଯାଉଥିବାରୁ ତାକୁ କ୍ଷର କୁହାଯାଇଛି, ଆତ୍ମାକୁ ଅକ୍ଷର କୁହାଯାଇଛି । ଏହିଭଳି କ୍ଷର ଅକ୍ଷର ଭାବରେ ଥିବା ଜୀବାତ୍ମା, ଆତ୍ମା ଗୋଟିଏ ଶରୀରରେ ନିବାସ କରିଥାନ୍ତି । ଆତ୍ମା ବିନା ଜୀବାତ୍ମା କିମ୍ବା ଜୀବାତ୍ମା ବିନା ଆତ୍ମା ରହିବା ଅସମ୍ଭବ, ତେଣୁ ଆତ୍ମାକୁ କୂଟସ୍ଥ, ବା ଅବିଚ୍ଛେଦ୍ୟ ବୋଲି ଭଗବାନ କହିଛନ୍ତି ।

ଏହି ଶ୍ଳୋକ ପର୍ଯ୍ୟନ୍ତ ଭଗବଦ୍ଗୀତାରେ କେଉଁଠାରେ ମଧ୍ୟ ଆତ୍ମା ଜୀବାତ୍ମାର ବିଭାଜନ ହୋଇ ନାହିଁ । ସ୍ୱତନ୍ତ୍ର ଭାବରେ ଏହି ଶ୍ଳୋକରେ ଭଗବାନ ଶାସ୍ତ୍ରବଦ୍ଧ ରୀତିରେ ଆତ୍ମା ଜୀବାତ୍ମାର ବିଭାଜନ କରି କହିଛନ୍ତି । ଏହି ଶ୍ଳୋକଟି ଭଗବଦ୍ଗୀତାର କୀଳକପାତ୍ର ବହନ କଲାବେଳେ, ଅନେକ ଲୋକ ଏହି ବିଷୟଟିକୁ ଭଲ ଭାବରେ ବୁଝିପାରି ନାହାନ୍ତି । କ୍ଷରପୁରୁଷ ବୋଲି କୁହାଯାଉଥିବା ଜୀବାତ୍ମାକୁ ଶରୀର ସହିତ ତୁଳନା କରି ଶ୍ଳୋକର ଅର୍ଥ ଲେଖିଛନ୍ତି ଏବଂ କହିଛନ୍ତି, ତେଣୁ ଗୀତାର ମୁଖ୍ୟ ଆଧାର ହୋଇଥିବା ଏହି ଅଧ୍ୟାୟରେ ୧୬ ଏବଂ ୧୭ ତମ ଶ୍ଳୋକ ଅର୍ଥଶୂନ୍ୟ ହୋଇଯାଇଛି । ଗୁଣତ୍ରୟ ବିଭାଗ ଯୋଗର ତୃତୀୟ ଶ୍ଳୋକରେ ପ୍ରକୃତିକୁ ସ୍ତ୍ରୀ କହି, ତାର ବୀଜଦାତା ପୁରୁଷ ଭାବରେ ମୁଁ ରହିଛି କହିବାବେଳେ ପ୍ରକୃତି ସମ୍ବନ୍ଧୀୟ ଶରୀର ଭାବରେ ଜୀବାତ୍ମାକୁ ତୁଳନା କରିବା ବଡ ଭୁଲ୍ ହୋଇଛି । ଏହି ଶ୍ଳୋକରେ କ୍ଷର, ଅକ୍ଷର ନାମକ ଦୁଇ ପୁରୁଷ ଜୀବାତ୍ମା, ଆତ୍ମାକୁ ଜଣାଇ ପରଶ୍ଳୋକରେ ଏହି ଦୁଇ ପୁରୁଷଠାରୁ ଉତ୍ତମ ପୁରୁଷ ଜଣେ ରହିଛି ବୋଲି ସ୍ପଷ୍ଟ ଭାବରେ କହିଛନ୍ତି, ସେହି ପୁରୁଷର ନାମଦେଇ ତାହାକୁ ପୁରୁଷୋତ୍ତମ ବୋଲି ମଧ୍ୟ କହିଛନ୍ତି । ଏଠାରେ ସେହି ତିନି ପୁରୁଷଙ୍କୁ ଜଣାଇ (ଚିହ୍ନାଇ) **"ତ୍ରୈତ ସିଦ୍ଧାନ୍ତକୁ"** ଭଗବାନ ଶାସ୍ତ୍ରବଦ୍ଧ ରୀତିରେ କହି ଦେଇଛନ୍ତି । ଭଗବାନଙ୍କ କଥାକୁ ହେୟଜ୍ଞାନ କରି, କଡକୁ ଠେଲିଦେଇ ପ୍ରକୃତି ଦ୍ୱାରା ତିଆରି ହୋଇଥିବା ଶରୀରକୁ ଯେଉଁମାନେ କ୍ଷରପୁରୁଷ କହିଥାନ୍ତି ସେମାନେ ପରମାତ୍ମାଙ୍କ ଭାବର ସମ୍ପୂର୍ଣ୍ଣ ବ୍ୟତିରେକ ବା ଓଲଟା ଭାବ କହିଥାନ୍ତି । ଏହି ଅଧର୍ମ ଦ୍ୱାରା ସେମାନେ ଘୋର ପାପ ଅର୍ଜନ ମଧ୍ୟ କରିଥାନ୍ତି । ଏବେ ମଧ୍ୟ ସମୟ ଅଛି ଆଜିଯାଏଁ ଥିବା ଏହି ଭ୍ରାନ୍ତ ଧାରଣାକୁ ଜାଣି, ତାହାକୁ ପଛରେ ଛାଡିଦେଇ, ଉପଯୁକ୍ତ ପଦ୍ଧତିରେ, ଶାସ୍ତ୍ରବଦ୍ଧ ରୀତିରେ ରହିଥିବା ପରମାତ୍ମାଙ୍କ ପରମ ଭାବକୁ ବୁଝି ନିଜର ତ୍ରୁଟି ମାର୍ଜନା କରିପାରିବେ, ଅବାଟରୁ ବାଟକୁ ଆସିପାରିବେ, ଏହି ସୁଯୋଗକୁ ହରାନ୍ତୁ ନାହିଁ । ଏହାଠାରୁ ଅଧିକ କିଛି କହିବା ଆବଶ୍ୟକ ନାହିଁ । ଏହି ୧୬ତମ ଶ୍ଳୋକରେ ଜୀବାତ୍ମା, ଆତ୍ମାର ସମ୍ପୂର୍ଣ୍ଣ ବିବରଣ ଜଣାଇ ଦେଇଥିବା ପରମାତ୍ମା ୧୭ତମ ଶ୍ଳୋକରେ ତୃତୀୟଆତ୍ମା ବାବଦରେ କ'ଣ କହୁଛନ୍ତି ଦେଖନ୍ତୁ ।

**(୧୪) ଶ୍ଲୋକ,୧୭ : ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେ ତ୍ୟଦାହୃତଃ ।**
**ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥**
(ପରମାତ୍ମା)

**ଭାବାର୍ଥ :** ଉତ୍ତମ ପୁରୁଷ ଆଉଜଣେ, ସେ ପରମାତ୍ମା ନାମରେ କଥିତ, ସେହିଁ ଲୋକଗୁଡିକରେ ଅବ୍ୟୟ, ଅଧିପତି ଓ ଭର୍ତ୍ତା ହୋଇ ରହିଛି ।

**ବିବରଣୀ :** ଯିଏ ସମସ୍ତ ବିଶ୍ୱର ପ୍ରଭୁ, ସେ ଏହି ପ୍ରପଞ୍ଚ ଏବଂ ଜଗତ ବିନାଶ ହେଲେ ମଧ୍ୟ ଅବିନାଶୀ ହୋଇ ରହିଥାଏ । ସର୍ବସ୍ୱର ଅଧିପତି, ଜୀବାତ୍ମା ଆଉ ଆତ୍ମାଠାରୁ ଅଲଗା ହେଲେ ମଧ୍ୟ ଜୀବାତ୍ମା ଆତ୍ମା ଭଳି ତାଙ୍କର କୌଣସି ନାମ ନଥାଏ । ଖାଲି ନାମ କାହିଁକି ତାଙ୍କର ରୂପ ମଧ୍ୟ ନଥାଏ । ଆକାର ବା ନାମ ଯାହାର ନାହିଁ ତାଙ୍କୁ କେଉଁ ନାମରେ କହିବା ଉଦ୍ଦେଶ୍ୟରେ ପୂର୍ବର ଜ୍ଞାନୀମାନେ ଅନେକ ଅନ୍ୱେଷଣ କରିଛନ୍ତି, ଅଥଚ କୌଣସି ନିର୍ଣ୍ଣୟରେ ପହଞ୍ଚିନପାରି ଶେଷରେ ପରମାତ୍ମା ଯେଉଁ ସ୍ଥିତିରେ ଅଛନ୍ତି ତାଙ୍କୁ ସେହି ସ୍ଥିତିରେ କହିବା ଆରମ୍ଭ କରିଛନ୍ତି । ଜୀବାତ୍ମା ଆତ୍ମାକୁ ଦୁଇ ପୁରୁଷ କହିବା ପରେ ଏହି ଦୁଇ ପୁରୁଷଠାରୁ ଉତ୍ତମ ହୋଇ, ଅଲଗା ହୋଇ ଯିଏ ରହିଛି ସେ **"ପୁରୁଷୋତ୍ତମ"** ବୋଲି ନିର୍ଣ୍ଣୟ କରି କହିବା ଆରମ୍ଭ କରିଛନ୍ତି । ତାଛଡା ଆତ୍ମାଠାରୁ ଅଲଗା ବୋଲି **ପରମାତ୍ମା** କହିଛନ୍ତି । ପରଂ ବା ପର କହିଲେ ଅଲଗା ବୋଲି ବୁଝି ସାଧାରଣ ଅର୍ଥରେ ଆତ୍ମାଠାରୁ ଅଲଗା ଥିବା ଆତ୍ମାକୁ ପରମାତ୍ମା କହିଛନ୍ତି । ଏଭଳି ପରମାତ୍ମା ହେଉ ବା ପୁରୁଷୋତ୍ତମ ହେଉ ଏଗୁଡିକ ଏକ ଏକ ନାମ ନୁହେଁ । ସେ ରହିଥିବା ନିୟମ ବା ବିଧିବିଧାନକୁ ଜଣାଉଥିବା ଅର୍ଥପୂର୍ଣ୍ଣ ଚିହ୍ନ ବା ପଦ ବୋଲି ଜାଣିବା ଉଚିତ୍ । ସେହିଭଳି ଏଇ ଶ୍ଲୋକରେ କୁହାଯାଇଥିବା ଭର୍ତ୍ତା, ଅବ୍ୟୟ, ଈଶ୍ୱର ଇତ୍ୟାଦି ନାମ ବା ଶବ୍ଦଗୁଡିକ ଅର୍ଥପୂର୍ଣ୍ଣ ଏବଂ ଐଶ୍ୱରୀୟ ବିଷୟକୁ ଜଣାଇଥାଏ ବୋଲି ଗ୍ରହଣ କରିବା ଉଚିତ୍ ।

ପରମାତ୍ମା ବୋଲି ଯାହାକୁ କୁହାଯାଏ ସେ ଜୀବାତ୍ମା, ଆତ୍ମାଠାରୁ ଅନ୍ୟତମ ଆଉ ଶ୍ରେଷ୍ଠ ହୋଇ କିପରି ରହିଥାଏ ବିଚାରକଲେ ! ଜୀବାତ୍ମା ଏକ ଶରୀରରେ ଆତ୍ମାର ପ୍ରଥମ ଶକ୍ତିକେନ୍ଦ୍ର ହୋଇଥିବା ମସ୍ତକର ଗୋଟିଏ ସ୍ଥାନରେ ରହିଥାଏ,

କିନ୍ତୁ ଆତ୍ମା ସାତ ଭାଗରେ ରହି ସାରା ଶରୀରରେ ନିଜର ଶକ୍ତିକୁ ବିସ୍ତାରକରି ନଖ, ଶିଖ ପର୍ଯ୍ୟନ୍ତ ବ୍ୟାପି ରହିଥାଏ । ଏହି ଅନୁସାରେ ଆତ୍ମା ବ୍ୟାପିରହି ନଥିବା ଶରୀରଭାଗ ନାହିଁ ବୋଲି ଜଣାପଡୁଛି । ଆତ୍ମା ଶରୀରର ଅଣୁ ଅଣୁରେ ରହି ସାରାଶରୀରକୁ ଚୈତନ୍ୟ ଯୋଗାଇ ଚଳପ୍ରଚଳ କରିଥାଏ । ଆତ୍ମା ରହିନଥିବା ଶରୀରଭାଗ ଯଦି ଥାଏ ତାହା ଚଳପ୍ରଚଳ ହୋଇନଥାଏ ବା କାର୍ଯ୍ୟ କରିନଥାଏ, ସେ ଶରୀର ସୁସ୍ଥ ରହିନଥାଏ । ଯାହାର ଏଭଳି ଆତ୍ମା ନଥିବା ଶରୀରଭାଗ ଥାଏ ତାକୁ ନଷ୍ଟାତ୍ମା କହିପାରିବା । ସାଧାରଣ ଭାବରେ ଶରୀର ସାରା ଆତ୍ମା ରହିଥିବା ବେଳେ, ଜୀବାତ୍ମା ଶରୀରର କେବଳ ଗୋଟିଏ ସ୍ଥାନରେ ନିବାସ କରିଥାଏ । ସମ୍ପୂର୍ଣ୍ଣ ଶରୀରରେ ବ୍ୟାପି ରହିଥିବା ଆତ୍ମା କେବଳ ଜୀବାତ୍ମାଠାରେ ନଥାଏ । ଜୀବାତ୍ମା ଅଲଗା ଏବଂ ଆତ୍ମା ଅଲଗା ହେଲେ ମଧ୍ୟ ଜନନ ମରଣରେ ନିରବଚ୍ଛିନ୍ନ ଭାବରେ ରହି ଶେଷରେ ଅବିଚ୍ଛେଦ୍ୟ ଭାବରେ ଏକସଙ୍ଗରେ ଯାତ୍ରା କରିଥାନ୍ତି । ଆତ୍ମା ଜୀବାତ୍ମା ଭଳି ଶରୀରର ଏକ ସ୍ଥାନରେ ନରହି ସାରାଶରୀରରେ ବିଛାଇହୋଇ ରହିଥାଏ । ଶରୀରର ଏକ ସ୍ଥାନରେ ରହୁଥିବା ଜୀବାତ୍ମା, ସାରା ଶରୀରରେ ବିଛାଇହୋଇ ରହିଥିବା ଆତ୍ମାକୁ ସୃଷ୍ଟି କରିଥିବା ପରମାତ୍ମା କେଉଁଠାରେ ନାହିଁ ବୋଲି କହିପାରିବା ନାହିଁ, ସେ ସବୁଠାରେ ଥାଏ, ଶରୀର ଭିତରେ ରହିବା ବ୍ୟତୀତ ଶରୀରର ବାହାରେ ମଧ୍ୟ ଥାଏ, ତେଣୁ ସେ ବିଶ୍ୱର ଅଣୁ ଅଣୁରେ ଥାଏ ବୋଲି କହିପାରିବା । ଆତ୍ମା କେବଳ ଶରୀର ଭିତରେ ଥାଏ, ଶରୀରର ବାହାରେ ନଥାଏ । ସମ୍ପୂର୍ଣ୍ଣ ଶରୀରରେ ନଥାଇ ଶରୀରର ଗୋଟିଏ ସ୍ଥାନରେ ଥିବା ଜୀବାତ୍ମାରେ, ଜୀବାତ୍ମାରେ ନଥିବା ଆତ୍ମାରେ, ଜୀବାତ୍ମା ଆତ୍ମା ନଥିବା ପ୍ରକୃତିରେ, ପ୍ରତି ଅଣୁଅଣୁରେ ବ୍ୟାପି ରହିଛି ପରମାତ୍ମା । ତେଣୁ ତାକୁ (ପରମାତ୍ମାଙ୍କୁ) ସର୍ବବ୍ୟାପୀ କୁହାଯାଇଥାଏ । ଜୀବାତ୍ମା ଆତ୍ମାକୁ ତିଆରି କରିଥିବା ପରମାତ୍ମା ସେହି ଦୁଇ ଆତ୍ମାଠାରୁ ଉତ୍ତମ ଭାବରେ ରହି ପୁରୁଷୋତ୍ତମ ଭାବରେ ଚିହ୍ନିତ ହେବା ଛଡା, ଦୁଇ ଆତ୍ମାରେ ମଧ୍ୟ ବ୍ୟାପି ସେ ଦୁଇଟିର ଅଧିପତି ଭାବରେ ରହିଛି । ତେଣୁ ସେହି ପୁରୁଷୋତ୍ତମକୁ ଈଶ୍ୱର ବୋଲି ମଧ୍ୟ କୁହାଯାଇଥାଏ ସେ ହିଁ ପରମେଶ୍ୱର ଭାବରେ କଥିତ । ଦୁଇ ଆତ୍ମାର ଅସ୍ତିତ୍ୱର କାରଣ ହୋଇଥିବାରୁ ପରମାତ୍ମାକୁ ଭର୍ତ୍ତା, ଜଗଦ୍‌ଭର୍ତ୍ତା ମଧ୍ୟ କୁହାଯାଇଥାଏ ।

ଏଠାରେ ଥିବା ୧୬ ଏବଂ ୧୭ ତମ ଶ୍ଳୋକ ଦୁଇଟି କେବଳ ତିନି ଆତ୍ମାର ବିବରଣ ଜଣାଇଛି, ତେଣୁ ଏହି ଦୁଇଟି ଶ୍ଳୋକ ଭଗବଦ୍ଗୀତାର ଦୁଇଟି ଅତିମୁଖ୍ୟ ଶ୍ଳୋକ ବୋଲି କହୁଛୁ । ଜଗତରେ ବ୍ରହ୍ମବିଦ୍ୟାର ମୂଳ କାରଣ ହୋଇଥିବା ତିନିଆତ୍ମାର ବିବରଣ ଏଥିରେ ରହିଥାଏ । ଏହି ତିନିଆତ୍ମା ରହିଥିବା ଶ୍ଳୋକ ଦୁଇଟି ବୁଝା ପଡିଗଲେ ଭଗବଦ୍ଗୀତାର ଅନ୍ୟ ଶ୍ଳୋକଗୁଡିକ ଆପଣାଛାଏଁ ବୁଝି ହୋଇଯାଇଥାଏ । ଏହି ଶ୍ଳୋକ ଦୁଇଟି ବୁଝା ନପଡିଲେ ଆସ୍ତିକମାନଙ୍କୁ ହେଉ, ହେତୁବାଦୀ ମାନଙ୍କୁ ହେଉ ଭଗବଦ୍ଗୀତା କେବେହେଁ ବୁଝାପଡିବ ନାହିଁ । ପରମାତ୍ମା ରହିଛନ୍ତି ବୋଲି କହୁଥିବା ଆସ୍ତିକମାନେ ହୁଅନ୍ତୁ, ପରମାତ୍ମା କିପରି ଅଛନ୍ତି ବୋଲି ଯୁକ୍ତି କରୁଥିବା ହେତୁବାଦୀମାନେ ହୁଅନ୍ତୁ ସେମାନଙ୍କୁ ପରମାତ୍ମା କଣ ତାର ବାସ୍ତବିକତା କଣ ଜଣାନପଡିବାର ପ୍ରଧାନ କାରଣ ହେଉଛି 'ତ୍ରୈତ' (୩) ଭାବରେ ଥିବା ଏହି ତିନି ଆତ୍ମାକୁ ଜାଣି ନପାରିବା ।

ସୂଚନା : ଅନ୍ୟମାନେ ଲେଖିଥିବା ଗୀତାରେ ତିନି ପୁରୁଷର ବିଭାଜନକୁ ନବୁଝାଇ ପ୍ରକୃତିରେ ତିଆରି ଶରୀରକୁ 'କ୍ଷର' ଭାବରେ, ଜୀବକୁ 'ଅକ୍ଷର' ଭାବରେ, ପରମାତ୍ମାକୁ 'ପୁରୁଷୋତ୍ତମ' ଭାବରେ ବର୍ଣ୍ଣନା କରିଛନ୍ତି । ଏଠାରେ ପ୍ରକୃତିକୁ ଆଣି ପୁରୁଷ ଭାବେ ବୁଝାଇବା ବଡଭୁଲ୍ ହୋଇଯାଇଛି । ଶ୍ଳୋକରେ କେବଳ ପୁରୁଷ ବାବଦରେ କୁହାଯାଇଛି ବୋଲି ଜାଣିବା ଉଚିତ୍ ।

**(୧୪) ଶ୍ଳୋକ,୧୮ : ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।**
**ଅତୋଽସ୍ମିଲୋକେବେଦେ ପ୍ରଥିତଃପୁରୁଷୋତ୍ତମଃ ॥**

**(ପରମାତ୍ମା)**

**ଭାବାର୍ଥ :** କ୍ଷରଠାରୁ ଅତୀତ ଏବଂ ଅକ୍ଷରଠାରୁ ଉତ୍ତମ ହୋଇଥିବା ଯୋଗୁଁ ଲୋକରେ ଏବଂ ବେଦରେ ମୁଁ ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧି ହୋଇ ରହିଛି ।

**ବିବରଣୀ :** ପରମାତ୍ମା କ୍ଷରପୁରୁଷ ଠାରୁ ଅଧିକ, ଅକ୍ଷର ପୁରୁଷ ଠାରୁ ଉତ୍ତମ ହୋଇଥିବାରୁ ପୁରୁଷୋତ୍ତମ ଭାବରେ କଥିତ ହୋଇଥାନ୍ତି । ଆତ୍ମାଠାରୁ ପରମ ହୋଇଥିବାରୁ, ଭିନ୍ନ ହୋଇଥିବାରୁ ତାଙ୍କୁ ପରମାତ୍ମା କୁହାଯାଏ, ଆହୁରି ମଧ୍ୟ ସେ କ୍ଷର, ଅକ୍ଷର ପୁରୁଷଙ୍କ ଠାରୁ ଉତ୍ତମ ହୋଇଥିବାରୁ ତାଙ୍କୁ ପୁରୁଷୋତ୍ତମ

କୁହାଯାଏ । ଏହି ପ୍ରପଞ୍ଚରେ ଯାହା ସବୁଠାରୁ ବଡଶକ୍ତି, ଏହି ପ୍ରପଞ୍ଚକୁ ଯିଏ ଜନ୍ମଦେଇ ପାଳନ କରିଥାନ୍ତି, ଯିଏ ଏହି ପ୍ରପଞ୍ଚର ସମସ୍ତ ଦେବତା ମାନଙ୍କର ଆରାଧ୍ୟଦୈବ ହୋଇ ରହିଛନ୍ତି ସେହି ଏକୈକ ଶକ୍ତି ହିଁ ନାମ, ରୂପ, କ୍ରିୟା ରହିତ ପରମେଶ୍ୱର । ଏଠାରେ ପୁରୁଷୋତ୍ତମ ବୋଲି, ପରମାତ୍ମା ବୋଲି ଯାହାଙ୍କୁ କୁହାଯାଇଛି, ସେ ହିଁ ସୃଷ୍ଟି, ସ୍ଥିତି, ଲୟର କାରଣ, କାରକ ହୋଇ ରହିଛନ୍ତି । ତାଙ୍କର ନାମ ନାହିଁ ବୋଲି କହି ପରମାତ୍ମା, ପୁରୁଷୋତ୍ତମ ଇତ୍ୟାଦି ନାମଗୁଡିଏ କହୁଛନ୍ତି ବୋଲି ଭାବନ୍ତୁ ନାହିଁ । ଏସବୁ ତାଙ୍କର ନାମ ନୁହେଁ, ତାଙ୍କୁ କୌଣସି ନାମଦେଇ ଡାକିବା ଅସମ୍ଭବ । ତେଣୁ ଏସବୁ ତାଙ୍କର ନାମ ନୁହେଁ, ଅନ୍ୟମାନଙ୍କ ସହିତ ତୁଳନା କରି ଡାକିବାରେ ଏହି ନାମଗୁଡିକୁ ବ୍ୟବହାର କରାଯାଇଥାଏ ବୋଲି ଜାଣିବା ଉଚିତ୍ । ଶରୀରରେ ଆତ୍ମା ସହିତ ତୁଳନା କରି ଆତ୍ମାଠାରୁ ଅଲଗା ବୋଲି ସେ ପ୍ରମାଣିତ ହେବାରୁ ତାଙ୍କୁ ପରମାତ୍ମା କୁହାଯାଇଛି । ଦୁଇ ପୁରୁଷଙ୍କ ଠାରୁ ସେ ଉତ୍ତମ ହୋଇଥିବାରୁ ତାଙ୍କୁ ପୁରୁଷୋତ୍ତମ କୁହାଯାଇଛି । ଅନ୍ୟମାନଙ୍କ ସହିତ ତୁଳନା କରିବା ସନ୍ଦର୍ଭରେ ଏହି ନାମଗୁଡିକ ଆସିଥାଏ ସିନା ବାସ୍ତବରେ ଏଗୁଡିକ ତାଙ୍କର ନାମ ନୁହେଁ । ଦଶଜଣ କଳା ମଣିଷଙ୍କ ଭିତରେ ଜଣେ ଧଳା ମଣିଷକୁ ଗୋରା ମଣିଷ କହୁଛେ । ଗୋରା କହିବାରେ ଅନ୍ୟମାନଙ୍କ ସହିତ ତୁଳନା କରିବାର ସାଦୃଶ୍ୟ ସିନା ତାହା ନାମ ନୁହେଁ । ସେହିଭଳି କ୍ଷରାକ୍ଷରଙ୍କ ସହିତ ତୁଳିତ ସାଦୃଶ୍ୟ ହେଉଛି ପୁରୁଷୋତ୍ତମ ବା ପରମାତ୍ମା ନାମକ ଉପାଧି, ବାସ୍ତବରେ ତାଙ୍କର ରୂପ,ନାମ,କ୍ରିୟା ନାହିଁ ।

**(୧୪) ଶ୍ଳୋକ,୧୯ : ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍ ।**
**ସ ସର୍ବବିଭଜତି ମାଂ ସର୍ବଭାବେନ ଭାରତ ! ॥**

(ପରମାତ୍ମା)

**ଭାବାର୍ଥ :** ଯିଏ ଅଜ୍ଞାନ ଛାଡି, ଜ୍ଞାନଯୁକ୍ତହୋଇ ମୋତେ ପୁରୁଷୋତ୍ତମ ବୋଲି ଜାଣେ, ସେ ସର୍ବଜ୍ଞ ହୋଇ ସମସ୍ତ ଭାବରେ ମୋର ଉପାସନା କରିଥାଏ ।

**ବିବରଣୀ :** ଯିଏ ସମ୍ପୂର୍ଣ୍ଣ ସ୍ଥିତିର ଜ୍ଞାନ ଜାଣିଯାଏ, ସେ ପୁରୁଷୋତ୍ତମ ପରମାତ୍ମାଙ୍କୁ କ୍ଷରାକ୍ଷରଙ୍କ ଠାରୁ ସ୍ୱତନ୍ତ୍ର ଦେଖେ । ପରମାତ୍ମାଙ୍କ ବାସ୍ତବତା କଣ

ଜାଣିଯାଏ । ସବୁ ଦୃଷ୍ଟିରୁ ଯିଏ ପରମାତ୍ମାଙ୍କୁ ଜାଣିଯାଏ ସେ ସର୍ବଜ୍ଞ ବୋଲି କହିପାରିବା, ସେ ହିଁ ସର୍ବବିଧ ପରମାତ୍ମାଙ୍କ ଉପାସନା କରିଥାଏ ।

**(୧୪) ଶ୍ଳୋକ,୨୦ : ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**
**ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍‌ସ୍ୟାତ୍‌କୃତକୃତ୍ୟଶ୍ଚ ଭାରତ ! ॥**
**(ଜୀବାତ୍ମା,ଆତ୍ମା,ପରମାତ୍ମା)**

**ଭାବାର୍ଥ :** ହେ ଅନଘ ! ଏହି ପ୍ରକାରର ରହସ୍ୟଶାସ୍ତ୍ର ତୋତେ କହିଲି । ଏହା ଯିଏ ବୁଝେ ସେ ଜ୍ଞାନୀହୁଏ, ତାର ପ୍ରଚେଷ୍ଟା ସାଫଲ୍ୟ ମଣ୍ଡିତ ହୁଏ ।

**ବିବରଣୀ :** ଏହି ଅଧ୍ୟାୟର ଶେଷରେ ଏହି ଶ୍ଳୋକରେ ମୁଁ ତୋତେ ଏହି ରହସ୍ୟମୟ ଶାସ୍ତ୍ରକୁ କହିଲି ବୋଲି ଭଗବାନ କହିଛନ୍ତି । ରହସ୍ୟ କହିଲେ ଯାହା କାହାକୁ ଜଣା ନଥାଏ । କାହାକୁ ଜଣା ନଥିବା ବିଷୟ ହେଉଛି ! ଏକ ପୁରୁଷ କିପରି ତିନିଭାଗରେ ବିଭାଜିତ ଏବଂ ସେହି ତିନିଜଣକୁ କିପରି ଚିହ୍ନିବା । ଏହି ବିଷୟର ରହସ୍ୟକୁ ଭଗବାନ କହିବା ଭଳି ନବୁଝି ମହା ମହା ଜ୍ଞାନୀମାନେ ମଧ୍ୟ ଏହି ତିନି ପୁରୁଷଙ୍କୁ ନଜାଣି, ଜଣକ ସ୍ଥାନରେ ପ୍ରକୃତିକୁ ଏବଂ ତାର ଶରୀରକୁ ଆଣି ବୁଝାଇଛନ୍ତି । ଏହା ଦ୍ୱାରା ଏହି ବିଷୟ କାହାକୁ ବୁଝା ପଡିନାହିଁ ଏବଂ ଏହା ଏକ ରହସ୍ୟ ବୋଲି ପ୍ରମାଣିତ ହୋଇଛି । ଏହା ରହସ୍ୟ ବିଷୟ ବୋଲି ଶେଷରେ ଭଗବାନ କହିବା ଦ୍ୱାରା ଆମକୁ ଜଣା ନଥିବା ରହସ୍ୟ କଣ ଅଛି ତାହା ଆମକୁ ଖୋଜିବା ଦରକାର ଥିଲା । ତାଛଡା ଏହା ଶାସ୍ତ୍ରବଦ୍ଧ ବିଷୟ ବୋଲି ମଧ୍ୟ ସ୍ପଷ୍ଟ ଭାବରେ କୁହାଯାଇଥିବାରୁ ଏଥିରେ ଥିବା ବିଷୟ ନିଶ୍ଚୟ ଘଟିଥାଏ ବା ପ୍ରମାଣିତ ହୁଏ ବୋଲି ଜାଣିବା ଉଚିତ୍ । ଶାସ୍ତ୍ରବଦ୍ଧ ହିସାବ ସହିତ ରହିଥିବା ବ୍ରହ୍ମ, କାଳ, କର୍ମ, ଗୁଣ ଚକ୍ରର ବିବରଣ, ସେଗୁଡିକୁ ବଢାଉଥିବା ଅଶ୍ୱର୍ଥବୃକ୍ଷର ପ୍ରକୃତ ସ୍ୱରୂପକୁ ଠିକ୍ ଭାବରେ ନବୁଝି ସଂସାରବୃକ୍ଷ ଭାବି ଅଶାସ୍ତ୍ରୀୟ ବ୍ୟାଖ୍ୟା କରିଛନ୍ତି, ଅସଙ୍ଗତ ଭାବ ବ୍ୟକ୍ତ କରିଛନ୍ତି । ଏତିକି ବର୍ଷର ଜଗତ ସୃଷ୍ଟିକୁ ଜଣାଇ ଦେଉଥିବା ବ୍ରହ୍ମଚକ୍ର,ଏତିକି ବର୍ଷର ମାନବ ଜୀବନ ବୋଲି ଜଣାଇ ଦେଉଥିବା କାଳଚକ୍ର, ଏତିକି ଦୁଃଖସୁଖ ବୋଲି ଜଣାଇ ଦେଉଥିବା କର୍ମଚକ୍ର, ଏଇ ହିଁ ଗୁଣ ବୋଲି ଚିହ୍ନାଇ ଦେଉଥିବା ଗୁଣଚକ୍ର

ଅଶ୍ୱର୍ଥବୃକ୍ଷର ମୂଳହୋଇ ରହିଛି ବୋଲି ଶାସ୍ତ୍ରବଦ୍ଧ ରୀତିରେ ଯିଏ ଜାଣିପାରେ ସେ ବୁଦ୍ଧିମନ୍ତ, ଜ୍ଞାନୀ ହୁଏ, ତାର ପ୍ରଚେଷ୍ଟା ସାଫଲ୍ୟ ମଣ୍ଡିତ ହୁଏ ବୋଲି ଭଗବାନ ଜଣାଇଛନ୍ତି । ତେଣୁ ଆମେ ଯାହାସବୁ ପଢୁଛେ ତାର ଶାସ୍ତ୍ରୀୟତା ଅଛି କି ନାହିଁ ଆଲୋଚନା କରିବା ଉଚିତ୍ । ଶାସ୍ତ୍ରୀୟତା ନଥିବା ବିଷୟକୁ ହେତୁବାଦୀମାନେ ଗ୍ରହଣ କରିବେ ନାହିଁ ଆଉ ସେମାନଙ୍କ ପ୍ରଶ୍ନର ସମାଧାନ ଆମେ କରିପାରିବା ନାହିଁ । ଏତିକିରେ ଏହି ଅଧ୍ୟାୟଟି ସମାପ୍ତ ହେଲା । ଶ୍ଲୋକ ଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଲୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ପ୍ରକୃତି, ପୁରୁଷ | = | ୦୩ |
| ୨) | ପରମାତ୍ମା | = | ୦୯ |
| ୩) | ଆତ୍ମା, ପ୍ରକୃତି | = | ୦୧ |
| ୪) | ଜୀବାତ୍ମା | = | ୦୨ |
| ୫) | ଆତ୍ମା | = | ୦୩ |
| ୬) | ଜୀବାତ୍ମା, ଆତ୍ମା | = | ୦୧ |
| ୭) | ଜୀବାତ୍ମା, ଆତ୍ମା, ପରମାତ୍ମା | = | ୦୧ |
| | **ମୋଟ** | = | **୨୦** |

**ଭାବାର୍ଥ ଏବଂ ବିବରଣୀ ବଦଳାଇ ଲେଖାଯାଇଛି - ୨, ୧୪, ୧୫, ୧୬ ଏବଂ ୧୭ ।**

*****

# ଦୈବାସୁର ସଂପଦ୍‌ବିଭାଗ ଯୋଗ

## ଶ୍ରୀ ଭଗବାନ କହୁଛନ୍ତି :-

(୧୬) ଶ୍ଳୋକ,୧ : ଅଭୟଂ ସତ୍ତ୍ୱସଂସୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନ ଦମଶ୍ଚ ଯଜ୍ଞଶ୍ଚ ସ୍ୱଧ୍ୟାୟ ସ୍ତପ ଆର୍ଜବମ୍ ।।

(ଦୈବଗୁଣ)

(୧୬) ଶ୍ଳୋକ,୨ : ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଳମ୍ ।।

(ଦୈବଗୁଣ)

(୧୬) ଶ୍ଳୋକ,୩: ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ! ।।

(ଦୈବଗୁଣ)

**ଭାବାର୍ଥ :** ଭୟ ନରହିବା, ସତ୍ତ୍ୱଗୁଣଯୁକ୍ତ ଅର୍ଥାତ୍ ଷଡମିତ୍ରଗୁଣ ବିଶିଷ୍ଟ ହେବା, ଜ୍ଞାନଯୋଗର ବ୍ୟବହାର ସମୂହକୁ ଜାଣିବା, ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ବାବଦରେ ଜାଣି ବେଦାଧ୍ୟୟନ କରିବା, ତପସ୍ୟା ଯୁକ୍ତ ହୋଇ କପଟହୀନ ହେବା, ହିଂସା ନକରିବା, ସତ୍ୟ କହିବା, କ୍ରୋଧିତ ନହେବା, ତ୍ୟାଗୀ ହେବା, ମିଛ ନକହିବା, ଜୀବ ସମୂହରେ ଦୟାପ୍ରଦର୍ଶନ କରିବା, ବିଷୟ ଗୁଡିକରେ ଆଶକ୍ତିହୀନ ହେବା, ମୃଦୁଭାବ ଯୁକ୍ତ ହେବା, ଗମ୍ଭୀରହୋଇ ମନକୁ ବିଚଳିତ ନକରିବା, ତେଜ, କ୍ଷମା ସ୍ୱଭାବର ହେବା, ଧୈର୍ଯ୍ୟବାନ୍ ହେବା, ଅନ୍ୟକୁ ଦ୍ରୋହ ନକରିବା, ଅଭିମାନ ନରଖିବା ଇତ୍ୟାଦି ଦୈବାଂଶମାନଙ୍କ ଠାରେ ଜାତ ହୋଇଥାଏ ।

(୧୬) ଶ୍ଳୋକ,୪ : ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।
ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ! ସଂପଦମାସୁରିମ୍ ।।

(ଅସୁର ଗୁଣ)

**ଭାବାର୍ଥ :** ଗର୍ବ କରିବା, ସ୍ୱାମୀପଣ ପ୍ରଦର୍ଶନ କରିବା, ଅଭିମାନୀ ହେବା, କ୍ରୋଧି ହେବା, କଠିନ ସ୍ୱଭାବର ହେବା, ଅଜ୍ଞାନଯୁକ୍ତ ହେବା ରାକ୍ଷସ ଅଂଶରେ ଜନ୍ମ ହୋଇଥିବା ବ୍ୟକ୍ତିମାନଙ୍କଠାରେ ଦେଖାଦେଇଥାଏ ।

**(୧୫) ଶ୍ଳୋକ,୫: ଦୈବିସଂପଦ୍‌ବିମୋକ୍ଷାୟ ନିବନ୍ଧାୟାଽସୁରିମତାଃ ।**
**ମା ଶୁଚଃ ସଂପଦଂ ଦୈବିମାଭିଜାତୋଽସି ପାଣ୍ଡବ ! ॥**
**(ଦୈବ, ଅସୁର ଗୁଣ)**

**ଭାବାର୍ଥ :** ଦୈବଅଂଶ ମୋକ୍ଷ ଦେଇଥାଏ । ଅସୁର ଅଂଶ ବନ୍ଧନରେ ପକାଇଥାଏ, ତୁ ଦୈବାଂଶ ସମ୍ଭୂତ ତେଣୁ ଦୁଃଖ କରିବା ଉଚିତ୍ ନୁହେଁ ।

**ବିବରଣୀ :** ଦୈବ ଅଂଶ ଏବଂ ରାକ୍ଷସ ଅଂଶ ନାମକ ଦୁଇଟି ଅଂଶରୁ ଦୈବ ଅଂଶ ଦୈବଙ୍କ ଦିଗକୁ, ରାକ୍ଷସ ଅଂଶ ଜନ୍ମହେବା ଦିଗକୁ ବାଟହୋଇ ରହିଛି । ଦୈବାଂଶରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନେ ଦୈବଜ୍ଞାନର ବିରୁଦ୍ଧ କାର୍ଯ୍ୟ କରିନଥାନ୍ତି, ଭଲକାର୍ଯ୍ୟ କରିଥାନ୍ତି, ତା ଦ୍ୱାରା କିଛି କିଛି ଆଲୋଚନା କରି, ସେହି ଆଲୋଚନା ଦ୍ୱାରା ଅଳ୍ପ ଅଳ୍ପ ଜ୍ଞାନ ଉପରେ ଧ୍ୟାନ ରଖି, ଗୁରୁଙ୍କ ନିକଟରେ ପହଞ୍ଚିଥାନ୍ତି, ସେଠାରେ ଗୁରୁଜ୍ଞାନର ଆଚରଣରେ କେତେକ ଜନ୍ମ ଆଗକୁ ଥିଲେ ମଧ୍ୟ ଶେଷରେ ମୋକ୍ଷ ପାଇପାରନ୍ତି । ରାକ୍ଷସ ଅଂଶରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନେ ଦୈବ (ଐଶ୍ୱରୀୟ ଜ୍ଞାନ) ର ବିରୁଦ୍ଧାଚରଣ କରିଥାନ୍ତି । ଜ୍ଞାନ ଏବଂ ସେମାନଙ୍କ ମଧ୍ୟରେ ଦୂରତ୍ୱ ବଢିଯାଏ । ଜ୍ଞାନ ଉପରେ ଶ୍ରଦ୍ଧା ନଥିବା କାରଣରୁ ସେମାନେ ଗୁରୁଙ୍କୁ ମଧ୍ୟ ଅବହେଳିତ ଦୃଷ୍ଟିରେ ଦେଖିଥାନ୍ତି, ସେମାନେ ଜ୍ଞାନର ପରିଧିକୁ ମଧ୍ୟ ଛୁଇଁନପାରି ଜନ୍ମ ଜନ୍ମ ପର୍ଯ୍ୟନ୍ତ ଦୈବଙ୍କଠାରୁ ଦୂରରେ ରହି ନାନା ଜନ୍ମ ପାଇଥାନ୍ତି । ଦୈବବିଷୟର ମୂଲ୍ୟବୋଧ, ଗୌରବ ପ୍ରଦାନ କରୁଥିବା ଦୈବାଂଶ ସଜ୍ଜନମାନେ ଦୈବୀକ ଶ୍ରଦ୍ଧା ପ୍ରାପ୍ତହୋଇ କେତେ ଜନ୍ମ ପରେ ମଧ୍ୟ ଦୈବସମାଚ୍ଚର ଜାଣି ପାରନ୍ତି । ଏଭଳି ଲୋକମାନଙ୍କ ପାଇଁ ବିଜ୍ଞାନଯୋଗର ୧୯ତମ ଶ୍ଳୋକରେ **"ବହୁନାଂ ଜନ୍ମନାମନ୍ତେ ଜ୍ଞାନବାନ୍ନାଂ ପ୍ରପଦ୍ୟତେ"** ବୋଲି କହିଛନ୍ତି । ରାକ୍ଷସ ଅଂଶୀମାନେ ଦୈବବିଷୟ ଗୁଡିକୁ ଅବହେଳିତ

ଦୃଷ୍ଟିରେ ଦେଖୁଥାଇ ଜ୍ଞାନୀମାନଙ୍କୁ ଶତ୍ରୁ ଭଳି ଦେଖନ୍ତି, ସେମାନେ ଦେବତା ମାନଙ୍କର ଭକ୍ତ ହୋଇପାରନ୍ତି, କିନ୍ତୁ ପରମାତ୍ମା ବିଷୟକୁ ଜାଣିପାରନ୍ତି ନାହିଁ, ଜନ୍ମ ପରେ ଜନ୍ମ ବିତିଲେ ମଧ ଦୈବଜ୍ଞାନରେ ସେମାନଙ୍କର ଶ୍ରଦ୍ଧା ଜାତ ହୋଇ ନଥାଏ । ଅର୍ଜୁନ ଦୈବାଂଶରେ ଜନ୍ମ ହୋଇଥିଲେ ବୋଲି ଅନେକ ଜନ୍ମର ଶ୍ରଦ୍ଧା ଦ୍ୱାରା ଗୁରୁ ଭାବରେ ସେ ଭଗବାନଙ୍କୁ ପାଇଥିଲେ । ଦୈବାଂଶରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କୁ ଦେବତା, ଅସୁର ବା ରାକ୍ଷସ ଅଂଶରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କୁ ରାକ୍ଷସ କୁହାଯାଏ । ପୁରାଣରେ କହିବା ଭଳି ଏହି ରାକ୍ଷସ, ଦେବତାମାନେ ଆଉ କେଉଁଠାରେ ନଥାନ୍ତି, ଭୂପୃଷ୍ଠରେ ହିଁ ମାନବାକାରରେ ଥାଆନ୍ତି ।

**(୧୫) ଶ୍ଲୋକ,୬: ଦ୍ୱାଭୂତ ସର୍ଗା ଲୋକେଽସ୍ମିନ୍ ଦୈବ ଅସୁର ଏବ ଚ ।**
**ଦୈବ ବିସ୍ତରସଃ ପ୍ରୋକ୍ତ ଅସୁରଂ ପାର୍ଥ ! ମେ ଶୃଣୁ ।।**

**(ଦୈବ, ଅସୁର ଗୁଣ)**

**ଭାବାର୍ଥ :** ଏହି ଲୋକରେ ଦୈବ, ଅସୁର ନାମକ ଦୁଇ ପ୍ରକାରର ଜୀବ ଜନ୍ମ ହୋଇଥାନ୍ତି, ଦୈବବିଷୟ ଏବଂ ତାର ଗୁଣଗାରିମା ବାବଦରେ କହିଛି, ଏବେ ଅସୁରମାନଙ୍କ କଥା କହୁଛି ଶୁଣ୍ ।

**ବିବରଣୀ :** ଦେବତାମାନେ, ଅସୁରମାନେ, ଏହି ଭୂପୃଷ୍ଠରେ ଜନ୍ମ ହୋଇ ରହିଥାନ୍ତି ବୋଲି ବିଶ୍ୱାସ ହୁଏ ନାହିଁ, କିନ୍ତୁ ଭଗବାନ କହିଥିବା କଥା ଅସତ୍ୟ ନୁହେଁ । ଦେବତାମାନେ କେଉଁଠାରେ ଉପରେ ଅଛନ୍ତି ଭାବିବା ଭୁଲ୍, ପ୍ରକୃତରେ ଦେବତା, ଅସୁରମାନେ ଭୂପୃଷ୍ଠରେ ହିଁ ରହିଥାନ୍ତି । କିଛି ଜ୍ଞାନଥିବା ବ୍ୟକ୍ତିମାନେ ଏମାନଙ୍କୁ ଭୂପୃଷ୍ଠରେ ଥିବା ଜାଣିପାରନ୍ତି । ଏହି ଦୁଇଟି ଜାତି ଗୁଣାନୁସାରେ ସୃଷ୍ଟି ହୋଇଥାନ୍ତି । **"ଦ୍ୱାଭୂତା ସର୍ଗା ଲୋକେଽସ୍ମିନ୍ ଦୈବ ଅସୁର ଏବ ଚ"** କହିବାରେ ଲୋକ (ସ୍ୱର୍ଗ, ନର୍କାଦି ଲୋକ) ଗୁଡିକର ନିଳୟ ହୋଇଥିବା ଭୂପୃଷ୍ଠରେ ଦେବତା ଏବଂ ରାକ୍ଷସମାନେ ଜନ୍ମ ନେଇଥାନ୍ତି ବୋଲି କହିବା ଯଥାର୍ଥ ହୋଇଛି । ଏଥିରେ ସନ୍ଦେହ ନାହିଁ ।

କୁହାଯାଏ ଦେବତାମାନେ ୩୩ କୋଟି ଅଛନ୍ତି । ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି- ମହା ମହା ଦେବତାଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର କ୍ଷୁଦ୍ର ଦେବତାମାନେ ଭୂପୃଷ୍ଠରେ ମାନବ ରୂପରେ ରହିଛନ୍ତି । ଏଠାରେ କେତେକଙ୍କ ଠାରେ ଏକ ସନ୍ଦେହ ଆସି, ଯଦି ଦେବତାମାନେ ଭୂପୃଷ୍ଠରେ ଅଛନ୍ତି ତେବେ କାହିଁକି ଦେଖାଯାଉ ନାହାନ୍ତି ? କେଉଁଠାରେ ଅଛନ୍ତି ? କେମିତି ଅଛନ୍ତି ? ବୋଲି ପଚାରିପାରନ୍ତି । ତାର ସମାଧାନ ଖୋଜିଲେ, ଭଗବାନ କହିବା ଅନୁସାରେ ଦେବତାମାନେ, ରାକ୍ଷସମାନେ ଭୂପୃଷ୍ଠରେ ହିଁ ଅଛନ୍ତି ବୋଲି ଜଣାଯାଏ; ତଥାପି ଆମେ ସେମାନଙ୍କୁ ଚିହ୍ନିପାରୁ ନାହେଁ । ଏମିତି ଆମରି ଆଗରେ ଥିବା ସେମାନଙ୍କୁ ଚିହ୍ନିବାପାଇଁ ଆମର ଜ୍ଞାନଦୃଷ୍ଟି ଆବଶ୍ୟକ । ମାନବ ଭିତରେ ଥିବା ଦେତାମାନେ ନିଜେ ନିଜକୁ ମଧ୍ୟ ଚିହ୍ନିପାରନ୍ତି ନାହିଁ । ସାମ୍ନାରେ ଥିବା ଜଣେ ରାକ୍ଷସ କିମ୍ବା ଦେବତାଙ୍କୁ ଜ୍ଞାନଦୃଷ୍ଟି ଦ୍ୱାରା ଚିହ୍ନିହେବ, କିନ୍ତୁ ଦେବତା କିମ୍ବା ରାକ୍ଷସମାନେ ନିଜେ ନିଜକୁ ଚିହ୍ନିବା ଅସମ୍ଭବ । ଜ୍ଞାନଦୃଷ୍ଟି ନହେବା ଯାଏଁ ସମସ୍ତେ ସ୍ଥୁଳଦୃଷ୍ଟିରେ ମାନବ ଭଳି ଦେଖାଯିବେ । ମାନବଠାରେ ଥିବା ତାରତମ୍ୟ ସ୍ଥୁଳଦୃଷ୍ଟିକୁ ଜଣାପଡିବ ନାହିଁ । ଛୋଟଛୋଟ ଦେବତା ମାନଙ୍କ ଠାରୁ ଆରମ୍ଭ କରି ବିଷ୍ଣୁଙ୍କ ପର୍ଯ୍ୟନ୍ତ ରହିଥିବା ଦେବତା ମାନଙ୍କର ତାରତମ୍ୟ ମାନବଠାରେ ହିଁ ଥାଏ ।

ଜ୍ଞାନଦୃଷ୍ଟି ଥିବା ମଣିଷଙ୍କୁ ଦେବତା କହିପାରିବା, ସେମାନଙ୍କ ଠାରେ ଥିବା ଜ୍ଞାନଶକ୍ତି ଅନୁସାରେ ଦେବତାମାନଙ୍କର ତାରତମ୍ୟ ଜଣା ପଡେ । ସବୁଠାରୁ ଅଧିକ ଜ୍ଞାନଶକ୍ତି ଥିବା ପାତ୍ରକୁ ବିଷ୍ଣୁ, ତାଙ୍କଠାରୁ କିଛି କମ୍ ଜ୍ଞାନଶକ୍ତି ଥିବା ପାତ୍ରଙ୍କୁ ଈଶ୍ୱର ବା ରୁଦ୍ର, ସେହିଭଳି ତାଙ୍କଠାରୁ କମ୍ ଜ୍ଞାନଶକ୍ତି ଥିବା ପାତ୍ରଙ୍କୁ ବ୍ରହ୍ମା, ଏହିଭଳି ଜ୍ଞାନଶକ୍ତିର ଭିନ୍ନତା କ୍ରମେ ଦେବତାମାନେ ଥିବା ବେଳେ, ରାକ୍ଷସ ମାନଙ୍କ ଠାରେ କୌଣସି ଜ୍ଞାନଶକ୍ତି ନଥାଏ ବୋଲି କହିପାରିବା ।

ଦେବତା ଭାବରେ ଥିବା ବିଷ୍ଣୁ, ଈଶ୍ୱର, ବ୍ରହ୍ମା ଇତ୍ୟାଦି ପରମାତ୍ମାଙ୍କ ଠାରେ ଐକ୍ୟ ନହୋଇ କ'ଣ କଳିଯୁଗରେ ମଧ୍ୟ ଅଛନ୍ତି ? ସେମାନଙ୍କର କ'ଣ ମୁକ୍ତି ହୋଇ ନାହିଁ ? ସେମାନେ କ'ଣ ସମସ୍ତଙ୍କ ଭଳି ଜନ୍ମ ନେଇଥାନ୍ତି ? ଏହିଭଳି ପ୍ରଶ୍ନ ସମସ୍ତଙ୍କଠାରେ ଆସିଥାଏ । ଏହି ପ୍ରଶ୍ନଗୁଡିକର ସମାଧାନ ଦେଖନ୍ତୁ ।

ଦେଶରେ ରାଜା, ଯୁବରାଜା, ପ୍ରଧାନମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦିଙ୍କ ଭଳି ଅନେକ ପଦବୀ ରହିଥାଏ । ସେହି ପଦବୀଗୁଡିକ ଆଗରୁ ଥିଲେ ମଧ୍ୟ ଗୋଟିଏ ପଦବୀରେ ସବୁବେଳେ ଜଣେ ନଥାଏ । ଦେଶରେ ରାଜା ପଦବୀଟି ଶାଶ୍ୱତ ଭାବରେ ଥାଏ, କିନ୍ତୁ ରାଜା ଶାଶ୍ୱତ ଭାବେ ନଥାନ୍ତି । ରାଜ୍ୟରେ ଅନେକ ରାଜା ବଦଳିବା ସାଧାରଣ କଥା ବୋଲି ଆମେ ଇତିହାସରୁ ଜାଣିଛେ । ଦେଶରେ କେତେଜଣ ପ୍ରଧାନମନ୍ତ୍ରୀ ବଦଳୁଥିଲେ ମଧ୍ୟ ସବୁବେଳେ ସେହି ପ୍ରଧାନମନ୍ତ୍ରୀ ପଦବୀ ରହିଥାଏ, ସେହିଭଳି ଭୂପୃଷ୍ଠରେ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ପଦବୀଗୁଡିକ ଦେବତା ପଦବୀ ହୋଇ ରହିଛି । ଏହି ପଦବୀପାଇଁ ଯୋଗ୍ୟଜୀବ ନିର୍ଣ୍ଣୀତ ହୋଇଥାଏ । ଏକ ଜୀବ ଶାଶ୍ୱତ ଭାବରେ ସେହି ପଦବୀରେ ରହିନଥାଏ, ସେ କିଛିକାଳ ରହିବାବେଳେ, ଆଉଏକ ଜୀବ ସେହି ଯୋଗ୍ୟତାକୁ ହାସଲକରି ସେହି ପଦବୀରେ ରହେ । ଏକ ଜୀବ ସାରା ପ୍ରପଞ୍ଚରେ ଜ୍ଞାନଶକ୍ତି (ଯୋଗଶକ୍ତି) ରେ ସର୍ବ ପ୍ରଥମ ବୋଲି ଭାବିଲେ, ସେହି ଜୀବ ସ୍ତ୍ରୀ ପୁରୁଷ ଭେଦ ନଥାଇ ସର୍ବଶ୍ରେଷ୍ଠ ଦେବତା ପଦବୀ ହୋଇଥିବା ବିଷ୍ଣୁପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । ସେହିଭଳି ଜୀବ କିଛି ଅଳ୍ପ କର୍ମ ନେଇ ଭୂପୃଷ୍ଠରେ ଜନ୍ମ ହୋଇଥାଏ । ସେ ସେହି ଜନ୍ମରେ ସମ୍ପୂର୍ଣ୍ଣ ଜ୍ଞାନାଗ୍ନି ଅର୍ଜନ କରି, ଥିବା କିଛି କର୍ମକୁ ମଧ୍ୟ ବିନାଶ କରି ସେହି ଜନ୍ମରେ ମୋକ୍ଷ ପାଇଥାଏ, ସେତେବେଳେ ପୁନର୍ବାର ସେହି ପଦବୀ ପାଇଁ ଭୂପୃଷ୍ଠରେ ଯୋଗ୍ୟ ହୋଇଥିବା ଆଉଏକ ଜୀବ ଯୋଗ୍ୟତା ହାସଲ କରିଥାଏ ଏବଂ ସେ ବିଷ୍ଣୁ ହୋଇଥାଏ । ଏହିଭଳି ଦେବତା ମାନଙ୍କର ପଦବୀ ଖାଲିପଡିଥାଏ ଏବଂ ପୂର୍ଣ୍ଣ ହୋଇଥାଏ । ଭୂପୃଷ୍ଠର ଜୀବ ନିଜ ଜ୍ଞାନାଗ୍ନି ଯୋଗ୍ୟତା ଅନୁସାରେ ଦେବତା ପଦବୀରେ ଥାଏ । ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ପଦବୀଗୁଡିକୁ ମଧ୍ୟ ଏହି ଭୂପୃଷ୍ଠର ମାନବ ପାଇଥାଏ । ଏହିଭଳି ଶରୀରଧାରୀ ଦେବତାମାନେ ଅଧିକ ଜ୍ଞାନାଗ୍ନି ଅର୍ଜନ କରି ନିଜର ବଳକା ଥିବା କର୍ମକୁ ସେହି ଜନ୍ମରେ ସମାପ୍ତ କରି ମୋକ୍ଷ ପାଇଥାନ୍ତି । ବଡ ବଡ ଦେବତାମାନେ ଭୂପୃଷ୍ଠରେ ଥିଲେ ମଧ୍ୟ ସେମାନେ ମାୟାର ପ୍ରବଳ ପ୍ରଭାବ କାରଣରୁ ନିଜେ ନିଜକୁ ଚିହ୍ନି ପାରନ୍ତି ନାହିଁ । ଦେବତାମାନେ ଗୁରୁ, ଜ୍ଞାନୀ, ଯୋଗୀ, ଭକ୍ତ, ସନ୍ନ୍ୟାସୀ ଭାବରେ ଅନେକ ଥିବାବେଳେ, ସେମାନଙ୍କର ବିରୁଦ୍ଧରେ ଅନେକ ରାକ୍ଷସମାନେ ମଧ୍ୟ ଭୂପୃଷ୍ଠରେ ରହିଥାନ୍ତି ।

ଜ୍ଞାନ ଜାତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ଯେଉଁମାନେ ବିରୁଦ୍ଧ ହୋଇ ରହିଥାନ୍ତି ସେମାନେ ରାକ୍ଷସ, ସେମାନଙ୍କଠାରେ ଜ୍ଞାନହେଉ ବା ଜ୍ଞାନଶକ୍ତି ହେଉ କିଛି ନଥାଏ । ପରମାତ୍ମାଙ୍କ ବିଷୟ ସେମାନଙ୍କୁ ଭଲ ଲାଗେ ନାହିଁ । ମୁଖ୍ୟତଃ ତାମସ ଭକ୍ତି ବିଶିଷ୍ଟ ରାକ୍ଷସମାନେ ନିଜେ ନିଜକୁ ପ୍ରକୃତ ଭକ୍ତ ବୋଲି ଭାବିଥାନ୍ତି, ଏମାନେ ଆଉ କେଉଁଭଳି ରହିଥାନ୍ତି ତାହା ତଳ ଶ୍ଳୋକରେ ଦେଖିବା ।

**(୧୫) ଶ୍ଳୋକ,୭ : ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।**
**ନ ଶୋଚଂ ନାପି ଚ୍ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ॥**
**(ହେତୁବାଦ ଅସୁର ଗୁଣ)**

**ଭାବାର୍ଥ :** ଯେଉଁମାନେ ଅସୁର ସ୍ୱଭାବର ସେମାନେ ମନୁଷ୍ୟର ଜନ୍ମ ମରଣ ବାବଦରେ ଜାଣିପାରନ୍ତି ନାହିଁ । ସେମାନଙ୍କଠାରେ ଶୁଚିତ୍ୱ ହେଉ, ସତ୍ୟ ହେଉ କିଛି ବି ନଥାଏ ।

**ବିବରଣୀ :** ଭୂପୃଷ୍ଠରେ ଦେବତା ଏବଂ ରାକ୍ଷସ ନାମରେ ଦୁଇଜାତି ରହନ୍ତି ବୋଲି ଷଷ୍ଠତମ ଶ୍ଳୋକରେ ଭଗବାନ କହି, ଏହି ଶ୍ଳୋକଠାରୁ ଅନେକ ପ୍ରକାରର ଥିବା ରାକ୍ଷସମାନଙ୍କ ବାବଦରେ କହିବା ଆରମ୍ଭ କରିଛନ୍ତି । ଏବେ ଏହି ଶ୍ଳୋକରେ ହେତୁବାଦୀମାନଙ୍କ କଥା କହି, ଅଷ୍ଟମ ଶ୍ଳୋକରେ ନାସ୍ତିକବାଦୀ ମାନଙ୍କ କଥା କହି ପୁନଃ ନବମ ଶ୍ଳୋକରେ ଉଭୟ ହେତୁବାଦୀ, ନାସ୍ତିକବାଦୀ ମାନଙ୍କ ବାବଦରେ କହିଛନ୍ତି । ଏହି ଶ୍ଳୋକରେ କେବଳ ହେତୁବାଦୀ ମାନଙ୍କ ବାବଦରେ ଜଣାଇଛନ୍ତି ତେଣୁ ଭୂପୃଷ୍ଠର ହେତୁବାଦୀମାନଙ୍କୁ ଅସୁର ଭାବେ ନେବାକୁ ହେବ । ହେତୁବାଦୀମାନେ ମନୁଷ୍ୟର ଜନ୍ମ ବାବଦରେ କିମ୍ବା ମରଣ ବାବଦରେ କିଛି ଜାଣି ନଥାନ୍ତି ବୋଲି ଭଗବାନ କହିଛନ୍ତି । ଏକଥା ଶୁଣୁ ଶୁଣୁ କେତେକଙ୍କଠାରେ ଅନେକ ପ୍ରଶ୍ନ ଆସିପାରେ । ଭୂପୃଷ୍ଠରେ ଅନେକ ହେତୁବାଦୀ ରହିଛନ୍ତି । ଆସ୍ତିକମାନଙ୍କ ଅପେକ୍ଷା ଏମାନେ ଖୁବ୍ ଚତୁର ଦେଖାଯା'ନ୍ତି । ମନୁଷ୍ୟର ଜନ୍ମ ଏବଂ ମରଣ ବାବଦରେ ସେମାନେ ଜାଣନ୍ତି ନାହିଁ ବୋଲି କିପରି କହୁଛନ୍ତି ? ଅନେକ ଏମ୍.ଡି. ଡକ୍ଟର, ଏମ୍ ବି.ବି.ଏସ୍. ଡକ୍ଟରମାନେ ହେତୁବାଦୀ ଭାବରେ ଚିହ୍ନିତ ହୋଇଥାନ୍ତି, ସେମାନଙ୍କୁ ଜନ୍ମମରଣ ବିଷୟରେ

କିଛିମଧ୍ୟ ଜଣାନାହିଁ କହିଲେ ଆପଣଙ୍କ କଥାକୁ କିପରି ବିଶ୍ୱାସ କରିବା ? ଏତେ ପରିଷ୍କାର ପରିଚ୍ଛନ୍ନତା ଭିତରେ ରହୁଥିବା ସେମାନେ କ'ଣ ଏତେ ଶୁଚିତ୍ୱହୀନ ? କ'ଣ ଏସବୁ ସତ ? କେତେକ ହେତୁବାଦକୁ ମୁଖ୍ୟବାଦ ଭାବେ ନେଇ ସତ୍ୟ ନିର୍ଦ୍ଧାରଣ, ସତ୍ୟାନ୍ୱେଷଣ, ସତ୍ୟପ୍ରଚାର, ସତ୍ୟଶୋଧନ ଇତ୍ୟାଦି ନାନା ସତ୍ୟ ନାମରେ ସମାଜକୁ ସତ୍ୟ ଜଣାଇଥାନ୍ତି, ଏମାନେ କ'ଣ ଅସତ୍ୟବାଦୀ ? ଏମାନଙ୍କୁ ସତ୍ୟ ଜଣାନଥାଏ କହିବା କ'ଣ ଠିକ୍ ? ହେତୁବାଦର ଏକ ସୀମା ନିର୍ଦ୍ଧାରଣ କରି ସେହି ଅନୁସାରେ ଶେଷ ପର୍ଯ୍ୟନ୍ତ କ୍ରମ ବିଚ୍ୟୁତ ନହୋଇ ଯେଉଁମାନେ ଆଚରଣ କରିଥାନ୍ତି ସେମାନଙ୍କଠାରେ ଆଚରଭଦ୍ରତା ନଥାଏ ବୋଲି କହିଲେ ଗୀତାବାକ୍ୟ କିପରି ସତ୍ୟ ହେବ ? ଏମିତି ନାନା ପ୍ରକାରର ପ୍ରଶ୍ନ ଗୁଡ଼ିଏ ଆସି ଏହି ଶ୍ଳୋକକୁ ଅସତ୍ୟ କରି ଦେବାକୁ ବସିଥିବା ବେଳେ ଟିକିଏ ଏହି ବିଷୟରେ ଗଭୀର ବିଚାର ନକଲେ ଭଗବାନ ମିଥ୍ୟାବାଦୀ ହୋଇଯିବେ ।

ମାନବ ସମାଜରେ ଅନେକ ଲୋକ ଅନେକ ପ୍ରକାରର କାର୍ଯ୍ୟ କରି ବଞ୍ଚିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ ସମ୍ବନ୍ଧୀୟ ବିଜ୍ଞତା, କରଣୀୟ ପଦ୍ଧତି, କାର୍ଯ୍ୟ ଉପରେ ଆଶକ୍ତି ଏବଂ କାର୍ଯ୍ୟର ମୂଲ୍ୟ ଜାଣିବା ପରେ କେହି କାର୍ଯ୍ୟଟିଏ କରିଥାଏ । ସମସ୍ତେ ବଞ୍ଚିବା ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିଥାନ୍ତି; ତଥାପି କେତେକ କରୁଥିବା କାର୍ଯ୍ୟ ଶାସନସମ୍ମତ ଭାବରେ କରିଥାନ୍ତି, କେତେକ ଶାସନବିରୁଦ୍ଧ କାର୍ଯ୍ୟ କରିଥାନ୍ତି । ଯିଏ ଚୋରିକାର୍ଯ୍ୟ କରିଥାଏ ତାଠାରେ କାର୍ଯ୍ୟ ନୈପୁଣ୍ୟତା, କରଣୀୟ ପଦ୍ଧତି, ଆଶକ୍ତି ଇତ୍ୟାଦି ଥାଏ । ସେହିଭଳି କୁଲି କାର୍ଯ୍ୟରେ ମଧ୍ୟ କ୍ରମଶିକ୍ଷଣ, ପଦ୍ଧତି, ଆଶକ୍ତି ଥାଏ । ଉଭୟଙ୍କ ଉଦ୍ଦେଶ୍ୟ ଟଙ୍କା ହେଲେହେଁ ସରକାର ଦୃଷ୍ଟିରେ ଚୋରିକାର୍ଯ୍ୟ ଶାସନବିରୁଦ୍ଧ, କୁଲିକାର୍ଯ୍ୟ ଶାସନସମ୍ମତ ଭାବେ ଥିବାଭଳି ଭୂପୃଷ୍ଠରେ କାହାକୁ ଦେଖାଯାଉ ନଥିବା ଏକ ଶାସନ ବ୍ୟବସ୍ଥା ରହିଛି, ସେହି ଶାସନରେ କେତେକ ଧର୍ମବିରୁଦ୍ଧ ଭାବେ ଆଉ କେତେକ ଧର୍ମସମ୍ମତ ଭାବେ କାର୍ଯ୍ୟ କରିଥାନ୍ତି । ସରକାରୀ ଶାସନ ବ୍ୟବସ୍ଥାରେ ଦଣ୍ଡ ଥିବା ଭଳି ଦେଖାଯାଉ ନଥିବା ଶାସନରେ ମଧ୍ୟ ଦଣ୍ଡ ରହିଥାଏ । ଜଣେ କୁଲି ଅପେକ୍ଷା ଜଣେ ଚୋର ଅଧିକ ଶ୍ରଦ୍ଧା, କ୍ରମଶିକ୍ଷଣ, ପଦ୍ଧତି ଏବଂ ନୈପୁଣ୍ୟତାର ସହିତ

ଚୋରିକାର୍ଯ୍ୟ କଲେ କୁଲିଠାରୁ ଚୋର ଭଲକାର୍ଯ୍ୟ କରିଛି ବୋଲି ସରକାରୀ ଶାସନ କ'ଣ ତାହାକୁ ସମ୍ମତି ପ୍ରଦାନ କରିବ? କେବେ କରିବ ନାହିଁ । ସେହିଭଳି ଆତ୍ମାବାଦୀମାନଙ୍କ ଅପେକ୍ଷା ହେତୁବାଦୀମାନେ ସମାଜ ମଙ୍ଗଳ ପାଇଁ ସବିଜ୍ଞାନ, କ୍ରମଶିକ୍ଷଣ, କରିବା ପଦ୍ଧତି ଇତ୍ୟାଦିକୁ ଅନୁସରଣ କରି ଆଚରଣ କଲେ ମଧ୍ୟ, ଏମାନେ ଆତ୍ମବାଦୀମାନଙ୍କ ଅପେକ୍ଷା ଭଲକାର୍ଯ୍ୟ କରୁଛନ୍ତି ବୋଲି ପରମାତ୍ମାଶାସନ (ଧର୍ମ) ସମ୍ମତି ପ୍ରଦାନ କରିବ ନାହିଁ । ସମସ୍ତେ ବଞ୍ଚିବା ପାଇଁ କାର୍ଯ୍ୟ କରୁଥିଲେ ମଧ୍ୟ କେତେକଙ୍କୁ ମର୍ଯ୍ୟାଦାବାନ୍ ଆଉ କେତେକଙ୍କୁ ଦୋଷୀ ବୋଲି ନ୍ୟାୟଶାସ୍ତ୍ର ନିରୂପିତ କରୁଥିବା ଭଳି ଆତ୍ମବାଦୀ, ହେତୁବାଦୀମାନେ ସମାଜମଙ୍ଗଳ କାର୍ଯ୍ୟ କରୁଛୁ ବୋଲି କହିଲେ ମଧ୍ୟ ସେମାନଙ୍କ ଆଚରଣ ଅନୁସାରେ କେତେକଙ୍କୁ ସୁର ଏବଂ କେତେକଙ୍କୁ ଅସୁର ବୋଲି ଗୀତାଶାସ୍ତ୍ର କହିଥାଏ ।

ଉଗ୍ରବାଦୀମାନେ ସରକାରକୁ ଏବଂ ଶାସନ ବ୍ୟବସ୍ଥାକୁ ମାନନ୍ତି ନାହିଁ । ସେମାନେ ଭାବିଥାନ୍ତି ଯେ, ଆମେ ଯାହା କରୁଛୁ ତାହା ଠିକ୍ । ଆମ କାର୍ଯ୍ୟରେ ଜୀବନ (ପ୍ରାଣ)କୁ ମଧ୍ୟ ଖାତର ନକରି କ୍ରମଶିକ୍ଷଣର ସହିତ ଆମେ ଆମ ସିଦ୍ଧାନ୍ତର ଅନୁଗୁଣ କାର୍ଯ୍ୟ କରୁଛୁ ବୋଲି କହିଲେ ମଧ୍ୟ ସରକାର ସେମାନଙ୍କ ସିଦ୍ଧାନ୍ତକୁ, ସେମାନଙ୍କର କ୍ରମଶିକ୍ଷଣକୁ ସମ୍ମତି ପ୍ରଦାନ ନକରି ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦେଇଥାଏ । ସେହିପରି ଉଗ୍ରବାଦୀମାନେ ସରକାରକୁ ସମ୍ମତି ନଦେବା ଭଳି ହେତୁବାଦୀମାନେ ପରମାତ୍ମା ଧର୍ମକୁ ସମ୍ମତି ପ୍ରଦାନ କରିନଥାନ୍ତି । ସେମାନେ ଆଚରଣ କରୁଥିବା ହେତୁବାଦ ପଦ୍ଧତି ଠିକ୍ ବୋଲି ସେମାନେ ଭାବିଥାନ୍ତି । ସେମାନେ ସେମାନଙ୍କ ସିଦ୍ଧାନ୍ତର ଅନୁଗୁଣ ଚାଲିଲେ ମଧ୍ୟ, ସେମାନଙ୍କ ନିୟମ ସେମାନଙ୍କ ପାଇଁ ସତ୍ୟ ହେଲେ ମଧ୍ୟ, ସେମାନଙ୍କ ନିୟମକୁ ଭଗବାନ ଧର୍ମ ବିରୁଦ୍ଧ ବୋଲି କହୁଛନ୍ତି ।

ଏବେ ଆମେ ପ୍ରକୃତ ବିଷୟ ଉପରକୁ ଫେରିବା । ମନୁଷ୍ୟର ଜନ୍ମ ଏବଂ ମୃତ୍ୟୁ ଏହି ଦୁଇଟି ବାବଦରେ ସେମାନେ ଜାଣନ୍ତି ନାହିଁ ବୋଲି କହିଛନ୍ତି । କ'ଣ ଏହା ସତ୍ୟ? ବୋଲି ପ୍ରଶ୍ନ ମଧ୍ୟ ଆସିଛି । ଏଇ କଥାର ସମାଧାନ ଏବେ ଆମେ ଦେଖିବା । ଏକ ସଜୀବ ଶରୀର ପ୍ରପଞ୍ଚର ପାଞ୍ଚଗୋଟି

ବିଷୟ ଜ୍ଞାନକୁ ତାର ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଜାଣି ପାରିଥାଏ । ପରିମିତ ଜ୍ଞାନକୁ ଜାଣିବାପାଇଁ ପରିମିତ ଅବୟବର ଆବଶ୍ୟକତାକୁ ଚିହ୍ନି ସେଗୁଡିକୁ ଆଖି, କାନ, ନାକ, ଜିଭ, ଚର୍ମ ଭାବରେ ନାମ ଦେଇଛେ, ଏଗୁଡିକ ଦ୍ୱାରା ଦୃଶ୍ୟ, ଶବ୍ଦ, ଗନ୍ଧ, ରୁଚି, ସ୍ପର୍ଶକୁ ଆମେ ଜାଣିପାରୁଛେ । ଏହି ପାଞ୍ଚଗୋଟି ବିଷୟ ବ୍ୟତୀତ ଆଉ କାହାକୁ କିଛି ଜଣା ନଥାଏ । ଏହି ପାଞ୍ଚ ଇନ୍ଦ୍ରିୟକୁ ଜଣା ନଥିବା ବିଷୟ ଯଦିକିଛି ଥାଏ ତାହାହେଉଛି ଇନ୍ଦ୍ରିୟାତୀତ ବିଷୟ । ଉଦାହରଣ ଭାବରେ ଦୁଇଟି ଲୁହାଖଣ୍ଡକୁ ନେଇ ଦେଖିଲେ ତାର ଆକାର ରଙ୍ଗ ଇତ୍ୟାଦି ଏକ ଭଳି ହେଲେ ମଧ୍ୟ ସେହି ଲୁହାଖଣ୍ଡ ଭିତରୁ ଗୋଟିଏ ହୋଇଥିବା ଚୁମ୍ବକକୁ ଚିହ୍ନି ହୋଇନଥାଏ । କାରଣ ସେଥିରେ ରହିଥିବା ଚୁମ୍ବକୀୟ ଶକ୍ତି ଆଖି, କାନ, ନାକ, ଜିଭ, ଚର୍ମ ଇତ୍ୟାଦିର ଥିବା ଦୃଶ୍ୟ, ଶ୍ରବଣ, ଗନ୍ଧ, ସ୍ୱାଦ, ସ୍ପର୍ଶ ଦ୍ୱାରା ଜାଣିବା ସମ୍ଭବ ହୋଇନଥାଏ, ଏହି ଦେଖାଯାଉ ନଥିବା ଚୁମ୍ବକୀୟ ଶକ୍ତିକୁ ଆଉଏକ ଉପାୟରେ ଜାଣିହେବ, ସେହି ଉପାୟ ବ୍ୟତୀତ ଇନ୍ଦ୍ରିୟଗୁଡିକ ଦ୍ୱାରା ଆମେ ଚୁମ୍ବକୀୟ ଶକ୍ତିକୁ ଜାଣିପାରିବା ନାହିଁ । ତେଣୁ ତାହାକୁ ଇନ୍ଦ୍ରିୟାତୀତ ଶକ୍ତି ବୋଲି କହି ପାରିବା । ଏହିଭଳି ଏହି ପ୍ରପଞ୍ଚରେ ଅନେକ ଇନ୍ଦ୍ରିୟାତୀତ ଶକ୍ତି ରହିଛି, ସେଗୁଡିକୁ ପ୍ରତ୍ୟକ୍ଷ ଭାବରେ ନହେଲେ ମଧ୍ୟ ପରୋକ୍ଷ ଭାବରେ ଆମେ ଜାଣିପାରିବା । ପରୋକ୍ଷ ଭାବରେ ଜାଣିବାପାଇଁ କୌଣସି ଏକ ନିୟମ ଆବଶ୍ୟକ । ସେହି ନିୟମକୁ ଆମେ ପ୍ରୟୋଗ କହୁଛେ, କିନ୍ତୁ ସବୁକିଛି ପ୍ରୟୋଗ ଦ୍ୱାରା ଜଣାଯାଇ ପାରେନାହିଁ ବୋଲି ମନେରଖିବା ଉଚିତ୍ । ସେଗୁଡିକୁ ପ୍ରୟୋଗ ଦ୍ୱାରା ଜାଣିପାରିବା କିମ୍ୱା ଯୋଗ ଦ୍ୱାରା ଜାଣିପାରିବା ବୋଲି ଜଣାଯାଏ । ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଯାହା ଜଣାଯାଇ ନପାରେ ତାହା ପ୍ରୟୋଗ ଦ୍ୱାରା କିମ୍ୱା ଯୋଗ ଦ୍ୱାରା ଜଣାଯାଇ ପାରେ ।

ଏବେ ପ୍ରୟୋଗ ଏବଂ ଯୋଗ ଭିତରେ ପ୍ରଭେଦ କଣ ଅଛି ବୋଲି କେତେକ ପଚାରିପାରନ୍ତି । ତାର ସମାଧାନ ହେଉଛି ! **"ଯାହା ଜ୍ଞାନେନ୍ଦ୍ରିୟ ଗୁଡିକୁ ଜଣାଯାଇ ନଥାଏ ତାହା ଜାଣିବାପାଇଁ କର୍ମେନ୍ଦ୍ରିୟର ସହାୟତାରେ ଯେଉଁ କାର୍ଯ୍ୟ କରାଯାଇଥାଏ ତାହାକୁ ପ୍ରୟୋଗ କହୁଛୁ"** । ପ୍ରୟୋଗ ବେଳେ ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ ଦଶଗୋଟି କାର୍ଯ୍ୟ କରିଥାନ୍ତି

ଦେଖାଯାଉଥିବା ଇନ୍ଦ୍ରିୟଗୁଡିକ ଦ୍ୱାରା ଯାହା ଦେଖାଯାଉ ନଥାଏ ତାହାକୁ ଜାଣିବା ପାଇଁ କରୁଥିବା କାର୍ଯ୍ୟକୁ ପ୍ରୟୋଗ କହୁଛେ । ପ୍ରୟୋଗରେ ଦେଖାଯାଉ ନଥିବା ଚୁମ୍ବକୀୟ ଶକ୍ତିକୁ, ତାର ସାନ୍ଦ୍ରତାକୁ ଏବଂ ଆବର କ୍ଷେତ୍ରକୁ ଜାଣିହୁଏ । ପ୍ରୟୋଗ ପାଇଁ ମଧ୍ୟ ନାନା ଉପକରଣ ଦରକାର ହୋଇଥାଏ । ଉଦାହରଣ ସ୍ୱରୂପ ଆଖିକୁ ଦେଖାଯାଉ ନଥିବା ସୂକ୍ଷ୍ମ ଜୀବାଣୁ ଗୁଡିକୁ ଦେଖିବା ପାଇଁ ମାଇକ୍ରୋସ୍କୋପ୍‌ର ଆବଶ୍ୟକ ହୋଇଥାଏ । ଏକ ଯୋଗ ବିଷୟ ଉପରକୁ ଗଲେ ଯାହା ଇନ୍ଦ୍ରିୟଗୁଡିକୁ ଜଣାପଡି ନଥାଏ ତାହା ସେଥିରୁ ଜାଣିପାରିବା, କିନ୍ତୁ ଏଠାରେ ଯୋଗ ପାଇଁ ଶରୀରରେ ଥିବା କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ଗୁଡିକର ଆବଶ୍ୟକ ନଥାଏ । ପ୍ରୟୋଗରେ ପ୍ରକୃତି ସହିତ ସମ୍ପର୍କ ରଖି କିଛି ଇନ୍ଦ୍ରିୟାତୀତ ବିଷୟକୁ ଜାଣିହୁଏ । ପଞ୍ଚଭୂତର ସମ୍ବନ୍ଧ ନଥିବା ଜିନିଷ ଯାହାସବୁ ଅଛି ତାହା ପ୍ରୟୋଗ ଦ୍ୱାରା ଜାଣିବା ଅସମ୍ଭବ । **"ପଞ୍ଚଭୂତର ସମ୍ବନ୍ଧ ନଥାଇ ଯାହା ସମଗ୍ର ପ୍ରକୃତିର ଅତୀତ ତାହା କେବଳ ଯୋଗ ଦ୍ୱାରା ଜାଣିବା ସମ୍ଭବ ହୋଇଥାଏ"** । ସର୍ବ ଜଗତରେ ପଞ୍ଚଭୂତର ଅତୀତ ଜିନିଷ କେବଳ ତିନିଗୋଟି ରହିଛି । ତାହାହେଲା ୧) ଜୀବାତ୍ମା ୨) ଆତ୍ମା ୩) ପରମାତ୍ମା । ଏହି ତିନିଗୋଟିକୁ କୌଣସି ପ୍ରୟୋଗ ଦ୍ୱାରା ଜାଣିହୁଏ ନାହିଁ । ଆଜିପର୍ଯ୍ୟନ୍ତ ଅନେକ ଶାସ୍ତ୍ରଜ୍ଞମାନେ ଅନେକ ପ୍ରକାରର ପ୍ରୟୋଗ କରି ଯାହାସବୁ ଉଦ୍ଭାବନ କରିଛନ୍ତି ସେଗୁଡିକ ସବୁ ପ୍ରକୃତି ସମ୍ବନ୍ଧୀୟ ଜିନିଷ । ଭୌତିକଶାସ୍ତ୍ର ଜାଣିଥିବା ଡାକ୍ତରମାନେ ଭୌତିକ ଶରୀରର ଅନ୍ତର୍ଭାଗ, ତାର ରୋଗ, ରୋଗ ନିବାରଣର ବିଧି ଜାଣି ପାରନ୍ତି । **ହୃତ୍ପିଣ୍ଡ ଚିରିଦେଇ ଦେଖୁଥିବା ଡାକ୍ତର ହେଉ, ମସ୍ତିଷ୍କକୁ ଶସ୍ତ୍ର ଚିକିତ୍ସା ଦ୍ୱାରା ଖୋଲି ଦେଖୁଥିବା ଡାକ୍ତର ହେଉ, ସେମାନେ ଶରୀରରେ ଜୀବକୁ କିମ୍ବା ସାରା ଶରୀରରେ ଥିବା ଆତ୍ମାକୁ ଦେଖି ପାରିନଥାନ୍ତି** । କାରଣ ! ସେମାନେ କେବଳ ପ୍ରୟୋଗ କରିଥାନ୍ତି ସିନା ଯୋଗ କରି ନଥାନ୍ତି, ତେଣୁ ପ୍ରକୃତିର ଅତୀତ ଆତ୍ମାକୁ ସେମାନେ ଦେଖି ପାରନ୍ତି ନାହିଁ । କାଟି ଚିରିଦେଇ ଭିତରେ ଦେଖିଲେ ଦେଖାଯାଉ ନଥିବା, ଜଣାପଡୁ ନଥିବା ଆତ୍ମାକୁ, ଜନ୍ମ ବେଳେ କିମ୍ବା ମରଣ ବେଳେ ଯେଉଁମାନେ କେବଳ ଉପରେ ଉପରେ ଦେଖନ୍ତି, ଆତ୍ମା ସେମାନଙ୍କୁ କିପରି ବା ଦେଖାଯିବ ? କିପରି ଜଣାଯିବ ? ଅନେକ ହେତୁବାଦୀମାନେ ପ୍ରାଣକୁ ଜୀବାତ୍ମା ଭାବିଥାନ୍ତି । ଜୀବ ଅଲଗା ଏବଂ

ପ୍ରାଣ ଅଲଗା ବୋଲି ନଜାଣିବା ପର୍ଯ୍ୟନ୍ତ ଜୀବର ପ୍ରବୃତ୍ତି ବା ଜନ୍ମ ବାବଦରେ, ନିବୃତ୍ତି ବା ମରଣ ବାବଦରେ କିପରି ଜାଣି ପାରିବା ? ତେଣୁ ଶ୍ଳୋକରେ 'ଜନ୍ମମରଣକୁ ଯେଉଁମାନେ ଜାଣିନଥାନ୍ତି' ବୋଲି କହିଛନ୍ତି ।

ଶୌଚ (ଶୁଚି) କହିଲେ ପରିଷ୍କାର ପରିଚ୍ଛନ୍ନତା (ଶୁଭ୍ରତା) । ଏଠାରେ ପରିଷ୍କାର ପରିଚ୍ଛନ୍ନତା ତୋର ? କି ତୋ ଶରୀରର ? ବୋଲି ବିଚାର କରିବା ଉଚିତ୍ । ଶରୀରର ଶୁଚି ସମସ୍ତେ ଜାଣନ୍ତି ହେଲେ ତୋଶରୀର ଭିତରେ ଯିଏ ଅଛି ତାର ଶୁଚିତାକୁ କେହି ଜାଣିବାକୁ ଚାହାନ୍ତି ନାହିଁ । ତେଣୁ ସେ ସବୁବେଳେ ଅପରିଷ୍କାର ରହିଛି ବୋଲି କହିପାରିବା । ଏହି ଅଶୁଭ୍ରତା ହେଉଛି ! ତୋ ଖରାପ ଗୁଣର ମଇଳା । ଏହି ମଇଳା ଯାହାଠାରେ ଥାଏ ତାକୁ ଶୁଚିତ୍ୱହୀନ କହିପାରିବା । ସେହିଭଳି ଶରୀର ଭିତରର ସତ୍ୟ ଯାହାକୁ ଜଣା ନାହିଁ, ବାହାରେ ସତ୍ୟ ନାମରେ କେତେ ବୋର୍ଡ ଲଗାଇଲେ ମଧ୍ୟ ସେ ଅସତ୍ୟବାଦୀ । ତେଣୁ ପ୍ରଥମେ ଭିତର ଆଚରଣ ବାବଦରେ ଜାଣିବା ଉଚିତ୍ । ଯିଏ ନଜାଣିଛି ସେ ଆଚାରହୀନ । ଜୀବ ଶରୀରକୁ ଆସିଥାଏ, ଯାଇଥାଏ ବୋଲି ଯିଏ ନଜାଣିଛି, ଯାହାର ଗୁଣ ମଳିନ, ଯିଏ ଭିତରର ସତ୍ୟ ଓ ଆଚରଣକୁ ଜାଣି ନାହିଁ ସେ ଦେବରାଜ ବୋଲାଇଲେ ମଧ୍ୟ ଅସୁର ।

**(୧୫) ଶ୍ଳୋକ,୮ : ଅସତ୍ୟଂ ପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ପରସ୍ପର ସମ୍ଭୂତଂ କିମନ୍ୟତ୍କାମହୈତୁକମ୍ ॥**
**(ନାସ୍ତିକବାଦ ଅସୁରଗୁଣ)**

**ଭାବାର୍ଥ :** ପରମାତ୍ମା ବୋଲି କିଛି ନାହିଁ, ପରମାତ୍ମା ଦ୍ୱାରା ଜଗତ ସୃଷ୍ଟି ହୋଇଛି କହିବା ଅସତ୍ୟ, ସ୍ତ୍ରୀ ଓ ପୁରୁଷ ସଂଯୋଗରେ ଜୀବସୃଷ୍ଟି ହୋଇଥାଏ । ସ୍ତ୍ରୀ ପୁରୁଷ ସଂଯୋଗ ପାଇଁ କାମନା ବ୍ୟତୀତ ଆଉ ବା କଣ ଅଛି ବୋଲି କହିଥାନ୍ତି ।

**ବିବରଣୀ :** ଭୂପୃଷ୍ଠରେ ଚାରି ପ୍ରକାର ମନୁଷ୍ୟ ଅଛନ୍ତି ବୋଲି କହିପାରିବା । ନାସ୍ତିକମାନେ ପରମାତ୍ମା ନାହାନ୍ତି ବୋଲି କହିଥାନ୍ତି । ହେତୁବାଦୀମାନେ ଯଦି ପରମାତ୍ମା ଅଛନ୍ତି ତେବେ କାହିଁକି ଦେଖାଯାଉ ନାହାନ୍ତି, ସେ କିପରି ଅଛନ୍ତି

ବୋଲି କହିଥାନ୍ତି । ଆସ୍ତିକମାନେ ପରମାତ୍ମା ଅଛନ୍ତି କହି, ପରମାତ୍ମାଙ୍କୁ ଛାଡି ପରମାତ୍ମା ହୋଇ ନଥିବା ଦେବତାମାନଙ୍କୁ ଆରାଧନା କରିଥାନ୍ତି । ଆତ୍ମାବାଦୀମାନେ କେବଳ ଆତ୍ମା ବାବଦରେ କଥାବାର୍ତ୍ତା ହୋଇଥାନ୍ତି । ନାସ୍ତିକମାନଙ୍କ ପାଇଁ ଆସ୍ତିକମାନେ ଯେତିକି ବିରୁଦ୍ଧତା ପ୍ରଦର୍ଶନ କରିଥାନ୍ତି, ଆତ୍ମବାଦୀମାନଙ୍କ ପାଇଁ ହେତୁବାଦୀମାନେ ସେତିକି ବିରୁଦ୍ଧତା ପ୍ରଦର୍ଶନ କରିଥାନ୍ତି । ଏମିତି ଏମାନଙ୍କ ମଧ୍ୟରେ ପରସ୍ପର ବିରୁଦ୍ଧଭାବ ରହିଥାଏ । ଆତ୍ମାବାଦୀଙ୍କର ବିରୁଦ୍ଧ ହୋଇଥିବା ହେତୁବାଦୀ ମାନଙ୍କ କଥା ଜାଣିସାରିଛେ । ଏହି ଶ୍ଳୋକରେ ନାସ୍ତିକବାଦୀମାନଙ୍କ ବିଷୟ ରହିଛି ।

ଭୂପୃଷ୍ଠରେ ହତ୍ୟା କରୁଥିବା ହତ୍ୟାକାରୀ ଏବଂ ଅତ୍ୟାଚାର କରୁଥିବା ଅତ୍ୟାଚାରୀମାନଙ୍କ ମଧ୍ୟରେ ଯେତିକି ନିକଟତ୍ତର ସମ୍ପର୍କ ଥାଏ ସେହିପରି ନାସ୍ତିକବାଦୀ ଏବଂ ହେତୁବାଦୀମାନଙ୍କ ଭିତରେ ଥାଏ । ଜଣେ ସାପ ନାହିଁ କହିଲେ, ଆଉଜଣେ ସାପ କେଉଁଠି ଅଛି କହ ତାକୁ ମାରିଦେବି କହିଥାଏ । ଆସ୍ତିକବାଦୀ, ଆତ୍ମବାଦୀଙ୍କ କଥା ଦେଖିଲେ ଏମାନଙ୍କର ମଧ୍ୟ ନିକଟତ୍ତର ସମ୍ପର୍କ ରହିଛି । ଆସ୍ତିକବାଦୀ ହେଇଟି ସାପ ଦେଖ୍ ବୋଲି କହିଲେ, ଆତ୍ମବାଦୀମାନେ ସେ ସାପ ବିଷଧର କି ନୁହେଁ ଦେଖ୍ ବୋଲି କହିଥାନ୍ତି । ଆସ୍ତିକ ହେଇଟି ସାପ ଦେଖ୍ କହିବା ବେଳେ, ନାସ୍ତିକ ସାପ ହିଁ ନାହିଁ ବୋଲି କହେ । ବିଷଧର ସାପ ହିଁ ପ୍ରକୃତ ଭୟଙ୍କର ସାପ ବୋଲି ଆତ୍ମାବାଦୀ କହିବା ବେଳେ, ସେ ଯେଉଁ ସାପ ହେଉ ତାକୁ ମାରିଦେବା ଉଚିତ୍ ବୋଲି କହିଥାଏ ହେତୁବାଦୀ । ଏଭଳି ବିଭିନ୍ନ ଭାବର ଆସ୍ତିକ, ନାସ୍ତିକ, ହେତୁବାଦୀ, ଆତ୍ମବାଦୀମାନେ ଭୂପୃଷ୍ଠରେ ରହିଥାନ୍ତି । ନାସ୍ତିକବାଦୀ ଆସ୍ତିକବାଦୀକୁ ଅନ୍ଧବିଶ୍ୱାସୀ, ମୂର୍ଖ ବୋଲି କହିଥାଏ । ସେହିଭଳି ହେତୁବାଦୀ ଆତ୍ମବାଦୀକୁ ଭାବବାଦୀ କହିଥାଏ । ଆତ୍ମବାଦୀ ହେତୁବାଦୀକୁ ମୂଢବାଦୀ କହିଥାଏ । ଭଗବଦ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏହି ଚାରି ପ୍ରକାରର ଲୋକଙ୍କ କଥା କହିଛନ୍ତି । ଗୀତାରେ ଅଧିକାଂଶ ଆତ୍ମବାଦ ବାବଦରେ କହି ତାଠାରୁ କିଛି କମ୍ ଆସ୍ତିକବାଦ ବାବଦରେ କହିଛନ୍ତି । ଖୁବ୍‌କମ୍ ହେତୁବାଦ ଏବଂ ନାସ୍ତିକବାଦ ବାବଦରେ କହିଛନ୍ତି । ଏବେ ନାସ୍ତିକବାଦ ବାବଦରେ କହିବାକୁ ଯାଇ,

ନାସ୍ତିକବାଦୀମାନେ ପରମାତ୍ମା ବିଶ୍ୱ ସୃଷ୍ଟି କରିଛନ୍ତି ବୋଲି ବିଶ୍ୱାସ କରନ୍ତି ନାହିଁ । ସେମାନେ ଏସବୁକୁ ମିଛକଥା ଭାବିଥାନ୍ତି ବୋଲି ଭଗବାନ କହିଛନ୍ତି ।

ଆମକୁ ଜଣାଥିବା ନିୟମ ଅନୁସାରେ କହିଲେ, ଉଦାହରଣ ଭାବରେ ଏକ କାହାଣୀ କହୁଛୁ ଦେଖନ୍ତୁ । ଗୋଟିଏ ଗାଆଁରେ ରଙ୍ଗନାଥ ଏବଂ ବଳଭଦ୍ର ନାମକ ଦୁଇଜଣ ବାଳକଙ୍କୁ ସେମାନଙ୍କର ଅଭିଭାବକମାନେ ସାତବର୍ଷ ବୟସରେ ବାଲ୍ୟବିବାହ କରାଇ ଦେଇଥିଲେ, ପରେ ଯୁକ୍ତବୟସ ହେଲେ ନିଜ ନିଜର ଝିଅ ମାନଙ୍କୁ ଶାଶୁଘରକୁ ପଠାଇବେ, ସେପର୍ଯ୍ୟନ୍ତ ଝିଅମାନଙ୍କର ଅଭିଭାବକମାନେ ଝିଅମାନଙ୍କୁ ନିଜ ନିଜ ଘରେ ରଖିବେ, ଯୁକ୍ତବୟସ ହେବାଯାଏଁ ପୁଅ, ଝିଅ ମାନେ କେହି କାହାକୁ ଦେଖିବେ ନାହିଁ, ପୁରୁଷ ପିଲାମାନଙ୍କୁ ୨୨ ବର୍ଷ ହେଲେ ଝିଅ-ମାନଙ୍କୁ ପଠାଇବା ଯୋଜନା ସେମାନଙ୍କର ଥିଲା । ଶେଷରେ ପୁଅ ମାନଙ୍କୁ ୨୨ ବର୍ଷ ହୋଇଗଲା । ଦୈବାତ୍ ସେମାନେ ଏକ ରୋଗରେ ପଡିଲେ । ସେହି ରୋଗରେ ରଙ୍ଗନାଥର ମନେରଖିବା ଶକ୍ତି ଚାଲିଗଲା । ବଳଭଦ୍ରର ସମ୍ପୂର୍ଣ୍ଣ ମନେରଖିବା ଶକ୍ତି ଚାଲିଯାଇ ନଥିଲେ ମଧ୍ୟ ସେ କିଛି ପରିମାଣରେ ଦୃଷ୍ଟିଶକ୍ତି ହରାଇ ବସିଲା, ତାକୁ ଆଗରେ ଥିବା ବସ୍ତୁ ଅସ୍ପଷ୍ଟ ଦେଖାଗଲା, ସେଓ ଦେଖାଇଲେ ତାକୁ ତାହା ଆମ୍ବ ବୋଧ ହେଉଥିଲା । ଯାହାବି ହେଉ ଦୁଇଜଣଯାକ ସେହି ରୋଗରେ ମୃତ୍ୟୁବରଣ ନକରି ବଞ୍ଚିଗଲେ । ଯେହେତୁ ବାଲ୍ୟବୟସରେ ସେମାନଙ୍କର ବିବାହ ହୋଇଯାଇଥିଲା ସେମାନଙ୍କର ସ୍ତ୍ରୀମାନେ ବୟସ କ୍ରମେ ସେମାନଙ୍କ ପାଖକୁ ଆସିବା ସମୟ ଏବଂ ବଡମାନଙ୍କ ଯୋଜନା କାର୍ଯ୍ୟକାରୀ ହେବା ସମୟ ଆସିଲା, ତାପରେ ସେମାନଙ୍କର ସ୍ତ୍ରୀମାନଙ୍କୁ ଅଣାଗଲା । ପ୍ରଥମେ ରଙ୍ଗନାଥ ପାଖକୁ ଯାଇ, ଦେଖ୍ ଇଏ ତୋର ସ୍ତ୍ରୀ ବୋଲି ତାର ସ୍ତ୍ରୀକୁ ଦେଖାଇ କେହିଜଣେ କହିଲେ । ରଙ୍ଗନାଥର ମନେରଖିବା ଶକ୍ତି ନଥିଲା, ତେଣୁ ସେ କହିଲା ମୁଁ ବା କେତେବେଳେ ବାହା ହୋଇଥିଲି ? ମୋର ସ୍ତ୍ରୀ କେଉଁ ରାଇଜରୁ ଆସିଲା ? ଯେତେ ବୁଝାଇଲେ ମଧ୍ୟ ସେ ବୁଝିଲା ନାହିଁ । ତୁମେମାନେ ଯେତେଯାହା କହିଲେ ମଧ୍ୟ ମୁଁ ବାହା ହେଇନି, କି ମୋର କେହି ସ୍ତ୍ରୀ ନାହିଁ ବୋଲି କହୁଥିଲା । ତାକୁ ବାରମ୍ବାର କହି ମଧ୍ୟ ଶେଷରେ ସେ ମୋତେ ଜବରଦସ୍ତ କରନାହିଁ କହିବା ପରେ ତାର

ସ୍ତ୍ରୀକୁ ତାର ବାପଘରର ଲୋକମାନେ ଫେରାଇ ନେଇଗଲେ । ଏଥର ବଳଭଦ୍ର ପାଖକୁ ତାର ନିଜ ଲୋକମାନେ ଯାଇ ଏଇ ତୋର ସ୍ତ୍ରୀ, ତାକୁ ଆମେ ନେଇ ଆସିଛୁ ବୋଲି କହିଲେ । ବଳଭଦ୍ରର ଦୃଷ୍ଟିଶକ୍ତି ହ୍ରାସ ହୋଇଯାଇଥିଲା ସିନା ସ୍ମୃତିଶକ୍ତି ସମ୍ପୂର୍ଣ୍ଣ ଯାଇନଥିଲା, ତେଣୁ ସେ ମୋର ସ୍ତ୍ରୀକୁ ଦେଖାଅ ବୋଲି କହିଲା । ଅଭିଭାବକମାନେ ତାର ସ୍ତ୍ରୀକୁ ଦେଖାଇବା ପରେ ତାର ସ୍ତ୍ରୀ ତାକୁ ଗୋଟିଏ ଗଧଭଳି ଦେଖାଗଲା, ସେ କହିଲା ତମେମାନେ ମୋତେ ମୋର ସ୍ତ୍ରୀକୁ ଦେଖାଇବ କହି ଗଧଟାଏ ଆଣି କ'ଣ ମୋ ଆଗରେ ଛିଡାକରୁଛ ? ତା କଥା ଶୁଣି ତାର ଲୋକମାନେ ତାର ସ୍ତ୍ରୀକୁ ଆଉ ଟିକିଏ ଭଲରେ ବସ୍ତ୍ର ପିନ୍ଧାଇ ଭଲ ଭଲ ଅଳଙ୍କାର ପିନ୍ଧାଇ ଆଣି ଆସିଲେ । ଏଥର ବଳଭଦ୍ରକୁ କହିଲେ ହେଇଟି ତୋର ସ୍ତ୍ରୀକୁ ଏଥର ଦେଖ୍ । ଏଥର ବଳଭଦ୍ରକୁ ତାର ସ୍ତ୍ରୀ ଏକ ଭାଲୁ ଭଳି ଦେଖାଗଲା । ତା କଥା ଶୁଣି ବଡମାନେ ତାର ସ୍ତ୍ରୀକୁ ଏଥର ଭଲଶାଢି, ଭଲ ଆଭୂଷଣାଦି ବଦଳରେ ଆଧୁନିକ ପୋଷାକ ପିନ୍ଧାଇ ଆଣିଲେ, ଏଥର ମଧ୍ୟ ତାକୁ ତାର ସ୍ତ୍ରୀ ଏକ ଘୋଡା ଭଳି ଦେଖାଗଲା । ତମେ-ମାନେ ମୋ' ସ୍ତ୍ରୀକୁ ଆଣି ଆସିଛ ଆଉ ଦେଖାଇବ କହି ମୋତେ ଗଧ, ଭାଲୁ, ଘୋଡା ଆଣି ଦେଖାଉଛ ? କହିବା ବେଳେ, ଜଣେ ଚାଲାକ୍ ବ୍ୟକ୍ତି ତା' ସ୍ତ୍ରୀକୁ ନେଇ ବଳଭଦ୍ରର ହାତରେ ଧରାଇ, ହାତ, ଗୋଡ, ମୁଣ୍ଡକୁ ହାତରେ ଚିହ୍ନାଇବା ପରେ ବଳଭଦ୍ରକୁ ବୁଝା ପଡିଲା ଯେ, ହଁ ଏଥର ମୋ' ସ୍ତ୍ରୀକୁ ଆଣିଛନ୍ତି; ତଥାପି ସେ ସେକଥା ବାହାରକୁ ନକହି ଭାବିଲା ଯେ, କେତେବେଳେ ସାତବର୍ଷ ବୟସରେ ବାହା ହେଇଥିଲି, ଏମାନେ ସତରେ ମୋ' ସ୍ତ୍ରୀକୁ ଆଣିଛନ୍ତି କି ନାଇଁ, ହୁଏତ ଆଉ କାହାକୁ ଆଣିଥିବେ, ଆଜିକାଲି ତ ଏମିତି ଠକାମି ବହୁତ ଚାଲିଛି, ଏମାନେ ମୋତେ ଠକୁଛନ୍ତି ଭାବି ଶେଷରେ 'ଇଏ ମୋ ସ୍ତ୍ରୀ ନୁହେଁ' ବୋଲି ବଡପାଟି କରି କହିଲା । ଯେତେ ବୁଝାଇଲେ ମଧ୍ୟ ସେ ଅଭ୍ୟାସରେ ପଡିବା ଭଳି ଗୋଟିଏ କଥାରେ ଅଟଳ ରହିଲା ଯେ, ଇଏ ମୋର ସ୍ତ୍ରୀ ନୁହେଁ । ଏହିଭଳି ମନେରଖିବା ଶକ୍ତି ହରାଇଥିବା ରଙ୍ଗନାଥ ମୋର ବାହାଘର ହୋଇନାହିଁ କି ମୋର କେହି ସ୍ତ୍ରୀ ନାହାନ୍ତି ବୋଲି କହିବା ଭଳି, କିଛି ଦୃଷ୍ଟିଥିବା ବଳଭଦ୍ରକୁ, ବିଭିନ୍ନ ଦିଗରୁ ତାର ସ୍ତ୍ରୀକୁ ଆଣି ଚିହ୍ନାଇ ଦିଆଯାଇଥିଲେ ମଧ୍ୟ, ଇଏ ମୋର ସ୍ତ୍ରୀ ନୁହେଁ ବୋଲି କହିବା ଅଭ୍ୟାସରେ

ପଡିଗଲା । ଏମିତି ରଙ୍ଗନାଥ ଭଳି ନାସ୍ତିକମାନେ ପରମାତ୍ମା ନାହାନ୍ତି ବୋଲି କହିବା ବେଳେ, ବଳଭଦ୍ର ଭଳି ହେତୁବାଦୀ ମାନଙ୍କୁ ପରମାତ୍ମା କଣ କିଛି ପରିମାଣରେ ବୁଝାପଡିଲେ ମଧ୍ଯ ସେମାନେ ବିଶ୍ୱାସ କରିନଥାନ୍ତି ।

ଯାହାବି କୁହ ବିଶ୍ୱାସ କରୁନଥିବା ହେତୁବାଦୀମାନଙ୍କ ଅପେକ୍ଷା ପ୍ରଥମରୁ ପରମାତ୍ମା ନାହାନ୍ତି କହୁଥିବା ନାସ୍ତିକମାନେ ଭଲ । ଯେମିତିବି କୁହ, ଆଖି ନଥିବା ଅନ୍ଧ ଜଣେ ହେବାବେଳେ, ଆଉଜଣେ ଆଖିଥିବା ଅନ୍ଧଭଳି ନାସ୍ତିକବାଦୀ ଆଉ ହେତୁବାଦୀମାନେ ଯୁକ୍ତିକରିଥାନ୍ତି । ଏକ କାର୍ଯ୍ୟ ହେବାପାଇଁ ନିଶ୍ଚୟ ଜଣେ କର୍ତ୍ତା ଆବଶ୍ୟକ, ଏହି ସୂତ୍ର ଅନୁସାରେ ଏତେବଡ ବିଶ୍ୱ ସୃଷ୍ଟି ହୋଇଥିବା ବେଳେ, ତାର ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ବୋଲି କେତେକ ବିଶ୍ୱାସ କରିପାରି ନଥାନ୍ତି । କାର୍ଯ୍ୟ ଏବଂ କର୍ତ୍ତାକୁ ଜାଣି ଏତେବଡ ବିଶ୍ୱର ସୃଷ୍ଟିକର୍ତ୍ତା ମଧ୍ଯ ଜଣେ ନିଶ୍ଚୟ ଅଛନ୍ତି ବୋଲି କେତେକ ବିଶ୍ୱାସ କରୁଥିବା ବେଳେ, ଆମେ ବିଜ୍ଞାନ ପଢୁଆ, ଆମକୁ କିଛି ପ୍ରମାଣ ମିଳିନି, ନଦେଖିଲେ ଆମେ ବିଶ୍ୱାସ କରିବୁ ନାହିଁ ବୋଲି କିଛିଲୋକ କହିଥାନ୍ତି । କେତେକ ଶାସ୍ତ୍ରଜ୍ଞମାନେ ଏହି ବିଶ୍ୱର ସୃଷ୍ଟି, ପାଳନ, ସଂହାରକାରୀ ଜଣେ ଅଛନ୍ତି ବୋଲି ମଧ୍ଯ କହିଥାନ୍ତି, ସେ ହିଁ ପରମାତ୍ମା ବୋଲି ସେମାନଙ୍କର ବିଶ୍ୱାସ । ଆବୁଲ୍‌କାଲାମ୍ ଜଣେ ବଡ ଶାସ୍ତ୍ରବେତ୍ତା (ବୈଜ୍ଞାନିକ) ହେଲେ ମଧ୍ଯ ତାଙ୍କର ପରମାତ୍ମାଙ୍କ ଉପରେ ପ୍ରଗାଢ ବିଶ୍ୱାସ ଥିବାବେଳେ, ସାଧାରଣ ହୋଇଥିବା ଅନ୍ୟମାନଙ୍କର କାହିଁକି ନାହିଁ ? ଯିଏ ଯେଉଁ ଅଭିପ୍ରାୟ ନେଇ ରହିଲେ ମଧ୍ଯ ଯାହା ଆମକୁ ଜଣା ନାହିଁ ତାହା ଜାଣିବାକୁ ହେବ, ସେହି ଜାଣିବା ବିଧିବିଧାନ (ନିୟମ) ମଧ୍ଯ କିଛି ଗୋଟିଏ ନିଶ୍ଚୟ ରହିଛି, ତାହା ଜାଣିବା ପାଇଁ କୌଣସି ଉପକରଣ କିମ୍ବା ପ୍ରୟୋଗ କାର୍ଯ୍ୟ କରିନଥାଏ । ଭୌତିକ ଶରୀରରେ ଅଭୌତିକ ଭାବରେ ଥିବା ଜିନିଷକୁ ଅଭୌତିକ ବିଧିରେ ନଜାଣିଲେ ଏ ଜନ୍ମ, ଜୀବନର କୌଣସି ମୂଲ୍ୟ ନାହିଁ ।

**(୧୫) ଶ୍ଲୋକ,୯ : ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ ।**
**ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟୋ ଜଗତୋଽହିତାଃ ॥**
**(ହେତୁବାଦ, ନାସ୍ତିକ ଅସୁରଗୁଣ)**

**ଭାବାର୍ଥ :** ଯେଉଁମାନଙ୍କର ଏହିଭଳି ଭାବ ରହିଥାଏ ସେମାନେ ଅଳ୍ପବୁଦ୍ଧି, ନଷ୍ଟାତ୍ମା ଏବଂ କ୍ଷୟପ୍ରାପ୍ତ ହୋଇ, ଅନ୍ୟମାନଙ୍କ ପାଇଁ ଅହିତକର ହୋଇ, ଭୟଙ୍କର କର୍ମ ବନ୍ଧନରେ ପଡି ପୁନର୍ବାର ଜନ୍ମ ହୋଇଥାନ୍ତି ।

**ବିବରଣୀ :** ଏହି ଶ୍ଳୋକରେ ବିଶେଷ ପଦ **"ଉଗ୍ରକର୍ମାଣଃ"** । ନାସ୍ତିକ ଏବଂ ହେତୁବାଦୀ ମାନଙ୍କୁ କର୍ମସିଦ୍ଧାନ୍ତ ପସନ୍ଦ ହୋଇନଥାଏ । କର୍ମସିଦ୍ଧାନ୍ତର ରହସ୍ୟ ସେମାନଙ୍କୁ ଜଣାନଥାଏ । ତାଛଡା ଏଥିରେ ଆଉଗୋଟିଏ ମୁଖ୍ୟକଥା ରହିଛି । ତାହା ହେଉଛି **"ନଷ୍ଟାତ୍ମନଃ"** । ଏହି ପଦ ବାବଦରେ ନିଶ୍ଚୟ କିଛି ବିଚାରର ଆବଶ୍ୟକତା ରହିଛି । ଯେଉଁମାନେ ଆତ୍ମାର ଅସ୍ତିତ୍ୱକୁ ଜାଣନ୍ତି ନାହିଁ ସେମାନେ ନଷ୍ଟାତ୍ମା । ଗୋଟିଏ ରାଜ୍ୟରେ ଯେଉଁମାନେ ରହିଥାନ୍ତି ସେମାନଙ୍କ ପାଇଁ ସେ ରାଜ୍ୟର ଶାସନ (ଅନୁଶାସନ) ବ୍ୟବସ୍ଥା ଲାଗୁ ହୋଇଥାଏ । ସେହି ରାଜ୍ୟରେ ଥିବା ଉଗ୍ରବାଦୀମାନେ ଶାସନର ବ୍ୟତିରେକ ଭାବରେ ରହିଲେ ମଧ୍ୟ, ଶାସନ ବ୍ୟବସ୍ଥାକୁ ନମାନିଲେ ମଧ୍ୟ, ଶାସନ ବ୍ୟବସ୍ଥା ସେମାନଙ୍କୁ ଛାଡି ନଥାଏ । ଶାସନ ବ୍ୟବସ୍ଥାକୁ ସେମାନେ ମାନନ୍ତୁ ବା ନମାନନ୍ତୁ ସେମାନେ ଶାସନ ବ୍ୟବସ୍ଥାର ପରିଧି ଭିତରେ ରହିବାକୁ ବାଧ୍ୟ, ସେମାନେ ଶାସନ ବ୍ୟବସ୍ଥାରୁ ବହିର୍ଭୁତ ନୁହନ୍ତି, ସେମାନେ ଭୁଲ୍ କଲେ ଶାସନ ବ୍ୟବସ୍ଥା ସେମାନଙ୍କୁ ଦଣ୍ଡ ଦେଇଥାଏ । ସେହିଭଳି ପରମାତ୍ମାଙ୍କ ରାଜ୍ୟ କୁହାଯାଉଥିବା ଶରୀର ନାମକ ରାଜ୍ୟରେ ରହି ପରମାତ୍ମା ଧର୍ମକୁ ନମାନିଲେ ମଧ୍ୟ ସେମାନେ ଧର୍ମଠାରୁ ବହିର୍ଭୁତ ନୁହନ୍ତି । ପରମାତ୍ମାଙ୍କ ଶାସନବ୍ୟବସ୍ଥା ଅନୁସାରେ ଶରୀର ଭିତରେ ହିଁ ଦଣ୍ଡଗୁଡିକୁ ଅନୁଭବ କରିବାକୁ ହୋଇଥାଏ, ସେଠାରେ ଲେଖାଯାଇଥିବା ଧର୍ମ ବିରୁଦ୍ଧତାର ଉଚିତ ଦଣ୍ଡ ଅମଳ ହୋଇଥାଏ । ବାହାର କୋର୍ଟରେ ନ୍ୟାୟବାଦୀ ମାନେ (ଓକିଲମାନେ) ରହିବା ଭଳି ସେଠାରେ ତୋ'ତରଫରୁ ଲଢିବାବାଲା କେହି ନଥାନ୍ତି, ସେଠାରେ ବାଦବିବାଦ, ସାକ୍ଷୀ ପ୍ରମାଣ କିଛି ନଥାଏ । ଭୁଲ୍ କରିବା ଦିନ ହିଁ ସେଠାରେ ଉଚିତ୍ ଦଣ୍ଡ ଲେଖାଯାଇଥାଏ ।

ଭୁଲ୍ ପାଇଁ ଦଣ୍ଡ ସାଧାରଣ ଭାବରେ ନିର୍ଣ୍ଣୟ ହେଉଥିଲେ ହେଁ ଅସୁର ସ୍ୱଭାବର ହେତୁବାଦୀମାନେ, ନାସ୍ତିକମାନେ ଉଗ୍ରକର୍ମ ଅର୍ଜନକରି ନଷ୍ଟାତ୍ମାରେ ପରିଣତ ହୋଇଥାନ୍ତି । ମାନସିକ ଯନ୍ତ୍ରଣା, କର୍ତ୍ତବ୍ୟ ବ୍ୟଥା ଭଳି ନାନା ଦୁଃଖ-

କଷ୍ଟାଦିକୁ ଅନୁଭବ କଲେ ମଧ୍ୟ ସେସବୁ ଉଗ୍ରକର୍ମ ନୁହେଁ । ଶରୀରରେ ଆତ୍ମଶକ୍ତି ଲୋପ ହୋଇ ଅଙ୍ଗବୈକଲ୍ୟ (ବିକଳାଙ୍ଗ) ହୋଇଯିବା ହିଁ ଉଗ୍ରକର୍ମ ବା ଭୟଙ୍କର କର୍ମ । ଶରୀରକୁ ଶକ୍ତି ଦେଇଥାଏ ଆତ୍ମା । ଆତ୍ମା ଦ୍ୱାରା ନଷ୍ଟ ହେବା ହେଉଛି ଶରୀରରେ ଥିବା ଶକ୍ତିକୁ ହରାଇବା । ଯାହାର ଆତ୍ମାଶକ୍ତି ନଷ୍ଟ ହୋଇଯାଇଛି ସେ ଶରୀରରେ ଶକ୍ତି ନପାଇ, ସେହି ଶରୀର ତାପାଇଁ ଅନୁକୂଳିତ ନହେବା ହିଁ ତା ପାଇଁ ନର୍କ ସମାନ । ସମ୍ପୂର୍ଣ୍ଣ ଗବେଷଣା ନକରି, ସମ୍ପୂର୍ଣ୍ଣ ବୁଝିବା ଆଗରୁ, ସେ ନିଜେ ଅନୁଭବ କରୁଥିବା ଆତ୍ମାକୁ ଶରୀରରେ ନାହିଁ କହିବା ମହାପାପ । ସେଥିଲାଗି ଶ୍ଳୋକରେ ଉଗ୍ରକର୍ମ ପଦ ବ୍ୟବହାର କରିଛନ୍ତି । ଶରୀରର ଅବୟବଗୁଡିକ ଶକ୍ତି ହରାଇବାଠାରୁ ଦଣ୍ଡ ଆଉ ବା କଣ ଥାଇପାରେ ! ସେକଥା ଭାବିଲେ ଭୟଲାଗେ, ଜୀବନ ନର୍କରେ ପଡିଯାଏ । ଜୀବନ ବଞ୍ଚୁଥିବା ସହଜୀବି ମାନଙ୍କ ପାଇଁ ସେ ପଶୁ ତୁଲ୍ୟ ହୋଇଯାଏ । ଉଗ୍ରବାଦୀମାନଙ୍କର ଦ୍ରୋହକୁ ଜାଣି ସରକାର କଠିନ ଦଣ୍ଡ ଜାରିକରିବା ଭଳି ହେତୁବାଦୀ, ନାସ୍ତିକବାଦୀ ମାନଙ୍କୁ ଆତ୍ମଦ୍ରୋହ ଅପରାଧରେ ଭିତରର ଆତ୍ମା ଗ୍ରହଣକରି କଠିନ ଦଣ୍ଡ ଦେଇଥାଏ । ଏବେ ଇଚ୍ଛା ଅନୁସାରେ କଥାବାର୍ତ୍ତା କରିବା କ'ଣ ଆବଶ୍ୟକ ? ପର ଜନ୍ମରେ ଆତ୍ମାଠାରୁ ନଷ୍ଟାତ୍ମା ହେବା କଣ ଆବଶ୍ୟକ ? ବାହାର ସମାଜକୁ ଉଦ୍ଧାର କରିବା ପାଇଁ ଯାଇ, ତୋ ଭିତରେ ଥିବା ସମାଜରେ ଦ୍ରୋହୀହେବା କଣ ଆବଶ୍ୟକ ? ପ୍ରଥମେ ତୁ ତୋର ଭିତରର ସମାଜକୁ ଜାଣ୍, ତାପରେ ବାହାର ସମାଜ ଉପରେ ଦୃଷ୍ଟିନିକ୍ଷେପ କର, ଏହା ହିଁ ଉପଯୁକ୍ତ ପଦ୍ଧତି ।

**(୧୫) ଶ୍ଳୋକ,୧୦ : କାମମାଶ୍ରିତ୍ୟ ଦୁଷ୍ପୁରଂ ଦମ୍ଭମାନ ମଦାନ୍ୱିତାଃ ।**
**ମୋହଦ୍ ଗୃହିତ୍ୱାଽସଦ୍ ଗ୍ରାହନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ॥**
**(ଅସୁରଗୁଣ)**

**ଭାବାର୍ଥ :** ଦମ୍ଭ, ମାନ, ମଦ, ଗର୍ବଯୁକ୍ତ ଅସୁରମାନେ ଅପୂରଣୀୟ କାମନାଯୁକ୍ତ ହୋଇ ମୋହ ଦ୍ୱାରା ନିଜ ଭୁଲ୍ ନବୁଝି, ଶାସ୍ତ୍ରୀୟତା ନଥିବା କାର୍ଯ୍ୟ ଦ୍ୱାରା ବ୍ରତ ଆାଚରଣ କରିଥାନ୍ତି ।

**ବିବରଣୀ :** ରାକ୍ଷସ ଅଂଶୀମାନେ ମଧ୍ୟ କେବଳ କାମନା ପାଇଁ ବ୍ରତ ଆଚରଣ

କରିଥାନ୍ତି, ନିଜ ନିଜର କ୍ଷମତାକୁ ନେଇ ଗର୍ବ କରିଥାନ୍ତି । କେତେବେଳେ କାହାକୁ ପଇସାଟିଏ ଦିଅନ୍ତି ନାହିଁ ସତ, ନିଜର ମହାନତା ଦେଖାଇବାକୁ ସନ୍ଦର୍ଭ ଦେଖି, ଅନେକ ଟଙ୍କା ଖର୍ଚ୍ଚକରି ବ୍ରତ ଆଚରଣ କରିଥାନ୍ତି ଏବଂ ପୂରଣ ହେଉନଥିବା ଅନେକ କାମନା କରିଥାନ୍ତି । ଏହି ପ୍ରକାରର ଅନେକ ପୂଜାଦି ଦେଖିବାକୁ ମିଳିଥାଏ । ଦୈବଅଂଶର ଲୋକମାନେ କରୁଥିବା ପୂଜା ଏବଂ ରାକ୍ଷସ ଅଂଶର ଲୋକମାନେ କରୁଥିବା ପୂଜା ଭିତରେ ଅନେକ ପ୍ରଭେଦ ରହିଥାଏ । ରାକ୍ଷସ ସ୍ୱଭାବର ଲୋକମାନଙ୍କ ପୂଜା କାମନା ନିମନ୍ତେ ଏବଂ ଗର୍ବର ସହିତ ହୋଇଥାଏ ।

**(୧୬) ଶ୍ଲୋକ,୧୧ : ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତାମୁପାଶ୍ରିତାଃ ।**
**କାମପୋଭୋଗପରମା ଏତାବଦିତି ନିଶ୍ଚିତାଃ ॥**

**(ଅସୁରଗୁଣ)**

**(୧୬) ଶ୍ଲୋକ,୧୨ : ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।**
**ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଂଚୟାନ୍ ॥**

**(ଅସୁରଗୁଣ)**

**ଭାବାର୍ଥ :** ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ନିର୍ବାହ ପାଇଁ ଅପରିମିତ ଚିନ୍ତାଶୀଳ ହୋଇ, କାମନା ଦ୍ୱାରା ମିଳୁଥିବା ସୁଖ ହିଁ ମହାନ ବୋଲି ନିଶ୍ଚୟ କରି, ଆଶାଫାଶରେ ବନ୍ଦୀହୋଇ, କାମକ୍ରୋଧର ବଶବର୍ତ୍ତୀ ହୋଇ, ନିଜର କାମନା ମେଣ୍ଟାଇବା ପାଇଁ ଅନ୍ୟାୟମାର୍ଗରେ ଧନାର୍ଜନ କରିଥାନ୍ତି ।

**ବିବରଣୀ :** ମରଣର ଶେଷକ୍ଷଣ ପର୍ଯ୍ୟନ୍ତ ଅସୁର ସ୍ୱଭାବର ଲୋକମାନେ ନାନା କାମନା କରିଥାନ୍ତି । ଆଉ ଘଣ୍ଟାକ ପରେ ମୃତ୍ୟୁବରଣ କରିବି ବୋଲି ଜାଣିଲେ ମଧ୍ୟ, ସେହି ଘଣ୍ଟାକ ସମୟରେ କ'ଣ ଗୋଟିଏ ଅର୍ଜନ କରିଦେବି ବୋଲି ସେମାନଙ୍କର କାମନା ରହିଥାଏ । ଆଉ ଘଣ୍ଟାଏ ପରେ ମୃତ୍ୟୁବରଣ କରିବି ଅର୍ଜନ କରି କ'ଣ ବା ଲାଭ ବୋଲି ମଧ୍ୟ ବିଚାର କରିନଥାନ୍ତି । ତାଛଡା ସେମାନେ ଈଶ୍ୱର ଅପେକ୍ଷା ଜୀବନରେ ଧନାର୍ଜନ ବଡ ଭାବିଥାନ୍ତି, ବୁଦ୍ଧିକୁ ଧନସମ୍ପତ୍ତି ଠୁଳ କରିବାରେ ଲଗାଇ ଦେଇଥାନ୍ତି । ଟଙ୍କା ପାଇଁ କୌଣସି କାର୍ଯ୍ୟ

ମଧ୍ୟ କରିବାକୁ ପଛାନ୍ତି ନାହିଁ । ଟଙ୍କା ବ୍ୟତୀତ ସେମାନଙ୍କ ମନରେ ଆଉ କିଛି ନଥାଏ । ଏମାନେ ଜୀବନକାଳରେ ନାନା ଆଶା କରି, ଆଶା ନାମକ ଫାଶରେ ବନ୍ଦି ହୋଇଯାଇଥାନ୍ତି । ମୋର ଘର ଦରକାର, ମୋର ଜମି ଦରକାର କାମନା ଭଳି ଅନେକ କାମନା ଏମାନେ କରିଥାନ୍ତି । ସେଥିଲାଗି ସେମାନେ ଅନ୍ୟାୟ ମାର୍ଗରେ ଧନ ଅର୍ଜନ କରିବାକୁ ପଛାଇ ନଥାନ୍ତି । ରାଜନୀତିରେ, ବ୍ୟାପାରରେ ଅନ୍ୟାୟ ମାର୍ଗରେ ପ୍ରଚୁର ଧନ ଅର୍ଜନ କରୁଥିଲେ ମଧ୍ୟ ସେତିକିରେ ତୃପ୍ତି ନହୋଇ ଦିନକୁ ଦିନ ମରଣ ପର୍ଯ୍ୟନ୍ତ ନିଜର କାମନାକୁ ବଢାଇଚାଲିଥାନ୍ତି, ସେମାନଙ୍କର ମରଣ ମଧ୍ୟ ସେହି ଚିନ୍ତାରେ ହୋଇଥାଏ ।

**(୧୫) ଶ୍ଲୋକ,୧୩ : ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥**
**(ଅସୁରଗୁଣ)**

**ଭାବାର୍ଥ :** ଏହି ଧନ ଏବେ ମୋ ଦ୍ୱାରା ଅର୍ଜନ ହୋଇଛି । ମୁଁ ମୋର ଆଶାର ଅନୁଗୁଣ ଅର୍ଜନ କରିପାରେ, ଏବେ ଅର୍ଜନ କରିଥିବା ଧନ ମୋର, ମୁଁ ଆହୁରି ଅର୍ଜନ କରିପାରିବି ।

**ବିବରଣୀ :** ରାକ୍ଷସ ଅଂଶର ଲୋକମାନେ ଅନ୍ୟାୟ ମାର୍ଗରେ ଧନାର୍ଜନ କରିଥାନ୍ତି । ଅର୍ଜିତ ଧନକୁ ଦେଖି ମୁଁ ଏତେ ଧନ ସଞ୍ଚୟ କରିଛି ବୋଲି ଖୁସି ହୋଇଯାଆନ୍ତି । ତାଛଡା ଆମେ ଯେମିତି ଇଚ୍ଛା କରିବା ସେମିତି ଧନ ଅର୍ଜନ କରିପାରିବା ବୋଲି ଅନ୍ୟମାନଙ୍କୁ ମଧ୍ୟ କହିଥାନ୍ତି । ମୁଁ ମୋର ଚତୁରତାରେ ଏହି ଧନ ଅର୍ଜନ କରିଛି, ଇଚ୍ଛାକଲେ ଆହୁରି ଅର୍ଜନ କରିପାରିବି ବୋଲି ମଧ୍ୟ କହିଥାନ୍ତି । ନୀତି ନିୟମର ବଶୀଭୂତ ଧନ ରୋଜଗାର କରିପାରୁ ନଥିବା ଲୋକମାନଙ୍କୁ ସେମାନେ ଅସମର୍ଥ କହିଥାନ୍ତି ।

**(୧୬) ଶ୍ଲୋକ,୧୪ : ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।**
**ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଲବାନ୍ ସୁଖୀ ॥**
**(ଅସୁରଗୁଣ)**

**(୧୫) ଶ୍ଲୋକ, ୧୫ : ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।**
**ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟ ଜ୍ଞାନବିମୋହିତାଃ ॥**
**(ଅସୁରଗୁଣ)**

**(୧୫) ଶ୍ଲୋକ, ୧୬ : ଅନେକ ଚିତ୍ତବିଭ୍ରାନ୍ତା ମୋହଜାଲ ସମାବୃତାଃ ।**
**ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ॥**
**(ଅସୁରଗୁଣ)**

**ଭାବାର୍ଥ :** ମୁଁ ଶତ୍ରୁମାନଙ୍କୁ ମାରିଦେଇଛି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ମାରି ଦେବି, ମୁଁ ହିଁ ଈଶ୍ୱର, ମୁଁ ଭୋଗୀ, ମୁଁ ସୁଖି, ମୁଁ ସିଦ୍ଧ, ମୁଁ ବଳଶାଳୀ, ମୁଁ ଉତ୍ତମ କୁଳର, ମୁଁ ଭାଗ୍ୟବାନ୍, ମୋ ଭଳି କେହି ଆଉ ନାହିଁ, ମୁଁ ଯଜ୍ଞ କରିବି, ଦାନଦେବି ବୋଲି ଆନନ୍ଦିତ ହୋଇ ଅଜ୍ଞାନ ଦ୍ୱାରା ଯେଉଁମାନେ ଭ୍ରମିତ ହୋଇଥାନ୍ତି ସେମାନେ ନାନା ପ୍ରକାରର ଚିତ୍ତବିଭ୍ରାନ୍ତି ଦ୍ୱାରା ମୋହଜାଲରେ ଛନ୍ଦିହୋଇ ନାନା କାମନାକୁ ଅନୁଭବ କରିବାପାଇଁ ଆଶକ୍ତ ହୋଇ ପାପ ଅର୍ଜନ କରି ଶେଷରେ ନର୍କଯାତନା ନିମିତ୍ତ ଜନ୍ମ ନେଇଥାନ୍ତି ।

**ବିବରଣୀ :** ଯେଉଁମାନେ ଅସୁର ସ୍ୱଭାବର ସେମାନେ ଜ୍ଞାନ ଜାଣି ନପାରିବା ଦ୍ୱାରା କର୍ମସୂତ୍ରକୁ ଜାଣିପାରି ନଥାନ୍ତି । ପ୍ରତି କାର୍ଯ୍ୟର କାରଣ କର୍ମ, କର୍ମାନୁସାରେ ମାନବକୁ ବଞ୍ଚିବାକୁ ହୋଇଥାଏ ବୋଲି ନଜାଣି, ପ୍ରତି କାର୍ଯ୍ୟର କାରଣ ମୁଁ ବୋଲି ଭାବି ଶତ୍ରୁମାନେ ମୋ ଦ୍ୱାରା ମୃତ୍ୟୁବରଣ କଲେ, ମୋରି ବଳଦ୍ୱାରା ସେମାନେ ହତ ହେଲେ ବୋଲି ଭାବିଥାନ୍ତି ସିନା, ଏହା କର୍ମର କାରଣ ବୋଲି ଭାବି ନଥାନ୍ତି । ସେହିଭଳି କର୍ମ କାରଣରୁ ଧନବାନ୍, ସୁଖି ଏବଂ ବଳଶାଳୀ ହୋଇପାରିଛି ବୋଲି ଭାବନ୍ତି ନାହିଁ । ଯଜ୍ଞ, ଦାନାଦି ମୁଁ କଲି ବୋଲି ଭାବିଥାନ୍ତି । ଏହିଭଳି ଏହି ଅହଙ୍କାରୀମାନେ କରୁଥିବା କାର୍ଯ୍ୟରୁ ପୁନଃ କର୍ମବନ୍ଧନରେ ପଡି ତାହା ଅନୁଭବ କରିବାକୁ ଜନ୍ମ ହୋଇଥାନ୍ତି ।

**(୧୫) ଶ୍ଲୋକ, ୧୭ : ଆତ୍ମସଂଭାବିତାଃ ସ୍ତବ୍ଧା ଧନମାନ ମଦାନ୍ୱିତାଃ ।**
**ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ॥**
**(ଅସୁରଗୁଣ)**

**ଭାବାର୍ଥ :** ନିଜେ ନିଜର ଗୁଣଗାନ କରି, ନିଜର ପ୍ରଭାବକୁ ମହାନ କହି, ଧନ, ମାନ, ମଦରେ ଯୁକ୍ତ ହୋଇଥିବା ଏମାନେ କରୁଥିବା ଯଜ୍ଞକୁ ନାମମାତ୍ର ଯଜ୍ଞ ବୋଲି କହିପାରିବା ।

**(୧୫)ଶ୍ଳୋକ,୧୮ : ଅହଂକାରଂ ବଳଂଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।**
**ମାମାତ୍ମପରଦେହେଷୁ ପ୍ରଦିଷନ୍ତୋଽଭ୍ୟସୂୟକାଃ ।।**
**(ଅସୁରଗୁଣ)**

**ଭାବାର୍ଥ :** ଏହିଭଳି ଅସୁର ସ୍ୱଭାବର ଲୋକମାନେ ଅହଙ୍କାର, ବଳ, ଗର୍ବ, କାମ, କ୍ରୋଧର ଆଶ୍ରିତ ହୋଇ ନିଜ ଶରୀରରେ, ଅନ୍ୟମାନଙ୍କ ଶରୀରରେ ଥିବା ମୋତେ ଘୃଣା ଆଉ ଈର୍ଷ୍ୟା କରିଥାନ୍ତି ।

**ବିବରଣୀ :** ନିଜ ଶରୀରରେ ଥିବା ଦୈବ ଅନ୍ୟମାନଙ୍କ ଶରୀରରେ ମଧ୍ୟ ରହିଛି ବୋଲି ଅସୁରଜନଙ୍କୁ ଜଣାନଥାଏ । ସେ ଭିନ୍ନ, ଅନ୍ୟମାନେ ମଧ୍ୟ ଭିନ୍ନ ଧାରଣା ନେଇ ମୁଁ ଅମୁକ, ମୁଁ ଏଭଳି କ୍ଷମତାବାନ୍ ହୋଇପାରିଛି ଭାବି ଅହଙ୍କାରୀ ହୋଇ ନିଜଠାରେ ଏବଂ ଅନ୍ୟମାନଙ୍କ ଠାରେ ଥିବା ଦୈବଙ୍କୁ ଘୃଣା, ଭର୍ଷନା କରିଥାନ୍ତି, ସେମାନଙ୍କୁ ଆତ୍ମଜ୍ଞାନ ଜଣାନଥିବାରୁ ବାହ୍ୟ ଆରାଧନାଗୁଡିକୁ ବଡ ବୋଲି ଭାବିଥାନ୍ତି । ଜ୍ଞାନ, ଯୋଗ ଇତ୍ୟାଦିକୁ ଘୃଣିତ ନୟନରେ ଦେଖିଥାନ୍ତି, ନିନ୍ଦା କରିଥାନ୍ତି । କାମନାଯୁକ୍ତ ହୋଇ କାମନା କାରଣରୁ କରୁଥିବା ବ୍ରତାଦିକୁ ବଡ ଭାବି, ଆତ୍ମା ପରମାତ୍ମାଙ୍କୁ ଚିହ୍ନାଇ ଦେଉଥିବା ଜ୍ଞାନୀମାନଙ୍କୁ, ଗୁରୁଙ୍କୁ ନିନ୍ଦା କରିଥାନ୍ତି, ସେମାନଙ୍କର କ୍ଷତି କରିବାରେ ଲାଗିପଡିଥାନ୍ତି ।

**(୧୫) ଶ୍ଳୋକ,୧୯ : ତାନହଂ ଦ୍ୱିଷତଃ କ୍ରୁରାନ୍ ସଂସାରେଷୁ ନରାଧମାନ୍ ।**
**କ୍ଷିପାମ୍ୟଜସ୍ରମଶୁଭାନାସୁରିଷ୍ୱେବ ଯୋନିଷୁ ।।**
**(ଜୀବାତ୍ମା, ପରମାତ୍ମା)**

**ଭାବାର୍ଥ :** ଦ୍ୱେଷୀ, ଅଶୁଭକାରୀ, ନରାଧମମାନଙ୍କୁ ଅସୁର ଯୋନିରେ ନିକ୍ଷେପ କରି ସଂସାରର ଦୁଃଖକୁ ଭୋଗ କରିବା ଭଳି ମୁଁ କରାଇଥାଏ ।

**ବିବରଣୀ :** ଶରୀରରେ ଥିବା ଆତ୍ମା ପରମାତ୍ମାଙ୍କୁ ଯିଏ ଜାଣି ନାହିଁ ସେ ଜ୍ଞାନୀ,

ଗୁରୁମାନଙ୍କୁ ଶତ୍ରୁ ଭଳି ଦେଖି ଦୁଃଖ କଷ୍ଟ ଦେଇଥାଏ । ସେହି ଦୁଷ୍ଟ ଈର୍ଷ୍ୟାକାରୀ ମାନଙ୍କୁ ଜନ୍ମ ଜନ୍ମ ପାଇଁ ଅସୁର ଯୋନିରେ ନିକ୍ଷେପ କରିଥାଏ, ବାରମ୍ବାର ଅସୁର ସ୍ୱଭାବର ଲୋକମାନଙ୍କ ଘରେ ଜନ୍ମଦେଇ ସଂସାର ବିଷୟରେ ବୁଡିଯିବା ଭଳି କରାଇଥାଏ ବୋଲି ଏହି ଶ୍ଳୋକରେ ପରମାତ୍ମା କହିଛନ୍ତି ।

**(୧୫) ଶ୍ଳୋକ,୨୦ : ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।**
**ମାମପ୍ରାପ୍ୟୈବ କୌନ୍ତେୟ ! ତତୋ ଯାନ୍ତ୍ୟଧମାଂ ଗତିମ୍ ॥**
**(ଜୀବାତ୍ମା, ପରମାତ୍ମା)**

**ଭାବାର୍ଥ :** ଏଭଳି ଅସୁର ଯୋନିରେ ଯେଉଁମାନେ ଜନ୍ମ ନେଇଥା'ନ୍ତି ସେମାନେ ଜନ୍ମଜନ୍ମକୁ ଅଜ୍ଞାନହୋଇ ଜ୍ଞାନ ଜାଣିପାରନ୍ତି ନାହିଁ ଏବଂ ଜନ୍ମ ଜନ୍ମକୁ ଅଧୋଗତି ହୋଇଥା'ନ୍ତି ।

**ବିବରଣୀ :** ଅଜ୍ଞାନ ମାର୍ଗରେ ଚାଲି ପ୍ରପଞ୍ଚରେ କିଛିକାଳ ବଞ୍ଚିରହି ଚାଲିଯାଉଥିବା ମନୁଷ୍ୟମାନେ ଅସୁର ସ୍ୱଭାବର ହୋଇ, ନିଜର ସ୍ଥିତି ଅନୁସାରେ ମୁଁ ଅମୁକ ବୋଲି ଭାବକୁ ଆଲୋଚନାରେ ଆଣି ଆତ୍ମଜ୍ଞାନୀ, ଗୁରୁମାନଙ୍କୁ ଈର୍ଷ୍ୟା କରନ୍ତି, ଘୃଣା କରନ୍ତି, ନିନ୍ଦା କରନ୍ତି, ଏହା ପରମାତ୍ମାଙ୍କୁ ନିନ୍ଦାକରିବା ଭଳି ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ପୋଲିସ୍ ସି.ଆଇ କିମ୍ବା ଡି,ଏସ୍.ପି. ପଦବୀରେ ରହିଛି ବୋଲି ଭାବିଲେ ସେ କରୁଥିବା ଚାକିରି ଅନୁସାରେ ମୁଁ ଅମୁକ ବୋଲି ଅହଂ ସହିତ ତାଦାତ୍ମ୍ୟ ହୋଇ ଅହଙ୍କାରୀ ହୋଇ ମୁଁ ଏକ ସାଧାରଣ ଜୀବ ବୋଲି ନିଜକୁ ଭୁଲିଯାଇଥାଏ । ଅହଙ୍କାର, ଗର୍ବଯୁକ୍ତ ହୋଇ ଜଣେ ଗୁରୁଙ୍କୁ ବା ଆତ୍ମଜ୍ଞାନୀକୁ ବିନା ଦୋଷରେ ପୋଲିସ୍ ଷ୍ଟେସନ୍‌ରେ ଠିଆକରି ନାନା ଗାଳିଗୁଲଜ୍ କରିବା ବେଳେ ତାହା ସର୍ବସାଧାରଣ ନିନ୍ଦା ନହୋଇ ଦୈବନିନ୍ଦା ହୋଇଥାଏ । ଏହିଭଳି ଲୋକମାନଙ୍କୁ ହିଁ ପରମାତ୍ମା ଅସୁର ଯୋନିରେ ଜନ୍ମ କରାଇଥାନ୍ତି । ଏଭଳି ଲୋକର କର୍ମ ମଧ୍ୟ ତାର ଜନ୍ମ ନିର୍ଦ୍ଧାରଣ କରିପାରେ ନାହିଁ । ଏହା କର୍ମାତୀତ ହୋଇ ପରମାତ୍ମାଙ୍କ ଦ୍ୱାରା ନିର୍ଣ୍ଣୀତ ହୋଇଥାଏ । କୌଣସି ଜନ୍ମରେ ମଧ୍ୟ ଜ୍ଞାନର ସୀମାକୁ ସ୍ପର୍ଶ କରି ନପାରିବା ଭଳି ପରମାତ୍ମା କରାଇଥାନ୍ତି । ଏହିଭଳି ଜନ୍ମ ଜନ୍ମରେ ତାର ଅଧୋଗତି ହେବା ଛଡା ଉନ୍ନତି ହୋଇନଥାଏ ।

ସେଥିଲାଗି ଯେତେ ବଡ ଋକିରିଆ ହେଉ, ଧନବାନ ହେଉ କି ବଡ ରାଜନେତା ହେଉ ଆତ୍ମଜ୍ଞାନୀ ମାନଙ୍କୁ ଏଭଳି ବ୍ୟବହାର ନକରି ବିନୟଭାବ ପ୍ରଦର୍ଶନ କରିବା ଉଚିତ୍ । ଏହିଭଳି ବିନା ଦୋଷରେ ସେମାନଙ୍କ ସହିତ ଖରାପ ବ୍ୟବହାର କରିବା ଦ୍ୱାରା ସେମାନେ କିଛି ତ କହିନଥାନ୍ତି, ହେଲେ ପରମାତ୍ମା ସେମାନଙ୍କୁ କୌଣସି ଦଣ୍ଡ ଦିଆଇପାରନ୍ତି ।

**(୧୬) ଶ୍ଲୋକ,୨୧ : ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ମାସନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ରୟଂ ତ୍ୟଜେତ୍ ॥**

**(ପ୍ରକୃତି)**

**ଭାବାର୍ଥ :** ଆତ୍ମନାଶନକାରୀ ଏହି ଅସୁର ସ୍ୱଭାବ ତିନି ପ୍ରକାରର । କାମ, କ୍ରୋଧ, ଲୋଭ ଏହି ତିନିଗୋଟିକୁ ବର୍ଜନ କରିବା ଉଚିତ୍ ।

**(୧୬) ଶ୍ଲୋକ,୨୨ : ଏତୈର୍ବିମୁକ୍ତଃ କୌନ୍ତେୟ ! ତମୋଦ୍ୱାରୈସ୍ତ୍ରିଭୀର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ॥**

**(ପ୍ରକୃତି)**

**ଭାବାର୍ଥ :** ଏହି ତିନି ତମୋଦ୍ୱାରକୁ ଯିଏ ତ୍ୟାଗକରେ ତାର ମଙ୍ଗଳ ହୋଇଥାଏ ଏବଂ ସେ ପରମଗତି ପାଇଥାଏ ।

**ବିବରଣୀ :** ଅସୁରଭାବ ସୃଷ୍ଟିକରି ମାନବକୁ ଅଧୋଗତିକୁ ପଠାଇ ଦେଉଥିବା କାମ, କ୍ରୋଧ, ଲୋଭଗୁଡିକୁ ତ୍ୟାଗକରି ତାର ବିରୁଦ୍ଧ ଦାନ, ଦୟା, ଔଦାର୍ଯ୍ୟଯୁକ୍ତ ହେବାଦ୍ୱାରା ତାର ମଙ୍ଗଳ ହୋଇଥାଏ ଏବଂ ସେ ଜ୍ଞାନ ଦିଗରେ ଦୃଷ୍ଟି ଦେଇଥାଏ । ତାପରେ କୌଣସି ଜନ୍ମରେ ହେଲେ ମଧ୍ୟ ଦିନେନା ଦିନେ ତାର ମୋକ୍ଷ ନିଶ୍ଚୟ ହୋଇଥାଏ ।

**(୧୬) ଶ୍ଲୋକ,୨୩ : ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।**
**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ॥**

**(ଜୀବାତ୍ମା)**

**ଭାବାର୍ଥ :** ଶାସ୍ତ୍ରବିଧି ତ୍ୟାଗକରି ଯିଏ ଆଶା ପାଇଁ ସଞ୍ଚରଣ କରୁଥାଏ ସେ କିଛି ସାଧନ କରିପାରେ ନାହିଁ, ସେ ସୁଖ ପାଇପାରେ ନାହିଁ କି ମୋକ୍ଷ ପାଇପାରେ ନାହିଁ ।

**ବିବରଣୀ :** ଜୀବନର ଏକ ବିଧିବିଧାନ ରହିଛି । ଜୀବନ ଶାସନବଦ୍ଧ ଭାବରେ କଟିଥାଏ । ଶାସନ ବା ଶାସ୍ତ୍ର ନିର୍ଦ୍ଦେଶକୁ ନମାନି ଯିଏ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରିଥାଏ ସେ କଦାପି ସିଦ୍ଧିଲାଭ କରିପାରେ ନାହିଁ । ଆଶା ନାମ୍ନି ଗୁଣ ଦ୍ୱାରା ଧନାର୍ଜନ ହିଁ ଜୀବନ ବୋଲି ଭାବି, ଶାସ୍ତ୍ରବିରୁଦ୍ଧ, ନୀତି, ନ୍ୟାୟ, ଜ୍ଞାନ ଧର୍ମକୁ ଛାଡିଦେଇ ଧନ ଉପାର୍ଜନ କରିପାରିଲେ ମଧ୍ୟ ସେ ଦୈବଜ୍ଞାନ ଉପାର୍ଜନ କରିପାରେ ନାହିଁ, ଶେଷରେ ତାର ଶାନ୍ତି ନଥାଏ କି ମୁକ୍ତି ହୋଇନଥାଏ ।

**(୧୫) ଶ୍ଲୋକ,୨୪ : ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**
**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ॥**
**(ଜୀବାତ୍ମା)**

**ଭାବାର୍ଥ :** କାର୍ଯ୍ୟ ଅକାର୍ଯ୍ୟକୁ ଜଣାଇଦେଇଥାଏ ଶାସ୍ତ୍ର, ତେଣୁ ଶାସ୍ତ୍ରବିଦ୍ଧି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ।

**ବିବରଣୀ :** ଜୀବନରେ କର୍ମାନୁଯାୟୀ ହେଉଥିବା କାର୍ଯ୍ୟଗୁଡିକୁ କିପରି କରାଯାଏ ତାହା ଜଣାଇଦେଇଥାଏ ଶାସ୍ତ୍ର । ଶାସ୍ତ୍ର ଶାସନରେ ପରିପୂର୍ଣ୍ଣ । ଶାସନ ଅନୁଯାୟୀ କରାଯାଉଥିବା କାର୍ଯ୍ୟ କର୍ମରହିତ ହୋଇଥାଏ । ଶାସ୍ତ୍ରବିଦ୍ଧି ଅନୁସାରେ କାର୍ଯ୍ୟ ନକଲେ ସେହି କାର୍ଯ୍ୟରୁ ମିଳିଥାଏ କର୍ମବନ୍ଧନ । ହାତରେ ଦସ୍ତାନା ପିନ୍ଧି କାର୍ଯ୍ୟକଲେ ହାତରେ ମଇଳା ନଲାଗିବା ଭଳି, ଶାସ୍ତ୍ରବିଦ୍ଧି ଅନୁସାରେ କାର୍ଯ୍ୟ କଲେ କର୍ମବନ୍ଧନ ନଥାଏ ।

ଏତିକିରେ ଏହି ଦୈବାସୁର ସମ୍ପଦ୍‌ବିଭାଗ ଯୋଗ ସମାପ୍ତ

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଦୈବଗୁଣ | = | ୦୩ |
| ୨) | ଅସୁରଗୁଣ | = | ୧୩ |
| ୩) | ଜୀବାତ୍ମା,ପରମାତ୍ମା | = | ୦୨ |
| ୪) | ଦୈବ,ଅସୁରଗୁଣ | = | ୦୨ |
| ୫) | ଜୀବାତ୍ମା | = | ୦୨ |
| ୬) | ପ୍ରକୃତି | = | ୦୨ |
| | **ମୋଟ** | = | **୨୪** |

**ଭାବାର୍ଥ ଏବଂ ବିବରଣୀ ବଦଳାଇ ଲେଖାଯାଇଛି – ୭, ୮, ୯ ।**

*****



# ଶ୍ରଦ୍ଧାତ୍ରୟ ବିଭାଗ ଯୋଗ

## ଅର୍ଜୁନ କହୁଛନ୍ତି :-

**(୧୬) ଶ୍ଲୋକ,୧ : ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ! ସତ୍ତ୍ୱମାହୋ ରଜସ୍ତମଃ ॥**

**(ପ୍ରକୃତି, ଗୁଣରାଜି)**

**ଭାବାର୍ଥ :** ହେ କୃଷ୍ଣ ! ଯେଉଁ ବ୍ୟକ୍ତି ଶାସ୍ତ୍ରବଦ୍ଧତାକୁ ଛାଡି ଶ୍ରଦ୍ଧାର ସହିତ ପୂଜା ଆରାଧନା କରେ ତାର ସେହି ନିଷ୍ଠାକୁ କ'ଣ କୁହାଯାଏ ।

**ବିବରଣୀ :** ପ୍ରତ୍ୟେକ କାର୍ଯ୍ୟକୁ ଶାସ୍ତ୍ରସମ୍ମତ ଭାବରେ କରିବା ଉଚିତ୍ ବୋଲି ପଛ ଅଧ୍ୟାୟର ଶେଷ ଶ୍ଲୋକରେ ଜାଣିଲେ । ପ୍ରତ୍ୟେକ କାର୍ଯ୍ୟ କହିଲେ ଦେବତା ଆରାଧନା ସମେତ ଅନ୍ୟାନ୍ୟ କାର୍ଯ୍ୟଗୁଡିକ ଶାସ୍ତ୍ରସମ୍ମତ ଭାବରେ କରିବା । ସମସ୍ତେ ଏହିଭଳି କରି ନଥାନ୍ତି । କେତେକ ଶାସ୍ତ୍ରବିଧାନକୁ ଛାଡି ନାନା କାର୍ଯ୍ୟ କରିଥାନ୍ତି । ଆଶା ଦ୍ୱାରା ଲାଭ ଉଠାଇବା କାର୍ଯ୍ୟରେ ସେମାନଙ୍କର ପ୍ରବଳ ଶ୍ରଦ୍ଧା ରହିଥାଏ । ଅନେକ ଶ୍ରଦ୍ଧାର ସହିତ କରାଯାଉଥିବା ଅଶାସ୍ତ୍ରୀୟ କାର୍ଯ୍ୟଗୁଡିକ କେଉଁ ଗୁଣର ବୋଲି ପଚାରିବା, କାର୍ଯ୍ୟଗୁଡିକ ସତ୍ତ୍ୱଗୁଣର, ରାଜସଗୁଣର କି ତାମସଗୁଣର ବୋଲି ପଚାରିବା ଏହି ଶ୍ଲୋକରେ ଏକ ସୁନ୍ଦର ତଥା ମୁଖ୍ୟ ହୋଇଥିବା ପ୍ରଶ୍ନ । ପରଶ୍ଲୋକରେ ଭଗବାନ ଏହି ପ୍ରଶ୍ନର କିଭଳି ସମାଧାନ କରିଛନ୍ତି ଜାଣିବା ।

## ଶ୍ରୀ ଭଗବାନ କହୁଛନ୍ତି :-

**(୧୬) ଶ୍ଲୋକ,୨ : ତ୍ରିବିଧା ଭବତି ଶ୍ରଦ୍ଧା ଦେହୀନାଂ ସା ସ୍ୱଭାବଜା ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥**

**(ଗୁଣରାଜି)**

**ଭାବାର୍ଥ :** ତ୍ରିବିଧ ଶ୍ରଦ୍ଧା ସର୍ବ ଦେହରେ ସ୍ୱଭାବିକ ଭାବରେ ରହିଥାଏ । ସାତ୍ତ୍ୱିକ, ରାଜସ, ତାମସ ଶ୍ରଦ୍ଧାଗୁଡିକ ବାବଦରେ କହୁଛି ଶୁଣ୍ ।

**ବିବରଣୀ :** ଆମ ଶରୀରରେ ଏକ ଗୁଣଚକ୍ର ରହିଛି । ତାହା ତିନିଗୋଟି ଭାଗରେ ରହିଛି । ସେଗୁଡିକୁ ସାତ୍ତ୍ୱିକ, ରାଜସ, ତାମସ ନାମରେ ନାମିତ କରାଯାଇଥିବା ବିଷୟ ଆମେ ଆଗରୁ ଜାଣିସାରିଛେ । ତାଛଡା ଗୋଟିଏ ଗୋଟିଏ ଭାଗରେ ୧୨ଗୋଟି ଗୁଣ ସହିତ ଭୟ, ଧୈର୍ଯ୍ୟ ନାମକ ଦୁଇଟି ଛାୟାଗୁଣ ତଥା ଶ୍ରଦ୍ଧା ନାମକ ସ୍ୱତନ୍ତ୍ର ଗୁଣଟିଏ ମିଶି ମୋଟ ୧୫ଗୋଟି ଗୁଣ ରହିଛି ବୋଲି ମଧ୍ୟ ଆଗରୁ ଜାଣିସାରିଛେ । ଏହିଭଳି ପ୍ରତ୍ୟେକ ଭାଗରେ ମଧ୍ୟ ଶ୍ରଦ୍ଧା ନାମକ ଗୁଣ ରହିଥାଏ, ଯାହା ଏକ ଗୁଣ ହେଲେ ହେଁ ଗୁଣଭଳି ନଥାଏ । ସମସ୍ତ ଗୁଣରାଜି କର୍ମ ଅନୁସାରେ ପ୍ରେରିତ ହୋଇଥାନ୍ତି । ଶ୍ରଦ୍ଧା ଗୁଣଭାଗରେ ରହିଲେ ମଧ୍ୟ କର୍ମାଧୀନରେ ନୁହେଁ । ଜୀବର ଶ୍ରଦ୍ଧା ସ୍ୱଭାବଜ । ଶ୍ରଦ୍ଧା ଅନୁସାରେ ଇଚ୍ଛା ଥିବା କାର୍ଯ୍ୟ ହେଉ କିମ୍ବା ଇଚ୍ଛା ନଥିବା କାର୍ଯ୍ୟ ହେଉ ସବୁ କର୍ମାନୁସାରେ ଘଟିଥାଏ । **ପରମାତ୍ମାଙ୍କୁ ଚିହ୍ନାଇ ଦେଉଥିବା ଶ୍ରଦ୍ଧା, ଜ୍ଞାନ ଜଣାଉଥିବା ଶ୍ରଦ୍ଧା କର୍ମାତୀତ ଏବଂ ଗୁଣାତୀତ ବୋଲି କହିପାରିବା** । ଏହି ଶ୍ରଦ୍ଧାନୁସାରେ କର୍ମାତୀତ ଜ୍ଞାନ ଏବଂ ଆତ୍ମାକୁ ପାଇପାରିବା, କିନ୍ତୁ ଗୁଣରାଜିରେ ଥିବା ଶ୍ରଦ୍ଧା ଅନୁସାରେ କାର୍ଯ୍ୟଗୁଡିଏ ହୋଇପାରେ ବା ନପାରେ । ଗୋଟିଏ କାର୍ଯ୍ୟରେ ମାନବ ଶ୍ରଦ୍ଧା ଲଗାଇବା ବେଳେ କାର୍ଯ୍ୟଟି ନହେବା, ଶ୍ରଦ୍ଧା ନଲଗାଇଲେ ମଧ୍ୟ ହୋଇଯିବା ଘଟଣା ଦେଖି **"ଯେଣେ ଇଚ୍ଛା ତେଣେ ଯା, କର୍ମ ଘେନି ବୁଲୁଥାଆ"** ବୋଲି ଲୋକେ କେଉଁଠି କେଉଁଠି କଥା ପ୍ରସଙ୍ଗରେ କହିବା ମଧ୍ୟ ଶୁଣିବାକୁ ମିଳେ ।

**(୧୬) ଶ୍ଳୋକ,୩: ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ! ।**
**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।।**
**(ଗୁଣରାଜି)**

**ଭାବାର୍ଥ :** ସମସ୍ତଙ୍କର ଶ୍ରଦ୍ଧା ସେମାନଙ୍କର ଇଚ୍ଛା ଅନୁସାରେ ଜନ୍ମ । ଯାହାର ଯେଉଁଭଳି ଶ୍ରଦ୍ଧା ରହିଛି ତାକୁ ସେହିଭଳି ପୁରୁଷ ବୋଲି କହିପାରିବା ।

**ବିବରଣୀ :** ଏହି ଶ୍ଳୋକର ବିଷୟ ଏକ ସାରବିଷୟ, ମୁଖ୍ୟତଃ ଏଥିରେ ଧ୍ୟାନ ଦେଇ ଜାଣିବା କଥା ଅନେକ ରହିଛି । ଏହା ପୂର୍ବରୁ ଗୁଣତ୍ରୟ ବିଭାଗ ଯୋଗରେ ଗୁଣରାଜି ତିନି ପ୍ରକାରର, ପ୍ରତ୍ୟେକର ଏକ ଏକ ନାମ ରହିଛି ବୋଲି ମଧ୍ୟ ଜାଣିଥିଲେ । ଶରୀର ଧାରଣ କରି ରହିଥିବା ଜୀବ କୌଣସି ଏକ ଗୁଣଭାଗରେ ରହିଥାଏ, ଯେଉଁ ଗୁଣ ଭାଗରେ ଅଧିକ ସମୟ ରହୁଥାଏ ତାକୁ ସେହି ଗୁଣର ଚିହ୍ନାଯାଏ, ଏହା ମଧ୍ୟ ପୂର୍ବରୁ ଆଲୋଚନା ହୋଇଛି । ତାମସ ଗୁଣରେ ରହିଲେ ତାମସିକ, ରାଜସ ଗୁଣରେ ରହିଲେ ରାଜସିକ, ସତ୍ତ୍ୱ ଗୁଣରେ ରହିଲେ ସାତ୍ତ୍ୱିକ କହନ୍ତି । ଏହା ଆମେ ଜାଣି ସାରିଛେ । ସେଠାରେ କୁହାଯାଇଥିବା ବିଷୟଗୁଡ଼ିକ ସେହି ପର୍ଯ୍ୟନ୍ତ ବାସ୍ତବ ହେଲେହେଁ ଏଠାରେ ଅନ୍ୟଏକ ପ୍ରକାରରେ ବୁଝିବାକୁ ପଡ଼ିବ । ଏଠାରେ କୁହାଯାଇଛି ଯେ, ଶ୍ରଦ୍ଧା ହେଉଛି ଜୀବର ସ୍ୱଭାବଜ, ଶ୍ରଦ୍ଧା ତିନି ପ୍ରକାରର ଏବଂ ଗୁଣ ଅନୁସାରେ ଏହି ଶ୍ରଦ୍ଧାଗୁଡ଼ିକ ରହିଛି । ତାଛଡ଼ା ଯେଉଁ ଗୁଣରେ ଶ୍ରଦ୍ଧାଥିବା ପୁରୁଷକୁ ସେହି ଗୁଣର ପୁରୁଷ ବୋଲି କୁହାଯାଇଛି । ବେଳେବେଳେ ଜୀବ ରହିଥିବା ଗୁଣଭାଗରେ ତାର ଶ୍ରଦ୍ଧା ମଧ୍ୟ ରହିଥାଏ । ଜୀବଠାରେ ଥିବା ଶ୍ରଦ୍ଧା ତାମସ ଭାଗର କାର୍ଯ୍ୟ ଉପରେ ରହି ଜୀବ ସାତ୍ତ୍ୱିକ ଭାଗରେ ରହିଛି ଭାବିଲେ ତାକୁ ସାତ୍ତ୍ୱିକ କହିପାରିବା ନାହିଁ, ସେ ତାମସିକ ବୋଲି କହିପାରିବା । ଜୀବ କର୍ମାନୁସାରେ ସାତ୍ତ୍ୱିକ ଗୁଣଭାଗରେ ବାନ୍ଧିହୋଇ ରହିଥିଲେ ମଧ୍ୟ ସେ ସାତ୍ତ୍ୱିକ ନୁହେଁ । ଶ୍ରଦ୍ଧା ଅନୁସାରେ ପୁରୁଷ (ଜୀବ) ନିର୍ଣ୍ଣୟ ହୋଇଥାଏ । **"ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ"** ବାକ୍ୟାନୁସାରେ ଯେଉଁ ଗୁଣରେ ଯିଏ ଶ୍ରଦ୍ଧା ଲଗାଇଛି, ସେ ସେହି ଗୁଣର ପୁରୁଷ । ତେଣୁ ସାତ୍ତ୍ୱିକରେ ଥାଇ ଶ୍ରଦ୍ଧା ତାମସରେ ଥିଲେ ସେ ତାମସ ଗୁଣ-ଭାଗରେ ରହି ତାମସିକ ହୋଇଥାଏ ।

ଗୋଟିଏ ବିଷୟ ଶୁଣିବା ବେଳେ ମନ ଅନ୍ୟତ୍ର ଥିଲେ ସେ ବିଷୟ ମୁଣ୍ଡରେ ପ୍ରବେଶ କରେ ନାହିଁ, ଗୋଟିଏ ଗୁଣରେ ଥିବା ଜୀବର ଶ୍ରଦ୍ଧା ଅନ୍ୟତ୍ର ଥିଲେ ଜୀବ ସେଇଠାରେ ଥିବା ଭଳି ହିସାବ ହୋଇଥାଏ । ଯେଉଁଠି ଶ୍ରଦ୍ଧା

ଥାଏ ଜୀବ ସେହି ସ୍ଥାନର ବୋଲି ହିସାବ ହୋଇଥାଏ । ଆଉ ଗୋଟିଏ ଛୋଟ ଉଦାହରଣ ନେବା । ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଜ୍ଞାନ ଜାଣି ଗୁଣଗୁଡିକରେ ଶ୍ରଦ୍ଧାହୀନ ହୋଇ, ଗୁଣନଥିବା ସ୍ଥାନରେ ତାର ଶ୍ରଦ୍ଧାକୁ ଲଗ୍ନ କରିଛି ବୋଲି ଭାବିବା । କିନ୍ତୁ ତାର ପୂର୍ବଜନ୍ମର କର୍ମ ଅନୁସାରେ ସେ ଜୀବ ବଳ ପୂର୍ବକ ରାଜସ ଗୁଣଭାଗରେ ଛନ୍ଦିହୋଇ ସେହି ଗୁଣର ଆଚରଣ କରିବାକୁ ବାଧହେବା ବେଳେ, ତା ଦ୍ୱାରା ହେଉଥିବା କାର୍ଯ୍ୟ ରାଜସ ଗୁଣଭାଗର ବା ରାଜସିକ କାର୍ଯ୍ୟ ହେଲେ ମଧ୍ଯ ତାକୁ ରାଜସିକ କହିପାରିବା ନାହିଁ । ତାଠାରେ ଥିବା ଶ୍ରଦ୍ଧା ଅନୁସାରେ ତାକୁ ଗୁଣାତୀତ କୁହାଯିବ । ଶ୍ରଦ୍ଧା ଅନୁସାରେ ଜୀବର ସ୍ଥାନ ଥାଏ ବୋଲି ଏହି ଶ୍ଲୋକରେ କୁହାଯାଇଛି, ଏହା ଏକ ମୁଖ୍ୟ ସୂତ୍ର । ଗୁଣଭାଗ ଅନୁସାରେ ଶ୍ରଦ୍ଧା ତିନିଗୋଟି ଅଛି, ଗୁଣାତୀତ ଭାଗ ଅନୁସାରେ ମଧ୍ଯ ଗୋଟିଏ ଶ୍ରଦ୍ଧା ଅଛି । ଗୁଣଭାଗ ଅନୁସାରେ ଶ୍ରଦ୍ଧା ତ୍ରିବିଧ ହେଲେ ମଧ୍ଯ, ଗୁଣାତୀତ ଭାଗ ଅନୁସାରେ ଯୋଗୀମାନେ ଥାଆନ୍ତି । ଚତୁର୍ବର୍ଣ୍ଣ୍ୟଂ ନାମକ ଶ୍ଲୋକରେ କହିବା ଭଳି ଶ୍ରଦ୍ଧା ଚାରିଗୋଟି ଥାଏ ।

**(୧୬)ଶ୍ଲୋକ,୪ : ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।**
**ପ୍ରେତାନ୍ ଭୂତଗଣଃ ଚ ଅନ୍ୟେ ଯଜନ୍ତେ ତାମସା ଜନାଃ ।।**
**(ଗୁଣରାଜି)**

**ଭାବାର୍ଥ :** ସାତ୍ତ୍ୱିକମାନେ ଦେବତାମାନଙ୍କ ଆରାଧନା କରିଥାନ୍ତି । ରାଜସିକ ଲୋକମାନେ ଯକ୍ଷ, ରାକ୍ଷସମାନଙ୍କୁ, ତାମସିକ ଲୋକମାନେ ପ୍ରେତ ଏବଂ ଭୂତମାନଙ୍କୁ ପୂଜା କରିଥାନ୍ତି ।

**ବିବରଣୀ :** ସାତ୍ତ୍ୱିକ ଶ୍ରଦ୍ଧା ଜାତ ହୋଇଥିବା ଜୀବମାନେ ଦେବତାମାନଙ୍କୁ ପୂଜା କରିଥାନ୍ତି । ରାଜସଶ୍ରଦ୍ଧା ବିଶିଷ୍ଟ ଜୀବମାନେ ଦେବତାମାନଙ୍କଠାରୁ କମ୍ ଶକ୍ତିଶାଳୀ ଯକ୍ଷ, ରାକ୍ଷସମାନଙ୍କୁ ପୂଜା କରିଥାନ୍ତି । ତାମସଶ୍ରଦ୍ଧା ଭାଗରେ ଥିବା ଲୋକମାନେ ପ୍ରେତମାନଙ୍କୁ ଏବଂ ଭୂତ (ସୂକ୍ଷ୍ମ ଭାବରେ ଥିବା ଜୀବ)ମାନଙ୍କୁ ପୂଜା କରିଥାନ୍ତି ।

**(୧୬) ଶ୍ଲୋକ,୫ : ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଳାନ୍ୱିତାଃ ।।**

**(ଗୁଣରାଜି)**

**(୧୬) ଶ୍ଲୋକ,୬ : କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।**
**ମାଂ ଚୈବାନ୍ତଃଶରୀରଂସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ।।**

**(ଗୁଣରାଜି)**

**ଭାବାର୍ଥ :** ଯେଉଁମାନେ ଅହଙ୍କାର, ଦମ୍ଭଯୁକ୍ତ ହୋଇ, ଆଶା, ପ୍ରେମ ଗୁଣାଦିରେ ବଳଯୁକ୍ତ ହୋଇ, ଅନ୍ୟମାନଙ୍କୁ ହଇରାଣ କରନ୍ତି, ଅଶାସ୍ତ୍ରୀୟ ପଦ୍ଧତିରେ ତପ କରନ୍ତି, ଅଜ୍ଞାନଯୁକ୍ତ ହୋଇ ଶରୀରର ଇନ୍ଦ୍ରିୟଗୁଡିକୁ, ତାଭିତରେ ଆତ୍ମା ଭାବରେ ଥିବା ମୋତେ କଷ୍ଟ ଦେଇଥାନ୍ତି ସେମାନେ ଅସୁର ବୋଲି ଜାଣ୍ ।

**ବିବରଣୀ :** କେତେକ କାମନାକୁ ମୁଖ୍ୟ ଭାବି, ତାହା ପୂରଣ କରିବା ପାଇଁ କେତେକ ନିୟମଯୁକ୍ତ ତପସ୍ୟା ମଧ୍ୟ କରିଥାନ୍ତି । ଶରୀରକୁ କଷ୍ଟ ଦେଇ ଯେଉଁ ଆରାଧନା କରାଯାଏ ତାହା ହିଁ ତପସ୍ୟା । ଶରୀରକୁ ତପିତ କରିବା ଭଳି ନିୟମପୂର୍ଣ୍ଣ ଆରାଧନା (ପୂଜାଗୁଡିକ), ଅନ୍ୟମାନଙ୍କୁ ମଧ୍ୟ ଅସୁବିଧାରେ ପକାଇଥାଏ । ଉଦାହରଣ ସ୍ୱରୂପ ଗୋଟିଏ ଘରକୁ ପରିଷ୍କାର ପରିଚ୍ଛନ୍ନ କରି କେତେକ ନିତ୍ୟ ନିୟମ ଅନୁସାରେ ପରିବାରର ସମସ୍ତେ ଗୋଟିଏ ପ୍ରକାରର ଆହାର ଖାଇ, ଘରୁ ବାହାରକୁ ନଯାଇ ନିୟମର ସହିତ ଘରେ ରହିଥିବା ବେଳେ, ନିୟମ ନିର୍ଦ୍ଧାରଣ କରିଥିବା ସେହି ଘରର ଜଣେ ବ୍ୟକ୍ତି ଏକ ପ୍ରକାରର ପୂଜା ଆରମ୍ଭ କଲା ବୋଲି ଭାବିବା । ତାର ସେହି ପୂଜା ଶେଷ ନହେବା ପର୍ଯ୍ୟନ୍ତ ଘରର ଲୋକେ ବାହାରକୁ କିମ୍ୱା ବାହାରର ଲୋକ ଘରକୁ ପ୍ରବେଶ ନିଷେଧ ବୋଲି ନିୟମ ରଖି ଯିଏ ପୂଜା ଆରମ୍ଭ କରିଛି, ସେ ନିଜେ ପଢୁଥିବା ମନ୍ତ୍ରକୁ ୧୦,୦୦୦ ଥର ଜପକରିବା ପର୍ଯ୍ୟନ୍ତ ଉଠିବ ନାହିଁ, ସେ ଏହିଭଳି ଅନେକ ନିୟମରେ ପୂର୍ଣ୍ଣ ସେହି ପୂଜାଟି ସେ ଆରମ୍ଭ କଲା, ସେ କ୍ଷେତ୍ରରେ ମଳମୂତ୍ର ବିସର୍ଜନ କରିବା ଭଳି ଅପରିହାର୍ଯ୍ୟ କାର୍ଯ୍ୟ ପାଇଁ ମଧ୍ୟ କେହି ବାହାରକୁ ଯାଇପାରିବେ ନାହିଁ । ଯଦି କେହି ଯାଏ ତେବେ ପୂଜା ନିୟମ ଭଙ୍ଗହେବ ।

ତେଣୁ ଏହି ନିୟମ ଦ୍ୱାରା ଅନ୍ୟମାନେ ମଧ୍ୟ ଅସୁବିଧାରେ ପଡିବେ । ସେହିଭଳି ପୂଜା କରୁଥିବା ବ୍ୟକ୍ତିଟି ମଧ୍ୟ ୧୦ହଜାର ମନ୍ତ୍ରଜପ ଶେଷହେବା ପର୍ଯ୍ୟନ୍ତ ବସିବା ଦ୍ୱାରା ତାର ହାତ ଗୋଡର ଗଣ୍ଠି ମଧ୍ୟ କଷ୍ଟ ସ୍ୱୀକାର କରିବ, ଏହିଭଳି ତାର ଇନ୍ଦ୍ରିୟଗୁଡିକ ମଧ୍ୟ କଷ୍ଟ ଭୋଗିବେ । ତା ବ୍ୟତୀତ ଶରୀରରେ ଚୈତନ୍ୟ ଭାବରେ ଥିବା ଆତ୍ମା ମଧ୍ୟ ଅନାହାର କାରଣରୁ ବଳହୀନ ହୋଇଯିବ । ଶିରା-ପ୍ରଶିରା ଗୁଡିକ ମଧ୍ୟ ଶକ୍ତି ପ୍ରସାର କରିବାରେ ଅକ୍ଷମ ହୋଇପଡିବେ । ଏହିଭଳି କଷ୍ଟଯୁକ୍ତ ଆଚରଣ ଯେଉଁମାନେ କରିଥାନ୍ତି ସେମାନେ ଶରୀରର ଇନ୍ଦ୍ରିୟଗୁଡିକୁ, ଶରୀରେଶ୍ୱର ଆତ୍ମାକୁ କଷ୍ଟ ଦେଇଥନ୍ତି । ତେଣୁ ଏହିଭଳି ତପ ଅର୍ଥାତ୍ ଅଶାସ୍ତ୍ରୀୟ ତପ ଯେଉଁମାନେ କରିଥାନ୍ତି ସେମାନଙ୍କୁ ଅସୁର କହିପାରିବା ।

**(୧୬) ଶ୍ଲୋକ,୭ : ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ।।**

**(ଗୁଣରାଜି)**

**ଭାବାର୍ଥ :** ସମସ୍ତ ଜୀବରାଶି ଖାଉଥିବା ଆହାର ମଧ୍ୟ ତିନି ଶ୍ରଦ୍ଧା ଭାବରେ ରହିଛି । ସେହିଭଳି ତିନି ଶ୍ରଦ୍ଧା ଭାବରେ ଯଜ୍ଞ, ତପ, ଦାନ ଇତ୍ୟାଦି ମଧ୍ୟ ରହିଛି, ସେହି ଭିନ୍ନତାକୁ କହୁଛି ଶୁଣ୍ ।

**ବିବରଣୀ :** ମଣିଷ ଖାଉଥିବା ଆହାର ବ୍ୟତୀତ, କରୁଥିବା କାର୍ଯ୍ୟରେ, ଆରାଧନା ଇତ୍ୟାଦିରେ ତିନି ପ୍ରକାରର ଶ୍ରଦ୍ଧା ରହିଛି । କରୁଥିବା କାର୍ଯ୍ୟ ଯେଉଁ ଗୁଣର ହେଉ ତାହା ଶ୍ରଦ୍ଧା ଅନୁସାରେ ହିସାବ କରାଯାଇଥାଏ । ସେହି ତିନି ଗୁଣର ଶ୍ରଦ୍ଧା ବିଷୟରେ ଏଠାରେ ତୋତେ କହିବି ବୋଲି ଭଗବାନ କହିଛନ୍ତି । ପ୍ରଥମେ ଆହାର ବାବଦରେ କହିଛନ୍ତି ଦେଖନ୍ତୁ ।

**(୧୬) ଶ୍ଲୋକ,୮ : ଆୟୁଃ ସତ୍ତ୍ୱବଳାରୋଗ୍ୟ ସୁଖ ପ୍ରିତିବିବର୍ଧନାଃ ।**
**ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।।**

**(ସାତ୍ତ୍ୱିକ ଶ୍ରଦ୍ଧା)**

**ଭାବାର୍ଥ :** ଆୟୁଷ, ଶରୀର ଉଲ୍ଲାସ, ବଳ, ଆରୋଗ୍ୟ ଦାୟକ, ଦେଖିବାକୁ

ସୁନ୍ଦର, ପ୍ରିତି ବର୍ଦ୍ଧକ, ରସଯୁକ୍ତ, ତୈଳଯୁକ୍ତ ପଦାର୍ଥ, ଖରାପ ନ ହୋଇ ଦୀର୍ଘକାଳ ରହିପାରୁଥିବା ଖାଦ୍ୟପଦାର୍ଥ ସାତ୍ତ୍ୱିକମାନଙ୍କର ପ୍ରିୟ ଖାଦ୍ୟ ।

**ବିବରଣୀ :** ଏଠାରେ ଆହାର ଉପରେ ଶ୍ରଦ୍ଧା କେଉଁ ଗୁଣରେ କିପରି ଥାଏ ତାହାର ବିବରଣ କହିଛନ୍ତି । ପ୍ରଥମେ ଆହାର କହିଲେ କ'ଣ ଜାଣିବା ଦରକାର, ଆମେ ମୁଖଦ୍ୱାରା ଯାହାସବୁ ଭିତରକୁ ପଠାଉଛେ (ଖାଉଛେ) ସେଗୁଡିକ ସବୁ ଯେ ଆହାର ବା ଖାଦ୍ୟ ବୋଲି କହିପାରିବା ନାହିଁ, ଏକଥା ଅନେକଙ୍କୁ ଜଣା ନଥାଏ । ଆମେ ଯାହା ଖାଉଛେ କ'ଣ ତାହା ଆହାର ନୁହେଁ ? ବୋଲି କେତେକଙ୍କ ଠାରେ ପ୍ରଶ୍ନ ଆସିଲେ ମଧ୍ୟ ପ୍ରକୃତରେ ସବୁଗୁଡିକ ଆହାର ବା ଖାଦ୍ୟପଦାର୍ଥ ନକହି ମାତ୍ର କେତେକକୁ ଆହାର ବା ଖାଦ୍ୟପଦାର୍ଥ ବୋଲି କହିପାରିବା । ଆଉ କେତେକ ପଦାର୍ଥକୁ ଆମେ ଆହାର ନକହି ଅଖାଦ୍ୟ କହିପାରିବା । ଏହିଭଳି ଖାଦ୍ୟ ଏବଂ ଅଖାଦ୍ୟ ଦୁଇ ପ୍ରକାରର ରହିଛି । ଶରୀର ପାଇଁ ଉପଯୋଗ ହୋଇ, ଶରୀରର ସୁସ୍ଥତାକୁ ରକ୍ଷା କରୁଥାଇ ଶରୀରର ପୋଷଣ ପାଇଁ ପୋଷକ ପଦାର୍ଥ ଯେଉଁଥିରେ ଥାଏ ତାହାକୁ ଆମେ ଆହାର ବା ଖାଦ୍ୟପଦାର୍ଥ ବୋଲି କହିପାରିବା । ମୁଖ ଦ୍ୱାରା ଉଦରସାତ୍ କରାଯାଉଥିଲେ ମଧ୍ୟ ଶରୀର ପୋଷଣ ପାଇଁ ଉପଯୋଗ ନହୋଇ ସିଧା ମସ୍ତିଷ୍କ ଉପରେ କାର୍ଯ୍ୟ କରି, ମାନସିକ ଭାବରେ ସୁଖ ଜନ୍ମାଉଥିବା ମାଦକ ପଦାର୍ଥଗୁଡିକୁ ଆମେ ଖାଦ୍ୟ କହିପାରିବା ନାହିଁ । ସେହି ମାଦକଦ୍ରବ୍ୟ ଗୁଡିକ ଭିତରେ ମଦ, ଗଞ୍ଜେଇ, ଅଫିମ, ବ୍ରାଣ୍ଡି ଭଳି ଅନେକ କିଛି ରହିଥିଲେ ମଧ୍ୟ ତାହାକୁ ଆମେ ଖାଦ୍ୟ ତାଲିକାରେ ନେଇନଥାଉ । ଶରୀର ପୋଷଣ ପାଇଁ ଯେଉଁଥିରେ ପୋଷକ ପଦାର୍ଥଗୁଡିଏ ଥାଏ ତାହା ଆହାର ଭାବରେ ପରିଗଣିତ ହୋଇଥାଏ । ଯାହା ଖାଦ୍ୟ ତାହା ଖାଇବା ଉଚିତ୍ କିନ୍ତୁ ଯାହା ଅଖାଦ୍ୟ ତାହା ଖାଇବା ଅନୁଚିତ୍ । ଏଠାରେ କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି । ତାହା ହେଉଛି ! ଆହାରପଦାର୍ଥ ଗୁଡିକରେ ମୁଖ୍ୟତଃ ଶାକାହାର, ମାଂସାହାର ନାମକ ଦୁଇ ପ୍ରକାରର ଆହାର ଥାଏ । ଏହି ଦୁଇଟି ଭିତରୁ ଶାକାହାର ଭଲ ଏବଂ ମାଂସାହାର ଭଲନୁହେଁ, ତାଛଡା ମାଂସାହାର ତ୍ୟାଗକରି ଶାକାହାରୀ ହୁଅ ବୋଲି ଅନେକ ଲୋକ କହିଥାନ୍ତି । ମାଂସାହାର ଦ୍ୱାରା ଖରାପଗୁଣ ଗୁଡିଏ ଜାତ ହୋଇଥାଏ

ଆଉ ଏହା ତାମସିକ ଖାଦ୍ୟ ବୋଲି କହିଥାନ୍ତି । କ'ଣ ଏହା ସତକଥା ? ଏହି ପ୍ରଶ୍ନର ସମାଧାନ ହେଉଛି ! ଆମେ ଏବେ ଜାଣିଲେ ଯେ, ଗୋଟିଏ ହେଉଛି ଶରୀର ଉପଯୋଗୀ ଆହାର ଏବଂ ଅନ୍ୟଟି ଶରୀର ଉପଯୋଗୀ ହୋଇନଥିବା ଆହାର, କିନ୍ତୁ ଶରୀର ଉପଯୋଗୀ ଆହାର ଯାହାସବୁ ରହିଛି ତାହାସବୁ ଯେ, ଖାଇବା ଉଚିତ୍ ବୋଲି କହିବା ପାଇଁ କୌଣସି ସ୍ୱତନ୍ତ୍ର ନିୟମ ନାହିଁ । ମାନସିକ ପରିବର୍ତ୍ତନ ଆଣି ଦେଉଥିବା ମାଦକପଦାର୍ଥ ଖାଇବା ଉଚିତ୍ ନୁହେଁ, କିନ୍ତୁ ଅନ୍ୟ ସବୁ ଖାଇପାରିବା । ଅନ୍ୟଗୁଡିକ ଶରୀର ଉପଯୋଗୀ ଆହାର । ଆହାର ଉପାର୍ଜନ କରିବାରେ ପାପ, ପୁଣ୍ୟ ଥାଇପାରେ, ଖାଇବାରେ ନଥାଏ । କେତେକ କହିଥାନ୍ତି ଯେ, ଆହାର ଦ୍ୱାରା ଗୁଣ ବଦଳିଥାଏ, କେତେକ ପୁସ୍ତକରେ ମଧ୍ୟ ଏପରି ଲେଖାଯାଇଛି । କେଉଁ ଆଧାର ନେଇ ସେମାନେ ଏପରି କଥା ଲେଖିଛନ୍ତି ସେମାନଙ୍କୁ ହୁଏତ ଜଣା ନାହିଁ । ଯଦି ଆହାର ଦ୍ୱାରା ଗୁଣ ବଦଳୁଥାଆନ୍ତା ତେବେ ଏ ଯେଉଁ ଜ୍ଞାନ ବୋଧ କରାଯାଉଛି ତାର କୌଣସି ଆବଶ୍ୟକ ନଥାନ୍ତା । ଯଦି ଏମିତି ଆହାର ଦ୍ୱାରା ଗୁଣ ବଦଳି ଯାଉଥାଆନ୍ତା ତେବେ ସମସ୍ତଙ୍କୁ ଭଲ ଆହାର ଦେଇ ଭଲଲୋକ କରିଦେଇ ପାରନ୍ତେ । ଯେଉଁ ପ୍ରକାରର ଆହାର ଖାଇଲେ ମଧ୍ୟ ତାହା କେବଳ ଶରୀର ପାଇଁ ସିନା, ତାହା ଗୁଣଗୁଡିକର ଆଧାର ନୁହେଁ । ଗୁଣଗୁଡିକର ଆଧାର ହେଉଛି ତାର ଗତ ଜନ୍ମର କର୍ମ । ସୈନ୍ୟ ବିଭାଗରେ ତିନିଶହ ଜଣ ସୈନ୍ୟଙ୍କୁ ଗୋଟିଏ ସ୍ଥାନରେ ଗୋଟିଏ ପ୍ରକାରର ଆହାର ଖାଇବା ପାଇଁ ଦିଆଯାଏ । ସେତେବେଳେ କ'ଣ ତିନିଶହ ସୈନ୍ୟମାନଙ୍କର ଗୁଣ ଏକା ପ୍ରକାରର ହୋଇଯାଏ ? ବୋଲି ଯଦି ପ୍ରଶ୍ନ କରିବା ତେବେ ନାଇଁ ବୋଲି ଉତ୍ତର ମିଳିବ, ସେମାନଙ୍କର ଗୁଣ ଅଲଗା ଅଲଗା ! ତେଣୁ ପ୍ରମାଣିତ ହୁଏ ଯେ, ଆହାର ଗୁଣକୁ ବଦଳାଇ ପାରେ ନାହିଁ । ଗୀତାର ଏହି ଅଧ୍ୟାୟରେ ଗୁଣ ଅନୁସାରେ ଆହାର ରହିଛି ବୋଲି ଭଗବାନ କହିଛନ୍ତି ସିନା, ଆହାର ଅନୁସାରେ ଗୁଣ ରହିଛି ବୋଲି କହିନାହାନ୍ତି । ଏହା ମନେ ରଖିବା ଉଚିତ୍ ।

ଏବେ ମାଂସାହାର କଥା ବିଚାର କରିବା । ଶରୀର ବଢିବା ପାଇଁ ପ୍ରୋଟିନ୍ ନାମକ ପୋଷକାହାର ଆବଶ୍ୟକ । ଏହି ପ୍ରୋଟିନ୍ ନାମକ ପୋଷକ

ପଦାର୍ଥ ବିଭିନ୍ନ ପ୍ରକାରର ଡାଲି ଜାତିୟ ପଦାର୍ଥରୁ ଏବଂ ଜନ୍ତୁମାନଙ୍କ ଶରୀରରୁ ମିଳିଥାଏ । ପ୍ରୋଟିନ୍ ହରଡ, ମୁଗ, ବିରି ଇତ୍ୟାଦି ଡାଲି ଜାତୀୟ ତଥା ଜନ୍ତୁମାନଙ୍କର ମାଂସରୁ ମିଳିଥାଏ । ଡାଲିରୁ ପ୍ରୋଟିନ୍ ଶରୀର ପାଇଁ ଯେଉଁଭଳି ଉପଯୋଗ ହୋଇଥାଏ, ସେହିଭଳି ଜନ୍ତୁମାଂସରେ ଥିବା ପ୍ରୋଟିନ ମଧ୍ୟ ଶରୀର ପାଇଁ ଉପଯୋଗ ହୋଇଥାଏ । ଉଭୟ ପଦାର୍ଥରୁ ଏକ ପ୍ରକାରର ପ୍ରୋଟିନ୍ ଶରୀର ପାଇଁ ମିଳୁଥିବା ସ୍ଥଳେ ଡାଲିର ପ୍ରୋଟିନ୍ ଭଲ, ମାଂସର ପ୍ରୋଟିନ୍ ଭଲ ନୁହେଁ ବୋଲି କହିପାରିବା ନାହିଁନା ! ଶରୀର ପାଇଁ ଦରକାର ହୁଏ ପ୍ରୋଟିନ୍ । ତାହା ଡାଲିରୁ ମିଳୁ ବା ମାଂସରୁ, ଉଭୟରୁ ମିଳୁଥିବା ପ୍ରୋଟିନ୍ ଶରୀର ପାଇଁ ସମାନ । ଶରୀରକୁ ଗୋଟିଏ ପ୍ରୋଟିନ୍ ଖରାପ କରିପାରିବ ନାହିଁ କି ଆଉଗୋଟିଏ ପ୍ରୋଟିନ୍ ଭଲ କରିପାରିବ ନାହିଁ । ଆଗରୁ ଜାଣିଛେ ଯେ, ଆହାର ଅର୍ଜନରେ ପାପପୁଣ୍ୟ ଥାଇପାରେ ସିନା, ଖାଇବାରେ ନଥାଏ । ଖାଇବା ଦ୍ୱାରା ପାପପୁଣ୍ୟ ନଥାଏ କିମ୍ବା ଗୁଣ ବଦଳି ନଥାଏ । ତେଣୁ ଆହାର କହିଲେ, ତାହା ସାକା (ଖା)ହାର ହୋଇପାରେ ଅଥବା ମାଂସାହାର ହୋଇପାରେ । ଆହାର ଶରୀର ଆରୋଗ୍ୟ ଅନାରୋଗ୍ୟ ସମ୍ବନ୍ଧୀୟ ସିନା, ଗୁଣର ବୃତ୍ତି, ନିବୃତ୍ତି ସମ୍ବନ୍ଧୀୟ ନୁହେଁ । ଆହାର ଯଦି ଗୁଣର ବୃତ୍ତି, ନିବୃତ୍ତି ସମ୍ବନ୍ଧୀୟ ହୋଇଥାନ୍ତା ! ତେବେ ଆମର ଏହି ଜ୍ଞାନ ଆଉ ଯୋଗ ଭଳି କୌଣସି ପଦ୍ଧତିର ଆବଶ୍ୟକତା ନଥାନ୍ତା ! ! ଏଭଳି ଆହାର ଦ୍ୱାରା ହୋଇପାରୁ ନଥିବାରୁ ଯୋଗସାଧନା ପାଇଁ ଜ୍ଞାନର ଆବଶ୍ୟକତା ରହିଛି । ଆହାର ଦ୍ୱାରା ଗୁଣଗୁଡିକ ବଦଳିଥାଏ ବୋଲି ବଡ ବଡ ସ୍ୱାମୀଜୀମାନେ, ଗୁରୁମାନେ ମଧ୍ୟ କହିଥାନ୍ତି । ଏହା ସତ କି ମିଛ ଆପଣମାନଙ୍କ ବୁଦ୍ଧିରେ ଆପଣମାନେ ବିଚାର କରିବା ଉଚିତ୍ । ତାଛଡା ଆହୁରି ଶୁଣିବାକୁ ମିଳେ ଯେ, ଆହାର ଉଚିତ୍ ଆହାର ହେଲେ ମଧ୍ୟ ତାହା ଯେଉଁମାନେ ଖାଇବାକୁ ଦେଇଥାନ୍ତି ସେମାନଙ୍କର ଗୁଣ ଯଦି ଖରାପ ହୋଇଥାଏ ତେବେ ସେମାନେ ଦେଉଥିବା ସେହି ଆହାର ଖାଇବା ଦ୍ୱାରା ମଧ୍ୟ ଗୁଣ ବଦଳିଯାଏ । ଏହା କେଉଁଭଳି ବିଚିତ୍ର କଥା ଆପଣମାନେ ବିଚାର କରନ୍ତୁ । ଏଇକଥା କେତେକ ଗ୍ରହଣ କରି ଛୋଟଲୋକ, ଖରାପଲୋକ ଭାବି ସେମାନଙ୍କଠାରୁ କିଛି ଖାଇନଥାନ୍ତି, ଏକଥା ମଧ୍ୟ ବଡ ବିଚିତ୍ର ଲାଗେ । ଆହାରକୁ ଯିଏ ମଧ୍ୟ ଖାଇବାକୁ ଦେଉ ତା ଦ୍ୱାରା କୌଣସି ପ୍ରଭାବ ପଡିନଥାଏ । ଖାଇବାକୁ ଦେଉଥିବା ବ୍ୟକ୍ତି

ସହିତ ଆହାରର କୌଣସି ସମ୍ପର୍କ ନଥାଏ । ଆହାର ଯିଏ ବି ଦେଉ ତାହା ଆହାର ହିଁ ହୋଇଥାଏ । କିଛି ଦ୍ରୋହବୁଦ୍ଧି ଦ୍ୱାରା କେତେକ କୁସଂସ୍କାରୀ ଲୋକମାନେ ଏହାକୁ ସମାଜରେ ରଖିଛନ୍ତି । ଏହା ସତ କି ମିଛ ଆପଣମାନେ ଅଧିକ ବିଚାର କରନ୍ତୁ ।

ହରିଣ ଘାସ ଖାଉଥିବାରୁ ସେ ସାଧୁଜନ୍ତୁ, କୃର ନୁହେଁ । ବାଘ ମାଂସ ଖାଉଥିବାରୁ ସେ ସାଧୁଜନ୍ତୁ ନୁହେଁ, କୃରଜନ୍ତୁ ବୋଲି କେତେକ କଥା ପ୍ରସଂଗରେ ଉପମା ଦେଇଥାନ୍ତି । ହରିଣ ଜନ୍ମତଃ ସାଧୁଜନ୍ତୁ, ବାଘ ଜନ୍ମତଃ କୃରଜନ୍ତୁ । ଏମାନଙ୍କର ସାଧୁତ୍ୱ ବା କୃରତ୍ୱ ସହଜାତ ଭାବରେ ରହିଛି ସିନା, ଜନ୍ମହେବା ପରେ ମଧ୍ୟକାଳୀନ ସମୟରୁ ଆସିନାହିଁ । ଶରୀର ପୋଷଣ ପାଇଁ ଯାହାକୁ ଯେତେବେଳେ ଯାହା ମିଳୁଛି ତାହା ସେ ସେତେବେଳେ ଖାଇପାରେ । ଖାଉଥିବା ଖାଦ୍ୟ ଶରୀର ପାଇଁ ଉପଯୋଗ ହୋଇଥାଏ, ହେଲେ ଗୁଣଗୁଡିକୁ ବଦଳାଇପାରେ ନାହିଁ । ତାହେଲେ ମଦ ପିଇଥିବା ବ୍ୟକ୍ତି କିପରି ଭିନ୍ନ ଆଚରଣ କରୁଛି ବୋଲି ଏଇଠାରେ ଆପଣମାନେ ପ୍ରଶ୍ନ କରିପାରନ୍ତି ! ତେଣୁ ସମାଧନରେ ଆମେ ପଚାରୁଛୁ ଯେ, ଯିଏ ମଦ ପିଇଛି,ସେ ମଦ ପଇବାରୁ ସିନା ଏଭଳି ଆଚରଣ କରୁଛି ! ଏହି ମଦ କ'ଣ ଆହାର କି ? ମଦ ହେଉଛି ମାଦକ ଦ୍ରବ୍ୟ ଏବଂ ଅଖାଦ୍ୟ ! ମଦ ଆହାର ତାଲିକାରେ ନାହିଁ !! ତେଣୁ ନିଶା ଦେଉଥିବା କୌଣସି ପଦାର୍ଥ ତାର ମାନସିକ ପ୍ରବୃତ୍ତିକୁ ତାତ୍କାଳିକ ଭାବରେ ବଦଳାଇ ଦେଇଥାଏ । ତାଠାରେ ଲୁଚି ରହିଥିବା କଥାଗୁଡିକ ତାକୁ ନିଶାହେବା ବେଳେ ତାଠାରୁ ବାହାରକୁ ଆସିଥାଏ ସିନା, ସେ କିଛି ନୂଆ ସୃଷ୍ଟି କରିଥିବା କଥା କହି ନଥାଏ । ଜଣେ ଭଲଲୋକ ନିଶାରେ ରହିବାବେଳେ ତାର ଲୁକାୟିତ ସ୍ୱଭାବକୁ ସେ ବହିର୍ଗତ କରିଥାଏ । ତାଠାରେ ଲୁଚିରହିଥିବା ଅନେକ ବିଷୟ ସେତେବେଳେ ତାର ଅଜାଣତରେ ବାହାରକୁ ବାହାରିଯାଏ । ନିଶା ଥିବା ସମୟରେ ମନ ତାର ସତ୍ୟ ଲୁଚାଇବା ସ୍ୱଭାବକୁ ହରାଇ ବସେ । ତେଣୁ ଜଣେ ଲୋକ କୌଣସି ନିଶାଦ୍ରବ୍ୟ ସେବନ କଲାବେଳେ (ଖାଇବା ବେଳେ) ତାହା ମାନସିକତଃ କାର୍ଯ୍ୟ କରିଥାଏ । ଆହାର ଶରୀରର ବଳ ଅବଳ, ଆରୋଗ୍ୟ, ଅନାରୋଗ୍ୟ ନିର୍ଣ୍ଣୟ କରିଥାଏ । ଏହି ନିଶା ବା ମାଦକ ଦ୍ରବ୍ୟ

ମାନସିକ ବଳାବଳକୁ ଏବଂ ଗୁଣର ବୃତ୍ତି, ନିବୃତ୍ତିକୁ ନିର୍ଣ୍ଣୟ କରିଥାଏ । ମାଦକଦ୍ରବ୍ୟ ମାନସିକତଃ ଗୁଣଗୁଡିକର ପ୍ରେରକ ହୋଇ ମନକୁ ଉଲ୍ଲସିତ କରୁଥିବା ବେଳେ, ଅଫିମ ନାମକ ନିଶାଦ୍ରବ୍ୟ ଗୁଣଗୁଡିକର କାର୍ଯ୍ୟକୁ ବନ୍ଦ କରିଦେଇ ସ୍ତବ୍ଧ କରିଦେଇଥାଏ । ପ୍ରପଞ୍ଚରେ ତାର କାହା ସହିତ ସମ୍ପର୍କ ନଥିବା ଭଳି କୌଣସି ଗୁଣ କାର୍ଯ୍ୟ କରୁନଥିବା ସ୍ଥିତିରେ ଜୀବକୁ ରଖିଦେଇ ପାରେ । ତେଣୁ ଆମେ ପ୍ରଥମେ ନିହାତି ଜାଣିବା ଦରକାର ଯେ, କଣ ଆହାର, କଣ ଆହାର ନୁହେଁ ।

ଆହାର ଭିତରେ ମାଂସାହାର ନିଷେଧ କହିବା ଠିକ୍ ନୁହେଁ, ତଦ୍ଦ୍ୱାରା ଜ୍ଞାନଲବ୍ଧ ହୋଇପାରେ ନାହିଁ କହିବା ମଧ୍ୟ ବଡ ଭୁଲ୍ । କର୍ମ ଅନୁସାରେ ମାଂସାହାର ମିଳିବା, ଆମେ ତାହା ଖାଇବାକୁ ବାଧ୍ୟହେବା ବେଳେ, ମୁଁ ଏହା ଖାଇବି ନାହିଁ ବୋଲି କହିପାରିବା ନାହିଁ ବା ଜିଦ୍ କରିପାରିବା ନାହିଁ । କାରଣ ! ଆମେ ପ୍ରଥମେ ବଞ୍ଚିବା ଆବଶ୍ୟକ ହୋଇଥାଏ । ଯୁଦ୍ଧ କରିବିନି କହି ଅର୍ଜୁନ ଜିଦ୍ ଧରି ବସିପଡିବା ବେଳେ, କର୍ମ ଅନୁସାରେ ତୋର କାର୍ଯ୍ୟ ଅଟକି ରହିଯିବ ନାହିଁ, ତୋ ଦ୍ୱାରା ହିଁ ହେବ ବୋଲି ଭଗବାନ ଅର୍ଜୁନଙ୍କୁ ଜ୍ଞାନବୋଧ କରିଥିବା ଭଳି, ମୁଁ ଏ କାର୍ଯ୍ୟ କରିବି ନାହିଁ ବୋଲି ଜିଦ୍ ଧରି ବସିଲେ ଯଦି ତୋର କର୍ମ ଅନୁସାରେ ସେ କାର୍ଯ୍ୟ ତୋଦ୍ୱାରା ହେବାକୁ ଥିବ ତାହା ନିଶ୍ଚୟ ତୋତେ କରିବାକୁ ହେବ । ମୁଁ ମାଂସ ଖାଉଛି, ମୋଦ୍ୱାରା ଜ୍ଞାନ ଗ୍ରହଣ ଅସମ୍ଭବ ଭାବିବା ଉଚିତ୍ ନୁହେଁ, ଅନ୍ୟମାନଙ୍କୁ ଉପଦେଶ ଦେବା ଠିକ୍ ନୁହେଁ । ଭଗବତ୍ ଗୀତାରେ ଆହାର ବାବଦରେ କହିବାବେଳେ ମାଂସାହାର କରିବା ଉଚିତ୍ ନୁହେଁ ବୋଲି ଭଗବାନ କେଉଁଠି କହିଥିବା କିଏ ଦେଖାଇପାରିବେ ? ଭଗବାନ କହିନାହାନ୍ତି । ଜ୍ଞାନ ଦ୍ୱାରା ବିଚାର ନକରି ଅଯଥା ନିଜ ବିଚାରକୁ ଠିକ୍ ଭାବି ଅନ୍ୟକୁ ପ୍ରେରଣା ଦେବା, ପୁସ୍ତକରେ ଲେଖି ଜଣାଇବା ମହାପାପ । ଏହି ଶ୍ଲୋକରେ ମଧ୍ୟ ଆହାର ଉପରେ ଏହି ଗୁଣ ବିଶିଷ୍ଟ ଲୋକର ଶ୍ରଦ୍ଧାଥାଏ କହିଛନ୍ତି ସିନା ଏହା ଖାଇଲେ ଅମୁକ ଗୁଣ ଅଭିବୃଦ୍ଧି ହୁଏ ବୋଲି ଭଗବାନ କହିନାହାନ୍ତି । ତେଣୁ **ଆହାର ଅନୁସାରେ ଗୁଣଗୁଡିକ ନଥାଏ, ଗୁଣଗୁଡିକ ଅନୁସାରେ ଆହାର ଥାଏ, ଏହା ଏକ ସୂତ୍ର, ମନେରଖନ୍ତୁ ।**

ଏହି ସୂତ୍ର ପାଇଁ ଏକ ଉଦାହରଣ ନେଲେ, ଏକ ଜୀବ ତାର କର୍ମ ଅନୁସାରେ ତାମସ ଗୁଣଭାଗରେ ରହିଲେ ମଧ୍ୟ, ସେହି ଗୁଣ ପ୍ରେରଣ ଦ୍ୱାରା ମିଳୁଥିବା ତାମସିକ ଆହାରକୁ ସେ ଖାଇଲେ ମଧ୍ୟ, ତାର ଶ୍ରଦ୍ଧା ସାତ୍ତ୍ୱିକ ଭାଗରେ ଥିବା କାରଣରୁ ତାକୁ ଜ୍ଞାନ ଦୃଷ୍ଟିରେ ସାତ୍ତ୍ୱିକ କହିପାରିବା । ଏହି କଥା ଆଗରୁ ମଧ୍ୟ ଜାଣିଛେ । ଏବେ ଏଠାରେ କୁହାଯାଇଥିବା ଶ୍ଳୋକରେ ସାତ୍ତ୍ୱିକ ଶ୍ରଦ୍ଧା ବିଶିଷ୍ଟ ଜୀବର କେବଳ ଆହାର ପ୍ରୀତିକୁ କୁହାଯାଇଛି ବୋଲି ଗ୍ରହଣ କରିବା ଉଚିତ୍ । ସେହି ଆହାର ତାର କର୍ମରେ ଅଛି କି ନାହିଁ ତାହା ତାର କର୍ମ ଉପରେ ନିର୍ଭର କରିଥାଏ ।

**(୧୬) ଶ୍ଳୋକ,୯ : କଟ୍ୱମ୍ଳ ଲବଣାତ୍ୟଷ୍ଣ ତୀକ୍ଷ୍ଣ ରୂକ୍ଷ ବିଦାହୀନଃ ।**
**ନଆହାର ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ।।**
**(ରାଜସଗୁଣ ଶ୍ରଦ୍ଧା)**

**ଭାବାର୍ଥ :** ପିତା, ଖଟା, ଲୁଣି, ରାଗ, ଗରମ, ଅସାର, ଶୁଖିଲା, ଶୋଷ ଦାୟକ, ଖାଇବାକୁ କଷ୍ଟ ହେଉଥିବା, ଶରୀର ପାଇଁ ଅନାରୋଗ୍ୟ ଆଣି ଦେଉଥିବା ପଦାର୍ଥରେ ରଜୋଗୁଣି ମାନଙ୍କର ଶ୍ରଦ୍ଧାଥାଏ ।

**(୧୬) ଶ୍ଳୋକ,୧୦ : ଯାତଯାମଂ ଗତରସଂ ପୂତି ପର୍ଯ୍ୟୁପଷିତଂ ଚ ଯତ୍ ।**
**ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟଂ ।।**
**(ତାମସଗୁଣି ଶ୍ରଦ୍ଧା)**

**ଭାବାର୍ଥ :** ଅଧାସିଝା, ନିରସ, ପଚି ଦୁର୍ଗନ୍ଧ ହେଉଥିବା, ଅଇଁଠା ଏବଂ ଅପବିତ୍ର ଆହାର ତାମସିକ ବ୍ୟକ୍ତିମାନଙ୍କର ପ୍ରୀତିକର ଖାଦ୍ୟ ହୋଇଥାଏ ।

**(୧୬) ଶ୍ଳୋକ,୧୧ : ଅଫଳାକାଙ୍କ୍ଷିଭିର୍ଯଜ୍ଞୋ ବିଧିଦଷ୍ଟୋ ଯ ଇଜ୍ୟତେ ।**
**ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ।।**
**(ସାତ୍ତ୍ୱିକ)**

**ଭାବାର୍ଥ :** ଫଳରେ ଆଶା ନରଖି ଶାସ୍ତ୍ରନିର୍ଦ୍ଦେଶ ଅନୁସାରେ ଯଜ୍ଞ କରିବା ଉଚିତ୍ ବୋଲି ମନରେ ସ୍ଥିର କରି, କରାଯାଉଥିବା ଯଜ୍ଞ ସାତ୍ତ୍ୱିକ ଯଜ୍ଞ ।

**(୧୬) ଶ୍ଲୋକ,୧୨ : ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥ ମପି ଚୈବ ଯତ୍ ।**
**ଇଜ୍ୟତେ ଭରତ ଶ୍ରେଷ୍ଠ ! ତଂ ଯଜ୍ଞ ବିଦ୍ଧି ରାଜସମ୍ ॥**

**(ରାଜସ)**

**ଭାବାର୍ଥ :** ହେ ଭରତ ଶ୍ରେଷ୍ଠ ! ମନକୁ ଫଳ ଉପରେ ରଖି ଦାମ୍ଭିକ ପଣରେ ଅନ୍ୟକୁ ଦେଖାଇବା ଭଳି ଯେଉଁ ଯଜ୍ଞ କରାଯାଏ ତାହା ରାଜସିକ ଯଜ୍ଞ ।

**(୧୬) ଶ୍ଲୋକ,୧୩ : ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।**
**ଶ୍ରଦ୍ଧା ବିରହିତଂ ଯଜ୍ଞ ତାମସଂ ପରିଚକ୍ଷତେ ॥**

**(ତାମସ)**

**ଭାବାର୍ଥ :** ଶାସ୍ତ୍ରବିଦ୍ଧି ହୋଇନଥିବା, ଅନ୍ନଦାନ ହୋଇନଥିବା, ମନ୍ତ୍ର ହୋଇନଥିବା, ଦକ୍ଷିଣା ହୋଇନଥିବା ଶେଷରେ ଶ୍ରଦ୍ଧାନଥିବା ଯଜ୍ଞକୁ ତାମସଯଜ୍ଞ ବୋଲି କହିପାରିବା ।

**(୧୬) ଶ୍ଲୋକ,୧୪ : ଦେବଦ୍ୱିଜଗୁରୁ ପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।**
**ବ୍ରହ୍ମଚର୍ଯ୍ୟ ମହିଂସା ଚ ଶାରୀରଂ ତପ ଉଚ୍ୟତେ ॥**

**(ତପ)**

**ଭାବାର୍ଥ :** ଦେବତା ମାନଙ୍କ ଠାରେ, ବ୍ରାହ୍ମଣ ମାନଙ୍କ ଠାରେ, ଗୁରୁ ମାନଙ୍କ ଠାରେ ଏବଂ ଜ୍ଞାନୀ ମାନଙ୍କ ଠାରେ ଭକ୍ତି, ଶୁଚିତ୍ୱ, କପଟ ହୀନତା, ବ୍ରହ୍ମଚର୍ଯ୍ୟ ଅହିଂସାଦି ଆଚରଣ କରିବା ହେଉଛି ଶାରିରୀକ ତପସ୍ୟା ।

**(୧୬) ଶ୍ଲୋକ,୧୫ : ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।**
**ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ॥**

**(ତପ)**

**ଭବାର୍ଥ :** ଅନ୍ୟମାନଙ୍କ ପାଇଁ ବାଧାକର ହେଉନଥିବା କଥା, ପ୍ରିୟ, ହିତ, ସତ୍ୟକଥା, ଅନ୍ୟମାନଙ୍କର ମଙ୍ଗଳ ହେଉଥିବା କଥା ଏବଂ ବେଦାଭ୍ୟାସ କରିବା ହେଉଛି ବାଚିକ ତପ ।

**(୧୬) ଶ୍ଳୋକ,୧୬ : ମନଃ ପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।**
**ଭାବସଂଶୁଦ୍ଧି ରିତ୍ୟେତତପୋ ମାନ ସମୁଚ୍ୟତେ ॥**

**(ତପ)**

**ଭାବାର୍ଥ :** ମନର ନିର୍ମଳତ୍ୱ, ସରଳତା, ମୌନ, ଜୀବାତ୍ମା କଷ୍ଟ ସୁଖର ନିଗ୍ରହ ଭାବରେ ରହିବା, ଭାବଶୁଦ୍ଧି ବିଶିଷ୍ଟ ହେବା ମାନସିକ ତପ ।

**(୧୬) ଶ୍ଳୋକ,୧୭ : ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ ।**
**ଅଫଳାକାଙ୍‌କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷ୍ୟତେ ॥**

**(ସାତ୍ତ୍ୱିକ)**

**ଭବାର୍ଥ :** ଫଳାକାଙ୍‌କ୍ଷି ନହୋଇ ପରମ ଶ୍ରଦ୍ଧାରେ, ଯୋଗ୍ୟତା ଥିବା ମନୁଷ୍ୟମାନେ ଯେଉଁ ତ୍ରିବିଧ ତପ କରନ୍ତି ତାକୁ ସାତ୍ତ୍ୱିକତପ କହିପାରିବା ।

**(୧୬) ଶ୍ଳୋକ,୧୮ : ସତ୍କାରମାନ ପୂଜାର୍ଥଂ ତପୋ ଦମ୍ଭେ ନ ଚୈବ ଯତ୍ ।**
**କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ ॥**

**(ରାଜସ)**

**ଭାବାର୍ଥ :** ମାନ, ସମ୍ମାନ ପାଇଁ ଯେଉଁମାନେ ଦେଖାଣିଆ ବାହ୍ୟ ଆଡମ୍ବର ପୂର୍ଣ୍ଣ ତପ କରିଥାନ୍ତି ତାହା ରାଜସିକ ତପ ହୋଇଥାଏ ।

**(୧୬) ଶ୍ଳୋକ,୧୯ : ମୂଢଗ୍ରାହେଣାତ୍ମନୋ ଯତ୍ପୀଡୟା କ୍ରିୟତେ ତପଃ ।**
**ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ॥**

**(ତାମସ)**

**ଭାବାର୍ଥ :** ନିର୍ବୋଧ ଭାବରେ ଆତ୍ମାକୁ ପୀଡାଦେଇ, ଅନ୍ୟର ଅନିଷ୍ଟ କରିବା ପାଇଁ ଯେଉଁ ତପ କରାଯାଏ ତାହା ତାମସିକ ତପ ।

**(୧୬) ଶ୍ଳୋକ,୨୦ : ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁ ପକାରିଣେ ।**
**ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥**

**(ସାତ୍ତ୍ୱିକ)**

**ଭାବାର୍ଥ :** ଦାନଦେବା ଉଦ୍ଦେଶ୍ୟ ଯୁକ୍ତ ହୋଇ, ଦେଶ, କାଳ, ପାତ୍ରକୁ ଜାଣି, ପ୍ରତିଲାଭ ନରଖି ସଜ୍ଜନକୁ ଦିଆଯାଉଥିବା ଦାନ ସାତ୍ତ୍ୱିକଦାନ ।

**ବିବରଣୀ :** ଶରୀରର ଗୁଣଗୁଡିକରୁ ଜ୍ଞାନର ନିତ୍ୟଶତ୍ରୁ ଆଶା (କାମନା) ଗୁଣର ବିପରୀତ ଗୁଣ ହେଉଛି ଦାନଗୁଣ । ଜଣକଠାରୁ ଯାହା ନିଆଯାଏ ତାହା ଆଶା ହେବାବେଳେ, ଜଣକୁ ଯାହା ଦିଆଯାଏ ତାହା ଦାନ ହୋଇଥାଏ । ତିନି ଗୁଣଭାଗରେ କାମ ନାମକ ଗୁଣ ତିନି ପ୍ରକାରର ଥିବାଭଳି, ଦାନ ମଧ୍ୟ ତିନି ପ୍ରକାରର ରହିଛି । ସେହି ଦାନଗୁଡିକ ମଧ୍ୟରୁ ସାତ୍ତ୍ୱିକଦାନ ବାବଦରେ ଏଠାରେ କୁହାଯାଇଛି । ଦାନଦେବା ଉଦ୍ଦେଶ୍ୟ ଥିବାବେଳେ ସେହି ଦାନ କେଉଁ ସମୟରେ ଦିଆଯିବା ଉଚିତ, କେଉଁ ସମୟରେ ଦେବା ଉଚିତ ନୁହେଁ ତାହା ନିର୍ଣ୍ଣୟ କରି ଦେବା ଉଚିତ । ତାଛଡା ଦାନ ନେଉଥିବା ପାତ୍ର ଯେମିତି ଦାନ ଦେଉଥିବା ପାତ୍ରର ପୁନର୍ବାର କୌଣସି ଲାଭ କରିପାରୁ ନଥିବ ସେଥିପ୍ରତି ଧ୍ୟାନଦେବା ଉଚିତ୍, ସେତେବେଳେ ସେହି ଦାନ ଉଚିତ ଦାନ ହୋଇପାରିବ, ତା ନହୋଇ ବସ୍ତୁ ଦାନଦେଇ ଧନ ରୂପରେ ଲାଭ ଗ୍ରହଣ କଲେ ତାହା ସାତ୍ତ୍ୱିକଦାନ ହୋଇ ପାରିବ ନାହିଁ । ଆଜିକାଲି ଦାନ ଦେଇ ତାର ପ୍ରତିଫଳ ଆଶା କରାଯାଉଥିବା ଦେଖାଯାଏ । କେତେକ ଟଙ୍କାଟିଏ ଦାନକରି ଦଶ ଟଙ୍କାର ଲାଭ ଆଶା କରିଥାନ୍ତି, ଏହିଭଳି ଦାନ ସାତ୍ତ୍ୱିକଦାନ ହୋଇନଥାଏ । ତେଣୁ ଦାନ ଦେବା ବେଳେ ସ୍ଥାନ, କାଳ, ପାତ୍ର ଦେଖି ଦାନଦେବା ଉଚିତ୍ ।

**(୧୬) ଶ୍ଲୋକ,୨୧ : ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ ।**
**ଦୀୟତେ ବା ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।।**

**(ରାଜସ)**

**ଭାବାର୍ଥ :** ପ୍ରତ୍ୟୁପକାର ଆଶାରଖି, ମାନସିକ ଭାବରେ ଦୁଃଖକରି ଯେଉଁ ଦାନ ଦିଆଯାଏ ତାହା ରାଜସିକଦାନ ।

**ବିବରଣୀ :** ଏବେ ଦାନ ଦେଲେ ଗ୍ରହୀତା ଦ୍ୱାରା କୌଣସି ଲାଭ ଉଠାଇହୁଏ ଏବଂ ମୁଁ ଦାନ ଦେବା ଦ୍ୱାରା ପୁଣ୍ୟ ମଧ୍ୟ ମିଳେ, ଏହି ଆଶା ରଖିବା ବ୍ୟତୀତ

ଯାହା ମୁଁ ଦେଉଛି ତାହା ମୋଠାରୁ ବା ମୋ ଅର୍ଜିତରୁ ଯାଉଛି ବୋଲି ଦୁଃଖିତ ହୋଇ ଯେଉଁ ଦାନ କରାଯାଏ ତାହା ରାଜସିକ ଦାନ ।

**(୧୬) ଶ୍ଳୋକ,୨୨ : ଅଦେଶ କାଳେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।**
**ଅସତ୍କୃତମବଜ୍ଞାତଂ ତତ୍ତାମସ ମୁଦାହୃତମ୍ ॥**
**(ତାମସ)**

**ଭାବାର୍ଥ :** ମର୍ଯ୍ୟାଦାହୀନ, ତିରସ୍କାର ପୂର୍ବକ, ସ୍ଥାନକାଳକୁ, ସତ୍ ପାତ୍ରକୁ ନଜାଣି ବିଚାରହୀନ ଭାବେ ଯେଉଁ ଦାନ କରାଯାଏ ତାହା ତାମସିକଦାନ ।

**ବିବରଣୀ :** ଦାନ ଦେବାବେଳେ ମର୍ଯ୍ୟାଦାହୀନ ଭାବରେ ଫିଙ୍ଗିଦେବା ଭଳି ଦାନ ଦେବା, ମାଗିଲେ ତିରସ୍କାର ଭାବରେ ଦେବା, ପରିସ୍ଥିତିକୁ ନଜାଣି ବର୍ଷାଦିନେ ଗଛରେ ପାଣିଦେବା ଭଳି ଦରକାର ନଥିବାବେଳେ ଦେବା କିମ୍ୱା ଦାନର ଯୋଗ୍ୟ ପାତ୍ର କି ନୁହେଁ ନଜାଣି ଦାନଦେବା ତାମସିକଦାନ ବୋଲି ବଡମାନେ କହିଥାନ୍ତି ।

ଏତିକିରେ ଏହି ଶ୍ରଦ୍ଧାତ୍ରୟ ବିଭାଗ ଯୋଗର ସମାପ୍ତ ହେଲା । ଏହି ଅଧ୍ୟାୟରେ ଆଗକୁ ଥିବା ଆଉ ଛଅଗୋଟି ଶ୍ଳୋକ ଲେଖାଯାଇ ନାହିଁ, କାରଣ ! ଏଗୁଡିକ ତିନି ଶ୍ରଦ୍ଧା ଏବଂ ଭଗବଦ୍ଗୀତା ସହିତ ସମ୍ୱନ୍ଧ ନଥିବା ବିଷୟ । ଯାହାକୁ ଭଗବାନ କହିନାହାନ୍ତି ତାହା କଳ୍ପନା କରି ଲେଖାଯାଇଥିବାରୁ ସେଗୁଡିକର ଭାବାର୍ଥ ଏବଂ ବିବରଣୀକୁ ଆମେ ଏଠାରେ ଲେଖିନାହୁଁ । ଏଗୁଡିକ ଯୋଗଶାସ୍ତ୍ରର ନୁହେଁ ତେଣୁ ଗତ ଅଧ୍ୟାୟଗୁଡିକରେ ଏବଂ ଆଗତ ଅଧ୍ୟାୟରେ ଏଭଳି କେତେକ ଅଶାସ୍ତ୍ରୀୟ ଶ୍ଳୋକଗୁଡିକୁ ବାଦ୍ ଦିଆଯାଇଛି, ଏହି ଛଅଗୋଟି ଶ୍ଳୋକକୁ ଆମେ କାହିଁକି ବାଦ୍ ଦେଇଛୁ ତାର ସୂଚନା ମଧ୍ୟ ଦେଇଛୁ । ଆପଣମାନେ ଆପଣଙ୍କ ବୁଦ୍ଧିରେ ବିଚାର କରି ସତ୍ୟାସତ୍ୟ ନିର୍ଣ୍ଣୟ କରିପାରନ୍ତି ।

**(୧୬) ଶ୍ଳୋକ,୨୩ : ଓଁ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥ (କଳ୍ପିତ)**

**(୧୬) ଶ୍ଲୋକ,୨୪ : ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।**
**ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ॥ (କଳ୍ପିତ)**

**(୧୬) ଶ୍ଲୋକ,୨୫ : ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।**
**ଦାନ କ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ॥ (କଳ୍ପିତ)**

**(୧୬) ଶ୍ଲୋକ,୨୬: ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ ।**
**ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃପାର୍ଥ ଯୁଜ୍ୟତେ ॥ (କଳ୍ପିତ)**

**(୧୬) ଶ୍ଲୋକ,୨୭ : ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତିଚୋଚ୍ୟତେ ।**
**କର୍ମଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ॥ (କଳ୍ପିତ)**

**(୧୬) ଶ୍ଲୋକ,୨୮ : ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟ ନୋଇହ ॥ (କଳ୍ପିତ)**

ଏହି ଛଅଗୋଟି ଶ୍ଲୋକରେ **'ଓଁ ତତ୍ସତ'** ନାମକ ପଦ ବାବଦରେ ଲେଖାଯାଇଛି । 'ଓଁ ତତ୍ସତ୍' (ଓମ୍ ତତ୍ ସତ୍) ନାମକ ପଦର ଉଚ୍ଚାରଣ ଯଜ୍ଞ, ଦାନ, ତପରେ ଥିବା ଦୋଷ ଗୁଡିକୁ କ୍ଷମାକରେ ଏବଂ ଏହି ପଦ ହିଁ ପରବ୍ରହ୍ମ ସ୍ୱରୂପ ବୋଲି ମତପୋଷଣ କରାଯାଇଛି । ତାଛଡା ମୋକ୍ଷାର୍ଥୀମାନେ ଯଜ୍ଞ, ଦାନ, ତପରେ ଏହାକୁ ବ୍ୟବହାର କରିଥାନ୍ତି ବୋଲି ଲେଖାଯାଇଛି । ଭଗବାନ କହିଥିବା ଗୀତାର ଏକ ପଦ୍ଧତି ରହିଛି ଏବଂ ଏହା ହିଁ ପ୍ରକୃତ ଜ୍ଞାନବୋଧ । ମୋକ୍ଷପାଇଁ ଯୋଗ ହିଁ ଶରଣ୍ୟ । ଯେଉଁମାନେ ପରମାତ୍ମାଙ୍କୁ ପାଇବାକୁ ଚେଷ୍ଟା କରିଥାନ୍ତି ସେମାନଙ୍କ ପାଇଁ ଏହି ଯଜ୍ଞ, ଦାନ, ତପଗୁଡିକ ସାଧନ ନୁହେଁ । ଏଗୁଡିକ ଦ୍ୱାରା ତାଙ୍କୁ ଜାଣିହୁଏ ନାହିଁ ବୋଲି କହିଥିବା ଭଗବାନ କ'ଣ ଏଠାରେ ତାଙ୍କ କହିବା କଥାକୁ ବଦଳାଇ ଏହି ଯଜ୍ଞ, ଦାନ, ତପ ଦ୍ୱାରା ମୋତେ ପାଇପାରିବ ବୋଲି କହିବେ ? ଯଜ୍ଞ, ତପ, ଦାନ ଦ୍ୱାରା ମୋକ୍ଷ ପାଇହେବ, ଏଗୁଡିକ ହିଁ ଯୋଗର ସାଧନ ବୋଲି କହିବେ ? ଏହା ସବୁ ମିଛ ଏବଂ କଳ୍ପିତ । ଭଗବାନ ଥରେ ଗୋଟିଏ କଥା କହି ଆଉ କିଛି ସମୟ ପରେ ତାହା ଠିକ୍ ନୁହେଁ ବୋଲି କେବେହେଁ କହି ନାହାନ୍ତି ।

ଏହାର କାରଣ ହେଲା ! ଗୀତାରେ ସେ ବାହ୍ୟଯଜ୍ଞ ବାବଦରେ କେଉଁଠାରେ କହିନାହାନ୍ତି, କେବଳ ଦୁଇଟି ଯଜ୍ଞ ବାବଦରେ କହିଛନ୍ତି, ତାହା କେବଳ ଶରୀର ଭିତରେ ହୋଇଥାଏ । ଏପରି ଜ୍ଞାନଯଜ୍ଞ ଏବଂ ଦ୍ରବ୍ୟଯଜ୍ଞ ନାମକ ଦୁଇଟି ଯଜ୍ଞ ଅଛି ତାହା ଶରୀର ଭିତରେ କରାଯାଇଥାଏ ବୋଲି ସ୍ପଷ୍ଟ ଭାବରେ କହିଥିବା ଭଗବାନ ଆଉ କିପରି ଏଭଳି ଯଜ୍ଞ ବାବଦରେ କହିବେ ? ଦାନ ହେଉଛି ଗୁଣଚକ୍ରର ଗୁଣ ଭାଗରେ ଥିବା ଏକ ଗୁଣ । ଗୁଣଗୁଡିକ ଦ୍ୱାରା ଭୌତିକତା ମିଳେ, ଗୁଣଗୁଡିକୁ ତ୍ୟାଗକଲେ ପରବ୍ରହ୍ମକୁ ଜାଣିହୁଏ କହିଥିବା ଭଗବାନ ମୋକ୍ଷପାଇଁ ଦାନଦେବା ଉଚିତ୍ କହିଥିବେ ବୋଲି କିପରି ଭାବୁଛନ୍ତି ? ଦାନଗୁଣ ଦ୍ୱାରା ପୁଣ୍ୟ ମିଳିଥାଏ ବୋଲି ଆମେ ମଧ୍ୟ କହୁଛୁ, କିନ୍ତୁ ମୋକ୍ଷ ମିଳିନଥାଏ ବୋଲି ସ୍ୱୟଂ ଭଗବାନ କହିଛନ୍ତି ! ଭୌତିକ ଦୃଷ୍ଟିରେ ଦାନ ଖରାପ ନୁହେଁ ଭଲ, କିନ୍ତୁ ମୋକ୍ଷ ବିଷୟ ବିଚାର କଲାବେଳେ ତାହା ଠିକ୍ ନୁହେଁ, ତାଛଡା ତପସ୍ୱୀଠାରୁ ଯୋଗୀ ବଡ, ତୁ ଯୋଗ ଆଚରଣ କରି ଯୋଗୀ ହୋଇଯାଆ ବୋଲି ଅର୍ଜୁନଙ୍କୁ ଯେଉଁ ଭଗବାନ କଡା ଭାବରେ କହିଛନ୍ତି ସେହି ଭଗବାନ କିପରି କହିବେ ତୁ ତପସ୍ୟା କର୍ ? ଭଗବାନ ଯଦି ଏଭଳି ପାଗଳଙ୍କ ଭଳି କହିଥାନ୍ତେ ତେବେ ଗୀତା କେବେ ଯୋଗଶାସ୍ତ୍ରର ମାନ୍ୟତା ପାଇନଥାନ୍ତା ! ଏହିଭଳି ଅନେକ କଳ୍ପିତ କଥାଗୁଡିଏ ଭଗବଦ୍ଗୀତାରେ ମିଶିଯାଇ ଥିବାରୁ ଆଜିଯାଏଁ ତାହା କେହି ଠିକ୍ ଭାବରେ ବୁଝି ପାରିନାହାନ୍ତି । ତେଣୁ ସେହି କଳ୍ପିତ ଯଜ୍ଞ, ଦାନ, ତପର ଭାବ ରହିଥିବା ଶ୍ଳୋକଗୁଡିକୁ ଏହି ପରମ ପବିତ୍ର ପରିଶୁଦ୍ଧ ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତାରୁ କାଢି ଦିଆଯାଇଛି । ଓଁ ବାବଦରେ, ଓଁ କ'ଣ ବିବରଣ ଦିଏ, ତାର ସାରାଂଶ କ'ଣ ଯେଉଁମାନେ ନିଜର କଳ୍ପନା ଦ୍ୱାରା ବର୍ଣ୍ଣନା କରିଛନ୍ତି ସେହିମାନେ ହିଁ ଏହି ତତ୍‌ସତ୍‌କୁ ଯୋଗକରି ସମ୍ପୂର୍ଣ୍ଣ ପଦ ତିଆରି କରିଛନ୍ତି । ଏହା ଯେପରି 'ଅଞ୍ଜନାନନ୍ଦନ ନାମଦେଇ ଏବେ ଅଞ୍ଜନାସୁତ କହିପାରିବା' କହିବା ଭଳି ହୋଇଛି । ଆରମ୍ଭରୁ ଯିଏ ଅଞ୍ଜନାଙ୍କ ସୁତ ! ତାଙ୍କର ଆଉ ତମେ କି ପ୍ରକାରର ନାମ ଦେଲ ? ତେଣୁ ଯାହା ଜ୍ଞାନକୁ ଚିହ୍ନାଇ ପାରେ ନାହିଁ, ଯାହା ଅଜ୍ଞାନ ପଢାଇ ନାନାପ୍ରଶ୍ନ ଆଣିଥାଏ, ଯାହା ଭଗବାନ ଗୋଟିଏ ଜାଗାରେ କହିଛନ୍ତି ତାହା ତାର ବିରୁଦ୍ଧ ଭାବର ସହିତ ଆଉ ଗୋଟିଏ

ସ୍ଥାନରେ ଲେଖିଛନ୍ତି । ଏଗୁଡିକୁ ଆମେ କିପରି ଶାସ୍ତ୍ରୀୟ ବୋଲି କହିବା ? ତେଣୁ ସେଗୁଡିକୁ ଗତ ଅଧ୍ୟାୟ ଗୁଡିକରୁ ଆଗତ ଅଧ୍ୟାୟରୁ ବାହାର କରିଦେବାକୁ ବାଧ ହୋଇଛୁ । ହେତୁବଦ୍ଧ ଜ୍ଞାନଜୀଜ୍ଞାସୁ ମାନଙ୍କୁ ଆମେ ବାରମ୍ବାର ଜଣାଉଛୁ କି, ସେମାନେ ଉଚିତ୍ ବିଚାରକରି ଦୈବଜ୍ଞାନକୁ ଗ୍ରହଣ କରନ୍ତୁ । ଜ୍ଞାନ ଜାଣିବା ମଧ ଏତେ ସହଜ ନୁହେଁ! ଏହା ରହସ୍ୟଜ୍ଞାନ ବୋଲି ଭଗବାନ କହିଛନ୍ତି । ମାୟା କାହାକୁ ମଧ ଛାଡେ ନାହିଁ । ମାୟା କବଳରୁ ବାହାରକୁ ଆସିବା ଦୁଃସାଧ ବୋଲି ମଧ ଭଗବାନ କହିଛନ୍ତି । ସବୁଠାରୁ ବଡକଥା ହେଲା ଜ୍ଞାନ ଜାଣିବା ପାଇଁ ଆପଣମାନଙ୍କର ଶ୍ରଦ୍ଧା ହିଁ କେବଳ ଆପଣମାନଙ୍କର ସହାୟହେବ । ଶ୍ରଦ୍ଧା ଦ୍ୱାରା ହିଁ ଆପଣମାନେ ବାସ୍ତବ ଜ୍ଞାନ, ଅଜ୍ଞାନକୁ ଜାଣି ପାରିବେ । ଏହା ଶାସ୍ତ୍ରବଦ୍ଧ ଭଗବତ୍ ବାଣୀ ।

ଏହି ଅଧ୍ୟାୟଟି ସମାପ୍ତ ହେଲା । ଶ୍ଳୋକଗୁଡିକର ବିବରଣୀ ତଳେ ଦିଆଯାଇଛି, ଦେଖନ୍ତୁ ।

**ଶ୍ଳୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | ଗୁଣରାଜି | = | ୦୬ |
| ୨) | ସାତ୍ତ୍ୱିକ ଗୁଣ | = | ୦୪ |
| ୩) | ରାଜସଗୁଣ | = | ୦୪ |
| ୪) | ତାମସଗୁଣ | = | ୦୪ |
| ୫) | ତପ | = | ୦୩ |
| ୬) | ପ୍ରକୃତି-ଗୁଣରାଜି | = | ୦୧ |
| ୭) | କଳ୍ପିତ | = | ୦୬ |
| | **ମୋଟ** | = | **୨୮** |

*****

# ମୋକ୍ଷ ସନ୍ନ୍ୟାସ ଯୋଗ

## ଅର୍ଜୁନ କହୁଛନ୍ତି :-

**(୧୭)ଶ୍ଳୋକ,୧ :**

**ସନ୍ନ୍ୟାସସ୍ୟ ମହାବାହୋ ! ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ! ପୃଥକ୍ କେଶିନିଷୂଦନ ! ॥**

**(କାର୍ଯ୍ୟ ସନ୍ନ୍ୟାସ, କର୍ମତ୍ୟାଗ)**

**ଭାବାର୍ଥ :** ହେ କୃଷ୍ଣ ! ସନ୍ନ୍ୟାସ ଏବଂ ତ୍ୟାଗର ପ୍ରକୃତ ତତ୍ତ୍ୱକୁ ଅଲଗା ଅଲଗା ଜାଣିବାକୁ ଚାହୁଁଛି ।

**ବିବରଣୀ :** ଏଠାରେ ଅର୍ଜୁନଙ୍କର ସନ୍ନ୍ୟାସ ଏବଂ ତ୍ୟାଗ ଉପରେ ସନ୍ଦେହ ଆସିଛି, ଉଭୟ ଅଲଗା ଅଲଗା ଭାବି ସେଗୁଡିକର ବିବରଣ ବିସ୍ତୃତ ଭାବରେ କହ ବୋଲି କହିଛନ୍ତି । ଏହି ଶବ୍ଦ ଦୁଇଟିରେ ନିଶ୍ଚୟ କିଛି ଭିନ୍ନତା ରହିଛି, କାରଣ ! ତ୍ୟାଗ କହିଲେ ଛାଡିଦେବା ବା ବର୍ଜନ କରିବା, ଏବେ ତ୍ୟାଗର ଭିନ୍ନତାକୁ ତଳ ଶ୍ଳୋକରେ ଜାଣିବା ।

**୧୭) ଶ୍ଳୋକ,୨ : କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ ।**
**ସର୍ବକର୍ମଫଲତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ॥**
**(କାର୍ଯ୍ୟ ସନ୍ନ୍ୟାସ, କର୍ମତ୍ୟାଗ)**

**ଭାବାର୍ଥ :** ଇଚ୍ଛାକରି କରାଯାଉଥିବା କାର୍ଯ୍ୟଗୁଡିକୁ ଛାଡିଦେବା ସନ୍ନ୍ୟାସ ବୋଲି କବିମାନେ କିମ୍ବା ପଣ୍ଡିତମାନେ କହିଥାନ୍ତି । କରିଥିବା କାର୍ଯ୍ୟର ଫଳକୁ (କର୍ମକୁ) ଛାଡିଦେବା ତ୍ୟାଗ ବୋଲି ଜ୍ଞାନୀମାନେ କହିଥାନ୍ତି । (ଆତ୍ମସଂଯମ ଯୋଗର ପ୍ରଥମ, ଦ୍ୱିତୀୟ ଶ୍ଳୋକରେ ତ୍ୟାଗକୁ ହିଁ ସନ୍ନ୍ୟାସ କହିଛନ୍ତି ।)

**ବିବରଣୀ** : ଶରୀରରେ ଏକ କର୍ଯ୍ୟ କର୍ମ କାରଣ ଯୋଗୁଁ ଗୁଣଗୁଡିକ

ଦ୍ୱାରା ହୋଇଥାଏ ବୋଲି ଆମେ ଜାଣିଲେ । କର୍ମରୁ କାର୍ଯ୍ୟ ଗୁଣଗୁଡିକ ଦ୍ୱାରା ହୋଇଥାଏ । କେତେବଡ ଜ୍ଞାନୀକୁ ମଧ୍ୟ ଏହି କର୍ମ କଣ ଜଣା ନଥାଏ । ଅମୁକ ଗୁଣ ମୋଠାରେ (ମୋ ମୁଣ୍ଡରେ) କାର୍ଯ୍ୟକରୁଛି ବୋଲି କହିଦେଇ ପାରିବା । ସେହିଭଳି ବୁଦ୍ଧିର ବିଷୟବସ୍ତୁକୁ ମଧ୍ୟ ଜାଣିପାରିବା । ଗୁଣ, ଗୁଣଗୁଡିକ ଠାରୁ ହେଉଥିବା କାର୍ଯ୍ୟଗୁଡିକ ପର୍ଯ୍ୟନ୍ତ ଆମେ ଜାଣିପାରିବା, କିନ୍ତୁ ସେହି କାର୍ଯ୍ୟ ଗୁଡିକରେ କର୍ମ, ଗୁଣ ପଛରେ ଥିବା କାରଣରୁ ସମ୍ପୂର୍ଣ୍ଣ କାର୍ଯ୍ୟଟିଏ ହେବା ପର୍ଯ୍ୟନ୍ତ ତାହା ଜଣା ପଡିନଥାଏ । ତେଣୁ ଆମକୁ କାର୍ଯ୍ୟ କେଉଁ ଗୁଣ ଦ୍ୱାରା ହେଉଛି ଜଣାପଡିଲେ ମଧ୍ୟ ତା ପଛରେ କେତେ ପ୍ରାରବ୍ଧ ରହିଛି ଜଣାପଡେ ନାହିଁ । ଏବେ ଅସଲ ବିଷୟକୁ ଯିବା । ଗୋଟିଏ କାର୍ଯ୍ୟ ହେବାକୁ ଥିଲେ ବ୍ରହ୍ମଯୋଗ ଦ୍ୱାରା ସେ ସମୟରେ କାର୍ଯ୍ୟଟି ଛାଡିଦେବା ହେଉଛି ସନ୍ନ୍ୟାସ । ଏଠାରେ କାର୍ଯ୍ୟର କାରଣ ଆଶା, କାମ ଇତ୍ୟାଦି ଗୁଣଗୁଡିକୁ ତ୍ୟାଗ କରିବାକୁ ପଡୁଛି । କେବଳ ଏକମାତ୍ର ବ୍ରହ୍ମଯୋଗରେ ଗୁଣଗୁଡିକୁ ନିରୋଧ କରିଦେଇ ପାରିବା ସମ୍ଭବ ହୋଇଥାଏ । କେବଳ ବ୍ରହ୍ମଯୋଗୀ ଘଟିବାକୁ ଥିବା କାର୍ଯ୍ୟଗୁଡିକୁ ବ୍ରହ୍ମଯୋଗରେ ରଦ୍ କରିଥାଏ । କୌଣସି ଗୁଣ କାର୍ଯ୍ୟ ନକରିବା, କୌଣସି ସଙ୍କଳ୍ପ ବୁଦ୍ଧିରେ ନରହିବା, ଚିତ୍ତ କୌଣସି କାର୍ଯ୍ୟରେ ନିର୍ଣ୍ଣୟ ନନେବା, ଇନ୍ଦ୍ରିୟଗୁଡିକ କାର୍ଯ୍ୟକାରୀ ନହେବା କେବଳ ବ୍ରହ୍ମଯୋଗ ସମୟରେ ସମ୍ଭବ ହୋଇଥାଏ । ତେଣୁ ଜଣେ ଗୁଣ ଦ୍ୱାରା ହେଉଥିବା କାର୍ଯ୍ୟକୁ ଛାଡିଦେବା ହେଉଛି ସନ୍ନ୍ୟାସ ।

ତ୍ୟାଗ, ସନ୍ନ୍ୟାସ ଦୁଇଟିର ଅର୍ଥ ଗୋଟିଏ ହେଲେହେଁ କାର୍ଯ୍ୟହେବା ପୂର୍ବରୁ କାର୍ଯ୍ୟକୁ ଛାଡିଦେବା ହେଉଛି ସନ୍ନ୍ୟାସ । କାର୍ଯ୍ୟହେବା ପରେ ସେଥିରୁ ଆସୁଥିବା କର୍ମକୁ ଛାଡିଦେବା ହେଉଛି ତ୍ୟାଗ । ଏହି ଦୁଇଟି ଭିତରେ ମାତ୍ର ଅଳ୍ପ ଭିନ୍ନତା ଦେଖାଯାଏ । ଏହା ନିହାତି ମନେରଖିବା ଉଚିତ୍ । ତ୍ୟାଗର ବିବରଣ ଦେଖିଲେ, ଏକ କାର୍ଯ୍ୟ ସାଧାରଣତଃ ଗୁଣଗୁଡିକ ଦ୍ୱାରା ପ୍ରେରଣ ହୋଇଥିଲେ ମଧ୍ୟ ସେହି କାର୍ଯ୍ୟର ଫଳକୁ ବା ପାପପୁଣ୍ୟ ଗୁଡିକୁ ଆସିବାକୁ ନଦେଇ ଅଟକାଇ ଦେବାକୁ ଆମେ ତ୍ୟାଗ କହୁଛୁ, ଏଭଳି ଯେଉଁମାନେ କରିଥାନ୍ତି ସେମାନଙ୍କୁ କର୍ମଯୋଗୀ କୁହାଯାଏ । ତ୍ୟାଗ କରିବା କେବଳ କର୍ମଯୋଗୀମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ବେଳେବେଳେ କାର୍ଯ୍ୟର ଫଳ

ଛାଡିବାକୁ ସନ୍ନ୍ୟାସ, ବେଳେବେଳେ କାର୍ଯ୍ୟ ଛାଡିବାକୁ ତ୍ୟାଗ ମଧ୍ୟ କହୁଛୁ । ଏକ ସମୟରେ କାର୍ଯ୍ୟର ଫଳକୁ ଛାଡିବା ତ୍ୟାଗ ବୋଲି, ସେହିଭଳି ଏକ ସମୟରେ କାର୍ଯ୍ୟକୁ ଛାଡିଦେବା ସନ୍ନ୍ୟାସ ବୋଲି କହୁଛୁ । ଉଭୟ ଅଳ୍ପ ମାତ୍ର ବ୍ୟବଧାନରେ ଏକ ହେଲେ ମଧ୍ୟ ସେଗୁଡିକରୁ ଗୋଟିଏ ହେଉଛି କର୍ମଯୋଗ, ଦ୍ୱିତୀୟଟି ହେଉଛି ବ୍ରହ୍ମଯୋଗ । ସନ୍ନ୍ୟାସରେ ସଞ୍ଚିତକର୍ମ ଏବଂ ତ୍ୟାଗ ଦ୍ୱାରା ଆଗାମୀକର୍ମ ଦୂର ହୋଇଥାଏ । ସନ୍ନ୍ୟାସ ଦ୍ୱାରା ଥିବା ସଞ୍ଚିତ କର୍ମ ବିନାଶ ହେଉ କିମ୍ବା ତ୍ୟାଗ ଦ୍ୱାରା ଆଗାମୀକର୍ମ ବିନାଶ ହେଉ ଉଭୟ ଦ୍ୱାରା ଫଳ ମିଳିଥାଏ ଗୋଟିଏ । କର୍ମସନ୍ନ୍ୟାସ ଯୋଗରେ ଉଭୟକୁ ସମାନ କୁହାଯାଇଛି । ଏହି ଦୁଇଟି ମାର୍ଗ ମୋକ୍ଷ ଦିଗକୁ ଯିବାପାଇଁ ରହିଛି । ଏଠାରେ କେବଳ ବୁଝିବା ପାଇଁ ଦୁଇଟିର ଭିନ୍ନତା ନିଶ୍ଚୟ ରହିଛି ବୋଲି କହିଛୁ, ଗୀତାର ଅନେକ ସ୍ଥାନରେ ମଧ୍ୟ ତ୍ୟାଗକୁ ସନ୍ନ୍ୟାସ କୁହାଯାଇଛି ।

**(୧୭) ଶ୍ଳୋକ,୩ : ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।**
**ଯଜ୍ଞଦାନତପଃକର୍ମ ନ ତ୍ୟଜ୍ୟମିତି ଚାପରେ ॥**

**(କଳ୍ପିତ)**

**(୧୭)ଶ୍ଳୋକ,୪ : ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ! ।**
**ତ୍ୟାଗୋ ହି ପୁରୁଷବ୍ୟାଘ୍ର ! ତ୍ରିବିଧଃ ସମ୍ପ୍ରକୀର୍ତ୍ତିତଃ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୫ : ଯଜ୍ଞଦାନ ତପଃକର୍ମ ନତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।**
**ଯଜ୍ଞୋ ଦାନଂ ତପଃ ଚୈବ ପାବନାନି ମନୀଷିଣାମ୍ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୬ : ଏତାନ୍ୟପି ତୁ କର୍ମାଣି ସଂଗଂତ୍ୟକ୍ତ୍ୱା ଫଳାନି ଚ ।**
**କର୍ତ୍ତବ୍ୟ ନୀତିମେ ମେ ପାର୍ଥ ! ନିଶ୍ଚିତଂ କତମୁତମମ୍ ॥**

**(କଳ୍ପିତ)**

**ବିବରଣୀ :** ଏହି ଚାରିଗୋଟି ଶ୍ଳୋକର ସାରାଂଶକୁ ଲକ୍ଷ୍ୟକଲେ ଯଜ୍ଞ, ଦାନ,

ତପସ୍ୟା ଇତ୍ୟାଦି କାର୍ଯ୍ୟଗୁଡିକ ଭଲକାର୍ଯ୍ୟ ବା ପାବନ (ଉଦ୍ଧାର ପାଇବା) କାର୍ଯ୍ୟ, ଏହାକୁ ଛାଡିବା ଅନୁଚିତ୍, ଏହା ଦ୍ୱାରା କର୍ମ ବନ୍ଧନ ଆସିନଥାଏ, ଏହି କାର୍ଯ୍ୟଗୁଡିକ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟରେ କର୍ମ ଆସିଥାଏ ବୋଲି କେତେକ କହିଛନ୍ତି, କିନ୍ତୁ ସ୍ୱତନ୍ତ୍ର ଭାବରେ ଷଷ୍ଠଶ୍ଳୋକରେ ତପ, ଦାନ, ଯଜ୍ଞ ହେଉଛି କରଣୀୟ କାର୍ଯ୍ୟ, ଏହାକୁ କୌଣସି କାମନା ନରଖି କରିବା ଉଚିତ୍ କହି, ସେଗୁଡିକର ବ୍ୟାଖ୍ୟା ସମସ୍ତଙ୍କୁ ଭଲଲାଗିବା ଭଳି କହିଥିଲେ ମଧ୍ୟ, ଲେଖିଥିଲେ ମଧ୍ୟ ସେଥିରେ ପ୍ରକୃତ ସତ୍ୟକୁ ଘୋଡାଇ ଦିଆଯାଇଛି । ଏହି ଶ୍ଳୋକ ଦ୍ୱାରା ଅନେକ ଜୀଜ୍ଞାସୁ ଭୁଲ୍ ମାର୍ଗରେ ଗତି କରିବା ଦୁର୍ଯୋଗ ରହିଛି । ଭଗବାନ କହିଥିବା ଭାବର ସମ୍ପୂର୍ଣ୍ଣ ବିରୁଦ୍ଧ ଭାବ ଏଠାରେ ପ୍ରଦର୍ଶିତ କରାଯାଇଛି । ତାହା ହେଉଛି ! ମାନବ ନିତ୍ୟ ଭାବରେ ବିଭିନ୍ନ ପ୍ରକାରର କାର୍ଯ୍ୟ କରିଥାଏ ଏବଂ ପ୍ରତ୍ୟେକ କାର୍ଯ୍ୟରେ କର୍ମ ରହିଥାଏ, ଏହା ସତ୍ୟ । ପ୍ରତ୍ୟେକ କାର୍ଯ୍ୟରେ କର୍ମ ରହିଥାଏ ସୂତ୍ର ଅନୁସାରେ ଯଜ୍ଞ, ଦାନ, ତପରେ ମଧ୍ୟ କର୍ମ ରହିଥାଏ । ପ୍ରତ୍ୟେକ କାର୍ଯ୍ୟରୁ କର୍ମ ଆସୁଥିବା ବେଳେ ଯଜ୍ଞ, ଦାନ, ତପ ଦ୍ୱାରା ମାନବ କିପରି ଉଦ୍ଧାର ପାଏ ? ତାଛଡା ଯଜ୍ଞ, ଦାନ, ତପଗୁଡିକ କିପରି କାମନା ରହିତ ହୋଇ କରିବା ଉଚିତ୍ ବୋଲି ଜଣାଇ, ଏହାକୁ କର୍ତ୍ତବ୍ୟକାର୍ଯ୍ୟ ବୋଲି କହି, ଅନ୍ୟ କାର୍ଯ୍ୟଗୁଡିକ ବାବଦରେ ନକହିବା ଦ୍ୱାରା, ଅନେକ ଲୋକ ଏହି ତିନିଗୋଟି କାର୍ଯ୍ୟରେ କର୍ମ ବନ୍ଧନ ନଥାଏ, ଅନ୍ୟ କାର୍ଯ୍ୟଗୁିକରେ କର୍ମ ବନ୍ଧନ ଥାଏ ଭାବିବା ଦୁର୍ଯୋଗ ମଧ୍ୟ ରହିଛି । ମାନବ କରୁଥିବା ସମସ୍ତ କାର୍ଯ୍ୟ ବାବଦରେ ନକହି କେବଳ ଏହି ଯଜ୍ଞ, ତପ, ଦାନ ବାବଦରେ କହିବା ଦ୍ୱାରା ଭଗବାନ କହିଥିବା ଏବଂ କରି ଦେଖାଇଥିବା କର୍ମଯୋଗ କଳୁଷିତ ହୋଇଯାଇଛି । ଭଗବାନ ଗୋଟିଏ ସ୍ଥାନରେ କହିଥିବା ସୂତ୍ରବଦ୍ଧ ପ୍ରଣାଳୀର ବିପରୀତ ପ୍ରଣାଳୀକୁ ମାନବ ମଝିରେ କଳ୍ପନା କରି ଲେଖିଛି । ମାନବର ବୁଦ୍ଧିରେ କାର୍ଯ୍ୟଗୁଡିକର ଭିନ୍ନତା ରହିଛି ତେଣୁ ଯଜ୍ଞ, ଦାନ, ତପକୁ ପବିତ୍ର କାର୍ଯ୍ୟ ବୋଲି କହିଛନ୍ତି, ଲେଖିଛନ୍ତି ଏବଂ ବୁଝାଇଛନ୍ତି । ଭଗବାନ ଅନେକ ସ୍ଥାନରେ ସମସ୍ତ କାର୍ଯ୍ୟରେ କର୍ମ ରହିଛି ବୋଲି କହି ତାର ବନ୍ଧନରେ ନପଡିବାର ପ୍ରଣାଳୀ ମଧ୍ୟ କହିଛନ୍ତି । ତେଣୁ ସ୍ୱତନ୍ତ୍ର

ଭାବରେ ଅନ୍ୟମାନେ ବୁଝାଇଥିବା ଏହି କଳ୍ପିତ ଶ୍ଳୋକଗୁଡିକର ଅସଲ ରୂପକୁ ବହିର୍ଗତ କରାଇ, ଆପଣମାନଙ୍କ ବୁଦ୍ଧିରେ ସେଗୁଡିକ ବିଚାରଣୀୟ କହି, ଲେଖି ସେଗୁଡିକୁ ବହିର୍ଗତ କରିବାକୁ ପଡୁଛି ।

**(୧୭)ଶ୍ଳୋକ,୭ : ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ ।**
**ମୋହୋତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥**

**(କଳ୍ପିତ)**

**(୧୭)ଶ୍ଳୋକ,୮ : ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଲେଶଭୟାତ୍ ତ୍ୟଜତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥**

**(କଳ୍ପିତ)**

**ଭାବାର୍ଥ :** ନିୟତ କାର୍ଯ୍ୟକୁ ଛାଡିପାରିବା ନାହିଁ, କାର୍ଯ୍ୟଗୁଡିକୁ ଅଜ୍ଞାନ ଦ୍ୱାରା ତ୍ୟାଗ କରିବାକୁ ତାମସତ୍ୟାଗ କହନ୍ତି । ସେହିଭଳି କଷ୍ଟ କିମ୍ବା ଦୁଃଖଦାୟକ ବୋଲି କାର୍ଯ୍ୟକୁ ଛାଡିଦେବା ରାଜସତ୍ୟାଗ ହୋଇଥାଏ ।

**ବିବରଣୀ :** ଏଠାରେ ଏହି ଦୁଇଟି ଶ୍ଳୋକର ଭାବାର୍ଥ ମଧ୍ୟ ଭଗବାନଙ୍କ ପ୍ରକୃତ ଭାବର ବିରୁଦ୍ଧ ହୋଇ ରହିଛି । କର୍ମାନୁସାରେ ନିର୍ଣ୍ଣୀତ କାର୍ଯ୍ୟଗୁଡିକୁ କେହି ମଧ୍ୟ ନକରି ରହିପାରି ନଥାଏ, ଏହା ଭଲଭାବରେ ଗତ ଅଧ୍ୟାୟରେ ଜାଣିଥିଲେ । କେହି ଜଣେ ଯଦି ବଳପୂର୍ବକ କହେ ଯେ, ମୁଁ କାର୍ଯ୍ୟ କରିବି ନାହିଁ; ତଥାପି ତା ଦ୍ୱାରା ସେହି କାର୍ଯ୍ୟ ତାର ଅଜାଣତରେ କିମ୍ବା ବଳ ପୂର୍ବକ ହୋଇଯାଇଥାଏ ବୋଲି ଭଗବାନ ବୁଝାଇଛନ୍ତି । କାହାର ଇଚ୍ଛା ଉପରେ ସମ୍ବନ୍ଧ ନଥିବା କର୍ମର ନିର୍ଣ୍ଣୟ ମୁଁ କରିଥାଏ, ତେଣୁ ତାହା ନକରି କିଏ ଖସିଯାଇ ପାରିବ ? ନିଶ୍ଚୟ କରିବାକୁ ହେବ ବୋଲି କହିଥିବା ପରମାତ୍ମା ଏଠାର ସେଭଳି ନକହି, ଏହି କାର୍ଯ୍ୟଗୁଡିକୁ ଛାଡି ଦିଆଯାଇ ପାରେ ଏବଂ ଏହାକୁ ତାମସତ୍ୟାଗ କିମ୍ବା ରାଜସତ୍ୟାଗ କୁହାଯାଏ ବୋଲି କିପରି କହିବେ ? ଟିକିଏ ଚିନ୍ତା କରନ୍ତୁ ତ ! କର୍ମର ନିର୍ଣ୍ଣୟରୁ କେହି ମଧ୍ୟ ଖସି ଯାଇପାରେ ନାହିଁ । ଏମିତି ଯାହା ଇଚ୍ଛା ତାହା କରି, ଯାହା ଇଚ୍ଛା ନୁହେଁ ତାହା ଯଦି ଛାଡିଦେବା ତେବେ କର୍ମର ପ୍ରାଧାନ୍ୟତା

ବା କଣ ରହିଯିବ ? କର୍ମର ନିର୍ଣ୍ଣୟକୁ କିଏବା ଟାଳିପାରେ ? ତୁ ଯୁଦ୍ଧ କରିବି ନାହିଁ ବୋଲି ଜିଦ୍ ଧରିଲେ ମଧ୍ୟ ବିଧି (କର୍ମ) ଜବରଦସ୍ତ ତୋତେ ପ୍ରେରିତ କରି ତୋ ଦ୍ୱାରା ଯୁଦ୍ଧ କରାଇ ରହିବ । ସେତେବେଳେ ଭଗବାନ କହିଥିବା ଏହି ନିୟମ କଣ ହେବ ? ଟିକିଏ ବିଚାର କରନ୍ତୁ ! ତେଣୁ ଭଗବାନ କହିଥିବା କର୍ମସୂତ୍ରରେ କଳଙ୍କ ଲାଗିଛି ବୋଲି ଏହି ଦୁଇଟି ଶ୍ଳୋକରୁ ସନ୍ଦେହ ନକରି ରହିପାରିବା ନାହିଁ । ତାଛଡା ନବମ ଶ୍ଳୋକରେ ନିୟତ କର୍ମ ଅନୁସାରେ ଅହଙ୍କାର ନରଖି, ଫଳ ଉପରେ ଆଶା ନରଖି, କାର୍ଯ୍ୟର ଆଚରଣ କରିବାକୁ ସାତ୍ତ୍ୱିକତ୍ୟାଗ କୁହାଯାଇଛି । ସପ୍ତମ, ଅଷ୍ଟମ ଶ୍ଳୋକରେ ଯାହା ଆଚରଣ ହେବ ନାହିଁ ତାହା ତ୍ୟାଗ କିପରି ହେବ ? ନବମ ଶ୍ଳୋକରେ ଯାହା ଆଚରଣ ହେବ ତାହା ତ୍ୟାଗ କିପରି ହେଲା ? ଏଠାରେ ୭ମ, ୮ମ ଶ୍ଳୋକର ସମ୍ପୂର୍ଣ୍ଣ ଓଲଟା ଭାବ ନବମ ଶ୍ଳୋକର ବର୍ଣ୍ଣନାକୁ ଆପଣମାନେ ଲକ୍ଷ୍ୟ କରିପାରିବେ । ଯେଉଁମାନଙ୍କୁ ସଂସ୍କୃତ ଭାଷା ଭଲଭାବରେ ଜଣାଥିଲା ସେମାନେ ସେମାନଙ୍କର ଇଚ୍ଛା ଅନୁସାରେ କେତେକ ଅଶାସ୍ତ୍ରୀୟ ଶ୍ଳୋକ ରଚନା କରି ଭଗବଦ୍ଗୀତାରେ ପ୍ରବେଶ କରାଇ ଭଗବାନଙ୍କ ଭାବର ଓଲଟା ଭାବ ପ୍ରଚାର କରିଛନ୍ତି । ଯେଉଁମାନେ ସବୁଦିନ ଗୀତାପାଠ କରୁଛନ୍ତି ସେମାନେ ମଧ୍ୟ ଏହି ଭୁଲ୍‌କୁ ଧରି ନପାରିବା ବିଚିତ୍ର ଲାଗୁଛି । ଭଗବାନଙ୍କର ବିରୁଦ୍ଧ ଭାବକୁ ଗୀତାରେ ପ୍ରବେଶ କରାଇବା ଦ୍ୱାରା ଭୟଙ୍କର ପାପ ହୋଇଥାଏ । ଉପରୋକ୍ତ ଛଅଗୋଟି ଶ୍ଳୋକ କ୍ରମାନ୍ୱୟରେ ଅଶାସ୍ତ୍ରୀୟ, କଳ୍ପିତ । ଦ୍ୱିତୀୟ ଶ୍ଳୋକ ପରେ ନବମ ଶ୍ଳୋକରୁ ଗୀତା ପୁନଃ ଆରମ୍ଭ ହୋଇଛି,ଏବେ ନବମ ଶ୍ଳୋକକୁ ଲକ୍ଷ୍ୟ କରିବା ।

**(୧୭) ଶ୍ଳୋକ,୯ : କାର୍ଯ୍ୟମିତ୍ୟେବ ଯତ୍କର୍ମ ନିୟତଂ କ୍ରିୟତେର୍ଜୁନ ! ।**
**ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥**

**(ସାତ୍ତ୍ୱିକ)**

**ଭାବାର୍ଥ :** କର୍ମ ହେଉଛି ନିୟତକାର୍ଯ୍ୟ, କାର୍ଯ୍ୟ କରିବାରେ ସଙ୍ଗହୀନ ହୋଇ ଫଳ ଉପରେ ଧ୍ୟାନ ନରଖି କରିବାକୁ ସାତ୍ତ୍ୱିକତ୍ୟାଗ କହନ୍ତି ।

**ବିବରଣୀ :** ଏହା ଭଗବାନ କହିଛନ୍ତି । ଏଥିରେ ଅଣୁମାତ୍ରେ ସନ୍ଦେହ ନାହିଁ । ଆମେ ସବୁଦିନ କରିଥିବା କାର୍ଯ୍ୟ ଆଗରୁ ନିର୍ଣ୍ଣୟ ହୋଇଯାଇଛି । ଗତଜନ୍ମର ସଞ୍ଚିତ ନାମକ କର୍ମରୁ, ଚଳିତ ଜନ୍ମପାଇଁ କିଛି କର୍ମ ଜନ୍ମହେବା ବେଳେ ସ୍ଥିର ହୋଇଯାଇଛି, ତାହା ହିଁ ପ୍ରାରବ୍ଧକର୍ମ । ପ୍ରାରବ୍ଧକର୍ମ ନିଶ୍ଚୟ ଭୋଗିବାକୁ ହେବ । ସେ କେହିବି ହେଉ ତାହା ନିଶ୍ଚୟ ଅନୁଭବ କରିବ । ଆମ ମୁଣ୍ଡରେ କେତେଗୋଟି କେଶ ରହିବ ତାହା ମଧ୍ୟ ନିର୍ଣ୍ଣୟ ହେବାଠାରୁ ଆରମ୍ଭ କରି କେତେବେଳେ କଣ କରାଯିବ ତାହା ଗୋଟିଏ ଜନ୍ମପାଇଁ ସମ୍ପୂର୍ଣ୍ଣ ନିର୍ଣ୍ଣୀତ ହୋଇ ରହିଛି । ଏଭଳି ନିର୍ଣ୍ଣୀତ କର୍ମକୁ ନିୟତକର୍ମ କୁହାଯାଏ । ନିୟତକର୍ମ ଅନୁସାରେ କୌଣସି କାର୍ଯ୍ୟ ନିଶ୍ଚୟ ହେବ ହିଁ ହେବ ବୋଲି ଜାଣି ଜୀବନରେ ନିଜ ଦ୍ୱାରା ହେବାକୁ ଥିବା କାର୍ଯ୍ୟଗୁଡିକରୁ ଅହଙ୍କାରକୁ ତ୍ୟାଗ କରି, ଏହି କାର୍ଯ୍ୟରୁ ପାପ ପୁଣ୍ୟ ଆସୁଛି ବୋଲି ଧ୍ୟାନ ନଦେଇ, ନିଜେ କରୁଥିବା କାର୍ଯ୍ୟକୁ ପଦ୍ଧତିବଦ୍ଧ ଭାବରେ କରିବାକୁ ହେବ, ତେଣୁ ନିମିତ୍ତମାତ୍ର ଭାବରେ ଯିଏ କାର୍ଯ୍ୟ କରୁଥାଏ ତାର ସେହି ତ୍ୟାଗକୁ ସାତ୍ତ୍ୱିକତ୍ୟାଗ କୁହାଯାଏ । ଏଥିରେ ସେ ତ୍ୟାଗ କଲା କଅଣ ? ବୋଲି ଯଦି ପ୍ରଶ୍ନ କରିବା ତେବେ, ତାର ସମାଧାନରେ କହିପାରିବା ଯେ ! କର୍ମ ଅନୁସାରେ ହେଉଥିବା କାର୍ଯ୍ୟରୁ ଆଖିକୁ ଦେଖାଯାଉ ନଥିବା ଯେଉଁ କର୍ମ ଜନ୍ମ ହୋଇଥାଏ, ସେହି ନୂତନ କର୍ମକୁ ଆଗାମୀକର୍ମ କୁହାଯାଏ, ଏହି ଆଗାମୀକର୍ମକୁ ହିଁ ତ୍ୟାଗ କରିବାକୁ ହୋଇଥାଏ । ଆଗାମୀ କର୍ମକୁ ଯିଏ ନିଜଠାରେ ଆସିବାକୁ ଦିଏ ନାହିଁ ବା ଛାଡିଦିଏ ସେ ତ୍ୟାଗୀ । ନୂତନ ଆଗାମୀକର୍ମର ବନ୍ଧନରେ ନପଡିବା ପାଇଁ ଭଗବାନ କର୍ମଯୋଗ ପଦ୍ଧତି ଜଣାଇଛନ୍ତି । ସେହି ଅନୁସାରେ ଆଗତ କର୍ମକୁ ଧ୍ୟାନ ନଦେଇ ଅହଙ୍କାର ନରଖି କରିବାକୁ ଥିବା କାର୍ଯ୍ୟ କରିଯିବା ଦ୍ୱାରା ସେ ନୂତନ କର୍ମର ତ୍ୟାଗୀ ହୋଇଥାଏ । ତେଣୁ ତାକୁ ତ୍ୟାଗୀ କହିପାରିବା, ତାହା ହିଁ ତାର ତ୍ୟାଗ ।

**(୧୭) ଶ୍ଳୋକ,୧୦ : ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ ।**
**ତ୍ୟାଗୀ ସତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥**
**(କର୍ମଯୋଗ)**

**ଭାବାର୍ଥ :** ସତ୍ତ୍ୱଗୁଣର ତ୍ୟାଗୀ ମେଧାବୀ ହୋଇ, ସଂଶୟଗୁଡ଼ିକୁ ଛେଦନ କରି, ଜ୍ଞାନୀହୋଇ, କାର୍ଯ୍ୟରୁ ଜାତ ହେଉଥିବା କର୍ମ ବିନାଶକାରୀ ଅଗ୍ନିଯୁକ୍ତ ହୋଇଥାଏ, ସେ ତାକୁ ସୁଖ ପ୍ରଦାନ କରୁଥିବା କାର୍ଯ୍ୟଗୁଡ଼ିକରେ ଆଶକ୍ତି ରଖେ ନାହିଁ, କଷ୍ଟଦାୟକ କାର୍ଯ୍ୟରେ ମଧ୍ୟ ଅନିଚ୍ଛା ପ୍ରକାଶ କରେ ନାହିଁ ।

**ବିବରଣୀ :** ଯାହାକୁ ଜ୍ଞାନ ଜଣାଥାଏ ସେ ନିର୍ଣ୍ଣୀତ କର୍ମ ଅନୁସାରେ ନିଜର ଶରୀର ଦ୍ୱାରା ଖରାପ,କଷ୍ଟଦାୟକ, ସୁଖଦାୟକ, ପାପପୁଣ୍ୟ ଆଣି ଦେଉଥିବା କାର୍ଯ୍ୟଗୁଡ଼ିଏ ହୋଇଥାଏ ବୋଲି ଜାଣିଥାଏ । ଆମ ଇଚ୍ଛା ଅନୁସାରେ ସମ୍ବନ୍ଧ ନଥାଇ କେବଳ ପ୍ରାରବ୍ଧ କର୍ମର ଇଚ୍ଛା ଅନୁସାରେ ହୁଏ ବୋଲି ଜାଣି ଭଲ କାର୍ଯ୍ୟଗୁଡ଼ିକରେ ଆଶକ୍ତ ହୋଇନଥାଏ କି ଖରାପ କାର୍ଯ୍ୟରେ ଅନାଶକ୍ତ ହୋଇନଥାଏ । ଅଶୁଭ କାର୍ଯ୍ୟକୁ ସେ ନିନ୍ଦା କରିନଥାଏ କି ଶୁଭ କାର୍ଯ୍ୟରେ ଲାଳାୟିତ ହୋଇନଥାଏ । କାର୍ଯ୍ୟଗୁଡ଼ିକ ଦ୍ୱାରା ମିଳୁଥିବା ପାପ ପୁଣ୍ୟର କର୍ମକୁ ଜଳାଇଦେବା ଭଳି ଜ୍ଞାନାଗ୍ନି ସଞ୍ଚୟ କରି ସେ ଉନ୍ନତ ଜ୍ଞାନୀ ଭାବରେ, ଯୋଗୀ ଭାବରେ ପରିଣତ ହୋଇଥାଏ ।

**(୧୭) ଶ୍ଳୋକ,୧୧ : ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।**
**ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ।।**
**(କର୍ମଯୋଗ)**

**ଭାବାର୍ଥ :** ଦେହଧାରୀ ସମ୍ପୂର୍ଣ୍ଣ ଭାବେ କର୍ମକୁ ଛାଡ଼ିଦେବା ଅସମ୍ଭବ । ଯିଏ କର୍ମଫଳକୁ ତ୍ୟାଗକରେ ସେ ପ୍ରକୃତ ତ୍ୟାଗୀ ।

**ବିବରଣୀ :** ଶରୀର ଧାରଣ କରିଥିବା କୌଣସି ଜୀବ ତାର ଜୀବନକାଳ ପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇଥିବା କର୍ମ ଅନୁସାରେ କାର୍ଯ୍ୟଗୁଡ଼ିକୁ ଛାଡ଼ିପାରିବା ଅସମ୍ଭବ । ଯାହା ନିର୍ଣ୍ଣୀତ ହୋଇଛି ତାହା ସେ ନିଶ୍ଚିତ କରିବ । ତାହା କରିବା ଉଚିତ୍ ନୁହେଁ ବୋଲି ଯିଏ କହିଥାଏ, କରିବି ନାହିଁ ବୋଲି ଯିଏ କହିଥାଏ ତାକୁ କର୍ମଶାସନ ଜଣା ନାହିଁ ବୋଲି କହିପାରିବା । ନିୟତ କର୍ମକୁ କେହି କାଟିପାରିବେ ନାହିଁ । ନିୟତ କର୍ମ ଭଲକାର୍ଯ୍ୟ ହେଉ ବା ଖରାପକାର୍ଯ୍ୟ ହେଉ

ତାହା କରିବାକୁ ପଡିବ । ଭଲ  କାର୍ଯ୍ୟକୁ କରି ଖରାପ  କାର୍ଯ୍ୟକୁ ଛାଡିପାରିବା ଅସମ୍ଭବ । ସେମିତି ଖରାପକାର୍ଯ୍ୟ କରିବି ଭଲକାର୍ଯ୍ୟ କରିବି ନାହିଁ କହିଲେ, ତାହା ମଧ୍ୟ ଅସମ୍ଭବ । ଆଚରଣ ହେବାପାଇଁ ଯେଉଁ କାର୍ଯ୍ୟ ଆସି ପହଞ୍ଚିବ ଜୀବ ତାହା କରିବାକୁ ବାଧ୍ୟ ହେବ । କର୍ମ ଦ୍ୱାରା କଣ୍ଢେଇ ଭଳି ନାଚୁଥିବା ଜୀବ ସବୁ କାର୍ଯ୍ୟ କରିବାକୁ ବାଧ୍ୟ ।

ଯିଏ ଜ୍ଞାନୀ, ସେ କର୍ମଦ୍ୱାରା ହେବାକୁ ଥିବା କାର୍ଯ୍ୟ ନକରି ରହିହୁଏ ନାହିଁ ବୋଲି ଜାଣି, କରୁଥିବା କାର୍ଯ୍ୟରୁ କିଭଳି ଆଗାମୀକର୍ମ ନଆସିବ ତାହା ସେ କର୍ମଯୋଗ ପଦ୍ଧତିରେ ଆଚରଣ କରିଥାଏ । ସେତେବେଳେ ତାକୁ ତ୍ୟାଗୀ କହିପାରିବା । ପୁରୁଣା କର୍ମକୁ ଆଚରଣ କରୁ କରୁ ନୂତନ କର୍ମର ବନ୍ଧନରେ ନପଡିବା ପାଇଁ ଯେଉଁମାନେ ସତର୍କ ରହିଥାନ୍ତି ସେମାନଙ୍କୁ କର୍ମଯୋଗୀ ବା କର୍ମତ୍ୟାଗୀ କହିପାରିବା ।

**(୧୭) ଶ୍ଲୋକ,୧୨ : ଅନିଷ୍ଟମିଷ୍ଟଂମିଶ୍ରଂ ଚ  ତ୍ରିବିଧଂ କର୍ମଣଃ ଫଳମ୍ ।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସନ୍ନ୍ୟାସିନାଂ କ୍ୱଚିତ୍ ॥**
**(କର୍ମଯୋଗ)**

**ଭାବାର୍ଥ :** ଅନିଷ୍ଟ, ଇଷ୍ଟ, ମିଶ୍ର ନାମକ ତିନି ପ୍ରକାରର କର୍ମ ତ୍ୟାଗୀ ହୋଇନଥିବା ଲୋକମାନଙ୍କୁ ମିଳିଥାଏ, ତ୍ୟାଗୀର କୌଣସି କର୍ମ ନଥାଏ ।

**ବିବରଣୀ :** ପ୍ରପଞ୍ଚରେ ସବୁଦିନ ସମସ୍ତେ ଯେଉଁ କାର୍ଯ୍ୟସବୁ କରିଥାନ୍ତି ସେମାନଙ୍କ କାର୍ଯ୍ୟ ଅନୁସାରେ ସେମାନେ ସୁକର୍ମ, ଦୁଷ୍କର୍ମ, ଏବଂ ମିଶ୍ରକର୍ମ ନାମକ ତିନି ପ୍ରକାରର କର୍ମ କରିଥାନ୍ତି । ମରଣ ପରେ ଅନ୍ୟ ଜନ୍ମରେ ସେହି ତିନି ପ୍ରକାର କର୍ମର ଫଳସ୍ୱରୂପ ଦୁଃଖସୁଖଗୁଡିକ ଜୀବକୁ ଅନୁଭବ କରିବାକୁ ପଡେ । ଏହା ସାଧାରଣ ମାନବଠାରେ ଘଟୁଥାଏ, କିନ୍ତୁ ଯୋଗୀମାନଙ୍କର ଏହି ତ୍ରିବିଧକର୍ମ ନଥାଏ, ତେଣୁ କାର୍ଯ୍ୟ ନଥାଏ । କାରଣ ! ଯିଏ କର୍ମଯୋଗୀ ସେ ଆଗରୁ କାର୍ଯ୍ୟ କରିବା ବେଳେ ହିଁ ସତର୍କ ରହି କାର୍ଯ୍ୟର କର୍ମବନ୍ଧନରେ ପଡେ ନାହିଁ, ତେଣୁ ତାର କର୍ମ ନଥାଏ ।

**(୧୭) ଶ୍ଲୋକ,୧୩ : ପଂଚୈତାନି ମହାବାହୋ ! କାରଣାନି ନିବୋଧ ମେ ।**
**ସାଂଖ୍ୟ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ॥**
**(ପ୍ରକୃତି)**

**ଭାବାର୍ଥ :** ସମସ୍ତ କର୍ମ ଆଚରଣ କରିବା ପାଇଁ ସାଂଖ୍ୟସୂତ୍ର ଅନୁସାରେ ପାଞ୍ଚଗୋଟି କାରଣ ରହିଛି ବୋଲି କୁହାଯାଉଛି, ତାର ବିବରଣ କହୁଛି ଜାଣ୍ ।

**ବିବରଣୀ :** ପ୍ରାରବ୍ଧକର୍ମରେ ଥିବା ସମସ୍ତ କର୍ମ କାର୍ଯ୍ୟରୂପ ହୋଇ ଘଟିବା ପାଇଁ ମୁଖ୍ୟତଃ ଶରୀରରେ ପାଞ୍ଚଗୋଟି ଭାଗ କାରଣ ହୋଇ ରହିଛି, ଶରୀର ଯନ୍ତ୍ରାଙ୍ଗକୁ ଯେଉଁମାନେ ଭଲ ଭାବରେ ଜାଣନ୍ତି, ସେଇମାନେ ହିଁ ଏକଥା କହିଥାନ୍ତି ।

**(୧୭) ଶ୍ଲୋକ,୧୪ : ଅଧିଷ୍ଠାନଂ ତଥାକର୍ତ୍ତା କରଣଂ ଚ ପୃଥକ୍ୱିଧମ୍ ।**
**ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥**
**(ପ୍ରକୃତି)**

**ଭାବାର୍ଥ :** ଯେଉଁଗୁଡିକ ଶରୀରକୁ ଅଧିଷ୍ଠାନ କରି ରହିଛନ୍ତି ସେଗୁଡିକ ମଧ୍ୟରେ ବାହ୍ୟ କାରଣଗୁଡିଏ, ନାନା କାର୍ଯ୍ୟ କରୁଥିବା ଅନ୍ତଃକରଣଗୁଡିଏ ଏବଂ ତାଭିତରେ ଥିବା ଦୈବଙ୍କୁ ଏକ ଭାବରେ ମିଶାଇ ମୋଟ ପାଞ୍ଚଜଣ କର୍ତ୍ତା ରହିଥାନ୍ତି ।

**ବିବରଣୀ :** ଶରୀରବେଦିକା ଉପରେ ପ୍ରାରବ୍ଧକର୍ମ ଅମଳ ହୋଇ କାର୍ଯ୍ୟଗୁଡିଏ ହେବାର କାରଣ ଶରୀରରେ ଥିବା ପାଞ୍ଚଗୋଟି ଭାଗ ବୋଲି ଆଗରୁ ଜଣାଇଛନ୍ତି,ତାଛଡା କର୍ମ କାର୍ଯ୍ୟ ନେପଥ୍ୟର ବେଦି ହେଉଛି ଶରୀର । ଶରୀରରେ କାର୍ଯ୍ୟଟିଏ ହେବା ପାଇଁ କାରଣ ହୋଇ ରହିଥିବା ଭାଗଗୁଡିକ ହେଉଛନ୍ତି ୧) ମନ ୩) ବୁଦ୍ଧି ୩) ଚିତ୍ତ ୪) ଶରୀରର ବାହ୍ୟେନ୍ଦ୍ରିୟ । ଶରୀରରେ କାର୍ଯ୍ୟ ହେବାପାଇଁ ଏହି ଚାରିଗୋଟି ଇନ୍ଦ୍ରିୟ, ଅନ୍ତଃକରଣ ବ୍ୟତୀତ ଆଉ ଗୋଟିଏ ପାତ୍ର ରହିଛି, ତାହା ହେଉଛି ଆତ୍ମା ଅର୍ଥାତ୍ ମନ, ବୁଦ୍ଧି, ଚିତ୍ତ, ବାହ୍ୟେନ୍ଦ୍ରିୟ ଏବଂ ଆତ୍ମା । ଆତ୍ମା ସମସ୍ତଙ୍କୁ ଶକ୍ତିଦେଇ କାର୍ଯ୍ୟ କରାଉଛି । ବିବିଧ କାର୍ଯ୍ୟ କରାଯାଉଥିବା କରେଣ୍ଟ୍ ଯେଉଁଭଳି ଉପଯୋଗ ହେଉଛି ସେହିଭଳି

ଆତ୍ମା ତାର ଚୈତନ୍ୟ ଦ୍ୱାରା ଶରୀରର ବାହ୍ୟ ଏବଂ ଭିତରର ଭାଗଗୁଡିକୁ କାର୍ଯ୍ୟ କରାଉଛି । ଏହିପରି ଆତ୍ମାକୁମିଶାଇ ଶରୀରର ପାଞ୍ଚଗୋଟି ଭାଗ ପ୍ରାରବ୍ଧ କର୍ମ ଅନୁଭବ କରାଇବାରେ କର୍ତ୍ତାପଣ ନେଇ ରହିଛନ୍ତି । ଏଠାରେ ମୁଖ୍ୟତଃ ମନେରଖିବା ଉଚିତ୍ ଯେ, ଶରୀରରେ ଜୀବର କାର୍ଯ୍ୟ କରିବା ଭୂମିକା ନାହିଁ । ଜୀବ ଶରୀରରେ କେବଳ ଦୁଃଖ ସୁଖକୁ ଅନୁଭବ କରିବା ପାଇଁ ରହିଛି, କାର୍ଯ୍ୟ ସହିତ ଜୀବର କୌଣସି ସମ୍ବନ୍ଧ ନାହିଁ ।

**(୧୭)ଶ୍ଳୋକ,୧୫ : ଶରୀରବାଙ୍ମନୋଭିର୍ଯ୍ୟତ୍ କର୍ମ ପ୍ରାରଭତେ ନରଃ ।**
**ନ୍ୟାଯ୍ୟଂ ବା ବିପରୀତଂ ବା ପଂଚୈତେ ତସ୍ୟ ହେତବଃ ॥**

**(ପ୍ରକୃତି)**

**ଭାବାର୍ଥ :** ମାନବ ମନୋବାକ୍ୟ ଦ୍ୱାରା ଆରମ୍ଭ କରିଥିବା କାର୍ଯ୍ୟଗୁଡିକ ନ୍ୟାୟ, ଅନ୍ୟାୟର ହେଲେ ମଧ୍ୟ ଉପରେ କୁହାଯାଇଥିବା ପାଞ୍ଚଗୋଟି ଭାଗ ହିଁ ତାର କାରଣ ବୋଲି କହିପାରିବା ।

**ବିବରଣୀ :** ମାନବ କରୁଥିବା ପ୍ରତ୍ୟେକ କାର୍ଯ୍ୟପାଇଁ ଦଶଗୋଟି ବାହ୍ୟେନ୍ଦ୍ରିୟ ବା କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟଗୁଡିକ ବ୍ୟତୀତ ଅନ୍ୟଏକ ଦଳ ଭାବରେ ଥିବା ଅନ୍ତଃକରଣ ଯଥା ମନ, ବୁଦ୍ଧି, ଚିତ୍ତ, ଅହଂ ଏବଂ ତଥା ଆତ୍ମାକୁ ନେଇ ମୋଟ ପାଞ୍ଚଗୋଟି କର୍ତ୍ତା ରହିଛନ୍ତି । ମାନବ କରୁଥିବା ଭଲକାର୍ଯ୍ୟ ହେଉ, ଖରାପକାର୍ଯ୍ୟ ହେଉ, ନ୍ୟାୟ ବା ଅନ୍ୟାୟହେଉ କର୍ମାନୁସାରେ ଥିବା କୌଣସି କାର୍ଯ୍ୟହେଉ ଏହି ପଞ୍ଚକର୍ତ୍ତାଙ୍କ ଦ୍ୱାରା ହୋଇଥାଏ । ଜୀବ କେବେହେଲେ କୌଣସି କାର୍ଯ୍ୟର କର୍ତ୍ତା ନୁହେଁ, ସେ କେବଳ ସୁଖ ଦୁଃଖକୁ ଅନୁଭବ କରୁଥିବା ଉପଭୋକ୍ତା ।

**(୧୭)ଶ୍ଳୋକ,୧୬ : ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ ।**
**ପଶ୍ୟତାକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥**

**(ଜୀବାତ୍ମା)**

**ଭାବାର୍ଥ :** କର୍ମ କାର୍ଯ୍ୟ ବିଷୟରେ ପାଞ୍ଚଗୋଟି କର୍ତ୍ତା ଥିବାବେଳେ, ସବୁ

କାର୍ଯ୍ୟର କର୍ତ୍ତା ଜୀବାତ୍ମା ବୋଲି ଅଜ୍ଞାନୀମାନେ ଭାବିଥାନ୍ତି, ତେଣୁ ବୁଦ୍ଧିହୀନ ହୋଇ ନିଜର ସ୍ଥିତିକୁ ଜାଣିପାରନ୍ତି ନାହିଁ ।

**ବିବରଣୀ :** ଜଗତରେ କର୍ମ ଅନୁସାରେ ସମସ୍ତ କାର୍ଯ୍ୟଗୁଡିକୁ କରାଇଥାନ୍ତି ବାହାରେ ଥିବା ଗୋଟିଏ ଦଳର ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ ଏବଂ ସେଗୁଡିକୁ ଶକ୍ତି ଦେଉଥିବା ଆତ୍ମା, କିନ୍ତୁ ଅଜ୍ଞାନୀ ଜୀବ ସବୁକାର୍ଯ୍ୟର କର୍ତ୍ତା ମୁଁ ବୋଲି ଭାବିଥାଏ । ଦେଖିବା ଲୋକ କରୁଛି କହିବା ଭୁଲ୍ ! ଘଟୁଥିବା ଘଟଣାକୁ କେବଳ ଅନୁଭବ କରୁ କରୁ, କାର୍ଯ୍ୟଗୁଡିକ ଅନ୍ୟ ଅବୟବ ଗୁଡିକ ଦ୍ୱାରା ହେଉଛି ବୋଲି ଜାଣିନଥିବା ଜୀବାତ୍ମା, ନିଜେ ସମସ୍ତ କାର୍ଯ୍ୟର କର୍ତ୍ତା ବୋଲି ଭାବିଥାଏ । ଯିଏ ଶରୀର ଯନ୍ତ୍ରାଙ୍ଗର ବିବରଣ ଜାଣି ନାହିଁ, ଶରୀରରେ ନିଜେ କେଉଁଠି ଅଛି ଜାଣି ନାହିଁ, ସେ ତାର ଅତି ନିକଟରେ ଥିବା ଅହଂ କଥା ଶୁଣି ଅହଂଙ୍କାରୀ ହୋଇ କାର୍ଯ୍ୟଗୁଡିକୁ ମୁଁ କରେ ବୋଲି ଭାବିଥାଏ, ସମ୍ପୂର୍ଣ୍ଣ ଶରୀର ମୁଁ ବୋଲି ଭାବିଥାଏ । ସାରାଶରୀର ହିଁ ମୁଁ ଭାବିବା କାରଣରୁ ଶରୀରରେ ପ୍ରାରବ୍ଧକର୍ମ ବା ଗତ ଜନ୍ମଗୁଡିକର କର୍ମ ଦ୍ୱାରା ଘଟୁଥିବା କାର୍ଯ୍ୟରୁ ନୂତନ ଆଗାମୀକର୍ମ ସୃଷ୍ଟିହୋଇ ତାକୁ ବନ୍ଧନରେ ପକାଇଥାଏ । ଜୀବ ଘଟୁଥିବା କାର୍ଯ୍ୟଗୁଡିକ ମୁଁ କରୁଛି ବୋଲି ଭାବିବା ଦ୍ୱାରା ନୂତନ କର୍ମ ସୃଷ୍ଟି ହୋଇଥାଏ । ଯଦି ସେ ଏଭଳି ଭାବନ୍ତା ନାହିଁ ତେବେ ତାର ନୂତନ କର୍ମ ସୃଷ୍ଟି ହୁଅନ୍ତା ନାହିଁ । ଜଗତରେ ଅନେକ ଉପାଧି ନେଇ ଅନେକ ପ୍ରକାରର ଜୀବନ ବଞ୍ଚୁଥିବା ଜୀବାତ୍ମାମାନେ କାର୍ଯ୍ୟଗୁଡିକ ଆମେ କରୁଛୁ ବୋଲି ଭାବିବା ଦ୍ୱାରା ସେମାନେ କର୍ମବନ୍ଧନରେ ପଡି ସେହି କର୍ମକୁ ଅନୁଭବ କରିବା ପାଇଁ ବାରମ୍ବାର ନାନା ପ୍ରକାରର ଜନ୍ମ ନେଇଥାନ୍ତି, ଏହା ଦ୍ୱାରା ସେମାନଙ୍କର ଏକ ଜନ୍ମମରଣ ଚକ୍ର ସୃଷ୍ଟି ହୋଇଥାଏ । କର୍ମକୁ ଅନୁଭବ କରିବା ଏବଂ ବନ୍ଧନରେ ପଡିବା ପରସ୍ପର ଅନୁସନ୍ଧିତ ହୋଇ ରହିଛି । ତେଣୁ ଏଥିରୁ ବହିର୍ଗତ ହେବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡୁଛି, କିନ୍ତୁ ଯିଏ ଶରୀର ଯନ୍ତ୍ରାଙ୍ଗର ସ୍ଥିତିକୁ ଜାଣିଯାଏ ସେ ପୁରୁଣା କର୍ମ ଅନୁଭବ କରେ ସିନା, ନୂତନ କର୍ମ ଉପାର୍ଜନ କରି ନଥାଏ । ସେହିଭଳି ବ୍ୟକ୍ତି ଶେଷରେ ପୁରୁଣା କର୍ମ ସମୂହକୁ ଅନୁଭବ କରି ମୋକ୍ଷପଦ ଲାଭକରି ପରମାତ୍ମାଙ୍କଠାରେ ଐକ୍ୟ ହୋଇଯାଇଥାଏ ।

**(୧୭) ଶ୍ଳୋକ,୧୭ : ଯସ୍ୟନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।**
**ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ॥**

**(କର୍ମଯୋଗ)**

**ଭାବାର୍ଥ :** ଯାହାର ଭାବରେ ଅହଂ ନାହିଁ, ଯାହାର ବୁଦ୍ଧି ଫଳ ଉପରେ ନାହିଁ ସେ ଜଗତର ସମସ୍ତଙ୍କୁ ମାରିଦେଲେ ମଧ୍ୟ କର୍ମବନ୍ଧନରେ ପଡେ ନାହିଁ କି ସେ ହତ୍ୟାକାରୀ ନୁହେଁ ।

**ବିବରଣୀ :** ଜଗତର ସମସ୍ତ କାର୍ଯ୍ୟ କର୍ମ ଅନୁସାରେ ଅନ୍ତର ଏବଂ ବାହ୍ୟ ଇନ୍ଦ୍ରିୟ ଗୁଡିକ ଦ୍ୱାରା ଆତ୍ମଶକ୍ତି ଯୋଗୁଁ ହେଉଛି ବୋଲି ଜାଣିଯାଇ, ମୁଁ କର୍ତ୍ତା ବୋଲି ଭାବକୁ ଛାଡିଦେଇ ମିଳୁଥିବା ଲାଭ, କ୍ଷତି ଉପରେ ବୁଦ୍ଧିକୁ ଯିଏ ଖଟାଇ ନଥାଏ ତାକୁ କର୍ମ ସ୍ପର୍ଶ କରିନଥାଏ । ଏହି ସୂତ୍ର ଅନୁସାରେ କୌଣସି ବ୍ୟକ୍ତି କୌଣସି କାର୍ଯ୍ୟ କଲେ ମଧ୍ୟ କର୍ମବନ୍ଧନରେ ପଡିନଥାଏ, ହତ୍ୟାପାପ ତାକୁ ଛୁଇଁପାରି ନଥାଏ । ସେହିଭଳି ସେ ମହାନ ସତ୍କାର୍ଯ୍ୟ କଲେ ମଧ୍ୟ ତାକୁ ପୁଣ୍ୟ ମିଳି ନଥାଏ । ଯାହାଠାରେ ଅହଂକାର ନାହିଁ ତାକୁ କୌଣସି କାର୍ଯ୍ୟରେ ଲୁଚି ରହିଥିବା ପାପପୁଣ୍ୟ ସ୍ପର୍ଶ କରି ନଥାଏ ।

**(୧୭) ଶ୍ଳୋକ,୧୮ : ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚ୍ଚେଦନା ।**
**କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମ ସଂଗ୍ରହଃ ॥**

**(ଯୋଗ,ବିୟୋଗ)**

**ଭାବାର୍ଥ :** ଜ୍ଞାନ, ଜ୍ଞେୟ (ଜ୍ଞାନର ଲକ୍ଷ୍ୟ), ପରିଜ୍ଞାତା ନାମକ କର୍ମ ଛେଦନ ପାଇଁ ଯାହା କରାଯାଉଛି, ଯିଏ କରୁଛି ଏବଂ ଯାହା ସମ୍ଭବ ହେଉଛି, ଏହିଭଳି ତିନି ପ୍ରଣାଳୀରେ କର୍ମ ସମ୍ଭବ ହୋଇଥାଏ ।

**ବିବରଣୀ :** ଏହି ଶ୍ଳୋକରେ **"କର୍ମଚ୍ଚେଦନ"** ନାମକ ପଦକୁ ଉପଯୋଗ କରାଯାଇଛି । କର୍ମକୁ ଜାଣିବା ବୋଲି ଅର୍ଥ ଦେଉଥିବା ଏହି ପଦ ଏଠାରେ ସନ୍ଦର୍ଭ ଅନୁସାରେ ମେଳଖାଏ ନାହିଁ । ବାସ୍ତବରେ କର୍ମଛେଦନ ନାମକ ପଦ ଏଠାରେ ରହିବା ଉଚିତ୍ ଥିଲା । **"କର୍ମଛେଦନ"** ଲେଖିବାରେ କର୍ମଚ୍ଚେଦନ

ହୋଇଯାଇଛି ବୋଲି ଭାବୁଛୁ । କର୍ମ ଛେଦନ କହିଲେ କର୍ମକୁ ମୂଳରୁ ନିଖୋଜ କରିବା ।

ଯାହା ଜଣାଇଥାଏ ତାହା ଜ୍ଞାନ, ଯାହା ଜଣାପଡିଥାଏ ତାହା ଜ୍ଞେୟ, ଯିଏ ଜାଣେ ସେ ପରିଜ୍ଞାତା । ଜ୍ଞାନ ଦ୍ୱାରା ଜ୍ଞେୟ ଜାଣିଥିବା ବ୍ୟକ୍ତି କର୍ମଛେଦନ କରିପାରେ । ସେଭଳି ଯାହା କରାଯାଉଛି ତାହା କରଣ, ଯାହା କରାଉଛି ତାହା କର୍ମ, ଯିଏ କରୁଛି ସେ ଜୀବ । ଏପରି ତିନି ପ୍ରକାରର ନିୟମ ରହିଛି, ଏହା ଦ୍ୱାରା ଜୀବ କର୍ମ ବନ୍ଧନରେ ପଡିଥାଏ । ତିନି ପ୍ରକାରର ଥିବା ଏହି ଏକ ପଦ୍ଧତି ଦ୍ୱାରା କର୍ମଛେଦନ ହୋଇପାରେ । ସେହିଭଳି ତିନି ପ୍ରକାରର ଆଉ ଏକ ପଦ୍ଧତି ଦ୍ୱାରା କର୍ମ ସଂଗ୍ରହ ମଧ୍ୟ ହୋଇଥାଏ ।

**(୧୭) ଶ୍ଳୋକ,୧୯ : ଜ୍ଞାନଂ କର୍ମ ଚ କର୍ତ୍ତା ଚ ତ୍ରିଧୈବ ଗୁଣଭେଦତଃ ।**
**ପ୍ରୋଚ୍ୟତେ ଗୁଣ ସଂଖ୍ୟାନେ ଯଥାବଚ୍ଛୃଣୁ ତାନ୍ୟପି ॥**
**(ଗୁଣରାଜି)**

**ଭାବାର୍ଥ :** ଗୁଣ ବିବରଣ ସାଂଖ୍ୟର ଗୁଣଭେଦ ଅନୁସାରେ ଜ୍ଞାନ, କର୍ତ୍ତା, କର୍ମ ତିନି ପ୍ରକାରର ରହିଛି, ତାହା ବ୍ୟାଖ୍ୟା କରୁଛି ଶ୍ରଦ୍ଧାର ସହିତ ଶୁଣ୍ ।

**ବିବରଣୀ :** ସାଂଖ୍ୟଶାସ୍ତ୍ର (ଶରୀର ଯନ୍ତ୍ରାଙ୍ଗ)କୁ ଅନୁକରଣ କରି, ମୁଣ୍ଡର ଗୁଣଚକ୍ରରେ ଥିବା ଭିନ୍ନତା ଅନୁଯାୟୀ ପ୍ରତି ବ୍ୟକ୍ତି କରୁଥିବା କାର୍ଯ୍ୟ ଗୁଡିକରେ କର୍ମ, କର୍ତ୍ତା, ଜ୍ଞାନ ନାମକ ତିନିଗୋଟି ଜିନିଷ ରହିଛି । କାର୍ଯ୍ୟ କରୁଥିବା ବେଳେ ଥିବା ଜ୍ଞାନକୁ ତିନି ପ୍ରକାରର ଗୁଣ ଆକ୍ରମଣ କରିଥାଏ ବୋଲି କହିପାରିବା । ସେହିଭଳି କରୁଥିବା କାର୍ଯ୍ୟ ଅନୁସାରେ ବ୍ୟକ୍ତିକୁ ମଧ୍ୟ ତିନି ପ୍ରକାରର କହିପାରିବା । ତାହା ତଳ ଶ୍ଳୋକରେ ଦେଖିବା ।

**(୧୭) ଶ୍ଳୋକ,୨୦ : ସର୍ବ ଭୂତେଷୁ ଯେନୈକ ଭାବମବ୍ୟୟମୀକ୍ଷତେ ।**
**ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ॥**
**(ସାତ୍ତ୍ୱିକ ଜ୍ଞାନ)**

**ଭାବାର୍ଥ :** ସର୍ବ ଜୀବରାଶିଠାରେ ଥିବା ପରମାତ୍ମା ଅବିନାଶୀ ହୋଇ ଏକ ରୂପହୋଇ ରହିଛନ୍ତି, ଅଲଗା ଅଲଗା ଆକାରରେ ଥିବା ଶରୀରରେ ବିଭାଜିତ ହୋଇ ରହିଲେ ମଧ୍ୟ ଏକ ଭାବରେ ରହୁଛନ୍ତି ବୋଲି ଜଣାଉଥିବା ଜ୍ଞାନ ହେଉଛି ସାତ୍ତ୍ୱିକ ଜ୍ଞାନ ।

**ବିବରଣୀ :** ସର୍ବତ୍ର ଅଣୁଅଣୁରେ ରହିଥିବା ପରମାତ୍ମାଙ୍କୁ ସର୍ବ ଜୀବରାଶିର ଶରୀରରେ ଅବ୍ୟୟ ଭାବରେ ଯାହା ଦେଖାଇଥାଏ ଏବଂ ଅନେକ ପ୍ରକାରର ଆକାରରେ ବିଭାଜିତ ହୋଇଥିବା ଶରୀର ଗୁଡିକରେ ଏକ ଆକାର ହୋଇ ଅବ୍ୟକ୍ତ ଭାବରେ ପରମାତ୍ମା ରହିଛନ୍ତି ବୋଲି ଯେଉଁ ଜ୍ଞାନ ଜଣାଇଥାଏ ତାହା ସାତ୍ତ୍ୱିକ ଜ୍ଞାନ ଅଟେ ।

**(୧୭) ଶ୍ଳୋକ,୨୧ : ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ ପୃଥଗ୍‌ବିଧାନ୍ ।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ॥**
**(ରାଜସ ଜ୍ଞାନ)**

**ଭାବାର୍ଥ :** ଜୀବରାଶିର ଭାବାନୁସାରେ ସେମାନଙ୍କର ଈଶ୍ୱର ଅଲଗା ଅଲଗା ବୋଲି ଜଣାଉଥିବା ଜ୍ଞାନ ରାଜସଜ୍ଞାନ ।

**ବିବରଣୀ :** ଜୀବରାଶିର ଭାବ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ, ପରମାତ୍ମା ଅଂଶ ଗୋଟିଏ ଭାବରେ ରହିଛି ବୋଲି ନଜାଣି, ଜୀବର ଭାବାନୁସାରେ ପରମାତ୍ମା ବା ଈଶ୍ୱର ଭିନ୍ନ ଭିନ୍ନ ଭାବରେ ଅଛନ୍ତି ବୋଲି ରାଜସଜ୍ଞାନ ଜଣାଇଥାଏ ।

**(୧୭) ଶ୍ଳୋକ,୨୨ : ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ଯ୍ୟେସକ୍ତମହୈତୁକମ୍ ।**
**ଅତତ୍ତ୍ୱାର୍ଥବଦଳ୍ପଂ ଚ ତତ୍ତାମସମୁଦାହୃତମ୍ ॥**
**(ତାମସ ଜ୍ଞାନ)**

**ଭାବାର୍ଥ :** ଯାହାର ଶାସ୍ତ୍ରବଦ୍ଧତା ନାହିଁ, ଅସତ୍ୟ, ଅଳ୍ପ ହୋଇଥିବା ଏକ କାର୍ଯ୍ୟ ସର୍ବାର୍ଥସିଦ୍ଧି ବୋଲି ଭାବନା କରି ସେଥିରେ ସମ୍ପୂର୍ଣ୍ଣ ଆଶକ୍ତି ରଖାଇଥାଏ । ସେହି ଜ୍ଞାନ ହେଉଛି ତାମସ ଜ୍ଞାନ ।

**(୧୭) ଶ୍ଳୋକ,୨୩ : ନିୟତଂ ସଙ୍ଗ ରହିତଂ ଅରାଗଦ୍ୱେଷତଃ କୃତମ୍ ।**
**ଅଫଳ ପ୍ରେପ୍ସୁନା କର୍ମ ଯତ୍ତ ସାତ୍ତ୍ୱିକ ମୁଚ୍ୟତେ ।।**

**(ସାତ୍ତ୍ୱିକ କର୍ମ)**

**ଭାବାର୍ଥ :** ଫଳାପେକ୍ଷା ନଥାଇ, ସଙ୍ଗରହିତ ଭାବରେ, ପ୍ରେମଘୃଣାଦି ନରଖି କରୁଥିବା ନିୟତକର୍ମ (ପ୍ରାରବ୍ଧକର୍ମ) ହିଁ ସାତ୍ତ୍ୱିକ କର୍ମ ।

**(୧୭) ଶ୍ଳୋକ,୨୪ : ଯତ୍ତୁ କାମେପ୍ସୁନା କର୍ମ ସାହଙ୍କାରେଣ ବା ପୁନଃ ।**
**କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ।।**

**(ରାଜସ କର୍ମ)**

**ଭାବାର୍ଥ :** ଆଶାଯୁକ୍ତ ହୋଇ କେବଳ ପ୍ରୟାସ କରୁଥାଇ,ନିଜକୁ କର୍ତ୍ତା ଭାବି, ଅହଂଭାବରେ ଗର୍ବକରି କରାଯାଉଥିବା କାର୍ଯ୍ୟକୁ ରାଜସ କର୍ମ କହନ୍ତି ।

**(୧୭) ଶ୍ଳୋକ,୨୫ : ଅନୁବନ୍ଧଂ କ୍ଷୟଂ ହିଂସାମନପେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ ଯତ୍ତାମସମୁଚ୍ୟତେ ।।**

**(ତାମସ କର୍ମ)**

**ଭାବାର୍ଥ :** ସେ କରୁଥିବା କାର୍ଯ୍ୟ ଦ୍ୱାରା ହେଉଥିବା ବିନାଶକୁ, ହିଂସାକୁ ବିଚାର ନକରି, ତା ଦ୍ୱାରା ହେବ କି ନହେବ ଚିନ୍ତା ନକରି, ପୌରୁଷ ଦ୍ୱାରା ଅଜ୍ଞାନ ଏବଂ ଭ୍ରାନ୍ତିରେ କରାଯାଉଥିବା କର୍ମକୁ ତାମସ କର୍ମ କୁହାଯାଏ ।

**(୧୭) ଶ୍ଳୋକ,୨୬ : ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ।।**

**(ସାତ୍ତ୍ୱିକ କର୍ତ୍ତା)**

**ଭାବାର୍ଥ :** ସଙ୍ଗରହିତ ହୋଇ ସେ କର୍ତ୍ତା ବୋଲି ଅହଂଭାବ ନରଖି ଧୈର୍ଯ୍ୟ ଉତ୍ସାହଯୁକ୍ତ ହୋଇ, କାର୍ଯ୍ୟଫଳକୁ ଲାଭକ୍ଷତି ସହିତ ତଉଲ ନକରି ଯିଏ କାର୍ଯ୍ୟ କରିଥାଏ ସେ ସାତ୍ତ୍ୱିକ କର୍ତ୍ତା ।

**(୧୭) ଶ୍ଳୋକ,୨୭ : ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।**
**ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃପରିକୀର୍ତ୍ତିତଃ ।।**

**(ରାଜସ କର୍ତ୍ତା)**

**ଭାବାର୍ଥ :** ବନ୍ଧୁପରିଜନ ମାନଙ୍କ ସହିତ ପ୍ରେମଯୁକ୍ତ ହୋଇ, କାର୍ଯ୍ୟରେ ଲାଭ ଆଶା ରଖି, ଲୋଭଯୁକ୍ତ ହିଂସାକାରୀ ହୋଇ, ଶୁଚିତ୍ୱହୀନ ହୋଇ ସୁଖ ଦୁଃଖରେ ଯିଏ ବିଚଳିତ ହୋଇନଥାଏ ତାକୁ ରାଜସକର୍ତ୍ତା କୁହାଯାଏ ।

**(୧୭) ଶ୍ଳୋକ,୨୮ : ଅଯୁକ୍ତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋଽଳସଃ ।**
**ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତ୍ତା ତାମସ ଉଚ୍ୟତେ ।।**

**(ତାମସ କର୍ମ)**

**ଭାବାର୍ଥ :** ଅସ୍ଥିର ସ୍ୱଭାବ,ଅଯୋଗ୍ୟ,ଶାସ୍ତ୍ରବିଦ୍ଧି ଜାଣିନଥିବା ମୁର୍ଖ, ଅଳସୁଆ, ଠକ, କିଛି କାର୍ଯ୍ୟାରମ୍ଭ ନକରି ବସିଥିବା ବ୍ୟକ୍ତି, ଭୟାଳୁ ଏବଂ ଦୀର୍ଘସୁତ୍ରୀକୁ ତାମସ କର୍ତ୍ତା ବୋଲି କହିପାରିବା ।

**(୧୭) ଶ୍ଳୋକ,୨୯ : ବୁଦ୍ଧେର୍ଭେଦଂ ଧୃତେଃ ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।**
**ପ୍ରାଚ୍ୟମାନ ମଶେଷେଣ ପୃଥକ୍ତ୍ୱେନ ଧନଞ୍ଜୟ ।।**

**(ଗୁଣରାଜି)**

**ଭାବାର୍ଥ :** ମାନବର ଥିବା ତିନିଗୁଣ ଅନୁଯାୟୀ ତାର ଥିବା ବୁଦ୍ଧି ଏବଂ ଧୈର୍ଯ୍ୟ ତିନି ପ୍ରକାରର ଥାଏ । ଗୋଟିକ ପରେ ଗୋଟିଏ କହୁଛି ଶୁଣ୍ ।

**(୧୭) ଶ୍ଳୋକ,୩୦ : ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।**
**ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି ବୁଦ୍ଧିଃ ସା ପାର୍ଥ ! ସାତ୍ତ୍ୱିକୀ ।।**

**(ସାତ୍ତ୍ୱିକ ବୁଦ୍ଧି)**

**ଭାବାର୍ଥ :** ଏହା ଜନ୍ମର କାରଣ, ତାହା ଜନ୍ମରହିତ କରାଏ, ଏହା କାର୍ଯ୍ୟ, ତାହା କାର୍ଯ୍ୟ ନୁହେଁ, ଏହା ଭୟ, ତାହା ଅଭୟ, ଏହା ବନ୍ଧନ ତାହା ମୋକ୍ଷ ବୋଲି ବିବରଣ ପ୍ରଦାନ କରୁଥିବା ବୁଦ୍ଧି ହିଁ ସାତ୍ତ୍ୱିକ ବୁଦ୍ଧି ।

**(୧୭) ଶ୍ଲୋକ,୩୧ : ଦୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚ୍ଚକାର୍ଯ୍ୟମେବଚ ।**
**ଅୟତାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ! ରାଜସୀ ॥**

**(ରାଜସ ବୁଦ୍ଧି)**

**ଭାବାର୍ଥ :** ଏହା ଧର୍ମ, ତାହା ଅଧର୍ମ, ଏହା କାର୍ଯ୍ୟ ତାହା ଅକାର୍ଯ୍ୟ ବୋଲି ପ୍ରମାଣିତ କରିନପାରି ଭ୍ରାନ୍ତ ଭାବରେ କିଛି ଅଲଗାକୁ ସୂଚିତ କରୁଥିବା ବୁଦ୍ଧିକୁ ରାଜସବୁଦ୍ଧି କୁହାଯାଏ ।

**(୧୭) ଶ୍ଲୋକ,୩୨ : ଅଧର୍ମଂ ଧର୍ମମିତି ଯା ମନ୍ୟତେ ତମସାବୃତା ।**
**ସର୍ବାର୍ଥାନ୍ ବିପରିତାଂଶ୍ଚ ବୁଦ୍ଧି ସା ପାର୍ଥ ! ତାମସୀ ॥**

**(ତାମସ ବୁଦ୍ଧି)**

**ଭାବାର୍ଥ :** ଅଜ୍ଞାନ ଦ୍ୱାରା ଅଧର୍ମକୁ ଧର୍ମଭାବରେ ଜଣାଇ, ଜାଣିବାକୁ ଥିବା କଥାର ବିରୁଦ୍ଧ କଥା ଜଣାଉଥିବା ବୁଦ୍ଧିକୁ ତାମସ ବୁଦ୍ଧି କହନ୍ତି ।

**(୧୭) ଶ୍ଲୋକ,୩୩ : ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।**
**ଯୋଗେନାବ୍ୟଭିଚ୍ଚରେଣ୍ୟା ଧୃତିଃ ପାର୍ଥ ! ସାତ୍ତ୍ୱିକୀ ॥**

**(ସାତ୍ତ୍ୱିକ ଧୃତି)**

**ଭାବାର୍ଥ :** ଶରୀରରେ ମନ, ଇନ୍ଦ୍ରିୟ, ବାୟୁଗୁଡିକର କାର୍ଯ୍ୟକୁ ଅବରୋଧ କରି ସେଗୁଡିକୁ ଯୋଗରେ ଉପଯୋଗ କରି ସ୍ଥିର କରିପାରୁଥିବା ଧୈର୍ଯ୍ୟକୁ ସାତ୍ତ୍ୱିକ ଧୈର୍ଯ୍ୟ ବୋଲି କହିପାରିବା ।

**(୧୭) ଶ୍ଲୋକ,୩୪ : ଯୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।**
**ପ୍ରସଂଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ! ରାଜସୀ ॥**

**(ରାଜସ ଧୃତି)**

**ଭାବାର୍ଥ :** ଫଳ ପାଇବାକୁ ଖୁବ୍ ଇଚ୍ଛା କରାଇ ଧର୍ମରେ ମଧ୍ୟ ଧନ ଖୋଜାଉଥିବା ଧୈର୍ଯ୍ୟକୁ ରାଜସ ଧୃତି କୁହାଯାଏ ।

**(୧୭) ଶ୍ଳୋକ,୩୫ : ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦ ମେବ ଚ ।**
**ନ ବିମୁଂଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ॥**

**(ତାମସ ଧୃତି)**

**ଭାବାର୍ଥ :** ସ୍ୱପ୍ନ, ଭୟ, ଶୋକ, ବିଷାଦ, ମଦତା ଇତ୍ୟାଦି ବିଷୟରେ ମନ ସ୍ଥିର କରିଥିବା ଦୁଷ୍ଟର ଧୈର୍ଯ୍ୟକୁ ତାମସ ଧୃତି କୁହାଯାଏ ।

**(୧୭) ଶ୍ଳୋକ,୩୬ : ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ! ।**
**ଅଭ୍ୟାସାଦ୍ରମତେ ଯତ୍ର ଦୁଖାନ୍ତଂ ଚ ନିଗଚ୍ଛତି ॥**

**(ଗୁଣରାଜି)**

**ଭାବାର୍ଥ :** ଅଭ୍ୟାସ ଦ୍ୱାରା କେଉଁ ସୁଖ ଜାତହୁଏ, କେଉଁ କାରଣରୁ ଦୁଃଖ ଗୁଡିକ ଅପସରିଯାଏ ସେହି ତିନି ସୁଖ ବାବଦରେ କହୁଛି ଶୁଣ୍ ।

**(୧୭) ଶ୍ଳୋକ,୩୭ : ଯତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।**
**ତସ୍ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ॥**

**(ସାତ୍ତ୍ୱିକ ସୁଖ)**

**ଭାବାର୍ଥ :** ପ୍ରଥମେ ବିଷତୁଲ୍ୟ ଲାଗିଲେ ମଧ୍ୟ, ଶେଷରେ ଅମୃତତୁଲ୍ୟ ଲାଗୁଥିବା, ଆତ୍ମା ବିଷୟରେ ବିଚାର କରୁଥିବା ବୁଦ୍ଧିରେ ଜାତ ହେଉଥିବା ସୁଖକୁ ସାତ୍ତ୍ୱିକସୁଖ କୁହାଯାଏ ।

**(୧୭) ଶ୍ଳୋକ,୩୮ : ବିଷୟେନ୍ଦ୍ରିୟସଂଯୋଗାଦ୍ ଯତଦଗ୍ରେଽମୃତୋପମମ୍ ।**
**ପରିଣାମେ ବିଷମିବ ତତ୍ ସୁଖଂ ରାଜସଂ ସ୍ମୃତମ୍ ॥**

**(ରାଜସ ସୁଖ)**

**ଭାବାର୍ଥ :** ବିଷୟ ଏବଂ ଇନ୍ଦ୍ରିୟଗୁଡିକ ମିଳିତହୋଇ ସେଥିରେ ଅମୃତ ଭଳି ଲାଗି ପରେ ପରେ ପରିଣାମିତ ହୋଇ ଶେଷରେ ବିଷ ଭଳି ଲାଗୁଥିବା ସୁଖକୁ ରାଜସସୁଖ କହନ୍ତି ।

**(୧୭) ଶ୍ଲୋକ,୩୯ : ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହେନମାତ୍ମାନଃ ।**
**ନିଦ୍ରାଲସ୍ୟ ପ୍ରମାଦୋତ୍‌ଥଂ ତତ୍ତାମସମୁଦାହୃତମ୍ ॥**

**(ତାମସ ସୁଖ)**

**ଭାବାର୍ଥ :** ଅଧିକ ଶୋଇବା, ଅଳସୁଆ ହେବା, ପ୍ରମାଦଯୁକ୍ତ ହୋଇ ମନକୁ ଅଜ୍ଞାନରେ ବୁଡାଇ ରଖୁଥିବା ସୁଖକୁ ତାମସ ସୁଖ ବୋଲି କହିପାରିବା ।

**(୧୭) ଶ୍ଲୋକ,୪୦ : ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।**
**ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ରିଭିର୍ଗୁଣୈଃ ॥**

**(ଗୁଣରାଜି)**

**ଭାବାର୍ଥ :** ଭୂପୃଷ୍ଠରେ ଥିବା ସମସ୍ତ ଜୀବରାଶି ଏବଂ ଦୈବତ୍ୱ ବିଶିଷ୍ଟ ସମସ୍ତ ଦେବତାଙ୍କ ସମେତ ଗୁଣଗୁଡିକୁ ସମ୍ପୂର୍ଣ୍ଣ ଛାଡିପାରିବା ଭଳି କେହି ନାହାନ୍ତି ।

**ବିବରଣୀ :** ପ୍ରତ୍ୟେକ ମାନବ ଜୀବନ ବିତାଇବା ପାଇଁ କାର୍ଯ୍ୟ କରିବାକୁ ପଡିଥାଏ । ପ୍ରତ୍ୟେକ କାର୍ଯ୍ୟ ଗୁଣପ୍ରେରିତ । ଗୁଣହୀନ କାର୍ଯ୍ୟ ନାହିଁ । କାର୍ଯ୍ୟଟିଏ ହେବାକୁ ହେଲେ ଗୁଣ ରହିବା ନିହାତି ଆବଶ୍ୟକ ହୋଇଥାଏ, ସେତେବେଳେ ଦେବତା ହେଉ,ରାକ୍ଷସ ହେଉ ଏହି ତିନିଗୁଣ ନଥାଇ କେହି ନାହାନ୍ତି । ଏଠାରେ କେତେକଙ୍କଠାରେ ଏକ ପ୍ରଶ୍ନ ଆସିବା ସୁଯୋଗ ରହିଛି । ତାହା ହେଲା ! ତିନି ଗୁଣକୁ ଯୋଗସାଧକମାନେ ଛାଡିଦେଇଥାଆନ୍ତି ବୋଲି ଆପଣ କହି ପୁନଃ ସାଧକର ଗୁଣ ଥାଏ ବୋଲି କିପରି କହୁଛନ୍ତି ? ଏହାର ସମାଧାନ ହେଉଛି ! ସମାଜରେ ନାନା ପ୍ରକାରର ବ୍ୟବହାର କରୁଥିବା ମାନବର ଗୁଣ ଅଛି ବୋଲି କହିଛୁ, କିନ୍ତୁ ଗୁଣର ବ୍ୟବହାର କଥା କହିନାହୁଁ । ଯୋଗ ଆଚରଣ ସମୟରେ ଯୋଗୀମାନଙ୍କଠାରେ ଗୁଣ ରହିନଥାଏ, କିନ୍ତୁ ଯୋଗ ଆଚରଣ କରୁନଥିବା ସମୟରେ ଯୋଗୀର ମଧ୍ୟ ଗୁଣ କାର୍ଯ୍ୟ କରିଥାଏ । ଗୋଟିଏ ଦୃଷ୍ଟିରୁ କହିବାକୁଗଲେ ଯାହାର ଗୁଣନାହିଁ ସେ ଯୋଗୀ, ସେ ମଧ୍ୟ ମାତ୍ର କିଛି ସମୟ ଯୋଗରେ ରହି, ଅନ୍ୟ ସମୟରେ ଗୁଣଗୁଡିକରେ ରହିଥାଏ ।

ଏଠାରେ ଆଠଗୋଟି ଶ୍ଲୋକ କ୍ରମାନ୍ୱୟରେ କଳ୍ପନା କରି ମିଶାଇଛନ୍ତି, ଏହି ଆଠଗୋଟି ଶ୍ଲୋକର ଭାବ ଭଗବାନଙ୍କ ଭାବର ସମ୍ପୂର୍ଣ୍ଣ ବିପରୀତ ଦିଶାରେ ଗତିକରୁଛି । ତେଣୁ ଏଗୁଡିକୁ ବାହାର କରିଦେଇଛୁ । ଭଗବଦ୍ଗୀତାର ହୋଇନଥିବା ଏହି ଶ୍ଲୋକଗୁଡିକ ଗୀତାଭଳି ଥିଲେ ମଧ୍ୟ, ତାର ଭାବ ସଙ୍କୁଚିତ ହୋଇଥିବାରୁ ଚିହ୍ନିବାକୁ ସହଜ ହୋଇଛି ।

ପରମାତ୍ମା ମାନବକୁ ସୃଷ୍ଟିକରି ନିଜକୁ ଜାଣିବା ପାଇଁ କହିଛନ୍ତି, କୁଳ, ମତ ଭାବରେ ବିଭାଜନ କରିନାହାନ୍ତି । ଆଜି ଭୂମଣ୍ଡଳରେ ଥିବା ଜାତି, ମତକୁ ମାନବ କଳ୍ପନା କରିଛି, ପରମାତ୍ମା ଏହାକୁ ସୃଷ୍ଟି କରିନାହାନ୍ତି । ଏହି ବିଷୟ ତୃତୀୟ ଅଧ୍ୟାୟ ଜ୍ଞାନଯୋଗର ୧୩ତମ ଶ୍ଲୋକରେ **"ଚାତୁର୍ବର୍ଣ୍ୟଂ ମୟାସୃଷ୍ଟଂ.."** ନାମକ ବାକ୍ୟର ବିବରଣୀରେ ଏହି ଚାରିବର୍ଣ୍ଣ ଚାରିଜାତି ନୁହେଁ ବୋଲି ଶାସ୍ତ୍ରୀୟତାର ସହିତ ବୁଝାଇ କହିଛୁ । ପୁଣି ଏଠାରେ ସେହିଭଳି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ରଙ୍କ କଥାକହି ସେମାନଙ୍କର କୁଳ ଅନୁସାରେ ସେମାନଙ୍କ କାର୍ଯ୍ୟକୁ ନିର୍ଣ୍ଣୟ କରି ତାହା ହିଁ ସେମାନଙ୍କର ସ୍ୱଧର୍ମ କହିବା ଅତି ବିଚିତ୍ର କଥା, ଜ୍ଞାନର ବିରୁଦ୍ଧ କଥା । ତାଛଡା କୁଳ ବା ଜାତି ଅନୁସାରେ କାର୍ଯ୍ୟ କରିବା ସ୍ୱଧର୍ମ ଆଚରଣ ହୁଏ, ସ୍ୱଧର୍ମ ଆଚରଣ କଲେ କାର୍ଯ୍ୟରୁ କର୍ମବନ୍ଧନ ଆସିନଥାଏ ନାମକ ଭାବ ଯୋଗଶାସ୍ତ୍ର ଭଗବଦ୍ଗୀତାର ସମ୍ପୂର୍ଣ୍ଣ ବିରୁଦ୍ଧଭାବ ପ୍ରଦର୍ଶନ କରୁଛି । ଭଗବଦ୍ଗୀତାରେ ଭଗବଦ୍ଗୀତାର ବିରୁଦ୍ଧ ଭାବ ଥିବା ଶ୍ଲୋକଗୁଡିକୁ ଦେଖିଲେ ସେଗୁଡିକୁ କଣ ଯେ କୁହାଯିବ ବୁଦ୍ଧିରେ କୌଣସି ବିଚାର ଆସେ ନାହିଁ । ଯାହା ବି ହେଉ ସେଗୁଡିକ ଆମ ଦୃଷ୍ଟିରେ ପଡିବା ଆମର ସୌଭାଗ୍ୟ ବୋଲି କହିପାରିବା । ସେଥିରେ କେଉଁ କେଉଁ ଭାବ ରହିଛି ତାହା ଦେଖି, ଚାଲନ୍ତୁ ଟିକିଏ ଆମର ବୁଦ୍ଧିରେ ବିଚାର କରିବା ।

**(୧୭) ଶ୍ଲୋକ,୪୧ : ବ୍ରାହ୍ମଣ କ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ! ।**
**କର୍ମାଣି ପ୍ରବିଭକ୍ତାନି ସ୍ୱଭାବ ପ୍ରଭବୈର୍ଗୁଣୈଃ ॥**

**(କଳ୍ପିତ)**

**ଭାବାର୍ଥ :** ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ରଜାତିର ସ୍ୱଭାବ ଅନୁଯାୟୀ ଅଲଗା ଅଲଗା କାର୍ଯ୍ୟ ରହିଛି ସେଗୁଡିକ କହୁଛି ଶୁଣ୍ ।

**ବିବରଣୀ :** ଜାତି ଅନୁସାରେ କାର୍ଯ୍ୟ, ସେହି କାର୍ଯ୍ୟଗୁଡିକ ସେମାନଙ୍କର ସ୍ୱଭାବରୁ ଜାତ, ତାହା ହିଁ ସେମାନଙ୍କର ସ୍ୱଧର୍ମ କହିବା ଜ୍ଞାନ ନୁହେଁ । ଜାତି ପ୍ରଥା ହିଁ ଅଜ୍ଞାନ । ସମସ୍ତଙ୍କ ପାଇଁ ସମାନ ହୋଇଥିବା ପରମାତ୍ମା ଛୋଟଜାତି, ବଡଜାତି ସୃଷ୍ଟି କରି ନାହାନ୍ତି । ଜଗତରେ ସମସ୍ତ ଜୀବରାଶିଙ୍କ ପାଇଁ ଜ୍ଞାନ କହି ଜଗତଦ୍ଗୁରୁ କୁହାଯାଉଥିବା ପରମାତ୍ମା କେବଳ ମାନବଠାରେ ଜାତି ସୃଷ୍ଟିକରି ଅନ୍ୟ ଜୀବଜନ୍ତୁ ମାନଙ୍କୁ କାହିଁକି ଛାଡି ଦେଇଛନ୍ତି ? ସେ ଯାହା ମଧ୍ୟ ଜ୍ଞାନ କହିଛନ୍ତି ତାହା ସମସ୍ତ ଜୀବରାଶିଙ୍କ ପାଇଁ କହିଛନ୍ତି । ମାନବଠାରେ କାର୍ଯ୍ୟକରି ଜନ୍ତୁମାନଙ୍କଠାରେ କାର୍ଯ୍ୟ କରୁନଥିବା ଜାତିପ୍ରଥା ଭଗବାନ କହିନାହାନ୍ତି । ଏହା ଜ୍ଞାନ ନୁହେଁ ।

**(୧୭) ଶ୍ଳୋକ,୪୨ : ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମବେ ଚ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୪୩ : ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେଚାପ୍ୟପଳାୟନ୍ ।**
**ଦାନମୀଶ୍ୱରଭାବାଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥**

**(କଳ୍ପିତ)**

**୧୭) ଶ୍ଳୋକ,୪୪ : କୃଷିଗୋରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।**
**ପରିଚର୍ଯ୍ୟାତ୍ମକ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ॥**

**(କଳ୍ପିତ)**

**ଭାବାର୍ଥ :** ଶମ, ଦମ, ତପ, ଶୌଚ, ଶାନ୍ତି, ଜ୍ଞାନ, ବିଜ୍ଞାନ, ଅର୍ଜବ, ଆସ୍ତିକତା, ସହଜ ଭାବରେ ବ୍ରାହ୍ମଣ ମାନଙ୍କଠାରେ ଥାଏ । ସେହିଭଳି ସୌରତେଜ, କାର୍ଯ୍ୟ ଦକ୍ଷତା, ଧୈର୍ଯ୍ୟ, ଯୁଦ୍ଧରେ ପଛଘୁଞ୍ଚା ନଦେବା, ଦାନଦେବା, ଆଧିପତ୍ୟ ବିସ୍ତାର କରିବା କ୍ଷତ୍ରିୟମାନଙ୍କ ଠାରେ ସହଜ ଭାବରେ ଥାଏ । ଗୋ ପାଳନ, ବ୍ୟାପାର

ବୈଶ୍ୟମାନଙ୍କର ସହଜ ସ୍ୱଭାବ ହୋଇଥାଏ ଏବଂ ସମସ୍ତଙ୍କର ସେବାକରିବା ଶୂଦ୍ରମାନଙ୍କର ସ୍ୱଭାବିକ କର୍ମ ବୋଲି କୁହାଯାଇଛି ।

**ବିମର୍ଷ :** ଏଭଳି କୁଳ ବା ଜାତି ସହିତ କାର୍ଯ୍ୟଗୁଡିକୁ ଯୋଗକରି ସେହି କାର୍ଯ୍ୟଗୁଡିକ ସେମାନଙ୍କର ସ୍ୱଭାବିକ କର୍ମ, ତାହା ସେମାନଙ୍କର ସ୍ୱଧର୍ମ ବୋଲି କହିବା ସମ୍ପୂର୍ଣ୍ଣ ଅଜ୍ଞାନ ହୋଇଥାଏ । କାରଣ ! କର୍ମଯୋଗ ନାମକ ଦ୍ୱିତୀୟ ଅଧ୍ୟାୟର ୩୫ତମ ଶ୍ଳୋକରେ ସ୍ୱଧର୍ମ ପରଧର୍ମ ବାବଦରେ କହି ସାରିଛନ୍ତି । ସେଠାରେ ପ୍ରକୃତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ପରଧର୍ମ, କେବଳ ଯାହା ଆତ୍ମା ସମ୍ବନ୍ଧୀୟ ରହିଛି ତାହା ସ୍ୱଧର୍ମ ବୋଲି ସୂତ୍ରବଦ୍ଧ ଭାବରେ କୁହାଯାଇଛି । ସେହି ସୂତ୍ର ଅନୁଯାୟୀ ଏହି ଚାରି ଜାତିର କାର୍ଯ୍ୟଗୁଡିକ ହେଉଛି ପ୍ରକୃତି ସମ୍ବନ୍ଧୀୟ । ତେଣୁ ଏହା ପରଧର୍ମ । ଯାହା ପରଧର୍ମ ତାକୁ ସ୍ୱଧର୍ମ କହିବା ଅଜ୍ଞାନ । ତେଣୁ ଏଗୁଡିକୁ ଗୀତାରୁ କାଢିଦେବା ପାଇଁ ବାଧ୍ୟ ହୋଇଛୁ ।

**(୧୭) ଶ୍ଳୋକ,୪୫ : ସ୍ୱେ ସ୍ୱେ କର୍ମଣ୍ୟ ଭିରତଃ ସଂସିଦ୍ଧିଂ ଲଭତେ ନରଃ ।**
**ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୪୬ : ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।**
**ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୪୭ : ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**
**ସ୍ୱଭାବ ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥**

**(କଳ୍ପିତ)**

**(୧୭) ଶ୍ଳୋକ,୪୮ : ସହଜଂ କର୍ମ କୌନ୍ତେୟ ! ସଦୋଷମପି ନତ୍ୟଜେତ୍ ।**
**ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ॥**

**(କଳ୍ପିତ)**

**ଭାବାର୍ଥ :** ନିଜ ନିଜର କର୍ମରେ ଶ୍ରଦ୍ଧା ରଖି ଯେଉଁମାନେ କାର୍ଯ୍ୟ କରନ୍ତି

ସେମାନେ ମୋକ୍ଷ ପାଇପାରିବେ । ନର ସ୍ୱଧର୍ମ ଦ୍ୱାରା କିପରି ମୋକ୍ଷ ପାଏ ତାହା କହୁଛି ଶୁଣ୍ । ସର୍ବଜୀବରାଶିର ସ୍ରଷ୍ଟା ପରମାତ୍ମାଙ୍କୁ ସ୍ୱକୀୟ ଧର୍ମ ଆଚରଣ କରି ପୂଜା କରିବା ଦ୍ୱାରା ମୋକ୍ଷ ମିଳିଥାଏ । ଉନ୍ନତ ବୋଧ ହେଉଥିବା ପରଧର୍ମ ଠାରୁ ସ୍ୱଧର୍ମ ଶ୍ରେୟସ୍କର । ଜାତିର ସ୍ୱଭାବିକ୍ କର୍ମ ଆଚରଣ ଯେଉଁମାନେ କରିଥାନ୍ତି ସେମାନଙ୍କର ପାପ ନଥାଏ । ତାଛଡା ଅଗ୍ନିରେ ଧୂଆଁ ଲାଗି ରହିଥିବା ଭଳି ସମସ୍ତ କାର୍ଯ୍ୟରେ କର୍ମ ଲାଗି ରହିଥାଏ, କିନ୍ତୁ ଜାତିର ସ୍ୱାଭାବିକ କାର୍ଯ୍ୟରେ କର୍ମ ଲାଗି ରହିଥିଲେ ମଧ୍ୟ କରଣୀୟ,ଏହି ସହଜସ୍ୱଭାବ କର୍ମ କରିବାରେ କୌଣସି ଦୋଷ ନଥାଏ ।

**ବିମର୍ଷ :** ମାନବ ଭିତରେ ଜାତି ବର୍ଣ୍ଣନକରି ସେହି ଜାତିପାଇଁ ନିର୍ଣ୍ଣୟ କରାଯାଇଥିବା କାର୍ଯ୍ୟକୁ ସ୍ୱଧର୍ମ କହନ୍ତି, ତାହା ଆଚରଣ କରିବା ଦ୍ୱାରା ପରମାତ୍ମାଙ୍କୁ ଆରାଧନା କରିବା ଭଳି ହୋଇଥାଏ, ତେଣୁ ବୈଶ୍ୟମାନେ ପାପ କରିବାରେ ଦୋଷ ଥିଲେ ମଧ୍ୟ, ସେମାନଙ୍କୁ ପାପ ହୋଇନଥାଏ । ସେହିଭଳି କ୍ଷତ୍ରିୟମାନେ ରାଜ୍ୟ ପାଇଁ ଅନ୍ୟମାନଙ୍କୁ ମାରିଦେବା ପାପକାର୍ଯ୍ୟ ହୋଇଥିଲେ ମଧ୍ୟ ପାପ ହୁଏ ନାହିଁ । ସ୍ୱଭାବଜ ସେହି କାର୍ଯ୍ୟ କରିବା ଦ୍ୱାରା କର୍ମ ବନ୍ଧନ ନଥାଏ କହିବା ନିନ୍ଦନୀୟ ବିଷୟ, ଅତିଶୟ ଅଜ୍ଞାନ ଏବଂ ଅଧର୍ମ ହୋଇଥାଏ । ପ୍ରଥମେ ଜାତିଗୁଡିକର କାର୍ଯ୍ୟକୁ ସ୍ୱଧର୍ମ କହିବା ସବୁ ଦିଗରୁ ଅଶାସ୍ତ୍ରୀୟ ଏବଂ ଅଜ୍ଞାନ ହୋଇଥାଏ । ଜାତି ଅନୁସାରେ ସ୍ୱକର୍ମ ଦୋଷଯୁକ୍ତ ହେଲେ ମଧ୍ୟ ଆଚରଣ କରିବା ଭଲ ବୋଲି କହିବା ମୁର୍ଖତା ହୁଏ । ବ୍ୟାପାର ବୈଶ୍ୟମାନଙ୍କ ବ୍ୟତୀତ ଅନ୍ୟମାନେ କରିବା କଣ ଅଧର୍ମ ? ବ୍ୟାପାରରେ କେତେ ଠକିଲେ ମଧ୍ୟ କଣ ତାଦ୍ୱାରା କର୍ମ ବନ୍ଧନ ନଥାଏ ? କଣ ଏକଥା ଭଗବାନ କହିଛନ୍ତି ? ଅହଙ୍କାରକୁ ତ୍ୟାଗକରି କିଏ କେଉଁ କାର୍ଯ୍ୟ କଲେ ମଧ୍ୟ ସେଥିରେ କର୍ମ ବନ୍ଧନ ନଥାଏ ବୋଲି ଭଗବାନ କହିଛନ୍ତି ! କିନ୍ତୁ ଯୋଗ ପଦ୍ଧତି ରହିତ ଜାତିର ସ୍ୱଭାବିକ କାର୍ଯ୍ୟ କରିବାରେ ପାପ ହୁଏ ନାହିଁ କହିବା ଯୋଗଶାସ୍ତ୍ର ଭଗବଦ୍ଗୀତାର ବିରୁଦ୍ଧ କି ନୁହେଁ ? ଏହିଭଳି ଓଲଟା ଭାବାର୍ଥଗୁଡିଏ ଲେଖି ଗୀତାରେ ପ୍ରବେଶ କରାଇବା ଦ୍ୱାରା ସମସ୍ତେ ଅଜ୍ଞାନ ହୋଇଯିବା ଦୁର୍ଯୋଗ ରହିଛି । ଏହି ଶ୍ଳୋକ-

ଗୁଡିକ ଏଠାରେ ରହିବା ଦ୍ୱାରା ଭଗବାନଙ୍କ ଭାବରେ ଗ୍ଲାନି ଆସିଛି । ବଡ ପାତ୍ରରେ ଥିବା କ୍ଷୀରି (ପାଏସ)ରେ ବିନ୍ଦୁଏ ବିଷ ମିଶିବା ଭଳି, ଅନେକ ଶ୍ଳୋକ ରୂପରେ ଲେଖାଯାଇଥିବା କର୍ମଯୋଗ ପଦ୍ଧତିକୁ ଏଇ ଆଠଗୋଟି ଶ୍ଳୋକ ଛିନ୍ନ ଭିନ୍ନ କରିଦେଇଛି । ତେଣୁ ଏଗୁଡିକୁ ଚିହ୍ନିବା ପରେ ମଧ୍ୟ ଯଦି କାଢି ଦିଆନଯାଏ ତେବେ ଠିକ୍ ହେବ ନାହିଁ । ଏହି ବିମର୍ଷକୁ ଆପଣମାନେ ମଧ୍ୟ ବିଚାର ପୂର୍ବକ ଗ୍ରହଣ କରିବା ଉଚିତ୍ ।

**(୧୭) ଶ୍ଳୋକ,୪୯ : ଅସକ୍ତ ବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।**
**ନୈଷ୍କର୍ମ୍ୟ ସିଦ୍ଧିଃ ପରମାଂ ସନ୍ନ୍ୟାସେ ନାଧିଗଚ୍ଛତି ।।**

(କର୍ମଯୋଗ)

**ଭାବାର୍ଥ :** କେଉଁଥିରେ ଆଶକ୍ତିଯୁକ୍ତ ନହୋଇ, ମନରୁ ବିଷୟସ୍ପୃହାକୁ ଛାଡି, କର୍ମବନ୍ଧନରେ ପକାଉନଥିବା ସନ୍ନ୍ୟାସ ଦ୍ୱାରା ଆତ୍ମାକୁ ଜାଣିହେବ ।

**(୧୭) ଶ୍ଳୋକ,୫୦ : ସିଦ୍ଧିଂ ପ୍ରାପ୍ତୋ ଯଥାବ୍ରହ୍ମ ତଥାଽପ୍ନୋତି ନିବୋଧ ମେ ।**
**ସମାନେନୈବ କୌନ୍ତେୟ ! ନିଷ୍ଠା ଜ୍ଞାନସ୍ୟ ଯା ପରା ।।**

(ଯୋଗ)

**ଭାବାର୍ଥ :** ଯିଏ କର୍ମଯୋଗର ସିଦ୍ଧି ପ୍ରାପ୍ତ ହୋଇଛି ତା ବିଷୟରେ ମୁଁ କହିଲି । ସେହିଭଳି ବ୍ରହ୍ମଯୋଗ ସିଦ୍ଧିର ପ୍ରଣାଳୀ କହୁଛି ଶୁଣ୍, ଏହା ଶ୍ରେଷ୍ଠ ଜ୍ଞାନନିଷ୍ଠା ।

**(୧୭) ଶ୍ଳୋକ, ୫୧ : ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନ ନିୟମ୍ୟ ଚ ।**
**ଶବ୍ଦାଦିନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ।।**

(ଯୋଗ)

**(୧୭) ଶ୍ଳୋକ, ୫୨ : ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ ।**
**ଧ୍ୟାନ ଯୋଗୋପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ।।**

(ଯୋଗ)

**(୧୭) ଶ୍ଲୋକ, ୫୩ : ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।**
**ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ॥**

**(ଯୋଗ)**

**ଭାବାର୍ଥ :** ଶୁଦ୍ଧ ବୁଦ୍ଧିଯୁକ୍ତ ହୋଇ, ବିଷୟଗୁଡ଼ିକୁ ଜୟକରି ଆତ୍ମାଠାରେ ମନକୁ ଲଗାଇ, ଶବ୍ଦାଦି ଇନ୍ଦ୍ରିୟବିଷୟ ଗୁଡ଼ିକୁ ତ୍ୟାଗକରି, ବାକ୍ ମନୋକାୟକୁ ଅକାର୍ଯ୍ୟ କରିବାକୁ ନଦେଇ, ନିତ୍ୟ ଭାବରେ (ସବୁଦିନ) ଧ୍ୟାନଯୋଗ ଅର୍ଥାତ୍ ବ୍ରହ୍ମଯୋଗରେ ଲଗ୍ନହୋଇ, ଅହଙ୍କାର, ବଳ, ଗର୍ବ, କାମ, କ୍ରୋଧ ଏବଂ ବାହ୍ୟ ବସ୍ତୁଗୁଡ଼ିକ ଉପରୁ ଧ୍ୟାନ ଫେରାଇ ମମକାରହୀନ ଭାବରେ ଯିଏ ଶାନ୍ତି ପ୍ରାପ୍ତ ହୁଏ ସେ ପରବ୍ରହ୍ମଙ୍କୁ ପାଇବାପାଇଁ ସମର୍ଥ ହୁଏ ।

**ବିବରଣୀ :** ଗତ ଅଧ୍ୟାୟଗୁଡ଼ିକରେ ଥିବା ଅନେକ ଶ୍ଲୋକରେ ବ୍ରହ୍ମଯୋଗ ବାବଦରେ ବିପୁଳ ଭାବରେ କୁହାଯାଇଥିଲେ ମଧ୍ୟ ଶେଷ ଅଧ୍ୟାୟରେ ସେଗୁଡ଼ିକୁ ପୁନର୍ବାର ମନେପକାଇ ଦେଇଛନ୍ତି । ପ୍ରଥମେ କର୍ମଯୋଗ ବାବଦରେ କହିବା ପରେ ବ୍ରହ୍ମଯୋଗ ବାବଦରେ ମଧ୍ୟ କହିଛନ୍ତି । ବୋଧହୁଏ ଏତିକିରେ କର୍ମଯୋଗ ଏବଂ ବ୍ରହ୍ମଯୋଗ ବାବଦରେ କହିବା ସମାପ୍ତ କରିଛନ୍ତି । ଏହାକୁ ଭଗବାନ ବାରମ୍ବାର କହିବା କାରଣ ହେଉଛି ଏହାକୁ ଯେପରି କେହି ଭୁଲି ନ ଯାଆନ୍ତୁ । ତେଣୁ ପରମାତ୍ମାଙ୍କୁ ପାଇବା ପାଇଁ ଏହି ଦୁଇଟି ମାର୍ଗକୁ ଆମେ କେବେ ଭୁଲିବା ଉଚିତ୍ ନୁହେଁ ।

**(୧୭) ଶ୍ଲୋକ,୫୪ : ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନକାଙ୍କ୍ଷତି ।**
**ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ ॥**

**(ବ୍ରହ୍ମ,କର୍ମଯୋଗ)**

**ଭାବାର୍ଥ :** ବ୍ରହ୍ମଭୂତ, ଆତ୍ମପ୍ରସନ୍ନ ବ୍ୟକ୍ତି କିଛି କାମନା କରେ ନାହିଁ, ସମସ୍ତଙ୍କୁ ସମାନ ଭାବରେ ଦେଖିଥାଏ ତେଣୁ ସେ ଦୁଃଖପାଏ ନାହିଁ, ସେ ହିଁ ମୋର ଭକ୍ତ ।

**ବିବରଣୀ :** ମୋଦ୍ୱାରା ଆଚରିତ ହେଉଥିବା ସବୁକିଛି ମୋର ଥିବା ପ୍ରାରବ୍ଧ କର୍ମ ଅନୁସାରେ ହେଉଛି ବୋଲି କର୍ମଯୋଗୀ ସର୍ବଦା ଭାବିଥାଏ, ସେଥିଲାଗି ସେ

ଦୁଖ କଷ୍ଟକୁ, ସୁଖକୁ ସନ୍ତୋଷକୁ ଅନୁଭବ କରୁଥିଲେ ମଧ୍ୟ ଦୁଃଖରେ ଭାଙ୍ଗିପଡେ ନାହିଁ, ସୁଖର କାମନା କରେ ନାହିଁ । ସେହିଭଳି ବ୍ରହ୍ମଯୋଗୀ ନିଜର ଥିବା ଆତ୍ମା ଭଳି ଅନ୍ୟମାନଙ୍କ ଠାରେ ଆତ୍ମାକୁ ଦେଖିଥାଏ । ଏହି ଦୁଇ ପ୍ରକାରର ଯୋଗୀ ପରମାତ୍ମାଙ୍କର ଅତି ପ୍ରିୟ ବୋଲି କହିପାରିବା ।

**(୧୭) ଶ୍ଳୋକ,୫୫ : ଭକ୍ତ୍ୟା ମା ମଭିଜାନାତି ଯାବାନ୍ୟଶ୍ଚାସ୍ମି ତତ୍ତ୍ୱତଃ ।**
**ତତୋମାଂ ତତ୍ତ୍ୱତୋ ଜ୍ଞାତ୍ୱାବିଶତେ ତଦନନ୍ତରମ୍ ॥**
**(ସାକାର,ନିରାକାର)**

**ଭାବାର୍ଥ :** ମୁଁ ପ୍ରକୃତରେ କିଏ, ମୁଁ କଅଣ ଆଉ କିପରି ରହିଛି ପରମ ଭକ୍ତି ଦ୍ୱାରା ଯିଏ ମୋତେ ଜାଣିପାରେ ସେ ହିଁ ମୋର ସମସ୍ତ ଯଥାର୍ଥତାକୁ ଜାଣି ଶେଷରେ ମୋଠାରେ ଲୀନ ହୁଏ ।

**ବିବରଣୀ :** ପରମାତ୍ମାଙ୍କ ପ୍ରକୃତ ସ୍ଥିତିକୁ ଜାଣିବା ଅତି କଷ୍ଟ । ବିଶେଷ କରି ଜ୍ଞାନୀମାନଙ୍କୁ ହିଁ ପରମାତ୍ମାଜ୍ଞାନ ମିଳିଥାଏ । ସାଧାରଣତଃ ଭୂପୃଷ୍ଠରେ ଥିବା ଦେବତାମାନଙ୍କ ଉପରେ ସମସ୍ତଙ୍କର ଧ୍ୟାନ,ଭକ୍ତି ରହିଥାଏ । ଅନେକ ଜନ୍ମରୁ ଆଶକ୍ତିବାନ ହୋଇ ରହିଥିବା ପାତ୍ର ଶେଷରେ ପରମାତ୍ମା ବୋଲି ଯେଉଁ ଶକ୍ତି ରହିଛନ୍ତି ସେ ହିଁ ସର୍ବଶକ୍ତିମାନ୍, ସେ ହିଁ ଦେବତାମାନଙ୍କ ଉପାସ୍ୟଦୈବ ବୋଲି ଜାଣିପାରିଥାଏ । କେବଳ ପରମାତ୍ମା କିଏ ଜାଣିବା ପାଇଁ ଏତେ ଜନ୍ମ ନେବାକୁ ପଡୁଥିବା ବେଳେ, ତାଙ୍କର ବାସ୍ତବ ସ୍ଥିତି ଜାଣିବାକୁ ନିଶ୍ଚୟ ଅନେକ ଜନ୍ମ ଲାଗିବ । ଜ୍ଞାନମାର୍ଗରେ ନଚାଲିବା ଯାଏଁ କିଛି ବୁଝିହୁଏ ନାହିଁ । ଏମିତି ଅନେକ ଜନ୍ମ ପରେ ଜ୍ଞାନକୃଷି ଦ୍ୱାରା ଶେଷରେ ପରମାତ୍ମା ହିଁ ସୃଷ୍ଟି, ସ୍ଥିତି, ଲୟର କାରକ, ସେ ହିଁ ନିରାକାର, ସେ ହିଁ ଅଣୁ ଅଣୁରେ ସର୍ବତ୍ର ବ୍ୟାପି ରହିଛନ୍ତି, ତାଙ୍କର ରୂପ, ନାମ, କ୍ରିୟା ନାହିଁ ବୋଲି ଜ୍ଞାନୀ ଜାଣିପାରେ ଆଉ ବିଶେଷ କରି ଯେଉଁମାନେ ଜ୍ଞାନାର୍ଜନ କରିଥାନ୍ତି ସେମାନଙ୍କୁ ପରମାତ୍ମା ନିରାକାର ହେଲେ ମଧ୍ୟ କେବେ କେବେ ସାକାର ରୂପରେ ଜନ୍ମ ହୋଇଥାନ୍ତି, ଜନ୍ମହୋଇ ନିଜର ଧର୍ମକୁ ଜଣାଇ ଚାଲିଯାଇଥାନ୍ତି ବୋଲି ଜଣାପଡିଯାଇଥାଏ । କେବଳ ସାକାର ରୂପରେ ଯେଉଁମାନଙ୍କର ଭକ୍ତି ଥାଏ ସେମାନେ ସେହି ପରମାତ୍ମାଙ୍କର ଜନ୍ମକୁ

ଜାଣି, ସେହି ଜନ୍ମରେ ହିଁ ସୁଫଳ ପାଇପାରିଥାନ୍ତି । ଯେଉଁମାନେ ପରମାତ୍ମାଙ୍କର ସ୍ଥିତି ଗତିକୁ ଜାଣିପାରିଥାନ୍ତି ସେମାନେ କର୍ମଯୋଗ ପଦ୍ଧତି ହେଉ, ବ୍ରହ୍ମଯୋଗ ପଦ୍ଧତି ହେଉ କୌଣସି ଏକ ପଦ୍ଧତିକୁ ଆଚରଣ କରି ଶେଷରେ ମୋକ୍ଷ ପାଇଥାନ୍ତି । ଭକ୍ତିଯୋଗ ପଦ୍ଧତିକୁ ଯେଉଁମାନେ ଆଚରଣ କରିଥାନ୍ତି, ଯେଉଁମାନେ ସାକାର ଭାବରେ ଥିବା ପରମାତ୍ମାଙ୍କୁ ଚିହ୍ନିପାରନ୍ତି, ସେମାନେ ଗୋଟିଏ ଜନ୍ମରେ ମୋକ୍ଷ ପାଉଥିବା ସ୍ଥଳେ କର୍ମ, ବ୍ରହ୍ମଯୋଗ ଆଚରଣ କରୁଥିବା ଲୋକମାନେ କେଇଜନ୍ମ ପରେ ମୋକ୍ଷ ପାଇଥାନ୍ତି ।

**(୧୭) ଶ୍ଳୋକ,୫୬ : ସର୍ବକର୍ମଣ୍ୟପି ସଦାକୁର୍ବାଣୋ ମଦ୍‌ବ୍ୟାପାଶ୍ରୟଃ ।**
**ମତ୍ ପ୍ରାସାଦାଦବପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥**

**(ମୋକ୍ଷ)**

**ଭାବାର୍ଥ :** ଯେଉଁମାନେ ସମସ୍ତ କର୍ମରେ ମୋ ପ୍ରଣାଳୀକୁ ଆଶ୍ରୟ କରିଥାନ୍ତି, ସେମାନଙ୍କୁ ମୋ ଅନୁଗ୍ରହ ଦ୍ୱାରା ଅବ୍ୟୟ ଶାଶ୍ୱତ ପରମପଦ ମିଳିଥାଏ ।

**ବିବରଣୀ :** ପରମାତ୍ମା ନିଜର ଧର୍ମକୁ ଜଣାଇବା ପାଇଁ ଭୂପୃଷ୍ଠରେ ଅବତରଣ କରିବା ବେଳେ ସେ ଯେଉଁ ପଦ୍ଧତି ଅନୁସାରେ କାର୍ଯ୍ୟସବୁ କରିଥିଲେ, ସେହିଭଳି ପଦ୍ଧତିକୁ ଅନୁସରଣ କରି କାର୍ଯ୍ୟଗୁଡିକ କଲେ କର୍ମବନ୍ଧନ ଆସି ନଥାଏ । ଆମେ କର୍ମ ବନ୍ଧନରେ ନପଡିବା ଭଳି ପଦ୍ଧତିକୁ ଶ୍ରୀକୃଷ୍ଣ ତାଙ୍କ ଜୀବନରେ ଅବଲମ୍ବନ କରିଛନ୍ତି । ସେହି ପଦ୍ଧତିଗୁଡିକ ଜାଣି, ତାହାକୁ ଆଶ୍ରୟକରି ଆମେ ଆମର କାର୍ଯ୍ୟଗୁଡିକୁ କରିଚାଲିଲେ ଶେଷରେ ଆମକୁ ପରମପଦ ମିଳିପାରିବ ।

**(୧୭) ଶ୍ଳୋକ,୫୭ : ଚେତସା ସର୍ବ କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରଃ ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତଃ ସତତଂ ଭବ ॥**

**(କର୍ମଯୋଗ)**

**ଭାବାର୍ଥ :** ସମସ୍ତ କାର୍ଯ୍ୟ ମନ ଦ୍ୱାରା ମୋତେ ସମର୍ପଣ କରି, ତୁ ସବୁବେଳେ ମୋଠାରେ ତୋର ଚିତ୍ତକୁ ଲଗ୍ନକରି, ମୋଠାରୁ ଆଉ କେହି ଅନ୍ୟ ନାହାନ୍ତି ବୋଲି ଭାବି କର୍ମଯୋଗ ଆଚରଣ କର୍ ।

**ବିବରଣୀ :** ଏ ପର୍ଯ୍ୟନ୍ତ ଜ୍ଞାନର ବିବରଣ ଦେଇଆସୁଥିବା ଭଗବାନ୍ ଏବେ ଅର୍ଜୁନଙ୍କୁ କଣ କରିବା ଉଚିତ୍ ତାହା କହିଛନ୍ତି । ତୁ ଏଇଭଳି ରହ ବୋଲି କହିଛନ୍ତି । ମନ ଦ୍ୱାରା ସମସ୍ତ କାର୍ଯ୍ୟ ପରମାତ୍ମାଙ୍କୁ ସମର୍ପଣ କରିଦେଇ, ସମସ୍ତ କାର୍ଯ୍ୟ ପରମାତ୍ମାଙ୍କ ଦ୍ୱାରା ହେଉଛି ବୋଲି ଚିତ୍ତରେ ନିର୍ଣ୍ଣୟ କରି, ପରମାତ୍ମାଙ୍କ-ଠାରୁ ଆଉ କେହି ବଡ ନାହାନ୍ତି ବୋଲି ଜାଣି ବୁଦ୍ଧି ଦ୍ୱାରା ଅହଙ୍କାରକୁ ବିନାଶ କରି କାର୍ଯ୍ୟଗୁଡିକୁ କର୍ ବୋଲି କହିଛନ୍ତି ।

**(୧୭) ଶ୍ଳୋକ,୫୮ : ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ ତରିଷ୍ୟସି ।**
**ଅଥଚେତ୍ତ୍ୱ ମହଂକାରାତ୍ ନ ଶ୍ରୋଷ୍ୟସି ବିନଂକ୍ଷସି ।।**
**(କର୍ମଯୋଗ)**

**ଭାବାର୍ଥ :** ମୋଠାରେ ଚିତ୍ତ ଲଗ୍ନକଲେ ମୋ ପ୍ରସାଦ ଦ୍ୱାରା ସମସ୍ତ ଦୁଃଖରୁ ତରିବୁ, ମୋକଥା ନଶୁଣିଲେ ଅହଙ୍କାର ଯୁକ୍ତ ହୋଇ ଅଧୋଗତି ହେବୁ ।

**ବିବରଣୀ :** ପରମାତ୍ମା ଭଗବାନ ଭାବରେ ରହି, ମୁଁ କହୁଥିବା କଥା ତୁ ନଶୁଣିଲେ ଅଧୋଗତି ହେବୁ ବୋଲି ଅର୍ଜୁନଙ୍କୁ ସତର୍କ କରିଛନ୍ତି । ତାହା କିପରିନା ! ସାକାର ଭଗବାନ ହୋଇ ପରମାତ୍ମା ଅର୍ଜୁନଙ୍କୁ ଦେଖାଦେଇଛନ୍ତି, ସେ କିଏ କହୁଛନ୍ତି ତାହା ଅର୍ଜୁନଙ୍କୁ ଜଣାପଡିଯାଇଛି । ଭଗବାନ ଯୁଦ୍ଧ କରିବା ପାଇଁ କହିଲେ ତାହା ଅର୍ଜୁନଙ୍କ ଶରୀର ଦ୍ୱାରା ଚିତ୍ତରେ ନିର୍ଣ୍ଣୟ ହେବ । ଚିତ୍ତ ଯାହା ନିର୍ଣ୍ଣୟ ନେବ, ସେ ହିଁ ତାଙ୍କ ସାମ୍ନାରେ ଥିବା ଭଗବାନଙ୍କ ନିର୍ଣ୍ଣୟ ବୋଲି ଜାଣି, ତାଙ୍କ କଥା ଶୁଣିବା ହିଁ ଚିତ୍ତର ନିର୍ଣ୍ଣୟ ଭାବି, ଯେତେବେଳେ ଭଗବାନଙ୍କ କଥାକୁ ଶରଣ୍ୟ ଭାବିବେ ସେତେବେଳେ ସେ ଦୃଢ ହୋଇ ପାରିବେ; ତଥାପି ଅର୍ଜୁନ ମୁଁ, ମୋ ନିର୍ଣ୍ଣୟ, ମୁଁ ଯେମିତି ଭାବିଲେ ସେମିତି ହେବ ବୋଲି ଅହଂ ସହିତ ତାଦାତ୍ମ୍ୟ ହୋଇ ଯଦି ଭାବନ୍ତି ତେବେ ସେତେବେଳେ ତାହାସବୁ ବୃଥା ହୋଇଯିବ । ସେହି ଭାବର ସହିତ ଅର୍ଜୁନ କାର୍ଯ୍ୟକଲେ କର୍ମ ବନ୍ଧନରେ ପଡିବେ, ଜ୍ଞାନମାର୍ଗରୁ ତଳକୁ ନିଶ୍ଚୟ ଖସି ଅଧୋଗତି ହେବେ ।

**(୧୭) ଶ୍ଳୋକ,୫୯ : ଯଦହଙ୍କାରମାଶ୍ରିତ୍ୟ ନେଯୋତ୍ସ୍ୟ ଇତି ମନ୍ୟସେ ।
ମିଥୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ॥**

**(ପ୍ରକୃତି)**

**ଭାବାର୍ଥ :** ଏହିଭଳି ଅହଂଭାବକୁ ଆଶ୍ରୟକରି ଯୁଦ୍ଧ କରିବି ନାହିଁ ବୋଲି ପଛୁତାର ସହିତ ରହିଗଲେ ମଧ୍ୟ, ପ୍ରକୃତି ତୋତେ ଯୁଦ୍ଧକାର୍ଯ୍ୟରେ ନିୟୋଜିତ କରିବ ।

**ବିବରଣୀ :** ମୁଁ ବୋଲି ଭାବ ଅର୍ଜୁନଙ୍କଠାରେ ସେହିଭଳି ରହିଯାଇ, ମୁଁ ଯୁଦ୍ଧ କଲେ ସମସ୍ତଙ୍କୁ ମାରିଦେଇ ପାରିବି, ହେଲେ ଯୁଦ୍ଧ ନକଲେ ଭଲ ଭାବି ଯଦି ଯୁଦ୍ଧ ନକରି ରହିଯାଆନ୍ତି; ତଥାପି ତାଙ୍କର ପ୍ରାରବ୍ଧକର୍ମ ଅନୁସାରେ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ପଡିବ, ସେତେବେଳେ ଅର୍ଜୁନଙ୍କର ନିର୍ଣ୍ଣୟ କାର୍ଯ୍ୟ କରିବନାହିଁ, ସେ ଯୁଦ୍ଧ କରିବାକୁ ଇଚ୍ଛା ନକରିବା ବେଳେ ବୁଦ୍ଧିର ବିଚାରରୁ ତୁ ଯୁଦ୍ଧକର୍ ବୋଲି ଚିତ୍ତ ନିର୍ଣ୍ଣୟ ନେବ । ବାହ୍ୟତଃ ଅର୍ଜୁନ ଯୁଦ୍ଧ କରିବିନି ବୋଲି କହିବାବେଳେ ଯୁଦ୍ଧ କରିବା ଭଲ କି ଯୁଦ୍ଧ ନକରିବା ଭଲ ବୋଲି ବୁଦ୍ଧି ନିଶ୍ଚୟ ବିଚାର କରିବ । ଏହିଭଳି ବୁଦ୍ଧି ତାର କାର୍ଯ୍ୟ ପାରମ୍ପରିକ ରୀତିରେ କରିଚାଲିଥିବା ବେଳେ ଚିତ୍ତ କର୍ମ ଅନୁସାରେ ନିର୍ଣ୍ଣୟ ନେବ । ଶେଷରେ ଚିତ୍ତ ଯାହା ନିର୍ଣ୍ଣୟ ନେବ ଶରୀର ତାହା କରିବାକୁ ବାଧ ହେବ । ସେହି ସମୟରେ ଅର୍ଜୁନଙ୍କର ଯୁଦ୍ଧକରିବା କର୍ମ ଅଛି, ତେଣୁ କର୍ମ ଅନୁସାରେ ଯେଉଁ ଗୁଣଗୁଡିକ ଜାଗ୍ରତ ହେବେ ବୁଦ୍ଧି ସେହି ଗୁଣଗୁଡିକୁ ନେଇ ନିଶ୍ଚୟ ବିଚାର କରିବ । ସେତେବେଳେ, କର୍ମାନୁସାରେ ହେବାକୁ ଥିବା କାର୍ଯ୍ୟକୁ ବୁଦ୍ଧିର ବିଚାରରୁ ଚିତ୍ତ ନିର୍ଣ୍ଣୟ କରି, ଯୁଦ୍ଧ କରିବାକୁ ଆଜ୍ଞା ଦେବା ଦ୍ୱାରା ଅର୍ଜୁନଙ୍କ ଶରୀର ଅସ୍ୱତନ୍ତ୍ର ଭାବେ ସ୍ପନ୍ଦିତହୋଇ ଯୁଦ୍ଧକରିବ । ଯାହା ହେବାକୁ ଅଛି ତାହା କେହି ବନ୍ଦ କରି ପାରିବେ ନାହିଁ । ସେମିତି ବନ୍ଦ କରିପାରିବା ଅଧିକାର ଜୀବର ନାହିଁ । କର୍ମାନୁସାରେ ଚିତ୍ତର ନିର୍ଣ୍ଣୟ ଅନୁଯାୟୀ ସବୁକିଛି ହେବ ହିଁ ହେବ । ପ୍ରକୃତିରୁ ଜାତ ଗୁଣଗୁଡିକ ପ୍ରେରିତ ହେବାଦ୍ୱାରା ତୁ ନିଶ୍ଚୟ ଯୁଦ୍ଧ କରିବୁ । ଏହିଭଳି ପ୍ରକୃତିର ନିର୍ଣ୍ଣୟ ତୋଦ୍ୱାରା ନିଶ୍ଚୟ କାର୍ଯ୍ୟ କରାଇବ ବୋଲି ଭଗବାନ ଜଣାଇ ଦେଇଛନ୍ତି ।

**(୧୭)ଶ୍ଳୋକ,୬୦ : ସ୍ୱଭାବଜେନ କୌନ୍ତେୟ ! ନିବଦ୍ଧସ୍ୱେନ କର୍ମଣା ।**
**କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍କରିଷ୍ୟସ୍ୟବଶୋଽପି ତତ୍ ॥**
**(ପ୍ରକୃତି)**

**ଭାବାର୍ଥ :** ହେ ଅର୍ଜୁନ ! ମୋହ ଦ୍ୱାରା ଯୁଦ୍ଧ କରିବି ନାହିଁ ବୋଲି ତୋ' ନିର୍ଣ୍ଣୟ ତୋର ଥିବା କର୍ମ ଦ୍ୱାରା ବାନ୍ଧିହୋଇ, ତୋର ବିନା ଚେଷ୍ଟାରେ ହେବ, ତୁ ଅସ୍ୱତନ୍ତ୍ର ଭାବରେ ଯୁଦ୍ଧ କରିବୁ ।

**ବିବରଣୀ :** ମୁଁ, ମୋର ଇତ୍ୟାଦି ଥିବା ମୋହଗୁଣ ଦ୍ୱାରା, ଅହଂଭାବ ଦ୍ୱାରା ଅର୍ଜୁନ ଯୁଦ୍ଧ କରିବି ନାହିଁ ବୋଲି ଭାବିଲେ, କିନ୍ତୁ ଅର୍ଜୁନଙ୍କର କର୍ମ ଚକ୍ରରେ ଥିବା ତାଙ୍କର କର୍ମ ତାଙ୍କରିଠାରେ ତାଙ୍କରି ନିଶ୍ଚୟତାକୁ ବାନ୍ଧି ଦେଇ, ତାଙ୍କ ନିର୍ଣ୍ଣୟକୁ ନିଶ୍ଚୟ ପଙ୍ଗୁ କରିଦେବ । ଏହି ନିୟମ ଖାଲି ଅର୍ଜୁନଙ୍କ ଠାରେ ନୁହେଁ ଆମ ସମସ୍ତଙ୍କ ଠାରେ ସମାନ କାର୍ଯ୍ୟ କରିଥାଏ । ଆମର ଇଚ୍ଛା ଥାଉ ବା ନଥାଉ କର୍ମନିର୍ଣ୍ଣୟ ଅନୁସାରେ କେତେକ କାର୍ଯ୍ୟ କରିବାକୁ ପଡିଥାଏ ବୋଲି ଜଣାଯାଏ । ଏହିଭଳି ଅର୍ଜୁନଙ୍କଠାରେ ହୋଇଥିଲା । ଯାହାଠାରେ ହେଉ, ଯେଉଁ କାର୍ଯ୍ୟ ହେଉ, ଉଚ୍ଚ ହେଉ କି ନୀଚ ହେଉ, ମନ ରାଜି ନହେଲେ ମଧ୍ୟ, ତାହା କରିବାକୁ ପଡିବ । ଆମର ନିର୍ଣ୍ଣୟ କିଛି ନାହିଁ ଯାହାହେବ ତାହା କର୍ମନିର୍ଣ୍ଣୟ ଅନୁସାରେ ହେବ ବୋଲି ବୁଦ୍ଧି ଥିବା ଲୋକେ ଜାଣିଥାନ୍ତି । ମୁର୍ଖମାନେ ଏହା ଜାଣି ନପାରି ସବୁକିଛି ମୋରି ନିର୍ଣ୍ଣୟ ଭାବନ୍ତି, କାରଣ ସେମାନେ ନିଜ ସ୍ଥିତି ଜାଣି ନଥାନ୍ତି ।

**(୧୭) ଶ୍ଳୋକ,୬୧ : ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୁଢାନି ମାୟୟା ॥**
**(ପରମାତ୍ମା)**

**ଭାବାର୍ଥ :** ଚାଳକ ତାର ଯନ୍ତ୍ରକୁ ଚାଳିତ କରିବା ଭଳି, ସର୍ବଶରୀରର ହୃଦୟରେ ରହି ପରମାତ୍ମା ମାୟା ଦ୍ୱାରା ଜୀବକୁ ପରିଚାଳିତ କରନ୍ତି ।

**ବିବରଣୀ :** ସର୍ବଜୀବରାଶି ନାନା ପ୍ରକାରରେ ପରିଚାଳିତ ହୋଇ କେତେକ

ଖେଳୁଥିବା ବେଳେ, କେତେକ କଳହରତ ଥାନ୍ତି, କେତେକ ରୁଚି ଅନୁଭବ କରୁଥିବା ବେଳେ, କେତେକ ଏଣେତେଣେ ବିଚରଣ କରୁଥାନ୍ତି, କେତେକ ଦୌଡୁଥାନ୍ତି ଆଉ କେତେକ ଉଡୁଥାନ୍ତି । ଏହିଭଳି ବିଭିନ୍ନ ପ୍ରକାରର ଦେଖା ଯାଉଥିବା ଜୀବରାଶିଙ୍କ ଜୀବନ ବିତୁଥିବା ବେଳେ, ସମସ୍ତଙ୍କ ହୃଦୟକୁ, ପରମାତ୍ମା ତାଙ୍କର ନିବାସ ସ୍ଥଳ କହିଛନ୍ତି । ସାରା ଶରୀରରେ ନାଡୀଦ୍ୱାରା ବ୍ୟାପି ନିଜର ଶକ୍ତିଦ୍ୱାରା ପରମାତ୍ମା ସମସ୍ତଙ୍କୁ ପରିଚାଳିତ କରିଥାନ୍ତି । ନାଡୀଗୁଡିକର କେନ୍ଦ୍ର ମସ୍ତିଷ୍କ । ସେଠାରୁ ଆସୁଥିବା ଆଦେଶ ସବୁ ନାଡୀଗୁଡିକ ଦ୍ୱାରା ସାରା ଶରୀରରେ ବ୍ୟାପି ଶରୀରକୁ ପରିଚାଳିତ କରିବା ଦ୍ୱାରା ଶରୀରଗୁଡିକ ନାନା ପ୍ରକାରର କାର୍ଯ୍ୟ କରିଥାନ୍ତି । ମସ୍ତିଷ୍କରୁ ନାନାକାର୍ଯ୍ୟ କରିବା ପାଇଁ ଆସୁଥିବା ଆଦେଶ କେଉଁଠାରୁ ଆସିଲା ? ତାହା କାହାର ? ବୋଲି ପ୍ରଶ୍ନ କଲେ, ଆଗରୁ ପରମାତ୍ମା କହିଛନ୍ତି ଯେ ! ମସ୍ତିଷ୍କ ହିଁ ହୃଦୟ !! ସେହିଠାରେ ମୋର ନିବାସ ସ୍ଥଳ ଅଛି । ପରମାତ୍ମା ଏକଥା ସେତେବେଳେ କହିଥିଲେ, ଏବେ ଏଠାରେ ମଧ୍ୟ ସେହିକଥା କହୁଛନ୍ତି ! କର୍ମଚକ୍ରର କର୍ମାନୁସାରେ ମାୟାପୋକରଣ ହୋଇଥିବା ବୁଦ୍ଧି, ଚିତ୍ତ, ମନ ଦ୍ୱାରା ଆଦେଶ ପଠାଇ ସେହି ଅନୁସାରେ ଶୀରାପ୍ରଶୀରା ଗୁଡିକୁ ଟାଣି ସ୍ପନ୍ଦିତ କରି ଶରୀର ଦ୍ୱାରା ନାନା ପ୍ରକାରର କାର୍ଯ୍ୟ କରାଉଛନ୍ତି ।

ଯନ୍ତ୍ରର ଚାଳକ ଯନ୍ତ୍ରରେ ବସି ସୁଇଚ୍ ଗୁଡିକୁ ଉପଯୋଗ କରି ଯନ୍ତ୍ରଦ୍ୱାରା କାର୍ଯ୍ୟ କରାଉଥିବା ଭଳି, ଏଠାରେ ଦେହଧାରୀ (ଦେହ ନାମକ ଯନ୍ତ୍ରକୁ ଯିଏ ଧାରଣ କରିଛି) ପରମାତ୍ମା ଶରୀରଯନ୍ତ୍ରର ମନ, ବୁଦ୍ଧି, ଚିତ୍ତକୁ ଗୁଣଗୁଡିକ ସହିତ ସଂଯୋଗ କରି ରହିଥିବା କର୍ମ ଅନୁସାରେ ପରିଚାଳିତ କରାଉଛନ୍ତି । **ପରମାତ୍ମା ଶରୀରକୁ ପରିଚାଳିତ କରାଇବା ପାଇଁ ଆତ୍ମା ନାମକ ବିଦ୍ୟୁତ୍, ମନ, ବୁଦ୍ଧି, ଚିତ୍ତ ନାମକ ମୁଖ୍ୟ ଅନୁବନ୍ଧିତ ଅବୟବଗୁଡିକୁ ସ୍ୟୁଇଚ୍ ଭାବେ ନେଇ, ସେଗୁଡିକ ଦ୍ୱାରା ଗୁଣ ନାମକ ଚକଗୁଡିକୁ ଘୂରାଇବା ପାଇଁ କର୍ମ ନାମକ ପ୍ରଣାଳୀକୁ ଉପଯୋଗ କରି ଜୀବକୁ ଦୁଃଖସୁଖ ନାମକ ସ୍ଥିତିରେ ପହଞ୍ଚାଉଛନ୍ତି** । ଯେଉଁମାନେ ଏହି ପ୍ରଣାଳୀ ଜାଣିନଥାନ୍ତି ସେମାନେ ପରମାତ୍ମା ଶରୀରକୁ କଣ୍ଢେଇ ଭଳି ନଚାଉଛନ୍ତି ବୋଲି ନଜାଣି, ସବୁ କାର୍ଯ୍ୟର କାରଣ ମୁଁ ବୋଲି ଅଜ୍ଞାନୀ ହୋଇ ଭାବିଥାନ୍ତି । ସମସ୍ତେ ଭାବିଥାନ୍ତି ଯେ, ମୁଁ ସବୁ କାର୍ଯ୍ୟ

କରୁଛି । କଣ୍ଢେଇ ନାଚରେ କଣ୍ଢେଇଗୁଡିକୁ ଯିଏ ନଚାଏ ସେ ବାହାରକୁ ଦେଖାଯାଏ ନାହିଁ, କେବଳ କଣ୍ଢେଇଗୁଡିକ ନାଚିବା ଭଳି ଦେଖାଯାନ୍ତି । ସେହିଭଳି ମଣିଷ ଦ୍ୱାରା ହେଉଥିବା ସମସ୍ତ କାର୍ଯ୍ୟ ଦେଖାଯାଏ ସିନା, ଭିତରର ପଦ୍ଧତି ଆଉ କରାଇବା ପାତ୍ରକୁ କେହି ଦେଖିପାରନ୍ତି ନାହିଁ । ସବୁ କାର୍ଯ୍ୟ, ସମସ୍ତ ସ୍ପନ୍ଦନ, ମୋର ନୁହେଁ, ମୁଁ କିଛି ମଧ୍ୟ କରୁନାହିଁ, ପରମାତ୍ମା ତାଙ୍କର ଶକ୍ତି (ଆତ୍ମା) ଦ୍ୱାରା ଇନ୍ଦ୍ରିୟ କୁହାଯାଉଥିବା ଶରୀର ଭାଗଗୁଡିକୁ କର୍ମାନୁସାରେ ପରିଚାଳିତ କରାଉଛନ୍ତି, ଏହା ଯିଏ ଜାଣିଥାଏ ତା ଠାରେ ଅହଂକାର ନାହିଁ ବୋଲି କହିପାରିବା । ଶରୀରରେ ହେଉଥିବା କୌଣସି କାର୍ଯ୍ୟର କର୍ତ୍ତା ଜୀବାତ୍ମା ନୁହେଁ ବୋଲି ସେ ଜାଣିଯାଇଥାଏ । ଏଭଳି ଜାଣିବା ଦ୍ୱାରା ଶରୀରରେ ହେଉଥିବା କାର୍ଯ୍ୟଗୁଡିକ ସହିତ ତାର କୌଣସି ସମ୍ପର୍କ ନାହିଁ ବୋଲି କହିପାରିବା । ଏହି ସୂତ୍ର ଅନୁସାରେ ଏକ ଶରୀର ଦ୍ୱାରା ଜଗତର ସମସ୍ତେ ମୃତ୍ୟୁବରଣ କଲେ ମଧ୍ୟ ସେ (ଶରୀରର ଜୀବ) ହତ୍ୟାକାରୀ ନୁହେଁ କି ତାକୁ କୌଣସି ପାପ ସ୍ପର୍ଶ କରିପାରେ ନାହିଁ ।

**(୧୭) ଶ୍ଲୋକ,୬୨ : ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ !**
**ତତ୍ପ୍ରସାଦାତ୍ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥**

(ପରମାତ୍ମା)

**ଭାବାର୍ଥ :** ସମସ୍ତ ଭାବଗୁଡିକ ସହିତ ପରମାତ୍ମାଙ୍କ ଶରଣ ନେଇଯା' । ତାଙ୍କରି ଅନୁଗ୍ରହ ଦ୍ୱାରା ପ୍ରକୃତି ଅପେକ୍ଷା ଅନନ୍ୟ ଶାନ୍ତି ଏବଂ ଶାଶ୍ୱତ ମୋକ୍ଷସ୍ଥାନକୁ ପାଇପାରିବୁ ।

**ବିବରଣୀ :** ବାହ୍ୟ ପ୍ରପଞ୍ଚରେ କିଏ କେତେବଡ ଉପାଧିଧାରୀ ହେଲେ ମଧ୍ୟ, ଭିତରେ ସବୁକିଛି ପରମାତ୍ମାଙ୍କ ଦ୍ୱାରା ହେଉଛି ବୋଲି ଜାଣି, ସବୁର ମୂଳକର୍ତ୍ତା ପରମାତ୍ମାଙ୍କ ପାଖରେ ନିଜର ସମସ୍ତ ମନୋଭାବ ଦ୍ୱାରା ଶରଣ ପଶି, ତାଙ୍କୁ ହିଁ ମହାନ ଭାବି, ତାଙ୍କର ଥିବା ଅନେକ ଅଂଶରୁ ଗୋଟିଏ ମାତ୍ର ଅଂଶ ଦ୍ୱାରା ଏ ସାରା ପ୍ରପଞ୍ଚ ପରିଚାଳିତ ହେଉଛି ବୋଲି ଜାଣିବା ଉଚିତ୍ । **"ମୁଁ ଚାହିଁଲେ ତୁ ତୁ ହୋଇ ରହିବୁ, ମୁଁ ଚାହିଁଲେ ତୁ ସର୍ବତ୍ର ରହିବୁ"** ବାକ୍ୟ ଅନୁସାରେ ସେ ଚାହିଁଲେ ଜୀବ ଜୀବ ଭାବରେ ରହିଥାଏ, ସେ ଚାହିଁଲେ ଜୀବ ସର୍ବବ୍ୟାପୀ

ହୋଇଯାଏ ଅର୍ଥାତ୍ ପରମପଦ ପାଇଯାଏ ବୋଲି ଜାଣି ତାଙ୍କରି ଆରାଧନା କରିବା ଦ୍ୱାରା କୌଣସି ବ୍ୟକ୍ତି ତାଙ୍କରି ଅନୁଗ୍ରହ ପ୍ରାପ୍ତହୋଇ, ପ୍ରକୃତିଠାରୁ ସ୍ୱତନ୍ତ୍ର ମୋକ୍ଷକୁ ପାଇପାରିଥାଏ ।

**(୧୭) ଶ୍ଲୋକ,୬୩ : ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟଦ୍ଗୁହ୍ୟତରଂ ମୟା ।**
**ବିମୃଶୈତଦଶେଷେଣ ଯଦେଚ୍ଛସି ତଥା କୁରୁ ॥**

**(ଜ୍ଞାନ)**

**ଭାବାର୍ଥ :** ରହସ୍ୟ ଭିତରେ ଅତ୍ୟନ୍ତ ରହସ୍ୟମୟ ଜ୍ଞାନକୁ ମୁଁ ତୋତେ କହିଦେଲି । ଏହାକୁ ଭଲ ଭାବରେ ବିଚାର କରି ତୋ'ର ଇଚ୍ଛା ଯାହା ହେଉଛି ତୁ ତାହା କର୍ ।

**ବିବରଣୀ :** ଏ ପର୍ଯ୍ୟନ୍ତ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ଜ୍ଞାନ ଅତ୍ୟନ୍ତ ରହସ୍ୟ । ମୁକ୍ତକଣ୍ଠରେ କହିବାକୁ ଗଲେ, ସତରେ ତାହା ବୁଝିବା ଅସମ୍ଭବ । ପରମାତ୍ମାଙ୍କ ବ୍ୟତୀତ ଏହି ଜ୍ଞାନ କାହାକୁ ଜଣା ନଥାଏ । ଏହା ତାଙ୍କ ମୁଖରୁ ଶୁଣିଲେ ମଧ୍ୟ ସବୁବେଳେ ରହସ୍ୟ ଲାଗେ । ତେଣୁ ଏହାକୁ ଆମେ ରହସ୍ୟର ରହସ୍ୟ ବୋଲି କହିପାରିବା । ଏତେ ମହାନ ଆଉ ପବିତ୍ର ଜ୍ଞାନ ଜାଣିବାକୁ ହେଲେ ଅନେକ ଜନ୍ମର ଜ୍ଞାନାନୁବନ୍ଧ ସୁକୃତ ଥିବା ଆବଶ୍ୟକ, ନଚେତ ଏହି ଜ୍ଞାନ ମିଳିବା ଅସମ୍ଭବ । ଯଦି ଏହି ଜ୍ଞାନ କୌଣସି ସୂତ୍ରରୁ ମିଳି ପାଖକୁ ଆସେ, ସେତେବେଳେ ଶୁଣୁଥିବା ଲୋକ ତାଠାରୁ ଦୂରକୁ ଚାଲିଯିବେ । ଏତେ ବିବରଣୀ ସହିତ କହି ଜ୍ଞାନର ଏକ ସୀମା ଟାଣି ଭଗବାନ ଦେଖାଇଥିବା ଗୀତାକୁ ଶୁଣି, ପଢି, ସବୁକିଛିକୁ ସବୁଦିଗରୁ ଭଲ ଭାବରେ ବିଚାର କରି ଶେଷରେ ଆପଣମାନେ ଆପଣଙ୍କ ଇଚ୍ଛା ଅନୁସାରେ ଯାଇପାରନ୍ତି ବୋଲି ଭଗବାନ କହିଛନ୍ତି । ଭଗବାନ ଜଣାଇବାକୁ ଥିବା ସମସ୍ତ ଜ୍ଞାନ ଜଣାଇ କାହାକୁ ଏହିଭଳି ବଞ୍ଚ୍ ବୋଲି ବଳପୂର୍ବକ କହିନାହାନ୍ତି । ଏହାର ପ୍ରମାଣ ପାଇଁ, ଶେଷରେ ସେ ଅର୍ଜୁନଙ୍କୁ, "ତୁ ସବୁ ଶୁଣିଲୁ, ଏବେ ତୋର ଇଚ୍ଛା ଯାହା ହେଉଛି ତୁ ତାହା କର୍" ବୋଲି କହିଛନ୍ତି । ଜ୍ଞାନ କର୍ମାତୀତ, ତେଣୁ ଜ୍ଞାନ କର୍ମାନୁସାରେ ନିର୍ଣ୍ଣୀତ ହୋଇ ତୋଠାରେ ପ୍ରବେଶ କରେନାହିଁ । ଜ୍ଞାନ ଶ୍ରଦ୍ଧା ଅନୁସାରେ ମିଳିଥାଏ । ଶ୍ରଦ୍ଧା ସମସ୍ତଙ୍କର ଇଚ୍ଛା ଅନୁସାରେ ଜନ୍ମ ହୁଏ । ଏହି ଶ୍ରଦ୍ଧା ତୋ ନିଜର ବୋଲି

ଭଗବାନଙ୍କ କଥାରୁ ସ୍ପଷ୍ଟ ହୋଇଥାଏ । ନଚେତ୍ ତୋର ଯାହା ଇଚ୍ଛା ତୁ ତାହା କର୍ ବୋଲି ଭଗବାନ କହି ନଥାନ୍ତେ ।

ଭଗବାନ ଜ୍ଞାନ ଅଜ୍ଞାନ, ପ୍ରକୃତି ପରମାତ୍ମା ବା ଈଶ୍ୱର ଏବଂ ମାୟା ଏହିଭଳି ଦୁଇ ମାର୍ଗର ସୂଚନା ଦେଇ ଶେଷରେ ତୁ କୌଣସି ମାର୍ଗରେ ଯାଇପାରୁ କହି ଆମ ଉପରେ କର୍ତ୍ତବ୍ୟ ରଖିଦେବା ବେଳେ, ବାସ୍ତବ ଜ୍ଞାନକୁ ଯିଏ ଜାଣିଯାଏ ସେ ମୁଁ ନାମକ ଅହଂଭାବକୁ ପ୍ରାପ୍ତ ନହୋଇ, ମୋ ଇଚ୍ଛା ନକହି, ସବୁକିଛି ପରମାତ୍ମା ଭାବି, ତାଙ୍କୁ ଭକ୍ତିକରି ତାଙ୍କର ଶରଣ୍ୟ ହେବା ଦ୍ୱାରା ସମ୍ପୂର୍ଣ୍ଣ ଜ୍ଞାନ ବୁଝିହୁଏ । ଏଭଳି ନକରି ମୋ ବୁଦ୍ଧି ଖଟାଇ ଜ୍ଞାନ ଜାଣିପାରିବି କହିବା ଭୁଲ୍ ହୁଏ । ପରମାତ୍ମାଜ୍ଞାନ ଜାଣିବାକୁ ହେଲେ ସମୟ ଲାଗେ, କିନ୍ତୁ ଶରଣ ଯିବାଦ୍ୱାରା ଶୀଘ୍ର ମୋକ୍ଷ ହୁଏ ।

**(୧୭) ଶ୍ଲୋକ,୬୪ : ସର୍ବ ଗୁହ୍ୟତମଂ ଭୂୟଃଶୃଣୁ ମେ ପରମଂ ବଚଃ ।**
**ଇଷ୍ଟୋଽସି ମେ ଦୃଢମିତି ତତୋ ବକ୍ଷାମି ତେ ହିତମ୍ ॥**
**(ଗୀତା ସାରାଂଶ)**

**ଭାବାର୍ଥ :** ସର୍ବ ରହସ୍ୟ ଭିତରେ ଉନ୍ନତ ହୋଇଥିବା ରହସ୍ୟବଚନ ସମୁଦାୟକୁ ଆଉଥରେ ଶୁଣ୍ । ତୁ ମୋର ସବୁଠାରୁ ପ୍ରିୟ, ତେଣୁ ତୋର ହିତାକାଙ୍କ୍ଷୀ ହୋଇ କହୁଛି ।

**ବିବରଣୀ :** ବାସ୍ତବରେ ଆଗରୁ କୁହାଯାଇଥିବା ୬୩ତମ ଶ୍ଳୋକରେ ଗୀତା ସମାପ୍ତ ହୋଇଥିଲେ ମଧ୍ୟ ପ୍ରକୃତରେ ଆମର ହିତ ପାଇଁ ଭଗବାନ ଗୀତାର ସାରାଂଶ ଆଉ ଦୁଇଟି ଶ୍ଳୋକରେ କହିଛନ୍ତି । ସେହି ଦୁଇଟି ଶ୍ଳୋକ କହିବା ଆଗରୁ ତୁ ମୋର ପ୍ରିୟ ଆଉ ତୋର ହିତ ପାଇଁ କହୁଛି ବୋଲି କହିଛନ୍ତି । ପରମାତ୍ମା କାହିଁକି, କିଛି କରିବା ଯୋଗ୍ୟତା ନଥିବା ଆମକୁ ଏତେ ଭଲପାଇ ଏକଥା କହିଛନ୍ତି ସେ ବାବଦରେ ଗଭୀର ଚିନ୍ତା କରିବା ଆବଶ୍ୟକ; ପରନ୍ତୁ ଆମେ ତା ନକରି, ଚୁପ୍ ବସିଛେ । ତାଙ୍କର ମହାନତାକୁ ଆମେ କେଉଁ ଭାଷାରେ ବର୍ଣ୍ଣନା କରିବା ? ଏବେ ଶେଷରେ ଭଗବାନ ସେହି ସାରାଂଶ କଣ ଦେଇଛନ୍ତି ତାହା ଅତି ସତର୍କତାର ସହିତ ଜାଣିବା ।

**(୧୭) ଶ୍ଳୋକ,୬୫ : ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥**
**(ଗୀତା ସାରାଂଶ)**

**ଭାବାର୍ଥ :** ମୋତେ ତୋ ମନରେ ଭାବ୍, ମୋର ଭକ୍ତହୋଇ ରହ, ମୋତେ ପୂଜାକର୍, ପ୍ରଣାମ କର୍ ମୋତେ ହିଁ ପାଇବୁ । ଏହା ସତ୍ୟ ଯେ, ତୁ ମୋର ଅତି ପ୍ରିୟ ହୋଇପାରିବୁ । ଏହା ମୁଁ ପ୍ରତିଜ୍ଞା କରି କହୁଛି ।

**ବିବରଣୀ :** ଯିଏ ପରମାତ୍ମାଙ୍କୁ ସବୁବେଳେ ମନରେ ରଖେ, ସେ ପରମାତ୍ମାଙ୍କର ଭକ୍ତ ହୋଇ ତାଙ୍କୁ ପୂଜାକରେ, ପ୍ରଣାମ କରେ, ସେ ହିଁ ପରମାତ୍ମାଙ୍କର ଅତି ପ୍ରିୟ ହୋଇ ଶେଷରେ ପରମାତ୍ମାଙ୍କୁ ପାଇଥାଏ । ଏକଥା ସତ୍ୟ । ଏତେବଡ ପରମାତ୍ମା ଏତେ ସାଧାରଣ ମଣିଷର ଏତେ ପ୍ରିୟ କିପରି ହୋଇପାରିବେ ? ଏହା କିପରି ସମ୍ଭବ ହୋଇପାରେ ବୋଲି ସନ୍ଦେହ କରିବା ଆବଶ୍ୟକ ନାହିଁ । କାରଣ ସ୍ୱୟଂ ପରମାତ୍ମା ହିଁ ଏକଥାକୁ ପ୍ରତିଜ୍ଞା କରି କହିଛନ୍ତି ।

ପରମାତ୍ମା ନିରାକାର ହୋଇ ରହନ୍ତୁ ବା ସାକାର ହୋଇ ରହନ୍ତୁ ତାଙ୍କଠାରେ ଭକ୍ତି ରଖି ତାଙ୍କରି ଆରାଧନା କରି, ତାଙ୍କୁ ପ୍ରଣିପାତ କରିବା ହିଁ ମହାଭାଗ୍ୟ । ଜଣେ ବ୍ୟକ୍ତିର ଏହି ଆଚରଣ ତାକୁ ପରମାତ୍ମାଙ୍କ ସନ୍ନିଧିକୁ ନେଇଯାଏ, ଏହା ସବୁଠାରୁ ଉନ୍ନତ ଗୀତାସାର ଅଟେ ।

**(୧୭) ଶ୍ଳୋକ,୬୬ : ସର୍ବ ଧର୍ମାନ୍ ପରିତ୍ୟଜ ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱା ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥**
**(ଗୀତା ସାରାଂଶ)**

**ଭାବାର୍ଥ :** ସମସ୍ତ ଧର୍ମକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରି ମୋତେ ଶରଣ ଭିକ୍ଷା କର୍, ତୋତେ ସମସ୍ତ ପାପରୁ ମୁକ୍ତି କରିଦେବି, ତୁ ଦୁଃଖିତ ହୁଅ ନାହିଁ ।

**ବିବରଣୀ :** ସାରା ଭଗବଦ୍ଗୀତାରେ ଧର୍ମ ବୋଧକରି, ତାଦ୍ୱାରା କର୍ମଯୋଗ, ବ୍ରହ୍ମଯୋଗକୁ ସୂଚନା ଦେଇ, ଏହି ଦୁଇଟି ଯୋଗ ଦ୍ୱାରା କର୍ମକୁ ବିନାଶ କରି ମୋକ୍ଷ ପାଆ କହିଥିବା ଭଗବାନ, ଗୀତାର ସାରାଂଶରେ ଏତେବେଳ ପର୍ଯ୍ୟନ୍ତ

କହିଥିବା ଧର୍ମକୁ ମଧ୍ୟ ତ୍ୟାଗ କର ବୋଲି କହିଛନ୍ତି । ଦୁଇଟି ଯୋଗର ପ୍ରଣାଳୀ ପରମାତ୍ମାଙ୍କୁ ପାଇବାର ମାର୍ଗ ହେବାବେଳେ, ଶେଷରେ କହିଥିବା ସାରାଂଶରେ ସୂକ୍ଷ୍ମରେ ମୋକ୍ଷ ନାମକ ଅତି ସରଳ ମାର୍ଗରେ ପରମାତ୍ମାଙ୍କୁ ପାଇଯିବା ଉପାୟ କହିଛନ୍ତି । ଗୀତାର ସାରାଂଶ ହୋଇଥିବା ଏହି ଦୁଇଟି ଶ୍ଳୋକରେ କହିଥିବା ପରମାତ୍ମା, ସାକାର ଭାବରେ ଥିବା ବ୍ୟତୀତ ନିରାକାରରେ ଥିବାବେଳେ ମଧ୍ୟ ଆଚରଣ ଯୋଗ୍ୟ ଭକ୍ତିମାର୍ଗକୁ ବୁଝାଇ, ଏଠାରେ ମଧ୍ୟ ଶେଷକଥାରେ, ପରମାତ୍ମା ସାକାର ବା ଭଗବାନ ହୋଇ ଯେତେବେଳେ ସାଧାରଣ ମାନବ ଭଳି ଆସନ୍ତି, ସେତେବେଳେ କୌଣସି ସୂଚନା ନଥାଇ ତାଙ୍କୁ ଚିହ୍ନିବା ଅତିକଷ୍ଟ ହୋଇଥାଏ । ଯଦି ଆମଠାରେ ଅଳ୍ପ ସନ୍ଦେହ ଥାଏ ତାହା ମଧ୍ୟ ବଡକରି, ଆମେ ତାଙ୍କୁ ଚିହ୍ନି ନପାରିବା ଭଳି ଆମକୁ ନିଜଠାରୁ ସେ ଦୂରକୁ ପଠାଇ ଦେଇଥାନ୍ତି, ସେହି ସାକାର ରୂପକୁ ଅତି କଷ୍ଟ କରିବା ପରେ ଜାଣି ସନ୍ଦେହହୀନ ଭାବରେ ଯେଉଁମାନେ ଭକ୍ତି କରିଥାନ୍ତି ସେହିମାନଙ୍କୁ କହିବାଯୋଗ୍ୟ ବାକ୍ୟ ହେଉଛି ଏହି ଶ୍ଳୋକର ସାରାଂଶ ।

ସାକ୍ଷାତ୍ ପରମାତ୍ମାଙ୍କର ସାକାର ରୂପକୁ ଚିହ୍ନିପାରିବା ବେଳେ ଧର୍ମ ଆଚରଣ ମଧ୍ୟ ଲୋଡା ନାହିଁ । ସାରା ଗୀତାରେ ଶୁଣିଥିବା ଧର୍ମଗୁଡିକୁ ମଧ୍ୟ ଛାଡି ଗୀତା ଶେଷରେ ପରମାତ୍ମାଙ୍କୁ ଭଗବାନ ଭାବରେ ଜାଣି ଯିଏ ଶରଣ ନେଇଥାଏ, ତାର କର୍ମଗୁଡିକୁ ସେ କ୍ଷମାକରି, ସେଗୁଡିକୁ ବିନାଶ କରି ନିଜଠାରେ ଲୀନ କରିଥାନ୍ତି । ଦୁଇ ଯୋଗ ଦ୍ୱାରା ଅନେକ ଜନ୍ମ ପର୍ଯ୍ୟନ୍ତ ବିନାଶ ହୋଇପାରୁ ନଥିବା କର୍ମ, ତୃତୀୟତଃ କହିଥିବା ଭକ୍ତିଯୋଗ ଦ୍ୱାରା ଗୋଟିଏ ଜନ୍ମରେ ଶେଷ ହୋଇ, ସେହି ଜନ୍ମରେ ପରମପିତା ପରଲୋକ ରାଜ୍ୟାଧିକାରୀ ପରମାତ୍ମାଙ୍କୁ ପାଇହେବ । କର୍ମଯୋଗ, ବ୍ରହ୍ମଯୋଗ ଦ୍ୱାରା ଜ୍ଞାନାଗ୍ନିରେ କର୍ମ ଜଳିଯାଇଥାଏ, କିନ୍ତୁ ଶେଷରେ କହିଥିବା ଭକ୍ତିଯୋଗରେ ଜ୍ଞାନାଗ୍ନି ନଥାଏ, ଯୋଗସାଧନା ଆବଶ୍ୟକତା ନଥାଏ କେବଳ ଶରଣ ନେବା ଆବଶ୍ୟକତା ଥାଏ, ନିଜେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିବାକୁ ହୁଏ, ସମ୍ପୂର୍ଣ୍ଣ ସମର୍ପିତ ହେବା ପରେ ତାଠାରେ ଆଉ ରହିଥାଏ ବା କଅଣ ? ସେ ଶୂନ୍ୟ ହୋଇଯାଏ । ଶେଷରେ ସ୍ୱୟଂ ପରମାତ୍ମା ତାକୁ ନିଜଠାରେ ଲୀନ କରିଦେଇଥାନ୍ତି ।

ଏତିକିରେ ଭଗବାନ ହୋଇ ପରମାତ୍ମା କହିଥିବା ଧର୍ମ ଗୁଡିକର ସୀମା (ଗୀତା) ନାମକ ଏହି ଗ୍ରନ୍ଥର ସମାପ୍ତ ହେଲା । ଆଉ ୧୨ଗୋଟି ଶ୍ଲୋକ ଅଛି ! ବୋଲି ଭାବନ୍ତୁ ନାହିଁ । ଭଗବାନ ପ୍ରକୃତରେ ଏତିକି ହିଁ କହିଛନ୍ତି । ଏହି ଅଧ୍ୟାୟରେ ଥିବା ଶ୍ଲୋକଗୁଡିକର ବିବରଣୀ ଦେଖନ୍ତୁ ।

**ଶ୍ଲୋକଗୁଡିକର ବିବରଣୀ :-**

| | | | |
|---|---|---|---|
| ୧) | କର୍ମ ସନ୍ନ୍ୟାସ, କର୍ମ ତ୍ୟାଗ | = | ୦୨ |
| ୨) | ସାକାର, ନିରାକାର | = | ୦୧ |
| ୩) | କର୍ମଯୋଗୀ, ବ୍ରହ୍ମଯୋଗୀ | = | ୦୧ |
| ୪) | କର୍ମଯୋଗ | = | ୦୭ |
| ୫) | ଯୋଗ | = | ୦୪ |
| ୬) | ପ୍ରକୃତି | = | ୦୫ |
| ୭) | ପରମାତ୍ମା | = | ୦୨ |
| ୮) | ଜ୍ଞାନ | = | ୦୧ |
| ୯) | ଗୁଣରାଜି | = | ୦୪ |
| ୧୦) | ଜୀବ | = | ୦୧ |
| ୧୧) | ଯୋଗ, ବିୟୋଗ | = | ୦୧ |
| ୧୨) | ସାତ୍ତ୍ୱିକ | = | ୦୧ |
| ୧୩) | ମୋକ୍ଷ | = | ୦୧ |
| ୧୪) | ଗୀତା ସାରାଂଶ | = | ୦୩ |
| ୧୫) | ସାତ୍ତ୍ୱିକ ଜ୍ଞାନ | = | ୦୧ |
| ୧୬) | ରାଜସ ଜ୍ଞାନ | = | ୦୧ |
| ୧୭) | ତାମସ ଜ୍ଞାନ | = | ୦୧ |
| ୧୮) | ସାତ୍ତ୍ୱିକ କର୍ମ | = | ୦୧ |
| ୧୯) | ରାଜସ କର୍ମ | = | ୦୧ |
| ୨୦) | ତାମସ କର୍ମ | = | ୦୧ |

| | | | |
|---|---|---|---|
| ୨୧) | ସାତ୍ତ୍ୱିକ କର୍ତ୍ତା | = | ୦୧ |
| ୨୨) | ରାଜସ କର୍ତ୍ତା | = | ୦୧ |
| ୨୩) | ତାମସ କର୍ତ୍ତା | = | ୦୧ |
| ୨୪) | ସାତ୍ତ୍ୱିକ ବୁଦ୍ଧି | = | ୦୧ |
| ୨୫) | ରାଜସ ବୁଦ୍ଧି | = | ୦୧ |
| ୨୬) | ତାମସ ବୁଦ୍ଧି | = | ୦୧ |
| ୨୭) | ସାତ୍ତ୍ୱିକ ଧୃତି | = | ୦୧ |
| ୨୮) | ରାଜସ ଧୃତି | = | ୦୧ |
| ୨୯) | ତାମସ ଧୃତି | = | ୦୧ |
| ୩୦) | ସାତ୍ତ୍ୱିକ ସୁଖ | = | ୦୧ |
| ୩୨) | ତାମସ ସୁଖ | = | ୦୧ |
| ୩୧) | ରାଜସ ସୁଖ | = | ୦୧ |
| ୩୩) | କଳ୍ପିତ ଶ୍ଳୋକ | = | ୧୪ |
| ୩୪) | ବର୍ଜିତ ଶ୍ଳୋକ | = | ୧୨ |
| | ମୋଟ | = | ୭୮ |

**ଭାବ, ବିବରଣୀ ବଦଳାଇ ଲେଖାଯାଇଛି - ୦୨**

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

# ଶେଷକଥା

ଏହି ଗ୍ରନ୍ଥକୁ ସମ୍ପୂର୍ଣ୍ଣ ପଢିବା ପରେ ଏଥିରେ ଥିବା ବିଷୟ ଗୁଡିକ ଶାସ୍ତ୍ରବଦ୍ଧ ସମାଚାର ବୋଲି ଜାଣିପାରିଲେ ମଧ୍ୟ, ସମସ୍ତ ବିଷୟ ସୂକ୍ଷ୍ମ ଭାବରେ ବୁଝି ପାରିଲେ ମଧ୍ୟ, ତ୍ରୈତ ସିଦ୍ଧାନ୍ତ ସହିତ ଅନେକ ନୂତନ ବିଷୟ ବହିର୍ଗତ ହୋଇଛି ବୋଲି ଜଣାପଡିଲେ ମଧ୍ୟ, ଶେଷରେ ମାୟା ପ୍ରଭାବ ଦ୍ୱାରା ଏସବୁ ବିଶ୍ୱାସନୀୟ କି ? ବୋଲି ସନ୍ଦେହ ଆସିପାରେ । ଏହା ସତ କି ମିଛ ବୋଲି ନିଶ୍ଚୟ ବୋଧ ହୋଇପାରେ । ତାଛଡା କେତେକ ନାମଡାକରା ଥିବା ବଡ ଲୋକମାନେ, କେତେକ ସ୍ୱାମୀଜୀମାନେ, କେତେକ ମଠାଧିପତିମାନେ ଏବଂ ପିଠାଧିପତିମାନେ ଲେଖିଥିବା କଥାଗୁଡିକୁ ଖଣ୍ଡନ କରିବା, ଆଗରୁ କୌଣସି ବ୍ୟକ୍ତି ପୂର୍ବରୁ ରହିଥିବା ଭାବାର୍ଥ ଗୁଡିକ ବଦଳାଇ ନଥିଲେ ମଧ୍ୟ ଇଏ କଣ ଏକାବେଳେ ୫୫ଗୋଟି ଶ୍ଳୋକର ଭାବାର୍ଥ ବଦଳାଇଛନ୍ତି ! ଶାସ୍ତ୍ରବଦ୍ଧତା ନାହିଁ ବୋଲି କହି ଏକାବେଳେ ୧୨୨ ଗୋଟି ଶ୍ଳୋକକୁ କାଢିଦେଇଛନ୍ତି, ଗୋଟିଏ ଦିଗରେ ସୂକ୍ଷ୍ମ କହି, କେବଳ ଜ୍ଞାନ ଦୃଷ୍ଟିକୁ ଦେଖାଯାଏ କହି ଜୀବର ଆକାର ଚିତ୍ରଣ କରି ଦେଖାଇଛନ୍ତି ! ପାଞ୍ଚହଜାର ବର୍ଷ ପୁରୁଣା ଭଗବଦ୍ଗୀତାର ପ୍ରକୃତ ସ୍ୱରୂପ ଆଜି ପର୍ଯ୍ୟନ୍ତ କଣ କେହି ବୁଝିପାରି ନାହାନ୍ତି ? ବୋଲି ମାୟା ଏହିଭଳି ନାନା ପ୍ରଶ୍ନରେ ଛନ୍ଦି ଦେଇପାରେ । ଏ ପର୍ଯ୍ୟନ୍ତ କାହାକୁ ଜଣାନଥିବା କଥା ଏ ରଚୟିତାଙ୍କୁ କିପରି ଜଣାପଡିଲା, ଆଦି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତଠାରୁ, ମଧ୍ୱାଚାର୍ଯ୍ୟଙ୍କ ଦ୍ୱୈତଠାରୁ କଣ ଏଇ ତ୍ରୈତ ଅଧିକ ? କଣ ଏହା ବିଶ୍ୱାସ ଯୋଗ୍ୟ ? ଏହା ସବୁ ବେକାର କଥା ବୋଲି ମାୟା ଆପଣମାନଙ୍କ ଠାରେ ବିଚାର ଆଣିପାରେ; ତଥାପି ଏହି ଗ୍ରନ୍ଥଟି ପଢି ଏତେ ଶୀଘ୍ର କୌଣସି ନିର୍ଣ୍ଣୟ ନିଅନ୍ତୁ ନାହିଁ, ଅନ୍ଧ ଭାବରେ କିଛି ଗ୍ରହଣ କରନ୍ତୁ ନାହିଁ । ସତର୍କତାର ସହିତ ଭଲଭାବରେ ବିଚାର କରି ଗ୍ରହଣ କରନ୍ତୁ ବୋଲି ପାଠକପାଠିକା ମାନଙ୍କୁ ଜଣାଉଛୁ । ଆମେ ଏତେ କହିବା ପରେ ମଧ୍ୟ ଆହୁରି କହୁଛୁ ଯେ, ନିଜ ନିଜର ଶ୍ରଦ୍ଧା ଅନୁସାରେ ଜ୍ଞାନ ବୁଝାପଡିଥାଏ ।

ଇତି

**ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା, ପୀଠାଧିପତି**

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ।**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚ ପଟ୍ଟରେ ଭାରତଦେଶ ଆଧ୍ୟାତ୍ମିକର ଏକ୍ଟୁଡିଶାଳ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତରେ ନିର୍ମିତ ହୋଇଥିବା ଦେବାଳୟ ଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟ ଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀମାନେ ପଚ୍ରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟ ଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ, ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**